। 32 "ଏନ୍ଆପିନ୍ ଲୋକା ଆଗିଡ଼ି ନାଙ୍ଗ୍ ମାନାନାର୍, ନାନ୍ ବା
ମୁସ୍କୁପୁର୍ତି ବୁବା ଆଗ୍ଡ଼ି ୱାରିଙ୍ଗ ନାଦି ଇଜି ନାନ୍ ମାନାନା
। 33 ମାତର୍ ଏନ୍ ଆଡ୍ରେ ନାଙ୍ଗ୍ ମାନାଏନ୍, ୱାନିଙ୍ଗ ନାନ୍ ବା
ନା ମୁସ୍କୁପୁର୍ତି ବୁବା ଆଗ୍ଡ଼ି ମାନାଏ । 34 "ନାନ୍ ଦୁନିଆଦୁ
ସାନ୍ତି ସିଦେଙ୍ଗ ୱାଡାମାନା ଇଜି ଅଡ୍ବିମାଟ୍ । ସିଲେ, ନାନ୍
ସାନ୍ତି ଡାଟେଙ୍ଗ ରେଏ, ମାତର୍ କୁଡ଼ାମ୍ ଆସ୍ସି ୱାଡାମାନା । 35
ଇରିଙ୍ଗ ନାନ୍ ମାରିସି ବିରଦ୍ତାନ୍ ବୁବାସି, ବୁବାସି ବିରଦ୍ତାନ୍
ମାରିସି ମାରି ଗାଡ଼୍ସି ବିରୁଦ୍ତାନ୍ ଆଇସି, ଆଇସି ବିରଦ୍ତାନ୍
ଗାଡ଼୍ସି, ମାରି ମିମ୍ସି ୱାଲେ କଡ଼େସିଦି ବିରୁଦ୍ ଗଟେକିଦେଙ୍ଗ
ୱାଡାମାନା । 36 ନିଜେଦି ଇଲ୍ତି ଲୋକୁ ନିଜେଦି ସାତ୍ରୁଆନାର୍ ।
37 "ଏନ୍ ବୁବାସି ନି ଆଇସିଙ୍ଗ ନା ମାଣ୍କୁ ନାଣ୍ତୁ ଜିବନ୍ନେନାନାନ୍,
ୱାନ୍ ନା ସିସୁ ଆଦେଙ୍ଗ ଜଗ୍ ସିଲେନ୍, ମାରି ଏନ୍ କଡ଼ଦିଙ୍ଗ
ନି ଆଇଲିଦିଙ୍ଗ ନା ମାଣ୍କୁ ନାଣ୍ତୁ ଜିବନ୍ନେନାନାନ୍, ୱାନ୍ ନା
ସିସୁ ଆଦେଙ୍ଗ ଜଗ୍ ସିଲେନ୍ । 38 ଏନ୍ ନା ଉଣ୍ତିଙ୍ଗ ଦୁକ୍ ନି
ସାନିକା ବଦା କିଜିନା ୱେନ୍କା ରେଏନ୍, ୱାନ୍ ନା ସିସୁ ଆଦେଙ୍ଗ
ଜଗ୍ ସିଲେନ୍ । 39 ଏନ୍ ନିଜେଦି ଜିବନ୍ତିଙ୍ଗ ରକିୟା କିଦେଙ୍ଗ
ବଦାକିନାନ୍, ୱାନ୍ ଆକା ଆରାକିନାନ୍, ମାତର୍ ଏନ୍ ନା ଉଣ୍ତିଙ୍ଗ
ନିଜେଦି ଜିବନ୍ ସିନାନ୍, ୱାନ୍ ସଡେଦାନ୍ ଆକା ରକିୟା କିନାନ୍
। 40 "ଏନ୍ ମିଙ୍ଗ୍ ମାନାନାନ୍, ୱାନ୍ ନାଙ୍ଗ୍ ମାନାନାନ୍, ମାରି
ନାଙ୍ଗ୍ ଏନ୍ ମାନାନାନ୍, ୱାନ୍ ନାନ୍ ପକ୍ତିୱାନିଙ୍ଗ ମାନାନାନ୍
। 41 ଏନ୍ ବାବବାଦିରିଙ୍ଗ ମାପୁରୁଦି କାବୁର୍ ସିନିକାନ୍ ଇଜି
ମାନାନାନ୍, ୱାନ୍ ଆୟା ବାବବାଦିରି ପୁରସ୍କାର୍ ପୟ୍ନାନ୍ ।
ମାରି ଏନ୍ ଦାର୍ମୁ ଲୋକାଙ୍ଗ ଦାର୍ମୁଦିକାନ୍ ଇଜି ମାନାନାନ୍, ୱାନ୍
ଦାର୍ମୁ ଲୋକ୍ତି ପୁରସ୍କାର୍ ପୟ୍ନାନ୍ । 42 ମାରି ଏନ୍ ଇୟା ଇସ୍ରି
ଲୋକ୍ ମାଣ୍କୁ ଅରେନ୍ୱାନିଙ୍ଗ ନା ସିସୁ ଇଜି କେବଲ୍ ଗିନା ଏର୍
ଉଣ୍ତେଙ୍ଗ ସିନାନ୍, ନାନ୍ ମିଙ୍ଗ୍ ସତ୍ ଇଜିନା, ଆୟାଉଣ୍ତିଙ୍ଗ ୱାନ୍ ନା
ସିସୁ, ସଡେନେ ପୁରସ୍କାର୍ ପୟ୍ନାନ୍ ।"

11 ଜିସୁ ୱାନି ବାରଲୋକ୍ ସିସୁରିଙ୍ଗ ଇୟାୱିଜୁ ମାଟା ସିଟି
ୱେନ୍କା ଆୟା ବାଡି ଡ଼ିସ୍ସି ଲାକ୍ତୁରି ଗାଡ଼୍କାଙ୍ଗ ସଲ୍ସି
ପ୍ରଚାର୍ କିଦେଙ୍ଗ ଆସ୍ତାନ୍ । 2 ନାସ୍ତିୱାଲେ ଡୁବନ୍ ସିନି
ଯୋହନ ଜଇଲ୍ତୁ ମାର୍ହାନ୍ । କ୍ରିସ୍ତ ଏମେ ୱିଜୁ ପାଣି କିଜିମାର୍ହାନ୍,
ଡାନି କାବୁର୍ ପୟ୍ଜି ୱାନ୍ ନିଜେଦି ସିସୁରିଙ୍ଗ କ୍ରିସ୍ତଦି ଲାକ୍ତୁ
ପକ୍ତାନ୍ । 3 ୱାର୍ ସଲ୍ସି ଜିସୁଙ୍ଗ୍ ୱେନ୍ବାତାର୍, "ଏମେ ଲୋକୁ
ୱାନାନ୍ଇଜି ଯୋହନ ଇର୍ହାମାର୍ହାନ୍, ନିନ୍ ଇନିକା ଆକାନ୍ ନେ,
ମାପ୍ ଆଇୱାନିଙ୍ଗ କାପ୍କିଜି ଡେବାନାପ୍?" 4 ଜିସୁ ୱାରିଙ୍ଗ
ଇର୍ହାନ୍, "ମିର୍ ଡ଼େସି ସଲ୍ସି ଆମାକା ୱିଜୁ ୱେନ୍ଜିନିଦେର୍
ମାରି ସୁଡ଼୍ଜିନିଦେର୍, ଆୟାକାୱିଜୁ ଯୋହନତିଙ୍ଗ ୱେର୍ତୁ
। 5 କାଣାର୍ ସୁଡ଼େ୍ଦଙ୍ଗ ଆଟ୍ସିନାର୍, ସଟାର୍ ବୁଲାଜିନାର୍,
କୁସ୍ଟରୋଗ୍ତି ଲୋକୁ ନେଗେନ୍ଆଜିନାର୍, ବଇରା ଲୋକ୍
ୱେନ୍ଡ୍ରେଙ୍ଗ ଆଟ୍ସିନାର୍, ସାଡି ଲୋକୁ ଡ଼େସି ନିଙ୍ଗ୍ଜିନାର୍ ମାରି
କାକୁର୍ତି ଲୋକାମାନୁ ବା ନେଗି କାବୁର୍ ପ୍ରଚାର୍ କିଆଇଆଜିନାତ୍
। 6 ନା ବିସୟ୍ତାନ୍ ଏମେୱାରି ଇନିକା ନାମ୍ଇକା ସିଲେତ୍, ୱାନ୍
ଦନ୍ୟ ।" 7 ଯୋହନତି ସିସୁର୍ ଡ଼େସିସର୍ରିୱାଲେ ଜିସୁ ଲୋକାଙ୍ଗ
ଯୋହନତି ବିସୟ୍ତାନ୍ ଇର୍ହାନ୍, ମିର୍ ଯୋହନତିଙ୍ଗ ସୁଡୁଦେଙ୍ଗଇଜି
ଏସ୍ତିୱାଲେ ବାଲିବୁମିଦୁ ସର୍ରିମାର୍ଇଦେର୍, "ଇନିକା ସୁଡ଼େ୍ଦଙ୍ଗ
ଆସା କିଡିମାର୍ହିଦେର୍? ଇନିକା ଗାଲିଦାନ୍ ଦୁଙ୍ଗ୍ଜିମାନି ଉଣ୍ତି ଦେର୍
ନାଡ଼ା? 8 ମିର୍ ଇନିକା ସୁଡ଼େ୍ଦଙ୍ଗ ସଡିସର୍ଇ ମାର୍ଇଦେର୍?
ପାଡଲ୍ ଆଙ୍ଗ୍ ଆରାଡିମାନି ଅରେନ୍ ଲୋକ୍ତିଙ୍ଗ? ସୁଡ଼୍ଦୁ,
ଆମାକାର୍ ଆୟାୱାଜା ପାଡଲ୍ ଆଙ୍ଗ୍ ଆରାଡି ଲୋକୁ ରାଜାଦି
ମେଡ୍ତୁ ଡେବାନାର୍ । 9 ନାଙ୍ଗ୍ ଇନ୍ଡୁ, ଇନିକା ସୁଡ଼େ୍ଦଙ୍ଗ
ସର୍ହିମାର୍ହିଦେର୍? ଇନିକା ଅରେନ୍ ବାବବାଦିଙ୍ଗେନା? ନାନ୍ ମିଙ୍ଗ୍
ସତ୍ ଇଜିନା, ମାତର୍ ବାବବାଦି ମାଣ୍କୁ ଅରେନ୍ ନାଣ୍ତୁପେରି
ଲୋକ୍ତିଙ୍ଗ ସୁଡୁଡିମାନିଦେର୍ । 10 ଇରିଙ୍ଗ ଇୟା ଯୋହନତି
ବିସୟ୍ତାନ୍ ସାସ୍ତ୍ରଦୁ ରାସାଡାମାନାତ୍, ମାପୁରୁ ଇର୍ହାନ୍, ମି ଉଣ୍ତିଙ୍ଗ
ସାରି ରସେ୍ତଙ୍ଗ ନାନ୍ ଆଗ୍ଡ଼ି ନା ଦୁତ୍ତିଙ୍ଗ ପକ୍ନା । 11 ନାନ୍
ମିଙ୍ଗ୍ ସତ୍ ଇଜିନା, ପୁର୍ବେଦାନ୍ ନେର୍ ସାନ୍ଦି ଇୟା ଦୁନିଆଦୁ ଏସ
ଲୋକୁ ଜନମ୍ଆଡାମାନାର୍, ଆୟା ୱିଜେରି ମାଣ୍କୁ ଡୁବନ୍ ସିନି
ଯୋହନ ପେରିକାନ୍ । ମାତର୍ ମୁସ୍କୁପୁର୍ତି ରାଜିଦୁ ଏନ୍ ୱିଜେରି
ମାଣ୍କୁ ଇସ୍ରିକାନ୍, ୱାନ୍ ଯୋହନତି ମାଣାନ୍ ପେରିକାନ୍ । 12
ଡୁବନ୍ ସିନି ଯୋହନ ୱାନି ସୁସମାଚାର୍ ପ୍ରଚାର୍ କିନି ଦିନ୍ତାନ୍
ନେର୍ ସାନ୍ଦି ମୁସ୍କୁପୁର୍ତି ରାଜିଦୁ ମୁସ୍କୁ ନାଣ୍ତୁ ରେଲ୍ନିଅନିକା
ସାଲାଜିନାତ୍ । ରେନିଅନିକାର୍ ବପୁଦାନ୍ ଅଦିକାର୍ କିଦେଙ୍ଗ
ସେସ୍ଟା କିଜିନାର୍ । 13 ଯୋହନ ୱାନିସାନ୍ଦି ମସାଦି ନିୟମ୍ ନି
ବାବବାଦିରି ମାଟାଦାନ୍ ଆୟା ରାଜି ବିସୟ୍ତାନ୍ ଇନାଜିମାର୍ହାତ୍

। 14 ଜଦି ୱାରି ମାଟା ମିର୍ ବିସ୍‌ବାସ୍ କିନିଦେର୍, ଆରିଙ୍ଗ
ଯୋହନ ଆଜିନାନ୍ ଏଲିୟ୍, ଆମାକାନ୍ ଆଗ୍‌ଡ଼ି ୱାନିକାମାର୍ହାତ୍
। 15 ଏମେୱାନିଙ୍ଗ ଗିତଣିମାନାତ୍, ୱାନ୍ ୱେନିନ୍! 16 "ଇୟା
ଆଜିକାଲ୍‌ତି ଲୋକାଙ୍ଗ ଏମେତାନିୱାଲେ ତୁସ୍‌ନା? ୱାର୍ ସାତା
ନାଡ଼୍‌ମି ବାସ୍‌ସି କାର୍‌ଜିଜିମାନି କଡ଼ରି ୱାଜା । ଉନ୍‌ଡ୍ରି ଦଲତୀ
କଡ଼ର୍ ଆଇ ଦଲ୍‌ତିଙ୍ଗ ଇନାର୍, 17 ମାପ୍ ପେଡ଼ିଦି ବାଜା ଏସ୍‌ତାପ୍,
ମାତର୍ ମିର୍ ଗାତ୍‌ଇତିଦେର୍ । ମାପ୍ ଦୁକ୍‌ତି ପାଟା ପାରିତାପ୍,
ମାତର୍ ମିର୍ ଆଡ଼ାବାଇତିଦେର୍ । 18 ଯୋହନ ୱାଜି ଉପାସ୍
କିଜିମାର୍ହାନ୍, ମାରି ଅଙ୍ଗୁର୍‌ରସ୍ ଉଣୁଏଜିମାର୍ହାନ୍ । ୱିଜେରେ
ଇର୍ହାର୍, ୱାନ୍ ଦୁବାକାସ୍ତିକାନ୍! 19 ଏସ୍ତିୱାଲେ ମନୁଷ୍ୟପୁତ୍ର ୱାଜି
ଉଣାନ୍ ତିନାନ୍, ୱିଜେରେ ଇର୍ହାର୍, ଇୟା ଲୋକ୍‌ତିଙ୍ଗ ସୁଡ଼୍‌ଦୁ! ୱାନ୍
ଅରେନ୍ ପେଟୁ ନି ମଦୁଆ, ସିସ୍‌ଟୁ ଲୋସ୍‌ନି ଲୋକା ମାରି ପାପି
ଲୋକା ସଙ୍ଗ । ମାତର୍ ମାପୁରୁ ବୁଦି ନିଜେଦି ପାଣିଦାନ୍ ସତ୍‌ଇଜି
ପାର୍‌ମାଣ୍‌ଆତାନ୍ ।" 20 ଏମେ ଗାଡ଼୍‌କାଙ୍ଗ ଜିସୁ ୱାନି ନାଣ୍ଡ
କାବାଆନି ପାଣି କିତାମାର୍ହାନ୍, ଆୟା ରାଜିତି ଲୋକୁ ୱାରି ପାପ୍‌ତି
ଉଣ୍ଡିଙ୍ଗ ମନ୍‌ତିଙ୍ଗ ଡ଼େପ୍‌ଇକା ସୁଡ଼୍‌ଜି, ଜିସୁ ଆୟା ଗାଡ଼୍‌କାଙ୍ଗ
ବାସେକିଦେଙ୍ଗ୍‌ଆସ୍‌ତାନ୍ । 21 ଏ କୋରାଜିନ୍, ଏସା ନାଣ୍ଡ ନିନ୍ଦି
ଦୁକ୍ ପୟ୍‌ନିଦେର୍! ବେତ୍‌ସାଇଦା, ନି ଦସ୍‌ବା ଆୟାୱାଜା! ନିବାନ୍
ଏମେ କାବାଆନି ପାଣିୱିଜୁ କିଆଇଆତାମାନାତ୍, ଆୟାୱିଜୁ
ଜଦି ସୋର ନି ସିଦନ୍‌ତୁ କିଆଇଆତାତ୍‌ମାନ୍ଦି, ଆବେଣି ଲୋକୁ
ମେନ୍ଦଲ୍‌ତୁ ନିରୁ ଉସାଜି ବାସ୍‌ତେଙ୍ଗ ଆରାଜି ମନ୍‌ତିଙ୍ଗ ଡ଼େପ୍‌ତାର୍
ମାନ୍ଦି । 22 ନାନ୍ ସତେ ଇଜିନା, ମାପୁରୁ ବିସାର୍‌କିନି ଦିନ୍‌ତୁ
ମି ବାଦ୍‌ଲୁ ସୋର ନି ସିଦନ୍‌ତି ଲୋକାଙ୍ଗ ନାଣ୍ଡ ଦୟା ତର୍‌ନାନ୍
। 23 ମାରି କପର୍‌ନାହୁମ୍‌ତୁ ବାସାନିକିନ୍ଦା! ନିନ୍ ଇନିକା ନିଜେ
ମୁସ୍‌କୁପୁର୍ ସନ୍‌ଡ୍ରେଙ୍ଗ ବଦାକିଜିନି? ନିନ୍ ନର୍କଦୁ ପକାଇଆନି
। ନି ବାନୁ ଏମେ କାବାଆନି ପାଣି କିଆଇଆତାମାନାତ୍, ଆକା
ଜଦି ସଦମ୍‌ତୁ କିଆଇଆତାତ୍‌ମାନ୍ଦି, ଆୟା ଗାଡ଼୍ ନେର୍ ସାନ୍ଦି
ତେବାଦେଙ୍ଗ ଆଟ୍‌ତାତ୍‌ମାନ୍ଦି । **(Hadēs g86)** 24 ନାନ୍ ମିଙ୍ଗିଁ
ସତ୍ ଇଜିନା "ମାପୁରୁ ବିସାର୍ ଦିନ୍‌ତୁ ମି ମାଣ୍‌କୁ ସଦମ୍‌ତୁମାନି
ଲୋକା ଉଣ୍ଡିଙ୍ଗ ନାଣ୍ଡ ଦୟା ତର୍‌ନାନ୍ ।" 25 ଆୟା ସମୟ୍‌ତୁ ଜିସୁ
ପାର୍‌ତନାକିଜି ଇର୍ହାନ୍, "ଏ ବୁବା, ମୁସ୍‌କୁପୁର୍ ମାରି ଦୁନିଆଦି
ପ୍ରବୁ, ଇୟାୱିଜୁ ମାଟା ନିନ୍ ବୁଦିମାନି ମାରି ପଡ଼ାତି ଲୋକାମାଣ୍‌କୁ
ମାର୍‌କ୍‌ସି ଇଡ଼୍‌ଜି ପଡ଼ାଇ ଲୋକାମାନୁ ୱେକ୍‌ତିମାନି ଆକା
ନାନ୍ ନିଙ୍ଗିଁ ଦନ୍ୟବାଦ୍ ସିଜିନା । 26 ହୁଁ ବୁବା, ନି ବଦାଦାନ୍
ଇୟାୱିଜୁ ଗଟାଜି ସଲ୍‌ସିନାତ୍ । 27 "ନା ବୁବା ନାଙ୍ଗିଁ ୱିଜୁ
ବିସୟ୍ ସିତାମାନ୍, ବୁବେଙ୍ଗ ଡ଼ିସ୍‌ତିଙ୍ଗ ମାରିସିଙ୍ଗ ମାରି ଏନ୍
ନେସ୍‌ଏର୍, ମାରି ମାରିସିଙ୍ଗ ଡ଼ିସ୍‌ତିଙ୍ଗ ମାରି ଏନ୍ ନେସ୍‌ଏର୍ ।
ମାରିସି ଏମେୱାରି ଲାକ୍‌ତୁ ବୁବେଙ୍ଗ ୱେଙ୍ଗିଁସ୍‌କିନାନ୍, କେବଲ୍
ଆକାରେ୍‌ନ ବୁବେଙ୍ଗ ନେସ୍‌ତେଙ୍ଗ ଆଟ୍‌ନାର୍ । 28 "ଏ ୱାନ୍ଦିତି
ୱିଜେରେ ନି ବଜ୍‌ତୁ ମାନି ଲୋକୁ ୱିଜେରେ, ନା ଲାକ୍‌ତୁ ରାଦୁ,
ନାନ୍ ମିଙ୍ଗିଁ ରମିସ୍‌କିନା । 29 ନା ପୁନ୍ଦି ନିଜେଦି ମୁସ୍‌କୁ ପିଣ୍ଡୁଦୁ,
ମାରି ନାବାଣ୍‌କୁ ଅଜାଦୁ, ଇରିଙ୍ଗ ନାନ୍ ନିଜେ ସାଦୁ ନି ଜିବନ୍‌ତୁ
କାର୍ମୁ ସୁଣିକିନ୍ଦାଆକା । ଆବେଟ୍ ମିର୍ ରମ୍‌ନିଦେର୍ ।" 30 ନାନ୍
ମି ମୁସ୍‌କୁ ଏମେ ପୁନ୍ଦି ଲାଦେକିନା, ଆକା ପିଣ୍ଡଦେଙ୍ଗ କାସ୍କୁସିଲେ
। ମାରି ମିଙ୍ଗିଁ ଏମେ ବଜ୍ ସିନା, ଆକାବା ନାଣ୍ଡ ଉସାସ୍ ।

**12** ତେନି ଏସ ଦିନ୍ ୱେନ୍‌କା ଉଣ୍ଡି ରମ୍‌ନିଦିନ୍‌ତୁ ଜିସୁ
ପାସି କିଡ଼ିଇ ସିଜି ସଲ୍‌ସିମାର୍ହାନ୍ । ୱାନି ସିସୁର୍
ବାଙ୍ଗୁଁଆତାର୍‌ଆକା ୱାର୍ ସେରେନ୍‌କୁ ତେଉସି ତିନ୍‌ଡ୍ରେଙ୍ଗ
ଆସ୍‌ତାର୍ । 2 ପାରୁସିର୍ ଇକା ସୁଡ଼ୁଜି ଜିସୁଙ୍ଗୁ ଇର୍ହାର୍, "ସୁଡ଼ୁଦୁ,
ରମ୍‌ନିଦିନ୍‌ତୁ ମି ସିସୁର୍ ଏଣ୍ଡେସ୍ ନିୟମ୍ ସିଲି ପାଣି କିଜିନାର୍ ।"
3 ଜିସୁ ୱାରିଙ୍ଗ ଇର୍ହାନ୍, "ଅରେ୍‌ଲନ୍ ଦାଉଦ ନି ୱାନି ତଡ଼୍‌କୁ ବାଙ୍ଗୁଁ
ଆନିୱାଲେ ୱାନ୍ ଇନିକା କିତାମାର୍‌ଆନ୍, ଆକା ମିର୍ ପଡ଼ାଇଦେର୍
ନୋ? 4 ୱାନ୍ ମାପୁରୁଦି ଇଲ୍‌ତୁ ସଲ୍‌ସି ମାପୁରୁ ଉଦେସ୍‌ତାନ୍
ପୁଜାସିତିମାର୍ହି ରୁଟି ୱାନ୍ ନି ୱାନି ତଡ଼୍‌କୁ ତିର୍ହାର୍ । ନିୟମ୍
ଇସାବ୍‌ତାନ୍ ଜାଜକଦିଙ୍ଗ ଡ଼ିସ୍‌ତିଙ୍ଗ ଆୟା ରୁଟି ତିନ୍‌ଡ୍ରେଙ୍ଗ ଇଜି
ଆଇ ଏଡ଼୍‌ଙ୍ଗବା ଅଦିକାର୍ ସିଲେତାତ୍ । 5 ମିର୍ ଇନିକା ପଡ଼ାଇଦେର୍
ନୋ? ମସାଦି ନିୟମ୍ ଇସାବ୍‌ତାନ୍ ଜାଜକର୍ ରମ୍‌ନି ଦିନ୍‌ତୁ
ମନ୍ଦିର୍ ଲୋଇ ଜାଜକତି ପାଣିକିନି ମାଣାନ୍ ରମ୍‌ନି ଦିନ୍‌ତି ନିୟମ୍
ଅମାନ୍ୟ କିଜିମାରିଙ୍ଗବା ଆୟାଉଣ୍ଡିଙ୍ଗ ୱାର୍ ଦସି ଆଏଜିମାର୍ହାର୍?
6 ନାନ୍ ମିଙ୍ଗିଁ ଇଜିନା, ମନ୍ଦିର୍ ମାଣାନ୍ ପେରି ବିସୟ୍ ଇବେମାନାତ୍
। 7 ସାସ୍ତ୍ର ଇନାତ୍, ନାନ୍ ବଦାକିନା ଦୟା, ପୁଜାସିନିକା ସିଲେ;
ଇୟା ମାଟାଦି ଅର୍ତ ଜଦି ସତ୍‌ତାନ୍ ବୁଜାତିଦେର୍‌ମାନ୍ଦି, ଇୟା
ଦସ୍ କିଇ ଲୋକାଙ୍ଗ ମିର୍ ଦସିକିଇତିଦେର୍‌ମାନ୍ଦି । 8 ଇରିଙ୍ଗ
ମନୁସ୍ୟପୁତ୍ର ରମ୍‌ନିଦିନ୍‌ତି ପ୍ରବୁ ।" 9 ଜିସୁ ଆୟା ବାଡିଦାନ୍
ଡ଼ିସ୍‌ସି ପାର୍‌ତନାକିନି ଇଲ୍‌ତୁ ଡୁଗିତାନ୍ । 10 ୱାନି ଉନ୍‌ଡ୍ରି କିୟୁ
ୱାର୍‌ତିସର୍‌ରି ଅରେନ୍ ଲୋକୁ ଆବେ ମାର୍ହାନ୍ । ଜିସୁଦି ଦସ୍
ଆସ୍‌ତେଙ୍ଗ ଏସ ଲୋକୁ ଆବେ କାପ୍‌କିଜି ମାର୍ହାର୍ । ଆୟା ଉଣ୍ଡିଙ୍ଗ
ୱାର୍ ଜିସୁଙ୍ଗୁ ୱେନ୍‌ବାତାର୍, "ରମ୍‌ନି ଦିନ୍‌ତୁ ନେଗେନ୍ କିନିକା
ମା ନିୟମ୍ ବିରୁଦ୍ ସିଲେନୋ?" 11 ଜିସୁ ଇର୍ହାନ୍, "ଜଦି ମି
ଲୋଇରାନ୍ ଏ ୱାନି ମେଣ୍ଡା ରମ୍‌ନିନାଣ୍ଡିଙ୍ଗ ଉନ୍‌ଡ୍ରି ପେରି ଗୁଟାଦୁ
ଆର୍‌ନାତ୍, ମିର୍ ତାନିଙ୍ଗ ନିକ୍‌ସି ତେଇଦେର୍‌ନୋ? 12 ଅରେନ୍
ଲୋକ୍‌ତି ଦାରା ଉନ୍‌ଡ୍ରି ମେଣ୍ଡାଦି ବାଦ୍‌ଲୁ ନାଣ୍ଡ । ମାରି ରମ୍‌ନି
ନାଣ୍ଡିଙ୍ଗ ଆଇୱାନିଙ୍ଗ ସାକାକିନିକା ମା ନିୟମ୍ ଇସାବ୍‌ତାନ୍ ନେଗି
ପାଣି ।" 13 ଇକା ଇଜି ୱାନ୍ କିୟୁ ୱାର୍‌ତିମାର୍‌ରି ଲୋକ୍‌ତିଙ୍ଗ
ଇର୍ହାନ୍, "ନି କିୟୁ ପେର୍‌ଆ ।" ୱାନ୍ ୱାନି କିୟୁ ପେର୍‌ତି ଦାପ୍ରେ
ଆୟା କିୟୁ ଆଇ କିୟୁ ୱାଜା ନେଗେନ୍ ଆତାସର୍ହାତ୍ । 14
ଇୟା ୱେନ୍‌କା ପାରୁସିର୍ ଆୟା ବାଡିଦାନ୍ ସହସି ସଲ୍‌ସି ଜିସୁଙ୍ଗୁ
ଡାକ୍ତେଡ଼୍‌ଙ୍ଗ ଇଜି ଉପାୟ୍‌କିତାର୍ । 15 ୱାନି ବିରଦ୍‌ତାନ୍ ଆତିମାନି
ଉପାୟ୍‌ତି ମାଟା ୱେନ୍‌ଜି ଜିସୁ ଆୟା ରାଜି ଡ଼ିସ୍‌ସି ଆଇତରିନ୍
ସର୍ହାନ୍ । ନାଣ୍ଡ ଲୋକୁ ୱାନି ୱେନ୍‌କା ୱେନ୍‌କା ସର୍ହାର୍ । ମାରି
ୱାନ୍ ୱିଜୁ ରଗ୍ ଲୋକାଙ୍ଗ ନେଗେନ୍ କିତାନ୍ । 16 ମାତର୍
ୱାନି ବିସୟ୍‌ତାନ୍ ଆଇୱାରିଙ୍ଗ ଇନିକା ଇନ୍‌ଇ ଉଣ୍ଡିଙ୍ଗ ଆଦେସ୍

ସିତାନ୍ । 17 ଇୟାବାଣାନ୍ ବାବବାଦି ଜିସାୟଦି ମାଣାନ୍ ମାପୁରୁ
ଏମେ ମାଟା ଇର୍ହାମାର୍ହାନ୍, ଆକା ସତ୍ ଆଦେଙ୍ଗ ଇକା ଇର୍ହାନ୍
। 18 “ଇକାନ୍ ନା ଦାସ୍, ଏମେୱାନିଙ୍ଗ ନାନ୍ ବାସେକିତାମାନା,
ୱାନିଙ୍ଗ ନାନ୍ ଲାଡ୍କିନା, ୱାନି ଉଣ୍ତିଙ୍ଗ ନାନ୍ ୱେଡ଼ିକା । ନା
ଆତ୍ମା ୱାନି ମୁସ୍କୁ ରେତାନାତ୍; ୱିଜୁ ଅଣଜିହୁଦି ଲୋକାମାନୁ
ୱାନ୍ ନା ବିସାର୍କିନି ବିସୟ୍ ୱେର୍ନାନ୍ । 19 ୱାନ୍ ଜାଟିଜଗଡ଼ା
କିଏନ୍ କି ଆଉଲି ଆଏନ୍, ରାସ୍ତା ମଜାୟ୍ ନିଲ୍ଜି ନାଣ୍ତୁ ଆଉଲି
ଆଜି ମାଟା ଇନ୍ଏନ୍ । 20 ୱାନ୍ ୱାଙ୍ଗିଁତି ନାଡ଼ାଦିଙ୍ଗ ରୁକ୍ଏନ୍,
ମାରି କାସ୍ନିସାଲିତାଦିଙ୍ଗ ନାପ୍ଏନ୍ । ୱାନ୍ ସାକିସିଲିୱାରିଙ୍ଗ ନି
ସିଲିସାତିକାର୍ ନ୍ୟାୟ୍ ବିସାର୍ ପୟ୍ନିସାନ୍ଦି ୱାନ୍ ୱାନି କିନିମାଣାନ୍
ସୁପ୍ ଆଏନ୍ । 21 ୱାନି ମୁସ୍କୁ ଦେସ୍ତି ୱିଜୁ ଅଣଜିହୁଦି ଲୋକୁ
ଆସା ଇଡ୍ନାର୍ ।” 22 ତାନି ୱେନ୍କା ଅରେ୍ଲନ୍ ଲୋକୁ ଅରେନ୍
କାଣା ନି ଗୁଲେଙ୍ଗ ତାସିୱାତାର୍ । ୱାନ୍ ଦୁବା କାସ୍ତାମାର୍ହାତ୍
ଆକା ମାଟା ଇନ୍ଡ୍ରେଙ୍ଗ ଆଟ୍ଏଜି ମାର୍ହାନ୍ । ଜିସୁ ୱାନିଙ୍ଗ
ନେଗେନ୍କିତାନ୍ । ୱାନ୍ ସୁଡୁଦେଙ୍ଗଆଟ୍ତାନ୍ । ମାରି ମାଟା
ଇନେ୍ଡ୍ରଙ୍ଗ ଆଟ୍ତାନ୍ । 23 ଜିସୁଦି ଇୟା ପାଣିଦୁ ୱିଜୁ ଲୋକୁ
କାବାଆଜି ଇର୍ହାର୍, “ଇକାନ୍ ଇନିକା ଆୟା ଦାଉଦ ମାରିନ୍ ଆଏନ୍
ନୋ?” 24 ପାରୁସିର୍ ଇକା ୱେନ୍ଜି ଇର୍ହାର୍, “ୱାନ୍ ଦୁବେଙ୍ଗାଁ
ପେରିକାନ୍ ବାଲ୍ଜିବୁଲ୍ ସାକ୍ତି ପୟ୍ଜି ଦୁବେଙ୍ଗ ଡ଼ିସିସ୍କିଜିନାନ୍
।” 25 ୱାର୍ ଇନିକା ଏତ୍ କିଜିନାର୍ ଜିସୁ ନେସେ୍ତଙ୍ଗଆଟ୍ସି
ଇର୍ହାନ୍, ଉନ୍ଡ୍ରି ଦେସ୍ତି ଲୋକୁ ୱେର୍ଏ ୱେର୍ଏ ଦଲ୍ ବାଗ୍ଆଜି
ନିଜେ ନିଜେଦି ଲୋଇ ଜୁଦ୍ କିତିଙ୍ଗ, “ଆୟା ଦେସ୍ ନାଣ୍ତୁ ଦିନ୍
ତେବାଏତ୍ । ଏମେ ଗାଡ଼୍ ବା ଇଲୁ ଲୋଇ ଆଇ ଆଇ ଦଲ୍ଆଜି
ଜାଟିଜଗଡ଼ା କିତିଙ୍ଗ, ୱାର୍ ବେଗି ନାସ୍ଟଆନାସନାର୍ । 26 ଆରିଙ୍ଗ,
ସୟତାନ୍ ରାଜିଦୁ ଜଦି ଉନ୍ଡ୍ରି ଦଲ୍ ଆଇ ଦଲ୍ ବିରଦ୍ତାନ୍
ଜୁଦ୍କିନାତ୍, ନେସେ୍ତଙ୍ଗ ଆନାତେ୍ଜ ଆକା କଣ୍ତୁ କଣ୍ତୁଆଜି ଦଂସ
ଆନାସନାତ୍ । 27 ମିର୍ ଇଜିନିଦେର୍, ନାନ୍ ଜଦି ବାଲ୍ଜିବୁଲ୍ତି
ସାକ୍ତିଦାନ୍ ତାଗ୍ଇ ଦୁବେଆଙ୍ଗାଁ ପେର୍ଜିନା । ଆରିଙ୍ଗ ୱାନିକାଙ୍ଗ
ପେରେ୍ଦଙ୍ଗ ଇଜି ମି ସିସୁରିଙ୍ଗ ଏନ୍ ସାକ୍ତି ସିଜିନାନ୍? ମି ସିସୁରି
ଇୟା ପାଣିଦାନ୍ ମି ଦସ୍କିନିକା ମିସ୍ ଇଜି ପାର୍ମାଣ୍ଆଜିନାତ୍ ।
28 ଦୁବେଙ୍ଗ ଡ଼ିସିସ୍କିନି ସାକ୍ତି ନାନ୍ ବାଆଲ୍ଜିବୁଲ୍ତି ମାଣାନ୍
ପୟ୍ଏ । ମାପୁରୁଦି ଆତ୍ମାଦାନ୍ ଆକା ନାନ୍ ପୟ୍ତାମାନା ।
ଇୟାମାଣ୍କୁ ମାରି ଉନ୍ଡ୍ରି ବିସୟ୍ ପାର୍ମାଣ୍ଆଜିନାତ୍ ମାପୁରୁଦି
ରାଜି ମି ଲାକ୍ତୁ ୱାତାତ୍ନି । 29 “ଅରେନ୍ ବପୁମାନି ଲୋକ୍ତିଙ୍ଗ
ଆଗ୍ଡ଼ି ତର୍ଏତିଙ୍ଗ, ଏନ୍ ୱାନି ଇଲୁତୁ ଡୁଗୁଜି ୱାନି ଦନ୍ ରେଲ୍ଜ
ଅତେଙ୍ଗ ଆଟ୍ଏନ୍ । 30 “ଏନ୍ ନା ତରିନ୍ ସିଲେନ୍, ୱାନ୍
ସତେ୍ନ ନା ବିରୁଦ୍ତାନ୍ ମାନାନାର୍ । ଏନ୍ ନା ୱାଲେ ମିସାଜି
ଉଣ୍ତାକିଏଜିନାନ୍, ୱାନ୍ ଇନ୍ଙ୍ଗାଁ ଆନିଙ୍ଗାଁ କିନା ପୋକ୍ନାନ୍ ।
31 ଇୟାଉଣ୍ତିଙ୍ଗ ନାନ୍ ମିଙ୍ଗିଁ ସତ୍ ଇଜିନା, ଲୋକୁ ଏମେ ପାପ୍
କିପିନ୍ ବା ନିନ୍ଧା ମାଟା ଇନିନ୍, ଆୟାଉଣ୍ତିଙ୍ଗ ୱାନିଙ୍ଗ କେମାସିଆଇ
ଆଦେଙ୍ଗ ଆଟ୍ନାତ୍ । ମାତର୍ ଜଦି ଏନ୍ ପବିତ୍ରଆତ୍ମାଦି ବିରଦ୍ତାନ୍
ନିନ୍ଦା ମାଟା ଇନାନ୍, ୱାନି କେମାଆଏତ୍ । 32 ଏମେକାନ୍
ମନୁସ୍ୟପୁତ୍ରଦି ବିରଦ୍ତାନ୍ ଇନିକା ଇରିଙ୍ଗ, ୱାନ୍ କେମା ପୟ୍ନାନ୍
। ମାତର୍ ଏନ୍ ପବିତ୍ରଆତ୍ମାଦି ବିରଦ୍ତାନ୍ ନିନ୍ଧା ମାଟା ଇନାନ୍,
ୱାନ୍ ଇଲେଇ ମାରି ୱାନିଦିନ୍ତୁ ଏସାଙ୍ଗବା କେମାପୟ୍ଏନ୍ ।
(aiōn g165) 33 “ନେଗି ପଲ୍ ଆସ୍ତେଙ୍ଗ ଇଜି ମାରାନ୍ ମଟା
ଆନିଦରକାର୍ । ତାଗ୍ଇ ମାରାତୁ ତାଗ୍ଇ ପଲ୍ ଆସ୍ନାତ୍ ।
ମାରାନ୍ ଏଣ୍ତେସ୍ନାନିକା, ପଲ୍ତାନ୍ ନେସେ୍ତଙ୍ଗଆନାତ୍ । 34
ମିର୍ ସାରାସ୍ତି ୱାଜା ତାଗ୍ଇ ଲୋକୁ, ମିର୍ ନେଗି ମାଟା ଏଣ୍ତେସ୍
ଇନ୍ଡ୍ରେଙ୍ଗ ଆଟ୍ନିଦେର୍? ଅରେନ୍ୱାନି ମନ୍ ଲୋଇ ଆମାକା
ଅଡ଼୍ବିଜିମାନାନ୍, ଆକା ୱେୟୁଦାନ୍ ସପ୍ନାନ୍ । 35 ଅରେନ୍ ନେଗି
ଲୋକୁ ନେଗି ସାମାନ୍ତୁ ବର୍ତିଆତିମାନି ୱାନି ଜିବନ୍ତାନ୍ ନେଗି
ମାଟା ସପ୍ସି ତାନାନ୍ । ଅରେନ୍ ତାଗ୍ଇ ଗୁଣୁତି ଲୋକୁ ତାଗ୍ଇ
ସାମାନ୍ତୁ ବର୍ତିଆତିମାନି ୱାନି ଜିବନ୍ତାନ୍ ତାଗ୍ଇ ମାଟା ସପ୍ସି
ତାନାନ୍ । 36 “ମିର୍ ଇର୍ହିମାନି ୱିଜୁ ଉପ୍କା ମାଟେଙ୍ଗାଁ ଉଣ୍ତିଙ୍ଗ
ବିସାର୍ ଦିନ୍ତୁ ମିଙ୍ଗିଁ ଇସାବ୍ ସିଦେଙ୍ଗଆନାତ୍ । 37 ମି ମାଟାଦାନ୍
ମିର୍ ବିସାର୍ଆଜି ନିର୍ଦସ୍ ନୋ ଦସି ଇଜି ଆସାଇଆନିଦେର୍ ।”
38 ଅରେ୍ଲନ୍ ଏସ ପାରୁସିର୍ ନି ଦାର୍ମୁ ଗୁରୁର୍ ଜିସୁଙ୍ଗାଁ ଇର୍ହାର୍,
“ଗୁରୁ, ନି ଉଣ୍ତି କାବାଆନି ପାଣି ସୁଡେ୍ଦଙ୍ଗ ବଦା କିଜିନାପ୍
।” 39 ଜିସୁ ୱାରିଙ୍ଗ ଇର୍ହାନ୍, “ଇୟା ଜଗ୍ତି ଲୋକୁ ଏସା ଦୁସ୍ଟ
ନି ମାପୁରୁଙ୍ଗାଁ ମାନାଇକାର୍ ।” ମିର୍ ନାଙ୍ଗିଁ ଉଣ୍ତି କାବାଆନି
ପାଣି ତର୍ତେଙ୍ଗାଁ ଇଜିନିଦେର୍? କେବଲ୍ ବାବବାଦି ଜୁନସ୍ତି
ଜିବନ୍ତୁ ଗଟେଆତିମାନି କାବାଆନି ପାଣି ନେ ମିଙ୍ଗିଁ ତର୍ସି
ସିଆଇଆନାତ୍ । 40 ଜୁନସ୍ ଏଣ୍ତେସ୍ ମିନି ପଟାଦୁ ମୁଣ୍ତି ଦିନ୍ ମୁଣ୍ତି
ନାଡ଼ା ତେବାତାମାର୍ହାନ୍, ଆୟାୱାଜା ମନୁସ୍ୟପୁତ୍ର ବୁମି ଲୋଇ
ମୁଣ୍ତି ଦିନ୍ ମୁଣ୍ତି ନାଡ଼ା ତେବାନାନ୍ । 41 ଆମା ନାଣ୍ତିଙ୍ଗ ମାପୁରୁ
ବିସାର୍କିନାନ୍ ନିନିବିତି ଲୋକୁ ମି ବିରଦ୍ତାନ୍ ଇନ୍ଡ୍ରେଙ୍ଗ ଇଜି
ନିନାର୍, ଇରିଙ୍ଗ ଜୁନସ୍ତି ପ୍ରଚାର୍ ୱେନ୍ଜି ୱାର୍ ପାପ୍ ସାରିଦାନ୍
ଡ଼େସିୱାତାର୍ । ମାରି ସୁଡ଼୍ଦୁ, ନାନ୍ ମିଙ୍ଗିଁ ଇଜିନା, ଜୁନସ୍ତି
ମାଣ୍କୁ ପେରିକାନ୍ ଅରେନ୍ ଇବେନୁ ମାନାନ୍ । 42 ମାପୁରୁଦି
ବିସାର୍ ଦିନ୍ତୁ ସିବାଦି ରାଣି ମି ଦସ୍ ତର୍ତେଙ୍ଗାଁ ଇଜି ନିନାତ୍,
ଇରିଙ୍ଗ ସଲମନ୍ତି ବୁଦିଦି ମାଟା ୱେନ୍ଡ୍ରେଙ୍ଗ ଇଜି ଦୁନିଆଦି ଆକ
ଦେସ୍ତାନ୍ ୱାଦ୍ ୱାତା ମାର୍ହାତ୍; ମାତର୍ ନାନ୍ ସତେନେ ଇଜିନା,
ସଲମନତି ମାଣ୍କୁ ଇବେ ପେରିକାନ୍ ଅରେନ୍ ଇବେ ମାନାନ୍
। 43 “ଉଣ୍ତି ତାଗ୍ଇଦୁବା ଅରେନ୍ ଲୋକୁ ମାଣାନ୍ ସତିସର୍ଇ
ୱେନ୍କା ୱାର୍ତି ବାଡି ସୁଡ଼୍ଜି ମାରି ଉନ୍ଡ୍ରି ରମ୍ନି ବାଡି ପୟ୍ନାତ୍
। ଜଦି ଆୟା ନାନି ବାଡି ତାନେଙ୍ଗ ପୁଟ୍ଏତ୍ । 44 ନାସ୍ତିୱାଲେ
ୱାଦ୍ ଇନାତ୍, ନାନ୍ ଏମେ ଇନ୍ଡ୍ରଣାନ୍ ସତା ୱାତାମାର୍ଆ, ନା
ଆୟା ଇନ୍ଡ୍ର ମାରିଡ଼େସି ସନା, ୱାଦ୍ ଡ଼େସି ସଲ୍ସି ସୁଣାତ୍,
ଆୟା ଇଲୁ ମାରି ସିପାଇଆଜି ମେଲା ତେବାତାମାନାତ୍ । 45
ନାସ୍ତିୱାଲେ ୱାଦ୍ ସଲ୍ସି ତାନେମାଣାନ୍ ନାଣ୍ତୁ ତାଗ୍ଇ ମାରି
ସାତେ୍ଗାଟା ଆତେ୍ମଙ୍ଗ ଅର୍ସେ ଆସ୍ନା ୱାନାତ୍ । ମାରି ୱାକ୍

ୱାଜି ଆୟା ଇଲୁ ଲୋଇ ସଲ୍ସି ବାସାନେ । ନାସ୍ତିୱାଲେ ଲୋକ୍ତି
ଅବସ୍ତା ଆଗ୍ଡ଼ିରି ବାଦ୍ଲୁ ନାଣ୍ତ ତାଗ୍ଇକା ଆନାତ୍ । ଇଲେଇ
ଜିବନ୍ମାନି ତାଗ୍ଇ ଲୋକା ଉଣ୍ତିଙ୍ଗ୍ ଆୟାୱାଜା ଗଟାନାତ୍ ।"
46 ଜିସୁ ଲୋକା ୱାଲେ ୱାର୍ଗିଜିସାନିୱାଲେ ୱାନି ଆଇସି ନି
ତଡ଼ାନ୍କୁ ଆୟା ବାଡିଦୁ ୱାଜି ୱାନିଙ୍ଗ୍ ଇନିକା ଇନ୍ଡ୍ରେଙ୍ଗ୍ ଇଜି
ଆତ୍ରେ କାପ୍କିଜି ୱାନିଙ୍ଗ୍ କୁକିସ୍କିତାର୍ । 47 ଅରେନ୍ ଲୋକୁ
ୱାଜି ଜିସୁଙ୍ଗ୍ ଇର୍ହାନ୍, "ସୁଡୁଆ, ମି ୟାୟା ନି ତଡ଼ାନ୍କୁ ନି ଉଣ୍ତିଙ୍ଗ୍
ଆତ୍ରେ କାପ୍କିଜିନାର୍ ।" 48 ଜିସୁ ଇର୍ହାନ୍, "ଏଦ୍ ନା ୟାୟା?
ମାରି ଏର୍ ନା ତଡ଼ାନ୍କୁ?" 49 ସିସୁରି ତରିନ୍ କିୟୁ ଜୁଟ୍ସି
ଇର୍ହାନ୍, "ସୁଡ୍ଦୁ, ଇୟାକାର୍ ଆଜିନାର୍ ନା ୟାୟା ନି ତଡ଼ାନ୍କୁ ।
50 ଏନ୍ ନା ମୁସ୍କୁପୁର୍ତି ବୁବାଦି ବଦାଦିଙ୍ଗ୍ ମାନାନାନ୍, ୱାନ୍ ନା
ତଡ଼ାନ୍, ନା ତାଙ୍ଗି ମାରି ନା ୟାୟା ।"

**13** ଆୟାନାଣ୍ତିଙ୍ଗ୍ ଜିସୁ ଇଲ୍ତାନ୍ ସହସି ଗାଡା ପାଡ଼ି ସର୍ହାନ୍
। ଆବେ ୱାନ୍ ସିକିୟା ସିଦେଙ୍ଗ୍ ବାସ୍ତାନ୍ । 2 ୱାନି
ସାରିବେଡ଼୍ତି ନାଣ୍ତ ଲୋକୁ ଉଣ୍ତାତା ମାର୍ହାର୍ ଜେ ୱାନ୍ ଉନ୍ଡ୍ରି
ଡଙ୍ଗାଁଦୁ ସଲ୍ସି ବାସ୍ତାନ୍ । ଲୋକୁ ୱିଜେରେ ସାମ୍ଦୁର୍ ପାଡ଼ି
ତେବାତାର୍ ମାରି ୱାନି ମାଟା ୱେର୍ଆର୍ । 3 ୱାନ୍ କାତାଦାନ୍
ୱାରିଙ୍ଗ୍ ନାଣ୍ତ ମାଟେଙ୍ଗ୍ ସିକିୟା ସିତାନ୍ । ୱାନ୍ ଇର୍ହାନ୍, "ଅ୍ରେଲନ୍
ଅରେନ୍ ଲୋକୁ ୱିତୁ ୱିତ୍ତେଙ୍ଗ୍ ସତାନ୍ । 4 ୱାନ୍ କିଡ଼ିଇଦୁ
ୱିତୁ ୱିତ୍ନିୱାଲେ ଏସ ୱିତୁ ସାରି ପାଡ଼୍କାଦୁ ଆର୍ତେ ଆକା
ପଟିଙ୍ଗ୍ ୱାଜି ଆୟାୱିଜୁ ୱିତୁ ତିର୍ଏ । 5 ମାରି ଏସ ୱିତୁ ଉଣା
ସିକାଲାମାନି ପିଡ଼ିପି ବୁମିଦୁ ଆର୍ତାତ୍ । ମାରି ନାଣ୍ତ ସିକାଲା
ସିଲେତାତ୍ ଆକା ୱିତୁ ଦାପ୍ରେ ନେରିତାତ୍ । 6 ମାତର୍ ତାନି ୱେଲା
ଆଡ଼୍ଗି ସଲ୍ଏତ୍ ମାର୍ହାତ୍ଆକା ୱେଡ଼ା ତେର୍ରେୱଲ୍ତାନ୍ ୱେତାତ୍
ମାରି ସାତା ସର୍ହାତ୍ । 7 ଏସ ୱିତୁ ସାମ୍କା ଦୁପା ଲୋଇ ଆର୍ତାତ୍
। ଇୟା ସାମ୍ ମାରାକ୍ ୱିଜୁ ପିର୍ଜି ପାଡ଼ାୱିଜୁଦିଙ୍ଗ୍ ତିଗିତେ ପକ୍ତେ
। 8 ମାତର୍ ମାରି ଏସ ୱିତୁ ନେଗି ବୁମିଦୁ ଆର୍ଜି ମାରାକ୍ଆଜି
ପଲ୍ ଆସ୍ତାତ୍ । ଏସ ସହେ ଗୁଣ୍ତ, ଏସ ସାଟେ ଗୁଣ୍ତ, ମାରି ଏସ
ତିରିସ୍ ଗୁଣ୍ତ ପଲ୍ ଆସ୍ତାତ୍ ।" 9 ଜିସୁ କାତା ୱିସ୍ସି ଇର୍ହାନ୍,
"ଆମାୱାନିଙ୍ଗ୍ ୱେନ୍ଡ୍ରେଙ୍ଗ୍ ଗିତଣିଙ୍ଗ୍ମାନେ, ୱାନ୍ ୱେନିନ୍ ।" 10
ୱେନ୍କା ସିସୁର୍ ଜିସୁଦି ଲାକ୍ତୁ ୱାଜି ୱେନ୍ବାତାର୍, "ଲୋକାଙ୍ଗ୍
ସିକିୟା ସିନିୱାଲେ ନିନ୍ ଏନ୍ଦ୍ୱା କାତାଦାନ୍ ୱେର୍ସିନି?" 11 ଜିସୁ
ଇର୍ହାନ୍, ମୁସ୍କୁପୁର୍ତି ମାର୍ଗିତିମାନି ବିସୟ୍ ନେସ୍ତେଙ୍ଗ୍ ଇଜି
ମିଙ୍ଗି ବୁଦି ସିଆଇ ଆତାମାନାତ୍, ମାତର୍ ୱାରିଙ୍ଗ୍ ସିଆଇ ଆଏତ୍
। 12 ଆମାୱାନିଙ୍ଗ୍ ମାନାତ୍, ୱାନିଙ୍ଗ୍ ନାଣ୍ତ ସିଆଇ ଆନାତ୍ ମାରି
ଆବେଟ୍ ୱାନ୍ ନାଣ୍ତ ଲାବ୍ କିନାନ୍ । ମାତର୍ ଆମାୱାନିଙ୍ଗ୍ ସିଲେତ୍,
ୱାନିଦି ଆମାକା ମାନାତ୍, ଆକାବା କୁଡ୍ସି ଅଆୟ୍ଆନାତ୍ । 13
ୱାରିଙ୍ଗ୍ ନାନ୍ କାତାଦାନ୍ ସିକିୟା ସିଜିନା, ଇରିଙ୍ଗ୍ ୱାର୍ ସୁଡ୍ବୁ
ସୁଡ୍ବୁ ସୁଡ୍ରେଦଙ୍ଗ୍ ଆଟ୍ଏର୍ ମାରି ୱେନ୍ବୁ ୱେନ୍ବୁ ବୁଜାଏର୍
। 14 ବାବବାଦି ଜିସାୟ୍ଦି ବବିସତ୍ ମାଟା ୱାରି ଉଣ୍ତିଙ୍ଗ୍ ସତ୍
ଆଜିନାତ୍ । ଇୟା ଲୋକୁ ୱେନ୍ଜି ୱେନ୍ଜି ଇନିକା ବୁଜାଏର୍ ।
ସୁଡ୍ଜି ସୁଡ୍ଜି ଇନିକା ସୁଡ୍ରେଦଙ୍ଗ୍ ଆଟ୍ଏର୍ । 15 ଇରିଙ୍ଗ୍ ୱାରି
ମୋନ୍ ପିଲା ବୁଦି, ୱାର୍ ଗିତଣିଙ୍ଗ୍ କେର୍ପାତାମାନାର୍ ମାରି
କାଣୁକୁ ମୁକ୍ତାମାନାର୍ । ଆକା ଆଏତିମାରିଙ୍ଗ୍ ୱାର୍ କାଣ୍କାଣୁକୁ
ସୁଡୁଦେଙ୍ଗ୍ ଆଟ୍ତାର୍ମାନ୍ଦ୍ରି ମାରି ୱାର୍ ଗିତଣିଦାନ୍ ୱେନ୍ଦ୍ରେଙ୍ଗ୍
ଆଟ୍ତାର୍ମାନ୍ଦ୍ରି ମାରି ବୁଜାଜିୱାଜି ନା ଲାକ୍ତୁ ଡ଼େସିୱାତାର୍ମାନ୍ଦ୍ରି
ମାରି ୱାରିଙ୍ଗ୍ ନାନ୍ ନେଗେନ୍କିତାମାନ୍ଦ୍ରି । 16 "ମିର୍ ଏସା ବାଗ୍ୟଦି
ଲୋକୁ! ମିର୍ ସୁଡ୍ରେଦଙ୍ଗ୍ ଆଟ୍ସିନିଦେର୍ ମାରି ୱେନ୍ଡ୍ରେଙ୍ଗ୍
ଆଟ୍ସିନିଦେର୍ । 17 ଇୟା ମାଟା ନାନ୍ ମିଙ୍ଗି ସତ୍ ଇଜିନା,
ଏସ ବାବବାଦିର୍ ନି ଏସ ମାପୁରୁଦି ଲୋକୁ, ମିର୍ ଆମାକା
ସୁଡ୍ଜିନିଦେର୍; ଆକା ସୁଡ୍ରେଦଙ୍ଗ୍ ଇଜି ମାରି ୱେନ୍ଜିନିଦେର୍;
ଆୟାୱିଜୁ ୱାର୍ ୱେନ୍ଡ୍ରେଙ୍ଗ୍ ବଦାକିତାର୍, ମାତର୍ ୱେନ୍ଏତାର୍ ।
18 "ଆରିଙ୍ଗ୍ ୱେନ୍ଦୁ, ୱିତୁ ୱିତ୍ନିକାନ୍ କାତାଦି ଅର୍ଟ ଇଜିନାନ୍ ।
ବୁଜାଦେଙ୍ଗ୍ ତେରେପେତେ ଆଦୁ । 19 ଏର୍ ମୁସ୍କୁପୁର୍ତି ନେଗି
କାବୁର୍ ୱେନାର୍, ମାତର୍ ବୁଜାଏର୍ । ୱାନ୍ ୱିତାତିମାନି ସାରି
ଲାକ୍ତୁରି ବୁମିଦି ୱାଜା । ସୟତାନ୍ ୱାନି ଜିବନ୍ତୁ ୱିତାତିମାନି
ଆୟା ବାକ୍ୟ ଡ଼ିବିସ୍କିନାଅନାତ୍ । ସାରି ଲାକ୍ତୁ ଆର୍ତିମାନି
ୱିତୁଦି ଅର୍ଟ । 20 ଏମେକାର୍ ବାକ୍ୟ ୱେର୍ଇଦାପ୍ରେ ୱେଡ଼ିକାଦାନ୍
ଆସ୍ନାନ୍, ୱାର୍ ପିଡ଼ିପି ବୁମିଦୁ ଆର୍ତିମାନି ୱିତୁଦି ସାମାନ୍
। 21 ୱାରି ମନ୍ତି ଲୋଇ ଇକା ସଲ୍ଏତ୍ ଆକା ୱାର୍ ତାନିଙ୍ଗ୍
ନାଣ୍ତ ସମୟ୍ ଆସ୍ସି ଇଡ଼୍ଦେଙ୍ଗ୍ ଆଟ୍ଏର୍ । ଇୟା ମାଟା ଉଣ୍ତିଙ୍ଗ୍
ଏସ୍ତିୱାଲେ କାସ୍କ ନି କାସ୍କ ୱାନାତ୍, ୱାର୍ ଦାପ୍ରେ ତାନିଙ୍ଗ୍ ଡ଼ିସ୍ନାର୍
। 22 ଏନ୍ ବାକ୍ୟ ୱେନାନ୍, ମାରି, ଦୁନିଆଦି ସିନ୍ତା ମାରି ଦନ୍ତି
ଆସା ୱାନିଙ୍ଗ୍ ତିଗ୍ନା ପକ୍ନାତ୍, ମାରି ୱାର୍ ପସଲ୍ ଆସ୍ଏର୍,
ଆୟା ଲୋକ୍ ସାମ୍କା ଦୁପାଦୁ ୱିତାତିମାନି ବୁମିଦି ୱାଜା । (aiōn
g165) 23 ମାତର୍ ଏନ୍ ବାକ୍ୟ ୱେନ୍ଜି ବୁଜାନାନ୍, ଆୟାକାର୍
ୱିତାତିମାନି ନେଗି ବୁମିଦି ୱାଜା । ୱାର୍ ନାଣ୍ତ ପସଲ୍ ଆସ୍ନାର୍,
ଏନ୍ ସହେ ଗୁଣ୍ତ, ଏନ୍ ସାଟେ ଗୁଣ୍ତ ଏନ୍ ତିରିସ୍ ଗୁଣ୍ତ ।" 24
ଜିସୁ ମାରିଉଣ୍ତି କାତା ଇଜି ଇର୍ହାନ୍ । ମୁସ୍କୁପୁର୍ ଇୟାୱାଜା
ଅରେନ୍ ଲୋକୁ ୱାନି କିଡ଼ିଇଦୁ ନେଗି ଗଦ୍ମୁ ୱିତୁ ୱିତ୍ତାନ୍ । 25
ଅ୍ରେଲନ୍ ନାଡ଼ା ୱାର୍ ୱିଜେରେ ଡରିତିମାର୍ଇୱାଲେ ଅରେନ୍
ସାତ୍ରୁ ୱାଜି ଆୟା ଗଦ୍ମୁ ଲୋଇ ଏସ ଗଲୁତକା ଲାଟା ୱିତୁ
ୱିତ୍ତାସର୍ହାତ୍ । 26 ଏସ୍ତିୱାଲେ ମାରାକ୍ ୱିଜୁ ପିର୍ଜି ସେରେନ୍
ସତାତ୍, ନାଡ଼୍ମି ନାଡ଼୍ମି ଗଲୁତକା ଲାଟା ତରିତାତ୍ । 27 ଆୟା
ଲୋକ୍ତି ସାକର୍କୁ ୱାଜି ଇର୍ହାର୍, ଆଜ୍ଞା, ନିନ୍ନେତା କିଡ଼ିଇଦୁ
ନେଗି ୱିତୁ ୱିତ୍ତିମାର୍ହି, ଗଲୁତକାଲାଟେଙ୍ଗ୍ ଏମେଣ୍କୁ ୱାତେ?
28 ୱାନ୍ ୱାରିଙ୍ଗ୍ ଇର୍ହାନ୍, ଅରେନ୍ ସାତ୍ରୁ ଇକା କିତାମାନାନ୍ ।
ମାରି, ସାକର୍କୁ ୱାନିଙ୍ଗ୍ ଇର୍ହାର୍, ଆରିଙ୍ଗ୍ ମାପ୍ ସଲ୍ସି ଆକେଙ୍ଗ୍
ରେଲ୍ଜି ଉଣ୍ତ୍ରେମାନୁ କିନାପ୍, ଇକା ଇନିକା ନିନ୍ ବଦାକିନି? 29
ମାତର୍ ୱାନ୍ ଇର୍ହାନ୍, "ସିଲେ, ଏସ୍ତିୱାଲେ ମିର୍ ଗଲୁତକା ଲାଟା
ଉଣ୍ତ୍ରା କିବୁ କିବୁ ଆୟାୱିଜୁଦି ୱାଲେ ଗଦ୍ମୁ ରେନି ପକ୍ନିଦେର୍
। 30 ପାସି କୟ୍ଇ ସାନ୍ଦ୍ରି ରୁଣ୍ତିୱାନିକାଙ୍ଗ୍ ଅର୍ସେ ପିର୍ଦେଙ୍ଗ୍

ଡ଼ିସ୍ସୋ ସିଦୁ, ମାରି ପାସି କୟ୍ନିୱାଲେ ନାନ୍ କୟ୍ନି ୱାରିଙ୍ଗ୍
ଇନା, ଆଡ଼େକ୍ତେଙ୍ଗ ଇଜି ଆଗ୍ଡ଼ି ଗଲୁତକା ଲାଟା ଉନ୍ଡ୍ରେମାନୁ
କିଜି କାଟେଙ୍ଗ ତର୍ଆ, ମାତର୍ ଗଦ୍ମୁ ନା କଲ୍କିଦୁ ଉଣ୍ତ୍ରା
କିଜିଇଡିଆ ।” 31 ଜିସୁ ୱାରିଙ୍ଗ ମାରିଉନ୍ତ୍ରି କାତା ୱେର୍ସି
ଇର୍ହାନ୍, “ମୁସ୍କୁପୁର୍ ଇୟାୱାଜା ଉନ୍ତ୍ରି ସାର୍ସୁ ପାଡୁଦି ୱାଜା,
ଆମାକା ଅସି ଅରେନ୍ ଲୋକୁ ନିଜେଦି କିଡ଼ିଇଦୁ ୱିତ୍ତାନ୍ 32
ଆକା ତୋ ୱିଜୁ ୱିତୁ ପାଡ଼୍କା ମାଣାନ୍ ଇସ୍ରିକାତ୍, ମାତର୍ ଆକା
ପିରିତିଙ୍ଗ ୱିଜୁ କୁସାଦି ମାଣ୍କୁ ପେରିକା ଆଜି ଇୟାୱାଜା ମାରାନ୍
ଆନାତ୍ ଜେ, ବାଦଡ଼୍ତି ପଟିଙ୍ଗ ୱାଜି ତାନି କମେଆଙ୍ଗ୍ଁ ଜାଲୁ
ତର୍ସି ବାସାନେ ।” 33 ଜିସୁ ୱାରିଙ୍ଗ ମାରିଉନ୍ତ୍ରି କାତା ୱେର୍ସି
ଇର୍ହାନ୍, “ମୁସ୍କୁପୁର୍ ଇୟାୱାଜା । ଅରେତ୍ ଆଇମା କାଣ୍ତେକ୍
କମିର୍ ଅସି ଆଡା ଅଟା ଗୁଣ୍ତାଦୁ ମିସାକିଜି ପିଡ଼ିକ୍ସି ଇଟ୍ତାତ୍ ।
ଟିକ୍ ସମୟ୍ତୁ ୱିଜୁ ଦୁର୍ ଗୁଣ୍ତା ଆବେ ମିସାଜି ଉଦ୍ଜି ନିଙ୍ଗ୍ଁତାତ୍ ।”
34 ଜିସୁ ଇୟାୱିଜୁ ମାଟା କାତାଦାନ୍ ଲୋକାଙ୍ଗ ୱେର୍ସିମାର୍ହାନ୍,
ମାରି କାତା ୱେର୍ଏଣ୍ତା ୱାନ୍ ୱାରିଙ୍ଗ ଇନିକା ଇନ୍ଏଜିମାର୍ହାନ୍, 35
ଏଣ୍ତେସ୍ ବାବବାଦି ମାଣାନ୍ ରାସାତି ଇୟା ବାକ୍ୟ ସତ୍ ଆନାତ୍,
“ନାନ୍ କାତାଦାନ୍ ୱାରି ୱାଲେ ମାଟା ୱାର୍ଗିନା । ଦୁନିଆ
ତିଆର୍ଆତି ଆଗ୍ଡ଼ିରି ନେସ୍ଇମାନି ୱିଜୁ ମାଟା ଇୟାୱାଜା ନାନ୍
ୱାରିଙ୍ଗ ବୁଜାକିନା ।” 36 ଲୋକା ଗଲିଦାନ୍ ସହସି ୱାଜି ଜିସୁ
ଏସ୍ତିୱାଲେ ଇଲୁ ଲୋଇ ସର୍ହାନ୍, ୱାନି ସିସୁର୍ ୱାଜି ୱେନ୍ବାତାର୍,
“କିଡ଼ିଇଦି ଗଲୁତକାଲାଟାଦି କାତାଦି ଅର୍ତ ମାଙ୍ଗ୍ଁ ବୁଜାକିଆ ।”
37 ଜିସୁ ଇର୍ହାନ୍, ଏମେ ଲୋକୁ ନେଗି ୱିତୁ ୱିତ୍ତାନ୍, ୱାନ୍
ମନୁସ୍ୟପୁତ୍ର । 38 ଇୟା ଦୁନିଆ ଆଜିନାତ୍ କିଡ଼ିଇ । ଏମେକାର୍
ମୁସ୍କୁପୁର୍ତି ଅଦିକାରି, ୱାର୍ ନେଗି ୱିତୁ । ଗଲୁତକାଲାଟେଙ୍ଗ
ସୟ୍ତାନ୍ତି ୱାଲେ ବୁଲାନିକାର୍ । 39 ଏମେ ସାତୁ ଗଲୁତକା ଲାଟା
ୱିତ୍ତାନ୍, ୱାନ୍ ସୟ୍ତାନ୍ । ପାସି ଉଣ୍ତାକିନି ସମୟ୍ ଆଜିନାତ୍
ୱିଜ୍ନି ଜୁଗ୍ । ପାସି କୟ୍ନିକାର୍ ଆଜିନାର୍ ମୁସ୍କୁପୁର୍ତି ଦୁତ୍କୁ
। (aiōn g165) 40 ଗଲୁତକା ଲାଟେଙ୍ଗ ଏଣ୍ତେସ୍ ଉଡ୍ରେମାନୁ
କିଜି ଆଡ଼୍କାଇଆତେ, ଜୁଗ୍ ୱିଜ୍ନିୱାଲେ ଆୟାୱାଜା ଆନାତ୍
। (aiōn g165) 41 ମନୁସ୍ୟପୁତ୍ର ୱାନି ରାଜିଦାନ୍ ୱିଜୁ ତାଗ୍ଇ
ପାଣିକିନିୱାରିଙ୍ଗ ନି ଏମେକାର୍ ଆଇୱାରିଙ୍ଗ ପାପ୍ କିବିସ୍ କିଦେଙ୍ଗ
ଉତ୍ନାର୍, ୱାରିଙ୍ଗ ଉଣ୍ତାକିଦେଙ୍ଗ ଇଜି ମୁସ୍କୁପୁର୍ତି ଦୁତ୍କାଙ୍ଗ
ପକ୍ନାନ୍ । 42 ୱାର୍ ଇୟା ୱିଜେରିଙ୍ଗ କାସ୍ନି ସିସୁଦୁ ପକ୍ନେ ।
ଆବେ ଇୟା ଲୋକୁ ଆଡ଼୍ବାନାର୍ ମାରି ପାଲ୍କୁ କାଟ୍ରେ କିନାର୍ ।
43 ନାସ୍ତିୱାଲେ ମାପୁରୁଦି ଲୋକୁ ମୁସ୍କୁପୁର୍ତି ବୁବାମାନୁ ୱେଡ଼ାଦି
ୱାଜା ଜାୟ୍ ଆନାର୍ । ଏମେୱାନିଙ୍ଗ ୱେନ୍ଡ୍ରେଙ୍ଗ ଗିତଣିଙ୍ଗମାନେ,
ୱାନ୍ ୱେନିନ୍ । 44 ମୁସ୍କୁପୁର୍ କିଡ଼ିଇଦୁ ମାର୍ଗିତିମାନି ଦନ୍ତି
ୱାଜା । ଅରେନ୍ ଲୋକୁ ଆକା ସୁଡ଼୍ଜି ମାର୍କ୍ସି ଇଟ୍ତାନ୍ ମାରି
ୱେଡ଼ିକାଦାନ୍ ସଲ୍ସି ନିଜେଦି ୱିଜୁ ପର୍ଜି ଆୟା କିଡ଼ିଇଦିଙ୍ଗ
କଟାନ୍ । 45 ମାରି, ମୁସ୍କୁପୁର୍ ଇୟାୱାଜା । ଅରେନ୍ ବେପାରି
ନାଣ୍ତଦାରାଦି ମୁକ୍ତା ପୟ୍ଜିମାର୍ହାନ୍ । 46 ଉଣ୍ତି ନାଣ୍ତଦାରାଦି
ମୁକ୍ତା ପୟ୍ଜି ୱାନ୍ ୱାନି ୱିଜୁ ଦନ୍ ପର୍ଜି ତାନିଙ୍ଗ କଟାନ୍ ।
47 ମାରି, ମୁସ୍କୁପୁର୍ ଉଣ୍ତି ମିନ୍କୁ ଆସ୍ନି ଜାଡ଼ିଦି ୱାଜା ।
ମିନ୍କୁ ଆସ୍ନିକାର୍ ଗାଡାଦୁ ଜାଡ଼ି ପକ୍ସି ରକମ୍ ରକମ୍ ଜାତିଦି
ମିନ୍କୁ ଆସ୍ନାର୍ । 48 ଜାଡ଼ି ପୁରୁନ୍ଆତିଙ୍ଗ ଲୋକୁ ଗାଡା ପାଡ଼ି
ରେଲ୍ଜି ତାତାର, ମାରି ବାସ୍ସି ନେଗି ନେଗି ମିନ୍କୁ ଆସ୍କିଜି
ସାଟ୍ନାଦୁ ଇଡ୍ନାର୍ ମାରି ତାଗ୍ଇ ମିନ୍କୁ ପକ୍ନାର୍ । 49
ଜୁଗ୍ ୱିଜ୍ନି ୱାଲେ ଇୟାୱାଜା ଆନାତ୍ । ଦୁତ୍କୁ ସହସିୱାଜି
ଦାର୍ମୁଦିଲୋକା ମାଣ୍କୁ ତାଗ୍ଇ ଲୋକାଙ୍ଗ ୱେର୍ଏକିନେ । (aiōn
g165) 50 ମାରି ୱାରିଙ୍ଗ ସିସୁ କାସ୍ନିମାନୁ ପକ୍ନାର୍; ଆବେ
ଆଡ଼୍ବାନାର୍ ମାରି ପାଲ୍କୁ କାଟ୍ରେକିନାର୍ । 51 ଜିସୁ ସିସୁରିଙ୍ଗ
ୱେନ୍ବାତାନ୍, “ଇୟାୱିଜୁ ବିସୟ୍ ବୁଜାଦେଙ୍ଗ ଆଟ୍ସିନିଦେର୍?”
ୱାର୍ ଇର୍ହାର୍, “ହୁଁ ପ୍ରବୁ ।” 52 ଜିସୁ ୱାରିଙ୍ଗ ଇର୍ହାନ୍, “ଏମେ
ଇଲୁଦି ମାଲିକ୍ ନିଜେଦି ଗୁଦାମ୍ତାନ୍ ପୁନିକା ନି ପାଡ଼ିଇ ଜିନିସ୍
ସପ୍ନାନ୍, ଦାର୍ମୁଗୁରୁ ଏନ୍ ମୁସ୍କୁପୁର୍ତୁ ସିସୁଆତାମାନାନ୍ ୱାନ୍
ଇୟାୱାଜା ।” 53 ଜିସୁ ଇୟାୱିଜୁ କାତା ୱିସ୍ତି ୱେନ୍କା ଆୟା
ବାଡିଦାନ୍ ସର୍ହାନ୍ । 54 ମାରି, ଜିସୁ ନିଜେଦି ବୁବାସି ଗାଡ଼୍ତୁ
ୱାଜି ଲୋକାଙ୍ଗ ୱାରି ପାର୍ତନା କିନି ଇଲୁଦୁ ଇୟାୱାଜା ସିକିୟା
ସିତାନ୍ ଜେ, ୱାର୍ କାବାଆଜି ଇର୍ହାର୍, “ଇୟାୱାଜା ବୁଦି ମାରି
ସାକ୍ତିଦି ପାଣି ଏମେଣ୍କୁ ପୟ୍ତାନ୍?” ୱାର୍ ୱେନ୍ବାତାର୍, “ଇୟା
କାବାଆନିପାଣିଦି ବିସୟ୍ତାନ୍ ଇନିକା?” 55 ଇକାନ୍ ଇନିକା
ଆୟା ବାଡ଼େଇତି ମାରିନ୍ ଆଏନ୍? ମରିୟମ୍ ଇନିକା ତାମେ
ଆଇସି ଆଏତ୍? ଜାକୁବ, ଜସେପ୍, ସିମୋନ୍ ନି ଜିହୁଦା ଇନିକା
ୱାନି ତଡ଼ାନ୍କୁ ଆଏର୍? 56 ୱାନି ତାଙ୍ଗ୍ଁକ୍ ଇନିକା ଇବେ ବାସାଉ?
ଇୟାୱିଜୁ ବୁଦି ନି ସାକ୍ତି ୱାନ୍ ପୟ୍ତାନ୍ ଏମେଣ୍କୁ? 57 ଇକା
ଇଜି ୱାର୍ ଜିସୁଙ୍ଗ୍ଁ ମାନାଏତାର୍ । ଜିସୁ ୱାରିଙ୍ଗ ଇର୍ହାନ୍, “ଅରେନ୍
ବାବବାଦି ନିଜେଦି ଇଲୁ ନି ନାର୍ତିଙ୍ଗ ଡ଼ିସ୍ତିଙ୍ଗ ଆଇ ୱିଜୁମାନୁ
ସନ୍ମାନ୍ ପୟ୍ନାନ୍ ।” 58 ୱାର୍ ୱାନିଙ୍ଗ ବିସ୍ବାସ୍ କିଏତାର୍ଆକା
ୱାନ୍ ଆବେ ୱାନି କାବାଆନି ପାଣି ମାରି ନାଣ୍ତ କିଏତାନ୍ ।

14 ଆୟା ସମୟ୍ତୁ ଗାଲିଲିଦି ସାସନ୍କିନି ସାମନ୍ତରାଜା
ହେରୋଦ ଜିସୁଦି ବିସୟ୍ତାନ୍ ୱେର୍ଆନ୍ । 2 ୱାନ୍
ୱାନି ପାଣିକିନିୱାରିଙ୍ଗ ଇର୍ହାନ୍, “ଇକାନ୍ ସତେନେ ଡୁବନ୍ସିନି
ଯୋହନ ଡ଼େସି ଜିବନ୍ ପୟ୍ଜି ୱାତାମାନାନ୍ । ଆୟା ଉଣ୍ତିଙ୍ଗ
ୱାନି କାବାଆନି ପାଣିକିଦେଙ୍ଗ ସାକ୍ତି ମାନାତ୍ ।” 3 ତେନି ଆଗ୍ଡ଼ି
ହେରୋଦ ଯୋହନତିଙ୍ଗ ତର୍ସିସ୍କିଦେଙ୍ଗ ଆଦେସ୍ ସିତାମାର୍ହାନ୍,
ମାରି ୱାନିଙ୍ଗ ସିକିଣିଦାନ୍ ତର୍ସି ଜଇଲ୍ତୁ ଇଡିସ୍କିତାମାର୍ହାନ୍
। ୱାନି ତଡ଼ାନ୍ ପିଲିପ୍ତି ଆଡ଼୍ସି ହେରଦିଆଦି ଉଣ୍ତିଙ୍ଗ ୱାନ୍
ଇକା କିତାମାର୍ହାନ୍ । 4 ଡୁବନ୍ସିନି ଯୋହନ ହେରଦତିଙ୍ଗ
ଇଜିମାର୍ଆନ୍, “ହେରଦିଏଙ୍ଗ୍ଁ ପେଡ଼ି କିନିକା ନି ଟିକ୍ ସିଲେତ୍ ।”
5 ଆୟାଉଣ୍ତିଙ୍ଗ ହେରଦ ଯୋହନତିଙ୍ଗ ସାୟାମାର୍ଗା ଡାକ୍ତେଙ୍ଗ
ବଦାକିଜିମାର୍ହାନ୍, ମାତର୍ ଜିହୁଦି ଲୋକାଙ୍ଗ ୱାନ୍ ଡିଲାଜିମାର୍ହାନ୍ ।
ଇରିଙ୍ଗ ୱାର୍ ଯୋହନତିଙ୍ଗ ଅରେନ୍ ବାବବାଦି ଇଜି ମାନାଜିମାର୍ହାର୍

। 6 ହେରୋଦ୍‌ତି ଜନମ୍‌ଦିନ୍ ନାଣ୍ଡିଙ୍ଗ ହେରଦିଆଦି ଗାଡ୍‌ସି
କୁଡ଼ାଙ୍ଗୁଁ ଆଗ୍‌ଡ଼ି ଗାଡ୍‌ସି ହେରଦତିଙ୍ଗ ୱେଡ଼ିକା କିବିସ୍‌କିତାଡ୍ । 7
ଆବେଟ୍ ୱାନ୍ ତାନିଙ୍ଗ ପାର୍‌ମାଣ୍‌କିଜି ଇର୍ହାନ୍, "ନାନ୍ ପାର୍‌ମାଣ୍
କିଜି ଇଜିନା, ନିନ୍ ଆମାକା ଲସ୍‌ନି, ନାନ୍ ନିଙ୍ଗୁଁ ଆକା ସିନା ।"
8 ତାନି ଆଇସିଦି ମାଟା ଆସ୍‌ସି ଆଇଲି ଇର୍ହାଡ୍, "ଡୁବନ୍‌ସିନି
ଯୋହନତି ତାଲା ଇବେ, ଇୟାଦାପ୍ରେ ଉଣ୍ଡି ସାଡ୍‌ୱାଦୁ ଇଡ୍‌ଜି
ନାଙ୍ଗୁଁ ସିଦା ।" 9 ଇକା ୱେନ୍‌ଜି ରାଜା ନାଣ୍ଡ ଦୁଃଖ କିତାନ୍ ।
ମାତର୍ କୁଡ଼ାଙ୍ଗୁଁ ଆଗ୍‌ଡ଼ି ପାର୍‌ମାଣ୍ କିତାମାର୍ହାନ୍‌ଆକା ଆଇଲିଦି
ଆସାଦିଙ୍ଗ ପୁରା କିଦେଙ୍ଗ ଆଦେସ୍ ସିତାନ୍ । 10 ଆବେଟ୍
ଜଇଲ୍‌ତୁ ଯୋହନତି ତାଲାଦିଙ୍ଗ ଲୋକାଙ୍ଗ ପକ୍‌ସି କଇସ୍‌କିତାନ୍
। 11 ମାରି ଉଣ୍ଡି ସାଡ୍‌ୱାଦୁ ୱାନି ତାଲା ଇଡ୍‌ଜି ଆୟା ଆଇଲିଦିଙ୍ଗ
ସିତାର୍ । ୱାଡ୍ ତାନିଙ୍ଗ ଅସି ତାନି ଆଇସିଙ୍ଗ ସିତାଡ୍ । 12
ତାନିୱେନ୍‌କା ଯୋହନତି ସିସୁର୍ ୱାଜି ମୁସ୍‌ତେଙ୍ଗ ଇଜି ୱାନି
ସାଡି ମାଡ଼ାଦିଙ୍ଗ ଅତାର୍ । ୱାର୍ ସଲ୍‌ସି ଜିସୁଙ୍ଗୁଁ ଇୟା ଦୁକ୍‌ତି
କାବୁର୍ ୱେର୍‌ତାର୍ । 13 ଯୋହନତି କାବୁର୍ ୱେର୍‌ଇଦାପ୍ରେ
ଜିସୁ ଡଙ୍ଗାଁଦୁ ଏକ୍‌ସି ଉଣ୍ଡି ସିମ୍ରା ବାଡିଦୁ ସର୍ହାନ୍ । ଜିସୁ ଆବେ
ସଲ୍‌ସି ମାନିକା ନେସ୍‌ସି ଲାକ୍‌ତୁରି ଗାଡ଼ାକାଣ୍‌କୁ ନାଣ୍ଡ ଲୋକୁ
ବୁଲାଜି ବୁଲାଜି ଜିସୁୱାଲେ ସର୍ହାର୍ । 14 ମାରି, ଜିସୁ ଡଙ୍ଗାଁଦାନ୍
ସତାନେ୍ନା ନାଣ୍ଡ ଲୋକାଙ୍ଗ ସୁଡ଼ୁଜି ୱାରି ଉଣ୍ଡିଙ୍ଗ ଦୁଃକ୍ କିତାନ୍,
ୱାନି ଜିବନ୍ ଦୟାଦୁ ଆଡ୍‌ବାତାସର୍ହାଡ୍ । ନାଣ୍ଡ ରଗ୍ ଲୋକାଙ୍ଗ
ୱାନ୍ ନେଗେନ୍‌କିତାନ୍ । 15 ଆୟା ନାଣ୍ଡିଙ୍ଗ ମିଲ୍‌ମିଲିକା ସିସୁର୍
ୱାଜି ଇର୍ହାର୍, "ନାଣ୍ଡ ୱେଡ଼ା ଆତାଡ୍‌ନି, ମାରି ଇୟା ବାଡି ସିମ୍ରା,
ଲୋକାଙ୍ଗ ପକ୍‌ଆ । ୱାର୍ ନାର୍‌କାଙ୍ଗୁଁ ସଲ୍‌ସି ନିଜେଦି ଉଣ୍ଡିଙ୍ଗ
କାଦି କଡ଼ିରି ।" 16 ଜିସୁ ୱାରିଙ୍ଗ ଇର୍ହାନ୍, "ୱାର୍ ଇବେଟ୍‌କୁ ସନି
ଦର୍‌କାର୍ ସିଲେ । ମିର୍ ୱାରିଙ୍ଗ ଇନିକା ଉଣ୍ଡେଙ୍ଗ ସିଦୁ ।" 17
ସିସୁର୍ ଇର୍ହାର୍, "ଇବେ ମା ଲାକ୍‌ତୁ କେବଲ୍ ପାସ୍‌ଗୋଟା ରୁଟିଙ୍ଗ
ମାରି ରୁଣ୍ଡି ମିନ୍‌କୁ ମାନେ ।" 18 ଜିସୁ ଇର୍ହାନ୍, "ଆକେଙ୍ଗ ଇବେ
ନା ଲାକ୍‌ତୁ ତାଗାଟ୍ ।" 19 ଲୋକାଙ୍ଗ ଲାଟା ମୁସ୍‌କୁ ବାସ୍‌ତେଙ୍ଗ
ଇଜି ଜିସୁ ଆୟା ପାସ୍‌ଗୋଟା ରୁଟିଙ୍ଗ ମାରି ରୁଣ୍ଡି ମିନ୍‌କୁ ଅତାନ୍
ମାରି ସ୍ୱର୍ଗ ତରିନ୍ ସୁଡ୍‌ଜି ମାପୁରୁଙ୍ଗୁଁ ଦନ୍ୟବାଦ୍ ସିତାନ୍ । ମାରି
ୱାନ୍ ରୁଟିଆଙ୍ଗୁଁ ରୁକ୍‌ସି ରୁକ୍‌ସି ସିସୁରି କିୟୁଦୁ ସିତାନ୍ । ସିସୁର୍
ଆୟାୱିଜୁ ଅସି ଲୋକା ଲୋଇ ବାଟାକିତାସିତାର୍ । 20 ୱିଜେରେ
ତିର୍‌ଆରୋ ପଟାପାଜିତାର୍ । ତାନିୱେନ୍‌କା ସିସୁର୍ ଆମା ମକା
ରୁଟିଙ୍ଗ ଏଜିତେ, ଆକେଙ୍ଗ ଉଣ୍ଡା କିଜି ବାରଗୋଟା ତାଡ଼ିଆଙ୍ଗୁଁ
ବର୍ତି କିତାର୍ । 21 ଆଇମେକ୍ ନି କଡ଼ରିଙ୍ଗ ଡ଼ିସ୍‌ସି ୫,୦୦୦
ହାଜାର୍ ମେମାର୍‌ଙ୍ଗୁଁ ଇୟା କାଦି ଉଟାମାର୍ହାର୍ । 22 ଇୟା ୱେନ୍‌କା
ଜିସୁ ସିସୁରିଙ୍ଗ ଡଙ୍ଗାଁଦୁ ଏକ୍‌ସି ୱାନି ଆଗ୍‌ଡ଼ି ଗାଡା ଆୟା ପାଡ଼ି
ସନେ୍ଦ୍ରଙ୍ଗ ଇଜି ଇର୍ହାନ୍, ମାରି ୱାନ୍ ୱେନ୍‌କା ଟେବାଜି ଲୋକାଙ୍ଗ
ପକ୍‌ତାନ୍ । 23 ଜିସୁ ଲୋକାଙ୍ଗ ପୋକ୍‌ତି ୱେନ୍‌କା ୱାନ୍ ପାର୍‌ତନା
କିଦେଙ୍ଗ ଇଜି ଗରନ୍ ମୁସ୍‌କୁ ସର୍ହାନ୍, ମାରି ମିଲ୍‌ମିଲ୍‌କା ଆଡି
ୱେନ୍‌କା ୱାନ୍ ଆବେ ଅରେନ୍ ଟେବାତାନ୍ । 24 ମାତର୍ ଡଙ୍ଗାଁ
ନାସ୍ତିୱାଲେ ଗାଡା ପାଡ଼ିଦାନ୍ ନାଣ୍ଡ ଆକ ମାର୍ହାଡ୍ ମାରି ନାଣ୍ଡ
ଗାଲି ଆଜିମାର୍ହାଡ୍‌ଆକା ଉଲ୍‌କା ଦକାଦାନ୍ ଦୁଙ୍ଗୁଁଜିମାର୍ହାଡ୍ । 25
ସାଲ୍‌ଦି କର୍‌ରୁ କେଡ଼େପି ଜିସୁ ସାମ୍‌ଦୁର୍ ମୁସ୍‌କୁ ବୁଲାଜି ସିସୁରି
ଲାକ୍‌ତୁ ୱାତାନ୍ । 26 ମାରି ସିସୁର୍ ୱାନିଙ୍ଗ ସାମ୍‌ଦୁର୍ ମୁସ୍‌କୁ
ବୁଲାନିକା ସୁଡୁତାରୋ ଡିଲାଜି ଇର୍ହାର୍, "ଇକା ତୋ ଦୁବା!"
ମାରି, ୱାର୍ ଡିଲାଜି ଆଉଲି ଆତାର୍ । 27 ଜିସୁ ଆୟାଦାପ୍ରେ
ୱାରି ୱାଲେ ୱାର୍‌ଗିଜି ଇର୍ହାନ୍, "ସାସ୍ ଆସ୍‌ତୁ, ଇକାନ୍ ତୋ
ନାନ୍, ଡିଲାମାଟ୍!" 28 ଇକା ୱେନ୍‌ଜି ପିତର୍ ଇର୍ହାନ୍, "ପ୍ରବୁ,
ଜଦି ସତ୍‌ତାନ୍ ନିନ୍‌ଆନିମାନି, ଏରୁ ମୁସ୍‌କୁ ବୁଲାଜି ନି ଲାକ୍‌ତୁ
ୱାଦେଙ୍ଗ ଇଜି ନାଙ୍ଗୁଁ ଆଦେସ୍ ସିଦା ।" 29 ଜିସୁ ଇର୍ହାନ୍, "ରାଆ ।"
ପିତର୍ ଡଙ୍ଗାଁଦାନ୍ ରେତାଜି ଜିସୁଦି ତରିନ୍ ଏରୁ ମୁସ୍‌କୁ ବୁଲାଦେଙ୍ଗ
ଆସ୍‌ତାନ୍ । 30 ମାତର୍ ଗାଲି ନାଣ୍ଡ ଆନିକା ସୁଡ୍‌ଜି ଡିଲାତାନ୍
ମାରି ଏରୁତୁ ମୁଡୁଗିଜି ସନେ୍ଦ୍ରଙ୍ଗଆସ୍‌ତାନ୍ । ଆବେଟ୍ ୱାନ୍
ଆଉଲି ଆଜି କୁକ୍‌ତାନ୍, "ପ୍ରବୁ, ନାଙ୍ଗୁଁ ରକିୟାକିଆ ।" 31 ଜିସୁ
ଆୟାଦାପ୍ରେ କିୟୁ ସପ୍‌ସି ୱାନିଙ୍ଗ ଆସ୍‌ସି ଇର୍ହାନ୍, "ଏ ଅଡ଼ପ୍
ବିସ୍‌ବାସି! ଏନ୍ବା ନିନ୍ ଆନ୍‌ମାନ୍‌କିତି?" 32 ୱାର୍ ରିଏର୍ ଡଙ୍ଗାଁଦୁ
ଏକ୍‌ତାର୍ ମାରି ଆୟାଦାପ୍ରେ ଗାଲି ଡିର୍ ଆତାଡ୍ । 33 ଆବେଟ୍
ଡଙ୍ଗାଁଦୁମାନି ସିସୁର୍ କାବାଆଜି ଜିସୁଙ୍ଗୁଁ ମାଡ଼ିସ୍‌କିଜି ଇର୍ହାର୍,
"ନିନ୍ ସତେନେ ମାପୁରୁଦି ମାରିସି ।" 34 ୱାର୍ ନାସି ଗିନେସରତ
ଗାଡ୍‌ତୁ ୱାତାର୍ । 35 ଆବେଣି ଲୋକୁ ଜିସୁଙ୍ଗୁଁ ସିନିସ୍‌କିଦେଙ୍ଗ
ଆଟ୍‌ସି ଲାକ୍‌ତୁରି ନାର୍‌କାଙ୍ଗୁଁ ମାନି ରଗ୍ ଲୋକାଙ୍ଗ ଜିସୁ ଲାକ୍‌ତୁ
ତାତାର୍ । 36 ରଗ୍‌ଲୋକାଙ୍ଗ ଆବ୍‌କା ନି ୱାତି ଜାଲି ମୁଟ୍‌ଟେଙ୍ଗ
ସାରି ସିଦା ଇଜି ୱାର୍ ଜିସୁଙ୍ଗୁଁ ମାଡ଼ିସ୍‌କିତାର୍ । ଏମେକାର୍
ମୁଟ୍‌ତାର୍, ୱାର୍ ନେଗେନ୍ ଆତାର୍ ।

**15** ଅର୍‌ଲେନ୍ ଏସ ଲୋକୁ ପାରୁସିର୍ ମାରି ସାସ୍ତିର୍
ଜିରୁସାଲମ୍‌ତାନ୍ ୱାଜି ଜିସୁଙ୍ଗୁଁ ୱେନ୍‌ବାତାର୍, 2
"ମା ପୁର୍ବେଦିଡକ୍‌ରାଦାଦାର୍ ଆମାୱିଜୁ ନିତିନିୟମ୍ ସିତା
ସର୍‌ଆମାନାର୍, ନି ସିସୁର୍ ଏନ୍ବା ଆୟାୱିଜୁ ମାନାଏଜିନାର୍? ଉଣି
ଆଗ୍‌ଡ଼ିନେ ମା ନିତିନିୟମ୍ ନେଗେନ୍‌କିଜି କିକୁ ନର୍‌ବାଏଣ୍ଡା ଏନ୍ବା
ଉଣୁଜିନାର୍ ।" 3 ଜିସୁ ୱାରିଙ୍ଗ ଇର୍ହାନ୍, ମିର୍ ଏନ୍ବା ମାପୁରୁଦି ମାଟା
ମାନାଏଜି ନିଜେଦି ନିତିନିୟମ୍ ଇସାବ୍‌ତାନ୍ ପାଣି କିଜିନିଦେର୍?
4 ମାପୁରୁ ତୋ ୱେର୍‌ତାମାନାନ୍, ବୁବା ୟାୟାଏଙ୍ଗ ମାନାଦୁ, ଏନ୍
ନିଜେଦି ବୁବା ନି ୟାୟାଙ୍ଗ ଆନାଦୁରିଆ ସିନାନ୍, ୱାନ୍ ସାନି
ଦଣ୍ଡ ପୟ୍‌ନାନ୍ । 5 ମାତର୍ ମିର୍ ଇଜିନିଦେର୍, ଆମା ଲୋକୁ
ବୁବା ନି ୟାୟାଙ୍ଗ ଇନାନ୍, ନା ମାଣ୍‌କୁ ଆମାକା ମି ଉଣ୍ଡିଙ୍ଗ
ଆତାମାନାଡ୍, ଆକା ପ୍ରବୁଦି ଉଦେସ୍‌ତାନ୍ ପୁଜା ସିଆତାମାନାଡ୍
। 6 ୱାନ୍ ମାରି ନିଜେଦି ବୁବା ନି ୟାୟାରିଙ୍ଗ ସମ୍ମାନ୍ କିଏନ୍
। ଇୟାୱାଜା ଇସାବ୍‌ତାନ୍ କିଜି ୱାଜି ମିର୍ ମାପୁରୁଦି ମାଟା
ମାନାଏଜି ନିଜେଦି ସିକିୟା ଇସାବ୍‌ତାନ୍ ବୁଲାଜିନି । 7 ଏ
ସାଲାକିଦି ଦାର୍ମୁ ଦଲ୍, ଜିସାଇୟ ମି ବିସୟ୍‌ତାନ୍ ଜତାର୍ତେ ୱାଜା
ଇୟା ବାବବାଣି ୱେର୍‌ତାମାନାନ୍ । 8 ମାପୁରୁ ଇଜିନାନ୍, ଇୟା

ଲୋକୁ କେବଲ୍ ମାଟାଦାନ୍ ନାଙ୍ଗୁଁ ସମ୍ମାନ୍ କିନାର୍, ମାତର୍ ୱାରି
ଜିବନ୍ ନା ମାଣାନ୍ ନାଣ୍ତୁ ଆକ । 9 ନାଙ୍ଗୁଁ ୱାର୍ ଆମା ଆରାଦନା
କିନାର୍, ଆକା ପାଣିସିଇକା, ଇରିଙ୍ଗ୍ ୱାର୍ ଲୋକୁ ତିଆର୍ କିତି
ନିୟମ୍‌କୁ ନା ମାଟା ଇଜି ୱେର୍‌ସିନାର୍ । 10 ତାନେୱେନ୍‌କା
ଜିସୁ ଲୋକାଙ୍ଗ୍ ଲାକ୍‌ତୁ କୁକ୍‌ସି ୱାରିଙ୍ଗ୍ ଇର୍ହାନ୍, "ୱେନ୍‌ଡୁ ମାରି
ବୁଜାଦୁ; 11 ଲୋକା ୱେୟୁ ସିଜି ଆମାକା ଲୋଇ ଡୁଗୁନାତ୍,
ଆକା ୱାନିଙ୍ଗ୍ ଅପବିତ୍ର କିଏତ୍; ମାତର୍ ୱେୟୁଦାନ୍ ଆମାକା
ସନାତ୍, ଆକା ୱାନିଙ୍ଗ୍ ଅପବିତ୍ର କିନାତ୍ ।" 12 ନାସ୍ତିୱାଲେ ସିସୁର୍
ଜିସୁଦି ଲାକ୍‌ତୁ ୱାଜି ଇର୍ହାର୍, "ନି ମାଟା ୱେନ୍‌ଜ୍ଜି ପାରୁସିର୍ ରିସା
ଆତାମାନାର୍, ଇକା ଇନିକା ନିନ୍ ନେସେଇ?" 13 ଜିସୁ ଇର୍ହାନ୍,
"ଏମେ ମାରାକ୍ ୱିଜୁ ନା ମୁସ୍‌କୁପୁର୍‌ତି ବୁବା ଉର୍‌ଏନ୍, ଆୟାୱିଜୁ
ମାଗ୍‌ନେ ସନେ । 14 ୱାରିଙ୍ଗ୍ ଡ଼ିସ୍‌ସୋ ସିଦୁ, ୱାର୍ କାଣାର୍, ଆଇ
କାଣାରି ସାରିତର୍‌ନିକାର୍; ମାରି, ଅରେନ୍ କାଣା ମାରି ଅରେନ୍
କାଣାଦିଙ୍ଗ୍ ସାରି ତର୍‌ନା ସିନାନ୍, ଆର୍‌ତିଙ୍ଗ୍ ରିଏର୍‌ବା ଗୁଟାଦୁ
ଆର୍‌ନାର୍ ।" 15 ଆବେଟ୍ ପିତର୍ ୱାନିଙ୍ଗ୍ ଇର୍ହାନ୍, "ଇୟା କାତା
ମାଙ୍ଗୁଁ ନେସ୍‌ନିୱାଜା ବୁଜାକିଜ ସିଦା ।" 16 ଜିସୁ ୱାରିଙ୍ଗ୍ ଇର୍ହାନ୍,
"ମିର୍ ବା ଇନିକା ଇୟାସାନ୍ଦି ବୁଜାଦେଙ୍ଗ୍ ଆଟ୍‌ଏଜିନିଦେର୍ । 17
ନିସବା ବୁଜାଦେଙ୍ଗ୍ ଆଟ୍‌ଏଜିନିଦେର୍? ଆମାକା ଇନିକା ୱେୟୁଦୁ
ଡୁଗୁନାତ୍, ଆକା ପଟା ଲୋଇ ସନାତ୍ ମାରି ମେନ୍ଦ୍‌ଲ୍‌ତାନ୍ ସନା
ସନାତ୍ । 18 ମାତର୍ ଆମାୱିଜୁ ବିସୟ୍‌କୁ ୱାନି ୱେୟୁଦାନ୍
ଆତେରେ ୱାନାତ୍, ଆକା ୱାନି ଜିବନ୍‌ତାନ୍ ସନାତ୍, ଆକାନେ
ଲୋକତିଙ୍ଗ୍ ଅପବିତ୍ର କିନାତ୍ । 19 ଇରିଙ୍ଗ୍ ୱାନି ଜିବନ୍‌ତାନ୍
ତାଗ୍‌ଇସିନ୍ତା, ସାୟାମାର୍‌ଗାଡାକ୍‌ନିକା, ଦାରିପାଣି, ତାଗ୍‌ଇପାଣି,
ଡଙ୍ଗୁଁ, ମିସ୍‌ମାଟା ୱେର୍‌ନିକା ମାରି ନିନ୍ଦାକିନିକା ନାଣ୍ତୁ ରକମ୍‌ତି
ନିୟମ୍ ସିଲି ପାଣି କିନାନ୍ । 20 ଇୟାୱିଜୁ ବିସୟ୍ ଲୋକତିଙ୍ଗ୍
ଅପବିତ୍ର କିନାତ୍ । ମାତର୍ ନିତିନିୟ୍‌ତାନ୍ କିୟୁ ନର୍‌ବାଏଣ୍‌ଗା
ଉଣିକା ଆକା ଲୋକ୍‌ତିଙ୍ଗ୍ ଅପବିତ୍ର କିଏତ୍ ।" 21 ଜିସୁ ଆୟା
ବାଡି ଡ଼ିସ୍‌ତାନ୍‌ନୋ ସୋର ନି ସିଦନ୍ ରାଜିଦି ଗାଡ଼୍‌କାଙ୍ଗ୍ ସୋର୍ହାନ୍
। 22 ଆବେନୁ ତେବାଜି ମାନି ଅରେତ୍ କିଣାନିୟା ଆଇମା
ଜିସୁଦି ଲାକ୍‌ତୁ ୱାଜି ଇର୍ହାତ୍, "ଏ ପ୍ରବୁ, ଦାଉଦତି ମାରିନ୍,
ନାଙ୍ଗୁଁ ଦୟା କିଆ । ନା ଗାଡ଼ିଙ୍ଗ୍ ଦୁବା ଆସ୍‌ତାମାନାତ୍ ମାରି
ୱାଦ୍ ନାଣ୍ତୁ କାସ୍ଟ ବଗାଜିନାତ୍ ।" 23 ମାତର୍ ଜିସୁ ତାନେଙ୍ଗ୍
ପଦେକ୍ ମାଟାବା ଇନ୍‌ଏତାନ୍ । ମାରି ୱାନି ସିସୁର୍ ୱାଜି ୱାନିଙ୍ଗ୍
ମାଡ଼ିସ୍‌କିଜି ଇନ୍‌ଡ୍ରେଙ୍ଗ୍ ଆସ୍‌ତାର୍, "ତାନେଙ୍ଗ୍ ବେଗି ସନ୍‌ଡ୍ରେଙ୍ଗ୍
ଇନିଆ, ସୁଡୁଆ ୱାଦ୍ ଏଣ୍ତେସ୍ ଆଉଲି ଆଜି ମା ୱେନ୍‌କା ୱେନ୍‌କା
ୱାଜିନାତ୍ ।" 24 ଜିସୁ ଇର୍ହାନ୍, "ନାନ୍ ଇସ୍ରାଏଲ୍ କୁଟୁମ୍‌ତି
ମୁରିତିମାନି ମେଣ୍ତେଆଙ୍ଗୁଁ ଡ଼ିସ୍‌ତିଙ୍ଗ୍ ମାରି ଏ ଲାକ୍‌ତୁ ରେଏ ।"
25 ଆଇମା ୱାଜି ଜିସୁଦି କାଲ୍‌କା ଆଡ୍‌ଗି ମେଣ୍ତେଙ୍ଗ୍ ଗଟ୍‌କିଜି
ଇର୍ହାତ୍, "ଏ ପ୍ରବୁ, ନାଙ୍ଗୁଁ ଦୟା କିଆ ।" 26 ଜିସୁ ଇର୍ହାନ୍ ।
"ଇରିଙ୍ଗ୍ କଡ଼ରି ବାଟା ଖାଦି ଅସି ନୁକୁଡ଼ିଆଙ୍ଗୁଁ ମାନୁ ପୋକ୍‌ନିକା
ନେଗେତ୍ ସିଲେ ।" 27 ଆଇମା ଇର୍ହାତ୍, "ଆକା ସତ୍ ପ୍ରବୁ,
ମାତର୍ ନୁକୁଡ଼ିଙ୍ଗ୍ ବା ଟେବୁଲ୍ ଆଡ୍‌ଗି ଆର୍‌ନି ମାଲିକ୍‌କା ସକ୍‌ଡ଼ି
ଉନ୍‌ଣ୍ତେ ପଇନେ ।" 28 ଜିସୁ ତାନିଙ୍ଗ୍ ଇର୍ହାନ୍, "ନିନୁ ଅରେତ୍
ଡାଟ୍‌ତି ବିସ୍‌ବାସ୍‌ତି । ନି ବଦା ପୁରା ଆନାତ୍ ।" ଆୟା ଦ୍ରାପେନେ
ତାନି ଗାଡ଼୍‌ସି ନେଗେନ୍ ଆତାତ୍ । 29 ଜିସୁ ଆବେଟ୍‌ତାନ୍
ଡ଼ିସ୍‌ତାନ୍‌ନୋ ଗାଲିଲି ଗାଡା ଲାକ୍‌ତୁ ୱାତାନ୍, ମାରି ଗରନ୍ ମୁସ୍‌କୁ
ସୋର୍ହାନ୍‌ନୋ ଆବେନ୍ ବାସ୍‌ତାନ୍ । 30 ନାଣ୍ତୁ ଲୋକୁ ୱାଜି ୱାନି
ଲାକ୍‌ତୁ ଉଣ୍ତାତାର୍ । ୱାର୍ ଚଟା, ଗୁଲା, କାଣା, ବୁଲାଦେଙ୍ଗ୍
ଆଟ୍‌ଇକାର୍ ମାରି ନାଣ୍ତୁ ନବ୍‌ଆତି ଲୋକାଙ୍ଗ୍ ତାସି ଜିସୁଦି ପାଦାମ୍
ଆଡ୍‌ଗି ଇଟ୍‌ତାର୍ ମାରି ଜିସୁ ଆୟା ୱିଜେରିଙ୍ଗ୍ ନେଗେନ୍ କିତାନ୍
। 31 ଗୁଲାର୍ ଜେ ୱାର୍‌ଗିଜିନାର୍, କିକୁକାଲ୍‌କୁୱାର୍‌ତିକାର୍‌ବା
ନେଗେନ୍ ଆତାର୍, ଚଟାର୍ ବୁଲାଜିନାର୍ ମାରି କାଣାର୍ ସୁଡ଼୍‌ଦେଙ୍ଗ୍
ଆଟ୍‌ସିନାର୍, ଇକା ସୁଡୁଜି ଲୋକୁୱିଜେର୍ କାବା ଆତାର୍, ମାରି
ଇସ୍ରାଏଲ୍‌ତି ମାପୁରୁଙ୍ଗୁଁ ଦନ୍ୟବାଦ୍ କିତାର୍ । 32 ଜିସୁ ନିଜେଦି
ସିସୁରିଙ୍ଗ୍ ଲାକ୍‌ତୁ କୁକ୍‌ସି ଇର୍ହାନ୍, "ଇୟା ଲୋକା ଉଣ୍ତିଙ୍ଗ୍ ନା
ଜିବନ୍ ଆଡ୍‌ବାଜିନାତ୍, ଇରିଙ୍ଗ୍ ଇୟାକାର୍ ମୁନେନ୍ ଆତାତ୍‌ନି
ନା ୱାଲେ ମାନାର୍ ମାରି ଇୟାୱାରି ମାନୁ ଇନିକା ଉନ୍‌ଣ୍ତେଙ୍ଗ୍
ସିଲେତ୍ । ୱାର୍ ଉଣୁଏଣ୍‌ଗା ଇବେଟ୍‌କୁ ସୋଲିର୍, ଇୟା ମାଟା
ନାନ୍ ଅଡ଼୍‌ବିଏ; ଇରିଙ୍ଗ୍ ଡ଼େସିସୋନିୱାଲେ ସାରିଦୁ ୱାର୍ ୱାନ୍ଦନା
ସନାର୍ ।" 33 ସିସୁର୍ ୱାନିଙ୍ଗ୍ ୱେନ୍‌ବାତାର୍, "ଇୟା ସିମ୍ରା ବାଡିଦୁ
ନିସ ଲୋକାଙ୍ଗ୍ ଉଟ୍‌ପିସ୍‌କିଦେଙ୍ଗ୍ ଇଜି ମାଡ୍ ଏମେଟ୍‌କୁ ନାଣ୍ତୁ
କାଦି ପଇନିକା?" 34 ଜିସୁ ୱାରିଙ୍ଗ୍ ୱେନ୍‌ବାତାନ୍, "ମି ଲାକ୍‌ତୁ
ଏସଗୋଟା ରୁଟିଙ୍ଗ୍ ମାନେ?" ୱାର୍ ଇର୍ହାର୍, "ସାତ୍‌ଗୋଟା ରୁଟିଙ୍ଗ୍
ମାରି ଏସ ଇସ୍ରି ମିନ୍‌କୁ ମାନେ ।" 35 ଜିସୁ ଲୋକାଙ୍ଗ୍ ବୁମି ମୁସ୍‌କୁ
ବାସ୍‌ତେଙ୍ଗ୍ ଆଦେସ୍ ସିତାନ୍ । 36 ତାନେୱେନ୍‌କା ୱାନ୍ ଆୟା
ସାତଗଟା ରୁଟି ମାରି ମିନ୍‌କୁ ଅସି ମାପୁରୁଙ୍ଗୁଁ ଦନ୍ୟବାଦ୍ ସିତାନ୍
ମାରି ଆୟାୱାନିକାଙ୍ଗ୍ ମକେଙ୍ଗ୍ ମକେଙ୍ଗ୍ କିଜି ରୁକ୍‌ସି ସିସୁରିଙ୍ଗ୍
ସିତାନ୍ । ସିସୁର୍ ଆକା ଲୋକାଙ୍ଗ୍ ବାଟାକିତାସିତାର୍ । 37 ମାରି,
ୱିଜେରେ ତିନ୍‌ଜ୍ଜି ପଟା ପାଜିତାର୍ ମାରି ଡ଼ିକ୍‌ତି ମକାରୁଟିଙ୍ଗ୍ ଏସ
ଏଜିତେ, ଆକା ସିସୁର୍ ସାତଗଟା ଡାଡ଼ିଆଙ୍ଗୁଁ ବର୍ତି କିତାର୍ । 38
ଉଟି ଲୋକୁ, ଆଇମେକାଙ୍ଗ୍ ନି କଡ଼ରିଙ୍ଗ୍ ଡ଼ିସ୍‌ସି ନାଲ୍‌ଗି ହାଜାର୍
ମେମାରୁଙ୍ଗୁଁ ମାର୍ହାର୍ । 39 ତାନେୱେନ୍‌କା ଜିସୁ ୱିଜୁ ଲୋକାଙ୍ଗ୍
ପୋକ୍‌ତାନ୍‌ନୋ ଡଙ୍ଗୁଁଦୁ ଏକ୍‌ତାନ୍‌ନୋ ମଗଦାନ୍ ରାଜିଦୁ ୱାତାନ୍
।

16 ଅରେ୍‌ଲନ୍ ଏସଲୋକ୍ ପାରୁସିର୍ ନି ସାଦୁକିର୍ ଜିସୁଙ୍ଗୁଁ ଦସ୍
ଆସ୍‌ତେଙ୍ଗ୍ ଇଜି ୱାନି ଲାକ୍‌ତୁ ୱାତାର୍ । ୱାର୍ ୱାନିଙ୍ଗ୍
ଇର୍ହାର୍, ମାପୁରୁ ୱାନିଙ୍ଗ୍ ଆସ୍‌କିତାମାନାନ୍ ଇଜି ପାର୍‌ମାଣ୍ ସିନି
ଉଣ୍ତିଙ୍ଗ୍ ୱାନ୍ ଉନ୍‌ଡ୍ରି କାବାଆନି ପାଣି କିଜ ତର୍‌ଆ । 2 ମାତର୍
ଜିସୁ ୱାରିଙ୍ଗ୍ ଇର୍ହାନ୍, "ମିଲିମିଲିକା ବେଡ଼ାଦୁ ବାଦ୍‌ଡ଼ ନେତେର୍
ତରିତିଙ୍ଗ୍ ନେଗି ପାଗ୍ ଆନାତ୍ ଇଜି ମିର୍ ଇଜିନିଦେର୍, 3 ମାରି
ସାଲିଦିବେଡ଼ାଦୁ ବାଦ୍‌ଡ଼ ଲାଲ୍ ନି ସିକାଟି ତରିତିଙ୍ଗ୍ ପିରୁ ଆନିକା
ନେସ୍‌ନିଦେର୍ । ମିର୍ ବାଦ୍‌ଡ଼ତିଙ୍ଗ୍ ସୁଡ଼୍‌ଜି ପାଗ୍‌ତି ମାଟା ଆଗ୍‌ଡ଼ି

ନେସ୍‌ନିଦେର୍ । ମାତର୍ ଇଲେଇତି ସମୟ୍‌ତି ସିନେଙ୍ଗ୍‌ୱିଜୁ ମିର୍
ନେସ୍‌ତେଙ୍ଗ ଆଟ୍‌ଇଦେର୍? 4 ତାଗ୍‌ଇ ନି ଏମେକାର୍ ମାପୁରୁଙ୍ଗ୍‌
ବିସ୍‌ବାସ୍ କିଏର୍ ୱାର୍ ସିନା ସୁଡୁନାର୍, ମାତର୍ ଜୁନସ୍‌ତି ସିନା
ଡ଼ିସ୍‌ତିଙ୍ଗ ଆଇ ଆମାକାବା ସିନା ୱାରିଙ୍ଗ ସିଆୟ୍‌ଆଏତ୍ ।”
ମାରି, ୱାନ୍ ୱାରିଙ୍ଗ ଡ଼ିସ୍‌ତାନ୍‌ନୋ ସୋର୍ହାନ୍ । 5 ସିସୁର୍ ଗାଡା
ଆୟାପାଡ୍‌କା ଇତାରୋ ସୁଡୁତାର୍‌ଜେ, ୱାର୍ ରୁଟିଙ୍ଗ ତାତେଙ୍ଗ
ବାଣାତାର୍ । 6 ଜିସୁ ୱାରିଙ୍ଗ ଇର୍ହାନ୍, “ଜାଗାର୍‌ତା ଆଦୁ, ପାରୁସି ନି
ସାଦୁକିରି କମିର୍‌ଦାନ୍ ଜାଗାର୍‌ତାଆଦୁ ।” 7 ୱାର୍ ଇୟା ବିସୟ୍‌ତୁ
ୱାରିୱାରି ଲୋଇ ୱାର୍‌ଗିଜି ସାତାର୍, “ମାଡ୍ ରୁଟିଙ୍ଗ ତେଇକା
ଇଜି ୱାନ୍ ଇକା ଇଜିନାନ୍ ।” 8 ୱାର୍ ଇନିକା ଇଜିମାର୍ହାର୍
ନେସ୍‌ତାନ୍‌ନୋ ଜିସୁ ୱାରିଙ୍ଗ ଇର୍ହାନ୍, “ମି ଲାକ୍‌ତୁ ରୁଟିଙ୍ଗ ସିଲୁ ଇଜି
ଏନ୍ଦ୍ରା ୱାର୍‌ଗିଜି ସାଜିନିଦେର୍? ମି ବିସ୍‌ବାସ୍ ଏସ ଉଣା । 9 ମିର୍
ଇନିକା ଇୟାସାନ୍ଧିବା ବୁଜାଦେଙ୍ଗ ଆଟ୍‌ଇଜିନିଦେର୍? ୫,୦୦୦
ହାଜାର୍ ଲୋକାମାନୁ ନାନ୍ ପାସ୍‌ଗୋଟା ରୁଟିଙ୍ଗ ବାଟାକିତିମାନି
ମାଟା ଇନିକା ମିଙ୍ଗ୍‌ଁ ଏତ୍ ସିଲେତ୍? ନାସ୍ତିୱାଲେ ଏସଗୋଟା
ଡାଡ଼ିଆଙ୍ଗ୍‌ଁ ବର୍ତିକିତିମାର୍‌ଇଦେର୍? 10 ମାରି ଆୟା ୪,୦୦୦
ହାଜାର୍ ଲୋକାଙ୍ଗ ସାତଗଟା ରୁଟିଙ୍ଗ ମାଟା ଏତ୍ ସିଲେତ୍?
ନାସ୍ତିୱାଲେ ମିର୍ ଏସଗୋଟା ଡାଡ଼ିଆଙ୍ଗ୍‌ଁ ବର୍ତିକିତିମାର୍‌ଇଦେର୍?
11 ନାନ୍ ଜେ ରୁଟିଙ୍ଗ ବିସୟ୍‌ତାନ୍ ଇନ୍‌ଏନ୍ ମାର୍‌ଆ, ଇକା
ଏଣ୍ତ୍ରେସ୍ ବୁଜାଦେଙ୍ଗ ଆଟ୍‌ଇଜିନିଦେର୍? ନାନ୍ ଇଜିନା, ପାରୁସି
ନି ସାଦୁକିରି କମିର୍‌ଦାନ୍ ଜାଗାର୍‌ତାମାନ୍‌ଡୁ ।” 12 ନାସ୍ତିୱାଲେ
ସିସୁର୍ ବୁଜାଦେଙ୍ଗ ଆଟ୍‌ତାର୍ ଜେ ଜିସୁ ରୁଟିଦି କମିର୍ ମାଟା
ଇନ୍‌ଏନ୍‌ମାର୍ହାନ୍, ମାତର୍ ପାରୁସି ନି ସାଦୁକିରି ସିକିୟା ଉଣ୍ତିଙ୍ଗ
ଜାଗାର୍‌ତା କିତାମାର୍ହାନ୍ । 13 ୱେନ୍‌କା ଜିସୁ କାଇସରିୟା ପିଲିପି
ଗାଡ୍ ଲାକ୍‌ତୁରି ରାଜିଦୁ ୱାଜି ନିଜେଦି ସିସୁରିଙ୍ଗ ୱେନ୍‌ବାତାନ୍,
“ମନୁସ୍ୟପୁତ୍ର ଏନ୍ ଇଜି ଇୟା ବିସୟ୍‌ତାନ୍ ଲୋକୁ ଇନିକା
ଇଜିନାର୍?” 14 ୱାର୍ ଇର୍ହାର୍, “ଏନ୍ ଏନ୍ ଇଜିନାର୍, ୱାନ୍
ଡୁବନ୍‌ସିନି ଯୋହନ, ଏନ୍ ଏନ୍ ଇଜିନାର୍ ‘ଏଲିୟ୍,’ ମାରି
ଆଇକାର୍ ଇଜିନାର୍, ଜିରିମିୟ ସିଲିତିଙ୍ଗ ବାବବାଦିରି ମାଣାନ୍
ଅରେନ୍ ।” 15 ଜିସୁ ୱେନ୍‌ବାତାନ୍, “ନାନ୍ ଏନ୍ ଇୟା ବିସୟ୍‌ତାନ୍
ମିର୍ ଇନିକା ଇଜିନିଦେର୍?” 16 ସିମୋନ ପିତର୍ ଇର୍ହାନ୍, “ନିନୁ
କ୍ରିସ୍ତ ଅର୍ତାତ୍ ମସିହ, ଜିବନ୍‌ମାନି ମାପୁରୁଦି ମାରିନ୍ ।” 17 ଜିସୁ
ଇର୍ହାନ୍, “ଏ ଜୁନସ୍‌ତି ମାରିନ୍ ସିମୋନ, ନିନ୍ ଦନ୍ୟ!” ଇୟା ସତ୍
ନିନୁ ଆମା ଲୋକାମାଣାନ୍ ପୟ୍‌ଇ । ନା ମୁସ୍‌କୁପୁରୁତି ବୁବା ନିଜେ
ଇକା ନିମାନୁ ୱେର୍‌ତାମାନାନ୍ । 18 ଆୟାଉଣ୍ତିଙ୍ଗ ନାନ୍ ବା ନିଙ୍ଗ୍‌ଁ
ଇଜିନା, ନିନୁ ପିତର ଅର୍ତାତ୍ ପିଡ଼ିପି । ମାତର୍ ଇୟା ମୁଲ୍ ପିଡ଼ିପି
ମୁସ୍‌କୁ ନାନ୍ ନା ମଣ୍ତଲି ତିଆର୍‌କିନା । ଇୟାୱାଜାକି ସାନିୱାଜା
ଇନି ଦଂସକିନି ସାକ୍ତି ତାନିଙ୍ଗ ନାସ୍କ କିଦେଙ୍ଗ ଆଟ୍‌ଏତ୍ । (Hadēs
g86) 19 ନାନ୍ ନିଙ୍ଗ୍‌ଁ ମୁସ୍‌କୁପୁର୍‌ତି କୁସିକାଣ୍ତି ସିନା, ମାରି ନିନ୍
ଦୁନିଆଦୁ ଆମାକା ବନ୍ଦ୍‌କିନି, ମୁସ୍‌କୁପୁରୁତୁ ଆକା ବନ୍ଦ୍‌ତେବାନାତ୍,
ମାରି ନିନ୍ ଦୁନିଆଦୁ ଆମାକା ଇନିକା ଡ଼ିସ୍‌ନିସିନି, ମୁସ୍‌କୁପୁରୁତୁ
ଆକା ଡ଼ିସ୍‌ନି । 20 ଜିସୁଙ୍ଗ୍‌ଁ ଜେ ମସିହ ଇଜି ଇକା ଏଙ୍ଗ ଇନ୍‌ଇ
ଉଣ୍ତିଙ୍ଗ ୱାନ୍ ସିସୁରିଙ୍ଗ ମାଟା ସିତାନ୍ । 21 ଆୟା ସମୟ୍‌ତାନ୍
ଜିସୁ ନିଜେଦି ସିସୁରିଙ୍ଗ ନେସ୍‌ନିୱାଜା ଇନ୍‌ଡ୍ରେଙ୍ଗ ଆସ୍‌ତାନ୍,
“ନାନ୍ ପୁରା ଜିରୁସାଲମ୍‌ତୁ ସନ୍‌ଡ୍ରେଙ୍ଗ ଆନାତ୍ ମାରି ଦାର୍ମୁଜାଜକ,
ଦାର୍ମୁଗୁରୁ ମାରି ନେତାର୍‌ରି, କିୟୁଦାନ୍ ନାଣ୍ତ ଦୁଃକ୍‌କାସ୍ଟବଗାଜି
ସାଦେଙ୍ଗ‌ପଡ଼ାନାତ୍, ମାତର୍ ମୁନେଟି ୱେନ୍‌କା ମାରିଡ଼େସିଜିବନ୍
ଆଜିନିଙ୍ଗ୍‌ଁନା ।” 22 ପିତର୍ ଜିସୁଙ୍ଗ୍‌ଁ ଉନ୍‌ଡ୍ରି ବାଡିଦୁ ଅତାନ୍‌ନୋ
ବୁଦିୱେର୍‌ସି ଇନ୍‌ଡ୍ରେଙ୍ଗ ଆସ୍‌ତାନ୍, “ମାପୁରୁ କିମାକିନ୍, ପ୍ରବୁ,
ନି ଉଣ୍ତିଙ୍ଗ ଇୟାୱିଜୁ ଏସ୍‌କାଙ୍ଗବା ଗଟାମାକିତ୍ ।” 23 ଜିସୁ
ମାର୍‌ଜିବେସ୍‌ସି ପିତରତିଙ୍ଗ ଇର୍ହାନ୍, “ନା ଆଗ୍‌ଡ଼ିରାନ୍ ଆକ
ସାଙ୍ଗଆ ସୟତାନ୍, ନିନୁ ନା ଉଣ୍ତିଙ୍ଗ ଉନ୍‌ଡ୍ରିବାଦା, ଇରିଙ୍ଗ
ନିନୁ ମାପୁରୁଦି ବିସୟ୍ ଅଡ୍‌ବିଏଣ୍ତା ଲୋକା ବିସୟ୍ ଅଡ୍‌ବିଜିନି
।” 24 ତାନେୱେନ୍‌କା ଜିସୁ ସିସୁରିଙ୍ଗ ଇର୍ହାନ୍, “ଏନ୍‌ଆପିନ୍
ନାୱାଲେ ୱାଦେଙ୍ଗ ବଦାକିନାନ୍, ଆର୍‌ତିଙ୍ଗ ୱାନ୍ ନିଜେଦିଙ୍ଗ
ମାନାମାକିନି, ମାରି ନିଜେଦି କ୍ରୁସ ପିଣ୍ତିଜି ନା ୱେନ୍‌କା ୱେନ୍‌କା
ବୁଲାଦେଙ୍ଗଆନାତ୍ । 25 ଇରିଙ୍ଗ ଏନ୍‌ଆପିନ୍ ନିଜେଦି ଜିବନ୍‌ତିଙ୍ଗ
ରକିୟା କିଦେଙ୍ଗ ବଦାକିନାନ୍, ୱାନ୍ ଆକା ଆରାକିନାନ୍, ମାତର୍
ଏନ୍ ନା ଉଣ୍ତିଙ୍ଗ ନିଜେଦି ଜିବନ୍‌ତିଙ୍ଗ ଆରାକିନାନ୍, ୱାନ୍
ଆକା ପଇନାନ୍ । 26 ଜଦି ଅରେନ୍ ଲୋକୁ ସାରାଦୁନିଆଦିଙ୍ଗ
ଜିଣାଜି, ମାତର୍ ନିଜେଦି ଜିବନ୍‌ତିଙ୍ଗ ଆରାକିନାନ୍, ୱାନିଙ୍ଗ
ଇନି ଲାବ୍‌ଆନାତ୍? ଲୋକୁ ୱାନି ଜିବନ୍‌ତିଙ୍ଗ ଡ଼େସି ପଇଦେଙ୍ଗ,
ଇନିକା ସିଦେଙ୍ଗ ଆଟ୍‌ନାନ୍ । 27 ମନୁସ୍ୟପୁତ୍ର ବୁବା ମାପୁରୁଦି
ମାଣାନ୍ ଗୌରବ୍ ନି ମୁସ୍‌କୁପୁର୍‌ତି ଦୁତ୍‌କାୱାଲେ ମାରିଡ଼େସି
ୱାନାନ୍ । ନାସ୍ତିୱାଲେ ୱାନ୍ ୱିଜୁ ଲୋକାଙ୍ଗ ୱାନି କିତିମାନି
ପାଣି ଇସାବ୍‌ତାନ୍ ପଲ୍‌ସିନାନ୍ । 28 ନାନ୍ ମିଙ୍ଗ୍‌ଁ ସତ୍ ଇଜିନା,
ମନୁସ୍ୟପୁତ୍ର ରାଜା ଆଜି ୱାନିସାନ୍ଦ୍ରି ଇବେନୁ ନିର୍‌ଇ ତେବାତିମାନି
ଏସୋଲୋକ୍ ଏଣ୍ତ୍ରେସ୍ କିଜିବା ସାନିକା ୱେଡ୍‌ଏର୍ ।”

**17** ସଅ ଦିନ୍ ୱେନ୍‌କା ଜିସୁ ପିତର୍ ମାରି ଜାକୁବ, ଯୋହନ
ତଡ଼ରିଏରିଙ୍ଗ ଅସି ଉନ୍‌ଡ୍ରି ପେରି ଗରନ୍ ମୁସ୍‌କୁ ସର୍ହାର୍ ।
ଆବେନୁ ଆଇକାନ୍ ଏନ୍ ସିଲେତାନ୍ । 2 ସିସୁର୍ ସୁଡ୍‌ବୁ ସୁଡ୍‌ବୁ
ଜିସୁଦି ଉନ୍‌ଡ୍ରି ମୁର୍ତି ବାଦେଲେଆଜି ଜାୟ୍‌ଆତାତ୍ । ୱାନି ମକମ୍
ୱେଡ଼ାୱାଜା ଜାୟ୍‌ଆତାତ୍ ମାରି ୱାନି ଆଙ୍ଗ୍‌ଁ ଜାୟ୍ ୱାଜା ଅଡ଼ିନିକା
ତରିତାତ୍ । 3 ମୋଶା ନି ଏଲିୟ୍ ଜିସୁଦି ୱାଲେ ୱାର୍‌ଗିସାନିକା
ସିସୁର୍ ସୁଡୁତାର୍ । 4 ଆବେନୁ ପିତର ଜିସୁଙ୍ଗ୍‌ଁ ଇର୍ହାନ୍, ଏ ପ୍ରବୁ,
ଏସ ୱେଡ଼ିକାଦି ମାଟା, ମାଡ୍ ଇବେନୁ ମାନିକା । ନିନ୍ ଜଦି
ବଦାକିନି, ଇବେନୁ ନାନ୍ ମୁନ୍‌ଡ୍ରି ଗୁଡ଼େଙ୍ଗ ତିଆର୍‌କିନା । ନି ଉଣ୍ତିଙ୍ଗ
ଉନ୍‌ଡ୍ରି, ମୋସାଦି ଉଣ୍ତିଙ୍ଗ ଉନ୍‌ଡ୍ରି ମାରି ଏଲିୟ୍‌ଦି ଉଣ୍ତିଙ୍ଗ ଉନ୍‌ଡ୍ରି ।
5 ପିତର୍ ଇୟା ମାଟା ଇନିୱାଲେ ଖାଣ୍ତ୍ରେକ୍ ବାଦଡ଼୍ ଇମ୍‌ଜି ୱାତା
ଦୋ ୱାରିଙ୍ଗ ବାଦଡ଼୍‌ତି ନିଡ଼୍‌ଗା ପିଡ଼ିକ୍‌ତାତ୍ ମାରି ଆବେଟ୍‌ତାନ୍
ଉନ୍‌ଡ୍ରି ବଲ୍ ୱାତାତ୍, “ଇୟାକାନ୍ ନା ଲାଡ୍‌ତି ମାରିନ୍, ୱେନିମାନୁ
ନାନ୍ ନାଣ୍ତ ୱେଡ଼ିକା । ୱେନି ବାକ୍ୟ ୱେନ୍‌ଡୁ ।” 6 ସିସୁର୍

ଆୟା ବଲ୍ ୱେର୍‌ରାନୋ ନିସ ତିଲାତାର୍ ଜେ ୱାର୍ ବୁମିଦୁ
ମକମ୍‌ପାଡ଼୍‌କିସି ମେଡ଼େତାର୍ । 7 ଜିସୁ ୱାରି ଲାକ୍‌ତୁ ୱାଜି ୱାରିଙ୍ଗ୍
ମୁଟ୍‌ତାନ୍‌ନୋ ଇର୍ହାନ୍, "ନିଙ୍ଗିଁଦୁ ତିଲାମାଟ୍ ।" 8 ମାରି, ୱାର୍ ମୁସ୍‌କୁ
ବେସ୍‌ସି କେବଲ୍ ଜିସୁଙ୍ଗିଁ ଡ଼ିସ୍‌ତିଙ୍ଗ୍ ମାରି ଏଙ୍ଗ୍‌ବା ସୁଡୁଏତାର୍ । 9
ୱାର୍ ଗରନ୍‌ତାନ୍ ରେତାଜି ୱାନିୱାଲେ ଜିସୁ ୱାରିଙ୍ଗ୍ ଆଦେସ୍ ସିଜି
ଇର୍ହାନ୍, "ମନୁସ୍ୟପୁତ୍ର ସାତିମାଣାନ୍ ମାରିଡ଼େସିଜିବନ୍ ଆଇସାନ୍ଦି
ଇୟା ମିର୍ ସୁଡ଼୍‌ତିମାଟା ଏଙ୍ଗ୍‌ବା ଇନ୍‌ମାଟ୍ ।" 10 ସିସୁର୍ ଜିସୁଙ୍ଗିଁ
ୱେନ୍‌ବାତାର୍, ଏଲିୟ୍ ଆଗ୍‌ଡ଼ି ୱାନାନ୍ ଇଜି ମା ସାସ୍ତ୍ରିର୍ ଏନ୍ଦ୍
ଇର୍ହାମାନାର୍? 11 ଜିସୁ ଇର୍ହାନ୍, ହୁଁ, ଏଲିୟ୍ ଆଗ୍‌ଡ଼ି ୱାଜି ୱିଜୁ
ବିସୟ୍ ମାରିଡ଼େସି ତିଆର୍‌କିନାନ୍ । 12 ମାତର୍ ନାନ୍ ମିଙ୍ଗିଁ
ଇଜିନା, "ଏଲିୟ୍ ୱାତାୱିସ୍‌ତାନ୍‌ନି ମାରି ୱାନିଙ୍ଗ୍ ସିନିସ୍‌କିଏଣ୍‌ଗା
ଲୋକୁ ୱାନି ଉଣ୍ତିଙ୍ଗ୍ ଆମାକା ବଦା, ଆୟାକା କିତାମାନାର୍ ।
ମନୁସ୍ୟପୁତ୍ରଦି ଉଣ୍ତିଙ୍ଗ୍ ବା ୱାର୍ ଆୟାୱାଜା ତାଗ୍‌ଇପାଣି କିନାର୍
।" 13 ନାସ୍ତିୱାଲେ ସିସୁର୍ ବୁଜାଦେଙ୍ଗ୍ ଆଟ୍‌ତାର୍ ଜେ, ଜିସୁ
ଡୁବନ୍‌ସିନି ଯୋହନତି ବିସୟ୍‌ତାନ୍ ୱେର୍‌ସିନାନ୍ । 14 ଜିସୁ ନି
ୱାନି ସିସୁର୍ ଲୋକା ଗଲି ଲୋଇ ଡ଼େସି ୱାତି ୱେନ୍‌କା ଅରେନ୍
ଲୋକୁ ଜିସୁ ଲାକ୍‌ତୁ ୱାଜି ମେଣ୍ତେଙ୍ଗ୍ ଗଟ୍‌କିଜି ଇର୍ହାନ୍, 15 ଏ
ପ୍ରବୁ, ନା ମାରିନ୍‌ତିଙ୍ଗ୍ ଦୟା କିଆ, ମୁର୍ଛାରୋଗ୍‌ତୁ ନାଣ୍ତ କାସ୍ଟ
ପୟଜିନାନ୍ ମାରି ୱାନ୍ ଏସ ଦେବେଙ୍ଗ୍ ସିସୁଦୁ ନି ଏର୍‌ତୁ ଆର୍‌ନାନ୍
। 16 ନାନ୍ ନି ସିସୁରି ଲାକ୍‌ତୁ ୱାନିଙ୍ଗ୍ ତାତାମାର୍‌ଆ, ମାତର୍ ୱାର୍
ୱାନିଙ୍ଗ୍ ନେଗେନ୍ କିଦେଙ୍ଗ୍ ଆଟ୍‌ଏତାର୍ । 17 ଜିସୁ ଇର୍ହାନ୍, "ଏ
ଅବିସ୍‌ବାସ୍ ନି ବାୟାର୍ ମିର୍! ମି ୱାଲେ ନାନ୍ ମାରିଏସ ଦିନ୍
ତେବାନା? ମାରି ଏସ ଦିନ୍ ମି ବ୍ୟବହାର୍ ସାସ୍‌କିନା? ଆୟା
କଡ଼ଦିଙ୍ଗ୍ ନା ଲାକ୍‌ତୁ ତାଗାଟ୍ ।" 18 କଡ଼ ଲୋଇମାନି ଦୁବାଦିଙ୍ଗ୍
ଜିସୁ ଆଦ୍‌ରିସ୍ କିତାନ୍ । ଦୁବା ୱାନିଙ୍ଗ୍ ଡ଼ିସ୍‌ସି ସତାସର୍ହାତ୍ ମାରି
ଆୟା ଦାର୍ପେନେ କଡ଼ ନେଗେନ୍‌ଆତାନ୍ । 19 ତାନେୱେନ୍‌କା
ସିସୁର୍ ଜିସୁଙ୍ଗିଁ ଅରେନ୍‌ୱାନିଙ୍ଗ୍‌ନେ ୱାଜି ୱେନ୍‌ବାତାର୍, "ମାପ୍
ଏନ୍ଦ୍ ଆୟା ଦୁବାଦିଙ୍ଗ୍ ପେର୍‌ଦେଙ୍ଗ୍ ଆଟ୍‌ଏତାପ୍?" 20 ଜିସୁ
ଇର୍ହାନ୍, "ମି ବିସ୍‌ବାସ୍ ପୁରା ଉଣା । ନାନ୍ ମିଙ୍ଗିଁ ସତ୍ ଇଜିନା,
ଜଦି ଉନ୍‌ଡ୍ରି ସାର୍‌ସୁ ପାଡୁ ୱାଜା ମି ବିସ୍‌ବାସ୍ ମାନାତ୍, ଇୟା
ଗରନ୍‌ତିଙ୍ଗ୍ ଇବେଟ୍‌ତାନ୍ ଆବେନୁ ଗୁସାଜସାଙ୍ଗ୍‌ଆ ଇଜି ଇରିଙ୍ଗ୍,
ଆକା ଗୁସାନାତ୍ । ବିସ୍‌ବାସ୍‌ତି ଡାଟ୍‌ତାନ୍ ମିର୍ ୱିଜୁ କିଦେଙ୍ଗ୍
ଆଟ୍‌ନିଦେର୍ ।" 21 ମାତର୍ ପାର୍‌ତନା ନି ଉପବାସ୍ ଡ଼ିସ୍‌ତିଙ୍ଗ୍
ଆଇକା ଇନି ଉପାୟ୍‌ତାନ୍ ଇୟାୱାଜା ଦୁବା ସୋହସ ସଲ୍‌ଏତେ ।
22 ସିସୁର୍ ୱିଜେରେ ଗାଲିଲିଦୁ ଉନ୍‌ଡ୍ରେମାନୁ ଆତି ୱେନ୍‌କା ଜିସୁ
ୱାରିଙ୍ଗ୍ ଇର୍ହାନ୍, "ମନୁସ୍ୟପୁତ୍ର ଲୋକା କିୟୁଦୁ ସର୍ପେ ଆଦେଙ୍ଗ୍
ସଲ୍‌ସିନାନ୍ । 23 ୱାର୍ ୱାନିଙ୍ଗ୍ ଡାକ୍‌ନାର୍, ମାତର୍ ମୁନେଟି
ୱେନ୍‌କା ୱାନ୍ ମାରିଡ଼େସିଜିବନ୍ ଆନାନ୍ ।" ଆବେଟ୍‌କୁ ସିସୁର୍
ନାଣ୍ତ ଦୁକ୍ ଆତାର୍ । 24 ତାନେୱେନ୍‌କା ଜିସୁ ନି ୱାନି ସିସୁର୍
କପର୍‌ନାହୁମ୍‌ତୁ ୱାତାର୍, ମନ୍ଦ୍ରିର୍‌ତି ସିସୁଟୁଲୋସ୍‌ନିକାର୍ ପିତରତି
ଲାକ୍‌ତୁ ୱାଜି ୱେନ୍‌ବାତାର୍, "ମି ଗୁରୁ ଇନିକା ମନ୍ଦ୍ରିର୍‌ତି ସିସୁଟୁ
ସିଏନ୍ ନୋ?" 25 ପିତର୍ ଇର୍ହାନ୍, "ହୁଁ, ସିନାନ୍ ।" ପିତର୍ ଇନ୍‌ଡ୍ର
ୱାତି ୱେନ୍‌କା ଜିସୁ ଆଗ୍‌ଡ଼ି ୱାନିଙ୍ଗ୍ ୱେନ୍‌ବାତାନ୍, "ସିମୋନ, ନିନ୍
ଇନିକା ଅଡ଼୍‌ବିଜିନି? ଇୟା ଦୁନିଆଦି ରାଜାରିଙ୍ଗ୍ ଏନ୍ ସିସୁଟୁଡାବୁଙ୍ଗ୍
ସିନାନ୍ ୱାରି ଦେସ୍‌ତି ପ୍ରଜାରି ମାଣ୍‌କୁ ନୋ ଆଇଦେସ୍‌ତିୱାରି
ମାଣ୍‌କୁ?" 26 ପିତର୍ ଇର୍ହାନ୍, "ଆଇଦେସ୍‌ତିୱାରି ମାଣ୍‌କୁ ।"
ଜିସୁ ଇର୍ହାନ୍, "ଆର୍‌ତିଙ୍ଗ୍ ଦେସ୍‌ତି ପ୍ରଜାର୍ ସିସୁଟୁତର୍‌ନି ବଜୁତାନ୍
ଉସାସ୍‌ଆନାର୍? 27 ମାତର୍ ମାପ୍ ଇଲେଇ ୱାରିଙ୍ଗ୍ ଅପ୍‌ମାନ୍
କିଦେଙ୍ଗ୍ ଅଡ଼୍‌ବିଏପ୍ । ମିର୍ ଗାଡାଦୁ ସୋଲ୍‌ସ ବଣସି ପୋକ୍‌ତୁ ।
ଆଗ୍‌ଡ଼ି ଆମା ମିନି ୱାନାତ୍, ତାନି ୱେୟୁଦାନ୍ ଉନ୍‌ଡ୍ରି ୱେନ୍‌ଣ୍ଡିଦି
ଅଦ୍‌ଲି ପଇନିଦେର୍ । ଆକା ଅସ ନା ଉଣ୍ତିଙ୍ଗ୍ ନି ମି ଉଣ୍ତିଙ୍ଗ୍
ମନ୍ଦ୍ରିର୍‌ତି ସିସୁଟୁଡାବୁଙ୍ଗ୍ ସିଦୁ ।"

**18** ନାସ୍ତିୱାଲେ ସିସୁର୍ ଜିସୁଦି ଲାକ୍‌ତୁ ୱାତା ୱେନ୍‌ବାତାର୍,
"ମୁସ୍‌କୁପୁର୍‌ତି ରାଜିଦୁ ୱିଜେରିମାଣାନ୍ ଏନ୍ ପେରିକାନ୍?"
2 ଜିସୁ ଅରେନ୍ ଇସ୍ରି କଡ଼ଦିଙ୍ଗ୍ ୱାରି ଆଗ୍‌ଡ଼ି ନିଲପ୍‌ତାନ୍‌ନୋ
ଇର୍ହାନ୍, 3 ନାନ୍ ମିଙ୍ଗିଁ ସତ୍ ଇଜିନା, ମିର୍ ଇସ୍ରିକଡ଼ୱାଜା
ବାଦ୍‌ଲିଆଏତିଙ୍ଗ୍ ଏସାଙ୍ଗ୍‌ବା ମୁସ୍‌କୁପୁର୍‌ତି ରାଜିଦୁ ସନ୍‌ଡ୍ରେଙ୍ଗ୍
ଆଟ୍‌ଇଦେର୍ । 4 ମାରି, ଏନ୍ ଇୟା ଇସ୍ରି କଡ଼ଦି ୱାଜା ନିଜେଦିଙ୍ଗ୍
ନମ୍ର ଆନାନ୍, ୱାନ୍ ମୁସ୍‌କୁପୁର୍‌ତି ରାଜିଦୁ ୱିଜେରିଙ୍ଗ୍ ପେରିକାନ୍
। 5 ମାରି, ଏନ୍‌ଆପିନ୍ ନା ଦର୍‌ତାନ୍ ଇୟାୱାଜା ଅରେନ୍
ଇସ୍ରି କଡ଼ଦିଙ୍ଗ୍ ମାନାନାର୍, ୱାନ୍ ନାଙ୍ଗିଁ ବା ମାନାନାର୍ । 6
ମାତର୍ ଏନ୍‌ଆପିନ୍ ନାମାନୁ ବିସ୍‌ବାସ୍ କିଜିମାନି ଇୟା ଇସ୍ରିକଡ଼ରି
ମାଣ୍‌କୁ ଅରେନ୍‌ୱାନିଙ୍ଗ୍ ଏର୍‌ପେନାନ୍, ୱାନି କକ୍‌ଲାଦୁ ଉନ୍‌ଡ୍ରି
ପେରି ଜାତାକାଲୁ ତର୍‌ସୋ ୱାନିଙ୍ଗ୍ ସାମ୍‌ଦୁର୍‌ତି ନାଣ୍ତଗୁମିମାନି
ଏର୍‌ତୁ ପୋକ୍‌ତିଙ୍ଗ୍ ୱାନି ଉଣ୍ତିଙ୍ଗ୍ ନେଗେନ୍‌ଆନାତ୍ । 7 ଲୋକାଦି
ବିସ୍‌ବାସ୍‌ତୁ ଏର୍‌ପେନି ଉଣ୍ତିଙ୍ଗ୍ ଗାଦି ମାଟେଙ୍ଗ୍‌ମାନେ । ଆୟାଉଣ୍ତିଙ୍ଗ୍
ଇୟା ଦୁନିଆଦି ଅବସ୍ତା ନିସ ତିଲାନିକା । ୱିଜୁୱାଲେ ଇୟାୱାଜା
ଆର୍‌ପ୍‌ନିକା ୱାନାତ୍, ମାତର୍ ଏନ୍ ଏର୍‌ପିନିକା ଗଟାକିନାନ୍,
ୱାନି ଦସ୍ ଏସା ପେରିକାଆନାତ୍! 8 ଜଦି ମି କିୟୁ ନି ପାଦାମ୍
ଉଣ୍ତିଙ୍ଗ୍ ମିର୍ ବିସ୍‌ବାସ୍ ଆରାକିନିଦେର୍, ଆର୍‌ତିଙ୍ଗ୍ ଆକା କୟ୍‌ଜ
ପୋକ୍‌ତୁ । ରୁଣ୍ତି କିକୁ ନି ରୁଣ୍ତି ପାଦାମ୍‌କୁ ମାନ୍‌ଞ୍ଜି ଏସ୍‌କାଙ୍ଗ୍‌ୱିଜିଇ
ସିସୁଦୁ ପୋକାନି ବାଦୁଲୁ ଉନ୍‌ଡ୍ରି କିୟୁ ନି ଉନ୍‌ଡ୍ରେ ପାଦାମ୍
ସିଲେଣ୍‌ଗା ଏସ୍‌କାଙ୍ଗ୍‌ୱିଜିଇ ଜିବନ୍‌ତୁ ଡୁଗୁନିକା ମି ଉଣ୍ତିଙ୍ଗ୍
ନେଗେତ୍ । (aiōnios g166) 9 ମାରି, ମି କାଣ୍‌ଗା ଉଣ୍ତିଙ୍ଗ୍ ଜଦି
ମି ବିସ୍‌ବାସ୍ ନାଷ୍ଟ ଆଜିନାତ୍, ତାନିଙ୍ଗ୍ ଉଦୁଜ ପୋକ୍‌ତୁ । ରୁଣ୍ତି
କାଣ୍‌କୁ ମାନ୍‌ଞ୍ଜି ସିସୁକାସ୍‌ନି ନରକଦୁ ପୋକାନି ବାଦୁଲୁ ଉନ୍‌ଡ୍ରି
କାଣ୍‌ଗା ଅସି ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍‌ତୁ ଡୁଗୁନିକା ମି ଉଣ୍ତିଙ୍ଗ୍
ନେଗେତ୍ । (Geenna g1067) 10 ଇୟା ଇସ୍ରିକଡ଼ରି ମାଣ୍‌କୁ
ଅରେନ୍‌ୱାନିଙ୍ଗ୍ ବା ନିସାର୍ କିମାଟ୍ । ନାନ୍ ମିଙ୍ଗିଁ ସତ୍ ଇଜିନା,
ଇୟାୱାରିଙ୍ଗ୍ ଜାତୁନ୍‌କିଜିମାନି ମୁସ୍‌କୁପୁର୍‌ତି ଦୁତ୍‌କୁ ୱିଜୁଦିନ୍ ନା
ବୁବା ମାପୁରୁଦି ଲାକ୍‌ତୁମାନେ । 11 ଇରିଙ୍ଗ୍ ସାରିବାଣାତିମାନି
ଲୋକାଙ୍ଗ୍ ରକ୍ୟା କିଦେଙ୍ଗ୍ ମନୁସ୍ୟପୁତ୍ର ୱାତାମାନାନ୍ । 12

ମିର୍ ଇନିକା ଅଡ଼୍‌ବିଜିନିଦେର୍, ଜଦି ଅରେନ୍ ଲୋକାୱି ୧୦୦
ଗୋଟା ମେଣ୍ଡ୍ରେଙ୍ଗ୍‌ମାନେ ମାରି ଆବେଣୁକୁ ଉନ୍‌ଡ୍ରି ମୁରୁନାତ୍,
ଆର୍‌ତିଙ୍ଗ୍ ୱାନ୍ ଇନିକା କିନାନ୍? ନବେ ନଅଗୋଟା ମେଣ୍ଡ୍ରେଙ୍ଗ୍‌
ଗରନ୍ ଲାକ୍‌ତୁ ସାରାଦେଙ୍ଗ୍ ଡ଼ିସ୍‌ନାସିନାନ୍‌ନୋ ଆୟା ମୁରିତିମାନି
ମେଣ୍ଡ୍ରାଦିଙ୍ଗ୍ ପୟ୍‌ଦେଙ୍ଗ୍‌ସୋନାନ୍ । 13 ଏସ୍ତିୱାଲେ ୱାନ୍ ମେଣ୍ଡ୍ରାଦିଙ୍ଗ୍
ପୟ୍‌ନାନ୍, ନାନ୍ ମିଙ୍ଗିଁ ସତ୍ ଇଜିନା, ମୁରୁଇତିମାନି ନବେ
ନଅଗୋଟା ମେଣ୍ଡ୍ରେଙ୍ଗ୍‌ ଉଣ୍ତିଙ୍ଗ୍ ୱାନି ଏସ ୱେଡ଼ିକା, ଇୟା ଉନ୍‌ଡ୍ରେ
ମେଣ୍ଡ୍ରାଦି ଉଣ୍ତିଙ୍ଗ୍ ୱାନିକାମାଣାନ୍ ନାଣ୍ତୁ ୱେଡ଼ିକାଆନାନ୍ । 14
ଟିକ୍ ଆୟାୱାଜା, ଇୟା ଇସ୍ରିକଡ଼୍‌ରି ମାଣ୍‌କୁ ଅରେନ୍‌ୱାନିଙ୍ଗ୍
ବା ସାରିବାଣାପିନ୍, ଇକା ମି ମୁସ୍‌କୁପୁରୁତି ବୁବା ମାପୁରୁଦି
ବଦା ସିଲେତ୍ । 15 ଅରେନ୍ ତଡ଼ାନ୍ ଜଦି ମି ବିରଦ୍‌ତାନ୍
ଇନି ଦସ୍ କିନାନ୍, ୱାନି ଲାକ୍‌ତୁ ସୋଲ୍‌ସ ୱାନି ଦସ୍ ୱାନିଙ୍ଗ୍
ତର୍‌ସସିଦୁ । ମାତର୍ ମିର୍ ରିଇଦେର୍ ଅରେନ୍‌ନେ ମାନିୱାଲେ
ଇକା ନେସ୍‌ଇୱାଜା କିଦୁ । ଜଦି ୱାନ୍ ମି ମାଟା ୱେନାନ୍, ନି
ତଡ଼ାନ୍‌ତିଙ୍ଗ୍ ନିନ୍ ଡ଼େସି ପଇନିଦେର୍ । 16 ଜଦି ୱାନ୍ ୱେନ୍‌ଏନ୍,
ଅରେନ୍ ସିଲ୍‌ତିଙ୍ଗ୍ ରିଏରିଙ୍ଗ୍ ଆସ୍‌ସୋ ୱାନି ଲାକ୍‌ତୁସାନ୍‌ଡୁ ।
ମା ସାସ୍ତ୍ରଦି ଇସାବ୍‌ତାନ୍, "ରିଏର୍ ସିଲ୍‌ତିଙ୍ଗ୍ ମୁଏରିଙ୍ଗ୍‌ ସାକିଦି
ଆଗ୍‌ଡ଼ି ମି ୱିଜୁ ଦାବି ସତ୍ ଇଜି ପାରାମାଣ୍ ଆପିତ୍ ।" 17 ଜଦି
ୱାନ୍ ମି ମାଟା ମାନାଏନ୍, ଆର୍‌ତିଙ୍ଗ୍ ଇୟା ବିସୟ୍‌ତାନ୍ ପାର୍‌ତନା
ମଣ୍ତଲିଦିଙ୍ଗ୍ ୱେର୍‌ତୁ, ସାରାସାରିୱେନ୍‌କା, ଜଦି ୱାନ୍ ମଣ୍ତଲି
ମାଟା ବା ମାନାଏନ୍, ଆର୍‌ତିଙ୍ଗ୍ ୱାନିଙ୍ଗ୍ ଅରେନ୍ ସିସ୍‌ଟୁ ଡାବୁଙ୍ଗ୍
ଲୋସ୍‌ନିକାନ୍ ସିଲ୍‌ତିଙ୍ଗ୍ ଅରେନ୍ ଅବିସ୍‌ବାସ୍‌ସି ଇଜି ଅଡ଼୍‌ବିଜ
ୱାନିୱାଲେ ମିସାବିଡ଼ାଆମାଟ୍ । 18 "ନାନ୍ ମିଙ୍ଗିଁ ସତ୍ ଇଜିନା, ମିର୍
ଇୟା ଦୁନିଆଦୁ ଆମାକା ବନ୍ଧ୍‌କିନିଦେର୍, ମୁସ୍‌କୁପୁର୍‌ତୁ ବା ଆକା
ବନ୍ଧ୍‌ତେବାନାତ୍ ମାରି ଆମାୱାନିଙ୍ଗ୍ ମିର୍ ଦୁନିଆଦୁ ସାରିସିନିଦେର୍,
ମୁସ୍‌କୁପୁର୍‌ତୁ ବା ଆକା ସାରିସିଆୟ୍‌ଆନାତ୍ । 19 "ମାରି
ନାନ୍ ମିଙ୍ଗିଁ ସତ୍ ଇଜିନା, ଦୁନିଆଦୁ ଏସ୍ତିୱାଲେ ମି ଲୋଇରାନ୍
ରିଇଦେର୍ ଜେ ଏଣ୍ତେସ୍ ନାନି ବିସୟ୍‌ତାନ୍ ଉନ୍‌ଡ୍ରେମନ୍‌ଆଜି
ଆୟାଉଣ୍ତିଙ୍ଗ୍ ପାର୍‌ତନାକିନିଦେର୍, ନା ମୁସ୍‌କୁପୁର୍‌ତି ବୁବା ମି
ଆୟା ବଦାପୁରାକିନାନ୍ । 20 ଇରିଙ୍ଗ୍ ଏମେ ବାଡିଦୁ ରିଏର୍ ଲୋକ୍
ସିଲ୍‌ତିଙ୍ଗ୍ ମୁଏର୍ ଲୋକ୍ ନା ଦର୍‌ତାନ୍ ଉନ୍‌ଡ୍ରେମାନୁ ଉଣ୍ତାନାର୍,
ଆୟା ବାଡିଦୁ ନାନ୍ ୱାରିମାନୁ ମାନା ।" 21 ଅର୍‌ଲେନ୍ ପିତର୍
ୱାତାନ୍‌ନୋ ଜିସୁଙ୍ଗ୍‌ ୱେନ୍‌ବାତାନ୍, "ପ୍ରବୁ, ଅରେନ୍ ତଡ଼ାନ୍ ନା
ବିରଦ୍‌ତାନ୍ ବାର୍‌ବାର୍ ଦସ୍ କିଜିମାର୍ହାନ୍, ୱାନିଙ୍ଗ୍ ନାନ୍ ଏସ
ଦେବେଙ୍ଗ୍ କେମାକିନା? ଇନିକା ସାତ୍‌ଦେବେଙ୍ଗ୍ ସାନ୍ଧି?" 22 ଜିସୁ
ଇର୍ହାନ୍, "ସିଲେ ସାତ୍‌ଦେବେଙ୍ଗ୍ ସିଲେ ।" ମାତର୍ ସାତ୍‌ଦେବେଙ୍ଗ୍
ସତୁରି ଗୁଣୁ ସାନ୍ଧି । 23 ଇରିଙ୍ଗ୍ ମୁସ୍‌କୁପୁର୍ ଇୟାୱାଜା । ଅର୍‌ଲେନ୍
ଅରେନ୍ ରାଜା ପାଣିକିନିୱାରି ଇସାବ୍‌ଆକୁ ସୁତୁଦେଙ୍ଗ୍ ଇଜି
ବଦାକିତାନ୍ । 24 ୱାନ୍ ଇୟା ଇସାବ୍ ଆରାମ୍ କିତିୱାଲେ ଲକେ
ଡାବୁଙ୍ଗ୍‌ ଅତି ଅରେନ୍ ପାଣିକିନିୱାନିଙ୍ଗ୍ ରାଜାଦି ଲାକ୍‌ତୁ ତାତାର୍ ।
25 ରୁଣ୍ଡୁ ତେୱ୍‌ନି ଉଣ୍ତିଙ୍ଗ୍ ଇୟା ଲୋକ୍‌ତିମାନୁ ଇନିକା ସିଲେତିଙ୍ଗ୍
ୱାନି ମାଲିକ୍ ୱାନିଙ୍ଗ୍ ମାରି ୱାନି ଆଡ଼୍‌ସିଙ୍ଗ୍, କଡ଼କକ୍‌ରା ମାରି
ୱିଜୁ ସମ୍ପତ୍ତି ପୋର୍‌ଜ ରୁଣ୍ଡାବୁଙ୍ଗ୍ ଅତେଙ୍ଗ୍ ଆଦେସ୍ ସିତାନ୍ । 26
ସାକର୍ ରାଜାଦି କାଲ୍‌କା ଆଡ଼୍‌ଗି ପାଡ଼ିଗିଜି ମାଡ଼ିସ୍‌କିଜି ଇର୍ହାନ୍,
"ଆଜ୍ଞା ମାରି ଅଡ଼ପ୍ ସାସ୍ ଆସ୍‌ଆ ନାନ୍ ନି ୱିଜୁ ରୁଣ୍ଡାବୁଙ୍ଗ୍
ତେୱେନାସିନା ।" 27 ମାଲିକ୍‌ଦି ମନ୍‌ତୁ ଦୟା ଆତାତ୍, ଆବେଟ୍
ରୁଣ୍ଡାବୁଙ୍ଗ୍‌ତାନ୍ କେମାସିଜି ୱାନ୍ ସାକର୍‌ତିଙ୍ଗ୍ ଡ଼ିସ୍‌ତାସିତାନ୍
। 28 ଇୟା ଲୋକୁ ବୁଲାଜି ସନିୱାଲେ ୱାନିମାଣାନ୍ ଉଣା
ଏସ ଡାବୁଙ୍ଗ୍‌ ରୁଣୁ ଅତିମାନି ୱାନି ଅରେନ୍ ଅର୍‌ସେପାଣିକିନି
ସାକର୍‌ତିଙ୍ଗ୍ ବେଟ୍‌ବୁଡ଼ାତାନ୍ । ୱାନ୍ ୱାନି କକ୍‌ଲାଦିଙ୍ଗ୍ ଆସ୍‌ସି,
ୱାନି କକ୍‌ଲାଦିଙ୍ଗ୍ ପିଡ଼ିସି ଇର୍ହାନ୍, ନା ମାଣାନ୍ ଉଦାର୍ ଅତିମାନି
ଡାବୁଙ୍ଗ୍‌ ଡ଼େସି ସିଦା । 29 ୱାନିୱାଲେ ଅର୍‌ସେ ପାଣିକିକାନ୍ ୱାନି
କାଲ୍‌କା ଆଡ଼୍‌ଗି ପାଡ଼ିଗିଜି ମାଡ଼ିସ୍‌କିଜି ଇର୍ହାନ୍, ସାସ୍ ଆସ୍‌ଆ, ନି
ୱିଜୁ ଡାବୁଙ୍ଗ୍‌ ତେୱେନାସିନା । 30 ମାତର୍ ପାର୍‌ତୁମ୍‌ତି ଲୋକୁ
ୱାନି ଗୁଆରି ୱେନ୍‌ଏତାନ୍, ମାରି ରୁଣ୍ଡାବୁଙ୍ଗ୍ ତେୱେଇ ସାନ୍ଧି
ୱାନିଙ୍ଗ୍ ଜଇଲ୍‌ତୁ ଇଡିସ୍‌କିତାନ୍ । 31 ଇୟା ଗଟ୍‌ନା ସୁତୁଜି ଆଇ
ଅର୍‌ସେପାଣିକିନିକାର୍ ନାଣ୍ତୁ ଦୁକ୍‌ଆତାର୍ । ୱାର୍ ରାଜାଦି ଲାକ୍‌ତୁ
ସର୍ହାର୍‌ନୋ ଆମାକା ଗଟାତା ମାର୍ହାତ୍, ୱିଜୁ ୱେର୍‌ତାର୍ । 32
ରାଜା ପାର୍‌ତୁମ୍‌ତି ପାଣିକିନିୱାନିଙ୍ଗ୍ କୁକିସ୍‌କିତାନ୍‌ନୋ ଇର୍ହାନ୍,
ଏ ଜଗ୍‌ସିଲି ପାଣିକିନିକିନ୍ଧା, ନିନ୍ ଗୁଆରି କିତିଆକା ନାନ୍ ନି ୱିଜୁ
ରୁଣ୍ଡାବୁଙ୍ଗ୍ ଡ଼ିସ୍‌ତାସିତା । 33 ନାନ୍ ଏଣ୍ତେସ୍ ନି ଉଣ୍ତିଙ୍ଗ୍ ଦୟା
ତର୍‌ତା, ନି ଅର୍‌ସେପାଣି କିନିୱାନିଙ୍ଗ୍ ବା ଆୟାୱାଜା ଦୟା କିନିକା
ନି ଟିକ୍ ମାର୍ହାତ୍ । 34 "ରାଜା ନାଣ୍ତୁ ରିସାଆତାନ୍ ମାରି ୱିଜୁ
ରୁଣ୍ଡାବୁଙ୍ଗ୍ ଡ଼େସିସିଇ ସାନ୍ଧି ଦଣ୍ତବଗାନି ଉଣ୍ତିଙ୍ଗ୍ ୱାନିଙ୍ଗ୍ ଜଇଲ୍‌ତୁ
ପୋକ୍‌ତାନ୍ ।" 35 ଜିସୁ ୱିଜୁ ମାଟା ୱିସ୍‌ତାନ୍‌ନୋ ୱାରିଙ୍ଗ୍ ଇର୍ହାନ୍,
"ମି ବିରଦ୍‌ତାନ୍ ଦସ୍ କିତିମାନି ତଡ଼ାନ୍‌ତିଙ୍ଗ୍ ଜିବନ୍‌ନୋନିୱାଜା
ଜଦି କେମାକିଇଦେର୍, ଆର୍‌ତିଙ୍ଗ୍ ନା ମୁସ୍‌କୁପୁର୍‌ତି ବୁବା ବା ମି
ଉଣ୍ତିଙ୍ଗ୍ ଇୟାୱାଜା ବ୍ୟବହାର୍ କିନାନ୍ ।"

**19** ଜିସୁ ଇୟାୱିଜୁ ମାଟା ୱେର୍‌ତି ୱିସ୍‌ତି ୱେନ୍‌କା ଗାଲିଲି
ଡ଼ିସ୍‌ସି ଜର୍ଦନ ଗାଡାଦି ଆୟାପାଡ଼୍‌କା ମାନି ଜିହୁଦା ରାଜିଦୁ
ସୋର୍ହାର୍ । 2 ମାରି, ନାଣ୍ତୁ ଲୋକୁ ୱାନି ୱେନ୍‌କା ୱେନ୍‌କା
ସୋର୍ହାର୍ ମାରି ୱାନ୍ ଗାଦି ରଗ୍‌ଲୋକାଙ୍ଗ୍ ନେଗେନ୍‌କିତାନ୍ । 3
ଏସଲୋକ୍ ପାରୁସିର୍ ୱାନି ଲାକ୍‌ତୁ ୱାତାରୋ ୱାନିଙ୍ଗ୍ ଗୁଟାଦୁ
ଆର୍‌ପ୍‌ତେଙ୍ଗ୍ ସେସ୍ଟାକିତାର୍ । ୱାର୍ ୱାନିଙ୍ଗ୍ ୱେନ୍‌ବାତାର୍,
"ମସାଦି ନିୟମ୍ ଇସାବ୍‌ତାନ୍ ଅରେନ୍ ଇନି ବିସୟ୍‌ତାନ୍ ନିଜେଦି
ଆଡ଼୍‌ସିଙ୍ଗ୍ ଡ଼ିସ୍‌ନିଆକୁ ସିଦେଙ୍ଗ୍ ଆଟ୍‌ନାନ୍ ନୋ?" 4 ଜିସୁ ଇର୍ହାନ୍,
ମିର୍ ଇନିକା ସାସ୍ତ୍ରଦୁ ପଡ଼ାଇଦେର୍ ନୋ, ତିଆର୍‌କିତିମାଲିକ୍
ଆଗ୍‌ଡ଼ିରାନ୍‌ନେ ୱାରିଙ୍ଗ୍ ମେମାରି ନି ଆଇମା କିଜି ତିଆର୍
କିତାନ୍? 5 ନାସ୍ତିୱାଲେ ମାପୁରୁ ଇର୍ହାମାର୍ହାନ୍, "ଇୟାଉଣ୍ତିଙ୍ଗ୍
ଅରେନ୍ ମେମାର୍‌ଏନ୍ ନିଜେଦି ବୁବାୟାୟେଙ୍ଗ୍ ଡ଼ିସ୍‌ସି ନିଜେଦି
ଆଡ଼୍‌ସି ୱାଲେ ତେବାନାନ୍ ମାରି ଆୟା ରିଏର୍ ଅରେନ୍‌ଆନାର୍ ।
6 ୱାର୍ ମାରି ରିଏର୍ ଆଏର୍, ମାତର୍ ଅରେନ୍‌ନେ । ଆମାୱାରିଙ୍ଗ୍

ମାପୁରୁ ମିସାକିତାମାନାନ୍, ଆକା ଲୋକୁ ୱାରିଙ୍ଗ୍ ୱେରେଏ
କିମାକିର୍ ।" 7 ପାରୁସିର୍ ୱାନିଙ୍ଗ୍ ୱେନ୍‌ବାତାର୍, "ଆର୍‌ତିଙ୍ଗ୍
ଆଇମାଦିଙ୍ଗ୍ ଡ଼ିସ୍‌ନି ଆକୁ ସିଜି ଡ଼ିସ୍‌ନି ଉଣ୍ତିଙ୍ଗ୍ ମୋସା ଏନ୍‌ବା
ନିୟମ୍ କିତାମାନାନ୍?" 8 ଜିସୁ ୱାରିଙ୍ଗ୍ ଇର୍ହାନ୍, "ମି ଜିବନ୍‌ତି
ଆଟୁୱାଦିଙ୍ଗ୍ ସୁଡ଼୍‌ଜି ମୋସା ମିଙ୍ଗ୍ ଇୟାୱାଜା କିତାମାର୍ହାନ୍ ।
ମାତର୍ ତିଆର୍‌ଆତି ଆଗଡ଼ି ଇୟାୱାଜା ନିୟମ୍ ସିଲେତାଦ୍ ।
9 ମାତର୍ ନାନ୍ ମିଙ୍ଗ୍ ଇଜିନା, ଏନ୍‌ଆପିନ୍ ନିଜେଦି ଆଡ଼୍‌ସିଙ୍ଗ୍
ଦାରିପାଣି ଦସ୍ ଡ଼ିସ୍‌ତିଙ୍ଗ୍ ଆଇ ଇନି ବିସୟ୍‌ତାନ୍ ଡ଼ିସ୍‌ନାନ୍ ନୋ
ଆଇ ଆଇମାଦିଙ୍ଗ୍ ପେଡ଼ିଆନାନ୍, ୱାନ୍ ନିଜେ ଦାରିପାଣି କିନାନ୍
।" 10 ସିସୁର୍ ୱାନିଙ୍ଗ୍ ଇର୍ହାର୍, "ଆଡ଼୍‌ସି ୱାଲେ କନ୍‌ଲିଦି ଜଦି
ଇୟାୱାଜା ବିସୟ୍‌ମାନି ମାଟା, ଆର୍‌ତିଙ୍ଗ୍ ପେଡ଼ିଆଇକା ନେଗେତ୍
।" 11 ଜିସୁ ଇର୍ହାନ୍, "ଇୟା ସିକିୟା ୱିଜେରି ଉଣ୍ତିଙ୍ଗ୍ ସିଲେ
। ମାପୁରୁଦି ମାଣାନ୍ ଏମେୱାରିଙ୍ଗ୍ ଇକା ସିଆୟ୍‌ଆତାମାନାତ୍,
କେବଲ୍ ୱାର୍ ଇକା ମାନାଦେଙ୍ଗ୍ ଆଟ୍‌ନାର୍ । 12 ଇନିଇନି
ବିସୟ୍‌ତାନ୍ ଲୋକୁ ପେଡ଼ିଆଏଣ୍‌ଗା ତେବାନାସୋନାର୍ ।
ଏସଲୋକ୍ ଜନମ୍‌ତାନ୍ ପେଡ଼ିଆନି ଉଣ୍ତିଙ୍ଗ୍ ଜଗ୍‌ସିଲେର୍, ଏସ
ଲୋକାଙ୍ଗ୍ ଲୋକୁ ଆୟାୱାଜା କିତାମାନାର୍, ମାରି ଏସଲୋକ୍
ମୁସ୍‌କୁପୁର୍‌ତି ଉଣ୍ତିଙ୍ଗ୍ ପାଣିକିଦେଙ୍ଗ୍ ପେଡ଼ିଆଏଣ୍‌ଗା ତେବାନାର୍
। ଏମେକାର୍ ଇୟା ସିକିୟାଦି ଅର୍ତ ବୁଜାଦେଙ୍ଗ୍ ଆଟ୍‌ସିନାର୍,
ୱାର୍ ଆକା ମାନାପିର୍ ।" 13 ନାସ୍ତିୱାଲେ ଇସ୍ରିକଡ଼ରି ମୁସ୍‌କୁ
କିୟୁ ଇଡ଼୍‌ଜି ପାର୍‌ତନା କିଦେଙ୍ଗ୍ ଇଜି ଏସଲୋକ୍ ୱାରିଙ୍ଗ୍ ଜିସୁଦି
ଲାକ୍‌ତୁ ତାତାର୍ । ଆୟା ଲୋକାଙ୍ଗ୍ ସିସୁର୍ ଆଦ୍‌ରିସ୍ କିତାର୍ । 14
ମାତର୍ ଜିସୁ ଇର୍ହାନ୍, "ଇସ୍ରି କଡ଼ରିଙ୍ଗ୍ ନା ଲାକ୍‌ତୁ ୱାଦେଙ୍ଗ୍ ସିଦୁ ।
ୱାରିଙ୍ଗ୍ ବାଦାକିମାଟ୍, ଇରିଙ୍ଗ୍ ମୁସ୍‌କୁପୁର୍‌ତି ଅଦିକାରି ଏମେକାର୍
ୱେରିୱାଜା ଆୟା ଲୋକ୍‌ତି ଅଦିକାରି ।" 15 ମାରି, ୱାରି
ମୁସ୍‌କୁ କିୟୁ ଇଡ଼୍‌ଜି ଆସିର୍ବାଦ୍ କିତି ୱେନ୍‌କା ୱାନ୍ ଆବେଟ୍‌ତାନ୍
ସୋର୍ହାନ୍ । 16 ଅର୍‌ରେଲନ୍ ଅରେନ୍ ମୁରୁଲି ଜିସୁଦି ଲାକ୍‌ତୁ
ୱାତାନ୍‌ନୋ ୱେନ୍‌ବାତାନ୍, "ଏ ଗୁରୁ, ଏସ୍‌କାଙ୍ଗ୍‌ୱିଜିଇ ଜିବନ୍
ପୟ୍‌ନି ଉଣ୍ତିଙ୍ଗ୍ ନାନ୍ ଇନି ନେଗି ପାଣି କିଦେଙ୍ଗ୍ ଆନାତ୍?"
(aiōnios g166) 17 ଜିସୁ ୱାନିଙ୍ଗ୍ ଇର୍ହାନ୍, "ନେଗି ପାଣି ବିସୟ୍‌ତାନ୍
ନାଙ୍ଗ୍ ଏନ୍‌ବା ୱେନ୍‌ବାଜିନି? ମାପୁରୁ ନେ କେବଲ୍ ନେଗିକାନ୍ ।
ମାପୁରୁଦି ମାଟେଙ୍ଗ୍ ମାନାତିଙ୍ଗ୍, ଏସ୍‌କାଙ୍ଗ୍‌ୱିଜିଇ ଜିବନ୍ ପୟ୍‌ଦେଙ୍ଗ୍
ଆଟ୍‌ନି ।" 18 ୱାନ୍ ୱେନ୍‌ବାତାନ୍, "ଆମାୱିଜୁ ମାଟେଙ୍ଗ୍?"
ଜିସୁ ଇର୍ହାନ୍, "ଲୋକାଙ୍ଗ୍ ସାୟାମାର୍‌ଗା ଡାକ୍‌ମାଟ୍, ଦାରିପାଣି
କିମାଟ୍, ଡଙ୍ଗା କିମାଟ୍, ଏ ବିରଦ୍‌ତାନ୍ ମିସ୍‌ମାଟା ସାକିସିମାଟ୍,
19 ବୁବାୟାୟ୍‌ଙ୍ଗେ ମାନାଦୁ, ମାରି ଲାକ୍‌ତୁରି ଲୋକାଙ୍ଗ୍ ନିଜେଦିଙ୍ଗ୍
ଜିବନ୍‌ନୋତିୱାଜା ଜିବନ୍‌ନେନାଦୁ ।" 20 ମୁରୁଲି ଇର୍ହାନ୍, "ଇୟାୱିଜୁ
ମାଟେଙ୍ଗ୍ ମାନାତାମାନା, ନାନ୍ ମାରି ଇନିକା ନାଙ୍ଗ୍ ଉଣାମାନାତ୍?"
21 ଜିସୁ ୱାନିଙ୍ଗ୍ ଇର୍ହାନ୍, "ଜଦି ନିନୁ ନେଗିକାନ୍ ଆଦେଙ୍ଗ୍
ବଦାକିଜିନି, ସାଙ୍ଗ୍‌ଆଁ, ନି ୱିଜୁ ସମ୍ପତ୍ତି ପର୍‌ଜ ଆୟା ଡାବୁଙ୍ଗ୍
ସିଲିସାତିୱାରିଙ୍ଗ୍ ଦାନ୍ ସିଆ । ଆର୍‌ତିଙ୍ଗ୍ ନିନ୍ ମୁସ୍‌କୁପୁର୍‌ତୁ
ଦନ୍ ପଇନି । ଇୟାୱିଜୁ କିଜୱିସ୍‌ସୋ ନା ୱେନ୍‌କା ୱେନ୍‌କା
ରାଆ ।" 22 ମୁରୁଲି ଇୟା ମାଟା ୱେନ୍‌ଜି ଦୁଃକ୍ ଆଜି ସୋର୍ହାନ୍,
ଇରିଙ୍ଗ୍ ୱାନ୍ ପେରି ମାଜନ୍‌ଲୋକ୍ ମାର୍ହାନ୍ । 23 ଜିସୁ ନିଜେଦି
ସିସୁରିଙ୍ଗ୍ ଇର୍ହାନ୍, ନାନ୍ ମିଙ୍ଗ୍ ସତ୍ ଇଜିନା, ମାଜନ୍ ଲୋକୁ ବଡ଼େ
କସ୍ଟଦାନ୍ ମୁସ୍‌କୁପୁର୍‌ତୁ ସନାର୍ । 24 ମାରିଡ଼େସି ନାନ୍ ମିଙ୍ଗ୍
ୱେର୍‌ସିନା, ମାପୁରୁଦି ରାଜିଦୁ ମାଜନ୍ ଲୋକ୍‌ତି ସନି ବାଦୁଲୁ
ସୁଜିଦି ବର୍ ସିଜି ଉଟ୍ ଡୁଗୁନିକା ଉସାସ୍ । 25 ସିସୁର୍ ଇକା
ୱେନ୍‌ଜି କାବାଆତାରୋ ୱେନ୍‌ବାତାର୍, "ଆର୍‌ତିଙ୍ଗ୍ ଏନ୍ ରକିୟା
ପଇଦେଙ୍ଗ୍ ଆଟ୍‌ନାନ୍?" 26 ଜିସୁ ସିସୁରିଙ୍ଗ୍ ସାଡ଼୍‌କୁ ସାଡ଼୍‌କୁ ସୁଡ଼୍‌ଜି
ଇର୍ହାନ୍, "ଇକା ଲୋକାଦି ଉଣ୍ତିଙ୍ଗ୍ ଆଟ୍‌ୱା ଆଦେଙ୍ଗ୍ ଆଟ୍‌ନାତ୍,
ମାତର୍ ମାପୁରୁଦିଙ୍ଗ୍ ଉଣ୍ତିଙ୍ଗ୍ ଆନାତ୍, ଇରିଙ୍ଗ୍ ମାପୁରୁ ୱିଜୁ କିଦେଙ୍ଗ୍
ଆଟ୍‌ନାନ୍ ।" 27 ଇକା ୱେର୍‌ଆନ୍‌ନୋ ପିତର୍ ଇର୍ହାନ୍, "ସୁଡୁଡୁ,
ମାପ୍ ୱିଜୁ ଡ଼ିସ୍‌ସି ନି ୱେନ୍‌କା ୱାତା ମାନାପ୍ । ମାଡ଼୍ ଇନିକା
ପଇନିକା?" 28 ଜିସୁ ୱାରିଙ୍ଗ୍ ଇର୍ହାନ୍, ନାନ୍ ମିଙ୍ଗ୍ ସତ୍ ଇଜିନା,
ପୁନି ଜଗ୍‌ତି ଏସ୍ତିୱାଲେ ମନୁସ୍ୟପୁତ୍ର ନିଜେଦି ଗୌରବ୍‌ମୟ୍
ରାଜାଗାଦିଦୁ ବାସ୍‌ନାନ୍, ନାସ୍ତିୱାଲେ ନା ଇୟା ବାରଲୋକ୍
ସିସୁର୍ ବା ବାରଗୋଟା ରାଜାଗାଦିଦୁ ବାସ୍‌ନାରୋ ଇସ୍ରାଏଲ୍‌ତି
ବାରଗୋଟା କୁଟୁମ୍‌ତି ମୁସ୍‌କୁ ସାସନ୍ କିନିଦେର୍ । 29 ମାରି
ଏମେକାର୍ ନା ଉଣ୍ତିଙ୍ଗ୍ ନିଜେଦି ଇଲ୍ଲୁ, ତଡ଼ାନ୍‌ତିଙ୍ଗ୍ ନି ତାଙ୍ଗ୍, ବୁବା
ନି ୟାୟେଙ୍ଗ୍, କଡ଼କକ୍ରାରିଙ୍ଗ୍ ମାରି ବୁମିବାଡ଼ା ଡ଼ିସ୍‌ତାମାନାନ୍,
ୱାର୍ ତାନି ସଏ ଗୁଣ ପୟ୍‌ନାର୍; ମାରି ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍
ବା ପୟ୍‌ନାର୍ । (aiōnios g166) 30 ମାତର୍ ଆଗଡ଼ି ମାନି ଏସ
ଲୋକୁ ୱେନ୍‌କା ଆନାର୍ ମାରି ୱେନ୍‌କା ମାନି ଏସ ଲୋକୁ ଆଗଡ଼ି
ଆନାର୍ ।

**20** ମୁସ୍‌କୁପୁର୍ ଇୟାୱାଜା । ଅରେନ୍ ଲୋକୁ ଅର୍‌ରେଲନ୍
ଉଟ୍‌ଲା ନାଡ଼ାକାଦେ ୱାନି ଅଙ୍ଗୁର୍ କିଡ଼ିଇଦୁ ପାଣି କିଦେଙ୍ଗ୍
ଇଜି ବୁତିଲୋକାଙ୍ଗ୍ ପୟ୍‌ଦେଙ୍ଗ୍ ସୋତାନ୍ । 2 ଆମାୱାରିଙ୍ଗ୍
ପୟ୍‌ତାନ୍, ୱିଜେରିଙ୍ଗ୍ ଅର୍‌ଲେଟିଙ୍ଗ୍ ଉନ୍‌ଡ୍ରି ଲାକା ୱେଣ୍ଡିଅଦ୍‌ଲି
ବୁତି ଡାବୁଙ୍ଗ୍ ସିଦେଙ୍ଗ୍ ତେୱେତାନ୍‌ନୋ ୱାରିଙ୍ଗ୍ ନିଜେଦି କିଡ଼ିଇଦୁ
ପୋକ୍‌ତାନ୍ । 3 ତାନେୱେନ୍‌କା ନାଣ୍ତିଙ୍ଗ୍ ନଅଟା ବେଡ଼ାଦୁ ସାତାଦୁ
ସର୍ହାନ୍‌ନୋ ସୁଡୁତାନ୍, ମାନ୍‌ବାଲୋକ୍ ସିମ୍ବା ଆଜି ନିର୍‌ଆମାନାର୍
। 4 ୱାରିଙ୍ଗ୍ ୱାନ୍ ଇର୍ହାନ୍, ମିର୍ ବା ନା ଅଙ୍ଗୁର୍ କିଡ଼ିଇଦୁ ସୋଲ୍‌ସ
ପାଣି କିଦୁ, ମିଙ୍ଗ୍ ସାମାନ୍ ବୁତି ସିନା । 5 ୱାର୍ ସୋର୍ହାର୍‌ନୋ
ପାଣି କିଦେଙ୍ଗ୍ ଆସ୍‌ତାର୍ । ୱେଡ଼େ ବାର୍‌ଟା ମାରି ତିନ୍‌ଟା
ବେଡ଼ାଦୁ ଟିକ୍ ଆୟାୱାଜା ମାରି ଏସ ପାଣିକିନିୱାରିଙ୍ଗ୍ ତାତାନ୍‌ନୋ
ପାଣିଦୁ ଲାଗିସ୍‌କିତାନ୍ । 6 ମାରି ମିଲ୍‌ମିଲିକା ପାସ୍‌ଟା ବେଡ଼ାଦୁ
ମାରି ଉନ୍‌ଡ୍ରି ଦେବା ସାତାଦୁ ସର୍ହାନ୍‌ନୋ ସୁଡୁତାନ୍, ମାରି ଏସ
ଲୋକୁ ନିର୍‌ଆମାନାର୍, ୱାରିଙ୍ଗ୍ ୱେନ୍‌ବାତାନ୍, ୱେଡ଼୍‌ୱେଡ଼ାର୍
ପାଣିକିଏଣ୍‌ଗା ଏନ୍‌ବା ଇବେନୁ ସମୟ୍ ନାସ୍କୁକିଜିନିଦେର୍? 7 ୱାର୍
ଇର୍ହାର୍, ଏନ୍ ମାଙ୍ଗ୍ ପାଣିଦୁ ଲାଗିସ୍‌କିଏର୍ । ୱାନ୍ ୱାରିଙ୍ଗ୍ ଇର୍ହାନ୍,
ଆର୍‌ତିଙ୍ଗ୍ ମିର୍ ୱିଜୁ ନା ଅଙ୍ଗୁର୍ କିଡ଼ିଇଦୁ ସୋଲ୍‌ସ ପାଣିକିଦୁ । 8

ଆୟାନାଣ୍ତିଙ୍ଗ ମିଲ୍‌ମିଲିକା ବେଡ଼ାଦୁ କିଡ଼ିଇଦି ମାଲିକ୍ ଗୁମାସ୍ତାଦିଙ୍ଗ
ଇର୍ହାନ୍, ପାଣିକିତିୱାରିଙ୍ଗ କୁକ୍‌ଆ । ଆମାକାର୍ ୱିଜେରିମାଣାନ୍
ୱେନ୍‌କା ପାଣି ଆରାମ୍‌କିତାମାନାର୍, ଆଗ୍‌ଡ଼ି ୱାରି ବୁତି ସିଆ ।
ଆମାକାର୍ ୱିଜେରି ଆଗ୍‌ଡ଼ି ପାଣିଦୁ ୱାତାମାନାର୍ ୱାରି ବୁତିଡାବୁଙ୍ଗ
ସାରାସାରିୱେନ୍‌କା ସିଆ । 9 ମିଲ୍‌ମିଲିକା ପାସ୍‌ଟାଦୁ ଆମାକାର୍
ପାଣିଦୁ ୱାତା ମାର୍ହାର୍, ୱାର୍ ୱିଜେରେ ଉନ୍‌ଡ୍ରି ୱେଣ୍ଡିଅଦ୍‌ଲି ଡାବୁଙ୍ଗ
ପୟ୍‌ତାର୍ । 10 ଆମାକାର୍ ଆଗ୍‌ଡ଼ି ପାଣି ଆରାମ୍ କିତାମାର୍ହାର୍,
ୱାର୍ ନାଣ୍ତୁ ପୟ୍‌ନିକା ଇଜି ଅଡ୍‌ବିତାର୍, ମାତର୍ ୱାନ୍ ବା ଉନ୍‌ଡ୍ରେ
ଉନ୍‌ଡ୍ରେ ୱେଣ୍ଡିଅଦ୍‌ଲି ଡାବୁଙ୍ଗ ପୟ୍‌ତାର୍ । 11 ୱାର୍ ନିସ ଅସି
ମାଲିକ୍ ବିରଦ୍‌ତାନ୍ ୱେଡ଼ିକାଆଏଣ୍‌ଗା ୱେର୍‌ସି ଇର୍ହାର୍, 12
ମିଲ୍‌ମିଲିକା ପାସ୍‌ଟାଦୁ ପାଣି ଆରାମ୍ କିତିମାନିକାର୍ ଉନ୍‌ଡ୍ରେ
ଗନ୍‌ଟାନେ ପାଣି କିତାମାନାର୍ । ମାପ୍ ଇୟା ନିସ ତେର୍‌ୱେଲ୍‌ତିଙ୍ଗ
ୱେଡ଼ାର୍ କଟେଆତାପ୍, ମାରି ବୁତିଡାବୁଙ୍ଗ ସିତିୱାଲେ ୱାରିଙ୍ଗ
ମା ୱାଲେ ସାମାନ୍ କିଜିସିତି । 13 ମାଲିକ୍ ୱାରି ଲୋଇରାନ୍
ଅରେନ୍‌ୱାନିଙ୍ଗ ଇର୍ହାନ୍, ବନ୍ଧୁ; ନାନ୍ ନିଙ୍ଗୁଁ ଟକେକିଏ । ଅର୍‌ଲେଟି
ବୁତି ଡାବୁଙ୍ଗ ଉନ୍‌ଡ୍ରେ ୱେଣ୍ତି ଅଦ୍‌ଲି ଅସି ପାଣି କିଦେଙ୍ଗ ମିର୍
ୱିଜିଦେର୍ ରାଜିଆତିମାରିଇଦେର୍ । 14 ମି ଆୟା ବୁତିଡାବୁଙ୍ଗ
ଅସି ଇନ୍‌ଡ୍ର ସାନ୍‌ଡୁ, ମିଙ୍ଗୁଁ ଏସ ସିତାମାନା, ଉନ୍‌ଡ୍ରେ ଗନ୍‌ଟା ପାଣି
କିତିମାନି ଲୋକ୍‌ତିଙ୍ଗ ବା ନାସନେ ସିଦେଙ୍ଗ ନା ବଦା । 15 ନା
ନିଜେଦି ଦନ୍‌ତିଙ୍ଗ ଏଣ୍ତେସ୍ ବଦା ଆୟାୱାଜା କାର୍‌ସୁକିଦେଙ୍ଗ
ଇନିକା ନା ଅଦିକାର୍ ସିଲେତ୍? ସିଲେ ନାନ୍ ଦାନ୍‌ସିନିକାନ୍
ଆତିଙ୍ଗ ମିର୍ ନାଙ୍ଗୁଁ ଆକାର୍‌ଆଜିନିଦେର୍? 16 ଇୟା କାତାଦି
ମାଟା ୱିସ୍‌ତାନ୍‌ନୋ ଜିସୁ ଇର୍ହାନ୍, "ୱେନ୍‌କା ମାନି ଲୋକୁ ଆଗ୍‌ଡ଼ି
ଆନାର୍ ମାରି ଆଗ୍‌ଡ଼ି ମାନି ଲୋକୁ ୱେନ୍‌କା ଆନାର୍ ।" 17
ଜିସୁ ଜିରୁସାଲମ୍‌ତୁ ସନି ସାରିଦୁ ବାର୍‌ଲୋକ୍ ସିସୁରିଙ୍ଗ ଉନ୍‌ଡ୍ରି
ଲାକ୍‌ତୁ କୁକ୍‌ତାଅତାନ୍‌ନୋ ଅରେନ୍‌ନେ ଇର୍ହାନ୍, 18 "ୱେନ୍‌ଡୁ,
ମାଡ୍ ଜିରୁସାଲମ୍‌ତୁ ସୋଲ୍‌ସିନିକା, ଆବେନୁ ମନୁସ୍ୟପୁତ୍ର ପେରି
ଜାଜକ ମାରି ଦାର୍ମୁଗୁରୁରି କିୟୁଦୁ ସର୍‌ପେଆନାନ୍ । ମାରି ୱାର୍
ୱାନିଙ୍ଗ ସାନିଦଣ୍ତ ସିନାର୍ 19 ମାରି ୱାର୍ ଅଣଜିହୁଦିରି କିୟୁଦୁ
ସର୍‌ପେ କିଜି ସିନାର୍ । ଆଇଜାତିଦିକାର୍ ୱାନିଙ୍ଗ ସେମାର୍
କିନାର୍, କର୍‌ଡା ମାଡ୍ ଡାକ୍‌ନାର୍ ମାରି କୁ୍ସକାଟ୍‌ତୁ ଏକିସ୍‌କିନାର୍,
ମାତର୍ ମୁନେଟି ୱେନ୍‌କା ୱାନ୍ ମାରିଡ଼େସି ଜିବନ୍‌ଆଜି ନିଙ୍ଗୁଁନାନ୍
।" 20 ଇୟା ସମୟ୍‌ତୁ ଜେବଦିଦି ଆଡ୍‌ସି ତାନି ରିଏରି ମାରିସିରି
ୱାଲେ ଜିସୁଦି ଲାକ୍‌ତୁ ୱାଜି, ଜିସୁଙ୍ଗୁଁ ମାଡ଼ିସ୍‌କିଜି ୱାନିମାଣାନ୍
ଇନିକା କିଦେଙ୍ଗ ଲସ୍‌ତାତ୍ । 21 ଜିସୁ ତାନିଙ୍ଗ ୱେନ୍‌ବାତାନ୍,
"ନିନ୍ ଇନିକା ବଦାକିଜିନି?" ୱାଦ୍ ଇର୍ହାତ୍, "ନିନ୍ ଏସ୍ତିୱାଲେ
ରାଜା ଆନି, ନା ଇୟା ରିଏର୍ ମାରିସିରିଙ୍ଗ ନି ଉଣେରି କିୟୁ ତରିନ୍
ମାରି ଅରେନ୍ ଲୋକ୍‌ତିଙ୍ଗ ନି ଡେବ୍‌ରିକିୟୁ ତରିନ୍ ବାସ୍ତେଙ୍ଗ ମାଟା
ସିଦା ।" 22 ଜିସୁ ଜେବଦିରି ରିଏର୍ ମାରିସିରିଙ୍ଗ ଇର୍ହାନ୍, "ମିର୍
ଇନିକା ଲସ୍‌ସିନିଦେର୍, ଆୟାକା ମିର୍ ନେସ୍‌ତେଙ୍ଗ କି ବୁଝାଦେଙ୍ଗ
ଆଟ୍‌ଏଜିନିଦେର୍ । ନାନ୍ ଏମେ ଦୁଃକ୍‌ବୋଗ୍‌ତି ଉଣିଡୁବାଇତାନ୍
ଉନ୍‌ଣ୍ତେଙ୍ଗ ସୋଲ୍‌ସିନା, ମିର୍ ଇନିକା ଆବେଟ୍‌ତାନ୍ ଉନ୍‌ଣ୍ତେଙ୍ଗ
ଆଟ୍‌ନିଦେର୍?" ୱାର୍ ଇର୍ହାର୍, "ହୁଁ ଆଟ୍‌ନାପ୍ ।" 23 ଜିସୁ
ୱାରିଙ୍ଗ ଇର୍ହାନ୍, "ମିର୍ ନା ଆୟା ଡୁବାଇତୁ ଉଣିଦେର୍ ସତ୍,
ମାତର୍ ନା ଉଣେରି ମାରି ଡେବିରି ତରିନ୍ ବାସ୍‌ତେଙ୍ଗଇଜି ଏଙ୍ଗ
ଆସ୍‌କିଦେଙ୍ଗ ଅଦିକାର୍ ନାଙ୍ଗୁଁ ସିଲେତ୍ । ଆମାୱାରି ଉଣ୍ତିଙ୍ଗ
ନା ବୁବା ଆୟା ବାଡି ତିଆର୍ କିତାମାନାନ୍, ଆକା କେବଲ୍
ୱାରିଦି ।" 24 ଏସ୍ତିୱାଲେ ଆଇ ଦାସ୍‌ଲୋକ୍ ସିସୁର୍ ଇୟା ମାଟା
ୱେର୍‌ଆର୍, ଆୟା ତଡ଼ରିଏରି ମୁସ୍‌କୁ ଗିଦ୍‌ରି ଆତାର୍ । 25
ଜିସୁ ସିସୁରିଙ୍ଗ ଉନ୍‌ଡ୍ରେମାନୁ କିଜି ଇର୍ହାନ୍, "ମିର୍ ନେସ୍‌ନିଦେର୍,
ଇୟା ଦୁନିଆଦି ଅଣଜିହୁଦି ରାଜାର୍ ଆଇୱାରି ମୁସ୍‌କୁ ଅଦିକାର୍
କିତାର୍‌ମାନ୍ଦି ମାରି ପେରି ପେରି ନେତାର୍ ବା ଆଇୱାରି ମୁସ୍‌କୁ
ସାସନକିନାର୍ । 26 ମି ଲୋଇ ଆୟାୱାଜା ସିଲେତ୍, ମାତର୍ ମି
ଲୋଇରାନ୍ ଅରେନ୍ ପେରିକାନ୍ ଆଦେଙ୍ଗ ବଦାକିନାନ୍, ୱାନ୍
ଆଇୱାରି ସେବାକିନିକାନ୍ ଆପିନ୍, 27 ମାରି ମି ଲୋଇରାନ୍ ଏନ୍
ପେରିକାନ୍ ଆଦେଙ୍ଗ ବଦାକିନାନ୍, ୱାନ୍ ଆଇୱାରି ଗତିମୁରୁଲି
ୱାଜା ୱାରି ସେବା କିପିନ୍, 28 ଏଣ୍ତେସ୍ ମନୁଷ୍ୟପୁତ୍ର ଯେ ନାନ୍
ସେବା ପଇଦେଙ୍ଗ ରେଏ, ମାତର୍ ସେବା କିଜି ଆଇୱାରିଦି
ଡ଼ିସିସ୍‌କିନି ଉଣ୍ତିଙ୍ଗ ନିଜେଦି ଜିବନ୍ ସିଦେଙ୍ଗ ଇଜି ୱାତାମାନାନ୍
।" 29 ଅର୍‌ଲେନ୍ ଜିସୁ ସିସୁରି ୱାଲେ ଜିରିହୋ ଗାଡ୍ ଡ଼ିସ୍‌ସି
ସନିୱାଲେ ନାଣ୍ତୁଲୋକୁ ୱାନି ୱେନ୍‌କା ୱେନ୍‌କା ବୁଲାତାର୍ ।
30 ରାସ୍ତା ପାଡ଼ି ବାସ୍‌ତିମାନି ରିଏର୍ କାଣାର୍, ଜିସୁ ଆୟା ସାରି
ୱାଜିନାନ୍ ଇଜି ୱେନ୍‌ଞ୍ଜି ନାଣ୍ତୁ ଆଉଲି ଆଜି କୁକ୍‌ତାର୍, "ଏ ପ୍ରବୁ,
ଦାଉଦତି ମାରିନ୍! ମାଙ୍ଗୁଁ ଦୟା କିଆ ।" 31 ଲୋକ୍ ୱିଜେରେ
ୱାରିଙ୍ଗ ଆଦ୍‌ରିସ୍‌କିଜି ଆଲେଜ ମାନ୍‌ଡ୍ରେଙ୍ଗ ଇର୍ହାର୍, ମାତର୍ ୱାର୍
ମାରି ନାଣ୍ତୁ ଆଉଲି ଆଜି ଇର୍ହାର୍, "ଏ ପ୍ରବୁ, ଦାଉଦତି ମାରିନ୍!
ମାଙ୍ଗୁଁ ଦୟା କିଆ ।" 32 ଆବେନୁ ଜିସୁ ନିର୍‌ଆନ୍‌ନୋ ୱାରିଙ୍ଗ
କୁକ୍‌ତାନ୍‌ନୋ ୱେନ୍‌ବାତାନ୍, "ନାନ୍ ମିଙ୍ଗୁଁ ଇନିକା କିନା ଇଜି ମିର୍
ବଦା କିଜିନିଦେର୍?" 33 ୱାର୍ ଇର୍ହାର୍, "ପ୍ରବୁ ମାଙ୍ଗୁଁ ସୁଡୁନି ସାକ୍ତି
ସିଦା ।" 34 ମାରି, ଜିସୁ ଦୟାଦାନ୍ ଦାନ୍ଦୁଆଜି ୱାରି କାଣ୍‌କାଙ୍ଗ
ମୁଟ୍‌ତାନ୍, ମାରି ଆୟାଦାପ୍ରେ ୱାର୍ ସୁଡୁଦେଙ୍ଗ ଆଟ୍‌ତାର୍ ମାରି
ୱାନି ୱେନ୍‌କା ୱେନ୍‌କା ବୁଲାଦେଙ୍ଗ ଆସ୍‌ତାର୍ ।

**21** ଜିସୁ ନି ୱାନି ସିସୁର୍ ଜିରୁସାଲମ୍‌ତି ଲାକ୍‌ତୁରି ଜିତ୍ ଗରନ୍
ମୁସ୍‌କୁ ମାନି ବେତ୍‌ପାଗି ନାଟ ଇତାର୍ । ନାସ୍ତିୱାଲେ ଜିସୁ
ରିଏର୍ ସିସୁରିଙ୍ଗ ଇୟା ମାଟା ୱେର୍‌ସି ପୋକ୍‌ତାନ୍ । 2 "ମି
ଆଗ୍‌ଡ଼ିରି ଆୟା ନାଟ ସାନ୍‌ଡୁ, ଆବେ ଇତି ଦାପ୍ରେନେ ତରାତିମାନି
ଉନ୍‌ଡ୍ରି ଗଦଦିଙ୍ଗ ମାରି ତାନେୱାଲେ ଉନ୍‌ଡ୍ରି ଗଦପିଲାଦିଙ୍ଗ
ସୁଣିଦେର୍; ୱାନିକାଙ୍ଗ କୁଟ୍‌ସ ନା ଲାକ୍‌ତୁ ଆସ୍‌ସୋ ରାଦୁ । 3
ମାରି ଏନ୍ ମିଙ୍ଗୁଁ ଇନିକା ୱେନ୍‌ବାତିଙ୍ଗ, ଆର୍‌ତିଙ୍ଗ ଇନିଦେର୍,
ୱେନିକାମାନୁ ପ୍ରବୁଙ୍ଗ ଦର୍‌କାର୍ ମାନାତ୍ । ଆୟାଦାପ୍ରେନେ ୱାନ୍
ୱାନିକାଙ୍ଗ ଡ଼ିସ୍‌ନାସିନାନ୍ ।" 4 ବାବବାଦିରି ମାଣାନ୍ ରାସ୍‌ତିମାନି
ଇୟା ବାକ୍ୟ ଏଣ୍ତେସ୍ ପୁରା ଆନାତ୍, ଆୟାଉଣ୍ତିଙ୍ଗ ଇକା ଗଟାତାତ୍

। 5 “ସିୟୋନତି ଗାଡ଼୍‌ତିଙ୍ଗ ଇନ୍‌ଆଁ, ସୁଡ଼୍‌ଦୁ, ନି ରାଜା ମି
ଲାକ୍‌ତୁ ୱାଜିନାନ୍; ୱାନ୍ ସାନ୍ତି ମାରି ଗଦପିଲା ନି ଗଦଦି ମୁସ୍‌କୁ
ବାସ୍‌ତାନ୍‌ନୋ ୱାଜିନାନ୍ ।” 6 ସିସୁର୍ ସୋର୍ହାର୍‌ନୋ ଜିସୁ ୱେର୍‌ତି
ଇସାବ୍‌ତାନ୍ ପାଣି କିତାର୍ । 7 ଗଦ ନି ଗଦପିଲାଦିଙ୍ଗ ତାତାରୋ
ୱାନିକା ମୁସ୍‌କୁ ନିଜେନିଜେଦି ୱାତିଙ୍ଗ ପିଡ଼ିକ୍‌ତାର୍, ମାରି ଜିସୁ
ଆୟା ଗଦ ମୁସ୍‌କୁ ବାସ୍‌ତାନ୍ । 8 ମାରି, ଲୋକାୱିଜେରି ମାଣାନ୍
ଏସଲୋକ୍ ଜିସୁ ସୋଲ୍‌ସିମାନି ରାସ୍ତା ମୁସ୍‌କୁ ନିଜେ ନିଜେଦି
ୱାତିଙ୍ଗ ପାର୍‌ତାସିତାର୍ ମାରି ଏସଲୋକ୍ ମାରାତାନ୍ କାଜିରି
କମେଙ୍ଗ କାତ୍‌ସି ତାସି ରାସ୍ତାଦୁ ପାର୍‌ତେଙ୍ଗ ଆସ୍‌ତାର୍ । 9
ଜିସୁଦି ଆଗ୍‌ଡ଼ି ନି ୱେନ୍‌କା ସୋଲ୍‌ସିମାନି ଲୋକୁ ୱିଜେରେ
ନାଣ୍ତୁ ଆଉଲି ଆଜି ଇନ୍‌ଡ୍ରେଙ୍ଗ ଆସ୍‌ତାର୍, ହୋଶାନା, “ଦାଉଦତି
ମାରିନ୍, ପ୍ରବୁଦି ଦର୍‌ତାନ୍ ଏନ୍ ୱାଜିନାନ୍, ମାପୁରୁ ୱାନିଙ୍ଗ
ଆସିର୍ବାଦ୍ କିପିନ୍ । ମାପୁରୁଙ୍ଗ ପ୍ରସଂସା ଆପିତ୍ ।” 10 ମାରି,
ଏସ୍ତିୱାଲେ ଜିସୁ ଜିରୁସାଲାମ୍‌ତୁ ଇତାନ୍, ଗାଡ଼୍‌ୱିଜୁ ଇକାନ୍ ଏନ୍
ଇଜି ପୁରା ବେମ୍‌ର୍ ଆତାର୍ । ଲୋକୁ ୱେନ୍‌ବାତାର୍, “ଆୟାକାନ୍
ଏନ୍?” ଆଇକାର୍ ଇର୍ହାର୍, 11 “ୱାନ୍ ଆଜିନାନ୍, ଗାଲିଲି
ରାଜିଦି ନାଜରିତଦି ବାବବାଦି ଜିସୁ ।” ଲୋକୁ ୱେର୍‌ତାର୍ ।
12 ଜିସୁ ମନ୍ଦିର୍ ଲୋଇ ଡୁଗିତାନ୍‌ନୋ ଆୟା ବାଡିଦୁ କଡ଼ଜି
ପର୍‌ଜି କିଜିମାନି ୱିଜୁ ଲୋକାଙ୍ଗ ଆତେରେ ସୋପ୍‌ତାନ୍ । ମାରି
ଅଦ୍‌ଲିଙ୍ଗ ମାର୍‌ନିୱାରି ପାସ୍‌ରା ମାରି ପାଉରା ପର୍‌ନିୱାରି ପାସ୍‌ରା
ମାର୍ଗା ପୋକ୍‌ତାନ୍, 13 ମାରି ଜିସୁ ୱାରିଙ୍ଗ ଇର୍ହାନ୍, “ଦର୍ମୁସାସ୍ତ୍ରଦୁ
ରାସାତାମାନାତ୍, ନା ମନ୍ଦିର୍ ପାର୍‌ତନା ଇଲୁ ଇଜି ୱେଙ୍ଗିନାତ୍,
ମାତର୍ ମିର୍ ତାନିଙ୍ଗ ଡଙ୍ଗାଁରି ଇଲୁ କିତିମାନିଦେର୍ ।” 14 ଜିସୁ
ମନ୍ଦିର୍‌ତୁ ମାନିୱାଲେ କାଣାର୍ ନି କିକୁକାଲ୍‌କୁ ୱାର୍‌ତିକାର୍ ୱାନି
ଲାକ୍‌ତୁ ୱାତାର୍ ମାରି ୱାନ୍ ୱାରିଙ୍ଗ ନେଗେନ୍‌କିତାନ୍ । 15 ପେରି
ଜାଜକ ମାରି ଦାର୍ମୁଗୁରୁର୍ ୱାନି କାବାଆନି ପାଣି ୱିଜୁ ମାରି
ମନ୍ଦିର୍ ଲୋଇ “ଦାଉଦ ମାରିନ୍ ମାପୁରୁଦି ପ୍ରସଂସା ଆପିତ୍” ଇଜି
ନାଣ୍ତୁ ଆଉଲିଆଜିମାନି କଡ଼ରିଙ୍ଗ ସୁଡୁଜି ରିସା ଆତାର୍ । 16
ୱାର୍ ଜିସୁଙ୍ଗୁଁ ୱେନ୍‌ବାତାର୍, “ଇୟାକାର୍ ଇନିକା ଆଜିନାର୍, ମିର୍
ୱେନ୍‌ଡ୍ରେଙ୍ଗ ଆଟ୍‌ସିନିଦେର୍?” ଜିସୁ ଇର୍ହାନ୍, “ପୁରା ୱେନ୍‌ଞ୍ଜିନା ।
ଦର୍ମସାସ୍ତ୍ରଦୁ ଇୟା ମାଟା ଇନିକା ପଡ଼ାଇଦେର୍, ମିର୍ କଡ଼ରିଙ୍ଗ
ନି ଇସ୍ରି କଡ଼ର୍ ଟିକ୍ ଇସାବ୍‌ତାନ୍ ପ୍ରସଂସା କିଦେଙ୍ଗ ସିକିୟା
ସିତିମାନିଦେର୍?” 17 ଇକା ଇନ୍‌ଞ୍ଜି ଜିସୁ ୱାରିଙ୍ଗ ଡ଼ିସ୍‌ତାନ୍‌ନୋ
ଜିରୁସାଲମ୍‌ତାନ୍ ବେତନିୟାଦୁ ସୋର୍ହାନ୍, ଆବେନୁ ୱାନ୍ ନାଡ଼ା
ତେବାତାନ୍ । 18 ମାର୍‌ନାଣ୍ଡିଙ୍ଗ ସାଲ୍‌ଦିନେ ଜିସୁ ଜିରୁସାଲମ୍‌ତୁ
ଡ଼େସିସନିୱାଲେ ବାଙ୍ଗାଁ ସାତାନ୍ । 19 ରାସ୍ତା ପାଡ଼ି ଉନ୍‌ତ୍ରି ତଗା
ମାରାନ୍ ମାର୍ହାତ୍ । ଜିସୁ ତାନେ ଲାକ୍‌ତୁ ସୋର୍ହାନ୍‌ନୋ ଆବେନୁ
ଆକୁ ଡ଼ିସ୍‌ତିଙ୍ଗ ମାରି ଇନିକାବା ତଏତାନ୍ । ୱାନ୍ ମାରାନ୍‌ତିଙ୍ଗ
ଇର୍ହାନ୍, “ନିନ୍ ମାରି ଏସ୍‌କାଙ୍ଗବା ପଲ୍ ଆସ୍‌ଇ ।” ଆୟାଦାପ୍ରେ
ତଗା ମାରାନ୍ ୱାର୍‌ତାସୋର୍ହାତ୍ । (aiōn g165) 20 ସିସୁର୍
ଆକା ସୁଡୁଜି କାବାଆତାରୋ ୱେନ୍‌ବାତାର୍, “ତଗା ମାରାନ୍
ନିସାଦାପ୍ରେ ୱାର୍‌ତାସୋର୍ହାତ୍ ଏଣ୍ତେସ୍?” 21 ଜିସୁ ଇର୍ହାନ୍, “ନାନ୍
ମିଙ୍ଗୁଁ ସତ୍ ଇଜିନା, ମନ୍‌ତୁ ଅଡ଼ପ୍‌ବା ଅଡ଼୍‌ବିଏଣ୍‌ଗା ମିର୍ ଜଦି
ପୁରାଦାନ୍ ବିସ୍‌ବାସ୍ କିନିଦେର୍, ନାନ୍ ଇୟା ତଗା ମାରାନ୍ ଉଣ୍ତିଙ୍ଗ
ଆମାକା କିତାମାନା, ମିର୍ ବା ଆକା କିଦେଙ୍ଗ ଆଟ୍‌ନିଦେର୍ ।
କେବଲ୍ ନାସ ସିଲେ, ଏମେ ଲୋକୁ ଇୟା ଗରନ୍‌ତିଙ୍ଗ ନିନ୍
ନିଙ୍ଗଜି ସାମ୍‌ଦୁର୍‌ତୁ ସଲ୍‌ସି ଆର୍‌ଆ ଇଜି ଇନାନ୍, ଆକାବା
ଆନାତ୍ । 22 ବିସ୍‌ବାସ୍‌କିଜ ପାର୍‌ତାନାଦୁ ଆମାକା ଲସ୍‌ନିଦେର୍,
ଆୟାୱିଜୁ ମିର୍ ପଇନିଦେର୍ ।” 23 ଜିସୁ ମନ୍ଦିର୍‌ତୁ ଡ଼େସିୱାଜି
ଆବେନୁ ସିକିୟା ସିନିୱାଲେ ପେରି ଜାଜକର୍ ନି ଜିହୁଦି ନେତାର୍
ୱାନି ଲାକ୍‌ତୁ ୱାଜି ୱେନ୍‌ବାତାର୍, “ନିନ୍ ଆମା ଅଦିକାର୍‌ତାନ୍
ଇୟାୱିଜୁ ପାଣି କିଜିନି? ମାରି, ଇୟା ନିଙ୍ଗୁଁ ଏନ୍ ଇୟା ଅଦିକାର୍
ସିତାନ୍?” 24 ଜିସୁ ୱାରିଙ୍ଗ ଇର୍ହାନ୍, “ନାନ୍ ବା ମିଙ୍ଗୁଁ ଉନ୍‌ତ୍ରି
ମାଟା ୱେନ୍‌ବାନା, ଆୟା ଉତର୍ ସିଦେଙ୍ଗ ଆଟ୍‌ତିଙ୍ଗ, ନାନ୍ ଆମା
ଅଦିକାର୍‌ତାନ୍ ଇୟାୱିଜୁ ପାଣି କିଜିନା, ଆକା ନାନ୍ ବା ମିଙ୍ଗୁଁ
ୱେର୍‌ନା ।” 25 ଡୁବନ୍ ସିନି ଅଦିକାର୍ ଯୋହନ ଏମାଣାନ୍
ପୟ୍‌ତାମାର୍ହାନ୍? ମାପୁରୁମାଣାନ୍ ନୋ ଲୋକାମାଣାନ୍? ୱାର୍
ୱାରି ୱାରି ଲୋଇ ୱାର୍‌ଗିସାଜି ଇନ୍‌ଡ୍ରେଙ୍ଗ ଆସ୍‌ତାର୍, “ଇୟା
ବିସୟ୍‌ତାନ୍ ଇନିକା ୱେର୍‌ନିକା? ଜଦି ଇନିକା ମାପୁରୁମାଣାନ୍,
ଆର୍‌ତିଙ୍ଗ ଯୋହନତିଙ୍ଗ ଏନ୍ଦା ବିସ୍‌ବାସ୍ କିଏଜିନିଦେର୍ ଇଜି ୱାନ୍
ମାଙ୍ଗୁଁ ୱେନ୍‌ବାନାନ୍ । 26 ମାତର୍ ଲୋକାମାଣାନ୍ ଇଜି ଇନିକା,
ଆର୍‌ତିଙ୍ଗ ୱିଜୁଲୋକାଙ୍ଗ ମାଡ଼୍ ତିଲାଜିନିକା, ଇରିଙ୍ଗ ଯୋହନ
ଅରେନ୍ ବାବବାଦି ଇଜି ୱିଜେରେ ଲୋକୁ ବିସ୍‌ବାସ୍‌କିଜିନାର୍
।” 27 ଆବେଟ୍ ୱାର୍ ଜିସୁଙ୍ଗୁଁ ଇର୍ହାର୍, “ମାପ୍ ନେସ୍‌ଏପ୍ ।” ଜିସୁ
ୱାରିଙ୍ଗ ଇର୍ହାନ୍, ନାନ୍ ଆମା ଅଦିକାର୍‌ତାନ୍ ଇୟାୱିଜୁ କିଜିନା,
ଆକା ନାନ୍ ବା ମିଙ୍ଗୁଁ ଇନ୍‌ଏ । 28 “ଇଲେଇ ଇୟା ବିସୟ୍‌ତାନ୍
ମିର୍ ଇନିକା ଅଡ଼ବିଜିନିଦେର୍ । ଅରେନ୍ ଲୋକାଦି ରିଏର୍ କଡ଼ର୍
ମାର୍ହାର୍ । ଅର୍‌ଲେନ୍ ୱାନ୍ ପେରି ମାରିନ୍‌ତିଙ୍ଗ ଇର୍ହାନ୍, ‘ମାରିନ୍,
ନେର୍ ମା ଅଙ୍ଗୁର୍ କିଡ଼ିଇଦୁ ସୋଲ୍‌ସ ପାଣିକିଆ ।’ 29 ୱାନ୍
ଇର୍ହାନ୍, ନା ବଦା ସିଲେତ୍, ମାତର୍ ୱେନ୍‌କା ମନ୍‌ତିଙ୍ଗ ଡ଼େପ୍‌ସି
ପାଣି କିଦେଙ୍ଗ ସୋର୍ହାନ୍ । 30 ବୁବାସି ଇସ୍ରି ମାରିସିଙ୍ଗ ବା ଆୟା
ପାଣି କିଦେଙ୍ଗ ଇର୍ହାନ୍ । ‘ହୁଁ, ଆଜ୍ଞା,’ ସୋଲ୍‌ସିନା ଇଜି ଇସ୍ରି
ମାରିନ୍ ଇର୍ହାନ୍ । ମାତର୍ ୱାନ୍ ପାଣିଦୁ ମୁଡୁକେ ସୋଲ୍‌ଏତାନ୍
। 31 ଇୟା ରିଏର୍ କଡ଼ରି ମାଣାନ୍ ଏନ୍ ତାମେ ବୁବାସିଦି
ମାଟା ମାନାତାମାର୍ହାନ୍?” ୱାର୍ ଇର୍ହାର୍, “ପେରି ମାରିନ୍ ।” ଜିସୁ
ୱାରିଙ୍ଗ ଇର୍ହାନ୍, ନାନ୍ ମିଙ୍ଗୁଁ ସତ୍ ଇଜିନା, ସିସ୍‌ଟୁ ଲୋସ୍‌ନିକାର୍
ନି ଦାରିପାଣିକିନିକାର୍ ମିମାଣ୍‌କୁ ଆଗ୍‌ଡ଼ି ମାପୁରୁଦି ରାଜିଦୁ
ସୋନାର୍ । 32 ଡୁବନ୍ ସିନି ଯୋହନ ମି ଲାକ୍‌ତୁ ୱାଜି ଟିକ୍ ସାରି
ତର୍‌ତାସିତା ମାର୍ହାନ୍, ମାତର୍ ମିର୍ ୱାନିଙ୍ଗ ବିସ୍‌ବାସ୍ କିଇତିଦେର୍
। ମାତର୍ ସିସ୍‌ଟୁ ଲୋସ୍‌ନିକାର୍ ନି ଦାରିପାଣିକିନିକାର୍ ୱାନି
ମାଟାଦାନ୍ ବିସ୍‌ବାସ୍‌କିତାର୍, ଇକା ସୁଡୁଜି ବା ମିର୍ ମୋନ୍
ଡ଼େପ୍‌ସି ୱାନିଙ୍ଗ ବିସ୍‌ବାସ୍ କିଇତିଦେର୍ । 33 ଜିସୁ ଇର୍ହାନ୍,

“ମାରି ଉନ୍‌ଡ୍ରି କାତା ୱେନ୍‌ଡୁ ।” ଅରେନ୍ ବୁମିମାଲିକ୍ ମାର୍ହାନ୍,
ୱାନ୍ ଉନ୍‌ଡ୍ରି ଅଙ୍କୁର୍ କିଡ଼ିଇ କିତାନ୍‌ନୋ ସାରିବେଡ଼୍‌ତି କୋଅଟି
ସୋସ୍‌ତାନ୍ ମାରି ଆୟା ଲୋଇ ଦାକ୍କାକୁଣ୍ଡ କାରିତାନ୍‌ନୋ
କାପ୍‌କିନି ସାମ୍‌ଣ୍ଡା ଡିଆର୍‌କିତାନ୍, ମାରି ବାଗ୍‌ତୁ ପାଣିକିନିୱାରିଙ୍ଗ
ଆୟା ଡଡି ବାଗ୍‌ତାନ୍ ସିତାନ୍‌ନୋ ଆଇଦେସ୍‌ତୁ ସୋର୍ହାନ୍ । 34
ଅଙ୍କୁର୍‌କଡ଼ି କୟ୍‌ନିୱାଲେ ୱାନ୍ ବାଗ୍‌ତୁପାଣିକିନି ୱାରି ଲାକ୍‌ତୁ
ନିଜେଦି ବାଗ୍ ଲସ୍‌ତେଙ୍ଗ ଇଜି ନିଜେଦି ଗତିମୁରୁଲିଙ୍ଗ ପୋକ୍‌ତାନ୍
। 35 ମାତର୍ ବାଗ୍‌ତୁ ପାଣିକିନିକାର୍ ଆୟା ଗତିମୁରୁଲିଙ୍ଗ
ଆସ୍‌ତାରୋ ଅରେନ୍‌ୱାନିଙ୍ଗ ଡାକ୍‌ତାର୍, ଆଇ ଅରେନ୍‌ୱାନିଙ୍ଗ
ସାୟାମାର୍‌ଗାଡାକ୍‌ତାର୍, ମାରି ଅରେନ୍‌ୱାନିଙ୍ଗ କାଲ୍‌କୁ ପୋକ୍‌ସି
ଡାକ୍‌ତାର୍ । 36 ମାରି କିଡ଼ିଇ ମାଲିକ୍ ନାଣ୍ଡ ଲୋକାଙ୍ଗ ଆଇ
ପାଣିକିନି ଗତିମୁରୁଲିଙ୍ଗ ପୋକ୍‌ତାନ୍ ମାରିଡ଼େସି ପୋକ୍‌ତାନ୍
। ୱାରିଉଣ୍ଡିଙ୍ଗ ବା ବାଗ୍‌ତୁ ପାଣିକିନିକାର୍ ଆୟାୱାଜା କିତାର୍
। 37 ସାରାସାରିୱେନ୍‌କା କିଡ଼ିଇ ମାଲିକ୍ ନିଜେଦି ମାରିନ୍‌ତିଙ୍ଗ
ବାଗ୍‌ତୁପାଣିକିନି ୱାରି ଲାକ୍‌ତୁ ପୋକ୍‌ତାନ୍, ୱାନ୍ ଅଡ଼ବିତାନ୍,
ୱାର୍ ୱାନି ମାରିନ୍‌ତିଙ୍ଗ ମାନାନାର୍ । 38 ମାତର୍ ବାଗ୍‌ତୁ
ପାଣିକିନିକାର୍ ମାଲିକ୍‌ତି ମାରିନ୍‌ତିଙ୍ଗ ସୁଡୁତାରୋ ୱାରି ୱାରି
ଲୋଇ ୱାର୍‌ଗିତାର୍, ଇୟାକାନ୍ ସୁଡୁଦୁ, ମାଲିକ୍‌ଦି ମାରିନ୍ ।
ରାଦୁ, ୱେନିଙ୍ଗ ବା ସାୟାମାର୍‌ଗା ଡାକ୍‌ନାଟ୍, ଆର୍‌ତିଙ୍ଗ ସମ୍ପତ୍ତି
ମାଦିଆନାତ୍ । 39 ଆବେଟ୍ ୱାର୍ ୱାନିଙ୍ଗ ଆସ୍‌ସି କିଡ଼ିଇଦାନ୍
ପେରିତାରୋ ଆତେରେ ସାୟାମାର୍‌ଗା ଡାକ୍‌ତାର୍ । 40 ଜିସୁ
ୱେନ୍‌ବାତାନ୍, “ଇଲେଇ, ଏସ୍ତିୱାଲେ କିଡ଼ିଇଦି ମାଲିକ୍ ୱାନାନ୍,
ୱାନ୍ ବାଗ୍‌ତାନ୍ ପାଣିକିନିୱାରିଙ୍ଗ ଇନିକା କିନାନ୍ ।” 41 ୱାର୍
ଇର୍ହାର୍, “ଆୟା ତାଗ୍‌ଇୱାରିଙ୍ଗ ୱାନ୍ ପୁରା ଡାକ୍‌ନାନ୍ ମାରି
ଆମା ବାଗ୍‌ତାନ୍‌ପାଣିକିନିକାର୍ ସାମାନ୍ ବେଡ଼ାଦୁ ୱାନି ବାଗ୍ ପଲ୍
ସିନାର୍, କିଡ଼ିଇ ୱାରି କିୟୁଦୁ ଡ଼ିସ୍‌ନାସିନାନ୍ ।” 42 ଜିସୁ ୱାରିଙ୍ଗ
ଇର୍ହାନ୍, ଇୟା ଦାର୍ମୁସାସ୍ତ୍ର ମାଟା ଇନିକା ମିର୍ ପଡ଼ାଇଦେର୍,
ଆମା କାଲୁଦିଙ୍ଗ ଇଲୁକୁ ଡିଆର୍‌କିନିକାର୍ ପାଣିସିଏଡ୍‌ଇଜି
ଡ଼ିସ୍‌ତାସିତାମାର୍ହାର୍, ଆକାନେ ପେରିକା କନାଦି କାଲୁ ଆଡାଡ୍
। ପ୍ରବୁ ନିଜେ ଇକା ଇର୍‌ଆମାନାନ୍ । ପ୍ରବୁଦି ପାଣି ୱିଜୁ ଏସା
କାବାନିକା? 43 ଜିସୁ ମାରି ଇର୍ହାନ୍, ଆଦେଙ୍ଗ ମିଙ୍ଗ ଇଜିନା,
ମାପୁରୁଦି ରାଜି ମିମାଣ୍‌କୁ ଅଆୟ୍‌ଆନାତ୍ ମାରି ଆମା ଲୋକୁ
ମାପୁରୁଦି ବଦାଦାନ୍ ପାଣିକିନାର୍, ୱାରିଙ୍ଗ ଆକା ସିଆଇଆନାତ୍
। 44 ମାରି ଏନ୍ ଇୟା କାଲୁ ମୁସ୍‌କୁ ଆର୍‌ନାନ୍, ୱାନ୍ ମକା ମକା
ଆନାନ୍, ମାରି ଇୟା କାଲୁ ଆମାୱାନି ମୁସ୍‌କୁ ଆର୍‌ନାତ୍, ୱାନିଙ୍ଗ
ଆକା ଗୁଣ୍ଡଗୁଣ୍ଡା କିନାତ୍ । 45 ପେରି ଜାଜକର୍ ନି ପାରୁସିର୍
ଇୟା କାତାଦି ମାଟା ୱେନ୍‌ଜି ଜିସୁ ୱାରିଙ୍ଗ ସୁଡୁଜି ଇଜିନାନ୍‌ଇଜି
ବୁଜାଦେଙ୍ଗ ଆଟ୍‌ତାର୍ । 46 ମାରି, ୱାର୍ ୱାନିଙ୍ଗ ଆସ୍‌ତେଙ୍ଗ
ସେସ୍ଟାକିତାର୍, ମାତର୍ ଲୋକା ଗଲି ଡିଏଲ୍‌ତିଙ୍ଗ ୱାର୍ ଆକା
କିଦେଙ୍ଗ ଆଟ୍‌ଏତାର୍, ଇରିଙ୍ଗ ୱାର୍ ଜିସୁଙ୍କ ଅରେନ୍ ବାବବାଦି
ଇଜି ଅଡ଼ବିଜି ମାର୍ହାର୍ ।

**22** ଜିସୁ ମାରିଡ଼େସି କାତାଦାନ୍ ଲୋକାଙ୍ଗ ୱେର୍‌ତାନ୍ । 2
ମାପୁରୁଦିରାଜି ଇୟାୱାଜା । ଅର୍ଲେନ୍ ଅରେନ୍ ରାଜା
ନିଜେଦି ମାରିନ୍‌ତିଙ୍ଗ ପେଡ଼ି ବୋଜି ଡିଆର୍‌କିତାନ୍ । 3
କୁକ୍‌ତିମାରିଇ ଲୋକାଙ୍ଗ ବୋଜିଦୁ କୁକ୍‌ସ ତାତେଙ୍ଗ ଇଜି ୱାନ୍
ସାକର୍‌କାଙ୍ଗ ପୋକ୍‌ତାନ୍ । ମାତର୍ ଆୟା ଲୋକୁ ୱାଦେଙ୍ଗ ବଦା
କିଏତାର୍ । 4 ରାଜା ମାରିଡ଼େସି ଆଇ ସାକର୍‌ଙ୍ଗ ମାଣ୍‌କୁ ଇୟା
କାବୁର୍ ୱେର୍‌ସି ପୋକ୍‌ତାନ୍, ପେଡ଼ି ବୋଜି ଡିଆର୍‌ଆତାତ୍‌ନି,
ବାଲ୍‌ସିତି ବାଲ୍‌ସିତି କଡି ମାରି ଗାଡ଼ାଲ୍ କୟ୍‌ତାରୋ ୱିଜୁ
ଡିଆର୍‌ଆତାମାନାତ୍, ବୋଜିଦୁ ବେଗି ରାଦୁ । 5 ମାତର୍ ୱାର୍
ଇୟା ମାଟାଦିଙ୍ଗ ଆସ୍‌ଏଣ୍‌ଗା ନିଜେନିଜେଦି ପାଣି କିଦେଙ୍ଗ
ଆସ୍‌ତାର୍ ଅରେନ୍ ୱାନି କିଡ଼ିଇଦୁ ସୋର୍ହାନ୍, ମାରି ଅରେନ୍
ନିଜେଦି ଦୁକାନ୍‌ତୁ ସର୍ହାନ୍ 6 ମାରି ଏସ ଲୋକୁ ରାଜାଦି
ସାକର୍‌କାଙ୍ଗ ଆସ୍‌ତାରୋ ଡାକ୍‌ସି ଡାକ୍‌ସି ସାୟାମାର୍‌ଗାଡାକ୍‌ତାର୍
। 7 ରାଜା ନାଣ୍ଡ ରିସା ଆଜି ସନ୍ୟରିଙ୍ଗ ପୋକ୍‌ତାନ୍, ୱାର୍
ଆୟା ସାୟାମାର୍‌ଗାଡାକ୍‌ତି ୱାରିଙ୍ଗ ସାୟାମାର୍‌ଗାଡାକ୍‌ତାରୋ
ୱାରି ଗାଡ଼୍‌ତିଙ୍ଗ ଆଡ଼୍‌କାତାର୍ । 8 ତାନେ ୱେନ୍‌କା ରାଜା
ସାକର୍‌କାଙ୍ଗ କୁକ୍‌ତାନ୍‌ନୋ ଇର୍ହାନ୍, ନା ପେଡ଼ି ବୋଜି ଡିଆର୍
ଆତାମାନାତ୍, ମାତର୍ ନାନ୍ କୁକ୍‌ତିମାରିଇ ଲୋକୁ ଜଗ୍‌ସିଲେର୍
। 9 ଇଲେଇ ପେରି ପେରି ସାକ୍ଡିଆଙ୍ଗ ସୋଲ୍‌ସ ଏସ ଲୋକାଙ୍ଗ
ପଇନିଦେର୍, ୱିଜେରିଙ୍ଗ ମା ବୋଜିଦୁ କୁକ୍‌ସତାଗାଟ୍ । 10
ଆବେଟ୍ ସାକର୍‌କୁ ସାକ୍ଡ଼ିଦିଙ୍ଗ ସାକ୍ଡ଼ି ବୁଲାଜି ନେଗିକାନ୍‌ଆପିନ୍
ମାରି ତାଗ୍‌ଇକାନ୍‌ଆପିନ୍; ଏସ ଲୋକାଙ୍ଗ ପୋୟ୍‌ତାର୍, ୱିଜୁ
ଲୋକାଙ୍ଗ କୁକ୍‌ତା ତାତାର୍ ମାରି ପେଡ଼ି ଇଲୁଦୁ ବର୍ତିଆତାର୍ ।
11 “ରାଜା କୁଡ଼ାଆଙ୍ଗ ସୁଡୁଦେଙ୍ଗ ୱାତାନ୍ । ୱାନ୍ ସୁଡୁତାନ୍,
ୱାରି ଲୋଇରାନ୍ ଅରେନ୍ ପେଡ଼ି ଆଙ୍ଗି ଆରାଏନ୍ । 12 ରାଜା
ୱାନିଙ୍ଗ ୱେନ୍‌ବାତାନ୍, ବନ୍ଧୁ, ପେଡ଼ି ଆଙ୍ଗି ଆରାଏଣ୍ଡା ଏଣ୍ଡେସ୍
ଇୟା ବାଡିଦୁ ୱାତି? ଆୟାକାନ୍ ଆଲେତାନୋ ତେବାତାନ୍ । 13
ରାଜା ସେବାକିନିକାଙ୍ଗ ଇର୍ହାନ୍, ୱାନି କିକୁ ପାଦାମ୍‌କୁ ତର୍‌ସୋ
ଆତେରେ ସିକାଟିଦୁ ପୋକ୍‌ତୁ । ଆବେନୁ ୱାନ୍ ଆଡ଼ାବାଜି ୱାନି
ପାଲୁକୁ କାଟ୍ରେକିନାନ୍ ।” 14 କାତା ୱେର୍‌ତେଙ୍ଗ ୱିସ୍‌ତାନ୍‌ନୋ
ଜିସୁ ଇର୍ହାନ୍, “ନାଣ୍ଡ ଲୋକୁ କୁକାୟ୍‌ଆତାମାନାର୍, ମାତର୍ ଉଣା
ଲୋକୁ ବାସେଆତାମାନାର୍ ।” 15 ଏସଲୋକ୍ ପାରୁସିର୍ ସଲ୍‌ସି
ଜିସୁଙ୍କ ପ୍ରସ୍ନ ୱେନ୍‌ବାଜି ୱାନିଙ୍ଗ ଗୁଟାଦୁ ଆରେପ୍‌ତେଙ୍ଗ ଇଜି
ଉପାୟ୍ ପୟ୍‌ତାର୍ । 16 ୱାର୍ ନିଜେଦି ଏସଲୋକ୍ ସିସୁରିଙ୍ଗ ମାରି
ହେରୋଦ ଦଲତୀ ଏସ ଲୋକାଙ୍ଗ ଜିସୁଦି ଲାକ୍‌ତୁ ପୋକ୍‌ତାର୍ ।
ୱାର୍ ୱାଜି ଜିସୁଙ୍କ ଇର୍ହାର୍, “ଏ ଗୁରୁ, ମାପ୍ ନେସ୍‌ନାପ୍, ନିନ୍ ସତ୍
ଇନି ମାରି ନିନ୍ ମାପୁରୁଦି ସତ୍ ବିସୟ୍‌ତାନ୍ ସିକିୟା ସିନି । ମାରି
ଆଇକାର୍ ଇନିକା ଅଡ଼୍‌ବିନାର୍ ଆୟା ବିସୟ୍‌ତାନ୍ ବେମ୍‌ରିଆଇ,
ଇରିଙ୍ଗ ନିନ୍ ଏମେୱାରି ମାଟାଦିଙ୍ଗ ମନ୍‌ସିଇ । 17 ଆର୍‌ତିଙ୍ଗ ମାଙ୍ଗ
ଇନିଆ, ଇୟା ବିସୟ୍‌ତାନ୍ ନି ମାଟାଇନିକା? କାଇସର୍ ରାଜେଙ୍ଗ
ସିସୁଟୁ ସିନିକା ନିୟମ୍‌ତି ଇସାବ୍‌ତାନ୍ ଟିକ୍ ନୋ ବୁଲ୍?” 18

ମାତର୍ ଜିସୁ ୱାରି ତାଗ୍ଇ ଉପାୟ୍ ନେସ୍‌ସି ଇର୍ହାନ୍, "ଏ କପଟିର୍,
ନାଙ୍ଗେଁ ଗୁଟାଦୁ ଆରେପ୍‌ତେଙ୍ଗ ଏନ୍ଦ୍ରା ସେସ୍ଟାକିଜିନିଦେର୍? 19
ଆମା ଅଦଲିଦାନ୍ ସିସୁଟୁ ତର୍‌ସିନିଦେର୍, ଆବେନୁ ଉନ୍‌ଡ୍ରି ତାସ
ନାଙ୍ଗେଁ ତର୍‌ତୁ!" ୱାର୍ ଉନ୍‌ଡ୍ରି ଅଦ୍‌ଲି ଡାବୁଙ୍ଗ ତାତାରୋ ୱାନିଙ୍ଗ
ସିତାର୍ । 20 ୱାନ୍ ୱାରିଙ୍ଗ ୱେନ୍‌ବାତାନ୍, "ଇୟା ଅଦ୍‌ଲି ମୁସ୍‌କୁ
ଏ ବମା ମାରି ଦର୍ ମାନାତ୍?" 21 ୱାର୍ ଇର୍ହାର୍, କାଇସର୍‌ଦି,
"ଜିସୁ ୱାରିଙ୍ଗ ଇର୍ହାନ୍, ଆର୍‌ତିଙ୍ଗ ଆମାକା କାଇସର୍‌ଦି, ଆକା
କାଇସର୍ ରାଜେଙ୍ଗ ସିଦୁ ମାରି ଆମାକା ମାପୁରୁଦି, ଆକା
ମାପୁରୁଙ୍ଗ ସିଦୁ ।" 22 ୱାର୍ ଇକା ୱେନ୍‌ଜ୍ଞି କାବାଜି ୱାନିଙ୍ଗ
ଡ଼ିସ୍‌ସି ସୋର୍ହାର୍ । 23 ଆୟାନାଣ୍ଡିଙ୍ଗ ସାଦୁକି ଦଲତୀ ଏସ ଲୋକୁ
ଜିସୁଦି ଲାକ୍‌ତୁ ୱାତାର୍ । ସାଦୁକିର୍ ବିସ୍‌ବାସ୍‌କିଜି ମାର୍ହାର୍ ଜେ,
ମାରିଡ଼େସିନିଙ୍ଗେଁନିକା ସିଲେତ୍ । 24 ୱାର୍ ଜିସୁଙ୍ଗେଁ ୱେନ୍‌ବାତାର୍,
"ଏ ଗୁରୁ, ମୋସା ଇର୍ହାମାନାନ୍, ଜଦି ଅରେନ୍ ଲୋକୁ କଡ଼କକ୍‌ରା
ଆଏଣ୍ଡା ସାନାସନାନ୍, ଆର୍‌ତିଙ୍ଗ ୱାନି ତଡ଼ାନ୍ ୱାନି ଆଡ଼୍‌ସିଙ୍ଗ
ପେଡ଼ି ଆନାନ୍ ମାରି ୱାରି କଡ଼ର୍ ଆୟା ସାତି ଲୋକ୍‌ତି କଡ଼ର୍
ଇଜି ସିନାଆନାର୍ । 25 ୱେନ୍‌ତୁ, ମା ଲୋଇ ସାତ୍‌ଲୋକ୍ ତଡ଼ାନ୍‌କୁ
ମାର୍ହାର୍ । ପେରି ତଡ଼ାନ୍ କଡ଼କକ୍‌ରା ଆଏଣ୍ଡା ସାତା ସର୍ହାନ୍ ଆକା
ୱାନି ୱେନ୍‌କାରି ତଡ଼ାନ୍ ତଡ଼ାନ୍‌ତି ଆଡ଼୍‌ସିଙ୍ଗ ପେଡ଼ିଆତାନ୍ । 26
ମାତର୍ ଇୟାୱାନି ୱେନ୍‌କାରିକାନ୍, ମଜାୟ୍‌ଏନ୍ ମାରି ସାରାସାରି
ସାତ୍‌ଲୋକ୍ ସାନ୍ଦି ଆୟାୱାଜା ଗଟାତାତ୍ । 27 ସାରାସାରିୱେନ୍‌କା
ଆୟା ଆଇମା ସାତା ସୋର୍ହାତ୍ । 28 ଆମା ନାଣ୍ଡିଙ୍ଗ ସାତି
ଲୋକୁ ମାରିଡ଼େସିନିଙ୍ଗେଁନାର୍, ଇୟା ଆଇମା ଏ ଆଇମା ଇଜି
ସିନାଆନାତ୍? ୱିଜେର୍‌ତ ତାନିଙ୍ଗ ପେଡ଼ି ଆତାମାର୍ହାର୍ ।" 29
ଜିସୁ ୱାରିଙ୍ଗ ଇର୍ହାନ୍, "ମିର୍ ଏସ ବାୟାର୍! ଦାର୍ମୁସାସ୍ତ୍ରୁ ନି ମାପୁରୁଦି
ସାକ୍ତି ନେସ୍‌ଇଦେର୍ । 30 ମାରିଡ଼େସିନିଙ୍ଗେଁନି ୱେନ୍‌କା ସାତି
ଲୋକୁ ୱିଜେରେ ମୁସ୍‌କୁପୁର୍‌ତି ଦୂତ୍‌କା ୱାଜା ତେବାନାର୍ । ୱାର୍
ପେଡ଼ିଆଏର୍ କି ପେଡ଼ି କିଏର୍ । 31 ସାତି ଲୋକୁ ମାରିଡ଼େସିନିଙ୍ଗେଁନି
ବିସୟ୍‌ତାନ୍ ମାପୁରୁ ଆମାକା ୱେର୍‌ତାମାନାନ୍, ମିର୍ ଇନିକା
ସାସ୍ତ୍ରୁଦୁ ଏସ୍‌କାଙ୍ଗ ପଡ଼ାଇଦେର୍? 32 ମାପୁରୁ ଇର୍‌ଆମାନାନ୍,
ମାପ୍ ଅବ୍ରାହାମ, ଇସ୍‌ହାକ୍ ମାରି ଜାକୁବଦି ମାପୁରୁ ।" "ୱାନ୍
ଜିବନ୍‌ମାନିୱାରି ମାପୁରୁ ସାତିୱାରି ମାପୁରୁ ଆଏନ୍ ।" 33 ଲୋକୁ
ଜିସୁଦି ସିକିୟା ୱେନ୍‌ଜ୍ଞି କାବାଆତାର୍ । 34 ଏସ୍ତିୱାଲେ ପାରୁସିର୍
ୱେର୍‌ଆର୍ ଜେ ଜିସୁ ସାଦୁକିରିଙ୍ଗ ଚୁପ୍‌କିବିସ୍‌ତାମାନାନ୍, ୱାର୍
ଉନ୍‌ଡ୍ରେମାନୁ ଆଜି ଜିସୁଦି ଲାକ୍‌ତୁ ୱାତାର୍ 35 ମାରି ୱାରି
ମାଣ୍‌କୁ ଅରେନ୍ ଦାର୍ମୁଗୁରୁ ଜିସୁଙ୍ଗେଁ ଗୁଟାଦୁ ଆରେପ୍‌ତେଙ୍ଗ ଇଜି
ଉନ୍‌ଡ୍ରି ମାଟା ୱେନ୍‌ବାତାନ୍, 36 ୱାନ୍ ୱେନ୍‌ବାତାନ୍ "ଗୁରୁ,
ମୋସାଦି ନିୟମ୍‌ତୁ ଆମା ଆଜ୍ଞା ୱିଜେରିମାଣ୍‌କୁ ପେରିକା?"
37 ଜିସୁ ୱାନିଙ୍ଗ ଇର୍ହାନ୍, ମି ପ୍ରବୁ ମାପୁରୁଙ୍ଗ ପୁରାୱିଜୁ ଜିବନ୍,
ପୁରାୱିଜୁ ମେନ୍ଦୁଲ୍ ମାରି ପୁରାୱିଜୁ ମନ୍ ସିଜି ଜିବନ୍ ନଆ ।
38 ଇକା ଆଜିନାତ୍ ୱିଜେରିମାଣାନ୍ ପେରିକା ମାରି ପେରିମାଟା
। 39 "ମାରି ଉନ୍‌ଡ୍ରି ପେରି ଆଜ୍ଞା ଆଜିନାତ୍, ମି ଲାକ୍‌ତୁରି
ଲୋକାଙ୍ଗ ନିଜେଦିଙ୍ଗ ଜିବନ୍‌ନୋତିୱାଜା ନୋଦୁ । 40 ଇୟା
ରୁଣ୍ଡି ମାଟେଙ୍ଗ ମୁସ୍‌କୁ ମୋସାଦି ୱିଜୁ ନିୟମ୍ ମାରି ବାବବାଦିରି
ସିକିୟା ଆସାଇଡ଼ନାତ୍ ।" 41 ଏସ୍ତିୱାଲେ ପାରୁସିର୍ ଉଣ୍ଡାତା
ମାର୍ହାର୍, ଜିସୁ ୱାରିଙ୍ଗ ୱେନ୍‌ବାତାନ୍, 42 "କ୍ରିସ୍ତ ଅର୍ତ ମସିହଦି
ବିସୟ୍‌ତାନ୍ ମିର୍ ଇନିକା ଅଡ଼୍‌ବିଜିନିଦେର୍? ୱାନ୍ ଏ କୁଟୁମ୍?"
ୱାର୍ ଇର୍ହାର୍, "ୱାନ୍ ଦାଉଦଦି କୁଟୁମ୍ ।" 43 ଜିସୁ ୱେନ୍‌ବାତାନ୍,
ଆର୍‌ତିଙ୍ଗ ଦାଉଦ ମସିହଙ୍ଗ "ନା ପ୍ରବୁ" ଇଜି ଏନ୍ଦ୍ରା ଇର୍ହାମାନାନ୍?
ଇରିଙ୍ଗ ଆତ୍ମା ୱେର୍‌ନିମାଣାନ୍ ୱାନ୍ ରାସ୍‌ତାମାନାନ୍, 44 ପ୍ରବୁ
ନା ପ୍ରବୁଙ୍ଗ ଇର୍ହାନ୍, ମାପ୍ ମି ସାତ୍ରୁରିଙ୍ଗ ମି କାଲ୍‌କା ଆଡ଼୍‌ଗି କିଇ
ସାନ୍ଦି ମିର୍ ମା ଉଣି ତରିନ୍ ବାସ୍‌ତୁ । 45 ଜଦି ଦାଉଦ ମସିହଙ୍ଗ
ନା ପ୍ରବୁ, ଇଜି ମାନାତା ମାନାନ୍, ଆର୍‌ତିଙ୍ଗ କ୍ରିସ୍ତ ଅର୍ତ ମସିହ
ଏଣ୍ଡେସ୍ ଦାଉଦତି ମାରିନ୍ ଆଦେଙ୍ଗ ଆଟ୍‌ନାନ୍? 46 ଜିସୁଙ୍ଗେଁ ଏନ୍
ଇୟାତାନି ଉତର୍ ସିଦେଙ୍ଗ ଆଟ୍‌ଏତାର୍ । ଆୟା ନାଣ୍ଡିରାନ୍ ଏନ୍
ୱାନିଙ୍ଗ ମାରି ପ୍ରସ୍ନ ୱେନ୍‌ବାଦେଙ୍ଗ ସାସ୍ କିଏତାର୍ ।

**23** ଜିସୁ ସିସୁରିଙ୍ଗ ମାରି ୱିଜୁଲୋକାଙ୍ଗ ଇର୍ହାନ୍, 2 ଦାର୍ମୁଗୁରୁ
ମାରି ପାରୁସିର୍ ମୋସାଦି ନିୟମ୍‌ତିଙ୍ଗ ସିକିୟା ସିଦେଙ୍ଗ
ଅଦିକାର୍ ପୟ୍‌ତିମାନି ୱେର୍‌ନିକାର୍, 3 ଆଦେଙ୍ଗ ୱାର୍ ଆମାକା
କିଦେଙ୍ଗ ୱେର୍‌ସିନାର୍, ଆକା କିଦୁ । ମାତର୍ ୱାରି ପାଣି
ଇସାବ୍‌ତାନ୍ ପାଣି କିମାଟ୍ । ଇରିଙ୍ଗ ୱାର୍ ନିଜେ ୱେର୍‌ସିମାନି
ସିକିୟା ଇସାବ୍‌ତାନ୍ ପାଣି କିଏର୍ । 4 ୱାରି ସିକିୟାୱିଜୁ ଲୋକା
ମୁଟାମ୍ ମୁସ୍‌କୁ ନାଣ୍ଡୁ ବଜୁ ୱାଜା ଟିଗ୍‌ନାସିନାର୍, ମାତର୍ ଆୟାୱିଜୁ
ବଜୁ ପିଣ୍ଡିଦେଙ୍ଗଇଜି ନିଜେଦି ଡ଼ାସ୍‌କାଦାନ୍ ବା ଅଡ଼ପ୍‌ବା ସାକା
କିଏର୍ । 5 ୱାର୍ ଲୋକାଙ୍ଗ ତର୍‌ତେଙ୍ଗେଁ ଇଜି ୱିଜୁ ପାଣି କିନାର୍ ।
ସୁଡୁଡୁ, ୱାର୍ ସାସ୍ତ୍ରୁ ପଦ୍ ରାସାତିମାନି ଏସି ଏସି ମାଟେଙ୍ଗ ମୁଜୁଡୁ
ନି ରେକାଦୁ ତରାତାମାନାର୍ । ମାରି ସୁଡୁଡୁ, ୱାର୍ ଆରାନିମାନି
ପେରି ପେରି ୱାତିଦି ଜାଲିଙ୍ଗ ୱିଜୁ ଏସ ନିରିକା । 6 ୱାର୍
ବଜିଙ୍ଗେଁ ନେଗି ବାଡି ମାରି ପାର୍‌ତନାକିନି ଇଲ୍‌କାଙ୍ଗ ପେରି ବାଡି
ଅଦିକାର୍ କିଦେଙ୍ଗ ନେଗେନ୍‌ଅଡ଼୍‌ବିନାର୍ । 7 ମାରି ସାତାସାଉକାଦୁ
ମାଡ଼ିସ୍‌କିନିକା ପୟ୍‌ଦେଙ୍ଗ ମାରି ଲୋକା ମାଣାନ୍ ଏ ଗୁରୁ, ଇଜି
ମାନାଦେଙ୍ଗ ନେଗେନ୍‌ଅଡ଼୍‌ବିନାର୍ । 8 ମାତର୍ ମିଙ୍ଗେଁ ଏନ୍ ଗୁରୁ ଇଜି
କୁକ୍‌ନିକା ଟିକ୍ ସିଲେ । ଇରିଙ୍ଗ ମିର୍ ୱିଜିଦେର୍ ନିଜେନିଜେଦି
ତଡ଼ାନ୍‌କୁ ମାରି ମି ଗୁରୁ କେବଲ୍ ଅରେନ୍‌ନେ । 9 ମାରି ଦୁନିଆଦୁ
ମିର୍ ଏଙ୍ଗବା ବୁବା ଇଜି ମାନାନିକା ଟିକ୍ ସିଲେ, ଇରିଙ୍ଗ ମି ବୁବା
ଅରେନ୍‌ନେ, ୱାନ୍ ମୁସ୍‌କୁପୁର୍‌ତୁ ମାନାନ୍ । 10 ମିଙ୍ଗେଁ ମାଲିକ୍,
ଇଜି ଏନ୍‌ବା କୁକ୍‌ମାକିନ୍, ଇରିଙ୍ଗ ମି ଅରେନ୍‌ମାତର୍ ମାଲିକ୍
ଆଜିନାନ୍ ମସିହ । 11 ମି ଲୋଇରାନ୍ ଏନ୍ ୱିଜେରିମାଣାନ୍
ପେରିକାନ୍, ୱାନ୍ ମି ସେବା କିପିନ୍ । 12 ଏନ୍ ନିଜେଦିଙ୍ଗ ମୁସ୍‌କୁ
ପେରାନାନ୍, ୱାନିଙ୍ଗ ଆଡ଼୍‌ଗି କିନାର୍ ମାରି ଏନ୍ ନିଜେଦିଙ୍ଗ ଆଡ଼୍‌ଗି
କିଆନାନ୍, ୱାନିଙ୍ଗ ମୁସ୍‌କୁ ପେରିସିକିନାର୍ । 13 ଏ ଦାର୍ମୁଗୁରୁ
ନି ପାରୁସିର୍ ମି ୱେନ୍‌କାରି ଦସ୍ ଏସା ବୟ୍‌ଙ୍କାର୍! ଏ ସାଲାକି
ଦାର୍ମୁଦଲ୍, ମୁସ୍‌କୁପୁର୍‌ରାଜିଦି ଡୁଗୁନି ସେର୍‌ଲା କେର୍‌ତିମାନିଦେର୍

। ମିର୍ ନିଜେ ଆବେ ଡୁଗୁଇଜିନିଦେର୍ ମାରି ଆମାକାର୍ ଡୁଗୁଦେଞ୍ଜ
ବଦାକିଜିନାର୍, ୱାରିଞ୍ଜ ସାରି ଡ଼ିସ୍ଇଜିନିଦେର୍ । **14** ଏ କପଟି
ଦାର୍ମୁଗୁରୁ ନି ପାରୁସିର୍, ମି ଦସ୍ ଏସା ତାଗ୍ଇକାଆନାତ୍ ।
ଇରିଞ୍ଜ ମିର୍ ସାଲାକିଦାନ୍ ନିର୍ଇ ପାର୍ତାନା କିନି ଦାପେ ଦାପେ
ରାଣ୍ଡି ଆଇମେକା ଇଲୁକୁ ୱିଜୁ ଡ଼ିବିସ୍ସୋ ଅନିଦେର୍; ଆଦେଞ୍ଜ
ମିର୍ ନାଣ୍ଡ ଦଣ୍ଡ ପଇନିଦେର୍ । **15** ଏ କପଟି ଦାର୍ମୁଗୁରୁ ନି
ପାରୁସିର୍, ମି ଦସ୍ ଏସା ତାଗ୍ଇକାଆନାତ୍ । ମିର୍ ସାମୁଦୁର୍
ନାସି ଆଇ ଦେସ୍କାଞ୍ଜ ସୋଲ୍ସି ଅରେନ୍ୱାନିଞ୍ଜ ମି ଦାର୍ମୁଦୁ
ମିସାକିଦେଞ୍ଜ ଇଜି ପୟ୍ଜିବୁଲାଜିନିଦେର୍ । ମାତର୍ ଆୟାୱାଜା
ଅରେନ୍ୱାନିଞ୍ଜ ପୟ୍ତିଞ୍ଜ, ୱାନିଞ୍ଜ ନରକଦୁ ଦଣ୍ଡ ପୟ୍ଦେଞ୍ଜ
ମିମାଣାନ୍ ଦୁଇଗୁଣ୍ ନାଣ୍ଡ ସାକା କିଜିନିଦେର୍ । **(Geenna g1067)**
**16** ଏ କାଣା ସାରିବୁଲାନିକାର୍, ମି ଦସ୍ ଏସ ତିଲାନିକା ।
ମିର୍ ସିକିୟା ସିଜିମାନିଦେର୍, ଏନ୍ ମନ୍ଦିର୍ ଦର୍ତାନ୍ ପାରାମାଣ୍
କିତିଞ୍ଜ, ଆକା ୱାନ୍ କିଦେଞ୍ଜ କୁସାମାତ୍ ସିଲେ; ମାତର୍ ମନ୍ଦିର୍ତୁ
ମାନି ବାଙ୍ଗାରାମ୍ ଦର୍ତାନ୍ ଏନ୍ ପାରାମାଣ୍ କିତିଞ୍ଜ ୱାନିଞ୍ଜ ଆକା
କିଦେଞ୍ଜ ପଡ଼ାନାତ୍ । **17** ଏ କାଣା ବୁଦି ସିଲିକିଦେରା, ବାଙ୍ଗାରାମ୍
ପେରିକା ନୋ ବାଙ୍ଗାରାମ୍ତିଞ୍ଜ ପବିତ୍ର କିଜିମାନି ମନ୍ଦିର୍ ପେରିକା?
**18** ମିର୍ ବା ସିକିୟା ସିଜିମାନିଦେର୍, ଅରେନ୍ ଲୋକୁ ବେଦି
ଦର୍ତାନ୍ ପାରାମାଣ୍ କିତିଞ୍ଜ, ୱାନ୍ ଆକା କିଦେଞ୍ଜ କୁସାମାତ୍
ସିଲେ । ମାତର୍ ବେଦି ମୁସ୍କୁ ଇଡିନିମାନି ପୁଜାସିନି ଦର୍ତାନ୍
ପାରାମାଣ୍ କିତିଞ୍ଜ, ଆକା ନିୟମ୍ସିଲେତ୍ । **19** ମିର୍ ଏସା
କାଣାର୍, ଆମାକା ପେରି ପୁଜାସିନିକା ନୋ ପୁଜାସିନିତାନିଞ୍ଜ
ପବିତ୍ର କିଜିମାନି ବେଦି? **20** ମାରି ଏନ୍ ବେଦି ଦର୍ତାନ୍
ପାରାମାଣ୍ କିତିଞ୍ଜ, ୱାନ୍ ବେଦି ମାରି ଆୟା ମୁସ୍କୁ ମାନି ୱିଜୁ
ପୁଜାସିନି ସାମାନ୍କା ଦର୍ତାନ୍ ପାରାମାଣ୍ କିନାନ୍ । **21** ଏନ୍
ମନ୍ଦିର୍ ଦର୍ତାନ୍ ପାରାମାଣ୍ କିତିଞ୍ଜ ୱାନ୍ ମନ୍ଦିର୍ ମାରି ଆବେନୁ
ବାସାଜିମାନି ମାପୁରୁ ଦର୍ତାନ୍ ପାରାମାଣ୍ କିନାନ୍ । **22** ମାରି, ଏନ୍
ମୁସ୍କୁପୁର୍ତି ଦର୍ତାନ୍ ପାରାମାଣ୍ କିତିଞ୍ଜ, ମାପୁରୁଦି ରାଜାଗାଦି
ମାରି ତାନିମୁସ୍କୁ ବାସ୍ତିମାନି ମାପୁରୁ ଦର୍ତାନ୍ ପାରାମାଣ୍
କିନାନ୍ । **23** ଏ କପଟି ଦାର୍ମୁଗୁରୁ ନି ପାରୁସିର୍, ମି ଅବସ୍ତା ବେସି
ତାଗ୍ଇକାଆନାତ୍! ମିର୍ ମାପୁରୁଦି ଉଦେସ୍ଦାନ୍ ପୋଦିନା, ପାନ
ମଉରି ମାରି ଜିରାଦି ବା ଦସ୍ବାଗ୍ତାନ୍ ଉଣ୍ଡି ବାଗ୍ ମାପୁରୁଙ୍ଗ ଦାନ୍
ସିନିଦେର୍; ମାତର୍ ନ୍ୟାୟ୍ ବିସାର୍, ଦୟା, ବିସ୍ବାସ୍ ଇୟାୱିଜୁ
ନିୟମ୍ତି ପେରି ପେରି ବିସୟ୍କୁ ୱେଡ଼ା କିଜିନିଦେର୍ । ନିୟମ୍ତି
ଇୟା ବିସୟ୍କୁ ଆଗ୍ଡ଼ି ଅବ୍ୟାସ୍ କିନିକା ମାନାତ୍ । **24** ଏ
କାଣା ସାରିଦୁବୁଲାନିକାର୍, ମିର୍ ଇନିକା ଉଣିୱାଲେ ଆନାତ୍
ଆବେ ୱିଜା ଆର୍ନାମାନାତ୍ ଇଜି ତାନିଞ୍ଜ ଜଲପ୍ନିଦେର୍, ମାତର୍
ଉଟ୍ତିଞ୍ଜ ଡ଼ିଙ୍ଗ୍ନିଦେର୍ । **25** ଏ କପଟି ଦାର୍ମୁଗୁରୁ ମାରି ପାରୁସିର୍,
ଏସା ବୟଞ୍ଜାର୍ ମି ସାରାସାରି ବୁଲାନିକା । ମିର୍ ଡୁବାଇ ନି
ସାଡ଼ାୱାଦି ଆତେରେ ତରିନ୍ ନେଗେନ୍ ନୋର୍ଜିମାନିଦେର୍,
ମାତର୍ ଆୟାୱାନିକା ଲୋଇ ଗିଦ୍ରି ନି ଆକାର୍ ବର୍ତି ଆତାମାନାତ୍
। **26** "ଏ କପଟି ଦାର୍ମୁଗୁରୁ ମାରି ପାରୁସିର୍, ଆଗ୍ଡ଼ି ଡୁବାଇତି
ଲୋଇରିକା ନେଗେନ୍ ନର୍ଦୁ, ଏଣ୍ଡେସ୍ ଆବେଣି ଆତ୍ରେଦିକା
ବା ନେଗେନ୍ ନୋର୍ଆୟ୍ଆନାତ୍! **27** "ଏ କପଟି ଦାର୍ମୁଗୁରୁ
ନି ପାରୁସିର୍! ମିର୍ ଏସା ନାଣ୍ଡ ଦସ୍ ବଗାନିଦେର୍ । ମିର୍ ୱିଜୁ
ଆତେରେ ତରିନ୍ ସୁନ୍ତିରିପାତିମାନି ମୁସ୍ତିବାଡିଦି ୱାଜା ।
ଆକା ଆତେରେ ସୁନ୍ଦର୍ ତର୍ନାତ୍, ମାତର୍ ଲୋଇ ପେଡେକ୍ ନି
ସାବ୍ତି ମାଡ଼ାଦାନ୍ ବର୍ତି । **28** ଆୟାୱାଜା ମିର୍ ବା ଆତେରେ
ଲୋକା ଆଗ୍ଡ଼ି ନେଗେନ୍ ତର୍ନିଦେର୍, ମାତର୍ ମି ଲୋଇରିକା
ସାଲାକି ନି ପାପ୍ତୁ ବର୍ତି । **29** "ଏ କପଟି ଦାର୍ମୁଗୁରୁ ନି ପାରୁସିର୍!
ମି ଉଣ୍ଡିଞ୍ଜ ଇକା ଏସା ବୟଞ୍ଜାର୍ । ବାବବାଦିରି ଉଣ୍ଡିଞ୍ଜ ମିର୍
ସୁନ୍ଦ୍ରତି ମୁସ୍ନିବାଡି ତିଆର୍କିଜିନିଦେର୍ ମାରି ଦାର୍ମୁଲୋକାରି
ଏତ୍କିନି ମୁଣ୍ଡା ୱିଜୁ ରସ୍ସିନିଦେର୍ । **30** ମାରି ମିର୍ ଇଜିନିଦେର୍,
ଜଦି ମି ପୁର୍ବେଦିଡକ୍ରାଦାଦାରି ବେଡ଼ାଦୁ ମିର୍ ତେବାତିଞ୍ଜମାନ୍ଦି,
ଆର୍ତିଞ୍ଜ ୱାରି ୱାଜା କିଇତିଦେର୍ମାନ୍ଦି ମାରି ବାବବାଦିରିଞ୍ଜ
ଡାକ୍ଇତିଦେର୍ମାନ୍ଦି । **31** ଇୟା ମାଟା ୱେର୍ନି ମାଣ୍କୁ ସତ୍
ଇଜି ମାନାଜିନିଦେର୍ ଜେ ମିର୍ ବାବବାଦିରିଞ୍ଜ ସାୟାମାର୍ଗା
ଡାକ୍ତିୱାରି କୁଟୁମ୍ । **32** ଆର୍ତିଞ୍ଜ ମିର୍ ଆଗ୍ଡ଼ି ସାଦୁ, ମି
ପୁର୍ବେଦିଡକ୍ରାଦାଦାରି ଆରାମ୍ କିତି ପାଣିଦିଞ୍ଜ ପୁରା କିଦୁ । **33** ଏ
ସାରାସ୍କୁ! ଏ ବିସ୍ମାନି ସାରାସ୍ତି କଡ଼ର୍! ମିର୍ ନରକ ଦଣ୍ଡତାନ୍
ରକ୍ଷାପୟ୍ନାପ୍ ଇଜି ଆସାକିଜିନିଦେର୍? **(Geenna g1067)** **34**
ଆଦେଞ୍ଜ ନାନ୍ ୱେର୍ସିନା; ନାନ୍ ମି ଲାକ୍ତୁ ବାବବାଦିର୍,
ଗୁରୁର୍ ମାରି ବୁଦିମାନିୱାରିଞ୍ଜ ପୋକ୍ତାନା; ୱାରି ଲୋଇରାନ୍
ଏଞ୍ଜ ଏଞ୍ଜ ସାୟାମାର୍ଗା ଡାକ୍ନିଦେର୍, ଏସ ଲୋକାଞ୍ଜ କୁସଦୁ
ସାୟାମାର୍ଗା ଡାକ୍ନିଦେର୍ ମାରି ଆଇୱାରିଞ୍ଜ ପାର୍ତନାକିନି
ଇଲ୍କାଞ୍ଜ କର୍ଡା ଡାକ୍ସି ଉନ୍ଡ୍ରି ଗାଡ଼୍ତାନ୍ ମାରି ଉନ୍ଡ୍ରି ଗାଡ଼୍ତୁ
ପେର୍ନିଦେର୍ । **35** ଆମା ଦାର୍ମୁ ହେବଲ୍ତି ସାତି ମାଣାନ୍
ଆମା ବେରିକିୟଦି ମାରିସି ଜିକରିୟଞ୍ଜ ମିର୍ ମନ୍ଦିର୍ତି ପବିତ୍ର
ବାଡିଦୁ ନି ପୁଜାସିନି ବେଦି ନାଡ଼୍ମି ସାୟାମାର୍ଗା ଡାକ୍ତିଦେର୍,
ୱାନି ସାତି ସାନ୍ଦି ଦୁନିଆଦୁ ଏସଲୋକ୍ ୱିଜୁ ଦାର୍ମୁଦି ଲୋକାଞ୍ଜ
ସାୟାମାର୍ଗା ଡାକ୍ତିମାନିଦେର୍ । ଆୟା ଦୋସ୍ସିଲି ଲୋକା
ସାତିମାନି ଦଣ୍ଡ ମି ମୁସ୍କୁ ୱାନାତ୍ । **36** ନାନ୍ ମିଙ୍ଗ ସତ୍
ୱେର୍ସିନା, ଇୟାୱିଜୁ ଲୋକାଞ୍ଜ ସାୟାମାର୍ଗା ଡାକ୍ତି ଉଣ୍ଡିଞ୍ଜ
ଇୟା ଜଗ୍ତି ଲୋକୁ ଦଣ୍ଡ ବଗାନିଦେର୍ । **37** "ଏ ଜିରୁସାଲାମ୍, ଏ
ଜିରୁସାଲାମ୍! ମିର୍ ବାବବାଦିରିଞ୍ଜ ସାୟାମାର୍ଗାଡାକ୍ସିନିଦେର୍
ମାରି ମାପୁରୁ ପୋକ୍ତାତି କାବୁର୍ ଅନିତାନି ୱାରିଞ୍ଜ କାଲ୍କୁ
ପୋକ୍ସି ଡାକ୍ସିନିଦେର୍ । କରୁ ତାନି ରେକା ଆଡ଼୍ଗି ପିଲେକାଞ୍ଜ
ଆସ୍ସି ଇଡ଼ନି ୱାଜା, ମି ଲୋକାଞ୍ଜ ନା ରେକା ଆଡ଼୍ଗି ପିଡ଼୍କିନି
ଉଣ୍ଡିଞ୍ଜ ନାନ୍ ଏସ ଦେବେଞ୍ଜ ବଦାକିତା । ମାତର୍ ମିର୍ ନାଙ୍ଗ
ଆକା କିଦେଞ୍ଜ ସିଇତିଦେର୍ । **38** ଆଦେଞ୍ଜ ମି ମନ୍ଦିର୍ ୱିର୍ଜାଜି
ମାରି ୱାରିକା ଆନାତ୍ । **39** ନାନ୍ ମିଙ୍ଗ ୱେର୍ସିନା, 'ପ୍ରବୁଦି

ଦର୍ତାନ୍ ଏନ୍ ୱାଜିନାନ୍, ୱାନ୍ ଦନ୍ୟ,' ମିର୍ ଇୟା ମାଟା ଇନ୍ଇ
ସାନ୍ଦି ଇଲେଇରାନ୍ ନାଙ୍ଗିଁ ମାରି ସୁଡୁଦେଙ୍ଗ ଆଟ୍ଇଦେର୍ ।"

24 ଜିସୁ ମନ୍ଦିର୍ତାନ୍ ସସି ସନିୱାଲେ ସିସୁର୍ ମନ୍ଦିର୍ତି
ମେଡ଼େଇଲୁକୁ ୱିଜୁ ତର୍ନି ଉଣ୍ତିଙ୍ଗ ୱାନି ଲାକ୍ତୁ ୱାତାର୍
। 2 ଜିସୁ ଇର୍ହାନ୍, "ଇଲେଇ ଗିଦେ ଇୟାୱିଜୁ ସୁଡୁଜିନିଦେର୍ ।
ନାନ୍ ମିଙ୍ଗିଁ ସତ୍ ଇଜିନା, ଇୟା ମନ୍ଦିର୍ତି ଉନ୍ତ୍ରି କାଲୁ ଆଇ କାଲୁ
ମୁସ୍କୁ ତେବାଉ, ୱିଜୁ ବୁମିଦୁମିସାନେ ।" 3 ଜିସୁ ଜିତ ଗରନ୍
ମୁସ୍କୁ ବାସ୍ତି ମାରିଇୱାଲେ ସିସୁର୍ ୱାନି ଲାକ୍ତୁ ନେସ୍ଇୱାଜା
ୱାଜି ୱେନ୍ବାତାର୍, "ଇୟାୱିଜୁ ଏସ୍କାଙ୍ଗ ଗଟାନାତ୍, ଆକା ମାଙ୍ଗିଁ
ଇନିଆ । ଇନିକା ଗଟାତିଙ୍ଗ ମାପ୍ ନେସ୍ନାପ୍ ଜେ ନିନ୍ ୱାନି
ବେଡ଼ା ଆତାତ୍ନି ମାରି ଇୟା ଜୁଗ୍ସେସ୍ ଆନାତ୍ ।" **(aiōn g165)**
4 ଜିସୁ ୱାରିଙ୍ଗ ଇର୍ଆନ୍, ଜାଗାର୍ତା ମାନ୍ଡୁ । ଏନ୍ ଏଣ୍ତେସ୍ ମିଙ୍ଗିଁ
ବାୟା କିଏନ୍ । 5 ଗାଦିଲୋକ୍ ନା ଦର୍ ଆସ୍ସି ୱାଜି ଇନାର୍,
ନାନ୍ ନେ କ୍ରିସ୍ତ ଅର୍ତ ମସିହ । ଇକା ଇନ୍ଞ୍ଜି ୱାର୍ ଗାଦିଲୋକାଙ୍ଗ
ବାୟାକିନାର୍ । 6 ମିର୍ ଲାକ୍ତୁ ସାଲାତିମାନି ଜୁଦ୍ତି ଆଉଲି
ୱେନିଦେର୍ ମାରି ଆକ ସାଲାତିମାନି ଜୁଦ୍ତି କାବୁର୍ ୱେନିଦେର୍
। ମାତର୍ ତିଲାମାଟ୍ । ଇୟାୱିଜୁ ପୁରା ଗଟାନାତ୍, ମାତର୍
ଇୟାତାନି ଅର୍ତ ଆଏତ୍ ଜେ ଜୁଗ୍ ସେସ୍ଆନି ଦିନ୍ ଲାକ୍ତୁ । 7
ଦେସ୍ ଦେସ୍ତି ଲୋଇ ଜୁଦ୍ ସାଲାନାତ୍, ଉନ୍ତ୍ରି ରାଜି ଆଇ ରାଜି
ମୁସ୍କୁ ଡାକ୍ନାତ୍ । ୱିଜୁ ତରିନ୍ ଉନ୍ଣ୍ତେ ତିନ୍ଡ୍ରେଙ୍ଗ ପୁଟ୍ଏତ୍
ମାରି ବୁମିକମ୍ପ ଆନାତ୍ । 8 ମାତର୍ ଇୟାୱିଜୁ ଜନମ୍କିନି
କାସ୍କୁଦି ଆରାମ୍ ମାତର୍ । 9 ମିର୍ ଆସାୟ୍ଆଜି ଦୁଃକ୍କାସ୍କୁ କିନି
ଉଣ୍ତିଙ୍ଗ ସର୍ପେ କିନାର୍ ମାରି ମିଙ୍ଗିଁ ସାୟାମାର୍ଗା ଡାକ୍ନାର୍,
ନାବାନ୍ ବିସ୍ବାସ୍ କିତିମାନି ଉଣ୍ତିଙ୍ଗ ମିର୍ ୱିଜେରି ଲୋକାଦି
ମାଣାନ୍ କାଡ଼ାଇଆନିଦେର୍ । 10 ନାସ୍ତିୱାଲେ ଗାଦିଲୋକ୍
ୱାରି ବିସ୍ବାସ୍ ଆରାକିନାର୍, ନିଜେନିଜେଦିଙ୍ଗ କାଡ଼ାଜିସାଜି
ନିଜେନିଜେଦି ଉଣ୍ତିଙ୍ଗ ଆସିସ୍କିଆୟ୍ଆନାର୍ । 11 ନାସ୍ତିୱାଲେ
ଗାଦିଲୋକ୍ ବଣ୍ତ ବାବବାଦିଦିର୍ ୱାଜି ଲୋକାଙ୍ଗ ବାୟାକିନାର୍
। 12 ମାରି ଅଦାର୍ମୁ ନାଣ୍ତ ଆତାତ୍ଆକା ଏସାଲୋକା ମାପୁରୁଙ୍ଗିଁ
ଜିବନ୍ନେନାନିକା ସିତିଡ଼ିଆନାତ୍ । 13 ମାତର୍ ଏନ୍ ସାରାସାରି
ୱେନ୍କା ସାନ୍ଦି ସାସ୍ଆସ୍ସି ତେବାନାନ୍, ୱାନ୍ ରକିୟା ପଇନାନ୍
। 14 ମାପୁରୁଦି ରାଜିଦି ବିସୟ୍ତାନ୍ ନେଗିକାବୁର୍ ୱିଜୁ ଲୋକାଦି
ଲାକ୍ତୁ ସାକି ସିଦେଙ୍ଗ ଇୟା କାବୁର୍ ସାରାଦୁନିଆଦି ୱିଜୁ ତରିନ୍
ପ୍ରଚାର୍ ଆନାତ୍ । ତାନେୱେନ୍କା ଜୁଗ୍ସେସ୍ ଆନାତ୍ । 15
ମିର୍ ଏସ୍ତିୱାଲେ ବାବବାଦି ଦାନିୟେଲ୍ ମାଣାନ୍ ୱେର୍ଇଆତି
ନାସ୍କୁକିନି କାଡ଼୍ନି ତାନେଙ୍ଗ ମନ୍ଦିର୍ ପବିତ୍ର ବାଡିଦୁ ନିନିମାନିକା
ସୁଣିଦେର୍ । ଇୟାତାନି ଅର୍ତ ଇନିକା, ପଡ଼ାଜ ବୁଜାଦୁ । 16
ନାସ୍ତିୱାଲେ ଆମାଲୋକ୍ ୱିଜେରେ ଜିହୁଦା ଗାଡ଼୍ତୁ ମାନାର୍, ୱାର୍
ଗରନ୍ ମୁସ୍କୁ ଉରୁକ୍ସି ସଲିର୍ । 17 ଆମାକାର୍ ସାତ୍ ମୁସ୍କୁ
ମାନାର୍, ୱାର୍ ଇଲୁ ଲୋଇ ସାମାନ୍ପତର୍ ଅତେଙ୍ଗ ଇଜି ଆଡ଼୍ଗି
ୱାଜି ୱେଡ଼ା ନାସ୍କୁ କିମାକିନ୍ । 18 ଆମାକାର୍ କିଡ଼ିଇଦୁ ସୋଲ୍ସି
ମାନାର୍, ନିଜେଦି ସାଦର୍ ତାତେଙ୍ଗ ଇଜି ଡ଼େସି ସଲ୍ମାକିନ୍ ।
19 ନାସ୍ତିୱାଲେ ପଟାଦୁମାନି ଆଇମାଲୋକ୍ ମାରି ଇସ୍ରି କଡ଼ରିଙ୍ଗ
ଆସ୍ସି ପାଲ୍ ଉଟ୍ପିସ୍କିନି ଆଇସିକା ଅବସ୍ତା ଏସ ତାଗ୍ଇକା
ଆନାତ୍ । 20 ମାପୁରୁଙ୍ଗ ପାରାତାନା କିଜିମାନ୍ଡୁ, ପିନିକାଡ଼ାଦୁ
ସିଲିତିଙ୍ଗ ରମ୍ନିନାଣ୍ତିଆଙ୍ଗାଁ ମିଙ୍ଗିଁ ଏଣ୍ତେସ୍ ଉରୁକ୍ସି ସନ୍ଡ୍ରେଙ୍ଗ
ପଡ଼ାଏତ୍ । 21 ନାସ୍ତିୱାଲେ ଇୟାୱାଜା ନାଣ୍ତକାସ୍କୁ ଗଟ୍ନା ଜେ,
ଦୁନିଆଦି ତିଆର୍ଆତିମାଣାନ୍ ନେର୍ ସାନ୍ଦି ଗଟାଏତ୍, ମାରି
ଏସ୍କାଙ୍ଗବା ଗଟାଏତ୍ । 22 ମାତର୍ ଇୟା ଦୁଃକ୍ତି ବେଡ଼ାଦିଙ୍ଗ
ମାପୁରୁ ଉଣା କିତାମାନାନ୍, ଆକା ଆଇତିମାରିଙ୍ଗ, ମାରି ଏନ୍ ଜିଜ
ମାନ୍ଏତାନ୍ମାନ୍ଦି । ମାତର୍ ୱାନି ଆସ୍କିତିମାନି ଲୋକାଙ୍ଗ ରକିୟା
କିଦେଙ୍ଗ ଇଜି ମାପୁରୁ ଆୟା ସମୟ୍ତିଙ୍ଗ ଉଣା କିତାମାନାନ୍
। 23 ନାସ୍ତିୱାଲେ ଜଦି ଏନ୍ ମିଙ୍ଗିଁ ଇନ୍ନାନ୍, ଇବେନୁ କ୍ରିସ୍ତ
ମାନାନ୍ ସିଲିତିଙ୍ଗ ଆବେନ୍ ୱାନ୍ ମାନାନ୍; ଆକା ବିସ୍ବାସ୍
କିମାଟ୍ । 24 ଇରିଙ୍ଗ ଆପ୍ଣାଦିଙ୍ଗ କ୍ରିସ୍ତ ସିଲିତିଙ୍ଗ ବାବବାଦି
ଇନାୟ୍ଆଜିମାନି ବଣ୍ତବାବବାଦିର୍ ନାସ୍ତିୱାଲେ ତର୍ଆୟାଆନାର୍
। ୱାର୍ କାବାଆନିକା ମାରି ତିଲାନିପାଣି ତର୍ସି ମାପୁରୁଦି
ଆସ୍କିତିମାନି ଲୋକାଙ୍ଗ ବାୟାକିନାର୍ । 25 ୱେନ୍ଡୁ! ଆୟା
ସମୟ୍ ୱାନି ଆଗ୍ଡ଼ିନେ ନାନ୍ ମିଙ୍ଗିଁ ଇୟାୱିଜୁ ମାଟା ୱେର୍ତା
ସିଜିନା । 26 ମାରି, ସୁଡୁଦୁ, ୱାନ୍ ବାଲିରାଜିଦୁ ମାନାନ୍, ଲୋକୁ
ଜଦି ମିଙ୍ଗିଁ ଇୟା ମାଟା ଇନାର୍, ଆବେନୁ ସୋଲ୍ମାଟ୍ । ମାରି
ସୁଡୁଦୁ, ଇବେନୁ ୱାନ୍ ବାକ୍ରା ଲୋଇ ମାର୍ଗିତାମାନାନ୍, ଜଦି
ଇକା ଇନାର୍, ୱାରିଙ୍ଗ ବିସ୍ବାସ୍ କିମାଟ୍ । 27 ମିର୍ସିନିକା ଏଣ୍ତେସ୍
ୱେଡ଼ାସନି ତରିଟାନ୍ ନି ୱେଡ଼ାଆର୍ନିତର୍ନି ସାନ୍ଦି ବାଦଡ଼୍ତିଙ୍ଗ
ଜାୟ୍ କିନାତ୍, ଆୟାୱାଜା ମନୁସ୍ୟପୁତ୍ରଦି ୱାନିକା ଗଟାନାତ୍
। 28 "ଏମେମାନୁ ସାତିମାଡ଼ା ମାନାତ୍, ଆୟାବାନୁ ଡେଗେଙ୍ଗ
ଉନ୍ଡ୍ରେମାନୁ ଉଣ୍ତାନେ ।" 29 "ଆୟା ଦୁଃକ୍କାସ୍କୁଦି ବେଡ଼ା ୱିଜିନି
ବେଡ଼ାଦୁ ୱେଡ଼ା ସିକାଟି ଆନାତ୍ ମାରି ଲେଜୁ ମାରି ଜାୟ୍ ସିଏନ୍,
ମାରି ସୁକେଙ୍ଗୱିଜୁ ବାଦଡ଼ତାନ୍ ଆର୍ନେ ମାରି ବାଦଡ଼ତି ସାକ୍ତିୱିଜୁ
ଇନିଙ୍ଗାଁଆନିଆ ଆନେ । 30 ତାନେୱେନ୍କା ମନୁସ୍ୟପୁତ୍ରଦି
ସିନେଙ୍ଗ ବାଦଡ଼ତୁ ତର୍ନେ ମାରି ମନୁସ୍ୟପୁତ୍ର ମେଗେମାଲାଦାନ୍
ପେରି ସାକ୍ତିଦାନ୍ ମାରି ଗୌରବ୍ଦାନ୍ ୱାଜିମାନିକା ସୁଡୁଜି
ଦୁନିଆଦି ୱିଜୁ ବାସାଦି ଲୋକୁ ଆଡ଼ାବାନାର୍ । 31 ବାଜାମରି
ଆନାତ୍ ମାରି ପୃତିବିଦି ଉନ୍ତ୍ରି କନାଦାନ୍ ଆଇ କନା ସାନ୍ଦି
ସାରିବେଡ଼ିତିଦାନ୍ ୱାନି ଆସ୍କିତିମାନି ଲୋକାଙ୍ଗ ଉଣ୍ତା କିଜ ତାନି
ଉଣ୍ତିଙ୍ଗ ମନୁସ୍ୟପୁତ୍ର ୱାନି ଦୁତ୍କାଙ୍ଗ ପୋକ୍ନାନ୍ ।" 32 "ତଗା
ମାରାନ୍ତାନ୍ କାତା ଅଜାଦୁ, ଏସ୍ତିୱାଲେ ତାନି କମେଆଙ୍ଗାଁ ଆକୁ
ପାସ୍ରିକା ମାରି କଡ଼୍କିକା ଆଜି ପୁନି ଆକୁ କାୟାନାତ୍, ନାସ୍ତିୱାଲେ
ଜେଟାପ୍ ଲେଞ୍ଜୁ ଲାକ୍ତୁ ୱାତାନି ଇଜି ମିର୍ ନେସ୍ସିନିଦେର୍ । 33
ଆୟାୱାଜା ମିର୍ ବା ଇୟାୱିଜୁ ଗଟ୍ନେଙ୍ଗ ସୁଡୁତିଙ୍ଗ, ମନୁସ୍ୟପୁତ୍ର
ସେର୍ଲା ଲାକ୍ତୁ ଇତାନ୍ ଇକା ଇଜି ମିର୍ ନେସ୍ତୁ । 34 ନାନ୍
ମିଙ୍ଗିଁ ସତ୍ ଇଜିନା, ମାନ୍ତୁଇଡିଦୁ, ଇଲେଇ ଜିବନ୍ମାନି ଲୋକା

ମାଣାନ୍ ୱିଜେରେ ସାନି ଆଗ୍ଡ଼ି ଇୟାୱିଜୁ ବିସୟ୍ ଗଟାଏତ୍ । 35
ବାଦଡ଼ ନି ପୃତିବି ମାରାଗ୍ନାତ୍; ମାତର୍ ନା ବାକ୍ୟ ଏସ୍କାଙ୍ଗ୍
ମାର୍ଗେଏତ୍ ।" 36 "ମାତର୍ ଆୟା ଦିନ୍ ବା, ଆୟା ବେଡ଼ା
ଏସ୍କାଙ୍ଗ୍ ୱାନାତ୍, ଏନ୍ ୱେର୍ତେଙ୍ଗ୍ ଆଟ୍ଏନ୍ । ନିଜେ ମାପୁରୁଦି
ମାରିନ୍ ନି ଦୁତ୍କୁ ବା ଆୟାମାଟା ନେସେଉ, କେବଲ୍ ବୁବା
ମାପୁରୁ ନେସ୍ନାନ୍ । 37 ନୋହଦି ବେଡ଼ାଦୁ ଏଣ୍ତେସ୍ ଗଟାତା
ମାର୍ହାତ୍, ମନୁସ୍ୟପୁତ୍ରଦି ୱାନି ବେଡ଼ାଦୁ ଆୟାୱାଜା ଗଟାନାତ୍
। 38 ଗାଲିପିରୁଦି ଆଗ୍ଡ଼ିରି ବେଡ଼ାଦୁ ନୋହଦି ଜାହାଜ୍ତୁ
ଡୁଗୁନି ଦିନ୍ ସାନ୍ଦି ଲୋକୁ ଉଣିତିନିକା ମାରି ମେମାରି ନି ଆଇମା
ପେଡ଼ିଆନି ୱିଜୁପାଣିଦୁ ଦାନ୍ଦା ଆତାମାର୍ହାତ୍ । 39 ଗାଲିପିରୁଦୁ ୱାର୍
ଦେଲ୍ଜିସନି ସାନ୍ଦି ଇନିକା ଗଟାଜିନାତ୍ ନେସ୍ତେଙ୍ଗ୍ ଆଟ୍ଏଜି
ମାର୍ହାର୍ । ମନୁସ୍ୟପୁତ୍ର ୱାଜିନି ଦିନ୍ତୁ ବା ଟିକ୍ ଆୟାୱାଜା
ଆନାତ୍ । 40 ଆୟା ସମୟ୍ତୁ କିଡ଼ିଇଦୁ ପାଣି କିଜିମାନି ରିଏରି
ମେମାରିରି ମାଣ୍କୁ ଅରେନ୍ୱାନିଙ୍ଗ୍ ଅଆୟ୍ଆନାତ୍ ମାରି ଆଇ
ଅରେନ୍ ୱାନିଙ୍ଗ୍ ଡ଼ିସ୍ନାସିନାର୍ । 41 ରୁଣ୍ଡି ଆଇମେକ୍ ଜାତାଦୁ
ନୁର୍ଜିମାନେ, ଅରେତ୍ତାନିଙ୍ଗ୍ ଅଆୟ୍ଆନାତ୍ ମାରି ଆଇତାନିଙ୍ଗ୍
ଡ଼ିସ୍ନାସିନାର୍ ।" 42 ମାରି, ଜାଗାର୍ତା ମାନ୍ଡୁ, ଇରିଙ୍ଗ୍ ମି
ପ୍ରବୁ ଆମା ନାଣ୍ତିଙ୍ଗ୍ ୱାନାନ୍, ଆକା ମିର୍ ନେସ୍ଇଦେର୍ ।
43 ମାତର୍ ଇକା ନେସ୍ସୋ ମାନ୍ଡୁ, ଏସିୱାଲେ ଡଙ୍ଗ୍ଁାର୍ଏନ୍
ଡୁଗୁନାନ୍ ନେସ୍ତିମାରିଙ୍ଗ୍, ଇଲୁମାଲିକ୍ ଜାଗାର୍ତାଦାନ୍ ମାନ୍ଜ୍ଞି
ଡଙ୍ଗ୍ଁାର୍ଏନ୍ତିଙ୍ଗ୍ ଇନ୍ଦ୍ର ଡୁଗିସିତେଙ୍ଗ୍ ସିଏନ୍ । 44 ମିର୍ ବା
ୱିଜୁଦିନ୍ ଜାଗାର୍ତା ଆଜମାନ୍ଡୁ, ଇରିଙ୍ଗ୍ ଆମା ବେଡ଼ାଦୁ ମିର୍
ୱାନିଙ୍ଗ୍ କାପ୍କିଇ ମାନିଦେର୍ ଆୟା ବେଡ଼ାଦୁ ମନୁସ୍ୟପୁତ୍ର ୱାନାନ୍
। 45 "ଏନ୍ ଆର୍ତିଙ୍ଗ୍ ବିସ୍ୱାସ୍ ନି ବୁଦିଦି ସାକର୍? ଆମାୱାରି
ମୁସ୍କୁ ମାଲିକ୍ ଆଇ ସାକର୍କାଙ୍ଗ୍ ଟିକ୍ ବେଡ଼ାଦୁ କାଦି ସିନି ବଜୁ
ସିନାମାନାନ୍ । 46 ମାଲିକ୍ ଆଇଦେସ୍ତାନ୍ ଡ଼େସିୱାନିୱାଲେ
ଆୟା ସାକର୍ ଜଦି ବିସ୍ୱାସ୍ତାନ୍ ୱାନି ପାଣି ଟିକ୍ କିଜିମାନାନ୍,
ସୁଡ଼୍ଜି ୱାନ୍ ଏସ ୱେଡ଼ିକା ଆନାନ୍, ୱାନ୍ ଦନ୍ୟ! 47 ନାନ୍ ମିଙ୍ଗ୍ଁ
ସତ୍ ଇଜିନା, ମାଲିକ୍ ନିଜେଦି ୱିଜୁ ସମ୍ପତିଦି ଦାଇତ୍, ସିନି ଉଣ୍ତିଙ୍ଗ୍
ଆୟାୱାଜା ସାକର୍ତିଙ୍ଗ୍ ଆସ୍ କିନାନ୍ । 48 ମାତର୍ ଆୟା ଡାଗ୍ଇ
ସାକର୍ ଜଦି ଅବିସ୍ୱାସ୍ କିଜି ମାଲିକ୍ ୱାନିକା ୱେଡ଼ା ଆନାତ୍
ଇଜି ଅଡ଼୍ବିନାନ୍ ମାରି 49 ତଡ଼୍ ସାକର୍କାଙ୍ଗ୍ ଡାକ୍ତେଙ୍ଗ୍ଆସ୍ସି,
ମାରି ମଦୁଆରି ୱାଲେ ଉନ୍ଡ୍ରେଙ୍ଗ୍ ତିନ୍ଡ୍ରେଙ୍ଗ୍ ବାସ୍ନାନ୍ । 50
ସାକର୍ କାପ୍କିଇୱାଲେ ବେଡ଼ାଦୁ ଦାପ୍ରେ ଅରେଲନ୍ ଏସ୍ତିୱାଲେ
ମାଲିକ୍ ଡ଼େସି ୱାନାନ୍, ଆୟା ନାଣ୍ଡିଙ୍ଗ୍ ମାରି ୱେଡ଼ା ସାକର୍
ନେସ୍ଏନ୍ । 51 ମାଲିକ୍ ୱାନିଙ୍ଗ୍ କୟ୍ଜି ମକା ମକା କିଜି
କପଟିରିୱାଲେ ୱାନି ବାଗ୍ ଟିକ୍ କିନାନ୍, ଆବେନ୍ ଆଡ଼୍ବାନିକା
ନି ପାଲୁକୁ କାଡ୍ରେକିନାନ୍ ।

**25** "ଆୟା ବେଡ଼ାଦୁ ମୁସ୍କୁପୁର୍ତିରାଜି ୱାନିକା ଇୟାୱାଜା
ଆନାତ୍ । ଦାସ୍ଲୋକ୍ ରିପାଆଇଲିକ୍ ୱିଜେକେ ଉନ୍ଡ୍ରି
ଉନ୍ଡ୍ରି ଦିୱେଙ୍ଗ୍ ନିୟୁ ଅସି କାନ୍ୟାମୁରୁଲିଙ୍ଗ୍ ମିସାଦେଙ୍ଗ୍ ସତେ
ସର୍ଏମାର୍ଏ । 2 ୱାନିକା ମାଣାନ୍ ପାସ୍ଲୋକ୍ ବୁଦିସିଲିକେଙ୍ଗ୍
ମାରି ପାସ୍ଲୋକ୍ ବୁଦିମାନିକେଙ୍ଗ୍ । 3 ବୁଦିସିଲିକେଙ୍ଗ୍ ଦିୱେଙ୍ଗ୍
ଅତେ ମାତର୍ ଅର୍ସେ ନାଣ୍ତ ନିୟୁ ଅଉମାରେଏ 4 ମାତର୍
ବୁଦିମାନିକେଙ୍ଗ୍ ନିଜେନିଜେଦି ଦିୱାଦି ୱାଲେ କାୟାଦୁ ନିୟୁ
ବା ଅତେ । 5 କାନ୍ୟାମୁରୁଲି ୱାନିକା ୱେଡ଼ା ଆତାତ୍ଆକା
ରିପାଆଇଲିକ୍ କର୍ଅଜି କର୍ଅଜି ସୁସ୍ତେ । 6 "ମାଜାର୍ନାଡ଼ା
ଆଉଲି ୱେନ୍ୟାଆତାତ୍, ଇଦି ସୁଡ଼୍ଦୁ କାନ୍ୟାମୁରୁଲି ୱାତାତ୍ନି,
ରାଦୁ ୱାନିଙ୍ଗ୍ ଅର୍ସେ ଟାନାଟ୍ । 7 ନାସ୍ତିୱାଲେ ରିପାଆଇଲିକ୍
ନିଡ଼୍ଙ୍ଗ୍ଁତେନୋ ନିଜେ ନିଜେଦି ଦିୱେଙ୍ଗ୍ ରସ୍ତେ । 8 ନାସ୍ତିୱାଲେ
ବୁଦିସିଲିକେଙ୍ଗ୍ ବୁଦିମାନିୱାନିକା ଇର୍ଏ, ମାଙ୍ଗ୍ଁ କାଣ୍ତେକ୍ ନିୟୁ
ସିଦାଟ୍ । ମା ଦିୱେଙ୍ଗ୍ୱିଜୁ ନାମ୍ଜିସୋଲ୍ସିନେ । 9 ବୁଦିମାନିକେଙ୍ଗ୍
ଇର୍ଏ, 'ସିଲେ, ସିଲେ, ସିଲେ,' ମି ଉଣ୍ତିଙ୍ଗ୍ ନି ମା ଉଣ୍ତିଙ୍ଗ୍ ନିୟୁ
ଇଏତ୍ । ମିର୍ ଦୁକାନ୍ତୁ ସୋଲ୍ସ ନିଜେନିଜେଦି ଉଣ୍ତିଙ୍ଗ୍ ଏସ
ନିୟୁ କଡ଼ଜ ଟାଗାଟ୍ । 10 ଆଦେଙ୍ଗ୍ ବୁଦିସିଲିକେଙ୍ଗ୍ ନିୟୁ କଣ୍ତେଙ୍ଗ୍
ସୋତେ । ୱାକ୍ ସୋର୍ଇ ୱେନ୍କା କାନ୍ୟାମୁରୁଲି ୱାତା ଇଡାନ୍
। ଡିଆର୍ମାର୍ଇ ପାସ୍ଲୋକ୍ ଆଇଲିକ୍ ୱାନି ୱାଲେ ପେଡ଼ି
ବଜିଦୁ ସୋର୍ଇ ୱେନ୍କା ସେର୍ଲାଦିଙ୍ଗ୍ କେର୍ତାଡ଼ିସ୍ତାର୍ । 11
"ତାନେୱେନ୍କା ଆଇ ରିପାଆଇଲିକ୍ ବା ଆବେନୁ ୱାତେନୋ
। ଏ ପ୍ରବୁ, ଏ ପ୍ରବୁ, ସେର୍ଲା ରେଆ; ମାପ୍ ଲୋଇ ୱାନାପ୍
ଇଜି ୱାକ୍ ଆଉଲି ଆତେ । 12 କାନ୍ୟାମୁରୁଲି ଇର୍ହାନ୍, ସିଲେ
ମୁଡୁକେ ସିଲେ, ମିର୍ ଏର୍, ନାନ୍ ନେସେଏ ।" 13 ଇୟା
ମାଟାଦିଙ୍ଗ୍ ୱିସ୍ତାନ୍ନୋ ଜିସୁ ଇର୍ହାନ୍, ଜାଗାର୍ତା ଆଜି ମାନ୍ଡୁ ।
ମିର୍ ଆୟା ଦିନ୍ ନି ଆୟା ୱେଡ଼ା ନେସ୍ତେଙ୍ଗ୍ ଆଟ୍ଇଦେର୍ ।
14 ଆୟା ସମୟ୍ତୁ ମୁସ୍କୁପୁର୍ ଇୟାୱାଜା । ଅରେନ୍ ଲୋକୁ
ନିଜେଦି ସାକର୍କାଙ୍ଗ୍ କୁକ୍ସି ନିଜେଦି ସମ୍ପତ୍ତି ୱାନି କିୟୁଦୁ
ଡ଼ିସ୍ତା ସିତାନ୍ନୋ ଆଇଦେସ୍ତୁ ସନ୍ଡ୍ରେଙ୍ଗ୍ ସୋତାନ୍ । 15
ୱାରି ସାକ୍ତିଦାନ୍ ୱାରିଙ୍ଗ୍ ଏସ ଏସ ୱେଣ୍ତିଟାକେଙ୍ଗ୍ ଉଣ୍ତାକିଦେଙ୍ଗ୍
ଅରେନ୍ୱାନିଙ୍ଗ୍ ସିତାନ୍ ୫,୦୦୦ ଆଜାର୍ ୱେଣ୍ତିଦି ଅଡ଼୍ଲିଙ୍ଗ୍,
ମାରି ଅରେନ୍ୱାନିଙ୍ଗ୍ ୨,୦୦୦ ଆଜାର୍ ନି ମାରି ଅରେନ୍ୱାନିଙ୍ଗ୍
୧,୦୦୦ ଆଜାର୍ ମାତର୍ । ମାରି ୱାନ୍ ଆଇଦେସ୍ତୁ ସର୍ହାନ୍ ।
16 ୫,୦୦୦ ଆଜାର୍ ଅଡ଼୍ଲି ପଇତିମାନି ସାକର୍ ଆୟା ଡାବୁଙ୍ଗ୍ଁ
ବେପାର୍ କିଜି ମାରି ୫,୦୦୦ ଆଜାର୍ ଲାବ୍ କିତାନ୍ । 17
ଆୟାୱାଜା ୨,୦୦୦ ଆଜାର୍ ଅଡ଼୍ଲି ପଇତିମାନି ସାକର୍ ମାରି
୨,୦୦୦ ଆଜାର୍ ଲାବ୍ କିତାନ୍ । 18 ମାତର୍ ଏନ୍ ୧,୦୦୦
ହାଜାର୍ ଅଡ଼୍ଲି ପଇତାମାର୍ହାନ୍, ୱାନ୍ ଉନ୍ଡ୍ରି ଗୁଟା କାରିତାନ୍ନୋ
ମାଲିକ୍ତି ଆୟା ଡାବୁଙ୍ଗ୍ଁ ଆଡ଼ାକ୍ସି ଇଟ୍ତାନ୍ । 19 ନାଣ୍ତ ଦିନ୍
ୱେନ୍କା ମାଲିକ୍ ୱାତାନ୍ନୋ ମାରି ସାକର୍କା ୱାଲେ ଇସାବ୍
କିତାବ୍ କିତାନ୍ । 20 ୫,୦୦୦ ଆଜାର୍ ଅଡ଼୍ଲି ଅତିମାନି ସାକର୍
ମାଲିକ୍ତିଙ୍ଗ୍ ମାରି ୫,୦୦୦ ଆଜାର୍ ସିଜି ଇର୍ହାନ୍, ଆଜ୍ଞା, ନିନ୍
ନାଙ୍ଗ୍ଁ ୫,୦୦୦ ଆଜାର୍ ଅଡ଼୍ଲି ସିତିମାର୍ଇ, ଇକା ସୁଡୁଆ, ନାନ୍
ମାରି ୫,୦୦୦ ଆଜାର୍ ଲାବ୍ ପୟ୍ତାମାନା । 21 ମାଲିକ୍ ୱେଡ଼ିକା

ଆତାନ୍‌ନୋ ଇର୍ହାନ୍, ନେଗିକା କିତିମାନି, ନିନ୍ ନା ନେଗିକିନ୍ଦ୍ବା
ମାରି ବିସ୍‌ବାସ୍‌ତି ସାକର୍ । ନିନୁ ବିସ୍‌ବାସ୍‌ତାନ୍ ଉଣା ଦନ୍‌ତି
ଇନିଙ୍ଗ୍‌ଁଆନିଆ କିଦେଙ୍ଗ୍‌ଆଟ୍‌ତିମାନିଙ୍ଗ୍ ନି କିୟୁଦୁ ଗାଦି ଦନ୍
ଡ଼ିସ୍‌ନାସିନା । ରାଆ, ନା ୱାଲେ ୱେଡ଼ିକାକିଆ । 22 ୨,୦୦୦
ଆଜାର୍ ଅଦ୍‌ଲି ଅତିମାନି ସାକର୍ ୱାତା ଇର୍ହାନ୍, ଆଜ୍ଞା, ନିନ୍
ନାଙ୍ଗ୍‌ଁ ୨,୦୦୦ ଆଜାର୍ ସିତିମାର୍‌ଇ, ନାନ୍ ମାରି ୨,୦୦୦ ଆଜାର୍
ଲାବ୍ କିତାମାନା । 23 ମାଲିକ୍ ଇର୍ହାନ୍, ନେକ୍‌କା କିତିମାନି
। ନିନ୍ ବା ନା ନେଗି ନି ବିସ୍‌ବାସ୍ ସାକର୍ । ଉଣା ଦନ୍‌ତାନ୍
ବିସ୍‌ବାସ୍ ତର୍‌ତିମାନି, ଗାଦି ଦନ୍ ନାନ୍ ନିଙ୍ଗ୍‌ଁ ନାଣ୍ତ କିନାସିନା ।
ରାଆ, ନା ୱେଡ଼ିକାଦୁ ମିସାଆ । 24 "ସାରାସାରିୱେନ୍‌କା ଏକ୍
ଆଜାର୍ ୱେଣ୍ତିଅଦ୍‌ଲି ଅତିମାରିଇ ସାକର୍ ଇର୍ହାନ୍, ଆଜ୍ଞା, ନିନ୍
ଅରେନ୍ ଆଟ୍‌ୱା ଲୋକୁ, ଇକା ନାନ୍ ନେସ୍‌ତାମାର୍ହା । ୱିତ୍‌ଇମାନି
କିଡ଼ିଇଦୁ ନିନ୍ ପାସି କୟ୍‌ନି । ୱିତୁ ୱିତ୍‌ଏଣ୍‌ଗା ପାସି ଉଣ୍ତାକିନି
।" 25 ଆୟ୍ୱାଉଣ୍ତିଙ୍ଗ୍ ନାନ୍ ତିଲାତାନୋ ନି ଡାବୁଙ୍ଗ୍‌ଁ ଅତାନୋ
ବୁମିଦୁ ମୁସ୍‌ତାମାର୍‌ଆ । ସୁଡୁଆ, ନିୱି ଆୟ୍ୱା ଡାବୁଙ୍ଗ୍‌ଁ । 26
ମାଲିକ୍ ଇର୍ହାନ୍, ଏ ଦୁସ୍ଟ ମାରି ଗାଡ଼ିଆ ସାକର୍! ନିନ୍ ଗିଦେ
ନେସ୍‌ତିମାରିଇ, ନାନ୍ ଏମେମାନୁ ୱିତ୍‌ଏମାନା, ଆବେନୁ ପାସି
କୟ୍‌ନା? 27 ଆର୍‌ତିଙ୍ଗ୍ ନା ଡାବୁଙ୍ଗ୍‌ଁ ଅସି ନିନୁ ପୁଜିକିନି ଉଣ୍ତିଙ୍ଗ୍
ବେଙ୍କୁତୁ ଉଣ୍ତାକିତିସିତିମାନ୍ଦ୍ରି । ଆର୍‌ତିଙ୍ଗ୍ ତାନିଙ୍ଗ୍ ନାନ୍ ପିଲାଦି
ୱାଲେ ଡ଼େସି ପୟ୍‌ତାମାନ୍ଦ୍ରି । 28 ଇକା ୱେର୍‌ସି ମାଲିକ୍ ଆଦେସ୍
ସିତାନ୍, ଇୟ୍ୱା ସାକର୍ କିୟୁଦାନ୍ ଇୟ୍ୱା ଡାବୁଙ୍ଗ୍‌ଁ କୁତ୍‌ସଅସ
ଆମାୱାନି କିୟୁଦୁ ୧୦,୦୦୦ ଆଜାର୍ ମାନେ, ୱାନିଙ୍ଗ୍ ସିଦୁ ।
29 ଇରିଙ୍ଗ୍ ଆମାୱାନିଙ୍ଗ୍ ମାନେ, ୱାନିଙ୍ଗ୍ ନାଣ୍ତ ସିଆୟ୍‌ଆନାତ୍
ମାରି ୱାନ୍ ନାଣ୍ତ ଲାବ୍ କିନାନ୍ । ମାତର୍ ଆମାୱାନିଙ୍ଗ୍ ସିଲୁ,
ୱାନି ଲାକ୍‌ତୁ ଆମାକା ମାନାତ୍, ଆକାବା କୁତ୍‌ନା ଅଆୟ୍ୱାଆନାତ୍
। 30 ଇୟ୍ୱା ଜଗ୍‌ସିଲି ସାକର୍‌ତିଙ୍ଗ୍ ଆଡ୍‌ରେ ସିକାଟିଦୁ ପକ୍‌ତୁ,
ଆବେନୁ ୱାନ୍ ଆଡ଼୍‌ବାଜି ପାଲୁକୁ କାଡ୍ରେକିନାନ୍ । 31 "ଏସ୍ତିୱାଲେ
ମନୁସ୍ୟପୁତ୍ର ରାଜାଦି ୱାଜା ୱାନି ମୁସ୍‌କୁପୁର୍‌ତି ଦୁତ୍‌କାୱାଲେ
ୱାନାନ୍, ୱାନ୍ ଗୌରବ୍‌ଜାୟ୍ ରାଜାଗାଦିଦୁ ବାସ୍‌ନାନ୍, 32 ମାରି
ଦୁନିଆଦି ୱିଜୁ ବାସାଦି ଲୋକୁ ୱାନି ଆଗ୍‌ଡ଼ି ଉନ୍‌ଡ୍ରେମାନୁ ଆନାର୍
। ନାସ୍ତିୱାଲେ ମେଣ୍ତ୍ରେଙ୍ଗ୍‌ଗଉଡୁ ଏଣ୍ତ୍ରେସ୍ ଗର୍‌ଏଙ୍ଗ୍‌ଁ ନି ମେଣ୍ତ୍ରେଆଙ୍ଗ୍
ୱେରେଏ କିନାନ୍, ମନୁସ୍ୟପୁତ୍ର ଆୟ୍ୱାୱାଜା ଲୋକାଙ୍ଗ୍ ଦୁଇ
ବାଗ୍ କିନାନ୍ । 33 ଦାର୍ମୁଦି ଲୋକାଙ୍ଗ୍ ୱାନ୍ ଉଣି ତରିନ୍ ନି
ଆଇ ଲୋକାଙ୍ଗ୍ ଡେବିରି ତରିନ୍ ଇଡ୍‌ନାନ୍ । 34 ନାସ୍ତିୱାଲେ
ରାଜା ୱାନି ଉଣି ତରିନ୍‌ମାନି ଲୋକାଙ୍ଗ୍ ଇନ୍‌ନାନ୍, ରାଦୁ,
ମିଙ୍ଗ୍‌ଁ ନା ବୁବା ଆର୍ସିବାଦ୍ କିତାମାନାନ୍ । ମି ଉଣ୍ତିଙ୍ଗ୍ ଦୁନିଆଦି
ତିଆର୍‌ଆତି ଆଗ୍‌ଡ଼ିରାନ୍ ଆମା ରାଜି ତିଆର୍ ଆତାମାନାତ୍,
ରାଦୁ, ଆବେନୁ ଡୁଗୁଦୁ । 35 ନାନ୍ ବାଙ୍ଗ୍‌ଁଦୁମାର୍‌ଆ, ମିର୍ ନାଙ୍ଗ୍‌ଁ
ଉନ୍‌ଣ୍ତେ ସିତିଦେର୍; ନାନ୍ ଏର୍‌କିସାଜିମାର୍‌ଆ, ମିର୍ ନାଙ୍ଗ୍‌ଁ ଏରୁ
ଉନ୍‌ଣ୍ତେ ସିତିଦେର୍ । ନାନ୍ ଅରେନ୍‌ନେମାର୍‌ଆ, ମିର୍ ନାଙ୍ଗ୍‌ଁ ମି
ଇନ୍‌ଡ୍ର ବାଡି ସିତିଦେର୍ ।" 36 ନାନ୍ ଡୁମ୍‌ଡାମାର୍‌ଆ, ନାଙ୍ଗ୍‌ଁ
ଆଙ୍ଗ୍‌ଁ ଆରିସ୍‌କିତିଦେର୍; ନାନ୍ ନବ୍‌ଆତାମାର୍‌ଆ, ନାଙ୍ଗ୍‌ଁ ଜାତୁନ୍
କିତିଦେର୍, ନାନ୍ ଜଇଲ୍‌ତୁମାର୍‌ଆ, ନାଙ୍ଗ୍‌ଁ ସୁଡୁଦେଙ୍ଗ୍‌ୱାତିଦେର୍
। 37 ଦାର୍ମୁଦିଲୋକୁ ୱାନିଙ୍ଗ୍ ଇନାର୍, ପ୍ରବୁ! ଏସ୍‌କାଙ୍ଗ୍ ନିଙ୍ଗ୍‌ଁ
ବାଙ୍ଗ୍‌ଁଆତିକା ସୁଡୁଜି କାଦି ଉନ୍‌ଣ୍ତେଙ୍ଗ୍ ସିତାମାନାପ୍? ଏସ୍‌କାଙ୍ଗ୍
ନିଙ୍ଗ୍‌ଁ ଏର୍‌କିସାନିକା ସୁଡୁଜି ଏରୁ ଉନ୍‌ଣ୍ତେଙ୍ଗ୍ ସିତାମାନାପ୍?
38 ମାରି, ଏସାଙ୍ଗ୍ ଅରେନ୍‌ନେ ସୁଡୁଜି ଇଲ୍‌ତୁ ତେବାଦେଙ୍ଗ୍
ବାଡି ସିତାମାନାପ୍? ମାରି ଡୁମ୍‌ଡାଆତିକା ସୁଡୁଜି ଆଙ୍ଗ୍‌ଁ ଆରିସ୍
କିତାମାନାପ୍? 39 ଏସ୍‌କାଙ୍ଗ୍ ନିଙ୍ଗ୍‌ଁ ନବ୍‌ଆତିକା ନି ଜଇଲ୍‌ତୁମାନିକା
ସୁଡୁଜି ନି ଲାକ୍‌ତୁ ୱାତାପ୍? 40 ରାଜା ଇନାନ୍, ନାନ୍ ମିଙ୍ଗ୍‌ଁ
ସତ୍ ଇଜିନା, ଇୟ୍ୱା ନା ତଡ଼ାନ୍‌କା ଲୋଇରାନ୍ ୱିଜେରିଙ୍ଗ୍
ଇସ୍ରିୱାରି ଉଣ୍ତିଙ୍ଗ୍ ମିର୍ ଆମାକା ୱିଜୁ କିତିଦେର୍, ଆକା ନା ଉଣ୍ତିଙ୍ଗ୍
କିତିଦେର୍ । 41 ତାନେୱେନ୍‌କା ରାଜା ଡେବିରି ତରିନ୍‌ମାନି
ଲୋକାଙ୍ଗ୍ ଇନ୍‌ନାନ୍, ଏ ମାପୁରୁଦି ଆନାଦୁରିଆ ପୟ୍‌ତି ଲୋକୁ!
ନା ଆଗ୍‌ଡ଼ିରାନ୍ ଆକ ସାନ୍‌ଡୁ । ସୟ୍‌ତାନ୍ ନି ତାନି ଦୁତ୍‌କା ଉଣ୍ତିଙ୍ଗ୍
ଆମା ଏସ୍‌କାଙ୍ଗ୍‌ୱିଜ୍‌ଇ କାସ୍‌ସିମାନି ସିସୁ ତିଆର୍ ଆତାମାନାତ୍
ଆବେନୁ ସାନ୍‌ଡୁ । (aiōnios g166) 42 ନାନ୍ ବାଙ୍ଗ୍‌ଁଆତାମାର୍‌ଆ,
ମିର୍ ନାଙ୍ଗ୍‌ଁ ଉନ୍‌ଣ୍ତେଙ୍ଗ୍ ସିଇତିଦେର୍; ନାନ୍ ଏର୍‌କିସାତାମାର୍‌ଆ,
ନାଙ୍ଗ୍‌ଁ ଏରୁ ଉନ୍‌ଣ୍ତେଙ୍ଗ୍ ସିଇତିଦେର୍ । 43 ନାନ୍ ଅରେନ୍‌ନେମାର୍‌ଆ,
ନାଙ୍ଗ୍‌ଁ ମି ଇନ୍‌ଡ୍ର ବାଡି ସିଇତିଦେର; ନାନ୍ ଡୁମ୍‌ଡାମାର୍‌ଆ, ନାଙ୍ଗ୍‌ଁ
ଆଙ୍ଗ୍‌ଁ ଆରିସ୍ କିଇତିଦେର୍; ନବ୍ ନି ଜଇଲ୍‌ତୁ ମାରିଇୱାଲେ ନାଙ୍ଗ୍‌ଁ
ଜାତୁନ୍ କିଇତିଦେର୍ । 44 ନାସ୍ତିୱାଲେ ୱାର୍ ଉତର୍ ସିନାର୍, "ପ୍ରବୁ,
ଏସ୍‌କାଙ୍ଗ୍ ମାପ୍ ନିଙ୍ଗ୍‌ଁ ବାଙ୍ଗ୍‌ଁ, ଏର୍‌କି, ଅରେନ୍‌ନେ, ଡୁମ୍‌ଡା, ନବ୍
ନି ଜଇଲ୍‌ତୁ ମାନିକା ସୁଡୁଜି ନିଙ୍ଗ୍‌ଁ ସେବା କିଏତାପ୍?" 45 ରାଜା
ଉତର୍ ସିନାନ୍, ନାନ୍ ମିଙ୍ଗ୍‌ଁ ସତ୍ ଇଜିନା, ଇୟ୍ୱା ଇସ୍ରି ଲୋକାରି
ଲୋଇରାନ୍ ଅରେନ୍‌ୱାନିଙ୍ଗ୍ ସାକା କିଦେଙ୍ଗ୍ ମନାକିତିଦେର୍, ମିର୍
ନାଙ୍ଗ୍‌ଁ ସାକା କିଦେଙ୍ଗ୍ ମନାକିତିଦେର୍ । 46 ଇୟ୍ୱାକାର୍ ୱିଜୁଦିନ୍‌ତି
ଉଣ୍ତିଙ୍ଗ୍ କାସ୍ଟବଗାନାର୍, ମାତର୍ ଦାର୍ମୁଦିକାର୍ ଏସ୍‌କାଙ୍ଗ୍‌ୱିଜିଇ
ଜିବନ୍ ପୟ୍‌ନାର୍ । (aiōnios g166)

**26** ଇୟ୍ୱାୱିଜୁ ସିକିୟ୍ୱା ସିତି ୱିସ୍‌ତି ୱେନ୍‌କା ଜିସୁ ସିସୁରିଙ୍ଗ୍
ଇର୍ହାନ୍, 2 "ମିର୍ ନେସ୍‌ନିଦେର୍, ନିସ୍ତାର୍ ପଣ୍ତୟ୍ ଆଦେଙ୍ଗ୍
ମାରି ରିନେନ୍ ମାନାତ୍ । ନାସ୍ତିୱାଲେ ମନୁସ୍ୟପୁତ୍ର କ୍ରୁସଦୁ ସାନି
ଉଣ୍ତିଙ୍ଗ୍ ସପ୍ରେଆନାନ୍ ।" 3 ଆୟ୍ୱା ସମୟ୍‌ତୁ ପେରି ଜାଜକର୍
ମାରି ଆଇ ଜିହୁଦି ନେତାର୍ ୱିଜେରିଙ୍ଗ୍‌ପେରି ଜାଜକ କୟ୍ୱାପାଦି
ଇଲୁ ଦୁଆର୍‌ତୁ ଉନ୍‌ଡ୍ରେମାନୁ ଉଣ୍ତାତାର୍ । 4 ଜିସୁଙ୍ଗ୍‌ଁ ସାଲାକିଦାନ୍
ଆସ୍‌ସି ଡାକ୍‌ତେଙ୍ଗ୍‌ଁ ଇଜି ଉପାୟ୍ କିତାର୍ । 5 ମାତର୍ ୱାର୍ ଇର୍ହାର୍,
"ଇୟ୍ୱା ପାଣି ମାପ୍ ପଣ୍ତୟ୍ ବେଡ଼ାଦୁ କିନିକା ନେଗେତ୍‌ସିଲେ ।
ନାସ୍ତିୱାଲେ ଲୋକୁ ଜାଟିଜଗଡ଼ାକିନାର୍ ।" 6 ଅର୍‌ଲେନ୍ ଜିସୁ
ବେତନିୟ୍ୱାଦୁ ଆଗ୍‌ଡ଼ିରାନ୍ କୁସ୍ଟରୋଗ୍ ବଗାତିମାର୍‌ଇ ସିମୋନ୍‌କା
ଇଲୁଦୁ ମାର୍ହାନ୍ । 7 ସିମୋନକା ଇଲୁଦୁ ଜିସୁ ଉନ୍‌ଣ୍ତେଙ୍ଗ୍ ବାସ୍‌ତି
ମାରିଇୱାଲେ ଅରେତ୍ ଆଇମା ଉନ୍‌ଡ୍ରି ସାଟିଦୁ ନାଣ୍ତଦାରାଦି
ବାସ୍‌ନା ନିୟୁ ବର୍ତି କିଜି ତାସି ୱାନି ତାଲା ମୁସ୍‌କୁ ୱାକ୍‌ତାତ୍ ।

8 ସିସୁର୍ ଇକା ସୁଡୁଜି ରିସା ଆତାର୍ । ୱାର୍ ତାନିଙ୍ଗ ଇର୍ହାର୍,
"ନିସ ନାସ୍ଟକିତି ଏନ୍ଦ୍?" 9 "ଇୟା ବାସ୍ନା ନିୟୁ ନାଣ୍ଡ ଡାବୁଙ୍ଗ
ପର୍ଦେଙ୍ଗ ଆତାତ୍ମାନ୍ଦି ମାରି ଆୟା ଡାବୁଙ୍ଗ କାକୁର୍ଟି ଲୋକାଙ୍ଗ
ସିଡେଙ୍ଗ ଆତାତ୍ ମାନ୍ଦି ।" 10 ୱାର୍ ଇନିକା ୱେର୍ସିନାର୍, ଜିସୁ
ନେସ୍ତେଙ୍ଗ ଆଟ୍ତାନେ୍ନା ଇର୍ହାନ୍, "ଆୟା ଆଇମାଦିଙ୍ଗ ଏନ୍ଦା
ବାଦାକିଜିନିଦେର୍? ନା ଉଣ୍ତିଙ୍ଗ ୱାଦ୍ ଉନ୍ଦ୍ରି ନେଗି ନି ସୁନ୍ଦର୍
ପାଣି କିତାମାନାତ୍ । 11 କାକୁର୍ଟି ଲୋକାଙ୍ଗ ମିୱାଲେ ୱିଜୁଦିନ୍
ପଇନିଦେର୍, ମାତର୍ ନାଙ୍ଗେ ୱିଜୁଦିନ୍ ପୟ୍ଇଦେର୍ । 12 ୱାଦ୍ ନା
ମେନ୍ଦ୍ଲ୍ତୁ ଇୟା ବାସ୍ନା ନିୟୁ ୱାକ୍ସି ସିଜି ନା ମୁସ୍ନି ଉଣ୍ତିଙ୍ଗ
ତିଆର୍ କିତି ୱାଜା କିତାମାନାତ୍ ।" 13 ନାନ୍ ମିଙ୍ଗେ ସତ୍ ୱେର୍ସିନା,
ସାରା ଦୁନିଆଦି ଆମା ବାଡିଦୁ ଇୟା ନେଗିକାବୁର୍ ୱେର୍ନାର୍,
ଇୟା ଆଇମା ଆମାକା କିତାମାନାତ୍, ତାନିଙ୍ଗ ଏଡ୍କିଜି ଆକାବା
ପ୍ରଚାର୍ କିନାର୍ । 14 ନାସ୍ତିୱାଲେ ବାରଲୋକ୍ ସିସୁରି ଲୋଇରାନ୍
ଇସ୍କାରିୟୋତିୟ ଯିହୁଦା ଦର୍ତି ଅରେନ୍ ସିସୁ ପେରି ଜାଜକରି
ଲାକ୍ତୁ ସୋର୍ହାନ୍ନୋ ୱେନ୍ବାତାନ୍, 15 "ଜିସୁଙ୍ଗ ଆସିସ୍କିତି
ସିଡିଙ୍ଗ ନାଙ୍ଗେ ଇନିକା ସିନିଦେର୍?" ୱାର୍ ୱାନିଙ୍ଗ ତିରିସ୍ଗୋଟା
ୱେଣ୍ଡିଅଦ୍ଲିଙ୍ଗ ଲେକିସ୍ତାସିତାର୍ । 16 ଆୟାନାଣ୍ଡିରାନ୍ ଜିସୁଙ୍ଗ
ୱାରି କିୟୁଦୁ ଆସିସ୍କିନି ଉଣ୍ତିଙ୍ଗ ଜିହୁଦା ସାରି ପୟ୍ତାନ୍ । 17
"କମିର୍ସିଲି ରୁଟି" ପଣ୍ଡୟ୍ତି ଆଗ୍ଡ଼ିରି ନାଣ୍ଡିଙ୍ଗ ସିସୁର୍ ଜିସୁଦି
ଲାକ୍ତୁ ୱାତାରୋ ୱେନ୍ବାତାର୍, "ମାପ୍ ଏମେମାନୁ ନି ଉଣ୍ତିଙ୍ଗ
ନିସ୍ତାର୍ ପଣ୍ଡୟ୍ତି ବଜି ତିଆର୍କିନାପ୍?" 18 ଜିସୁ ୱେର୍ତାନ୍,
"ଗାଡ୍ତୁ ସୋଲ୍ସ ଆୟା ପେରି ଲୋକ୍ତିଙ୍ଗ ଇନିଦେର୍, 'ଗୁରୁ
ଇଜିନାନ୍,' ନା ଦିନ୍ ଲାକ୍ତୁ ଆଜି ୱାଜିନାତ୍ । ୱାନି ସିସୁରି ୱାଲେ
ମି ଇନ୍ତ୍ର ୱାନ୍ ନିସ୍ତାର୍ ପଣ୍ଡୟ୍ କିନାନ୍ ।" 19 ଜିସୁ ୱେର୍ତି
ଇସାବ୍ତାନ୍ ସିସୁର୍ ନିସ୍ତାର୍ ପଣ୍ଡୟ୍ତି ବଜି ତିଆର୍ କିତାର୍ ।
20 ୱେନ୍କା ମିଲ୍ମିଲିକା ଆତାତ୍ଆକା ଜିସୁ ନି ବାରଲୋକ୍
ସିସୁର୍ ଉନ୍ଣ୍ଡେଙ୍ଗ ବାସ୍ତାର୍ । 21 ଉଣୁଜିମାରିଇୱାଲେ ଜିସୁ
ଇର୍ହାନ୍, "ନାନ୍ ମିଙ୍ଗେ ସତ୍ ଇଜିନା, ମି ଲୋଇରାନ୍ ଅରେନ୍ ନାଙ୍ଗେ
ସାତୁରି କିୟୁଦୁ ସର୍ପେ କିନାନ୍ ।" 22 ସିସୁର୍ ନାଣ୍ଡ ଦୁଃକ୍ ଆଜି
ଅରେନ୍ ୱେନ୍କା ମାରି ଅରେନ୍ ଜିସୁଙ୍ଗ ୱେନ୍ବାତାର୍, "ପ୍ରବୁ,
ନାନ୍ ଆକାନ୍ ନୋ?" 23 ଜିସୁ ଇର୍ହାନ୍, "ଏନ୍ ନା ୱାଲେ ଡୁବାଇତୁ
ରୁଟି ମୁଡୁକୁନାନ୍, ୱାନ୍ ନାଙ୍ଗେ ସାତୁରି କିୟୁଦୁ ସର୍ପେକିନାନ୍ ।
24 ସାସ୍ତ୍ରଦୁ ରାସାତିମାନି ୱାଜା ମନୁସ୍ୟପୁତ୍ର ସାନିଦଣ୍ଡବଗାନାନ୍,
ମାତର୍ ମନୁସ୍ୟପୁତ୍ରଙ୍ଗ ଏନ୍ ଆସିସ୍ କିନାସିନାନ୍, ୱାନି ଦଣ୍ଡ
ଏସ ବୟ୍ଙ୍କାର୍! ଏସ୍କାଙ୍ଗ ଜନମ୍ ଆଇତିମାରିଙ୍ଗ ୱାନି ଉଣ୍ତିଙ୍ଗ
ନେଗେନ୍ ଆତାତ୍ମାନ୍ଦି ।" 25 ଆମା ଜିହୁଦା ୱାନିଙ୍ଗ ସାତୁରି
କିୟୁଦୁ ସର୍ପେକିତାନ୍, ୱାନ୍ ଇର୍ହାନ୍, ଗୁରୁ, ୱାନ୍ ଇନିକା ନାନ୍?
ଜିସୁ ୱାନିଙ୍ଗ ଇର୍ହାନ୍, "ନିନ୍ ଆକା ଇଜିନି ।" 26 ୱାର୍ ଉଣି
ବେଡ଼ାଦୁ ଜିସୁ ଉନ୍ଦ୍ରି ରୁଟି ତାତାନ୍ନୋ ମାପୁରୁଙ୍ଗ ଦନ୍ୟବାଦ୍
ସିତାନ୍ ମାରି ଆକା ରୁକୁସି ସିସୁରିଙ୍ଗ ସିଜି ଇର୍ହାନ୍, ଅସି ତିନ୍ଣ୍ଡୁ;
"ଇକା ନା ମେନ୍ଦ୍ଲ୍ ।" 27 ତାନେୱେନ୍କା ୱାନ୍ ଉଣି ଡୁବାଇ
ଅତାନ୍ନୋ ମାପୁରୁଙ୍ଗ ଦନ୍ୟବାଦ୍ ସିତାନ୍ ମାରି ଆକା ସିସୁରିଙ୍ଗ
ସିଜି ଇର୍ହାନ୍, ମିର୍ ୱିଜିଦେର୍ ଇବେଟ୍ତାନ୍ ଉଣ୍ଡୁ । ୱାନ୍ ଇର୍ହାନ୍;
28 ଇକା ନା ନେତେର୍ । ଲୋକା ପାପ୍ କେମା ଉଣ୍ତିଙ୍ଗ ନାନ୍ ନା
ଆମା ନେତେର୍ ୱାକ୍ସ ସିଡେଙ୍ଗ ସଲ୍ସିନା, ଆମାକା ମାପୁରୁଦି
ପୁନି ନିୟମ୍ତିଙ୍ଗ ସିଲ୍ଡାକ୍ନାତ୍ । 29 ନାନ୍ ମିଙ୍ଗେ ୱେର୍ସିନା,
"ଆମା ନାଣ୍ଡିଙ୍ଗ ନା ବୁବାଦି ରାଜିଦୁ ମି ୱାଲେ ପୁନି ଅଙ୍ଗୁର୍ରସ୍
ଉଣୁଇ ସାନ୍ଦି ନାନ୍ ମାରି ଏସ୍କାଙ୍ଗ ଅଙ୍ଗୁର୍ରସ୍ ଉଣୁଏ ।" 30
ୱାର୍ ଦନ୍ୟବାଦ୍ତି ପାଟା ପାରିତି ୱେନ୍କା ଜିତ ଗରନ୍ ମୁସ୍କୁ
ସତାସର୍ହାର୍ । 31 ନାସ୍ତିୱାଲେ ଜିସୁ ୱାରିଙ୍ଗ ଇର୍ହାନ୍, "ନେର୍
ନାଡ଼ା ମିର୍ ୱିଜିଦେର୍ ନାଙ୍ଗେ ଡ଼ିସ୍ନି ଉର୍କ୍ନିଦେର୍ । ସାସ୍ତ୍ରଦୁ
ରାସାତାମାନାତ୍, ନାନ୍ ମେଣ୍ଡେଙ୍ଗ ସାରାକିନିୱାନିଙ୍ଗ ସାୟାମାରାଗ୍
ଡାକ୍ତିଙ୍ଗ ମାରି ମେଣ୍ଡେଙ୍ଗ ଇନିଙ୍ଗେ ଆନିଙ୍ଗେ ଆନେସନେ । 32
ମାତର୍ ନାନ୍ ମାରିଡ଼େସିନିଙ୍ଗତି ୱେନ୍କା ମି ଆଗ୍ଡ଼ିନେ ଗାଲିଲି
ରାଜିଦୁ ସନା ।" 33 ପିତର୍ ଜିସୁଙ୍ଗ ଇର୍ହାନ୍, "ଆଇକାର୍ ୱିଜେରେ
ନିଙ୍ଗେ ଡ଼ିସ୍ତି ସରିଙ୍ଗ ବା ନାନ୍ ମୁଡୁକେ ସୋଲଏ ।" 34 ଜିସୁ
ପିତରତିଙ୍ଗ ଇର୍ହାନ୍, ନାନ୍ ନିଙ୍ଗେ ସତ୍ ଇଜିନା, ନେର୍ ନାଡ଼ା
କରୁ କେଡ଼େନି ଆଗ୍ଡ଼ିନେ ନିନୁ ନାଙ୍ଗେ ନେସେଏ ଇଜି ମୁନ୍ଦ୍ରି
ଦେବେଙ୍ଗ ଇନି । 35 ପିତର୍ ଇର୍ହାନ୍, "ନି ୱାଲେ ସାଦେଙ୍ଗ
ପଡ଼ାତିଙ୍ଗ ବା ନାନ୍ ଏସ୍କାଙ୍ଗ ନିଙ୍ଗେ ନେସ୍ଏ ଇଜି ଇନ୍ଏ ।" ଆଇ
ସିସୁର୍ ୱିଜେରେ ବା ଆୟାୱାଜା ଇର୍ହାର୍ । 36 ତାନେୱେନ୍କା
ଜିସୁ ନିଜେଦି ସିସୁରି ୱାଲେ ଗେତ୍ସିମାନି ଇନି ଉନ୍ତ୍ରି ଡଡିଦୁ
ସର୍ହାର୍ନୋ ୱାରିଙ୍ଗ ଇର୍ହାନ୍, "ନାନ୍ ଆବେନୁ ସନାନୋ ପାର୍ତନା
କିଜିମାନି ସାନ୍ଦି ମିର୍ ଇବେନୁ ବାସ୍ସୋ ମାନ୍ଡୁ ।" 37 ୱାନ୍
ପିତର୍ ମାରି ଜେବଦିରି ରିଏର୍ ମାରିସିରିଙ୍ଗ ୱାନି ୱାଲେ ଅତାନ୍
। ନାସ୍ତିୱାଲେ ଜିସୁ ନାଣ୍ଡ ଦୁଃକ୍ ମାରି ଦାନ୍ଦା ଆଜି, 38 ୱାନ୍
ୱାରିଙ୍ଗ ଇର୍ହାନ୍, "ଦୁଃକ୍ତାନ୍ ନା ଜିବନ୍ ସାନିୱାଜା ଆଜିନାତ୍,
ଇବେନୁ ମିର୍ ନା ୱାଲେ କାପ୍କିଜ ମାନ୍ଡୁ ।" 39 ଜିସୁ କାଣ୍ଡେକ୍
ଆକ ସର୍ହାନ୍ନୋ ବୁମିଦୁ ମକମ୍ ପାଡ଼ାକ୍ତାନ୍ନୋ ପାରାତାନା
କିଜି କିଜି ଇର୍ହାନ୍, "ଏ ନା ବୁବା, ଜଦି ଆଦେଙ୍ଗଆଟ୍ନାତ୍,
ଆର୍ତିଙ୍ଗ ଇୟା ଦୁଃକ୍ବୋଗ୍ତି ଉଣି ଡୁବାଇ ନା ମାଣାନ୍ ଆକ
ଅଆ, ମାତର୍ ନା ବଦା ସିଲେ । ନି ବଦା ପୁରା ଆପିତ୍ ।" 40
ତାନେୱେନ୍କା ୱାନ୍ ମୁଏର୍ ସିସୁରି ଲାକ୍ତୁ ଡ଼େସି ୱାତାନ୍ନୋ
ସୁଡୁତାନ୍, ୱାର୍ ସୁସ୍ତା ମାନାର୍ । ଜିସୁ ପିତରତିଙ୍ଗ ଇର୍ହାନ୍, "ମିର୍
ଇନିକା ନା ୱାଲେ ଗନ୍ଟା ବା କାପ୍କିଦେଙ୍ଗ ଆଟ୍ଇଜିନିଦେର୍?
41 ପରିକାଦୁ ଏଣ୍ଡେସ୍ ପଡ଼ାଇଦେର୍, ଇୟାଉଣ୍ତିଙ୍ଗ କାପ୍କିଜ
ପାରାତାନା କିଦୁ । ଇରିଙ୍ଗ ମି ଆତ୍ମା ବଦାକିନାତ୍, ମାତର୍ ମେନ୍ଦ୍ଲ୍
ଲିଡ଼୍ଲାଡ଼ା ।" 42 ଜିସୁ ମାରିଡ଼େସି ସର୍ହାନ୍ନୋ ପାର୍ତନା କିଜି
ଇର୍ହାନ୍, "ଏ ନା ବୁବା, ଜଦି ଇୟା ଦୁଃକ୍ବୋଗ୍ତି ଉଣି ଡୁବାଇ
ନା ମାଣାନ୍ କୁଡ୍ସଅତେଙ୍ଗ ଆଟ୍ଏର୍ ଆମାସାନ୍ଦି ନାନ୍ ତାନିଙ୍ଗ
ଉନ୍ଣ୍ଡେଙ୍ଗ ପଡ଼ାନାତ୍, ଆର୍ତିଙ୍ଗ ନି ବଦା ପୁରା ଆପିତ୍ ।" 43
ୱାନ୍ ୱାଜି ମାରିଡ଼େସି ସିସୁରିଙ୍ଗ ସୁସ୍ତି ମାରିକା ସୁଡୁତାନ୍ ।

ୱାରି କାଣୁକୁ ରେସ ମାନ୍‌ଡ୍ରେଙ୍ଗ ଆଟ୍‌ଏଜି ମାର୍ହାର୍ । 44 ଜିସୁ
ୱାରିଙ୍ଗ ଡ଼ିସ୍‌ସି କାଣ୍ତେକ୍ ଆକ ସୋଲ୍‌ସି ମୁନ୍‌ଡ୍ରି ଦେବେଙ୍ଗ ବା
ଆୟାୱାଜା ପାରାତାନା କିତାନ୍ । 45 ତାନେୱେନ୍‌କା ୱାନ୍
ସିସୁରି ଲାକ୍‌ତୁ ୱାଜି ଇର୍ହାନ୍, “ମିର୍ ଇୟାସାନ୍ଦି ଡରିତିଦେର୍‌ନୋ
ରମ୍‌ଜିନିଦେର୍? ସୁଡୁଦୁ, ମନୁସ୍ୟପୁତ୍ର ପାପି ଲୋକା କିୟୁଦୁ
ସର୍‌ପେଆନି ସାକ୍ତିଦି ବେଡ଼ା ୱାତାନି । 46 ନିଙ୍ଗଦୁ, ମାଡ୍ ସନାଟ୍;
ସୁଡୁଦୁ, ଏନ୍ ନାଙ୍ଗିଁ ଶାତୁରି କିୟୁଦୁ ସେରେପ୍‌ନା ସିନାନ୍, ୱାନ୍
ଲାକ୍‌ତୁ ୱାତାନ୍‌ନି ।” 47 ଜିସୁ ଇୟା ମାଟା ୱେର୍‌ସିମାନି ବେଡ଼ାଦୁ,
ୱାରି ବାରଲୋକ୍ ସିସୁରି ଲୋଇରାନ୍ ଜିହୁଦା ଦର୍‌ତି ସିସୁ ୱାତା
ଇତାନ୍ । ୱାନି ୱାଲେ କାଣ୍ତା ନି ଡୁଡୁଙ୍ଗକଣେଙ୍ଗ ଆସ୍‌ସି ଗାଦି
ଲୋକୁ ଆବେନୁ ଉଣ୍ତାତାର୍ । ୱାରିଙ୍ଗ ପେରି ଜାଜକର୍ ନି ଦାର୍ମୁ
ନେତାର୍ ପୋକ୍‌ତାମାର୍ହାର୍ । 48 ସାତୁରି କିୟୁଦୁ ଆସ୍‌ସିସ୍ କିନିସିନି
ଜିହୁଦା ୱାରିଙ୍ଗ ଉନ୍‌ଡ୍ରି ସିନା ସିନି ଉଣ୍ତିଙ୍ଗ ଟିକ୍ କିତାମାର୍ହାନ୍,
ୱାନ୍ ୱାରିଙ୍ଗ ଇର୍‌ଆ ମାର୍ହାନ୍, “ନାନ୍ ଆମାୱାନିଙ୍ଗ ନଣ୍ତୁନା, ୱାନ୍
ଆୟାକାନ୍, ୱାନିଙ୍ଗ ଆସ୍‌ତୁ ।” 49 ଜିହୁଦା ଆୟାଦାପ୍ରେ ଜିସୁଦି
ଲାକ୍‌ତୁ ୱାତାନ୍‌ନୋ, ଏ ଗୁରୁ, ମାଡ଼ିସ୍‌କିନିକା, ଇକା ଇନ୍‌ଜ୍ଞି
ୱାନିଙ୍ଗ ନଣ୍ତିତାନ୍ । 50 ଜିସୁ ୱାନିଙ୍ଗ ଇର୍ହାନ୍, “ସଙ୍ଗ, ନି ପାଣି ବେଗି
ୱିସ୍‌ଆ ।” ତାନେୱେନ୍‌କା ୱାର୍ ଲାକ୍‌ତୁ ୱାଜି ଜିସୁଙ୍ଗିଁ ଆସ୍‌ତାରୋ
ତର୍‌ତାର୍ । 51 ଜିସୁଦି ତରିଟି ଅରେନ୍ ଲୋକୁ ନିଜେଦି କାଣ୍ତା
ସପ୍‌ତାନ୍‌ନୋ ୱିଜେରିଙ୍ଗପେରି ଜାଜକଦି ସାକର୍‌ତିଙ୍ଗ କାତ୍‌ତାନ୍
। ଆୟା ଲୋକ୍‌ତି ଗିତଣି ତେୱିତାତ୍ । 52 ଜିସୁ ୱାନିଙ୍ଗ
ଇର୍ହାନ୍, “ନି କାଣ୍ତାଦିଙ୍ଗ ତାନି ବାଡିଦୁ ଇଡିଆ । ଆମାକାର୍
କାଣ୍ତା ସୋପ୍‌ନାର୍ କାଣ୍ତାଦାନ୍ ସାନାର୍, ୱାର୍ କାଣ୍ତାଦାନ୍‌ନେ
ସାନାର୍ । 53 ନିନୁ ଇନିକା ନେସ୍‌ଇ, ନାନ୍ ନା ବୁବେଙ୍ଗ
ସାକା ଲସ୍‌ତିଙ୍ଗ, ୱାନ୍ ନା ଉଣ୍ତିଙ୍ଗ ଆୟାଦାପ୍ରେନେ ବାରଗୋଟା
ସନ୍‌ୟ୍ୟଦଲ୍‌ତି ବାଦୁଲୁ ନାଣ୍ତ ମୁସ୍‌କୁପୁର୍‌ତି ଦୁତ୍‌କାଙ୍ଗ ପୋକ୍‌ତେଙ୍ଗ
ଆଟ୍‌ନାନ୍? 54 ମାତର୍ ଇୟାୱିଜୁ ଗଟାନାତ୍ ଇଜି ଦାର୍ମୁସାସ୍ତ୍ରଦୁ
ଆମାକା ରାସ୍‌ତାମାନାତ୍, ଆକା ପୁରା ଆନାତ୍ ଏଣ୍ତେସ୍?” 55
ଜିସୁ ତାନେୱେନ୍‌କା ଉଣ୍ତାତିମାରିଇ ଆୟା ଲୋକାଙ୍ଗ ଇର୍ହାନ୍,
“ନାନ୍ ଇନିକା ଅରେନ୍ ଉରୁକ୍‌ସିମାନି ଡଙ୍ଗାଁର୍‌ଏନ୍ ୱାଜା କାଣ୍ତା
ନି ଡୁଡୁଙ୍ଗ ଆସ୍‌ସି ନାଙ୍ଗିଁ ଆସ୍‌ତେଙ୍ଗ ୱାତିମାନିଦେର୍? ନାନ୍
ୱିଜୁଦିନ୍ ମନ୍ଦିର୍‌ତୁ ବାସ୍‌ସି ସିକିୟା ସିଜିମାର୍‌ଆ, ନାସ୍ତିୱାଲେ
ମିର୍ ନାଙ୍ଗିଁ ଆସ୍‌ଇତିଦେର୍! 56 ମାତର୍ ବାବବାଦିର୍ ସାସ୍ତ୍ରଦୁ
ଆମା ଆମାକା ରାସାତାମାନାର୍, ଆୟାୱିଜୁ ପୁରାଆନିଉଣ୍ତିଙ୍ଗ
ଇକା ଗଟାତାମାନାତ୍ ।” ନାସ୍ତିୱାଲେ ସିସୁର୍ ୱିଜେରେ ଜିସୁଙ୍ଗିଁ
ଡ଼ିସ୍‌ସି ଉର୍‌କୁସି ସର୍ହାର୍ । 57 ଆମାକାର୍ ଜିସୁଙ୍ଗିଁ ଆସ୍‌ତାମାର୍ହାର୍,
ୱାର୍ ୱାନିଙ୍ଗ ୱିଜେରିଙ୍ଗପେରି ଜାଜକ କୟାପାରି ଇନ୍‌ଡ୍ର ଅତାର୍
। ଆୟା ବାଡିଦୁ ଦାର୍ମୁଗୁରୁ ନି ଦାର୍ମୁ ନେତାର୍ ଉନ୍‌ଡ୍ରେମାନୁ
ଆତାମାର୍ହାର୍ । 58 ପିତର୍ କାଣ୍ତେକ୍ ଆକ ମାନ୍‌ଜ୍ଞି ଜିସୁଦି ୱେନ୍‌କା
ସୋଲ୍‌ସିମାର୍ହାନ୍ ମାରି ୱାନ୍ ୱିଜେରିଙ୍ଗପେରି ଜାଜକ କୟାପାରି
ଇଲୁଦି ଦୁଆର୍ ସାନ୍ଦି ସର୍ହାନ୍ । ଇୟାୱିଜୁ ଗଟ୍‌ନାଦି ଅବସ୍ତା ଇନିକା
ଆନାତ୍, ଆକା ସୁଡୁନି ଉଣ୍ତିଙ୍ଗ ପିତର୍ ଲୋଇ ସୋର୍ହାନ୍‌ନୋ
ମନ୍ଦିର୍ କାପ୍‌କିନିୱାରି ୱାଲେ ବାସ୍‌ତାନ୍! 59 ପେରି ଜାଜକର୍ ନି
ଜିହୁଦିର୍ ପେରିମିଟିଙ୍ଗତି ୱିଜେରେ ଜିସୁଙ୍ଗିଁ ସାନିଦଣ୍ତ ସିନିଉଣ୍ତିଙ୍ଗ
ୱାନି ବିରଦ୍‌ତାନ୍ ମିସ୍‌ସାକି ପୟ୍‌ଦେଙ୍ଗ ତେରେପେତେଆତାର୍
। 60 ମାତର୍ ଗାଦି ଲୋକୁ ଜିସୁଦି ବିରଦ୍‌ତାନ୍ ମିସ୍ ମାଟା
ଇର୍ହାର୍ । ମାତର୍ ଆୟାୱାଜା ଇନି ପାରାମାଣ୍ ପୟ୍‌ଏତାର୍
। ସାରାସାରିୱେନ୍‌କା ରିଏର୍ ନିଙ୍ଗିଁତାର୍ । 61 ୱାର୍ ଇର୍ହାର୍,
“ଇୟାକାନ୍ ଇର୍‌ଆ ମାର୍ହାନ୍, ନାନ୍ ମାପୁରୁଦି ମନ୍ଦିର୍‌ତିଙ୍ଗ
ରୁକୁନାନୋ ମୁନେଟି ୱେନ୍‌କା ତାନିଙ୍ଗ ମାରିଡ଼େସି ତିଆର୍ କିଦେଙ୍ଗ
ଆଟ୍‌ନା ।” 62 ୱିଜେରିଙ୍ଗପେରି ଜାଜକ ନିଲ୍‌ତାନ୍‌ନୋ ଜିସୁଙ୍ଗିଁ
ୱେନ୍‌ବାତାନ୍, “ନିନ୍ ଏନ୍ଦା ଇନିକା ଇନ୍‌ଇଜିନି? ଇୟା ମାଟାଦିଙ୍ଗ
ରୁକୁତେଙ୍ଗ ନିନୁ ଇନିକା ୱେର୍‌ନିକା ମାନାତ୍?” 63 ମାତର୍
ଜିସୁ ଆଲେତାତେବାତାନ୍ । ୱିଜେରିଙ୍ଗପେରି ଜାଜକ ୱାନିଙ୍ଗ
ଇର୍ହାନ୍, “ଜିବନ୍‌ମାନି ମାପୁରୁଦି ଦର୍‌ତାନ୍ ନାନ୍ ନିଙ୍ଗିଁ ପାର୍‌ମାଣ୍
ସିଜି ୱେନ୍‌ବାଜିନା, ସତ୍‌ତାନ୍ ଇନ୍‌ଆଁ, ନିନ୍ ଇନିକା ମାପୁରୁଦି
ମାରିନ୍ କ୍ରିସ୍ତ ଅର୍ତ ମସିହ?” 64 ଜିସୁ ୱାନିଙ୍ଗ ଇର୍ହାନ୍, “ନିନ୍
ଟିକ୍ ୱେର୍‌ତିମାନି । ମାତର୍ ନାନ୍ ମିଙ୍ଗିଁ ୱିଜେରିଙ୍ଗ ଇଜିନା,
ମନୁସ୍ୟପୁତ୍ର ୱିଜୁ ସାକ୍ତିମାନିୱାରି ଉଣି ତରିନ୍ ବାସ୍‌ତିମାନିକା
ସୁଣି, ମାରି ୱାନିଙ୍ଗ ମୁସ୍‌କୁପୁର୍‌ତାନ୍ ମେଗେମାଲାଦି ୱାଲେ
ରେତାଜି ୱାନିକା ନିନ୍ ସୁଡ଼୍‌ନି ।” 65 ଇକା ୱେର୍‌ଆନ୍‌ନୋ
ୱିଜେରିଙ୍ଗ ପେରି ଜାଜକ ନିଜେଦି ଆଙ୍ଗିଁଦିଙ୍ଗ କିସ୍‌ସି ପୋକ୍‌ସି
ଇର୍ହାନ୍, “ଇକାନ୍ ମାପୁରୁଙ୍ଗ ନିନ୍ଦାକିତାନ୍ । ମାରି ଆଇ ସାକି
ଦର୍‌କାର୍ ସିଲେ । ଇୟାଦାପ୍ରେନେ ଇୟାୱାନି ମାପୁରୁଙ୍ଗ ନିନ୍ଦା
ତୋ ମିର୍ ୱେର୍‌ଇଦେର୍ । 66 ଇୟା ବିସୟ୍‌ତାନ୍ ମି ବଦା
ଇନିକା?” ୱାର୍ ଇର୍ହାର୍, “ୱାନ୍ ଦସି, ୱାନ୍ ସାନିଦଣ୍ତତି ଜଗ୍
।” 67 ତାନେୱେନ୍‌କା ୱାର୍ ଜିସୁଦି ମକମ୍‌ତୁ ପୁସ୍‌କାଡ଼ାମ୍‌ପୁସ୍‌ସି
ୱାନିଙ୍ଗ ଡାକ୍‌ତାର୍; ମାରି ଏନ୍ ଏନ୍ ୱାନିଙ୍ଗ ସାପାଡ଼ା ଡାକ୍‌ସି
ଇର୍ହାର୍, 68 “ଇକାନ୍ କ୍ରିସ୍ତ! ନିନ୍ ପରା ବାବବାଦି, ମାଙ୍ଗିଁ ୱେର୍‌ଆ
ତୋ, ଏନ୍ ନିଙ୍ଗିଁ ଡାକ୍‌ତାନ୍!” 69 ୱିଜେରିଙ୍ଗପେରି ଜାଜକରି
ଆଡ୍ରେରରି ଦୁଆର୍‌ତୁ ପିତର୍ ବାସ୍‌ତି ମାରିଇୱାଲେ ଅରେତ୍
ସାକର୍ ଆଇମା ଲାକ୍‌ତୁ ୱାଜି ଇର୍ହାତ୍, “ନିନ୍ ବା ଗାଲିଲିଦି ଜିସୁଦି
ୱାଲେମାରିଇ ।” 70 ମାତର୍ ପିତର୍ ୱିଜେରି ଆଗ୍‌ଡ଼ି ଇୟା ମାଟା
ନେସ୍‌ଏଜି ଇର୍ହାନ୍, “ନିନ୍ ଇନିକା ଇଜିନି, ନାନ୍ ନେସ୍‌ଏଜିନା ।”
71 ଇକା ଇନ୍‌ଜ୍ଞି ୱାନ୍ ଆୟା ଦୁଆର୍‌ତି କେର୍‌ପି ଲାକ୍‌ତୁ ସୋର୍ହାନ୍
। ମାରି ଅରେତ୍ ସାକର୍ ଆଇମା ୱାନିଙ୍ଗ ସୁଡୁଜି ଆବେନୁ ମାନି
ଲୋକାଙ୍ଗ ଇର୍ହାତ୍, “ଇୟାକାନ୍ ନାଜରିୟତିୟ୍ ଜିସୁଦି ୱାଲେ
ମାର୍ହାନ୍ ।” 72 ପିତର୍ ମାରିଡ଼େସି ନେସ୍‌ଏଜି ଇର୍ହାନ୍, “ପାର୍‌ମାଣ୍
କିଜି ୱେର୍‌ସିନା, ଆୟା ଲୋକ୍‌ତିଙ୍ଗ ନାନ୍ ନେସେଏ ।” 73 ଏସ
ସମୟ୍ ୱେନ୍‌କା ଆବେନୁ ନିର୍‌ଇମାରିଇ ଲୋକୁ ପିତରତି ଲାକ୍‌ତୁ
ୱାଜି ଇର୍ହାର୍, “ନିନୁ ସତେନେ ୱାରି ଲୋଇରାନ୍ ଅରେନ୍ । ନି
ୱାର୍‌ଗିନିମାଣୁକୁ ଇକା ଜାଣାପଡ଼ାଜିନାତ୍ ।” 74 ପିତର୍ ଇର୍ହାନ୍,

“ପାର୍‌ମାଣ୍ କିଜି ୱେର୍‌ସିନା, ନା ମାଟା ସଡ଼େନ । ଆକା ଆଏତିଙ୍ଗ
ମାପୁରୁ ନାଡ଼ୁଁ ଦଣ୍ଡ ସିପିନ୍ । ଆୟା ଲୋକ୍‌ତିଙ୍ଗ ନାନ୍ ନେସେଏ
।” ଆୟାଦାପ୍ରେନେ କର୍‌ରୁ କେଡ଼ିତାତ୍ । 75 ମାରି ଜିସୁ ଇନିକା
ଇର୍‌ଆ ମାର୍ହାନ୍, “ପିତର୍ ମନ୍‌ତୁ ଏଡ୍‌କିତାନ୍ କର୍‌ରୁ କେଡ଼େନି
ଆଗ୍‌ଡ଼ିନେ ନାଡ଼ୁଁ ନେସେଏ ଇଜି ନିନୁ ମୁନ୍‌ଡ୍ରି ଦେବେଙ୍ଗ ଇନି ।”
ୱାନ୍ ଆଟେରେ ସର୍ହାନ୍‌ନୋ ନାଣ୍ତୁବର୍‌କୁକ୍‌ସି ଆଡ଼୍‌ବାତାନ୍ ।

**27** ମାର୍‌ନାଣ୍ଡିଙ୍ଗ ସାଲ୍‌ଦିନେ ଜିସୁଙ୍ଗୁଁ ଡାକ୍‌ତେଙ୍ଗୁଁ ୱିଜେରେ
ପେରି ଜାଜକର୍ ମାରି ଦାର୍ମୁ ନେତାର୍ ରାଜି ଆତାର୍ । 2
ୱାର୍ ୱାନିଙ୍ଗ ସିକିଣିଦାନ୍‌ତର୍‌ସି ରୋମିୟ ସାସନ୍‌ତି ପେରିନେତା
ପିଲାତ୍‌ଦି ଲାକ୍‌ତୁ ଅତାର୍ । 3 ଏସ୍ତିୱାଲେ ସାତୁରି କିୟୁଦୁ
ସର୍‌ପେକିତିସିତି ଜିହୁଦା ୱେର୍‌ଆନ୍ ଜେ, ଜିସୁଙ୍ଗୁଁ ସାନିଦଣ୍ଡ
ଆତାମାନାନ୍, ୱାନ୍ ଏଡ୍‌କିତାନ୍ ମାରି ପେରି ଜାଜକ ମାରି ଦାର୍ମୁ
ନେତାରିଙ୍ଗ ଆୟା ତିରିସ୍‌ଗୋଟା ୱେଣ୍ଡିଅଦ୍‌ଲିଙ୍ଗ ଡ଼େସି ସିତାନ୍‌ନୋ
ଇର୍ହାନ୍, 4 “ଅରେନ୍ ଦସ୍‌କିଇ ଲୋକ୍‌ତି ଉଣ୍ଡିଙ୍ଗ ମି କିୟୁଦୁଆସ୍‌ସି
କିତାସିତାନୋ ନାନ୍ ପାପ୍ କିତାମାନା ।” ଜିହୁଦି ନେତାର୍ ଇର୍ହାର୍,
“ଆବେନୁ ମାଦି ଇନିକା ମାନାତ୍? ଆକା ନି ନିଜେଦି ମାଟା ।”
5 ଜିହୁଦା ଅଦ୍‌ଲିଆଙ୍ଗୁଁ ମନ୍ଦିର୍ ଲୋଇ ପୋକ୍‌ତାସିତା ସୋର୍ହାନ୍
। ୱେନ୍‌କା ୱାନ୍ କକ୍‌ଲାଦୁ ଉରି ଆସାତାନ୍‌ନୋ ସାତାନ୍ । 6
ପେରି ଜାଜକର୍ ଆୟା ୱେଣ୍ଡିଅଦ୍‌ଲିଆଙ୍ଗୁଁ ଉଣ୍ଡା କିଜି ଇର୍ହାନ୍,
“ଇକା ନେତେର୍‌ତି ଦାରା ଡାବୁଙ୍ଗୁଁ । ଇକା ମନ୍ଦିର୍‌ତି ପେଡ଼ାଦୁ
ଇଡ୍‌ନି ନିୟମ୍‌ତି ବିରଦ୍ ପାଣି ।” 7 ଆୟା ଡାବୁଆଙ୍ଗୁଁ ଏଣ୍ଡେସ୍
ସାଲା କିନାର୍, ଇୟା ବିସୟ୍‌ତାନ୍ ଉନ୍‌ଡ୍ରି ରାଜି ଆଜି କୁମାର୍
ବୁମି ଦର୍‌ତି କାଣ୍ଡେକ୍ ବୁମି କଟାର୍ । ଇକା ଆଇଦେସ୍‌ତିୱାରି
ମୁସ୍‌ନି ବାଡି ୱାଜା ଆତାତ୍ । 8 ନେର୍ ସାନ୍ଟି ଆୟା ବୁମିଦିଙ୍ଗ
“ନେତେର୍ ବୁମି” ଇଜି ଆଜିନାର୍ । 9 ଇୟାୱାଜା ଜିରିମିୟ
ବାବବାଦି ୱେର୍‌ତିମାନି, “ବାବବାଣି ପୁରା ଆତାତ୍ ଆକାବା
ତିରିସ୍ ଟାକେଣାନ୍ ପର୍‌ନି ଉଣ୍ଡିଙ୍ଗ ଇସ୍ରାଏଲ୍‌ତି କଡ଼ର୍ ରାଜି ଆତା
ମାର୍ହାର୍, ଆକା ଅତାର୍, 10 ଆୟା ତିରିସ୍ ଗୋଟା ୱେଣ୍ଡିଅଦ୍‌ଲିଙ୍ଗ
ୱାର୍ ତାସି, ମାରି ୱାର୍ କୁମାର୍ କିଡ଼ିଇ କଟାର୍ ଇକା କିନି ଉଣ୍ଡିଙ୍ଗ
ନାଡ଼ୁଁ ପ୍ରବୁ ଆଦେସ୍ ସିତାମାର୍ହାନ୍ ।” 11 ଜିସୁଙ୍ଗୁଁ ଆଗ୍‌ଡ଼ି ସୁଡୁଜି
ରୋମିୟ ଅଦିକାରି ପିଲାତ୍ ୱେନ୍‌ବାତାନ୍, “ନିନ୍ ଇନିକା ଜିହୁଦିରି
ରାଜା?” ଜିସୁ ୱାନିଙ୍ଗ ଇର୍ହାନ୍, “ନିନୁ ଆକା ଇଜିନି ।” 12 ମାତର୍
ପେରି ଜାଜକର୍ ମାରି ଦାର୍ମୁ ନେତାରି ୱାନି ବିରଦ୍‌ତାନ୍ ଏମେ
ଦସ୍‌ମାଟା ତାତାମାର୍ହାର୍, ଆବେଣି ପଦେକ୍‌ବା ମାଟା ଇନ୍‌ଏତାନ୍
। 13 ଆଦେଙ୍ଗ ପିଲାତ୍ ୱାନିଙ୍ଗ ଇର୍ହାନ୍, “ନି ବିରଦ୍‌ତାନ୍ ୱାରି
ଦସ୍‌ମାଟା ୱିଜୁ ନିନୁ ଇନିକା ୱେନ୍‌ଡ୍ରେଙ୍ଗ ଆଟ୍‌ଇଜିନି?” 14
ମାତର୍ ଜିସୁ ଉତରଦାନ୍ ପଦେକ୍ ବା ଇନ୍‌ଇତିଙ୍ଗ ପିଲାତ୍
ନାଣ୍ତୁ କାବାତାନ୍ । 15 ନିସ୍ତାର୍ ପଣ୍ଡୟ୍‌ତି ବେଡ଼ାଦୁ ୱିଜୁଲୋକା
ବଦାଦାନ୍ ରୋମିୟ ଅଦିକାରି ଜେ ଅରେନ୍‌ୱାନିଙ୍ଗ ଜଇଲ୍‌ତାନ୍
ଡ଼ିସ୍‌ନିସିନି ନିତିନିୟମ୍ ମାର୍ହାତ୍ । 16 ନାସ୍ତିୱାଲେ ବାରବ୍‌ବା
ଜିସୁ ଦର୍‌ତି ଅରେନ୍ ୱେଙ୍ଗୁଁତିକାନ୍ ଜଇଲ୍‌ତୁ ମାର୍ହାନ୍ । 17
ଉଣ୍ଡାତିମାରିଇ ୱିଜୁ ଲୋକାଙ୍ଗ ପିଲାତ୍ ୱେନ୍‌ବାତାନ୍, ନାନ୍
ଏଙ୍ଗ ଡ଼ିସ୍‌ନା ସିନା ଇଜି ମି ବଦା? “ବାରବ୍‌ବାଦିଙ୍ଗ ନୋ ଜିସୁ
ଆମାୱାନିଙ୍ଗ କ୍ରିସ୍ତ ଇଜି ଇନାର୍?” 18 ପିଲାତ୍ ନେଗେନ୍‌ତାନ୍
ନେସେତା ମାର୍ହାନ୍ ଜେ ଜିହୁଦି ନେତାର୍ ଗିଦ୍‌ରିଆଜି ଜିସୁଙ୍ଗୁଁ ୱାନି
କିୟୁଦୁ ସର୍‌ପେ କିତାମାନାର୍ । 19 ପିଲାତ୍ ବିଚାର୍‌କିନି ବାଡିଦୁ
ବାସ୍‌ତିମାରିଇ ୱାଲେ ୱାନି ଆଡ଼୍‌ସି ଉନ୍‌ଡ୍ରି କାବୁର୍ ପୋକ୍‌ତାତ୍
“ଆୟା ଦସ୍‌କିଇ ଲୋକ୍‌ତିଙ୍ଗ ଇନିକା କିମାଟ୍ । ଇଏନ୍ ମିଲି
ଉନ୍‌ଡ୍ରି ଲବେରୁ ୱାନି ଉଣ୍ଡିଙ୍ଗ ନାନ୍ ନାଣ୍ତ ଦୁଃକ୍ ଏଡ୍‌କିତାମାନା
।” 20 ପେରି ଜାଜକର୍ ମାରି ଦାର୍ମୁ ନେତାର୍ ବାରବ୍‌ବାଦିଙ୍ଗ
ଡ଼ିସ୍‌ସି କିଜସିଜି, ଜିସୁଙ୍ଗୁଁ ସାନିଦଣ୍ଡ ସିନି ଉଣ୍ଡିଙ୍ଗ ପିଲାତ୍ ଲାକ୍‌ତୁ
ଦାବି କିଦେଙ୍ଗ ଲୋକାଙ୍ଗ ଏଗ୍ରିସ୍‌କିତାର୍ । 21 ପିଲାତ୍ ମାରି
ଲୋକାଙ୍ଗ ୱେନ୍‌ବାତାନ୍, “ଇୟା ରିଏରି ମାଣ୍‌କୁ ନାନ୍ ଏଙ୍ଗ
ଡ଼ିସ୍‌ନାସିନା ଇଜି ମି ବଦା?” ୱାର୍ ଇର୍ହାର୍, “ବାରବ୍‌ବାଦିଙ୍ଗ!” 22
ପିଲାତ୍ ୱାରିଙ୍ଗ ୱେନ୍‌ବାତାନ୍, “ଆର୍‌ତିଙ୍ଗ କ୍ରିସ୍ତ ଦର୍‌ତାନ୍ ୱେଙ୍ଗୁଁତି
ଜିସୁଙ୍ଗୁଁ ଇନିକା କିନା?” “ୱାନିଙ୍ଗ କୁସଦୁ ଏକିସ୍‌କିଦୁ” ଇଜି ୱାର୍
ୱିଜେରେ ଆଉଲି ଆତାର୍ । 23 ପିଲାତ୍ ୱେନ୍‌ବାତାନ୍, “ମାତର୍
ୱାନ୍ ଇନି ଦସ୍ କିତାମାନାନ୍?” ୱାର୍ ମାରି ନାଣ୍ତୁ ଆଉଲି ଆଜି
ଇନ୍‌ଡ୍ରେଙ୍ଗ ଆସ୍‌ତାର୍, “ୱାନିଙ୍ଗ କୁସଦୁ ଏକିସ୍‌କିଦୁ ।” 24 ପିଲାତ୍
ଏସ୍ତିୱାଲେ ସୁଡୁତାନ୍ ଜେ ୱାରିଙ୍ଗ ମାରି ୱେର୍‌ସ ଇନି ଲାବ୍
ସିଲେ, ମାରି ଜାଟିଜଗଡ଼ା ଆଜିନାର୍, ନାସ୍ତିୱାଲେ ୱାନ୍ ଉବୁଡ଼ି
ଏରୁ ତାତାନ୍‌ନୋ ଲୋକା ଆଗ୍‌ଡ଼ିନେ କିୟୁ ନର୍‌ବାତାନ୍‌ନୋ
ଇର୍ହାନ୍, “ଇୟା ଲୋକ୍‌ତି ସାନି ଉଣ୍ଡିଙ୍ଗ ନାନ୍ ଦସ୍ ସିଲେ । ଇକା
ମି ପାଣି ।” 25 ୱିଜୁ ଲୋକୁ ଇର୍ହାର୍, “ଜିସୁଦି ସାନି ଦସ୍ ମାଙ୍ଗୁଁ ନି
ମା କଡ଼ରି ମୁସ୍‌କୁ ରାପିତ୍ ।” 26 ସାରାସାରିୱେନ୍‌କା ପିଲାତ୍
ବାରବ୍‌ବାଦିଙ୍ଗ ଡ଼ିସ୍‌ସି ସିଜି ଜିସୁଙ୍ଗୁଁ କର୍‌ଡାଦାନ୍ ଡାକ୍‌ତେଙ୍ଗୁଁ
ଆଦେସ୍ ସିତାନ୍, ତାନେୱେନ୍‌କା କୁସ୍‌ଦୁ ଏକିସ୍‌ତେଙ୍ଗ ଇଜି
ସନ୍ୟରି କିୟୁଦୁ ସର୍‌ପେ କିତାନ୍ । 27 ପିଲାତ୍‌ତି ସନ୍ୟର୍
ଜିସୁଙ୍ଗୁଁ ରୋମିୟ ସାସକଦି ମେଡ଼୍‌ଇଲୁଦୁ ଅତାର୍ ମାରି ୱିଜେରେ
ସନ୍ୟର୍ ୱାନିଙ୍ଗ କେର୍‌ପିସି ନିର୍‌ଆର୍ । 28 ୱାର୍ ୱାନି ଆଙ୍ଗୁଁ
କୁଟ୍‌ତାଅତାର ୱାନିଙ୍ଗ ଉନ୍‌ଡ୍ରି ଲାଲ୍ ରଙ୍ଗ୍‌ତି ଆଙ୍ଗୁଁ ଆରିସ୍‌କିତାର୍
। 29 ସାମ୍ ମାରାତି କମାଦାନ୍ ଉନ୍‌ଡ୍ରି ଟପି ତିଆର୍ କିଜି ୱାନି
ତାଲା ମୁସ୍‌କୁ ଆରିସ୍‌କିତାର୍ ମାରି ୱାନି ଉଣିକିୟୁଦୁ ଉନ୍‌ଡ୍ରି
ନାଡ଼ା ଆସ୍‌ପିସ୍‌କିତାର୍ । ତାନେୱେନ୍‌କା ୱାନି ଆଗ୍‌ଡ଼ି ମେଣ୍ଡେଙ୍ଗ
ଗଟ୍‌କିଜି, “ଏ ଜିହୁଦିରି ରାଜା, ମାଡ଼ିସ୍‌କିନିକା, ଇକା ଇନ୍‌ଜ୍ଞି
ୱାନିଙ୍ଗ ସେମାର୍ କିତାର୍ ।” 30 ୱାର୍ ୱାନି ମୁସ୍‌କୁ ପୁସ୍‌ତାର୍,
ଆୟା ନାଡ଼ା ଅସି ୱାନି ତାଲାଦୁ ଡାକ୍‌ତାର୍ । 31 ମାରି, ୱାର୍
ୱାନିଙ୍ଗ ସେମାର୍ କିତିୱେନ୍‌କା ଆୟା ରାଜାରି ଆଙ୍ଗୁଁ କୁଟ୍‌ସିଅସି
ୱାନି ନିଜେଦି ଆଙ୍ଗୁଁ ଆରିସ୍‌କିତାର୍ ମାରି ୱାନିଙ୍ଗ କୁସ୍‌କାଟ୍‌ତୁ
ଏକିସ୍‌କିଦେଙ୍ଗ ଅତାର୍ । 32 ୱାର୍ ଗାଡ଼୍‌ତାନ୍ ସନିୱାଲେ
ସାରିଦୁ କୁରିଣି ଗାଡ଼୍‌ଦି ସିମୋନ ଦର୍‌ତି ଅରେନ୍ ଲୋକ୍‌ତିଙ୍ଗ
ବେଟ୍‌ଆତାର୍ ମାରି ସନ୍ୟର୍ ୱାନିଙ୍ଗ ଜିସୁଦି କୁସକାଟ୍ ପିଣ୍ଡିଦେଙ୍ଗ

ଇଜି ଜାସାପେଲାକିତାର୍ । 33 ୱାର୍ ଗଲ୍‌ଗଥା ଦର୍ତି ଉନ୍‌ଡ୍ରି
ବାଡିଦୁ ଇତାର୍ । "ଗଲ୍‌ଗଥାଦି ଅର୍ତ କାପାଲ୍ ନାନି ବାଡି ।" 34
ଆବେନୁ ୱାର୍ ଜିସୁଙ୍କୁ କେଇନିକା ମିସାତି ଅଙ୍ଗୁର୍‌ରସ୍ ଉନ୍‌ଗ୍ରେଙ୍ଗ
ସିତାର୍ । ଜିସୁ ତାନେଙ୍ଗ କାଣ୍ଡେକ୍ ୱେଡ଼୍‌ଜି ମାରି ଉଣୁଏତାନ୍ ।
35 ୱାର୍ ଜିସୁଙ୍କୁ କ୍ରୁସ୍‌କାଟ୍‌ତୁ ଏକିସ୍‌କିଜି ମାରି ୱାନି ଆଜ୍ଙ୍ଗିୱିଞ୍ଜୁ
କୁଡୁକୁଡ଼ିଦାନ୍ ନିଜେନିଜେଦି ଲୋଇ ବାଗ୍ କିଜି ଅତାର୍ । 36
ତାନେୱେନ୍‌କା ୱାର୍ ଆବେନୁ ବାସ୍‌ସି କ୍ରୁସ୍‌କାଟ୍‌ତୁ ଏକିସ୍‌କିତି
ଜିସୁଙ୍କୁ କାପ୍‌କିଜି ତେବାତାର୍ । 37 ୱାନି ବିରଦ୍‌ତାନ୍ ଆତିମାନି
ମାଟା ଉନ୍‌ଡ୍ରି ରାସାତିମାନି ପାଟା ୱାନି ତାଲାଦି କ୍ରୁସ ମୁସ୍‌କୁ
ଡ଼ତା ଡ଼ିସ୍‌ତାମାର୍ହାର୍ "ଇୟାକାନ୍ ଜିସୁ, ଜିହୁଦିରି ରାଜା ।" 38
ତାନେୱେନ୍‌କା ୱାର୍ ରିଏର୍ ଡଙ୍ଗ୍ଣାରିଙ୍ଗ ଆବେନୁ କ୍ରୁସ୍‌କାଟ୍‌ତୁ
ଏକିସ୍‌କିତାର୍, ଅରେନ୍‌ୱାନିଙ୍ଗ ଉଣି ତରିନ୍ ମାରି ଆଇୱାନିଙ୍ଗ
ୱାନି ଡେବିରି ତରିନ୍ । 39 ଆୟା ସାରିଦାନ୍ ସୋଲ୍‌ସିମାନି ଲୋକୁ
ତାଲା ଦୁକ୍‌ସି ଜିସୁଙ୍କୁ ନିନ୍ଦା କିଜି ଇର୍ହାର୍ । 40 "ନିନୁ ମନ୍ଦିର୍‌ତିଙ୍ଗ
ରୁକୁନିନୋ ମୁନେଟି ୱେନ୍‌କା ମାରି ତାନିଙ୍ଗ ତିଆର୍‌କିଜିମାରିଇ
। ନିନୁ ଜଦି ମାପୁରୁଦି ମାରିନ୍, ନିଜେଦିଙ୍ଗ ରକିୟା କିଆ ।
କ୍ରୁସ୍‌କାଟ୍‌ତାନ୍ ରେତାଜ ରାଆ ।" 41 ପେରି ଜାଜକର୍, ଦାର୍ମୁଗୁରୁ
ମାରି ଦାର୍ମୁ ନେତାର୍ ବା ଜିସୁଙ୍କୁ ସେମାର୍‌କିଜି ଇର୍ହାର୍, 42
"ୱାନ୍ ଆଇୱାରିଙ୍ଗ ରକିୟାକିଜିମାର୍ହାନ୍, ମାତର୍ ନିଜେଦିଙ୍ଗ
ରକିୟା କିଦେଙ୍ଗ ଆଟ୍‌ଏଜିନାନ୍ । ୱାନ୍ ପରା ଇସ୍ରାଏଲ୍‌ତି ରାଜା,
ୱାନ୍ ଇୟାଦାପ୍ରେ କ୍ରୁସ୍‌ଦାନ୍ ରେତାଜରାପିନ୍, ମାପ୍ ୱାନିମାନୁ
ବିସ୍‌ବାସ୍‌କିନାପ୍ । 43 ୱାନ୍ ନିଜେଦିଙ୍ଗ ମାପୁରୁଦି ମାରିନ୍ ଇନ୍‌ଞ୍ଜି
ମାପୁରୁଦି ମୁସ୍‌କୁ ଆସାଇଟ୍‌ତାମାନାନ୍ । ଆର୍‌ତିଙ୍ଗ ସୁଡୁନାଟ୍,
ମାପୁରୁ ଇଲେଇ ୱାନିଙ୍ଗ ଜିପିସ୍ କିଦେଙ୍ଗ ବଦାକିଜିନାନ୍ ନୋ
ସିଲେ ।" 44 ୱାନି ୱାଲେ କ୍ରୁସ୍‌କାଟ୍‌ତୁ ଡାକାଇଆତିମାନି ଡଙ୍ଗ୍ଣାର୍‌ଉଁ
ବା ୱାନିଙ୍ଗ ଆୟାୱାଜା ସେମାର୍ କିତାର୍ । 45 ଆୟା ନାଣ୍ଡିଙ୍ଗ
ବାର ଗନ୍‌ଟା ସମୟ୍‌ତୁ ପୃତିବି ୱିଞ୍ଜୁ ସିକାଟି ଆତାତ୍ ମାରି ଆକା
ମୁନ୍‌ଡ୍ରି ଗଟ୍‌ନା ସାନ୍ଦି ତେବାତାତ୍ । 46 ୱେଡ଼ାରେସିମାର୍‌ଇ
ତିନ୍‌ଟାବେଡ଼ାଦୁ ଜିସୁ ନାଣ୍ଡୁଆଉଲିଆଜି ଇର୍ହାନ୍, "ଏଲି, ଏଲି,
ଲାମା ସବକ୍‌ତାନି?" ଅର୍ତାତ୍, "ଏ ନା ମାପୁରୁ, ଏ ନା ମାପୁରୁ, ନିନୁ
ନାଜ୍ଙ୍ଗି ଏନ୍ଦା ଡ଼ିସ୍‌ତି?" 47 ଲାକ୍‌ତୁ ନିର୍‌ଇମାରିଇ ଏସଲୋକ୍ ଇକା
ୱେନ୍‌ଞ୍ଜି ଇର୍ହାର୍, "ୱାନ୍ ଏଲିୟଙ୍ଗ କୁକ୍‌ସିନାନ୍ ।" 48 ଅରେନ୍
ଲୋକୁ ଉରୁକ୍‌ସି ସୋଲ୍‌ସି କେଇନିକା ମିସାତି ଅଙ୍ଗୁର୍‌ରସତୁ
ଉନ୍‌ଡ୍ରି ଲୁବ୍‌ଲୁବାପାଗା ମୁଡୁକ୍‌ସି ତାନିଙ୍ଗ ନାଡ଼ାଦି ଟିପୁଦୁ ତର୍‌ସି
ଜିସୁଙ୍କୁ ଉଣ୍ଡେଙ୍ଗ ପେର୍‌ତା ସିତାନ୍ । 49 ମାତର୍ ଆଇକାର୍ ଇର୍ହାର୍,
"କାପ୍‌କିଦୁ, ସୁଡୁନାଟ୍, ୱାନିଙ୍ଗ ରକିୟା କିଦେଙ୍ଗ ଏଲିୟ ୱାଜିନାନ୍
ନୋ ସିଲେ ।" 50 ଜିସୁ ମାରିଉନ୍‌ଡ୍ରି ଦେବେଙ୍ଗ ପେରିୱେୟୁଦାନ୍
ଆଉଲି ଆଜି ସାରାସାରି ୱାନି ଜିବନ୍ ଡ଼ିସ୍‌ତାନ୍ । 51 ଆୟା
ବେଡ଼ାଦୁ ମନ୍ଦିର୍‌ତୁ ଦୁଙ୍କେଜିମାନି ପାର୍‌ଦା ମୁସ୍‌କୁରାନ୍ ଆଡ଼୍‌ଗି ସାନ୍ଦି
ରୁଣ୍ଡି ମକେଙ୍ଗ ଆଜି କିଜିତାତ୍ । ବୁମିକମ୍ପ ଆତାତ୍, ପିଡ଼ିପିଙ୍ଗ୍‌ୱିଞ୍ଜୁ
ପାଡିତେସର୍‌ଏ 52 ମାରି ଏସ ମୁସ୍‌ତିଗୁଟେଙ୍ଗ ରେଆୟ୍‌ଆତେ,
ମାରି ଗାଦି ମାପୁରୁଦି ସାତି ଲୋକୁ ମେନ୍ଦ୍ରଲ୍‌ତାନ୍ ମାରିଡ଼େସିଜିବନ୍
ଆତାର୍ । 53 ଇୟାକାର୍ ମୁସ୍‌ତିଗୁଟେଣ୍‌କୁ ନିଙ୍ଗ୍ଜି ୱାତାର୍
ମାରି ଜିସୁଦି ମାରିଡ଼େସିନିଙ୍ଗ୍ନି ୱେନ୍‌କା ଇୟାୱାରିଙ୍ଗ ପବିତ୍ର
ଗାଡ୍ ଜିରୁସାଲମ୍‌ତୁ ସନିକା ଗାଦିଲୋକ୍ ସୁଡୁତାର୍ । 54
ଜିସୁଙ୍କୁ କାପ୍‌କିଦେଙ୍ଗ ତେବାତିମାନି ସେନାପତି ମାରି ସନ୍ୟର୍
ବୁମିକମ୍ପ ନି ଆଇଆଇ ଗଟ୍‌ନେଙ୍ଗ ସୁଡୁଜି ଡିଲାତା ସର୍ହାର୍,
ୱାର୍ ଇର୍ହାର୍, "ସତ୍ରେନ, ଇୟାକାନ୍ ମାପୁରୁଦି ମାରିନ୍ ମାର୍ହାନ୍ ।"
55 ଗାଲିଲିଦାନ୍ ଜିସୁଦି ୱେନ୍‌କାୱାଜି, ୱାନିଙ୍ଗ ସେବା କିତିମାନି
ଗାଦି ଆଇମେକ୍ ଆକରାନ୍ ମାନ୍‌ଞ୍ଜି ୱିଞ୍ଜୁ ସୁଡୁଜି ମାରେଏ । 56
ଇୟାୱାନିକା ମାଣ୍‌କୁ ମାର୍‌ଏ ମଗ୍‌ଦଲିନି ମରିୟମ୍, ଜାକୁବ ନି
ଜୋସେପ୍‌କା ଆଇସି ମରିୟମ୍ ମାରି ଜେବଦିଦି ଆଡ଼୍‌ସି । 57
ମିଲିମିଲିକା ବେଡ଼ାଦୁ ହାରାମାତିୟା ଗାଡ଼୍‌ତି ଜୋସେପ୍ ଦର୍ତି
ଅରେନ୍ ମାଜନ୍ ଲୋକୁ ୱାତା ଇତାନ୍ । ୱାନ୍ ଜିସୁଦି ଅରେନ୍
ସିସୁ ମାର୍ହାନ୍ । 58 ୱାନ୍ ପିଲାତ୍‌ତିଙ୍ଗ ତରାଆୟ୍‌ଆତାନ୍‌ନୋ
ଜିସୁଦି ମେନ୍ଦ୍ରଲ୍‌ତିଙ୍ଗ ଅତେଙ୍ଗ ଇଜି ଅନୁମତି ଲସ୍‌ତାନ୍ । ଆର୍‌ତିଙ୍ଗ
ପିଲାତ୍ ଜିସୁଦି ମେନ୍ଦ୍ରଲ୍‌ତିଙ୍ଗ ଅତେଙ୍ଗ ଆଦେସ୍ ସିତାନ୍ ।
59 ଜୋସେପ୍ ଜିସୁଦି ମେନ୍ଦ୍ରଲ୍‌ତିଙ୍ଗ ଅତାନ୍‌ନୋ ଉନ୍‌ଡ୍ରି ନେଗି
ୱାଡିଦୁ ତେରେପ୍‌ତାନ୍ ମାରି 60 ୱାନି ନିଜେଦି ଉଣ୍ଡିଙ୍ଗ କାଲୁଦୁ
କାରିଡି ମାରିଇ ଉନ୍‌ଡ୍ରି ପୁନି ମୁସ୍‌ନିବାଡିଦୁ ୱାନିଙ୍ଗ ଇଟ୍‌ତାନ୍
ମାରି ଗୁଟାଦିମକମ୍‌ତୁ ଉନ୍‌ଡ୍ରି ପେରି କାଲୁ କେରେପ୍‌ତା ସର୍ହାନ୍
। 61 ମଗ୍‌ଦଲିନି ମରିୟମ୍ ନି ଆଇ ମରିୟମ୍ ଆୟାବାନୁ
ଗୁଟାଦିଙ୍ଗ ମକମ୍‌କିଜି ବାସ୍‌ତେ ମାର୍‌ଏ । 62 ଆୟା ମାର୍‌ନାଣ୍ଡିଙ୍ଗ
ଅର୍ତାତ୍ ରମ୍‌ନିନାଣ୍ଡିଙ୍ଗ ପେରି ଜାଜକର୍ ନି ପାରୁସିର୍ ପିଲାତ୍‌ତିଙ୍ଗ
ବେଟ୍‌ଆତାର୍‌ନୋ ଇର୍ହାର୍, 63 "ଆଞ୍ଜା, ମାଜ୍ଙ୍ଗି ମନ୍‌ତୁମାନାତ୍,
ଆୟା ମିଚ୍‌ୱେର୍‌ନିକାନ୍ ଜିବନ୍‌ମାର୍‌ଇ ୱାଲେ ଇର୍‌ଆ ମାର୍ହାନ୍,
'ମୁନେଟି ୱେନ୍‌କା ନାନ୍ ନିଙ୍ଗ୍ନା ।' 64 ଆଦେଙ୍ଗ ମୁନେନ୍ ସାନ୍ଦି
ଆୟା ମୁସ୍‌ତିଗୁଟାଦିଙ୍ଗ କାପ୍‌କିଜ ମାନ୍‌ଡ୍ରେଙ୍ଗ କାପ୍‌କିନିୱାରିଙ୍ଗ
ଆଦେସ୍ ସିପିନ୍, ଆର୍‌ତିଙ୍ଗ ୱାନି ସିସୁର୍ ୱାନି ମେନ୍ଦ୍ରଲ୍‌ତିଙ୍ଗ
ଡଙ୍ଗ୍ଣାକିଜ ଅସ, ୱାନ୍ ଜିବନ୍‌ଆଜି ନିଙ୍ଗ୍‌ତାମାନାନ୍ ଇଜି ଇନ୍‌ଡ୍ରେଙ୍ଗ
ଆଟ୍‌ଏର୍ । ୱାରି ଇୟା ମିସ୍ ମାଟା ୱିଞ୍ଜୁମାଣ୍‌କୁ ନାଣ୍ଡୁ ତାଗ୍‌ଇକା
ଆନାତ୍ ।" 65 ପିଲାତ୍ ୱାରିଙ୍ଗ ଇର୍ହାନ୍, "ଦଲ୍ କାପ୍‌କିନିୱାରିଙ୍ଗ
ଅତୁ ମାରି ଆୟା ମୁସ୍‌ତିଗୁଟାଦିଙ୍ଗ ବେଗି ସୁରକ୍ଷା କିଦୁ ।" 66
ୱାର୍ ସର୍ହାର୍‌ନୋ ଗୁଟାଦିଙ୍ଗ ସୁରକ୍ଷା କିନି ଉଣ୍ଡିଙ୍ଗ ତିଆର୍‌କିତାର୍ ।
ଆୟା ମକମ୍‌ତିଙ୍ଗ କେରେପ୍‌ସି ଇଟ୍‌ତିମାନି କାଲୁ ମୁସ୍‌କୁ ଟାଆପ୍
ବାସାକିଜି କାପ୍‌କିନି ଉଣ୍ଡିଙ୍ଗ କାପ୍‌କିନିୱାରିଙ୍ଗ ଇଟ୍‌ତାର୍ ।

**28** ରମ୍‌ନିଦିନ୍ ୱିଜିତି ୱେନ୍‌କା ଆଦିୱାର୍ ସାଲ୍‌ଦି ମଗ୍‌ଦଲିନି
ମରିୟମ୍ ମାରି ଆଇ ମରିୟମ୍ ଦୁକିଦୁ ସୁଡ୍ରେଦେଙ୍ଗ ସର୍ହେ । 2
ନାସ୍ତିୱାଲେ ଆୟାଦାପ୍ରେନେ ଉଣ୍ଡି ପେରି ବୁମି ଡିରିଗ୍‌ନାତ୍ ଆତାତ୍
। ପ୍ରବୁଦି ଅରେତ୍ ଦୁତ୍ ମୁସ୍‌କୁରାନ୍ ରେତାଜି ୱାଜି ଦୁକିଦି ମକମି
ମାର୍‌ଇ କାଲୁଦିଙ୍ଗ ଗୁସା କିଜି ତାନି ମୁସ୍‌କୁ ବାସ୍‌ତାତ୍ । 3 ତାନି
ରୁପ୍ ଜାୟ୍‌ତି ୱାଜା ମାରି ତାନି ଆଜ୍ଙ୍ଗି ଆଣ୍ଡାଗା ୱାଜା ଅଡ଼ିନିକା

ମାର୍ହାତ୍ । 4 ୱାନିଙ୍ଗ ସୁଡ଼୍ଜି କାପ୍କିନିକାର୍ ତିଲାଜି ତିର୍ଗିତାର୍
ମାରି ସାତି ମାଡ଼ାଦି ୱାଜା ଆତା ସର୍ହାର୍ । 5 ଦୁତ୍ ଆୟା
ଆଇମେକାଙ୍ଗଁ ଇର୍ହାତ୍, "ତିଲାମାଟ୍ ।" ନାନ୍ ନେସ୍ନା, ମିର୍ କ୍ରୁସଦୁ
ଡାକାଇଆତି ଜିସୁଙ୍ଗଁ ସୁଡ଼େ୍ଦଙ୍ଗ ୱାତିମାନିଦେର୍ । 6 ୱାନ୍ ଇବେ
ସିଲେନ୍, ୱାନ୍ ଏଣ୍ଡେସ୍ ଇର୍ହାମାର୍ହାନ୍, ଆୟାୱାଜା ନିଙ୍ଗଁତାମାନାନ୍
। ରାଦୁ, ୱାନି ସାତିମାଡ଼ା ଏମେମାନୁ ଇଟ୍ତାମାର୍ହାନ୍, ଆୟା
ବାଡି ସୁଡ଼୍ଦୁ । 7 ଦାପ୍ରେ ସଲ୍ସି ୱାନି ସିସୁରିଙ୍ଗ ଇନ୍ଦୁ, ୱାନ୍
ସାତିମାଣାନ୍ ଡ଼େସି ନିଙ୍ଗଁତାମାନାନ୍ ମାରି ମି ଆଗ୍ଡ଼ି ଆଗ୍ଡ଼ି
ୱାନ୍ ଗାଲିଲିଦୁ ସଲ୍ସିନାନ୍ । ଆବେ ମିର୍ ୱାନିଙ୍ଗ ସୁଣିଦେର୍
। ନାନ୍ ଆମାକା ଇର୍ଆ, ମୋନ୍ତୁ ଇଡ୍ଦୁ । 8 ଇବେଟ୍ ୱାକ୍
ତିଲାଜି ନି ନାଣ୍ଡୁ ୱେଡ଼ିକାଦାନ୍ ଦୁକିଦାନ୍ ଦାପ୍ରେ ଡ଼େସି ସଲ୍ସି
ୱାନି ସିସୁରିଙ୍ଗ କାବୁର୍ ସିଦେଙ୍ଗଇଜି ଉର୍କୁତେ । 9 ଦାପ୍ରେ
ଜିସୁ ୱାରିଙ୍ଗ ବେଟ୍ବୁଡ଼ାଜି ଇର୍ହାନ୍, "ମି ସାନ୍ତିଆପିତ୍ ।" ୱାର୍
ୱାନି ଲାକ୍ତୁ ସଲ୍ସି ୱାନି ପାଦାମ୍କୁ ଆସ୍ସି ମାଡ଼ିସ୍କିତାର୍
। 10 ଜିସୁ ୱାରିଙ୍ଗ ଇର୍ହାନ୍, "ତିଲାମାଟ୍ ।" ମିର୍ "ସଲ୍ସି
ନା ତଡ଼ାନ୍କାଙ୍ଗ ୱେର୍ଆ, ୱାର୍ ଗାଲିଲିଦୁ ସଲିର୍, ଆବେ
ୱାର୍ ନାଙ୍ଗଁ ସୁଣାର୍ ।" 11 ଆଇମେକ୍ ଆବେଟ୍କୁ ବୁଲାଜି
ସୋଲ୍ସିମାନିୱାଲେ ମୁସ୍ତିଗୁଟାଦିଙ୍ଗ କାପ୍କିଜି ତେବାଜିମାର୍ଇ
ଏସଲୋକ୍ କାପ୍କିନିକାର୍ ଗାଡ଼୍ତୁ ଡ଼େସିସୋର୍ହାନ୍ନୋ ପେରି
ଜାଜକରିଙ୍ଗ ଇୟାୱିଜୁ ଗଟ୍ନା ୱେର୍ତାର୍ । 12 ପେରି ଜାଜକର୍
ଦାର୍ମୁ ନେତାରି ୱାଲେ ୱାର୍ଗିଜି ସାତାର୍, ଆୟା ସନ୍ୟରିଙ୍ଗ ଗାଦି
ଡାବୁଙ୍ଗଁ ଲାଞ୍ଚ ସିଜି ୱାରିଙ୍ଗ ଇର୍ହାର୍, 13 "ମିର୍ ୱେର୍ତୁ ଜେ
ନାଡ଼ା ମିର୍ ସୁସ୍ତିମାରିଇବେଡ଼ାଦୁ ୱାନି ସିସୁର୍ ୱାଜି ମାଡ଼ାଦିଙ୍ଗ
ଡଙ୍ଗଁକିତାଅତାର୍ । 14 ମାରି, ଜଦି ସାସନ୍କିନିକାନ୍ ଇୟା ମାଟା
ୱେନ୍ନାନ୍ ମାପ୍ ୱାନିଙ୍ଗ ବୁଜାକିନାସିନାପ୍ଜେ ମିର୍ ଦସ୍କିଇଦେର୍
। ଇୟା ବିସୟ୍ତାନ୍ ମିର୍ ଦାନ୍ଦାଆମାଟ୍ ।" 15 ସନ୍ୟର୍ ଡାବୁଙ୍ଗଁ
ଅସି ୱାରିଙ୍ଗ ୱେର୍ତିମାନି ଇସାବ୍ତାନ୍ ପାଣି କିତାର୍ । ୱାର୍
ନାସ୍ତିୱାଲେ ଆମାକା ଇର୍ହାର୍, ଜିହୁଦିର୍ ନେର୍ ସାନ୍ଦି ଆୟା ମାଟା
ୱେର୍ସିନାର୍ । 16 ଜିସୁ ୱେର୍ତିମାନି ଅନୁସାର୍ଦାନ୍ ଏଗାର୍
ଲୋକୁ ସିସୁର୍ ଗାଲିଲିଦୁ ସୋଲ୍ସି, ଜିସୁ ଆମା ଗରନ୍ ବିସୟ୍
ୱାରିଙ୍ଗ ଇର୍ଆ ମାର୍ହାନ୍, ଆୟା ଗରନ୍ତୁ ସର୍ହାର୍ । 17 ମାରି, ୱାର୍
ଜିସୁଙ୍ଗଁ ସୁଡୁଜି ମାଡ଼ିସ୍କିତାର୍, ମାତର୍ ଏନ୍ ଏନ୍ ନାମ୍ଏତାର୍ ।
18 ଜିସୁ ୱାରି ଲାକ୍ତୁ ୱାଜି ଇର୍ହାନ୍, "ମୁସ୍କୁପୁର୍ ନି ଆଡ୍ଗିପୁର୍
ୱିଜୁ ଅଦିକାର୍ ନାଙ୍ଗଁ ସିଆୟ୍ଆତାମାନାତ୍ । 19 ମିର୍ ୱିଜୁ ବାସାଦି
ଲୋକା ଲାକ୍ତୁ ସୋଲ୍ସି ୱାରିଙ୍ଗ ନା ସିସୁ କିଦୁ । ମାରି ବୁବା,
ମାରିନ୍ ମାରି ପବିତ୍ର ଆତ୍ମାଦି ଦର୍ତାନ୍ ୱାରିଙ୍ଗ ଡୁବନ୍ ସିଦୁ, 20
ମାରି ନାନ୍ ଆମା ୱିଜୁ ଆଦେସ୍ ସିତାମାନା, ଆୟାୱିଜୁ କିଦେଙ୍ଗ
ୱାରିଙ୍ଗ ସିକିୟା ସିଦୁ । ମାରି ମନେଇଡ଼୍ଦୁ, ଜୁଗ୍ସେସ୍ ଆନିସାନ୍ଦି
ୱିଜୁୱାଲେ ନାନ୍ ମି ୱାଲେମାନା ।" (aiōn g165)

# ମାର୍କ

1 ଇକା ଆଜିନାତ୍ ମାପୁରୁ ମାରିସି ଜିସୁ କ୍ରିସ୍ତଦି ନେଗି
କାବୁର୍ ଆରାମ୍ । 2 ଜିସାୟ ବାବବାଦିଦି ବଇଦୁ ଏଣ୍ଡେସ୍
ରାସାତାମାନାତ୍, “ସୁତୁତୁ, ମାପୁରୁ ଇର୍ହାନ୍,” ମାପ୍ ମା ଦୁତ୍ତିଙ୍ଗ
ମି ଆଗ୍ଡ଼ି ପୋକ୍ନାପ୍, ୱାନ୍ ମି ସାରି ରସ୍ନାନ୍ । 3 ମରୁବୁମିଦୁ
ପେରିୱେୟୁଦାନ୍ ଆଉଲିଆଜିମାନି ଅରେନ୍ ୱାନି ବଲ୍, ପ୍ରବୁଦି
ସାରି ରସ୍ଆ, ୱାନି ସାରି ସାତୁକୁ କିଆ । 4 ଆବେଟ୍‌କୁ ଏର୍ତୁ
ଡୁବନ୍ ସିନି ଜୋହନ ବାଲିଭୁମିଦୁ ସର୍ହାନେ୍ନା ୱେର୍ତାନ୍, ମାରି
ଡୁବନ୍ ସିତାନ୍ । ୱାଣ୍ଡୁରୁ ପ୍ରଚାର୍ କିଜି ଲୋକାଙ୍ଗ ଇନ୍‌ଡ୍ରେଙ୍ଗ
ଆସ୍ତାନ୍, “ପାପ୍‌ତାନ୍ ମନ୍‌ତିଙ୍ଗ ଡ଼େପ୍‌ତୁ, ମାରି ଡୁବନ୍ ଅତୁ
ଆବେଟ୍ ମାପୁରୁ ମି ପାପ୍‌କେମା କିନାନ୍ ।” 5 ଆବେଟ୍ ଯିହୁଦା
ରାଜି ମାରି ଜିରୁସାଲାମ୍‌ତି ୱିଜୁ ଲୋକୁ ସତାରୋ ଯୋହନତି
ଲାକ୍‌ତୁ ୱାଦେଙ୍ଗ ଆସ୍ତାର୍ ମାରି ନିଜେ ନିଜେଦି ପାପ୍ ମାନାଜି
ୱାନି ମାଣ୍‌କୁ ଜର୍ଦନ ଗାଡାଦୁ ଡୁବନ୍ ଅତାର୍ । 6 ଜୋହନ ଉଟ୍
ବୁର୍‌ବୁସାଦାନ୍ ଟିଆର୍ ଆଟି ଆଙ୍ଗି ଆରାଜି ମାର୍‌ଆନ୍ ମାରି
ୱାନି ଜୁକିଦି ସାରିବେଡ଼୍‌ତି ତଲ୍‌ତି ନାସ୍ ତରାଜିମାର୍ହାନ୍, ମାରି
ମାଡ଼ିମାଉ ନି ଗରନ୍ ପୁକି ତିନ୍‌ଜିମାର୍‌ଆନ୍ । 7 ୱାଣ୍ଡୁ ଆଉଲି
ଆଜି ଇଣ୍ଡେଙ୍ଗ ଆସ୍ତାନ୍, “ଏନ୍‌କି ନା ମାଣ୍‌କୁ ନାଣ୍ଡ ବପୁମାନାନ୍,
ଆକାନ୍ ନା ୱେନ୍‌କା ୱାଜିନାନ୍; ନାନୁ ପାଡ଼୍‌ଜ ଜୁଟେଙ୍ଗ୍‌ତି ଗାଟି
ବା କୁଟେ୍ତଙ୍ଗ ଜଗ୍ ସିଲେ । 8 ନାନୁ ମିଙ୍ଗେ ଏର୍‌ତୁ ଡୁବନ୍ ସିଜିନା,
ମାତର୍ ୱାନ୍ ମିଙ୍ଗେ ପବିତ୍ର ଆତ୍ମାଦୁ ଡୁବନ୍ ସିନାନ୍ ।” 9 ନାସ୍ତିୱାଲେ
ଜିସୁ ଗାଲିଲି ରାଜିଦି ନାଜରିତ ଦର୍‌ତି ନାଟାଣ୍‌କୁ ୱାଜି ଜର୍ଦନ
ଗାଡାଦୁ ଜୋହନମାନୁ ୱାନ୍ ଡୁବନ୍ ଅତାନ୍ । 10 ଜିସୁ ଏର୍‌ତାନ୍
ସହସି ୱାନିୱାଲେ ବାଦଡ଼୍ ରେଆତି ମାନିୱାଜା ମାରି ପବିତ୍ର
ଆତ୍ମା ପାର୍‌ୱାଦି ୱାଜା ୱାଜି ୱାନି ମୁସ୍‌କୁ ରେତାନିକା ୱାନ୍
ସୁତୁତାନ୍, 11 ନାସ୍ତିୱାଲେ ବାଦଡ଼୍‌ତାନ୍ ଉଣ୍ତି ବଲ୍ ୱେଙ୍ଗେତାଡ଼୍,
“ନିନୁ ମା ଲାଡ଼୍‌ତି ମାରିନ୍, ନିବାନ୍ ମାପୁ ନାଣ୍ଡ ୱେଡ଼ିକା ।” 12
ଆୟାଦାପ୍ରେ ପବିତ୍ର ଆତ୍ମା ଜିସୁଙ୍କେ ଉଣ୍ତି ସିମ୍ରା ବାଡିଦୁ ଅତାଡ଼୍ ।
13 ଜିସୁ ସିମ୍ରା ବାଡିଦୁ ସାଲିସ୍ ଦିନ୍ ଡେବାଜି; ସୟତାନ୍‌ତି ମାଣାନ୍
ପରିକା କିଆୟ୍‌ଆତାନ୍; ଜିସୁ ବନ୍‌ତି ଜାତୁଙ୍ଗାୱାଲେ ମାର୍‌ଆନ୍,
ମାତର୍ ମୁସ୍‌କୁପୁର୍‌ତି ଦୁତ୍‌କୁ ୱାଜି ୱାନି ସେବାକିଜିମାରେଏ ।
14 ଯୋହନ ଜଇଲ୍‌ତୁ ସର୍‌ହି ୱେନ୍‌କା ଜିସୁ ଗାଲିଲି ରାଜିଦୁ
ୱାତାନ୍ ନୋ ମାପୁରୁଦି ନେଗି କାବୁର୍ ପ୍ରଚାର୍ କିଦେଙ୍ଗ ଆସ୍ତାନ୍
। 15 ଜିସୁ ୱେର୍‌ତେଙ୍ଗ ଆସ୍ତାନ୍, “ଦିନ୍ ଲାକ୍‌ତୁ ୱାତାଡ଼୍‌ନି,
ମାପୁରୁଦି ରାଜି ଇଗା ୱାଜିନାଡ଼୍! ପାପ୍‌ତାନ୍ ମନ୍‌ତିଙ୍ଗ ଡ଼େପ୍‌ତୁ
ମାରି ମାପୁରୁଦି ନେଗିକାବୁର୍‌ତୁ ବିସ୍‌ବାସ୍ କିଦୁ ।” 16 ଜିସୁ
ଗାଲିଲିଦି ସାମ୍ଦୁର୍ ପାଡ଼ି ସିଜି ସନିୱାଲେ ସିମୋନ୍ ପିତର
ମାରି ଆନ୍ଦ୍ରିୟ ତଡ଼୍ ରିଏରିଙ୍ଗ ସାମ୍ଦୁର୍‌ତୁ ମିନ୍‌କୁ ଜାଡ଼ି ପକ୍‌ନିକା
ସୁତୁତାନ୍, ଇରିଙ୍ଗ ୱାର୍ ମିନ୍‌କୁ ଆସ୍‌ନିକାର୍ ମାର୍‌ଆର୍ । 17 ଜିସୁ
ୱାରିଙ୍ଗ ଇର୍‌ଆନ୍, ନା ୱାଲେ ରାଦୁ, ନାନ୍ ମିଙ୍ଗେ ଲୋକାଙ୍ଗ ମାପୁରୁ
ଲାକ୍‌ତୁ ତାନିକା ଅଜାକିନା । 18 ଆବେଟ୍ ୱାର୍ ଆୟାଦାପ୍ରେ
ଜାଡ଼ି ଡ଼ିସ୍‌ତାରୋ ଜିସୁୱାଲେ ୱାଲେ ସର୍‌ଆର୍ । 19 ମାରି,
ଜିସୁ ଅଡ଼ପ୍ ଆଗ୍ଡ଼ି ସର୍‌ଆନେ୍ନା ଜେବଦିଦି ରିଏର୍ ମାରିସିର୍
ଜାକୁବ ନି ୱାନି ତଡ଼ାନ୍ ଜୋହନତିଙ୍ଗ ୱାରି ଡଙ୍ଗାଁଦୁ ଜାଡ଼ି
ମଦାକିନିକା ସୁତୁତାନ୍ । 20 ଜିସୁ ୱାରିଙ୍ଗ ସୁତୁଜି ଦାପ୍ରେ ୱାନି
ଲାକ୍‌ତୁ କୁକ୍‌ତାନ୍, ୱାର୍ ୱାରି ବୁବାସି ଜେବଦିଙ୍ଗ ବୁତିକିନି
ଲୋକାୱାଲେ ଡଙ୍ଗାଁଦୁ ଡ଼ିସ୍‌ତାରୋ ଜିସୁୱାଲେ ୱାଲେ ସର୍ହାର୍
। 21 ଜିସୁ ମାରି ସିସୁର୍ କପର୍‌ନାହୁମ୍ ଇନି ଗାଡ଼୍‌ତୁ ସର୍‌ଆର୍,
ଆୟାଦାପ୍ରେ ଜିସୁ ରୋମ୍‌ନି ନାଣ୍ଡିଙ୍ଗ ଜିହୁଦିରି ପାର୍‌ତନା କିନି
ଇଲୁ ଲୋଇ ସର୍‌ଆନେ୍ନା ସିକିୟା ସିଦେଙ୍ଗ ଆସ୍ତାନ୍ । 22
ୱାନି ସିକିୟା ୱେନ୍‌ଜି ଲୋକ୍‌ଡର୍ କାବାଆତାର୍; ଇରିଙ୍ଗ ଜିସୁ
ସାସ୍ତ୍ରୀରି ୱାଜା ସିକିୟା ସିଏନ୍ଣ୍ଡା ଅରେନ୍ ଅଦିକାର୍ ପଇତି
ଲୋକ୍‌ତି ୱାଜା ସିକିୟା ସିଜି ମାର୍‌ଆନ୍ । 23 ନାସ୍ତିୱାଲେ ଅରେନ୍
ଦୁବା କାସ୍ତି ଲୋକୁ ପାର୍‌ତନା କିନି ଇଲୁ ଲୋଇ ମାରାନ୍ ନୋ
ଆଉଲି ଆଜି ଇର୍‌ଆନ୍ । 24 “ଏ ନାଜରିତିୟ ଜିସୁ, ନିୱାଲେ
ମା ଇନି ପାଣି ମାନାଡ଼୍? ନିନ୍‌ନେ ମାଙ୍ଗେ ୱିସେ୍ତଙ୍ଗ ୱାତି? ନିନୁ
ଏନ୍ ଆକା ନାନ୍ ନେସ୍‌ନା, ନିନୁ ମାପୁରୁତି ମାଣ୍‌କୁ ୱାତିମାନି
ପବିତ୍ର ଲୋକୁ ।” 25 ଜିସୁ ତାନିଙ୍ଗ ଆଦ୍‌ରିସ୍ କିଜି ଇର୍ହାନ୍,
“ଆଲ୍‌ଜ ମାନ୍‌ଆ, ଇୟା ୱେନିମାଣ୍‌କୁ ସସି ସାଙ୍ଗଆ ।” 26 ତାନେ
ୱେନ୍‌କା ଆୟା ତାଗ୍‌ଇଆତ୍ମା ୱାନିଙ୍ଗ ଦୁକ୍‌ତା ପକ୍‌ତା ଦୋ ନାଣ୍ଡ
ପେରି ୱେୟୁଦାନ୍ ଆଉଲି ଆଜି ୱାନି ମାଣ୍‌କୁ ସତା ସର୍‌ଆଡ଼୍ ।
27 ଆବେ ମାର୍‌ଇ ଲୋକ୍‌ଡର୍ କାବାଆତା ସର୍‌ଆର୍‌ନୋ ୱାରି
ୱାରି ଲୋଇ ୱାର୍‌ଗିଜି ସାତାର୍, “ଇକା ଇନିକା? ଇକା ତୋ
ଉଣ୍ତି ଅଦିକାର୍ ମାନି ପୁନି ସିକିୟା, ୱାନ୍ ତାଗ୍‌ଇ ଆତ୍ମେଆଙ୍ଗ
ବା ଆଦେସ୍ ସିନାନ୍, ମାରି ତାଗ୍‌ଇ ଆତେ୍ମଙ୍ଗ ୱାନି ଆଦେସ୍
ମାନାନେ ।” 28 ଆୟାୱେନ୍‌କା ଜିସୁଦି ବିସୟ୍‌ତୁ ମାଟା ଦାପେ
ଦାପେ ଗାଲିଲି ରାଜିଦୁ ୱିଜୁ ତରିନ୍ ୱେଙ୍ଗେତାସର୍‌ଆଡ଼୍ । 29
ତାନେ ୱେନ୍‌କା ଜିସୁ ମାରି ସିସୁର୍ ପାର୍‌ତନା କିନି ଇଲୁଦାନ୍
ସତାରୋ ଯାକୁବ ନି ଜୋହନ ୱାଲେ ଆୟାଦାପ୍ରେ ସିମୋନ୍
ମାରି ଆନ୍ଦ୍ରିୟରି ଇଲ୍‌ତୁ ସର୍‌ଆର୍ । 30 ସିମୋନ୍‌କା ମିମ୍‌ସି
ନବ୍‌ତି ଉଣ୍ତିଙ୍ଗ ନିଙ୍ଗେଦଙ୍ଗ ଆଟ୍‌ଏଜି ମାର୍‌ଆଡ଼୍, ମାରି ସିସୁର୍
ଆୟାଦାପ୍ରେ ତାନେ ମାଟା ଜିସୁଙ୍କେ ୱେର୍‌ତାର୍ । 31 ଆବେଟ୍
ଜିସୁ ଲାକ୍‌ତୁ ସର୍‌ଆନେ୍ନା ତାନି କିୟୁ ଆସ୍ତାନେ୍ନା ତାନେଙ୍ଗ
ନିକ୍‌ତାନ୍, ଆବେଟ୍ ତାନିଙ୍ଗ ନବ୍ ଡ଼ିସ୍‌ତାଡ଼୍, ମାରି ୱାଦ୍ ନେଗେଣ୍ଡ
ଆତାଦୋ ଜିସୁ ମାରି ସିସୁରି ଉଣ୍ତିଙ୍ଗ ଖାଦି ସେବା ଟିଆର୍ କିଦେଙ୍ଗ
ଆସ୍ତାଡ଼୍ । 32 ୱେଡାସର୍ହି ୱେନ୍‌କା ଲୋକ୍‌ଡର୍ ଜିସୁ ଲାକ୍‌ତୁ
ୱିଜୁ ରକମ୍‌ତି ରୋଗ୍ ମାରି ଦୁବା କାସ୍ତି ଲୋକାଙ୍ଗ ତାତେଙ୍ଗ
ଆସ୍ତାର୍ । 33 ଆୟା ଗାଡ଼୍‌ତି ଲୋକୁ ୱିଜେରେ ୱାଜି ଆୟା ଇଲୁ
ସେର୍‌ଲା ଲାକ୍‌ତୁ ଉଣ୍ଡାତାର୍ । 34 ଜିସୁ ନାନା ରକମ୍‌ତି ରୋଗ୍
ଲୋକାଙ୍ଗ ନେଗେଣ୍ଡ କିତାନ୍ ମାରି ଏସ ଦୁବା କାସ୍ତି ଲୋକାଙ୍ଗ
ଡ଼ିସିସ୍ କିତାନ୍, ମାରି ୱାନ୍‌ତୁ ଦୁବେଆଙ୍ଗ ୱାର୍‌ଗିଦେଙ୍ଗ ସିଏତାନ୍,

ଇରିଙ୍ଗ ଦୁବେଙ୍ଗ ଡର୍ ଜିସୁଙ୍ଗଁ ନେସ୍‌ସି ମାରେ୍‌ହ । 35 ମାର୍‌ନାଣ୍ଡିଙ୍ଗ
ୱେଡ଼ା ସନି ଆଗ୍‌ଡ଼ି ସାଲ୍‌ଦି ସିକାଟି ମାନ୍‌ବୁ ମାନ୍‌ବୁନେ ଜିସୁ
ନିଂଇତା ସତା ସର୍‌ଆନ୍ ମାରି ଉଣ୍ତି ସିମ୍ରା ବାଡିଦୁ ସର୍‌ଆନେ୍‌ନା
ଆବେ ପାର୍‌ତନା କିଦେଙ୍ଗ ଆସ୍‌ତାନ୍ । 36 ସିମୋନ୍ ମାରି
ୱାନି ତଡ଼୍ ଲୋକୁ ଜିସୁଙ୍ଗଁ ପଇଦେଙ୍ଗ ଆସ୍‌ତାର୍, 37 ଏସ୍ତିୱାଲେ
ଜିସୁଙ୍ଗଁ ୱାର୍ ସୁଡୁତାର୍ ୱାନିଙ୍ଗ ଇର୍ହାର୍, "ୱିଜେରେ ନିଂଇ ପଇଜି
ଅସିନାର୍ ।" 38 ମାତର୍ ଜିସୁ ୱାରିଙ୍ଗ ଇର୍‌ଆନ୍, "ରାଦୁ, ମାଡୁ
ଇୟା ଲାକ୍‌ତୁ ମାନି ନାର୍‌କାଙ୍ଗଁ ସନାଟ୍ । ନାନ୍ ଆବେବା ପ୍ରଚାର୍
କିନା, ଇରିଙ୍ଗ ଆୟା ଉଣ୍ତିଙ୍ଗ ନାନୁ ସତା ୱାତାମାନା ।" 39
ଆୟାୱେନ୍‌କା ଜିସୁ ଗାଲିଲି ରାଜିଦି ୱିଜୁ ନାର୍‌କାଙ୍ଗଁ ବୁଲାଜି
ବୁଲାଜି ୱାରି ୱିଜୁ ପାର୍‌ତନାକିନି ଇଲ୍‌କାଙ୍ଗ ପ୍ରଚାର୍ କିତାନ୍ ମାରି
ଦୁବେଙ୍ଗ ଆସ୍‌ତି ଲୋକାଙ୍ଗ ଡ଼ିସ୍‌ପିସ୍‌ତାନ୍ । 40 ଜିସୁଦି ଲାକ୍‌ତୁ
ଅରେନ୍ କୁସ୍ଟରୋଗ୍ ଆତି ମାରିକାନ୍ ୱାତାନ୍ ନୋ ୱାନି ଆଗ୍‌ଡ଼ି
ମେଣ୍ତେଙ୍ଗ ଗଟ୍ କିତାନେ୍‌ନା ଇର୍‌ଆନ୍, "ନିନ୍ ଜଦି ବଦା କିନି,
ନାଙ୍ଗଁ ନେଗେଣ୍ତୁ କିଦେଙ୍ଗ ଆଟ୍‌ନି ।" 41 ଜିସୁ ଦୟା ତର୍‌ତାନେ୍‌ନା
କିୟୁ ପେର୍‌ଜି ୱାନିଙ୍ଗ ମୁଟ୍‌ସି ଇର୍ହାନ୍, ନାନ୍ ବଦା କିଜିନା, "ନିନ୍
ନେଗେଣ୍ତୁ ଆଆ ।" 42 ଆୟାଦାପ୍ରେନେ କୁସ୍ଟରୋଗ୍ ୱାନି ମାଣାନ୍
ଡ଼ିସ୍‌ତା ସର୍‌ଆତ୍ ମାରି ୱାଣ୍ତୁ ନେଗେଣ୍ତୁ ଆତାନ୍ । 43 ଇୟା
ୱେନ୍‌କା ଜିସୁ ୱାନିଙ୍ଗ ଆଟ୍‌ୱାଦାନ୍ ଆଦେସ୍ ସିଜି ଆୟାଦାପ୍ରେ
ପୋକ୍‌ସି ଇର୍‌ଆନ୍, 44 "ଜାଗାର୍‌ତା, ଏଙ୍ଗବା ଇନିକା ଇନ୍‌ମା,
ମାତର୍ ସାଙ୍ଗଆ, ଜାଜକରିମାନୁ ନିଜେଦିଙ୍ଗ ତର୍‌ଆ; ନିନ୍ ଜେ
ନେଗେଣ୍ତୁ କିଆଇଆତିମାନି ଇକା ଲୋକାମାନୁ ସାକି ସିଦେଙ୍ଗ
ଇଜି ମୋସାଦି ସିତିମାନି ନିୟମ୍‌ତାନ୍ ପୁଜା ସିଆ ।" 45 ମାତର୍
ଆକାନ୍ ସତା ସର୍‌ଆନ୍ ନୋ ଇୟା ମାଟା ୱିଜୁ ତରିନ୍ ଇଜି
ବୁଲାତାନ୍ ଜେ, ଜିସୁ ମାରି ପ୍ରଚାର୍ କିଦେଙ୍ଗ ତରାଜି ଏମେ
ନାର୍‌ତୁବା ସନ୍‌ଡ୍ରେଙ୍ଗ ଆଟ୍‌ଏତାନ୍, ମାତର୍ ଜିସୁ ଆତ୍‌ରେ ସିମ୍ରା
ବାଡିଦୁ ମାନ୍‌ଜି ମାର୍‌ଆନ୍; ମାରି ୱିଜୁ ତରିଣ୍‌ତି ଲୋକୁ ଜିସୁ
ଲାକ୍‌ତୁ ୱାଦେଙ୍ଗ ଆସ୍‌ତାର୍ ।

**2** ଏସୋ ଦିନ୍ ସରିଇ ୱେନ୍‌କା ଜିସୁ କପର୍‌ନାହୁମ୍ ନାର୍‌ତୁ,
ଏମେ ଇଣ୍ତେବାଜି ମାରାଆନ୍ ଆୟା ଇଣ୍ତମାରିଡ଼େସି ୱାତାନ୍
। ଜିସୁ ଆୟା ଇଲ୍‌ତୁ ମାନାନ୍ ଇଜି ଲୋକାମାନୁ କାବୁର୍
ସର୍‌ଆତ୍ । 2 ଆବେ ନିସା ଲୋକୁ ଉଣ୍ତାତାର୍ ଜେ, ସେର୍‌ଲା
ଲାକ୍‌ତୁବା ଅଡ଼ପ୍ ବାଡି ସିଲେତାତ୍, ମାରି ଜିସୁ ୱାରିମାନୁ
ବାକ୍ୟ ୱେର୍‌ତେଙ୍ଗ ଆସ୍‌ତାନ୍ । 3 ଇୟାୱାଲେ ଲୋକୁ ଅରେନ୍
ପକିୟାଗାତି ରୋଗ୍ ଲୋକ୍‌ତିଙ୍ଗ ନାଲ୍‌ଏରିଙ୍ଗ ପିଣ୍ତିସ୍ କିବିସ୍
କିତାରୋ ଜିସୁ ଲାକ୍‌ତୁ ଆସ୍‌ତା ୱାତାର୍, 4 ମାତର୍ ନାଣ୍ତୁ
ଲୋକୁ ମାର୍‌ଆର୍‌ଆକା ଜିସୁ ଲାକ୍‌ତୁ ତାଡ୍‌େତଙ୍ଗ ଆଟ୍‌ଏତାର୍,
ଆଦେଙ୍ଗ ଜିସୁ ଏମେ ବାଡିଦୁ ମାର୍‌ଆନ୍, ଆୟା ବାଡ଼ିଦି ରେକାମ୍
କୁତ୍‌ତା ପକ୍‌ତାର୍, ମାରି ଆକା ରୁକ୍‌ତାରୋ, ଆମା କାଟେଲ୍‌ତୁ
କିକୁକାଲ୍‌କୁ ୱାର୍‌ତି ରୋଗ୍ ଲୋକୁ ଡରିତା ମାର୍‌ଆନ୍, ଆୟା
ମିସେ୍‌ତ ଜିସୁ ଆଗ୍‌ଡ଼ି ରେପ୍‌ତାର୍ । 5 ଆୟା ଲୋକାଦି ବିସ୍‌ବାସ୍
ସୁଡ଼୍‌ଜି ଜିସୁ କିକୁକାଲ୍‌କୁ ୱାର୍‌ତି ରୋଗିଦିଙ୍ଗ ଇର୍‌ଆନ୍, "ଏ
ମାରିନ୍, ନି ପାପ୍‌ୱିଜୁ କେମା ଆତାମାନାତ୍ ।" 6 ମାତର୍ ସାସ୍ତିର୍
ମାଣ୍‌କୁ ଏସଲୋକ୍ ଆୟା ବାଡିଦୁ ବାସ୍‌ତାରୋ ୱାରିୱାରି ମନ୍
ଲୋଇ ଇକା ଅଡ଼ବିଜି ମାର୍‌ଆର୍, 7 "ଇକାନ୍ ଏନ୍ଦ୍ବା ଇୟାୱାଜା
ଇଜିନାନ୍? ୱାନ୍ ମାପୁରୁଙ୍ଗ ନିଦା କିଜିନାନ୍! ମାପୁରୁଙ୍ଗ ଡ଼ିସ୍‌ତିଙ୍ଗ
ମାରି ଏନ୍ ପାପ୍‌କେମା କିଦେଙ୍ଗ ଆଟ୍‌ନାନ୍?" 8 ୱାର୍ ୱାରି
ମୋନ୍‌ତୁ ଇୟାୱାଜା ୱାର୍‌ଗ୍‌ଜିସାଜିନାର୍, ଇଜି ଜିସୁ ଜିବନ୍‌ତୁ
ଆୟାଦାପ୍ରେନେ ନେସ୍‌ତାନ୍‌ନୋ ୱାରିଙ୍ଗ ଇର୍‌ଆନ୍, ମିର୍ ନିଜେ
ନିଜେଦି ମନ୍‌ତୁ ଏନ୍ଦ୍ବା ଇୟାୱିଜୁ ମାଟା ୱାର୍‌ଗ୍‌ଜି ସାଜିନିଦେର୍?
9 ଇୟା କିକୁକାଲ୍‌କୁ ୱାର୍‌ତି ରୋଗିଦିଙ୍ଗ "ନି ପାପ୍‌କେମା ଆତାତ୍,
ଇଜି ଇନିକା ଉସାସ୍," ନୋ "ନିଙ୍ଗଁଆ, ଟାଟି ଆସ୍‌ସି, ସାଙ୍ଗଆ
ଇଜି ଇନିକା ଉସାସ୍?" 10 ମାତର୍ ସାରାଦୁନିଆଦୁ ପାପ୍‌କେମା
କିଦେଙ୍ଗ ମନୁସ୍ୟପୁତ୍ରଦିଙ୍ଗ ଜେ ଅଦିକାର୍ ମାନାତ୍, ଇକା ନାନ୍
କିଦେଙ୍ଗ ଆଟ୍‌ନା । ଇୟାଉଣ୍ତିଙ୍ଗ ଜିସୁ ଆୟା କିକୁକାଲ୍‌କୁ ୱାର୍‌ତି
ରୋଗ୍ ଲୋକ୍‌ଦିଙ୍ଗ ଇର୍‌ଆନ୍, 11 "ନାନ୍ ନିଇଂ ଇଜିନା, ନିଙ୍ଗଆ,
ନି ଟାଟି ଆସ୍‌ସି, ମି ଇଣ୍ତସାଙ୍ଗଆ ।" 12 ଆବେଟ୍ ୱାନ୍ ନିଂଇତାନ୍,
ଆୟାଦାପ୍ରେ କାଟେଲ୍ ଆସ୍‌ସି, ୱିଜେରି ଆଗ୍‌ଡ଼ି ସତା ସର୍‌ଆନ୍;
ଆବେନ୍ ୱିଜେରେ କାବାଆତାରୋ ମାପୁରୁଙ୍ଗଁ ଦନ୍ୟବାଦ୍ କିଜି
କିଜି ଇର୍ହାର୍, "ମାପ୍ ଇୟାୱାଜା ପାଣି ଏସାଙ୍ଗବା ସୁଡୁଏପ୍ ମାର୍ହାପ୍
।" 13 ଜିସୁ ମାରିଡ଼େସି ଗାଲିଲି ସାମ୍‌ଦୁର୍ ପାଡ଼ି ସର୍‌ଆନ୍, ମାରି
ନାଣ୍ଡଲୋକ୍ ୱାନି ଲାକ୍‌ତୁ ୱାତାର୍ ଆକା, ୱାନ୍ ୱାରିଙ୍ଗ ଶିକ୍ଷା
ସିଦେଙ୍ଗ ଆସ୍‌ତାନ୍ । 14 ମାରି, ଜିସୁ ସଲ୍‌ପୁ ସଲ୍‌ପୁ ଆଲ୍‌ଫିତି
ମାରିନ୍ ଲେବିଙ୍ଗ ନିଜେଦି ସିସ୍‌ଟୁ ଲସ୍‌ନି ବାଡିଦୁ ବାସ୍‌ତି ମାର୍‌ଇକା
ସୁଡୁତାନ୍ । ୱାନ୍ ୱାନିଙ୍ଗ ଇର୍‌ଆନ୍, "ନା ୱେନ୍‌କା ରାଆ ।"
ଆବେଟ୍ ୱାନ୍ ନିଂଇତାନେ୍‌ନା ଜିସୁ ୱେନ୍‌କା ସର୍‌ଆନ୍ । 15
ଇୟା ୱେନ୍‌କା ଜିସୁ ଲେବି ଇଲ୍‌ତୁ ଉଣ୍ତେଙ୍ଗ ବାସ୍‌ନିୱାଲେ ଏସୋ
ସିସ୍‌ଟୁ ଲସ୍‌ନି ଲୋକୁ ମାରି ପାପି ଲୋକ୍‌ଡର୍ ଜିସୁ ମାରି ୱାନି
ସିସୁରିୱାଲେ ଉଣ୍ତେଙ୍ଗ ବାସ୍‌ତାର୍; ଇରିଙ୍ଗ ୱାର୍ ନାଣ୍ତୁ ଲୋକୁ
ମାର୍‌ଆର୍, ମାରି ୱାର୍ ଜିସୁୱାଲେ ବୁଲାଜିମାର୍‌ଆର୍ । 16
ଜିସୁ ପାପିଲୋକା ୱାଲେ ମାରି ସିସ୍‌ଟୁ ଲସ୍‌ନି ଲୋକାୱାଲେ
ଉଣୁଜି ମାର୍‌ଆନ୍, ଇକା ସୁଡୁତାର୍ ପାରୁସି ଦଳତି ଶାସ୍ତୀର୍ ୱାନି
ସିସୁରିଙ୍ଗ ଇଣ୍ତେଙ୍ଗ ଆସ୍‌ତାର୍, "ଇକା ଇନିକା? ୱାନ୍ ସିସ୍‌ଟୁ
ଲସ୍‌ନି ଲୋକାୱାଲେ ମାରି ପାପିଲୋକା ୱାଲେ ଅର୍‌ସେ ଉଣାନ୍!"
17 ଆୟା ମାଟା ୱେନ୍‌ଜି ଜିସୁ ଇର୍‌ଆନ୍, "ନେଗି ଲୋକାଦି ଉଣ୍ତିଙ୍ଗ
ଡାକ୍‌ତର୍‌ତି ଦର୍‌କାର୍ ସିଲେତ୍, ମାତର୍ ନବ୍ ଲୋକା ଉଣ୍ତିଙ୍ଗ
ଡାକ୍‌ତର୍‌ତି ଦର୍‌କାର୍ ମାନାତ୍; ନାନ୍ ଦାର୍ମୁ ଲୋକାଙ୍ଗ କୁକେ୍‌ତଙ୍ଗ
ରେଏ, ମାତର୍ ପାପି ଲୋକାଙ୍ଗ କୁକେ୍‌ତଙ୍ଗ ଇଜି ୱାତାମାନା
।" 18 ଡୁବନ୍ ସିନି ଯୋହନତି ସିସୁର୍ ମାରି ପାରୁସିର୍ ଉପାସ୍
କିଜିମାର୍‌ଆର୍ । ଆବେଟ୍ ଏସ ଲୋକୁ ୱାତାରୋ ଜିସୁଙ୍ଗଁ ଇର୍ହାର୍,
"ଡୁବନ୍ ସିନି ଯୋହନତି ସିସୁର୍ ମାରି ପାରୁସିର୍ ସିସୁର୍ ଉପାସ୍
କିନାର୍, ମାତର୍ ମି ସିସୁର୍ ଉପାସ୍ ଏନ୍ଦ୍ବା କିଏର୍?" 19 ଜିସୁ

ୱାରିଙ୍ଗ ଇର୍‌ଆନ୍, “କାନ୍ୟାମୁରୁଲିରି ୱାଲେ ମୁରୁଲୀ ମାନିୱାଲେ
ୱାର୍ ଉପାସ୍ କିନାର୍ ନୋ? ମୁରୁଲି ଆମାସାନ୍ଦି ୱାରିୱାଲେ
ମାନାନ୍, ଆୟ୍ୟା ସାନ୍ଦି ୱାର୍ ଉପାସ୍ କିଦେଙ୍ଗ ଆଟ୍‌ଏର୍ । 20
ମାତର୍ ଦିନ୍ ୱାନାତ୍, ଏସ୍ତିୱାଲେ ୱାରିମାଣାନ୍ ମୁରୁଲିଙ୍ଗ ଅନାର୍,
ମାରି ଆୟ୍ୟାୱାଲେ ଆୟ୍ୟାନାଣ୍ଡିଙ୍ଗ ୱାର୍ ଉପାସ୍ କିନାର୍ । 21
“ଏନ୍ ପୁନି ୱାତିଦି ଇସ୍ରି ଅଟିଦିଙ୍ଗ ଅସି ପାଡ଼ିଇ ୱାତିଦୁ ଗୁତ୍‌ଏନ୍;
ଇରିଙ୍ଗ ଗୁତ୍‌ତିଙ୍ଗ ଆୟ୍ୟା ପୁନି ୱାତିଦି ଅଟି ପାଡ଼ିଇ ୱାତିଦିଙ୍ଗ
ନାଣ୍ତ କିଜିସ୍‌କିନାତ୍ ମାରି ନାଣ୍ତ ପେରିକା କିଜ୍‌ନାତ୍ । 22 ମାରି,
ଏନ୍ ପୁନି ଅଙ୍ଗୁର୍ ରସ୍‌ତିଙ୍ଗ ପାଡ଼ିଇ ତଲ୍ ମଣିଦୁ ଇଡ୍‌ଏନ୍;
ଜଦି ଇଟ୍‌ତିଙ୍ଗ ଆକା ତଲ୍ ମଣିଦିଙ୍ଗ ପାଡିସ୍ କିନାତ୍, ଆବେଟ୍
ଅଙ୍ଗୁର୍‌ରସ୍ ନି ତଲ୍‌ମଣି ରୁଣ୍ଡିବା ସେଏଣ୍ତ ଆନେ । ମାତର୍ ପୁନି
ଅଙ୍ଗୁର୍ ରସ୍‌ତିଙ୍ଗ ପୁନି ତଲ୍ ମଣିଦୁ ଇଡ୍‌ନିକା ମାନାତ୍ ।” 23
ଅରେ୍ଲନ୍ ରମ୍‌ନିଦିନ୍‌ତୁ ଜିସୁ ପାସି କିଡ଼ିଇ ନାଡ଼୍‌ମି ସିଜି ସଲ୍‌ସି
ମାର୍‌ଆନ୍, ମାରି ୱାନି ସିସୁର୍ ୱାନିୱାଲେ ସଲ୍‌ପୁ ସଲ୍‌ପୁ ପାସି
ସେରେନ୍‌କୁ ତେଉତେଙ୍ଗ ଆସ୍‌ତାର୍ । 24 ଆବେଟ୍ ପାରୁସିର୍
ଜିସୁଙ୍ଗ୍ଁ ଇର୍ହାର୍, “ସୁଡୁଆ, ରମ୍‌ନିଦିନ୍‌ତୁ ଆମାକାକି କିଦେଙ୍ଗ
ନିୟମ୍ ସିଲେତ୍, ମି ସିସୁର୍ ଇନିଦାନିଙ୍ଗ ଆକା କିଜିନାର୍?” 25
ଜିସୁ ୱାରିଙ୍ଗ ଇର୍ହାନ୍, ଏସ୍ତିୱାଲେ ଦାଉଦଦିଙ୍ଗ ଖାଦି ସିଲେତାତ୍
ଆୟ୍ୟାୱାଲେ ୱାନ୍ ମାରି ୱାନି ତଡ଼୍‌ତି ଲୋକୁ ବାଙ୍ଗ୍ଁ ଆତାର୍,
ନାସ୍‌ତିୱାଲେ ୱାନ୍ ଇନିକା କିତାମାର୍‌ଆନ୍, ମିର୍ ଆକା ଏସାଙ୍ଗ ବା
ପଡ଼ାଇଦେର୍ ନୋ? 26 ଅବିୟାଥର ୱିଜେରିଙ୍ଗ ପେରି ଜାଜକରି
ଦିନ୍‌ତୁ ଦାଉଦ ଏଣ୍ତେସ୍ କିଜି ମାପୁରୁତି ଇଲ୍‌ତୁ ଡୁଗିତାନେ୍ନା,
ଆମା ପୁଜାସିତି ରୁଟି ଯାଜକରିଙ୍ଗ ଡ଼ିସ୍‌ତିଙ୍ଗ ଏନ୍‌ବା ତିଣ୍ତେଙ୍ଗ
ନିୟମ୍ ସିଲେତ୍, ଆକା ତିରାଆ ମାର୍‌ଆନ୍, ମାରି ୱାନି ତଡ଼୍
ଲୋକାଙ୍ଗ ବା ସିତା ମାର୍‌ଆନ୍ । 27 ଜିସୁ ପାରୁସିରିଙ୍ଗ ଇର୍‌ଆନ୍,
ରମ୍‌ନିଦିନ୍ ଲୋକା ସାହାଜ୍ୟ ଉଣ୍ତିଙ୍ଗ ତିଆର୍ ଆତାମାନାତ୍,
ମାତର୍ ଲୋକ୍‌ତିଙ୍ଗ ବଜୁ ଉଣ୍ତିଙ୍ଗ ରମ୍‌ନିଦିନ୍ ଆଏତ୍ । 28 ଆଦେଙ୍ଗ
ମନୁସ୍ୟପୁତ୍ର ଜେ ନାନ୍, ରମ୍‌ନିଦିନ୍‌ତି ପ୍ରବୁ ଆନା ।

**3** ଜିସୁ ମାରିଡ଼େସି ପାର୍‌ତନା କିନି ଇଲୁଦୁ ସର୍‌ଆନ୍ । ଆବେ
ଅରେନ୍ ଲୋକୁ ମାର୍‌ଆନ୍, ୱାନି ଉଣି କିୟୁ ୱାର୍‌ତା ମାର୍‌ଆତ୍
। 2 ମାରି, ଜିସୁ ରମ୍‌ନି ଦିନ୍‌ତୁ ଆୟ୍ୟା ଲୋକ୍‌ତିଙ୍ଗ ନେଗେଣ୍ତ
କିନାନେ୍ନା ସିଲେ, ଇକା ସୁଡୁଦେଙ୍ଗ ଇଜି ୱାର୍ ୱାନି ମୁସ୍‌କୁ
କାଣ୍ଡକୁ ସୁଡୁଜିମାର୍‌ଆର୍, ଏଣ୍ତେସ୍‌କି ୱାର୍ ୱାନି ବିରୁଦ୍‌ତାନ୍
ଦୋସ୍ କିଦେଙ୍ଗ ଆଟ୍‌ନାର୍ । 3 ଆମା ୱାନିଦି କିୟୁ ୱାର୍‌ତା
ସୋର୍‌ଆ ମାର୍‌ଆତ୍, ୱାନିଙ୍ଗ ଜିସୁ ଇର୍‌ଆନ୍, “ରାଆ, ନାଣ୍ମି
ନିଲ୍‌ଆ ।” 4 ମାରି, ଜିସୁ ୱାରିଙ୍ଗ ଇର୍‌ଆନ୍, “ରମ୍‌ନି ନାଣ୍ଡିଙ୍ଗ
ଇନି ପାଣି କିନିକା ନିୟମ୍ ମାନାତ୍? ନେଗେଣ୍ତ କିଦେଙ୍ଗ ନୋ
ସେଏଣ୍ତ କିଦେଙ୍ଗ? ଅରେନ୍ ଲୋକ୍‌ତି ଜିବନ୍ ରକିୟା କିନିକା
ନୋ ସାପିସ୍‌ନିକା?” ମାତର୍ ଲୋକ୍‌ଡର୍ ଆଲେତା ସରଆର୍ । 5
ଆବେଟ୍ ଜିସୁ ଲୋକା ଜିବନ୍ ଆଟ୍‌ୱାଆକା ଦୁଃକ୍ ଆଜି ରିସାଦାନ୍
ସାରିବେଡ଼୍‌ତି ୱାରିଙ୍ଗ ସୁଡୁଜି କିୟୁ ୱାର୍‌ତି ମାର୍‌ଇ ଲୋକ୍‌ତିଙ୍ଗ
ଇର୍‌ଆନ୍, “ନି କିୟୁ ପେର୍‌ଆ ।” ୱାନ୍ ୱାନି କିୟୁ ପେର୍‌ତାନ୍,
ମାରି ୱାନି କିୟୁ ନେଗେଣ୍ତ ଆତାସର୍‌ଆତ୍ । 6 ଇକା ସୁଡୁତାର୍
ନୋ ପାରୁସିର୍ ପାର୍‌ତନା ଇଲ୍‌ତାନ୍ ସହସି ସରଆର୍ ନୋ ଜିସୁଙ୍ଗ୍ଁ
ସାୟ୍ୟା ମାର୍‌ଗା ଡାକ୍‌ତେଙ୍ଗ୍ଁ ଇଜି ୱାନି ବିରୁଦ୍‌ତାନ୍ ଆୟ୍ୟାଦାପ୍ରେ
ହେରୋଦ ରାଜା ଦଲ୍‌ତି ନେତାରିୱାଲେ ୱାର୍‌ଗିଜି ସାତାର୍ । 7
ଜିସୁ ୱାନି ସିସୁରିୱାଲେ ମିସାତାନ୍ ନୋ ଗାଲିଲି ସାମ୍‌ଦୁର୍ ପାଡ଼ି
ସର୍‌ଆନ୍ । ମାରି ଗାଲିଲି ଗାଡ଼୍‌ତାନ୍ ନାଣ୍ତ ଲୋକୁ ସତା ରୋ
ୱାନି ୱାଲେ ବୁଲାତାର୍; ମାରି ଜିହୁଦା, 8 ଜିରୁସାଲାମ୍, ଇଦୋମ୍,
ଜର୍ଦନ ଗାଡ଼୍‌ତି ଆୟ୍ୟା ପାଡ଼୍‌କା ମାନିକାର୍, ମାରି ସୋର ନି
ସିଦନ୍‌ତି ସାରିବେଡ଼୍‌ତିଦାନ୍ ଲୋକୁ ୱିଜେରେ ୱାନି ପାଣିଦିମାଟା
ୱେର୍‌ଆର୍‌ରୋ ୱାନି ଲାକ୍‌ତୁ ୱାତାର୍ । 9 ଆବେ ନାଣ୍ତ ଲୋକ୍
ଉଣ୍ତାତାର୍‌ଆକା, ଲୋକୁ ୱିଜେରେ ୱାନି ଲାକ୍‌ତୁ ୱାଜ ମାଟ୍‌ସି
ସାଏର୍, ଆୟ୍ୟାଉଣ୍ତିଙ୍ଗ ୱାନ୍ ୱାନି ସିସୁରିଙ୍ଗ ୱାନି ଉଣ୍ତିଙ୍ଗ ଉଣ୍ତି
ଇସ୍ରି ଡଙ୍ଗ୍ଁ ଲାକ୍‌ତୁ ଇଡ଼୍‌ଦେଙ୍ଗ ଇର୍‌ଆନ୍; 10 ଇରିଙ୍ଗ ଜିସୁ
ଏସ ରୋଗ୍‌ତୁ ମାର୍‌ଇ ଲୋକାଙ୍ଗ ନେଗେଣ୍ତ କିତାନ୍‌ଆକା, ମାରି
ରୋଗ୍‌ତୁ ମାନି ୱିଜେରେ ୱାନିଙ୍ଗ ମୁଟ୍‌ତେଙ୍ଗ ଇଜି ୱାନି ମୁସ୍‌କୁ
ମାଟ୍‌ସି ସାଜି ମାର୍‌ଆର୍ । 11 ମାରି, ତାଗ୍‌ଇଆତ୍ମା ଆସ୍‌ତିମାର୍‌ଇ
ଲୋକୁ ଜିସୁଙ୍ଗ୍ଁ ସୁଡୁଜିମାର୍‌ଆର୍, ୱାର୍ ଜିସୁ ଆଗ୍‌ଡ଼ି ଆର୍‌ଜି
ଆଉଲି ଆଜି ଇନ୍‌ଜିମାର୍‌ଆର୍, “ନିନୁନେ ମାପୁରୁଦି ମାରିସି ।”
12 ଆବେଟ୍ ୱାନ୍ ଏନ୍ ଆକା ଏଙ୍ଗବା ଇନ୍‌ଇ ଉଣ୍ତିଙ୍ଗ ୱାନ୍ ତାଗ୍‌ଇ
ଆତ୍ମେଆଙ୍ଗ ଆଟ୍‌ୱାଦାନ୍ ଆଦେସ୍ ସିତାନ୍ । 13 ଆୟ୍ୟାୱେନ୍‌କା
ଜିସୁ ଗରନ୍ ମୁସ୍‌କୁ ସର୍‌ଆନେ୍ନା, ୱାଣ୍ତ ଏମେ ଲୋକ୍‌ତିଙ୍ଗ ବଦା
କିତାନ୍ ଆୟ୍ୟା ଲୋକ୍‌ତିଙ୍ଗ ୱାନି ଲାକ୍‌ତୁ କୁକ୍‌ତାନ୍ ମାରି ୱାର୍
ୱାନିବାନୁ ୱାତାର୍ । 14 ଜିସୁ ବାର ଲୋକ୍ ସିସୁରିଙ୍ଗ ବାସ୍‌କିତାନ୍,
ଏଣ୍ତେସ୍ ୱାରୁ ୱାନିୱାଲେ ତେବାନାର୍, ମାରି “ୱାନ୍ ୱାରିଙ୍ଗ
ନେଗିକାବୁରୁ ପ୍ରଚାର୍ କିଦେଙ୍ଗ ପୋକ୍‌ତାନ୍,” 15 ମାରି ୱାର୍
ଦୁବେଆଙ୍ଗ ପେରେ୍ଦଙ୍ଗ ଅଦିକାର୍ ପଇତାର୍ । 16 ଜିସୁ ଇୟ୍ୟା
ବାର ଲୋକାଙ୍ଗ ବାସ୍‌କିତାନ୍ ସିମୋନ୍, ଜିସୁ ଆମାୱାନିଙ୍ଗ କି
ମାରି ଉଣ୍ତି ଦର୍ ପିତର୍ ଇଜି ସିତାନ୍; 17 ଜେବଦୀଦି ରିଏର୍
ମାରିସିର୍ ଯାକୁବ ମାରି ୱାନି ତଡ଼ାନ୍ ଯୋହନ, ଆମାୱାରିଙ୍ଗ
ୱାନ୍ ବିନେରିଗୋସ୍, ବା ମିର୍‌ସି ଆଉଲି ଆନି ବାଦଡ଼୍‌ତି ମାରିସିର୍
ଇଜି ଦର୍ ସିତାନ୍; 18 ଆନ୍ଦ୍ରିୟ, ପିଲିପ୍, ବାର୍ତଲମି, ମାତିଉ,
ଥୋମା, ଆଲପିଦି ମାରିସି ଯାକୁବ, ଥଦ୍ଦୀୟ, କିଣାନିୟ ସିମୋନ,
ଏନ୍ ଇସ୍ରାଏଲ୍‌ତିଙ୍ଗ ଡ଼ିସିସ୍ କିଦେଙ୍ଗ ବଦାକିଜି ମାର୍‌ଇ ଯିହୁଦି
ଲୋକାମାଣ୍‌କୁ ଅରେନ୍ ମାର୍‌ଆନ୍ । 19 ମାରି ଇସ୍କାରିୟୋତିୟ
ଜିହୁଦା, ଆମାକାନ୍ କି ୱେନ୍‌କା ଜିସୁଙ୍ଗ୍ଁ ସାତୁରି କିୟୁଦୁ ଆସ୍‌ପିସ୍
କିତାନ୍ । 20 ଇୟ୍ୟା ୱେନ୍‌କା ଜିସୁ ଏସିୱାଲେ ଇନ୍‌ଡ୍ର ଡ଼େସି
ୱାତାନ୍, ଆବେ ନିସା ଲୋକୁ ଉଣ୍ତାତା ମାର୍‌ଆର୍ ଯେ, ଜିସୁ ମାରି
ୱାନି ସିସୁର୍ ଖାଦି ଉଣ୍ତେଙ୍ଗ ବା ଆଟ୍‌ଏତାର୍ । 21 ଏସ୍ତିୱାଲେ
ଜିସୁରି ଇନ୍‌ଡ୍ରଣି ଲୋକୁ ଇକା ୱେର୍‌ଆର୍ ଆୟ୍ୟାୱାଲେ ୱାର୍
ଜିସୁଙ୍ଗ୍ଁ ଡ଼େସି କୁକ୍‌ସ ଅତେଙ୍ଗ ସରଆର୍, ଇରିଙ୍ଗ “ୱାନି ତାଲା

ପାଣି ସିଏଜିନାତ୍ ଇଜି ଲୋକ୍ତୁ ୱାର୍ଜିସାନିକା ୱେର୍ଆର୍ ।” 22
ମାରି, ଜିରୁସାଲାମ୍ତାନ୍ ୱାତି ଏସୋ ସାସ୍ତ୍ରିର୍ ଇର୍ହାର୍, “ୱେନିଙ୍ଗ
ଦୁବେଆଣି ପେରିକାତ୍ ବାଲ୍ଜିବୁଲ୍ ବୁଡ୍ତା ମାନାତ୍, ତାନେ
ସାକ୍ତିଦାନ୍ ଦୁବେଙ୍ଗ ଡ଼ିସିସ୍ନାନ୍ ।” 23 ଜିସୁ ୱାରିଙ୍ଗ ଲାକ୍ତୁ
କୁକ୍ତାନ୍ ମାରି ଉଣ୍ତି କାତା ୱେର୍ସି ବୁଜା କିତାନ୍, “ସୟତାନ୍
ଏଣ୍ଡେସ୍ ଶୟତାନ୍ତିଙ୍ଗ ପେର୍ଦେଙ୍ଗ ଆଟ୍ନାତ୍?” 24 ନିଜେଦି
ଦେସ୍ ଜଦି ନିଜେ ନିଜେରି ଦଳ ଲୋଇ ଜୁଦ୍ କିନାର୍, ଆୟା ରାଜି
ତିର୍ ତେବାଦେଙ୍ଗ ଆଟ୍ଏତ୍ । 25 ମାରି, ଉଣ୍ତିଇଲ୍ତି ଲୋକ୍ତୁ ଜଦି
ବାଗ୍ ବାଗ୍ ଆଜି ନିଜେ ନିଜେରି ଲୋଇରି ବିରୁଦ୍ତାନ୍ ନିଂଇତିଙ୍ଗ,
ଆୟା ଇଲୁ ତିର୍ ତେବାଦେଙ୍ଗ ଆଟ୍ଏତ୍ । 26 ଆୟାୱାଜା,
ଜଦି ଶୟତାନ୍ତି ରାଜି ବାଗ୍ ବାଗ୍ ଆଜି ନିଜେଦି ବିରୁଦ୍ତାନ୍
ନିଂଇତାତ୍ନି, ଆୟାକା ତିର୍ ତେବାଏତ୍, ମାତର୍ ତାନି ସାନିକା
ୱାତାତ୍ନି । 27 “ମାତର୍ ଅରେନ୍ ବପୁମାନି ଲୋକ୍ତି ଇନ୍ଦ୍ର
ଏନ୍ବା ଡୁଗୁଜି ଆଗ୍ଡ଼ି ୱାନିଙ୍ଗ ତର୍ଏତିଙ୍ଗ, ୱାନି ସାମାନ୍ପତ୍ର
ଡଂଆ କିଜ ଅତେଙ୍ଗ ଆଟ୍ଏନ୍; ୱାନିଙ୍ଗ ଆଗ୍ଡ଼ି ତର୍ତିଙ୍ଗ ଗାଦେ
ୱାନ୍ ୱାନି ଇଲୁ ଲୋଇ ଡଂଆ କିନାନ୍ । 28 “ନାନ୍ ମିଙ୍ଗେଁ ସତ୍
ଇଜିନା, ଲୋକ୍ତି ୱିଜୁ ପାପ୍ ମାରି ୱାର୍ ଏସା ନିନ୍ଦାମାଟା ଇନ୍ଜି
ମାପୁରୁଙ୍କେଁ ନିନ୍ଦା କିନାର୍, ଆୟାୱିଜୁ କେମା ଆନାତ୍; 29 ମାତର୍
ଏନ୍ ପବିତ୍ରଆତ୍ମାଦି ବିରଦ୍ତାନ୍ ନିନ୍ଦା ମାଟା ଇନାନ୍, ୱାନିଙ୍ଗ
ମାପୁରୁ ଏସାଙ୍ଗ ବା କେମା କିଏନ୍, ଆୟା ଲୋକ୍ତୁ ୱିଜୁଦିନ୍ତି
ଉଣ୍ତିଙ୍ଗ ଶାସ୍ତି ପଇନାନ୍ ।” (aiōn g165, aiōnios g166) 30 “ଜିସୁଙ୍କେଁ
ତାଗ୍ଇଆତ୍ମା ଆସ୍ତା ମାନାତ୍” ଇଜି ଏସୋ ସାସ୍ତ୍ରିର୍ ଇର୍ହାର୍ ଆକା,
ଜିସୁ ଇୟା ମାଟା ଇନ୍ଜି ୱାରିଙ୍ଗ ବୁଝା କିତାନ୍ । 31 ନାସ୍ତିୱାଲେ
ଜିସୁଦି ୟାୟା ନି ତଡ଼ାନ୍କୁ ୱାତାରୋ ଆତ୍ରେ ନିର୍ହା ରୋ ଜିସୁଙ୍କେଁ
କୁକ୍ତେଙ୍ଗ କାବୁର୍ ପୋକ୍ତାର୍ । 32 ଆବେଟ୍ ୱାନି ସାରିବେଡ଼୍ତି
ବାସ୍ତି ମାର୍ଇ ଲୋକ୍ତୁ ୱାନିଙ୍ଗ ଇର୍ହାର୍, “ସୁତୁଆ, ମି ୟାୟା ନି
ତଡ଼ାନ୍କୁ ମାରି ତାଙ୍ଗେଁକ୍ ଆତ୍ରେ ତେବାତେ ନୋ ନିଙ୍ଗେଁ ପଇଜିନେ
।” 33 ମାତର୍ ଜିସୁ ୱାରିଙ୍ଗ ଇର୍ଆନ୍, “ନା ୟାୟା ନି ତଡ଼ାନ୍କୁ
ଏର୍?” 34 ଜିସୁ ୱାନି ସାରିବେଡ଼୍ତି ବାସ୍ତି ମାର୍ଇ ଲୋକାଙ୍ଗ
ସୁତୁଜି ଇର୍ଆନ୍, “ସୁତୁଦୁ, ଇକାର୍ ଆଜିନାର୍ ନା ୟାୟା ନି ନା
ତଡ଼ାନକୁ । 35 ଏନ୍ଆପିନ୍ ମାପୁରୁଦି ମାଟା ମାନାନାନ୍, ୱାନ୍ ନା
ତଡ଼ାନ୍, ତାଙ୍ଗେଁ ମାରି ୟାୟା ।”

4 ଜିସୁ ଗାଲିଲି ସାମ୍ଦୁର୍ ପାଡ଼ି ମାରିଡ଼େସି ଶିକ୍ଷା ସିଦେଙ୍ଗ
ଆରାମ୍ କିତାନ୍, ୱାନି ଲାକ୍ତୁ ନାଣ୍ତ ଲୋକ୍ତୁ ଉଣ୍ତାତାର୍ ଆକା,
ୱାନ୍ ସାମ୍ଦୁର୍ତୁ ମାର୍ଇ ଉନ୍ଡ୍ରି ଡଙ୍ଗାଁଦୁ ସଲ୍ସି ବାସ୍ତାନ୍
ମାରି ଲୋକ୍ତୁ ୱିଜେରେ ସାମ୍ଦୁର୍ ପାଡ଼ି ତେବାତାର୍ । 2 ଜିସୁ
କାତାଦାଣ୍ତ ଏସୋ ସିକିୟା ସିନିୱାଲେନେ ୱାନ୍ ୱାରିଙ୍ଗ ଇର୍ଆନ୍,
3 “ୱେଣ୍ତୁ, ଅରେନ୍ ୱିତୁ ୱିତ୍ନିକାନ୍ ୱିତ୍ତେଙ୍ଗ ସତାନ୍ । 4
ୱାନ୍ କିଡ଼ିଇଦୁ ୱିତୁ ୱିତ୍ନିୱାଲେ ଏସ ୱିତୁ ସାରି ପାଡ଼୍କାଦୁ
ଆର୍ତେ ଆକା ପଟିଙ୍ଗ ୱାଜି ଆୟାୱିଜୁ ୱିତୁ ତିର୍ଏ । 5 ମାରି
ଏସ ୱିତୁ ଉଣା ସିକାଲାମାନି ପିଡ଼ିପି ବୁମିଦୁ ଆର୍ତାତ୍ । ମାରି
ନାଣ୍ତ ସିକାଲା ସିଲେତାତ୍ ଆକା ୱିତୁ ଦାପ୍ରେ ନେରିତାତ୍ । 6
ମାତର୍ ୱେଡ଼ା ସତାତ୍ ଆକା ଗାଜା ୱେତା ସର୍ଆତ୍ ମାରି ୱେଲା
ଲୋଇ ସାର୍ଏତା ମାର୍ଆତ୍ ଆକା ୱାର୍ତା ସର୍ଆତ୍ । 7 ମାରି
ଏସୋ ୱିତୁ ସାମ୍କା ଦୁପା ଲୋଇ ଆର୍ତାତ୍, ମାରି ସାମ୍ମାରାକ୍
ପିରିତେନୋ ତାମେ ମୁସ୍କୁ ତିଗାତେ ମାରି ଆୟା ମାରାତୁ ଉଣ୍ତିବା
ପାଡୁ ଆସ୍ଏତାତ୍ । 8 ମାତର୍ ଏସୋ ୱିତୁ ନେଗି ବୁମିଦୁ
ଆର୍ତାତ୍, ଆୟା ବାଡିଦୁ ଗାଜା ଆଜି ପିରିତାଦୋ ତିରିସ୍ ଗୁଣ୍ତ,
ସାଟେ ଗୁଣ୍ତ ମାରି ସୟେ ଗୁଣ୍ତ ସାନ୍ଦି ପାଡୁ ଆସ୍ତାତ୍ ।” 9 ଆବେ
ଜିସୁ ଇର୍ଆନ୍, “ଆମାୱାନିଙ୍ଗ ୱେନ୍ଡ୍ରେଙ୍ଗ ଗିଡଣିଙ୍ଗମାନେ, ୱାନ୍
ୱେନିନ୍ ।” 10 ଜିସୁ ଅରେନ୍ନେ ମାନିୱାଲେ ବାର ଲୋକ୍ତୁ ଶିଶୁର୍
ମାରି ୱାରିୱାଲେ ମାନିଲୋକ ଜିସୁମାନୁ ୱାଜି ୱେନ୍ବାତାର୍ “ନିନୁ
ଏନ୍ଦା କାତାଦାନ୍ ମାଟା ୱେର୍ସିନି?” 11 ଆବେଟ୍ ଜିସୁ ୱାରିଙ୍ଗ
ଇର୍ଆନ୍, ମାପୁରୁଦି ରାଜିଦି ମାର୍ଗିତି ମାଟା ବୁଜାଦେଙ୍ଗ ଉଣ୍ତିଙ୍ଗ
ମିଙ୍ଗେଁ ବପୁ ପୁଟ୍ତାମାନାତ୍, ମାତର୍ ଆୟା ଆଟ୍ରେଣି ଲୋକାଙ୍ଗ
ଇୟାୱିଜୁ ବିସୟ କାତାଦାନ୍ ୱେର୍ତେଙ୍ଗ ଆଜିନାତ୍ । 12 ଆୟା
ଉଣ୍ତିଙ୍ଗ ୱାର୍ ୱେନ୍ଜି ୱେନ୍ଜି ନେସ୍ତେଙ୍ଗ ଆଟ୍ଏର୍, ମାରି
ୱେନ୍ବୁ ୱେନ୍ବୁ ବୁଜାଏର୍, ଜଦି ନେସ୍ନାର୍ ମାରି ବୁଜାନାର୍ ମାରି
ମାପୁରୁତି ଲାକ୍ତୁ ଡ଼େସିୱାନାର୍ ମାରି ୱାରିଙ୍ଗ କେମା କିନାନ୍ । 13
ଜିସୁ ମାରି ସିସୁରିଙ୍ଗ ଇର୍ଆନ୍, “ଇୟା କାତା ମିର୍ବା ବୁଝାଦେଙ୍ଗ
ଆଟ୍ଇଜିନିଦେର୍? ଆଇ ୱିଜୁ କାତା ଏଣ୍ଡେସ୍ ବୁଝାନିଦେର୍?
14 ୱିତ୍ନିକାନ୍ ୱିତୁ ଅର୍ଥାତ୍ ମାପୁରୁତି ବାକ୍ୟ ୱିତ୍ନାନ୍ । 15
ଆମାକାର୍ ମାପୁରୁଦି ବାକ୍ୟ ୱେନାର୍, ମାତର୍ ୱେର୍ହି ଦାପ୍ରେନେ
ଶୟତାନ୍ ୱାନାତ୍ ନୋ ୱାରିମାନୁ ୱିତାତିମାନି ବାକ୍ୟଦିଙ୍ଗ ଡଂଆ
କିନା ଅନାତ୍, ୱାରୁ ସାର୍ଦୁ ବାକ୍ୟ ୱିତାତି ବୁମିଦି ୱାଜା ।
16 ଆୟାୱାଜା, ଏର୍କି ବାକ୍ୟ ୱେର୍ଇଦାପ୍ରେ ୱେଡ଼ିକାଦାନ୍
ଆକା ୱାରି ମନ୍ ଲୋଇ ଇଡ୍ନାର୍, 17 ମାତର୍ ୱାରିମାନୁ
ୱେଲା ସାଗ୍ଏତ୍ଆକା ସାଣେକ୍ନେ ତିର୍ ତେବାନାର୍, ୱେନ୍କା
ବାକ୍ୟ ଉଣ୍ତିଙ୍ଗ ଦୁଃଖ୍ ମାରି ନିଦା ମାଟା ୱାତିଙ୍ଗ ଆୟାଦାପ୍ରେ
ବିସ୍ବାସ୍ ଡ଼ିସ୍ନାର୍, ୱାରୁ ପିଡ଼ିପି ବୁମିଦୁ ଆର୍ତିମାନି ୱିତ୍ତି
ୱିତୁଦି ୱାଜା । 18 ମାରି ଆମାକାର୍କି ବାକ୍ୟ ୱେନ୍ନାର୍, ମାତର୍
ଦୁନିଆଦି ସିନ୍ତା, ଡାବୁଙ୍କେଁ ଟାକେଙ୍ଗଣି ମାୟା ମାରି ଆଇ ୱିଜୁ
ବିସୟତୁ ଆସା ମନ୍ତୁ ଡୁଗ୍ନାଦ ବାକ୍ୟଦିଙ୍ଗ ତିଗାନାତ୍ ମାରି
ଆକା ପାଡୁ ସିଲିକା ଆନାତ୍ । ୱାର୍ ସାମ୍ ମାରାକା ଲୋଇ
ଆର୍ତି ୱିଜୁ ୱାଜା । 19 ମାତର୍ ଦୁନିଆଦି ସିନ୍ତା, ଦନ୍ଲବ୍
ମାରି ଆଇ ଆସା ୱାରି ମନ୍ତିଙ୍ଗ ତିର୍ଜିମାନିଙ୍ଗ ଆୟା ମାଟା
ୱାରିମାନୁ ପିର୍ଏତ୍ । (aiōn g165) 20 ମାରି, ଆମାକାର୍ କି ବାକ୍ୟ
ୱେନାରୋ ଆକା ମନ୍ ଲୋଇ ଇଡ୍ନାର୍, ୱାର୍ ଏନ୍ ତିରିସ୍ ଗୁଣ୍ତ,
ସାଟେ ଗୁଣ୍ତ ମାରି ସହେ ଗୁଣ୍ତ ପାଡୁ ଆସ୍ନାର୍ ଆୟା ଲୋକ୍ତୁ
ନେଗି ବୁମିଦୁ ୱିତ୍ତି ୱିତୁତି ୱାଜା ।” 21 ଜିସୁ, ମାରିଡ଼େସି
ୱାରିଙ୍ଗ ଇର୍ଆନ୍, “ଏନ୍ ଏସ୍କାଙ୍ଗ ଇନିକା ଦିୱା କାସିସ୍କିଜି
ଅଡି ଆଡ୍ଗି କି ଖାଟେଲ୍ ଆଡ୍ଗି ଇଡ୍ନାନ୍? ଆକା ଲୋକ୍ତୁ ଦିୱା

କାସିସ୍‌କିଜି ଦିଆ ଇଡ୍‌ନି ବାଡ଼ିଦୁ ଇଡ୍‌ଏର୍ ନୋ?" 22 ଇରିଙ୍ଗ୍ଣ
ତର୍‌ଇ ଇସାବ୍‌ତାନ୍ ଏମେକାବା ମାର୍‌ଗ୍‌ଏତ୍; ଆମାକା ମାର୍‌ଗିତା
ମାନାତ୍, ଆକା ତର୍‌ରେଦଞ୍ଜ ଇଜିନେ ମାର୍‌ଗିତା ମାନାତ୍ । 23 ଜଦି
"ଆମାୱାନିଞ୍ଜ ୱେନ୍‌ଡ୍ରେଞ୍ଜ ଗିତଣିଞ୍ଜମାନେ, ୱାନ୍ ୱେନିନ୍ ।" 24
ଜିସୁ ୱାରିଞ୍ଜ ଇର୍‌ଆନ୍, "ଇନିକା ୱେନ୍‌ଜିନିଦେର୍, ଆୟା ଉଣ୍ତିଞ୍ଜ
ଜାଗାର୍‌ତା । ମିର୍ ଏଣ୍ତେସ୍ କିଜି ଆଇ ଲୋକ୍‌ତିଞ୍ଜ ଲେକିସ୍
କିଜି ସିନିଦେର୍, ଆୟାୱାଜା ପ୍ରବୁ ମିଞ୍ଜଁ ନାଣ୍ତ ଲେକିସ୍ କିଜି
ସିନାନ୍ । 25 ଏମେ ଲୋକ୍‌ତିନ୍ନି ମାନାତ୍, ୱାନିଞ୍ଜ ପୁଟ୍‌ନାତ୍; ମାରି
ଆମାୱାନିନ୍ନି ସିଲେତ୍, ୱାନିବାନୁ ଆମାକା ମାନାତ୍, ଆକାବା
ମାପୁରୁ ୱାନିମାଣ୍‌କୁ ଅନାନ୍ ।" 26 ଜିସୁ ମାରିଡ଼େସି ଇର୍‌ଆନ୍,
"ମାପୁରୁତି ରାଜି ଇୟାୱାଜା । ଅରେନ୍ ଲୋକୁ ନିଜେଦି ବୁମିଦୁ
ୱିତୁ ୱିଡ଼୍‌ନାନ୍; 27 ୱାଣ୍ତରୁ ନାଡ଼ା ସୁଜ୍‌ନାନ୍ ମାରି ୱେଡ଼େ ନିଂନାନ୍,
ମାରି ଆୟା ୱିତୁ ଏଣ୍ତେସ୍ ଗାଜା ଆତାଦୋ ପିର୍‌ତାତ୍, ଆକା ୱାନ୍
ନେସ୍‌ଏପ୍ । 28 ବୁମି ନିଜେ ପାଡୁ ତାପିସ୍‌କିନାତ୍, ଆଗ୍‌ଡ଼ି ଆକୁ
ୱେନ୍‌କା ସେରେନ୍, ତାନି ୱେନ୍‌କା ସେରେନ୍‌ତୁ ବର୍ତି ପାଡ୍‌କୁ । 29
ଆବେଟ୍ ସେରେନ୍ ପାଣ୍ତିତି ଦାପ୍ରେ ୱାନ୍ ଡେରେଞ୍ଜ କୁଲିଞ୍ଜ ଆତେ
ଇଜି କଏର୍‌ଡ୍ଞଁ ଆସ୍‌ନା ସନାନ୍ । 30 "ଜିସୁ ମାରି ଇର୍‌ଆନ୍,
ମାଡୁ ମାପୁରୁଦି ରାଜିଦିଞ୍ଜ ଆମାତାନିୱାଲେ ତୁସ୍‌ନାଟ୍?" ବା ଇକା
ଏମେ କାତା ୱେର୍‌ସି ଆକା ବୁଝାକିନାଟ୍? 31 ମାପୁରୁଦି ରାଜି
ଆକା ଉଣ୍ତି ସାର୍‌ସୁ ପାଡୁଦି ୱାଜା; ବୁମିଦୁ ୱିଡ଼୍‌ତିୱାଲେ ଆକା
ଦୁନିଆଦି ୱିତୁ ପାଡ୍‌କାଣ୍ ଇସ୍ରିକାତ୍, 32 ମାତର୍ ୱିଡ଼୍‌ତି ୱେନ୍‌କା
ଆକା ପିର୍‌ଜି ନିଂଇନାଦ ୱିଜୁ କୁସେଞ୍ଜଁ ମାଣ୍‌କୁ ପେରିକାତ୍
ଆନାତ୍, ମାରି ତାନି କମେଞ୍ଜ ଇୟାୱାଜା ପେରିକେଞ୍ଜ ଆନେ
ଯେ, ବାଦଡ଼୍‌ତି ପଟିଞ୍ଜ ମାରାତି ସିଡ଼୍‌ଡ଼ିଦୁ ତେବାଦେଞ୍ଜ ଆଟ୍‌ନେ
। 33 ଜିସୁ ଇୟାୱାଜା ନାଣ୍ତ କାତାଦାନ୍ ଲୋକା ବୁଜାନି ଶକ୍ତି
ଇସାବ୍‌ତାନ୍ ୱାରିମାନୁ ବାକ୍ୟ ୱେର୍‌ସି ମାର୍‌ଆନ୍, 34 ଜିସୁ
କାତା ଇନ୍‌ଏଣ୍ତା ଇନିକାବା ଲୋକାଞ୍ଜ ଇନ୍‌ଏଜି ମାର୍‌ଆନ୍ ।
ମାତର୍ ଜିସୁ ଆଇ ଲୋକୁ ସିଲିୱାଲେ ୱାନି ସିସୁରିଞ୍ଜ ୱିଜୁମାଟା
ବୁଝାକିଜି ମାର୍‌ଆନ୍ । 35 ଆୟା ନାଣ୍ତିଞ୍ଜ ମିଲିମିଲିକା ଜିସୁ
ସିସୁରିଞ୍ଜ ଇର୍‌ଆନ୍, "ରାଦୁ, ସାମ୍‌ଦୁର୍‌ତୁ ଆୟା ପାଡ଼ି ସନାଟ୍
।" 36 ଆବେଟ୍ ୱାନି ସିସୁର୍ ଲୋକାଞ୍ଜ ଡ଼ିସ୍‌ତାରୋ, ଜିସୁ
ଆଗ୍‌ଡ଼ି ଆମା ଡଙ୍ଗାଁଦୁ ବାସ୍ତା ମାର୍‌ଆନ୍ ଆବେ ୱାର୍ ଏକ୍‌ତାର୍
ମାରି ଜିସୁଞ୍ଜଁ ଅର୍‌ସେ ଅତାର୍, ମାରି ଆବେ ଆଇ ଡଙ୍ଗେଗଞ୍ଜ
ବା ମାର୍‌ହେ । 37 ଆୟାୱେନ୍‌କା ସାମ୍‌ଦୁର୍‌ତୁ ଉଣ୍ତି ଗାଲିପିରୁ
ୱାତାତ୍, ମାରି ଉଲ୍‌କା ଏର୍ ଆଟ୍‌ତେଆକା ଡଙ୍ଗାଁଦୁ ଏରୁ ପୁରୁନ୍
ଆଦେଞ୍ଜ ଆରାମ୍‌ଆତେ । 38 ଜିସୁ ଜାହାଜ୍‌ଦି ଲୋଇ ଉନ୍‌ଡ୍ରି
ବାକ୍‌ରାଦି ୱେନ୍‌କା ତରନ୍ ସର୍‌ଆନ୍‌ନୋ ତାଲା ଟାଟ୍‌ନି ପିଡା
ତାଲାଆଡ୍‌ଗି ଇଟ୍‌ଟାନ୍‌ନୋ ଶୁଜ୍‌ଜିମାର୍‌ଆନ୍; ସିସୁର୍ ଜିସୁଞ୍ଜଁ
ନିକ୍‌ସି ଇର୍ହାର୍, "ଏ ଗୁରୁ, ମାପ୍ ସାତାପ୍, ନିନ୍ ଇନିକା ଅଡ୍‌ବିଇ
ନୋ?" 39 ଆବେଟ୍ ଜିସୁ ନିଂଇତାନ୍‌ନୋ ଗାଲିଦିଞ୍ଜ ଆଡ୍‌ରିସ୍
କିଜି ଉଲକାଏର୍‌ତିଞ୍ଜ ଇର୍‌ଆନ୍, "ତିର୍ ଆଆ" ତେବାଆ ।
ଆବେଟ୍ ଗାଲି ଉଣାଆତାତ୍ ମାରି ୱିଜୁ ତିର୍‌ଆତାତ୍ । 40
ଆୟାୱେନ୍‌କା ଜିସୁ ସିସୁରିଞ୍ଜ ଇର୍‌ଆନ୍, "ମିର୍ ଇନ୍‌ଦାନିଞ୍ଜ ନିସା
ତିଲାଜିନିଦେର୍? ଇକା ଇନିକା! ଇୟାସାନ୍ଦି ମି ବିସ୍‌ବାସ୍ ସିଲେତ୍
ନୋ?" 41 ଆବେଟ୍‌କୁ ସିସୁର୍ ନାଣ୍ତ ତିଲାତାରୋ ୱାରି ୱାରି
ଲୋଇ ୱାର୍‌ଗିଜି ସାତାର୍, "ଇୟା ଲୋକ୍ ଏନ୍ ଜେ, ଗାଲି ନି ଏରୁ
ବା ୱାନି ମାଟା ମାନାନେ?"

5 ୱେନ୍‌କା ଜିସୁ ମାରି ୱାନି ସିସୁର୍ ଗାଲିଲି ସାମ୍‌ଦୁର୍
ଆୟାପାଡ଼ିଦି ଗରାସିୟରି ସାନ୍ଦିଦୁ ସର୍‌ଆର୍ । 2 ଜିସୁ
ଡଙ୍ଗାଁଦାନ୍ ରେତି ଦାପ୍ରେ ଅରେନ୍ ଦୁବା ଆତ୍ମା କାସ୍ତି ଲୋକୁ ଦୁକି
ଲୋଇରାନ୍ ସତାନ୍‌ନୋ ଜିସୁଞ୍ଜଁ ବେଟ୍‌ଆତାନ୍ । 3 ୱାଣ୍ତ ଦୁକିଦୁ
ତେବାଜି ମାର୍‌ଆନ୍, ୱାନିଞ୍ଜ ଏନ୍‌ବା ସିକ୍‌ଣିଦାନ୍ ତର୍‌ତେଞ୍ଜଁ
ଆଟ୍‌ଏଜିମାର୍ହାର୍ । 4 ୱାନ୍ ଏସାଦେବେଞ୍ଜ ମେଟିଞ୍ଜ ନି ଶିକ୍‌ଣିଦାନ୍
ତର୍‌ରାଇ ଆତାମାର୍‌ଆନ୍, ମାତର୍ ୱାନ୍ ସିକ୍‌ଣି ତେଉଜି ପକ୍‌ସି
ମାର୍‌ଆନ୍ ମାରି ମେଟିଞ୍ଜ କଣ୍ତ କଣ୍ତ କିଜି ରୁକ୍‌ସି ମାର୍‌ଆନ୍ ମାରି
ୱାନିଞ୍ଜ ତର୍‌ସା ଇଡ୍‌ଦେଞ୍ଜ ଏ ବପୁବା ସିଲେତାତ୍ । 5 ୱାଣ୍ତ
ୱେଡ଼େ ନାଡ଼ା ୱିଜୁ ୱାଲେ ଦୁକିଗୁଟା ମାରି ଗରନ୍‌କାଞ୍ଜ ତେବାଜି
ଆଉଲି ଆଜିମାର୍ହାନ୍, ମାରି କାଲ୍‌କାଣ୍ ନିଜେଦି ମେନ୍ଦଲ୍‌ତିଞ୍ଜ
ଚିଡ୍ରା କାବ୍ରା କିଜି କତାଜି ମାର୍‌ଆନ୍ । 6 ୱାନ୍ ଆକରାନ୍
ଜିସୁଞ୍ଜଁ ସୁଡୁତାନ୍‌ନୋ ଉରୁକ୍‌ସି ୱାଜି ୱାନି ଆଗ୍‌ଡ଼ି ଆର୍‌ତାନ୍, 7
ମାରି ନାଣ୍ତ ଆଉଲି ଆଜି ଇର୍‌ଆନ୍, ଏ ୱିଜେରିଞ୍ଜ ମୁସ୍‌କୁ ମାନି
ମାପୁରୁଦି ମାରିସି ଜିସୁ, ନି ୱାଲେ ନା ଇନିକା ମାନାତ୍? ନିଞ୍ଜଁ
ମାପୁରୁଦି ଦର୍‌ତାନ୍ ମାଡ଼ିସ୍ କିଜିନା, ନାଞ୍ଜଁ କାସ୍ତ ସିମା । 8
ଇରିଞ୍ଜ ଜିସୁ ୱାନିଞ୍ଜ ଇର୍‌ଆ ମାର୍‌ଆନ୍, "ଏରେ ତାଗ୍‌ଇଆତ୍ମା,
ଇୟା ଲୋକ୍‌ତିମାଣ୍‌କୁ ସହସ ସାଙ୍ଗ୍ଆ ।" 9 ମାରି, ଜିସୁ ୱାନିଞ୍ଜ
ୱେନ୍‌ବାତାନ୍, ନି ଦର୍ ଇନିକା? ୱାନ୍ ଜିସୁଞ୍ଜଁ ଇର୍‌ଆନ୍, ନା
ଦର୍ ବାହିନି, ଇରିଞ୍ଜ ମାପୁ ନାଣ୍ତ । 10 ମାରି, ଜିସୁ ଏଣ୍ତେସ୍
ୱାନିକାଞ୍ଜ ଆୟା ସାନ୍ଦିଦାନ୍ ଆଡ୍‌ରେ ପୋକ୍‌ଏନ୍, ଆୟା ଉଣ୍ତିଞ୍ଜ
ଆୟା ଦୁବା ଆସ୍‌ତିକାନ୍ ୱାନିଞ୍ଜ ନାଣ୍ତ ମାଡ଼ିସ୍‌କିତାନ୍ । 11
ଆୟା ଲାକ୍‌ତୁରି ଗରନ୍ ଆଡ୍‌ଗି ଉଣ୍ତି ପେରି ପାନ୍‌ଡ୍ରିଞ୍ଜ ମାନ୍ଦା
ସାରାଜିମାର୍‌ଏ । 12 ମାରି, ତାଗ୍‌ଇ ଆଡ୍‌ମେଞ୍ଜ ଜିସୁଞ୍ଜଁ ମାଡ଼ିସ୍
କିଜି ଇର୍‌ଏ, "ଆୟା ପାନ୍‌ଡ୍ରିଞ୍ଜଆ ଲୋଇ ଡୁଗୁଦେଞ୍ଜ ଇଜି ମାଞ୍ଜଁ
ୱାନିକା ମାନୁ ପୋକ୍‌ଆ ।" 13 ଜିସୁ ୱାନିକାଞ୍ଜ ଆଦେସ୍ ସିତାନ୍
ଆକା, ତାଗ୍‌ଇ ଆଡ୍‌ମେଞ୍ଜ ସତେନୋ ପାନ୍‌ଡ୍ରିଞ୍ଜଁ ଲୋଇ ଡୁଗିତେ;
ଆୟା ପାନ୍‌ଡ୍ରି ମାନ୍ଦା ଉରୁକ୍‌ସି ସର୍‌ହେନୋ ଟିପୁଦାନ୍ ଉରୁକ୍‌ସି
ସଲ୍‌ସି ସାମ୍‌ଦୁର୍‌ତୁ ଆର୍‌ଜି ମୁଡୁଗିତେ ସାତେ । ପାନ୍‌ଡ୍ରିଞ୍ଜ ଇସାବ୍
ଦୁଇ ହଜାର୍ ମାର୍‌ହେ । 14 ପାନ୍‌ଡ୍ରିଆଞ୍ଜ ସାଆରା କିନି ଲୋକୁ
ଉରୁକ୍‌ସି ସର୍‌ଆର୍‌ରୋ ଗାଡ୍‌କାଞ୍ଜ ନି ନାର୍‌କାଞ୍ଜଁ ଆୟା ମାଟା
ୱେର୍‌ତାର୍; ଆବେଟ୍ ଲୋକୁ ଇନିକା ଆତାମାନାତ୍ ଇଜି ସୁଡୁଗା
ୱାତାର୍ । 15 ମାରି, ଲୋକୁ ଜିସୁ ଲାକ୍‌ତୁ ୱାତାରୋ ଆୟା
ଆମାୱାନିଞ୍ଜ କି ବାହିନି ଦୁବା ଆସ୍‌ତା ମାର୍‌ଆତ୍, ୱାନିଞ୍ଜ ନେଗି
ୱାତି ପିଡ୍‌ରେଗ୍‌ଜା ନେଗି ମୋନ୍‌ତାନ୍ ବାସ୍‌ତି ମାର୍‌ଇକା ସୁଡୁତାରୋ

ତିଲାତାର୍ । 16 ଆମାକାର୍ ସୁଡୁତା ମାର୍ଆର୍, ୱାର୍ ଆୟା
ଦୁବାକାସ୍ତି ୱାନିଙ୍ଗ ଇନିକା ଆତାମାର୍ଆତ୍, ଆକା ନି ପାନ୍‌ଡ୍ରିଙ୍ଗୁଁ
ବିସୟତାନ୍ ୱାରିମାନୁ ୱେର୍‌ତାର୍ । 17 ଆବେଟ୍ ୱାର୍ ୱାରି
ରାଜିଦାନ୍ ଡ଼ିସ୍‌ସି ସନ୍‌ଡ୍ରେଙ୍ଗ ଜିସୁଙ୍କୁ ମାଡ଼ିସ୍‌କିତାର୍ । 18 ୱେନ୍‌କା
ଜିସୁ ଡଙ୍ଗାଁଦୁ ଏକ୍‌ନିୱାଲେ, ଆମାୱାନିଙ୍ଗ ଆଗ୍‌ଡ଼ି ଦୁବା କାସ୍ତା
ମାର୍ଆତ୍, ୱାନ୍ ଜିସୁୱାଲେ ସନ୍‌ଡ୍ରେଙ୍ଗ ଇଜି ରିଜା ମୁଜା ଇର୍ଆନ୍
। 19 ମାତର୍ ଜିସୁ ୱାନିୱାଲେ ସନ୍‌ଡ୍ରେଙ୍ଗ ସାରି ସିଏଣ୍ଡା ୱାନିଙ୍ଗ
ଇର୍ଆନ୍, "ମି ଇନ୍‌ଡ୍ର, ମାରି ମି ନିଜେଦି ଲୋକାମାନୁ ସାଙ୍ଗଆ,
ପ୍ରବୁ ନି ଉଣ୍ଡିଙ୍ଗ ଆମା ଆମା କାର୍ମୁ କିତାମାନାନ୍ ମାରି ନି ଉଣ୍ଡିଙ୍ଗ
ଏମେ ଦୟା ତର୍‌ତା ମାନାନ୍, ଆୟାୱିଜୁ ୱିଜେରିଙ୍ଗ ଇନ୍‌ଆଁ
।" 20 ଆବେଟ୍ ୱାଣ୍ଡୁ ସର୍ଆନ୍, ଜିସୁ ୱାନିଙ୍ଗ ଆମା ଆମା
ପାଣି କିତାମାର୍ହାନ୍, ଦଶ୍‌ଗୋଟା ଗାଡ଼୍‌କୁ ଦେକାପଲି ଇଜିମାନି
ଦଶ୍‌ଗୋଟା ଗାଡ଼୍‌କାଙ୍ଗ ରାଜିଦୁ ପ୍ରଚାର୍ କିଦେଙ୍ଗ ଆସ୍‌ତାନ୍;
ଆବେଟ୍ ୱିଜେରେ କାବାଆତାର୍ । 21 ଜିସୁ ଡଙ୍ଗାଁଦୁ ନାତାନ୍‌ନୋ
ମାରିଡ଼େସି ସାମ୍‌ଦୁର୍ ଆୟାପାଡ଼ି ସର୍ଆନ୍ । ୱାନ୍ ସାମ୍‌ଦୁର୍
ପାଡ଼ିମାନିୱାଲେ ନାଣ୍ଡ ଲୋକୁ ୱାନି ଲାକ୍‌ତୁ ଉଣ୍ଡାତାର୍; ମାରି
ଜିସୁ ସାମ୍‌ଦୁର୍ ପାଡ଼ି ତେବାତାନ୍ । 22 ନାସ୍ତିୱାଲେ ପାର୍‌ତନା
ଇଲୁଦି ପେରିକାନ୍ ଜାଇରସ୍ ଦର୍‌ତି ଅରେନ୍ ଲୋକୁ ୱାଜି ଜିସୁଙ୍କୁ
ସୁଡୁତାନ୍‌ନୋ ୱାନି ଆଗ୍‌ଡ଼ି ପାଡ଼୍‌ଗ୍‌ଜି ମାଡ଼ିସ୍‌କିତାନ୍, 23 ମାରି
ଜିସୁଙ୍କୁ ନାଣ୍ଡ ମାଡ଼ିସ୍ କିଜି ଇର୍ଆନ୍, "ନା ଗାଡ଼ି ସାତାମାନାତ୍;
ନା ଗାଡ଼ି ଏଣ୍ଡେସ୍ ନେଗେନ୍ ଆନାଡ୍ରେନା ଜିନାତ୍, ଆୟା ଉଣ୍ଡିଙ୍ଗ
ନିନୁ ୱାଜ ତାନି ମୁସ୍‌କୁ ନି କିୟୁ ଇଡିଆ ।" 24 ଆବେଟ୍ ଜିସୁ
ୱାନିୱାଲେ ସର୍ଆନ୍, ମାରି ଲୋକୁ ୱିଜେରେ ୱାନି ୱାଲେୱାଲେ
ସନ୍‌ଡ୍ରେଙ୍ଗ ଆସ୍‌ତାର୍, ୱାର୍ ୱାନି ମୁସ୍‌କୁ ମାଟ୍‌ସି ସାଜି ମାର୍ଆର୍
। 25 ନାସ୍ତିୱାଲେ ବାର ବାର୍ସେକ୍ ସାନ୍ଟି ସୁତୁକ୍ ଆନି ରୋଗ୍
ଆସ୍‌ତି ଆଇମା ମାରାଆତ୍, 26 ଆମାକାତ୍ କି ନାଣ୍ଡ ଦୁକ୍
ବଗାଜି ଡାକ୍‌ତର୍‌କା ମାଣ୍‌କୁ ସେବା କିଆଇଆଜି ତାନେ ୱିଜୁ
ଡାବୁଙ୍କୁ ୱିସ୍‌ତା ମାର୍ଆତ୍, ମାତର୍ ଏମେକାବା ନେଗେଣ୍ଡୁ ଆଏଣ୍ଡା
ନାଣ୍ଡନେ ରୋଗ୍ ଆଜିମାର୍ହାତ୍, 27 ୱାଦୁ ଜିସୁ ବିସୟତାନ୍
ୱେର୍ଆଦୋ ନାଣ୍ଡ ଲୋକୁ ଲୋଇରାନ୍ ୱେନ୍‌କା ସାରି ୱାତାଦୋ
ୱାନି ୱାତି ଜାଲିଦିଙ୍ଗ ମୁଟ୍‌ତାତ୍, ଇରିଙ୍ଗ ୱାଦ୍ ଇଜିମାର୍ଆତ୍,
28 "ନାନୁ ଜିସୁ ୱାତି ମୁଟ୍‌ତିଙ୍ଗ ନେଗେନ୍ ଆନା ।" 29 ଆୟା
ଆଇମା ୱାନି ୱାତି ମୁଟ୍‌ତି ଦାପ୍ରେ ତାନି ସୁତୁକ୍ ଆନି ରୋଗ୍
ଡ଼ିସ୍‌ତାତ୍, ମାରି ଆୟା ଆଇମା ନାନ୍ ନେଗେନ୍ ଆତା ଇଜି,
ମେନ୍ଦଲ୍‌ତୁ ନେସ୍‌ତେଙ୍ଗ ଆଟ୍‌ତାତ୍ । 30 ଆୟାୱେନ୍‌କା ଜିସୁ ୱାନି
ଲୋଇରାନ୍ ସାକ୍ତି ସହସି ସନିକା ନେସ୍‌ତାନ୍‌ନୋ ଲୋକୁ ଗହଲି
ତରିଣ୍ଡ ମାର୍‌ତାନ୍‌ନୋ ୱେନ୍‌ବାତାନ୍, ଏନ୍ ନା ୱାତି ମୁଟ୍‌ତାନ୍?
31 ୱାନି ସିସୁର୍ ଇର୍ହାର୍, "ନିନ୍‌ଡେ଼ା ସୁଡ଼୍‌ଜିନି, ଲୋକ୍‌ଡର୍ ନି
ସାରିବେଡ଼୍‌ତି ମାଟ୍‌ସି ସାଜିନାର୍, ମାରି ନିନ୍ ଇଜିନି, ଏନ୍ ନାଂଇ
ମୁଟ୍‌ତାନ୍?" 32 ମାତର୍ ଏନ୍ ନାଂଇ ମୁଟ୍‌ତାନ୍, ନେସ୍‌ତେଙ୍ଗ
ଉଣ୍ଡିଙ୍ଗ ୱାନ୍ ସାରିବେଡ଼୍‌ତି ସୁଡୁଦେଙ୍ଗଆସ୍‌ତାନ୍ । 33 ୱିଜୁ
ତାନେଙ୍ଗ ଇନିକା ଆତାତ୍‌ଆକା ନେସ୍‌ତାଦୋ ଆୟା ଆଇମା
ତିଲାଜି ତିରଗ୍‌ଜି ତିର୍‌ଗ୍‌ଜି ୱାତାଦୋ ଜିସୁ କାଲ୍‌କା ଆଡ୍‌ଗି
ମେଣ୍ଡେଙ୍ଗ ଗଟ୍‌କିଜି ୱିଜୁ ସତ୍ ମାଟା ୱେର୍‌ତାତ୍ । 34 ଜିସୁ ତାନିଙ୍ଗ
ଇର୍ଆନ୍, ଗାଡ଼ି, ନି ବିସ୍‌ବାସ୍ ନିଙ୍ଗୁ ନେଗେନ୍ କିତାମାନାତ୍;
ସାନ୍ତିଦାନ୍ ସାଙ୍ଗଆ ମାରି ନି ରୋଗ୍‌ତାନ୍ ନେଗେନ୍ ଆଜ ମାନ୍‌ଆ
। 35 ଜିସୁ ଇୟା ମାଟା ଇନିୱାଲେ, ପାର୍‌ତନା ଇଲ୍‌ତୁ ଅଦିକାର୍
ମାନି ଜାଇରସ୍‌ତି ଇନ୍‌ଡ୍ରଣାନ୍ ଏସୋଲୋକ୍ ୱାତା ରୋ ୱାନିଙ୍ଗ
ଇର୍ହାର୍, "ନି ଗାଡ଼ି ସାତାସରାଡ଼େଲ, ଗୁରୁଙ୍ଗ ଏନ୍ବା ମାରି କାସ୍ଟ
ସିଜିନିଦେର୍?" 36 ଜିସୁ ଆୟାମାଟା ୱେର୍ଆନ୍‌ନେ ୱେନ୍‌ଇ ୱାଜା
ଆତାନ୍‌ନୋ ପାର୍‌ତନା ଇଲୁତୁ ଅଦିକାର୍ ମାନି ଯାଇରସତିଙ୍ଗ
ଇର୍ଆନ୍, "ତିଲାମା, ବିସ୍‌ବାସ୍ କିଆ ।" 37 ତାନେ ୱେନ୍‌କା
ଜିସୁ ଯାଇରସତି ଇଲ୍‌ତୁ ସନ୍‌ଡ୍ରେଙ୍ଗ ଇଜି ଯାକୁବ, ୱାନି ତଡ଼ାନ୍
ଯୋହନ ମାରି ପିତର୍‌ତିଙ୍ଗ ଡ଼ିସ୍‌ତିଙ୍ଗ ମାରି ଏଙ୍ଗବା ୱାନିୱାଲେ
ଇଲୁ ଲୋଇ ଅଏତାନ୍ । 38 ୱାର୍ ଯାଇରସ୍‌ତି ଇଲ୍‌ତୁ ୱାତାର୍
ରୋ, ୱାନ୍ ଆଉଲି ଆନିକା ମାରି ଲୋକୁ ନାଣ୍ଡ ବର୍‌କୁକ୍‌ସି
ଆଡ଼୍‌ବାନିକା ମାରି ଦୁଃକ୍‌ତାନ୍ ଆଡ଼୍‌ବାନିକା ସୁଡୁତାନ୍, 39
ଜିସୁ ଇଲୁ ଲୋଇ ସର୍ଆନ୍ ନୋ ଲୋକାଙ୍ଗ ଇର୍ଆନ୍, "ଏନ୍ବା
ଆଉଲି ମାରି ଆଡ଼୍‌ବାଜିନିଦେର୍? ଗାଡ଼ି ସାଏତ୍, ମାତର୍ ୱାଦୁ
ସୁସ୍‌ତାମାନାତ୍ । ଆବେଟ୍ ୱାର୍ ୱିଜେରେ ଜିସୁଙ୍କୁ ସେମାର୍ କିତାର୍
।" 40 ଜିସୁ ୱିଜୁ ଲୋକାଙ୍ଗ ଆଡ୍‌ରେ ପୋକ୍‌ତାନ୍ ନୋ ଆଇଲିଦି
ବୁବାସି ନି ଆଇସିଙ୍ଗ ମାରି ୱାନି ମୁଏର୍ ଶିଶୁର୍‌ରିଙ୍ଗ ୱାନିୱାଲେ
ଆସ୍‌ତାନ୍‌ନୋ ଆଇଲି ଆମା ବାଡିଦୁ ଡରିତା ମାର୍ଆତ୍, ଆବେ
ସର୍ଆ଼େରୋ ଡୁଗିତାର୍ । 41 ଜିସୁ ଆଇଲିଦି କିୟୁ ଆସ୍‌ସି
ଇର୍ଆନ୍, "ଟାଲିଥାକୁମ୍," ଇରିଙ୍ଗ "ଏ ଆଇଲି, ନାନ୍ ନିଂଇ
ଇଜିନା ନିଙ୍ଗୁଆ ।" 42 ଆୟାଦାପ୍ରେ ଆଇଲି ନିଂଇତାଦୋ
ବୁଲାଦେଙ୍ଗ ଆସ୍‌ତାତ୍; ନାସ୍ତିୱାଲେ ଆଇଲିଦିଙ୍ଗ ବାର ବାର୍ସେକ୍
ଆତାମାର୍ଆତ୍ । ଆବେଟ୍ ଇୟା ମାଟା ୱେର୍ଆର୍ ୱିଜେରେ
ନାଣ୍ଡ କାବାତାସର୍ଆର୍ । 43 ମାରି, ଇୟା ମାଟା ଏଣ୍ଡେସ୍
ଏନ୍‌ବା ନେସ୍‌ଏର୍, ଆୟା ଉଣ୍ଡିଙ୍ଗ ଜିସୁ ୱାରିଙ୍ଗ ଆଟ୍‌ୱାଦାନ୍ ମାଟା
ୱେର୍‌ତାନ୍, ମାରି ଆଇଲିଦିଙ୍ଗ ଇନ୍‌କାବା ଉଟ୍‌ପିସ୍‌କିଦେଙ୍ଗ ଇଜି
ୱାରିଙ୍ଗ ଇର୍ଆନ୍ ।

**6** ଜିସୁ ଆୟାବାଡି ଡ଼ିସ୍‌ସି ସିସୁରିୱାଲେ ନିଜେ ଏମେ ବାଡ଼ିଦୁ
ପିରିତା ମାର୍ଆନ୍ ଆୟା ବାଡ଼ିଦୁ ୱାତାର୍ ମାରି ୱାନି
ଶିଶୁର୍ ୱାନି ୱାଲେ ୱାଲେ ସର୍ଆର୍ । 2 ରମ୍‌ନିଦିନ୍ ଇଗା
ୱାତାତ୍ ଆକା, ଜିସୁ ପାର୍‌ତନା କିନି ଇଲୁଦୁ ସର୍ଆନ୍‌ନୋ ଶିକ୍ଷା
ସିଦେଙ୍ଗ ଆସ୍‌ତାନ୍; ମାରି, ଆବେ ମାର୍ହି ୱିଜେରେ ୱାନି ମାଟା
ୱେର୍ଆ଼େରୋ କାବାଆଜି ଇର୍ହାର୍, "ଇୟା ଲୋକୁ ଇୟାୱିଜୁ
ଶିକ୍ଷା ଆମାଣ୍‌କୁ ପଇତାନ୍? ଇୟା ୱାନିଙ୍ଗ ଆମାଣ୍‌କୁ ବୁଦି
ପୁଟ୍‌ତାମାନାତ୍? ମାରି ଏମେ ସାକ୍ତିଦି ପାଣି ୱେନି କିୟୁଦାନ୍
ଆଜିନାତ୍, ଇୟାୱିଜୁ ଇନିକା? 3 ଇକାନ୍ ଆଜିନାନ୍ ଆୟା
ବଡ଼େଇ ଆଏନ୍ । ୱେନି ଆଇସି ଦର୍ ମରିୟମ୍, ଯାକୁବ, ଯୋସି,

ଯିହୁଦା ମାରି ସିମୋନ୍ ୱେନି ତଡ଼ାନ୍‌କୁ । ୱେନି ତାଙ୍ଗେଁକ୍ ମା ୱାଲେ
ମାନେ ।" ଇୟାୱାଜା ଇଜି ୱାର୍ ଜିସୁଙ୍ଗେଁ ମାନାଏତାର୍ । 4 ଜିସୁ
ୱାରିଙ୍ଗ ଇର୍ହାନ୍, "ବାବବାଦିର୍ ନିଜେଦି ରାଜିଦୁ, ନିଜେଦି ଇଲ୍‌ତୁ
ମାରି ନିଜେଦି ଲୋକାଙ୍ଗ ଡ଼ିସ୍‌ତିଙ୍ଗ ଆଇ ଲୋକାମାନୁ ସମ୍ମାନ୍
ପଇନାର୍ ।" 5 ଆୟା ବାଡିଦୁ ଜିସୁ ଏସୋ ରୋଗିଲୋକାଙ୍ଗ
ମୁସ୍‌କୁ କିୟୁ ଇଡ୍‌ଜି ନେଗେଣ୍ତୁ କିନିକା ଡ଼ିସ୍‌ତିଙ୍ଗ ମାରି ଇନି
ନାଣ୍ତୁ କାବାଦି ପାଣି କିଦେଙ୍ଗ ଆଟ୍‌ଏତାନ୍ । 6 ମାରି, ଜିସୁ
ୱାରି ଅବିସ୍‌ବାସ୍ ସୁଡ଼୍‌ଜି କାବାଆତା ସରଆନ୍ । 7 ୱେନ୍‌କା
ଜିସୁ ସାରିବେଡ଼୍‌ତି ନାର୍‌କାଙ୍ଗେଁ ନାର୍‌କାଙ୍ଗେଁ ବୁଲାଜି ଶିକ୍ଷା ସିଦେଙ୍ଗ
ଆସ୍‌ତାନ୍ । ଆୟାୱାଲେ ଜିସୁ ବାରଲୋକ୍ ସିସୁରିଙ୍ଗ ଲାକ୍‌ତୁ
କୁକ୍‌ତାନେ୍‌ନା ୱାରିଙ୍ଗ ରିଏର୍ ରିଏର୍ କିଜି ପୋକ୍‌ତେଙ୍ଗ ଆସ୍‌ତାନ୍
ମାରି ୱାରିଙ୍ଗ ତାଗ୍‌ଇ ଆତ୍‌ମେଙ୍ଗଆଙ୍ଗ ପେରେ୍‌ଦଙ୍ଗ ଅଦିକାର୍
ସିତାନ୍, 8 ମିର୍ ସନିୱାଲେ ଉଣ୍ତି ବାଡିଗା ଡ଼ିସ୍‌ତିଙ୍ଗ ରୁଟି, ବା ମଣି
ବା ଡାବୁଙ୍ଗେଁ ଇଡ୍‌ନି ମଣି ଅମାଟ୍ ଇଜି ଆଦେସ୍ ସିତାନ୍ । 9 ୱାରିଙ୍ଗ
ଜୁତେଙ୍ଗ ବା ଯୋଡ଼୍‌କୁ ଆରାଦେଙ୍ଗ ଇର୍‌ଆନ୍, ମାତର୍ ଆରାତିମାନି
ଆଙ୍ଗେଁ ଡ଼ିସ୍‌ତିଙ୍ଗ ଆଇକା ଅମାଟ୍ । 10 ମାରି, ଜିସୁ ୱାରିଙ୍ଗ
ଇର୍‌ଆନ୍, "ଆମା ଇନ୍‌ଡ୍ରଣି ଲୋକୁ ମିଙ୍ଗେଁ ମାନାନାର୍, ଆୟା ବାଡି
ଡ଼ିସ୍‌ନି ସନି ସାନ୍ଦି ଆବେ ତେବାଦୁ । 11 ଜଦି ମିର୍ ଏମେ ନାର୍‌ତୁ
ସନିଦେର୍ ଆୟା ବାଡ଼ିଦି ଲୋକୁ ମିଙ୍ଗେଁ ମାନାଏର୍, ବା ମି ମାଟା
ୱେନ୍‌ଏର୍, ଆୟା ବାଡି ଡ଼ିସ୍‌ନିୱାଲେ ୱାରିମାନୁ ସାକି ସିଦେଙ୍ଗ ମି
ପାଦାମ୍‌କାଣି ଦୁଡ଼ି ସାଡ଼୍‌ତୁ ।" 12 ଇୟା ୱେନ୍‌କା ସିସୁର୍ ନାର୍‌କାଙ୍ଗେଁ
ସଲ୍‌ସି ପାପ୍‌ସାରି ଡ଼ିସ୍‌ସି ମନତିଙ୍ଗ ଡ଼େପ୍‌ସି ରାଦୁ ଇଜି, ଆକା
ଲୋକାମାନୁ ପ୍ରଚାର୍‌କିତାର୍ । 13 ୱାର୍ ନାଣ୍ତୁ ଦୁବା କାସ୍ତି ଲୋକାଙ୍ଗ
ଦୁବେଙ୍ଗ ଡ଼ିସିସ୍ କିତାର୍ ମାରି ନାଣ୍ତୁ ରୋଗ୍ ଲୋକାଙ୍ଗ ନିୟୁ ଉସ୍‌ସି
ନେଗେଣ୍ତୁକିତାର୍ । 14 ଜିସୁ ଦର୍ ୱିଜୁ ତରିନ୍ ୱେଙ୍ଗେଁତାଡ୍‌ଆକା
ୱାନି ବିସୟତାନ୍ ହେରୋଦ ରାଜା ୱେର୍‌ଆନ୍, ମାରି ଲୋକୁ
ଇଜିମାର୍‌ଆର୍, "ଡୁବନ୍‌ସିନି ଯୋହନ ସାତିଲୋକାମାଣାନ୍‌କୁ
ନିଙ୍ଗେଁତାମାନାନ୍, ଆୟା ଉଣ୍ତିଙ୍ଗ ଇୟାୱିଜୁ ସାକ୍ତି ୱେନିମାନୁ
ପାଣିକିଜିନାତ୍ ।" 15 ମାତର୍ ଆଇ ଲୋକ୍‌ଡର୍ ଇଜିମାର୍‌ଆର୍,
"ୱାଣ୍ତୁରୁ ଏଲିୟ୍," ମାରି ଏସୋ ଲୋକୁ ଇଜିମାର୍‌ଆର୍, "ପୁର୍ବେଦି
ବାବବାଦିରି ୱାଜା ୱାଣ୍ତୁରୁ ବା ଅରେନ୍ ବାବବାଦି ।" 16 ମାତର୍
ହେରୋଦ ଇକା ୱେର୍‌ଆ ଇର୍‌ଆନ୍, "ନାନ୍ ଆମା ଯୋହନତି
ତାଲା କଇତା ମାର୍ହା, ଆୟା ଯୋହନ ମାରିଡ଼େସି ନିଙ୍ଗେଁତାମାନାନ୍
।" 17 ହେରୋଦ, ଯୋହନତିଙ୍ଗ ତର୍‌ସି ଜଇଲ୍‌ତୁ ଇଡ୍‌ଦେଙ୍ଗ
ଆଦେସ୍ ସିତାମାର୍‌ଆନ୍, ଇରିଙ୍ଗ ହେରୋଦ ୱାନି ତଡ଼ାନ୍ ପିଲିପ୍‌ତି
ଆଡ଼୍‌ସି ହେରୋଦିଆଦିଙ୍ଗ ପେଡ଼ି ଆତା ମାର୍‌ଆନ୍ ଆକା ଇକା
କିତାନ୍ । 18 ଇରିଙ୍ଗ ଯୋହନ ହେରୋଦତିଙ୍ଗ ଇଜିମାର୍‌ଆନ୍,
"ନିଜେଦି ତଡ଼ାନ୍‌ତି ଆଡ଼ିଦିଙ୍ଗ ଇଡ୍‌ନିକା ନିୟମ୍ ସିଲେତ୍ ।" 19
ଇୟାଉଣ୍ତିଙ୍ଗ ହେରୋଦିଆ ଯୋହନତିଙ୍ଗ ଶାତ୍ରୁୱାଜା ସୁଡ଼୍‌ଜି ରିସା
ଆତାଦୋ ସାୟାମାର୍‌ଗା ଡାକ୍‌ତେଙ୍ଗ ବଦା କିଜିମାର୍‌ଆତ୍, ମାତର୍
ଆଟ୍‌ଏଜି ମାର୍‌ଆତ୍; 20 ଇରିଙ୍ଗ ହେରୋଦ ଯୋହନତିଙ୍ଗ ଅରେନ୍
ଦାର୍ମୁ ମାରି ପବିତ୍ର ଲୋକ୍ ଇଜି ନେସ୍‌ସି ତିଲାଜି ମାର୍‌ଆନ୍,
ମାରି ଯୋହନତିଙ୍ଗ ରକ୍ଷା କିଦେଙ୍ଗ ବଦାକିଜି ମାର୍‌ଆର୍, ମାରି
ହେରୋଦ ଯୋହନତି ମାଟା ୱେନ୍‌ଜି ନାଣ୍ଡ ତରବର ଆଜିମାର୍ହାନ୍
ଆତିଙ୍ଗବା ୱେଡ଼ିକାଦାନ୍ ଆୟା ମାଟା ୱେନ୍‌ଜି ମାର୍‌ଆନ୍ ।
21 ସାରାସାରି ଏସ ଦିନ୍ ୱେନ୍‌କା ହେରୋଦିଆଦିଙ୍ଗ ଉଣ୍ତି
ସାରି ତରିତାତ୍ । ହେରୋଦ ୱାନି ଜନମ୍ ଦିନ୍‌ତୁ ୱିଜୁ ପେରି
ପେରି ଲୋକାଙ୍ଗ, ସେନାପତିରିଙ୍ଗ ମାରି ଗାଲିଲିଦି ୱିଜୁ ପେରି
ଲୋକାଙ୍ଗ ଉଣ୍ତେଙ୍ଗ ନାଡ଼ା ସମୟତୁ ଉଣ୍ତି ବୋଜି ତିଆର୍ କିତାନ୍;
22 ମାରି, ହେରୋଦିଆଦି ଗାଡ଼୍‌ସି ଲୋଇ ୱାତାତ୍‌ଦ ଗାତ୍‌ସି
ହେରୋଦ ମାରି ବୋଜିଦୁ ବାସ୍‌ତି ମାର୍‌ହି କୁଡ଼ାଆଙ୍ଗ ମୋନ୍‌ତିଙ୍ଗ
ୱେଡ଼ିକା କିବିସ୍‌କିତାତ୍ । ଆବେଟ୍ ହେରୋଦ ରାଜା ଗାଡ଼୍‌ସିଙ୍ଗ
ୱେନ୍‌ବାତାନ୍, "ନିନ୍ ଇନିକା ବଦାକିଜିନି, ଲସ୍‌ଆ, ନାନ୍ ଆକା
ନିଂଇ ସିନା ।" 23 "ନାନ୍ ପାର୍‌ମାଣ୍ କିଜି ଇଜିନା, ନିନ୍ ଆମାକା
ଲସ୍‌ନି, ଆକା ରାଜିଦି ଆଧା ବାଗ୍ ବା ସିନା ।" 24 ଆବେଟ୍
ଗାଡ଼୍‌ସି ଆତ୍‌ରେ ସର୍ହାଦୋ ତାନି ଆଇସିଙ୍ଗ ୱେନ୍‌ବାତାତ୍, ନାନୁ
ଇନିକା ଲସ୍‌ନା? ତାମେ ଆଇସି ଦାପେ ଦାପେ, ତାନେଙ୍ଗ ଇର୍ହାତ୍,
"ନିନୁ ଡୁବନ୍ ସିନି ଯୋହନତି ତାଲା ଲସ୍‌ଆ ।" 25 ଆୟାଦାପ୍ରେ
ଗାଡ଼୍‌ସି ରାଜାମାନୁ ଉରୁକ୍‌ସି ୱାଜି ଇର୍ହାତ୍, "ନା ବଦା ଯେ, ନିନ୍
ଡୁବନ୍‌ସିନି ଯୋହନତି ତାଲା ଇୟାଦାପ୍ରେ ନାଂଇ ଉଣ୍ତି ସାଡ଼୍‌ୱାଦୁ
ସିଦା ।" 26 ଇକା ମାଟା ୱେନ୍‌ଜି ହେରୋଦ ରାଜା ନାଣ୍ତୁ ଦୁଃଖ
କିତାନ୍ ମାତର୍ କୁଡ଼ାଆଙ୍ଗେଁ ଆଗ୍‌ଡ଼ି ପାର୍‌ମାଣ୍ କିତାମାର୍ହାନ୍‌ଆକା
ସିଲେ ଇନ୍‌ଡ୍ରେଙ୍ଗ ଆଟ୍‌ଏତାନ୍ । 27 ଆବେଟ୍ ରାଜା ଦାପ୍ରେ
ଅରେନ୍ ସନ୍ୟଙ୍ଗ ପୋକ୍‌ତାନ୍ ନୋ ଯୋହନତି ତାଲା ତାତେଙ୍ଗ
ଆଦେସ୍ ସିତାନ୍ । ୱାଣ୍ତୁ ସର୍‌ଆନ୍ ନୋ ଜଇଲି ଲୋଇ ଯୋହନତି
ତାଲା କଇତାନ୍, 28 ଯୋହନତି ତାଲା ଉଣ୍ତି ସାଡ଼୍‌ୱାଦୁ ତାତାନ୍
ନୋ ଆଇଲିଦିଙ୍ଗ ସିତାନ୍, ଆୟାକା ଆଇଲି ଆସ୍‌ତାଦୋ ତାମେ
ଆଇସିଙ୍ଗ ସିତାତ୍ । 29 ଯୋହନତି ସିସୁର୍ ଆୟା କାବୁର୍
ୱେର୍‌ଆର୍‌ରୋ ୱାତାର୍ ମାରି ୱାନି ସାତି ମାଡ଼ା ଆସ୍‌ତା ଅତାରୋ
ଦୁକି ଗୁଟାଦୁ ମୁସ୍‌ତାର୍ । 30 ୱେନ୍‌କା ସିସୁର୍ ଜିସୁ ଲାକ୍‌ତୁ
ଉଣ୍ତାତାର୍, ୱାରୁ ଏମେ ଏମେକା କିତାମାର୍‌ଆର୍ ମାରି ଏମେ
ଏମେକା ଶିକ୍ଷା ସିତାମାର୍‌ଆର୍, ଆୟାୱିଜୁ ୱାନିଙ୍ଗ ୱେର୍‌ତାର୍
। 31 ଆବେଟ୍ ୱାନ୍ ୱାନି ସିସୁରିଙ୍ଗ ଇର୍‌ଆନ୍, "ସାଦୁ ମାଡୁ
ଏର୍‌ନାଡ ଉଣ୍ତି ସିମ୍ରା ବାଡିଦୁ ସନାଟ୍ । ଆବେ ଏସୋ ସମୟ
ରୋମ୍‌ନାଟ୍ ।" ଇରିଙ୍ଗ ନାଣ୍ତୁ ଲୋକୁ ୱିଜେରେ ସନିକା ୱାନିକା
ଆଜିମାର୍ହାର୍ ଆକା ୱାରିଙ୍ଗ ଉଣ୍ତେଙ୍ଗ ବା ସମୟ ସିଲେତାତ୍ । 32
ଆୟାୱେନ୍‌କା ଜିସୁ ମାରି ୱାନି ଶିଶୁର୍ ଡଙ୍ଗାଁଦୁ ଏକ୍‌ତାରେ୍‌ନା ଉଣ୍ତି
ସିମ୍ରା ବାଡିଦୁ ସନ୍‌ଡ୍ରେଙ୍ଗ ସତାର୍ । 33 ମାତର୍ ୱାର୍ ସନିୱାଲେ
ଏସୋ ଲୋକୁ ୱାରିଙ୍ଗ ସୁଡ଼୍‌ଜି ମାରି ସିନିସ୍ କିତାର୍, ମାରି ଲୋକୁ
ୱିଜେରେ ୱିଜୁ ଗାଡ଼୍‌କାଣାକୁ ପାଦାମ୍‌କାଣ୍‌କୁ ଆବେ ଅର୍‌ସେ
ଉରୁକ୍‌ସି ସରଆର୍ ରୋ ୱାରି ଆଗିଡ଼ି ଇଗା ସରଆର୍ । 34 ଜିସୁ
ଡଙ୍ଗାଁଦାନ୍ ସତାନେ୍‌ନା ନାଣ୍ତୁ ଲୋକାଙ୍ଗ ସୁଡ଼୍‌ଜି ୱାରି ଉଣ୍ତିଙ୍ଗ ଦୁଃକ୍

କିତାନ୍, ଇରିଞ୍ଜ ୱାର୍ ଗାଉଡୁ ସିଲି ମେଣ୍ଡେଞ୍ଜୁଁ ମାନ୍ନା ୱାଜା ୱାର୍
ସାକାସିଲିକା ନି ସିନ୍ତା ଆଜିମାର୍ହାର୍; ମାରି, ୱାଣ୍ଣୁ ୱାରିଞ୍ଜ ନାଣ୍ତୁ
ସିକିୟା ସିଦେଞ୍ଜ ଆସ୍‌ତାନ୍ । 35 ନାଣ୍ତୁ ୱେଡ଼ା ଆତାତ୍‌ଆକା
ୱାନି ସିସୁର୍ ୱାନି ଲାକ୍‌ତୁ ୱାତା ଇର୍ହାର୍, "ଇୟାବାଡିତୋ ସିମ୍ରା,
ମାରି ନାଣ୍ତୁ ୱେଡ଼ା ଆତାତ୍‌ନି; 36 ଲୋକୁ ଏଣ୍ଡେସ୍‌କି ସାରିବେଡ଼୍‌ତି
ନାର୍‌କାଞ୍ଜୁଁ ସନାର୍ ନିଜେ ନିଜେଦି ଉଣ୍ତିଞ୍ଜ ଏସୋ ଉଣି ଖାଦି
କଣାର୍, ଆୟାଉଣ୍ତିଞ୍ଜ ୱାରିଞ୍ଜ ପୋକ୍‌ଆ ।" 37 ମାତର୍ ଜିସୁ
ୱାରିଞ୍ଜ ଇର୍ହାନ୍, "ମିର୍ ୱାରିଞ୍ଜ ଉଣ୍ଡେଞ୍ଜ ସିଦୁ," ସିସୁର୍ ୱାନିଞ୍ଜ
ଇର୍ହାର୍, "ମାପ୍ ଇନିକା ଆଟେ୍‌ଗୋଟା ଲେଜ୍‌ତି କୁଲି ଡାବୁଦାନ୍
ରୁଟି କଣାପ୍ ୱେରିଞ୍ଜ ସିନାପ୍?" 38 ଜିସୁ ୱାରିଞ୍ଜ ଇର୍‌ଆନ୍,
"ମି ଲାକ୍‌ତୁ ଏସୋ ଗୋଟା ରୁଟିଞ୍ଜ ମାନେ? ସଲ୍‌ସ ସୁଡ଼୍‌ଦୁ ।"
ସିସୁର୍ ସର୍‌ଆ ୱେର୍‌ଆ ୱାତା ରୋ ୱାନିଞ୍ଜ ଇର୍ହାର୍, "ପାସ୍‌ଗୋଟା
ରୁଟିଞ୍ଜ ମାରି ରୁଣ୍ତି ମିନ୍‌କୁ ମାନେ ।" 39 ୱିଜେରେ ଏଣ୍ଡେସ୍‌କି ଧାଡ଼ି
ଧାଡ଼ି ଆଜି କଡ଼୍‌କି ଲାଟା ମାନି ବାଡିଦୁ ବାସ୍‌ନାର୍, ଆୟା ଉଣ୍ତିଞ୍ଜ
ଜିସୁ ବାସିସ୍ କିଦେଞ୍ଜ ୱାରିଞ୍ଜ ଆଦେସ୍ ସିତାନ୍ । 40 ଆବେଟ୍
ୱିଜେରେ ଶହେ ଶହେ ଲୋକୁ ମାରି ପଚାସ୍ ପଚାସ୍ ଲୋକୁ ଧାଡ଼ି
ଆଜି ବାସ୍‌ତାର୍ । 41 ଆୟାୱେନ୍‌କା ଜିସୁ ଆୟା ପାସ୍‌ଗୋଟା
ରୁଟିଞ୍ଜ ମାରି ରୁଣ୍ତି ମିନ୍‌କୁ ଅସି ସ୍ୱର୍ଗ ମୁସ୍‌କୁ ସୁଡ଼୍‌ଜି ମାପୁରୁଦିଞ୍ଜ
ଦନ୍ୟବାଦ୍ ସିତାନ୍ ମାରି ରୁଟିଞ୍ଜ ରୁକ୍‌ସି ଲୋକାଞ୍ଜ ବାଟାକିଜି
ସିଦେଞ୍ଜ ସିସୁରିଞ୍ଜ ସିତାନ୍ । ଆୟା ରୁଣ୍ତି ମିନ୍‌କାଞ୍ଜ ବା ବାଟାକିଜି
ସିଦେଞ୍ଜ ସିତାନ୍ । 42 ୱିଜୁ ଲୋକୁ ୱିଜେରେ ତିର୍‌ଆରୋ
ପଟାପାଜିତାର୍ । 43 ଇୟା ୱେନ୍‌କା ସିସୁର୍ ଏଜିତି ରୁଟିଞ୍ଜ ମାରି
ମିନ୍‌କୁ ମୋକେଞ୍ଜ ପେର୍ଜି ବାରଗୋଟା ଡାଡ଼ିଦୁ ବର୍ତି କିତାର୍ । 44
ଏମେ ଲୋକ୍‌ଡର୍ ଇୟା ରୁଟିଞ୍ଜ ତିର୍ହା ମାର୍‌ଆର୍, ୱାରି ଲୋଇ
ଆବ୍‌କା ମେମାର୍‌ଞ୍ଜୁଁ ଲୋକୁନେ ୫,୦୦୦ ହାଜାର୍ ମାର୍‌ଆର୍ ।
45 ଆୟାଦାପ୍ରେ ଜିସୁ ୱାନି ସିସୁରିଞ୍ଜ ଡଙ୍ଗାଁଦୁ ବାସିସ୍‌ତାନ୍ ନୋ
ସାମ୍‌ଦୁର୍‌ତୁ ଆୟା ପାଡ଼ିଦି ବେଡ୍‌ସାଇଦାଦୁ ୱାନି ଆଗ୍ଡ଼ିନେ
ସଣ୍ଡେଞ୍ଜ ଇର୍ହାନ୍, ଆବେଟ୍ ଲୋକାଞ୍ଜ ଜିସୁ ପୋକ୍‌ତାନ୍ । 46
ଜିସୁ ଲୋକାଞ୍ଜ ପୋକ୍‌ତି ୱେନ୍‌କା ୱାନ୍ ପାର୍‌ତନା କିଦେଞ୍ଜ ଇଜି
ଗରନ୍ ମୁସ୍‌କୁ ସର୍ହାନ୍ । 47 ମିଲିମିଲିକା ଆଜି ୱାନିୱାଲେ ଡଙ୍ଗାଁ
ସାମ୍‌ଦୁର୍ ନାଡ଼୍‌ମି ମାର୍‌ଆତ୍ ମାରି ୱାନ୍ ପାଡ଼ି ଅରେନ୍ ମାର୍‌ଆନ୍
। 48 ଜିସୁ ସୁଡୁତାନ୍ ଯେ ସିସୁରି ଡଙ୍ଗାଁଦି ସାଟ୍‌ୱା ଡାକ୍‌ତେଞ୍ଜୁଁ
ଇଜି ନାଣ୍ତୁ ବାଦାଜି ମାର୍‌ଆର୍ । ଇରିଞ୍ଜ ନାସ୍ତିୱାଲେ ଗାଲି ୱାରି
ଆଗ୍ଡ଼ି ସାରି ୱାଜି ମାର୍‌ଆତ୍ । ସାଲ୍‌ଦି ଆନିୱାଲେ ଜିସୁ ଏର୍
ମୁସ୍‌କୁ ବୁଲାଜି ବୁଲାଜି ଶିଶୁରି ଲାକ୍‌ତୁ ୱାତାନ୍, ୱାଣ୍ଣୁ ସିସୁରି
ଲାକ୍‌ତୁରାନ୍ ଆଜି ଆଗ୍ଡ଼ି ସନ୍‌ଡ୍ରେଞ୍ଜ ବଦା କିଜି ମାର୍ହାନ୍ 49
ମାତର୍ ସିସୁର୍ ୱାନିଞ୍ଜ ସାମ୍‌ଦୁର୍ ମୁସ୍‌କୁ ବୁଲାନିକା ସୁଡୁତାରୋ,
"ଦୁବା ଇଜି" ଅଡ୍‌ବିତାରୋ ନାଣ୍ତୁ ଆଉଲି ଆତାର୍, 50 ଇରିଞ୍ଜ
ୱିଜେରେ ଜିସୁଞ୍ଜୁଁ ସୁଡୁତାର୍ ତିଲାତା ସର୍‌ହାମାର୍‌ଆର୍ । ମାତର୍
ଜିସୁ ଆୟାଦାପ୍ରେ ୱାରିୱାଲେ ୱାର୍‌ଗିଜି ୱାରିଞ୍ଜ ଇର୍‌ଆନ୍, ସାସ୍
ଆସ୍‌ତୁ, ତିଲାମାଟ୍, "ନାନ୍ ତୋ ଜିସୁ ।" 51 ଜିସୁ ୱାରି ଲାକ୍‌ତୁ
ସର୍‌ଆନେ୍‌ନା ଡଙ୍ଗାଁଦୁ ଏକ୍‌ତାନ୍, ଆବେଟ୍ ଗାଲି ତିର୍ ଆତାତ୍ ।
ସିସୁର୍ ମନ୍ ଲୋଇ ନାଣ୍ତୁ କାବାଆତା ସରଆର୍ । 52 ଇରିଞ୍ଜ
ୱାର୍ ପାସ୍ ହଜାର୍ ଲୋକାଞ୍ଜ ରୁଟିଞ୍ଜ ଉଠ୍‌ପିସ୍‌କିତି ବିସୟଦି
ଅର୍ଥ ବୁଝାଏତା ମାର୍‌ଆର୍, ଇରିଞ୍ଜ ୱାରି ବୁଦ୍ଧି ଗୁପାତା ମାର୍‌ଆତ୍
। 53 ଜିସୁ ମାରି ୱାନି ସିସୁର୍ ସାମ୍‌ଦୁର୍ ନାସି ଗିନେସରତି
ସାନ୍ଧିଦୁ ୱାତାରେ୍‌ନା ସାମ୍‌ଦୁର୍ ପାଡ଼ି ଡଙ୍ଗାଁ ତର୍‌ତାର୍ । 54 ୱାର୍
ଡଙ୍ଗାଁଦାଣ୍ତୁ ରେତି ୱାତିଦାପ୍ରେ ଲୋକୁ ଜିସୁଞ୍ଜୁଁ ସୁଡ଼୍‌ଜି ସିନିସ୍‌ତାର୍ ।
55 ଆବେଟ୍ ଆୟା ସାରିବେଡ଼୍‌ତି ନାର୍‌କାଞ୍ଜ ଉର୍‌କୁସି ସର୍‌ଆର୍
। ଜିସୁ ଆମା ଆମା ବାଡ଼ିଦୁ ମାର୍‌ଆନ୍ ମାରି ଲୋକୁ ୱିଜେରେ
ରୋଗ୍ ଲୋକାଞ୍ଜ କାଟେଲ୍‌ତୁ ପିଣ୍ତିଜି ଜିସୁମାନୁ ତାତାର୍ । 56 ଜିସୁ
ଏମେ ଏମେ ନାର୍, ଗାଡ଼୍ ମାରି ଲୋଇରି ନାର୍‌କାଞ୍ଜ ସର୍‌ହାନ୍,
ଲୋକ୍ ୱିଜେରେ ୱିଜୁ ବାଡ଼ିଦି ରୋଗିଲୋକାଞ୍ଜ ସାତାଦୁ ତାତାରୋ
ଉଣ୍ତାକିତାର୍, ମାରି ରୋଗିଲୋକ୍ ଏଣ୍ଡେସ୍‌କି ୱାନି ୱାତି ଜାଲି
ଅଡ଼ପ୍ ମୁଟ୍‌ନାର୍, ଆୟାଉଣ୍ତିଞ୍ଜ ଜିସୁଞ୍ଜୁଁ ମାଡ଼ିସ୍ କିତାର୍; ମାରି
ଏସୋ ଲୋକ୍‌ଡର୍ ଜିସୁଦି ୱାତି ଜାଲି ମୁଟ୍‌ତାର୍ ଆୟା ଲୋକ୍‌ଡର୍
ନେଗେନ୍ ଆତାର୍ ।

7 ୱେନ୍‌କା ପାରୁସିର୍ ମାରି ଜିରୁସାଲାମ୍‌ତାନ୍ ୱାତି ମାର୍‌ଇ
ଏସୋ ସାସ୍ତ୍ରିର୍ ଜିସୁ ସାରିବେଡ଼୍‌ତି ଉଣ୍ତାତାର୍ । 2 ୱାର୍
ସୁଡୁତାର୍ ଯେ, ୱାନି ଏସୋ ସିସୁର୍ ଜିହୁଦିରି ଇସାବ୍‌ତାନ୍ କିୟୁ
ନର୍‌ବାଏଣ୍ତା ଉଣୁଜି ମାର୍‌ଆର୍ । 3 ପାରୁସିର୍ ମାରି ୱିଜେରେ
ଯିହୁଦୀଲୋକ୍ ୱାରି ପୁର୍ବେଦି ନେତାରି ରୀତିନୀତି ମାନାଜି
ନେଗେଣ୍ତୁ କିୟୁ ନର୍‌ବାଏତିଞ୍ଜ ୱାର୍ ଉଣୁଏର୍, 4 ସାତାଦୁ ସର୍‌ହି
ୱାତି ୱେନ୍‌କା ନିଜେ ନିଜେଦି ମୁସ୍‌କୁ ଏର୍ ଲଜାଏତିଞ୍ଜ ଉଣୁଏର୍;
ମାରି ଗିନା, ମୁଡା ମାରି କସ୍ ନକି ଏର୍‌ତୁ ମୁଡୁକିସି ନର୍‌ବାନିକା,
ଖାଟେଲ୍‌ତୁ ଏରୁ ସିଲିକ୍‌ନିକା ୱିଜୁ ଆଇ ରୀତିନୀତି ମାନାଦେଞ୍ଜ
ଇଜି ୱାର୍ ଆଦେସ୍ ପଇତା ମାର୍‌ଆର୍ । 5 ପାରୁସିର୍ ମାରି
ସାସ୍ତ୍ରିର୍ ଜିସୁଞ୍ଜୁଁ ଇର୍ହାର୍, "ନି ସିସୁର୍ ପୁର୍ବେଦି ନେତାରି ରୀତିନୀତି
ଦାଣ୍ତୁ ସାଲାଏଣ୍ତା କିକୁ ନର୍‌ବାଏଣ୍ତା ଏନ୍ନା ଉଣୁଜିନାର୍?" 6 ଜିସୁ
ୱାରିଞ୍ଜ ଇର୍ହାନ୍, ଏ ସାଲାକିଦି, ଜିସାଇୟ ବାବବାଦି ମି ବିସୟତୁ
ଟିକ୍‌ତାନ୍ ମାଟା ୱେର୍‌ତା ମାନାନ୍, ଏଣ୍ଡେସ୍ ରାସାତାମାନାତ୍,
ମାପୁରୁ ଇନାନ୍, ଇୟା ଜାତିଦି ଲୋକ୍‌ଡର୍ ମାଙ୍ଗୁଁ ତାମେ ମକମିନେ
ମାନାନାର୍, ମାତର୍ ୱାରି ଜିବନ୍ ମାବାଣ୍‌କୁ ଆକ ତେବାନାତ୍
। 7 ୱାର୍ ଲୋକୁ ତିଆର୍ କିତିମାନି ରୀତିନୀତି ଦିଞ୍ଜ ମାପୁରୁଦି
ଆଦେସ୍ ଇଜି ଶିକ୍ଷା ସିନାର୍ ଆର୍‌ଏନେ ମା ସେବା କିଜିନାର୍
। 8 "ମିର୍ ମାପୁରୁଦି ଆଦେସ୍ ଡ଼ିସ୍‌ସି ଲୋକୁ ତିଆର୍‌କିତି
ନିୟମ୍‌ତିଞ୍ଜ ଆସ୍‌ସିନିଦେର୍ ।" 9 ମାରି ଜିସୁ ୱାରିଞ୍ଜ ଇର୍ହାନ୍,
ମିର୍ ମି ସାଲାକିଦାନ୍ ମାପୁରୁଦି ମାଟାଦିଞ୍ଜ ମାନାଇଜିନିଦେର୍
। 10 ଇରିଞ୍ଜ ମୋସା ନିୟମ୍ ସିତାମାନାନ୍, ମି ବୁବା ୟାୟାଏଞ୍ଜ
ମାନାଦୁ, ମାରି ଏନ୍ ନିଜେଦି ବୁବା ନି ୟାୟାଞ୍ଜ ଆନାଦୁରିଆ
ସିନାନ୍, ୱାଣ୍ଣୁ ଏଣ୍ଡେସ୍ କିଜିବା ସାନି ଦଣ୍ତ ପଇନାନ୍ । 11 ମାତର୍
ମି ଇନ୍‌ଡ୍ର, ଜଦି ଅରେନ୍ ଲୋକ୍‌ତିମାନୁ ୱାନି ବୁବା ୟାୟାଏଞ୍ଜ

ସାହାଜ୍ୟ କିଦେଙ୍ଗ ମାନାତ୍, ମାତର୍ ଆୟା ଲୋକୁ ଇଜିନାନ୍,
କାର୍ବାନ୍ ମାପୁରୁତିଙ୍ଗ ପୁଜା ସିତାମାନା । 12 ଆଦେଙ୍ଗ ମିର୍ ୱାନିଙ୍ଗ
ୱାନି ବୁବା ୟାୟାଦିଙ୍ଗ ସାହାଜ୍ୟ କିନି ଉଣ୍ତିଙ୍ଗ ସିଇଦେର୍ । 13
ଇୟାୱାଜା ମିର୍ ପୁର୍ବେଦି ଲୋକ୍ତି ରୀତିନୀତି ଉଣ୍ତିଙ୍ଗ ମାପୁରୁଦି
ବାକ୍ୟଦିଙ୍ଗ ଲାତ୍ ଡାକ୍ସିନିଦେର୍ ମାରି ଆୟାୱାଜା ନାଣ୍ତୁ ସେଇ
ପାଣିବା କିଜିନିଦେର୍ । 14 ଅର୍ଲେନ୍ ଜିସୁ ଲୋକାଙ୍ଗ ଲାକ୍ତୁ
କୁକ୍ସି ୱାରିଙ୍ଗ ଇର୍ହାନ୍, "ମିର୍ ୱିଜେରେ ନା ମାଟା ୱେନ୍ଡୁ ମାରି
ବୁଝାଦୁ ।" 15 ଲୋକ୍ତି ମେନ୍ବଲ୍ ଆତ୍ରେ ଇୟାୱାଜା ଇନି ବିସୟ
ସିଲେତ୍, ଆମାକା କି ୱାନି ଲୋଇ ଡୁଗୁଜି ୱାନିଙ୍ଗ ଅପବିତ୍ର
କିନାତ୍, ମାତର୍ ଏମେ ଏମେକା ଲୋକ୍ତି ଲୋଇରାନ୍ ସନାତ୍,
ଆୟାୱିଜୁ ୱାନିଙ୍ଗ ଅପବିତ୍ର କିନାତ୍ । 16 ଜଦି ଆମାୱାନିଙ୍ଗ
ୱେନ୍ଡ୍ରେଙ୍ଗ ଗିତଣିଙ୍ଗମାନେ ୱାଣ୍ଡୁ ୱେନିନ୍ । 17 ଜିସୁ ଲୋକାଙ୍ଗ
ଡ଼ିସ୍ସି ଇନ୍ଡ୍ର ୱାତି ୱେନ୍କା ୱାନି ସିସୁର୍ ଇୟା କାତାଦି ଅର୍ଥ
ବୁଝାକିଜି ସିଦା ଇଜି ଇର୍ହାର୍ । 18 ଆବେଟ୍ ଜିସୁ ୱାରିଙ୍ଗ ଇର୍ହାନ୍,
"ମିର୍ବା ଇନିକା ୱାରିୱାଜା ବୁଜାଦେଙ୍ଗ ଆଟ୍ଏଜିନିଦେର୍?
ଏମେକା କି ଆତ୍ରେରାନ୍ ଲୋକା ଲୋଇ ଡୁଗ୍ନାତ୍, ଆକା ୱାନିଙ୍ଗ
ସେଏଣ୍ଡୁ କିଦେଙ୍ଗ ଆଟ୍ଏତ୍ । 19 ଇରିଙ୍ଗ ଆକା ୱାନି ଜିବନ୍ତୁ
ଡୁଗ୍ଏତ୍, ମାତର୍ ପଟା ଲୋଇ ଡୁଗୁଜି ଆତ୍ରେ ସନା ସନାତ୍ ।"
ମାରି ଇବେଣ୍ଡୁକୁ ୱିଜୁ ଖାଦି ନରାନା ସନାତ୍, ଇକା ଜିସୁ ଇର୍ଆନ୍
। 20 ଜିସୁ ଇର୍ହାନ୍, "ଆମାକା ଲୋକ୍ମାଣ୍କୁ ସନାତ୍, ଆକାନେ
ୱାନିଙ୍ଗ ଅପବିତ୍ର କିନାତ୍ । 21 ଇରିଙ୍ଗ ଲୋଇରାନ୍, ଲୋକ୍ତି
ଜିବନ୍ତାନ୍, ତାଗ୍ଇଚିନ୍ତା ସନାତ୍, ଦାରିପାଣି, ଡଂଆ, ଲୋକ୍ତିଙ୍ଗ
ସାୟାମାର୍ଗାଡାକ୍ନିକା, 22 ଆଇୱାନି ଆଇମାଦିମାନୁ ସନିକା,
ଲୋଭ୍, କାରାପ୍, ମିଛ୍ ମାଟା, ଗାଡ଼୍ୟା, ସୁଡ଼୍ଜି ଆକାର୍ ଆନିକା,
ସୁଡ଼୍ଜି ଲାଲ୍ଇଆନିକା, ନିଦା, ଗାର୍ବୁ କିନିକା, ମୁର୍ଖୁଆନିକା; 23
ଇୟା ତାଗ୍ଇ ପାଣିୱିଜୁ ଲୋଇରାନ୍ ସହସି ଲୋକ୍ତିଙ୍ଗ ଅପବିତ୍ର
କିନାତ୍ ।" 24 ଆୟାୱେନ୍କା ଜିସୁ ଆୟା ବାଡି ଡ଼ିସ୍ସି ସୋର
ଗାଡ଼୍ତି ରାଜିଦୁ ସର୍ଆନ୍, ଉଣ୍ତି ଇନ୍ଡ୍ର ଡୁଗିତାନ୍ନୋ, ଏର୍ବା
ଏଣ୍ଡ୍ରେସ୍ ଆକା ନେସ୍ଏର୍, ଇକା ବଦା କିଜିମାର୍ଆନ୍, ମାତର୍
ୱାଣ୍ଡୁ ଆବେ ମାର୍ଗିଜୋ ମାନ୍ଡ୍ରେଙ୍ଗ ଆଟ୍ଏତାନ୍ । 25 ଆୟାଦାପ୍ରେ
ଅରେତ୍ ଆଇମା ଜିସୁ ୱାତି ମାର୍ଇ କାବୁର୍ ୱେର୍ଆଦୋ
ୱାତାତ୍, ଇରିଙ୍ଗ ତାନି ଗାଡ଼୍ସିଙ୍ଗ ତାଗ୍ଇଆତ୍ମା ଆସ୍ତା ମାର୍ଆତ୍
। ଆଦେଙ୍ଗ ଆୟା ଆଇମା ୱାନି ପାଦାମ୍କାଙ୍ଗ ମାଡ଼ିସ୍ କିଜି
ଗୁରିତାତ୍ । 26 ଆୟା ସୁର ଦେଶ୍ତି ସୁରଫେନିକିୟା ଜାତିଦି
ଅରେତ୍ ଗ୍ରୀକ୍ ଆଇମା ମାର୍ଆତ୍ । ତାନି ଆଇଲି ମାଣାନ୍ ଦୁବା
ଡ଼ିସ୍ସିସ୍ କିଦେଙ୍ଗ ଇଜି ଜିସୁଙ୍ଗ ଇନ୍ଡ୍ରେଙ୍ଗ ଆସ୍ତାତ୍ । 27
ଆବେଟ୍ ଜିସୁ ତାନିଙ୍ଗ ଇର୍ଆନ୍, "ନିଜେଦି କଡ଼ରିଙ୍ଗ ଆଗ୍ଡ଼ି
ଖାଦି ପଟାବର୍ତି ଉଟ୍ପିସ୍ତେଙ୍ଗ ଆନାତ୍, ଇରିଙ୍ଗ କଡ଼ରି ବାଟା
ଖାଦି ଅସି ନୁକୁଡ଼ିଆଙ୍ଗାଁ ମାନୁ ପୋକ୍ନିକା ନେଗେତ୍ ସିଲେ ।" 28
ଜିସୁଙ୍ଗ ଆୟା ଆଇମା ଇର୍ହାତ୍, "ହୁଁ, ପ୍ରବୁ, ନୁକୁଡ଼ିଙ୍ଗବା ଟେବୁଲ୍
ଆଡ଼୍ଗି ମାନ୍ଜି କଡ଼ର୍ ଉଟି ୱିସ୍ତି ସକ୍ଡ଼ି ଆର୍ତିକା ଉଣେ ।" 29
ଜିସୁ ଆୟା ଆଇମାଦିଙ୍ଗ ଇର୍ଆନ୍, "ନିନୁ ଇୟା ମାଟା ଇର୍ଇ
ଉଣ୍ତିଙ୍ଗ ସାଙ୍ଗଆ, ନି ଗାଡ଼ିଦି ମାଣାନ୍ ଦୁବା ସତା ସର୍ଆତ୍ ନି
।" 30 ଆୟା ଆଇମା ଇନ୍ଡ୍ର ଡ଼େସି ସଲ୍ସି ସୁଡୁତାତ୍ ଯେ ତାନି
ଆଇଲି ଟାଟିଦୁ ଡରିତା ମାନାତ୍ ମାରି ସତେନେ ଦୁବା ଆଇଲି
ମାଣ୍କୁ ଡ଼ିସ୍ତା ସର୍ଆତ୍ । 31 ଆୟାୱେନ୍କା ଜିସୁ ସୋର୍
ସାନ୍ଦିଦାଣ୍ଡୁ ଡ଼ିସ୍ସି ସିଦନ୍ ମାରି ଦେକାପଲି ସାନ୍ଦି ସିଜି ଗାଲିଲି
ସାମ୍ଦୁର୍ ପାଡ଼ି ୱାତାନ୍ । 32 ଏସୋ ଲୋକୁ ଗୁଲା ମାରି ବଇରା
ଲୋକ୍ତିଙ୍ଗ ଜିସୁ ଲାକ୍ତୁ ତାତାର୍ । ମାରି ୱାନି ମୁସ୍କୁ କିୟୁ
ଇଡ଼୍ଦେଙ୍ଗ ଜିସୁଙ୍ଗ ଇର୍ହାର୍ । 33 ଜିସୁ ଆୟା ଲୋକ୍ତିଙ୍ଗ ଲୋକା
ଗଲିଦାନ୍ ଅଡ଼ପ୍ ଆକ ଅତାନ୍ନୋ ୱାନି ରୁଣ୍ତି ଗିତଣିଆଙ୍ଗ ୱାନି
ଡ଼ାସେ଼୍କଙ୍ଗ ମୁଟ୍ତାନ୍ ମାରି ପୁସ୍ସି ୱାନି ୱେତଲ୍ତିଙ୍ଗ ମୁଟ୍ତାନ୍,
34 ଆୟାୱେନ୍କା ୱାନ୍ ସ୍ୱର୍ଗ ମୁସ୍କୁ ସୁଡ଼୍ଜି ପୁଣ୍ଡା ଡ଼ିସ୍ସି ୱାନିଙ୍ଗ
ଇର୍ଆନ୍, "ଇପ୍ପଥଃ," ଇରିଙ୍ଗ ଗୁଲାଦି "ୱେୟୁ ୱାର୍ଗିଦେଙ୍ଗ
ରାଆ ।" 35 ଆୟା ଦାପ୍ରେ ୱାନ୍ ଗିତଣିଙ୍ଗ ୱେନ୍ଡ୍ରେଙ୍ଗ ଆଟ୍ତାନ୍
ମାରି ୱାନି ୱେତଲ୍ କୁଦିତାତ୍ ଆବେଟ୍ ୱାନ୍ ନେଗେନ୍ କିଜି
ୱାର୍ଗିଦେଙ୍ଗ ଆଟ୍ତାନ୍ । 36 ଇୟା ନେଗେଣ୍ଡୁ କିତି ମାଟା ଏଙ୍ଗବା
ଇନ୍ମାଟ୍ ଇଜି ଆଟ୍ୱାଦାନ୍ ଜିସୁ ଲୋକାଙ୍ଗ ଇର୍ଆନ୍, ମାତର୍
ଜିସୁ ଏସା ମାନା କିତିଙ୍ଗବା, ଲୋକ୍ଡର୍ ନାସାନେ ୱେର୍ସି
ବୁଲାତାର୍ । 37 ମାରି, ୱିଜେରେ ଲୋକୁ ନାଣ୍ତୁ କାବାଆଜି
ଇର୍ହାର୍, "ୱାଣ୍ଡୁ ୱିଜୁ ପାଣି ନେଗ୍ରେଣ୍ଡା କିତାମାନାନ୍; ୱାଣ୍ଡୁ ୱେନ୍ଇ
ଲୋକାଙ୍ଗ ୱେନି ବପୁ ମାରି ୱାର୍ଗିଇ ଲୋକାଙ୍ଗ ୱାର୍ଗିନି ବପୁ
ବା ସିନାନ୍ ।"

8 ଆୟାୱାଲେ ଅରେ଼ଲନ୍ ମାରିଡ଼େସି ନାଣ୍ତୁ ଲୋକୁ ଜିସୁମାନୁ
ଉଣ୍ଡାତାର୍, ନାସ୍ତିୱାଲେ ୱାରିମାନୁ ଉଣିତିନିକା ସିଲେତାତ୍
ଆକା ଜିସୁ ୱାନି ସିସୁରିଙ୍ଗ ଲାକ୍ତୁ କୁକ୍ତାନ୍ନୋ ୱାରିଙ୍ଗ
ଇର୍ଆନ୍, 2 "ଇୟା ଲୋକା ଉଣ୍ତିଙ୍ଗ ନା ଜିବନ୍ ଦୟା ଆଜିନାତ୍,
ଇରିଙ୍ଗ ଇକାର୍ ମୁନେନ୍ ଆତାତ୍ନି ନାୱାଲେ ମାନାର୍ ମାରି
ୱେରିମାନୁ ଉଣ୍ଡେଙ୍ଗ ଇନିକା ବା ସିଲେତ୍ । 3 ଜଦି ନାନୁ ୱାରିଙ୍ଗ
ତାମେ ଇଲ୍କାଙ୍ଗ ଉଟ୍ପିସ୍କିଏଣ୍ଡା ପୋକ୍ନା, ନାସ୍ତିୱାଲେ ୱାର୍
ସାର୍ଦୁ ସନାରୋ ମେଡ଼୍ନାର୍; ଇରିଙ୍ଗ ୱାରିମାଣାନ୍ ଏସୋ ଲୋକୁ
ନାଣ୍ତୁ ଆକଣାନ୍ ୱାତାମାନାର୍ ।" 4 ସିସୁର୍ ଜିସୁଙ୍ଗ ଇର୍ହାର୍, "ଇୟା
ସିମ୍ରା ବାଡିଦୁ ଏନ୍ ଆମାବାଣ୍କୁ ରୁଟି ତାସ ୱେରିଙ୍ଗ ପଟାବର୍ତି
ଉଟ୍ପିସ୍କିଦେଙ୍ଗ ଆଟ୍ନାନ୍?" 5 ଜିସୁ ୱାରିଙ୍ଗ ୱେନ୍ବାତାନ୍, ମି
ଲାକ୍ତୁ ଏସଗୋଟା ରୁଟିଙ୍ଗ ମାନେ? ୱାର୍ ଇର୍ହାର୍, "ସାତେ଼ଗୋଟା
ରୁଟିଙ୍ଗ ।" 6 ଜିସୁ ଲୋକାଙ୍ଗ ବୁମି ମୁସ୍କୁ ବାସ୍ତେଙ୍ଗ ଆଦେସ୍
ସିତାନ୍; ମାରି, ୱାଣ୍ଡୁ ଆୟା ସାତଗୋଟା ରୁଟିଙ୍ଗ ଅତାନ୍ନୋ
ମାପୁରୁଦିଙ୍ଗ ଧନ୍ୟବାଦ ସିଜି ରୁଟିଙ୍ଗ ମକା ମକା କିଜି ରୁକ୍ସି
ବାଟା କିଜି ସିଦେଙ୍ଗ ୱାନି ସିସୁରିଙ୍ଗ ସିତାନ୍ ମାରି ୱାର୍ ଲୋକାଙ୍ଗ
ଆୟା ରୁଟିଙ୍ଗ ବାଟାକିଜି ସିତାର୍ । 7 ମାରି ୱାରିମାନୁ ଏସୋ
ଇସ୍ରି ମିନ୍କୁବା ମାରେ଼ହ; ଜିସୁ ଆୟା ମିନ୍କାଙ୍ଗ ମାପୁରୁଦିଙ୍ଗ
ଦନ୍ୟବାଦ୍ ସିଜି ବାଟା କିଜି ଲୋକାଙ୍ଗ ସିଦେଙ୍ଗ ଇର୍ଆନ୍ । 8

ୱିଜେରେ ତିନ୍‌ଞ୍ଜି ପଟା ପାଜିତାର୍ ମାରି ସାତ୍‌ଗୋଟା ଡାଡ଼ିଦୁ
ଏଜିତି ରୁଟି ମକେଞ୍ଜ ଡାଡ଼ିଦୁ ବର୍ଟି କିତାର୍ । 9 ଇୟା ଉଟି
ଲୋକୁ ନାଲ୍‌ଗି ହାଜାର୍ ମାର୍‌ଆର୍ । 10 ଆୟାୱେନ୍‌କା ଜିସୁ
ଲୋକାଙ୍ଗ ପୋକ୍‌ତାନ୍ ମାରି ଆୟାଦାପ୍ରେ ୱାନି ସିସୁରିୱାଲେ
ଡଙ୍ଗାଁଦୁ ଏକ୍‌ତାନ୍‌ନୋ ଦଲ୍‌ମନୁଥା ରାଜିଦୁ ୱାତାନ୍ । 11 ପାରୁସିର୍
ୱାତା ରୋ ଜିସୁୱାଲେ ମାଟାଦିଙ୍ଗ ମାଟା ଆଦେଙ୍ଗ ଆସ୍‌ତାର୍
। ମାରି ୱାର୍ ୱାନିଙ୍ଗ ଉରିଦୁ ଆରେ୍‌ତଙ୍ଗ ବଦାକିଜି, ୱାନ୍ ଯେ
ମାପୁରୁ ମାଣ୍‌କୁ ୱାତାମାନାନ୍ ଆକା ତର୍‌ତେଙ୍ଗଁ ବାଦଡ଼୍‌ତାନ୍
ଉଣ୍ତି କାବାଆନି ପାଣି ତର୍‌ତେଙ୍ଗଁ ଇର୍ହାର୍ । 12 ଜିସୁ ଜିବନ୍‌ତୁ
ଦୁକ୍‌ଆଜି ନାଣ୍ତ ପୁଣ୍ତା ଡ଼ିସ୍‌ସି ଇର୍‌ଆନ୍, "ଇନ୍‌ଦାନିଙ୍ଗ ଇୟା ଜୁଗ୍‌ତି
ଲୋକ୍‌ଡର୍ ସିନା ପଇଜିନାର୍? ନାନୁ ମିଙ୍ଗଁ ସତ୍ ୱେର୍‌ସିନା, ଇୟା
ଜୁଗ୍‌ତି ଲୋକ୍‌ତିଙ୍ଗ ଆମା ସିନା ବା ପୁଟ୍‌ଏଡ୍ ।" 13 ୱାନ୍ ୱାରିଙ୍ଗ
ଡ଼ିସ୍‌ସି ମାରିଡ଼େସି ଡଙ୍ଗାଁଦୁ ଏକ୍‌ତାନ୍ନୋ ସାମ୍‌ଦୁର୍ ଆୟାପାଡ଼ି
ସର୍‌ଆନ୍ । 14 ଆୟାୱାଲେ ସିସୁର୍ ରୁଟି ଅତେଙ୍ଗ ବାଣାତା
ସରଆର୍; ଡଙ୍ଗାଁଦୁ ୱାରିମାନୁ କେବଲ୍ ଉନ୍ତ୍ରେନେ ରୁଟି ମାର୍‌ଆତ୍
। 15 ଜିସୁ ଶିଶୁରିଙ୍ଗ ଆଟ୍‌ୱା ମାଟା ଇର୍‌ଆନ୍, "ଜାଗାର୍‌ତା
ଆଦୁ," ପାରୁସିର୍ ମାରି ହେରୋଦ୍‌କା ମିଚ୍ ମାଟାଦାନ୍ ଜାଗାର୍‌ତା
ମାନ୍‌ଡୁ, ଆମାକା ଖମୀର୍‌ତି ୱାଜା ଆନାଡ୍ । 16 ସିସୁର୍ ଇୟା
ବିସୟ୍‌ତୁ ୱାରିୱାରି ଲୋଇ ୱାର୍‌ଗିଜି ସାତାର୍, "ମାବାନ୍ ରୁଟି
ସିଲେଡ୍‌ଆକା ୱାନ୍ ଇୟାୱାଜା ଇଜିନାନ୍ ।" 17 ଜିସୁ ଆକା
ନେସ୍‌ତାନ୍‌ନୋ ୱାରିଙ୍ଗ ଇର୍‌ଆନ୍, ମି ଲାକ୍‌ତୁ ରୁଟିଙ୍ଗ ସିଲୁ ଇଜି
ଏନ୍ବା ୱାର୍‌ଗିଜି ସାଜିନିଦେର୍? ମିର୍ ଇୟାସାନ୍ଧି ନେସ୍‌ଇଦେର୍
ନୋ? କି ବୁଝାଇଦେର୍ ନୋ? ମି ଜିବନ୍ ନିସାନେ ଆଟ୍‌ୱା
ଆତାମାନାଡ୍? 18 କାଣ୍‌କୁ ମାନ୍‌ବୁ ମାନ୍‌ବୁ ମିର୍ ସୁଡ଼୍‌ଇଜିନିଦେର୍?
ମାରି, ଗିଡଣିଙ୍ଗ ମାନ୍‌ବୁ ମାନ୍‌ବୁ ୱେନ୍‌ଇଜିନିଦେର୍? ମିର୍ ଇନିକା
ଅଡ଼୍‌ବିଦେଙ୍ଗ ଆଟ୍‌ଇଜିନିଦେର୍? 19 ପାସ୍‌ଗୋଟା ରୁଟିଙ୍ଗ ରୁକ୍‌ସି
ଏଣ୍ତ୍ରେସ୍ ୫,୦୦୦ ହାଜାର୍ ଲୋକାଙ୍ଗ ତିର୍‌ପିସ୍‌କିତା ମାର୍‌ହା,
ଆୟାନାଣ୍ତିଙ୍ଗ ଏଜିତି ରୁଟି ମକେଞ୍ଜ ୱିଜୁ ପେର୍‌ଜି ଏସୋ ଗୋଟା
ଡାଡ଼ିଦୁ ବର୍ଟି କିତିମାର୍‌ଇଦେର୍, ଆକା ମିଙ୍ଗଁ ଏଡ୍ ସିଲେଡ୍?
ସିସୁର୍ ୱାନିଙ୍ଗ ୱେର୍‌ତାର୍, "ବାରଗଟା ଡାଡ଼ିଙ୍ଗ ।" 20 ଜିସୁ
ମାରି ୱେନ୍‌ବାତାନ୍, "ଏସିୱାଲେ ୪,୦୦୦ ହାଜାର୍ ଲୋକା
ଉଣ୍ତିଙ୍ଗ ସାତ୍‌ଗୋଟା ରୁଟିଙ୍ଗ ରୁକ୍‌ସି ସିତାମାର୍‌ହା," ଏଜିତି ରୁଟି
ମୁକେଞ୍ଜ ପେର୍‌ଜି ଏସୋ ଗୋଟା ଡାଡ଼ିଦୁ ବର୍ଟି କିତିମାର୍‌ଇଦେର୍?
ସିସୁର୍ ଇର୍ହାର୍, "ସାତ୍‌ଗୋଟା ଡାଡ଼ିଙ୍ଗ ।" 21 ଜିସୁ ୱାରିଙ୍ଗ
ଇର୍‌ଆନ୍, "ମିର୍ ଇଲେଇବା ବୁଜାଦେଙ୍ଗ ଆଟ୍‌ଇଜିନିଦେର୍ ।" 22
ୱେନ୍‌କା ୱାର୍ ବେଡ୍‌ସାଇଦା ନାର୍‌ତୁ ୱାତାର୍ । ଆବେ ଏସୋ
ଲୋକୁ ଅରେନ୍ କାଣା ଲୋକ୍‌ତିଙ୍ଗ ଜିସୁ ଲାକ୍‌ତୁ ତାତାର୍ ନୋ
ୱାନିଙ୍ଗ ମୁଟ୍‌ସୋ ନେଗେଣ୍ତ କିଦେଙ୍ଗ ଇର୍ହାର୍ । 23 ଜିସୁ କାଣାଦି
କିୟୁ ଆସ୍‌ତାନ୍‌ନୋ ନାର୍‌ତାଣ୍ତ ଆକ ଅତାନ୍, ଆବେ କାଣାଦି
କାଣ୍‌ଗାଦୁ ପୁସ୍‌କାଣାଙ୍ଗ ଉସ୍‌ତାନ୍ ନୋ ୱାନି ମୁସ୍‌କୁ କିୟୁ ଇଡ଼୍‌ଜି
ୱାନିଙ୍ଗ ୱେନ୍‌ବାତାନ୍, "ନିନ୍ ଇନିକା ସୁଡ଼୍‌ଜିନି ନୋ?" 24
ଆୟା ଲୋକୁ ମୁସ୍‌କୁ ବେସ୍‌ସି ଇର୍‌ଆନ୍, "ହୁଁ ନାନ୍ ଲୋକାଙ୍ଗ
ସୁଡଦେଙ୍ଗ ଆଟ୍‌ସିନା, ଇରିଙ୍ଗ ନାନ୍ ଲୋକାଙ୍ଗ ବୁଲାନି ମାରାକ୍
ୱାଜା ସାରିବେଡ଼୍‌ତି ସୁଡ଼୍‌ଜିନା ।" 25 ମାରିଡ଼େସି ଜିସୁ ୱାନି କାଣ୍‌କୁ
ମୁସ୍‌କୁ କିୟୁ ଇଟ୍‌ତାନ୍; ଆବେଟ୍ ୱାଣ୍ତୁ ନେଗ୍ରେଣ୍ତା ସୁଡ଼େ୍‌ଦଙ୍ଗ
ଆଟ୍‌ତାନ୍ ମାରି ନେଗେଣ୍ତ ଆତାନ୍ନୋ ୱିଜୁ ସୁଡ଼େ୍‌ଦଙ୍ଗ ଆଟ୍‌ତାନ୍
। 26 ଜିସୁ ୱାନିଙ୍ଗ ତାମେ ଇନ୍‌ତ୍ର ପୋକ୍‌ସି ଇର୍‌ଆନ୍, "ଇୟା
ନାର୍‌ତୁ ସଲ୍‌ମା, ମାତର୍ ମି ଇନ୍‌ତ୍ର ସାଙ୍ଗଆ ।" 27 ଇୟା ୱେନ୍‌କା
ଜିସୁ ମାରି ୱାନି ସିସୁର୍ କାଇସରିୟା ପିଲିପି ରାଜିଦି ଲାକ୍‌ତୁ
ମାନି ନାର୍‌କାଙ୍ଗଁ ସନିୱାଲେ ସନିସାର୍‌ଦୁ ଜିସୁ ୱାନି ଶିଶୁରିଙ୍ଗ
ୱେନ୍‌ବାତାନ୍, "ନାନ୍ ଏନ୍ ଇଜି ଲୋକ୍‌ଡର୍ ଇନିକା ଇଜିନାର୍?"
28 ଆବେଟ୍ ସିସୁର୍ ଇର୍ହାର୍, "ଏସୋ ଲୋକୁ ଇଜିନାର୍ ଡୁବନ୍‌ସିନି
ଯୋହନ, ମାରି ଏସୋ ଲୋକୁ ଇଜିନାର୍ ନିନ୍ ଏଲିୟ୍, ମାରି ଏର୍
ଏର୍ ଇଜିନାର୍, ନିନ୍ ବାବବାଦିରି ଲୋଇ ଅରେନ୍ ବାବବାଦି ।"
29 ଜିସୁ ୱାରିଙ୍ଗ ୱେନ୍‌ବାତାନ୍, "ନାନ୍ ଏନ୍ ଇଜି ମିର୍ ଇନିକା
ଇଜିନିଦେର୍?" ପିତର୍ ୱେର୍‌ତାନ୍, "ନିନ୍ ଆଜିନି ମାପୁରୁତି
ପୋକ୍‌ତିମାନି ରକ୍ଷା କିନି କ୍ରିସ୍ତ ।" 30 ଜିସୁ ୱାରିଙ୍ଗ ଆଟ୍‌ୱା ମାଟା
ୱେର୍‌ତାନ୍, "ନାନ୍ ଏନ୍ ନା ବିସୟ୍ ଏଙ୍ଗବା ଇନ୍‌ମାଟ୍ ।" 31
ମାରି ଜିସୁ ସିସୁରିଙ୍ଗ ବୁଜାକିଦେଙ୍ଗ ଆସ୍‌ତାନ୍, "ନାନ୍ ମନୁଷ୍ୟପୁତ୍ର
ନାଣ୍ତ କାସ୍କ ପଇନା ମାରି ପେରି ନେତାର୍, ପେରି ଯାଜକର ମାରି
ସାସ୍ତ୍ରୀରି ମାଣାନ୍ ଦଣ୍ତ ପଇଜି ସାଦେଙ୍ଗ ଆନାଡ୍, ମାତର୍ ମୁନେଟି
ୱେନ୍‌କା ମାରିଡ଼େସି ଜିବନ୍‌ଆଜି ନିଙ୍ଗନାନ୍ ।" 32 ଜିସୁ ଇୟାୱିଜୁ
ମାଟା ନେଗେନେକିଜି ସିସୁରିଙ୍ଗ ବୁଜାକିତାନ୍ । ଆବେଟ୍ ପିତର୍
ଜିସୁଙ୍ଗଁ ଆଇ ବାଡିଦୁ କୁକ୍‌ସି ଅତାନ୍‌ନୋ ୱାନିଙ୍ଗ ଇର୍‌ଆନ୍, "ପ୍ରବୁ
ଇୟାୱାଜା ମାଟା ଇନ୍‌ମା ।" 33 ମାତର୍ ଜିସୁ ୱାନି ସିସୁରିଙ୍ଗ
ସୁଡ଼୍‌ଜି ପିତର୍‌ତିଙ୍ଗ ଇର୍‌ଆନ୍, "ନା ଲାକ୍‌ତୁରାନ୍ ଆକ ଆଆ,
ସୟତାନ୍, ଇରିଙ୍ଗ ନିନ୍ ମାପୁରୁତି ବିସୟ୍ ଅଡ଼୍‌ବିଏଣ୍ତା ଲୋକା
ବିସୟ୍ ଅଡ଼୍‌ବିଜିନି ।" 34 ଆୟାୱେନ୍‌କା ଜିସୁ ୱାନି ସିସୁରିଙ୍ଗ ମାରି
ଉଣ୍ତିତିମାର୍‌ଇ ଲୋକାଙ୍ଗ ଲାକ୍‌ତୁ କୁକ୍‌ସି ଇର୍‌ଆନ୍, "ଏନ୍‌ବା
ନାୱାଲେ ୱାଦେଙ୍ଗ ବଦା କିନାନ୍," ୱାଣ୍ତ ନିଜେ ନାନ୍ ଇନିକା
ସିଲେ ଇଜି ଅଡ଼୍‌ବିପିନ୍, ୱାଣ୍ତ ନା ଉଣ୍ତିଙ୍ଗ ଦୁକ୍ ମାରି ସାନିକା ବଦା
କିଜି ୱାଲେ ୱାଲେ ରାପିନ୍ । 35 ଏନ୍‌ବା ନିଜେଦି ଜିବନ୍‌ତିଙ୍ଗ
ରକିୟା କିଦେଙ୍ଗ ବଦା କିନାନ୍, ୱାଣ୍ତ ୱାନି ଜିବନ୍ ଆରା କିନାନ୍;
ମାତର୍ ଏନ୍ ନା ଉଣ୍ତିଙ୍ଗ ମାରି ଇୟା ସୁସମାଚାର୍ ଉଣ୍ତିଙ୍ଗ ନିଜେଦି
ଜିବନ୍ ସିନାନ୍, ୱାଣ୍ତ ୱାନି ଜିବନ୍ ରକିୟା କିନାନ୍ । 36 ମାରି,
ଜଦି ଅରେନ୍ ଲୋକୁ ସାରାଦୁନିଆଦିଙ୍ଗ ଜିଣାଜି ୱାନି ଜିବନ୍ ଆରା
କିନାନ୍, ଲୋକୁ ୱାନି ଇନିକା ଲାଭ୍ ଆନାଡ୍? 37 ମାରି, ଲୋକୁ
ୱାନି ଜିବନ୍‌ତିଙ୍ଗ ଡ଼େସି ପଇଦେଙ୍ଗ, ଇନିକା ସିଦେଙ୍ଗ ଆଟ୍‌ନାନ୍?
38 ଜଦି ଏନ୍‌ବା ନା ଉଣ୍ତିଙ୍ଗ ନା ସୁସମାଚାର୍ ଉଣ୍ତିଙ୍ଗ ଇୟା ଦୁନିଆଦି
ଦାରିପାଣିକିନି ଲୋକାମାଣାନ୍ ମାରି ପାପି ଲୋକ୍‌ତି ଲାକ୍‌ତୁ ନା
ବାକ୍ୟ ବିସୟ୍‌ତାନ୍ ସେମାର୍ ଆନାନ୍, ମନୁଷ୍ୟପୁତ୍ର ଏସ୍ତିୱାଲେ
ପବିତ୍ର ଦୁତ୍‌କାୱାଲେ ୱାନି ବୁବାସିଦି ମହିମାଦାନ୍ ମାରିଡ଼େସି

ୱାନାନ୍, ଆୟାୱାଲେ ୱାନ୍‌ବା ଆୟା ବିସୟତାନ୍ ସେମାର୍ କିନାନ୍
।

9 ମାରିଡ଼େସି ଜିସୁ ୱାରିଙ୍ଗ ୱେର୍‌ତାନ୍, "ନାନ୍ ମିଙ୍ଗେଁ ସତ୍ ଇଜିନା,
ମାପୁରୁଦି ରାଜିଦୁ ସାକ୍ତିଦାନ୍ ମାନିବାଡି ସୁଡ଼ିଇ ସାନ୍ଧି ଇବେନୁ
ନିନି ମାନି ଲୋକା ମାଣ୍‌କୁ ଏସୋ ଲୋକୁ ଏଣ୍ଡେସ୍ କିଜିବା ସାନିକା
ୱେଡ଼୍‌ଏର୍ ।" 2 ଛଦିନ୍ ୱେନ୍‌କା ଜିସୁ କେବଲ୍ ପିତର୍, ଜାକୁବ
ନି ଯୋହନତିଙ୍ଗ ଅର୍‌ସେ ଆସ୍‌ସି ମିସାଜି ୱାରିଙ୍ଗ ଉଣ୍ଡି ପେରି
ଗରନ୍‌ତୁ ଅତାନ୍ । 3 ମାରି ଜିସୁ ୱାରିଙ୍ଗ ସୁଡୁବୁ ସୁଡୁବୁ ୱାନି ମୁର୍‌ତି
ବାଦଲାତାତ୍, ୱାନି ଆଙ୍ଗେଁ ଇୟାୱାଜା ଜାୟ୍ ନି ପୁରା ଅଡ଼ିନିକା
ଆତାତ୍ ଯେ, ଦୁନିଆତି ଏମେ ନର୍‌ବାନି ଲୋକ୍‌ବା ଇୟାୱାଜା
ଅଡ଼ିନିକା କିଦେଙ୍ଗ ଆଟ୍‌ଏନ୍ । 4 ମାରି, ମୋଶା ନି ଏଲିୟ୍
ଜିସୁୱାଲେ ୱାର୍‌ଗିଜି ମାର୍‌ରିକା ୱାରିଙ୍ଗ ତରାତାତ୍ । 5 ଆବେନୁ
ପିତର ଜିସୁଙ୍ଗେଁ ଇର୍ହାନ୍, "ଏ ଗୁରୁ, ମାପ୍ ଜେ ଇୟା ବାଡିଦୁ ଏସୋ
ନେଗେନ୍‌ତାନ୍ ମାନାପ୍, ମାପୁ ମୁଣ୍ଡି ଗୁଡ଼େଏଙ୍ଗ ତିଆର୍ କିନାପ୍,
ନି ଉଣ୍ଡିଙ୍ଗ ଉନ୍‌ଡ୍ରି, ମୋସାଦି ଉଣ୍ଡିଙ୍ଗ ଉନ୍‌ଡ୍ରି ମାରି ଏଲିୟ୍‌ଦି
ଉଣ୍ଡିଙ୍ଗ ଉନ୍‌ଡ୍ରି ।" 6 ପିତର ଇନି ଉତର୍ ସିଦେଙ୍ଗ ଇଜି ନେସ୍‌ଏନ୍
ମାରାନ୍, ଆବେଟ୍ ସିସୁର୍ ନାଣ୍ଡ ଡିଲାତା ସର୍‌ଆର୍ । 7 ମାରି,
ଖାଣ୍ଡେକ୍ ବାଦଡ୍ ଇମ୍‌ଜି ୱାତା ଦୋ ୱାରିଙ୍ଗ ବାଦଡ୍‌ତି ନିଡ଼୍‌ଗା
ପିଡ଼ିକ୍‌ତାତ୍; ମାରି ଆୟା ବାଦଡ୍‌ତାନ୍ ଉଣ୍ଡି ବଲ୍ ୱାତାତ୍, "ଏ ନା
ଲାଡ୍‌ତି ମାରିନ୍, ୱାନି ବାକ୍ୟ ୱେନ୍‌ଡୁ ।" 8 ମାରି, ଉଲୁସ୍ତେ ସିସୁର୍
ସାରିବେଡ୍‌ତି ସୁଡୁତାର୍ ୱାରି ତଡ଼୍‌କାୱାଲେ ଲୋକା ଲୋଇରାନ୍
କେବଲ୍ ଜିସୁଙ୍ଗେଁ ଡ଼ିସ୍‌ତିଙ୍ଗ ମାରି ଏଙ୍ଗବା ସୁଡୁଏତାର୍ । 9 ୱାର୍
ଗରନ୍‌ତାନ୍ ରେତାଜି ୱାନିୱାଲେ ଜିସୁ ସିସୁରିଙ୍ଗ ଆଟ୍‌ୱା ମାଟା
ସିଜି ୱେର୍‌ତାନ୍, "ମିର୍ ଆମାକା ଆମାକା ସୁଡ୍‌ତିଦେର୍, ଆୟାୱିଜୁ
ସାତି ଲୋକାମାଣ୍‌କୁ ନାନ୍ ଯେ ମନୁଷ୍ୟପୁତ୍ରଦି ମାରିଡ଼େସି ଜିବନ୍
ଆନି ସାନ୍ଧି ଆୟାମାଟା ଏଙ୍ଗବା ଇନ୍‌ମାଟ୍ ।" 10 ଆବେଟ୍
ୱାର୍ ଆୟା ମାଟା ଆସ୍‌ତାରୋ ସାଜ ମାରିଡ଼େସି ଜିବନ୍‌ଆଜି
ନିଂଇକା ଇନିକା, ଆୟା ବିସୟତାନ୍ ୱାରି ୱାରି ଲଅ ୱାର୍‌ଗିତାର୍
। 11 ମାରି, ସିସୁର୍ ଜିସୁଙ୍ଗେଁ ୱେନ୍‌ବାତାର୍, "ଏଲିୟ୍ ଆଗ୍‌ଡ଼ି
ୱାନିକା ମାନାତ୍ ଇଜି, ଶାସ୍ତ୍ରୀର୍ ଏନ୍ଦା ଇନାର୍?" 12 ଆବେନୁ
ଜିସୁ ସିସୁରିଙ୍ଗ ୱେର୍‌ତାନ୍, ଏଲିୟ୍ ଆଗ୍‌ଡ଼ି ୱାନାନ୍ନେନା ୱିଜୁ
ବିସୟ୍ ମାରିଡ଼େସି ତିଆର୍ କିନିକା ସତେନେ । ମାତର୍ ନାନ୍
ଯେ ମନୁସ୍ୟପୁତ୍ର ନାଣ୍ଡ ଦୁଃଖ୍ ବୋଗାଜି ନିନ୍ଦା ପଇନା ମାରି
ସେମାର୍ ପୟନା, ଇୟାକା ଏଣ୍ଡେସ୍ ୱାନି ବିସୟତାନ୍ ରାସ୍‌ତିକା
ମାନାତ୍? 13 ମାତର୍ ନାନ୍ ମିଙ୍ଗେଁ ଇଜିନା, "ଏଲିୟ୍ ୱାତାତ୍‌ନି,
ମାରି ୱାନି ବିସୟ୍‌ତୁ ଏଣ୍ଡେସ୍ ରାସାତା ମାନାତ୍, ଆୟାୱାଜା
ୱାରୁ ୱାନି ଉଣ୍ଡିଙ୍ଗ ଆମାକା ବଦା ଆୟାକା କିତାମାନାର୍ ।"
14 ୱେନ୍‌କା ୱାର୍ ଆଇ ସିସୁରି ଲାକ୍‌ତୁ ୱାତା ରୋ ସୁଡୁତାର୍,
ୱାରି ସାରିବେଡ୍‌ତି ନାଣ୍ଡ ଲୋକୁ ଉଣ୍ଡାତାର୍, ମାରି ଶାସ୍ତ୍ରୀର୍
ୱାରିୱାଲେ ମାଟାଦିଙ୍ଗମାଟା ଆନିକା ସୁଡୁତାନ୍ । 15 ଲୋକ୍‌ଡର୍
ଜିସୁଙ୍ଗେଁ ଉଲୁସ୍ତେ ସୁଡ଼୍‌ତି ଦାପ୍ରେ ବେମ୍ରି ଆତା ସର୍‌ଆର୍ ମାରି
ଉରୁକ୍‌ସି ୱାଜି ଜିସୁଙ୍ଗେଁ ମାଡ଼ିସ୍‌କିଦେଙ୍ଗ ଆସ୍‌ତାର୍ । 16 ଜିସୁ
ୱାନି ସିସୁରିଙ୍ଗ ୱେନ୍‌ବାତାନ୍, "ମିର୍ ଶାସ୍ତ୍ରୀରି ୱାଲେ ଇନିକା
ମାଟାଦିଙ୍ଗମାଟା ଆଜି ସାଜି ମାର୍‌ଇଦେର୍?" 17 ଲୋକାମାଣ୍‌କୁ
ଅରେନ୍ ଜିସୁଙ୍ଗେଁ ଉତର୍ ସିତାନ୍, "ଏ ଗୁରୁ, ନାନ୍ ନା ମାରିନ୍‌ତିଙ୍ଗ
ନି ଲାକ୍‌ତୁ ତାତାମାର୍‌ହା; ୱାନିଙ୍ଗ ଉଣ୍ଡି ଗୁଲାଦୁବା ଆସ୍ତାମାନାତ୍;
18 ଆମା ବାଡିଦୁ ଆପିଟ୍ ଦୁବା ୱାନିଙ୍ଗ ଆସ୍‌ନାତ୍, ୱାନିଙ୍ଗ ଆଡ୍‌ଗି
ଆର୍‌ପ୍‌ନାତ୍, ୱାନି ମକ୍‌ମତାନ୍ ପେପଲ୍ ସନାତ୍ ମାରି ୱାଣ୍ଡ
ପାଲ୍‌କୁ କାଟ୍ରେକିନାନ୍, ମାରି ୱାଡୁ ୱାର୍‌ସି ସଲ୍‌ସିନାନ୍; ଆୟା
ଦୁବା ପେର୍ରେଦଙ୍ଗ ଉଣ୍ଡିଙ୍ଗ ନାନ୍ ନି ସିସୁରିଙ୍ଗ ୱେର୍‌ତା, ମାତର୍
ନି ସିସୁର୍ ଦୁବା ପେର୍ରେଦଙ୍ଗ ଆଟ୍‌ଏତାର୍ ।" 19 ଜିସୁ ୱାରିଙ୍ଗ
ଇର୍ହାନ୍, "ଏ ଅବିସ୍‌ବାସ୍‌ତି କୁଟୁମ୍! ଏସୋଦିନ୍ ନାନ୍ ମି ୱାଲେ
ମାନା? ଏସୋଦିନ୍ ନାନ୍ ମି ପାଣି କିଜିମାନା? ମାରିନ୍‌ତିଙ୍ଗ
ନା ଲାକ୍‌ତୁ ଆସ୍‌ସି ରାଦୁ ।" 20 ଆବେଟ୍ ୱାର୍ ୱାନିଙ୍ଗ ଜିସୁ
ଲାକ୍‌ତୁ ତାତାର୍ । ମାରି, ଜିସୁଙ୍ଗେଁ ସୁଡୁତିଦାପ୍ରେ ଦୁବା ଆୟା
କଡ଼ଦିଙ୍ଗ ବୟ୍‌ଙ୍କାର୍‌ତାନ୍ ତିର୍‌ପିସି ଆସ୍‌ତାତ୍ ମାରି କଡ଼ ବୁମିଦୁ
ଆର୍‌ଜି ୱେୟୁତାନ୍ ପେପଲ୍ ସପ୍‌ସି ଗୁର୍ରେଦଙ୍ଗ ଆସ୍‌ତାନ୍ । 21
ନାସ୍ତିୱାଲେ ଜିସୁ କଡ଼ଦି ବୁବାସିଙ୍ଗ ୱେନ୍‌ବାତାନ୍, ଏସୋ ଦିନ୍
ଆତାତ୍ ଇୟାକା ଇୟାୱାଜା ଆତାମାନାତ୍? ୱାଣ୍ଡ ୱେର୍‌ତାନ୍,
"ଇସ୍ରିରି ୱାଲେରାନ୍ନେ ।" 22 "ଦୁବା ୱାନିଙ୍ଗ ଡ଼େଇଦେଙ୍ଗ
"ନାନ୍ ଏଣ୍ତେସ୍ ଇକା ନେସ୍‌ତେଙ୍ଗ ଆଟ୍‌ନା? ଇରିଙ୍ଗ ନାନ୍ ତୋ
ଡକ୍ରା, ମାରି ନା ଆଡ଼ିଙ୍ଗ ନାଣ୍ତ ବାର୍ସେକ୍ ଆତାଦ୍‌ନି ।" 19 ଦୁତ୍
ୱାନିଙ୍ଗ ଇର୍‌ଆନ୍, "ନାନ୍ ଗାବ୍ରିଏଲ," ନାନ୍ ମାପୁରୁ ଲାକ୍‌ତୁ
ନିଲ୍‌ସିମାନି ଦୁତ୍, ମାରି ନିଙ୍ଗୁଁ ଇନ୍‌ଡ୍ରେଙ୍ଗ ମାରି ଇୟା ନେଗି କାବୁର୍
ୱେର୍‌ତେଙ୍ଗ ନାନ୍ ମାପୁରୁ ମାଣ୍‌କୁ ୱାତାମାନା । 20 "ସୁଡୁଆ,
ଇୟାୱିଜୁ ଗଟାଇ ଦିନ୍ ସାନ୍ଦି ନିନ୍ ଗୁଲା ଆଜି ୱାର୍‌ଗିଦେଙ୍ଗ
ଆଟ୍‌ଇ, ଇରିଙ୍ଗ ନା ଏମେ ୱିଜୁ ବାକ୍ୟ ଟିକ୍ ସମୟ୍‌ତୁ ସତ୍
ଆନାଦ୍, ଆୟାୱିଜୁ ନିନ୍ ବିସ୍‌ବାସ୍ କିଇତି ।" 21 ଇୟାୱାଲେ
ଲୋକୁ ଜିକରିୟଙ୍ଗ କାପ୍‌କିଜି ମାର୍‌ଆର୍, ମାରି ମନ୍ଦିର୍‌ତୁ ୱାନି
ୱେଡ଼ା କିନିକା ସୁଡୁଜି ୱାର୍ କାବାଆଜି ମାର୍‌ଆର୍ । 22 ମାତର୍
ୱାନ୍ ସହସି ୱାଜି ୱାରିଙ୍ଗ ୱାର୍‌ଗିଦେଙ୍ଗ ଆଟ୍‌ଏତାନ୍; ଆବେଟ୍
ୱାନ୍ ମନ୍ଦିର୍‌ତୁ ଦର୍ସନ ପଇତାମାନାନ୍ ଇଜି ୱାର୍ ବୁଜାତାର୍,
ମାରି ୱାନ୍ ୱାରିଙ୍ଗ ଜୁଟ୍‌ସି ଇନ୍‌ଡ୍ରେଙ୍ଗ ଆସ୍‌ତାନ୍ ମାରି ଗୁଲା
ଆତା ତେବାତାନ୍ । 23 ୱେନ୍‌କା ୱାନି ସେବା ପାଲିଦି ଦିନ୍‌ୱିଜୁ
ୱିଜିତାଦ୍, ମାରି ୱାନ୍ ୱାନି ଇନ୍‌ଡ୍ର ସର୍‌ଆନ୍ । 24 ତାନେ
ୱେନ୍‌କା ୱାନି ଆଡ଼୍‌ସି ଏଲିସାବେତ୍ ପଟାଦୁ ଆତାଦ୍, ମାରି ୱାଦ୍
ପାସ୍‌ଗୋଟା ଲେଜ୍‌କୁ ସାନ୍ଦି ଏଙ୍ଗବା ଇନ୍‌ଏଣ୍‌ଗା ମାର୍‌ଆଦ୍, 25
ଆବେଟ୍ ୱାଦ୍ ଇର୍ହାଦ୍, "ଲୋକା ମାଣ୍‌କୁ ନା ଅପ୍‌ମାନ୍ ଆକ କିନି
ଉଣ୍ତିଙ୍ଗ ପ୍ରବୁ ନାଙ୍ଗୁଁ ସୁଡୁଜି ନା ଉଣ୍ତିଙ୍ଗ ଇୟାୱାଜା କିତାମାନାନ୍
।" 26 ଏଲିସାବେତ୍ ସଗୋଟା ଲେଜ୍‌କୁ ୱେନ୍‌କା ଗାବ୍ରିଏଲ ଦୁତ୍
ମାପୁରୁ ମାଣ୍‌କୁ ଗାଲିଲିଦି ନାଜରିତ ଦର୍‌ତି ଗାଡ଼୍‌ତୁ ଅରେଡ୍
ରିପା ଆଇଲି ଲାକ୍‌ତୁ ୱାତାନ୍; 27 ଦାଉଦତି କୁଟୁମ୍‌ତି ଜୋସେପ
ଦର୍‌ତି ଅରେନ୍ ମେମାରି ୱାଲେ ତାନିଙ୍ଗ ପେଡ଼ି କିଦେଙ୍ଗ ଲସ୍‌ତା
ମାର୍‌ଆର୍; ଆୟା ଆଇଲିଦି ଦରୁ ମରିୟମ୍ । 28 ମୁସ୍‌କୁପୁର୍‌ତି
ଦୁତ୍ ଇନ୍‌ଣ୍ତ ଡୁଗିତାଦୋ ତାନେ ଲାକ୍‌ତୁ ୱାଜି ଇର୍ହାଦ୍, "ମାଡ଼ିସ୍‌ନା,
ଏ ଆଇଲି, ନିନୁ ନେଗେନ୍ ମାନାଆ, ପ୍ରବୁ ନି ୱାଲେ ମାନାନ୍ ।"
29 ମାତର୍ ଦୁତ୍‌ତି ମାଟା ମରିୟମ୍ ୱେନ୍‌ଞ୍ଜି ନାଣ୍ତ କାବାଜି ଇକା
ଏଣ୍ତେସ୍‌ମାରି ମାଟା ଇଜି ମନ୍‌ତୁ ଅଡ଼୍‌ବିଦେଙ୍ଗ ଆସ୍‌ତାଦ୍ । 30
ଆବେଟ୍ ଦୁତ୍ ତାନେଙ୍ଗ ଇର୍ହାଦ୍, "ଏ ମରିୟମ୍, ତିଲାମା, ମାତର୍
ନିନୁ ମାପୁରୁମାନୁ ଦୟା ପଇତିମାନି । 31 ମାରି ସୁଡୁଆ, ନିନୁ
ପଟାଦୁ ଆନିନୋ ଅରେନ୍ କଡ଼ ଜନମ୍ ସିନି ମାରି ୱାନି ଦର୍ ଜିସୁ
ସିନିଦେର୍ । 32 ୱାନ୍ ପେରିକାନ୍ ଆନାନ୍ ମାରି ମାପ୍ରୁ ମାରିନ୍
ଇଜି ୱେଙ୍ଗୁଁନାନ୍; ମାରି ପ୍ରବୁ ମାପ୍ରୁ ୱାନିଙ୍ଗ ୱାନି ଡକ୍ରାଦାଦା
ଦାଉଦଦି ୱାଜା ରାଜା କିନାନ୍, 33 ୱାନ୍ ଜାକୁବରି କୁଟୁମ୍‌ତି ମୁସ୍‌କୁ
ଜୁଗ୍ ଜୁଗ୍ ସାନ୍ଦି ସାସନ୍ କିନ୍‌ନାନ୍, ମାରି ଜିସୁଦି ରାଜି ଏସ୍‌କାଙ୍ଗବା
ୱିଜେଏତ୍ ।" (aiōn g165) 34 ମାତର୍ ମରିୟମ୍ ଦୁତ୍‌ତିଙ୍ଗ ଇର୍ହାଦ୍,
"ଇକା ଏଣ୍ତେସ୍ ଆନାଦ୍?" ନାନ୍ ତୋ ମେମାରିଙ୍ଗ ନେସେଏ ।
35 ଦୁତ୍ ତାନେଙ୍ଗ ଇର୍ହାଦ୍, "ପବିତ୍ର ଆତ୍ମା ନି ମୁସ୍‌କୁ ୱାନାଦ୍
ମାରି ପେରି ମାପୁରୁଦି ସାକ୍ତି ନିଂଇ ଆସ୍‌ନାଦ୍, ଏନ୍ ଜନମ୍
ଆନାନ୍, ୱାନ୍ ପବିତ୍ର ମାରି ମାପ୍ରୁଦି ମାର୍‌ସି ଇଜି ୱେଙ୍ଗୁଁନାନ୍ ।
36 ମାରି ସୁଡୁଦୁ, ମି ଲୋକ୍‌ବାକ୍ ଏଲିସାବେତ୍ ବା ଡକ୍ରି ଆତି
ୱାଲେନେ ଉଣ୍ତି କଡ଼ଦିଙ୍ଗ ପଟାଦୁ ଆସ୍‌ତା ମାନାଦ୍ । ଏଦ୍ ବାଞ୍ଜି
ଇଜି ୱେଙ୍ଗୁଁତା ମାର୍‌ଆଦ୍, ତାନେଙ୍ଗ ଇଲେଇ ସଗୋଟା ଲେଜ୍‌କୁ
ଆଜିନାଦ୍; 37 ମାତର୍ ମାପୁରୁଦିମାଣ୍‌କୁ ସୋନି ୱିଜୁ ବାକ୍ୟ

ସତ୍ ଆନାତ୍ ।" 38 ଆବେନୁ ମରିୟମ୍ ଇର୍ହାତ୍, "ସୁଡୁଡୁ, ନାନୁ
ପ୍ରବୁଦି ସେବାକିନିକିନ୍ବା; ନି ବାକ୍ୟଦି ୱାଜା ନା ଉଣ୍ତିଙ୍ଗ ଗଟାପିଡ୍
।" ତାନେ ୱେନ୍‌କା ଦୁତ୍ ତାନେ ଲାକ୍‌ତୁରାନ୍ ସର୍‌ଆତ୍ । 39
ଆୟା ସମୟତୁ ମରିୟମ୍ ନିଡ଼ିଁଙ୍ଗି ଗରନ୍ ରାଜି ତରିଟି ଜିହୁଦା
ଦେଶ୍‌ତି ଉଣ୍ତି ଗାଡ଼୍‌ତୁ ବେଗି ସର୍‌ଆତ୍, 40 ମାରି ଜିକରିୟରି ଇଲୁ
ଲୋଇ ଡୁଗିତାଦୋ ଏଲିସାବେତ୍‌ତିଙ୍ଗ ମାଡ଼ିସ୍ କିତାତ୍ । 41 ମାରି,
ଏଲିସାବେତ୍ ମରିୟମ୍‌ତି ମାଡ଼ିସ୍‌ନିକା ୱେର୍‌ଇଦାପ୍ରେ ଇସ୍ରି କଡ଼
ତାନି ପଟାଦୁ ଗାଟିସ୍ ନିଡ଼ିଁଙ୍ଗତାନ୍, ଏଲିସାବେତ ପବିତ୍ର ଆତ୍ମାଦୁ
ପୁରା ତେବାଜି 42 ନାଣ୍ତ ଆଉଲି ଆଜି ଇର୍ହାତ୍, "ଆଇମେକା
ମାଣ୍‌କୁ ନିନୁ ଦନ୍ୟ, ମାରି ଦନ୍ୟ ନି ପଟାଦି ପଲ୍ । 43 ମାରି,
ନା ପ୍ରବୁଦି ୟାୟା ଜେ ନା ଲାକ୍‌ତୁ ୱାନାତ୍, ନା ଇୟା ନେଗିକା
ଏମେଣ୍‌କୁ ଆତାତ୍? 44 ମାତର୍ ସୁଡୁଡୁ, ନି ମାଟାଦି ବଲୁ ନା
ଗିତଣିଦୁ ଇଡି ଦାପ୍ରେ ଇସ୍ରି କଡ଼ ନା ପଟାଦୁ ୱେଡ଼ିକାଦାନ୍ ଗାଟିସି
ନିଡ଼ିଁଙ୍ଗତାନ୍ । 45 ଏନ୍ ବିସ୍‌ବାସ୍ କିତାନ୍, ୱାନ୍ ଦନ୍ୟ, ଇରିଙ୍ଗ
ପ୍ରବୁମାଣ୍‌କୁ ୱାନିଙ୍ଗ ଆମା ଆମାକା ୱେର୍‌ତାମାନାର୍, ଆୟାୱିଜୁ
ପୁରା ଆନାତ୍ ।" 46 ଆବେଟ୍ ମରିୟମ୍ ଇର୍ହାତ୍, "ନା ଜିବନ୍
ପ୍ରବୁଙ୍ଗ ପ୍ରସଂସା କିଜିନାତ୍, 47 ମାରି ନା ଆତ୍ମା ନା ରକିୟା କିନି
ମାପ୍ରୁମାନୁ ୱେଡ଼ିକା କିଜିନାତ୍; 48 ଇରିଙ୍ଗ ୱାନ୍ ନିଜେଦି ଦାସିଦି
କାକୁର୍ତିଦିଙ୍ଗ ସୁଡୁତାମାନାନ୍ । ମାରି ସୁଡୁଆ, ଇଲେରାନ୍ ଜୁଗ୍
ଜୁଗ୍ ସାନ୍ଦି ୱିଜେରେ ନାଙ୍ଗିଁ ଦନ୍ୟ ଇଜି ଇନାର୍, 49 ମାତର୍
ସାକ୍ତିମାନି ମାପୁରୁ, ୱାନ୍ ନା ଉଣ୍ତିଙ୍ଗ ପେରି ପାଣି କିତାମାନାନ୍;
ୱାନି ଦରୁ ପବିତ୍ର । 50 ମାରି ଏର୍ ୱାନିଙ୍ଗ ମାନାନାର୍ ୱାନ୍ ୱାରିଙ୍ଗ
ଜୁଗ୍ ଜୁଗ୍ ସାନ୍ଦି ଦୟା କିନାନ୍ । 51 ୱାନ୍ ୱାନି କିୟୁଦି ସାକ୍ତି
ତର୍‌ତାମାନାନ୍, ଆକାର୍‌ଆନିୱାରିଙ୍ଗ ୱାରି ମନ୍‌ତୁ ଅଡ଼୍‌ବିତିମାର୍‌ଇ
ମାଟାଦିଙ୍ଗ ଇନିଙ୍ଗିଁ ଆନିଙ୍ଗିଁ କିତାମାନାନ୍; 52 ୱାନ୍ ରାଜାରିଙ୍ଗ
ବାସ୍‌ନି ବାଡିଦାନ୍ ଆଡ଼୍‌ଗି ରେପ୍‌ତାମାନାନ୍, ସିଲିସାତିୱାରିଙ୍ଗ
ମୁସ୍‌କୁ ନିକ୍‌ତାମାନାନ୍, 53 ୱାନ୍ ବାଡ଼ିଁଆତିୱାରିଙ୍ଗ ନେଗି ନେଗି
ବିସୟ୍ ସିଜି ପାଜିସ୍ କିତାମାନାନ୍, ମାରି ମାଜନ୍ ଲୋକାଙ୍ଗ ୱାର୍‌ଇ
କିୟୁଦାନ୍ ପୋକ୍‌ତାନ୍ । 54 ମା ପୁର୍ବେଦିଡକ୍ରାଦାଦାରି ଉଣ୍ତିଙ୍ଗ
ରାସ୍‌ତିମାନି ୱାରି ବାକ୍ୟଦାନ୍ ଆୟା ଅବ୍ରାହାମ ମାରି ଇସ୍ରାଏଲ୍‌ତି
କଡ଼କକ୍ରାରି ଉଣ୍ତିଙ୍ଗ, 55 ଜୁଗ୍ ଜୁଗ୍ ସାନ୍ଦି ଦୟା ଏଡ୍‌କିନି ଉଣ୍ତିଙ୍ଗ
ନିଜେଦି ଦାସ୍ ଅବ୍ରାହାମ ନି ଇସ୍ରାଏଲତିଙ୍ଗ ନେଗିକା କିତାମାନାନ୍
।" (aiōn g165) 56 ମରିୟମ୍ ପୁରା ମୁଣ୍ତି ଲେଜ୍‌କୁ ଏଲିସାବେତ୍
ୱାଲେ ମାନ୍‌ଜି ନିଜେଦି ଇନ୍‌ଣ୍ତ ଡ଼େସି ସର୍‌ଆତ୍ । 57 ୱେନ୍‌କା
ଏଲିସାବେତ୍‌ତି ଜନମ୍‌କିନି ଦିନ୍ ଇଗା ୱାତାତ୍, ୱାଦ୍ ଅରେନ୍
କଡ଼ ଜନମ୍ କିତାତ୍, 58 ମାରି ପ୍ରବୁ ଜେ ତାନି ଉଣ୍ତିଙ୍ଗ ନାଣ୍ତ ଦୟା
କିତାମାନାନ୍, ଇକା ୱେନ୍‌ଜି ତାନି ଲାକ୍‌ତୁରି ଲୋକୁ ମାରି ନିଜେଦି
ଲୋକୁ ତାନି ୱାଲେ ୱେଡ଼ିକା କିଦେଙ୍ଗ ଆସ୍‌ତାର୍ । 59 କଡ଼ଦି
ଜନମ୍ ଆତି ଆଟ୍‌ଦିନ୍‌ତୁ ୱାର୍ କଡ଼ଦିଙ୍ଗ ସୁନ୍ନତ କିଦେଙ୍ଗ ତାତାର୍
ମାରି ୱାରି ବୁବାସି ଦର୍ ଇସାବ୍‌ତାନ୍ ୱାନି ଦର୍ ଜିକରିୟ ସିଦେଙ୍ଗ
ବଦା କିତାର୍ । 60 ମାତର୍ ୱାନି ଆଇସି ଇର୍ହାତ୍, "ସିଲେ, ୱାନି
ଦର୍ ଯୋହନ ଆନାତ୍ ।" 61 ୱାର୍ ଏଲିସାବେତ୍‌ତିଙ୍ଗ ୱେର୍‌ତାର୍,
"ମି ଲୋକାମାନୁ ତୋ ଇୟା ଦର୍ ଏଡ୍ଙ୍ଗବା ସିଲେତ୍ ।" 62 ଆବେଟ୍
ୱାନିଙ୍ଗ ଏମେ ଦର୍ ସିନାଟ୍ ଇଜି ୱାନି ବୁବାସି ବଦା କିଜିନାନ୍,
ଆକା ୱାର୍ ୱାନିଙ୍ଗ ସିନା ସିଜି ୱେନ୍‌ବାଦେଙ୍ଗ ଆସ୍‌ତାର୍ । 63
ଆବେନୁ ୱାନ୍ ଉଣ୍ତି ରାସ୍‌ନି ପାଟା ଲସ୍‌ସି ଇକା ରାସ୍‌ତାନ୍,
"ୱାନି ଦର୍ ଜୋହନ ।" ଆବେଟ୍ ୱିଜେରେ କାବାଆତାର୍ । 64
ମାରି, ଆୟାଦାପ୍ରେ ଜିକରିୟଦି ୱେୟୁ ରେଆତାତ୍ ମାରି ୱାନ୍
ମାରିଡ଼େସି ମାଟା ୱାର୍‌ଗିଜି ମାପ୍ରୁଦିଙ୍ଗ ଦନ୍ୟବାଦ୍ କିଦେଙ୍ଗ
ଆସ୍‌ତାନ୍ । 65 ଆବେନୁ ୱାରି ଲାକ୍‌ତୁରି ଲୋକୁ ୱିଜେରେ
ତିଲାତାର୍, ମାରି ଇୟାୱିଜୁ ମାଟା ଜିହୁଦା ଦେସ୍‌ତି ଗରନ୍ ରାଜିଦି
ୱିଜୁ ତରିଣ୍ତ ଲୋକୁ ଇନ୍‌ଞ୍ଜି ସାତାର୍, 66 ମାରି ୱେନି ଲୋକ୍‌ଡର୍
ଆୟାୱିଜୁ ନିଜେ ନିଜେଦି ମନ୍‌ତୁ ଇଡ଼ଜି ଇର୍ହାର୍, "ଇୟା ଇସ୍ରି
କଡ଼ ଆତିଙ୍ଗ ଇନିକା ଆନାନ୍?" ଇରିଙ୍ଗ ଇକା ସତ୍ ମାର୍‌ଆତ୍
ଜେ ପ୍ରବୁଦି କିୟୁ ୱାନି ମୁସ୍‌କୁ ମାର୍ହାତ୍ । 67 ମାରି, ଜୋହନଦି
ବୁବା ଜିକରିୟ ପବିତ୍ର ଆତ୍ମାଦୁ ପୁରା ତେବାଜି ଇୟା ବାବବାଣି
ଇର୍ହାନ୍, 68 "ଦନ୍ୟ ପ୍ରବୁ, ଇସ୍ରାଏଲ୍‌ତି ମାପ୍ରୁ, ଇରିଙ୍ଗ ୱାନ୍
କାର୍ମୁ ସୁଡୁଜି ନିଜେଦି ଲୋକା ଉଣ୍ତିଙ୍ଗ ରକିୟା କିତାମାନାନ୍;
69 ୱାନ୍ ନିଜେଦି ଦାସ୍ ଦାଉଦଦି କୁଟୁମ୍‌ତି ଅରେନ୍ ସାକ୍ତିମାନି
ରକିୟା କିନିୱାନିଙ୍ଗ ମାଙ୍ଗିଁ ସିତାମାନାନ୍ 70 ପୁର୍ବେ କାଡ଼ାଦାନ୍
ନିଜେଦି ପବିତ୍ର ବାବବାଦିରି ୱେୟୁଦାନ୍ ଏଣ୍ତେସ୍ ଇର୍ହା ମାର୍‌ଆର୍,
(aiōn g165) 71 ଆୟାୱାଜା ମା ସାତ୍ରୁରିମାଣ୍‌କୁ ମାରି ମାଙ୍ଗିଁ ୱିଜୁ
କାଡ଼୍‌ନିୱାରି କିକାଣ୍‌କୁ ରକିୟା କିତାମାନାନ୍, 72 ଏଣ୍ତେସ୍ ୱାନ୍ ମା
ପୁର୍ବେଦିଡକ୍ରାଦାଦାରି ଉଣ୍ତିଙ୍ଗ ଦୟା ତର୍‌ନାନ୍ ମାରି ୱାରି ୱାଲେ
କିତିମାନି ନିଜେଦି ଆୟା ନିୟମ୍ ଏଡ୍‌କିନାର୍ । 73 ଆମାକା
ୱାନ୍ ମା ବୁବା ଅବ୍ରାହାମତି ଲାକ୍‌ତୁ ପାର୍‌ମାଣ୍ କିତାମାର୍ହାନ୍,
74 ମାରି ମାପ୍ ମା ସାତ୍ରୁରିକିୟୁଦାନ୍ ରକିୟା ପୟ୍‌ତାମାନାପ୍,
75 ଏଣ୍ତେସ୍ ମାପ୍ ଜିନି ସାନ୍ଦି ତିଲାଏଣ୍‌ଗା, ପବିତ୍ରଦାନ୍ ମାରି
ଦାର୍ମୁଦାନ୍ ୱାନି ସେବା କିଦେଙ୍ଗ ଆଟ୍‌ନାପ୍ ।" 76 "ଏ ମାରିନ୍,
ନିନ୍ ୱିଜେରିଙ୍ଗ ପେରି ମାପୁରୁଦି ଅରେନ୍ ବାବବାଦି ଇଜି ୱେଙ୍ଗନି
। ନିନ୍ ପ୍ରବୁଦି ଅରେନ୍ ଦୁତ୍ ୱାନି ଉଣ୍ତିଙ୍ଗ ୱାନି ସାରି ତିଆର୍
କିନାତ୍ । 77 ପାପ୍‌କେମା ପଇନି ମାଣାନ୍ ୱାର୍ ଜେ ରକିୟା
ପୟନାର୍, ୱାନି ଲୋକାଙ୍ଗ ଇୟା ମାଟା ଇଣ୍ତେଙ୍ଗ ସନାର୍ । 78
ମାରି ମା ମାପୁରୁ କାର୍ମୁସୁଣିକାନ୍ ମାରି କଡ଼୍‌କିଜିବନ୍ ୱାନ୍ ମା
ଉଣ୍ତିଙ୍ଗ ରକିୟାଦି ୱେଡ଼ା ସପ୍‌ନାନ୍, 79 ଏମେକାର୍ ସାନିୱାଜା
ସିକାଟିଦି ସିତିଡ଼ିଦୁ ବାସାନାର୍, ସାନ୍ତି ସାରିଦୁ ୱାରିଙ୍ଗ ତର୍‌ସି
ଅନିଉଣ୍ତିଙ୍ଗ ୱାନ୍ ୱିଜେରି ମୁସ୍‌କୁ ଜାୟ୍ ସିନାନ୍ ।" 80 ମାରି, କଡ଼
ପିର୍‌ଜି ଆତ୍ମାଦୁ ବପୁ ଆଦେଙ୍ଗ ଆସ୍‌ତାନ୍ ମାରି ଇସ୍ରାଏଲ୍ ଲୋକା
ଲାକ୍‌ତୁ ତରାଇ ସାନ୍ଦି ସୁନ୍‌ସାନ୍ ବାଡ଼ିଦୁ ତେବାତାନ୍ ।

**2** ଆୟାୱାଲେ ରୋମିୟ ଦେସ୍‌ତି ପେରିରାଜା ଅଗସ୍ତ କାଇସର୍
ମାଣ୍‌କୁ ଦେସ୍‌ତି ୱିଜୁ ଲୋକା ଦର୍‌କୁ ରାସାନି ଉଣ୍ତିଙ୍ଗ ମାଟା
ୱେର୍‌ତାର୍ । 2 ସିରିଆଦି ସାସନ୍‌କିନି କୁରିଣିୟଦି ସମୟତୁ

ପାର୍‌ତୁମ୍‌ତୁ ଇୟା ଲୋକୁ ଲେକିସ୍‌କିନିକା ଆତାମାର୍‌ଆତ୍ । 3
ଆୟା ଉଣ୍ତିଙ୍ଗ ୱିଜେରେ ଦର୍ ରାସ୍‌ନି ଉଣ୍ତିଙ୍ଗ ନିଜେ ନିଜେଦି
ଗାଡ୍‌କାଙ୍ଗ ସର୍‌ଆର୍ । 4 ମାରି, ଜୋସେପ ବା ଦର୍ ରାସ୍‌ନି
ଉଣ୍ତିଙ୍ଗ ମରିୟମତି ୱାଲେ ଗାଲିଲିଦି ନାଜରିତ ଗାଡ୍‌ତାନ୍ ଜିହୁଦା
ଦେସ୍‌ତି ବେତଲିହିମ୍ ଦର୍‌ଦି ଦାଉଦତି ଗାଡ୍‌ତୁ ସର୍‌ଆର୍, ଇରିଙ୍ଗ
ୱାନ୍ ଦାଉଦତି କୁଟ୍‌ମୁ ମାରି କୁଦାଦି ଲୋକୁ ମାର୍‌ଆର୍; 5
ଜୋସେପ ପେଡ଼ି ଆଦେଙ୍ଗ ଲସ୍‌ସାୟ୍‌ଆତି ମରିୟମତି ୱାଲେ
ଦର୍ ରାସ୍‌ତେଙ୍ଗ ସର୍ହାନ୍ । ମାରି ମରିୟମ୍ ପଟାଦୁ ମାର୍‌ଆତ୍
। 6 ଜୋସେପ ମାରି ମରିୟମ୍ ବେତଲିହିମତୁ ମାର୍‌ଇ ୱାଲେ
ମରିୟମତି ଜନମ୍‌କିନି ବେଡ଼ା ଇଗା ୱାତାତ୍, 7 ୱାଦ୍ ନିଜେ
ପର୍‌ତୁମ୍ କଡ଼ଦିଙ୍ଗ ଜନମ୍ କିତାତ୍ କଡ଼ଦିଙ୍ଗ ୱାତିଦୁ ତେର୍‌ପ୍‌ସି
ଡ଼ାକ୍ ଏର୍‌ଉଣି ଟଙ୍ଗାଁଦୁ ତେର୍‌ପ୍‌ତାତ୍, ଇରିଙ୍ଗ ତେବାନି ଇନ୍‌ଡ୍ର
ୱାରି ଉଣ୍ତିଙ୍ଗ ବାଡି ସିଲେତାତ୍ । 8 ଆୟା ରାଜିଦି ଏସ ଗୋଡୁଙ୍ଗାଁ
ଆଡ୍‌ରେ ମାନ୍‌ଞ୍ଜି ନାଡ଼ା ୱାରି ମେଣ୍ଡ୍ରେଙ୍ଗ କାପ୍‌କିଜିମାର୍‌ଆର୍
। 9 ପ୍ରବୁଦି ଉଣ୍ତି ଦୁତ୍ ୱାରି ଲାକ୍‌ତୁ ୱାତାତ୍, ମାରି ପ୍ରବୁଦି
ଗୌରବ୍‌ତି ଜାୟ୍ ୱାରି ସାର୍‌ବେଡ୍‌ତି ତରିତାତ୍, ମାରି ୱାର୍ ନାଣ୍ତ
ଡିଲାତାର୍ । 10 ଆବେଟ୍ ଦୁତ୍ ୱାରିଙ୍ଗ ୱେର୍‌ତାତ୍, “ଡିଲାମାଟ୍,
ସୁଡୁଦୁ, ନାନ୍ ୱିଜୁ ଲୋକା ନାଣ୍ତ ୱେଡ଼ିକାଦି ନେଗି କାବୁର୍ ମିଙ୍ଗାଁ
ୱେର୍‌ସିନା, 11 ଇରିଙ୍ଗ ନେର୍ ଦାଉଦତି ଗାଡ୍‌ତୁ ମି ଉଣ୍ତିଙ୍ଗ
ରକିୟାକିନିକାନ୍ ଜନମ୍ ଆତାମାନାନ୍, ୱାନ୍ କ୍ରିସ୍ତ ପ୍ରବୁ । 12
ମାରି, ମି ଉଣ୍ତିଙ୍ଗ ଇକା ସିନାଦି ୱାଜା ଆନାତ୍, ମିର୍ ଅରେନ୍
କଡ଼ଦିଙ୍ଗ ୱାତିଦାନ୍ ତେରେପ୍‌ସି ସାଡ଼ାଦି ଟଙ୍ଗାଁଦୁ ଡର୍‌ନିମାନିକା
ସୁଣିଦେର୍ ।” 13 ମାରି, ଆୟାଦାପ୍ରେ ଆୟା ଦୁତ୍‌ତି ୱାଲେ
ମୁସ୍‌କୁପୁର୍‌ତାନ୍ ଉଣ୍ତି ଦୁତ୍‌କା ଦଲ୍ ଇଗାୱାତେନୋ ମାପୁରୁଦିଙ୍ଗ
ପ୍ରସଂସା କିବୁ କିବୁ ଇରେଏ, 14 “ମୁସ୍‌କୁପୁର୍‌ତୁ ମାପୁରୁଦିଙ୍ଗ
ମହିମା ଆପିତ୍, ମାରି ଇୟାୱିଜୁ ଦୁନିଆଦି ଏମେ ଲୋକା ମୁସ୍‌କୁ
ମାପ୍‌ରୁ ୱେଡ଼ିକା ମାନାନ୍ ଆୟା ଲୋକାମାନୁ ସାନ୍ତି ରାପ୍‌ତି ।” 15
ଦୁତ୍‌କୁ ୱାରିମାଣାନ୍ ମୁସ୍‌କୁପୁର୍‌ତୁ ସର୍‌ଇ ୱେନ୍‌କା ମେଣ୍ଡ୍ରେଙ୍ଗ
ସାରାକିନିକାର୍ ନିଜେ ନିଜେଦି ମାନୁ ୱାର୍‌ଗିଦେଙ୍ଗ ଆସ୍‌ତାର୍,
“ରାଦୁ, ମାଡ୍ ବେତଲିହିମ୍ ସାନ୍ଧି ସନାଟ୍ ମାରି ପ୍ରବୁ ମାଙ୍ଗାଁ ଇୟା
ଏମେ ଗଟନା ବିସୟ୍ ୱେର୍‌ତାନ୍, ଆକା ସୁଡୁନାଟ୍ ।” 16 ଆବେଟ୍
ୱାର୍ ଦାପ୍ରେ ସଲ୍‌ସି ପଇଜି ଅସି ମରିୟମ୍ ମାରି ଜୋସେପତିଙ୍ଗ
ପଇତାର୍, ମାରି ସାଡ଼ାଦି ଟଙ୍ଗାଁଦୁ କଡ଼ଦିଙ୍ଗ ଡରିତିମାର୍‌ଇକା
ସୁଡୁତାର୍ । 17 ୱାର୍ ୱାନିଙ୍ଗ ସୁଡୁଜି ଆୟା କଡ଼ଦି ବିସୟ୍‌ତାନ୍
ଦୁତ୍ ଏମେ ମାଟା ଇର୍ହାମାର୍‌ଆତ୍, ଆକା ୱାରିଙ୍ଗ ୱେର୍‌ତାର୍, 18
ମାରି ଏମେ ଲୋକୁ ମେଣ୍ଡ୍ରେଙ୍ଗସାରାକିନିୱାରି ମାଣାନ୍ ଆୟାୱିଜୁ
ମାଟା ୱେର୍‌ଆର୍, ୱାର୍ ୱିଜେରେ କାବା ଆତାର୍ । 19 ମାତର୍
ମରିୟମ୍ ଇୟାୱିଜୁ ମାଟା ମନ୍‌ତୁ ଇଡ୍‌ଜି ନାଣ୍ତ ଏତ୍‌କିଦେଙ୍ଗ
ଆସ୍‌ତାତ୍ । 20 ମାରି, ମେଣ୍ଡ୍ରେଙ୍ଗସାରା କିନିୱାରିଙ୍ଗ ଦୁତ୍ ଏଣ୍ତ୍ରେସ୍
ଇର୍ହାମାର୍ହାତ୍, ଆୟାୱାଜା ୱାର୍ ଏମେ ଏମେକା ୱେର୍‌ଆର୍ ମାରି
ସୁଡୁତାର୍, ଆୟାୱିଜୁ ଉଣ୍ତିଙ୍ଗ ମାପ୍‌ରୁଦି ଗୌରବ୍ ମାରି ଦନ୍
ଦନ୍ୟବାଦ୍ କିବୁ କିବୁ ଡ଼େସିୱାତାର୍ । 21 ଆଟ୍‌ଦିନ୍ ୱେନ୍‌କା
ସୁନ୍ନତ କିଦେଙ୍ଗ ଜିସୁଙ୍ଗାଁ ମନ୍ଦିର୍‌ତୁ ଅତାର୍, ୱାନି ଦର୍ ଜିସୁ
ଇଟ୍‌ତାର୍, ଇୟା ଦର୍ ୱାଦ୍ ଗାର୍ବୁଦୁ ତେବାଇ ଆଗ୍‌ଡ଼ିରାନେ୍‌ନ
ମୁସ୍‌କୁପୁର୍‌ତି ଦୁତ୍ ଇୟା ଦର୍ ସିତାମାର୍ହାତ୍ । 22 ୱେନ୍‌କା
ଏସ୍ତିୱାଲେ ମୋସାଦି ନିୟମତାନ୍ ତାନି ଶୁଚି ଆନି ସମୟ
ପୁରା ଆତାତ୍, ନାସ୍ତିୱାଲେ ୱାର୍ କଡ଼ଦିଙ୍ଗ ମାପୁରୁମାନୁ ସିଦେଙ୍ଗ
ଜିରୁସାଲାମ୍ ମନ୍ଦିରତୁ ଅତାର୍ 23 ନାସ୍ତିୱାଲେ ୱିଜେରେ ପାର୍‌ତୁମ୍
ଜନମ୍ ଆତି କଡ଼ର୍ ପ୍ରବୁଦି ନିୟମତାନ୍ ପବିତ୍ର ଇଜି ୱେଙ୍ଗାଁନାର୍,
24 ପ୍ରବୁଦି ନିୟମତାନ୍ ରାସ୍‌ତିମାନି ଇୟା ମାଟାଦାନ୍ ୱାର୍ ୱାନିଙ୍ଗ
ପ୍ରବୁଦି ନିୟମତାନ୍ ସର୍ପେକିନି ଉଣ୍ତିଙ୍ଗ ମାରି ପ୍ରବୁଦି ନିୟମ୍‌ତି
ସାସ୍ତଦାନ୍ ରାସ୍‌ତିମାନି ନିୟମତାନ୍ ରୁଣ୍ତି ପାରୁୱାପିଲେକାଙ୍ଗ
ପୁଜା କିନି ଉଣ୍ତିଙ୍ଗ ୱାନିଙ୍ଗ ଜିରୁସାଲମତୁ ଅତାର୍ । 25 ମାରି
ସୁଡୁଦୁ, ଜିରୁସାଲମତୁ ସିମିୟୋନ ଦର୍‌ତି ଅରେନ୍ ଦାର୍ମୁ ମାରି
ସାଦୁ ଲୋକୁ ମାର୍‌ଆନ୍; ୱାନ୍ ଇସ୍ରାଏଲ୍‌ତି ରକିୟାକିନିୱାନିଙ୍ଗ
ସୁଡ଼େ୍‌ଦଙ୍ଗ କାପ୍‌କିଜି ମାର୍‌ଆନ୍, ମାରି ପବିତ୍ର ଆତ୍ମା ୱାନିୱାଲେ
ମାର୍ହାତ୍ । 26 ପ୍ରବୁ କ୍ରିସ୍ତଙ୍ଗ ସୁଡ଼ିଇତିଙ୍ଗ ୱାନ୍ ଜେ ସାଏନ୍,
ପବିତ୍ର ଆତ୍ମା ୱାନିଙ୍ଗ ଇୟା ମାଟା ୱେର୍‌ତା ମାର୍ହାତ୍ । 27 ୱାନ୍
ପବିତ୍ର ଆତ୍ମା ୱେର୍‌ତି ଇସାବ୍‌ତାନ୍ ମନ୍ଦିରତୁ ୱାତାନ୍, ମାରି
କଡ଼ ଜିସୁଦି ବୁବାୟାୟା ଏସ୍ତିୱାଲେ ୱାନି ବିସୟ୍‌ତାନ୍ ଜିହୁଦିରି
ନିୟମ୍ ଇସାବ୍‌ତାନ୍ ପାଣି କିନି ଉଣ୍ତିଙ୍ଗ ୱାନିଙ୍ଗ ମନ୍ଦିର୍ ଲୋଇ
ତାତାର୍, 28 ନାସ୍ତିୱାଲେ ସିମିୟୋନ କଡ଼ଦିଙ୍ଗ ଗାତୁ ଆସ୍‌ସି
ମାପୁରୁଦିଙ୍ଗ ଦନ୍ୟବାଦ୍ କିଜି ଇର୍ହାନ୍, 29 “ଏ ପ୍ରବୁ, ଇଲେଇ ନିନୁ
ନିଜେଦି ବାକ୍ୟଦାନ୍ ନିଜେଦି ଗତିମୁରୁଲିଙ୍ଗ ସାନ୍ତିଦାନ୍ ସଣ୍ତେଙ୍ଗ
ସିଜିନି; 30 ଇରିଙ୍ଗ ନା କାଣୁକୁ ନି ରକିୟା ସୁଡୁତା ମାନାତ୍,
31 ଆମାକା ନିନୁ ୱିଜେରି ଲୋକା ଆଗ୍‌ଡ଼ି ତିଆର୍ କିତିମାନି ।
32 ମାରି ଅଣଜିହୁଦି ଲୋକା ଉଣ୍ତିଙ୍ଗ ସତ୍ ସାରି ତର୍‌ନି ଜାୟ୍
ଆନାନ୍, ମାରି ମି ଲୋକା ଇସ୍ରାଏଲ୍‌ତି ଗୌରବ୍ ୱାଜା କିତିମାନି
।” 33 ଇସ୍ରି କଡ଼ଦି ବିସୟ୍‌ତାନ୍ ୱେର୍‌ତିମାନି ୱିଜୁ ମାଟା ୱେନ୍‌ଜି
ୱାନି ବୁବାସିଆଇସି କାବାଆତା ସର୍ହାର୍ । 34 ମାରି, ସିମିୟୋନ
ୱାରିଙ୍ଗ ଆସିର୍ବାଦ୍ କିଜି ୱାନି ଆଇସି ମରିୟମ୍‌ତିଙ୍ଗ ୱେର୍‌ତାନ୍,
“ଇୟା କଡ଼ ଇସ୍ରାଏଲ୍‌ତି ଲୋଇ ନାଣ୍ତ ଲୋକା ନାସ୍ତ ମାରି ନାଣ୍ତ
ଲୋକା ରକିୟା ଉଣ୍ତିଙ୍ଗ ମାପୁରୁ ମାଣାନ୍ ବାସେଆତା ମାନାନ୍ ।
ୱାନ୍ ମାପୁରୁମାଣାନ୍ ସିନାଦି ୱାଜା ଆନାନ୍ । 35 ଏସୋ ଲୋକୁ
ୱାନିଙ୍ଗ ବିରଦ୍ କିଜି ନିଜେଦି ଜିବନ୍‌ତୁ ଆଡ଼ାକ୍‌ନିମାନି ମାଟେଙ୍ଗ
ୱିଜୁ ୱେର୍‌ନାନ୍ । ଦୁକ୍ ନାନି ଉଣ୍ତି ଦାରାଦି କୁଡ଼ାମ୍ ମି ନିଜେଦି
ଜିବନ୍‌ତିଙ୍ଗ ଗୁତ୍‌ନାତ୍ ।” 36 ମାରି, ୱାଦ୍ ଆସେର୍ କୁଟୁମ୍‌ତି
ପିନୁୟେଲଦି ଗାଡ୍‌ସି । ହାନା ଦର୍‌ତି ଅରେତ୍ ଅସେ ନାଲ୍‌ଗି
ବାର୍ସେକ୍‌ତି ଡକ୍ରି ମାର୍‌ଆତ୍, ୱାଦ୍ ଅରେତ୍ ବାବବାଦିନି ମାର୍‌ଆତ୍
। ପେଡ଼ି ଆତାଦ ସାତ୍‌ବାର୍ସୁ କନ୍‌ଲି ୱାଲେ ମାର୍‌ଇ ୱେନ୍‌କା ରାଣ୍ତି
ଆତାତ୍ । 37 ୱାଦ୍ ମନ୍ଦିର୍‌ତିଙ୍ଗ ଡ଼ିସ୍‌ସି ସଲ୍‌ଏଜି ମାର୍‌ଆତ୍, ଉପାସ୍
କିଜି ମାରି ୱେଡ଼େନାଡ଼ା ମାପୁରୁମାନୁ ପାର୍‌ତନା କିଜିମାର୍‌ଆତ୍

। 38 କଡ଼ ଜିସୁ ମନ୍ଦିର୍‌ତୁ ସିଆଇ ଆନିୱାଲେ ହାନା ଆବେନ୍
ଇଜି ମାପ୍ରୁଙ୍ଗ ଦନ୍ୟବାଦ୍ ସିତାଦ୍ ମାରି ମାପୁରୁ ଜିରୁସାଲମ୍‌ତିଙ୍ଗ
ରକିୟା କିନାନ୍ ଇଜି ଏମେକାର୍ ବିସ୍‌ବାସ୍ କିଜି କାପ୍‌କିଜି
ମାର୍‌ଆର୍ ଆୟା ୱିଜେରିଙ୍ଗ କଡ଼ଦି ବିସୟ୍‌ତାନ୍ ୱେର୍‌ତାଦ୍ । 39
ୱେନ୍‌କା ଜୋସେପ୍ ମାରି ମରିୟମ୍ ପ୍ରବୁଦି ନିୟମତାନ୍ ୱିଜୁ ପାଣି
ୱିସ୍‌ତାର୍ ଗାଲିଲିଦୁ, ୱାର୍ ନିଜେଦି ଗାଡ଼୍‌ତି ନାଜରିତଦୁ ଡ଼େସି
ସର୍ହାର୍ । 40 ମାରି, କଡ଼ ଦିରେ ଦିରେ ପିର୍‌ଦେଙ୍ଗ ଆସ୍‌ତାନ୍ ମାରି
ବୁଦିଦାନ୍‌ବା ପିର୍‌ଜି ସାକ୍ତି ଆତାନ୍, ମାରି ମାପ୍ରୁଦି ଆସିର୍ବାଦ୍
ୱାନି ମୁସ୍‌କୁ ମାର୍ହାଦ୍ । 41 ଜିସୁଦି ବୁବାୟାୟା ୱିଜୁ ବାର୍ସେକ୍
ନିସ୍ତାର୍ ପଣ୍ଡୁୟ୍ ସମୟତୁ ଜିରୁସାଲମ୍‌ତୁ ସଲ୍‌ସି ମାର୍‌ଆର୍ ।
42 ଜିସୁଙ୍କୁ ବାର ବାର୍ସେକ୍ ଆଟିୱାଲେ ୱାର୍ ୱାରି ରିତିଦାନ୍
ଜିରୁସାଲାମ୍‌ତୁ ପଣ୍ଡୁୟ୍‌କିଦେଙ୍ଗ ସର୍‌ଆର୍ । 43 ମାରି ପଣ୍ଡୁୟ୍‌ତି
ଦିନ୍ ୱିସ୍‌ତାର୍‌ରୋ ଏସ୍ତିୱାଲେ ୱାର୍ ଡ଼େସିସଲ୍‌ସିମାର୍‌ଆର୍,
ନାସ୍ତିୱାଲେ କଡ଼ ଜିସୁ ଜିରୁସାଲମ୍‌ତୁ ତେବାତାନ୍, ମାରି ୱାନି
ବୁବାୟାୟା ଆକା ନେସ୍‌ତେଙ୍ଗ ଆଟ୍‌ଏତାର୍ । 44 ମାତର୍ ଜିସୁ
ସଙ୍ଗ ଲୋକାୱାଲେ ଅର୍‌ସେ ମାନାନ୍ ଇଜି ଅଡ଼୍‌ବିତାର୍ ୱାର୍
ଅର୍‌ନେଟି ସାରି ସର୍‌ଆର୍, ମାରି ଇଣ୍ଣି ଲୋକାମାନୁ ମାରି
ନେସ୍‌ତି ଲୋକାମାନୁ ଜିସୁଙ୍କୁ ପଇଜି ଅତାର୍, 45 ମାରି ଜିସୁଙ୍କୁ
ପଏତାର୍‌ନୋ ପଇଜି ପଇଜି ଜିରୁସାଲମତୁ ମାରିଡ଼େସି ସର୍‌ଆର୍
। 46 ମୁନେଟି ୱେନ୍‌କା ୱାର୍ ଜିସୁଙ୍କୁ ମନ୍ଦିରତୁ ପଇତାର୍; ୱାନ୍
ଦାର୍ମୁଗୁରୁରି ୱାଲେ ବାସ୍‌ତାନ୍‌ନୋ ୱାରି ମାଟା ୱେନ୍‌ଜି ମାର୍‌ଆନ୍
ମାରି ୱାରିଙ୍ଗ ପ୍ରସ୍ନ ୱେନ୍‌ବାଜି ମାର୍‌ଆନ୍ । 47 ମାରି ଏସଲୋକ୍
ୱାନି ମାଟା ୱେନ୍‌ଜି ମାର୍‌ଆର୍, ୱିଜେରେ ୱାନି ବୁଦିଦିଙ୍ଗ ମାରି
ମାଟାଦିଙ୍ଗ କାବାଆଜି ମାର୍‌ଆର୍ । 48 ଜୋସେପ ମାରି ମରିୟମ୍
ଜିସୁଙ୍କୁ ସୁତୁଜି କାବା ଆତାର୍, ମାରି ୱାନି ଆଇସି ୱାନିଙ୍ଗ ଇର୍ହାଦ୍,
“ଏ କଡ଼, ମା ଉଣ୍ଡିଙ୍ଗ ଏନ୍ହା ଇୟାୱାଜା କିତି? ସୁତୁଆ, ମି ବୁବା
ମାରି ନାନ୍ ନାଣ୍ଡୁ ସିନ୍ତା କିଜି ନିଙ୍ଗୁ ପଇଜିନାପ୍ ।” 49 ଆବେନ୍
ଜିସୁ ୱାରିଙ୍ଗ ଇର୍ହାନ୍, “ଏନ୍ହା ମିର୍ ନାଙ୍ଗୁ ପଇଜି ମାର୍ହିଦେର୍?
ନା ବୁବାଦି ଇଣ୍ଣ ମାଣ୍ଡେଙ୍ଗ ଯେ ନାଙ୍ଗୁ ଅଦିକାର୍ ମାନାଦ୍, ଇକା
ଇନିକା ମିର୍ ନେସ୍‌ଇ ମାର୍ହିଦେର୍?” 50 ମାତର୍ ୱାନ୍ ୱାରିଙ୍ଗ
ଏମେ ମାଟା ୱେର୍‌ତାନ୍, ଆକା ୱାର୍ ବୁଜାଦେଙ୍ଗ ଆଟ୍‌ଏତାର୍ ।
51 ୱେନ୍‌କା ଜିସୁ ୱାରିୱାଲେ ଡ଼େସି ନାଜରିତଦୁ ୱାତାନ୍ ମାରି
ୱାନ୍ ୱାରି ୱିଜୁ ମାଟା ମାନାତାନ୍; ମାରି, ୱାନି ଆଇସି ଇୟାୱିଜୁ
ମାଟା ନିଜେଦି ମାନ୍ ଲୋଇ ଇଡ଼୍‌ଜି ସିନ୍ତା କିତାଦ୍ । 52 ମାରି,
ଜିସୁ ବୁଦିଦୁ ମାରି ମେନ୍ଦଲ୍‌ତୁ, ମାରି ମାପୁରୁମାନୁ ମାରି ଲୋକା
ଦୟାଦାନ୍ ପିର୍‌ଦେଙ୍ଗ ଆସ୍‌ତାନ୍ ।

**3** ତିବିରିୟା କାଇସର୍‌ଦି ସାସନ୍‌କିଜି ମାର୍‌ଇ ୱାଲେରି ପନ୍ଦର
ବାର୍ସେକ୍‌ତି ମାଟା, ଏସ୍ତିୱାଲେ ସାସନ୍‌କିନି ପନ୍ତିୟ ପିଲାତ୍
ଜିହୁଦା ଦେସ୍‌ତୁ ପେରିରାଜା ମାର୍‌ଆନ୍ ମାରି ହେରୋଦ ଗାଲିଲିଦି
ପେରିରାଜା, ମାରି ୱାନି ତଡ଼ାନ୍ ପିଲିପ୍‌ପ ଇତୁରିୟା ମାରି
ତ୍ରାକନିଦି ଦେସ୍‌ତୁ ପେରିରାଜା ମାର୍‌ଆର୍, ମାରି ଲୁସାନିୟା
ଅବିଲିନି ଦେସ୍‌ତୁ ପେରିରାଜା ମାର୍ହାନ୍ । 2 ମାରି ହାନାନ
ମାରି କୟାପା ୱିଜେରିଙ୍ଗପେରି ଜାଜକର୍ ମାର୍ହାର୍, ନାସ୍ତିୱାଲେ
ମାପ୍ରୁଦି ବାକ୍ୟ ସୁନ୍‌ସାନ୍ ବାଡିଦୁ ଜିକରିୟଦି ମାରିସି ଜୋହନ
ଲାକ୍‌ତୁ ଇଗା ୱାତାଦ୍ । 3 ଆବେଟ୍ ଡୁବନ୍ ସିନି ଜୋହନ ଜର୍ଦନ
ଗାଡାଦି ଲାକ୍‌ତୁରି ୱିଜୁ ରାଜିତରିଣ୍ଡ ସଲ୍‌ସି, “ପାପ୍‌ତାନ୍ ମନ୍‌ତିଙ୍ଗ
ଡ଼େପ୍‌ସି ଡୁବନ୍‌ଅତୁ ଇଜି ୱେର୍‌ତେଙ୍ଗ ଆସ୍‌ତାନ୍,” 4 ଏଣ୍ଡେସ୍
ଜିସାଇୟ ବାବବାଦିଦି ସାସ୍ତ୍ରଦୁ ରସ୍‌ତାମାନ୍‌ତା, “ସିମ୍ରାବାଡିଦୁ
ନାଣ୍ଡୁ ଆଉଲିଆଜିମାନି ଅରେନ୍‌ୱାନି ବଲ୍, ପ୍ରବୁଦି ସାରି ତିଆର୍
କିଦୁ, ୱାନି ସାରି ସାତୁକୁ କିଦୁ; 5 ୱିଜୁ ରିଆଙ୍ଗୁଦି ଗରନ୍‌ତି
ଗୁଟାଦି ବାଡିଦୁ ବର୍ତି କିଆନାଦ୍, ମାରି ୱିଜୁ ପେରି ଗରକ୍ ମାରି
ଇସ୍ରି ଗରକ୍ ସାର୍‌ଦିନେ, ବାକୁଲି ସାରିୱିଜୁ ସାତୁକୁ ଆନାଦ୍,
ମାରି ଗୁଟାଟେମୁଦି ବୁମି ସାର୍‌ଦିଜି ସାରିଦି ୱାଜା ଆନାଦ୍; 6
ମାରି, ୱିଜୁ ଲୋକୁ ମାପୁରୁଦି ରକିୟା ସୁତୁନାଟ୍ ।” 7 ମାରି,
ୱାନିମାନୁ ଡୁବନ୍ ଅତେଙ୍ଗ ଇଜି ସସି ୱାଜିମାନି ୱିଜୁଲୋକାଙ୍ଗ
ସୁତୁଜି ଇର୍‌ଆନ୍, “ଏ ବିସ୍‌ମାନି ସାରାସ୍‌ତି କୁଟୁମ୍, ମାପୁରୁଦି
ୱାଜିମାନି ରିସାଦାନ୍ ଉର୍‌କୁତେଙ୍ଗ ଇଜି ଏନ୍ ମିଙ୍ଗୁ ୱେର୍‌ତାନ୍? 8
ମିର୍ ପୁରା ଜିବନ୍‌ତିଙ୍ଗ ସତ୍‌ତାନ୍ ପାପ୍ ପାଣିଦାନ୍ ମନ୍ ଡ଼େପ୍‌ତି
ମାନିଦେର୍, ଇକା ମି ନେଗି ପାଣିଦାନ୍ ତର୍‌ତୁ; ମାରି, ଅବ୍ରାହାମ ମା
ବୁବା, ମୋନ୍‌ତୁ ମୋନ୍‌ତୁ ବା ଇୟାୱାଜା ଇନ୍‌ମାଟ୍; ଇରିଙ୍ଗ ନାନ୍
ତୋ ମିଙ୍ଗୁ ଇଜିନା, ମାପୁରୁ ଇୟା କାଲ୍‌କାଣ୍‌କୁ ବା ଅବ୍ରାହାମତି
କୁଟୁମ୍ ତିଆର୍‌କିଦେଙ୍ଗ ଆଟ୍‌ନାନ୍ । 9 ମାରି, ମାରାକା ମଦଲ୍‌କୁ
କାଡ଼େତଙ୍ଗ ଇଜି ପାଡ଼ିସି ତିଆର୍‌କିତା ଇଟ୍‌ତାମାନାର୍; ମାରି,
ଏମେ ମାରାନ୍ ନେଗି ପଲ୍ ଆସ୍‌ଏଦ୍, ଆୟାୱିଜୁ ମାରାକାଙ୍ଗ
କାଡ଼୍‌ନାର୍ ରୋ ସିସୁଦୁ ପୋକ୍‌ନାର୍ ।” 10 ଆବେଟ୍ ଲୋକ୍
ୱିଜେରେ ୱାନିଙ୍ଗ ୱେନ୍‌ବାତାର୍, “ଆରିଙ୍ଗ ମାପ୍ ଇନିକା କିନାପ୍?”
11 ଜୋହନ ୱାରିଙ୍ଗ ଇର୍‌ଆନ୍, “ଆମାୱାନିଙ୍ଗ ରୁଣ୍ଡି ଆର୍ଙ୍ଗିଙ୍ଗ
ମାନେ, ୱାନ୍ ଆମାୱାନିଙ୍ଗ ଇନିକା ସିଲେତ୍, ୱାନିଙ୍ଗ ଉଣ୍ଡି ସିପିନ୍
ମାରି ଆମାୱାନିଙ୍ଗ କାଦି ମାନାଦ୍, ୱାନ୍ ଆଇୱାନିଙ୍ଗ ଆବେ
ମିସାକିପିନ୍ ।” 12 ମାରି ଏସ ସିସ୍‌ଟୁ ଲୋସ୍‌ନିକାର୍ ବା ଡୁବନ୍
ଅତେଙ୍ଗ ଇଜି ୱାତିକାର୍ ୱାନିଙ୍ଗ ୱେନ୍‌ବାତାର୍, “ଏ ଗୁରୁ, ମାପ୍
ଇନିକା କିନାପ୍?” 13 ମାରି ଜୋହନ ୱାରିଙ୍ଗ ୱେର୍‌ତାନ୍,
“ମି ଉଣ୍ଡିଙ୍ଗ ଏସୋ ଲୋସ୍‌ନି ନିୟମ୍ ମାନାଦ୍ ନାସ ଲୋସ୍‌ତୁ,
ତାନି ବାଦୁଲ୍ ନାଣ୍ଡୁ ଲସ୍‌ମାଟ୍ ।” 14 ସନ୍ୟର୍ ବା ଜୋହନତିଙ୍ଗ
ୱେନ୍‌ବାତାର୍, “ମାରି ମାପ୍ ଇନିକା କିନାପ୍?” ୱାନ୍ ୱାରିଙ୍ଗ
ୱେର୍‌ତାନ୍, “ସାକ୍ତିଦାନ୍ ନି ସାଲାକିଦାନ୍ ଏ ଦନ୍ ରେଲ୍‌ଜ ଅମାଟ୍,
ମାରି ମି ଦରମା ତାବୁଙ୍କୁ ଏସ ପଇଜିନିଦେର୍ ନାସଦାନ୍ ୱେଡ଼ିକା
ମାଣ୍ଡୁ ।” 15 ୱିଜୁ ଲୋକୁ କାପ୍‌କିଜି ମାର୍‌ଆର୍‌ଆକା, ଜୋହନ
ଏମୋ କ୍ରିସ୍ତ ଆନାନ୍, ଇକା ଜୋହନତି ବିସୟ୍‌ତାନ୍ ୱିଜେରେ
ନିଜେ ନିଜେଦି ମୋନ୍‌ତୁ ଅଡ଼୍‌ବିଜି ମାର୍‌ଆର୍ । 16 ଆୟାଉଣ୍ଡିଙ୍ଗ
ଜୋହନ ୱିଜେରିଙ୍ଗ ଇର୍‌ଆନ୍, “ନାନ୍ ତୋ ମିଙ୍ଗୁ ଏର୍‌ତୁ ଡୁବନ୍
ସିଜିନା, ମାତର୍ ନା ମାଣ୍‌ନା ଏନ୍ ପେରିକାନ୍, ୱାନ୍ ୱାଜିନାନ୍,

ୱାନି ଜୁଡେଙ୍ଗତି ଗାଟି କୁଡ୍‌ଡେଙ୍ଗ ବା ନାନ୍ ଜଗ୍ ସିଲେ; ୱାନ୍
ମିଜ୍ଞ୍ ପବିତ୍ର ଆତ୍ମାଦୁ ମାରି ସିସୁଦୁ ଡୁବନ୍ ସିନାନ୍ । 17 ୱାନି
କିୟୁଦୁ ସେରିଇ ମାନାତ୍, ଆବେଟ୍ ୱାନ୍ କାଡ଼ାତୁମାନି କୁଲିଙ୍ଗ
ଟୁଟ୍‌ନାନ୍ ମାରି ନିଜେଦି କଲ୍‌କିଦୁ ଉଣ୍ତାକିନାନ୍ ମାରି କୁଲିଙ୍ଗ ପଟୁ
ଏସ୍‌କାଙ୍ଗ ନାମ୍‌ଇ ସିସୁଦୁ ଆଡ଼ାକ୍‌ନା ପୋକ୍‌ନାନ୍ ।" 18 ଜୋହନ
ଇୟାୱାଜା ନାଣ୍ତ ମାଟା ୱେର୍‌ସି, ମାରି ରକମ୍ ରକମ୍‌ତି ୱେଡ଼ିକାଦି
ବାକ୍ୟ ଇଜି ଲୋକା ଲାକ୍‌ତୁ ନେଗିକାବୁର୍ ୱେର୍‌ତାନ୍ ମାରି ମନ୍
ଡ଼େପ୍‌ତେଙ୍ଗ ଲୋକାଙ୍ଗ ବୁଜାକିତାନ୍; 19 ମାତର୍ ଜୋହନ ରାଜା
ହେରୋଦତିଙ୍ଗ ଆଟ୍‌ୱାଦାନ୍ ଇଜିମାର୍‌ଆନ୍ ଇରିଙ୍ଗ ୱାନ୍ ୱାନି
ତଡ଼ାନ୍‌ତି ଆଡ଼୍‌ସିଙ୍ଗ ହେରୋଦିଆଦିଙ୍ଗ ପେଡ଼ି ଆତାମାର୍‌ଆନ୍ ମାରି
ନାଣ୍ତ ତାଗିଇ ପାଣି କିତାମାର୍‌ଆନ୍ । 20 ଆୟାୱାଜା ହେରୋଦ
ଜୋହନତିଙ୍ଗ ଜଇଲ୍‌ତୁ ଇଟ୍‌ଟାନ୍‌ନା ନିଜେଦି ୱିଜୁ ତାଗିଇ
ପାଣିଦି ୱାଲେ ଇକାବା ମିସାକିତାନ୍ । 21 ୱିଜୁ ଲୋକୁ ଡୁବନ୍
ଅତି ୱେନ୍‌କା ଜିସୁ ବା ଡୁବନ୍ ଅତାନ୍ । ମାରି ୱାନ୍ ପାର୍‌ତନା
କିନିୱାଲେ ବାଦଡ୍ ରେଆତାତ୍, 22 ମାରି ପବିତ୍ର ଆତ୍ମା ପାର୍‌ୱାଦି
ୱାଜା ୱାନି ମେନ୍ଦ୍‌ଲ୍ ମୁସ୍‌କୁ ୱାଜି ବାସ୍‌ତାତ୍; ମାରି, ବାଦଡ୍‌ତାନ୍
ଇୟା ବଲ୍ ୱାତାତ୍, "ନିନୁ ନା ଲାଡ୍‌ତି ମାରିନ୍, ନିବାନୁ ନାନ୍ ନାଣ୍ତ
ୱେଡ଼ିକା ।" 23 ଜିସୁ ପାଣି ଆରାମ୍ କିତି ସମୟତୁ ୱାନିଙ୍ଗ ପୁରା
ତିରିସ୍ ବାର୍ସେକ୍ ଆତାମାର୍‌ଆତ୍; ଲୋକୁ ଅଡ଼୍‌ବିନି ଇସାବ୍‌ତାନ୍
ଜିସୁ ଜୋସେପତି ମାରିନ୍, ଜୋସେପ ଏଲିତି ମାରିନ୍, 24 ଏଲି
ମତ୍‌ତାତତି ମାରିନ୍; ମତ୍‌ତାତ ଲେବିତି ମାରିନ୍, ଲେବି ମଲ୍‌କିତି
ମାରିନ୍, ମଲ୍‌କି ଜନୟତି ମାରିନ୍, ଜନୟ ଜୋସେପ୍‌ତି ମାରିନ୍,
25 ଜୋସେପ ମତିତ୍ୟାତି ମାରିନ୍, ମତିତ୍ୟା ଆମୋସତି ମାରିନ୍,
ଆମୋସ ନାହୁମତି ମାରିନ୍, ନାହୁମ ହେଲ୍‌ସିତି ମାରିନ୍, ହେଲ୍‌ସି
ନଗୟତି ମାରିନ୍, 26 ନାଗାୟି ମହତତି ମାରିନ୍, ମହତ ମତିତ୍ୟାତି
ମାରିନ୍, ମତିତ୍ୟା ସିମିୟତି ମାରିନ୍, ସିମୟି ଜୋସେକତି ମାରିନ୍,
ଜୋସେକ ଜୋଦାତି ମାରିନ୍, 27 ଜୋଦା ଜୋହନତି ମାରିନ୍,
ଜୋହନ ରେସାଦି ମାରିନ୍, ରେସା ଜିରୁବ୍‌ବାବେଲତି ମାରିନ୍,
ଜିରୁବ୍‌ବାବେଲ ସଲ୍‌ଟିୟେଲତି ମାରିନ୍, ସଲ୍‌ଟିୟେଲ ନେରିଦି
ମାରିନ୍, 28 ନେରି ମଲ୍‌କିଦି ମାରିନ୍, ମଲ୍‌କି ଅଦିଦି ମାରିନ୍,
ଅଦି କୋସାମତି ମାରିନ୍, କୋସାମ ଏଲମ୍‌ଦାନତି ମାରିନ୍,
ଏଲମ୍‌ଦାନ ଏରଦି ମାରିନ୍, 29 ଏର୍ ଜିହୋସୁୟଦି ମାରିନ୍,
ଜିହୋସୁୟ ଏଲିୟେଜରତି ମାରିନ୍, ଏଲିୟେଜର ଜୋରିମତି
ମାରିନ୍, ଜୋରିମ ମତ୍‌ତାତଦି ମାରିନ୍, ମତ୍‌ତାତ ଲେବିତି ମାରିନ୍,
30 ଲେବି ସିମିୟୋନତି ମାରିନ୍, ସିମିୟୋନ ଜିହୁଦାଦି ମାରିନ୍,
ଜିହୁଦା ଜୋସେପ୍‌ତି ମାରିନ୍, ଜୋସେପ୍ ଜୋନାମତି ମାରିନ୍,
ଜୋନାମ ଏଲିୟାକିମତି ମାରିନ୍, 31 ଏଲିୟାକିମ ମଲାହତି
ମାରିନ୍, ମଲାହ ମନାଦି ମାରିନ୍, ମନା ମତତାତି ମାରିନ୍,
ମତତା ନାତନତି ମାରିନ୍, ନାତନ୍ ଦାଉଦଦି ମାରିନ୍, 32 ଦାଉଦ
ଜେସିଦି ମାରିନ୍, ଜସିୟ ଅବେଦତି ମାରିନ୍, ଅବେଦ ବୟଜତି
ମାରିନ୍, ବୟଜ ସେଲହଦି ମାରିନ୍, ସେଲହ ନହସନଦି ମାରିନ୍,
33 ନହସନ ଅମିନାଦବତି ମାରିନ୍, ଅମିନାଦବ ଅଦମିନଦି
ମାରିନ୍, ଅଦମିନ ଅର୍ଣ୍ଣିଦି ମାରିନ୍, ଅର୍ଣ୍ଣି ହେସ୍ରଣତି ମାରିନ୍,
ହେସ୍ରଣ ପେରସତି ମାରିନ୍, ପେରସ ଜିହୁଦାତି ମାରିନ୍, 34
ଜିହୁଦା ଜାକୁବଦି ମାରିନ୍, ଜାକୁବ ଇସ୍‌ହାକ୍‌ତି ମାରିନ୍, ଇସ୍‌ହାକ୍
ଅବ୍ରାହାମତି ମାରିନ୍, ଅବ୍ରାହାମ ତେରହଦି ମାରିନ୍, ତେରହ
ନାହରଦି ମାରିନ୍, 35 ନାହର ସରୁଗଦି ମାରିନ୍, ସରୁଗ ରଗୁଦି
ମାରିନ୍, ରଗୁ ପେଲଗତି ମାରିନ୍, ପେଲଗ ଏବରତି ମାରିନ୍,
ଏବର ସେଲହତି ମାରିନ୍, 36 ସେଲହ କେନାନତି ମାରିନ୍,
କିନାନ୍ ଅରପକେଦତି ମାରିନ୍, ଅରପକେଦ ସେମଦି ମାରିନ୍,
ସେମ ନହତି ମାରିନ୍, ନୋହ ଲେମକତି ମାରିନ୍, 37 ଲେମକ
ମିତୁସେଲହତି ମାରିନ୍, ମିତୁସେଲହ ହନୋକଦି ମାରିନ୍, ହନକ
ଜେରଦତି ମାରିନ୍, ଜେରଦ ମହଲଲେଲତି ମାରିନ୍, ମହଲଲେଲ
କେନାନତି ମାରିନ୍, 38 କିନାନ୍ ଏନସତି ମାରିନ୍, ଏନସ ସେତତି
ମାରିନ୍, ସେତ ଆଦମ୍‌ତି ମାରିନ୍, ଆଦମ୍ ମାପୁରୁଦି ମାରିନ୍ ।

4 ଜିସୁ ପବିତ୍ର ଆତ୍ମାଦୁ ପୁରା ମାନ୍‌ଜି ଜର୍ଦନ୍ ଗାଡ଼୍‌ତାନ୍ ଡ଼େସି
ୱାତାନ୍ ମାରି ପବିତ୍ର ଆତ୍ମା ୱେର୍‌ତି ଇସାବ୍‌ତାନ୍ ସିମ୍ରା ବାଡିଦୁ
ସର୍‌ଆନ୍ ମାରି ସାଲିସ୍ ଦିନ୍ ସାନ୍ଦି ସୟତାନ୍ ୱାନିଙ୍ଗ ପରିକା
କିଜିମାର୍‌ଆତ୍ । 2 ଆବେନ୍ ୱାନ୍ ସୟତାନ୍ ମାଣାନ୍ ସାଲିସ୍
ଦିନ୍ ସାନ୍ଦି ପରିକା କିଆୟ୍ ଆତାନ୍ । ଆୟାୱିଜୁ ଦିନ୍‌ତୁ ୱାନ୍
ଇନିକା ବା ଉଣୁଏଣ୍‌ଗା ତିନ୍‌ଏଣ୍‌ଗା ମାର୍‌ଆନ୍, ମାରି ଆୟାୱିଜୁ
ନାଣ୍ଡିଙ୍ଗ ୱିଜିତି ୱେନ୍‌କା, ଜିସୁ ନାଣ୍ତ ବାଙ୍ଗ୍ ସାତାନ୍ । 3 ଆବେଟ୍
ସୟତାନ୍ ଜିସୁଙ୍ଗ୍ ଇର୍ହାତ୍, "ନିନ୍ ଜଦି ମାପୁରୁଦି ମାରିନ୍, ତୋ
ଇୟା କାଲୁଦିଙ୍ଗ ରୁଟି ଆଦେଙ୍ଗ ଆଦେସ୍ ସିଆ ।" 4 ଜିସୁ
ତାନିଙ୍ଗ ଇର୍‌ଆନ୍, "ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, ଲୋକୁ ଆବ୍‌କା
ରୁଟିଦାନ୍ ଜିଏନ୍ ।" 5 ମାରି, ସୟତାନ୍ ୱାନିଙ୍ଗ ଉନ୍‌ଣ୍ଡି ନିର୍‌ଇ
ଗରନ୍‌ତି ଟିପୁଦୁ ଅତାଦୋ ସାଣେକ୍‌ତିଙ୍ଗ ସାରାଦୁନିଆଦି ୱିଜୁ
ରାଜିଙ୍ଗ ୱାନିଙ୍ଗ ତର୍‌ତାତ୍ । 6 ମାରି, ସୟତାନ୍ ୱାନିଙ୍ଗ ଇର୍ହାତ୍,
"ନାନ୍ ନିଙ୍ଗ୍ ଆୟାୱିଜୁଦି ଅଦିକାର୍ ସିନା ମାରି ଦନ୍ ସିନା, ଇରିଙ୍ଗ
ଇୟାୱିଜୁ ନାଙ୍ଗ୍ ଆକା ସର୍ପେଆତା ମାନାତ୍, ମାରି ନାନ୍ ଏଙ୍ଗ
ବଦା କିନା, ୱାନିଙ୍ଗ ଆକା ସିନା । 7 ମାରି, ନିନ୍ ମେଣ୍ତେଙ୍ଗ
ଗଟ୍‌କିଜି ନାଙ୍ଗ୍ ମାଡ଼ିସ୍‌କିନି, ଆଦେଙ୍ଗ ଇୟାୱିଜୁ ନିଦି ଆନାତ୍ ।"
8 ଜିସୁ ଇର୍ହାନ୍, "ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, କେବଲ୍ ନି ପ୍ରବୁ
ମାପୁରୁଙ୍ଗ୍ ମାଡ଼ିସ୍ କିଆ ମାରି ୱାନି ସେବା କିଆ ।" 9 ମାରି,
ୱାନ୍ ୱାନିଙ୍ଗ ଜିରୁସାଲମତୁ ଅତାଦୋ ମନ୍ଦିରତି ସାଡ୍ ମୁସ୍‌କୁରି
ଟିପୁଦୁ ନିଲ୍‌ପିସ୍‌କିଜି ୱାନିଙ୍ଗ ୱେର୍‌ତାତ୍, "ନିନ୍ ଜଦି ମାପୁରୁଦି
ମାରିନ୍, ଆତିଙ୍ଗ ଇବେଣ୍‌କୁ ଆଡ଼୍‌ଗି ଗାଡ୍‌ଆ । 10 ଇରିଙ୍ଗ
ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, ନିଙ୍ଗ୍ ଜିପିସ୍ କିଦେଙ୍ଗ ମାପୁରୁ
ନି ସାକା ଅତେଙ୍ଗ ମୁସ୍‌କୁପୁର୍‌ତି ଦୁତ୍‌କାଙ୍ଗ ଆଦେସ୍ ସିନାନ୍ ।
11 ମାରିବା ରାସାତା ମାନାତ୍, ଏସ୍ତିୱାଲେ ନି ପାଦାମ୍ କାଲୁଦୁ
ଆଟ୍‌ନାତ୍, ଇୟାଉଣ୍ଡିଙ୍ଗ ୱାକ୍ ନିଙ୍ଗ୍ କିକାଣ୍‌କୁ ପେର୍‌ଜିଆସ୍‌ନେ ।"
12 ମାରି, ଜିସୁ ତାନିଙ୍ଗ ଇର୍‌ଆନ୍, "ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍,

ନିନ୍ ପ୍ରବୁ ନିଜେଦି ମାପୁରୁଙ୍ଗ ପରିକା କିମା ।” 13 ଜିସୁଙ୍ଗୁଁ
ସୟତାନ୍ ୱିଜୁଜାତିଦି ପରିକା ୱିସ୍ତି ୱେନ୍‌କା ଏସ ବେଡ଼ା ସାନ୍ଧି
ୱାନିଙ୍ଗ ଡ଼ିସ୍ତା ସର୍ହାତ୍ । 14 ତାନେ ୱେନ୍‌କା ଜିସୁ ପବିତ୍ର ଆତ୍ମାଦି
ସାକ୍ତିଦାନ୍ ଗାଲିଲିଦୁ ଡ଼େସିସର୍ହାନ୍, ମାରି ଗାଲିଲି ସାରିବେଡ଼ିତିଦି
ୱିଜୁ ରାଜିଦୁ ୱାନି ବିସୟ୍‌ତାନ୍ କାବୁର୍ ୱେଙ୍ଗିଁତାନ୍ । 15 ମାରି,
ଜିସୁ ୱାରି ପାର୍‌ତନାକିନି ଇଲ୍‌କାଙ୍ଗ ସିକିୟା ସିଜି ୱିଜେରି
ମାଣାନ୍ ଦନ୍ୟବାଦ୍ ପଇଦେଙ୍ଗ ଆସ୍‌ତାନ୍ । 16 ଜିସୁ ଏମେ
ନାଜରିତ ଗାଡ଼୍‌ତୁ ପିରିତା ମାର୍ହାନ୍, ଆୟା ବାଡ଼ିଦୁ ଆୟା ଦାପ୍ରେ
ସର୍‌ଆନ୍ ମାରି ନିଜେଦି ରିତିଦାନ୍ ରମ୍‌ନିନାଣ୍ତିଙ୍ଗ ପାର୍‌ତନା
କିନି ଇଲୁଦୁ ଡୁଗିତାନ୍, ମାରି ସାସ୍ତ ପଡ଼ାଦେଙ୍ଗ ନିର୍‌ଆନ୍ । 17
ନାସ୍ତିୱାଲେ ଜିସାଇୟ ବାବବାଦିରି ବଇ ୱାନିଙ୍ଗ ସିତାର୍, ମାରି
ୱାନ୍ ଆକା କୁତ୍‌ତାନ୍, ଏମେ ଜାଗାଦୁ ଇୟା ବାକ୍ୟ ରାସ୍‌ତା
ମାର୍‌ଆତ୍, ଆକା ପଇତାନ୍, 18 ପ୍ରବୁଦି ଆତ୍ମା ନା ମାନୁ ମାନାତ୍,
“ଇରିଙ୍ଗ କାକୁର୍ତି ଲୋକା ଲାକ୍‌ତୁ ନେଗିକାବୁର୍ ୱେର୍‌ନି ଉଣ୍ତିଙ୍ଗ
ମାପୁରୁ ନାଙ୍ଗୁଁ ଆସ୍‌କିତାମାନାନ୍, ଜଇଲ୍‌ତୁ ମାନିକାର୍ ମୁକ୍‌ଡ଼ାନାର୍
ମାରି କାଣାରି ଲାକ୍‌ତୁ ସୁଡୁନି ବିସୟତିଙ୍ଗ ୱେର୍‌ତେଙ୍ଗ, ମାରି
ଦୁଃକୁକାସ୍କୁ ପଇତି ଲୋକାଙ୍ଗ ମୁକ୍‌ଡା କିଦେଙ୍ଗ, 19 ମାରି ପ୍ରବୁ
ୱାନି ଲୋକାଙ୍ଗ ରକିୟା କିନି ସମୟ ଜେ ଇଗା ୱାତାମାନାତ୍
ଇକା ୱେର୍‌ତେଙ୍ଗ ୱାନ୍ ନାଙ୍ଗୁଁ ପୋକ୍‌ତାମାନାନ୍ ।” 20 ୱେନ୍‌କା
ୱାନ୍ ବଇ ବନ୍ଦ କିଜ ସେବାକିନିୱାନିଙ୍ଗ ଡେପ୍‌ସିସିତାନ୍ ନୋ
ବାସ୍‌ତାନ୍, ମାରି ପାର୍‌ତନା କିନି ଇଲୁଦି ୱିଜେରେ ୱାନିଙ୍ଗ ସୁଡ଼୍‌ଜି
ମାର୍‌ଆର୍ । 21 ମାରି, ଜିସୁ ୱାରିଙ୍ଗ ୱେର୍‌ତାନ୍, “ନାନ୍ ବଇଦି
ଏମେ ବିସୟ୍ ଇଲେଇ ପଡ଼ାତା, ଆମାକା ମିର୍ ୱେରିଦେର୍
ଦାର୍ମୁସାସ୍ତଦି ଇୟା ବାକ୍ୟ ଇଲେଇ ନେକ୍‌କା ଆତାତ୍ ।” 22
ମାରି, ୱିଜେରେ ୱାନି ବିସୟ୍‌ତାନ୍ ସାକି ସିଦେଙ୍ଗ ଆସ୍‌ତାର୍ ମାରି
ୱାନି ୱେୟୁଦାନ୍ ଏମେ ନେଗି ମାଟା ସୋସି ମାର୍‌ଆତ୍ ଆବେନୁ
ୱିଜେରେ କାବାତା ସର୍ହାର୍, ମାରି, ୱାର୍ ଇଣ୍ତେଙ୍ଗ ଆସ୍‌ତାର୍,
“ଇକାନ୍ ଇନିକା ଜୋସେପ୍‌ତି ମାରିନ୍ ଆଏନ୍?” 23 ଆବେଟ୍
ୱାନ୍ ୱାରିଙ୍ଗ ୱେର୍‌ତାନ୍, “ମିର୍ ସତେନେ ନାଙ୍ଗୁଁ ଇୟା ପାଡ଼ିଇ
ବିସୟତି ବାକ୍ୟ ଇନିଦେର୍, ଏ ଡାକ୍‌ଟର୍, ଆଗିଡ଼ି ନିଜେଦିଙ୍ଗ
ନେଗେନ୍ କିଆୟ୍‌ଆଆ, ମାରି ବା ଇନିଦେର୍ କପର୍‌ନାହୁମ୍‌ତୁ
ଏମେ ଏମେକା ଗଟାତାମାନାତ୍ ଇଜି ମାପ୍ ୱେର୍‌ଆମାନାପ୍,
ଆୟାୱିଜୁ ଇୟା ବାଡିଦୁ ନିଜେଦି ବୁବାୟାୟାଦି ଗାଡ଼୍‌ତୁ ବା କିଆ
।” 24 ମାରି ଜିସୁ ୱାରିଙ୍ଗ ଇର୍ହାନ୍, “ନାନ୍ ମିଙ୍ଗୁଁ ସତ୍ ଇଜିନା,
ଆମା ବାବବାଦିଦିଙ୍ଗ ନିଜେଦି ବୁବାୟାୟାଦି ଗାଡ଼୍‌ତୁ ମାନାଏର୍
।” 25 ମାତର୍ ନାନ୍ ମିଙ୍ଗୁଁ ସତ୍ ଇଜିନା, “ଏଲିୟଦି ସମୟଦୁ
ଇସ୍ରାଏଲତୁ ଏସ୍ତିୱାଲେ ମୁଣ୍ତି ବାର୍ସେକ୍ ସୋଗୋଟା ଲେଜ୍‌କୁ ସାନ୍ଧି
ବାଦଡ଼୍‌ତାନ୍ ପିରୁ ଆଏତାତ୍‌ଆକା ୱିଜୁ ଦେସ୍‌ତୁ କାଦି ଉଣ୍ତେଙ୍ଗ
ପୁଟ୍‌ଏତାତ୍, ନାସ୍ତିୱାଲେ ଇସ୍ରାଏଲତୁ ନାଣ୍ତ ରାଣ୍ତି ଆଇମେକ୍
ମାର୍‌ଏ; 26 ମାତର୍ ମାପୁରୁ ଏଲିୟଙ୍ଗ ଆୟାୱାନିକା ଲାକ୍‌ତୁ
ପୋକ୍‌ଏଣ୍‌ଗା କେବଲ୍ ସିଦନ୍ ଦେସ୍‌ତି ସାରିପତ୍‌ତୁମାନି ଅରେତ୍
ରାଣ୍ତି ଆଇମାଦି ଲାକ୍‌ତୁ ପୋକ୍‌ତାନ୍ । 27 ମାରି, ବାବବାଦି
ଇଲିସାୟତି ସମୟତୁ ଇସ୍ରାଏଲତୁ ନାଣ୍ତ କୁସ୍ଟରୋଗ୍ ଲୋକୁ; ମାରି
ୱାରି ମାଣ୍‌କୁ ଏନ୍ ନେଗେନ୍ ଆଏର୍, କେବଲ୍ ସୁରିଆ ଦେସ୍‌ତି
ନାମାନ ନେଗେନ୍ ଆତା ମାର୍‌ଆନ୍ ।” 28 ପାର୍‌ତନା ଇଲୁଦୁ
ଇୟାୱିଜୁ ମାଟା ୱେନ୍‌ବୁ ୱେନ୍‌ବୁ ୱିଜେରେ ଲୋକୁ ରିସାଆତାର୍,
29 ମାରି ୱାର୍ ନିଙ୍ଗୁଁଜି ୱାନିଙ୍ଗ ଆୟା ଗାଡ଼୍‌ତାନ୍ ସୋପ୍‌ତାର୍ ମାରି
ୱାରି ଗାଡ଼୍ ଏମେ ଗୋରନ୍ ମୁସ୍‌କୁ ତିଆର୍ ଆତାମାର୍‌ଆତ୍, ୱାର୍
ଗର୍‌ନତି ଟିପୁଦାନ୍ ଆଡ଼୍‌ଗି ପେଲେକିଦେଙ୍ଗ ୱାନିଙ୍ଗ ଆବେନୁ
ଅତାର୍; 30 ମାତର୍ ୱାନ୍ ୱାରି ନାଣ୍‌ମିରାନ୍ ସତା ସୋର୍‌ଆନ୍
। 31 ଜିସୁ କପର୍‌ନାହୁମ୍ ଇନି ଗାଲିଲିଦି ଉଣ୍ତି ଗାଡ଼୍‌ତୁ ୱାତାନ୍,
ମାରି ରମ୍‌ନିନାଣ୍ତିଙ୍ଗ ଲୋକାଙ୍ଗ ସିକିୟା ସିଦେଙ୍ଗ ଆସ୍‌ତାନ୍,
32 ମାରି ୱାର୍ ୱାନି ସିକିୟାଦୁ କାବାଆତାର୍, ଇରିଙ୍ଗ ୱାନ୍
ବାକ୍ୟ ଅଦିକାର୍‌ତି ୱାଲେ ମାଟା ଇଜିମାର୍‌ଆନ୍ । 33 ଅରେ୍‌ଲନ୍
ପାର୍‌ତନା ଇଲୁଦୁ ଅରେନ୍ ଦୁବାଆସ୍‌ତିମାର୍‌ଇ ଲୋକୁ ମାର୍‌ଆନ୍,
ୱାନ୍ ପେରି ୱେୟୁଦାନ୍ ଆଉଲିଆତାନ୍, 34 ଏ, ନାଜରିତିୟଦି
ଜିସୁ, “ମା ୱାଲେ ନି ଇନିକା ମାନ୍‌ତା? ନିନୁ ନୋ ମାଙ୍ଗୁଁ ସାପିସ୍
କିଦେଙ୍ଗ ୱାତିମାନି? ନିନୁ ଏନ୍, ଆକା ନାନ୍ ନେସ୍‌ନା; ନିନୁ
ମାପୁରୁଦି ଆୟା ପବିତ୍ର ଲୋକୁ ।” 35 ଜିସୁ ତାନିଙ୍ଗ ଆଦ୍‌ରିସ୍
କିଜି ଇର୍ହାନ୍, “ଆଲ୍‌ଜ ମାନ୍‌ଆ, ୱେନିମାଣ୍‌କୁ ସହସି ସାଙ୍ଗଆ ।”
ଆବେଟ୍ ଆୟା ଦୁବା ୱାନିଙ୍ଗ ୱିଜେରି ଆଗିଡ଼ି ଆରାପ୍‌ତାଦୋ
ୱାନିଙ୍ଗ ଇନିକା କିଏଣ୍‌ଗା ୱାନିମାଣ୍‌କୁ ସତା ସର୍‌ଆତ୍ । 36
ଆବେଟ୍‌କୁ ୱିଜେରେ କାବାତାରୋ ନିଜେ ନିଜେଦିମାନୁ ଇନିଞ୍ଜି
ସାତାର୍, “ଇକା ଇନି ମାଟା? ୱାନ୍ ଅଦିକାର୍ ମାରି ସାକ୍ତିଦାନ୍
ଆଦେସ୍ ସିନାନ୍ ତାଗ୍‌ଇ ଦୁବେଙ୍ଗ ମାରି ୱାକ୍ ସଅନେ ସନେ
।” 37 ଆବେଟ୍ ଜିସୁ ବିସୟ୍‌ତାନ୍ ଇୟା କାବୁର୍ ୱିଜୁତରିଟି
ରାଜିଦୁ ୱେଙ୍ଗିଁତାତ୍ । 38 ୱେନ୍‌କା ଜିସୁ ପାର୍‌ତନା ଇଲୁଦାନ୍
ନିଙ୍ଗୁଁଜି ସିମୋନ୍‌କା ଇଣ୍ତ ସୋର୍‌ଆନ୍ । ସିମୋନକା ମିମିସିଙ୍ଗ
ନାଣ୍ତ ନବ୍ ଆତାମାରାତ୍, ମାରି ୱାର୍ ତାନି ବିସୟ୍‌ତାନ୍ ୱାନିଙ୍ଗ
ୱେର୍‌ତାର୍ । 39 ଆବେଟ୍ ୱାନ୍ ତାନି ଲାକ୍‌ତୁ ନିର୍‌ଆନ୍‌ନୋ
ନବ୍‌ତିଙ୍ଗ ଆଦ୍‌ରିସ୍‌ତାନ୍, ମାରି ତାନିଙ୍ଗ ନବ୍ ଡ଼ିସ୍‌ତାତ୍, ମାରି ୱାଦ୍
ଆୟାଦାର୍ପେ ନିଙ୍ଗୁଁଜି ୱାରି ସେବା କିଦେଙ୍ଗ ଆସ୍‌ତାନ୍ । 40 ୱେଡ଼ା
ସନିୱାଲେ, ଏମେୱାରି ଲାକ୍‌ତୁ ଆଇ ଆଇ ରୋଗ୍ ଆସ୍‌ତିମାର୍‌ଇ
ଲୋକୁ ମାର୍‌ଆର୍, ଆୟାୱିଜେରେ ୱାରିଙ୍ଗ ୱାନି ଲାକ୍‌ତୁ ତାତାର୍
ମାରି ୱାନ୍ ୱିଜେରି ମୁସ୍‌କୁ କିୟୁ ଇଡ଼୍‌ଜି ୱାରିଙ୍ଗ ନେଗେଣ୍ତ କିତାନ୍
। 41 ମାରି, ଦୁବେଙ୍ଗ ବା ଆଉଲି ଆଜି ଆଜି ନିନୁ ମାପୁରୁଦି
ମାରିସି ଇଜି ଇନ୍‌ଞ୍ଜି ନାଣ୍ତ ଲୋକା ମାଣ୍‌କୁ ସୋତେ ସର୍‌ଏ । ମାରି,
ଜିସୁ ୱାରିଙ୍ଗ ଆଦ୍‌ରିସ୍ କିଜି ୱାର୍‌ଗିଦେଙ୍ଗ ସିଏତାନ୍, “ଇରିଙ୍ଗ
ୱାନ୍ ଜେ କ୍ରିସ୍ତ, ଇକା ୱାକ୍ ନେସ୍‌ତେ ମାରେ୍‌ହ ।” 42 ସାଲ୍‌ଦି
ଆତାତ୍‌ଆକା, ଜିସୁ ଗାଡ଼୍‌ତାନ୍ ସୋଅସି ଉଣ୍ତି ସୁନ୍‌ସାନ୍ ବାଡିଦୁ
ସୋର୍‌ଆନ୍; ମାରି, ଲୋକୁ ୱିଜେରେ ୱାନିଙ୍ଗ ପୟ୍‌ଜି ପୟ୍‌ଜି
ୱାନି ଲାକ୍‌ତୁ ୱାତାର୍, ମାରି ୱାନ୍ ଏଣ୍ତେସ୍ ୱାରି ଲାକ୍‌ତୁରାନ୍

ସୋଲ୍ଏନ୍, ଆୟାଉଣ୍ତିଙ୍ଗ ୱାନିଙ୍ଗ ତେବାକିଦେଙ୍ଗ ବଦାକିତାର୍
। 43 ମାତର୍ ୱାନ୍ ୱାରିଙ୍ଗ ଇର୍ଆନ୍, "ଆଇ ଆଇ ଗାଡ଼୍କାଙ୍ଗ
ବା ନାଙ୍ଗଁ ମାପୁରୁଦି ରାଜିଦି ନେଗିକାବୁର୍ ୱେର୍ତେଙ୍ଗ ଆନାତ୍,
ଇରିଙ୍ଗ ଆୟାଉଣ୍ତିଙ୍ଗ ମାପୁରୁ ନାଙ୍ଗଁ ପୋକ୍ତା ମାନାନ୍ ।" 44
ମାରି, ୱାନ୍ ଜିହୁଦା ଦେସ୍ତି ପାର୍ତନାକିନି ଇଲ୍କାଙ୍ଗ ପ୍ରଚାର୍
କିଦେଙ୍ଗ ଆସ୍ତାନ୍ ।

5 ଅର୍ରେଲନ୍ ଜିସୁ ଗିନେସରତ ଗାଡା ପାଡ଼ି ନିର୍ଆ ମାର୍ହାନ୍,
ମାରି ଲୋକୁ ମାପୁରୁଦି ବାକ୍ୟ ୱେନେ୍ଣ୍ତିଙ୍ଗ ୱାନି ମୁସ୍କୁ
ମାଟ୍ସିସାଜି ମାର୍ଆର୍ । 2 ମାରି, ଜିସୁ ଗାଡାପାଡ଼ି ରୁଣ୍ତି
ଡଙ୍ଗେଆଙ୍ଗ ମାନିକା ସୁଡୁତାନ୍; ମିନୁକୁଆସ୍ନିକାର୍ ଆବେଟ୍କୁ
ରେସିୱାଜି ଜାଡ଼ି ନର୍ଜି ମାର୍ହାର୍ । 3 ଆୟା ଡଙ୍ଗେଆଙ୍ଗ
ମାଣ୍କୁ ଏମେମାନୁ ସିମୋନ୍ତିଦି ମାର୍ହାତ୍, ଆବେନୁ ଜିସୁ ଏକ୍ସି
ଆଡ଼୍ଗିରାନ୍ କାଣ୍ତେକ୍ ଆକ ସନି ଉଣ୍ତିଙ୍ଗ ୱାନିଙ୍ଗ ୱେର୍ତାନ୍; ମାରି,
ୱାନ୍ ଡଙ୍ଗଁାଦୁ ବାସ୍ସି ଲୋକାଙ୍ଗ ସିକିୟା ସିଦେଙ୍ଗ ଆସ୍ତାନ୍ । 4
ଜିସୁ ମାଟା ଇଣ୍ତେଙ୍ଗ ୱିସ୍ସି ସିମୋନ୍ତିଙ୍ଗ ଇର୍ହାନ୍, "ନିର୍ଇଗୁମିଦୁ
ସୋଲ୍ସ ମିନ୍କୁ ଆସ୍ନି ଉଣ୍ତିଙ୍ଗ ମି ଜାଡ଼ି ପୋକ୍ତୁ ।" 5
ସିମୋନ୍ ଇର୍ଆନ୍, "ଏ ଗୁରୁ, ମାପ୍ ନାଡାୱିଗ୍ଜି ୱାନ୍ଜି ଏସୋବା
ଆସ୍ଏତାପ୍; ମାତର୍ ନି ମାଟାଦାନ୍ ନାନ୍ ଜାଡ଼ି ପୋକ୍ନା ।" 6
ମାରି, ୱାର୍ ଜାଡ଼ି ପୋକ୍ସି ନାଣ୍ତ ମିନ୍କୁ ଆସ୍ତାର୍, ମାରି ୱାରି
ଜାଡ଼ି ତେଉଦେଙ୍ଗ ଆସ୍ତାତ୍ । 7 ଆବେନୁ ୱାରି ଏମେ ସାଙ୍ଗର୍
ଆଇ ଡଙ୍ଗଁାଦୁ ମାର୍ଆର୍, ୱାର୍ ଏଣ୍ତେସ୍ ୱାଜି ସାହାଜ୍ୟ କିନାର୍,
ଆୟା ଉଣ୍ତିଙ୍ଗ ୱାର୍ ୱାରିଙ୍ଗ କୁକ୍ତାର୍ । ଆବେଟ୍ ୱାର୍ ୱାଜି
ରୁଣ୍ତି ଡଙ୍ଗେଆଙ୍ଗଁ ଇୟାୱାଜା ମିନ୍କୁ ଆସ୍ସି ବର୍ଟି କିତାର୍ ଜେ,
ରୁଣ୍ତି ଡଙ୍ଗେଆଙ୍ଗ ମୁଡୁଗିତି ୱାଜା ଆତେ । 8 ମାତର୍ ସିମୋନ
ପିତର୍ ଇକା ସୁଡୁଜି ଜିସୁଦି କାଲ୍କା ଆଡ଼୍ଗି ପାଡ଼୍ଗିଜି ଇର୍ହାର୍,
"ଏ ପ୍ରବୁ, ନା ଲାକ୍ତୁରାନ୍ ନିନ୍ ସାଙ୍ଗଆ, ଇରିଙ୍ଗ ନାନ୍ ଅରେନ୍
ପାପି ଲୋକୁ ।" 9 ଇରିଙ୍ଗ ୱାର୍ ଆୟା ଦାପ୍ରେ ନିସା ମିନ୍କୁ
ଆସ୍ତାମାର୍ହାର୍ ଜେ, ଆକା ସୁଡୁଜି ୱାନ୍ ମାରି ୱାରି ତଡ଼୍କୁ
ୱିଜେରେ କାବାତା ସର୍ହାର୍; 10 ମାରି, ଜେବଦିରି ରିଏର୍ ମାର୍ସିର୍
ଜାକୁବ ମାରି ଜୋହନ, ଏର୍ ସିମୋନ୍ତି ୱାଲେ ମାର୍ହାର୍, ୱାନ୍
ବା ଆୟାୱାଜା କାବାତା ସୋର୍ଆର୍ । ମାରି, ଜିସୁ ସିମୋନତିଙ୍ଗ
ଇର୍ହାନ୍, "ତିଲାମା, ନେର୍ହାନ୍ ନିନ୍ ମିନ୍କୁ ଆସ୍ନି ବାଦ୍ଲୁ
ଲୋକାଙ୍ଗ ମାପୁରୁ ଲାକ୍ତୁ ତାନି ।" 11 ତାନେ ୱେନ୍କା ୱାର୍
ଡଙ୍ଗେଆଙ୍ଗ ପାଡ଼ିତାସି ୱିଜୁ ଡ଼ିସ୍ସି ଜିସୁୱାଲେ ୱାଲେ ସର୍ହାର୍
। 12 ଅର୍ସୁ ଜିସୁ ଉଣ୍ତି ଗାଡ଼୍ତୁ ମାନିୱାଲେ, ସୁଡୁଡୁ, ଅରେନ୍
କୁସ୍ଟରୋଗ୍ ଲୋକୁ ଆୟା ବାଡିଦୁ ମାର୍ହାନ୍, ୱାନ୍ ଜିସୁଙ୍ଗଁ ସୁଡୁଜି
ମୋକମ୍ ପାଡ଼୍କ୍ସି ଜିସୁଙ୍ଗଁ ମାଡ଼ିସ୍ କିଜି ଇର୍ହାନ୍, "ଏ ପ୍ରବୁ,
ନିନ୍ ଜଦି ବଦା କିନି, ଆତିଙ୍ଗ ନାଙ୍ଗଁ ନେଗେଣ୍ତ କିଦେଙ୍ଗ ଆଟ୍ନି
।" 13 ଆବେନୁ ଜିସୁ କିୟୁ ପେର୍ଜି ୱାନିଙ୍ଗ ମୁଟ୍ସି ଇର୍ହାନ୍,
"ନାନ୍ ବଦା କିଜିନା, ନେଗେଣ୍ତ ଆଆ ।" ଆୟାଦାପ୍ରେ କୁସ୍ଟରୋଗ୍
ୱାନିମାଣ୍କୁ ଆକ ଆତାତ୍ । 14 ମାରି, ଜିସୁ ୱାନିଙ୍ଗ ଆଦେସ୍
ସିଜି ଇର୍ହାନ୍, "ଏଙ୍ଗବା ଇନିକା ଇନ୍ମା, ମାତର୍ ସିଦା ସୋଲ୍ସ
ଜାଜକଦି ଲାକ୍ତୁ ସାଙ୍ଗଆ ମାରି ୱାନ୍ ନିଙ୍ଗଁ ପରିକା କିଜି ସୁଡ଼ିନ୍,
ତାନିୱେନ୍କା ନିନ୍ ନେଗେନ୍ ଆତିମାନି ଇଜି ଆଇୱାରି ଲାକ୍ତୁ
ସାକି ସିଦେଙ୍ଗ ଇଜି ମୋସାଦି ସିତିମାନି ନିୟମ୍ତାନ୍ ପୁଜା ସିଆ
।" 15 ମାତର୍ ୱାନି ବିସୟତି ମାଟା ମାରି ନାଣ୍ତ ୱେଙ୍ଗିତାତ୍, ମାରି
ନାଣ୍ତ ଲୋକୁ ୱେନି ଉଣ୍ତିଙ୍ଗ ମାରି ନିଜେ ନିଜେଦି ରୋଗ୍ତାନ୍
ନେଗେନ୍ ଆନି ଉଣ୍ତିଙ୍ଗ ଉଣ୍ତେମାନୁ ଆଦେଙ୍ଗ ଆସ୍ତାର୍; 16
ମାତର୍ ଜିସୁ ସୁନ୍ସାନ୍ ବାଡିଦୁ ମାନ୍ଞ୍ଜି ପାର୍ତନା କିଜିମାର୍ହାନ୍ ।
17 ଅର୍ରେଲନ୍ ଜିସୁ ସିକିୟା ସିଜି ମାର୍ହାନ୍, ମାରି ଗାଲିଲିଦି ୱିଜୁ
ନାର୍କୁ, ମାରି ଜିହୁଦା ଦେସ୍ ମାରି ଜିରୁସାଲମତାନ୍ ୱାତି ମାର୍ହି
ପାରୁସି ମାରି ଜିହୁଦି ଦାର୍ମୁଗୁରୁରି ଲାକ୍ତୁ ବାସ୍ତା ମାର୍ହାର୍, ମାରି,
ୱାନ୍ ଏଣ୍ତେସ୍ ରୋଗିରିଙ୍ଗ ନେଗେନ୍ କିନାନ୍, ଇୟାଉଣ୍ତିଙ୍ଗ ପ୍ରବୁଦି
ସାକ୍ତି ୱାତା ମାନାତ୍ । 18 ମାରି ସୁଡୁଡୁ, ଏସ ଲୋକୁ ଅରେନ୍
ପକିୟାଗାତି ରୋଗ୍ ଲୋକ୍ତିଙ୍ଗ କାଟେଲ୍ତୁ ପିଣ୍ତିଜି ତାତାର୍
ୱାନିଙ୍ଗ ଲୋଇ ଅତେଙ୍ଗ ଇଜି ମାରି ଜିସୁ ଆଗ୍ଡ଼ି ଇଡ଼୍ଦେଙ୍ଗ
ଇଜି ବଦା କିଜିମାର୍ହାର୍ । 19 ମାତର୍ ନାଣ୍ତ ଲୋକୁ ଗୋଲି
ଉଣ୍ତିଙ୍ଗ ୱାନିଙ୍ଗ ଲୋଇ ଅତେଙ୍ଗ ଇଜି ସାରି ପଇଏତାର୍ଆକା ୱାର୍
ଇଲୁ ମୁସ୍କୁ ଏକ୍ତାର୍ରୋ ରେକାମ୍ତି ଟାଇଲି କୁଡ୍ତାର୍ରୋ
ବର୍ କିତାର୍ ଆୟା ବର୍ଦି ସାରିସିଜି କାଟେଲ୍ତି ୱାଲେ ୱାନିଙ୍ଗ
ନେଗିନାଣ୍ମି ବାଡିଦୁ ଜିସୁଦି ଆଗିଡ଼ି ରେପ୍ତାର୍ । 20 ୱାନ୍
ୱାରି ବିସ୍ୱାସ୍ ସୁଡୁଜି ଇର୍ହାନ୍, "ଏ ମାରିନ୍, ନି ପାପ୍ୱିଜୁ କେମା
ଆତାମାନାତ୍ ।" 21 ଆବେଟ୍ ସାସ୍ତ୍ରିର୍ ମାରି ପାରୁସିର୍ ନିଜେ
ନିଜେଦିମାନୁ ୱାର୍ଗିଜିସାଜି ଇର୍ହାର୍, "ଇକାନ୍ ଜେ ମାପୁରୁଙ୍ଗଁ
ନିଦା କିଜିନାନ୍, ଇକାନ୍ ଏନ୍? କେବଲ୍ ମାପୁରୁଙ୍ଗ ଡ଼ିସ୍ତିଙ୍ଗ ମାରି
ଏନ୍ ପାପ୍କେମା କିଦେଙ୍ଗ ଆଟ୍ନାନ୍?" 22 ମାତର୍ ଜିସୁ ୱାରି
ୱାର୍ଗିଜିସାନିକା ନେସ୍ସି ୱାରିଙ୍ଗ ଇର୍ଆନ୍, ମିର୍ ନିଜେ ନିଜେଦି
ମନ୍ତୁ ଇନିକା ୱାର୍ଗିଜି ସାଜିନିଦେର୍? 23 ଇନିକା ଉସାସ୍?
ନି ପାପ୍ୱିଜୁ କେମା ଆତାତ୍ ଇଜି ଇନିକା, ମାରି, ନିଙ୍ଗଁଆ,
ବୁଲାଆ ଇଜି ଇନିକା? 24 ମାତର୍ ସାରାଦୁନିଆଦୁ ପାପ୍କେମା
କିଦେଙ୍ଗ ମନୁସ୍ୟପୁତ୍ରଦିଙ୍ଗ ଜେ ଅଦିକାର୍ ମାନାତ୍, ଇକା ଏଣ୍ତେସ୍
ମିର୍ ନେସ୍ତେଙ୍ଗ ଆଟ୍ନିଦେର୍ ଇୟାଉଣ୍ତିଙ୍ଗ ଆୟା ପକିୟାଗାତି
ରୋଗିଙ୍ଗ ଇର୍ହାନ୍, "ନାନ୍ ନିଙ୍ଗଁ ଇଜିନା, ନିଙ୍ଗଁଆ, ନିଜେଦି ଟାଟି
ଆସ୍ସି ମି ଇଣ୍ତସାଙ୍ଗଆ ।" 25 ଆବେଟ୍ତାନ୍ ୱାନ୍ ଆୟାଦାପ୍ରେ
ୱାରି ଆଗିଡ଼ିରାନ୍, ନିଙ୍ଗଜି, ଏମେ କାଟେଲ୍ ମୁସ୍କୁ ୱାନ୍ ଡରିତା
ମାର୍ହାନ୍, ଆୟା କାଟେଲ୍ ଆସ୍ଇ ମାପୁରୁଙ୍ଗ ଦନ୍ୟବାଦ୍ ପ୍ରସଂସା
କିଜି କିଜି ନିଜେଦି ଇଣ୍ତ ସୋର୍ହାନ୍ । 26 ଆବେଟ୍ ୱିଜେରେ
କାବାତାରୋ ମାପୁରୁଙ୍ଗ ଦନ୍ୟବାଦ୍ ପ୍ରସଂସା କିଦେଙ୍ଗ ଆସ୍ତାର୍
ମାରି ନାଣ୍ତ ତିଲାତାରୋ ଇର୍ହାର୍, "ନେରୁ ମାପ୍ କାବାଆନି ଗଟ୍ଣା
ସୁଡୁତାପ୍!" 27 ତାନେୱେନ୍କା ଜିସୁ ସୋତା ସର୍ହାନ୍ନୋ ଲେବି
ଦର୍ତି ଅରେନ୍ ୱାନିଙ୍ଗ ସିସ୍ଟୁ ଲସ୍ନି ବାଡିଦୁ ବାସ୍ତି ମାରିକା
ସୁଡୁଜି ୱାନିଙ୍ଗ ଇର୍ହାନ୍, "ନା ୱେନ୍କା ରାଆ ।" 28 ଆବେଟ୍ ଲେବି

ୱିଜୁ ଡ଼ିସ୍‌ତାନ୍‌ନୋ ନିଙ୍ଗିଁଜି ୱାନି ୱେନ୍‌କା ସଣ୍ଟେଙ୍ଗ ଆସ୍‌ତାନ୍
। 29 ମାରି, ଲେବି ନିଜେଦି ଇନ୍‌ଡ୍ର ୱାନି ଉଣ୍ତିଙ୍ଗ ଉଣ୍ତି ପେରି
ବଜି କିତାନ୍, ମାରି ନାଣ୍ତଲୋକୁ ସିସ୍‌ଟୁ ଲସ୍‌ନିକାର୍ ମାରି ଆଇ
ଆଇ ଲୋକୁ ୱାରି ୱାଲେ ଉଣ୍ତେଙ୍ଗ ବାସ୍‌ତାର୍ । 30 ଆବେଟ୍
ପାରୁସିର୍ ମାରି ୱାରି ଦଲ୍‌ତି ସାସ୍ତ୍ରିର୍ ଜିସୁଦି ସିସୁରି ବିରଦ୍‌ତାନ୍
ବାସେ କିଜି ଇଣ୍ତେଙ୍ଗ ଆସ୍‌ତାର୍, "ମିର୍ ଏନ୍ଧା ସିସ୍‌ଟୁ ଲସ୍‌ନିକାର୍
ମାରି ପାପିଲୋକା ୱାଲେ ଉଣୁଞ୍ଜିତିଞ୍ଜିନିଦେର୍?" 31 ଜିସୁ ୱାରିଙ୍ଗ
ୱେର୍‌ତାନ୍, "ନେଗି ଲୋକାଙ୍ଗ ଡାକ୍‌ତର୍‌ମାନୁ ଦର୍‌କାର୍ ସିଲେ,
ମାତର୍ ରୋଗ୍‌ତି ଲୋକାଙ୍ଗ ଡାକ୍‌ତର୍‌ତି ମାନୁ ଦର୍‌କାର୍ ମାନାତ୍
। 32 ନାନ୍ ଦାର୍ମୁ ଲୋକାଙ୍ଗ କୁକ୍‌ନି ଉଣ୍ତିଙ୍ଗ ରେଏ, ମାତର୍
ମୋନ୍‌ତିଙ୍ଗ ଡ଼େପ୍‌ନି ଉଣ୍ତିଙ୍ଗ ପାପି ଲୋକାଙ୍ଗ କୁକ୍‌ତେଙ୍ଗ ଇଜି
ୱାତାମାନା ।" 33 ଏସୋଲୋକ୍ ଜିସୁଙ୍ଗୁଁ ୱେନ୍‌ବାତାର୍, "ଡୁବନ୍
ସିନି ଜୋହନତି ସିସୁର୍ ମାରି ଅର୍‌ସୁ ମାରି ଉପାସ୍ ମାରି ପାର୍‌ତନା
କିନାର୍, ପାରୁସିର୍ ସିସୁର୍ ବା ଆୟାୱାଜା କିନାର୍, ମାତର୍ ନି
ସିସୁର୍ ଉଣାର୍‌ତିନାର୍ ।" 34 ଆବେଟ୍ ଜିସୁ ୱାରିଙ୍ଗ ଇର୍‌ଆନ୍,
"କାନ୍ୟାମୁରୁଲିରି ୱାଲେ ମୁରୁଲି ମାନିୱାଲେ ମିର୍ ଇନିକା ୱାରିଙ୍ଗ
ଉପାସ୍ ତେବାକିଦେଙ୍ଗ ଆଟ୍‌ନିଦେର୍? ମୁଡୁକେ ସିଲେ । 35
ମାତର୍ ସମୟ ୱାନାତ୍, ମାରି, ଏସ୍ତିୱାଲେ ୱାରିମାଣାନ୍ ମୁରୁଲିଙ୍ଗ
ୱେର୍‌ଏ କିନାର୍, ନାସ୍ତିୱାଲେ ଆୟାୱାଲେ ୱାର୍ ଉପାସ୍ କିନାର୍ ।"
36 ମାରି, ୱାନ୍ ୱାରିଙ୍ଗ ଉଣ୍ତି କାତାବା ଇର୍‌ଆନ୍, "ଏନ୍ ପୁନି ୱାତିଦି
ଇସ୍ରି ଅଟିଦିଙ୍ଗ ଅସି ପାଡ଼ିଇ ୱାତିଦୁ ଗୁତ୍‌ଏନ୍; ଗୁତ୍‌ତିଙ୍ଗ ଆୟା
ପୁନି ୱାତିଦି ଅଟି ପାଡ଼ିଇ ୱାତିଦିଙ୍ଗ କିଜିସ୍‌କିନାତ୍, ମାରି ପୁନି
ୱାତିଦି ଅଟି ବା ପାଡ଼ିଇ ୱାତିଦି ୱାଲେ ମିସାଏତ୍ । 37 ମାରି, ଏନ୍
ପୁନି ଅଙ୍ଗୁର୍ ରସ୍‌ତିଙ୍ଗ ପାଡ଼ିଇ ସାଟିଦୁ ଇଡ୍‌ଏନ୍; ଜଦି ଇଟ୍‌ତିଙ୍ଗ
ପୁନି ଅଙ୍ଗୁର୍‌ରସ୍ ସାଟିଦିଙ୍ଗ ପାଡିସ୍ କିଜି ପଗ୍‌ନାସୋନାତ୍, ମାରି
ସାଟିବା ନାସ୍ଟ ଆନାତ୍ । 38 ମାତର୍ ପୁନି ଅଙ୍ଗୁର୍ ରସ୍‌ତିଙ୍ଗ ପୁନି
ସାଟିଦୁ ଇଡ୍‌ନିକା ମାନାତ୍ । 39 ମାରି, ଏନ୍ ପାଡ଼ିଇ ଅଙ୍ଗୁର୍
ରସ୍‌ତିଙ୍ଗ ଉଣାନ୍‌ନୋ ପୁନି ଅଙ୍ଗୁର୍ ରସ୍‌ତିଙ୍ଗ ଉଣ୍ତେଙ୍ଗ ବଦା କିଏନ୍,
ଇରିଙ୍ଗ ୱାନ୍ ଇନାନ୍, ପାଡ଼ିଇ ଅଙ୍ଗୁର୍ ରସ୍‌ନେ ନେଗିକା ।"

6 ଅର୍ରେଲନ୍ ରମ୍‌ନିଦିନ୍‌ତୁ ଜିସୁ ପାସି କିଡ଼ିଇ ସିଜି ସନି ୱାଲେ
ୱାନି ସିସୁର୍ ସେରେନ୍‌କୁ ତେଉଜି ତେଉଜି କିୟୁଦୁ ରାସ୍‌ଇ
ତିନ୍‌ଜି ମାର୍ହାର୍ । 2 ମାତର୍ ପାରୁସିର୍ ମାଣ୍‌କୁ ଏସ ଲୋକୁ ଇର୍ହାର୍,
"ରମ୍‌ନିଦିନ୍‌ତୁ ଏମେକା କିଦେଙ୍ଗ ନିୟମ୍ ସିଲେତ୍, ଆକା ମିର୍
ଏନ୍ଧା କିଜିନିଦେର୍?" 3 ଜିସୁ ୱାରିଙ୍ଗ ଇର୍ହାନ୍, "ଦାଉଦ ମାରି ୱାନି
ସାଙ୍ଗର୍ ବାଙ୍ଗୁଁ ଆଡିୱାଲେ ୱାନ୍ ଇନିକା କିତାମାର୍‌ଆନ୍, ଆକାବା
ଇନିକା ମିର୍ ପଡ଼ାଇଦେର୍ ନୋ? 4 ଦାଉଦ ଏଣ୍ତେସ୍ ମାପୁରୁଦି
ଇଲୁତୁ ଡୁଗିତାନ୍‌ନୋ, ଆମା ପୁଜାସିନି ରୁଟି ଜାଜକରିଙ୍ଗ ଡ଼ିସ୍‌ତିଙ୍ଗ
ମାରି ଏନ୍‌ବା ତିଣ୍ତେଙ୍ଗ ନିୟମ୍ ସିଲେତ୍, ଆକା ଅତାନ୍‌ନୋ ତିରାଆ
ମାର୍‌ଆନ୍, ମାରି ୱାନି ତଡ୍ ଲୋକାଙ୍ଗ ବା ସିତା ମାର୍‌ଆନ୍ ।" 5
ମାରି, ଜିସୁ ୱାରିଙ୍ଗ ଇର୍‌ଆନ୍, "ମନୁସ୍ୟପୁତ୍ର ରମ୍‌ନିଦିନ୍‌ତି ପ୍ରବୁ
ଆନାନ୍ ।" 6 ଜିସୁ ମାରି ଅର୍ରେଲନ୍ ରମ୍‌ନିନାଣ୍ତିଙ୍ଗ ପାର୍‌ତନା
ଇଲୁତୁ ଡୁଗିତାନ୍‌ନୋ ସିକିୟା ସିଜି ମାର୍‌ଆନ୍, ଆବେଟ୍ ଅରେନ୍
ଲୋକୁ ମାର୍‌ଆନ୍, ୱାନି ଉଣି କିୟୁ ୱାର୍‌ତା ମାର୍‌ଆତ୍ । 7 ମାରି,
ୱାନ୍ ଏଣ୍ତେସ୍ ରମ୍‌ନିନାଣ୍ତିଙ୍ଗ ନେଗେଣ୍ତ କିନାନ୍‌ନୋ ସିଲେ, ଇକା
ସୁଡୁଦେଙ୍ଗ ଇଜି ସାସ୍ତ୍ରି ମାରି ପାରୁସିର୍ ୱାନିଙ୍ଗ ସୁଡୁଜି ମାର୍‌ଆର୍,
ଏଣ୍ତେସ୍‌କି ୱାର୍ ୱାନି ବିରୁଦ୍‌ତାନ୍ ଦୋସ୍ କିଦେଙ୍ଗ ଆଟ୍‌ନାର୍ । 8
ମାତର୍ ୱାନ୍ ୱାରି ମନ୍‌ତୁ ଅଡ୍‌ବିନିକା ନେସ୍‌ତାନ୍‌ନୋ, ଏମେ
ଲୋକ୍‌ତି କିୟୁ ୱାର୍‌ତା ସୋର୍‌ଆ ମାର୍‌ଆତ୍, ୱାନିଙ୍ଗ ଇର୍‌ଆନ୍,
"ନିଙ୍ଗିଁଆ, ନାଣ୍‌ମି ନିଲ୍‌ଆ ।" ମାରି, ୱାନ୍ ନିଙ୍ଗିଜି ନିର୍‌ଆନ୍ ।
9 ଆବେଟ୍ ଜିସୁ ୱାରିଙ୍ଗ ଇର୍‌ଆନ୍, "ନାନ୍ ମିଙ୍ଗିଁ ୱେନ୍‌ବାଜିନା,
ରମ୍‌ନି ନାଣ୍ତିଙ୍ଗ ଇନିକା କିଦେଙ୍ଗ ନିୟମ୍ ସିଲେତ୍? ନେଗେନ୍
କିଦେଙ୍ଗ ନୋ ସେଏଣ୍ତ କିଦେଙ୍ଗ? ଜିବନ୍ ରକିୟା କିନିକା ନୋ
ସାପିସ୍‌ନିକା?" 10 ମାରି, ଜିସୁ ସାରିବେଡ଼୍‌ତି ୱିଜେରିଙ୍ଗ ସୁଡ୍‌ଜି
ୱାନିଙ୍ଗ ଇର୍‌ଆନ୍, "ନି କିୟୁ ପେର୍‌ଆ ।" ଆବେଟ୍ ୱାନ୍ ୱାନି କିୟୁ
ପେର୍‌ତାନ୍, ମାରି ୱାନି କିୟୁ ନେଗେନ୍ ଆତାତ୍ । 11 ମାତର୍ ୱାର୍
ନାଣ୍ତ ରିସା ଆତାର୍, ମାରି ଜିସୁଦି ବିରଦ୍‌ତାନ୍ ଇନିକା କିଦେଙ୍ଗ
ଆଟ୍‌ନାର୍, ଆୟା ବିସୟ୍‌ତାନ୍ ନିଜେ ନିଜେଦିମାନୁ ୱାର୍‌ଗିଜି
ସାତାର୍ । 12 ଆୟାୱାଲେ ଜିସୁ ଅର୍ରେଲନ୍ ପାର୍‌ତନା କିଦେଙ୍ଗ
ଇଜି ଗରନ୍‌ତୁ ସର୍‌ଆନ୍ । ଆବେ ମାପୁରୁଦିମାନୁ ପାର୍‌ତନା
କିବୁ କିବୁ ନାଡ଼ାୱିଗ୍‌ଜି ତେବାତାନ୍ । 13 ମାର୍‌ନାଣ୍ଡିଙ୍ଗ ସାଲ୍‌ଦି
ଆତାତ୍, ଜିସୁ ନିଜେଦି ସିସୁରିଙ୍ଗ ଲାକ୍‌ତୁ କୁକ୍‌ସି ୱାରି ମାଣାନ୍
ବାରଲୋକାଙ୍ଗ ଆସ୍‌କିତାନ୍, ୱାନ୍ ୱାରିଙ୍ଗ ପ୍ରେରିତ ଦର୍ ସିତାନ୍;
14 ୱାର୍ ଆତାର୍, ସିମୋନ, ଆମାୱାନିଙ୍ଗ ୱାନ୍ ପିତର୍ ଇଜି ଦର୍
ସିତାନ୍, ମାରି ୱାନି ତଡ଼ାନ୍ ଆନ୍ଦ୍ରିୟ, ଜାକୁବ ମାରି ଜୋହନ,
ପିଲିପ୍ ମାରି ବାର୍ତଲମି, 15 ମାତିଉ ମାରି ତୋମା, ଆଲପିତି
ମାରିସ୍ ଜାକୁବ ମାରି ସିମୋନ, ଆମାୱାନିଙ୍ଗ ୱେଡ଼ିକାକିନିକାନ୍
ଇଜି ଇନାର୍, 16 ଜାକୁବଦି ମାର୍‌ନି ଜିହୁଦା ମାରି ଇସ୍କାରିୟୋତିୟ
ଜିହୁଦା, ଏନ୍ ଜିସୁଙ୍ଗୁଁ ସାତୁରି କିୟୁଦୁ ସପ୍ରେକିତା ସିତାନ୍ । 17
ମାରି, ଜିସୁ ସିସୁରି ୱାଲେ ଗରନ୍‌ତାନ୍ ରେସି ୱାତାନ୍ । ମାରି
ସାର୍‌ଦିତି ବୁମିଦୁ ନିଜେଦି ନାଣ୍ତ ଲୋକୁ ସିସୁରି ୱାଲେ ନିର୍‌ଆନ୍ ।
ମାରି ୱିଜୁ ଜିହୁଦା ଦେସ୍, ଜିରୁସାଲାମ୍, ମାରି ସାମ୍‌ଦୁର୍‌ତିପାଡ଼ିଦି
ସୋର୍ ନି ସିଦନ୍ ଗାଡ଼୍‌ତି ନାଣ୍ତ ଲୋକୁ ୱାନି ଲାକ୍‌ତୁ ୱାତାର୍
। 18 ୱାର୍ ୱାନି ବାକ୍ୟ ୱେନ୍‌ଡ୍ରେଙ୍ଗ ମାରି ନିଜେ ନିଜେଦି
ରୋଗ୍‌ତାନ୍ ନେଗେନ୍ ଆଦେଙ୍ଗ ୱାତା ମାର୍‌ଆର୍, ମାରି ଏର୍
ତାଗିଇଦୁବେଙ୍ଗ ମାଣ୍‌କୁ କାସ୍ଟ ପଇଜି ମାର୍‌ଆର୍, ୱାରିଙ୍ଗ ୱାନ୍
ନେଗେନ୍ କିତାନ୍; 19 ମାରି ଲୋକୁ ୱିଜେରେ ୱାନିଙ୍ଗ ମୁଟ୍‌ତେଙ୍ଗ
ଇଜି ବଦାକିଜି ମାର୍‌ଆର୍, ମାତର୍ ୱାନିମାଣାନ୍ ସାକ୍ତି ସୋସି
ଲୋକାଙ୍ଗ ନେଗେଣ୍ତ କିଜିମାର୍‌ଆତ୍ । 20 ଆୟାୱାଲେ ଜିସୁ
ନିଜେଦି ସିସୁରି ତରିଣ୍ତ ସୁଡୁଜି ଇର୍‌ଆନ୍, କାକୁର୍ତିଲୋକୁ ଜେ
ମିର୍, ମିର୍ ଦନ୍ୟ, ଇରିଙ୍ଗ ମାପୁରୁଦି ରାଜି ମିଦି । 21 ଇଲେଇ
ବାଙ୍ଗୁଁଦୁ ମାନିଦେର୍ ଜେ ମିର୍, ମିର୍ ଦନ୍ୟ, ଇରିଙ୍ଗ ମିର୍ ପଟା
ପାଜ୍‌ନିଦେର୍, ଇଲେଇ ଆଡ୍‌ବାଜିନିଦେର୍ ଜେ ମିର୍, ମିର୍ ଦନ୍ୟ,

ଇରିଙ୍ଗ ମିର୍ ସିକ୍‌ନିଦେର୍ । 22 ଲୋକୁ ଏସ୍‌କାଙ୍ଗ ମନୁସ୍ୟପୁତ୍ର
ଉଣ୍ତିଙ୍ଗ ମିଙ୍ଗିଁ କାଡ଼୍‌ନାର୍ ମାରି ୱେର୍‌ଏ କିନାର୍, ମାରି ନିନ୍ଦା କିନାର୍,
ମାରି ମି ଦର୍‌ତିଙ୍ଗ ତାଗିଇକା ଇଜି ମାନାଏର୍, ଆରିଙ୍ଗ ମିର୍ ଦନ୍ୟ
। 23 ଆୟ୍ଯା ନାଣ୍ତିଙ୍ଗ ୱେଡ଼ିକା କିଜି ଗାତ୍‌ତୁ, ମାତର୍ ସୁଡ୍ଡୁଦୁ,
ମି ଉଣ୍ତିଙ୍ଗ ମୁସ୍‌କୁପୁର୍‌ତୁ ମି ପୁରସ୍‌କାର୍ ନାଣ୍ତ ମାନାତ୍, ମାରି,
ଆୟ୍ଯାୱାଜା ତୋ ୱାରି ପୁର୍ବେଦି ଡକ୍ରାଦାଦାର୍‌ରି ବାବବାଦିରି ଉଣ୍ତିଙ୍ଗ
କିଜିମାର୍‌ଆର୍ । 24 ମାତର୍ ଚି, ଦଣ୍ଡ ପଇନି ମାଜନ୍ ଲୋକୁ ଜେ
ମିର୍, ଇରିଙ୍ଗ ମିର୍ ନିଜେ ନିଜେଦି ସୁକ୍ ପଇଜିନିଦେର୍ । 25
ଚି, ଦଣ୍ଡ ପଇନି ଲୋକୁ ଇଲେଇ ପଟାପାଜ୍‌ଜିନିଦେର୍ ଜେ ମିର୍,
ଇରିଙ୍ଗ ମିର୍ ବାଙ୍ଗାଁ ଆନିଦେର୍, ଚି, ଦଣ୍ଡ ପଇନି ଲୋକୁ ଇଲେଇ
ସିକ୍‌ସିନିଦେର୍ ଯେ ମିର୍, ଇରିଙ୍ଗ ମିର୍ ଏତ୍‌କିଜିଆଡ଼୍‌ବାନିଦେର୍
ମାରି ଆଡ଼୍‌ବାନିଦେର୍ । 26 ଏସ୍ତିୱାଲେ ଲୋକୁ ୱିଜେରେ ମିଙ୍ଗିଁ
ୱେଙ୍ଗିଁସ୍ କିନାର୍, ନାସ୍ତିୱାଲେ ଚି, ମିର୍ ଦଣ୍ଡ ପଇନି ଲୋକୁ;
ଆୟ୍ଯାୱାଜା ତୋ ୱାରି ପୁର୍ବେଦି ଡକ୍ରାଦାଦାର୍ ବଣ୍ତ ବାବବାଦିରିଙ୍ଗ
ବା ନେଗିକାର୍ ଇଜିମାର୍‌ଆର୍ । 27 ମାତର୍ ୱେନ୍‌ଞ୍ଜିନିଦେର୍ ଜେ
ମିର୍, ମିଙ୍ଗିଁ ନାନ୍ ଇଜିନା, ମି ସାତ୍ତୁରିଙ୍ଗ ଜିବନେ୍‌ନାଦୁ; ଏର୍ ମିଙ୍ଗିଁ
କାଡ଼୍‌ନାର୍, ୱାରିଙ୍ଗ ଆର୍ସିବାଦ୍ କିଦୁ; 28 ଏର୍ ମିଙ୍ଗିଁ ଆନାଦୁରିଆ
କିନାର୍, ୱାରିଙ୍ଗ ଆର୍ସିବାଦ୍ କିଦୁ; ଏର୍ ମିଙ୍ଗିଁ ନିନ୍ଦା କିନାର୍, ୱାରି
ଉଣ୍ତିଙ୍ଗ ପାର୍‌ତନା କିଦୁ । 29 ଏନ୍ ମିଙ୍ଗିଁ ଉଣ୍ତି ବୁଗୁଲିଦୁ ଚାପ୍‌ଡ଼ା
ଡାକ୍‌ନାନ୍, ୱାନି ଉଣ୍ତିଙ୍ଗ ଆଇ ବୁଗୁଲି ବା ତର୍‌ସୋ ସିଦୁ; ମାରି,
ଏନ୍ ମି ସାଦର୍ ଅନାନ୍, ୱାନିଙ୍ଗ ମି ଆଙ୍ଗିଁ ବା ଅତେଙ୍ଗ ମାନା
କିମାଟ୍ । 30 ଏନ୍‌ଆପିନ୍ ମିଙ୍ଗିଁ ଇନି ଜିନିସ୍ ଲୋସ୍‌ନାନ୍, ୱାନିଙ୍ଗ
ସିଦୁ; ମାରି, ଏନ୍ ମି ଦନ୍ ଅନାନ୍, ୱାନିମାଣ୍‌ନା ଆକା ମାରିଡ଼େସି
ଲସ୍‌ମାଟ୍ । 31 ଲୋକୁ ମି ଉଣ୍ତିଙ୍ଗ ଏଣ୍ତେସ୍‌ବା ମାନାପିର୍ ଇଜି
ବଦା କିନିଦେର୍, ମିର୍ ୱାରି ଉଣ୍ତିଙ୍ଗ ଆୟ୍ଯାୱାଜା କିଦୁ । 32 ମାରି,
ଏର୍ ମିଙ୍ଗିଁ ଜିବନ୍‌ନୋନାର୍, ମିର୍ ଜଦି ୱାରିଙ୍ଗନେ ଜିବନ୍‌ନୋତିଙ୍ଗ
ମିର୍ ଇନିକା ଦୟ୍ଯା ପଇନିଦେର୍? ଇରିଙ୍ଗ ପାପି ଲୋକ୍ ବା ନିଜେ
ନିଜେଦି ଲାଡ଼୍‌କିନିୱାରିଙ୍ଗ ଲାଡ଼୍ କିନାର୍ । 33 ମାରି, ଏର୍ ମିଙ୍ଗିଁ
ଆର୍ସିବାଦ୍ କିନାର୍, ଜଦି ମିର୍ କେବଲ୍ ୱାରିଙ୍ଗନେ ନେଗେନ୍
କିନିଦେର୍, ଆରିଙ୍ଗ ମିର୍ ଇନିକା ଦୟ୍ଯା ପଇନିଦେର୍? ଇରିଙ୍ଗ ପାପି
ଲୋକ୍ ବା ଆୟ୍ଯାୱାଜା କିନାର୍ । 34 ମାରି, ଏମେୱାରିମାଣ୍‌କୁ ମି
ପଇନି ଆସା ତେବାତାନ୍, ୱାରିଙ୍ଗନେ ରୁଣୁ ସିତିଙ୍ଗ ମିର୍ ଇନିକା
ଦୟ୍ଯା ପଇନିଦେର୍? ପାପିଲୋକ୍ ଆକା ସାମାନ୍‌ତାନ୍‌ନେ ଡ଼େସି
ପଇନି ଉଣ୍ତିଙ୍ଗ ପାପି ଲୋକାଙ୍ଗ ରୁଣୁ ସିନାର୍ । 35 ମାତର୍ ମି
ସାତ୍ତୁରିଙ୍ଗ ଜିବନ୍‌ନଦୁ ମାରି ୱାରିଙ୍ଗ ଆର୍ସିବାଦ୍ କିଦୁ, ମାରିଡ଼େସି
ପଇଦେଙ୍ଗ ଆସ୍‌ଏଣ୍ତା ରୁଣୁ ସିଦୁ; ଆଦେଙ୍ଗ ମି ପୁରସ୍କାର୍ ନାଣ୍ଡ
ଆନାତ୍ ମାରି ମିର୍ ପେରି ମାପୁରୁଦି ମାରିନ୍ ଆନିଦେର୍, ଇରିଙ୍ଗ
ୱାନ୍ ସାଲାକି ନି ତାଗିଇୱାରି ଉଣ୍ତିଙ୍ଗ ବା ଦୟ୍ଯା କିନାନ୍ । 36
ମି ବୁବା ଏଣ୍ତେସ୍ କାର୍ମୁଦିକାନ୍, ମିର୍ ଆୟ୍ଯାୱାଜା କାର୍ମୁଦିକାର୍
ଆଦୁ । 37 “ମାରି, ବିସାର୍ କିମାଟ୍, ଆଦେଙ୍ଗ ମିର୍ ବିଚାର୍‌କିଆୟ୍
ଆଇଦେର୍; ଏମେ ଲୋକ୍‌ତିଙ୍ଗ ବା ଦସ୍ କିମାଟ୍, ଆତିଙ୍ଗ ମିର୍ ଦସି
କିଆୟ୍‌ଆଇଦେର୍ । ଆଇୱାନିଙ୍ଗ କେମା କିଦୁ, ଆଦେଙ୍ଗ ମିଙ୍ଗିଁ ବା
କେମା କିନାନ୍; 38 ଆଇୱାନିଙ୍ଗ ଦାନ୍ ସିଦୁ, ଆଦେଙ୍ଗ ମିଙ୍ଗିଁ ଦାନ୍
ସିନାର୍; ମାପୁରୁ ଅଡିଦୁ ପୁରା କିଜି ତାନିଙ୍ଗ ତିଗ୍‌ଜି ଦୁକ୍‌ସି ବର୍ତି
କିଜି ମି ଅଟିଦୁ ସିନାର୍; ଇରିଙ୍ଗ ଏମେ ଅଡିଦାନ୍ ଇସାବ୍ କିଜ
ଇସାବ୍ କିଦୁ, ଆୟ୍ଯା ଅଡିଦାନ୍ ମିଙ୍ଗିଁ ମାରି ଇସାବ୍ କିନାସିନାର୍
।” 39 ଜିସୁ ୱାରିଙ୍ଗ ଉଣ୍ତି ମାଟା ବା ୱେର୍‌ତାନ୍, ଅରେନ୍ କାଣା
ଇନିକା ମାରି ଅରେନ୍ କାଣାଦିଙ୍ଗ ସାରି ତର୍‌ତେଙ୍ଗିଁ ଆଟ୍‌ନାନ୍?
ଜଦି ୱାନ୍ ଆୟ୍ଯାୱାଜା କିନାନ୍, ଆରିଙ୍ଗ, ୱାର୍ ଇନିକା ରିଏର୍‌ବା
ଗୁଟାଦୁ ଆର୍‌ଏର୍ ନୋ? 40 ଗୁରୁମାଣାନ୍ ସିସୁ ପେରିକାନ୍ ଆଏନ୍;
ଇରିଙ୍ଗ ୱିଜେରେ ସିସୁ ସିକିୟ୍ଯା ଅଜାତି ୱେନ୍‌କା ନିଜେଦି ଗୁରୁଦି
ସାମାନ୍ ଆନାନ୍ । 41 ମାରି, ଏନ୍ଦା ମି ତଡ଼ାନ୍‌ତି କାଣ୍‌ଗାଦୁ ମାନି
ଇସ୍ରିକାସ୍ରାଦିଙ୍ଗ ସୁଡ୍ଡୁଜିନିଦେର୍, ମାତର୍ ମି ନିଜେଦି କାଣ୍‌ଗାଦୁ
ଏମେ ପେରି କାସ୍‌ରା ମାନାତ୍, ଆକା ଅଡ଼୍‌ବିଜି ସୁଡ୍ଡୁଦେଙ୍ଗ
ଆଟ୍‌ଏଜିନିଦେର୍? 42 ନିନୁ ନିଜେଦି କାଣ୍‌ଗାଦୁ ମାନି ଇସ୍ରିକାସ୍ରା
ସୁଡ୍ଡୁଏଣ୍‌ଗା ଏଣ୍ତେସ୍ ନିଜେଦି ତଡ଼ାନ୍‌ତିଙ୍ଗ ଇଣ୍ତେଙ୍ଗ ଆଟ୍‌ନି,
ତଡ଼ାନ୍, ରାଆ, ନି କାଣ୍‌ଗାଦୁ ମାନି ଇସ୍ରିକାସ୍ରା କୁଟ୍‌ନା ସିନା? ଏ
ପୁଲାପୁଲି କିନିକିନେ୍ଦର୍, ଆଗିଡ଼ି ନିଜେଦି କାଣ୍‌ଗାଦାନ୍ ପେରି
କାସ୍‌ରା କୁଟ୍‌ସ ପୋକ୍‌ଆ, ତାନିୱେନ୍‌କା ନିଜେଦି ତଡ଼ାନ୍‌ତି
କାଣ୍‌ଗାଦୁ ମାନି ଇସ୍ରିକାସ୍ରା କୁଟ୍‌ନି ଉଣ୍ତିଙ୍ଗ ନେଗ୍ରେଣ୍ତା ସୁଡ୍ଡୁଦେଙ୍ଗ
ଆଟ୍‌ନି । 43 ମାତର୍ ଇୟ୍ଯାୱାଜା ମାରାନ୍ ସିଲେତ୍, ଆମାକାକି
ତାଗିଇ ମାରାନ୍ ନେଗି ପଲ୍ ଆସ୍‌ଏତ୍, ବା ନେଗି ମାରାନ୍ ତାଗିଇ
ପଲ୍ ଆସ୍‌ଏତ୍ । 44 ଇରିଙ୍ଗ ୱିଜୁ ମାରାକା ନିଜେଦି ପଲ୍‌ଦାନ୍
ଚିନିସ୍‌ନାର୍; ସାମ୍‌ମାରାନ୍‌ତାନ୍ ତୋ ଲୋକୁ ତଗା କୟ୍‌ଏର୍,
ମାରି ସାମ୍ ଦୁପାଦାନ୍ ଅଙ୍ଗୁରେ୍‌କାଡ଼ି କୟ୍‌ଏର୍ । 45 ଅରେନ୍
ନେଗି ଲୋକ୍‌ଦି ମୋନ୍ ଲୋଇ ନେଗି ବିସୟ୍ ଉଣ୍ତାତିମାନିକା,
ଆଦେଙ୍ଗ ୱାନି ମୋନ୍ ଲୋଇରାନ୍ ନେଗି ବିସୟ ସୋନାତ୍ ।
ମାତର୍ ଅରେନ୍ ତାଗିଇ ଲୋକ୍‌ଦି ମୋନ୍ ଲୋଇ ତାଗିଇ ବିସୟ୍
ଉଣ୍ତାତିମାନିକା, ଆଦେଙ୍ଗ ୱାନି ମୋନ୍ ଲୋଇରାନ୍ ତାଗିଇ ବିସୟ
ସୋନାତ୍, ଅରେନ୍ ଲୋକ୍‌ଦି ମୋନ୍ ଲୋଇ ଆମାକା ତେବାତାନ୍,
ୱାନ୍ ଆକା ଇନାନ୍ । 46 “ମାରି, ମିର୍ ଏନ୍ଦା ନାଙ୍ଗିଁ ପ୍ରବୁ, ପ୍ରବୁ
ଇଜି କୁକ୍‌ସିନିଦେର୍, ମାତର୍ ନା ମାଟା ମାନାଇଜିନିଦେର୍?
47 ଏନ୍‌ଆପିନ୍ ନା ଲାକ୍‌ତୁ ୱାଜି ନା ମାଟା ୱେନ୍‌ଞ୍ଜି ଆୟ୍ଯାୱିଜୁ
ମାନାନାର୍, ୱାନ୍ ଏୱାଜା ଆନାନ୍, ଆକା ନାନ୍ ମିଙ୍ଗିଁ ୱେର୍‌ନା ।
48 ୱାନ୍ ଇୟ୍ଯାୱାଜା ଅରେନ୍ ଇଲୁ ତିଆର୍‌କିନି ଲୋକୁ ୱାଜା, ୱାନ୍
ନାଣ୍ତ ଗୁଟା କିଜି କାର୍‌ନାନ୍‌ନୋ ମୁଲ୍‌କାଲୁ ମୁସ୍‌କୁ ବାସାକିନାନ୍;
ମାରି, ପିରୁ ୱାଜି, ଏରୁ ଆୟ୍ଯା ଇଲୁଦିଙ୍ଗ ଦେଲେପେ୍ସା ଅତେଙ୍ଗ
ନାଣ୍ତଦାନ୍ ଡୁକାତାତ୍, ମାତର୍ ଆକା ଦୁକ୍‌ତେଙ୍ଗ ଆଟ୍‌ଏତାତ୍,
ଇରିଙ୍ଗ ଇଲୁ ଡାଟ୍‌ତାନ୍ ତିଆର୍ ଆତାମାର୍‌ଆତ୍ । 49 ମାତର୍ ଏନ୍
ମାଟା ୱେନ୍‌ଞ୍ଜି ମାନାଏନ୍, ୱାନ୍ ମୁଲ୍‌କାଲୁ ବାସାକିଏଣ୍ତା ସିକ୍‌ଲା
ମୁସ୍‌କୁ ଇଲୁ ତିଆର୍‌କିନି ଲୋକୁ ୱାଜା; ଏରୁ ଆୟ୍ଯା ଇଲୁଦିଙ୍ଗ

ନାଣ୍ତୁଦାନ୍ ଡୁକାତିଙ୍ଗ, ଆୟାଦାପ୍ରେ ଇଲୁ ୱିର୍‌ଜିତାତ୍ ମାରି ତାନି
ୱିର୍‌ଜିତିକା ବୟ୍‌ଙ୍ଗାର୍ ଆତାତ୍ ।”

7 ଜିସୁ ଲୋକାଙ୍ଗ ନିଜେଦି ୱିଜୁ ମାଟା ୱେର୍‌ତି ୱିସ୍‌ତି ୱେନ୍‌କା
କପର୍‌ନାହୁମ୍‌ତୁ ସୋର୍‌ଆନ୍ । 2 ଆୟା ୱେଡ଼ାଦୁ ଅରେନ୍
ରମିୟ୍ ନେତାଦି ଗତିମୁରୁଲି ନବ୍ ଆଜି ସାନି ୱାଜା ଆତାମାର୍ହାନ୍,
ୱାନ୍ ୱାନିଙ୍ଗ ନାଣ୍ତୁ ଜିବନ୍‌ନେଜି ମାର୍‌ଆନ୍ । 3 ୱାନ୍ ଜିସୁଦି ମାଟା
ୱେନ୍‌ଞ୍ଜ, ୱାନ୍ ୱାଜି ୱାରି ଗତିମୁରୁଲି ଜିବନ୍ ରକିୟା କିଦେଙ୍ଗ,
ଇୟାଉଣ୍ତିଙ୍ଗ ୱାରି ଲାକ୍‌ତୁ ଜିହୁଦିର୍ ଏସ ପେରି ନେତାରିଙ୍ଗ
ପକ୍‌ସି ୱାନିଙ୍ଗ ୱାଦେଙ୍ଗ ଇର୍ହାର୍ । 4 ୱାର୍ ଜିସୁ ଲାକ୍‌ତୁ ସଲ୍‌ସି
ୱାନିଙ୍ଗ ନାଣ୍ତୁ ମାଡ଼ିସ୍ କିଜି ଇଣ୍ତେଙ୍ଗ ଆସ୍‌ତାର୍, ନିନୁ ଜେ ୱାରି
ଲାକ୍‌ତୁ ଇୟାକା କିନି, ୱାନ୍ ଆବେଟ୍ ଜଗ୍ ଆନାନ୍; 5 ମାତର୍
ୱାନ୍ ମା ଜାତିଦିଙ୍ଗ ନାଣ୍ତୁ ଜିବନ୍‌ନୋନାନ୍ ମାରି ନିଜେ ମା ଉଣ୍ତିଙ୍ଗ
ପାର୍‌ତନା ଇଲୁ ତିଆର୍‌କିତା ସିତାମାନାନ୍ । 6 ଆବେଟ୍ ଜିସୁ
ୱାରି ୱାଲେ ସର୍‌ଆନ୍ । ୱାନ୍ ଇଡ୍ରଣାନ୍ ଅଡ଼ପ୍ ଆକ ଇତାନ୍‌ନେନା,
ସତସେନାପତି ସଙ୍ଗରିଙ୍ଗ ପକ୍‌ସି ୱାରିଙ୍ଗ ଇର୍ହାନ୍, ପ୍ରବୁ, କାସ୍ଟ
କିମା, ମାତର୍ ନିନ୍ ଜେ ନା ଇଣ୍ତୁ ପାଦାମ୍ ଇଡ୍‌ଦେଙ୍ଗ ନାନ୍
ଇୟାୱାଜା ଜୋଗ୍ ସିଲେ; 7 ମାରି ନାନ୍ ନି ଲାକ୍‌ତୁ ସନ୍‌ଡ୍ରେଙ୍ଗ
ନିଜେଦିଙ୍ଗ ଜୋଗ୍ ଅଡ୍‌ବିଏତା; ମାତର୍ ଉନ୍‌ଡ୍ରି ପଦ୍‌ମାଟାଦି
ଆଦେସ୍ ଇନ୍‌ଆଁ, ନା ପାଣିକିନିକାନ୍ ନେଗେନ୍ ଆନାସନାନ୍
। 8 ମାତର୍ ନାନ୍ ଅରେନ୍‌ୱାନି ଆଡ୍‌ଗିମାନି ମାର୍‌ରିଙ୍ଗ ବା ନା
ଅଦିକାର୍‌ତାନ୍ ସନ୍ୟ ଦଲ୍ ମାନାର୍; ମାରି, ଅରେନ୍ ୱାନିଙ୍ଗ ଜଦି
ନାନ୍ ସାଙ୍ଗଆ ଇଜି ଆଦେସ୍ ସିତିଙ୍ଗ, ୱାନ୍ ସନାନ୍; ଆଇୱାନିଙ୍ଗ
ରାଆ, ଇଜି ଇରିଙ୍ଗ, ୱାନ୍ ୱାନାନ୍; ମାରି, ନା ସାକର୍‌ତିଙ୍ଗ ଇକା
କିଆ, ଇରିଙ୍ଗାଁ ୱାନ୍ ଆକା କିନାନ୍ । 9 ଜିସୁ ଇୟାୱିଜୁ ମାଟା
ୱେନ୍‌ଜି ୱାରି ବିସୟ୍‌ତାନ୍ କାବା ଆତାନ୍, ମାରି ମାର୍‌ଜି ୱାନି
ୱେନ୍‌କା ୱାଜିମାରି ଲୋକାଙ୍ଗ ଇର୍ହାନ୍; “ନାନ୍ ମିଙ୍ଗଁ ସତ୍‌ଇଜିନା,
ଇସ୍ରାଏଲ୍‌ତୁ ବା ନିସା ପେରି ବିସ୍‌ବାସ୍ ପାଏ ଆଏତ୍ ।” 10
ମାରି, ପୋକ୍‌ତି ମାର୍‌ଇ ଲୋକୁ ଇନ୍‌ଡ୍ର ଡ଼େସି ୱାଜି ଗତିମୁରୁଲିଙ୍ଗ
ନେଗେନ୍ ଆତିକା ସୁଡୁତାର୍ । 11 ଆବେଟ୍‌କୁ ଜିସୁ ନାଇନ୍
ଦର୍‌ତି ଗାଡ୍‌ତୁ ସର୍‌ଆନ୍, ମାରି ୱାନି ସିସୁର୍ ମାରି ନାଣ୍ତୁ ଲୋକୁ
ୱାନିୱାଲେ ସଲ୍‌ସି ମାର୍‌ଆର୍ । 12 ୱାନ୍ ଗାଡ୍ ଲାକ୍‌ତୁ ଇତାନ୍,
ସୁଡୁଦୁ, ଲୋକୁ ଅରେନ୍ ସାତି ଲୋକ୍‌ତିଙ୍ଗ ଡାଣ୍ତିଆଦୁ ପିଣ୍ତଜୋ
ତାସିମାର୍‌ଆର୍, ୱାନ୍ ନିଜେ ଆଇସିଦି ଅରେନ୍‌ନେ ମାରିସି,
ମାରି ଆୟା ଆଇମା ରାଣ୍ତି; ମାରି, ଗାଡ୍‌ତି ନାଣ୍ତୁ ଲୋକୁ ତାନି
ୱାଲେ ମାର୍‌ଆର୍ । 13 ତାନିଙ୍ଗ ସୁଡୁଜୋ ପ୍ରବୁ ତାନି ମୁସ୍‌କୁ
ଦୟାକିଜି ତାନିଙ୍ଗ ଇର୍‌ଆନ୍, “ଆଡ୍‌ବାମା ।” 14 ମାରି, ୱାନ୍
ଲାକ୍‌ତୁ ସଲ୍‌ସି ଡାଣ୍ତିଆଦୁ ମୁଟ୍‌ତାନ୍, ମାରି ପିଣ୍ତିତି ମାର୍ହିକାର୍
ନିର୍‌ଆର୍, ୱାନ୍ ୱେର୍‌ତାନ୍, ଏ ମୁରୁଲି ନାନ୍ ଇଜିନା, ନିଙ୍ଗଁଆ ।
15 ଆବେଣାନ୍ ସାତିଲୋକ୍ ନିଙ୍ଗଁଜି ବାସ୍‌ତାନ୍, ମାରି ୱାର୍‌ଗିଦେଙ୍ଗ
ଆସ୍‌ତାନ୍, ମାରି ୱାନ୍ ୱାନିଙ୍ଗ ୱାନି ଆଇସି କିଦୁ ଆପିସ୍‌କିତାନ୍ ।
16 ଆବେନୁ ୱିଜେରେ ତିଲାତାର୍, ମାରି ମାପୁରୁଦି ଦନ୍ୟବାଦ୍
କିଜି କିଜି ଇନ୍‌ଡ୍ରେଙ୍ଗ ଆସ୍‌ତାର, ମା ଲୋଇରାନ୍ ଅରେନ୍ ପେରି
ବାବବାଦି ସତାମାନାନ୍ ମାରି ମାପୁରୁ ନିଜେଦି ଲୋକାଙ୍ଗ ରକିୟା
କିଦେଙ୍ଗ ୱାତାମାନାନ୍ । 17 ମାରି, ଜିସୁ ବିସୟ୍‌ତି ଇୟା ମାଟା
ୱିଜୁ ଜିହୁଦା ଦେସ୍ ମାରି ୱିଜୁ ତରିନ୍ ୱେଙ୍ଗଁତାତ୍ । 18 ୱେନ୍‌କା
ଡୁବନ୍‌ସିନି ଜୋହନତି ସିସୁର୍ ଇୟା ବିସୟ୍ ୱାନିଙ୍ଗ ଇର୍ହାର୍
। 19 ଆବେନ୍ ଜୋହନ ନିଜେଦି ସିସୁରି ଲୋଇ ରିଏରିଙ୍ଗ
ଲାକ୍‌ତୁ କୁକ୍‌ସା ମାଲିକ୍ ଲାକ୍‌ତୁ ଇକା ଇଜି ପୋକ୍‌ତାନ୍,
ଆମାକାନ୍ ୱାଦେଙ୍ଗ ଆତା ମାର୍‌ଆର୍, ଆୟା ଲୋକୁ ନିନ୍‌ନେ
ନୋ, ନା ମାପ୍ ଆଇୱାନିଙ୍ଗ କାପ୍‌କିନାପ୍? 20 ଆୟା ଲୋକୁ
ଜିସୁ ଲାକ୍‌ତୁ ସଲ୍‌ସି ଇର୍ହାର୍, “ଡୁବନ୍‌ସିନି ଜୋହନ ମାଙ୍ଗଁ ନି
ଲାକ୍‌ତୁ ଇୟାକା ଇଜି ପୋକ୍‌ତାମାନାନ୍, ଆମାକାନ୍ ୱାନିକା
ଆତାମାରାତ୍, ଆୟା ଲୋକୁ ନୋ ନିନ୍, ନା ମାପ୍ ଆଇ ଲୋକ୍‌ତିଙ୍ଗ
କାପ୍‌କିନାପ୍?” 21 ଆୟା ୱେଡ଼ାଦୁ ୱାନ୍ ଏସୋ ରୋଗ୍, ବାଦା
ମାରି ତାଗ୍‌ଇ ଆତ୍ମା ମାଣ୍‌କୁ ନେଗେଣ୍ତୁ କିତାନ୍, ମାରି ଏସୋ
କାଣାରିଙ୍ଗ କାଣୁକୁ ସୁଡୁଦେଙ୍ଗ ସାକ୍ତି ସିତାନ୍ । 22 ଜିସୁ ୱାରିଙ୍ଗ
ଇର୍ହାନ୍, “ମିର୍ ମିର୍ ଡ଼େସି ସଲ୍‌ସି ଆମାକା ୱିଜୁ ୱେନ୍‌ଜିନିଦେର୍
ମାରି ସୁଡୁଜିନିଦେର୍, ଆୟାକାୱିଜୁ ଜୋହନତିଙ୍ଗ ୱେର୍‌ତୁ; କାଣା
ଲୋକୁ ସୁଡୁଜିନାର୍, ମାରି ସଟା ଲୋକୁ ବୁଲାଜିନାର୍, କୁସ୍ଟରୋଗ୍
ଲୋକୁ ନେଗେଣ୍ତୁ ଆଜିନାର୍, ବଇରା ଲୋକ୍ ୱେନ୍‌ଜିନାର୍,
ସାତି ଲୋକୁ ନିଙ୍ଗଁଜିନାର୍, କାକୁର୍ତି ଲୋକାମାନୁ ବା ନେଗି
କାବୁର୍ ପ୍ରଚାର୍ କିଆଇଆଜିନାତ୍; 23 ମାରି, ଆମାକାନ୍ ନାଙ୍ଗଁ
ନାମ୍‌ଏନ୍, ୱାନ୍ ଦନ୍ୟ ।” 24 ଜୋହନତି ସିସୁର୍ ସର୍‌ଇ
ୱେନ୍‌କା ୱାନ୍ ଜୋହନତି ବିସୟ୍‌ତାନ୍ ଲୋକାଙ୍ଗ ଇନ୍‌ଡ୍ରେଙ୍ଗ
ଆସ୍‌ତାନ୍, ମିର୍ ଇନିକା ସୁଡୁଦେଙ୍ଗ ସିମ୍ରା ବାଡିଦୁ ସତିସର୍‌ଇ
ମାର୍‌ଇଦେର୍? ଇନିକା ଗାଲିଦାନ୍ ଦୁଙ୍ଗଁଜିମାନି ଉଣ୍ତି ଦେର୍ ନାଡ଼ା?
25 ଆୟାକା ଆଏତିଙ୍ଗାଁ ମିର୍ ଇନିକା ସୁଡୁଦେଙ୍ଗ ସତିସର୍‌ଇ
ମାର୍‌ଇଦେର୍? ଇନିକା ଦାରାଦି ଆଙ୍ଗଁ ଆରାତିମାନି ଅରେନ୍
ଲୋକ୍‌ତିଙ୍ଗ? ସୁଡୁଦୁ, ଆମାକାର୍ ଦାରାଦି ଆଙ୍ଗଁ ଆରାନାର୍ ମାରି
ସୁକ୍‌ତାନ୍ ଜିନାର୍, ୱାର୍ ରାଜାଦି ମେଡ୍‌ତୁ ତେବାନାର୍ । 26
ନାଙ୍ଗଁ ଇନ୍‌ଆଁ, ଆୟାକା ଆଏତିଙ୍ଗାଁ ଇନିକା ସୁଡୁଦେଙ୍ଗ ସହସୋ
ସର୍‌ଇମାର୍‌ଇଦେର୍? ଇନିକା ଅରେନ୍ ବାବବାଦିଙ୍ଗେନା? ନାନ୍
ମିଙ୍ଗଁ ସତ୍ ଇଜିନା, ବାବବାଦି ମାଣାନ୍ ନାଣ୍ତୁ ପେରିୱାନିଙ୍ଗ । 27
ଜୋହନତି ବିସୟ୍‌ତାନ୍ ସାସ୍ତ୍ରଦୁ ରାସାତାମାନାତ୍, ମାପୁରୁ ଇର୍ହାନ୍,
ମାପ୍ ନିଜେ ଦୁତ୍‌ତିଙ୍ଗ ମି ଆଗ୍‌ଡ଼ି ପୋକ୍‌ତାମାନାପ୍, ୱାନ୍ ମି
ଆଗ୍‌ଡ଼ି ମି ସାରି ତିଆର୍ କିନାନ୍, ଇୟାକାନ୍ ଆୟା ଜୋହନ । 28
ନାନ୍ ମିଙ୍ଗଁ ସତ୍ ଇଜିନା, “ଆଇମାମାନୁ ଜନମ୍‌ଆତି ଲୋଇରାନ୍
ଜୋହନ ମାଣାନ୍ ଆମାକାନ୍ ପେରିକାନ୍ ସିଲେନ୍; ଆତିଙ୍ଗବା
ମାପୁରୁଦି ରାଜିଦୁ ଆମାକାନ୍ ଇସ୍ରିକାନ୍, ୱାନ୍ ଜୋହନତି ମାଣାନ୍
ପେରିକାନ୍ ।” 29 ଆମାକାର୍ ଇୟାୱିଜୁ ମାଟା ୱେନ୍‌ଜି ମାର୍‌ଆର୍,
ୱାର୍, ବିସେସ୍‌କିଜି ସିସ୍‌ଟୁ ଲୋସ୍‌ନିକାର୍, ମାପୁରୁଦି ଟିକ୍
ଦାବିୱିଜୁ ପୁରାକିଜି ଜୋହନତି ମାଣ୍‌କୁ ଡୁବନ୍ ଅତାମାର୍‌ଆର୍

। 30 ମାତର୍ ପାରୁସିର୍ ନି ଦାର୍ମୁଗୁରୁର୍ ୱାରି ଜିବନ୍ ଉଣ୍ଡିଙ୍ଗ୍
ମାପୁରୁଦି ଉଦେସ୍‌ତିଙ୍ଗ୍ ମାନାଏଣ୍‌ଗା ଜୋହନ ମାଣ୍‌କୁ ଡୁବନ୍
ଅଏତା ମାର୍‌ଆର୍ । 31 ଜିସୁ ମାରି ଇର୍‌ଆନ୍, ଆରିଙ୍ଗ୍ ନାନ୍
"ଇୟା ଆଜିକାଲ୍‌ତି ଲୋକାଙ୍ଗ୍ ଏମେତାନିୱାଲେ ତୁସ୍‌ନା, ମାରି
ୱାର୍ ଏୱାଜା?" 32 ଏମେ କଡ଼ର୍ ସାତା ସାଉକାଦୁ ବାସ୍‌ସି
ନିଜେନିଜେ କୁକ୍‌ସି ଇନାର୍, ମାପ୍ ମି ଲାକ୍‌ତୁ ପିରଡ଼ି ଉକୁତାପ୍,
ମିର୍ ଗାଡ଼୍‌ଏତିଦେର୍, ମାପ୍ ଦୁକ୍‌ତି ପାଟା ପାରିତାପ୍, ମିର୍
ଆଡ଼ାବାଇତିଦେର୍, ୱାର୍ ୱାରି ୱାଜା । 33 ଇରିଙ୍ଗ୍ ଡୁବନ୍‌ସିନି
ଜୋହନ ୱାଜି ରୁଟି ତିନ୍‌ଏତାନ୍ ମାରି ଅଙ୍ଗୁର୍‌ରସ୍ ଉଣୁଏତାନ୍,
ମାରି ମିର୍ ଇର୍‌ଇଦେର୍, ୱାନ୍ ଦୁବାକାସ୍ତିକାନ୍ । 34 ମନୁସ୍ୟପୁତ୍ର
ୱାଜି ଉଣାନ୍ ତିନାନ୍, ମାରି ମିର୍ ଇଜିନିଦେର୍, ସୁତୁଦୁ, ୱାନ୍
ଅରେନ୍ ପେଟୁ ନି ମଦୁଆ, ସିସ୍‌ଟୁ ଲୋସ୍‌ନିୱାରି ମାରି ପାପି
ଲୋକା ତଡ଼୍ । 35 ମାତର୍ ଏମେକାର୍ ମାପୁରୁଦି ବୁଦିଦିଙ୍ଗ୍
ମାନାନାର୍, ୱାରି ଜିବନ୍‌ତୁ ତାନି ସତ୍ ବିସୟ୍ ପାର୍‌ମାଣ୍‌ଆତାନ୍ ।
36 ମାରି, ପାରୁସିର୍ ମାଣାନ୍ ଅରେନ୍ ଜିସୁଙ୍ଗ୍ ୱାନିୱାଲେ ଉଣ୍ଡେଙ୍ଗ୍
କୁକ୍‌ତାନ୍ । ଆବେନ୍ ୱାନ୍ ପାରୁସିର୍ ଇନ୍‌ଡ୍ର ଡୁଗୁଜି ଉଣ୍ଡେଙ୍ଗ୍
ବାସ୍‌ତାନ୍ । 37 ମାରି ସୁତୁଦୁ, ଆୟା ଗାଡ଼୍‌ତୁ ଅରେତ୍ ପାପି
ଆଇମା ମାର୍‌ଆତ୍; ଜିସୁ ଆୟା ପାରୁସିର୍ ଇନ୍‌ଡ୍ର ଉଣ୍ଡେଙ୍ଗ୍ ବାସ୍‌ତା
ମାର୍‌ଆନ୍, ଇୟାକା ନେସ୍‌ସି ୱାଦ୍ ଉଣ୍ଡି ସାଟିଦୁ ବାସ୍‌ନା ନିୟୁ
ତାତାଡ଼େଦା, 38 ୱେନ୍‌କା ତର୍‌ନ୍ ୱାନି ପାଦାମ୍ ଲାକ୍‌ତୁ ନିଲ୍‌ଜି
ଆଡ଼୍‌ବାଜି ଆଡ଼୍‌ବାଜି କାଣେର୍ ଏର୍‌ତାନ୍ ୱାନି ପାଦାମ୍ ନୋର୍‌ଜି
ନିଜେ ତାଲାଦି କୁକୁଟିଦାନ୍ ତେଲ୍‌ଦେଙ୍ଗ୍ ଆସ୍‌ତାତ୍, ମାରି ୱାନି
ପାଦାମ୍‌ତିଙ୍ଗ୍ ନୋଣ୍ଡୁନିୱାଲେ ଆୟା ବାସ୍‌ନା ନିୟୁ ଉସ୍‌ତେଙ୍ଗ୍
ଆସ୍‌ତାତ୍ । 39 ଆକା ସୁତୁଜି, ଆମା ପାରୁସି ଜିସୁଙ୍ଗ୍ କୁକ୍‌ତା
ମାର୍‌ଆନ୍, ୱାନ୍ ମୋନ୍‌ତୁ ମୋନ୍‌ତୁ ଇର୍‌ଆନ୍, "ଇକାନ୍ ଜଦି
ବାବବାଦି ଆନିମାନିକାଇରିଙ୍ଗ୍, ଆରିଙ୍ଗ୍ ୱେନିଙ୍ଗ୍ ଜେ ମୁଟ୍‌ସିନାତ୍,
ୱାଦ୍ ଏଦ୍ ମାରି ଏଣ୍ଡେସ୍‌ମାରି ଆଇମା, ୱାଦ୍ ଜେ ପାପି ଲୋକ୍
ଇକା ନେସ୍‌ତାନ୍ ମାନ୍ଦି ।" 40 ଜିସୁ ୱାନିଙ୍ଗ୍ ଇର୍‌ଆନ୍, ସିମୋନ୍,
ନିଙ୍ଗ୍ ଉଣ୍ଡି ମାଟା ଇନ୍‌ଡ୍ରେଙ୍ଗ୍ ମାନାତ୍ । ୱାନ୍ ଇର୍‌ଆନ୍, "ଗୁରୁ
ଇନ୍‌ଆଁ ।" 41 ଅରେନ୍ ପେରି ମାଜନ୍ ଲୋକୁ ଲାକ୍‌ତୁରାନ୍
ରିଏର୍ ଲୋକୁ ରୁଣୁ ଅତାମାର୍‌ଆର୍; ଅରେନ୍ ପାସେସା ଡାବୁଙ୍ଗ୍
ମାରି ଅରେନ୍ ପସାସ୍ ଡିନାରି ରୁଣୁ ତାତାମାର୍‌ଆର୍ । 42
ଡ଼େସି ରୁଣୁ ସିଦେଙ୍ଗ୍ ୱାରିଙ୍ଗ୍ ଇନିକା ସିଲେତିଙ୍ଗ୍ ୱାନ୍ ରିଏରି
ରୁଣୁ ଡ଼ିସ୍‌ତାସିତାନ୍ । ଏନ୍ ୱାରି ବାଣାନ୍ ଏନ୍ ୱାନିଙ୍ଗ୍ ନାଣ୍ଡୁ
ଜିବନ୍ନେନାନାନ୍? 43 ସିମୋନ୍ ଇର୍‌ଆନ୍, "ନାନ୍ ଅଡ଼୍‌ବିଜିନା,"
ୱାନ୍ ଆମାୱାନିନ୍ଦି ନାଣ୍ଡୁ ରୁଣୁ ଡ଼ିସ୍‌ତାନ୍, ୱାନ୍ ୱାନିଙ୍ଗ୍ ଇର୍‌ଆନ୍,
"ନିନ୍ ଟିକ୍ ୱେର୍‌ତି ।" 44 ମାରି, ୱାନ୍ ଆୟା ଆଇମାଦି ଉଣ୍ଡିଙ୍ଗ୍
ମୋକମ୍ ଡ଼େପ୍‌ସି ସିମୋନ୍‌ତିଙ୍ଗ୍ ଇର୍ହାନ୍, "ଇୟା ଆଇମାଦିଙ୍ଗ୍
ସୁତୁଜିନି? ନାନ୍ ମି ଇନ୍‌ଡ୍ର ୱାତା ନିନୁ ନା ପାଦାମ୍‌ତି ଉଣ୍ଡିଙ୍ଗ୍ ଏର୍
ସିଏତି, ମାତର୍ ଇୟାକାତ୍ କାଣେର୍ ଏର୍‌ତାନ୍ ନା ପାଦାମ୍‌ତିଙ୍ଗ୍
ନୋର୍‌ଜି ନିଜେ କୁକୁଟିଦାନ୍ ତେଲିତାତ୍ । 45 ନିନ୍ ନାଙ୍ଗ୍
ନଣ୍ଡୁଜି କୁକ୍‌ସା ଅଇତି, ମାତର୍ ନାନ୍ ଲୋଇ ୱାତିୱାଲେରାନ୍
ଇୟାକାତ୍ ନା ପାଦାମ୍ ନଣ୍ଡେଦଙ୍ଗ୍ ଡ଼ିସ୍‌ଏତ୍ । 46 ନିନ୍ ନା ତାଲାଦୁ
ନିୟୁ ଉସ୍‌ଏତି, ମାତର୍ ଇୟାକାତ୍ ନା ପାଦାମ୍‌ତୁ ବାସ୍‌ନା ନିୟୁ
ଉସ୍‌ତାତ୍ । 47 ଇୟାଉଣ୍ଡିଙ୍ଗ୍ ନାନ୍ ନିଙ୍ଗ୍ ଇଜିନା, ତେନି ୱିଜୁ ପାପ୍
କେମା ଆତାମାନାତ୍, ଇରିଙ୍ଗ୍ ୱାଦ୍ ନାଣ୍ଡୁ ଜିବନ୍ ନତାତ୍; ମାତର୍
ଏଙ୍ଗ୍ ଅଲପ୍ କେମା ସିଆଇ ଆନାତ୍, ୱାନ୍ ଅଲପ୍ ଜିବନ୍ନେନାନ୍
।" 48 ମାରି, ଜିସୁ ଆୟା ଆଇମାଦିଙ୍ଗ୍ ଇର୍‌ଆନ୍, "ନି ପାପ୍ ୱିଜୁ
କେମା ଆତାମାନାତ୍ ।" 49 ଆବେନୁ ୱାନିୱାଲେ ଉଣ୍ଡେଙ୍ଗ୍ ବାସ୍‌ତି
ମାର୍‌ଇ ଲୋକୁ ମୋନ୍‌ତୁ ମୋନ୍‌ତୁ ଇନ୍‌ଡ୍ରେଙ୍ଗ୍ ଆସ୍‌ତାର୍, ପାପ୍
ବା କେମା କିଜିନାନ୍ ଜେ ଇକାନ୍ ଏନ୍? 50 ମାତର୍ ଜିସୁ ଆୟା
ଆଇମାଦିଙ୍ଗ୍ ଇର୍‌ଆନ୍, "ନି ବିସ୍‌ବାସ୍ ନିଙ୍ଗ୍ ରକିୟା କିତାମାନାତ୍,
ସାନ୍ତିଦାନ୍ ସାଙ୍ଗ୍‌ଆ ।"

**8** ଇୟା ୱେନ୍‌କା ଜିସୁ ଗାଡ଼୍ ଗାଡ଼୍‌କାଙ୍ଗ୍ ମାରି ନାର୍ ନାର୍‌କାଙ୍ଗ୍
ୱେର୍‌ସି ମାପୁରୁଦି ରାଜିଦି ନେଗିକାବୁର୍ ପ୍ରଚାର୍ କିଜି
ବୁଲାଦେଙ୍ଗ୍ ଆସ୍‌ତାନ୍, ମାରି ବାରଲୋକ୍ ସିସୁର୍ ୱାନି ୱାଲେ
ମାର୍ହାର୍, 2 ମାରି ଏମେ ଆଇମେକ୍ ମାଣାନ୍ ତାଗ୍‌ଇ ଆତ୍ମା ମାରି
ରୋଗ୍‌ଦାନ ନେଗେଣ୍ଡୁ ଆତେ ମାର୍‌ଏ, ୱାକ୍ ବା ୱାନିୱାଲେ
ମାର୍‌ଏ, ମରିୟମ୍ ଆମାତାନିଙ୍ଗ୍ ମଗ୍‌ଦଲିନି ଇଜିମାର୍‌ଆର୍,
ଏମେତାନି ମାଣୁକୁ ସାତଗୋଟା ଦୁବେଙ୍ଗ୍ ସପ୍‌ତା ମାର୍ହାର୍ । 3
ହେରୋଦଦି ଗୁମୁସ୍ତା କୁଜାଦି ଆଡ଼ି ଜୋହାନା, ସୋସନା, ମାରି
ନାଣ୍ଡୁ ଆଇମେକ୍ ୱାନିୱାଲେ ମାନ୍‌ଜି ନିଜେ ନିଜେଦି ସମ୍ପତ୍ତି
ସିଇଜି ଜିସୁ ନି ୱାନି ସିସୁରି ସେବା କିଜିମାର୍‌ଏ । 4 ନାଣ୍ଡୁ
ଲୋକ୍ ଉଣ୍ଡେ ମାନୁ ଆଜିମାରି ଗାଡ଼୍ ଗାଡ଼୍‌କାଣ୍‌କୁ ଲୋକ୍ ୱାନି
ଲାକ୍‌ତୁ ୱାତାର୍, ଜିସୁ ଇୟା କାତା ଇର୍ହାନ୍, 5 ଅରେନ୍ ୱିତୁ
ୱିତିନିକାନ୍ ନିଜେଦି ୱିତୁ ୱିତ୍‌ତେଙ୍ଗ୍ ସତାନ୍ । ୱାନ୍ ୱିତ୍‌ବୁ ୱିତ୍‌ବୁ
ଏସଡ଼୍ ସାର୍‌ଦୁ ଆର୍‌ତେ ମାରି ପାଦାମ୍ ଆଡ଼୍‌ଗି ମାଟ୍‌ତାର୍, ମାରି
ବାଦଡ଼୍‌ତି ପଟିଙ୍ଗ୍ ଆୟାୱିଜୁ ତିର୍‌ଏ । 6 ମାରି ଏସ ୱିତୁ ଉଣା
ସିକ୍‌ଲାମାନି ପିଡ଼ିପି ବୁମିଦୁ ଆର୍‌ତାତ୍, ମାରି ଗାଜାଆଜି ସିକ୍‌ଲା
ଅଲ୍ ସିଲେତାତ୍‌ଆକା ୱାର୍‌ତାସରାତ୍ । 7 ମାରି ଏସ ୱିତୁ ସାମ୍‌କା
ଦୁପା ଲୋଇ ବା ଆର୍‌ତାତ୍, ମାରି ସାମ୍‌ମାରାକ୍ ତାନି ୱାଲେ
ପିରିଜି ଆୟାୱିଜୁଦିଙ୍ଗ୍ ତିଗିତାତ୍ । 8 ଆୟା ଏସ ୱିତୁ ନେଗି
ବୁମିଦୁ ଆର୍‌ତାତ୍, ମାରି ପିର୍‌ଜି ସୟେ ଗୁଣୁ ପଲ୍ ଆସ୍‌ତାତ୍
। ୱାନ୍ ଇକା ଇନ୍‌ବୁ ଇନ୍‌ବୁ ନାଣ୍ଡୁ ଆଉଲି ଆଜି ଇର୍‌ଆନ୍,
"ଆମାୱାନିଙ୍ଗ୍ ୱେନ୍‌ଡ୍ରେଙ୍ଗ୍ ଗିଟଣିଙ୍ଗ୍‌ମାନେ, ୱାନ୍ ୱେନିନ୍ ।" 9
ଜିସୁଦି ସିସୁର୍ ଇୟା କାତାଦି ଅର୍ତ ଇନିକା ଇଜି ୱେନ୍‌ବାଦେଙ୍ଗ୍
ଆସ୍‌ତାର୍ । 10 ଆବେଟ୍ ୱାନ୍ ଇର୍ହାନ୍, ମାପୁରୁଦି ରାଜିଦି
ୱିଜୁ ବିସୟ୍ ନେସ୍‌ତେଙ୍ଗ୍ ମିଙ୍ଗ୍ ବୁଦି ସିଆତାମାନାତ୍, ମାତର୍
ଆଇୱାରିଙ୍ଗ୍ କାତାଦାନ୍ ଇଣ୍ଡେଙ୍ଗ୍ ଆନାତ୍, ଏଣ୍ଡେସ୍ ୱାର୍ ସୁତୁବୁ
ସୁତୁବୁ ସୁତୁଦେଙ୍ଗ୍ ଆଟ୍‌ଏର୍ ମାରି ୱେନ୍‌ବୁ ୱେନ୍‌ବୁ ବୁଜାଏର୍ ।
11 କାତାଦି ଅର୍ତ ଇକା । ୱିତୁ ମାପୁରୁଦି ବାକ୍ୟ, 12 ମାରି ସାରି
ଲାକ୍‌ତୁରି ୱିତୁ ଇୟାୱାଜା ଲୋକାଙ୍ଗ୍ ବୁଜାକିନାତ୍, ଏମେକାର୍

ବାକ୍ୟ ୱେନାର୍, ଆୟାୱେନ୍‌କା ସୟତାନ୍ ୱାଜି, ଏଣ୍ଡେସ୍ ୱାର୍
ବିସ୍‌ବାସ୍ କିଜ ରକିୟା ପୟ୍‌ଏର୍, ଆୟାଉଣ୍ଡିଙ୍ଗ୍ ୱାରି ଜିବନ୍‌ତାନ୍
ବାକ୍ୟ ଡଙ୍ଗ୍ଁ କିନା ଅନାଦ୍ । 13 ମାରି, ଏମେକାର୍ ବାକ୍ୟ ୱେନ୍‌ଜି
ୱେଡ଼ିକାଦାନ୍ ମାନାନାର୍, ୱାର୍ ପିଡ଼ିପି ବୁମିଡୁ ଆର୍‌ତିମାନି
ୱିତୁଦି ସାମାନ୍ । ଆୟା ସିକିୟା ୱାରିମାନୁ ନାଣ୍ଡୁନେସ୍‌ନି ନେସ୍‌ଇ
ମାନିଙ୍ଗ୍, ମାତର୍ ୱାର୍ ଲେୱା ସାଗ୍‌ଏତାତ୍‌ଆକା ୱାର୍ ଅଡ଼ପ୍
ସମୟ୍ ବିସ୍‌ବାସ୍ କିନାର୍ ମାରି ପରିକା ୱେଡ଼ାଡୁ ଆର୍‌ନା ସନାର୍ ।
14 ମାରି, ସାମ୍ ମାରାକ୍ ଲୋଇ ଆର୍‌ତି ୱିତୁ ଇୟାୱାଜା ଲୋକାଙ୍ଗ୍
ବୁଜାକିନାତ୍, ଏମେକାର୍ ବାକ୍ୟ ୱେନାର୍, ମାତର୍ ଦୁନିଆଦି ସିନ୍ତା
ମାରି ଦନ ନି ସୁକ୍ ପୟଜି ଜିବୁ ଜିବୁ ତିଗାନା ସନାର୍ । ନେଗି
ପଲ୍ ପାଣ୍ଡିସ୍ କିଏର୍ । 15 ମାରି, ନେଗି ବୁମିଡୁ ଆର୍‌ତି ୱିତୁ
ଇୟାୱାଜା ଲୋକାଙ୍ଗ୍ ବୁଜାକିନାତ୍, ଆମାକାର୍ ନେଗେଣାନ୍ ମାରି
ନେଗି ଜିବନ୍‌ତୁ ବାକ୍ୟ ୱେନ୍‌ଜି ଆୟାକା ଆସ୍‌ସି ଇଡ଼ନାର୍ ମାରି
ଡାଟାମ୍‌ତାନ୍ ପଲ୍ ଆସ୍‌ନାତ୍ । 16 ଆମାକାର୍ ଦିୱା କାସିସ୍
କିଜ ସାଟିଦାନ୍ ପିଡ଼ିକ୍‌ସ ଇଡେଏନ୍, ମାରି କାଟେଲ୍ ଆଡ଼୍‌ଗି
ଇଡେଏନ୍, ମାରି ଦିୱା ଇଡ଼୍‌ନି ବାଡ଼ି ମୁସ୍‌କୁ ଇଡିନାନ୍, ଏଣ୍ଡେସ୍
ଡୁଗିନି ଲୋକୁ ସୁଡୁଦେଙ୍ଗ୍ ଆଟ୍‌ନାର୍ । 17 ମାତର୍ ଆମାକା
ନେସିଇକା, ଇୟାୱାଜା ନେସିଇ ବିସୟ୍ ଇନିକା ସିଲେତ୍, ମାରି
ଆମାକା ୱେଙ୍ଗ୍ଁଜି ତରାଇଆଏତ୍, ଇୟାୱାଜା ନେସେଇ ବିସୟ୍
ଇନିକା ସିଲେତ୍ । 18 "ମାରି, ଏଣ୍ଡେସ୍ ୱେନ୍‌ଜିନିଦେର୍, ଆୟା
ବିସୟ୍‌ତାନ୍ ଜାଗାର୍‌ତା; ଇରିଙ୍ଗ୍ ଆମାୱାନିଦି ମାନାତ୍, ୱାନିଙ୍ଗ୍
ସିଆଇ ଆନାତ୍, ମାରି ଆମାୱାନିଙ୍ଗ୍ ସିଲେତ୍, ୱାନ୍ ଆମାକା
ନିଜେଦି ମାନାତ୍ ଇଜି ମନେକିନାର, ଆୟାକା ବା ୱାନିବାଣାନ୍
ଅଆନାତ୍ ।" 19 ଜିସୁଦି ୟାୟା ନି ତଡ଼ାନ୍‌କୁ ୱାନିଲାକ୍‌ତୁ
ୱାତାର୍, ମାତର୍ ଲୋକାଗୋଲିଦି ଉଣ୍ଡିଙ୍ଗ୍ ୱାନି ୱାଲେ ବେଟ୍
ଆଦେଙ୍ଗ୍ ଆଟ୍‌ଏଜି ମାର୍ହାର୍ । 20 ଆବେଟ୍ ୱାନିଙ୍ଗ୍ ଏନ୍ ଅରେନ୍
ଇୟା କାବୁର୍ ସିତାନ୍, ମି ୟାୟା ନି ତଡ଼ାନ୍‌କୁ ନି ୱାଲେ ବେଟ୍
ଆଦେଙ୍ଗ୍ ବଦା କିଜି ଆତ୍‌ରେ ନିଲ୍‌ତାମାନାର୍ । 21 ମାତର୍ ୱାନ୍
ୱାରିଙ୍ଗ୍ ଇର୍‌ଆନ୍, "ଆମାକାର୍ ମାପୁରୁଦି ବାକ୍ୟ ୱେନାର ମାରି
ମାନାନାର୍, ୱାର୍ ନା ୟାୟା ନି ତଡ଼ାନ୍‌କୁ ।" 22 ଆୟା ୱେଡ଼ାଡୁ
ଅରେନଣ୍ଡେ ଜିସୁ ମାରି ୱାନି ସିସୁର୍ ଉଣ୍ଡି ଡଙ୍ଗ୍ଁଡୁ ଏକ୍‌ତାର୍, ମାରି
ୱାନ୍ ୱାରିଙ୍ଗ୍ ଇର୍ହାନ୍, "ରାଦୁ, ସାମ୍‌ଦୁରୁତି ଆୟା ପାଡ଼ି ସନାଟ୍
।" ଆବେଟ୍ ୱାର୍ ଏର୍‌ଜାଜ୍ କୁତାରଡ଼ିସିତାର୍ । 23 ମାତର୍
ୱାର୍ ଏର୍‌ଜାଜ୍‌ତୁ ସନି ୱେଡ଼ାଡୁ ୱାନ୍ ଡରିତାମାର୍ହାନ୍ । ଆୟା
ୱେଡ଼ାଡୁ ସାମ୍‌ଦୁରୁତୁ ଗାଲି ଆତାତ୍, ମାରି ୱାରି ଡଙ୍ଗ୍ଁଡୁ ଏରୁ
ପୁରୁନ୍ ଆଦେଙ୍ଗ୍ ଆରାମ୍‌ଆତେ ମାରି ୱାର୍ ବାଦାଡୁ ପଡ଼େଆତାର୍
। 24 ଆବେନୁ ସିସୁର୍ ଲାକ୍‌ତୁ ୱାଜି ଜିସୁଙ୍କୁ ନିକ୍‌ସି ଇର୍ହାର୍, "ଏ
ଗୁରୁ, ଏ ଗୁରୁ ମାପ୍ ସାତାପ୍ ।" ଇବେନୁ ୱାନ୍ ନିଙ୍ଗ୍ଁଜି ଗାଲି ମାରି
ନାଣ୍ଡୁ ସାମ୍‌ଦୁରୁତି ଏରୁଦିଙ୍ଗ୍ ଆଦ୍‌ରିସ୍‌ତାନ୍, ମାରି ଆୟାୱିଜୁ ତିର୍
ଆଜି ସାନ୍ତି ଆତାତ୍ । 25 ମାରି, ଜିସୁ ସିସୁରିଙ୍ଗ୍ ଇର୍‌ଆନ୍, "ମି
ବିସ୍‌ବାସ୍ ଏମେଦି?" ମାତର୍ ୱାର୍ ତିଲାଜି ମାରି ଚମ୍‌କେ ଆଜି
ନିଜେ ନିଜେଦି ମାନୁ ଇନ୍‌ଡ୍ରେଙ୍ଗ୍ ଆସ୍‌ତାର୍, "ଇକାନ୍ ଆତିଙ୍ଗ୍
ଏନ୍ ଜେ? ଗାଲି ନି ଏରୁଦିଙ୍ଗ୍ ବା ଆଦେସ୍ ସିଜିନାନ୍, ଗାଲି ନି
ଏରୁଡର୍ ୱାନି ମାଟା ମାନ୍‌ଜିନେ ।" 26 ୱେନ୍‌କା ଜିସୁ ନି ୱାନି
ସିସୁର୍ ଗାଲିଲିଦି ଆଗିଡ଼ିରି ଆୟାପାଡ଼ିଦି ଗରାସିୟରି ରାଜିଡୁ
ଇତାର୍ । 27 ୱାନ୍ ଏରୁଜାହାଜ୍‌ତାନ୍ ସହସି ପାଡ଼ିଡୁ ରେତାନ୍,
ଆୟା ଗାଡ଼୍‌ତି ଅରେନ୍ ଦୁବାଆସ୍‌ତି ଲୋକୁ ୱାନିଙ୍ଗ୍ ବେଟ୍‌ଆତାନ୍;
ୱାନ୍ ନାଣ୍ଡୁ ଦିନ୍ ସାନ୍ଦି ଆଙ୍ଗ୍ଁ ଆରାଏଣ୍ଡା ମାରି ଇନ୍‌ଡ୍ର ମାନ୍‌ଏଣ୍ଡା
ଦୁକିଡୁ ମାନ୍‌ଜି ମାର୍‌ଆନ୍ । 28 ୱାନ୍ ଜିସୁଙ୍କୁ ସୁଡୁଜି ଆଉଲି
ଆଜି ୱାନି ପାଦାମ୍ ଆଡ଼୍‌ଗି ଆର୍‌ଜି ପେରି ୱେୟୁଦାନ୍ ଇର୍ହାନ୍,
"ଏ ପେରି ମାପୁରୁଦି ମାରିନ୍ ଜିସୁ, ନି ୱାଲେ ନାଙ୍ଗ୍ଁ ଇନିକା
ମାନାତ୍? ନାନ୍ ନିଙ୍ଗ୍ଁ ମାଡ଼ିସ୍‌କିଜିନା, ନାଙ୍ଗ୍ କାସ୍କ ସିମା ।" 29
ଇରିଙ୍ଗ୍ ୱାନ୍ ତାଗ୍‌ଇ ଆତ୍ମାଦିଙ୍ଗ୍ ଆୟା ଲୋକାମାଣ୍‌କୁ ସହସ ସନି
ଉଣ୍ଡିଙ୍ଗ୍ ଆଦେସ୍ ସିତା ମାର୍ହାନ୍ । ଆୟା ଦୁବା ନାଣ୍ଡୁ ଦେବେଙ୍ଗ୍
ୱାନିଙ୍ଗ୍ ଆସ୍‌ତାମାର୍ହାତ୍, ମାରି ଲୋକୁ ୱାନିଙ୍ଗ୍ ସିକ୍‌ଣିଦାନ୍ ତର୍‌ସି
ଇଡ଼୍‌ଜିମାର୍ହାର୍, ମାତର୍ ୱାନ୍ ତର୍‌ତିକାୱିଜୁ ତେଉଜି ପୋକ୍‌ସି
ମାର୍‌ଆତ୍ ଦୁବା ୱାନିଙ୍ଗ୍ ସୁନ୍‌ସାନ୍‌ବାଡିଡୁ ଅସିମାର୍ହାତ୍ । 30 ଜିସୁ
ୱାନିଙ୍ଗ୍ ୱେନ୍‌ବାତାନ୍, "ନି ଦର୍ ଇନିକା?" ୱାନ୍ ଇର୍ହାନ୍, "ନା
ଦର୍ ବାହିନି; ଇରିଙ୍ଗ୍ ନାଣ୍ଡୁ ଦୁବେଙ୍ଗ୍ ୱାନିଙ୍ଗ୍ କାସ୍‌ତେ ମାର୍‌ଏ
।" 31 ମାରି, ୱାନ୍ ଏଣ୍ଡେସ୍ ୱାରିଙ୍ଗ୍ ପାତାଲ୍‌ତୁ ସନି ଉଣ୍ଡିଙ୍ଗ୍
ଆଦେସ୍ ସିମାକିନ୍, ଆୟାଉଣ୍ଡିଙ୍ଗ୍ ୱାର୍ ୱାନିଙ୍ଗ୍ ମାଡ଼ିସ୍ କିତାର୍
। (Abyssos g12) 32 ଆବେନୁ ଗର୍‌ନ୍ ଲାକ୍‌ତୁ ଉଣ୍ଡି ପେରି
ପାନ୍‌ଡ୍ରିଙ୍ଗ୍ ମାନ୍ଦା ସାରାଜିମାର୍‌ଏ, ମାରି ୱାନ୍ ଏଣ୍ଡେସ୍ ତାଗ୍‌ଇ
ଆତ୍‌ମେଙ୍ଗ୍ ଆୟା ପାଣ୍ଡ୍ରିଙ୍ଗ୍ଁ ଲୋଇ ଡୁଗ୍‌ଦେଙ୍ଗ୍ ଉଣ୍ଡିଙ୍ଗ୍ ସାରି
ସିତାନ୍, ଆୟାଉଣ୍ଡିଙ୍ଗ୍ ୱାର୍ ଜିସୁଙ୍କୁ ମାଡ଼ିସ୍ କିତାର୍ । 33 ୱାନ୍
ୱାନିକାଙ୍ଗ୍ ସାରି ସିତାନ୍‌ଆକା, ଦୁବେଙ୍ଗ୍ ଆୟା ଲୋକ୍‌ତିବାଣାନ୍
ସହସି ପାନ୍‌ଡ୍ରିଙ୍ଗ୍ଁ ଲୋଇ ଡୁଗିତେ; ଆବେନୁ ଆୟା ପାନ୍‌ଡ୍ରିଙ୍ଗ୍
ୱିଜୁ ଗରନ୍ ଟିପୁଦାନ୍ ଉରୁକ୍‌ସି ସଲ୍‌ସି ସାମ୍‌ଦୁର୍‌ତୁ ଆର୍‌ଜି
ମୁଡୁଗିତେ ସାତେ । 34 ମିଜି ମାର୍‌ଇ ଲୋକୁ ଆୟା ଗଟ୍‌ନା ସୁଡୁଜି
ଉରୁକ୍‌ସି ସଲ୍‌ସି ଗାଡ଼୍‌କାଙ୍ଗ୍ ନି ନାର୍‌କାଙ୍ଗ୍ଁ ଆକା ୱେର୍‌ତାର୍
। 35 ଆବେନୁ ଲୋକୁ ଗଟ୍‌ନା ସୁଡୁଦେଙ୍ଗ୍ ସହସି ୱାତାର୍;
ମାରି, ୱାର୍ ଜିସୁ ଲାକ୍‌ତୁ ୱାଜି, ଏମେ ଲୋକାମାଣାନ୍ ଦୁବେଙ୍ଗ୍
ସତେମାର୍‌ଏ, ୱାନିଙ୍ଗ୍ ନେଗି ୱାତି ପିଡ଼ିଗ୍ରେଜା ନେଗି ମୋନ୍‌ତାନ୍
ଜିସୁଦି ପାଦାମ୍ ଆଡ଼୍‌ଗି ବାସ୍‌ତିମାର୍‌ଇକା ସୁଡୁଜି ତିଲାତାର୍ । 36
ମାରି, ଆମାକାର୍ ଇୟା ଗଟ୍‌ନା ସୁଡୁତାମାର୍‌ଆର୍, ୱାର୍ ଆୟା
ଦୁବା କାସ୍‌ତି ଲୋକୁ ଏଣ୍ଡେସ୍ ନେଗେନ୍ ଆତାନ୍, ଆକା ୱାରିଙ୍ଗ୍
ୱେର୍‌ତାନ୍ । 37 ଆବେନ୍ ଗରାସିୟରି ରାଜିଦି ୱିଜୁ ତରିଟି
ଲୋକା ମାଣାନ୍ ଡ଼ିସ୍‌ସି ସନ୍‌ଡ୍ରେଙ୍ଗ୍ ଜିସୁଙ୍କୁ ମାଡ଼ିସ୍‌କିତାର୍, ଇରିଙ୍ଗ୍
ୱାର୍ ନାଣ୍ଡୁ ତିଲାତାମାର୍‌ଆର୍; ମାରି, ୱାନ୍ ଉଣ୍ଡି ଏରୁଜାହାଜ୍‌ତୁ
ଏକ୍‌ସି ଡ଼େସିୱାତାର୍ । 38 ମାତର୍ ଏମେ ଲୋକାମାଣାନ୍ ଦୁବେଙ୍ଗ୍
ସତେସର୍‌ଏ ମାର୍‌ହେ, ୱାନ୍ ଜିସୁୱାଲେ ମାନ୍‌ଡ୍ରେଙ୍ଗ୍ ମାଡ଼ିସ୍
କିଦେଙ୍ଗ୍ ଆସ୍‌ତାନ୍; 39 ମାତର୍ ୱାନ୍ ୱାନିଙ୍ଗ୍ ସାଙ୍ଗ୍‌ଆ ଇଜି

ଇର୍‌ଆନ୍, "ମି ଇନ୍‌ତ୍ର ଡ଼େସି ସାଙ୍ଗଆ, ମାରି ମାପୁରୁ ନିଜ୍ଞଁ ଇନି
ଇନି କାର୍ମୁ କିତାମାନାନ୍, ଆକା ୱିଜୁୱେର୍‌ଆ ।" ଆବେଶାନ୍ ୱାନ୍
ସଲ୍‌ସି, ଜିସୁ ୱାନିଜ୍ଞ ଇନି ଇନି କାର୍ମୁ କିତାମାର୍‌ଆନ୍ ଆୟାୱିଜୁ
ଗାଡ଼୍‌ତୁ ୱେର୍‌ତେଜ୍ଞ ଆସ୍‌ତାନ୍ । 40 ଏସ୍ତିୱାଲେ ଜିସୁ ଆୟାପାଡ଼ି
ୱାତାନ୍, ନାଣ୍ତୁଲୋକ୍ ୱାନିଜ୍ଞ ୱେଡ଼ିକାଦାନ୍ ମାନାତାର୍, ମାତର୍
ୱିଜେରେ ୱାନିଜ୍ଞ କାପ୍‌କିଜିମାର୍‌ଆର୍ । 41 ମାରି, ସୁଡୁଡୁ,
ଜାଇରସ୍ ଦର୍‌ତି ଅରେନ୍ ଲୋକୁ ୱାତାନ୍; ୱାନ୍ ପାର୍‌ତନା
ଇଲୁଦି ପେରିକାନ୍ ମାର୍‌ଆନ୍ । ୱାନ୍ ଜିସୁଦି ପାଦାମ୍‌ଆଗ୍‌ଡ଼ି
ନିଜେଦି ଇନ୍‌ତ୍ର ୱାଦେଜ୍ଞ ୱାନିଜ୍ଞ ମାଡ଼ିସ୍‌ତାନ୍, 42 ମାତର୍ ୱାନି
ବାର ବାରସ୍‌ତି ଅରେଡ଼େନ ନା ଗାଡ଼ି ମାର୍‌ଆତ୍, ମାରି ୱାଦ୍
ସାତାମାର୍‌ଆତ୍ । ମାତର୍ ୱାନ୍ ସଲସିମାର୍‌ଇ ୱେଡ଼ାଦୁ ଲୋକୁ
ୱାନି ୱାନି ମୁସ୍‌କୁ ମାଟ୍‌ସି ସାଜି ମାର୍‌ଆର୍ । 43 ନାସ୍ତିୱାଲେ
ବାର ବାର୍‌ସୁ ସାନ୍ଦି ସୁତୁକ୍ ରୋଗଦି ଅରେଡ଼୍ ଆଇମା ମାର୍‌ଆତ୍,
ଏଦ୍‌କି ନିଜେଦି ୱିଜୁ ଡାବୁଜ୍ଞଁ ୱିସ୍‌ସି ଏବାଣାକୁବା ନେଗେଣ୍ତୁ
ଆଦେଜ୍ଞ ଆଟ୍‌ଏଜି ମାର୍‌ଆତ୍, 44 ୱାଦ୍ ୱେନ୍‌କାରି ପାଡ଼୍‌କାଦାନ୍
ୱାଜି ୱାନି ୱାତି ଜାଲିଦୁ ମୁଟ୍‌ତାତ୍, ମାରି, ଆୟାଦାପ୍ରେ ତାନି
ସୁତୁକ୍ ଆନି ରଗ୍ ନେଗେନ୍ ଆତାତ୍ । 45 ଆବେନୁ ଜିସୁ
ଇର୍ହାନ୍, "ଏନ୍ ନାଜ୍ଞ ମୁଟ୍‌ତାନ୍?" ମାତର୍ ୱିଜେରେ ସିଲେ ଇଜି
ଇର୍ହାର୍, ପିତର ଇର୍ହାନ୍, "ଏ ଗୁରୁ, ଲୋକୁ ମାଣ୍ତାସୁଣ୍ତା ଆଜି ନି
ମୁସ୍‌କୁ ମାଟ୍‌ସି ସାଜିନାର୍ ।" 46 ମାତର୍ ଜିସୁ ଇର୍ହାନ୍, "ଏନ୍
ଅରେନ୍ ନାଜ୍ଞ ମୁଟ୍‌ତାନ୍, ମାତର୍ ନା ବାଣାନ୍ ସାକ୍ତି ସତାତ୍
ଇଜି ନାନ୍ ନେସ୍‌ତା ।" 47 ଏସ୍ତିୱାଲେ ଆଇମାଲୋକ୍ ସୁତୁତାତ୍
ଜେ, ୱାଦ୍ ମାରାଗ୍‌ଜି ମାନ୍‌ଣ୍ଡେଜ୍ଞ ଆଟେଏତାତ୍, ନାସ୍ତିୱାଲେ
ୱାଦ୍ ତିର୍‌ଗ୍‌ଜି ତିର୍‌ଗିଜି ୱାଜି ୱାନି ପାଦାମ୍ ଆଡ଼୍‌ଗି ଆର୍‌ଜି,
ଇନିଦାନିଜ୍ଞ ୱାନିଜ୍ଞ ମୁଟ୍‌ତାତ୍, ମାରି ଏଣ୍ତେସ୍ ଦାପ୍ରେ ନେଗେଣ୍ତୁ
ଆତାତ୍, ଆୟାୱିଜୁ ଲୋକା ଆଗ୍‌ଡ଼ି ଇର୍ହାତ୍ । 48 ଆବେଟ୍
ୱାନ୍ ତାନିଜ୍ଞ ଇର୍‌ଆନ୍, "ଗାଡ଼ି, ନି ବିସ୍‌ବାସ୍ ନିଜ୍ଞଁ ନେଗେନ୍
କିତାମାନାତ୍, ସାନ୍ତିଦାନ୍ ସାଙ୍ଗଆ ।" 49 ଜିସୁ ଆୟା ମାଟା
ଇନିୱାଲେ ପାର୍‌ତନା ଇନ୍‌ତ୍ରଣି ପେରିଲୋକା ଇନ୍‌ତ୍ରଣାନ୍ ଅରେନ୍
ୱାଜି ଇର୍‌ଆନ୍, "ମି ଗାଡ଼ି ସାତାତ୍‌ନି, ଗୁରୁଜ୍ଞ ମାରି କାସ୍କ ସିମା ।"
50 ମାତର୍ ଜିସୁ ଆୟାକା ୱେନ୍‌ଜି ଜାଇରସ୍‌ତିଜ୍ଞ ଡ଼େସି ଇର୍‌ଆନ୍,
"ତିଲାମାଟ୍, ବିସ୍‌ବାସ୍ କିଦୁ, ମାରି ୱାଦ୍ ନେଗେନ୍ ଆନାତ୍ ।"
51 ମାରି, ଇନ୍‌ତ୍ର ୱାଜି ପିତର, ଜୋହନ ମାରି ଜାକୁବ, ମାରି
ଗାଡ଼ିସ୍‌ଦି ୟାୟା ବୁବା ଡ଼ିସ୍‌ତିଜ୍ଞ ମାରି ଏୟେଜ୍ଞ ନିଜେୱାଲେ
ଲୋଇ ସନ୍‌ଡ୍ରେଜ୍ଞ ସିଏତାର୍ । 52 ମାତର୍ ୱିଜେରେ ତାନି ଉଣ୍ତିଜ୍ଞ
ଆଡ଼୍‌ବାଜି ଆଡ଼୍‌ବାଜି ବକାଦୁ କତାଜି ମାର୍‌ଆର୍ । ଆବେନୁ ୱାନ୍
ଇର୍‌ଆନ୍, "ଆଡ଼୍‌ବାମାଟ୍; ୱାଦ୍ ସାଏତ୍, ମାତର୍ ସୁସ୍‌ତାମାନାତ୍
।" 53 ମାତର୍ ୱାଦ୍ ସାତାମାନାତ୍ ଇଜି ନେସ୍‌ତିବାଣାନ୍ ୱାର୍
ଜିସୁଜ୍ଞଁ ସେମାର୍ କିଜିମାର୍‌ଆର୍ । 54 ମାତର୍ ୱାନ୍ ଆଇଲିଦି
କିୟୁ ଆସ୍‌ସି କୁକ୍‌ସି ଇର୍‌ଆନ୍, "ଏ ଆଇଲି, ନିଜ୍ଞଁଆ ।" 55
ଆବେଟ୍ ତାନି ଜିବନ୍ ଡ଼େସି ୱାତାତ୍, ମାରି ୱାଦ୍ ଆୟାଦାପ୍ରେ
ନିଜ୍ଞଁତାତ୍, ଜିସୁ ତାନିଜ୍ଞ ଇନିକାବା ଉଣ୍ତେଜ୍ଞ ସିଦେଜ୍ଞ ଇର୍‌ଆନ୍
। 56 ଇବେଟ୍ ତାନି ୟାୟା ବୁବା କାବା ଆତାର୍; ମାତର୍ ଆୟା
ଗଟ୍‌ନାଦି ମାଟାଦିଜ୍ଞ ଏଜ୍ଞବା ଇନ୍‌ମାଟ୍ ଇଜି ୱାରିଜ୍ଞ ଇର୍‌ଆନ୍ ।

**9** ଆୟାୱାଲେ ଜିସୁ ବାର ଲୋକୁ ସିସୁରିଜ୍ଞ କୁକ୍‌ସି ଉନ୍‌ଡ୍ରେମାନୁ
ଉଣ୍ତା କିଜି ୱାରିଜ୍ଞ ୱିଜୁ ଦୁବେଜ୍ଞାଁ ଡ଼ିସେ୍‌ତଜ୍ଞାଁ, ମାରି ରୋଗ୍‌ତିଜ୍ଞ
ନେଗେଣ୍ତୁ କିଦେଜ୍ଞ ସାକ୍ତି ମାରି ଅଦିକାର୍ ସିତାନ୍ । 2 ମାରି,
ୱାନ୍ ୱାରିଜ୍ଞ ମାପୁରୁଦି ରାଜିଦି ନେଗିକାବୁର୍ ୱେର୍‌ତେଜ୍ଞ ମାରି
ରୋଗ୍‌ତୁମାନି ଲୋକାଜ୍ଞ ନେଗେଣ୍ତୁ କିଦେଜ୍ଞ ପୋକ୍‌ତାନ୍, 3 ମାରି
ୱାରିଜ୍ଞ ଇର୍‌ଆନ୍, ମିର୍ ସନିୱାଲେ ବାଡିଗା ନୋ ମଣି ନୋ ରୁଟି
ନୋ ଡାବୁଜ୍ଞଁ ଇନିକା ବା ଅମାଟ୍, ବା ରୁଣ୍ତି ଆଜ୍ଞିଜ୍ଞ ଅର୍‌ସେ
ଅମାଟ୍ । 4 ମାରି, ମିଜ୍ଞଁ ଆମା ଇନ୍‌ତ୍ରଣିକାର୍ କୁକ୍‌ନାର୍, ଆୟା
ବାଡ଼ିଦାନ୍ ଡ଼େସି ରେଇ ସାନ୍ଦି ଆବେ ତେବାଦୁ । 5 ମାରି, ଏସୋ
ଲୋକୁ ମିଜ୍ଞଁ ମାନାଏର୍, ଆୟା ଗାଡ଼୍‌ତାନ୍ ୱାନିୱାଲେ ଲୋକ୍‌ତି
ବିରୁଦ୍‌ତାନ୍ ସାକି ସିଦେଜ୍ଞ ଇଜି ମି ପାଦାମ୍‌କାଣି ଦୁଡ଼ି ସାଡ଼୍‌ଦୁ ।
6 ଆବେଟ୍ ସିସୁର୍ ସଲ୍‌ସି ୱିଜୁ ତରିନ୍ ନେଗିକାବୁର୍ ୱେର୍‌ତାର୍
ମାରି ରୋଗ୍‌ତାନ୍ ନେଗେଣ୍ତୁ କିଜି କିଜି ନାର୍‌କାଜ୍ଞଁ ନାର୍‌କାଜ୍ଞଁ
ସରଆର୍ । 7 ଆୟାୱାଲେ ଗାଲିଲିଦି ସାସନ୍‌କିନି ସାମନ୍ତରାଜା
ହେରୋଦ ଇୟାୱିଜୁ ମାଟା ୱେନ୍‌ଜି ବାୟାଆତା ସର୍‌ଆନ୍,
ଇରିଜ୍ଞ ଡୁବନ୍‌ସିନି ଯୋହନ ମାରିଡ଼େସିଜିବନ୍ ଆତାମାନାନ୍
ଇଜି ଏର୍ ଏର୍ ଇଜିମାର୍‌ଆର୍ । 8 ମାରି, ଏର୍ ଏର୍ ଏଲିୟ୍
ତରାଇଆତାମାନାନ୍ ଇଜିମାର୍‌ଆର୍ ମାରି ଆଇକାର୍ ପୁର୍ବେଦି
ବାବବାଦିର୍ ଲୋଇ ଅରେନ୍ ସାତିମାଣାନ୍ ଡ଼େସି ନିଜ୍ଞଁତାମାନାନ୍
ଇଜି ଇଜିମାର୍‌ଆର୍ । 9 ମାତର୍ ହେରୋଦ ରାଜା ଇର୍‌ଆନ୍,
"ଡୁବନ୍‌ସିନି ଜୋହନତି ତାଲା ତୋ ନାନ୍ କଇସ୍‌ତାମାନା, ମାତର୍
ଆମାୱାନି ବିସୟ୍‌ତାନ୍ ନାନ୍ ଇୟାୱାଜା ମାଟା ୱେନ୍‌ଜିନା,
ଇକାନ୍ ଏନ୍?" ମାରି, ହେରୋଦ ଜିସୁଜ୍ଞଁ ସୁଡୁଦେଜ୍ଞ ବଦା
କିଜିମାର୍‌ଆନ୍ । 10 ୱେନ୍‌କା ସିସୁର୍ ଡ଼େସିୱାଜି, ଆମାକା
ଆମାକା କିତାମାର୍‌ଆର୍, ଆୟାୱିଜୁ ଜିସୁଜ୍ଞଁ ୱେର୍‌ତାର୍ । ମାରି,
ୱାନ୍ ଆଇମାନୁ ମାନ୍‌ଡ୍ରେଜ୍ଞ ୱାରିଜ୍ଞ ୱାନିୱାଲେ ଅସି ବେଡ଼୍‌ସାଇଦା
ଦର୍‌ତି ଗାଡ଼୍‌ତୁ ସରଆର୍ । 11 ମାତର୍ ଲୋକ୍ ୱିଜେରେ ଆକା
ନେସ୍‌ତାରୋ ୱାନିୱାଲେ ସନ୍‌ଡ୍ରେଜ୍ଞ ଆସ୍‌ତାର୍; ମାରି, ଜିସୁ ଜିବନ୍
ନଜି ୱାରିଜ୍ଞ ମାପୁରୁଦି ରାଜିଦି ବିସୟ୍‌ତାନ୍ ୱାରିଜ୍ଞ ଇନ୍‌ଡ୍ରେଜ୍ଞ
ଆସ୍‌ତାନ୍, ମାରି ଆମାୱାରିଜ୍ଞ ରୋଗ୍‌ତାନ୍ ନେଗେଣ୍ତୁ ଆନିକା
ମାର୍‌ଆତ୍, ୱାରିଜ୍ଞ ନେଗେଣ୍ତୁ କିତାନ୍ । 12 ନାସ୍ତିୱାଲେ ୱେଡ଼ା
ଆଜି ୱାଜିମାର୍‌ଆର୍; ଆବେଟ୍ ବାର୍ ଲୋକୁ ସିସୁର୍ ଜିସୁ ଲାକ୍‌ତୁ
ୱାଜି ଇର୍ହାର୍, "ଲୋକୁ ଏଣ୍ତେସ୍ ସାରିବେଡ଼୍‌ତି ନାର୍‌କାଜ୍ଞଁ ମାରି
ଇସ୍ରିନାର୍‌କାଜ୍ଞ ତେବାନାର୍ ମାରି କାଦି ଉଣ୍ତେଜ୍ଞ ପୋଇଦେଜ୍ଞ
ଆଟ୍‌ନାର୍, ଆୟାଉଣ୍ତିଜ୍ଞ ୱାରିଜ୍ଞ ପୋକ୍‌ଆ, ଇରିଜ୍ଞ ମାଡ଼୍ ଇବେ
ସିମ୍ରା ବାଡିଦୁ ମାନିକା ।" 13 ମାତର୍ ଜିସୁ ୱାରିଜ୍ଞ ଇର୍ହାନ୍, "ମିର୍
ୱାରିଜ୍ଞ ଉଟ୍‌ପିସ୍‌କିଦୁ ।" ୱାର୍ ଇର୍ହାର୍, "ମା ଲାକ୍‌ତୁ ପାସ୍‌ଗୋଟା
ରୁଟିଜ୍ଞ ମାରି ରୁଣ୍ତି ମିନ୍‌କାଣ୍ ନାଣ୍ତୁ ସିଲୁ; ଆରିଜ୍ଞ ମାପ୍ ଇନିକା

ସନାପ୍ ଇୟାୱିଜୁ ଲୋକା ଉଣ୍ତିଙ୍ଗ କାଦି କଣାପ୍?" 14 ଇରିଙ୍ଗ
ୱାର୍ ୫,୦୦୦ ହାଜାର୍ ମେମାରୁଙ୍ଗ ମାର୍ଆର୍ । ମାରି, ଜିସୁ ୱାନି
ସିସୁରିଙ୍ଗ ଇର୍ଆନ୍, "ପଚାସ୍ ପଚାସ୍ କିଜି ୱାରିଙ୍ଗ ଦଲ୍ ଦଲ୍ କିଜି
ବାସିସ୍ କିଦୁ ।" 15 ଆବେଟ୍ ୱାର୍ ଆୟାୱାଜା ୱିଜେରିଙ୍ଗ ବାସିସ୍
କିତାର୍ । 16 ମାରି, ଜିସୁ ଆୟା ପାସ୍‌ଗୋଟା ରୁଟିଙ୍ଗ ମାରି ରୁଣ୍ତି
ମିନ୍‌କୁ ଅସି ମୁସ୍‌କୁ ତରିନ୍ ସୁଡୁଜି ଆୟାୱିଜୁ ଆସିର୍ବାଦ୍ କିତାନ୍,
ମାରି ରୁକ୍‌ସି ଲୋକାଙ୍ଗ ବାଟା କିଜି ସିଦେଙ୍ଗ ଇଜି ସିସୁରିଙ୍ଗ
ସିତାନ୍ । 17 ଆବେଟ୍ ୱିଜେରେ ତିର୍ଆରୋ ପଟାପାଜିତାର୍,
ମାରି ୱାର୍ ୱାରି ଲାକ୍‌ତୁ ଏଜିତି ମାର୍ଇ ବାରଗୋଟା ଡାଡ଼ିଙ୍ଗ
ଉଣ୍ତାକିତାର୍ । 18 ଅରେ୍ଲନ୍ ଜିସୁ ଅରେନ୍ ପାର୍ତନା କିନିୱାଲେ
ସିସୁର୍ ୱାନିୱାଲେ ମାର୍ଆର୍, ମାରି ୱାନ୍ ୱାରିଙ୍ଗ ୱେନ୍‌ବାତାନ୍,
"ନାନ୍ ଏନ୍ ଇଜି ଲୋକୁ ୱିଜେରେ ଇନିକା ଇନାର୍?" 19
ଆବେଟ୍ ୱାର୍ ଇର୍ହାର୍, "ଡୁବନ୍‌ସିନି ଜୋହନ, ମାତର୍ ଏର୍ ଏର୍
ଇନାର୍, ଏଲିୟ୍, ମାରି ଏର୍ ଏର୍ ଇନାର୍, ପୁର୍ବେଦି ବାବବାଦିରି
ଲୋଇ ଅରେନ୍ ଜିବନ୍‌ଆଜି ନିଙ୍ଗ୍‌ତାମାନାନ୍ ।" 20 ଜିସୁ ୱାରିଙ୍ଗ
ୱେନ୍‌ବାନ୍, "ମାତର୍ ନାନ୍ ଏନ୍ ଇଜି ମିର୍ ଇନିକା ଇଜିନିଦେର୍?"
ପିତର ଇର୍ଆନ୍, "ନିନ୍ ମାପୁରୁଦି କ୍ରିସ୍ତ ।" 21 ଆବେଟ୍ ଜିସୁ
ଇକା ଏଙ୍ଗବା ଇନ୍‌ମାଟ୍ ଇଜି ୱାରିଙ୍ଗ ଆଟ୍‌ୱାଦାନ୍ ୱେର୍ତାନ୍,
22 "ମନୁସ୍ୟପୁତ୍ରଦିଙ୍ଗ ନାଣ୍ତ ଦୁକ୍ ପୋଇଦେଙ୍ଗ ଆନାତ୍ ମାରି
ନେତାର୍, ପେରିଜାଜକ୍‌କୁ ମାରି ସାସ୍ତିର୍ ସେମାର୍ କିଜି ଡାକ୍‌ନାର୍,
ମାରି ମୁନେଟାନ୍ ମାରିଡ଼େସିଜିବନ୍ ଆଜି ନିଙ୍ଗ୍‌ନାନ୍ ।" 23
ନାସ୍ତିୱାଲେ ଜିସୁ ୱିଜେରିଙ୍ଗ ଇର୍ଆନ୍, ଏନ୍ ଜଦି ନା ୱାଲେ
ୱାଦେଙ୍ଗ ବଦାକିନାନ୍, ଆରିଙ୍ଗ ୱାନ୍ ନିଜେଦି ଡ଼ିସିନ୍, ମାରି ଦିନାମି
ନିଜେଦି ଦୁକ୍ କସ୍ଟଦିଙ୍ଗ ପିନ୍ଣ୍ତୁଜି ନା ୱେନ୍‌କା ରାପିନ୍ । 24
ଇରିଙ୍ଗ ଏନ୍ ନିଜେଦି ଜିବନ୍‌ତିଙ୍ଗ ରକିୟା କିଦେଙ୍ଗ ବଦାକିନାନ୍,
ୱାନ୍ ଆକା ଆରାକିନାନ୍, ମାତର୍ ଏନ୍ ନା ଉଣ୍ତିଙ୍ଗ ୱାନି ଜିବନ୍
ଆରାକିନାନ୍, ୱାନ୍ ଆକା ରକିୟା କିନାନ୍ । 25 ମାରି, ଅରେନ୍
ଲୋକୁ ସାରାଦୁନିଆଦିଙ୍ଗ ଜିଣାଜି ନିଜେଦିଙ୍ଗ ସାପିସ୍‌କିନାନ୍ ବା
ଆରାନାନ୍, ଆରିଙ୍ଗ ୱାନି ଇନି ଲାବ୍? 26 ଆଦେଙ୍ଗ ଏନ୍ ନାଙ୍ଗ
ମାରି ନା ବାକ୍ୟ ବିସୟ୍‌ତାନ୍ ସେମାର୍ ଆନାନ୍, ମନୁସ୍ୟପୁତ୍ର
ଏସ୍ତିୱାଲେ ବୁବାୱାଲେ, ମାରି ମୁସ୍‌କୁପୁର୍‌ତି ପବିତ୍ର ଦୁତ୍‌କାୱାଲେ
ମହିମାଦାନ୍ ୱାନାନ୍, ନାସ୍ତିୱାଲେ ୱାନ୍ ୱାରି ବିସୟ୍‌ତାନ୍ ସେମାର୍
କିନାନ୍ । 27 ମାତର୍ ନାନ୍ ମିଙ୍ଗ ସତ୍ ଇଜିନା, "ମାପୁରୁଦି ରାଜି
ସୁଡ଼ିଇ ସାନ୍ଦି ଇବେ ନିର୍ଇ ମାନି ଲୋକା ଲୋଇ ଏସୋ ଲୋକୁ
ଏଣ୍ତେସ୍‌ବା ସାଏର୍ ।" 28 ଇୟାୱିଜୁ ଗଟାନି ପୁରା ଆଟ୍‌ଦିନ୍
ୱେନ୍‌କା ଜିସୁ ପିତର, ଜୋହନ ମାରି ଜାକୁବଙ୍ଗ ୱାନିୱାଲେ ଅସି
ପାର୍ତନା କିଦେଙ୍ଗ ଇଜି ଗରନ୍‌ତୁ କୁକ୍‌ତାଅତାନ୍ । 29 ମାରି,
ୱାନ୍ ପାର୍ତନା କିନିୱାଲେ ୱାନି ମୋକମ୍‌ତି ମୁର୍‌ତି ବାଦେ୍ଲ
ଆତାତ୍ ମାରି ୱାନି ଆଙ୍ଗ ଅଡ଼ିନିକା ମାରି ନାଣ୍ତ ଜାୟ୍ ଆତାତ୍ ।
30 ମାରି ସୁଡୁଦୁ, ଆୟାଦାପ୍ରେ ମୋସା ନି ଏଲିୟ୍, ଇୟା ରିଏର୍
ଲୋକୁ ୱାନିୱାଲେ ୱାର୍‌ଗିଜିସାଦେଙ୍ଗ ଆସ୍ତାର୍ । 31 ୱାରି
ମୁସ୍‌କୁପୁର୍‌ତି ଗୌରବ୍‌ତାନ୍ ତରାଜିମାର୍ଆର୍, ୱାର୍ ଜିସୁୱାଲେ
ଜିରୁସାଲାମ୍‌ତୁ ଗଟାଦେଙ୍ଗ ମାନି ୱାନି ସାନି ବିସୟ୍‌ତାନ୍ ୱାର୍‌ଗିଜି
ସାଜି ମାର୍ଆର୍ । 32 ନାସ୍ତିୱାଲେ ପିତର୍ ମାରି ୱାନି ତଡ଼୍‌କୁ
ସୁଜ୍‌ଜିମାର୍ଆର୍; ମାତର୍ ୱାର୍ ଏସ୍ତିୱାଲେ ନିଙ୍ଗ୍‌ତାର୍ ୱାନି
ମହିମା ମାରି ୱାନିୱାଲେ ନିର୍ଇ ମାର୍ଇ ଆୟା ରିଏର୍ ଲୋକାଙ୍ଗ
ସୁଡୁତାର୍ । 33 ମାରି, ମୋସା ନି ଏଲିୟ୍ ସନ୍‌ଡ୍ରେଙ୍ଗ ସନିୱାଲେ
ପିତର ଜିସୁଙ୍ଗ ଇର୍ହାନ୍, "ଏ ଗୁରୁ, ମାଡ୍ ଜେ ଇବେ ମାନିକା,
ଇକା ନେଗେଣ୍ତ ଆତାତ୍; ମାପ୍ ମୁଡ୍ରି ଗୁଡ଼େଙ୍ଗ ତିଆର୍ କିନାପ୍, ନି
ଉଣ୍ତିଙ୍ଗ ଉନ୍‌ଡ୍ରି, ମୋସାଦି ଉଣ୍ତିଙ୍ଗ ଉନ୍‌ଡ୍ରି ମାରି ଏଲିୟ୍‌ଦି ଉଣ୍ତିଙ୍ଗ
ଉନ୍‌ଡ୍ରି । ମାତର୍ ୱାନ୍ ଇନିକା ଇଜିନାନ୍, ଆକା ନେସ୍‌ଏତାର୍ ।"
34 ପିତର ଇକା ଇନ୍‌ବୁ ଇନ୍‌ବୁ କାଣ୍ତେକ୍ ବାଦଡ଼୍ ଇମ୍‌ଜି ୱାତା
ଦୋ ୱାରିଙ୍ଗ ବାଦଡ଼୍‌ତି ନିଡ଼୍‌ଗା ପିଡ଼ିକ୍‌ତାତ୍, ମାରି ୱାରିଙ୍ଗ ବାଦଡ଼୍
କେର୍‌ପ୍‌ନିୱାଲେ ପିତର, ଜୋହନ ମାରି ଜାକୁବ ଡିଲାତାର୍ । 35
ମାରି, ଆୟା ବାଦଡ଼୍‌ତାନ୍ ଉଣ୍ତି ବଲ୍ ୱାତାତ୍, "ଇକାନ୍ ନା ମାରିନ୍,
ନାନ୍ ୱେନିଙ୍ଗ ବାସେକିତାମାନା, ୱେନି ମାଟା ୱେନ୍ଆ ।" 36
ମାରି, ଆୟା ବଲ୍ ୱାତି ୱେନ୍‌କା ଜିସୁ ଅରେନ୍ନେ ତରାଆତାନ୍
। ମାରି, ୱାର୍ ଆଲେତା ମାର୍ହାର୍, ମାରି ଆମାକା ଆମାକା
ସୁଡୁତାମାର୍ଆର୍, ଆୟା ମାଟାଦି ବିସୟ୍ ଏଙ୍ଗବା ଇନ୍‌ଏତାର୍
। 37 ମାର୍‌ନାଣ୍ଡିଙ୍ଗ ଜିସୁ ନି ୱାନି ମୁଏର୍ ସିସୁର୍ ଗରନ୍‌ତାନ୍
ରେତାୱାତାର୍, ମାରି ନାଣ୍ତଲୋକ୍ ୱାଜି ଜିସୁଙ୍ଗ ମିସତାର୍ ।
38 ମାରି ସୁଡୁଦୁ, ଲୋକା ଲୋଇ ଅରେନ୍ ନାଣ୍ତ ଆଉଲି ଆଜି
ଇର୍ଆନ୍, "ଏ ଗୁରୁ, ନାନ୍ ନିଙ୍ଗ ମାଡ଼ିସ୍ କିଜିନା, ନା କଡ଼ଦିଙ୍ଗ
ଦୟା କିଆ, ଇରିଙ୍ଗ ୱାନ୍ ନା ଅରେନେ ମାରିନ୍; 39 ସୁଡୁଆ,
ୱାନିଙ୍ଗ ଉଣ୍ତି ଦୁବା ଆସ୍‌ନାତ୍, ମାରି ୱାନ୍ ଦାପ୍ରେନେ ଆଉଲି ଆଜି
ନିଙ୍ଗ୍‌ନାନ୍, ମାରି ଦୁବା ୱାନିଙ୍ଗ ଇୟାୱାଜା ତିର୍‌ପ୍‌ନାପୋକ୍‌ନାତ୍
ଜେ, ୱାନି ୱେୟୁଦାନ୍ ପେପଲ୍ ସନାତ୍, ମାରି ୱାଦ୍ ୱାନିଙ୍ଗ
ସିତାରାକାବ୍‌ରା କିଜି କାସ୍ଟଦାନ୍ ସନାସନାତ୍ ।" 40 ୱାନିଙ୍ଗ
ଦୁବା ଡ଼ିସିସେ୍ତଙ୍ଗ ଇଜି ନାନ୍ ନି ସିସୁରିଙ୍ଗ ମାଡ଼ିସ୍‌କିତା, ମାତର୍
ୱାର୍ ଆଟ୍‌ଏତାର୍ । 41 ଜିସୁ ୱାରିଙ୍ଗ ଇର୍ହାନ୍, "ଆରେ ଅଡ଼ପ୍
ବିସ୍‌ବାସିର୍ ମାରି ତାଗ୍‌ଇସାରିଦୁ ସନି କୁଟୁମ୍, ଏସୋଦିନ୍ ନାନ୍
ମି ୱାଲେ ତେବାଜି ମି ବ୍ୟବହାର୍ କିନା? ନି ମାରିନ୍‌ତିଙ୍ଗ ଇବେ
ତାଗା ।" 42 ୱାନ୍ ୱାବୁ ୱାବୁ ଦୁବା ୱାନିଙ୍ଗ ଆଡ଼୍‌ଗି ଆର୍‌ପ୍‌ସି
ପୋକ୍‌ସି ବୟ୍‌ଙ୍ଗାର୍‌ତାନ୍ ତିର୍‌ପ୍‌ତା ପୋକ୍‌ତାତ୍, ମାତର୍ ଜିସୁ
ଆୟା ତାଗିଇ ଆତ୍ମାଦିଙ୍ଗ ଆଦ୍‌ରିସ୍‌ତାନ୍ ମାରି କଡ଼ଦିଙ୍ଗ ନେଗେନ୍
କିଜି ୱାନିଙ୍ଗ ତାମେ ବୁବାସି କିଦୁ ସିତାନ୍ । 43 ଆବେଟ୍ ୱିଜେରେ
ମାପୁରୁଦି ପେରିସାକ୍ତି ଉଣ୍ତିଙ୍ଗ କାବାଆତାର୍ । ମାତର୍ ୱାନି କିତି
ୱିଜୁ ପାଣିଦି ଉଣ୍ତିଙ୍ଗ ୱିଜେରେ କାବା ଆନିୱାଲେ ଜିସୁ ୱାନି
ସିସୁରିଙ୍ଗ ଇର୍ଆନ୍, 44 "ଇୟାୱିଜୁ ମାଟା ମି ଗିତଣିଆଙ୍ଗ ୱେନ୍‌ଡୁ;
ଇରିଙ୍ଗ ମନୁସ୍ୟପୁତ୍ର ଲୋକା କିୟୁଦୁ ସରେ୍ପ ଆଦେଙ୍ଗ ସଲ୍‌ସିନାନ୍
।" 45 ମାତର୍ ସିସୁର୍ ଆୟାମାଟା ବୁଜାଦେଙ୍ଗ ଆଟ୍‌ଏତାର୍,
ମାରି ଆୟାକା ୱାରି ମାଣାନ୍ ମାର୍‌ଗିତା ମାର୍ଆତ୍, ଏଣ୍ତେସ୍

ଆକା ୱାର୍ ବୁଜାଦେଙ୍ଗ ଆଟ୍ଏତିଙ୍ଗ ବା, ମାରି ୱାର୍ ଆୟା
ମାଟାଦି ବିସୟ୍ତାନ୍ ୱାନିଙ୍ଗ ୱେନ୍ବାଦେଙ୍ଗ ତିଲାଜି ମାର୍ଆର୍
। 46 ୱାରି ମାଣାନ୍ ଏନ୍ ପେରିକାନ୍, ଆୟା ବିସୟ୍ତାନ୍ ୱାରି
ଲୋଇ ୱାର୍ଗିଜି ସାତାର୍ । 47 ମାତର୍ ଜିସୁ ୱାରି ମୋନ୍ତୁ
ୱାର୍ଗିଜିସାନିକା ନେସ୍ତାନ୍ନୋ ଅରେନ୍ ଇସ୍ରି କଡ଼ଦିଙ୍ଗ ତାତାନ୍
ନୋ ନିଜେଦି ଲାକ୍ତୁ ନିଲ୍ପିସ୍ କିତାନ୍ନୋ ୱାରିଙ୍ଗ ଇର୍ଆନ୍,
48 "ଏନ୍ଆପିନ୍ ନା ଦର୍ତାନ୍ ଇୟା ଇସ୍ରି କଡ଼ଦିଙ୍ଗ ମାନାନାନ୍,
ୱାନ୍ ନାଙ୍ଗୁଁ ମାନାନାନ୍, ମାରି ଏନ୍ଆପିନ୍ ନାଙ୍ଗୁଁ ମାନାନାନ୍, ୱାନ୍
ନା ପୋକ୍ତିମାନି ମାଲିକ୍ତିଙ୍ଗ ମାନାନାନ୍; ଇରିଙ୍ଗ ମି ୱିଜେରି
ମାଣ୍କୁ ଏନ୍ ଇସ୍ରିକାନ୍, ୱାନ୍ ପେରିକାନ୍ ।" 49 ଆବେଟ୍ ଜୋହନ
ଇର୍ଆନ୍, "ଏ ଗୁରୁ, ମାପ୍ ଅରେନ୍ ୱାନିଙ୍ଗ ନି ଦର୍ତାନ୍ ଦୁବା
ଡ଼ିସିସ୍କିନିକା ସୁଡୁତାପ୍, ମାରି ୱାନ୍ ମା ଦଲ୍ତିକାନ୍ ଆଏନ୍ଆକା
ୱାନିଙ୍ଗ ତେବା କିତାପ୍ ।" 50 ମାତର୍ ଜିସୁ ଜୋହନତିଙ୍ଗ
ଇର୍ଆନ୍, "ୱାନିଙ୍ଗ ମନା କିମାଟ୍, ଇରିଙ୍ଗ ଏନ୍ ମି ତରିନ୍ ଆଏନ୍,
ୱାନ୍ ମି ତରିନ୍ ।" 51 ୱେନ୍କା ଏସ୍ତିୱାଲେ ଜିସୁଦି ଆଡ଼ଗିପୁର୍
ଡ଼ିସ୍ସି ମୁସ୍କୁପୁର୍ ସନି ୱେଡ଼ା ଆଜି ୱାଜି ମାର୍ଆଟ୍, ନାସ୍ତିୱାଲେ
ଜିସୁ ଜିରୁସାଲାମ୍ତୁ ସନ୍ଡ୍ରେଙ୍ଗ ବଦାକିତାନ୍, 52 ୱାନ୍ ୱାନି
ଆଗ୍ଡ଼ି କାବୁର୍ ଅନିୱାରିଙ୍ଗ ପୋକ୍ତାନ୍ । ୱାର୍ ସଲ୍ସି ୱାନି
ଉଣ୍ତିଙ୍ଗ ତିଆର୍ କିଦେଙ୍ଗ ସମିରୋଣୟରିଦି ଉଣ୍ତି ନାର୍ତୁ ସର୍ଆ
ଡୁଗିତାର୍; 53 ମାତର୍ ୱାନ୍ ଜିରୁସାଲାମ୍ତୁ ସନି ଉଣ୍ତିଙ୍ଗ ବଦା
କିତାମାନାନ୍ ଇଜି ନେସ୍ସି ୱାର୍ ୱାନିଙ୍ଗ ମାନାଏତାର୍ । 54 ଇକା
ସୁଡୁଜି ଜାକୁବ ନି ଜୋହନ, ଇୟା ରିଏର୍ ସିସୁର୍ ଇର୍ହାର୍, "ପ୍ରବୁ,
ଏଲିୟ୍ ବା ଏଣ୍ତେସ୍ କିତାମାର୍ଆନ୍, ଆୟାୱାଜା ବାଦଡ଼୍ତାନ୍
ସିସୁ ଆର୍ଜି ୱାରିଙ୍ଗ ସାପିସ୍ କିପିଡ଼୍, ଇକା ମାପ୍ ଇନାପ୍ ଇଜି
ଇନିକା ନି ବଦା ନୋ?" 55 ମାତର୍ ୱାନ୍ ମାର୍ଜି ବେସ୍ସି
ୱାରିଙ୍ଗ ଲାଗାତାନ୍ ମାରି ଇର୍ଆନ୍, ମିର୍ ଏଣ୍ତେସ୍ ନାନି ଆତ୍ମାଦି
ଲୋକୁ, ଇକା ନେସ୍ଏଜିନା । ମନୁସ୍ୟପୁତ୍ର ଲୋକାଦି ଜିବନ୍
ସାପିସ୍ କିଦେଙ୍ଗ ରେଏଣ୍ତୁ ମାତର୍ ରକିୟା କିଦେଙ୍ଗ ୱାତାମାନାନ୍
। 56 ତାନିୱେନ୍କା ୱାର୍ ମାରି ଉଣ୍ତି ନାଟ ସରଆର୍ । 57
ୱାର୍ ସାରିଦୁ ସନିୱାଲେ ଅରେନ୍ ଲୋକୁ ଜିସୁଙ୍ଗୁଁ ଇର୍ଆନ୍,
"ନିନ୍ ଏମେ ବାଡିଦୁ ସନି, ନାନ୍ ନି ୱେନ୍କା ୱେନ୍କା ୱାନା
।" 58 ଜିସୁ ୱାନିଙ୍ଗ ଇର୍ହାନ୍, "ଗଲୁଦିଙ୍ଗ ତେବାଦେଙ୍ଗ ସାରାଆ
ମାନାଟ୍, ବାଦଡ଼୍ତି ପଟିଦିଙ୍ଗ ତେବାଦେଙ୍ଗ ଜାଲୁ ମାନାଟ୍, ମାତର୍
ମନୁସ୍ୟପୁତ୍ରଦିଙ୍ଗ ତାଲା ଇଡ଼୍ଦେଙ୍ଗ ବାଡି ସିଲେଟ୍ ।" 59 ମାରି,
ୱାନ୍ ମାରି ଅରେନ୍ୱାନିଙ୍ଗ ଇର୍ଆନ୍, "ନା ୱେନ୍କା ରାଆ ।"
ମାତର୍ ୱାନ୍ ଇର୍ଆନ୍, "ଆଗ୍ଡ଼ି ସଲ୍ସୋ ନା ବୁବେଙ୍ଗ ମୁସ୍ତେଡ଼ଙ୍ଗ
ଇଜି ନାଙ୍ଗୁଁ ସାରି ସିଦା ।" 60 ମାତର୍ ଜିସୁ ୱାନିଙ୍ଗ ଇର୍ଆନ୍,
"ସାତି ୱାରିଙ୍ଗ ନିଜେ ନିଜେଦି ସାତି ଲୋକାଙ୍ଗ ମୁସ୍ତେଡ଼ଙ୍ଗ ଇଜି
ଡ଼ିସ୍ତୁ, ଇରିଙ୍ଗ ମିର୍ ସଲ୍ସୋ ମାପୁରୁଦି ରାଜି ପ୍ରଚାର୍ କିଦୁ ।"
61 ମାରି ଅରେନ୍ ବା ଇର୍ଆନ୍, "ପ୍ରବୁ, ନାନ୍ ନି ୱେନ୍କା ୱାନା,
ମାତର୍ ଆଗ୍ଡ଼ି ନା ଇଲ୍ତୁ ମାନି ଲୋକାମାଣ୍କୁ ନି ୱାଲେ ୱାନି
ବିସୟ୍ ମାଡ଼ିସ୍କିଦେଙ୍ଗ ନାଙ୍ଗୁଁ ସାରି ସିଦା ।" 62 ମାତର୍ ଜିସୁ
ୱାନିଙ୍ଗ ଇର୍ହାନ୍, "ଏନ୍ ନାଙ୍ଗେଲ୍ ମେଡ଼ିଦୁ କିୟୁ ଆସ୍ସି ୱେନ୍କା
ବେସ୍ନାନ୍, ୱାନ୍ ମାପୁରୁଦି ରାଜିଦୁ ଜୋଗ୍ ସିଲେନ୍ ।"

**10** ଇୟା ୱେନ୍କା ପ୍ରବୁ ମାରି ସତୁରୁ ରୁଣ୍ତି ଲୋକାଙ୍ଗ
ବାସ୍ସିକିତାନ୍ ମାରି ନିଜେ ଏମେ ଏମେ ଗାଡ଼୍କାଙ୍ଗ ମାରି
ବାଡିଦୁ ସନ୍ଡ୍ରେଙ୍ଗ ବଦାକିତାମାର୍ହାନ୍, ଆୟା ଆୟା ବାଡିଦୁ
ରିଏର୍ ରିଏର୍ କିଜି ୱାରିଙ୍ଗ ୱାନି ଆଗ୍ଡ଼ି ପୋକ୍ତାନ୍ । 2
ମାରି, ଜିସୁ ୱାରିଙ୍ଗ ଇର୍ହାନ୍, ପାସି ନାଣ୍ତୁ, ମାତର୍ ପାଣିକିନିକାର୍
ଉଣା; ନିଜେଦି ପାସିକିଡ଼ିଇଦୁ ପାଣିକିନିୱାରିଙ୍ଗ ପୋକ୍ନି ଉଣ୍ତିଙ୍ଗ
ପାସିକିଡ଼ିଇଦି ମାଲିକ୍ତି ଲାକ୍ତୁ ୱେର୍ତୁ । 3 ମିର୍ ସାନ୍ତୁ;
ସୁଡୁଦୁ, ନୋରେସ୍କା ଲାକ୍ତୁ ମେଣ୍ତାପିଲେକା ୱାଜା ନାନ୍ ମିଙ୍ଗୁଁ
ପୋକ୍ସିନା । 4 ଡାବୁଙ୍ଗୁଁ ଆସ୍ନି ମଣି, ମଣି ମାରି ଜୁଡେଙ୍ଗ
ଅମାଟ୍, ମାରି ସାରିଦୁ ଏଙ୍ଗ୍ବା ମାଡ଼ିସ୍ କିମାଟ୍ । 5 ମାରି, ଏମେ
ଇଲ୍ତୁ ମିର୍ ଡୁଗ୍ନିଦେର୍, ଆଗ୍ଡ଼ି ଇନ୍ତୁ, ଇୟା ଇଲ୍ତି ଉଣ୍ତିଙ୍ଗ
ସାନ୍ତି ଆପିଡ଼୍ । 6 ମାରି, ଆୟାବାଡିଦୁ ଜଦି ଅରେନ୍ ସାନ୍ତିଦି
ଲୋକୁ ତେବାନାନ୍, ଆତିଙ୍ଗ ମି ସାନ୍ତି ୱାନି ମୁସ୍କୁ ବାସାନାଟ୍;
ମାତର୍ ଜଦି ସିଲେଟ୍, ଆଦେଙ୍ଗ ଆକା ମି ଲାକ୍ତୁ ଡ଼େସିୱାନାଟ୍
। 7 ୱାରିମାନୁ ଆମାକା ମାନାଟ୍, ଆକା ଉଣୁଜିତିନ୍ଜି ଆୟା
ଇନ୍ତ୍ର ମାନ୍ତୁ, ଇରିଙ୍ଗ ପାଣିକିନିକାର୍ ନିଜେଦି କୁଲିଦି ଡାବୁଙ୍ଗୁଁ
ପୋଇଦେଙ୍ଗ ଜୋଗ୍ ମାନାଟ୍ । ଇଲ୍କାଙ୍ଗ ଇଲ୍କାଙ୍ଗ ସଲ୍ମାଟ୍
। 8 ମାରି, ଏମେ ଗାଡ଼୍ତୁ ମିର୍ ଡୁଗ୍ନିଦେର୍ ମାରି ଲୋକୁ ମିଙ୍ଗୁଁ
ମାନାର୍, ଆବେ ମିଙ୍ଗୁଁ ଆମାକା ଉଣ୍ତେଙ୍ଗ ସିନାର୍, ଆକା ଉଣୁ ।
9 ଆୟାବାଡିଦୁ ମାନି ରୋଗ୍ ଲୋକାଙ୍ଗ ନେଗେଣ୍ତୁ କିଦୁ, ମାରି
ୱାରିଙ୍ଗ ଇନ୍ତୁ, ମାପୁରୁଦି ରାଜି ମି ଲାକ୍ତୁ ଇଗା ୱାତାଡ଼୍ନି ।
10 ମାତର୍ ଏମେ ଗାଡ଼୍ତୁ ମିର୍ ଡୁଗ୍ନିଦେର୍ ମାରି ଲୋକୁ ମିଙ୍ଗୁଁ
ମାନାଏର୍, ଆୟା ଦୁଆର୍ଆଙ୍ଗୁଁ ସଲ୍ସି ଇନ୍ତୁ, 11 ମି ଗାଡ଼୍ତି
ଏମେ ଦୁଡ଼ି ମା ପାଦାମ୍କାଙ୍ଗ କାସ୍ତାମାନାଟ୍, ଆକାବା ମି ଉଣ୍ତିଙ୍ଗ
ସାଡ଼୍ସି ସିଜିନାପ୍; ମାତର୍ ମାପୁରୁଦି ରାଜି ଯେ ଇଗା ୱାତାଟ୍,
ଇକା ନେସ୍ସୋ ମାନ୍ତୁ । 12 ନାନ୍ ମିଙ୍ଗୁଁ ଇଜିନା, ଆୟାନାଣ୍ତିଙ୍ଗରି
ଆୟା ଗାଡ଼୍ତି ଦଣ୍ତ ବାଡ଼୍ଲୁ ସଦମ୍ତି ଦଣ୍ତ ଆଟ୍ଟେଡଙ୍ଗ ଆନାଟ୍
। 13 ଏ କୋରାଜିନ୍ ନି ଦସ୍ ଏସା ବୟଙ୍କର୍ ଆନାଟ୍ ଏ
ବେଡ଼୍ସାଇଦାଦୁ ବା ନି ଦସ୍ ଏସା ବୟଙ୍କାର୍ ଆନାଟ୍, ଇରିଙ୍ଗ
ମିବାନୁ ଏମେ ଏମେଦି ସାକ୍ତିଦି ପାଣି କିତାମାନା, ଆୟାୱିଜୁ
ଜଦି ସୋର ନି ସିଦନ୍ତୁ କିଆଇଆତାଡ଼୍ମାନ୍ତି, ଆରିଙ୍ଗ ୱାର୍
ଏସୋ ଆଗ୍ଡ଼ିରାନ୍ ବାସ୍ତେଙ୍ଗ ଆରାଜି ନିର୍ତୁ ବାସ୍ସି ମନ୍ତିଙ୍ଗ
ଡ଼େପ୍ତାର୍ ମାନ୍ତି । 14 ବିସାର୍ କିନି ନାଣ୍ତିଙ୍ଗ ମି ଦସ୍ ବାଡ଼୍ଲୁ
ସୋର ନି ସିଦନ୍ତି ଦସ୍ ଆଟ୍ଟେଡଙ୍ଗ ଆନାଟ୍ । 15 ମାରି, ଏ
କପର୍ନାହୁମ୍, ନିନ୍ ଇନିକା ମୁସ୍କୁପୁର୍ ସାନ୍ତି ପିର୍ଦେଙ୍ଗ ଆଟ୍ନି?
ନର୍କ ସାନ୍ତି ଇଗା ସନି । (Hadēs g86) 16 ଜିସୁ ୱାନି ସିସୁରିଙ୍ଗ
ଇର୍ଆନ୍, "ଏନ୍ ମି ମାଟା ୱେନାନ୍, ୱାନ୍ ନା ମାଟା ୱେନାନ୍,
ମାରି ଏନ୍ ମିଙ୍ଗୁଁ ମାନାଏନ୍, ୱାନ୍ ନାଙ୍ଗୁଁ ମାନାଏନ୍, ୱାନ୍ ନା

ପୋକ୍ତିମାନି ମାଲିକ୍ତିଙ୍ଗ ମାନାଏନ୍ ।” 17 ଆୟ୍ୟାୱେନ୍‌କା
ଆୟ୍ୟା ସତୁରି ରୁଣ୍ତି ସିସୁର୍ ୱେଡ଼ିକାଦାନ୍ ଡ଼େସିୱାଜି ଇର୍ହାର୍,
“ପ୍ରବୁ, ଦୁବେଆଙ୍ଗ୍ଁ ବା ନି ଦର୍‌ତାନ୍ ମା ମାଟା ମାନାତେ ।” 18
ମାତର୍ ଜିସୁ ୱାରିଙ୍ଗ ଇର୍‌ଆନ୍, “ମିର୍‌ସ୍‌ନିୱାଜା ମୁସ୍‌କୁପୁର୍‌ତାନ୍
ସୟ୍‌ତାନ୍ ଆର୍‌ନିକା ନାନ୍ ସୁଡ଼ୁତା । 19 ସୁଡ଼ୁଦୁ, ନାନ୍ ମିଙ୍ଗ୍ଁ
ସାରାସ୍ ନି ସର୍‌କୁପି ମୁସ୍‌କୁ ବୁଲାଦେଙ୍ଗ ଅଦିକାର୍ ସିତାମାନା,
ମାରି ସାତୁଦି ୱିଜୁ ସାକ୍ତି ମୁସ୍‌କୁ ବା ଅଦିକାର୍ ସିତାମାନା, ମାରି
ଇନିକା ଏଣ୍ତେସ୍ କିଜି ମି ପାଣିଦିଙ୍ଗ ସେଏଣ୍ତ କିଦେଙ୍ଗ ଆଟ୍‌ଏଡ୍ ।
20 ତାଗ୍‌ଇଆତ୍ମମେଙ୍ଗ ଜେ ମି ମାଟା ମାନାନେ, ଆବେ ୱେଡ଼ିକା
ଆମାଟ୍, ମାତର୍ ମି ଦର୍ ଯେ ମୁସ୍‌କୁପୁର୍ ରାସାତାମାନାଡ୍,
ଆୟ୍ୟା ଉଣ୍ତିଙ୍ଗ ୱେଡ଼ିକା ଆଦୁ ।” 21 ଆୟ୍ୟାୱେନ୍‌କା ଜିସୁ ପବିତ୍ର
ଆତ୍ମାଦିମାଣାନ୍ ୱେଡ଼ିକାଦାନ୍ ପୁରାଆଜି ଇର୍‌ଆନ୍, “ଏ ବୁବା,
ମୁସ୍‌କୁପୁର୍ ମାରି ଦୁନିଆଦି ପ୍ରବୁ, ନିନ୍ ବୁଦିମାନି ଲୋକାମାଣ୍‌କୁ
ଇୟ୍ୟାୱିଜୁ ବିସୟ୍ ମାର୍‌କ୍‌ସି ଇଡ୍‌ଜି ଇସ୍ରି କଡ଼ରିମାନୁ ୱେକ୍‌ତି,
ଇୟ୍ୟାଉଣ୍ତିଙ୍ଗ ନି ଦନ୍ୟବାଦ୍ କିଜିନା; ହୁଁ ବୁବା, ଇରିଙ୍ଗ ଇକା ନି
ନାଣ୍ତ ବଦା । 22 “ନା ବୁବାଦି ପାଣି ୱିଜୁ ନା କିୟୁଦୁ ସିତାମାନାନ୍;
ମାରି, ମାରିନ୍ ଏନ୍, ଇକା ବୁବେଙ୍ଗ ଡ଼ିସ୍‌ତିଙ୍ଗ ଏନ୍ ନେସଏନ୍,
ମାରି ବୁବା ଏନ୍, ଇକା ମାରିନ୍‌ତିଙ୍ଗ ଡ଼ିସ୍‌ତିଙ୍ଗ ଏନ୍ ନେସ୍‌ଏପ୍,
ମାରି ମାରିନ୍ ଆମାୱାନି ଲାକ୍‌ତୁ ୱାନିଙ୍ଗ ତର୍‌ତେଙ୍ଗ୍ଁ ବଦାକିନାନ୍,
ୱାନ୍ ନେସ୍‌ନାନ୍ ।” 23 ମାରି, ଜିସୁ ସିସୁରି ତରିନ୍ ମାର୍‌ଜି ବେସ୍‌ସି
ୱାରିଙ୍ଗ ଇର୍‌ଆନ୍, “ମିର୍ ଇୟ୍ୟାୱିଜୁ ବିସୟ୍ ସୁଡ଼ୁତିମାନିଦେର୍
ଆକା ମିର୍ ଦନ୍ୟ । 24 ନାନ୍ ମିଙ୍ଗ୍ଁ ସତ୍ ଇଜିନା, ମିର୍ ଆମାକା
ଆମାକା ସୁଡ଼ୁଜିନିଦେର୍, ଆୟ୍ୟାୱିଜୁ ଏସୋ ବାବବାଦିର୍ ମାରି
ରାଜାର୍ ସୁଡ଼ୁଦେଙ୍ଗ ବଦାକିତାର୍, ମାତର୍ ସୁଡ଼ୁଏତାର୍; ମାରି, ମିର୍
ଆମାକା ଆମାକା ୱେନ୍‌ଜିନିଦେର୍, ଆୟ୍ୟାୱିଜୁ ୱାର୍ ୱେନ୍‌ଡ୍ରେଙ୍ଗ
ବଦାକିତାର୍, ମାତର୍ ୱେନ୍‌ଏତାର୍ ।” 25 ମାରି, ସୁଡ଼ୁଦୁ, ଅରେନ୍
ଦାର୍ମୁଗୁରୁ ନିଙ୍ଗଜି ଜିସୁଙ୍ଗ୍ଁ ପରିକା କିଜି ୱେନ୍‌ବାତାନ୍, “ଏ ଗୁରୁ,
ଏସ୍‌କାଙ୍ଗୱିଜିଇ ଜିବନ୍‌ତି ଅଦିକାରି ଆଦେଙ୍ଗ ନାନ୍ ଇନିକା
କିନା?” (aiōnios g166) 26 ଆବେଟ୍ ଜିସୁ ଇର୍‌ଆନ୍, “ସାସ୍ତ୍ରଦୁ
ଇନିକା ରାସାଏଡ୍? ନିନ୍ ଏଣ୍ତେସ୍ ପଡ଼ାଜିନି?” 27 ଜିସୁ ୱାନିଙ୍ଗ
ଇର୍ହାନ୍, “ନିନ୍ ନି ୱିଜୁ ଜିବନ୍, ୱିଜୁ ଜିବନ୍, ୱିଜୁ ସାକ୍ତି, ମାରି
ୱିଜୁ ମନ୍ ସିଜି ପ୍ରବୁ ନି ମାପୁରୁଙ୍ଗ୍ଁ ଜିବନ୍ ନଆ; ମାରି, ମି
ଲାକ୍‌ତୁରି ଲୋକାଙ୍ଗ ନିଜେଦିଙ୍ଗ ଜିବନ୍‌ନୋତି ୱାଜା ଜିବନ୍ନେନାଦୁ
।” 28 ଆବେଟ୍ ଜିସୁ ୱାନିଙ୍ଗ ଇର୍‌ଆନ୍, “ନିନ୍ ସତ୍ ଇର୍ହିମାନି;
ଇକା କିଆ, ଆତିଙ୍ଗ ନିନ୍ ଜିବନ୍ ପୋଇନି ।” 29 ମାତର୍ ଦାର୍ମୁ
ସାସ୍ତ୍ରି ନିଜେଦିଙ୍ଗ ଦାର୍ମୁ ଲୋକୁ ଇଜି ତର୍‌ତେଙ୍ଗ୍ଁ ବଦାକିଜି ଜିସୁଙ୍ଗ୍ଁ
ୱେନ୍‌ବାତାନ୍, “ଆରିଙ୍ଗ ନା ଲାକ୍‌ତୁମାନିକାନ୍ ଏନ୍?” 30 ଜିସୁ
ଆୟ୍ୟା ମାଟା ଅସି ଇର୍ହାନ୍, “ଅରେନ୍ ଲୋକୁ ଜିରୁସାଲାମ୍‌ତାନ୍
ଜିରିହୋଦି ଗାଡ଼୍‌ତୁ ସଲ୍‌ପୁ ସଲ୍‌ପୁ ଡଙ୍ଗ୍ଁରି କିଦୁ ସେର୍‌ତାନ୍
। ୱାର୍ ୱାନି ୱାତିଗନ୍ଦା ଡ଼ିବିସ୍‌ତାଅତାରୋ ମାରି ଡାକ୍‌ତାରୋ
ୱାନିଙ୍ଗ ଅଡ଼ପ୍‌ଜିବନ୍‌ମାନ୍‌ବୁ ଡାକ୍‌ତାର ଡ଼ିସ୍‌ତା ସରଆର୍ । 31
ଆୟ୍ୟାୱାଲେ ଅରେନ୍ ଜାଜକ ଆୟ୍ୟା ସାରି ସିଜି ସଲ୍‌ସି ମାର୍‌ଆନ୍,
ମାରି ୱାନ୍ ୱାନିଙ୍ଗ ସୁଡ଼ୁଜି ସାରିଦି ଆଇ ପାଡ଼୍‌କା ସିଜି ସର୍ହାନ୍ ।
32 ଆୟ୍ୟାୱାଜା ଅରେନ୍ ଲେବି ବା ଆୟ୍ୟା ବାଡିଦୁ ୱାଜି ୱାନିଙ୍ଗ
ସୁଡ଼ୁଜି ସାରିଦି ଆଇ ପାଡ଼୍‌କା ସିଜି ସର୍‌ଆନ୍ । 33 ମାତର୍
ଅରେନ୍ ସମିରୋଣିୟ ଲୋକୁ ୱାନି ଲାକ୍‌ତୁ ୱାତାନ୍‌ନୋ ୱାନିଙ୍ଗ
ସୁଡ଼ୁଜି ନାଣ୍ତ ଦୁଃକ୍ କିତାନ୍, 34 ମାରି ୱାନି ଲାକ୍‌ତୁ ସଲ୍‌ସି ୱାନି
ଗାଉକାଙ୍ଗୱିଜୁ ନିୟୁ ଉସ୍‌ତାନ୍ ମାରି ଅଙ୍ଗ୍ଁର୍‌ରସ୍ ୱାକ୍‌ସି ଆୟ୍ୟାୱିଜୁ
ଗାଉତୁ ତର୍‌ତାନ୍, ମାରି ୱାନିଙ୍ଗ ୱାନି ଗଦ ମୁସ୍‌କୁ ବାସିସ୍‌କିଜି
ୱାନିଙ୍ଗ ଲୋକୁ ରମ୍‌ନି ଉଣ୍ତି ଇଲ୍‌ତୁ ଅତାନ୍‌ନୋ ୱାନି ସେବା
କିତାନ୍ । 35 ମାରିନାଣ୍ତିଙ୍ଗ ୱାନ୍ ରୁଣ୍ତି ଡିନାରି ସପ୍‌ସି ଲୋକୁ ରମ୍‌ନି
ଇଲ୍‌ତି ମାଲିକ୍‌ତିଙ୍ଗ ସିଜି ଇର୍‌ଆନ୍, ୱେନି ସେବା କିଆ, ମାରି
ଜଦି ନାଣ୍ତ ଡାବୁଙ୍ଗ୍ଁ କାର୍‌ସୁ ଆନେ, ଆକା ନାନ୍ ଡ଼େସିୱାନି ୱାଲେ
ନିଙ୍ଗ୍ଁ ସିନା ।” 36 ଇୟ୍ୟା ମୁଏରି ଲୋଇ ଏନ୍ ଡଙ୍ଗ୍ଁରି କିଦୁସେରିତି
ମାର୍‌ଇ ଲୋକ୍‌ତି ପାଡ଼ିରି ଲୋକୁ ଇଜି ଅଡ଼୍‌ବିଜିନିଦେର୍? 37
ଦାର୍ମୁ ସାସ୍ତ୍ରି ଇର୍‌ଆନ୍, “ଏନ୍ ୱାନି ଉଣ୍ତିଙ୍ଗ କାର୍ମୁ ତର୍‌ତାନାନ୍
ୱାନ୍,” ଜିସୁ ୱାନିଙ୍ଗ ଇର୍‌ଆନ୍, “ସାଙ୍ଗଆ, ନିନ୍ ବା ଆୟ୍ୟାୱାଜା
କିଆ ।” 38 ଜିସୁ ନି ୱାନି ସିସୁର୍ ସନିୱାଲେ ଉଣ୍ତି ନାର୍‌ତୁ
ଡୁଗିତାର୍, ମାରି ମାର୍ତା ଦର୍‌ତି ଅରେତ୍ ଆଇମା ତାନି ଇନ୍‌ଡ୍ର
ଜିସୁଙ୍ଗ୍ଁ କୁକ୍‌ତାତ୍ । 39 ମରିୟମ୍ ଦର୍‌ତି ତାନି ଅରେତ୍ ତାଙ୍ଗ୍ଁ
ମାର୍‌ଆତ୍, ୱାଦ୍ ପ୍ରବୁଦି କାଲ୍‌କା ଆଡ଼୍‌ଗି ବାସ୍‌ସି ୱାନି ବାକ୍ୟ
ୱେନ୍‌ଜି ମାର୍‌ଆତ୍ । 40 ମାତର୍ ମାର୍ତା ରାନ୍ଦାବାଡ଼ା କିଦେଙ୍ଗ ବେସି
ତେରେପେତେ ଆଜି ମାର୍‌ଆତ୍; ଆଦେଙ୍ଗ ୱାଦ୍ ଜିସୁ ଲାକ୍‌ତୁ
ୱାଜି ଇର୍ହାତ୍, “ଏ ପ୍ରବୁ, ନା ତାଙ୍ଗ୍ଁ ଜେ ନା ଅରେତ୍‌ତାନି ମୁସ୍‌କୁନେ
ରାନ୍ଦାବାଡ଼ା କିନି ବଜୁ ଡ଼ିସ୍‌ତାମାନାତ୍, ତାନେ ତରିନ୍ ଇନିକା ନି
ମନ୍ ସିଲେତ୍? ୱାଦ୍ ନାଙ୍ଗ୍ଁ ସେବା କିନି ଉଣ୍ତିଙ୍ଗ ତାନିଙ୍ଗ ଇନ୍‌ଆଁ
।” 41 ମାତର୍ ପ୍ରବୁ ତାନିଙ୍ଗ ଇର୍‌ଆନ୍, “ମାର୍ତା, ମାର୍ତା, ନିନ୍ ନାଣ୍ତ
ବିସୟ୍‌ତାନ୍ ସିନ୍ତା ମାରି ତେରେପେତେ ଆଜିନି,” 42 ମାତର୍ ଉଣ୍ତି
ଜିନିସ୍ ନାଣ୍ତଦର୍‌କାର୍; ମରିୟମ୍ ତାନେ ଉଣ୍ତିଙ୍ଗ ନେଗି ବିସୟ୍
ଆସ୍ କିତାମାନାତ୍, ମାରି ଆକା ତାନେମାଣାନ୍ ଡ଼ିବିସୋ ଅତେଙ୍ଗ
ଆଟ୍‌ଏନ୍ ।

# 11

ଅର୍‌ଲେନ୍ ଜିସୁ ଉଣ୍ତି ବାଡିଦୁ ପାର୍‌ତନା କିଜିମାର୍ହାନ୍;
ୱାନ୍ ପାର୍‌ତନା କିତି ୱିସ୍‌ତିୱେନ୍‌କା, ୱାନି ସିସୁରି ଲୋଇ
ଅରେନ୍ ୱାନିଙ୍ଗ ଇର୍‌ଆନ୍, ଏ ପ୍ରବୁ, ଡୁବନ୍‌ସିନି ଜୋହନ
ଏଣ୍ତେସ୍ ୱାନି ସିସୁରିଙ୍ଗ ପାର୍‌ତନା କିଦେଙ୍ଗ ଅଜାକିତାନ୍, ନିନ୍ ବା
ଆୟ୍ୟାୱାଜା ମାଙ୍ଗ୍ଁ ପାର୍‌ତନା କିଦେଙ୍ଗ ଅଜାକିଆ । 2 ଆବେଟ୍
ଜିସୁ ୱାରିଙ୍ଗ ଇର୍‌ଆନ୍, ଏସ୍ତିୱାଲେ ମିର୍ ପାର୍‌ତନା କିନିଦେର୍,
ନାସ୍ତିୱାଲେ ଇନ୍‌ଡୁ, ବୁବା, ନି ପବିତ୍ର ଦରୁ ପେରିକାଆପିତ୍ ।
ନି ରାଜି ରାପିତ୍ । 3 ମାଙ୍ଗ୍ଁ ୱିଜୁଦିନ୍ ଦର୍‌କାର୍ ମାନି କାଦି
ସିଦା । 4 ମା ପାପ୍ ୱିଜୁ କେମା କିଆ, ଇରିଙ୍ଗ ମାପ୍ ବା ମା
ବିରଦ୍‌ତାନ୍ ପାପ୍ କିତିୱାରିଙ୍ଗ କେମା କିନାପ୍ । ମାଙ୍ଗ୍ଁ ଆଟ୍‌ୱା
ପରିକାଦୁ ଆର୍‌ଦେଙ୍ଗ ସିମା । 5 ମାରି, ଜିସୁ ୱାନି ସିସୁରିଙ୍ଗ

ଇର୍‌ଆନ୍, ମି ଆମାୱାନି ଇୟାୱାଜା ତଡ୍ ମାନାନ୍ ନୋ, ଆମାୱାନି
ଲାକ୍‌ତୁ ମାଜେର୍‌ନାଡ଼ା ୱାନ୍ ସଲ୍‌ସି ଇନାନ୍, ଏ ତଡ୍, ନାଙ୍ଗିଁ
ମୁଣ୍ଡି ରୁଟିଙ୍ଗ ଉଦାର୍ ସିଦା । 6 ନା ଅରେନ୍ ଆଇ ନାଟି ତଡ୍
ନାବାନୁ ୱାତାମାନାନ୍, ୱାନିଙ୍ଗ ଉଟ୍‌ପିସ୍ତେଡଙ୍ଗ ନାବାନୁ ଇନିକା
ସିଲେଡ୍ । 7 ମାରି ୱାନ୍ ଲୋଇରାନ୍ ଇୟାୱାଜା ଇନାନ୍, ନାଙ୍ଗିଁ
କାସ୍କୁ ସିମା, ସେର୍‌ଲା କେର୍‌ତାନି, ମାରି ନା କଡ଼ର୍ ନାୱାଲେ
ସୁଜ୍‌ଜିନାର୍; ନାନ୍ ନିଙ୍ଗିଁଜି ନିଙ୍ଗିଁ ସିଦେଙ୍ଗ ଆଟ୍‌ଏ । 8 ନାନ୍ ମିଙ୍ଗିଁ
ଇଜିନା, ୱାନ୍ ଆତିଙ୍ଗବା ୱାନି ତଡ୍ ଆନାନ୍ ଆକା ନିଙ୍ଗଜ ସିଏନ୍,
ମାତର୍ ୱାନ୍ ସେମାର୍‌ଆଏଣ୍ଡା ରିଜା ମୁଜା ଲୋସ୍‌ତାନ୍‌ଆକା ୱାନ୍
ନିଙ୍ଗଜି, ୱାନିଙ୍ଗ ଏସା ଦର୍‌କାର୍, ୱାନିଙ୍ଗ ନାସୋ ସିନାନ୍ । 9
ନାନ୍ ବା ମିଙ୍ଗିଁ ଇଜିନା, ଲୋସ୍‌ତୁ, ଆରିଙ୍ଗ ମିଙ୍ଗିଁ ସିଆଇଆନାଡ୍;
ପୋୟ୍‌ଦୁ, ଆବେଟ୍‌କୁ ମିର୍ ପୋୟନିଦେର୍; ସେର୍‌ଲାଦୁ କଡ୍‌ତୁ,
ଆବେଟ୍‌କୁ ମି ଉଣ୍ଡିଙ୍ଗ ସେର୍‌ଲା ରେନାସିନାନ୍ । 10 ଇରିଙ୍ଗ
ଏନ୍ ଲୋସ୍‌ନାନ୍, ୱାନିଙ୍ଗ ପୁଟ୍‌ନାଡ୍, ଏନ୍ ପୋୟନାନ୍, ୱାନ୍
ପୋୟେଦଙ୍ଗ ଆଟ୍‌ନାନ୍; ମାରି, ଏନ୍ ସେର୍‌ଲାଦୁ କଡ୍‌ନାନ୍,
ୱାନି ଉଣ୍ଡିଙ୍ଗ ସେର୍‌ଲା ରେନାସିନାନ୍ । 11 ମାରି, ମି ଲୋଇ
ଇୟାୱାଜା ବୁବା ଏନ୍ ମାନାନ୍? ଆମାୱାନିଙ୍ଗ ୱାନି ମାରିସି
ମିନି ଲୋସ୍‌ତିଙ୍ଗ ୱାନ୍ ୱାନିଙ୍ଗ ମିନି ବାଦ୍‌ଲୁ ସାରାସ୍ ସିନାନ୍?
12 ମାରି କରୁ ଗୁଡୁ ଲୋସ୍‌ତିଙ୍ଗ ୱାନ୍ ୱାନିଙ୍ଗ ସର୍‌କୁପି ସିନାନ୍
ନୋ? 13 ମିର୍ ତାଗ୍‌ଇ ଲୋକୁ ଆତିଙ୍ଗବା ଏସାଙ୍ଗ ନିଜେ
ନିଜେରି କଡ଼ରିଙ୍ଗ ନେଗି ନେଗି ଜିନିସ୍ ସିଦେଙ୍ଗ ନେସ୍‌ନିଦେର୍,
ଆରିଙ୍ଗ ଏମେ ବୁବା ମୁସ୍‌କୁପୁର୍‌ତାନ୍ ସିନାନ୍, ୱାନ୍ ୱାନିମାନୁ
ଲୋସ୍‌ନି ଲୋକାଙ୍ଗ ଏସୋ ନାଣ୍ଡୱାଜା ପବିତ୍ରଆତ୍ମା ସିନାନ୍! 14
ଅର୍‌ଲେନ୍ ଜିସୁ ୱାର୍‌ଗିଦେଙ୍ଗ ଆଟ୍‌ଇ ଅରେନ୍ ଲୋକ୍‌ମାଣାନ୍
ଦୁବା ପେର୍‌ଜିମାର୍‌ଆନ୍, ଦୁବା ସତି ସର୍‌ଇ ୱେନ୍‌କା ଗୁଲା ଲୋକୁ
ୱାର୍‌ଗିଦେଙ୍ଗ ଆଟ୍‌ତାନ୍; ଆବେଟ୍ ଲୋକୁ ୱିଜେରେ କାବା ଆତାର୍
। 15 ମାତର୍ ୱାରି ଲୋଇ ଏର୍ ଏର୍ ଇର୍ହାର୍, ଜିସୁ ଦୁବେଙ୍ଗିଁ
ପେରିକାନ୍ ବାଲ୍‌ଜିବୁଲ୍ ସାକ୍ତିଦାନ୍ ଦୁବେଙ୍ଗିଁ ଡ଼ିସିସ୍‌ନାନ୍ । 16
ଆଇକାର୍ ୱାନିଙ୍ଗ ଉରିଦୁ ଆର୍‌ପ୍‌ତେଙ୍ଗ ବଦା କିଜିମାର୍‌ଆର୍ ।
ଆଦେଙ୍ଗ ମାପୁରୁ ଜେ ୱାନିୱାଲେ ମାନାନ୍ ଇୟା ସିନାଦି ୱାଜା
ୱାନିଙ୍ଗ ବାଦଡ୍‌ତାନ୍ ଉଣ୍ଡି କାବାଆନି ପାଣି ତର୍‌ତେଙ୍ଗିଁ ଇର୍ହାର୍ ।
17 ମାତର୍ ଜିସୁ ୱାରି ମନ୍‌ତି ମାଟା ନେସ୍‌ସି ୱାରିଙ୍ଗ ଇର୍‌ଆନ୍,
ଏମେ ଦେସ୍ ବାଗ୍ ଆଜି ନିଜେ ବିରଦ୍‌ତାନ୍ ନିଙ୍ଗିଁନାଡ୍, ଆକା ନାସ୍କୁ
ଆନା ସନାଡ୍, ମାରି ଉଣ୍ଡି ଇଲୁ ରୁଣ୍ଡି ବାଗ୍ ଆତିଙ୍ଗ ନାସ୍କୁ ଆନାଡ୍
। 18 ମାରି, ସୟତାନ୍ ବା ଜଦି ବାଗ୍ ଆଜି ନିଜେ ବିରଦ୍‌ତାନ୍
ନିଙ୍ଗିଁତାନି, ଆତିଙ୍ଗ ତାନି ରାଜି ଏଣ୍ଡେସ୍ ତିର୍‌ଆଜି ତେବାନାଡ୍?
ନାନ୍ ବାଲ୍‌ଜିବୁଲ୍‌ତି ସାକାଦାନ୍ ଦୁବେଆଙ୍ଗିଁ ଡ଼ିସିସ୍‌ନା ଇଜି ମିର୍
ତୋ ଇଜିନିଦେର୍ । 19 ମାତର୍ ନାନ୍ ଜଦି ବାଲ୍‌ଜିବୁଲ୍‌ତି
ସାକ୍ତିଦାନ୍ ତାଗ୍‌ଇ ଦୁବେଆଙ୍ଗିଁ ପେର୍‌ଜିନା, ଆରିଙ୍ଗ ମି କଡ଼ର୍
ଏମେ ସାକାଦାନ୍ ୱାରିଙ୍ଗ ଡ଼ିସିସ୍‌ନାର୍? ଆଦେଙ୍ଗ ୱାର୍ ମି ମୁସ୍‌କୁ
ବିସାର୍ କିନିକାର୍ ଆନାର୍ । 20 ସିଲେ, ମାତର୍ ମାପୁରୁଦି
ସାକ୍ତିଦାନ୍ ନାନ୍ ଦୁବେଙ୍ଗ ଡ଼ିସିସ୍‌କିନା ମାରି ଇକା ପାର୍‌ମାଣ୍
ଆଜିନାଡ୍ ଜେ ମାପୁରୁଦି ରାଜି ମି ଲାକ୍‌ତୁ ଇଗା ୱାତାଡ୍‌ନି ।
21 ଅରେନ୍ ବପୁମାନି ଲୋକୁ ଆମାସାନ୍ଧି ଜୁଦ୍ କିନି ସାସାପାତି
ଆସ୍‌ସି ତିଆର୍ ଆଜି ନିଜେଦି ରାଜି ରକିୟା କିନାନ୍, ଆୟା
ସାନ୍ଧି ୱାନି ୱିଜୁ ସମ୍ପତି ନେଗେନ୍ ତେବାନାଡ୍ । 22 ମାତର୍
ଏସ୍ତିୱାଲେ ୱାନିମାଣାନ୍ ନାଣ୍ଡ ବପୁଦି ଲୋକୁ ୱାନିଙ୍ଗ ଡାକ୍‌ସି
ଜିଣାନାନ୍, ନାସ୍ତିୱାଲେ ଏମେ ଜୁଦ୍‌କିନି ସାସାପାତିଦୁ ୱାନି
ଆସା ମାର୍‌ଆଡ୍, ଆୟାୱିଜୁ ୱାନ୍ ରେନା ଅନାନ୍, ମାରି ୱାନି
ଡଙ୍ଗିଁକିତି ଜିନିସ୍ ବାଟାକିନା ଅନାନ୍ । 23 ଏନ୍ ନା ତରିନ୍
ସିଲେନ୍, ୱାନ୍ ନା ସାତ୍ତୁ; ମାରି, ଏନ୍ ନା ୱାଲେ ଉଣ୍ଡା କିଏନ୍,
ୱାନ୍ ଇନ୍‌ଙ୍ଗାଁ ଆନିଙ୍ଗାଁ କିନା ପୋକ୍‌ନାନ୍ । 24 "ଏସ୍ତିୱାଲେ
ଉଣ୍ଡି ତାଗ୍‌ଇଦୁବା ଅରେନ୍ ଲୋକୁ ମାଣାନ୍ ସତିସର୍‌ଇ ୱେନ୍‌କା
ଏରୁସିଲି ବାଡିଙ୍ଗ ୱିଜୁ ବୁଲାଜି ରମ୍ନେଦଙ୍ଗ ପୟ୍‌ନାଡ୍, ମାରି ୱାଦ୍
ରମ୍ନେଦଙ୍ଗ ବାଡି ପୋୟ୍‌ଏତିଙ୍ଗ ଇନାଡ୍, ନାନ୍ ଏମେ ଇନ୍‌ଡ୍ରଣାନ୍
ସତା ୱାତାମାର୍‌ଆ, ନା ଆୟା ଇନ୍‌ଡ୍ର ମାରିଡ଼େସି ସନା । 25
ମାରି, ୱାଦ୍ ୱାଜି ଆୟା ଇଲୁ ନେଗ୍ରେଣ୍ଡା ସିପାତିକା ମାରି ୱିଜୁ
ରସ୍‌ତିକା ସୁଣାଡ୍ । 26 ନାସ୍ତିୱାଲେ ୱାଦ୍ ସଲ୍‌ସି ତାନେମାଣାନ୍
ନାଣ୍ଡ ତାଗ୍‌ଇ ମାରି ସାଡ୍ରେଗାଟା ଆଡ୍ରେମଙ୍ଗ ଅର୍‌ସେ ଆସ୍‌ନା
ୱାନାଡ୍, ମାରି ୱାକ୍ ଆବେ ଡୁଗ୍ରେନ ନୋ ଆବେ ବାସାନେ,
ମାରି ଆୟା ଲୋକ୍‌ତି ପାର୍‌ତୁମ୍‌ତି ଦସ୍ ବାଦ୍‌ଲୁ ୱେନ୍‌କାରି ଦସ୍
ନାଣ୍ଡ ତାଗ୍‌ଇକା ଆନାଡ୍ ।" 27 ଜିସୁ ଇୟା ମାଟା ଇନିୱାଲେ
ଲୋକା ଲୋଇରାନ୍ ଅରେଡ୍ ଆଇମା ନାଣ୍ଡ ଆଉଲି ଆଜି ଇର୍ହାଡ୍,
"ଦନ୍ୟ ମି ୟାୟା, ଏଦ୍ ନିଙ୍ଗିଁ ଜନମ୍ ସିତାମାନାଡ୍ ମାରି ଆୟା
ପାଲ୍, ଆମାଟ୍‌କୁ ନିନୁ ଉଟିମାନି ।" 28 ଜିସୁ ଇର୍‌ଆନ୍, "ସିଲେ,
ଏମେକାର୍ ମାପୁରୁଦି ବାକ୍ୟ ୱେନାର୍, ମାରି ମାନାନାର୍, ୱାର୍
ଦନ୍ୟ ।" 29 ଲୋକ୍ ୱିଜେରେ ମାନ୍ଧା ମାନ୍ଧା ଆଜି ଜିସୁ ଲାକ୍‌ତୁ
ଉଣ୍ଡାଜି ମାର୍‌ଇ ୱାଲେ ୱାନ୍ ଇନ୍‌ଡ୍ରେଙ୍ଗ ଆସ୍‌ତାନ୍, ଇୟା ଦିନ୍‌ତି
ମେମାରିଏନ୍ ତାଗ୍‌ଇକାର୍; ଇକାର୍ ସିନା ପୋଇନାର୍, ମାତର୍
ଜୁନସ୍‌ତି ସିନା ଡ଼ିସ୍‌ତିଙ୍ଗ ଆଇ ଆମା ସିନା ୱାରିଙ୍ଗ ସିଏର୍ ।
30 ମାତର୍ ଜୁନସ୍ ଏଣ୍ଡେସ୍ ନିନିବିଦିୱାରି ଉଣ୍ଡିଙ୍ଗ ସିନାଦିୱାଜା
ଆତାନ୍, ମନୁସ୍ୟପୁତ୍ର ବା ଆୟାୱାଜା ଇୟା ଜୁଗ୍‌ତି ଲୋକା
ଉଣ୍ଡିଙ୍ଗ ଆନାନ୍ । 31 ସିବା ଦେସ୍‌ତି ରାଣି ବିଚାର୍‌ତୁ ଇୟା
ଦିନ୍‌ତୁ ମେମାର୍‌ଙ୍ଗାଁ ୱାଲେ ନିଙ୍ଗିଁଜି ଇୟାୱାରିଙ୍ଗ ଦୋସ୍ ଆସିସ୍
କିନାଡ୍, ମାତର୍ ସଲମନ୍‌ତି ବୁଦିଦି ମାଟା ୱେନ୍‌ଡ୍ରେଙ୍ଗ ଇଜି
ଦୁନିଆଦି ଆକ ଦେସ୍‌ତାନ୍ ୱାଦ୍ ୱାତାମାର୍‌ଆଡ୍, ମାରି ସୁଡୁଦୁ,
ସଲମନ୍‌ତି ଡ଼ିସ୍‌ତିଙ୍ଗ ପେରି ବିସୟ୍ ଇୟା ବାଡିଦୁ ମାନାଡ୍ । 32
ନିନିବିଦି ଲୋକୁ ବିଚାର୍‌ତୁ ଇୟା ଦିନ୍‌ତି ମେମାର୍‌ଙ୍ଗାଁ ୱାଲେ ନିଙ୍ଗିଁଜି
ଇୟାୱାରିଙ୍ଗ ଦସ୍ କିନାର୍, ମାତର୍ ୱାର୍ ଜୁନସ୍‌ତି ପ୍ରଚାର୍‌ତାନ୍
ମନ୍ ଡ଼େପ୍‌ତା ମାର୍‌ଆର୍, ମାରି ସୁଡୁଦୁ, ଜୁନସ୍‌ତି ଡ଼ିସ୍‌ତିଙ୍ଗ ପେରି
ବିସୟ୍ ଇବେନୁ ମାନାଡ୍ । 33 "ଏନ୍ ଦିୱା କାସିସ୍ କିଜ ଆଡ଼ିକ୍‌ସି
ବାକ୍‌ରାଦୁ ଇଡ୍‌ଏନ୍ ମାରି ଅଡି ଆଡ୍‌ଗି ଇଡ୍‌ଏର୍, ମାତର୍ ଦିୱା

ଇଡ୍‌ନି ବାଡିଦୁ ଇଡ୍‌ନାର୍, ଏଣ୍ଡେସ୍ ଲୋଇ ଡୁଗୁନି ଲୋକୁ ଜାୟ୍
ସୁଡୁଦେଙ୍ଗ ଆଟ୍‌ନାର୍ । 34 ମି କାଣ୍‌ଗା ମେନ୍ହଲ୍‌ତି ଦିୱା ।
ଏସ୍ତିୱାଲେ ମି କାଣ୍‌ଗା ନେଗିକା ତେବାନାତ୍, ନାସ୍ତିୱାଲେ ମି ୱିଜୁ
ମେନ୍ହଲ୍ ବା ଜାୟ୍‌ୱାଜା ଆନାତ୍; ମାତର୍ ଏସ୍ତିୱାଲେ କାଣ୍‌ଗା
ତାଗ୍‌ଇକା ମାନାତ୍, ନାସ୍ତିୱାଲେ ମି ମେନ୍ହଲ୍ ବା ସିକାଟିୱାଜା
ଆନାତ୍ । 35 ମାରି ଜାଗାର୍‌ତା, ଏଣ୍ଡେସ୍ ମି ଜିବନ୍‌ତି ଜାୟ୍
ସିକାଟି ଆଏତ୍ । 36 ଜଦି ମି ୱିଜୁ ମେନ୍ହଲ୍ ଜାୟ୍ ଆନାତ୍ ମାରି
ଆବେଣି ଇନି ବାଡିଦୁ ସିକାଟି ତେବାଏତ୍, ଆତିଙ୍ଗ ଦିୱା ଏଣ୍ଡେସ୍
ଜାୟ୍‌ତୁ ମିଙ୍ଗଁ ଜାୟ୍ ସିନାତ୍, ଆୟ୍‌ୱାଜା ମି ୱିଜୁ ମେନ୍ହଲ୍ ଜାୟ୍
ଆନାତ୍ ।” 37 ଜିସୁ ମାଟା ଇନ୍‌ଜିମାର୍‌ଇ ୱାଲେ ଅରେନ୍ ପାରୁସି
ୱାନିଙ୍ଗ ୱାନି ଇନ୍‌ଡ୍ର ଉଣ୍ଡେଙ୍ଗ କୁକ୍‌ତାନ୍, ମାରି ୱାନ୍ ଇନ୍‌ଡ୍ର
ଡୁଗିତାନ୍ ନୋ ଉଣ୍ଡେଙ୍ଗ ବାସ୍‌ତାନ୍ । 38 ମାତର୍ ଉଣି ଆଗ୍‌ଡ଼ି
ୱାନ୍ ଜେ ଆଗ୍‌ଡ଼ି ଏର୍ ନର୍‌ବାଏନ୍ ମାର୍‌ଆନ୍, ଇକା ସୁଡୁଜି ଆୟା
ପାରୁସି କାବା ଆତାନ୍ । 39 ଆବେଟ୍ ପ୍ରବୁ ୱାନିଙ୍ଗ ଇର୍‌ଆନ୍, ମିର୍
ପାରୁସିର୍ ଗାଦେ ଡୁବାଇ ନି ସାଡ୍‌ୱାଦି ଆତ୍‌ରେ ନର୍‌ନିଦେର୍,
ମାତର୍ ମି ଲୋଇ ଡଙ୍ଗାଁକିନିପାଣି ନି ତାଗ୍‌ଇପାଣି ପୁରାମାନାତ୍ ।
40 ଏ ବୁଦିସିଲିକିଦେର୍, ଏନ୍ ଆତ୍‌ରେ ତିଆର୍ କିତାନ୍, ୱାନ୍
ଇନିକା ଲୋଇ ବା ତିଆର୍ କିଏତାନ୍? 41 ମି ଲବ୍ରାଦାନ୍ ଆମାକା
ଉଣ୍ତାକିତିମାନିଦେର୍ ଆକା କାକୁର୍ତି ଲୋକାଙ୍ଗ ଦାନ୍ ସିଦୁ ଆରିଙ୍ଗ
ମିର୍ ପୁରା ନର୍‌ଆନିଦେର୍ । 42 ମାତର୍ ଚି, ଦଣ୍ଡ ପୋଇନି
ପାରୁସିର୍, ଇରିଙ୍ଗ ମିର୍ ପୋଦିନା, ଆରୁଦ ମାରି ୱିଜୁଜାତିଦି
କୁସାପୁଲା ଦସ୍‌ବାଗ୍‌ତାନ୍ ଉଣ୍ତି ବାଗ୍ ମାପୁରୁଙ୍ଗଁ ଦାନ୍ ସିନିଦେର୍,
ମାରି ଆଇ ଲୋକାଙ୍ଗ ନ୍ୟାୟ୍ ବିସାର୍‌ତୁ ଦୟା ତର୍‌ତେଙ୍ଗଁ ମାରି
ମାପୁରୁଙ୍ଗଁ ଜିବନ୍‌ନୋଦେଙ୍ଗ ବାଣାନିଦେର୍; ମାତର୍ ଇୟାୱିଜୁ
କିନିକା ମାରି ଆଇକା ୱିଜୁ ବାଣାଇକା ମାନାତ୍ । 43 “ଚି,
ପାରୁସିର୍ ମିର୍ ଦଣ୍ଡ ପୟ୍‌ନିଦେର୍, ଇରିଙ୍ଗ ମିର୍ ପାର୍‌ତନାକିନି
ଇଲ୍‌କାଙ୍ଗ ପେରି ବାଡି ମାରି ସାତାସାଉକାଦୁ ମାଡ଼ିସ୍‌କିନିକା
ପୋୟେ୍‌ଦଙ୍ଗ ଅଡ୍‌ବିନିଦେର୍ । 44 ଚି, ମିର୍ ଦଣ୍ଡ ପୟ୍‌ନିଦେର୍,
ଇରିଙ୍ଗ ମିର୍ ତର୍‌ଇ ମୁସ୍‌ତି ବାଡ଼ିଦି ୱାଜା; ତାନି ମୁସ୍‌କୁ ନେସ୍‌ଏଣ୍ତା
ବୁଲାସାଲାନିକାର୍ ଲୋକୁ ଆକା ମୁସ୍‌ତି ବାଡି ଇଜି ନେସ୍‌ଏର୍
।” 45 ଆବେନୁ ସାସ୍ତ୍ରିରି ମାଣାନ୍ ଅରେନ୍ ୱାନିଙ୍ଗ ଇର୍ହାନ୍, “ଏ
ଗୁରୁ, ଇକା ଇନ୍‌ଜି ନିନୁ ମାଙ୍ଗଁ ବା ଅପମାନ୍ କିଜିନି ।” 46 ୱାନ୍
ଇର୍ହାନ୍, “ଚି, ସାସ୍ତ୍ରିର୍ ଯେ ମିର୍ ମିର୍ ବା ଦଣ୍ଡ ପୋଇନିଦେର୍,
ଇରିଙ୍ଗ ମିର୍ ଲୋକାଙ୍ଗ ନିୟମ୍‌କୁ ମାନାଦେଙ୍ଗ ଇଜିନିଦେର୍ ମାତର୍
ନିଜେ ମିର୍ ଏସାଙ୍ଗବା ଇବେଣି ଉନ୍‌ଡ୍ରି ନିୟମ୍ ବା ମାନାଦେଙ୍ଗ
ସାହାଜ୍ୟକିଇଜିନିଦେର୍ । 47 ଚି, ମିର୍ ଦଣ୍ଡ ପୟ୍‌ନିଦେର୍,
ଇରିଙ୍ଗ ମିର୍ ବାବବାଦିରି ମୁସ୍‌ନି ଗୁଟା ତିଆର୍ କିଜିମାନିଦେର୍,
ଆମାୱାରିଙ୍ଗ ମି ପୁର୍ବେଦିଡକ୍‌ରାଦାଦାର୍ ୱାରିଙ୍ଗ ସାୟାମାର୍‌ଗା
ଡାକ୍‌ତା ମାର୍‌ଆର୍ । 48 ମାରି, ମି ପୁର୍ବେଦିଡକ୍‌ରାଦାଦାରି ପାଣିଦି
ବିସୟ୍‌ତାନ୍ ମିର୍ ସାକି ଆନିଦେର୍ ମାରି ଆକା ରାଜି ଆଜିନିଦେର୍;
ଇରିଙ୍ଗ ୱାର୍ ଗାଦେ ବାବବାଦିରିଙ୍ଗ ସାୟାମାର୍‌ଗା ଡାକ୍‌ତା
ମାର୍‌ଆର୍, ମାତର୍ ମିର୍ ୱାରିଦି ମୁସ୍‌ନିବାଡି ତିଆର୍ କିଜିନିଦେର୍
। 49 ଆଦେଙ୍ଗ ମାପୁରୁ ବା ନିଜେଦି ବୁଦିଦାନ୍ ଇର୍‌ଆ ମାନାନ୍,
ମାପ୍ ୱାରି ଲାକ୍‌ତୁ ବାବବାଦି ନି ପ୍ରେରିତ ସିସୁରିଙ୍ଗ ପୋକ୍‌ନା;
ୱାରି ଲୋଇରାନ୍ ଏଙ୍ଗ ଏଙ୍ଗ ୱାର୍ ସାୟାମାର୍‌ଗା ଡାକ୍‌ନାର୍ ମାରି
ଏଙ୍ଗ ଏଙ୍ଗ କାସ୍କୁ ସିନାର୍, 50 ଇୟା ଜଗ୍‌ତି ଲୋକୁ ଦୁନିଆଦି
ତିଆର୍‌ଆତି ଆଗ୍‌ଡ଼ିରାନ୍ ୱିଜେରେ ବାବବାଦିରି ସାୟାମାର୍‌ଗା
ଡାକ୍‌ତିମାନି ଉଣ୍ତିଙ୍ଗ ଦଣ୍ଡ ପୟ୍‌ନାର୍ । 51 ହେବଲ୍‌ତି ଡାକ୍‌ତିମାଣୁକୁ
ଆରାମ୍ କିଜି ଜିକରିୟଦି ସାନ୍ହି, ଆମାୱାନିଙ୍ଗ ପୁଜାକିନି ବେଦି
ମାରି ପବିତ୍ର ବାଡିଦୁ ସାୟାମାର୍‌ଗାଡାକ୍‌ତା ମାର୍‌ଆର୍, ହୁଁ, ନାନ୍
ମିଙ୍ଗଁ ଇଜିନା, ଇୟା ଜଗ୍‌ତି ଲୋକୁ ଆୟା ୱିଜେରି ଉଣ୍ତିଙ୍ଗ ଦଣ୍ଡ
ବଗାନାର୍ । 52 “ଚି, ଦଣ୍ଡ ପୟ୍‌ନି ସାସ୍ତ୍ରିର୍, ଇରିଙ୍ଗ ମିର୍ ବୁଦିଦି
କୁସିକାଣ୍ତି ନିଜେ ଇଟ୍‌ତିଦେର୍; ମିର୍ ନିଜେନିଜେ ଡୁଗ୍‌ଇତିଦେର୍
ମାରି ଡୁଗୁଦେଙ୍ଗ ବଦାକିତି ଲୋକାଙ୍ଗ ସାରି ସିଇତିଦେର୍ ।” 53
ମାରି, ଜିସୁ ଆବେଟ୍‌କୁ ସତିସର୍‌ଇ ୱେନ୍‌କା ସାସ୍ତ୍ରିର୍ ନି ପାରୁସିର୍
ନାଣ୍ତୁ ରିସା ଆଜି, 54 ୱାନି ୱେୟୁଦାନ୍ ଇନି ତାଗ୍‌ଇ ମାଟା ଆସ୍‌ସି
ଉଣ୍ତିଙ୍ଗ ଉରିଦୁ ଆର୍ରେପ୍‌ତଙ୍ଗ ୱାନିଙ୍ଗ ନାଣ୍ତୁ ବିସୟ୍‌ତାନ୍ ମାଟା
ୱେନ୍‌ବାଦେଙ୍ଗ ଆସ୍‌ତାର୍ ।

12 ଆବେନୁ ଅଜାର୍‌ଅଜାର୍ ଲୋକୁ ଉଣ୍ତାତାର୍ ନୋ ନିଜେ
ନିଜେଦି ମୁସ୍‌କୁ ମାଟ୍‌ସିସାଜିମାର୍ହାର୍; ନାସ୍ତିୱାଲେ ଜିସୁ
ଆଗିଡ଼ି ନିଜେଦି ସିସୁରିଙ୍ଗ ଇନ୍‌ଡ୍ରେଙ୍ଗ ଆସ୍‌ତାନ୍, ପାରୁସିର୍
କମିର୍ ୱାଜା ଟକ୍‌ତି ବିସୟ୍‌ତାନ୍ ଜାଗାର୍‌ତା ମାନ୍‌ଡୁ । 2 ମାତର୍
ଆମାକା ମାର୍‌ଗିତା ମାନାତ୍, ଆକା ତରାନାତ୍ । ମାରି ୱିଜୁ
ବିସୟ୍ ତରାନାତ୍ । 3 ମିର୍ ଆମାକା ସିକାଟିଦୁ ଇର୍‌ଇମାନିଦେର୍,
ଆୟାୱିଜୁ ଜାୟ୍‌ତୁ ୱେନିଦେର୍, ମାରି ଆମାକା ନେସ୍‌ଇ ୱାଜା
ବାକ୍‌ରା ଲୋଇ ମାରାକ୍‌ସି ଇର୍‌ଇମାନିଦେର୍, ଆକା ଇଲୁଦି ସାତ୍
ମୁସ୍‌କୁ ପ୍ରଚାର୍ କିଆୟ୍‌ଆନାତ୍ । 4 ମାତର୍ ନା ତଡ୍‌କୁ ଜେ
ମିର୍, ମିଙ୍ଗଁ ନାନ୍ ଇଜିନା, ଏମାକାର୍ ମେନ୍ହଲ୍‌ତିଙ୍ଗ କାତ୍‌ନାର୍,
ମାତର୍ ତାନେୱେନ୍‌କା ମାରି ଇନିକା କିଦେଙ୍ଗ ଆଟ୍‌ଏର୍, ୱାରିଙ୍ଗ
ତିଲାମାଟ୍ । 5 ମାତର୍ ଏଙ୍ଗ ତିଲାନିଦେର୍, ଆକା ନାନ୍ ମିଙ୍ଗଁ
ୱେର୍‌ନା; ସାୟାମାର୍‌ଗାଡାକ୍‌ତି ୱେନ୍‌କା ନରକଦୁ ପୋକ୍‌ନି
ଉଣ୍ତିଙ୍ଗ ଆମା ମାପୁରୁଦି ଅଦିକାର୍ ମାନାତ୍, ୱାନିଙ୍ଗ ତିଲାଦୁ; ହୁଁ,
ନାନ୍ ମିଙ୍ଗଁ ସତ୍ ଇଜିନା, ୱାନିଙ୍ଗ ତିଲାଦୁ । **(Geenna g1067)** 6
ପାସ୍‌ଗୋଟା ସାଡ଼ାପୋଟିଙ୍ଗ ଇନିକା ଉଣା ଡାବୁଆଙ୍ଗଁ ପୋର୍‌ଏର୍
ନୋ? ମାରି, ୱାନିକା ମାଣ୍‌କୁ ଉଣ୍ତିତାନିଙ୍ଗ ବା ମାପୁରୁ ବାଣାଏନ୍ ।
7 ମାତର୍ ମି ତାଲାଦି କୁକୁଟି ବା ୱିଜୁ ଲେକିସ୍ କିଆୟ୍‌ଆତାମାନାତ୍
। ତିଲାମାଟ୍; ମିର୍ ନାଣ୍ତୁ ସାଡ଼ାପୋଟିଙ୍ଗାଁ ମାଣାନ୍ ନାଣ୍ତୁ! 8 ମାରି,
ନାନ୍ ମିଙ୍ଗଁ ଇଜିନା, ଏନ୍ ଲୋକା ଆଗିଡ଼ି ନାଙ୍ଗଁ ମାନାନାର୍,
ମନୁଷ୍ୟପୁତ୍ର ବା ମାପୁରୁଦି ମୁସ୍‌କୁପୁର୍‌ତି ଦୁତ୍‌କା ଆଗ୍‌ଡ଼ି ୱାନିଙ୍ଗ
ମାନାନାର୍; 9 ମାତର୍ ଏନ୍ ଲୋକା ଆଗିଡ଼ି ନାଙ୍ଗଁ ମାନାଏନ୍, ୱାନ୍
ମାପୁରୁଦି ଦୁତ୍‌କା ଆଗିଡ଼ି ମାନାକିବିସ୍ କିଏର୍ । 10 ମାରି, ଏନ୍‌ବା
ମନୁଷ୍ୟପୁତ୍ରଦି ବିରଦ୍‌ତାନ୍ ମାଟା ଇନ୍‌ନାନ୍, ୱାନିଙ୍ଗ କେମା

ପୁଟ୍‌ନାତ୍; ମାତର୍ ଏନ୍ ପବିତ୍ରଆତ୍ମାଦି ବିରଦ୍‌ତାନ୍ ନିନ୍ଦା ମାଟା
ଇନ୍‌ନାନ୍, ୱାନିଙ୍ଗ କେମା ପୁଟ୍‌ଏତ୍ । 11 "ମାରି, ଏସ୍ତିୱାଲେ ୱାର୍
ମିଙ୍ଗଁ ପାର୍‌ତନା ଇଲୁଦୁ, ସାସନ୍‌କିନିୱାରିମାନୁ ମାରି ଅଦିକାର୍
ପୋଇତି ଲୋକା ଲାକ୍‌ତୁ ଅନାର୍, ନାସ୍ତିୱାଲେ ମିର୍ ମି ତରିଟାନ୍
ଏଣ୍ତେସ୍‌ମାରି ଇନି ମାଟା ଇଣ୍ତେଙ୍ଗ ଆନାତ୍ ମାରି ଇନିକା ଇନା,
ଆୟା ବିସୟ୍‌ତାନ୍ ଚିନ୍ତା କିମାଟ୍ । 12 ଇରିଙ୍ଗ ଇନିକା ଇଣ୍ତେଙ୍ଗ
ଆନାତ୍, ଆକା ପବିତ୍ର ଆତ୍ମା ଆୟାୱାଲେ ମିଙ୍ଗଁ ଅଜା କିନାତ୍ ।"
13 ଲୋକା ଲୋଇରାନ୍ ଅରେନ୍ ଜିସୁଙ୍ଗଁ ଇର୍‌ଆନ୍, "ଏ ଗୁରୁ, ନା
ତଡ଼ାନ୍‌ତିଙ୍ଗ ନା ୱାଲେ ବୁବାଦି ଦନ୍ ସମ୍ପତ୍ତି ବାଟା କିଜ ସିଦେଙ୍ଗ
ଇନ୍‌ଆଁ ।" 14 ମାତର୍ ଜିସୁ ୱାନିଙ୍ଗ ଇର୍‌ଆନ୍, ଏ ତଡ଼୍, ଏନ୍ ନାଙ୍ଗଁ
ମି ଦନ୍ ସମ୍ପତି ମୁସ୍‌କୁ ବିସାର୍ କିନିକାନ୍ ମାରି ବାଟା କିଜି ସିଦେଙ୍ଗ
ନିଲପ୍‌ତାନ୍? 15 ମାରି, ୱାନ୍ ୱାରିଙ୍ଗ ଇର୍‌ଆନ୍, ଜାଗ୍‌ରାତା,
ୱିଜୁଜାତିଦି ଆସାଦାନ୍ ନିଜେ ନିଜେଦିଙ୍ଗ ଆକ ଇଡ୍‌ଦୁ, ଇରିଙ୍ଗ
ଅରେନ୍ ଲୋକ୍‌ତି ଜିବନ୍ ୱାନି ଦନ୍ ସମ୍ପତ୍ତି ମୁସ୍‌କୁ ଆସାଏନ୍ ।
16 ମାରି ୱାନ୍ ୱାରିଙ୍ଗ ଇୟା କାତା ଇର୍‌ଆନ୍, ଅରେନ୍ ମାଜନ୍
ଲୋକ୍‌ତି କିଡ଼ିଇଦୁ ନାଣ୍ତ ପାସି ଆତାତ୍ । 17 ଆବେଟ୍ ୱାନ୍
ମନ୍‌ତୁ ମନ୍‌ତୁ ଅଡ୍‌ବିଜି ଇର୍‌ଆନ୍, ଇନିକା କିନା? ଇରିଙ୍ଗ ନା
ପାସି ଉଣ୍ତା କିଜି ଇଡ୍‌ଦେଙ୍ଗ ବାଡି ସିଲେତ୍ । 18 ମାରି, ୱାନ୍
ଇର୍‌ଆନ୍, ଇକା କିନା; ନାନ୍ ଆଗିଡ଼ି ଇଡ୍‌ନି କଲ୍‌କି ରୁକ୍‌ସି ପେରି
ପେରି କଲ୍‌କିଙ୍ଗଁ କିଜି ତିଆର୍ କିନା ମାରି ଆୟାୱିଜୁ ମାନୁ ନା
ପାସି ଉଣ୍ତା କିଜି ଇଡିନା, 19 ମାରି ନାନ୍ ନା ଜିବନ୍‌ତିଙ୍ଗ ଇନା,
ରେ ଜିବନ୍, ଏସ ବାର୍ସେକ୍‌ତି ଉଣ୍ତିଙ୍ଗ ନି ଉଣିତିନିକା ନାଣ୍ତ ପାସି
ଉଣ୍ତାତାମାନାତ୍, ରମ୍‌ଆ, ଉଣୁଆ, ୱେଡ଼ିକା କିଆ; 20 ମାତର୍
ମାପୁରୁ ୱାନିଙ୍ଗ ଇର୍‌ଆନ୍, ଏ ବୁଦି ସିଲିକିନ୍ଦା, ନେର୍ ନାଡ଼ା ନି
ଜିବନ୍ ନିବାଣାକୁ ଅନା; ଆବେଟ୍‌କୁ ନିନ୍ ଆମାକା ଆମାକା
ନିଜେଦିଙ୍ଗ ଉଣ୍ତା କିତିମାନି, ଆୟାୱିଜୁ ଏନ୍ଦି ଆନାତ୍? 21 ଏନ୍
ନିଜେଦି ଉଣ୍ତିଙ୍ଗ ଦନ୍ ଉଣ୍ତା କିନାନ୍, "ମାତର୍ ମାପୁରୁଦି ଆଗ୍‌ଡ଼ି
ମାଜନ୍ ଆଏନ୍, ୱାନି ଉଣ୍ତିଙ୍ଗ ଇୟାୱାଜା ଗଟେଆନାତ୍ ।" 22
ଜିସୁ ନିଜେଦି ସିସୁରିଙ୍ଗ ଇର୍‌ଆନ୍, ଇୟାଉଣ୍ତିଙ୍ଗ ନାନ୍ ଇଜିନା,
ଇନିକା ଉଣା, ଇୟାୱାଜା ଇଜି ମି ଜିବନ୍‌ତି ଉଣ୍ତିଙ୍ଗ, ମାରି ଇନିକା
ଆରାନା, ଇୟାୱାଜା ଇଜି ମି ମେନ୍ଦଲ୍‌ତି ଉଣ୍ତିଙ୍ଗ ବା ସିନ୍ତା କିମାଟ୍
। 23 ଇରିଙ୍ଗ ଉଣି ବାଦୁଲୁ ଜିବନ୍ ମାରି ଆଙ୍ଗଁ ଆରାନି ବାଦୁଲୁ
ମେନ୍ଦଲ୍ ପେରିକା । 24 କାକିଆଙ୍ଗ ବିସୟ୍ ଅଡ୍‌ବିଜ ସୁଡୁଦୁ, ୱାକ୍
ୱିତୁ ୱିତ୍‌ଉ କି କୟ୍‌ଉ, ମାରି ତାମେ ଇଲୁ କି ପାସି ଇଡ୍‌ନି କଲ୍‌କି
ସିଲେତ୍, ମାରି ମାପୁରୁ ୱାନିକାଙ୍ଗ କାଦି ସିନାନ୍; ମିର୍ ପଟିଙ୍ଗଁ
ବାଦୁଲୁ ଏସ ନାଣ୍ତ ପେରିକିଦେର୍! 25 ମାରି, ମି ଲୋଇ ଏନ୍
ସିନ୍ତା କିଜି କିଜି ନିଜେଦି ବାର୍ସେକ୍ ଉଣ୍ତି ମୁରା ପିରିସ୍‌କିଦେଙ୍ଗ
ଆଟ୍‌ନାନ୍? 26 ମିର୍ ଜଦି ୱିଜୁମାଣାନା ଇସ୍ରି ବିସୟତିଙ୍ଗ ବା
କିଦେଙ୍ଗ ସାକ୍ତି ସିଲେତ୍, ଆରିଙ୍ଗ ଆଇ ୱିଜୁ ବିସୟତି ଉଣ୍ତିଙ୍ଗ ଏନ୍ଦା
ସିନ୍ତା କିଜିନିଦେର୍? 27 ପୁଙ୍ଗଁକାଙ୍ଗ ଅଡ୍‌ବିଜ ସୁଡୁଦୁ, ୱାକ୍ ଏଣ୍ତେସ୍
ନୁଲ୍ କୟ୍‌ଉ କି ୱାତି ଗୁତ୍‌ଉ; ନାନ୍ ମିଙ୍ଗଁ ଇଜିନା, ରାଜା ସଲମନ୍
ବା ଆୟା ଦନ୍‌ତି ପୁଙ୍ଗଁକା ଲୋଇରାନ୍ ଏମେ ଉଣ୍ତି ପୁଙ୍ଗଁତି ୱାଜା
ବା ସୁନ୍ଦର୍ ଆଦେଙ୍ଗ ଆଟ୍‌ଏନ୍ ମାର୍‌ଆନ୍ । 28 ମାତର୍ ନେର୍
ଆମା ଲାଟା କିଡ଼ିଇଦୁ ମାନାତ୍, ମାରି ୱିଗେରିଙ୍ଗ ସିସୁଗୁଟାଦୁ
ପୋକ୍‌ନାର୍, ତାନେଙ୍ଗ ଜଦି ମାପୁରୁ ଇୟାୱାଜା ରୁପ୍ ସିନାନ୍,
ଆରିଙ୍ଗ, ଏ ଉଣା ବିସ୍‌ବାସ୍‌ସିର୍, ୱାନ୍ ମିଙ୍ଗଁ ଏସ ନାଣ୍ତ ସିଏନ୍!
29 ମାରି ଇନିକା ତିନା ମାରି ଇନିକା ଉଣା, ଆକା ମିର୍ ପୋଇଜି
ବୁଲାମାଟ୍ ମାରି ସିନ୍ତା କିମାଟ୍, 30 ଇରିଙ୍ଗ ଦୁନିଆଦି ଅଣଜିହୁଦି
ଲୋକୁ ଇୟାୱିଜୁ ବିସୟ୍ ପୋଇଜି ବୁଲାନାର୍; ମାତର୍ ଇୟାୱିଜୁ
ବିସୟ୍ ଜେ ମିଙ୍ଗଁ ଦର୍‌କାର୍ ମାନାତ୍, ଆକା ମି ବୁବା ନେସ୍‌ନାନ୍
। 31 ମିର୍ ମାପୁରୁଦି ରାଜି ବିସୟ୍ ପୋୟଦୁ, ମାରି ଇୟାୱିଜୁ
ବିସୟ୍ ବା ମିଙ୍ଗଁ ପୁଟ୍‌ନାତ୍ । 32 ଏ ଇସ୍ରି ମାନ୍ଦା, ତିଲାମାଟ୍,
ଇରିଙ୍ଗ ମିଙ୍ଗଁ ଆୟା ରାଜି ସିଦେଙ୍ଗ ଇଜି ମି ମୁସ୍‌କୁପୁର୍‌ତି ବୁବା
ବଦା କିଜିନାନ୍ । 33 ମିଙ୍ଗଁ ଆମାକା ମାନାତ୍, ଆକା ପୋର୍‌ଜି
କାକୁର୍ତି ଲୋକାଙ୍ଗ ସିଦୁ; ଆମାକା ସେଏଣ୍ଡ ଆଏତ୍, ଇୟାୱାଜା
ମଣି ନିଜେ ନିଜେଦି ଉଣ୍ତିଙ୍ଗ ତିଆର୍ କିଦୁ; ଏମେମାନୁ ଡଙ୍ଗଁର୍‌ଏନ୍
ଲାକ୍‌ତୁ ରେଏନ୍ ମାରି ପିଡୁକୁ ତିନ୍‌ଉ, ଇୟାୱାଜା ମୁସ୍‌କୁପୁର୍‌ତୁ
ନାଷ୍ଟ ଆଇ ଦନ୍ ଉଣ୍ତା କିଦୁ, 34 ଇରିଙ୍ଗ ଏମେମାନୁ ମି ଦନ୍,
ଆବେବା ମି ମୋନ୍ । 35 ପାଣିକିନି ଉଣ୍ତିଙ୍ଗ ୱିଜୁଦିନ୍ ତିଆର୍ ଆଜି
ମାନ୍‌ଡୁ ମାରି ମି ଦିୱେଙ୍ଗ କାସିସ୍ କିଜ ଇଡ୍‌ଦୁ; 36 ମାରି ମାଲିକ୍
ପେଡ଼ି ଇଣ୍ତରାନ୍ ଡ଼େସିୱାଜି ସେର୍‌ଲାଦୁ କତ୍‌ନି ଦାପେ ଏମେ
ଲୋକୁ ୱାନି ଉଣ୍ତିଙ୍ଗ ଆୟା ଦାପ୍ରେ ସେର୍‌ଲା ରେତେଙ୍ଗ କାପ୍‌କିଜି
ତେବାନାନ୍, ମିର୍ ୱାରି ୱାଜା ଆଜି ମାନ୍‌ଡୁ । 37 ମାଲିକ୍
ୱାଜି ଆମା ଗତିମୁରୁଲିରିଙ୍ଗ ଜାଗ୍‌ରାତା ମାନିକା ସୁଣାନ୍, ୱାର୍
ଦନ୍ୟ; ନାନ୍ ମିଙ୍ଗଁ ସତ୍ ଇଜିନା, ମାଲିକ୍ ବା ୱାରି ସେବାକିଦେଙ୍ଗ
ନିଜେଦିଙ୍ଗ ତିଆର୍ କିନାନ୍, ୱାନ୍ ୱାରିଙ୍ଗ ବାସ୍‌ତେଙ୍ଗ ଇଜି ଇନାନ୍
ମାରି ନିଜେ କାଦି ବାଟାକିଜି ସିନାନ୍ । 38 ମାରି, ୱାନ୍ ଜଦି
ମାଜେର୍ ନାଡ଼ା ନୋ କର୍‌ରୁ କେଡ଼ିପି ବା ୱାଜି ୱାରିଙ୍ଗ ଆୟାୱାଜା
ସୁଣାନ୍, ଆତିଙ୍ଗ ଆୟା ସାକର୍‌କୁ ଦନ୍ୟ । 39 ମାତର୍ ଇକା
ନେସ୍‌ସୋ ମାନ୍‌ଡୁ, ଏସିୱାଲେ ଡଙ୍ଗଁର୍‌ଏନ୍ ୱାନାନ୍, ଇକା ଇଲୁଦି
ମାଲିକ୍ ଏସ୍‌କାଙ୍ଗ ନେସ୍‌ନାନ୍, ଆତିଙ୍ଗ ୱାନ୍ ନିଜେଦି ଇଲ୍‌ତୁ
ଡଙ୍ଗଁ କିଦେଙ୍ଗ ସିଏତାନ୍‌ମାନ୍ଦି । 40 ମିର୍ ବା ୱିଜୁଦିନ୍ ଜାଗାର୍‌ତା
ଆଜମାନ୍‌ଡୁ, ଇରିଙ୍ଗ ଏସ୍ତିୱାଲେ ମିର୍ ଅଡ୍‌ବିଇମାନିଦେର୍,
ଆୟାୱାଲେ ମନୁସ୍ୟପୁତ୍ର ୱାନାନ୍ । 41 ଆବେଟ୍ ପିତର୍ ଇର୍‌ଆନ୍,
"ଏ ପ୍ରବୁ, ନିନ୍‌ନେ ମାଙ୍ଗଁ ନୋ ୱିଜେରିଙ୍ଗ ଇୟା କାତା ଇଜିନି?"
42 ପ୍ରବୁ ଇର୍‌ଆନ୍, "ବିସ୍‌ବାସ୍ ମାରି ବୁଦିଦି ସାକର୍ ଏନ୍?
ଆମାୱାନିଙ୍ଗ ମାଲିକ୍ ଇଲୁ ସାଲାକିଦେଙ୍ଗ ଇଡ୍‌ନାନ୍, ୱାନ୍ ଆଇ
ସାକର୍‌କାଙ୍ଗ ୱାରି କାଦି ସାମାନ୍ ବେଡ଼ାଦୁ ସିଦେଙ୍ଗ ଇଜି ଅରେନ୍
ସାକର୍‌ତିଙ୍ଗ ଇର୍‌ଆମାର୍‌ଆନ୍, ଆମାୱାନିଙ୍ଗ ଇୟା ପାଣି କିଦେଙ୍ଗ
ଇଜି ମାଲିକ୍ ବିସ୍‌ବାସ୍ କିନାନ୍, ଆୟା ପାଣିକିନିକାନ୍ ଏନ୍?
43 ପ୍ରବୁ ଡ଼େସିୱାଜି ନିଜେଦି ଆମା ଗତିମୁରୁଲିଙ୍ଗ ଆୟାୱାଜା
କିନିକା ସୁଣାନ୍, ୱାନ୍ ଦନ୍ୟ । 44 ନାନ୍ ମିଙ୍ଗଁ ସତ୍ ଇଜିନା, ୱାନ୍

ୱାନିଙ୍ଗ ନିଜେଦି ଦନ୍ ମୁସ୍‌କୁ ପାଣିୱିଜୁ କିଦେଙ୍ଗ ସିନାନ୍ । 45
ମାତର୍ ଜଦି ଆୟା ସାକର୍ ନା ମାଲିକ୍ ୱାନିକା ୱେଡ଼ାଆନାତ୍
ଇଜି ଅଡ୍‌ବିଜି ମନ୍‌ତୁ ଇଜି ସାକର୍‌କାଙ୍ଗ ଡାକ୍‌ତେଙ୍ଗଁ ଇଜି ମାରି
ଉଣୁଜିତିନ୍‌ଜି ସୋସେ୍‌ତଙ୍ଗ ଆରାମ୍ କିନାନ୍, 46 ଆତିଙ୍ଗ ଏମେ
ନାଣ୍ତିଙ୍ଗ ଗତିମୁରୁଲି ୱାନିଙ୍ଗ କାପ୍‌କିଜି ମାନ୍‌ଇୱାଲେ ମାରି ଏମେ
ୱେଡ଼ା ୱାନ୍ ନେସ୍‌ଏନ୍‌ମାନାନ୍, ଆୟା ନାଣ୍ତିଙ୍ଗ ମାରି ନାସ୍ତିୱାଲେ
ୱାନି ମାଲିକ୍ ୱାନାନ୍, ମାରି ମାଲିକ୍ ୱାନିଙ୍ଗ ନାଣ୍ତ ଦଣ୍ଡ ସିନାନ୍
। ୱାନ୍ ଅବିସ୍‌ବାସ୍‌ତି ଦାସ୍‌କା ଦଣ୍ତ ପୟ୍‌ନାନ୍ । 47 ମାରି
ଆମା ଗତିମୁରୁଲି ନିଜେଦି ମାଲିକ୍‌ତି ବଦା ନେସେଇ ଜାଗ୍‌ରାତା
ତେବାଏନ୍ ମାରି ୱାନି ବଦାଦାନ୍ ପାଣିକିଏନ୍ ମାନାନ୍, ୱାନ୍ ମାଡ୍
ମୁସ୍‌କୁ ମାଡ୍ ପୋଇନାନ୍; 48 ମାତର୍ ଏନ୍ ନେସ୍‌ଏଣ୍ତା ଦଣ୍ତତି
ପାଣିକିନା ମାନାନ୍ ୱାନ୍ ଉଣା ଦଣ୍ଡ ପୋଇନାନ୍ । ଆମାୱାନିଙ୍ଗ
ନାଣ୍ତ ସିତାମାନାନ୍, ୱାନି ମାନୁ ନାଣ୍ତ ଲସ୍‌ନାନ୍; ମାରି, ଆମାୱାନି
ଲାକ୍‌ତୁ ନାଣ୍ତ ସିତାମାନାର୍ ୱାନି ମାଣ୍‌କୁ ନାଣ୍ତ ଲୋସ୍‌ନାର୍ ।”
49 “ନାନ୍ ଦୁନିଆଦୁ ସିସୁ କାସିସ୍‌କିଦେଙ୍ଗ ୱାତାମାନା, ମାରି
ଆକା ଜଦି କାସ୍‌ତାତ୍‌ନି, ଆତିଙ୍ଗ ନାଙ୍ଗଁ ମାରି ଇନିକା ବଦା?
50 ମାତର୍ ନାଙ୍ଗଁ ଉଣ୍ତି ଡୁବନ୍‌ତୁ ଡୁବନ୍ ଆଦେଙ୍ଗ ଆନାତ୍,
ମାରି ଆକା ୱିଜିଇ ସାନ୍ଦି ନାନ୍ ଏଣ୍ତେସ୍ କାସ୍ଟ ଆଜିନା । 51
ନାନ୍ ଦୁନିଆଦୁ ସାନ୍ତି ସିଦେଙ୍ଗ ୱାତାମାନା ଇଜି ଇନିକା ମିର୍
ଅଡ୍‌ବିଜିନିଦେର୍? ସିଲେ, ନାନ୍ ମିଙ୍ଗଁ ଇଜିନା, ମାତର୍ ବାଗ୍ ବାଗ୍
କିଦେଙ୍ଗ ୱାତାମାନା । 52 ଇରିଙ୍ଗ ଆଗ୍‌ଡ଼ିରାନ୍ ଉଣ୍ତି ଇନ୍‌ଡ୍ର ପାସ୍
ଲୋକୁ ମାର୍‌ଆର୍ ମାରି ରିଏରି ବିରଦ୍‌ତାନ୍ ମୁଏର୍ ମାରି ମୁଏରି
ବିରଦ୍‌ତାନ୍ ରିଏର୍ ୱେରେ୍‌ହ ଆନାର୍ । 53 ମାରିସି ବିରଦ୍‌ତାନ୍
ବୁବାସି, ବୁବାସି ବିରଦ୍‌ତାନ୍ ମାରିସି, ଗାଡ୍‌ସି ବିରୁଦ୍‌ତାନ୍ ଆଇସି,
ଆଇସି ବିରଦ୍‌ତାନ୍ ଗାଡ୍‌ସି, କଡ଼େସି ବିରୁଦ୍‌ତାନ୍ ମିମ୍‌ସି ମାରି
ମିମ୍‌ସି ବିରଦ୍‌ତାନ୍ କଡ଼େସି ୱେର୍‌ଏ ଆନେ ।” 54 ମାରି, ଜିସୁ
ଲୋକାଙ୍ଗ ବା ଇର୍ହାନ୍, “ୱେଡ଼ାଆର୍‌ନି ତରିନ୍ ବାଦଡ୍ ନିଙ୍ଗଁକା
ସୁଡୁତିଙ୍ଗ ଆୟାଦାପ୍ରେ ମିର୍ ଇନିଦେର୍, ପିରୁ ୱାଜିନାତ୍, ମାରି
ଆୟାୱାଜା ଗଟାନାତ୍; 55 ମାରି, ଉଣେରି ତରିଟାନ୍ ଗାଲି ୱାତିଙ୍ଗ
ମିର୍ ଇନିଦେର୍, ନାଣ୍ତ ତେରେ୍‌ୱଲ୍ ଆନାତ୍, ମାରି ଆୟାୱାଜା
ଗଟାନାତ୍ । 56 ଏ ସୁରିୱାର୍‌ଗିନିକିଦେର୍, ମିର୍ ଦୁନିଆ ମାରି
ବାଦଡ୍‌ତି ସିନା ନେସ୍‌ତେଙ୍ଗ ଆଟ୍‌ସିନିଦେର୍, ମାତର୍ ଇୟା ଦିନ୍‌ତି
ସିନେଙ୍ଗ ୱିଜୁ ଏଣ୍ତେସ୍ ନେସ୍‌ତେଙ୍ଗ ଆଟ୍‌ଇଜିନିଦେର୍?” 57
ମାରି, ନିଜେନିଜେ ଏନ୍ଦା ଆମାକା ନେଗିକା ବିସାର୍ କିଦେଙ୍ଗ
ଆଟ୍‌ଇଜିନିଦେର୍? 58 ଜଦି ମିର୍ ମି ବିରଦ୍ ଲୋକ୍‌ତିୱାଲେ
ନ୍ୟାୟ୍ କିନିବାଡିଦୁ ସଲ୍‌ସିନିଦେର୍, ଆରିଙ୍ଗ ସାରିଦୁ ୱାନିୱାଲେ
ବୁଜାଜିସାଦେଙ୍ଗ ସେସ୍ଟା କିଦୁ । ଆକା ଆଏତିଙ୍ଗ ୱାନ୍ ନିଙ୍ଗଁ ବିସାର୍
କିନି ଲୋକା ଆଗ୍‌ଡ଼ି ରେନା ଅନାନ୍, ନ୍ୟାୟ୍ କିନିକାନ୍ ମିଙ୍ଗଁ
ପେରିଲୋକାକିଦୁ ସରେ୍‌ପ କିନାସିନାନ୍, ମାରି ପେରିକାର୍ ମିଙ୍ଗଁ
ଜଇଲ୍‌ତୁ ତର୍‌ନା ଇଡ୍‌ନାର୍ । 59 ନାନ୍ ମିଙ୍ଗଁ ସତ୍ ଇଜିନା,
ଆମାସାନ୍ଦି ମିର୍ ୱିଜୁ ରୁଣୁ ଡାବୁଙ୍ଗଁ ଡ଼େସିସିଇ ମାନିଦେର୍, ଆୟା
ସାନ୍ଦି ମିର୍ ଆବେଟ୍‌କୁ ସହସ ୱାଦେଙ୍ଗ ଆଟ୍‌ଇଦେର୍ ।

## 13

13 ନାସ୍ତିୱାଲେ ଆବେ ମାର୍‌ଇ ଏସୋ ଲୋକୁ ଜିସୁଙ୍ଗଁ
ଇର୍ହାର୍‌ଜେ, ଗାଲିଲିଦିକାର୍ ମାପୁରୁମାନୁ ପୁଜାସିନି ୱାଲେ
ପିଲାତ୍ ୱାରିଙ୍ଗ ଡାକ୍‌ତା ମାର୍‌ଆନ୍ । 2 ଆବେଟ୍ ଜିସୁ ୱାରିଙ୍ଗ
ଇର୍ହାନ୍, “ମିର୍ ଇନିକା ଅଡ୍‌ବିଜିନିଦେର୍ ଜେ ଇୟା ଲୋକୁ
ଗାଲିଲିଦି ୱିଜେରିଙ୍ଗ ନାଣ୍ତ ପାପି ମାର୍ହାର୍ ଇଜି ୱାରିଙ୍ଗ ମିର୍
ଅଡ୍‌ବିଜିନିଦେର୍ ନୋ? 3 ନାନ୍ ମିଙ୍ଗଁ ଇଜିନା, ସିଲେ, ମାତର୍
ପାପ୍‌ତାନ୍ ମନ୍‌ତିଙ୍ଗ ଡ଼େପ୍‌ଇତିଙ୍ଗ ମିର୍ ୱିଜେରେ ଆୟାୱାଜା
ନାସ୍ଟ ଆନିଦେର୍ । 4 ବା ସିଲୋହଦୁ ଆୟା ଆମା ଅଟ୍ର ଲୋକା
ମୁସ୍‌କୁ କାପ୍‌କିନି ଇଲୁ ଆର୍‌ଜି ୱାରି ଜିବନ୍ ସର୍‌ଆତ୍, ୱାରି
ବିସୟ୍‌ତାନ୍ ମିର୍ ଇନିକା ଅଡ୍‌ବିଜିନିଦେର୍? ୱାର୍ ୱିଜେରେ
ଜିରୁସାଲାମ୍‌ତିଲୋକା ବାଦ୍‌ଲୁ ନାଣ୍ତ ଦୋସ୍‌କିତିକାର୍ ଇଜି ନୋ
ମିର୍ ଅଡ୍‌ବିଜିନିଦେର୍? 5 ନାନ୍ ମିଙ୍ଗଁ ଇଜିନା, ସିଲେ, ମାତର୍
ପାପ୍‌ତାନ୍ ମନ୍‌ତିଙ୍ଗ ଡ଼େପ୍‌ଏତିଙ୍ଗ ମିର୍ ୱିଜେରେ ଆୟାୱାଜା
ନାସ୍ଟ ଆନିଦେର୍ ।” 6 ମାରି, ଜିସୁ ଇୟା କାତା ୱେର୍‌ତାନ୍,
“ଅରେନ୍‌ୱାନି ଅଙ୍ଗୁର୍ କିଡ଼ିଇ ଉଣ୍ତି ତଗା ମାରାନ୍ ଉର୍‌ତା ମାର୍ହାର୍
। ମାଲିକ୍ ୱାଜି ପଲ୍ ପଇତାନ୍, ମାତର୍ ପୟ୍‌ଏତାନ୍ । 7 ଆବେଟ୍
ୱାନ୍ ଅଙ୍ଗୁର୍ କିଡ଼ିଇ କାପ୍‌କିନିୱାନିଙ୍ଗ ଇର୍‌ଆନ୍, ସୁଡୁଆ, ଇୟା
ମୁଣ୍ତି ବାରେ୍‌ସକ୍ ଆତାତ୍ ନାନ୍ ୱାଜି ଇୟା ତଗା ମାରାନ୍‌ତୁ ପଲ୍
ପୟ୍‌ଜିନା, ମାତର୍ ପୟ୍‌ଏଜିନା; ତେନିଙ୍ଗ କାଡେ୍‌ସା ପୋକ୍‌ଆ,
ଇକା ଇନ୍‌ଦାନିଙ୍ଗ ବୁମିଦିଙ୍ଗ ବା ତାଗ୍‌ଇକା କିଜିନାତ୍? 8
ମାତର୍ କାପ୍‌କିନିକାନ୍ ମାଲିକ୍‌ତିଙ୍ଗ ଇର୍‌ଆନ୍, ପ୍ରବୁ, ତେନିଙ୍ଗ
ଇୟା ଉଣ୍ତି ବାର୍ସେକ୍ ବା ଡ଼ିସେ୍‌ସାସିଆ, ନାନ୍ ଇଲେ ତେନି
ସାରିବେଡ୍‌ତି କାର୍‌ଜି ଗାତାମ୍ ସିନା, 9 ୱାନି ବାରେ୍‌ସକ୍ ପଲ୍
ଆସ୍‌ତିଙ୍ଗ ତୋ ନେଗି ମାଟା, ଆଏତିଙ୍ଗ ତାନିଙ୍ଗ କାଡ୍‌ସପୋକ୍‌ଆ
।” 10 ଅରେ୍‌ଲନ୍ ଜିସୁ ରମ୍‌ନିନାଣ୍ତିଙ୍ଗ ଉଣ୍ତି ପାର୍‌ତନା ଇଲୁଦୁ
ସିକିୟା ସିଜିମାର୍ହାନ୍ । 11 ମାରି ସୁଡୁଦୁ, ଅଟ୍ର ବାର୍ସେକ୍ ଆତାତ୍
ଉନ୍‌ଣ୍ତି ତାଗ୍‌ଇଆତ୍ମା ଆସ୍‌ସି ଅରେତ୍ ଆଇମାଦିଙ୍ଗ ସାକିସିଲିୱାଜା
କିତାମାର୍‌ଆତ୍, ୱାଦ୍ କୁବ୍‌ଡ଼ି ଆଜି ଏଣ୍ତେସ୍‌ବା ନିଜେଦିଙ୍ଗ ସିଦା
କିଜି ବୁଲାଦେଙ୍ଗ ଆଟ୍‌ଏଜିମାର୍ହାତ୍ । 12 ଜିସୁ ତାନିଙ୍ଗ ସୁଡୁଜି
ଲାକ୍‌ତୁ କୁକ୍‌ସି ଇର୍‌ଆନ୍, ଏ ଆଇମା, ନି ରୋଗ୍‌ଜିବନ୍‌ତାନ୍
ନେଗେଣ୍ତ ଆତି । 13 ମାରି, ୱାନ୍ ତାନି ମୁସ୍‌କୁ କିୟୁ ଇଟ୍‌ତାନ୍,
ଆବେଟ୍ ୱାଦ୍ ଆୟାଦାପ୍ରେ ସାଡ୍‌କୁ ଆଜି ମାପୁରୁଦି ଦନ୍ୟବାଦ୍
କିଦେଙ୍ଗ ଆସ୍‌ତାତ୍ । 14 ମାତର୍ ଜିସୁ ରମ୍‌ନିନାଣ୍ତିଙ୍ଗ ନେଗେଣ୍ତ
କିତାନ୍‌ଆକା ପାର୍‌ତନା ଇଲୁଦି ପେରିକାନ୍ ରିସା ଆଜି ଲୋକାଙ୍ଗ
ଇର୍ହାନ୍, “ପାଣି କିନି ଉଣ୍ତିଙ୍ଗ ସଅଦିନ୍ ମାନାତ୍, ଆଦେଙ୍ଗ ଆୟାୱିଜୁ
ଦିନ୍ ୱାଜି ନେଗେଣ୍ତ ଆଦୁ, ରମ୍‌ନିନାଣ୍ତିଙ୍ଗ ରାମାଟ୍ ।” 15
ମାତର୍ ପ୍ରବୁ ୱାନିଙ୍ଗ ଇର୍‌ଆନ୍, “ରେ କପଟିର୍, ମିର୍ ୱିଜେରେ
ଇନିକା ରମ୍‌ନିନାଣ୍ତିଙ୍ଗ ନିଜେ ନିଜେଦି ଡ଼ାନ୍ ମାରି ଗଦ ସାଡ଼ାଦାନ୍
କୁଟ୍‌ସିଅସି ଏରୁ ଉଟ୍‌ପିସ୍ କିଇଦେର୍? 16 ମାରି ସୁଡୁଦୁ ଅଟ୍ର

ବାର୍ରେସକ୍ ଆତାତ୍ ସୟତାନ୍ ମାଣ୍କୁ ତରାଜି ଅବ୍ରାହାମତି
ଗାଡ଼୍ସି ଇୟା ଆଇମାଲୋକ୍ ଇନିକା ରମ୍ନିନାଣ୍ତିଙ୍ଗ ନିଜେଦି
ରୋଗ୍ତି ଗାଟିଦାନ୍ କୁଦାଦେଙ୍ଗ ଦର୍କାର୍ ସିଲେତାତ୍ ନୋ?" 17
ମାରି, ୱାନ୍ ଇୟା ମାଟା ୱିଜୁ ଇର୍ହାନ୍ଆକା, ୱାନି ବିରୁଦ୍ତିକାର୍
ୱିଜେରେ ସେମାର୍ ଆତାର୍, ମାତର୍ ଲୋକୁ ୱିଜେରେ ୱାନି କିତି
ୱିଜୁ ପେରି ପାଣି ଉଣ୍ତିଙ୍ଗ ୱେଡ଼ିକା କିଦେଙ୍ଗ ଆସ୍ତାର୍ । 18
ଆବେଟ୍ ଜିସୁ ଇର୍ହାନ୍, "ମାପୁରୁଦି ରାଜି ଆମାତାନି ୱାଜା? ମାରି,
ଆମାତାନିୱାଲେ ନାନ୍ ତାନିଙ୍ଗ ତୁସ୍ନା? 19 ଆକା ଇୟାୱାଜା
ଉଣ୍ତି ସାର୍ସୁ ପାଡ୍ରୁ ୱାଜା, ଆମାକା ଅସି ଅରେନ୍ ଲୋକୁ ନିଜେଦି
ଡଡିଦୁ ୱିତ୍ତାନ୍, ମାରି ଆକା ପିର୍ଜି ମାରାନ୍ ଆତାତ୍, ବାଦଡ଼୍ତି
ପଟିଙ୍ଗ ୱାଜି ତାନି କମେଆଙ୍ଗଁ ଜାଲୁ ତର୍ସି ବାସାନେ ।" 20 ଜିସୁ
ମାରି ୱେର୍ତାନ୍, "ନାନ୍ ଆମାତାନି ୱାଲେ ମାପୁରୁଦି ରାଜିଦିଙ୍ଗ
ତୁସ୍ନା? 21 ଆକା କମିର୍ତି ୱାଜା, ଅରେତ୍ ଆଇମା କମିର୍
ଅସି ଆଡା ଅଟାଗୁଣ୍ତାଦି ଲୋଇ ମିସାକିଜି ପିଡ଼ିକ୍ସି ଇଟ୍ତାତ୍,
ମାରି ସାରାସାରି କମିର୍ ୱିଜୁ ଗୁଣ୍ତାଦିଙ୍ଗ ଉଦିସ୍କିତାତ୍ ।" 22
ଇୟା ୱେନ୍କା ଜିସୁ ଗାଡ଼୍କାଙ୍ଗ ଗାଡ଼୍କାଙ୍ଗ ମାରି ନାର୍କାଙ୍ଗଁ
ନାର୍କାଙ୍ଗଁ ବୁଲାଜି ସିକିୟା ସିବୁ ସିବୁ ଜିରୁସାଲାମ୍ ତରିନ୍ ସଲ୍ସି
ମାର୍ହାନ୍ । 23 ମାରି, ଅରେନ୍ ୱାନିଙ୍ଗ ଇର୍ଆନ୍, "ପ୍ରବୁ, ରକିୟା
ପଇନି ଲୋକାଦି ସଂକିୟା ଇନିକା ଉଣା?" ଆବେଟ୍ ୱାନ୍ ୱାରିଙ୍ଗ
ଇର୍ହାନ୍, 24 ସିପଡ଼ି ସେର୍ଲା ସିଜି ଡୁଗୁଦେଙ୍ଗ ତେରେପେତେ
ଆଦୁ, ଇରିଙ୍ଗ ନାନ୍ ମିଙ୍ଗଁ ଇଜିନା, ୱିଜେରେ ଡୁଗୁଦେଙ୍ଗ ଇଜି ବଦା
କିନାର୍, ମାତର୍ ଆଟ୍ଏର୍ । 25 ଇଲୁଦି ମାଲିକ୍ ନିଙ୍ଗଜି ସେର୍ଲା
କେର୍ତି ୱେନ୍କା ଏସ୍ତିୱାଲେ ମିର୍ ଆତ୍ରେ ନିନି ତେବାନିଦେର୍
ମାରି ଏ ପ୍ରବୁ, ମା ଉଣ୍ତିଙ୍ଗ ସେର୍ଲା ରେଆ, ଇକା ଇଜି ସେର୍ଲା
ଡାକ୍ତେଙ୍ଗଁ ଆସ୍ନିଦେର୍, ନାସ୍ତିୱାଲେ ୱାନ୍ ମିଙ୍ଗଁ ଇନାନ୍, ମିର୍
ଏମେ ବାଡ଼ିଦି ଲୋକୁ, ଆକା ନାନ୍ ନେସେଏ । 26 ଆୟାୱାଲେ
ମିର୍ ଇନ୍ଡ୍ରେଙ୍ଗ ଆସ୍ନିଦେର୍, ମାପ୍ ମି ଆଗ୍ଡ଼ି ଉଟାପ୍ ତିର୍ଆପ୍,
ମାରି ନିନ୍ ମା ଦୁଆର୍କାଙ୍ଗ ସିକିୟା ସିତି; 27 ମାରି, ୱାନ୍ ମିଙ୍ଗଁ
ଇନାନ୍, ମିର୍ ଏମେ ବାଡ଼ିଦି ଲୋକୁ, ଆକା ନାନ୍ ନେସେଏ;
ଏ ତାଗ୍ଇ ପାଣିକିନି ୱିଜେରେ ନା ଲାକ୍ତୁରାନ୍ ଆକ ଆଦୁ
। 28 ଏସ୍ତିୱାଲେ ମିର୍ ଅବ୍ରାହାମ, ଇସ୍ହାକ୍, ଜାକୁବ, ମାରି
ୱିଜେରେ ବାବବାଦିରିଙ୍ଗ ମାପୁରୁଦି ରାଜିଦୁ ମାନିକା ମାରି ନିଜେ
ନିଜେଦିଙ୍ଗ ଆତ୍ରେ ପୋକ୍ନିକା ସୁଡ଼୍ନିଦେର୍, ନାସ୍ତିୱାଲେ ଆବେ
ଆଡ଼୍ବାନିଦେର୍ ମାରି ପାଲ୍କୁ କାଡ୍ରେ କିନିଦେର୍ । 29 ମାରି,
ୱେଡ଼ାସନି ତରିଟାନ୍ ମାରି ୱେଡ଼ାଆର୍ନି ତରିଟାନ୍, ଡେବିରି
ତରିଟାନ୍ ମାରି ଉଣେରି ତରିଟାନ୍ ଲୋକୁ ୱାଜି ମାପୁରୁଦି ରାଜିଦୁ
ଉଣ୍ତ୍ରେଙ୍ଗ ବାସ୍ନାର୍ । 30 ମାରି ସୁଡ୍ରୁଦୁ, ଏର୍ ଇଲେଇ ୱେନ୍କା
ମାନାର୍ ୱାର୍ ଆଗ୍ଡ଼ି ଆନାର୍ ମାରି ଆଗ୍ଡ଼ି ମାନି ଏସୋ ଲୋକୁ
ୱେନ୍କା ଆନାର୍ । 31 ନାସ୍ତିୱାଲେ ଏସୋ ପାରୁସିର୍ ଜିସୁ ଲାକ୍ତୁ
ୱାଜି ଇର୍ହାର୍, "ଇୟା ବାଡି ଡ଼ିସ୍ସି ସହସୋ ସାଙ୍ଗଆ, ଇରିଙ୍ଗ
ହେରୋଦ ନିଙ୍ଗଁ କାଡ୍ରେତଙ୍ଗ ବଦା କିଜିନାନ୍ ।" 32 ଆବେଟ୍
ଜିସୁ ୱାରିଙ୍ଗ ଇର୍ଆନ୍, "ମିର୍ ସଲ୍ସା ଆୟା ଗଲୁଦିଙ୍ଗ ଇନ୍ତୁ,
ସୁଡ୍ରୁଦୁ, ନାନ୍ ନେର୍ ମାରି ୱିଗେରିଙ୍ଗ ଲୋକାମାଣ୍କୁ ଦୁବେଙ୍ଗ
ପେର୍ଜିନା ମାରି ଲୋକାଙ୍ଗ ନେଗେନ୍ କିଜିନା, ମିଏରିଙ୍ଗ ନା
ପାଣି ୱିଜ୍ନାତ୍ । 33 ମାତର୍ ନାନ୍ ଇୟାୱିଜୁ ପାଣି ନେର୍,
ୱିଗେରିଙ୍ଗ ମାରି ମିଏରିଙ୍ଗ ନାଙ୍ଗଁ ସନ୍ତ୍ରେଙ୍ଗ ଆନାତ୍, ଇରିଙ୍ଗ
ଜିରୁସାଲାମ୍ତି ଆତ୍ରେ ବାବବାଦିର୍ ସାନିକା ଟିକ୍ ସିଲେ । 34 "ଏ
ଜିରୁସାଲାମ୍, ଏ ଜିରୁସାଲାମ୍, ନିନ୍ ବାବବାଦିରିଙ୍ଗ କାତ୍ତିମାନି ।
ଏମେ ଲୋକାଙ୍ଗ ମାପୁରୁ ନି ଲାକ୍ତୁ ପୋକ୍ତାମାର୍ଆନ୍, ନିନ୍
ୱାନିଙ୍ଗ କାଲ୍କାଣ୍ ଡାକ୍ତିମାନି । ନାନ୍ ଏସୋ ଦେବେଙ୍ଗ ମି
ଲୋକାଙ୍ଗ ସାକା କିଦେଙ୍ଗ ବଦା କିଜିନା । ଉଣ୍ତି ତାଡ଼ି କର୍ରୁ
ତାନି ରେକା ଆଡ଼୍ଗି କରୁ ପିଲେକାଙ୍ଗ ଅର୍ସେ ଉଣ୍ତାକିନିୱାଜା
ନାନ୍ ମି ଲୋକାଙ୍ଗ ଉଣ୍ତା କିଦେଙ୍ଗ ବଦାକିତାମାର୍ଆ । ମାତର୍
ଆକା କିଦେଙ୍ଗ ବଦା କିଇତି । 35 ସୁଡ୍ରୁଦୁ, ମି ମନ୍ଦିର୍ତିଙ୍ଗ ଲୋକୁ
ଡ଼ିସ୍ତାମାନାର୍; ମାରି, ନାନ୍ ମିଙ୍ଗଁ ଇଜିନା, ପ୍ରବୁଦି ଦର୍ତାନ୍
ଆମାକାନ୍ ୱାଜିନାନ୍, ୱାନ୍ ଦନ୍ୟ, ମିର୍ ଆମା ନାଣ୍ତିଙ୍ଗ ଇୟା
ମାଟା ଇନିଦେର୍, ଆୟା ଦିନ୍ ୱାନି ସାନ୍ଦି ନାଙ୍ଗଁ ମାରି ସୁଡ୍ରୁଦେଙ୍ଗ
ଆଟ୍ଇଦେର୍ ।"

**14** ଅର୍ରେଲନ୍ ଜିସୁ ରମ୍ନିନାଣ୍ତିଙ୍ଗ ଉଣ୍ତ୍ରେଙ୍ଗ ପାରୁସିର୍ ଅରେନ୍
ପେରିୱାନ୍ଦି ଇଲ୍ତୁ ସର୍ଆନ୍, ମାରି ଲୋକୁ ୱାନିଙ୍ଗ
ସୁଡ୍ରୁଜି ମାର୍ଆର୍ । 2 ମାରି ସୁଡ୍ରୁଦୁ, ୱାନି ଆଗ୍ଡ଼ି ଅରେନ୍ କିକୁ
ନି କାଲ୍କୁ ୱାସ୍ସି ରୋଗ୍ ଆସ୍ତିମାର୍ଇ ଲୋକୁ ମାର୍ଆନ୍ । 3
ଆବେଟ୍ ଜିସୁ ବାଇବଲ୍ତି ସାସ୍ତିରିଙ୍ଗ ମାରି ପାରୁସିରିଙ୍ଗ ଇର୍ଆନ୍,
"ରମ୍ନିନାଣ୍ତିଙ୍ଗ ରୋଗ୍ତାନ୍ ନେଗେଣ୍ତୁ କିନି ନିୟମ୍ ନୋ ସିଲେ?
ମାତର୍ ୱାର୍ ଆଲେତା ମାର୍ଆର୍ ।" 4 ମାରି, ୱାନ୍ ୱାନିଙ୍ଗ
ଆସ୍ସି ନେଗେଣ୍ତୁ କିତାନ୍ ମାରି ୱାନିଙ୍ଗ ୱାନି ଇନ୍ଡ୍ର ପୋକ୍ତାନ୍
। 5 ମାରି, ୱାନ୍ ୱାରିଙ୍ଗ ଇର୍ଆନ୍, "ମି ଲୋଇ ଏନ୍ ନିଜେଦି
ମାରିନ୍ ବା ଡ଼ାନ୍ କୁଇଁଦୁ ଆର୍ତିଙ୍ଗ ଇନିକା ୱାନିଙ୍ଗ ରମ୍ନିନାଣ୍ତିଙ୍ଗ
ଆୟାଦାପ୍ରେ ନିକ୍ଏନ୍ ନୋ?" 6 ମାରି, ୱାର୍ ଇୟାୱିଜୁ ମାଟାଦି
ଇନି ଉତର୍ ସିଦେଙ୍ଗ ଆଟ୍ଏତାର୍ । 7 ମାରି, ଜିସୁ ସୁଡ୍ରୁତାନ୍ ଜେ
ଏସୋ କୁଡ଼ାଙ୍ଗ ବାସ୍ତେଙ୍ଗ ଇଜି ପେରି ପେରି ବାଡିଙ୍ଗ ପୋୟଜି
ମାର୍ଆର୍ । ଆଦେଙ୍ଗ ଜିସୁ ଇୟା କାତା ୱେର୍ତାନ୍, 8 ଏସ୍ତିୱାଲେ
ମିଙ୍ଗଁ ଅରେନ୍ ପେଡ଼ି ବଜିଦୁ ଉଣ୍ତ୍ରେଙ୍ଗ କୁକ୍ନାନ୍, ନାସ୍ତିୱାଲେ
ପେରିବାଡିଦୁ ବାସ୍ମାଟ୍, ଆନାତ୍ ୱାନ୍ ମିବାଣ୍କାଣ୍ ପେରି ପେରି
ଲୋକାଙ୍ଗ କୁକ୍ନା ମାନାନ୍, 9 ମାରି ଏନ୍ ମିଙ୍ଗଁ ନି ଆଇୱାନିଙ୍ଗ
କୁକ୍ନା ମାନାନ୍, ୱାନ୍ ୱାନା ମିଙ୍ଗଁ ୱେର୍ନାର୍, ୱେନିଙ୍ଗ ବାଡି
ସିଆ; ମାରି, ନାସ୍ତିୱାଲେ ମିର୍ ସେମାର୍ଆଜି ଆଡ଼୍ଗିରି ବାଡିଦୁ
ବାସ୍ନିଦେର୍ । 10 ମାତର୍ ଏସ୍ତିୱାଲେ ଅରେନ୍ ମିଙ୍ଗଁ କୁକ୍ନାନ୍,
ନାସ୍ତିୱାଲେ ମିର୍ ସଲ୍ସି ଆଡ଼୍ଗିରି ବାଡିଦୁ ବାସ୍ତୁ, ଏଣ୍ତ୍ରେସ୍ ମିଙ୍ଗଁ
କୁକ୍ତିକାନ୍ ୱାଜି ମିଙ୍ଗଁ ଇନାନ୍, ଏ ତଡ଼ାନ୍, ମୁସ୍କୁରି ବାଡିଦୁ
ରାଆ; ନାସ୍ତିୱାଲେ ମିୱାଲେ ବାସ୍ସିମାନି ୱିଜେରି ଲୋକାୱାଲେ
ଆଗ୍ଡ଼ି ମିର୍ ସମ୍ମାନ୍ ପୟନିଦେର୍ । 11 ଇରିଙ୍ଗ ଏନ୍ ନିଜେଦିଙ୍ଗ

ପେରିକାନ୍ ତର୍ନାନ୍, ୱାନିଙ୍ଗ ଆଡ଼୍ଗି କିନାନ୍, ମାରି ଏନ୍
ନିଜେଦିଙ୍ଗ ଇସ୍ରିକାନ୍ କିନାନ୍, ୱାନିଙ୍ଗ ପେରିକାନ୍ କିନାନ୍ । 12
ମାରି, ୱାନ୍ କୁକ୍ତି ମାର୍ଇ ଲୋକାଙ୍ଗ ବା ଇର୍ଆନ୍, “ୱେଡ଼େ ବା
ନାଡ଼ା ବୋଜି ସିଡିଙ୍ଗ ମି ତଡ଼୍ କି ଦାଦା କି ନିଜେଦି ଲୋକାଙ୍ଗ କି
ମାଜନ୍ତି ମି ଲାକ୍ତୁରି ଲୋକାଙ୍ଗ କୁକ୍ମାଟ୍, ଏସ୍ତିୱାଲେ ୱାନ୍ ବା
ମିଙ୍ଗ୍ଁ ଡ଼େସି କୁକ୍ନାର୍ ମାରି ଡ଼େପ୍ନାସିନାର୍ । 13 ମାତର୍ ବୋଜି
କିତିଙ୍ଗ କାକୁର୍ତି ଲୋକାଙ୍ଗ, ଇରାଜିବୁଲାନିୱାରିଙ୍ଗ, ସଟାରିଙ୍ଗ ମାରି
କାଣା ଲୋକାଙ୍ଗ କୁକ୍ତୁ; 14 ଆତିଙ୍ଗ ମିର୍ ଦନ୍ୟ ଆନିଦେର୍,
ଇରିଙ୍ଗ ମିଙ୍ଗ୍ଁ ଡ଼େସି ସିଦେଙ୍ଗ ଇଜି ତାମେମାନୁ ଇନିକା ସିଲେଡ୍;
ମାରି, ଦାର୍ମୁ ଲୋକୁ ମାରିଡ଼େସି ନିଙ୍ଗନିୱାଲେ ମିଙ୍ଗ୍ଁ ପୁରସ୍କାର୍
ପୁଟ୍ନାଡ୍ ।” 15 ଆକା ୱେନ୍ଜି ଜିସୁୱାଲେ ଉଣ୍ତେଙ୍ଗ ବାସ୍ତି
ମାର୍ରି ଲୋକା ଲୋଇ ଅରେନ୍ ୱାନିଙ୍ଗ ଇର୍ଆନ୍, “ଆମା ଲୋକୁ
ମାପୁରୁଦି ରାଜିଦୁ ଉଣ୍ତେଙ୍ଗ ବାସ୍ନାନ୍, ୱାନ୍ ଦନ୍ୟ ।” 16 ମାତର୍
ଜିସୁ ୱାନିଙ୍ଗ ଇର୍ଆନ୍, ଅରେନ୍ ଲୋକୁ ଉଣ୍ତି ପେରି ବୋଜି
ସିଦେଙ୍ଗ ବଦାକିଜି ନାଣ୍ତ ଲୋକାଙ୍ଗ କୁକିସ୍ତାନ୍; 17 ମାରି, ବୋଜି
ଉଣି ସମୟ ଇଗା ୱାତାଡ୍ଆକା, କୁକ୍ତି ମାର୍ଇ ଲୋକାମାନୁ
ୱାନି ପାଣିକିନି ୱାନି ପୋକ୍ସି କୁକ୍ସା ତାଡେଙ୍ଗ ଇର୍ଆନ୍,
ଇରିଙ୍ଗ ବୋଜିୱିଜୁ ୱାର୍ତା ୱିସ୍ତାମାର୍ଆର୍ । 18 ମାତର୍ ୱିଜେରେ
ଅର୍ସେ ଇନ୍ଡ୍ରେଙ୍ଗ ଆସ୍ତାର୍ । ପାର୍ତୁମ୍ ଅରେନ୍ ଇର୍ଆନ୍,
ନାନ୍ କାଣ୍ତେକ୍ ବୁମି କଟାମାନା, ଆକା ନାଙ୍ଗ୍ଁ ସୁଡୁନିକା ମାନାଡ୍;
ନାନ୍ ମାଡ଼ିସ୍ କିଜିନା, ନିନ୍ ନାଙ୍ଗ୍ଁ ଡ଼ିସ୍ସିତିମାନି ଇଜି ଅଡ଼୍ବିଜିନା
। 19 ମାରି ଅରେନ୍ ଇର୍ଆନ୍, ନାନ୍ ପାସ୍ଗୋଟା ସେର୍କୁ ଡ଼ାକ୍
କୋଟାମାନା, ମାରି ନାନ୍ ୱାନିକାଙ୍ଗ ମିଡେଙ୍ଗ ସଲ୍ସିନା; ମାଡ଼ିସ୍
କିଜିନା, ନିନ୍ ନାଙ୍ଗ୍ଁ ଡ଼ିସ୍ସିତିମାନି ଇଜି ଅଡ଼୍ବିଜିନା । 20 ମାରି
ଆଇକାନ୍ ଇର୍ଆନ୍, ନାନ୍ ପୁନା ପେଡ଼ି ଆତାମାନା, ଆଦେଙ୍ଗ
ୱାଦେଙ୍ଗ ଆଟ୍ଏ । 21 ମାରି, ଆୟା ଗତିମୁରୁଲି ୱାଜି ୱାନି
ମାଲିକ୍ତିଙ୍ଗ ଆୟାୱିଜୁ ଇର୍ଆନ୍, ଆବେଟ୍ ଆୟା ଇଲୁଦି ମାଲିକ୍
ରିସା ଆତାନୋ ୱାନି ଗତିମୁରୁଲିଙ୍ଗ ଇର୍ଆନ୍, ବେଗି ଗାଡ଼ାକା
ଦୁଆର୍କାଙ୍ଗ ମାରି ସାକ୍ଡ଼ି ସାକ୍ଡ଼ି ସଲ୍ସି କାକୁର୍ତି ଲୋକାଙ୍ଗ,
ଇରାଜିବୁଲାନିୱାରିଙ୍ଗ, କାଣାରିଙ୍ଗ ମାରି ସଟାରିଙ୍ଗ ଇବେ କୁକ୍ସା
ତାଗା । 22 ୱେନ୍କା ଆୟା ଗତିମୁରୁଲି ଇର୍ଆନ୍, ଏ ମାଲିକ୍, ନି
ବଦାଦାନ୍ କିତାମାନା, ମାତର୍ ମାରି ବାଡି ମାନାଡ୍ । 23 ଆବେଟ୍
ମାଲିକ୍ ଆୟା ସାକର୍ତିଙ୍ଗ ଇର୍ଆନ୍, ପେରି ଦୁଆର୍କାଙ୍ଗ ମାରି
କନା ମୁଲାଦୁ ସଲ୍ସି, ନା ଇଲ୍ତୁ ଲୋକୁ ଏଣ୍ତେସ୍ ବର୍ତି ଆନାର୍,
ଆୟା ଉଣ୍ତିଙ୍ଗ ଲୋକୁ ୱାଦେଙ୍ଗ ଇନ୍ଡୁ । 24 ଏଣ୍ତେସ୍ ମିଙ୍ଗ୍ଁ ନାନ୍
ଇଜିନା, ଆୟା କୁକ୍ତିମାର୍ଇ ଲୋକା ଲୋଇ ଏର୍ବା ନାନ୍ ବୋଜି
କିତିମାନୁ ଉଣ୍ତେଙ୍ଗ ଆଟ୍ଏର୍ । 25 ଅର୍ଲେନ୍ ନାଣ୍ତ ଲୋକୁ
ଜିସୁୱାଲେ ସଲ୍ସିମାର୍ଆର୍, ମାରି ୱାନ୍ ୱେନ୍କା ମାର୍ଜିବେସ୍ସି
ୱାରିଙ୍ଗ ଇର୍ଆନ୍, 26 ଜଦି ଅରେନ୍ ଲୋକୁ ନା ଲାକ୍ତୁ ୱାଜି,
ମାତର୍ ୱାନ୍ ଜଦି ନାଙ୍ଗ୍ଁ ଡ଼ିସ୍ସି ନିଜେଦି ବୁବା ୟାୟାଏଙ୍ଗ,
ଆଡ଼ିସିଙ୍ଗ, କଡ଼ରିଙ୍ଗ, ତାଙ୍ଗ୍ଁ ତଡ଼ାନ୍କାଙ୍ଗ ମାରି ଏଣ୍ତେସ୍ ନିଜେଦି
ଜିବନ୍ତିଙ୍ଗ ବା ନାଣ୍ତ ଜିବନ୍ନୋନାନ୍, ୱାନ୍ ନା ସିସୁ ଆଦେଙ୍ଗ
ଆଟ୍ଏନ୍ । 27 ଏନ୍ ଜଦି ନିଜେଦି କ୍ରୁସ ପିଣ୍ତିଜି ନା ୱେନ୍କା
ରେଏନ୍, ୱାନ୍ ନା ସିସୁ ଆଦେଙ୍ଗ ଆଟ୍ଏନ୍ । 28 ଇରିଙ୍ଗ ମି ଲୋଇ
ଏନ୍ କାପ୍କିନି ଇଲୁ ତିଆର୍ କିଦେଙ୍ଗ ବଦାକିଜି ଆକା ୱିସ୍ତେତଙ୍ଗ
ଇଜି ୱାନିମାନୁ ଡାବୁଙ୍ଗ୍ଁ ମାନେ ନୋ ସିଲୁ, ଇକା ପାର୍ତୁମ୍ ବାସ୍ସ
ଏସୋ ଡାବୁଙ୍ଗ୍ଁ ତାକ୍ନେ ଲେକିସ୍ କିଏନ୍ ନୋ? 29 ଆନାଡ୍
ୱାନ୍ କୁନାଦି ପୋକ୍ସି ୱିସ୍ତେତଙ୍ଗ ଜଦି ଆଟ୍ଏନ୍, ଲୋକୁ ଆକା
ସୁଣାର୍, ୱିଜେରେ ୱାନିଙ୍ଗ ସେମାର୍ କିଜି ଇନ୍ଡ୍ରେଙ୍ଗ ଆସ୍ନାର୍,
30 ଇୟାକାନ୍ ତିଆର୍ କିଦେଙ୍ଗ ଆରାମ୍ କିଜି ମାତର୍ ୱିସ୍ତେତଙ୍ଗ
ଆଟ୍ଏତାନ୍ । 31 ମାରି ଏମେ ରାଜା ଆଇ ଅରେନ୍ ରାଜାୱାଲେ
ଜୁଦ୍ କିଦେଙ୍ଗ ସନିୱାଲେ, ଦାସ୍ ହାଜାର୍ ସନ୍ୟରିଙ୍ଗ ଆସ୍ସି,
ୱାନି ବିରଦ୍ତାନ୍ ୱାଜିମାନି କଡ଼େ ହାଜାର୍ ସନ୍ୟରିଙ୍ଗ ଅସି ଜୁଦ୍
କିଦେଙ୍ଗ ୱାଜିମାନି ରାଜାୱାଲେ ଜୁଦ୍ କିଦେଙ୍ଗ ଆଟ୍ନାନ୍ ନୋ
ଆଟ୍ଏନ୍, ଆକା ଆଗ୍ଡ଼ିନେ ଅଡ଼୍ବିଏନ୍ ନୋ? 32 ଜଦି ଆଟ୍ଏନ୍,
ଆଇ ରାଜା ଆକ ମାନ୍ବୁନେ ୱାନ୍ ୱାନି ଲୋକାଙ୍ଗ ପୋକ୍ସି
ଆୟା ରାଜାୱାଲେ ସାନ୍ତି କିନାନ୍ । 33 ଆୟାୱାଜା ମି ଲୋଇ ଏନ୍
ଜଦି ନିଜେଦି ୱିଜୁ ଡ଼ିସ୍ଏନ୍, ୱାନ୍ ନା ସିସୁ ଆଦେଙ୍ଗ ଆଟ୍ଏନ୍
। 34 ସର୍ ତୋ ନେଗିକା; ମାତର୍ ସର୍ ଜଦି ତାନି କାରିୟା
ଆନିକା ସିଲେଡ୍ଆନାଡ୍, ଆରିଙ୍ଗ ଆକା ଆମାନ୍ ବା କାରିୟା
କିଦେଙ୍ଗ ଆଟ୍ଏଡ୍ । 35 ତେନିଙ୍ଗ ମିର୍ ଇୟାୱାଜା ବୁମିଦି ଉଣ୍ତିଙ୍ଗ
ବା ଗାଡାମ୍ କିଦେଙ୍ଗ ଆଟ୍ଇଦେର୍ । ଲୋକୁ ଆକା ଆଡ୍ରେ
ପୋକ୍ନାର୍ । ଆମାୱାନିଙ୍ଗ ୱେନ୍ଡ୍ରେଙ୍ଗ ଗିତଣିଙ୍ଗମାନେ, ୱାନ୍
ୱେନିନ୍ ।

**15** ଅର୍ଲେନ୍, ସିସ୍ଟୁ ଲୋସ୍ନିକାର୍ ନି ପାପି ଲୋକୁ ୱିଜେରେ
ଜିସୁଦି ବାକ୍ୟ ୱେନ୍ଡ୍ରେଙ୍ଗ ୱାନି ଲାକ୍ତୁ ୱାଜି ମାର୍ଆର୍
। 2 ଆବେଟ୍ ପାରୁସିର୍ ନି ସାସ୍ତ୍ରି ୱିଜେରେ ବାସେ କିଜି କିଜି
ଇର୍ହାର୍, ଇକାନ୍ ପାପି ଲୋକାଙ୍ଗ ୱାନିଲାକ୍ତୁ କୁକ୍ନାନ୍ ମାରି
ୱାରିୱାଲେ ଉଣାନ୍ । 3 ଆବେଟ୍ ଜିସୁ ୱାରିଙ୍ଗ ଇୟା କାତା
ଇର୍ଆନ୍, 4 “ମି ମାଣ୍କୁ ଇୟାୱାଜା ଏମେ ଲୋକୁ ମାନାନ୍
ଜେ, ୱାନିଦି ଜଦି ୧୦୦ ଗୋଟା ମେଣ୍ତେଙ୍ଗମାନେ, ମାରି ତାମେ
ଲୋଇ ଉଣ୍ତି ମୁର୍ନାଡ୍, ମାରି ୱାନ୍ ନବେ ନୋଗୋଟା ମେଣ୍ତେଙ୍ଗ
ଗରନ୍ତୁ ଡ଼ିସ୍ସି ଆୟା ମୁରୁତିମାନି ମେଣ୍ତା ପୋୟଇ ସାନ୍ଦି ତାନିଙ୍ଗ
ପୟ୍ଏନ୍ ନୋ? 5 ମାରି, ୱାନ୍ ମେଣ୍ତାଦିଙ୍ଗ ପଇତିଙ୍ଗ ୱାନ୍
ତାନିଙ୍ଗ ୱେଡ଼ିକାଦାନ୍ ଗୁଜାମ୍ତୁ ପିଣ୍ତିଜି ଇନ୍ଡ୍ର ତାନାନ୍, 6 ମାରି,
ନିଜେଦି ଲୋକାଙ୍ଗ ମାରି ପାଡ଼୍କାଦି ଲୋକାଙ୍ଗ କୁକ୍ସି ଉଣ୍ତେମାନୁ
କିଜି ୱାରିଙ୍ଗ ୱେର୍ନାନ୍, ନା ୱାଲେ ୱେଡ଼ିକା କିଦୁ, ଇରିଙ୍ଗ ନା
ମୁରୁତିମାର୍ଇ ମେଣ୍ତା ପୁଟ୍ତାଡ୍ । 7 ନାନ୍ ମିଙ୍ଗ୍ଁ ୱେର୍ସିନା,
ଆୟାୱାଜାନେ ଏମେଲୋକାଦି ମନତିଙ୍ଗ ଡ଼େପ୍ତେଙ୍ଗ ଦର୍କାର୍
ସିଲେ, ଇୟାୱାଜା ନବେ ନୋଗୋଟା ଦାର୍ମୁ ଲୋକା ବାଦ୍ଲୁ,
ଜେ ମନତିଙ୍ଗ ଡ଼େପ୍ନାନ୍, ଇୟାୱାଜା ଅରେନ୍ ପାପି ଲୋକ୍
ଉଣ୍ତିଙ୍ଗ ମୁସ୍କୁପୁର୍ତୁ ନାଣ୍ତ ୱେଡ଼ିକା ଆନାଡ୍ । 8 “ଇୟାୱାଜା

ଏମେ ଆଇମା ଲୋକୁ ମାନାତ୍ ଜେ, ତାନିଦି ଜଦି ଦଶଗୋଟା
ୱେଣ୍ଡି ଅଦ୍‌ଲିଙ୍ଗମାନେ, ମାରି ଆବେଟ୍ ଉଣ୍ଡି ମୁରୁନାତ୍, ମାରି
ୱାଦ୍ ଦିୱା କାସ୍‌ସିସ୍ କିଜ ଇଲୁଦୁ ସିପାଜି ଆକା ପୟ୍‌ଇ ସାନ୍ଧି
ନେଗେନ୍‌ତାନ୍ ପୟ୍‌ଏତ୍? 9 ମାରି, ଆକା ପଇତିଙ୍ଗ ୱାନ୍ ନିଜେଦି
ଲୋକାଙ୍ଗ ମାରି ପାଡ୍‌କାଦି ଲୋକାଙ୍ଗ କୁକ୍‌ସି ଉଣ୍ଡେମାନୁ କିଜି
ୱାରିଙ୍ଗ ୱେର୍‌ନାନ୍, ନା ୱାଲେ ୱେଡ଼ିକା କିଦୁ, ଏମେ ୱେଣ୍ଡି ଅଦ୍‌ଲି
ମୁରୁତିମାର୍‌ଇକା, ଆକା ପୁଟ୍‌ତାତ୍ । 10 ନାନ୍ ମିଙ୍ଗିଁ ୱେର୍‌ସିନା,
ଇୟାୱାଜାନେ ଏନ୍ ମନତିଙ୍ଗ ଡ଼େପ୍‌ତିଙ୍ଗ, ଇୟାୱାଜା ଅରେନ୍
ପାପି ଉଣ୍ଡିଙ୍ଗ ମାପୁରୁଦି ଦୁତ୍‌କୁ ୱେଡ଼ିକାକିନେ ।" 11 ଜିସୁ ମାରି
ଇର୍ହାନ୍, ଅରେନ୍ ଲୋକୁଦିଙ୍ଗ ରିଏର୍ କଡ଼ର୍ ମାର୍‌ଆର୍ । 12
ୱାରି ମାଣ୍‌କୁ ଇସ୍ରିରି ମାରିନ୍ ବୁବେଙ୍ଗ ଇର୍ହାନ୍, ବୁବା, ସମ୍ପତିଦି
ଏମେ ବାଗ୍ ନା ବାଗତୁ ପୋଡ଼ାଜିନାତ୍, ଆକା ନାଙ୍ଗିଁ ସିଦାଟ୍ ।
ଆବେଟ୍ ୱାନ୍ ନିଜେଦି ୱିଜୁ ୱାରିଙ୍ଗ ବାଟା କିଜି ସିତାନ୍ । 13
ଅଡ଼ପ୍ ଦିନ୍ ୱେନ୍‌କା ଇସ୍ରିରି କଡ଼ ୱିଜୁ ଉଣ୍ଡିମାନୁ କିଜି ଆକ
ଦେଶ୍‌ତୁ ସର୍ହାନ୍, ମାରି ଆବେଣ୍‌କୁ ମୁର୍କୁ ଆଜି ନିଜେଦି ସମ୍ପତ୍ତି
ଇପ୍‌ତାନ୍ । 14 ମାତର୍ ୱିଜୁ ୱିସ୍‌ତି ୱେନ୍‌କା ଆୟା ଦେସ୍‌ତୁ ପେରି
ଦୁର୍ବିକିୟ ଆତାତ୍‌ଆକା ୱାନିଙ୍ଗ ସିଲିୱାଜା ଆଦେଙ୍ଗ ଆସ୍‌ତାତ୍ ।
15 ଆବେଟ୍ ୱାନ୍ ସଲ୍‌ସି ଆୟା ଦେଶ୍‌ଦି ଅରେନ୍ ଲୋକ୍‌ମାନୁ
ଗଡି ତେବାତାନ୍, ମାରି ୱାନ୍ ୱାନିଙ୍ଗ ପାଣ୍ଡିଙ୍ଗ ସାରାକିଦେଙ୍ଗ ଇଜି
ନିଜେଦି କିଡ଼ିଇଦୁ ପୋକ୍‌ତାର୍; 16 ମାରି, ପାଣ୍ଡିଙ୍ଗ ଏମେ କାଦି
ତିନ୍‌ଜିମାର୍‌ଏ, ଆବେଟ୍ ୱାନ୍ ନିଜେଦି ପଟାପାଜିସ୍ କିଦେଙ୍ଗ ବଦା
କିଜିମାର୍ହାନ୍, ମାତର୍ ଏନ୍‌ବା ୱାନିଙ୍ଗ ଇନିକାବା ସିଏଜି ମାର୍ହାର୍
। 17 ମାତର୍ ୱାନ୍ ଚେତ୍‌ନା ଆଜି ଇର୍ହାନ୍, ନା ବୁବାଦି ଏସ
କୁଲିକିନିୱାର୍‌ଇଦି ଉଣିକା ତେବାଜିନାତ୍, ମାତର୍ ନାନ୍ ଇବେନ୍
ବାଙ୍ଗାଁଦାନ୍ ସାଜିନା । 18 ନାନ୍ ନିଙ୍ଗଜି ନା ବୁବାଦି ଲାକ୍‌ତୁ ସନା
ମାରି ୱାନିଙ୍ଗ ୱେର୍‌ନା, ବୁବା, ମାପୁରୁଦି ବିରଦ୍‌ତାନ୍ ମାରି ନି
ବିରଦ୍‌ତାନ୍ ନାନ୍ ପାପ୍ କିତାମାନା; 19 ମି କଡ଼ ଇଜି କୁକ୍‌ନିକା
ନାନ୍ ମାରି ଦୋର୍ ସିଲେ; ନାଙ୍ଗିଁ ମିବାନୁ ଅରେନ୍ କୁଲିକିନି ଲୋକା
ୱାଜା ଇଡିଆ । 20 ଆବେନ୍ ୱାନ୍ ନିଙ୍ଗଜି ନିଜେଦି ବୁବାଦି
ଲାକ୍‌ତୁ ସର୍ହାନ୍ । ମାତର୍ ୱାନ୍ ଆକ ମାନ୍‌ଜି ମାନ୍‌ଜି ୱାନି ବୁବା
ୱାନିଙ୍ଗ ସୁଡୁଜି ଲାଡ୍‌ଦାନ୍ ତେର୍‌ପେତ୍ ଆତାନ୍ ମାରି ଉରୁକ୍‌ସି
ସଲ୍‌ସି ୱାନିଙ୍ଗ ପମିତାଆସ୍ତାନ୍ ନୋ ଲାଡ଼୍‌ଦାନ୍ ନଣ୍ଡିତାନ୍ । 21
ମାରିସି ୱାନିଙ୍ଗ ଇର୍‌ଆନ୍, ବୁବା ମାପୁରୁଦି ବିରଦ୍‌ତାନ୍ ମାରି ନି
ବିରଦ୍‌ତାନ୍ ନାନ୍ ପାପ୍ କିତାମାନା, ମି ମାରିନ୍ ଇଜି କୁକ୍ଲେତଙ୍ଗ
ନାନ୍ ମାରି ଜଗ୍ ସିଲେ । 22 ମାତର୍ ବୁବା ନିଜେଦି ସାକର୍‌କାଙ୍ଗ
ୱେର୍‌ତାନ୍, ୱିଜୁମାଣ୍‌କୁ ନେଗି ୱାତି ବେଗି ଆସୋଅରାଦୁ ୱେନିଙ୍ଗ
ଆର୍‌ସିକିଦୁ, ୱେନି କିୟୁଦୁ ୱେତରି ମାରି ପାଦାମ୍‌କାଙ୍ଗ ଜୁଟେଙ୍ଗ
ସିଦୁ, 23 ମାରି ବାଲ୍‌ସ୍ତି ଜାତୁ ତାସ ଡାକ୍‌ତୁ; ରାଦୁ, ମାଡୁ ବୋଜି
କିଜି ୱେଡ଼ିକା କିନାଟ୍, 24 ମାତର୍ ନା ଇୟା ମାରିନ୍ ସାତା
ମାର୍ହାନ୍, ମାରିଡ଼େସି ଜିତାନ୍; ମୁରିତାମାର୍ହାନ୍, ମାରି ପଇତାନ୍ ।
ଆବେଟ୍ ୱାରିଙ୍ଗ ୱେଡ଼ିକା କିଦେଙ୍ଗ ଆତାର୍ । 25 ନାସ୍ତିୱାଲେ
ୱାରି ପେରି ମାରିନ୍ ଜମିଦୁ ମାର୍ହାନ୍ । ୱାନ୍ ଏସ୍ତିୱାଲେ ୱାଜି
ଇଲୁଦି ଲାକ୍‌ତୁ ୱାତାନ୍, ନାସ୍ତିୱାଲେ ବାଜା ମାରି ଗାତ୍‌ନିକା
ଆଉଲି ୱେରାନ୍, 26 ସାକର୍‌କାଙ୍ଗ ମାଣ୍‌କୁ ଅରେନ୍ ଲାକ୍‌ତୁ
କୁକ୍‌ତାନ୍ ଆୟାୱିଜୁ ଇନିକା ଇଜି ୱେନ୍‌ବାଦେଙ୍ଗ ଆସ୍‌ତାନ୍ ।
27 ୱାନ୍ ୱାନିଙ୍ଗ ୱେର୍‌ତାନ୍, ମି ତଡ଼ାନ୍ ୱାତାମାନାନ୍, ମାରି ମି
ବୁବା ୱାନିଙ୍ଗ ନେଗି ମେନ୍ଦଲ୍‌ତାନ୍ ପଇତାନ୍‌ଆକା ବାଲ୍‌ସ୍ତି ଜାତୁ
ଡାକ୍‌ତାମାନାନ୍ । 28 ଆବେଟ୍ ୱାନ୍ ରିସାଆଜି ଲୋଇ ସଣ୍ଟେଙ୍ଗ
ଇଜି ବଦାକିଏତାନ୍; ମାତର୍ ୱାରି ବୁବା ଆତ୍‌ରେ ୱାଜି ୱାନିଙ୍ଗ
ନାଣ୍ଡି ବୁଜାକିଦେଙ୍ଗ ଆସ୍‌ତାନ୍ । 29 ମାତର୍ ୱାନ୍ ବୁବାସିଙ୍ଗ
ଇର୍‌ଆନ୍, ସୁଡୁଆ, ନିସବାର୍ସେକ୍ ଆତାତ୍ ନାନ୍ ମି ସାକର୍‌ତି
ୱାଜା ପାଣିକିଜି ୱାଜିନା, ମାରି ଏସ୍‌କାଙ୍ଗବା ମି ମାଟା ଅମାନ୍ୟ
କିଏ, ମାରି ନା ସାଙ୍ଗରି ୱାଲେ ୱେଡ଼ିକା କିଦେଙ୍ଗ ନିନ୍ ନାଙ୍ଗିଁ
ଏସାକାଙ୍ଗବା ଗରିୟାପିଲା ବା ସିଇ; 30 ମାତର୍ ମି ଇୟା ଏମେ
ମାରିସି ତାଗ୍‌ଇୱାରି ୱାଲେ ମି ଦନ୍ ୱିଜୁ ଉଣୁଜି ୱିସ୍‌ତା ମାନାନ୍,
ଏସ୍ତିୱାଲେ ୱାନ୍ ୱାତାନ୍, ନାସ୍ତିୱାଲେ ନିନ୍ ୱାନି ଉଣ୍ଡିଙ୍ଗ ବାଲ୍‌ସ୍ତି
ଜାତୁ ଡାକ୍‌ତାମାନାନ୍ । 31 ଆବେଟ୍ ୱାନ୍ ୱାନିଙ୍ଗ ୱେର୍‌ତାନ୍,
ମାରିନ୍, ନିନେ୍ତା ୱିଜୁଦିନ୍ ନା ୱାଲେ ମାନି, ମାରି ଆମାକା
ୱିଜୁ ନାଦି, ଆୟାୱିଜୁ ନିଦି; 32 ମାତର୍ ଇୟା ଜେ ନି ତଡ଼ାନ୍
ସାତାମାର୍‌ଆନ୍, ମାରିଡ଼େସି ଜିତାନ୍, ମୁରିତାମାର୍ହାନ୍, ମାରି
ପୁଟ୍‌ତାନ୍, ଆୟା ଉଣ୍ଡିଙ୍ଗ ୱେଡ଼ିକା କିଦେଙ୍ଗ ଦର୍‌କାର୍‌ମାର୍ହାତ୍ ।

**16** ଜିସୁ ସିସୁରିଙ୍ଗ ବା ଇର୍ହାନ୍, ଅରେନ୍ ମାଜନ୍ ଲୋକୁ
ମାର୍ହାନ୍, ୱାରି ମାନୁ ଅରେନ୍ ଗୋତିମୁରୁଲି ମାର୍ହାନ୍, ମାରି
ୱାନ୍ ୱାରି ସମ୍ପତ୍ତି ବୁଡ଼ା କିଜିନାନ୍ ଇଜି ଆୟା ବିସୟ୍‌ତାନ୍ ୱେନ୍‌ଜି
ୱାନ୍ ୱାନିଙ୍ଗ କୁକ୍‌ତାନେ୍ନା ଇର୍ହାନ୍, 2 ନାନ୍ ନି ବିସୟ୍‌ତାନ୍
ଇକା ଇନି ମାଟା ୱେନ୍‌ଜିନା? ନି ପାଣିଦି ଇସାବ୍ ସିଦା, ମାତର୍
ନିନ୍ ମାରି ଗୋତିମୁରୁଲି ଆଜି ମାଣ୍ଡେଙ୍ଗ ଆଟ୍‌ଇ । 3 ଆବେନ୍
ଆୟା ଗୋତିମୁରୁଲି ମୋନ୍‌ତୁ ମୋନ୍‌ତୁ ଇର୍ହାନ୍, ଇନିକା କିନା?
ନା ମାଲିକ୍ ତୋ ନାମାଣ୍‌କୁ ଗୋତିମୁରୁଲିଦି ନା ସାକିରି ଅସି
ସୋଲ୍‌ସିନାନ୍ । ସିକ୍‌ଲା କାରେ୍ଦଙ୍ଗ ନା ସାକ୍ତି ସିଲେତ୍, ଭିକିୟା
ଲସ୍‌ତେଙ୍ଗ ନାଙ୍ଗିଁ ସେମାର୍ ୱାଜିନାତ୍ । 4 ନାନ୍ ଗୋତିମୁରୁଲିଦାନ୍
ଡ଼ିସ୍‌ତି ୱେନ୍‌କା ଲୋକୁ ଏଣ୍ଡେସ୍ ନାଙ୍ଗିଁ ନିଜେ ନିଜେଦି ଇଲ୍‌କାଙ୍ଗ
କୁକ୍‌ନାର୍, ଇୟାଉଣ୍ଡିଙ୍ଗ ଇନିକା କିନା, ଆକା ନେସ୍‌ତାନି ।
5 ମାରି, ୱାନ୍ ନିଜେଦି ମାଲିକ୍‌ଦି ୱିଜେରିଙ୍ଗ ରୁଣୁ ଅତିମାନି
ଲୋକାଙ୍ଗ ଲାକ୍‌ତୁ କୁକ୍‌ସି ଆଗ୍‌ଡ଼ିରି ଅରେନ୍‌ୱାନିଙ୍ଗ ଇର୍ହାନ୍, ନି
ମୁସ୍‌କୁ ନା ପ୍ରବୁଦି ମାନୁ ଏସ ଟାକା ସିଦେଙ୍ଗ ମାନାତ୍? ୱାନ୍
ଇର୍ହାନ୍, ସଏ ଡାବା ନିୟୁ । 6 ୱାନ୍ ୱାନିଙ୍ଗ ଇର୍ହାନ୍, ନି ଇସାବ୍
କିନି ଆକୁ ବେଗିତାସ୍ ବାସ୍‌ସ ପସାସ୍ ଡାବା ନିୟୁ ଇଜି ରାସ୍‌ଆଁ ।
7 ତାନେ ୱେନ୍‌କା ୱାନ୍ ମାରି ଅରେନ୍‌ୱାନିଙ୍ଗ ଇର୍ହାନ୍, ନି ମୁସ୍‌କୁ
ଏସ ଡାବୁଙ୍ଗଁ ସିଦେଙ୍ଗ ମାନାତ୍? ୱାନ୍ ଇର୍ହାନ୍, ସଏ ବାସ୍ତା ଗଦ୍‌ମୁ
। ୱାନ୍ ୱାନିଙ୍ଗ ଇର୍ହାନ୍, ନି ଇସାବ୍ କିନି ଆକୁ ବେଗିତାସ ଅସେ
ବାସ୍ତା ଇଜି ରାସ୍‌ଆଁ । 8 ଆୟା ଅବିସ୍‌ବାସ୍‌କିତି ଗୋତିମୁରୁଲି

ବୁଦିଦି ୱାଲେ ପାଣି କିଡିମାନିଙ୍ଗ ୱାନି ମାଲିକ୍ ୱାନିଙ୍ଗ ପ୍ରସଂସା
କିତାନ୍; ଇୟା ଦୁନିଆ କଡ଼ର୍ ୱାରି ପାଣି କିଦେଙ୍ଗ ଜାୟ୍‌ତି କଡ଼ରି
ବାଦୁଲୁ ନାଣ୍ତୁ ବୁଦି । (aiōn g165) 9 ନାନ୍ ବା ମିଙ୍ଗେଁ ଇଜିନା,
"ଦୁନିଆଦି ଦନ୍‌ତୁ ନିଜେ ନିଜେଦି ଉଣ୍ତିଙ୍ଗ ସଙ୍ଗ ପଇଦୁ, ଏଣ୍ତେସ୍
ଆକା ୱିଜ୍‌ତିଙ୍ଗ ମିଙ୍ଗେଁ ୱିଜୁଦିନ୍‌ତି ଡର୍‌ନିବାଡିଦୁ କୁକ୍‌ନାନ୍ ।
(aiōnios g166) 10 ଏନ୍ ଉଣା ବିସୟ୍‌ତାନ୍ ବିସ୍‌ବାସ୍ କିନାନ୍,
ୱାନ୍ ନାଣ୍ତୁ ବିସୟତୁ ବା ବିସ୍‌ବାସ୍ ମାନାନ୍, ମାରି ଏନ୍ ଉଣା
ବିସୟ୍‌ତାନ୍ ଅବିସ୍‌ବାସ୍ ୱାନ୍ ନାଣ୍ତୁ ବିସୟତୁ ବା ଅବିସ୍‌ବାସ୍
କିନାନ୍ । 11 ମାରି, ମିର୍ ଜଦି ଦୁନିଆଦି ଦନ୍‌ତୁ ବିସ୍‌ବାସ୍
କିଇଦେର୍, ଆଦେଙ୍ଗ ଏନ୍ ମିଙ୍ଗେଁ ବିସ୍‌ବାସ୍ କିଜି ସତ୍ ଦନ୍ ମି
କିୟୁଦୁ ସପ୍ରେ କିନାନ୍? 12 ମାରି, ଜଦି ମିର୍ ଆଇୱାନି ଦନ୍
ବିସୟତାନ୍ ବିସ୍‌ବାସ୍ କିଇଦେର୍, ମାରି ଏନ୍ ମିଙ୍ଗେଁ ମି ନିଜେଦି
ବିସୟ ସିନାନ୍? 13 "ଅରେନ୍ ସାକର୍ ରିଏରି ମାଲିକ୍‌କା ସାକର୍
ଆଦେଙ୍ଗ ଆଟ୍‌ଏନ୍; ମାତର୍ ୱାନ୍ ଅରେନ୍‌ୱାନିଙ୍ଗ କାଡ଼୍‌ନାନ୍ ମାରି
ଆଇୱାନିଙ୍ଗ ଜିବନ୍‌ନୋନା, ମାରି ଅରେନ୍‌ୱାନି ଉଣ୍ତିଙ୍ଗ ଲାକ୍‌ତୁ
କିନାନ୍ ମାରି ଆଇୱାନିଙ୍ଗ ଡ଼ିସ୍‌ନାନ୍ । ମିର୍ ମାପୁରୁ ମାରି ଦନ
ରିଏରି ସାକର୍ ଆଦେଙ୍ଗ ଆଟ୍‌ଇଦେର୍ ।" 14 ଇୟାୱିଜୁ ମାଟା
ୱେନ୍‌ଜି ଦନ୍‌ଆସାନି ପାରୁସିର୍ ଜିସୁଙ୍ଗେଁ ନିଦା କିଦେଙ୍ଗ ଆସ୍‌ତାର୍
। 15 ଆବେନ୍ ୱାନ୍ ୱାରିଙ୍ଗ ଇର୍ହାନ୍, ଏର୍ ନିଜେ ନିଜେଦିଙ୍ଗ
ଲୋକାରି ଆଗ୍‌ଡ଼ି ଦାର୍ମୁ ଇଜି ତର୍‌ନାର୍, ମିର୍ ଆୟାୱାଜାଦି
ଲୋକୁ, ମାତର୍ ମାପୁରୁ ମି ଜିବନ୍‌ତିଙ୍ଗ ନେସ୍‌ନା; ମାତର୍ ଏମେକା
ଲୋକାରି ମାନୁ ପେରିକା, ଆୟାକା ମାପୁରୁଦି ଆଗ୍‌ଡ଼ି କାଡ଼୍‌ନିକା ।
16 ମୋସାଦି ନିୟମ୍‌ତାନ୍ ମାରି ବାବବାଦିର୍ ଦାର୍ମୁସାସ୍ତୁ ତୁବନ୍‌ସିନି
ଜୋହନତି ସାନ୍ଧି ୱେଙ୍ଗେଁତା ମାର୍ହାତ୍; ଆୟା ୱାଲେରାନ୍ ମାପୁରୁଦି
ରାଜିଦୁ ସୁସମାଚାର୍ ପ୍ରଚାର୍ କିଜିନାର୍, ମାରି ୱିଜେରେ ଲୋକୁ
ଡାଟ୍‌ତାନ୍ ଆବେନୁ ସଲ୍‌ସିନାର୍ । 17 ମାତର୍ ନିୟମ୍‌ତି ଉଣ୍ତି
ଇସ୍ରି ଠିକା ମାର୍‌ଗିନି ବାଦ୍‌ଲୁ ବାଦଡ଼ ନି ଦୁନିଆ ମାର୍‌ଗିନିକା
ଉସାସ୍ । 18 ଏନ୍‌ଆପିନ୍ ନିଜେଦି ଆଡ଼୍‌ସିଙ୍ଗ ଡ଼ିସ୍‌ନାନ୍ ନୋ
ଆଇତାନିଙ୍ଗ ପେଡ଼ି ଆନାନ୍, ୱାନ୍ ଦାରିପାଣି କିନାନ୍; ମାରି,
ଏନ୍ କୋନ୍‌ଲି ମାଣ୍‌କୁ ଡ଼ିସ୍‌ତି ଆଇମାଦିଙ୍ଗ ପେଡ଼ିଆନାନ୍, ୱାନ୍
ବା ଦାରିପାଣି କିନାନ୍ । 19 ଅରେନ୍ ଦନି ଲୋକୁ ମାର୍ହାନ୍,
ୱାନ୍ ନାଣ୍ତୁ ଦାରାଦି ଆଙ୍ଗେଁ ଆରାଜି ୱିଜୁଦିନ୍ ନାଣ୍ତୁ ୱେଡ଼ିକାଦାନ୍
ଉଣୁଜିତିନ୍‌ଜି ମାର୍ହାନ୍; 20 ମାତର୍ ୱାନି ଦୁଆର୍ ଲାକ୍‌ତୁ ଲାଜାର୍
ଇଜି ଅରେନ୍ ବିକାରି ବାସ୍‌ତା ମାର୍ହାନ୍, ୱାନି ମେନ୍ଦ୍ଲ୍‌ୱିଜୁ ଗାଉକୁ
ବର୍ଚି ଆତେମାରେଏ; 21 ୱାନ୍ ଆୟା ଦନି ଲୋକୁଦି ଟେବୁଲ୍‌ତାନ୍
ଆର୍‌ନି ସକ୍‌ଡ଼ିଦାନ୍ ଏସ ଉଣୁଜି ପଟାପାଜିସ୍ କିଦେଙ୍ଗ ଆସା
କିଜିମାର୍ହାନ୍; ମାରି, ନୁକୁଡ଼ିଙ୍ଗ ୱାଜି ୱାନି ଗାଉକୁ ୱିଜୁ ନାକ୍‌ସି
ମାର୍‌ଏ । 22 ତାନେ ୱେନ୍‌କା ଆୟା ବିକାରି ସାତାନ୍ ମାରି
ଦୁତ୍‌କା ମାଣ୍‌କୁ ଅବ୍ରାହାମତି ଗାଟୁ ଅତେ; ୱେନ୍‌କା ଆୟା ଦନି
ଲୋକୁ ବା ସାତାନ୍ ମାରି ମୁସ୍‌ତାର୍ । 23 ମାରି, ୱାନ୍ ନର୍କଦି
କାସ୍କୁଦୁ କଲ୍‌ବଲ୍ ଆଜି ମୁସ୍‌କୁ ସୁଡୁଜି ଆକ୍‌ରାନ୍ ଅବ୍ରାହାମ
ମାରି ୱାନି ଗାଟୁଦୁ ଲାଜାର୍‌ତିଙ୍ଗ ସୁଡୁତାନ୍ । (Hadēs g86) 24
ଆବେଟ୍ ୱାନ୍ କୁକ୍‌ସି ଇର୍ହାନ୍, ଏ ବୁବା ଅବ୍ରାହାମ, ନାଙ୍ଗେଁ ଦୟା
କିଜ ଲାଜାର୍‌ତିଙ୍ଗ ପୋକ୍‌ତାଆ, ଏଣ୍ତେସ୍ ୱାନ୍ ଏର୍‌ତୁ ନିଜେଦି
ଡ଼ାସ୍‌କା ମୁଡୁକ୍‌ସ ନା ୱେଡ଼୍‌ଲତିଙ୍ଗ ସିଡ଼୍‌ଡ଼ି କିଦେଙ୍ଗ, ମାତର୍ ନାନ୍
ଇୟା ସିସୁଦୁ କଲ୍‌ବଲ୍ ଆଜିନା । 25 ମାତର୍ ଅବ୍ରାହାମ ଇର୍ହାନ୍,
ମାରିନ୍, ନିନ୍ ଜେ ଜିବନ୍‌ମାର୍‌ଇ ୱାଲେ ନିଜେଦି ନେଗି ବିସୟ୍‌ୱିଜୁ
ପଇତି, ମାରି ଲାଜାର୍ ଆୟାୱାଜା ଡାଗ୍‌ଇ ବିସୟ୍‌ୱିଜୁ ପଇତାନ୍,
ଇକା ଅଡ଼୍‌ବିଆ; ମାତର୍ ଇଲେ ୱାନ୍ ଇୟା ବାଡ଼ିଦୁ ୱେଡ଼ିକା
ପଇଜିନାନ୍, ମାରି ନିନୁ କଲ୍‌ବଲ୍ ଆଜିନି । 26 ଆକା ଡ଼ିସ୍‌ତିଙ୍ଗ
ନିଦି ମାନ୍ଧି ମାଣ୍‌କୁ ନାଣ୍ତୁ ଗାଡ଼୍‌ଦି ମାନାତ୍, ଏଣ୍ତେସ୍ ଏମେ ଲୋକୁ
ଇୟା ବାଡିଦାନ୍ ମି ଲାକ୍‌ତୁ ସଣ୍ଡେଙ୍ଗ ଇଜି ବଦା କିନାର୍, ୱାର୍
ସଣ୍ଡେଙ୍ଗ ଆଟ୍‌ଏର୍, ମାରି ଆୟାବାଡିଦାନ୍ ଏନ୍‌ବା ମା ଲାକ୍‌ତୁ
ନାସ ୱାଦେଙ୍ଗ ଆଟ୍‌ଏର୍ । 27 ଆବେନ୍ ମାଜନ୍‌ଲୋକ୍ ଇର୍ହାନ୍,
ଏ ବୁବା, ଆତିଙ୍ଗ ନାନ୍ ନିଙ୍ଗେଁ ମାଡ଼ିସ୍ କିଜିନା, ୱାନିଙ୍ଗ ନା ବୁବାଦି
ଇଲ୍‌ଦୁ ପୋକ୍‌ଆ, 28 ମାତର୍ ନା ପାସ୍‌ଲୋକ୍ ତଡ଼ାନ୍‌କୁ ମାନାର୍;
ୱାର୍‌ବା ଏଣ୍ତେସ୍ ଇୟା କାସ୍କୁଦି ବାଡିଦୁ ରାମାକିର୍, ଆୟାଉଣ୍ତିଙ୍ଗ
ୱାନ୍ ୱାରି ଲାକ୍‌ତୁ ସାକି ସିନି । 29 ମାତର୍ ଅବ୍ରାହାମ ଇର୍ହାନ୍,
ୱାରି ଲାକ୍‌ତୁ ମୋସା ମାରି ବାବବାଦିରି ଦାର୍ମୁସାସ୍ତୁ ମାନାତ୍,
ୱାର୍ ୱାରି ମାଟା ୱେନ୍‌ରି । 30 ଆବେନ୍ ୱାନ୍ ଇର୍ହାନ୍, ଏ ବୁବା
ଅବ୍ରାହାମ, ଆକା ନାଣ୍ତୁ ଆଏତ୍; ମାତର୍ ଜଦି ସାତିମାନିଲୋକା
ଲାକ୍‌ତୁରାନ୍ ଅରେନ୍ ୱାରି ଲାକ୍‌ତୁ ସନାର୍, ଆତିଙ୍ଗ ୱାର୍
ମନ୍‌ତିଙ୍ଗ ଡ଼େପ୍‌ନାର୍ । 31 ମାତର୍ ୱାନ୍ ୱାନିଙ୍ଗ ଇର୍ହାନ୍, ଜଦି
ୱାର୍ ମୋସା ନି ବାବବାଦିରି ମାଟା ୱେନ୍‌ଏର୍, ଆତିଙ୍ଗ ସାତିମାନି
ଲୋକାମାଣ୍‌କୁ ଅରେନ୍ ମାରିଡ଼େସି ଜିବନ୍‌ଆଜିନିଙ୍ଗେଁଜି ସରିଙ୍ଗ ବା
ୱାର୍ ନେଗିମାଟା ୱେର୍‌ତିଙ୍ଗ ୱେନ୍‌ଏର୍ ।

**17** ଜିସୁ ୱାନି ସିସୁରିଙ୍ଗ ଇର୍ହାନ୍, ଏମେ ୱିଜୁ ପରିକାଦାନ୍
ଲୋକୁ ପାପ୍‌ତୁ ଆର୍‌ନାନ୍, ଆୟାୱିଜୁ ଏଣ୍ତେସ୍‌ବା ୱାନାତ୍,
ମାତର୍ ଜେ ଇୟା ୱିଜୁଦି ବଜ୍ ଆନାନ୍, ୱାନି ଦସ୍ ଏସା
ବୟକାର୍ ଆନାତ୍ । 2 ଇୟା ଇସ୍ରି ଲୋକାମାଣ୍‌କୁ ଅରେନ୍‌ୱାନି
ଲୋକ୍‌ତି ପାପ୍ ଆନାନ୍ ୱାନି କକ୍‌ଲାଦୁ ଉଣ୍ତି ଜାତାକାଲୁ ଡ଼ସି
ୱାନିଙ୍ଗ ସାମ୍‌ଦୁର୍‌ତୁ ପକ୍‌ତିଙ୍ଗ ମାର୍‌ରିଙ୍ଗ ୱାନି ଉଣ୍ତିଙ୍ଗ ନେଗେଣ୍ତୁ
ଆତାତ୍‌ମାନ୍ଧି । 3 ଆରିଙ୍ଗ, ମିର୍ ନିଜେ ନିଜେଦି ବିସୟ୍‌ତାନ୍
ଜାଗାର୍‌ତା ଆଜି ମାନ୍‌ଡୁ । ଜଦି ମି ତଡ଼ାନ୍ ପାପ୍ କିନାନ୍, ଆରିଙ୍ଗ
ୱାନିଙ୍ଗ ୱେର୍‌ତୁ; ମାରି, ୱାନ୍ ଜଦି ମନ୍ ଡ଼େପ୍‌ନାନ୍, ଆରିଙ୍ଗ
ୱାନିଙ୍ଗ କେମା ସିଦୁ । 4 ମାରି, ଜଦି ୱାନ୍ ଅର୍‌ନେଟିଙ୍ଗ ସାତ୍
ଦେବେଙ୍ଗ ମି ବିରଦ୍‌ତାନ୍ ପାପ୍ କିନାନ୍ ମାରି ସାତ୍ ଦେବେଙ୍ଗ
ମି ଲାକ୍‌ତୁ ଡ଼େସିୱାଜି ନାନ୍ ମନ୍ ଡ଼େପ୍‌ସିନା ଇଜି ଇନାନ୍,
ଆରିଙ୍ଗ ୱାନିଙ୍ଗ ଏଣ୍ତେସ୍‌ବା କେମା ସିଦୁ । 5 ଆବେଟ୍‌କୁ ପ୍ରେରିତ
ସିସୁର୍ ପ୍ରବୁଙ୍ଗ ଇର୍‌ଆନ୍, "ମା ବିସ୍‌ବାସ୍ ନାଣ୍ତୁ ପିରିସ୍ କିଆ ।"
6 ପ୍ରବୁ ଇର୍‌ଆନ୍, ଜଦି ଉଣ୍ତି ସାର୍‌ସୁ ପାଡୁ ୱାଜା ମି ବିସ୍‌ବାସ୍
ତେବାନାତ୍, ଆତିଙ୍ଗ ଇୟା ତୁତ୍‌କଡ଼ି ମାର୍‌ତିଙ୍ଗ ନିନ୍ ମଦଲ୍‌ତାନ୍

ରେଲାଜି ସାମ୍‌ଦୁର୍‌ତୁ ଉରାଆ ଇଜି ଇରିଙ୍ଗ୍ ଆକା ମି ମାଟା
ମାନାନାତ୍ । 7 ମାତର୍ ମି ମାଣ୍‌କୁ ଇୟାୱାଜା ଲୋକୁ ଏନ୍
ମାନାନ୍, ଆମାୱାନି ଗଟିମୁରୁଲି ତୁଜି ୱାନାନ୍ ମାରି ଡ଼ାକ୍‌କଡିଙ୍ଗ୍
ସାରାକିଜି କିଡ଼ିଇଦାନ୍ ୱାଟିଙ୍ଗ୍ ୱାନ୍ ୱାନିଙ୍ଗ୍ ଇନାନ୍, ଇୟାଦାପ୍ରେ
ୱାଜି ଉଣ୍ତ୍ରେଙ୍ଗ୍ ବାସ୍‌ଆ? 8 ୱାନ୍ ଇନିକା ୱାନିଙ୍ଗ୍ ଇନ୍‌ଏନ୍, ନାନ୍
ଉଣ୍ତ୍ରେଙ୍ଗ୍ ରସ୍‌ଆ, ମାରି ନାନ୍ ତିନିଉଣିକା ୱିସ୍‌ଇ ସାନ୍ଦି ଜୁକ୍‌ଦୁ
ତରାଜି ନା ସେବା କିଆ, ତାନି ୱେନ୍‌କା ନିନ୍ ତିନିଉଣି? 9
ଗଟିମୁରୁଲି ୱାନି ମାଟାଦାନ୍ ପାଣି କିଟିଙ୍ଗ୍ ୱାନ୍ ଇନିକା ୱାନିଙ୍ଗ୍
ଦନ୍ୟବାଦ୍ ସିନାନ୍? 10 ଆୟାୱାଜାନେ ମିର୍ ବା ମାଟାଦାନ୍ ୱିଜୁ
ପାଣିକିଟି ୱେନ୍‌କା ଇନ୍‌ଣ୍ତୁ, ମାପ୍ ଇନି ପାଣି କିଇ ଗଟିମୁରୁଲିଙ୍ଗ୍,
ଏମେକା କିଦେଙ୍ଗ୍ ଆନାତ୍, ଆକାନେ କିତାମାନାପ୍ । 11 ଜିସୁ
ଜିରୁସାଲମ୍‌ତୁ ସନିୱାଲେ ସମିରୋଣ୍ ମାରି ଗାଲିଲି ବା ସିଜି
ସଲ୍‌ସିମାର୍‌ଆର୍ । 12 ମାରି, ୱାନ୍ ଉଣ୍ତି ନାର୍‌ତୁ ଡୁଗିତାନ୍,
ଦାସ୍ଲେଲାକ୍ କୁସ୍ଟରୋଗ୍‌ତି ଲୋକୁ ୱାନିଙ୍ଗ୍ ମିସାତାର୍; 13 ୱାର୍
ଆକ ନିଲ୍‌ଜି ନାଣ୍ତ ଆଉଲି ଆଜି ଇର୍ହାର୍, "ଏ ଜିସୁ, ଗୁରୁ, ମାଙ୍ଗ୍
ଦୟା କିଆ ।" 14 ମାରି, ୱାନ୍ ୱାରିଙ୍ଗ୍ ସୁଡୁଜି ଇର୍ହାନ୍, "ମିର୍
ସଲ୍‌ସି ନିଜେ ନିଜେଦିଙ୍ଗ୍ ଜାଜକରିଙ୍ଗ୍ ତର୍‌ତୁ ।" ମାରି, ୱାର୍
ସଲ୍‌ପୁ ସଲ୍‌ପୁ ନେଗେଣ୍ତ ଆତାର୍ । 15 ମାତର୍ ୱାରି ମାଣ୍‌କୁ
ଅରେନ୍ ନିଜେଦି ନେଗେଣ୍ତ ଆତିକା ସୁଡୁଜି ନାଣ୍ତ ଆଉଲି ଆଜି
ମାପୁରୁଦି ଦନ୍ୟବାଦ୍ କିଜି କିଜି ଡେସି ୱାତାନ୍, 16 ମାରି ଜିସୁଦି
ପାଦାମ୍‌କା ଆଡ୍‌ଗି ଆର୍‌ଜି ୱାନିଙ୍ଗ୍ ଦନ୍ୟବାଦ୍ ସିଦେଙ୍ଗ୍ ଆସ୍‌ତାନ୍;
ୱାନ୍ ଅରେନ୍ ସମିରୋଣିୟ ଲୋକୁ । 17 ଆବେଟ୍ ଜିସୁ ଇର୍ହାନ୍,
"ଦାସ୍ଲେଲାକ୍ ଇନିକା ନେଗେଣ୍ତ ଆଏତାର୍? ଆରିଙ୍ଗ୍ ମାରି ଲୋକୁ
ଏମେ? 18 ଗୌରବ୍ ମାପୁରୁଦି ଦନ୍ୟବାଦ୍ ସିଦେଙ୍ଗ୍ ଇଜି ଇୟା
ଆଇଜାତିଦି ଲୋକ୍‌ତିଙ୍ଗ୍ ଡ଼ିସ୍‌ତିଙ୍ଗ୍ ଇନିକା ମାରି ଏର୍‌ବା ଡ଼େସି
ରେଏର୍?" 19 ମାରି, ଜିସୁ ୱାନିଙ୍ଗ୍ ଇର୍‌ଆନ୍, "ନିଙ୍ଗ୍‌ଜ ସାଙ୍ଗ୍‌ଆ,
ନି ବିସ୍‌ବାସ୍ ନିଙ୍ଗ୍ ନେଗେନ୍ କିତାମାନାତ୍ ।" 20 ମାପୁରୁଦି
ରାଜି ଏସ୍‌କାଙ୍ଗ୍ ୱାଜିନାତ୍, ଇୟା ବିସୟ୍‌ତାନ୍ ପାରୁସିର୍ ଜିସୁଙ୍ଗ୍
ୱେନ୍‌ବାଟିଙ୍ଗ୍ ୱାନ୍ ୱାରିଙ୍ଗ୍ ଇର୍ହାନ୍, "ମାପୁରୁଦି ରାଜି ତରାଜି
ରେଏତ୍; 21 ମାରି ସୁଡୁଦୁ, ମାପୁରୁଦି ରାଜି ଇବେନ୍ ବା ଆବେନ୍
ଇଜି ଲୋକୁ ଇନ୍‌ଏର୍; ମାତର୍ ସୁଡୁଦୁ, ମାପୁରୁଦି ରାଜି ମି ଲୋଇ
ମାନାତ୍ ।" 22 ମାତର୍ ଜିସୁ ସିସୁରିଙ୍ଗ୍ ଇର୍ହାନ୍, "ଇୟାୱାଜା
ଦିନ୍ ୱାନାତ୍, ଏସ୍ତିୱାଲେ ମିର୍ ମନୁସ୍ୟପୁତ୍ରଦି ଦିନାମ୍‌ତି ମାଣ୍‌କୁ
ଉଣ୍ତି ନାଣ୍ତିଙ୍ଗ୍ ସୁଡୁଦେଙ୍ଗ୍ ବଦା କିନିଦେର୍, ମାତର୍ ସୁଡ଼େଦଙ୍ଗ୍
ଆଟ୍‌ଇଦେର୍ । 23 ସୁଡୁଦୁ, ଆବେନ୍ତୁ, ସୁଡୁଦୁ, ଇବେନ୍, ଇଜି
ଲୋକୁ ମିଙ୍ଗ୍ ଇନ୍‌ନାର୍; ମାତର୍ ମିର୍ ଆବେ ସଲ୍‌ମାଟ୍ । 24 ମାତର୍
ମିର୍‌ସିନିକା ଏଣ୍ତ୍ରେସ୍ ବାଦଡ଼୍‌ତି ଉଣ୍ତିଲାକ୍‌ତୁରାନ୍ ମାରି ଉଣ୍ତି ସାନ୍ଦି
ଜାଇସିନାତ୍, ମନୁସ୍ୟପୁତ୍ର ନିଜେଦି ଦିନ୍‌ତୁ ଆୟାୱାଜା ତରାୟ୍
ଆନାନ୍ । 25 ମାତର୍ ଆଗ୍‌ଡ଼ି ୱାନିଙ୍ଗ୍ ପୁରା ନାଣ୍ତ ଦୁଃକ୍‌କାସ୍ଟ
କିଦେଙ୍ଗ୍ ଆନାତ୍ ମାରି ଇୟା ଇଲେତି ମେମାରିର୍ ମାଣ୍‌କୁ ଡ଼ିସାଇ
ଆଦେଙ୍ଗ୍ ପଡ଼ାନାତ୍ । 26 ମାରି, ନୋହଦି ବେଡ଼ାଦୁ ଏଣ୍ତ୍ରେସ୍
ଗଟାତା ମାର୍ହାତ୍, ମନୁସ୍ୟପୁତ୍ରଦି ୱାନି ବେଡ଼ାଦୁ ବା ଆୟାୱାଜା
ଗଟାନାତ୍; 27 ଏର୍‌ଜାହାଜ୍‌ତୁ ନୋହଦି ଡୁଗୁନି ଦିନ୍ ସାନ୍ଦି ଲୋକୁ
ଉଣିତିନିକା ମାରି ମେମାରି ନି ଆଇମା ପେଡ଼ିଆନି ୱିଜୁପାଣିଦୁ
ଦାନ୍ଧ ଆତାମାର୍ହାତ୍, ମାରି ନାଣ୍ତ ଗାଲିପିରୁ ୱାଜି ୱିଜେରିଙ୍ଗ୍
ଏର୍‌ତୁ ମୁଡୁକ୍‌ତାତ୍ । 28 ଲୋଟଦି ସମୟ୍‌ତୁ ବା ଆୟାୱାଜା
ଗଟାତା ମାର୍ହାତ୍, ଲୋକୁ ଉଣିକାତିନିକା, କଣିକାପର୍‌ନିକା,
ମାରାକୁଉରୁନିକା ମାରି ଇଲୁ ତିଆର୍ କିଦେଙ୍ଗ୍ ଦାନ୍ଧ ଆତା
ମାର୍ହାର୍, 29 ମାତର୍ ଲୋଟ ସଦମ୍‌ଦାନ୍ ସତିସର୍‌ଇ ନାଣ୍ତିଙ୍ଗ୍
ବାଦଡ଼୍‌ତାନ୍ ସିସୁ ମାରି ଗନ୍ଧକ୍ ପିରୁ ୱାଜା ୱାଜି ୱିଜେରିଙ୍ଗ୍ ସାପିସ୍
କିତାତ୍ । 30 ମନୁସ୍ୟପୁତ୍ର ତରାୟ୍‌ଆନି ନାଣ୍ତିଙ୍ଗ୍ ଆୟାୱାଜା
ଗଟାନାତ୍ । 31 "ଆୟାନାଣ୍ତିଙ୍ଗ୍ ଏନ୍ ସାତ୍ ମୁସ୍‌କୁ ଡେବାନାନ୍,
ୱାନ୍ ଇଲୁ ଲୋଇ ମାନି ନିଜେଦି ସାଶାପାତି ଅତେଙ୍ଗ୍ ଇଜି ରେସି
ରାମାକିନ୍; ଆୟାୱାଜା ଏନ୍ କିଡ଼ିଇଦୁ ଡେବାନାନ୍, ୱାନ୍ ଡ଼େସି
ସଲ୍‌ମାକିନ୍ । 32 ଲୋଟଦି ଆଡ୍‌ସି ମାଟା ଅଡ୍‌ବିଆ । 33 ଏନ୍‌କି
ନିଜେଦି ଜିବନ୍‌ତିଙ୍ଗ୍ ଜିଣା କିଦେଙ୍ଗ୍ ବଦା କିନାନ୍, ୱାନ୍ ଆକା
ଆରାକିନାନ୍, ମାରି ଏନ୍‌କି ନିଜେଦି ଜିବନ୍‌ତିଙ୍ଗ୍ ଆରାକିନାନ୍,
ୱାନ୍ ଆକା ଜିପିସ୍‌ନାନ୍ । 34 ନାନ୍ ମିଙ୍ଗ୍ ୱେର୍‌ସିନା, ଆୟା ନାଡ଼ା
ରିଏର୍ ଉଣ୍ତ୍ରେ କାଟେଲ୍‌ତୁ ଡର୍‌ନା ମାନାର୍, ଅରେନ୍ ୱାନିଙ୍ଗ୍ ଅନାନ୍
ମାରି ଆଇ ଅରେନ୍‌ୱାନିଙ୍ଗ୍ ଡ଼ିସ୍‌ନାନ୍ । 35 ରୁଣ୍ତିଲୋକ୍ ଆଇମେକ୍
ଅର୍‌ସେ ଜାତାଦୁ ନୁର୍‌ଜିମାନେ, ଅରେଡ୍‌ତାନିଙ୍ଗ୍ ଅନାନ୍ ମାରି
ଆଇ ଅରେଡ୍‌ତାନିଙ୍ଗ୍ ଡ଼ିସ୍‌ନାନ୍ । 36 ରୁଣ୍ତିଲୋକ୍ କିଡ଼ିଇଦୁ
ଡେବାନେ, ଅରେନ୍‌ୱାନିଙ୍ଗ୍ ଅନାନ୍ ମାରି ଆଇ ଅରେନ୍‌ୱାନିଙ୍ଗ୍
ଡ଼ିସ୍‌ନାନ୍ ।" 37 ଆବେଟ୍ ୱାର୍ ୱାନିଙ୍ଗ୍ ଇର୍ହାର୍, "ଏ ପ୍ରବୁ, ଏମେ
ଇୟାୱିଜୁ ଗଟାନାତ୍?" ଜିସୁ ୱାରିଙ୍ଗ୍ ଇର୍‌ଆନ୍, "ଏମେମାନୁ ସାଟି
ମାଡ଼ା ମାନାତ୍, ଆୟାବାନୁ ଡେଗେଙ୍ଗ୍ ଉନ୍‌ଡ୍ରେମାନୁ ଉଣ୍ତାନେ ।"

**18** ୱାଦ୍‌ଏଣ୍ତଗା ୱିଜୁଦିନ୍ ପାର୍‌ତନା କିନିକା ଜେ ପାଣି, ଇୟା
ବିସୟ୍‌ତାନ୍ ଜିସୁ ୱାରିଙ୍ଗ୍ କାତାଦାନ୍ ୱେର୍‌ତାନ୍, 2 ଉଣ୍ତି
ଗାଡ୍‌ତୁ ଅରେନ୍ ବିସାର୍ କିନିକାନ୍ ମାର୍‌ଆନ୍, ୱାନ୍ ମାପୁରୁଙ୍ଗ୍
ତିଲାଏଜି ମାର୍‌ଆନ୍ କି ଲୋକାଙ୍ଗ୍ ମାନାଏଜି ମାର୍‌ଆନ୍ । 3
ଆୟା ଗାଡ୍‌ତୁ ଅରେଡ୍ ରାଣ୍ତି ମାର୍‌ଆତ୍, ୱାଦ୍ ରିଜାମୁଜା ୱାନି
ଲାକ୍‌ତୁ ସଲ୍‌ସି ୱେର୍‌ସି ମାର୍‌ଆତ୍, ଲୋକୁ ନା ଉଣ୍ତିଙ୍ଗ୍ ଅନ୍ୟାୟ୍
କିଜିନାର୍ ନିନ୍ ନାଙ୍ଗ୍ ବିସାର୍ କିଆ । 4 ମାରି, ୱାନ୍ ଏସ
ସମୟ୍ ଆତାତ୍ ରାଜିଆଏଜି ମାର୍‌ଆନ୍; ମାତର୍ ୱେନ୍‌କା ୱାନ୍
ମୋନ୍‌ତୁ ମୋନ୍‌ତୁ ଅଡ୍‌ବିତାନ୍, ଜଦିବା ନାନ୍ ମାପୁରୁଦିଙ୍ଗ୍ ତିଲାଏ
ମାରି ଲୋକାଙ୍ଗ୍ ମାନାଏ, 5 ମାତର୍ ଇୟା ରାଣ୍ତି ନାଙ୍ଗ୍ ଜେଲ୍
ସିଜିମାର୍‌ଆତ୍‌ଆକା ନାନ୍ ତାନେ ଉଣ୍ତିଙ୍ଗ୍ କିଟିମାନି ଅନ୍ୟାୟ୍
ପାଣିଦି ଉଣ୍ତିଙ୍ଗ୍ ନାନ୍ ଡାନେଙ୍ଗ୍ ସାକାକିନା, ଆଏଟିଙ୍ଗ୍ ୱାଦ୍ ଦିନ୍‌କେ
ୱାଜି ନାଙ୍ଗ୍ ବିଜାର୍ କିଜିମାନାତ୍ । 6 ଆବେଟ୍ ପ୍ରବୁ ୱେର୍‌ତାନ୍,
"ଇୟା ଅଦାର୍ମୁଦି ବିସାର୍‌କିନିକାନ୍ ଇନିକା ୱେର୍‌ସିନାନ୍, ଆକା
ୱେଣ୍ତୁ । 7 ମାରି ମାପୁରୁଦି ଏମେ ସେବାକିନି ଲୋକୁ ୱେଡ଼େନାଡ଼ା
ୱାନିଙ୍ଗ୍ କୁକ୍‌ସିମାନାର୍, ୱାନ୍ ନୋ ୱାରି ଉଣ୍ତିଙ୍ଗ୍ କିଟିମାନି ତାଗଇ

ପାଣିଦି ଉଣ୍ତିଙ୍ଗ ୱାରିଙ୍ଗ ସାକା କିଏନ୍ ନୋ, ୱାନ୍ ୱାରିଙ୍ଗ ସାହାଜ୍ୟ
କିଦେଙ୍ଗ ୱେଡ଼ା କିନାନ୍ନୋ? 8 ନାନ୍ ମିଙ୍ଗିଁ ୱେର୍ସିନା, ୱାନ୍
ବେଗି ୱାରିଙ୍ଗ କିତିମାନିମାନି ତାଗ୍ଇ ପାଣିଦି ଉଣ୍ତିଙ୍ଗ ୱାରିଙ୍ଗ
ବିସାର୍କିନାନ୍ । ମାତର୍ ମନୁସ୍ୟପୁତ୍ର ୱାଜି ଦୁନିଆଦୁ ଇନିକା
ବିସ୍ବାସ୍ ସୁଣାନ୍?" 9 ନିଜେ ନିଜେଦି ଦାର୍ମୁ ବୁଦି ମାନାତ୍ ଇଜି
ଆଇ ୱିଜେରିଙ୍ଗ ସେମାର୍ କିଜିମାନି ଏସ ନିଜେଦି ମୁସ୍କୁ ଆସା
ଇଡ୍ନି ଲୋକାଙ୍ଗ ଜିସୁ ଇୟା କାତାଦାନ୍ ଇର୍ହାନ୍, 10 ରିଏର୍
ଲୋକୁ ପାର୍ତନା କିନି ଉଣ୍ତିଙ୍ଗ ମନ୍ଦିର୍ତୁ ସରଆର୍, ଅରେନ୍
ପାରୁସି ମାରି ଆଇକାନ୍ ସିସ୍ଟୁ ଲସ୍ନିକାନ୍ । 11 ପାରୁସି ଅରେନ୍
ନିରାଆନ୍ନୋ ନିଜେଦିମାନୁ ଇୟାୱାଜା ପାର୍ତନା କିଦେଙ୍ଗ
ଆସ୍ତାନ୍, ଏ ମାପୁରୁ, ନାନ୍ ନିଙ୍ଗିଁ ଦନ୍ୟବାଦ୍ ସିଜିନା ଜେ, ନାନ୍
ଆଇ ୱିଜେରି ଲୋକା ୱାଜା କାତ୍ନିକାନ୍, ଅଦାର୍ମୁ, ଦାରିପାଣି
ବା ଇୟା ସିସ୍ଟୁଲସ୍ନିୱାନି ୱାଜାବା ଆଏ; 12 ନାନ୍ ୱାରାମ୍ତୁ
ରିନେଣ୍ତୁ ଉପାସ୍ କିଜିନା ମାରି ନାନ୍ ଉଣ୍ତାକିନିକା ଦାସ୍ବାଗ୍ତାନ୍
ଉନ୍ତ୍ରି ବାଗ୍ ସିଜିନା । 13 ମାତର୍ ସିସ୍ଟୁ ଲସ୍ନିକାନ୍ ଆକ ନିଲ୍ସି
ମୁସ୍କୁ ତରିନ୍ ସୁଡଦେଙ୍ଗ ବା ସାସ୍କିଦେଙ୍ଗ ଆଟ୍ଏତାନ୍, ମାତର୍
ନିଜେଦି ବକାଦୁ ଡାକାଜି ଇର୍ହାନ୍, ଏ ମାପୁରୁ, ନାନ୍ ପାପି, ନାଙ୍ଗିଁ
ଦୟା କିଆ । 14 ନାନ୍ ମିଙ୍ଗିଁ ଇଜିନାନ୍, "ଆୟା ପାରୁସି ଆଏନ୍,
ମାତର୍ ଇୟା ସିସୁଟୁଲସ୍ନିକାନ୍ ଦାର୍ମୁ ଲୋକୁ ଆଜି ନିଜେଦି
ଇଲ୍ତୁ ସର୍ଆନ୍; ମାତର୍ ଏମେକାନ୍ ନିଜେଦିଙ୍ଗ ପେରିକାନ୍ ଇଜି
ତର୍ଆନ୍, ୱାନିଙ୍ଗ ଇସ୍ରିକାନ୍ କିନାର୍, ମାତର୍ ଏନ୍ ନିଜେଦିଙ୍ଗ
ଇସ୍ରିକାନ୍ କିନାନ୍, ୱାନିଙ୍ଗ ପେରିକାନ୍ କିନାନ୍ ।" 15 ଜିସୁ
ଏଣ୍ତେସ୍ ଇସ୍ରିକଡ଼ରି ମୁସ୍କୁ କିୟୁ ଇଡ୍ଜି ମୁଟ୍ନାନ୍, ଇୟାଉଣ୍ତିଙ୍ଗ
ଲୋକୁ ୱାରିଙ୍ଗ ବା ଜିସୁଦି ଲାକ୍ତୁ ତାତେଙ୍ଗ ଆସ୍ତାର୍; ମାତର୍
ସିସୁର୍ ଆକା ସୁଡୁଜି ୱାରିଙ୍ଗ ଆଦ୍ରିସ୍ତେଙ୍ଗ ଆସ୍ତାର୍ । 16
ମାତର୍ ଜିସୁ ୱାରିଙ୍ଗ ନିଜେଦି ଲାକ୍ତୁ କୁକ୍ତା ଇର୍ହାନ୍, ଇସ୍ରି
କଡ଼ରିଙ୍ଗ ନା ଲାକ୍ତୁ ୱାଦେଙ୍ଗ ସିଦୁ, ମାରି ୱାରିଙ୍ଗ ମାନା କିମାଟ୍;
ଇରିଙ୍ଗ ମାପୁରୁଦି ରାଜି ଇୟାୱାଜା କଡ଼ରିଦି । 17 ନାନ୍ ମିଙ୍ଗିଁ
ସତ୍ ଇଜିନା, "ଏନ୍ ଇସ୍ରିକଡ଼ୱାଜା ମାପୁରୁଦି ରାଜି ଆସ୍ଏନ୍,
ୱାନ୍ ଏଣ୍ତେସ୍କିଜିବା ମୁସ୍କୁପୁର୍ ସଣ୍ତେଙ୍ଗ ଆଟ୍ଏନ୍ ।" 18
ଅରେନ୍ ଜିହୁଦିର୍ ପେରିକାନ୍ ଜିସୁଙ୍ଗିଁ ୱେନ୍ବାତାନ୍, "ଏ ସତ୍
ଗୁରୁ, ଏସ୍କାଙ୍ଗୱିଜିଇ ଜିବନ୍ ପୟ୍ନି ଉଣ୍ତିଙ୍ଗ ନାନ୍ ଇନିକା
କିନା?" (aiōnios g166) 19 ଆବେଟ୍ ଜିସୁ ୱାନିଙ୍ଗ ଇର୍ହାନ୍, "ନାଙ୍ଗିଁ
ନେଗିକାନ୍ ଇଜି ଇନିଦାନିଙ୍ଗ ଇଜିନି? ମାରି ମାପୁରୁଙ୍ଗିଁ ଡ଼ିସ୍ତିଙ୍ଗ,
ମାରି ଆଇକାନ୍ ଏନ୍ବା ସତ୍ ସିଲେନ୍ । 20 ପ୍ରବୁଦି ନିୟମକୁ
ୱିଜୁ ତୋ ନିନ୍ ନେସ୍ତିମାନି, ଦାରିପାଣି କିମାଟ୍, ଲୋକାଙ୍ଗ
ସାୟାମାର୍ଗା ଡାକ୍ମାଟ୍, ଡଙ୍ଗାଁ ପାଣି କିମା, ମିସ୍ସାକି ୱେର୍ମା,
ନିଜେଦି ବୁବା ୟାୟାଏଙ୍ଗ ମାନାଆ ।" 21 ୱାନ୍ ୱେର୍ତାନ୍,
ଇୟାୱିଜୁ ନାନ୍ ମୁରୁଲିୱାଲେରାନ୍ ମାନାଜି ୱାଜିନା । 22 ଜିସୁ
ଇୟାକା ୱେନ୍ଜି ୱାନିଙ୍ଗ ଇର୍ଆନ୍, ନି ଉଣ୍ତିବିସୟ ଉଣାମାନାତ୍;
ନିନ୍ ନିଜେଦି ୱିଜୁ ସମ୍ପତ୍ତି ପର୍ଜି କାକୁର୍ତି ଲୋକାଙ୍ଗ ବାଟାକିଜି
ସିଆ, ମାରି ନିନୁ ମୁସ୍କୁପୁର୍ତୁ ଦନ୍ ପୟ୍ନି; ମାରି, ୱାଜି ନା
ୱେନ୍କା ରାଆ । 23 ମାତର୍ ୱାନ୍ ଇୟାୱିଜୁ ମାଟା ୱେନ୍ଜି
ନାଣ୍ତୁ ଦୁଃକ୍ ଆତାନ୍, ଇରିଙ୍ଗ ୱାନ୍ ପେରିମାଜନ୍ ମାର୍ଆନ୍ ।
24 ଆବେଟ୍ ୱାନି ଦୁଃକ୍ ଆନିକା ସୁଡ଼ୁଜି ଜିସୁ ନିଜେଦି ସିସୁରିଙ୍ଗ
ଇର୍ହାନ୍, ଏମେ ଲୋକ୍ତିଙ୍ଗ ଦନ୍ ମାନାତ୍, ୱାର୍ ଏସ କାସ୍ଟୁଦାନ୍
ମାପୁରୁଦି ରାଜିଦୁ ସନାର୍! 25 ଇରିଙ୍ଗ ମାପୁରୁଦି ରାଜିଦୁ ମାଜନ୍
ଲୋକୁ ସନି ବାଦୁଲୁ ସୁଜିଦି ବର୍ ସିଜି ଉଟ୍ ଡୁଗୁନିକା ଉସାସ୍ ।
26 ଏମେ ଲୋକୁ ଇୟା ମାଟା ୱେର୍ଆର୍, ୱାର୍ ଇର୍ହାର୍, ଆର୍ତିଙ୍ଗ
ଏନ୍ ରକିୟା ପଇଦେଙ୍ଗ ଆଟ୍ନାନ୍? 27 ମାତର୍ ଜିସୁ ଇର୍ହାନ୍,
"ଆମା ପାଣି ଲୋକାମାଣାନ୍ ଆଏତ୍, ଆୟା ପାଣି ମାପୁରୁ କିନାନ୍
।" 28 ଆବେଟ୍ ପିତର୍ ଇର୍ହାନ୍, "ସୁଡୁଆ, ମାପୁ ନିଜେ ନିଜେଦି
ୱିଜୁ ଡ଼ିସ୍ସି ନି ୱେନ୍କା ୱାତା ମାନାପ୍ ।" 29 ଜିସୁ ୱାରିଙ୍ଗ
ଇର୍ଆନ୍, ନାନ୍ ମିଙ୍ଗିଁ ସତ୍ ୱେର୍ସିନା, ଏମେ ଲୋକୁ ମାପୁରୁଦି
ରାଜିଦି ଉଣ୍ତିଙ୍ଗ ଇଲୁ କି ନିଜେଦି ଆଡ଼ି କି ତଡ଼ାନ୍ କି ବୁବାୟାୟା
କି କଡ଼କକ୍ରା ଡ଼ିସ୍ତି ମାନିଦେର୍ । 30 ଇୟା ଦୁନିଆଦୁ ନାଣ୍ତୁଗୁଣ୍
ମାରି ୱେନ୍କାରି କାଡ଼ାଦୁ ଏସ୍କାଙ୍ଗୱିଜ୍ଇ ଜିବନ୍ ପୟ୍ନାନ୍,
ଇୟାୱାଜା ଲୋକୁ ଏର୍ ସିଲେର୍ । (aiōn g165, aiōnios g166)
31 ୱେନ୍କା ଜିସୁ ବାରେ୍ଲାକ୍ ୱେର୍ଏ କିଜି ୱାରିଙ୍ଗ ୱେର୍ତାନ୍,
"ୱେନ୍ତୁ, ମାପ୍ ଜିରୁସାଲମ୍ତୁ ସଲ୍ସିନାପ୍, ମାରି ମନୁସ୍ୟପୁତ୍ରଦି
ବିସୟ୍ତାନ୍ ବାବବାଦିରି ଆମାୱିଜୁ ରାସ୍ତାମାନାର୍, ଆୟାୱିଜୁ
ପୁରା ଆନାତ୍; 32 ଇରିଙ୍ଗ ୱାନ୍ ଅଣଜିହୁଦି କିୟୁଦୁ ସରେ୍ପ
ଆନାନ୍, ମାରି ୱାର୍ ୱାନିଙ୍ଗ ସେମାର୍ କିନାର୍, ୱାନିଙ୍ଗ ଅପ୍ମାନ୍
କିନାର୍ ୱାନି ମୁସ୍କୁ ପୁସ୍କାଡ଼ାଙ୍ଗ ପୁସ୍ନାର୍, 33 ୱାନିଙ୍ଗ କର୍ଡା
ଡ଼େଇଜି ସାୟାମାର୍ଗାଡାକ୍ନାର୍, ମାରି ମୁନେଟି ୱେନ୍କା ୱାନ୍
ମାରିଡ଼େସି ଜିବନ୍ଆଜି ନିଙ୍ଗିଁନାନ୍ ।" 34 ମାତର୍ ୱାର୍ ଇୟାୱିଜୁ
ବିସୟ୍ ଇନିକାବା ନେସ୍ଏତାର୍; ଇୟା ବାକ୍ୟ ୱାରିମାନ୍କୁ
ମାର୍ଗିତା ତେବାତାତ୍, ମାରି ଇନିକା ଇନିକା ଇଜିମାର୍ଆର୍,
ଆୟାୱିଜୁ ୱାର୍ ନେସ୍ଏଜି ମାର୍ଆର୍ । 35 ଜିସୁ ଜିରିହୋଦି
ଲାକ୍ତୁ ଆଜିମାରି ୱାଲେ ଅରେନ୍ କାଣା ସାରି ପାଡ଼ି ବାସ୍ତାନ୍
ବିକ୍ୟା ଲସ୍ସି ମାର୍ଆନ୍ । 36 ୱାନ୍ ଲୋକୁ ବୁଲାନି ସେଉଡୁ
ୱେନ୍ଜି ମାଟା ଇନିକା ଇଜି ୱେନ୍ବାଦେଙ୍ଗ ଆସ୍ତାନ୍ । 37
ୱାର୍ ୱାନିଙ୍ଗ ଇର୍ହାର୍, ନାଜରିୟତିୟ ଜିସୁ ଇୟା ସାରି ସିଜି
ସଲ୍ସିନାନ୍ । 38 ଆବେଟ୍ ୱାନ୍ ନାଣ୍ତୁ ଆଉଲି ଆଜି ଇର୍ଆନ୍,
"ଏ ଜିସୁ, ଦାଉଦ୍ତି ମାରିନ୍, ନାଙ୍ଗିଁ ଦୟା କିଆ ।" 39 ମାତର୍
ଆଗିଡ଼ି ସଲ୍ସିମାରି ଲୋକୁ ୱାନିଙ୍ଗ ଆଲେଜ ମାନ୍ତ୍ରେଙ୍ଗ ଇଜି
ଆଦିରିସ୍ତେଙ୍ଗ ଆସ୍ତାର୍, ମାତର୍ ୱାନ୍ ମାରି ନାଣ୍ତୁ ଆଉଲି ଆଜି
ଇନ୍ତ୍ରେଙ୍ଗ ଆସ୍ତାନ୍, "ଏ ଦାଉଦତି ମାରିନ୍, ନାଙ୍ଗିଁ ଦୟା କିଆ ।"
40 ଆବେଟ୍ ଜିସୁ ନିଲ୍ଜି ୱାନିଙ୍ଗ ନିଜେଦି ଲାକ୍ତୁ ତାତେଙ୍ଗ ଇଜି
ଆଦେସ୍ ସିତାନ୍; ମାରି, ୱାନ୍ ଲାକ୍ତୁ ୱାତାନ୍ଆକା, ଜିସୁ ୱାନିଙ୍ଗ
ୱେନ୍ବାତାନ୍, 41 "ନାନ୍ ନି ଉଣ୍ତିଙ୍ଗ ଇନିକା କିନା ଇଜି ନିନ୍
ବଦା କିଜିନି?" ୱାନ୍ ଇର୍ଆନ୍, "ଏ ପ୍ରବୁ, ନାନ୍ ଏଣ୍ତେସ୍ମାରି

ସୁଡୁଦେଙ୍ଗ ଆଟ୍ନା ।” 42 ଜିସୁ ୱାନିଙ୍ଗ ଇର୍ଆନ୍, “ଆରିଙ୍ଗ
ସୁଡୁଆ; ନି ବିସ୍ବାସ୍ ନିଙ୍ଗିଁ ନେଗେନ୍ କିତାମାନାତ୍ ।” 43
ଆୟାଦାପ୍ରେ ୱାନ୍ ସୁଡୁଦେଙ୍ଗ ଆଟ୍ତାନ୍ନା ମାପୁରୁଙ୍ଗିଁ ଦନ୍ୟବାଦ୍
କିଜି କିଜି ୱାନି ୱାଲେୱାଲେ ବୁଲାଦେଙ୍ଗ ଆସ୍ତାନ୍ ମାରି ଲୋକୁ
ୱିଜେରେ ଆକା ସୁଡୁଜି ମାପୁରୁଦି ପ୍ରସଂସା କିତାର୍ ।

**19** ୱେନ୍କା ଜିସୁ ଜିରିହୋ ଗାଡ଼୍ତୁ ଡୁଗୁଜି ନାଡ଼୍ମିସିଜି
ସଲ୍ସିମାର୍ଆନ୍ । 2 ମାରି ସୁଡୁଦୁ, ଜକିୟ ଦର୍ତି ଅରେନ୍
ଲୋକୁ ମାର୍ଆନ୍, ମାରି ୱାନ୍ ଅରେନ୍ ପେରି ସିସ୍ଟୁଲସ୍ନିକାନ୍
ମାରି ମାଜନ୍ ମାର୍ଆନ୍ । 3 ଜିସୁ ଏନ୍, ଆକା ସୁଡୁଦେଙ୍ଗ ୱାନ୍
ବଦା କିଜିମାର୍ଆନ୍, ମାତର୍ ଲୋକା ଗଲିଦି ଉଣ୍ତିଙ୍ଗ ସୁଡୁଦେଙ୍ଗ
ଆଟ୍ଏଜି ମାର୍ଆନ୍, ଇରିଙ୍ଗ ୱାନ୍ ବୁଟ୍କା ମାର୍ଆନ୍ । 4
ଆଦେଙ୍ଗ ୱାନ୍ ଲୋକା ଆଗ୍ଡ଼ି ଉରୁକ୍ସି ସଲ୍ସି ଜିସୁଙ୍ଗିଁ ସୁଡୁଦେଙ୍ଗ
ଇଜି ଉଣ୍ତି ତଗାମାରାନ୍ତୁ ଏକ୍ତାନ୍, ଇରିଙ୍ଗ ଆୟା ସାରି ସିଜି
ଜିସୁ ସନିକା ମାର୍ଆତ୍ । 5 ଜିସୁ ଆୟା ବାଡିଦୁ ୱାଜି ମୁସ୍କୁ
ବେସ୍ସି ଜକିୟଙ୍ଗ ଇର୍ଆନ୍, “ଜକିୟ, ବେଗି ରେସିରାଆ,
ଇରିଙ୍ଗ ନେର୍ ନାଙ୍ଗିଁ ମି ଇନ୍ତ୍ର ଏଣ୍ତେସ୍ବା ତେବାଦେଙ୍ଗ ଆନାତ୍
।” 6 ଆବେଟ୍ ଜକିୟ ଦାପ୍ରେ ରେସିୱାଜି ୱେଡ଼ିକାଦାନ୍ ଜିସୁଙ୍ଗିଁ
ୱାନି ଇଣ୍ତ କୁକ୍ତାଅତାନ୍ । 7 ଆକା ସୁଡୁଜି ୱିଜେରେ କାଡ଼୍ଜି
ଇନେ୍ଣ୍ତିଙ୍ଗ ଆସ୍ତାର୍, “ୱାନ୍ ଅରେନ୍ ପାପି ଲୋକ୍ତି ଇଣ୍ତ
ତେବାଦେଙ୍ଗ ସର୍ଆନ୍ନି ।” 8 ମାତର୍ ଜକିୟ ନିର୍ଆନେ୍ନା
ପ୍ରବୁଙ୍ଗ ଇର୍ଆନ୍, “ଏ ପ୍ରବୁ, ସୁଡୁଆ, ନା ଦନ୍ ଆଦାବାଗ୍ କାକୁର୍ଟି
ଲୋକାଙ୍ଗ ସିଜିନା, ମାରି ଜଦି ଅନ୍ୟାୟତାନ୍ ଏମାଣୁକୁ ଇନିକା
ଅନାମାନା, ଆତିଙ୍ଗ ସାରି ଗୁଣ୍ତାନ୍ ଡ଼େସିସିଜିନା ।” 9 ଆବେଟ୍
ଜିସୁ ୱାନି ବିସୟ୍ତାନ୍ ଇର୍ଆନ୍, “ନେର୍ ଇୟା ଇଣ୍ତ ରକିୟା
ପଇନିକା ଇଗା ୱାତାମାନାତ୍, ଇରିଙ୍ଗ ଇକାନ୍ ବା ଅବ୍ରାହାମତି
ଅରେନ୍ ମାରିସି । 10 ଇରିଙ୍ଗ ଆମାକା ମୁରିତାମାନାତ୍, ଆକା
ପୟଜ ରକିୟା କିଦେଙ୍ଗ ମନୁସ୍ୟପୁତ୍ର ୱାତାମାନାନ୍ ।” 11
ଲୋକୁ ଇୟା ମାଟା ୱିଜୁ ୱେନିୱାଲେ ଜିସୁ ମାରି ଉଣ୍ତି କାତା
ୱେର୍ତାନ୍, ଇରିଙ୍ଗ ୱାନ୍ ଜିରୁସାଲାମ୍ ଲାକ୍ତୁ ଇତା ମାର୍ଆନ୍
ମାରି ମାପୁରୁଦି ରାଜି ଦାପ୍ରେନେ ୱାନାତ୍ ଇଜି ୱାର୍ ଅଡ଼୍ବିଜି
ମାର୍ଆର୍ । 12 ଆବେଟ୍ ୱାନ୍ ଇର୍ଆନ୍, ଅରେନ୍ ପେରି
ଲୋକୁ ରାଜା ଆଦେଙ୍ଗ ଉଣ୍ତି ଆକ ରାଜିଦୁ ସନ୍ଡ୍ରେଙ୍ଗ ତିଆର୍
ଆଜି ମାର୍ଆନ୍, ୱେନ୍କା ୱାନ୍ ଡ଼େସିୱାଜି ନିଜେଦି ଲୋକା
ମୁସ୍କୁ ସାସନ୍ କିଦେଙ୍ଗ ଅଡ଼୍ବିଜି ମାର୍ଆନ୍ । 13 ୱାନ୍ ନିଜେଦି
ଦସେ୍ଲାକ୍ ସାକର୍କାଙ୍ଗ କୁକ୍ସି ୱାରିଙ୍ଗ ୱିଜେରିଙ୍ଗ ଉଣ୍ତି ଉଣ୍ତି
ବାଙ୍ଗିଁରାମ୍ ଅଦ୍ଲି ସିଜି ଇର୍ଆନ୍, ନାନ୍ ୱାନି ସାନ୍ଦି ବେପାର୍ କିଦୁ
। 14 ମାତର୍ ୱାନି ଦେସ୍ତି ଲୋକୁ ୱାନିଙ୍ଗ କାଡ଼୍ଜି ମାର୍ଆର୍,
ମାରି ୱାର୍ ୱାନି ୱେନ୍କା ଅରେନ୍ ୱାନିଙ୍ଗ କାବୁର୍ ପୋକ୍ସି
ଇର୍ହାର୍, ଇକାନ୍ ଜେ ମା ମୁସ୍କୁ ସାସନ୍ କିନାନ୍, ଇକା ମା ବଦା
ସିଲେତ୍ । 15 ୱେନ୍କା ୱାନ୍ ରାଜା ଆଜି ଡ଼େସିୱାତାନ୍, ମାରି
ଆମା ସାକର୍କାଙ୍ଗ ଡାବୁଙ୍ଗିଁ ସିତାମାର୍ଆନ୍, ୱାରି ଲୋଇ ବେପାର୍
କିଜି ଏନ୍ ଏସୋ ଲାବ୍ ପୟତା ମାନାନ୍, ଆକା ନେସ୍ତେଙ୍ଗ
ଇଜି ୱାରିଙ୍ଗ ୱାନି ଲାକ୍ତୁ କୁକେ୍ସା ତାତେଙ୍ଗ ଆଦେସ୍ ସିତାନ୍
। 16 ଆବେଟ୍ ପାର୍ତୁମ୍ତିକାନ୍ ୱାଜି ଇର୍ଆନ୍, ପ୍ରବୁ, ନି ଉଣ୍ତି
ବାଙ୍ଗିଁରାମ୍ ଡାବୁଦୁ ନାନ୍ ମାରି ଦଶଗୋଟା ବାଙ୍ଗିଁରାମ୍ ଡାବୁଙ୍ଗିଁ
ଲାବ୍ କିତାମାନା । 17 ୱାନ୍ ୱାନିଙ୍ଗ ଇର୍ଆନ୍, ନିନ୍ ବେସି ନେଗି
ସାକର୍, ନିନ୍ ଉଣା ବିସୟ୍ତୁ ବିସ୍ବାସ୍ତାନ୍ ପାଣି କିତିମାନି
ଆକା ନିନ୍ ଦସେ୍ଗାଟା ଗାଡ଼ାକା ମୁସ୍କା ଅଦିକାର୍ ପୟଦେଙ୍ଗ
ସିଜିନା । 18 ମାରି, ଅରେନ୍ ୱାଜି ଇର୍ଆନ୍, ପ୍ରବୁ, ନି ଉଣ୍ତି
ବାଙ୍ଗିଁରାମ୍ ଡାବୁଦାନ୍ ନାନ୍ ପାସ୍ଗୋଟା ବାଙ୍ଗିଁରାମ୍ ଡାବୁଙ୍ଗିଁ
ଲାବ୍ କିତାମାନା । 19 ୱାନ୍ ୱାନିଙ୍ଗ ବା ଇର୍ଆନ୍, ନିନ୍ ବା
ପାସ୍ଗୋଟା ଗାଡ଼ାକା ମୁସ୍କୁ ଅଦିକାର୍ ପୟଦେଙ୍ଗ ସିଜିନା । 20
ମାରି ଅରେନ୍ ୱାଜି ଇର୍ଆନ୍, ପ୍ରବୁ, ସୁଡୁଆ, ଇୟା ନି ବାଙ୍ଗିଁରାମ୍
ଡାବୁଙ୍ଗିଁ, ନାନ୍ ଇୟା ପାଗାଦୁ ତର୍ତା ଇଟ୍ଟା ମାର୍ଆ; 21
ଇରିଙ୍ଗ ନାନ୍ ନିଙ୍ଗିଁ ଡିଲାତା, ଇରିଙ୍ଗ ନିନ୍ ଅରେନ୍ ଆଟ୍ୱାଦି
ଲୋକୁ, ଆମାକା ଇଡ଼୍ଇମାନି, ଆକା ପେର୍ନିଅନି, ମାରି ଆମାକା
ୱିତ୍ଇ, ଆକା କୟନି । 22 ୱାନ୍ ୱାନିଙ୍ଗ ଇର୍ଆନ୍, ରେ ତାଗ୍ଇ
ସାକର୍, ନି ମୋକମ୍ତି ମାଟାଦି ନି ବିସାର୍ କିନା । ନାନ୍ ଅରେନ୍
ଆଟ୍ୱାଦି ଲୋକୁ, ଆମାକା ଇଡ଼୍ଏମାନା, ଆକା ପେର୍ନାଅନା,
ମାରି ଆମାକା ୱିତ୍ଏମାନା, ଆକା କୟନା, ଇକା ଇନିକା
ନେସ୍ତିମାର୍ଇ? 23 ଜଦି, ଇୟା ମାଟା ସତ୍, ବ୍ୟାଙ୍କ୍ତୁ ଏନ୍ଦା ନା
ବାଙ୍ଗିଁରାମ୍ ଡାବୁଙ୍ଗିଁ ଇଡ଼୍ଇତି? ଆତିଙ୍ଗ ନାନ୍ ୱାଜି ବ୍ୟାଙ୍କ୍ତାନ୍
ଉପ୍ରି ପଇତାମାନ୍ଦି । 24 ମାରି, ଆୟା ଲାକ୍ତୁ ନିର୍ଇ ମାର୍ଇ
ଲୋକାଙ୍ଗ ଇର୍ଆନ୍, ୱେନି ମାଣାନ୍ ଇୟା ବାଙ୍ଗିଁରାମ୍ ଡାବୁଙ୍ଗିଁ
ଅସି, ଆମାୱାନିମାନୁ ଦଶଗୋଟା ବାଙ୍ଗିଁରାମ୍ ଡାବୁଙ୍ଗିଁ ମାନେ,
ୱାନିଙ୍ଗ ସିଦୁ । 25 ଆବେଟ୍ ୱାର୍ ୱାନିଙ୍ଗ ଇର୍ହାର୍, ପ୍ରବୁ, ୱାନିଙ୍ଗ
ତୋ ଦାସେ୍ଗାଟା ବାଙ୍ଗିଁରାମ୍ ଡାବୁଙ୍ଗିଁମାନେ । 26 ନାନ୍ ମିଙ୍ଗିଁ
ୱେର୍ସିନା, ଏମେଲୋକାଦି ମାନାତ୍, ୱାନିଙ୍ଗ ସିନାର୍, ମାତର୍
ଆମାୱାନିଙ୍ଗ ସିଲେତ୍, ୱାନି ଲାକ୍ତୁରାନ୍ ଆମାକା ଉଣାମାନାତ୍,
ଆକାବା ୱାନି ମାଣ୍କୁ ଅନାର୍ । 27 ମାତର୍ ନା ଇୟା ଆମା ସାତ୍ରୁର୍
ନାନ୍ ୱାରି ମୁସ୍କୁ ସାସନ୍ କିନା ଇଜି ବଦା କିଏଜିମାର୍ଆର୍,
ୱାରିଙ୍ଗ ଇବେ ତାସିନା ଆଗ୍ଡ଼ି କାତ୍ତୁ । 28 ଜିସୁ ଇୟା ମାଟା
ୱେର୍ତି ୱିସ୍ତି ୱେନ୍କା ସିସୁରି ଆଗ୍ଡ଼ି ଆଗ୍ଡ଼ି ଜିରୁସାଲାମ୍
ତରିନ୍ ସନ୍ଡ୍ରେଙ୍ଗ ଆସ୍ତାନ୍ । 29 ମାରି, ଏସ୍ତିୱାଲେ ଜିସୁ ଜୀତ
ଗରନ୍ ଲାକ୍ତୁରି ବେତ୍ପାଗି ନି ବେତନିୟା ଲାକ୍ତୁ ଇତାନ୍,
ନାସ୍ତିୱାଲେ ୱାନ୍ ୱାନି ସିସୁରି ଲୋଇ ରିଏରିଙ୍ଗ ଇୟା ମାଟା
ୱେର୍ସି ପୋକ୍ତାନ୍, 30 ମି ଆଗ୍ଡ଼ିରି ଆୟା ଆୟା ନାଟ ସାନ୍ଡୁ;
ଆବେ ଇତି ଦାପ୍ରେ, ଆମାତାନି ମୁସ୍କୁ ଏସାଙ୍ଗ ଏନ୍ ବାସ୍ଏନ୍,
ଇୟାୱାଜା ଉଣ୍ତି ଗଦପିଲାଦିଙ୍ଗ ତର୍ନି ମାନିକା ସୁଡୁନିଦେର୍;
ତାନେଙ୍ଗ କୁତ୍ସ ତାଗାଟ୍ । 31 ମାରି, ଏନ୍ ଜଦି ମିଙ୍ଗିଁ ଏନ୍ଦା କୁତ୍ସି
ଅସିନିଦେର୍ ଇଜି ୱେନ୍ବାନାନ୍, ମିର୍ ଇୟାୱାଜା ଇନିଦେର୍,
ଇରିଙ୍ଗ ତେନେମାନୁ ପ୍ରବୁଙ୍ଗିଁ ଦର୍କାର୍ ମାନାତ୍ । 32 ଆବେଟ୍

ଆୟ୍ୟା ରିଏର୍ ସିସୁର୍ ନାର୍ତୁ ସରଆର୍, ମାରି ପ୍ରବୁ ୱାରିଙ୍ଗ
ଏଣ୍ତେସ୍ ଇର୍ଆ ମାର୍ଆନ୍, ଆୟ୍ୟାୱାଜାନେ ସୁଡୁତାର୍ । 33 ମାରି,
ୱାର୍ ଗଦପିଲାଦିଙ୍ଗ କୁଟ୍‌ନିୱାଲେ ଗଦପିଲାଦି ମାଲିକ୍‌କୁ ୱାରିଙ୍ଗ
ୱେନ୍‌ବାତାନ୍, ଏନ୍ନା ଗଦପିଲାଦିଙ୍ଗ କୁଟ୍‌ସିନିଦେର୍? 34 ୱାର୍
ଇର୍ହାର୍, ତେନେମାନୁ ପ୍ରବୁଙ୍ଗ ଦର୍‌କାର୍ ମାନାତ୍ । 35 ମାରି, ୱାର୍
ଗଦପିଲାଦିଙ୍ଗ ଜିସୁ ଲାକ୍‌ତୁ ଆୟ୍ୟା ଗଦ ମୁସ୍‌କୁ ନିଜେ ନିଜେଦି
ୱାତିଙ୍ଗ ପାର୍‌ସି ଜିସୁଙ୍ଗ ବାସ୍‌ସିତାର୍ । 36 ମାରି, ୱାନ୍ ସନିୱାଲେ
ଲୋକୁ ରାସ୍ତାଦୁ ନିଜେ ନିଜେଦି ୱାତିଙ୍ଗ ପାର୍‌ସି ସିଦେଙ୍ଗ ଆସ୍‌ତେ
। 37 ମାରି, ୱାନ୍ ଏସ୍ତିୱାଲେ ଜୀତ ଗରନ୍‌ତି ଗାଡ୍‌ଗାଡ଼ା ବାଡି
ଲାକ୍‌ତୁ ଇତାନ୍, ନାସ୍ତିୱାଲେ ୱିଜେରେ ସିସୁର୍ ସୁଡ଼୍‌ତି ମାର୍‌ଇ
ୱିଜୁ ସାକ୍ତିଦି ପାଣି ଉଣ୍ତିଙ୍ଗ ୱେଡ଼ିକାଦାନ୍ ନାଣ୍ତ ଆଉଲି ଆଜି
ମାପୁରୁଦି ଦନ୍ୟବାଦ୍ କିଜି କିଜି ଇର୍ହାର୍, 38 ପ୍ରବୁ ଦର୍‌ତାନ୍ ଆମା
ରାଜା ୱାଜିନାନ୍, ୱାନ୍ ଦନ୍ୟ । ମୁସ୍‌କୁପୁର୍‌ତୁ ସାନ୍ତି ମାରି ଗୌରବ୍
ମାପୁରୁଦି ଦନ୍ୟବାଦ୍ ଆପିଦ୍ । 39 ଆବେଟ୍‌କୁ ଲୋକା ଲୋଇ
ଏସୋ ପାରୁସିର୍ ଜିସୁଙ୍ଗ ଇର୍ହାର୍, "ଏ ଗୁରୁ, ନି ସିସୁରିଙ୍ଗ ଆଲ୍‌ଜ
ମାନ୍‌ଡ୍ରେଙ୍ଗ ଇନ୍‌ଆଁ ।" 40 ଜିସୁ ଇର୍‌ଆନ୍, "ନାନ୍ ମିଙ୍ଗିଁ ସତ୍
ଇଜିନା, ଇକାର୍ ଆଲେତି ମାର୍‌ରିଙ୍ଗ, କାଲ୍‌କୁ ଆଉଲି ଆନେ
।" 41 ମାରି, ଏସ୍ତିୱାଲେ ଜିସୁ ଜିରୁସାଲାମ୍ ଲାକ୍‌ତୁ ୱାତାନ୍,
ନାସ୍ତିୱାଲେ ଗାଡ୍‌ତିଙ୍ଗ ସୁଡୁଜି ତାନେ ଉଣ୍ତିଙ୍ଗ ଆଡ୍‌ବାଜି ଇର୍‌ଆନ୍,
42 "ନିନ୍, ହୁଁ, ନିନ୍ ଜଦି ନେର୍ ସାନ୍ତି ପୟ୍‌ନି ବିସୟ୍‌ତିଙ୍ଗ ନେସ୍‌ତି
ମାନ୍ଦି ମାତର୍ ଇଲେଇ ଆୟ୍ୟାୱିଜୁ ନିବାଣ୍‌କୁ ମାର୍‌ଗିତା ମାନାତ୍ ।
43 ଆଦେଙ୍ଗ ନି ମୁସ୍‌କୁ ମାନି କାର୍ମୁଦି ସମୟ ନିନ୍ ନେସ୍‌ଇତି ଆକା,
ସମୟ୍ ୱାଜିନାତ୍ ଏସ୍ତିୱାଲେ ମି ସାତ୍ରୁର୍ ନି ସାରିବେଡ଼୍‌ତି ଗାଟୁ
ତର୍‌ସି ନିଙ୍ଗିଁ କେର୍‌ପ୍‌ସି ବାଦା କିନାର୍, ମାରି ମି ୱିଜୁ ସେର୍‌ଲେଙ୍ଗ
କେର୍‌ନାର୍ । 44 ମାରି ନିଙ୍ଗିଁ ନିବାନୁ ମାନି ୱିଜୁ ଲୋକାଙ୍ଗ ଗୁଣ୍ତା
କିନାର୍, ମାରି ନିବାନୁ ଉଣ୍ତି କାଲୁଦିଙ୍ଗ ଆଇ ଉଣ୍ତି କାଲୁ ମୁସ୍‌କୁ,
ତେବାଏତ୍, ଇରିଙ୍ଗ ନିଙ୍ଗିଁ ଏସ୍ତିୱାଲେ ମାପୁରୁ ରକିୟା କିଦେଙ୍ଗ
ୱାତାନ୍, ନିନ୍ ୱାନିଙ୍ଗ ସିନିସ୍ କିଇତିଦେର୍ ।" 45 ମାରି, ଜିସୁ
ମନ୍ଦିର୍‌ତୁ ଡୁଗିତାନ୍ ନୋ ପର୍‌ନି ଲୋକାଙ୍ଗ ଇକା ଇଜି ସପ୍ଟେତଙ୍ଗ
ଆସ୍‌ତାନ୍, 46 "ଦର୍ମୁସାସ୍ତ୍ରଦୁ ରାସାତାମାନାତ୍, ମାପୁରୁ ଇର୍‌ଆନ୍,
ମା ଇଲୁ ପାର୍‌ତନାଦି ଇଲୁ ଆନାତ୍, ମାତର୍ ମିର୍ ତାନେଙ୍ଗ
ଡଙ୍ଗାଁର୍‌ଙ୍ଗାଁ ଇଲୁ କିତିମାନିଦେର୍ ।" 47 ମାରି, ଜିସୁ ୱିଜୁଦିନ୍
ମନ୍ଦିର୍‌ତୁ ସିକ୍‌ଆ ସିଜିମାର୍‌ଆନ୍, ମାତର୍ ପେରି ଜାଜକର୍,
ସାସ୍ତିର୍ ମାରି ଲୋକାଣି ପେରିକାର୍ ୱାନିଙ୍ଗ ସାପିସ୍‌କିଦେଙ୍ଗ
ବଦାକିଜିମାର୍‌ଆର୍ । 48 ମାତର୍ ଲୋକ୍ ୱିଜେରେ ୱେଡ଼ିକାଦାନ୍
ୱାନି ସିକିୟା ୱେନ୍‌ଜିମାର୍‌ଆର୍, ଆୟ୍ୟାଉଣ୍ତିଙ୍ଗ ୱାର୍ ଇନିକା
କିଦେଙ୍ଗ ଆନାତ୍ ଆକା ଅଡ୍‌ବିଦେଙ୍ଗ ଆଟ୍‌ଏଜି ମାର୍‌ଆର୍ ।

**20** ଜିସୁ ଅର୍‌ଲେନ୍ ମନ୍ଦିର୍ ଲୋଇ ମାନ୍‌ଜି ଲୋକାଙ୍ଗ ସିକିୟା
ସିଜିମାର୍‌ଆନ୍ ମାରି ନେଗିକାବୁର୍ ୱେର୍‌ସି ମାର୍‌ଆନ୍,
ନାସ୍ତିୱାଲେ ପେରି ଜାଜକର୍ ନି ସାସ୍ତିର୍ ଜିହୁଦିର୍ ପେରି
ଲୋକାୱାଲେ ୱାଜି ୱାନିଙ୍ଗ ଇର୍ହାର୍, 2 ନିନ୍ ଏମେ ଅଦିକାର୍‌ତାନ୍
ଇୟ୍ୟାୱିଜୁ କିଜିନି, ବା ଏନ୍ ନିଙ୍ଗିଁ ଇୟ୍ୟା ଅଦିକାର୍ ସିତାନ୍, ୱାନ୍
ଏନ୍, ମାଙ୍ଗିଁ ଇନ୍‌ଆଁ । 3 ମାତର୍ ଜିସୁ ୱାରିଙ୍ଗ ୱେର୍‌ତାନ୍, "ନାନ୍
ବା ମିଙ୍ଗିଁ ଉଣ୍ତି ମାଟା ୱେନ୍‌ବାନା, ନାଙ୍ଗିଁ ଇନ୍‌ଣ୍ତୁ, 4 ଡୁବନ୍‌ସିନି
ଯୋହନତି ବାପ୍ତିସ୍ମ ସିନି ଅଦିକାର୍ ମାପୁରୁ ମାଣ୍‌କୁ ନୋ ଲୋକା
ମାଣ୍‌କୁ ଆତାମାର୍‌ଆତ୍ ।" 5 ଆବେଟ୍ ୱାର୍ ୱାରି ୱାରି ଲୋଇ
ୱାର୍‌ଗିଜି ସାତାର୍, ଜଦି ମାପୁରୁ ମାଣ୍‌କୁ ଇଜି ଇନିକା, ଆବେଟ୍
ୱାନ୍ ଇନାନ୍, ମିର୍ ଏନ୍ନା ୱାନିଙ୍ଗ ବିସ୍‌ବାସ୍ କିଇତିଦେର୍? 6
ଜଦି ଲୋକା ମାଣ୍‌କୁ ଇଜି ଇନିକା, ଆବେଟ୍ ଲୋକୱିଜେରେ
ମାଙ୍ଗିଁ କାଲ୍‌କାଣ୍ ଡାକ୍‌ନା ପୋକ୍‌ନାର୍, ଇରିଙ୍ଗ ଯୋହନ ଜେ
ଅରେନ୍ ବାବବାଦି, ଇକା ୱାର୍ ଆଟ୍‌ୱାଦାନ୍ ମାନାତାମାନାର୍
। 7 ଆଦେଙ୍ଗ ଇକା ଆମାଣ୍‌କୁ ଆତାତ୍, "ଇକା ନେସ୍‌ଏପ୍ ଇଜି
ୱାର୍ ଜିସୁଙ୍ଗ ୱେର୍‌ତାର୍ ।" 8 ଜିସୁ ୱାରିଙ୍ଗ ଇର୍‌ଆନ୍, "ନାନ୍
ଏମେ ଅଦିକାର୍‌ତାନ୍ ଇୟ୍ୟାୱିଜୁ କିଜିନା, ଆକାବା ନାନ୍ ମିଙ୍ଗିଁ
ୱେର୍‌ତେଙ୍ଗ କେଏ ।" 9 ଇୟ୍ୟା ୱେନ୍‌କା ଜିସୁ ଲୋକାଙ୍ଗ ଇୟ୍ୟା
କାତା ୱେର୍‌ତେଙ୍ଗ ଆସ୍‌ତାନ୍ । "ଅରେନ୍ ଲୋକୁ ଉଣ୍ତି ଅଙ୍ଗୁର୍
କିଡ଼ିଇ କିଜି ଆକା ପାଣିକିନିୱାରିଙ୍ଗ ବାଗ୍‌ତୁ ପାଣି କିଦେଙ୍ଗ
ସିଜି ନାଣ୍ତ ଦିନ୍‌ତି ଉଣ୍ତିଙ୍ଗ ଆଇ ଦେସ୍‌ତୁ ସର୍‌ଆନ୍ । 10 ମାରି,
ପାଣିକିନିକାର୍ ଏଣ୍ତେସ୍ ୱାନିଙ୍ଗ ଅଙ୍ଗୁର୍ କିଡ଼ିଇଦି ପଲ୍‌ତି ବାଗ୍
ସିନାର୍, ଇୟ୍ୟାଉଣ୍ତିଙ୍ଗ ୱାନ୍ ଅରେନ୍ ପାଣି କିନି ମୁରୁଲିଙ୍ଗ ଟିକ୍
ସମୟତୁ ୱାରି ଲାକ୍‌ତୁ ପୋକ୍‌ତାନ୍, ମାତର୍ ଆୟ୍ୟା ପାଣିକିନିକାର୍
ୱାନିଙ୍ଗ ମାଡ୍ ଡାକ୍‌ତାର୍‌ରୋ ୱାର୍‌ଇ କିୟୁଦାନ୍ ଡ଼େସିପେରିତାର୍ ।
11 ୱାନ୍ ମାରି ଅରେନ୍ ପାଣିକିନି ଗତିମୁରୁଲିଙ୍ଗ ପୋକ୍‌ତାନ୍; ୱାର୍
ୱାନିଙ୍ଗ ବା ଡାକ୍‌ତାର୍ ମାରି ଅପ୍‌ମାନ୍ କିଜି ୱାର୍‌ଇ କିୟୁଦାନ୍
ଡ଼େସିପେରିତାର୍ । 12 ୱେନ୍‌କା ୱାନ୍ ମାରି ଅରେନ୍‌ୱାନିଙ୍ଗ
ବା ପୋକ୍‌ତାନ୍; ମାତର୍ ୱାର୍ ୱାନିଙ୍ଗ ବା କାଣ୍ତିଆ କାବରା
କିଜି ଆଡ୍‌ରେ ପେର୍‌ତାପୋକ୍‌ତାର୍ । 13 ଆବେଟ୍ ଅଙ୍ଗୁର୍
କିଡ଼ିଇଦି ମାଲିକ୍ ଇର୍‌ଆନ୍, ନାନ୍ ଇନିକା କିନା? ନା ଲାଡ୍‌ତି
ମାରିନ୍‌ତିଙ୍ଗ ପୋକ୍‌ନା, ଆନାତ୍‌ସୁଗି ୱାର୍ ୱାନିଙ୍ଗ ମାନାନାର୍ । 14
ମାତର୍ ପାଣିକିନିକାର୍ ମାଲିକ୍‌ତି ମାରିସିଙ୍ଗ ସୁଡୁଜି ୱାରି ଲୋଇ
ୱାର୍‌ଗିସାଜି ଇନ୍‌ଡ୍ରେଙ୍ଗ ଆସ୍‌ତାର୍, ଇକାନ୍ ତୋ ୱାନି ମାରିସି,
ୱେନିଙ୍ଗ ସାୟ୍ୟାମାର୍‌ଗା ଡାକ୍‌ନାଟ୍, ଏଣ୍ତେସ୍‌କି ଇୟ୍ୟାୱିଜୁ ଦନ୍ ମାଦି
ଆନାତ୍ । 15 ମାରି, ୱାର୍ ୱାନିଙ୍ଗ ଅଙ୍ଗୁର୍ କିଡ଼ିଇ ଆଡ୍‌ରେ ଅସି
ସାୟ୍ୟାମାର୍‌ଗା ଡାକ୍‌ତାର୍ । ଇଲେଇ, ଅଙ୍ଗୁର୍ କିଡ଼ିଇଦି ମାଲିକ୍
ୱାରିଙ୍ଗ ଇନିକା କିନାନ୍? 16 ମାଲିକ୍ ୱାଜି ଇୟ୍ୟା ପାଣିକିନିୱାରିଙ୍ଗ
ସାବିସ୍ କିନାନ୍ ମାରି ଆଇ ଲୋକାଙ୍ଗ ଅଙ୍ଗୁର୍ କିଡ଼ିଇ ବାଗ୍‌ତୁ
ପାଣି କିଦେଙ୍ଗ ସିନାନ୍ । ଇକା ୱେନ୍‌ଜି ୱାର୍ ଇର୍ହାର୍, ଆୟ୍ୟାୱାଜା
ଆମାକିଦ୍ ।" 17 ମାତର୍ ଜିସୁ ୱାରିଙ୍ଗ ସୁଡୁଜି ଇର୍‌ଆନ୍, ଆରିଙ୍ଗ
ଇୟ୍ୟା ଆମା ବାକ୍ୟ ରାସାତାମାନାତ୍, ତାନେ ଅର୍ତ ଇନିକା, ଇଲୁ
ତିଆର୍ କିନିକାର୍ ଆମା କାଲୁଦିଙ୍ଗ ସିଲେ ଇର୍ହାର୍, ଆକା କନାଦି
ମୁଲ୍‌କାଲୁ ଆତାତ୍ । 18 ଆମାକାନ୍ ଆୟ୍ୟା କାଲୁ ମୁସ୍‌କୁ ଆର୍‌ନାନ୍,
ୱାନ୍ ମକା ମକା ଆନାନ୍, ମାରି ଆୟ୍ୟା କାଲୁ ଆମାୱାନି ମୁସ୍‌କୁ

ଆର୍‌ନାତ୍, ୱାନିଙ୍ଗ ଆକା ଗୁଣ୍ତୁଗୁଣ୍ତା କିନାତ୍ । 19 ଆବେଟ୍
ସାସ୍ତ୍ରିର୍ ମାରି ପେରି ଜାଜକର୍ ଆୟ୍‌ା ଦାପ୍ରେ ଜିସୁଙ୍ଘଁ ଆସ୍‌ତେଙ୍ଗ
ସେସ୍ଟା କିତାର୍, ମାତର୍ ୱାର୍ ଲୋକାଙ୍ଗ ଡିଲାତାର୍, ଇରିଙ୍ଗ ୱାନ୍
ଇୟ୍‌ା କାତା ୱାରିଙ୍ଗ ସୁଡ୍ଡୁଜି ଇର୍ହାନ୍ ଇଜି ୱାର୍ ବୁଜାତାର୍ । 20
ଆବେଟ୍ ଦାର୍ମୁସାସ୍ତ୍ରିର୍ ମାରି ପେରି ଜାଜକର୍ ଜିସୁଙ୍ଘଁ ଜାଡ଼ିଦୁ
ଆର୍‌ପ୍‌ତେଙ୍ଗ ଇଜି ନେଗି ସମୟତିଙ୍ଗ କାପ୍‌କିଜି ମାର୍ହାର୍ । ୱାର୍
ଜିସୁ ଲାକ୍‌ତୁ ଏସୋ ସାଲାକିଦି ୱାରିଙ୍ଗ ଲାଞ୍ଚସିଜି ପୋକ୍‌ତାର୍ ।
ୱାର୍ ଇୟ୍‌ା ଲୋକାଙ୍ଗ ନେଗି ଲୋକୁ ୱାଜା ସାଲାକି କିନି ଉଣ୍ତିଙ୍ଗ
ଇର୍‌ଆ ମାର୍ହାର୍ । ୱାର୍ ଜିସୁ ୱେର୍‌ସିମାନି ମାଟାଦୁ ଇନି ତାଗ୍‌ଇ
ବିସ୍‌ୟ୍ ପୟ୍‌ଜ ସପେ୍‌ତଙ୍ଗ ବଦା କିଜିମାର୍ହାର୍ । ଇରିଙ୍ଗ ଜଦି ୱାର୍
ଜିସୁମାନୁ ଇନି ତାଗ୍‌ଇ ବିସ୍‌ୟ୍ ସୁଡ୍ଡୁଦେଙ୍ଗ ଆଟ୍‌ନାର୍, ଆବେଟ୍
ୱାର୍ ଜିସୁଦି ମୁସ୍‌କୁ ଅଦିକାର୍ ମାନି ସାସନ୍ କିନି ଲୋକା କିୟୁଦୁ
ଜିସୁଙ୍ଘଁ ଆସ୍‌ପିସ୍‌ନା ସିନାର୍ । 21 ୱାର୍ ୱାନିଙ୍ଗ ୱେନ୍‌ବାତାର୍,
"ଏ ଗୁରୁ, ମାପ୍ ନେସ୍‌ନାପ୍, ନିନ୍ ଟିକ୍ ମାଟା ୱେର୍‌ନି, ମାରି
ସିକିୟ୍‌ା ସିନି, ମାରି ଏଙ୍ଗବା ମକମ୍ ସୁଡ୍ଡୁଜି ପାଣି କିଇ, ମାତର୍
ସତ୍‌ତାନ୍ ଲୋକା ଜିବନ୍ ଉଣ୍ତିଙ୍ଗ ମାପୁରୁଦି ବଦା ବିସୟ୍‌ତାନ୍
ସିକିୟ୍‌ା ସିନି । 22 ମାଙ୍ଗଁ ଇନ୍‌ଆଁ, ରାଜା କାଇସର୍‌ତିଙ୍ଗ ସିସ୍‌ଟୁ
ସିନିକା ମା ନିୟମ୍ ନୋ ସିଲେ?" 23 ମାତର୍ ଜିସୁ ୱାରି ସାଲାକି
ନେସ୍‌ସି ୱାରିଙ୍ଗ ଇର୍ହାନ୍, ନାଙ୍ଗଁ ଉଣ୍ତି ଅଦ୍‌ଲି ତର୍‌ତୁ । 24 ଉଣ୍ତି
ୱେଣ୍ତି ଟାକା ଡାବୁଙ୍ଘଁ ତର୍‌ତୁ । ତେନି ମୁସ୍‌କୁ ଏ ବମା ନି ଦର୍
ମାନାତ୍? ୱାର୍ ଇର୍ହାର୍, ରାଜା କାଇସର୍‌ତିନ୍‌ନ୍ଦି । 25 ଆବେଟ୍
ଜିସୁ ୱାରିଙ୍ଗ ଇର୍ହାନ୍, "ଆରିଙ୍ଗ ରାଜା କାଇସର୍‌ତି ଆମାକା, ଆକା
ରାଜା କାଇସର୍‌ତିଙ୍ଗ ସିଦୁ; ମାରି, ମାପୁରୁଦି ଆମାକା, ଆକା
ମାପୁରୁଙ୍ଘଁ ସିଦୁ ।" 26 ଆବେଟ୍ ୱାର୍ ଲୋକା ଆଗ୍‌ଡ଼ି ଜିସୁ ମାଟାଦି
ତାଗ୍‌ଇ ବିସୟ୍ ଆସ୍‌ତେଙ୍ଗ ଆଟ୍‌ଏତାର୍, ମାରି ୱାର୍ ୱାନ୍ ୱେର୍‌ତି
ମାଟାଦି ଉଣ୍ତିଙ୍ଗ କାବାଆଜି ଆଲେତା ମାର୍ହାର୍ । 27 ଇୟ୍‌ା ୱେନ୍‌କା
ସାତିଲୋକ୍ ମାରିଡ଼େସିଜିବନ୍‌ଆଜି ନିଙ୍ଗଁନିକା ବିସ୍‌ବାସ୍ କିଇକାର୍
ଏସୋ ସାଦୁକିର୍ ଜିସୁ ଲାକ୍‌ତୁ ୱାତା ୱେନ୍‌ବାତାର୍, 28 "ଏ ଗୁରୁ,
ମୋସା ମା ଉଣ୍ତିଙ୍ଗ ରାସ୍‌ତାମାନାନ୍ ଜେ, ଜଦି ଏମେ ଲୋକ୍‌ତି
ଦାଦ୍‌ସି ଆଡ଼୍‌ସି ମାନାପ୍ ମାନାପ୍ କଡ଼କକ୍‌ରା ଆଏଣ୍ତା ସାନାନ୍,
ଆତିଙ୍ଗ ୱାନି ତଡ଼ାନ୍ ୱାନି ଆଡ଼୍‌ସିଙ୍ଗ ପେଡ଼ିଆଜ ନିଜେଦି ଦାଦ୍‌ସି
ଉଣ୍ତିଙ୍ଗ କୁଟୁମ୍ କିଦେଙ୍ଗ ଆଟ୍‌ନାନ୍ । 29 ଅରେ୍‌ଲନ୍ ସାତ୍‌ଲୋକ୍
ତଡ଼ାନ୍‌କୁ ମାର୍ହାର୍; ପେରିଦାଦ୍‌ସି ଅରେତ୍ ଆଇମାଦିଙ୍ଗ ପେଡ଼ି
ଆତାନ୍ ମାରି କଡ଼କକ୍‌ରା ଆଏଣ୍ତା ସାତା ସର୍ହାନ୍; 30 ୱେନ୍‌କା
ୱାନି କଗ୍‌ରି ତଡ଼ାନ୍ ପେଡ଼ିଆଜି କଡ଼କକ୍‌ରା ଆଏଣ୍ତା ସାତା
ସର୍ହାନ୍ ମାରି ଅରେନ୍ ତଡ଼ାନ୍ ତାନେଙ୍ଗ ପେଡ଼ି ଆତାନ୍; 31
ଆୟ୍‌ାୱାଜା ସାତ୍ ତଡ଼ାନ୍‌କୁ ୱିଜେରେ କଡ଼କକ୍‌ରା ଆଏଣ୍ତା
ସାତାସର୍ହାର୍ । 32 ସାରାସାରିୱେନ୍‌କା ଆୟ୍‌ା ଆଇମା ବା ସାତା
ସର୍ହାତ୍ । 33 ଆରିଙ୍ଗ, ମାରିଡ଼େସିଜିବନ୍‌ଆଜି ୱାର୍ ନିଙ୍ଗଁନିୱାଲେ
ଆୟ୍‌ାୱାରି ଲୋଇ ୱାଦ୍ ଏ ଆଡ଼୍‌ସି ଆନାତ୍? ସାତ୍‌ଲୋକ୍ ତୋ
ତାନିଙ୍ଗ ପେଡ଼ି ଆତାମାର୍ହାର୍ ।" 34 ଜିସୁ ୱାରିଙ୍ଗ ଇର୍ହାନ୍, "ଇୟ୍‌ା
ଦୁନିଆଦି କଡ଼କକ୍‌ରା ପେଡ଼ି ଆନାର୍ ମାରି ପେଡ଼ି ସିନାର୍,
(aiōn g165) 35 ମାତର୍ ଏମେ ମେମାରି ନି ଆଇମେକ୍ ସାତି
ଲୋକାମାଣ୍‌କୁ ମାରିଡ଼େସି ନିଙ୍ଗଁନି ଉଣ୍ତିଙ୍ଗ ମାରି ୱାନି ଦୁନିଆଦୁ
ଜିଦେଙ୍ଗ ଜଗ୍ ଆନାର୍ ୱାର୍ ପେଡ଼ି ଆଏର୍; (aiōn g165) 36
ମାରି, ୱାର୍ ସାଦେଙ୍ଗ ଆଟ୍‌ଏର୍, ଇରିଙ୍ଗ ୱିଜେରେ ମୁସ୍‌କୁପୁର୍‌ତି
ଦୁତ୍‌କା ୱାଜା ତେବାନାର୍ ମାରି ମାରିଡ଼େସି ଜିବନ୍‌ଆଜିନିଙ୍ଗଁତିଙ୍ଗ
କଡ଼ର୍ ଆକାର୍‌ଆକା ମାପୁରୁଦି କଡ଼ର୍ ଆନାର୍ । 37 ମୋସା
ନେଗ୍ରେଣ୍ତା ତର୍‌ତାମାନ୍ ଜେ ଲୋକୁ ସାତିମାଣ୍‌କୁ ମାରିଡ଼େସିଜିବନ୍
ଆଜି ଜିନାର୍ । ମୋସା ଏସ୍ତିୱାଲେ କାସ୍‌ନି ଦୁପାଦି ବିସୟ୍‌ତାନ୍
ରାସ୍‌ତାନ୍, ୱାନ୍ ଇର୍‌ଆନ୍ ଜେ, ପ୍ରବୁ ଆଜିନାନ୍ ଅବ୍ରାହାମତି
ମାପୁରୁ, ଇସ୍‌ହାକ୍‌ତି ମାପୁରୁ ମାରି ଜାକୁବଦି ମାପୁରୁ । 38 ୱାନ୍
ତୋ ସାତିଲୋକ୍‌ତି ମାପୁରୁ ଆଏନ୍, ମାତର୍ ଜିବନ୍‌ମାନି ଲୋକା
ମାପୁରୁ; ଇରିଙ୍ଗ ୱିଜେରେ ୱାନି ଆଗ୍‌ଡ଼ି ଜିନିକାର୍ ଆନାର୍ ।" 39
ଆବେଟ୍ ସାସ୍ତ୍ରିରି ଲୋଇ ଏସୋ ଲୋକୁ ଇର୍ହାର୍, "ଏ ଗୁରୁ, ନିନ୍
ସତ୍ ୱେର୍‌ତି ।" 40 ଇରିଙ୍ଗ ୱାର୍ ୱାନିଙ୍ଗ ଇନି ପ୍ରସ୍ନ ୱେନ୍‌ବାଦେଙ୍ଗ
ମାରି ସାସ୍ କିଏତାର୍ । 41 ମାତର୍ ଜିସୁ ୱାରିଙ୍ଗ ୱେନ୍‌ବାତାନ୍,
କ୍ରିସ୍ତ ଜେ ଦାଉଦତି ମାରିନ୍, ଇକା ଲୋକୁ ଏଣ୍ତେସ୍ ଇନାର୍? 42
ଇରିଙ୍ଗ ନିଜେ ଦାଉଦ ଗିତସଂହିତାଦୁ ଇନାନ୍, ପ୍ରବୁ ନା ପ୍ରବୁଙ୍ଗ
ଇର୍ହାନ୍, 43 ମାପ୍ ଆମାସାନ୍ଦି ନି ସାତ୍ରୁରିଙ୍ଗ ନି କାଲ୍‌କା ଆଡ଼୍‌ଗି
କିଏପ୍, ଆୟ୍‌ା ସାନ୍ଦି ମା ଉଣେରି ତରିନ୍ ବାସ୍‌ସ ମାନ୍‌ଆ । 44
ମାରି, ଦାଉଦ ୱାନିଙ୍ଗ ପ୍ରବୁ ଇଜି ଇନାନ୍; ଆରିଙ୍ଗ, ୱାନ୍ ଏଣ୍ତେସ୍
ୱାନି ମାରିନ୍? 45 ୱେନ୍‌କା ଜିସୁ ୱିଜୁ ଲୋକା ଆଗ୍‌ଡ଼ି ସିସୁରିଙ୍ଗ
ଇର୍‌ଆନ୍, 46 "ସାସ୍ତ୍ରିରିମାଣ୍‌କୁ ଜାଗାର୍‌ତା! ୱାର୍ ନିର୍‌ଇ ଆଙ୍ଗଁ
ଆରାନାର୍ । ମାରି ସାତାସାଉକାଦୁ ଲୋକୁ ମାଡ଼ିସ୍ କିପିର୍ ଇଜି
ଅଡ଼୍‌ବିନାର୍, ପାର୍‌ତନାକିନି ଇଲ୍‌କାଙ୍ଗ ପେରି ବାଡି ମାରି ବୋଜି
ଉଣିମାନୁ ପେରି ବାଡି ପୟ୍‌ଦେଙ୍ଗ ବଦାକିନାର୍ । 47 ୱାର୍ ରାଣ୍ତି
ଆଇମେକା ଇଲୁଦି ୱିଜୁ ବିସୟ୍ ରେନାଅନାର୍ ମାରି ନିଜେଦିଙ୍ଗ
ନେଗିକାନ୍ ତର୍‌ତେଙ୍ଗଁ ନିର୍‌ଇ ପାର୍‌ତନା କିନାର୍; ୱାର୍ ନାଣ୍ତ ଦଣ୍ତ
ପୟ୍‌ନାର୍ ।"

21 ଇୟ୍‌ା ୱେନ୍‌କା ଜିସୁ ସାରିବେଡ଼୍‌ତି ସୁଡ଼୍‌ଜି ଏସୋ ମାଜନ୍
ଲୋକୁ ମନ୍ଦିର୍‌ତି ଡାବୁଙ୍ଘଁ ସିନି ପେଡ଼ାଦୁ ମାପୁରୁଦି ଉଣ୍ତିଙ୍ଗ
ଦାନ୍ ସିନିକା ସୁଡ୍ଡୁତାନ୍ । 2 ମାରି, ୱାନ୍ ଅରେତ୍ କାକୁର୍ତି ରାଣ୍ତି
ଆଇମା ଆୟ୍‌ା ପେଡ଼ାଦୁ ରୁନ୍ ଟାକେଙ୍ଗଁ ସିନିକା ସୁଡ଼୍‌ଜି ୱେର୍‌ତାର୍,
3 ନାନ୍ ମିଙ୍ଗଁ ସତ୍ ଇଜିନା, ଇୟ୍‌ା କାକୁର୍ତି ରାଣ୍ତି ଆଇମା ୱିଜେରିଙ୍ଗ
ନାଣ୍ତ ସିତାମାନାତ୍ । 4 ଇରିଙ୍ଗ ଇକାର୍ ୱିଜେରେ ପେଡ଼ାଦୁ ନିଜେ
ନିଜେଦି ଆମାକା ୱାରିଙ୍ଗ ଦର୍‌କାର୍ ସିଲେତ୍ ଆୟ୍‌ା ଡାବୁଙ୍ଘଁ
ଦାନ୍ ସିତାମାନାର୍, ମାତର୍ ଇକାତ୍ ନିଜେ ଜିଦେଙ୍ଗ ଆମାକା
ୱିଜୁ ତାନେମାନୁ ମାର୍‌ଆତ୍, ଆକା ୱିଜୁ ସିତାତ୍ । 5 ମାରି,
ଏସୋ ସିସୁର୍ ମନ୍ଦିର୍ ବିସୟ୍‌ତାନ୍ ୱାର୍‌ଗି ସାଜିମାର୍‌ଆର୍ ।
ୱାର୍ ଇଜିମାର୍‌ଆର୍, ଇକା ଉଣ୍ତିନେଗି ମନ୍ଦିର୍ । ଇକା ନେଗି
କାଲ୍‌କାଣ୍ ତିଆର୍ ଆତାମାନାତ୍ । ସୁଡ୍ଡୁଦୁ ମାପୁରୁଙ୍ଘଁ ସିତିମାନି

ନେଗି ନେଗି ବିସୟ୍ ସିତାମାନାର୍ । 6 ଜିସୁ ଇର୍ଆନ୍, “ମିର୍
ଆମାୱିଜୁ ଇବେ ସୁଡୁଜିନିଦେର୍, ଦିନ୍ୱାନାତ୍, ଏସ୍ତିୱାଲେ ଉଣ୍ତି
କାଲୁ ମାରି ଉନ୍ଡ୍ରି କାଲୁ ମୁସ୍କୁ ତେବାଏତ୍ ୱିଜୁ କାଲ୍କୁ ଗୁଣ୍ତୁ
ଗୁଣ୍ତା ଆନେ ।” 7 ଆବେଟ୍ ସିସୁର୍ ଜିସୁଙ୍ଗ୍କି ୱେନ୍ବାତାର୍, “ଏ
ଗୁରୁ, ଆରିଙ୍ଗ ଇୟାୱିଜୁ ଏସାଙ୍ଗ ଗଟାନାତ୍? ମାରି, ଏମେ ଦିନ୍ତୁ
ଇୟାୱିଜୁ ଗଟ୍ନା ଇଗାୱାନାତ୍, ଆୟାଦିନ୍ତି ସିନା ଇନିକା?” 8
ଆବେଟ୍ ଜିସୁ ୱାରିଙ୍ଗ ଇର୍ଆନ୍, “ଜାଗାର୍ତା, ମିର୍ ଏଣ୍ତେସ୍ ବାୟା
ଆମାଟ୍; ଇରିଙ୍ଗ ଏସୋ ଲୋକୁ ନା ଦର୍ତାନ୍ ୱାଜି, ନାନ୍ ଜିସୁ
ମାରି ଦିନ୍ ଇଗା ୱାତାତ୍ ଇଜି ଇନାର୍; ୱାରି ୱେନ୍କା ସଲ୍ମାଟ୍ ।
9 ମାତର୍ ମିର୍ ଏସ୍ତିୱାଲେ ଜୁଦ୍ ମାରି ଲୋକୁ ଡାକ୍ସିସାନି ଆଉଲି
ୱେନିଦେର୍, ନାସ୍ତିୱାଲେ ତିଲାମାଟ୍; ଇରିଙ୍ଗ ଇୟାୱିଜୁ ସତେନେ
ଆଗ୍ଡ଼ି ଗଟାନାତ୍, ମାତର୍ ଆୟାଦାପ୍ରେ ଜୁଗ୍ ସେସ୍ ଆଏଦେ ।”
10 ଆବେଟ୍ ୱାନ୍ ୱାରିଙ୍ଗ ଇର୍ଆନ୍, “ଜାତି ବିରଦ୍ତାନ୍ ଜାତି
ଲୋକା ଲୋଇ ଜୁଦ୍ କିନାର୍ ମାରି ଦେସ୍ ବିରଦ୍ତାନ୍ ଦେସ୍
ଲୋଇ ଜୁଦ୍ କିନାର୍, 11 ମାରି ନାଣ୍ତ ବୁମିକମ୍ପ ଆନାତ୍ ମାରି ବାଡି
ବାଡିଆଙ୍ଗ୍ଁ ମର୍ଡି ଆନାତ୍ ମାରି ଲୋକାଙ୍ଗ ଉଣିକା ପୁଟ୍ଏତ୍,
ମାରି ବାଦଡ଼୍ତୁ ବୟ୍ଙ୍କାର୍ ତର୍ନାତ୍ ମାରି ପେରି ପେରି ସିନେଙ୍ଗ
ତରାନେ । 12 ମାତର୍ ଇୟାୱିଜୁ ଗଟାନି ଆଗ୍ଡ଼ି ଲୋକୁ ମିଙ୍ଗ୍ଁ
ଆସ୍ନାର୍ ମାରି ପାର୍ତନା ଇଲୁଦୁ ମାରି ଜଇଲ୍ତୁ ମିଙ୍ଗ୍ଁ ପୋକ୍ସି
କାସ୍କୁ ସିନାର୍, ମାରି ନା ଦରତି ଉଣ୍ତିଙ୍ଗ ମିଙ୍ଗ୍ଁ ରାଜା ନି ସାସନ୍କିନି
ଲୋକା ଆଗ୍ଡ଼ି ଅନାର୍; 13 ମାତର୍ ଇକା ମିଙ୍ଗ୍ଁ ନା ବିସୟ୍ତାନ୍
ଲୋକାଙ୍ଗ ନେଗିକାବୁର୍ ସାକି ସିଦେଙ୍ଗ ଇଜି ସାରି ପୟ୍ନିଦେର୍ ।
14 ମାରି ନିଜେଦି ତରିଟାନ୍ ଇନିକା ଇନ୍ଡ୍ରେଙ୍ଗ ଆନାତ୍, ଆୟା
ବିସୟ୍ତାନ୍ ଆଗ୍ଡ଼ିରାନ୍ ସିନ୍ତା କିଇ ନିଜେ ନିଜେଦି ମୋନ୍ତୁ
ତିର୍ କିଦୁ । 15 ଇରିଙ୍ଗ ନାନ୍ ମିଙ୍ଗ୍ଁ ଇୟାୱାଜା ମାଟା ନି ବୁଦି
ସିନା ଜେ, ମି ୱିଜୁ ସାତ୍ରୁ ଲୋକୁ ଆବେ ଆଙ୍ଗଦେଙ୍ଗ ଆଟ୍ଏର୍ ।
16 ମାତର୍ ମିଙ୍ଗ୍ଁ ମି ବୁବାୟାୟା, ତଡ଼ାନ୍, ନିଜେଦି ଲୋକୁ ମାରି
ସାମ୍ନ୍ଦିବନ୍କୁର୍ ସାତୁରି କିୟୁଦୁ ସର୍ପେ କିନାସିନାର୍, ମାରି ମି
ଲୋଇ ଲୋକୁ ଏଙ୍ଗ ଏଙ୍ଗ କାତ୍ନାର୍, 17 ମାରି ନାବାନ୍ ମିର୍
ବିସ୍ବାସ୍ କିତିମାନି ଉଣ୍ତିଙ୍ଗ ଲୋକୁ କାଡ଼୍ନାର୍ । 18 ମାତର୍
ମି ତାଲାଦି କୁକୁଟି ବା ନାସ୍କୁ ଆଏତ୍ । 19 ମିର୍ ସାସ୍ତାନ୍
ତେବାତିଙ୍ଗ ନିଜେ ନିଜେଦିଙ୍ଗ ରକିୟା କିଦେଙ୍ଗ ଆଟ୍ନିଦେର୍ ।” 20
ମାତର୍ ମିର୍ ଏସ୍ତିୱାଲେ ଜିରୁସାଲାମ୍ତିଙ୍ଗ ସନ୍ୟର୍ ସାରିବେଡ଼୍ତି
କାପ୍କିନିମାନିକା ସୁଣିଦେର୍, ଆୟାୱାଲେ ଆକା ୱିର୍ଜି ସନି
ଦିନ୍ ଜେ ଇଗା ୱାତାତ୍, ଇକା ମିର୍ ନେସ୍ତୁ । 21 ନାସ୍ତିୱାଲେ
ଆମାଲୋକ୍ ୱିଜେରେ ଜିହୁଦା ଗାଡ଼୍ତୁ ମାନାର୍, ୱାର୍ ଗରନ୍
ମୁସ୍କୁ ଉରୁକ୍ସି ସଲିର୍; ମାରି, ଏର୍ ଗାଡ଼୍କାଙ୍ଗ ତେବାନାର୍,
ଏଣ୍ତେସ୍ବା ୱାର୍ ଗାଡ଼୍ ଡ଼ିସ୍ସି ସଲିର୍; ମାରି, ଏର୍ ଇସ୍ରିନାର୍କାଙ୍ଗ
ତେବାନାର୍, ଏଣ୍ତେସ୍ବା ୱାର୍ ଗାଡ଼୍ତୁ ଡୁଗ୍ମାକିର୍; 22 ଇରିଙ୍ଗ
ରାସାତିମାନି ବିସୟ୍ୱିଜୁ ପୁରା ଆନି ଉଣ୍ତିଙ୍ଗ ଆକା ୱିଜୁ ଦଣ୍ତତି
ଦିନ୍ ଆନାତ୍ । 23 ଆୟା ସମୟ୍ତୁ ପଟାଦୁମାନି ଆଇମାଲୋକ୍
ମାରି ଇସ୍ରି କଡ଼ରିଙ୍ଗ ଆସ୍ସି ପାଲ୍ ଉଟ୍ପିସ୍କିଜିମାନି ଆଇସିକା
ଅବସ୍ତା ଏସ ତାଗ୍ଇକା ଆନାତ୍, ୱାକ୍ ନାଣ୍ତ ଦୁଃକ୍ ପୟେ୍ନ!
ଇରିଙ୍ଗ ଦେସ୍ତୁ ନାଣ୍ତ ଦୁଃକ୍କାସ୍କୁ ୱାନାତ୍ ମାରି ମାପୁରୁଦି ଦଣ୍ଡ
ଇୟା ଜାତି ମୁସ୍କୁ ୱାନାତ୍ । 24 ମାରି ୱାର୍ କୁଡ଼ାମ୍କାଣ୍ ସାନାର୍
ମାରି ତର୍ଆୟ୍ ଆଜି ଆଇଜାତିଦି ଲୋଇ ପୋକ୍ନାର୍, ମାରି
ଅଣଜିହୁଦି ଲୋକା ଦିନ୍ ୱିଜ୍ଇ ସାନ୍ଦି ଜିରୁସାଲାମ୍ ୱାରି କାଲ୍କୁ
ଆଡ଼୍ଗି ତେବାନାତ୍ । 25 “ମାରି ୱେଡ଼ା, ଲେଞ୍ଜୁ ନି ସୁକେଙ୍ଗ୍ଁଙ୍ଗ
ସିନେଙ୍ଗ ତରାନେ, ମାରି ଦୁନିଆଦୁ ଜାତିଦି ଲୋକା ଲୋଇ ବାଦା
ୱାନାତ୍; ସାମ୍ଦୁରୁ ମାରି ଏରୁଗାତିସ୍ୱାନି ଆଉଲିଦିଙ୍ଗ ୱାର୍
ବାୟାବେମ୍ରି ଆନାର୍ । 26 ମାରି ଦୁନିଆଦି ମୁସ୍କୁ ୱାଜିମାନି
ଗଟନା ୱିଜୁଦିଙ୍ଗ କାପ୍କିଜି ଲୋକୁ ୱିଜେରେ ମୁର୍ସା ଆନାର୍,
ଇରିଙ୍ଗ ବାଦଡ଼୍ତି ସାକ୍ତିୱିଜୁ ଦୁଙ୍ଗେନ ସନେ । 27 ନାସ୍ତିୱାଲେ
ଲୋକୁ ମନୁସ୍ୟପୁତ୍ରଦିଙ୍ଗ ନାଣ୍ତ ସାକ୍ତିଦାନ୍ ମାରି ନାଣ୍ତ ମହିମାଦି
ୱାଲେ ବାଦଡ଼୍ତାନ୍ ୱାନିକା ସୁଣାର୍ । 28 ମାତର୍ ଇୟାୱିଜୁ
ଗଟେନେଙ୍ଗ ଆରାମ୍ଆତିଙ୍ଗ ମିର୍ ମୁସ୍କୁ ସୁଡୁଦୁ ମାରି ତାଲା
ପେର୍ଦୁ, ଏଣ୍ତେସ୍କି ମି ରକିୟା ପଇନିକା ଲାକ୍ତୁ ଇଗା ୱାତାତ୍ନି
।” 29 ମାରି, ଜିସୁ ୱାରିଙ୍ଗ ଉଣ୍ତି କାତା ଇର୍ଆନ୍, “ତଗା
ମାରାନ୍, ମାରି ଆଇ ୱିଜୁ ମାରାକା ବିସୟ୍ତାନ୍ ଅଡ଼୍ବିଦୁ । 30
ଏସ୍ତିୱାଲେ ଆୟା ମାରାକା ଆକ୍ ପୁନାକାୟେ୍ନ, ନାସ୍ତିୱାଲେ
ମିର୍ ଆକା ସୁଡୁଜି ଜେଟାପ୍ ଲେଞ୍ଜୁ ଇଗା ୱାତାତ୍ନି ଇଜି
ନିଜେନିଜେ ନେସ୍ନିଦେର୍ । 31 ଆୟାୱାଜା ମିର୍ ବା ଇୟାୱିଜୁ
ଗଟନା ସୁଡୁତିଙ୍ଗ ମାପୁରୁଦି ରାଜି ଜେ ଇଗା ୱାତାତ୍, ଇକା
ନେସ୍ତୁ । 32 “ନାନ୍ ମିଙ୍ଗ୍ଁ ସତ୍ ଇଜିନା, ଇୟାୱିଜୁ ଗଟେଆଇ
ସାନ୍ଦି ଇୟା ଦିନ୍ତି ଲୋକୁ ଏଣ୍ତେସ୍ ୱିଜ୍ଏର୍ । 33 ବାଦଡ଼୍ ନି
ଦୁନିଆ ୱିଜ୍ନାତ୍, ମାତର୍ ନା ବାକ୍ୟୱିଜୁ ଏସାଙ୍ଗ ବା ୱିଜ୍ଏତ୍
। 34 “ମାତର୍ ମିର୍ ନିଜେ ନିଜେଦି ବିସୟ୍ତାନ୍ ଜାଗାର୍ତା
ମାଡୁ, ଏସ୍ତିୱାଲେ ମି ଜିବନ୍ ନାଣ୍ତ ୱେଡ଼ିକାଦୁ ପୁରା ତେବାନାତ୍
ମାରି କାଡୁଉଣ୍ଜିସସ୍ତେଙ୍ଗ, ମାରି ଜିନି ବିସୟ୍ତାନ୍ ସିନ୍ତାଦାନ୍
ଦୁଃକ୍ ୱାନାତ୍, ମାରି ଆୟାନାଣ୍ତିଙ୍ଗ ଦାପ୍ରେ ମି ମୁସ୍କୁ ୱାନା
ଆର୍ନାତ୍; 35 ଇରିଙ୍ଗ ଆକା ଜାଡ଼ିଦି ୱାଜା ୱିଜୁ ଦେସ୍ଦୁନିଆଦି
ୱିଜୁ ଲୋକା ମୁସ୍କୁ ୱାନାତ୍ । 36 ମାତର୍ ମିର୍ ଏଣ୍ତେସ୍କି
ଇୟାୱିଜୁ ୱାଜିନିଆଗ୍ଡ଼ି ଗଟ୍ନାଦାନ୍ ରକିୟା ପୟ୍ଦେଙ୍ଗ ମାରି
ମନୁସ୍ୟପୁତ୍ରଦି ଲାକ୍ତୁ ନିନେ୍ଡ୍ରଙ୍ଗ ଡାଟ୍ ଆଦୁ, ଇୟାଉଣ୍ତିଙ୍ଗ
ଦିନାମି ପାର୍ତନା କିଜି ଜାଗାର୍ତା ମାଡୁ ।” 37 ଜିସୁ ୱିଜୁଦିନ୍
ମନ୍ଦିର୍ତୁ ସିକିୟା ସିଜିମାର୍ହାନ୍, ମାରି ୱିଜୁ ନାଡ଼ା ସହସି ସଲ୍ସି
ଜିତ ଗରନ୍ତୁ ତେବାଜି ମାର୍ହାନ୍ । 38 ମାରି, ୱିଜେରେ ଲୋକୁ
ମନ୍ଦିର୍ତୁ ୱାନି ସିକିୟା ୱେନ୍ଡ୍ରେଙ୍ଗ ଇଜି ସାଲ୍ଦି ୱାନି ଲାକ୍ତୁ
ୱାଜି ମାର୍ହାର୍ ।

## 22

22 ନିସ୍ତାର୍ ପଣ୍ତୟ୍ ଇନି କମିର୍ସିଲି ରୁଟିଦି ପଣ୍ତୟ୍ ଲାକ୍ତୁ
ଆଜି ୱାଜିମାର୍ହାତ୍ । 2 ମାରି, ପେରି ଜାଜକର୍ ନି
ସାସ୍ତିର୍, ଏଣ୍ତେସ୍ ଜିସୁଙ୍ଗ୍କି ଏନ୍ ନେସ୍ଏଣ୍ଗା ସାୟାମାର୍ଗା

ଡାକ୍‌ତେଙ୍ଗିଁ ଆଟ୍‌ନାର୍, ଆବେଣି ଉପାୟ୍ ପଇଜି ମାର୍ହାର୍, ମାତର୍
ୱାର୍ ଲୋକାଙ୍ଗ ତିଲାଜି ମାର୍ହାର୍ । 3 ନାସ୍ତିୱାଲେ ବାରଲୋକ୍
ସିସୁରି ଲୋଇରାନ୍ ଇସ୍କାରିୟୋତିୟ୍ ଦର୍‌ତି ଅରେନ୍ ଜିହୁଦାମାନୁ
ସୟତାନ୍ ଡୁଗିତାଡ୍; 4 ମାରି, ଜିହୁଦା ସୋର୍‌ଆନ୍‌ନୋ, ଇନି
ଉପାୟ୍‌ତାନ୍ ୱାନିଙ୍ଗ ପେରି ଜାଜକ ନି ସେନାପତିରି କିୟୁଦୁ
ସପ୍ରେ କିଦେଙ୍ଗ ଆଟ୍‌ନାନ୍, ଆକା ୱାରି ୱାଲେ ୱାର୍‌ଗିତାନ୍ ।
5 ଆବେଟ୍ ୱାର୍ ୱେଡ଼ିକା ଆଜିମାରି ୱାନିଙ୍ଗ ଡାବୁଙ୍ଗିଁ ସିଦେଙ୍ଗ
ଇଜି ପାର୍‌ମାଣ୍ କିତାର୍ । 6 ମାରି, ଜିହୁଦା ରାଜି ଆତାନ୍‌ନୋ
ଲୋକ୍ ୱିଜେରେ ଅରେନ୍‌ବା ସିଲିୱାଲେ ୱାନିଙ୍ଗ ୱାରି କିୟୁଦୁ
ସପ୍ରେ କିଜି ସିନି ଉଣ୍ଡିଙ୍ଗ ସାରି ପଇଦେଙ୍ଗ ଆସ୍‌ତାନ୍ । 7 ୱେନ୍‌କା
ଏମେ ନାଣ୍ଡିଙ୍ଗ ନିସ୍ତାର୍ ପଣ୍ଡୟ୍‌ତି ମେଣ୍ଡାପିଲେକାଙ୍ଗ କାଡ୍‌ତେଙ୍ଗ
ଆନାଡ୍, ଆୟା କମିର୍‌ସିଲି ରୁଟି ପଣ୍ଡୟ୍ ନାଣ୍ଡିଙ୍ଗ ୱାତାଡ୍; 8
ମାରି, ଜିସୁ ପିତର୍ ନି ଜୋହନତିଙ୍ଗ ଇକା ଇନ୍‌ଞ୍ଜି ପୋକ୍‌ତାନ୍,
"ମାଡ୍ ଏଣ୍ଡେସ୍ ଉଣ୍ଡେଙ୍ଗ ଆଟ୍‌ନିକା, ଆୟାଉଣ୍ଡିଙ୍ଗ ମିର୍ ସୋଲ୍‌ସ
ମା ଉଣ୍ଡିଙ୍ଗ ନିସ୍ତାର୍ ପଣ୍ଡୟ୍‌ତି ବୋଜି ତିଆର୍ କିଦୁ ।" 9 ଆବେଟ୍
ୱାର୍ ଜିସୁଙ୍ଗିଁ ୱେନ୍‌ବାତାର୍, "ମାପ୍ ଇକା ଏମେ ବାଡ଼ିଦୁ ତିଆର୍
କିନାପ୍ ଇଜି ନିନ୍ ବଦା କିଜିନି?" 10 ଜିସୁ ୱାରିଙ୍ଗ ଇର୍‌ଆନ୍,
"ସୁଡୁଦୁ, ମିର୍ ଗାଡ଼୍‌ତୁ ଡୁଗିତିଙ୍ଗିଁ, ଏରୁସାଟିଦୁ ଅସିମାନିକାଡ୍
ଅରେଡ୍ ଲୋକୁ ମିଙ୍ଗିଁ ବେଟ୍‌ଆନାଡ୍; ୱାଡ୍ ଏମେ ଇଣ୍ଡ ସନ୍‌ନାଡ୍,
ତାନି ୱେନ୍‌କା ୱେନ୍‌କା ଆୟା ଇଣ୍ଡ ସୋଲ୍‌ସ ଇଲୁଦି ପେରିୱାନିଙ୍ଗ
ଇନିଦେର୍, 11 ଗୁରୁ ନିଙ୍ଗିଁ ୱେନ୍‌ବାଜିନାନ୍, ନାନ୍ ନା ସିସୁରି
ୱାଲେ ଏମେମାନୁ ନିସ୍ତାର୍ ପଣ୍ଡୟ୍‌ତି ବୋଜି କିନାପ୍, ଆୟା
କୁଡ଼ାଆଙ୍ଗିଁ ତେବାନି ବାକାର୍ ଆମାକା? 12 ଆବେଟ୍ ୱାନ୍ ମିଙ୍ଗିଁ
ନେଗେନ୍ ସଜେ କିଡିମାନି ଉଣ୍ଡି ମୁସ୍‌କୁରି ମୋହଲାଦି ପେରି
ବାକ୍‌ରା ତର୍‌ନାସିନାନ୍; ଆୟାବାଡିଦୁ ବୋଜି ତିଆର୍ କିଦୁ ।" 13
ମାରି, ପିତର୍ ନି ଜୋହନ ସର୍‌ଆର୍‌ନୋ, ଜିସୁ ୱାରିଙ୍ଗ ଏଣ୍ଡେସ୍
ଇର୍‌ଆ ମାର୍‌ଆନ୍, ଆୟାୱାଜା ସୁଡୁଜି ନିସ୍ତାର୍ ପଣ୍ଡୟ୍‌ତି ବୋଜି
ତିଆର୍ କିତାର୍ । 14 ମାରି, ୱାର୍ ନିସ୍ତାର୍ ପଣ୍ଡୟ୍‌ତି ବୋଜି ଉଣି
ସମୟ୍ ଆତାଡ୍, ଜିସୁ ନି ୱାନି ୱାଲେ ପ୍ରେରିତ ସିସୁର୍ ଉଣ୍ଡେଙ୍ଗ
ବାସ୍‌ତାର୍ । 15 ଜିସୁ ୱାରିଙ୍ଗ ଇର୍‌ଆନ୍, ନାନ୍ ନା ଦୁକ୍‌ବଗାନି
ଆଗିଡ଼ିନେ ନାନ୍ ମି ୱାଲେ ଅର୍‌ସେ ଇୟା ନିସ୍ତାର୍ ପଣ୍ଡୟ୍‌ତି ବଜି
ଉଣ୍ଡେଙ୍ଗ ଅରେନେ ବଦା କିତାମାର୍‌ଆ; 16 ମାତର୍ ନାନ୍ ମିଙ୍ଗିଁ
ଇଜିନା, ମାପୁରୁଦି ରାଜିଦୁ ଇୟା ଅର୍ତ ପୁରା ଆଇ ସାନ୍ଧି ନାନ୍
ମାରି ଏସ୍‌କାଙ୍ଗବା ନିସ୍ତାର୍ ପଣ୍ଡୟ୍‌ତି ବଜି ମାରି ଉଣୁଏ । 17
ମାରି, ଜିସୁ ଉଣ୍ଡି କୁଡୁକାଦୁ ଅଙ୍ଗୁର୍‌ରସ୍ ଅତାନ୍‌ନୋ ମାପୁରୁଙ୍ଗିଁ
ଦନ୍ୟବାଦ୍ ସିଜି ଇର୍‌ଆନ୍, "ଇୟା କୁଡୁକା ଅସି, ଇବେନ୍ ମାନି
ଅଙ୍ଗୁର୍‌ରସ୍‌ତିଙ୍ଗ ନିଜେ ନିଜେଦି ମାନୁ ବାଟା କିଦୁ, 18 ମାତର୍ ନାନ୍
ମିଙ୍ଗିଁ ଇଜିନା, ମାପୁରୁଦି ରାଜି ରେଇ ସାନ୍ଧି ଇକା ନାନୁ ମାରି ଇୟା
ଅଙ୍ଗୁର୍‌ରସ୍ ଉଣୁଏ ।" 19 ମାରି, ୱାନ୍ ରୁଟି ଅତାନ୍‌ନୋ ମାପୁରୁଙ୍ଗିଁ
ଦନ୍ୟବାଦ୍ ସିତାନ୍ ମାରି ରୁଟି ରୁକ୍‌ସି ସିଜି ୱାରିଙ୍ଗ ଇର୍ହାନ୍, "ମି
ଉଣ୍ଡିଙ୍ଗ ସିଆଡିମାନି ଇକା ନା ମେନ୍ଦଲ୍; ନାଙ୍ଗିଁ ଏଡ୍‌କିନି ଉଣ୍ଡିଙ୍ଗ
ଇକା କିଦୁ ।" 20 ଉଟି ୱିସ୍‌ତି ୱେନ୍‌କା ଆୟାୱାଜା ୱାନ୍ ଅଙ୍ଗୁର୍
ରସ୍‌ତି ଉଣି ଡୁବାଇ ଆସ୍‌ତାନ୍‌ନୋ ଇର୍ହାନ୍, ଇୟା ଅଙ୍ଗୁର୍‌ରସ୍ ମି
ଉଣ୍ଡିଙ୍ଗ ସିଆଡିମାନି ନା ନେତେର୍‌ତି ପୁନି ନିୟମ୍ । 21 ମାତର୍
ସୁଡୁଦୁ, "ଏନ୍ ନାଙ୍ଗିଁ ସାତୁରିକିୟୁଦୁ ସର୍‌ପେ କିଜିନାନ୍, ୱାନି
କିୟୁ ନା ୱାଲେ ଟେବୁଲ୍ ମୁସ୍‌କୁ ମାନାଡ୍ । 22 ମାତର୍ ମାପୁରୁ
ଏଣ୍ଡେସ୍ ଆତାମାନାଡ୍ କିତାମାନାନ୍, ମନୁସ୍ୟପୁତ୍ର ଜେ ନାନ୍
ଆୟାୱାଜା ସାନି ଦଣ୍ଡ ପଇନା ସଡ୍, ମାରି ଏମେ ଲୋକୁ ମାଣ୍‌କୁ
ୱାନ୍ ସାତୁରିକିୟୁଦୁ ସର୍ପେ ଆଜିନାନ୍, ଚି, ୱାନି ଉଣ୍ଡିଙ୍ଗ ଇକା
ନାଣ୍ଡ କାରାବ୍ ଆନାଡ୍!" 23 ତାନେ ୱେନ୍‌କା ମା ଲୋଇରାନ୍
ଏନ୍ ଇକା କିଦେଙ୍ଗ ସଲ୍‌ସିନାନ୍, ଆୟା ବିସୟ୍‌ତାନ୍ ସିସୁର୍
ନିଜେ ନିଜେଦିମାନୁ ୱେନ୍‌ବାଜି ସାଦେଙ୍ଗ ଆସ୍‌ତାର୍ । 24
ମାରି, ସିସୁରି ଲୋଇ ଏନ୍ ପେରିକାନ୍ ଇଜି ୱେଙ୍ଗିଁନାନ୍, ଆୟା
ବିସୟ୍‌ତାନ୍ ୱାରିୱାରି ଲୋଇ ୱାରିଗିଜି ସାତାର୍ । 25 ଆବେଟ୍
ଜିସୁ ୱାରିଙ୍ଗ ଇର୍‌ଆନ୍, ଅଣଜିହୁଦି ରାଜାର୍ ୱାରି ମୁସ୍‌କୁ ସାସନ୍
କିନାର୍, ମାରି ଏର୍ ୱାରି ମୁସ୍‌କୁ ସାସନ୍ କିନିକା ମାନାଡ୍, ୱାର୍
ଦେସ୍‌ତି ସାଙ୍ଗ ଇଜି ୱେଙ୍ଗିଁନାନ୍ । 26 ମାତର୍ ମିର୍ ଆୟାୱାଜା
ଆମାଟ୍, ଇରିଙ୍ଗ ମି ମାଣ୍‌କୁ ଏନ୍ ପେରିକାନ୍, ୱାନ୍ ୱିଜେରି
ମାଣ୍‌କୁ ଇସ୍ରିକାନ୍ ୱାଜା ଆପିନ୍, ମାରି ଏନ୍ ନେତା ମାନାନ୍,
ୱାନ୍ ସେବାକିନି ୱାନି ୱାଜା ଆପିନ୍ । 27 ମାତର୍ ୱିଜେରି
ମାଣାନ୍ ପେରି ଲୋକୁ ଏନ୍? ଏନ୍ ଉଣ୍ଡେଙ୍ଗ ବାସ୍‌ତିମାନିକାର୍ ନୋ
ୱାନିଙ୍ଗ ୱେର୍‌ସିମାନି ଲୋକୁ? ମିର୍ ଅଡ଼୍‌ବିନିଦେର୍ ଜେ ଉଣ୍ଡେଙ୍ଗ
ବାସ୍‌ତିମାନି ଲୋକୁ, ୱାନ୍ ଇନିକା ପେରିକାନ୍ ଆଏନ୍? ଇରିଙ୍ଗ
ନାନ୍ ମି ଲୋଇରାନ୍ ଅରେନେ ସେବାକିନିୱାନି ୱାଜା ମାନା । 28
ମାତର୍ ମିର୍ ନା ୱିଜୁ ପରିକାଦୁ ନା ୱାଲେ ମାନ୍‌ଞ୍ଜିୱାଜିନିଦେର୍;
29 ନା ବୁବା ଏଣ୍ଡେସ୍ ନା ଉଣ୍ଡିଙ୍ଗ ରାଜି ତିଆର୍ କିତାନ୍, ନାନ୍
ବା ଆୟାୱାଜା ମି ଉଣ୍ଡିଙ୍ଗ ତିଆର୍ କିଜିନା, 30 ଏଣ୍ଡେସ୍ ମିର୍
ନା ରାଜିଦୁ ନା ଟେବୁଲ୍ ମୁସ୍‌କୁ ଉଣିତିନିଦେର୍, ମାରି ମିର୍
ରାଜାବାସ୍‌ନିଗୋଦିଦି ମୁସ୍‌କୁ ବାସ୍‌ନିଦେର୍‌ନୋ ଇସ୍ରାଏଲ୍‌ତି
ବାରଗୋଟା କୁଟୁମ୍‌ତି ମୁସ୍‌କୁ ସାସନ୍ କିନିଦେର୍ । 31 "ସିମୋନ,
ସିମୋନ, ସୁଡୁଆ, ପାଣିକିନିକାନ୍ ଗଦ୍‌ମୁଦାନ୍ ସପାଦିଙ୍ଗ ୱେର୍‌ଏ
କିଦେଙ୍ଗ ଇଜି ସୋଲିଦୁ ଜଲ୍‌ପ୍‌ନି ୱାଜା ନେଗି ଲୋକାମାଣ୍‌କୁ
ତାଗ୍‌ଇ ଲୋକାଙ୍ଗ ୱେର୍‌ଏ କିନି ଉଣ୍ଡିଙ୍ଗ ସୟତାନ୍ ମିଙ୍ଗିଁ ପରିକା
କିଦେଙ୍ଗ ସାରିପୋଇତା ମାନାଡ୍; 32 ମାତର୍ ମି ବିସ୍‌ବାସ୍ ଏଣ୍ଡେସ୍
ମାର୍‌ଗେଏଡ୍, ଇୟାଉଣ୍ଡିଙ୍ଗ ନାନ୍ ମି ଉଣ୍ଡିଙ୍ଗ ପାର୍‌ତନା କିତାମାନା;
ମାରି, ନିନ୍ ଡ଼େସି ୱାତି ୱେନ୍‌କା ନିଜେଦି ତଡ଼ାନ୍‌କାଙ୍ଗ ସାକ୍ତି
କିଦୁ ।" 33 ମାତର୍ ପିତର୍ ଜିସୁଙ୍ଗିଁ ୱେର୍‌ତାନ୍, "ଏ ପ୍ରବୁ, ନାନ୍
ନି ୱାଲେ ଜଇଲ୍‌ତୁ ସଣ୍ଡେଙ୍ଗ ମାରି ସାନିଦଣ୍ଡ ପଇଦେଙ୍ଗ ବା
ତିଆର୍ ଆତାମାନା ।" 34 ମାତର୍ ଜିସୁ ୱେର୍‌ତାନ୍, "ଏ ପିତର୍,
ନାନ୍ ନିଙ୍ଗିଁ ଇଜିନା, ନେର୍ ନାଡ଼ା କରୁ କେଡ଼ିଇ ଆଗ୍‌ଡ଼ିନେ ନିନ୍
ନାଙ୍ଗିଁ ମୁଜା ନେସେଏ ଇଜି ଇନି ।" 35 ତାନେ ୱେନ୍‌କା ଜିସୁ
ସିସୁରିଙ୍ଗ ଇର୍‌ଆନ୍, ଏସ୍ତିୱାଲେ ନାନ୍ ମିଙ୍ଗିଁ ଡାବୁଙ୍ଗିଁ ମଣି, ମଣି

ମାରି ଜୁତେଙ୍ଗ ଡ଼ିସ୍‌ତିଙ୍ଗ ପୋକ୍‌ତା ମାର୍‌ଆ, ନାସ୍ତିୱାଲେ ମିଙ୍ଗିଁ
ଇନିକା ଉଣା ମାର୍‌ଆତ୍? ୱାର୍ ଇର୍ହାର୍, ଇନିକା ସିଲେ । 36
ଆବେଟ୍ ଜିସୁ ୱାରିଙ୍ଗ ଇର୍‌ଆନ୍, "ମାତର୍ ଇଲେ, ଆମାୱାନିଦି
ଡାବୁଙ୍ଗିଁ ଇଡ୍‌ନି ମଣି ମାନାତ୍, ୱାନ୍ ଆକା ଅପିନ୍, ଆୟାୱାଜା
ମଣି ବା ଅପିନ୍, ମାରି ଆମାୱାନିଙ୍ଗ କୁଡ଼ାମ୍ ସିଲେତ୍, ୱାନ୍
ନିଜେଦି ସାଦର୍ ଉଣ୍ତି ପୋର୍‌ଜ କାଣ୍ତା କଡ଼ିନ୍ । 37 ମାତର୍
ନାନ୍ ମିଙ୍ଗିଁ ୱେର୍‌ସିନା, ୱାନ୍ ପାପିଲୋକା ୱାଲେ ମିସାତାନ୍,
ଇୟା ଏମେ ବାକ୍ୟ ରାସ୍‌ତା ମାନାତ୍, ଆକା ନା ମାନୁ ପୁରା
ଆନିକା ମାନାତ୍; ଆଦେଙ୍ଗ ନା ବିସୟତି ମାଟା ପୁରା ଆଜିନାତ୍
।" 38 ଆବେଟ୍ ୱାର୍ ଇର୍ହାର୍, "ପ୍ରବୁ, ସୁଡୁଆ, ଇବେନୁ ରୁଣ୍ତି
କାଣ୍ତେଙ୍ଗ ମାନେ ।" ମାରି, ଜିସୁ ୱାରିଙ୍ଗ ଇର୍‌ଆନ୍, ରୁଣ୍ତି କାଣ୍ତେଙ୍ଗ
ନାଣ୍ଡେ । 39 ଜିସୁ ଗାଡ଼୍‌ତାନ୍ ସୋତା ସୋର୍‌ଆନ୍‌ନୋ ନିଜେଦି
ଦିନ୍‌ନେକରିୱାଜା ଜିତ ଗରନ୍ ମୁସ୍‌କୁ ସୋର୍‌ଆନ୍, ମାରି ସିସୁର୍ ବା
ୱାନି ୱାଲେ ୱାଲେ ସୋର୍ହାର୍ । 40 ଆୟା ବାଡିଦୁ ଇତାର୍‌ରୋ
ଜିସୁ ସିସୁରିଙ୍ଗ ଇର୍‌ଆନ୍, "ପରିକାଦୁ ଏଣ୍ତେସ୍ ଆର୍‌ଇଦେର୍,
ଆୟାଉଣ୍ତିଙ୍ଗ ପାର୍‌ତନା କିଦୁ ।" 41 ମାରି, ୱାନ୍ ୱାରିମାଣ୍‌କୁ
କାଣ୍ତେକ୍ ଆକ ସୋର୍‌ଆନ୍‌ନୋ ମେଣ୍ତେଙ୍ଗ ଗୋଟ୍ କିଜି ପାର୍‌ତନା
କିଦେଙ୍ଗ ଆସ୍‌ତାନ୍ । 42 ଏ ବୁବା, ଜଦି ନି ବଦା ମାନାତ୍, ଆୟା
ଦୁଃକ୍ ନି କାସ୍କୁଦି ସାଟି ଆକ କିଆ; ଆରିଙ୍ଗ ନା ବଦା ସିଲେ,
ମାତର୍ ନି ବଦା ସତ୍ ଆପିତ୍ । 43 ମାରି, ମୁସ୍‌କୁପୁର୍‌ତାନ୍ ଅରେନ୍
ଦୁତ୍ ଦର୍ସନ୍ ସିଜି ୱାନିଙ୍ଗ ସାକ୍ତି ସିତାତ୍ । 44 ମାରି, ଜିସୁ ନାଣ୍ତ
ଦୁଃକ୍ ଆଜି ଉଣ୍ତି ମନ୍‌ତାନ୍ ପାର୍‌ତନା କିଦେଙ୍ଗ ଅତାନ୍ ମାରି ୱାନି
ରୁନୁ ନେତେର୍ ଟିପା ୱାଜା ବୁମିଦୁ ୱାଙ୍ଗିଁତାତ୍ । 45 ମାରି, ୱାନ୍
ପାର୍‌ତନା କିନିମାଣାନ୍ ନିଙ୍ଗିଁଜି ସିସୁରି ଲାକ୍‌ତୁ ୱାଜି ୱାରିଙ୍ଗ ଦୁଃକ୍
ଉଣ୍ତିଙ୍ଗ ସୁଜ୍‌ନିକା ସୁଡୁତାନ୍; 46 ମାରି, ଜିସୁ ୱାରିଙ୍ଗ ଇର୍‌ଆନ୍,
"ଏନ୍ଦ୍ରା ସୁଜ୍‌ଜିନିଦେର୍? ପରିକାଦୁ ଏଣ୍ତେସ୍ ଆର୍‌ଇଦେର୍, ଆୟା
ଉଣ୍ତିଙ୍ଗ ନିଙ୍ଗଜ ପାର୍‌ତନା କିଦୁ ।" 47 ଜିସୁ ୱାର୍‌ଗିନିୱାଲେ,
ସୁଡୁଦୁ, ଲୋକୁ ୱିଜେରେ ୱାଜି ଉଣ୍ତାତାର୍, ମାରି ବାରଲୋକ୍
ସିସୁରି ଲୋଇରାନ୍ ଜିହୁଦା ଦର୍‌ତି ଅରେନ୍ ୱାରି ଆଗ୍‌ଡ଼ି ଆଗ୍‌ଡ଼ି
ୱାଜି ଜିସୁଙ୍ଗିଁ ନଣ୍ତେଦଙ୍ଗ ଇଜି ୱାନି ଲାକ୍‌ତୁ ସର୍‌ଆନ୍ । 48
ମାତର୍ ଜିସୁ ଜିହୁଦେଙ୍ଗ ଇର୍‌ଆନ୍, "ଏ ଜିହୁଦା, ମନୁସ୍ୟପୁତ୍ରଦିଙ୍ଗ
ନଣ୍ତିଜି ନୋ ସାତୁରି କିୟୁଦୁ ସର୍‌ପେ କିଜି ସିଜିନି?" 49 ଇବେଟ୍
ଇନିକା ଆନାତ୍, ଆକା ସୁଡ଼୍‌ଜି ୱାନି ତଡ଼୍‌କୁ ଇର୍ହାର୍, "ପ୍ରବୁ, ମାପ୍
ଇନିକା କାଣ୍ତାଦାନ୍ କାତ୍‌ନାପ୍?" 50 ମାରି, ୱାରି ଲୋଇ ଅରେନ୍
ୱିଜେରିଙ୍ଗପେରି ଜାଜକ୍‌ତିମାନୁ ପାଣିକିନି ଗତିମୁରୁଲିଦି ଉଣେରି
ଗିତଣି କୟାତା ପୋକ୍‌ତାନ୍ । 51 ମାତର୍ ଜିସୁ ଇର୍‌ଆନ୍,
"ନିସନେ ଆନାଡ଼େଲ; ମାରି, ୱାନ୍ ୱାନି ଗିତଣି ମୁଟ୍‌ସି ୱାନିଙ୍ଗ
ନେଗେଣ୍ତ କିତାନ୍ ।" 52 ମାରି, ଜିସୁ ୱାନି ବିରଦ୍‌ତାନ୍ ୱାତି
ମାର୍‌ଇ ପେରି ଜାଜକ, ମନ୍ଦିର୍‌ତି ପେରି ପେରିକାର୍ ମାରି ପେରି
ଡକ୍ରାରିଙ୍ଗ ଇର୍‌ଆନ୍, "ଡଙ୍ଗାଁର୍‌ଏନ୍ ବିରଦ୍‌ତାନ୍ ସନିୱାନିୱାଜା
କାଣ୍ତା ନି ଡୁଡୁ ଆସ୍‌ସି ମିର୍ ଇନିକା ସତିୱାତିଦେର୍? 53 ନାନ୍
ଦିନାମି ମିୱାଲେ ମନ୍ଦିର୍‌ତୁ ମାନିୱାଲେ ମିର୍ ନା ବିରଦ୍‌ତାନ୍ କିୟୁ
ପେର୍‌ଇତିଦେର୍, ମାତର୍ ଇକା ମି ସମୟ ମାରି ସିକାଟିଦି ସାସନ୍
।" 54 ୱେନ୍‌କା ୱାର୍ ଜିସୁଙ୍ଗିଁ ଆସ୍‌ସି ଅସି ୱିଜେରିଙ୍ଗପେରି
ଜାଜକରି ଇଲ୍‌ତୁ ତାତାର୍; ମାତର୍ ପିତର୍ ଆକ ତେବାଜି ୱେନ୍‌କା
ୱେନ୍‌କା ସର୍‌ଆନ୍ । 55 ମାରି, ୱାର୍ ଦୁଆର୍‌ତି ନାଡ଼୍‌ମି ସିସୁ
କାସିସ୍‌କିଜି ଉଣ୍ତେମାନୁ ବାସ୍‌ତାର୍, ପିତର୍ ୱାରିମାନୁ ବାସ୍‌ତା
ମାର୍‌ଆନ୍ । 56 ଅରେତ୍ ପାଣି କିନି ଆଇମା ପିତର୍‌ତିଙ୍ଗ ସିସୁ
ଲାକ୍‌ତୁ ବାସ୍‌ତିମାର୍‌ଇକା ସୁଡୁଜି ଇର୍ହାତ୍, "ଇକାନ୍ ବା ଜିସୁୱାଲେ
ମାର୍‌ଆନ୍ ।" 57 ମାତର୍ ପିତର୍ ଇୟା ମାଟାଦିଙ୍ଗ ସିଲେଇଜି
ଇର୍‌ଆନ୍, "ଏ ଆଇମା, ନାନ୍ ୱାନିଙ୍ଗ ନେସେଏ ।" 58 ଏସୋ
ସମୟ ୱେନ୍‌କା ମାରି ଅରେନ୍ ୱାନିଙ୍ଗ ସୁଡୁଜି ଇର୍‌ଆନ୍, "ନିନ୍
ବା ଜିସୁୱାଲେ ମାର୍‌ଇ ଲୋକା ଲୋଇ ଅରେନ୍ ।" ମାତର୍ ପିତର୍
ଇର୍‌ଆନ୍, "ସିଲେ, ତଡ଼ାନ୍, ନାନ୍ ନେସେଏ ।" 59 ମାରି ଗଣ୍ଟା
ୱେନ୍‌କା ମାରି ଅରେନ୍ ପୁରା ନେସ୍‌ସି ଇନ୍‌ଡ୍ରେଙ୍ଗ ଆସ୍‌ତାନ୍,
"ଇକାନ୍ ବା ସତେନେ ୱାନିୱାଲେ ମାର୍‌ଆନ୍, ଇରିଙ୍ଗ ୱାନ୍ ତୋ
ଗାଲିଲିଦି ଲୋକୁ ।" 60 ମାତର୍ ପିତର୍ ଇର୍‌ଆନ୍, "ତଡ଼ାନ୍,
ନିନ୍ ଆମାକା ଇଜିନି, ନାନ୍ ଆକା ନେସେଏ ।" ଆୟାଦାପ୍ରେ
ୱାନ୍ ମାଟା ଇନ୍‌ବୁ ଇନ୍‌ବୁ କରୁ କେଡ଼ିତାତ୍ । 61 ମାରି ପ୍ରବୁ
ଡ଼େସି ମାର୍‌ଜି ପିତର୍‌ତିଙ୍ଗ ସୁଡୁତାନ୍; "ଆବେଟ୍ ନେର୍ କର୍‌ରୁ
କେଡ଼ିନି ଆଗ୍‌ଡ଼ିନେ ନିନ୍ ନାଙ୍ଗିଁ ମୁଜା ନେସେଏ ଇଜି ଇନି, ଇୟା
ଆମା ମାଟା ପ୍ରବୁ ପିତର୍‌ତିଙ୍ଗ ଇର୍‌ଆମାର୍‌ଆନ୍," 62 ଆକା
ପିତର୍ ୱାନି ମୋନ୍‌ତୁ ଏତ୍‌କିତାନ୍, ମାରି ୱାନ୍ ଆତ୍‌ରେ ସଲ୍‌ସି
ନାଣ୍ତ ଦୁଃକ୍‌ତାନ୍ ଆଡ଼୍‌ବାତାନ୍ । 63 ମାରି, ଏମେ ଲୋକ୍ ଜିସୁଙ୍ଗିଁ
ଆସ୍‌ତା ଇଟ୍‌ତାମାର୍‌ଆର୍, ୱାର୍ ୱାନିଙ୍ଗ ଡାକ୍‌ସି ଡାକ୍‌ସି ସେମାର୍
କିତାର୍, 64 ମାରି ୱାନି ମୋକମି ପାଗା କେର୍‌ପ୍‌ସି ୱାନିଙ୍ଗ
ୱେନ୍‌ବାତାର୍, ନିନ୍ ପରା ବାବବାଦି! ଇନ୍‌ଆଁ ତୋ, ଏନ୍ ନିଙ୍ଗିଁ
ଡାକ୍‌ତାର୍? 65 ମାରି, ୱାର୍ ନାଣ୍ତ ମାଟେଙ୍ଗ ୱାନି ବିରଦ୍‌ତାନ୍
ଇଜି ୱାନିଙ୍ଗ ନିନ୍ଦା କିଦେଙ୍ଗ ଆସ୍‌ତାର୍ । 66 ସାଲ୍‌ଦି ଆତିଦାପ୍ରେ
ଲୋକା ପେରିଡକ୍‌ରାର୍, ମାରି ପେରି ଜାଜକର୍ ମାରି ସାସ୍ତିର୍
ଉଣ୍ତାଜି ତାମେ ପେରି ଲୋକାମିଟିଙ୍ଗତୁ ଜିସୁଙ୍ଗିଁ ଅସି ଇର୍ହାର୍,
"ନିନ୍ ଜଦି କ୍ରିସ୍ତ, ଆରିଙ୍ଗ ମାଙ୍ଗିଁ ଇନ୍‌ଆଁ ।" 67 ୱାର୍ ଇର୍ହାର୍,
"ମାଙ୍ଗିଁ ଇନ୍‌ଆଁ, ନିନୁ ଇନିକା ମସିହ?" ୱାନ୍ ୱାରିଙ୍ଗ ଇର୍‌ଆନ୍,
"ନାନ୍ ଜଦି ମିଙ୍ଗିଁ ଇନା, ମିର୍ ତୋ ବିସ୍‌ବାସ୍ କିଇଦେର୍; 68
ମାରି, ନାନ୍ ଜଦି ପ୍ରସ୍ନ ୱେନ୍‌ବାନା, ମିର୍ ୱେର୍‌ଇଦେର୍ । 69
ମାତର୍ ଇଲେଇରାନ୍ ମନୁସ୍ୟପୁତ୍ର ପେରି ସାକ୍ତିଦି ମାପୁରୁଦି
ରାଜାଗାଦିଦି ଉଣେରି ତରିନ୍ ବାସ୍‌ନାନ୍ ।" 70 ଆବେଟ୍ ୱିଜେରେ
ୱେନ୍‌ବାତାର୍, "ଆରିଙ୍ଗ ନିନ୍ ଇନିକା ମାପୁରୁଦି ମାରିନ୍?" ଜିସୁ
ୱାରିଙ୍ଗ ଇର୍‌ଆନ୍, "ନାନ୍ ଆକାନେ ଇଜି ମିର୍ ଇଜିନିଦେର୍ ।"
71 ଆବେଟ୍ ୱାର୍ ଇର୍ହାର୍, "ଆରିଙ୍ଗ ମାଙ୍ଗିଁ ସାକି ମାରି ଏନ୍ଦ୍ରା
ଦରକାର୍? ମାଡ଼୍ ତୋ ନିଜେନିଜେ ୱାନି ନିଜେଦି ୱେୟୁଦାନ୍
ୱେରିକା ।"

**23** ୱେନ୍‌କା କୁଟୁମ୍‌ତି ୱିଜେରେ ଲୋକୁ ନିଡ୍ଗିଁତାରୋ ପିଲାତ୍
ରାଜାମାନୁ ଜିସୁଡ୍ଗିଁ ଅତାର୍ । 2 ମାରି, ୱାର୍ ୱାନି
ବିରଦ୍‌ତାନ୍ ଦୋସ୍ କିଜି ଇନ୍‌ଡ୍ରେଡ୍ଗି ଆସ୍‌ତାର୍, “ମାପ୍ ସୁଡ୍ରୁତାପ୍,
ଇକାନ୍ ମା ଲୋକାଡ୍ଗି ରାଜାଦି ବିରଦ୍ କିବିସ୍‌କିଜିନାନ୍ ମାରି
କାଇସର୍ ରାଜେଡ୍ଗି ସିସ୍‌ଟୁ ସିଦେଡ୍ଗି ତେବା କିଜିନାନ୍ ମାରି
ନିଜେଦିଡ୍ଗି କ୍ରିସ୍ତ ରାଜା ଇଜିନାନ୍ ।” 3 ଆବେଟ୍ ପିଲାତ୍‌ରାଜା
ୱାନିଡ୍ଗି ୱେନ୍‌ବାତାନ୍, “ନିନ୍ ନୋ ଜିହୁଦି ଲୋକ୍‌ତି ରାଜା?” ୱାନ୍
ୱାନିଡ୍ଗି ଇର୍‌ଆନ୍, ନିନ୍ ଇଜିନି । 4 ଆବେଟ୍ ପିଲାତ୍ ରାଜା ପେରି
ଜାଜକରିଡ୍ଗି ମାରି ଲୋକାଡ୍ଗି ଇର୍‌ଆନ୍, “ନାନ୍ ଇୟାୱାନିମାନୁ
ଇନି ଦୋସ୍ ପୟ୍‌ଏଜିନା ।” 5 ମାତର୍ ୱାର୍ ମାରି ନାଣ୍ଡୁଦାନ୍
ନାଣ୍ଡୁ ଇନ୍‌ଡ୍ରେଡ୍ଗି ଆସ୍‌ତାର୍, “ଇକାନ୍ ୱିଜୁ ଜିହୁଦା ଦେସ୍‌ତୁ
ସିକିୟା ସିଜି ଗାଲିଲିଦାନ୍ ଆରାମ୍ କିଜି ଇବେବା ଲୋକାଡ୍ଗି
ବାୟା କିଜିନାନ୍ ।” 6 ମାତର୍ ପିଲାତ୍ ରାଜା ଇକା ୱେନ୍‌ଜି
ୱେନ୍‌ବାତାନ୍, “ଇୟା ଲୋକୁ ଇନିକା ଅରେନ୍ ଗାଲିଲିଦିକାନ୍?”
7 ମାରି, ୱାନ୍ ଜେ ହେରୋଦ୍ ରାଜାଦି ଅଦିକାର୍‌ତାନ୍ ମାନାନ୍,
ଇକା ନେସ୍‌ସି ୱାନ୍ ଜିସୁଡ୍ଗିଁ ହେରୋଦ୍ ଲାକ୍‌ତୁ ପୋକ୍‌ତାନ୍,
ୱାନ୍ ବା ଆୟାୱାଲେ ଜିରୁସାଲାମ୍‌ତୁ ମାର୍‌ଆନ୍ । 8 ହେରୋଦ
ରାଜା ଜିସୁଡ୍ଗିଁ ସୁଡ୍ରୁଜି ନାଣ୍ଡୁ ୱେଡ଼ିକା ଆତାନ୍, ଇରିଡ୍ଗି ୱାନ୍
ଜିସୁଦି ବିସୟ୍‌ତାନ୍ ୱେର୍‌ଆମାର୍‌ଆନ୍ ଆକା ୱାନିଡ୍ଗି ଏସୋ
କାଡ଼ାଦାନ୍ ସୁଡ୍ରେ୍‌ଦଡ୍ଗି ବଦାକିଜିମାର୍‌ଆନ୍, ମାରି ଜିସୁ ମାଣାନ୍
ଉଣ୍ଡି କାବାଆନି ପାଣି ସୁଡ୍ରୁଦେଡ୍ଗି ଆସାକିଜିମାର୍‌ଆନ୍ । 9
ଆଦେଡ୍ଗି ହେରୋଦ ରାଜା ଜିସୁଡ୍ଗିଁ ଏସୋ ମାଟେଡ୍ଗି ୱେନ୍‌ବାଦେଡ୍ଗି
ଆସ୍‌ତାନ୍, ମାତର୍ ୱାନ୍ ୱାନିଡ୍ଗି ଉଣ୍ଡି ମାଟା ବା ଇନ୍‌ଏତାନ୍
। 10 ମାରି, ପେରି ଜାଜକର୍ ମାରି ସାସ୍ତିର୍ ନିର୍‌ଆରୋ ୱାନି
ବିରଦ୍‌ତାନ୍ ଦୋସ୍ କିଦେଡ୍ଗି ଆସ୍‌ତାର୍ । 11 ମାରି, ହେରୋଦ
ନିଜେଦି ସୈନ୍ୟରି ୱାଲେ ୱାନିଡ୍ଗି ସେମାର୍ କିଜି ସେମାର୍
କିନି ରାଜାରି ଆଡ୍ଗିଁ ଆରିସ୍ କିତାର୍‌ରୋ ପିଲାତ୍‌ଦି ଲାକ୍‌ତୁ
ମାରିଡ଼େସି ପୋକ୍‌ତାର୍ । 12 ଆୟା ନାଣ୍ଡିଡ୍ଗି ହେରୋଦ ମାରି
ପିଲାତ୍ ମିସାବିଡ଼ାଜି ସଡ୍ଗି ଆତାର୍; ଆଗିଡ଼ି ୱାର୍ ନିଜେ ନିଜେଦି
ମାନୁ ସାତ୍ରୁରୁ ମାର୍‌ଆର୍ । 13 ତାନେୱେନ୍‌କା ପିଲାତ୍ ପେରି
ଜାଜକରିଡ୍ଗି, ପେରି ୱାରିଡ୍ଗି ମାରି ୱିଜୁ ଲୋକାଡ୍ଗି ଉଣ୍ଡେ ମାନୁ
କୁକ୍‌ସି ୱାନ୍ ୱାରିଡ୍ଗି ଇର୍‌ଆନ୍, 14 “ଇୟା ଲୋକାଡ୍ଗି ସେଇପାଣି
କିବିସ୍‌କିଜିନାନ୍ ଇଜି ମିର୍ ୱେନିଡ୍ଗି ମା ଲାକ୍‌ତୁ ତାତିମାନିଦେର୍;
ମାରି ସୁଡ୍ରୁଦୁ, ମାପ୍ ମି ଆଗିଡ଼ିନେ ୱେନିଡ୍ଗି ୱେନ୍‌ବାତାମାନା,
ୱାନି ବିରଦ୍‌ତାନ୍ ମିର୍ ଆମାକାୱିଜୁ ଇଜିନିଦେର୍, ଆୟାୱାଜା
ଇନି ସେଇପାଣି ୱେନିମାନୁ ପୟ୍‌ଏ । 15 ହେରୋଦ ବା ୱାନି
ସେଇପାଣି ପୟ୍‌ଏ, ମାତର୍ ହେରୋଦ ଜିସୁଡ୍ଗିଁ ମା ଲାକ୍‌ତୁ ମାରି
ପୋକ୍‌ତାତାନ୍; ମାରି ସୁଡ୍ରୁଦୁ, ଇୟା ଲୋକ୍ ସାନିଦଣ୍ଡୁ ଜଗ୍ ଇନି
ପାଣିବା କିଏନ୍; 16 ମାରି ମାପ୍ ୱେନିଡ୍ଗି ସାସ୍ତି ସିତିୱେନ୍‌କାନେ
ଡ଼ିସ୍‌ନାପ୍ । 17 ପଣ୍ଡୁୟତି ସମୟତୁ ୱାରି ଉଣ୍ଡିଡ୍ଗି ୱାନିଡ୍ଗି ଅରେନ୍
ଜଇଲ୍‌ତୁ ମାନି ୱାନିଡ୍ଗି ଡ଼ିସିସ୍ କିଦେଡ୍ଗି ଆଜିମାର୍ହାତ୍ ।” 18
ମାତର୍ ୱାର୍ ୱିଜେରେ ଅର୍‌ସେ ଆଉଲି ଆଜି ଇର୍ହାର୍, “ୱେନିଡ୍ଗି
ସାୟାମାରାଗ୍ ଡାକ୍‌ତୁ, ମା ଉଣ୍ଡିଡ୍ଗି ବାରବ୍ବାଦିଡ୍ଗି ଡ଼ିସ୍‌ତୁ ।” 19
ଇୟା ବାରବ୍ବା ଗାଡ଼୍‌ତୁ ଗଟାତିମାନି ଜୁଦ୍ ଆରାମ୍ କିତିମାନି
ଉଣ୍ଡିଡ୍ଗି ମାରି ଏସ ଲୋକାଡ୍ଗି ସାୟାମାର୍‌ଗା ଡାକ୍‌ତିମାନି ଉଣ୍ଡିଡ୍ଗି
ଜଇଲ୍‌ତୁ ତେବାତା ମାର୍‌ଆନ୍ । 20 ମାତର୍ ପିଲାତ୍ ଜିସୁଡ୍ଗିଁ
ଡ଼ିସ୍‌ସି କିଦେଡ୍ଗି ବଦାକିତାନ୍‌ନୋ ୱାରିଡ୍ଗି ମାରିଡ଼େସି ବୁଜାକିତାନ୍
। 21 ଇରିଡ୍ଗି ୱାର୍ ନାଣ୍ଡୁ ଆଉଲି ଆଜି ଇଣ୍ଡ୍ରେଡ୍ଗି ଆସ୍‌ତାର୍,
“ୱାନିଡ୍ଗି କ୍ରୁସକାଟ୍‌ତୁ ଏକିସ୍‌କିଦୁ, କ୍ରୁସକାଟ୍‌ତୁ ଏକିସ୍‌କିଦୁ ।”
22 ମାରି, ପିଲାତ୍ ୱାରିଡ୍ଗି ମୁଣ୍ଡି ଦେବେଡ୍ଗି ଇର୍‌ଆନ୍, “ଏନ୍ଧା,
ୱାନ୍ ଇନିକା ଦସ୍ କିତାମାନାନ୍? ମାପ୍ ୱାନିମାନୁ ସାନିଦଣ୍ଡୁତି
ଇନି ଦସ୍‌ବା ପୟ୍‌ଏପ୍; ମାରି, ମାଡ୍ ୱାନିଡ୍ଗି ସାସ୍ତି ସିନାଡ
ଡ଼ିସ୍‌ନାଟ୍ ।” 23 ମାତର୍ ୱାନ୍ କ୍ରୁସକାଟ୍‌ତୁ ଏକିସ୍‌କିଦୁ ଇଜି ଦାବି
କିଜି ୱାର୍ ପେରି ୱେୟୁଦାନ୍ ଜିଦ୍ କିଦେଡ୍ଗି ଆସ୍‌ତାର୍, ମାରି
ୱାରି ଆଉଲିଦାନ୍ ପୁରା ଆତାତ୍ । 24 ମାରି, ୱାରି ଦାବି କିତି
ଇସାବ୍‌ତାନ୍ ଆପିତ୍ ଇଜି ପିଲାତ୍ ଆଦେସ୍ ସିତାନ୍ । 25 ମାତର୍
ଜୁଦ୍ ମାରି ଲୋକାଡ୍ଗି ସାୟାମାର୍‌ଗା ଡାକ୍‌ତି ଉଣ୍ଡିଡ୍ଗି ଜଇଲ୍‌ତୁ
ଇଟ୍‌ତିମାନି ଏମେ ଲୋକ୍‌ତି ଉଣ୍ଡିଡ୍ଗି ୱାର୍ ଦାବି କିତାମାଆର୍,
ଆୟା ବାରବ୍ବାବେଡ୍ଗି ପିଲାତ୍ ଡ଼ିସ୍‌ତାନ୍, ମାରି ପିଲାତ୍ ଜିସୁଡ୍ଗିଁ
ସାୟାମାର୍‌ଗା ଡାକ୍‌ତେଡ୍ଗିଁ ଇଜି ଲୋକା ବଦାଦାନ୍ କିୟୁଦୁ ସର୍‌ପେ
କିତା ସିତାନ୍ । 26 ସନ୍ୟର୍ ଜିସୁଡ୍ଗିଁ ଆସ୍‌ତାରୋ ସନିୱାଲେ ଇସ୍ରି
ନାର୍‌ତାନ୍ ଗାଡ଼୍‌ତୁ ୱାଜିମାନି ସିମୋନ ଦର୍‌ତି ଅରେନ୍ କୁରିଣି
ଗାଡ଼୍‌ତି ଲୋକ୍‌ତିଡ୍ଗି ଆସ୍‌ତାର୍‌ରୋ ଜିସୁଦି ୱେନ୍‌କା ୱେନ୍‌କା
କ୍ରୁସକାଟ୍ ପିଡିଦେଡ୍ଗି ଇଜି ସିମୋନତି ମେପିଦୁ ଆକା ଇଟ୍‌ତାର୍
। 27 ମାରି, ଲୋକାଡ୍ଗି ମାରି ୱାନି ଉଣ୍ଡିଡ୍ଗି ଦୁଃକ୍ କିଜି ବକାଦୁ
କତାଜି ଆଡ଼୍‌ବାଜି ମାନି ଆଇମେକ୍ ନାଣ୍ଡୁ ଲୋକୁ ଜିସୁ ୱେନ୍‌କା
ୱେନ୍‌କା ସୋଲ୍‌ସିମାର୍‌ଏ । 28 ମାତର୍ ଜିସୁ ଆଇମେକା ତରିଣ୍ଡୁ
ମାର୍‌ଜିବେସତାନ୍‌ନୋ ଇର୍‌ଆନ୍, “ଏ ଜିରୁସାଲମତି ଆଇମେକ୍,
ନା ଉଣ୍ଡିଡ୍ଗି ଆଡ଼୍‌ବାମାଟ୍, ମାରି ମିର୍ ନିଜେ ନିଜେଦି ଉଣ୍ଡିଡ୍ଗି ମାରି
ନିଜେ ନିଜେଦି କଡ଼ରିଡ୍ଗି ଉଣ୍ଡିଡ୍ଗି ଆଡ଼୍‌ବାଦୁ; 29 ମାତର୍ ସୁଡ୍ରୁଦୁ,
ଏମେ ଆଇମେକ୍ ବାଞ୍ଜି, ମାରି ଏମେ ଆଇମେକ୍ ଏସ୍‌କାଡ୍ଗିବା
ପୋଟାଦୁ ଆଉ ମାରି ପାଲ୍ ଉଟ୍‌ଉ, ୱାନିକାଡ୍ଗି ଲୋକୁ ଏସ୍ତିୱାଲେ
ଦନ୍ୟ ଦନ୍ୟ ଇଜି ଇନାର୍, ଇୟାୱାଜା ସମୟ୍ ୱାଜିନାତ୍ । 30
ନାସ୍ତିୱାଲେ ଲୋକୁ ଗରକାଡ୍ଗି ଇଣ୍ଡ୍ରେଡ୍ଗି ଆସ୍‌ନାର୍, ମା ମୁସ୍‌କୁ
ଆର୍‌ଆ, ମାରି ଇସ୍ରିଗରକାଡ୍ଗି ଇଣ୍ଡ୍ରେଡ୍ଗି ଆସ୍‌ନାର୍, ମାଡ୍ଗିଁ ପିଡ଼ିକ୍‌ଆ
। 31 ମାତର୍ ଲୋକୁ ଜଦି ଜିବନ୍‌ମାନି ମାରାନ୍ ଉଣ୍ଡିଡ୍ଗି ଇକା
କିନାର୍, ଆଦେଡ୍ଗି ୱାର୍‌ତି ମାରାନ୍ ଉଣ୍ଡିଡ୍ଗି ଇନିକା ଗଟେଆଏତ୍?”
32 ମାରି, ଜିସୁଦି ୱାଲେ ସାନିଦଣ୍ଡୁ ସିଦେଡ୍ଗି ଇଜି ମାରି ରିଏର୍
ଡଡ୍ଗିଁରିଡ୍ଗି ବା ୱାନି ୱାଲେ ଅସିମାର୍ହାର୍ । 33 ମାରି, ୱାର୍ କାପାଲ୍
ନାନି ଦର୍‌ତି ବାଡିଦୁ ଇତାର୍‌ରୋ ଆବେନୁ ସୈନ୍ୟର୍ ଜିସୁଡ୍ଗିଁ
କ୍ରୁସକାଟ୍‌ତୁ ଏକିସ୍‌କିତାର୍, ମାରି ଡଡ୍ଗିଁରିଡ୍ଗି ରିଏରି ମାଣ୍‌କୁ
ଅରେନ୍ ୱାନିଡ୍ଗି ଉଣିକିୟୁ ତରିନ୍ ମାରି ଆଇୱାନିଡ୍ଗି ଡେବିରି

କିୟୁ ତରିନ୍ କ୍ରୁସକାଟ୍‌ତୁ ଏକିସ୍‌କିତାର୍ । 34 ନାସ୍ତିୱାଲେ ଜିସୁ
ଇର୍ହାନ୍, "ଏ ବୁବା, ୱେରିଙ୍ଗ୍ କେମା କିଆ, ଇରିଙ୍ଗ୍ ଇକାର୍
ଇନିକା କିଜିନାର୍, ଆକା ୱାର୍ ନେସ୍‌ଏର୍ ।" ମାରି, ୱାର୍ ୱାନି
ଆର୍ଙ୍ଗ୍‌ୱିଜୁ ବାଗ୍ କିନି ଉଣ୍ଡିଙ୍ଗ୍ କୁଡୁକୁଡି କିତାର୍ । 35 ମାରି,
ଲୋକୁ ନିର୍‌ଆର୍‌ରୋ ଜିସୁଙ୍ଗ୍ ସୁଡ୍‌ଜି ମାର୍ହାର୍ । ମାରି, ଜିହୁଦି
ନେତାର୍ ବା ୱାନିଙ୍ଗ୍ ସେମାର୍ କିଜି ଇଣ୍ଡେଙ୍ଗ୍ ଆସ୍‌ତାର୍, ୱାନ୍
ଆଇୱାରିଙ୍ଗ୍ ରକିୟା କିତାନ୍, ୱାନ୍ ଜଦି ମାପୁରୁଙ୍ଗ୍ ବାସେକିତି
କ୍ରିସ୍ତ, ସିଲିତିଙ୍ଗ୍ ନିଜେଦିଙ୍ଗ୍ ରକିୟା କିପିନ୍ । 36 ମାରି, ସୈନ୍ୟର୍
ବା ଜିସୁ ଲାକ୍‌ତୁ ୱାଜି ସୋଇନିରସ ଜାସେ କିଜି ୱାନିଙ୍ଗ୍ ସେମାର୍
କିଜି ଇର୍ହାର୍, 37 ନିନ୍ ଜଦି ଜିହୁଦିର୍ ରାଜା, "ଆଦେଙ୍ଗ୍ ନିଜେଦିଙ୍ଗ୍
ରକିୟା କିଆ ।" 38 ମାରି, ୱାନି ମୁସ୍‌କୁ ଇୟାୱାଜା ରାସ୍‌ତିକା
ବା ମାର୍ହାତ୍, "ଇକାନ୍ ଜିହୁଦିର୍ ରାଜା ।" 39 ମାରି, କ୍ରୁସକାଟ୍‌ତୁ
ଏକିସ୍‌କିତିମାନି ଡଙ୍ଗାଁରି ମାଣ୍‌କୁ ଅରେନ୍ ଜିସୁଙ୍ଗ୍ ନିଦା କିଜି
ଇଣ୍ଡେଙ୍ଗ୍ ଆସ୍‌ତାନ୍, "ନିନ୍ ଇନିକା କ୍ରିସ୍ତ ଆଇନୋ? ନିଜେଦିଙ୍ଗ୍
ନି ମାଙ୍ଗ୍ ରକିୟା କିଆ ।" 40 ମାତର୍ ମାରି ଅରେନ୍ ୱାନିଙ୍ଗ୍
ଆଦ୍‌ରିସ୍ କିଜି ଇର୍ହାନ୍, "ନିନ୍ ସାମାନ୍ ଦଣ୍ଡ ତୋ ପଇଜିନି, ନିନ୍
ମାପୁରୁଙ୍ଗ୍ ଇନିକା ତିଲାଇଜିନି ନୋ? 41 ମାରି, ମାଡ୍ ଗିଦେ
ନିୟ୍ୟାଇସାବତାନ୍ ଦଣ୍ଡ ବୋଗାଜିନିକା, ଇରିଙ୍ଗ୍ ମାଡ୍ ନିଜେ
ନିଜେଦି କାର୍ମୁଦି ଦସ୍ ପଲ୍ ପୋଇଜିନିକା, ମାତର୍ ଇୟା ଲୋକୁ
ଇନି ଦୋସ୍‌ବା କିଏନ୍ ।" 42 ତାନେୱେନ୍‌କା ଆୟା ଡଙ୍ଗାଁରେଏନ୍
ଜିସୁଙ୍ଗ୍ ଇର୍ହାନ୍, "ଏ ଜିସୁ ନିନ୍ ନିଜେଦି ରାଜିଦୁ ସୋର୍‌ରିଙ୍ଗ୍
ନାଙ୍ଗ୍ ଏତ୍ କିଆ ।" 43 ଆବେଟ୍ ଜିସୁ ୱାନିଙ୍ଗ୍ ଇର୍ହାନ୍, "ନାନ୍
ନିଙ୍ଗ୍ ସତ୍ ୱେର୍‌ସିନା, ନେରୁ ନିନ୍ ନା ୱାଲେ ମୁସ୍‌କୁପୁର୍ ସନି
।" 44 ନାସ୍ତିୱାଲେ ପୁରା ବାର୍ ଗଣ୍ଟା ସମୟ୍ ଆତାମାର୍ହାତ୍,
ମାରି, ୱେଡ଼ାଦି ଜାୟ୍ ସିଲେଣ୍ଡ ଆତାତ୍‌ଆକା ମୁନ୍‌ଡ୍ରି ଗଣ୍ଟା
ସାନ୍ଧି ପୃତିବି ୱିଜୁ ସିକାଟି ଆତାସୋର୍ହାତ୍ । 45 ମାରି ମନ୍ଦିର୍‌ତି
ପବିତ୍ର ବାଡିଦିଙ୍ଗ୍ ଏର୍‌ପିସିମାନି ଦୁଙ୍ଗ୍‌ନି ପାର୍‌ଦା ମୁସ୍‌କୁରାନ୍
ଆଡ୍‌ଗି ସାନ୍ଦି କିଜ୍‌ଜି ରୁଣ୍ଡି ମୋକେଙ୍ଗ୍ ଆତାତ୍ । 46 ମାରି,
ଜିସୁ ନାଣ୍ଡ ଆଉଲି ଆଜି ଡ଼େସି ଇର୍ହାନ୍, "ଏ ବୁବା, ନି କିୟୁଦୁ
ନାନ୍ ନିଜେଦି ଆତ୍ମା ସପ୍ରେ କିଜିନା ।" ଇକା ଇନ୍‌ଞ୍ଜି ୱାନ୍ ସାତା
ସୋର୍ହାନ୍ । 47 ସତସେନାପତି ଇୟା ଗଟ୍‌ନା ସୁଡୁଜି ମାପୁରୁଙ୍ଗ୍
ଦନ୍ୟବାଦ୍ କିଜି ଇର୍ହାନ୍, "ପୁରା ଇୟା ଲୋକୁ ଦାର୍ମୁ ମାର୍ହାନ୍
।" 48 ମାରି, ଏମେ ଲୋକୁୱିଜେର୍ ଇୟା ଗଟ୍‌ନା ସୁଡୁଦେଙ୍ଗ୍
ଉଣ୍ଡେମାନୁ ଆତାମାର୍ହାର୍, ୱାର୍ ୱିଜେରେ ଆୟାୱିଜୁ ଗଟ୍‌ନା
ସୁଡୁଜି ନାଣ୍ଡ ଦୁଃକ୍ କିଜି ନିଜେଦି ବକାଦୁ କତାଜି ଆଡ୍‌ବାଜି
ଡେସି ସୋର୍ହାର୍ । 49 ମାତର୍ ୱାନିଙ୍ଗ୍ ନେସ୍‌ତିକାର୍ ୱିଜେରେ
ମାରି ଗାଲିଲିଦାନ୍ ଅର୍‌ସେ ୱାନି ୱେନ୍‌କା ୱେନ୍‌କା ୱାତିମାର୍‌ଇ
ଆଇମେକ୍ ଆକରାନ୍ ନିରେଏନୋ ଇୟାୱିଜୁ ସୁଡୁଜିମାରେଏ
। 50 ମାରି ସୁଡୁଦୁ, ଜିହୁଦିରି ହାରାମାତିୟା ଗାଡ୍‌ତି ଜୋସେପ୍
ଦର୍‌ତିକାନ୍ ଅରେନ୍ ଲୋକୁ ପେରିଦଲ୍‌ତି ନେତା ମାର୍ହାନ୍,
ୱାନ୍ ଅରେନ୍ ନେଗିକାନ୍ ମାରି ଦାର୍ମୁଦି ଲୋକୁ, 51 ମାରି
ଜିହୁଦିରି ମାଟାଦିଙ୍ଗ୍ ନି ପାଣିଦିଙ୍ଗ୍ ମାନାଏତା ମାର୍ହାନ୍, ମାରି
ହାରାମାତିୟା ନିଜେ ବା ମାପୁରୁଦି ରାଜିଦିଙ୍ଗ୍ କାପ୍‌କିଜି ମାର୍ହାନ୍ ।
52 ୱାଣ୍ଡୁ ପିଲାତ୍‌ଦି ଲାକ୍‌ତୁ ସୋର୍ହାନ୍ ନୋ ଜିସୁଦି ସାତି ମାଡ଼ା
ଲସ୍‌ତାନ୍, 53 ମାରି ସାତିମାଡ଼ାଦିଙ୍ଗ୍ ରେପ୍‌ସିତାସି କାଣ୍ଡେକ୍
ୱାତିଦାନ୍ ତେରେପ୍‌ତାନ୍ ନୋ, ଆବେନୁ ଏନ୍ ଏସ୍‌କାଙ୍ଗ୍ ଇଡ୍‌ଏର୍
ମାର୍ହାର୍, ଗରନ୍‌ତୁ କାରିତିମାର୍‌ଇ ଇୟାୱାଜା ଉଣ୍ଡି ଗୁଟାଦୁ ୱାନିଙ୍ଗ୍
ଇଟ୍‌ତାର୍ । 54 ଆୟା ନାଣ୍ଡିଙ୍ଗ୍ ତିଆର୍‌ଆନି ଦିନ୍ ମାର୍ହାତ୍, ମାରି
ରମ୍‌ନିଦିନ୍ ଲାକ୍‌ତୁ ଆଜି ୱାଜି ମାର୍ହାତ୍ । 55 ମାରି, ଗାଲିଲିଦାନ୍
ୱାନି ୱାଲେ ୱାତିମାର୍‌ଇ ଆଇମେକ୍ ୱେନ୍‌କା ୱେନ୍‌କା ସୋର୍‌ଏ
ନୋ ମୁସ୍‌ତିକା ମାରି ୱାନି ମାଡ଼ାଦିଙ୍ଗ୍ ଏଣ୍ଡେସ୍ ଇଟ୍‌ତାର୍, ଆକା
ସୁଡୁତେ, 56 ମାରି ୱାକ୍ ଡେସିସୋର୍‌ଏନୋ ବାସ୍‌ନାଜିନିସ୍‌କୁ
ମାରି ନିୟୁ ତିଆର୍ କିତେ । ୱାକ୍ ରମ୍‌ନିନାଣ୍ଡିଙ୍ଗ୍ ରମିତେ, ଇରିଙ୍ଗ୍
ଇକା ନିୟ୍‌ମତୁ ମାର୍‌ଆତ୍ ।

24 ମାତର୍ ୱାରାଦି ଆଗିଡ଼ିରି ନାଣ୍ଡିଙ୍ଗ୍ ଉଟ୍‌ଲା ନାଡ଼ାକାଦେ
ୱାକ୍ ୱାନିକା ତିଆର୍‌କିତି ବାସ୍‌ନାଦିଜିନିସ୍‌କୁ ନି ନିୟୁ
ଆସ୍‌ତେନୋ ମୁସ୍‌ତି ଲାକ୍‌ତୁ ସୋର୍‌ଏ । 2 ମାରି, ୱାକ୍
ମୁସ୍‌ତିମାଣ୍‌କୁ କାଲୁ ପେଲେକିତି ମାର୍‌ଇକା ସୁଡୁତେ, 3 ମାତର୍
ଲୋଇ ସୋରେଏନୋ ପ୍ରବୁ ଜିସୁଦି ମାଡ଼ା ପୟ୍‌ଉତେ । 4
ମାରି, ୱାକ୍ ଆୟା ବିସୟ୍‌ତାନ୍ ବାୟାବେମ୍ରି ୱାଜା ଆତେ,
ଇୟାୱାଜା ସମୟ୍‌ତୁ ସୁଡୁଦୁ, ଜାୟ୍‌ତି ୱାତି ଆରାତିକେଙ୍ଗ୍
ରିଏର୍ ମୁସ୍‌କୁପୁର୍‌ତି ଦୁତ୍‌କୁ ୱାନିକା ଲାକ୍‌ତୁ ୱାତେ; 5
ଆବେଟ୍ ୱାକ୍ ତିଲାତେ ନୋ ତାଲା ଆଡ୍‌ଗି ପାଡ୍ଡେତ ମାର୍‌ଏ,
ଦୁତ୍‌କୁ ୱାନିକାଙ୍ଗ୍ ଇର୍‌ଏ, "ସାତିୱାରି ମାଣାନ୍ ମିର୍ ଏନ୍ଧା
ଜିତିୱାନିଙ୍ଗ୍ ପୋଇଜିନିଦେର୍? 6 ୱାନ୍ ଇବେନୁ ସିଲେନ୍, ମାତର୍
ନିଙ୍ଗ୍‌ତାମାନାନ୍? ୱାନ୍ ଗାଲିଲିଦୁ ମାର୍‌ଇୱାଲେ ମିଙ୍ଗ୍ ଇନିକା
ଇର୍‌ଆମାର୍‌ଆନ୍ ଆକା ଏତ୍ କିଦୁ, 7 ମନୁସ୍ୟପୁତ୍ରଦିଙ୍ଗ୍ ଜେ
ପାପି ଲୋକା କିୟୁଦୁ ସର୍ପେ ଆଜି କ୍ରୁସକାଟ୍‌ତୁ ସାଦେଙ୍ଗ୍ ଆନାତ୍
ମାରି ମୁଣ୍ଡି ଦିନ୍‌ତିନାଣ୍ଡିଙ୍ଗ୍ ସାତିମାଣ୍‌ନା ଡେସିଜିବନ୍ ଆଜି ନିଙ୍ଗ୍‌ତା
ମାନାନ୍ ।" 8 ଆବେଟ୍ ୱାର୍ ୱାନି ବାକ୍ୟ ଏତ୍ କିତାର୍, 9
ମାରି ମୁସ୍‌ତିମାଣ୍‌ନା ଡେସିସୋର୍‌ଏନୋ ଏଗାର୍ ଲୋକାଙ୍ଗ୍ ନି
ଆଇ ୱିଜେରିଙ୍ଗ୍ ଇୟାୱିଜୁ ମାଟା ୱେର୍‌ତେ । 10 ଇୟାକେଙ୍ଗ୍
ମଗ୍‌ଦଲିନି ମରିୟମ୍, ଜୋହାନା, ଜାକୁବରି ଆଇସି ମରିୟମ୍
ମାରି ୱେନିକା ୱାଲେ ମାନି ଆଇ ଆଇମେକ୍, ଇୟାକେଙ୍ଗ୍
ସିସୁରିଙ୍ଗ୍ ଇୟାୱିଜୁ ବିସୟ୍ ୱେର୍‌ତେ । 11 ମାତର୍ ଇୟାୱିଜୁ ମାଟା
ୱାରି ଲାକ୍‌ତୁ ବାୟାଦିମାଟା ୱାଜା ଆତାତ୍, ମାରି ୱାର୍ ୱାନିକାଙ୍ଗ୍
ବିସ୍‌ବାସ୍ କିଏତାର୍ । 12 ମାତର୍ ପିତର୍ ନିଙ୍ଗ୍‌ତାନ୍‌ନୋ ମୁସ୍‌ତି
ଲାକ୍‌ତୁ ଉରୁକ୍‌ସିସର୍ହାନ୍, ମାରି ପାଡ଼ିଗିଜି ବେସ୍‌ତାନ୍‌ନୋ ୱାର୍‌ଇ
ୱାତିଙ୍ଗ୍‌ୱିଜୁ ସୁଡୁତାନ୍, ମାରି ୱାନ୍ ଆୟା ଗଟ୍‌ନା ବିସୟ୍‌ତାନ୍
ତିଲାତାନ୍‌ନୋ ନିଜେଦି ଇଣ୍ଡ ସୋର୍ହାନ୍ । 13 ମାରି ସୁଡୁଦୁ,
ଆୟାନାଣ୍ଡିଙ୍ଗ୍ ୱାରି ମାଣ୍‌ନା ରିଏର୍ ଲୋକୁ ଜିରୁସାଲମତାନ୍ ପୁରା
ଏଗାର୍ କିଲମିଟ୍‌ରଦାନ୍ ଆକ ଇମ୍ମାୟୁଦି ନାଟ ସୋଲ୍‌ସିମାର୍‌ଆର୍

14 ମାରି ଇୟାୱିଜୁ ଗଟ୍ନା ବିସୟ୍ତାନ୍ ନିଜେ ନିଜେଦି ମାନୁ
ୱାର୍ଗିଜିସାଜି ମାର୍ହାର୍ । 15 ୱାର୍ ୱାର୍ଗିଜିସାନିକା ମାରି
ଲୋଇ ଲୋଇ ୱାର୍ଗିଜିସାନିୱାଲେ ଜିସୁ ୱାନ୍ଣ୍ଡ୍ରେ ୱାରି ଲାକ୍ତୁ
ୱାଜି ୱାରି ୱାଲେ ଦାପେ ଦାପେନେ ବୁଲାଦେଙ୍ଗ ଆସ୍ତାନ୍
। 16 ମାତର୍ ୱାରି କାଣ୍ଣୁକୁ ଇୟାୱାଜା ନାମିତେ ମାର୍ଏ,
ୱାର୍ ୱାନିଙ୍ଗ ଚିନିସ୍ କିଦେଙ୍ଗ ଆଟ୍ଏତାର୍ । 17 ୱାନ୍ ୱାରିଙ୍ଗ
ୱେନ୍ବାତାନ୍, "ମିର୍ ବୁଲାଜି ବୁଲାଜି ଏମେ ୱିଜୁ ବିସୟ୍ ନିଜେ
ନିଜେଦି ମାନୁ ୱାର୍ଗିଜି ସାଜିନିଦେର୍, ଆୟାୱିଜୁ ଇନିକା?
ଆବେଟ୍ ୱାର୍ ଦୁଃକ୍ତୁ ମୋକ୍ମତାନ୍ ନିର୍ଆର୍ରୋ ତେବାତାର୍
।" 18 ମାରି, ୱାରି ମାଣ୍ନା କୟାପା ଦର୍ତିକାନ୍ ଅରେନ୍ ୱାନିଙ୍ଗ
ଇର୍ଆନ୍, "ଜିରୁସାଲମତି ଲୋକାରି ମାଣ୍କୁ ନିନ୍ ଇନିକା ଅରିନ୍ଦେ
ଆୟାବାଡିଦି ଇୟା ଏସ ଦିନ୍ତି ଗଟ୍ନା ନେସେଇ?" 19 ଜିସୁ
ୱାରିଙ୍ଗ ୱେନ୍ବାତାନ୍, "ଇନି ଇନି ୱାଜାଦି ଗଟ୍ନା?" ୱାର୍
ୱାନିଙ୍ଗ ଇର୍ହାର୍, "ନାଜରିତିୟ ଜିସୁଦି ବିସୟ୍; ୱାନ୍ ମାପୁରୁ ମାରି
ୱିଜୁ ଲୋକାଦି ଆଗିଡ଼ି ପାଣିଦୁ ମାରି ବାକ୍ୟଦୁ ଅରେନ୍ ବପୁଦି
ବାବବାଦି ମାର୍ହାନ୍, 20 ମାରି ମା ପେରି ଜାଜକର୍ ମାରି ପେରିକାର୍
ଏଣ୍ଡ୍ରେସ୍ ୱାନିଙ୍ଗ ସାନି ଦଣ୍ଡ ବଗାଦେଙ୍ଗ ସପ୍ରେ କିଜି ୱାନିଙ୍ଗ
କୁସକାଟ୍ତୁ ସାପିସ୍ କିତାର୍, ଇୟାୱିଜୁ ବିସୟ୍ । 21 ମାତର୍ ଏନ୍
ଇସ୍ରାଏଲତିଙ୍ଗ ଡ଼ିସିସ୍ କିନାନ୍, ୱାନ୍ ଜେ ଇୟା ଲୋକୁ, ଆକା ମାପୁ
ଆସା କିତା ମାର୍ଆପ୍; ଇରିଙ୍ଗ ଇକା ଡ଼ିସ୍ତିଙ୍ଗ ଇୟାୱିଜୁ ଗଟାତି
ନେର୍ଆନ୍ ମୁନେନ୍ ଆତାତ୍ । 22 ମାରି ବା, ମା ମାଣ୍କୁ ଏସ
ଆଇମେକ୍ ମାଙ୍ଗଁ କାବା କିତେମାନେ; ୱାକ୍ ଉଟ୍ଲା ନାଡ଼ାକାଦେ
ମୁସ୍ତି ଲାକ୍ତୁ ସୋରେଏମାରେଏ, 23 ମାରି ୱାନି ସାତି ମାଡ଼ା
ପୋଇଉତେନୋ ୱାଜି ଇରେଏ, ୱାକ୍ ଦୁତ୍କା ସୁଡୁତେ ମାରେଏ
ମାରି ଆୟା ଦୁତ୍କୁ ଇରେଏ ଜେ, ୱାନ୍ ଜିବନ୍ ମାନାନ୍ । 24 ମାରି,
ମା ସଙ୍ଗତି ଲୋକା ମାଣ୍କୁ ଏର୍ ଏର୍ ମୁସ୍ତି ଲାକ୍ତୁ ସୋଲ୍ସି,
ଆଇମେକ୍ ଏଣ୍ଡ୍ରେସ୍ ୱେର୍ତେମାରେଏ, ଆୟାୱାଜା ସୁଡୁତାର୍,
ମାତର୍ ୱାନିଙ୍ଗ ସୁଡୁଏତାର୍ ।" 25 ଆବେଟ୍ ଜିସୁ ୱାରିଙ୍ଗ
ଇର୍ଆନ୍, "ଏ କାବାଦିକାର୍, ବାବବାଦିରି ମାଣ୍କୁ ୱେର୍ତିମାର୍ଇ
ୱିଜୁ ବାକ୍ୟଦିଙ୍ଗ ବିସ୍ବାସ୍ କିଦେଙ୍ଗ ଦିରେ ବୁଜାନିଲୋକ୍, 26
ଇୟାୱିଜୁ ଦୁଃକ୍ କାସ୍କ ବୋଗାଜି ନିଜେଦି ମହିମାଦାନ୍ ସୋନିକା
ଇନିକା କ୍ରିସ୍ତଦିଙ୍ଗ ଦର୍କାର୍ ସିଲେତାତ୍?" 27 ମାରି, ମୋସା
ମାରି ୱିଜେରି ବାବବାଦିରିମାଣୁକୁ ଆରାମ୍ କିଜି ୱିଜୁ ଦାର୍ମୁସାସ୍ତ୍ରଦୁ
ନିଜେଦି ବିସୟ୍ତି ମାଟା ୱାନ୍ ୱାରିଙ୍ଗ ବୁଜାକିତାସିତାନ୍ । 28
ମାରି, ୱାର୍ ଏମେ ନାଟ ସୋଲ୍ସି ମାର୍ଆର୍, ଆବେଣି ନାର୍
ଲାକ୍ତୁ ଇତାର୍, ୱାନ୍ ମାରି ଆଗିଡ଼ି ସନିୱାଜା ଆତାନ୍ । 29
ମାତର୍ ୱାର୍ ଜିସୁଙ୍ଗଁ ତେବାକିଜି ଇର୍ହାର୍, "ମା ୱାଲେ ମାନ୍ଆ,
ମାତର୍ ୱେଡ଼ା ଆଜି ୱାଜିନାତ୍ ମାରି ୱେଡ଼ା ସୋଲ୍ସିନାତ୍ ।"
ଆବେଟ୍ ୱାନ୍ ୱାରି ୱାଲେ ମାନ୍ଣ୍ଡ୍ରେଙ୍ଗ ଇଲୁ ଲୋଇ ସୋର୍ଆନ୍
। 30 ମାରି, ୱାରି ୱାଲେ ଉଣିମାନୁ ବାସ୍ତି ୱେନ୍କା ଜିସୁ
ରୁଟି ଅତାନ୍ନୋ ମାପୁରୁଙ୍ଗଁ ଆସିର୍ବାଦ୍ କିତାନ୍, ମାରି ଆୟା
ରୁଟିଦିଙ୍ଗ ରୁକ୍ସି ୱାରିଙ୍ଗ ସିଦେଙ୍ଗ ଆସ୍ତାନ୍ । 31 ଆବେନୁ ୱାରି
କାଣ୍ଣୁକୁ ସୁଡୁଦେଙ୍ଗ ଆଟ୍ତାର୍ ମାରି ୱାର୍ ୱାନିଙ୍ଗ ସିନିସ୍କିଦେଙ୍ଗ
ଆଟ୍ତାର୍; ମାରି, ୱାନ୍ ୱାରି ଆଗିଡ଼ିରାନ୍ ସାଣେକ୍ତିଙ୍ଗ ଏମେନୋ
ଆତାନ୍ । 32 ଆବେଟ୍ ୱାର୍ ନିଜେ ନିଜେଦିମାନୁ ୱାର୍ଗିଜି
ସାତାର୍, "ଏସ୍ତିୱାଲେ ସାରିଦୁ ୱାନ୍ ମା ୱାଲେ ୱାର୍ଗିଜିସାଜି
ମାର୍ଆନ୍ ମାରି ମାଙ୍ଗଁ ଦାର୍ମୁସାସ୍ତ୍ର ବୁଜାକିଜି ମାର୍ଆନ୍, ନାସ୍ତିୱାଲେ
ଇନିକା ମା ଜିବନ୍ ସିସୁ କାସ୍ନି ୱାଜା ଆଏଜି ମାର୍ଆତ୍
ନୋ?" 33 ତାନେୱେନ୍କା ୱାର୍ ଆୟା ଦାପ୍ରେ ନିଙ୍ଗଁତାର୍ ନୋ
ଜିରୁସାଲମ୍ତୁ ଡ଼େସିସୋଲ୍ସି ଉଣ୍ଡ୍ରେମାନୁ ଆତିମାନିକା ଏଗାର୍
ସିସୁରିଙ୍ଗ ମାରି ୱାରି ସଙ୍ଗତିୱାରିଙ୍ଗ ସୁଡୁତାର୍; 34 ସିସୁର୍ ଇଜି,
"ପ୍ରବୁ ସତ୍ରେନ ନିଙ୍ଗଁତାମାନାନ୍ ମାରି ସିମୋନ୍ତିଙ୍ଗ ତରାତାମାନାନ୍
।" 35 ତାନେୱେନ୍କା ଇୟା ରିଏର୍ ଲୋକୁ ସାରିଦୁ ଆମାକା
ୱିଜୁ ଗଟାତା ମାର୍ଆତ୍, ଆୟାୱିଜୁ ୱାରି ଆଗିଡ଼ି ୱେର୍ତାର୍,
ୱାନ୍ ରୁଟି ରୁକ୍ନି ବେଡ଼ାଦୁ ୱାର୍ ଏଣ୍ଡ୍ରେସ୍ ୱାନିଙ୍ଗ ସିନେକିଦେଙ୍ଗ
ଆଟ୍ତାର୍, ୱାର୍ ଆୟାୱିଜୁ ବିସୟ୍ ଇର୍ହାର୍ । 36 ମାତର୍ ସିସୁର୍
ଆୟାୱିଜୁ ମାଟା ଇଜିମାର୍ଇ ବେଡ଼ାଦୁ ପ୍ରବୁ ଜିସୁ ନିଜେନେ
ୱାରିମାନୁ ୱାତାନ୍, ମାରି ଇର୍ଆନ୍, "ମି ସାନ୍ତି ଆପିତ୍ ।" 37
ମାତର୍ ସିସୁର୍ କାବାଜି ମାରି ତିଲାଜି ଉଣ୍ଡ୍ରି ଦୁବା ସୁଡୁଜିନାପ୍ ଇଜି
ଅଡ଼୍ବିତାର୍ । 38 ଆବେଟ୍ ୱାନ୍ ୱାରିଙ୍ଗ ଇର୍ଆନ୍, "ଇନ୍ନ୍ଦାନିଙ୍ଗ
ତିଲାଜିନିଦେର୍? ମାରି ମି ମୋନ୍ତୁ ଏନ୍ଦା ନାମ୍ଏଣ୍ଗା ଲୋଇ
ଲୋଇ ୱାର୍ଗିଜିନିଦେର୍? 39 ଇକାନ୍ ଜେ ନିଜେ ନାନ୍, ନା
କିୟୁ ମାରି ପାଦାମ୍କୁ ସୁଡୁଦୁ, ନାଙ୍ଗଁ ମୁଟ୍ସୋ ସୁଡୁଦୁ, ମାତର୍
ନାନ୍ ଏଣ୍ଡ୍ରେସ୍ ଜିବନ୍ମାନି ମେନ୍ଦାଲ୍ ମାନିକା ସୁଡୁଜିନିଦେର୍,
ଦୁବା ଆୟାୱାଜା ସିଲେ ।" 40 ମାରି, ଜିସୁ ଇକା ଇନ୍ଞ୍ଜି ୱାରିଙ୍ଗ
ନିଜେଦି କିୟୁ ମାରି ପାଦାମ୍କୁ ତର୍ତାନ୍ । 41 ଆଦେଙ୍ଗ ୱାର୍
ବିସ୍ବାସ୍ କିଏତାର୍, ଆତିଙ୍ଗବା କାବାଆଜି ୱେଡ଼ିକା ଆତାର୍
ଆରିଙ୍ଗ ଜିସୁ ୱାରିଙ୍ଗ ୱେନ୍ବାତାନ୍, ଇବେନୁ ମି ଲାକ୍ତୁ ଇନିକା
ଉଣିକା ମାନାତ୍? 42 ଆବେଟ୍ ୱାର୍ ଜିସୁଙ୍ଗ କାଣ୍ଡ୍ରେକ୍ ୱାର୍ତି
ମିନ୍କୁ ସିତାର୍ । 43 ମାରି, ୱାନ୍ ଆୟା ମିନ୍କୁ ଅତାନ୍ନୋ
ୱାରି ଆଗିଡ଼ି ତିର୍ଆନ୍ । 44 ଜିସୁ ୱାରିଙ୍ଗ ଇର୍ଆନ୍, "ମୋସାଦି
ନିୟମ୍ତୁ ମାରି ବାବବାଦିରି ମାରି ଗୀତସଂହିତା ଦାର୍ମୁସାସ୍ତ୍ରଦୁ
ନା ବିସୟ୍ତାନ୍ ଆମାକା ଆମାକା ରାସାତାମାନାତ୍, ଆୟାୱିଜୁ
ପୁରା ଆଦେଙ୍ଗ ଦର୍କାର୍, ନାନ୍ ମି ୱାଲେ ମାର୍ଇ ୱାଲେ ମିଙ୍ଗଁ
ଇୟାୱିଜୁ ମାଟା ଇର୍ହାମାର୍ହା ।" 45 ନାସ୍ତିୱାଲେ ୱାର୍ ଏଣ୍ଡ୍ରେସ୍
ଦାର୍ମୁସାସ୍ତ୍ରଦି ବିସୟ୍ ବୁଜାଦେଙ୍ଗ ଆଟ୍ନାର୍, ଆୟାଉଣ୍ଡ୍ରିଙ୍ଗ ୱାନ୍
ୱାରି ବୁଦିଦି ସେର୍ଲା ରେତାନ୍; 46 ମାରି, ଜିସୁ ସିସୁରି ଲାକ୍ତୁ
ୱାଜି ଇର୍ହାନ୍, "ଇୟାୱାଜା ରାସାତାମାନାତ୍, କ୍ରିସ୍ତ ଦୁଃକ୍ ପୟ୍ନାନ୍
ମାରି ମୁନେଟୋନ୍ ସାତି ଲୋକାମାଣାନ୍ ଡ଼େସି ନିଙ୍ଗଁନାନ୍, 47
ମାରି ଜିରୁସାଲମ୍ତାନ୍ ଆରାମ୍ କିଜି ୱିଜୁ ଜାତି ଲାକ୍ତୁ ୱାନି
ଦର୍ତାନ୍ ପାପ୍କେମା ଉଣ୍ଡ୍ରିଙ୍ଗ ମନ୍ତିଙ୍ଗ ଡ଼େପ୍ନି ବିସୟ୍ତାନ୍
ଲୋକୁ ୱିକ୍ନାର୍ । 48 ମିର୍ ଇୟାୱିଜୁ ବିସୟ୍ତି ସାକି ଆନିଦେର୍

। 49 ମାରି ସୁଡୁଦୁ, ନା ବୁବା ଆମାକା ପାର୍‌ମାଣ୍ କିତାମାନାନ୍,
ଆକା ନାନ୍ ମି ଲାକ୍‌ତୁ ପକ୍‌ନା, ମାତର୍ ମୁସ୍‌କୁରାନ୍ ସାକ୍ତି ପୁଟ୍‌ଇ
ସାନ୍ଦି ମିର୍ ଇୟ୍ୟା ଗାଡ଼୍‌ତୁ ମାନ୍‌ଡୁ ।" 50 ତାନିୱେନ୍‌କା ଜିସୁ ୱାରିଙ୍ଗ
ବେତନିୟ୍ୟାଦୁ ସନି ସାରି ସାନ୍ଦି ଅତାନ୍ ମାରି ନିଜେଦି କିୟୁ ପେର୍‌ଜି
ୱାରିଙ୍ଗ ଆସିର୍ବାଦ୍ କିତାନ୍ । 51 ମାରି, ୱାରିଙ୍ଗ ଆସିର୍ବାଦ୍ କିବୁ
କିବୁ ୱାନ୍ ୱାରିମାଣାନ୍ ୱେର୍‌ଏ ଆଜି ମୁସ୍‌କୁପୁର୍‌ତୁ ସର୍‌ଆନ୍
। 52 ମାରି, ୱାର୍ ୱାନିଙ୍ଗ ମାଡ଼ିସ୍ କିଜି ନାଣ୍ଡ ୱେଡ଼ିକାଦାନ୍
ଜିରୁସାଲାମ୍‌ତୁ ଡ଼େସିୱାତାର୍ । 53 ମାରି ୱାର୍ ୱିଜୁଦିନ୍ ମନ୍ଦିର୍‌ତୁ
ମାନ୍‌ଜି ମାପୁରୁଦି ଦନ୍ୟବାଦ୍ କିଦେଙ୍ଗ ଆସ୍‌ତାର୍ ।

# ଜୋହନ

1 ଆଗ୍ଡ଼ି ବାକ୍ୟ ମାର୍ଆତ୍, ବାକ୍ୟ ମାପୁରୁୱାଲେ ମାର୍ଆତ୍,
ଆୟ୍ଯା ବାକ୍ୟ ମାପୁରୁ ମାର୍ଆତ୍ । 2 ବାକ୍ୟ ଆଗ୍ଡ଼ି
ମାପୁରୁୱାଲେ ମାର୍ଆତ୍ । 3 ୱାନି ମାଣାନ୍ ମାପୁରୁ ୱିଜୁ ତିଆର୍
କିତାତ୍; ମାରି ଆମାୱିଜୁ ତିଆର୍ ଆତାମାନାତ୍, ଆୟ୍ଯା ଲୋଇରାନ୍
ଉଣ୍ତ୍ରେବା ୱାନିଙ୍ଗ୍ କ ଡ଼ିସ୍ତିଙ୍ଗ୍ ତିଆର୍ ଆଏତ୍ । 4 ୱାନିମାନୁ
ଜିବନ୍ ମାର୍ଆତ୍ ମାରି ଆୟ୍ଯା ଜିବନ୍ ଲୋକା ଜାୟ୍ । 5 ଆୟ୍ଯା
ଜାୟ୍ ସିକାଟିଦୁ ଜାୟ୍ଆଜି ୱାଜିନାତ୍, ମାରି ସିକାଟି ଆକା
ମାନାଏଜିନାତ୍ । 6 ମାପୁରୁ ୱାନି କାବୁର୍ ସିନିୱାନିଙ୍ଗ୍ ପୋକ୍ତାନ୍;
ୱାନି ଦର୍ ଜୋହନ । 7 ୱାନ୍ ଏଣ୍ତ୍ରେସ୍ ଜାୟ୍ ବିସୟ୍ତାନ୍
ସାକି ସିନାନ୍, ମାରି ଆକା ୱେନ୍ଜି ୱିଜେରେ ବିସ୍ବାସ୍ କିନାର୍,
ଆୟ୍ଯାଉଣ୍ତିଙ୍ଗ୍ ୱାନ୍ ୱାତାନ୍ । 8 ଜୋହନ ନିଜେ ଆୟ୍ଯା ଜାୟ୍
ସିଲେତାନ୍, ମାତର୍ ଜାୟ୍ ବିସୟ୍ତାନ୍ ସାକି ସିଦେଙ୍ଗ୍ ଇଜି
ୱାତାନ୍ । 9 ଏମେ ସତ୍ ଜାୟ୍ ଦୁନିଆଦି ୱାଜି ୱିଜୁ ଲୋକାଙ୍ଗ୍
ଜାୟ୍ ସିନାତ୍, ଆକାଦେ ସତ୍ତି ଜାୟ୍ । 10 ବାକ୍ୟ ଦୁନିଆଦୁ
ମାର୍ଆତ୍ ମାରି ଦୁନିଆ ୱାନି ମାଣାନ୍ ତିଆର୍ ଆତାତ୍, ଆରିଙ୍ଗ୍ବା
ଦୁନିଆ ୱାନିଙ୍ଗ୍ ସିନିସ୍ କିଏତାତ୍ । 11 ୱାନ୍ ନିଜେଦି ରାଜିଦୁ
ୱାତାନ୍, ଆରିଙ୍ଗ୍ବା ୱାନି ନିଜେଦି ଲୋକୁ ୱାନିଙ୍ଗ୍ ମାନାଏତାର୍ ।
12 ମାତର୍ ଏସୋ ଲୋକୁ ୱାନିଙ୍ଗ୍ ମାନାତାର୍, ଅର୍ତାତ୍ ଏମେକାର୍
ୱାନି ଦର୍ତାନ୍ ବିସ୍ବାସ୍ କିତାର୍, ଆୟ୍ଯା ୱିଜେରିଙ୍ଗ୍ ୱାନ୍ ମାପୁରୁଦି
କଡ଼ର୍ ଆଦେଙ୍ଗ୍ ଅଦିକାର୍ ସିତାନ୍; 13 ୱାର୍ ମାପୁରୁଦି ମାରିସିର୍
ନିଜେଦି ବଦାଦାନ୍ କି, ମେନ୍ହ୍ଲତି ନେତେର୍ତାନ୍ କି ଲୋକା
ବଦାଦାନ୍ ଜନମ୍ ଆଏର୍, ମାତର୍ ମାପୁରୁ ନିଜେ ୱାରି ବୁବା ।
14 ମାରି, ଆୟ୍ଯା ବାକ୍ୟ ନର୍ ମେନ୍ହ୍ଲ ଆସ୍ସି ମା ୱାଲେ ଜିତାନ୍
। ୱାନ୍ ଦୟା ନି ସତ୍ତୁ ପୁରା ଆଜିମାର୍ହାନ୍ । ମାରି ମାପୁରୁଦି
ଅରେନ୍ନେ ମାରିସିୱାଜା ୱାନ୍ ଏମେ କାବାଆନି ମହିମାକି
ପୋଇତାମାର୍ହାନ୍, ଆକା ମାପ୍ ସୁଡ଼ୁତାପ୍ । 15 ଜୋହନ ୱାନି
ବିସୟ୍ତାନ୍ ସାକି ସିଜି ନାଣ୍ତ ଆଉଲି ଆଜି ଇର୍ଆନ୍, "ଏନ୍
ନା ୱେନ୍କା ୱାଜିନାନ୍, ୱାନ୍ ନାଙ୍ଗ୍ ପେରିକାନ୍, ଇରିଙ୍ଗ୍ ୱାନ୍
ନା ଜନମ୍ ଆନି ଆଗ୍ଡ଼ି ମାର୍ଆନ୍, ଏମେୱାନି ବିସୟ୍ତାନ୍
ନାନ୍ ଇକା ଇର୍ହାମାର୍ହା, ୱାନ୍ ଇକାନ୍ ।" 16 ଆଦେଙ୍ଗ୍ ୱାନି
ଦୟାଦି ପୁରାଦାନ୍ ମାଡ୍ ୱିଜେରେ ଆସିର୍ବାଦ୍ ପୋଇତିମାନିକା,
ହୁଁ, ଆସିର୍ବାଦ୍ ମୁସ୍କୁ ଆସିର୍ବାଦ୍ ପୋଇତିମାନିକା । 17 ଇରିଙ୍ଗ୍
ନିୟମ୍ ମାପୁରୁ ମୋସା ମାଣାନ୍ ସିତାନ୍, ମାତର୍ ଦୟା ନି ସତ୍
ଜିସୁ କ୍ରିସ୍ତ ମାଣାନ୍ ୱାତାତ୍ । 18 ଏନ୍ ଏସାଙ୍ଗ୍ ମାପୁରୁଙ୍ଗ୍ ସୁଡ଼ୁଏନ୍,
ବୁବାସି ଗାତୁଦୁ ମାନି ଅରେନ୍ନେ ୱାନି ଲାଡ୍ ମାରିସି, ୱାନିଙ୍ଗ୍
ନେସିସ୍ କିତାମାନାନ୍ । 19 ଜିରୁସାଲାମ୍ତି ଜିହୁଦି ପେରିକାର୍
ଏସ ଲୋକ୍ ଦାର୍ମୁଜାଜକରିଙ୍ଗ୍ ମାରି ଲେବିୟରିଙ୍ଗ୍ ଜୋହନତି
ଲାକ୍ତୁ, "ନିନ୍ ଏନ୍?" ଇଜି ୱେନ୍ବାଦେଙ୍ଗ୍ ପୋକ୍ତାର୍, 20
ୱାନ୍ ମାନାଏଜି ସତ୍ତାନ୍ ୱେର୍ତାନ୍, "ନାନ୍ କ୍ରିସ୍ତ ଆଏ ।"
21 ଆବେଟ୍ ୱାର୍ ଜୋହନ୍ତିଙ୍ଗ୍ ୱେନ୍ବାତାର୍, ଆରିଙ୍ଗ୍, "ନିନ୍
ଇନିକା ଏଲିୟ୍?" ୱାନ୍ ଇର୍ଆନ୍, "ନାନ୍ ଆଏ ।" ନିନ୍ ଇନିକା
ଆୟ୍ଯା ବାବବାଦି? ୱାନ୍ ଇର୍ହାନ୍, "ସିଲେ ।" 22 ଆବେଟ୍
ୱାର୍ ୱାନିଙ୍ଗ୍ ଇର୍ହାର୍, "ମାଙ୍ଗ୍ ପୋକ୍ତିମାନି ୱାରିଙ୍ଗ୍ ଏଣ୍ତ୍ରେସ୍
ଇନ୍ଡ୍ରେଙ୍ଗ୍ ଆଟ୍ନାପ୍, ଆୟ୍ଯାଉଣ୍ତିଙ୍ଗ୍ ନିନ୍ ଏନ୍? ନିନ୍ ନିଜେଦି
ବିସୟ୍ତାନ୍ ଇନିକା ଇଜିନି?" 23 ଜିସାୟ୍ ବାବବାଦି ଏଣ୍ତ୍ରେସ୍
ୱେର୍ତାମାର୍ଆନ୍, ଆୟ୍ଯାୱାଜା ଜୋହନ ଇର୍ହାନ୍ । "ନାନ୍ ଆୟ୍ଯା
ସିମ୍ରାବାଡିଦୁ ଆଉଲିଆଜିମାନି ଅରେନ୍ୱାନି ବଲ୍, ପ୍ରବୁଦି ସାରି
ସାଡ଼ୁକୁ କିଆ ।" 24 ମାରି, ପାରୁସିର୍ ପୋକ୍ତିମାନି କାବୁର୍
ଅନିକାର୍ ୱାନିଙ୍ଗ୍ ୱେନ୍ବାତାର୍, 25 "ନିନ୍ ଜଦି କ୍ରିସ୍ତ ମାରି ଏଲିୟ୍
ମାରି ଆୟ୍ଯା ବାବବାଦି ଆଇ, ଆରିଙ୍ଗ୍ ଏନ୍ହା ଡୁବନ୍ ସିଜିନି?"
26 ଜୋହନ ୱାରିଙ୍ଗ୍ ଇର୍ଆନ୍, "ନାନ୍ ଏର୍ତୁ ଡୁବନ୍ ସିଜିନା;
ଆମାୱାନିଙ୍ଗ୍ ମିର୍ ନେସ୍ଇଦେର୍, ୱାନ୍ ମିବାନ୍ ମାନାନ୍; 27 ୱାନ୍
ନା ୱେନ୍କା ୱାଜିନାନ୍, ୱାନି ଜୁତେଙ୍ଗ୍ତି ଗାଟି କୁଡ଼୍ତେଙ୍ଗ୍ ବା
ନାନ୍ ଜଗ୍ ସିଲେ ।" 28 ଜର୍ଦନ ଗାଡାଦି ଆୟ୍ଯାପାଡ଼ିରି ଆମା
ବେତନିଆଦୁ ଜୋହନ ଡୁବନ୍ ସିଜିମାର୍ଆନ୍, ଆୟ୍ଯା ବାଡିଦୁ
ଇୟ୍ଯାୱିଜୁ ଗଟାତାତ୍ । 29 ମାର୍ନାଣ୍ଡିଙ୍ଗ୍ ଜୋହନ ଜିସୁଙ୍ଗ୍ ୱାନି
ଲାକ୍ତୁ ୱାନିକା ସୁଡ଼ୁଜି ଇର୍ଆନ୍, ଇକା ସୁଡ଼ୁଦୁ, ମାପୁରୁଦି
ମେଣ୍ତ୍ରାପିଲା, ଏନ୍ ଦୁନିଆଦି ପାପ୍ ପିଣ୍ତ୍ନା ଅନାନ୍ । 30 ନା
ୱେନ୍କା ଏନ୍ ୱାଜିନାନ୍, ୱାନ୍ ନାମାଣାନ୍ ପେରିକାନ୍, ଇରିଙ୍ଗ୍
ୱାନ୍ ନା ଜନମ୍ ଆଗ୍ଡ଼ି ମାର୍ଆନ୍, ଆମାୱାନି ବିସୟ୍ତାନ୍
ନାନ୍ ଇକା ଇର୍ଆମାର୍ହା, ୱାନ୍ ଆକାନ୍ । 31 ନାନ୍ ବା ୱାନିଙ୍ଗ୍
ସିନିସ୍ କିଏ ମାର୍ହା, ମାତର୍ ୱାନ୍ ଏଣ୍ତ୍ରେସ୍ ଇସ୍ରାଏଲ୍ ଲୋକାମାନୁ
ନେସାଇ ଆନାନ୍, ଆୟ୍ଯାଉଣ୍ତିଙ୍ଗ୍ ନାନ୍ ଏର୍ତୁ ଡୁବନ୍ ସିଦେଙ୍ଗ୍
ୱାତାମାନା । 32 ମାରି ଜୋହନ ସାକି ସିଜି ଇର୍ହାନ୍, "ନାନ୍ ପବିତ୍ର
ଆତ୍ମା ପାର୍ୱାଦି ୱାଜା ବାଦଡ଼୍ତାନ୍ ରେତାଜି ୱାଡ୍ ୱାନି ମୁସ୍କୁ
ବାସ୍ନିକା ସୁଡ଼ୁତା । 33 ନାନ୍ ବା ୱାନିଙ୍ଗ୍ ସିନିସ୍ କିଏ ମାର୍ହା,
ମାତର୍ ଏନ୍ ନାଙ୍ଗ୍ ଏର୍ତୁ ଡୁବନ୍ ସିଦେଙ୍ଗ୍ ପୋକ୍ତାନ୍, ୱାନ୍
ନାଙ୍ଗ୍ ଇର୍ଆନ୍, ଆମାୱାନି ମୁସ୍କୁ ଆତ୍ମା ବାସ୍ନିକା ସୁଡ଼ୁନି, ଏନ୍
ପବିତ୍ରଆତ୍ମାଦୁ ଡୁବନ୍ ସିନାନ୍, ଆକାନ୍ ଆୟ୍ଯା ଲୋକୁ । 34 ମାରି,
ନାନ୍ ଆକା ସୁଡ଼ୁତାମାନା ମାରି ୱାନ୍ ମାପୁରୁଦି ମାରିସି ଇଜି ସାକି
ସିତାମାନା ।" 35 ମାର୍ନାଣ୍ଡିଙ୍ଗ୍ ମାରିଡ଼େସି ଜୋହନ ନି ୱାନି
ସିସୁରି ଲୋଇ ରିଏରି ୱାଲେ ନିର୍ଆମାର୍ଆର୍; 36 ମାରି, ୱାନ୍
ଜିସୁଙ୍ଗ୍ ଆୟ୍ଯା ସାରି ସିଜି ସନିକା ସୁଡ଼ୁଜି ୱାନିଙ୍ଗ୍ କାଣ୍ଗା କିଜି
ଇର୍ହାନ୍, ଇକାନ୍ ସୁଡ଼ୁଦୁ, ମାପୁରୁଦି ମେଣ୍ତ୍ରା ପିଲା । 37 ଆୟ୍ଯା
ରିଏର୍ ସିସୁର୍ ୱାନି ମାଟା ୱେନ୍ଜି ଜିସୁୱାଲେ ୱାଲେ ସରଆର୍ ।
38 ଜିସୁ ମାର୍ଜି ୱେସ୍ସି ୱାରିଙ୍ଗ୍ ୱେନ୍କା ୱେନ୍କା ୱାଜିମାନିକା
ସୁଡ଼ୁଜି ୱେନ୍ବାତାନ୍, "ମିର୍ ଇନିକା ପୋୟ୍ଜିନିଦେର୍?" ୱାର୍
ୱାନିଙ୍ଗ୍ ଇର୍ହାର୍, "ରାବ୍ବି" ଅନୁବାଦ୍ କିତିଙ୍ଗ୍ ତେନି ଅର୍ତ "ଗୁରୁ,"
ନିନ୍ ଏମେ ତେବାନି? 39 ଜିସୁ ୱାରିଙ୍ଗ୍ ଇର୍ହାନ୍, ରାଦୁ, ସୁଣିଦେର୍
। ଆବେଟ୍ ୱାର୍ ସଲ୍ସି ୱାନି ବାସାନିକା ସୁଡ଼ୁତାର୍, ମାରି ଆୟ୍ଯା

ନାଣ୍ଡିଙ୍ଗ୍ ୱାନିୱାଲେ ତେବାତାର୍; ନାସ୍ତିୱାଲେ ମିଲ୍‌ମିଲିକା ସାର୍‌ଟା
ୱେଡ଼ା ଆତାମାର୍‌ଆତ୍ । 40 ଏମେ ରିଏର୍ ଜୋହନତି ମାଟା
ୱେନ୍‌ଜି ଜିସୁଦି ୱାଲେ ୱାଲେ ସର୍‌ଆମାର୍‌ଆର୍, ୱାରି ଲୋଇ
ଅରେନ୍ ସିମୋନ୍ ପିତର୍‌ତି ତଡ଼ାନ୍ ଆନ୍ଦ୍ରିୟ ମାର୍‌ଆନ୍ । 41 ୱାନ୍
ପାର୍‌ତୁମ୍ ୱାନି ତଡ଼ାନ୍ ସିମୋନ୍‌ତିଙ୍ଗ୍ ପୋୟ୍‌ଜି ୱାନିଙ୍ଗ୍ ଇର୍‌ଆନ୍,
ମାପ୍ "ମସିହଦି" ସୁଡୁତାମାନାପ୍ । 42 ୱାନ୍ ୱାନିଙ୍ଗ୍ ଜିସୁ ଲାକ୍‌ତୁ
ତାତାନ୍ । ଜିସୁ ପିତର୍ ତରିନ୍ ସୁଡୁଜି ଇର୍‌ଆନ୍, "ନିନ୍ ସିମୋନ୍
ଜୋହନତି ମାରିସି । ନିନ୍ କେପା ଦର୍‌ତାନ୍ ୱେଙ୍ଗ୍‌ନି ଅନୁବାଦ
କିତିଙ୍ଗ୍ ତେନି ଅର୍ଥ କାଲୁ ।" 43 ମାର୍‌ନାଣ୍ଡିଙ୍ଗ୍ ଜିସୁ ଗାଲିଲିଦୁ ସହସ
ସନ୍‌ଡ୍ରେଙ୍ଗ୍ ବଦା କିତାନ୍, ମାରି ୱାନ୍ ପିଲିପ୍‌ତିଙ୍ଗ୍ ସୁଡୁତାନ୍‌ନୋ
ୱାନିଙ୍ଗ୍ ଇର୍‌ଆନ୍, "ନା ୱାଲେ ରାଆ ।" 44 ପିଲିପ୍ ବେତ୍‌ସାଇଦାଦି
ଲୋକୁ ମାର୍‌ଆନ୍, ଆକା ଆନ୍ଦ୍ରିୟ ନି ପିତର୍‌ତି ଗାଡ୍ ମାର୍‌ଆତ୍ ।
45 ପିଲିପ୍ ନିତନିଏଲ୍‌ତିଙ୍ଗ୍ ପୋୟ୍‌ଜି ୱାନିଙ୍ଗ୍ ଇର୍‌ଆନ୍, ଆମାୱାନି
ବିସୟ୍‌ତାନ୍ ମୋସା ନିୟମ୍ ବଇଦୁ ରାସ୍‌ତାମାନାନ୍, ମାରି
ବାବବାଦିର୍ ବା ରାସ୍‌ତାମାନାର୍, "ମାପ୍ ୱାନିଙ୍ଗ୍ ପୋୟ୍‌ତାମାନାପ୍;
ୱାନ୍ ଜୋସେପ୍‌ତି ମାରିସି ନାଜରିତିୟଦି ଜିସୁ ।" 46 ନିତନିଏଲ୍
ୱାନିଙ୍ଗ୍ ୱେନ୍‌ବାତାନ୍, "ନାଜରିତଦାନ୍ ନୋ ଇନି ନେଗି ବିସୟ୍
ସନା ୱାନାତ୍ ନୋ?" ପିଲିପ୍ ୱାନିଙ୍ଗ୍ ଇର୍‌ଆନ୍, "ୱାଜ ସୁଡୁଆ
।" 47 ଜିସୁ ନିତନିଏଲ୍‌ତିଙ୍ଗ୍ ୱାନି ଲାକ୍‌ତୁ ୱାନିକା ସୁଡୁଜି
ୱାନି ବିସୟ୍‌ତାନ୍ ଇର୍‌ଆନ୍, "ଇଦି ସୁଡୁଦୁ, ସତେନେ ଇକାନ୍
ଅରେନ୍ ଇସ୍ରାଏଲ୍‌ତି ଲୋକୁ, ୱେନିମାନୁ ଇନି ଟାଗ୍‌ଇକା ସିଲେତ୍
।" 48 ନିତନିଏଲ୍ ୱାନିଙ୍ଗ୍ ୱେନ୍‌ବାତାନ୍, "ନାଙ୍ଗ୍ନି ନିନ୍ ଏଣ୍ଡେସ୍
ସିନିସ୍‌କିତି?" ଜିସୁ ୱାନିଙ୍ଗ୍ ଇର୍ହାନ୍, "ପିଲିପ୍ ନିଙ୍ଗ୍ନି କୁକ୍‌ନି ଆଗ୍‌ଡ଼ି
ନିନ୍ ଏସ୍ତିୱାଲେ ତଗା ମାରାନ୍ ଆଡ୍‌ଗି ମାର୍ହି, ନାସ୍ତିୱାଲେ ନାନ୍
ନିଙ୍ଗ୍ନି ସୁଡୁତାମାର୍ହା ।" 49 ନିତନିଏଲ୍ ୱାନିଙ୍ଗ୍ ଇର୍ହାନ୍, "ଏ ଗୁରୁ,
ନିନ୍ ମାପୁରୁଦି ମାରିସି, ନିନ୍ ଇସ୍ରାଏଲ୍‌ତି ରାଜା ।" 50 ଜିସୁ
ୱାନିଙ୍ଗ୍ ଇର୍ହାନ୍, "ନାନ୍ ନିଙ୍ଗ୍ନି ତଗା ମାରାନ୍ ଆଡ୍‌ଗି ସୁଡୁତାମାର୍‌ହା
ଇଜି ଇର୍ହାଆକା ନୋ ନିନ୍ ବିସ୍‌ବାସ୍ କିଜିନି? ନିନ୍ ତେନେ ମାଣାନ୍
ପେରି ପେରି ବିସୟ୍ ସୁଣି ।" 51 ମାରି, ୱାନ୍ ୱାନିଙ୍ଗ୍ ଇର୍‌ଆନ୍,
"ସତ୍ ସତ୍ ନାନ୍ ମିଙ୍ଗ୍ନି ଇଜିନା, ମିର୍ ମୁସ୍‌କୁପୁର୍ ରେଆତିକା ମାରି
ମାପୁରୁଦି ଦୂତ୍‌କୁ ମନୁସ୍ୟପୁତ୍ରଦି ମୁସ୍‌କୁ ଏକ୍‌ନିକା ନି ରେତାନିକା
ସୁଣିଦେର୍ ।"

**2** ରିନେଟି ୱେନ୍‌କା ଗାଲିଲିଦି କାନା ଗାଡ୍‌ତୁ ଉଣ୍ତି ପେଡ଼ି
ଆଜିମାର୍ହାତ୍, ମାରି ଜିସୁରି ଆଇସି ଆବେ ମାର୍‌ଆତ୍ । 2
ଜିସୁ ନି ୱାନି ସିସୁରିଙ୍ଗ୍ ବା ଆୟା ପେଡ଼ିଦୁ କୁକ୍‌ତାମାର୍‌ଆର୍ ।
3 ଏସ୍ତିୱାଲେ ଅଙ୍ଗ୍ରୁରସ୍ ୱିଜିତେଆକା ଜିସୁରି ଆଇସି ୱାନିଙ୍ଗ୍
ଇର୍ହାତ୍, "ୱାରି ଅଙ୍ଗ୍ରୁରସ୍ ସିଲୁ ।" 4 ଆବେଟ୍ ଜିସୁ ତାନିଙ୍ଗ୍
ଇର୍ହାନ୍, "ନାଙ୍ଗ୍ନି ଇନିକା କିଦେଙ୍ଗ୍ ଆନାତ୍ ନିନ୍ ୱେର୍‌ମା, ନା ୱେଡ଼ା
ଇୟାସାନ୍ଦି ଇଗା ରେଏଦେ ।" 5 ଜିସୁଦି ଆଇସି ସେବାକିନିୱାରିଙ୍ଗ୍
ଇର୍ହାତ୍, "ୱାନ୍ ମିଙ୍ଗ୍ନି ଆମାକା ଇନାନ୍, ଆକା କିଦୁ ।" 6 ମାରି,
ଆବେ ଜିହୁଦିର୍ ନର୍‌ବାନି ନିୟମ୍‌ତାନ୍ ସଗୋଟା କାଲ୍‌କାଣ୍‌କୁ
ଟିଆର୍‌ଆତି ପେରି ପେରି ଏର୍ କୁଣ୍ଡୁକୁ ମାର୍‌ଏ, ୱିଜୁ କୁଣ୍ଡୁକାଙ୍ଗ୍ନି
ପୁରା ସହେ ଲିଟର ଏର୍ ଆସ୍‌ତେଙ୍ଗ୍ ଆଟ୍‌ନାତ୍ । 7 ଜିସୁ
ସାକର୍‌କାଙ୍ଗ୍ ଇର୍‌ଆନ୍, କୁଣ୍ଡୁକାଙ୍ଗ୍ନି ଏର୍ ପୁରା କିଦୁ । ଆବେଟ୍
ୱାର୍ ଆୟାୱିଜୁ ମୁସ୍‌କୁ ସାନ୍ଦି ପୁରା କିତାର୍ । 8 ମାରି, ୱାନ୍
ୱାରିଙ୍ଗ୍ ଇର୍‌ଆନ୍, ଇଲେଇ ଆନ୍ଦଜି ଅସି ବୋଜିଦି ନେତା ଲାକ୍‌ତୁ
ଅତୁ । ଆବେଟ୍ ୱାର୍ ଅତାର୍ । 9 ବୋଜିଦି ନେତା ଅଙ୍ଗ୍ରୁର୍‌ରସ୍
ଆତିମାର୍‌ଇ ଆୟା ଏର୍‌ତିଙ୍ଗ୍ ୱେଡ଼୍‌ଜି ଆକା ଆମାଣ୍‌କୁ ୱାତାତ୍,
ଇକା ନେସ୍‌ଏପ୍ ମାର୍‌ଆନ୍ ମାତର୍ ଏମେ ସେବାକିନିକାର୍ ଏର୍
ଆନ୍ଦତା ମାର୍‌ଆର୍, ୱାର୍ ନେସ୍‌ତାମାର୍‌ଆର୍, ଆଦେଙ୍ଗ୍ ୱାନ୍
ପେଡ଼ିମୁରୁଲିଙ୍ଗ୍ କୁକ୍‌ସି ଇର୍‌ଆନ୍, 10 "ୱିଜେରେ ପାର୍‌ତୁମ୍ ନେଗି
ଅଙ୍ଗ୍ରୁର୍‌ରସ୍ ସିନାର୍, ମାରି ଲୋକୁ ସସ୍‌ତି ୱେନ୍‌କା ଟାଗ୍‌ଇକେଙ୍ଗ୍
ସିନାର୍; ନିନ୍ ଇୟାସାନ୍ଦି ନେଗି ଅଙ୍ଗ୍ରୁର୍‌ରସ୍ ଇଟ୍‌ତିମାନି ।"
11 ଜିସୁ ଇୟାୱାଜା ଗାଲିଲିଦି କାନା ଗାଡ୍‌ତୁ ୱାନି ପାର୍‌ତୁମ୍
କାବାଆନି ପାଣି ଆରାମ୍ କିଜି ନିଜେଦି ମହିମା ତର୍‌ତାନ୍, ମାରି
ୱାନି ସିସୁର୍ ୱାନିବାନୁ ବିସ୍‌ବାସ୍ କିତାର୍ । 12 ଇୟା ୱେନ୍‌କା
ଜିସୁ ୱାନି ଆଇସି, ତଡ଼ାନ୍‌କୁ ମାରି ସିସୁରିୱାଲେ କପର୍‌ନାହୁମ୍‌ତୁ
ସରଆର୍; ମାରି, ୱାର୍ ଆବେ ନାଣ୍ଡ ଦିନ୍ ତେବାଏତାର୍ ।
13 ନାସ୍ତିୱାଲେ ଜିହୁଦିର୍ ନିସ୍ତାର୍ ପଣ୍ଡୟ୍ ଲାକ୍‌ତୁ ଇଗାୱାତା
ମାର୍‌ଆତ୍, ମାରି ଜିସୁ ଜିରୁସାଲାମ୍‌ତୁ ସର୍‌ଆନ୍ । 14 ମାରି,
ଜିସୁ ମନ୍ଦିର୍‌ତୁ ଡ଼ାକ୍, ମେଣ୍ଡେଙ୍ଗ୍ ମାରି ପାର୍‌ୱେଙ୍ଗ୍ ପୋର୍‌ନିୱାରିଙ୍ଗ୍
ମାରି ଡାବୁଙ୍ଗ୍ନି ପର୍‌ନିୱାରିଙ୍ଗ୍ ବାସ୍‌ତିମାରିକା ସୁଡୁତାନ୍ । 15
ଆବେଟ୍ ୱାନ୍ ନାସ୍‌ତାନ୍ ଉଣ୍ତି କରଡ଼ା ଟିଆର୍ କିଜି ମେଣ୍ଡେଙ୍ଗ୍
ନି ଡ଼ାକାୱାଲେ ୱିଜେରିଙ୍ଗ୍ ମନ୍ଦିର୍‌ତାନ୍ ସପ୍‌ତା ସିତାନ୍ । ମାରି,
ଡାବୁଙ୍ଗ୍ନି ପର୍‌ନିୱାରି ଡାବୁଙ୍ଗ୍ନି ଆଡ୍‌ଗି ୱିତ୍‌ସିପକ୍‌ସି ୱାରି ଟେବୁଲ୍‌ଙ୍ଗ୍ନି
ମାର୍‌ତାପକ୍‌ତାନ୍ । 16 ମାରି, ୱାନ୍ ପାର୍‌ୱେଙ୍ଗ୍ ପର୍‌ନିୱାରିଙ୍ଗ୍
ଇର୍‌ଆନ୍, ଇକେଙ୍ଗ୍ ୱିଜୁ ଇବେଟ୍‌କୁ ଅତୁ, ନା ବୁବାଦି ଇଲ୍‌ତିଙ୍ଗ୍
କଣି ପର୍‌ନି ଇଲୁ କିମାଟ୍ । 17 ଇକା ସୁଡ୍‌ଜି ୱାନି ସିସୁର୍ ସାସ୍ତ୍ରଦୁ
ରାସାତାମାନାତ୍ ଇଜି ଏଡ୍‌କିତାର୍, ମାପୁରୁ "ନି ଇଲୁଦିଙ୍ଗ୍ ନା
ଦ୍ୟାନ୍, ନା ଲୋଇ ସିସୁ କାସ୍‌ନି ୱାଜା ଆଜିନାତ୍ ।" 18 ଆବେଟ୍
ଜିହୁଦିର୍ ପେରିକାର୍ ଡ଼େସିୱାଜି ଜିସୁଦି ଲାକ୍‌ତୁ ଡ଼େସିୱାଜି ଇୟା
ପ୍ରସ୍ନ ୱେନ୍‌ବାତାର୍, "ନିନ୍ ଜେ ଇୟାୱିଜୁ ପାଣି କିଦେଙ୍ଗ୍ ଇଜି
ଅଦିକାର୍ ପୋୟ୍‌ତିମାନି ଇଜି ମାପ୍ ଏଣ୍ଡେସ୍ ନେସ୍‌ନାପ୍? ମାଙ୍ଗ୍ନି
ଏମେ ସିନା ଦାନ୍ ତର୍‌ସିନି?" 19 ଜିସୁ ୱାରିଙ୍ଗ୍ ଇର୍ହାନ୍, "ମିର୍
ଇୟା ମନ୍ଦିର୍‌ତିଙ୍ଗ୍ ରୁକ୍‌ତୁ, ମାରି ମୁନେନ୍ ଲୋଇ ନାନ୍ ଆକା
ପେର୍‌ନା ।" 20 ଆବେଟ୍ ଜିହୁଦିର୍ ଇର୍ହାର୍, "ଇୟା ମନ୍ଦିର୍ ଟିଆର୍
କିଦେଙ୍ଗ୍ ଇଜି ସାଲିସ୍ ସୋ ବାର୍‌ସେକ୍ ଆସ୍‌ତା ମାର୍‌ଆତ୍;
ମାରି ନିନ୍ ଇନିକା ତାନିଙ୍ଗ୍ ମୁନେଟାନ୍ ପେର୍‌ନି?" 21 ମାତର୍
ଜିସୁ ନିଜେଦି ମେନ୍ଦଲ୍‌ରୁପତି ମନ୍ଦିର୍ ସୁଡୁଜି ମନ୍ଦିର ବିସୟ୍‌ତାନ୍
ଇଜିମାର୍‌ଆନ୍ । 22 ଆବେଟ୍ ୱାନ୍ ସାତିମାଣ୍‌କୁ ନିଙ୍ଗ୍ତି ୱେନ୍‌କା
ୱାନି ସିସୁର୍ ୱାନ୍ ଇକା ଇର୍ହାମାର୍ହାନ୍ ଇଜି ଏଡ୍‌କିତାର୍; ମାରି,
ୱାର୍ ଦାର୍ମୁସାସ୍ତ୍ର ନି ଜିସୁ ଇର୍‌ଇମାର୍‌ଇ ମାଟା ବିସ୍‌ବାସ୍ କିତାର୍ ।

23 ନିସ୍ତାର୍ ପଣ୍ଡୁୟ୍ ଆନିୱାଲେ ଜିସୁ ଜିରୁସାଲମ୍‌ତୁ ମାନିୱାଲେ
ନାଣ୍ଡୁ ଲୋକୁ ୱାନ୍ କିତି କାବାଆନି ପାଣିଙ୍ଗ୍‌ୱିଜୁ ସୁଡୁଜି ୱାନି
ଦର୍‌ତାନ୍ ବିସ୍‌ବାସ୍ କିତାର୍ । 24 ମାତର୍ ଜିସୁ ୱାରି ମୁସ୍‌କୁ
ବିସ୍‌ବାସ୍ କିଏଣ୍‌ଗା ୱାରି ମାଣ୍‌କୁ ନିଜେଦିଙ୍ଗ୍ ୱେରେହେ ଇଟ୍‌ତାନ୍,
ଇରିଙ୍ଗ୍ ୱାନ୍ ୱିଜେରିଙ୍ଗ୍ ନେସ୍‌ସି ମାର୍‌ଆନ୍ । 25 ମାରି, ଏନ୍
ଜେ ଲୋକା ବିସୟ୍‌ତାନ୍ ସାକି ସିନାନ୍, ଇକା ୱାନି ଦର୍‌କାର୍
ସିଲେତାତ୍, ଇରିଙ୍ଗ୍ ଲୋକା ଜିବନ୍‌ତୁ ଇନିକା ମାନାତ୍, ଆକା
ୱାନ୍ ନିଜେ ନେସ୍‌ସି ମାର୍‌ଆନ୍ ।

3 ପାରୁସିର୍ ଲୋଇ ନିକଦିମ ଦର୍‌ତି ଅରେନ୍ ଲୋକୁ ମାର୍‌ଆନ୍,
ୱାନ୍ ଜିହୁଦିରି ଅରେନ୍ ନେତା ମାର୍ହାନ୍ । 2 ୱାନ୍ ନାଡ଼ା
ସମୟ୍‌ତୁ ଜିସୁଦି ଲାକ୍‌ତୁ ୱାଜି ୱାନିଙ୍ଗ୍ ଇର୍‌ଆନ୍, ଏ ଗୁରୁ,
ନିନ୍ ଜେ ମାପୁରୁ ମାଣ୍‌କୁ ୱାତିମାନି, ଇକା ମାପ୍ ନେସ୍‌ନାପ୍,
ଇରିଙ୍ଗ୍ ନିନ୍ ଇୟା ଏମେ ୱିଜୁ କାବାଆନି ପାଣି କିଜିନି, ମାପୁରୁ
ନିୱାଲେ ସିଲେତିଙ୍ଗ୍ ଆୟାୱିଜୁ ଏନ୍ କିଦେଙ୍ଗ୍ ଆଟ୍‌ଏନ୍ । 3
ଜିସୁ ୱାନିଙ୍ଗ୍ ଇର୍ହାନ୍, “ସତ୍ ସତ୍ ନାନ୍ ନିଙ୍ଗ୍ଁ ଇଜିନା, ମାରିଡ଼େସି
ଜନମ୍ ଆଏତିଙ୍ଗ୍ ଏନ୍ ମାପୁରୁଦି ରାଜି ସୁଡୁଦେଙ୍ଗ୍ ଆଟ୍‌ଏନ୍
।” 4 ନିକଦିମ ଜିସୁଙ୍ଗ୍ଁ ୱେନ୍‌ବାତାନ୍, “ଡକ୍ରା ଆତିଙ୍ଗ୍ ଲୋକୁ
ଏଣ୍ଡେସ୍ କିଜି ଜନମ୍ ଆଦେଙ୍ଗ୍ ଆଟ୍‌ନାନ୍? ୱାନ୍ ଇନିକା ରିଜା
ନିଜେଦି ଆଇସି ପଟାଦୁ ଡୁଗୁଜି ଜନମ୍ ଆନାନ୍?” 5 ଜିସୁ
ଇର୍‌ଆନ୍, ସତ୍ ସତ୍ ନାନ୍ ନିଙ୍ଗ୍ଁ ଇଜିନା, “ଏର୍ ନି ଆତ୍ମାଦାନ୍
ଜନମ୍ ଆଏତିଙ୍ଗ୍ ଏନ୍ ମାପୁରୁଦି ରାଜିଦୁ ଡୁଗୁଦେଙ୍ଗ୍ ଆଟ୍‌ଏନ୍ ।
6 ମେନ୍ଦ୍‌ଲ୍‌ତାନ୍ ଆମାକା ଜନମ୍, ଆକା ମେନ୍ଦ୍‌ଲ୍‌ତିକା; ମାରି,
ଆତ୍ମାଦାନ୍ ଆମାକା ଜନମ୍, ଆକା ଆତ୍ମାଦିକା । 7 ନିଙ୍ଗ୍ଁ ଜେ
ମାରିଡ଼େସି ଜନମ୍ ଆଦେଙ୍ଗ୍ ଆନାତ୍ ଇଜି ନାନ୍ ଜେ ନିଙ୍ଗ୍ଁ ଇର୍‌ଆ,
ଆବେନ୍ କାବା ଆମା । 8 ଗାଲି ଆମା ତରିନ୍ ବଦାକିନାତ୍, ଆୟା
ତରିନ୍ ସନାତ୍, ମାରି ମିର୍ ତାନି ବଲ୍ ୱେନିଦେର୍, ମାତର୍ ଆକା
ଆମାଟ୍‌କୁ ୱାନାତ୍ ମାରି ଏମେ ସନାଟ୍, ଆକା ନେସ୍‌ଇଦେର୍;
ଆତ୍ମାଦାନ୍ ଜନମ୍ ଆତି ୱିଜେରି ଲୋକୁ ଆୟାୱାଜା ।” 9 ନିକଦିମ
ଜିସୁଙ୍ଗ୍ଁ ଇର୍ହାନ୍, “ଇୟାୱିଜୁ ଏଣ୍ଡେସ୍ ଆଦେଙ୍ଗ୍ ଆଟ୍‌ନାତ୍?”
10 ଜିସୁ ୱାନିଙ୍ଗ୍ ଇର୍ହାନ୍, “ନିନ୍ ଇସ୍ରାଏଲ୍‌ତି ଅରେନ୍ ଗୁରୁ
ଆଜି ବା ଇନିକା ଇୟାୱିଜୁ ବୁଜାଇଜିନି? 11 ନାନ୍ ନିଙ୍ଗ୍ଁ ସତ୍
ସତ୍ ଇଜିନା, ମାପ୍ ଆମାକା ନେସ୍‌ନାପ୍, ଆକା ଇନାପ୍, ମାରି
ଆମାକା ସୁଡୁତାମାନାପ୍, ଆୟା ବିସୟ୍‌ତାନ୍ ସାକି ସିନାପ୍, ମାରି
ମିର୍ ମା ସାକି ମାନାଇଜିନିଦେର୍ । 12 ନାନ୍ ମିଙ୍ଗ୍ଁ ଦୁନିଆଦି
ବିସୟ୍ ୱେର୍‌ତିଙ୍ଗ୍ ଜଦି ମିର୍ ବିସ୍‌ବାସ୍ କିଇଦେର୍, ଆରିଙ୍ଗ୍ ମିଙ୍ଗ୍ଁ
ମୁସ୍‌କୁପୁର୍‌ତି ବିସୟ୍ ୱେର୍‌ତିଙ୍ଗ୍ ଏଣ୍ଡେସ୍ ବିସ୍‌ବାସ୍ କିନିଦେର୍?
13 ଏମେ ମନୁସ୍ୟପୁତ୍ର ମୁସ୍‌କୁପୁର୍‌ତାନ୍ ରେତାତାନ୍, ୱାନିଙ୍ଗ୍
ଡ଼ିସ୍‌ତିଙ୍ଗ୍ ମାରି ଏନ୍‌ବା ମୁସ୍‌କୁପୁର୍‌ତୁ ସଲ୍‌ଏର୍ ।” 14 ମାରି,
ମୋସା ଏଣ୍ଡେସ୍ ସୁନ୍‌ସାନ୍‌ବାଡିଦୁ ସାରାସ୍‌ତିଙ୍ଗ୍ ମୁଣ୍ଡାଦୁ ମୁସ୍‌କୁ
ପେର୍‌ତାମାର୍ହାର୍, ମନୁସ୍ୟପୁତ୍ର ବା ଆୟାୱାଜା ମୁସ୍‌କୁ ପେରାନାନ୍,
15 ଏଣ୍ଡେସ୍ ଏନ୍‌ଆପିନ୍ ୱାନିମାନୁ ବିସ୍‌ବାସ୍ କିନାନ୍, ୱାନ୍
ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍ ପଇନାନ୍ । (aiōnios g166) 16 ଇରିଙ୍ଗ୍
ମାପୁରୁ ଇୟା ଜଗତ୍‌ତିଙ୍ଗ୍ ନିସା ଜିବନ୍ ନତାନ୍ ଜେ, ୱାନ୍ ନିଜେଦି
ଅରେନ୍ ମାରିନ୍‌ତିଙ୍ଗ୍ ସିତାନ୍, ଏଣ୍ଡେସ୍ ଏନ୍‌ଆପିନ୍ ୱାନିମାନୁ
ବିସ୍‌ବାସ୍ କିନାନ୍, ୱାନ୍ ନାସ୍ଟ ଆଏଣ୍ଡା ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍
ପଇନାନ୍ । (aiōnios g166) 17 ମାପୁରୁ ୱାନି ମାରିନ୍‌ତିଙ୍ଗ୍ ଦୁନିଆଦୁ
ବିସାର୍ କିନି ଉଣ୍ଡିଙ୍ଗ୍ ପକ୍‌ଏନ୍, ମାତର୍ ଦୁନିଆ ଏଣ୍ଡେସ୍ ୱାନି
ମାଣାନ୍ ରକିୟା ଆନାତ୍, ଇୟାଉଣ୍ଡିଙ୍ଗ୍ ପୋକ୍‌ତାମାନାନ୍ । 18
ଏନ୍ ମାରିନ୍‌ମାନୁ ବିସ୍‌ବାସ୍ କିନାନ୍, ୱାନ୍ ବିସାର୍ କିଆୟ୍‌ଆଏନ୍;
ଏନ୍ ବିସ୍‌ବାସ୍ କିଏନ୍, ୱାନ୍ ବିସାର୍ ଆତା ୱିଜିତାନ୍‌ନି, ଇରିଙ୍ଗ୍
ୱାନ୍ ମାପୁରୁଦି ଅରେନ୍ ମାରିନ୍‌ତି ଦର୍‌ତାନ୍ ବିସ୍‌ବାସ୍ କିଏନ୍ ।
19 ମାରି, ଆୟା ବିସାର୍ ଇୟା, ଜଗତ୍‌ତଦୁ ଜାୟ୍ ତରିତା ମାନାତ୍,
ମାରି ଲୋକୁ ଜାୟ୍‌ତି ବାଦୁଲୁ ସିକାଟିଦିଙ୍ଗ୍ ବଦା କିତାର୍, ଇରିଙ୍ଗ୍
ୱାରି ପାଣିୱିଜୁ ତାଗିଇକା । 20 ଇରିଙ୍ଗ୍ ଏନ୍ ତାଗିଇପାଣି କିନାନ୍,
ୱାନ୍ ଜାୟ୍‌ତିଙ୍ଗ୍ କାଡ଼୍‌ନାନ୍, ମାରି ଆତିଙ୍ଗ୍ ୱାନି ପାଣିଦି ଦୋସ୍
ତରାନାତ୍, ଇୟାଉଣ୍ଡିଙ୍ଗ୍ ୱାନ୍ ଜାୟ୍ ଲାକ୍‌ତୁ ରେଏନ୍ । 21 ମାତର୍
ଏନ୍ ନେଗିପାଣି କିନାନ୍, ଏଣ୍ଡେସ୍ ୱାନ୍ କିତିମାନି ପାଣିୱିଜୁ
ମାପୁରୁଦି ବଦାଦାନ୍ କିତାନ୍ ଇଜି ତରାନାତ୍, ଆୟାଉଣ୍ଡିଙ୍ଗ୍ ୱାନ୍
ଜାୟ୍ ଲାକ୍‌ତୁ ୱାନାନ୍ । 22 ତାନେୱେନ୍‌କା ଜିସୁ ମାରି ୱାନି ସିସୁର୍
ଜିହୁଦା ଦେସ୍‌ତୁ ସର୍ହାର୍, ମାରି ୱାନ୍ ଆୟାବାଡିଦୁ ୱାରି ୱାଲେ
ମାନ୍‌ଜି ଡୁବନ୍ ସିଦେଙ୍ଗ୍ ଆସ୍‌ତାନ୍ । 23 ଜୋହନ୍ ବା ସାଲମ
ଲାକ୍‌ତୁରି ଏନୋନଦୁ ଡୁବନ୍ ସିଜିମାର୍ହାନ୍, ଇରିଙ୍ଗ୍ ଆୟା ବାଡିଦୁ
ନାଣ୍ଡୁ ଏରୁ ମାରେଏ, ମାରି ଲୋକୁ ୱାଜି ଡୁବନ୍ ଅସିମାର୍ହାର୍ ।
24 ଜୋହନ୍ ଆୟା ସାନ୍ଧି ଜଇଲ୍‌ତୁ ତେବାଏତା ମାର୍ହାନ୍ । 25
ଆୟାମାନୁ ନେଗେନ୍‌ଆନିପାଣିଦି ବିସୟ୍‌ତାନ୍ ଜୋହନ୍‌ତି ଏସ
ସିସୁରି ତରିଟାନ୍ ଅରେନ୍ ଜିହୁଦି ୱାଲେ ଆସ୍‌ସିସାତାର୍ । 26
ମାରି, ୱାର୍ ଜୋହନ୍‌ତି ଲାକ୍‌ତୁ ସଲ୍‌ସି ୱାନିଙ୍ଗ୍ ଇର୍ହାର୍, ଏ ଗୁରୁ,
ଏନ୍ ଜର୍ଦନ ଗାଡାଦି ଆୟା ପାଡ଼୍‌କା ନି ୱାଲେ ମାର୍ହାନ୍, ଆମାୱାନି
ବିସୟ୍‌ତାନ୍ ନିନ୍ ସାକ୍ୟ ସିତିମାନି, ସୁଡୁଆ, ୱାନ୍ ଡୁବନ୍ ସିଜିନାନ୍
ମାରି ୱିଜେରେ ୱାନି ଲାକ୍‌ତୁ ସଲ୍‌ସିନାର୍ । 27 ଜୋହନ୍ ଇର୍ହାନ୍,
ମାପୁରୁ ସିଏତିଙ୍ଗ୍ ଲୋକୁ ଇନିକା ପଇଦେଙ୍ଗ୍ ଆଟ୍‌ଏନ୍ । 28
ନାନ୍ ଜେ କ୍ରିସ୍ତ ଆଏ, ମାତର୍ ୱାନି ଆଗ୍‌ଡ଼ି ୱାତା ମାନା, ଇକା
ନାନ୍ ଇର୍‌ଆମାର୍ହା ଇଜି ମିର୍ ନିଜେନିଜେ ନା ସାକି । 29 ଏନ୍
ଆଇଲି ତାନାନ୍, ୱାନ୍ କାନ୍ୟାମୁରୁଲି, ମାତର୍ କାନ୍ୟାମୁରୁଲିଦି
ଏମେ ସଙ୍ଗ୍ ଲାକ୍‌ତୁ ନିନାନ୍‌ନୋ ୱାନି ମାଟା ୱେନାନ୍, ୱାନ୍
କାନ୍ୟାମୁରୁଲିଦି ବଲୁ ଉଣ୍ଡିଙ୍ଗ୍ ନାଣ୍ଡୁ ୱେଡ଼ିକାଆନାନ୍ । ମାରି,
ଇୟାୱାଜା ନା ଇୟା ୱେଡ଼ିକା ପୁରା ଆତାମାନାତ୍ । 30 ୱାନିଙ୍ଗ୍
ଏଣ୍ଡେସ୍‌ବା ପିର୍‌ଦେଙ୍ଗ୍ ପଡ଼ାନାତ୍, ମାତର୍ ନାଙ୍ଗ୍ଁ ଉଣା ଆଦେଙ୍ଗ୍
ମାନାତ୍ । 31 ଏନ୍ ମୁସ୍‌କୁରାନ୍ ୱାନାନ୍, ୱାନ୍ ୱିଜେରିମାଣ୍‌କୁ
ପେରିକାନ୍, ଏନ୍ ଦୁନିଆଦାନ୍ ୱାନାନ୍, ୱାନ୍ ଦୁନିଆଦିକାନ୍,
ମାରି ୱାନ୍ ଦୁନିଆଦି ମାଟା ଇନାନ୍; ଏନ୍ ମୁସ୍‌କୁପୁରୁତାନ୍
ୱାନାନ୍, ୱାନ୍ ୱିଜେରିମାଣ୍‌କୁ ପେରିକାନ୍ । 32 ୱାନ୍ ଆମାକା

ସୁଡୁତାମାନାନ୍ ମାରି ୱେରାମାନାନ୍, ଆୟା ବିସୟ୍‌ତାନ୍ ୱାନ୍
ସାକିୟ ସିନାନ୍, ମାତର୍ ୱାନି ସାକିୟ ଏନ୍ ମାନାଏନ୍ । 33
ଏନ୍ ୱାନି ସାକିୟ ମାନାତା ମାନାନ୍, ମାପୁରୁ ଜେ ସତ୍, ଇକା
ୱାନ୍ ପାରାମାଣ୍ କିତାମାନାନ୍ । 34 ଇରିଙ୍ଗ ମାପୁରୁ ଆମାୱାନିଙ୍ଗ
ପୋକ୍‌ତାତା ମାନାନ୍, ୱାନ୍ ମାପୁରୁଦି ବାକ୍ୟ ଇନାନ୍, ଇରିଙ୍ଗ
ମାପୁରୁ ୱାନିଙ୍ଗ ପୁରାଦାନ୍ ୱାନି ଆତ୍ମା ସିନାନ୍ । 35 ବୁବା
ମାରିନ୍‌ତିଙ୍ଗ ଜିବନ୍‌ନୋନାନ୍, ମାରି ୱିଜୁ ବିସୟ୍ ୱାନି କିୟୁଦୁ
ସର୍ପେ କିତାମାନାର୍ । 36 ଏନ୍ ମାରିନ୍‌ତିଙ୍ଗ ବିସ୍‌ବାସ୍ କିନାନ୍,
ୱାନ୍ ଏସ୍‌କାଙ୍ଗୱିଜ୍‌ଇ ଜିବନ୍ ପଇନାନ୍, ମାତର୍ ଏନ୍ ମାରିନ୍‌ତିଙ୍ଗ
ଅମାନ୍ୟ କିନାନ୍, ୱାନ୍ ଜିବନ୍ ସୁଡୁଏନ୍, ମାରି ଆୟା ଲୋକୁ
ମୁସ୍‌କୁ ମାପୁରୁଦି ରିସା ତେବାତାନ୍ । (aiōnios g166)

**4** ଜିସୁ ଜେ ଜୋହନତି ବାଦ୍‌ଲୁ ନାଣ୍ତ ସିସୁର୍ କିଜିନାନ୍ ମାରି
ୱାରିଙ୍ଗ ଡୁବନ୍ ସିଜିନାନ୍ ଇଜି ପାରୁସିର୍ ୱେର୍‌ଆର୍ । 2
ଜଦିବା ଜିସୁ ନିଜେନେ ଡୁବନ୍ ସିଏଜିମାର୍ହାନ୍, ୱାନି ସିସୁର୍
ସିଜିମାର୍ହାର୍ । 3 ଇକା ପାରୁସିର୍ ୱେର୍‌ସିନାର୍ ଇଜି ଏସ୍ତିୱାଲେ
ଜିସୁ ୱେର୍‌ଆନ୍, ନାସ୍ତିୱାଲେ ୱାନ୍ ଜିହୁଦା ଦେସ୍ ଡ଼ିସ୍‌ସିତାନ୍‌ନୋ
ମାରିଡ଼େସି ଗାଲିଲିଦୁ ସର୍ହାନ୍ । 4 ସମିରୋଣ ନାଡ଼୍‌ମି ସାରି
ସିଜି ୱାନିଙ୍ଗ ସନ୍‌ଡ୍ରେଙ୍ଗ ପଡ଼ାତାତ୍ । 5 ଆଦେଙ୍ଗ ୱାନ୍ ସଲ୍‌ସି
ଜାକୁବ ନିଜେଦି ମାରିନ୍ ଜୋସେପ୍‌ତିଙ୍ଗ ଆମା ବୁମିକାଣ୍ତେକ୍ ଦାନ୍
ସିତାମାର୍ହାନ୍, ଆବେଣି ଲାକ୍‌ତୁରି ସମିରୋଣଦି ସୁକାର ଦର୍‌ତି
ଉଣ୍ତି ନାର୍‌ତୁ ଇତାନ୍; 6 ଆୟା ବାଡିଦୁ ଜାକୁବଦି କୁଇକାଲ୍
ମାର୍ହାତ୍ । ମାରି, ଜିସୁ ବୁଲାଜି ବୁଲାଜି ୱାଦିତାନୋ ଆୟା
କୁଇକାଲ୍ ଲାକ୍‌ତୁ ବାସ୍‌ତାନ୍ । ନାସ୍ତିୱାଲେ ମାଦ୍‌ଲାମେ୍‌ୱଡ଼ା
ଆତାମାର୍ହାତ୍ । 7 ଅରେତ୍ ସମିରୋଣିୟା ଆଇମା ଏରୁ ଅତେଙ୍ଗ
ୱାତାତ୍, ଜିସୁ ତାନିଙ୍ଗ ଇର୍ହାନ୍, ନାଙ୍ଗିଁ ଏରୁ ଉଣ୍ତେଙ୍ଗ ସିଦା ।
8 ନାସ୍ତିୱାଲେ ୱାନି ସିସୁର୍ ଉଣ୍ତେଙ୍ଗ କାଦି କଣ୍ତେଙ୍ଗ ଗାଡ଼୍‌ତୁ
ସର୍‌ହାମାର୍ହାର୍ । 9 ଆବେଟ୍ ସମିରୋଣିୟା ଆଇମା ଜିସୁଙ୍ଗିଁ
ଇର୍ହାତ୍, ନିନ୍ ଅରେନ୍ ଜିହୁଦି ମାରି ନାନ୍ ସମିରୋଣିୟା ଏଣ୍ତେସ୍
ନା କିୟୁଦାନ୍ ଏର୍ ଉଣ୍ତେଙ୍ଗ ଲସ୍‌ସିନି? ଇରିଙ୍ଗ ସମିରୋଣିୟରି
ୱାଲେ ଜିହୁଦିର୍ ମିସାଜିସାଏର୍ । 10 ଜିସୁ ତାନିଙ୍ଗ ଇର୍ହାନ୍,
ମାପୁରୁ ଇନିକା ସିଦେଙ୍ଗ ଆଟ୍‌ନାନ୍, ନିନ୍ ଜଦି ନେସ୍‌ତିମାନ୍ଦି
ମାରି ଏନ୍ ନି କିୟୁଦାନ୍ ଏର୍ ଉଣ୍ତେଙ୍ଗ ବଦାକିଜିନାନ୍ ଆରିଙ୍ଗ
ଜଦି ନିନ୍ ୱାନିଙ୍ଗ ଲସ୍‌ତିମାନ୍ଦି, ମାରି ୱାନ୍ ନିଙ୍ଗିଁ ଜିବନ୍‌ତି ଏରୁ
ସିତାନ୍‌ମାନ୍ଦି । 11 ଆୟା ଆଇମା ୱାନିଙ୍ଗ ଇର୍ହାତ୍, ଆଜ୍ଞା, ଏରୁ
ଆନ୍‌ନି ଉଣ୍ତିଙ୍ଗ ନି ଲାକ୍‌ତୁ ଇନି ଗିନା ବା ସିଲେତ୍, ମାରି କୁଇକାଲ୍
ତୋ ନାଣ୍ତ ଆଡ଼୍‌ଗି; ଆଦେଙ୍ଗ ନିନ୍ ଏମେମାଣ୍‌କୁ ଆୟା ଜିବନ୍‌ତି
ଏରୁ ପଇତିମାନି? 12 ମା ଏମେ ପୁର୍ବେଦି ଡକ୍ରାଦାଦା ଜାକୁବ୍ ମାଙ୍ଗିଁ
ଇୟା କୁଇକାଲ୍ ସିତାମାର୍ହାନ୍, ମାରି ନିଜେ, ମାରି ୱାନି କଡ଼ର୍
ମାରି ଜାତୁଙ୍ଗମାନ୍ଦା ଇବେଣ୍‌କୁ ଉଟେ ମାର୍‌ଏ, ୱାନିମାଣ୍‌କୁ ଇନିକା
ନିନ୍ ପେରିକିନ୍ଦା? 13 ଜିସୁ ତାନେଙ୍ଗ ଇର୍ହାନ୍, ଏନ୍‌ଆପିନ୍ ଇୟା
ଏରୁ ଉଣାନ୍, ୱାନ୍ ମାରିଡ଼େସି ଏର୍‌କିଆନାନ୍; 14 ମାତର୍ ନାନ୍
ଏମେ ଏରୁ ସିନା, ଆକା ଏନ୍‌ଆପିନ୍ ଉଣାନ୍, ୱାନ୍ ଏସ୍‌କାଙ୍ଗବା
ଏର୍‌କିସାଏନ୍, ମାରି ନାନ୍ ସିଜିମାନି ଏର୍ ୱାନି ଜିବନ୍‌ତୁ ଉଣ୍ତି
ଜିବନ୍ ସିନି ୱାଙ୍ଗିଁନି ୱାଜା ଆନାତ୍ । ଆବେଟ୍‌କୁ ଉଟିଙ୍ଗ ୱାନ୍
ଏସ୍‌କାଙ୍ଗୱିଜ୍‌ଇ ଜିବନ୍ ପୋଇନାନ୍ । (aiōn g165, aiōnios g166)
15 ଆଇମା ୱାନିଙ୍ଗ ଇର୍ହାତ୍, ଆଜ୍ଞା, ଆୟାଉଣ୍ତିଙ୍ଗ ନାଙ୍ଗିଁ ଆୟା
ଏର୍ ସିଦା, ନାଙ୍ଗିଁ ଏଣ୍ତେସ୍ ଏର୍‌କି କାଟ୍‌ଏତ୍, ମାରି ଏରୁ ଆନ୍‌ନି
ଉଣ୍ତିଙ୍ଗ ନିସା ଆକ ସାରି ଇବେନୁ ୱାଦେଙ୍ଗ ପଡ଼ାଏତ୍ । 16 ଜିସୁ
ତାନେଙ୍ଗ ଇର୍ହାନ୍, "ସାଙ୍ଗଆ, ନି କୋନ୍‌ଲିଙ୍ଗ କୁକ୍‌ସ ଇବେନୁ ତାଗା
।" 17 ଆଇମା ୱାନିଙ୍ଗ ଇର୍ହାତ୍, ନା କୋନ୍‌ଲି ସିଲେନ୍ । ଜିସୁ
ତାନେଙ୍ଗ ଇର୍ହାନ୍, ନା କୋନ୍‌ଲି ସିଲେନ୍ ଇଜି, ସତ୍ ୱେର୍‌ତି; 18
ଇରିଙ୍ଗ ନି କୋନ୍‌ଲିର୍ ପାସ୍‌ଲୋକ୍ ମାର୍ହାର୍, ମାରି ଇଲେଇ ନିନ୍
ଆମାୱାନିୱାଲେ ମାନି, ମାରି ନି ଲାକ୍‌ତୁ ଏନ୍ ମାନାନ୍, ଇକା
ସତ୍ ୱେର୍‌ତିମାନି । 19 ଆଇମା ୱାନିଙ୍ଗ ଇର୍ହାତ୍, ଆଜ୍ଞା, ନିନ୍ ଜେ
ଅରେନ୍ ବାବବାଦି, ଇକା ନାନୁ ସୁଡୁଦେଙ୍ଗ ଆଟ୍‌ସିନା । 20 ମା
ପୁର୍ବେଦିଡକ୍‌ରାଦାଦାର୍ ଇୟା ଗରନ୍‌ତୁ ଉପାସନା କିତାର୍, ମାରି,
ମିର୍ ଜିହୁଦିର୍ ଇଜିନିଦେର୍, ଏମେ ବାଡିଦୁ ଉପାସନା କିନି ନିୟମ୍,
ଆକା ଜିରୁସାଲାମ୍ ମନ୍ଦିର । 21 ଜିସୁ ତାନିଙ୍ଗ ଇର୍‌ଆନ୍, ଏ
ଆଇମା, ନା ମାଟା ବିସ୍‌ବାସ୍ କିଆ, ଇୟାୱାଜା ସମୟ ୱାଜିନାତ୍,
ଏମେ ସମୟ୍‌ତୁ ମିର୍ ଇୟା ଗରନ୍‌ତୁ ମାରି ଜିରୁସାଲାମ୍‌ତୁ ବୁବାଦି
ଉପାସନା କିଇଦେର୍ । 22 ମିର୍ ସମିରୋଣିୟର୍ ଆମାୱାନିଙ୍ଗ
ସତ୍‌ତାନ୍ ନେସ୍‌ଇଦେର୍, ଆକା ଉପାସନା କିଜିମାନିଦେର୍;
ମାତର୍ ମାପ୍ ଜିହୁଦିର୍ ଆମାୱାନିଙ୍ଗ ନେସ୍‌ନାପ୍, ୱାନି ଉପାସନା
କିଜିମାନାପ୍, ଇରିଙ୍ଗ ରକିୟା ଜିହୁଦିର୍ ମାଣ୍‌କୁ ୱାନାତ୍ । 23
ମାତର୍ ଏମେ ସମୟ୍‌ତୁ ସତ୍ ଉପାସନା କିନିକାର୍ ଆତ୍ମାଦୁ
ନି ସତ୍‌ତାନ୍ ବୁବାଦି ଉପାସନା କିନାର୍, ଆୟାୱାଜା ସମୟ୍
ୱାଜିନାତ୍; ମାରି, ଇଲେଇବା ଇଗା ୱାତାତ୍; ଇରିଙ୍ଗ ବୁବା
ଇୟାୱାଜା ଉପାସନା କିନିୱାରିଙ୍ଗ ବଦାକିନାନ୍ । 24 ମାପୁରୁ
ଆତ୍ମା, ମାରି କେବଲ୍ ଆତ୍ମାଦି ସାକ୍ତି ନି ସତ୍‌ତାନ୍ ୱାନି ଉପାସନା
କିନିକାର୍ ୱାନି ଉପାସନା କିଦେଙ୍ଗ ଆଟ୍‌ନାର୍ । 25 ଆଇମା ଜିସୁଙ୍ଗିଁ
ଇର୍ହାତ୍, "ମସିହ, ଆମାୱାନିଙ୍ଗ କ୍ରିସ୍ତ ଇନାର୍, ୱାନ୍ ୱାଜିନାନ୍ ଇଜି
ନାନ୍ ନେସ୍‌ନା; ଏସ୍ତିୱାଲେ ୱାନ୍ ୱାନାନ୍, ୱାନ୍ ମାଙ୍ଗିଁ ୱିଜୁ ବିସୟ୍
ୱେର୍‌ନାନ୍ ।" 26 ଜିସୁ ତାନିଙ୍ଗ ଇର୍‌ଆନ୍, "ନି ୱାଲେ ୱାର୍‌ଗିଜିନା
ଜେ ନାନ୍, ନାନ୍ ଆୟାକାନ୍ ।" 27 ନାସ୍ତିୱାଲେ ଜିସୁଦି ସିସୁର୍
ୱାଜି ୱାନ୍ ଅରେତ୍ ଆଇମାଦି ୱାଲେ ୱାର୍‌ଗିସାନିକା ସୁଡୁଜି କାବା
ଆତାର୍, "ଆତିବା ନିନ୍ ଇନିକା ବଦାକିନି, ମାରି ଏନ୍ଦା ତାନି ୱାଲେ
ୱାର୍‌ଗିଜିନାନ୍, ଇକା ଏନ୍ ଜିସୁଙ୍ଗିଁ ୱେନ୍‌ବାଦେଙ୍ଗ ସାସ୍ କିଏତାର୍
।" 28 ଆବେଟ୍ ଆୟା ଆଇମା ନିଜେଦି ଏର୍ ସାଟି ଇଡ଼୍‌ଜି
ଗାଡ଼୍‌ତୁ ସଲ୍‌ସି ଲୋକାଙ୍ଗ ଇର୍ହାତ୍, 29 "ରାଦୁ, ଅରେନ୍‌ୱାନିଙ୍ଗ
ସୁଣିଦେର୍, ନାନ୍ ଆମା ଆମାକା କିତାମାନା, ଆୟାୱିଜୁ ୱାନ୍
ନାଙ୍ଗିଁ ଇର୍‌ଆନ୍, ୱାନ୍ ଏମୋ କ୍ରିସ୍ତ ଆନାନ୍ ସୁଜି?" 30 ଆବେଟ୍
ଲୋକୁ ଗାଡ଼୍‌ତାନ୍ ସହସି ୱାନି ଲାକ୍‌ତୁ ସନ୍‌ଡ୍ରେଙ୍ଗ ଆସ୍‌ତାନ୍

। 31 ଆୟ୍ଯାଦାପ୍ରେ ସିସୁର୍ ଜିସୁଙ୍ଗଁ ମାଡ଼ିସ୍ କିତାର୍, “ଏ ଗୁରୁ,
କାଣ୍ତେକ୍ ଉଣୁଆ ।” 32 ମାତର୍ ଜିସୁ ୱାରିଙ୍ଗ ଇର୍‌ଆନ୍, “ଉଣ୍ତେଙ୍ଗ
ଇଜି ଏମେ କାଦି ନାବାନ୍ ମାନାତ୍, ଆୟ୍ଯା ବିସୟ୍‌ତାନ୍ ମିର୍
ଇନିକା ନେସ୍‌ଇଦେର୍ ।” 33 ଆବେଟ୍ ସିସୁର୍ ତାମେଲୋଇ
ୱାର୍‌ଗିଦେଙ୍ଗ ଆସ୍‌ତାର୍, “ଏନ୍ ୱାନିଙ୍ଗ କାଦି ତାତା ସିତା ମାନାନ୍
ସୁଗି?” 34 ଜିସୁ ୱାରିଙ୍ଗ ଇର୍‌ଆନ୍, “ନାଙ୍ଗଁ ପକ୍‌ତିମାନିୱାନିଦି
ବଦା ପୁରା କିଦେଙ୍ଗ ମାରି ୱାନି ସିତିମାନି ପାଣିୱିଜୁ ୱିସେ୍‌ତଙ୍ଗ
ଇକାନେ ନା କାଦି । 35 ମିର୍ ଇଜିମାନିଦେର୍, ପାସି କୟେ୍‌ଦଙ୍ଗ
ମାରି ନାଲ୍‌ଗି ଲେଜ୍‌କୁ ମାନେ, ମାତର୍ ନାନ୍ ମିଙ୍ଗଁ ଇଜିନା, ପାସି
କିଡ଼ିଇ ଆଙ୍ଗଁ ନେଗେନ୍ କିଜି ସୁଡୁଦୁ; ଆୟ୍ଯାୱିଜୁ କୟେ୍‌ଦଙ୍ଗ ଇଜି
ପାଣ୍ତିତେନି । 36 ଇଲେଇବା କୟ୍‌ନିକାନ୍ ମୁଲ୍ ପୟ୍‌ଜିନାନ୍ ମାରି
ଏସ୍‌କାଙ୍ଗୱିଜ୍‌ଇ ଜିବନ୍ ଉଣ୍ତିଙ୍ଗ ପଲ୍ ଉଣ୍ତା କିଜିନା, ଏଣ୍ତେସ୍
ୱିତ୍‌ନିକାନ୍ ମାରି କୟ୍‌ନିକାନ୍ ରିଏର୍ ମିସାଜି ୱେଡ଼ିକା କିନାର୍ ।
(aiōnios g166) 37 ଇରିଙ୍ଗ ଅରେନ୍ ୱିତ୍‌ନାନ୍ ମାରି ଆଇକାନ୍
କୟ୍‌ନାନ୍, ଇୟ୍ଯା ମାଟା ସତ୍ । 38 ମିର୍ ଆମା ଉଣ୍ତିଙ୍ଗ ପାଣି
କିଇଦେର୍, ଆକା କୟେ୍‌ଦଙ୍ଗ ଇଜି ନାନ୍ ମିଙ୍ଗଁ ପକ୍‌ତା; ଆଇକାର୍
ପାଣିକିତାମାନାର୍, ମାରି ମିର୍ ୱାରି ପାଣିକିତି ପଲ୍ ପୟ୍‌ଜିନିଦେର୍
।” 39 ନାନ୍ ଆମା ଆମାକା କିତାମାନା, ଆୟ୍ଯାୱିଜୁ ୱାନ୍ ନାଙ୍ଗଁ
ଇର୍‌ଆନ୍ ଇଜି ଏମେ ଆଇମା ସାକି ସିତାମାର୍‌ଆତ୍, ତାନି
ମାଟା ଉଣ୍ତିଙ୍ଗ ଆୟ୍ଯା ଗାଡ଼୍‌ତି ସମିରୋଣଦି ଲୋକା ଲୋଇ ନାଣ୍ତ
ଲୋକୁ ଜିସୁମାନୁ ବିସ୍‌ବାସ୍ କିତାର୍ । 40 ମାରି ସମିରୋଣୟ୍‌ଦି
ଲୋକୁ ୱାନି ଲାକ୍‌ତୁ ୱାଜି ୱାରି ୱାଲେ ତେବାଦେଙ୍ଗ ଇଜି
ୱାନିଙ୍ଗ ମାଡ଼ିସ୍ କିତାର୍, ମାରି ୱାନ୍ ରିନେନ୍ ଆୟ୍ଯା ବାଡିଦୁ
ତେବାତାନ୍ । 41 ମାରି ଜିସୁଦି ବାକ୍ୟ ୱେନ୍‌ଜ୍ଞି ମାରି ନାଣ୍ତ ଲୋକୁ
ବିସ୍‌ବାସ୍ କିତାର୍, 42 ମାରି, ୱାର୍ ଆୟ୍ଯା ଆଇମାଦିଙ୍ଗ ଇର୍ହାର୍,
“ଇଲେଇ ନି ମାଟାଦି ଉଣ୍ତିଙ୍ଗ ମାପ୍ ବିସ୍‌ବାସ୍ କିଏପ୍, ଇରିଙ୍ଗ
ମାପ୍ ନିଜେନିଜେ ୱେର୍‌ଆମାନାପ୍, ମାରି ଇକାନ୍ ଜେ ସତେନେ
ଦୁନିଆଦି ରକିୟ୍ଯା କିନିକାନ୍, ଇକା ମାପ୍ ନେସ୍‌ତାମାନାପ୍ ।” 43
ରିନେନ୍ ୱେନ୍‌କା ଜିସୁ ଆବେଟ୍‌ତାନ୍ ସହସି ଗାଲିଲିଦୁ ସର୍‌ଆନ୍ ।
44 ଇରିଙ୍ଗ ବାବବାଦି ନିଜେଦି ଦେସ୍‌ତୁ ସମ୍ମାନ୍ ପୟ୍‌ଏର୍ ଇଜି ଜିସୁ
ନିଜେ ସାକି ସିତାମାର୍‌ଆନ୍ । 45 ମାରି, ୱାନ୍ ଗାଲିଲିଦୁ ଇଗା
ୱାତାନ୍, ନିସ୍ତାର ପଣ୍ତୟ୍‌ତିୱାଲେ ୱାନ୍ ଜିରୁସାଲାମ୍‌ତୁ ଇନି ଇନିକା
କିତାମାର୍‌ଆନ୍, ଆୟ୍ଯାୱିଜୁ ସୁଡୁତାମାର୍‌ଆର୍‌ଆକା ଗାଲିଲିଦିକାର୍
ୱାନିଙ୍ଗ ମାନାତାର୍, ଇରିଙ୍ଗ ୱାନ୍ ବା ପଣ୍ତୟ୍‌ତୁ ସର୍‌ଆମାର୍‌ଆନ୍
। 46 ଆବେଟ୍ ଗାଲିଲିଦି ଆମା କାନା ଗାଡ଼୍‌ତୁ ୱାନ୍ ଏର୍‌ତିଙ୍ଗ
ଅଙ୍ଗୁର୍‌ରସ୍ କିତାମାର୍‌ଆନ୍, ଆୟ୍ଯା ବାଡିଦୁ ଜିସୁ ମାରିଡ଼େସି
ସର୍ହାନ୍ । ମାରି ଆବେନ୍ ଅରେନ୍ ରାଜାଦି ପାଣିକିନିକାନ୍ ମାର୍ହାନ୍,
ୱାନି ମାରିସି କପର୍‌ନାହୁମ୍‌ତୁ ନବ୍ ଆତାମାର୍‌ଆନ୍ । 47 ଜିସୁ
ଜିହୁଦା ଦେସ୍‌ତାନ୍ ଗାଲିଲିଦୁ ସତାୱାତାମାନାନ୍, ଇକା ୱେନ୍‌ଜି
ୱାନ୍ ୱାନି ଲାକ୍‌ତୁ ସଲ୍‌ସି ୱାନ୍ ଏଣ୍ତେସ୍ ୱାଜି ୱାନି ମାରିସିଙ୍ଗ
ନେଗେଣ୍ତ କିନାନ୍, ଆୟ୍ଯାଉଣ୍ତିଙ୍ଗ ୱାନିଙ୍ଗ ମାଡ଼ିସ୍‌ତେଙ୍ଗ ଆସ୍‌ତାନ୍,
ଇରିଙ୍ଗ ୱାନ୍ ସାନିୱାଜା ଆତାମାର୍‌ଆନ୍ । 48 ଆବେଟ୍ ଜିସୁ
ୱାନିଙ୍ଗ ଇର୍‌ଆନ୍, “ସିନା ନି କାବାଆନିପାଣିଙ୍ଗଁ ସୁଡୁଏତିଙ୍ଗ ମିର୍
ଏଣ୍ତେସ୍‌ବା ବିସ୍‌ବାସ୍ କିଇଦେର୍ ।” 49 ରାଜାଦି ପାଣିକିନିକାନ୍
ଜିସୁଙ୍ଗଁ ଇର୍‌ଆନ୍, “ଏ ଗୁରୁ,” ନା କଡ଼ ସାନି ଆଗ୍‌ଡ଼ିନେ ରାଆ ।
50 ଜିସୁ ୱାନିଙ୍ଗ ଇର୍‌ଆନ୍, ସାଙ୍ଗଆ, ନି କଡ଼ ଜିତାନ୍‌ନି । ଆୟ୍ଯା
ଲୋକୁ ଜିସୁ ୱେର୍‌ତିମାନି ମାଟାଦିଙ୍ଗ ବିସ୍‌ବାସ୍ କିଜି ସର୍‌ଆନ୍
। 51 ମାରି, ୱାନ୍ ସଲ୍‌ପୁ ସଲ୍‌ପୁ ତାନି ଗତିମୁରୁଲିରି ୱାନିଙ୍ଗ
ବେଟ୍‌ବୁଡ଼ାଜି ୱାନି କଡ଼ ଜିତାନ୍‌ନି ଇଜି ଇର୍ହାର୍ । 52 ଆଦେଙ୍ଗ
ଏସ୍ତିୱାଲେ ୱାନି କଡ଼ଦିଙ୍ଗ ନବ୍ ଡ଼ିସ୍‌ତାତ୍, ଆକା ୱାନ୍ ୱାରିଙ୍ଗ
ୱେନ୍‌ବାତାନ୍ । ଆବେଟ୍ ୱାର୍ ୱାନିଙ୍ଗ ଇର୍ହାର୍, “ଇଏନ୍ ଗନେ୍‌ଣ୍ଟ
ୱେଡ଼ାଦୁ ୱାନିଙ୍ଗ ନବ୍ ଡ଼ିସ୍‌ତାତ୍ ।” 53 ଆବେଟ୍ ୱାନି ବୁବାସି
ବୁଜାତାନ୍ ଜେ, ଜିସୁ ଏସ୍ତିୱାଲେ ନି କଡ଼ ଜିତାନ୍‌ନି ଇଜି ୱାନିଙ୍ଗ
ଇର୍‌ଆମାର୍‌ଆନ୍, ଟିକ୍ ନାସ୍ତିୱାଲେ ଇୟ୍ଯା ଗଟାନା ଗଟାତାତ୍ ।
ମାରି, ୱାନ୍ ନିଜେ ନି ୱାନି ୱିଜୁ ଇଲୁଦିକାର୍ ଜିସୁଙ୍ଗଁ ବିସ୍‌ବାସ୍
କିତାର୍ । 54 ଜିହୁଦାଦାନ୍ ମାରିଡ଼େସି ଗାଲିଲିଦୁ ୱାତି ୱେନ୍‌କା
ଇକା ଜିସୁଦି ମାରିଅର୍ସୁ କାବାଆନି ପାଣି ।

5 ଇୟ୍ଯା ୱେନ୍‌କା ଜିହୁଦିର୍ ଉଣ୍ତି ପଣ୍ତୟ୍ ୱାତାତ୍, ମାରି ଜିସୁ
ଜିରୁସାଲମ୍‌ତୁ ସର୍ହାନ୍ । 2 ଜିରୁସାଲାମ୍‌ତି ମେଣ୍ତାସେର୍‌ଲା
ଲାକ୍‌ତୁ ଉଣ୍ତି ସେରୁ ମାର୍ହାତ୍; ଏବ୍ରି ବାସାଦାନ୍ ତାନିଙ୍ଗ ବେତେସ୍‌ଦା
ଇଜି ଇନାର୍, ତାନି ପାସ୍‌ଗୋଟା ଗୁଡିକାଲ୍‌କୁ ମାନେ । 3
ଆୟ୍ଯା ଗୁଡିକାଲ୍‌କାଙ୍ଗ ମୁସ୍‌କୁ ନାଣ୍ତ ନବ୍‌ଆତିକାର୍, କାଣାର୍,
ସଟାର୍ ମାରି କିକୁକାଲ୍‌କୁ ୱାର୍‌ତିକାର୍ ମାନ୍‌ଜିମାର୍ହାର୍ । ୱାର୍
ଏର୍‌ଦୁଙ୍ଗଁନିକା କାପ୍‌କିଜି ମାନ୍‌ଜିମାର୍ହାର୍ । 4 ଇରିଙ୍ଗ ଏସୋ ଏସୋ
ସମୟ୍‌ତୁ ପ୍ରବୁଦି ଅରେତ୍ ଦୁତ୍ ଇସ୍ରିଗାଡା ରେତାଜି ଏର୍‌ତିଙ୍ଗ
ଦୁକ୍‌ସିମାର୍ହାତ୍, ମାରି ଏର୍ ଦୁଙ୍ଗଁତି ୱେନ୍‌କା ଏନ୍ ଆଗ୍‌ଡ଼ି ଆବେ
ଡୁଗୁଜି ମାର୍‌ଆନ୍, ୱାନ୍ ଏମେ ରୋଗ୍‌ତୁ ଆସ୍‌ତିମାରିଙ୍ଗ ବା
ନେଗେନ୍ ଆଜିମାର୍ହାର୍ । 5 ଆବେ ତିରିସ୍‌ଆଟ୍ ବାରେ୍‌ସକ୍ ସାନ୍ଦି
ରୋଗ୍‌ଆସ୍‌ତି ଅରେନ୍ ଲୋକୁ ମାର୍‌ଆନ୍ । 6 ଜିସୁ ୱାନିଙ୍ଗ
ଆବେମାନିକା ସୁଡୁଜି ନାଣ୍ତ ବାରେ୍‌ସକ୍‌ତି ରୋଗି ଲୋକୁ ଇଜି
ନେସ୍‌ସି ୱାନିଙ୍ଗ ୱେନ୍‌ବାତାନ୍, “ନିନ୍ ଇନିକା ନେଗେନ୍ ଆଦେଙ୍ଗ
ବଦା କିଜିନି?” 7 ରୋଗ୍ ଲୋକୁ ଜିସୁଙ୍ଗଁ ଇର୍‌ଆନ୍, “ଆଙ୍ଗା,
ଏର୍ ଦୁଙ୍ଗଁନିୱାଲେ ନାଙ୍ଗଁ ସେରୁ ଲୋଇ ଅତେଙ୍ଗ ଇଜିନା ଏନ୍
ସିଲେନ୍; ମାରି, ନାନ୍ ସଲ୍‌ପୁ ସଲ୍‌ପୁ ଆଇକାନ୍ ନା ଆଗ୍‌ଡ଼ି
ଡୁଗ୍‌ଜିନାନ୍ ।” 8 ଜିସୁ ୱାନିଙ୍ଗ ଇର୍‌ଆନ୍, “ନିଙ୍ଗଆ, ନି ଟାଟି
ଆସ୍‌ସି, ମି ଇଣ୍ତସାଙ୍ଗଆ ।” 9 ଆୟ୍ଯାଦାପ୍ରେ ଆୟ୍ଯା ଲୋକୁ
ନେଗେଣ୍ତ ଆତାନ୍ ମାରି ନିଜେଦି କାଟେଲ୍ ଆସ୍‌ସି ବୁଲାଦେଙ୍ଗ
ଆସ୍‌ତାନ୍ । ଆୟ୍ଯାଦିନ୍ ରମ୍‌ନିଦିନ୍ ମାର୍ହାତ୍ । 10 ଆୟ୍ଯାଉଣ୍ତିଙ୍ଗ
ଜିହୁଦିର୍ ନେଗେଣ୍ତ ଆତି ଲୋକ୍‌ତିଙ୍ଗ ଇନ୍‌ଡ୍ରେଙ୍ଗ ଆସ୍‌ତାର୍,
ନେର୍ ରମ୍‌ନିଦିନ୍, କାଟେଲ୍ ପିଣ୍ତଜି ସନ୍‌ଡ୍ରେଙ୍ଗ ନି ନିୟମ୍ ସିଲେତ୍
। 11 ମାତର୍, ୱାନ୍ ୱାରିଙ୍ଗ ଇର୍‌ଆନ୍, “ଏନ୍ ନାଙ୍ଗଁ ନେଗେଣ୍ତ
କିତାନ୍, ୱାନ୍ ନାଙ୍ଗଁ ଇର୍‌ଆନ୍, ନି କାଟେଲ୍ ଆସେ୍‌ସା ବୁଲାଆ ।”

12 ୱାର୍ ୱାନିଙ୍ଗ ୱେନ୍‌ବାତାର୍, “ନି କାଟେଲ୍ ଆସେ୍‌ସା ବୁଲାଆ
ଇଜି ଏନ୍ ନିଙ୍ଗିଁ ଇର୍‌ଆନ୍, ଆୟା ଲୋକୁ ଏନ୍?” 13 ମାତର୍ ଜିସୁ
ଏନ୍, ଆକା ଆୟା ନେଗେଣ୍ତୁ ଆତିମାର୍‌ଇ ଲୋକୁ ନେସ୍‌ଏପ୍
ମାର୍‌ଆନ୍, ଇରିଙ୍ଗ ଆୟା ବାଡିଦୁ ଲୋକୁ ଗଲି ମାର୍ହାର୍‌ଆକା
ଜିସୁ ୱେର୍‌ଏ ଏର୍‌ଜି ସର୍‌ହାମାର୍‌ଆନ୍ । 14 ତାନିୱେନ୍‌କା
ଜିସୁ ମନ୍ଦିର୍‌ତୁ ୱାନିଙ୍ଗ ତରାଜି ୱାନିଙ୍ଗ ଇର୍‌ଆନ୍, ସୁଡୁଆ, ନିନ୍
ନେଗେଣ୍ତୁ ଆତିମାନି, ମାରି ପାପ୍ କିମା, ସିଲ୍‌ତିଙ୍ଗ ନି ଉଣ୍ତିଙ୍ଗ ମାରି
ନାଣ୍ତୁ କାସ୍କୁ ୱାନାତ୍ । 15 ଆୟା ଲୋକୁ ସୋଲ୍‌ସି, ଏନ୍ ୱାନିଙ୍ଗ
ନେଗେଣ୍ତୁ କିତାମାର୍‌ଆନ୍, ୱାନ୍ ଜିସୁ ଇଜି ଜିହୁଦିର୍ ପେରିୱାରିଙ୍ଗ
ଇର୍ହାନ୍ । 16 ଆବେଟ୍ ଜିସୁ ରମ୍‌ନିଦିନ୍‌ତୁ ଇକା କିତାମାର୍ହାନ୍‌ଆକା
ଜିହୁଦିର୍ ୱାନିଙ୍ଗ ନିଦା କିଦେଙ୍ଗ ଆସ୍‌ତାର୍ । 17 ମାତର୍ ଜିସୁ
ୱାରିଙ୍ଗ ଇର୍‌ଆନ୍, “ନା ବୁବା ୱିଜୁୱାଲେ ପାଣି କିଜିନାନ୍, ମାରି
ନାନ୍ ବା କିଜିନା ।” 18 ଇୟାଉଣ୍ତିଙ୍ଗ ଜିହୁଦିର୍ ପେରିକାର୍ ୱାନିଙ୍ଗ
କାଟେ୍‌ତଙ୍ଗ ଇଜି ମାରି ନାଣ୍ତୁ ବଦା କିଦେଙ୍ଗ ଆସ୍‌ତାର୍, ଇରିଙ୍ଗ
ୱାନ୍ ଜେ ରମ୍‌ନିଦିନ୍‌ତି ନିୟମ୍ ମାନାଏଜିମାର୍ହାନ୍, କେବଲ୍
ଆକାନେ ସିଲେ, ମାତର୍ ମାପୁରୁଙ୍ଗିଁ ନିଜେଦି ବୁବା ଇଜି ଇନ୍‌ଞ୍ଜି
ୱାନ୍ ନିଜେଦିଙ୍ଗ ମାପୁରୁୱାଲେ ସାମାନ୍ କିଜିମାର୍ହାନ୍ । 19
ଆବେଟ୍ ଜିସୁ ୱାରିଙ୍ଗ ଇର୍‌ଆନ୍, ସତ୍ ସତ୍ ନାନ୍ ମିଙ୍ଗିଁ ଇଜିନା,
ମାରିସି ନିଜେ ଇନିକା କିଦେଙ୍ଗ ଆଟ୍‌ଏନ୍, ୱାନି ବୁବା ଆମାକା
କିନାନ୍, ମାରିସି ବା ଆକା ସୁଡୁଜି ଆୟାୱିଜୁ କିନାନ୍ । 20 ଇରିଙ୍ଗ
ବୁବା ମାରିସିଙ୍ଗ ଲାଡ୍ କିନାନ୍, ମାରି ନିଜେ ଆମାକା କିନାନ୍,
ଆୟାୱିଜୁ ୱାନିଙ୍ଗ ତର୍‌ନାନ୍, ମାରି ୱେନିମାଣାନ୍ ମାରି ପେରି
ପାଣିଙ୍ଗୱିଜୁ କିନି ଉଣ୍ତିଙ୍ଗ ୱାନ୍ ୱାନିଙ୍ଗ ତର୍‌ନାନ୍, ମାରି ମିର୍
ୱିଜେରେ କାବା ଆନିଦେର୍ । 21 ମାରି ବୁବା ଏଣ୍ତେସ୍ ସାତିୱାରିଙ୍ଗ
ନିକ୍‌ସି ଜିବନ୍ ସିନାନ୍, ଆୟାୱାଜା ମାରିସି ବା ଆମାୱାନିଙ୍ଗ
ବଦାକିନାନ୍, ୱାନିଙ୍ଗ ଜିବନ୍‌ସିନାନ୍ । 22 ମାରି, ବୁବା ନିଜେ
ଏଙ୍ଗ ବିସାର୍ କିଏନ୍, ମାତର୍ ନିଜେ ମାରିସିଙ୍ଗ ୱିଜୁ ବିସାର୍ କିନି
ଅଦିକାର୍ ସିତାମାନାନ୍ । 23 ଆୟାଉଣ୍ତିଙ୍ଗ ଏଣ୍ତେସ୍ ବୁବେଙ୍ଗ
ମାନାନାର୍, ମାରିସିଙ୍ଗ ବା ଆୟାୱାଜା ୱିଜେରେ ମାନାନାର୍
। ମାତର୍ ଏନ୍ ମାରିସିଙ୍ଗ ମାନାଏନ୍, ୱାନିଙ୍ଗ ପୋକ୍‌ତିମାନି
ବୁବେଙ୍ଗ ବା ୱାନ୍ ମାନାଏନ୍ । 24 ସତ୍ ସତ୍ ନାନ୍ ମିଙ୍ଗିଁ
ଇଜିନା, ଏନ୍ ନା ବାକ୍ୟ ୱେନ୍‌ଜି ନା ପୋକ୍‌ତାତିୱାନିଙ୍ଗ ବିସ୍‌ବାସ୍
କିନାନ୍, ୱାନ୍ ଏସ୍‌କାଙ୍ଗୱିଜ୍‌ଇ ଜିବନ୍ ପୟ୍‌ତାମାନାନ୍, ମାରି ୱାନ୍
ବିସାର୍ ଆଏଣ୍ତା ମାତର୍ ୱାନ୍ ସାନିତାନେଙ୍ଗ ଜିଣାଜି ଜିବନ୍‌ତୁ
ଡୁଗିତାମାନାନ୍ । (aiōnios g166) 25 ସତ୍ ସତ୍ ନାନ୍ ମିଙ୍ଗିଁ ଇଜିନା,
ଇୟାୱାଜା ସମୟ୍ ୱାଜିନାତ୍, ମାରି ଇଲେଇବା ଇଗା ୱାତାତ୍,
ଏମେୱାଲେ ସାତିକାର୍ ମାପୁରୁଦି ମାରିସିଦି ବଲ୍ ୱେନାର୍, ମାରି
ଏମେକାର୍ ୱେନାର୍, ୱାର୍ ଜିବନ୍ ଆନାର୍ । 26 ଇରିଙ୍ଗ ବୁବା
ଏଣ୍ତେସ୍ ଜିବନ୍‌ତି ମୁଲ୍, ମାରିସିଙ୍ଗ ବା ଆୟାୱାଜା ୱାନ୍ ଜିବନ୍‌ତି
ମୁଲ୍ କିତାମାନାନ୍; 27 ମାରି, ୱାନ୍ ମନୁସ୍ୟପୁତ୍ର ଆକା ୱାନ୍
ୱାନିଙ୍ଗ ବିସାର୍ କିଦେଙ୍ଗ ଅଦିକାର୍ ସିତାମାନାନ୍ । 28 ଆବେ
କାବା ଆମାଟ୍, ଇରିଙ୍ଗ ଇୟାୱାଜା ସମୟ୍ ୱାଜିନାତ୍, ଏସ୍ତିୱାଲେ
ସାତିକାର୍ ୱିଜେରେ ୱାନି ବଲ୍ ୱେନାର୍ 29 ମାରି ଦୁକିଦାନ୍
ମାରିଡ଼େସି ନିଙ୍ଗିଁଜି ୱାନାର୍, ଏମେକାର୍ ନେଗି ପାଣି କିତାମାନାର୍,
ୱାର୍ ଜିବନ୍ ପୟ୍‌ଜି ନିଙ୍ଗିଁନାର୍ ମାରି ଜିନାର୍ ମାରି ଏମେକାର୍
ତାଗ୍‌ଇପାଣି କିତାମାନାର୍, ୱାର୍ ନିଙ୍ଗିଁଜି ଦଣ୍ତୁ ପୟ୍‌ନାର୍ । 30
ନାନ୍ ନା ନିଜେଦି ସାକ୍ତିଦାନ୍ ଇନିକା କିଦେଙ୍ଗ ଆଟ୍‌ଏ; କେବଲ୍
ମାପୁରୁଦି ଆଦେସ୍‌ତାନ୍ ବିସାର୍ କିନା, ମାରି ନା ବିସାର୍ ଟିକ୍,
ଇରିଙ୍ଗ ନାନ୍ ନିଜେଦି ବଦା ସାଲାକିଦେଙ୍ଗ ବଦା କିଏନ୍‌ଣ୍ତା ନାଙ୍ଗିଁ
ପୋକ୍‌ତାତିୱାନିନ୍ଦି ବଦା ସାଲାକିଦେଙ୍ଗ ବଦାକିନା । 31 ଜଦି ନାନ୍
ନା ନିଜେଦି ବିସୟ୍‌ତାନ୍ ନିଜେ ସାକି ସିନା, ଆରିଙ୍ଗ ନା ସାକି
ସତ୍‌ତି ପାର୍‌ମାଣ୍ ଆଏତ୍ । 32 ନା ତରିନ୍ ଏନ୍ ସାକି ସିନାନ୍, ୱାନ୍
ମାରି ଅରେନ୍; ମାରି ନା ବିସୟ୍‌ତାନ୍ ୱାନି ସାକି ଜେ ସତ୍, ଆକା
ନାନ୍ ନେସ୍‌ନା । 33 ମିର୍ ଜୋହନତି ଲାକ୍‌ତୁ କାବୁର୍ ଅନିୱାରିଙ୍ଗ
ପୋକ୍‌ତିମାନିଦେର୍ ମାରି ୱାନ୍ ସତ୍ ତରିଟାନ୍ ସାକି ସିତାମାନାନ୍
। 34 ମାତର୍ ନାନ୍ ଲୋକାମାଣ୍‌କୁ ସାକିୟ୍ ଅଏ, ମାତର୍ ମିର୍
ଏଣ୍ତେସ୍ ରକିୟା ପୟ୍‌ନିଦେର୍, ଆୟାଉଣ୍ତିଙ୍ଗ ଇୟାୱିଜୁ ଇଜିନା
। 35 ଜୋହନ୍ କାସ୍‌ସି ମାରି ଜାୟ୍‌ଆନି ଦିୱାୱାଜା ମାର୍ହାନ୍,
ମାରି ମିର୍ ସାଣେକ୍‌ତି ୱାନି ଜାୟ୍‌ତୁ ୱେଡ଼ିକା କିନି ଉଣ୍ତିଙ୍ଗ
ବଦା କିତିଦେର୍ । 36 ମାତର୍ ଜୋହନତି ସାକି ବାଦ୍‌ଲୁ ନା
ନାଣ୍ତୁଅଦିକାର୍‌ତି ସାକି ମାନାତ୍, ଇରିଙ୍ଗ ବୁବା ନାଙ୍ଗିଁ ଏମେ ଏମେ
ପାଣି ୱିସେ୍‌ତଙ୍ଗ ସିତାମାନାନ୍, ଆୟାୱିଜୁ ପାଣି ନାନ୍ କିଜିନା,
ବୁବା ନାଙ୍ଗିଁ ପକ୍‌ତାମାନାନ୍ ଇଜି ଆୟାୱିଜୁ ନା ବିସୟ୍‌ତାନ୍ ସାକି
ସିଜିନିଦେର୍ । 37 ମାରି, ଏମେ ବୁବା ନାଙ୍ଗିଁ ପକ୍‌ତାନ୍, ୱାନ୍ ନା
ବିସୟ୍‌ତାନ୍ ସାକି ସିତାମାନାନ୍ । ମିର୍ ଏସାଙ୍ଗ ବା ୱାନି ବଲ୍
ୱେନ୍‌ଇଦେର୍ କି ୱାନି ମକମ୍ ସୁଡୁଇଦେର୍ । 38 ମାରି ୱାନି ବାକ୍ୟ
ଉଣ୍ତିଙ୍ଗ ମି ଜିବନ୍‌ତୁ ବାଡି ସିଇଦେର୍, ଇରିଙ୍ଗ ୱାନ୍ ଆମାୱାନିଙ୍ଗ
ପକ୍‌ତାନ୍, ୱାନିଙ୍ଗ ମିର୍ ବିସ୍‌ବାସ୍ କିଇଜିନିଦେର୍ । 39 ମିର୍
ଦାର୍ମୁସାସ୍ତ୍ର ପୟ୍‌ଜିନିଦେର୍, ଇରିଙ୍ଗ ଆବେଟ୍ ଏସ୍‌କାଙ୍ଗୱିଜ୍‌ଇ
ଜିବନ୍ ପୟ୍‌ନାପ୍ ଇଜି ଅଡ୍‌ବିଜିନିଦେର୍, ମାରି, ଆୟା ଦାର୍ମୁସାସ୍ତ୍ର
ନା ବିସୟ୍‌ତାନ୍ ସାକି ସିଜିନାତ୍ । (aiōnios g166) 40 ମାତର୍ ମିର୍
ଜିବନ୍ ପୟ୍‌ଦେଙ୍ଗ ଇଜିନା ଲାକ୍‌ତୁ ୱାଦେଙ୍ଗ ବଦା କିଇଜିନିଦେର୍
। 41 ନାନ୍ ଲୋକାମାଣ୍‌କୁ ଗୌରବ୍ ପୟ୍‌ଦେଙ୍ଗ ବଦାକିଏ ।
42 ମାତର୍ ନାନ୍ ମିଙ୍ଗିଁ ନେସ୍‌ନା, ମିର୍ ଏଣ୍ତେସ୍ ନାନି ଲୋକୁ
ମି ଜିବନ୍‌ତୁ ମାପୁରୁଦି ଉଣ୍ତିଙ୍ଗ ଜିବନେ୍‌ନାନିକା ସିଲେତ୍ ।
43 ନାନ୍ ନା ବୁବାଦି ଦର୍‌ତାନ୍ ୱାତାମାନା, ମାରି ମିର୍ ନାଙ୍ଗିଁ
ଆସ୍‌ଇଜିନିଦେର୍; ଆଇକାନ୍ ଜଦି ନିଜେ ଦର୍‌ତାନ୍ ୱାନାନ୍,
ଆରିଙ୍ଗ ମିର୍ ୱାନିଙ୍ଗ ମାନାନିଦେର୍ । 44 ମିର୍ ଏଣ୍ତେସ୍ ନାଙ୍ଗିଁ
ବିସ୍‌ବାସ୍ କିଦେଙ୍ଗ ଆଟ୍‌ନିଦେର୍? ମିର୍ ତୋ ନିଜେନିଜେମାଣ୍‌କୁ
ଗୌରବ୍ ପୟ୍‌ଜିନିଦେର୍, ମାରି ଅରେନ୍ ମାପୁରୁମାଣ୍‌କୁ ଏମେ
ଗୌରବ୍, ଆକା ପୟ୍‌ଦେଙ୍ଗ ବଦା କିଇଜିନିଦେର୍ । 45 ନାନ୍ ଜେ
ବୁବାଦି ଆଗ୍‌ଡ଼ି ମି ବିରଦ୍‌ତାନ୍ ଦୋସ୍ କିନା, ଇକା ଅଡ୍‌ବିମାଟ୍;

ଏମେ ମୋସାମାନୁ ମିର୍ ଆସା ଇଟ୍‌ତିମାନିଦେର୍, ୱାନ୍ ମି
ବିରଦ୍‌ତାନ୍ ଦୋସ୍ କିଜିନାନ୍ । 46 ଇରିଙ୍ଗ ମିର୍ ଜଦି ସତ୍‌ତାନ୍
ମୋସାଦିଙ୍ଗ ବିସ୍‌ବାସ୍ କିତିଙ୍ଗମାନ୍ଦି, ଆରିଙ୍ଗ ନାଙ୍ଗିଁ ବିସ୍‌ବାସ୍
କିତିଦେର୍‌ମାନ୍ଦି, ଇରିଙ୍ଗ ୱାନ୍ ନା ବିସୟ୍‌ତାନ୍ ରାସ୍‌ତାମାନାନ୍
। 47 ମାତର୍ ମିର୍ ଜଦି ମୋସା ରାସ୍‌ତିମାନି ବାକ୍ୟ ବିସ୍‌ବାସ୍
କିଇଜିନିଦେର୍, ଆରିଙ୍ଗ ଏଣ୍ତେସ୍ ନା ବାକ୍ୟ ବିସ୍‌ବାସ୍ କିନିଦେର୍
।

6 ତାନେୱେନ୍‌କା ଜିସୁ ଗାଲିଲି ବା ତିବିରିୟା ଗାଡା ଆୟାପାଡ଼୍‌କା
ସର୍ହାନ୍ । 2 ମାରି, ୱାନ୍ ରୋଗ୍‌ଆତିଲୋକା ଉଣ୍ତିଙ୍ଗ ଏମେ
ଏମେ କାବାଆନି ପାଣି କିଜିମାର୍ହାର୍, ଆୟାୱିଜୁ ସୁଡୁଜି ନାଣ୍ତ
ଲୋକୁ ୱାନି ୱେନ୍‌କା ୱେନ୍‌କା ସନ୍‌ଡ୍ରେ ଆସ୍‌ତାର୍ । 3 ଆବେଟ୍
ଜିସୁ ଗରନ୍ ମୁସ୍‌କୁ ସଲ୍‌ସି ନିଜେଦି ସିସୁରି ୱାଲେ ଆବେନୁ
ବାସ୍‌ତାର୍ । 4 ନାସ୍ତିୱାଲେ ଜିହୁଦିର୍ ନିସ୍ତାର୍ ପଣ୍ତୟ୍ ଲାକ୍‌ତୁୱାଜି
ୱାଜିମାର୍ହାତ୍ । 5 ମାରି, ଜିସୁ ନାଣ୍ତ ଲୋକାଙ୍ଗ ନିଜେଦି ଲାକ୍‌ତୁ
ୱାନିକା ସୁଡୁଜି ପିଲିପ୍‌ତିଙ୍ଗ ଇର୍ହାନ୍, “ଇୟାୱେରିଙ୍ଗ ଉଣ୍ତେଙ୍ଗ
ଇଜି ମାଡ୍ ଏମେଣ୍‌କୁ ନାଣ୍ତ ରୁଟି କଣାଟ୍?” 6 ମାତର୍ ୱାନ୍
ପିଲିପ୍‌ତିଙ୍ଗ ପରିକା କିନି ଇସାବ୍‌ତାନ୍ ଇକା ଇର୍ହାନ୍, ଇରିଙ୍ଗ ୱାନ୍
ଇନିକା କିଦେଙ୍ଗ ସଲ୍‌ସିନାନ୍, ଆକା ୱାନ୍ ନିଜେ ନେସ୍‌ତାମାର୍ହାନ୍
। 7 ପିଲିପ୍ ୱାନିଙ୍ଗ ଇର୍ହାନ୍, “ୱିଜେରେ ଲୋକୁ କାଣ୍ତେକ୍
ପୟ୍‌ଦେଙ୍ଗ ୱେରି ଉଣ୍ତିଙ୍ଗ ଦୁଇସଦାନ୍ ନାଣ୍ତ ୱେଣ୍ତିଅଦୁଲି ଡାବୁଙ୍ଗୁଁ
ଦାରାଦି ରୁଟି କଣ୍ତେଙ୍ଗ ଆନାତ୍ ।” 8 ସିମୋନ୍ ପିତର୍‌ତି ତଡ଼ାନ୍
ଆନ୍ଦ୍ରିୟ୍ ଦର୍‌ତି ୱାନି ସିସୁରି ମାଣ୍‌କୁ ଅରେନ୍ ୱାନିଙ୍ଗ ଇର୍ହାନ୍, 9
ଇବେନୁ ଅରେନ୍ କଡ଼ ମାନାନ୍, ୱାନି ମାନୁ ଗଦ୍‌ମୁଦି ପାସ୍‌ଗୋଟା
ରୁଟିଙ୍ଗ ମାରି ରୁଣ୍ତି ମିନ୍‌କୁ ମାନେ, ମାତର୍ ନିସା ଲୋକା ଉଣ୍ତିଙ୍ଗ
ଆକା ନାଣ୍ତ ଆଏତ୍ । 10 ଜିସୁ ସିସୁରିଙ୍ଗ ଇର୍ହାନ୍, “ଲୋକାଙ୍ଗ
ବାସାକିଦୁ ।” ଆୟା ବାଡିଦୁ ନାଣ୍ତ ଲାଟା ମାର୍ହାତ୍ । ଆୟା
ଲାଟା ମୁସ୍‌କୁ ୱିଜେରେ ବାସ୍‌ତାର୍, ଆବେନ୍ ଇସାବ୍‌ତାନ୍ ପୁରା
୫,୦୦୦ ହାଜାର୍ ମେମାରୁଙ୍ଗୁଁ ମାର୍ହାର୍ । 11 ଆବେଟ୍ ଜିସୁ ଆୟା
ରୁଟି ଆସ୍‌ତାନ୍‌ନୋ ମାପୁରୁଙ୍ଗୁଁ ଦନ୍ୟବାଦ୍ ସିଜି ବାସ୍‌ତିମାର୍‌ଇ
ଲୋକାଙ୍ଗ ଆକା ବାଟାକିତାସିତାନ୍, ଆୟାୱାଜା ମିନ୍‌କୁ ବା
ବାଟାକିତାସିତାନ୍, ୱାର୍ ଏସ ଲସ୍‌ତିଙ୍ଗ, ନାସ ସିତାର୍ । 12 ମାରି,
ୱାର୍ ପଟାପାଜିତି ୱେନ୍‌କା, ଜିସୁ ନିଜେଦି ସିସୁରିଙ୍ଗ ଇର୍ହାନ୍,
“ଏଣ୍ତେସ୍ ଇନିକା ନାସ୍ଟ ଆଏତ୍, ଇୟାଉଣ୍ତିଙ୍ଗ ଏଜିତିମାନି ରୁକ୍‌ତି
ମକେଙ୍ଗ ଉନ୍‌ଡ୍ରେମାନୁ କିଦୁ ।” 13 ଆବେଟ୍ ୱାର୍ ଆୟାୱିଜୁ
ଉନ୍‌ଡ୍ରେମାନୁ କିତାର୍, ମାରି ଲୋକୁ ଉଟି ୱେନ୍‌କା ଗଦ୍‌ମୁଦି
ଆୟା ପାସ୍‌ଗୋଟା ରୁଟିଣିକୁ ଏମେ ରୁକ୍‌ତି ମକେଙ୍ଗ ରୁଟିଙ୍ଗ
ଏଜିତେମାର୍‌ଏ, ଆବେଟ୍ ୱାର୍ ବାରଗୋଟା ଡାଡ଼ିଆଙ୍ଗାଁ ବର୍‌ତି
କିତାର୍ । 14 ଆବେଟ୍ ଜିସୁ କିତିମାନି କାବାଦି ପାଣି ସୁଡୁଜି
ଆବେମାନି ଲୋକୁ ଇର୍ହାର୍, ଦୁନିଆଦୁ ଏମେ ବାବବାଦି ୱାନିକା
ମାର୍ହାତ୍, ଇକାନ୍ ପୁରା ୱାନ୍‌ନେ । 15 ମାରି, ଲୋକୁ ୱାଜି
ରାଜା କିନି ଉଣ୍ତିଙ୍ଗ ଜେ ୱାନିଙ୍ଗ ଡାଟ୍‌ତାନ୍ ଆସ୍‌ତେଙ୍ଗ ବଦା
କିଜିନାର୍, ଜିସୁ ଇକା ନେସ୍‌ସି ୱାନ୍ ମାରିଡ଼େସି ଆୟା ବାଡି
ଡ଼ିସ୍‌ସି ଅରେନ୍‌ନେ ଗରନ୍‌ତୁ ସତାସର୍ହାନ୍ । 16 ଆୟାନାଣ୍ତିଙ୍ଗ
ମିଲ୍‌ମିଲିକା ଆତାତ୍ ଜିସୁଦି ସିସୁର୍ ଗାଡା ପାଡ଼ି ସର୍ହାର୍ 17
ମାରି ଡଙ୍ଗାଁଦୁ ଏକ୍‌ତାର୍‌ରୋ ଗାଡାଦି ଆୟାପାଡ଼ି କପର୍‌ନାହୁମ୍
ତରିନ୍ ସନ୍‌ଡ୍ରେଙ୍ଗ ଆସ୍‌ତାର୍ । ସିକାଟି ଆଜି ୱାଜି ମାର୍ହାତ୍,
ମାରି ଜିସୁ ଆୟାସାନ୍ଦି ୱାରି ଲାକ୍‌ତୁ ରେଏନ୍ ମାର୍ହାନ୍, 18 ମାରି
ନାଣ୍ତ ଗାଲି ଆଜିମାରିଙ୍ଗ ଏର୍‌ତୁ ଉଲ୍‌କା ନିଙ୍ଗଜିମାର୍‌ଏ । 19
ଆୟାଦାପ୍ରେ ସିସୁର୍ ପୁରା ପାସ୍ ନୋ ସଅ କିଲୋମିଟର୍ ସାଟ୍‌ୱା
ଡାକ୍‌ସି ସର୍‌ଇ ୱେନ୍‌କା ଜିସୁଙ୍ଗୁଁ ଏର୍ ମୁସ୍‌କୁ ବୁଲାଜି ଡଙ୍ଗାଁ ଲାକ୍‌ତୁ
ୱାନିକା ସୁଡୁଜି, ଆବେଟ୍ ୱାର୍ ତିଲାତାର୍ । 20 ମାତର୍ ଜିସୁ
ୱାରିଙ୍ଗ ଇର୍ହାନ୍, “ଇକାନ୍‌ତ ନାନୁ, ତିଲାମାଟ୍?” 21 ଆଦେଙ୍ଗ
ୱାର୍ ଜିସୁଙ୍ଗୁଁ ଡଙ୍ଗାଁଦୁ ଅତେଙ୍ଗ ବଦା କିତାର୍, ମାରି ୱାର୍ ଏମେ
ବାଡିଦୁ ସଲ୍‌ସିମାର୍ହାର୍, ଡଙ୍ଗାଁ ଆୟାଦାପ୍ରେ ଆୟା ବାଡିଦୁ ଇତାତ୍
। 22 ଆୟା ବାଡିଦୁ କେବଲ୍ ଉନ୍‌ଡ୍ରି ଡଙ୍ଗାଁ ମାର୍‌ଆତ୍, ମାରି
ଆବେଟ୍ ଜେ ଜିସୁ ନିଜେଦି ସିସୁରି ୱାଲେ ସଲ୍‌ଏନ୍ ମାର୍ହାନ୍,
ମାତର୍ କେବଲ୍ ୱାନି ସିସୁର୍ ସର୍‌ଆମାର୍ହାର୍, ଇକା ଏମେ ଲୋକୁ
ଆୟା ମାର୍‌ନାଣ୍ଡିଙ୍ଗ ଗାଡାଦି ଆୟାପାଡ଼ି ନିର୍‌ଆ ମାର୍ହାର୍, ୱାର୍
ସୁଡୁତା ମାର୍ହାର୍ । 23 ପ୍ରବୁ ଦନ୍ୟବାଦ୍ ସିତି ୱେନ୍‌କା ଲୋକୁ ଏମେ
ବାଡିଦୁ ରୁଟି ତିର୍‌ଆମାର୍ହାର୍, ଆୟା ବାଡି ଲାକ୍‌ତୁ ତିବିରିୟାଦାନ୍
ମାରି ଏସ ଡଙ୍ଗେଙ୍ଗୁଁ ୱାଜି ଇତେ; 24 ମାତର୍ ଜିସୁ ମାରି ୱାନି
ସିସୁର୍ ଜେ ଆବେନୁ ସିଲେର୍, ଇକା ଏସ୍ତିୱାଲେ ଲୋକୁ ୱିଜେରେ
ସୁଡୁତାର୍, ନାସ୍ତିୱାଲେ ୱାର୍ ୱିଜେରେ ଡଙ୍ଗେଆଙ୍ଗାଁ ଏକ୍‌ସି ଜିସୁଙ୍ଗୁଁ
ପୟ୍‌ଜି ପୟ୍‌ଜି କପର୍‌ନାହୁମ୍‌ତୁ ୱାତାର୍ । 25 ମାରି, ଲୋକୁ
ଗାଡା ଆୟାପାଡ଼ି ଜିସୁଙ୍ଗୁଁ ସୁଡୁଜି ୱାନିଙ୍ଗ ୱେନ୍‌ବାତାର୍, “ଏ ଗୁରୁ,
ନିନ୍ ଏସ୍ତିୱାଲେ ଇବେନୁ ୱାତି?” 26 ଜିସୁ ୱାରିଙ୍ଗ ଇର୍ହାନ୍,
ସତ୍ ସତ୍ରେନ ନାନ୍ ମିଙ୍ଗିଁ ଇଜିନା, କାବାଆନି ପାଣି ସୁଡୁତିଙ୍ଗନୋ
ଜେ ମିର୍ ନାଙ୍ଗିଁ ପୟ୍‌ଜିନିଦେର୍, ଆକା ସିଲେ, ମାତର୍ ରୁଟି
ତିନ୍‌ଜ ପାଜିତିଦେର୍‌ନୋ ନାଙ୍ଗିଁ ପୟ୍‌ଜିନିଦେର୍ । 27 ଆମା କାଦି
ସେଏଣ୍ତ ଆନାତ୍ ଆୟାଉଣ୍ତିଙ୍ଗ ପାଣି କିମାଟ୍ ମାରି ଆମାକା
ଏସ୍‌କାଙ୍ଗୱିଜ୍‌ଇ ଜିବନ୍ ସିନାତ୍, ଆୟାଉଣ୍ତିଙ୍ଗ ପାଣି କିଦୁ; ଆୟା
କାଦି ମନୁସ୍ୟପୁତ୍ର ମିଙ୍ଗିଁ ସିନାନ୍, ଇରିଙ୍ଗ ବୁବା ମାପୁରୁ ଇୟାଉଣ୍ତିଙ୍ଗ
ୱାନିଙ୍ଗ ଅଦିକାର୍ ସିତାମାନାନ୍ । (aiōnios g166) 28 ଆବେଟ୍
ୱାର୍ ୱାନିଙ୍ଗ ୱେନ୍‌ବାତାନ୍, “ମାପୁରୁ ଆମାକା ବଦାକିଜିନାନ୍
ଆକା ମାପ୍ କିଦେଙ୍ଗ ମାଙ୍ଗିଁ ଇନିକା କିଦେଙ୍ଗ ଆନାତ୍?” 29
ଜିସୁ ୱାରିଙ୍ଗ ଇର୍ହାନ୍, “ମାପୁରୁ ଆମାୱାନିଙ୍ଗ ପୋକ୍‌ତାମାନ୍‌ନାନ୍,
ୱାନିମାନୁ ବିସ୍‌ବାସ୍ କିନି ଉଣ୍ତିଙ୍ଗ ମିର୍ ଆକା କିଦେଙ୍ଗ ଆଟ୍‌ନିଦେର୍
।” 30 ଆବେଟ୍ ୱାର୍ ୱାନିଙ୍ଗ ୱେନ୍‌ବାତାର୍, “ଆରିଙ୍ଗ ନିନ୍
ସିନାଦିୱାଜା ଇନିକା କିଜିନି ଜେ, ଆକା ସୁଡୁଜି ମାପ୍ ନିଙ୍ଗିଁ
ବିସ୍‌ବାସ୍ କିଦେଙ୍ଗ ଆଟ୍‌ନାପ୍? ନିନ୍ ଇନିକା ପୁଜା କିଜିନି? 31 ମା
ପୁର୍ବେଦିଡକ୍‌ରାଦାଦାର୍ ସୁନ୍‌ସାନ୍‌ବାଡିଦୁ ମାନ୍ନା ଉଣୁଜି ମାର୍ହାର୍,
ଏଣ୍ତେସ୍ ଦର୍ମସାସ୍ତ୍ରଦୁ ରାସ୍‌ତାମାନ୍‌ତା, ଉଣ୍ତେଙ୍ଗ ଇଜି ୱାନ୍ ୱାରିଙ୍ଗ

ମୁସ୍କୁପୁର୍ତାନ୍ କାଦି ସିତାମାର୍ହାନ୍ ।" 32 ଆବେଟ୍ ଜିସୁ ୱାରିଙ୍ଗ
ଇର୍ହାନ୍, "ସତ୍ ସତ୍ନେ ନାନ୍ ମିଜ୍ଙ୍ଗ ଇଜିନା," ଆମାକା ମିଜ୍ଙ୍ଗ ମୋସା
ସିତାମାର୍ହାନ୍ ଆକା ମୁସ୍କୁପୁର୍ତାନ୍ ୱାତିମାନି କାଦି ସିଲେ,
ମାତର୍ ନା ବୁବା ମିଜ୍ଙ୍ଗ ମୁସ୍କୁପୁର୍ତାନ୍ ସତ୍ତେନେ କାଦି ସିନାନ୍;
33 ଆମା କାଦି ମୁସ୍କୁପୁର୍ତାନ୍ ରେତାଜିୱାଜି ଦୁନିଆଦିଙ୍ଗ ଜିବନ୍
ସିନାନ୍, ୱାନ୍ ଆଜିନାନ୍ ଆୟା ମାପୁରୁ ସିତିମାନି କାଦି । 34
ୱାର୍ ୱାନିଙ୍ଗ ଇର୍ହାର୍, ଆଜ୍ଞା, "ୱିଜୁଦିନ୍ ମାଙ୍ଗଁ ଇୟା କାଦି ସିଦା
।" 35 ଆବେଟ୍ ଜିସୁ ୱାରିଙ୍ଗ ଇର୍ହାନ୍, "ନାନ୍ ଆୟା ଜିବନ୍
ସିନି କାଦି, ଏନ୍ ନା ଲାକ୍ତୁ ୱାନ୍ନାନ୍, ୱାନ୍ ମୁଡୁକେ ବାଙ୍ଗଁ
ସାଏନ୍, ମାରି ଏନ୍ ନା ମାନୁ ବିସ୍ବାସ୍ କିନାନ୍, ୱାନ୍ ମୁଡୁକେ
ଏର୍କିସାଏନ୍ । 36 ମାତର୍ ମିର୍ ନାଙ୍ଗଁ ସୁଡୁତିଙ୍ଗ ବା ବିସ୍ବାସ୍
କିଇଜିନିଦେର୍, ଇକା ନାନ୍ ମିଜ୍ଙ୍ଗ ୱେର୍ତାମାନା । 37 ବୁବା
ଜେ ୱିଜେରିଙ୍ଗ ନାଙ୍ଗଁ ଦାନ୍ କିନାନ୍, ୱାର୍ ନା ଲାକ୍ତୁ ୱାନାର୍;
ମାରି, ଏନ୍ ନା ଲାକ୍ତୁ ୱାନାନ୍, ୱାନିଙ୍ଗ ନାନ୍ ଇନି ୱାଜାବା
ସୋପ୍ତେଙ୍ଗ ଆଟ୍ଏ; 38 ଇରିଙ୍ଗ ନା ନିଜେଦି ବଦାଦାନ୍ଦିଙ୍ଗ
ପୁରା କିଦେଙ୍ଗ ସିଲେ, ମାତର୍ ନା ପୋକ୍ତିୱାନି ବଦା ପୁରା
କିଦେଙ୍ଗ ନାନ୍ ମୁସ୍କୁପୁର୍ତାନ୍ ୱାତାମାନା । 39 ମାରି, ନା
ପୋକ୍ତିକାନ୍ ଜେ ୱିଜେରିଙ୍ଗ ନାଙ୍ଗଁ ସିତାମାନାନ୍, ନାନ୍ ୱାରି
ମାଣୁକୁ ଅରେନ୍ୱାନିଙ୍ଗ ବା ଆରାକିଏ, ନାନ୍ ୱିଜିନି ନାଣ୍ଡିଙ୍ଗ
ଆୟା ୱିଜେରିଙ୍ଗ ମାରିଡ଼େସି ଜିବନ୍ କିନା, ଇକା ୱାନି ବଦା ।
40 ଇରିଙ୍ଗ ଏନ୍ ମାରିସିଙ୍ଗ ସୁଡ଼ଜି ୱାନିମାନୁ ବିସ୍ବାସ୍ କିନାନ୍,
ୱାନ୍ ଏଣ୍ଡେସ୍ ଏସ୍କାଙ୍ଗୱିଜ୍ଇ ଜିବନ୍ ପୟ୍ନାନ୍, ଇକାନେ
ନା ବୁବାଦି ବଦା; ଇୟାଉଣ୍ଡିଙ୍ଗ ନାନ୍ ୱିଜିନି ନାଣ୍ଡିଙ୍ଗ ଆୟା
ୱିଜେରିଙ୍ଗ ମାରିଡ଼େସି ଜିବନ୍ କିନା ।" (aiōnios g166) 41 ନାନ୍
ମୁସ୍କୁପୁର୍ତାନ୍ ରେତାତିମାନି କାଦି, ୱାନ୍ ଇକା ଇର୍ହାନ୍ଆକା
ଜିହୁଦିର୍ ଜିସୁଦି ବିରଦ୍ତାନ୍ ନିଦା କିଦେଙ୍ଗ ଆସ୍ତାର୍ । 42
ମାରି ୱାର୍ ଇର୍ହାର୍ "ଇକାନ୍ ଇନିକା ଜୋସେପତି ମାରିନ୍ ଜିସୁ
ଆଏନ୍? ମାରି ମାପ୍ ୱେନି ବୁବାୟାୟାଙ୍ଗ ନେସ୍ନାପ୍ ଆରିଙ୍ଗ
ନାନ୍ ମୁସ୍କୁପୁର୍ତାନ୍ ରେତାତାମାନା ଇଜି ୱାନ୍ ଇଲେ ଏଣ୍ଡେସ୍
ଇଜିନାନ୍?" 43 ଜିସୁ ୱାରିଙ୍ଗ ଇର୍ହାନ୍, "ନିଜେ ନିଜେଦି ମାନୁ ନିଦା
କିମାଟ୍ । 44 ନାଙ୍ଗଁ ପୋକ୍ତାତିମାନି ବୁବା ଏମେୱାନିଙ୍ଗ ଆସ୍
କିନାନ୍, କେବଲ୍ ୱାନ୍ ନା ଲାକ୍ତୁ ୱାଦେଙ୍ଗ ଆଟ୍ନାନ୍, ମାରି
ନାନ୍ ୱିଜିନି ନାଣ୍ଡିଙ୍ଗ ଆୟା ୱିଜେରିଙ୍ଗ ମାରିଡ଼େସି ଜିବନ୍କିଜି
କିନା । 45 ବାବବାଦିର୍ ଦାର୍ମୁସାସ୍ତୁଦୁ ରାସ୍ତା ମାନାର୍, ୱିଜେରେ
କେବଲ୍ ମାପୁରୁଦି ମାଣାନ୍ ସିକିୟା ପୟ୍ନାର୍ । ଏନ୍ଆପିନ୍
ବୁବାଦିମାଣ୍ନା ୱେନ୍ଜି ସିକିୟା ପୟ୍ନାନ୍, ୱାନ୍ ନା ଲାକ୍ତୁ
ୱାନାନ୍ । 46 ତେନି ଅର୍ତ ଆଏତ୍ ଜେ, ୱାନ୍ ବୁବେଙ୍ଗ ସୁଡୁତା
ମାନ୍ନାନ୍, ଏନ୍ ମାପୁରୁଦିମାଣ୍ନା ୱାତାମାନ୍ନାନ୍, କେବଲ୍
ୱାନ୍ନେ ବୁବେଙ୍ଗ ସୁଡୁତାମାନ୍ନାନ୍ । 47 ସତେ ସତେନେ ନାନ୍
ମିଜ୍ଙ୍ଗ ଇଜିନା, ଏନ୍ ବିସ୍ବାସ୍ କିନାନ୍, ୱାନ୍ ଏସ୍କାଙ୍ଗୱିଜ୍ଇ
ଜିବନ୍ ପୟ୍ତାମାନାନ୍ । (aiōnios g166) 48 ନାନ୍ ଜିବନ୍ ସିନି କାଦି
। 49 ମି ପୁର୍ବେଦିଡକ୍ରାଦାଦାର୍ ସୁନ୍ସାନ୍ବାଡିଦୁ ମାନ୍ନା ଉଟାର୍
ଆରିଙ୍ଗବା ସାତାସର୍ହାର୍ । 50 ମାତର୍ ଏମେ କାଦି ମୁସ୍କୁପୁରୁତାନ୍
ୱାନାତ୍, ତାନିଙ୍ଗ ଏନ୍ ଉଣାନ୍ ୱାନ୍ ଏସ୍କାଙ୍ଗୱିଜ୍ଇ ଜିବନ୍
ପୋୟ୍ନାନ୍ । 51 ନାନ୍ ମୁସ୍କୁପୁରୁତାନ୍ ୱାତିମାନି ଆୟା ଜିବନ୍ତି
କାଦି, ଏନ୍ ଜଦି ଇୟା କାଦି ଉଣୁନାନ୍, ୱାନ୍ ଏସାଙ୍ଗୱିଜ୍ଇଦିନ୍
ସାନ୍ଧି ଜିବନ୍ ମାନାନ୍; ହୁଁ, ନାନ୍ ଏମେ କାଦି ସିନା, ଆକା ନା
କାଣ୍ଡା, ନାନ୍ ଆକା ଦୁନିଆଦିଙ୍ଗ ଜିପିସ୍ନି ଉଣ୍ଡିଙ୍ଗ ସିନା ।" (aiōn
g165) 52 ଆବେଟ୍ ଜିହୁଦିର୍ ନିଜେନିଜେଦିମାନୁ ଗିଦ୍ରିଆଜି
ଜାଟି କିଦେଙ୍ଗ ଆସ୍ତାର୍, "ଇକାନ୍ ଏଣ୍ଡେସ୍ ମାଙ୍ଗଁ ନିଜେଦି କାଣ୍ଡା
ତିନ୍ଡ୍ରେଙ୍ଗ ସିଦେଙ୍ଗ ଆଟ୍ନାନ୍?" 53 ଆବେଟ୍ ଜିସୁ ୱାରିଙ୍ଗ
ଇର୍ହାନ୍, "ସତ୍ ସତ୍ ନାନ୍ ମିଜ୍ଙ୍ଗ ଇଜିନା, ମନୁସ୍ୟପୁତ୍ରଦି କାଣ୍ଡା
ତିନ୍ଏତିଙ୍ଗ ମାରି ୱାନି ନେତେର୍ ଉଣୁଏତିଙ୍ଗ, ମିର୍ ଜିବନ୍
ପୋୟ୍ଦେଙ୍ଗ ଆଟ୍ଇଦେର୍ । 54 ଏନ୍ ନା କାଣ୍ଡା ତିନ୍ନାନ୍ ମାରି
ନା ନେତେର୍ ଉଣୁନାନ୍, ୱାନ୍ ଏସ୍କାଙ୍ଗୱିଜ୍ଇ ଜିବନ୍ ପୟ୍ନାନ୍,
ମାରି ନାନ୍ ୱିଜିନି ନାଣ୍ଡିଙ୍ଗ ୱାନିଙ୍ଗ ନିକ୍ନା । (aiōnios g166) 55
ଇରିଙ୍ଗ ନା କାଣ୍ଡା ସତେନେ କାଦି ମାରି ନା ନେତେର୍ ସତେନେ
ଏରୁ । 56 ଏନ୍ ନା କାଣ୍ଡା ତିନ୍ନାନ୍ ମାରି ନା ନେତେର୍ ଉଣୁନାନ୍,
ୱାନ୍ ନା ମାନୁ ତେବାନାନ୍ ମାରି ନାନ୍ ୱାନିମାନୁ ତେବାନା । 57
ଜିବନ୍ମାନି ବୁବା ନାଙ୍ଗଁ ପୋକ୍ତାମାନାନ୍ ମାରି ନାନ୍ ୱାନି ଉଣ୍ଡିଙ୍ଗ
ଜିବନ୍ ମାନା, ଆୟାୱାଜା ଏନ୍ ନାଙ୍ଗଁ ଉଣୁନାନ୍, ୱାନ୍ ବା ନା
ଉଣ୍ଡିଙ୍ଗ ଜିବନ୍ ତେବାନାନ୍ । 58 ଏମେ କାଦି ମୁସ୍କୁପୁରୁତାନ୍
ୱାତାମାନାତ୍, ଆୟାକା ଇକା; ପୁର୍ବେଦିଡକ୍ରାଦାଦାର୍ ଏଣ୍ଡେସ୍
ଉଟାର୍ ସାତାସର୍ହାର୍, ଇକା ଆୟାୱାଜା ସିଲେ; ଏନ୍ ଇୟା କାଦି
ଉଣୁନାନ୍, ୱାନ୍ ଏସାଙ୍ଗୱିଜ୍ଇଦିନ୍ ସାନ୍ଧି ଜିବନ୍ ତେବାନାନ୍
।" (aiōn g165) 59 ଜିସୁ କପର୍ନାହୁମ୍ତି ଉନ୍ଡ୍ରି ପାର୍ତନା
ଇଲୁତୁ ସିକିୟା ସିନିୱାଲେ ଇୟାୱିଜୁ ମାଟା ୱେର୍ତାନ୍ । 60
ମାରି, ଜିସୁଦି ସିସୁରି ମାଣ୍କୁ ଏସଲୋକ୍ ଇକା ୱେନ୍ଜି ଇର୍ହାର୍,
"ଇୟା ସିକିୟା ବୁଜାଦେଙ୍ଗ ବଡ଼େ କାସ୍ଟ, ଏନ୍ ଇକା ୱେନ୍ଡ୍ରେଙ୍ଗ
ଆଟ୍ନାନ୍?" 61 ଇୟା ବିସୟ୍ତାନ୍ ଜିସୁଙ୍ଗଁ ଏନ୍ ଇନିକା ଇନ୍ଏତି
ମାରିଙ୍ଗ ବା ସିସୁର୍ ୱାରି ଲୋଇ ନିଦା କିଜିନାର୍ ଇଜି ନେସ୍ସି
ଜିସୁ ୱାରିଙ୍ଗ ଇର୍ହାନ୍, "ଇକା ଇନିକା ମିଜ୍ଙ୍ଗ ବାଦା ଆଜିନାତ୍?
62 ମନୁସ୍ୟପୁତ୍ର ଆଗ୍ଡ଼ି ଏମେ ବାଡିଦୁ ମାର୍ହାନ୍, ଆୟା ବାଡିଦୁ
ଏସ୍କାଙ୍ଗ ୱାନିଙ୍ଗ ସନିକା ସୁଣିଦେର୍, ଆରିଙ୍ଗ ମିର୍ ଇନିକା
କିନିଦେର୍? 63 କେବଲ୍ ମାପୁରୁଦି ଆତ୍ମା ଜିବନ୍ ସିନାତ୍; ଲୋକା
ସାକ୍ତି ଇନି ପାଣିକିଦେଙ୍ଗ ଆଟ୍ଏତ୍; ମାପୁରୁଦି ଆୟା ଜିବନ୍
ସିନି ଆତ୍ମାଦିଙ୍ଗ ମିର୍ ଏଣ୍ଡେସ୍ ନେସ୍ନିଦେର୍, ଆୟାଉଣ୍ଡିଙ୍ଗ ନାନ୍
ଇୟାୱିଜୁ ମାଟା ଇର୍ଆ । 64 ଆତିଙ୍ଗବା ମି ମାଣ୍କୁ ଏନ୍ ଏନ୍
ବିସ୍ବାସ୍ କିଏଜିନାର୍ । ଇରିଙ୍ଗ ଜିସୁଙ୍ଗଁ ଏର୍ ବିସ୍ବାସ୍ କିଏର୍
ମାରି ଏନ୍ ୱାନିଙ୍ଗ ସାତୁରି କିୟୁଦୁ ସର୍ପେ କିନ୍ନାନ୍, ଆକା ଜିସୁ
ଆଗ୍ଡ଼ିରାନ୍ନେ ନେସ୍ତା ମାର୍ହାନ୍ । 65 ମାରି ୱାନ୍ ଇର୍ହାନ୍,
ଇୟାଉଣ୍ଡିଙ୍ଗ ନାନ୍ ମିଜ୍ଙ୍ଗ ଇର୍ଆମାନା, ବୁବାସିମାଣାନ୍ ପକ୍ଏତିଙ୍ଗ

ଏନ୍ ନା ଲାକ୍ତୁ ୱାଦେଙ୍ଗ ଆଟ୍ଏନ୍ ।" 66 ଆୟାୱାଲେରାନ୍
ଜିସୁଦି ସିସୁରି ମାଣ୍କୁ ଏସଲୋକ୍ ୱେର୍ଏ ଏର୍ଜି ସତାସର୍ହାର୍,
ମାରି ୱାନି ୱାଲେ ମାରି ବୁଲାସାଲା କିଏତାର୍ନି । 67 ଆବେଟ୍
ଜିସୁ ବାରଲୋକ୍ ସିସୁରିଙ୍ଗ ୱେନ୍ବାତାନ୍, "ମିର୍ ବା ଇନିକା
ନାଙ୍ଗିଁ ଡ଼ିସ୍ସି ସନ୍ଡ୍ରେଙ୍ଗ ବଦା କିଜିନିଦେର୍?" 68 ସିମୋନ
ପିତର୍ ଜିସୁଙ୍ଗିଁ ଇର୍ହାନ୍, "ପ୍ରବୁ, ଏ ଲାକ୍ତୁ ସନାଟ୍? ନି ଲାକ୍ତୁ
ଏସ୍କାଙ୍ଗୱିଜିଇ ଜିବନ୍ତି ବାକ୍ୟ ମାନାତ୍; (aiōnios g166) 69
ମାରି, ନିନ୍ ଜେ ମାପୁରୁଦି ମାଣାନ୍ ୱାତିମାନି ଆୟା ପବିତ୍ର
ଲୋକୁ, ଇକା ମାପ୍ ବିସ୍ବାସ୍ କିତାମାନାପ୍ ମାରି ନେସ୍ତାମାନାପ୍
।" 70 ଜିସୁ ୱାରିଙ୍ଗ ଇର୍ହାନ୍, "ନାନ୍ ଇନିକା ମି ବାରଲୋକାଙ୍ଗ
ଆସ୍କିଏ ନୋ? ମାରି, ମି ମାଣ୍କୁ ଅରେନ୍ ସୟତାନ୍ ।" 71 ଜିସୁ
ଇସ୍କାରିୟୋତିୟ ସିମୋନତି ମାରିନ୍ ଜିହୁଦାଦିଙ୍ଗ ସୁଡ଼ୁଜି ଇକା
ଇର୍ହାନ୍, ଇରିଙ୍ଗ ୱାନ୍ ବାରଲୋକ ସିସୁରି ମାଣ୍କୁ ଅରେନ୍, ମାରି
ୱାନ୍ ୱାନିଙ୍ଗ ସାତୁରି କିୟୁଦୁ ସର୍ପେ କିଦେଙ୍ଗ ସଲ୍ସି ମାର୍ହାନ୍ ।

7 ତାନେୱେନ୍କା ଜିସୁ ଗାଲିଲିଦୁ ବୁଲାଦେଙ୍ଗ ଆସ୍ତାନେ,
ଇରିଙ୍ଗ ଜିହୁଦିର୍ ୱାନିଙ୍ଗ ସାୟାମାର୍ଗା ଡାକ୍ତେଙ୍ଗିଁ ଇଜି
ସେସ୍ଟା କିଜିମାରିଙ୍ଗ ୱାନ୍ ଜିହୁଦା ଦେସ୍ତୁ ବୁଲାଦେଙ୍ଗ ବଦା
କିଏଜି ମାର୍ହାନ୍ । 2 ଜିହୁଦିର୍ ଇଲୁଦୁବାସାନି ପଣ୍ଡୁୟତି ଦିନ୍ ଇଗା
ୱାତାତ୍, 3 ୱାନି ତଡ଼ାନ୍କୁ ଜିସୁଙ୍ଗିଁ ଇର୍ହାର୍, ନିନ୍ ଆମା ଆମା ପାଣି
କିଜିନି, ଆୟାୱିଜୁ ଏଣ୍ଡେସ୍ ନି ସିସୁର୍ ବା ସୁଡୁନାଟ୍ ଇୟାଉଣ୍ଡିଙ୍ଗ
ଇବେଣାନ୍ ସସିସୋଲ୍ସ ଜିହୁଦା ଦେସ୍ତୁ ସାନ୍ଡୁ, 4 ଇରିଙ୍ଗ
ଏନ୍ ତରାଦେଙ୍ଗ ବଦାକିତିଙ୍ଗ ମାର୍ଗିଜି ଇନିକା କିଏନ୍ । ମିର୍
ଜଦି ଇୟାୱିଜୁ କିଜିନିଦେର୍, ଆରିଙ୍ଗ ନିଜେଦିଙ୍ଗ ଦୁନିଆ ଆଗ୍ଡ଼ି
ତର୍ଆ । 5 ଇରିଙ୍ଗ ୱାନି ତଡ଼ାନ୍କୁ ବା ୱାନିମାନୁ ବିସ୍ବାସ୍
କିଏଜିମାର୍ଆର୍ । 6 ଆବେଟ୍ ଜିସୁ ୱାରିଙ୍ଗ ଇର୍ଆନ୍, "ନା
ସମୟ ଇୟାସାନ୍ଦି ଇଗା ରେଏଦେ, ମାତର୍ ମି ଉଣ୍ଡିଙ୍ଗ ସମୟ
ୱିଜୁଦିନ୍ ମାନାତ୍ । 7 ଦୁନିଆ ମିଙ୍ଗିଁ କାଡ଼୍ଏତ୍, ମାତର୍ ନାଙ୍ଗିଁ
କାଡ଼ନାତ୍, ଇରିଙ୍ଗ ୱାନି ପାଣି ଜେ ତାଗ୍ଇକା ଇଜି ନାନ୍ ଆୟା
ବିସୟ୍ତାନ୍ ଇୟା ସାକି ସିଜିନା । 8 ମିର୍ ଇୟା ପଣ୍ଡୁୟତୁ ସାନ୍ଡୁ,
ନାନ୍ ଇଲେଇ ଇୟା ପଣ୍ଡୁୟତୁ ସଲ୍ଏଜିନା, ଇରିଙ୍ଗ ନା ସମୟ
ଇୟାସାନ୍ଦି ରେଏଦେ ।" 9 ଜିସୁ ୱାରିଙ୍ଗ ଇୟାୱିଜୁ ମାଟା ଇଜି
ଗାଲିଲିଦୁ ତେବାତାନ୍ । 10 ମାତର୍ ୱାନି ତଡ଼ାନ୍କୁ ପଣ୍ଡୁୟତୁ
ସର୍ରି ୱେନ୍କା ଜିସୁ ବା ସର୍ହାନ୍, ତରାଇଆଜି ସିଲେ, ମାତର୍
ମାର୍ଗିଜି ସର୍ହାନ୍ । 11 ଆଦେଙ୍ଗ ଜିହୁଦି ନେତାର୍ ପଣ୍ଡୁୟତୁ
ୱାନିଙ୍ଗ ପୟ୍ବୁ ପୟ୍ବୁ ୱେନ୍ବାତାର୍, "ୱାନ୍ ଏମେ?" 12 ମାରି,
ଜିସୁ ବିସୟ୍ତାନ୍ ଲୋକା ମାନୁ ପୁସୁରୁ ପାସୁରୁ ୱାର୍ଗିଦେଙ୍ଗ
ଆସ୍ତାର୍; ଏନ୍ ଏନ୍ ଇର୍ହାର୍, "ୱାନ୍ ଅରେନ୍ ନେଗି ଲୋକୁ,"
ମାରି ଏନ୍ ଏନ୍ ଇର୍ହାର୍, "ସିଲେ, ୱାନ୍ ଲୋକାଙ୍ଗ ବାୟା କିଜିନାନ୍
।" 13 ମାତର୍ ଜିହୁଦି ନେତାର୍ ତିଲାଜି ୱାନି ବିସୟ୍ତାନ୍ ୱେକ୍ସି
ଏନ୍ ଇନିକା ଇନ୍ଏଜି ମାର୍ହାର୍ । 14 ମାତର୍ ପଣ୍ଡୁୟତି ଆଦା
ସମୟ ୱିଜିତି ୱେନ୍କା, ଜିସୁ ମନ୍ଦିର୍ତୁ ସଲ୍ସି ସିକିୟା ସିଦେଙ୍ଗ
ଆସ୍ତାନ୍ । 15 ଆବେଟ୍ ଜିହୁଦି ନେତାର୍ କାବାଆଜି ଇର୍ହାର୍,
"ଇକାନ୍ ପାଟ୍ ପଡ଼ାଏଣ୍ଡା ଏଣ୍ଡେସ୍ ନେସ୍ତାନ୍?" 16 ଆବେଟ୍
ଜିସୁ ୱାରିଙ୍ଗ ଇର୍ଆନ୍, "ନା ସିକିୟା ନା ନିଜେଦିକା ଆଏତ୍,
ମାତର୍ ନା ପକ୍ତିମାନି ମାପୁରୁଦି ମାଣାନ୍ ୱାତାମାନାତ୍ । 17
ଏନ୍ ଜଦି ମାପୁରୁ ବଦା ମାନାଦେଙ୍ଗ ଇଚ୍ଛା ଆନାନ୍, ଆରିଙ୍ଗ ନା
ସିକିୟା ମାପୁରୁ ମାଣ୍କୁ ୱାତାମାନାଡ଼େନା, ନା ନିଜେଦି ସାକ୍ତିଦାନ୍
ନୋ ଇଜିନା, ଆକା ୱାନ୍ ନେସ୍ନାନ୍ । 18 ଏନ୍ ନିଜେଦି ମାଣାନ୍
ଇନାନ୍, ୱାନ୍ ନିଜେଦି ଗୌରବ୍ ପଇନାନ୍, ମାତର୍ ଏନ୍ ନିଜେଦି
ପକ୍ତିୱାନିଦି ଗୌରବ୍ କିଦେଙ୍ଗ ବଦା କିନାନ୍, ୱାନ୍ ସତ୍ ଇନାନ୍,
ମାରି ୱାନିମାନୁ ଇନି ମିସ୍ ସିଲେତ୍ । 19 ମୋସା ଇନିକା
ମିଙ୍ଗିଁ ନିୟମ୍ ସିଏନ୍ନା? ଆତିଙ୍ଗବା ମି ମାଣ୍କୁ ଏନ୍ ନିୟମ୍
ମାନାଏଜିନାନ୍ । ମିର୍ ଏନ୍ବା ନାଙ୍ଗିଁ ଡାକ୍ତେଙ୍ଗିଁ ବଦା କିଜିନିଦେର୍
।" 20 ଲୋକ୍ ୱିଜେରେ ଇର୍ହାର୍, "ନିଙ୍ଗିଁ ଦୁବା ଆସ୍ତାମାନାତ୍, ଏନ୍
ନିଙ୍ଗିଁ ଡାକ୍ତେଙ୍ଗିଁ ବଦାକିଜିନାନ୍?" 21 ଜିସୁ ୱାରିଙ୍ଗ ଇର୍ଆନ୍,
"ନାନ୍ ଉଣ୍ଡି କାବା ପାଣି କିତା, ମାରି ମିର୍ ୱିଜେରେ କାବା
ଆତିମାନିଦେର୍ । 22 ଇୟାଉଣ୍ଡିଙ୍ଗ ମୋସା ମିଙ୍ଗିଁ ସୁନ୍ନତ ନିୟମ୍
ସିତାମାନାନ୍, ଇକା ଜେ ମୋସା ମାଣାନ୍ ଆତାମାନାତ୍, ଆକା
ସିଲେ ମାତର୍ ପୁର୍ବେଦିଦାଦାରି ମାଣ୍କୁ, ମାରି ମିର୍ ରମ୍ନି ନାଣ୍ଡିଙ୍ଗ
କଡ଼ରିଙ୍ଗ ସିନାତ୍ କିଜିନିଦେର୍ । 23 ମୋସାଦି ନିୟମ୍ ଅମାନ୍ୟ
କିଇ ଉଣ୍ଡିଙ୍ଗ ଜଦି ରମ୍ନିନାଣ୍ଡିଙ୍ଗ କଡ଼ଦି ସୁନ୍ନତ କିନିଦେର୍, ଆରିଙ୍ଗ
ନାନ୍ ରମ୍ନିନାଣ୍ଡିଙ୍ଗ ଅରେନ୍ ଲୋକ୍ତିଙ୍ଗ ୱିଜୁ ନେଗେଣ୍ଡ କିତାଆକା
ମିର୍ ଏନ୍ବା ନା ମୁସ୍କୁ ରିସା ଆଜିନିଦେର୍? 24 ସୁପ୍ ଆଦୁ,
ଆଡ଼େରରି ବିସୟ୍ ସୁଡ଼ୁଜି ବିସାର୍ କିଏଣ୍ଡା ନ୍ୟାୟ୍ ବିସାର୍ କିଦୁ ।"
25 ଆବେଟ୍କୁ ଜିରୁସାଲାମ୍ତୁ ବାସା କିନି ଲୋକା ଲୋଇ ଏନ୍ ଏନ୍
ଇଡ୍ରେଙ୍ଗ ଆସ୍ତାର୍, "ଜିହୁଦି ନେତାର୍ ଆମାୱାନିଙ୍ଗ ଡାକ୍ତେଙ୍ଗିଁ
ବଦା କିଜିନାର୍, ଇକାନ୍ ଇନିକା ୱାନ୍ ଆଏନ୍? 26 ମାରି ସୁଡୁଦୁ,
ୱାନ୍ ତରାଜି ମାଟା ଇଜିନାନ୍, ମାରି ୱାର୍ ୱାନିଙ୍ଗ ଇନିକା
କିଏଜିନାର୍ । ଇକାନ୍ ଜେ ମସିହ ଇଜି ଇକା ଇନିକା ନେତାର୍
ସତେ ନେସ୍ତାୱିସ୍ତାର୍ନି? 27 ଆମାକା ଆପିତ୍, ୱେନି ୱାନିକା
ମାପ୍ ନେସ୍ନାପ୍, ମାତର୍ ମସିହ ଏସ୍ତିୱାଲେ ୱାନାନ୍, ନାସ୍ତିୱାଲେ
ୱାନି ୱାନିକା ଏନ୍ ନେସ୍ଏପ୍ ।" 28 ଆବେଟ୍ ଜିସୁ ମନ୍ଦିର୍ତୁ
ସିକିୟା ସିବୁ ସିବୁ ନାଣ୍ଡ ଆଉଲି ଆଜି ଇର୍ହାନ୍, ନାନ୍ ଏନ୍ ମାରି
ଏମେଟ୍କୁ ୱାତାମାନା, ମିର୍ ଇନିକା ସତ୍ତାନ୍ ନେସ୍ନିଦେର୍?
ନାନ୍ ନିଜେଦିମାଣାନ୍ ରେଏ, ମାତର୍ ନା ପକ୍ନିକାନ୍ ସତ୍,
ୱାନିଙ୍ଗ ମିର୍ ନେସ୍ଇଦେର୍ । 29 ନାନ୍ ୱାନିଙ୍ଗ ନେସ୍ନା, ଇରିଙ୍ଗ
ନାନ୍ ୱାନିମାଣ୍କୁ ୱାତାମାନା, ମାରି ୱାନ୍ ନାଙ୍ଗିଁ ପକ୍ତାନ୍ ।
30 ଆବେଟ୍ ୱାର୍ ଜିସୁଙ୍ଗିଁ ଆସ୍ତେଙ୍ଗ ବଦା କିତାର୍; ମାତର୍
ଏନ୍ ୱାନି ମୁସ୍କୁ କିୟୁ ମୁଟ୍ଏତାନ୍, ଇରିଙ୍ଗ ୱାନି ସମୟ ଆୟା
ସାନ୍ଦି ଇଗା ରେଏତ୍ମାର୍ହାତ୍ । 31 ମାତର୍ ଲୋକା ଲୋଇରାନ୍
ନାଣ୍ଡ ଲୋକୁ ୱାନିମାନୁ ବିସ୍ବାସ୍ କିଜି ଇନ୍ଡ୍ରେଙ୍ଗ ଆସ୍ତାର୍,
"ଇୟାୱିଜୁ କାବାଆନି ପାଣି କିଜିନାନ୍, ମସିହ ୱାଜି ୱେନିମାଣାନ୍

ଇନିକା ନାଣ୍ଡ କିନ୍‌ନାନ୍?" 32 ପାରୁସିର୍ ଲୋକାଙ୍ଗ ଜିସୁଦି
ବିସୟ୍‌ତାନ୍ ପୁସୁରୁ ପାସୁରୁ ୱାର୍‌ଗିନିକା ୱେର୍‌ଆର୍ ମାରି ପେରି
ଜାଜକର୍ ନି ପାରୁସିର୍ ୱାନିଙ୍ଗ ଆସ୍‌ତେଙ୍ଗ ଇଜି କାପ୍‌କିନିୱାରିଙ୍ଗ
ପୋକ୍‌ତାର୍ । 33 ଆବେଟ୍ ଜିସୁ ଇର୍ହାନ୍, "ନାନ୍ ମାରି ଅଡ଼ପ୍
ସମୟ୍ ମି ୱାଲେ ତେବାଜି ନା ପକ୍‌ତିୱାନିମାନୁ ଡ଼େସି ସଲ୍‌ସିନା
। 34 ମିର୍ ନାଙ୍ଗିଁ ପଇନିଦେର୍, ମାତର୍ ପୟ୍‌ଇଦେର୍; ମାରି,
ନାନ୍ ଏମେମାନୁ ମାନା, ମିର୍ ଆବେ ସନ୍‌ଡ୍ରେଙ୍ଗ ଆଟ୍‌ଇଦେର୍
।" 35 ଆବେନୁ ଜିହୁଦି ନେତାର୍ ନିଜେ ନିଜେଦିମାନୁ ଇର୍ହାର୍,
"ଇକାନ୍ ଏମେମାନୁ ସନ୍‌ଡ୍ରେଙ୍ଗ ଇଜି ସତାମାନ୍‌ନାନ୍ ଜେ, ମାଡ଼୍
ୱାନିଙ୍ଗ ପୋୟଇକା? ଇକାନ୍ ଇନିକା ଗ୍ରିକ୍‌ରି ଗାଡ଼୍‌କାଙ୍ଗ ଲୋଇ
ଇନିଙ୍ଗାଁ ଆନିଙ୍ଗାଁ ଜିହୁଦିର୍ ଲାକ୍‌ତୁ ସୋଲ୍‌ସି ଗ୍ରିକ୍‌ରିଙ୍ଗ ସିକିୟା
ସିଦେଙ୍ଗ ସତାମାନ୍‌ନାନ୍? 36 ମିର୍ ନାଙ୍ଗିଁ ପଇନିଦେର୍, ମାତର୍
ପୟଇଦେର୍, ମାରି ନାନ୍ ଏମେମାନୁ ମାନା, ମିର୍ ଆବେନୁ
ସନ୍‌ଡ୍ରେଙ୍ଗ ଆଟ୍‌ଇଦେର୍, ୱାନ୍ ଇୟା ଏମେ ମାଟା ଇର୍ହାନ୍, ତାନି
ଅର୍ତ ଇନିକା?" 37 ପଣ୍ଡୁୟ୍‌ତି ୱିଜିନି ନାଣ୍ଡିଙ୍ଗ, ମାରି, ପଣ୍ଡୁୟତି
ନେଗି ନାଣ୍ଡିଙ୍ଗ, ଜିସୁ ନିଙ୍ଗିଁତାନ୍‌ନୋ ନାଣ୍ଡ ଆଉଲି ଆଜି ଇର୍ହାନ୍,
"ଏନ୍ ଜଦି ଏର୍‌କି ସାନାନ୍, ଆଦେଙ୍ଗ ୱାନ୍ ନା ଲାକ୍‌ତୁ ରାପିନ୍,
38 ମାରି ଏନ୍ ନା ମାନୁ ବିସ୍‌ବାସ୍ କିନ୍‌ନାନ୍, ୱାନ୍ ଉଣିନ୍,
ଦାର୍ମୁସାସ୍ତ୍ରୁଦୁ ରାସ୍‌ତାମାନାତ୍ ଏନ୍ ନାବାନୁ ବିସ୍‌ବାସ୍ କିନାନ୍
ୱାନି ଜିବନ୍‌ତାନ୍ ଜିବନ୍‌ସିନି ଏରୁ ପୋଗ୍‌ଜିସନେ ।" 39 ଜିସୁ
ପବିତ୍ର ଆତ୍ମାଦି ବିସୟ୍‌ତାନ୍ ୱେର୍‌ତାନ୍, ଏମେକାର୍ ଜିସୁମାନୁ
ବିସ୍‌ବାସ୍ କିଜିମାର୍ହାର୍ ୱାର୍ ୱେନ୍‌କା ଇୟା ପବିତ୍ର ଆତ୍ମାଦିଙ୍ଗ
ପୟନାର୍ ଆୟାସାନ୍ଧି ଜିସୁ ଦନ୍ୟବାଦ୍ ପୟ୍‌ଏନ୍ ମାରିଙ୍ଗ ୱାର୍
ପବିତ୍ରଆତ୍ମା ପୟ୍‌ଏନ୍ ମାର୍ହାନ୍ । 40 ମାରି, ଲୋକା ଲୋଇରାନ୍
ଏନ୍ ଏନ୍ ଇୟା ମାଟା ୱେନ୍‌ଜି ଇନ୍‌ଡ୍ରେଙ୍ଗ ଆସ୍‌ତାର୍, "ଇକାନ୍
ସତେନେ ଆୟା ବାବବାଦି ।" 41 ମାରି ଆଇକାର୍ ଇର୍ହାର୍,
"ଇକାନ୍‌ନେ ମସିହ," ମାତର୍ ଏନ୍ ଏନ୍ ଇର୍ହାର୍, "ଇନିକା! ମସିହ
ଗାଲିଲିଦାନ୍ ରେଏନ୍! 42 ମସିହ ଜେ ଦାଉଦଦି କୁଟୁମ୍‌ତାନ୍
ମାରି ଦାଉଦ ଏମେମାନୁ ମାର୍ହାନ୍, ଆୟା ବେତଲିହିମ୍ ନାର୍‌ତାନ୍
ଜନମ୍ ଆନାନ୍, ଇକା ଇନିକା ଦାର୍ମୁସାସ୍ତ୍ରୁଦୁ ବାକ୍ୟ ଇନ୍‌ଏଡ୍?"
43 ଆରିଙ୍ଗ ଲୋକୁୱିଜେରି ଲୋଇ ୱାନି ଉଣ୍ଡିଙ୍ଗ ୱେର୍‌ଏ ୱେର୍‌ଏ
ଆତାର୍. 44 ମାରି, ୱାରି ଲୋଇରାନ୍ ଏସ ୱାନ୍ ଜିସୁ ଦରା
ପଡ଼ାପିନ୍ ଇଜି ବଦା କିଜିମାର୍ହାର୍, ମାତର୍ ଏନ୍ ୱାନି ମୁସ୍‌କୁ କିୟୁ
ମୁଟ୍‌ଏତାର୍ । 45 ଆୟାଦାପ୍ରେ ମନ୍ଦିର୍‌ତି କାପ୍‌କିନିକାର୍ ପେରି
ଜାଜକ ମାରି ପାରୁସିର୍ ଲାକ୍‌ତୁ ଡ଼େସି ୱାତାର୍, ମାରି ୱାର୍ ୱାରିଙ୍ଗ
ୱେନ୍‌ବାତାର୍, "ମିର୍ ଏନ୍ଧା ୱାନିଙ୍ଗ ଆସୋସ ତେଇତିଦେର୍?" 46
କାପ୍‌କିନିକାର୍ ଇର୍ହାର୍, "ଇୟା ଲୋକୁ ଏଣ୍ଡେସ୍‌ମାରି ମାଟେଙ୍ଗ
ଇନାନ୍, ଆମା ଲୋକୁ ଏସ୍‌କାଙ୍ଗ ଆୟାନାନି ମାଟେଙ୍ଗ ଇନ୍‌ଏର୍
।" 47 ଆବେଟ୍ ପାରୁସିର୍ ୱାରିଙ୍ଗ ଇର୍ହାର୍, "ମିଙ୍ଗିଁ ବା ଇନିକା
ୱାନ୍ ବାୟା କିତାନ୍?" 48 "ନେତାରି ଲୋଇରାନ୍ ମାରି ପାରୁସିର୍
ଲୋଇରାନ୍ ଇନିକା ଏନ୍ ୱାନିମାନୁ ବିସ୍‌ବାସ୍ କିତାମାନାର୍
ଇକା ମିର୍ ନେସ୍‌ତିମାନିଦେର୍ ନୋ? 49 ମାତର୍ ଇୟା ଲୋକୁ
ମୋସାଦି ନିୟମ୍ ନେସ୍‌ଏର୍, ଆୟାଉଣ୍ଡିଙ୍ଗ ୱାର୍ ଅବିସାପ ।" 50
ଆମା ନିକଦିମ ଇୟାଆଗ୍‌ଡ଼ି ୱାନି ଲାକ୍‌ତୁ ୱାତାମାର୍ହାନ୍ ମାରି
ଏନ୍ ୱାରି ଲୋଇ ଅରେନ୍‌ନେ, ୱାନ୍ ୱାରିଙ୍ଗ ୱେନ୍‌ବାତାନ୍, 51
ଇରିଙ୍ଗ ଅରେନ୍ ଲୋକାମାଣ୍‌କୁ ଆଗ୍‌ଡ଼ି ୱେନ୍‌ଏଣ୍‌ଗା ମାରି ୱାନି
ବୁଲାସାଲାନି ବିସୟ୍ ନେସ୍‌ଏଣ୍‌ଗା ମା ସାସ୍ତ୍ର ଇନିକା ୱାନିଙ୍ଗ
ଦୋସ୍ କିନାତ୍? 52 ୱାର୍ ୱାନିଙ୍ଗ ଇର୍ହାର୍, "ନିନ୍ ବା ଇନିକା
ଅରେନ୍ ଗାଲିଲିୟ୍‌ଦି ଲୋକୁ? ଗାଲିଲିଦାନ୍ ଏମେ ବାବବାଦି
ସଏନ୍, ଇକା ନେଗେନ୍ କିଜି ଦାର୍ମୁସାସ୍ତ୍ର ପୟଦୁ ।" 53 ତାନେ
ୱେନ୍‌କା ଆୟା ବାଡି ଡ଼ିସ୍‌ସି ୱିଜେରେ ଜିହୁଦି ନେତାର୍ ନିଜେ
ନିଜେଦି ଇଲ୍‌କାଙ୍ଗ ସର୍ହାର୍ ।

**8** ମାତର୍ ଜିସୁ ଜିତ ଗରନ୍‌ତୁ ସର୍ହାନ୍ । 2 ଆୟା ମାରାନାଣ୍ଡିଙ୍ଗ
ସାଲ୍‌ଦିନେ ଜିସୁ ମାରିଡ଼େସି ମନ୍ଦିର୍‌ତୁ ୱାତାନ୍, ମାରି ୱିଜେରେ
ଲୋକୁ ୱାନି ଲାକ୍‌ତୁ ଉଣ୍ଡାତାର୍‌ଆକା, ୱାନ୍ ବାସ୍‌ତାନ୍‌ନୋ ୱାରିଙ୍ଗ
ସିକିୟା ସିଦେଙ୍ଗ ଆସ୍‌ତାନ୍ । 3 ମାରି, ସାସ୍ତ୍ରିର୍ ମାରି ପାରୁସିର୍
ଦାରିପାଣି କିତିମାନି ଅରେତ୍ ଆଇମାଦିଙ୍ଗ ଆସ୍‌ତାତାତାର୍ ତାନିଙ୍ଗ
ୱିଜେରିନାଣ୍‌ମି ନିଲ୍‌ପ୍‌ତାରୋ ଜିସୁଙ୍କୁ ଇର୍ହାର୍, 4 "ଏ ଗୁରୁ,
ଇୟା ଆଇମା ଦାରିପାଣି କିନିୱାଲେ ଦରାପଡ଼ାତାମାନାତ୍ ।
5 ଇୟାୱାଜା ଆଇମେକାଙ୍ଗିଁ କାଲ୍‌କାଣୁ ପୋକ୍‌ସି ଡାକ୍‌ତେଙ୍ଗିଁ
ମୋସା ମାଙ୍ଗିଁ ସାସ୍ତ୍ରୁଦୁ ଆଦେସ୍ ସିତାମାନାନ୍; ଆରିଙ୍ଗ ନିନ୍ ଇନିକା
ଇଜିନି?" 6 ୱାର୍ ଏଣ୍ଡେସ୍ ୱାନି ବିରଦ୍‌ତାନ୍ ଦୋସ୍ ପୟ୍‌ଦେଙ୍ଗ
ଆଟ୍‌ନାର୍, ଆୟାଉଣ୍ଡିଙ୍ଗ ୱାର୍ ୱାନିଙ୍ଗ ପରିକା କିନି ଉଣ୍ଡିଙ୍ଗ ଇକା
ଇର୍ହାର୍ । ମାତର୍ ଜିସୁ ପାଡ଼୍‌ଗିତାନ୍‌ନୋ ଡ଼ାସ୍‌କେଣ୍‌କୁ ବୁମିଦୁ
ରାସ୍‌ତେଙ୍ଗ ଆସ୍‌ତାନ୍ । 7 ମାତର୍ ୱାର୍ ୱାନିଙ୍ଗ ଡ଼େସି ଡ଼େସି
ୱେନ୍‌ବାତାର୍‌ଆକା, ୱାନ୍ ତାଲା ପେର୍‌ଜି ୱାରିଙ୍ଗ ଇର୍ହାନ୍, "ମି
ଲୋଇ ଏନ୍ ପାପ୍ ସିଲିକାନ୍, ୱାନ୍ ଆଗିଡ଼ି ତାନିଙ୍ଗ କାଲୁ ପକିନ୍
।" 8 ମାରିଡ଼େସି ଜିସୁ ପାଡ଼୍‌ଗିଜି ବୁମିଦୁ ରାସ୍‌ତେଙ୍ଗ ଆସ୍‌ତାନ୍ ।
9 ଆକା ୱେନ୍‌ଜି ୱାର୍ ପେରି ଲୋକାମାଣ୍‌କୁ ୱିଜେରେ ଅରେନ୍
ଅରେନ୍ ଆଜି ସହସି ସନ୍‌ଡ୍ରେଙ୍ଗ ଆସ୍‌ତାର୍, ମାରି କେବଲ୍ ଜିସୁ
ନି ମଜାୟ୍ ନାଡ଼୍‌ମି ଆୟା ଆଇମା ତେବାତାର୍ । 10 ମାରି, ଜିସୁ
ତାଲା ପେର୍‌ଜି ତାନିଙ୍ଗ ଇର୍ହାନ୍, "ଏ ଆଇମା, ୱାର୍ ଏମେ? ଏନ୍
ନିଙ୍ଗିଁ ଦୋସ୍‌କିଦେଙ୍ଗ ସିଲେନ୍ ନୋ?" 11 ଆଇମା ଇର୍ହାତ୍, "ଏନ୍
ସିଲେ, ପ୍ରବୁ ।" ଆବେଟ୍ ଜିସୁ ଇର୍ହାନ୍, "ନାନ୍ ବା ନିଙ୍ଗିଁ ଦୋସ୍
କିଏଜିନା; ସାଙ୍ଗଆ, ନେର୍‌ଆନ୍ ମାରି ପାପ୍ କିମା ।" 12 ଜିସୁ
ମାରିଡ଼େସି ପାରୁସିରିଙ୍ଗ ଇର୍ହାନ୍, "ନାନ୍ ଦୁନିଆଦି ଜାୟ୍; ଏନ୍ ନା
ୱେନ୍‌କା ୱାନାନ୍, ମାତର୍ ଜିବନ୍‌ତି ଜାୟ୍ ପଇନାନ୍ ୱାନ୍ ଏସାଙ୍ଗ
ବା ସିକାଟିଦୁ ବୁଲାଏନ୍ ।" 13 ଆବେଟ୍ ପାରୁସିର୍ ଜିସୁଙ୍କୁ ଇର୍ହାର୍,
"ନିନ୍ ନିଜେ ନିଜେଦି ବିସୟ୍‌ତାନ୍ ସାକି ସିଜିନି, ନି ସାକି ସତ୍
ସିଲେ ।" 14 ଜିସୁ ୱାରିଙ୍ଗ ଇର୍ହାନ୍, ସିଲେ, "ନାନ୍ ନିଜେଦି ଉଣ୍ଡିଙ୍ଗ
ସାକି ସିତିଙ୍ଗବା ନାନ୍ ଆମାକା ଇଜିନା, ଆକା ସତ୍, ଇରିଙ୍ଗ
ନାନ୍ ଏମେଣ୍‌କୁ ୱାତାମାନା ମାରି ଏମେମାନୁ ସଲ୍‌ସିନା, ଆକା

ନାନ୍ ନେସ୍ନା, ମାତର୍ ମିର୍ ନାନ୍ ଏମେଣ୍କୁ ୱାତାମାନା ମାରି
ଏମେମାନୁ ସନା, ଆକା ମିର୍ ନେସ୍ଇଦେର୍ । 15 ମିର୍ ଲୋକା
ୱାଜା ବିସାର୍ କିନିଦେର୍, ନାନ୍ ଏ ବିସାର୍ କିଏ । 16 ମାତର୍
ନାନ୍ ଜଦି ବିସାର୍ କିନା, ଆରିଙ୍ଗବା ନା ବିସାର୍ ଟିକ୍; ଇରିଙ୍ଗ
ନାନ୍ ଅରେନେ ସିଲେ, ମାତର୍ ନା ପକ୍ତିମାନିବୁବା ନା ୱାଲେ
ମାନାନ୍ । 17 ମାରି, ରିଏରି ସାକି ସାମାନ୍ ଆତିଙ୍ଗ, ୱାର୍ ଆମାକା
ଇଜିନାର୍ ଆକା ସତ୍, ଇକା ମି ନିୟମ୍ତୁ ବା ରାସାତାମାନାତ୍
। 18 ନାନ୍ ନିଜେ ନିଜେଦି ସାକି, ମାରି ନା ପୋକ୍ତିମାନି ବୁବା
ନା ବିସୟ୍ତାନ୍ ସାକି ସିଜିନାନ୍ ।” 19 ଆବେଟ୍ ୱାର୍ ୱାନିଙ୍ଗ
ୱେନ୍ବାତାର୍, “ମି ବୁବା ଏମେ?” ଜିସୁ ଇର୍ହାନ୍, “ମିର୍ ନାଙ୍ଗିଁ
ନେସ୍ଇଦେର୍ ମାରି ନା ବୁବେଙ୍ଗ ବା ନେସ୍ଇଦେର୍; ଜଦି ନାଙ୍ଗିଁ
ନେସ୍ତିଙ୍ଗ, ଆରିଙ୍ଗ ନା ବୁବେଙ୍ଗ ବା ନେସ୍ତିଦେର୍ମାନ୍ଦି ।” 20
ମନ୍ଦିର୍ତି ଦାନ୍ ଉଣ୍ଡାକିନି ପେଡ଼େଙ୍ଗ ଇଟ୍ତିମାର୍ଇ ବାକ୍ରାଦୁ
ଜିସୁ ଇୟାୱିଜୁ ବିସୟ୍ ସିକିୟା ସିଜିମାର୍ହାନ୍, ମାତର୍ ଏନ୍
ୱାନିଙ୍ଗ ତର୍ଏତାର୍, ଇରିଙ୍ଗ ୱାନି ୱେଡ଼ା ଆୟାସାନ୍ଦି ରେଏତ୍
ମାର୍ହାତ୍ । 21 ଆବେଟ୍ ଜିସୁ ମାରିଡ଼େସି ୱାରିଙ୍ଗ ଇର୍ହାନ୍,
“ନାନ୍ ସୋଲ୍ସିନା, ମାରି ମିର୍ ନାଙ୍ଗିଁ ପୋୟ୍ନିଦେର୍ ମାତର୍
ମିର୍ ନିଜେ ନିଜେଦି ପାପ୍ତାନ୍ ସାନିଦେର୍, ନାନ୍ ଏମେମାନୁ
ସୋଲ୍ସିନା, ମିର୍ ଆବେନୁ ସନ୍ଡ୍ରେଙ୍ଗ ଆଟ୍ଇଦେର୍ ।” 22
ଆବେଟ୍ ଜିହୁଦି ନେତାର୍ ଇନ୍ଡ୍ରେଙ୍ଗ ଆସ୍ତାର୍, ୱାନ୍ ଇଜିନାନ୍,
ୱାନ୍ ଏମେମାନୁ ସଲ୍ସିନା, “ମାପ୍ ଆବେ ସନ୍ଡ୍ରେଙ୍ଗ ଆଟ୍ଏପ୍
। ୱାନ୍ ସାଦେଙ୍ଗ ସଲ୍ସିନାନ୍ ନୋ?” 23 ଆବେଟ୍ ଜିସୁ
ୱାରିଙ୍ଗ ଇର୍ହାନ୍, “ମିର୍, ଦୁନିଆଦାନ୍ ଜନମ୍ ଆତିମାନିଦେର୍,
ମାତର୍ ନାନ୍ ମୁସ୍କୁରାନ୍ ୱାତାମାନା; ମିର୍ ଇୟା ଦୁନିଆଦାନ୍
ୱାତିମାନିଦେର୍, ନାନ୍ ଇୟା ଦୁନିଆଦାନ୍ ରେଏ । 24 ଆରିଙ୍ଗ
ମିର୍ ଜେ ନିଜେ ନିଜେଦି ପାପ୍ତାନ୍ ସାନିଦେର୍, ନାନ୍ ମିଙ୍ଗିଁ ଇକା
ୱେର୍ତା; ଇରିଙ୍ଗ ନାନ୍ ଜେ ନିଜେ ଆୟା ଲୋକୁ, ଇକା ମିର୍
ବିସ୍ବାସ୍ କିଇତିଙ୍ଗ ନିଜେ ନିଜେଦି ପାପ୍ତାନ୍ ସାନିଦେର୍ ।” 25
ଆବେଟ୍ ୱାର୍ ୱାନିଙ୍ଗ ୱେନ୍ବାତାର୍, “ନିନ୍ ଏନ୍?” ଜିସୁ ୱାରିଙ୍ଗ
ଇର୍ହାନ୍, “ଆୟା ମାଟା ନାନ୍ ଆଗ୍ଡ଼ିରାନ୍ ଇଜି ୱାଜିନା । 26 ମି
ବିସୟ୍ତାନ୍ ମାଟା ଇନ୍ଡ୍ରେଙ୍ଗ ମାରି ବିସାର୍ କିଦେଙ୍ଗ ନାଙ୍ଗିଁ ଗାଦି
ବିସୟ୍କୁ ମାନେ; ଆମାକାଆପିଡ୍; ନା ପୋକ୍ତାତିମାନିକାନ୍
ସତ୍, ମାରି ନାନ୍ ୱାନିମାଣ୍କୁ ଆମା ଆମାକା ୱେର୍ଆମାନା,
ଆୟାୱିଜୁ ଦୁନିଆଦିଙ୍ଗ ୱେର୍ସିନା ।” 27 ଜିସୁ ୱାନି ବୁବାଦି
ବିସୟ୍ତାନ୍ ୱାରିଙ୍ଗ ୱେର୍ସି ମାର୍ହାନ୍, ଇକା ୱାର୍ ବୁଜାଏତାର୍
। 28 ମାରି, ଜିସୁ ଇର୍ହାନ୍, “ଏସ୍ତିୱାଲେ ମିର୍ ମନୁସ୍ୟପୁତ୍ରଙ୍ଗ
ମୁସ୍କୁ ପେର୍ନିଦେର୍, ନାସ୍ତିୱାଲେ ନାନ୍ ଜେ ନିଜେ ଆୟା
ଲୋକୁ; ମାରି ନାନ୍ ନିଜେଦି ଅଦିକାର୍ତାନ୍ ଇନିକା କିଏ ମାତର୍
ଆମାକା ନା ବୁବା ନାଙ୍ଗିଁ ଏଣ୍ଡ୍ରେସ୍ ସିକିୟା ସିତାନ୍, ଆୟାୱାଜା
ଇୟାୱିଜୁ ମାଟା ଜେ ୱେର୍ସିନା, ଇକା ମିର୍ ବୁଜାନିଦେର୍ ।
29 ନା ପୋକ୍ତାତିମାନିକାନ୍ ନା ୱାଲେ ମାନାନ୍; ୱାନ୍ ନାଙ୍ଗିଁ
ଅରେନ୍ୱାନିଙ୍ଗ ଡ଼ିସ୍ଏନ୍, ଇରିଙ୍ଗ ନାନ୍ ୱିଜୁୱାଲେ ଆମାକା ୱାନି
ୱେଡ଼ିକାଦି ପାଣି କିନା ।” 30 ଜିସୁଦି ଇୟା ମାଟା ୱେନ୍ଞ୍ଜି ନାଣ୍ଡୁ
ଲୋକୁ ୱାନିଙ୍ଗ ବିସ୍ବାସ୍ କିତାର୍ । 31 ମାରି, ଜିସୁ ୱାନିଙ୍ଗ
ବିସ୍ବାସ୍ କିତିମାନି ଜିହୁଦିରିଙ୍ଗ ଇର୍ହାନ୍, “ଜଦି ମିର୍ ନା ସିକିୟାଦୁ
ମାନାନିଦେର୍ କିନିଦେର୍, ଆରିଙ୍ଗ ମିର୍ ସତ୍ତାନ୍ ନା ସିସୁର୍, 32
ମାରି ମିର୍ ସତ୍ ନେସ୍ନିଦେର୍ ମାରି ଆୟା ସତ୍ ମିଙ୍ଗିଁ ଡ଼ିସିସ୍
କିନାତ୍ ।” 33 ୱାର୍ ଜିସୁଙ୍ଗିଁ ଇର୍ହାର୍, “ମାପ୍ ଅବ୍ରାହାମତି କୁଟୁମ୍,
ମାରି ଏସାଙ୍ଗ ବା ଏମେୱାନି କଟିସାକର୍ ଆଏପ୍, ଆରିଙ୍ଗ ମିର୍
ଡ଼ିସାଇ ଆନିଦେର୍ ଇଜି ଏଣ୍ଡ୍ରେସ୍ ଇଜିନିଦେର୍? ତେନି ଅର୍ତ
ଇନିକା?” 34 ଜିସୁ ୱାରିଙ୍ଗ ଇର୍ହାନ୍, “ସତ୍ ସତ୍ ନାନ୍ ମିଙ୍ଗିଁ
ଇଜିନା, ଏନ୍ ପାପ୍ କିନାନ୍, ୱାନ୍ ପାପ୍ତି ସାକର୍ । 35 ସାକର୍
ୱିଜୁଦିନ୍ ଉଣ୍ଡିଙ୍ଗ ଇଲୁଦି ଅରେନ୍ ଆଜି ତେବାଏନ୍, ମାତର୍ ଇଲୁଦି
ମାରିନ୍ ୱିଜୁଦିନ୍ ତେବାନାନ୍ । (aiōn g165) 36 ମାରିନ୍ ଜଦି ମିଙ୍ଗିଁ
ଡ଼ିସିସ୍ କିନାନ୍, ଆତିଙ୍ଗ ମିର୍ ସତ୍ତାନ୍ ଡ଼ିସାଇ ଆନିଦେର୍ । 37
ମିର୍ ଜେ ଅବ୍ରାହାମତି କୁଟୁମ୍, ଆକା ନାନ୍ ନେସ୍ନା; ମାତର୍
ନା ସିକିୟା ମି ଜିବନ୍ତୁ ବାଡି ମାନାଏଦେର୍ଆକା ମିର୍ ନାଙ୍ଗିଁ
ଡାକ୍ତେଙ୍ଗ ବଦା କିଜିନିଦେର୍ । 38 ନା ବୁବାମାନୁ ଆମା ଆମାକା
ନାନ୍ ସୁଡୁତାମାନା, ଆୟାୱିଜୁ ନାନ୍ ୱେର୍ନା; ମାତର୍ ମି ବୁବା
ଇନି ଇସାବ୍ତାନ୍ ପାଣି କିଜିନିଦେର୍ ।” 39 ଜିହୁଦିର୍ ଜିସୁଙ୍ଗିଁ
ଇର୍ହାର୍, “ଅବ୍ରାହାମ ମା ବୁବା ।” ଜିସୁ ୱାରିଙ୍ଗ ଇର୍ହାନ୍, “ଜଦି
ମିର୍ ଅବ୍ରାହାମତି ମାରିସିର୍ ଆତିଦେର୍ମାନ୍ଦି, ଆରିଙ୍ଗ ଅବ୍ରାହାମ
କିତିମାନି ପାଣି କିତିଦେର୍ମାନ୍ଦି; 40 ମାପୁରୁମାଣ୍କୁ ୱେର୍ଇମାନି
ସତ୍ ଡ଼ିସ୍ତିଙ୍ଗ ମିଙ୍ଗିଁ ମାରି ଇନିକା ଇନ୍ଏ, ଆରିଙ୍ଗବା ମିର୍ ନାଙ୍ଗିଁ
ଡାକ୍ତେଙ୍ଗ ବଦା କିଜିନିଦେର୍; ଅବ୍ରାହାମ ଇୟାୱାଜା ପାଣି କିଏନ୍
ମାର୍ହାନ୍ । 41 ମିର୍ ମି ବୁବାଦି ପାଣିୱିଜୁ କିଜିନିଦେର୍ । ୱାର୍
ୱାନିଙ୍ଗ ଇର୍ହାନ୍, ମାପ୍ ଦାରିପାଣିଦାନ୍ ଜନମ୍ ଆଏପ୍, କେବଲ୍
ମାପୁରୁ ଅରେନ୍ନେ ମା ବୁବା ।” 42 ଜିସୁ ୱାରିଙ୍ଗ ଇର୍ହାନ୍,
“ମାପୁରୁ ଜଦି ମି ବୁବା ଆତାନ୍ମାନ୍ଦି, ଆରିଙ୍ଗ ମିର୍ ନାଙ୍ଗିଁ ଜିବନ୍
ନତିଦେର୍ମାନ୍ଦି; ଇରିଙ୍ଗ ନାନ୍ ମାପୁରୁ ମାଣ୍କୁ ୱାଜି ଇଲେଇ
ଇବେ ମାନା; ନାନ୍ ନିଜେଦି ଅଦିକାର୍ତାନ୍ ରେଏ, ମାତର୍ ୱାନ୍
ନାଙ୍ଗିଁ ପକ୍ତାନ୍ । 43 ନାନ୍ ଆମାକା ଇଜିନା, ମିର୍ ଏନ୍ଦ୍ରି ନା
ମାଟା ବୁଜାଏଜିନିଦେର୍? ଇରିଙ୍ଗ ମିର୍ ତୋ ନା ବାକ୍ୟ ୱେନ୍ଜି
ମାନାଦେଙ୍ଗ ଆଟ୍ଇଜିନିଦେର୍ । 44 ମିର୍ ମି ବୁବା ସୟତାନ୍
ମାଣ୍କୁ ଜନମ୍ ଆତିମାନିଦେର୍, ମାରି ମି ବୁବାଦି ପାଣି କିଦେଙ୍ଗ
ମି ବଦା । ୱାଦ୍ ଆଗ୍ଡ଼ିରାନ୍ ଲୋକାଙ୍ଗ କାଡ୍ନିକାତ୍, ମାରି ୱାଦ୍
ସତ୍ତୁ ତେବାଏତ୍, ଇରିଙ୍ଗ ତାନେମାନୁ ସତ୍ ସିଲେତ୍ । ଏସ୍ତିୱାଲେ
ୱାଦ୍ ମିସ୍ ଇନାତ୍, ନାସ୍ତିୱାଲେ ୱାଦ୍ ନିଜେଦି ମାଣାନ୍ ଇନାତ୍;
ଇରିଙ୍ଗ ୱାଦ୍ ନିଜେ ମିସ୍ଇନିକାତ୍ ନି ମିସ୍ ୱେର୍ନି ଲୋକା ବୁବା
। 45 ମାତର୍ ନାନ୍ ସତ୍ ଇର୍ହାମାନାଆକା ମିର୍ ନାଙ୍ଗିଁ ବିସ୍ବାସ୍
କିଇଜିନିଦେର୍ । 46 ନାବାନ୍ ପାପ୍ ମାନାତ୍ ଇଜି ମି ବାଣାନ୍ ଏନ୍
ପାର୍ମାନ୍ ସିଜିନାନ୍? ନାନ୍ ଏସ୍ତିୱାଲେ ସତ୍ ଇନା, ଆରିଙ୍ଗ ମିର୍

ଏନ୍ଦା ବିସ୍‌ବାସ୍ କିଇଜିନିଦେର୍? 47 ଏନ୍ ମାପୁରୁ ମାଣାନ୍ ଜନମ୍
ଆତାମାନାନ୍, ୱାନ୍ ମାପୁରୁଦି ବାକ୍ୟ ୱେନାନ୍; ଇୟାଉଣ୍ଡିଙ୍ଗ ମିର୍
ନା ବାକ୍ୟ ୱେନ୍‌ଇଦେର୍, ଇରିଙ୍ଗ ମିର୍ ମାପୁରୁଦି ମାଣାନ୍ ଜନମ୍
ଆଇଦେର୍ ।” 48 ଜିହୁଦି ନେତାର୍ ଜିସୁଙ୍ଗ ୱେନ୍‌ବାତାର୍, “ନିନ୍
ଜେ ଅରେନ୍ ସମିରୋଣିୟ ମାରି ନିଙ୍ଗଁ ଜେ ଦୁବା ଆସ୍‌ତାମାନାତ୍,
ଇକା ଇନିକା ମାପ୍ ଟିକ୍ ଇନ୍‌ଏପ୍ ମାର୍ହାପ୍?” 49 ଜିସୁ ଇର୍ହାନ୍,
“ନାଙ୍ଗଁ ଦୁବା ଆସ୍‌ଏତ୍, ନାନ୍ ନା ବୁବେଙ୍ଗ ମାନାଜିନା, ମାତର୍ ମିର୍
ନାଙ୍ଗଁ ମାନାଇଜିନିଦେର୍ । 50 ମାତର୍ ନାନ୍ ନିଜେଦି ଗୌରବ୍
ପୟ୍‌ଏ; ଏନ୍ ପଇନାନ୍ ମାରି ବିସାର୍ କିନାନ୍, ଇୟାୱାଜା ଅରେନ୍
ମାନାନ୍ । 51 ସତ୍ ସତ୍ ନାନ୍ ମିଙ୍ଗଁ ଇଜିନା, ଜଦି ଏନ୍ ନା
ସିକିୟା ମାନାନାନ୍, ଆତିଙ୍ଗ ୱାନ୍ ଏସାଙ୍ଗ ବା ସାଏନ୍ ।” (aiōn
g165) 52 ଜିହୁଦିର୍ ଜିସୁଙ୍ଗ ଇର୍ହାର୍, “ଇଲେଇ ମାପ୍ ନେସ୍‌ତାପ୍
ଜେ ସତେନେ ନିଙ୍ଗଁ ଦୁବା ଆସ୍‌ତାମାନାତ୍, ଅବ୍ରାହାମ ମାରି
ବାବବାଦିର୍ ସାତା ମାନାର୍, ମାରି ନିନ୍ ଇଜିନି, ଜଦି ଏନ୍ ନା
ସିକିୟା ମାନାନାନ୍, ଆତିଙ୍ଗ ୱାନ୍ ଏସାଙ୍ଗ ବା ସାଏନ୍ । (aiōn
g165) 53 ନିନ୍ ଇନିକା ମା ବୁବା ଅବ୍ରାହାମତି ମାଣାନ୍ ପେରିକିନ୍ଦା?
ଅବ୍ରାହାମ ତୋ ସାତା ମାନାନ୍, ବାବବାଦିର୍ ବା ସାତାମାନାର୍;
ନିନ୍ ନିଜେଦିଙ୍ଗ ଏନ୍ ଇଜି ଅଡ଼୍‌ବିଜିନି?” 54 ଜିସୁ ଇର୍ହାନ୍, “ନାନ୍
ଜଦି ନିଜେଦି ଦନ୍ୟବାଦ୍ କିଦେଙ୍ଗ ବଦା କିତାମାନ୍ଦି, ଆରିଙ୍ଗ ତେନି
ଦାରା ତେବାଏତାତ୍‌ମାନ୍ଦି; ଏନ୍ ନାଙ୍ଗଁ ଗୌରବ୍ କିନାନ୍, ୱାନ୍
ନା ବୁବା ଏମେୱାନିଙ୍ଗ ମିର୍ ମି ମାପୁରୁ ଇଜି ଇଜିନିଦେର୍ ।
55 ମାରି, ମିର୍ ୱାନିଙ୍ଗ ନେସ୍‌ଇଦେର୍, ମାତର୍ ନାନ୍ ୱାନିଙ୍ଗ
ନେସ୍‌ନା । ମାରି, ନାନ୍ ୱାନିଙ୍ଗ ନେସେଏ ଇଜି ଜଦି ଇନା,
ଆତିଙ୍ଗ ନାନ୍ ବା ମି ୱାଜା ମିସ୍‌ବାଦି ଆନା, ମାତର୍ ନାନ୍ ନେସ୍‌ନା
ମାରି ୱାନି ବାକ୍ୟ ମାନାନା । 56 ମି ବୁବା ଅବ୍ରାହାମ ନା ଦିନ୍
ସୁଡୁନି ଆସାଦାନ୍ ୱେଡ଼ିକା କିନାନ୍, ମାରି ୱାନ୍ ଆକା ସୁଡୁଜି
ୱେଡ଼ିକା କିତାନ୍ ।” 57 ଆବେଟ୍ ଜିହୁଦିର୍ ଜିସୁଙ୍ଗ ଇର୍ହାର୍,
“ନିଙ୍ଗଁ ତୋ ଇୟାସାନ୍ଦି ପସାସ୍ ବାର୍ସେକ୍ ଆଏଦେ, ନିନ୍ ଇନିକା
ଅବ୍ରାହାମ୍‌ତିଙ୍ଗ ସୁଡୁତିମାନି?” 58 ଜିସୁ ୱାରିଙ୍ଗ ଇର୍ହାନ୍, “ସତ୍
ସତ୍ ନାନ୍ ମିଙ୍ଗଁ ଇଜିନା, ଅବ୍ରାହାମ ଜନମ୍ ଆନି ଆଗ୍‌ଡ଼ିରାନ୍
ନାନ୍ ମାନା ।” 59 ଆବେଟ୍ ୱାର୍ ଜିସୁଙ୍ଗ ଡାକ୍ଦେତଙ୍ଗ ଇଜି କାଲ୍‌କୁ
ପେର୍‌ତାର୍, ମାତର୍ ଜିସୁ ମାର୍‌ଗିଜି ମନ୍ଦିର୍‌ତାନ୍ ସତାସର୍ହାନ୍ ।

9 ଜିସୁ ସନିୱାଲେ ଅରେନ୍ କାଣା ଆଜି ଜନମ୍‌ଆତି ୱାନିଙ୍ଗ
ସୁଡୁତାନ୍ । 2 ମାରି, ୱାନି ସିସୁର୍ ୱାନିଙ୍ଗ ୱେନ୍‌ବାତାର୍,
“ଏ ଗୁରୁ, ଏନ୍ ପାପ୍ କିତାମାନାନ୍‌ଆକା ଇକାନ୍ କାଣା ଆଜି
ଜନମ୍ ଆତାନ୍? ନିଜେ ନୋ ୱେନି ଆଇସି ବୁବାସିର୍?” 3 ଜିସୁ
ଇର୍ହାନ୍, “ଇକାନ୍ କି ୱେନି ଆଇସି ବୁବାସି ପାପ୍ କିଏତାର୍,
ମାତର୍ ମାପୁରୁଦି ସାକ୍ତି ଏଣ୍ଡେସ୍ ୱେନିମାନୁ ତରାଇ ଆନାତ୍,
ଇୟାଉଣ୍ଡିଙ୍ଗ ୱାନ୍ କାଣା ଆଜି ଜନମ୍ ଆତାନ୍, ଇୟାଉଣ୍ଡିଙ୍ଗ ଇକା
ଗଟାତାତ୍ । 4 ଦିନ୍ ମାନାପ୍ ମାନାପ୍ ନା ପକ୍‌ତିମାନି ପାଣି କିନିକା
ମା ନେଗେତ୍; ଇୟାୱାଜା ନାଡ଼ା ୱାଜିନାତ୍, ଆୟା ସାନ୍ଦି ନାନ୍
ଦୁନିଆଦି ଏମେ ସମୟତୁ ଏନ୍ ପାଣି କିଦେଙ୍ଗ ଆଟ୍‌ଏନ୍ । 5 ନାନ୍
ଦୁନିଆଦୁ ଆମା ସାନ୍ଦି ମାନା, ନାନ୍ ଦୁନିଆଦି ଜାୟ୍ ।” 6 ଇକା
ଇର୍‌ଇ ୱେନ୍‌କା ଜିସୁ ସିକ୍‌ଲାଦୁ ପୁସ୍‌ସି ଆୟା ପୁସ୍‌କାଣାଙ୍ଗତାନ୍
ଲାଦି କିତାନ୍, ମାରି ୱାନି କାଣ୍‌କାଙ୍ଗ ଲାଦି ଉସ୍‌ସି ୱାନିଙ୍ଗ ଇର୍ହାନ୍,
7 “ସାଙ୍ଗଆ, ସେରୁଦୁ ମକମ୍ ଉର୍‌ପାଜ ରାଆ ।” ସିଲୋହଦି ଅର୍ତ
ସାଙ୍ଗଆ । ଆବେଟ୍ ୱାନ୍ ସଲ୍‌ସି ମକମ୍ ଉର୍‌ପାଜି ଡ଼େସିୱାନି
ୱାଲେ କାଣୁକୁ ସୁଡୁନି ସାକ୍ତି ପଇତାନ୍ । 8 ଆବେଟ୍ ୱାନି
ପାଡ଼୍‌କାତିକେଙ୍ଗ, ମାରି ଏମେକାର୍ ୱାନିଙ୍ଗ ଆଗ୍‌ଡ଼ି ଅରେନ୍
ବିକାରି ଇଜି ସୁଡୁତାମାର୍ହାର୍, ୱାର୍ ୱେନ୍‌ବାତାର୍, “ଏନ୍ ବାସ୍‌ସି
ଭିକିୟା ଲସ୍‌ସି ମାର୍ହାନ୍, ଇକାନ୍ ଇନିକା ଆକାନ୍ ଆଏନ୍?” 9
ଏନ୍ ଏନ୍ ଇର୍ହାର୍, “ଇକାନ୍ ୱାନ୍,” ମାରି ଏନ୍ ଏନ୍ ଇର୍ହାର୍,
“ସିଲେ; ଇକାନ୍ ୱାନି ନାନିକାନ୍ ।” ମାତର୍ ୱାନ୍ ଇର୍ହାନ୍, “ନାନ୍
ଆୟା ଲୋକୁ ।” 10 ଆବେଟ୍ ୱାର୍ ୱାନିଙ୍ଗ ଇର୍ହାର୍, “ଆରିଙ୍ଗ
ନି କାଣୁକୁ ଏଣ୍ଡେସ୍ ନେଗେନ୍ ଆତେ?” 11 ୱାନ୍ ଇର୍ହାନ୍,
“ଆମାୱାନିଙ୍ଗ ଜିସୁ ଇଜି ଇନାର୍, ଆୟାକାନ୍ ଲାଦି କିଜିନା
କାଣ୍‌କାଙ୍ଗ ଉସ୍‌ତାନ୍, ମାରି ନାଙ୍ଗଁ ଇର୍ହାନ୍, ସିଲୋହଦୁ ସଲ୍‌ସି
ମକମ୍ ଉର୍‌ପାଆ; ଆବେଟ୍ ନାନ୍ ସହସି ସଲ୍‌ସି ଉର୍‌ପାତା ମାରି
କାଣୁକୁ ସୁଡୁଦେଙ୍ଗ ଆଟ୍‌ତା ।” 12 ୱାର୍ ୱାନିଙ୍ଗ ୱେନ୍‌ବାତାର୍,
“ୱାନ୍ ଏମେ?” ୱାନ୍ ଇର୍ହାନ୍, “ନାନ୍ ନେସେଏ?” 13 ଏନ୍
ଜନମ୍‌ତାନ୍ କାଣା ମାର୍ହାନ୍, ୱାର୍ ଆୟା ଲୋକ୍‌ତିଙ୍ଗ ପାରୁସିର୍
ଲାକ୍‌ତୁ ତାତାର୍ । 14 ଜିସୁ ଆମା ନାଣ୍ଡିଙ୍ଗ ଲାଦି କିଜି ୱାନି
କାଣ୍‌ଗା ନେଗେଣ୍ଡୁ କିତାମାର୍ହାନ୍, ଆୟାଦିନ୍ ରମ୍‌ନିଦିନ୍ ମାର୍ହାତ୍ ।
15 ଆବେଟ୍ ୱାନ୍ ଏଣ୍ଡେସ୍ କାଣୁକୁ ସୁଡୁତାନ୍, ଇକା ପାରୁସିର୍
ୱାନିଙ୍ଗ ମାରିଉଣ୍ଡିଦେବା ୱେନ୍‌ବାଦେଙ୍ଗ ଆସ୍‌ତାର୍ । ଆବେଟ୍
ୱାନ୍ ୱାରିଙ୍ଗ ଇର୍ହାନ୍, “ୱାନ୍ ନା କାଣ୍‌ଗାଦୁ ଲାଦି ଉସ୍‌ତାସିତାନ୍,
ନାନ୍ ସର୍ହାନୋ ମକମ୍ ଉର୍‌ପାତା ମାରି ଇଲେଇ ସୁଡୁଦେଙ୍ଗ
ଆଟ୍‌ସିନା ।” 16 ମାରି ପାରୁସିର୍ ଲୋଇ ଏନ୍ ଏନ୍ ଇର୍ହାର୍,
“ଆୟା ଲୋକ୍ ମାପୁରୁ ମାଣାନ୍ ରେଏନ୍, ଇରିଙ୍ଗ ୱାନ୍ ରମ୍‌ନିଦିନ୍
ମାନାଏଜିନାନ୍ ।” ମାରି, ଏନ୍ ଏନ୍ ଇର୍ହାର୍, “ପାପି ଲୋକୁ
ଏଣ୍ଡେସ୍ ଇୟାୱାଜା କାବାଆନି ପାଣିୱିଜୁ କିଦେଙ୍ଗ ଆଟ୍‌ନାନ୍?”
ଇୟାୱାଜା ୱାରି ଲୋଇ ଜାଟି ନିଙ୍ଗଁତାତ୍ । 17 ମାରି ପାରୁସିର୍
ମାରିଉଣ୍ଡିଦେବା ଆୟା କାଣା ଲୋକ୍‌ତିଙ୍ଗ ୱେନ୍‌ବାତାର୍, “ୱାନ୍
ଜେ ନିଙ୍ଗଁ କାଣୁକୁ ସୁଡ଼ିସ୍ କିତାନ୍, ଆବେନୁ ନିନୁ ୱାନି ବିସୟ୍‌ତାନ୍
ଇନିକା ଇଜିନି?” ୱାନ୍ ଇର୍ହାନ୍, “ୱାନ୍ ଅରେନ୍ ବାବବାଦି ।”
18 ୱାନ୍ ଜେ ଜନମ୍‌ତାନ୍ କାଣା ମାର୍ହାନ୍ ମାରି ସୁଡୁତାମାନାନ୍,
ଆୟା କାଣୁକୁ ସୁଡୁଦେଙ୍ଗ ଆଟ୍‌ତି ଲୋକ୍‌ତି ବୁବାସି ଆଇସିଙ୍ଗ
କୁକ୍‌ସି ୱେନ୍‌ବାଇ ସାନ୍ଦି ଜିହୁଦି ନେତାର୍ ୱାନି ବିସୟ୍‌ତାନ୍
ଇକା ବିସ୍‌ବାସ୍ କିଏତାର୍ । 19 ୱାର୍ ୱାନି ବୁବାସି ଆଇସିଙ୍ଗ
ୱେନ୍‌ବାତାର୍, ମି ଏମେ କଡ଼ କାଣା ଆଜି ଜନମ୍ ଆତାମାନାନ୍
ଇଜି ଇଜିମାରିଇଦେର୍, “ଇକାନ୍ ଇନିକା ମି ଆୟା କଡ଼? ଆରିଙ୍ଗ
ୱାନ୍ ଏଣ୍ଡେସ୍ ଇଲେଇ ସୁଡୁଦେଙ୍ଗ ଆଟ୍‌ସିନାନ୍?” 20 ଆବେଟ୍

ୱାନି ବୁବାସି ଆଇସି ଇର୍ହାର୍, "ଇକାନ୍ ଜେ ମା କଡ଼ ମାରି
ଇକାନ୍ ଜେ କାଣା ଆଜି ଜନମ୍ ଆତାମାର୍ହାନ୍, ହୁଁ, ଇକା ମାପ୍
ନେସ୍ନାପ୍; 21 ମାତର୍ ୱାନ୍ ଏଣ୍ତେସ୍ ଇଲେଇ ସୁଡୁଜିନାନ୍, ଆକା
ନେସ୍ଏପ୍, ମାରି ଏନ୍ ୱାନି କାଣୁକୁ ସୁଡ଼ିସ୍କିତାନ୍, ଆକାବା
ମାପ୍ ନେସ୍ଏପ୍; ୱାନିଙ୍ଗ ୱେନ୍ବାଦୁ, ୱାନ୍ ତୋ ପିରିତାମାନାନ୍,
ୱାନ୍ ୱାନି ମାଟା ନିଜେ ଇନାନ୍ ।" 22 ୱାନି ବୁବାସି ଆଇସି
ଜିହୁଦି ନେତାରିଙ୍ଗ ତିଲାଜିମାର୍ହାର୍ଆକା ଇୟାୱିଜୁ ମାଟା ଇର୍ହାର୍,
ଇରିଙ୍ଗ ଜଦି ଏନ୍ ୱାନିଙ୍ଗ ମସିହ ଇଜି ମାନାନାର୍, ଆରିଙ୍ଗ ୱାନ୍
ପାର୍ତନା ଇଲ୍ତାନ୍ ସପାନାନ୍ ଇଜି ତାନି ଆଗ୍ଡ଼ି ଜିହୁଦିର୍
ଉଣ୍ତ୍ରେମାଟା ଆତାମାର୍ହାର୍ । 23 ଆୟାଉଣ୍ତିଙ୍ଗ ୱାନି ବୁବାସି
ଆଇସି ଇର୍ହାର୍, "ୱାନ୍ ପିରିତାମାନାନ୍, ୱାନିଙ୍ଗ ୱେନ୍ବାଦୁ ।" 24
ଆବେଟ୍ ଜନମ୍ତାନ୍ କାଣା ମାରିଇ ଲୋକ୍ତିଙ୍ଗ ୱାର୍ ମାରିଅର୍ସୁ
କୁକ୍ସି ୱେନ୍ବାତାର୍, "ମାପୁରୁଙ୍ଗେଁ ଗୌରବ୍ ସିଆ, ୱାନ୍ ଜେ
ପାପି, ଇକା ମାପ୍ ନେସ୍ନାପ୍ ।" 25 ଆବେଟ୍ ୱାନ୍ ଇର୍ହାନ୍,
"ୱାନ୍ ପାପି ନୋ ସିଲେ, ନାନ୍ ଆକା ନେସେଏ; ମାତର୍ ନାନ୍
ଉଣ୍ତି ବିସୟ୍ ନେସ୍ନା, ନାନ୍ କାଣାମାର୍ହା, ଇଲେଇ ସୁଡୁଦେଙ୍ଗ
ଆଟ୍ସିନା ।" 26 ଆବେଟ୍ ୱାର୍ ୱାନିଙ୍ଗ ଇର୍ହାର୍, "ୱାନ୍ ନିଙ୍ଗେଁ
ଇନିକା କିତାନ୍? ୱାନ୍ ଏଣ୍ତେସ୍ କିଜିନି କାଣୁକୁ ସୁଡ଼ିସ୍ କିତାନ୍?"
27 ୱାନ୍ ୱାରିଙ୍ଗ ଇର୍ହାନ୍, ନାନ୍ ଇର୍ହାୱିସ୍ତାନି, "ମାରି ମିର୍
ୱେନ୍ଇତିଦେର୍; ଏନ୍ବା ମାରି ଉଣ୍ତି ଦେବା ୱେନ୍ଡ୍ରେଙ୍ଗ ବଦା
କିଜିନିଦେର୍? ମିର୍ ବା ଇନିକା ୱାନି ସିସୁର୍ ଆଦେଙ୍ଗ ବଦା
କିଜିନିଦେର୍?" 28 ଆବେଟ୍ ୱାର୍ ୱାନିଙ୍ଗ ଆନାଦୁରିୟା ଇଡ଼ଜି
ଇର୍ହାର୍, "ନିନ୍ ୱାନି ସିସୁ, ମାତର୍ ମାପ୍ ମୋସାଦି ସିସୁର୍ । 29
ମାପ୍ ନେସ୍ନାପ୍ ଜେ, ମାପୁରୁ ମୋସାଦିଙ୍ଗ ମାଟା ଇର୍ହାମାନାନ୍,
ମାତର୍ ଇୟା ଲୋକୁ ଏମେଣ୍କୁ ୱାତାମାନାନ୍, ଆକାବା ମାପ୍
ନେସ୍ଏପ୍ ।" 30 ଆୟା ଲୋକୁ ୱାରିଙ୍ଗ ଇର୍ହାନ୍, "ୱାନ୍ କାଣୁକୁ
ସୁଡ଼ିସ୍କିତାନ୍, ମାରି ୱାନ୍ ଏମେଣ୍କୁ ୱାତାମାନାନ୍, ଆକା ମିର୍
ନେସ୍ଇଦେର୍, ଇକା ତୋ କାବା ମାଟା । 31 ମାପୁରୁ ଜେ, ପାପି
ଲୋକା ମାଟା ୱେନ୍ଏନ୍, ଇକା ମାପ୍ ନେସ୍ନାପ୍, ମାତର୍ ଜଦି
ଏନ୍ ମାପୁରୁଙ୍ଗେଁ ମାନାଜି ୱାନି ବଦାଦିଙ୍ଗ ମାନାନାନ୍, ଆରିଙ୍ଗ ୱାନ୍
ୱାନି ମାଟା ୱେନାନ୍ । 32 ଦୁନିଆ ତିଆର୍ ଆତି ପୁର୍ବେରାନ୍
ଏନ୍ ଜନମ୍ତାନ୍ କାଣାଆତିୱାନିଙ୍ଗ କାଣୁକୁ ସୁଡ଼ିନି ସାକ୍ତି ସିନି
ମାଟା ଏସାଙ୍ଗ ବା ୱେନ୍ଇ ମାରିଇକା । (aiōn g165) 33 ଇୟା
ଲୋକୁ ମାପୁରୁ ମାଣାନ୍ ରେଇତିମାରିଙ୍ଗ ଏସାଙ୍ଗ ଇୟା ପାଣି
କିଦେଙ୍ଗ ଆଟ୍ଏତାନ୍ମାନ୍ଦି ।" 34 ୱାର୍ ୱାନିଙ୍ଗ ଇର୍ହାର୍, "ନିନ୍ତୋ
ପୁରା ପାପ୍ତୁ ଜନମ୍ ଆଜି ପାପ୍ତୁ ପିରିତିମାନି, ମାରି ନିନ୍ ମାଙ୍ଗେଁ
ସିକିୟା ସିଜିନି?" ଆବେଟ୍ ୱାର୍ ୱାନିଙ୍ଗ ପାର୍ତନା ଇଲ୍ତାନ୍
ସପ୍ତାର୍ । 35 ଜିହୁଦି ନେତାର୍ ଜେ ୱାନିଙ୍ଗ ପାର୍ତନା ଇଲ୍ତାନ୍
ସପ୍ତାମାନାର୍, ଜିସୁ ଇକା ୱେନ୍ଜି ୱାନିଙ୍ଗ ପଇଜି ଇର୍ହାନ୍,
"ନିନ୍ ଇନିକା ମନୁସ୍ୟପୁତ୍ରମାନୁ ବିସ୍ବାସ୍ କିଜିନି?" 36 ୱାନ୍
ଇର୍ହାନ୍, "ଏ ଆଞ୍ଜା, ୱାନ୍ ଏନ୍ ଇନ୍ଆଁ, ଏଣ୍ତେସ୍ ନାନ୍ ୱାନିମାନୁ
ବିସ୍ବାସ୍ କିନା?" 37 ଜିସୁ ୱାନିଙ୍ଗ ଇର୍ହାନ୍, "ନିନ୍ ଏମେୱାନିଙ୍ଗ
ସୁଡୁତିମାନି, ମାରି ଏନ୍ ନି ୱାଲେ ମାଟା ଇଜିନାନ୍, ୱାନ୍ ଆକାନ୍
।" 38 ଆବେଟ୍ ୱାନ୍ ଇର୍ହାନ୍, "ପ୍ରବୁ, ନାନ୍ ବିସ୍ବାସ୍ କିଜିନା,"
ମାରି, ୱାନ୍ ଜିସୁଙ୍ଗେଁ ମେଣ୍ତ୍ରେଙ୍ଗ ଗଟ୍କିଜି ମାଡ଼ିସ୍ କିତାନ୍ । 39 ମାରି
ଜିସୁ ଇର୍ହାନ୍, "ସୁଡୁଇ ଲୋକୁ ଏଣ୍ତେସ୍ ସୁଣାର୍ ମାରି ସୁଡୁଜିମାନି
ଲୋକୁ ଏଣ୍ତେସ୍ କାଣା ଆନାର୍, ଇୟା ଲୋକା ବିସାର୍ ଉଣ୍ତିଙ୍ଗ
ନାନ୍ ଦୁନିଆଦୁ ୱାତାମାନା ।" 40 ପାରୁସିର୍ ମାଣାନ୍ ଏମେକାର୍
ୱାନି ୱାଲେ ମାର୍ହାର୍, ୱାର୍ ଇକା ୱେନ୍ଜି ୱାନିଙ୍ଗ ଇର୍ହାର୍, "ମାପ୍
ବା ଇନିକା କାଣାର୍?" 41 ଜିସୁ ପାରୁସିରିଙ୍ଗ ଇର୍ହାନ୍, "ଜଦି କାଣା
ଆତିମାରିଙ୍ଗ ମିର୍ ଦସ୍ ଆଇତିଦେର୍ମାନ୍ଦି । ମାତର୍ ସୁଡୁଦେଙ୍ଗ
ଆଟ୍ସିନାପ୍ ଇଜି ଇର୍ହିମାନିଙ୍ଗ ମିର୍ ନାଣ୍ତ ଦସ୍ ।"

**10** ଜିସୁ ଇର୍ହାନ୍, ନାନ୍ ସତ୍ ସତ୍ ମିଙ୍ଗେଁ ଇଜିନା, ଏମେ
ଲୋକୁ ସେର୍ଲା ସିଜି ମେଣ୍ତ୍ରାସାଡ଼ାଦୁ ଡୁଗ୍ଏନ୍, ମାତର୍
ଆଇସାରିଦୁ ଏକ୍ସି ଡୁଗ୍ନାନ୍, ୱାନ୍ ଡଙ୍ଗାଁ ନି ଡାକୁ; 2 ମାତର୍ ଏନ୍
ସେର୍ଲା ସିଜି ଡୁଗ୍ନାନ୍, ୱାନ୍ ମେଣ୍ତ୍ରେଙ୍ଗାଁ ମାନ୍ବାଦି ଗାଉଡୁଏନ୍
। 3 ସେର୍ଲାଦୁ କାପ୍କିନିକାନ୍ ୱାନି ଉଣ୍ତିଙ୍ଗ ସେର୍ଲା ରେନା
ସିନାନ୍, ୱାନ୍ ମେଣ୍ତ୍ରେଙ୍ଗ ଦର୍ ଆସ୍ସି କୁକ୍ନାନ୍ । 4 ୱାନ୍
ନିଜେଦି ମେଣ୍ତ୍ରେଙ୍ଗ ୱିଜୁ ସପ୍ତି ୱେନ୍କା ୱାନିକା ଆଗ୍ଡ଼ି ଆଗ୍ଡ଼ି
ଗାଉଡୁଏନ୍ ବୁଲାନାନ୍ ମାରି ମେଣ୍ତ୍ରେଙ୍ଗୱିଜୁ ୱାନି ୱେନ୍କା
ୱେନ୍କା ବୁଲାନେ, ଇରିଙ୍ଗ ୱାକ୍ ୱାନି ବଲ୍ ନେସ୍ନେ; 5 ମାତର୍
ମେଣ୍ତ୍ରେଙ୍ଗ ନେସେଇ ଲୋକା ୱେନ୍କା ୱେନ୍କା ଏସ୍କାଙ୍ଗବା
ବୁଲାଉ, ମାତର୍ ୱାନି ଲାକ୍ତୁରାନ୍ ଉରୁକ୍ସିସନେ, ଇରିଙ୍ଗ
ୱାକ୍ ନେସେଇ ଲୋକାଦି ବଲ୍ ନେସ୍ତେଙ୍ଗ ଆଟ୍ଉ । 6
ଜିସୁ ୱାରିଙ୍ଗ ଇୟା କାତା ୱେର୍ତାନ୍, ମାତର୍ ୱାନ୍ ୱାରିଙ୍ଗ
ଆମା ଆମାକା ୱେର୍ସି ମାର୍ହାନ୍, ଆୟାୱିଜୁ ଇନିକା ଇଜି ୱାର୍
ବୁଜାଦେଙ୍ଗ ଆଟ୍ଏତାର୍ । 7 ଜିସୁ ମାରିଡ଼େସି ୱେର୍ତାନ୍, ସତ୍
ସତ୍ରେନ ନାନ୍ ମିଙ୍ଗେଁ ଇଜିନା, ନାନ୍ ଆଜିନା ମେଣ୍ତ୍ରେଆଙ୍ଗ ସେର୍ଲା
। 8 ଏମେକାର୍ ୱିଜେରେ ନା ଆଗ୍ଡ଼ି ୱାତାମାନାର୍, ୱାର୍
ୱିଜେରେ ଡଙ୍ଗାଁର୍ଉଁ ମାରି ଡଙ୍ଗାଁକିନିକାର୍, ମାତର୍ ମେଣ୍ତ୍ରେଙ୍ଗ
ୱିଜୁ ୱାରି ମାଟା ୱେନ୍ଉତେ । 9 ନାନ୍ ସେର୍ଲା, ଏନ୍ ନା
ସାରି ସିଜି ଡୁଗ୍ନାନ୍, ୱାନ୍ ରକିୟା ପୟ୍ନାନ୍ ମାରି ଲୋଇ
ୱାଜି ମାରି ଆତେରେ ସଲ୍ସି ସାରାଦେଙ୍ଗ ଆଟ୍ନାନ୍ । 10
ଡଙ୍ଗାଁର୍ଏନ୍ ୱାନାନ୍ ଡଙ୍ଗାଁକିଦେଙ୍ଗ, କାଡ଼େତଙ୍ଗ ମାରି ଦଂସ
କିଦେଙ୍ଗ । ନାନ୍ ୱାତାମାନା, ମିଙ୍ଗେଁ ଜିବନ୍ ସିଦେଙ୍ଗ, ମିର୍
ଏଣ୍ତେସ୍ ଜିବନ୍ତି ବିସୟ୍ତାନ୍ ୱେଡ଼ିକା ପୟ୍ଦେଙ୍ଗ ଆଟ୍ନିଦେର୍
। 11 ନାନ୍ ନେଗେନ୍ ମେଣ୍ତ୍ରେଙ୍ଗ ସାରାକିନିକିଦା; ନେଗେନ୍
ମେଣ୍ତ୍ରେଙ୍ଗସାରାକିନିକାନ୍ ମେଣ୍ତ୍ରେଆଙ୍ଗ ଉଣ୍ତିଙ୍ଗ ନିଜେଦି ଜିବନ୍
ସିନାନ୍ । 12 ଏନ୍ ବୁତିଅସି ମେଣ୍ତ୍ରେଙ୍ଗମାନ୍ବା କାପ୍କିନାନ୍, ୱାନ୍
ଗାଉଡୁଏନ୍ ଆଏନ୍, ବା ମାନ୍ବାଦି ମାଲିକ୍ ଆଏନ୍, ୱାନ୍ ବେନ୍ଡ୍ର
ୱାନିକା ସୁଡୁଜି ମେଣ୍ତ୍ରେଆଙ୍ଗେଁ ଡ଼ିସ୍ସି ସନାନ୍, ମାରି ବେନ୍ଡ୍ର
ମେଣ୍ତ୍ରାଦିଙ୍ଗ ଆସ୍ନା ଅନାତ୍ ମାରି କାଣ୍ତିଆ କାବାରା କିନାତ୍ । 13

ଇରିଙ୍ଗ ଏନ୍ ବୁତିଅସି ମେଣ୍ଡ୍ରେଙ୍ଗ କାପ୍‌କିନାନ୍, ୱାନ୍ ଉର୍‌କୁନାନ୍,
ଇରିଙ୍ଗ ୱାନ୍ ବୁତିକିନିକାନ୍ ମାତର୍, ମେଣ୍ଡ୍ରେଆଙ୍ଗ ଉଣ୍ତିଙ୍ଗ ୱାନିଙ୍ଗ
ଏତ୍ ସିଲେତ୍ । 14 "ନାନ୍ ନେଗେନ୍ ମେଣ୍ଡ୍ରେଙ୍ଗସାରାକିନିକିଦା ।
ବୁବା ଏଣ୍ତେସ୍ ନାଙ୍ଗିଁ ନେସ୍‌ନାନ୍ ମାରି ନାନ୍ ବୁବେଙ୍ଗ ନେସ୍‌ନା,
15 ଆୟାୱାଜା ନାନ୍ ନା ନିଜେଦି ମେଣ୍ଡ୍ରେଆଙ୍ଗ ନେସ୍‌ନା, ମାରି
ନା ନିଜେଦି ମେଣ୍ଡ୍ରେଙ୍ଗ ନାଙ୍ଗିଁ ନେସ୍‌ନେ, ମାରି ମେଣ୍ଡ୍ରେଆଙ୍ଗ
ଉଣ୍ତିଙ୍ଗ ନାନ୍ ନା ଜିବନ୍ ସିଦେଙ୍ଗ ରାଜିମାନା । 16 ଏମେ
ମେଣ୍ଡ୍ରେଙ୍ଗ ଇୟା ମେଣ୍ଡ୍ରେଙ୍ଗସାଡ଼ାଦିକେଙ୍ଗ ଆଉ, ନା ଇୟାୱାଜା
ଆଇ ମେଣ୍ଡ୍ରେଙ୍ଗ ମାନେ, ୱାନିକାଙ୍ଗ ବା ନାଙ୍ଗିଁ ତାତେଙ୍ଗ ଆନାତ୍,
ମାରି ୱାକ୍ ନା ବଲ୍ ୱେନେ; ଆବେଟ୍ ଉନ୍‌ତ୍ରି ମାନ୍ଧାଦିଙ୍ଗ ମାରି
ଅରେନ୍ ଗୋଡୁ ଆନାନ୍ । 17 "ନାନ୍ ନା ଜିବନ୍ ସିନିଉଣ୍ତିଙ୍ଗ ବୁବା
ନାଙ୍ଗିଁ ଜିବନ୍‌ନୋନାନ୍, ମାରି ନାନ୍ ନା ଆୟା ଜିବନ୍ ମାରିଡ଼େସି
ପୟ୍‌ଦେଙ୍ଗ ଆଟ୍‌ନା । 18 ଏନ୍ ନାମାଣ୍‌କୁ ନା ଜିବନ୍ ଅତେଙ୍ଗ
ଆଟ୍‌ଏନ୍, ମାତର୍ ନା ବଦାଦାନ୍ ନା ଜିବନ୍ ଦାନ୍ କିନା । ନା
ଜିବନ୍ ଦାନ୍ କିଦେଙ୍ଗ ଅଦିକାର୍ ମାନାତ୍ ମାରି ନାନ୍ ମାରିଡ଼େସି
ଜିବନ୍ ପୟ୍‌ଦେଙ୍ଗ ବା ଅଦିକାର୍ ମାନାତ୍ । ଇକା କିନି ଉଣ୍ତିଙ୍ଗ ନା
ବୁବାଦିମାଣ୍ଡ୍ରା ଇୟା ଆଦେସ୍ ପୟ୍‌ତାମାନା ।" 19 ଇୟାୱିଜୁ
ମାଟା ୱେର୍‌ଇ ୱେନ୍‌କା ଜିହୁଦି ଲୋକା ଲୋଇ ମାରିଡ଼େସି ଆଇ
ମାଟା ଗଟାତାତ୍ । 20 ୱାରି ଲୋଇରାନ୍ ଏସଲୋକ୍ ଇନ୍‌ଡ୍ରେଙ୍ଗ
ଆସ୍‌ତାର୍, "ୱାନିଙ୍ଗ ଦୁବା ଆସ୍‌ତାମାନାତ୍, ୱାନ୍ ବାୟା, ଏନ୍ଧା
ୱାନି ମାଟା ୱେନ୍‌ଜିନିଦେର୍?" 21 ଆଇକାର୍ ଇର୍ହାର୍, ଇୟାୱିଜୁ
ମାଟା ତୋ ଦୁବା କାସ୍‌ତି ଅରେନ୍ ଲୋକୁ ଇୟାୱାଜା ମାଟା
ଇନ୍‌ଏନ୍; ଦୁବା ଇନିକା କାଣା ଲୋକ୍‌ତି କାଣୁକୁ ତର୍‌ତେଙ୍ଗିଁ
ଆଟ୍‌ନାତ୍? 22 ନାସ୍ତିୱାଲେ ଜିରୁସାଲମ୍‌ତୁ ମନ୍ଦିର୍ ତିଆର୍ କିତି
ପଣ୍ତୁୟ୍ ଆଜିମାର୍ହାତ୍; ଆୟାୱାଲେ ପିନିକାଡ଼ା ମାର୍ହାତ୍, 23
ମାରି ଜିସୁ ମନ୍ଦିର୍‌ତୁ ସଲମନ୍‌ତି ଗୁଡିକାଲ୍‌ତୁ ବୁଲାଜି ମାର୍ହାନ୍
। 24 ଆବେଟ୍ ଜିହୁଦି ଲୋକୁ ଜିସୁଙ୍ଗିଁ ସାରିବେଡ଼୍‌ତି ଉଣ୍ତାଜି
ୱେନ୍‌ବାଦେଙ୍ଗ ଆସ୍‌ତାର୍, ମାରି ଏସ ୱେଡ଼ାସାନ୍ଧି ମାଙ୍ଗିଁ ନାମ୍‌ଇ
ୱାଜା ଇଡ୍‌ନି? ଜଦି "ନିନୁ ମସିହ, ଆର୍‌ତିଙ୍ଗ ମାଙ୍ଗିଁ ସତ୍‌ତାନ୍
ୱେର୍‌ଆ ।" 25 ଜିସୁ ୱାରିଙ୍ଗ ଇର୍ହାନ୍, "ନାନ୍ ମିଙ୍ଗିଁ ଇଜିନା,
ମାତର୍ ମିର୍ ବିସ୍‌ବାସ୍ କିଇଜିନିଦେର୍; ନା ବୁବାଦି ମାଣାନ୍
ଅଦିକାର୍ ନାନ୍ ପୟ୍‌ଜି ଆମା ଆମା ପାଣି କିଜିନା, ଆୟାୱିଜୁ
ନା ବିସୟ୍‌ତାନ୍ ସାକ୍ୟ ସିଜିନା; 26 ମାତର୍ ମିର୍ ବିସ୍‌ବାସ୍
କିଇଜିନିଦେର୍, ଇରିଙ୍ଗ ମିର୍ ନା ମେଣ୍ଡ୍ରେଙ୍ଗ ଆଇଦେର୍ । 27 ନା
ମେଣ୍ଡ୍ରେଙ୍ଗ ୱିଜୁ ନା ବଲ୍ ୱେନେ ମାରି ନାନ୍ ୱାନିକାଙ୍ଗ ନେସ୍‌ନା,
ମାରି ୱାକ୍ ନା ୱେନ୍‌କା ୱେନ୍‌କା ବୁଲାନେ, 28 ମାରି ନାନ୍
ୱାନିକାଙ୍ଗ ଏସ୍‌କାଙ୍ଗୱିଜ୍‌ଇ ଜିବନ୍ ସିନା, ମାରି ୱାକ୍ ଏସ୍‌କାଙ୍ଗବା
ସାଉ, ମାରି ୱାନିକାଙ୍ଗ ନା କିୟୁଦାନ୍ ଏନ୍ ଡ଼ିବିସ୍‌କିଜ ଅତେଙ୍ଗ
ଆଟ୍‌ଏର୍ । (aiōn g165, aiōnios g166) 29 ନା ବୁବା ନାଙ୍ଗିଁ ଆମାକା
ସିତାମାନାନ୍, ଆକା ୱିଜୁମାଣ୍‌କୁ ନାଣ୍ତଦାରା, ମାରି ୱାନିକାଙ୍ଗ
ବୁବାଦି କିୟୁଦାନ୍ ଏନ୍ ଆକା ଡ଼ିବିସ୍‌କିଜ ଅତେଙ୍ଗ ଆଟ୍‌ଏନ୍
। 30 ବୁବା ନି ନାନ୍ ଅରେନ୍ ।" 31 ଇୟା ମାଟା ୱେନ୍‌ଞ୍ଜି
ଜିହୁଦିଲୋକୁ ଜିସୁଙ୍ଗିଁ ଡାକ୍‌ତେଙ୍ଗିଁ ଇଜି ମାରି କାଲ୍‌କୁ ପେର୍‌ତାର୍
। 32 ଜିସୁ ୱାରିଙ୍ଗ ଇର୍ହାନ୍, ନାନ୍ ବୁବାଦିମାଣାନ୍ ଏସ ନେଗି
ପାଣି ମିଙ୍ଗିଁ ତର୍‌ତାମାନା; ଆୟାୱିଜୁ ପାଣିଦି ଲୋଇରାନ୍ ଏମେ
ନେଗି ପାଣିଦି ଉଣ୍ତିଙ୍ଗ ନାଙ୍ଗିଁ ନେର୍ କାଲ୍‌କୁ ପୋକ୍‌ତାଜିନିଦେର୍?
33 ଜିହୁଦିଲୋକୁ ୱାନିଙ୍ଗ ଇର୍ହାର୍, "ନେଗି ପାଣିଦି ଉଣ୍ତିଙ୍ଗ ମାପ୍
ନିଙ୍ଗିଁ କାଲ୍‌କୁ ପୋକ୍‌ତାଏଜିନାପ୍, ମାତର୍ ମାପୁରୁ ନିଦା ଉଣ୍ତିଙ୍ଗ,
ମାରି ନିନ୍ ଲୋକୁ ଆଜି ନିଜେଦିଙ୍ଗ ମାପୁରୁ ସାମାନ୍ କିଜିନି ।" 34
ଜିସୁ ୱାରିଙ୍ଗ ଇର୍ହାନ୍, "ମି ସାସ୍ତ୍ରୁ ଇକା ରାସାତାମାନାତ୍, ମାପୁରୁ
ଇନାନ୍, ମିର୍ ମାପୁରୁଙ୍ଗିଁ? 35 ଆମାୱାରି ଲାକ୍‌ତୁ ମାପୁରୁଦି ବାକ୍ୟ
ଇଗା ୱାତାତ୍, ୱାରିଙ୍ଗ ଜଦି ୱାନ୍ ମାପୁରୁ ଇଜି ଇର୍ହାନ୍ ମାରି
ଦାର୍ମୁସାସ୍ତ୍ର ୱେର୍‌ଏ କିଦେଙ୍ଗ ଆଟ୍‌ଏର୍ 36 ବୁବା ମାପୁରୁ ନାଙ୍ଗିଁ
ପବିତ୍ର କିଜି ଆସ୍‌କିତାନ୍‌ନୋ ଇୟା ଦୁନିଆଦୁ ପୋକ୍‌ତାତାମାନାନ୍
। ଆରିଙ୍ଗ, ନାନ୍ ନିଜେଦିଙ୍ଗ ମାପୁରୁଦି ମାରିନ୍ ଇନି ମାଣାନ୍
ମାପୁରୁଙ୍ଗ ନିଦା କିଜିନା ଇଜି ଏଣ୍ତେସ୍ ଇଜିନିଦେର୍? 37 ଜଦି
ନାନ୍ ବୁବାଦି ପାଣିୱିଜୁ କିଏ, ଆର୍‌ତିଙ୍ଗ ନାଙ୍ଗିଁ ବିସ୍‌ବାସ୍ କିମାଟ୍;
38 ମାତର୍ ଜଦି ନାନ୍ ୱାନି ବଦାଦାନ୍ ନାନ୍ ପାଣି କିନା, ଆରିଙ୍ଗ
ନାଙ୍ଗିଁ ବିସ୍‌ବାସ୍ କିଇତିଙ୍ଗବା, ନା ପାଣି ସୁଡୁଜି ବିସ୍‌ବାସ୍ କିଦୁ ।
ଆତିଙ୍ଗ ମିର୍ ପୁରା ନେସ୍‌ତେଙ୍ଗ ଆଟ୍‌ନିଦେର୍, ମାରି ନା ବୁବା
ନା ମାନୁ ମାନାନ୍ ମାରି ନାନ୍ ୱାନିମାନୁ ମାନା ।" 39 ଆବେଟ୍
ୱାର୍ ୱାନିଙ୍ଗ ଆସ୍‌ତେଙ୍ଗ ମାରିଡ଼େସି ସେସ୍ଟା କିତାର୍, ମାତର୍ ଜିସୁ
ୱାରି କିୟୁଦୁ ଦାରାସିଏଣ୍ତା ସତାସର୍ହାନ୍ । 40 ଆୟାୱେନ୍‌କା ଜିସୁ
ମାରିଡ଼େସି ଜର୍ଦନ ଗାଡାଦି ଆୟାପାଡ଼ି ଇତାନ୍, ଜୋହନ ଏମେ
ବାଡିଦୁ ପୁର୍ବେ ଡୁବନ୍ ସିଜିମାର୍ହାନ୍, ଆୟା ବାଡିଦୁ ୱାତାନୋ
ଆବେନୁ ତେବାତାନ୍ । 41 ମାରି, ନାଣ୍ତଲୋକୁ ୱାନି ଲାକ୍‌ତୁ ୱାଜି
ଇର୍ହାର୍, "ଜୋହନ ଗିଦେ କାବାଆନି ପାଣି କିଏତାନ୍, ମାତର୍
ଇୟା ଲୋକ୍‌ତି ବିସୟ୍‌ତାନ୍ ଜୋହନ ଆମାୱିଜୁ ମାଟା ଇର୍ହାନ୍,
ଆୟାୱିଜୁ ସତ୍ ।" 42 ମାରି, ଆବେନୁ ଗାଦି ଲୋକୁ ଜିସୁମାନୁ
ବିସ୍‌ବାସ୍ କିତାର୍ ।

11 ବେତନିୟା ନାର୍‌ତି ଲାଜାର୍ ଦର୍‌ତିକାନ୍ ଅରେନ୍ ଲୋକୁ
ନବ୍ ଆତାମାର୍ହାନ୍; ମରିୟମ୍ ମାରି ତାନି ତାଙ୍ଗିଁସି ମାର୍ତା
ଆୟା ନାଟ ମାନ୍‌ଞ୍ଜି ମାର୍‌ଏ । 2 ଇକାତ୍ ଆୟା ମରିୟମ୍,
ଏମେକାତ୍ ପ୍ରବୁଦି ପାଦାମ୍‌କାଙ୍ଗ ନିୟୁ ୱାକ୍‌ସି ନିଜେଦି କୁକୁଟିଦାନ୍
ୱାନି ପାଦାମ୍‌କୁ ତେଲିତାମାର୍ହାତ୍, ତାନି ତଡ଼ାସି ଲାଜାର୍ ନବ୍
ଆତାମାର୍ହାନ୍ । 3 ଆଦେଙ୍ଗ ଆୟା ତାଙ୍ଗିଁକ୍ ଜିସୁଦି ଲାକ୍‌ତୁ କାବୁର୍
ପକ୍‌ତେ, "ପ୍ରବୁ ସୁଡୁଆ, ଆମାୱାନିଙ୍ଗ ନିନ୍ ଜିବନ୍‌ନୋନାନି, ନି
ସଙ୍ଗ, ୱାନ୍ ନବ୍ ଆତାମାନାନ୍ ।" 4 ମାତର୍ ଜିସୁ ଆକା ୱେନ୍‌ଜି
ଇର୍ହାନ୍, "ଇୟା ନବ୍ ସାନି ଉଣ୍ତିଙ୍ଗ ସିଲେ, ମାତର୍ ମାପୁରୁଦି
ଦନ୍ୟବାଦ୍‌ତି ଉଣ୍ତିଙ୍ଗ, ଏଣ୍ତେସ୍ ଆୟାବାଣାନ୍ ମାପୁରୁଦି ମାରିନ୍
ବା ଦନ୍ୟବାଦ୍ ପଇନାନ୍ ।" 5 ଜିସୁ ମାର୍ତା, ୱାନି ତାଙ୍ଗିଁ ମରିୟମ୍
ନି ଲାଜାର୍‌ତିଙ୍ଗ ଜିବନ୍ ନଜି ମାର୍ହାନ୍ । 6 ମାରି, ଲାଜାର୍ ନବ୍

ଆତାମାନାନ୍ ଇଜି ଏସ୍ତିୱାଲେ ୱାନ୍ ୱେର୍ଆନ୍, ନାସ୍ତିୱାଲେ ୱାନ୍
ଏମେ ବାଡିଦୁ ମାର୍ହାନ୍, ଆୟାବାଡିଦୁ ମାରି ରିନେନ୍ ତେବାତାନ୍ ।
7 ତାନିୱେନ୍‌କା ୱାନ୍ ସିସୁରିଙ୍ଗ ଇର୍ହାନ୍, "ସାଦୁ, ମାଡ୍ ଜିହୁଦା
ରାଜିଦୁ ଡ଼େସି ସନାଟ୍ ।" 8 ସିସୁର୍ ଜିସୁଙ୍ଗୁଁ ଇର୍ହାର୍, "ଏ ଗୁରୁ,
ଜିହୁଦିର୍ ଏସ ଦିନ୍ ଆଗ୍‌ଡ଼ି ନିଙ୍ଗୁଁ କାଲ୍‌କାଣ୍ ଡାକ୍‌ତେଙ୍ଗୁଁ ବଦା
କିଜିମାର୍ହାର୍, ମାରି ନିନ୍ ମାରିଡ଼େସି ଆବେ ସଲ୍‌ସିନି?" 9
ଜିସୁ ଇର୍ହାନ୍, "ୱେଡ଼େ ଇନିକା ବାର ଗନ୍‌ଟା ସିଲେତ୍? ଏନ୍
ୱେଡ଼େ ବୁଲାତିଙ୍ଗ ତାକାଏନ୍, ଇରିଙ୍ଗ ୱାର୍ ଇୟା ଦୁନିଆଦି ଜାୟ୍
ସୁଣାନ୍; 10 ମାତର୍ ନାଡ଼ା ବୁଲାତିଙ୍ଗ ୱାନ୍ ତାକାନାନ୍, ଇରିଙ୍ଗ
ୱାରିମାନୁ ଜାୟ୍ ସିଲେତ୍ । 11 ଜିସୁ ଇୟାୱିଜୁ ମାଟା ଇର୍ଇ
ୱେନ୍‌କା ୱାରିଙ୍ଗ ମାରି ଇର୍ହାନ୍, ମା ତଡ଼୍ ଲାଜାର୍ ସୁଜ୍‌ଜିନାନ୍,
ମାତର୍ ୱାନିଙ୍ଗ ସୁସ୍‌କାଣ୍‌କାଣ୍ ନିକ୍କେତଙ୍ଗ ଇଜି ନାନ୍ ସଲ୍‌ସିନା
।" 12 ଆବେଟ୍ ସିସୁର୍ ଜିସୁଙ୍ଗୁଁ ଇର୍ହାର୍, "ପ୍ରବୁ, ଜଦି ଲାଜାର୍
ସୁସ୍‌ତାମାନାନ୍, ଆରିଙ୍ଗ ୱାନ୍ ନେଗେନ୍ ଆନାନ୍ ।" 13 ଜିସୁ
ଲାଜାର୍‌ତି ସାନି ବିସୟ୍‌ତାନ୍ ଇର୍ହାନ୍, ମାତର୍ ୱାନ୍ ସୁସ୍‌କାଣ୍‌କାଙ୍ଗ
ସୁସ୍‌ତି ବିସୟ୍‌ତାନ୍ ଇର୍ହାନ୍ ଇଜି ସିସୁର୍ ଅଡ଼୍‌ବିତାର୍ । 14
ମାରି, ଜିସୁ ନାସ୍ତିୱାଲେ ୱାରିଙ୍ଗ ବୁଜାନିୱାଜା ଇର୍ହାନ୍, "ଲାଜାର୍
ସାତାମାନାନ୍ । 15 ମାରି, ନାନ୍ ଜେ ଆୟାବାଡିଦୁ ସିଲେତା,
ଇୟାଉଣ୍ତିଙ୍ଗ ମି ଉଣ୍ତିଙ୍ଗ ୱେଡ଼ିକା ଆଜିନା, ଏଣ୍ତେସ୍ ମିର୍ ବିସ୍‌ବାସ୍
କିନିଦେର୍; ମାତର୍ ସାଦୁ, ମାଡ୍ ୱାନିଙ୍ଗ ସୁଡୁଦେଙ୍ଗ ସନାଟ୍
।" 16 ଆବେଟ୍ ତୋମା ଆମାୱାନିଙ୍ଗ ଦିଦୁମ ଇଜି ଇନାର୍,
ୱାନ୍ ୱାନି ତଡ଼୍ ସିସୁରିଙ୍ଗ ଇର୍ହାନ୍, "ସାଦୁ, ମାଡ୍ ବା ଗୁରୁୱାଲେ
ସଲ୍‌ସି ୱାନିୱାଲେ ସାନାଟ୍ ।" 17 ଜିସୁ ବେତନିଆଦୁ ଇତାନେ୍ନା
ୱେର୍ଆନ୍ ଜେ, ଲାଜାର୍ ନାଲ୍ଲେନନ୍ ଆତାତ୍ ଦୁକି ଗୁଟାଦୁ
ମୁସ୍‌ତାର୍‌ନି । 18 ବେତନିୟା ଜିରୁସାଲାମ୍ ଲାକ୍‌ତୁ ମାର୍ହାତ୍,
ମୁନ୍‌ଡ୍ରି କିଲମିଟର୍‌ତାନ୍ ଉଣା; 19 ମାରି, ଜିହୁଦିର୍ ମାଣୁକୁ ନାଣ୍ତୁ
ଲୋକୁ ମାର୍ଥା ନି ମରିୟମ୍‌ତିଙ୍ଗ ତାନି ତଡ଼ାନ୍ ସାତି ବିସୟ୍‌ତାନ୍
ସୁକୁ ସିଦେଙ୍ଗ ଇଜି ତାମେ ଲାକ୍‌ତୁ ୱାତାମାର୍ହାର୍ । 20 ଆବେଟ୍
ଜିସୁ ୱାଜିନାନ୍ ଇଜି ଏସ୍ତିୱାଲେ ମାର୍ଥା ୱେର୍ଆତ୍, ନାସ୍ତିୱାଲେ
ୱାଦ୍ ଜିସୁଙ୍ଗୁଁ ବେଟ୍‌ବୁଡ଼ାଦେଙ୍ଗ ସର୍ହାତ୍, ମାତର୍ ମରିୟମ୍ ଇନ୍‌ଡ୍ର
ବାସ୍‌ତା ତେବାତାତ୍ । 21 ମାର୍ଥା ଜିସୁଙ୍ଗୁଁ ଇର୍ହାତ୍, "ପ୍ରବୁ, ଜଦି
ନିନ୍ ଇବେ ମାର୍‌ଇମାନ୍ଦି, ଆତିଙ୍ଗ ନା ତଡ଼ାନ୍ ସାଏତାନ୍‌ମାନ୍ଦି ।
22 ମାତର୍ ଇଲେଇବା ନାନ୍ ନେସ୍‌ନା, ନିନ୍ ମାପୁରୁଙ୍ଗୁଁ ଆମାକା
ଲସ୍‌ନି, ମାପୁରୁ ଜେ ଆକା ନିଙ୍ଗୁଁ ସିନାନ୍ ।" 23 ଜିସୁ ତାନିଙ୍ଗ
ଇର୍ହାନ୍, "ନି ତଡ଼ାନ୍ ଜିବନ୍ ପୟ୍‌ଜି ନିଙ୍ଗୁଁନାନ୍ ।" 24 ମାର୍ଥା ଜିସୁଙ୍ଗୁଁ
ଇର୍ହାତ୍, "ୱାନ୍ ଜେ ୱିଜ୍‌ନି ଦିନ୍‌ତୁ ମାରିଡ଼େସି ନିଙ୍ଗୁଁନି ୱାଲେ
ନିଙ୍ଗୁଁନାନ୍, ଇକା ନାନ୍ ନେସ୍‌ନା ।" 25 ଜିସୁ ତାନିଙ୍ଗ ଇର୍ହାନ୍,
"ନାନ୍ ମାରିଜିନିକାନ୍ ମାରି ଜିବନ୍; ଏନ୍ ନାବାନ୍ ବିସ୍‌ବାସ୍
କିନାନ୍, ୱାନ୍ ଜଦିବା ସାନାନ୍, ମାତର୍ ୱାନ୍ ମାରିଡ଼େସି ଜିନାନ୍
। 26 ମାରି ଏନ୍ ଜିନାନ୍ ମାରି ନାବାନ୍ ବିସ୍‌ବାସ୍ କିନାନ୍, ୱାନ୍
ଏସାଙ୍ଗବା ସାଏନ୍; ଇକା ଇନିକା ବିସ୍‌ବାସ୍ କିଜିନି?" (aiōn g165)
27 ମାର୍ଥା ଜିସୁଙ୍ଗୁଁ ଇର୍ହାତ୍, "ହୁଁ ପ୍ରବୁ, ଆମାୱାନିଦି ଦୁନିଆଦୁ ୱାନିକା
ମାର୍ହାତ୍, ନିନ୍ ଜେ ମାପୁରୁଦି ମାରିନ୍ ଆୟା ମସିହ, ଇକା ନା
ବିସ୍‌ବାସ୍ ।" 28 ଇକା ଇର୍ଇ ୱେନ୍‌କା ମାର୍ଥା ସଲ୍‌ସି ତାନି ତାଙ୍ଗୁଁ
ମରିୟମ୍‌ତିଙ୍ଗ ନେସ୍‌ଇୱାଜା କୁକ୍‌ସି ଇର୍ହାତ୍, "ଗୁରୁ ୱାତାନ୍‌ନି ମାରି
ନିଙ୍ଗୁଁ କୁକ୍‌ସିନାନ୍ ।" 29 ମରିୟମ୍ ଇକା ୱେନ୍‌ଜି ବେଗି ନିଙ୍ଗୁଁଜି
ଜିସୁ ଲାକ୍‌ତୁ ସର୍ହାତ୍ । 30 ଜିସୁ ନାସ୍ତିୱାଲେ ନାର୍ ଲୋଇ ରେଏନ୍
ମାର୍ହାନ୍, ମାତର୍ ମାର୍ଥା ୱାନିଙ୍ଗ ଏମେ ବାଡିଦୁ ବେଟ୍‌ବୁଡ଼ାତା
ମାର୍ହାତ୍, ଆୟା ସାନ୍ଦି ୱାନ୍ ଆୟା ବାଡିଦୁ ମାର୍ହାନ୍ । 31 ମାରି,
ଏମେ ଜିହୁଦିର୍ ୱାନିୱାଲେ ଇନ୍‌ଡ୍ର ମାନ୍‌ଜି ମରିୟମ୍‌ତିଙ୍ଗ ସୁକୁ
ସିଜିମାର୍ହାର୍, ୱାର୍ ମରିୟମ୍‌ତିଙ୍ଗ ବେଗି ନିଙ୍ଗୁଁଜି ସହସି ସନିକା
ସୁଡୁଜି, ୱାଦ୍ ଦୁକି ଲାକ୍‌ତୁ ଆଡ଼୍‌ବାଦେଙ୍ଗ ଇଜି ସଲ୍‌ସିନାତ୍, ଇକା
ଅଡ଼୍‌ବିଜି ତାନି ୱେନ୍‌କା ୱେନ୍‌କା ସର୍ହାର୍ । 32 ଆବେଟ୍ ଜିସୁ
ଏମେ ବାଡିଦୁ ମାର୍ହାନ୍, ମରିୟମ୍ ଆୟା ବାଡିଦୁ ଇଗା ସଲ୍‌ସି
ୱାନିଙ୍ଗ ସୁଡୁଜି ୱାନି କାଲ୍‌କା ଆଡ଼୍‌ଗି ମାଡ଼ିସ୍ କିଜି ଇର୍ହାତ୍,
"ପ୍ରବୁ, ଜଦି ନିନ୍ ଇବେ ଇଗା ୱାତିମାନ୍ଦି, ଆତିଙ୍ଗ ନା ତଡ଼ାନ୍
ସାଏତାନ୍‌ମାନ୍ଦି ।" 33 ମାରି, ଜିସୁ ତାନିଙ୍ଗ ମାରି ତାନି ୱାଲେ
ୱାତିମାନି ଜିହୁଦିରିଙ୍ଗୁଁ ଆଡ଼୍‌ବାନିକା ସୁଡୁଜି ଆତ୍ମାତୁ ଆଡ଼୍‌ବାଜି,
ମାରି ପାଣି ପୁରା କିଦେଙ୍ଗ ଇଜି ନାଣ୍ତୁ ବଦାଦାନ୍ ୱେନ୍‌ବାତାନ୍, 34
ୱାନିଙ୍ଗ ଏମେ ଇଟ୍‌ଟି ମାନିଦେର୍? ୱାର୍ ୱାନିଙ୍ଗ ଇର୍ହାର୍, "ପ୍ରବୁ,
ୱାଜି ସୁଡୁଆ ।" 35 ଜିସୁ ଆଡ଼୍‌ବାତାନ୍ । 36 ଆବେଟ୍ ଜିହୁଦିର୍
ଇର୍ହାର୍, ସୁଡୁଦୁ, ୱାନ୍ ୱାନିଙ୍ଗ ଏଣ୍ତେସ୍ ଜିବନ୍‌ନୋଜି ମାର୍ହାନ୍ ।
37 ମାତର୍ ୱାରି ଲୋଇ ଏନ୍ ଏନ୍ ଇର୍ହାର୍, "ଇୟା ଏମେକାନ୍
ଆୟା କାଣାଦି କାଣୁକୁ ସୁଡ଼ିସ୍ କିଏନ୍ ମାର୍ହାନ୍ ନୋ? ୱାନ୍ ଇନିକା
ଲାଜାର୍‌ତି ସାନିତାନେଙ୍ଗ ବା ତେବାକିଦେଙ୍ଗ ଆଟ୍‌ଏତାନ୍‌ମାନ୍ଦି?"
38 ଆବେଟ୍ ଜିସୁ ମାରିଡ଼େସି ଆତ୍ମାଦୁ ଆଡ଼୍‌ବାଜି ଦୁକିଗୁଟା ଲାକ୍‌ତୁ
ୱାତାନ୍; ଆକା ଉଣ୍ତି ସାର୍‌ରା, ମାରି ତାନି ଦୁଆର୍ ଆଗ୍‌ଡ଼ି ଉଣ୍ତି
କାଲୁ ମାର୍ହାତ୍ । 39 ଜିସୁ ଆଦେସ୍ ସିତାନ୍, "ଇୟା କାଲୁ
ଗୁସାକିଦୁ ।" ସାତି ଲୋକ୍‌ତି ତାଙ୍ଗୁଁସି ମାର୍ଥା ଜିସୁଙ୍ଗୁଁ ଇର୍ହାତ୍, "ପ୍ରବୁ,
ୱାନ୍ କାପୁ ଆଜିମାନାନ୍, ଇରିଙ୍ଗ ୱାନିଙ୍ଗ ମୁସ୍‌ତାର୍ ନାଲ୍ଲେନନ୍
ଆତାନ୍‌ନି ।" 40 ଜିସୁ ତାନିଙ୍ଗ ଇର୍ହାନ୍, "ଜଦି ନିନ୍ ବିସ୍‌ବାସ୍
କିନି, ଆରିଙ୍ଗ ମାପୁରୁଦି ମହିମା ସୁଣି, ଇକା ଇନିକା ନାନ୍ ନିଙ୍ଗୁଁ
ଇନ୍‌ଏତା?" 41 ଆବେଟ୍ ୱାର୍ କାଲୁ ଗୁସାକିତାର୍ । ମାରି, ଜିସୁ
ମୁସ୍‌କୁ ସୁଡୁଜି ଇର୍ହାନ୍, "ବୁବା, ନିନ୍ ନା ପାର୍‌ତନା ୱେର୍ଇ ଇଜି
ନାନ୍ ନିଙ୍ଗୁଁ ଦନ୍ୟବାଦ୍ ସିଜିନା । 42 ନିନ୍ ଜେ ୱିଜୁୱାଲେ ନା
ପାର୍‌ତନା ୱେନ୍‌ଜମାନି, ଇକା ନାନ୍ ନେସ୍‌ତାମାନା; ମାତର୍
ଏମେ ଲୋକୁ ୱିଜେରେ ସାରିବେଡ଼୍‌ତି ନିର୍ହାମାନାର୍, ନିନ୍ ନାଙ୍ଗୁଁ
ପକ୍‌ତିମାନି ଇଜି ୱାର୍ ଏଣ୍ତେସ୍ ବିସ୍‌ବାସ୍ କିନାର୍, ଇୟାଉଣ୍ତିଙ୍ଗ
ୱାରି ଉଣ୍ତିଙ୍ଗ ନାନ୍ ଇକା ଇର୍ଆ ।" 43 ୱାନ୍ ଇକା ଇଜି
ନାଣ୍ତୁ ଆଉଲି ଆଜି କୁକ୍‌ତାନ୍, "ଲାଜାର୍ ସହସ ରାଆ ।" 44
ୱାନ୍ ସତାୱାତାନ୍; ୱାନି କିୟୁ ନି ପାଦାମ୍ ଦୁକିଦି ପାଗେଣାନ୍
ତର୍‌ତାମାର୍ହାର୍, ମାରି ୱାନି ମକମି ଉଣ୍ତି ପାସିଆ କେର୍‌ପ୍‌ତା

ମାର୍ହାର୍ । ଜିସୁ ୱାରିଙ୍ଗ୍ ଇର୍ହାନ୍, "ୱେନି ଗାଟି କୁଡ୍‌ସି ସନ୍‌ଡ୍ରେଙ୍ଗ୍
ସାରି ସିଦୁ ।" 45 ମାରି, ଜିହୁଦିର୍ ମାଣ୍‌କୁ ନାଣ୍ତ ଅର୍ତାତ୍ ଏମେକାର୍
ମରିୟମ୍ ଲାକ୍‌ତୁ ୱାତାମାର୍ହାର୍ ମାରି ଜିସୁଦି ପାଣି ସୁଡୁଜି, ୱାର୍
ୱାନିମାନୁ ବିସ୍‌ବାସ୍ କିତାର୍; 46 ମାତର୍, ୱାରି ମାଣାନ୍ ଏନ୍ ଏନ୍
ପାରୁସିର୍ ଲାକ୍‌ତୁ ସଲ୍‌ସି, ଜିସୁ ଆମାକା ଆମାକା କିତାମାର୍ହାନ୍,
ଆୟାୱିଜୁ ୱାରିଙ୍ଗ୍ ୱେର୍‌ତାନ୍ । 47 ଆବେଟ୍ ପେରି ଜାଜକର୍ ନି
ପାରୁସିର୍ ପେରିମିଟିଙ୍ଗ୍ କିଜି ଇର୍ହାର୍, "ମାଡ୍ ଇନିକା କିନିକା?
ଇୟା ଲୋକୁ ତୋ ନାଣ୍ତ କାବାଆନି ପାଣି କିଜିନାନ୍ । 48
ଜଦି ମାଡ୍ ୱାନିଙ୍ଗ୍ ଇୟାୱାଜା ଡ଼ିସ୍‌ନାସିନାଟ୍, ଆରିଙ୍ଗ୍ ୱିଜେରେ
ୱାନିମାନୁ ବିସ୍‌ବାସ୍ କିନାର୍, ମାରି ରମିୟଅଦିକାରି ଲୋକୁ ୱାଜି
ମା ମନ୍ଦିର୍ ନି ଜାତିଦି ୱିଜେରିଙ୍ଗ୍ ନାସ୍ଟ କିନାର୍ ।" 49 ମାତର୍
ୱାରିମାଣ୍‌କୁ ଆୟା ବାର୍ରେସକ୍‌ତି ଉଣ୍ତିଙ୍ଗ୍ ଆସ୍‌କିଆଇଆତିମାନି
ୱିଜେରିଙ୍ଗ୍‌ପେରି ଜାଜକ କୟାପା ୱାରିଙ୍ଗ୍ ଇର୍ହାନ୍, "ମିର୍ ଇନିକା
କାବାର୍!" 50 ମିର୍ ଇନିକା ବୁଜାଦେଙ୍ଗ୍ ଆଟ୍‌ଇଜିନିଦେର୍, ୱିଜୁ
ଜାତି ନାସ୍ଟ ଆନି ବାଦ୍‌ଲୁ ଅରେନ୍ ଲୋକୁ ସାନିକା ଟିକ୍‌ମାନାତ୍ ।
51 କୟାପା ନିଜେଦି ମନ୍‌ତାନ୍ ଇକା ଇନ୍‌ଏନ୍ ମାର୍ହାନ୍, ମାତର୍
ୱାନ୍ ଆୟା ବାର୍ରେସକ୍‌ତି ୱିଜେରିଙ୍ଗ୍‌ପେରି ଜାଜକ ମାର୍ହାନ୍‌ଆକା
ଇୟା ବବିସତ୍‌ତି ମାଟା ୱାନି ୱେୟୁଦାନ୍ ସତାମାର୍ହାତ୍ । ଜିସୁ
ୱେର୍‌ତା ମାର୍ହାନ୍ ଜେ ୱିଜୁ ଜିହୁଦି ଲୋକାଦି, 52 ଇନ୍‌ଙ୍ଗ୍ଁ ଆନିଙ୍ଗ୍ଁ
ଆତିମାନି ମାପୁରୁଦି ଲୋକାଙ୍ଗ୍ ଉଣ୍ତେ କୁଟୁମ୍‌ତୁ ଉଣ୍ତାକିନି ଉଣ୍ତିଙ୍ଗ୍
ଜିସୁ ସାନାନ୍ । 53 ଆବେଟ୍ ଆୟା ନାଣ୍ତିରାନ୍ ଜିହୁଦି ନେତାର୍
ଜିସୁଙ୍ଗ୍ଁ ସାୟାମାର୍‌ଗାଡାକ୍ଟେତଙ୍ଗ୍ ଇଜି ଉପାୟ୍ କିତାର୍ । 54 ମାରି,
ଜିସୁ ଜିହୁଦିର୍ ମାନୁ ମାରି ତରାୟ୍‌ଆଜି ବୁଲାସାଲା କିଏତାନ୍,
ମାତର୍ ୱାନ୍ ଆୟାବାଡିଦାନ୍ ସହସି ସଲ୍‌ସି ସୁନ୍‌ସାନ୍ ରାଜିଦି
ଏପ୍ରୟିମ୍ ଦର୍‌ତି ଉଣ୍ତି ଗାଡ୍‌ତୁ ସର୍ହାନ୍, ମାରି ୱାନ୍ ସିସୁରିୱାଲେ
ଆବେ ତେବାତାନ୍ । 55 ଜିହୁଦିର୍ ନିସ୍ତାର ପଣ୍ତୟ୍ ଲାକ୍‌ତୁ ମାର୍ହାତ୍,
ମାରି ରାଜିଦାନ୍ ନାଣ୍ତ ଲୋକୁ ନିଜେ ନିଜେଦିଙ୍ଗ୍ ନେଗେଣ୍ତ କିଦେଙ୍ଗ୍
ଇଜି ନିସ୍ତାର୍ ପଣ୍ତୟ୍ ଆଗ୍‌ଡ଼ିରାନ୍ନେ ଜିରୁସାଲାମ୍‌ତୁ ସର୍ହାର୍
। 56 ଆବେଟ୍ ୱାର୍ ଜିସୁଙ୍ଗ୍ଁ ପୟ୍‌ବୁ ପୟ୍‌ବୁ ମନ୍ଦିର୍‌ତୁ ନିର୍‌ଇ
ମାର୍‌ଇୱାଲେ ୱାର୍‌ୱାର୍ ଇନ୍‌ଡ୍ରେଙ୍ଗ୍ ଆସ୍‌ତାର୍, ମିର୍ ଇନିକା
ଅଡ୍‌ବିଜିନିଦେର୍? ୱାନ୍ ପଣ୍ତୟ୍‌ତୁ ୱାନାନ୍ ନୋ ରେଏନ୍? 57
ପେରି ଜାଜକର୍ ନି ପାରୁସିର୍ ଆଦେସ୍ ସିତାମାର୍ହାର୍ ଜେ ଜଦି
ଏନ୍ ଜିସୁ ଏମେମାନୁ ମାନାନ୍ ଇଜି ନେସ୍‌ନାମାନାନ୍, ଆରିଙ୍ଗ୍
ଇୟା କାବୁର୍ ଦାପ୍ରେ ନେତାରିଙ୍ଗ୍ ୱେର୍‌ନା ସିନାର୍ । ଆତିଙ୍ଗ୍ ୱାର୍
ଜିସୁଙ୍ଗ୍ଁ ଆସ୍‌ନାର୍ ।

**12** ଇୟା ୱେନ୍‌କା ଜିସୁ ନିସ୍ତାର୍ ପଣ୍ତୟ୍‌ତି ସଅ ଦିନ୍
ଆଗ୍‌ଡ଼ି ବେତନିୟାଦୁ ସର୍ହାନ୍; ଏମେ ଲାଜାର୍‌ତିଙ୍ଗ୍ ୱାନ୍
ସାତିମାଣ୍‌କୁ ନିକ୍‌ତା ମାର୍ହାନ୍, ଆବେନୁ ୱାନି ଇଲୁ ମାର୍ହାତ୍ । 2
ଆବେଟ୍ ୱାର୍ ୱାନି ଉଣ୍ତିଙ୍ଗ୍ ଆୟା ବାଡିଦୁ ଉଣ୍ତି ନାଡ଼ା ବଜି ତିଆର୍
କିତାର୍; ମାର୍ତା ସେବା କିଜିମାର୍ହାତ୍, ମାରି ଏମେକାର୍ ୱାନିୱାଲେ
ବଜିଦୁ ବାସ୍‌ତାମାର୍ହାର୍, ଲାଜାର୍ ୱାରି ଲୋଇ ଅରେନ୍ ମାର୍ହାନ୍ ।
3 ନାସ୍ତିୱାଲେ ମରିୟମ୍ ଅଦାକାୟା ନାଣ୍ତ ନେଗି ଦାରାଦି ବାସ୍‌ନା
ମାରାତାନ୍ ତିଆର୍ ଆତି ନିୟୁ ଅସି ଜିସୁଦି ପାଦାମ୍‌ତୁ ଆକା
ୱାକ୍‌ସି ନିଜେଦି କୁକୁଟିଦାନ୍ ୱାନି ପାଦାମ୍‌କୁ ତେଲ୍‌ତାସିତାତ୍,
ମାରି ନିୟୁଦି ବାସ୍‌ନାଦାନ୍ ଇଲୁ ଗାମ୍‌ରିସ୍‌ତାତ୍ । 4 ମାତର୍ ଜିସୁଦି
ସିସୁର୍ ଲୋଇ ଇସ୍କାରିୟୋତିୟ ଜିହୁଦା ଦର୍‌ତି ଏମେ ସିସୁ ୱାନିଙ୍ଗ୍
ସାତୁରି କିୟୁଦୁ ସେର୍ରେପ୍‌ତଙ୍ଗ୍ ସଲ୍‌ସିମାର୍ହାନ୍, ୱାନ୍ ଇର୍ହାନ୍,
5 ଇୟା ନିୟୁ ତିନିସ ୱେଣ୍ତି ଡାବୁଙ୍ଗ୍ଁଙ୍ଗ୍ ପର୍‌ଜି ଏନ୍ଦା କାକୁର୍ତି
ଲୋକାଙ୍ଗ୍ ସିଏତାର୍? 6 ୱାନ୍ ଜେ କାକୁର୍ତି ଲୋକାଙ୍ଗ୍ ଉଣ୍ତିଙ୍ଗ୍
ସିନ୍ତା କିଜିମାର୍ହାନ୍ ଇଜି ଇକା ଇର୍ହାନ୍, ଆକା ସିଲେ, ମାତର୍
ୱାନ୍ ଅରେନ୍ ଡଙ୍ଗ୍ଁର୍‌ଏନ୍, ମାରି ୱାନି ଲାକ୍‌ତୁ ଡାବୁଙ୍ଗ୍ଁ ମଣି
ମାର୍ହାତ୍‌ଆକା, ଆବେନ୍ ଆମା ଆମାକା ଇଡ୍‌ଜି ମାର୍ହାର୍, ଆକା
ୱାନ୍ ଡଙ୍ଗ୍ଁକିଜି ଅସିମାର୍ହାନ୍ । 7 ମାତର୍ ଜିସୁ ଇର୍ହାନ୍, "ତେନିଙ୍ଗ୍
ଡ଼ିସ୍‌ସୋ ସିଦୁ, ତାନେଙ୍ଗ୍ ଆମାକା ମାନାତ୍, ନା ମାଡ଼ାଦିଙ୍ଗ୍
ମୁସ୍‌ନି ନାଣ୍ତିରି ଉଣ୍ତିଙ୍ଗ୍ ୱାଦ୍ ଇକା ଇଡ୍‌ଦେଙ୍ଗ୍ ଆଟ୍‌ନାତ୍ । 8
କାକୁର୍ତି ଲୋକ୍ ତୋ ୱିଜୁଦିନ୍ ମି ଲାକ୍‌ତୁ ମାନାର୍, ମାତର୍ ନାନ୍
ୱିଜୁଦିନ୍ ମି ଲାକ୍‌ତୁ ତେବାଏ ।" 9 ନାସ୍ତିୱାଲେ ନାଣ୍ତ ଜିହୁଦି
ଲୋକୁ ଜିସୁ ବେତନିଆଦୁ ମାନାନ୍ ଇଜି ନେସ୍‌ତେଙ୍ଗ୍ ଆଟ୍‌ସି
ଆବ୍‌କା ଜିସୁଦି ଉଣ୍ତିଙ୍ଗ୍ ସିଲେ, ମାତର୍ ଏମେ ଲାଜାର୍‌ତିଙ୍ଗ୍ ୱାନ୍
ସାତିମାଣାନ୍ ନିକ୍‌ତାମାର୍ହାନ୍, ୱାନିଙ୍ଗ୍ ସୁଡୁଦେଙ୍ଗ୍ ବା ୱାତାର୍ ।
10 ମାତର୍ ଲାଜାର୍‌ତିଙ୍ଗ୍ ବା ଡାକ୍‌ତେଙ୍ଗ୍ଁ ଇଜି ପେରି ଜାଜକର୍
ଉପାୟ୍ କିତାର୍, 11 ଇରିଙ୍ଗ୍ ୱାନି ଉଣ୍ତିଙ୍ଗ୍ ଜିହୁଦିର୍ ଲୋଇ ନାଣ୍ତ
ଲୋକୁ ୱାରିଙ୍ଗ୍ ଡ଼ିସ୍‌ସିମାର୍ହାର୍ ମାରି ଜିସୁମାନୁ ସଲ୍‌ସି ବିସ୍‌ବାସ୍
କିଜିମାର୍ହାର୍ । 12 ମାର୍‌ନାଣ୍ଟିଙ୍ଗ୍ ନିସ୍ତାର୍ ପଣ୍ତୟ୍‌ତୁ ୱାତିମାର୍‌ଇ
ନାଣ୍ତ ଲୋକୁ ଜିସୁ ଜିରୁସାଲାମ୍‌ତୁ ୱାଜିନାନ୍ ଇଜି ୱେର୍‌ଆର୍ । 13
ଆୟାଉଣ୍ତିଙ୍ଗ୍ ୱାର୍ କାଜିରି କମେଙ୍ଗ୍ ଆସ୍‌ସି ୱାନିଙ୍ଗ୍ ବେଟ୍‌ଆଦେଙ୍ଗ୍
ଇଜି ସତାସର୍ହାର୍ ମାରି ନାଣ୍ତ ଆଉଲି ଆଜି ଇନ୍‌ଡ୍ରେଙ୍ଗ୍ ଆସ୍‌ତାର୍,
ହୋଶାନା । ପ୍ରବୁଦି ଦର୍‌ତାନ୍ ଏନ୍ ୱାଜିନାନ୍, ୱାନ୍ ଦନ୍ୟ; ଦନ୍ୟ
ଇସ୍ରାଏଲ୍‌ତି ରାଜା । 14 ମାରି, ଜିସୁ ଉଣ୍ତି ଗଦପିଲା ମୁସ୍‌କୁ
ବାସ୍‌ତା ୱାତାନ୍, ଏଣ୍ତେସ୍ ଇକା ଦାର୍ମୁ ସାସ୍ତଦୁ ରାସାତାମାନାତ୍,
15 ଏ ସିୟୋନ୍‌ତି ଆଇଲିକ୍, "ତିଲାମା; ସୁଡୁଆ, ନି ରାଜା
ୱାଜିନାନ୍, ୱାନ୍ ଗଦପିଲା ମୁସ୍‌କୁ ବାସ୍‌ତାନ୍‌ନୋ ୱାଜିନାନ୍ ।" 16
ୱାନି ସିସୁର୍ ପାର୍‌ତୁମ୍‌ତୁ ଇୟାୱିଜୁ ବିସୟ୍ ବୁଜାଏତାର୍, ମାତର୍
ଜିସୁ ଦନ୍ୟବାଦ୍ ପୟ୍‌ତି ୱେନ୍‌କା ଇୟାୱିଜୁ ଜେ ୱାନି ବିସୟ୍‌ତାନ୍
ଦାର୍ମୁସାସ୍ତଦୁ ରାସାତାମାର୍ହାତ୍, ମାରି ୱାନି ଉଣ୍ତିଙ୍ଗ୍ ୱାର୍ ଜେ
ଇୟାୱିଜୁ କିତାମାର୍ହାର୍, ଆକା ୱାର୍ ଏତ୍ କିତାର୍ । 17 ମାରି,
ଜିସୁ ଲାଜାର୍‌ତିଙ୍ଗ୍ ଦୁକିଦାନ୍ କୁକ୍‌ସି ସାତିମାଣାନ୍ ନିକ୍‌ତିୱାଲେ
ଆମା ଲୋକ୍‌ଡର୍ ୱାନିୱାଲେ ମାର୍ହାର୍, ୱାର୍ ଆୟା ଗଟନା
ବିସୟ୍‌ତାନ୍ ସାକି ସିଦେଙ୍ଗ୍ ଆସ୍‌ତାର୍ । 18 ଇୟାଉଣ୍ତିଙ୍ଗ୍ ବା
ଲୋକୁ ୱିଜେରେ ୱାନିଙ୍ଗ୍ ମିସାଦେଙ୍ଗ୍ ସର୍ହାମାର୍ହାର୍, ଇରିଙ୍ଗ୍ ୱାନ୍
ଇୟା କାବାଆନି ପାଣି କିତାମାନାନ୍ ଇଜି ୱାର୍ ୱେର୍‌ଆମାର୍ହାର୍
। 19 ଆବେଟ୍ ପାରୁସିର୍ ତାମେ ତାମେମାନୁ ୱାର୍‌ଗିଜି ସାତାର୍,

“ସୁଡୁଜିନିଦେର୍ ତୋ, ମାଡ୍ ଇନିକା କିଦେଞ୍ଜ ଆଟ୍ଇଜିନିକା;
ସୁଡୁଦୁ, ଦୁନିଆୱିଜୁ ତାନି ୱେନ୍କା ସର୍ହାଡ୍ନି ।” 20 ପଣ୍ତୁୟ୍
ସମୟ୍ତୁ ଉପାସନା କିଦେଞ୍ଜ ଇଜି ଜିରୁସାଲାମ୍ତୁ ୱାତି ମାର୍ଇ
ଲୋକା ଲୋଇ ଏସୋ ଗ୍ରିକ୍ ଲୋକୁ ମାର୍ହାର୍ । 21 ୱାର୍ ଗାଲିଲିଦି
ବେଡ୍ସାଇଦାଦୁ ତେବାନି ପିଲିପ୍ତି ଲାକ୍ତୁ ୱାଜି ୱାନିଞ୍ଜ ମାଡ଼ିସ୍
କିଜି ଇର୍ହାର୍, “ଆଞ୍ଜା, ଜିସୁଞ୍ଜ ସୁଡୁଦେଞ୍ଜ ମା ବଦା ।” 22 ପିଲିପ୍
ସଲ୍ସି ଆନ୍ଦ୍ରିୟତିଞ୍ଜ ଇର୍ହାନ୍, ମାରି ଆନ୍ଦ୍ରିୟ ନି ପିଲିପ୍ ସଲସି
ଜିସୁଞ୍ଜ ଇର୍ହାର୍ । 23 ଜିସୁ ୱାରିଞ୍ଜ ଇର୍ହାନ୍, ମନୁସ୍ୟପୁତ୍ର ଦନ୍ୟବାଦ୍
ପୟ୍ଦେଞ୍ଜ ଇଜି ସମୟ ଇଗା ୱାତାମାନାଡ୍ । 24 ସତ୍ ସତ୍ ନାନ୍
ମିଞ୍ଜ ଇଜିନା, ଗଦ୍ମୁପାଡୁ ଜଦି ସିକ୍ଲାଦୁ ଆର୍ଜି ସାଏତ୍, ଆରିଞ୍ଜ
ଆକା ଉଡ୍ରେନେ ତେବାନାଡ୍, ମାତର୍ ଜଦି ସାନାଡ୍, ନାଣ୍ତ ପାଡୁ
ଆସ୍ନାଡ୍ । 25 ଏନ୍ ନିଜେଦି ଜିବନ୍ତିଞ୍ଜ ନାଣ୍ତ ଜିବନ୍ନୋନାନ୍,
ୱାନ୍ ଆକା ଆରାକିନାନ୍, ମାରି ଏନ୍ ନିଜେଦି ଜିବନ୍ତିଞ୍ଜ ଇୟା
ଦୁନିଆଦୁ କାଡ୍ନାନ୍, ୱାନ୍ ଆକା ଏସ୍କାଞ୍ଜୱିଜ୍ଇ ଜିବନ୍ ଉଣ୍ତିଞ୍ଜ
ରକିୟା କିନାନ୍ । (aiōnios g166) 26 ଏନ୍ ନା ସେବା କିଦେଞ୍ଜ
ବଦାକିନାନ୍, ଆରିଞ୍ଜ ୱାନ୍ ନା ୱାଲେ ରାପିନ୍; ମାରି; ନାନ୍
ଏମେନ୍ ମାନା, ନା ସେବାକିନିକାନ୍ ବା ଆବେ ତେବାନାନ୍; ଏନ୍
ଏସାଞ୍ଜ ନା ସେବା କିନାନ୍, ଆରିଞ୍ଜ ନା ବୁବା ୱାନିଞ୍ଜ ମାନାନାନ୍
। 27 ଇଲେଇ ନା ଜିବନ୍ ଦୁକ୍ଦୁକ୍ ଆଜିନାଡ୍, ମାରି ନାନ୍
ଇନିକା କିନା? ବୁବା, ନାଞ୍ଜ ଇୟା ସମୟ୍ତାନ୍ ରକିୟା କିଆ?
ମାତର୍ ଇୟାଉଣ୍ତିଞ୍ଜ ତୋ ନାନ୍ ୱାତାମାନା । ଏଣ୍ତେସ୍ ଦୁକ୍ବଗାନି
ସମୟ୍କୁ କାସ୍କ ଆଦେଞ୍ଜ ପକାତାମାନା । 28 “ବୁବା, ନିନ୍ ଦର୍
ଦନ୍ୟବାଦ୍ କିଆ । ଆବେଟ୍ ବାଦଡ଼ତାନ୍ ଇୟା ବଲ୍ ୱାତାଡ୍
ମାପ୍ ଆକା ମହିମାନିତ କିତାମାନାପ୍, ମାରିଡ଼େସି ମହିମାନିତ
କିନାପ୍ ।” 29 ଆଦେଞ୍ଜ ଲାକ୍ତୁ ନିର୍ଇ ମାର୍ଇ ଲୋକୁ ୱିଜେରେ
ଇକା ୱେନ୍ଜି ବାଦଡ୍ ଡିଡ଼ିତାଡ୍ ଇଜି ଇର୍ହାର୍; ଆଇକାର୍ ଇର୍ହାର୍,
“ଅରେନ୍ ଦୁତ୍ ୱେନିଞ୍ଜ ମାଟା ଇର୍ହାମାନାନ୍ ।” 30 ଜିସୁ ୱାରିଞ୍ଜ
ଇର୍ହାନ୍, ନା ଉଣ୍ତିଞ୍ଜ ଇୟା ବଲ୍ ଆଏତ୍, ମାତର୍ ମି ଉଣ୍ତିଞ୍ଜ
ଆତାମାନାଡ୍ । 31 ଇଲେଇ ଇୟା ଦୁନିଆଦୁ ବିସାର୍ ଇଗା ୱାତାଡ୍;
ଇଲେଇ ଇୟା ଦୁନିଆଦି ବିସାର୍ପତିଞ୍ଜ ଆଡ୍ରେ ପକାନାନ୍ ।
32 ମାରି, ନାନ୍ ଏସ୍ତିୱାଲେ ଦୁନିଆଦାନ୍ ମୁସ୍କୁ ପେରାଇଆନା,
ନାସ୍ତିୱାଲେ ୱିଜେରିଞ୍ଜ ଟାଣିସ୍ କିନା । 33 ୱାନ୍ ଏଣ୍ତେସ୍ ସାଦେଞ୍ଜ
ସଲ୍ସିନାନ୍, ଆୟା ସିନା ସିଜି ଇକା ଇର୍ହାନ୍ । 34 ଆବେଟ୍ ଲୋକୁ
ୱିଜେରେ ଇର୍ହାର୍, “ମସିହ ୱିଜୁଦିନ୍ ତେବାନାନ୍ ଇଜି ନିୟମ୍ତାନ୍
ମାପ୍ ୱେର୍ଆମାନାପ୍, ଆରିଞ୍ଜ ମନୁସ୍ୟପୁତ୍ର ମୁସ୍କୁ ପେରାନାନ୍
ଇଜି ମିର୍ ଏଣ୍ତେସ୍ ଇଜିନିଦେର୍? ଇୟା ମନୁସ୍ୟପୁତ୍ର ଏନ୍?” (aiōn
g165) 35 ଆବେଟ୍ ଜିସୁ ୱାରିଞ୍ଜ ଇର୍ହାନ୍, “ମାରି ଅଡ଼ପ୍ ସମୟ
ମାତର୍ ଜାୟ୍ ମିବାନୁ ମାନାଡ୍ । ସିକାଟି ଏଣ୍ତେସ୍ ମି ଡ଼ିଞ୍ଜଏଡ୍,
ଇୟାଉଣ୍ତିଞ୍ଜ ମି ଲାକ୍ତୁ ଜାୟ୍ ମାନାପ୍ ମାନାପ୍ ବୁଲାସାଲା କିଦୁ;
ଏନ୍ ସିକାଟିଦୁ ବୁଲାସାଲା କିନାନ୍, ୱାନ୍ ଏମେ ସଲ୍ସିନାନ୍,
ଆକା ୱାନ୍ ନେସ୍ଏପ୍ । 36 ମିର୍ ଏଣ୍ତେସ୍ ଜାୟ୍ତି କଡ଼ର୍
ଆଡୁ, ଆୟାଉଣ୍ତିଞ୍ଜ ଜାୟ୍ ମି ଲାକ୍ତୁ ମାନାପ୍ ମାନାପ୍ ଜାୟ୍ତୁ
ବିସ୍ବାସ୍ କିଦୁ । ଜିସୁ ଇୟାୱିଜୁ ମାଟା ଇନ୍ଜି ୱାରିମାଣାନ୍
ସଲ୍ସି ମାର୍ଗିଜି ତେବାତାନ୍ ।” 37 ଜଦିବା ଜିସୁ ତାମେ ଆଗ୍ଡ଼ି
ନିସା କାବାଆନି ପାଣି କିତାମାର୍ହାନ୍, ଆବେବା ୱାର୍ ୱାନିବାନୁ
ବିସ୍ବାସ୍ କିଏତାର୍, 38 ଏଣ୍ତେସ୍ ଜିସାଇୟ ବାବବାଦି ମାଣ୍କୁ
ରାସାତି ବାକ୍ୟ ସତ୍ ଆନାଡ୍ । “ଏ ପ୍ରବୁ, ଏନ୍ ମା ନେଗିକାବୁର୍
ମାଟା ବିସ୍ବାସ୍ କିତାମାନାନ୍? ମାରି ପ୍ରବୁଦି ସାକ୍ତି ଏମେୱାନି
ଲାକ୍ତୁ ତର୍ତାନ୍?” 39 ଇୟାଉଣ୍ତିଞ୍ଜ ୱାର୍ ବିସ୍ବାସ୍ କିଦେଞ୍ଜ
ଆଟ୍ଏଜିମାର୍ହାର୍, ଇରିଞ୍ଜ ଜିସାଇୟ ମାରି ଇର୍ହାମାନାନ୍ । 40
“ମାପୁରୁ ୱାରି କାଣ୍କୁ କାଣା କିତାମାନାନ୍, ମାରି ୱାରି ଜିବନ୍ତିଞ୍ଜ
ଆଟ୍ୱା କିତାମାନାନ୍, ଏଣ୍ତେସ୍ ୱାର୍ କାଣ୍କାଞ୍ଜ ସୁଡୁଏର୍ ମାରି
ଜିବନ୍ତୁ ବୁଜାଏର୍, ମାରିଡ଼େସି ନାବାନୁ ରେଏର୍, ମାରି ମାପ୍
ୱାରିଞ୍ଜ ନେଗେଣ୍ତ କିଏପ୍ ।” 41 ଜିସାୟ ଇୟାୱିଜୁ ଇର୍ହାନ୍,
“ଇରିଞ୍ଜ ୱାନ୍ ଜିସୁଦି ମହିମା ସୁଡୁତାନ୍ ମାରି ୱାନି ବିସୟ୍ତାନ୍
ଇର୍ହାନ୍ ।” 42 ଆବେ ଜିହୁଦି ନେତାର୍ ଲୋଇ ବା ନାଣ୍ତଲୋକ୍
ଜିସୁମାନୁ ବିସ୍ବାସ୍ କିତାର୍, ମାତର୍ ଆନାଡ୍ସୁଗି ଏସ୍ତିୱାଲେ
ପାର୍ତନା ଇଲ୍ତାନ୍ ସପ୍ନାର୍, ଇୟାଉଣ୍ତିଞ୍ଜ ପାରୁସିରିଞ୍ଜ ତିଲାଜି
ଆକା ନାମ୍ଏଜି ମାର୍ହାର୍ । 43 ଇରିଞ୍ଜ ୱାର୍ ଗୌରବ୍ ମାପୁରୁଦି
ୱେଡ଼ିକାକିନି ବାଦଲୁ ଲୋକାଞ୍ଜ ୱେଡ଼ିକା ବଦା କିତାର୍ । 44 ଜିସୁ
ଆଉଲି ଆଜି ଇର୍ହାନ୍, “ଏନ୍ ନାବାନ୍ ବିସ୍ବାସ୍ କିନାନ୍, ୱାନ୍
କେବଲ୍ ନାବାନ୍ ବିସ୍ବାସ୍ କିଏନ୍, ମାତର୍ ନା ପକ୍ତିୱାନିମାନୁ
ବିସ୍ବାସ୍ କିନାନ୍ । 45 ମାରି, ଏନ୍ ନାଞ୍ଜ ସୁଡୁତାମାନାନ୍, ୱାନ୍
ନାଞ୍ଜ ପକ୍ତିୱାନିଞ୍ଜ ସୁଡୁତାମାନାନ୍ । 46 ଇୟାଉଣ୍ତିଞ୍ଜ ନାନ୍
ଦୁନିଆଦି ଜାୟ୍ଆଜି ୱାତାମାନା, ଏନ୍ ନାବାନ୍ ବିସ୍ବାସ୍ କିନାନ୍,
ୱାନ୍ ଏଣ୍ତେସ୍ ସିକାଟିଦୁ ବାସାଏନ୍ । 47 ଏନ୍ ଜଦି ନା ବାକ୍ୟ
ୱେନ୍ଜି ମାନାଏନ୍, ଆରିଞ୍ଜ ନାନ୍ ୱାନି ବିସାର୍ କିଏ; ଇରିଞ୍ଜ
ନାନ୍ ଦୁନିଆଦି ବିସାର୍ କିଦେଞ୍ଜ ରେଏନ୍ଣ୍ତା ମାତର୍ ଦୁନିଆଦିଞ୍ଜ
ରକିୟା କିଦେଞ୍ଜ ୱାତାମାନା । 48 ଏନ୍ ନାଞ୍ଜ ଡ଼ିସ୍ସି ନା ମାଟା
ମାନାଏନ୍, ନା ୱେୟୁଦି ବାକ୍ୟ ୱାନି ବିସାର୍କିନିକାଡ୍ ଆନାଡ୍ ।
ଆୟା ବାକ୍ୟ ୱିଜ୍ନି ଦିନ୍ତୁ ୱାନି ବିସାର୍ କିନାଡ୍ । 49 ଇୟା
ମାଟା ସତ୍, ଇରିଞ୍ଜ ନାନ୍ ନା ନିଜେଦି ଅଦିକାର୍ତାନ୍ ଇନିକା
ଇନ୍ଏ, ମାତର୍ ନାନ୍ ଇନିକା ଇନା ମାରି ଇନିକା ୱେକ୍ନା, ଆକା
ନାଞ୍ଜ ପକ୍ତିମାନି ବୁବା ନାଞ୍ଜ ମାଟା ସିତାମାନାନ୍ । 50 ମାରି
ନାନ୍ ନେସ୍ନା, ୱାନି ଆଦେସ୍ ଏସ୍କାଞ୍ଜୱିଜ୍ଇ ଜିବନ୍ ସିନାଡ୍
। ନା ବୁବା ନାଞ୍ଜ ଆମାକା ଇନ୍ଡ୍ରେଞ୍ଜ ଆଦେସ୍ ସିତାମାନାନ୍,
କେବଲ୍ ନାସ ନାନ୍ ଇଜିନା ।” (aiōnios g166)

**13** ନିସ୍ତାର୍ ପଣ୍ତୁୟ୍ ଆନି ଆଗ୍ଡ଼ିରି ନାଣ୍ତିଞ୍ଜ ଜିସୁ ଇୟା
ଦୁନିଆଦାନ୍ ବୁବା ଲାକ୍ତୁ ନିଜେ ସନି ସମୟ୍ ଇଗାୱାନିକା
ନେସ୍ସି, ଦୁନିଆଦୁ ମାନି ନିଜେଦି ଏମେ ଲୋକାଞ୍ଜ ୱାନ୍ ଜିବନ୍
ନଜି ୱାଜିମାର୍ହାନ୍, ୱାରି ଉଣ୍ତିଞ୍ଜ ନାଣ୍ତ ଜିବନ୍ନୋନିକା ତର୍ତାନ୍ ।
2 ଜିସୁ ନି ୱାନି ସିସୁର୍ ଏସ୍ତିୱାଲେ ନାଡ଼ାଦି ବଜିଦୁ ବାସ୍ତାମାର୍ହାର୍

। ଏସ୍ତିୱାଲେ ସୟତାନ୍ ସିମୋନ ମାରିସି ଇସ୍କାରିୟୋତିୟ
ଜିହୁଦାଦି ଜିବନ୍‌ତୁ ଜିସୁଙ୍କୁ ସାତୁରି କିୟୁଦୁ ସର୍ପେ କିଦେଙ୍ଗ
ଇଜି ବଦା କିତାୱିସ୍‌ତା ମାର୍ହାନ୍ । 3 ନାସ୍ତିୱାଲେ ବୁବା ଜେ ୱିଜୁ
ଜିସୁଦି କିୟୁଦୁ ୱିଜୁ ସାକ୍ତି ସର୍ପେ କିତାମାନାନ୍ ମାରି ୱାନ୍ ଜେ
ମାପୁରୁ ମାଣାନ୍ ୱାତାମାନାନ୍, ମାରି ମାପୁରୁମାନୁ ସଲ୍‌ସିନାନ୍,
ଇକା ନେସ୍‌ତାମାର୍ହାନ । 4 ଆବେଟ୍ ଜିସୁ ୱାନ୍ ଉଣି ମାଣାନ୍
ନିଙ୍ଗିଁତାନ୍‌ନୋ ନିଜେଦି ମୁସ୍‌କୁରି ଆଙ୍ଗିଁ କୁଟ୍‌ସି ଉଣ୍ତି ପାସିଆ
ଅସି ନିଜେଦି ଜୁକିଦୁ ତରାତାନ୍ । 5 ୱେନ୍‌କା ୱାନ୍ ନକିଦୁ
ଏର୍ ୱାକ୍‌ତାନ୍, ମାରି ସିସୁରି ପାଦାମ୍‌କୁ ନର୍‌ଜିସିଜି ନିଜେଦି
ଜୁକିଦୁ ତରାତିମାର୍‌ଇ ପାସିଆଦାନ୍ ତେଲ୍‌ଦେଙ୍ଗ ଆସ୍‌ତାନ୍ । 6
ଜିସୁ ସିମୋନ୍ ପିତର୍ ଲାକ୍‌ତୁ ୱାତାନ୍; ଏନ୍ ୱାନିଙ୍ଗ ଇର୍ହାନ୍,
“ପ୍ରବୁ, ନିନ୍ ନା ପାଦାମ୍‌କୁ ନର୍‌ବିସ୍‌କିଜି ସିଜିନି?” 7 ଜିସୁ
ୱାନିଙ୍ଗ ଇର୍ହାନ୍, “ନାନ୍ ଏମେକା କିଜିନା, ଆକା ନିନ୍ ଇଲେ
ନେସ୍‌ଏଜିନି, ମାତର୍ ୱେନ୍‌କା ନେସ୍‌ନି ।” 8 ପିତର୍ ଜିସୁଙ୍କୁ
ଇର୍ହାନ୍, “ନିନ୍ ମୁଡୁକେ ଏସ୍‌କାଙ୍ଗବା ନା ପାଦାମ୍‌କୁ ନର୍‌ଜ ସିଇ
।” ଜିସୁ ୱାନିଙ୍ଗ ଇର୍ହାନ୍, “ଜଦି ନାନ୍ ନି ପାଦାମ୍ ନର୍‌ଏ, ଆରିଙ୍ଗ
ନା ସିସୁ ଆଦେଙ୍ଗ ଆଟ୍‌ଇ ।” (aiōn g165) 9 ସିମୋନ ପିତର୍
ୱାନିଙ୍ଗ ଇର୍ହାନ୍, “ଏ ପ୍ରବୁ, ନିନ୍ କେବଲ୍ ନା ପାଦାମ୍‌କୁ ସିଲେ ନା
କିୟୁ ନି ତାଲା ବା ନର୍‌ଜ ସିଦା ।” 10 ଜିସୁ ୱାନିଙ୍ଗ ଇର୍ହାନ୍, ଏନ୍
ଏରୁ ଇବାତାମାନାନ୍, ୱାନି ପାଦାମ୍‌କୁ ନର୍‌ଦେଙ୍ଗ ଡ଼ିସ୍‌ତିଙ୍ଗ ମାରି
ଇନିକା ଦର୍‌କାର୍ ସିଲେ, ୱାନ୍ ସତ୍ରେନ ନରାତାମାନ୍‌ନାନ୍; ମିର୍
ୱିଜେରେ ବା ନରାତିମାନିଦେର୍, କେବଲ୍ ଅରେନ୍ ସିଲେ । 11
ମାତର୍ ଏନ୍ ୱାନିଙ୍ଗ ସାତୁରି କିୟୁଦୁ ସର୍ପେ କିନ୍‌ନାନ୍, ଜିସୁ
ୱାନିଙ୍ଗ ନେସ୍‌ତାମାର୍ହାନ୍, ଆୟାଉଣ୍ତିଙ୍ଗ ୱାନ୍ ଇର୍ହାନ୍, କେବଲ୍
ଅରେନ୍‌ୱାନିଙ୍ଗ ଡ଼ିସ୍‌ତିଙ୍ଗ ମିର୍ ୱିଜିଦେର୍ ନର୍‌ୟାଆତିମାନିଦେର୍
। 12 ତାନେୱେନ୍‌କା ଜିସୁ ୱାରି ପାଦାମ୍‌କୁ ନର୍‌ଜି ନିଜେଦି ଆଙ୍ଗିଁ
ଆରାଜି ମାରିଡ଼େସି ନିଜେଦି ବାଡିଦୁ ବାସ୍‌ତି ୱେନ୍‌କା ୱାରିଙ୍ଗ
ୱେନ୍‌ବାତାନ୍, ନାନ୍ ମି ଉଣ୍ତିଙ୍ଗ ଇନିକା କିତାମାନା, ଆକା ଇନିକା
ମିର୍ ନେସ୍‌ତିମାନିଦେର୍? 13 ମିର୍ ନାଙ୍ଗିଁ ଗୁରୁ ନି ପ୍ରବୁ ଇଜି
କୁକ୍‌ସିନିଦେର୍, ମାରି ଆକା ସତ୍ ଇଜିନିଦେର୍; ଇରିଙ୍ଗ ନାନ୍ ତୋ
ଆୟାକାନ୍ । 14 ମାରି, ପ୍ରବୁ ନି ଗୁରୁ ଜେ ନାନ୍ ମାପୁରୁ, ନାନ୍
ଜଦି ମି ପାଦାମ୍‌କୁ ନର୍‌ତାସିତାମାନା, ଆରିଙ୍ଗ ମିର୍ ବା ନିଜେ
ନିଜେଦି ପାଦାମ୍‌କୁ ନରାନିକା ମାନାତ୍ । 15 ଇରିଙ୍ଗ ମି ଉଣ୍ତିଙ୍ଗ
ନାନ୍ ଏଣ୍ତେସ୍ କିତାମାନା, ମିର୍ ବା ଆୟାୱାଜା କିଦୁ, ଇୟାଉଣ୍ତିଙ୍ଗ
ନାନ୍ ମିଙ୍ଗିଁ ଉନ୍‌ଡ୍ରି ସାରି ତର୍‌ତାମାନା । 16 ସତ୍ ସତ୍ରେନ ନାନ୍
ମିଙ୍ଗିଁ ଇଜିନା, ସାକର୍ ନିଜେଦି ମାଲିକ୍‌ମାଣ୍‌କୁ ପେରିକାନ୍ ଆଏନ୍,
ମାରି କାବୁର୍ ଅନିକାନ୍ ପକ୍‌ତିମାନି ମାଲିକ୍‌ତି ମାଣାନ୍ ପେରିକାର୍
ସିଲେ । 17 ଜଦି ମିର୍ ଇୟାୱିଜୁ ନେସ୍‌ତୁ, ଆରିଙ୍ଗ ଆୟାୱାଜା
କିତିଙ୍ଗ ମିର୍ ଦନ୍ୟ । 18 ମି ୱିଜେରି ବିସୟ୍‌ତାନ୍ ନାନ୍ ଇୟା
ମାଟା ଇନ୍‌ଏଜିନା । ନାନ୍ ଏମେୱାରିଙ୍ଗ ଆସ୍‌କିତାମାନା, ୱାରିଙ୍ଗ
ନାନ୍ ନେସ୍‌ନା । ମାତର୍ ଦାର୍ମୁସାସ୍ତ୍ରଦି ଇୟା ମାଟା ସତେନେ ପୁରା
ଆନାତ୍, ଏନ୍ ନା କାଦିଦୁ ପିରିତାନ୍, ୱାନ୍ ନାଙ୍ଗିଁ ଲାତ୍ ଡାକ୍‌ତାନ୍
। 19 ଇଲେଇ ଇକା ଗଟାନି ଆଗ୍‌ଡ଼ିରାନ୍‌ନେ ନାନ୍ ମିଙ୍ଗିଁ ଇୟା
ମାଟା ୱେର୍‌ସିନା, ଏସ୍ତିୱାଲେ ଇକା ଗଟାନାତ୍, ମିର୍ ବିସ୍‌ବାସ୍
କିନିଦେର୍ ଜେ, ନାନ୍ ଆମାକାନ୍ ନାନ୍ ଆକାନ୍ । 20 ସତ୍ ସତ୍ରେନ
ନାନ୍ ମିଙ୍ଗିଁ ୱେର୍‌ସିନା, ନାଙ୍ଗିଁ ପୋକ୍‌ତାତିମାନି ଲୋକ୍‌ତିଙ୍ଗ ଏନ୍
ମାନାନାର୍, ୱାନ୍ ନାଙ୍ଗିଁ ମାନାନାର୍ ମାରି ଏନ୍ ନାଙ୍ଗିଁ ମାନାନାର୍,
ୱାନ୍ ନା ପୋକ୍‌ତାତିମାନି ମାଲିକ୍‌ତିଙ୍ଗ ବା ମାନାନାର୍ । 21
ଜିସୁ ଇୟାୱିଜୁ ମାଟା ଇର୍ହି ୱେନ୍‌କା ଆତ୍ମାଦୁ ଦୁଃକ୍‌କିତାନ୍ ମାରି
ୱିଜେରି ଆଗ୍‌ଡ଼ି ସାକ୍ୟ ସିଜି ଇର୍ହାନ୍, “ସତ୍ ସତ୍ରେନ ନାନ୍ ମିଙ୍ଗିଁ
ଇଜିନା, ମି ମାଣ୍‌କୁ ଅରେନ୍ ନାଙ୍ଗିଁ ସାତୁରି କିୟୁଦୁ ସର୍ପେ କିନାନ୍
।” 22 ଜିସୁ ଏ ବିସୟ୍‌ତାନ୍ ଇର୍ହାନ୍, ଆୟା ବିସୟ୍‌ତାନ୍ ବୁଜାଦେଙ୍ଗ
ଆଟ୍‌ଏଜି ସିସୁର୍ ନିଜେ ନିଜେଦି ମାନୁ ବେସ୍‌ସିସାଦେଙ୍ଗ ଆସ୍‌ତାର୍
। 23 ଜିସୁଦି ସିସୁରି ଲୋଇରାନ୍ ଅରେନ୍ ଆମାୱାନିଙ୍ଗ ଜିସୁ
ଜିବନ୍‌ନୋଜି ମାର୍ହାନ୍, ୱାନ୍ ଜିସୁଦି ଲାକ୍‌ତୁ ବାସ୍‌ତା ମାର୍ହାନ୍
। 24 ମାରି, ସିମୋନ ପିତର୍ ୱାନିଙ୍ଗ ଜୁଟ୍‌ସି ଇର୍ହାନ୍, ୱାନ୍
ଏ ବିସୟ୍‌ତାନ୍ ୱେର୍‌ସିନାନ୍, ଆକା ୱେନ୍‌ବାଆ । 25 ୱାନ୍
ଆୟାୱାଜା ବାସ୍‌ସି ମାନ୍‌ଞ୍ଜି ଜିସୁଦି ବକାଦୁ ଗେକାଜିବାସ୍‌ସି
ୱାନିଙ୍ଗ ୱେନ୍‌ବାତାନ୍, ପ୍ରବୁ, ଆୟାକାନ୍ ଏନ୍? 26 ଆରିଙ୍ଗ
ଜିସୁ ଇର୍ହାନ୍, ଆମାୱାନି ଉଣ୍ତିଙ୍ଗ ନାନ୍ ଇୟା ରୁଟି କାଣ୍ତେକ୍
ମୁଡୁକୁନା ମାରି ଆମାୱାନିଙ୍ଗ ସିନା, ଆୟାକାନ୍ ୱାନ୍ । ଆବେନୁ
ୱାନ୍ ଆୟା ରୁଟିକାଣ୍ତେକ୍‌ତିଙ୍ଗ ମୁଡୁକ୍‌ସି ଆକା ଅସି ସିମୋନ
ଇସ୍କାରିୟୋତିୟତି ମାରିସି ଜିହୁଦାଦିଙ୍ଗ ସିତାନ୍ । 27 ଆୟା
ରୁଟି କାଣ୍ତେକ୍ ପୟ୍‌ତି ୱେନ୍‌କା ସୟତାନ୍ ୱାନି ମାନୁ ଡୁଗିତାତ୍
। ଆବେଟ୍ ଜିସୁ ୱାନିଙ୍ଗ ଇର୍ହାନ୍, ଆମାକା କିଦେଙ୍ଗ ସଲ୍‌ସିନି,
ଆକା ଦାପେର୍ କିଆ । 28 ମାତର୍ ୱାନ୍ ଇନି ବିସୟ୍‌ତାନ୍ ୱାନିଙ୍ଗ
ଇୟା ମାଟା ଇର୍ହାମାର୍ହାନ୍, ଆକା ବଜିଦୁ ବାସ୍‌ତିମାର୍‌ଇକାର୍
ଏନ୍ ନେସ୍‌ଏତାର୍ । 29 ଇରିଙ୍ଗ ଜିହୁଦା ଲାକ୍‌ତୁ ଡାବୁଙ୍ଗଆସ୍‌ନି
ମଣି ମାର୍‌ହାତ୍‌ଆକା, ପଣ୍ତ୍ୟତି ଉଣ୍ତିଙ୍ଗ ଇନି ଇନିକା ଦର୍‌କାର୍,
ଆକା କଡ଼େଦେଙ୍ଗ ମାରି ସିଲିସାତିୱାରିଙ୍ଗ ଏସ ଦାନ୍ କିଦେଙ୍ଗ
ଜିସୁ ୱାନିଙ୍ଗ ଇର୍ହାନ୍ ଇଜି ଏନ୍ ଏନ୍ ଅଡ୍‌ବିତାର୍ । 30 ଜିହୁଦା
ରୁଟି କାଣ୍ତେକ୍ ଲସ୍‌ତାନ୍‌ନୋ, ୱାନ୍ ଆୟାଦାର୍ପେ ସତାସର୍ହାନ୍,
ନାସ୍ତିୱାଲେ ନାଡ଼ାଆତା ମାର୍ହାତ୍ । 31 ଜିହୁଦା ସତିସର୍‌ଇ ୱେନ୍‌କା
ଜିସୁ ଇର୍ହାନ୍, “ଇଲେଇ ମନୁସ୍ୟପୁତ୍ରଦି ଦନ୍ୟବାଦ୍ ତରିତାତ୍
ମାରି ୱାନିମାଣାନ୍ ମାପୁରୁଦି ଗୌରବ୍ ବା ତରାତାତ୍ । 32
ଜଦି ମାପୁରୁ ମନୁସ୍ୟପୁତ୍ର ମାଣାନ୍ ଗୌରବ୍ ଆନାନ୍, ମାପୁରୁ
ନିଜେଦି ଦନ୍ୟବାଦଦୁ ମନୁସ୍ୟପୁତ୍ରଙ୍ଗ ଦନ୍ୟବାଦ୍ କିନ୍‌ନାନ୍ ।
ଦାପ୍ରେନେ ୱାନ୍ ଇକା କିଦେଙ୍ଗ ସଲ୍‌ସିନାନ୍ ।” 33 ଜିସୁ ଇର୍ହାନ୍,
ନା କଡ଼ର୍, ନାନ୍ ମାରି ସାଣେକ୍‌ତିଙ୍ଗ ମି ୱାଲେ ମାନା । ମିର୍ ନାଙ୍ଗିଁ
ପୟ୍‌ନିଦେର୍; ମାରି ନାନ୍ ଏମେ ବାଡିଦୁ ସଲ୍‌ସିନା, ମିର୍ ଆୟା
ବାଡିଦୁ ସନ୍‌ଡ୍ରେଙ୍ଗ ଆଟ୍‌ଇଦେର୍, ଇକା ନାନ୍ ଏଣ୍ତେସ୍ ଜିହୁଦି
ନେତାରିଙ୍ଗ ଇର୍‌ଆମାର୍ହା, ଆୟାୱାଜା ଇଲେଇ ମିଙ୍ଗିଁ ବା ୱେର୍‌ସିନା

। 34 ମିର୍ ନିଜେନିଜେଦିଙ୍ଗ ଜିବନ୍‌ନୋଜିସାଦୁ, ଇୟା ପୁନି ମାଟା
ନାନ୍ ମିଙ୍ଗେଁ ସିଜିନା; ନାନ୍ ଏଣ୍ତେସ୍ ମିଙ୍ଗେଁ ଜିବନ୍‌ନୋତାମାନା, ମିର୍
ବା ଆୟାୱାଜା ନିଜେନିଜେଦିଙ୍ଗ ଜିବନ୍‌ନେନାନିକା ମାନାତ୍ । 35
ଜଦି ମିର୍ ନିଜେନିଜେଦିଙ୍ଗ ଉଣ୍ତିଙ୍ଗ ଜିବନ୍‌ନେନାନିଦେର୍, ଆରିଙ୍ଗ
ମିର୍ ଜେ ନା ସିସୁର୍, ଇକା ୱିଜେରେ ନେସ୍‌ନାର୍ । 36 ସିମୋନ
ପିତର୍ ଜିସୁଙ୍ଗେଁ ୱେନ୍‌ବାତାନ୍, “ପ୍ରବୁ, ନିନ୍ ଏମେମାନୁ ସଲ୍‌ସିନି?”
ଜିସୁ ଇର୍ହାନ୍, ନାନ୍ ଏମେମାନୁ ସଲ୍‌ସିନା, ନିନ୍ ଇଲେଇ ନା
ୱେନ୍‌କା ୱେନ୍‌କା ଆବେନୁ ସନ୍‌ଡ୍ରେଙ୍ଗ ଆଟ୍‌ଇ, ମାତର୍ ୱେନ୍‌କା
ସନି । 37 ପିତର୍ ୱାନିଙ୍ଗ ୱେନ୍‌ବାତାନ୍, “ପ୍ରବୁ, ନାନ୍ ଇଲେଇ
ଏନ୍ବା ନି ୱେନ୍‌କା ୱେନ୍‌କା ସନ୍‌ଡ୍ରେଙ୍ଗ ଆଟ୍‌ଏ? ନାନ୍ ନି ଉଣ୍ତିଙ୍ଗ
ନିଜେଦି ଜିବନ୍ ସିଦେଙ୍ଗ ବା ରାଜି ।” 38 ଜିସୁ ଇର୍ହାନ୍, “ନିନ୍
ଇନିକା ନା ଉଣ୍ତିଙ୍ଗ ନିଜେଦି ଜିବନ୍ ସିନି? ସତ୍ ସତେନ ନାନ୍
ମିଙ୍ଗେଁ ୱେର୍‌ସିନା, କରୁ କେଡ଼ିଇ ଆଗ୍‌ଡ଼ିନେ ନିନ୍ ନାଙ୍ଗେଁ ମୁଜା
ନେସେଏ ଇଜି ଇନି ।”

**14** ଜିସୁ ଇର୍ହାନ୍, ମି ଜିବନ୍ ଦାନ୍ବା ଆମାକିତ୍; ମିର୍ ମାପୁରୁମାନୁ
ବିସ୍‌ବାସ୍ କିଦୁ, ନା ମାନୁ ବା ବିସ୍‌ବାସ୍ କିଦୁ । 2 ନା
ବୁବାଦି ଇନ୍ତ୍ର ନାଣ୍ତ ବାକ୍ରେଙ୍ଗ ମାନେ; ଜଦି ସିଲିତିଙ୍ଗ, ଆରିଙ୍ଗ
ନାନ୍ ମିଙ୍ଗେଁ ଇନ୍‌ଏତାମାନ୍ବି, ନାନ୍ ମି ଉଣ୍ତିଙ୍ଗ ବାଡି ତିଆର୍ କିଦେଙ୍ଗ
ସଲ୍‌ସିନା; 3 ମାରି, ନାନ୍ ସନାନୋ ମି ଉଣ୍ତିଙ୍ଗ ବାଡି ତିଆର୍ କିତିଙ୍ଗ
ମାରିଡ଼େସି ୱାନା, ମାରି ନାନ୍ ଏମେ ବାଡିଦୁ ତେବାନା, ମିର୍ ବା
ଏଣ୍ତେସ୍ ଆୟା ବାଡିଦୁ ମାନିଦେର୍, ଆୟାଉଣ୍ତିଙ୍ଗ ମିଙ୍ଗେଁ ନିଜେଦି
ଲାକ୍‌ତୁ ଅନା । 4 ମାରି, ନାନ୍ ଏମେ ବାଡିଦୁ ସଲ୍‌ସିନା, ଆୟା
ସାରି ମିର୍ ନେସ୍‌ନିଦେର୍ । 5 ତୋମା ଜିସୁଙ୍ଗେଁ ୱେନ୍‌ବାତାତ୍, “ପ୍ରବୁ,
ନିନ୍ ଏମେ ବାଡିଦୁ ସଲ୍‌ସିନି, ଆକା ମାପ୍ ନେସ୍‌ଏଜିନାପ୍; ସାରି
ବା ଏଣ୍ତେସ୍ ନେସ୍‌ନାପ୍?” 6 ଜିସୁ ୱାନିଙ୍ଗ ଇର୍ହାନ୍, ନାନ୍ ସାରି,
ସତ୍ ମାରି ଜିବନ୍; ନାଙ୍ଗେଁ ସିଜି ସଲ୍‌ଇତିଙ୍ଗ ଏନ୍ ବୁବାଦି ଲାକ୍‌ତୁ
ସନ୍‌ଡ୍ରେଙ୍ଗ ଆଟ୍‌ଏନ୍ । 7 ଜଦି ମିର୍ ନାଙ୍ଗେଁ ନେସ୍‌ତିଦେର୍‌ମାନ୍ବି,
ଆରିଙ୍ଗ ନା ବୁବେଙ୍ଗବା ନେସ୍‌ତିଦେର୍‌ମାନ୍ବି; ଇଲେଇରାନ୍ ୱାନିଙ୍ଗ
ନେସ୍‌ତିମାନିଦେର୍ ମାରି ୱାନିଙ୍ଗ ସଡୁତିମାନିଦେର୍ । 8 ପିଲିପ୍
ଜିସୁଙ୍ଗେଁ ଇର୍ହାନ୍, ପ୍ରବୁ, ମାଙ୍ଗେଁ ବୁବେଙ୍ଗ ତର୍‌ରିସ୍‌କିଆ, ନାସ ମା
ଉଣ୍ତିଙ୍ଗ ନାଣ୍ତ । 9 ଜିସୁ ୱାନିଙ୍ଗ ଇର୍ହାନ୍, ପିଲିପ୍, ନିସସାନ୍ବି ନାନ୍
ମି ୱାଲେ ମାନା, ମାରି ନିନ୍ ଇନିକା ନାଙ୍ଗେଁ ନେସ୍‌ଏଜିନି? ଏନ୍
ନାଙ୍ଗେଁ ସୁଡୁତାମାନ୍‌ନାନ୍, ୱାନ୍ ବୁବେଙ୍ଗବା ସୁଡୁତାମାନ୍‌ନାନ୍; ମାଙ୍ଗେଁ
ବୁବେଙ୍ଗ ତରିସ୍‌କିଆ ଇଜି ନିନ୍ ଏଣ୍ତେସ୍ ୱେର୍‌ସିନିଦେର୍? 10
ନାନ୍ ଜେ ବୁବାମାନୁ ମାନା ମାରି ବୁବା ନାମାନୁ ମାନ୍‌ନାନ୍, ଇୟା
ମାଟା ଇନିକା ବିସ୍‌ବାସ୍ କିଏଜିନିଦେର୍? ନାନ୍ ମିଙ୍ଗେଁ ଜେ ୱିଜୁ
ବାକ୍ୟ ୱେର୍‌ନା, ଆୟାୱିଜୁ ନାନ୍ ନିଜେଦିମାଣ୍‌କୁ ଇନ୍‌ଏ, ମାତର୍
ବୁବା ନା ମାନୁ ମାନ୍‌ଜି ନିଜେଦି ପାଣି କିଜିନାନ୍ । 11 ନାନ୍ ଜେ
ବୁବାମାନୁ ମାନା ମାରି ବୁବା ନା ମାନୁ ମାନ୍‌ନାନ୍, ନା ଇୟା ମାଟା
ବିସ୍‌ବାସ୍ କିଦୁ, ମାରି ନାନ୍ ଏମେ ୱିଜୁ ପାଣି କିତାମାନା ଆୟାକା
ସୁଡୁଜି ବିସ୍‌ବାସ୍ କିଦୁ । 12 ସତ୍ ସତ୍ ନାନ୍ ମିଙ୍ଗେଁ ୱେର୍‌ସିନା, ନା
ମାନୁ ଏନ୍ ବିସ୍‌ବାସ୍ କିନ୍‌ନାନ୍, ନାନ୍ ଏମେ ଏମେ ପାଣି କିଜିନା,
ୱାନ୍ ବା ଆୟାୱିଜୁ କିନ୍‌ନାନ୍, ମାରି ଆୟାମାଣାନ୍ ବା ନାଣ୍ତ
ପେରି ପାଣି କିନାନ୍, ଇରିଙ୍ଗ ନାନ୍ ବୁବାଦି ଲାକ୍‌ତୁ ସଲ୍‌ସିନା
। 13 ଏଣ୍ତେସ୍ ମାରିନ୍‌ତିମାଣାନ୍ ବୁବାଦି ଦନ୍ୟବାଦ୍ ତରାନାତ୍,
ଆୟାଉଣ୍ତିଙ୍ଗ ମିର୍ ନା ଦର୍‌ତାନ୍ ଇନିକାବା ଲସ୍‌ତିଙ୍ଗ, ଆକା ନାନ୍
ସିନା । 14 ଜଦି ମିର୍ ନା ଦର୍‌ତାନ୍ ଇନି ବିସୟ୍ ନାଙ୍ଗେଁ ଲସ୍‌ତିଙ୍ଗ,
ଆକା ନାନ୍ କିନା । 15 ଜଦି ମିର୍ ନାଙ୍ଗେଁ ଜିବନ୍‌ନୋନିଦେର୍,
ଆରିଙ୍ଗ ନା ମାଟାୱିଜୁ ମାନାନିଦେର୍ । 16 ମାରି, ନାନ୍ ବୁବେଙ୍ଗ
ମାଡ଼ିସ୍‌କିନା, ମାରି ମି ୱାଲେ ୱିଜୁଦିନ୍‌ତିଙ୍ଗ ମାନି ଉଣ୍ତିଙ୍ଗ ୱାନ୍
ମିଙ୍ଗେଁ ମାରି ଅରେନ୍ ସାହାଜ୍ୟକିନିୱାନିଙ୍ଗ ସିନାନ୍ (aiōn g165)
17 ମାରି ୱାଦ୍ ଆଜିନାତ୍ ସତ୍‌ତି ଆତ୍ମା । ଇୟା ଜଗତ୍ ୱାନିଙ୍ଗ
ମାନାଦେଙ୍ଗ ଆଟ୍‌ଏତ୍, ଇରିଙ୍ଗ ଜଗତ୍ ୱାନିଙ୍ଗ ସୁଡୁଏତ୍ କି
ନେସେତ୍; ମାତର୍ ମିର୍ ୱାନିଙ୍ଗ ନେସ୍‌ନିଦେର୍, ଇରିଙ୍ଗ ୱାନ୍
ୱାଲେ ତେବାନାନ୍, ମାରି ୱାନ୍ ମି ଜିବନ୍‌ତୁ ତେବାନାନ୍ । 18 ନାନ୍
ସର୍‌ଇ ୱେନ୍‌କା, ନାନ୍ ମିଙ୍ଗେଁ ଟୁରା କଡ଼ କିଜ ଡ଼ିସ୍‌ସୋ ସଲ୍‌ଏ,
ନାନ୍ ମି ଲାକ୍‌ତୁ ଡ଼େସିୱାନା । 19 ଉଣା ୱେଡ଼ା ମାନାତ୍, ଜଗତ୍
ନାଙ୍ଗେଁ ମାରି ସୁଡୁଏତ୍; ମାତର୍ ମିର୍ ନାଙ୍ଗେଁ ସୁଡୁନିଦେର୍, ଇରିଙ୍ଗ
ନାନ୍ ଜିବନ୍ ମାନା, ମିର୍ ବା ଜିବନ୍ ତେବାନିଦେର୍ । 20 ନାନ୍ ମା
ବୁବାମାନୁ ମାରି ମିର୍ ନାମାନୁ ମାରି ନାନ୍ ମି ମାନୁ ମାନା, ଇକା
ଆୟାନାଣ୍ତିଙ୍ଗ ୱାତିଙ୍ଗ ମିର୍ ନେସ୍‌ନିଦେର୍ । 21 ଏନ୍ ନା ମାଟାୱିଜୁ
ମାନାଜି ସାଲାନାନ୍, ୱାନ୍ ନାଙ୍ଗେଁ ଜିବନ୍‌ନୋନାନ୍, ମାରି ଏନ୍ ନାଙ୍ଗେଁ
ଜିବନ୍‌ନୋନାନ୍, ନା ବୁବା ୱାନିଙ୍ଗ ଜିବନ୍‌ନୋନାନ୍, ମାରି ନାନ୍
ୱାନିଙ୍ଗ ଜିବନ୍‌ନୋନା ମାରି ୱାନି ଲାକ୍‌ତୁ ନିଜେଦିଙ୍ଗ ତରାୟାଆନା
। 22 ଜିହୁଦା, ଇକାନ୍ ଇସ୍କାରିୟୋତିୟ ଜିହୁଦା ଆଏନ୍ ୱାନିଙ୍ଗ
ଇର୍ହାନ୍, ଏ ପ୍ରବୁ, ଇନିକା ଏଣ୍ତେସ୍ ଆନାତ୍? ନିଜେଦିଙ୍ଗ ଦୁନିଆ
ଲାକ୍‌ତୁ ତରାୟା ଆଏଣ୍‌ଗା ମା ଲାକ୍‌ତୁ ତର୍‌ତିମାନି? 23 ଜିସୁ
ୱାନିଙ୍ଗ ଇର୍ହାନ୍, ଜଦି ଏନ୍ ନାଙ୍ଗେଁ ଜିବନ୍‌ନୋନାନ୍, ଆରିଙ୍ଗ ୱାନ୍
ନା ବାକ୍ୟ ମାନାନାର୍, ମାରି ନା ବୁବା ୱାନିଙ୍ଗ ଜିବନ୍‌ନୋନାନ୍,
ମାରି ବୁବା ନି ନାନ୍ ୱାନି ଲାକ୍‌ତୁ ୱାଜି ୱାନି ୱାଲେ ତେବାନାପ୍ ।
24 ଏନ୍ ନାଙ୍ଗେଁ ଜିବନ୍‌ନୋଏନ୍, ୱାନ୍ ନା ବାକ୍ୟଦିଙ୍ଗ ମାନାଏନ୍,
ମାରି ଏମେ ବାକ୍ୟ ମିର୍ ୱେନ୍‌ଜିନିଦେର୍, ଆକା ନାଦି ଆଏତ୍,
ମାତର୍ ନା ପୋକ୍‌ତାତିମାନି ମାଲିକ୍‌ତି ବୁବାଦି । 25 ନାନ୍
ମି ୱାଲେ ମାନ୍‌ଜି ମାନ୍‌ଜି ମିଙ୍ଗେଁ ଇୟାୱିଜୁ ମାଟା ୱେର୍‌ତା ।
26 ଆୟା ସାହାଜ୍ୟକିନିକାନ୍ ମାରି ପବିତ୍ର ଆତ୍ମା ଆମାତାନିଙ୍ଗ
ବୁବା ନା ଦର୍‌ତାନ୍ ପୋକ୍‌ତାନାନ୍, ୱାନ୍ ମିଙ୍ଗେଁ ୱିଜୁ ବିସୟ୍‌ତିଙ୍ଗ
ସିକିୟା ସିନାନ୍, ମାରି ନାନ୍ ମିଙ୍ଗେଁ ଆମା ଆମାକା ୱେର୍‌ତାମାନା,
ଆୟାୱିଜୁ ମିଙ୍ଗେଁ ଏଡ୍‌କିବିସ୍ କିନ୍‌ନାନ୍ । 27 ନାନ୍ ମିଙ୍ଗେଁ ସାନ୍ତି ଦାନ୍
କିତା ସଲ୍‌ସିନା, ନା ନିଜେଦି ସାନ୍ତି ଦାନ୍ ମିଙ୍ଗେଁ ସିଜିନା; ଜଗତ୍
ଏଣ୍ତେସ୍ ଦାନ୍ କିନାତ୍, ନାନ୍ ମିଙ୍ଗେଁ ଆୟାୱାଜା ଦାନ୍ କିଏ । ମି
ଜିବନ୍ ଦାନ୍ବା ନି ତିଲାମାକିତ୍ । 28 ନାନ୍ ସଲ୍‌ସିନା ମାରି ମି
ଲାକ୍‌ତୁ ଡ଼େସି ୱାନା, ନା ଇୟା ମାଟା ତୋ ୱେର୍‌ଇମାନିଦେର୍ ।

ଜଦି ମିର୍ ନାଙ୍ଗଁ ଜିବନ୍‌ନୋଜିମାରିଙ୍ଗ, ଆରିଙ୍ଗ ନାନ୍ ନା ବୁବାଦି
ଲାକ୍‌ତୁ ସଲ୍‌ସିନାନ୍ ଇଜି ୱେଡ଼ିକା ଆତିଦେର୍‌ମାନ୍ଧି, ଇରିଙ୍ଗ ନା
ବୁବା ନାମାଣ୍‌କୁ ପେରିକାନ୍ । 29 ମାରି, ଆକା ଗଟାନି ବେଡ଼ାଦୁ
ମିର୍ ଏଣ୍ତ୍ରେସ୍ ବିସ୍‌ବାସ୍ କିନିଦେର୍, ଆୟାଉଣ୍ତ୍ରିଙ୍ଗ ଆକା ଗଟାନି
ଆଗ୍‌ଡ଼ିନେ ନାନ୍ ଇଲେଇ ମିଙ୍ଗଁ ୱେର୍‌ତାମାନା । 30 ନାନ୍ ମି
ୱାଲେ ମାରି ନାଣ୍ତ୍ରୁ ସମୟ୍ ୱାର୍‌ଗିଜିସାଦେଙ୍ଗ କେଏନି, ଇରିଙ୍ଗ
ଦୁନିଆଦି ପେରିକାନ୍ ୱାଜିନାନ୍; ମାରି, ନା ମୁସ୍‌କୁ ୱାନି ସାକ୍ତି
ଇନିକା ସିଲେତ୍; 31 ମାତର୍ ବୁବା ନାଙ୍ଗଁ ଏଣ୍ତ୍ରେସ୍ ଆଦେସ୍
ସିତାମାନାନ୍, ଆୟା ଇସାବ୍‌ତାନ୍ ନାନ୍ ପାଣି କିନା । ଆତିଙ୍ଗ,
ନାନ୍ ନା ବୁବେଙ୍ଗ ଜିବନ୍‌ନୋନା ଇଜି ଦୁନିଆ ନେସ୍‌ନାତ୍ ।
ନିଙ୍ଗଁଦୁ, ମାଡ୍ ଇୟା ବାଡିଦାନ୍ ସନାତ୍ ।

15 ନାନ୍ ସତେନେ ଅଙ୍ଗୁର୍ ତିୱା, ମାରି ମା ବୁବା ପାଣିକିନିକାନ୍
। 2 ନା ମାନୁ ମାନି ଆମା କମାଦୁ ପଲ୍ ଆସ୍‌ଏତିଙ୍ଗ,
ଆୟାକା କାତ୍‌ନା ପୋକ୍‌ନାନ୍; ମାରି ଆମା କମାଦୁ ପଲ୍
ଆସ୍‌ନାତ୍, ଆବେନ୍ ନାଣ୍ତ୍ରୁ ଆସ୍‌ତେଙ୍ଗ ଇଜି ୱାନ୍ ତାନେଙ୍ଗ କୟ୍‌ଜି
ସେବା କିନ୍‌ନାନ୍ । 3 ନାନ୍ ମିଙ୍ଗଁ ଏମେ ବାକ୍ୟ ୱେର୍‌ତାମାନା,
ଆୟାଉଣ୍ତ୍ରିଙ୍ଗ ମିର୍ ନର୍‌ୟାଆତି ୱିସ୍‌ତିମାନିଦେର୍ । 4 ନା
ମାନୁ ମାନ୍‌ଦୁ, ଆବେଟ୍ ନାନ୍ ମିମାନୁ ତେବାନା । ଏଣ୍ତ୍ରେସ୍
କମା ଅଙ୍ଗୁର୍ ତିୱାଦୁ ମାନ୍‌ଏତିଙ୍ଗ ନିଜେଦାନ୍ ପଲ୍ ଆସ୍‌ତେଙ୍ଗ
ଆଟ୍‌ଏତ୍, ଆୟାୱାଜା ମିର୍ ବା ନା ମାନୁ ମାନ୍‌ଏତିଙ୍ଗ ପଲ୍
ଆସ୍‌ତେଙ୍ଗ ଆଟ୍‌ଇଦେର୍ । 5 ନାନ୍ ଅଙ୍ଗୁର୍ ତିୱା, ମିର୍ କମେଙ୍ଗ,
ଏନ୍ ନାମାନୁ ମାନ୍‌ନାନ୍ ମାରି ନାନ୍ ଏମାନୁ ମାନା, ୱାନ୍ ନାଣ୍ତ୍ରୁ
ପଲ୍ ଆସ୍‌ନାତ୍; ଇରିଙ୍ଗ ନାଙ୍ଗଁ ଡ଼ିସ୍‌ତିଙ୍ଗ ମିର୍ ଇନିକା କିଦେଙ୍ଗ
ଆଟ୍‌ଇଦେର୍ । 6 ଏନ୍ ଏସ୍‌କାଙ୍ଗ ନାମାନୁ ମାନ୍‌ଏନ୍, ଆରିଙ୍ଗ
ୱାନିଙ୍ଗ କାତ୍‌ନିମାନି କମେଙ୍ଗ ୱାଜା ଆତେରେ ପୋକ୍‌ନାର୍ ମାରି
ୱାର୍‌ନା ସୋନାତ୍, ଇୟାୱାଜା କମେଆଙ୍ଗଁ ଲୋକୁ ଉଣ୍ତ୍ରା କିଜି
ସିସୁଦୁ ପୋକ୍‌ନାର୍ ମାରି ଆୟା କମେଙ୍ଗ ୱେନ୍‌ସନ୍‌ନେ । 7 ଜଦି
ମିର୍ ନାମାନୁ ମାନ୍‌ଦୁ, ମାରି ନା ବାକ୍ୟ ମିମାନୁ ମାନାତ୍, ଆରିଙ୍ଗ
ଆମା ବିସୟ୍ ବଦା କିନିଦେର୍, ଆକା ଲସ୍‌ତୁ, ମାରି ମି ଉଣ୍ତ୍ରିଙ୍ଗ
ଆକା ଆନାତ୍ । 8 ମିର୍ ନାଣ୍ତ୍ରୁ ପଲ୍ ଆସ୍‌ତିଙ୍ଗ ମା ବୁବା ଦନ୍ୟବାଦ୍
ପୟ୍‌ନାନ୍, ମାରି ମିର୍ ନା ସତ୍‌ତି ସିସୁର୍ ଆନିଦେର୍ । 9 ବୁବା
ଏଣ୍ତ୍ରେସ୍‌ୱାଜା ନାଙ୍ଗଁ ଜିବନ୍‌ନୋତାମାନାନ୍, ନାନ୍ ବା ଆୟାୱାଜା
ମିଙ୍ଗଁ ଜିବନ୍‌ନୋତାମାନାନ୍; ନା ଜିବନ୍‌ନୋନିମାଣାନ୍ ତିର୍ ଆଜି
ମାନ୍‌ଦୁ । 10 ନାନ୍ ଏଣ୍ତ୍ରେସ୍ ମା ବୁବାଦି ମାଟାଦିଙ୍ଗ ମାନାଜି ୱାନି
ଜିବନ୍‌ନୋନିମାଣାନ୍ ତିର୍ ଆତାମାନା, ଆୟାୱାଜା ମିର୍ ଏସ୍‌କାଙ୍ଗ
ନା ମାଟାଦିଙ୍ଗ ମାନାନିଦେର୍, ଆରିଙ୍ଗ ନା ଜିବନ୍‌ନୋନିମାଣାନ୍
ତିର୍ ଆନି ତେବାନିଦେର୍ । 11 ନା ୱେଡ଼ିକା ଏଣ୍ତ୍ରେସ୍ ମି
ମାନୁ ତେବାତାନ୍, ମାରି ମି ୱେଡ଼ିକା ଏଣ୍ତ୍ରେସ୍ ବର୍ତି ଆନାତ୍,
ଇୟାଉଣ୍ତ୍ରିଙ୍ଗ ନାନ୍ ଇୟାୱିଜୁ ମିଙ୍ଗଁ ୱେର୍‌ତା । 12 ନାନ୍ ଏଣ୍ତ୍ରେସ୍
ମିଙ୍ଗଁ ଜିବନ୍‌ନୋତା ମାନା, ମିର୍ ବା ଆୟାୱାଜା ନିଜେନିଜେଦିଙ୍ଗ
ଜିବନ୍‌ନଦୁ, ଇକା ନା ଆଦେସ୍ । 13 ନିଜେଦି ସଙ୍ଗତିଲୋକା
ଉଣ୍ତ୍ରିଙ୍ଗ ନିଜେଦି ଜିବନ୍ ସିନି ବାଦୁଲୁ ଏନ୍ ମାରି ନାଣ୍ତ୍ରୁ ପେରି
ଜିବନ୍‌ନୋନିକା ସିଲେତ୍ । 14 ନାନ୍ ମିଙ୍ଗଁ ଆମା ମାଟା ସିତାମାନା,
ଆୟାକା ଜଦି ମାନାନିଦେର୍, ଆରିଙ୍ଗ ମିର୍ ନା ସଙ୍ଗ । 15
ନାନ୍ ମିଙ୍ଗଁ ମାରି ସାକର୍ ଇଜି ଇନ୍‌ଏ, ଇରିଙ୍ଗ ମାଲିକ୍ ଇନିକା
କିନ୍‌ନାନ୍, ସାକର୍ ଆକା ନେସ୍‌ଏପ୍, ମାତର୍ ନାନ୍ ମିଙ୍ଗଁ ସଙ୍ଗ
ଇଜି ଇର୍ହାମାନା, ଇରିଙ୍ଗ ନାନ୍ ମା ବୁବାଦିମାଣ୍‌ନା ଇନି ଇନିକା
ୱେର୍‌ଆମାନା, ଆୟାୱିଜୁ ମିଙ୍ଗଁ ୱେର୍‌ତାମାନା । 16 ମିର୍ ନାଙ୍ଗଁ
ଆସ୍‌କିଇଦେର୍, ମାତର୍ ନାନ୍ ମିଙ୍ଗଁ ଆସ୍‌କିତାମାନା, ମାରି
ମିର୍ ଏଣ୍ତ୍ରେସ୍ ସୋଲ୍‌ସ ପଲ୍ ଆସିସ୍‌କିଦୁ ମାରି ମି ପଲ୍ ତିର୍
ତେବାତାନ୍, ଇୟାଉଣ୍ତ୍ରିଙ୍ଗ ମିଙ୍ଗଁ ଆସ୍‌କିତାମାନା । ଆବେଟ୍
ମିର୍ ନା ଦର୍‌ତାନ୍ ବୁବେଙ୍ଗ ଆମାକା ଲସ୍‌ନିଦେର୍, ୱାନ୍ ଆକା
ମିଙ୍ଗଁ ସିନାନ୍; 17 ମିର୍ ଏଣ୍ତ୍ରେସ୍ ନିଜେନିଜେଦିଙ୍ଗ ଜିବନ୍‌ନଦୁ,
ଇୟାଉଣ୍ତ୍ରିଙ୍ଗ ନାନ୍ ମିଙ୍ଗଁ ଇୟାୱିଜୁ ମାଟା ସିଜିନା । 18 ଜଦି
ଜଗତ୍ ମିଙ୍ଗଁ କାଡ଼୍‌ନାତ୍, ଆରିଙ୍ଗ ମିଙ୍ଗଁ କାଡ଼ିନି ଆଗ୍‌ଡ଼ି ଆକା
ଜେ ନାଙ୍ଗଁ କାଡ଼ିତା ମାନାତ୍, ଇକା ନେସ୍‌ତୁ । 19 ମିର୍ ଜଦି
ଇୟା ଦୁନିଆଦିକାର୍ ଆତିଦେର୍ ମାନ୍ଧି, ଆରିଙ୍ଗ ଦୁନିଆ ମିଙ୍ଗଁ
ନିଜେଦିକାର୍ ଅଡ୍‌ବିଜି ଲାଡ୍ କିତାତ୍‌ମାନ୍ଧି; ମାତର୍ ନାନ୍ ମିଙ୍ଗଁ
ଆସ୍‌କିଜି ଦୁନିଆଦାନ୍ ୱେର୍‌ଏ କିତାମାନା । ଆୟାଉଣ୍ତ୍ରିଙ୍ଗ ଦୁନିଆ
ମିଙ୍ଗଁ କାଡ଼୍‌ନାତ୍ । 20 ସାକର୍ ନିଜେଦି ମାଲିକ୍‌ମାଣ୍‌କୁ ପେରିକାନ୍
ଆଏନ୍, ନାନ୍ ମିଙ୍ଗଁ ଇୟା ଏମେ ବାକ୍ୟ ୱେର୍‌ତାମାନା, ଆକା
ଏଡ୍‌କିଦୁ । ଜଦି ୱାର୍ ନାଙ୍ଗଁ ନିଦା କିତାମାନାର୍, ଆର୍‌ତିଙ୍ଗ
ମିଙ୍ଗଁ ବା ନିଦା କିନାର୍; ଜଦି ୱାର୍ ନା ବାକ୍ୟ ମାନାତାମାନାର୍,
ଆରିଙ୍ଗ ମି ବାକ୍ୟ ବା ମାନାନାର୍ । 21 ମାତର୍ ୱାର୍ ନା
ପୋକ୍‌ତିମାନି ମାଲିକ୍‌ତିଙ୍ଗ ନେସ୍‌ଏତିମାନିଙ୍ଗ ନା ଦର୍ ଉଣ୍ତ୍ରିଙ୍ଗ
ମିଙ୍ଗଁ ଇୟାୱିଜୁ କିନାର୍ । 22 ଜଦି ନାନ୍ ୱାଜ ୱାରିଙ୍ଗ ଇନ୍‌ଏତି
ମାରିଙ୍ଗ, ଆରିଙ୍ଗ ୱାରି ପାପ୍ ଆଏତାତ୍‌ମାନ୍ଧି; ମାତର୍ ଇଲେଇ
ୱାରି ପାପ୍ ବିସୟ୍‌ତାନ୍ ୱାରି ଇନି ସାଲାକି କିଦେଙ୍ଗ ଆଟ୍‌ଏର୍ ।
23 ଏନ୍ ନାଙ୍ଗଁ କାଡ଼୍‌ନାନ୍, ୱାନ୍ ମା ବୁବେଙ୍ଗ ବା କାଡ଼୍‌ନାନ୍ । 24
ଏମେ ପାଣିୱିଜୁ ମାରି ଏନ୍ କିଏନ୍, ନାନ୍ ଜଦି ଆୟାୱିଜୁ ୱାରି
ମାନୁ କିଏତାମାନ୍ଧି, ଆରିଙ୍ଗ ୱାରି ପାପ୍ ଆଏତାତ୍‌ମାନ୍ଧି; ମାତର୍
ଇଲେଇ ୱାର୍ ସୁଡୁତାମାନାର୍, ମାରି ନାଙ୍ଗଁ ମାରି ମା ବୁବେଙ୍ଗ
ରିଏରିଙ୍ଗବା କାଡ଼ିତାମାନାର୍ । 25 ମାତର୍ ୱାର୍ ମାଟାସିଲିକାବା
ନାଙ୍ଗଁ କାଡ଼ିତାର୍, ୱାରି ଦାର୍ମୁସାସ୍ତ୍ରଦୁ ରାସ୍‌ତିମାନି ଇୟା ବାକ୍ୟ
ଏଣ୍ତ୍ରେସ୍ ପୁରା ଆନାତ୍, ଇୟାଉଣ୍ତ୍ରିଙ୍ଗ ଇୟାୱାଜା ଗଟାଜିନାତ୍ । 26
ବୁବାଦି ଲାକ୍‌ତୁରାନ୍ ନାନ୍ ମି ଲାକ୍‌ତୁ ଆମା ସାହାଜ୍ୟକିନିୱାନିଙ୍ଗ
ପୋକ୍‌ତାନା, ୱାନ୍ ବୁବାଦିମାଣାନ୍ ୱାନାତ୍, ଆୟା ସତ୍‌ତି ଆତ୍ମା
ୱାତିଙ୍ଗ ନା ବିସୟ୍‌ତାନ୍ ସାକିୟ ସିନାତ୍; 27 ମାରି, ମିର୍ ନା
ବିସୟ୍‌ତାନ୍ ସାକି ୱେର୍‌ନିଦେର୍, ଇରିଙ୍ଗ ମିର୍ ଆଗିଡ଼ିରାନ୍‌ନେ ନା
ୱାଲେ ମାନିଦେର୍ ।

16 ମିର୍ ଏଣ୍ତ୍ରେସ୍ ନିଜେଦି ବିସ୍‌ବାସ୍ ଆରାକିମାଟ୍, ଇୟାଉଣ୍ତ୍ରିଙ୍ଗ
ନାନ୍ ମିଙ୍ଗଁ ଇୟାୱିଜୁ ମାଟା ୱେର୍‌ସିନା । 2 ମିଙ୍ଗଁ ଲୋକୁ

ୱାରି କୁଟୁମ୍ତାନ୍ ସପ୍ନାର୍ ମାରି ଇୟାୱାଜା ଦିନ୍ ୱାଜିନାତ୍,
ଏସ୍ତିୱାଲେ ଏନ୍ ମିଜ୍ଞିଁ ଡାକ୍ନାନ୍, ୱାନ୍ ମାପୁରୁଦି ଇସାବ୍ତାନ୍ ଇଜି
ଏତ୍ କିନ୍ନାନ୍ । 3 ମାରି, ୱାର୍ ଇୟାୱିଜୁ କିନାର୍, ଇରିଙ୍ଗୁ ୱାର୍
ବୁବେଙ୍ଗୁ ମାରି ନାଙ୍ଗିଁ ନେସ୍ଏର୍ । 4 ମାତର୍ ଏସ୍ତିୱାଲେ ଇୟାୱିଜୁ
ଗଟାନି ବେଡ଼ା ଇଗାୱାନାତ୍, ନାନ୍ ମିଜ୍ଞିଁ ୱେର୍ତାମାର୍ଆ, ଇକା
ଏଣ୍ଡେସ୍ ମିର୍ ଏତ୍କିଦୁ, ଇୟାଉଣ୍ଡିଙ୍ଗୁ ନାନ୍ ଇୟାୱିଜୁ ମାଟା ମିଜ୍ଞିଁ
ୱେର୍ତାମାନା । ନାନ୍ ମି ୱାଲେ ମାନିଙ୍ଗୁ ଆରାମ୍ତାନ୍ ଇୟାୱିଜୁ
ମାଟା ମିଜ୍ଞିଁ ୱେର୍ଏତା ମାର୍ଆ । 5 ମାତର୍ ଇଲେଇ ନାନ୍
ନା ପୋକ୍ତାତିମାନି ମାଲିକ୍ତି ଲାକ୍ତୁ ସୋଲ୍ସିନା, ମାତର୍
ମି ଲୋଇରାନ୍ ନାଙ୍ଗିଁ ଏନ୍ ୱେନ୍ବାଇଜିନିଦେର୍, ନିନ୍ ଏମେ
ବାଡିଦୁ ସୋଲ୍ସିନି । 6 ମାରି ନାନ୍ ମିଜ୍ଞିଁ ଇୟାୱିଜୁ ମାଟା
ୱେର୍ତିମାନିଙ୍ଗୁ ମି ଜିବନ୍ ଦୁଃକ୍ତାନ୍ ପୁରା ଆତାମାନାତ୍ 7
ମାତର୍ ନାନ୍ ମିଜ୍ଞିଁ ସତ୍ ୱେର୍ସିନା, ନାନ୍ ସନିକା ମି ଉଣ୍ଡିଙ୍ଗୁ
ନେଗେତ୍, ଇରିଙ୍ଗୁ ନାନ୍ ସଲ୍ଏତିଙ୍ଗୁ ଆୟା ସାହାଜ୍ୟକିନିକାନ୍
ମି ଲାକ୍ତୁ ରେଏନ୍, ମାତର୍ ନାନ୍ ସରିଇୱେନ୍କା ୱାନିଙ୍ଗୁ ମି
ଲାକ୍ତୁ ପୋକ୍ତାନା । 8 ୱାନ୍ ୱାଜି ପାପ୍, ଦାର୍ମୁ ମାରି ମାପୁରୁଦି
ନ୍ୟାୟ୍ବିସାର୍କିନି ବିସୟ୍ତାନ୍ ଜଗତ୍ତିଙ୍ଗୁ ପାରାମାଣ୍ ସିନାତ୍;
9 ପାପ୍ ବିସୟ୍ତାନ୍ ୱାର୍ ବୁଲ୍ ଇରିଙ୍ଗୁ ୱାନ୍ ତର୍ନା ସିନାନ୍
ଜେ, ନା ମାନୁ ବିସ୍ବାସ୍ କିଏର୍ । 10 ଦାର୍ମୁଦି ବିସୟ୍ତାନ୍
ୱାର୍ ବୁଲ୍ ଇରିଙ୍ଗୁ ନାନ୍ ବୁବାଦି ଲାକ୍ତୁ ସୋଲ୍ସିନା ମାରି ମିର୍
ନାଙ୍ଗିଁ ମାରି ସୁଡୁଇଦେର୍; 11 ବିସାର୍ ବିସୟ୍ତାନ୍ ୱାର୍ ବୁଲ୍
ଇରିଙ୍ଗୁ ଇୟା ଜଗତ୍ତି ପେରିକାନ୍ ବିସାର୍ ଆତାମାନାତ୍ । 12
ନାନ୍ ମିଜ୍ଞିଁ ମାରି ଗାଦି ମାଟେଙ୍ଗୁ ଇନିକା ମାନାତ୍, ମାତର୍ ମିର୍
ଇଲେଇ ଆୟାୱିଜୁ ମାନାଦେଙ୍ଗୁ ଆଟ୍ଇଦେର୍ । 13 ମାତର୍
ଏସ୍ତିୱାଲେ ସତ୍ତି ଆତ୍ମା ୱାତିଙ୍ଗୁ, ନାସ୍ତିୱାଲେ ୱାଦ୍ ୱିଜୁ ସତ୍
ବୁଜାଦେଙ୍ଗୁ ସାକ୍ତି ସିନାତ୍ । ୱାଦ୍ ନିଜେଦି ଅଦିକାର୍ତାନ୍ ଇନିକା
ଇନ୍ଏତ୍ । ମାପୁରୁଦି ମାଣାନ୍ ୱାଦ୍ ଆମାକା ୱେର୍ଆ ମାନାତ୍,
କେବଲ୍ ନାସନେ ୱାଦ୍ ୱେର୍ନାତ୍ । ଆମା ୱିଜୁ ଗଟାଦେଙ୍ଗୁ
ସୋଲ୍ସିନାତ୍ ୱାଦ୍ ମିଜ୍ଞିଁ ୱେର୍ନାତ୍ । 14 ୱାନ୍ ନାଙ୍ଗିଁ ଦନ୍ୟବାଦ୍
କିନ୍ନାନ୍, ଇରିଙ୍ଗୁ ନାନ୍ ଆମାକା ଇନା ୱାନ୍ ନାମାଣ୍କୁ ୱିଜୁ
ସତ୍ତି ବିସୟ୍କୁ ଅସି ମିଜ୍ଞିଁ ୱେର୍ନାନ୍ । 15 ଆମା ଆମାକା
ବୁବାଦି, ଆୟାୱିଜୁ ନାଦି; ଇୟାଉଣ୍ଡିଙ୍ଗୁ ନାନ୍ ଇର୍ହା, ପବିତ୍ର ଆତ୍ମା
ନାମାଣ୍କୁ ୱିଜୁ ବିସୟ୍ ଅସି ମିଜ୍ଞିଁ ୱେର୍ନାନ୍ । 16 "କାଣ୍ଡେକ୍
ବେଡ଼ା ମାନାତ୍, ମିର୍ ନାଙ୍ଗିଁ ମାରି ସୁଡୁଦେଙ୍ଗୁ ଆଟ୍ଇଦେର୍,
ମାରିଡ଼େସି ସାଣେକ୍ ୱେନ୍କା ମିର୍ ନାଙ୍ଗିଁ ସୁଡୁନିଦେର୍ ।" 17
ଆବେଟ୍ ୱାନି ସିସୁରି ଲୋଇରାନ୍ ଏନ୍ ଏନ୍ ନିଜେନିଜେ ଇର୍ହାର୍,
କାଣ୍ଡେକ୍ ବେଡ଼ା ମାନାତ୍, ମିର୍ ନାଙ୍ଗିଁ ସୁଡୁଇଦେର୍, ମାରିଡ଼େସି
ସାଣେକ୍ ୱେନ୍କା ମିର୍ ନାଙ୍ଗିଁ ସୁଡୁନିଦେର୍ ମାରି ନାନ୍ ବୁବାଦି
ଲାକ୍ତୁ ସୋଲ୍ସିନା, ଇୟା ଏମେ ମାଟା ୱାନ୍ ମାଙ୍ଗିଁ ୱେର୍ସିନାନ୍,
ଇକା ଇନିକା? 18 ୱାର୍ ଇର୍ହାର୍, "କାଣ୍ଡେକ୍ ବେଡ଼ା ଇଜି ଇକାନ୍
ଇନିକା ଇଜିନି?" ୱାନ୍ ଇନିକା ୱେର୍ସିନାନ୍, ମାପ୍ ବୁଜାଦେଙ୍ଗୁ
ଆଟ୍ଏଜିନାପ୍ । 19 ସିସୁର୍ ୱାନିଙ୍ଗୁ ୱେନ୍ବାଦେଙ୍ଗୁ ବଦା କିଜିନାର୍
ଇଜି ନେସ୍ତାନ୍ନୋ ଜିସୁ ୱାରିଙ୍ଗୁ ଇର୍ହାନ୍, କାଣ୍ଡେକ୍ନେ ବେଡ଼ା
ମାନାତ୍, ମିର୍ ନାଙ୍ଗିଁ ସୁଡୁଇଦେର୍, ମାରିଡ଼େସି ସାଣେକ୍ ମାର୍ଇ
ୱେନ୍କା ମିର୍ ନାଙ୍ଗିଁ ସୁଡୁନିଦେର୍, ନାନ୍ ଏମେ ଇୟା ମାଟା
ୱେର୍ତା, ଆୟା ବିସୟ୍ତାନ୍ ଅସି ମିର୍ ଇନିକା ନିଜେନିଜେଦିମାନୁ
ୱାର୍ଗିଜି ସାଜିନିଦେର୍? 20 ସତ୍ ସତ୍ନେ ନାନ୍ ମିଜ୍ଞିଁ ୱେର୍ସିନା,
ମିର୍ ଆଡ଼ାବାନିଦେର୍ ମାରି ଏତ୍କିଜି କିଜି ଆଡ଼୍ବାନିଦେର୍,
ମାତର୍ ଜଗତ୍ ୱେଡ଼ିକା ଆନାତ୍; ମିର୍ ଦୁଃକ୍ଆନିଦେର୍, ମାତର୍
ମି ଦୁଃକ୍ ୱେଡ଼ିକାଦୁ ମିସାନାତ୍ । 21 ଜନମ୍କିନି ବେଡ଼ା ଇଗା
ୱାତିଙ୍ଗୁ ଆଇମା ଦୁଃକ୍ ପୟ୍ନାତ୍, ମାତର୍ ୱାନି କଡ଼ ଜନମ୍
ଆତି ୱେନ୍କା ଦୁନିଆଦୁ ଅରେନ୍ ଲୋକୁ ଜନମ୍ ଆତାନ୍, ଇୟା
ୱେଡ଼ିକା ଉଣ୍ଡିଙ୍ଗୁ ମାରି କାସ୍କୁ ଏତ୍ କିଏତ୍ । 22 ଆୟାୱାଜା ମିର୍
ଇଲେଇ ଦୁଃକ୍ ପୟ୍ଜିନିଦେର୍, ମାତର୍ ନାନ୍ ମାରିଡ଼େସି ମିଜ୍ଞିଁ
ତରାୟାଆନା, ମାରି ମି ଜିବନ୍ ୱେଡ଼ିକା ଆନାତ୍ ମାରି ଏନ୍
ମିମାଣ୍ଡୁକୁ ମି ୱେଡ଼ିକା ଡଙ୍ଗିଁକିଜ ଅଏନ୍ । 23 ଆୟାନାଣ୍ଡିଙ୍ଗୁ
ୱାତିଙ୍ଗୁ, ନାମାଣାନ୍ ମିଜ୍ଞିଁ ମାରି ଇନିକା ଲସ୍ତେଙ୍ଗୁ ପଡ଼ାଏତ୍ ।
ସତ୍ ଇଜିନା, ନା ଦର୍ତାନ୍ ବୁବା ମାପୁରୁଙ୍ଗୁ ଆମାକା ଲସ୍ନିଦେର୍,
ୱାନ୍ ଆକା ସିନାନ୍ । 24 ଇୟାସାନ୍ଦି ମିର୍ ନା ଦର୍ତାନ୍ ଇନିକା
ଲସ୍ଇଦେର୍; ଇଲେଇ ଲସ୍ତୁ, ମାରି ମି ୱେଡ଼ିକା ଏଣ୍ଡେସ୍
ପୁରୁନ୍ ଆନାତ୍, ଆୟାଉଣ୍ଡିଙ୍ଗୁ ମିର୍ ଆକା ପୟ୍ନିଦେର୍ । 25
ନାନ୍ ମିଜ୍ଞିଁ କାତାଦାନ୍ ଇୟାୱିଜୁ ମାଟା ୱେର୍ତାମାନା; ବେଡ଼ା
ୱାଜିନାତ୍, ଏସ୍ତିୱାଲେ ନାନ୍ ମାରି କାତାଦାନ୍ ମିଜ୍ଞିଁ ୱେର୍ଏ,
ମାତର୍ ବୁବାଦି ବିସୟ୍ ବୁଜାନିୱାଜା ମିଜ୍ଞିଁ ୱେର୍ନା । 26
ଆୟାନାଣ୍ଡିଙ୍ଗୁ ମିର୍ ନା ଦର୍ତାନ୍ ୱାନିଙ୍ଗୁ ଲସ୍ନିଦେର୍; ମାରି,
ନାନ୍ ଜେ ମି ତରିଟାନ୍ ବୁବେଙ୍ଗୁ ୱେର୍ନା, ଇକା ନାନ୍ ମିଜ୍ଞିଁ
ଇନ୍ଏ; 27 ଇରିଙ୍ଗୁ ବୁବା ନିଜେ ମିଜ୍ଞିଁ ଜିବନ୍ନୋନାନ୍, ଆଦେଙ୍ଗୁ
ମିର୍ ନାଙ୍ଗିଁ ଜିବନ୍ନୋତିମାନିଦେର୍ ମାରି ନାନ୍ ଜେ ମାପୁରୁଦି
ଲାକ୍ତୁରାନ୍ ୱାତାମାନା, ଆକା ମିର୍ ବିସ୍ବାସ୍ କିତିମାନିଦେର୍ ।
28 ନାନ୍ ବୁବାଦି ଲାକ୍ତୁରାନ୍ ଦୁନିଆଦୁ ୱାତାମାନା; ମାରିଡ଼େସି
ନାନ୍ ଦୁନିଆ ଡ଼ିସ୍ସି ବୁବାଦି ଲାକ୍ତୁ ସୋଲ୍ସିନା । 29 ଇୟା
ମାଟା ୱେନ୍ଜ୍ଞି ସିସୁର୍ ଇର୍ହାର୍, ସୁଡୁଦୁ, ଇଲେଇ ନିନ୍ ବୁଜାନିୱାଜା
ୱେର୍ସିନି ମାରି କାତାଦାନ୍ ମାଟା ମାରି ୱେର୍ଇ । 30 ଇଲେଇ
ମାପ୍ ନେସ୍ନାପ୍; ନିନ୍ ୱିଜୁ ବିସୟ୍ ନେସ୍ନି ମାରି ନିନ୍ ଏଙ୍ଗୁ
ଇନି ବିସୟ୍ ୱେନ୍ବାଦେଙ୍ଗୁ ଦର୍କାର୍ ସିଲେତ୍ । ମାପୁରୁଦି
ଲାକ୍ତୁରାନ୍ ନିନ୍ ୱାତିମାନି ଇଜି ମାପ୍ ଇୟାମାଣ୍ଡୁକୁ ବିସ୍ବାସ୍
କିଜିନାପ୍ । 31 ଜିସୁ ୱାରିଙ୍ଗୁ ୱେର୍ତାନ୍, ମିର୍ ଇନିକା ଇଲେଇ
ବିସ୍ବାସ୍ କିଜିନିଦେର୍? 32 ସୁଡୁଦୁ, ବେଡ଼ା ୱାଜିନାତ୍, ହୁଁ,
ୱାତାତ୍ନି, ଏସ୍ତିୱାଲେ ମିର୍ ଇନିଙ୍ଗିଁ ଆନିଙ୍ଗିଁ ଆଜି ୱିଜେରେ
ନିଜେ ନିଜେଦି ଇଲ୍କାଙ୍ଗୁ ସନିଦେର୍, ମାରି ନାଙ୍ଗିଁ ଅରେନ୍ୱାନିଙ୍ଗୁ
ଡ଼ିସ୍ନିସନିଦେର୍; ଆରିଙ୍ଗୁବା ନାନ୍ ଅରେନ୍ନେ ସିଲେ, ଇରିଙ୍ଗୁ
ବୁବା ନା ୱାଲେ ମାନ୍ନାନ୍ । 33 ମିର୍ ଏଣ୍ଡେସ୍ ନା ୱାଲେ ମାନ୍ଜ୍ଞି

ସାନ୍ତି ପୟ୍‌ନିଦେର୍, ଇୟାଉଣ୍ତିଙ୍ଗ ନାନ୍ ମିଙ୍ଗେଁ ଇୟାୱିଜୁ ବିସୟ୍
ୱେର୍‌ତାମାନା । ଜଗତ୍‌ଦୁ ମି ଉଣ୍ତିଙ୍ଗ କାସ୍ଟ ମାନାତ୍, ମାତର୍ ସାସ୍
ଆସ୍‌ତୁ, ନାନ୍ ଜଗତ୍‌ତିଙ୍ଗ ଜିଣାକିତାମାନା ।

**17** ଜିସୁ ଇୟାୱିଜୁ ମାଟା ଇନ୍‌ଜି ମୁସ୍‌କୁପୁର୍‌ତରିନ୍ ସୁଡୁଜି
ଇର୍ହାନ୍, ବୁବା, ବେଡ଼ା ଇଗା ୱାତାତ୍‌ନି; ନି ମାରିନ୍‌ତିଙ୍ଗ
ଗୌରବ୍ କିଆ, ଏଣ୍ତେସ୍ ମାରିନ୍ ବା ନିଙ୍ଗେଁ ଦନ୍ୟବାଦ୍ କିନ୍‌ନାନ୍,
2 ଏଣ୍ତେସ୍‌ୱାଜା ନିନ୍ ୱାନିଙ୍ଗ ଆମା ଲୋକାଙ୍ଗ ୱାନି କିୟୁଦୁ
ସିତିମାନି, ୱାରିଙ୍ଗ ଏସ୍‌କାଙ୍ଗୱିଜ୍‌ଇ ଜିବନ୍ ସିନି ଉଣ୍ତିଙ୍ଗ ୱାନିଙ୍ଗ
ୱିଜୁ ଦୁନିଆଦି ମୁସ୍‌କୁ ଅଦିକାର୍ ସିତି । **(aiōnios g166)** 3 ମାରି,
ନିନ୍ ଜେ ଅରେନ୍‌ମାତର୍ ସତ୍‌ତି ମାପୁରୁ, ନିଙ୍ଗେଁ ମାରି ଆମାୱାନିଙ୍ଗ
ନିନ୍ ପୋକ୍‌ତାତିମାନି, ଆୟା ଜିସୁ କ୍ରିସ୍ତଙ୍ଗ ନେସ୍‌ନିକାନେ
ଏସ୍‌କାଙ୍ଗୱିଜିଇ ଜିବନ୍ । **(aiōnios g166)** 4 ନିନ୍ ନାଙ୍ଗେଁ ଏମେ
ପାଣି କିଦେଙ୍ଗ ସିତିମାନି, ଆକା ନାନ୍ ୱିସ୍‌ତାନୋ ଦୁନିଆଦୁ ମିଙ୍ଗେଁ
ଦନ୍ୟବାଦ୍ କିତାମାନା । 5 ମାରି ଇଲେଇ, ଏ ବୁବା, ଦୁନିଆ
ତିଆର୍‌ଆତି ପୁର୍ବେନେ ନି ୱାଲେ ନା ଏମେ ମହିମା ମାର୍ହାତ୍,
ଇଲେଇ ନିନ୍ ମାନିମାନୁ ଆୟା ମହିମା ନାଙ୍ଗେଁ ସିଦା । 6 ନିନ୍ ନାଙ୍ଗେଁ
ଦୁନିଆଦି ମାଣ୍‌କୁ ଆମା ଲୋକାଙ୍ଗ ଦାନ୍ କିତିମାନି, ନାନ୍ ୱାରି
ଲାକ୍‌ତୁ ନି ଦର୍ ୱେର୍‌ତାମାନା; ୱାର୍ ନି ଲୋକ୍ ମାରି ନିନ୍ ୱାରିଙ୍ଗ
ନାଙ୍ଗେଁ ଦାନ୍ କିତିମାନି, ୱାର୍ ନି ବାକ୍ୟ ମାନାତାମାନାର୍ । 7 ନିନ୍
ନାଙ୍ଗେଁ ଆମା ଆମାକା ଦାନ୍ କିତିମାନି, ଆୟାୱିଜୁ ଜେ ନିମାଣୁକୁ
ୱାତାମାନାତ୍, ଇକା ୱାର୍ ଇଲେଇ ବୁଜାତାମାନାର୍; 8 ଇରିଙ୍ଗ ନିନ୍
ନାଙ୍ଗେଁ ଆମାୱିଜୁ ମାଟା ଦାନ୍ କିତିମାନି, ନାନ୍ ୱାରିଙ୍ଗ ଆୟାୱିଜୁ
ଦାନ୍ କିତାମାନା, ମାରି ୱାର୍ ମାନାତାମାନାର୍, ମାରି ନାନ୍ ଜେ ନି
ଲାକ୍‌ତୁରାନ୍ ୱାତାମାନା, ଆକା ସତ୍‌ତାନ୍ ନେସ୍‌ତାମାନାର୍ ମାରି
ନିନ୍ ନାଙ୍ଗେଁ ପୋକ୍‌ତାତିମାନି ଇଜି ବିସ୍‌ବାସ୍ କିତାମାନାର୍ । 9 ନାନ୍
ୱାରି ଉଣ୍ତିଙ୍ଗ ପାର୍‌ତନା କିଜିନା, ଜଗତ୍‌ଦି ଉଣ୍ତିଙ୍ଗ ପାର୍‌ତନା କିଏ,
ମାତର୍ ନିନ୍ ନାଙ୍ଗେଁ ଆମାୱାରିଙ୍ଗ ସିତିମାନି, ୱାରି ଉଣ୍ତିଙ୍ଗ ପାର୍‌ତନା
କିଜିନା, ଇରିଙ୍ଗ ୱାର୍ ନି ଲୋକ୍; 10 ଆମା ଆମାକା ନାଦି,
ଆୟାୱିଜୁ ନିଦି, ମାରି ଆମା ଆମାକା ନିଦି, ଆୟାୱିଜୁ ନାଦି,
ମାରି, ନାନ୍ ୱାରିମାଣାନ୍ ଦନ୍ୟବାଦ୍ ଆତାମାନା । 11 ନାନ୍ ମାରି
ଇୟା ଜଗତ୍‌ଦୁ ମାନ୍‌ଏ, ମାତର୍ ଇୟାକାର୍ ଜଗତ୍‌ଦୁ ମାନ୍‌ଜିନାର୍;
ମାରି, ନାନ୍ ନି ଲାକ୍‌ତୁ ସୋଲ୍‌ସିନା । ପବିତ୍ର ବୁବା, ନିନ୍ ସିତିମାନି
ଦର୍‌ତି ସକ୍ତିଦାନ୍ ୱାରିଙ୍ଗ ରକିୟା କିଆ, ଏଣ୍ତେସ୍ ନିନ୍ ମାରି
ନାନ୍ ଅରେନ୍‌ନେ, ୱାର୍ ଆୟାୱାଜା ଉନ୍‌ତ୍ରେମାନୁ ଆଦେଙ୍ଗ
ଆଟ୍‌ନାର୍ । 12 ୱାରି ୱାଲେ ମାନ୍‌ଜିମାର୍‌ଇ ୱାଲେ ନାନ୍ ୱାରିଙ୍ଗ
ନି ଦର୍‌ତି ସାକ୍ତିଦାନ୍ ରକ୍ୟା କିଜି ୱାଜିନା, ମାରି ନାନ୍ ୱାରିଙ୍ଗ
ନେଗ୍‌ନେତାନ୍ ରକିୟା କିତାମାନା ମାରି ଦାର୍ମୁସାସ୍ତ୍ରଦି ବାକ୍ୟ
ଏଣ୍ତେସ୍ ପୁରା ଆନାତ୍, ଇୟାଉଣ୍ତିଙ୍ଗ ସାନି ମାରିନ୍‌ତିଙ୍ଗ ଡ଼ିସ୍‌ସି
ୱାରି ମାଣ୍‌କୁ ଅରେନ୍ ଏନ୍‌ବା ନାସ୍ଟ ଆଏର୍ । 13 ମାତର୍ ନାନ୍
ଇଲେଇ ନି ଲାକ୍‌ତୁ ୱାଜିନା, ମାରି ୱାରି ଜିବନ୍‌ତୁ ନା ୱେଡ଼ିକା
ଏଣ୍ତେସ୍ ପୁରା ଆନାତ୍, ଆୟାଉଣ୍ତିଙ୍ଗ ଦୁନିଆଦୁ ମାନ୍‌ଜି ନାନ୍
ଇୟାୱିଜୁ ୱେର୍‌ସିନା । 14 ନାନ୍ ୱାରିଙ୍ଗ ନି ବାକ୍ୟ ସିତାମାନା,
ମାରି ଇୟା ଦୁନିଆ ୱାରିଙ୍ଗ କାଡ଼ିତା ମାନାତ୍, ଇରିଙ୍ଗ ନାନ୍
ଏଣ୍ତେସ୍ ଇୟା ଦୁନିଆଦାନ୍ ସିଲେ, ଆୟାୱାଜା ୱାନ୍ ବା ଇୟା
ଦୁନିଆଦାନ୍ ସିଲେର୍ । 15 ନିନ୍ ୱାରିଙ୍ଗ ଦୁନିଆଦାନ୍ ଅନିଉଣ୍ତିଙ୍ଗ
ପାର୍‌ତନା କିଏ, ମାତର୍ ୱାରିଙ୍ଗ ଡାଗ୍‌ଇ ପାଣିଦାନ୍ ରକ୍ୟା କିଦୁ
ଇଜି ପାର୍‌ତନା କିଜିନା । 16 ନାନ୍ ଏଣ୍ତେସ୍ ଦୁନିଆଦିକିନ୍ହା
ସିଲେ, ୱାର୍ ଆୟାୱାଜା ଇୟା ଦୁନିଆଦିକାର୍ ଆଏର୍ । 17
ସତ୍‌ତାନ୍ ୱାରିଙ୍ଗ ପବିତ୍ର କିଦୁ; ନି ବାକ୍ୟନେ ତୋ ସତ୍ । 18
ନିନ୍ ନାଙ୍ଗେଁ ଏଣ୍ତେସ୍ ଦୁନିଆଦୁ ପୋକ୍‌ତାତିମାନି, ନାନ୍ ବା ୱାରିଙ୍ଗ
ଆୟାୱାଜା ଦୁନିଆଦୁ ପୋକ୍‌ତାତାମାନା । 19 ମାରି, ୱାନ୍ ବା
ଏଣ୍ତେସ୍ ସତ୍‌ତାନ୍ ପବିତ୍ର ଆନାର୍, ଇୟାଉଣ୍ତିଙ୍ଗ ନାନ୍ ୱାରି
ଉଣ୍ତିଙ୍ଗ ନିଜେଦିଙ୍ଗ ପବିତ୍ର କିଜିନା । 20 ନାନ୍ କେବଲ୍ ଇୟାୱାରି
ଉଣ୍ତିଙ୍ଗ ପାର୍‌ତନା କିଏଜିନା, ମାତର୍ ଇୟାୱାରି ବାକ୍ୟଦାନ୍
ଆମାକାର୍ ନା ମାନୁ ବିସ୍‌ବାସ୍ କିନାର୍, ୱାରି ଉଣ୍ତିଙ୍ଗ ବା ପାର୍‌ତନା
କିଜିନା, 21 ୱିଜେରି ଉଣ୍ତିଙ୍ଗ ପାର୍‌ତନା କିଜିନା, ଏଣ୍ତେସ୍ ୱାର୍
ୱିଜେରେ ଉନ୍‌ତ୍ରେମାନୁ ଆନାର୍; ଏ ବୁବା, ନିନ୍ ଏଣ୍ତେସ୍ ନା
ମାନୁ ମାନି ମାରି ନାନ୍ ନି ମାନୁ ମାନା, ୱାନ୍ ବା ଆୟାୱାଜା
ମାମାନୁ ମାନିର୍, ଏଣ୍ତେସ୍ ନିନ୍ ନାଙ୍ଗେଁ ପୋକ୍‌ତାତିମାନି ଇଜି
ଦୁନିଆ ବିସ୍‌ବାସ୍ କିନାତ୍ । 22 ମାରି, ନିନ୍ ନାଙ୍ଗେଁ ଆମା ମହିମା
ସିତିମାନି, ନାନ୍ ୱାରିଙ୍ଗ ଆକା ସିତାମାନା, ଏଣ୍ତେସ୍ ନିନ୍ ମାରି
ନାନ୍ ଅରେନ୍‌ନେ, ଆୟାୱାଜା ୱାନ୍ ବା ଉନ୍‌ତ୍ରେମାନୁ ଆଦେଙ୍ଗ
ଆଟ୍‌ନାର୍ । 23 ନାନ୍ ୱାରିମାନୁ, ମାରି ନିନ୍ ନା ମାନୁ, ଏଣ୍ତେସ୍
ୱାର୍ ପୁରାଦାନ୍ ଉନ୍‌ତ୍ରେମାନୁ ଆଦେଙ୍ଗ ଆଟ୍‌ନାର୍, ଆରିଙ୍ଗ ଇୟା
ଜଗତ୍ ନେସ୍‌ନାତ୍ ଜେ, ନିନ୍ ନାଙ୍ଗେଁ ପୋକ୍‌ତାତିମାନି, ମାରି
ନାଙ୍ଗେଁ ଏଣ୍ତେସ୍‌ୱାଜା ଜିବନ୍‌ନୋତିମାନି, ୱାରିଙ୍ଗ ବା ଆୟାୱାଜା
ଜିବନ୍‌ନୋତି । 24 "ଏ ବୁବା, ନିନ୍ ନାଙ୍ଗେଁ ଏମେ ଲୋକାଙ୍ଗ
ସିତିମାନି, ନାନ୍ ଏମେମାନୁ ମାନା, ୱାନ୍ ବା ଏଣ୍ତେସ୍ ଆବେନ୍
ନା ୱାଲେ ମାନାର୍ ମାରି ଦୁନିଆ ତିଆର୍‌ଆତି ଆଗ୍‌ଡ଼ିରାନ୍‌ନେ
ନିନ୍ ନାଙ୍ଗେଁ ଜିବନ୍ ନୋତିମାନିଙ୍ଗ ନାଙ୍ଗେଁ ଆମା ଗୌରବ୍ ସିତିମାନି,
ନା ଆୟା ଗୌରବ୍ ୱାର୍ ଏଣ୍ତେସ୍ ସୁଡୁନାଟ୍, ଇକା ନା ବଦା
। 25 ଏ ଦାର୍ମୁଦି ବୁବା, ଜଗତ୍ ନିଙ୍ଗେଁ ନେସ୍‌ଏତ୍, ମାତର୍ ନାନ୍
ନିଙ୍ଗେଁ ନେସ୍‌ତାମାନା; ମାରି, ନିନ୍ ଜେ ନାଙ୍ଗେଁ ପୋକ୍‌ତାତିମାନି,
ଇକା ଇୟାକାର୍ ନେସ୍‌ତାମାନାର୍; 26 ମାରି, ନିନ୍ ନାଙ୍ଗେଁ ଆମା
ଜିବନ୍‌ନୋତିମାନୁ ଜିବନ୍‌ନୋତିମାନି, ଆକା ଏଣ୍ତେସ୍ ୱାରି ମାନୁ
ତେବାନାତ୍ ମାରି ନାନ୍ ୱାରିମାନୁ ତେବାନା, ଇୟାଉଣ୍ତିଙ୍ଗ ନାନ୍
ୱାରିଙ୍ଗ ନି ଦର୍ ୱେର୍‌ତାମାନା ମାରି ୱେର୍‌ନା ।"

**18** ଜିସୁ ଇୟା ପାର୍‌ତନା ୱିସ୍‌ଇ ସିସୁରି ୱାଲେ କିଦ୍ରୋଣ୍
ଜଲାଦି ଆୟାପାଡ଼୍‌କା ସୋର୍ହାର୍ । ଆବେନୁ ଉନ୍‌ତ୍ରି ଡଡି
ମାର୍ହାତ୍, ମାରି ୱାନ୍ ନି ୱାନି ସିସୁର୍ ଆବେନୁ ଡୁଗିତାର୍ ।
2 ଆମା ଜିହୁଦା ଜିସୁଙ୍ଗେଁ ସାତୁରି କିୟୁଦୁ ସର୍‌ପେ କିତାନ୍,
ୱାନ୍ ବା ଆୟାବାଡି ନେସ୍‌ତା ମାର୍ହାନ୍, ଇରିଙ୍ଗ ଜିସୁ ନାଣ୍ତ

ଦେବେଙ୍ଗ ନିଜେଦି ସିସୁରି ୱାଲେ ଆୟ୍ଯାବାଡିଦୁ ସୋଲ୍‌ସିମାର୍ହାର୍
। 3 ମାରି, ଜିହୁଦା ସନ୍ୟରିଦଲ୍ ମାରି ପେରି ଜାଜକର୍ ମାରି
ପାରୁସିରିମାଣ୍ଣୁକୁ ମନ୍ଦିର୍ କାପ୍‌କିନିୱାରିଙ୍ଗ ଅସି ଦିୱା, ମସାଲ୍
ମାରି ସାଜୁମାଜୁ ଆସ୍‌ସି ଆବେନୁ ୱାତାର୍ । 4 ଆବେଟ୍ ଜିସୁ,
ୱାନି ଉଣ୍ତିଙ୍ଗ ଆମା ଆମାକା ଗଟାଦେଙ୍ଗ ସୋଲ୍‌ସିନାତ୍, ଆୟ୍ଯାୱିଜୁ
ନେସ୍‌ତାନ୍‌ନୋ ଆଗ୍‌ଡ଼ି ସୋଲ୍‌ସି ୱାରିଙ୍ଗ ୱେନ୍‌ବାତାନ୍, "ମିର୍
ଏଙ୍ଗ ପୟ୍‌ଜିନିଦେର୍?" 5 ୱାର୍ ୱାନିଙ୍ଗ ଇର୍ହାର୍, "ନାଜରିୟତିୟ
ଜିସୁଙ୍ଗୁଁ ।" ଜିସୁ ୱାରିଙ୍ଗ ଇର୍ହାନ୍, "ନାନ୍ ଆୟ୍ଯା ଜିସୁ ।" ଆମା
ଜିହୁଦା ୱାନିଙ୍ଗ ସାତ୍ତୁରି କିୟୁଦୁ ସର୍‌ପେ କିତାନ୍, ୱାନ୍ ବା ୱାରି
ୱାଲେ ନିର୍‌ଆମାର୍ହାନ୍ । 6 ଜିସୁ ଏସ୍ତିୱାଲେ ୱାରିଙ୍ଗ ଇର୍ହାନ୍,
"ନାନ୍ ଆୟ୍ଯାକାନ୍," ନାସ୍ତିୱାଲେ ୱାର୍ ୱେନ୍‌କା ଗୁସାଜିସୋଲ୍‌ସି
ବୁମିଦୁ ଆର୍‌ତାର୍ । 7 ଆବେଟ୍ ଜିସୁ ୱାରିଙ୍ଗ ମାରି ଅର୍‌ସୁ
ୱେନ୍‌ବାତାନ୍, "ମିର୍ ଏଙ୍ଗ ପୟ୍‌ଜିନିଦେର୍?" ୱାର୍ ଇର୍ହାର୍,
ନାଜରିୟତିୟ୍ ଜିସୁଙ୍ଗୁଁ । 8 ଜିସୁ ଇର୍ହାନ୍, "ନାନ୍‌ନେ ଆୟ୍ଯାକାନ୍,"
ଇକା ତୋ ନାନ୍ ମିଙ୍ଗୁଁ ୱେର୍‌ତା । "ଜଦି ମିର୍ ନାଙ୍ଗୁଁ ପୟ୍‌ଜିନିଦେର୍,
ଆରିଙ୍ଗ ଇୟ୍ଯାୱାରିଙ୍ଗ ସନ୍‌ଡ୍ରେଙ୍ଗ ଡ଼ିସ୍‌ତୁ ।" 9 ୱାନ୍ ଇକା ଇର୍ହାନ୍,
ଏଣ୍ଡେସ୍ ୱାନ୍ ଇର୍ହିମାର୍‌ଇ ଇୟ୍ଯା ବାକ୍ୟ ପୁରା ଆନାତ୍, ନିନ୍ ନାଙ୍ଗୁଁ
ଆମାୱାରିଙ୍ଗ ସିତିମାନି, ୱାରି ମାଣ୍‌କୁ ନାନ୍ ଅରେନ୍‌ୱାନିଙ୍ଗ ବା
ଆରାକିଏ । 10 ସିମୋନ ପିତର୍ ଲାକ୍‌ତୁ ଉନ୍‌ଡ୍ରି କାଆଣ୍ଡା ମାର୍ହାତ୍,
ଆୟ୍ଯା କାଆଣ୍ଡା ସୋପ୍‌ତାନ୍‌ନୋ ୱିଜେରିଙ୍ଗ ପେରିଜାଜକରି
ସାକର୍‌ତିଙ୍ଗ କାଡ୍‌ତାନ୍ ମାରି ଆୟ୍ଯା ସାକର୍‌ତି ଉଣେରି ଗିଡ୍‌ଣି
କୟ୍‌ତାପୋକ୍‌ତାନ୍; ଆୟ୍ଯା ସାକର୍‌ତି ଦର୍ ମାଲ୍‌କ । 11
ଆବେଟ୍ ଜିସୁ ପିତରତିଙ୍ଗ ଇର୍ହାନ୍, "ନିନ୍ କାଣ୍ଡାଦିଙ୍ଗ ଇଡ୍‌ନିବାଡିଦୁ
ଇଡିଆ; ବୁବା ନାଙ୍ଗୁଁ ଏମେ ଡୁବାଇ ସିତାମାନ୍‌ନାନ୍, ନାନ୍ ଇନିକା
ଆବେଣ୍‌କୁ ଉଣ୍ଣୁଏନୋ?" 12 ଇୟ୍ଯା ୱେନ୍‌କା ରମିୟ ସନ୍ୟରିଦଲ୍,
ପେରି ସେନାପତିର୍, ମାରି ଜିହୁଦିରିଙ୍ଗ କାପ୍‌କିନିକାର୍ ଜିସୁଙ୍ଗୁଁ
ଆସ୍‌ସି ତର୍‌ତାର୍ 13 ମାରି ୱାନିଙ୍ଗ ଆଗ୍‌ଡ଼ି ହାନାନଦି ଲାକ୍‌ତୁ
ଅତାର୍, ଇରିଙ୍ଗ ୱାନ୍ ଆୟ୍ଯା ବାର୍ସେକ୍‌ତି ୱିଜେରିଙ୍ଗ ପେରିଜାଜକ୍
କୟ୍ଯାପାଦି ପଟେଲ୍‌ସି ମାର୍ହାନ୍ । 14 ଇୟ୍ଯା କୟ୍ଯାପା ଆଗ୍‌ଡ଼ି
ଜିହୁଦି ନେତାର୍ ୱେର୍‌ତା ମାର୍ହାନ୍, ୱିଜୁ ଲୋକା ନେଗି ଉଣ୍ତିଙ୍ଗ
ଅରେନ୍ ସାନିକା ନେଗେତ୍ । 15 ସିମୋନ ପିତର୍ ନି ମାରି
ଅରେନ୍ ସିସୁ ଜିସୁଦି ୱାଲେ ୱାଲେ ସୋଲ୍‌ସିମାର୍ହାନ୍ । ଆୟ୍ଯା
ସିସୁ ୱିଜେରିଙ୍ଗ ପେରିଜାଜକ୍‌ଦିଙ୍ଗ ନେସ୍‌ତିକାନ୍ ମାର୍ହାନ୍ ମାରି
ଜିସୁଦି ୱାଲେ ୱିଜେରିଙ୍ଗ ପେରିଜାଜକଦି ଦୁଆର୍‌ତୁ ଡୁଗିତାର୍;
16 ମାତର୍ ପିତର୍ ଆତେରେ ଡେୱା ଲାକ୍‌ତୁ ନିର୍‌ଆ ମାର୍ହାନ୍
। ମାରି, ଆୟ୍ଯା ଏମେ ଆଇ ସିସୁ ୱିଜେରିଙ୍ଗ ପେରିଜାଜକଦିଙ୍ଗ
ନେସ୍‌ତିକାନ୍ ମାର୍ହାନ୍, ୱାନ୍ ଆତେରେ ସୋର୍‌ର୍ହାନ୍‌ନୋ ଡେୱାଦୁ
କାପ୍‌କିନିୱାନିଙ୍ଗ ୱେର୍‌ସି ପିତରତିଙ୍ଗ ଦୁଆର୍ ଲୋଇ ତାତାର୍ ।
17 ଆବେଟ୍ ଆୟ୍ଯା ଡେୱାଦୁ କାପ୍‌କିନି ସାକର୍ ପିତରତିଙ୍ଗ ଇର୍ହାତ୍,
"ନିନ୍ ବା ଇନିକା ଇୟ୍ଯା ଲୋକାଦି ସିସୁରି ଲୋଇରାନ୍ ଅରେନ୍
ଆଇନୋ?" ପିତର୍ ଇର୍ହାନ୍, "ନାନ୍ ସିଲେ ।" 18 ପିନିଦି ଉଣ୍ତିଙ୍ଗ
ସାକର୍ ନି କାପ୍‌କିନିକାର୍ ସିସୁ କାସ୍‌ସିକିଜି ଆବେନୁ ନିର୍‌ଆରୋ
ସିସୁ କାୟ୍ଯାଜି ମାର୍ହାର୍; ପିତର୍ ବା ୱାରି ୱାଲେ ନିର୍‌ଆନୋ ସିସୁ
କାୟ୍ଯାଜି ମାର୍ହାନ୍ । 19 ଆୟ୍ଯାଦାପ୍ରେ ୱିଜେରିଙ୍ଗ ପେରିଜାଜକ୍
ଜିସୁଙ୍ଗୁଁ ୱାନି ସିସୁରି ବିସୟ୍‌ତାନ୍ ମାରି ୱାନି ସିକିୟ୍ଯା ବିସୟ୍‌ତାନ୍
ୱେନ୍‌ବାତାନ୍ । 20 ଜିସୁ ୱାନିଙ୍ଗ ଇର୍ହାନ୍, "ନାନ୍ ଦୁନିଆ ଲାକ୍‌ତୁ
ନେସ୍‌ନିୱାଜା ମାଟା ଇର୍‌ଆମାନା; ଏମେମାନୁ ୱିଜେରେ ଜିହୁଦିର୍
ଉନ୍‌ଡ୍ରେମାନୁ ଆନାର୍, ଇୟ୍ଯାୱାଜା ପାର୍‌ତନାକିନି ଇଲ୍‌କାଙ୍ଗ
ମାରି ମନ୍ଦିର୍‌ତୁ ନାନ୍ ୱିଜୁଦିନ୍ ସିକିୟ୍ଯା ସିତାମାନା; ନାନ୍ ଇନି
ବିସୟ୍ ଆଡ଼ାକ୍‌ସି ୱାଜା ଇନ୍‌ଏ । 21 ନାଙ୍ଗୁଁ ଏନ୍ଦ୍ବା ୱେନ୍‌ବାଜିନି?
ନାନ୍ ୱାରିଙ୍ଗ ଇନିକା ଇର୍ହାମାନା, ଏମେକାର୍ ୱେର୍‌ଆମାନାର୍,
ୱାରିଙ୍ଗ ୱେନ୍‌ବାଆ; ସୁଡୁଆ, ନାନ୍ ଆମା ଆମାକା ଇର୍‌ଆମାନା,
ୱାର୍ ଆୟ୍ଯାୱିଜୁ ନେସ୍‌ନାର୍ ।" 22 ଜିସୁ ଇୟ୍ଯା ମାଟା ଇନିୱାଲେ
ଜିସୁଦି ଲାକ୍‌ତୁ ନିର୍‌ଇ ମାର୍‌ଇ କାପ୍‌କିନିକାନ୍ ଅରେନ୍ ଜିସୁଙ୍ଗୁଁ
ସାପାଡ଼ା ଡାକ୍‌ସି ଇର୍ହାନ୍, "ନିନ୍ ୱିଜେରିଙ୍ଗ ପେରି ଜାଜକଙ୍ଗ
ଏଣ୍ଡେସ୍ ଉତର୍ ୱେର୍‌ସିନି?" 23 ଜିସୁ ୱାନିଙ୍ଗ ଇର୍ହାନ୍, "ଜଦି
ନାନ୍ ବୁଲ୍ ଇର୍‌ଆ, ଆର୍‌ତିଙ୍ଗ ୱିଜେରି ଆଗ୍‌ଡ଼ି ବୁଲ୍‌ତି ସାକି
ସିଦାଟ୍; ମାତର୍ ଜଦି ନେଗେନ୍ ଇର୍ହା, ଆର୍‌ତିଙ୍ଗ ଏନ୍ଦ୍ବା ନାଙ୍ଗୁଁ
ଡାକ୍‌ସିନି?" 24 ଆବେଟ୍ ହାନାନ ଜିସୁଙ୍ଗୁଁ ତରାତିମାନି ଡ଼ାସାନେ
ୱିଜେରିଙ୍ଗ ପେରିଜାଜକ୍ କୟ୍ଯାପାଦି ଲାକ୍‌ତୁ ପୋକ୍‌ତାନ୍ । 25
ଆବେଟ୍ ସିମୋନ ପିତର୍ ନିର୍‌ଆରୋ ସିସୁ କାୟ୍ଯାଜି ମାର୍ହାର୍ ।
ଆବେଟ୍ ୱାର୍ ୱାନିଙ୍ଗ ୱେନ୍‌ବାତାର୍, "ନିନ୍ ବା ଇନିକା ୱାନି
ସିସୁରି ଲୋଇରାନ୍ ଅରେନ୍ ଆଇନୋ?" ପିତର୍ ନେସେଏ
ଇଜି ଇର୍ହାନ୍, "ନାନ୍ ସିଲେ ।" 26 ୱିଜେରିଙ୍ଗ ପେରିଜାଜକଦି
ସାକର୍‌କା ଲୋଇରାନ୍ ଅରେନ୍, ଅର୍ଥାତ୍ ପିତର୍ ଆମାୱାନି ଗିଡ୍‌ଣି
କୟ୍‌ତାପୋକ୍‌ତା ମାର୍ହାନ୍, ଆୟ୍ଯା ସାକର୍‌ତି ନିଜେଲୋକ୍ ଇର୍ହାନ୍,
"ନାନ୍ ଇନିକା ନିଙ୍ଗୁଁ ୱାନି ୱାଲେ ଡଡିଦୁ ସୁଡୁଏ ମାର୍ହା ନୋ?" 27
ଆବେଟ୍ ପିତର୍ ମାରିଡ଼େସି "ନେସେଏ" ଇଜି ଇର୍ହାନ୍, ମାରି,
ଆୟ୍ଯାଦାପ୍ରେ କରୁ କେଡ଼ିତାତ୍ । 28 ୱେନ୍‌କା ୱାର୍ ଜିସୁଙ୍ଗୁଁ
କୟ୍ଯାପାଦି ଇଲ୍‌ତାନ୍ ଅସି ରମିୟ ରାଜାଦି ମେଡ୍‌ଇଲ୍ଲୁତୁ ଅତାର୍;
ନାସ୍ତିୱାଲେ କରୁ କେଡ଼େପି ଆତାମାର୍ହାତ୍; ମାରି, ଜିହୁଦି ନେତାର୍
ଏଣ୍ଡେସ୍ ତାଗ୍‌ଇକା ଆଏଣ୍‌ଗା ନିସ୍ତାର୍ ପଣ୍ତୟ୍‌ତି ବୋଜି ଉନ୍‌ଡ୍ରେଙ୍ଗ
ଆଟ୍‌ନାର୍, ଇୟ୍ଯାଉଣ୍ତିଙ୍ଗ ନିଜେ ମେଡ଼େଇଲ୍ଲୁ ଲୋଇ ଡୁଗ୍‌ଏତାର୍ ।
29 ମାରି, ରାଜା ପିଲାତ୍ ୱାରି ଲାକ୍‌ତୁ ସୋସି ୱାଜି ୱେନ୍‌ବାତାନ୍,
"ଇୟ୍ଯା ଲୋକ୍‌ତି ବିରଦ୍‌ତାନ୍ ମି ମାଟା ଇନିକା?" 30 ୱାର୍
ୱାନିଙ୍ଗ ଇର୍ହାର୍, "ଇୟ୍ଯାକାନ୍ ଜଦି ଦସ୍‌କିତିକାନ୍ ଆଏତାନ୍ ମାନ୍ଦ୍ଵି,
ଆର୍‌ତିଙ୍ଗ ମାପ୍ ୱାନିଙ୍ଗ ନି କିୟୁଦି ସର୍‌ପେ କିଏତାପ୍ ମାନ୍ଦ୍ଵି ।"
31 ଆବେଟ୍ ପିଲାତ୍ ୱାରିଙ୍ଗ ଇର୍ହାନ୍, "ମିର୍ ୱେନିଙ୍ଗ ଅସ ମି
ନିୟମ୍‌ତାନ୍ ୱେନି ବିସାର୍ କିଦୁ ।" ଜିହୁଦିର୍ ୱାନିଙ୍ଗ ଇର୍ହାର୍,
"ଏଙ୍ଗ ସାନିଦଣ୍ଡ ସିନି ମା ଅଦିକାର୍ ସିଲେତ୍ ।" 32 ଜିସୁ ଏଣ୍ଡେସ୍
ନାନି ସାନିଦଣ୍ଡ କିଦେଙ୍ଗ ସୋଲ୍‌ସିନାନ୍, ଆବେଣି ସିନା ସିଜି
ୱାନ୍ ଆମା ବାକ୍ୟ ଇର୍ହାମାର୍ହାନ୍ ଆକା ଏଣ୍ଡେସ୍ ପୁରା ଆନାତ୍,

ଇୟାଉଣ୍ତିଙ୍ଗ ୱାର୍ ଇକା ଇର୍ହାର୍ । 33 ମାରି, ପିଲାତ୍ ମେଡ଼୍ଇଲୁ
ଲୋଇ ଡୁଗିତାନ୍‌ନୋ ଜିସୁଙ୍ଗଁ କୁକ୍‌ତାନ୍‌ନୋ ୱାନିଙ୍ଗ ୱେନ୍‌ବାତାନ୍,
"ନିନ୍ ଇନିକା ଜିହୁଦିର୍ ରାଜା?" 34 ଜିସୁ ୱାନିଙ୍ଗ ଇର୍ହାନ୍, "ନିନ୍
ଇନିକା ନିଜେଦାନ୍ ଇକା ଇଜିନି, ନୋ ଆଇକାର୍ ନା ବିସୟ୍‌ତାନ୍
ନିଙ୍ଗଁ ଇକା ୱେର୍‌ତାମାନାର୍?" 35 ପିଲାତ୍ ଇର୍ହାନ୍, "ନାନ୍ ଇନିକା
ଅରେନ୍ ଜିହୁଦି? ମି ନିଜେଦି ଲୋକୁ ମାରି ପେରି ଜାଜକର୍
ନିଙ୍ଗଁନା କିୟୁଦୁ ସର୍‌ପେ କିତାମାନାର୍; ନିନ୍ ଇନିକା କିତିମାନି?"
36 ଜିସୁ ଇର୍ହାନ୍, "ନା ରାଜି ଇୟା ଦୁନିଆଦି ବିସୟ୍ ଆଏତ୍; ଜଦି
ନା ରାଜି ଇୟା ଦୁନିଆଦି ବିସୟ୍‌ତାନ୍ ଆତାତ୍‌ମାନ୍ଦି, ଆର୍‌ତିଙ୍ଗ
ନାନ୍ ଏଣ୍ତେସ୍ ଜିହୁଦି ନେତାର୍ କିୟୁଦୁ ସର୍‌ପେ ଆଏତାମାନ୍ଦି,
ଆୟାଉଣ୍ତିଙ୍ଗ ନାୱାଲେ ବୁଲାନିକାର୍ ଜୁଦ୍ କିତାର୍‌ମାନ୍ଦି, ମାତର୍
ନା ରାଜି ସତ୍‌ତାନ୍‌ନେ ଇୟା ଦୁନିଆ ବିସୟ୍‌ତାନ୍ ସିଲେ ।"
37 ଆବେଟ୍ ପିଲାତ୍ ୱାନିଙ୍ଗ ୱେନ୍‌ବାତାନ୍, "ଆର୍‌ତିଙ୍ଗ ନିନ୍
ଇନିକା ଅରେନ୍ ରାଜା ନୋ?" ଜିସୁ ଇର୍ହାନ୍, "ନିନେ୍‌ତା ଇଜିନି,
ନାନ୍ ଅରେନ୍ ରାଜା । ନାନ୍ ଏଣ୍ତେସ୍ ସତ୍‌ତି ତରିନ୍ ସାକି
ସିନା, ଇୟାଉଣ୍ତିଙ୍ଗ ନାନ୍ ଜନମ୍ ଆତାମାନା ମାରି ଦୁନିଆଦୁ
ୱାତାମାନା । ଏନ୍ ସତ୍‌ତି ମାରିନ୍, ୱାନ୍ ନା ମାଟା ୱେନ୍‌ନାନ୍
।" 38 ପିଲାତ୍ ୱାନିଙ୍ଗ ଇର୍ହାନ୍, "ସତ୍ ଇନିକା?" ଇକା ଇନ୍‌ଜି
ୱାନ୍ ମାରି ଜିହୁଦିଲୋକା ଲାକ୍‌ତୁ ଆତ୍‌ରେ ସୋର୍‌ଆନ୍‌ନୋ
ୱାରିଙ୍ଗ ଇର୍ହାନ୍, ନାନ୍ ଦଣ୍ତସିନି ଉଣ୍ତିଙ୍ଗ ୱେନିମାନୁ ଇନି ଦୋସ୍
ପୟ୍‌ଏଜିନା । 39 ମାତର୍ ନାନ୍ ଜେ ନିସ୍ତାର୍ ପଣ୍ତୟ୍‌ତିୱାଲେ ମି
ଉଣ୍ତିଙ୍ଗ ଅରେନ୍‌ୱାନିଙ୍ଗ ଡ଼ିସ୍‌ସିକିନିକା, ଇକା ମି ରିତି ମାନାତ୍;
ମାରି, ଜିହୁଦିର୍ ରାଜେଙ୍ଗ ନାନ୍ ମି ଉଣ୍ତିଙ୍ଗ ଡ଼ିସ୍‌ନା ସିନାପ୍ ଇଜି
ଇନିକା ମି ବଦା? 40 ଆବେଟ୍ ୱାର୍ ମାରିଡ଼େସି ଆଉଲି ଆଜି
ଇର୍ହାର୍, ଇୟା ଲୋକତିଙ୍ଗ "ସିଲେ, ମାତର୍ ବାରବ୍ବାଙ୍ଗ ଡ଼ିସ୍‌ଆ ।"
ଇୟା ବାରବ୍ବା ଅରେନ୍ ଡଙ୍ଗାଁର୍‌ଏନ୍ ମାର୍ହାନ୍ ।

**19** ତାନେୱେନ୍‌କା ପିଲାତ୍ ଜିସୁଙ୍ଗଁ ଅସି କୋର୍‌ଡାଦାନ୍ ଡାକ୍‌ସି
କିତାନ୍ । 2 ମାରି, ସନ୍ୟର୍ ସାମ୍‌କାଣି ଟପି ତିଆର୍
କିତାର୍‌ରୋ ଜିସୁଦି ତାଲାଦୁ ଆରିସ୍‌କିତାର୍ ମାରି ୱାନିଙ୍ଗ ନିଡ଼ିଦି
ଆଙ୍ଗଁ ଆରିସ୍‌କିତାର୍; 3 ୱାର୍ ୱାନି ଲାକ୍‌ତୁ ୱାଜି ଇର୍ହାର୍, ଏ
ଜିହୁଦିର୍ ରାଜା, ୱିଜୁଦିନ୍‌ତି ଉଣ୍ତିଙ୍ଗ ରାଜା ଆଜି ମା ମୁସ୍‌କୁ ସାସନ୍
କିଆ; ମାରି ୱାର୍ ୱାନିଙ୍ଗ ସାପ୍‌ଡ଼ା ଡାକ୍‌ତେଙ୍ଗଁ ଆସ୍‌ତାର୍ ।
4 ପିଲାତ୍ ମାରିଡ଼େସି ଆତେରେ ସର୍ହାନ୍‌ନୋ ୱାରିଙ୍ଗ ଇର୍ହାନ୍,
"ସୁଡୁଦୁ, ନାନ୍ ୱାନିମାନୁ ଇନି ଦସୋ ପୟ୍‌ଏଜିନା, ଇକା ଏଣ୍ତେସ୍
ମିର୍ ନେସ୍‌ନିଦେର୍, ଇୟାଉଣ୍ତିଙ୍ଗ ନାନ୍ ୱାନିଙ୍ଗ ମି ଲାକ୍‌ତୁ
ସୋପ୍‌ତା ତାସିନା ।" 5 ଆବେଟ୍ ଜିସୁ ଆୟା ସାମ୍‌କାଣି ଟପି
ମାରି ନିଡ଼ି କୋଲର୍‌ତି ଆଙ୍ଗଁ ଆରାତାନ୍‌ନୋ ଆତେରେ ୱାତାନ୍ ।
ପିଲାତ୍ ୱାରିଙ୍ଗ ଇର୍ହାନ୍, "ସୁଡୁଦୁ, ଆୟା ଲୋକୁ!" 6 ଆବେଟ୍
ପେରି ଜାଜକର୍ ମାରି ମନ୍ଦିର୍ କାପ୍‌କିନିକାର୍ ଜିସୁଙ୍ଗଁ ସୁଡୁଜି
ଆଉଲି ଆଜି ଇର୍ହାର୍, କ୍ରୁସକାଟ୍‌ତୁ ଏକିସ୍‌କିଦୁ, କ୍ରୁସକାଟ୍‌ତୁ
ଏକିସ୍‌କିଦୁ । ପିଲାତ୍ ୱାରିଙ୍ଗ ଇର୍ହାନ୍, ମିର୍ ୱାନିଙ୍ଗ ଅସି
କ୍ରୁସକାଟ୍‌ତୁ ଏକିସ୍‌କିଦୁ, ଇରିଙ୍ଗ ନାନ୍ ସାନିଦଣ୍ତ ସିଦେଙ୍ଗ ୱାନିମାନୁ
ଇନି ଦସୋ ପୟ୍‌ଏଜିନା । 7 ଜିହୁଦିଲୋକ୍ ୱାନିଙ୍ଗ ଇର୍ହାର୍,
"ମାଦି ଉନ୍‌ତ୍ରି ନିୟମ୍ ମାନାତ୍ ମାରି ଆୟା ନିୟମ୍‌ତି ଇସାବ୍‌ତାନ୍
ୱାନ୍ ସାନିଦଣ୍ତତି ଜଗ୍, ଇରିଙ୍ଗ ୱାନ୍ ନିଜେଦିଙ୍ଗ ମାପୁରୁଦି
ମାରିନ୍ ଇଜି ୱେର୍‌ସିନାନ୍ ।" 8 ଆବେଟ୍ ପିଲାତ୍ ଇୟା ମାଟା
ୱେନ୍‌ଜି ନାଣ୍ତ ତିଲାତାନ୍; 9 ମାରି, ୱାନ୍ ମାରିଡ଼େସି ମେଡ଼୍ଇଲୁ
ଲୋଇ ଡୁଗିତାନ୍‌ନୋ ଜିସୁଙ୍ଗଁ ୱେନ୍‌ବାତାନ୍, "ନିନ୍ ଏମେମାଣ୍‌କୁ
ୱାତିମାନି?" ମାତର୍ ଜିସୁ ୱାନିଙ୍ଗ ଇନିକା ଇନ୍‌ଏତାନ୍ । 10
ଆବେଟ୍ ପିଲାତ୍ ୱାନିଙ୍ଗ ଇର୍ହାନ୍, "ନିନ୍ ଇନିକା ନା ୱାଲେ
ୱାର୍‌ଗିଇ? ନିଙ୍ଗ ଡ଼ିସ୍‌ତେଙ୍ଗ ନା ଅଦିକାର୍ ମାନାତ୍ ମାରି ନିଙ୍ଗଁ
କ୍ରୁସକାଟ୍‌ତୁ ଏକିସ୍‌ତେଙ୍ଗ ନା ଅଦିକାର୍ ମାନାତ୍, ଇକା ଇନିକା
ନିନ୍ ନେସ୍‌ଏଜିନି?" 11 ଜିସୁ ଇର୍ହାନ୍, "ଜଦି ମାପୁରୁଦିମାଣାନ୍
ନିଙ୍ଗଁ ଅଦିକାର୍ ରେଏତିଙ୍ଗ ମାନ୍ଦି, ଆର୍‌ତିଙ୍ଗ ନା ବିରଦ୍‌ତାନ୍
ନିଦି ଇନି ଅଦିକାର୍ ସିଲେତାତ୍ ମାନ୍ଦି; ଏନ୍ ନାଙ୍ଗଁ ନି କିୟୁଦୁ
ସର୍‌ପେ କିତାମାନାନ୍, ୱାନି ପାପ୍ ନାଣ୍ତୋସାନିୱାଜା ।" 12
ଆବେଟ୍ ପିଲାତ୍ ୱାନିଙ୍ଗ ଡ଼ିସ୍‌ତେଙ୍ଗ ସେସ୍ଟା କିତାନ୍, ମାତର୍
ଜିହୁଦିଲୋକ୍ ଆଉଲି ଆଜି ଇର୍ହାର୍, "ଜଦି ନିନ୍ ଇୟା ଲୋକତିଙ୍ଗ
ଡ଼ିସ୍‌ନି, ଆର୍‌ତିଙ୍ଗ ନିନ୍ ସମ୍ରାଟ୍‌ତି ସଙ୍ଗ ଆଇ; ଏନ୍ ନିଜେଦିଙ୍ଗ
ରାଜା ଇଜି ଇନାନ୍, ୱାନ୍ ସମ୍ରାଟ୍‌ତି ତରିନ୍ ମାଟା ଇନାନ୍
।" 13 ମାରି, ପିଲାତ୍ ଇୟାୱିଜୁ ମାଟା ୱେର୍‌ଆନ୍‌ନୋ ଜିସୁଙ୍ଗଁ
ଆତେରେ ତାତ୍‌ତାନ୍‌ନୋ "ଗୁଡିକାଲୁ" ଦର୍‌ତି ବାଡିଦୁ ତାତାର୍,
ଏବ୍ରି ବାସାଦାନ୍ ଇୟାତାନି ଦର୍ "ଗବ୍‌ବତା" ଇଜି ଇନାର୍, ଆୟା
ବିଚାର୍‌କିନି ବାଡିଦୁ ବାସ୍‌ତାନ୍ । 14 ଆୟାନାଣ୍ତିଙ୍ଗ ନିସ୍ତାର୍ ପଣ୍ତୟ୍
ତିଆର୍‌ଆନି ଦିନ୍, ମାରି ନାସ୍ତିୱାଲେ ୱେଡ଼େ ଆତାମାର୍ହାତ୍ ।
ମାରି, ୱାନ୍ ଜିହୁଦିରିଙ୍ଗ ଇର୍ହାନ୍, "ସୁଡୁଦୁ ମି ରାଜା ।" 15 ଆବେଟ୍
ୱାର୍ ଆଉଲି ଆତାର୍, "ୱାନିଙ୍ଗ ଡାକ୍‌ତୁ, ଡାକ୍‌ତୁ, କ୍ରୁସକାଟ୍‌ତୁ
ଏକିସ୍‌କିଦୁ ।" ପିଲାତ୍ ୱାରିଙ୍ଗ ଇର୍ହାନ୍, "ନାନ୍ ଇନିକା ମି ରାଜେଙ୍ଗ
କ୍ରୁସକାଟ୍‌ତୁ ଏକିସ୍‌କିନା?" ପେରି ଜାଜକର୍ ଇର୍ହାର୍, "କେବଲ୍
ସମ୍ରାଟ୍‌ତିଙ୍ଗ ଡ଼ିସ୍‌ତିଙ୍ଗ ମାଙ୍ଗଁ ମାରି ରାଜା ସିଲେନ୍ ।" 16 ଆବେଟ୍
ପିଲାତ୍ ଏଣ୍ତେସ୍ କ୍ରୁସ୍‌କାଟ୍‌ତୁ ଏକାନାନ୍, ଇୟାଉଣ୍ତିଙ୍ଗ, ପିଲାତ୍
ୱାନିଙ୍ଗ ୱାରି ବଦାଦାନ୍ ସର୍‌ପେ କିତାନ୍, ତାନେୱେନ୍‌କା ୱାର୍
ଜିସୁଙ୍ଗଁ ଅତାର୍ । 17 ମାରି, ଜିସୁ ନିଜେ କ୍ରୁସ୍‌କାଟ୍ ପିଡିତାନ୍‌ନୋ
"ତାଲାଦି କାପାଲ୍ ନାନି" ଦର୍‌ତି ବାଡିଦୁ ସୋର୍ହାନ୍, ଏବ୍ରି ବାସାଦାନ୍
ଆୟାବାଡିଦିଙ୍ଗ "ଗଲ୍‌ଗଥା" ଇଜି ଇନାର୍ । 18 ଆବେନୁ ୱାର୍
ୱାନିଙ୍ଗ କ୍ରୁସ୍‌କାଟ୍‌ତୁ ଏକିସ୍‌କିତାର୍ ମାରି ୱାନି ୱାଲେ ମାରି
ରିଏରିଙ୍ଗ ଏକିସ୍‌କିତାର୍, ରିଆଙ୍ଗାଁ ରିଏରିଙ୍ଗ ମାରି ନାଡ଼୍‌ମି ଜିସୁଙ୍ଗଁ
। 19 ମାରି, ପିଲାତ୍ ଉନ୍‌ତ୍ରି ନଟିସ୍ ଆକୁ ରାସ୍‌ସି କ୍ରୁସ୍‌କାଟ୍‌ତି
ମୁସ୍‌କୁ ଡ଼ତାର୍ । ଆବେନୁ ରାସ୍‌ତା ମାର୍ହାତ୍, "ନାଜରିୟତିୟ୍
ଜିସୁ, ଜିହୁଦିର୍ ରାଜା ।" 20 ଜିହୁଦିର୍ ଲୋଇରାନ୍ ଏସୋଲୋକ୍
ଇୟା ରାସ୍‌ତିମାନିକା ପଡ଼ାତାର୍, ଇରିଙ୍ଗ ଏମେ ବାଡିଦୁ ଜିସୁଙ୍ଗଁ
କ୍ରୁସ୍‌କାଟ୍‌ତୁ ଏକିସ୍‌କିତାମାର୍ହାର୍, ଆକା ଗାଡ଼୍ ଲାକ୍‌ତୁ ମାର୍ହାତ୍,

ମାରି ଆୟା ରାସ୍‌ତିକା ଏବ୍ରି, ଲାଟିନ୍ ମାରି ଗ୍ରିକ୍ ବାସାଦାନ୍
ରାସ୍‌ତା ମାର୍ହାତ୍ । 21 ଜିହୁଦିରି ପେରି ଜାଜକର୍ ପିଲାତ୍‌ତିଙ୍ଗ୍
ଇର୍ହାର୍, “ଜିହୁଦିରି ରାଜା” ଇଜି ରାସ୍‌ଏଣ୍ଗା ମାରି “ନାନ୍ ଜିହୁଦିରି
ରାଜା ଇଜି ୱାନ୍ ଇର୍ହାନ୍, ଇକା ରାସ୍‌ଆଁ ।” 22 ପିଲାତ୍ ଇର୍ହାନ୍,
“ନାନ୍ ଆମାକା ରାସ୍‌ତାମାନା, ଆକା ବାଦେଲ୍‌କିଦେଙ୍ଗ୍ ଆଟ୍‌ଏ ।”
23 ସନ୍ୟର୍ ଜିସୁଙ୍ଗ୍ କ୍ରୁସ୍‌କାଟ୍‌ତୁ ଏକିସ୍‌କିତି ୱେନ୍‌କା ନାଲ୍‌ଏର୍
ସନ୍ୟର୍ ୱାନି ୱାତି ନାଲ୍‌ଗି ବାଗ୍‌କୁ କିଜି ୱିଜେରେ ଉଣ୍ତିଙ୍ଗ୍ ଉନ୍‌ତ୍ରି
ଉନ୍‌ତ୍ରି ବାଗ୍, ମାରି ୱାର୍ ୱାନି ଆଙ୍ଗି ବା ଅତାର୍ । ଆୟା ଆଙ୍ଗି
ସିଲାଇ କିଏଣ୍ଗା ମୁସ୍‌କୁରାନ୍ ଆଡ଼୍‌ଗି ସାନ୍ନି ୱିଜୁ ଗୁଟ୍‌ତା ମାର୍ହାର୍ ।
24 ଆଦେଙ୍ଗ୍ ସନ୍ୟର୍ ଲୋଇ ଲୋଇ ଇର୍ହାର୍, ତେନେଙ୍ଗ୍ କିସ୍‌ତେଙ୍ଗ୍
କେଏଟ୍, ମାତର୍ ଇକା ଏନ୍ନି ଆନାତ୍, ଆୟାଉଣ୍ତିଙ୍ଗ୍ କୁଡୁକୁଡ଼ି
କିନାଟ୍, ଏଣ୍ତେସ୍ ଦାର୍ମୁସାସ୍ତ୍ରୁଦି ଇୟା ବାକ୍ୟ ପୁରା ଆନାତ୍, ୱାର୍
ନିଜେ ନିଜେଦି ମାନୁ ନା ଆଙ୍ଗିଦିଙ୍ଗ୍ ବାଗ୍ କିତାର୍, ମାରି ନା
ଆରାନି ଆଙ୍ଗି ଉଣ୍ତିଙ୍ଗ୍ କୁଡୁକୁଡ଼ି କିତାର୍ । ଆଦେଙ୍ଗ୍ ସନ୍ୟର୍
ଇୟାୱିଜୁ କିତାର୍ । 25 ମାତର୍ ଜିସୁଦି କ୍ରୁସ୍‌କାଟ୍‌ତି ଲାକ୍‌ତୁ ୱାନି
ଆଇସି ମରିୟମ୍, ୱାନି ଆଇସିକା ତାଙ୍ଗିସି, କ୍ଲୋପାଦି ଆଡ଼୍‌ସି,
ମରିୟମ୍ ମାରି ମଗ୍‌ଦଲିନି ମରିୟମ୍ ନିର୍‌ଏ ମାର୍‌ଏ । 26 ଜିସୁ
ନିଜେଦି ଆଇସିଙ୍ଗ୍ ମାରି ଏମେ ସିସୁଙ୍ଗ୍ ଜିବନ୍‌ନୋଜି ମାର୍ହାନ୍,
ତାନିଙ୍ଗ୍ ଲାକ୍‌ତୁ ନିର୍‌ଇମାରିକା ସୁଡୁତାନ୍‌ନୋ ଆଇସିଙ୍ଗ୍ ଇର୍ହାନ୍,
“ସୁଡୁଆ, ନି ମାରିନ୍‌ତିଙ୍ଗ୍!” 27 ତାନେୱେନ୍‌କା ଜିସୁ ଆୟା ସିସୁଙ୍ଗ୍
ଇର୍ହାନ୍, “ସୁଡୁଆ, ମି ୟାୟା!” ମାରି ଆୟା ସମୟ୍‌ତାନ୍ ଆୟା
ସିସୁ ତାନିଙ୍ଗ୍ ନିଜେଦି ଇଲୁତୁ ଅତାନ୍ । 28 ତାନେୱେନ୍‌କା ଜିସୁ
ଦାର୍ମୁସାସ୍ତ୍ରୁଦି ବାକ୍ୟ ଏଣ୍ତେସ୍ ପୁରା ଆନାତ୍, ଇୟାଉଣ୍ତିଙ୍ଗ୍ ୱିଜୁ
ବିସୟ୍ ଇଲେଇ ୱିଜିତାମାନାତ୍ ଇଜି ନେସ୍‌ସି ଇର୍ହାନ୍, “ନାଙ୍ଗି
ଏର୍‌କିକାଟ୍‌ସିନାତ୍ ।” 29 ଆବେନୁ ସୟ୍‌ନିରସ୍ ପୁରାପୁରିମାନି
ଉନ୍‌ତ୍ରି ସାଟି ମାର୍ହାତ୍; ୱାର୍ ସୟ୍‌ନିରସ୍ ପୁରାମାନି ଉନ୍‌ତ୍ରି ତୁଲାଦୁ
କାଣ୍ତେକ୍ ବାଡିଗାଦିଟିପୁଦୁ ଲାଗିସ୍‌କିଜି ୱାନି ୱେୟୁ ଲାକ୍‌ତୁ
ସିତାର୍ । 30 ଆବେଟ୍ ଜିସୁ ଆୟା ସୟ୍‌ନିରସ୍ ଉଟାନ୍‌ନୋ
ଇର୍ହାନ୍, “ୱିଜିତାତ୍” ମାରି ୱାନ୍ ତାଲା ଆଡ଼୍‌ଗି କିଜି ସାତାନ୍
। 31 ଆୟାନାଣ୍ତିଙ୍ଗ୍ ନେଗିଦିନ୍ ମାନିଙ୍ଗ୍, ମେନ୍ଦ୍ଲ୍‌ୱିଜୁ ଏଣ୍ତେସ୍
ରମ୍‌ନିନାଣ୍ତିଙ୍ଗ୍ କ୍ରୁସ୍‌କାଟ୍ ମୁସ୍‌କୁ ତେବାଏତ୍, ଇରିଙ୍ଗ୍ ଆୟା
ରମ୍‌ନିନାଣ୍ତିଙ୍ଗ୍ ପବିତ୍ର ଦିନ୍ ମାର୍ହାତ୍, ଆରିଙ୍ଗ୍ ୱାରି କାଲ୍‌କୁ ରୁକିର୍
ମାରି ତାନେୱେନ୍‌କା ୱାରିଙ୍ଗ୍ କ୍ରୁସ୍‌କାଟ୍‌ତାନ୍ ରେପ୍‌ତେଙ୍ଗ୍ ଇଜି
ଜିହୁଦି ନେତାର୍ ପିଲାତ୍‌ତିଙ୍ଗ୍ ମାଡ଼ିସ୍‌କିତାର୍ । 32 ତାନେୱେନ୍‌କା
ସନ୍ୟର୍ ୱାଜି ଆଗ୍‌ଡ଼ି ଅରେନ୍‌ୱାନି କାଲ୍‌କୁ ମାରି ଜିସୁଦି ୱେଲେ
ଆମା ଅରେନ୍‌ୱାନିଙ୍ଗ୍ କ୍ରୁସ୍‌କାଟ୍‌ତୁ ଏକିସ୍‌କିତାମାର୍ହାର୍, ୱାନି
କାଲୁ ବା ରୁକ୍‌ତାର୍ । 33 ମାତର୍ ୱାର୍ ଜିସୁ ଲାକ୍‌ତୁ ୱାଜି
ୱାନ୍ ସାତାନ୍ ଇଜି ସୁଡୁଜି ୱାନି କାଲୁ ରୁକ୍‌ଏତାର୍, 34 ମାଣ୍‌କୁ
ଅରେନ୍ ଇଟାଦାନ୍ ୱାନି ପାଡ଼୍‌କାଦୁ ଗୁଟ୍‌ତାନ୍, ମାରି ଆୟାଦାପ୍ରେ
ନେତେର୍ ନି ଏରୁ ୱାଙ୍ଗ୍‌ଜି ୱାତେ । 35 ଏନ୍ ସୁଡୁତା ମାନାନ୍, ୱାନ୍
ସାକିୟ୍ ସିତାମାନାନ୍, ଏଣ୍ତେସ୍ ମିର୍ ବା ବିସ୍‌ବାସ୍ କିନିଦେର୍;
ମାରି, ୱାନି ସାକ୍ୟ ସତ୍, ମାରି ୱାନ୍ ଜେ ସତ୍ ୱେର୍‌ସିନାନ୍,
ଇକା ୱାନ୍ ନେସ୍‌ନାନ୍ । 36 ଇରିଙ୍ଗ୍ ଦାର୍ମୁସାସ୍ତ୍ରୁଦି ଇୟା ବାକ୍ୟ
ପୁରା ଆନି ଉଣ୍ତିଙ୍ଗ୍ ଇୟାୱିଜୁ ବିସୟ୍ ଗଟାତାତ୍, “ୱାନି ଉନ୍‌ତ୍ରି
ପେଡ଼େନ୍ ବା ରୁଙ୍ଗ୍‌ଏତ୍ ।” 37 ଦାର୍ମୁସାସ୍ତ୍ରୁଦୁ ମାରି ଉନ୍‌ତ୍ରି ବାକ୍ୟ
ରାସ୍‌ତାମାନାତ୍, “ୱାର୍ ଆମାୱାନିଙ୍ଗ୍ ଇଟାଦାନ୍ ଗୁଟ୍‌ତାର୍, ୱାନି
ଲୋକୁ ସୁଡୁନାଟ୍ ।” 38 ଇୟାୱିଜୁ ଗଟ୍‌ନେଙ୍ଗ୍ ୱେନ୍‌କା, ଆମା
ହାରାମାତିୟାଦି ଜୋସେପ୍ ଜିସୁଦି ଅରେନ୍ ସିସୁ ମାର୍ହାନ୍, ମାତର୍
ଜିହୁଦି ନେତାରିଙ୍ଗ୍ ଡିଲାଜି ନେସେଇ ୱାଜା ମାର୍ହାନ୍, ଜୋସେପ
ଜିସୁଦି ମେନ୍ଦ୍ଲ୍ ଅତେଙ୍ଗ୍ ଇଜି ପିଲାତ୍‌ତିଙ୍ଗ୍ ମାଡ଼ିସ୍‌ତାନ୍ । ଆବେଟ୍
ପିଲାତ୍ ଡ଼ିସ୍‌ତାସିତାନ୍ । ଆଦେଙ୍ଗ୍ ୱାନ୍ ୱାତାନ୍‌ନୋ ୱାନି ମେନ୍ଦ୍ଲ୍
ଅତାନ୍ । 39 ଆମା ନିକଦିମ ଆଗ୍‌ଡ଼ି ନାଡ଼ା ୱାନି ଲାକ୍‌ତୁ
ୱାତାମାର୍ହାନ୍, ୱାନ୍ ବା ପୁରା ତିରିସ୍ କେଜି ବାସ୍‌ନାଦୁମିସାତି
ନିୟୁ ଆସ୍‌ସି ୱାତାନ୍ । 40 ୱାର୍ ଜିସୁଦି ମେନ୍ଦ୍ଲ୍‌ତିଙ୍ଗ୍ ଅତାରୋ
ଜିହୁଦିର୍ ମୁସ୍‌ନି ରିତିଦାନ୍ ଆକା ବାସ୍‌ନାନିୟୁଦି ୱାଲେ କାଣ୍ତେକ୍
ପାସିଆଦୁ ତେରେପ୍‌ତାର୍ । 41 ଜିସୁଙ୍ଗ୍ ଏମେ ବାଡିଦୁ କ୍ରୁସ୍‌କାଟ୍‌ତୁ
ଏକିସ୍‌କିତାମାର୍ହାର୍, ଆୟାବାଡିଦୁ ଉନ୍‌ତ୍ରି ଡଡି ମାର୍ହାତ୍, ମାରି
ଆୟା ଡଡିଦୁ ଉନ୍‌ତ୍ରି ପୁନି ମୁସ୍‌ନି ଗୁଟା ମାର୍ହାତ୍, ଆବେନୁ ଏନ୍
ଆଗ୍‌ଡ଼ିରାନ୍ ଏଙ୍ଗ୍‌ବା ମୁସ୍‌ଏର୍ ମାର୍ହାର୍ । 42 ମାରି, ଜିହୁଦିରି
ନେଗିଦିନ୍‌ତି ଉଣ୍ତିଙ୍ଗ୍ ଆୟା ବାଡିଦୁ ୱାର୍ ଜିସୁଙ୍ଗ୍ ଇଟ୍‌ତାର୍, ଇରିଙ୍ଗ୍
ଆୟା ମୁସ୍‌ନିବାଡି ଲାକ୍‌ତୁ ମାର୍ହାତ୍ ।

**20** ୱାରାଦି ଆଗ୍‌ଡ଼ିରି ନାଣ୍ତିଙ୍ଗ୍ ଉଟ୍‌ଲା ନାଡ଼ାକାଦେ ସିକାଟି
ମାନାପ୍ ମାନ୍‌ବୁନେ ମଗ୍‌ଦଲିନି ମରିୟମ୍ ମୁସ୍‌ତିଗୁଟା
ଲାକ୍‌ତୁ ୱାତାଦ ଆବେଣ୍ତୁ କାଲୁ ଗୁସାକିତିମାରିକା ସୁଡୁତାତ୍ ।
2 ଆଦେଙ୍ଗ୍ ମରିୟମ୍ ଉର୍‌କୁସି ସୋଲ୍‌ସି ସିମୋନ ପିତର୍ ମାରି
ଜିସୁ ଆମାୱାନିଙ୍ଗ୍ ଜିବନ୍‌ନୋଜି ମାର୍ହାନ୍, ଆୟା ଆଇ ସିସୁରି
ଲାକ୍‌ତୁ ୱାତାତ୍, ମାରି ୱାରିଙ୍ଗ୍ ଇର୍ହାର୍, “ୱାର୍ ମୁସ୍‌ତିଗୁଟାଦାନ୍
ପ୍ରବୁଙ୍ଗ୍ ଅତାମାନାର୍, ମାରି ୱାନିଙ୍ଗ୍ ଏମେମାନୁ ଇଟ୍‌ତାମାନାର୍,
ଆକା ମାପ୍ ନେସ୍‌ଏଜିନାପ୍ ।” 3 ଆବେଟ୍ ପିତର୍ ମାରି ଆୟା
ଆଇ ସିସୁ ମୁସ୍‌ତିଗୁଟା ଲାକ୍‌ତୁ ସନ୍‌ଡ୍ରେଙ୍ଗ୍ ଇଜି ସୋତାର୍ ।
4 ୱାର୍ ରିଏର୍ ଅର୍‌ସେ ଉର୍‌କୁତେଙ୍ଗ୍ ଆସ୍‌ତାର୍, ମାରି ଆୟା
ଆଇ ସିସୁ ପିତରତିଙ୍ଗ୍ ୱେନ୍‌କା ଡ଼ିସ୍‌ସି ଆଗ୍‌ଡ଼ି ମୁସ୍‌ତିବାଡି
ଲାକ୍‌ତୁ ଇତାନ୍, 5 ମାରି, ପାଡ଼୍‌ଗିତାନ୍‌ନୋ ଲୋଇ ବେସ୍‌ତାନ୍
ପାତଲ୍‌ତି ପାସିଏଙ୍ଗ୍‌ୱିଜୁ ଆର୍‌ତିମାରିକା ସୁଡୁତାନ୍, ଆତିଙ୍ଗ୍‌ବା
ୱାନ୍ ଲୋଇ ଡୁଗୁଏତାନ୍ । 6 ତାନେୱେନ୍‌କା ସିମୋନ ପିତର୍
ବା ୱାନି ୱେନ୍‌କା ୱେନ୍‌କା ୱାଜି ଇତାର୍ ମାରି ମୁସ୍‌ତିଗୁଟା
ଲୋଇ ଡୁଗିତାନ୍‌ନୋ ସୁଡୁତାନ୍ ଜେ, ପାତଲ୍‌ତି ପାସ୍‌ଇଏଙ୍ଗ୍‌ୱିଜୁ
ମାନେ, 7 ମାରି ଜିସୁଦି ତାଲାଦୁ ଆମା ପାଗା ତର୍‌ତା ମାର୍ହାର୍,
ଆୟା ପାତଲ୍‌ତି ୱାତିଙ୍ଗି ୱାଲେ ମାନ୍‌ଏଣ୍ଗା ୱେର୍‌ଏ ଉନ୍‌ତ୍ରି
ବାଡିଦୁ ତେର୍‌ବିତା ମାନ୍‌ତା । 8 ନାସ୍ତ୍ରିୱାଲେ ଆମା ଆଇ ସିସୁ
ଆଗ୍‌ଡ଼ି ମୁସ୍‌ତିବାଡି ଲାକ୍‌ତୁ ୱାତାମାର୍ହାନ୍, ୱାନ୍ ବା ଲୋଇ
ଡୁଗିତାନ୍‌ନୋ ସୁଡୁତାନ୍ ମାରି ବିସ୍‌ବାସ୍ କିତାନ୍; 9 ଇରିଙ୍ଗ୍

ସାତିୱାରି ମାଣ୍‌କୁ ଜିସୁଙ୍କଁ ଜେ ନିଙ୍ଗଁନିକା ମାନାତ୍, ଦାର୍ମୁସାସ୍ତ୍ରଦି
ଇୟ୍ୟା ବାକ୍ୟ ୱାର୍ ଆୟ୍ୟା ସାନ୍ଧି ବୁଜାଏତା ମାର୍ହାର୍ । 10
ୱେନ୍‌କା ସିସୁର୍ ମାରିଡ଼େସି ୱାରି ଇଲ୍‌ତୁ ସୋର୍ହାର୍ । 11
ମରିୟମ୍ ଆଡ଼୍‌ବାଜି ଆଡ଼୍‌ବାଜି ଆତେରେ ମୁସ୍‌ତିବାଡି ଲାକ୍‌ତୁ
ନିର୍‌ଆ ତେବାତାତ୍; ମାରି, ଆଡ଼୍‌ବାଜି ଆଡ଼୍‌ବାଜି ୱାଦ୍ ପାଡ଼୍‌ଗିଜି
ମୁସ୍‌ତିଗୁଟା ଲୋଇ ବେସ୍‌ତାତ୍, 12 ମାରି ଜିସୁଦି ମେନ୍ହଲ୍
ଏମେ ବାଡିଦୁ ଇଟ୍‌ତାମାର୍ହାର୍, ଆବେଣି ତାଲା ଲାକ୍‌ତୁ ଅରେନ୍
ମାରି ପାଦାମ୍‌କା ଲାକ୍‌ତୁ ମାରି ଅରେନ୍, ଇୟ୍ୟାୱାଜା ରିଏରିଙ୍ଗ
ଅଡିନିଆଙ୍ଗଁ ଆରାତି ଦୁତ୍‌କାଙ୍ଗ ବାସ୍‌ତିମାରିକା ସୁଡୁତାତ୍ । 13
ୱାର୍ ମରିୟମତିଙ୍ଗ ଇର୍ହାର୍, "ଇୟ୍ୟା, ନିନୁ ଏନ୍ହା ଆଡ଼୍‌ବାଜିନି?"
ୱାଦ୍ ୱାରିଙ୍ଗ ଇର୍ହାତ୍, "ଏର୍ ନା ପ୍ରବୁଙ୍କଁ ମେନ୍ହଲ୍ ଅତାମାନାର୍,
ମାରି ୱାନିଙ୍ଗ ଏମେ ବାଡିଦୁ ଇଟ୍‌ତାମାନାର୍, ଆକା ନାନ୍
ନେସ୍‌ଏଜିନା ।" 14 ୱାଦ୍ ଇକା ଇନ୍‌ଜି ୱେନ୍‌କା ମାର୍‌ଜିବେସ୍‌ସି
ଜିସୁଙ୍କଁ ନିର୍‌ଇମାରିକା ସୁଡୁତାତ୍, ମାତର୍ ୱାନ୍ ଜେ ଜିସୁ, ଆକା
ନେସ୍‌ଏତାତ୍ । 15 ଜିସୁ ତାନିଙ୍ଗ ଇର୍ହାନ୍, "ନିନୁ ଏନ୍ହା ଆଡ଼୍‌ବାଜିନି?
ଏଙ୍ଗ ପୟ୍‌ଜିନି?" ୱାଦ୍ ୱାନିଙ୍ଗ ଡଡିଦୁ ପାଣିକିନିକାନ୍ ଇଜି
ଅଡ଼୍‌ବିଜି ଇର୍ହାତ୍, ଆଞ୍ଜା, "ନିନ୍ ଜଦି ୱାନିଙ୍ଗ ଅତିମାନି, ଆର୍‌ତିଙ୍ଗ
ୱାନିଙ୍ଗ ଏମେ ବାଡିଦୁ ଇଟ୍‌ତିମାନି, ନାଙ୍ଗଁ ଇନ୍‌ଆଁ, ମାରି ନାନ୍
ୱାନିଙ୍ଗ ଅନା ।" 16 ଜିସୁ ତାନିଙ୍ଗ ଇର୍ହାନ୍, "ମରିୟମ୍ ।" ୱାଦ୍
ମାର୍‌ଜିବେସ୍‌ସି ଏବ୍ରି ବାସାଦାନ୍ ୱାନିଙ୍ଗ ଇର୍ହାତ୍, "ରାବ୍‌ବୁନି,"
ଅର୍ଥାତ୍, "ଏ ଗୁରୁ ।" 17 ଜିସୁ ତାନିଙ୍ଗ ଇର୍ହାନ୍, "ନାଙ୍ଗଁ ଆସ୍‌ସୋ
ଇଡିମା, ଇରିଙ୍ଗ ନାନ୍ ଇୟ୍ୟାସାନ୍ଧି ବୁବାଦି ଲାକ୍‌ତୁ ସୋଲ୍‌ଏନେ;
ମାତର୍ ନା ତଡ଼ାନ୍‌କା ମାନୁ ସୋଲ୍‌ସ ଇନ୍‌ଆଁ, ନାନ୍ ନା ବୁବା
ମାରି ୱାରି ବୁବା, ନା ମାପୁରୁ ମାରି ୱାରି ମାପୁରୁ ଲାକ୍‌ତୁ
ସୋଲ୍‌ସିନା ।" 18 ମଗ୍‌ଦଲିନି ମରିୟମ୍ ସଲ୍‌ସି, ନାନ୍ ପ୍ରବୁଙ୍ଗ
ସୁଡୁତାମାନା, ମାରି ୱାନ୍ ନାଙ୍ଗଁ ଇୟ୍ୟାୱିଜୁ ୱେର୍‌ତାମାନାନ୍ ଇଜି
ସିସୁରିଙ୍ଗ କାବୁର୍ ସିତାତ୍ । 19 ଆୟ୍ୟାନାଣ୍ଡିଙ୍ଗ ୱାରାଦି ଆଗ୍‌ଡ଼ିରି
ନାଣ୍ଡିଙ୍ଗ ମିଲ୍‌ମିଲିକା ବେଡ଼ାଦୁ ଏସ୍ତିୱାଲେ ସିସୁର୍ ଏମେ ଇଲ୍‌ତୁ
ମାର୍ହାର୍, ଆବେଣି ସେର୍ରେଲଙ୍ଗୱିଜୁ ଜିହୁଦିରି ତିଏଲ୍‌ତିଙ୍ଗ କେର୍‌ତା
ମାର୍ହାର୍, ନାସ୍ତିୱାଲେ ଜିସୁ ୱାଜି ନେଗି ନାଡ଼୍‌ମି ନିର୍‌ଆନ୍‌ନୋ
ୱାରିଙ୍ଗ ଇର୍ହାନ୍, "ମିଙ୍ଗଁ ସାନ୍ତି ଆପିତ୍ ।" 20 ମାରି, ଇକା ଇନ୍‌ଜି
ଜିସୁ ୱାରିଙ୍ଗ ନିଜେଦି କିକୁ ମାରି ପାଡ଼୍‌କା ତର୍‌ତାନ୍ । ଆବେଟ୍
ସିସୁର୍ ପ୍ରବୁଙ୍ଗ ସୁଡୁଜି ୱେଡ଼ିକା ଆତାର୍ । 21 ଜିସୁ ୱାରିଙ୍ଗ
ମାରିଡ଼େସି ଇର୍ହାନ୍, "ମିଙ୍ଗଁ ସାନ୍ତି ଆପିତ୍; ବୁବା ଏଣ୍ଡେସ୍‌ୱାଜା ନାଙ୍ଗଁ
ପୋକ୍‌ତାତାମାନାନ୍, ନାନ୍ ବା ଆୟ୍ୟାୱାଜା ମିଙ୍ଗଁ ପୋକ୍‌ତାତାମାନା
।" 22 ୱାନ୍ ଇକା ଇନ୍‌ଜି ୱାରି ମୁସ୍‌କୁ ନେଜ୍‌ଦେଙ୍ଗ ଡ଼ିସ୍‌ତାନ୍‌ନୋ
ୱାରିଙ୍ଗ ଇର୍ହାନ୍, "ପବିତ୍ରଆତ୍ମାଦିଙ୍ଗ ମାନାଦୁ । 23 ମିର୍ ଜଦି ଏ
ପାପ୍ କେମା କିନିଦେର୍, ୱାନି ପାପ୍ କେମା ଆନାତ୍, ମାରି, ଜଦି
ଏ ପାପ୍ କେମା କିଇଦେର୍, ୱାନି ପାପ୍ କେମା ଆଏତ୍ ।" 24
ମାତର୍ ଜିସୁ ଏସ୍ତିୱାଲେ ୱାତାମାର୍ହାନ୍, ନାସ୍ତିୱାଲେ ବାରଲୋକା
ଲୋଇରାନ୍ ତୋମା ଦର୍‌ତି ଅରେନ୍, ଆମାୱାନିଙ୍ଗ "ଦିଦୁମ"
ଇନାର୍, ୱାନ୍ ୱାରି ୱାଲେ ସିଲେତାନ୍ । 25 ମାରି, ଆଇ ସିସୁର୍
ୱାନିଙ୍ଗ ଇର୍ହାର୍, "ମାପ୍ ପ୍ରବୁଙ୍ଗ ସୁଡୁତାମାନାପ୍ ।" ମାତର୍ ତୋମା
ୱାରିଙ୍ଗ ଇର୍ହାନ୍, "ୱାନି କିୟୁଦୁ କୁଟିଙ୍ଗଣି ସିନେଙ୍ଗ ସୁଡୁଇତିଙ୍ଗ ମାରି
ଆୟ୍ୟାୱିଜୁ ବାଡିଦୁ ନା ଡ଼ାସ୍‌କେଙ୍ଗ ସିଇତିଙ୍ଗ ମାରି ୱାନି ପାଡ଼୍‌କାଦୁ
ନା କିୟୁ ଇଡ଼୍‌ଇତିଙ୍ଗ ନାନ୍ ମୁଡୁକେ ବିସ୍‌ବାସ୍ କିଏ ।" 26
ଆଟ୍‌ଦିନ୍ ୱେନ୍‌କା ୱାନି ସିସୁର୍ ମାରିଡ଼େସି ଲୋଇ ମାର୍ହାର୍ ମାରି
ତୋମା ୱାରି ୱାଲେ ମାର୍ହାନ୍ । ସେର୍ରେଲଙ୍ଗ ୱିଜୁ କେର୍‌ତିମାର୍‌ଇ
ବେଡ଼ାଦୁ ଜିସୁ ୱାଜି ନେଗି ନାଡ଼୍‌ମି ନିର୍‌ଆନ୍‌ନୋ ଇର୍ହାନ୍, "ମିଙ୍ଗଁ
ସାନ୍ତି ଆପିତ୍ ।" 27 ୱେନ୍‌କା ୱାନ୍ ତୋମାଦିଙ୍ଗ ଇର୍ହାନ୍, "ଇବେନୁ
ନି ଡ଼ାସ୍‌କେଙ୍ଗ ମୁଟ୍‌ଆ ନା କିୟୁଦିଙ୍ଗ ସୁଡୁଆ ମାରି ନା ପାଡ଼୍‌କାଦୁ
ନି କିୟୁ ମୁଟ୍‌ଆ; ଅବିସ୍‌ବାସ୍ କିଏଣ୍‌ଗା ବିସ୍‌ବାସ୍ କିଆ ।" 28
ତୋମା ୱାନିଙ୍ଗ ଇର୍ହାନ୍, "ନା ପ୍ରବୁ, ନା ମାପୁରୁ ।" 29 ଜିସୁ ୱାନିଙ୍ଗ
ଇର୍ହାନ୍, "ନିନ୍ ଇନିକା ନାଙ୍ଗଁ ସୁଡୁତିଙ୍ଗ ବିସ୍‌ବାସ୍ କିତିମାନି?
ମାତର୍ ଏର୍ ସୁଡୁଏଣ୍‌ଗା ବିସ୍‌ବାସ୍ କିତାମାନାର୍, ୱାର୍ ଦନ୍ୟ ।"
30 ଜିସୁ ସିସୁରି ଆଗ୍‌ଡ଼ି ଇୟ୍ୟାୱାଜା ଏସ ମାରି ଇନିଇନି ଜାତିଦି
କାବାଆନି ପାଣି କିତାନ୍, ଆୟ୍ୟାୱିଜୁ ଇୟ୍ୟା ବଇଦୁ ରାସାଏତ୍; 31
ମାତର୍ ମିର୍ ଏଣ୍ଡେସ୍ ବିସ୍‌ବାସ୍ କିଦୁ ଜେ, ଜିସୁ ମାପୁରୁଦି ମାରିନ୍
ମସିହ, ମାରି ବିସ୍‌ବାସ୍ କିଜ ଏଣ୍ଡେସ୍ ମିର୍ ୱାନି ଦର୍‌ତାନ୍ ଜିବନ୍
ପୟ୍‌ଦୁ, ଇୟ୍ୟାଉଣ୍ଡିଙ୍ଗ ଇୟ୍ୟାୱିଜୁ ରସାତାମାନାତ୍ ।

**21** ତାନେୱେନ୍‌କା ଜିସୁ ତିବିରିୟା ଗାଡା ପାଡ଼ି ସିସୁରିଙ୍ଗ
ମାରିଡ଼େସି ତର୍‌ୟ୍ୟାଆତାନ୍ । ୱାନ୍ ଇୟ୍ୟାୱାଜା
ତର୍‌ୟ୍ୟାଆତାନ୍; 2 ସିମୋନ ପିତର୍, ତୋମା, ଏଙ୍ଗ ଦିଦୁମ ଇନାର୍,
ଗାଲିଲିଦି କାନାଦିକାନ୍ ନିତନିଏଲ୍, ଜେବଦିରି ମାରିସିର୍ ମାରି
ୱାନି ସିସୁରି ମାଣ୍‌କୁ ମାରି ରିଏର୍ ଉନ୍‌ଡ୍ରେମାନୁ ମାର୍ହାର୍ । 3
ସିମୋନ ପିତର୍ ୱାରିଙ୍ଗ ଇର୍ହାନ୍, "ନାନ୍ ମିନ୍‌କୁ ଆସ୍‌ତେଙ୍ଗ
ସୋଲ୍‌ସିନା ।" ଆଇ ସିସୁର୍ ୱାନିଙ୍ଗ ଇର୍ହାର୍, "ମାପ୍ ବା ନି ୱାଲେ
ସନାପ୍ ।" ୱାର୍ ସୋସିସଲ୍‌ସି ଡଙ୍ଗାଁଦୁ ଏକ୍‌ତାର୍ ମାରି ଜାଡ଼ି
ପକ୍‌ତାର୍ ମାତର୍ ଆୟ୍ୟା ନାଡ଼ା ଇନିକା ଆସ୍‌ତେଙ୍ଗ ଆଟ୍‌ଏତାର୍
। 4 ମାତର୍ ମାର୍‌ନାଣ୍ଡିଙ୍ଗ ଉଟ୍‌ଲା ନାଡ଼ାକାଦେ ଜିସୁ ଏର୍ ପାଡ଼ି
ନିର୍‌ଆଁମାର୍ହାନ୍; ମାତର୍ ୱାନ୍ ଜିସୁ ଇଜି ସିସୁର୍ ନେସ୍‌ଏତାର୍
। 5 ଜିସୁ ୱାରିଙ୍ଗ ଇର୍ହାନ୍, "କଡ଼ର୍ ମି ଲାକ୍‌ତୁ ଇନିକା ଉଣିକା
ମାନାତ୍?" ୱାର୍ ୱାନିଙ୍ଗ ଇର୍ହାର୍, "ସିଲେ ।" 6 ଜିସୁ ୱାରିଙ୍ଗ
ଇର୍ହାନ୍, "ଡଙ୍ଗାଁଦି ଉଣେରି ତରିନ୍ ଜାଡ଼ି ପୋକ୍‌ତୁ, ମାରି ମିର୍
ଏସ ଆସ୍‌ନିଦେର୍ ।" ଆବେଟ୍ ୱାର୍ ଜାଡ଼ି ପୋକ୍‌ତାର୍, ମାରି
ଉଣା ମିନ୍‌କୁ ୱାତେ ଜେ, ୱାର୍ ଜାଡ଼ି ରେଲ୍‌ଦେଙ୍ଗ ଆଟ୍‌ଏତାର୍
। 7 ଆବେଟ୍ ଜିସୁ ଆମା ସିସୁଙ୍କଁ ଜିବନ୍‌ନୋଜି ମାର୍ହାନ୍, ୱାନ୍
ପିତରତିଙ୍ଗ ଇର୍ହାନ୍, "ଇକାନ୍ ତୋ ପ୍ରବୁ ।" ସିମୋନ ପିତର୍
ଇକାନ୍ ତୋ ପ୍ରବୁ ଇଜି ୱେନ୍‌ଜି ଡୁମ୍‌ଡା ମେନ୍ହଲ୍ ଆତିମାନିଙ୍ଗ
ନିଜେଦି ଆଙ୍ଗଁ ଆରାଜି ଏର୍‌ତୁ ଗାଡ୍‌ତାନ୍; 8 ମାତର୍ ଆଇ ସିସୁର୍
ମିନ୍‌କୁ ବର୍ତି ଆତିମାନି ଜାଡ଼ିଦିଙ୍ଗ ରେଲ୍‌ଜି ରେଲ୍‌ଜି ଇସ୍ରି ଡଙ୍ଗାଁଦୁ
ୱାତାର୍, ଇରିଙ୍ଗ ୱାର୍ ପାଡ଼ିରାନ୍ ନାଣ୍ଡ ଆକ ସିଲେତାର୍, କେବଲ୍

ଦୁଇସ ମୁରା ଆକ ମାର୍ହାନ୍ । 9 ୱାର୍ ପାଡ଼ି ରେତାର୍‌ରୋ ଆବେନୁ
ଡିବ୍‌କାଣି ସିସୁ, ମାରି ତାନି ମୁସ୍‌କୁ ୱେକ୍‌ତି ମିନ୍‌କୁ ମାରି ରୁଟି
ଇଟ୍‌ତିମାରିକା ସୁଡ୍ଡୁତାର୍ । 10 ଜିସୁ ୱାରିଙ୍ଗ ଇର୍ହାନ୍, "ମିର୍
ଇଲେଇ ଏମେ ମିନ୍‌କୁ ଆସ୍‌ତିମାନିଦେର୍, ଆବେନୁ ଏସ ତାଗାଟ୍
।" 11 ସିମୋନ ପିତର୍ ସୋଲ୍‌ସି ସଏ ପସାସ୍‌ତିନି ପେରି ପେରି
ମିନ୍‌କୁ ବର୍ତି ଆତିମାନି ଜାଡ଼ିଦିଙ୍ଗ ପାଡ଼ି ରେଲ୍‌ଜିତାତାନ୍; ମାରି
ନିସା ମିନୁୱାତିଙ୍ଗବା ଜାଡ଼ି ତେଉଏତାତ୍ । 12 ଜିସୁ ୱାରିଙ୍ଗ
ଇର୍ହାନ୍, "ୱାଜ ଉନ୍‌ଡୁ ।" ସିସୁରି ମାଣ୍‌କୁ ଏନ୍ ନିନୁ ଇଜି ୱାନିଙ୍ଗ
ୱେନ୍‌ବାଦେଙ୍ଗ ସାହାସ୍ କିଏଜିମାର୍ହାର୍, ଇରିଙ୍ଗ ୱାନ୍ ଜେ ପ୍ରବୁ
ଇକା ୱାର୍ ନେସ୍‌ତାମାର୍ହାର୍ । 13 ଜିସୁ ୱାଜି ରୁଟି ଅସି ୱାରିଙ୍ଗ
ସିତାନ୍, ମାରି ଆୟାୱାଜା ମିନ୍‌କୁ ବା ସିତାନ୍ । 14 ସାତିୱାରି
ମାଣ୍‌କୁ ଜିବନ୍‌ଆଜି ନିଡ୍ଡିଁତି ୱେନ୍‌କା ଜିସୁ ସିସୁରିଙ୍ଗ ଇକା ମୁନ୍‌ଡ୍ରି
ଦେବେଙ୍ଗ ତର୍‌ୟାଆତାନ୍ । 15 ୱାର୍ ଉଟି ୱେନ୍‌କା ଜିସୁ ସିମୋନ
ପିତରତିଙ୍ଗ ୱେନ୍‌ବାତାନ୍, "ଏ ଜୋହନତି ମାରିନ୍ ସିମୋନ, ନିନୁ
ଇନିକା ନାଡ୍ଡିଁ ୱାରିମାଣ୍‌କୁ ନାଣ୍ଡ ଜିବନ୍‌ନୋଜିନି?" ୱାନ୍ ୱାନିଙ୍ଗ
ଇର୍ହାନ୍, "ହୁଁ, ପ୍ରବୁ," ନାନ୍ ଜେ ନିଡ୍ଡିଁ ଜିବନ୍‌ନୋଜିନା, ଆକା
ନିନ୍ ନେସ୍‌ନି । ଜିସୁ ୱାନିଙ୍ଗ ଇର୍ହାନ୍, "ନା ମେଣ୍ଡାପିଲେକାଙ୍ଗ
ସାରାକିଆ ।" 16 ଜିସୁ ମାରିଡ଼େସି ରୁଣ୍ଡି ଦେବେଙ୍ଗ ୱାନିଙ୍ଗ
ୱେନ୍‌ବାତାନ୍, "ଏ ଜୋହନତି ମାରିନ୍ ସିମୋନ, ନିନ୍ ଇନିକା
ନାଡ୍ଡିଁ ଜିବନ୍‌ନୋଜିନି?" ୱାନ୍ ୱାନିଙ୍ଗ ଇର୍ହାନ୍, "ହୁଁ, ପ୍ରବୁ," ନାନ୍
ଜେ ନିଡ୍ଡିଁ ଜିବନ୍‌ନୋଜିନା, ଆକା ନିନ୍ ନେସ୍‌ନି । ଜିସୁ ୱାନିଙ୍ଗ
ଇର୍ହାନ୍, "ନା ମେଣ୍ଡେଆଙ୍ଗ ନେଗେନ୍‌କିଜି ସାରାକିଆ ।" 17 ଜିସୁ
ମୁନ୍‌ଡ୍ରି ଦେବେଙ୍ଗ ୱାନିଙ୍ଗ ୱେନ୍‌ବାତାନ୍, "ଏ ଜୋହନତି ମାରିନ୍
ସିମୋନ, ନିନ୍ ଇନିକା ନାଡ୍ଡିଁ ଜିବନ୍‌ନୋଜିନି?" ନିନ୍ ଇନିକା
ନାଡ୍ଡିଁ ଜିବନ୍‌ନୋଜିନି, ଇକା ଇନ୍‌ଜି ୱାନ୍ ମୁନ୍‌ଡ୍ରି ଦେବେଙ୍ଗ
ପିତରତିଙ୍ଗ ୱେନ୍‌ବାନିଡ୍ଡିଁ ୱାନ୍ ଦୁଃକ୍ ଆଜି ୱାନିଙ୍ଗ ଇର୍ହାନ୍, "ପ୍ରବୁ,
ନିନ୍ ୱିଜୁ ବିସୟ୍ ନେସ୍‌ନି; ନାନ୍ ଜେ ନିଡ୍ଡିଁ ଜିବନ୍‌ନୋଜିନା,
ଆକା ନିନ୍ ନେସ୍‌ନି ।" ଜିସୁ ୱାନିଙ୍ଗ ଇର୍ହାନ୍, "ନା ମେଣ୍ଡେଆଙ୍ଗ
ସାରାକିଆ । 18 ସତ୍ ସତ୍‌ନେ ନାନ୍ ନିଡ୍ଡିଁ ୱେର୍‌ସିନା, ମୁରୁଲି
ମାନିୱାଲେ ନିନ୍ ନିଜେଦି ଜୁକିଦୁ ଗାଟି ତରାଜ ଏମେ ତରିନ୍
ବଦା, ଆୟା ତରିନ୍ ବୁଲାଜିମାର୍‌ଇ, ମାତର୍ ଡକ୍ରା ଆତିଙ୍ଗ ନିନ୍
ନିଜେଦି କିୟୁ ପେରିନି ମାରି ଆଇକାନ୍ ଅରେନ୍ ନି ଜୁକିଦୁ
ଗାଟି ତର୍‌ନାନ୍‌ନୋ, ଏମେ ତରିନ୍ ନିଡ୍ଡିଁ ବଦା ସିଲେତ୍, ଆୟା
ତରିନ୍ ନିଡ୍ଡିଁ ଅନାନ୍ ।" 19 ପିତର୍ ଏଣ୍ଡେସ୍‌ୱାଜା ସାନିଦଣ୍ଡୋତି
ମାଣ୍‌କୁ ମାପୁରୁଙ୍ଗୁ ଦନ୍ୟବାଦ୍ କିନାନ୍, ଆବେଣି ମାଟା ସିଜି
ୱାନ୍ ଇକା ଇର୍ହାନ୍ । ତାନେୱେନ୍‌କା ଜିସୁ ୱାନିଙ୍ଗ ଇର୍ହାନ୍, "ନା
ୱେନ୍‌କା ରାଆ ।" 20 ଜିସୁ ଏମେ ସିସୁଙ୍ଗୁ ଜିବନ୍‌ନୋଜି ମାର୍ହାନ୍
ମାରି ଏନ୍‌ବା ନାଡ଼ାରିବଜିଦି ବେଡ଼ାଦୁ ଜିସୁଦି ବକାପାଡ୍‌କାଦୁ
ଗେକାତାନ୍‌ନୋ, "ପ୍ରବୁ, ନିଡ୍ଡିଁ ଏନ୍ ସାଟୁରି କିୟୁଦୁ ସର୍‌ପେ କିନାନ୍
ଇଜି ୱେନ୍‌ବାତା ମାର୍ହାନ୍, ଆୟା ସିସୁଙ୍ଗୁ ପିତର୍ ମାର୍‌ଜିବେସ୍‌ସି
ୱେନ୍‌କା ୱାଜିମାରିକା ସୁଡ୍ଡୁତାନ୍ ।" 21 ପିତର୍ ୱାନିଙ୍ଗ ସୁଡୁଜି
ଜିସୁଙ୍ଗୁ ୱେନ୍‌ବାତାନ୍, "ପ୍ରବୁ, ଇୟାୱାନି ବିସୟ୍‌ତାନ୍ ଇନିକା
ଇଜିନି?" 22 ଜିସୁ ୱାନିଙ୍ଗ ଇର୍ହାନ୍, "ନାନ୍ ମାରିଡ଼େସିୱାନି
ସାନ୍ଦି ୱାନ୍ ଜିଜ ମାନିନ୍ ଇଜି ଜଦି ନାନ୍ ବଦା କିନା, ଆର୍‌ତିଙ୍ଗ
ଆବେଟ୍ ନିଡ୍ଡିଁ ଇନିକା ମାନାତ୍? ନିନୁ ନା ୱାଲେ ରାଆ ।" 23
ଆବେଟ୍ ଆୟା ସିସୁ ଜେ ସାଏନ୍, ତଡ଼ାନ୍‌କା ଲୋଇ ଇୟା ମାଟା
ୱେଡ୍ଡିଁତାତ୍, ମାତର୍ ୱାନ୍ ସାଏନ୍ ଇଜି ଜିସୁ ୱାନିଙ୍ଗ ଇନ୍‌ଏନ୍
ମାର୍ହାନ୍, ମାତର୍ ନାନ୍ ଡ଼େସିୱାନି ସାନ୍ଦି ୱାନ୍ ଜିଜ ମାନିନ୍ ଇଜି
ଜଦି ନାନ୍ ବଦା କିନା, ଆର୍‌ତିଙ୍ଗ ଆବେଟ୍ ମିଡ୍ଡିଁ ଇନିକା ମାନାତ୍
ଇଜି ୱେର୍‌ତାମାର୍ହାନ୍ । 24 ଏନ୍ ଇୟାୱିଜୁ ବିସୟ୍‌ତି ସାକ୍ୟ
ସିଜିନାନ୍ ମାରି ଇୟାୱିଜୁ ରାସ୍‌ତାମାନାନ୍, ୱାନ୍ ଆୟା ସିସୁ;
ମାରି, ୱାନି ସାକୟ୍ ଜେ ସତ୍, ଆକା ମାପ୍ ନେସ୍‌ନାପ୍ । 25
ମାରି, ଜିସୁ ମାରି ନାଣ୍ଡ ପାଣି ବା କିତାମାର୍ହାନ୍, ଆୟାୱିଜୁ ଜଦି
ଉନ୍‌ଡ୍ରି ଉନ୍‌ଡ୍ରି କିଜି ରାସାତିଙ୍ଗ ମାନ୍ଦି, ଆର୍‌ତିଙ୍ଗ ନିସ ବଇଙ୍ଗ
ରାସାତେ ମାନ୍ଦି ଜେ, ନା ବିସାର୍‌ତୁ ସାରାଦୁନିଆଦୁ ଆୟାୱିଜୁ
ବଇଙ୍ଗ ଇଡ଼ନି ଉଣ୍ଡିଙ୍ଗ ବାଡି ଆଏତାତ୍‌ମାନ୍ଦି ।

# ପ୍ରେରିତ

1 ଏ ଲାଡ୍‌ତି ତିୟପିଲ, ନା ପାର୍‌ତୁମ୍ ବଇଦୁ ଜିସୁ ୱାନି ପାଣି
ଆରାମ୍ କିନି ଦିନ୍‌ତାନ୍ ଆମାୱିଜୁ ପାଣି କିତାମାର୍ହାନ୍ ମାରି
ସିକିୟା ସିତାମାର୍ହାନ୍, ଆୟାୱିଜୁ ବିସୟ୍‌ତାନ୍ ରାସ୍‌ତାମାର୍ହା । 2
ମୁସ୍‌କୁପୁର୍ ସନି ଆଗ୍‌ଡ଼ିନେ ଆମାୱାରିଙ୍ଗ ୱାନ୍ ନିଜେଦି ସିସୁ
ୱାଜା ଆସ୍‌କିତା ମାର୍ହାନ୍, ୱାରିଙ୍ଗ ୱାନ୍ ପବିତ୍ରଆତ୍ମାଦି ସାକ୍ତିଦାନ୍
ସିକିୟା ସିତାମାର୍ହାନ୍ 3 ନାସ୍ତିୱାଲେ ୱାନ୍ ଜିବନ୍ ମାର୍ହାନ୍, ଇକା
ପାରାମାଣ୍ କିନି ଉଣ୍ତିଙ୍ଗ ମାରି ସିସୁର୍ ନାମ୍‌ଇକା ଆକ କିନି ଉଣ୍ତିଙ୍ଗ
ୱାନ୍ ୱାରି ସାତି ୱେନ୍‌କା ସାଲିସ୍ ଦିନ୍ ସାନ୍ଦି ଗାଦି ଦେବେଙ୍ଗ
ୱାରିଙ୍ଗ ତରାୟା ଆତାମାର୍ହାନ୍ । ୱାର୍ ଜିସୁଙ୍ଗ ସୁତୁତାମାର୍ହାର୍
ମାରି ଜିସୁ ୱାରିଙ୍ଗ ମାପୁରୁଦି ରାଜି ବିସୟ୍‌ତାନ୍ ଇର୍ହାନ୍ । 4 ୱାର୍
ଉନ୍‌ଡ୍ରେମାନୁ ମାନିୱାଲେ ଉଣିତିନିମାନୁ ଜିସୁ ୱାରିଙ୍ଗ ଇୟା ମାଟା
ସିତାନ୍ ଜିରୁସାଲାମ୍ ଡ଼ିସ୍‌ସୋ ସଲ୍‌ମାଟ୍ । ମୁସ୍‌କୁପୁର୍‌ତି ବୁବା
ମିଙ୍ଗ ଆମାକା ସିନାନ୍ ଇଜି ପାର୍‌ମାଣ୍ କିତାମାନାନ୍ ମାରି ଆମା
ଦାନ୍ ବିସୟ୍‌ତାନ୍ ନାନ୍ ମିଙ୍ଗ ୱେର୍‌ତାମାର୍‌ଆ, ଆକା ପଇନି
ସାନ୍ଦି କାପ୍‌କିଦୁ । 5 ଜୋହନ ଏର୍‌ତୁ ଡୁବନ୍ ସିତାନ୍, ମାତର୍ ଏସ
ଉଣା ଦିନ୍ ୱେନ୍‌କା ମିର୍ ପବିତ୍ର ଆତ୍ମାଦୁ ଡୁବନ୍ ଆନିଦେର୍ ।
6 ଅର୍‌ଲେନ୍ ପ୍ରେରିତ ସିସୁର୍ ଉନ୍‌ଡ୍ରେମାନୁ ମାନିୱାଲେ ଜିସୁଙ୍ଗ
ୱେନ୍‌ବାତାର୍, "ପ୍ରବୁ, ନିନ୍ ଇନିକା ଇଲେଇ ଇସ୍ରାଏଲରିଙ୍ଗ
ୱାରି ରାଜି ଡ଼େସି ସିନି?" 7 ଜିସୁ ୱାରିଙ୍ଗ ଇର୍ହାନ୍, "ୱେଡ଼ା
ନି ଇଲେଇତିଙ୍ଗ ନା ବୁବା ୱାନି ଆଡ୍‌ଗି କିଜି ଇଟ୍‌ତାମାନାନ୍
। ଇୟାୱିଜୁ ଏସ୍‌କାଙ୍ଗ ଗଟାନାତ୍, ମିର୍ ନେସ୍‌ତେଙ୍ଗ ଦର୍‌କାର୍
ସିଲେ । 8 ମାତର୍ ମି ମୁସ୍‌କୁ ପବିତ୍ରଆତ୍ମା ରେତାତିଙ୍ଗ, ମିର୍
ସାକ୍ତିଦାନ୍ ପୁରା ଆନିଦେର୍ ମାରି ଜିରୁସାଲାମ୍, ସାରାୱିଜୁ ଜିହୁଦା
ମାରି ସମିରୋଣ ମାରି ଦୁନିଆଦି ସାରାସାରିଇତି ସାନ୍ଦି ନା ଉଣ୍ତିଙ୍ଗ
ମିର୍ ସାକି ଆନିଦେର୍ ।" 9 ଇକା ୱେର୍‌ତି ୱେନ୍‌କା ଜିସୁଙ୍ଗ
ମୁସ୍‌କୁପୁର୍‌ତୁ ସନିକା ୱାର୍ ସୁତୁତାର୍ ମାରି କାଣ୍ତେକ୍ ବାଦ୍‌ଡ଼ତାନ୍
ୱାନ୍ ୱାରି କାଣାଗ୍‌ଦି ଆଗ୍‌ଡ଼ିରାନ୍ ସାୟାମାୟା ଆତାନ୍ । 10 ୱାନ୍
ମୁସ୍‌କୁ ସୋରି ୱେନ୍‌କା ବା ୱାର୍ ତିର୍‌ତାନ୍ ସୁତୁଜି ବାଦ୍‌ଡ଼ତିଙ୍ଗ
ବେସ୍‌ସି ତେବାତାମାର୍ହାର୍ । ଅଡ଼ିନିଆଙ୍ଗ ଆରାତିକାର୍ ରିଏର୍
ଲୋକୁ ଆୟାଦାପ୍ରେନେ ୱାରି ଲାକ୍‌ତୁ ୱାଜି, 11 ନିର୍ହା ଇର୍ହାନ୍,
"ଏ ଗାଲିଲିଦି ଲୋକୁ, ଏନ୍ହା ଇବେନୁ ନିର୍‌ଦେର୍‌ନୋ ବାଦ୍‌ଡ଼ତିଙ୍ଗ
ବେସ୍‌ସିନିଦେର୍? ଏ ଜିସୁ ମି ଲାକ୍‌ତୁରାନ୍ ସୋଲ୍‌ସି ମୁସ୍‌କୁପୁର୍‌ତୁ
ଅତାର୍ । ମାତର୍ ୱାନ୍ ଆମା ୱାଜା ମୁସ୍‌ପୁର୍‌ତୁ ସନିକା ମିର୍
ସୁତୁତିଦେର୍, ଟିକ୍ ଆୟାୱାଜା ୱାନ୍ ମାରିଡ଼େସି ୱାନାନ୍ ।" 12
ତାନେୱେନ୍‌କା ପ୍ରେରିତ ସିସୁର୍ ଜିତ ଗରନ୍‌ତାନ୍ ଜିରୁସାଲମ୍‌ତୁ
ଡ଼େସି ସୋର୍ହାର୍ । ଜିତ ଗରନ୍ ଗାଡ୍‌ତାନ୍ ଉନ୍‌ଡ୍ରେ କିଲମିଟର୍ ଆକ
ମାର୍ହାତ୍ । 13 ଗାଡ୍‌ତୁ ସୋଲ୍‌ସି ୱାର୍ ତେବାଜିମାର୍‌ଇ ମୁସ୍‌କୁରି
ବାକ୍‌ରାଦୁ ଡୁଗିତାର୍ । ଆୟା ପ୍ରେରିତ ସିସୁର୍ ଆଜିନାର୍ ପିତର,
ଜୋହନ, ଜାକୁବ, ଆନ୍ଦ୍ରିୟ, ପିଲିପ୍, ଥୋମା, ବାର୍ଥଲମି, ମାତିଉ,
ଆଲପିଦି ମାରିନ୍ ଜାକୁବ, ଦେସ୍‌ତିଙ୍ଗଜିବନ୍‌ନୋନି ସିମୋନ ମାରି
ଜାକୁବଦି ମାରିନ୍ ଜିହୁଦା । 14 ୱାର୍ ବେଡ଼ାବେଡ଼ାଦୁ ଉନ୍‌ଡ୍ରେ
ଦଲ୍ ୱାଜା ପାର୍‌ତାନା କିଦେଙ୍ଗ ଉନ୍‌ଡ୍ରେମାନୁ ଆଜିମାର୍ହାର୍ ମାରି
ୱାରି ୱାଲେ ଜିସୁଦି ଆଇସି ମରିୟମ୍ ମାରି ଆଇ ଆଇମେକ୍
ମାରି ଜିସୁଦି ତଡ଼ାନ୍‌କୁ ବା ଉଣ୍ତାଜି ମାର୍ହାର୍ । 15 ଏସ ଦିନ୍
ୱେନ୍‌କା ସଏକଡ଼େ ଲୋକୁ ବିସ୍‌ବାସ୍‌ତି ତଡ଼ାନ୍‌କା ଉନ୍‌ଡ୍ରି ପେରି
ମିଟିଙ୍ଗତୁ ପିତର ନିଲ୍‌ତାନ୍‌ନୋ ଇର୍ହାନ୍ 16 "ତଡ଼ାନ୍‌କୁ ନି ତାଙ୍ଗକି,
ଆମା ଜିହୁଦା ଜିସୁଙ୍ଗ ଆସ୍‌ତେଙ୍ଗ ଇଜି ସାତୁରିଙ୍ଗ ସାରି ତର୍‌ସି
ଅତାମାର୍ହାନ୍, ଆୟା ବିସୟ୍‌ତାନ୍ ଦାଉଦ ପବିତ୍ରଆତ୍ମାଦି ମାଣାନ୍
ସାଲାଜି ବବିସ୍ୟତ ମାଟା ୱେର୍‌ତା ମାର୍ହାନ୍ । ଦାର୍ମୁସାସ୍ତ୍ରଦୁ ରାସ୍‌ତି
ଆୟା ମାଟା ପୁରା ଆଦେଙ୍ଗ ସତ୍ ମାର୍ହାତ୍ । 17 ମାରିବା ଜିହୁଦା
ମା ଦଲ୍‌ତୁ ମାର୍ହାନ୍ ମାରି ମା ଅରେନ୍ ଅର୍‌ସେ ସେବା ପାଣି
କିନି ଉଣ୍ତିଙ୍ଗ ଆସ୍‌କିଆତା ମାର୍ହାନ୍ ।" 18 ୱାନି ତାଗ୍‌ଇ ପାଣି
ଉଣ୍ତିଙ୍ଗ ଜିହୁଦା ପୟ୍‌ତିମାନି ଡାବୁଣାଙ୍ଗ ଉନ୍‌ଡ୍ରି ବୁମି କଡ଼ାୟା
ଆତାମାର୍ହାତ୍ ମାରି ଆୟା ବୁମିଦୁ ମେଡ଼େତାନ୍‌ନୋ ୱାନ୍ ସାତାନ୍
। ୱାନି ପଟା ପାଡିଜି ସୋଲ୍‌ସି ୱାସ୍‌କିଙ୍ଗ ସତେ ସର୍‌ଏ । 19
ଜିରୁସାଲାମ୍‌ତି ଗାଡ୍‌ତୁ ମାନି ୱିଜୁ ଲୋକୁ ଇୟାୱିଜୁ ନେସ୍‌ତେଙ୍ଗ
ଆଟ୍‌ସି ୱାରି ବାସାଦାନ୍ ଆୟା ବୁମିଦି ଦରୁ "ଆକେଲ ଦାମା"
ଅର୍ତାତ୍ "ନେତେର୍ ତି କିଡ଼ିଇ" ଇଜି ଇଟ୍‌ତାମାନାର୍ । 20
ଇୟା ବିସୟ୍‌ତାନ୍ ଗିତସଂହିତା ବଇଦୁ ରାସାତାମାନାତ୍ "ୱାନି
ଇଲୁ ସିମ୍ରା ଆପିତ୍, ଆବେନୁ ଏନ୍ ତେବାମାକିର୍, ମାରି ବା
ରାସାତାମାନାତ୍; ଆଇକାନ୍ ଅରେନ୍ ୱାନି ପାଣିଦୁ ରାପିନ୍ ।"
21 "ମାରି ପ୍ରବୁ ଜିସୁଦି ଡ଼େସିନିଙ୍ଗନି ବିସୟ୍‌ତାନ୍ ସାକି ଆଦେଙ୍ଗ
ଇଜି ମାରି ଅରେନ୍ ମା ୱାଲେ ମିସାନିକା ଦର୍‌କାର୍ । 22
ଜିସୁ ଜୋହନତି ମାଣାନ୍ ଡୁବନ୍ ଅତି ସମୟ୍‌ତାନ୍ ମୁସ୍‌କୁ ସନି
ସାନ୍ଦି ୱିଜୁ ୱାଲେ ପ୍ରବୁ ଜିସୁ ମା ୱାଲେ ବୁଲାସାଲା କିନିୱାଲେ,
ଏମେ ଲୋକୁ ମା, ଦଲ୍‌ତୁ ମାର୍ହାର୍ ଅରେନ୍ ୱାନିଙ୍ଗ ଆସ୍‌କିଦେଙ୍ଗ
ଆନାତ୍ ଏମେ ଲୋକୁ ମା ଦଲ୍‌ତୁ ମାର୍ହାର୍, ୱାରି ଲୋଇରାନ୍
ଅରେନ୍‌ୱାନିଙ୍ଗ ମାରିଡ଼େସି ଇୟାଉଣ୍ତିଙ୍ଗ ଆସ୍‌କିଦେଙ୍ଗ ଆନାତ୍ ।"
23 ୱାର୍ ରିଏରି ଦରୁ ୱେର୍‌ତାର୍ ଜୋସେପ୍ ଏନ୍ ବର୍ସବା ମାରି
ଜୁସ୍ତସ୍ ଇଜି ବା ଇନାର୍ ମାରି ମତିୟ । 24 ମାରି ପାର୍‌ତନା
କିତାର୍, "ପ୍ରବୁ, ନିନ୍ ୱିଜୁ ସିନ୍ତା ନେସ୍‌ନି । ଇୟା ରିଏରି ଲୋଇ
ଏଡ୍ଙ୍ଗ ବାସେକିତିମାନି, 25 ଇୟା ବେକ୍ତି ଜିହୁଦା ନିଜେଦିବାଡ଼ିଦୁ
ସନି ଉଣ୍ତିଙ୍ଗ ଇୟା ଏମେ ସେବା ମାରି ପେରିତ ସିସୁ ପାଣି କିନାନ୍
।" 26 ତାନିୱେନ୍‌କା ରିଏରି ଲୋଇ ଅରେନ୍‌ୱାନିଙ୍ଗ ବାସ୍‌କିଦେଙ୍ଗ
କୁଡୁକୁଡ଼ି ପକ୍‌ତାର୍ । ମାରି ମତିୟଦି ଦର୍‌ତାନ୍ କୁଡୁକୁଡ଼ି ସତାତ୍;
ଆବେଟ୍ ୱାନ୍ ଏଗାର୍ ଲୋକୁ ସିସୁରି ୱାଲେ ମିସାତାନ୍ ।

2 ପେଣ୍ଟିକଷ୍ଟ ପଣ୍ତତି ନାଣ୍ଡିଙ୍ଗ କ୍ରିସ୍ଟାନ୍ ଲୋକୁ ୱିଜେରେ ଉଣ୍ତ୍ରେ
ବାଡିଦୁ ଉଣ୍ତାତା ମାର୍ହାର୍ । 2 ଆୟାଦାପ୍ରେନେ ନାଣ୍ତୁ ଗାଲି
ୱାନି ଆଉଲି ୱାଜା ବାଦଡ଼୍‌ତାନ୍ ଉଣ୍ତି ବାଦଡ଼ତାନ୍ ଆଉଲି
ଆତାତ୍ ମାରି ଏମେ ଇଲ୍‌ତୁ ୱାର୍ ବାସ୍‌ତାମାର୍ହାର୍, ଆକା ଆୟା

ଆଉଲିଦାନ୍ ପୁରା ଆତାତ୍ । 3 ତାନିୱେନ୍‌କା ୱାର୍ ସୁଡୁତାର୍,
ଏସୋ ସିସୁ ୱେତଲ୍ ସାର୍‌ଜି ଆବେ ମାର୍ହି ୱିଜେରିଙ୍ଗ ମୁଟ୍‌ତାତ୍
। 4 ୱାର୍ ୱିଜେରେ ପବିତ୍ର ଆତ୍ମାଦୁ ପୁରା ଆତାର୍ ମାରି
ଆତ୍ମାଦାନ୍ ସାଲାଜି ଆଇ ଆଇ ବାସାଦାନ୍ ମାଟା ଇଣ୍ଡ୍ରେଙ୍ଗ
ଆସ୍‌ତାର୍ । 5 ଦୁନିଆଦି ୱିଜୁ ଦେସ୍‌ତାନ୍ ୱାତିମାନି ଜିହୁଦି ଦାର୍ମୁ
ଲୋକୁ ୱିଜେରେ ଜିରୁସାଲାମ୍‌ତୁ ଉଣ୍ଡାତା ମାର୍ହାର୍ । 6 କୁଟୁମ୍‌ତୁ
ଆଜିମାନି ଆଉଲି ୱେନ୍‌ଜି, ନାଣ୍ଡ ଲୋକ୍ ଆବେ ଉଣ୍ଡାତାର୍
। କ୍ରିସ୍ତ ବିସ୍‌ବାସ୍‌ସିର୍ ଆବେ ଉଣ୍ଡାତିମାନି ୱିଜେରି ବାସାଦାନ୍
ମାଟା ଇଜିମାନିକା ୱେନ୍‌ଜି ୱାରି ମନ୍‌ତୁ କାବାନିକା ୱାତାତ୍
। 7 ମାରି, ୱାର୍ କାବାଆଜି ମାରି ବେମ୍‌ରିଆଜି ଇନ୍‌ଡ୍ରେଙ୍ଗ
ଆସ୍‌ତାର୍, “ଇୟାୱାଜା ୱାର୍‌ଗିଜିମାନି ଇୟା ଲୋକୁ ଇନିକା
ଗାଲିଲିୟତିକାର୍ ଆଏର୍? 8 ଆରିଙ୍ଗ ମାଡ୍ ୱିଜୁ ଏଣ୍ଡ୍ରେସ୍
ୱାରିଙ୍ଗ ମା ନିଜେଦି ଜନମ୍‌ତି ବାସାଦାନ୍ ୱାର୍‌ଗିଜିମାନିକା
ୱେନ୍‌ଜିନାପ୍? 9 ମାଡ୍ ପାର୍ଥିୟ, ମାଦିୟ ମାରି ଏଲାମିୟ, ମାରି
ମେସପଟାମିଆ, ଜିହୁଦା ଦେସ୍ ମାରି କାପ୍‌ପାଦକିଆ, ପନ୍ତ ମାରି
ଆସିଆ, 10 ଫ୍ରୁଗିଆ ମାରି ପାମ୍ଫୁଲିଆ, ମିସର୍ ମାରି କୁରିଣି
ଲାକ୍‌ତୁରି ଲିବିୟା ରାଜିଦୁମାନିକାର୍ । ମାବାଣ୍‌କୁ ଏସୋ ଲୋକୁ
ରୋମ୍‌ତାନ୍ ୱାତିମାନି ଜିହୁଦିର୍ 11 ମାରି ଜିହୁଦି ଦାର୍ମୁ ଆତିମାର୍‌ଇ
ଲୋକୁ; ମାରି ଏସୋ କ୍ରିତି ନି ଆରବିୟ ଦେସ୍‌ତି ଲୋକୁ ।
ମାରିବା ମାପୁରୁ ଏମେ କାବାଆନି ବିସୟ୍ ୱିଜୁ କିତାମାନାନ୍,
ଆୟା ବିସୟ୍‌ତାନ୍ ମାପ୍ ୱିଜେରେ ୱାରିମାଣ୍‌କୁ ମା ନିଜେ ନିଜେଦି
ବାସାଦାନ୍ ୱେନ୍ଦ୍ରେଙ୍ଗ ଆଟ୍‌ସିନାପ୍ ।” 12 କାବାନି ବେମ୍‌ରିଆଜି
ୱାର୍ ନିଜେ ନିଜେଦିମାନୁ ୱେନ୍‌ବାଦେଙ୍ଗ ଆସ୍‌ତାର୍, “ତେନି
ଅର୍ଥ ଇନିକା?” 13 ମାତର୍ ଆଇକାର୍ ବିସ୍‌ବାସିରିଙ୍ଗ ୱେକ୍‌ରିସ୍
କିଜି ଇର୍ହାର୍, “ଇୟା ଲୋକୁ ଅଙ୍ଗୁର୍‌ରସ୍ ଉଣୁଜି ସସ୍‌ତା ମାନାର୍
।” 14 ତାନିୱେନ୍‌କା ଆଇ ଏଗାର୍ ଲୋକୁ ପ୍ରେରିତ ସିସୁରି
ୱାଲେ ପିତର୍ ନିଙ୍ଗ୍‌ଜି ନାଣ୍ଡ ଆଉଲି ଆଜି ଇର୍ହାନ୍, ଏ ଜିହୁଦି
ତଡ଼ାନ୍‌କୁ ତାଙ୍ଗ୍‌କ୍ ମାରି ଜିରୁସାଲାମ୍‌ତୁ ବାସାତିମାନି ମଣ୍ଡଲି, ନା
ମାଟା ନେଗେନ୍‌ତାନ୍ ୱେନ୍‌ଡୁ, ନାନ୍ ଇୟା ବିସୟ୍‌ତାନ୍ ବୁଜାକିଜି
ଇନା । 15 ମିର୍ ଅଡ୍‌ବିଜିନିଦେର୍, ଇୟାକାର୍ ସହସ୍‌ତିକାର୍
। ସିଲେ, ଇୟାକାର୍ ସହସ୍‌ତିକାର୍ ଆଏର୍ । ଇରିଙ୍ଗ ଇଲେଇ
ୱେଡ଼ା ସାଲ୍‌ଦି ନୋ ଗଣ୍ଟା । 16 ମାତର୍ ବାବବାଦି ଜୟେଲ୍
ଏମେ ଗଟାନା ବିସୟ୍‌ତାନ୍ ବବିସତ୍‌ବାଣି ଇର୍ହାମାର୍ହାନ୍, ଆକା
ଆୟାୱାଜା ଉନ୍‌ଡ୍ରି ଗଟନା; 17 ମାପୁରୁ ଇନାନ୍; ୱିଜ୍‌ନି ଦିନ୍‌କାଙ୍ଗ
ଇକା ୱିଜୁ ଗଟାନାତ୍, ନାନ୍ ୱିଜେରି ମୁସ୍‌କୁ ନା ଆତ୍ମା ୱାକ୍‌ନା
ସିନା । ମି କଡ଼ର୍ ନି ଆଇଲିକ୍ ବାବବାଦି କିନାର୍ । ମି ମୁରୁଲିର୍
ଦର୍ସନ ସୁଣାର୍, ମାରି ନେତାର୍ ଲବେର୍ ସୁଣାର୍ । 18 ହୁଁ ନା
ଦାସ୍‌କୁ ଅର୍‌ସେ ମେମାରି ନି ଆଇମେକା ମୁସ୍‌କୁ, ଆୟା ଦିନ୍‌ତୁ
ନା ଆତ୍ମା ୱାକ୍‌ନା ସିନା, ମାରି ୱାର୍ ନା ବାକ୍ୟ ୱେର୍‌ନାର୍ । 19
ନାନ୍ ବାଦଡ୍ ମୁସ୍‌କୁ କାବାଆନି ପାଣି ମାରି ଆଡ୍‌ଗିରି ଦୁନିଆଦୁ
କାବାଆନି ପାଣିତର୍‌ନା । ନେତେର୍, ସିସୁ ମାରି ନାଣ୍ଡ ଗଇଦାନ୍
ଦୁନିଆ ବର୍ତି ଆନାତ୍; 20 ପ୍ରବୁଦି ପେରି ଗୌରବ୍ ଦିନ୍‌ତି ୱାନି
ଆଗ୍‌ଡ଼ି ୱେଡ଼ା ସିକାଟି ଆନାତ୍ ମାରି ଲେଞ୍ଜୁ ନେତେର୍ ୱାଜା
ଆନାତ୍ । 21 ନାସ୍ତିୱାଲେ ଏନ୍ ପ୍ରବୁଦି ଦର୍‌ତାନ୍ ପାର୍‌ତନା
କିନାନ୍, ୱାନ୍ ରକିୟା ପୟ୍‌ନାନ୍ । 22 ଏ ଇସ୍ରାଏଲ୍‌ତି ଲୋକୁ,
ଇୟାୱିଜୁ ମାଟା ୱେନ୍‌ଡୁ! ନାଣ୍ଡ ସାକ୍ତିଦି ପାଣି ମାରି କାବାନି ସିନା
ଦାନ୍ ନାଜରିୟତିୟ ଜିସୁ ଜେ ମାପୁରୁ ପକ୍‌ତିକାନ୍ ଇଜି ପାର୍‌ମାଣ୍
କିଆୟ୍ ଆତାମାନାନ୍ ମାରି ମାପୁରୁ ସାକ୍ତି ପୁରାକିତିକାନ୍, ଇକା ମି
ଲାକ୍‌ତୁ ସତ୍ ଆତାମାନାତ୍ । ମି ଲୋଇ ଇୟା ଇୟାୱିଜୁ ଗଟନା
ଗଟାତାତ୍, ଆଦେଙ୍ଗ ଇୟା ବିସୟ୍‌ତାନ୍ ମିର୍ ନେଗେନ୍‌କିଜି
ନେସ୍‌ତିମାନିଦେର୍ । 23 ମାପୁରୁ ୱାନି ଉପାୟ୍ ଇସାବ୍‌ତାନ୍
ଜିସୁଙ୍ଗୁଁ ମି କିୟୁଦୁ ସର୍ପେ କିଦେଙ୍ଗ ତିର୍ କିତାମାର୍ହାନ୍ । ମାରି
ମିର୍ ୱାନିଙ୍ଗ ପାପିଲୋକା ମାଣାନ୍ କ୍ରୁସଦୁ ଏକିସ୍‌କିଜି ଡାକ୍‌ତି
ମାର୍‌ଇଦେର୍ । 24 ମାତର୍ ମାପୁରୁ ୱାନିଙ୍ଗ ସାନି ମାଣ୍‌କୁ
ଡ଼ିସିସ୍‌କିଜି ମାରିଡ଼େସି ନିକ୍‌ତାନ୍, ଇରିଙ୍ଗ ୱାନ୍ ସାତି ମାନୁ
ତରାୟ୍‌ଆଜି ତେବାନିକା ଅସମ୍ଭବ । 25 ଦାଉଦ ୱାନି ବିସୟ୍‌ତାନ୍
ଇନାନ୍, “ୱିଜୁ ସମୟ୍‌ତୁ ନାନ୍ ପ୍ରବୁଙ୍ଗୁଁ ନା ଆଗ୍‌ଡ଼ି ସୁଡୁତାମାନା,
ୱାନ୍ ନା ତରିନ୍ ତେବାତାମାନାନ୍ । ଏନ୍ ନାଙ୍ଗୁଁ ତିଲିସ୍ କିଦେଙ୍ଗ
ଆଟ୍‌ଏନ୍ ।” 26 ଆଦେଙ୍ଗ ନା ଜିବନ୍ ୱେଡ଼ିକାଦୁ ପୁରାଆତାମାନା,
ନା ୱେତଲ ୱେଡ଼ିକାଆଜି ନିଙ୍ଗୁଁଜିନାତ୍ । ମାରିବା ନାନ୍ ସାନିକିନ୍ଦ୍ରା,
ନା ପୁରା ମେନ୍ଦ୍ରଲ୍ ଆସାଦୁ ତିର୍‌ତେବାନା, 27 ଇରିଙ୍ଗ ନିନ୍ ନାଙ୍ଗୁଁ
ସାନି ଦୁନିଆଦୁ ଡ଼ିସ୍‌ଇ; ନିନ୍ ନି ବିସ୍‌ବାସ୍‌ତି ଦାସ୍‌ତିଙ୍ଗ ଦୁକିଗୁଟା
ଲୋଇ ସାବ୍‌ଦେଙ୍ଗ ଇଜି ଡ଼ିସ୍‌ସୋ ସିଇ । (Hadēs g86) 28 ନିନ୍
ନାଙ୍ଗୁଁ ଜିବନ୍‌ତି ସାରି ତର୍‌ତିମାନି ମାରି ନି ଲାକ୍‌ତୁତେବାନିକା
ନାଙ୍ଗୁଁ ୱେଡ଼ିକାଦୁ ପୁରାକିନାତ୍ । 29 ଏ ନା ଇସ୍ରାଏଲତି ତଡ଼ାନ୍‌କୁ
ନି ତାଙ୍ଗ୍‌କ୍, ବୁଜାନିୱାଜା ନାନ୍ ମିଙ୍ଗୁଁ ମା ଡକ୍ରାଦାଦା ରାଜା
ଦାଉଦତି ବିସୟ୍‌ତାନ୍ ଏସ ଇନ୍‌ଡ୍ରେଙ୍ଗ ଦର୍‌କାର୍ ମାନାତ୍ ଇଜି
ଅଡ୍‌ବିଜିନା । ୱାନ୍ ସିତିଙ୍ଗ ମୁସ୍‌ତାର୍, ମାରି ୱାନି ଦୁକିଗୁଟା
ନେର୍ ସାନ୍ଲି ଇବେ ମା ଲୋଇ ମାନାତ୍ । 30 ୱାନ୍ ଅରେନ୍
ବାବବାଦି ମାର୍ହାନ୍, ଆଦେଙ୍ଗ ୱାନି ଉଣ୍ଡିଙ୍ଗ ମାପୁରୁଦି ଜିଦ୍ ମାଟା
ନେସ୍‌ତାମାର୍ହାନ୍ । ଦାଉଦତି କୁଟୁମ୍‌ତି ଲୋଇ ଅରେନ୍ ୱାନିଙ୍ଗ
ରାଜା କିନାନ୍ ଇଜି ମାପୁରୁ ପାର୍‌ମାଣ୍ କିତାମାର୍ହାନ୍ । 31
ମାପୁରୁ ୱାନିଦିନ୍‌ତୁ ଇନିକା କିଦେଙ୍ଗ ସଲ୍‌ସିନାନ୍, ଦାଉଦ ଆକା
ନେସ୍‌ସି, କ୍ରିସ୍ତ ଅର୍ଥାତ୍ ମସିହଦି ମାରିଡ଼େସି ନିଙ୍ଗୁଁନି ବିସୟ୍‌ତାନ୍
ଇର୍ହାମାନାନ୍; ୱାନ୍ ସାନି ଦୁନିଆଦୁ ଡ଼ିସାୟ୍ ଆଏତାନ୍ । ୱାନି
ମେନ୍ଦ୍ରଲ୍ ଦୁକିଗୁଟା ଲୋଇ ସାବ୍‌ଏତାଦ୍ । (Hadēs g86) 32 ମାପୁରୁ
ଇୟା ଜିସୁଙ୍ଗୁଁ ସାତିମାଣାନ୍ ମାରିଡ଼େସି ନିକ୍‌ତାମାନାନ୍ । ମାପ୍
ୱିଜେରେ ତେନି ସାକି । 33 ଜିସୁ ୱାନି ବୁବା ମାପୁରୁଦି ଉଣେରି
ତରିନ୍ ପେରାୟ୍ ଆତାମାନାନ୍ ମାରି ବୁବାଦି ଜିଦ୍ ଇସାବ୍‌ତାନ୍
ୱାନିମାଣ୍‌କୁ ପବିତ୍ର ଆତ୍ମା ପୟ୍‌ତାମାନାନ୍ । ଇଲେଇ ମିର୍
ଆମାକା ସୁଡୁଜିନିଦେର୍ ମାରି ୱେନ୍‌ଜିନିଦେର୍, ଆକା ୱାନି ଦାନ୍
। ଆକା ୱାନ୍ ମା ମୁସ୍‌କୁ ୱାକ୍‌ତା ସିତାମାନାନ୍ । 34 ଦାଉଦ

ନିଜେ ମୁସ୍‌କୁପୁର୍‌ତୁ ସଲ୍‌ଏନ୍ ମାର୍ହାନ୍, ମାତର୍ ୱାନ୍ ଇର୍ହାନ୍,
ପ୍ରବୁ ନା ପ୍ରବୁଙ୍କୁଁ ଇର୍ହାନ୍, 35 ନାନ୍ ନି ସାତୁରିଙ୍ଗ ନି ପାଦାମ୍
ଆଡ୍‌ଗି କିଇ ସାନ୍ଦି । ନା ଉଣେରି ତରିନ୍ ବାସ୍‌ସ ମାନ୍‌ଆ । 36
"ମାରି ଇସ୍ରାଏଲ୍‌ତି ଲୋକୁ ୱିଜେରେ ସତ୍‌ତାନ୍ ନେସିର୍ ଜେ,
ଇୟା ଏମେ ଜିସୁଙ୍କୁଁ ମିର୍ କ୍ରୁସଦୁ ଏକିସ୍ କିତିଦେର୍, ମାପୁରୁ
ୱାନିଙ୍ଗ ନେ ପ୍ରବୁ ନି କ୍ରିସ୍ତ ଅର୍ତାତ୍ ମସିହ କିତାମାନାନ୍ ।" 37
ଇୟାୱିଜୁ ମାଟା ୱେନ୍‌ଜି ୱାରି ଜିବନ୍ ନାଣ୍ତ କିଲିବିଲି ଆତାଡ୍
ମାରି ପିତର୍ ନି ଆଇ ପ୍ରେରିତ ସିସୁରିଙ୍ଗ ୱେନ୍‌ବାତାର୍, "ତଡ଼ାନ୍‌କୁ
ମାପ୍ ଇନିକା କିନାପ୍?" 38 ପିତର ୱାରିଙ୍ଗ ଇର୍ହାନ୍, "ମିର୍
ୱିଜେରେ ପାପ୍‌ତାନ୍ ଡେ଼ସିୱାଜି ମି ପାପ୍ କେମା ଆନି ଉଣ୍ତିଙ୍ଗ ଜିସୁ
କ୍ରିସ୍ତଦି ଦର୍‌ତାନ୍ ଡୁବନ୍ ଅତୁ; ଆର୍‌ତିଙ୍ଗ ମିର୍ ମାପୁରୁଦି ଦାନ୍
ପବିତ୍ର ଆତ୍ମା ପୟ୍‌ନିଦେର୍ । 39 ଇରିଙ୍ଗ ମାପୁରୁଦି ପାର୍‌ମାଣ୍
ମି ଉଣ୍ତିଙ୍ଗ, ମି କଡ଼ରି ଉଣ୍ତିଙ୍ଗ ମାରି ପ୍ରବୁ, ମାପୁରୁଦି ମାଣାନ୍
କୁକାୟ୍‌ଆତି ଆକ ତେବାଜିମାନି ୱିଜେରି ଉଣ୍ତିଙ୍ଗ ଟିକ୍ ।" 40
ପିତର ୱାରିଙ୍ଗ ମାଡ଼ିସ୍‌କିଜି ମାରି ନାଣ୍ତ ମାଟେଣାନ୍ ୱାରିଙ୍ଗ ସାକି
ସିଜି ଇର୍ହାନ୍, "ଇୟା ତାଗ୍‌ଇ ଲୋକା ମୁସ୍‌କୁ ୱାନି ସାସ୍ତିଦାନ୍
ନିଜେ ନିଜେଦିଙ୍ଗ ରକିୟା କିଦୁ ।" 41 ୱାରି ଲୋଇ ନାଣ୍ତ ଲୋକୁ
ୱାନି ମାଟାଦୁ ବିସ୍‌ବାସ୍ କିଜି ଡୁବନ୍ ଅତାର୍ । ଆୟା ନାଣ୍ତିଙ୍ଗ ତିନି
ହାଜାର୍ ଲୋକୁ ଦଲ୍‌ତୁ ମିସାତାର୍ । 42 ଆୟାନାଣ୍ତିରାନ୍ ସିସୁର୍
ୱାରିଙ୍ଗ ସିକିୟା ସିତାର୍ । ମାରି ୱାର୍ ମିସାବିଡ୍ ଆତାର୍, ରୁଟି
ରୁକ୍‌ତେଙ୍ଗ ମାରି ପାର୍‌ତାନା କିଦେଙ୍ଗ ମୋନ୍‌ସିଜି ତେବାତାର୍ ।
43 ପ୍ରେରିତ ସିସୁର୍ ନାଣ୍ତ କାବାଆନି ସିନେଙ୍ଗ ମାରି କାବାଆନି
ବିସୟ୍ କିତାନ୍ । ମାରି ୱିଜେରେ ଆବେନୁ ତିଲାତା ସର୍ହାର୍
। 44 ବିସ୍‌ବାସ୍‌ସିର୍ ଆପ୍‌ଣା ଆପ୍‌ଣାଦି ୱାଲେ ଉନେ୍ତ୍ରମାନୁ
ମିସାତାର୍ ମାରି ମିସାଜି ୱାରି ୱିଜୁ ଦନ୍ ସିଜିସାଜି ଆତାର୍ ।
45 ୱାର୍ ଆପ୍‌ଣା ଆପ୍‌ଣାଦି ମାନି ଦନ୍‌ତିଙ୍ଗ ପର୍‌ଜି, ଡାବୁଙ୍କୁଁ
ୱିଜେରି ଦର୍‌କାର୍ ଇସାବ୍‌ତାନ୍ ନିଜେନିଜେ ଲୋଇ ବାଟା କିତାର୍
। 46 ୱାର୍ ୱିଜୁଦିନ୍ ପାର୍‌ତନାକିନି ମନ୍ଦିର୍‌ତୁ ଉନେ୍ତ୍ର ଦଲ୍ ୱାଜା
ଉଣ୍ତାଜି ମାର୍ହାର୍ ମାରି ଇଲ୍‌କାଙ୍ଗ ଇଲ୍‌କାଙ୍ଗ ରୁଟି ରୁକ୍‌ସି ୱେଡ଼ିକା
ମନ୍‌ତାନ୍ ମାରି ନେଗି ଜିବନ୍‌ତାନ୍ ଉଣିତିନିକା କିଜି, 47 ମାପୁରୁଦି
ଦନ୍ୟବାଦ୍ କିଜି ୱିଜେରେ ଲୋକା ୱାଲେ ନେଗି ୱେଡ଼ିକା କିତାର୍
। ମାରି ପ୍ରବୁ ରକିୟା ପୟ୍‌ନି ଲୋକାଙ୍ଗ ୱିଜୁଦିନ୍ ୱାରି ଦଲ୍‌ତୁ
ମିସା କିଦେଙ୍ଗ ଆସ୍‌ତାନ୍ ।

**3** ଅର୍ବେଳନ୍ ପିତର ନି ଜୋହନ ପାର୍‌ତାନା ସମୟ୍ ୱେଡ଼ାରେନି
ତିନ୍‌ଟାଦୁ ମନ୍ଦିର୍‌ତୁ ସଲ୍‌ସିମାର୍ହାର୍ । 2 ଆବେନ୍ "ସୁନ୍ଦର୍"
ଦର୍‌ତି ଦୁଆର୍ ଲାକ୍‌ତୁ ଅରେନ୍ ଲୋକୁ ମାର୍ହାନ୍ । ୱାନ୍ ଜନମ୍‌ତାନ୍
ସଟା । ମନ୍ଦିର୍‌ତୁ ସଲ୍‌ସିମାନି ଲୋକାମାଣ୍‌କୁ ଭିକିୟା ଲସ୍‌ତେଙ୍ଗ
ଇଜି ସବୁଦିନ୍ ୱାନ୍ ଦୁଆର୍ ଲାକ୍‌ତୁ ପିଣ୍ତାୟ୍‌ଆଜି ସଲ୍‌ସିମାର୍ହାନ୍
। 3 ପିତର ନି ଜୋହନତିଙ୍ଗ ମନ୍ଦିର ଲୋଇ ସନିକା ସୁଡୁଜି
ୱାନ୍ ୱାରିଙ୍ଗ ଭିକିୟା ଲସ୍‌ତାନ୍ । 4 ପିତର ନି ଜୋହନ ୱାନିଙ୍ଗ
ସିଦା ବେସ୍‌ତାର୍ ମାରି ପିତର୍ ଇର୍ହାନ୍, "ମା ତରିନ୍ ସୁଡ଼୍‌ଆ!" 5
ଆବେଟ୍ ୱାନ୍ ୱାରିମାଣ୍‌କୁ ଏସ ପୟ୍‌ନି ଆସାଦାନ୍ ୱାରି ତରିନ୍
ବେସ୍‌ତାନ୍ । 6 ମାତର୍ ପିତର୍ ୱାନିଙ୍ଗ ଇର୍ହାନ୍, "ନା ଲାକ୍‌ତୁ
ବାଙ୍ଗାଁରାମ୍ ମାରି ୱେଣ୍ତି ସିଲେଟ୍, ମାତର୍ ଆମାକା ମାନାଡ୍, ନାନ୍
ନିଙ୍ଗିଁ ସିଜିନା: ନାଜରିୟତିୟ୍ ଜିସୁ କ୍ରିସ୍ତଦି ଦର୍‌ତାନ୍ ନାନ୍ ଆଦେସ୍
ସିଜିନା, ନିଙ୍ଗିଁଜ ବୁଲାଆ ।" 7 ଇକା ଇଜି ୱାନ୍ ୱାନି ଉଣେରି
କିୟୁ ଆସ୍‌ସି ନିକ୍‌ତାନ୍ । ଆୟାଦାପ୍ରେ ଲୋକ୍‌ତି ପାଦାମ୍ ନି
ସିରାଗାଟିଙ୍ଗ ୱିଜୁ ବପୁ ଆତେ । 8 ୱାନ୍ ତୁଲ୍‌ଜି ନିଙ୍ଗିଁଜି ନିର୍‌ଆନ୍
ମାରି ବୁଲାଦେଙ୍ଗ ଆସ୍‌ତାନ୍ । ତାନିୱେନ୍‌କା ୱାନ୍ ବୁଲାବୁ ବୁଲାବୁ,
ତୁଲ୍‌ବୁ ତୁଲ୍‌ବୁ ମାରି ମାପୁରୁଦି ଦନ୍ୟବାଦ୍ କିବୁ କିବୁ ୱାରି ୱାଲେ
ମନ୍ଦିର୍‌ତୁ ସର୍ହାନ୍ । 9 ଆବେଣି ଲୋକୁ ୱାନିଙ୍ଗ ବୁଲାନିକା ନି
ମାପୁରୁଦି ପ୍ରସଂସା କିନିକା ସୁଡୁତାର୍, 10 ୱାନିଙ୍ଗ ମନ୍ଦିର୍ ଦୁଆର୍
ଲାକ୍‌ତୁ ବାସ୍‌ତିମାର୍‌ଇ ଭିକାରି ଇଜି ସିନିସ୍‌କିତାର୍ ମାରି ୱାନି
ଉଣ୍ତିଙ୍ଗ ଇନିକା ଗଟାତାମାର୍ହାଡ୍, ୱିଜୁ ନେସ୍‌ସି ୱାର୍ କାବାନି
ବେମ୍‌ରି ଆତାର୍ । 11 ଆୟାକାନ୍ ପିତର୍ ନି ଜୋହନତି ୱାଲେ
ସଲମନ୍‌ତି ଗୁଡିକାଲ୍‌ତୁ ମାନିକା ସୁଡ଼୍‌ଜି ଲୋକୁ କାବାଆଜି ଲାକ୍‌ତୁ
ଉରୁକ୍‌ତାର୍ । 12 ପିତର୍ ୱାରିଙ୍ଗ ସୁଡୁଜି ଇର୍ହାନ୍, ଏ ଇସ୍ରାଏଲ୍‌ତି
ଲୋକୁ, ମିର୍ ଏନ୍ମା ଇବେନୁ କାବାଆଜି ମା ତରିନ୍ ଇୟାୱାଜା
ବେସ୍‌ସି ମାନିଦେର୍? ମିର୍ ଇନିକା ଅଡ୍‌ବିଜିନିଦେର୍ ଜେ ମା
ନିଜେ ସାକ୍ତିଦାନ୍ ନି ମା ଦାର୍ମୁ ଉଣ୍ତିଙ୍ଗ ମାପ୍ ଇୟା ଲୋକ୍‌ତି ବୁଲାନି
ସାକ୍ତି ସିତାମାନାପ୍? 13 ଅବ୍ରାହାମ, ଇସ୍‌ହାକ୍ ମାରି ଜାକୁବଦି
ମାପୁରୁ, ମା ଡକ୍ରାଦାଦାରି ମାପୁରୁ, ୱାନି ଦାସ୍ ଜିସୁଙ୍କୁଁ ମାପୁରୁଦି
ଦନ୍ୟବାଦ୍ ସିତାମାନାନ୍ । ମାତର୍ ମିର୍ ୱାନିଙ୍ଗ ଅଦିକାରିରି
କିୟୁଦୁ ସର୍ପେ କିତିଦେର୍ । ଇୟାୱାଜାକି ପିଲାତ୍ ରାଜା ୱାନିଙ୍ଗ
ଡ଼ିସିସ୍ କିଦେଙ୍ଗ ତିର୍ କିତିମାରିଙ୍ଗ ବା, ୱାନିଙ୍ଗ ପିଲାତ୍ ରାଜା
ଆଗ୍‌ଡ଼ି ଅମାନ୍ୟ କିତିଦେର୍ । 14 ୱାନ୍ ଅରେନ୍ ପବିତ୍ର ମାରି
ଦାର୍ମୁ ଲୋକୁ, ମାତର୍ ମିର୍ ୱାନିଙ୍ଗ ଅମାନ୍ୟ କିତିଦେର୍ ମାରି
ୱାନି ବାଦ୍‌ଲୁ ମିଙ୍ଗିଁ ଦୟା ତର୍‌ସି ଅରେନ୍ ନର୍‌କାଡ୍‌ନିୱାନିଙ୍ଗ
ଡ଼ିସିସ୍ କିଦେଙ୍ଗ ଇଜି ପିଲାତ୍ ରାଜେଙ୍ଗ ଇର୍‌ଇଦେର୍ । 15 ଏନ୍
ଜିବନ୍‌ତି ସାରି ତର୍‌ନିକାନ୍, ମିର୍ ୱାନିଙ୍ଗ ଡାକ୍‌ତିଦେର୍; ମାତର୍
ମାପୁରୁ ୱାନିଙ୍ଗ ସାତିମାଣାନ୍ ମାରିଡ଼େସି ନିକ୍‌ତାନ୍ । ମାପ୍ ତାନି
ସାକି । 16 ୱାନି ଦର୍‌ତି ସାକ୍ତି ନେ ଇୟା ସଟେଙ୍ଗ ନେଗେନ୍
କିତାମାନାଡ୍ । ଏମେ ଗଟନା ଇଲେଇ ମିର୍ ନିଜେ ସୁଡ଼୍‌ଜି ସତ୍
ଇଜି ନେସ୍‌ତିମାନିଦେର୍, ଆକା କେବଲ୍ ୱାନି ଦର୍‌ତାନ୍ ବିସ୍‌ବାସ୍
କିନି ଉଣ୍ତିଙ୍ଗ ଆତାମାନାଡ୍ । ଜିସୁମାନୁ ବିସ୍‌ବାସ୍ କିନି ଉଣ୍ତିଙ୍ଗ
ୱାନ୍ ଜେ ନେଗେନ୍ ଆତାମାନାନ୍, ଇକା ମିର୍ ସୁଡୁତିମାନିଦେର୍
। 17 "ମାରି ଇଲେଇ, ଏ ଇସ୍ରାଏଲ୍‌ତି ତଡ଼ାନ୍‌କୁ ନି ତାଙ୍ଗିଁକ୍, ମିର୍
ମାରି ମି ନେତାର୍ ଜିସୁଦି ଉଣ୍ତିଙ୍ଗ ଆମାକା କିତିଦେର୍, ଆକା
ନେସ୍‌ଏଣ୍ତା କିତିମାନିଦେର୍, ଇକା ନାନ୍ ନେସ୍‌ନା । 18 ନାଣ୍ତ
ବାର୍ସେକ୍ ଆଗ୍‌ଡ଼ି ୱିଜେରେ ବାବବାଦି ୱେୟୁଦୁ ମାପୁରୁ ୱେର୍‌ତା
ମାର୍ହାନ୍ ଜେ, କ୍ରିସ୍ତଙ୍ଗ ଦୁକ୍‌ବଗାଦେଙ୍ଗ ଆନାଡ୍ । ଇୟାୱାଜା
ଇଲେଇ ଆକା ସତ୍ ଆତାମାନାଡ୍ । 19 ମାରି ଅନୁତାପ୍ କିଜି

ମାପୁରୁ ତରିନ୍ ଡ଼େସି ରାଦୁ । ଆରିଙ୍ଗ ୱାନ୍ ମି ପାପ୍ କେମା କିନାନ୍
। 20 ମାରି ପ୍ରବୁଦି ମାଣାନ୍ ମିର୍ ଆତ୍ମିକ ସାକ୍ତି ପୟ୍‌ନିଦେର୍ ।
ମାପୁରୁ ମି ଉଣ୍ତ୍ରିଙ୍ଗ ଆଗ୍‌ଡ଼ିରାନ୍ ବାସେଆତିମାନି ମସିହ ଜିସୁଙ୍ଗଁ
ପକ୍‌ନାନ୍ । 21 ପୁର୍ବେକାଡ଼ାଦି ପବିତ୍ର ବାବବାଦି ମାଣ୍‌କୁ ମାପୁରୁ
ୱେର୍‌ତି ଇସାବ୍‌ତାନ୍ ୱିଜୁ ବିସୟ୍‌ତି ପୁନିକା ଆନି ସାନ୍ଦ୍ବି ୱାନ୍
ମୁସ୍‌କୁପୁର୍‌ତୁ ତେବାନାନ୍ । (aiōn g165) 22 ଇୟ୍ୟା ବିସୟ୍‌ତାନ୍
ମୋସା ଇର୍ହାମାର୍ହାନ୍, ମି ପ୍ରବୁ ମାପୁରୁ ମି ତଡ଼ାନ୍‌କା ମାଣୁକୁ
ମି ଲାକ୍‌ତୁ ନା ନାନି ଅରେନ୍ ବାବବାଦିଙ୍ଗ ପକ୍‌ନାନ୍ । ୱାନ୍
ମି ନିଜେ ଲୋକା ଲୋଇରାନ୍ ଅରେନ୍ ଆନାନ୍ । ୱାନ୍ ମିଙ୍ଗଁ
ଆମାକା ଇନାନ୍, ଆୟ୍ୟାୱିଜୁ ବିସୟ୍ ମିର୍ ମାନାନିକା ମାନାତ୍ ।
23 ଏନ୍ ଆୟ୍ୟା ବାବବାଦିଦି ବାକ୍ୟ ମାନାଏନ୍, ୱାନିଙ୍ଗ ମାପୁରୁଦି
ଲୋକାମାଣ୍‌କୁ ୱେର୍‌ଏ କିଜି ନାସ୍ଟ କିଆୟ୍‌ଆନାନ୍ । 24 ଇଲେଇ
ଆମାକା ଗଟାଜିନାତ୍, ଆୟ୍ୟା ବିସୟ୍‌ତାନ୍ ସାମୁଏଲ୍‌ତି ୱାଲେ
ୱିଜେରେ ବାବବାଦିର୍ ମାଟା ପ୍ରଚାର୍ କିଜି ଇର୍ହାମାର୍ହାନ୍ ମାରି ୱାରି
ୱେନ୍‌କାରି ବାବବାଦିର୍ ବା ଇୟ୍ୟା ବିସୟ୍‌ତାନ୍ ୱେର୍‌ତା ମାର୍ହାନ୍ ।
25 ବାବବାଦିରି ୱେୟୁଦୁ ମାପୁରୁ ଏମେ ୱିଜୁ ପ୍ରତିଜ୍ଞା କିତାମାନାନ୍,
ଆକା ମି ଉଣ୍ତ୍ରିଙ୍ଗ ଟିକ୍, ମାରି ମାପୁରୁ ମି ପୁର୍ବେଦିଡକ୍‌ରାଦାଦାରି
ୱାଲେ ଏମେ ନିୟମ୍ କିତାମାନାନ୍, ମିର୍ ଆବେଣି ବାଗ୍‌ତିକାର୍
। ମାପୁରୁ ଅବ୍ରାହାମ୍‌ତିଙ୍ଗ ଇର୍ହାମାର୍ହାନ୍, ମି କୁଟୁମ୍‌ତି ମାଣାନ୍
ନାନ୍ ଦୁନିଆଦି ୱିଜୁ ବାସାଦି ଲୋକାଙ୍ଗ ଆସିର୍ବାଦ୍ କିନାପ୍ ।
26 ଆଦେଙ୍ଗ ମାପୁରୁ ୱାନି ଦାସ୍‌ତିଙ୍ଗ ବାସେକିତାନ୍ ମାରି ମି
ୱିଜେରିଙ୍ଗ ତାଗ୍‌ଇ ସାରିଦାନ୍ ଡ଼େସିୱାନି ଆସିର୍ବାଦ୍ ସିଦେଙ୍ଗ ଇଜି
ଆଗ୍‌ଡ଼ି ୱାନିଙ୍ଗ ମି ଲାକ୍‌ତୁ ପକ୍‌ତାନ୍ ।”

4 ପିତର୍ ନି ଜୋହନ ଲୋକାଙ୍ଗ ଇୟ୍ୟାୱାଜା ସିକିୟ୍ୟା ସିଜିମାନି
ୱାଲେ ମନ୍ଦ୍ବିର୍‌ତି ଏସ ଜାଜକର୍, ମନ୍ଦ୍ବିର୍‌ତି କାପ୍‌କିନିୱାରି
ପେରିକାନ୍ ମାରି ଏସ ସାଦୁକିର୍ ୱାଜି ଇତାର୍ । 2 ୱାର୍ ରିସା
ଆତାମାର୍ହାର୍, ଇରିଙ୍ଗ ଜିସୁ ସାତିମାଣାନ୍ ମାରିଡ଼େସି ନିଙ୍ଗଁନି
ଇଜି ରିଏର୍ ପ୍ରେରିତର୍ ଲୋକାଙ୍ଗ ସିକିୟ୍ୟା ସିଜି, ଇବେଣାନ୍
ସାତିକାର୍ ମାରିଡ଼େସି ନିଙ୍ଗନାର୍ ଇଜି ପାର୍‌ମାଣ୍ କିଜିମାର୍ହାର୍
। 3 ମାରି ୱାର୍ ୱାରିଙ୍ଗ ତର୍‌ତାର୍ ମାରି ଆୟ୍ୟାନାଣ୍ତ୍ରିଙ୍ଗ ନାଣ୍ତ୍ରି
ୱେଡ଼ା ଆତାମାର୍ହାତ୍‌ଆକା ମାରିନାଣ୍ତ୍ରିଙ୍ଗ ସାନ୍ଦ୍ବି ୱାରିଙ୍ଗ ଜଇଲ୍‌ତୁ
ଇଟ୍‌ତାର୍ । 4 ମାତର୍ ୱାରି ସିକିୟ୍ୟା ୱେର୍‌ଇମାର୍ହି ନାଣ୍ତ୍ରି ଲୋକୁ
ଆବେନୁ ବିସ୍‌ବାସ୍ କିତାର୍ ମାରି ୱାରି ସଂଖ୍ୟା ପିର୍‌ଜି ପାସ୍
ହାଜାର୍ ଆତାତ୍ । 5 ମାର୍‌ନାଣ୍ତ୍ରିଙ୍ଗ ଜିହୁଦି ନେତାର୍, ମନ୍ଦ୍ବିର୍‌ତି
ଆଇନେତାର୍ ମାରି ଦାର୍ମୁଗୁରୁର୍ ଜିରୁସାଲାମ୍‌ତୁ ଉଣ୍ତ୍ରେମାନୁ
ଉଣ୍ତ୍ରାତାର୍ । 6 ଆବେନୁ ୱିଜେରିଙ୍ଗ ପେରି ଜାଜକ ହାନାନା,
କୟ୍ୟାପା, ଜୋହନ, ଆଲେକ୍‌ଜାଣ୍ତ୍ରର୍ ମାରି ୱିଜେରିଙ୍ଗେପରି
ଜାଜକରି ଇଲ୍‌ତି ଆଇ ଲୋକାଙ୍ଗ ମିସାତାର୍ । 7 ସିସୁରିଙ୍ଗ
ୱାରି ଆଗ୍‌ଡ଼ି ତାପିସ୍ କିଜି ୱେନ୍‌ବାତାର୍, “ମିର୍ ଇୟ୍ୟାୱିଜୁ
ଏଣ୍ତ୍ରେସ୍ କିଜିନିଦେର୍? ଏ ସାକ୍ତିଦାନ୍ ବା ଏ ଦର୍‌ତାନ୍ ଇକା
କିଜିନିଦେର୍?” 8 ଆବେଟ୍ ପିତର ପବିତ୍ର ଆତ୍ମାଦୁ ପୁରା ଆଜି
ୱାରିଙ୍ଗ ଇର୍ହାନ୍, “ଏ ଲୋକା ନେତାର୍ ମାରି ପେରିକାର୍: 9
ଜଦି ନେର୍ ମାଙ୍ଗଁ ଇୟ୍ୟା ସଟା ଉଣ୍ତ୍ରିଙ୍ଗ କିତିମାନି ନେଗି ପାଣି
ବିସୟ୍‌ତାନ୍ ମିର୍ ୱେନ୍‌ବାଜିନିଦେର୍ ମାରି ୱାନ୍ ଏଣ୍ତ୍ରେସ୍ ନେଗେନ୍
ଆତାନ୍ ଇଜି ନେସ୍‌ତେଙ୍ଗ ବଦାକିଜିନିଦେର୍ । 10 ଆବେଟ୍
ମିର୍ ମାରି ଇସ୍ରାଏଲ୍‌ତି ୱିଜେରେ ନେସ୍‌ନିକା ମାନାତ୍ ଜେ,
ମି ଆଗ୍‌ଡ଼ି ନିର୍‌ଇ ମାନି ଇୟ୍ୟା ଲୋକୁ କେବଲ୍ ନାଜରିୟ୍‌ତିୟ୍
ଜିସୁ କ୍ରିସ୍ତୁଦି ଦର୍‌ତି ସାକ୍ତିଦାନ୍ ପୁରା ନେଗେନ୍ ଆତାମାନାନ୍ ।
ଆୟ୍ୟା ଜିସୁଙ୍ଗଁ ମିର୍ କ୍ରୁସଦୁ ଏକିସ୍‌କିତି ମାରିଇଦେର୍ । ମାତର୍
ମାପୁରୁ ୱାନିଙ୍ଗ ସାତିମାଣାନ୍ ମାରିଡ଼େସି ନିକ୍‌ତାନ୍ । 11 ଜିସୁଦି
ବିସୟ୍‌ତାନ୍ ନେ ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, “ଏମେ କାଲୁଦିଙ୍ଗ
ଇଲୁ ତିଆର୍ କିନିକାର୍ ଡ଼ିସ୍‌ତାର୍, ମାତର୍ ଆୟ୍ୟା କାଲୁ ନେ
କନାଦି ମୁଲ୍ କାଲୁ ଆତାତ୍ । 12 କେବଲ୍ ୱାନି ମାଣାନ୍ ରକିୟ୍ୟା
ପୟ୍‌ନିକା ଆନାତ୍ । ସାରା ଦୁନିଆଦୁ ମାନି ଆଇ ଇନି ଦର୍
ମାଣାନ୍ ଲୋକୁ ରକିୟ୍ୟା ପୟ୍‌ଦେଙ୍ଗ ଆଟ୍‌ଏନ୍ ।” 13 ପିତର
ନି ଜୋହନ ପଡ଼ାଇକାର୍ ମାରି ସାମାନ୍‌ତି ଲୋକୁ ଇଜି ପେରି
ମିଟିଙ୍ଗତି ଜିହୁଦି ନେତାର୍ ନେସ୍‌ତାମାର୍ହାର୍ । ଆଦେଙ୍ଗ ୱାରି
ସାସ୍ ସୁଡୁଜି ୱାର୍ କାବାଆତାର୍ । ମାରି ୱାର୍ ନେସ୍‌ତାମାର୍ହାର୍,
ଆୟ୍ୟା ରିଏର୍ ଜିସୁଦି ୱାଲେ ମାର୍ହାର୍ । 14 ମାତର୍ ୱାର୍ ବିରୁଦ୍
କିଜି ଇନିକା ଇନ୍‌ଡ୍ରେଙ୍ଗ ଆଟ୍‌ଏତାର୍; ଇରିଙ୍ଗ ୱାର୍ ନେଗେନ୍
ଆତିମାର୍‌ଇ ଲୋକ୍‌ତିଙ୍ଗ ପିତର ନି ଜୋହନତି ୱାଲେ ନିର୍‌ଇ
ମାରିଇକା ସୁଡୁତାର୍ । 15 ଆବେଟ୍ ୱାର୍ ସିସୁରିଙ୍ଗ ମିଟିଙ୍ଗ
ଇଲ୍‌ତାନ୍ ସପ୍‌ସି ସିଜି ୱାରି ବିସୟ୍‌ତାନ୍ ନିଜେ ନିଜେମାନୁ
ୱାର୍‌ଗିଦେଙ୍ଗ ଆସ୍‌ତାର୍ । 16 ୱାର୍ ଇର୍ହାର୍, “ମାଡ୍ ୱେରି ଉଣ୍ତ୍ରିଙ୍ଗ
ଇନିକା କିନାଟ୍?” ଇକାର୍ କିତିମାନି ଇୟ୍ୟା କାବାଆନି ପାଣି
ବିସୟ୍‌ତାନ୍ ଜିରୁସାଲାମ୍‌ତି ୱିଜେରେ ନେସ୍‌ତା ମାନାର୍ । ତେନି
ସତ୍ ମାଡ୍ ମାରି ସିଲେ ଇନ୍‌ଡ୍ରେଙ୍ଗ ଆଟ୍‌ଇକା । 17 ମାତର୍
ଇୟ୍ୟା ମାଟା ଏଣ୍ତ୍ରେସ୍ ଲୋକା ଲୋଇ ନାଣ୍ତ୍ରି ୱେଙ୍ଗଁଏତ୍, ଜିସୁଦି
ଦର୍‌ତାନ୍ ମାରି ଏସାଙ୍ଗ ଆମାୱାରି ଆଗ୍‌ଡ଼ି ଇନିକା ଇନ୍‌ଇ ଉଣ୍ତ୍ରିଙ୍ଗ
ଇୟ୍ୟାୱାରିଙ୍ଗ ମାପ୍ ଜାଗାର୍‌ତା କିନା ସିନାଟ୍ । 18 ଆବେଟ୍ ୱାର୍
ପିତର୍ ନି ଜୋହନତିଙ୍ଗ ମାରିଡ଼େସି ଲୋଇ କୁକିସ୍ କିତାର୍ ମାରି
ଏସାଙ୍ଗ ବା ଜିସୁଦି ଦର୍‌ତାନ୍ ଇନି ମାଟା ଇନ୍‌ଇ ଉଣ୍ତ୍ରିଙ୍ଗ ମାରି
ସିକିୟ୍ୟା ସିଇ ଉଣ୍ତ୍ରିଙ୍ଗ ଜାଗାର୍‌ତା କିତା ସିତାର୍ । 19 ମାତର୍
ପିତର ନି ଜୋହନ ଇର୍ହାର୍, “ମିଙ୍ଗଁ ମାନାନିକା, ଅବା ମାପୁରୁଦିଙ୍ଗ
ମାନାନିକା ଏମେ ବିସୟ୍ ମାପୁରୁଦି ଆଗ୍‌ଡ଼ି ଟିକ୍, ଆକା ମିର୍
ବିସାର୍ କିଦୁ । 20 ଇରିଙ୍ଗ ମାପ୍ ଆମାକା ସୁଡୁତାମାନାପ୍, ମାରି
ୱେର୍‌ଆମାନାପ୍, ଆୟ୍ୟା ବିସୟ୍ ଇନ୍‌ଏଣ୍ତ୍ରା ତେବାଦେଙ୍ଗ ଆଟ୍‌ଏପ୍
।” 21 ମାତର୍ ଜିହୁଦିର୍ ପେରି ମିଟିଙ୍ଗତୁ ଲୋକୁ ୱାରିଙ୍ଗ ମାରି
ଡାଟ୍‌ତାନ୍ ଆଦ୍‌ରିସ୍‌କିଜି ଡ଼ିସ୍‌ତା ସିତାର୍ । ୱାରିଙ୍ଗ ଦଣ୍ଡ ସିନିକା
ଆଏତ୍ ଇଜି ୱାର୍ ନେସ୍‌ତେଙ୍ଗ ଆଟ୍‌ତାର୍, ଇରିଙ୍ଗ ଆୟ୍ୟାଗଟନା
ଉଣ୍ତ୍ରିଙ୍ଗ ଲୋକୁ ୱିଜେରେ ମାପୁରୁଦି ଦନ୍ୟବାଦ୍ କିଜିମାର୍ହାର୍ ।
22 ଏମେ ଲୋକୁ କାବା ଇସାବ୍‌ତାନ୍ ନେଗେନ୍ ଆତାମାର୍ହାନ୍,

ୱାନି ବୟସ୍ ସାଲିସ୍ ବାର୍ସେକ୍‌ତାନ୍ ନାଣ୍ଡୁ ମାର୍ହାତ୍ । 23 ପିତର ନି
ଜୋହନ ମୁକ୍‌ଡ଼ାତି ଦାପେ ଦାପେ ୱାରି ଦଲ୍‌ତୁ ଡ଼େସି ସର୍ହାର୍ ମାରି
ପେରି ଜାଜକର୍ ମାରି ନେତାର୍ ଆମାକା ଇର୍ହାମାର୍ହାର୍, ଆକା
ୱାରିଙ୍ଗ୍ ୱେର୍‌ତାନ୍ । 24 ବିସ୍‌ବାସିର୍ ୱିଜୁ ମାଟା ୱେର୍‌ଇ ୱେନ୍‌କା
ୱିଜେରେ ଉଣ୍ତ୍ରାଜି ମାପୁରୁଦି ଲାକ୍‌ତୁ ଇୟା ପାର୍‌ତନା କିତାର୍,
“ଏ ପ୍ରବୁ! ମୁସ୍‌କୁପୁର୍, ଦୁନିଆଦୁ, ସାମ୍‌ଦୁର୍ ମାରି ଆବେମାନି
ୱିଜୁ ବିସୟ୍‌ତି ତିଆର୍‌କିତିକିନ୍ଦ୍ବା! 25 ପବିତ୍ର ଆତ୍ମାଦି ମାଣାନ୍
ନିନ୍ ମା ଡକ୍ରାଦାଦା ମାରି ନି ଦାସ୍ ଦାଉଦତି ୱେୟୁଦାନ୍ ଇୟା
ମାଟା ୱେର୍‌ତିମାର୍ହି, “ଅଣଜିହୁଦିର୍ ଏନ୍ଦ୍ବା ରିସା ଆତାର୍; ଲୋକୁ
ଏନ୍ଦ୍ବା ଆର୍‌ତିତାନିଙ୍ଗ୍ ଉପାୟ୍‌କିତାର୍? 26 ପ୍ରବୁଦି ବିରଦ୍‌ତାନ୍
ମାରି ୱାନି କ୍ରିସ୍ତ ଅର୍ତାତ୍ ମସିହଦି ବିରଦ୍‌ତାନ୍ ଦୁନିଆଦି ରାଜାର୍
ନିଜେଦିଙ୍ଗ୍ ତିଆର୍ କିତାର୍ ମାରି ସାସନ୍ କିନି ନେତାର୍ ଉଣ୍ତ୍ରାତାର୍,
27 ସତ୍‌ତାନ୍ ଇୟା ଗାଡ଼୍‌ତୁ ହେରୋଦ ନି ପନ୍ତିୟ୍ ପିଲାତ୍ ରାଜା
ଅଣଜିହୁଦି ମାରି ଇସ୍ରାଏଲ୍‌ତି ଲୋକା ୱାଲେ ମିସାଜି ମି ମାଣାନ୍
ବାସେଆତି କ୍ରିସ୍ତ ଅର୍ତାତ୍ ମସିହ, ମି ପବିତ୍ର ଦାସ୍ ଜିସୁଙ୍ଗ୍ ବିରଦ୍
କିତାର୍ । 28 ମି ସାକ୍ତି ମାରି ବଦା ଇସାବ୍‌ତାନ୍ ଆମାକା ୱିଜୁ
ଗଟେଆନି ଉଣ୍ତିଙ୍ଗ୍ ମିର୍ ଆସା କିତିମାର୍‌ଇଦେର୍, ୱାର୍ ଉଣ୍ତ୍ରାଜି
ଆୟାୱିଜୁ କିନି ଉଣ୍ତିଙ୍ଗ୍ ଲାଗେ ପଡ଼େଆତାର୍ । 29 ପ୍ରବୁ, ଇଲେଇ
ୱାର୍ ମାଙ୍ଗ୍ ଏମେ ଆଦ୍‌ରିସ୍ କିତାମାନାର୍, ନିନ୍ ଆୟା ବିସୟ୍‌ତାନ୍
ମନ୍ ସିଆ ମାରି ସାହାସ୍‌ତାନ୍ ନି ବାକ୍ୟ ପ୍ରଚାର୍ କିଦେଙ୍ଗ୍ ଇଜି,
ନି ଇୟା ଦାସ୍‌ରିଙ୍ଗ୍ ସାକ୍ତି କିଆ । 30 ମାରି ନେଗେନ୍ କିଦେଙ୍ଗ୍
ଇଜି ନି କିୟୁ ପେର୍‌ଆ ମାରି ନି ପବିତ୍ର ଦାସ୍ ଜିସୁଦି ଦର୍‌ତାନ୍
କାବାଆନିକା ମାରି କାବାଆନି ପାଣି କିଦେଙ୍ଗ୍ ମାଙ୍ଗ୍ ସାକ୍ତି ସିଦା
।” 31 ୱାର୍ ପାର୍‌ତନା ୱିସ୍‌ତି ୱେନ୍‌କା ଏମେ ବାଡିଦୁ ଉଣ୍ତ୍ରାତା
ମାର୍ହାର୍, ଆକା ଦୁଙ୍ଗ୍‌ତା ସର୍ହାତ୍ । ୱାର୍ ୱିଜେରେ ପବିତ୍ରଆତ୍ମାଦୁ
ପୁରା ଆତାର୍ ମାରି ସାହାସ୍‌ତାନ୍ ମାପୁରୁଦି ବାକ୍ୟ ପ୍ରଚାର୍
କିଦେଙ୍ଗ୍ ଆସ୍‌ତାର୍ । 32 ବିସ୍‌ବାସ୍‌ସି ଦଲ୍ ଉନ୍‌ଡ୍ରି ଜିବନ୍ ମାରି
ଉନ୍‌ଡ୍ରି ମନ୍ ଆତାର୍ । ଏନ୍ ନିଜେଦି ଦନ୍‌ତିଙ୍ଗ୍ ନିଜେଦିକା ଇଜି
ଦାବି କିଏଜିମାର୍ହାର୍, ମାତର୍ ୱିଜେରି ଦନ୍‌ତିଙ୍ଗ୍ ୱାର୍ ସାମାନ୍‌ତାନ୍
ବାଟାକିଜି ସିଜିସାତାର୍ । 33 ନାଣ୍ଡୁ ସାକ୍ତିଦାନ୍ ପ୍ରେରିତ୍‌ର ସିସୁର୍
ପ୍ରବୁ ଜିସୁଦି ମାରିଡ଼େସି ନିଙ୍ଗ୍‌ନି ବିସୟ୍‌ତାନ୍ ସାକିୟ୍ ସିତାର୍
ମାରି ମାପୁରୁ ୱାରି ମୁସ୍‌କୁ ନାଣ୍ଡୁ ଆସିର୍ବାଦ୍ ସିତାନ୍ । 34 ୱାରି
ଦଲ୍‌ତୁ ଆମା ଲୋକୁ କାକୁର୍ତି ସିଲେତାନ୍ । ଏମେୱାରି ବୁମି
ମାରି ଇଲୁ ମାର୍ହାତ୍, ୱାର୍ ଆକା ପର୍‌ସି ପର୍‌ତି ଦନ୍‌ତି ଡାବୁଙ୍ଗ୍
ତାସି, 35 ୱାର୍ ସିସୁରି ପାଦାମ୍ ଆଡ଼୍‌ଗି ଇଡ଼୍‌ଜିମାର୍ହାର୍ । ମାରି
ଆୟା ଡାବୁଙ୍ଗ୍ ୱାରି ଲୋଇ ଲୋକା ଦର୍‌କାର୍ ଇସାବ୍‌ତାନ୍ ବାଟା
କିଜିମାର୍ହାର୍ । 36 ସାଇପ୍ରସ୍ ଦର୍‌ତି ବାଡିଦୁ ଜନମ୍ ଆତିମାର୍‌ଇ
ଲେବି କଟୁମ୍‌ତି ଜସେପ୍, ଆମାୱାନିଙ୍ଗ୍ ପ୍ରେରିତ ସିସୁର୍ ବର୍ଣ୍ଣବା
ଇଜି ଦର୍ ଇଟ୍‌ତାମାର୍ହାର୍, ବର୍ଣ୍ଣବାଦି ଅର୍ତ “ଦୁଃକ୍‌ତୁ ୱେଡ଼ିକାସିନି
ମାରିନ୍” 37 ୱାନି ବୁମି ପର୍‌ସି ଆବେଣି ଡାବୁଙ୍ଗ୍ ତାସି ପ୍ରେରିତ
ସିସୁରିଙ୍ଗ୍ ସିତାନ୍ ।

5 ହନନିୟ୍ ଦର୍‌ତି ଅରେନ୍ ଲୋକୁ ମାରି ୱାନି ଆଡ଼୍‌ସି ସପିରା
ତାମେ ଏସ ବୁମି ପର୍‌ତାର୍ । 2 ମାତର୍ ଆଡ଼୍‌ସି ମାଟା
ଆସ୍‌ସି ହନନିୟ୍ ପର୍‌ତି ଡାବୁଙ୍ଗ୍ ଏସ ନିଜେଦି ଉଣ୍ତିଙ୍ଗ୍ ଇଡ଼୍‌ଜି,
ଏଜିତିକା ପ୍ରେରିତ ସିସୁରିଙ୍ଗ୍ ସିତାର୍ । 3 ପିତର୍ ୱାନିଙ୍ଗ୍ ଇର୍ହାନ୍,
“ହନନିୟ୍, ନି ଜିବନ୍ ୱିଜୁ ଏନ୍ଦ୍ବା ସୟତାନ୍‌ତି ଆଡ଼୍‌ଗି ଆଜି ବୁମି
ପର୍‌ଜି ପୟ୍‌ତିମାନି ଡାବୁଙ୍ଗ୍ ଏସ ନିଜେଦି ଉଣ୍ତିଙ୍ଗ୍ ଇଡ଼୍‌ଜି ପବିତ୍ର
ଆତ୍ମାଦିଙ୍ଗ୍ ମିସ୍ ଇର୍ହି? 4 ଦନ୍ ପର୍‌ନି ଆଗ୍‌ଡ଼ି ଆକା ନି ଅଦିକାର୍
ମାର୍ହାତ୍, ପର୍‌ନି ୱେନ୍‌କା ବା ଡାବୁଙ୍ଗ୍ ନିଦି ମାର୍ହାତ୍, ଆର୍‌ତିଙ୍ଗ୍ ନିନ୍
ଏନ୍ଦ୍ବା ଇୟାୱାଜା ପାଣି କିଦେଙ୍ଗ୍ ମୋନ୍ କିତି? ନିନ୍ ଲୋକାଙ୍ଗ୍ ମିସ୍
ୱେର୍‌ଇତି, ମାତର୍ ମାପୁରୁଙ୍ଗ୍ ମିସ୍ ୱେର୍‌ତି ।” 5 ହନନିୟ୍ ଇୟା
ମାଟା ୱେନି ଦାପ୍ରେ ଆଡ଼୍‌ଗି ଆର୍‌ଜି ସାତାନ୍; ମାରି ଏମେକାର୍
ଇୟା ମାଟା ୱେର୍‌ଆର୍, ୱାର୍ ୱିଜେରେ ନାଣ୍ଡୁ ତିଲାତାର୍ । 6
ମାରି, ମୁରୁଲିର୍ ହନନିୟ୍‌ଦି ସାତି ମାଡ଼ାଦିଙ୍ଗ୍ ୱାତିଦୁ ତେରେପ୍‌ସି
ଆତ୍‌ରେ ଅତାର୍ ମାରି ମୁସ୍‌ତାର୍ । 7 ମାରି ମୁନ୍‌ଡ୍ରି ଗନ୍‌ଟା
ୱେନ୍‌କା ହନନିୟ୍‌ଦି ଆଡ଼୍‌ସି ୱାଜି ଇତାତ୍ । ୱାଦ୍ ଇୟା ଗଟ୍‌ନା
ବିସୟ୍ ନେସ୍‌ଏତ୍ ମାର୍ହାତ୍ । 8 ପିତର ତାନିଙ୍ଗ୍ ୱେନ୍‌ବାତାନ୍,
“ନାଙ୍ଗ୍ ଇନ୍‌ଆଁ, ନିନ୍ ମାରି ନି କନ୍‌ଲି ଆମା ବୁମି ପର୍‌ତିଦେର୍,
ଇକା ଇନିକା ତାନି ପୁରା ଡାବୁଙ୍ଗ୍?” ୱାଦ୍ ଇର୍ହାତ୍, “ହୁଁ ।” 9 ପିତର୍
ତାନିଙ୍ଗ୍ ଇର୍ହାନ୍, “ପ୍ରବୁଦି ଆତ୍ମାଦିଙ୍ଗ୍ ପରିକା କିଦେଙ୍ଗ୍ ଇଜି ନିନ୍
ମାରି କନ୍‌ଲି ଏନ୍ଦ୍ବା ବାସେ କିତିଦେର୍? ଏମେକାର୍ ନି କନ୍‌ଲିଙ୍ଗ୍
ମୁସ୍‌ତାର୍, ୱାର୍ ଇଲେଇ ସେର୍‌ଲା ଲାକ୍‌ତୁ, ୱାର୍ ନିଙ୍ଗ୍ ବା ପିଣ୍ତ୍ରୁନା
ଅନାର୍ ।” 10 ୱେନି ଆୟାଦାପ୍ରେ ୱାଦ୍ ପିତର୍‌ତି କାଲ୍‌କା ଲାକ୍‌ତୁ
ଆର୍‌ଜି ସାତାତ୍ । ମୁରୁଲିର୍ ଲୋଇ ୱାଜି ତାନି ସାତି ମାନିକା
ସୁଡ଼୍‌ଜି ତାନିଙ୍ଗ୍ ପିଣ୍ତ୍ରୁଜି ଅତାର୍ ମାରି ତାନି କନ୍‌ଲିସିଦି ଗୁଟା
ଲାକ୍‌ତୁ ତାନିଙ୍ଗ୍ ମୁସ୍‌ତାର୍ । 11 ମଣ୍ତ୍ରୁଲିଦି ପେରିକାର୍ ମାରି
ଏମେକାର୍ ଇୟା ମାଟା ୱେର୍‌ଆର୍, ୱିଜେରେ ନାଣ୍ଡୁ ତିଲାତାର୍ ।
12 ପ୍ରେରିତ ସିସୁରି ମାଣାନ୍ ଲୋକା ଲୋଇ ନାଣ୍ଡୁ କାବାଆନି ପାଣି
ଆଜିମାର୍ହାର୍, ୱିଜେରେ ବିସ୍‌ବାସିର୍ ସଲମନ୍‌ତି ଗୁଡିକାଲ୍‌ତୁ
ଉଣ୍ତ୍ରାଜି ମାର୍ହାର୍ । 13 ୱାରି ବିସୟ୍‌ତାନ୍ ଲୋକୁ ନେଗି ମାଟା
ଇଜିମାର୍ହାର୍, ମାତର୍ ଦଲ୍ ଆତ୍‌ରେ ମାନି ଲୋକୁ ଏନ୍ ୱାରି
ୱାଲେ ମିସାଦେଙ୍ଗ୍ ସାସ୍ କିଏଜିମାର୍ହାର୍ । 14 ମାତର୍ ପ୍ରବୁମାନୁ
ବିସ୍‌ବାସ୍ କିଜିମାନି ନାଣ୍ଡୁ ଆଇମେକ୍ ନି ମେମାରିର୍ ଦଲ୍‌ତୁ
ଡୁଗିତାର୍ ମାରି ଆୟା ବିସ୍‌ବାସି ଦଲ୍ ଦିନ୍‌ତିଙ୍ଗ୍ ଦିନ୍ ପିର୍‌ଦେଙ୍ଗ୍
ଆସ୍‌ତାର୍ । 15 ପ୍ରେରିତ ସିସୁରି ପାଣି ନାଣ୍ଡୁ ନେଗେନ୍ ଆତାତ୍,
ଇୟାୱାଜାକି ପିତର୍ ବୁଲାଜି ସନିୱାଲେ ୱାନି ନିଡ଼୍‌ଗା ଆରେ୍‌ଦଙ୍ଗ୍
ଇଜି ଲୋକୁ ରୋଗିଲୋକାଙ୍ଗ୍ ପିଣ୍ତ୍ରୁଜିତାସି ସାର୍‌ଦୁ କାଟେଲ୍
ନି ଟାଟିଦୁ ତେର୍‌ପ୍‌ସି ମାର୍ହାର୍ । 16 ଜିରୁସାଲାମ୍‌ତି ଲାକ୍‌ତୁରି
ଗାଡ଼ାକାଣ୍‌କୁ ଉନ୍‌ଡ୍ରି ପେରି ଲୋକୁ ମାନ୍ଦ୍ବା ରଗ୍ ନି ଦୁବା ଆସ୍‌ତି
ଲୋକାଙ୍ଗ୍ ତାସି ସିସୁରି ଲାକ୍‌ତୁ ତାସିମାର୍ହାର୍ ମାରି ୱାର୍ ୱିଜେରେ
ନେଗେନ୍ ଆଜିମାର୍ହାର୍ । 17 ତାନିୱେନ୍‌କା ୱିଜେରିଙ୍ଗ୍ ପେରି
ଜାଜକ ମାରି ୱାନି ପାଣିକିନିକାର୍ ନି ଲାକ୍‌ତୁରି ସାଦୁକି ଦଲତୀ

ଲୋକୁ ପ୍ରେରିତ ସିସୁରି ମୁସ୍‌କୁ ନାଣ୍ତ ରିସା ଆଜି ୱାରି ବିରୁଦ୍‌ତାନ୍
ପାଣି କିଦେଞ୍ଜ୍‌ ବାସେ କିତାର୍ । 18 ୱାର୍ ପ୍ରେରିତ ସିସୁରିଞ୍ଜ୍‌ ତର୍‌ସି
ଇସ୍ରି ଜଇଲ୍‌ତୁ ଇଟ୍‌ତାର୍ । 19 ମାତର୍ ଆୟା ନାଡ଼ା ପ୍ରବୁଦି ଅରେନ୍
ଦୁତ୍ ଜଇଲ୍‌ତି ସେର୍‌ଲା ରେତା ସିତାନ୍ ମାରି ପ୍ରେରିତ ସିସୁରିଞ୍ଜ୍‌
ଡ଼ିସିସ୍‌କିଜି ୱାରିଞ୍ଜ୍‌ ଇର୍‌ହାନ୍, 20 "ସାନ୍‌ଡୁ, ମନ୍ଦିର୍‌ତୁ ନିଲ୍‌ସି
ଲୋକାଞ୍ଜ୍‌ ଇୟା ପୁନି ଜିବନ୍ ବିସୟ୍‌ତାନ୍ ୱିଜୁ ମାଟା ୱେର୍‌ତୁ ।"
21 ପ୍ରେରିତ ସିସୁର୍ ୱାନି ମାଟା ମାନାଜି ସାଲ୍‌ଦି ମନ୍ଦିର୍‌ତୁ ଡୁଗୁଜି
ସିକିୟା ସିଦେଞ୍ଜ୍‌ ଆସ୍‌ତାର୍ । ୱିଜେରିଞ୍ଜେପରି ଜାଜକ ନି ୱାନି
ୱାନି ପାଣିକିନିକାର୍ ପେରିମିଟିଞ୍ଜ୍‌ତି ଇନ୍‌ଡ୍ର ପୁରା ବାସ୍‌ନି ଉଣ୍ତିଞ୍ଜ୍‌
ଇସ୍ରାଏଲ୍‌ତି ୱିଜେରେ ଲୋକୁ ଜିହୁଦି ନେତାରିଞ୍ଜ୍‌ କୁକିସ୍ କିଜି
ତାତାର୍ ମାରି ତାନିୱେନ୍‌କା ପ୍ରେରିତ ସିସୁରିଞ୍ଜ୍‌ ଆୟା ମିଟିଞ୍ଜ୍‌ତୁ
ତାତେଞ୍ଜ୍‌ ଇଜି ପାଣିକିନିୱାରିଞ୍ଜ୍‌ ଜଇଲ୍‌ତୁ ପୋକ୍‌ତାର୍ । 22
ମାତର୍ ପାଣିକିନିକାର୍ ଜଇଲ୍‌ତୁ ପ୍ରେରିତ ସିସୁରିଞ୍ଜ୍‌ ପୟ୍‌ଏତାରୋ
ଡ଼େସି ୱାଜି ପେରି ମିଟିଞ୍ଜ୍‌ତୁ ୱେର୍‌ତାର୍, 23 "ମାପ୍ ଜଇଲ୍‌ତୁ
ଇତା ସୁଡୁତାପ୍, ଜଇଲି ଆଟ୍‌ୱାଦାନ୍ କେର୍‌ପାତା ମାନାତ୍
ମାରି କାପ୍‌କିନିକାର୍ ସେର୍‌ଲା ଆଗ୍‌ଡ଼ି କାପ୍‌କିଜିନାର୍, ମାତର୍
ସେର୍‌ଲା ରେତି ୱେନ୍‌କା ଲୋଇ ମାପ୍ ଏଞ୍ଜ୍‌ ପୟ୍‌ଏତାପ୍ ।" 24
ଇୟା ମାଟା ୱେନ୍‌ଜି ପେରି ଜାଜକ ନି ମନ୍ଦିର୍ କାପ୍‌କିନିୱାରି
ଦାୟିତ୍‌ତୁ ମାନି ପାଣିକିନିକାନ୍ କାବାଆତାନ୍ । ପ୍ରେରିତ ସିସୁରିଞ୍ଜ୍‌
ଉଣ୍ତିଞ୍ଜ୍‌ ଇନିକା ଗଟାତାମାନାତ୍ । 25 ନାସ୍ତିୱାଲେ ଅରେନ୍
ଲୋକୁ ୱାଜି ଇର୍‌ହାନ୍, "ୱେନ୍‌ଣ୍ତୁ! ଏମେ ଲୋକାଞ୍ଜ୍‌ ମିର୍ ଜଇଲ୍‌ତୁ
ଇଟ୍‌ତିମାର୍‌ହିଦେର୍, ୱାର୍ ମନ୍ଦିର୍‌ତୁ ଲୋକାଞ୍ଜ୍‌ ସିକିୟା ସିଜିନାର୍ ।"
26 ମନ୍ଦିର୍‌ତି ପାଣିକିନିକାର୍ କାପ୍‌କିନିୱାରି ୱାଲେ ସଲ୍‌ସି ପ୍ରେରିତ
ସିସୁରିଞ୍ଜ୍‌ ମାରିଡ଼େସି ତାସି ୱାତାର୍ । ୱାର୍ ଏଣ୍ତେସ୍ କିଜିବା ବପୁ
ତିଗ୍‌ଏତାର୍, ଇରିଞ୍ଜ୍‌ ୱାରି ତିଏଲ୍ ମାର୍‌ହାତ୍ ଜେ ଲୋକୁ ୱାରି ମୁସ୍‌କୁ
କାଲ୍‌କୁ ଡାକ୍‌ନାର୍ । 27 ୱାର୍ ପ୍ରେରିତ ସିସୁରିଞ୍ଜ୍‌ ଲୋଇ ଅସି
ପେରିମିଟିଞ୍ଜ୍‌ ଆଗ୍‌ଡ଼ି ନିଲ୍‌ପ୍‌ତାର୍ ମାରି ୱିଜେରିଞ୍ଜେପରି ଜାଜକ
ୱାରିଞ୍ଜ୍‌ ମାଟା ୱେନ୍‌ବାତାନ୍, 28 "ଇୟା ଲୋକ୍‌ତି ଦର୍‌ତାନ୍
ଇନି ସିକିୟା ସିଇ ଉଣ୍ତିଞ୍ଜ୍‌ ମାପ୍ ଡାଟ୍ ଆଦେସ୍ ସିତାମାର୍‌ହାପ୍,
ମାତର୍ ସୁଡ୍‌ଡୁ, ମିର୍ ଇନିକା କିତିମାନିଦେର୍! ଜିରୁସାଲାମ୍‌ତି
ୱିଜୁତରିନ୍ ମିର୍ ଇୟା ସିକିୟା ପ୍ରଚାର୍ କିତିମାନିଦେର୍ ମାରି ୱାନି
ନେତେର୍ ଉଣ୍ତିଞ୍ଜ୍‌ ମିର୍ ମାଞ୍ଜୁ ଦସ୍ କିଦେଞ୍ଜ୍‌ ସେସ୍ଟା କିଜିନିଦେର୍!"
29 ପିତର୍ ନି ଆଇ ସିସୁର୍ ଇର୍‌ହାର୍, "ମାପ୍ ମାପୁରୁଞ୍ଜୁ ମାନାନିକା
ନେଗେତ୍, ଲୋକାଞ୍ଜ୍‌ ସିଲେ । 30 ମିର୍ ଜିସୁଞ୍ଜୁ କୁସଦୁ କୁଟିଞ୍ଜ୍‌
ଡାକ୍‌ସିସାପିସ୍‌ତି ୱେନ୍‌କା, ମା ଡକ୍ରାଦାଦାରି ମାପୁରୁ, ଜିସୁଞ୍ଜୁ
ସାତିମାଣାନ୍ ମାରିଡ଼େସି ନିକ୍‌ତାମାନାନ୍ । 31 ଇସ୍ରାଏଲ୍‌ତି
ଲୋକାଞ୍ଜ୍‌ ଏଡ୍‌କିଜି ମନ୍‌ତିଞ୍ଜ୍‌ ଡ଼େପିସ୍ ପାପ୍ କେମା ପୟ୍‌ନି
ସୁଜୋଗ ସିନି ଉଣ୍ତିଞ୍ଜ୍‌ ମାପୁରୁ ୱାନିଞ୍ଜ୍‌ ନେତା ନି ରକିୟାକର୍ତା
ୱାଜା ନିକ୍‌ତାମାନାନ୍ ମାରି ୱାନି ଉଣେରି ତରିନ୍ ଇଟ୍‌ତାମାନାନ୍
। 32 ମାପ୍ ଇୟାୱିଜୁ ବିସୟ୍‌ତି ସାକି । ମାରି ଏମେ ପବିତ୍ର
ଆତ୍ମାଦିଞ୍ଜ୍‌ ମାପୁରୁ ୱାନି ମାନାନିୱାରିଞ୍ଜ୍‌ ଦାନ୍ ସିତାମାନାନ୍, ୱାନ୍
ବା ତେନିସାକି ।" 33 ପେରିମିଟିଞ୍ଜ୍‌ତି ଲୋକୁ ଇୟା ମାଟା ୱେନ୍‌ଜି
ନିସା ରିସା ଆତାର୍ ଜେ, ୱାର୍ ସିସୁରିଞ୍ଜ୍‌ ଡାକ୍‌ତେଞ୍ଜୁ ବଦା କିତାର୍ ।
34 ମାତର୍ ୱାରି ଲୋଇ ଗମଲିଏଲ ଦର୍‌ତି ଅରେନ୍ ପେରି ପାରୁସି
ଦାର୍ମୁଗୁରୁ ପେରିମିଟିଞ୍ଜ୍‌ତୁ ନିଲ୍‌ସି ପ୍ରେରିତ ସିସୁରିଞ୍ଜ୍‌ ଆଡ୍‌ରେ
ଅତେଞ୍ଜ୍‌ ଇଜି ଆଦେସ୍ ସିତାନ୍, 35 ପେରିମିଟିଞ୍ଜ୍‌ତି ଲୋକାଞ୍ଜ୍‌
ଇର୍‌ହାନ୍, "ଇସ୍ରାଏଲ୍‌ତି ଲୋକୁ, ଇୟା ଲୋକାଞ୍ଜ୍‌ ଉଣ୍ତିଞ୍ଜ୍‌ ଆମାକା
କିଦେଞ୍ଜ୍‌ ସଲ୍‌ସିନିଦେର୍, ଅଡ଼ପ୍ ଜାଗାର୍‌ତାଦାନ୍ କିନିଦେର୍ । 36
ମି ମନ୍‌ତୁ ତେବାତାତ୍, ଏସ ସମୟ ଆଗ୍‌ଡ଼ି ତିହୁଦା ନିଜେଦିଞ୍ଜ୍‌
ଅରେନ୍ ପେରିଲୋକ୍ ଇଜି ଇର୍‌ହାନ୍, ମାରି ପାକାପାକି ଚାରିସ
ଲୋକୁ ୱାନି ୱାଲେ ମିସାତାମାର୍‌ହାର; ମାତର୍ ୱାନ୍ ସାତାନ୍,
ୱାନି ୱାଲେ ବୁଲାନିକାର୍ ଇନିଞ୍ଜୁ ଆନିଞ୍ଜୁ ଆତାର୍ ମାରି ୱାନି
ଦଲ୍ ମାର୍‌ଗିତା ସର୍‌ହାତ୍ । 37 ତାନିୱେନ୍‌କା ଲୋକୁ ଲେକିସ୍‌ନି
ୱେଡ଼ାଦୁ ଗାଲିଲିଦୁ ଜିହୁଦା ଦର୍‌ତି ମାରି ଅରେନ୍ ୱାତାନ୍, ୱାନ୍
ବା ନାଣ୍ତ ଲୋକାଞ୍ଜ୍‌ ୱାନି ଦଲ୍‌ତୁ ମିସାକିତାନ୍ । ମାତର୍ ୱାନ୍ ବା
ସାତାନ୍ ମାରି ୱାନି ୱାଲେ ବୁଲାନିକାର୍ ଇନିଞ୍ଜୁ ଆନିଞ୍ଜୁ ଆତାର୍
। 38 ଆବେଟ୍ ଇୟା ବିସୟ୍‌ତାନ୍ ଇୟା ଲୋକା ବିରଦ୍‌ତାନ୍
ଇନି ପାଣି କିଇ ଉଣ୍ତିଞ୍ଜ୍‌ ନାନ୍ ମାଟା ସିଜିନା । ୱାରି ବିସୟ୍‌ତାନ୍
ମନ୍ ସିମାଟ୍ । ୱାରି ଉପାୟ ନି ପାଣିଦି ସନିକା ଜଦି ଲୋକା
ମାଣ୍‌କୁ ଆନାମାନାତ୍, ଆରିଞ୍ଜ୍‌ ତାନି ବିସୟ୍ ମାର୍‌ଗ୍‌ନାତ୍ ।
39 ମାତର୍ ଜଦି ଆକା ମାପୁରୁ ମାଣ୍‌କୁ ଆନାମାନାତ୍, ଆରିଞ୍ଜ୍‌
ୱାରିଞ୍ଜ୍‌ ଆରାକିନିକା ମି ଉସାସ୍ ସିଲେ । ଆନାତ୍ ତରାନାତ୍ ଜେ
ମିର୍ ମାପୁରୁ ବିରଦ୍‌ତାନ୍ ଜୁଦ୍ କିତିମାନିଦେର୍ ।" ପେରିମିଟିଞ୍ଜ୍‌
ଲୋକୁ ଗମଲିଏଲ୍‌ତି ମାଟା ମାନାତାର୍ । 40 ୱାର୍ ପ୍ରେରିତ
ସିସୁରିଞ୍ଜ୍‌ ଲୋଇ କୁକ୍‌ସି, ୱାରିଞ୍ଜ୍‌ କର୍‌ଡା ଡାକିସ୍‌କିତାର୍ ମାରି
ଜିସୁଦି ଦର୍‌ତାନ୍ ଇନି ମାଟା ଇନ୍‌ଇ ଉଣ୍ତିଞ୍ଜ୍‌ ଆଦେସ୍ ସିଜି ଡ଼ିସ୍‌ତା
ସିତାର୍ । 41 ପ୍ରେରିତ ସିସୁର୍ ୱେଡ଼ିକାଦାନ୍ ପେରିମିଟିଞ୍ଜ୍‌ତାନ୍
ସତାସର୍‌ହାର୍, ଇରିଞ୍ଜ୍‌ ମାପୁରୁଦି ଆଗ୍‌ଡ଼ି ୱାର୍ ଜିସୁ ଉଣ୍ତିଞ୍ଜ୍‌
ଅପମାନ୍ ପୟ୍‌ଦେଞ୍ଜ୍‌ ଇଜି ଜଗ୍ ଅଡ଼ବିତା ମାର୍‌ହାର୍ । 42 ମାରି
ୱାର୍ ଦିନାମି ମନ୍ଦିର୍‌ତୁ ମାରି ଲୋକା ଇଲ୍‌କାଞ୍ଜୁ ମସିହ ଜିସୁଦି
ବିସୟ୍‌ତାନ୍ ନେଗିକାବୁର୍ ପ୍ରଚାର୍ କିତାର୍ ମାରି ସିକିୟା ସିଦେଞ୍ଜ୍‌
ଆସ୍‌ତାର୍ ।

6 ଏସ ସମୟ ୱେନ୍‌କା ସିସୁରି ଦଲ୍ ପିର୍‌ନି ଦାପେ ଦାପେ ଏବ୍ରି
ବାସାଦି ଜିହୁଦିର୍ ମାରି ଆବେ ମାନି ଜିହୁଦି ଲୋକା ଲୋଇ
ଜାଟିଞ୍ଜୁ ଆତାର୍ । ଦିନାମିଦି କାଦି କି ଡାବୁଞ୍ଜୁ ବାଟାକିନିୱାଲେ
ୱାରି ରାଣ୍ତିଆଇମେକାଞ୍ଜୁ ନେଗେନ୍ ସୁଡୁଏଜିନାର୍ ଇଜି ଗ୍ରିକ୍‌ବାସା
ୱାର୍‌ଗିନି ଜିହୁଦିର୍ ଦାବି କିତାର୍ । 2 ଆବେଟ୍ ବାର୍ ଲୋକୁ
ପ୍ରେରିତ ସିସୁର୍ ୱିଜୁ ବିସ୍‌ବାସି ଦଲ୍‌ତିଞ୍ଜ୍‌ ଉଣ୍ତା କିଜି ଇର୍‌ହାନ୍,
"ଡାବୁଞ୍ଜୁ ସାଲାକିନି ଉଣ୍ତିଞ୍ଜ୍‌ ମାପୁରୁଦି ବାକ୍ୟ ପ୍ରଚାର୍ କିଦେଞ୍ଜ୍‌
ଗାଡ଼୍‌ୟା ଆନିକା ମା ଉଣ୍ତିଞ୍ଜ୍‌ ଟିକ୍ ସିଲେ । 3 ଆଦେଞ୍ଜ୍‌ ଏ
ତଡ଼ାନ୍‌କୁ ନି ତାଞ୍ଜୁକି ମି ମାଣ୍‌କୁ ପବିତ୍ର ଆତ୍ମା ନି ବୁଦିଦୁ ପୁରା
ଆତିମାନି ସାତ୍ ଲୋକାଞ୍ଜ୍‌ ଆସ୍‌କିଦୁ । ମାଡ୍ ୱାରିଞ୍ଜ୍‌ ଇୟା

ବିସୟ୍‌ତୁ ଦାୟିତ୍ ସିନାଟ୍ । 4 ଆର୍‌ତିଙ୍ଗ୍ ପାର୍‌ତାନା ନି ପ୍ରଚାର୍
ସେବା ପାଣିଦୁ ମାଡ୍ ପୁରା ସମୟ୍ ସିଦେଙ୍ଗ୍ ଆଟ୍‌ନିକା ।” 5 ଦଲ୍‌ତି
ୱିଜେରେ ପ୍ରେରିତ ସିସୁରି ଇୟା ମାଟାଦୁ ୱେଡ଼ିକା ଆତାର୍ ମାରି
ଇୟା ପାଣି ଉଣ୍ତିଙ୍ଗ୍ ବିସ୍‌ବାସ୍ ନି ପବିତ୍ର ଆତ୍ମାଦୁ ପୁରା ଆତିମାନି
ସ୍ତିପାନ୍ ଦର୍‌ତି ଅରେନ୍ ଲୋକ୍‌ତିଙ୍ଗ୍, ମାରି ପିଲିପ୍‌ପ, ପ୍ରକର,
ନିକାନୋର, ତିମୋନ, ପାର୍ମନା ମାରି ଆଗ୍‌ଡ଼ି ଜିହୁଦି ଦର୍ମଦୁ
ବାଦ୍‌ଲେ ଆତିମାର୍‌ଇ ଆଣ୍ଟିୟୋକତି ଅଣଜିହୁଦି ନିକୋଲାୟତିଙ୍ଗ୍
ଆସ୍‌କିତାର୍ । 6 ପ୍ରେରିତ ସିସୁର୍ ଇୟା ସାତ୍ ଲୋକା ଉଣ୍ତିଙ୍ଗ୍
ପାର୍‌ତନା କିଜି ୱାରି ମୁସ୍‌କୁ କିକୁ ଇଟ୍‌ତାର୍ । 7 ଇୟାୱାଜା
ମାପୁରୁଦି ବାକ୍ୟ ପ୍ରଚାର୍ କିତାର୍ । ଜିରୁସାଲାମ୍‌ତୁ ସିସୁରି ଦଲ୍
ନାଣ୍ତୁଦାନ୍ ନାଣ୍ତୁ ପିର୍‌ଦେଙ୍ଗ୍ ଆସ୍‌ତାର୍; ନାଣ୍ତୁ ଜାଜକର୍ ବା କ୍ରିସ୍ତୁ
ବିସ୍‌ବାସ୍‌ସିର୍ ଆତାର୍ । 8 ମାପୁରୁମାଣାନ୍ ନାଣ୍ତୁବାବେ ଆସିର୍ବାଦ୍
ପୟଜି ମାରି ସାକ୍ତିଦୁ ପୁରା ଆତିମାନି ସ୍ତିପାନ୍, ଲୋକା ଲୋଇ
ନାଣ୍ତୁ ସିନା ନି କାବାଆନି ପାଣି କିତାନ୍ । 9 ମାତର୍ କୁରିଣି
ମାରି ଆଲେକ୍‌ଜାଣ୍ତ୍ରିଆ ତ୍ରିଆଦି ଦାସ୍‌ପାଣିଦାନ୍ ମୁକ୍‌ଡ଼ାତି ମାର୍‌ଇ
ଜିହୁଦିରିଙ୍ଗ୍ ଅସି ତିଆର୍‌ଆତି ପାର୍‌ତନା ଇଲୁଦୁ ମାନି ଏସଲୋକ୍
ସ୍ତିପାନତି ବିରୁଦ୍‌କିତାର୍ । ୱାର୍ ମାରି କିଲିକିୟା ନି ଆସିଆ
ଦେସ୍‌ତି ଆଇ ଜିହୁଦିର୍ ସ୍ତିପାନତି ୱାଲେ ଜାଟି କିଦେଙ୍ଗ୍ ଆସ୍‌ତାର୍
। 10 ମାତର୍ ପବିତ୍ର ଆତ୍ମା ସ୍ତିପାନତିଙ୍ଗ୍ ଇୟାୱାଜା ବୁଦି ସିତାତ୍
ଜେ, ଏନ୍ ୱାନି ବିରୁଦ୍‌ତାନ୍ ୱେର୍‌ତେଙ୍ଗ୍ ଆଟ୍‌ଏତାନ୍ । 11
ଆର୍‌ତିଙ୍ଗ୍ “ୱାନ୍ ମୋସାଦି ବିରଦ୍‌ତାନ୍ ମାରି ମାପୁରୁଦି ବିରଦ୍‌ତାନ୍
ମାଟା ଇଜିମାନିକା ମାପ୍ ୱେର୍‌ଆପ୍,” ଇୟା ମିସ୍ ସାକି ସିନି
ଉଣ୍ତିଙ୍ଗ୍ ୱାର୍ ଏସ ଲୋକାଙ୍ଗ୍ ଲାଚ୍ ସିଜି ପୁସେରେକିତାର୍ ।
12 ଇୟାୱାଜା ୱାର୍ ଲୋକାଙ୍ଗ୍, ଦାର୍ମୁ ନେତାର୍ ମାରି ଗୁରୁରିଙ୍ଗ୍
ଉତ୍‌ତାର୍ ମାରି ସ୍ତିପାନତିଙ୍ଗ୍ ଆସ୍‌ସି ପେରିମିଟିଙ୍ଗ୍‌ତୁ ଅତାର୍ । 13
ତାନିୱେନ୍‌କା ୱାର୍ ୱାନି ବିରଦ୍‌ତାନ୍ ମିସ୍ ସାକି ସିଦେଙ୍ଗ୍ ଇଜି ଏସ
ଲୋକାଙ୍ଗ୍ ଲୋଇ ତାତାର୍ । ୱାର୍ ଇର୍ହାର୍, “ଇୟା ଲୋକୁ ୱିଜୁଦିନ୍
ମା ପବିତ୍ର ମନ୍ଦିର୍ ନି ମୋସାଦି ନିୟମ୍ ବିରୁଦ୍ଧତାନ୍ ୱେର୍‌ସିନାନ୍
। 14 ନାଜରିୟତିୟ ଜିସୁ ମନ୍ଦିର୍‌ତିଙ୍ଗ୍ ରୁକ୍‌ନା ପକ୍‌ନାନ୍ ମାରି
ମୋସାଦି ମାଣାନ୍ ମାପ୍ ପୟ୍‌ତିମାନି ୱିଜୁ ରିତିନିତି ବାଦ୍‌ଲେ
କିନା ଇଜି ଇୟା ଲୋକୁ ଇଜିମାନିକା ମାପ୍ ୱେର୍‌ଆମାନାପ୍!” 15
ନାସ୍ତିୱାଲେ ଆବେନ୍ ବାସ୍ତିମାର୍‌ଇ ୱିଜେରେ ଅର୍‌ସେ ସ୍ତିପାନ୍‌ତି
ତରିନ୍ ସୁଡୁତାର୍ ଜେ ୱାନି ମକମ୍ ମୁସ୍‌କୁପୁର୍‌ତି ଦୁତ୍‌ତି ମକମ୍‌ତି
ୱାଜା ତର୍‌ଜିମାର୍ହାପ୍ ।

7 ୱିଜେରିଙ୍ଗ୍ ପେରି ଜାଜକ ସ୍ତିପାନତିଙ୍ଗ୍ ୱେନ୍‌ବାତାନ୍, “ଇକା
ଇନିକା ସତ୍?” 2 ସ୍ତିପାନ୍ ଇର୍ହାନ୍, ଏ ନା ତଡ଼ାନ୍‌କୁ ନି ବୁବାର୍,
ୱେନ୍‌ଡୁ! ମା ଡକ୍ରାଦାଦା ଅବ୍ରାହାମ ହାରୋଣଦୁ ବାସାଦେଙ୍ଗ୍ ସନି
ଆଗ୍‌ଡ଼ି ଗୌରବ୍‌ତି ମାପୁରୁ ମେସପଟାମିଆଦୁ ତରାୟ୍‌ଆଜି, 3 ମି
ଇଲୁତିଲୋକୁ ମାରି ଦେସ୍ ଡ଼ିସ୍‌ସି ନାନ୍ ଏମେ ଦେସ୍ ତର୍‌ନା,
ଆବେ ସାଙ୍ଗ୍‌ଆ । 4 ଆବେଟ୍ ୱାନ୍ ୱାନି କଲଦୀୟ ଦେସ୍
ଡ଼ିସ୍‌ସି ହାରୋଣତୁ ବାସାଦେଙ୍ଗ୍ ସର୍ହାନ୍ । ଅବ୍ରାହାମତି ବୁବାସି
ସାତି ୱେନ୍‌କା ମିର୍ ଇଲେଇ ଆମା ଦେସ୍‌ତୁ ବାସାଜିନିଦେର୍,
ମାପୁରୁ ୱାନିଙ୍ଗ୍ ଆୟା ଦେସ୍‌ତୁ ତାତାନ୍ । 5 ମାପୁରୁ ନାସ୍ତିୱାଲେ
ଅବ୍ରାହାମତି ଇୟା ଦେସ୍‌ତୁ ଇନି ଦନ୍, ଇୟାୱାଜା ଜେ କାଣ୍ତେକ୍
ମୁରା ବୁମି ବା ସିଏନ୍ ମାର୍ହାନ୍ । ମାତର୍ ମାପୁରୁ ପାର୍‌ମାଣ୍
କିତାମାର୍ହାନ୍, ଅବ୍ରାହାମ୍‌ତିଙ୍ଗ୍ ଇୟା ଦେସ୍ ସିନାନ୍ ମାରି ଇକା
ୱାନି ନି ୱାନି କୁଟୁମ୍‌ତି ନିଜେତିକା ଆଜି ତେବାନାତ୍ । ମାପୁରୁ
ଆୟା ପାର୍‌ମାଣ୍ କିନିୱାଲେ ଅବ୍ରାହାମ୍‌ତିଙ୍ଗ୍ କଡ଼କକ୍‌ରା ଆଏନ୍
ମାର୍ହାନ୍ । 6 ନାସ୍ତିୱାଲେ ମାପୁରୁ ୱାନିଙ୍ଗ୍ ଇୟା ମାଟା ଇର୍ହାନ୍!
ମି କୁଟୁମ୍‌ତିକାର୍ ଦାସ୍‌ତି ୱାଜା ଆଇ ଦେସ୍‌ତୁ ବାସାନାର୍ ମାରି
ସାରିସ ବାର୍ସେକ୍ ସାନ୍ଦି କାଷ୍ଟ ପୟ୍‌ନାର୍ । 7 ମାତର୍ ମାପୁରୁ
ଇର୍ହାନ୍, ୱାର୍ ଏମେୱାରି ସେବା କିନାର୍, ନାନ୍ ଆୟା ଲୋକା
ବିସାର୍ କିନାପ୍, ୱେନ୍‌କା ମି କୁଟୁମ୍‌ତିକାର୍ ଆୟା ଦେସ୍‌ତାନ୍ ସନା
ୱାନାର୍ ମାରି ଇୟା ବାଡିଦୁ ନା ପାର୍‌ତନା କିନାର୍ । 8 ୱେନ୍‌କା
ମାପୁରୁ ଅବ୍ରାହାମତି ୱାଲେ ପାର୍‌ମାଣ୍ ସିନା ୱାଜା ସୁନ୍ନତ୍ ନିୟମ୍
ତିଆର୍ କିତାନ୍ । ଆବେଟ୍ ୱାନି ମାରିସି ଇସ୍‌ହାକ୍‌ତି ଜନମ୍‌ତି
ଉଣ୍ତି ସାତା ୱେନ୍‌କା ଅବ୍ରାହାମ ୱାନି ସୁନ୍ନତ କିତାନ୍; ଇସ୍‌ହାକ୍
ୱାନି ମାରିସି ଜାକୁବଙ୍ଗ୍ ମାରି ଜାକୁବ ୱାନି ବାର ମାରିସିରିଙ୍ଗ୍
ଅର୍ତାତ୍ ମା ଜାତିଦି ୱେଙ୍ଗ୍‌ତି ଡକ୍ରାଦାଦାରିଙ୍ଗ୍ ସୁନ୍ନତ୍ କିତାନ୍ । 9
ଜାକୁବଦି ମାରିସିର୍ ୱାରି ତଡ଼ାନ୍ ଜୋସେପ୍ ଉଣ୍ତିଙ୍ଗ୍ ରିସାଆଜି
ୱାନିଙ୍ଗ୍ ମିସର୍ ଦେସ୍‌ତୁ କଟିସାକର୍ ୱାଜା ପର୍‌ତାର୍ । ମାତର୍
ମାପୁରୁ ଜସେପ୍‌ତି ୱାଲେ ମାର୍ହାନ୍ । 10 ମାରି ୱିଜୁ ଦୁକୁ କାସ୍ଟଦି
ୱାଲେ ୱାନିଙ୍ଗ୍ ସାଲା କିତାନ୍ । ଏସ୍ତିୱାଲେ ଜସେପ୍ ମିସର୍‌ତି
ରାଜା ଫାରୋଦି ଆଗ୍‌ଡ଼ି ୱାତାନ୍, ମାପୁରୁ ୱାନିଙ୍ଗ୍ ଦୟା ନି ବୁଦି
ସିତାନ୍ ମାରି ରାଜା ଜସେପ୍‌ତିଙ୍ଗ୍ ଦେସ୍‌ତି ସାସନ୍‌କିନିକାନ୍ ନି
ରାଜା ମେଡ଼୍‌ତି ପେରିକାନ୍ ୱାଜା ଆସ୍‌କିତାନ୍ । 11 ତାନିୱେନ୍‌କା
ୱିଜୁ ମିସର୍ ମାରି କିଣାନ୍‌ତୁ ଉଣିକା ପୁଟ୍‌ଏତାତ୍‌ଆକା ଲୋକୁ
ନାଣ୍ତୁ କାସ୍ଟ ପୟ୍‌ତାର୍ । ମା ଡକ୍ରାଦାଦାରି କାଦିଦି ଉଣା ଆତାତ୍
। 12 ମିସର୍ ଦେସ୍‌ତୁ କାଦି ମାନାତ୍ ଇଜି ୱେନ୍‌ଜି ଜାକୁବ ୱାନି
ମାରିସିରିଙ୍ଗ୍ ଅର୍ତାତ୍ ମା ଡକ୍ରାଦାଦାରିଙ୍ଗ୍ ଆବେ ପକ୍‌ତାନ୍ । 13
ଆବେ ୱାର୍ ରିଜା ସନି ୱାଲେ ଜୋସେପ୍ ୱାନି ତଡ଼ାନ୍‌କୁ ମାନୁ
ନିଜେଦି ପରିଚୟ୍ ୱେର୍‌ତାନ୍ ମାରି ଫାରୋ ରାଜା ଜସେପ୍‌ତି
ଇଲୁ ବିସୟ୍‌ତାନ୍ ନେସ୍‌ତାନ୍ । 14 ତାନି ୱେନ୍‌କା ଜୋସେପ୍ ୱାନି
ବୁବାସି ଜାକୁବ ନି ୱାନି ଇଲୁଦି ୱିଜେରେ ସତୁରି ପାସ୍ ଲୋକାଙ୍ଗ୍
ମିସର୍ ଦେସ୍‌ତୁ ୱାଦେଙ୍ଗ୍ ଇଜି କୁକ୍‌ତାନ୍ । 15 ଜାକୁବ ମିସର୍
ଦେସ୍‌ତୁ ସର୍ହାନ୍, ଆବେ ୱାନ୍ ମାରି ୱାନି ମାରିସିରି ସାତାର୍ । 16
ୱାରି ସାତି ମାଡ଼ା ସିକିମ୍‌ତୁ ଅତାର୍ ମାରି ଅବ୍ରାହାମ ହାମୋର
ଲୋକା ମାଣ୍‌କୁ କଟିମାର୍ହି ବୁମିଦୁ ୱାରିଙ୍ଗ୍ ଅତାର୍ ମୁସ୍‌ତାର୍ । 17
“ମାପୁରୁ ଅବ୍ରାହାମ୍‌ତିଙ୍ଗ୍ ଏମେ ପାର୍‌ମାଣ୍ କିତାମାର୍ହାନ୍, ଆକା
ସତ୍ ଆଜି ମିସର୍ ଦେସ୍‌ତୁ ମା ଲୋକୁ ସଂକିୟା ନାଣ୍ତୁ ଆତାର୍ । 18
ୱେନ୍‌କା ଜୋସେପ୍‌ତି ବିସୟ୍‌ତାନ୍ ନେସେଇ ମାର୍ହି ଅରେନ୍ ରାଜା
ମିସର୍ ଦେସ୍‌ତୁ ସାସନ୍ କିତାନ୍ । 19 ୱାନ୍ ମା ଡକ୍ରାଦାଦାରିଙ୍ଗ୍

ନାଣ୍ତ କାସ୍କ ସିତାନ୍, ୱାରି ଜନମ୍ଆତି ଇସ୍ରି କଡ଼ରିଙ୍ଗ କାଟ୍ତେଙ୍ଗ
ଇଜି ୱାରିଙ୍ଗ ଆଡ୍ରେ ପକ୍ତେଙ୍ଗ ଇଜି ଆଦେସ୍ କିତାନ୍ । 20
ଇୟା ସମୟ୍ତୁ ମୋସା ଜନମ୍ ଆତାନ୍ । ୱାନ୍ ମାପୁରୁ ଆଗ୍ଡ଼ି
ମାର୍ହାନ୍ ଅରେନ୍ ନେଗ୍ରି କଡ଼ ପିଲା । ଇନ୍ତ୍ର ମୁଣ୍ତି ଲେଜ୍କୁ
ସାନ୍ଦି ୱାନ୍ ଜାତୁନ୍ ଅଆୟ୍ ଆତାନ୍, 21 ମାରି ଏସ୍ତିୱାଲେ
ୱାନିଙ୍ଗ ଆଡ୍ରେ ପୋକ୍ତାର୍, ଫାରୋ ରାଜାଦି ଗାଡ଼୍ସି ୱାନିଙ୍ଗ
ପୟ୍ଜି ନିଜେଦି କଡ଼ ୱାଜା ପସା କିତାଡ୍ । 22 ମୋସା ମିସର୍
ଦେସ୍ତି ୱିଜୁ ବୁଦିଦୁ ସିକିୟା ପୟ୍ତାନ୍, ୱାନି ମାଟା ମାରି ପାଣିଦୁ
ଅରେନ୍ ପେରି ଲୋକୁ ୱାଜା ୱେଙ୍ଗିଁତାନ୍ ।” 23 “ମସାଦି ବାର୍ସୁ
ଏସ୍ତିୱାଲେ ସାଲିସ୍ ବାର୍ସେକ୍ ଆତାଡ୍, ୱାନ୍ ୱାନି ଇସ୍ରାଏଲ୍ତି
ତଡ଼ାନ୍କୁ ଉଣ୍ତିଙ୍ଗ ଏଣ୍ତେସ୍ ବ୍ୟବହାର୍ କିଆୟ୍ଆଜିନାଡ୍, ଆକା
ନେସ୍ତେଙ୍ଗ ବଦା କିତାନ୍ । 24 ୱାରି ଲୋଇ ଅରେନ୍ ୱାନିଙ୍ଗ,
ଅରେନ୍ ମିସର୍ ଦେସ୍ତିକାନ୍ ଜାଟିକିନିକା ସୁଡ଼୍ଜି, ମସା ୱାନିଙ୍ଗ
ରକିୟା କିଦେଙ୍ଗ ଇଜି ମିସର୍ତି ୱାନିଙ୍ଗ ବାଦ୍ଲୁ ଅସି ଡାକ୍ସି
ସାପିସ୍କିତାନ୍ । 25 ୱାନ୍ ଅଡ଼୍ବିତା ମାର୍ହାନ୍, ୱାନି ନିଜେ ଲୋକୁ
ନେସ୍ନାର୍ ଜେ, ତଡ଼ାନ୍କାଙ୍ଗ ମୁକ୍ଡ଼ା କିଦେଙ୍ଗ ଇଜି ମାପୁରୁ
ୱାନିଙ୍ଗ ବ୍ୟବ୍ହାର୍ କିଜିନାନ୍; ମାତର୍ ୱାର୍ ଆକା ବୁଜାଏତାର୍
। 26 ମାର୍ନାଣ୍ତିଙ୍ଗ ରିଏର୍ ଇସ୍ରାଏଲ୍ ଦେସ୍ତିକାର୍ ଜାଟିକିନିକା
ସୁଡୁତାନ୍ ମାରି ୱାରି ଲୋଇ ସାନ୍ତି କିଦେଙ୍ଗ ସେସ୍ଟା କିତାନ୍ ।
ୱାନ୍ ଇର୍ହାନ୍, ୱେନ୍ଣ୍ତୁ, ମିର୍ ରିଇଦେର୍ ତୋ ଇସ୍ରାଏଲ୍ ଦେସ୍ତି
ତଡ଼ାନ୍କୁ । ଏନ୍ଦା ଇୟାୱାଜା ଜାଟି କିଜିନିଦେର୍? 27 ମାତର୍
ଏମେକାନ୍ ଆଇୱାନିଙ୍ଗ ଜାଟି କିଜି ମାର୍ହାନ୍, ୱାନ୍ ମସେଙ୍ଗ
ପେଲେ କିଜି ୱେନ୍ବାତାନ୍, ମା ନେତାର୍ରି ମୁସ୍କୁ ନିଙ୍ଗିଁ ଏନ୍
ସାସନ୍କିନିକାନ୍ ନି ବିସାର୍ କିନିକାନ୍ କିତାମାନାନ୍? 28 ଇଏନ୍
ଏଣ୍ତେସ୍ ମିସର୍ ଦେସ୍ତି ଲୋକ୍ତିଙ୍ଗ ସାୟାମାର୍ଗାଡାକ୍ତି, ନାଙ୍ଗିଁ
ଇନିକା ଆୟାୱାଜା ଡାକ୍ତେଙ୍ଗିଁ ବଦା କିନି? 29 ମୋସା ଇକା
ୱେନ୍ଜି ମିସର୍ ଦେସ୍ତାନ୍ ଉରକ୍ତାନ୍ ମାରି ମିଦିୟୋନଦୁ ବାସା
କିତାନ୍ । ଆବେନ୍ ୱାନି ରିଏର୍ କଡ଼ର୍ ମାର୍ହାର୍ ।” 30 “ସାଲିସ୍
ବାର୍ସେକ୍ ସର୍ଇ ୱେନ୍କା ସିନୟ ଗରନ୍ ଲାକ୍ତୁ ଉଣ୍ତି କାସ୍ସିମାନି
ଦୁପା ସିସୁ ଲୋଇ ମାପୁରୁଦି ଉନ୍ତ୍ରି ଦୁତ୍ ମସେଙ୍ଗ ତରାଇଆତାଡ୍
। 31 ମୋସା ଇକା ସୁଡ଼୍ଜି ନାଣ୍ତ କାବା ଆତାନ୍, ମାରି ଅଡ଼ପ୍
ନେଗେନ୍କିଜି ସୁଡ଼େ୍ଦଙ୍ଗ ଇଜି ଦୁପାଦି ଲାକ୍ତୁ ସର୍ହାନ୍ । ମାତର୍
ୱାନ୍ ପ୍ରବୁଦି ବଲ୍ ୱେର୍ଆନ୍, 32 ନାନ୍ ମି ଡକ୍ରାଦାଦା ଅବ୍ରାହାମ,
ଇସ୍ହାକ୍ ମାରି ଜାକୁବଦି ମାପୁରୁ । ମୋସା ତିଲାଜି ତିରଗ୍ଜି
ବେସେ୍ତଙ୍ଗ ସାସ୍ କିଏତାନ୍ । 33 ପ୍ରବୁ ୱାନିଙ୍ଗ ଇର୍ହାନ୍, ନି
ଜୁତା କୁଡ୍ଆ, ଇରିଙ୍ଗ ନିନ୍ ଏମେମାନୁ ନିର୍ହିମାନି, ଆକା ପବିତ୍ର
ବୁମି ।” 34 ମିସର୍ ଦେସ୍ତୁ ନାନ୍ ନା ଲୋକାଙ୍ଗ ନାଣ୍ତ ଦୁକୁକାସ୍କ
ସୁଡୁତାମାନା । ନାନ୍ ୱାରି ଆଡ଼୍ବାନିକା ୱେର୍ଆମାନା ମାରି
ୱାରିଙ୍ଗ ଦାସ୍ପାଣିଦାନ୍ ରକିୟା କିଦେଙ୍ଗ ରେତା ୱାତାମାନା
। ଇଲେଇ ରାଡୁ, ନାନ୍ ମିଙ୍ଗିଁ ମିସର୍ ଦେସ୍ତୁ ପକ୍ନା । 35
“ମୋସା ଇସ୍ରାଏଲ୍ ଲୋକା ମାଣାନ୍ ଡ଼ିସାୟ୍ଆତା ମାର୍ହାନ୍ । ପେରି
ନେତାର୍ ୱେନ୍ବାତାର୍, ମା ମୁସ୍କୁ ନିଙ୍ଗିଁ ଏନ୍ ସାସନ୍କିନିକାନ୍
ନି ବିସାର୍କିନିକାନ୍ କିତାନ୍? ମାତର୍ ମାପୁରୁ ଆୟା ମୋସେଙ୍ଗ
କାସ୍ନି ଦୁପା ଲାକ୍ତୁ ତରାୟ୍ଆତି ମାର୍ହି ଦୁତ୍ତି ସାକାଦାନ୍ ଲୋକା
ମୁସ୍କୁ ସାସନ୍ କିଦେଙ୍ଗ ମାରି ୱାରିଙ୍ଗ ମୁକୁଡ଼ା କିଦେଙ୍ଗ ଇଜି
ପକ୍ତାନ୍ । 36 ୱାନ୍ ମିସର୍ ଦେସ୍ତୁ ମାରି ନେଡ଼େ୍ର ସାମ୍ଦୁର୍ତୁ
ନାଣ୍ତ କାବାଆନି ପାଣି କିଜି ଲୋକାଙ୍ଗ ମିସର୍ ଦେସ୍ତାନ୍ ସପ୍ସି
ତାତାନ୍, ସାଲିସ୍ ବାର୍ସେକ୍ ସାନ୍ଦି ବାଲି ବୁମିଦୁ ୱାରିଙ୍ଗ ସାରି
ତର୍ସି ଅତାନ୍ । 37 ମୋସା ନିଜେ ଇସ୍ରାଏଲ୍ ଦେସ୍ତି ଲୋକାଙ୍ଗ
ଇର୍ହାମାର୍ହାନ୍, ମାପୁରୁ ନାଙ୍ଗିଁ ଏଣ୍ତେସ୍ ପକ୍ତାମାର୍ହାନ୍, ଆୟାୱାଜା
ମି ଲାକ୍ତୁ ଅରେନ୍ ବାବବାଦିଙ୍ଗ ପକ୍ନାନ୍ ୱାନ୍ ମି ନିଜେ
ତଡ଼ାନ୍କା ଲୋଇରାନ୍ ଅରେନ୍ ଆନାନ୍ । 38 ଆୟା ମୋସା ବାଲି
ବୁମିଦୁ ଉଣ୍ତାତିମାର୍ହି ଇସ୍ରାଏଲ୍ତି ଲୋକାୱାଲେ ଅର୍ସେ ମାର୍ହାନ୍ ।
ୱାନ୍ ସିନୟ ଗରନ୍ତୁ ମା ଡକ୍ରାଦାଦାରି ୱାଲେ ମାରି ୱାରି ୱାଲେ
ମାଟା ଇର୍ହିମାନି ମୁସ୍କୁପୁର୍ତି ଦୁତ୍ତି ୱାଲେ ମାର୍ହାନ୍ ମାରି ମା
ଲାକ୍ତୁ ଇନେ୍ଣ୍ତଙ୍ଗ ଇଜି ୱାନ୍ ମାପୁରୁଦି ମାଣ୍କୁ ଜିବନ୍ତି ବାକ୍ୟ
ଆସ୍ତାନ୍ ।” 39 ମାତର୍ ମା ଡକ୍ରାଦାଦାର୍ ୱାନିଙ୍ଗ ମାନାଏତାର୍;
ୱାର୍ ୱାନିଙ୍ଗ ପେଲେକିଜି ମିସର୍ ଦେସ୍ତୁ ଡ଼େସି ସନ୍ଡ୍ରେଙ୍ଗ
ମନ୍ବଦାକିତାର୍ । 40 ଆୟାଉଣ୍ତିଙ୍ଗ ୱାର୍ ହାରୋଣତିଙ୍ଗ ଇର୍ହାର୍,
ଇଲେଇ ମାଙ୍ଗିଁ ସାରି ତର୍ସି ଅତେଙ୍ଗ ଇଜି ଏସ ଦିୟାମ୍କୁ
ତିଆର୍ କିଜ ସିଦା । ମାଙ୍ଗିଁ ମିସର୍ ଦେସ୍ତାନ୍ ସପ୍ତି ତାତିମାନି
ଆୟା ମୋସା ଜେ ଏମେ ସର୍ହାନ୍, ଆକା ମାପ୍ ନେସ୍ଏପ୍ ।
41 ଆୟା ସମୟ୍ତୁ ଆବେ ୱାର୍ ଉଣ୍ତି ଗାଡ଼ାଲ୍ତି ବମା ତିଆର୍
କିତାର୍ ମାରି ତାନି ଉଦେସ୍ତାନ୍ ପୁଜା କିଜି ବଲି ସିତାର୍ ।
ମାରି ନିଜେ ତିଆର୍ କିତିମାନି ଆୟା ମୁର୍ତିଦିଙ୍ଗ ମାନାଦେଙ୍ଗ ଇଜି
ଉଣ୍ତି ବଜି ତିଆର୍ କିତାର୍ । 42 ଆବେଟ୍ ମାପୁରୁ ୱାରିମାଣାନ୍
ଏରିତାନ୍ ମାରି ୱାରିଙ୍ଗ ବାଦଡ଼୍ତି ସୁକେଙ୍ଗାଁଙ୍ଗ ସେବା କିଦେଙ୍ଗ
ଇଜି ଡ଼ିସ୍ତାସିତାନ୍ । ଇୟା ବିସୟ୍ତାନ୍ ବାବବାଦିରି ବଇଦୁ
ରାସାତାମାନାଡ୍: “ଏ ଇସ୍ରାଏଲ୍ କୁଟୁମ୍! ବାଲିବୁମିଦୁ ସାଲିସ୍
ବାର୍ସେକ୍ ସାନ୍ଦି ମିର୍ ନା ଉଣ୍ତିଙ୍ଗ ଜାତୁ ପୁଜା ସିଇତି ମାର୍ହିଦେର୍ନୋ
। 43 ମାତର୍ ମିର୍ ପାର୍ତନା କିଦେଙ୍ଗ ଇଜି ଏମେ ବମା ୱିଜୁ
ତିଆର୍ କିତିମାର୍ହିଦେର୍, ଆୟା ମାଲେକ୍ତି ଗୁଡ଼ା ମାରି ସୁକା
ଦିୟାମ୍ ରମ୍ପାତି ବମାଦିଙ୍ଗ ପିଣ୍ତିତିଦେର୍ । ଆୟାଉଣ୍ତିଙ୍ଗ ନାନ୍
ମିଙ୍ଗିଁ ବାବିଲନ୍ତି ଆୟାପାଡ଼ି ପକ୍ନାପ୍ ।” 44 ବାଲିବୁମିଦୁ ମା
ଡକ୍ରାଦାଦାରି ୱାଲେ ମାପୁରୁଦି ତେବାନିକା ଗୁଡ଼ା ମାର୍ହାଡ୍ ।
ମାପୁରୁ ମୋସେଙ୍ଗ ଏଣ୍ତେସ୍ ତିଆର୍ କିଦେଙ୍ଗ ଇର୍ହାମାର୍ହାନ୍ ମାରି
ମୋସାଦିଙ୍ଗ ଏମେ ସାରି ତର୍ତାମାର୍ହାନ୍, ଇକା ଆୟାୱାଜା ତିଆର୍
ଆତାମାର୍ହାଡ୍ । 45 ୱେନ୍କା ମା ଡକ୍ରାଦାଦାରି ଲୋକା ବୁବାସିରି
ମାଣ୍କୁ ପୟ୍ତିମାର୍ହି ଆୟା ଗୁଡ଼ାଦିଙ୍ଗ ଜିହୋସିୟଦି ୱାଲେ ପିଣ୍ତଜି
ଅସି ସର୍ହାର୍ ମାରି ମାପୁରୁଦି ମାଣାନ୍ ପେରାୟ୍ ଆତିମାର୍ଇ ଆଇ
ଦେସ୍ ଅଦିକାର୍ କିତାର୍ । ଦାଉଦ ରାଜାଦି ସମୟ ସାନ୍ଦି ଆବେ
ତେବାତାଡ୍ । 46 ୱାନ୍ ମାପୁରୁଦିମାଣାନ୍ ଦୟା ପୟ୍ଜି ଜାକୁବଦି

ମାପୁରୁଦି ଉଣ୍ତିଙ୍ଗ ଉଣ୍ତି ତେବାନି ମନ୍ଦିର୍ ତିଆର୍ କିଦେଙ୍ଗ ୱାନି
ସାରି ବଦାକିତାମାର୍ହାନ୍ । 47 ମାତର୍ ୱେନ୍‌କା ଆୟା ତେବାନି
ଇଲୁ ତିଆର୍ କିତାନ୍ ସଲମନ୍ । 48 ମାତର୍ ୱିଜେରିଙ୍ଗ ପେରି
ମାପୁରୁ ଲୋକାମାଣାନ୍ ତିଆର୍ ଆତି ଇଲ୍‌କାଙ୍ଗ ବାସାଏନ୍ ।
ଇୟା ବିସୟ୍‌ତାନ୍ ବାବବାଦି ରାସ୍‌ତାମାନାନ୍; 49 "ପ୍ରବୁ ଇନାନ୍,
ମୁସ୍‌କୁପୁର୍ ନା ବାସ୍‌ନି ଗାଦି ମାରି ଦୁନିଆ ନା ପାଦାମ୍ ଇଡ୍‌ନି
ବାଡି ମିର୍ ନା ଉଣ୍ତିଙ୍ଗ ଏଣ୍ତେସ୍ ନାନି ଇଲୁ ତିଆର୍ କିନିଦେର୍?
ନା ରମ୍‌ନି ଉଣ୍ତିଙ୍ଗ ବାଡି ଏମେ? 50 ଇୟାୱିଜୁ ବିସୟ୍ ଇନିକା
ନାନ୍ ନିଜେ ତିଆର୍ କିଏ ନୋ?" 51 ସ୍ତିପାନ୍ ମାରି ଇର୍ହାନ୍, "ମିର୍
ଏସା ମାନାଇକାର୍ । ମି ଜିବନ୍ ଏସା ତାଗ୍‌ଇକା । ମାପୁରୁଦି
ବାକ୍ୟ ଉଣ୍ତିଙ୍ଗ ମିର୍ ଏସା ବଇରା! ମିର୍ ଟିକ୍ ମି ପୁର୍ବେଦିଡକ୍ରାରି
ୱାଜା: ମିର୍ ୱିଜୁୱାଲେ ପବିତ୍ର ଆତ୍ମାଦି ବିରୁଦ୍ କିଜିନିଦେର୍! 52
ମି ପୁର୍ବେଦିଡକ୍ରାଦାଦାରି ମାଣାନ୍ ପେରାୟ୍ ଆଇ ମାନି ଏମେ
ବାବବାଦି ମାନାନ୍ ନୋ? ମାପୁରୁଦି ଏମେ କାବୁର୍‌ସିନିକାର୍ ବେସି
ଆଗ୍‌ଡ଼ି ୱାରି ଦାର୍ମୁଦି ଦାସ୍‌ତି ୱାନି ବିସୟ୍‌ତାନ୍ ଇର୍ହାମାର୍ହାର୍,
ମି ଡକ୍ରାଦାଦାର୍ ୱାରିଙ୍ଗ ଡାକ୍‌ତାର୍ । 53 ଇଲେଇ ମିର୍ ୱାନି
ଉଣ୍ତିଙ୍ଗ ବିସ୍‌ବାସ୍‌ତୁ ଆରାକିଜି ୱାନିଙ୍ଗ ଡାକ୍‌ତିମାନିଦେର୍ ।
ମିର୍ ମୁସ୍‌କୁପୁର୍‌ତି ଦୁତ୍‌କା ମାଣାନ୍ ସିତିମାନି ମାପୁରୁଦି ନିୟମ୍
ୱିଜୁ ପୟ୍‌ତିମାନିଦେର୍ ମାତର୍ ଆକା ମାନାଇଦେର୍ ।" 54
ପେରିମିଟିଙ୍ଗ୍‌ତି ନେତାର୍ ସ୍ତିପାନ୍‌ତି ମାଟା ୱେନ୍‌ଜି ନାଣ୍ତ ରିସା
ଆତାର୍, ୱାନି ଉଣ୍ତିଙ୍ଗ ରିସାଦାନ୍ ପାଲ୍‌କୁ କାଟ୍ରେ କିତାର୍ । 55
ମାତର୍ ସ୍ତିପାନ୍ ପବିତ୍ର ଆତ୍ମାଦୁ ପୁରାଆଜି ମୁସ୍‌କୁପୁର୍ ତରିନ୍
ସୁଡୁତାନ୍ ମାରି ମାପୁରୁଦି ଗୌରବ୍ ନି ଜିସୁଙ୍କ ମାପୁରୁଦି ଉଣେରି
ତରିନ୍ ନିନି ମାନିକା ସୁଡୁତାନ୍ । 56 ୱାନ୍ ଇର୍ହାନ୍, "ସୁଡୁଦୁ, ନାନ୍
ମୁସ୍‌କୁପୁର୍ ରେଆତିକା ମାରି ମନୁସ୍ୟପୁତ୍ରଙ୍ଗ ମାପୁରୁଦି ଉଣେରି
ତରିନ୍ ନିନି ମାନିକା ସୁଡୁଜିନା!" 57 ଆଉଲି ଆଜି ପେରିମିଟିଙ୍ଗ୍‌ତି
ନେତାର୍ ଇୟା ମାଟା ୱେନ୍‌ଇ ଉଣ୍ତିଙ୍ଗ ଗିତଣିଦୁ କିକୁ କେରପ୍‌ତାର୍
। ୱେନ୍‌କା ୱାର୍ ଏକ୍‌ଜୁଟ୍ ଆଜି ୱାନି ତରିନ୍ ମାଟ୍‌ସି ୱାତାର୍ ।
58 ଗାଡ୍ ଆଟ୍‌ରେ ୱାନିଙ୍ଗ ରେଲ୍‌ଜି ଅସି, ୱାନି ମୁସ୍‌କୁ କାଲ୍‌କୁ
ପକ୍‌ସି ଡାକ୍‌ତାର୍ । ମିସ୍ ସାକିସିନିକାର୍ ସାଉଲ୍ ଦର୍‌ତି ଅରେନ୍
ମୁରୁଲିଦି ଲାକ୍‌ତୁ ୱାରି ଆଡ୍ଙ୍ଗପାସିୟା ୱିଜୁ ଡ଼ିସ୍‌ତା ସର୍ହାମାର୍ହାର୍ ।
59 ୱାର୍ ସ୍ତିପାନ୍‌ତି ମୁସ୍‌କୁ କାଲ୍‌କୁ ଡାକ୍‌ନି ସମୟ୍‌ତୁ ୱାନ୍ ପ୍ରବୁଙ୍ଗ
ପାର୍‌ତନା କିଜି ଇର୍ହାନ୍, "ପ୍ରବୁ ଜିସୁ ନା ଆତ୍ମାଦିଙ୍ଗ ମାନାଆ!"
60 ୱାନ୍ ମେଣ୍ତେଙ୍ଗ ଗଟ୍‌କିଜି ନାଣ୍ତ ଆଉଲିଦାନ୍ ଇର୍ହାନ୍, "ପ୍ରବୁ!
ଇୟାୱାରି ବିରଦ୍‌ତାନ୍ ଇୟା ପାପ୍ ଏଡ୍ କିମା ।" ଇକା ଇଜି ୱାନ୍
ପୁଣ୍ତା ଡ଼ିସ୍‌ସି ସାତାନ୍ ।

**8** ସ୍ତିପାନ୍‌ତି ସାନିଦଣ୍ତତିଙ୍ଗ ସାଉଲ ଉନ୍‌ଡ୍ରେମୋନ୍ ଆତାନ୍ ।
ଆୟାନାଣ୍ତିରାନ୍ ଜିରୁସାଲାମ୍‌ତି ମଣ୍ତଲି ଉଣ୍ତିଙ୍ଗ ନାଣ୍ତ କାସ୍କଦି
ତାଡ଼ନା ଆରାମ୍ ଆତାଦ୍ । ସିସୁରିଙ୍ଗ ଡ଼ିସ୍‌ସି ଆଇ ୱିଜେରେ
ବିସ୍‌ବାସିର୍ ଜିହୁଦା ନି ସମିରୋଣ ରାଜିଦି ଇନିଙ୍ଗ୍ ଆନିଙ୍ଗ୍
ଆତାସର୍ହାର୍ । 2 ଏସ ମାପୁରୁଦି ଦାର୍ମୁ ଲୋକୁ ନାଣ୍ତ ଆଉଲି
ଆଜି ଆଡ୍‌ବାଜି ସ୍ତିପାନ୍‌ତି ସାତି ମାଡ଼ାଦିଙ୍ଗ ମୁସ୍‌ତାର୍ । 3 ମାତର୍
ସାଉଲ ମଣ୍ତଲିଦିଙ୍ଗ ଦଂସ କିଦେଙ୍ଗ ସେସ୍ଟା କିତାନ୍, ଇଲୁ ଇଲୁଦୁ
ସଲ୍‌ସି କ୍ରିସ୍ତ ବିସ୍‌ବାସି ମେମାରି, ଆଇମା ୱିଜେରିଙ୍ଗ ରେଲ୍‌ଜି
ତାସି ଜଇଲ୍‌ତୁ ଇଟ୍‌ତାନ୍ । 4 ଇନିଙ୍ଗ୍ ଆନିଙ୍ଗ୍ ୱିଦିତି ମାର୍‌ଇ
ବିସ୍‌ବାସିର୍ ୱିଜୁ ତରିନ୍ ସଲ୍‌ସି ସୁସମାଚାର୍ ପ୍ରଚାର୍ କିତାର୍ ।
5 ସମିରୋଣଦି ପେରି ଗାଡ୍‌କାଙ୍ଗ୍ ସଲ୍‌ସି ପିଲିପ୍‌ପ, ଆବେଣି
ଲୋକାମାନୁ କ୍ରିସ୍ତ ନି ମାପୁରୁଦି ସୁସମାଚାର୍ ପ୍ରଚାର୍ କିତାନ୍ । 6
ପିଲିପ୍‌ପଦି ମାଟା ୱେନ୍‌ଜି ମାରି ୱାନି କାବାଆନି ପାଣି ୱିଜୁ ସୁଡ଼୍‌ଜି
ଲୋକୁ ୱାନି ତରିନ୍ ନାଣ୍ତ ନେଗେନ୍ ବେସ୍‌ତାର୍ । 7 ନାଣ୍ତ ଲୋକା
ମାଣାନ୍ ତାଗ୍‌ଇ ଆଡ୍ରେମଙ୍ଗ ଆଉଲି ଆଜି ସତେ ସର୍ହେ, ନାଣ୍ତ
କୁସ୍ଟ ରୋଗି ମାରି ସଟାର୍ ନେଗେନ୍ ଆତାର୍ । 8 ଇୟାଉଣ୍ତିଙ୍ଗ
ଆୟା ଗାଡ୍‌ତୁ ଉନ୍‌ଣ୍ତି ୱେଡ଼ିକା ଆଉଲି ୱେଙ୍ଗ୍‌ତା ସର୍ହାତ୍ । 9
ସିମୋନ୍ ଦର୍‌ତି ଅରେନ୍ ଲୋକୁ ୱାନି ଗୁଣିଆ ବିଦ୍ୟା ଦାନ୍ ଆୟା
ସମିରୋଣୟ ରାଜିଦି ଲୋକାଙ୍ଗ କାବା କିଜି ଇଟ୍‌ତାମାର୍ହାନ୍ । 10
ୱାନ୍ ନିଜେଦିଙ୍ଗ ଅରେନ୍ ପେରିଲୋକ୍ ଇଜି ସମାଜ୍‌ତି ୱିଜୁଜାତିଦି
ଲୋକା ଲୋଇ ପେରିପଦ୍ ପୟ୍‌ତାମାର୍ହାନ୍ । ୱାର୍ ଇଜିମାର୍ହାର୍,
"ୱାନ୍ ପେରିସାକ୍ତି ଦର୍‌ତାନ୍ ୱେଙ୍ଗ୍‌ତି ମାପୁରୁଦି ଉନ୍‌ଣ୍ତି ସାକ୍ତି ।"
11 ୱାନ୍ ଗୁଣିଆ ବିଦ୍ୟାଦାନ୍ ନାଣ୍ତ ଦିନ୍ ଆସ୍‌ସି ୱାନ୍ ସମିରୋଣ୍‌ତି
ଲୋକାଙ୍ଗ ୱାନି ୱାଲେ ବୁଲାଦେଙ୍ଗ ଇଜି ଇଟ୍‌ଟାମାର୍ହାନ୍ । 12
ମାତର୍ ପିଲିପ୍‌ପତି ମାଣ୍‌କୁ ମାପୁରୁଦି ରାଜି ମାରି ଜିସୁ କ୍ରିସ୍ତଦି
ବିସୟ୍‌ତାନ୍ ସୁସମାଚାର୍ ୱେନ୍‌ଜି, ଆୟାବାନୁ ଲୋକା ବିସ୍‌ବାସ୍
ଆତାତ୍ ମାରି ଆୟା ରାଜିଦି ଆଇମା ମେମାରି ୱିଜେରେ ଡୁବନ୍
ଅତାର୍ । 13 ନିଜେ ସିମୋନ୍ ଆୟା ସୁସମାଚାର୍‌ତୁ ବିସ୍‌ବାସ୍
କିତାନ୍ । ପିଲିପ୍‌ପତି ମାଣ୍‌କୁ ଆଡିମାର୍‌ଇ କାବାଆନି ପାଣି ନି
ନେଗେନ୍ କିନି ପାଣି ୱିଜୁ ସୁଡ଼୍‌ଜି ୱାନ୍ ଡୁବନ୍ ଅସି ପିଲିପ୍‌ପତି
ୱାଲେ ତେବାତାନ୍ । 14 ସମିରୋଣଦି ଲୋକୁ ମାପୁରୁଦି ବାକ୍ୟ
ଆସ୍‌ତାମାନାର୍ ଇଜି ଜିରୁସାଲାମ୍‌ତୁ ମାନି ପ୍ରେରିତ ସିସୁର୍
ୱେନ୍‌ଜି, ପିତର ମାରି ଜୋହନତିଙ୍ଗ ୱାରି ଲାକ୍‌ତୁ ପକ୍‌ତାନ୍ । 15
ୱାର୍ ଆବେ ଇତି ୱେନ୍‌କା ସମିରୋଣଦି ବସ୍‌ବାସିର୍ ଏଣ୍ତେସ୍
ପବିତ୍ର ଆତ୍ମା ପୟ୍‌ନାର୍, ଆୟାଉଣ୍ତିଙ୍ଗ ପାର୍‌ତନା କିତାର୍ । 16
ଇରିଙ୍ଗ ଆୟା ସାନ୍ନି ୱାରି ଲୋଇ ଏମେୱାରି ମୁସ୍‌କୁ ପବିତ୍ର
ଆତ୍ମା ରେତାଏଡ୍ ମାର୍ହାଦ୍ । ୱାର୍ କେବଲ୍ ପ୍ରବୁ ଜିସୁକ୍ରିସ୍ତଦି
ଦର୍‌ତାନ୍ ଡୁବନ୍ ଅତାମାର୍ହାର୍ । 17 ପିତର ନି ଜୋହନ ୱାରି
ମୁସ୍‌କୁ କିୟୁ ଇଟ୍‌ତି ଦାପ୍ରେ ୱାର୍ ପବିତ୍ର ଆତ୍ମା ପୟ୍‌ତାର୍ । 18
ସିମୋନ୍ ସୁଡୁତାନ୍ ଜେ, ପ୍ରେରିତ ସିସୁର୍ ବିସ୍‌ବାସିରି ମୁସ୍‌କୁ
କିୟୁ ଇଟ୍‌ତାର୍‌ଆକା ୱାର୍ ପବିତ୍ର ଆତ୍ମା ପୟ୍‌ତାର୍ । ଆବେଟ୍
ୱାନ୍ ପିତର୍ ନି ଜୋହନତିଙ୍ଗ ଡାବୁଙ୍କ ଜାସେ କିଜି ଇର୍ହାନ୍, 19
"ନାନ୍ ଆଇୱାରି ମୁସ୍‌କୁ କିୟୁ ଇଟ୍‌ତିଙ୍ଗ, ୱାର୍ ଏଣ୍ତେସ୍ ପବିତ୍ର
ଆତ୍ମା ପୟ୍‌ଦେଙ୍ଗ ଆଟ୍‌ନାର୍, ଇୟାଉଣ୍ତିଙ୍ଗ ନାଙ୍ଗ୍ ଇୟା ସାକ୍ତି
ନି ଅଦିକାର୍ ସିଦା ।" 20 ମାତର୍ ପିତର୍ ୱାନିଙ୍ଗ ଇର୍ହାନ୍,
"ନି ୱାଲେ ନି ଡାବୁଙ୍କ ଦ୍ୱଂସ ଆପିତ୍, ଇରିଙ୍ଗ ଡାବୁଦାନ୍ ନିନ୍

ମାପୁରୁଦି ଦାନ୍ କଣ୍ଡେଙ୍ଗ ଅଡ଼୍ବିତିମାନି! 21 ମା ପାଣିଦୁ ନି ଇନି
ବାଗ୍ ସିଲେତ୍ । ଇରିଙ୍ଗ ମାପୁରୁଦି ଆଗ୍ଡ଼ି ନି ଜିବନ୍ ନେଗିକା
ସିଲେତ୍ । 22 ଆଦେଙ୍ଗ ନି ଇୟା ତାଗ୍ଇ ମାଟା ଉଣ୍ଡିଙ୍ଗ ମନ୍
ଡ଼େପ୍ଆ, ଇୟାୱାଜା ବିସୟ୍ ସିନ୍ତା କିତିମାନିଙ୍ଗ ପ୍ରବୁ ଏଣ୍ଡେସ୍
କେମା କିନାନ୍, ଆୟାଉଣ୍ଡିଙ୍ଗ ପ୍ରବୁଙ୍ଗ ପାର୍ତନା କିଆ । 23
ଇରିଙ୍ଗ ନାନ୍ ସୁଡୁଜିନା ଜେ ନି ଜିବନ୍ ରିସାଦୁ ପୁରା ଆତାମାନାତ୍,
ନିନ୍ ପାପ୍ ଗାଟିଦୁ ତରାତିମାନି ।” 24 ସିମୋନ୍ ଜୋହନ ନି
ପିତର୍ତିଙ୍ଗ ଇର୍ହାନ୍, “ମିର୍ ଆମା ୱିଜୁ ଇର୍ଇଦେର୍, ଆକା
ଏଣ୍ଡେସ୍ ନା ଉଣ୍ଡିଙ୍ଗ ଗଟାଏତ୍, ଇୟାଉଣ୍ଡିଙ୍ଗ ଦୟାକିଜି ପ୍ରବୁଦି
ଆଗ୍ଡ଼ି ପାର୍ତନା କିଦୁ ।” 25 ସାକି ନି ପ୍ରବୁଦି ବାକ୍ୟ ୱେର୍ତି
ୱେନ୍କା ପିତର୍ ନି ଜୋହନ ଜିରୁସାଲାମ୍ତୁ ଡ଼େସିସର୍ହାର୍ । ଡ଼େସି
ସନି ସାରିଦୁ ୱାର୍ ସମିରୋଣଦି ଏସ ନାର୍କାଙ୍ଗ ସୁସମାଚାର୍
ପ୍ରଚାର୍ କିତାର୍ । 26 ପ୍ରବୁଦି ଅରେନ୍ ଦୁତ୍ ପିଲିପତିଙ୍ଗ ଇର୍ହାନ୍,
“ତିଆର୍ ଆଆ, ଉଣେରି ତରିନ୍ ଜିରୁସାଲାମ୍ତାନ୍ ଗାଜା ତରିନ୍
ମାନି ପେରିଜାରିଦୁ ସାଙ୍ଗଆ ।” ଆଜିକାଲି ମାରି ଆୟା ରାସ୍ତା
ବ୍ୟବ୍ହାର୍ ଆଏଜିନାତ୍ 27 ଆବେଟ୍ ପିଲିପ ନିଙ୍ଗଁତା ସର୍ହାନ୍
। ମାରି ସୁଡୁଦୁ, ଇତିଓପିଆ ଦେସ୍ତି କାଣ୍ଡାକି ଦର୍ତି ରାଣିଦି
ମାନୁ ପେରିପାଣିକିନି ପଦ୍ ପୟ୍ତି ଇତିଓପିଆଦି ପାଣିକିନିକାନ୍,
ଏନ୍ ତାନି ୱିଜୁ ଦନ୍ସମ୍ପତିଦି ସୁଣିକାନ୍ ମାର୍ହାନ୍, ୱାନ୍ ମାପୁରୁଙ୍ଗଁ
ପାର୍ତନା କିଦେଙ୍ଗ ଇଜି ଜିରୁସାଲାମ୍ତୁ ୱାତାମାର୍ହାନ୍; 28 ୱାନ୍
ୱାନି ରତଦୁ ବାସ୍ସି ଇନ୍ଡ୍ର ଡ଼େସିସଲ୍ସିମାର୍ହାନ୍ । ୱାନ୍ ରତଦୁ
ଡ଼େସିସନି ସମୟ୍ତୁ ଜିସାୟ୍ ବାବବାଦିଦି ପୁସ୍ତକ ନାଣ୍ଡ ଆଉଲି
ଆଜି ପଡ଼ାଜି ମାର୍ହାନ୍ । 29 ପବିତ୍ର ଆତ୍ମା ପିଲିପତିଙ୍ଗ ଇର୍ହାତ୍,
“ଆୟା ରତ ଲାକ୍ତୁ ସାଙ୍ଗଆ ମାରି ୱାନି ଲାକ୍ତୁ ତେବାଆ ।” 30
ଆବେଟ୍ ପିଲିପ୍ପ ଉର୍ସି ସଲ୍ସି ୱାନ୍ ଜିସାୟ୍ ବାବବାଦିଦି ବଇ
ପଡ଼ାନିକା ୱେର୍ଆନ୍ । ୱାନ୍ ୱାନିଙ୍ଗ ୱେନ୍ବାତାନ୍, “ନିନ୍ ଆମାକା
ପଡ଼ାଜିନି, ଆକା ବୁଜାଦେଙ୍ଗ ଆଟ୍ସିନିନୋ?” 31 ପାଣିକିନିକାନ୍
ଇର୍ହାନ୍, “ଅରେନ୍ ଏନ୍ ନାଙ୍ଗଁ ଇକା ବୁଜା କିଜ ସିଏତିଙ୍ଗ, ନାନ୍
ଏଣ୍ଡେସ୍ ବୁଜାଦେଙ୍ଗ ଆଟ୍ନା?” ୱାନି ୱାଲେ ରତଦୁ ବାସ୍ତେଙ୍ଗ
ଇଜି ୱାନ୍ ପିଲିପତିଙ୍ଗ କୁକ୍ତାନ୍ । 32 ୱାନ୍ ଦାର୍ମୁସାସ୍ତ୍ରଦି ଇୟା
ବାଗ୍ ପଡ଼ାଜି ମାର୍ହାନ୍: “କାଡ଼େତଙ୍ଗ ଇଜି ଅଆୟ୍ଆଜିମାନି ମେଣ୍ଡା
ୱାଜା, ବୁର୍ବୁସେଙ୍ଗ କୟ୍ନିୱାଲେ ଆଲେନିମାନି ମେଣ୍ଡା ୱାଜା
ୱାନ୍ ପଦ୍ ବା ମାଟା ଇନ୍ଏତାନ୍ । 33 ୱାନ୍ ଅପ୍ମାନ୍ ଆତାନ୍
ମାରି ନ୍ୟାୟ୍ତାନ୍ ଜିଣାଏତାନ୍ । ୱାନି କୁଟୁମ୍ତି ବିସୟ୍ତାନ୍ ଏନ୍
ଇନିକା ଇନ୍ଡ୍ରେଙ୍ଗ ଆଟ୍ଏର୍, ଇରିଙ୍ଗ ଦୁନିଆଦୁ ୱାନି ଜିବନ୍ତି
ୱିଜ୍ନିକା ଗଟାତାମାନାତ୍ ।” 34 ପାଣିକିନିକାନ୍ ପିଲିପତିଙ୍ଗ
ୱେନ୍ବାତାନ୍, “ବାବବାଦି ଏ ବିସୟ୍ତାନ୍ ୱେର୍ସିନାନ୍, ନାଙ୍ଗଁ
ଇନ୍ଆଁ । ୱାନି ନିଜେଦି ବିସୟ୍ତାନ୍ ନୋ ଆଇ ଏ ବିସୟ୍ତାନ୍?”
35 ପିଲିପ ଦାର୍ମୁସାସ୍ତ୍ରଦି ଇୟା ବାଗ୍ତାନ୍ ଆରାମ୍ କିଜି ଜିସୁଦି
ବିସୟ୍ତାନ୍ ରାସାତି ୱିଜୁ ନେଗିକାବୁର୍ ୱାନିଙ୍ଗ ୱେର୍ତାନ୍ ।
36 ୱାର୍ ପେରିଜାରିଦୁ ସଲ୍ପୁ ସଲ୍ପୁ ଉନ୍ଣ୍ଡି ଏରୁ ମାନି ଲାକ୍ତୁ
ଇତାର୍ । ପାଣିକିନିକାନ୍ ଇର୍ହାନ୍, “ଇବେ ତୋ ଏରୁ ମାନେ,
ନା ଡୁବନ୍ ଅତେଙ୍ଗ ଇଜି ଇନିକା ବାଦା ମାନାତ୍ ନୋ?” 37
ପିଲିପ ଇର୍ହାନ୍, ନିନୁ ୱିଜୁ ମନ୍ତିୱାଲେ ଜଦି ବିସ୍ବାସ୍ କିନି,
ଆତିଙ୍ଗଁ ଆନାତ୍, ଆବେଟ୍ ୱାନ୍ ଇର୍ହାନ୍, ଜିସୁ କ୍ରିସ୍ତ ଜେ ମାପୁରୁଦି
ମାରିନ୍, ଇକା ନାନୁ ବିସ୍ବାସ୍ କିଜିନା । 38 ମାରି ୱାନ୍ ରତଦିଙ୍ଗ
ନିଲପେ୍ତଙ୍ଗ ଆଦେସ୍ ସିତାନ୍, ମାରି ପିଲିପ ନି ପାଣିକିନିକାନ୍
ରିଏର୍ ଏରୁ ଲୋଇ ସର୍ହାର୍, ମାରି ପିଲିପ ୱାନିଙ୍ଗ ଡୁବନ୍ ସିତାନ୍
। 39 ୱାର୍ ଏରୁତାନ୍ ନିଙ୍ଗଜି ୱାତି ୱେନ୍କା, ପ୍ରବୁଦି ପବିତ୍ର ଆତ୍ମା
ପିଲିପତିଙ୍ଗ ଅତାତ୍ । ପାଣିକିନିକାନ୍ ମାରି ୱାନିଙ୍ଗ ସୁଡୁଦେଙ୍ଗ
ଆଟ୍ଏତାନ୍, ମାତର୍ ୱେଡ଼ିକାଦାନ୍ ପୁରା ଆଜି ୱାନି ସାରିଦୁ
ସର୍ହାନ୍ । 40 ଏସ ସମୟ୍ ୱେନ୍କା ପିଲିପ ସୁଡୁତାନ୍ ଜେ ୱାନ୍
ଅସଦୋଦ୍ତୁ ଇତାନ୍ । ଆବେଟ୍କୁ ୱାନ୍ କାଇସରିୟାଦୁ ସର୍ହାନ୍
ମାରି ସାରିଦୁ ମାନି ଗାଡ଼୍କାଙ୍ଗ ସୁସମାଚାର୍ ପ୍ରଚାର୍ କିତାନ୍ ।

9 ଇୟା ସମୟ୍ତୁ ସାଉଲ ପ୍ରବୁଦି ସିସୁରିଙ୍ଗ କାଡ଼େ୍ତଙ୍ଗ ଇଜି
ଆଦ୍ରିସ୍ କିଜି ପେରି ଜାଜକଦି ଲାକ୍ତୁ ସର୍ହାନ୍ । 2
ମାରି ଦାମାସ୍କସ୍ତି ପାର୍ତନାକିନି ଇଲ୍କାଙ୍ଗ ପ୍ରବୁଦି ୱାଲେ
ବୁଲାନିୱାରିଙ୍ଗ ପୟ୍ତିଙ୍ଗ ତର୍ସି ଜିରୁସାଲାମ୍ତୁ ଆସ୍ସି ତାତେଙ୍ଗ
ଇଜି ପେରି ଜାଜକରି ମାଣାନ୍ ସାରି ସିନି ଆକୁ ଲୋସ୍ତାନ୍ । 3
ସାଉଲ ଦାମାସ୍କସ୍ ଗାଡ଼୍ ଲାକ୍ତୁ ଇଗା ସନି ସମୟ୍ତୁ ଦାପ୍ରେ
ବାଦଡ଼୍ତାନ୍ ଉନ୍ଣ୍ଡି ଜାୟ୍ ୱାନି ସାରିବେଡ଼୍ତି କାସ୍ସି ନିଙ୍ଗଁତାତ୍
। 4 ୱାନ୍ ବୁମିଦୁ ଆର୍ତାନ୍ ମାରି ଉନ୍ଣ୍ଡି ବଲ୍ ୱେର୍ଆନ୍,
“ସାଉଲ! ସାଉଲ! ନିନ୍ ଏନ୍ବା ନାଙ୍ଗଁ ତାଡ଼ନା କିଜିନି?” 5 ୱାନ୍
ଇର୍ହାନ୍, “ପ୍ରବୁ, ନିନ୍ ଏନ୍?” ମାରିଡ଼େସି ଆୟା ବଲ୍ ୱାତାତ୍,
“ନିନ୍ ଏଙ୍ଗଁ କାସ୍ଟ କିଜିନି, ନାନ୍ ଆୟା ଜିସୁ । 6 ନିଙ୍ଗଆ, ଗାଡ଼୍ତୁ
ସାଙ୍ଗଆ, ଇନିକା କିଦେଙ୍ଗ ଆନାତ୍, ଆବେ ନିଙ୍ଗଁ ୱେର୍ନା ସିନା
।” 7 ସାଉଲତି ୱାଲେ ଅର୍ସେ ସନିକାର୍ କାବାଆଜି ତେବାତା
ସର୍ହାର୍; ୱାର୍ ଆୟା ବଲ୍ ୱେର୍ଆର୍, ମାତର୍ ଏଙ୍ଗ ସୁଡୁଦେଙ୍ଗ
ଆଟ୍ଏତାର୍ । 8 ସାଉଲ ବୁମିଦାନ୍ ନିଙ୍ଗଜି କାଣୁକୁ ରେତାନ୍,
ମାତର୍ ୱାନିଙ୍ଗ ଇନିକା ତର୍ଏତାତ୍ । ଆବେଟ୍ ୱାର୍ ୱାନି କିୟୁ
ଆସ୍ସି ଦାମାସ୍କସ୍ ସାନ୍ଦି ସାରି ତର୍ସି ଅତାର୍ । 9 ମୁନେନ୍ ସାନ୍ଦି
ୱାନ୍ ସୁଡୁଦେଙ୍ଗ ଆଟ୍ଏତାନ୍ ମାରି ଆୟା ସମୟ୍ତୁ ଉଣୁଏତାନ୍
। 10 ଦାମାସ୍କସ୍ତୁ ହନନିୟ୍ ଦର୍ତି ଅରେନ୍ ସିସୁ ମାର୍ହାନ୍ ।
ୱାନ୍ ଉନ୍ଣ୍ଡି ଦର୍ସନ୍ ପୟ୍ତାନ୍, ପ୍ରବୁ ୱାନିଙ୍ଗ ଇର୍ହାନ୍, “ହନନିୟ୍!”
ୱାନ୍ ଇର୍ହାନ୍, “ଏ ପ୍ରବୁ ଇନ୍ଆଁ ।” 11 ପ୍ରବୁ ଇର୍ହାନ୍, “ତିଆର୍
ଆଆ । ସିଦା ଦର୍ତି ପେରିଜାରି ଆସ୍ସି ଜିହୁଦାଦି ଇଲୁଦୁ
ସାଙ୍ଗଆ । ଆବେ ତାର୍ସସ୍ତାନ୍ ୱାତିମାନି ସାଉଲ ଦର୍ତି ଅରେନ୍
ଲୋକ୍ତିଙ୍ଗ ପୟ୍ଆ । ୱାନ୍ ପାର୍ତନା କିଜିନାନ୍ । 12 ହନନିୟ୍
ଦର୍ତି ଅରେନ୍ ଲୋକୁ ୱାଜି ୱାନି ମୁସ୍କୁ କିୟୁ ଇଟ୍ତିଙ୍ଗ, ୱାନ୍
କାଣୁକୁ ସୁଣାନ୍ ଇଜି ଦର୍ସନ୍ ପୟ୍ତାମାନାନ୍ ।” 13 ହନନିୟ୍
ଇର୍ହାନ୍, “ପ୍ରବୁ, ଇୟା ଲୋକୁ ଜିରୁସାଲାମ୍ତୁ ନି ବିସ୍ବାସି ଲୋକା
ଉଣ୍ଡିଙ୍ଗ ଏମେ କାସ୍ଟଦି ପାଣି ୱିଜୁ କିତାମାନାନ୍, ଆୟା ବିସୟ୍ତାନ୍

ନାଣ୍ତ ଲୋକୁ ନାଙ୍ଗୁଁ ୱେର୍‌ତାମାନାର୍ । 14 ମାରି ୱାନ୍ ପେରି
ଜାଜକରି ମାଣ୍‌କୁ ଅଦିକାର୍ ଆକୁ ତାସି, ଦାମାସ୍‌କସ୍‌ତୁ ନି
ପାର୍‌ତନା କିନିୱାରିଙ୍ଗ୍ ଆସ୍‌ସି ଅତେଙ୍ଗ୍ ଇଜି ୱାତାମାନାନ୍ ।” 15
ପ୍ରବୁ ୱାନିଙ୍ଗ୍ ଇର୍ହାନ୍, “ସାଙ୍ଗ୍ଆ, ଅଣଜିହୁଦି ମାରି ରାଜା ମାରି
ଇସ୍ରାଏଲ୍‌ତି ଲୋକା ଆଗ୍‌ଡ଼ି, ନା ଦର୍ ୱେର୍‌ତେଙ୍ଗ୍ ଇଜି ମାରି
ନା ସେବା କିଦେଙ୍ଗ୍ ନାନ୍ ୱାନିଙ୍ଗ୍ ଆସ୍‌କିତାମାନା । 16 ନା
ଉଣ୍ତିଙ୍ଗ୍ ୱାନ୍ ଏମେ ଦୁକ୍ ପୟ୍‌ନାନ୍, ନାନ୍ ନିଜେ ୱାନିଙ୍ଗ୍ ୱେର୍‌ନା
।” 17 ହନନିୟ୍ ସର୍ହାନ୍, ସାଉଲ ମାନି ଇଲୁଦୁ ଡୁଗୁଜି ୱାନି
ମୁସ୍‌କୁ କିୟୁ ଇଟ୍‌ତାନ୍ । ୱାନ୍ ଇର୍ହାନ୍, “ତଡ଼ାନ୍‌କୁ ସାଉଲ, ଇବେ
ୱାନି ସାରିଦୁ ଏମେ ପ୍ରବୁ ଜିସୁ ନିଙ୍ଗୁଁ ଦର୍ସନ୍ ସିତାନ୍, ୱାନ୍ ନାଙ୍ଗୁଁ
ପକ୍‌ତାମାନାନ୍, ଏଣ୍ତେସ୍‌ମାରି ଡ଼େସି ନିନ୍ କାଣୁକୁ ସୁଡ଼େ୍‌ଦଙ୍ଗ୍
ଆଟ୍‌ନି ମାରି ପବିତ୍ର ଆତ୍ମାଦୁ ପୁରା ଆନି ।” 18 ଆୟାଦାପ୍ରେ
ସାଉଲତି କାଣ୍‌କାଣ୍‌କୁ ମିନିଦି ସପା ୱାଜା ଏସ ଆରେ୍‌ତ ମାରି
ୱାନ୍ ମାରିଅରର୍ସୁ ସୁଡ଼େ୍‌ଦଙ୍ଗ୍ ଆଟ୍‌ତାନ୍ । ୱାନ୍ ନିଙ୍ଗ୍‌ଜି ଡୁବନ୍
ଅତାନ୍ । 19 ମାରି ଉଣୁଜି ସାକ୍ତି ପୟ୍‌ତାନ୍ । ସାଉଲ ସିସୁରି
ୱାଲେ ଦାମାସ୍‌କସ୍‌ତୁ ଏସ ଦିନ୍ ତେବାତାନ୍ । 20 ୱାନ୍ ସିଦା
ପାର୍‌ତନାକିନି ଇଲ୍‌କାଙ୍ଗ୍ ସଲ୍‌ସି, ଜିସୁ ଜେ ମାପୁରୁଦି ମାରିସି,
ଇୟା ମାଟା ପ୍ରଚାର୍ କିଦେଙ୍ଗ୍ ଆସ୍‌ତାନ୍ । 21 ଏମେକାର୍ ୱାନି
ମାଟା ୱେର୍‌ଆର୍, ୱାର୍ କାବାଆଜି ୱେନ୍‌ବାତାର୍, “ଜିରୁସାଲାମ୍‌ତୁ
ଜିସୁ ଦର୍‌ତି ଲୋକ୍‌ତି ପାର୍‌ତନା କିନିୱାରିଙ୍ଗ୍ ଏମେ ଲୋକୁ କାଡ୍‌ସି
ମାର୍ହାନ୍, ଇକାନ୍ ଇନିକା ଆକାନ୍ ଆଏନ୍ ନୋ? ୱାରିଙ୍ଗ୍ ପେରି
ଜାଜକରି ଲାକ୍‌ତୁ ଆସ୍‌ସି ଅନି ଉଦେସ୍‌ତାନ୍ ୱାନ୍ ଇନିକା ଇବେ
ରେଏନ୍ ମାର୍ହାନ୍ ନୋ?” 22 ମାତର୍ ସାଉଲ ପ୍ରଚାର୍ ନାଣ୍ତ ସାକ୍ତି
ମାର୍ହାତ୍, ଜିସୁ ଜେ ମସିହ, ଇୟା ବିସୟ୍‌ତାନ୍ ୱାନି ପାର୍‌ମାଣ୍
ନିସା ଜିଦ୍ ମାର୍ହାତ୍ ଜେ ଦାମାସ୍‌କସ୍‌ତୁ ବାସାଜି ମାନି ଜିହୁଦିର୍
ୱାନି ଇନି ମାଟାଦି ଉତର ସିଦେଙ୍ଗ୍ ଆଟ୍‌ଏର୍ ମାର୍ହାର୍ । 23 ନାଣ୍ତ
ଦିନ୍ ଆତି ୱେନ୍‌କା ଜିହୁଦିର୍ ଉଣ୍ତାଜି ସାଉଲତିଙ୍ଗ୍ ଡାକେ୍‌ତଙ୍ଗୁଁ ଇଜି
ଉପାୟା କିତାର୍, 24 ମାତର୍ ସାଉଲ ୱାରି ଉପାୟ୍ ନେସ୍‌ତେଙ୍ଗ୍
ଆଟ୍‌ତାନ୍ । ୱାନିଙ୍ଗ୍ କାଡେ୍‌ତଙ୍ଗ୍ ଇଜି ୱେଡ଼େ ନାଡ଼ା ୱାର୍ ଗାଡ଼୍‌ତି
ଦୁଆର୍ ୱିଜୁ କାପ୍‌କିଜି ତେବାତାର୍ । 25 ମାତର୍ ଅରେ୍‌ଲନ୍ ନାଡ଼ା
ସାଉଲତି ସିସୁର୍ ୱାନିଙ୍ଗ୍ ଉନ୍‌ଣ୍ତି ଦାଉଣିକାଦୁ ଇଡ୍‌ଜି ଗଡାଦି
ଉନ୍‌ଣ୍ତି ରେଆତି ସାରି ସିଜି ଆଡ୍‌ଗି ରେପ୍‌ତା ସିତାର୍ । 26
ସାଉଲ ଜିରୁସାଲାମ୍‌ତୁ ସଲ୍‌ସି ସିସୁରି ୱାଲେ ମିସାଦେଙ୍ଗ୍ ସେସ୍ଟା
କିତାନ୍ । ମାତର୍ ୱାନ୍ ସିସୁ ଇଜି ୱାର୍ ମୁଟେ ବିସ୍‌ବାସ୍ କିଏତାର୍
। ୱିଜେରେ ୱାନିଙ୍ଗ୍ ତିଲାଜି ମାର୍ହାର୍ । 27 ମାତର୍ ବର୍ଣ୍ଣବା
ୱାନିଙ୍ଗ୍ ପ୍ରେରିତ ସିସୁରି ଲାକ୍‌ତୁ ଅସି ଦାମାସ୍‌କସ୍ ସାରିଦୁ ସାଉଲ
ଏଣ୍ତେସ୍ ପ୍ରବୁଦି ଦର୍ସନ୍ ପୟ୍‌ତାମାର୍ହାନ୍ ମାରି ପ୍ରବୁ ଏଣ୍ତେସ୍ ୱାନିଙ୍ଗ୍
ମାଟା ଇର୍ହାମାର୍ହାନ୍, ଇୟାୱିଜୁ ବିସୟ୍ ୱାରିଙ୍ଗ୍ ବୁଜାକିଜି ଇର୍ହାନ୍
। ଦାମାସ୍‌କସ୍‌ତୁ ଜିସୁଦି ଦର୍‌ତାନ୍ ସାଉଲ ଏଣ୍ତେସ୍ ତିଲାଏଣ୍ତା
ପ୍ରଚାର୍ କିତାମାର୍ହାନ୍, ୱାରିଙ୍ଗ୍ ନେଗେନ୍ କିଜି ବୁଜାକିଜି ଇର୍ହାନ୍ ।
28 ଇୟା ୱେନ୍‌କା ସାଉଲ ପ୍ରେରିତ ସିସୁରି ୱାଲେ ତେବାତାନ୍
ମାରି ଜିରୁସାଲାମ୍‌ତି ସାରିବେଡ଼୍‌ତି ସଲ୍‌ସି ସାହାସ୍‌ତାନ୍ ପ୍ରବୁଦି
ଦର୍‌ତାନ୍ ପ୍ରଚାର୍ କିତାନ୍ । 29 ଇୟାୱିଜୁ ବିସୟ୍‌ତାନ୍ ୱାନ୍
ଗ୍ରିକ୍ ବାସାଦି ଜିହୁଦିର୍ ୱାଲେ ବା ଆସ୍‌ସିସାତାର୍, ମାତର୍ ୱାର୍
ୱାନିଙ୍ଗ୍ ଡାକେ୍‌ତଙ୍ଗୁଁ ସେସ୍ଟା କିତାର୍ । 30 ବିସ୍‌ବାସି ତଡ଼ାନ୍‌କୁ
ଇୟା ମାଟା ନେସ୍‌ସି; ସାଉଲତିଙ୍ଗ୍ କାଇସରିଆଦୁ ଅତାର୍ ମାରି
ଆବେଣାନ୍ ୱାନିଙ୍ଗ୍ ତାର୍ସସ୍‌ତୁ ପକ୍‌ତାର୍ । 31 ଜିହୁଦା, ଗାଲିଲି
ମାରି ସମିରୋଣଦୁ ମାନି କ୍ରିସ୍ଟିୟାନ୍ ମଣ୍ତଲିଙ୍ଗୁଁ ଉଣ୍ତିଙ୍ଗ୍ ଆୟା
ସମୟ୍‌ତି ଦିନ୍ ସାନ୍ତି ମାର୍ହାତ୍, ମାରି ପବିତ୍ର ଆତ୍ମାଦି ସାକ୍ତିଦାନ୍
ୱାରି ଲୋକୁ ନାଣ୍ତ ଆତାର୍ ମାରି ୱାର୍ ଡାଟ୍ ଆତାର୍ । ବିସ୍‌ବାସିର୍
ପ୍ରବୁଦି ଉଣ୍ତିଙ୍ଗ୍ ମାନାଜି ଜିବନ୍ କାଟେ କିତାର୍ । 32 ପିତର ନାଣ୍ତ
ଜାଗେଆଙ୍ଗୁଁ ବୁଲାଜି ବୁଲାଜି ଅରେ୍‌ଲନ୍ ଲୁଦାଦୁ ବାସାଜିମାନି
ବିସ୍‌ବାସିରି ଲୋକାଙ୍ଗ୍ ମିସାଦେଙ୍ଗ୍ ୱାତାନ୍ । 33 ଆବେନୁ ଏନିୟ୍
ଦର୍‌ତି ଅରେନ୍ ଲୋକ୍‌ତିଙ୍ଗ୍ ବେଟ୍‌ବୁଡ଼ାତାନ୍ । ୱାନ୍ କୁସ୍ଟ ରୋଗ୍‌ତୁ
ଆସାଇ ଆଜି ଆଟେ୍‌ଗାଟା ବାର୍ସେକ୍ ଆସ୍‌ସି କାଟେଲ୍‌ତାନ୍
ନିଙ୍ଗୁଁଦେଙ୍ଗ୍ ଆଟ୍‌ଏଜି ମାର୍ହାନ୍ । 34 ପିତର ୱାନିଙ୍ଗ୍ ଇର୍ହାନ୍,
“ଏନିୟ୍, ଜିସୁ କ୍ରିସ୍ତ ନିଙ୍ଗୁଁ ନେଗେନ୍ କିତାମାନାନ୍ । ନିଙ୍ଗୁଁଆ, ନି
ଟାଟି ରସ୍‌ଆ ।” ଆୟାଦାପ୍ରେ ଏନିୟ୍ ନିଙ୍ଗୁଁତାନ୍ । 35 ଇକା ସୁଡ଼୍‌ଜି
ଲୁଦା ନି ସାରୋଣଦୁ ବାସାକିଜିମାନି ଲୋକୁ ୱିଜେରେ ପ୍ରବୁଦି
ଲାକ୍‌ତୁ ଡ଼େସି ୱାତାର୍ । 36 ଜପାଦୁ ଟବିତା ଦର୍‌ତି ଅରେତ୍
ବିସ୍‌ବାସିନି ଆଇମା ବାସାଜି ମାର୍ହାତ୍ । ତାନି ଗ୍ରିକ୍ ଦର୍ ଦର୍କାସ୍
ଅର୍ଥାତ୍ “ବନ୍ ଗରିଆ” ମାର୍ହାତ୍ । ୱାଦ୍ ତାନି ୱିଜୁ ସମୟ୍ ନେଗି
ପାଣିଦୁ ମାରି କାକୁର୍ତି ଲୋକାଙ୍ଗ୍ ସେବା କିନିମାନି ସମୟ୍ ସିଜି
ମାର୍ହାତ୍ । 37 ଆୟା ସମୟ୍‌ତୁ ନବ୍ ଆଜି ୱାଦ୍ ସାତା ସର୍ହାତ୍
। ତଡ୍‌କୁ ତାନି ମେନ୍ବଲ୍‌ତିଙ୍ଗ୍ ଇବିସ୍ କିଜି ମୁସ୍‌କୁରି ମହଲାଦୁ
ତେରେପେ୍‌ତ । 38 ଜପା ଲୁଦାଦାନ୍ ଆକ ସିଲେତାତ୍ । ପିତର
ଲୁଦାଦୁ ମାନାନ୍ ଇଜି ୱେନ୍‌ଜି, ଜପାଦୁ ମାନି ବିସ୍‌ବାସିର୍ ରିଏର୍
ଲୋକାଙ୍ଗ୍ ୱାନି ଲାକ୍‌ତୁ ଇନ୍‌ଞ୍ଜି ପୋକ୍‌ତାର୍, “ଦୟା କିଜି ବେଗି
ମା ଲାକ୍‌ତୁ ରାଆ ।” 39 ପିତର ତିଆର୍ ଆଜି ୱାରି ୱାଲେ ସର୍ହାନ୍
। ଆବେ ଇତି ଦାପ୍ରେ ଲୋକୁ ୱାନିଙ୍ଗ୍ ମୁସ୍‌କୁରି ମହଲାଦୁ ଅତାର୍
। ଆବେ ରାଣ୍ତିଆଇମେକ୍ ତାନିଙ୍ଗ୍ କେର୍‌ବିତେନ ଆଡ୍‌ବାଜି
ଆଡ୍‌ବାଜି ଦର୍କାସ୍ ଜିଜିମାନି ୱାଲେ ଗୁଚ୍‌ତି ମାର୍‌ଇ ଆଙ୍ଗୁଁଙ୍ଗ୍ ମାରି
ୱାତିଙ୍ଗ୍‌ୱିଜୁ ୱାନିଙ୍ଗ୍ ତରେ୍‌ତ । 40 ପିତର ୱିଜେରିଙ୍ଗ୍ ବାକ୍‌ରାଦାନ୍
ଆତ୍‌ରେ ସପ୍‌ତାନ୍ ମାରି ମେଣ୍ତେଙ୍ଗୁଁ ଗଟ୍‌କିଜି ପାର୍‌ତନା କିତାନ୍
। ତାନିୱେନ୍‌କା ୱାନ୍ ଦାର୍କାସ୍‌ତି ସାତି ମେନ୍ବଲ୍ ତରିନ୍ ସୁଡ଼୍‌ଜି
ଇର୍ହାନ୍, “ଟବିତା, ନିଙ୍ଗୁଁଆ!” ଦର୍କାସ୍ କାଣୁକୁ ରେତାତ୍ ମାରି
ପିତରତିଙ୍ଗ୍ ସୁଡ଼୍‌ଜି ନିଙ୍ଗ୍‌ଜି ବାସ୍‌ତାତ୍ । 41 ପିତର କିୟୁ ପେର୍‌ଜି
ତାନିଙ୍ଗ୍ ଜିବନ୍ କିଜି ନିକ୍‌ତାନ୍ । ୱେନ୍‌କା ଉଣ୍ତାତି ମାର୍‌ଇ ୱିଜୁ
ବିସ୍‌ବାସି ନି ରାଣ୍ତିଆଙ୍ଗୁଁ କୁକ୍‌ସି ଦର୍କାସ୍‌ତିଙ୍ଗ୍ ୱାରି କିୟୁଦୁ ସର୍ପେ
କିତାନ୍ । 42 ଇୟା କାବୁର୍ ଜପାଦି ୱିଜୁ ତରିନ୍ ୱେଙ୍ଗୁଁତାତ୍ ମାରି
ନାଣ୍ତ ଲୋକୁ ପ୍ରବୁଙ୍ଗୁଁ ବିସ୍‌ବାସ୍ କିତାର୍ । 43 ପିତର ନାଣ୍ତ ଦିନ୍

ସାନ୍ଧି ଜପାଦୁ ସିମୋନ ଦର୍‌ତି ଅରେନ୍ ତଲ୍‌କୁପାଣିକିନି ଇଲ୍‌ତୁ
ତେବାତାନ୍ ।

**10** କାଇସରିଆଦୁ ବାସାନି କର୍ଣ୍ଣିଲିୟ "ଇଟାଲିଦି ବାହିନି"
ଦର୍‌ତି ରମିୟ ସୈନ୍ୟରି ସେନାପତି ମାର୍‌ହାନ୍ । 2 ୱାନ୍
ଅରେନ୍ ଦାର୍ମୁ ଲୋକୁ ମାର୍‌ହାନ୍ । ୱାନ୍ ମାରି ୱାନି ଇଲୁଦି ୱିଜେରେ
ମାପୁରୁଙ୍ଗ୍‌ ପାର୍‌ତନା କିଜିମାର୍‌ହାର୍ । ୱାନ୍ କାକୁର୍ତି ଜିହୁଦି ଲୋକାଦି
ନେଗି ଉଣ୍ତିଙ୍ଗ ନାଣ୍ତୁ ପାଣି କିଜି ମାର୍‌ହାନ୍ ମାରି ଦିନାମି ମାପୁରୁମାନୁ
ପାର୍‌ତାନା କିଜିମାର୍‌ହାନ୍ । 3 ଅର୍‌ଲେନ୍ ୱେଡ଼ାରେନି ତିନ୍ ଗଣ୍ଟା
ସମୟ୍‌ତୁ ୱାନ୍ ଉନ୍‌ଣ୍ତି ଦର୍ସନତୁ ନେଗେନ୍ ସୁଡୁତାନ୍ ଜେ ମାପୁରୁଦି
ଦୁତ୍ ୱାଜି ୱାନିଙ୍ଗ କୁକ୍‌ସିନାନ୍, "କର୍ଣ୍ଣିଲିୟ ।" 4 ୱାନ୍ ତିଲାଜି
ଦୁତ୍‌ତି ତରିନ୍ ସୁଡ଼୍‌ଜି ଇର୍‌ହାନ୍, "ଏ ପ୍ରବୁ ଇନିକା?" ଦୁତ୍ ଇର୍‌ହାନ୍,
"ମାପୁରୁ ନି ପାର୍‌ତାନା ନି ଦାନ୍‌ସିନିମାନୁ ୱେଡ଼ିକା ଆତାମାନାନ୍
ମାରି ତେନି ବାଦ୍‌ଲୁ ସିଦେଙ୍ଗ ଇଜି ତିଆର୍ ମାନାନ୍ । 5 ଇଲେଇ
ସିମୋନ ପିତର ଦର୍‌ତି ଅରେନ୍ ଲୋକ୍‌ତିଙ୍ଗ କୁକ୍‌ସ ତାତେଙ୍ଗ
ଇଜି ଜପାଦୁ ଲୋକାଙ୍ଗ ପକ୍‌ଆ । 6 ୱାନ୍ ସାମ୍‌ଦୁର୍ ପାଡ଼ି
ବାସାଜିମାନି ସିମୋନ ଦର୍‌ତି ତଲ୍‌ପାଣିକିନିୱାନି ଇଲୁଦୁ ମାନାନ୍
।" 7 ଇକା ଇଜି ଦୁତ୍ ସର୍‌ହାନ୍ । କର୍ଣ୍ଣିଲିୟ ୱାନି ଇଲ୍‌ତି ରିଏର୍
ସାକର୍ ନି ସନ୍ୟ ପାଣିକିନିୱାରି ଲୋଇ ଅରେନ୍ ଦାର୍ମୁ ଲୋକାଙ୍ଗ
କୁକିସ୍‌ତାନ୍ । 8 ୱାନ୍ ୱାରିଙ୍ଗ ୱିଜୁ ଗଟଣା ୱେର୍‌ସି ଜପାଦୁ
ପକ୍‌ତାନ୍ । 9 ମାରିନାଣ୍ତିଙ୍ଗ ମାଦ୍‌ଲାମ୍ ୱେଡ଼ାଦୁ ୱାର୍ ଜପାଦି
ଲାକ୍‌ତୁ ଆନିୱାଲେ, ପିତର ପାର୍‌ତନା କିଦେଙ୍ଗ ଇଜି ସାତ୍ ମୁସ୍‌କୁ
ସର୍‌ହାମାର୍‌ହାନ୍ । 10 ୱାନ୍ ବାଙ୍ଗ୍‌ ସାଜି ଉଣ୍ତେଙ୍ଗ ବଦା କିତାନ୍
ମାରି କାଦି ଆନି ସମୟ୍‌ତୁ ୱାନ୍ ଉଣ୍ତି ଦର୍ସନ୍ ପୟ୍‌ତାନ୍ । 11
ୱାନ୍ ସୁଡୁତାନ୍, ବାଦଡ଼୍ ରେଆତାମାନାଡ଼୍ ମାରି ଉଣ୍ତି ପେରି
ସାଦର୍ ନାଲ୍‌ଗି କନାଦାନ୍ ଡ଼ଆଇ ଆଜି ଦୁନିଆଦି ମୁସ୍‌କୁ ଆର୍‌ଜି
ୱାଜିନାଡ଼୍ । 12 ଆବେନୁ ଦୁନିଆଦି ବେସି ରକମ୍‌ତି ଜାତୁ,
ଉଜ୍‌ନିକେଙ୍ଗ ମାରି ବାଦଡ଼୍‌ତି ପଟିଙ୍ଗ୍‌ ମାନେ । 13 ମାରି ୱାନ୍
ଉଣ୍ତି ବଲ୍ ୱେର୍‌ଆନ୍, "ପିତର! ନିଙ୍ଗ୍‌ଆ, ଡାକ୍‌ସ ତିନ୍‌ଆ!" 14
ମାତର୍ ପିତର ଇର୍‌ହାନ୍, "ସିଲେ ପ୍ରବୁ, ନାନ୍ ଆଟ୍‌ଏ! ନାନ୍ ଏସାଙ୍ଗ
ଇନି ଟାଗ୍‌ଇକା ନି ଅପବିତ୍ର ଜିନିସ୍ ତିନ୍‌ଏ ।" 15 ମାରି ଉଣ୍ତି
ଦେବା ୱାନ୍ ୱେର୍‌ଆନ୍; "ମାପୁରୁ ଆମାକା ପବିତ୍ର କିତାମାନାନ୍,
ନିନ୍ ତାନିଙ୍ଗ ଅପବିତ୍ର ଅଡ଼୍‌ବିମା ।" 16 ମୁଜା ଇୟାୱାଜା ଆନି
ୱେନ୍‌କା, ସାଦର୍‌ତିଙ୍ଗ ମୁସ୍‌କୁପୁର୍‌ତୁ ପେର୍‌ଜି ଅଆୟ୍ ଆତାଡ଼୍ ।
17 ପିତର ୱାନି ଦର୍ସନ୍‌ତି ଅର୍ଟ ମାଟା ଅଡ଼୍‌ବିଜି କାବା ଆତାନ୍ ।
ଇୟା ୱେଡ଼ାଦୁ, କର୍ଣ୍ଣିଲିୟ ଏମେୱାରିଙ୍ଗ ପକ୍‌ତାମାର୍‌ହାନ୍, ୱାର୍
ସିମୋନତି ଇଲୁଦିଙ୍ଗ୍‌ ପୟ୍‌ଜି ଗେଟ୍ ଲାକ୍‌ତୁ ନିର୍‌ହା ମାର୍‌ହାର୍ । 18
ୱାର୍ ୱେନ୍‌ବାତାର୍, "ସିମୋନ ପିତର ଦର୍‌ତିକାନ୍ ଇବେ ଅରେନ୍
କୁଡ଼ାଏନ୍ ମାନାନ୍ ନୋ?" 19 ପିତର ଆୟା ସାନ୍ଧି ଦର୍ସନ୍‌ତି ଅର୍ଟ
ବୁଜାଦେଙ୍ଗ ଇଜି ସେସ୍ଟା କିଜିମାର୍‌ହାନ୍, ଆୟା ସମୟ୍‌ତୁ ଆତ୍ମା
ଇର୍‌ହାଡ଼୍, "ସୁଡ଼୍‌ଆ, ଇବେ ମୁଏର୍ ଲୋକୁ ନିଙ୍ଗ୍‌ ପୟ୍‌ଜିନାର୍ । 20
ତିଆର୍ ଆଜି ଆଡ଼୍‌ଗି ସାଙ୍ଗ୍‌ଆ ମାରି ୱାରିୱାଲେ ସନ୍‌ଦେଡ୍ରଙ୍ଗ୍‌ ଇଜି
ଅଡ଼୍‌ବିଏଣ୍ଗା, ଇରିଙ୍ଗ ନାନ୍ ୱାରିଙ୍ଗ୍‌ ପକ୍‌ତାମାନା ।" 21 ପିତର
ଆଡ଼୍‌ଗି ସଲ୍‌ସି ଆୟା ଲୋକାଙ୍ଗ ଇର୍‌ହାନ୍, "ମିର୍ ଏମେୱାନିଙ୍ଗ
ପୟ୍‌ଜିନିଦେର୍, ନାନ୍ ଆକାନ୍ । ମିର୍ ଏନ୍ଦା ୱାତିମାନିଦେର୍?"
22 ୱାର୍ ଇର୍‌ହାର୍, "ସେନାପତି କର୍ଣ୍ଣିଲିୟା ମାଙ୍ଗ୍‌ ପକ୍‌ତାମାନାନ୍
। ୱାନ୍ ଅରେନ୍ ଦାର୍ମୁଦି ଲୋକୁ । ୱାନ୍ ମାପୁରୁଙ୍ଗ୍‌ ଆରାଦନା
କିନାନ୍ ମାରି ଜିହୁଦିର୍ ୱିଜେରେ ୱାନିଙ୍ଗ ମାନାନାର୍ । ନିଙ୍ଗ୍‌
ୱାନି ଇନ୍‌ଡ୍ର କୁକ୍‌ସି ଅସିନି ସିକିୟା ୱେନ୍‌ଦେଡ୍ରଙ୍ଗ ଇଜି ମାପୁରୁଦି
ଅରେନ୍ ପବିତ୍ର ଦୁତ୍ ୱାନିଙ୍ଗ ଆଦେସ୍ ସିତାମାନାନ୍ ।" 23 ପିତର
ୱାରିଙ୍ଗ ଲୋଇ କୁକ୍‌ସି ଅସି ଆୟା ନାଡ଼ା ଆବେ ତେବାଦେଙ୍ଗ ଇଜି
ବାତିଙ୍ଗ ମାଲିତାର୍ । ମାରିନାଣ୍ତିଙ୍ଗ ୱାନ୍ ତିଆର୍ ଆଜି ୱାରିୱାଲେ
ସର୍‌ହାନ୍ । ଜପାଦୁ ଏସ ବିସ୍‌ବାସି ତଡ଼ାନ୍‌କୁ ବା ୱାନିୱାଲେ
ଅର୍‌ସେ ସର୍‌ହାର୍ । 24 ମାରିନାଣ୍ତିଙ୍ଗ ୱାର୍ ସିସେରିଆଦୁ ଇତାର୍ ।
ଆବେ କର୍ଣ୍ଣିଲିୟ ୱାନି ପାଡ଼୍‌କାଦି ସଙ୍ଗ ନି ନିଜେଦି ଲୋକାୱାଲେ
ପିତରତିଙ୍ଗ କାପ୍‌କିଜି ମାର୍‌ହାର୍ । 25 ପିତର ଲୋଇ ସନିୱାଲେ
କର୍ଣ୍ଣିଲିୟ ୱାନିଙ୍ଗ ତରାଜି ୱାନି ପାଦାମ୍ ଆଡ଼୍‌ଗି ଆର୍‌ଜି ମାଡ଼ିସ୍
କିତାନ୍ । 26 ମାତର୍ ପିତର ୱାନିଙ୍ଗ ନିକ୍‌ସି ଇର୍‌ହାନ୍, "ନିଙ୍ଗ୍‌ଆ,
ନାନ୍ ନିଜେ ଅରେନ୍ ଲୋକୁ ।" 27 ପିତର କର୍ଣ୍ଣିଲିୟ ୱାଲେ
ୱାର୍‌ଗିବୁ ୱାର୍‌ଗିବୁ ଇଲୁ ଲୋଇ ଡୁଗିତାର୍ ମାରି ଆବେ ନାଣ୍ତୁ
ଲୋକାଙ୍ଗ ଉଣ୍ତାନି ମାନିକା ସୁଡୁତାନ୍ । 28 ୱାନ୍ ୱାରିଙ୍ଗ ଇର୍‌ହାନ୍,
"ମିର୍ ନେଗେନ୍ କିଜି ନେସ୍‌ନିଦେର୍, ଅରେନ୍ ଜିହୁଦି ୱାନି ଦାର୍ମୁ
ବିସ୍‌ବାସ୍ ଇସାବ୍‌ତାନ୍ ଅଣଜିହୁଦି ଲୋକା ୱାଲେ ମିସାବିଡ଼ା
କିଦେଙ୍ଗ ଆଟ୍‌ଏନ୍ । ମାତର୍ ମାପୁରୁ ନାଙ୍ଗ୍‌ ୱେର୍‌ତାମାନାନ୍,
ଏଙ୍ଗ୍‌ ଟାଗ୍‌ଇକା ନି ଅପବିତ୍ର ଅଡ଼୍‌ବିନିକା ନେଗେଡ୍ ସିଲେ ।
29 ଆଦେଙ୍ଗ ମିର୍ ଏସ୍ତିୱାଲେ ନାଙ୍ଗ୍‌ କୁକିସ୍‌କିତି, ନାନ୍ ଇନିକା
ଅଡ଼୍‌ବିଏଣ୍ତା ୱାତା । ନାନ୍ ନେସ୍‌ତେଙ୍ଗ ବଦା କିନା, ନିନ୍ ଏନ୍ଦା
ନାଙ୍ଗ୍‌ କୁକିସ୍‌କିତି?" 30 କର୍ଣ୍ଣିଲିୟ ଇର୍‌ହାନ୍, "ମୁନ୍‌ଡ୍ରିଦିନ୍ ଆଗ୍‌ଡ଼ି
ପୁରା ଇୟା ବେଡ଼ାଦୁ ୱେଡ଼ାରେନି ମୁନ୍‌ଡ୍ରି ଗଣ୍ଟା ସମୟ୍‌ତୁ ନାନ୍ ନା
ଇଲୁଦୁ ପାର୍‌ତନା କିଜିମାର୍‌ହା । ଆୟାଦାପ୍ରେ ଅଡ଼ିନିଆଙ୍ଗ୍‌ ଆରାତି
ଅରେନ୍ ଲୋକୁ ନା ଆଗ୍‌ଡ଼ି ନିଲ୍‌ସି ଇର୍‌ହାନ୍; 31 କର୍ଣ୍ଣିଲିୟ! ମାପୁରୁ
ନି ପାର୍‌ତାନା ୱେର୍‌ହାମାନାନ୍ ମାରି ନିନ୍ କାକୁର୍ତି ଲୋକାଙ୍ଗ ସେବା
କିନିକା ସୁଡୁତା ମାନାନ୍ । 32 ସିମୋନ ପିତର ଦର୍‌ତି ଅରେନ୍
ଲୋକ୍‌ତିଙ୍ଗ ତାତେଙ୍ଗ ଇଜି ଜପାଦୁ ଲୋକାଙ୍ଗ ପକ୍‌ଆ । ୱାନ୍
ସାମ୍‌ଦୁର୍ ପାଡ଼ି ତେବାତିମାନି ତଲ୍‌ପାଣି କିନି ସିମୋନ ଇଲୁଦୁ
କୁଡ଼ାଏନ୍ ଆତାମାନାନ୍ । 33 ଆଦେଙ୍ଗ ବେଗି ବେଗି ନାନ୍ ନିଙ୍ଗ୍‌
କୁକିସ୍‌କିତା ମାରି ନିନ୍ ଦୟାକିଜି ୱାତିମାନି । ପ୍ରବୁ ନିଙ୍ଗ୍‌ ଆମାକା
କିଦେଙ୍ଗ ଇଜି ସିକିୟା ସିତାମାନାନ୍, ଆକା ୱେନ୍‌ଦେଡ୍ରଙ୍ଗ ମାପ୍
ୱିଜେରେ ଇଲେଇ ମାପୁରୁଦି ଆଗ୍‌ଡ଼ି ଉଣ୍ତାତାମାନାପ୍ ।" 34 ପିତର
ସିକିୟା ସିଦେଙ୍ଗ ଆରାମ୍ କିଜି ଇର୍‌ହାନ୍, "ଇଲେଇ ନାନ୍ ବୁଜାଜିନା
ଜେ ସତ୍ ତାନ୍ ମାପୁରୁ ୱିଜେରିଙ୍ଗ ସାମାନ୍‌ତାନ୍ ସୁଣାନ୍ । 35
ଆମା ଇନି ଜାତିଦି ଆମା ଏମେ ଲୋକୁ ପ୍ରବୁଦି ପାର୍‌ତାନା କିତିଙ୍ଗ୍‌
ମାରି ୱାନି ଆଗ୍‌ଡ଼ି ସତ୍‌ପାଣି କିତିଙ୍ଗ୍‌, ପ୍ରବୁ ୱାନିଙ୍ଗ ଆସ୍‌ନାନ୍

। 36 ମିର୍ ନେସ୍ତିମାନିଦେର୍ ଜେ ମାପୁରୁ ଇସ୍ରାଏଲ୍ ଲୋକା
ମାନୁ ଏମେ ବାକ୍ୟ ପକ୍ତାମାର୍ହାନ୍, ଆକାନେ ଜିସୁଦି ମାଣାନ୍
ୱେରାୟ୍ଆତିମାନି ସାନ୍ତିଦି ବାକ୍ୟ, ଇୟ୍ଯା ଜିସୁ କ୍ରିସ୍ତୁ ୱିଜେରି
ପ୍ରବୁ । 37 ଜୋହନ ମନ୍ ଡ଼େପ୍ନି ମାରି ଡୁବନ୍ ସିନି କାବୁର୍
ୱେର୍ତି ୱେନ୍କା, ଗାଲିଲିଦାନ୍ ଆରାମ୍ କିଜି ୱିଜୁ ଇସ୍ରାଏଲ୍
ଦେସ୍ତୁ ଆମା ୱିଜୁ ଗଟନେଙ୍ଗୁଁ ଗଟାତାସର୍ହାତ୍, ଆକା ମିର୍
ନେସ୍ନିଦେର୍ । 38 ମିର୍ ନାଜରିତଦି ଜିସୁଦି ବିସୟ୍ତାନ୍ ମାରି
ମାପୁରୁ ଏଣ୍ତେସ୍ ୱାନି ମୁସ୍କୁ ପବିତ୍ର ଆତ୍ମା ନି ସାକ୍ତି ସିତାମାର୍ହାନ୍,
ଆକା ନେସ୍ନିଦେର୍ । ୱାନ୍ ୱିଜୁ ତରିନ୍ ସଲ୍ସି କାବାଆନି
ପାଣି କିତାନ୍ । ସୟତାନ୍ତି ଅଦିକାର୍ତାନ୍ ମାନି ଲୋକାଙ୍ଗୁଗାଁ
ନେଗେନ୍ କିତାନ୍, ଇରିଙ୍ଗୁ ମାପୁରୁ ୱାନି ୱାଲେ ମାର୍ହାନ୍ । 39
ଜିହୁଦିରି ଦେସ୍ତୁ ମାରି ଜିରୁସାଲାମ୍ତୁ ୱାନ୍ ଏମେ ୱିଜୁ ପାଣି
କିତାନ୍, ମାପ୍ ଆୟ୍ଯାୱିଜୁଦି ସାକି । ତାନେୱେନ୍କା ୱାନିଙ୍ଗୁ ୱାର୍
କ୍ରୁସଦୁ ଏକିସ୍କିଜି ଡାକ୍ତାର୍ । 40 ମାତର୍ ମାପୁରୁ ମୁନେନ୍
ଲୋଇ ୱାନିଙ୍ଗୁ ସାତିମାଣାନ୍ ପୁନିଜିବନ୍ ସିଜି ନିକ୍ତାନ୍ । 41
ୱାନ୍ ୱିଜେରି ଲାକ୍ତୁ ସିଲେ, ମାତର୍ ମାପୁରୁଦି ବାସେଆତିମାନି
ସାକି, ଅର୍ଥାତ୍ ମା ଲାକ୍ତୁ ତରାୟ୍ଆତାନ୍ । ମାପୁରୁ ୱାନିଙ୍ଗୁ ସାତି
ମାଣାନ୍ ନିକ୍ତି ୱେନ୍କା ମାପ୍ ୱାନି ୱାଲେ ଉଟାପ୍ ତିର୍ଆପ୍
। 42 ଲୋକାମାନୁ ନେଗି କାବୁର୍ ପ୍ରଚାର୍ କିଦେଙ୍ଗୁ ଇଜି ନି
ମାପୁରୁ ଜେ ୱାନିଙ୍ଗୁ ଜିନିମାନି ନି ସାତିୱାରି ବିଚାର୍କିନି ୱାଜା
ନିଲ୍ପତାମାନାନ୍, ଇୟ୍ଯା ମାଟାଦି ସାକି ସିଦେଙ୍ଗୁ ଇଜି ୱାନ୍
ମାଙ୍ଗୁଁ ଆଦେସ୍ ସିତାମାନାନ୍ । 43 ୱିଜେରେ ବାବବାଦିର୍ ୱାନି
ବିସୟ୍ତାନ୍ ଇୟ୍ଯା ସାକି ଇର୍ହାମାର୍ହାର୍, ଏନ୍ ୱାନିମାନୁ ବିସ୍ବାସ୍
କିନାନ୍, ୱାନି ଦର୍ତି ସାକ୍ତିଦୁ ୱାନି ପାପ୍ କେମା ଆନାତ୍ ।" 44
ପିତର ସିକିୟ୍ଯା ସିନିୱାଲେ ଏମେକାର୍ ୱାନି ସିକିୟ୍ଯା ୱେନ୍ଜି
ମାର୍ହାର୍, ଆୟ୍ଯା ୱିଜେରି ମୁସ୍କୁ ପବିତ୍ର ଆତ୍ମା ରେତାତାତ୍ ।
45 ଅଣଜିହୁଦିରି ମୁସ୍କୁ ବା ମାପୁରୁ ୱାନି ପବିତ୍ର ଆତ୍ମାଦାନ୍
ସିନିମାନିକା ସୁଡ଼୍ଜି ପିତରତି ୱାଲେ ୱାତିମାର୍ଇ ଜପାଦି ଜିହୁଦି
ବିସ୍ବାସ୍ସିର୍ କାବାଆତାର୍ । 46 ଇରିଙ୍ଗୁ ଜିହୁଦି ବିସ୍ବାସିର୍
ୱାରିଙ୍ଗୁ ମାପୁରୁଦି ଦନ୍ୟବାଦ୍ କିଜିମାନିକା ନି ଆଇ ବାସାଦାନ୍
ୱାର୍ଗିଜିମାନିକା ୱେର୍ଆର୍ । ପିତର ଇର୍ହାନ୍, 47 "ମା ୱାଜା
ଇୟ୍ଯା ଲୋକୁ ବା ପବିତ୍ର ଆତ୍ମା ପୟ୍ତାମାନାର୍ । ଡୁବନ୍ ଅତେଙ୍ଗୁ
ଇଜି ଏନ୍ ଇନିକା ୱାରିଙ୍ଗୁ ବାଦା ସିଦେଙ୍ଗୁ ଆଟ୍ନାନ୍?" 48
ଆଦେଙ୍ଗୁ ୱାନ୍ ୱାରିଙ୍ଗୁ ଜିସୁ କ୍ରିସ୍ତୁଦି ଦର୍ତାନ୍ ଡୁବନ୍ ଅତେଙ୍ଗୁ
ଇଜି ଆଦେସ୍ ସିତାନ୍ । ତାନିୱେନ୍କା ୱାର୍ ୱାନିଙ୍ଗୁ ମାରି ଏସ
ଦିନ୍ ୱାରି ୱାଲେ ତେବାଦେଙ୍ଗୁ ବାତିଙ୍ଗୁ ମାଲିତାର୍ ।

**11** ଅଣଜିହୁଦିର୍ ବା ମାପୁରୁଦି ବାକ୍ୟ ୱେର୍ଆମାନାର୍ ଇଜି
ପ୍ରେରିତ ସିସୁର୍ ମାରି ଜିହୁଦା ରାଜିଦି ଆଇ ବିସ୍ବାସି
ତଡ଼ାନ୍କୁ ୱେର୍ଆର୍ । 2 ପିତର ଏସ୍ତିୱାଲେ ଜିରୁସାଲାମ୍ତୁ
ସର୍ହାନ୍, ଅଣଜିହୁଦିରିଙ୍ଗୁ ସୁନ୍ନତ କିନି ତରିନ୍ ମାନି ଲୋକୁ ୱାନି
ବିରୁଦ୍ତାନ୍ ଇର୍ହାର୍, 3 "ନିନ୍ ଅସୁନ୍ନତ ଅଣଜିହୁଦିରି ଇଲ୍କାଙ୍ଗୁ
କୁଡ଼ାଏନ୍ ଆତିଙ୍ଗୁ, ଇୟ୍ଯାୱାଜାକି ୱାରିୱାଲେ ଉଟି ।" 4 ମାତର୍
ଆଗ୍ଡ଼ିରାନ୍ ଆମାକା ଆମାକା ଗଟାତାମାର୍ହାତ୍, ପିତର ୱାରିଙ୍ଗୁ
ୱାନି ପୁରା ମାଟା ସିଦେଙ୍ଗୁ ସଲ୍ସି ଇର୍ହାନ୍: 5 "ନାନ୍ ଜପା
ଗାଡ଼୍ତୁ ପାର୍ତନା କିଜିମାନିୱାଲେ ଉଣ୍ତି ଦର୍ସନ୍ ପୟ୍ତା । ଉଣ୍ତି
ପେରି ସାଦର୍ତି ନାଲ୍ଗି କନାଦାନ୍ ଦୁଙ୍ଗୁଁଜି ବାଦଡ଼୍ତାନ୍ ଆଡ଼୍ଗି
ଆର୍ଜିମାନିକା ନାନ୍ ସୁଡୁତା, ଆକା ନା ଲାକ୍ତୁ ତେବାତାସର୍ହାତ୍
। 6 ନାନ୍ ନେଗେନ୍କିଜି ଲୋଇ ସୁଡ଼୍ଜି ଆୟ୍ଯା ଲୋଇ ଇଲ୍ତୁ
ପସାକିନି ଜାତୁଙ୍ଗୁଁ, ଦୁନିଆଦି ବନ୍ ଜାତୁଙ୍ଗୁଁ, ଉଜ୍ନିକେଙ୍ଗୁ ମାରି
ବାଦଡ଼୍ତି ବନ୍ ପଟିଙ୍ଗୁଁ ସୁଡୁତା । 7 ତାନିୱେନ୍କା ନାନ୍ ଇୟ୍ଯା ବଲ୍
ୱେର୍ଆ, ପିତର! ନିଙ୍ଗୁଁଆ, କୟ୍ଜି ତିନ୍ଆ । 8 ମାତର୍ ନାନ୍
ଇର୍ଆ, ସିଲେ, ପ୍ରବୁ! ନାନ୍ ଆଟ୍ଏ । ଇୟ୍ଯାସାନ୍ଦି ଇନି ଅପବିତ୍ର
କାଦି ନା ୱେୟ୍ଦୁ ଅଏ । 9 ମୁସ୍କୁପୁର୍ତାନ୍ ମାରିଡ଼େସି ଇୟ୍ଯା
ବଲ୍ ୱାତାତ୍, ମାପୁରୁ ଆମାକା ପବିତ୍ର କିତାମାନାନ୍, ନିନ୍ ତାନିଙ୍ଗୁଁ
ଅପବିତ୍ର ଅଡ଼୍ବିମା ।" 10 ମୁଜା ଇୟ୍ଯାୱାଜା ଆତାତ୍, ସାରାସାରି
ଆୟ୍ଯାୱିଜୁ ମୁସ୍କୁପୁର୍ତୁ ପେର୍ଜି ଅଆୟ୍ଆତେ । 11 ଟିକ୍ ଆୟ୍ଯା
ସମୟ୍ତୁ, ସିସେରିଆଦାନ୍ ନା ଲାକ୍ତୁ ପକାୟ୍ଯାଆତିମାର୍ରି ମୁଏର୍
ଲୋକୁ ନାନ୍ ଏମେ ଇଲୁଦୁ ତେବାଜିମାର୍ହା, ଆବେ ଇଗାୱାତାର୍
। 12 ୱେନ୍କା ଅଡ଼୍ବିଏଣ୍ଗା ୱାରି ୱାଲେ ସନ୍ନେଣ୍ତିଙ୍ଗୁଁ ଇଜି
ପବିତ୍ର ଆତ୍ମା ନାଙ୍ଗୁଁ ଆଦେସ୍ ସିତାତ୍ । ଜପାଦି ଇୟ୍ଯା ସଅ
ଲୋକୁ ବିସ୍ବାସି ତଡ଼ାନ୍କୁ ନା ୱାଲେ ସିସେରିଆଦୁ ସର୍ହାର୍
ମାରି ମାପ୍ ୱିଜେରେ କର୍ଣ୍ଣିଲିୟଦି ଇଲ୍ତୁ ଇତାପ୍ । 13 ୱାନି
ଇଲ୍ତୁ ୱାନ୍ ଏଣ୍ତେସ୍ ମୁସ୍କୁପୁର୍ତି ଦୁତ୍ତି ଦର୍ସନ୍ ପୟ୍ତାମାର୍ହାନ୍,
ଆୟ୍ଯା ବିସୟ୍ତାନ୍ ମାଙ୍ଗୁଁ ୱେର୍ତାନ୍ । ମୁସ୍କୁପୁର୍ତି ଦୁତ୍ ୱାନିଙ୍ଗୁ
ଇର୍ହାମାର୍ହାତ୍, "ଜପାଦୁ ମାନି ସିମୋନ ପିତର ଦର୍ତି ଅରେନ୍
ଲୋକ୍ତିଙ୍ଗୁ ତାତେଙ୍ଗୁ ଇଜି ଲୋକାଙ୍ଗୁ ପକ୍ତୁ । 14 ୱାନ୍ ୱାଜି
ମିଙ୍ଗୁଁ ସିକିୟ୍ଯା ସିନାନ୍ ମାରି ଆବେଣ୍କୁ ନିନ୍ ମାରି ନି ଇଲୁତି
ୱିଜେରେ ରକିୟ୍ଯା ପୟ୍ନାର୍ । 15 ମାରି ନାନ୍ ଏସ୍ତିୱାଲେ ସିକିୟ୍ଯା
ସିଦେଙ୍ଗୁ ଆରାମ୍ କିତା, ଆଗ୍ଡ଼ି ପବିତ୍ର ଆତ୍ମା ଏଣ୍ତେସ୍ ମା
ମୁସ୍କୁ ରେତାତା ମାର୍ହାତ୍, ଆୟ୍ଯାୱାଜା ୱାରି ମୁସ୍କୁ ରେତାତାତ୍
। 16 ତାନିୱେନ୍କା ନାନ୍ ପ୍ରବୁଦି ଇୟ୍ଯା ବାକ୍ୟ ଏତ୍ କିତା:
ଜୋହନ ଏର୍ତୁ ଡୁବନ୍ ସିତାନ୍, ମାତର୍ ମିର୍ ପବିତ୍ର ଆତ୍ମାଦାନ୍
ଡୁବନ୍ ଆନିଦେର୍ । 17 ଇକା ପୁରାସତ୍ ଜେ ମାପ୍ ପ୍ରବୁ ଜିସୁ
କ୍ରିସ୍ତୁଦିମାନୁ ବିସ୍ବାସ୍ କିତି ଉଣ୍ତିଙ୍ଗୁ ମାପୁରୁ ମାଙ୍ଗୁଁ ଏମେ ଦାନ୍
ସିତା ମାର୍ହାନ୍, ଅଣଜିହୁଦିରିଙ୍ଗୁ ବା ଆୟ୍ଯା ଦାନ୍ ସିତାମାନାନ୍;
ନାନ୍ ଏନ୍ ଜେ ମାପୁରୁଦି ଇୟ୍ଯା ପାଣିଦିଙ୍ଗୁଁ ବିରୁଦ୍ କିନା!" 18 ୱାର୍
ଇକା ୱେର୍ଇ ୱେନ୍କା ମାରି ଜାଟି କିଏନ୍ତ୍ରା ମାପୁରୁଦି ଦନ୍ୟବାଦ୍
କିଜି ଇର୍ହାର୍, "ଆରିଙ୍ଗୁ ମାପୁରୁ ଅଣଜିହୁଦିରିଙ୍ଗୁ ବା ଏତ୍କିଦେଙ୍ଗୁଁ
ମାରି ଜିଦେଙ୍ଗୁଁ ସୁଜୋଗ ସିତାମାନାନ୍ ।" 19 ସ୍ତିପାନ୍ତି ସାତି
ୱେନ୍କା ବିସ୍ବାସିର୍ ତାଡ଼ନା ପୟ୍ଜି ଇନିଙ୍ଗୁଁ ଆନିଙ୍ଗୁଁ ଆନିୱାଲେ
ୱାରି ଲୋଇ ଏସଲୋକ୍ କେବଲ୍ ଜିହୁଦିର୍ ଲାକ୍ତୁ ବାକ୍ୟ ପ୍ରଚାର୍
କିଜି, ପିନିସିଆ, ସାଇପ୍ରସ୍ ମାରି ଆଣ୍ଟିୟକ ସାନ୍ଦି ସର୍ହାର୍ ।

20 ମାତର୍ ସାଇପ୍ରସ୍ ମାରି କୁରିଣିଦି ଆଇ ଏସ ବିସ୍ବାସିର୍
ଆଣ୍ଟିୟକଦୁ ସଲ୍ସି ଅଣଜିହୁଦିରି ଲାକ୍ତୁ ପ୍ରବୁ ଜିସୁଦି ନେଗି
କାବୁର୍ ପ୍ରଚାର୍ କିତାର୍ । 21 ମାପୁରୁଦି ସାକ୍ତି ୱାରି ୱାଲେ ମାର୍ହାତ୍
ମାରି ନାଣ୍ତୁ ଲୋକୁ ବିସ୍ବାସ୍ କିଜି ପ୍ରବୁଦି ତରିନ୍ ମନ୍ ଡ଼େପ୍ତାର୍
। 22 ଏସ୍ତିୱାଲେ ଇୟା କାବୁର୍ ଜିରୁସାଲାମ୍ତି ମଣ୍ତଲିଦୁ ଇତାତ୍,
ୱାର୍ ବର୍ଣ୍ଣବାସ୍ତିଙ୍ଗ ଆଣ୍ଟିୟକଦୁ ପକ୍ତାର୍ । 23 ୱାନ୍ ଆବେ
ଇଜି ମାପୁରୁ ଆୟା ଲୋକାଙ୍ଗ ଏଣ୍ତେସ୍ ଆସିର୍ବାଦ୍ କିତାମାନାନ୍,
ଆକା ସୁଡ଼୍ଜି ୱେଡ଼ିକା ଆତାନ୍ ମାରି ଜିବନ୍ତୁ ପ୍ରବୁଦି ଉଣ୍ତିଙ୍ଗ
ବିସ୍ବାସ୍ ତେବାଜି ନେଗେନ୍ ଜିଦେଙ୍ଗ ୱାରିଙ୍ଗ ୱେର୍ତାନ୍ ।
24 ବର୍ଣ୍ଣବାସ୍ ପବିତ୍ର ଆତ୍ମା ନି ବିସ୍ବାସ୍ତୁ ପୁରାଆତି ଅରେନ୍
ନେଗି ଲୋକୁ ମାର୍ହାନ୍ । ୱାନି ପ୍ରଚାର୍ତାନ୍ ନାଣ୍ତୁ ଲୋକୁ ପ୍ରବୁଦି
ଲାକ୍ତୁ ୱାତାର୍ । 25 ତାନିୱେନ୍କା ବର୍ଣ୍ଣବାସ୍ ସାଉଲତିଙ୍ଗ
ପୟ୍ଦେଙ୍ଗ ଇଜି ତାର୍ସସ୍ତୁ ସର୍ହାନ୍ । 26 ଆବେ ୱାନିଙ୍ଗ ପୟ୍ଜି
ଆଣ୍ଟିୟକଦୁ ତାତାନ୍ । ମାରି ପୁରା ଉନ୍ଣ୍ତି ବାର୍ସେକ୍ ସାନ୍ଦି ଇୟା
ରିଏର୍ ଆୟାବାଣି ମଣ୍ତଲିଦି ବିସ୍ବାସିରି ୱାଲେ ମିସାଜି ନାଣ୍ତୁ
ଲୋକାଙ୍ଗ ସିକିୟା ସିତାର୍ । ଇୟା ଆଣ୍ଟିୟକଦି ବିସ୍ବାସିରିଙ୍ଗ
ଲୋକୁ ଆଗ୍ଡ଼ି କ୍ରିସ୍ଟିୟାନ୍ ଇଜି ଇର୍ହାମାର୍ହାର୍ । 27 ଆୟା ବେଡ଼ାଦୁ
ଜିରୁସାଲାମ୍ତାନ୍ ଏସ ବାବବାଦିର୍ ଆଣ୍ଟିୟକଦୁ ୱାତାର୍ । 28
ୱାରି ଲୋଇ ଆଗାବ ଦର୍ତି ଅରେନ୍ ଲୋକୁ ଆତ୍ମାଦି ସାକ୍ତିଦାନ୍
ପୁରାଆଜି ୱିଜୁ ଦୁନିଆଦୁ ଉନ୍ଣ୍ତି ପେରି କାକୁର୍ତି ଆନାତ୍ ଇଜି
ବବିସତ୍ ମାଟା ୱେର୍ତାନ୍ । ସମ୍ରାଟ କ୍ଲାଡିୟସ୍ତି ସମୟ୍ତୁ ଇକା
ଗଟାତାମାର୍ହାତ୍ । 29 ସିସୁର୍ ଜିହୁଦାଦୁ ବାସାଜିମାନି ବିସ୍ବାସି
ତଡ଼ାନ୍କା ଲାକ୍ତୁ ୱାରି ସିଦେଙ୍ଗ ଆଟ୍ନି ସାନ୍ଦି ସାହାଜ୍ୟ ପକ୍ନାର୍
ଇଜି ତିର୍ କିତାର୍ । 30 ୱାର୍ ଡାବୁଙ୍ଗ ଉଣ୍ତା କିଜି ବର୍ଣ୍ଣବାସ୍
ନି ସାଉଲତି କିଦୁ ମଣ୍ତଲିଦି ପେରି ନେତାର୍ରି ଲାକ୍ତୁ ଆକା
ପୋକ୍ତାର୍ ।

**12** ଇୟା ସମୟ୍ତୁ ରାଜା ହେରୋଦ ମଣ୍ତଲିଦି ଏସ ଲୋକାଙ୍ଗ
କାସ୍ତସିନିକା ଆରାମ୍ କିତାନ୍ । 2 ୱାନ୍ ଜୋହନତି ତଡ଼ାନ୍
ଜାକୁବଙ୍ଗ କାଣ୍ତାଦାନ୍ କାଟିସ୍ତାନ୍ । 3 ଜିହୁଦିର୍ ଇବେ ୱେଡ଼ିକା
ସୁଡ଼୍ଜି ୱାନ୍ ପିତର୍ତିଙ୍ଗ ବା ତର୍ସିସ୍ କିତାନ୍ । ଇୟା ଗଟନା
କମିରିମିସାକିଏନ୍ଣ୍ତା ରୁଟି ପଣ୍ତୟ୍ତି ସମୟ୍ତୁ ଗଟାତାମାର୍ହାତ୍ ।
4 ପିତର ତରାୟ୍ଆଜି ଜଇଲ୍ତୁ ଇଡାୟ୍ ଆତାନ୍ ମାରି ନାଲ୍ଏର୍
ନାଲ୍ଏର୍ ଲୋକୁ ସନ୍ୟରିଙ୍ଗ ଅସି କିଆୟ୍ଆତି ନାଲ୍ଗି ଦଲ୍
ସନ୍ୟର୍ ୱାନିଙ୍ଗ କାପ୍କିଜି ତେବାତାର୍ । ନିସ୍ତାର୍ ପଣ୍ତୟ୍ ୱେନ୍କା
ୱିଜେରେ ଲୋଇ ୱାନି ବିସାର୍ କିନିକା ହେରୋଦ୍ତି ବଦା ମାର୍ହାତ୍
। 5 ପିତର ଜଇଲ୍ତୁ ମାନିୱାଲେ ମଣ୍ତଲିଦି ଲୋକୁ ଉଣ୍ତି ମନ୍ତାନ୍
ୱାନି ଉଣ୍ତିଙ୍ଗ ମାପୁରୁଦି ଲାକ୍ତୁ ପାର୍ତାନା କିଜିମାର୍ହାର୍ । 6
ଆମା ନାଣ୍ତିଙ୍ଗ ହେରୋଦ ପିତର୍ତିଙ୍ଗ ଲୋକା ଆଗ୍ଡ଼ି ତାନି
ଉଣ୍ତିଙ୍ଗ ଅଡ଼୍ବିତା ମାର୍ହାନ୍, ତାନି ଆଗ୍ଡ଼ିରି ନାଡ଼ା ପିତର ରିଏର୍
କାପ୍କିନିୱାରି ନାଡ଼୍ମି ଡରିତାମାର୍ହାନ୍ । ରୁଣ୍ତି ସିକ୍ଣି ଦାନ୍ ୱାନିଙ୍ଗ
ତର୍ତାମାର୍ହାର୍ ମାରି ଜଇଲ୍ତି ସେର୍ଲା ଲାକ୍ତୁ କାପ୍ନିକାର୍
କାପ୍କିତା ମାର୍ହାର୍ । 7 ଆୟାଦାପ୍ରେନେ ପ୍ରବୁଦି ଅରେନ୍ ଦୁତ୍
ୱାଜି ନିର୍ଆତ୍ ମାରି ବାକ୍ରା ଜାୟ୍ ଆତାସର୍ହାତ୍ । ଦୁତ୍ ପିତର୍ତି
ଗୁଜାମ୍ତିଙ୍ଗ ଦୁକ୍ଜି ୱାନିଙ୍ଗ ସୁସ୍କାଣ୍କାଣ୍କୁ ନିକ୍ସି ଇର୍ହାତ୍,
“ବେଗି ନିଙ୍ଗଆ!” ବେଗି ବେଗି ପିତରତି କିୟୁଦୁ ତର୍ଆତିମାର୍ହି
ସିକ୍ଣିଙ୍ଗ ଆର୍ରେତ ସର୍ଏ । 8 ତାନିୱେନ୍କା ଦୁତ୍ ଇର୍ହାତ୍, “ଜୁକିଦି
ଗାଟି ତର୍ଆ, ଜୁତେଙ୍ଗ ଆରାଆ ।” ପିତର ଆକା କିତିୱେନ୍କା
ଦୁତ୍ ଇର୍ହାତ୍, “ମେନ୍ଦ୍ରଲ୍ତୁ ସାଦର୍ ପକ୍ସି ନା ୱେନ୍କା ରାଆ
।” 9 ଦୁତ୍ ଆମାକା କିଜିମାର୍ହାତ୍, ଆକା ଉଣ୍ତି ସତ୍ ଗଟନା ନୋ
ସିଲେ, ପିତର ନେସ୍ତେଙ୍ଗ ଆଟ୍ଏତାନ୍ । ୱାନ୍ ଲବ୍ ସୁଡ଼୍ଜିନାନ୍
ଇଜି ଅଡ଼୍ବିତାନ୍ । ଆରିଙ୍ଗବା ପିତର ଜଇଲ୍ତାନ୍ ସହସି ଦୁତ୍ତି
ୱାଲେ ସର୍ହାନ୍ । 10 ୱାର୍ କାପ୍କିନିୱାରି ପାର୍ତୁମ୍ ନି ମାରି
ଉନ୍ଣ୍ତି ବାଡି ଜିଣାଜି ସାରାସାରି ଗାଡ଼୍ତୁ ଡୁଗୁନି ସାରିଦୁ ମାନି
ଲୁୱା ସେର୍ଲା ଲାକ୍ତୁ ୱାତାର୍ । ୱାରି ଉଣ୍ତିଙ୍ଗ ସେର୍ଲା ତାନି
ମନ୍ତିଙ୍ଗ ରେଏତାତ୍ ମାରି ୱାର୍ ସହସି ବୁଲାଜି ୱାତାର୍ ।
ୱାର୍ ପେରିଜାରିଦୁ ସଲ୍ପୁ ସଲ୍ପୁ ଆୟାଦାପ୍ରେନେ ମୁସ୍କୁପୁର୍ତି
ଦୁତ୍ ପିତରତିଙ୍ଗ ଡ଼ିସ୍ସି ସର୍ହାତ୍ । 11 ତାନିୱେନ୍କା, ଆମାକା
ଗଟାତାମାର୍ହାତ୍, ପିତର ଆକା ନେସ୍ତେଙ୍ଗ ଆଟ୍ସି ଇର୍ହାନ୍,
“ଇକା ସତେନେ ସତ୍ ଇଜି ନାନ୍ ନେସ୍ତେଙ୍ଗ ଆଟ୍ସିନା ।
ହେରୋଦତି ସାକ୍ତିଦାନ୍ ମାରି ଜିହୁଦି ଲୋକୁ ଆମାକା ଗଟାନାତ୍
ଇଜି ଆସା କିତାମାର୍ହାର୍, ଆବେଟ୍କୁ ନାଙ୍ଗ ରକିୟା କିଦେଙ୍ଗ
ଇଜି ପ୍ରବୁ ମୁସ୍କୁପୁର୍ତି ଦୁତ୍ତିଙ୍ଗ ପକ୍ତାମାର୍ହାନ୍ ।” 12 ନିଜେଦି
ଅବସ୍ଥାଦି ବିସୟ୍ତାନ୍ ଜାଗାର୍ତା ଆଜି ୱାନ୍ ଜୋହନତି ନି
ମାର୍କରି ଆଇସି ମରିୟମତି ଇଲୁଦୁ ସର୍ହାନ୍ । ଆବେ ନାଣ୍ତୁ ଲୋକୁ
ଉଣ୍ତାଜି ପାର୍ତନା କିଜିମାର୍ହାର୍ । 13 ପିତର ଆଡ଼୍ରେ ସେର୍ଲାଦୁ
କଡ଼୍ତାନ୍, ରୋଦା ଦର୍ତି ଅରେଡ଼୍ ଦାସି ସେର୍ଲା ରେତେଙ୍ଗ
ୱାତାତ୍ । 14 ପିତରତି ବଲ୍ ନେସ୍ତେଙ୍ଗ ଆଟ୍ସି ୱାଦ୍ ନିସା
ୱେଡ଼ିକା ଆତାଡ଼େଜ ସେର୍ଲା ରେଏନ୍ଣ୍ତା ପିତର ଆଡ଼୍ରେ ନିର୍ଆ
ମାନାନ୍ ଇଜି ୱେର୍ତାତ୍ । 15 ୱାର୍ ତାନିଙ୍ଗ ଇର୍ହାର୍, “ନିନ୍
ବାୟା ଆତିମାନି ।” ମାତର୍ “ଇକା ସତ୍” ଇଜି ୱାଦ୍ ଆଟ୍ୱାଦାନ୍
ଇର୍ହାତ୍ଆକା, ୱାର୍ ଅଡ଼୍ବିତାର୍, “ଆରିଙ୍ଗ ଆନାମାନାତ୍, ଇକା
ୱାନି ଦୁତ୍ ।” 16 ପିତର ଜାରିଦିଙ୍ଗ ଜାରି ସେର୍ଲାଦୁ କଡ଼୍ସି
ମାର୍ହାନ୍ । ସାରାସାରି ୱାର୍ ସେର୍ଲା ରେସି ୱାନିଙ୍ଗ ସୁଡ଼୍ଜି
କାବାତାର୍ । 17 ୱାନ୍ କିୟୁଦାନ୍ ଜୁଟ୍ସି ଆଲ୍ଜ ମାନ୍ଦ୍ରେଙ୍ଗ
ଇର୍ହାନ୍, ମାରି ପ୍ରବୁ ୱାନିଙ୍ଗ ଏଣ୍ତେସ୍ ଜଇଲ୍ତାନ୍ ସପ୍ସି ତାତାନ୍,
ଆୟା ବିସୟ୍ ୱାରି ଆଗ୍ଡ଼ି ୱେର୍ତାନ୍ । ତାନିୱେନ୍କା ଇୟାୱିଜୁ
ମାଟା ଜାକୁବ ନି ଆଇ ୱିଜେରେ ବିସ୍ବାସିରି ତଡ଼ାନ୍କାଙ୍ଗ
ୱେର୍ରେତେଙ୍ଗ ଇଜି ଆଦେସ୍ ସିଜି ୱାନ୍ ଆବେଟ୍କୁ ଆଇତରିନ୍
ସର୍ହାନ୍ । 18 ସାଲ୍ଦି ଆତି ୱେନ୍କା ପିତର ଏମେ ସର୍ହାନ୍ ଇଜି
କାପ୍କିନିୱାରି ଲୋଇ ଗାବ୍ରା ଆତାସର୍ହାର୍ । 19 ହେରୋଦ
ୱାନିଙ୍ଗ ପୟ୍ଦେଙ୍ଗ ଆଦେସ୍ ସିତାନ୍, ମାତର୍ ୱାର୍ ୱାନିଙ୍ଗ
ପୟ୍ଏତାର୍ । ସାରାସାରି କାପ୍କିନିୱାରିଙ୍ଗ ୱେନ୍ବାଜି ୱାରିଙ୍ଗ

ସାନିଦଣ୍ଡ ସିନି ଉଣ୍ଡିଙ୍ଗ ଆଦେସ୍ ସିତାନ୍ । ତାନିୱେନ୍‌କା ହେରୋଦ
ଜିହୁଦା ଦେସ୍‌ତାନ୍ ସଲ୍‌ସି କାଇସରିଆଦୁ ତେବାତାନ୍ । 20 ଆୟା
ସମୟ୍‌ତୁ ହେରୋଦ ସୋର ନି ସିଦୋନତି ଲୋକା ମୁସ୍‌କୁ ନାଣ୍ଡ
ରିସା ଆତାମାର୍ହାନ୍ । ଆଦେଙ୍ଗ୍ ୱାରି ଲୋଇ ଉଣ୍ଡି ଦଲ୍ ୱାନିଙ୍ଗ
ତର୍‌ଆୟ୍ ଆଦେଙ୍ଗ ଇଜି ସର୍ହାର୍ । ପାର୍‌ତୁମ୍ ୱାର୍ ରାଜା ମେଡ୍‌ତି
ଦାୟିତୁ ମାନି ବ୍ଲାସ୍ତଙ୍ଗ ବୁଜାକିଜି ୱାନି ସାହାଜ୍ୟ ପୟ୍‌ତାର୍ ।
ତାନିୱେନ୍‌କା ୱାର୍ ହେରୋଦତି ଲାକ୍‌ତୁ ସଲ୍‌ସି ସାନ୍ତି ଲସ୍‌ତାର୍,
ଇରିଙ୍ଗ ହେରୋଦତି ଦେସ୍‌ଦାନ୍ ୱାରି ଦେସ୍‌ତୁ କାଦି ୱିଜୁ ପକ୍‌ସି
ମାର୍ହାର୍ । 21 ବାସେ ଆତି ଦିନ୍‌ତୁ ହେରୋଦ ୱାନି ରାଜାଦି ଆଙ୍ଗି
ଆରାତାନ୍ ମାରି ବିଚାର୍ କିନି ରାଜାଗାଦିଦୁ ବାସ୍‌ସି ଲୋକାଙ୍ଗ
ଉନ୍‌ଣ୍ଡି ମାଟା ୱେର୍‌ତାନ୍ । 22 ୱାର୍ ଆଉଲି ଆତାର୍, "ଇକା
ଇନି ଲୋକାଦି ଆଏତ୍, ମାତର୍ ଅରେନ୍ ମାପୁରୁଦି ବଲ୍!" 23
ଆୟାଦାପ୍ରେ ପ୍ରବୁଦି ଦୁତ୍ ହେରୋଦତିଙ୍ଗ ଡାକ୍‌ତାନ୍, ଇରିଙ୍ଗ
ମାପୁରୁଙ୍ଗି ଏମେ ଗୌରବ୍ ସିନି ମାଟା, ୱାନ୍ ଆକା ୱାନିଙ୍ଗ ସିଏନ୍
ମାର୍ହାନ୍ । ପିଡ୍‌କୁ ଆଜି ୱାନ୍ ସାତାନ୍ । 24 ଇୟା ସମୟ୍ ଲୋଇ
ମାପୁରୁଦି ବାକ୍ୟ ପିର୍‌ଜି ୱେଙ୍ଗିଦେଙ୍ଗ ଆସ୍‌ତାଡ୍ । 25 ବର୍ଣ୍ଣବା
ମାରି ସାଉଲ ଜିରୁସାଲାମ୍‌ତୁ ସେବା ପାଣି ୱିସ୍‌ସି ଜୋହନ ମାର୍କଙ୍ଗ
ଅର୍‌ସେ ଅସି ଜିରୁସାଲାମ୍‌ତାନ୍ ଡ଼େସିସର୍ହାର୍ ।

**13** ଆଣ୍ଟିୟକ ମଣ୍ଡଲିଦୁ ଏସ ବାବବାଦି ନି ସିକିୟା ଗୁରୁର୍
ମାର୍ହାର୍ । ୱାରି ଲୋଇ ମାର୍ହାନ୍ ବର୍ଣ୍ଣବା, ସିମୋନ
ଆମାକାନ୍‌କି ନିଗର ଦର୍‌ତାନ୍ ୱେଙ୍ଗିତା ମାର୍ହାନ୍, ଲୁସିଅସ୍
କୁରିଣିଦୁ ବାସାନିକାନ୍, ମହନେମ ୱାନ୍ ରାଜିୟ ପାଲ ହେରୋଦତି
ଇଲ୍‌ତୁ ପିରିତାମାର୍ହାନ୍ ମାରି ସାଉଲ । 2 ୱାର୍ ପ୍ରବୁଦି ସେବା ନି
ଉପାସ୍ କିନିୱାଲେ, ପବିତ୍ରଆତ୍ମା ୱାରିଙ୍ଗ ଇର୍ହାନ୍, "ନାନ୍ ଏମେ
ପାଣି ଉଣ୍ଡିଙ୍ଗ ବର୍ଣ୍ଣବା ନି ସାଉଲତିଙ୍ଗି କୁକ୍‌ତାମାନା, ଆୟାଉଣ୍ଡିଙ୍ଗ
ୱାରିଙ୍ଗି ନା ଉଣ୍ଡିଙ୍ଗ ୱେର୍‌ଏ କିଦୁ ।" 3 ୱାର୍ ଉପାସ୍ ନି ପାର୍‌ତନା
କିଜି ଆୟା ରିଏରି ମୁସ୍‌କୁ କିକୁ ଇଡ୍‌ଜି ୱାରିଙ୍ଗି ପ୍ରଚାରକିନି
ପାଣିଦୁ ପୋକ୍‌ତାର୍ । 4 ପବିତ୍ର ଆତ୍ମାଦି ମାଣାନ୍ ପକାୟ୍ ଆଜି
ବର୍ଣ୍ଣବା ନି ସାଉଲ ସେଲୁକିୟାଦୁ ସର୍ହାର୍ ମାରି ଆବେଟ୍‌କୁ
ଜାହାଜ୍‌ତାନ୍ ସାଇପ୍ରସ୍ ସାରିବେଡ୍‌ତି ସାମ୍‌ଦୁର୍ ମାନି ନାଣ୍‌ମିରି
ଇସ୍ରିବୁମି ବାଡିଦୁ ସର୍ହାର୍ । 5 ସାଲାମି ଗାଡ୍‌ତୁ ଇଜି ଜିହୁଦିର୍
ପାର୍‌ତନାକିନି ଇଲ୍‌କାଙ୍ଗ ମାପୁରୁଦି ବାକ୍ୟ ପ୍ରଚାର୍ କିତାର୍ ।
ଜୋହନ ମାର୍କ ୱାରିୱାଲେ ମାନ୍‌ଜି ସାହାଜ୍ୟ କିଜିମାର୍ହାନ୍ । 6
ୱାର୍ ସାଇପ୍ରସ୍ ଇସ୍ରିବୁମି ବାଡି ଜିଣାଜି ପାଫଦୁ ସର୍ହାର୍ । ଆବେ
ୱାର୍ ବାର-ଜିସୁ ଦର୍‌ତି ଅରେନ୍ ଜିହୁଦି ଗୁଣୁଏଙ୍ଗ ବେଟ୍‌ବୁଡ଼ାତାର୍
। ୱାନ୍ ନିଜେଦିଙ୍ଗି ବାବବାଦି ଇଜିମାର୍‌ଆନ୍ । 7 ୱାନ୍ ଆୟା
ଦ୍ୱିପଦି ସାସନ୍‌କିନି ସର୍ଗିୟସ୍ ପାଉଲ୍‌ତି ଅରେନ୍ ନେଗି ତଡ଼୍
ମାର୍ହାନ୍ । ସର୍ଗିୟସ୍ ଅରେନ୍ ବୁଦିମାନି ଲୋକୁ ମାର୍ହାନ୍ । ୱାନ୍
ମାପୁରୁଦି ବାକ୍ୟ ୱେନ୍‌ଡ୍ରେଙ୍ଗ ବଦାକିଜି ବର୍ଣ୍ଣବା ନି ସାଉଲତିଙ୍ଗି
କୁକିସ୍‌ତାନ୍ । 8 ମାତର୍ ଗୁଣିଆ ଏଲିମାସ ଇକା ୱାନି ଗ୍ରିକ୍ ଦରୁ
ୱାରିଙ୍ଗ ବାଦା ସିତାନ୍, ଇରିଙ୍ଗି ୱାନ୍ ସାସନ୍‌କିନିୱାନିଙ୍ଗି କ୍ରିସ୍ତଦି
ବିସ୍‌ବାସ୍ ଉଣ୍ଡିଙ୍ଗି ୱେର୍‌ଏ କିଜି ଇଡ୍‌ଡେଦଙ୍ଗ ବଦା କିଜିମାର୍ହାନ୍ । 9
ମାତର୍ ସାଉଲ ଆମାୱାନି ଆଇ ଦରୁ ପାଉଲ ପବିତ୍ର ଆତ୍ମାଦୁ
ପୁରାଆଜି ଗୁଣିଆ ତରିନ୍ ସିଦା କାଣ୍‌କାଣ୍ଡୁକୁ ସୁଡ୍‌ଜି ଇର୍ହାନ୍,
10 "ଏ ସୟତାନ୍‌ତି ମାରିସି! ନିନ୍ ୱିଜୁ ନେଗି ବିସୟତି ସାତ୍ରୁ!
ନିନ୍ ୱିଜୁ ବିସୟତି ସାଲାକିଦୁ ପୁରାଆତିକିନ୍ଦ୍ରା ମାରି ୱିଜୁଦିନ୍
ପ୍ରବୁଦି ସତ୍‌ତିଙ୍ଗ ମିଚ୍ ଇଜି ଇନ୍‌ଡ୍ରେଙ୍ଗ ଇଜି ସେସ୍ଟା କିଜିନି ।
11 ଇଲେଇ ନିନ୍ ପ୍ରବୁଦି କିୟୁଦୁ ଦଣ୍ଡ ପୟ୍‌ନି । ନିନ୍ କାଣା
ଆଜି ଏସ ସମୟ ସାନ୍ଧି ୱେଡ଼େରି ଜାୟ୍ ସୁଡ୍‌ଡେଦଙ୍ଗ ଆଟ୍‌ଇ ।"
ଆୟାଦାପ୍ରେ ଏଲିମାସଦି କାଣୁକୁ ନାଣ୍ଡ ଦୁରିଦୁ କେର୍‌ବିନି ୱାଜା
ଆନିକା ୱାନ୍ ଅଡ୍‌ବିତାନ୍ ମାରି ୱାନି କିୟୁ ଆସ୍‌ସି ସାରି ତର୍‌ସି
ଅତେଙ୍ଗି ଇଜି ଅରେନ୍‌ୱାନିଙ୍ଗ ପୟ୍‌ଦେଙ୍ଗ ଆସ୍‌ତାନ୍ । 12 ଇୟା
ଗଟ୍‌ନା ସୁଡ୍‌ଜି ସାସନକିନିୱାନି ବିସ୍‌ବାସ୍ ଆତାଡ୍, ଇରିଙ୍ଗ ୱାନ୍
ପ୍ରବୁଦି ସିକିୟା ୱେନ୍‌ଜି କାବାଆତା ମାର୍ହାନ୍ । 13 ପାଉଲ ନି
ୱାନି ସାଙ୍ଗର୍ ପାଫଦାନ୍ ଗାଡାନାସି ପାମ୍ପିଲିଆଦି ପର୍ଗା ଦର୍‌ତି
ଉନ୍‌ଣ୍ଡି ଗାଡ୍‌ତୁ ଇତାର୍ । ଜୋହନ ମାର୍କ ୱାରିଙ୍ଗ ଇୟାବାନୁ
ଡ଼ିସ୍‌ସି ଜିରୁସାଲାମ୍‌ତୁ ଡ଼େସିସର୍ହାନ୍ । 14 ୱାର୍ ପର୍ଗାଦାନ୍ ସଲ୍‌ସି
ପିସିଦିଆଦି ଆଣ୍ଟିୟକଦୁ ଇତାର୍ ମାରି ରମ୍‌ନିଦିନ୍ ପାର୍‌ତନା
ଇଲୁଦୁ ସଲ୍‌ସି ବାସ୍‌ତାର୍ । 15 ମାରି ମସାଦି ନିୟମ୍ ମାରି
ବାବବାଦିରି ମାଣାନ୍ ରାସ୍‌ତିକା ପଡ଼ାତି ୱେନ୍‌କା, ପାର୍‌ତନା
ଇଲ୍‌ତି ପେରିକାର୍ ୱାରି ଲାକ୍‌ତୁ ଇୟା ମାଟା ଇଜି ପକ୍‌ତାର୍,
"ତଡ଼ାନ୍‌କୁ, ଜଦି ଲୋକାଙ୍ଗ ୱେଡ଼ିକାକିନି ୱାଜା ମି ଇନି ଉପଦେସ୍
ସିନିକା ମାନାଡ୍, ଆର୍‌ତିଙ୍ଗି ଇନ୍‌ଡୁ ।" 16 ପାଉଲ ନିଲ୍‌ଜି
ଲୋକାଙ୍ଗ ଆଲେଜ ମାନ୍‌ଡ୍ରେଙ୍ଗ ଇଜି କିୟୁ ଜୁଟ୍‌ସି ଇର୍ହାନ୍:
ଉଣ୍ଡାତିମାନି ଇସ୍ରାଏଲ୍‌ତି ତଡ଼ାନ୍‌କୁ ନି ମାପୁରୁଙ୍ଗି ପାର୍‌ତାନା
କିଜିମାନି ଅଣଜିହୁଦିର୍, ନା ମାଟା ୱେନ୍‌ଡୁ! 17 ଇସ୍ରାଏଲ୍ ଲୋକା
ମାପୁରୁ ମା ଡକାରାଦାଦାରିଙ୍ଗି ବାସେକିତାନ୍ ମାରି ମିସର୍‌ତୁ ୱାର୍
ଆଇ ଦେସ୍‌ତିକାର୍ ୱାଜା ବାସାଜି ମାର୍‌ହି ସମୟ୍‌ତୁ ଉନ୍‌ଣ୍ଡି ପେରି
କୁଟୁମ୍‌ତୁ ମିସା କିତାର୍ । ମାପୁରୁ ୱାନି କାବାଆନି ସାକ୍ତିଦାନ୍
ୱାରିଙ୍ଗି ମିସରତାନ୍ ସପ୍‌ସି ତାତାନ୍, 18 ମାରି ସାଲିସ୍ ବାର୍‌ସେକ୍
ସାନ୍ଧି ମରୁବୁମିଦୁ ୱାରି ତାଗ୍‌ଇ ତାନିଙ୍ଗ ସାସ୍ କିତାନ୍ । 19
ମାରି, ୱାନ୍ କିଣାନ୍ ଦେସ୍‌ତୁ ସାତଗୋଟା କୁଟୁମ୍‌ତିଙ୍ଗ ଦଂସ କିଜି
ବାସେକିତି ଲୋକାଙ୍ଗ ଆୟା ଦେସ୍ ସିତାନ୍ । 20 ପୁରା ସାରିସ
ପଚାସ୍ ବାର୍‌ସେକ୍ ଲୋଇ ଇୟାୱିଜୁ ଗଟନା ଗଟାତାମାର୍ହାଡ୍ ।
ଇୟା ୱେନ୍‌କା ସାମୁଏଲ୍ ବାବବାଦିଦି ସମୟ ସାନ୍ଧି ମାପୁରୁ ୱାରି
ମୁସ୍‌କୁ ବିସାର୍ କିନିୱାରିଙ୍ଗ ଆସ୍‌କିତାନ୍ । 21 ଏସ୍ତିୱାଲେ ୱାର୍
ଅରେନ୍ ରାଜାଦିଙ୍ଗ ବଦା କିତାର୍, ମାପୁରୁ ୱାରି ମୁସ୍‌କୁ ସାଲିସ୍
ବାର୍‌ସେକ୍ ସାନ୍ଧି ସାସନ୍ କିନି ଉଣ୍ଡିଙ୍ଗି ବିନ୍ୟାମିନ୍ କୁଟୁମ୍‌ତି କିଶତି
ମାରିସି ସାଉଲତିଙ୍ଗି ଆସ୍‌କିତାନ୍ । 22 ତାନିୱେନ୍‌କା ମାପୁରୁ
ୱାନିଙ୍ଗ ରାଜାଗାଦିଦାନ୍ ସପ୍‌ସି ଦାଉଦତିଙ୍ଗି ୱାରି ରାଜା କିତାନ୍ ।
ମାପୁରୁ ୱାନି ବିସୟ୍‌ତାନ୍ ସାକିୟ୍ ଇର୍ହାମାର୍ହାନ୍, ନାନ୍ ଏମେନାନି
ଲୋକାଙ୍ଗି ଜିବନ୍‌ନନା, ଜେସିଦି ମାରିସି ଦାଉଦ ଆୟାନାନି

ଅରେନ୍; ୱାନ୍ ନା ବଦାଦାନ୍ ୱିଜୁ ପାଣି କିନାନ୍ । 23 ଇୟା
ଦାଉଦ କୁଟୁମ୍‌ତି ଜିସୁଙ୍କୁଁ ମାପୁରୁ ୱାନି ପାର୍‌ମାଣ୍ ଇସାବ୍‌ତାନ୍
ଇସ୍ରାଏଲ୍ ଜାତିଦି ରକିୟାକର୍ତ୍ତା କିତାମାନାନ୍ । 24 ଜିସୁ ୱାନି ପାଣି
ଆରାମ୍ କିନି ଆଗ୍‌ଡ଼ିରାନ୍ ଜୋହନ ଇସ୍ରାଏଲ୍‌ତି ୱିଜୁ ଲୋକା
ଲାକ୍‌ତୁ ପ୍ରଚାର୍ କିଜି ଇର୍‌ହାନ୍, ୱାରିଙ୍ଗୁଁ ପାପ୍‌ତାନ୍ ମନ୍ ଡ଼େପ୍‌ସି
ଡୁବନ୍ ଅନିକା ମାନାତ୍ । 25 ମାରି ଜୋହନ ୱାନି ସେବା ପାଣି
ସେସ୍ କିନି ଆଗ୍‌ଡ଼ି ଲୋକାଙ୍ଗ ୱେନ୍‌ବାତାନ୍, ନା ବିସୟ୍‌ତାନ୍ ମି
ଅଡ଼୍‌ବିନିକା ଇନିକା? ମିର୍ ଆମାୱାନିଙ୍ଗୁଁ କାପ୍‌କିଜିନିଦେର୍, ନାନ୍
ଆକାନ୍ ଆଏ । ମାତର୍ ୱେନ୍‌ଡୁ! ନା ୱେନ୍‌କା ଏନ୍ ୱାଜିନାନ୍,
ନାନ୍ ୱାନି ପାଦାମ୍‌ତି ଜୁତେଙ୍ଗତି ଗାଟି କୁଡ୍‌ତେଙ୍ଗ ବା ନାନ୍ ଜଗ୍
ସିଲେ । 26 "ଅବ୍ରାହାମ କୁଟୁମ୍‌ତି ଏ ଇସ୍ରାଏଲ୍ ତଡ଼ାନ୍‌କୁ ମାରି
ମାପୁରୁଙ୍ଗୁଁ ପାର୍‌ତାନା କିଜିମାନି ଇବେମାନି ଅଣଜିହୁଦି ଲୋକୁ,
ମାଙ୍ଗୁଁ ନେ ଇୟା ପରିତ୍ରାଣଦି ମାଟା ସିଆୟ୍ ଆତାମାନାତ୍ । 27
ମାତର୍ ୱାନ୍ ରକିୟାକର୍ତ୍ତା, ଜିରୁସାଲାମ୍‌ତୁ ତେବାଜି ମାନିକାର୍
ମାରି ୱାରି ନେତାର୍ ଆକା ନେସ୍‌ଏର୍ ମାର୍‌ହାର୍ । ୱାର୍ ୱିଜୁ
ରମ୍‌ନିଦିନ୍‌ତୁ ପଡ଼ାଜି ମାନି ବାବବାଦିରି ମାଟାଦି ଅର୍ଥ ବୁଜାଏଜି
ମାର୍‌ହାର୍ । ଆରିଙ୍ଗୁଁବା ଜିସୁଙ୍କୁଁ ଦୋସ୍ କିଜି ୱାର୍ ବାବବାଦିରି
ବାକ୍ୟଦିଙ୍ଗୁଁ ପୁରା କିତାର୍ । 28 ସାନିଦଣ୍ଡତି ଇନି ନିନ୍ଦାଦି ମାଟା
ପୟ୍‌ଏନ୍‌ଣ୍ତା ବା ୱାନିଙ୍ଗୁଁ ସାନିଦଣ୍ଡ ସିଦେଙ୍ଗ ଇଜି ୱାର୍ ପିଲାତ୍
ରାଜେଙ୍ଗୁଁ ଇର୍‌ହାର୍ । 29 ୱାନି ବିସୟ୍‌ତାନ୍ ଦାର୍ମୁସାସ୍ତ୍ରଦୁ ଏମେ
ୱିଜୁ ବିସୟ୍ ରାସାତାମାନାତ୍, ଆୟାଇସାବ୍‌ତାନ୍ ୱିଜୁ ପାଣିକିତି
ୱେନ୍‌କା ୱାର୍ ୱାନିଙ୍ଗ କ୍ରୁସଦାନ୍ ରେପ୍‌ସି ତାସି ଉନ୍‌ତ୍ରି ଦୁକିଗୁଟାଦୁ
ଇଟ୍‌ତାର୍ । 30 ମାତର୍ ମାପୁରୁ ୱାନିଙ୍ଗୁଁ ସାତିମାଣାନ୍ ନିକ୍‌ତାନ୍,
31 ନାଣ୍ତ ଦିନ୍ ସାନ୍ଦି ୱାନି ୱାଲେ ଗାଲିଲିଦାନ୍ ଜିରୁସାଲାମ୍‌ତୁ ସନି
ୱାନିକା ଆଜିମାନି ଲୋକାଙ୍ଗ ୱାନ୍ ତରାୟ୍‌ଆତାନ୍ । ଇଲେଇ
ୱାର୍ ଇସ୍ରାଏଲ୍ ଲୋକା ଲାକ୍‌ତୁ ୱାନି ସାକି । 32 ମାରି, ମାପୁରୁ
ମା ଡକ୍ରାଦାଦାରିମାନୁ କିତି ପାର୍‌ମାଣ୍ ବିସୟ୍‌ତାନ୍ ମାପ୍ ମିଙ୍ଗୁଁ
ଇୟା ନେଗିକାବୁର ୱେର୍‌ସିନାପ୍, 33 ମାପୁରୁ ଜିସୁଙ୍କୁଁ ନିକ୍‌ସି ୱାରି
ମାରିସି ଜେ ମାଡ୍, ମା ଉଣ୍ତିଙ୍ଗୁଁ ଆୟା ପାର୍‌ମାଣ୍ ପୁରାକିତାମାନାନ୍,
ଏଣ୍ତେସ୍ ଗିତ ସଂହିତାଦି ମାରିଉନ୍‌ତ୍ରି ପାଟାଦୁ ଇୟା ମାଟାଦିଙ୍ଗ
ୱେର୍‌ସି ରାସାତାମାନାତ୍, "ନିନ୍ ନା ମାରିନ୍, ନେର୍ ନାନ୍ ମି ବୁବା
ଆତାମାନା ।" 34 ମାରି ଦୁକିଦୁ ସାବ୍‌ଦେଙ୍ଗୁଁ ଡ଼ିସ୍‌ଏନ୍‌ଣ୍ତା ୱାନିଙ୍ଗୁଁ
ସାତିମାଣାନ୍ ନିକ୍‌ତେଙ୍ଗୁଁ ଇଜି ମାପୁରୁ ଇୟା ମାଟା ଇର୍‌ହାମାର୍‌ହାନ୍;
ଦାଉଦତିଙ୍ଗୁଁ ସିତିମାନି ପାର୍‌ମାଣ୍ ଇସାବ୍‌ତାନ୍ ନାନ୍ ନିଙ୍ଗୁଁ ପବିତ୍ର
ନି ସତ୍‌ତି ଆସିର୍ବାଦ୍ ଦାନ ସିନା । 35 ସାସ୍ତ୍ରଦୁ ମାରି ଉଣ୍ତ ବାଡିଦୁ
ରାସାତାମାନାତ୍, ନିନ୍ ନିଜେଦି ବିସ୍‌ବାସ୍‌ତାନ୍ ସେବାକିନିୱାନିଙ୍ଗ
ଦୁକିଦୁ ସାବ୍‌ଦେଙ୍ଗୁଁ ଡ଼ିସ୍‌ସୋ ସିଇ । 36 ଦାଉଦ ୱାନି ସାସନ୍
କିନିୱାଲେ ମାପୁରୁଦି ବଦା ପୁରାକିଜି ସାରାସାରି ସାତାନ୍ ମାରି
ଡକ୍ରାଦାଦ୍‌ସିୱାଲେ ମୁସାୟ୍‌ଆତାନ୍ । ୱାନି ମେନ୍ଦୁଲ୍ ଦୁକିଦୁ
ସାବିତାତ୍ । 37 ମାତର୍ ମାପୁରୁ ଆମାୱାନିଙ୍ଗୁଁ ସାତିମାଣାନ୍
ନିକ୍‌ତାନ୍, ୱାନ୍ ସାବ୍‌ଏନ୍ । 38 ମାରି, ଏ ତଡ଼ାନ୍‌କୁ, ମିର୍
ଇକା ନେସ୍‌ତୁ ଜେ, କେବଲ ମୋସାଦି ମାଣାନ୍ ମି ଲାକ୍‌ତୁ
ପାପ୍ କେମାଦି ସୁସମାଚାର୍ ପ୍ରଚାର୍ ଆଜିନାତ୍, 39 ମାରି,
ମସାଦି ନିୟମ୍‌ତାନ୍ ଏମେ ୱିଜୁ ବିସୟ୍‌ତାନ୍ ମିର୍ ମୁକ୍‌ଡ଼ାଜି
ଦାର୍ମୁ ଲୋକୁ ଆଦେଙ୍ଗ ଆଟ୍‌ଇତିଦେର୍, ବିସ୍‌ବାସ୍‌କିନି ୱିଜେରେ
ଲୋକୁ ଜିସୁଦି ମାଣାନ୍ ଆୟାୱିଜୁ ବିସୟ୍‌ତାନ୍ ମୁକ୍‌ଡ଼ାଜି ଦାର୍ମୁ
ଲୋକୁ ଆଦେଙ୍ଗୁଁ ଆଟ୍‌ନାନ୍ । 40 ଜାଗାର୍‌ତା, ବାବବାଦିର୍
ଆମାକା ଇର୍‌ହାମାନାର୍, ଆକା ଏଣ୍ତେସ୍ ମି ଉଣ୍ତିଙ୍ଗୁଁ ଗଟାଏତ୍ ।
41 ଏ ମାନାଇଲୋକ୍! ମିର୍ କଲବଲ୍ ଆଜି ସାଦୁ! ଇରିଙ୍ଗ ନାନ୍
ନେର୍ ଏମେ ପାଣି କିଜିନା, ଏନ୍ ଆକା ବୁଜା କିଜି ସିତିଙ୍ଗ ବା
ମିର୍ ବିସ୍‌ବାସ୍ କିଇଦେର୍ । 42 ପାଉଲ ନି ବର୍ଣ୍ଣବା ପାର୍‌ତନା
ଇଲୁ ଡ଼ିସ୍‌ସି ସନିୱାଲେ, ମାରିଉନ୍‌ଣ୍ତି ରମ୍‌ନିଦିନ୍ ଡ଼େସିୱାଜି
ଇୟାୱିଜୁ ବିସୟ୍‌ତାନ୍ ମାରି ନାଣ୍ତ ବୁଜାକିଦେଙ୍ଗୁଁ ଇଜି ୱାରିଙ୍ଗୁଁ
ଲୋକୁ କୁକ୍‌ତାର୍ । 43 ଲୋକୁ ମିଟିଙ୍ଗୁଁ ଡ଼ିସ୍‌ସି ସର୍ହି ୱେନ୍‌କା ନାଣ୍ତ
ଜିହୁଦି ନି ଜିହୁଦି ଦର୍ମଦି ଲୋକୁ ଅଣଜିହୁଦିର୍ ପାଉଲ ନି ବର୍ଣ୍ଣବାଦି
ୱାଲେ ସର୍ହାର୍, ସିସୁର୍ ୱାରିୱାଲେ ମିସାଜି ମାପୁରୁଦି ଦୟାଦାନ୍
ଜିବନ୍ କାଟେ କିଦେଙ୍ଗ ୱାରିଙ୍ଗୁଁ ୱେଡ଼ିକା ସିତାର୍ । 44 ୱେନ୍‌କାରି
ରମ୍‌ନି ଦିନ୍‌ତୁ ଗାଡ୍‌ତି ୱିଜେରେ ପ୍ରବୁଦି ବାକ୍ୟ ୱେନ୍‌ଦ୍ରେଙ୍ଗୁଁ ଇଜି
ଉଣ୍ତାତାର୍ । 45 ଲୋକୁଗହଲି ସୁଡ଼ିଜି ଜିହୁଦିର୍ ରିସାଆତାର୍
ମାରି ପାଉଲତି ମାଟାଦୁ ଜିଦ୍ କିଜି ୱାନିଙ୍ଗୁଁ ନିନ୍ଦା କିତାର୍ । 46
ମାତର୍ ପାଉଲ ନି ବର୍ଣ୍ଣବା ମାରି ନାଣ୍ତ ଆଟ୍‌ୱାଦାନ୍ ଇର୍‌ହାର୍, ମି
ଲାକ୍‌ତୁ ପାର୍‌ତୁମ୍ ମାପୁରୁଦି ବାକ୍ୟ ପ୍ରଚାର୍ ଆନିକାମାର୍‌ହାତ୍ ।
ମାତର୍ ମିର୍ ଏସାଙ୍ଗୁୱିଜ୍‌ଇ ଜିବନ୍ ପୟେ୍‌ଦେଙ୍ଗୁଁ ଇଜି ନିଜେଦିଙ୍ଗୁଁ
ଜଗ୍ ସିଲିକା ଅଡ଼୍‌ବିଜି ତେନିଙ୍ଗ ବିସାର୍ କିତିମାନିଙ୍ଗୁଁ, ମାପ୍ ମିଙ୍ଗୁଁ
ଡ଼ିସ୍‌ସି ଅଣଜିହୁଦିରି ମାନୁ ସନାପ୍ । (aiōnios g166) 47 ଇରିଙ୍ଗୁଁ
ପ୍ରବୁ ମାଙ୍ଗୁଁ ଇୟା ମାଟା ସିତାମାନାନ୍: ନାନ୍ ମିଙ୍ଗୁଁ ଅଣଜିହୁଦିରି
ଉଣ୍ତିଙ୍ଗୁଁ ଜାୟ୍ ୱାଜା କିତାମାନା, ଏଣ୍ତେସ୍ ୱିଜୁ ଦୁନିଆ ରକିୟା
ପୟ୍‌ନାତ୍ । 48 ଅଣଜିହୁଦିର୍ ଇକା ୱେନ୍‌ଜି ୱେଡ଼ିକା ଆତାର୍
ମାରି ପ୍ରବୁଦି ମାଟା ଉଣ୍ତିଙ୍ଗୁଁ ଦନ୍ୟବାଦ୍ ସିତାର୍ । ଏମେକାର୍
ଏସାଙ୍ଗୁୱିଜ୍‌ଇ ଜିବନ୍ ଉଣ୍ତିଙ୍ଗୁଁ ବାସେଆତାମାର୍‌ହାର୍, ୱାର୍ ଆୟା
ମାଟାଦୁ ବିସ୍‌ବାସ୍ କିତାର୍ । (aiōnios g166) 49 ଆୟା ରାଜିଦି
ୱିଜୁ ବାଡିଦୁ ପ୍ରବୁଦି ବାକ୍ୟ ୱେଡ୍ଙ୍ଗୁଁତାତ୍ । 50 ମାତର୍ ଜିହୁଦିର୍
ଗାଡ୍‌ତି ପେରି ଲୋକାଙ୍ଗ ୱେରିସ୍‌କିଜି ପାଉଲ ନି ବର୍ଣ୍ଣବାଦି ମୁସ୍‌କୁ
କାସ୍ଟ ସିଦେଙ୍ଗ ଆସ୍‌ତାର୍ ମାରି ଆୟା ରାଜିଦାନ୍ ୱାରିଙ୍ଗୁଁ ସପ୍‌ତା
ପେରିତାର୍ । 51 ପ୍ରେରିତ ସିସୁର୍ ଆୟା ଲୋକା ବିରଦ୍‌ତାନ୍
ୱାରି ପାଦାମ୍‌ତି ଦୁଡ଼ି ସାଡ୍‌ସି ସିଜି ଇକନିୟାଦୁ ସର୍ହାର୍ । 52
ଆଣ୍ଟିୟକଦି ବିସ୍‌ବାସିର୍ ପବିତ୍ର ଆତ୍ମା ନି ୱେଡ଼ିକାଦୁ ପୁରା ଆତାର୍
।

**14** ଇକନିୟାଦୁ ଆୟା ଗଟନାଦି ବିସୟ୍ ମାରିଡ଼େସି ଆତାତ୍:
ପାଉଲ ନି ବର୍ଣ୍ଣବା ପାର୍‌ତନା ଇଲୁଦୁ ସଲ୍‌ସି ଇୟାୱାଜା
ପ୍ରଚାର୍ କିତାନ୍ ଜେ ନାଣ୍ତ ଜିହୁଦି ଲୋକୁ ନି ଅଣଜିହୁଦିର୍
କ୍ରିସ୍ତଦିମାନୁ ବିସ୍‌ବାସ୍ କିତାର୍ । 2 ମାତର୍ ଅବିସ୍‌ବାସି ଜିହୁଦିର୍

ଅଣଜିହୁଦିରିଙ୍ଗ୍ ବେମ୍‌ରି କିଜି ତଡ଼ାନ୍‌କା ବିରଦ୍‌ତାନ୍ ମନ୍‌ତିଙ୍ଗ୍
ଏଗ୍ରିସ୍‌କିତାର୍ । 3 ଆତିଙ୍ଗ୍‌ବା ପ୍ରେରିତ ସିସୁର୍ ପ୍ରବୁଦି ବିସୟ୍‌ତାନ୍
ଆଟ୍‌ୱାଦାନ୍ ପ୍ରଚାର୍ କିଜି ନାଣ୍ଡ ଦିନ୍ ଆବେ ତେବାତାର୍ । ସାକ୍ତିଦି
ପାଣି ନି କାବାଆନି ପାଣିୱିଜୁ କିନି ମାଣ୍‌କୁ ୱାର୍ ପାର୍‌ମାଣ୍ କିତାର୍
ଜେ, ମାପୁରୁଦି ଦୟା ବିସୟ୍‌ତାନ୍ ୱାରି ପ୍ରଚାର୍ ଆତି ମାଟା
ସତ୍‌ତାନ୍ ସତ୍ । 4 ଗାଡ଼୍‌ତି ଲୋକୁ ରୁଣ୍ଡି ଦଲ୍‌ତୁ ବାଗ୍ ଆତାର୍
। ୱାରି ଲୋଇ ଏସ ଲୋକୁ ଜିହୁଦିରିଙ୍ଗ୍ ନି ମାରି ଏସ ପ୍ରେରିତ
ସିସୁରିଙ୍ଗ୍ ମାନେଆତାର୍ । 5 ତାନିୱେନ୍‌କା ଏସ ଅଣଜିହୁଦିଲୋକ୍
ନି ଜିହୁଦିଲୋକୁ ୱାରି ନେତାର୍‌ରି ୱାଲେ ଏକ୍‌ଜୁଟ୍ ଆଜି ପ୍ରେରିତ
ସିସୁରି ଉଣ୍ଡିଙ୍ଗ୍ ତାଗ୍‌ଇ ବ୍ୟବହାର୍ କିନି ଉଣ୍ଡିଙ୍ଗ୍ ନି ୱାରିଙ୍ଗ୍
କାଲ୍‌କାଣ୍ ଡାକ୍‌ସି ସାପିସ୍ କିଦେଙ୍ଗ୍ ଇଜି ୱାର୍‌ଗିସାଜି ତିର୍ କିତାର୍
। 6 ପ୍ରେରିତ ସିସୁର୍ ଇୟା ବିସୟ୍‌ତାନ୍ ନେସ୍ଟେତଙ୍ଗ୍ ଆଟ୍‌ସି
ଲୁକାନିଆଦି ଲୁସ୍ତ୍ରା ନି ଦର୍ବି ଗାଡ଼୍‌ତୁ ମାରି ଆୟା ସାରିବେଡ଼୍‌ତି
ମାନି ରାଜିଦୁ ଉର୍‌କ୍‌ତାର୍, 7 ମାରି ଆବେ ନେଗିକାବୁର୍ ପ୍ରଚାର୍
କିତାର୍ । 8 ଲୁସ୍ତ୍ରାଦୁ ଅରେନ୍ ଜନମ୍‌ତାନ୍ ସଟାଲୋକ୍ ମାର୍ହାନ୍ ।
ୱାଦ୍ ଅଡ଼୍‌ପ୍‌ବା ବୁଲାଦେଙ୍ଗ୍ ଆଟ୍‌ଏଜି ମାର୍ହାନ୍ । 9 ଆବେ ବାସ୍‌ସି
ୱାନ୍ ପାଉଲ୍‌ତି ସିକିୟା ୱେନ୍‌ଜି ମାର୍ହାନ୍ । ୱାନି ମନ୍‌ତୁ ବିସ୍‌ବାସ୍
ଆତାତ୍ ମାରି ୱାନ୍ ନେଗେନ୍ ଆନାନ୍ ଇଜି ପାଉଲ ନେସ୍ଟେତଙ୍ଗ୍
ଆଟ୍‌ତାନ୍ । 10 ଆଦେଙ୍ଗ୍ ୱାନି ତରିନ୍ ସିଦା ସୁଡ଼୍‌ଜି ପାଉଲ
ନାଣ୍ଡ ଆଉଲିଦାନ୍ ଇର୍ହାନ୍, “ପାଦାମ୍‌ତାନ୍ ସାହାସ୍‌ଆଜି ସିଦା
ନିଲ୍‌ଆ!” ଆକାନ୍ ଗାଡ଼୍‌ସି ସାରିବେଡ଼୍‌ତି ବୁଲାଦେଙ୍ଗ୍ ଆସ୍‌ତାନ୍
। 11 ଉଣ୍ଡାତିମାର୍ହି ଲୋକୁ ପାଉଲତି ଇୟା ପାଣି ସୁଡ଼୍‌ଜି ୱାରି
ଲୁକାନିଆ ବାସାଦାନ୍ ଆଉଲି ଆଜି ଇନେ୍‌ତ୍ରଙ୍ଗ୍ ଆସ୍‌ତାର୍,
“ଦିୟାମ୍‌କୁ ଲୋକୁ ବେସ୍‌ତାନ୍ ମାବାନୁ ୱାତାମାନାର୍ ।” 12
ୱାର୍ ବର୍ଣ୍ଣବାଦିଙ୍ଗ୍ ଜିଅସ୍ ମାରି ପାଉଲ ପେରିକାନ୍ ମାନିଙ୍ଗ୍
ୱାନିଙ୍ଗ୍ ହେରମିସ୍ ଇର୍ହାର୍ । 13 ଗାଡ଼୍‌ତି ଆଡ଼୍‌ରେ ମାନି ଜିଅସ୍
ମନ୍ଦିର୍‌ତି ପୁଜାରି, ସେର୍‌ଲା ଲାକ୍‌ତୁ ଏସ ସଣ୍ଡିଙ୍ଗ୍ ନି ପୁଞ୍ଜ୍ ତାତାନ୍,
ଇରିଙ୍ଗ୍ ୱାନ୍ ମାରି ଆବେ ଉଣ୍ଡାତିମାର୍ହି ଲୋକୁ ପ୍ରେରିତ ସିସୁରି
ଉଦେସ୍‌ତାନ୍ ପୁଜା ସିଦେଙ୍ଗ୍ ଇଜି ବଦାକିତା ମାର୍ହାର୍ । 14 ୱାର୍
ଏମେ ପାଣି କିଦେଙ୍ଗ୍ ସଲ୍‌ସିମାର୍ହାର୍, ସିସୁର୍ ଅର୍ଥାତ୍ ବର୍ଣ୍ଣବା ନି
ପାଉଲ ଆକା ୱେର୍‌ଇଦାପ୍ରେ ନିଜେଦି ଆଙ୍ଗିଙ୍ଗ୍ କିସ୍‌ତା ପକ୍‌ତାର୍,
ଲୋକା ଲୋଇ ଉର୍‌କିସି ସଲ୍‌ସି ଆଉଲି ଆଜି ଇର୍ହାର୍, 15
“ମିର୍ ଏନ୍ମା ଇକା କିଜିନିଦେର୍? ମାପ୍ ମି ୱାଜା ଲୋକୁ ମାତର୍
। ମି ଲାକ୍‌ତୁ ନେଗି କାବୁର୍ ପ୍ରଚାର୍ କିଦେଙ୍ଗ୍ ଇଜି ମାରି ଇୟା
ଅସାର୍ ବିସୟ୍‌ତାନ୍ ସୁପ୍ ଆଜି, ବାଦଡ଼୍, ଦୁନିଆ, ସାମ୍‌ଦୁର୍ ନି
ଆବେମାନି ୱିଜୁ ବିସୟତି ତିଆର୍‌କିତି ଜିବନ୍‌ମାନି ମାପୁରୁଦି
ତରିନ୍ ମିଙ୍ଗ୍ ଅତେଙ୍ଗ୍ ଇଜି ମାପ୍ ଇବେ ୱାତାମାନାପ୍ । 16 ଆଗଡ଼ି
ନିଜେଦିବଦାଦାନ୍ ନିଜେଦି ସାରିଦୁ ସନେ୍‌ତ୍ରଙ୍ଗ୍ ଇଜି ମାପୁରୁ
ଲୋକାଙ୍ଗ୍ ଡ଼ିସ୍‌ତା ସିତାମାର୍ହାନ୍ । 17 ମାତର୍ ୱାନି ୱିଜୁ ନେଗି
ପାଣିଦାନ୍ ୱାନ୍ ୱିଜୁଦିନ୍ ୱାନି ୱିଜୁଦିନ୍‌ମାନି କାବୁର୍ ସିତାମାନାନ୍;
ୱାନ୍ ବାଦଡ଼୍‌ତାନ୍ ପିର୍‌ରୁ ମାରି ଟିକ୍ ୱେଡ଼ାଦୁ ପାସି ସିନାନ୍, କାଦି
ଜଗେକିନାନ୍ ମାରି ୱେଡ଼ିକାଦାନ୍ ମି ଜିବନ୍ ପୁରା କିନାନ୍ ।” 18
ଇୟାୱିଜୁ ମାଟା ଇନ୍‌ଜି ପ୍ରେରିତ ସିସୁର୍ ଏଣ୍ଡେସ୍‌କିଜିବା ପୁଜା
ସିନିମାଣାଟ୍ ୱାରିଙ୍ଗ୍ ତେବାକିତାର୍ । 19 ପିସିଦିଆଦି ଆଣ୍ଟିୟକ ନି
ଇକନିୟାଦାନ୍ ଏସ ଜିହୁଦି ଲୋକୁ ୱାତାମାର୍ହାର୍, ୱାର୍ ଲୋକାଙ୍ଗ୍
ଏଗ୍ରିସ୍‌କିଜି ପାଉଲତିଙ୍ଗ୍ କାଲ୍‌କାଣ୍‌କୁ ଡାକ୍‌ତାର୍ ମାରି ୱାନିଙ୍ଗ୍
ସାତାନ୍ ଇଜି ଅଡ଼୍‌ବିଜି ଗାଡ଼୍‌ତି ଆଡ଼୍‌ରେ ରେଲ୍‌ଜି ଅତାର୍ । 20
ମାତର୍ ସିସୁର୍ ୱାଜି ୱାନି ସାରିବେଡ଼୍‌ତି ଉଣ୍ଡାଜି ନିର୍ହି ୱେନ୍‌କା
ୱାନ୍ ନିଙ୍ଗ୍‌ଜି ଗାଡ଼୍‌ତୁ ଡ଼େସିସର୍ହାନ୍ । ମାରିନାଣ୍ଡିଙ୍ଗ୍ ୱାନ୍ ନି ବର୍ଣ୍ଣବା
ଦର୍ବିଦୁ ସର୍ହାର୍ । 21 ପାଉଲ ନି ବର୍ଣ୍ଣବା ଦର୍ବିଦୁ ସୁସମାଚାର୍
ପ୍ରଚାର୍ କିଜି ନାଣ୍ଡ ସିସୁରିଙ୍ଗ୍ ଲାବ୍ କିତାର୍ । ତାନିୱେନ୍‌କା ୱାର୍
ଲୁସ୍ତ୍ରା, ଇକନିୟା ନି ପିସିଦିଆଦି ଆଣ୍ଟିୟକଦୁ ଡ଼େସିସର୍ହାର୍ । 22
ୱାର୍ ବିସ୍‌ବାସିରିଙ୍ଗ୍ ନିଜେଦି ବିସ୍‌ବାସ୍‌ତୁ ଡାଟ୍‌ତାନ୍ ମାନେ୍‌ତ୍ରଙ୍ଗ୍
ଇଜି ମନ୍‌ତିଙ୍ଗ୍ ୱେଡ଼ିକା କିବିସ୍‌କିତାର୍ । ୱାର୍ ସିକିୟା ସିଜି
ଇର୍ହାର୍, “ମାପୁରୁଦି ରାଜିଦୁ ଡୁଗେ୍‌ଦଙ୍ଗ୍ ଇଜି ମାଙ୍ଗ୍ ନାଣ୍ଡ କାସ୍ଟଦୁକୁ
ବା ସିଜି ସନେ୍‌ତ୍ରଙ୍ଗ୍ ଆନାତ୍ ।” 23 ୱିଜୁ ମଣ୍ଡଲିଦୁ ୱାର୍ କିକୁ
ଇଡ଼୍‌ଜି ମଣ୍ଡଲିଦି ପେରି ନେତାର୍‌ରିଙ୍ଗ୍ ବାସେ କିତାର୍ ମାରି
ଏମେ ପ୍ରବୁଦିମାନୁ ୱାର୍ ବିସ୍‌ବାସ୍ କିତାମାର୍ହାର୍, ପାର୍‌ତନା
ନି ଉପବାସତି ୱାଲେ ୱାରିଙ୍ଗ୍ ଆୟା ପ୍ରବୁଦି ଲାକ୍‌ତୁ ସର୍ପେ
କିତାର୍ । 24 ପିସିଦିଆ ରାଜି ସିଜି ୱାର୍ ପାମ୍ଫିଲିଆଦୁ ୱାତାର୍
। 25 ଆବେ ପର୍ଗାଦୁ ପ୍ରଚାର୍ କିଜି ଆତ୍ତାଲିଆଦୁ ସର୍ହାର୍ । 26
ଆବେଟ୍‌କୁ ୱାର୍ ଜାହାଜ୍‌ତାନ୍ ଆଣ୍ଟିୟକଦୁ ଡ଼େସି ୱାତାର୍ । ଇୟା
ଆଣ୍ଟିୟକଦୁ ଇଲେଇ ଆତି ମାନି ପାଣି ଉଣ୍ଡିଙ୍ଗ୍ ମାପୁରୁଦି ଦୟା
ଦାନ୍ ୱାର୍ ସର୍ପେ ଆତାମାର୍ହାର୍ । 27 ୱାର୍ ଆଣ୍ଟିୟକଦୁ ଇଜି
ମଣ୍ଡଲିଦି ଲୋକାଙ୍ଗ୍ ଉଣ୍ଡାକିତାର୍ । ମାପୁରୁ ୱାରି ଉଣ୍ଡିଙ୍ଗ୍ ଆମା
ୱିଜୁ କିତାମାର୍ହାନ୍ ମାରି ଅଣଜିହୁଦିରି ବିସ୍‌ବାସ୍ ଉଣ୍ଡିଙ୍ଗ୍ ଏଣ୍ଡେସ୍
ସାରି ରେତା ସିତାମାର୍ହାନ୍, ଆୟାୱିଜୁ ୱାରିଙ୍ଗ୍ ୱେର୍‌ତାର୍ । 28
ଆବେ ବିସ୍‌ବାସିରି ୱାଲେ ୱାନ୍ ନାଣ୍ଡ ଦିନ୍ ସାନ୍ଦି ତେବାତାନ୍ ।

15 ଜିହୁଦାଦାନ୍ ଏସ ଲୋକୁ ଆଣ୍ଟିୟକଦୁ ୱାଜି, ମୋସାଦି
ନିୟମ ଇସାବ୍‌ତାନ୍ ୱାର୍ ସୁନ୍ନତ ଆଏତିଙ୍ଗ୍ ରକିୟା
ପୟେ୍‌ଦଙ୍ଗ୍ ଆଟ୍‌ଏର୍ ଇଜି ବିସ୍‌ବାସ୍‌ତି ତଡ଼ାନ୍‌କାଙ୍ଗ୍ ସିକିୟା
ସିତାର୍ । 2 ଇୟା ବିସୟ୍‌ତାନ୍ ୱାରି ୱାଲେ ପାଉଲ ନି ବର୍ଣ୍ଣବା
ନାଣ୍ଡ ଆସ୍‌ସିସାତାର୍ ଆକା, ଇକା ତିର୍ ଆତାଡ଼େଜ, ପାଉଲ,
ବର୍ଣ୍ଣବା ମାରି ଆଣ୍ଟିୟକଦି ମାରି ଏସ ଲୋକୁ ଜିରୁସାଲାମ୍‌ତୁ ସଲ୍‌ସି
ପ୍ରେରିତ ସିସୁର୍ ନି ମଣ୍ଡଲିଦି ନେତାର୍‌ରି ୱାଲେ ଇୟା ବିସୟ୍‌ତାନ୍
ୱାର୍‌ଗିଜିସାନାର୍ । 3 ମଣ୍ଡଲି ୱାରି ସନି ସୁବିଦା କିଜି ପକ୍‌ତାତ୍
ମାରି ୱାର୍ ପିନିସିଆ ନି ସମିରୋଣ ସିଜି ସନି ୱାଲେ ଅଣଜିହୁଦି
ଲୋକୁ ଏଣ୍ଡେସ୍ ମନ୍ ଡ଼େପ୍‌ସି ଦାର୍ମୁଲୋକୁ ଆତାମାନାର୍, ଆୟା
ବିସୟ୍ ୱେର୍‌ତାର୍; ଇୟା କାବୁର୍ ୱେନ୍‌ଜି ବିସ୍‌ବାସ୍‌ତି ତଡ଼ାନ୍‌କୁ
ନାଣ୍ଡେ ୱେଡ଼ିକା ଆତାର୍ । 4 ୱାର୍ ଜିରୁସାଲାମ୍‌ତୁ ଇତି ୱେନ୍‌କା
ମଣ୍ଡଲି, ପ୍ରେରିତ ସିସୁର୍ ମାରି ମଣ୍ଡଲିଦି ନେତାର୍ ୱାରିଙ୍ଗ୍ କୁକ୍‌ତାର୍
। ମାପୁରୁ ୱାରି ମାଣାନ୍ କିତିମାନି ପାଣି ବିସୟ୍‌ତାନ୍ ପାଉଲ ନି

ବର୍ଣ୍ଣବା ୱାରିଙ୍ଗୁ ୱେର୍‌ତାର୍ । 5 ମାତର୍ ପାରୁସିର୍ ଇସାବ୍‌ତାନ୍
ଜିନି ଏସ ବିସ୍‌ବାସିର୍ ନିଲ୍‌ସି ଇର୍ହାର୍, “ଅଣଜିହୁଦି ଲୋକୁ
ସୁନ୍ନତ ଆନିକା ମାନାତ୍ ମାରି ମୋସାଦି ନିୟମ୍ ମାନାଦେଙ୍ଗ ଇଜି
ୱାରିଙ୍ଗୁ ଇନିକା ନେଗେତ୍ ।” 6 ଇୟା ବିସୟ୍ ୱାର୍‌ଗିଦେଙ୍ଗୁ ଇଜି
ପ୍ରେରିତ ସିସୁର୍ ମାରି ମଣ୍ଡଲିଦି ନେତାର୍ ଉଣ୍ତାତାର୍ । 7 ନାଣ୍ତ
ସମୟ୍ ୱାର୍‌ଗିତି ୱେନ୍‌କା ପିତର ନିଲ୍‌ଜି ଇର୍ହାନ୍, “ତଡ଼ାନ୍‌କୁ
ନି ତାର୍ଙ୍ଗିକ୍, ମିର୍ ନେସ୍‌ନିଦେର୍ ଜେ ନାଣ୍ତ ଆଗ୍‌ଡ଼ିରାନ୍ ମାପୁରୁ
ଅଣଜିହୁଦି ଲୋକୁ ଲାକ୍‌ତୁ ସୁସମାଚାର୍ ପ୍ରଚାର୍ କିଜି ଆୟାଉଣ୍ତିଙ୍ଗ
ୱାରି ବିସ୍‌ବାସ୍ କିବିସ୍ କିଦେଙ୍ଗୁ ଇଜି ମି ମାଣ୍‌କୁ ନାଙ୍ଗି ବାସେ
କିତାମାର୍ହାର୍ । 8 ମାରି ୱିଜେରି ମନ୍‌ତି ଚିନ୍ତା ନେସ୍‌ସିମାନି
ମନ୍‌ତୁବାସାନି ମାପୁରୁ ମାଙ୍ଗି ଏଣ୍ଡେସ୍ ପବିତ୍ର ଆତ୍ମା ସିତା ମାନାନ୍,
ଅଣଜିହୁଦି ଲୋକାଙ୍ଗ ବା ଟିକ୍ ଆୟାୱାଜା ଦାନ୍ ସିଜି ୱାରିଙ୍ଗୁ
ସାକି ମାନାନ୍ । 9 ୱାରିଦି ନି ମା ଲୋଇ ୱାନ୍ ଇନିକା ଅଲଗା
ଇଡ୍‌ଏନ୍ । ୱାରି ବିସ୍‌ବାସ୍ ଉଣ୍ତିଙ୍ଗୁ ୱାନ୍ ୱାରି ପାପ୍ କେମା
କିତାମାନାନ୍ । 10 ଆର୍‌ତିଙ୍ଗୁ ଏମେ ବଜୁ ପିଣ୍ଡେଦଙ୍ଗୁ ଇଜି ମା
ଡକ୍ରାଦାଦା ନି ମାପ୍ ସାସ୍ କିଦେଙ୍ଗୁ ଆଟ୍‌ଏତାପ୍, ମିର୍ ଇଲେଇ
ବିସ୍‌ବାସିରି ମେପିଦୁ ଆକା ଲାଦେ କିଜି ଏନ୍ନା ମାପୁରୁଙ୍ଗୁ ପରିକା
କିଦେଙ୍ଗ ବଦାକିଜିନିଦେର୍? 11 ସିଲେ, ଇକା ଟିକ୍ ସିଲେ
। ୱାର୍ ଏମେ ବିସ୍‌ବାସ୍ କିଜି ରକିୟା ପୟ୍‌ତାମାନାର୍, ମାପ୍
ବା ଟିକ୍ ଆୟାୱାଜା ବିସ୍‌ବାସ୍ କିଜି ପ୍ରବୁ ଜିସୁଦି ଦୟା ଦାନ୍
ପରିତ୍ରାଣ ପୟ୍‌ତାମାନାପ୍ ।” 12 ପାଉଲ ନି ବର୍ଣ୍ଣବାଦି ମାଣାନ୍
ଅଣଜିହୁଦି ଲୋକା ଲୋଇ ମାପୁରୁ ଏମେ ୱିଜୁ ନାଣ୍ତ କାବାଆନି
ପାଣି ନି କାବାଆନି ବିସୟ୍ କିତାମାର୍ହାନ୍, ୱାରିମାଣ୍‌କୁ ତାନେ
ମାଟା ୱେନ୍‌ଜି ଦଲତି ୱିଜେରେ ଆଲେତା ତେବାତାର୍ । 13
ୱାର୍ ଇର୍ହି ୱିସ୍‌ତି ୱେନ୍‌କା ଜାକୁବ ଇର୍ହାନ୍, “ଏ ତଡ଼ାନ୍‌କୁ ନି
ତାର୍ଙ୍ଗିକି, ନା ମାଟା ୱେନ୍‌ତୁ! 14 ମାପୁରୁ ଏଣ୍ଡେସ୍ ଦୟା କିଜି
ଅଣଜିହୁଦି ଲୋକା ଲୋଇ ଏସ ଲୋକାଙ୍ଗ ୱାରି ଉଣ୍ତିଙ୍ଗୁ ବାସେ
କିତାମାନାନ୍, ସିମୋନ ଆୟା ମାଟା ବୁଜାକିଜି ୱେର୍‌ତାନ୍ । 15
ବାବବାଦିରି ବାକ୍ୟ ତେନିଙ୍ଗୁ ପୁରାଦାନ୍ ମାନାଜିନାତ୍ । ସାସ୍ତ୍ରଦୁ
ରାସାତାମାନାତ୍; 16 “ପ୍ରବୁ ଇନାନ୍, ତେନି ୱେନ୍‌କା ନାନ୍ ଡ଼େସି
ୱାନା ମାରି ଦାଉଦତି ରାଜିଦି ମାରିଡ଼େସି ରକିୟା କିନା । ନାନ୍
ୱାନି ଦଂସଆତି ଗୁଡ଼ା ୱିଜୁ ମାରିଡ଼େସି ତିଆର୍ କିଜି ତାନିଙ୍ଗ
ମାରି ଉଣ୍ତି ଦେବା ସାକ୍ତି କିନା । 17 ୱିଜୁ ଲୋକୁ ନା ଲାକ୍‌ତୁ
ୱାନାର୍, ଏମେ ଅଣଜିହୁଦି ଲୋକାଙ୍ଗୁ ନାନ୍ ନିଜେଦିକା କିଦେଙ୍ଗୁ
ଇଜି କୁକ୍‌ତାମାନା, ୱାର୍ ୱିଜେରେ ନାନ୍ନି ଇଜି ମାନାନାର୍ ।
18 ପ୍ରବୁ ଇୟା ମାଟା ଇର୍ହାମାନାନ୍, ପୁର୍ବେକାଡ଼ାଦୁ ଇୟା ମାଟା
ୱାନ୍ ୱେର୍‌ତା ମାର୍ହାନ୍ ।” (aiōn g165) 19 “ନା ବିଚାର୍ ଇକା,”
ଜାକୁବ ମାରି ବା ଇର୍ହାନ୍, ଏମେ ଅଣଜିହୁଦି ଲୋକୁ ମାପୁରୁଦି
ଲାକ୍‌ତୁ ୱାତାମାନାର୍, ମାଡ୍ ୱାରିଙ୍ଗୁ ମାରି ବାଦା କିଏଟ୍ ।
20 ମାତର୍ ୱାର୍ ଏଣ୍ଡେସ୍ ଦିୟାମ୍‌କାଙ୍ଗୁ ପୁଜାସିତିମାନି ଇନି
ଅସୁଚି କାଦି ଉଣୁଏର୍, ଦାରିପାଣି କିନି ପାପ୍‌ତାନ୍ ତେବାନାର୍,
କକ୍‌ଲା ସିପ୍‌ସି ଡାକ୍‌ତିମାନି ଜାତୁଦି ନେତେର୍ ନି କାଣ୍ତା ତିନ୍‌ଏର୍
ଇୟାୱିଜୁ ବିସୟ୍‌ତାନ୍ ସିକିୟା ସିଜି ୱାରି ଲାକ୍‌ତୁ ଉଣ୍ତି ଆକୁ
ରାସ୍‌ନାଟ୍ । 21 ଇରିଙ୍ଗୁ ନାଣ୍ତଦିନ୍ ଆସ୍‌ସି ୱିଜୁ ରମ୍‌ନିଦିନ୍‌ତୁ
ପାର୍‌ତନାକିନି ଇଲ୍‌କାଙ୍ଗ ମୋସାଦି ନିୟମ୍ ପଡ଼ା ଆଜିନାତ୍
ମାରି ୱିଜୁ ଗାଡ଼୍‌କାଙ୍ଗୁ ୱାନି ବାକ୍ୟ ପ୍ରଚାର୍ ଆଜିନାତ୍ । 22
ୱେନ୍‌କା ପ୍ରେରିତ ସିସୁର୍ ନି ମଣ୍ଡଲିଦି ନେତାର୍ ମାରି ମଣ୍ଡଲିଦି
ୱିଜେରେ, ଦଲତି ଏସ ଲୋକାଙ୍ଗ ବାସେକିଜି ପାଉଲ ନି ବର୍ଣ୍ଣବାଦି
ୱାଲେ ୱାରିଙ୍ଗୁ ଆଣ୍ଟିୟକଦୁ ପକ୍ଲେତଙ୍ଗୁ ଇଜି ତିର୍ କିତାର୍ ।
ବର୍ସବା ଦର୍‌ତି ଜିହୁଦା ନି ସିଲା ବିସ୍‌ବାସ୍‌ତି ତଡ଼ାନ୍‌କା ଲୋଇ
ସନ୍‌ମାନ୍ ପୟ୍‌ତାର୍ । 23 ବିସ୍‌ବାସିର୍ ରାସାତିମାନି ଆକୁଦିଙ୍ଗ
ଇୟା ରିଏରି କିୟୁଦୁ ପକ୍‌ତାର୍ । “ଆଣ୍ଟିୟକ, ସିରିଆ ମାରି
କିଲିକିୟାଦି ଅଣଜିହୁଦିରି ମାଣ୍‌କୁ ୱାତିମାନି ତଡ଼ାନ୍‌କୁ ପ୍ରେରିତ
ସିସୁର୍ ମାରି ମଣ୍ଡଲିଦି ନେତାର୍ ମାଡ଼ିସ୍ କିଜିନାର୍ । 24 ମାପ୍
ୱେନ୍‌ଜିନାପ୍ ଜେ, ମା ଦଲ୍‌ତାନ୍ ଏସ ଲୋକୁ ମି ଲାକ୍‌ତୁ ସଲ୍‌ସି
ଆମାକା ଇର୍ହାମାନାର୍, ଆବେଣ୍‌କୁ ୱାର୍ ମି ମନ୍‌ତିଙ୍ଗ ଗାବ୍ରା
ନି ତରବର୍ କିତାମାନାର୍ । ମାତର୍ ଇୟା ବିସୟ୍‌ତାନ୍ ମାପ୍
ୱାରିଙ୍ଗୁ ଇନି ସିକିୟା ସିଏପ୍ । 25 ଆଦେଙ୍ଗ ମାପ୍ ୱିଜେପେ
ଉନ୍‌ଣ୍ତି ମାଟା ଆଜି ଏସ ଲୋକ କାବୁର୍ ସିନିୱାରିଙ୍ଗୁ ବାସେ
କିଜି ମି ଲାକ୍‌ତୁ ପକ୍ଲେତଙ୍ଗୁ ଇଜି ଆସ୍‌କିତାମାନାପ୍ । ୱାର୍ ମା
ଲାଡ଼୍‌ତି ତଡ଼ାନ୍ ବର୍ଣ୍ଣବା ନି ପାଉଲତି ୱାଲେ ସନାର୍ । 26 ଇୟା
ତଡ଼୍‌କୁ ପ୍ରବୁ ଜିସୁ କ୍ରିସ୍ତୁଦି ସେବାଦୁ ନିଜେଦି ଜିବନ୍‌ତିଙ୍ଗୁ ସିତା
ମାନାର୍ । 27 ମାପ୍ ଜିହୁଦା ନି ସିଲେଙ୍ଗୁ ମି ଲାକ୍‌ତୁ ପକ୍‌ସିନାପ୍
। ମାପ୍ ଆମାକା ରାସ୍‌ସିନାପ୍, ୱାର୍ ନିଜେ ଆକା ମିଙ୍ଗି ଇନାର୍
। 28 ଏସ ଦରକାର୍ ମାନି ନିୟମ୍ ଡ଼ିସ୍‌ତିଙ୍ଗୁ ମି ମୁସ୍‌କୁ ମାରି
ଇନି ବଜୁ ତିଗ୍‌ଇ ଉଣ୍ତିଙ୍ଗ ମାପ୍ ପବିତ୍ର ଆତ୍ମାଦି ମାଣାନ୍ ସିକିୟା
ପୟ୍‌ତାମାନାପ୍ । 29 ଆୟା ଏସ ନିୟମ ଆତାତ୍; ଦିୟାମ୍‌କା
ଉଦେସ୍‌ତାନ୍ ପୁଜାସିତିମାନି ଇନି କାଦି ଉଣ୍‌ମାଟ୍, ନେତେର୍
ତିନ୍‌ମାଟ୍, କକ୍‌ଲାଦିଙ୍ଗ ପିଡ଼୍‌ସି ଡାକ୍‌ତିମାନି ଇନି ଜାତୁଦି କାଣ୍ତା
ତିନ୍‌ମାଟ୍ ମାରି ଦାରିପାଣିଦାନ୍ ବନ୍ଧ ଆନାତ୍ । ଇୟାୱିଜୁ ପାଣି
କିଇ ଉଣ୍ତିଙ୍ଗୁ ଜାଗାର୍‌ତା ମାରିଙ୍ଗୁ, ମି ନେଗିକା ଆନାତ୍ । ମା ମାଟା
ଆସ୍‌ତୁ ।” 30 ଆମା କାବୁର୍ ସିନିୱାରିଙ୍ଗୁ ପକ୍‌ତାମାର୍ହାର୍, ୱାର୍
ଆଣ୍ଟିୟକଦୁ ସଲ୍‌ସି ବିସ୍‌ବାସିରି ୱିଜୁ ଦଲ୍‌ତିଙ୍ଗୁ ଉଣ୍ତା କିଜି ଇୟା
ସିଟି ସିତାର୍ । 31 ଆବେଣି ବିସ୍‌ବାସିର୍ ସିଟିଦି ୱେଡ଼ିକାଦି କାବୁର୍
ପଡ଼ାଜି ୱେଡ଼ିକାଦୁ ପୁରା ଆତାର୍ । 32 ଜିହୁଦା ନି ସିଲା ନିଜେ
ବାବବାଦି ମାର୍ହାର୍ ମାରି ୱାର୍ ଆଣ୍ଟିୟକଦି ବିସ୍‌ବାସିରିଙ୍ଗୁ ନାଣ୍ତ
ବେଡ଼ା ସାନ୍ତି ୱାର୍‌ଜି ତଡ଼ାନ୍‌କାରି ବିସ୍‌ବାସ୍‌ତିଙ୍ଗୁ ଡାଟ୍ କିତାର୍
। 33 ଆବେ ଏସ ଦିନ୍ ତେବାତି ୱେନ୍‌କା ଏମେକାର୍ ୱାରିଙ୍ଗୁ
ପକ୍‌ତାମାର୍ହାର୍, ୱାରି ଲାକ୍‌ତୁ ଡ଼େସିସନେଡ଼୍ରଙ୍ଗ ଇଜି ବିସ୍‌ବାସ୍‌ତି
ତଡ଼ାନ୍‌କୁ ୱାରିଙ୍ଗୁ ସାନ୍ତିଦାନ୍ ପକ୍‌ତାର୍ । 34 ମାତର୍ ସିଲା ଆବେନୁ
ମାନିକା ନେଗେନ୍ ଇଜି ଅଡ଼୍‌ବିତାତ୍ । 35 ପାଉଲ ନି ବର୍ଣ୍ଣବା
ଆଣ୍ଟିୟକଦୁ ଏସ ଦିନ୍ ତେବାଜି ନାଣ୍ତ ଲୋକା ୱାଲେ ମିସାବିଡ଼ା

ଆଜି ପ୍ରବୁଦି ବାକ୍ୟ ପ୍ରଚାର୍ କିତାର୍ ମାରି ସିକିୟା ସିତାର୍ । 36
ଏସ ଦିନ୍ ୱେନ୍‌କା ପାଉଲ ବର୍ଣ୍ଣବାଦିଙ୍ଗ୍ ଇର୍ହାନ୍, “ସନାଟ୍, ମାଡ୍
ଡ଼େସିସନାଟ୍, ୱିଜୁ ଗାଡ଼୍‌କାଙ୍ଗ୍ ଏମେ ତଡ଼ାନ୍‌କାଙ୍ଗ୍ ପ୍ରବୁଦି ବାକ୍ୟ
ଏଣ୍ଡେସ୍ ୱେନିସ୍ କିତିମାର୍ହିକା, ତଡ଼ାନ୍‌କାଙ୍ଗ୍ ମିସାନାଟ୍ ମାରି
ୱାର୍ ଏଣ୍ଡେସ୍ ମାନାର୍, ବୁଜାନାଟ୍ । 37 ବର୍ଣ୍ଣବା ୱାରି ୱାଲେ
ଜୋହନ ଦର୍‌ତି ମାର୍କଙ୍ଗ୍ ଅତେଙ୍ଗ୍ ଇଜି ବଦାକିତା ମାର୍ହାନ୍, 38
ମାତର୍ ପାଉଲ ୱାନିଙ୍ଗ୍ ଅତେଙ୍ଗ ଟିକ୍ ଅଡ଼୍‌ବିଏତାନ୍; ଇରିଙ୍ଗ୍
ୱାନ୍ ଆଗ୍‌ଡ଼ି ପ୍ରଚାର୍ କିଦେଙ୍ଗ୍ ସନି ପାଣିଦୁ ୱିଜ୍‌ନି ସାନ୍ଦି ୱାରି
ୱାଲେ ତେବାଏନ୍‌ଣ୍ଡା ୱାରିଙ୍ଗ୍ ପାମ୍ପିଲିଆଦୁ ଡ଼ିସ୍‌ସି ସର୍ହାମାର୍ହାନ୍ ।
39 ଇୟା ବିସୟ୍‌ତାନ୍ ନାଣ୍ଡ ଆସ୍‌ସିସାତାର୍ ମାରି ୱାର୍ ୱେର୍‌ଏ
ଆତାର୍ । ବର୍ଣ୍ଣବା ମାର୍କଙ୍ଗ୍ ଆସ୍‌ସି ସାଇପ୍ରସ୍‌ତୁ ଏରୁ ସାରିଦୁ
ସର୍ହାନ୍ ।” 40 ମାତର୍ ପାଉଲ ସିଲେଙ୍ଗ୍ ଆସ୍‌କିତାନ୍ ମାରି
ବିସ୍‌ବାସ୍‌ତି ତଡ଼ାନ୍‌କା ମାଣାନ୍ ପ୍ରବୁଦି ଦୟାଦାନ୍ ସର୍ପେ ଆଜି
ସର୍ହାର୍ । 41 ୱାନ୍ ମଣ୍ଡଲିଆଙ୍ଗ୍ ସାକ୍ତିକିବିସ୍ କିଜି ସିରିଆ ନି
ସିଲିସିଆ ବା ସିଜି ସର୍ହାର୍ ।

**16** ପାଉଲ ଦର୍ବି ନି ଲୁସ୍ତ୍ରାଦୁ ସର୍ହାର୍ । ଆବେ ତିମତି ଦର୍‌ତି
ଅରେନ୍ କ୍ରିସ୍ଟିୟାନ୍ ବାସାଜି ମାର୍ହାନ୍ । ୱାନ୍ ଅରେନ୍ କ୍ରିସ୍ତ
ବିସ୍‌ବାସି ଜିହୁଦି ଆଇମାଦି ମାରିସି । ମାତର୍ ୱାନି ବୁବାସି
ଅରେନ୍ ଗ୍ରିକ୍ ଲୋକୁ ମାର୍ହାନ୍ । 2 ଲୁସ୍ତ୍ରା ନି ଇକନିୟାଦୁ ମାନି
ତଡ଼ାନ୍‌କା ଲୋଇ ତିମତିଦିଙ୍ଗ୍ ନେଗି ଲୋକ୍ ଇଜି ନେସ୍‌ତା
ମାର୍‌ହାର୍ । 3 ପାଉଲ ୱାନି ୱାଲେ ତିମତିଙ୍ଗ୍ ଅତେଙ୍ଗ୍ ଇଜି
ବଦା କିତାନ୍, ଆଦେଙ୍ଗ୍ ୱାନିଙ୍ଗ୍ ସୁନ୍ନତ କିତାନ୍ । ଇକା କିନି
ମାଟା ଆତାତ୍, ତିମତିଦି ବୁବାସି ଗ୍ରିକ୍ ଲୋକୁ ଇଜି ଆୟା
ବାଡିଆଙ୍ଗ୍ ବାସାତିମାନିକାର୍ ଜିହୁଦି ଲୋକୁ ନେସ୍‌ତାମାର୍ହାର୍ ।
4 ନାଣ୍ଡ ଗାଡ୍‌କୁ ନାଡ଼୍‌ମି ସିଜି ସନି ୱାଲେ ୱାର୍ ବିସ୍‌ବାସିରିଙ୍ଗ୍
ଜିରୁସାଲାମ୍‌ତି ପ୍ରେରିତ ସିସୁର୍ ନି ପେରି ନେତାର୍ ୱାରି ମାଣାନ୍
କିଆୟ୍‌ଆତି ନିତି ନିୟମ ୱିଜୁ ବୁଜାକିଜି, ଆୟାୱିଜୁ ମାନାଦେଙ୍ଗ୍
ଇଜି ଇଜିମାର୍ହାର୍ । 5 ଆବେଟ୍‌କୁ ମଣ୍ଡଲିଙ୍ଗ୍ ୱିଜୁ ବିସ୍‌ବାସ୍‌ତୁ ମାରି
ନାଣ୍ଡ ସାକ୍ତି ଆତାତ୍ ମାରି ଦିନ୍‌ତିଙ୍ଗ୍ ଦିନ୍ ଲୋକୁ ନାଣ୍ଡ ଆଦେଙ୍ଗ୍
ଆସ୍‌ତାର୍ । 6 ପବିତ୍ର ଆତ୍ମା ୱାରିଙ୍ଗ୍ ଆସିଆ ଦେସ୍‌ତୁ ପ୍ରଚାର୍
କିଦେଙ୍ଗ୍ ସାରି ପୟ୍‌ଏତାର୍ ଆକା ୱାର୍ ପ୍ରୁଗିଆ ମାରି ଗାଲାତିୟ
ରାଜିଦୁ ସର୍ହାର୍ । 7 ମିସିଆଦି ଲାକ୍‌ତୁ ଇଜି ବିତୁନିଆ ରାଜିଦୁ
ସନେଡ୍ରଙ୍ଗ୍ ସନିୱାଲେ ଜିସୁଦି ଆତ୍ମା ୱାରିଙ୍ଗ୍ ସାରି ସିଏତାତ୍
। 8 ଆଦେଙ୍ଗ୍ ୱାର୍ ମିସିଆ ନାଡ଼୍‌ମି ସିଜି ସଲ୍‌ସି ତ୍ରୋୟାଦୁ
ସର୍ହାର୍ । 9 ଆୟା ନାଡ଼ା ପାଉଲ ଉନ୍‌ଣ୍ଡି ଦର୍ସନ୍ ପୟ୍‌ତାନ୍
ଜେ, ମାସିଦୋନିଆଦି ଅରେନ୍ ଲୋକୁ ମାଡ଼ିସ୍ କିଜି ଇଜିନାନ୍,
“ମାସିଦୋନିଆଦୁ ୱାଜି ମାଙ୍ଗ୍ ସାକା କିଆ!” 10 ପାଉଲ ଇୟା
ଦର୍ସନ୍ ପୟ୍‌ତିଦାପ୍ରେ ମାସିଦନିଆଦୁ ସନେଡ୍ରଙ୍ଗ୍ ଇଜି ମାପ୍ ତିଆର୍
ଆତାପ୍, ଇରିଙ୍ଗ୍ ମାପ୍ ସତେ ନେସ୍‌ତାପ୍, ମାପୁରୁ ଆବେଣି ଲୋକା
ଲୋଇ ସୁସମାଚାର୍ ପ୍ରଚାର୍ କିଦେଙ୍ଗ୍ ଇଜି ମାଙ୍ଗ୍ କୁକ୍‌ତାମାନାନ୍
। 11 ମାପ୍ ଜାହାଜ୍‌ତାନ୍ ତ୍ରୋୟା ଡ଼ିସ୍‌ସି ସାମତ୍ରାଦୁ ସର୍ହାପ୍
ମାରି ମାରିନାଣ୍ଡିଙ୍ଗ୍ ନିଆପଲିଦୁ ଇତାପ୍ । 12 ଆବେଟ୍‌ଟାନ୍ ମାପ୍
ମାସିଦନିଆ ଜିଲାଦି ପେରି ଗାଡ୍ ପିଲିପିଦୁ ସର୍ହାପ୍ । ଇୟା
ଗାଡ୍ ଉନ୍‌ଣ୍ଡି ରୋମିୟରି ବସ୍ତି ମାର୍ହାତ୍ । ମାପ୍ ଆବେନୁ ନାଣ୍ଡ
ଦିନ୍ ତେବାତାପ୍ । 13 ରମ୍‌ନି ଦିନ୍ ଗାଡ୍ ଆଟ୍‌ରେ ମାନି ଗାଡା
ପାଡ଼ି ସର୍ହାପ୍ । ମାପ୍ ଅଡ଼୍‌ବିତାପ୍, ଆବେ ଜିହୁଦିଲୋକୁ ଉଣ୍ଡାଜି
ପାର୍‌ତାନା କିଦେଙ୍ଗ୍ ଇଜି ଉନ୍‌ଣ୍ଡି ବାଡି ତେବାନାତ୍ । ମାପ୍
ବାସ୍‌ତାପ୍ ମାରି ଆବେ ଉନ୍‌ଣ୍ଡାତି ମାର୍ହି ଆଇମା ଲୋକା ୱାଲେ
ୱାର୍‌ଗିତାପ୍ । 14 ତାମେ ଲୋଇ ତୁୟତିରା ଗାଡ୍‌ତି ସେର୍‌ଗା ରଙ୍ଗ୍
ୱାତିଗଦା ପର୍‌ଜି ମାନି ଲୁଦିଆ ଦର୍‌ତି ଅରେନ୍ ଆଇମା ମାର୍ହାତ୍
। ୱାଦ୍ ମାପୁରୁଦି ଉପାସନା କିଜିମାର୍ହାତ୍ ମାରି ପାଉଲ ଆମାକା
ଇଜିମାର୍‌ଆନ୍, ଆକା ମନ୍ ସିଜି ୱେନ୍‌ଜି ମାନାଦେଙ୍ଗ୍ ଇଜି ପ୍ରବୁ
ତାନିଙ୍ଗ୍ ସୁଜୋଗ ସିତାନ୍ । 15 ୱାଦ୍ ନି ତାନି ଇଲ୍‌ତି ୱିଜେରେ
ଡୁବନ୍ ଅତି ୱେନ୍‌କା ମାଙ୍ଗ୍ ମାଡ଼ିସ୍ କିଜି ଇର୍ହାତ୍, “ପ୍ରବୁମାନୁ
ସତ୍‌ତାନ୍ ନା ବିସ୍‌ବାସ୍ ମାନାତ୍ ଇଜି ଜଦି ମିର୍ ଅଡ଼୍‌ବିଜିନିଦେର୍,
ଆର୍‌ତିଙ୍ଗ୍ ୱାଜି ନା ଇଲ୍‌ତୁ ତେବାଦୁ ।” ୱାଦ୍ ଇୟାୱାଜା ତାନି
ଇଲ୍‌ତୁ ସନେଡ୍ରଙ୍ଗ୍ ଇଜି ମାଙ୍ଗ୍ ୱେର୍‌ତାତ୍ । 16 ଅର୍‌ଲେନ୍ ମାପ୍
ପାର୍‌ତାନା ବାଡିଦୁ ସନିୱାଲେ ଅରେନ୍ ଦାସି ରିପାଦିଙ୍ଗ୍ ବୁଡ଼ିତାପ୍
। ତାନି ଲୋଇ ମାନି ତାଗ୍‌ଇ ଆତ୍ମାଦି ସାକ୍ତିଦାନ୍ ୱାଦ୍ ବବିସତ୍
ମାଟା ଇନେଡ୍ରଙ୍ଗ୍ ଆଟ୍‌ସି ମାର୍ହାତ୍ । ୱାଦ୍ ଲୋକା ବାଗ୍ୟ ଲେକିସ୍
କିଜି, ମାଲିକ୍‌କା ଉଣ୍ଡିଙ୍ଗ୍ ନାଣ୍ଡ ଡାବୁଙ୍ଗ୍ ଉଣ୍ଡା କିଜିମାର୍ହାତ୍ । 17
ୱାଦ୍ ପାଉଲ ନି ମା ୱେନ୍‌କା ୱେନ୍‌କା ୱାଜି ଆଉଲି ଆଜି ଇର୍ହାତ୍,
“ଇୟା ଲୋକୁ ୱିଜେରିଙ୍ଗ୍ ପେରି ମାପୁରୁଦି ସେବାକିନିକାର୍
। ମିର୍ ଏଣ୍ଡେସ୍ ପରିତ୍ରାଣ ପୟ୍‌ନିଦେର୍, ଇୟା ମାଟା ୱାର୍
ଇଜିନାର୍!” 18 ରିପା ଆଇଲି ବେସି ଦିନ୍ ଆସ୍‌ସି ଇୟାୱାଜା
କିତାତ୍ । ସାରାସାରି ପାଉଲ ରିସା ଆଜି ୱେନ୍‌କା ମାର୍‌ଜି
ତାଗ୍‌ଇ ଆତ୍ମାଦିଙ୍ଗ୍ ଆଦ୍‌ରିସି ଇର୍ହାନ୍, “ଜିସୁ କ୍ରିସ୍ତଦି ଦର୍‌ତାନ୍
ଆଦେସ୍ ସିଜିନା, ତାନି ମାଣାନ୍ ସହସ ସାଙ୍ଗ୍ଆ!” ଆୟା ଦାପ୍ରେ
ତାଗ୍‌ଇ ଆତ୍ମା ତାନି ମାଣାନ୍ ସତା ସର୍ହାତ୍ । 19 ଏସ୍ତିୱାଲେ ତାନି
ମାଲିକ୍‌କୁ ନିଜେଦି ଡାବୁଙ୍ଗ୍ ଉଣ୍ଡାକିନିକା ଆରାତାପ୍ ଇଜି ନେସ୍‌ସି,
ପାଉଲ ନି ସିଲେଙ୍ଗ୍ ଆସ୍‌ସି ଗାଡ୍‌ତି ମଜାୟ୍ ନାଡ଼୍‌ମିବାଡିଦୁ ମାନି
ରମିୟ ନେତାର୍‌ଦି ଲାକ୍‌ତୁ ରେଲ୍‌ଜି ତାତାର୍ । 20 ମାରି, ୱାର୍
ୱାରିଙ୍ଗ୍ ରମିୟ ସାସନ୍‌କିନିୱାରି ଲାକ୍‌ତୁ ତାସି ଇର୍ହାର୍, “ଇୟା
ଲୋକୁ ଜିହୁଦିର୍, ଇୟାକାର୍ ମା ଗାଡ୍‌ତୁ ଜାଟିଜଗଡ଼ା କିଜିନାର୍
। 21 ୱାର୍ ମା ନିୟମ୍ ବିରୁଦ୍‌ତି ରିତିନିତି ଅଜାକିଜିନାର୍ ।
ମାଡ୍ ରମିୟ ଲୋକୁ, ଆଦେଙ୍ଗ୍ ଇୟାୱିଜୁ ରିତିନିତି ଆସ୍‌ତେଙ୍ଗ୍
ଆଟ୍‌ଏପ୍ ।” 22 ମାଲିକ୍‌କା ମାଟାଦୁ ଆସ୍‌ସି ଆବେ ମାନି ଲୋକୁ
ପାଉଲ ନି ସିଲାଦି ବିରଦ୍‌ତାନ୍ ନିଙ୍ଗ୍‌ତାର୍ । ପାଉଲ ନି ସିଲାଦି
ଆଙ୍ଗ୍ କୁଡ୍‌ସି ୱାରିଙ୍ଗ୍ ବାଡିଗାଦାନ୍ ଡାକେତଙ୍ଗ୍ ନେତା ଆଦେସ୍
ସିତାନ୍ । 23 ନାଣ୍ଡ ମାଡ୍ ତିର୍‌ଇ ୱେନ୍‌କା ୱାର୍ ଜଇଲ୍‌ତୁ ସର୍ହାର୍
ମାରି ୱାରିଙ୍ଗ୍ କୁସିକାଣ୍ଡି ଆର୍‌ପ୍‌ସି କାପ୍‌କିଜି ଇଡ଼େଦଙ୍ଗ୍ ଇଜି
କାପ୍‌କିନିୱାରିଙ୍ଗ୍ ଆଦେସ୍ ସିଆୟ୍ ଆତାତ୍ । 24 ଇୟା ଆଦେସ୍

ପୟ୍‌ଜି କାପ୍‌କିନିକାନ୍ ୱାରିଙ୍ଗ ଉନ୍‌ଣ୍ତି ଲୋଇରି ବାକ୍‌ରାଦୁ ଇଡ୍‌ଜି,
ବଜ୍‌ତି ମାରାନ୍ ଗଣ୍ତିଦୁ ୱାରି କାଲ୍‌କାଙ୍ଗ ତର୍‌ତା ଇଟ୍‌ତାନ୍ ।
25 ମଜାୟ୍ ନାଡ଼ା ପାଉଲ ନି ସିଲା ପାର୍‌ତନା କିଜିମାର୍ହାର୍,
ମାପୁରୁଦି ଉଦେସ୍‌ତାନ୍ ପାଟା ପାର୍‌ଜି ମାର୍ହାର୍ ମାରି ଜଇଲ୍‌ତୁ
ମାନି ଆଇକାର୍ ଇକା ୱେନ୍‌ଜି ମାର୍ହାର୍ । 26 ଆୟାଦାପ୍ରେନେ
ନାଣ୍ତ ବୁମିକମ୍ପ ଆତାତ୍ ମାରି ଜଇଲ୍‌ତି ମୁଲ୍‌କାଲ୍‌ତିଙ୍ଗ ଦୁକାତା
ପକ୍‌ତାତ୍ । ବେଗି ବେଗି ୱିଜୁ ସେର୍‌ଲେଙ୍ଗ ରେଆତେ ସର୍ହେ
ମାରି ୱିଜୁ ଜଇଲ୍‌ତୁ ମାନିଲୋକା ସିକିଣିଙ୍ଗ ଆର୍‌ତେ ସର୍ହେ
। 27 ଜଇଲ୍‌ତିଙ୍ଗ କାପ୍‌କିନିକାନ୍ ସେତାଆଜି ନିଙ୍ଗତାନ୍ ମାରି
ଜଇଲ୍‌ତି ସେର୍‌ଲେଙ୍ଗ ୱିଜୁ ରେଆତିକା ସୁଡ୍‌ଜି ଅଡ୍‌ବିତାନ୍
ଜେ ଜଇଲ୍‌ତୁମାନିକାର୍ ଉର୍‌କୁତାମାନାର୍; ଆଦେଙ୍ଗ ୱାନ୍ ୱାନି
କୁଡ଼ାମ୍ ସପ୍‌ସି କାତାଦେଙ୍ଗ ଇଜି ବଦା କିତାନ୍ । 28 ମାତର୍
ପାଉଲ ନାଣ୍ତ ଆଉଲିଦାନ୍ ଇର୍ହାନ୍, "ନିଜେଦିଙ୍ଗ ଇନି ନାଷ୍ଟ କିମା
। ମାପ୍ ୱିଜେରେ ଇବେ ମାନାପ୍ ।" 29 ଜଇଲ୍ କାପ୍‌କିନିକାନ୍
ଦିୱା ତାପିସ୍‌କିତାନ୍ ମାରି ଲୋଇ ଉରୁକ୍‌ସି ୱାଜି ତିର୍‌ଗିଜି
ତିର୍‌ଗିଜି ପାଉଲ ନି ସିଲାଦି କାଲ୍‌କା ଆଡ୍‌ଗି ଆର୍‌ତାନ୍ । 30
ୱେନ୍‌କା ୱାରିଙ୍ଗ ଆତ୍‌ରେ ଅସି ୱେନ୍‌ବାତାନ୍, "ଆଞ୍ଚାର୍, ରକିୟା
ପୟେ୍‌ଦଙ୍ଗ ଇଜି ନାଙ୍ଗ ଇନିକା କିଦେଙ୍ଗ ଆନାତ୍?" 31 ୱାର୍
ଇର୍ହାର୍, "ପ୍ରବୁ ଜିସୁମାନୁ ବିସ୍‌ବାସ୍ କିତିଙ୍ଗ, ନିନ୍ ମାରି ଇଲୁଦି
ୱିଜୁ ଲୋକୁ ରକିୟା ପୟ୍‌ନିଦେର୍ ।" 32 ୱେନ୍‌କା ୱାର୍ ୱାନିଙ୍ଗ
ନି ୱାନି ଇଲୁଦି ଆଇ ୱିଜେରିଙ୍ଗ ପ୍ରବୁଦି ବାକ୍ୟ ୱେର୍‌ତାର୍ । 33
ନାଡ଼ାଦି ଆୟା ସମୟ୍‌ତୁ ଜଇଲ୍‌ତିଙ୍ଗ କାପ୍‌କିନିକାନ୍ ୱାରିଙ୍ଗ ଅସି
ୱାରି ଗାଉକୁ ୱିଜୁ ନର୍‌ତା ସିତାନ୍, ମାରି ୱାନ୍ ନି ଇଲ୍‌ତି ୱିଜେରେ
ଆୟାଦାପ୍ରେ ଡୁବନ୍ ଅତାର୍ । 34 ତାନିୱେନ୍‌କା ୱାନ୍ ପାଉଲ ନି
ସିଲେଙ୍ଗ ନିଜେଦି ଇଲ୍‌ତୁ ଅସି ଉଣ୍ତେଙ୍ଗ ସିତାନ୍ । ମାପୁରୁମାନୁ
ବିସ୍‌ବାସ୍ କିତାର୍‌ଆକା ୱାନ୍ ନି ୱାନି ଇଲ୍‌ତି ୱିଜେରି ଜିବନ୍
ୱେଡ଼ିକାଦୁ ପୁରା ଆତାତ୍ । 35 ମାରିନାଣ୍ତିଙ୍ଗ ସାଲ୍‌ଦି ରମିୟ
ଅଦିକାରିର୍ ଜାମାନ୍‌କାଙ୍ଗ ଇୟା ଆଦେସ୍ ସିଜି ପକ୍‌ତାନ୍, "ଆୟା
ଲୋକାଙ୍ଗ ଡ଼ିସ୍‌ସୋ ସିଦୁ ।" 36 ଆବେଟ୍ ଜେଲ୍‌କାପ୍‌କିନିକାନ୍
ପାଉଲ୍‌ତିଙ୍ଗ ଇର୍ହାନ୍, "ଅଦିକାରିର୍ ନିଙ୍ଗ ନି ସିଲେଙ୍ଗ ମୁକୁଡ଼ା
କିଦେଙ୍ଗ ଇଜି ଆଦେସ୍ ପକ୍‌ତାମାନାନ୍ । ଇଲେଇ ମିର୍ ସାନ୍ତିଦାନ୍
ଇୟା ବାଡିଦାନ୍ ସନେ୍‌ଡ୍ରଙ୍ଗ ଆଟ୍‌ନିଦେର୍ ।" 37 ମାତର୍ ପାଉଲ
ଜାମାନ୍‌କାଙ୍ଗ ଇର୍ହାନ୍, "ଇନି ନିନ୍ବାଦୁ ଦସି ଆଏତିମାରିଙ୍ଗ ବା
ୱାର୍ ଲୋକା ଆଗ୍‌ଡ଼ି ମାଙ୍ଗ ଡାକ୍‌ତାର୍ । ମାପ୍ ରମିୟ ଲୋକୁ,
ମାତର୍ ୱାର୍ ମାଙ୍ଗ ଜଇଲ୍‌ତୁ ଇଟ୍‌ତାର୍ । ଇଲେଇ ୱାର୍ ମାଙ୍ଗ
ନେସ୍‌ଇୱାଜା ଡ଼ିସ୍‌ସୋ ସିଦେଙ୍ଗ ବଦା କିଜିନାର୍ । ମାପ୍ ଇକା
କିଦେଙ୍ଗ ସିଏପ୍ । ରମିୟ ଅଦିକାରିର୍ ନିଜେ ଇବେ ୱାଜି ମାଙ୍ଗ
ମୁକୁଡ଼ା କିପିର୍ ।" 38 ଜାମାନ୍‌କୁ ରମିୟ ଅଦିକାରିଙ୍ଗ ଇୟା ମାଟା
ୱେର୍‌ତାର୍ । ପାଉଲ ନି ସିଲା ରମିୟ ଲୋକୁ ଇଜି ୱେନ୍‌ଜି ୱାର୍
ଡିଲାତା ସର୍ହାର୍ । 39 ୱେନ୍‌କା ସଲ୍‌ସି ୱାରି ଲାକ୍‌ତୁ କେମା
ଲୋସ୍‌ତାର୍ ମାରି ୱାରିଙ୍ଗ ଜଇଲ୍‌ତାନ୍ ମୁକୁଡ଼ା କିଜି ଗାଡ୍ ଡ଼ିସ୍‌ସି
ସନେ୍‌ଡ୍ରଙ୍ଗ ମାଡ଼ିସ୍ କିତାର୍ । 40 ପାଉଲ ନି ସିଲା ଜଇଲି ଡ଼ିସ୍‌ସି
ଲୁଦିଆଦି ଇଲ୍‌ତୁ ସର୍ହାର୍ । ଆବେ ୱାର୍ ବିସ୍‌ବାସ୍‌ତି ତଡ଼ାନ୍‌କାଙ୍ଗ
ବେଟ୍ ଆତାର୍ ମାରି ୱାରିଙ୍ଗ ୱେଡ଼ିକା ମାଟା କିବିସ୍ କିଜି ଆୟା
ବାଡି ଡ଼ିସ୍‌ସି ସର୍ହାର୍ ।

17 ପାଉଲ ନି ସିଲା ଆମ୍ଫିପଲି ମାରି ଆପଲନିଆ ଗାଡ୍ ସିଜି
ସଲ୍‌ସି ତେସଲନିକିୟାଦି ଇତାର୍ । ଆବେ ଉନ୍‌ଣ୍ତି ଜିହୁଦିରି
ପାର୍‌ତନା ଇଲୁ ମାର୍ହାତ୍ । 2 ପାଉଲ ୱାନି ରିତି ଇସାବ୍‌ତାନ୍
ପାର୍‌ତନା ଇଲ୍‌ତୁ ସର୍ହାନ୍ । ଆବେ ପାକାପାକି ମୁନ୍‌ଣ୍ତି ରମ୍‌ନି ଦିନ୍
ସାନ୍ତି ଦାର୍ମୁସାସ୍ତ୍ରଦି ବାକ୍ୟ ଅସି ୱାନ୍ ଲୋକାଙ୍ଗ ୱେର୍‌ତାନ୍, 3
ଦାର୍ମୁସାସ୍ତ୍ର ୱେର୍‌ସି ମାରି ବୁଜାକିଜି ସତ୍ ତର୍‌ତାନ୍ ଜେ, ମସିହଦି
ଦୁକୁ ବଗାନିକା ମାରି ସାତି ମାଣାନ୍ ନିଙ୍ଗକା ଦର୍‌କାର୍ ମାର୍ହାତ୍ ।
ପାଉଲ ଇର୍ହାନ୍, "ଏମେ ଜିସୁଦି ବିସୟ୍ ନାନ୍ ୱେର୍‌ସିନା, ୱାନ୍
ଆୟା ମସିହ ।" 4 ୱାରି ଲୋଇ ଏସ ଲୋକୁ ଇକା ବିସ୍‌ବାସ୍
କିଜି ପାଉଲ ନି ସିଲା ୱାଲେ ମିସାତାର୍; ଆୟାୱାଜା ନାଣ୍ତ ପେରି
ଆଇମେକ୍ ମାରି ମାପୁରୁଦି ପାର୍‌ତନାକିନି ଗ୍ରିକ୍ ଲୋକା ଉନ୍‌ଣ୍ତି
ପେରି ଦଲ୍ ବା ୱାରି ୱାଲେ ମିସାତାର୍ । 5 ମାତର୍ ଜିହୁଦି ଲୋକୁ
ରିସା ଆତାର୍ ମାରି ଏସ ତାଗ୍‌ଇ ଗୁଣ୍‌ତି ଲୋକାଙ୍ଗ ଉଣ୍ତା କିଜି
ୱିଜୁ ଗାଡ୍‌କାଙ୍ଗ ମାଡ୍‌ଗୋଲ୍ କିବିସ୍ କିତାର୍ । ୱାର୍ ପାଉଲ ନି
ସିଲେଙ୍ଗ ପୟ୍‌ଜି ଲୋକା ଲାକ୍‌ତୁ ତାନି ଉଣ୍ତିଙ୍ଗ ଜେସନ୍ ଦର୍‌ତି
ଅରେନ୍ ଲୋକ୍‌ତି ଇଲୁଦିଙ୍ଗ ୱିର୍‌ସିତାର୍ । 6 ମାତର୍ ଆବେ
ପାଉଲ ନି ସିଲେଙ୍ଗ ପୟ୍‌ଏଜି, ୱାର୍ ଜେସନ୍ ନି ଆଇ ଏସ
ବିସ୍‌ବାସ୍‌ତି ତଡ଼ାନ୍‌କାଙ୍ଗ ଗାଡ୍‌ତି ଅଦିକାରିରି ଲାକ୍‌ତୁ ରେଲ୍‌ଜି
ତାସି ଆଉଲି ଆଜି ଇର୍ହାର୍, "ଇୟା ଲୋକୁ ସାରିବେଡ୍‌ତି ଜାଟି
ଜଗଡ଼ା କିଜିନାର୍! ଇଲେଇ ୱାର୍ ମା ଗାଡ୍‌ତୁ ୱାତାମାନାର୍ 7
ମାରି ଜେସନ୍ ୱାରିଙ୍ଗ ୱାନି ଇଲ୍‌ତୁ ଇଟ୍‌ତାମାନାନ୍ । ଜିସୁ ଦର୍‌ତି
ମାରି ଅରେନ୍ ରାଜା ମାନାନ୍ ଇଜି ୱେର୍‌ସି ୱାର୍ ସମ୍ରାଟଦି ୱିଜୁ
ନିୟମ୍ ଅମାନ୍ୟ କିଜିନାର୍ ।" 8 ଇୟା ମାଟା ଇଜି ୱାର୍ ଲୋକାଙ୍ଗ
ନି ଅଦିକାରିରି ଲୋଇ ନାଣ୍ତ ରିସା ନି ଜାଟି ଜଗଡ଼ା କିଜିନାର୍
। 9 ଅଦିକାରିର୍ ଜେସନ୍ ନି ବିସ୍‌ବାସିରି ମାଣାନ୍ ଡାବୁଙ୍ଗ ଅସି
ୱାରିଙ୍ଗ ମୁକୁଡ଼ା କିଜି ଡ଼ିସ୍‌ତା ସିତାର୍ । 10 ନାଡ଼ା ଆତିୱେନ୍‌କା
ବିସ୍‌ବାସ୍‌ତି ତଡ଼ାନ୍‌କୁ ପାଉଲ ନି ସିଲେଙ୍ଗ ବେରିଆଦୁ ପକ୍‌ତାର୍
। ୱାର୍ ଆବେଟାନ୍ ଇଜି ଜିହୁଦିରି ପାର୍‌ତନା ଇଲୁଦୁ ସର୍ହାର୍
। 11 ତେସଲନିକିୟାଦି ଲୋକା ବାଦ୍‌ଲୁ ଆବେଣି ଲୋକୁ ନାଣ୍ତ
ନେସ୍‌ତେଙ୍ଗ ୱେଡ଼ିକା ମାର୍ହାର୍ । ୱାର୍ ନାଣ୍ତ ୱେଡ଼ିକାଦାନ୍
ସିସୁରି ବାକ୍ୟ ୱେର୍‌ଆର୍ ମାରି ପାଉଲଦି ମାଟାଦି ସତ୍ ମାଟା
ନେସେ୍‌ତଙ୍ଗ ଇଜି ୱିଜୁଦିନ୍ ଦାର୍ମୁସାସ୍ତ୍ର ପଡ଼ାଜି ୱେନ୍‌ବାଜି ମାର୍ହାର୍
। 12 ୱାରି ଲୋଇ ନାଣ୍ତ ଲୋକୁ ବିସ୍‌ବାସ୍ କିତାର୍ । ନାଣ୍ତ
ସନ୍‌ମାନ୍‌ତି ଗ୍ରୀକ୍ ଆଇମେକ୍ ମାରି ଗ୍ରିକ୍ ଲୋକୁ ବିସ୍‌ବାସିରି
ୱାଲେ ମିସାତାର୍ । 13 ମାତର୍ ଏସ୍ତିୱାଲେ ତେସଲନିକିୟାଦି
ଜିହୁଦି ଲୋକୁ ୱେର୍‌ଆର୍ ଜେ ବେରିଆଦୁ ବା ପାଉଲ ମାପୁରୁଦି
ବାକ୍ୟ ପ୍ରଚାର୍ କିଜିନାନ୍, ୱାର୍ ଆବେ ୱାଜି ଜାଟି ଜଗଡ଼ା କିଦେଙ୍ଗ

ଇଜି ଲୋକାଙ୍ଗ ଏଗ୍ରିସ୍‌ତାର୍ । 14 ବେଗି ବେଗି ବିସ୍‌ବାସ୍‌ତି
ତଡ଼ାନ୍‌କୁ ପାଉଲ୍‌ତିଙ୍ଗ୍ ସାମ୍‌ଦୁର୍ ପାଡ଼ିସିଜି ପକ୍‌ତାର୍; ମାତର୍
ସିଲା ନି ତିମତି ରିଏର୍ ବେରିଆଦୁ ତେବାତାର୍ । 15 ପାଉଲ୍‌ତିଙ୍ଗ୍
ଅସି ମାର୍ହି ଲୋକୁ ୱାନି ୱାଲେ ଆତେନ୍‌ସ୍ ସାନ୍ଦି ସର୍ହାର୍ । 
ଆବେଟ୍‌ତାନ୍ ୱାର୍ ବେରିଆଦାନ୍ ଡ଼େସି ୱାଜି ସିଲା ନି ତିମତିଦିଙ୍ଗ
ଇର୍ହାର୍, ୱାର୍ ବେଗି ପାଉଲିତି ୱାଲେ ମିସାପିର୍ ଇଜି ପାଉଲ
ଆଦେସ୍ ସିତାମାନାନ୍ । 16 ଆତେନ୍‌ସ୍ ସିଲା ନି ତିମତିଙ୍ଗ୍
କାପ୍‌କିନି ସମୟ୍‌ତୁ ଗାଡ଼୍ ଦିୟାମ୍‌କାଙ୍ଗ ପୁରାଆତିମାନିକା ସୁଡୁଜି
ପାଉଲ ନାଣ୍ଡୁ ଦୁକ୍ ଆତାନ୍ । 17 ଆଦେଙ୍ଗ୍ ୱାନ୍ ପାର୍‌ତନା ଇଲୁଦୁ
ଜିହୁଦି ଲୋକା ୱାଲେ ମାପୁରୁଦି ପାର୍‌ତନାକିନି ଅଣଜିହୁଦିରି
ୱାଲେ ଇୟା ବିସୟ୍‌ତାନ୍ ସବୁଦିନ୍ ୱାର୍‌ଗିଦେଙ୍ଗ୍ ଆସ୍‌ତାନ୍ ।
ଗାଡ଼୍‌ତି ଡେଣା ବାଡିଆଙ୍ଗ୍ ସନିୱାନିକା ଆଜିମାନି ଲୋକା ୱାଲେ
ଆୟା ବିସୟ୍‌ତାନ୍ ୱାର୍‌ଗିତାର୍ । 18 ଏସ "ଏପିକ୍ୟୁରିଆନ୍
ନି ସ୍ଟୋଇକ୍" ସିକିୟା ଗୁରୁରି ୱାଲେ ୱାନି ଆସ୍‌ସିସାତାର୍ ।
ୱାରି ଲୋଇ ଏସଲୋକ୍ ଇର୍ହାର୍, "ଇୟା ବୁଦିସିଲିକାନ୍ ଇନିକା
ଇନେ୍‌ଡ୍ରଙ୍ଗ୍ ସଲ୍‌ସିନାନ୍?" ଆଇକାର୍ ଇର୍ହାର୍, "ଆଇଦେସ୍‌ତି
ଦିୟାମ୍‌କା ବିସୟ୍‌ତାନ୍ ୱାନ୍ ସୁସମାଚାର୍ ପ୍ରଚାର୍ କିନିକା ୱାଜା
ଆଜିନାତ୍ ।" ଜିସୁ ନି ୱାନି ମାରିଡ଼େସି ନିଙ୍ଗ୍‌ନି ବିସୟ୍‌ତାନ୍ ପାଉଲ
ପ୍ରଚାର୍ କିନିକା ୱେନ୍‌ଜି ୱାର୍ ଇକା ଇର୍ହାର୍ । 19 ଆୟାଉଣ୍ଡିଙ୍ଗ
ୱାର୍ ପାଉଲ୍‌ତିଙ୍ଗ୍ ଆସ୍‌ତା ଅତାର୍ ମାରି ୱାନିଙ୍ଗ ଏରିୟ୍ ପାଗସ୍
ଦର୍‌ତି ଗାଡ଼୍ ମିଟିଙ୍ଗ୍‌ତୁ ତାସି ଇର୍ହାର୍, "ନିନ୍ ଏମେ ପୁନି ସିକିୟା
ବିସୟ୍‌ତାନ୍ ୱେର୍‌ସିନି, ଆୟା ବିସୟ୍‌ତାନ୍ ମାପ୍ ନେସେ୍‌ତଙ୍ଗ୍
ବଦା କିଜିନାପ୍ । 20 ନିନ୍ ୱେର୍‌ସି ମାନି ଏସ ମାଟା ମାଙ୍ଗ୍ କାବା
ୱାଜିନାତ୍ । ମାପ୍ ତାନି ଅର୍ତ ନେସେ୍‌ତଙ୍ଗ ବଦାକିନାପ୍ ।" 21
ଆତେନ୍‌ସ୍‌ତି ଲୋକୁ ମାରି ଆବେ ବାସାକିନି ଆଇଦେସ୍‌ତିକାର୍
ପୁନି ବିସୟ୍ ୱେନେ୍‌ଡ୍ରଙ୍ଗ୍ ନି ଇନେ୍‌ଡ୍ରଙ୍ଗ ନାଣ୍ଡୁ ଜିବନ୍ ନଜି ମାର୍ହାର୍
। ଇବେ ୱାର୍ ନାଣ୍ଡୁ ସମୟ୍ ସିଜି ମାର୍ହାର୍ । 22 ପାଉଲ ଏରିୟ୍
ପାଗସ୍ ଗାଡ଼୍ ମିଟିଙ୍ଗ୍ ଆଗ୍‌ଡ଼ି ନିଲ୍‌ସି ଇର୍ହାନ୍, "ଆତେନ୍‌ସ୍‌ତି
ବାସାନିଲୋକୁ, ମିର୍ ୱିଜେରେ ଦାର୍ମୁ ଲୋକୁ ଜଣା ପଡ଼ାଜିନାତ୍
।" 23 ନାନ୍ ମି ଗାଡ଼୍ ବୁଲାଜି ସୁଡ଼୍‌ତି ୱାଲେ ମି ପୁଜାକିନି ବାଡିଦୁ
ସୁଡୁତା । ଉନ୍‌ଣ୍ଡି ପୁଜା ସିନି ବେଦି ମୁସ୍‌କୁ ଉନ୍‌ଣ୍ଡି ନେସେଇ
ମାପୁରୁଦି ଉଦେସ୍‌ତାନ୍, ରାସାତି ମାନିକା ବା ସୁଡୁତା । ମିର୍
ନେସ୍‌ଏନ୍‌ଣ୍ଡା ଆମା ତାନିଙ୍ଗ୍ ପୁଜା କିଜିନିଦେର୍, ଇଲେଇ ୱାନି
ମାଟା ମି ଲାକ୍‌ତୁ ପ୍ରଚାର୍ କିଦେଙ୍ଗ୍ ସଲ୍‌ସିନା । 24 ମାପୁରୁ ଦୁନିଆ
ନି ଆବେ ମାନି ୱିଜୁ ବିସୟ୍ ତିଆର୍ କିତାନ୍ । ୱାନ୍ ମୁସ୍‌କୁପୁର୍
ନି ଦୁନିଆଦି ପ୍ରବୁ । ଲୋକା କିକାଣ୍ ତିଆର୍ ଆତି ମନ୍ଦିର୍‌କାଙ୍ଗ
ୱାନ୍ ବାସାଏନ୍ । 25 ମାଡ଼୍ ୱାନି ଉଣ୍ଡିଙ୍ଗ୍ ପାଣି କିଜି ୱାନିଙ୍ଗ୍
ସିଦେଙ୍ଗ ଆଟ୍‌ନିନାନି ଇନି ବିସୟ୍ ୱାନ୍ ବଦା କିଏନ୍; ଇରିଙ୍ଗ୍
ୱାନ୍ ୱିଜେରିଙ୍ଗ୍ ଜିବନ୍, ପୁନ୍‌ଣ୍ଡା ମାରି ୱିଜୁ ଦର୍‌କାର୍ ବିସୟ୍
ସିତାମାନାନ୍ । 26 ଅରେନ୍ ଲୋକ୍‌ତି ମାଣାନ୍ ୱାନ୍ ୱିଜୁ ଲୋକୁ
ଜାତିଦିଙ୍ଗ୍ ତିଆର୍ କିତାମାନାନ୍ ମାରି ୱାନି ଆଦେସ୍‌ତାନ୍ ୱାର୍
ଦୁନିଆଦି ନାଣ୍ଡୁ ବାଡିଆଙ୍ଗ୍ ବାସାନାର୍, ଏମେ ସମୟ୍‌ତୁ, ଏନ୍
ଏମେ ବାଡିଦୁ ବାସାନାନ୍, ଆଗ୍‌ଡ଼ିରାନ୍ ମାପୁରୁ ଆକା ତିଆର୍
କିତାମାନାନ୍ । 27 ୱାନି ଉଦେସ୍ ମାର୍ହାତ୍, ୱିଜେରେ ଏଣ୍ଡେସ୍
ୱାନିଦି ପୟ୍‌ଜି ୱାନିଙ୍ଗ୍ ପୟ୍‌ନାର୍ । ମାତର୍ ସତ୍‌ତାନ୍ ମାପୁରୁ
ଆମାୱାନିମାଣାନ୍ ଆକ ସିଲେନ୍ । 28 ଇୟା ବିସୟ୍‌ତାନ୍ ଅରେନ୍
ଲୋକୁ ଇର୍ହାମାନାନ୍, "ୱାନିମାନୁନେ ମା ଜିବନ୍‌ତି ଜିନିକା,
ବୁଲାନିକା ନି ତେବାନିକା ।" ମି ରାସ୍‌ନିୱାରି ଲୋଇ ଏସଲୋକ୍
ଇର୍ହାମାନାର୍, "ମାପ୍ ବା ୱାନି କଡ଼ର୍ ।" 29 ମାପ୍ ମାପୁରୁଦି କଡ଼ର୍
ଆତିମାନିଙ୍ଗ ଲୋକା ମାଣାନ୍ ତିଆର୍‌ଆତି ବାଙ୍ଗାରାମ୍, ୱେନ୍‌ଣ୍ଡି
ମାରି କାଲ୍‌ତାନ୍ ତିଆର୍‌ଆତି ବମାଦି ରୁପ୍‌ତାନ୍ ମାପୁରୁଦି ୱାଜା
ଏତ୍‌କିଦେଙ୍ଗ ଆଟ୍‌ଏଟ୍ । 30 ଲୋକୁ ମାପୁରୁଙ୍ଗ୍ ନେସ୍‌ଇୱାଲେ
ୱାନ୍ ଆୟା ଦସ୍ ଆସ୍‌ଏନ୍ ମାର୍ହାନ୍, ମାତର୍ ଇଲେଇ ଆୟାୱିଜୁ
ୱିଜେରିଙ୍ଗ୍ ୱାରି ପାପ୍ ସାରିଦାନ୍ ଡ଼େସିୱାଦେଙ୍ଗ୍ ଇଜି ଆଦେସ୍
ସିଜିନାନ୍ । 31 ୱାନ୍ ଉନ୍‌ଣ୍ଡି ଦିନ୍ ତିର୍ କିତାମାନାନ୍ । ଆୟା
ଦିନ୍ ୱାନ୍ ୱାନି ବାସେଆତି ଲୋକ୍‌ତି ମାଣାନ୍ ୱିଜୁ ଦୁନିଆଦି
ନ୍ୟାୟ୍ ବିସାର୍ କିନାନ୍ । ଆୟା ଲୋକ୍‌ତିଙ୍ଗ ସାତିମାଣାନ୍ ନିକ୍‌ତି
ମାଣାନ୍ ୱାନ୍ ଇୟା ମାଟାଦି ସତ୍ ୱିଜେରରିଙ୍ଗ୍ ୱେର୍‌ତା ମାନାନ୍!
32 ପାଉଲତିମାଣାନ୍ ସାତି ମାଣାନ୍ ମାରିଡ଼େସି ନିଙ୍ଗ୍‌ନି ବିସୟ୍
ୱେନ୍‌ଜି ୱାରି ଲୋଇ ଏସ ଲୋକୁ ୱାନିଙ୍ଗ୍ ସେମାର୍‌କିତାର୍,
ମାତର୍ ଆଇକାର୍ ଇର୍ହାର୍, "ନିବାଣ୍‌କୁ ଇୟା ବିସୟ୍‌ତାନ୍ ମାପ୍
ମାରି ଉନ୍‌ଣ୍ଡି ଦେବା ୱେନେ୍‌ଡ୍ରଙ୍ଗ୍ ବଦା କିଜିନାପ୍ ।" 33 ଆୟା
ନାଣ୍ଡିରି ମିଟିଙ୍ଗ୍ ଡ଼ିସ୍‌ସି ପାଉଲ ସର୍ହାନ୍ । 34 ଡାୟୋନିସିଅସ୍
ଦର୍‌ତି ମିଟିଙ୍ଗ୍‌ତି ଅରେନ୍ ଲୋକୁ, ଦାମାରି ଦର୍‌ତି ଅରେତ୍ ଆଇ
ମାନି ମାରି ଏସ ଲୋକୁ ବିସ୍‌ବାସ୍ କିତେ ମାରି ୱାନି ୱାଲେ
ମିସାତାର୍ ।

**18** ଇୟା ୱେନ୍‌କା ପାଉଲ ଆତେନ୍‌ସ୍ ଡ଼ିସ୍‌ସି କରନ୍ତିଦୁ ୱାତାନ୍
। 2 ମାରି ୱାନ୍ ଆକିଲା ଦର୍‌ତି ଜିହୁଦି ଲୋକ୍‌ତିଙ୍ଗ
ବେଟ୍‌ଆତାନ୍, ପନ୍ତୁଦୁ ୱାନ୍ ଜନମ୍ ଆତାମାର୍ହାନ୍; ସମ୍ରାଟ
କ୍ଲାଡିୟସ୍ ୱିଜେରେ ଜିହୁଦି ଲୋକାଙ୍ଗ ରୋମ୍ ଡ଼ିସେ୍‌ତଙ୍ଗ୍ ଇଜି
ଆଦେସ୍ ସିତାମାର୍ହାନ୍‌ଆକା, ୱାନ୍ ଏସ ଦିନ୍ ଆଗ୍‌ଡ଼ି ୱାନି ଆଡ଼୍‌ସି
ପ୍ରିସ୍କିଲାଦି ୱାଲେ ଇଟାଲିଦାନ୍ ୱାତାମାର୍ହାର୍ । 3 ପାଉଲ ୱାରିଙ୍ଗ୍
ବେଟ୍‌ଆଦେଙ୍ଗ୍ ସଲ୍‌ସି ୱାରି ୱାଲେ ବାସାତାନ୍, ଇରିଙ୍ଗ୍ ୱାନ୍ ବା
ୱାରିୱାଜା ଗୁଡ଼େ୍‌ଏଙ୍ଗ୍ ତିଆର୍ କିଜି ଜିଜି ମାର୍ହାର୍ । 4 ଜିହୁଦି
ନି ଗ୍ରିକ୍‌ଲୋକା ମନ୍‌ତୁ ପ୍ରବୁଦି ଉଣ୍ଡିଙ୍ଗ ବିସ୍‌ବାସ୍ କିବିସ୍ କିଦେଙ୍ଗ୍
ଇଜି ୱିଜୁ ରମ୍‌ନି ଦିନ୍‌ତୁ ୱାନ୍ ପାର୍‌ତନା ଇଲୁଦୁ ୱାର୍‌ଗିଜି
ମାର୍ହାନ୍ । 5 ସିଲା ନି ତିମତି ମାସିଦନିଆଦାନ୍ ଡ଼େସି ୱାତି
ୱେନ୍‌କା ପାଉଲ ଜିହୁଦି ଲୋକା ଲାକ୍‌ତୁ ଜିସୁଦି ସୁସମାଚାର୍
ପ୍ରଚାର୍ କିଦେଙ୍ଗ୍ ପୁରା ସମୟ୍ ସିତାନ୍ ମାରି ଜିସୁଙ୍ଗ୍ ମସିହ ଇଜି
ସାକି ସିତାନ୍ । 6 ମାତର୍ ୱାର୍ ୱାନି ବିରୁଦ୍‌ତାନ୍ ନିନ୍ଦା କିଜି
ଇର୍ହାର୍, ତାମେ ବାଦା ୱାଜା ୱାନ୍ ନିଜେଦି ଆଙ୍ଗିଦାନ୍ ଦୁଡ଼ି ସାଡ଼୍‌ସି
ୱାରିଙ୍ଗ ଇର୍ହାନ୍, "ମି ନେତେର୍ ମି ତାଲା ମୁସ୍‌କୁ ୱାଙ୍ଗିତି, ଆରିଙ୍ଗ

ଆୟାଉଣ୍ଡିଙ୍ଗ ମିର୍ ନିଜେ ଦାଇ ଆନିଦେର୍ । ନାନ୍ ଇୟାଉଣ୍ଡିଙ୍ଗ
ଦାଇ ସିଲେ । ଆର୍ତିଙ୍ଗ ନାନ୍ ଅଣଜିହୁଦିରି ମାନୁ ସନା ।” 7
ଆବେଟ୍ ୱାନ୍ ୱାରିଙ୍ଗ ଡ଼ିସ୍ସି ମାପୁରୁଦି ପାର୍ତନା କିଜିମାନି
ତିତସ୍ ଜୁସ୍ତ ଦର୍ତି ଅରେନ୍ ଅଣଜିହୁଦିଦି ଇଲ୍ତୁ ତେବାଦେଙ୍ଗ
ସର୍ହାନ୍ । ଜୁସ୍ତଦି ଇଲୁ ଜିହୁଦି ପାର୍ତନା ଇଲୁ ଲାକ୍ତୁ ମାର୍ହାତ୍
। 8 ଜିହୁଦି ପାର୍ତନା ଇଲ୍ତି ପେରିକାନ୍ କ୍ରିସ୍ପସ୍ ନି ୱାନି
ଇଲ୍ତି ୱିଜେରେ ପ୍ରବୁମାନୁ ବିସ୍ବାସ୍ କିତାର୍ ମାରି କରନ୍ତିଦି
ମାରି ନାଣ୍ତ ଲୋକୁ ପାଉଲଦି ସିକିୟା ୱେନ୍ଜି ବିସ୍ବାସ୍ କିତାର୍
ମାରି ଡୁବନ୍ ଅତାର୍ । 9 ଉନ୍ଣ୍ତି ନାଡ଼ା ପାଉଲ ଉନ୍ଣ୍ତି ଦର୍ସନ୍
ପୟ୍ତାନ୍, ଦର୍ସନ୍ତୁ ପ୍ରବୁ ୱାନିଙ୍ଗ ଇର୍ହାନ୍, “ତିଲାମା, ପ୍ରଚାର୍
କିଜିମାନ୍ଆ । ଆବେଟାନ୍ ସୁପ୍ଚାପ୍ ତେବାମା, 10 ଇରିଙ୍ଗ ନାନ୍
ନି ୱାଲେ ଲାକ୍ତୁ ଲାକ୍ତୁ ମାନା । ଏନ୍ ନି କେତି କିଦେଙ୍ଗ
ଆଟ୍ଏନ୍, ଇରିଙ୍ଗ ଇୟା ଗାଡ଼୍ତୁ ନା ନାଣ୍ତ ଲୋକୁ ମାନାର୍ ।” 11
ଆଦେଙ୍ଗ ପାଉଲ ଆବେ ମାପୁରୁଦି ବାକ୍ୟ ବିସୟ୍ତାନ୍ ସିକିୟା
ସିଜି ବାର୍ସେକ୍ ଆଦା ତେବାତାନ୍ । 12 ଗାଲିୟୋ ଆକାୟା
ରୋମିୟ ସାସନ୍କିନିକାନ୍ ମାନି ୱେଡ଼ାଦୁ, ଜିହୁଦି ଲୋକୁ ଉଣ୍ତାଜି
ପାଉଲତିଙ୍ଗ ଆସ୍ସି ବିଚାର୍ କିନିମାନୁ ଅତାର୍ । 13 ୱାର୍ ଇର୍ହାର୍,
“ଇୟା ଲୋକୁ ମା ନିୟମ୍ ବିରୁଦ୍ତି ରିତିଦାନ୍ ମାପୁରୁଦି ପାର୍ତନା
କିଦେଙ୍ଗ ଲୋକାଙ୍ଗ କାର୍ପିସ୍ନାନ୍ ।” 14 ପାଉଲ ଇନ୍ଡ୍ରେଙ୍ଗ
ସନିୱାଲେ, ଗାଲିୟୋ ଜିହୁଦିଲୋକାଙ୍ଗ ଇର୍ହାନ୍, “ଜଦି ଇବେ
ଇନି ଦୋସ୍ବା ତାଗ୍ଇମାଟା ବିସୟ୍ ମାନାତ୍, ଆର୍ତିଙ୍ଗ ନି ଉଣ୍ତିଙ୍ଗ
ତିର୍ ଆଜି ନି ମାଟା ୱେନିକା ନା ଉଣ୍ତିଙ୍ଗ ଟିକ୍ମାଟା ଆନାତ୍
। 15 ମାତର୍ ଇୟା ବାଦା ବିସୟ୍ କେବଲ୍ ନି ନିଜେଦି ନିତି
ନିୟମ୍ ବଲ୍ ନି ଦରୁ ଜାଟିଦି ବିସୟ୍ ଆତିମାନିଙ୍ଗ ନିଜେ ତେନି
ବିଚାର୍ କିନିକା ନେଗେତ୍ । ନାନ୍ ଇୟାନାନି ବିସୟ୍, ବିସାର୍
କିଏ ।” 16 ଇକା ଇଜି ୱାନ୍ ୱାରିଙ୍ଗ ବିଚାର୍ କିନି ବାଡିଦାନ୍
ସପ୍ତାର୍ । 17 ୱାର୍ ପାର୍ତନା ଇଲ୍ତି ପେରିକାନ୍ ସୋସ୍ଥନାତିଙ୍ଗ
ଆସ୍ସି ବିଚାର୍କିନି ଆଗ୍ଡ଼ି ମାଡ୍ ଡାକ୍ତାର୍ । ମାତର୍ ଗାଲିୟୋ
ଆୟା ଉଣ୍ତିଙ୍ଗ ମନ୍ ସିଏତାନ୍ । 18 ପାଉଲ କରିନ୍ତିଦୁ ବିସ୍ବାସ୍ତି
ତଡ଼ାନ୍କା ୱାଲେ ନାଣ୍ତ ଦିନ୍ ତେବାତାନ୍ । ୱେନ୍କା ୱାରିଙ୍ଗ
ଡ଼ିସ୍ସି ପ୍ରିସ୍କିଲା ନି ଆକିଲା ୱାଲେ ସିରିଆ ତରିନ୍ ଏରୁ ନାସି
ସର୍ହାର୍ । କେଙ୍କ୍ରେୟାଦାନ୍ ଏରୁତୁ ନାତେଙ୍ଗ ଆରାମ୍ କିନି ଆଗ୍ଡ଼ି
ୱାନି ଉନ୍ଣ୍ତି ନିୟମ୍ ଇସାବ୍ତାନ୍ ୱାନି ତାଲା ଟାଙ୍କୁରୁ ଆତାନ୍ ।
19 ୱାର୍ ଏପିସସ୍ତୁ ଇତି ୱେନ୍କା ପାଉଲ ପ୍ରିସ୍କିଲା ନି ଆକ୍ୱିଲେଙ୍ଗ
ପୋକ୍ତାନ୍ । ୱାନ୍ ଆବେ ପାର୍ତନା ଇଲୁଦୁ ସଲ୍ସି ଜିହୁଦିଲୋକା
ୱାଲେ ଦାର୍ମୁ ବିସୟ୍ତାନ୍ ୱାର୍ଗିତାର୍ । 20 ଲୋକୁ ୱାନିଙ୍ଗ ମାରି
ବେସି ଦିନ୍ ତେବାଦେଙ୍ଗ ଇର୍ହାର୍, ମାତର୍ ୱାନ୍ ରାଜି ଆଏତାନ୍ ।
21 ସନି ୱେଡ଼ାଦୁ ୱାନ୍ ୱାରିଙ୍ଗ ଇର୍ହାନ୍, “ଜଦି ମାପୁରୁଦି ବଦା
ତେବାନାତ୍, ନାନ୍ ମି ଲାକ୍ତୁ ଡ଼େସି ୱାନା ।” ୱେନ୍କା ୱାନ୍
ଜାହାଜ୍ ଏକ୍ସି ଏପିସସ୍ ଡ଼ିସ୍ସି ୱାତାନ୍ । 22 ସିସେରିଆଦୁ ଇଜି
ଆବେଟାନ୍ ୱାନ୍ ଜିରୁସାଲାମ୍ତୁ ସର୍ହାନ୍ ମାରି ମଣ୍ତଲିଦିଙ୍ଗ ମାଡ଼ିସ୍
କିଜି ଆବେଟାନ୍ ଆଣ୍ଟିୟକଦୁ ସର୍ହାନ୍ । 23 ଆବେ ଏସ ଦିନ୍
ସାନ୍ଧି ମାର୍ହି ୱେନ୍କା ମାରି ୱାନ୍ ସଲ୍ସି ଗାଲାତିୟ ନି ପ୍ରୁଗିଆ
ରାଜିଦୁ ମଜାୟ୍ ସିଜି ସର୍ହାନ୍ ମାରି ସାର୍ଦୁ ବିସ୍ବାସିରିଙ୍ଗ ୱାରି
ବିସ୍ବାସ୍ତୁ ଡାଟ୍ ଆଦେଙ୍ଗ ଇଜି ୱେଡ଼ିକା କିତାନ୍ । 24 ଆୟା
ସମୟ୍ତୁ ଆଲେକ୍ଜାଣ୍ତ୍ରିଆ ଆଦୁ ଜନମ୍ ଆତିମାର୍ଇ ଆପୋଲୋ
ଦର୍ତି ଅରେନ୍ ଜିହୁଦିଲୋକୁ ଏପିସସ୍ତୁ ୱାତାନ୍ । ୱାନ୍ ଅରେନ୍
ନେଗି ପ୍ରଚାରକ ନି ଦାର୍ମୁସାସ୍ତ୍ରଦୁ ୱାନି ନାଣ୍ତ ବୁଦି ମାର୍ହାତ୍ । 25
ୱାନ୍ ପ୍ରବୁଦି ସାରି ବିସୟ୍ତାନ୍ ସିକିୟା ପୟ୍ତାମାର୍ହାନ୍ ମାରି
ଆତ୍ମାଦୁ ନାଣ୍ତ ୱେଡ଼ିକାଦାନ୍ ଜିସୁଦି ବିସୟ୍ତାନ୍ ସତ୍ ସିକିୟା ସିଜି
ମାର୍ହାନ୍ । ମାତର୍ ଇୟା ବିସୟ୍ତାନ୍ ୱାନ୍ କେବଲ୍ ଜୋହନତି
ଡୁବନ୍ ବିସୟ୍ ନେସ୍ତାମାର୍ହାନ୍ । 26 ପାର୍ତନା ଇଲୁଦୁ ୱାନ୍
ତିଲାଏନ୍ଣ୍ତା ସିକିୟା ସିଦେଙ୍ଗ ଆସ୍ତାନ୍ । ୱାନି ସିକିୟା ୱେନ୍ଜି
ପ୍ରିସ୍କିଲା ନି ଆକିଲା ୱାନିଙ୍ଗ ତାମେ ଇଲ୍ତୁ କୁକ୍ତା ଅତାର୍
ମାରି ଆବେ ୱାନିଙ୍ଗ ମାପୁରୁଦି ସାରି ବିସୟ୍ତାନ୍ ନେଗେନ୍ କିଜି
ବୁଜାକିତାସିତାର୍ । 27 ୱେନ୍କା ଆପଲୋ ଆକାୟା ରାଜିଦୁ
ସନେଡ୍ରଙ୍ଗ ଇଜି ବଦା କିତାନ୍ଆକା, ଏପିସସ୍ତି ବିସ୍ବାସ୍ତି
ତଡ଼ାନ୍କୁ ୱାନିଙ୍ଗ ସାହାଜ୍ୟ କିତାର୍ ମାରି ୱାନିଙ୍ଗ ୱେଡ଼ିକାଦାନ୍
ଆସ୍ସେଡଙ୍ଗ ଇଜି ମାଡ଼ିସ୍ କିଜି ଆକାୟାଦି ବିସ୍ବାସିରିଙ୍ଗ ସିଟି
ରାସ୍ତାନ୍ । ୱାନ୍ ଆବେ ଇଜି ମାପୁରୁଦି ଦୟାଦାନ୍ ବିସ୍ବାସି
ଆତିମାନି ଲୋକାଙ୍ଗ ନାଣ୍ତ ସାହାଜ୍ୟ କିତାନ୍ । 28 ଜିସୁ ଜେ
ମସିହ, ୱାନି ସାକ୍ତିଦି ମାଟାଦିମାଟାଦାନ୍ ଦାର୍ମୁସାସ୍ତ୍ରଦାନ୍ ଇକା
ସତ୍ ଇଜି ୱେର୍ନିୱାଲେ ୱାନ୍ ଜିହୁଦିଲୋକାଙ୍ଗ ଆରାକିତାନ୍ ।

**19** ଆପୋଲୋ କରନ୍ତିଦୁ ମାନିୱାଲେ, ପାଉଲ ଲୋଇ ତରିନ୍
ମାନି ରାଜିଙ୍ଗ ବୁଲାଜି ଏପିସସ୍ତୁ ଇତାନ୍ । ଆବେନୁ ଏସ
ସିସୁରିଙ୍ଗ ପୟ୍ତାନ୍, 2 ୱାନ୍ ୱାରିଙ୍ଗ ୱେନ୍ବାତାନ୍, “ବିସ୍ବାସ୍
କିନି ସମୟ୍ତୁ ଇନିକା ମିର୍ ପବିତ୍ର ଆତ୍ମା ପୟ୍ତିମାର୍ହିଦେର୍?”
ୱାର୍ ଇର୍ହାର୍ ସିଲେ, “ମାରି ପବିତ୍ର ଆତ୍ମା ଜେ ଏନ୍ ମାନାନ୍,
ଆକାବା ମାପ୍ ୱେନ୍ଏପ୍ ।” 3 ପାଉଲ ୱେନ୍ବାତାନ୍, ଆର୍ତିଙ୍ଗ
ମିର୍ ଏମେନାନି ଡୁବନ୍ ଆତିମାର୍ଇଦେର୍? ୱାର୍ ଇର୍ହାର୍,
“ଜୋହନତି ଡୁବନ୍ ।” 4 ପାଉଲ ଇର୍ହାନ୍, “ଆମାକାର୍ ପାପ୍ତାନ୍
ମନେଡ଼ପ୍ତା ମାର୍ହାର୍, ଜୋହନତି ଡୁବନ୍ ସିଜି ୱାନି ୱେନ୍କା
ଏନ୍ ୱାନାନ୍, ଜିସୁଦିମାନୁ ବିସ୍ବାସ୍ କିଦେଙ୍ଗ ଆନାତ୍ ଇଜି
ଲୋକାଙ୍ଗ ଇଜିମାର୍ଆନ୍ ।” 5 ୱାର୍ ଇକା ୱେନ୍ଜି ପ୍ରବୁ ଜିସୁଦି
ଦର୍ତାନ୍ ଡୁବନ୍ ଅତାର୍ । 6 ମାରି ପାଉଲ ୱାରି ମୁସ୍କୁ କିୟୁ
ଇଟ୍ତାନ୍, ଆବେଟ୍ ପବିତ୍ର ଆତ୍ମା ୱାରି ମୁସ୍କୁ ୱାତାତ୍, ମାରି
ୱାର୍ ଆଇ ବାସାଦାନ୍ ୱାର୍ଗିତାର୍ ମାରି ବାକ୍ୟ ପ୍ରଚାର୍ କିତାର୍
। 7 ୱାର୍ ୱିଜେରେ ବାର୍ ଲୋକୁ ମେମାରିର୍ ମାର୍ହାର୍ । 8
ୱେନ୍କା ପାଉଲ ଜିହୁଦିରି ପାର୍ତନା ଇଲୁଦୁ ଡୁଗୁଜି ମୁନ୍ଣ୍ତି
ଲେଜ୍କୁ ସାନ୍ଧି ସାହାସ୍ତାନ୍ ମାପୁରୁଦି ରାଜି ବିସୟ୍ତାନ୍ ୱେର୍ସି
ବିସ୍ବାସ୍ କିବିସ୍ କିଦେଙ୍ଗ ସେସ୍ଟା କିଦେଙ୍ଗ ଆସ୍ତାନ୍ । 9 ମାତର୍
ଏସ୍ତିୱାଲେ ଏସ ଲୋକୁ ଆଟ୍ୱା ନି ବିସ୍ବାସ୍ କିଏନ୍ଣ୍ତା ଲୋକା

ଆଗ୍‌ଡ଼ି ଆୟା ସାରି ବିସୟ୍‌ତାନ୍ ନିନ୍ଦା କିଦେଙ୍ଗ୍ ଆସ୍‌ତାର୍,
ନାସ୍ତିୱାଲେ ୱାନ୍ ୱାରିଙ୍ଗ୍ ଡ଼ିସ୍‌ସି ସିସୁରିଙ୍ଗ୍ ୱେର୍‌ଏ କିତାନ୍,
ମାରି ଦିନାମି ଟିରାନସ୍ ଇଲୁଦୁ ୱାର୍‌ଗିଜିସାଦେଙ୍ଗ୍ ଆସ୍‌ତାନ୍ ।
10 ଇୟାୱାଜା ଦୁଇ ବାର୍ସୁ ସାନ୍ନି ସାଲାତାତ୍; ଆବେଟ୍ ଆସିଆ
ବାସାତିମାନି ଜିହୁଦି ଲୋକୁ ନି ଅଣଜିହୁଦି ଲୋକୁ ୱିଜେରେ
ପ୍ରବୁଦି ବାକ୍ୟ ୱେର୍ହାର୍ । 11 ମାପୁରୁ ପାଉଲ୍‌ତି ମାଣାନ୍ ସାମାନ୍‌ତି
କାବାଆନି ପାଣି ୱିଜୁ କିତାନ୍ । 12 ଇୟାୱାଜା ଜେ ପାଉଲ
ଆସ୍‌ସି ମାର୍ହି ରୁମାଲ୍ ନି ୱାତିଗନ୍ଦା ରଗିଲୋକାଙ୍ଗ୍ ଲାକ୍‌ତୁ ଅତିଙ୍ଗ୍
ୱାର୍ ନେଗେନ୍ ଆଜିମାର୍ହାର୍ ମାରି ୱାରି ମେନ୍ନଲ୍‌ତାନ୍ ତାଗ୍‌ଇ
ଦୁବେଙ୍ଗ୍ ୱିଜୁ ସହସି ସଲ୍‌ସିମାର୍ହେ । 13 ଏସ ବୁଲାନି ଜିହୁଦି
ଦୁବେଙ୍ଗ୍ ପେର୍‌ନିକାର୍ ବା ପ୍ରବୁ ଜିସୁ ଦର୍ ଆସ୍‌ସି ଦୁବେଙ୍ଗ୍ ଡ଼ିସିସ୍
କିଦେଙ୍ଗ୍ ସେସ୍ଟା କିତାର୍ । ୱାର୍ ଦୁବେଆଙ୍ଗ୍ ଇଜିମାର୍ହାର୍, "ପାଉଲ
ପ୍ରଚାର୍ କିଜିମାନି ଜିସୁଦି ଦର୍‌ତାନ୍ ନାନ୍ ନିଙ୍ଗ୍ ଆଦେସ୍ ସିଜିନା
।" 14 ସ୍କେବା ଦର୍‌ତି ଅରେନ୍ ଜିହୁଦି ପେରି ଜାଜକତି ସାତ୍‌ଲୋକ୍
ମାରିସିର୍ ଇୟାୱାଜା କିଜିମାର୍ହାର୍ । 15 ମାତର୍ ଦୁବା ୱାନିଙ୍ଗ୍
ଇର୍ହାତ୍, "ନାନ୍ ଜିସୁଙ୍ଗ୍ ନେସ୍‌ନା ମାରି ପାଉଲ୍‌ତି ବିସୟ୍‌ତାନ୍
ନେସ୍‌ନା; ମାତର୍ ମିର୍ ୱିଜେରେ ଏର୍?" 16 ଦୁବା ଆସ୍‌ତି
ଲୋକୁ ୱାରିଙ୍ଗ୍ ନାଣ୍ଡଦାନ୍ ରେଲ୍‌ଜି ୱାନିତରିନ୍ ଇଟ୍‌ତାନ୍ । ୱାରି
ଆଙ୍ଗ୍‌ପାସିୟା କିସ୍‌ତାପକ୍‌ତାତ୍, ୱାର୍ କାଣ୍ଡିଆକାବ୍‌ରା ଆଜି ୱାନି
ଇଲ୍‌ତାନ୍ ଉର୍‌କୁତେ । 17 ଏପିସସ୍‌ତୁ ବାସାନି ଜିହୁଦିଲୋକୁ ନି
ଅଣଜିହୁଦିଲୋକ୍ ଇୟା ବିସୟ୍‌ତାନ୍ ୱେନ୍‌ଜି ତିଲାତାର୍ ମାରି
ଆବେ ପ୍ରବୁ ଜିସୁଦି ଦର୍ ମାରି ନାଣ୍ଡଦାନ୍ ମାନାନିକା ଆତାତ୍
। 18 ବିସ୍‌ବାସ୍‌ରି ମାଣାନ୍ ନାଣ୍ଡ ଲୋକୁ ନିଜେଦି ୱିଜୁ ତାଗ୍‌ଇ
ପାଣି ୱିଜେରରି ଆଗ୍‌ଡ଼ି ୱେକ୍‌ତାର୍ । 19 ଗୁଣିଆ ବିଦ୍ୟା ଅଜାନି
ନାଣ୍ଡ ଲୋକୁ ୱାରି ବଇଙ୍ଗ୍ ୱିଜୁ ତାସି ଲୋକା ଆଗ୍‌ଡ଼ି ଉଣ୍ଡା
କିଜି ଆଡ଼୍‌କ୍‌ତା ପକ୍‌ତାର୍ । ୱାରି ଆୟା ବଇଙ୍ଗ୍ ଦାରା ମାର୍ହାତ୍
ପଚାସ୍ ହଜାର୍ ୱେଡି ଡାବୁଙ୍ଗ୍ । 20 ଇୟାୱାଜା ପ୍ରବୁଦି ବାକ୍ୟ
ନାଣ୍ଡଦାନ୍ ୱେଙ୍ଗିତାସର୍ହାତ୍ ମାରି ନାଣ୍ଡ ସାକ୍ତିସାଲି ଆତାତ୍ । 21
ଇୟାୱିଜୁ ଗଟନା ୱେନ୍‌କା ପାଉଲ ମାସିଦନିଆ ନି ଆକାୟା
ନାମ୍‌ଡ଼ିସିଜି ଜିରୁସାଲାମ୍‌ତୁ ସନେ୍ଦ୍ରଙ୍ଗ୍ ଇଚ୍ଛା କିତାନ୍ । ୱାନ୍
ଇର୍ହାନ୍, "ଆବେ ସର୍ହି ୱେନ୍‌କା ନାନ୍ ଏଣ୍ଡେସ୍‌ବା ରୋମ୍‌ତୁ ବା
ସନା ।" 22 ଆଦେଙ୍ଗ୍ ୱାନ୍ ୱାନି ସେବାକିନି ରିଏର୍ ତଡ଼୍ ତିମତି
ନି ଏରାଷ୍ଟତିଙ୍ଗ୍ ମାସିଦନିଆଦୁ ପକ୍‌ତାନ୍, ମାତର୍ ନିଜେ ଆସିଆ
ଦେସ୍‌ତୁ ମାରି ଏସ ସମୟ ତେବାତାନ୍ । 23 ଇୟା ଲୋଇ ପ୍ରବୁ
ତର୍‌ତିମାନି ସାରି ବିସୟ୍‌ତାନ୍ ଅସି ଏପିସସ୍‌ତୁ ନାଣ୍ଡ ଜାଟିଜଗଡ଼ା
ଆତାତ୍ । 24 ଦିମତ୍ରିୟ ଦର୍‌ତି ଅରେନ୍ ୱେନ୍‌ଣ୍ଡି ତିଆର୍‌କିନିକାନ୍
ଆର୍ତ୍ତେମି ଦିୟାମ୍ ମନ୍ଦିର୍‌ତି ୱେନ୍‌ଣ୍ଡି ବମା ରସ୍‌ସି ମାର୍ହାନ୍, ଇୟା
ପର୍‌ନିମାଣାନ୍ ପାଣିକିନିକାର୍ ନାଣ୍ଡ ଲାବ୍ ପୟ୍‌ଜିମାର୍ହାର୍ । 25
ଆୟାଉଣ୍ଡିଙ୍ଗ୍ ୱାନ୍ ସାମାନ୍ ବେପାର୍‌କିନିୱାରିଙ୍ଗ୍ ଉନ୍‌ଣ୍ଡା କିଜି
ଇର୍ହାର୍, "ଆଜ୍ଞାର୍, ଇୟା ବେପାର୍ ମାଙ୍ଗ୍ ମାଜନ୍ କିତାମାନାନ୍
ଇଜି ୱିଜେରେ ନେସ୍‌ନିଦେର୍ । 26 ଇଲେଇ ଇୟା ପାଉଲ
ଇନିକା କିନାନ୍; ଆକା ମିର୍ ନିଜେ ସୁଡୁଦେଙ୍ଗ୍ ଆଟ୍‌ସିନିଦେର୍
ମାରି ୱେନେ୍ଦ୍ରଙ୍ଗ୍ ଆଟ୍‌ସିନିଦେର୍ । ୱାନ୍ ଇଜିନାନ୍, ଲୋକୁ
କିୟୁଦାନ୍ ତିଆର୍‌ଆତି ଦିୟାମ୍‌କୁ ୱିଜୁ ମୁଡୁକେ ଦିୟାମ୍‌କୁ ଆଉ,
ମାରି ୱାନ୍ ଇବେ ଏପିସସ୍ ନି ୱିଜୁ ଆସିଆ ଦେସ୍‌ତୁ ନାଣ୍ଡ
ଲୋକାଙ୍ଗ୍ ଇୟା ବିସୟ୍‌ତାନ୍ ବାମ୍ରେକିଜିନାନ୍ । 27 ଆବେଟ୍
ମା ବେପାର୍ ନାସ୍ଟ ଆନି ମୁସ୍‌କୁ ମାନାତ୍ । କେବଲ୍ ଆକାନେ
ସିଲେ, ଆମା ଦିୟାମ୍ ଆସିଆ ନି ୱିଜୁ ଦୁନିଆଦୁ ୱିଜେରି ମାଣାନ୍
ପୁଜା ପୟ୍‌ନାତ୍, ଆୟା ପେରି ଆର୍ତ୍ତେମି ଦିୟାମ୍‌ତି ମନ୍ଦିର୍ ୱେଙ୍ଗ୍‌ଜି
ତେବାଏତ୍ ନି ମାରି ଆର୍ତ୍ତେମି ଦିୟାମ୍‌ତି ୱେଙ୍ଗ୍‌ନିକା ନାସ୍ଟ ଆନାତ୍
।" 28 ଲୋକୁ ଇୟା ମାଟା ୱେନ୍‌ଜି ରିସା ଆତାର୍ ମାରି ଆଉଲି
ଆଜି ଇର୍ହାର୍, "ଏପିସିୟଦି ଆର୍ତ୍ତେମି ପେରିଦିୟାମ୍‌ତି ଜିଣାନିକା
ଆପିତ୍!" 29 ଇୟା ଜାଟିଜଗଡ଼ା ୱିଜୁ ଗାଡ଼୍‌ତୁ ୱେଙ୍ଗିତାସର୍ହାତ୍ ।
ରିସାଆତିମାର୍ହି ଲୋକୁ ପାଉଲ୍‌ତି ୱାଲେମାର୍ହି ମାସିଦୋନିଆଦି
ଗାୟସ୍ ନି ଆରିସ୍ଟାର୍କସ୍‌ତିଙ୍ଗ୍ ଆସ୍‌ସି ୱାରି ଜୁଜ୍‌କିନିବାଡ଼ିଦୁ
ତର୍‌ତା ଅତାର୍ । 30 ପାଉଲ ନିଜେ ଲୋକା ଆଗ୍‌ଡ଼ି ନିନେ୍ଦ୍ରଙ୍ଗ୍
ବଦା କିତାନ୍, ମାତର୍ ବିସ୍‌ବାସିର୍ ୱାନିଙ୍ଗ୍ ଇୟାକା କିଦେଙ୍ଗ୍
ସିଏତାର୍ । 31 ଏସ ଲୋକ ଗାଡ଼୍‌ତି ନିଜେଦି ଅଦିକାରି ସଙ୍ଗ୍‌କୁ
ପାଉଲ୍‌ତିଙ୍ଗ୍ ଜୁଦ୍‌କିନିବାଡ଼ି ଲୋଇ ସଲ୍‌ଇ ଉଣ୍ଡିଙ୍ଗ୍ ମାଡ଼ିସ୍ କିଜି
ଉନ୍‌ଣ୍ଡି ମାଟା ପକ୍‌ତାର୍ । 32 ଇୟା ସମୟ୍ ଲୋଇ ପୁରାମିଟିଙ୍ଗ୍
ମାଡ଼୍‌ଗୋଲ୍‌ତୁ ପୁରା ଆତାତ୍ । ଲୋକୁ ଦଲ୍ ଦଲ୍ ଆଜି ନାଣ୍ଡ
ଆଉଲି ଆଜିମାର୍ହାର୍, ଇରିଙ୍ଗ୍ ୱାରି ଲୋଇ ଏସ ଲୋକୁ ୱାରି
ଉଣ୍ଡାତି ମାର୍ହିକା ମାଟା ବା ନେସ୍‌ଏର୍ ମାର୍ହାର୍ । 33 ଲୋକା
ଲୋଇ ଏସ ଲୋକୁ ଇର୍ହାର୍ ଜେ, ଆଲେକ୍‌ଜାଣ୍ଡର୍ ଇୟାଉଣ୍ଡିଙ୍ଗ୍
ଦସ୍, ଇରିଙ୍ଗ୍ ଜିହୁଦି ଲୋକୁ ୱାନିଙ୍ଗ୍ ଆଗ୍‌ଡ଼ି ନିଲ୍‌ପ୍‌ତା ମାର୍ହାର୍ ।
ଆଲେକ୍‌ଜାଣ୍ଡର୍ କିୟୁ ପେର୍‌ଜି ଲୋକାଙ୍ଗ୍ ଆଲ୍‌ଜ ମାନେ୍ଦ୍ରଙ୍ଗ୍ ଇଜି
ଜୁଟ୍‌ତାନ୍ ମାରି ବିସ୍‌ବାସ୍‌ରି ତରିନ୍ ବାସଣ ସିଜି ବୁଜାକିଦେଙ୍ଗ୍
ସେସ୍ଟା କିତାନ୍ । 34 ମାତର୍ ୱାନ୍ ଅରେନ୍ ଜିହୁଦି, ଇକା ନେସ୍‌ସି
ୱାର୍ ୱିଜେରେ ଅର୍‌ସେ ଆଉଲି ଆତାର୍, "ଏପିସସ୍‌ତି ଆର୍ତ୍ତେମି
ପେରିଦିୟାମ୍‌ତି ଜୟ୍ ଆପିତ୍!" ଦୁଇ ଗଣ୍ଟା ଆସ୍‌ସି ଇୟାୱାଜା
ଆଉଲି ଆଜିମାର୍‌ହାତ୍ । 35 ସାରାସାରି ଗାଡ଼୍‌ତି ପେରିକାନ୍
ଲୋକାଙ୍ଗ୍ ଆଲେଜ ମାନେ୍ଦ୍ରଙ୍ଗ୍ ଇଜି ଇର୍ହାନ୍, "ଏପିସିୟଦୁ ବାସାନି
ତଡ଼ାନ୍‌କୁ ୱିଜେରେ ନେସ୍‌ନାର୍ ଜେ, ଏପିସସ୍ ଗାଡ଼୍‌ତି ପେରି
ଦିୟାମ୍ ଆର୍ତ୍ତେମି ମନ୍ଦିର୍ ନି ବାଦର୍‌ତାନ୍ ଆର୍‌ତି ୱାତିମାନି ପବିତ୍ର
ବମାଦି ରକ୍ଷା ଆଜି ୱାଜିନାତ୍ । 36 ଇକା ଏନ୍ ସିଲେ ଇନେ୍ଦ୍ରଙ୍ଗ୍
ଆଟ୍‌ଏନ୍ । ଆଦେଙ୍ଗ୍ ମିର୍ ୱିଜେରେ ଆଲେଜ ମାନ୍‌ଡୁ । ଇନି
ତାଗ୍‌ଇ ପାଣି କିମାଟ୍ । 37 ଇୟା ଲୋକୁ ମନ୍ଦିର୍‌ତାନ୍ ଇନିକା
ଡଙ୍ଗ୍ କିଏର୍, ମାରି ମା ଦିୟାମ୍‌ତି ବିରଦ୍‌ତାନ୍ ଇନି ନିନ୍ଦା ମାଟା
ଇନ୍‌ଏର୍ । ଆରିଙ୍ଗ୍‌ବା ମିର୍ ୱେରିଙ୍ଗ୍ ଆସ୍‌ସି ତାତିମାନିଦେର୍
। 38 ଦିମତ୍ରିୟ ନି ୱାନି ପାଣିକିନିୱାରି ଏ ବିରଦ୍‌ତାନ୍ ଇନି
ମାଟା ମାନାତ୍, ତାନି ବିସାର୍ କିଦେଙ୍ଗ୍ ମା ପେରିକାର୍ ମାନାର୍
ମାରି ବିସାର୍ ଇଲ୍‌ତି ଟିକ୍ ଦିନ୍ ୱିଜୁ ମାନାତ୍ । ଆବେ ଆୟା

ମାଟା ୱେର୍‌ତେଙ୍ଗ ଆଦେଙ୍ଗ ଆଟ୍‌ନାତ୍ । 39 ଜଦି ତେନିମାଣାନ୍
ମାରି ନାଣ୍ତୁ ଇନିକା ବଦା କିତିଙ୍ଗ, ଆର୍‌ତିଙ୍ଗ ଲୋକାମାଣାନ୍
ନିୟମ୍ ଆତିମାନି ଉନ୍‌ଣ୍ତି ମିଟିଙ୍ଗତୁ ତାନି ପୁରା ଅଆୟ୍ ଆଦେଙ୍ଗ
ଆଟ୍‌ନାତ୍ । 40 ନେର୍ ଆମାକା ଗଟାତାମାନାତ୍, ଆବେ ମା
ବିରଦ୍‌ତାନ୍ ଜାଟିଜଗଡ଼ା ଗଟେକିନି ମାଟାଦି ଆସା ମାନାତ୍, ମାଡ୍
ଇୟାୱିଜୁ ଜାଟିଦାନ୍ ଇନି ଟିକ୍ ମାଟା ୱେର୍‌ରେତଙ୍ଗ ଆଟ୍‌ଏପ୍ ।”
41 ଇୟାୱିଜୁ ମାଟା ଇଜି ୱାନ୍ ଲୋକାଙ୍ଗ ସାନ୍ତି କିଜି ମିଟିଙ୍ଗ ବନ୍ଦ
କିତାନ୍ ।

**20** ଜାଟିଜଗଡ଼ା ୱିଜିତି ୱେନ୍‌କା ପାଉଲ ବିସ୍‌ବାସିରିଙ୍ଗ ଉଣ୍ତା
କିଜି ୱେଡ଼ିକାଦି ମାଟା ୱେନିସ୍‌କିତାନ୍ । ୱାରି ମାଣ୍‌କୁ
ସଲ୍‌ସି ୱାନ୍ ମାସିଦନିଆଦୁ ସର୍ହାନ୍ । 2 ୱାନ୍ ୱିଜୁ ରାଜି ସିଜି
ସର୍ହାନ୍ ମାରି ନାଣ୍ତୁ ନେଗିମାଟା ୱେର୍‌ସି ଲୋକାଙ୍ଗ ୱେଡ଼ିକା
କିତାନ୍ । ତାନେୱେନ୍‌କା ୱାନ୍ ଗ୍ରିସ୍ ଦେସ୍‌ତୁ ଇତାନ୍ । 3
ଆବେ ମୁନ୍‌ଡ୍ରି ଲେଜ୍‌କୁ ତେବାତାନ୍ । ୱାନ୍ ସିରିଆଦୁ ସନେ୍‌ଡ୍ରଙ୍ଗ
ଡିଆର୍ ଆନିୱାଲେ ଜିହୁଦିଲୋକୁ ୱାନି ବିରଦ୍‌ତାନ୍ ଉପାୟ୍
କିଜିନାର୍ ଇଜି କାବୁର୍ ପୟ୍‌ଜି ମାସିଦନିଆ ସାରିତରିନ୍ ଡ଼େସି
ସନେ୍‌ଡ୍ରଙ୍ଗ ଅଡ଼୍‌ବିତାନ୍ । 4 ବେରିଆଦୁ ବାସାନି ପୁରୁଦି ମାରିସି
ସୋପାତ୍ର, ତେସଲନିକିଆଦି ଆରିସ୍ଟାର୍କସ୍ ନି ସେକୁନ୍ଦ୍, ଦର୍ବିଦି
ଗାୟ୍, ଆସିଆ ଦେସ୍‌ତି ତୁକିକ ନି ତ୍ରପିମ, ମାରି ତିମତି ୱାନି
ୱାଲେ ସର୍ହାର୍ । 5 ୱାର୍ ଆଗ୍‌ଡ଼ିରାନ୍ ସଲ୍‌ସି ତ୍ରୋୟାଦୁ ମାଙ୍ଗ
କାପ୍‌କିତା ମାର୍ହାର୍ । 6 କମିର୍‌ସିଲି ରୁଟି ପଣ୍ତୁୟ୍‌ତି ୱେନ୍‌କା ମାପ୍
ପିଲିପି ଗାଡ଼୍‌ତାନ୍ ଏରୁ ନାସି ପାସ୍ ଦିନ୍ ୱେନ୍‌କା ତ୍ରୋୟାଦୁ ୱାରି
ୱାଲେ ମିସାତାପ୍ ମାରି ଆବେ ଉନ୍‌ଣ୍ତି ୱାରା ତେବାତାପ୍ । 7
ୱାରାଦି ଆଗ୍‌ଡ଼ିରି ନାଣ୍ତିଙ୍ଗ ମାପ୍ ଅର୍‌ସେ ଉଣି ବଜୋଦୁ ଉଣ୍ତାତାପ୍
। ପାଉଲ ଲୋକାଙ୍ଗ ମାଜ୍‌ରାନାଡ଼ା ସାନ୍ଦି ମାଟା ୱେର୍‌ତାନ୍, ଇରିଙ୍ଗ
ମାର୍‌ନାଣ୍ତିଙ୍ଗ ୱାନ୍ ଆୟା ବାଡି ଡ଼ିସେ୍‌ତଙ୍ଗ ସଲ୍‌ସିମାର୍ହାନ୍ । 8
ଆମା ମୁସ୍‌କୁରି ମହଲାଦୁ ମାପ୍ ମିଟିଙ୍ଗ କିଜିମାର୍ହାପ୍, ଆବେ ନାଣ୍ତୁ
ଦିୱେଙ୍ଗ କାସ୍‌ସି ମାର୍ହେ । 9 ଆବେ ଇଉଟିକସ୍ ଦର୍‌ତି ଅରେନ୍
ମୁରୁଲି ଜରକା ଲାକ୍‌ତୁ ବାସ୍‌ତାମାର୍ହାନ୍, ପାଉଲ ମାଟା ଇନି
ସମୟ୍‌ତୁ ୱାନିଙ୍ଗ ସୁସ୍‌କାଣ୍‌କୁ ୱାଦେଙ୍ଗ ଆସେ୍‌ତ । ୱାନ୍ ନାଣ୍ତୁ
ସୁଜ୍‌ଜି ମୁନ୍‌ଣ୍ତି ମହଲା ମୁସ୍‌କୁରାନ୍ ଆଡ଼୍‌ଗି ଆର୍‌ତାନ୍ । ୱାର୍
ୱାନିଙ୍ଗ ନିକିନିୱାଲେ ୱାନ୍ ସାତା ସର୍ହାମାର୍ହାନ୍ । 10 ମାତର୍
ପାଉଲ ଆଡ଼୍‌ଗି ରେସି ୱାଜି ୱାନିଙ୍ଗ ପମ୍‌ଜି ଆସ୍‌ସି ଇର୍ହାନ୍,
“ଦାନ୍ଦ୍ରା ଆମାଟ୍ । ୱାନ୍ ଜିତାମାନାନ୍ ।” 11 ତାନିୱେନ୍‌କା ୱାନ୍
ମୁସ୍‌କୁ ଡ଼େସି ସଲ୍‌ସି ରୁଟି ରୁକ୍‌ସି ତିର୍‌ଆନ୍ ମାରି ୱେଡ଼ା ସନି
ସାନ୍ଦି ୱାରି ୱାଲେ ନାଣ୍ତୁ ୱାର୍‌ଗିଜି ଆବେଣାନ୍ ସର୍ହାନ୍ । 12
ଲୋକୁ ମୁରୁଲି କଡ଼ଦିଙ୍ଗ ଜିତିମାନିକା ସୁଡ଼୍‌ଜି ୱାନି ଇଲ୍‌ତୁ ଅତାର୍
ମାରି ନାଣ୍ତୁ ୱେଡ଼ିକା ପୟ୍‌ତାର୍! 13 ମାପ୍ ଆଗ୍‌ଡ଼ିରାନ୍ ଜାହାଜ୍‌ତୁ
ଏକ୍‌ସି ଆସୋସ୍‌ତୁ ସର୍ହାପ୍ । ଆବେଣାନ୍ ମାପ୍ ପାଉଲ୍‌ତିଙ୍ଗ
ଜାଜ୍‌ତୁ ଅତେଙ୍ଗ ମନ୍ କିତାମାର୍ହାପ୍, ଇରିଙ୍ଗ ୱାନ୍ ସାରିବୁଲାଜି
ଆୟା ବାଡିଦୁ ଇନାନ୍ ଇଜି ଇର୍ହାମାର୍ହାନ୍ । 14 ୱାନ୍ ଏସ୍ତିୱାଲେ
ମାଙ୍ଗ ଆସୋସ୍‌ତୁ ବେଟ୍‌ଆତାନ୍, ମାପ୍ ୱାନିଙ୍ଗ ଜାହାଜ୍‌ତୁ ଅସି
ମିତିଲିନିଦୁ ସର୍ହାନ୍ । 15 ଆବେଣାନ୍ ମାରି ସଲ୍‌ସି ମାର୍‌ନାଣ୍ତିଙ୍ଗ
କିଅସ୍ ଲାକ୍‌ତୁ ଇତାପ୍ । ମାରି ଉଣ୍ତି ଦିନ୍‌ତି ୱେନ୍‌କା ମାପ୍
ସାମସ୍‌ତୁ ଇତାପ୍, ମାର୍‌ନାଣ୍ତିଙ୍ଗ ମିଲିଟସ୍‌ତୁ ଇତାପ୍ । 16 ଆସିଆ
ରାଜିଦୁ ମାରି ନାଣ୍ତୁ ସମୟ୍ ତେବାଏନ୍‌ଣ୍ତା ଏପିସସ୍ ପାଡ଼ି ପାଡ଼ି
ଜାହାଜ୍ ସାଲାକିଦେଙ୍ଗ ପାଉଲ ମନ୍ କିତାନ୍ । ଜଦି ଆଡିଙ୍ଗ,
ପେଣ୍ଟିକସ୍ଟ ନାଣ୍ତିଙ୍ଗ ଜିରୁସାଲାମ୍‌ତୁ ଇଦେଙ୍ଗ ଇଜି ୱାନ୍ ଦାନ୍ଦ୍ରା
ଆଜିମାର୍ହାନ୍ । 17 ମିଲିଟସ୍‌ତାନ୍ କାବୁର୍ ପୋକ୍‌ସି ଏପିସିୟ୍
ମଣ୍ତଲିଦି ପେରି ନେତାର୍‌ରିଙ୍ଗ ୱାନି ୱାଲେ ମିସାଦେଙ୍ଗ ପାଉଲ
କୁକିସ୍ କିତାନ୍ । 18 ୱାର୍ ୱାଜି ଉଣ୍ତାତାର୍‌ଆକା ପାଉଲ ଇର୍ହାନ୍,
“ଆସିଆ ରାଜିଦୁ ଇନି ପାର୍‌ତୁମ୍ ଦିନ୍‌ତାନ୍ ନାନୁ ଏଣ୍ତେସ୍ ମି
ୱାଲେ ଏସ ସମୟ ତେବାତା ମାର୍ହା, ଆକା ମିର୍ ନେସ୍‌ନିଦେର୍
। 19 ଜିହୁଦି ଲୋକା ଉପାୟ୍‌ତି ଉଣ୍ତିଙ୍ଗ ନାଙ୍ଗ ଏମେ ୱିଜୁ
ଦୁକ୍‌କାସ୍କ ବଗାଦେଙ୍ଗ ପଡ଼ାତାତ୍, ତାନି ଲୋଇ ନାନୁ ପ୍ରବୁଦି
ସେବାକିନି ୱାଜା ଆଡ଼୍‌ବାଜି ସାନ୍ତିଦାନ୍ ପାଣି କିତାମାନା । 20 ମିର୍
ନେସ୍‌ନିଦେର୍ ଜେ, ନାନୁ ଲୋକାମାନୁ ପ୍ରଚାର୍ କିନିୱାଲେ ମାରି
ମି ଇଲ୍‌କାଙ୍ଗ ସିକିୟା ସିନିୱାଲେ ମି ନେଗେନ୍ ଆନି ୱାଜା ଇନି
ବିସୟ୍ ୱେକେ୍‌ତଙ୍ଗ ୱେନ୍‌କା ଗୁସାଏମାର୍ହା । 21 ଜିହୁଦିଲୋକୁ ନି
ଅଣଜିହୁଦି ଲୋକୁ ୱିଜେରିଙ୍ଗ ନାନୁ ଆଟ୍‌ୱା ଜାଗାର୍‌ତା ସାକି
ସିତାମାର୍ହା ଜେ, ୱାର୍ ପାପ୍‌ତାନ୍ ଡ଼େସି ଏଡ଼୍‌କିଜି ମାପୁରୁ ତରିନ୍
ମନ୍ ସିନାର୍ ମାରି ପ୍ରବୁ ଜିସୁଦିମାନୁ ବିସ୍‌ବାସ୍ କିନାର୍ । 22
ଇଲେଇ ପବିତ୍ର ଆତ୍ମାଦି ମାଟା ମାନାଜି ନାନୁ ଜିରୁସାଲାମ୍‌ତୁ
ସଲ୍‌ସିନା, ନେସେଏ ଆବେନ୍ ନାନ୍ ଇନିକା ଆନାଡ୍‌ନୋ । 23
ପବିତ୍ର ଆତ୍ମା ନାଙ୍ଗ ଜାଗାର୍‌ତା କିତା ସିତାମାନାତ୍ ଜେ ୱିଜୁ
ଗାଡ଼୍‌କାଙ୍ଗ ନାନୁ ଜଇଲ୍‌ସଲ୍‌ସି କାସ୍କ ପୟ୍‌ନା । 24 ମାତର୍ ନା
ଉଣ୍ତିଙ୍ଗ ନା ନିଜେ ଜିବନ୍‌ତିଙ୍ଗ ନାନୁ ଇସ୍ରିକା ଇଜି ଅଡ଼୍‌ବିନା ।
ମାପୁରୁଦି ଦୟା ବିସୟ୍‌ତାନ୍ ପ୍ରବୁ ଜିସୁ ଏମେ ମାଟା ୱେର୍‌ତେଙ୍ଗ
ଇଜି ନାଙ୍ଗ ସେବା ଦାୟିତ ସିତାମାନାନ୍, ଆକା ପୁରା କିଦେଙ୍ଗ
ଇଜିନା ସୁସମାଚାର୍ ପ୍ରଚାର୍ ପାଣି ସାକି ପୁରା କିନା, ନିସନେ
ନା ବଦା । 25 “ମାପୁରୁଦି ରାଜି ବିସୟ୍‌ତାନ୍ ପ୍ରଚାର୍ କିଦେଙ୍ଗ
ଇଜି ନାନୁ ମି ୱିଜେରି ଲାକ୍‌ତୁ ସଲ୍‌ସିନା । ଇଲେଇ ସୁଡୁଦୁ,
ନାନୁ ନେସ୍‌ନା ଜେ, ମି ମାଣାନ୍ ଏନ୍ ନାଙ୍ଗ ମାରି ସୁଡୁଏନ୍
। 26 ଆଦେଙ୍ଗ ନେର୍‌ରି ଇୟା ସୁଜଗଦୁ ନାନୁ ଆଟ୍‌ୱାଦାନ୍ ମି
ଲାକ୍‌ତୁ ୱେର୍‌ସିନା ଜେ, ଜଦି ମି ଲୋଇରାନ୍ ଏନ୍ ନାସ୍କ ଆନାନ୍,
ଆୟାଉଣ୍ତିଙ୍ଗ ନାନୁ ଦାଇ ସିଲେ । 27 ଇରିଙ୍ଗ ମାପୁରୁଦି ୱିଜୁ
ଉଦେସ୍ ମି ଲାକ୍‌ତୁ ୱେର୍‌ତେଙ୍ଗ ନାନୁ ୱେନ୍‌କା ଗୁସାଏ । 28 ମାରି
ମିର୍ ନେତା ୱାଜା ନିଜେଦି ବିସୟ୍‌ତାନ୍ ମାରି ପବିତ୍ର ଆତ୍ମା ମି
ଜାତୁନ୍ ଅତେଙ୍ଗ ଏମେ ବିସ୍‌ବାସି ମାନ୍ଦାଦିଙ୍ଗ ଡ଼ିସ୍‌ତା ସିତାମାନାନ୍,
ଆୟା ୱିଜେରି ବିସୟ୍‌ତାନ୍ ଜାତୁନ୍ ଆଆ । ମେଣ୍ତା ଗାଉଡୁ ୱାଜା
ମାପୁରୁଦି ମଣ୍ତଲିଦି ଜାତୁନ୍ ଅଆ । ଆୟା ମଣ୍ତଲିଦିଙ୍ଗ ୱାନ୍
ୱାନି ମାରିସିଦି ନେତେର୍‌ତି ମାଣାନ୍ ନିଜେଦିକା କିତାମାନାନ୍ ।

29 ନାନୁ ନେସ୍ନା, ନାନୁ ସର୍ରି ୱେନ୍କା ମି ଲୋଇ ବୟ୍ଙ୍ଗାର୍
ବେନ୍ଡ୍ରକିଙ୍ଗ ୱାନେ ମାରି ମାନ୍ବାଦିଙ୍ଗ କାଣ୍ଡିଆକାବ୍ରା କିଏନ୍ଣ୍ଡା
ଡ଼ିସ୍ଉ । 30 ସମୟ୍ ୱାନାତ୍, ଏସ୍ତିୱାଲେ ମି ନିଜେଦି ଦଲତୀ
ଏସ ଲୋକୁ ବିସ୍ବାସିରିଙ୍ଗ ମିଚ୍ ମାଟା ୱେର୍ସି ତାଗ୍ଇ ସାରିଦୁ
ଅନାର୍ । 31 ନାସ୍ତିୱାଲେ ଜାଗାର୍ତା ମାନ୍ତୁ, ନାନୁ ଜେ ୱେଡ଼େ
ନାଡ଼ା କାଣେରୁଙ୍ଗଁ ୱାକ୍ସି ମୁନ୍ଣ୍ଡି ବାରେ୍ସକ୍ ସାନ୍ଦି ମି ୱିଜେରିଙ୍ଗ
ସିକିୟା ସିତାମାନା, ଇୟା ମାଟା ମନ୍ତୁ ଇଡ୍ଦୁ । 32 "ଇଲେଇ
ନାନୁ ମିଙ୍ଗଁ ମାପୁରୁଦି କିୟୁଦୁ ମାରି ୱାନି ଦୟାଦୁ ପୁରାତି ବାକ୍ୟଦୁ
ସର୍ପେ କିଜିନା, ଆୟା ବାକ୍ୟ ମିଙ୍ଗଁ ବପୁ କିଦେଙ୍ଗ ଇଜି ମାପୁରୁଦି
ଲୋକା ଉଣ୍ଡିଙ୍ଗ ମାନି ୱିଜୁ ଆର୍ସିବାଦ୍ ମିଙ୍ଗଁ ସିଦେଙ୍ଗ ଇଜି ଆଟ୍ନା
। 33 ନାନୁ ଏ ୱେଣ୍ଡି, ବାଙ୍ଗଁରାମ୍ ମାରି ୱାତିଗନ୍ଦା ପୟ୍ଦେଙ୍ଗ
ଆସା ଇଡ୍ଏ । 34 ମିର୍ ନେସ୍ନିଦେର୍, ନାନୁ ନା ଇୟା ରୁଣ୍ଡି
କିକାଣ୍କୁ ପାଣି କିଜି ନିଜେଦି ମାରି ନା ୱାଲେ ପାଣିକିନିୱାରି
ୱିଜୁ ଦର୍କାର୍ ପୁରା କିତାମାନା । 35 ପୟ୍ନି ମାଣାନ୍ ଦାନ୍
କିନିମାନୁ ନାଣ୍ଡ ୱେଡ଼ିକା ତେବାନାତ୍, ନିଜେ ପ୍ରବୁ ଜିସୁଦି ଇୟା
ବାକ୍ୟଦିଙ୍ଗ ଏତ୍କିଜି ଇୟାୱାଜା ନାଣ୍ଡ କାସ୍ଟୁଦି ପାଣିଦାନ୍ ମାପ୍
ଆଟ୍ଇ ଲୋକାଙ୍ଗ ସାକା କିନି ଦର୍କାର୍, ଇୟା ବିସୟ୍ତାନ୍ ନାନୁ
ୱିଜୁଦିନ୍ ମିଙ୍ଗଁ ସାରି ତର୍ତାମାନା ।" 36 ଇୟାୱିଜୁ ମାଟା ୱେର୍ତି
ୱେନ୍କା ପାଉଲ ୱାରି ୱାଲେ ମେଣ୍ଡେଙ୍ଗ ଗଟ୍କିଜି ପାର୍ତନା
କିତାନ୍ । 37 ୱିଜେରେ ଆଡ଼୍ବାଜି ଆଡ଼୍ବାଜି ପାଉଲତିଙ୍ଗ ପମ୍ଜି
ନଣ୍ଡିଜି ପୋକ୍ତାର୍ । 38 ୱାର୍ ୱାନିଙ୍ଗ ମାରି ସୁଡ଼େ୍ଦଙ୍ଗ ଆଟ୍ଏର୍
ଇଜି ୱାନ୍ ଇର୍ହାନ୍ଆକା ୱାର୍ ନାଣ୍ଡ ଦୁକ୍ ଆତାମାର୍ହାର୍ । ୱାର୍
ୱାନିଙ୍ଗ ପୋକ୍ତେଙ୍ଗ ଇଜି ଜାହାଜ୍ ଲାକ୍ତୁ ସର୍ହାର୍ ।

21 ୱାରିଙ୍ଗ ପୋକ୍ତି ୱେନ୍କା ମାପ୍ ଆବେଣାନ୍ ସର୍ହାପ୍ ।
ଏରୁସାରି ନାସି ମାପ୍ କୋସ୍ତୁ ଇତାପ୍ । ମାରିନାଣ୍ଡିଙ୍ଗ
ରୋଡସ୍ ପାଡ଼ି ସିଜି ପାତାରାଦୁ ସର୍ହାପ୍ । 2 ଆବେଣାନ୍
ପିନିସିଆଦୁ ସଲ୍ସିମାନି ଉନ୍ଣ୍ଡି ଜାହାଜ୍ ଏକ୍ସି ସର୍ହାପ୍ । 3
ତାନିୱେନ୍କା ସାଇପ୍ରସ୍ ତର୍ଜିମାନି ଉନ୍ଣ୍ଡି ବାଡିଦୁ ଇତାପ୍ ।
ଆବେଣାନ୍ ତାନି ଡେବିରି ତରିନ୍ ସିଜି ମାପ୍ ସିରିଆଦୁ ସର୍ହାପ୍
। ମାପ୍ ସୋର ଗାଡ଼୍ତୁ ଜାହାଜ୍ତାନ୍ ରେତାପ୍, ଇରିଙ୍ଗ ଇୟା
ଜାହାଜ୍ତାନ୍ ସାମାନ୍ପତର୍ ରେପ୍ନିକା ମାର୍ହାତ୍ । 4 ଆବେ ମାପ୍
ଏସ ବିସ୍ବାସିରିଙ୍ଗ ସୁଡ଼୍ଜି ୱାରି ୱାଲେ ଉନ୍ଣ୍ଡି ସାତା ତେବାତାପ୍ ।
ପବିତ୍ର ଆତ୍ମାଦି ଆଦେସ୍ ପୟ୍ଜି ୱାର୍ ପାଉଲ୍ତିଙ୍ଗ ଜିରୁସାଲାମ୍ତୁ
ସନେ୍ଡ୍ରଙ୍ଗଁ ତେବାକିତାର୍ । 5 ମାତର୍ ୱାରି ୱାଲେ ଉନ୍ଣ୍ଡି ସାତା
ତେବାତି ୱେନ୍କା ମାପ୍ ୱାରିଙ୍ଗ ଡ଼ିସ୍ସି ନିଜେଦି ସାରିଦୁ ସର୍ହାପ୍ ।
ମାଙ୍ଗଁ ଡ଼ିସ୍ତେଙ୍ଗ ଇଜି ୱାର୍ ୱିଜେରେ ନିଜେଦି ଆଡ଼୍ସିକ୍ ମାରି
କଡ଼ରି ୱାଲେ ଗାଡ଼୍ ଆଡ୍ରେ ମାନି ସାମ୍ଦୁର୍ ପାଡ଼ି ସାନ୍ଦି ୱାତାର୍
। ଆବେ ମାପ୍ ୱିଜେରେ ମେଣ୍ଡେଙ୍ଗ ଗଟ୍କିଜି ପାର୍ତନା କିତାପ୍ ।
6 ତାନିୱେନ୍କା ମାପ୍ ୱାରିଙ୍ଗଁ ପୋକ୍ସି, ଜାହାଜ୍ତୁ ଏକ୍ତାପ୍,
ୱାର୍ ଇନ୍ଡ୍ର ଡ଼େସି ସର୍ହାର୍ । 7 ମାପ୍ ସୋର ଗାଡ଼୍ତାନ୍ ଏରୁ ନାସି
ୱିଜ୍ଜି ପତଲମାଇଦୁ ଇତାପ୍, ଆବେ ବିସ୍ବାସ୍ତି ତଡ଼ାନ୍କାଙ୍ଗ
ମାଡ଼ିସ୍କିଜି ୱାରିୱାଲେ ଉନ୍ଣ୍ଡି ଦିନ୍ ତେବାତାପ୍ । 8 ମାରିନାଣ୍ଡିଙ୍ଗ
ମାପ୍ ଆୟା ବାଡି ଡ଼ିସ୍ସି କାଇସରିଆଦୁ ଇତାପ୍ । ଆବେ ମାପ୍
ପ୍ରଚାର୍କିନି ପିଲିପିତି ଇଲ୍ତୁ ତେବାତାପ୍, ଜିରୁସାଲାମ୍ତୁ ସେବକ
ୱାଜା ବାସେଆତି ମାନି ସାତ୍ ଲୋକା ଲୋଇ ୱାନ୍ ଅରେନ୍
ମାର୍ହାନ୍ । 9 ୱାନି ନାଲ୍ଗି ପେଡ଼ିଆଇ ଆଇଲିକ୍ ମାପୁରୁଦି ବାକ୍ୟ
ୱେର୍ସି ମାର୍ହେ । 10 ମାପ୍ ଆବେ ନାଣ୍ଡ ଦିନ୍ ତେବାତି ୱେନ୍କା,
ଜିହୁଦା ଦେସ୍ତାନ୍ ଆଗାବ ଦର୍ତି ଅରେନ୍ ବାବବାଦି ଆବେ
ୱାତାନ୍ । 11 ୱାନ୍ ମା ଲାକ୍ତୁ ୱାଜି ପାଉଲ୍ତି ଜୁକିଦୁ ତରାନି
ନାସୁ ଅତାନ୍, ଆବେଟ୍ ୱାନ୍ ନିଜେଦି କିୟୁ ମାରି କାଲୁ ତର୍ସି
ଇର୍ହାନ୍, "ପବିତ୍ର ଆତ୍ମା ନାଙ୍ଗଁ ଜାଣେକିଜିନାତ୍ ଜେ, ଇୟା ଜୁକି
ତରାତି ଅଦିକାରିଙ୍ଗ ଜିରୁସାଲାମ୍ତୁ ଜିହୁଦି ଲୋକୁ ଇୟାୱାଜା
ତର୍ସି ୱାନିଙ୍ଗ ଅଣଜିହୁଦି ଲୋକା କିୟୁଦୁ ସର୍ପେ କିନାର୍ ।"
12 ଇକା ୱେନ୍ଜି ମାପ୍ ମାରି ଆୟା ବାଡିଦୁ ମାନି ଆଇକାର୍
ପାଉଲ୍ତିଙ୍ଗ ଜିରୁସାଲାମ୍ତୁ ସଲ୍ଇ ଉଣ୍ଡିଙ୍ଗ ବାତିଙ୍ଗ ମାଲିତାପ୍ ।
13 ମାତର୍ ପାଉଲ ଇର୍ହାନ୍, "ମିର୍ ଇୟା ଇନିକା କିଜିନିଦେର୍,
ଏନ୍ଦା ଇୟାୱାଜା ଆଡ଼୍ବାଜି ନା ଜିବନ୍ତିଙ୍ଗ ରୁକ୍ସିନିଦେର୍?
ଜିରୁସାଲାମ୍ତୁ କେବଲ୍ ତରାୟ୍ ଆଦେଙ୍ଗ ସିଲେ, ମାତର୍ ପ୍ରବୁ
ଜିସୁ ଉଣ୍ଡିଙ୍ଗ ସାଦେଙ୍ଗଁ ଇଜି ବା ନାନ୍ ତିଆର୍ ମାନା ।" 14
ମାପ୍ ୱାନିଙ୍ଗ ବୁଜା କିଦେଙ୍ଗ ଆଟ୍ଏଜି ଆବେଟାନ୍ ସୁପ୍ଆଜି
ଇର୍ହାପ୍, "ପ୍ରବୁଦି ବଦା ପୁରା ଆପିତ୍ ।" 15 ଆବେ ଏସ ସମୟ୍
ତେବାତି ୱେନ୍କା ମାପ୍ ମା ସାମାନ୍ ପତ୍ର ରସ୍ସି ଜିରୁସାଲାମ୍
ତରିନ୍ ସର୍ହାପ୍ । 16 କାଇସରିଆଦି ଏସ ସିସୁର୍ ନି କୁପ୍ରଦି
ମନାସୋନ ଦର୍ତି ଅରେନ୍ ବିସ୍ବାସି ବା ମା ୱାଲେ ୱାତାନ୍
। ମନାସୋନଦି ଇଲୁତୁ ମାପ୍ ତେବାନି ବ୍ୟବସ୍ଥା ଆତାମାର୍ହାତ୍
। 17 ଜିରୁସାଲାମ୍ତୁ ବିସ୍ବାସ୍ତି ତଡ଼ାନ୍କୁ ୱେଡ଼ିକାଦାନ୍ ମାଙ୍ଗଁ
କୁକ୍ତାର୍ । 18 ମାରିନାଣ୍ଡିଙ୍ଗଁ ପାଉଲ ମା ୱାଲେ ଜାକୁବଙ୍ଗ
ସୁଡ଼େ୍ଦଙ୍ଗ ସର୍ହାନ୍; ମଣ୍ଡଲି ୱିଜୁ ନେତାର୍ ଆବେ ଉଣ୍ଡାତା ମାର୍ହାର୍
। 19 ପାଉଲ ୱାରିଙ୍ଗ ମାଡ଼ିସ୍କିଜି ୱାନି ସେବା ପାଣିଦାନ୍ ମାପୁରୁ
ଅଣଜିହୁଦି ଲୋକା ଲୋଇ ଆମାକା ଆମାକା କିତାମାର୍ହାନ୍; ତାନି
ଉନ୍ଣ୍ଡି ପୁରା ମାଟା ସିତାନ୍ । 20 ୱାନି ମାଟା ୱେର୍ଇ ୱେନ୍କା
ୱାର୍ ୱିଜେରେ ମାପୁରୁଦି ଦନ୍ୟବାଦ୍ କିତାର୍ । ତାନି ୱେନ୍କା
ୱାର୍ ଇର୍ହାର୍, "ତଡ଼ାନ୍ ପାଉଲ, ନିନ୍ ସୁଡ଼୍ଜିନି, ଏଣ୍ଡେସ୍ ଇଲେଇ
ହାଜାର୍ ହାଜାର୍ ଜିହୁଦି ଲୋକୁ ପ୍ରବୁ ଜିସୁମାନୁ ବିସ୍ବାସ୍ କିଜିନାର୍
ମାରି ୱାର୍ ନିୟମ୍ ଉଣ୍ଡିଙ୍ଗ ବା ବିସ୍ବାସ୍ତାନ୍ ତେବାତାମାନାର୍ ।
21 ୱାର୍ କାବୁର୍ ପୟ୍ତାମାନାର୍ ଜେ, ନିନ୍ ଅଣଜିହୁଦି ଲୋକା
ଦେସ୍ତୁ ବାସାଜି ମାନି ଜିହୁଦି ଲୋକାଙ୍ଗ ମୋସାଦି ନିୟମ୍
ଡ଼ିସେ୍ତଙ୍ଗଁ, ୱାରି କଡ଼ରିଙ୍ଗ ସୁନ୍ନତ କିଇ ଉଣ୍ଡିଙ୍ଗ ମାରି ଜିହୁଦି
ରିତିନିତି ମାନାଇ ଉଣ୍ଡିଙ୍ଗ ସିକିୟା ସିଜିନି । 22 ନିନ୍ ଇବେ
ୱାତିମାନି ଇଜି ୱାର୍ ସତେନେ ୱେନାର୍ । ଆର୍ତିଙ୍ଗଁ ଇନିକା
କିଦେଙ୍ଗ ଆନାତ୍? 23 ମାପ୍ ବଦାକିଜିନାପ୍, ନିନ୍ ଉନ୍ଣ୍ଡି ପାଣି
କିଆ । ଇବେମାନି ନାଲ୍ଏର୍ ଲୋକୁ ଉନ୍ଣ୍ଡି ଅପାତାମାନାର୍

। 24 ୱାରି ୱାଲେ ସାଡ୍ଗଆ । ନେଗେନ୍‌କିନି ବିଦି ମାନାନିମାନୁ
ୱାରି ୱାଲେ ମିସାଜି ୱାରି କାର୍ସୁ କିଆ । ତାନିୱେନ୍‌କା ୱାର୍
ନିଜେ ନିଜେଦି ତାଲା ଟାଡ୍ଗଁରୁ କିନାର୍ । ଇବେଟ୍‌ତାନ୍ ଜଣା
ପଡ଼ାନାତ୍ ଜେ, ନି ବିସୟ୍‌ତାନ୍ ୱେଡ୍ଗଁତି ମାନି ଇନି ମାଟା ସତ୍
ସିଲେ, ମାତର୍ ନିନ୍ ମସାଦି ନିୟମ୍ ଇସାବ୍‌ତାନ୍ ଜିଜିନି । 25
ମାତର୍ ଏମେ ଅଣଜିହୁଦି ଲୋକୁ ବିସ୍‌ବାସ୍ ଆତାମାନାର୍, ୱାରି
ଲାକ୍‌ତୁ ମାପ୍ ଉନ୍‌ଣ୍ତି ଆକୁ ରାସ୍‌ସି ସିକିୟା ସିତାମାନାପ୍ ଜେ, ମା
ମାଟାଦି ଇସାବ୍‌ତାନ୍ ୱାର୍ ଦିୟାମ୍‌କା ଲାକ୍‌ତୁ ପୁଜାସିତିମାନି କାଦି
ଉଣୁଏର୍, ନେତେର୍ ଉଣୁଏର୍, କକ୍‌ଲା ପିଡ଼ିସି ସାପିସ୍‌କିତିମାନି
ପସୁଦି କାଣ୍ତା ତିନ୍‌ଏର୍ ମାରି ଦାରିପାଣିଦାନ୍ ଆକତେବାଦୁ ।" 26
ମାରିନାଣ୍ତିଡ୍ଗଁ ପାଉଲ ୱାତିମାର୍‌ଇ ନାଲ୍‌ଏରି ୱାଲେ ନେଗେନ୍‌କିନି
ବିଦି ମାନାତାର୍ । ୱେନ୍‌କା ୱାନ୍ ମନ୍ଦିର୍‌ତୁ ସଲ୍‌ସି ନେଗେନ୍‌କିନି
ପାଣି ଏସାଡ୍ଗଁ ୱିଜ୍‌ନାତ୍ ମାରି ଆମା ୱେଡ଼ାଦୁ ପୁଜାସିନିକା ମାନାତ୍,
ଆକା ୱେର୍‌ତା ସିତାନ୍ । 27 ନେଗେନ୍‌କିନି ପାଣିଦି ସାତ୍ ଦିନ୍
ୱିଜିତି ୱେନ୍‌କା ଆସିଆ ରାଜିଦି ଏସ ଜିହୁଦି ଲୋକୁ ମନ୍ଦିର୍‌ତୁ
ପାଉଲ୍‌ତିଡ୍ଗ ସୁଡୁତାର୍ । ୱାର୍ ଆବେ ଉଣ୍ତାତିମାର୍‌ଇ ଲୋକାଡ୍ଗ
ଏଗ୍ରିସ୍ କିଜି ପାଉଲ୍‌ତିଡ୍ଗଁ ଆସ୍‌ତାର୍ । 28 ୱାର୍ ଆଉଲି ଆଜି
ଇର୍ହାର୍, "ଏ ଇସ୍ରାଏଲ୍‌ତି ଲୋକୁ, ମାଡ୍ଗଁ ସାକା କିଦୁ! ଇୟା
ଲୋକୁ ସାରିବେଡ୍‌ତି ସଲ୍‌ସି ଇସ୍ରାଏଲ୍‌ତି ଲୋକା ବିରୁଦ୍‌ତାନ୍,
ମସାଦି ନିୟମ୍ ନି ଇୟା ମନ୍ଦିର୍ ବିରଦ୍‌ତାନ୍ ସିକିୟା ସିଜିନାନ୍ ।
ମାରି ଇଲେଇ ୱାନ୍ ଏସ ଅଣଜିହୁଦି ଲୋକାଡ୍ଗ ମନ୍ଦିର୍ ଲୋଇ
ତାସି ଇୟା ପବିତ୍ର ବାଡିଦିଡ୍ଗଁ ତାଗ୍‌ଇକା କିଜିନାନ୍ ।" 29 ୱାର୍
ଗାଡ୍‌ତୁ ଏପିସସ୍‌ତି ତ୍ରପିମଦିଡ୍ଗଁ ପାଉଲତି ୱାଲେ ସୁଡୁତିମାରିଡ୍ଗଁ
ଅଡ୍‌ବିତାର୍ ଜେ, ପାଉଲ ୱାନିଡ୍ଗ ମନ୍ଦିର୍‌ତୁ ଅତାମାନାନ୍ । 30 ୱିଜୁ
ଗାଡ୍‌ତୁ ଜାଟି ନିଡ୍ଗଁତାତ୍ । ଲୋକୁ ପାଉଲ୍‌ତିଡ୍ଗଁ ମନ୍ଦିର୍ ଆତ୍‌ରେ
ଇର୍‌ସି ତାତାର୍ । ମନ୍ଦିର୍‌ତି ସେର୍‌ଲେଡ୍ଗ ୱିଜୁ କେର୍‌ତା ଡ଼ିସ୍‌ତାର୍
। 31 ରିସାଆତି ଲୋକୁ ୱିଜେରେ ପାଉଲ୍‌ତିଡ୍ଗଁ ଡାକେ୍‌ତଡ୍ଗଁ ଇଜି
ଉପାୟ୍ କିତାର୍, ଏସ୍ତିୱାଲେ ୱିଜୁ ଜିରୁସାଲାମ୍‌ତୁ ଜାଟି ଜଗଡ଼ା
ଆଜିନାତ୍ ଇଜି ରୋମିୟ ସନ୍ୟରି ନେତା କାବୁର୍ ୱେର୍‌ଆନ୍
। 32 ନାସ୍ତିୱାଲେ ନେତା ଏସ ସେନାପତି ନି ସନ୍ୟରିଡ୍ଗଁ ଅସି
ଜାଟି ଜଗଡ଼ା ଆନି ବାଡିଦୁ ଇତାନ୍ । ଲୋକୁ ସନ୍ୟରି ନେତେଡ୍ଗଁ
ନି ସନ୍ୟରିଡ୍ଗଁ ସୁଡ୍‌ଜି ପାଉଲ୍‌ତିଡ୍ଗଁ ମାରି ମାଡ୍ ଡାକ୍‌ଏନ୍‌ଣ୍ତା
ଡ଼ିସ୍‌ତାସିତାର୍ । 33 ସନ୍ୟରି ନେତା ପାଉଲତିଡ୍ଗଁ ଆସ୍‌ସି ୱାନିଡ୍ଗଁ
ରୁଣ୍ତି ସିକ୍‌ଣି ଦାନ୍ ତରେ୍‌ତଡ୍ଗଁ ଇଜି ଆଦେସ୍ ସିତାନ୍ । ୱେନ୍‌କା
ୱାନ୍ ୱେନ୍‌ବାତାନ୍, "ଇୟା ଲୋକୁ ଏନ୍ ମାରି ୱାନ୍ ଇନିକା
କିତାମାନାନ୍?" 34 ଲୋକୁ ଗଲି ଲୋଇ ଏନ୍ ଏସ ରକମ୍‌ତି ମାଟା
ଇଜି ଆଉଲି ଆତାର୍ । ଇୟାୱାଜା ଅସାନ୍ତି ଆତାଡ୍‌ଜ, ସନ୍ୟରି
ନେତା ସତ୍ ମାଟା ଇନିକା, ଇନିକାବା ନେସ୍‌ତେଡ୍ଗ ଆଟ୍‌ଏତାନ୍
। ଆବେଟ୍ ୱାନ୍ ପାଉଲତିଡ୍ଗଁ ସନ୍ୟର୍‌ତେବାନି ବାଡି ଲୋଇ
ଅତେଡ୍ଗଁ ଇଜି ସନ୍ୟରିଡ୍ଗ ଆଦେସ୍ ସିତାନ୍ । 35 ୱାର୍ ୱାନିଡ୍ଗଁ ଅସି
ସନ୍ୟର୍‌ତେବାନି ବାଡିଦି ପାଉଚ୍‌କୁ ଲାକ୍‌ତୁ ଇନି ୱେଡ଼ାଦୁ ୱାନିଡ୍ଗଁ
କେର୍‌ବାଜି ତେବାଜିମାନି ଲୋକୁ ନିସା ରିସା ଆତାର୍ ଜେ ସନ୍ୟର୍
ପାଉଲ୍‌ତିଡ୍ଗଁ ପିଣ୍ତିତା ଅତାର୍ । 36 ଲୋକୁ ୱିଜେରେ ୱାନି ୱେନ୍‌କା
ୱେନ୍‌କା ୱାଜି ଆଉଲି ଆଜି ଇଜିମାର୍ହାର୍, "ୱାନିଡ୍ଗଁ ଡାକ୍‌ଦୁ ।"
37 ସନ୍ୟର୍ ପାଉଲତିଡ୍ଗଁ ସନ୍ୟର ତେବାନି ବାଡି ଲୋଇ ଅନି
ୱାଲେ ୱାନ୍ ସନ୍ୟରି ନେତେଡ୍ଗଁ ଇର୍ହାନ୍: "ନାନୁ ନିଡ୍ଗଁ ଏସ ମାଟା
ଇନେ୍‌ତ୍ରଡ୍ଗଁ ଆଟ୍‌ନାନ୍ ନୋ?" ସନ୍ୟରି ନେତା ୱେନ୍‌ବାତାନ୍, "ନିନୁ
ତୋ ଗ୍ରିକ୍ ୱାର୍‌ଗିଜିନି । 38 ଆର୍‌ତିଡ୍ଗଁ ଏସ ଦିନ୍ ଆଗ୍‌ଡ଼ି ମିସର୍
ଏମେ ଲୋକୁ ଜୁଦ୍ କିଜି ଚାରି ହାଜାର୍ ଜୁଦ୍ ସାମାନ୍ ଆସ୍‌ତି
କାଡ୍ଗଁର୍‌ଆଡ୍ଗ ଅସି ମରୁବୁମିଦୁ ଇତା ମାର୍ହାନ୍, ନିନୁ ତୋ ଆୟା
ଲୋକୁ ସିଲେ?" 39 ପାଉଲ ଇର୍ହାନ୍, "ସିଲିସିଆଦି ତାର୍ସସ୍‌ତୁ
ଜନମ୍ ଆତିମାନି ନାନୁ ଅରେନ୍ ଜିହୁଦି, ଉନ୍‌ତ୍ରି ପେରି ଗାଡ୍‌ତି
ଲୋକୁ । ଇୟା ଲୋକାଡ୍ଗ ବୁଜାକିଜି ଇନେ୍‌ତ୍ରଡ୍ଗଁ ଇଜି ଦୟା କିଜି
ନାଡ୍ଗଁ ସାରି ସିଦା । 40 "ସନ୍ୟରି ନେତା ୱାନିଡ୍ଗଁ ସାରି ସିତାନ୍‌ଆକା
ପାଉଲ ପାଉଚ୍ ମୁସ୍‌କୁ ନିଲ୍‌ସି ଲୋକାଡ୍ଗ ଆଲେଜ ମାନେ୍‌ତ୍ରଡ୍ଗଁ
ଇଜି କିୟୁ ପେର୍‌ଜି ଜୁଟ୍‌ସି ୱେର୍‌ତାନ୍ । ୱାର୍ ଆଲେତି ୱେନ୍‌କା
ପାଉଲ ଏବ୍ରି ଭାସାଦାନ୍ ଇର୍ହାନ୍:

## 22

"ତଡ଼ାନ୍‌କୁ ମାରି ବୁବାର୍, ମି ଆଗ୍‌ଡ଼ି ନିଜେ ତରିଟାନ୍
ନାନୁ ଆମାକା ଇଜିନା, ଆକା ୱେନ୍‌ଡୁ!" 2 ୱାରି ୱାଲେ
ୱାନ୍ ଏବ୍ରି ବାସାଦାନ୍ ମାଟା ୱାର୍‌ଗିଜିନିକା ୱେନ୍‌ଜି ୱାର୍ ମାରି
ଆଲେତାର୍ ମାରି ପାଉଲ ଇନେ୍‌ତ୍ରଡ୍ଗଁ ଆସ୍‌ତାନ୍: 3 ନାନୁ
ଅରେନ୍ ଜିହୁଦି, ସିଲିସିଆଦି ତାର୍ସସ୍‌ତୁ ନା ଜନମ୍, ମାତର୍
ନାନୁ ଜିରୁସାଲାମ୍‌ତୁ ପିରିତା ମାର୍ହା ମାରି ଗମଲିଏଲତି ଅରେନ୍
ସିସୁ ମାର୍ହା । ମା ଡକ୍ରାଦାଦାରି ନିୟମ୍ ନାନୁ ଟିକ୍‌ତାନ୍ ଅଜାତା
ମାର୍ହା ମାରି ମି ୱାଜା ମାପୁରୁଦି ଉଣ୍ତିଡ୍ଗଁ ୱେଡ଼ିକା ମାର୍ହା । 4
ନାନୁ ଇୟା ସାରିଦୁ ସନି ଲୋକା ମୁସ୍‌କୁ ଜାଟି କିଜି ୱାରିଡ୍ଗଁ
ଜିବନ୍‌ତୁ ଡାକ୍‌ସି ମାର୍ହା । ମେମାରି ନି ଆଇମା ୱିଜେରିଡ୍ଗଁ
ତର୍‌ସି ଜଇଲ୍‌ତୁ ଅସି ମାର୍ହା । 5 ନା ଇୟା ମାଟା ସତ୍ ଜେ,
ପେରି ଜାଜକ ନି ପେରି ଲୋକାମିଟିଡ୍ଗତି ସବାଦି ୱିଜେରେ
ତେନି ସାକି । ଇୟା ଲୋକାଡ୍ଗ ତର୍‌ସି ମାରି ସିକିଣିଦାନ୍ ତର୍‌ସି
ଦଣ୍ଡ ସିଦେଡ୍ଗ ଇଜି ଜିରୁସାଲାମ୍‌ତୁ ତାତେଡ୍ଗଁ ଇଜି ନାନୁ ପେରି
ଜାଜକତିମାଣାନ୍ ସିଟି ଅସି ଦାମାସ୍‌କସ୍‌ତୁ ମାନି ଜିହୁଦି ତଡ଼ାନ୍‌କା
ଲାକ୍‌ତୁ ସର୍‌ଆ । 6 "ନାନୁ ସଲ୍‌ସି ଏସ୍ତିୱାଲେ ଦାମାସ୍‌କସ୍‌ତି
ଲାକ୍‌ତୁ ଆଜିମାର୍ହା, ମାଦ୍‌ଲାମ୍ ବେଡ଼ାଦୁ ବାଦଡ୍‌ତାନ୍ ଉନ୍‌ତ୍ରି
କାସ୍‌ନି ଜାୟ୍ ଆୟାଦାପ୍ରେନେ ନା ସାରିବେଡ୍‌ତି ତରାୟ୍ ଆତାତ୍
। 7 ନାନୁ ବୁମିଦୁ ମକମ୍ ପାଡ୍‌କ୍‌ସି ଆର୍‌ତା ମାରି ନା ଉଣ୍ତିଡ୍ଗଁ ମାଟା
ୱେର୍‌ଆ, 'ସାଉଲ, ସାଉଲ' ନିନୁ ଏନ୍ବା ନାଡ୍ଗଁ କାସ୍ଟ ସିଜିନି?
8 ନାନୁ ୱେନ୍‌ବାତା, ପ୍ରବୁ, ନିନୁ ଏନ୍? ୱାନ୍ ନାଡ୍ଗଁ ଇର୍ହାନ୍,
ନିନୁ ଆମାୱାନିଡ୍ଗଁ କାସ୍ଟ ସିଜିନି, ନାନୁ ଆୟା ନାଜରିୟତିୟଦି
ଜିସୁ । 9 ନା ୱାଲେ ମାର୍‌ଇ ଲୋକୁ ଆୟା ଜାୟ୍ ସୁଡୁତାର୍,
ମାତର୍ ନା ୱାଲେ ୱାର୍‌ଗିଜି ମାନି ଲୋକ୍‌ତି ବଲ୍ ୱେନେ୍‌ତ୍ରଡ୍ଗଁ
ଆଟ୍‌ଏତାର୍ । 10 ନାନୁ ୱେନ୍‌ବାତା, ପ୍ରବୁ, ନାନୁ ଇନିକା କିନା?

ପ୍ରବୁ ନାଙ୍ଗଁ ଇର୍ହାନ୍, ନିଙ୍ଗଆ, ଦାମାସ୍କସ୍‌ତୁ ସାଙ୍ଗଆ, ମାପୁରୁ
ନି ଉଣ୍ତିଙ୍ଗଁ ଏମେ ପାଣି ଇଟ୍‌ତାମାନାନ୍, ଆବେନୁ ନିଙ୍ଗଁ ଆକା
ଜାଣେ କିନାନ୍ । 11 ଜାୟ୍‌ତି ନାଣ୍ତୁ କାସ୍‌ନି ମାଣାନ୍ ନାନୁ କାଣା
ଆତା ସର୍‌ଆ । ଆୟାଉଣ୍ତିଙ୍ଗ ନା ୱାଲେ ଅର୍‌ସେ ସନିକାର୍
ନା କିୟୁ ଆସ୍‌ସି ନାଙ୍ଗଁ ଦାମାସ୍କସ୍‌ତୁ ଅତାର୍ ।” 12 “ଆୟା
ଗାଡ଼୍‌ତୁ ହନନିୟ ଦର୍‌ତି ଅରେନ୍ ଦାର୍ମୁଦି ଲୋକୁ ମାର୍ହାନ୍ ।
ୱାନ୍ ମା ନିୟମ୍ ମାନାଜି ମାର୍ହାନ୍ ମାରି ଆବେ ବାସା କିଜିମାନି
ଜିହୁଦି ଲୋକୁ ୱିଜେରେ ୱାନିଙ୍ଗଁ ନାଣ୍ତୁ ମାନାଜି ମାର୍ହାର୍ । 13
ୱାନ୍ ନା ଲାକ୍‌ତୁ ୱାଜି ନା ଲାକ୍‌ତୁ ନିଲ୍‌ସି ଇର୍ହାନ୍, ତଡ଼ାନ୍
ସାଉଲ ନି ସୁଣି ସାକ୍ତି ପୟ୍‌ଆ । ଟିକ୍ ଆୟା ୱେଡ଼ାଦୁ ନାନୁ
ମାରିଡ଼େସି ସୁଣିସାକ୍ତି ପୟ୍‌ଜି ୱାନିଙ୍ଗଁ ସୁଡୁଦେଙ୍ଗ ଆଟ୍‌ତା ।
14 ୱାନ୍ ଇର୍ହାନ୍, ମା ଡକ୍ରାଦାଦାରି ମାପୁରୁ ନିଙ୍ଗଁ ୱାନି ମାଟା
ନେସ୍‌ତଙ୍ଗଁ ଇଜି, ୱାନି ଦାର୍ମୁ ସେବକତିଙ୍ଗଁ ସୁଡୁଦେଙ୍ଗ ଇଜି
ମାରି ୱାନି ମାଟା ୱେନ୍‌ଡ୍ରଙ୍ଗଁ ଇଜି ବାସେ କିତାମାନାନ୍ । 15
ଇରିଙ୍ଗଁ ନିନୁ ଆମାକା ସୁଡୁତିମାନି ମାରି ୱେର୍‌ଇମାନି, ଆକା
ୱିଜେରରି ଲୋକା ଲାକ୍‌ତୁ ୱେର୍‌ତଙ୍ଗଁ ଇଜି ନିନୁ ୱାନି ସାକି
ଆନି । 16 ମାରି ଏନ୍ଦା ୱେଡ଼ା କିଜିନି? ନିଙ୍ଗଁଆ, ଡୁବନ୍ ଅଆ
ମାରି ୱାନିମାନୁ ପାର୍‌ତନା କିନି ମାଣାନ୍ ନି ପାପ୍ ୱିଜୁ ନରାୟ୍
ଆପିତ୍ ।” 17 “ନାନୁ ଜିରୁସାଲାମ୍‌ତାନ୍ ଡ଼େସି ସଲ୍‌ସି ଆବେ
ମନ୍ଦିର୍‌ତୁ ପାର୍‌ତନା କିଜିମାନିୱାଲେ, ପ୍ରବୁଦି ଦର୍ସନ୍ ପୟ୍‌ତା ।
18 ଆମାମାନୁ ନାନ୍ ପ୍ରବୁଙ୍ଗଁ ସୁଡୁତା, ୱାନ୍ ନାଙ୍ଗଁ ଇର୍ହାନ୍, ବେଗି
ଜିରୁସାଲାମ୍ ଡ଼ିସ୍‌ଆ, ଇରିଙ୍ଗଁ ଇବେଣି ଲୋକୁ ନା ବିସୟ୍‌ତାନ୍ ନି
ସାକି ମାନାଏର୍ । 19 ନାନୁ ଇର୍‌ଆ, ପ୍ରବୁ, ନାନୁ ପାର୍‌ତନାକିନି
ଇଲ୍‌କାଙ୍ଗ ସଲ୍‌ସି ନିବାନୁ ବିସ୍‌ବାସ୍ କିଜିମାନି ଲୋକାଙ୍ଗ ଏଣ୍ତେସ୍
ତର୍‌ତାମାର୍ହା ମାରି ଡାକ୍‌ତା ମାର୍ହା, ଇକା ୱାର୍ ନେଗେନ୍ କିଜି
ନେସ୍‌ନାର୍ । 20 ମାରି ଏସ୍ତିୱାଲେ ନି ସାକି ସ୍ତିପାନ୍‌ତିଙ୍ଗଁ ନେତେର୍
ସାୟାମାର୍‌ଗା ଡାକ୍‌ତାର୍, ନାନୁ ନିଜେ ଆବେ ମାର୍ହା; ୱାନିଙ୍ଗଁ
ଜିବନ୍‌ତୁ ଡାକ୍କେ୍‌ତଙ୍ଗଁ ଇଜିନା ରାଜିଆନିକା ୱେର୍‌ତା ମାର୍ହା ମାରି
ୱାନିଙ୍ଗ ଡାକ୍‌ନିୱାରି ଆଙ୍ଗଁଙ୍ଗ ୱିଜୁ କାପ୍‌କିତା ମାର୍ହା । 21 ପ୍ରବୁ
ନାଙ୍ଗଁ ଇର୍ହାନ୍, ସାଙ୍ଗଆ, ନାନୁ ନିଙ୍ଗଁ ନାଣ୍ତୁ ଆକ ଅଣଜିହୁଦି ଲୋକା
ଲାକ୍‌ତୁ ପକ୍‌ନା ।” 22 ପାଉଲ ଇୟା ମାଟା ଇନି ସାନ୍ଦି ଲୋକୁ
ମନ୍ ସିଜି ୱେନ୍‌ଜିମାର୍ହାର୍, ମାତର୍ ତାନିୱେନ୍‌କା ୱାର୍ ନାଣ୍ତୁ
ଆଉଲି ଆଜି ଇର୍ହାର୍, “ୱାନିଙ୍ଗଁ ଦୁନିଆଦାନ୍ ସପ୍‌ତୁ! ୱାନିଙ୍ଗ
ସାୟାମାର୍‌ଗା ଡାକ୍‌ତୁ! ୱାନ୍ ଜିନିକା ଜଗ୍ ସିଲେ!” 23 ୱାର୍
ଆଉଲି ଆଜିମାର୍ହାର୍, ୱାତିଙ୍ଗ ଇପ୍‌ସିମାର୍ହାର୍ ମାରି ମୁସ୍‌କୁ ଦୁଡ଼ି
ପୋକ୍‌ସିମାର୍ହାର୍ । 24 ପାଉଲ୍‌ତିଙ୍ଗଁ ଦୁର୍ଗ ଲୋଇ ଅନି ଉଣ୍ତିଙ୍ଗଁ
ରୋମିୟ ସନ୍ୟରି ନେତା ସନ୍ୟରିଙ୍ଗ ଆଦେସ୍ ସିତାନ୍ ମାରି ଜିହୁଦି
ଲୋକୁ ଏନ୍ଦା ୱାନି ବିରଦ୍‌ତାନ୍ ଇୟାୱାଜା ଆଉଲି ଆଜିନାର୍,
ଆକା ନେସ୍‌ତଙ୍ଗଁ ଇଜି ୱାନିଙ୍ଗଁ କରଡା ଡାକିସେ୍‌ତଙ୍ଗଁ ଆଦେସ୍
ସିତାନ୍ । 25 ମାତର୍ ୱାର୍ ୱାନିଙ୍ଗଁ ତର୍‌ନି ୱାଲେ ପାଉଲ ଆବେ
ମାନି ପାଣିକିନିକାନ୍ ଇର୍ହାନ୍, “ଇନି ନିନ୍ଦାଦୁ ଇୟାସାନ୍ଦି ବିଚାରିତ
ଆଇ ମାନି ଅରେନ୍ ରମିୟ ଲୋକ୍‌ତିଙ୍ଗଁ କରଡା ଡାକ୍‌ନିକା
ଇନିକା ରିତିନିତି ମାନାତ୍?” 26 ଇକା ୱେନ୍‌ଜି ପାଣିକିନିକାନ୍
ସଲ୍‌ସି ସନ୍ୟରି ନେତେଙ୍ଗଁ ଇର୍ହାନ୍, “ନିନୁ ଇନିକା କିଜିନି? ଇୟା
ଲୋକୁ ଜେ ଅରେନ୍ ରୋମିୟ ଲୋକୁ!” 27 ସନ୍ୟରି ନେତା
ପାଉଲ୍‌ତି ଲାକ୍‌ତୁ ସଲ୍‌ସି ୱେନ୍‌ବାତାନ୍, “ନିନୁ ଇନିକା ଅରେନ୍
ରୋମିୟ ଲୋକୁ?” ପାଉଲ ଇର୍ହାନ୍, “ହୁଁ ।” 28 ସନ୍ୟରି ନେତା
ଇର୍ହାନ୍, “ଗାଦି ଡାବୁଙ୍ଗଁ ସିଜି ନାନୁ ଅରେନ୍ ରୋମିୟ ଲୋକୁ
ଆତାମାନା ।” ପାଉଲ ଇର୍ହାନ୍, “ମାତର୍ ନାନୁ ଜନମ୍‌ତାନ୍
ରୋମିୟ ଲୋକୁ ।” 29 ଦାପ୍ରେ ଦାପ୍ରେ ଏମେ ଲୋକୁ ପାଉଲତିଙ୍ଗଁ
ୱେନ୍‌ବାଦେଙ୍ଗଁ ସଲ୍‌ସି ମାର୍ହାର୍, ୱେନ୍‌କା ଗୁସାଜିସର୍ହାର୍ ମାରି
ପାଉଲ ଅରେନ୍ ରୋମିୟ ଲୋକୁ ଆତିମାନିକା ନେସ୍‌ସି ମାରି
ୱାନ୍ ଜେ ୱାନିଙ୍ଗଁ ସିକିଣିଦୁ ତର୍‌ତେଙ୍ଗଁ ଇଜି ଆଦେସ୍ ସିତାମାନାନ୍,
ଇକା ନେସ୍‌ସି ସନ୍ୟରି ନେତା ନାଣ୍ତୁ ତିଲାତାନ୍ । 30 ଜିହୁଦି ଲୋକୁ
ପାଉଲତି ବିରଦ୍‌ତାନ୍ ଇନି ଦାବି କିତାମାନାର୍, ଆକା ସତେନେ
ନେସ୍‌ତେଙ୍ଗ ସନ୍ୟରି ନେତା ମାରିନାଣ୍ତିଙ୍ଗଁ ପାଉଲତିଙ୍ଗଁ ଗାଟି ୱିଜୁ
କୁଟ୍‌ତାନ୍ ପେରିସଭାଦି ପୁରା ମିଟିଙ୍ଗଁ କୁକିସ୍ କିଦେଙ୍ଗ ଇଜି ପେରି
ଜାଜକରିଙ୍ଗଁ ଆଦେସ୍ ସିତାନ୍ । ତାନିୱେନ୍‌କା ପାଉଲ୍‌ତିଙ୍ଗଁ ଅସି
ୱାରି ଆଗ୍‌ଡ଼ି ନିଲ୍‌ପ୍‌ତାର୍ ।

**23** ପାଉଲ ପେରିସବା ତରିନ୍ ସିଦା ସୁଡ଼୍‌ଜି ଇର୍ହାନ୍, “ଏ
ଇସ୍ରାଏଲ୍‌ତି ତଡ଼ାନ୍‌କୁ! ନେର୍ ସାନ୍ଦି ମାପୁରୁଦି ଆଗ୍‌ଡ଼ି
ନାନୁ ଏଣ୍ତେସ୍ ଜିତାମାନା, ଆୟା ବିସୟ୍‌ତାନ୍ ନା ମନ୍ ପୁରା
ନେଗିକା ।” 2 ଇୟା ମାଟା ୱେନ୍‌ଜି ପେରି ଜାଜକ ହନନିୟ
ପାଉଲତି ମକମି ସାପୁଡୁ ଡାକ୍କେ୍‌ତଙ୍ଗଁ ପାଉଲତି ଲାକ୍‌ତୁ ନିର୍‌ଇ
ମାନି ଲୋକାଙ୍ଗ ଆଦେସ୍ ସିତାନ୍ । 3 ପାଉଲ ୱାନିଙ୍ଗଁ ଇର୍ହାନ୍, “ଏ
ଅଡ଼ିନି ପେଡ଼୍‌ୱା ଉସ୍‌ତି ଗଡା, ମାପୁରୁ ସତେନେ ନିଙ୍ଗଁ ଡାକ୍‌ନାନ୍ ।
ନିୟମ୍ ଇସାବ୍‌ତାନ୍ ନା ବିସାର୍ କିଦେଙ୍ଗଁ ନିନୁ ଆବେ ବାସ୍‌ତିମାନି,
ଜଦିବା ନାଙ୍ଗଁ ଡାକ୍କେ୍‌ତଙ୍ଗଁ ଇଜି ଆଦେସ୍ ସିଜି ନିନୁ ନିୟମ୍
ରୁକ୍‌ସିନି ।” 4 ପାଉଲତି ଲାକ୍‌ତୁମାନି ଲୋକୁ ୱାନିଙ୍ଗ ଇର୍ହାର୍,
“ନିନୁ ମାପୁରୁଦି ପେରି ଜାଜକତିଙ୍ଗଁ ଅପମାନ୍ କିଜିନି!” 5 ପାଉଲ
ଇର୍ହାନ୍, “ଏ ଇସ୍ରାଏଲ୍ ତଡ଼ାନ୍‌କୁ, ୱାନ୍ ନେତାର୍‌ରି ପେରି ଜାଜକ
ଇଜି ନାନୁ ନେସେଏ ମାର୍ହା । ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍,
ମିର୍ ନିଜେଦି ଲୋକା ସାସନ୍‌କିନିୱାନିଙ୍ଗଁ ତାଗ୍‌ଇ ମାଟା ଇନ୍‌ମା
।” 6 ଜିହୁଦି ଦଲ୍‌ତୁ ଏସ ପାରୁସିର୍ ନି ମାରି ଏସ ସାଦୁକିର୍
ମାନିକା ସୁଡ଼୍‌ଜି ପାଉଲ ପେରିସଭାଦିଙ୍ଗଁ କୁକ୍‌ସି ଇର୍ହାନ୍, “ଏ
ଇସ୍ରାଏଲ୍‌ତି ତଡ଼ାନ୍‌କୁ, ନାନୁ ଅରେନ୍ ପାରୁସି, ପାରୁସି କୁଟୁମ୍‌ତୁ
ନା ଜନମ୍ । ସାତି ୱାରି ମାରିଡ଼େସି ନିଙ୍ଗଁନିମାନୁ ନାନୁ ଆସା କିନି
ଉଣ୍ତିଙ୍ଗଁ ଇବେ ନା ବିସାର୍ କିଜିନାର୍ ।” 7 ୱାରି ଲୋଇ ଦଲ୍
ଏର୍‌ପିସିସାନିକା ମାରି ୱାନ୍ ଟିକ୍ ଇୟା ମାଟା ଇନି ସାଙ୍ଗେ ସାଙ୍ଗେ
ପାରୁସି ନି ସାଦୁକିରି ଲୋଇ ଆଉଲି ଆରାମ୍ ଆତାତ୍ । 8 ଇରିଙ୍ଗଁ
ସାଦୁକିରି ଇସାବ୍‌ତାନ୍ ସାତି ଲୋକା ମାରିଡ଼େସିନିଙ୍ଗଁକା ସିଲେତ୍,
ମୁସ୍‌କୁପୁର୍‌ତି ଦୁତ୍ ମାରି ଆତ୍ମେଙ୍ଗଁ ପେଡେନ୍ ସିଲେତ୍; ମାତର୍

ପାରୁସିର୍ ଇୟା ମୁଣ୍ତି ବିସୟ୍‌ତାନ୍ ବିସ୍‌ବାସ୍ କିନାର୍ । 9 ୱାରି
ଆଉଲି ନାଣ୍ତ ଆଦେଙ୍ଗ ଆସ୍‌ତାତ୍ ମାରି ପାରୁସିର୍ ଦଲତି ଏସ
ଦାର୍ମୁଗୁରୁର୍ ନିଲ୍‌ସି ଟାଟ୍‌ତାନ୍ ଇର୍ହାର୍, “ମାପ୍ ୱେନିମାନୁ ଇନି
ଦସ୍ ପେଏଜିନାପ୍! ସତେନେ ୱାନି ୱାଲେ ଅରେନ୍ ଆତ୍ମା ବା
ମୁସ୍‌କୁପୁର୍‌ତି ଦୁତ୍ ମାଟା ଇନାମାନାନ୍ ।” 10 ଆସ୍‌ସିସାନିକା
ନିସା ପେରିକା ଆତାଡ୍ରେଜ, ଲୋକୁ ପାଉଲତିଙ୍ଗ କୟ୍‌ଜି ମକା
ମକା କିନାର୍ ଇଜି ସନ୍ୟରି ନେତା ତିଲାତାନ୍ । ଆଦେଙ୍ଗ ୱାନ୍
ଜାଟିକିନିୱାରି ଲୋଇରାନ୍ ପାଉଲତିଙ୍ଗ ରକିୟା କିଜି ୱାନିଙ୍ଗ ଦୁର୍ଗ
ଲୋଇ ଅତେଙ୍ଗ ଇଜି ସନ୍ୟରିଙ୍ଗ ଆଦେସ୍ ସିତାନ୍ । 11 ଆୟା
ନାଡ଼ା ପ୍ରବୁ ପାଉଲତି ଲାକ୍‌ତୁ ନିଲ୍‌ସି ଇର୍ହାନ୍, “ସାସ୍ ଆସ୍‌ଆ! ନିନୁ
ଇବେ ଜିରୁସାଲାମ୍‌ତୁ ନା ଉଣ୍ତିଙ୍ଗ ସାକି ସିତିମାନି । ରୋମ୍‌ତୁ ବା
ନିନୁ ସତେନେ ଆୟାୱାଜା ସାକି ସିନି ।” 12 ମାରିନାଣ୍ତିଙ୍ଗ ସାଲ୍‌ଦି
ଏସ ଜିହୁଦି ଲୋକୁ ଉଣ୍ତାଜି ଉନ୍‌ତ୍ରି ଉପାୟ୍ କିତାର୍ । ପାଉଲତିଙ୍ଗ
ସାୟାମାର୍‌ଗା ଡାକ୍‌ଇ ସାନ୍ଦି ୱାର୍ ଉଣୁଏପ୍ ଇଜି ପାର୍‌ମାଣ୍ କିତାର୍
। 13 ଚାଲିସେ୍‌ଲାକ୍‌ତାନ୍ ନାଣ୍ତ ଲୋକୁ ଇୟା ଉପାୟ୍‌କିତାର୍ ।
14 ୱାର୍ ସଲ୍‌ସି ପେରି ଜାଜକ ନି ଜିହୁଦି ନେତାର୍‌ରିଙ୍ଗ ଇର୍ହାର୍,
“ପାଉଲତିଙ୍ଗ ସାୟାମାର୍‌ଗା ଡାକ୍‌ଇ ସାନ୍ଦି ଇନିକା ବା ଉଣୁଏପ୍
ଇଜି ମାପ୍ ଉନ୍‌ତ୍ରି ଡାଟ୍‌ତାନ୍ ପାର୍‌ମାଣ୍ କିତାମାନାପ୍ । 15
ଆଦେଙ୍ଗ ୱାନି ବିସୟ୍‌ତାନ୍ ନାଣ୍ତ ସତ୍ ମାଟା ନେସ୍‌ନି ସାଲାକି
ତର୍‌ସି ପେରିସଭା ଆଗ୍‌ଡ଼ି ନି ମି ଲାକ୍‌ତୁ ପାଉଲତିଙ୍ଗ ମାରି
ଉନ୍‌ତ୍ରି ଦେବା ତାତେଙ୍ଗ ଇଜି ରୋମିୟ ସନ୍ୟରି ନେତେଙ୍ଗ ବାତିଙ୍ଗ
ମାଲ୍‌ଦୁ । ମାତର୍ ୱାନ୍ ଇବେ ୱାନି ଆଗ୍‌ଡ଼ି ସାରିଦୁ ମାପ୍ ୱାନିଙ୍ଗ
ସାୟାମାର୍‌ଗାଡାକ୍ଟେତଙ୍ଗ ଇଜି ତିଆର୍ ଆନାମାନାପ୍ ।” 16
ମାତର୍ ପାଉଲତି ବାଣେଜେଙ୍ଗ ଇୟା ଉପାୟ୍ ମାଟା ୱେନ୍‌ଜି,
ଦୁର୍ଗ ଲୋଇ ସଲ୍‌ସି ପାଉଲତିଙ୍ଗ ଇକା ୱେର୍‌ତାନ୍ । 17 ପାଉଲ
ରୋମିୟ ପାଣିକିନିୱାରି ଲୋଇ ଅରେନ୍‌ୱାନିଙ୍ଗ କୁକିସି ଇର୍ହାନ୍,
“ଇୟା ମୁରୁଲିଙ୍ଗ ସନ୍ୟରି ନେତା ଲାକ୍‌ତୁ ଅଆ, ୱାନ୍ ୱାନିଙ୍ଗ ଏସ
ଇନିକା ମାଟା ମାନାତ୍ ।” 18 ପାଣିକିନିକାନ୍ ୱାନିଙ୍ଗ ସନ୍ୟରି
ନେତା ଲାକ୍‌ତୁ ଅସି ଇର୍ହାନ୍, “ତରାତିମାନି ପାଉଲ ନାଙ୍ଗ କୁକ୍‌ସି
ଇୟା ମୁରୁଲିଙ୍ଗ ନି ଲାକ୍‌ତୁ ତାତେଙ୍ଗ ଇର୍ହାନ୍ । ନିଙ୍ଗ ୱାନ୍ ଏସ
ଇନି ମାଟା ମାନାତ୍ ।” 19 ସନ୍ୟରି ନେତା ୱାନି କିୟୁ ଆସ୍‌ସି
ନିଜେ ଅତାତ୍ ମାରି ୱେନ୍‌ବାତାନ୍, “ନାଙ୍ଗ ଇନିକା ୱେର୍‌ନିକା
ମାନାତ୍, ଇନ୍‌ଆଁ!” 20 ମୁରୁଲିକଡ଼ ଇର୍ହାନ୍, “ଜିହୁଦି ଅଦିକାରିର୍
ଉପାୟ୍ କିତାମାନାର୍ ଜେ, ପେରିସଭା ପାଉଲତି ବିସୟ୍‌ତାନ୍
ନାଣ୍ତ ସତ୍ ମାଟା ନେସେ୍‌ତଙ୍ଗ ବଦା କିତାମାନାର୍ ଇଜି ସାଲାକିଜି
ୱାନିଙ୍ଗ ପେରିସଭାଦୁ ଅତେଙ୍ଗ ଇଜି ନିଙ୍ଗ ବାତିଙ୍ଗ ମାଲ୍‌ନାର୍ । 21
ମାତର୍ ୱାରି ମାଟା ୱେନ୍‌ମା; ଇରିଙ୍ଗ ସାଲିସ୍‌ତାନ୍ ନାଣ୍ତ ଲୋକୁ
ୱାନିଙ୍ଗ ସାୟାମାର୍‌ଗା ଡାକ୍‌ଇ ସାନ୍ଦି ଉଣୁଏର୍ ଇଜି ପାର୍‌ମାଣ୍
ଅସି କାପ୍‌କିତାମାନାର୍ । ଇଲେଇ ୱାର୍ ନି ମାଟାଦିଙ୍ଗ କାପ୍‌କିଜି
ଜାଗାର୍‌ତା ମାନାର୍ ।” 22 “ନିନୁ ନାଙ୍ଗ ଇକା ୱେର୍‌ତିମାନି ଇଜି
ଏଙ୍ଗ ଇନ୍‌ମା ।” ସନ୍ୟରି ନେତା ଇକା ୱେର୍‌ସି ମୁରୁଲିଙ୍ଗ ପକ୍‌ତାନ୍
। 23 ସନ୍ୟରି ନେତା ୱାନି ଆଡ୍‌ଗିମାନି ରିଏରି ପାଣିକିନିୱାରିଙ୍ଗ
କୁକିସ୍‌କିଜି ଇର୍ହାନ୍, “ନେରୁ ନାଡ଼ା ନଅଟା ବେଡ଼ାଦୁ କାଇସରିଆଦୁ
ସନେ୍‌ତ୍ରଙ୍ଗ ଇଜି ସତୁରି ଲୋକୁ ଗଡ଼ାସାଲାକିନିୱାରିଙ୍ଗ ମାରି ଦୁଇସ
ଇଟା ଆସ୍‌ନିୱାରିୱାଲେ ଦୁଇସ ବୁଲାନି ସନ୍ୟରିଙ୍ଗ ତିଆର୍ କିଦୁ ।
24 ପାଉଲତି ସନି ଉଣ୍ତିଙ୍ଗ ଏସ ଗଡ଼େଙ୍ଗ ସିଦୁ ମାରି ନେଗେନ୍‌ତାନ୍
ୱାନିଙ୍ଗ ସାସନକିନି ପେଲିକସ୍‌ତି ଲାକ୍‌ତୁ ଅତୁ ।” 25 ସନ୍ୟରି
ନେତା ଇୟାୱାଜା ଆକୁ ରାସ୍‌ତାନ୍: 26 “ସନ୍‌ମାନ୍‌ତି ସାସନ୍‌କିନି
ପେଲିକସ୍‌ତିଙ୍ଗ କ୍ଲଡିଅସ୍ ଲୁସିୟାଦି ନମସ୍କାର୍ ଆପିତ୍ । 27
ଜିହୁଦି ଲୋକୁ ଇୟା ଲୋକ୍‌ତିଙ୍ଗ ଆସ୍‌ସି ୱାନିଙ୍ଗ ସାୟାମାରାଗ୍
ଡାକ୍ଟେତଙ୍ଗ ତିଆର୍ ମାର୍ହାର୍ । ୱାନ୍ ଅରେନ୍ ରୋମିୟ ଲୋକୁ
ଇଜି ନେସ୍‌ତାର୍‌ଆକା ନାନୁ ନା ସନ୍ୟରି ମାଣାନ୍ ୱାନିଙ୍ଗ ରକିୟା
କିତା । 28 ୱାରି ବିରଦ୍‌ତାନ୍ ୱାନ୍ ଇନି ଦସ୍ କିତାମାର୍ହାନ୍,
ନେସ୍‌ତେଙ୍ଗ ଇଜି ନାନୁ ୱାନିଙ୍ଗ ୱାରି ପେରିସଭାଦୁ ଅତା । 29
ମାତର୍ ୱାନ୍ ସାନିଦଣ୍ତ ବା ଜଇଲ୍ ଦଣ୍ଡ ପୟ୍‌ନି ୱାଜା ଇନି ପାଣି
କିଏନ୍ ଇଜି ନାନୁ ନେସେ୍‌ତଙ୍ଗ ଆଟ୍‌ତା । ୱାନି ବିରଦ୍‌ତାନ୍
ଆତିମାନି ଦାବିୱିଜୁ ୱାରି ଦର୍ମଦି ବିସୟ୍‌ତି ନିୟମ୍ । 30 ମାରି
ୱାନି ବିରଦ୍‌ତାନ୍ ଉନ୍‌ତ୍ରି ଉପାୟ୍ ଆତାମାନାତ୍ ଇଜି କାବୁର୍
ପୟ୍‌ଜି ଦାପ୍ରେ ଦାପ୍ରେ ୱାନିଙ୍ଗ ନି ଲାକ୍‌ତୁ ପୋକ୍‌ତେଙ୍ଗ ଅଡ୍‌ବିତା
। ୱାନି ବିରଦ୍‌ତାନ୍ ମାନି ଦାବିୱିଜୁ ନି ଲାକ୍‌ତୁ ୱେରେ୍‌ତଙ୍ଗ ଇଜି
ନାନୁ ୱାନି ଦାବିକିନିୱାରିଙ୍ଗ ଇର୍ହାମାନା ।” 31 ସନ୍ୟର୍ ଆୟା
ଆଦେସ୍ ଇସାବ୍‌ତାନ୍ ପାଉଲତିଙ୍ଗ ଆୟା ନାଡ଼ା ଆନ୍ତିପାତ୍ରିଦୁ
ଇପ୍‌ତାର୍ । 32 ମାରିନାଣ୍ତିଙ୍ଗ ବୁଲାନି ସନ୍ୟର୍ ଦୁର୍ଗଦୁ ଡ଼େସି
ସର୍ହାର୍ 33 ମାରି ଗଡେଙ୍ଗସାଲାକିନି ସନ୍ୟର୍ ପାଉଲତିଙ୍ଗ ଅସି
କାଇସରିଆଦୁ ଇତାର୍ । ଆବେ ସନ୍ୟରି ନେତା ଆକୁଦିୱାଲେ
ପାଉଲତିଙ୍ଗ ସାସନ୍‌କିନିମାନୁ ସରେ୍‌ପ କିତାନ୍ । 34 ସାସନ୍‌କିନି
ମନ୍ତ୍ରୀ ଆକୁ ପଡ଼ାଜି ପାଉଲତିଙ୍ଗ ଆମା ଦେସ୍‌ତାନ୍ ୱାତିମାନି ଇଜି
ୱେନ୍‌ବାତାନ୍ । ପାଉଲ ସିଲିସିଆଦିକାଙ୍ଗ ଇଜି ନେସ୍‌ସି, 35
ୱାନ୍ ଇର୍ହାନ୍, “ନି ଦାବିକିନିକାର୍ ଇତି ୱେନ୍‌କା ନାନୁ ନି ମାଟା
ୱେନା ।” ୱେନ୍‌କା ପାଉଲତିଙ୍ଗ ହେରୋଦତି ମେଡ୍‌ଇଲୁତୁ ତର୍‌ସି
ଇଡେ୍‌ଦଙ୍ଗ ଇଜି ଆଦେସ୍ ସିତାନ୍ ।

**24** ପାସ୍ ଦିନ୍ ୱେନ୍‌କା ପେରି ଜାଜକ ହନନିୟ ଏସ ଜିହୁଦି
ନେତାର୍ ନି ତର୍ତୁଲସ୍ ଦର୍‌ତି ଅରେନ୍ ଅକିଲତି ୱାଲେ
କାଇସରିଆଦୁ ସର୍ହାନ୍ । ୱାର୍ ପେଲିକ୍‌ସ୍‌ତି ଆଗ୍‌ଡ଼ି ୱାଜି ପାଉଲତି
ବିରଦ୍‌ତାନ୍ ୱାରି ଦାବି ୱେର୍‌ତାନ୍ । 2 ୱେନ୍‌କା ପାଉଲତିଙ୍ଗ
ଆବେ ତାତାର୍ ମାରି ତର୍ତୁଲସ୍ ଇୟାୱାଜା ଲୋକା ଦାବିୱିଜୁ
ୱେର୍‌ତାନ୍: “ମି ବୁଦିଦି ସାରି ତର୍‌ନି ମାଣାନ୍ ମାପ୍ ନାଣ୍ତ ଦିନ୍
ଆସ୍‌ସି ସାନ୍ତିଦାନ୍ ତେବାଜିନାପ୍ ମାରି ମା ଦେସ୍‌ତି ନେଗି ଉଣ୍ତିଙ୍ଗ
ଗାଦି ନିୟମ୍‌ତି ପାଣି କିଆୟ୍‌ଆତାମାନାନ୍ । 3 ୱିଜୁ ପେଲିକସ୍
ବାଡିଦୁ ନି ୱିଜୁ ୱେଡ଼ାଦୁ ମାପ୍ ତେନିଙ୍ଗ କୁକ୍‌ସିନାପ୍, ମାପ୍ ନି
ଲାକ୍‌ତୁ ନାଣ୍ତ ଇସାବ୍‌ତାନ୍ ଦନ୍ୟବାଦ୍ ସିଜିନାପ୍ । 4 ୱାନ୍ ଏଣ୍ତେସ୍
ଆପିନ୍, ନାନୁ ମି ନାଣ୍ତ ସମୟ୍ ଅତେଙ୍ଗ ବଦାକିଏ, ଆଦେଙ୍ଗ

ନିନୁ ଦୟା କିଜି ମା ଏସ ମାଟା ୱେନେ୍ଡ୍ରଙ୍ଗ୍ ଇଜି ନାନ୍ ମାଡ଼ିସ୍
କିଜିନା । 5 ଇୟା ଲୋକୁ ବୟଙ୍କର୍ ଜାଟିକିନିକାନ୍ ଇଜି ମାପ୍
ନେସ୍‌ନାପ୍; ୱାନ୍ ଦୁନିଆଦି ୱିଜୁତରିନ୍ ବୁଲାଜି ଜିହୁଦିଲୋକାଙ୍ଗ୍
ସାନ୍ତି ରୁକ୍‌ଏତଙ୍ଗ୍ ଏଗ୍ରିସ୍ କିଜିନାନ୍ । ୱାନ୍ ନାଜରିୟତିୟ୍ ଦଲତୀ
ନେତା । 6 ୱାନ୍ ମା ମନ୍ଦିର୍‌ତିଙ୍ଗ୍ ଅପବିତ୍ର କିଦେଙ୍ଗ୍ ସେସ୍ଟା
କିନିୱାଲେ ମାପ୍ ୱାନିଙ୍ଗ୍ ଆସ୍‌ତାପ୍ । 7 ମାତର୍ ସହେ ଲୋକା
ମୁସ୍‌କୁ ମାନି ନେତା ଲୁସିୟା ୱାଜି ଡାଟ୍‌ତାନ୍ ୱେନିଙ୍ଗ୍ ମା କିୟୁଦାନ୍
ଡ଼ିବିସ୍‌ତାଅତାନ୍ । 8 ମାପ୍ ୱେନି ବିରଦ୍‌ତାନ୍ ଏମେ ୱିଜୁ ଦାବି
କିଜିନାପ୍, ଆକା ନିନୁ ନିଜେ ଇୟା ଲୋକ୍‌ତିଙ୍ଗ୍ ୱେନ୍‌ବାଜି
ନେସ୍‌ଏତଙ୍ଗ୍ ଆଟ୍‌ନି ।" 9 ଇବେମାନି ଜିହୁଦି ଲୋକୁ ବା ଇୟା
ଦାବି ସତ୍ ଇଜି ଆଟ୍‌ୱାଦାନ୍ ରାଜିଆନିକା ଜାଣେକିତାର୍ । 10
ତାନିୱେନ୍‌କା ଆୟା ଦେସ୍‌ତି ମନ୍ତ୍ରୀ ପାଉଲତିଙ୍ଗ୍ ମାଟା ଇନେ୍ଡ୍ରଙ୍ଗ୍
ଇଜି ସାରିସିତାନ୍ ଆକା ପାଉଲ ଇର୍ହାନ୍, "ନାନୁ ନେସ୍‌ନା ଜେ
ନାଣ୍ଡ ବାର୍‌ଏସକ୍ ଆସ୍‌ସି ନିନୁ ଇୟା ଲୋକା ବିସାର୍ କିନିକିନ୍ଦ୍ରି
ଆତିମାନି, ଆଦେଙ୍ଗ୍ ନି ଆଗ୍‌ଡ଼ି ନିଜେଦି ବିସୟ୍ ୱେରେ୍ଏତଙ୍ଗ୍ ନା
ତରିଟାନ୍ ୱେଡ଼ିକାଦି ମାଟା । 11 ନିନୁ ନିଜେ ପୟ୍‌ଜି ନେସ୍‌ତେଙ୍ଗ୍
ଆଟ୍‌ନି ଜେ, ଆନାତ୍ ବାର୍ ଦିନ୍ ଆଗ୍‌ଡ଼ି ନାନୁ ଜିରୁସାଲାମ୍‌ତୁ
ପାର୍‌ତନା କିଦେଙ୍ଗ୍ ସର୍ହାମାର୍ହା । 12 ମନ୍ଦିର୍‌ତୁ ଏୱାଲେ ନା
ଆସ୍‌ସିସାନିକା କିଜିମାନିକା ଜିହୁଦିଲୋକୁ ସୁଡୁଏର୍ ମାର୍ହାର୍ ବା
ପାର୍‌ତନାକିନି ଇଲ୍‌କାଙ୍ଗ୍ ଆପିତ୍ ଗାଡ଼୍‌ତି ଆଇ ଇନି ବାଡିଦୁ ନାଙ୍ଗ୍
ଲୋକାଙ୍ଗ୍ ଏଗ୍ରିସ୍‌କିନିକା ସୁଡୁଏର୍ ମାର୍ହାର୍ । 13 ଆଦେଙ୍ଗ୍ ନା
ବିରଦ୍‌ତାନ୍ ଇଲେଇ ତାତିମାନି ଦାବିୱିଜୁକା ଉଣ୍ତିଙ୍ଗ୍ ୱାର୍ ସତ୍
ମାଟା ସିଦେଙ୍ଗ୍ ଆଟ୍‌ଏର୍ । 14 ନାନୁ ନି ଲାକ୍‌ତୁ ମାନାଜିନା ଜେ,
ଏମେ ସାରିଦିଙ୍ଗ୍ ୱାର୍ ମିଚ୍ ଇଜି ଇଜିନାର୍, ଆୟା ସାରିଦିଙ୍ଗ୍
ବୁଲାଜି ନାନୁ ମା ପୁର୍ବେଦିଡକ୍‌ରାଦାଦାରି ମାପୁରୁଙ୍ଗ୍ ସେବା କିଜିନା
। ମାତର୍ ନାନୁ ବା ମସାଦି ନିୟମ୍ ନି ବାବବାଦିରି ବଇଦୁ ରାସାତି
ୱିଜୁ ମାଟା ବିସ୍‌ବାସ୍ କିନା । 15 ଇୟାୱାରି ୱାଜା ମାପୁରୁଦିମାନୁ
ନା ଆୟା ଉନ୍‌ଡ୍ରି ଆସା ମାନାତ୍ ଜେ, ଦାର୍ମୁ ନି ଅଦାର୍ମୁ ଲୋକୁ
ୱିଜେରେ ସାତି ମାଣାନ୍ ମାରିଡ଼େସି ନିଙ୍ଗ୍‌ନାର୍ । 16 ଆଦେଙ୍ଗ୍
ମାପୁରୁ ନି ଲୋକା ଆଗ୍‌ଡ଼ି ନେଗି ବୁଦି ବ୍ୟବ୍‌ହାର୍ କିଦେଙ୍ଗ୍ ଇଜି
ନାନୁ ୱିଜୁଦିନ୍ ବଦା କିଜିନା । 17 "ନାଣ୍ଡ ବାର୍‌ଏସକ୍ ଆସ୍‌ସି
ଜିରୁସାଲାମ୍‌ତାନ୍ ଆକ ତେବାତି ୱେନ୍‌କା, ନା ନିଜେଦି ଲୋକା
ଉଣ୍ତିଙ୍ଗ୍ ଏସ ଡାବୁଙ୍ଗ୍ ଅତେଙ୍ଗ୍ ନି ପୁଜା ସିଦେଙ୍ଗ୍ ଇଜି ନାନୁ
ଆବେ ସର୍ହାମାର୍ହା । 18 ନାନୁ ନେଗେନ୍‌କିନି ବିଦି ୱିସ୍‌ସି ମାର୍‌ଇ
ବେଡ଼ାଦୁ ୱାର୍ ନାଙ୍ଗ୍ ମନ୍ଦିର୍‌ତୁ ସୁଡୁତାର୍ । ନାସ୍ତିୱାଲେ ନା ଲାକ୍‌ତୁ
ଲୋକ୍‌ଉଣ୍ତାତିକା ସିଲେତାତ୍ କି ଅସାନ୍ତି ଆଏଡ଼୍‌ମାର୍ହାତ୍ । 19
ମାତର୍ ଆସିଆ ଦେସ୍‌ତି ଏସ ଜିହୁଦି ଲୋକୁ ଆବେ ମାର୍ହାର୍;
ଜଦି ୱାରି ନା ବିରୁଦ୍‌ତାନ୍ ମାଟା ଇନିକା ମାନାତ୍, ୱାର୍ ନିଜେ ନି
ଆଗ୍‌ଡ଼ି ୱାଜି ଦାବି କିଦେଙ୍ଗ୍ ଆଟ୍‌ତାର୍‌ମାନ୍ଦ୍ରି । 20 ମାରି, ନାନୁ
ଏସ୍ତିୱାଲେ ପେରିସଭା ଆଗ୍‌ଡ଼ି ନିର୍‌ଆ ମାର୍ହା, ନାନୁ ଏମେ
ତାଗ୍‌ଇମାଟା ପାଣିଦୁ ଦସି ଇଜି ୱେଙ୍ଗ୍‌ତା, ଆକା ଇବେମାନି ଇୟା
ଲୋକୁ ଇନିର୍ । 21 ଜଦିବା ନାନୁ ଉନ୍‌ଡ୍ରି ମାଟା କିତାମାର୍ହା:
ୱାରି ଆଗ୍‌ଡ଼ି ନିର୍‌ଇ ମାର୍‌ଇୱାଲେ ନାନୁ ଡାଟ୍‌ତାନ୍ ଇର୍‌ଆମାର୍ହା,
ସାତିକାର୍ ମାରିଡ଼େସି ଜିନାର୍ ଇଜି ନାନୁ ବିସ୍‌ବାସ୍ କିଜିମାନିଙ୍ଗ୍
ନେରୁ ମିବାଣ୍‌କୁ ବିସାର୍ ଆଜିନା ।" 22 ପେଲିକସ୍ ନେଗି ସାରିଦି
ବିସୟ୍‌ତାନ୍ ନେଗେନ୍ କିଜି ନେସ୍‌ତିମାନିଙ୍ଗ୍ ୱେନିସ୍‌କିନିକା ତେବା
କିଜି ଇର୍ହାନ୍, "ସନ୍ୟରି ନେତା ଲୁସିୟା ୱାତି ୱେନ୍‌କା ନାନୁ ନି
କେସ୍ ପୁରା କିନା ।" 23 ପାଉଲତିଙ୍ଗ୍ ୱାନ୍ ତର୍‌ସୋ ଇଡ଼େଦଙ୍ଗ୍
ୱାନ୍ ସନ୍ୟରିଙ୍ଗ୍ ଆଦେସ୍ ସିତାନ୍, ମାତର୍ ୱାନି ଉଣ୍ତିଙ୍ଗ୍ କାପ୍‌କିନା
ଡ଼ିସ୍‌ସି ୱାନି ଜାତୁନ୍ କିଦେଙ୍ଗ୍ ଇଜି ୱାନି ତଡ଼୍‌କାଙ୍ଗ୍ ସାରି ସିଦେଙ୍ଗ୍
ୱାନ୍ ଆଦେସ୍ ସିତାନ୍ । 24 ଏସ ଦିନ୍ ୱେନ୍‌କା ପେଲିକସ୍ ୱାନି
ଜିହୁଦି ଆଇମା ଦ୍ରୁସିଲାଦି ୱାଲେ ୱାତାନ୍, ୱାନ୍ ପାଉଲତିଙ୍ଗ୍
କୁକିସ୍ କିଜି ଜିସୁ କ୍ରିସ୍ତମାନୁ ବିସ୍‌ବାସ୍ କିନି ବିସୟ୍‌ତାନ୍ ୱାନି
ମାଟା ୱେର୍‌ଆନ୍ । 25 ମାତର୍ ଏସ୍ତିୱାଲେ ପାଉଲ ଦାର୍ମୁଦିକା,
ନିଜେଦିଙ୍ଗ୍ ନେଗେନ୍‌କିଜି ଇଡ଼୍‌ନିକା ମାରି ୱାନି ବିସାର୍ ଦିନ୍
ମାଟା ୱାର୍‌ଗିତାର୍, ପେଲିକସ୍ ତିଲାଜି ଇର୍ହାନ୍, ନିନୁ ଇଲେଇ
ସନେ୍ଡ୍ରଙ୍ଗ୍ ଆଟ୍‌ନି । ସୁଜୋଗ ପୟ୍‌ତିଙ୍ଗ୍, "ମାରି ଅର୍‌ସୁ ନିଙ୍ଗ୍
କୁକିସ୍‌କିନା ।" 26 ଆୟା ସମୟ୍‌ତୁ ପାଉଲ ୱାନିଙ୍ଗ୍ ଏସ ଡାବୁଙ୍ଗ୍
ସିନି ଇଜି ୱାନ୍ ଆସା କିତାମାର୍ହାନ୍, ଆଦେଙ୍ଗ୍ ୱାନ୍ ଅର୍‌ସୁଦିଙ୍ଗ୍
କ୍ରିସ୍ତ ମିବାନୁ ବାସାଜି ମାନାନ୍, ମି ମେନ୍ଦୁଲ୍ ପାପ୍‌ତୁ ନାସ୍ଟ ଆଦେଙ୍ଗିଁ
ସଲ୍‌ସି ମାରିଙ୍ଗିଁ ବା, ଆତ୍ମା ମିଙ୍ଗିଁ ଜିବନ୍ ସିନାତ୍, ଇରିଙ୍ଗିଁ ମାପୁରୁଦି
ଲାକ୍‌ତୁ ମିର୍ ଦାର୍ମୁତିକାର୍ ଆତିମାନିଦେର୍ । **11** ଜଦି ଜିସୁଙ୍ଗିଁ ସାତି
ମାଣାନ୍ ନିକ୍‌ତିମାନି ମାପୁରୁଦି ଆତ୍ମା ମିବାନୁ ମାନାତ୍, ଆର୍‌ତିଙ୍ଗିଁ
ଆୟା ଆତ୍ମାଦି ସାକାଦାନ୍ ମାପୁରୁ ମି ସାନି ମେନ୍ଦୁଲ୍‌ତିଙ୍ଗିଁ ବା
ଜିବନ୍ କିନାନ୍ । **12** ଆର୍‌ତିଙ୍ଗିଁ ଏ ତଡ଼ାନ୍‌କୁ ନି ତାଙ୍ଗିଁକି, ମା
ପାଣି ଆଜିନାତ୍, ନର୍ ଗୁଣ୍‌ତି ଇସାବ୍‌ତାନ୍ ଜିଦେଙ୍ଗିଁ କେଏଟ୍,
ଇରିଙ୍ଗିଁ ଆକା କିତିଙ୍ଗିଁ ମିର୍ ସାନିଦେର୍; **13** ମାତର୍ ଜଦି ଆତ୍ମାଦି
ସାକାଦାନ୍ ନିଜେଦି ମେନ୍ଦୁଲ୍‌ତି ପାପ୍ ପାଣିଦିଙ୍ଗିଁ ନାସ୍ଟ କିଜି ମାରି
ପାପ୍ ପାଣି କିମାଟ୍, ଆତିଙ୍ଗିଁ ମିର୍ ଜିନିଦେର୍ । **14** ଏମେକାର୍
ମାପୁରୁଦି ଆତ୍ମାଦାନ୍ ସାଲାଜିନାର୍, ୱାର୍ ମାପୁରୁଦି କଡ଼ର୍ । **15**
ଇରିଙ୍ଗିଁ ମାପୁରୁ ସିତି ଆୟା ଆତ୍ମା ମିଙ୍ଗିଁ ଦାସ୍‌ତିମାଣାନ୍ ମୁକ୍‌ଡ଼ା
କିତାମାନାନ୍, ମିର୍ ମାରି ଡିଲାନିକା ଇନିକା ସିଲେତ୍ । ମାତର୍
ଆତ୍ମା ମିଙ୍ଗିଁ ମାପୁରୁଦି କଡ଼ର୍ ଆନି ସାରି ସିତାମାନାତ୍ । ୱାନି
ସାକ୍ତି ନେସ୍‌ସି ମାଡ୍ ଇଲେଇ ମାପୁରୁଙ୍ଗିଁ "ବୁବା" ଇଜି କୁକ୍‌ସିନିକା
। **16** ମାପୁରୁଦି ଆତ୍ମା ମା ଲୋଇରି ଆତ୍ମାଦି ୱାଲେ ବଲୁ ମିସାକିଜି
ମାଙ୍ଗିଁ ମାପୁରୁଦି କଡ଼ର୍ ଇଜି ୱେକ୍‌ସିନାତ୍ । **17** ଏନ୍ଦାଇରିଙ୍ଗିଁ
ମାଡ୍ ମାପୁରୁଦି କଡ଼ର୍, ୱାନି ଲୋକା ଉଣ୍ତ୍ରିଙ୍ଗିଁ ଟିକ୍ ଆର୍ସିବାଦ୍‌ତୁ
ମାଡ୍ ମିସାନିକା । ମାରି କ୍ରିସ୍ତଦି ଉଣ୍ତ୍ରିଙ୍ଗିଁ ମାପୁରୁ ଆମାକା ଉଣ୍ତ୍ରା
କିଜି ଇଟ୍‌ତାମାନାନ୍, ଆବେନ୍ ବା ମା ବାଗ୍ ମାନାତ୍ । ଜଦି
ମାଡ୍ ଜିସୁଦି ଦୁକ୍‌ବଗ୍‌ତି ବାଗ୍ ଆତିମାନିକା, ଆର୍‌ତିଙ୍ଗିଁ ୱାନି
ଗୌରବ୍‌ଦୁ ବା ମିସାନିକା । **18** ଆମା ଗୌରବ୍‌ମୟ୍‌ତି ୱାନିଦିନ୍‌ତୁ
ମାଡ୍ ମିସାନିକା, ଆୟା ଇସାବ୍‌ତାନ୍ ଇଲେଇ ଦୁକ୍‌ବଗ୍ ଇନିକା
ସିଲେ । ଆୟା ୱେଡ଼ାଦୁ ମାପୁରୁ ୱାନି କଡ଼ରିଙ୍ଗିଁ ତର୍‌ନାନ୍ ।
**19** ୱିଜୁ ଡିଆର୍ ଆତିମାନିକେଙ୍ଗିଁ ୱେଡ଼ିକାଦାନ୍ ଆୟା ମାପୁରୁଦି
ଦିନ୍‌ତିଙ୍ଗିଁ କାପ୍‌କିଜି ତେବାତେମାନେ, **20** ଇରିଙ୍ଗିଁ ଡିଆର୍‌ଆତିମାନି
ମାପୁରୁଦି ମାଣାନ୍ ଆନାଦୁରିଆ ପୟ୍‌ଜି ତାନି ବଦାଦାନ୍ ୱେର୍‌ଏ
ଆତାମାନାତ୍ । ମାତର୍ ତାନି ଆସା ମାନାତ୍, **21** ଅର୍‌ଲେନ୍
ମାପୁରୁଦି କଡ଼ରି ଗୌରବ୍‌ଦି ମିସାଜି ୱାଦ୍ ବା ତାନି ନାସ୍ଟ ଆନି
ଅବସ୍ତାଦାନ୍ ମୁକ୍‌ଡ଼ାଦେଙ୍ଗିଁ ଆଟ୍‌ନାନ୍ । **22** ମାତର୍ ଇୟାସାନ୍ଦି ୱିଜୁ
ଡିଆର୍ ଜନମ୍ ସିନି କାସ୍ଟଦି ୱିସାମ୍ ୱାଜା ନେସ୍‌ତେଙ୍ଗିଁ ଆଟ୍‌ସିନିକା
। **23** ମାଡ୍ ମାପୁରୁଦି ପାର୍‌ତୁମ୍ ଦାନ୍ ୱାଜା ପବିତ୍ରଆତ୍ମାଦିଙ୍ଗିଁ
ପୟ୍‌ତିମାନିକା; ଆତିଙ୍ଗିଁବା ମାପୁରୁଦି ଇଲୁଦିଲୋକ୍ ୱାଜା ଆଜି
ପୁରାଦାନ୍ ମେନ୍ଦୁଲ୍‌ତି ମୁକ୍‌ଡ଼ାଦେଙ୍ଗିଁ ଇଜି ମାଡ୍ ବା କାପ୍‌କିଜି
ଜିବନ୍‌ତୁ ଆଡ଼ାବାଜିନାପ୍ । **24** ଇରିଙ୍ଗିଁ ଆସା ଇଡ୍‌ନି ମାଣାନ୍
ନେ ମାଡ୍ ରକିୟା ପୟ୍‌ନିକା, ମାତର୍ ଆମାକା ତର୍‌ନାତ୍, ଆୟା
ଉଣ୍ତ୍ରିଙ୍ଗିଁ ଆସା ଇଡ୍‌ନିକା ସତ୍‌ତାନ୍ ଆସା ସିଲେ । ଏନ୍ ଇନିକା
ତର୍‌ନି ବିସୟ୍ ୱିଜୁ ଉଣ୍ତ୍ରିଙ୍ଗିଁ ଆସା କିନାନ୍? **25** ମାତର୍ ମାଡ୍
ଜଦି ତରାୟ୍‌ଆଇ ବିସୟ୍ ଉଣ୍ତ୍ରିଙ୍ଗିଁ ଆସା କିନିକା, ଆର୍‌ତିଙ୍ଗିଁ
ମାଙ୍ଗିଁ ସାସ୍‌ତାନ୍ କାପ୍‌କିଦେଙ୍ଗିଁ ପଡ଼ାନାତ୍ । **26** ମାରି ମାଡ୍
ସାକିସିଲିକାର୍, ମାତର୍ ପବିତ୍ରଆତ୍ମା ମାଙ୍ଗିଁ ସାକା କିନାତ୍,
ଏଣ୍ତେସ୍ ପାର୍‌ତନା କିଦେଙ୍ଗିଁ ଆନାତ୍, ଆକା ମାଡ୍ ନେସ୍‌ଇକା ।
ଆଦେଙ୍ଗିଁ ପବିତ୍ରଆତ୍ମା ୱେର୍‌ରେତେଙ୍ଗିଁଆଟ୍‌ଇ ବାସାଦାନ୍ ମା ଉଣ୍ତ୍ରିଙ୍ଗିଁ
ମାପୁରୁଙ୍ଗିଁ ମାଡ଼ିସ୍ କିନାତ୍ । **27** ମାପୁରୁ ଆକା ବୁଜାନାନ୍,
ଇରିଙ୍ଗିଁ ୱାନ୍ ମନ୍ ନେସ୍‌ନିକାନ୍ ମାରି ଆତ୍ମା ମାପୁରୁଦି ବଦାଦାନ୍
ୱାନି ଲୋକା ଉଣ୍ତ୍ରିଙ୍ଗିଁ ମାଡ଼ିସ୍ କିଜିମାନାତ୍ । **28** ଏମେକାର୍
ମାପୁରୁଦି ବଦାଦିଙ୍ଗିଁ ପୁରା କିଦେଙ୍ଗିଁ ଇଜି କୁକାତାମାନାର୍ ମାରି
ମାପୁରୁଙ୍ଗିଁ ଜିବନ୍‌ନାନାର୍, ୱାରି ଉଣ୍ତ୍ରିଙ୍ଗିଁ ୱିଜୁ ବିସୟ୍ ନେଗିକା
ଆନାତ୍ ମାପୁ ଇକା ନେସ୍ତାମାନାପ୍ । **29** ଏମେୱାରିଙ୍ଗିଁ ମାପୁରୁ
ବାସେକିତାମାନାନ୍, ୱାରିଙ୍ଗିଁ ୱାନି ମାରିସିଦି ବମାୱାଜା ଆଦେଙ୍ଗିଁ
ଇଜି ଆଗ୍‌ଡ଼ିରାନ୍ ଡିଆର୍ କିତାମାର୍ହାନ୍ । ଆତିଙ୍ଗିଁ, ମାପୁରୁଦି
ମାରିସି ୱାରି ତଡ଼ାକାମାନୁ ପାର୍‌ତୁମ୍‌ତିକାନ୍ ଆନାନ୍ **30** ଏମେକାର୍
ଇୟାୱାଜା ବାସେ ଆଜି କୁକାୟ୍ ଆତାମାନାର୍, ୱାର୍ ମାପୁରୁଦି
ଲାକ୍‌ତୁ ଦାର୍ମୁତିକାର୍ ୱେଙ୍ଗିଁଜି ଗୌରବ୍‌ତିକାର୍ ଆତାମାନାର୍ ।
**31** ଇୟାୱିଜୁ ମାଣ୍‌କୁ ମାରି ଇନିକା ୱେର୍‌ନିକା? ମାପୁରୁ ଜଦି
ମା ତରିନ୍, ଏନ୍ ମା ବିରୁଦ୍ ଆଦେଙ୍ଗିଁ ଆଟ୍‌ନାନ୍? **32** ମାପୁରୁ

ଏସାଙ୍ଗ୍‌ବା ମା ବିରୁଦ୍ ସିଲେ, ଇରିଙ୍ଗ୍ ୱାନ୍ ନିଜେଦି ମାରିସିଙ୍ଗ୍ ବା
ରକିୟା କିଏନ୍‌ଣ୍ତା ମା ଉଣ୍ତିଙ୍ଗ୍ ଦାନ୍ କିତାମାନାନ୍ । ଆର୍‌ତିଙ୍ଗ୍,
ୱାନ୍ ଇନିକା ମାଙ୍ଗ୍ ୱିଜୁ ବିସୟ୍‌ଦାନ୍ କିଏନ୍ ନୋ? 33 ମାପୁରୁଦି
ବାସେ ଆତି ଲୋକା ବିରୁଦ୍‌ତାନ୍ ଏନ୍ ଦସ୍ ସିଦେଙ୍ଗ୍ ଆଟ୍‌ନାନ୍?
ୱାରିଙ୍ଗ୍ ଦସ୍‌ସିଲିକାର୍ ଇଜି ନିଜେ ମାପୁରୁ ୱେର୍‌ତାମାନାନ୍ ।
34 ଆର୍‌ତିଙ୍ଗ୍ ଏନ୍ ୱାରିଙ୍ଗ୍ ମାରି ଦସି କିଦେଙ୍ଗ୍ ଆଟ୍‌ନାନ୍?
କ୍ରିସ୍ତ ଜିସୁ ଆକା ଏସାଙ୍ଗ୍ କିଏନ୍, ଇରିଙ୍ଗ୍ ୱାନ୍ ସାତି ମାଣାନ୍
ନିଙ୍ଗ୍‌ଜି ମାପୁରୁଦି ଉଣେରି ତରିନ୍ ବାସ୍‌ତାମାନାନ୍ ୱାନ୍ ମା
ଉଣ୍ତିଙ୍ଗ୍ ପ୍ରାର୍ଥନା କିଜିନାନ୍ । 35 ଆର୍‌ତିଙ୍ଗ୍ ଏନ୍ ମାଙ୍ଗ୍ କ୍ରିସ୍ତଦି
ଜିବନ୍‌ନନି ମାଣାନ୍ ୱେର୍‌ଏ କିଦେଙ୍ଗ୍ ଆଟ୍‌ନାନ୍? ଦୁକ୍, କାସ୍ଟ,
ତାଡ଼ନା ମାରି କାକୁର୍ତି, ଏର୍‌କି, ବିପଦ୍ ମାରି ସାନିକା, ଏନ୍ ଆକା
କିଦେଙ୍ଗ୍ ଆଟ୍‌ଏନ୍ । 36 ଏଣ୍ତେସ୍ ସାସ୍ତ୍ରଦୁ ରାସାତାମାନାତ୍,
“ମି ଉଣ୍ତିଙ୍ଗ୍ ମାପ୍ ୱିଜୁଦିନ୍ ସାନିକା ୱାଜା, କାତାୟ୍‌ଆଦେଙ୍ଗ୍
ସଲ୍‌ସିମାନି ମେଣ୍ଡାୱାଜା ମାପ୍ ୱେଙ୍ଗ୍‌ତାମାନାପ୍ ।” 37 ଏନ୍
ମାଙ୍ଗ୍ ଜିବନେ୍‌ନାନାନ୍, ୱାନି ସାକାଦାନ୍ ମାପ୍ ଇୟାୱିଜୁ ମୁସ୍‌କୁ
ଜିଣାତାମାନାପ୍ । 38 ନାନୁ ସତ୍‌ତାନ୍ ନେସ୍‌ତାମାନା ଜେ ୱାନି
ଜିବନେ୍‌ନାନି ମାଣାନ୍ ଏସାଙ୍ଗ୍ ୱେର୍‌ଏ ଆଏଟ୍ । ସାନିକା ନୋ
ଜିନିକା, ମୁସ୍‌କୁପୁର୍‌ତି ଦୁତ୍ ମାରି ମୁସ୍‌କୁପୁର୍‌ତି ଇନି ପେରିକାତ୍
ମାରି ସାକ୍ତି, ଇଲେଇ ମାରି ୱାନିଦିନ୍, 39 ମୁସ୍‌କୁରିକା କି ଆଡ୍‌ଗିରି
ଇନି ବିସୟ୍ ୱିଜୁ ତିଆର୍ ଆତିମାନୁ ଇୟାୱାଜା ଇନି ବିସୟ୍
ସିଲେତ୍, ଆମାକା ପ୍ରବୁ ଜିସୁ କ୍ରିସ୍ତ ମାଣାନ୍ ତରାତି ମାପୁରୁଦି
ଆୟା ଜିବନ୍‌ତାନ୍ ମାଙ୍ଗ୍ ୱେର୍‌ଏ କିଦେଙ୍ଗ୍ ଆଟ୍‌ଏନ୍!

**9** ନାନୁ ସତ୍ ଇଜିନା, କ୍ରିସ୍ତଦି ଆତାମାନାଆକା ନାନୁ ପବିତ୍ର
ଆତ୍ମାଦିଙ୍ଗ୍ ମିସ୍ ୱେର୍‌ଏ । 2 ନାନୁ ଜେ ଏସା କାସ୍ଟ ନି ନାଣ୍ତ
ଦୁକ୍‌ତୁ ନା ଜିବନ୍ ଆଡ୍‌ବାଜିନାତ୍, ଇୟା ମାଟା ନାନୁ ସାଲାକି
କିଜି ଇନ୍‌ଏ । ପବିତ୍ର ଆତ୍ମାଦାନ୍ ସାଲାଜି ନା ଜିବନ୍ ତେନି ସାକି
। 3 ନା ନିଜେଦି ଜିହୁଦି ଜାତିଦି ତଡ଼ାନ୍‌କା ଉଣ୍ତିଙ୍ଗ୍ ନାନୁ ନିଜେ
କ୍ରିସ୍ତଦି ମାଣାନ୍ ୱେର୍‌ଏ ଆଜି ମାପୁରୁଦି ମାଣାନ୍ ଆନାଦୁରିଆ
ଆନି ଉଣ୍ତିଙ୍ଗ୍ ନାନୁ ବଦା କିଜିନା । 4 ଇରିଙ୍ଗ୍ ୱାରୁ ମାପୁରୁଦି
ଲୋକୁ । ମାପୁରୁ ୱାରିଙ୍ଗ୍ ନିଜେଦି କଡ଼ରି ୱାଜା ଆସ୍‌ସି ୱାରି
ଲାକ୍‌ତୁ ନିଜେଦି ମହିମା ତର୍‌ତାମାର୍ହାନ୍; ୱାରି ୱାଲେ ମାଟା
ଇଡ୍‌ଜି ୱାରିଙ୍ଗ୍ ନିୟମ୍ ସିତାମାର୍ହାନ୍, ୱାର୍ ସତ୍‌ତାନ୍ ଉପାସନା
କିନାର୍; ୱାର୍ ମାପୁରୁଦିମାଣାନ୍ ମାଟେଙ୍ଗ୍ ପୟ୍‌ତାମାନାର୍, 5
ମା ୱେଙ୍ଗ୍‌ତି ଜିହୁଦି ଡକ୍ରାଦାଦାରି ୱାର୍ କୁଟୁମ୍‌ତିକାର୍ ମାରି
ଲୋକ୍ ୱାଜା କ୍ରିସ୍ତ ଆୟା କୁଟୁମ୍‌ତାନ୍ ଜନମ୍ । ଆୟା ୱିଜେରିଙ୍ଗ୍
ସାସନ୍‌କିନି ମାପୁରୁ ଜୁଗ୍ ଜୁଗ୍ ଦନ୍ୟ ଆପିନ୍ । ଆମେନ୍ ।
(aiōn g165) 6 ମାପୁରୁଦି ପାର୍‌ମାଣ୍ ଆରାତାମାନାତ୍ ଇଜି ନାନୁ
ଇନ୍‌ଏ, ଇରିଙ୍ଗ୍ ଇସ୍ରାଏଲ୍ ଲୋକୁ ୱିଜେରେ ମାପୁରୁଦି ଲୋକୁ
ଆଏର୍, 7 ମାରି ଅବ୍ରାହାମତି କୁଟୁମ୍‌ତିକାର୍ ୱିଜେରେ ମାପୁରୁଦି
କଡ଼ର୍ ସିଲେ । ମାପୁରୁ ଅବ୍ରାହାମ୍‌ତିଙ୍ଗ୍ ଇର୍ହାମାର୍ହାନ୍, “ନି ଆମା
କୁଟୁମ୍‌ତିରି ବିସୟ୍‌ତାନ୍ ମାପ୍ ପାର୍‌ମାଣ୍ କିତାମାର୍ହାପ୍, ୱାର୍
ଇସ୍‌ହାକ୍‌ମାଣାନ୍ ଜନମ୍ ଆନାର୍ ।” 8 ତେନି ଅର୍ତ ଆଜିନାତ୍,
ଲୋକୁ ଆତିମାନିଙ୍ଗ୍ ମାପୁରୁଦି କଡ଼ର୍ ଆଦେଙ୍ଗ୍ ଆଟ୍‌ଏର୍ ।
ମାପୁରୁଦି ପାର୍‌ମାଣ୍ ଇସାବ୍‌ତାନ୍ ଜନମ୍ ଆତିମାନି କଡ଼ର୍
ମାପୁରୁଦି ଆଗ୍‌ଡ଼ି ସତ୍‌ତାନ୍ କଡ଼ ୱାଜା ୱେଙ୍ଗ୍‌ନାର୍ । 9 ମାପୁରୁ
ଇୟା ପାର୍‌ମାଣ୍ କିତାମାର୍ହାନ୍, “ଟିକ୍ ଇୟା କାଡ଼ାଦୁ ମାପ୍
ଡ଼େସି ୱାନାପ୍, ନାସ୍ତିୱାଲେ ସାରା କଡ଼ ପୟ୍‌ନା ମାନାତ୍ ।” 10
କେବଲ ଇୟାୱାଜା ସିଲେ । ରିବିକାଦି ରିଏର୍ କଡ଼ର୍ ଅରେନ୍
ବୁବା ଇସ୍‌ହାକ୍‌ତି ମାଣାନ୍ ଜନମ୍ ଆତାମାର୍ହାର୍, 11 ଏସ୍ତିୱାଲେ
କଡ଼ର୍ ଜନମ୍ ଆଏର୍ ମାର୍ହାର୍, ମାରି ନେଗିକା ନି ସେଇକା
ଇନିକା କିଏର୍ ମାର୍ହାର୍, ନାସ୍ତିୱାଲେ ପାଣି ଉଣ୍ତିଙ୍ଗ୍ ସିଲେ, ମାତର୍
କୁକ୍‌ତିମାନି ୱାନି ବଦା ଉଣ୍ତିଙ୍ଗ୍ ବାସେକିତି ଇସାବ୍‌ତାନ୍ ମାପୁରୁଦି
ଉଦେସ୍ ଏଣ୍ତେସ୍ ତିର୍ ତେବାନାତ୍, 12 ଇୟାଉଣ୍ତିଙ୍ଗ୍ ଇୟା
ମାଟା ୱାନିଙ୍ଗ୍ ଇନାୟ୍ ଆତାମାର୍ହାତ୍, “ପେରି ତଡ଼ାନ୍ ଇସ୍ରିୱାନିଙ୍ଗ୍
ସେବା କିନାନ୍ ।” 13 ଏଣ୍ତେସ୍ ରାସାତାମାନାତ୍, “ଜାକୁବଙ୍ଗ୍
ମାପ୍ ଜିବନେ୍‌ନାତାପ୍, ମାତର୍ ଏସୌଙ୍ଗ୍ କାଡ଼ିତାପ୍ ।” 14
ଆର୍‌ତିଙ୍ଗ୍ ମାଡ୍ ଇନିକା ଇନାଟ୍? ମାପୁରୁମାନୁ ଇନି ଅନ୍ୟାୟ୍
ମାନାତ୍? ଆକା ଏସାଙ୍ଗ୍ ବା ସିଲେ । 15 ଇରିଙ୍ଗ୍ ୱାନ୍ ମୋସାଦିଙ୍ଗ୍
ଇର୍ହାମାର୍ହାନ୍, ଆମାୱାନି ମୁସ୍‌କୁ ମା ଦୟା ମାନାତ୍, ୱାନିଙ୍ଗ୍
ମାପ୍ ଦୟା କିନାପ୍, ମାରି ଆମାୱାନି ମୁସ୍‌କୁ ମା ଦୟା ମାନାତ୍,
ୱାନିଙ୍ଗ୍ ମାପ୍ ଦୟା କିନାପ୍ । 16 ଆଦେଙ୍ଗ୍ ଏନ୍ ବଦା କିନାନ୍
ମାରି ଏନ୍ ପାଣି କିନାନ୍, ୱାନି ମାଣାନ୍ ଇକା ଆଏତ୍, ମାତର୍
ମାପୁରୁଦି ଦୟାଦାନ୍ ଆନାତ୍ । 17 ଦାର୍ମୁସାସ୍ତ୍ର ଇସାବ୍‌ତାନ୍ ମାପୁରୁ
ମିସର୍‌ତି ରାଜେଙ୍ଗ୍ ଇର୍ହାମାର୍ହାନ୍, “ନି ମାଣାନ୍ ମା ସାକ୍ତି ତରେ୍‌ତଙ୍ଗ୍
ଇଜି ମାରି ୱିଜୁ ଦୁନିଆଦୁ ମା ମହିମା ତରେ୍‌ତଙ୍ଗ୍ ଇଜି ମାପ୍
ନିଙ୍ଗ୍ ରାଜା କିତାମାନାପ୍ ।” 18 ଆଦେଙ୍ଗ୍, ମାପୁରୁ ଆମାୱାନିଙ୍ଗ୍
ବଦା କିନାନ୍, ୱାନିଙ୍ଗ୍ ଦୟା କିନାନ୍, ମାରି ଆମାୱାନିଙ୍ଗ୍ ବଦା
କିନାନ୍, ୱାନିଙ୍ଗ୍ ଆଟ୍‌ୱା ଲୋକ୍ କିନାନ୍ । 19 ମି ଲୋଇ ଏନ୍
ନାଙ୍ଗ୍ ଇନ୍‌ଡ୍ରେଙ୍ଗ୍ ଆଟ୍‌ନାନ୍? “ଆର୍‌ତିଙ୍ଗ୍ ମାପୁରୁ ଏନ୍ଦା ଏଙ୍ଗ୍
ଦସି କିନାନ୍? ଏନ୍ ଇନିକା ମାପୁରୁଦି ବଦା ବିରୁଦ୍‌ତାନ୍ ଇନିକା
କିଦେଙ୍ଗ୍ ଆଟ୍‌ନାନ୍?” 20 ମାତର୍ ବନ୍ଧୁ, ମାପୁରୁଦି ମାଟାଦୁ ଡ଼େସି
ୱାର୍‌ଗିଦେଙ୍ଗ୍ ନିନୁ ଏନ୍? “ନାଙ୍ଗ୍ ଇୟାୱାଜା ଏନ୍ଦା ରସ୍‌ତି” ଇଜି
ସାଟି କୁମାର୍‌ତିଙ୍ଗ୍ ୱେନ୍‌ବାଦେଙ୍ଗ୍ ଆଟ୍‌ଏତ୍ । 21 ସିକ୍‌ଲାଦିଙ୍ଗ୍
ନିଜେ ବଦା ଇସାବ୍‌ତାନ୍ ବ୍ୟବହାର୍ କିଜି ସାଟି ରସେ୍‌ତଙ୍ଗ୍ ଇଜି
କୁମାର୍‌ତି ପୁରା ଅଦିକାର୍ ମାନାତ୍ । ଇକା ସିକ୍‌ଲା ଗୁଡ଼ିଦାନ୍ ୱାନ୍
ରୁଣ୍ତି ରକମ୍‌ତି ସାଟି ରସେ୍‌ତଙ୍ଗ୍ ଆଟ୍‌ନାନ୍, ଉଣ୍ତି ବିସେସ୍ ଦିନ୍‌କାଙ୍ଗ୍
ନି ମାରି ଉଣ୍ତି ଇସ୍ରି ପାଣିଦୁ ବ୍ୟବହାର୍ ଆଦେଙ୍ଗ୍ ଇଜି । 22 ମାପୁରୁ
ବା ଟିକ୍ ଆୟାୱାଜା କିତାମାନାନ୍ । ୱାନ୍ ବଦାକିଜିମାର୍ହାନ୍ ୱାନି
ରିସା ତରେ୍‌ତଙ୍ଗ୍ ମାରି ବପୁ ତରେ୍‌ତଙ୍ଗ୍ । ମାତର୍ ଏମେକାର୍
ୱାନି ରିସାଦି ଲୋକୁ ଆଜି ନାସ୍ଟ ଆନିକାମାର୍ହାତ୍, ୱାରି ଉଣ୍ତିଙ୍ଗ୍
ମାପୁରୁ ନାଣ୍ତ ସାସ୍‌ଆସ୍‌ସି ଦୟା କିତାନ୍ । 23 ମାରି ୱାନ୍ ୱାନି
ନାଣ୍ତ ଗୌରବ୍ ତରେ୍‌ତଙ୍ଗ୍ ଇଜି ମାଙ୍ଗ୍ ବିସେସ୍ ଦୟାଦି ଲୋକ୍

ୱାଜା ଆଗ୍ଡ଼ିରାନ୍ ବାସେକିତା ମାର୍ହାନ୍ । 24 ଆୟାଉଣ୍ତିଙ୍ଗ୍ ତୋ
ୱାନ୍ କେବଲ ଜିହୁଦିଲୋକା ମାଣାନ୍ ସିଲେ, ମାତର୍ ଅଣଜିହୁଦି
ମାଣାନ୍ ବା ମାଡ୍ଙ୍ଗ୍ କୁକ୍ତାମାନାନ୍ । 25 ଇୟା ବିସୟ୍ତାନ୍
ହୋସେୟ ବଇଦୁ ମାପୁରୁ ଇର୍ହାମାନାନ୍: "ଏମେକାର୍ ମା ଲୋକୁ
ସିଲେତାର୍; ୱାରିଙ୍ଗ୍ ନିଜେଦି ଲୋକୁ ୱାଜା କୁକ୍ନାପ୍ । ଏମେ
ଜାତିଦିଙ୍ଗ୍ ମାପ୍ ଜିବନେ୍ନାଏପ୍ ମାର୍ହାପ୍, ୱାରିଙ୍ଗ୍ ମା ଲାଡ୍ତିକାନ୍
ଇଜି କୁକ୍ନାପ୍ । 26 ଏମେ ବାଡିଦୁ ୱାରିଙ୍ଗ୍ ଇର୍ହାମାର୍ହାପ୍, 'ମିର୍
ମା ଲୋକୁ ଆଇଦେର୍,' ଆବେ ୱାର୍ ଜିବନ୍ମାନି ମାପୁରୁଦି
କଡ଼ର୍ ଇଜି ଦର୍ପୟ୍ନାର୍ ।" 27 ମାରି ଇସ୍ରାଏଲ୍ ବିସୟ୍ତାନ୍
ଜିସାଇୟ ଇର୍ହାମାନାନ୍, "ଜଦିବା ଇସ୍ରାଏଲ୍ତିକାର୍ ସାମ୍ଦୁର୍ତି
ବାଲି ୱାଜା ଆତିଙ୍ଗ୍ବା, ୱାରି ଲୋଇ ଉଣା ଏସ ମାତର୍ ରକିୟା
ପୟ୍ନାର୍ । 28 ଇରିଙ୍ଗ୍ ପ୍ରବୁ ପୁରା ଦାପ୍ରେ ଦୁନିଆଦୁ ପୁରା ନ୍ୟାୟ୍
ବିଚାର୍ କିନାନ୍ ।" 29 ଏଣ୍ତେସ୍ ଜିସାଇୟ ମାରି ବା ଇର୍ହାମାର୍ହାନ୍,
"ପେରିମାପୁରୁ ପ୍ରବୁ ମା ଏସ ଲୋକା କୁଡ଼ାଦିୱାରିଙ୍ଗ୍ ରକିୟା
କିଏନ୍ ମାର୍ହାନ୍, ମା ଅବସ୍ତା ସଦମ୍ ଗମୋରାଦି ଲୋକାୱାଜା
ଆତାତ୍ମାନ୍ଦି ।" 30 ଆଦେଙ୍ଗ୍ ଅଣଜିହୁଦି ଲୋକା ବିସୟ୍ତାନ୍
ଇକା ଇନେ୍ତ୍ରଙ୍ଗ୍ ଆଟ୍ନିକା, ୱାର୍ ଦାର୍ମୁତିକାର୍ ଆଦେଙ୍ଗ୍ ସେସ୍ଟା
କିଏଜିମାର୍ହାର୍, ମାତର୍ ୱାରି ବିସ୍ବାସ୍ ଉଣ୍ତିଙ୍ଗ୍ ଦାର୍ମୁତିକାର୍
ଇଜି ୱେଙ୍ଗ୍ତାମାନାର୍ । 31 ମାତର୍ ଇସ୍ରାଏଲ୍ ଦାର୍ମୁଦି ଲୋକୁ
ନିୟମ୍ତାନ୍ ଦାର୍ମୁତିକାର୍ ଆଦେଙ୍ଗ୍ ଇଜି ସେସ୍ଟା କିଜି ଆରାତା
ମାନାର୍ । 32 ଏନ୍ଦା ସିଲେ? ୱାର୍ ନିଜେଦି ସେସ୍ଟାଦି ମୁସ୍କୁ ଆସା
କିଜିମାର୍ହାର୍, ବିସ୍ବାସ୍ ମୁସ୍କୁ ସିଲେ । ଆୟାଉଣ୍ତିଙ୍ଗ୍ ୱାର୍ ବାଦା
ସିଜିମାନି କାଲୁଦୁ ଡୁକାୟ୍ଆଜି ତାକାତାର୍ । 33 ଏଣ୍ତେସ୍ ସାସ୍ତ୍ରଦୁ
ରାସାତାମାନାତ୍: "ସୁଡ଼୍ଦୁ, ନାନୁ ସିୟୋନତୁ ଉନ୍ଣ୍ତି କାଲୁ ମାରି
ଉନ୍ଡ୍ରି ପେରିକାଲୁ ତିଆର୍ କିତାମାନାପ୍ । ଆବେନୁ ଡୁକାୟ୍
ଆଜି ଲୋକୁ ତାକାୟ୍ ଆନାର୍, ମାତର୍ ଏନ୍ ୱାନିମାନୁ ବିସ୍ବାସ୍
କିନାନ୍, ୱାନ୍ ନିରାସ୍ ଆଏନ୍ ।"

10 ନା ତଡ଼ାନ୍କୁ, ନି ତାଙ୍ଗିକ୍ ନିଜେ ଜାତିଦି ଲୋକୁ ରକିୟା
ପାଏଆପିର୍, ଇକା ନା ଜିବନ୍ତି ବଦା ମାରି ମାପୁରୁମାନୁ
ଇକା ନା ପାର୍ତନା । 2 ମାପୁରୁ ଉଣ୍ତିଙ୍ଗ୍ ୱାରି ନାଣ୍ତ ତିଲାନିକା
ମାନାତ୍, ମାତର୍ ଆୟା ମାନାନିକା ସତ୍ ସାକିୟ୍ ମୁସ୍କୁ ସିଲେତ୍
। 3 ଲୋକାଙ୍ଗ୍ ଦାର୍ମୁତିକାର୍ ୱାଜା ମାନାଦେଙ୍ଗ୍ ଇଜି ମାପୁରୁ
କିତି ଉପାୟ୍ ମାନାଏଜି ୱାର୍ ଦାର୍ମୁତିକାର୍ ଆଦେଙ୍ଗ୍ ନିଜେଦି
ସାରିଦୁ ବୁଲାତାମାନାର୍ । ଆଦେଙ୍ଗ୍ ୱାର୍ ମାପୁରୁଦି ଆୟା
ସାରି ଡ଼ିସ୍ତା ସିତାମାନାର୍ । 4 କ୍ରିସ୍ତନେ ନିୟମ୍ତି ସାରାସାରି,
କେବଲ ୱାନିମାନୁ ବିସ୍ବାସ୍ କିନିମାଣାନ୍ ଲୋକ୍ ମାପୁରୁଦି
ଲାକ୍ତୁ ଦାର୍ମୁତିକାର୍ ଆନାର୍ । 5 ଏମେକାର୍ ନିୟମ୍ ମାନାନି
ମାଣାନ୍ ଦାର୍ମୁତିକାନ୍ ଆନି ବିସୟ୍ତାନ୍ ମୋସା ରାସ୍ତାମାନାନ୍:
"ଏମେକାର୍ ମାପୁରୁଦି ମାଟା ମାନାନାର୍, ୱାର୍ ଜିନାର୍ ।" 6
ମାତର୍ ବିସ୍ବାସ୍ତାନ୍ ଦାର୍ମୁଦିକାନ୍ ଇଜି ୱେଙ୍ଗ୍ତି ବିସୟ୍ତାନ୍
ସାସ୍ତ୍ରଦୁ ରାସାତାମାନାତ୍, "ଏନ୍ ମୁସ୍କୁପୁର୍ତୁ ସନାନ୍? କ୍ରିସ୍ତଙ୍ଗ୍
ରେପ୍ସି ତାନି ଉଣ୍ତିଙ୍ଗ୍, ଇୟାୱାଜା ପ୍ରସ୍ନ କିନି ଦରକାର୍ ସିଲେତ୍
7 ମାରି ଏନ୍ ପାତାଲ୍ତୁ ସନାନ୍? କ୍ରିସ୍ତଦିଙ୍ଗ୍ ମାରିଡ଼େସି ଜିବନ୍କିଜି
ତାନି ଉଣ୍ତିଙ୍ଗ୍, ଇୟା ମାଟା ବା ମିର୍ ୱେନ୍ବାନିକା ଦର୍କାର୍
ସିଲେ ।" (Abyssos g12) 8 ଇରିଙ୍ଗ୍ ସାସ୍ତ୍ର ଇସାବ୍ତାନ୍, "ମାପୁରୁଦି
କାବୁର୍ ମି ଲାକ୍ତୁ, ମି ୱେୟୁଦୁ ନି ଜିବନ୍ତୁ ମାନାତ୍ ।"
ବିସ୍ବାସ୍ ବିସୟ୍ତାନ୍ ଇୟା କାବୁର୍ ନେ ମାପ୍ ପ୍ରଚାର୍ କିଜିନାପ୍
। 9 ଜଦି ଜିସୁଙ୍ଗ୍ ପ୍ରବୁ ଇଜି ୱେୟୁଦୁ ମାନାନିଦେର୍ ମାରି
ମାପୁରୁ ୱାନିଙ୍ଗ୍ ସାତିମାଣାନ୍ ନିକ୍ତାମାନାନ୍ ଇଜି ଜିବନ୍ତୁ
ବିସ୍ବାସ୍ କିନିଦେର୍, ଆର୍ତିଙ୍ଗ୍, ମିର୍ ରକିୟା ପୟ୍ନିଦେର୍ ।
10 ମାତର ବିସ୍ବାସ୍ତାନ୍ ମାଡ୍ ମାପୁରୁଦି ଲାକ୍ତୁ ଦାର୍ମୁତିକାର୍
ଇଜି ୱେଙ୍ଗ୍ଦେଙ୍ଗ୍ ଆଟ୍ନିକା ମାରି ୱେୟୁଦୁ ମାନାନି ମାଣାନ୍
ମାଡ୍ ରକିୟା ପୟେ୍ଦଙ୍ଗ୍ ଆଟ୍ନିକା । 11 ଦାର୍ମୁସାସ୍ତ୍ର ଇନାତ୍,
"ଏମେକାର୍ ୱାନିମାନୁ ବିସ୍ବାସ୍ କିନାର୍, ୱାର୍ ନିରାସ୍ ଆଏର୍
।" 12 ଇରିଙ୍ଗ୍ ଜିହୁଦିଲୋକୁ ନି ଅଣଜିହୁଦି ଲୋକା ଲୋଇ ଇନିକା
ୱେର୍ଏ ସିଲେତ୍; ଆଦେଙ୍ଗ୍ ୱିଜେରି ଅରେନ୍ ପ୍ରବୁ, ଏମେକାର୍
ୱାନି ସାକା ପାର୍ତନା କିନାର୍, ୱାରିଙ୍ଗ୍ ୱାନ୍ ନାଣ୍ତ ଆର୍ସିବାଦ୍
କିନାନ୍ । 13 "ଏନ୍ ପ୍ରବୁଦି ଦର୍ତାନ୍ ପାର୍ତନା କିନାନ୍, ୱାନ୍
ରକିୟା ପୟ୍ନାନ୍ ।" 14 ମାତର୍ ୱାନିମାନୁ ବିସ୍ବାସ୍ କିଏନ୍ଣ୍ତା
ୱାର୍ ଏଣ୍ତେସ୍ ୱାନିଙ୍ଗ୍ ପାର୍ତନା କିନାର୍? ମାରି ୱାନି ବିସୟ୍ତାନ୍
ସୁସମାଚାର୍ ୱେନ୍ଏଜି ୱାର୍ ଏଣ୍ତେସ୍ ବିସ୍ବାସ୍ କିନାର୍? 15 ମାରି
ପ୍ରଚାର୍ କିଦେଙ୍ଗ୍ ଇଜି ପକାୟ୍ଆଏତିଙ୍ଗ୍ ଅରେନ୍ ପ୍ରଚାର୍ ଏଣ୍ତେସ୍
କିନାନ୍? ଇୟା ବିସୟ୍ତାନ୍ ସାସ୍ତ୍ରଦୁ ରାସାତାମାନାତ୍, "ନେଗି
ସୁସମାଚାର୍ ପ୍ରଚାର୍କିନିୱାରି ୱାରି ଏସା ୱେଡ଼ିକା!" 16 ମାତର୍
ୱିଜେରେ ଆୟା ସୁସମାଚାର୍ ମାନାଏର୍ । ଆୟାଉଣ୍ତିଙ୍ଗ୍ ଜିସାଇୟ
ରାସ୍ତାମାନାନ୍, "ଏ ପ୍ରବୁ, ଏନ୍ ମା ନେଗିକାବୁର୍ ମାଟା ବିସ୍ବାସ୍
କିତାମାନାନ୍?" 17 ସୁସମାଚାର୍ ୱେନି ମାଣାନ୍ ବିସ୍ବାସ୍ ଜନମ୍
ଆନାତ୍ ମାରି କ୍ରିସ୍ତଙ୍ଗ୍ ପ୍ରଚାର୍ କିନିକା ନେ ଆୟା ସୁସମାଚାର୍ । 18
ମାତର ନାନୁ ୱେନ୍ବାନା, ୱାର୍ ଇନିକା ଆୟା ମାଟା ୱେନ୍ଏର୍?
ସତେନେ ୱେର୍ଆମାନାର୍, ଇରିଙ୍ଗ୍ ସାସ୍ତ୍ରଦୁ ରାସାତାମାନାତ୍,
"ୱାରି ବଲ୍ ଦୁନିଆ ୱିଜୁ ୱେଙ୍ଗ୍ତା ସର୍ହାମାନାତ୍, ୱାରି ମାଟା
ଦୁନିଆଦି ଇତି ସାନ୍ଦି ୱେନାୟ୍ ଆତାମାନାତ୍ ।" 19 ମାରିଡ଼େସି
ନାନୁ ୱେନ୍ବାନା, ଇସ୍ରାଏଲ୍ ଲୋକୁ ଇନିକା ଆକା ବୁଜାଏତାର୍
ନୋ? ୱାର୍ ବୁଜାତାର୍ ନାଣ୍ତ ଆଗ୍ଡ଼ିରାନ୍ ମୋସା ତେନି ଉତର
ସିଜି ରାସ୍ତାମାନାନ୍: "ମା ଲୋକାଙ୍ଗ୍ ରିସା କିବିସ୍ କିଦେଙ୍ଗ୍ ଇଜି
ଉନ୍ଣ୍ତି ନେସ୍ଇ ଜାତିଦିଙ୍ଗ୍ ବ୍ୟବହାର୍ କିନାପ୍ । ଆୟାୱାଜା
ଉନ୍ଣ୍ତି ବୁଦିସିଲି ଜାତିଦାନ୍ ୱାରିଙ୍ଗ୍ ରିସା କିବିସ୍ କିନାନ୍ ।" 20
ଜିସାଇୟ ମାରି ସାସ୍ତାନ୍ ଇର୍ହାମାନାନ୍, "ମାଡ୍ଙ୍ଗ୍ ପୟ୍ଏଜିମାନି
ଲୋକୁ ମାଡ୍ଙ୍ଗ୍ ପୟ୍ତାର୍; ଏମେକାର୍ ମାଡ୍ଙ୍ଗ୍ ପୟ୍ଏଜିମାର୍ହାର୍,
ୱାରି ଲାକ୍ତୁ ମାପ୍ ତର୍ଆୟ୍ଆତାପ୍ ।" 21 ମାତର୍ ମାପୁରୁ
ଇସ୍ରାଏଲ୍ତି ଲୋକା ବିସୟ୍ତାନ୍ ୱାନ୍ ରାସ୍ତାମାନାନ୍, "ଉନ୍ଣ୍ତି

ମାନାଇ ଜାଟିକିନି ଜାତିଦିଞ୍ଜୁଁ ମାପ୍ ୱିଜୁଦିନ୍ କିୟୁ ସାର୍‌ପ୍‌ସି
କୁକ୍‌ତାମାନାପ୍ ।"

**11** ନାନୁ ମାରି ୱେନ୍‌ବାଦେଞ୍ଜ ଆଟ୍‌ନା, ଆର୍‌ତିଞ୍ଜ ଇନିକା
ମାପୁରୁ ୱାନି ନିଜେଦି ଲୋକାଞ୍ଜୁଁ ଡ଼ିସ୍‌ତାମାନାନ୍? ଏସାଞ୍ଜୁଁ
ସିଲେ! ନାନୁ ନିଜେ ଅରେନ୍ ଇସ୍ରାଏଲ୍ ଲୋକ୍, ଅବ୍ରାହାମତି
କୁଟୁମ୍ ମାରି ବିନ୍ୟାମିନ୍ ଇଲୁଦାନ୍ ଜନମ୍ ଆତାମାନା । 2 ମାପୁରୁ
ଆଗ୍‌ଡ଼ିରାନ୍ ବାସେକିତିମାନି ୱାନି ଲୋକାଞ୍ଜୁଁ ଏସାଞ୍ଜୁଁବା ଡ଼ିସ୍‌ଏନ୍
। ମିର୍ ଦାର୍ମୁସାସ୍ତ୍ର ପଡ଼ାତିମାନିଦେର୍ ଏଣ୍ଡ୍ରେସ୍ ଏଲିୟ ମାପୁରୁ
ଲାକ୍‌ତୁ ଇସ୍ରାଏଲ୍ ଲୋକା ବିରୁଦ୍‌ତାନ୍ ଇର୍ହାମାର୍ହାନ୍: 3 "ପ୍ରବୁ
ୱାର୍ ୱାରି ବାବବାଦିରିଞ୍ଜୁଁ ଡାକ୍‌ତା ମାନାର୍ ମାରି ମି ପୁଜାବେଦିଞ୍ଜୁଁ
ୱିଜୁ ରୁକ୍‌ସି ନାସ୍କ କିତାମାନାର୍ । କେବଲ ନାନୁ ଅରେନ୍ ମାତର୍
ରକିୟା ପୟ୍‌ତାମାନା; ନାଞ୍ଜୁଁ ବା ଡାକ୍‌ସୋ ପକ୍‌ତେଞ୍ଜୁଁ ୱାର୍ ସେସ୍ଟା
କିଜିନାର୍ ।" 4 ମାପୁରୁ ଇନିକା ଇର୍ହାମାର୍ହାନ୍ ଏଲିୟଞ୍ଜୁଁ? "ମିଚ୍
ଦିୟାମ୍ ବାଲ୍ ବମାଦିଞ୍ଜୁଁ ପୁଜା କିଇ ମାନି ସାତ୍ ହାଜାର୍ ଲୋକାଞ୍ଜୁଁ
ମା ଉଣ୍ତ୍ରିଞ୍ଜୁଁ ଇଟ୍‌ତାମାନାପ୍ ।" 5 ଇଲେଇ ଟିକ୍ ଆୟାୱାଜା
ଗଟାତାଦ୍ । ମାପୁରୁ ଦୟା କିଜି ଏମେୱାରିଞ୍ଜୁଁ ବାସେକିତା ମାର୍ହାନ୍,
ୱାରି ଲୋଇ ଏସଲୋକ୍ ବାକି ମାନାର୍ । 6 ମାପୁରୁ ୱାରିଞ୍ଜୁଁ
ବାସେକିତାମାନାନ୍ ନିଜେଦି ଦୟା ଉଣ୍ତ୍ରିଞ୍ଜୁଁ । ଜଦି ୱାରି ସତ୍‌ପାଣି
ଉଣ୍ତ୍ରିଞ୍ଜୁଁ ମାପୁରୁ ୱାରିଞ୍ଜୁଁ ବାସେ କିତାନ୍‌ମାନ୍ଧି, ୱାନି ଦୟା ସତ୍‌ତାନ୍
ଦୟା ଆଏତାତ୍‌ମାନ୍ଧି । 7 ଆର୍‌ତିଞ୍ଜୁଁ ଇନିକା ଆତାତ୍? ଇସ୍ରାଏଲ୍
ଲୋକୁ ଆମାକା ପୟ୍‌ଜିମାର୍ହାର୍, ଆକା ପୟ୍‌ଏତାର୍ । କେବଲ
ମାପୁରୁ ବାସେକିତିମାନି ଉନ୍‌ଣ୍ତ୍ରି ନିସ୍ରି ଦଲ୍ ୱାନିଞ୍ଜୁଁ ପୟ୍‌ତାର୍ ।
ଆଇ ଏନ୍ ମାପୁରୁଦି କୁକ୍‌ତି ଉଣ୍ତ୍ରିଞ୍ଜୁଁ ମନ୍ ସିଏତାର୍ । 8 ଏଣ୍ଡ୍ରେସ୍
ସାସ୍ତ୍ର ଇନାନ୍, "ସତେ ଏଣ୍ଡ୍ରେସ୍ ମାପୁରୁ ୱାରି ମନ୍ ନି ଜିବନ୍‌ତିଞ୍ଜୁଁ
ଆଟୁୱା କିତାମାନାନ୍ । ଇୟାସାନ୍ଧି ୱାର୍ ସୁଡ଼େଦଞ୍ଜ ଆଟ୍‌ନାର୍
ନ ୱେନେଡ୍ରଞ୍ଜୁଁ ଆଟ୍‌ସିନାର୍ ।" 9 ମାରି ଦାଉଦ ଇନାନ୍, "ୱାର୍
ବଜି କିନିୱାଲେ ଉରିଦୁ ସେର୍‌ଜି । ଆର୍‌ଜି ଦଣ୍ତ ବଗାପିର୍ ।
10 ୱାର୍ କାଣୁକୁ କାଣା ଆଜି ଇନିକା ସୁଡୁଦେଞ୍ଜ ଆଟ୍‌ମାପିର୍ ।
ୱିଜୁୱାଲେ ଦୁକ୍ କାସ୍କ ବଗାଜି ବଗାଜି ୱାରି ଜୁକି କୁବ୍‌ଡ଼ା ଆପିତ୍
।" 11 ନାନୁ ୱେନ୍‌ବାନା, ଜିହୁଦିଲୋକୁ ତାକାନି ମାଣାନ୍ ଇନିକା
ନାସ୍କ ଆତାର୍? ଏସାଞ୍ଜୁଁ ସିଲେ । ପାପ୍ କିତାର୍‌ଆକା, ୱାରିଞ୍ଜୁଁ
ରିସା କିଦେଞ୍ଜୁଁ ଇଜି ଅଣଜିହୁଦି ଲୋକାଞ୍ଜୁଁ ରକିୟାଦି ଅଦିକାରି
କିଆୟ୍ ଆତାତ୍ । 12 ଜିହୁଦିଲୋକା ପାପ୍, ଦୁନିଆଦି ଆଇ
ୱିଜେରି ଉଣ୍ତ୍ରିଞ୍ଜୁଁ ନାଣ୍ତ ଆର୍ସିବାଦ୍ ତାତାମାନାତ୍ । ଜିହୁଦିଲୋକା
ଆତ୍ମିକ ଜିବନ୍‌ତି କାକୁର୍ତି ଉଣ୍ତ୍ରିଞ୍ଜୁଁ ଅଣଜିହୁଦି ଲୋକୁ ଆର୍ସିବାଦ୍‌ତି
ନାଣ୍ତ ଲାବ୍ କିତାମାନାର୍ । ଜଦି ୱିଜେରେ ଜିହୁଦି ଜାତି ରକିୟା
ପୟେଦଞ୍ଜ ଆଟ୍‌ତାର୍‌ମାନ୍ଧି, ଆତିଞ୍ଜୁଁ ଆବେଣାନ୍ ମାରି ଏସା
ନାଣ୍ତ ଆର୍ସିବାଦ୍ ପୁଟ୍‌ଏତ୍ ନୋ? 13 ଅଣଜିହୁଦି ଲୋକାଞ୍ଜ ନାନୁ
ଇଜିନା, ମି ଉଣ୍ତ୍ରିଞ୍ଜୁଁ ପେରିତ ସିସୁ ୱାଜା ସେବା ପାଣି କିଦେଞ୍ଜୁଁ
ନାନୁ ଦନ୍ୟବାଦ ଅଡ଼୍‌ବିଜିନା । 14 ଇୟାମାଣାନ୍ ଜଦି ନା ନିଜେଦି
ଜାତିଦି ଲୋକାଞ୍ଜୁଁ ରିସା ଆଦେଞ୍ଜୁଁ ଆଟ୍‌ନା, ଆନାତ୍ ୱାରି ଲୋଇ
ଏସ ଲୋକାଞ୍ଜ ରକିୟା କିଦେଞ୍ଜୁଁ ଆଟ୍‌ନା । 15 ଇରିଞ୍ଜୁଁ ୱାର୍
ଡ଼ିସାୟ୍ ଆନି ମାଣାନ୍ ମାପୁରୁଦି ୱାଲେ ସାରାଦୁନିଆ ଜାତିଦି
ସଙ୍ଗ ଆନିକା । ଆର୍‌ତିଞ୍ଜୁଁ, ଜଦି ମାପୁରୁ ୱିଜୁ ଜିହୁଦି ଜାତିଦିଞ୍ଜୁଁ
ଆସ୍‌ନାନ୍, ତାନି ଦସ୍ ଇନିକା ଆନାତ୍? ଆକା ଆନାତ୍ ସାତି
ଲୋକ୍ ମାରିଡ଼େସି ଜିବନ୍ ନିଞ୍ଜୁଁନି ୱାଜା । 16 ରୁଟିଦାନ୍ କାଣ୍ତେକ୍
ମାପୁରୁଦି ଉଦେସ୍‌ତାନ୍ ସିତି ମାରିଞ୍ଜୁଁ, ୱିଜୁ ରୁଟି ବା ସିତିକା
ଇଜି ଆସାୟ୍‌ଆନାତ୍ । ଉନ୍‌ଣ୍ତ୍ରି ମାରାତି ମଦଲ୍ ସିତିମାରିଞ୍ଜୁଁ,
ତାନି କମେଞ୍ଜ ବା ସିତାମାନାର୍ ଇଜି ଅଡ଼୍‌ବିଦେଞ୍ଜୁଁ ଆନାତ୍ ।
17 ଡଡିଦୁ ଜାତୁନ୍ ଅଆୟ୍‌ଆଜିମାନି ଉନ୍‌ଣ୍ତ୍ରି ଜିତ୍ ମାରାତି ଏସ
କମେଞ୍ଜ ୱେର୍‌ଏ କିଜି, ବନ୍‌ତି ଜିତ୍ ମାରାନ୍‌ତି କମା ଆୟା
ବାଡିଦୁ ଜଡ଼ିସ୍ କିଆୟ୍‌ଆତାମାନାତ୍ । ଅଣଜିହୁଦି ଲୋକୁ ଆୟା
ବନ୍ ଜିତ୍ ମାରାନ୍ ୱାଜା । ମିର୍ ଇଲେଇ ଜିହୁଦିରି ବପୁ ଆତ୍ମିକ
ଜିବନ୍‌ତି ବାଗ୍‌ତୁ ମିସାତିମାନିଦେର୍ । 18 ଆଦେଞ୍ଜୁଁ ମିର୍ ୱେର୍‌ଏ
କିଆୟ୍‌ଆତିମାନି କମେଞ୍ଜୁଁ ନିସ୍ରିବୁଦି ଅଡ଼୍‌ବିମାଟ୍ । ମିର୍ ଏନ୍ଧା
ଗାର୍ବୁ କିନିଦେର୍? ମିର୍ କେବଲ କମା ମାରାନ୍ ମଦଲ୍‌ତିଞ୍ଜୁଁ ମିର୍
ଜାତୁନ୍ କିଇଦେର୍, ମାତର୍ ମଦଲ୍ ମିଞ୍ଜୁଁ ସାକା କିଜିନାତ୍ ।
19 ଇୟାଉଣ୍ତ୍ରିଞ୍ଜ ମିର୍ ଇନେଡ୍ରଞ୍ଜୁଁ ଆଟ୍‌ନିଦେର୍, "ହୁଁ, ମାତର୍
ନାଞ୍ଜୁଁ ବାଡି ସିଦେଞ୍ଜ ଇଜି ଆୟା କମେଞ୍ଜ ୱିଜୁ ସିନା କିଆୟ୍
ଆତେମାରେଏ ।" 20 ଆକା ସତ୍ । ୱାର୍ ବିସ୍‌ବାସ୍ କିଏତାର୍‌ଆକା
ୱେର୍‌ଏ ଆତାର୍ । ମିର୍ କେବଲ ବିସ୍‌ବାସ୍‌ତାନ୍ ଆୟା ବାଡି
ଅଦିକାର୍ କିତିମାନିଦେର୍ । ମାତର୍ ଗାର୍ବୁ କିଏନ୍‌ଣ୍ତ୍ରା ତିଲାଦୁ । 21
ଜଦି ମାରାନ୍‌ତାନ୍ ମିସାଜିସତି କମେଞ୍ଜ ୱାଜା ଜିହୁଦି ଲୋକାଞ୍ଜ
ମାପୁରୁ ଦଣ୍ତ ସିଏଜି ଡ଼ିସ୍‌ସି ସିଏତାନ୍, ମିଞ୍ଜୁଁ ଇନିକା ୱାନ୍ ଡ଼ିସ୍‌ନା
ସିନାନ୍? 22 ଇବେ ସୁଣି ମାଟା, ମାପୁରୁ ଏଣ୍ଡ୍ରେସ୍ ଦୟାକିନିକାନ୍
ନି ଆଟ୍‌ୱା ବା । ଏମେୱାରି ପଦ୍ ଆର୍‌ତାମାନାତ୍, ୱାରି ଉଣ୍ତ୍ରିଞ୍ଜୁଁ
ୱାନ୍ ଆଟ୍‌ୱା; ମାତର୍ ମି ଉଣ୍ତ୍ରିଞ୍ଜୁଁ ୱାନ୍ ଦୟାକିନିକାନ୍ ଆମା ଦିନ୍
ସାନ୍ଧି ମିର୍ ୱାନି ଦୟାଦି ଲୋକ୍ ଆଜି ତେବାନିଦେର୍ । ୱାନି ଦୟା
ଆରାକିତିଞ୍ଜୁଁ, ମିର୍ ବା ୱେର୍‌ଏ ଆନିଦେର୍ । 23 ଜଦି ଜିହୁଦିଲୋକୁ
ତାମେ ବିସ୍‌ବାସ୍ ଆକ କିଏର୍, ଆର୍‌ତିଞ୍ଜୁଁ ୱାର୍ ନିଜେଦି ବାଡିଦୁ
ମାରିଡ଼େସି ତିଆର୍ ଆନାର୍ । ଇକା କିଦେଞ୍ଜୁଁ ମାପୁରୁ ଇଚ୍ଛା
କିନାନ୍ । 24 ଅଣଜିହୁଦି ଲୋକୁ ବନ୍ ଜିତ୍ ମାରାତି କମା
ୱାଜା । ଆକା ସିନା ଆଜି ନେଗେନ୍‌ତର୍‌ଇ ଇସାବ୍‌ତାନ୍ ଡଡିଦି
ଜାତୁନ୍‌ଅତିମାନି ଜିତ ମାରାତି ୱାଲେ ଜଡ଼ିସ୍ କିଆୟ୍‌ଆତାମାନାତ୍
। ଜିହୁଦି ଜାତି ଡଡିଦି ଜାତୁନ୍‌ଅତିମାନି ଜିତ ମାରାନ୍ ୱାଜା ।
ଇୟା ମାରାତି ୱେର୍‌ଏଆତି କମେଆଞ୍ଜୁଁ ମାରିଡ଼େସି ମାରାତି
ୱାଲେ ଜଡ଼ିସ୍‌କିନିକା ମାପୁରୁଦି ତରିନ୍ ଉସାସ୍ । 25 ତଡ଼ାନ୍‌କୁ ନି
ତାଞ୍ଜୁଁକି, ଇୟା ବିସୟ୍‌ତାନ୍ ଉନ୍‌ଣ୍ତ୍ରି ମାର୍‌ଗିତି ସତ୍ ୱେକ୍‌ନାତ୍
। ଆକା ୱେରିଞ୍ଜୁଁ, ମିର୍ ନିଜେଦିଞ୍ଜୁଁ ମାରି ବୁଦିମାନିକାନ୍ ଇଜି
ଅଡ଼୍‌ବିଦେଞ୍ଜ ଆଟ୍‌ଇଦେର୍ । ଇସ୍ରାଏଲ୍ ଲୋକା ଅମାନ୍ୟ ୱିଜୁଦିନ୍
ତେବାଏତ୍ । ଅଣଜିହୁଦିର୍ ୱିଜେରେ ମାପୁରୁଦି ଲାକ୍‌ତୁ ୱାନି
ସାନ୍ଧି ୱାର୍ ଆୟାୱାଜା ତେବାନାର୍ । 26 ତାନିୱେନ୍‌କା ଇସ୍ରାଏଲ୍

ଲୋକୁ ୱିଜେରେ ଶାସ୍ତ୍ର ଇସାବ୍ତାନ୍ ରକିୟା ପୟ୍ନାର୍, ଏଣ୍ତେସ୍
ସାସ୍ତ୍ର ଇନାତ୍: "ରକିୟାକିନିକାନ୍ ସିୟୋନତାନ୍ ୱାନାନ୍, ଜାକୁବ
କୁଡ଼ାଦାନ୍ ୱିଜୁ ଅଦାର୍ମୁ ଆକ କିନାନ୍ । 27 ୱାରି ଅଦାର୍ମୁ ଆକ
କିନିୱାଲେ ୱାରି ୱାଲେ ଇୟା ନିୟମ୍ କିନାପ୍ ।" 28 ମି ନେଗି
ଉଣ୍ତିଙ୍ଗୁ ସୁସମାଚାର୍ତିଙ୍ଗ୍ ଡ଼ିସ୍ତିଙ୍ଗ ମାପୁରୁଦି ସାତୁ ଆତାମାନାର୍
। ମାତର୍ ମାପୁରୁଦି ଲାଡ଼୍ତାନ୍ ବାସେଆନି ମାଣାନ୍ ମାରି ୱାରି
ଡକ୍ରାଦାଦାରି ଉଣ୍ତିଙ୍ଗୁ ୱାର୍ ମାପୁରୁଦି ତଡ଼୍ ଆତାମାନାର୍ । 29
ମାପୁରୁ ଏମେୱାରିଙ୍ଗ୍ ବାସେ କିଜି ଆର୍ସିବାଦ୍ କିନାନ୍, ୱାନି
ଦାନ୍ ସିଦେଙ୍ଗ ବଦା ୱାନ୍ ଡାଟ୍ ତେବାନାନ୍ । 30 ଅଣଜିହୁଦି
ଲୋକୁ ପୁର୍ବେ ମାପୁରୁଦି ମାନାଇକାର୍ ମାର୍ହାର୍; ମାତର୍ ଇଲେଇ
ଜିହୁଦିଲୋକା ମାନାଇ ଉଣ୍ତିଙ୍ଗୁ ଅଣଜିହୁଦି ଲୋକୁ ମାପୁରୁଦି
ଦୟା ପୟ୍ତାମାନାର୍ । 31 ଏଣ୍ତେସ୍ ଅଣଜିହୁଦି ଲୋକୁ ବା
ଦୟା ପୟ୍ତାମାନାର୍, ଜିହୁଦିଲୋକୁ ଇଲେଇ ମାପୁରୁଦି ମାଣାନ୍
ଆକ ସର୍ହିମାରିଙ୍ଗୁ ବା, ଅର୍ରେଲନ୍ ୱାର୍ ଡ଼େସି ୱାଜି ଉଦ୍ଧାର୍
ପୟ୍ନାର୍ । 32 ମାପୁରୁ ୱିଜେରିଙ୍ଗୁ ଅମାନ୍ୟ ଆନି ଉଣ୍ତିଙ୍ଗୁ ଡ଼ିସ୍ତା
ସିତାମାନାନ୍; ଆବେଣାନ୍ ୱିଜେରେ ମାପୁରୁଦି ଦୟାଦି ଲୋକୁ
ଆଦେଙ୍ଗୁ ଆଟ୍ନାର୍ । (eleēsē g1653) 33 ମାପୁରୁ । ୱାନି ବୁଦି ନି
ଜ୍ଞାନ୍ ଏସା ପେରିକା । ୱାନି ବଦାଦି ଟିକ୍ ଏନ୍ ବୁଜାକିନାନ୍?
ଏନ୍ ୱାନି ସାରିଙ୍ଗୁ ନେସ୍ତେଙ୍ଗୁ ଆଟ୍ନାନ୍? 34 ସାସ୍ତ୍ର ଇନାତ୍:
"ଏନ୍ ମାପୁରୁଦି ମନ୍ତିମାଟା ବୁଜାଦେଙ୍ଗୁ ଆଟ୍ନାନ୍? ଏନ୍ ମାରି
ୱାନିଙ୍ଗ ସିକିୟା ସିଦେଙ୍ଗ ଆଟ୍ନାନ୍? 35 ଏନ୍ ଇନିକା ମାପୁରୁଙ୍ଗୁ
ଇୟାୱାଜା ଇନିକା ସିଦେଙ୍ଗ ଆଟ୍ତାମାନାନ୍, ଆମାତାନିଙ୍ଗ
ମାପୁରୁଙ୍ଗୁ ଡ଼େସି ସିଦେଙ୍ଗ ପଡ଼ାଜିନାତ୍?" 36 ୱିଜୁ ବିସୟ୍
ମାପୁରୁଦି ମାଣାନ୍ ତିଆର୍ ଆତାମାନାତ୍; ୱିଜୁ ବିସୟ୍ ମାନିକା
ୱାନି ଉଣ୍ତିଙ୍ଗୁ ମାରି ୱାନିମାଡ଼ାନ୍ ଆତାମାନାତ୍ । ଜୁଗ୍ ଜୁଗ୍ ମାପୁରୁ
ଗୌରବ୍ ପଇନି । ଆମେନ୍ । (aiōn g165)

**12** ଆଦେଙ୍ଗୁ ତଡ଼ାନ୍କୁ ନି ତାଙ୍ଗୁଁକି, ମା ଉଣ୍ତିଙ୍ଗୁ ମାପୁରୁଦି ନାଣ୍ତ
ଦୟା ଉଣ୍ତିଙ୍ଗୁ ମିଙ୍ଗୁଁ ନାନୁ ବାତିଙ୍ଗ ମାଲ୍ଜିନା, ମାପୁରୁମାନୁ
ନିଜେଦି ମେନ୍କଲ୍ତିଙ୍ଗୁ ପବିତ୍ର ପୁଜା ୱାଜା ସର୍ପେ କିଦୁ । ୱାନି
ସେବାଦୁ ନିଜେଦିଙ୍ଗୁ ସିଜି ୱାନିମାନୁ ସର୍ପେ ଆଦୁ । ଇକା
ମାପୁରୁଦି ସତ୍ ଉପାସନା କିନିକା । 2 ମିର୍ ଇୟା ଇଲେଇତି
ଦୁନିଆଦି ଇସାବ୍ତାନ୍ ବୁଲାମାଟ୍ । ମାପୁରୁ ମି ମନ୍ତିଙ୍ଗ ପୁରା
ପୁନିକା କିପିନ୍ ମାରି ମି ମନ୍ ପୁରା ବାଦ୍ଲେ ଆପିତ୍ । ଆତିଙ୍ଗ,
ମାପୁରୁଦି ବଦା ଇନିକା, ୱାନି ଲାକ୍ତୁ ଏମେ ୱିଜୁ ବିସୟ୍ ସତ୍,
ୱେଡ଼ିକାଦିକା ମାରି ପୁରା ନେଗିକା, ଇକା ମିର୍ ନେସ୍ତେଙ୍ଗୁ
ଆଟ୍ନିଦେର୍ । (aiōn g165) 3 ମାପୁରୁ ନାଙ୍ଗୁଁ ନାଣ୍ତ ଦୟା
ସିତାମାନାନ୍ଆକା ମି ୱିଜେରିଙ୍ଗୁ ନାନୁ ଇଜିନା, ଏନ୍ ନିଜେଦି
ଜଗ୍ୟଦି ମାଣାନ୍ ନିଜେଦିଙ୍ଗୁ ପେରିକାନ୍ ଇଜି ଅଡ଼୍ବିମାଟ୍ ।
ମାପୁରୁ ମିଙ୍ଗୁଁ ସିତିମାନି ବିସ୍ବାସ୍ତି ଇସାବ୍ତାନ୍ ସାନ୍ତି ଆଜି ନିଜେ
ବିସୟ୍ତାନ୍ ବିସାର୍ କିଦୁ । 4 ମା ମେନ୍କଲ୍ତୁ ଗାଦି ଆଇ ଆଇ
ଜିନିସ୍କୁ ମାନେ ମାରି ୱିଜେକା ପାଣି ଅଲଗା । 5 ଆୟାୱାଜା
ମାଡ଼୍ ଗାଦିଲୋକ୍, ମାତର୍ ୱିଜେରେ କ୍ରିସ୍ତୁଦି ୱାଲେ ମିସାତି
ମାନିକାଆକା, ମାଡ଼୍ ଉନ୍ତ୍ରେ ମେନ୍କଲ୍ ମାରି ମେନ୍କଲ୍ତି ଜିନିସ୍କା
ୱାଜା ମାତୁ ଅର୍ସେ ୱାଲେ ମିସାତି ମାନିକା । 6 ଆଦେଙ୍ଗୁ ମା
ଉଣ୍ତିଙ୍ଗୁ ମାପୁରୁଦି ଦୟା ଇସାବ୍ତାନ୍ ୱାନିମାଣାନ୍ ପୟ୍ତି ରକମ୍ତି
ଆଇ ଆଇ ଦାନ୍ ସାକ୍ତିୱିଜୁ ମାଡ଼୍ ଟିକ୍ ଇସାବ୍ତାନ୍ କାଟେକିଦେଙ୍ଗୁ
ଆଟ୍ନିକା । ମାଡ଼୍ ଜଦି ମାପୁରୁଦି କାବୁର୍ ପ୍ରଚାର୍ କିନି ଉଣ୍ତିଙ୍ଗୁ
ଇଜି ମାପୁରୁସିତି ସାକ୍ତି ପୟ୍ତିମାନିକା, ମା ବିସ୍ବାସ୍ତି ଡାଟ୍
ଇସାବ୍ତାନ୍ ଆୟା ପାଣି କିଦେଙ୍ଗୁ ଆନାତ୍ । 7 ଜଦି ସେବା
କିନି ଉଣ୍ତିଙ୍ଗୁ ଆୟା ସାକ୍ତି ପୟ୍ତିମାନିକା, ମାଡ଼୍ ସେବା କିଦେଙ୍ଗୁ
ଆନାତ୍; ସିକିୟା ସିଦେଙ୍ଗ ଇଜି ସାକ୍ତି ପୟ୍ତିମାରିଙ୍ଗୁ, ସିକିୟା
ସିଦେଙ୍ଗ ଆନାତ୍ । 8 ଆଇୱାରିଙ୍ଗ ୱେଡ଼ିକା କିଦେଙ୍ଗୁ ଇଜି ସାକ୍ତି
ପୟ୍ତିମାରିଙ୍ଗୁ, ଆକା କିଦେଙ୍ଗୁ ଆନାତ୍ । ଦାନ୍ କିଦେଙ୍ଗୁ ସାକ୍ତି
ପୟ୍ତିମାନି ଲୋକ୍ ରେଆତି ମନ୍ତାନ୍ ଦାନ୍ କିପିନ୍ । ଆଇୱାରି
ପାଣିଦି ଜାତୁନ୍ କିଦେଙ୍ଗୁ ଅଦିକାର୍ ପୟ୍ତିମାରିଙ୍ଗୁ ନିଜେ କାସ୍ଟପାଣି
କିଦେଙ୍ଗ ଆନାତ୍ । ଦୟା କିନି ଲୋକ୍ ୱେଡ଼ିକା ମନ୍ତାନ୍
ଦୟା କିପିନ୍ । 9 ଜିବନ୍ତି ୱାଲେ ଜିବନ୍ନେନାନିକା ନେଗିକା
ଆପିତ୍ । ଆମା ୱିଜୁ ସତ୍ସିଲେ; ତାନିଙ୍ଗୁ କାଡ଼୍ଦୁ, ୱିଜୁ ସତ୍
ବିସୟ୍ତୁ ଲାକ୍ତୁ ଆଦୁ । 10 କ୍ରିସ୍ଟିୟାନ୍ ତଡ଼ାନ୍ ନି ତାଙ୍ଗୁଁକ୍ ୱାଜା
ନିଜେନିଜେଦିଙ୍ଗ ଜିବନ୍ନଦୁ ମାରି ନିଜେନିଜେଦିଙ୍ଗ ସନ୍ମାନ୍
ତର୍ରେତଙ୍ଗୁ ଇଜି ୱେଡ଼ିକା ଆଦୁ । 11 ୱେଡ଼ିକାଦାନ୍ ଗାଡ଼ିୟା
ଆମାଟ୍, ଆତ୍ମାଦୁ ତେବାନିକା ଅଡ଼୍ବିଦୁ । ବକ୍ତିଦି ଜିବନ୍ତାନ୍
ପ୍ରବୁଦି ସେବା କିଦୁ । 12 ଡାଟ୍ ଆସା ଇଡ଼୍ଜି ୱେଡ଼ିକା କିଦୁ ।
ଦୁକ୍କାସ୍କଦି ବେଡ଼ାଦୁ ସାସ୍ ଆସ୍ତୁ । ୱିଜୁଦିନ୍ ପାର୍ତନାଦୁ ପୁରା
ତେବାଦୁ । 13 କ୍ରିସ୍ତୁବିସ୍ବାସିରି ଦର୍କାର୍ ମାନିକା ସିଦୁ । ମାରି
ୱାନି ଲୋକାଙ୍ଗୁ ସନ୍ମାନ୍ତାନ୍ କୁକ୍ତୁ । 14 ମିଙ୍ଗୁଁ ଏମେକାର୍
ତାଡ଼ନା କିନାର୍, ୱାରି ନେଗି ଉଣ୍ତିଙ୍ଗ ଇଜି ମାପୁରୁମାନୁ ପାର୍ତନା
କିଦୁ । ୱାରିଙ୍ଗୁ ଆର୍ସିବାଦ୍ କିଦୁ, ଆନାଦୁରିଆ ସିମାଟ୍ । 15
ସୁକ୍ତାନ୍ ମାନି ଲୋକା ୱାଲେ ୱେଡ଼ିକା କିଦୁ, ଆଡ଼୍ବାନି ଲୋକା
ୱାଲେ ଆଡ଼୍ବାଦୁ । 16 ୱିଜେରି ଉଣ୍ତିଙ୍ଗୁ ସାମାନ୍ ଇସାବ୍ତାନ୍
ସୁଡ଼୍ଦୁ । ଆକାର୍ ଅଡ଼୍ବିନିକା ଡ଼ିସ୍ସି ସାନ୍ତି ଇସାବ୍ତାନ୍ ଟାଗ୍ଇ
ପାଣିୱିଜୁଦିଙ୍ଗୁ ବା ଆସ୍ତୁ । ନିଜେଦିଙ୍ଗୁ ବୁଦିମାନିକାନ୍ ଅଡ଼୍ବିମାଟ୍
। 17 ଏନ୍ ମି ଉଣ୍ତିଙ୍ଗୁ ଅନ୍ୟାୟ୍ କିତିଙ୍ଗୁ, ମିର୍ ୱାନି ଉଣ୍ତିଙ୍ଗୁ ଅନ୍ୟାୟ୍
କିମାଟ୍ । ଆଇୱାରି ଲାକ୍ତୁ ଆମାକା ସତ୍ପାଣି, ଆକାନେ କିଦୁ
। 18 ୱିଜେରି ୱାଲେ ସାନ୍ତିଦାନ୍ ବାସାଦେଙ୍ଗୁ ଇଜି ଏସ୍ତିୱାଲେ
ଆଦେଙ୍ଗୁ ଆଟ୍ନାତ୍ ସେସ୍ଟା କିଦୁ । 19 ଏ ଲାଡ଼୍ତିକାର୍, ମିର୍ ନିଜେ
ଆମାୱାନି ବିରୁଦ୍ତାନ୍ ବାଦ୍ ଅମାଟ୍ । ମାପୁରୁଦି ରିସାଦି ଲୋକ୍
ଆଦେଙ୍ଗୁ ୱାନିଙ୍ଗ ଡ଼ିସ୍ସୋ ସିଦୁ । ଇରିଙ୍ଗ ସାସ୍ତ୍ରଦୁ ରାସାତାମାନାତ୍,
"ପ୍ରବୁ ଇନାନ୍, ମାପ୍ ପ୍ରତିସଦ୍ ଅନାପ୍ । ମାପ୍ ଦଣ୍ତ ସିନାପ୍ ।" 20
ତାନିବାଦ୍ଲୁ ସାସ୍ତ୍ର ଏଣ୍ତେସ୍ ଇନାତ୍, "ମି ସାତୁ ବାଙ୍ଗାଁ ମାରିଙ୍ଗୁ,
ୱାନିଙ୍ଗୁ ଉଣ୍ତେଙ୍ଗ ସିଦୁ; ଏର୍କି ମାରିଙ୍ଗ ଉଟ୍ପିସ୍କିଦୁ । ଇବେଣାନ୍

ୱାନ୍ ସେମାର୍ ଆନା ସନାନ୍ ।” 21 ଅସତ୍ ତାନ୍ ଆରାମାଟ୍; ୱିଜୁ
ଅସତ୍ ବିସୟ୍‌କୁ ନେଗିପାଣିଦାନ୍ ଜିଣାଦୁ ।

**13** ସାସନ୍‌କିନିୱାରିଙ୍ଗଁ ମାନାନିକା ୱିଜେରି ପାଣି, ଇରିଙ୍ଗଁ
ମାପୁରୁଦି ସାରି ଡ଼ିସ୍‌ତିଙ୍ଗ ଏନ୍ ସାସନ୍ ଅଦିକାର୍ ପୟ୍‌ଏନ୍
। ଅଦିକାର୍‌ତୁ ମାନି ସାସନ୍‌କିନିକାର୍ ମାପୁରୁଦି ମାଣାନ୍
ବାସେଆତାମାନାର୍ । 2 ଆଦେଙ୍ଗଁ ଏନ୍ ଅଦିକାର୍ ପୟ୍‌ତି
ସାସନ୍‌କିନିୱାରିଙ୍ଗଁ ବିରୁଦ୍ କିନାନ୍, ୱାନ୍ ମାପୁରୁଦି ମାଣାନ୍
ଆତିମାନି ନିୟମ୍‌ତି ବିରୁଦ୍‌କିନାନ୍ । ଏନ୍ ଇକା କିନାନ୍,
ୱାନ୍ ବିଚାର୍‌ତି ଆଗ୍‌ଡ଼ି ନିନାନ୍ । 3 ଏମେକାର୍ ନେଗିପାଣି
କିନାର୍, ୱାରି ସାସନ୍‌କିନିୱାରିଙ୍ଗଁ ତିଲାନି ଉଣ୍ତିଙ୍ଗଁ ଇନି ମାଟା
ସିଲେତ୍ ତିଲାନି ମାଟା ତାଗ୍‌ଇପାଣିକିନିୱାରିଙ୍ଗଁ । ସାସନ୍‌କିନିୱାନି
ଉଣ୍ତିଙ୍ଗଁ ତିଲାଇକା ମି ବଦା ନୋ? ଆତିଙ୍ଗଁ ସତ୍‌ପାଣି କିଦୁ,
ୱାନ୍ ମି ପ୍ରସଂସା କିନାନ୍ । 4 ମି ନେଗିକା କିନି ଉଣ୍ତିଙ୍ଗଁ
ୱାନ୍ ମାପୁରୁଦି ମାଣାନ୍ ବାସେଆତାମାନାନ୍ । ମାତର୍ ମିର୍
ଜଦି ତାଗ୍‌ଇପାଣି କିଜିମାନିଦେର୍, ଆର୍‌ତିଙ୍ଗଁ ସାସନ୍‌କିନିୱାନିଙ୍ଗଁ
ତିଲାଦୁ, ଇରିଙ୍ଗଁ ମି ଦଣ୍ତ ସିନି ଉଣ୍ତିଙ୍ଗଁ ସତ୍‌ତାନ୍ ୱାନି ଅଦିକାର୍
ମାନାତ୍ । ୱାନ୍ ମାପୁରୁଦି ମାଣାନ୍ ବାସେଆତି ସେବାକିନିକାନ୍
। ତାଗ୍‌ଇପାଣିକିନିୱାରିଙ୍ଗଁ ସାସ୍ତି ସିନି ଉଣ୍ତିଙ୍ଗଁ ୱାନ୍ ମାପୁରୁଦି
ଆଦେସ୍ ମାନାନାନ୍ । 5 ଆଦେଙ୍ଗଁ ମିର୍ ସାସନ୍‌କିନିୱାରିଙ୍ଗଁ
ମାନାନିକା ମାନାତ୍ କେବଲ ମାପୁରୁଦି ଦଣ୍ତ ତିଲେଇତାନ୍
ସିଲେ, ମାତର୍ ନିଜେଦି ବୁଦିଦି ନାସ୍ଣୁଦାନ୍ ରକିୟା ପୟେ୍‌ଦଙ୍ଗଁ
ଇଜି । 6 ଇୟାଉଣ୍ତିଙ୍ଗ ମିର୍ ସିସୁଟୁ ବା ସିଜିମାନ୍‌ଡୁ, ଇରିଙ୍ଗଁ
ସାସନ୍‌କିନିକାର୍ ଆଦେସ୍ ମାନାନିୱାଲେ ମାପୁରୁଦି ସେବା କିନାର୍
। 7 ଆଦେଙ୍ଗ ୱାର୍ ଆମାକା ପୟ୍‌ନିକା ମାନାତ୍, ୱାନିଙ୍ଗ
ଆକା ସିଦୁ । ନିଜେଦିକା ମାରି ସିସୁଟୁ ମିଦି ଆମାକା ସିନିକା
ମାନାତ୍, ଆକା ସିଦୁ ମାରି ୱାରିଙ୍ଗ ୱେଡ଼ିକା ନି ସନ୍‌ମାନ୍‌ତାନ୍
ମାନାଦୁ । 8 ନିଜେଦିଙ୍ଗଁ ନି ଆଇୱାରିଙ୍ଗ ଜିବନ୍‌ନେ୍ନାନିକା ଡ଼ିସ୍‌ସି
ମାରି ଇନି ବିସୟ୍‌ତୁ ଆମାୱାନି ରୁଣୁ ଆଜି ତେବାମାଟ୍ । ଏନ୍
ଆଇୱାନିଙ୍ଗ ଜିବନ୍‌ନେ୍ନାନାନ୍, ୱାନ୍ ନିୟମ୍ ମାନାନାନ୍ । 9
“ଦାରିପାଣି କିମାଟ୍, ଲୋକାଙ୍ଗ ସାୟାମାର୍‌ଗା ଡାକ୍‌ମାଟ୍, ଡଙ୍ଗାଁ
କିମାଟ୍, ଆଇୱାରି ଜିନସ୍‌ତିଙ୍ଗଁ ଲବ୍ରାମାଟ୍,” ୱିଜୁ ମାଟା ଉନ୍‌ଡ୍ରି
ମାଟାଦୁ ତେବାଜିନାତ୍, “ମି ଲାକ୍‌ତୁରି ଲୋକାଙ୍ଗ ନିଜେଦିଙ୍ଗ
ଜିବନ୍‌ନୋତିୱାଜା ଜିବନ୍‌ନେ୍ନାଦୁ ।” 10 ମିର୍ ଅରେନ୍ ୱାନିଙ୍ଗ
ଜିବନ୍‌ନୋଜି ମାରିଙ୍ଗଁ, ୱାନି ଉଣ୍ତିଙ୍ଗ ଏସାଙ୍ଗ ଅନ୍ୟାୟ୍ କିମାଟ୍ ।
ଆଦେଙ୍ଗ ଜିବନ୍‌ନନି ମାଣାନ୍ ନେ ୱିଜୁ ନିୟମ୍ ମାନାନିକା ଆନାତ୍
। 11 ଇଲେଇ ଇୟାୱିଜୁ ମିଙ୍ଗଁ ଏଣ୍ତ୍ରେସ୍‌ବା କିଦେଙ୍ଗଁ ଆନାତ୍,
ଇରିଙ୍ଗଁ ସୁଜିନି ମାଣାନ୍ ନିଙ୍ଗଁନି ସମୟ୍ ଇଗା ୱାତାତ୍ । ରକିୟା
ପୟ୍‌ନି ସମୟ୍ ଆଗ୍‌ଡ଼ିରି ବାଦ୍‌ଲୁ ଇଲେଇ ନାଣ୍ତ ଲାକ୍‌ତୁ । 12
ନାଡ଼ା ୱିଜିତାତ୍‌ନି, ୱେଡ଼େ ୱାତାତ୍‌ନି । ରାଦୁ, ସିକାଟିଦି ୱିଜୁପାଣି
ଡ଼ିସ୍‌ନାଟ୍ ମାରି ଜାୟ୍‌ତୁ ଜୁଦ୍ କିଦେଙ୍ଗଁ ନେଗି ସାଜୁ ଆରାନାଟ୍ ।
13 ରଙ୍ଗରସ୍ ନି ସସ୍‌ନିମାନୁ, ଡଙ୍ଗାଁ ନି ଲାଲାୟ୍‌ଆନିକା, ରିସା
ମାରି ଜାଟି ୱିଜୁଦୁ ତେବାଏଜି, ରାଦୁ ମାଡ୍ ଜାୟ୍‌ତୁ ପାଣିକିନି
ଲୋକା ୱାଜା ନେଗେନ୍‌ତାନ୍ ବ୍ୟବ୍‌ହାର୍ କିନାଟ୍ । 14 ପ୍ରବୁ ଜିସୁ
କ୍ରିସ୍ତଦି ଅସ୍ତ୍ରଶସ୍ତ୍ରଦାନ୍ ତିଆର୍ ଆଦୁ ପାପ୍‌ତି ଉଣ୍ତିଙ୍ଗ ୱେର୍‌ଏ ଆଦୁ
ମାରି ନିଜେଦି ଲାଲାୟ୍‌ତୁ ବ୍ୟବହାର୍ କିମାଟ୍ ।

**14** ବିସ୍‌ବାସ୍‌ତୁ ଏନ୍ ସାକ୍ତି ସିଲେନ୍, ୱାନିଙ୍ଗ ଆସ୍‌ତୁ, ମାତର୍
ୱାନି ଜିବନ୍‌ତି ବିସୟ୍‌ତାନ୍ ୱାର୍‌ଗିମାଟ୍ । 2 ଅରେନ୍
ବିସ୍‌ବାସ୍ କିନାନ୍, ୱାନ୍ ଆମା କାଦିବା ଉଣ୍ତେ୍ରଙ୍ଗଁ ଆଟ୍‌ନାନ୍,
ମାରି ଅରେନ୍ ଡାଟ୍ ସିଲି ବିସ୍‌ବାସି କେବଲ କୁସା କାଦି ଉଣାନ୍
। 3 ଆମା କାଦିବା ଉଣ୍ତେ୍ରଙ୍ଗଁ ଆମାୱାନି ଇନି ବାଦା ସିଲେତ୍,
ୱାନ୍ କୁସା କାଦିଦିଙ୍ଗଁ କାଡ଼୍‌ମାକିନ୍ । ମାରି କୁସା କାଦି ଉଣିକାନ୍
କାଣ୍ତା ତିନି ୱାନିଙ୍ଗଁ ଦସ୍ ଅଡ଼୍‌ବିମାକିନ୍ । ଇରିଙ୍ଗଁ ମାପୁରୁ ୱାନିଙ୍ଗଁ
ବା ବାସେକିତା ମାନାନ୍ । 4 ମିରୁ ଆଇୱାନି ଦାସ୍‌ତିଙ୍ଗ ବିସାର୍
କିଦେଙ୍ଗ ଇଜି ମିର୍ ଏରୁ? ୱାନ୍ ୱାନି ପାଣିଦୁ ଏସା ଆକ
ଜିଣାଜିନାନ୍ ମାରି ଆରାଜିନାନ୍, ଆକା ୱାନି ମାଲିକ୍ ବିସାର୍
କିନାନ୍ । ୱାନ୍ ସତେନେ ଜିଣାନାନ୍, ଇରିଙ୍ଗଁ ପ୍ରବୁ ୱାନି ଦାସ୍‌ତିଙ୍ଗଁ
ଜିଣାକିଦେଙ୍ଗଁ ଇଜି ଡାଟ୍ । 5 ଅରେନ୍‌ୱାନି ଇସାବ୍‌ତାନ୍ ଆଇ
ଦିନ୍‌କା ବାଦ୍‌ଲୁ ଉନ୍‌ଣ୍ତି ଟିକ୍ ଦିନ୍ ନାଣ୍ତ ନେଗେତ୍ । ମାରି ଅରେନ୍
ଅଡ଼୍‌ବିନାନ୍, ୱିଜୁ ଦିନ୍ ସାମାନ୍ । ମାତର୍ ଏନ୍ ଆମା ଇସାବ୍‌ତାନ୍
ଟିକ୍ ବିସାର୍ କିଜି ଟିକ୍ ମାନାପିନ୍ । 6 ଏନ୍ ଉନ୍‌ଣ୍ତି ଦିନ୍‌ତିଙ୍ଗ
ନେଗିକା ଇଜି ଅଡ଼ବିନାନ୍, କେବଲ ପ୍ରବୁଦି ଗୌରବ୍ ଉଣ୍ତିଙ୍ଗଁ ୱାନ୍
ଆକା କିପିନ୍ । ଆମାୱାନି ଇନି କାଦି ଉଣ୍ତେ୍ରଙ୍ଗ ବାଦା ସିଲେତ୍,
ମାପୁରୁଙ୍ଗଁ ଦନ୍ୟବାଦ୍ ସିଜି ୱାନ୍ ଆକା ଉଣିନ୍; ଆବେଣାନ୍ ମାପୁରୁ
ଗୌରବ୍ ପୟ୍‌ନାନ୍ । ଏମେ ଲୋକ୍ କାଦି ଉଣୁଏନ୍, ୱାନ୍ ଇକା
ମାପୁରୁଦି ଗୌରବ୍ ଉଣ୍ତିଙ୍ଗଁ କିପିନ୍ ମାରି ଇୟାଉଣ୍ତିଙ୍ଗଁ ମାପୁରୁଙ୍ଗଁ
ଦନ୍ୟବାଦ୍ ସିପିନ୍ । 7 ଏନ୍ କେବଲ ନିଜେଦି ଉଣ୍ତିଙ୍ଗଁ ଜିଏନ୍, ମାରି
ନିଜେଦି ଉଣ୍ତିଙ୍ଗଁ ସାଏନ୍ । 8 ପ୍ରବୁଦି ଉଦେସ୍ ଜିନି ଉଣ୍ତିଙ୍ଗ ମାଡୁ
ଜିତାମାନାପ୍ ମାରି ସାନାପ୍ । ଆଦେଙ୍ଗଁ ଜିବନ୍ ନି ସାନିମାନୁ ମାପ୍
ପ୍ରବୁଦି ଲୋକ୍ । 9 ଇରିଙ୍ଗ କ୍ରିସ୍ତ ମାରିଡ଼େସିଜିନି ମାଣାନ୍ ରିଏର୍
ଜିନିକା ନି ସାନି ଲୋକା ୱିଜେରି ୱାନ୍ ପ୍ରବୁ ଆତାମାନାନ୍ । 10
ଆଦେଙ୍ଗଁ ମିର୍ ଏନ୍ବା ନିଜେଦି ତଡ଼ାନ୍‌ତି ବିସାର୍ କିଜିନିଦେର୍?
ଏନ୍ବା ମାରି ନିଜେଦି ତଡ଼ାନ୍‌ତିଙ୍ଗଁ କାଡ଼୍‌ଜିନିଦେର୍? ମାଡ୍ ୱିଜେରେ
ବିଚାର୍ ଆଦେଙ୍ଗଁ ଇଜି ମାପୁରୁଦି ଆଗ୍‌ଡ଼ି ନିନେ୍‌ଡ୍ରଙ୍ଗଁ ପଡ଼ାନାତ୍
। 11 ଏଣ୍ତ୍ରେସ୍ ସାସ୍ତ୍ର ଇନାତ୍: “ପ୍ରବୁ ଇଜିନାନ୍, ଏଣ୍ତ୍ରେସ୍‌କି ମାପ୍
ଜିବନ୍‌ତି ମାପୁରୁ, ୱିଜେରେ ମା ଆଗ୍‌ଡ଼ି ମେଣ୍ତେ୍ରଙ୍ଗଁ ଗଟ୍‌କିନାର୍ ।
ମାପ୍ ମାପୁରୁ ଇଜି ୱିଜେରେ ମାନାନାର୍ ।” 12 ମା ୱିଜେରିଙ୍ଗଁ
ମାପୁରୁଦି ଲାକ୍‌ତୁ ନିଜେ ନିଜେଦି ଇସାବ୍ ସିଦେଙ୍ଗ ପଡ଼ାନାତ୍
। 13 ଆଦେଙ୍ଗଁ ଆଇୱାରିଙ୍ଗ ବିସାର୍ କିମାଟ୍ । ଇୟାୱାଜା ବା
ଇନିକା କିମାଟ୍, ଆମାମାଣାନ୍ କି ମି ତଡ଼ାନ୍ ଟାକାୟ୍ ଆଜି ପାପ୍
କିନାନ୍ । 14 ଜିସୁଦି ମାଣାନ୍ ଆଦେସ୍ ପୟ୍‌ଜି ସତ୍‌ତାନ୍ ଇଜିନା,
ଆମା କାଦି ତାଗ୍‌ଇକା ସିଲେ । ମାତର୍ ଜଦି ଏନ୍ ଆମା କାଦି
ତାଗ୍‌ଇକା ଇଜି ବିସ୍‌ବାସ୍ କିନାନ୍, ୱାନି ଉଣ୍ତିଙ୍ଗ ଆକା ତାଗ୍‌ଇକା

ଆନାତ୍ । 15 ମିର୍ ଇନି କାଦି ଉଣି ମାଣାନ୍ ଜଦି ଅରେନ୍
ତଡ଼ାନ୍‌ତି ମନ୍‌ତୁ ଦୁକ୍ ସିନିଦେର୍, ଆର୍‌ତିଙ୍ଗ୍ଁ ୱାନି ଉଣ୍ତିଙ୍ଗ୍ଁ ମି
ଜିବନ୍‌େନାନିକା ତର୍‌ଇଜିନିଦେର୍ । ଆମା ତଡ଼ାନ୍‌ତି ଉଣ୍ତିଙ୍ଗ୍ଁ କ୍ରିସ୍ତ
ସାତାନ୍, କାଣ୍ତେକ୍ କାଦି ଉଣ୍ତିଙ୍ଗ୍ଁ ୱାନିଙ୍ଗ୍ଁ ନାସ୍ଟ କିମାଟ୍ । 16 ମିର୍
ଆମାୱାନିଙ୍ଗ୍ଁ ନେଗିକାନ୍ ଇଜି ଅଡ଼୍‌ବିଜିନିଦେର୍, ଆବେଣ୍‌କୁ ମି
ତାଗ୍‌ଇକା ଆମାପିତ୍ । 17 ମାପୁରୁଦି ରାଜିଦି ତିନିକା ନି ଉଣିକା
ସିଲେ । ଆକା ପବିତ୍ର ଆତ୍ମାଦି ମାଣାନ୍ ସିଆୟ୍ ଆତି ଦାର୍ମୁତିକା,
ସାନ୍ତି ମାରି ୱେଡ଼ିକା । 18 ଏନ୍‌ଆପିନ୍ ଇୟାୱାଜା ଇସାବ୍‌ତାନ୍
କ୍ରିସ୍ତଦି ସେବା କିନାନ୍; ୱାନ୍ ମାପୁରୁଙ୍ଗ୍ଁ ୱେଡ଼ିକା କିବିସ୍‌କିନାନ୍,
ଲୋକାମାନୁ ବା ଦର୍ ପୟ୍‌ନାନ୍ । 19 ଆଦେଙ୍ଗ୍ଁ ରାଦୁ, ନିଜେ
ନିଜେମାନୁ ସାନ୍ତି ତିଆର୍ କିଦେଙ୍ଗ୍ଁ ନି ପିରିସ୍ କିଦେଙ୍ଗ୍ଁ ଇଜି ଆମା
ୱିଜୁ ଦର୍‌କାର୍ ମାନାତ୍, ତାନିଙ୍ଗ୍ଁ ସୁଣାଟ୍ । 20 କାଣ୍ତେକ୍ କାଦି
ଉଣ୍ତିଙ୍ଗ୍ଁ ମାପୁରୁ ଆମା ପାଣି କିତାମାନାନ୍, ଆକା ନାସ୍ଟ କିମାଟ୍
। ଏନ୍ ଇନି କାଦି ଉଣି ମାଣାନ୍ ଜଦି ମିର୍ ଆଇୱାରି ତାକାନି
ପାଣି ଆନାତ୍, ଆର୍‌ତିଙ୍ଗ୍ଁ ଆୟା କାଦି ଉଣିକା ନେଗେତ୍ ସିଲେ ।
21 ମି କାଣ୍ତା ତିନିକା, କାଡୁ ଉଣିକା ୱିଜୁ ଜଦି ମି ତଡ଼ାନ୍‌ତିଙ୍ଗ୍ଁ
ବାଦା କିନାତ୍, ଆର୍‌ତିଙ୍ଗ୍ଁ ଆୟାୱିଜୁ ମାଣାନ୍ ବନ୍ଦ ଆନିକା ମିଙ୍ଗ୍ଁ
ନେଗେତ୍ । 22 ଇୟା ବିସୟ୍‌ତାନ୍ ମି ନିଜେଦି ବିସ୍‌ବାସ୍ କେବଲ
ମାପୁରୁ ନେସିନ୍ । ଏମେ ଲୋକ୍ ନେଗିକା ବିଚାର୍ କିଜି ପାଣି
କିନାନ୍, ମାରି ଆୟାଉଣ୍ତିଙ୍ଗ୍ଁ ୱାନିଙ୍ଗ୍ଁ ୱେନ୍‌କା ଅଡ଼୍‌ବିଦେଙ୍ଗ୍ଁ ଆଏତ୍,
ୱାନ୍ ଦନ୍ୟ । 23 ମାତର୍ ଇନି କାଦି ଉଣିକା ନୋ ସିଲେ, ମନ୍‌ତୁ
ରୁଣ୍ତି ମନ୍ ଅଡ଼୍‌ବିଜି ଏନ୍ ଆକା କିନାନ୍; ମାପୁରୁଦି ଆଗ୍‌ଡ଼ି ୱାନ୍
ଦସି ଆନାନ୍, ଇରିଙ୍ଗ୍ଁ ଆକା ୱାନି ବିସ୍‌ବାସ୍‌ତି ମୁସ୍‌କୁ ପାଣି ସିଲେ
। ବିସ୍‌ବାସ୍ ମୁସ୍‌କୁ ଆମାକା ଆଏତ୍, ଆକା ପାପ୍ ।

15 ବିସ୍‌ବାସ୍‌ତୁ ବପୁ ଜେ ମାଡ଼୍, ୱାର୍ ସାକିସିଲି ବିସ୍‌ବାସ୍
ତଡ଼ାନ୍‌ତି ଦୋସ୍ ସାକିସିଲି ଉଣ୍ତିଙ୍ଗ୍ଁ ଲାକ୍‌ତୁ ଆଦୁ । ଏନ୍
ନିଜେଦିଙ୍ଗ୍ଁ ୱେଡ଼ିକା କିନି ଉଣ୍ତିଙ୍ଗ୍ଁ ବଦା କିମାକିନ୍ । 2 ମାତର୍
ଆଇୱାରି ନେଗି ଉଣ୍ତିଙ୍ଗ୍ଁ ମାରି ୱାରି ବିସ୍‌ବାସ୍‌ତିଙ୍ଗ୍ଁ ଡାଟ୍ କିନି
ଉଣ୍ତିଙ୍ଗ୍ଁ ୱାରିଙ୍ଗ୍ଁ ୱେଡ଼ିକା ଇଡ଼େଦେଙ୍ଗ୍ଁ ମା ପାଣି । 3 କ୍ରିସ୍ତ ନିଜେଦି
ସୁକ୍ ଉଣ୍ତିଙ୍ଗ୍ଁ ଇନିକା କିଏଜିମାର୍ହାନ୍ । ମାତର୍ ସାସ୍ତ ଇସାବ୍‌ତାନ୍,
“ୱାର୍ ମିଙ୍ଗ୍ଁ ସିଜିମାନି ଅପ୍‌ମାନ୍ ନାନୁ ସାସ୍ କିଜିନା ।” 4 ମାରି,
ଦାର୍ମୁସାସ୍ତଦି ସିକିୟାୱିଜୁ ମା ନେଗି ଉଣ୍ତିଙ୍ଗ୍ଁ ସିଆୟ୍‌ଆତାମାନାତ୍
। ଆସାଦୁ ତିର୍ ତେବାନି ଉଣ୍ତିଙ୍ଗ୍ଁ ସାସ୍ତ ମାଙ୍ଗ୍ଁ ସାସ୍ ନି ୱେଡ଼ିକା
ସିନାତ୍ । 5 କ୍ରିସ୍ତ ଜିସୁଦି ୱେନ୍‌କା ସୋଲ୍‌ସି ବୁଲାନି ୱାଜା
ୱିଜେରି ଆୟାୱାଜା ମନ୍‌ସିନ୍ତା ଆନି ଉଣ୍ତିଙ୍ଗ୍ଁ ସାସ୍ ନି ୱେଡ଼ିକାଦି
ଇସାବ୍‌ତାନ୍ ମାପୁରୁ ମିଙ୍ଗ୍ଁ ସାକା କିପିନ୍ । 6 ୱିଜେରେ ମିସାଜି
ଉନ୍‌େଣ୍ତ ବଲ୍‌ତାନ୍ ପ୍ରବୁ ଜିସୁ କ୍ରିସ୍ତ ବୁବା ମାପୁରୁଦି ଦନ୍ୟବାଦ୍
କିଦୁ । 7 କ୍ରିସ୍ତ ଏଣ୍ତେସ୍ ମିଙ୍ଗ୍ଁ ଆସ୍‌ତାମାନାନ୍, ମାପୁରୁଦି ମହିମା
ଉଣ୍ତିଙ୍ଗ୍ଁ ମିର୍ ଆୟାୱାଜା ଆପ୍‌ଣା ଆପ୍‌ଣାଦିଙ୍ଗ୍ଁ ଆସ୍‌ତୁ । 8
ଇରିଙ୍ଗ୍ଁ କ୍ରିସ୍ତଦି ସେବାଦି ଜିବନ୍ ଜିହୁଦିଲୋକା ଉଣ୍ତିଙ୍ଗ୍ଁ ଟିକ୍
ମାର୍ହାତ୍ । ୱାରିଙ୍ଗ୍ଁ ୱାନ୍ ତର୍‌େତଙ୍ଗ୍ଁ ବଦାକିଜିମାର୍ହାନ୍ ଜେ ମାପୁରୁ
ବିସ୍‌ସାସ୍‌ତିକାନ୍, ଜିହୁଦି ଜାତିଦି ଡକ୍ରାଦାଦାରିଙ୍ଗ୍ଁ ସିତିମାନି ୱାନି
ମାଟାୱିଜୁ ୱାନ୍ କିନାନ୍ । 9 ମାପୁରୁଦି ଦୟା ଉଣ୍ତିଙ୍ଗ୍ଁ ଅଣଜିହୁଦି
ଲୋକୁ ବା ୱାନି ଦନ୍ୟବାଦ୍ କିନାର୍ । ଇୟା ବିସୟ୍‌ତାନ୍ ସାସ୍ତଦୁ
ରାସାତାମାନାତ୍ “ଅଣଜିହୁଦି ଲୋକା ଲୋଇ ନି ଦନ୍ୟବାଦ ନାନୁ
କିନା, ୱିଜୁଦିନ୍ ନି ଦନ୍ୟବାଦ୍ ପାଟା ପାର୍‌ନା ।” 10 ମାରି ବା
ରାସାତାମାନାତ୍, “ଅଣଜିହୁଦି ଲୋକୁ ମାପୁରୁଦି ଲୋକାୱାଲେ
ୱେଡ଼ିକା କିପିର୍!” 11 ମାରି, “ଅଣଜିହୁଦି ୱିଜୁ ଲୋକୁ ପ୍ରବୁଙ୍ଗ୍ଁ
ଦନ୍ୟବାଦ କିପିର୍; ୱାନିଙ୍ଗ୍ଁ ୱିଜୁ ଲୋକୁ ଦନ୍ୟବାଦ୍‌ତି ପାଟା
ପାରିର୍!” 12 ମାରି ଜିସାଇୟ ଇର୍ହାମାନାନ୍, “ଜେସିଦି ଅରେନ୍
କୁଟୁମ୍‌ତିକାନ୍ ତରାଆୟ୍‌ଆନାନ୍, ୱାନ୍ ଅଣଜିହୁଦି ଲୋକାଙ୍ଗ୍ଁ
ସାସନ୍ କିନାନ୍ ମାରି ୱାର୍ ୱାନିମାନୁ ଆସା ଇଡ଼୍‌ନାର୍ ।” 13 ୱିଜୁ
ଆସାଦି ଅଦିକାରି, ମାପୁରୁ ମି ବିସ୍‌ବାସ୍ ଉଣ୍ତିଙ୍ଗ୍ଁ ମିଙ୍ଗ୍ଁ ୱେଡ଼ିକା ନି
ସାନ୍ତିଦୁ ପୁରା କିପିନ୍ । ପବିତ୍ର ଆତ୍ମାଦି ସାକ୍ତିଦାନ୍ ମି ଆସା ପିରିତ୍
। 14 ନା ତଡ଼ାନ୍‌କୁ ନି ତାଙ୍ଗ୍ଁକ୍, ନା ବିସ୍‌ବାସ୍, ମିର୍ ୱିଜୁ ନେଗିଗୁଣ୍
ନି ବୁଦିଦୁ ପୁରାଆଜି ମାରି ନିଜେନିଜେଦିଙ୍ଗ୍ଁ ସିକିୟା ସିଦେଙ୍ଗ୍ଁ
ଆଟ୍‌ନିଦେର୍ । 15 ଇୟା ଆକୁଦୁ ମିଙ୍ଗ୍ଁ ଏସ ବିସୟ୍ ଉଣ୍ତିଙ୍ଗ୍ଁ
ଜାଗାର୍‌ତା କିଦେଙ୍ଗ୍ଁ ଇଜି ନାନୁ ମାପୁରୁ ଲାକ୍‌ତୁ ବପୁ ଆଟାମାନା,
16 ଇରିଙ୍ଗ୍ଁ କ୍ରିସ୍ତ ଜିସୁଦି ଦାସ୍ ୱାଜା ଅଣଜିହୁଦି ଲୋକାଙ୍ଗ୍ଁ ଉଣ୍ତିଙ୍ଗ୍ଁ
ପାଣି କିଦେଙ୍ଗ୍ଁ ଇଜି ମାପୁରୁ ନାଙ୍ଗ୍ଁ ସାରି ସିତାମାନାନ୍ । ମାପୁରୁଦି
ସୁସମାଚାର୍ ୱେର୍‌େତଙ୍ଗ୍ଁ ଇଜି ନାନୁ ଅରେନ୍ ଦାର୍ମୁଗୁରୁ ୱାଜା
ପାଣି କିଜିନା । ଅଣଜିହୁଦି ଲୋକୁ ପବିତ୍ର ଆତ୍ମାଦି ମାଣାନ୍
ସିୟାୟ୍‌ଆତି ବିସୟ୍‌ତି ୱାଜା ମାପୁରୁଦି ଲାକ୍‌ତୁ ସର୍‌ପେ ଆପିର୍,
ଇକା ନା ବଦା । 17 କ୍ରିସ୍ତ ଜିସୁଦି ୱାଲେ ମିସାଜି ମାପୁରୁଦି
ଉଣ୍ତିଙ୍ଗ୍ଁ ଇୟା ସେବା ପାଣି କିଜିମାନିଙ୍ଗ୍ଁ ନାନୁ ନିଜେଦିଙ୍ଗ୍ଁ ଗର୍ବ
ଏତ୍ କିଜିନା । 18 ଅଣଜିହୁଦି ଲୋକାଙ୍ଗ୍ଁ ମାପୁରୁଦିଙ୍ଗ୍ଁ ମାନାଦେଙ୍ଗ୍ଁ
ଇଜି କ୍ରିସ୍ତ ନା ମାଣାନ୍ ଇନିକା କିତାମାନାନ୍, କେବଲ ଇୟା
ମାଟା ଇନ୍‌େତ୍ରଙ୍ଗ୍ଁ ନାନୁ ସାସ୍‌ତିକାନ୍ ଆଟାମାନା । 19 ଇକା ୱାନ୍
କିତାମାନାନ୍, ବାକ୍ୟ ନି ପାଣି ଦାନ୍ ମାରି ମାପୁରୁଦି ଆତ୍ମାଦି
ସାକ୍ତିଦାନ୍ । ଆଦେଙ୍ଗ୍ଁ ନାନୁ ଜିରୁସାଲାମ୍‌ତାନ୍ ଇଲିରିକମ୍‌ତୁ
ସନି ୱାଲେ ସାରିଦୁ କ୍ରିସ୍ତଦି ସୁସମାଚାର୍ ୱେର୍‌ତାମାନା । 20
ଏମେ ବାଡିଆଙ୍ଗ୍ଁ ଲୋକୁ କ୍ରିସ୍ତଦି ବିସୟ୍‌ତାନ୍ ୱେନ୍‌ଏର୍, ଆବେ
ୱାନି ମାଟା ୱେର୍‌େତଙ୍ଗ୍ଁ ନା ବଦା, ଇରିଙ୍ଗ୍ଁ ଆଇକାର୍ ପକ୍‌ତିମାନି
କୁନାଦି ମୁସ୍‌କୁ ଇଲୁ ତର୍‌େତଙ୍ଗ୍ଁ ନାନୁ ବଦାକିଏ । 21 ସାସ୍ତ
ଏଣ୍ତେସ୍ ରାସାତାମାନାତ୍: “ଏମେକାର୍ ୱାନି ମାଟା ୱେନ୍‌ଏର୍,
ୱାର୍ ସୁଣାର୍; ଏମେକାର୍ ୱେନ୍‌ଏର୍, ୱାର୍ ବୁଜାନାର୍ ।” 22 ଏସ
ଦେବେଙ୍ଗ୍ଁ ମି ଲାକ୍‌ତୁ ୱାନି ଉଣ୍ତିଙ୍ଗ୍ଁ ନା ବଦା ସିଲେତ୍ ଆଟାମାନାତ୍
। 23 ମାତର୍ ଇୟା ରାଜିଦୁ ନା ପାଣି ୱିଜିତାମାନାତ୍ ମାରି ନା
ଆସା, ମିଙ୍ଗ୍ଁ ସୁଡୁଦେଙ୍ଗ୍ଁ ଇଜିନା ଏସ ବାର୍‌େସକ୍‌ତି ଆସା ଇଲେଇ
ପୁରା ଆନାତ୍ । 24 ସ୍ପେନ୍ ସନି ସାରିଦୁ ମିଙ୍ଗ୍ଁ ସୁଡୁଗା ୱାନା ଇଜି
ଅଡ଼୍‌ବିଜିନା । ମି ଲାକ୍‌ତୁ ଏସ ସମୟ୍ ତେବାତି ୱେନ୍‌କା ମି
ସାକାଦାନ୍ ସ୍ପେନ୍‌ତୁ ସନା । 25 ଇୟାଦାପ୍ରେ ମାପୁରୁଦି ଲୋକା

ସେବା କିଦେଙ୍ଗୁଁ ନାନୁ ଜିରୁସାଲାମ୍‌ତୁ ସନ୍ତେଡ୍ରଙ୍ଗୁଁ ସତାମାନା ।
26 ଜିରୁସାଲାମ୍‌ତୁ ମାପୁରୁଦି ଏମେ ଲୋକୁ କାକୁର୍ତି ମାନାର୍,
ୱାରି ଉଣ୍ତିଙ୍ଗୁଁ ଏସ ଡାବୁଙ୍ଗୁଁ ସାହାଜ୍ୟ ପକ୍କେତଙ୍ଗୁଁ ମାସିଦନିଆ
ନି ଆକାୟାଦି ମଣ୍ତଲିଙ୍ଗୁଁ ବଦା କିତାମାନାର୍ । 27 ଇକା ୱାରି
ନିଜେଦି ବଦା; ସତ୍‌ତାନ୍ ଇୟାୱାଜା କିନିକା ୱାରି ପାଣି ।
ଜିହୁଦିଲୋକୁ ନିଜେଦି ଆତ୍ମିକ ଆର୍ସିବାଦତୁ ଅଣଜିହୁଦି ଲୋକାଙ୍ଗୁଁ
ମିସା କିତାମାନାର୍‌ଆକା, ଜିହୁଦିଲୋକାଙ୍ଗୁଁ ନିଜେଦି ଡାବୁଙ୍ଗୁଁ
ସିଜି ଆର୍ସିବାଦ୍‌ତୁ ମିସାକିଜି ୱାରିଙ୍ଗୁଁ ସେବା କିନିକା ଅଣଜିହୁଦି
ଲୋକା ପାଣି । 28 ଜିରୁସାଲାମ୍‌ତୁ ଆୟା ଡାବୁଙ୍ଗୁଁ ସିଜି ନା
ପାଣି ୱିସ୍‌ତି ୱେନ୍‌କା, ନାନୁ ସ୍ପେନ୍ ସନ୍ତେଡ୍ରଙ୍ଗୁଁ ସୋଡା ମାରି
ସାରିଦୁ ମିଙ୍ଗୁଁ ସୁତୁନା ୱାନା । 29 ନାନୁ ନେସ୍‌ନା, କ୍ରିସ୍ତୁଦି ମାଣାନ୍
ପୁରାଦାନ୍ ଆର୍ସିବାଦ୍ ଅସି ନାନୁ ମି ଲାକ୍‌ତୁ ୱାନା । 30 ଏ
ତଡ଼ାନ୍‌କୁ ନି ତାଙ୍ଗିକ୍ ପ୍ରବୁ ଜିସୁ କ୍ରିସ୍ତୁଦି ଦର୍‌ତାନ୍ ନି ପବିତ୍ର
ଆତ୍ମାଦି ସିତିମାନି ଜିବନ୍‌ନନି ଉଣ୍ତିଙ୍ଗୁଁ ମାପୁରୁଦି ଲାକ୍‌ତୁ ନାନୁ
ମିଙ୍ଗୁଁ ବାତିଙ୍ଗ ମାଲ୍‌ଜିନା, ନା ଉଣ୍ତିଙ୍ଗୁଁ ୱିଜୁଦିନ୍ ପାର୍‌ତନା କିଦୁ
। 31 ଜିହୁଦା ଦେସ୍‌ତି ଅବିସ୍‌ବାସ୍‌ତି ଲୋକା ଲାକ୍‌ତୁରାନ୍ ନାନୁ
ଏଣ୍ତେସ୍ ନେଗେନ୍‌ତାନ୍ ତେବାନା ମାରି ଜିରୁସାଲାମ୍‌ତୁ ନା ସେବା
ପାଣି ଏଣ୍ତେସ୍ କିନାର୍, ଆୟାଉଣ୍ତିଙ୍ଗ ପାର୍‌ତନା କିଜିମାନ୍‌ତୁ । 32
ମାପୁରୁଦି ବଦା ଆଡିଙ୍ଗୁଁ, ନାନୁ ମି ଲାକ୍‌ତୁ ୱେଡ଼ିକାଦାନ୍ ୱାନା
ମାରି ମି ୱାଲେ ଏସ ଦିନ୍ ତେବାଜି ନା ମନ୍‌ତୁ ଆରାମ୍ କିନା ।
33 ୱିଜୁ ସାନ୍ତି ସିନି ମାପୁରୁ ମି ୱାଲେ ତେବାପିନ୍ । ଆମେନ୍ ।

**16** କେଙ୍କ୍ରେୟାଦୁମାନି ମଣ୍ତଲିଦି ଅରେତ୍ ସେବାକିନିକାତ୍ ତାଙ୍ଗୁଁ
ପିବେଙ୍ଗ ମି ଲାକ୍‌ତୁ ପକସିନା । 2 ପ୍ରବୁଦି ଦର୍‌ତାନ୍
ତାନିଙ୍ଗ ଆସ୍‌ସି ମାପୁରୁଦି ଲୋକା ୱାଜା ସାଲାବୁଲା ଆଦୁ । ତାନି
ଦର୍‌କାର୍ ଇସାବ୍‌ତାନ୍ ସାକା କିଦୁ । ନାଙ୍ଗୁଁ ନି ନାଣ୍ତ ଲୋକାରି
ୱାଦ୍ ଅରେତ୍ ନେଗି ସଙ୍ଗୁଁ । 3 କ୍ରିସ୍ତୁ ଜିସୁଦି ସେବାଦୁ ନା
ଅର୍‌ସେପାଣିକିନି ପ୍ରିସ୍କିଲା ନି ଆକିଲାଦି ନା ନମସ୍କାର୍ ଜାଣେକିଦୁ
। 4 ୱାର୍ ନା ଉଣ୍ତିଙ୍ଗୁଁ ନିଜେଦି ଜିବନ୍‌ତିଙ୍ଗୁଁ କାସ୍କୁଦି କିତାମାନାର୍ ।
ମାତର୍ ନାନୁ ସିଲେ, ୱିଜୁ ଅଣଜିହୁଦି ମଣ୍ତଲି ୱାନିଙ୍ଗୁଁ ଧନ୍ୟବାଦ
କିଜିନାର୍ । 5 ୱାରି ଇଲ୍‌ତୁ ଉଣ୍ତାଜି ମାନି ପାର୍‌ତନା ମଣ୍ତଲିଦିଙ୍ଗୁଁ
ବା ମାଡ଼ିସ୍ କିଜିନା । ନା ଲାଡ୍‌ତି ତଡ୍ ଏପାଇନେତଦିଙ୍ଗୁଁ ନା
ନମସ୍କାର୍ ୱେର୍‌ନିଦେର୍ । ଆସିଆ ରାଜିଦୁ ୱାନ୍ ଆଜିନାନ୍
ପାର୍‌ତୁମ୍ କ୍ରିସ୍ତୁ ବିସ୍‌ବାସି । 6 ମି ନେଗି ଉଣ୍ତିଙ୍ଗୁଁ ନାଣ୍ତ ପାଣି
କିତିମାନି ମରିୟମ୍‌ତିଙ୍ଗୁଁ ନା ନମସ୍କାର୍ କିଦୁ । 7 ଆନ୍ଦ୍ରନିକ ନି
ୟୁନିୟାଦିଙ୍ଗୁଁ ନମସ୍କାର୍ ଆପିଡ୍ । ଇୟା ରିଏର୍ ଜିହୁଦିର୍ ନା ୱାଲେ
ଜଇଲ୍‌ତୁ ମାର୍ହାର୍ । ନା ଆଗ୍‌ଡ଼ିରାନ୍ ୱାର୍ କ୍ରିସ୍ତୁଦର୍ମ ମାନାତା
ମାର୍ହାର୍ ମାରି ପେରିତ ସିସୁରି ଲୋଇ ୱାର୍ ନେସ୍‌ତାମାର୍ହାର୍ । 8
ନା ୱାଲେ ପ୍ରବୁଦି ମିସାନିକା ୱେଡ଼ିକା ଇତିମାନି ନା ଲାଡ୍‌ତି ତଡ୍
ଆମ୍ପ୍ଲିୟାତଦିଙ୍ଗୁଁ ନା ନମସ୍କାର୍ ଆପିଡ୍ । 9 କ୍ରିସ୍ତୁଦି ସେବାଦୁ ନା
ୱାଲେ ଅର୍‌ସେପାଣିକିନି ଉର୍ବୋନ ନି ନା ଲାଡ୍‌ତି ତଡ୍ ସ୍ତାକିୟଦିଙ୍ଗୁଁ
ବା ନା ନମସ୍କାର୍ ଆପିଡ୍ । 10 କ୍ରିସ୍ତୁଦି ବିସ୍‌ବାସ୍‌ତାନ୍ ମାନି ସେବକ
ଆପେଲ ନି ଆରିସ୍ତୁବୁଲଦି ଇଲ୍‌ତି ୱିଜେରିଙ୍ଗୁଁ ନା ନମସ୍କାର୍
ୱେର୍‌ନିଦେର୍ । 11 ନା ଜାତିଦି ହେରୋଦିୟନ୍ ନି ନାରକିସତି
ଇଲ୍‌ତି କ୍ରିସ୍ତୁଦି ତଡ଼ାନ୍‌କାଙ୍ଗୁଁ ବା ନା ନମସ୍କାର୍ ୱେର୍‌ନିଦେର୍ ।
12 ପ୍ରବୁଦି ସେବାଦୁ ପାଣିକିଜିମାନି କ୍ରୁଫେଣା ନି କ୍ରୁପସୋତିଙ୍ଗୁଁ
ମାରି ପ୍ରବୁଦି ଉଣ୍ତିଙ୍ଗୁଁ ନାଣ୍ତ ପାଣିକିତିମାନି ନା ତଡ୍ ପର୍ସିସତିଙ୍ଗୁଁ ନା
ନମସ୍କାର୍ ଆପିଡ୍ । 13 ପ୍ରବୁଦି ବାସେଆତିମାନି ଦାସ୍ ରୁପସ ନି
ନା ୟାୟା ୱାଜା ୱାନି ଆଇସିଙ୍ଗୁଁ ବା ନା ନମସ୍କାର୍ ଆପିଡ୍ । 14
ଆସୁଙ୍କ୍ରିତ, ପ୍ଲେଗୋନ୍, ହର୍ମିସ୍, ପାତ୍ରବା, ହରମାସ୍ ନି ୱାରି ୱାଲେ
ମାନି କ୍ରିସ୍ଟିୟାନ୍ ତଡ଼ାନ୍‌କାଙ୍ଗ ନି ତାଙ୍ଗୁଁକାଙ୍ଗୁଁ ନମସ୍କାର୍ ୱେର୍‌ତୁ ।
15 ପିଲଲୋଗ ନି ଯୁଲିୟା, ନିରୁସ୍ ନି ୱାନି ତାଙ୍ଗୁଁ ମାରି ଅଲୁମ୍ପା
ନି ୱାରିୱାଲେ ମାନି ୱିଜୁ ଦାର୍ମୁଲୋକାଙ୍ଗୁଁ ନା ନମସ୍କାର୍ ୱେର୍‌ତୁ
। 16 ନିଜେନିଜେଦିଙ୍ଗୁଁ ନେଗେନ୍‌ତାନ୍ ନଣ୍ତଜି ନମସ୍କାର୍ କିଦୁ ।
କ୍ରିସ୍ତୁଦି ୱିଜୁ ମଣ୍ତଲି ମିଙ୍ଗୁଁ ନମସ୍କାର୍ କିଜିନାଡ୍ । 17 ତଡ଼ାନ୍‌କୁ ନି
ତାଙ୍ଗୁଁକ୍, ବାତିଙ୍ଗ ମାଲ୍‌ଜିନା, ମିର୍ ଆସ୍‌ତିମାନି ସିକିୟାଦି ବିରଦ୍
କିଜି ଏମେକାର୍ ମି ଲୋଇ ବାଗ୍ କିଦେଙ୍ଗୁଁ ଇଜି ବଦା କିନାର୍,
ୱାରିମାଣାନ୍ ଆକତେବାଦୁ । 18 ଏମେକାର୍ ଇୟାୱାଜା ପାଣିଦୁ
ତେବାନାର୍, ୱାର୍ ପ୍ରବୁ କ୍ରିସ୍ତୁ ସେବା କିଏଜିନାର୍, ୱାର୍ କେବଲ
ନିଜେଦି ପଟା ପସା କିଦେଙ୍ଗୁଁ ଆଗ୍‌ଡ଼ି । ବାସାଦି ସାଲାକି ନି ସୁରି
ମାଟାଦାନ୍ ୱାର୍ ସିଲିସାତି ଲୋକା ଜିବନ୍‌ତିଙ୍ଗ ବାଣ୍ତିସ୍ କିନାର୍ ।
19 ସୁସମାଚାର୍ ଉଣ୍ତିଙ୍ଗୁଁ ମି ବିସ୍‌ବାସ୍ ୱିଜେରେ ୱେର୍‌ଆମାନାର୍,
ଇୟାଉଣ୍ତିଙ୍ଗୁଁ ନାନୁ ୱେଡ଼ିକା । ନାନୁ ବଦାକିନା, ମିର୍ ନେଗି
ବିସୟ୍‌ତୁ ବୁଦିମାନିକାର୍ ଆଦୁ ମାରି ଅସଡ୍ ବିସୟ୍‌ତୁ ମିସାମାଟ୍
। 20 ଆକାଆତିଙ୍ଗୁଁ ସାନ୍ତି ସିନି ମାପୁରୁ ବେଗି ସୟତାନ୍‌ତିଙ୍ଗୁଁ ମି
ପାଦାମ୍‌କା ଆଡ୍‌ଗି କିନାନ୍ । ପ୍ରବୁ ଜିସୁଦି ଦୟା ମି ୱାଲେ ମାନିଡ୍
। 21 ନା ୱାଲେ ଅର୍‌ସେପାଣିକିନି ତିମତି ମା ଜିହୁଦି ତଡ଼ାନ୍‌କୁ
ଲୁକିୟ, ଜେସନ୍ ମାରି ସୋସିପାତ୍ର ମିଙ୍ଗୁଁ ନମସ୍କାର୍ କିଜିନାର୍ ।
22 ଇୟା ଆକୁଦି ରାସ୍‌ତିକାନ୍ ତର୍ତ୍ତୀୟ ପ୍ରବୁଦି ଦର୍‌ତାନ୍ ମିଙ୍ଗୁଁ
ନମସ୍କାର୍ କିଜିନାନ୍ । 23 ନା ସେବାକିନି ଗାୟ, ଆମାୱାନି
ଇଲ୍‌ତୁ ପାର୍‌ତନା କିନି ମଣ୍ତଲି ଉଣ୍ତାନାର୍ ମାରି ଇୟା ଗାଡ୍‌ତି
ପେରିକାନ୍ ଏରାସ୍ଟ ନି ତଡ଼ାନ୍ କ୍ୱାର୍ତ୍ତ ବା ମିଙ୍ଗୁଁ ମାଡ଼ିସ୍ କିଜିନାନ୍ ।
24 ପ୍ରବୁ ଜିସୁ କ୍ରିସ୍ତୁଦି ଦୟା ମି ୱିଜେରିଙ୍ଗୁଁ ଆପିଡ୍ । 25 ରାଦୁ,
ମାପୁରୁଦି ଗୌରବ୍ କିନାଟ୍ । ନାନୁ ପ୍ରଚାର୍ କିଜିମାନି ଜିସୁ କ୍ରିସ୍ତୁଦି
ବିସୟ୍‌ତାନ୍ ସୁସମାଚାର୍ ନି ଜୁଗ୍ ଜୁଗ୍ ଆସ୍‌ସି ମାର୍‌ଗିଜିମାନି
ମାଟା ସଡ୍ ଇସାବ୍‌ତାନ୍ ମି ବିସ୍‌ବାସ୍‌ତିଙ୍ଗୁଁ ଆଟ୍‌ୱା ଇଡ୍‌ଦେଙ୍ଗୁଁ ଇଜି
ମାପୁରୁ ଆଟ୍‌ନାନ୍ । (aiōnios g166) 26 ଆୟା ମାର୍‌ଗିତି ମାଟାଦି
ସଡ୍‌ୱିଜୁ ବାବବାଦିରି ଦାର୍ମୁସାସ୍ତୁଦୁ ତରାୟ୍ ଆଟାମାନାଡ୍ ମାରି
ଆକା ଇଲେଇ ୱିଜୁଦିନ୍‌ତି ପ୍ରବୁ ମାପୁରୁଦି ମାଣାନ୍ ୱିଜୁ ଲୋକା
ଲୋଇ ପ୍ରଚାର୍ ଆଜିନାଡ୍ । ତେନି ମାଣାନ୍ ୱିଜେରେ ବିସ୍‌ବାସ୍
କିଜି ମାପୁରୁଦି ମାଟା ମାନାଦେଙ୍ଗୁଁ ଆଟ୍‌ନାର୍ । (aiōnios g166) 27
ପ୍ରବୁ ଜିସୁ କ୍ରିସ୍ତୁଦି ମାଣାନ୍ ୱିଜୁନେସ୍‌ନି ଅରେନ୍ ମାପୁରୁଦି ଜୁଗ୍
ଜୁଗ୍ ଗୌରବ୍ ଆପିନ୍ । ଆମେନ୍ । (aiōn g165)

# ୧ କରିନ୍ତିୟ

1 ନାନ୍ ପାଉଲ, ମାପୁରୁଦି ଇଚ୍ଛାଦାନ୍ କ୍ରିସ୍ତ ଜିସୁଦି ଆସ୍କିଆତି
ଅରେନ୍ ପ୍ରେରିତ୍ ସିସୁ, ମା ତଡ଼ାନ୍ ସୋସ୍ଥିନା, 2 କରନ୍ତି ଗାଡ଼୍‌ଦୁ
ମାନି ମାପୁରୁଦି ମଣ୍ଡଲି ଲାକ୍‌ତୁ ରାସ୍‌ସିନାନ୍: ଆମାକାର୍ ମାପୁରୁଦି
ପବିତ୍ର ଲୋକୁ ଆନି ଉଣ୍ତିଞ୍ଜ୍ ବଦାମାନାର୍ ମାରି ଜିସୁ କ୍ରିସ୍ତଦି ୱାଲେ
ମିସାନି ମାଣ୍‌କୁ ମାପୁରୁଦି ଲୋକୁଆତା ମାନାର୍ ମାରି ୱିଜୁ ମା
ପ୍ରବୁ ଜିସୁ କ୍ରିସ୍ତଦି ଉପାସନା କିଜିନାର୍: 3 ମି ଉଣ୍ତିଞ୍ଜ୍ ମା ବୁବା
ମାପୁରୁ ମାରି ପ୍ରବୁ ଜିସୁ କ୍ରିସ୍ତଦିମାଣୁକୁ ଦୟା ମାରି ସାନ୍ତି ଆପିତ୍ ।
4 ଇରିଙ୍ଗ୍ କ୍ରିସ୍ତ ଜିସୁଦି ୱାଲେ ମିସାନିମାଣୁକୁ ମାପୁରୁ ମିଞ୍ଜ୍ ଆମା
ଦୟା ସିତା ମାନାନ୍, ଆୟାଉଣ୍ତିଞ୍ଜ୍ ନାନ୍ ୱିଜୁଦିନ୍ ମି ବିସୟ୍‌ତାନ୍
ମାପୁରୁଞ୍ଜ୍ ଦନ୍ୟବାଦ୍ ସିଜିନା, 5 ଇରିଙ୍ଗ୍ କ୍ରିସ୍ତଦି ୱାଲେ ମିସାତି
ମାନିଞ୍ଜ୍ ମିର୍ ୱିଜୁ ବିସୟ୍‌ତି ସିକିୟାଦୁ ମାରି ୱିଜୁଜାତିଦି ବୁଦିଦୁ ବା
ଦନି ଆତିମାନିଦେର୍ । 6 ଇୟାୱାଜା କ୍ରିସ୍ତଦି ମାଟା ମିମାନୁ ସାକ୍ୟ
ତିର୍‌ଆତା ମାନାତ୍ । 7 ଆଦେଞ୍ଜ୍ ପ୍ରବୁ ଜିସୁ କ୍ରିସ୍ତଦି ୱାନିତାନିଞ୍ଜ୍
କାପ୍‌କିଜି ତେବାନି ବେଡ଼ାଦୁ ମି ଇନି ଆତ୍ମାଦି ଦାନ୍‌ତୁ ଉଣା
ଆଏତ୍ । 8 ଇୟାଉଣ୍ତିଞ୍ଜ୍ ୱାନ୍ ମିଞ୍ଜ୍ ସାରାସାରି ଦିନ୍ ସାନ୍ଥି ବା
ତିର୍ ଇଡ଼୍‌ନାନ୍, ମା ପ୍ରବୁ ଜିସୁ କ୍ରିସ୍ତଦି ୱାନିନାଣ୍ତିଞ୍ଜ୍ ଏଣ୍ତେସ୍ ମିର୍
ନିନ୍ଦ୍ରୁ ଆଇଦେର୍ । 9 ଆମା ମାପୁରୁ ୱାନି ମାରିନ୍ ମା ପ୍ରବୁ ଜିସୁ
କ୍ରିସ୍ତଦି ସାକା ପୟ୍‌ନି ଉଣ୍ତିଞ୍ଜ୍ ମିଞ୍ଜ୍ କୁକ୍‌ତାମାନାନ୍, ୱାନ୍ ୱିଜୁଦିନ୍
ବିସ୍‌ବାସ୍ । 10 ଏ ତଡ଼ାନ୍‌କୁ ନି ତାଞ୍ଜ୍‌କି, ମା ପ୍ରବୁ ଜିସୁ କ୍ରିସ୍ତଦି
ସାକ୍ତିଦାନ୍ ନାନ୍ ମିଞ୍ଜ୍ ଅନୁରଦ୍ କିଜିନା, ଏଣ୍ତେସ୍ ମିର୍ ୱିଜୁଲୋକୁ
ୱାର୍‌ଗିଜିସାନିୱାଲେ ଉନ୍‌ଡ୍ରେ ମାଟା ଇନିଦେର୍, ମାରି ମି ଲୋଇ
ଏର୍‌ପିସିସାନିକା ଆଏତ୍ । ମାତର୍ ମିର୍ ଉନ୍‌ଡ୍ରି ମୋନ୍‌ତାନ୍ ମାରି
ଉନ୍‌ଡ୍ରି ବିଚାର୍‌ତାନ୍ ଉନ୍‌ଡ୍ରେମାନୁ ଆଦୁ । 11 ଏ ନା ତଡ଼ାନ୍‌କୁ
ନି ତାଞ୍ଜ୍‌କି, ଖ୍ଲୟୀଦି ଇଲୁଦାଣୁକୁନେ ଏସଲୋକ୍ ମି ବିସୟ୍‌ତାନ୍
ନା ଲାକ୍‌ତୁ ଇକା ୱେର୍‌ତାମାନାର୍, ମି ଲୋଇ ଏର୍‌ପିସିସାନିକା
ମାନାତ୍ । 12 ନା ମାଟାଦି ଏତ୍ ଇକା, ମିର୍ ୱିଜୁଲୋକ୍ ଆଇଆଇ
ପାଣି କିଜିନିଦେର୍, ଏନ୍ ଏନ୍ ଆଜିନାର୍, ନାନୁ ପାଉଲତି ୱେନ୍‌କା
ସୋଲ୍‌ସିନା, ମାରି ଏନ୍ ଏନ୍ ଆଜିନାର୍, ନାନୁ ଆପୋଲୋତି
ୱେନ୍‌କା ସୋଲ୍‌ସିନା, ଏନ୍ ଏନ୍ ଆଜିନାର୍, ନାନୁ ପିତର୍‌ତି
ୱେନ୍‌କା ସୋଲ୍‌ସିନା, ମାରି ଏନ୍ ଏନ୍ ଆଜିନାର୍, ନାନୁ କ୍ରିସ୍ତଦି
ୱେନ୍‌କା ସୋଲ୍‌ସିନା । 13 କ୍ରିସ୍ତ ଇନିକା ବାଗ୍‌ବାଗ୍ ଆତାମାନାନ୍?
ପାଉଲ ଇନିକା ମି ଉଣ୍ତିଞ୍ଜ୍ କ୍ରୁସ୍‌କାଟ୍‌ତୁ ସାତା ମାର୍ହାନ୍? ମାରି
ମିର୍ ଇନିକା ପାଉଲତି ଦର୍‌ତାନ୍ ଡୁବନ୍ ଅତିମାର୍‌ଇଦେର୍? 14
ନାନ୍ ମାପୁରୁଞ୍ଜ୍ ଦନ୍ୟବାଦ୍ ସିଜିନା ଜେ କ୍ରିସ୍‌ପସ୍ ନି ଗାୟଞ୍ଜ୍
ଡ଼ିସ୍‌ତିଞ୍ଜ୍ ମି ଲୋଇରାନ୍ ମାରି ନାନ୍ ଏଞ୍ଜ୍‌ବା ଡୁବନ୍ ସିଏ ।
15 ଆୟାଉଣ୍ତିଞ୍ଜ୍ ମିର୍ ନା ଦର୍‌ତାନ୍ ଡୁବନ୍ ଅତାମାନାପ୍ ଇଜି
ମି ଲୋଇରାନ୍ ଏନ୍ ଇନ୍‌ଡ୍ରେଞ୍ଜ୍ ଆଟ୍‌ଏନ୍ । 16 ହୁଁ, ନାନ୍
ସ୍ତିପାନତିଞ୍ଜ୍ ମାରି ୱାରି ଇଲୁଦିୱାରିଞ୍ଜ୍‌ନେ ଡୁବନ୍ ସିତାମାନା;
ମାତର୍ ଇକା ଡ଼ିସ୍‌ତିଞ୍ଜ୍ ମାରି ଏଞ୍ଜ୍‌ବା ନାନୁ ଡୁବନ୍ ସିତାମାନା
ଇଜି ନାଞ୍ଜ୍ ଏତ୍ ରେଏଜିନା । 17 ଇରିଙ୍ଗ୍ କ୍ରିସ୍ତ ନାଞ୍ଜ୍ ଡୁବନ୍ ସିନି
ଉଣ୍ତିଞ୍ଜ୍ ପୋକତାଏନ୍, ମାତର୍ ୱାନ୍ ନାଞ୍ଜ୍ ସୁସମାଚାର୍ ପ୍ରଚାର୍
କିଦେଞ୍ଜ୍ ପୋକତାତାମାନାନ୍; ଆକାବା ଲୋକା ବୁଦିଦାନ୍ ସିଲେ,
ଏସ୍ତିୱାଲେ କ୍ରିସ୍ତଦି କ୍ରୁସ୍‌କାଟ୍‌ତି ସାକ୍ତି ମାରି ପ୍ରଭାବ ବେକାର୍
ଆଏତ୍ । 18 ଇରିଙ୍ଗ୍ ନାସ୍ଥ ଆଦେଞ୍ଜ୍ ସୋଲ୍‌ସିମାନି ଲୋକା ଉଣ୍ତିଞ୍ଜ୍
କ୍ରୁସ୍‌କାଟ୍‌ତି ମୁସ୍‌କୁରି ମାଟା ମୁର୍କୁ । ମାତର୍ ରକିୟା ପୟ୍‌ତିମାନି
ମା ଉଣ୍ତିଞ୍ଜ୍ ଆକା ମାପୁରୁଦି ସାକ୍ତି । 19 ଇରିଙ୍ଗ୍ ଦର୍ମସାସ୍ତ୍ରଦୁ
ରାସ୍‌ତାମାନାତ୍: "ନାନ୍ ଜ୍ଞାନ୍‌ମାନିୱାରି ଜ୍ଞାନ୍ ନାସ୍ଥ କିନାଟ୍, ମାରି
ବୁଦିମାନିୱାରି ବୁଦି ଡ଼ିସ୍‌ସି କିନାଟ୍ ।" 20 ବୁଦି ଏମେ? ସାସ୍ତ୍ରିର୍
ଏମେ? ଇୟା ଯୁଗ୍‌ତି ସାଲାକି ଏମେ? ମାପୁରୁ ଇନିକା ଦୁନିଆଦି
ବୁଦିଦିଞ୍ଜ୍ ମୁର୍କୁ ଇଜି ଇନ୍‌ଏନ୍ ନୋ? (aiōn g165) 21 ଇରିଙ୍ଗ୍ ମାପୁରୁ
ୱାନି ପେରି ଜ୍ଞାନ୍‌ତାନ୍ ତିର୍ କିତାମାର୍ହାନ୍ ଜେ ଜଗତ୍‌ତି ଲୋକୁ
ନିଜେଦି ଜ୍ଞାନ୍‌ଦାନ୍ ମାପୁରୁଞ୍ଜ୍ ନେସ୍‌ତେଞ୍ଜ୍ ଆଟ୍‌ଏର୍ । ମାପୁ
ପ୍ରଚାର୍ କିଜିମାନି ବାକ୍ୟଦି ତାଗ୍‌ଇମାଟା ସୁସମାଚାର୍‌ତୁ ବିସ୍‌ବାସ୍
କିଜିମାନି ଲୋକାଞ୍ଜ୍ ରକିୟା କିନି ଉଣ୍ତିଞ୍ଜ୍ ମାପୁରୁ ୱେଡ଼ିକା
ଆତାନ୍ । 22 ଇରିଙ୍ଗ୍ ଜିହୁଦିର୍ ସିନା ପୟ୍‌ନାର୍, ମାରି ଗ୍ରିକ୍‌କୁ ବୁଦି
ପୟ୍‌ନାର୍ । 23 ମାତର୍ ମାପୁ କ୍ରୁସ୍‌ଦି ମୁସ୍‌କୁ ସାତିମାନି କ୍ରିସ୍ତଞ୍ଜ୍
ପ୍ରଚାର୍ କିନାପ୍, ୱାନ୍ ଜିହୁଦିରି ଉଣ୍ତିଞ୍ଜ୍ ଏରେପ୍‌ନିୱାଜା ମାରି
ଅଣଜିହୁଦିରି ଉଣ୍ତିଞ୍ଜ୍ ମୁର୍କୁଦିୱାଜା; 24 ମାତର୍ ଜିହୁଦି ଆପିନ୍ ମାରି
ଅଣଜିହୁଦିରି ଆପିନ୍, ଆମାକାର୍ ଇଚ୍ଛାମାନାର୍, ୱାରି ଉଣ୍ତିଞ୍ଜ୍
କ୍ରିସ୍ତ ମାପୁରୁଦି ସାକ୍ତି ମାରି ମାପୁରୁଦି ଜ୍ଞାନ୍‌ଦିୱାଜା । 25 ଆର୍‌ତିଞ୍ଜ୍
ମାପୁରୁଦି ମୁର୍କୁ ଇଜି ଏତ୍ ୱାନାତ୍ ବିସୟ୍ ଲୋକାଦି ଜ୍ଞାନ୍ ବାଦ୍‌ଲୁ
ନାଣ୍ତ ଜ୍ଞାନ୍ ମାନାତ୍, ମାରି ମାପୁରୁଦି ଦୁର୍ବଳ ଇଜି ଏତ୍ ୱାନାତ୍
ବିସୟ୍ ଲୋକା ସାକ୍ତି ବାଦ୍‌ଲୁ ନାଣ୍ତ ସାକ୍ତି । 26 ଏ ତଡ଼ାନ୍‌କୁ
ତାଞ୍ଜ୍‌କି, ମାପୁରୁ କୁକ୍‌ନି ବେଡ଼ାଦୁ ମିର୍ ଏଣ୍ତେସ୍ ମାର୍‌ଇଦେର୍,
ଆକା ଅଡ଼୍‌ବିଦୁ । ଦୁନିଆଦି ଇସାବ୍‌ତାନ୍ ଗାଦିଲୋକ୍ ଜ୍ଞାନ୍‌ରି
ମାରି ଏସଲୋକ୍ ଅଦିକାର୍‌ରି ଡାଟ୍‌ମାନି ପରିବାର୍ ମାର୍ହାର୍ । 27
ଇୟାଉଣ୍ତିଞ୍ଜ୍ ମାପୁରୁ ଜ୍ଞାନିରିଞ୍ଜ୍ ସେମାର୍ କିନି ଉଣ୍ତିଞ୍ଜ୍ ଜଗତ୍‌ତି
ମୁର୍କୁରିଞ୍ଜ୍ ଆସ୍‌କିତାମାନାନ୍ ମାରି ସାକ୍ତିମାନିୱାରିଞ୍ଜ୍ ସେମାର୍ କିନି
ଉଣ୍ତିଞ୍ଜ୍ ଜଗତ୍‌ତି ବପୁସିଲିୱାରିଞ୍ଜ୍ ଆସ୍‌କିତାମାନାନ୍, 28 ମାରି
ଜଗତ୍‌ତି କାଣ୍‌ଗାଦୁ ଆମାକା ୱିଜୁ ନେଗି ବିସୟ୍, ଆୟାୱିଜୁଦିଞ୍ଜ୍
ନାସ୍ଥ କିନି ଉଣ୍ତିଞ୍ଜ୍; ଜଗତ୍‌ତି ବିସୟ୍‌କୁ, ତେବାତିମାନି ମାରି
ନଗଣ୍ୟୱାରିଞ୍ଜ୍ ମାପୁରୁ ଆସ୍‌କିତାମାନାନ୍ । 29 ଇବେଣ୍‌କୁ
ନେସ୍‌ନିୱାଜା ଏନ୍‌ଆପିନ୍ ମାପୁରୁଦି ଆଗ୍‌ଡ଼ି ପେରିକାନ୍ ଇଜି
ତରାଦେଞ୍ଜ୍ ଆଟ୍‌ଏନ୍ । 30 ମାତର୍ ମାପୁରୁ ମିଞ୍ଜ୍ କ୍ରିସ୍ତ ଜିସୁଦି
ୱାଲେ ମିସାକିତା ମାନାନ୍ ମାରି ୱାନ୍ ମାପୁରୁଦିମାଣୁକୁ ମା ଉଣ୍ତିଞ୍ଜ୍
ଜ୍ଞାନ୍‌ଦିୱାଜା କିତାମାନାନ୍, ୱାନି ମାଣ୍‌କୁ ମାପୁରୁଦି ଆଗ୍‌ଡ଼ି ମା
ଜତାର୍ଥ ମିସାଜି ପୁନା ତିଆର୍ ଆଜି, ମାଡ୍ତୁ ଦାର୍ମିକ ମାରି ପବିତ୍ର
ଲୋକ୍ ଆଜି ରକିୟା ପୟ୍‌ତିମାନିକା । 31 ମାରି, ଏଣ୍ତେସ୍
ଦର୍ମସାସ୍ତ୍ରଦୁ ରାସ୍‌ତାମାନାତ୍: "ଏନ୍ ଗର୍ବ କିଦେଞ୍ଜ୍ ଇଚ୍ଛା, ୱାନ୍
ପ୍ରବୁଦିମାନୁ ଗର୍ବ କିପିନ୍ ।"

**2** ଏ ତଡ଼ାନ୍‌କୁ ନି ତାଙ୍ଗିଁକି, ନାନ୍ ମି ଲାକ୍‌ତୁ ମାପୁରୁଦି ସତ୍‌ତି
ମାଟା ପ୍ରଚାର୍ କିନି ଉଣ୍ତିଙ୍ଗ ସୋଲ୍‌ସିମାନିୱାଲେ ୱାର୍‌ଇ
ମାଟେଙ୍ଗ ମାରି ପେରିକାନ୍‌ୱାଜା ତରାଏତା ମାର୍‌ଆ । 2 ମି
ୱାଲେ ମାନି ବେଡ଼ାଦୁ ଜିସୁ କ୍ରିସ୍ତୁ, ଅର୍ତାତ୍ କ୍ରୁସ୍‌କାଟ୍‌ତୁ ମୁସ୍‌କୁ
ୱାନି ସାତିକା ଜିସୁ କ୍ରିସ୍ତୁଙ୍ଗ ଡ଼ିସ୍‌ତିଙ୍ଗ ମିମାନୁ ମାରି ଇନି ବିସୟ୍
ନେସ୍‌ଇ ଉଣ୍ତିଙ୍ଗ ନାନ୍ ଇଚ୍ଛା କିତା । 3 ମାରି, ନାନ୍ ନାସ୍ତିୱାଲେ
ଦୁର୍ବଳ ମାର୍ହା, ତିଲାଜି ମାରି ନାଣ୍ତିଏଲ୍‌ତାନ୍ ମି ମାନୁ ମାର୍ହା । 4
ଇୟାଉଣ୍ତିଙ୍ଗ ନା ସିକିୟା ନି ପ୍ରଚାର୍, ଲୋକା ଜ୍ଞାନଦି ନେଗି ବାକ୍ୟ
ଆଏଣ୍‌ଗା ମାପୁରୁଦି ଆତ୍ମା ମାରି ସାକ୍ତିଦି ପାର୍‌ମାଣ୍ ଆତାମାର୍‌ତା
। 5 ଆଦେଙ୍ଗ ମି ବିସ୍‌ବାସ୍ ଏଣ୍ତେସ୍ ଲୋକାଦି ଜ୍ଞାନ୍ ମୁସ୍‌କୁ
ମାନ୍‌ଏଣ୍‌ଗା, ଆକା ମାପୁରୁଦି ସାକ୍ତି ମୁସ୍‌କୁ ତେବାନାତ୍ । 6
ମାରିବା ମାଡୁ ଆତ୍ମିକ ଜିବନ୍‌ତୁ ପିର୍‌ନି ଲୋକା ମାନୁ ବୁଦିଦି
ମାଟା ୱେର୍‌ସିନା, ମାତର୍ ଆକା ଇୟା ଜୁଗ୍‌ତି ବୁଦି ଆଏତ୍ ମାରି
ଇୟା ଦୁନିଆଦୁ ସାସନ୍ କିଜିମାନି ନେତାରି ଜ୍ଞାନ୍ ଆଏତ୍ । (aiōn
g165) 7 ନାନ୍ ମାପୁରୁଦି ସତ୍‌ତି ବୁଦିଦି ମାଟା ୱେର୍‌ସିନା, ଆୟା
ଲୋକ୍‌ତିମାଣୁକୁ ଆଡ଼ାକ୍‌ତା ଇଟ୍‌ତାମାନାର୍, ମାରି ମା ଗୌରବ୍‌ଦି
ଉଣ୍ତିଙ୍ଗ ଦୁନିଆ ତିଆର୍‌ଆତି ଆଗ୍‌ଡ଼ିରାନ୍‌େନ ମାପୁରୁ ଇୟାତାନିଙ୍ଗ
ତିଆର୍ କିତାମାର୍ହାନ୍ । (aiōn g165) 8 ଇୟା ଦୁନିଆଦି ଆମା
ସାସନ୍‌କିନିୱାରି ଲୋଇ ଏନ୍ ବୁଦିଦି ବିସୟ୍ ନେସ୍‌ଏନ୍ ମାର୍‌ର୍ହାନ୍,
ଜଦି ୱାର୍ ଆକା ନେସ୍‌ତିମାରିଙ୍ଗ ଗୌରବ୍‌ମୟ୍ ପ୍ରବୁଙ୍ଗଁ କ୍ରୁସକାଟ୍‌ତୁ
ମୁସ୍‌କୁ ଡାକ୍‌ଏତାର୍‌ମାନ୍ଦି; (aiōn g165) 9 ଏଣ୍ତେସ୍ ଦର୍ମସାସ୍ତ୍ରଦୁ
ରାସାତାମାନାତ୍: “କାଣ୍‌ଗା ଆମାକା ସୁଡୁଏତ୍, ଗିତଣି ଆମାକା
ୱେନ୍‌ଏତ୍, ଆମାକା ଗଟାନିକା ଏନ୍ ଅଡ଼୍‌ବିଏନ୍, ଆୟାୱିଜୁ ବିସୟ୍
ମାପୁରୁ ନିଜେଦି ଜିବନ୍‌ନୋନିୱାରି ଉଣ୍ତିଙ୍ଗ ତିଆର୍ କିତାମାନାନ୍ ।”
10 ମାତର୍ ମାପୁରୁ ମା ଉଣ୍ତିଙ୍ଗ ୱାନି ଆତ୍ମାଦାନ୍ ମାର୍‌ଗିତି ବିସୟ୍
ୱିଜୁ ୱେର୍‌ତା ମାନାନ୍; ଆୟା ଆତ୍ମା ନେ ମାପୁରୁଦି ନାଣ୍ତୁଲୋଇରି
ବିସୟ୍‌କୁ ୱିଜୁ ପୟ୍‌ନାତ୍ । 11 ଲୋକ୍‌ତି ବିସୟ୍‌ୱିଜୁ ଲୋକ୍‌ତିମାନୁ
ମାନି ଆତ୍ମାଦିଙ୍ଗ ଡ଼ିସ୍‌ତିଙ୍ଗ ମାରି ଏନ୍ ନେସ୍‌ନାନ୍ । ଆୟାୱାଜା
ମାପୁରୁଦି ବିସୟ୍‌ୱିଜୁ ମାପୁରୁଦି ଆତ୍ମାଦିଙ୍ଗ ଡ଼ିସ୍‌ତିଙ୍ଗ ମାରି ଏନ୍
ନେସ୍‌ତେଙ୍ଗ ଆଟ୍‌ଏନ୍ । 12 ଏଣ୍ତେସ୍ ମାପୁରୁଦି ମାଣାନ୍ ମାଙ୍ଗିଁ
ଦୟାଦାନ୍ ସିତିମାନି ବିସୟ୍‌କୁୱିଜୁ ମାଡୁ ନେସ୍‌ତେଙ୍ଗ ଆଟ୍‌ନିକା,
ଇୟାଉଣ୍ତିଙ୍ଗ ମାଡୁ ଜଗତ୍‌ତି ଆତ୍ମା ପୟ୍‌ଏଣ୍‌ଗା ମାପୁରୁଦି ଆତ୍ମା
ପୟ୍‌ତିମାନିକା । 13 ଆଦେଙ୍ଗ ନେସ୍‌ତିମାନି ବୁଦିଦି ଲୋକା
ଲାକ୍‌ତୁ ନେସ୍‌ତି ସତ୍‌ତିକା ୱେର୍‌ନିୱାଲେ ମାପୁ ଦୁନିଆଦି ବୁଦିଦାନ୍
ମାଟା ଇନ୍‌ଏପ୍ ମାନାପ୍, ମାତର୍ ଆତ୍ମିକ ବିସୟ୍‌ୱିଜୁ ଆତ୍ମିକ
ବିସୟ୍‌ଦାନ୍ ବୁଜାକିଜି ପବିତ୍ରଆତ୍ମାଦାନ୍ ନେସ୍‌ତିମାନି ବାକ୍ୟଦାନ୍
ୱେର୍‌ନିକା । 14 ମାତର୍ ଦୁନିଆଦି ଲୋକୁ ମାପୁରୁଦି ଆତ୍ମାଦି
ବିସୟ୍‌କୁ ମାନାଏନ୍, ଇରିଙ୍ଗ ଇୟାୱିଜୁ ୱାନି ଲାକ୍‌ତୁ ମୁର୍ଖୁ,
ମାରି ୱାନ୍ ଆୟାୱିଜୁ ବୁଜାଦେଙ୍ଗ ଆଟ୍‌ଏନ୍, ଇରିଙ୍ଗ କେବଲ
ଆତ୍ମାଦୁମାନି ଲୋକୁ ଆୟାୱିଜୁଦିଙ୍ଗ ବିଚାର୍ କିଦେଙ୍ଗ ଆଟ୍‌ନାନ୍
। 15 ମାତର୍ ଏମେମାନି ଲୋଇ ମାପୁରୁଦି ଆତ୍ମା ତେବାନାତ୍,
ୱାନ୍ ୱିଜୁ ବିସୟ୍ ବୁଜାଦେଙ୍ଗ ଆଟ୍‌ନାନ୍, ମାରି ଏନ୍ ୱାନି ବିଚାର୍
କିଏନ୍ । 16 ଦର୍ମସାସ୍ତ୍ରଦୁ ଏଣ୍ତେସ୍ ରାସାତାମାନାତ୍: “ଏନ୍
ପ୍ରବୁଦି ମୋନ୍‌ତିଙ୍ଗ ବୁଜାଦେଙ୍ଗ ଆଟ୍‌ନାନ୍? ଏନ୍ ୱାନିଙ୍ଗ ସିକିୟା
ସିଦେଙ୍ଗ ଆଟ୍‌ନାନ୍?” ୱାନ୍ ଏନ୍‌ଆପିନ୍, ମାପୁ କ୍ରିସ୍ତୁଦି ମୋନ୍‌ତିଙ୍ଗ
ମାନାତାମାନାପ୍ ।

**3** ଏ ତଡ଼ାନ୍‌କୁ ନି ତାଙ୍ଗିଁକି, ନାନ୍ ମାପୁରୁଦି ଆତ୍ମାମାନି ଲୋକା
ୱାଲେ ୱାର୍‌ଗିଜିସାତି ୱାଜା ମି ୱାଲେ ୱାର୍‌ଗିଜିସାଏ ।
ମାତର୍ ନାନ୍ ମିଙ୍ଗିଁ ଇୟା ଜଗତ୍‌ତି ଲୋକୁ ମାରି କ୍ରିସ୍ତୁଦି ବିସ୍‌ବାସ୍‌ତୁ
ଇସ୍ରିୱାରିଙ୍ଗ ୱେର୍‌ତି ୱାଜା ମିଙ୍ଗିଁ ୱେର୍‌ତା । 2 ନାନ୍ ମିଙ୍ଗିଁ
ପାଲୁ ଉଟ୍‌ପିସ୍‌କିଜି ଆଇ କାଦି ସିଏତା, ଇରିଙ୍ଗ ମିର୍ ଆକା
ଉଣ୍ତେଙ୍ଗ ଇଚ୍ଛା ସିଲେତାତ୍, ମାରି ଇଲେଇବା ଇଚ୍ଛା ସିଲେତ୍ । 3
ଇଲେଇବା ମିର୍ ଦୁନିଆଦି ଲୋକା ୱାଜା ଜିଜିମାଡ଼ିଜିନିଦେର୍
। ମି ଲୋଇ ଆକାର୍ ମାରି ନିଜେନିଜେଦି ମାନୁ ଜାଟିଜଗଡ଼ା
ତେବାନାତ୍; ଇବେଣ୍‌କୁ ଇନିକା ମିର୍ ମେନ୍ଦଲଇସାବ୍‌ତାନ୍ ମାରି
ଦୁନିଆଦିକା ଇଜି ପାର୍‌ମାଣ୍ ଆଏଜିନିଦେର୍? 4 ମି ଲୋଇରାନ୍
ଅରେନ୍ ଇନାନ୍, ନାନ୍ ପାଉଲତି ୱାଲେ ମାନିକିନ୍ଧା, ମାରି ଅରେନ୍
ଇନାନ୍, ନାନ୍ ଆପୋଲୋଦି ୱାଲେ ମାନିକିନ୍ଧା, ନାସ୍ତିୱାଲେ
ଇନିକା ମିର୍ ଦୁନିଆଦି ଲୋକା ୱାଜା ସାଲାବୁଲା କିଇଜିନିଦେର୍?
5 ଆପୋଲୋ ଏନ୍? ମାରି ପାଉଲ ଏନ୍? ୱାର୍ ମାପୁରୁଦି
ସେବାକିନିକାର୍, ମିଙ୍ଗିଁ ବିସ୍‌ବାସ୍ କିଦେଙ୍ଗ ମାପୁ ସାହାଜ୍ୟ କିଜିନାପ୍
। ମାପୁରୁ ମା ମାଣ୍‌କୁ ୱିଜେରିଙ୍ଗ ଆମା ପାଣିଦୁ ଆସ୍‌କିତାମାନାନ୍,
ମାପୁ ଆୟା ପାଣି କିଜିନାପ୍ । 6 ନାନ୍ ଉରୁତା ମାନା, ଆପୋଲୋ
ଆବେନ୍ ଏରୁ ସିତାମାନାନ୍, ମାତର୍ ମାପୁରୁ ପିରିସ୍ କିତାମାନାନ୍
। 7 ମାରି, ଏନ୍ ଉରୁନାନ୍ ମାରି ଏନ୍ ଏରୁ ସିନାନ୍, ୱାନ୍ ଇନିକା
ସିଲେ, ମାତର୍ ପିରିସ୍ କିତାମାନାନ୍ ଜେ ମାପୁରୁ, ୱାନ୍ ପେରିକାନ୍
। 8 ଏନ୍ ଉରୁନାନ୍ ମାରି ଏନ୍ ଏରୁ ସିନାନ୍, ଆୟା ରିଏର୍
ସାମାନ୍, ଇରିଙ୍ଗ ମାପୁରୁ ୱିଜେରିଙ୍ଗ ନିଜେ ନିଜେଦି ପାଣିଦି
ଇସାବ୍‌ତାନ୍ ପୁରସ୍କାର୍ ସିନାନ୍ । 9 ଇରିଙ୍ଗ ମାପୁ ମାପୁରୁଦି ୱାଲେ
ପାଣିକିଜିନାପ୍; ମିର୍ ମାପୁରୁଦି କିଡ଼ିଇ ମାରି ମାପୁରୁଦି ଇଲୁ ।
10 ନାଙ୍ଗିଁ ସିତିମାନି ମାପୁରୁଦି ଦୟା ଇସାବ୍‌ତାନ୍ ନାନ୍ ଅରେନ୍
ବୁଦିଦି ଇଲୁକୁତିଆର୍‌କିନିମେସ୍ତ୍ରି ୱାଜା ମୁଲୁକାଲୁ ପୋକ୍‌ତାମାନା,
ଆଇକାନ୍ ଅରେନ୍ ଇୟା ମୁଲୁକାଲୁ ମୁସ୍‌କୁ ତିଆର୍ କିଜିନାନ୍ ।
ମାତର୍ ୱିଜୁ ଲୋକୁ ଆୟା ମୁସ୍‌କୁ ଏଣ୍ତେସ୍ ତିଆର୍ କିଜିନାନ୍
ଆୟା ବିସୟ୍‌ତାନ୍ ଜାଗ୍‌ରାତ୍ ଆନିକା ମାନାତ୍ । 11 ଇରିଙ୍ଗ
ମାପୁରୁ ଜିସୁ କ୍ରିସ୍ତୁଙ୍ଗ ଉନ୍‌ଡ୍ରେନେମାତର୍ କୁନାନ୍ଦିକାଲୁ କିଜି ତିଆର୍
କିତାମାନାନ୍; ଆୟାତାନିଙ୍ଗ ଡ଼ିସ୍‌ସି ଆଇ ଇନି କୁନାନ୍ଦିକାଲୁ ତିଆର୍
ଆଦେଙ୍ଗ ଆଟ୍‌ଏତ୍ । 12 ଜଦି ଏନ୍ ଆୟା କୁନାନ୍ଦିକାଲୁ ମୁସ୍‌କୁ
ବାଙ୍ଗାଁରାମ୍, ୱେଣ୍ଡି, ନାଣ୍ତୁଦାରାଦି କାଲୁଦି ମୁସ୍‌କୁ ତିଆର୍ କିନାନ୍
ମାରି ଏନ୍ ଏନ୍ ମାରାକ୍, ଲାଟା ମାରି ପିରି ଦାନ୍ ତିଆର୍ କିନାନ୍,
13 ଆର୍‌ତିଙ୍ଗ “କ୍ରିସ୍ତୁଦି ଡ଼େସିୱାନି ଦିନ୍‌ତୁ” ୱିଜୁ ଲୋକାଦି ପାଣି
ଏଣ୍ତେସ୍‌ନାନିକା, ଆକା ୱେଙ୍ଗିଁନାତ୍, ଇରିଙ୍ଗ ଆୟାନାଣ୍ତିଙ୍ଗ ସିସୁଦି

ୱାଲେ ୱେଟ୍ଟିଁନାତ୍, ମାରି ୱିଜୁ ଲୋକାଦି ପାଣି ଏଣ୍ଡେସ୍ନାନିକା,
ଆୟା ସିସୁ ପରିକା କିନାତ୍ । 14 କୁନାନ୍ଦିକାଲୁ ମୁସ୍କୁ ଆମାୱାନି
ତିଆର୍କିତିମାନି ପାଣି ସିସୁଦି ପରିକାଦୁ ଆର୍ଏଣ୍ଗା ତେବାନାନ୍,
ଆର୍ତିଙ୍ଗ ୱାନ୍ ପୁରସ୍କାର୍ ପୟ୍ନାନ୍ । 15 ଜଦି ଆମାୱାନି ପାଣି
ଦ୍ୱଂସ ଆନାତ୍, ୱାନିନ୍ଦିନେ ନାସ୍ଟ ଆନାତ୍, ମାରି ୱାନ୍ ନିଜେ
ରକିୟା ପୟ୍ନାନ୍, ମାତର୍ ଆକା ସିସୁ ଲୋଇ ମାଟ୍ସି ବୁଲାତି
ୱାଜା ଆନାତ୍ । 16 ମିର୍ ସତ୍ତାନ୍ ନେସ୍ତୁ ଜେ ମିର୍ ମାପୁରୁଦି
ମନ୍ଦିର୍, ମାରି ମାପୁରୁଦି ଆତ୍ମା ମି ଲୋଇ ତେବାନାତ୍ । 17
ଜଦି ଏନ୍ ମାପୁରୁଦି ମନ୍ଦିର୍ତିଙ୍ଗ ନାସ୍ଟ କିନାନ୍, ଆର୍ତିଙ୍ଗ ମାପୁରୁ
ୱାନିଙ୍ଗ ନାସ୍ଟ କିନାନ୍; ଇରିଙ୍ଗ ମାପୁରୁଦି ମନ୍ଦିର୍ ପବିତ୍ର, ଆୟା
ମନ୍ଦିର୍ ମିର୍ । 18 ଏନ୍ ନିଜେଦିଙ୍ଗ ବାଣ୍ଡିସ୍ କିମାକିନ୍ । ଜଦି ଏନ୍
ଇୟା ଦୁନିଆଦୁ ମି ଲୋଇରାନ୍ ନିଜେଦିଙ୍ଗ ବୁଦି ଇଜି ଅଡ୍ବିନାନ୍,
ଆର୍ତିଙ୍ଗ ୱାନ୍ ଏଣ୍ଡେସ୍ ବୁଦି ଆଦେଙ୍ଗ ଆଟ୍ନାନ୍, ଇୟାଉଣ୍ତିଙ୍ଗ
ୱାନ୍ ମୁର୍କୁ ଆଦେଙ୍ଗ ପଡ଼ାନାତ୍ । **(aiōn g165)** 19 ଇରିଙ୍ଗ ଇୟା
ଜଗତ୍ତି ଆଗ୍ଡ଼ି ଆମାକା ବୁଦି, ଆକା ମାପୁରୁଦି ଲାକ୍ତୁ ମୁର୍କୁଦିକା
। ଦର୍ମସାସ୍ତ୍ରୁଦୁ ରାସ୍ତାମାନାତ୍, "ମାପୁରୁ ବୁଦିଦିଲୋକାଙ୍ଗ ୱାରି
ସାଲାକିଦିଙ୍ଗ ଆସ୍ନାନ୍ ।" 20 ମାରିଡ଼େସି ସାସ୍ତ୍ରୁଦୁ ରାସାତାମାନାତ୍
ଜେ, "ପ୍ରବୁ ନେସ୍ନାନ୍ ଜେ ବୁଦିଦିଲୋକାରି ସିନ୍ତା ବେକାର୍ ।" 21
ମାରି, ଏନ୍ ଲୋକ୍ତିମାନୁ ଗର୍ବ କିମାକିନ୍ । ସତ୍ତାନ୍ ୱିଜୁ ବିସୟ୍
ମିଦିନେ । 22 ପାଉଲ, ଆପୋଲୋ, ପିତର୍, ଇୟା ଜଗତ୍,
ଜିବନ୍ ମାରି ସାନିକା, ଇଲେଇ ମାରି ବବିସତ୍ ୱିଜୁ ମିଦିନେ ।
23 ମାତର୍ ମିର୍ କ୍ରିସ୍ତୁଦି ଲୋକୁ ମାରି କ୍ରିସ୍ତୁ ମାପୁରୁଦିକାନ୍ ।

## 4
ଲୋକୁ ମାଙ୍ଗେଁ କ୍ରିସ୍ତୁଦି ସେବାକିନିକାର୍ ଇଜି ୱେର୍ନିକା ମାନାତ୍
। ମାପୁରୁ ମାଙ୍ଗେଁ ମାର୍ଗିତି ସତ୍ତି ବିସୟ୍ ଗୁମୁସ୍ତା କିତାମାନାନ୍
। 2 ମାରି, ଇୟାୱାଜା ଦାଇତ୍ ମାନାତିମାନି ଲୋକୁ ନିଜେଦି
ପ୍ରବୁଦି ଉଣ୍ତିଙ୍ଗ ବିସ୍ବାସ୍ ଆନିକା ଅରେନ୍ ଦର୍କାର୍ । 3 ମାତର୍
ମି ମାଣ୍କୁ ମାରି ଆମା ଇନି ବିଚାର୍କିନି ସବାଦି ମାଣ୍କୁ ବିଚାର୍
ଆନି ଉଣ୍ତିଙ୍ଗ ନାନୁ ସିନ୍ତା ସିଲେ, ଇୟାୱାଜା ନୋ ନାନ୍ ନିଜେ
ବା ନିଜେଦି ବିଚାର୍ କିଏଜିନା । 4 ଇରିଙ୍ଗ ନାନ୍ ନିଜେଦି
ବିରୁଦ୍ତାନ୍ ମାନି ମାଟା ମୋନ୍ତୁ ନେସ୍ଏ । ମାରିବା ଇବେନୁ
ନାନ୍ ଦସ୍ସିଲେତ୍ ଇଜି ପାରାମାଣ୍ କିଆୟ୍ଆଏ । ମାତର୍ ନା
ବିଚାର୍ ପ୍ରବୁ କିନାନ୍ । 5 ଆଦେଙ୍ଗ, ବେଡ଼ାଦି ଆଗ୍ଡ଼ିନେ ପ୍ରବୁ
ବିଚାର୍ କିଦେଙ୍ଗ ୱାନି ସାନ୍ଦି କାପ୍କିଦୁ । ଇନି ବିସୟ୍ ବିଚାର୍
କିମାଟ୍ । ୱାନ୍ ସିକାଟିଦୁ ମାର୍ଗିତିମାନି ବିସୟ୍କୁୱିଜୁ ଜାୟ୍ତୁ
ତର୍ନାନ୍, ମାରି ଲୋକା ମୋନ୍ତୁ ମାର୍ଗିତିମାନି ମାଟେଙ୍ଗୱିଜୁ
ୱେକ୍ନାନ୍; ନାସ୍ତିୱାଲେ ୱିଜୁ ଲୋକୁ ମାପୁରୁଦିମାଣୁକୁ ପ୍ରସଂସା
ପୟ୍ନାର୍ । 6 ଏ ତଡ଼ାନ୍କୁ ନି ତାଙ୍ଗିକି, ନାନ୍ ମି ସିକିୟା ଉଣ୍ତିଙ୍ଗ
ଇୟାୱିଜୁ ମାଟେଙ୍ଗ ନା ନିଜେଦିଙ୍ଗ ମାରି ଆପୋଲୋଙ୍ଗ ସୁତୁଜି
କାତା ୱେର୍ତା, ଏଣ୍ଡେସ୍ "ସାସ୍ତ୍ରୁଦୁ ଆମାକା ରାସାତା ମାନାତ୍,
ଆବେନୁ ତାନିମାଣୁକୁ ଆଗ୍ଡ଼ି ସୋଲ୍ମାଟ୍ ।" ଇକା ମିର୍ ମା
ମାଣ୍କୁ ଅଜାଦୁ, ମାରି ଏଣ୍ଡେସ୍ ମି ଲୋଇରାନ୍ ଏନ୍ ଅରେନ୍ୱାନି
ଅସି ଗର୍ବ କିମାକିନ୍ ମାରି ଅରେନ୍ୱାନିଙ୍ଗ ଅସି ଡ଼ିସ୍ମାକିନ୍ ।
7 ଇରିଙ୍ଗ ଏନ୍ ମିଙ୍ଗେଁ ପେରିକାନ୍ କିତାମାନାନ୍? ମାରି, ଆମାକା
ମିର୍ ଦାନ୍ ୱାଜା ମାପୁରୁଦିମାଣୁକୁ ପୟ୍ଇଦେର୍, ଇୟାୱାଜା
ମିଦି ଇନିକା ମାନାତ୍? ମାତର୍ ଜଦି ମିର୍ ଆକା ଦାନ୍ତିୱାଜା
ପୟ୍ତିମାନିଦେର୍, ଆର୍ତିଙ୍ଗ ଆକା ଦାନ୍ତି ୱାଜା ପୟ୍ଇତିୱାଜା
ଏନ୍ଦୁ ଗର୍ବ କିଜିନିଦେର୍? 8 ମି ଦର୍କାର୍ତି ୱିଜୁ ବିସୟ୍ ପୟ୍ତି
ୱିସ୍ତିଦେର୍ନି? ମିର୍ ଇନିକା ମାଜନ୍ ଆତିଦେର୍ନି? ମାଙ୍ଗେଁ ଡ଼ିସ୍ସି
ମିର୍ ଇନିକା ଅରେନ୍ ଅରେନ୍ ରାଜା ଆତିମାନିଦେର୍? ସତ୍ତାନ୍,
ମିର୍ ରାଜା ଆତିମାରିଙ୍ଗ ନେଗେନ୍ ଆତାତ୍ମାନ୍ଦି, ଏଣ୍ଡେସ୍ ମାପ୍
ବା ମି ୱାଲେ ରାଜା ଆଦେଙ୍ଗ ଆଟ୍ତାପ୍ମାନ୍ଦି । 9 ଇରିଙ୍ଗ ନାଙ୍ଗେଁ
ଏତ୍ ୱାନାତ୍, ମା ୱାଜା ପ୍ରେରିତ୍ ସିସୁରିଙ୍ଗ ମାପୁରୁ ୱିଜେରି
ସାରାସାରିୱେନ୍କାରିବାଗ୍ତୁ ଇଟ୍ତାମାନାନ୍ । ନେସ୍ନିୱାଜା
ସାନି ଦଣ୍ତବଗେ କିଜି ୱିଜୁ ଜଗତ୍ତି ଲୋକୁ ମାରି ଦୂତ୍କା ଲାକ୍ତୁ
ସେମାର୍ଆନି ଲୋକା ୱାଜା ମାଙ୍ଗେଁ ୱାନ୍ ଇଟ୍ତାମାନାନ୍ । 10
ମାପୁ କ୍ରିସ୍ତୁଦି ଉଣ୍ତିଙ୍ଗ ମୁର୍କୁ ଇଜି ଜାଣାଆତାମାନାପ୍ । ମାତର୍ ମିର୍
କ୍ରିସ୍ତୁଦିମାନୁ ବୁଦିମାନିକିଦେରା; ମାପୁ ସାକିସିଲିଲୋକୁ, ମାତର୍
ମିର୍ ସାକ୍ତିମାନିକିଦେରା । ମିର୍ ସନ୍ମାନ୍, ମାତର୍ ମାପୁ ସନ୍ମାନ୍
ଆଏପ୍ । 11 ମାପୁ ଇଲେଇବା ବାଙ୍ଗା ମାରି ଏରିକି, କିଜିତି ଆଙ୍ଗେଁ
ଆରାତାପ୍ ମାରି ଇନିଆଁଆନିଆଁ ବୁଲାଜିନାପ୍ ମାଡ୍ତିନ୍ଜିନାପ୍
ମାରି ତେବାନି ଇଲୁ ସିଲେତ୍ । 12 ନାଣ୍ଡ କାସ୍ଟପାଣି କିଜି ମାପୁ
ଦିନ୍ତିଙ୍ଗ ଦିନ୍ ଜିରାଜି ସଲ୍ସିନାପ୍ । ଏନ୍ ମାଙ୍ଗେଁ ଆନାଦୁରିଆ
ଇଟ୍ତିଙ୍ଗ, ମାପୁ ୱାନିଙ୍ଗ ଆସିର୍ବାଦ୍ କିନାପ୍ । କାସ୍ଟ ପୟ୍ଜି, ସାସ୍
କିଜିନାପ୍ । 13 ଅପମାନ୍ ଆଜି ମିସାନି ମାଟା ୱେର୍ସିନାପ୍,
ଇୟାସାନ୍ଦିବା ମାପୁ ଦୁନିଆଦି କାସ୍ରା ୱାଜା ଆତାମାନାପ୍,
ୱିଜେରି ଉଣ୍ତିଙ୍ଗ କିଟିଙ୍ଗତିରି ୱାଜା ଆତାମାନାପ୍ । 14 ନାନ୍ ମିଙ୍ଗେଁ
ସେମାର୍ କିନି ଉଣ୍ତିଙ୍ଗ ଇୟାୱିଜୁ ବିସୟ୍କୁ ରାସ୍ଏ, ମାତର୍ ମିର୍
ନା ଲାଡ୍ତି କଡ଼ର୍ ଆତି ମାନିଙ୍ଗ ନେସ୍ତେଙ୍ଗ ମାରି ସେଡ୍ନା
ଆନି ଉଣ୍ତିଙ୍ଗ ଇୟାୱିଜୁ ବିସୟ୍କୁ ରାସ୍ସିନା । 15 ଇରିଙ୍ଗ କ୍ରିସ୍ତୁଦି
ଜିବନ୍ତୁ ମି ଗାଦିଲୋକ୍ ଦାର୍ମୁଗୁରୁର୍ ତେବାନାର୍ । ମାତର୍ ମି
ବୁବା ଅରେନ୍ । ମି ଲାକ୍ତୁ ସୁସମାଚାର୍ ପ୍ରଚାର୍ କିନି ମାଣ୍କୁ
କ୍ରିସ୍ତୁ ଜିସୁଦିମାନୁ ନାନ୍ ମି ବୁବା ୱାଜା ଆତାମାନା । 16 ଆଦେଙ୍ଗ
ନାନୁ ମିଙ୍ଗେଁ ଅନୁରଦ୍ କିଜିନା, ମିର୍ ନା ୱେନ୍କା ରାଦୁ । 17
କ୍ରିସ୍ତୁଦି ଜିବନ୍ତୁ ନା ଲାଡ୍ତି ନି ବିସ୍ବାସ୍ତି ମାରିନ୍ ତିମତିଙ୍ଗ
ମି ଲାକ୍ତୁ ପୋକ୍ତାଜିନା । ଏଣ୍ଡେସ୍ ନାନ୍ ଜିସୁ କ୍ରିସ୍ତୁଦିମାନୁ
ତେବାଜି ଆମା ପୁନି ଜିବନ୍ଜାପନ୍ କିଜିନା ମାରି ୱିଜୁତରିନ୍ ୱିଜୁ
ମଣ୍ତଲିଆଙ୍ଗେଁ ଆମା ୱିଜୁ ସିକିୟା ୱେର୍ସିମାର୍ଆ, ଆକା ୱାନ୍
ମିଙ୍ଗେଁ ଏତ୍ କିବିସ୍କିନା ସିନାନ୍ । 18 ନାନ୍ ମି ଲାକ୍ତୁ ସଲ୍ଏ
ଇଜି ଅଡ୍ବିଜି ଏନ୍ ଏନ୍ ମେନ୍ଦଲ୍ତୁ ୱେଡ଼ିକା ଆତାମାନାର୍ ।
19 ମାତର୍ ଜଦି ମାପୁରୁ ବଦା କିତିଙ୍ଗ, ନାନ୍ ମି ଲାକ୍ତୁ ଦାପ୍ରେ
ୱାନା; ମାରି, ଆକାର୍ ଗର୍ବ କିଜିନାର୍, ୱାରି ମାଟା ସିଲେ, ମାତର୍
ସତ୍ତାନ୍ ୱାରି ଏସ ସାକ୍ତିମାନାତ୍, ଆକା ନାନୁ ସୁଡୁନା । 20

ଇରିଙ୍ଗ ମାପୁରୁଦି ରାଜି କେବଲ ମାଟାଦି ବିସ୍‌ୟ ସିଲେ, ମାତର୍
ସାକ୍ତିଦି ବିସ୍‌ୟ । 21 ମି ଇଚ୍ଛା ଇନିକା? ନାନ୍ ଇନିକା ମିଙ୍ଗେଁ ସାସନ୍
କିନି ଉଣ୍ଡିଙ୍ଗ କର୍‌ଡା ଆସ୍‌ସି ୱାନା? ନୋ, ଜିବନ୍‌ନୋନିକା ମାରି
ସାନ୍ତିଦି ମୋନ୍ ଆସ୍‌ସି ୱାନା ।

5 ସତ୍‌ତାନ୍ ୱେଞ୍ଜେଁଜିନାତ୍ ଜେ, ମି ଲୋଇ ବୟ୍‌ଙ୍ଗାର୍‌ତି ଦାରିପାଣି
ମାନାତ୍, ମାରି ଇୟାୱାଜାଦି ଦାରିପାଣି, ଆମାକାକି ଅଣଜିହୁଦି
ଲୋକାମାନୁ ବା ଆଏତ୍ । ନାନ୍ ୱେରାଆମାନା, ମି ଲୋଇରାନ୍
ଅରେନ୍ ନିଜେଦି ବୁବାଦି ଆଡ୍‌ସିଙ୍ଗ ଇଟ୍‌ତାମାନାନ୍ । 2 ମାରି,
ଏନ୍ ଇୟା ପାଣି କିତାମାନାନ୍, ମିର୍ ଏଣ୍ଡେସ୍ ନିଜେଦି ବିସୟ୍‌ତାନ୍
ଗର୍ବ କିଦେଙ୍ଗ ଆଟ୍‌ସିନିଦେର୍? ସତ୍‌ତି ତରିଟାନ୍ ମିର୍ ସେମାର୍
ଆଜି ଆୟାୱାଜାଦି ଲୋକ୍‌ତିଙ୍ଗ ମି ମାଣ୍‌କୁ ପେର୍‌ନିକା ନେଗେତ୍
। 3 ମାତର୍ ନାନ୍ ଆବେନ୍ ମେନ୍ଦ୍ଲ୍‌ତାନ୍ ସିଲିତିଙ୍ଗ ବା,
ଆତ୍ମାଦାନ୍ ତେବାତାମାନା, ଏନ୍ ଇୟାୱାଜା ପାଣି କିତାମାନାନ୍,
ଆବେନୁତେବାତି ୱାଜା ୱାନି ବିଚାର୍ କିତାୱିସ୍‌ତାମାନାନ୍ । 4
ପ୍ରବୁ ଜିସୁଦି ଦର୍‌ତାନ୍ ମିର୍ ଉନ୍‌ଡ୍ରେମାନୁ ଆନି ୱାଲେ ନାନ୍
ବା ଆବେନ୍ ଆତ୍ମାଦାନ୍ ତେବାତାମାନା ଇଜି ନେସ୍‌ସି ମାରି
ପ୍ରବୁ ଜିସୁଦି ସାକ୍ତି ମାମାନୁ ତେବାତାମାନାତ୍ । 5 ଇୟାୱାଜା
ତଡ଼ାନ୍‌କୁ ନି ତାଙ୍ଗ୍‌କି; ନାନ୍ ମିଙ୍ଗ୍ ବାତିଙ୍ଗମାଲ୍‌ଜିନା, 16 ମିର୍
ଇୟାୱାରିନ୍ଦି ମାରି ଇୟାୱାରି ୱାଲେ ପାଣି ମାରି ସେବା କିଜିମାନି
ଲୋକାରି ୱେନ୍‌କା ସାନ୍‌ଡୁ । 17 ସ୍ତିପାନ୍, ଫର୍ତୁନାତ ମାରି
ଆଖାୟିକ ଇବେନୁ ୱାତାନ୍‌ଆକା ନାନୁ ବେସି ୱେଡ଼ିକା । ମିର୍
ସିଲିୱାଲେ ୱାର୍ ୱାଜି ମି ଜାଗା ପୁରାକିତାମାନାର୍ । 18 ୱାର୍
ମିଙ୍ଗ୍ ମାରି ନାଙ୍ଗ୍ ଆତ୍ମାଦିଙ୍ଗ ୱେଡ଼ିକା କିବିସ୍‌ତାର୍ । ଇୟାୱାଜାଦି
ଲୋକୁ ସନ୍‌ମାନ ପୟ୍‌ନାର୍ । 19 ଆସିଆ ଦେସ୍‌ତି ମଣ୍ତଲିଙ୍ଗ
ମିଙ୍ଗ୍ ନମସ୍କାର୍ ଜାଣେକିଜିନାତ୍ । ଆକିଲା ମାରି ପ୍ରିସ୍କିଲା ମାରି
ୱାରି ଇନ୍‌ଡ୍ର ଉପାସନା କିଜିମାନି ମଣ୍ତଲି, ପ୍ରବୁଦି ଦର୍‌ତାନ୍ ମିଙ୍ଗ୍
ଜିବନ୍‌ତାନ୍ ନମସ୍କାର୍ ଜାଣେକିଜିନା । 20 ଇବେଣି ତଡ଼ାନ୍‌କୁ
ୱିଜେରେ ମିଙ୍ଗ୍ ନମସ୍କାର୍ ଜାଣେକିଜିନାର୍ । ମିର୍ ପବିତ୍ର ଚୁମାଦାନ୍
ନିଜେନିଜେଦିଙ୍ଗ ନମସ୍କାର୍ ଜାଣେକିଦୁ । 21 ନାନୁ ପାଉଲ ନିଜେଦି
କିୟୁଦାନ୍ ଇୟାୱିଜୁ ରାସ୍‌ସିନା । ମିର୍ ନା ନମସ୍କାର୍ ମାନାଦୁ ।
22 ଜଦି ଏନ୍ ପ୍ରବୁଙ୍ଗ୍ ଜିବନ୍‌ନୋଏନ୍, ୱାନ୍ ଅବିସାପ୍ ଆପିନ୍ ।
ମାରାନାଥା, ଅର୍ତାତ୍ ମା ପ୍ରବୁ ରାପିନ୍ । 23 ପ୍ରବୁ ଜିସୁଦି ଦୟା
ମିମାନୁ ସାକା ଆପିତ୍ । 24 କ୍ରିସ୍ତ ଜିସୁଦି ୱାଲେ ମିସାତିମାନିଙ୍ଗ
ମିର୍ ୱିଜେରେ ନା ଜିବନ୍‌ତି ଜିବନ୍‌ନୋନିକା ମାନାଦୁ ।

# ୨ କରିନ୍ତିୟ

1 ନାନ୍ ପାଉଲ, ମାପୁରୁଦି ବଦାଦାନ୍ ବାସେଆତି ଜିସୁ କ୍ରିସ୍ତୁଦି
ପ୍ରେରିତ ସିସୁ ପାଉଲ ମାରି ମା ତଡ଼ାନ୍ ତିମତି କରନ୍ତି ଗାଡ଼ାଦି
ମାପୁରୁଦି ମଣ୍ଡଲି ମାରି ଆକାୟା ଦେସ୍‌ତି ୱିଜୁ ବିସ୍‌ବାସିରି ଲାକୁତୁ
ଇୟା ଆକୁ ରାସ୍‌ସିନାନ୍ । 2 ମା ବୁବା ମାପୁରୁ ମାରି ପ୍ରବୁ ଜିସୁ
କ୍ରିସ୍ତୁ ମିଙ୍ଗେଁ ଦୟା ମାରି ସାନ୍ତି ସିପିନ୍ । 3 ରାଦୁ, ମା ମାପୁରୁ ଜିସୁ
କ୍ରିସ୍ତୁଦି ବୁବା, ଦୟାକିନିକାନ୍ ମାରି ୱିଜେରିଙ୍ଗ ସାକାକିନିକାନ୍,
ମାପୁରୁଙ୍ଗ ଦନ୍ୟବାଦ୍ ଜାଣେକିନାଟ୍ । 4 ମା ଦୁକ୍ କାସ୍କ ବେଡ଼ାଦୁ
ୱାନ୍ ମାଙ୍ଗେଁ ଏମେ ସାନ୍ତି ସିନାନ୍, ଆୟା ସାନ୍ତି ଦାନ୍ ମାଡୁ
ଦୁଃକ୍‌କାଷ୍କ ପୟ୍‌ଜିମାନି ଆଇୱାରିଙ୍ଗ ସାନ୍ତି ସିଦେଙ୍ଗ ଆଟିନିକା
। 5 ମାଡୁ କ୍ରିସ୍ତୁଦି ନାଣ୍ତ ଦୁକ୍‌ବୋଗଦୁ ମିସାତିମାନିଙ୍ଗ କ୍ରିସ୍ତୁଦି
ସାକାଦାନ୍ ମାପୁରୁଦି ନାଣ୍ତସାନ୍ତିଦୁ ବା ମିସାଦେଙ୍ଗ ଆଟ୍‌ନିକା । 6
ମାଡୁ ଜଦି ଏମେ ଦୁଃକ୍‌ବୋଗ୍ କିନିକା, ଆକା ମି ନେଗିତାନିଙ୍ଗ
ମାରି ରକ୍ୟାଦି ଉଣ୍ତିଙ୍ଗ । ମାପୁ ସାନ୍ତିପୋୟ୍‌ତିଙ୍ଗ, ମିର୍ ବା
ଆୟାୱାଜା ଆଟୁୱାଦାନ୍ ଦୁକ୍ ବୋଗକିନି ଉଣ୍ତିଙ୍ଗ ସାନ୍ତି ମାରି
ସାକ୍ତି ପୟ୍‌ନିଦେର୍ । 7 ମି ବିସୟ୍‌ତାନ୍ ମା ଆସା ମାନାଟ୍ ।
ମାପୁ ନେସ୍‌ନାପ୍, ମିର୍ ମା ଦୁକ୍‌କାଷ୍କଦୁ ଏଣ୍ତେସ୍ ମିସାଜିନିଦେର୍,
ଆୟାୱାଜା ମା ସାନ୍ତିଦୁ ବା ମିସାଡୁ । 8 ତଡ଼ାନ୍‌କୁ ନି ଟାଙ୍ଗେଁକି, ମାଡୁ
ଆସିଆ ଦେସ୍‌ତୁ ପୋଇତିମାନି କାସ୍କ ବିଷୟ ମିଙ୍ଗେଁ ୱେରେ୍‌ତଙ୍ଗ
ଇଛାକିଜିନା । ଆୟାକାସ୍କ ବଜୁଆଜିମାନିଙ୍ଗ ମା ଜିବନ୍‌ତୁ ସାକ୍ତି
ଆସା ଡ଼ିସ୍‌ତାମାରାପ୍ । 9 ମାଙ୍ଗେଁ ବିଚାର୍ ସିଆତାମାନାଟ୍ ଇଜି
ଅଡ଼୍‌ବିତାମାରାପ୍ । ମାତର ନିଜେ ମୁସୁକୁ ଆସାଇଡ଼୍‌ଏନ୍‌ଙ୍ଗା
ସାନିମାଡ଼ାନ୍‌କୁ ଜିବନ୍ ସିନି ମାପୁରୁଦି ମୁସୁକୁ ଆସା ଇଡିନି
ଉଣ୍ତିଙ୍ଗ ଇୟାୱିଜୁ ଗୋଟାଟା ମାନାଟ୍ । 10 ଇୟାୱାଜା ନାଣ୍ତସାନି
ବିପଦତାନ୍ ୱାନ୍ ମାଙ୍ଗେଁ ଉଦାର୍ କିତାମାନାନ୍ ମାରି କିଜିମାନାନ୍ ।
ୱାନ୍ ମାରିଡ଼େସି ମାଙ୍ଗେଁ ଜାଗ୍‌ରାତା କିନାନ୍ ଇୟା ଆସା ମାଙ୍ଗେଁ
ୱାନିମାନୁ ମାନାଟ୍ । 11 ମିର୍ ପାର୍‌ତନାଦାନ୍ ମାଙ୍ଗେଁ ସାହାଜ୍ୟ
କିଦୁ । ଆର୍‌ତିଙ୍ଗ, ମା ଉଣ୍ତିଙ୍ଗ କିତିମାନି ଏସ ପାର୍‌ତନାଦୁ ଉତର୍
ପୋଇନିକା ମାରି ମାପୁରୁ ମାଙ୍ଗେଁ ଆସିର୍ବାଦ୍ ଦାନ୍ କିନାନ୍ । ମା
ଉଣ୍ତିଙ୍ଗ ଗାଦିଲୋକ୍ ମାପୁରୁମାଡ଼ାନ୍ ଦନ୍ୟବାଦ ସିନାର୍ । 12
ଦୁନିଆଦୁ ଜିବନ୍ ମାରି ବିସେସ୍‌କିଜି ମିୱାଲେ ମା ମିଲାମିସା
ମାପୁରୁମାନୁ ପବିତ୍ର ମାରି ବିସ୍‌ବାସ୍ ବୁଲାଜିସାଜି ଇଜି ମା
ବୁଦିଦୁ ସାକି । ଇୟାଉଣ୍ତିଙ୍ଗ ମା ମୋନତୁ ଗର୍ବ ଆଜିନାଟ୍
ଦୁନିଆଦି ବୁଦିଦାନ୍ ଆଏତେ, ମାତର୍ ମାପୁରୁଦି ଦୟାଦାନ୍ ଇକା
କିଦେଙ୍ଗ ମାପୁ ସାକି ଆଟିମାନିକା । 13 ଆମାକା ପଡ଼ାଜି ମିର୍
ବୁଜାଜିନିଦେର୍, ମିମାନୁ ମାପ୍ ନାସନେ ରାସ୍‌ତାମାନାପ୍ । 14
ନାନୁ ଆସା କିଜିନା, ଇଲେଇ ଆମାକା ଅଡ଼୍‌ପ୍‌ତାନ୍ ବାବେ
ବୁଜାଜିନାପ୍, ଆକା ଅଡ଼୍‌ପ୍‌ତାନ୍ ବାବରେ ପ୍ରବୁ ଜିସୁଦି ଡ଼େସିୱାନି
ୱାନିକା ପୁରା ବୁଜାଦେଙ୍ଗ ଆଟ୍‌ନାର୍ । ଆର୍‌ତିଙ୍ଗ, ମିର୍ ମା ଉଣ୍ତିଙ୍ଗ
ଗର୍ବ କିଜିନିଦେର୍ ମାରି ମାପୁ ବା ମି ଉଣ୍ତିଙ୍ଗ ଗର୍ବ କିଜିନାପ୍ । 15
ଇୟା ବିସୟତାନ୍ ନାନୁ ଟିକ୍‌ବାବେ ନେସ୍ତିମାନିଙ୍ଗ ଆଗିଡ଼ିନେ
ମି ଲାକ୍‌ତୁନେ ସନି ଉଣ୍ତିଙ୍ଗ ନା ବଦା ମାର୍‌ଆଟ୍ । ଆର୍‌ତିଙ୍ଗ
ମିର୍ ରିଜା ସୁଡୁଜି ନାଙ୍ଗେଁ ଦୟା ପୟ୍‌ଦେଙ୍ଗ ଆଟ୍‌ତିଦେର୍‌ମାନ୍ଦି ।
16 ମାସିଦନିଆ ସନିୱାଲେ ମାରି ଆବେଟ୍‌କୁ ଡ଼େସିୱାନିୱାଲେ
ମି ଲାକ୍‌ତୁ ଏସ ଦିନ୍ ମାନ୍‌ଡ୍ରେଙ୍ଗ ନା ପାଣିକିନିକା ମାର୍‌ଆଟ୍,
ମାତର୍ ଜିହୁଦା ଦେସ୍‌ତୁ ସନିଉଣ୍ତିଙ୍ଗ ନାନୁ ମି ସାହାଜ୍ୟ ଦରକାର୍
ମାର୍‌ଆଟ୍ । 17 ନାନୁ ଇନିକା ନା ବଦାଦାନ୍ ଇୟା ପାଣି ତିଆର୍
କିତାମାର୍‌ଆ? ଏମେକାର୍ ଅରସେ "ହଁ, ହଁ" ମାରି "ସିଲେ,
ସିଲେ," ଇନାର୍, ୱାରିୱାଜା ଇନିକା ନା ନିଜେଦି ତରାନିଉଣ୍ତିଙ୍ଗ
ନା ପାଣିକିଜିନା? 18 ସତ୍ ମାପୁରୁ ନେସ୍‌ନାନ୍, ଅବସ୍ୟ ମାପୁରୁ
ମି ମାଟା ୱେର୍‌ନିୱାଲେ ମାପ୍ ଏସ୍‌କାଙ୍ଗବା "ହୁଁ ସିଲ୍‌ତିଙ୍ଗ ସିଲେ
।" 19 ସିଲା, ତିମତି ମାରି ନାମାଣୁକୁ ମି ଲାକ୍‌ତୁ ପ୍ରଚାର୍‌କିତିମାନି
ମାପୁରୁଦି କଡ଼ ଜିସୁ କ୍ରିସ୍ତୁଙ୍ଗ, ଏସ୍‌କାଙ୍ଗ ଅର୍‌ସେ "ହୁଁ" ମାରି "ସିଲେ"
ଇନ୍‌ଏର୍ । ଆଇତରିନ୍, ୱାନ୍ ୱିଜୁଦିନ୍ ମାପୁରୁଦି ମାଟାଦିଙ୍ଗ "ହୁଁ"
ଇଜିନାନ୍ । 20 ମାପୁରୁଦି ୱିଜୁ ଆସାଦି ଉଣ୍ତିଙ୍ଗ ଜିସୁ କ୍ରିସ୍ତୁ "ହୁଁ"
ଇନାନ୍ ୱାନିମାନୁ ପୁରା ଆଟାମାନାଟ୍ । ଇୟାଉଣ୍ତିଙ୍ଗ ଜିସୁ କ୍ରିସ୍ତୁଦି
ଉଣ୍ତିଙ୍ଗ ମା ମାପୁରୁଦି ଗୌରବ୍ ଉଣ୍ତିଙ୍ଗ "ଆମେନ୍ ।" 21 ନିଜେ
ମାପୁରୁ ଜିସୁ କ୍ରିସ୍ତୁଦିମାନୁ ମିଦି ମାରି ମା ଜିବନ୍‌ତିଙ୍ଗ ଅର୍‌ସେ କିଜି
ରକ୍ୟା କିତାମାନାନ୍ । 22 ୱାନ୍ ମାଙ୍ଗେଁ ୱେରେଏ କିତାମାନାନ୍
ମାରି ମା ଜିବନ୍‌ତୁ ୱାନି ପବିତ୍ରଆତ୍ମାଦିଙ୍ଗ ଇଟିତାମାନାନ୍ ।
ପବିତ୍ରଆତ୍ମା ଆଜିନାଟ୍, ମା ମୁସ୍‌କୁ ମାପୁରୁଦି ଅଦିକାର୍‌ତି ସିନା
ମାରି ବବିସତ୍‌ଦୁ ମାଡୁ ଆମାକା ପୟ୍‌ନିକା, ୱାନି ୱିଜୁ ୱାଜା । 23
ମାପୁରୁ ନା ସାକି । ୱାନ୍ ନା ଜିବନ୍ ନେସ୍‌ନାନ୍ । ମିଙ୍ଗେଁ ନାନୁ
ଏଣ୍ତେସ୍‌ମାରି ଦୁଃକ୍‌ସିଏ, ଆୟାଉଣ୍ତିଙ୍ଗ ନାନ୍ କରନ୍ତିଦୁ ସନିକା
ତେବାକିତା । 24 ମିର୍ ଏମେ ବାସା ବିସ୍‌ବାସ୍ କିନିଦେର୍, ଇୟା
ବିସୟ୍‌ତାନ୍ ମି ମୁସ୍‌କୁ ପାଣିକିଦେଙ୍ଗ ମାପ୍ ସେସ୍ଟାକିଏପ୍, ମାତର୍
ମିର୍ ବିସ୍‌ବାସ୍ ଆଟୁୱା ଆଜି । ମାରି ମିଙ୍ଗେଁ କେବଲ ୱେଡ଼ିକା କିନି
ଉଣ୍ତିଙ୍ଗ ମି ୱାଲେ ମିସାବିଡ଼ାଜି ମାଡୁ ପାଣିକିନାଟ୍ ।

2 ଜଦି ନାନ୍ ମି ଲାକ୍‌ତୁ ୱାନିକା ମି ଉଣ୍ତିଙ୍ଗ ଦୁଃକ୍‌ଆଜିନାଟ୍,
ମି ଲାକ୍‌ତୁ ମାରି ଏସ୍‌କାଙ୍ଗ ବା ୱାଦେଙ୍ଗ ନାନୁ ବଦାକିଏ । 2
ମିଙ୍ଗେଁ ଦୁକ୍ ସିତିଙ୍ଗ, ନାଙ୍ଗେଁ ଏନ୍ ୱେଡ଼ିକା ସିନାନ୍? ମିଙ୍ଗେଁ ଡ଼ିସ୍‌ତିଙ୍ଗ
ମାରି ଆୟାୱାଜା ଏନ୍ ସିଲେର୍ । 3 ଆୟାଉଣ୍ତିଙ୍ଗ ନାନୁ ମିଙ୍ଗେଁ
ରାସ୍‌ତାମାର୍‌ଆ, ନାନ୍ ଆବେନ୍ ସରିଙ୍ଗ; ଏମେୱାରି ଉଣ୍ତିଙ୍ଗ ନା
ୱେଡ଼ିକା ଆଟାଟ୍‌ମାନ୍ଦି, ୱାରିମାଡ଼ାନ୍‌କୁ ଏଣ୍ତେସ୍ ନାନ୍ ଦୁକ୍ ପୟ୍‌ଏ
। ସତ୍‌ତାନ୍ ନା ଡାଟ୍ ବିସ୍‌ବାସ୍ ଜେ, ନା ୱେଡ଼ିକାଦୁ ମି ୱେଡ଼ିକା
। 4 ନାଣ୍ତ ଦୁକ୍ ନି କାସ୍କଦାନ୍ ଜିବନ୍‌ତାନ୍ ଆଡ଼୍‌ବାଜି ଆଡ଼୍‌ବାଜି
ନାନୁ ଏମେ ସିଟି ରାସ୍‌ତାମାର୍‌ଆ, ମିଙ୍ଗେଁ ଦୁକ୍ ସିଦେଙ୍ଗ ସିଲେ,
ମାତର ମିଙ୍ଗେଁ ନାନୁ ଏସଜିବନ୍‌ନୋନା, ଇକା ୱେର୍‌ନିକା ମାରାଟ୍
ଆୟାଚିଟିଦି ଆଦେସ୍ । 5 ଜଦି ଏନ୍ ଏମେୱାନିଙ୍ଗ ଦୁକ୍ ସିନାନ୍,
ୱାନ୍ ନେ ନା ମୋନ୍‌ତୁ ଦୁକ୍ ସିଏନ୍, ଏସ ନାଣ୍ତ ମିଙ୍ଗେଁ ବା ଦୁକ୍
ସିଜିନା । ଇୟା ବିସୟତାନ୍ ନାନୁ ନାଣ୍ତ ବୋଜୁ ସିନିଉଣ୍ତିଙ୍ଗ

ମିଡ୍ଙ୍ଗ ବଦାକିଏଜିନା । 6 ମି ମାଡ଼ାନ୍‌କୁ ଏସଲୋକ୍ ବଦାଦାନ୍
ଆୟା ଲୋକ୍‌ତିଡ୍ଙ୍ଗ ଆମା ଦଣ୍ଡସିତାମାନାର୍, ଆକା ୱାନି ଉଣ୍ତିଡ୍ଙ୍ଗ
ବେସି । 7 ୱାନ୍ ଏଣ୍ତେସ୍ ନାଣ୍ତ ଦୁକ୍‌ତାନ୍ ଆଏନ୍, ଆୟାଉଣ୍ତିଡ୍ଙ୍ଗ
ଇଲେଇ ୱାନିଡ୍ଙ୍ଗ କେମା ମାରି ସାନ୍ତି ସିଦେଡ୍ଙ୍ଗ ମି ପାଣି । 8 ମିଡ୍ଙ୍ଗ
ନା ଅନୁରଦ୍, ମିର୍ ୱାନିଡ୍ଙ୍ଗ ଲାଡ୍ ମାରି ୱେଡ଼ିକା କିଜିନିଦେର୍
ଇଜି ୱେରସ୍ ସିଦାଟ୍ । 9 ମିର୍ ୱିଜୁଦିନ୍ ନା ମାଟା ମାନାଦେଡ୍ଙ୍ଗ
ତିଆର୍ ନୋ ସିଲେ, ଆକା ନେସ୍‌ନି ଉଣ୍ତିଡ୍ଙ୍ଗ ନାନ୍ ଆୟା ଆକୁ
ରାସ୍‌ତାମାର୍‌ଆ । 10 ଜଦି ମିର୍ ଏଡ୍ଙ୍ଗବା କେମା କିନିଦେର୍, ନାନ୍
ବା ୱାନିଡ୍ଙ୍ଗ କେମା କିନା । ଜଦି ଇନି ବିସୟ୍‌ତାନ୍ ଏମେୱାନିଡ୍ଙ୍ଗ
କେମାକିନାମାନାନ୍, ଆକା ୱାନିଡ୍ଙ୍ଗ କ୍ରିସ୍ତଦି ଆଗ୍‌ଡ଼ିରାନ୍ ମି ଉଣ୍ତିଡ୍ଙ୍ଗ
କିତାମାନା । 11 ଆର୍‌ତିଡ୍ଙ୍ଗ ସୟ୍‌ତାନ୍ ମା ବିରୁଦ୍‌ତାନ୍ ଇନି ପାଣି
କିନି ଉଣ୍ତିଡ୍ଙ୍ଗ ସୁଜୋଗ ପୟ୍‌ଏତ୍; ତାନି ୱିଜୁ ପାଣି ମାପ୍ ନେସ୍‌ନାପ୍
। 12 କ୍ରିସ୍ତଦି ସୁସମାଚାର୍ ୱେର୍‌ନି ଉଣ୍ତିଡ୍ଙ୍ଗ ତ୍ରୋୟା ଦିପଦୁ ଇଜି
ନାନ୍ ସୁଡୁତା, ଇୟା ପାଣି ଉଣ୍ତିଡ୍ଙ୍ଗ ପ୍ରବୁ ସାରି ରେତା ମାନାନ୍ ।
13 ମାତର୍ ତଡ଼ାନ୍ ତିତସତିଡ୍ଙ୍ଗ ଆବେନ୍ ସୁଡୁଏଣ୍ତା ନାନ୍ ଦାନ୍ଦା
ଆତା । ଆଦେଡ୍ଙ୍ଗ ଆବେଣି ଲୋକାମାଣ୍ତୁକୁ ଡ଼ିସ୍‌ତାନୋ ନାନ୍
ମାସିଦୋନିଆଦୁ ସର୍‌ଆ । 14 ମାପୁରୁଦି ଦନ୍ୟବାଦ୍ ଆପିତ୍ ।
ଇରିଡ୍ଙ୍ଗ ୱାନ୍ ଜିସୁ କ୍ରିସ୍ତଦିମାଣୁକୁ ୱିଜୁଦିନ୍ ମାଡ୍ଙ୍ଗ ଜିଣାନି ସାରିଦୁ
ଆଗ୍‌ଡ଼ି ଅନାନ୍ । ମାରି ବାସ୍‌ନା ଦୁପୁଣି ୱିଜୁତରିନ୍ ୱେଡ୍ଙ୍ଗତି ୱାଜା
କ୍ରିସ୍ତଦି ବୁଦି ଆଇୱାରିଡ୍ଙ୍ଗ ସିନିଉଣ୍ତିଡ୍ଙ୍ଗ ମାପୁରୁ ମାଡ୍ଙ୍ଗ ବ୍ୟବହାର୍
କିତାମାନାନ୍ । 15 ଇରିଡ୍ଙ୍ଗ ଏମେକାର୍ ରକିୟା ପୟ୍‌ତାମାନାର୍
ମାରି ଏମେକାର୍ ନାସ୍ଟ ସାରିଦୁ ମୁଜିତାମାନାର୍, ୱିଜେରିମାଣୁକୁ
ମାପ୍ ଆଜିନାପ୍ ମାପୁରୁଦି ଉଦେସ୍‌ତାନ୍ ସିଆୟ୍‌ଆତିମାନି କ୍ରିସ୍ତଦି
ବାସ୍‌ନା ଦୁପ୍‌ଣି ୱାଜା । 16 ଆମାକାର୍ ସାତି ସାରିଦୁ ବୁଲାଜିନାର୍;
ୱାରି ଲାକ୍‌ତୁ ଇୟା ବାସ୍‌ନାନାନିକା ସାନିକା, ଆମାକାର୍ ରକ୍‌ୟା
ପୟ୍‌ତାମାନାର୍, ୱାରି ଉଣ୍ତିଡ୍ଙ୍ଗ ଇକା ଜିବନ୍‌ମାନିବାକ୍ୟ । ମାତର୍
ଇୟା ପାଣି କିନି ଉଣ୍ତିଡ୍ଙ୍ଗ ଏନ୍ ଡାଟ୍ । 17 ଗାଦିଲୋକ୍ ନିଜେ
ଲାବବାନ୍ ଆଦେଡ୍ଙ୍ଗ ମାପୁରୁଦି ବାକ୍ୟ ବ୍ୟବହାର୍ କିଜିନାର୍ । ମାଡୁ
ମାତର ଆୟାୱାଜା ସିଲେ । ମାଡ୍ଙ୍ଗ ମାପୁରୁ ପୋକିସି କିତିମାନିଡ୍ଙ୍ଗ
ମାଡୁ ବିସ୍‌ବାସ୍‌ତାନ୍ ୱାନି ଆଦେସ୍ ମାନାଜିନି ମାରି ମାପୁରୁଦି
ସାକିଦାନ୍ କ୍ରିସ୍ତଦି ଦାସ ୱାଜା ପ୍ରଚାର କିନାପ୍ ।

**3** ମାଡୁ ଇନିକା ମାରି ଗର୍ବ ୱାଜା ମନେଆଜିନାତ୍? ଇରିଡ୍ଙ୍ଗ
ଆଇୱାରିୱାଜା ମାଡୁ ଇନିକା ମି ଲାକୁତୁ ବା ମି ଲାକୁତୁରାନ୍
ପରିଚୟ୍ ଆକୁ ଦର୍‌କାର୍ ଇଜିନିକା । 2 ମିର୍ ମା ପରିଚୟ୍
ଆକୁ, ମା ଜିବନ୍‌ଲୋଇ ପାଟାଦି ରାସାତି ସିଟି, ଏମେତାନିଡ୍ଙ୍ଗ
ୱିଜେରେ ନେସ୍‌ନାର୍ ମାରି ପଡ଼ାଦେଡ୍ଙ୍ଗ ଆଟ୍‌ନାର୍ । 3 ଇୟା
ସେବା ଆକୁ କ୍ରିସ୍ତଦି ମାଡ଼ାନ୍ ରାସାତାମାନାତ୍ ମାରି ମା ମୋନତି
ଆକୁଦୁ ଲୋଇସରାମାନାତ୍ । ଇକା ସିରାଦାନ୍ ରାସାଏତ୍,
ମାତର୍ ଜିବନ୍‌ମାନି ମାପୁରୁଦି ଆତ୍ମାଦାନ୍ ଲୋକା ଜିବନ୍‌ତୁ
ରାସାତାମାନାତ୍ । 4 କ୍ରିସ୍ତଦି ସିଜି ମାପୁରୁଦି ମୁସୁକୁ ଆସା ମାନିଡ୍ଙ୍ଗ
ମାଡୁ ଇଜିନିକା, 5 ଇରିଡ୍ଙ୍ଗ ମାଡୁ କିତିମାନି ଦାବି କିନି ଉଣ୍ତିଡ୍ଙ୍ଗ ଇନି
ଜୋଗ୍ୟ ବା ସିଲେତ୍ । ମା ଜୋଗ୍ୟତା ମାପୁରୁଦିମାଣୁକୁ ୱାନାତ୍ ।
6 ପୁନି ନିୟମ୍‌ଦି ସେବାକିନିଉଣ୍ତିଡ୍ଙ୍ଗ ମାପୁରୁ ମାଡ୍ଙ୍ଗ ଆସ୍‌କିତାମାନାନ୍
। ଇୟା ନିୟମ ରାସାଏତ୍, ମାତ୍ର ମାପୁରୁଦି ଆତ୍ମାଦି ଦାନ୍
ୱାତିମାନିକା, ଇରିଡ୍ଙ୍ଗ ରାସାତି ନିୟମ୍ ସାନିକା ଗଟେକିନାତ୍,
ମାତର ଆତ୍ମାଦି ନିୟମ୍ ଜିବନ୍‌କିନାତ୍ । 7 ପିଡ଼୍‌ପିକାଲୁ ମୁସ୍‌କୁ
ରସାତିମାନି ମୋସାଦି ବ୍ୟବସ୍ଥାଦି ସେବା ତିଆର୍ ବେଡ଼ାଦୁ ମାପୁରୁ
ଗୌରବ୍ ତରାତା ମାର୍ହାତ୍ । ଆୟା ଗୌରବ୍‌ତି ଦିୱା ନାମିତି
ମାରିଡ୍ଙ୍ଗବା ମୋସାଦି ଜାୟ୍ ମୋକମ୍‌ତରିନ୍ ଇସ୍ରାଏଲ୍ ଲୋକୁ
ସୁଡୁଦେଡ୍ଙ୍ଗ ଆଟ୍‌ଏତାମାରାର୍ । ସାନିକା ଗଟେକିନି ବ୍ୟବସ୍ଥା
ଜଦି ଇୟାୱାଜା ଗୌରବ୍‌ଦି ୱାଲେ ୱେଡ୍ଙ୍ଗତାତ୍ । 8 ଆର୍‌ତିଡ୍ଙ୍ଗ
ପବିତ୍ରଆତ୍ମାଦି ସେବା ପାଣିଡ୍ଙ୍ଗୱିଜୁ ୱାନି ମାଡ଼ାନ୍ ଏସ ନାଣ୍ତ
ଗୌରବ୍‌ତାନ୍ ତିଆର୍ ଆଏତ୍ । 9 ଦଣ୍ତ ସିନି ନିୟମ୍ ସେବା ପାଣି
ମୋହିମାଦୁ ଜଦି ଏସ ଗୌରବ୍‌ଦୁ, ଆର୍‌ତିଡ୍ଙ୍ଗ ପରିତ୍ରାଣ ଲୋକୁଦି
ନିୟମ୍‌ତିଡ୍ଙ୍ଗ ମାନାତିଡ୍ଙ୍ଗ ଏସ ନାଣ୍ତ ଗୌରବ୍ ଆଏତେମାନାତ୍
। 10 ମାଡୁ ଇନ୍‌ଡ୍ରେଡ୍ଙ୍ଗ ଆଟିନିକା, ପୁର୍ବେ ଆମାକା ଦନ୍ୟବାଦ୍
ମାରାତ୍, ଜାୟ୍‌ତି ଉଣ୍ତି ମହିମାଦି ୱାତାତ୍‌ଆକା ଇଲେଇ ଆକା
ୱାର୍‌ସି ସରାମାନାତ୍ । 11 ଜଦି ତେବାଇ ବିସୟ୍ ନିସ ଗୌରବ୍
ପୋଇନାତ୍, ୱିଜୁ ଦିନ୍‌ତି ବିସୟ୍ ୱେନିମାଡ଼ାନ୍‌କୁ ଏସ ନାଣ୍ତ
ଗୁଣୁତାନ୍ ଗୌରବ୍ ପୋଇନାନ୍! 12 ଆୟା ଆସା ମାନିଡ୍ଙ୍ଗ ମାଡୁ
ନାଣ୍ତ ସାହାସ୍ । 13 ମାଡୁ ମୋସାଦି ୱାଜା ଆଇକା । ୱାନ୍ ନିଜେ
ମୋକମତୁ କାବର୍ ପିଡ଼ିଗିତା ମାରାନ୍, ଏଣ୍ତେସ୍ ନାମ୍‌ଜିମାନି
ଆୟା ଦିୱେଡ୍ଙ୍ଗ ୱିଜ୍‌ନିକା ଇସ୍ରାଏଲ୍ ଲୋକୁ ସୁଡୁଦେଡ୍ଙ୍ଗ ଆଟ୍‌ଏର୍
। 14 ସତେନେ ୱାର୍ ବୁଜାନି ସାକ୍ତି ହାରା କିତାମାନାର୍ ।
ଇଲେଇବା ପାଡ଼୍‌ଇ ନିୟମ୍ ପଡ଼ାନି ୱାଲେ ୱାରି ଆଗ୍‌ଡ଼ି ଆୟା
ଓଡ଼ଣି ବ୍ୟବ୍‌ହାର୍ ମାନାତ୍ । ଜିସୁ କ୍ରିସ୍ତଦି ୱାଲେ ମିସାନିମାଡ଼ାନ୍
କେବଲ ଆୟାୱାନିକା ଆକ ଆନାତ୍ । 15 ନେରୁ ବା ମୋସାଦି
ବ୍ୟବସ୍ଥା ପଡ଼ାନିୱାଲେ ୱାରି ମୋନ୍ ମୁସୁକୁ ମାନାତ୍ ଉଣ୍ତି
କାବର୍ । 16 ମାତର୍ ଆୟା କାବର୍ ଗୁସାଦେଡ୍ଙ୍ଗ ଆଟ୍‌ନାତ୍ ।
ଇରିଡ୍ଙ୍ଗ ଦର୍ମ ସାସ୍ତ ଇନାତ୍, ବ୍ୟବସ୍ଥାଦୁ ମୋସାଦି ବିସୟ୍‌ତାନ୍
ରାସାତାମାନାତ୍, ମାପୁରୁଦି ଆଗ୍‌ଡ଼ି ମୋକମ୍ ସୁଣିଉଣ୍ତିଡ୍ଙ୍ଗ ଆୟା
କାବର୍ ଗୁସାତାସରାତ୍ । 17 ଇୟା ବ୍ୟବସ୍ଥାଦୁ ରାସାତିକା “ପ୍ରବୁ
ଆଜିନାନ୍ ଆତ୍ମା” ଏମେନୁ ପ୍ରବୁଦି ଆତ୍ମା, ଆବେନ୍ ମାନାତ୍
ମୁକୁଡ଼ାନିକା । 18 ମା ୱିଜେରି କେର୍‌ବିଇ ମୋକମି ଇଲେ ପ୍ରବୁଦି
ମହିମା ଜାୟ୍‌ଆନାତ୍ ମାରି ପ୍ରବୁଦି ଆତ୍ମା ମାଡ଼ାନ୍ ସସିମାନି ଆୟା
ମହିମାଦି ଆଟ୍‌ନିମାଡ଼ାନ୍ ମାଡୁ ନାଣ୍ତ ଜାୟ୍ ଇସାବ୍‌ତାନ୍ ୱାନି
ମୁର୍ତିୱାଜା ବାଦ୍‌ଲ ଆଜିନିକା ।

**4** ମାପୁରୁଦି ଦୟା କିଜି ମାଡ୍ଙ୍ଗ ଇୟା ସେବା ପାଣି ସିତିମାନିଡ୍ଙ୍ଗ
ମାଡୁ ୱେଡ଼ିକାସିଲି ଲୋକା ୱାଜା କିଇକା । 2 ସେମାର୍‌ତି
ମାରି ଆରେତିପାଣି କିତି ପାଣି ୱିଜୁ ମାଡୁ ଡ଼ିସିନିକା । ମାପ୍ ଟକେ
କିଏପ୍ ମାରି ମାପୁରୁଦି ବାକ୍ୟଦିଡ୍ଙ୍ଗ ତାଗ୍‌ଇ ଅର୍ତ କିଏପ୍ । ମାତର
ତରାନି ଇସାବ୍‌ତାନ୍ ମାପୁରୁଦି ଆଗ୍‌ଡ଼ି ଲୋକା ବୁଦି ଲାକୁତୁ ମାପ୍

ନିଜେ ନିଜେଦି ସତ୍ ପାର୍‌ମାଣ୍ କିନି ଉଣ୍ତିଙ୍ଗ ଚେଷ୍ଟାକିଜିନାପ୍;
3 ମାତର ମା ମାଡ଼ାନ୍ ପ୍ରଚାର୍ ଆତିମାନି ସୁସମାଚାର୍ ଜଦି
ମାର୍‌ଗିନାମାନାତ୍, ଆର୍‌ତିଙ୍ଗ ଆରେତି ନାସ୍କାଆନିଲୋକା ଉଣ୍ତିଙ୍ଗ
ଆକା ମାର୍‌ଗିନାମାନାତ୍ । 4 ୱାର୍ ବିସ୍‌ୱାସ୍ କିଏରେ, ଇରିଙ୍ଗ
ୱାରି ମନ୍‌ତିଙ୍ଗ ଇୟା ଦୁନିଆଦି ଦିୟାମ୍ କାଣା କିତାମାନାତ୍ ।
ଇସାବ୍‌ତାନ୍ ମାପୁରୁଦି ମୁର୍ତିଦି କ୍ରିସ୍ତଦି ମହିମାନ୍ନିତ ସୁସମାଚାର୍‌ତି
ଜାୟ୍ ୱାରି ଲାକୁତୁ ସଲ୍‌ଏତ୍‌ନି । (aiōn g165) 5 ମାପ୍ ନିଜେଦିଙ୍ଗ
ପ୍ରଚାର୍ କିଏପ୍, ମାତର୍ କ୍ରିସ୍ତଦି ପ୍ରବୁ ଇଜି ମାରି ଜିସୁଦି ଉଣ୍ତିଙ୍ଗ
ନିଜେ ନିଜେଦିଙ୍ଗ ମି ସେବାକିନିକା ଇଜି ପ୍ରଚାର୍ କିନାପ୍, 6 ଇରିଙ୍ଗ
ଆମା ମାପୁରୁ ଇର୍‌ଆମାନାନ୍, “ସିକାଟିଦି ଲୋଇରାନ୍ ଜାୟ୍‌ତିକା
ଆନିକା,” ଆୟା ମାପୁରୁ କ୍ରିସ୍ତଦି ମୋକମ୍‌ତାନ୍ ସାକ୍ତିଦି ମହିମା
ସୁଡ଼ୁନି ଉଣ୍ତିଙ୍ଗ ମା ଜିବନ୍‌ତୁ ଜାୟ୍ କିତାମାନାନ୍ । 7 ମାତର୍
ମାଡୁ କେବଲ ମା ସାମାନ୍‌ତି ସିକିଲା ସାଟିଦୁ ଇୟା ମୁସ୍‌କୁପୁର୍‌ତି
ଦନ୍‌ସମ୍ପତି ପୟ୍‌ତିମାନିକା । ଇବେଣ୍‌କୁ ପାର୍‌ମାଣ୍ ଆତାମାନାତ୍
ଜେ, ଇୟାୱାଜା କାବାଆନି ସାକ୍ତି ମାଦି ଆଏତ୍, ମାତର୍ ମାପୁରୁଦି
। 8 ମାପ୍ ୱିଜୁ ଦୁଃକ୍ କାସ୍କା ପୋଇଜିନାପ୍, ମାତର୍ ନିରାସ୍ ଆଏପ୍
। ବେଡ଼ା ବେଡ଼ାଦୁ ତିଲାଜିନାପ୍ ମାତର୍ ନିରାସ୍ ଆଏପ୍ । 9
ମାପ୍ ଦୁଃକ୍‌କାସ୍କା ପୟ୍‌ତାପ୍, ମାତର୍ ମାପୁରୁ ମାଙ୍ଗେଁ ଏସ୍‌କାଙ୍ଗ ବା
ଡ଼ିସ୍‌ଏନ୍ । ଏସ ବେଡ଼ାଦୁ ମାପ୍ କାସ୍କା ପୟ୍‌ତାମାନାପ୍, ମାତର୍
ଦ୍ୱଂସ ଆଏପ୍ । 10 ଜିସୁଦି ଜିବନ୍ ଏଣ୍ତେସ୍ ମାମାନୁ ୱେଙ୍ଗେଁନାତ୍,
ଆୟାଉଣ୍ତିଙ୍ଗ ମାଡୁ ୱିଜୁଦିନ୍ ମା ମେନ୍ଦ୍‌ଲ୍‌ତୁ ଜିସୁଦି ସାନିକା
ପିଡ଼ିଜିନାପ୍ । 11 ଜିସୁଦି ଜିବନ୍‌ତିଙ୍ଗ ଇୟା ସାତି ମେନ୍ଦ୍‌ଲ୍‌ତାନ୍
ୱେକ୍‌ନି ଉଣ୍ତିଙ୍ଗ କ୍ରିସ୍ତଦି ଉଣ୍ତିଙ୍ଗ ୱିଜୁଦିନ୍‌ତି ଜିବନ୍ ମାଡୁ ସାନି ମାନୁ
ଆର୍‌ତି ମାନିକା । 12 ମାରି ଇୟାୱାଜା ଦାନ୍, ମାମାନୁ ସାନିକା
ମାରି ମି ଲୋଇ ଜିବନ୍‌ତି ପାଣି କିଜି ସାଲାନିକା । 13 ଦର୍ମସାସ୍ତ୍ରଦୁ
ରାସାତା ମାନାତ୍, “ନାନ୍ ବିସ୍‌ୱାସ୍ କିନି ଉଣ୍ତିଙ୍ଗ ୱାର୍‌ଗିତା ।”
ମାଡୁ ଆୟା ବିସ୍‌ୱାସ୍‌ତି ଆତ୍ମା ପୟ୍‌ତିମାନିକା । ମାଡୁ ବିସ୍‌ୱାସ୍
କିଜିନିକା, ଆଦେଙ୍ଗେଁ ୱେର୍‌ସିନାପ୍ । 14 ମାପୁ ନେସ୍‌ନିକା, ମାପୁରୁ
ପ୍ରବୁ ଜିସୁଙ୍ଗେଁ ସାତିମାଣ୍‌କୁ ଜିବନ୍ କିତାମାନାନ୍ । ଆୟା ମାପୁରୁ,
ଜିସୁଦି ୱାଲେ ମାଙ୍ଗେଁ ବା ଜିବନ୍ କିନାନ୍ ମାରି ମି ୱାଲେ ମାଙ୍ଗେଁ ୱାନି
ଲାକ୍‌ତୁ ଅନାନ୍ । 15 ମି ନେଗି ଉଣ୍ତିଙ୍ଗ ଇୟାୱିଜୁ ଗଟାଜିନାତ୍ ।
ମାପୁରୁଦି ଦୟା ମାରି ନାଣ୍ତଦାନ୍ ନାଣ୍ତ ପିର୍‌ଜି ଲୋକାଙ୍ଗ ମୁଟୁତାତ୍,
ମାରି ଗାଦିଲୋକ୍ ନେଗି ମୋନ୍‌ତାନ୍ ମାପୁରୁଦି ଗୌରବ୍ କିନାର୍
। 16 ଇୟାଉଣ୍ତିଙ୍ଗ ମାପ୍ ଏସ୍‌କାଙ୍ଗ ନିସାର୍ ଆଏପ୍ । ମା ମେନ୍ଦ୍‌ଲ୍
ଦିରେ ଦିରେ ୱିଜ୍‌ଜିନାତ୍ । ମାତର୍ ମା ଜିବନ୍‌ତିଆତ୍ମା ଦିନ୍‌ତିଙ୍ଗ
ଦିନ୍ ପୁନିକା ଆଜିନାତ୍ । 17 ଇୟା ଇସ୍ରିମାଟା ମାରି ଅଡ଼ପ୍‌ତି
ଦୁକ୍ କାସ୍କା ମା ଉଣ୍ତିଙ୍ଗ ତାସିନାତ୍ ଇସାବ୍‌ସିଲି ୱିଜୁଦିନ୍‌ତି ଗୌରବ୍
ପୁରା କିଜିନାତ୍ । ଇୟା ଗୌରବ୍ ଦୁଃକ୍‌କାସ୍କାଦାନ୍ ପେରିକା ।
(aiōnios g166) 18 ମା କାଣ୍‌ଗା ସୁଡୁନି ଜିନିସ୍ ମୁସ୍‌କୁ ସିଲେ,
ମାତର୍ ତର୍‌ଇ ଜିନିସ୍ ମୁସ୍‌କୁ ସୁଡୁଜିନିକା, ଇରିଙ୍ଗ ତର୍‌ନି ୱିଜୁ
ଜିନିସ୍ ସାଣେକ୍‌ତିଙ୍ଗ, ମାତର୍ ଆମାକା ତର୍‌ଏତ୍, ଆକା ୱିଜୁଦିନ୍
ତେବାନାତ୍ । (aiōnios g166)

## 5

ମାପୁ ନେସିନିକା, ଏମେ ଦୁନିଆଦି ମେନ୍ଦ୍‌ଲ୍‌ତି ୱାଜା ଗୁଡ଼ାଦୁ
ମାପୁ ଇଲେଇ ବାସା କିଜିନିକା, ଆକା ନାସ୍କା ଆତିଆଙ୍ଗେଁ, ମାଙ୍ଗେଁ
ମାପୁରୁଦି ମୁସ୍‌କୁପୁର୍‌ତୁ ଉନ୍‌ତ୍ରି ୱିଜୁଦିନିତି ଇଲୁ ଜଗେକିନାନ୍ ।
ଆକା ଲୋକ କିୟୁଦାନ୍ ତିଆର୍ କିତିକା ଆଏତ୍ ନିଜେ ମାପୁରୁ
ଆକା ତିଆର୍ କିତାମାନାନ୍ । ଆକା ୱିଜୁଦିନ୍ ତେବାନାତ୍ ।
(aiōnios g166) 2 ଇୟା ଦୁନିଆଦି ଇଲୁଦୁ ମାନ୍‌ଜି ମାପ୍ ଆୟା
ମୁସ୍‌କୁପୁର୍‌ତି ଇଲୁୱାଜା ଆଙ୍ଗେଁ ଆରାଦେଙ୍ଗ ୱେଡ଼ିକା କିଜିନାପ୍
। 3 ମାତର୍ ଆୟା ମୁସ୍‌କୁପୁର୍‌ତି ଇଲୁଦୁ ସରିଆଙ୍ଗେଁ, ମା
ମେନ୍ଦ୍‌ଲ୍‌ନାଗାଡ଼ା ତର୍‌ଏତ୍ । 4 ମାପୁ ଇୟା ଦୁନିଆଦି ଗୁଡ଼ାଦୁ
ମାନିୱାଲେ ୱିଜୁଦିନ୍‌ତି ଜିବନ୍ ଆଡ଼ାବାଜିନାତ୍ । ଦୁନିଆଦି
ମେନ୍ଦ୍‌ଲତିଙ୍ଗ ଡ଼ିସିତେଙ୍ଗ ମା ଆସା ସିଲେତ୍, ମାତର୍ ମାପ୍
ଅଡ଼୍‌ବିନାପ୍, ମୁସ୍‌କୁପୁର୍‌ତି ଆଙ୍ଗେଁ ଆରାନି ମାଣ୍‌କୁ ମା ଇୟା ସାତି
ମେନ୍ଦ୍‌ଲ୍ ଏଣ୍ତେସ୍ ୱିଜୁଦିନ୍‌ତିଙ୍ଗ ନେଗିକା ଆନାତ୍ । 5 ମାପୁରୁ
ମାଙ୍ଗେଁ ଇୟା ବାଦ୍‌ଲେଆନି ଉଣ୍ତିଙ୍ଗ ତିଆର୍ କିତାମାନାନ୍ । ମାରି
ଇୟାକା ମା ଉଣ୍ତିଙ୍ଗ ୱାନି ପବିତ୍ରଆତ୍ମାଦିଙ୍ଗ ୱାନ୍ ୱାନି ସିନା
ୱାଜା ମାଙ୍ଗେଁ ଦାନ୍ କିତାମାନ୍ । 6 ଆୟାଉଣ୍ତିଙ୍ଗ ମାପୁ ୱିଜୁଦିନ୍
ସାହାସ୍ ଆସ୍ତିମାନିକା । ମାପ୍ ନେସ୍‌ନିକା, ଏସ ଦିନ୍ ମାପୁ ଇୟା
ମେନ୍ଦ୍‌ଲ୍‌ତୁ ମାନ୍‌ଜିନିକା, ନାସ ଦିନ୍ ପ୍ରବୁଦି ଇଲୁଦାନ୍ ଆକମାନିଜି
ଜିଜି ମାଡ଼ିନିକା । 7 ଇରିଙ୍ଗ ମା ଜିବନ୍ ତର୍‌ନି ବିସୟ୍ ମୁସ୍‌କୁ
ଜିଜି ମାଡ଼ିଏଣ୍‌ଗା ମାତର୍ ବିସ୍‌ୱାସ୍ ମୁସ୍‌କୁ ଜିଜି ମାଡ଼ିନିକା । 8
ଆଦେଙ୍ଗେଁ ମାପୁ ସାହାସ୍‌ତାନ୍, ମାରି ଇୟା ମେନ୍ଦ୍‌ଲ୍ ଡ଼ିସ୍‌ସି ପ୍ରବୁ
ୱାଲେ ବାସା କିନି ଉଣ୍ତିଙ୍ଗ ମାପୁ ନାଣ୍ତ ୱେଡ଼ିକା । 9 ଆୟାଉଣ୍ତିଙ୍ଗ
ଆତ୍‌ରେ ଆପିତ୍ ଇଲୁଦୁଆପିତ୍ ମାପୁରୁଙ୍ଗ ୱେଡ଼ିକା କିଦେଙ୍ଗ ହଁ
ମା ଉଣ୍ତେ ବଦା । 10 ଇରିଙ୍ଗ ମା ୱିଜେରିଙ୍ଗ ୱାନିମାଡ଼ାନ୍‌କୁ
ବିଚାର୍ ଆଦେଙ୍ଗେଁ ସତେନ୍ କ୍ରିସ୍ତଦି ଆଗ୍‌ଡ଼ି ନିଣ୍ତେରଙ୍ଗ ପଡ଼ାନାତ୍
। ନାସ୍ତିୱାଲେ ସାନି ମେନ୍ଦ୍‌ଲ୍‌ତୁ ମାଡୁ କିତିମାନି ନେଗିକା ବା
ତାଗ୍‌ଇକା, ୱିଜୁ ପାଣିକିତି ଇସାବ୍‌ତାନ୍ ମାଡୁ ପଲ୍ ପୋଇନିକା ।
11 ମାପୁରୁଙ୍ଗ ତିଲାନି ଅର୍ତ ଇନିକା, ମାପ୍ ନେସ୍‌ତାମାନାପ୍, ମାରି
ଇକା କିନି ଉଣ୍ତିଙ୍ଗ ମାପୁ ୱିଜେରିଙ୍ଗ ୱେର୍‌ତାମାନାପ୍ । ମାପୁରୁ
ମାଙ୍ଗେଁ ୱିଜେରିଙ୍ଗ ନେଗେନ୍‌ତାନ୍ ନେସ୍‌ତା ମାନାନ୍ । ନାନୁ ଆସା
କିଜିନା, ମି ବୁଦିଦାନ୍ ନାଙ୍ଗେଁ ନେଗେନ୍‌ତାନ୍ ନେସ୍‌ନିଦେର୍ । 12
ମାପୁ ମାରିଡ଼େସି ମି ଲାକ୍‌ତୁ ମାପୁ ଜିବନ୍ ଗର୍ବ କିଦେଙ୍ଗ ଇଛା
କିଏଜିନାପ୍ । ମାତର୍ ମା ବିସୟତାନ୍ ଟିକ୍‌ତାନ୍ ଗର୍ବ କିନି ଉଣ୍ତିଙ୍ଗେଁ
ମିଙ୍ଗେଁ ସୁଜୋଗ ସିଦେଙ୍ଗ ମା ଉଦେସ୍ । ଆର୍‌ତିଙ୍ଗ, ମୋନତି ଗୁଣ୍
ସୁଡୁଏଜି କେବଲ ଆତେରି ୱେଡ଼ିକା ସୁଡ଼୍‌ଜି ଏମେକାର୍ ଗର୍ବ
କିନାର୍, ୱାରିଙ୍ଗ ମିର୍ ଟିକ୍ ବେଡ଼ାଦୁ ଉତର ସିଦେଙ୍ଗ ଆଟିନିଦେର୍
। 13 ମାଦି ଇନିକା ବୁଦିବେମ୍ରି ଆତାମାନାତ୍? ମାଦି ଜଦି ବେମ୍ରି
ଆନାମାନାତ୍, ଆକା ମାପୁରୁଦି ଉଣ୍ତିଙ୍ଗ ଆତାମାନାତ୍ । ମାପ୍
ଇନିକା ଆୟା ନାନିଲୋକ? ମାପ୍ ଜଦି ଆୟା ନାନିଲୋକ,

ଆର୍‌ତିଙ୍ଗ ମି ଉଣ୍ତିଙ୍ଗ ଆୟାୱାଜା ମାନାପ୍ । 14 କ୍ରିସ୍ତୁଦି ଜିବନ୍‌ନନି
ମାଣାନ୍ ମାପୁ ବୁଲାଜିସାଜିନିକା । ମାଡୁ ବୁଜାଜିନିକା ଜେ, ଅରେନ୍
ୱିଜେରିଉଣ୍ତିଙ୍ଗ ସାତିମାନିଙ୍ଗ ୱିଜେରେ ଆୟାୱିଜେରେ ସାତିମାନୁ
ମିସାତାର୍ । 15 ୱାନ୍ ୱିଜେରି ଉଣ୍ତିଙ୍ଗ ସାତିମାନିଙ୍ଗ ଏମେକାର୍
ଜିବନ୍ ମାନାର୍, ୱାର୍ ମାରି ନିଜେଦି ଉଣ୍ତିଙ୍ଗ ଜିବନ୍‌ଜାପନ୍
କିଏଜି ୱାନିଉଣ୍ତିଙ୍ଗ ଜିନାର୍, ମାତର ୱାନିଉଣ୍ତିଙ୍ଗନେ ୱାନ୍ ସାଜି
ମାରିଡ଼େସି ନିଙ୍ଗ୍ଁତାମାନାନ୍ । 16 ମାପ୍ ମାରି ଏମେୱାନିଙ୍ଗ
ଲୋକା ଇସାବ୍‌ତାନ୍ ବିଚାର୍ କିଏପ୍ । ବେଡ଼ା ମାରାତ୍ ନାସ୍ତିୱାଲେ
ମାପୁ କ୍ରିସ୍ତୁଦିଙ୍ଗ ବା ଲୋକା ଇସାବ୍‌ତାନ୍ ବିଚାର୍ କିଜିମାର୍ହାପ୍ ।
ମାତର ଇଲେ ମାରି ମାପୁ ଆୟାୱାଜା କିଏଜିନାପ୍ 17 କ୍ରିସ୍ତୁଦି
ୱାଲେ ମିସାତିଙ୍ଗ, ଲୋକୁ ପୁନିକାନ୍ ତିଆର ଆନାତ୍ । ପାଡ଼ଇ
ବିସୟୱିଜୁ ମାରିଗିତା ସର୍ହାମାନାତ୍, ମାରି ପୁନି ବିଷୟ ଆତାନ୍
। 18 ଇୟାୱିଜୁ ମାପୁରୁଦି ପାଣି । ୱାନ୍ କ୍ରିସ୍ତୁଦି ମାଡ଼ାନ୍‌କୁ
ମାଙ୍ଗ୍ଁ ୱାନିୱାଲେ ମାରି ମିସାକିତା ମାନାନ୍ ମାରି ୱାନିୱାଲେ
ଆଇୱାରିଙ୍ଗ ବା ମାରି ମିସା କିନି ଉଣ୍ତିଙ୍ଗ ୱାନ୍ ମାଙ୍ଗ୍ଁ ସେବା
ଦାୟିତ୍ ସିତାମାନାନ୍ । 19 ଆର୍‌ତିଙ୍ଗ ମା କାବୁର୍ ଆଜିନାତ୍,
ମାପୁରୁ କ୍ରିସ୍ତୁଦି ମାଡ଼ାନ୍ ୱିଜୁ ଦୁନିଆଦି ଲୋକାଙ୍ଗ ୱାନି ୱାଲେ
ମାରି ମିସା କିନି ଉଣ୍ତିଙ୍ଗ ନିୟମ କିତାମାନାନ୍ । ୱାନି ବିରୁଦ୍‌ତାନ୍
ୱାରି ପାପ୍‌ୱିଜୁ ୱାନ୍ ମାରି ୱାନି ଇସାପ୍‌ତାନ୍ ଇଡ୍‌ଏନ୍ । ମାରି,
ଇୟା ପୁନି ମିସାକିନି କାବୁର୍ ୱେରେ୍‌ତଙ୍ଗ ଦାୟିତ୍ ମା ମୁସୁକୁ
ବୋଜୁ ସିତାନ୍ । 20 ଆର୍‌ତିଙ୍ଗ ମାପ୍ କ୍ରିସ୍ତୁଦି ତରିଟାନ୍ ଇୟା
ବଲୁ ଇଜିନାପ୍ । ନିଜେ ମାପୁରୁ ମା ମାଡ଼ାନ୍‌କୁ ଇୟା କୁକ୍‌ନିକା
ସିତାମାନା ଇଜି ଅଡ୍‌ବିଦେଙ୍ଗ୍ଁ ଆନାତ୍ । କ୍ରିସ୍ତୁଦି ତରିଟାନ୍ ମାପୁ
ମାଡ଼ିସ୍ କିଜିନାପ୍, ମାପୁରୁ ବାଦେଲେ କିପିନ୍ ମିଙ୍ଗ୍ଁ ସାତୁଦାନ୍
ତଡ୍‌ଆଦେଙ୍ଗ୍ଁ । ମାପୁରୁଦି ୱାଲେ ପୁନା ମିସାଦୁ, 21 ମାତର
କ୍ରିସ୍ତୁମାନୁ ପୁରା ପାପ୍ ସିଲେତିଙ୍ଗ ବା, ମାପୁରୁ ୱାନିଙ୍ଗ ମା ଉଣ୍ତିଙ୍ଗ
ପାପ୍‌ତି ପୁଜା ୱାଜାକିତାନ୍, ମାଡ୍ ଏଣ୍ତେସ୍ ୱାନିୱାଲେ ମିସାଜି
ମାପୁରୁଦି ଦାର୍ମୁପାଣିଦୁ ମିସାଦେଙ୍ଗ ଆଟିନିକା ।

**6** ମାପୁରୁଦି ଉଣ୍ତିଙ୍ଗ ଅର୍‌ସେ ପାଣି କିତିମାନିଙ୍ଗ ମାପ୍ ମିଙ୍ଗ୍ଁ
ମାଡ଼ିସ୍ କିଜିନାପ୍, ମି ଜିବନ୍‌ତୁ ମାପୁରୁଦି ଦୟା ଆରେଏ
କିମାଟ୍ । 2 ୱେନ୍‌ତୁ ଆମାକା ମାପୁରୁ ଇନାନ୍: "ମି ଉଣ୍ତିଙ୍ଗ
ଦୟା ତର୍‌ନି ବେଡ଼ା ୱାତିମାନିଙ୍ଗ ନାନ୍ ମି ପାର୍‌ତାନା ୱେର୍‌ଆ,
ରକ୍ୟାଦି ନାଣ୍ତିଙ୍ଗ ମି ସାକା ଆତା ।" ୱେନ୍‌ତୁ! ଇକା ଆଜିନାତ୍,
ମାପୁରୁଦି ଦୟା ମାନାନି ବେଡ଼ା । ନେରୁ ଆଜିନାତ୍ ରକ୍ୟାଦି
ଦିନ୍ । 3 ଆମା ସେବାକିନି ବାଡି ମାପ୍ ପୟ୍‌ତା ମାନାପ୍, ତାନି
ଦସ୍ ଏଣ୍ତେସ୍ ଆଏତ୍, ଆୟାଉଣ୍ତିଙ୍ଗ ମାପ୍ ଏମେୱାନି ପାଣିଦୁ
ବାଦା ସିଏପ୍ । 4 ମାରି ମାଡୁ ୱିଜୁ ଅବସ୍ଥାଦୁ ନିଜେଦିଙ୍ଗ ମାପୁରୁଦି
ସେବାକିନିକା ୱାଜା ଜାଣାସିନା କିଜିନାପ୍ । ନାଣ୍ତୁ ସାହାସ୍‌ତାନ୍
ମାପ୍ ୱିଜୁ ରକମ୍‌ତି କାସ୍ଟ, କାକୁର୍ତି ମାରି କାସ୍ଟ ସାସ୍‌କିତାମାନାପ୍;
5 ମାପ୍ ମାଡ୍ ତିର୍‌ଆର୍ହାପ୍, ଜେଲଦଣ୍ତ ବୋଗକିତାମାନାପ୍, ଜୁଦ୍‌ଦୁ
ସାମ୍‌ନା କିତାମାନାପ୍; ନାଣ୍ତକାସ୍ଟପାଣି କିତାମାନାପ୍, ଅନିଦ୍ରାଆଜି
ତେବାତାପ୍ ମାରି କାଦି ଉଣୁଏଣ୍‌ଗା ତେବାତାମାରାପ୍ । 6 ମା
ପବିତ୍ରତା ବୁଦି, ସାହାସ୍, ଦୟା, ସତ୍ ଜିବନ୍‌ନୋନିକା ମାରି ସତ୍‌ତି
ମାଟା ଉଣ୍ତିଙ୍ଗ ପବିତ୍ର ମାପୁରୁଦି ସାକ୍ତିଦାନ୍ ମାପ୍ ମାପୁରୁଦି ସେବକ
ଇଜି ପରିଚୟ ସିତାମାନାପ୍, 7 ସତ୍ ବାକ୍ୟଦୁ, ମାପୁରୁଦି ସାକ୍ତିଦୁ
ଉଣେରି ତରିନ୍ ନି ଡେବ୍ରି ତରିନ୍ ବିରୁଦ୍‌ତାନ୍ ଲଡ଼େଇ କିନି ଉଣ୍ତିଙ୍ଗ
ଦାର୍ମୁ ଜିବନ୍ ମା ପେରି ସାଜୁ । 8 ମାପ୍ ସନ୍‌ମାନ୍ ଆଜିନାପ୍ ମାରି
ଅପମାନିତ ଆଜିନାପ୍, ପ୍ରସଂସା ମାରି ସେମାର୍ ପୟ୍‌ଜିନାପ୍ ।
ମାଙ୍ଗ୍ଁ ମିଚୁଆର୍ ଇଜି ଅପମାନ୍ ସିତାମାନାର୍, ଆତିଙ୍ଗ୍ଁବା ମାପ୍
ପୁରା ସତ୍ ଇଜିନାପ୍ । 9 ମାପ୍ ନେସ୍‌ତି ଲୋକ୍ ଆଜି ବା
ନେସ୍‌ଇ ଲୋକା ୱାଜା, ଜିବନ୍ ମାନ୍‌ଜି ବା, ସାତିକାର୍ ଇଜି
ଦର୍‌ପୟ୍‌ତାପ୍ । ମାପ୍ ଦଣ୍ତ ପୋଇତାମାନାପ୍, ମାତର ସାଏପ୍ ।
10 ମାପ୍ ଆଡ୍‌ବାଜି ବା ୱିଜୁଦିନ୍ ୱେଡ଼ିକା । ମାପ୍ କାକୁର୍ତିୱାଜା
ତରାଜିନାପ୍, ମାତର ଏସ ଲୋକାଙ୍ଗ ମାଜନ୍‌କିତାମାନାପ୍ ।
ମାଙ୍ଗ୍ଁ ଇନିକା ସିଲେତିୱାଜା ମନେଆଜିନାତ୍, ମାତର ସତ୍‌ତାନ୍
ମାପ୍ ୱିଜୁଦି ଅଦିକାରିର୍ । 11 କରନ୍ତିଦି ଲାଡ୍‌ତି ତଡ଼ାନ୍‌କୁ ନି
ତାଙ୍ଗ୍ଁକ୍ ମାପୁ ସୁରି ୱାର୍‌ଗିନି ଲୋକ୍ ସିଲେ ମିଙ୍ଗ୍ଁ ୱିଜୁ ଇର୍ହାମାନାପ୍
। ମି ଲାକୁତୁ ମା ଜିବନ୍ ରେତା ସିତାମାନାପ୍ । 12 ମାପୁ ମି
ଉଣ୍ତିଙ୍ଗ କେରେପ୍‌ତି ଜିବନ୍ ଆଏପ୍, ମାତର ମି ଜିବନ୍ ମା ଉଣ୍ତିଙ୍ଗ
କେର୍‌ବିତାମାନାତ୍ । 13 ମିଙ୍ଗ୍ଁ ନା କଡ଼ର୍ ଇଜି ଅଡ୍‌ବିଜି ଇୟାୱିଜୁ
ଇଜିନା । ମା ଅଡ଼ବିନି ଇସାବ୍‌ତାନ୍ ମି ଜିବନ୍ ରେଆପିଡ୍ ।
14 ମିର୍ କ୍ରିସ୍ତୁଦିମାନୁ ଏମେକାର୍ ବିସ୍‌ବାସ୍ କିଏର୍ ୱାରିୱାଲେ
ସାମାନ୍ ପାଣି କିଦେଙ୍ଗ ସେସ୍ଟା କିମାଟ୍ । ଇକା ଏସାଙ୍ଗ ବା
ଆଦେଙ୍ଗ୍ଁ ଆଟ୍‌ଏତ୍ । ଦାର୍ମୁ ମାରି ଅଦାର୍ମୁ ମିସାନେ ଏମେ?
ଜାୟ୍ ନି ସିକାଟି ଏଣ୍ତେସ୍ ଅର୍‌ସେ ତେବାନେ? 15 କ୍ରିସ୍ତୁ ମାରି
ସୟତାନ୍ ଏଣ୍ତେସ୍ ଉଣ୍ତେ ମାଟା ଆନାର୍? ବିସ୍‌ବାସି ୱାଲେ
ଅବିସ୍‌ବାସି ଏମେ ବିସୟ୍‌ତୁ ଉଣ୍ତେ ମାଟା ଆଦେଙ୍ଗ ଆଟ୍‌ନାର୍? 16
ମାପୁରୁଦି ମନ୍ଦିର୍‌ତୁ ଏଣ୍ତେସ୍ ଦିୟାମ୍ ତିଆର୍ ଆନାତ୍? ମାଡ୍ ତୋ
ଜିବନ୍‌ମାନି ମାପୁରୁଦି ମନ୍ଦିର୍, ଇରିଙ୍ଗ ମାପୁରୁ ନିଜେ ଇର୍ହାମାନାନ୍,
"ନା ଲୋକାୱାଲେ ନାନୁ ବାସାକିନା ମାରି ୱାରି ମାନୁ ତେବାନା;
ନାନୁ ୱାରି ମାପୁରୁ ଆନା ମାରି ୱାର୍ ନା ନିଜେ ଲୋକ ଆନାର୍ ।"
17 ଆଦେଙ୍ଗ ପ୍ରବୁ ଇନାନ୍, "ୱାରି ମାଡ଼ାନ୍‌କୁ ମିର୍ ସୋହସିରାଦୁ,
ୱାରିମାଡ଼ାନ୍‌କୁ ନିଜେଦିଙ୍ଗ ୱେର୍‌ଏ କିଦୁ । ତାଗ୍‌ଇ ବିସୟ୍‌ତି ୱାଲେ
ମିସାମାଟ୍, ଆର୍‌ତିଙ୍ଗ୍ଁ ନାନୁ ମିଙ୍ଗ୍ଁ ଆସ୍‌ନା । 18 ନାନୁ ମି ବୁବା
ଆନା, ମାରି ଆନିଦେର୍ ନା କଡ଼ର୍ ଆଇଲିକ୍, ସର୍ବସାକ୍ତିମାନ୍
ପ୍ରବୁ ଇୟା ବଲୁ ଇନାନ୍ ।"

**7** ତଡ୍‌କୁ ନି ତାଙ୍ଗ୍ଁକ୍ ଇୟାୱିଜୁ ମାଟା ମାଡ୍ ମାପୁରୁଦିମାଣାନ୍
ପୋଇତିମାନିକା । ଆଦେଙ୍ଗ ରାଦୁ, ମେନ୍ଦଲ୍ ମାରି ଆତ୍ମାଦିଙ୍ଗ
ତାଗ୍‌ଇକାକିତିମାନୁ ୱିଜୁ ବିସୟ୍‌ତାନ୍ ନିଜେ ନିଜେଦିଙ୍ଗ ନର୍‌ନାଟ୍
। ମାରି ମାପୁରୁଦିଙ୍ଗ ତିଲାଜି ପୁରା ପବିତ୍ର ୱାଜା ଜିନାଟ୍ । 2
ମି ଜିବନ୍‌ତୁ ମାଙ୍ଗ୍ଁ ବାଡି ସିଦାଟ୍ । ମାପ୍ ଏମେୱାନିଙ୍ଗ ଅନ୍ୟାୟ୍
କିଏପ୍, ଏମେୱାନିଙ୍ଗ ନାଷ୍ଟକିଏପ୍ ଇରିଙ୍ଗ ଏମେୱାନି ମାଡ଼ାନ୍‌କୁ

ଇନିକା ଲାବ୍ ପୟେ଼ଦଙ୍ଗ ଚେଷ୍ଟାକିଏପ୍ । 3 ମିଙ୍ଗେଁ ଦୋସ୍ ସିଦେଙ୍ଗ
ନାନୁ ଇୟା ବଲୁ ଇନ୍ଏ । ନାନୁ ଆଗଡ଼ିରାନ୍ ଇଜିନା, ମିର୍ ମା
ନିସ ଲାଡ଼୍ ଜେ ମାପ୍ ଜିତିଙ୍ଗ ଉଣ୍ତ୍ରେମାନୁ ଜିନାଟ୍ ମାରି ସାତିଙ୍ଗ
ଉଣ୍ତ୍ରେମାନୁ ସାନାଟ୍ । 4 ମି ମୁସୁକୁ ନା ବେସି ଆସା ମାନାଡ଼୍ । ମି
ଉଣ୍ତ୍ରିଙ୍ଗ ନାନୁ ଗର୍ବ ବା ନାଣ୍ତ୍ର । ଦୁକ୍ କାସ୍କୁ ବେଡ଼ାଦୁ ନାନୁ ସାହାସ୍
ତର୍‌ତାମାନା । ୱେଡ଼ିକାଦୁ ମୁଜିତାମାନା । 5 ଇୟାୱାଜାକି
ମାସିଦୋନିଆଦୁ ଇତିୱାଲେ ମାପୁ ରମ୍ଏତାପ୍ନି । ୱିଜୁମାନୁ
ଅସାନ୍ତି ମାରି ଜାଟି ଲାଗାତାମାରାଡ଼୍, ଆଦେଙ୍ଗେଁ ମା ମୋନତୁ ସାନ୍ତି
ସିଲେତାଡ଼୍ । 6 ମାତର ଏମେ ନିରାସ୍ତି ୱାରିଙ୍ଗ ସାସ୍ ସିଜିମାନି
ମାପୁରୁ ତିତସତିଙ୍ଗ ପୋକ୍ସି ମାଙ୍ଗେଁ ୱେଡ଼ିକା ସିତାମାନାନ୍ । 7
କେବଲ ୱାନି ୱାନିମାଣାନ୍ ସିଲେ, ମାତର ୱାନ୍ ମି ଲାକୁତୁ ସଲ୍‌ସି
ଏମେ ୱେଡ଼ିକା ପୋଇତାମାନାନ୍, ଆୟାମାଡ଼ାନ୍ ମାପୁ ୱେଡ଼ିକା
ଆତାମାନାପ୍ । ନାଙ୍ଗି ସୁଡୁଦେଙ୍ଗ ମି ଏସ ୱେଡ଼ିକା, ନା ଉଣ୍ତ୍ରିଙ୍ଗ ମି
ଏସ ଦୁକ୍, ନାଙ୍ଗି ସାସ୍ କିଦେଙ୍ଗ ମିର୍ ଏସ ୱେଡ଼ିକା, ଇୟାୱିଜୁ
ବିସୟ୍ ୱାନ୍ ନାଙ୍ଗି ୱେର୍‌ତାମାନାନ୍ । ଆବେଶାନ୍ ନାନୁ ନାଣ୍ତ୍ର
ୱେଡ଼ିକା ଆତାମାନା । 8 ନା ସିଟି ପୋଡ଼ାଜି ମିର୍ ମୁର୍ଚାଆତିମାରିଙ୍ଗ
ବା, ଆୟାଚିଟି ରାସ୍‌ତିମାନିଙ୍ଗ ନା ମୋନତୁ ଇନି ଦୁକ୍ ସିଲେଡ଼୍
। ସିଟି ମିଙ୍ଗେଁ ସାଣେକ୍‌ତିଙ୍ଗ ଦୁକ୍ କିବିସ୍‌କିତିମାନିଙ୍ଗ ନାନୁ ଦୁକ୍
ଆତାମାନ୍ନି । 9 ମାତର ମି ମୋନତୁ ଦୁକ୍ ସିତିମାନିଙ୍ଗ ସିଲେ,
ମାତର ଇୟା ଦୁକ୍ ମି ଜିବନ୍‌ତି ବୁଲାସାଲା ବାଡ଼୍‌ଲେ କିତିମାନିଙ୍ଗ
ଇଲେଇ ନାନୁ ୱେଡ଼ିକା କିଜିନା । ମାପୁରୁଦି ବଦା ଇସାବ୍‌ତାନ୍
ମିର୍ ଇୟା ଦୁକ୍ ସାସ୍ କିଜିନିଦେର୍ । ଆଦେଙ୍ଗ ମା ମାଡ଼ାନ୍ ମିର୍
ଇନି ରକମ୍‌ତି ନାଷ୍ଟୁ ଆଇଦେର୍ । 10 ମାତର ଇୟାୱାଜାଦି ଦୁକ୍
ମାପୁରୁଦି ମାଡ଼ାନ୍ ବେବହାର୍ ଆଜି ତାନିମାଡ଼ାନ୍ ଜିବନ୍ ବାଡ଼୍‌ଲେ
ଆତିଙ୍ଗ ରକିୟା ପୁଟ୍‌ନାଡ଼୍ । ଇବେନୁ ଚିନ୍ତାକିନି ବିସୟ୍ ସିଲେଡ଼୍
। ମାତର କେବଲ ଦୁନିଆଦି ଦୁକ୍ ସାନିକା ଗଟେକିନାଡ଼୍ । 11
ଆଦେଙ୍ଗ ସୁଡୁଦୁ, ମାପୁରୁଦି ମାଡ଼ାନ୍ ବଦାଦାନ୍ ପୟ୍‌ତିମାନିଦେର୍
ଇୟା ଦୁକ୍ ମିଙ୍ଗେଁ ମୋନତୁ ଏସ ୱେଡ଼ିକା, ଏସ ତିଲାନିକା, ଏସ
ରିସା, ଏସ, ନିଜେଦିଙ୍ଗେଁ ଟିକ୍ କିଦେଙ୍ଗେଁ ଏସ ସିକିୟା, ତାଗ୍‌ଇ
ପାଣିକିନିୱାରିଙ୍ଗ ସାସ୍ତିସିଦେଙ୍ଗ ଏସ ତାନ୍କା ମାନାଡ଼୍ । ଇୟାୱିଜୁ
ବିସୟତାନ୍ ମିର୍ ଦୋସ୍ ସିଲିକାର୍ ପାର୍‌ମାଣ୍ ଆଜିନିଦେର୍ ।
12 ଜଦିବା ନାନୁ ମି ଲାକ୍‌ତୁ ରାସ୍‌ତା ସିଟି, ମି ମାଡ଼ାନ୍‌କୁ ଜେ
ଅନ୍ୟାୟ୍ କିତାମାନାନ୍ ବା ଜେ ଅନ୍ୟାୟ୍ ସାସ୍ କିତାମାନାନ୍, ତାନି
ଉଦେସ୍‌ତାନ୍ ନାନୁ ଆୟା ସିଟି ରାସ୍ଏମାରା । ମାତର୍ ମାପୁରୁଦି
ଆଗଡ଼ି ମା ଉଣ୍ତ୍ରିଙ୍ଗ ମି ମାନାନିକା ଏସ ନାଣ୍ତ୍ର ମାରି । 13 ଆୟା
ଉଣ୍ତ୍ରିଙ୍ଗ ମାପୁ ଏସ ୱେଡ଼ିକା, ଆକା ୱେର୍‌ନି ଉଣ୍ତ୍ରିଙ୍ଗ ନାନୁ ଆୟା
ସିଟି ରାସାତା । ମାପୁ କେବଲ ୱେଡ଼ିକା ଆଏପ୍ । ମିର୍ ତିତସତିଙ୍ଗ
ୱିଜୁ ବିସୟତି ସାହାଜ୍ୟ କିଜି ଏଣ୍ତ୍ରେସ୍ ୱେଡ଼ିକା କିଜିନିଦେର୍,
ଆକା ମାଙ୍ଗେଁ ବେସିୱେଡ଼ିକା ସିତାମାନାଡ଼୍ । 14 ୱାନି ଲାକୁତୁ ମି
ଉଣ୍ତ୍ରିଙ୍ଗ ନାନୁ ଗର୍ବ କିଜିନା । ମାରି ଆୟାଉଣ୍ତ୍ରିଙ୍ଗ ନା ତାଲା ଆଡ଼୍‌ଗି
ଆଏଡ଼୍ । ଏଣ୍ତ୍ରେସ୍ ମି ଲାକୁତୁ ମାପୁ ୱିଜୁଦିନ୍ ସତ୍ ଇଜିୱାଜିନାପ୍,
ଆୟାୱାଜା ତିତସତି ଲାକୁତୁ ମାପୁ କିତିମାନି ପେରି ମାଟେଙ୍ଗ,
ମିଚ୍ ପାର୍‌ମାଣ୍ ଆଏଡ଼୍ । 15 ମିର୍ ୱିଜେରେ ଏଣ୍ତ୍ରେସ୍‌ତାନ୍ ୱାନିଙ୍ଗେଁ
ମାନାଜି ମାରିଇଦେର୍ ମାରି ତିଲାଜି ମାରି ତିର୍‌ଗିଜି ମୋନତୁ
ୱାନିଙ୍ଗ କୁକ୍‌ତିମାରିଇଦେର୍, ଇୟା ମାଟା ଅଡ଼୍‌ବିଜି ମି ଉଣ୍ତ୍ରିଙ୍ଗ
ୱାନି ଜିବନ୍‌ନୋନିକା ମାରି ନାଣ୍ତ୍ରଆଜିନାଡ଼୍ । 16 ନାନୁ ୱିଜୁ
ବିସୟ୍‌ତୁ ମି ମୁସୁକୁ ପୁରା ଆସା ଇଡ଼୍‌ଜି ଆଟ୍‌ତିମାନିଙ୍ଗ ନାନୁ ଏସ
ୱେଡ଼ିକା ।

8 ଏ ତଡ଼ାନ୍‌କୁ ନି ତାଙ୍ଗେଁକ୍, ମାସିଦୋନିଆଦି ମଣ୍ତ୍ରଲିୟାଙ୍ଗ
ଏଣ୍ତ୍ରେସ୍ ମାପୁରୁଦି ଦୟା ପୋଇତାମାନାର୍, ଆକା ମିଙ୍ଗେଁ
ୱେର୍‌ତେଙ୍ଗ ବଦା କିଜିନା । 2 ୱାର୍ ନାଣ୍ତ୍ରକାସ୍କୁ ମାଣାନ୍‌କୁ ସିଜି
ପରିକା ଆତାମାନାର୍ ମାରି ୱାର୍ ବେସି କାକୁର୍ତି ଆତିଙ୍ଗବା, ୱିଜ୍‌ଇ
ବଦାଦି ମାଡ଼ାନ୍‌କୁ ନିଜେ ମୋନତି ୱେଡ଼ିକାଦାନ୍ ୱେକ୍‌ତାମାନାର୍
। 3 ନାନୁ ସତ୍ ବାବେ ଇଜିନା ଜେ, ୱାରି ବଦାଦାନ୍ ନିଜେଦି
ସାକ୍ତି ଇସାବ୍‌ତାନ୍ ଇୟାୱାଜାନେ ନିଜେଦି ଆଟ୍‌ନି ମାଣାନ୍ ନାଣ୍ତ୍ର
ବା ଦାନ କିତାମାନାର୍ । 4 ଜିହୁଦାଦୁମାନି ମାପୁରୁଦି ଲୋକାଙ୍ଗ
ସେବାକିନି ଉଣ୍ତ୍ରିଙ୍ଗ ୱାରିଙ୍ଗ ଦୟା ସିଆୟ୍‌ଆପିଡ଼୍ ଇଜି ୱାର୍ ମାଙ୍ଗେଁ
ବାତିଙ୍ଗେଁ ମାଲିତାମାର୍ହାର୍ । 5 ୱାରିମାଡ଼ାନ୍‌କୁ ମାପୁ ନିସ ଆସା
କିଏତା ମାରାପ୍ । ଆଗଡ଼ିନେ ୱାର୍ ନିଜେ ନିଜେଦିଙ୍ଗ ମାପୁରୁଦି
ମାନୁ ସିଆୟ୍‌ଆଜି ମାରାର୍ ମାରି ୱେନେକା ମାପୁରୁଦି ଇଚ୍ଛା
ଇସାବ୍‌ତାନ୍ ନିଜେ ନିଜେଦିଙ୍ଗ ମା ଉଦେସ୍‌ତାନ୍ ସିଆଇଆତାର୍ ।
6 ତିତସଦି ସାହାଜ୍ୟଦାନ୍ ଇୟା ଦୟା ପାଣି ଆରାମ୍ ଆତାମାରାଡ଼୍
। ତେନିଙ୍ଗ ସାଲାକିଜି ଇଡ଼େ଼ଦଙ୍ଗ ମାରି ଇୟା ଜିବନ୍‌ନନି ଉଣ୍ତ୍ରିଙ୍ଗ
ସେବାପାଣିଦୁ ମିଙ୍ଗେଁ ସାହାଜ୍ୟ କିନିଉଣ୍ତ୍ରିଙ୍ଗ ତିତସତିଙ୍ଗ ଅନୁରଡ଼୍
କିତା । 7 ମିର୍ ୱିଜୁ ବିସୟ୍‌ତୁ ମାଜନ୍ ଆତିମାନିଦେର୍ । ମି
ବିସ୍‌ବାସ୍, ମାଟା ୱାର୍‌ଗିଦେଙ୍ଗ, ଜ୍ଞାନ, ସାହାଜ୍ୟକିଦେଙ୍ଗ ୱେଡ଼ିକା
ମାରି ମା ଉଣ୍ତ୍ରିଙ୍ଗ ଜିବନ୍‌ନୋନିକା ତର୍‌ତେଙ୍ଗେଁ ନାଣ୍ତ୍ର ପରିଚୟ୍
ସିତିମାନିଦେର୍ । ଆଦେଙ୍ଗେଁ ଇୟା ଦୟା ସେବାପାଣିଦୁ ବା ଦାନ୍
ସିନିକାନ୍ ଆଜି ଜିବନ୍‌ନୋନିକା ପରିଚୟ୍‌ସିଦୁ, ଇକା ନା ବଦା
। 8 ଇୟା ବିସୟ୍‌ତାନ୍ ମି ଉଣ୍ତ୍ରିଙ୍ଗ ନାନୁ ଇନିକା ନିତିନିୟମ୍
କିଏଜିନା । କେବଲ ସେବାପାଣିଦୁ ଆଇୱାରିଙ୍ଗ ୱେଡ଼ିକାଦି
କାତାସିଜି ମି ଜିବନ୍‌ନନି ସତ୍ ନେସିନି ଉଣ୍ତ୍ରିଙ୍ଗ ନାନୁ ଚେଷ୍ଟାକିଜିନା
। 9 ମିର୍ ପ୍ରବୁ ଜିସୁ କ୍ରିସ୍ତୁଦି ଦୟା ବିସୟନେସ୍କୁ । ୱାନ୍ ମାଜନ୍
ଆତିଙ୍ଗବା ମି ଉଣ୍ତ୍ରିଙ୍ଗ ଗରିବ୍ ଆତାନ୍ ୱାନି କାକୁର୍ତିମାଡ଼ାନ୍
ମିର୍ ବା ଏଣ୍ତ୍ରେସ୍ ମାଜନ୍ ଆଦେଙ୍ଗେଁ ଆଟିନିଦେର୍ । 10 ଇୟା
ବିସୟତାନ୍ ମିଙ୍ଗେଁ ନା ଇୟା ଆଦେସ୍, ଦରନ୍ ମିର୍ ଏମେକା
ଆରାମ୍‌କିତିମାରିଦେର୍, ଆକା ଇଲେଇ ୱିଜିସି କିଦେଙ୍ଗ ମି ଇଛା
। ଇରିଙ୍ଗ ପାଣି କିଦେଙ୍ଗ ସିଲେ, ମାତର ପାଣିକିଦେଙ୍ଗ ଟିକ୍
ୱିକ୍‌ତେଙ୍ଗ ମିର୍ ଆଜିନିଦେର୍ ଆଗିଡ଼ି । 11 ଇଲେଇ ପାଣିକିଜି
ସାତ୍ତୁ ମାରି ମି ସୁଜଗ୍‌ତାନ୍ ଆକା ୱିସ୍‌ତୁ । ନେଗିକାଆସିନି
ବେଡ଼ାଦୁ ମି ଏମେ ୱେଡ଼ିକା ମାରାଡ଼୍, ପାଣି ୱିଜିନିସାନ୍ନି ଆକା
ଆସ୍‌ସ ଇଡ଼୍‌ଦୁ । 12 ମାତର୍ ଦାନ ସିଦେଙ୍ଗ ୱେଡ଼ିକା ମାରିଙ୍ଗ,

ଲୋକୁ ୱାନି ବଡା ଇସାବ୍ତାନ୍ ଆମାକା ଦାନ୍ କିନାନ୍, ମାପୁରୁ
ଆସ୍ନାନ୍ । ୱାନି ସିଦେଙ୍ଗଆଟ୍ନି ଆଟ୍ରେ ୱାନ୍ ଇନିକା ସିପିନ୍
ଇଜି ମାପୁରୁ ବଡା କିଏନ୍ । 13 ମି ମୁସୁକୁ ଇୟା ବୋଜୁଦିଙ୍ଗ ତିଗଜ
ଆଇୱାରିଙ୍ଗ ସୁକ୍ ସିଦେଙ୍ଗ ନାନୁ ବଡା କିଏଜିନା । 14 ମାତର୍
ଇଲେଇ ମିଙ୍ଗେଁ ନାଣ୍ତ ମାନିଙ୍ଗ ସିଲିସାତି ଲୋକାଙ୍ଗ ସାହାଜ୍ୟ କିନିକା
ମି ପାଣି । ବେଡ଼ା ୱାନାଟ୍, ମିର୍ ସିଲିସାତି ମାର୍ଇୱାଲେ, ୱାରି
ନାଣ୍ତ ମି ଉଣା ପୁରା କିନି ଉଣ୍ତିଙ୍ଗ ସାହାଜ୍ୟ କିନାଟ୍ । ଇୟାୱାଜା
ଇସାବ୍ତାନ୍ ମିମାନୁ ସାମାନ୍ ରକ୍ୟା କିଦେଙ୍ଗ ଆଟ୍ନାର୍ । 15
ଦର୍ମସାସ୍ତ୍ରଦୁ ରାସାତାମାନାଟ୍, "ଏନ୍ ନାଣ୍ତ ଉଣ୍ତା କିତାନ୍, ୱାନିଦି
ଇନିକା ଏଜେଏତାଟ୍ । ଏନ୍ ଉଣା ଉଣ୍ତା କିତାନ୍, ୱାନିଦି ଉଣା
ଆଏତାଟ୍ ।" 16 ମାପୁରୁଦି ଦନ୍ୟବାଦ୍ ଆପିଟ୍ । ଇରିଙ୍ଗ ମା ୱାଜା
ତିତସତି ଜିବନ୍ ବା ମିଙ୍ଗେଁ ସାହାଜ୍ୟ କିଦେଙ୍ଗ ୱେଡ଼ିକା ମାନାନ୍
। 17 ୱାନ୍ କେବଲ ମା ଅନୁରଦଦିଙ୍ଗ କୁକ୍ନିକା ୱେର୍ଏନ୍,
ମାତର୍ ମିଙ୍ଗେଁ ସାହାଜ୍ୟ କିନି ଉଣ୍ତିଙ୍ଗ ନିସ ୱେଡ଼ିକା ଜେ, ନିଜେଦି
ବଦାଦାନ୍ ମି ଲାକ୍ତୁ ସନେ୍ଦ୍ରଙ୍ଗ ୱାନ୍ ବଡା କିତାମାନାନ୍ । 18
ୱାନି ୱାଲେ ମାରି ଅରେନ୍ ତଡ଼ାନ୍ତିଙ୍ଗ ମାପ୍ ପୋକ୍ତାତାମାନାପ୍
। ନେଗି କାବୁର୍ ପ୍ରଚାର୍ କିଦେଙ୍ଗ ୱିଜୁ ମଣ୍ତଲିଆଙ୍ଗେଁ ୱାନ୍ ପୁରା
ୱିଜୁତରିନ୍ ୱେଙ୍ଗେଁତାମାନାନ୍ । 19 ମାରି ନାସ ସିଲେ, ପ୍ରବୁଦି
ଗୌରବ୍ ମାରି ମା ନମସ୍କାର୍ ୱିକ୍ନି ଉଣ୍ତିଙ୍ଗ ଆମା ଉଣ୍ତାକିତି
ଦାନ୍ତି ଅନି ସେବା ପାଣି ମାପ୍ ପୟ୍ତାମାନାଟ୍, ଆବେନ୍ ମା
ଅର୍ସେସନି ଉଣ୍ତିଙ୍ଗ ଆଇଆଇ ମଣ୍ତଲି ୱାନିଙ୍ଗ ଆସ୍ କିତାମାନାର୍
। 20 ନିଜେଦି ବଦାଦାନ୍ ସିଆୟ୍ଆତିମାନି ଇୟା ଦାନଦିଙ୍ଗ
ନାଣ୍ତ ଜାଗାର୍ତାଦାନ୍ ମାପ୍ ବ୍ୟବହାର୍ କିଜିନାପ୍, ଏଣ୍ତେସ୍ ମା
ମୁସ୍କୁ ଏନ୍ ଦୋସ୍ତିଗିଦେଙ୍ଗ ଆଟ୍ଏନ୍ । 21 ମାତର ମାପୁରୁଦି
ଆଗିଡ଼ି ସିଲେ, ମାତ୍ର ଲୋକା ଆଗିଡ଼ି ବା ସତ୍ ମାଡ୍ରେଙ୍ଗେଁ ମା
ବଡା । 22 ଆର୍ତିଙ୍ଗ ୱାରି ୱାଲେ ଇୟା ମା ତଡ଼ାନ୍ତିଙ୍ଗ ମାପ୍
ପୋକ୍ତାତାମାନାପ୍ । ୱାନିଙ୍ଗ ଗାଦି ଦେବେଙ୍ଗ ପରିକା କିଜି
ୱାନିଙ୍ଗ ବିସ୍ବାସ୍ତି ପରିଚୟ ପୋୟ୍ତାମାନାପ୍ । ମି ମୁସ୍କୁ
ୱାନି ଆଟ୍ୱା ମାନିଙ୍ଗ ୱାନ୍ ମିଙ୍ଗେଁ ସାହାଜ୍ୟ କିନି ଉଣ୍ତିଙ୍ଗ ନାଣ୍ତ
ୱେଡ଼ିକା ଆତାମାନାନ୍ । 23 ତିତସଦି ପରିଚୟ ଇକା ୱାନ୍ ନା
ୱାଲେମାନିକାନ୍ ମାରି ମିଙ୍ଗେଁ ସାହାଜ୍ୟ କିନି ଉଣ୍ତିଙ୍ଗ ନା ୱାଲେ
ପାଣିକିନିକାନ୍ । ମାରି ୱାନି ୱାଲେ ସଲିସ୍ମାନି ଆଇ ବିସ୍ବାସି
ତଡ଼ାନ୍କା ପରିଚୟ ୱାର୍ ମଣ୍ତଲିଆଙ୍ଗେଁ ୱିଜୁ ପ୍ରେରିତ ସିସୁ ମାରି
କ୍ରିସ୍ତଦି ଗୌରବ୍ ୱାଜା । 24 ୱାରିଙ୍ଗ ମି ଜିବନ୍ନୋନିକା ତର୍ତୁ ।
ଆତିଙ୍ଗ ୱିଜୁ ମଣ୍ତଲିଙ୍ଗ ଇୟା ବିସୟ୍ତାନ୍ ସେତାଆନାର୍ ମାରି ମି
ଉଣ୍ତିଙ୍ଗ କିଜିମାନି ଗର୍ବ ସତ୍ ଇଜି ବିସ୍ବାସ୍ କିଦେଙ୍ଗ ଆଟ୍ନାର୍ ।

**9** ଜିହୁଦାଦୁ ମାନି ମାପୁରୁଦି ଲୋକାଦି ଲାକୁତୁ ସାହାଜ୍ୟ ପୋକନି
ଉଣ୍ତିଙ୍ଗ ମିଙ୍ଗେଁ ରାସ୍ନିକା ଇନିକା ଦରକାରସିଲେଟ୍ । 2
ନାନୁ ନେସେନା, ମିର୍ ୱିଜୁଦିନ୍ ସାହାଜ୍ୟ କିଦେଙ୍ଗ ତିଆର୍
ମାରି ମାସିଦୋନିଆଦି ଲୋକାଦି ଲାକୁତୁ ମି ବିସୟ୍ତାନ୍ ନାନୁ
ଗର୍ବ କିତାମାନା । ନାନୁ ଇର୍ହାମାର୍ହାନ୍, "ଆକାୟାଦି ତୋଡ଼ାନକୁ
ସାହାଜ୍ୟକିନି ଉଣ୍ତିଙ୍ଗ ଦରଟାନ୍ ତିଆରଆତାମାନାର୍ ।" ମି
ୱେଡ଼ିକା ୱାରି ମାଡ଼ାନ୍କୁ ବା ଏସ ଲୋକାଙ୍ଗ ଜାଗାର୍ତା
କିତାମାନାଟ୍ । 3 ଇଲେଇ ନାନୁ ଇୟା ତଡ଼ାନ୍କାଙ୍ଗ ମି ଲାକୁତୁ
ପୋକସିନା । ସୁଡୁଦୁ, ଇୟା ୱେଡ଼ାଦୁ ଏଣ୍ତେସ୍ ମି ବିସୟତାନ୍ ମା
ଗର୍ବ ଆର୍ଏ ଆଏଟ୍ । ନାନୁ, ୱେର୍ନି ଇସାବ୍ତାନ୍ ମିର୍ ଦାନତି
ୱାଲେ ତିଆରଆଜମାନ୍ତୁ । 4 ମାସିଦୋନିଆଦି ଲୋକୁ ନା ୱାଲେ
ସଲିସି ଜଦି ମିଙ୍ଗେଁ ତିଆରଆଇମାନିକା ସୁଣାର୍; ଆର୍ତିଙ୍ଗ ମି
ମୁସୁକୁ ଆଟୁୱା ବିସ୍ବାସ୍ ମାନିଙ୍ଗ ମାପୁ ସେମାର୍ଆନାପ୍ ସତ୍ତାନ
ୱେରେ୍ତଙ୍ଗ ସରିଙ୍ଗ, ଆକା ମି ଇସାବ୍ତାନ୍ ବା ସେମାର୍ତିକା
ଆନାଟ୍ । 5 ମିର୍ ମାଟା ସିତିମାନି ଦାନ ଉଣ୍ତାକିନି ଉଣ୍ତିଙ୍ଗ ଇୟା
ତଡ଼ାନ୍କାଙ୍ଗ ନା ସନି ଆଗ୍ଡ଼ି ମି ଲାକୁତୁ ପୋକତେଙ୍ଗ ଅନୁରଦ୍
କିତା । ଆରିଙ୍ଗ, ନାନୁ ମି ଲାକୁତୁ ଇନିୱାଲେ ଇୟା ଦାନ୍ ଉଣ୍ତା
କିଜି ଇଡ୍ଜମାନ୍ତୁ । ଇୟାମାଡ଼ାନ୍କୁ ମିର୍ ଜାସେପେଲାଦାନ୍
ସିଏନ୍ଣ୍ତା ନିଜେଦିବଦାଦାନ୍ ସିଜିନିଦେର୍ ଇଜି ୱେଙ୍ଗେଁନିଦେର୍ । 6
ମୋନ୍ତୁ ଇଡ୍ଦୁ, ଆମାଲୋକ୍ ଉଣା ୱିତୁ ୱିଟ୍ନାନ୍, ୱାନ୍ ଉଣା
ପାସି ଉଣ୍ତାକିନାନ୍, ଯେ ନାଣ୍ତ ୱିତୁ ୱିତିନାନ୍, ୱାନ୍ ନାଣ୍ତ ପାସି
ଉଣ୍ତାକିନାନ୍ । 7 ମାରି, ଯେ ଏଣ୍ତେସ୍ ଅଡ଼ବିତାମାନାନ୍, ୱାନ୍
ଆୟାୱାଜା ଦାନ କିପିନି ମାରି ଆୟା ଦାନ ଦୁକ୍ତି ମୋନ୍ତାନ୍
ଆଏଜି ମାରି କେବଲ ସିନି ନେଗେଟ୍ ମାନାଟ୍ ଇଜି ସିଲେ ।
ଇରିଙ୍ଗ ୱେଡ଼ିକାଦାନ୍ ସିନି ଲୋକାଙ୍ଗ ମାପୁରୁ ଲାଡ୍ କିନାନ୍
। 8 ୱିଜୁ ରକମ୍ତି ଦାନତୁ ମିଙ୍ଗେଁ ପିରିସ୍କିଦେଙ୍ଗ ମାପୁରୁ
ଆଟ୍ନାନ୍; ଆବେଣାନ୍ ମିର୍ ୱିଜୁଦିନ୍ ନାଣ୍ତଦାନ୍ ବାସାଦେଙ୍ଗ
ଆଟିନିଦେର୍ ମାରି ୱିଜୁ ରକମ୍ତି ନେଗି ପାଣି ଉଣ୍ତିଙ୍ଗ ନାଣ୍ତଦାନ୍
ସିଦେଙ୍ଗ ଆଟିନିଦେର୍ । 9 ଦର୍ମସାସ୍ତ୍ରଦୁ ରାସାତାମାନାଟ୍,
ସିଲିସାତି ଲୋକାଙ୍ଗ ୱାନ୍ ନିଜେଦିଇଚ୍ଛାଦାନ୍ ଦାନ୍ କିନାନ୍; ୱାନି
ଜିବନ୍ନୋନିକା ୱିଜୁଦିନ୍ ମାନାଟ୍ । (aiōn g165) 10 ଏମେ
ୱିତୁ ୱିତୁୱିତିନିଲୋକାଙ୍ଗ ମାପୁରୁ ୱିଟ୍ନି ଉଣ୍ତିଙ୍ଗ ୱିତୁ ମାରି
ଉଣ୍ତେଙ୍ଗ ଇଜି କାଦି ସିନାନ୍, ୱାନ୍ ମି ଦରକାର୍ ଇସାବ୍ତାନ୍
ୱିତୁ ଜଗେକିନାନ୍ ମାରି ମି ନିଜେଦି ବଦାଦି ପଲ୍ତିୱାଜା ମିର୍
ବା ନାଣ୍ତ ପାସି ଉଣ୍ତାକିନିଦେର୍ । 11 ମିର୍ ୱିଜୁଦିନ୍ ଏଣ୍ତେସ୍
ନିଜେଦିବଦାଦାନ୍ ଦାନକିଦେଙ୍ଗ ଆଟିନିଦେର୍, ଇୟାଉଣ୍ତିଙ୍ଗ
ମାପୁରୁ ମିଙ୍ଗେଁ ୱିଜୁ ବିସୟତାନ୍ ମାଜନ୍କିନାନ୍ ମାରି ମା ମାଡ଼ାନ୍କୁ
ମିର୍ ପୋକିତିମାନି ଦାନ ଉଣ୍ତିଙ୍ଗ ନାଣ୍ତଲୋକ୍ ମାପୁରୁଦିମାନୁ
ମାଡ଼ିସି କିଜି ଦନ୍ୟବାଦ୍ ସିନାର୍ । 12 ମି ଦାନସିନି ସେବାଦି
ମାଡ଼ାନ୍ କେବଲ ଯେ ମାପୁରୁଦି ଲୋକାଦି ଅବାବ ଉଣା ଆନାଟ୍,
ଆକା ସିଲେ, ମାତର ଇୟାମାଡ଼ାନ୍ ମାପୁରୁଦି ଉଣ୍ତିଙ୍ଗ ନାଣ୍ତଲୋକା
ଜିବନ୍ତି ୱେଡ଼ିକା ନିଙ୍ଗେଁଜି ୱାନାଟ୍ । 13 ଇୟା ସେବାପାଣିଦାନ୍
କ୍ରିସ୍ତଦି ସୁସମାଚାର୍ତି ଉଣ୍ତିଙ୍ଗ ମି ବିସ୍ବାସ୍ ଉଣ୍ତିଙ୍ଗ ମାରି ୱିଜେରି
ୱାଲେ ମିସାଜି ମିର୍ ଏମେ ନାଣ୍ତସିନିକା ତର୍ତିମାନିଦେର୍,
ଆୟାଇଣ୍ତିଙ୍ଗ ୱାର୍ ମାପୁରୁଦି ଦନ୍ୟବାଦ କିନାର୍ । 14 ମି ଉଣ୍ତିଙ୍ଗ
ମାପୁରୁଦି ନାଣ୍ତ ଦୟା ଉଣ୍ତିଙ୍ଗ ୱାର୍ ନାଣ୍ତ ୱେଡ଼ିକାଦାନ୍ ପାର୍ତନାଦୁ

ମିଙ୍ଗିଁ ଏଡ଼୍‌କିନାର୍ । 15 ରାଦୁ, ମାପୁରୁଦି ଆର୍‌ଏସିତିମାନି ଦାନ୍
ଉଣ୍ତିଙ୍ଗ ୱାନିଙ୍ଗ ଦନ୍ୟବାଦ୍ କିନାଟ୍!

**10** ନାନୁ ପାଉଲ ମିଙ୍ଗିଁ ନା ଇୟ୍ୱା ନିଜେଦି ଅନୁରୋଦ ଏନ୍
ଏନ୍ ଇନାର୍, "ନାନୁ ମି ଲାକୁତୁ ମାରିଇୱାଲେ ନାଣ୍ତୁ ଦାର୍ମୁ
ନି ତିର୍, ମାତର ଆକ ସରିଙ୍ଗାଁ ନାଣ୍ତୁଆଟ୍‌ୱା ।" କ୍ରିସ୍ତୁଦି ନମ୍ରତା
ମାରି କାର୍ମୁ ସିଜି ନାନୁ ମିଙ୍ଗିଁ ଅନୁରୋଦ କିଜି ୱେରିସିନା । 2 ମି
ୱାଲେ ବେଟେଗୋଟ୍ ଆତିୱାଲେ ନାଙ୍ଗି ଏଣ୍ତେସ୍ ସାସ୍ତି ବ୍ୟବହାର୍
କିଦେଙ୍ଗ ଆଏତେ । ଇରିଙ୍ଗ ଏମେକାର୍ ଅଡ଼୍‌ବିନାର୍ ଯେ, ମାପୁ
ଦୁନିଆଦି ପାଣି ଇସାବ୍‌ତାନ୍ ବୁଲାନାଟ୍, ୱାରି ବିରୁଦ୍‌ତାନ୍ ଆଟ୍‌ୱା
ମାଟା ଅନି ନାଣ୍ତୁ ସାସ୍ ନାଙ୍ଗି ମାନାତ୍ । 3 ମାଡ୍ ଇୟ୍ୱା ଦୁନିଆଦୁ
ବାସାକିଜିନିକା ସତ୍, ମାତର୍ ଇନି ଦୁନିଆଦି ଉଦେସ୍ ଇଡ୍‌ଜି
ଜୁଦ୍ଧ କିଏଜିନିକା । 4 ମାତର୍ ମାପୁରୁଦି ସାକ୍ତିଦି ସାସାପାତି
ବ୍ୟବହାର୍ କିଜି ଆଟୁୱା ମୁଣ୍ତେଙ୍ଗୱିଜୁ ନାସ୍କୁକିଜିମାନିକା, ମିଚ୍‌ତି
ଜୁକ୍ତିଦିମାଟେଙ୍ଗ ମାପ୍ ନାସ୍କୁ କିନାପ୍ 5 ମାପୁରୁଦି ବୁଦିଦିଙ୍ଗ
ବିରୁଦ୍‌କିନି ୱିଜେରେ ୱିଜୁ ବନ୍ଧନଦିଙ୍ଗ ମାପୁ କୁତ୍‌ନାପ୍ ମାରି
ଲୋକୁଦି ୱିଜୁ ଚିନ୍ତା ଆଡ୍‌ଗି ଆଜି କ୍ରିସ୍ତୁଦି ମାଟାମାନାନେ । 6 ମିର୍
ପୁରାଦାନ୍ କ୍ରିସ୍ତୁଦି ତରିଟିକାନ୍ ମାନାନିକା ୱେନେକା ମି ମାଡ଼ାନ୍
ମାରି ଇନି ମାନାଇକା ତରିତିଙ୍ଗା, ତାନି ୱାଲେ ଦଣ୍ତୁ ସିଦେଙ୍ଗ ମାପୁ
ତିଆରମାନାପ୍ । 7 ମି ସାରିବେଡ଼ିତି ଇନିକା ୱିଜୁ ଗଟେଆଜିନାତ୍,
ସୁତ୍ତୁଦୁ । ମି ମାଡ଼ାନ୍‌କୁ ଏନ୍ କ୍ରିସ୍ତୁଦି ୱେନେକା ମାନାର୍ ନୋ?
ଜଦି ମାନାର୍, ଆର୍‌ତିଙ୍ଗ ୱାନ୍ ମାରି ଅର୍‌ସୁ ଚିନ୍ତାକିଜ ସୁଡ଼ିନ୍ ।
ଇରିଙ୍ଗ ୱାନି ୱାଜା ମାଡ୍ ବା କ୍ରିସ୍ତୁଦି ୱେନେକା ବୁଲାନିକାର୍ । 8
ମିଙ୍ଗିଁ ନାସ୍କୁ କିଦେଙ୍ଗ ସିଲେ, ମାତର୍ ତିଆର୍ କିଦେଙ୍ଗ ମାପୁରୁ ମାଙ୍ଗିଁ
ଏମେ ଅଦିକାର୍ ସିତାମାନାନ୍, ଆୟ୍ୱାଉଣ୍ତିଙ୍ଗ ଜଦି ନାନୁ ନାଣ୍ତୁ ଗର୍ବ
କିତାମାନା, ଆର୍‌ତିଙ୍ଗ ସେମାର୍ ଆଏ । 9 ନା ସିଟିଦାନ୍ ମିଙ୍ଗିଁ
ତିଲିସି କିନି ଉଣ୍ତିଙ୍ଗ ଚେଷ୍ଟାକିଏ ନା ବଦା ସିଲେତ୍ । 10 ଏନ୍ ଏନ୍
ଇନାର୍, "ପାଉଲଦି ସିଟିୱିଜୁ ନାଣ୍ତୁଡାଟ୍ ନି ଆଟ୍‌ୱା ମାତର ମା
ଲାକୁତୁ ମାରିଇୱାଲେ ୱାନି ମେନ୍ଦଲ୍ ଦୁର୍ବଳ ତରିତାତ୍ ମାରି ୱାନି
ବଲୁ ପାଣିସିଲିକା ୱାଜାଆତାତ୍ ।" 11 ଆୟ୍ୱା ଲୋକ୍ ବୁଜାନିକା ।
ମାନାତ୍ ଜେ, ମାପୁ ଆକରାନ୍ ସିଟିଦୁ ଏମେକା ରାସ୍‌ନାପ୍, ଲାକ୍‌ତୁ
ମାନିୱାଲେ ତାନିଙ୍ଗ ପାଣିଦୁ କିନା ତର୍‌ନାପ୍ । 12 ଏଣ୍ତେସ୍‌ବା
ନିଜେଦିଙ୍ଗ ପେରିକାନ୍ ଇଜି ଅଡ଼୍‌ବିନି ଲୋକାଦି ଦାଡ଼ି ଆନି ଉଣ୍ତିଙ୍ଗ
ବା ୱାରିୱାଲେ ନିଜେଙ୍ଗ ତୁସେ୍‌ତଙ୍ଗ ସାହାସ୍ ମାଦି ସିଲେତ୍ ।
ୱାର୍ ଏସ ବୁଦିସିଲିକାର୍, ଇରିଙ୍ଗ ୱାର୍ ନିଜେଦିଙ୍ଗ ନିଜେ ୱାଲେ
ଇସାବ୍ କିନାର୍, ନିଜେ ଲେକିସ୍‌କିନି ବାଡିଗାଦାନ୍ ନିଜେନିଜେ
ବିଚାର୍ କିଆୟ୍‌ଆନାର୍ । 13 ମାତର ମା ଗର୍ବ ଉଣା । ମାପୁରୁ ମା
ଉଣ୍ତିଙ୍ଗ ଏମେ ପାଣିବାଡି ଟିକ୍ କିତାମାନାନ୍, ତାନି ମାଡ଼ାନ୍‌କୁ ମାପୁ
ଗର୍ବ କିଜିନାପ୍ । ଆୟ୍ୱା ପାଣିବାଡିଦି ଲଇ ମିର୍ ମିସାତିମାନିଦେର୍
। 14 ଆୟ୍ୱାଉଣ୍ତିଙ୍ଗ ମାପୁ ଆଗିଡ଼ିରାନ୍ କ୍ରିସ୍ତୁଦି ସୁସମାଚାର୍ ମି
ଲାକୁତୁ ଅସି ୱାନିବେଡ଼ାଦୁ ଇନିକା ଏରିଆ ଆତ୍‌ରେ ପାଣି କିଏପ୍
। 15 ମାପୁରୁ ପାଣିକିତିମାନି ମା ପାଣିଜାଗାଦୁ ପାଣିକିନି ଆତ୍‌ରେ
ଆଇୱାରି ପାଣିଦୁ ସୁଜୋଗ ଅସି ଗର୍ବ କିଏପ୍ । ମାତର୍ ମାପୁ
ଆସା କିଜିନାପ୍ ଜେ, ମିର୍ ବିସ୍‌ବାସ୍‌ଦୁ ପିରିଜିମାନି ସାଙ୍ଗେ
ସାଙ୍ଗେ ମିଙ୍ଗିଁ ମାଡ଼ାନ୍‌କୁ ମା ପାଣିୱିଜୁ ମାରି ୱେଙ୍ଗନାତ୍ । ମାତର
ଇକା ମାପୁରୁ କିତିମାନି ନିୟମ୍ ମାଟା ଅମାନ୍ୟ କିମାଟ୍ । 16
ଆକାଆତିଙ୍ଗ ଆଇୱାରି ପାଣିଜାଗାଦୁ ଆଜିମାନି ପାଣି ଉଣ୍ତିଙ୍ଗ
ଗର୍ବ କିଏଜି ମି ଅଡ୍‌ବିନି ଆତ୍‌ରେ ଆଇଦେସ୍‌ତି ୱାରିଙ୍ଗ ବା ମାଡୁ
ସୁସମାଚାର୍‌ତି ପ୍ରଚାର୍ କିଦେଙ୍ଗ ଆଟିନିକା । 17 ବ୍ୟବସ୍ଥାଦୁ
ରାସାତାମାନାତ୍, "ଏନ୍ ଗର୍ବ କିଦେଙ୍ଗ ଇଚାକିନାନ୍, ୱାନ୍ ପ୍ରବୁଦି
ପାଣି ଉଣ୍ତିଙ୍ଗ ଗର୍ବ କିପିନ୍ ।" 18 ମାତର୍, ନିଜେଦିଙ୍ଗ ପ୍ରସଂସା
ମାଣାନ୍ ଏନ୍ ପରିକାଦୁ ଜିଣାଏନ୍, ପ୍ରବୁଦି ତରିନ୍ ନେଗିକାନ୍,
ଆୟ୍ୱାକାନ୍ କେବଲ ୱାନି ଗ୍ରହଣଜଗ୍ୟ ।

**11** ନାନ୍ ଅଡ୍‌ବିନା, ଇନି ବିସୟ୍‌ତିଙ୍ଗ ଅଡ଼ପ୍ ବୁଲ୍ ଆତିଙ୍ଗବା
ମିର୍ ନାଙ୍ଗିଁ ସାସ୍‌କିନିଦେର୍ । 2 ମି ବିସୟ୍‌ତାନ୍ ଉନ୍‌ତ୍ରି
ସାକ୍ତିଦି ରିସାଆନିକା ନା ମୋନ୍‌ତୁ ମାନାତ୍ । ଇରିଙ୍ଗ ମିର୍ ପବିତ୍ର
ରିପାଆଇଲି ୱାଜା । ଅରେନ୍‌ନେମାତର୍ କାନ୍ୟାମୁରୁଲି କ୍ରିସ୍ତୁଦି
ୱାଲେ ମି ମିସାକିନି ସିନି ଉଣ୍ତିଙ୍ଗ ନାନ୍ ପାର୍‌ମାଣ୍ କିତାମାନା । 3
ନାଙ୍ଗିଁ ତିଏଲ୍‌ୱାଜିନାତ୍, ସାରାସ୍‌ତି ସାଲାକିଦାନ୍ ହବା ଏଣ୍ତେସ୍
ବାୟ୍ୱାଆତି ୱାଜା ମିର୍ ଏଣ୍ତେସାତିଙ୍ଗ କ୍ରିସ୍ତୁଦି ଉଣ୍ତିଙ୍ଗ ମି ସାନ୍ତି ମାରି
ପବିତ୍ର ବିସ୍‌ବାସ୍‌ତାନ୍ ୱେର୍‌ଏ ଆନିଦେର୍ । 4 ଇରିଙ୍ଗ ଏନ୍ ଜଦି
ୱାଜି ମାଡୁ ପ୍ରଚାର୍ କିତିମାନି ଜିସୁଙ୍ଗ ଡ଼ିସ୍‌ସି ଆଇ ଇନି ଜିସୁଦି
ମାଟା ପ୍ରଚାର୍ କିନାର୍ ବା ମିର୍ ପୟ୍‌ତିମାନି ପବିତ୍ର ଆତ୍ମାଦିଙ୍ଗ
ଡ଼ିସ୍‌ତିଙ୍ଗ ଆଇ ଏମେ ଆତ୍ମାଦି ମାଟା ୱେର୍‌ନାର୍ ମାରି ମିର୍
ମାନାତିମାନି ସୁସମାଚାର୍‌ତିଙ୍ଗ ଡ଼ିସ୍‌ସି ଆଇ ଇନି ସୁସମାଚାର୍
ପ୍ରଚାର୍ କିନାର୍, ମିର୍ ପୁରା ମାନାତିମାନିଦେର୍ । 5 ମି ଆୟ୍ୱା
ୱିଜେରିଙ୍ଗପେରି "ପ୍ରେରିତ ସିସୁରି" ମାଣ୍‌କୁ ନାନ୍ ଇନି ଗୁଣୁତୁ
ଇସ୍ରିକିନ୍ଦ୍ୱା ଇଜି ଅଡ଼୍‌ବିଏ । 6 ନାନ୍ ୱାରି ୱାଜା ସାଲାକିଦିକାନ୍
ଆଦେଙ୍ଗ ଆଟ୍‌ଏ, ମାତର୍ ବୁଦିଦୁ ଉଣା ସିଲେ । ମିଙ୍ଗିଁ ଇୟ୍ୱା
ମାଟା ମାପ୍ ୱିଜୁଦିନ୍ ମାରି ୱିଜୁ ଅସୁବିଦାଦୁ ୱେର୍‌ସି ୱାଜିନାପ୍
। 7 ମାପୁରୁଦି ସୁସମାଚାର୍ ପ୍ରଚାର୍ କିତିୱାଲେ ନାନ୍ ମିମାଣ୍ତୁକୁ
ମୁସ୍‌କୁପେରାନି ଉଣ୍ତିଙ୍ଗ ନାନ୍ ନିଜେଦିଙ୍ଗ ଆଡ୍‌ଗି କିତାମାନା ।
ଇକା ଇନିକା ନା ବୁଲ୍? 8 ମି ଲୋଇ ପାଣି କିତିୱାଲେ ନାନ୍ ଆଇ
ମଣ୍ତଲିଙ୍ଗାଁମାଣ୍ତୁକୁ ଡାବୁଙ୍ଗ ସାହାଜ୍ୟ ପୟ୍‌ତାମାନା । ୱେର୍‌ତେଙ୍ଗ
ସରିଙ୍ଗ, ମି ନେଗି ଉଣ୍ତିଙ୍ଗ ନାନ୍ ୱାରିଙ୍ଗ ଡଙ୍ଗାଁ କିତାମାନା । 9 ମି
ୱାଲେ ମାରିଇୱାଲେ ନା ଅବାବ୍ ପୁରାକିନି ଉଣ୍ତିଙ୍ଗ ନାନୁ ଏଙ୍ଗବା
ବଜୁତିଗ୍‌ଦେଙ୍ଗ ସିଏ । ଇରିଙ୍ଗ ମାସିଦୋନିଆଦାନ୍ ୱାତିମାନି
ତଡ଼ାନ୍‌କୁ ନା ୱିଜୁ ଅବାବ୍ ପୁରା କିତାମାର୍ହାର୍ । ସର୍‌ଇଦିନ୍‌ତି
ୱାଜା ବବିସ୍ୟତରେ ବା ନାନୁ ଏସ୍‌କାଙ୍ଗ ମିଙ୍ଗିଁ ବଜୁତିଗ୍‌ଏ । 10 ନା
ଜିବନ୍‌ତୁ ମାନି କ୍ରିସ୍ତୁଦି ସତ୍‌ତିଙ୍ଗ ସାକି ସିଜି ନାନୁ ପାର୍‌ମାଣ୍ କିଜି
ୱେର୍‌ସିନା ଜେ, ଆକାୟ୍ୱା ରାଜିଦି ଆମା ରାଜିଆଙ୍ଗାଁ ନା ଇୟ୍ୱା
ଗର୍ବଦିଙ୍ଗ ଏନ୍ ନାସ୍କୁ କିଦେଙ୍ଗ ଆଟ୍‌ଏନ୍ । 11 ନାନ୍ ଇନିଦାନିଙ୍ଗ
ଇୟ୍ୱାୱାଜା ଇଜିନା? ନାନୁ ଇନିକା ମିଙ୍ଗିଁ ଜିବନ୍‌ନୋଏ? ମାପୁରୁ

ନେସ୍‌ନାନ୍, ମିଡ୍ଙ୍ଗ ନାନୁ ଏସଜିବନ୍‌ନୋନା । 12 ମାତର୍ ଇଲେ
ନାନୁ ଆମାକା କିଜିନା, ଆକା କିଜିମାନା । ଆର୍‌ତିଡ୍ଙ୍ଗ, ମା ୱାଜା
ପାଣି କିଜିନିଦେର୍ ଇଜି ଆଇ “ପେରିତ୍‌ର୍” ଗର୍ବ କିନାର୍, ୱାର୍
ମାରି ଆକା କିଦେଡ୍ଙ୍ଗ ଆଟ୍‌ଏର୍ । 13 ୱାର୍ ସତ୍‌ତି ପ୍ରେରିତ ସିସୁର୍
ଆଏର୍, ୱାର୍ ୱିଜେରେ ଟକେକିନିକାର୍, ୱାର୍ ନିଜେଦି ପାଣି
ବିସୟ୍‌ତାନ୍ ମିଚ୍ ଇନାର୍ ମାରି କ୍ରିସ୍ତୁଦି ପ୍ରେରିତ ସିସୁ ୱାଜା ତରାନି
ଉଣ୍ତିଡ୍ଙ୍ଗ ରୁପ୍ ବାଦ୍‌ଲେକିନାର୍ । 14 ମାରି ଇକା କାବାଆନିକା
ଇନିକା ସିଲେତ୍, ମାତର୍ ସୟତାନ୍ ବା ଜାୟ୍‌ତି ମୁସ୍‌କୁପୁର୍‌ତି
ଦୁତ୍‌କା ୱାଜା ତରାନି ଉଣ୍ତିଡ୍ଙ୍ଗ ରୁପ୍ ବାଦ୍‌ଲେକିଜିନାତ୍ । 15
ଆଦେଡ୍ଙ୍ଗ ୱାନି ଦାସ୍‌କୁ ଦାର୍ମୁଦି ସେବାକିନିୱାନି ରୁପ୍ ଆସ୍‌ତାର୍,
କାବାଆନିକା ଇନିକା ସିଲେତ୍, ମାତର୍ ସାରାସାରିୱେନ୍‌କା ୱାର୍
କିତିମାନି ପାଣିଦି ଇସାବ୍‌ତାନ୍ ଦଣ୍ତୁ ୱାର୍ ପୟ୍‌ନାର୍ । 16 ନାନ୍
ମାରିଡ଼େସି ଇଜିନା, ଏନ୍ ଏଣ୍ତେସ୍ ନାଡ୍ଙ୍ଗ ବୁଦିସିଲିକାନ୍ ଇଜି
ଅଡ଼୍‌ବିମାକିନ୍ । ଜଦି ଆୟ୍ୱାୱାଜା ଅଡ଼୍‌ବିନା, ଆର୍‌ତିଡ୍ଙ୍ଗ ନାଡ୍ଙ୍ଗ
ବୁଦିସିଲିକାନ୍ ୱାଜା ମାନାଦୁ, ଆର୍‌ତିଡ୍ଙ୍ଗ ନାନୁ ବା ଅଡ଼ପ୍ ଗର୍ବ
କିଦେଡ୍ଙ୍ଗ ଉନ୍‌ଡ୍ରି ସୁଜୋଗ୍ ପୟ୍‌ନା । 17 ମାରିବା ଇଲେ ନାନ୍
ଆମାକା ଇଜିନା, ଆୟ୍ୱାଉଣ୍ତିଡ୍ଙ୍ଗ ପ୍ରବୁ ନାଡ୍ଙ୍ଗ ଆଦେସ୍ ସିଏନ୍ ।
ଇରିଡ୍ଙ୍ଗ ଗର୍ବ କିନି ବିସୟ୍‌ତାନ୍ ନାନୁ ସତ୍‌ତାନ୍ ବୁଦିସିଲି ୱାଜା
ୱାର୍‌ଗିଜିନା । 18 ମାତର୍ ଦୁନିଆଦି ବିସୟ୍‌ତାନ୍ ନାଣ୍ତୁଲୋକ୍
ଏଣ୍ତେସ୍ ଗର୍ବ କିନାର୍, ନାନ୍ ବା ଆୟ୍ୱାୱାଜା କିଦେଡ୍ଙ୍ଗ ଆଟ୍‌ନା
। 19 ମିର୍ ବୁଦିଆଜି ବା ୱେଡ଼ିକାଦାନ୍ ବୁଦିସିଲିୱାରିଡ୍ଙ୍ଗ ସାସ୍
କିଜିନିଦେର୍ । 20 ଜଦି ଏନ୍ ମି ମୁସ୍‌କୁ ଅଦିକାର୍ କିଜି ସାକର୍
କିତିଡ୍ଙ୍ଗ, ମି ୱିଜୁ ଦନସମ୍ପତି ଆସ୍‌ତିଡ୍ଙ୍ଗ, ମିଡ୍ଙ୍ଗ ଉରିଦୁ ପକ୍‌ତିଡ୍ଙ୍ଗ,
ମିଡ୍ଙ୍ଗ କାଡ଼ିତିଡ୍ଙ୍ଗ, ଇୟ୍ୱାୱାଜା ଜେ ମି ବୁଗୁଲିଦୁ ସାପୁଡ଼ା ଡାକ୍‌ତିଡ୍ଙ୍ଗ
ବା ମିର୍ ଆକା ସାସ୍‌କିଜିନିଦେର୍ । 21 ନାନ୍ ସେମାର୍‌ତି ୱାଲେ
ମାନାଜିନା ଜେ, ଇୟ୍ୱାୱିଜୁ ବିସୟ୍‌ଦୁ ନାନୁ ନାଣ୍ତୁ ଦୁର୍ବଲମାନା ।
ମାତର୍ ଆଇ ଇନି ବିସୟ୍‌ତୁ ଏନ୍ ଜଦି ଗର୍ବ କିଦେଡ୍ଙ୍ଗ ସାହାସ୍
କିନାନ୍, ଆର୍‌ତିଡ୍ଙ୍ଗ ମୁର୍କୁ ୱାଜା ନାନୁ ଇଜିନା, ନା ଆୟ୍ୱାୱାଜା
ସାହାସ୍ ମାନାତ୍ । 22 ୱାର୍ ଇନିକା ଏବ୍ରିୟ୍? ନାନ୍ ବା ଏବ୍ରିୟ୍
। ୱାର୍ ଇନିକା ଇସ୍ରାଏଲିୟ୍? ନାନୁ ବା ଇସ୍ରାଏଲିୟ୍ । ୱାର୍
ଇନିକା ଅବ୍ରାହାମଦି କୁଟୁମ୍? ନାନ୍ ବା ଅବ୍ରାହାମଦି କୁଟୁମ୍ ।
23 ୱାର୍ ଇନିକା କ୍ରିସ୍ତୁଦି ସେବାକିନିକାର୍? ନାନ୍ ବାୟ୍ୱାୱାଜା
ଇଜିନା, ନାନ୍ ୱାରିମାଣ୍ତୁକୁ ୱିଜେରିଡ୍ଙ୍ଗପେରି ସେବାକିନିକିନ୍ବା ।
ନାନ୍ ୱାରିମାଣ୍ତୁକୁ ନାଣ୍ତୁ କାସ୍ଟପାଣି କିତାମାନା, ନାଣ୍ତୁ ଜଇଲ୍‌ତୁ
ତେବାତାମାନା ମାରି ବାଡିଗାଦାନ୍ ଡାଟ୍‌ତିମାନିକା ସାସ୍ କିତାମାନା
ମାରି ନାଣ୍ତୁ ଦେବେଡ୍ଙ୍ଗ ସାନିମାନୁ ସାମାନ୍ କିତାମାନା । 24 ନାନ୍
ଜିହୁଦିରିମାଣ୍ତୁକୁ ପାସ୍ ଦେବେଡ୍ଙ୍ଗ ତିରିସ୍ ନ ଦେବେଡ୍ଙ୍ଗ ବାଡିଗାଦାନ୍
ମାଡ୍ ତିରାମାନା । 25 ରୋମିୟରିମାଣ୍ତୁକୁ ମୁନ୍‌ଡ୍ରି ଦେବେଡ୍ଙ୍ଗ
କର୍‌ଡା ମାଡ୍ ପୟ୍‌ତାମାନା । ଉନ୍‌ଡ୍ରି ଦେବେଡ୍ଙ୍ଗ କାଲୁକୁ ମାଡ୍
ତିରାମାନା । ମୁନ୍‌ଡ୍ରି ଦେବେଡ୍ଙ୍ଗ ଜାହାଜ୍ ଦୁର୍ଗଟଣାଦାନ୍ ସାମାନ୍
କିତାମାନା ମାରି ଉନ୍‌ଡ୍ରି ଦେବେଡ୍ଙ୍ଗ ସାମ୍‌ଦୁରୁତି ଏରୁଦୁ କଡ଼େ
ନାଲ୍‌ଗି ଗଣ୍ଟା ତେବାତାମାନା । 26 ଗାଦି ଦେବେଡ୍ଙ୍ଗ ସନି ୱାଲେ
ଗାଡାଦି ସାନିମାନୁ, ଡଡ୍ଙ୍ଗାରି କିୟୁଦୁ, ଜିହୁଦି ମାରି ଅଣଜିହୁଦିରି
କିୟୁଦୁ, ଗାଡ଼୍‌ତୁ ମାରି ସୁନ୍‌ସାନ୍‌ବାଡିଦୁ, ସାମ୍‌ଦୁରୁତୁ, ଟକେକିନି
ସଡ୍ଙ୍ଗରି ମାଣ୍‌କୁ ସାନିମାନୁ ସାମ୍‌ନା କିତାମାନା । 27 ବେସିନାଣ୍ତୁ
ପାଣି କିତାମାନା ମାରି ଦୁକ୍ କାସ୍ଟ ବୋଗକିତାମାନାନ୍, ସୁଜୁଏଣ୍‌ଗା
ମାରି ବାଡ୍ଙ୍ଗା, ଏର୍‌କିଦାନ୍ ବେସିଦିନ୍ କାଟେ କିତାମାନା, ନେଗି
କାଦି, ଆଡ୍ଙ୍ଗ ମାରି ଡର୍‌ନିବାଡି ସିଲେତି ଉଣ୍ତିଡ୍ଙ୍ଗ ବେସି କାସ୍ଟ
ପୟ୍‌ତାମାନା । 28 ଇୟ୍ୱାକା ୱିଜୁ ଡ଼ିସ୍‌ତିଡ୍ଙ୍ଗ ୱିଜୁ ମଣ୍ତୁଲିଆଡ୍ଙ୍ଗା
ଉଣ୍ତିଡ୍ଙ୍ଗ ନା ଦାଇତ୍ ୱିଜୁ ଦିନ୍ ପିଣ୍ତୁଜି ବୁଲାଜିନା । 29 ଏନ୍ ଜଦି
ଦୁର୍ବଳ ଆନାନ୍, ନାନୁ ବା ୱାନି ୱାଲେ ଦୁର୍ବଳ ଏତ୍‌କିନା । ଏନ୍
ପାପ୍ କିତିଡ୍ଙ୍ଗ, ନାନ୍ ଜିବନ୍‌ତୁ କାସ୍ଟ ଏତ୍‌କିନା । 30 ଜଦି ଗର୍ବ
କିଦେଡ୍ଙ୍ଗ ଆନାତ୍, ଆର୍‌ତିଡ୍ଙ୍ଗ ନା ଇୟ୍ୱାୱିଜୁ ଦୁର୍ବଲଦି ଉଣ୍ତିଡ୍ଙ୍ଗ ନାଡ୍ଙ୍ଗ
ଗର୍ବ କିଦେଡ୍ଙ୍ଗ ଆନାତ୍ । 31 ପ୍ରବୁ ଜିସୁ କ୍ରିସ୍ତୁଦି ବୁବା ମାପୁରୁ
ୱିଜୁଦିନ୍ ଦନ୍ୟ ଆପିତ୍ । ୱାନ୍ ନେସ୍‌ନାନ୍ ଜେ, ନାନ୍ ମିଚ୍
ୱେର୍‌ଏଜିନା । (aiōn g165) 32 ନାନ୍ ଦାମାସ୍‌କସ୍‌ଦୁ ମାର୍‌ଇୱାଲେ
ରାଜା ଆରେଟସ୍‌ଦି ଅଦିକାରତାନ୍ ସାସନ୍‌କିନିକାନ୍ ନାଡ୍ଙ୍ଗ ଆସ୍‌ନି
ଉଣ୍ତିଡ୍ଙ୍ଗ ଗାଡ଼୍‌ତି ୱିଜୁତରିନ୍ ସନ୍ୟରିଡ୍ଙ୍ଗ କାପ୍‌କିବିସ୍ କିତାମାର୍ହାନ୍ ।
33 ମାତର୍ ନାଡ୍ଙ୍ଗ ସାଟ୍‌ନାଦି ସାହାଜ୍ୟଦାନ୍ ଜରକା ସାରି ଗାଡ଼୍‌ତି
ଗଡା ଆତ୍‌ରେ ରେପ୍‌ତା ମାର୍‌ହାର୍ । ଇୟ୍ୱାୱାଜା ଇସାବ୍‌ତାନ୍
ନାନ୍ ଆୟ୍ୱା ସାସନ୍‌କିନିୱାନି ମାଣ୍‌କୁ ରକ୍‌ୟ୍ୱା ପୟ୍‌ତାମାର୍‌ଆ ।

**12** ଇନିକା ଲାବ୍ ଆଏତିଡ୍ଙ୍ଗ ବା ନାଡ୍ଙ୍ଗ ଏଣ୍ତେସ୍‌ବା ଗର୍ବ
କିଦେଡ୍ଙ୍ଗ ଆନାତ୍ । ମାତର୍ ପ୍ରବୁ ନାଡ୍ଙ୍ଗି ଏମେ ୱିଜୁ
ଦର୍ସନ ମାରି ତର୍‌ତା ସିତାମାନାନ୍, ଆୟ୍ୱାୱିଜୁ ଇଲେଇ ନାନୁ
ଇନା । 2 କ୍ରିସ୍ତୁଦିମାନୁ ମାନି ଅରେନ ଲୋକ୍ ସଉଦ ବାର୍ସେକ୍
ଆଗ୍‌ଡ଼ି ମୁନ୍‌ଡ୍ରିରିପୁର୍‌ତୁ ସର୍ହାମାର୍ହାନ୍ ୱାନ୍ ନିଜେଦି ମେନ୍ଦ୍ଲ୍‌ତାନ୍
ସର୍ହାମାର୍ହାନ୍ ବା ଲବ୍ ସୁଡୁତାମାର୍ହାନ୍, ନାନୁ ନେସେଏ, ଆକା
କେବଲ ମାପୁରୁ ନେସ୍‌ନାନ୍ । 3 ନାନୁ ନେସ୍‌ନା, ୱାନିଡ୍ଙ୍ଗ
ମୁସ୍‌କୁପୁର୍‌ତି ଡଡିଦୁ ଅଆୟ୍‌ଆତାମାର୍ହାତ୍ ୱାନ୍ ମେନ୍ଦ୍ଲ୍‌ତୁ
ମାର୍ହାନ୍ ନୋ ମେନ୍ଦ୍ଲ୍ ଆତ୍‌ରେ ମାର୍ହାନ୍, ନାନୁ ନେସେଏ, କେବଲ
ମାପୁରୁନେ ନେସ୍‌ନାନ୍ । 4 ଆବେନ୍ ୱାନ୍ ମାଟାଦୁ ଇନ୍‌ଏଣ୍ତା ମାରି
ବଲ୍ କିଦେଡ୍ଙ୍ଗ ଆଟ୍‌ନିନାନି ମାଟା ୱେନ୍‌ଡ୍ରେଡ୍ଙ୍ଗ ଆଟ୍‌ତାମାର୍ହାନ୍ ।
5 ଇୟ୍ୱା ଲୋକ୍‌ତି ଉଣ୍ତିଡ୍ଙ୍ଗ ନାନୁ ଗର୍ବ କିନା । ମାତର୍ ନିଜେଦି
ସାକ୍ତିସିଲିକା ଡ଼ିସ୍‌ତିଡ୍ଙ୍ଗ ଆଇ ଇନି ବିସୟ୍‌ତୁ ନାନୁ ଗର୍ବ କିହେ । 6
ଗର୍ବ କିନିକା ନା ମାଡ଼ାନ୍‌କୁ ମୁର୍କ ଆଏତ୍, ଇରିଡ୍ଙ୍ଗ ନାନୁ ସତ୍ ମାଟା
ଇନା । ମାତର୍ ନାନୁ ଗର୍ବ କିଏଜିନା, ଇରିଡ୍ଙ୍ଗ ନାନୁ ବଦାକିନା,
ଲୋକୁ ନାଡ୍ଙ୍ଗି ଏଣ୍ତେସ୍ ପାଣି କିନିକା ସୁଣାର୍ ବା ନା ମାଡ଼ାନ୍‌କୁ
ଏଣ୍ତେସ୍ ମାଟା ୱେନାର୍, ୱାନି ମାଡ଼ାନ୍‌କୁ ନାଡ୍ଙ୍ଗ ପେରିକାନ୍ ଇଜି
ମନ୍‌ତୁ ଇନ୍‌ମାକିର୍ । 7 ଇୟ୍ୱା ଇସ୍ରି ପୁନା ତରାନିକା ଲାବ୍‌କିଜି
ନାନୁ ଏଣ୍ତେସ୍ ଆକାର୍ ଆଏ, ଇୟ୍ୱାଉଣ୍ତିଡ୍ଙ୍ଗ ନା ମେନ୍ଦ୍ଲ୍‌ତୁ ଉଣ୍ତି
ନନି ନୋପି ସିଆୟ୍ ଆତାମାନାନ୍, ଇକା ନାଡ୍ଙ୍ଗି ଗର୍ବ ଆଇ
ଉଣ୍ତିଡ୍ଙ୍ଗ ସୟ୍‌ତାନ୍‌ଦି ଦୁତ୍ ୱାଜା ପାଣିକିନାମାନାତ୍ । 8 ଇବେଟ୍‌କୁ

ଆକ କିଦେଙ୍ଗ ନାନୁ ପ୍ରବୁଦି ଲାକୁତୁ ମୁଜା ପାର୍ତନା ଅନୁରୋଦ
କିତାମାନା । 9 ମାତର୍ ୱାନ୍ ନାଙ୍ଗି ଇର୍ହାନ୍, “ନା ଦୟା ନି ଉଣ୍ତ୍ରିଙ୍ଗ
ନାଣ୍ତ୍ରୁ, ନିନୁ ସାକ୍ତିସିଲିୱାଲେ ନା ସାକ୍ତି ପୁରା ଦାନ୍ ତରାୟ୍ ଆନାତ୍
।” ଆଦେଙ୍ଗ କ୍ରିସ୍ତୁଦି ସାକ୍ତି ନା ମାନୁ ବାସାନି ଉଣ୍ତ୍ରିଙ୍ଗ ନାନୁ ନା
ସାକ୍ତିସିଲି ଉଣ୍ତ୍ରିଙ୍ଗ ନାଣ୍ତ୍ରୁ ଗର୍ବ କିନା ମାରି ୱେଡ଼ିକା ଆନା । 10
ମାରି କ୍ରିସ୍ତୁଦି ଉଣ୍ତ୍ରିଙ୍ଗ ୱିଜୁ ରକମ୍ତି ସାକ୍ତିସିଲିକା, ଅପମାନ୍, କାଷ୍ଟ,
ତାଡ଼ନା, ମାରି ସାନିଜିନିକା ନାନୁ ୱେଡ଼ିକାଦାନ୍ଜିନା, ଇରିଙ୍ଗ
ଏସ୍ତିୱାଲେ ନାନୁ ସାକିସିଲେ, ନାସ୍ତିୱାଲେ ନାନୁ ବପୁଦିକାନ୍
। 11 ନାନୁ ବୁଦିସିଲି ୱାଜା ବ୍ୟବ୍ହାର୍ କିଜିନା । ଇକା କିନି
ଉଣ୍ତ୍ରିଙ୍ଗ ମିର୍ ନାଙ୍ଗି ଜାସେପେଲା କିତିମାନିଦେର୍, ମାତର ନା
ପ୍ରସଂସା କିନିକା ମି ଟିକ୍ ମାର୍ହାତ୍ । ନାନୁ ଇନିକା ଆଏତିଙ୍ଗ
ବା ମି ଆୟା ପେରି “ପ୍ରେରିତ ସିସୁରି” ମାଣ୍କୁ ଇନି ଗୁଣୁତାନ୍
ଇସ୍ରିକାନ୍ ଆଏ । 12 ମି ଲୋଇ ସାସ୍ତାନ୍ ନାଣ୍ତ୍ରୁ କାବାଆନି ପାଣି
ପୁରାକିଜି ନାଣ୍ତ୍ରୁ କାବାଆନି ବିସୟତାନ୍ ନାନୁ ଯେ ସତେନେ
ଅରେନ୍ ପ୍ରେରିତ ସିସୁ, ତେନି ପାର୍ମାଣ୍ ସିତାମାନା । 13
କେବଲ ଉଣ୍ତ୍ରି ବିସୟତୁ ଆଇ ମଣ୍ତ୍ରଲିମାଣୁକୁ ମି ୱାଲେ ନାନ୍
ମିଙ୍ଗ୍ଁ ଡାବୁଙ୍ଗ ଲସ୍ନି ଉଣ୍ତ୍ରିଙ୍ଗ ବଜୁ ୱାଜା ଆଏ । ଜଦି ଇକା ମି
ଉଣ୍ତ୍ରିଙ୍ଗ ନା ତାଗ୍ଇ ଜିବନ୍ତି ବ୍ୟବହାର୍, ଆର୍ତିଙ୍ଗ ଇୟାଉଣ୍ତ୍ରିଙ୍ଗ
ନାଙ୍ଗ୍ଁ ଦୟାକିଜି କେମା କିଦୁ । 14 ମୁଣ୍ତ୍ରି ଦେବେଙ୍ଗ ଉଣ୍ତ୍ରିଙ୍ଗ ମି
ଲାକୁତୁ ସନି ଉଣ୍ତ୍ରିଙ୍ଗ ନାନୁ ତିଆର୍ ଆଜିନା । ନାନୁ ମି ମାଡ଼ାନ୍କୁ
ଇନି ବିସୟ ଦାବି କିଏ । ନାନୁ ମିଙ୍ଗ୍ଁ ଇଛାକିନା । ମି ଦନସମ୍ପତି
ସିଲେ । ଇରିଙ୍ଗ ବୁବା ୟାୟାରି ଉଣ୍ତ୍ରିଙ୍ଗ କଡ଼କକ୍ରା ଉଣ୍ତ୍ରା କିଏର୍,
ବୁବା ୟାୟା କଡ଼କକ୍ରାରି ଉଣ୍ତ୍ରିଙ୍ଗ ଦନ୍ ଉଣ୍ତ୍ରାକିନିକା ମାନାତ୍ । 15
ମିଙ୍ଗ୍ଁ ସାହାଜ୍ୟ କିନି ଉଣ୍ତ୍ରିଙ୍ଗ ନା ୱିଜୁ, ଇୟାୱାଜାକି ନିଜେଦିଙ୍ଗ
ୱେଡ଼ିକାଦାନ୍ ସର୍ପେ କିନିସିନି ଉଣ୍ତ୍ରିଙ୍ଗ ନାନୁ ତିଆର୍ ଆତାମାନା
। ନାନୁ ମିଙ୍ଗ୍ଁ ନାଣ୍ତ୍ରୁ ଜିବନ୍ନୋଜିନା ଇଜି ମିର୍ ଇନିକା ନାଙ୍ଗ୍ଁ ନିସ
ଉଣା ଜିବନ୍ନୋନିଦେର୍? 16 ନାନୁ ମି ମୁସ୍କୁ ବଜୁଦି ୱାଜା
ଆଏ । ଇୟା ବଲୁ ମିର୍ ସତେନେ ମାନାନିଦେର୍ । ମାତର୍ ମି
ମାଣ୍କୁ ଏନ୍ ୱେର୍ତେଙ୍ଗ ଆଟ୍ନାନ୍, ନାନୁ ସାଲାକି ଆତିମାନିଙ୍ଗ
ମିଚ୍ ୱେରିସି ମିଙ୍ଗ୍ଁ ଉରିଦୁ ପୋକ୍ତାମାନାନ୍ । 17 ମି ଲାକ୍ତୁ
ଏମେୱାରିଙ୍ଗ ପୋକ୍ତାମାନା, ୱାରିମାଣୁକୁ ବା ଏମାଣୁକୁ ନାନୁ
ଇନିକା ମିମାଣୁକୁ ଇନି ସୁବିଦା ରେଲିଜିଅତାମାନା? 18 ମି ଲାକ୍ତୁ
ସନିଉଣ୍ତ୍ରିଙ୍ଗ ନାନୁ ତିତସଦିଙ୍ଗ ଅନୁରୋଦ କିତା ମାରି ୱାନିୱାଲେ
ଆଇ ତଡ଼ାନ୍କାଙ୍ଗ ପୋକ୍ତା । ତିତସ ମି ଲୋଇରାନ୍ ଇନି ସୁବିଦା
ପୟ୍ତାମାନାନ୍ ଇଜି ଏନ୍ ଇନ୍ଡ୍ରେଙ୍ଗ ଆଟ୍ନାନ୍? ୱାନ୍ ମାରି ନାନୁ
ଇନିକା ସାମାନ୍ ପାଣି ଅସି ମି ୱାଲେ ସାମାନ୍ ବ୍ୟବହାର୍ କିଏ
ନୋ? 19 ଏଣ୍ତ୍ରେସାତିଙ୍ଗ ମିର୍ ଅଡ଼୍ବିଜିନିଦେର୍ ଜେ, ଇୟାସାନ୍ଦି
ମାପୁ କେବଲ ନିଜେଦିକା ନର୍ଜି ସିଜି ୱାତାମାନାପ୍ ନୋ!
ମାପୁରୁଦି ଆଗ୍ଡ଼ି କ୍ରିସ୍ତୁ ମାଙ୍ଗ୍ଁ ଇର୍ଇ ୱାଜା ମାପ୍ ମିଙ୍ଗ୍ଁ ଇଜିନାପ୍ ।
ଲାଡ୍ତି ତଡ଼୍କୁ, ମାପୁ ଏମେକା କିଜିନାପ୍ ଆକା କେବଲ ମି ନେଗି
ଉଣ୍ତ୍ରିଙ୍ଗ କିଜିନାପ୍ । 20 ଇରିଙ୍ଗ ନାନୁ ତିଏଲ୍ ୱାଜିନାତ୍, ନାନୁ ମି
ଲାକ୍ତୁ ୱାଜି ମିଙ୍ଗ୍ଁ ଏଣ୍ତ୍ରେସ୍ ସୁଡୁଦେଙ୍ଗ ବଦା କିଜିନା, ଆୟାୱାଜା
ସୁଡୁଦେଙ୍ଗ ଆଟ୍ଏ ମାରି ମିର୍ ନା ଆମା ରୁପ୍ ସୁଡୁଦେଙ୍ଗ ବଦା
କିଇଜିନିଦେର୍, ଆର୍ତିଙ୍ଗ ଆକା ସୁଡୁଦେଙ୍ଗ ଆଟ୍ନିଦେର୍ ।
ଆର୍ତିଙ୍ଗ ଆବେନ୍ ସଲ୍ସି ନାନୁ ୱିଜୁ ରକମ୍ତି ଜାଟି, ଆକାର୍,
ରିସା, ଗର୍ବ କିନିକା, ସୁରି, ଗର୍ବ, ମାରି ସାନ୍ତିସିଲିକା ସୁଡୁଦେଙ୍ଗ
ଆଟ୍ନା । 21 ଇଲେଇ ମି ଲାକ୍ତୁ ସନିୱାଲେ ଆୟାୱାଜା ମାପୁରୁ
ମି ଆଗ୍ଡ଼ି ନାଙ୍ଗ୍ଁ ସେମାର୍ କିନାନ୍, ଏମେକାର୍ ଆଗ୍ଡ଼ିରାନ୍ ପାପ
କିତାମାନାର୍, ମାତର୍ ୱାରି ତାଗ୍ଇ ପାଣିୱିଜୁ, ଲାଲାୟ୍ ମାରି
ଦାରିପାଣି ଉଣ୍ତ୍ରିଙ୍ଗ ମନ୍ବାଦ୍ଲେ କିଏର୍, ଇୟାୱାଜା ନାଣ୍ତ୍ରୁଲୋକ୍
ଉଣ୍ତ୍ରିଙ୍ଗ ନାଙ୍ଗ୍ଁ ଆଡ଼୍ବାଦେଙ୍ଗ ଆନାତ୍ ।

**13** ଇୟାତାନିଙ୍ଗ ମିସାକିଜି ମୁଜା ନାନୁ ମି ଲାକୁତୁ ୱାଜିନା
। ଦର୍ମସାସ୍ତ୍ରୁଦି ଇସାବ୍ତାନ୍, ରିଏର୍ ସିଲିତିଙ୍ଗ ମୁଏର୍ରି
ସାକିଦି ପାର୍ମାଣ୍ତାନ୍ ୱିଜୁ ମାଟା ପୁରା ଆନାତ୍ । 2 ପୁର୍ବେ
ପାପ୍ କିତିମାନି ଲୋକାଙ୍ଗ ମାରି ଆଇ ୱିଜେରିଙ୍ଗ ନାନୁ ରିଜା
ଆବେନ୍ ସୋଲ୍ସି ଇର୍ହାର୍ ମାରି ଇଲେଇ ଆକମାନିଜି ବା ଇଜିନା
ଯେ, ନାନୁ ଇଲେଇ ସରିଙ୍ଗ, ଏନ୍ ଦଣ୍ତ୍ରୁଦାନ୍ ଡ଼ିସାଇ ଆଦେଙ୍ଗ
ଆଟ୍ଏର୍ । 3 କ୍ରିସ୍ତୁ ଜେ ନା ମାଣ୍କୁ ସିଜି ୱାର୍ଗିଜିନାନ୍, ଇୟା
ବିସୟ୍ତାନ୍ ମିର୍ ଅଡ଼୍ବିନିମାନି ୱିଜୁ ପାର୍ମାଣ୍ ପୋଇନିଦେର୍
। ମି ଉଣ୍ତ୍ରିଙ୍ଗ ୱାନ୍ ଏସାଙ୍ଗବା ଦୁର୍ବଳ ଆଏନ୍ । ମାତର୍ ମି
ଲାକ୍ତୁ ୱାନ୍ ୱାନି ସାକ୍ତିଦି ପରିଚୟ ସିତାମାନାନ୍ । 4 ୱାନ୍
ଦୁର୍ବଳ ଆଜି କ୍ରୁସଦୁ ସାତିଙ୍ଗବା ମାପୁରୁଦି ସାକ୍ତିଦାନ୍ ଇଲେଇ
ଜିବନ୍ ମାନାନ୍ । ୱାନିୱାଲେ ମିସାଜି ମାପୁ ବା ସାକ୍ତିସିଲି ୱାଜା
ଆତାମାନାପ୍, ମାତର୍ ମି ୱାଲେ ମା ମିସାନିମାନୁ ମାପୁରୁଦି
ସାକ୍ତିଦି ମିସାଜି କ୍ରିସ୍ତୁଦି ୱାଲେ ମାଡ଼୍ ଜିବନ୍ ଆନିକା । 5 ମିର୍
ବିସ୍ବାସ୍ତୁ ମାନିଦେର୍ ନୋ ସିଲେ, ନିଜେଦି ପରିକା ନି ବିଚାର୍
କିଜି ସୁଡୁଦୁ । ମି ଜିବନ୍ତୁ ଜିସୁ କ୍ରିସ୍ତୁ ବାସାକିଜିନାନ୍, ଇୟା
ବଲୁ ଇନିକା ନେସିଇଦେର୍ ନୋ, ଇବେନୁ ମିର୍ ଅର୍ସେ ଆରାତି
ଆତିମାନିଦେର୍? 6 ଆସା କିଜିନା, ମିର୍ ବୁଜାଦେଙ୍ଗ ଆଟ୍ନିଦେର୍
ଜେ, ମାଡୁ ଆରାଏପ୍ । 7 ମିର୍ ଇନି ଅନ୍ୟାୟପାଣିଦୁ ତେବାମାଟ୍,
ଇୟାଉଣ୍ତ୍ରିଙ୍ଗ ମାପୁ ମାପୁରୁଦି ଲାକ୍ତୁ ପାର୍ତାନା କିଜିନାପ୍ । ମାପୁ
ଜେ ଇବେନୁ ପରିକାଦୁ ଜିଣାତାମାନାପ୍, ଇକା ମାପୁ ତର୍ତେଙ୍ଗ
ସଲ୍ଏପ୍, ମାତର୍ ମାପୁ ଆରାତିମାରିଙ୍ଗ ବା ମିର୍ ଏଣ୍ତ୍ରେସ୍ ନେଗି
ପାଣି କିନିଦେର୍, ଇୟାଉଣ୍ତ୍ରିଙ୍ଗ ପାର୍ତାନା କିଜିନାପ୍ । 8 ସତ୍ତିଙ୍ଗ
ବିରୁଦ୍ କିଦେଙ୍ଗ ମା ଅଦିକାର୍ ସିଲେତ୍; ମାପୁ କେବଲ ସତ୍ତି
ଉଣ୍ତ୍ରିଙ୍ଗ ପାଣି କିଦେଙ୍ଗ ଆଟ୍ନାପ୍ । 9 ମାପୁ ଦୁର୍ବଳ ମାର୍ଇୱାଲେ
ମିର୍ ସାକ୍ତିମାନିଙ୍ଗ ମାପୁ ୱେଡ଼ିକା । ଆୟାଉଣ୍ତ୍ରିଙ୍ଗ ମି ନେକ୍କାଆନି
ଉଣ୍ତ୍ରିଙ୍ଗ ମାପୁ ପାର୍ତାନା କିଜିନାପ୍ । 10 ଆୟାଉଣ୍ତ୍ରିଙ୍ଗ ଆକ
ମାନ୍ଜି ନାନୁ ମି ଲାକ୍ତୁ ଇୟା ସିଟି ରାସ୍ସିନା, ଆବେଣାନ୍
ମି ଲାକ୍ତୁ ଇଗାୱାନି ବେଡ଼ାଦୁ ଏଣ୍ତ୍ରେସ୍ ଆଟ୍ୱାଦି ୱାଜା ନାଙ୍ଗ୍ଁ
ଅଦିକାର୍ କିଦେଙ୍ଗ ପଡ଼ାଏତ୍ । ଇରିଙ୍ଗ ମିଙ୍ଗ୍ଁ ରୁକୁତେଙ୍ଗ ସିଲେ,
ମାତର୍ ତିଆର୍ କିଦେଙ୍ଗ ମାପୁରୁ ନାଙ୍ଗ୍ଁ ଅଦିକାର୍ ସିତାମାନାନ୍ ।

11 ତଡ଼ାନ୍‌କୁ ନି ତାଙ୍ଗ୍ଁକ୍ ନା ସାରାସାରି ମାଟା ଇକା ନିଜେଦିଙ୍ଗ
ଟିକ୍ କିଦୁ, ନା ମାଟା ଆସ୍‌ତୁ, ୱିଜେରେ ଉନ୍‌ଡ୍ରେମାନୁ ଆଦୁ ମାରି
ସାନ୍ତିଦାନ୍ ତେବାଦୁ । ଜିବନ୍‌ନୋନିକା ମାରି ସାନ୍ତିଦି ମାପୁରୁ
ମି ୱାଲେ ତେବାପିନ୍ । 12 ପବିତ୍ର ଚୁମାଦାନ୍ ନିଜେନିଜେଦିଙ୍ଗ
ମାଡ଼ିସ୍ କିଦୁ । 13 ୱିଜେରେ ମାପୁରୁଦିଲୋକ୍ ମିଙ୍ଗ୍ଁ ମାଡ଼ିସ୍
କିଜିନାର୍ । 14 ପ୍ରବୁ ଜିସୁ କ୍ରିସ୍ତୁଦି ଦୟା, ମାପୁରୁଦି ଜିବନ୍‌ନୋନିକା
ମାରି ପବିତ୍ରଆତ୍ମାଦି ସାହାଜ୍ୟ ମି ୱିଜେରି ୱାଲେ ମାନିତ୍ ।

# ଗାଲାତିୟ

1 ନାନ୍ ପେରିତ ସିସୁ ପାଉଲ ଆଦେଙ୍ଗ୍ ଇଜି ନାନ୍ ଲୋକାମାଣାନ୍
ବା ଲୋକା ବଦାଦାନ୍ କୁକାୟ୍ ଆଏ, ଇୟା କୁକ୍ନିକା,
ନିଜେ ମାପୁରୁ ମାଣାନ୍ ମାରି ୱାନ୍ ଆମାୱାନିଙ୍ଗ୍ ସାତିମାଣାନ୍
ନିକ୍ତାମାନାନ୍, ଆୟା ଜିସୁ କ୍ରିସ୍ତ ମାଣାନ୍ ପୟ୍ତାମାନାପ୍ । 2
ମାରି ନା ୱାଲେ ମାନି ବିସ୍ୱାସ୍ତି ତଡ଼ାନ୍କୁ ନି ତାଙ୍ଗିକ୍ ୱିଜେରେ
ଗାଲାତିଆ ମଣ୍ତଲିଆଙ୍ଗ୍ ମାଡ଼ିସିକିଜିନାପ୍ । 3 ମା ବୁବା ମାପୁରୁ
ନି ପ୍ରବୁ ଜିସୁ କ୍ରିସ୍ତ ମିଙ୍ଗ୍ ଦୟା ନି ସାନ୍ତି ସିପିନ୍ । 4 ଇଲେଇତି
ଇୟା ପାପ୍ ଦୁନିଆଦାନ୍ ମାଙ୍ଗ୍ ରକିୟା କିଦେଙ୍ଗ୍ ଇଜି, ମା ବୁବା
ମାପୁରୁଦି ବଦା ମାନାଜି, କ୍ରିସ୍ତ ମା ପାପ୍ ଉଣ୍ତିଙ୍ଗ୍ ନିଜେଦିଙ୍ଗ୍
ସର୍ପେ କିତାନ୍ । (aiōn g165) 5 ଜୁଗ୍ ଜୁଗ୍ ମାପୁରୁ ଗୌରବ୍
ଆପିନ୍ । ଆମେନ୍ । (aiōn g165) 6 କ୍ରିସ୍ତୁଦି ଦୟାଦାନ୍ ଜେ ମିଙ୍ଗ୍
କୁକ୍ତାମାର୍ହାନ୍, ନିସା ବେଗି ମିର୍ ୱାନିଙ୍ଗ୍ ଡ଼ିସ୍ସି ଆଇ ଉନ୍ଣ୍ତି
ସୁସମାଚାର୍ ତରିନ୍ ମୋନ୍ଦିୟାନ୍ ସିଜିନିଦେର୍, ଆୟାଉଣ୍ତିଙ୍ଗ୍
ନାନ୍ କାବା ଆଜିନା । 7 ସତ୍ତାନ୍ "ଆଇ ଇନି ସୁସମାଚାର୍"
ସିଲେତ୍ । ମାତର୍ ନାନ୍ ଇୟାୱାଜା ଇଜିନା, ଇରିଙ୍ଗ୍ ଏସଲୋକ୍
କ୍ରିସ୍ତୁଦି ସୁସମାଚାର୍ତିଙ୍ଗ୍ ଆଇ ରୁପ୍ ସିଜି, ମିଙ୍ଗ୍ ବେମ୍ରି କିଦେଙ୍ଗ୍
ସେସ୍ଟା କିଜିନାର୍ । 8 ମାତର୍ ମାପ୍ ମି ଲାକ୍ତୁ ଏମେ ସୁସମାଚାର୍
ପ୍ରଚାର୍ ସିତାମାର୍ହାପ୍, ଜଦି ତାନିମାଣାନ୍ ଆଇ ଉନ୍ଣ୍ତି ସୁସମାଚାର୍
ମାପ୍ ନିଜେ ମାରି ମୁସ୍କୁପୁର୍ତି ଦୁତ୍ ପ୍ରଚାର୍ କିନାତ୍, ଆର୍ତିଙ୍ଗ୍
ୱାନ୍ ଅବିସାପ୍ ଆପିନ୍ । 9 ମାପ୍ ପୁର୍ବେ ଇକା ଇର୍ହାମାର୍ହାପ୍
ମାରି ଇଲେଇ ନାନ୍ ମାରିଡ଼େସି ଇଜିନା, ମିର୍ ଏମେ ସୁସମାଚାର୍
ମାନାତି ମାନିଦେର୍, ତାନିମାଣାନ୍ ଆଇ ଇନି ସୁସମାଚାର୍ ଜଦି
ଏନ୍ ପ୍ରଚାର୍ କିନାନ୍, ଆର୍ତିଙ୍ଗ୍ ୱାନ୍ ଅବିସାପ୍ ଆପିନ୍ । 10
ଇକା ୱେନ୍ଜି ମିର୍ ଇନିକା ଅଡ଼୍ବିଜିନିଦେର୍ ଜେ, ନାନ୍ ଲୋକ୍
ସାକା ଆନିକା ଲାବ୍ କିନି ଉଣ୍ତିଙ୍ଗ୍ ସେସ୍ଟା କିଜିନା? ସିଲେ, ଏସାଙ୍ଗ୍
ସିଲେ । ନାନୁ ବଦାକିନା କେବଲ ମାପୁରୁଦି ସାକା । ନାନୁ ଇନିକା
ୱେଙ୍ଗ୍ଦେଙ୍ଗ୍ ଆନି ଉଣ୍ତିଙ୍ଗ୍ ବଦା କିଜିନା? ନାନୁ ଜଦି ଇୟାସାନ୍ନି
ୱେଙ୍ଗ୍ଦେଙ୍ଗ୍ ଇଜି ସେସ୍ଟା କିତାମାନ୍ନି, ଆର୍ତିଙ୍ଗ୍ ନାନୁ ନେର୍
କ୍ରିସ୍ତୁଦି ସେବାକିନିକିନ୍ୱା ଆଏତାମାନ୍ନି । 11 ଏ ତଡ଼ାନ୍କୁ ତାଙ୍ଗିକି,
ମିଙ୍ଗ୍ ୱେର୍ସିନା ଜେ, ନାନୁ ଏମେ ସୁସମାଚାର୍ ପ୍ରଚାର୍ କିନା,
ଆକା ଲୋକା ମାଣାନ୍ ରେଏତ୍ । 12 ନାନୁ ଇନି ଲୋକାମାଣାନ୍
ଆକା ପୟ୍ଏ, ମାରି ଏନ୍ ନାଙ୍ଗ୍ ଆକା ଅଜା କିଏନ୍ । ନିଜେ
ଜିସୁ କ୍ରିସ୍ତ ଆକା ନା ଲାକ୍ତୁ ତର୍ତାମାନାନ୍ । 13 ଜିହୁଦି ଦାର୍ମୁ
ଉଣ୍ତିଙ୍ଗ୍ ୱେଡ଼ିକାମାନି ସମୟ୍ତୁ ନାନ୍ ଏଣ୍ତେସ୍ ଜିବନ୍ ଜିଜିମାର୍ହା,
ଏଣ୍ତେସ୍ ତାଗ୍ଏଣ୍ତା ମାପୁରୁଦି ସେବା କିନି ମଣ୍ତଲିଦିଙ୍ଗ୍ ତାଡ଼ନା
କିଜିମାର୍ହା ମାରି ତାନିଙ୍ଗ୍ ଦଂସ କିନି ଉଣ୍ତିଙ୍ଗ୍ ଏଣ୍ତେସ୍ ବେଗିଆନାତ୍
ସେସ୍ଟା କିଜିମାର୍ହା, ଇୟାୱିଜୁ ବିସୟ୍ ମିଙ୍ଗ୍ ଜାଣେ କିଆୟ୍ଆତା
ମାନାତ୍ । 14 ଜିହୁଦି ଦାର୍ମୁ ମାନାନିମାନୁ ସାମାନ୍ତାନ୍ ଜିହୁଦି
ଲୋକାମାନୁ ବା ନାନୁ ଆଗ୍ଡ଼ିମାର୍ହା ମାରି ମା ଡକ୍ରାଦାଦାରି
ରିତିନିତି ଉଣ୍ତିଙ୍ଗ୍ ନାଣ୍ତ ମାନାଜିମାର୍ହା । 15 ମାତର୍ ମାପୁରୁ ୱାନି
ଦୟାଦାନ୍ ନା ଜନମ୍ ଆନି ଆଗ୍ଡ଼ିରାନ୍ ନାଙ୍ଗ୍ ଆସ୍କିତାମାର୍ହାନ୍
ମାରି ୱାନି ସେବା କିନି ଉଣ୍ତିଙ୍ଗ୍ ନାଙ୍ଗ୍ କୁକ୍ତାମାର୍ହାନ୍ । 16
ମାରି ଅଣଜିହୁଦି ଲୋକା ଲାକ୍ତୁ ସୁସମାଚାର୍ ପ୍ରଚାର୍ କିନି
ଉଣ୍ତିଙ୍ଗ୍ ଏସ୍ତିୱାଲେ ନା ଲାକ୍ତୁ ୱାନ୍ ୱାନି ମାରିସିଙ୍ଗ୍ ତର୍ତାନ୍,
ଇୟା ବିସୟ୍ତାନ୍ ସିକିୟା ସିଦେଙ୍ଗ୍ ଇଜି ନାନ୍ ଆଇ ଏ ଲାକ୍ତୁ
ସଲ୍ଏ ମାର୍ହା । 17 ଇୟାୱାଜାକି ନା ଆଗ୍ଡ଼ିରାନ୍ ଏମେକାର୍
ପେରିତ ସିସୁ ଆତାମାର୍ହାର୍, ୱାରି ୱାଲେ ବା ବେଟ୍ବୁଡ଼ାଦେଙ୍ଗ୍
ଇଜି ଜିରୁସାଲାମ୍ତୁ ସଲ୍ଏମାର୍ହା । ମାତର୍ ନାନୁ ଦାପ୍ରେ ଦାପ୍ରେ
ଆରବ ଦେସ୍ତୁ ସର୍ହାମାର୍ହା ମାରି ୱେନ୍କା ଦାମାସ୍କସ୍ତୁ ଡ଼େସି
ୱାତା । 18 ଇୟାତେନି ତିନ୍ ବାର୍ସେକ୍ ୱେନ୍କା ନାନୁ ପିତର୍ତି
ୱାଲେ ମିସାଦେଙ୍ଗ୍ ଇଜି ଜିରୁସାଲାମ୍ତୁ ସର୍ହା ମାରି ୱାନି ୱାଲେ
ରୁଣ୍ତି ୱାରେଙ୍ଗ୍ ତେବାତା ମାର୍ଆ । 19 ପ୍ରବୁଦି ତଡ଼ାନ୍ ଜାକୁବଙ୍ଗ୍
ଡ଼ିସ୍ତିଙ୍ଗ୍ ନା ଆଇ ଏମେ ପେରିତ ସିସୁରି ୱାଲେ ମିସାଏତା ମାର୍ହା
। 20 ନାନୁ ଆମାକା ରାସ୍ସିନା, ଆକା ସତ୍; ମାପୁରୁ ନେସ୍ନାନ୍
ନାନୁ ମିସ୍ ଇନ୍ଏ! 21 ତେନିୱେନ୍କା ନାନୁ ସିରିଆ ନି ସିଲିସିଆଦି
ନାଣ୍ତ ବାଡିଆଙ୍ଗ୍ ସର୍ହାମାର୍ହା । 22 ଆୟା ସମୟ୍ତୁ ଜିହୁଦା ଦେସ୍ତୁ
ମାନି କ୍ରିସ୍ତ ମଣ୍ତଲିଦି ବିସ୍ୱାସିର୍ ନାଙ୍ଗ୍ ନେଗେନ୍ତାନ୍ ନେସ୍ଏର୍
ମାର୍ହାର୍ । 23 ନା ବିସୟ୍ତାନ୍ ଆଇକାର୍ ଆମାକା ଇର୍ହାମାର୍ହାର୍,
ୱାର୍ କେବଲ ନାସନେ ନେସ୍ତାମାର୍ହାର୍ । ଆଇଲୋକାମାଣ୍କୁ
ୱାର୍ ୱେର୍ଆମାର୍ହାର୍, "ଆମା ଲୋକ୍ ମାଙ୍ଗ୍ ତାଡ଼ନା କିଜିମାର୍ହାନ୍
ମାରି ଅର୍ଲେନ୍ ମା ବିସ୍ୱାସ୍ତିଙ୍ଗ୍ ଦଂସ କିଦେଙ୍ଗ୍ ସେସ୍ଟା
କିଜିମାର୍ହାନ୍, ଇଲେଇ ୱାନ୍ ଆୟା ସୁସମାଚାର୍ତିଙ୍ଗ୍ ପ୍ରଚାର୍
କିଜିନାନ୍!" 24 ଆୟାଉଣ୍ତିଙ୍ଗ୍ ୱାର୍ ନା ଉଣ୍ତିଙ୍ଗ୍ ମାପୁରୁଦି ପ୍ରସଂସା
କିଜିମାର୍ହାର୍ ।

2 ସଉଦ ବାର୍ସେକ୍ ୱେନ୍କା ବର୍ଣ୍ଣବାଦି ୱାଲେ ନାନୁ ଜିରୁସାଲାମ୍ତୁ
ଡ଼େସିସର୍ହାପ୍; ନା ୱାଲେ ତିତସ୍ତିଙ୍ଗ୍ ବା ଅତା ମାର୍ହାପ୍ । 2
ଆବେ ସନ୍ଦେତ୍ରଙ୍ଗ୍ ଆନାତ୍ ଇଜି ମାପୁରୁମାଣାନ୍ ଦର୍ସନ୍ ପୟ୍ଜି
ନାନୁ ସର୍ହାମାର୍ହା । ଅଣଜିହୁଦି ଲୋକା ଲାକ୍ତୁ ନାନୁ ଏମେ
ସୁସମାଚାର୍ ପ୍ରଚାର୍ କିତାମାନା, ଜିରୁସାଲାମ୍ତି ନେତାରିଙ୍ଗ୍
ଉନ୍ଣ୍ତି ଇଲୁ ମିଟିଙ୍ଗ୍ତୁ ଆକା ବୁଜାକିତା ସିତାମାର୍ହା । ନା ଆଗ୍ଡ଼ିରି
ମାରି ଇଲେଇତି ୱେଡ଼ାଦି ପାଣି ଏଣ୍ତେସ୍ ଆରେଏ ଆଏତ୍,
ଆୟାଉଣ୍ତିଙ୍ଗ୍ ନାନୁ ସୁତୁଜି ମାର୍ହା । 3 ନା ତଡ଼୍ ତିତସ୍ ଅରେନ୍
ଗ୍ରିକ୍ ଲୋକ୍ ଆତିମାରିଙ୍ଗ୍ବା, ୱାନିଙ୍ଗ୍ ସୁନ୍ନତ ଆନି ଉଣ୍ତିଙ୍ଗ୍
ଜବର୍ଦସ୍ତ କିଆୟ୍ ଆଏତ୍ମାର୍ହାତ୍ । 4 ମାତର୍ ଏସ ଲୋକୁ
ୱାନିଙ୍ଗ୍ ସୁନ୍ନତ କିବିସ୍କିଦେଙ୍ଗ୍ ଇଜି ବଦାକିଜିମାର୍ହାର୍ । ୱାର୍
ବିସ୍ୱାସିରି ତଡ଼ାନ୍କୁ ଇଜି ସାଲାକି କିଜି ନେସ୍ଇ ୱାଜା ଦଲ୍ତୁ
ମିସାତାମାର୍ହାର୍ । କ୍ରିସ୍ତ ଜିସୁଦି ୱାଲେ ମିସାନି ମାଣାନ୍କୁ ମାପ୍
ଏମେ ଜିଣାନିକା ଲାବ୍ କିତାମାନାପ୍, ତାନିଙ୍ଗ୍ ପୟ୍ଜ ଅତେଙ୍ଗ୍
ଇଜି ୱାରି ଉଦେସ୍ ମାର୍ହାତ୍ । ମାଙ୍ଗ୍ ମାରିଡ଼େସି ନିୟମ୍ତି
ଦାସ କିଦେଙ୍ଗ୍ ୱାର୍ ବଦା କିଜିମାର୍ହାର୍ । 5 ମାତର୍ ମି ଉଣ୍ତିଙ୍ଗ୍

ସୁସମାଚାର୍‌ତି ସତ୍‌ତିଙ୍ଗ ଜିପିସ୍‌କିଜି ଇଡ଼େଦେଙ୍ଗ ମାପ୍ ଆୟା
ଟକେକିନିୱାରିଙ୍ଗ ସାଣେକ୍ ବା ମାଟା ଇନ୍‌ଡ୍ରେଙ୍ଗ ସାରି ସିଏପ୍
ମାର୍ହାପ୍ । 6 ମାତର୍ ଏମେକାର୍ ନେତା ଇଜି ୱେଞ୍ଜିଁଜି ମାର୍ହାର୍,
ୱାର୍ ଜେ ଏର୍ ଆପିର୍, ଆବେ ଇନିକା ନା ସଲ୍‌ଏଡ୍ ରେଏଡ୍;
ଇରିଙ୍ଗ ଆଡ଼େରରି ବୁଲାସାଲା ସୁଡ଼୍‌ଜି ମାପୁରୁ ଏମେୱାନି ବିଚାର୍
କିଏନ୍, ଆୟା ନେତାର୍ ନାଙ୍ଗିଁ ଇନି ପୁନି ମାଟା ସିଏର୍ ମାର୍ହାର୍
। 7 ମାରି ଉନ୍‌ଗ୍ରି ତରିନ୍, ୱାର୍ ସୁଡୁତାମାର୍ହାର୍ ଜେ, ମାପୁରୁ
ଏଣ୍ଡେସ୍ ଜିହୁଦିଲୋକା ଲାକ୍‌ତୁ ସୁସମାଚାର୍ ପ୍ରଚାର୍ କିନି ଦାୟିତ
ପିତର୍‌ତିଙ୍ଗଁ ସିତାମାର୍ହାନ୍, ଆୟାୱାଜା ଅଣଜିହୁଦି ଲୋକା ଲାକ୍‌ତୁ
ସୁସମାଚାର୍ ପ୍ରଚାର୍ କିନି ଦାୟିତ ନାଙ୍ଗିଁ ସିତାମାନାନ୍, 8 ଇରିଙ୍ଗ
ପିତର ଏଣ୍ଡେସ୍ ମାପୁରୁଦି ସାକ୍ତିଦାନ୍ ଜିହୁଦିଲୋକା ଉଣ୍ଡିଙ୍ଗ ପେରିତ
ସିସୁ ୱାଜା ବାସେ କିଆୟ୍‌ଆତାମାର୍ହାନ୍, ନାନୁ ବା ଟିକ୍ ଆୟାୱାଜା
ମାପୁରୁଦି ସାକ୍ତିଦାନ୍ ଅଣଜିହୁଦି ଲୋକା ଉଣ୍ଡିଙ୍ଗ ପେରିତ ସିସୁ
ୱାଜା ବାସେ କିଆୟ୍‌ଆତାମାନା । 9 ନାସ୍ତିୱାଲେ ମୁଣ୍ଡା ୱାଜା
ୱେଞ୍ଜିଁଜିମାନି ଜାକୁବ, ପିତର୍ ନି ଜୋହନ ମାନାତା ମାର୍ହାର୍
ଜେ, ମାପୁରୁ ନାଙ୍ଗିଁ ଇୟା ଦୟା ପାଣିଦି ଦାୟିତ୍ ସିତାମାନାନ୍
। ଆଦେଙ୍ଗ ୱାର୍ ନାଙ୍ଗିଁ ନି ବର୍ଣ୍ଣବାଦିଙ୍ଗ ଅର୍‌ସେମାନିକା ୱାଜା
ୱେଡ଼ିକାଦାନ୍ ମାନାତାମାନାର୍ । ବର୍ଣ୍ଣବା ନି ନାନୁ ଅଣଜିହୁଦି
ଲୋକା ଲାକ୍‌ତୁ ମାରି ୱାର୍ ଜିହୁଦିଲୋକା ଲାକ୍‌ତୁ ପାଣି କିନାପ୍
ଇଜି ମାପ୍ ଉନ୍‌ଏଣ୍ଡମନ୍ ଆତାମାର୍ହାପ୍ । 10 ୱାର୍ କେବଲ
ନିସନେ ଅନୁରୋଦ କିତାମାର୍ହାର୍ ଜେ, ମାପ୍ ୱାରି ଦଲ୍‌ତୁ ମାନି
କାକୁର୍ତି ଲୋକାଙ୍ଗିଁ ଏଡ୍ ଇଡ଼ନାପ୍ । ଆୟା ବିସୟ୍ ଉଣ୍ଡିଙ୍ଗ ନେ ନା
ଆସା ମାର୍ହାଡ୍ । 11 ପିତର୍ ଆଣ୍ଟିୟକଦୁ ୱାତିମାର୍‌ଇୱାଲେ
ନାନୁ ୱିଜେରି ଆଗ୍‌ଡ଼ି ୱାନିଙ୍ଗ ଜାଟି କିତାମାର୍‌ଆ, ଇରିଙ୍ଗ ୱାନ୍
ସତେନେ ବୁଲ୍ ପାଣି କିଜିମାର୍ହାନ୍ । 12 ଜାକୁବଦି ମାଣାନ୍ ପେରିତ
ଏସଲୋକ୍ ଆବେନୁ ୱାନି ଆଗ୍‌ଡ଼ି, ପିତର ଅଣଜିହୁଦି ତଡ଼ାନ୍‌କୁ
ନି ଟାଙ୍ଗିଁକା ୱାଲେ ଉଣୁଜି ମାର୍ହାନ୍ । ମାତର୍ ଆୟା ଲୋକୁ
ୱାତି ୱେନ୍‌କା, ୱାନ୍ ଇବେଟ୍‌ତାନ୍ ନିଙ୍ଗିଁଟା ସର୍ହାନ୍ ମାରି ୱାରି
ୱାଲେ ୱାନ୍ ମାରି ଉଣୁଏତାନ୍, ଇରିଙ୍ଗ ଅଣଜିହୁଦି ଲୋକୁ ସୁନ୍ନତ
ଆନିକା ଦରକାର୍ ଇଜି ଏମେକାର୍ ଇଜିମାର୍ହାର୍, ୱାନ୍ ୱାରିଙ୍ଗ
ତିଲାଜି ମାର୍ହାନ୍ । 13 ଆଇ ଜିହୁଦି ତଡ଼ାନ୍‌କୁ ପିତରତି ୱାଲେ
ମିସାଜି ଟକେକିନି ଲୋକା ୱାଜା ବ୍ୟବ୍‌ହାର୍ କିଜିମାର୍‌ର୍ହାର୍,
ଇୟାୱାଜାକି ବର୍ଣ୍ଣବା ବା ୱାରି ସାଲାକିଦୁ ଆର୍‌ତାନ୍ । 14 ନାନୁ
ଏସ୍ତିୱାଲେ ସୁଡୁତା ଜେ, ସୁସମାଚାର୍‌ତି ସତ୍ ଇସାବ୍‌ତାନ୍ ୱାର୍
ନେଗେନ୍ ବ୍ୟବ୍‌ହାର୍ କିଏଜିନାର୍, ନାନୁ ୱାରି ଆଗ୍‌ଡ଼ି ପିତର୍‌ତିଙ୍ଗ
ଇର୍‌ଆମାର୍ହା, "ଜଦି ନିନୁ ଜିହୁଦିଲୋକୁ ଆଜି ଅଣଜିହୁଦି ଲୋକା
ୱାଜା ଜିଜି ମାଡ଼ିଜିନି, ଆର୍‌ତିଙ୍ଗିଁ ଜିହୁଦିଲୋକା ୱାଜା ଜିଦେଙ୍ଗିଁ
ନିନୁ ଅଣଜିହୁଦି ଲୋକାଙ୍ଗ ଏଣ୍ଡେସ୍ ଜବର୍‌ଦସ୍ତି କିଦେଙ୍ଗଆଟ୍‌ନି
।" 15 ସତ୍‌ତାନ୍ ମାପୁ ଜନମ୍‌ତାନ୍ ଜିହୁଦି ଲୋକୁ; ୱାର୍‌ଗିଜିସାନି
ଇସାବ୍‌ତାନ୍ "ପାପି ଅଣଜିହୁଦି ଲୋକୁ" ସିଲେ । 16 ମାପୁ
ନେସ୍‌ନାପ୍, ନିୟମ୍‌ତି ଦାବିୱିଜୁ ପୁରା କିନି ମାଣାନ୍ ସିଲେ,
ମାତର୍ କେବଲ ଜିସୁ କ୍ରିସ୍ତୁଦିମାନୁ ବିସ୍‌ବାସ୍ କିନି ମାଣାନ୍ ଅରେନ୍
ମାପୁରୁଦି ଆଗ୍‌ଡ଼ି ଦସ୍‌ସିଲେଣ୍ଗା ମିସାଦେଙ୍ଗ ଆଟ୍‌ନାପ୍ ।
ମାପୁରୁଦି ଆଗ୍‌ଡ଼ି ଦାର୍ମୁ ଲୋକ୍ ଆଦେଙ୍ଗିଁ ଇଜି ମାପ୍ ମାରି ନିୟମ୍‌ତି
ମୁସ୍‌କୁ ଆସା ଇଡ଼୍‌ଏନ୍‌ଗ୍ରା ଜିସୁ କ୍ରିସ୍ତୁମାନୁ ବିସ୍‌ବାସ୍ କିଜିନାପ୍,
ଇରିଙ୍ଗିଁ କେବଲ ନିୟମ୍ ମାନାନି ମାଣାନ୍ ଏନ୍ ମାପୁରୁ ଆଗ୍‌ଡ଼ି
ଦାର୍ମୁ ଲୋକ୍ ଆଦେଙ୍ଗିଁ ଆଟ୍‌ଏନ୍ । 17 ମାତର୍ କ୍ରିସ୍ତୁଦି ୱାଲେ
ମିସାଜି ମାପୁରୁଦି ଆଗ୍‌ଡ଼ି ସେବାକିନି ଦାର୍ମୁ ଲୋକ୍ ଆଦେଙ୍ଗ ଇଜି
ସେସ୍ଟା କିତିୱାଲେ, ଜଦି ମାପ୍ ବା ଅଣଜିହୁଦି ଲୋକା ୱାଜା
"ପାପି" ଆଜି ତେବାତିମାନିକା, ଇୟାଉଣ୍ଡିଙ୍ଗ ଇନିକା କ୍ରିସ୍ତୁ ଦାୟି?
ସିଲେ, ଇକା ଏସାଙ୍ଗ ସିଲେ । 18 ମାତର୍ ଏମେ ନିୟମ୍‌ତି
ଗାଟିଦିଙ୍ଗିଁ ନାନୁ ସିନା କିତାମାନା, ତାନି ମାରିଡ଼େସି ତିଆର୍
କିଦେଙ୍ଗ ସରିଙ୍ଗ ନାନୁ ଦସି ଆନା । 19 "ନିୟମ୍‌ତି ଉଣ୍ଡିଙ୍ଗ ନାନୁ
ପୁରା ସାତାମାନା ଆୟା ନିୟମ୍‌ତାନ୍ ନେ ନାନୁ ସାତାମାନା ।
ମାତର୍ ନାନୁ ଇଲେଇ ମାପୁରୁଦି ଉଣ୍ଡିଙ୍ଗ ଜିତାମାନା । କ୍ରିସ୍ତୁଦି
ୱାଲେ ୱାନି କୁସ୍‌କାଟ୍ ମୁସ୍‌କୁ ନାନ୍ ବା ସାତାମାନା । 20 ଆଦେଙ୍ଗ
ଇଲେଇ ସତ୍‌ତାନ୍ ନାନୁ ମାରି ଜିଏ, ନା ବାନୁ କ୍ରିସ୍ତୁ ଜିବନ୍
ମାନାନ୍ । ନାନୁ ଇଲେଇ ଆମା ଜିଜି ମାଡ଼ିଜିନା, ଆକା କେବଲ
ମାପୁରୁଦି ମାରିନ୍‌ତି ମୁସ୍‌କୁ ନା ବିସ୍‌ବାସ୍‌ତାନ୍ ଆତାମାନାଡ୍, ଏନ୍
ନାଙ୍ଗିଁ ଜିବନ୍‌ନୋଜି ନା ଉଣ୍ଡିଙ୍ଗିଁ ୱାନି ଜିବନ୍ ସିତାମାନାନ୍ । 21
ଇୟାଉଣ୍ଡିଙ୍ଗ ମାପୁରୁଦି ଦୟାଦିଙ୍ଗ ନାନୁ ଏସାଙ୍ଗ ଅମାନ୍ୟ କିଏ ।
ଇରିଙ୍ଗିଁ କେବଲ ନିୟମ୍ ମାନାନି ମାଣାନ୍ ଜଦି ଅରେନ୍ ମାପୁରୁଦି
ଆଗ୍‌ଡ଼ି ଦାର୍ମୁ ଆଦେଙ୍ଗ ଆଟ୍‌ନାନ୍, ଆର୍‌ତିଙ୍ଗିଁ କ୍ରିସ୍ତୁଦି ସାନିକା
ଇନିକା ସିଲେ ଇଜି ଇନ୍‌ଡ୍ରେଙ୍ଗ ଆନାଡ୍ ।"

3 ଏ ବୁଦିସିଲି ଗାଲାତିୟଦି ଲୋକୁ! ଏନ୍ ମି ମୁସ୍‌କୁ ଇୟା
ଉପାୟ୍ ୱେର୍‌ତାମାନାନ୍? କୁସକାଟ୍ ମୁସ୍‌କୁ ଜିସୁ କ୍ରିସ୍ତୁଦି ସାତି
ବିସୟ୍ ପୁରାନେସ୍‌ନି ୱାଜା ମି ଲାକ୍‌ତୁ ୱେର୍‌ଆଇ ଆତାମାନାଡ୍ ।
2 ନାଙ୍ଗିଁ ଉନ୍‌ଗ୍ରି ମାଟା ଇନ୍‌ଗ୍ରୁ: ନିୟମ୍ ମାନାଜିନି ମାଣ୍‌କୁ ମିର୍
ପବିତ୍ରଆତ୍ମାଦିଙ୍ଗ ପୟ୍‌ତିମାନିଦେର୍, ନୋ, ମିର୍ ସୁସମାଚାର୍
ୱେନ୍‌ଜି ଆବେନୁ ବିସ୍‌ବାସ୍ କିଜିନି ମାଣ୍‌କୁ? 3 ମିର୍ ଇନିକା
ନିସବା ବୁଜାଦେଙ୍ଗ ଆଟ୍‌ଇଜିନିଦେର୍? ଆଇଆତ୍ମାଦି ସାକ୍ତିଦାନ୍
ମିର୍ ଆମା ଜିବନ୍ ଆରାମ୍ କିତିମାନିଦେର୍, ନିଜେଦି ସାକ୍ତିଦାନ୍
ଇନିକା ତାନିଙ୍ଗ ପୁରା କିଦେଙ୍ଗ ଅଡ଼୍‌ବିଜିନି? 4 ଇୟାଉଣ୍ଡିଙ୍ଗ
ମି ୱିଜୁ ଏଡ୍‌କିତିମାଟା ଇନିକା ୱାର୍‌ଇକା? ଆବେଣ୍ଡୁକୁ ଇନିକା
ଅଡ଼୍‌ପବା ଅଜାଇଦେର୍? 5 ମିର୍ କେବଲ ନିୟମ୍‌ତୁ ବିସ୍‌ବାସ୍
କିଜିମାନିଙ୍ଗ ଇନିକା ମାପୁରୁ ମିଙ୍ଗିଁ ୱାନି ଆତ୍ମା ସିତାମାନାନ୍
ମାରି ମି ଲୋଇ ସାକ୍ତିଦି ପାଣିୱିଜୁ ପୁରା କିନାନ୍, ନୋ, ମିର୍
ସୁସମାଚାର୍ ୱେନ୍‌ଜି ଆବେନୁ ବିସ୍‌ବାସ୍ କିଜିନିଦେର୍ ଇଜି? 6
ମାରି ଅବ୍ରାହାମତି ମାଟା ଏଡ୍ କିଦୁ । ସାସ୍ତ୍ରଦୁ ରାସାତାମାନାଡ୍,
"ୱାନ୍ ମାପୁରୁଦିମାନୁ ବିସ୍‌ବାସ୍ କିତାନ୍ ମାରି ୱାନି ବିସ୍‌ବାସ୍‌ତି
ଉଣ୍ଡିଙ୍ଗ ମାପୁରୁ ୱାନିଙ୍ଗ ଦାର୍ମୁଦିକାନ୍ ୱାଜା ମାନାତାନ୍ ।" 7 ଇକା
ମିର୍ ନେସ୍‌ତୁ, ଆମାକାର୍ ବିସ୍‌ବାସ୍ କିଦେଙ୍ଗ ଡାଟ୍, କେବଲ

ଆୟ୍ଯାକାର୍ନେ ଅବ୍ରାହାମତି ସତ୍ତି ମାରିନ୍କୁ, 8 ଆଗ୍ଡ଼ିରାନ୍
ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, ବିସ୍ବାସ୍ତାନ୍ ମାପୁରୁ ଅଣଜିହୁଦି
ଲୋକାଙ୍ଗ ବା ଦାର୍ମୁଦିଲୋକ୍ ଇଜି ମିସାକିନାନ୍ । ଅବ୍ରାହାମତି
ଲାକ୍ତୁ ଇୟ୍ଯା ମାଟା ଆଗ୍ଡ଼ି ୱେର୍ଆୟ୍ଆତାମାରାତ୍, “ମି
ମାଣ୍କୁ ମାପୁରୁ ଦୁନିଆଦି ୱିଜୁ ଲୋକାଙ୍ଗ ଆସିର୍ବାଦ୍ କିନାନ୍
।” 9 ଅବ୍ରାହାମ ବିସ୍ବାସ୍ କିଜି ଆସିର୍ବାଦ୍ ପୟ୍ତାମାର୍ହାନ୍;
ଆଦେଙ୍ଗ ଆମାକାର୍ ବିସ୍ବାସ୍ କିନାର୍, ୱାର୍ ୱିଜେରେ ୱାନି ୱାଜା
ଆସିର୍ବାଦ୍ ପୟ୍ନାର୍ । 10 ଏମେକାର୍ ନିୟମ୍ ମାନାନି ମୁସ୍କୁ
ଆସା ଇଡ୍ନାର୍, ୱାର୍ ଆନାଦୁରିଆଦି ଲୋଇ ଜିନାର୍ । ଇରିଙ୍ଗ
ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, “ମସାଦି ନିୟମ୍ ବଇଦୁ ଆମା
ୱିଜୁ ରାସାତାମାନାତ୍, ଜଦି ଏନ୍ ପୁରାଦାନ୍ ଆକା ମାନାଏନ୍,
ୱାନ୍ ମାପୁରୁଦି ଆନାଦୁରିଆଦି ଲୋକୁ ଆନାନ୍ ।” 11 ଆଦେଙ୍ଗ
ଇବେଟ୍ତାନ୍ ପୁରାନେସ୍ନିୱାଜା ୱେରାୟ୍ଆନାତ୍, ନିୟମ୍ତାନ୍
ଏମେ ଲୋକୁ ମାପୁରୁଦି ଆଗ୍ଡ଼ି ଦାର୍ମୁଲୋକୁ ଆଦେଙ୍ଗ ଆଟ୍ଏନ୍,
ଇରିଙ୍ଗ ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, “ବିସ୍ବାସ୍ତାନ୍ ମାପୁରୁଦି
ଲାକ୍ତୁ ଦସ୍ସିଲିକାନ୍ ୱେଙ୍ଗିଁଜି ମାନି ଲୋକୁ ନେ କେବଲ ଜିନାନ୍
।” 12 ମାତର୍ ନିୟମ୍ତି ୱାଲେ ବିସ୍ବାସ୍ତି ଇନି ମିସାବିଡ଼ା
ସିଲେତ୍ । ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, “ଏମେ ଲୋକୁ ନିୟମ୍ତି
ଦାବିଦି ୱିଜୁ ପାଣି କିନାନ୍, ୱାନ୍ ଜିନାନ୍ ।” 13 ମାତର୍ କ୍ରିସ୍ତ ମା
ଉଣ୍ତିଙ୍ଗ ଆନାଦୁରିଆ ପୟ୍ଜି ନିୟମ୍ତୁ ରାସାତି ଆନାଦୁରିଆଦାନ୍
ମାଙ୍ଗିଁ ମୁକୁଡ଼ା କିତାମାନାନ୍ । ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍,
“ଏନ୍ ମାରାତୁ ଡ଼ଆୟ୍ ଆଜି ସାନାନ୍, ୱାନ୍ ମାପୁରୁଦି ମାଣାନ୍
ଆନାଦୁରିଆ ଆନାନ୍!” 14 ମାପୁରୁ ଅବ୍ରାହାମ୍ତିଙ୍ଗ ଏମେ ଆସିର୍ବାଦ୍
ସିଦେଙ୍ଗ ପାର୍ମାଣ୍ କିତାମାର୍ହାନ୍, ଅଣଜିହୁଦି ଲୋକୁ ବା ଏଣ୍ତେସ୍
ଆକା ପୟ୍ଦେଙ୍ଗ ଆଟ୍ନାର୍, ଇୟ୍ଯାଉଣ୍ତିଙ୍ଗ କ୍ରିସ୍ତ ଜିସୁ ଇୟ୍ଯା ପାଣି
କିତାମାନାନ୍ । ଆଦେଙ୍ଗ ବିସ୍ବାସ୍ତାନ୍ ମାପ୍ ବା ମାପୁରୁଦି
ସିତିମାନିମାଟା ଇସାବ୍ତାନ୍ ପବିତ୍ର ଆତ୍ମା ପୟ୍ଦେଙ୍ଗ ଆଟ୍ନାପ୍ ।
15 ତଡ଼ାନ୍କୁ ନି ତାଙ୍ଗିଁକ୍! ନାନୁ ଉନ୍ଣ୍ତି ଉପାସ୍ ମାଟା ଇଜିନା,
ଏସ୍ତିୱାଲେ ରିଏର୍ ଇନି ବିସୟ୍ତାନ୍ ଉନ୍ଣ୍ତି ନିୟମ୍ ମାଟା ଇନାନ୍,
ଏନ୍ ଆୟ୍ଯା ନିୟମ୍ ମାଟା ରୁକ୍କେତଙ୍ଗିଁ ଆଟ୍ଏନ୍ ବା ଆବେ ଇନିକା
ମିସାକିଦେଙ୍ଗିଁ ଆଟ୍ଏନ୍ । 16 ଅବ୍ରାହାମ ନି ୱାନି କୁଟୁମ୍ତି
ଲାକ୍ତୁ ମାପୁରୁ ୱାନି ପାର୍ମାଣ୍ କିତାମାର୍ହାନ୍ । ମାତର୍ ଇୟ୍ଯା
ବିସୟ୍ତାନ୍ “ମି କୁଟୁମ୍ତିୱାରି ଉଣ୍ତିଙ୍ଗ,” ଅର୍ତାତ୍ ନାଣ୍ତ ଲୋକା
ଉଣ୍ତିଙ୍ଗ ଇଜି ସାସ୍ତ୍ରଦୁ ରାସାଏତ୍ । କେବଲ “ମି କୁଟୁମ୍ ଉଣ୍ତିଙ୍ଗିଁ”
ଇଜି ରାସାତାମାନାତ୍ । ଆଦେଙ୍ଗିଁ ଆୟ୍ଯା ସାସ୍ତ୍ରଦୁ ରାସାତିକା
କେବଲ ଅରେନ୍ ଲୋକ୍, ଅର୍ତାତ୍ କ୍ରିସ୍ତଦି ଉଣ୍ତିଙ୍ଗିଁ ଟିକ୍ । 17
ନାନୁ ଇନି ଅର୍ତ ଆଜିନାତ୍, ମାପୁରୁ ଅବ୍ରାହାମତି ୱାଲେ ଉନ୍ଣ୍ତି
ନିୟମ୍ ଟିଆର୍ କିତାମାର୍ହାର୍ ମାରି ଆକା ରକିୟ୍ଯା କିନି ଉଣ୍ତିଙ୍ଗ
ପାର୍ମାଣ୍ କିତାମାର୍ହାର୍ । ଏମେ ନିୟମ୍ ସାରିସ ତିରିସ୍ ବାର୍ସେକ୍
ୱେନ୍କା ସିଆୟ୍ଆତାତ୍, ଆକା ଆୟ୍ଯା ରାଜିମାନାଦିଙ୍ଗ ରୁକ୍ସି
ମାପୁରୁଦି ପାର୍ମାଣ୍ତିଙ୍ଗ ତେବାକିଦେଙ୍ଗ ଆଟ୍ଏତ୍ । 18 ମାପୁରୁଦି
ପାର୍ମାଣ୍ତି ଆସିର୍ବାଦ୍ ଜଦି ନିୟମ୍ ମାନାନି ମୁସ୍କୁ ଆସା
ଇଡିନାତ୍, ଆର୍ତିଙ୍ଗିଁ ଆକା ୱାନି ପାର୍ମାଣ୍ତି ପଲ୍ ଇଜି ମାରି
ଇନାୟ୍ ଆଦେଙ୍ଗିଁ ଆଟ୍ଏତ୍ । ଆଦେଙ୍ଗିଁ ମାପୁରୁ କେବଲ ୱାନି
ପାର୍ମାଣ୍ତି ଇସାବ୍ତାନ୍ ଆୟ୍ଯା ଆସିର୍ବାଦ୍ ଅବ୍ରାହାମ୍ତିଙ୍ଗ ସିତାନ୍
। 19 ଆର୍ତିଙ୍ଗିଁ ନିୟମ୍ ଏନ୍ହା ସିଆୟ୍ ଆତାତ୍? ଲୋକା ଅସତ୍
ପାଣି ୱିଜୁ ତର୍ସି ସିନି ଉଦେସ୍ ମାର୍ହାତ୍ ମାରି ଅବ୍ରାହାମ୍ତି ଆମା
କୁଟୁମ୍ତିଙ୍ଗ ସୁଡ଼୍ଜି ମାପୁରୁ ଆୟ୍ଯା ପାର୍ମାଣ୍ କିତାମାର୍ହାନ୍, ଆୟ୍ଯା
ଲୋକ୍ତି ୱାନି ସାନ୍ଦି ନିୟମ୍ତି ଦର୍କାର୍ ମାର୍ହାତ୍ । ଅରେନ୍
ଲୋକା ନାଡ଼ିମିଆଜି ମୁସ୍କୁପୁର୍ତି ଦୁତ୍ମାଣାନ୍ ନିୟମ୍ ସିଆୟ୍
ଆତାମାର୍ହାତ୍ । 20 ମାତର୍ ପାର୍ମାଣ୍କିତି ଦାନ୍ତି ୱାଲେ କେବଲ
ଉନ୍ଣ୍ତି ତରିନ୍ ମାର୍ହାର୍ । ୱାନ୍ ଆଜିନାନ୍ ନିଜେ ମାପୁରୁ । 21
ନିୟମ୍ ଇନିକା ମାପୁରୁଦି ପାର୍ମାଣ୍ତି ବିରୁଦ୍ କିନାତ୍? ସିଲେ,
ଏସାଙ୍ଗିଁ ସିଲେ! ଇରିଙ୍ଗ ଲୋକାଙ୍ଗିଁ ଜିବନ୍ ସିନି ନାନି ଉନ୍ଣ୍ତି ନିୟମ୍
କିଆୟ୍ ଆତାତ୍ମାନ୍ଦି, ଆର୍ତିଙ୍ଗିଁ ଆକା ମାନାନି ମାଣାନ୍ ନେ
ଲୋକ୍ ମାପୁରୁଦି ଆଗ୍ଡ଼ି ଦସ୍କିଇକାନ୍ ୱାଜା ୱେଙ୍ଗାଁୟ୍ ଆଦେଙ୍ଗିଁ
ଆଟ୍ତାତ୍ମାନ୍ଦି । 22 ମାତର୍ ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍, ୱିଜୁ
ଲୋକୁ ଜାତି ପାପ୍ ସାକ୍ତିଦି ଆଡ୍ଗି, ଆଦେଙ୍ଗିଁ ଏଣ୍ତେସ୍ ଜିସୁ
କ୍ରିସ୍ତମାନୁ ବିସ୍ବାସ୍ତି ପଲ୍ ୱାଜା ପାର୍ମାଣ୍ଆତି ଆସିର୍ବାଦ୍ କ୍ରିସ୍ତ
ବିସ୍ବାସିର୍ ପୟ୍ନାର୍ । 23 ବିସ୍ବାସ୍ତି ଜୁଗ୍ ୱାନି ଆଗ୍ଡ଼ି ମାରି
ତରାୟ୍ଆନି ସାନ୍ଦି ନିୟମ୍ ମା ୱିଜେରିଙ୍ଗିଁ ତର୍ସି ଇଟ୍ତାମାର୍ହାତ୍ ।
24 କ୍ରିସ୍ତଦି ୱାନି ସାନ୍ଦି ନିୟମ୍ ମାଙ୍ଗିଁ ଆଡିଗିକିଜି ଇଟ୍ତାମାର୍ହାତ୍;
ମାତର୍ ତାନିୱେନ୍କା, କେବଲ ବିସ୍ବାସ୍ତାନ୍ ମାପୁ ମାପୁରୁ
ଆଗ୍ଡ଼ି ଦାର୍ମୁତିକାର୍ ଇଜି ୱେଙ୍ଗିଁନାପ୍ । 25 ଇଲେଇ ବିସ୍ବାସ୍ତି
ଜୁଗ୍ ଇଗା ୱାତାତ୍, ମାପୁ ମାରି ନିୟମ୍ତି ଆଡ୍ଗି ସିଲେପ୍ ।
26 ବିସ୍ବାସ୍ତାନ୍ କ୍ରିସ୍ତ ଜିସୁଦି ୱାଲେ ଜଡ଼ାଜି ମିର୍ ୱିଜିଦେର୍
ମାପୁରୁଦି କଡ଼ର୍ ଆଇଲିକ୍ ଆତିମାନିଦେର୍ । 27 ଡୁବନ୍ତାନ୍
ମିର୍ କ୍ରିସ୍ତଦି ୱାଲେ ଉନ୍ନେଣ୍ତ ଆତିମାନିଦେର୍ ମାରି ଇଲେଇ ଜିସୁ
କ୍ରିସ୍ତଦି ଜିବନ୍ରୁପ ଆଙ୍ଗିଁ ଆରାତିମାନିଦେର୍ । 28 ଆଦେଙ୍ଗିଁ ଜିହୁଦି
ନି ଅଣଜିହୁଦି, କଟିସାକର୍ ନି ମୁକ୍ଡ଼ାତି ଲୋକୁ, ମେମାରି ବା
ଆଇମା ଲୋଇ ମାରି ଇନି ୱେର୍ଏ ସିଲେ । ମିର୍ ୱିଜେରେ ଜିସୁ
କ୍ରିସ୍ତଦି ୱାଲେ ଜଡ଼ାଜି ଉନ୍ନେଣ୍ତମାନୁ ଆତିମାନିଦେର୍ । 29 ଜଦି
ମିରୁ କ୍ରିସ୍ତଦି ଲୋକୁ ଆର୍ତିଙ୍ଗ ମିରୁ ଅବ୍ରାହାମତି କୁଟୁମ୍ ମାରି
ମାପୁରୁ ଆମାକା ପାର୍ମାଣ୍ କିତାମାନାନ୍, ଆକା ଲାବ୍ କିନିଦେର୍
।

4 ମାତର୍ ନାନ୍ ୱେର୍ସିନା ମାରିସି ବୁବାସିଦି ୱିଜୁ ଦନ୍ତି
ଅଦିକାରି, ମାତର୍ ୱିଜୁ ବିସୟ୍ତି ମାଲିକ୍ ଆତିଙ୍ଗିଁ ବା ପିର୍ଇ
ବୟସ୍ ମାନି ସାନ୍ଦି ୱାନ୍ ସାକର୍ତି ୱାଜା ତେବାନାନ୍ । 2
କଡ଼ ବେଡ଼ାଦୁ, ୱାନି ବୁବାସିଦି କିତି ସମୟ୍ ସାନ୍ଦି ଆଇକାର୍
ଜାତୁନ୍ ଅନାର୍ ମାରି ୱିଜୁ ବିସୟ୍ତି ଜାତୁନ୍ କିନାର୍ । 3
ଟିକ୍ ଆୟ୍ଯାୱାଜା ମାପ୍ ବା ଆତ୍ମିକ ଜିବନ୍ତୁ ପିର୍ନି ଆଗ୍ଡ଼ି,
ଦୁନିଆ ମୁସ୍କୁ ସାସନ୍ କିଜିମାନି ସାକ୍ତିଙ୍ଗିଁ ଦାସ୍ ମାର୍ହିକା । 4

ସାରାସାରି ଏସ୍ତିୱାଲେ ଟିକ୍ ସମୟ୍ ୱାତାତ୍, ମାପୁରୁ ୱାନି ନିଜେ
ମାରିସିଙ୍ଗଁ ପକ୍ତାନ୍ । ଅରେତ୍ ସାମାନ୍ତି ଆଇମା ପଟାଦାନ୍ ୱାନ୍
ଜନମ୍ ଆଜି ଜିହୁଦିଲୋକା ନିୟମ୍ତି ଅଦିକାର୍ତାନ୍ ଜିତାନ୍ । 5
ଏଣ୍ତେସ୍ ୱାନ୍ ସାମାନ୍ ଡାବୁଙ୍ଗଁ ସିଜି ଆୟ୍ୟା ନିୟମ୍ତି ଗାଟିଦାନ୍
ଆଇୱାରିଙ୍ଗ ମୁକୁଡ଼ା କିନିକା ମାରି ୱାରିଙ୍ଗ ମାପୁରୁଦି ମାରିସି
ଆନି ସାରି ସିନିକା ୱାନି ଜିବନ୍ତି ବଦା ମାର୍ହାତ୍ । 6 ମିର୍ ଜେ
ମାପୁରୁଦି ମାରିସି, ଇକା ପାର୍ମାଣ୍ କିଦେଙ୍ଗ ଇଜି, ମାପୁରୁ ୱାନି
ମାରିସିଦି ପବିତ୍ର ଆତ୍ମାଦିଙ୍ଗଁ ମା ଜିବନ୍ତୁ ପକ୍ତାମାନାନ୍ । ଆୟ୍ୟା
ପବିତ୍ର ଆତ୍ମା ଆଉଲିଦାନ୍ ଇଜିନାତ୍, “ବୁବା! ଏ ନା ବୁବା!” 7
ଆଦେଙ୍ଗଁ ମିର୍ ମାରି କଟିସାକର୍ ଆଇଦେର୍, ମାତର୍ ମାରିସି
ଆତିମାନିଦେର୍ । ମିର୍ ୱାନି ମାରିସି ଗାଡ଼ିସି ଆତିମାନିଙ୍ଗ,
ମାପୁରୁ ୱାନି ମାରିନ୍ ଗାଡ଼ିସି ଉଣ୍ତିଙ୍ଗଁ ଆମାକା ଇଟ୍ଟା ମାନାର୍,
ଆୟ୍ୟାୱିଜୁ ମିଙ୍ଗଁ ଦାନ୍ କିନାନ୍ । 8 ଆଗ୍ଡ଼ି ମିର୍ ମାପୁରୁଙ୍ଗଁ
ନେସ୍ଇମାର୍ହିଦେର୍, ଆଦେଙ୍ଗ ଏମେକାର୍ ସତ୍ତାନ୍ ମାପୁରୁ
ଆଏର୍, ଆୟ୍ୟାନାନି ମିଚ୍ ଦିୟାମ୍କା ଦାସ୍ ମାର୍ହିଦେର୍ । 9
ମାତର୍ ଇଲେଇ ମିର୍ ମାପୁରୁଙ୍ଗଁ ନେସ୍ତିମାନିଦେର୍, ମାରିବା
ନାନୁ ଇନା, ଇଲେଇ ମାପୁରୁ ମିଙ୍ଗଁ ନେସ୍ତାମାନାନ୍ । ଆର୍ତିଙ୍ଗଁ
ଇକା ଏଣ୍ତେସ୍ ଆଦେଙ୍ଗଁ ଆଟ୍ନାତ୍ ଜେ, ମିର୍ ମାରିଡ଼େସି ଆୟ୍ୟା
ବପୁସିଲି, ଇନିକାସିଲି ଦିୟାମ୍କା ଲାକ୍ତୁ ଡ଼େସି ସନେ୍ତ୍ରଙ୍ଗଁ
ବଦାକିଜିନିଦେର୍? ମିର୍ ଏନ୍ବା ମାରିଡ଼େସି ଆୟ୍ୟାୱାନିକା ଦାସ୍
ଆଦେଙ୍ଗଁ ବଦା କିଜିନିଦେର୍? 10 ଦୁକ୍ତି ମାଟା, ମିର୍ ଏସ
ଦିନ୍, ଲେଜୁ, କାଡ଼ା ନି ବାର୍ସୁ ଉଣ୍ତିଙ୍ଗଁ ମନ୍ଦିୟାନ୍ ସିଜିନିଦେର୍
। 11 ନାନୁ ମି ଉଣ୍ତିଙ୍ଗଁ ନାଣ୍ତ ସିନ୍ତା କିଜିନା । ମି ଉଣ୍ତିଙ୍ଗଁ ନା
ୱିଜୁ ପାଣି ଇନିକା ବେକାର୍ ଆତାମାନାତ୍? 12 ତଡ଼ାନ୍କୁ ନି
ତାଙ୍ଗଁକ୍, ମିଙ୍ଗଁ ବାତିଙ୍ଗଁମାଲ୍ଜିନା, ନା ୱାଜା ଆଦୁ । ନାନୁ ମି
ୱାଜା ଆତାମାନା ମାରି ମିର୍ ନା ଉଣ୍ତିଙ୍ଗଁ ଇନି ଅନ୍ୟାୟ୍ କିଇଦେର୍
। 13 ନାନୁ ଆଗ୍ଡ଼ି ଏନ୍ବା ମି ଲାକ୍ତୁ ସୁସମାଚାର୍ ପ୍ରଚାର୍
କିତାମାର୍ହା, ଆକା ଏତ୍ କିଦୁ । ନାସ୍ତିୱାଲେ ନା ମେନ୍ବଲ୍ ନେଗେନ୍
ସିଲେତାଆକା ଆୟ୍ୟାୱାଜା କିତାମାର୍ହା । 14 ମାତର୍ ନା ମେନ୍ବଲ୍ତି
ଅବସ୍ଥା ମି ତରିନ୍ ରିସାଦିୱାଜା ଆତିମାର୍ଇରିଙ୍ଗଁ, ନିନ୍ ନାଙ୍ଗଁ
ଅମାନ୍ୟ ନି ଡ଼ିସ୍ଇତି ମାର୍ଇ, ମାତର୍ ନାଙ୍ଗଁ ଉନ୍ଣ୍ତି ମୁସ୍କୁପୁର୍ତି
ଦୁତ୍ ୱାଜା ମାନାତିମାର୍ହିଦେର୍ । କ୍ରିସ୍ତ ଜିସୁଙ୍ଗଁ ନିନ୍ ଏଣ୍ତେସ୍
ମାନାତିଦେର୍ମାନ୍ବି, ଆୟ୍ୟାୱାଜା ନାଙ୍ଗଁ ବା ମାନାତିମାର୍ହିଦେର୍ ।
15 ମିର୍ ଏସା ୱେଡ଼ିକା ସିଲିତିଦେର୍! ମାତର୍ ଇଲେଇ ଇନିକା
ଆତାମାନାତ୍? ମି ବିସୟ୍ତାନ୍ ନାନୁ ଇୟ୍ୟା ସାକିୟ୍ ଡାଟ୍ତାନ୍
ଇନେ୍ତ୍ରଙ୍ଗଁ ଆଟ୍ନା ଜେ, ଆଦେଙ୍ଗଁ ଆଟ୍ତିଙ୍ଗଁ, ମିର୍ ନିଜେ ନିଜେଦି
କାଣ୍ଡୁକୁ କୁଡ୍ସି ତାସି ନାଙ୍ଗଁ ସିଦେଙ୍ଗ ଆଟ୍ତିଦେର୍ମାନ୍ବି । 16
ମାତର୍ ଇଲେଇ ନାନୁ ସତ୍ ଇର୍ଆ ମାନାଆକା ଇନିକା ମି ସାତ୍ତୁ
ଆତାମାନା? 17 ଆୟ୍ୟା ଆଇ ଲୋକୁ ମି ନେଗେନ୍ କିନି ଉଣ୍ତିଙ୍ଗଁ
ନାଣ୍ତ ୱେଡ଼ିକା ତର୍ଆୟ୍ ଆନାର୍ । ମାତର୍ ଇବେ ୱାରି ସତ୍
ଉଦେସ୍ ସିଲେତ୍ । ୱାରି ଉନ୍ଡ୍ରେମାତର୍ ବଦା, ଏଣ୍ତେସ୍ ମିର୍
ନା ଉଣ୍ତିଙ୍ଗଁ ୱେର୍ଏ ଆଜି ୱାରି ଉଣ୍ତିଙ୍ଗ ମନ୍ ସିନିଦେର୍ । 18
ସତ୍ ଉଦେସ୍ ଅସି ୱେଡ଼ିକା ଆନିକା ସାଲାକି, କେବଲ ନାନୁ
ମି ୱାଲେ ତେବାତିମାର୍ଇ ବେଡ଼ାଦୁ ସିଲେ, ମାତର୍ ୱିଜୁଦିନ୍
ମିର୍ ତେନି ସତ୍ତିକା ତର୍ନିକା ମାନାତ୍ । 19 ଏ ନା ଲାଡ଼୍ତି
କଡ଼ର୍, ମିଙ୍ଗଁ କ୍ରିସ୍ତଦି ୱାଜା କିଜି ତିଆର୍ କିଦେଙ୍ଗଁ ନାନୁ ମାରିଡ଼େସି
ଜନମ୍ କିନି ୱିସାମ୍ କାସ୍ଟୁ ଏତ୍ କିଜିନା । 20 ନାନୁ ଇଲେଇ
ମି ଲାକ୍ତୁ ତେବାତାମାନ୍ବି ଇଜିନା ବଦା, ଆର୍ତିଙ୍ଗଁ ଆନାତ୍ ମି
ବିସୟ୍ତାନ୍ ନା ଆଇ ରକମ୍ତି ସିନ୍ତା ଆତାତ୍ମାନ୍ବି । ସତ୍ତାନ୍
ମି ଉଣ୍ତିଙ୍ଗଁ ନାନୁ ନାଣ୍ତ ସିନ୍ତାକିଜିନା । 21 ଏମେକାର୍ ନିୟମ୍ତି
ଆଡ଼୍ଗି ତେବାଦେଙ୍ଗଁ ବଦାକିନାର୍, ନାନୁ ୱାରିଙ୍ଗଁ ୱେନ୍ବାନା,
ନିୟମ୍ତୁ ଇନିକା ରାସାତାମାନାତ୍, ଆକା ମିର୍ ନେସ୍ଇଦେର୍?
22 ଆବେ ରାସାତିମାନି, ଅବ୍ରାହାମତି ରିଏର୍ ମାରିସିର୍ ମାର୍ହାର୍,
ଅରେନ୍ କଟିଆଇମାଦି ମାରିସି ମାରି ଆଇକାନ୍ ୱାନି ନିଜେଦି
ଆଡ଼୍ସିଦି ମାରିନ୍ । 23 କଟିଆଇମାଦି ମାରିସି ମାମୁଲିଦାନ୍ ଜନମ୍
ଆତାମାର୍ହାନ୍ । ମାତର୍ ୱାନି ନିଜେ ଆଡ଼ିଦି ମାରିନ୍ ମାପୁରୁଦି
ପାର୍ମାଣ୍ ଇସାବ୍ତାନ୍ ଜନମ୍ ଆତାମାର୍ହାନ୍ । 24 ତେନିଙ୍ଗଁ ଉନ୍ଣ୍ତି
କାତା ୱାଜା ଆସେ୍ତଙ୍ଗଁ ଆନାତ୍ । ଇୟ୍ୟା ରୁଣ୍ତି ଆଇମେକ୍ ରୁଣ୍ତି
ନିୟମ୍ତି ୱାଜା । ଆମାତାନି ମାରିସି ଦାସ୍ତି ଗାଟିଦାନ୍ ଜନମ୍
ଆତାମାର୍ହାନ୍, ଆୟ୍ୟା ହାଗାର୍, ସିନୟ୍ ଗରନ୍ତାନ୍ ୱାତିମାନି
ନିୟମ୍ତି ସିନା ୱାଜା । 25 ଆରବ ଦେସ୍ତୁ ମାନି ସିନୟ୍ ଗରନ୍ତି
ୱାଜା ହାଗାର୍ ଇଲେଇତି ଜିରୁସାଲାମ୍ ଗାଡ଼୍ ୱାଜା । ହାଗାର୍
ୱାଜା ଜିରୁସାଲାମ୍ ନି ଆବେଣି ଲୋକୁ ଇଲେଇ ଦାସ୍ତି ଗାଟିଦୁ
ତରାୟ୍ ଆତାମାନାର୍ । 26 ମାତର୍ ମୁସ୍କୁପୁର୍ତି ଜିରୁସାଲାମ୍
ମୁକୁଡ଼ାତାମାନାତ୍ ମାରି ଆକା ମା ୟାୟ୍ୟା, 27 ଇରିଙ୍ଗଁ ସାସ୍ତ୍ରଦୁ
ରାସାତାମାନାତ୍, “ଏ ବାଞ୍ଜି ଆଇମା, ନିନୁ ୱେଡ଼ିକା ଆଆ!
ଏସ୍କାଙ୍ଗଁ ଜନମ୍ କିନି ୱିସାମ୍ ନେସ୍ଇମାରିଙ୍ଗଁ ବା, ୱେଡ଼ିକା ଆଆ
। ଇରିଙ୍ଗଁ କନ୍ଲିୱାଲେ ତେବାଜିମାନି ଆଡ଼ି ବାଦ୍ଲୁ ଅରେତ୍
ଡ଼ିସ୍ତି ଆଇମାଦି କଡ଼କକ୍ରାରି ସଂକିୟ୍ୟା ନାଣ୍ତ ଆନାର୍ ।” 28 ଏ
ତଡ଼ାନ୍କୁ ନି ତାଙ୍ଗଁକି, ଇସ୍ହାକ୍ତି ୱାଜା ଇଲେଇ ମିର୍ ମାପୁରୁଦି
ପାର୍ମାଣ୍ କିତି କଡ଼ର୍ । 29 ଅରେ୍ଲନ୍ ନେସ୍ନିୱାଜା ଜନମ୍
କିତିମାନି ମାରିସି ମାପୁରୁଦି ପବିତ୍ର ଆତ୍ମାଦି ମାଣାନ୍ ଜନମ୍
ଆତିମାନି ମାରିସିଙ୍ଗଁ କାସ୍ଟୁ ସିତାମାର୍ହାର୍ । ଆୟ୍ୟାୱାଜା ଇଲେଇବା
କିଜିନିଦେର୍ । 30 ମାତର୍ ଇୟ୍ୟା ବିସୟ୍ତାନ୍ ଦାର୍ମୁସାସ୍ତ୍ର ଇନିକା
ଇନାତ୍? ଆବେ ରାସାତାମାନାତ୍, “କଟିଦାସି ନି ତାନି ମାରିସିଙ୍ଗଁ
ପେର୍ଦୁ, ଇରିଙ୍ଗଁ ନିଜେ ଆଇମାଦି ମାରିସି ୱାଲେ କଟିଦାସିଦି
ମାରିସି ବୁବାରି ଦନ୍ତୁ ମିସାଦେଙ୍ଗଁ ଆଟ୍ଏନ୍ ।” 31 ଆଦେଙ୍ଗଁ ଏ
ନା ତଡ଼ାନ୍କୁ ତାଙ୍ଗଁକ୍, ମାଡ଼୍ କଟିଦାସିଦି କଡ଼ର୍ ଆଏଟ୍, ମାତର୍
ପେଡ଼ିଆତି ଆଇମାଦି କଡ଼ର୍ ୱାଜା ।

**5** ମାଡ଼୍ ମୁକୁଡ଼ାତିମାନିକା । କ୍ରିସ୍ତ ମାଙ୍ଗଁ ମୁକୁଡ଼ାକିତାମାନାତ୍
। ଆଦେଙ୍ଗଁ ମିର୍ ମୁକୁଡ଼ାତିମାନୁ ଡାଟ୍ ତେବାଦୁ । ମାରିଡ଼େସି
ଦାସ୍ତି ପୁନ୍ବଦୁ ତର୍ଆୟ୍ଆଦେଙ୍ଗଁ ଇଜି ନିଜେଦିଙ୍ଗଁ ଜାସାୟ୍

ଆମାଟ୍ । 2 ନାନୁ ପାଉଲ, ଆମାକା ଇଜିନା ୱେନ୍ଣ୍ଣୁ; ମିର୍ ଜଦି
ସୁନ୍ନତ ନିୟମ୍ ମାନାନିଦେର୍, ତାନି ଅର୍ତ ଆନାତ୍, ମି ଉଣ୍ତିଙ୍ଗ୍
କ୍ରିସ୍ତୁଦି ଇନି ଲାବ୍ ସିଲେତ୍ । 3 ଏମେ ଲୋକ୍ ସୁନ୍ନତ ଆନାନ୍,
ନାନୁ ୱାନିଙ୍ଗ୍ ମାରିଉନ୍ଣ୍ତିଦେବା ଜାଗାର୍ତା କିଜିନା ଜେ, ମସାଦି
ନିୟମ୍ତିଙ୍ଗ୍ ପୁରା ମାନାନିକା ୱାନି ପାଣି । 4 ମି ଲୋଇ ଏମେକାର୍
ନିୟମ୍ ମାନାନି ମାଣ୍କୁ ମାପୁରୁ ଆଗ୍ଡ଼ି ଦାର୍ମୁତିକାର୍ ଆଦେଙ୍ଗ୍ ଇଜି
ସେସ୍ଟା କିଜିନାର୍, ୱାର୍ ନିଜେ ନିଜେଦିଙ୍ଗ୍ କ୍ରିସ୍ତୁମାଣ୍କୁ ୱେର୍ଏ
କିତାମାନାର୍, ୱାର୍ ମାପୁରୁଦି ଦୟାଦାନ୍ ଆକ ଆତାମାନାପ୍ । 5
ମାତର୍ ମାପ୍ ଆସା କିଜିନାପ୍ ଜେ, ମାପୁରୁ ମାଙ୍ଗ୍ ୱାନି ଆଗ୍ଡ଼ି
ଦସ୍ସିଲିକାର୍ ୱେକ୍ନାନ୍; ମା ବିସ୍ବାସ୍ତି ପଲ୍ ୱାଜା, ମା ଲୋଇ
ପାଣି କିଜିମାନି ଆଇଆତ୍ମାଦି ସାକ୍ତିଦାନ୍ ଇକା ପୁରା ଆନାତ୍ ଇଜି
କାପ୍କିତା ତେବାତାମାନାପ୍ । 6 ଇରିଙ୍ଗ୍ କ୍ରିସ୍ତୁ ଜିସୁଦି ୱାଲେ
ମିସାଜି ଜିତିଙ୍ଗ୍, ସୁନ୍ନତ ମାରି ଅସୁନ୍ନତି ଇନି ଅଲଗା ସିଲେତ୍
। ଉନ୍ନେଡ୍ରନେ ଦର୍କାର୍ ବିସୟ୍ ଆଜିନାତ୍, ବିସ୍ବାସ୍ତୁ ଡାଟ୍
ତେବାଜି ଜିବନ୍ନୋଜି ପାଣି କିନିକା । 7 ମିର୍ ନେଗେନ୍ତାନ୍
ଆଗ୍ଡ଼ି ସଲ୍ସିମାର୍ହିଦେର୍ । ସତ୍ସାରିଦୁ ବୁଲାନିୱାଲେ, ଏନ୍
ମିଙ୍ଗ୍ ବାଦା ସିତାନ୍? ମିଙ୍ଗ୍ ବୁଲ୍ ସାରିଦୁ ସନ୍ଡ୍ରେଙ୍ଗ୍ ୱାନ୍ ଏଣ୍ତେସ୍
ୱେର୍ତାନ୍? 8 ମିଙ୍ଗ୍ କୁକ୍ତିମାନି ମାପୁରୁଦି ତରିଟାନ୍ ଇକା ଆଏତ୍
। 9 ମାଟାଦୁ ମାନାତ୍, "ପିଡ଼୍ସିତିମାନି ଦୁର୍ତିଙ୍ଗ୍ ଉଦିସ୍ତେଙ୍ଗ୍ ଇଜି
କାଣ୍ତେକ୍ ମାତର୍ କମିର୍ ଦର୍କାର୍ ।" 10 ଆକା ଆମାକାଆପିତ୍,
ଇୟାସାନ୍ଦି ମି ମୁସ୍କୁ ନା ଆସା ମାନାତ୍ । ଇୟାଉଣ୍ତିଙ୍ଗ୍ ମାଡ୍
ୱିଜେରେ ପ୍ରବୁଦି ୱାଲେ ମିସାତାମାନାପ୍, ନା ଡାଟ୍ ବିସ୍ବାସ୍,
ମିର୍ ନା ମାଟାଦିଙ୍ଗ୍ ବିରୁଦ୍ କିଇଦେର୍ । ମାରି ଏମେ ଲୋକ୍ ମିଙ୍ଗ୍
ବାୟା କିଜିନାନ୍, ୱାନ୍ ଆମାକାନ୍ ଆପିନ୍ ନେ, ୱାନିଙ୍ଗ୍ ମାପୁରୁ
ଦଣ୍ତୁ ସିନାନ୍ । 11 ମାତର୍ ତଡ଼ାନ୍କୁ ନି ତାଙ୍ଗିକି, ନାନୁ ଜଦି
ନେର୍ ସାନ୍ଦି ସୁନ୍ନତ୍ଦି ଦର୍କାର୍ତି ତରିଟାନ୍ ପ୍ରଚାର୍ କିଜିମାନା,
ଆର୍ତିଙ୍ଗ୍ ନାନୁ ଇଲେଇବା ଏନ୍ଦା ତାଡ଼ନା ପୟ୍ଜିନା? ଜଦି ଆକା
ନାନୁ କିଜିମାନା, ଆର୍ତିଙ୍ଗ୍ ଆୟା ବେଗି ବେଗି କ୍ରିସ୍ତୁଦି କ୍ରୁସ୍କାଟ୍
ବିସୟ୍ତାନ୍ ପ୍ରଚାର୍ କିନି ମାଣାନ୍ ନା ଇନି ବାଦା ଆଏତାତ୍ମାନ୍ଦି
। 12 ନାନୁ ବଦାକିନା, ଇୟା ବିସୟ୍ତାନ୍ ଏର୍ ମିଙ୍ଗ୍ ବାମ୍ରେର
କିଜିନାର୍, ୱାର୍ ମାରି ଅଡ଼ପ୍ ଆଗ୍ଡ଼ି ସଲିର୍ । କେବଲ ସୁନ୍ନତ
ଆଏନ୍ଣ୍ତା ନିଜେଦି ବପୁ ଆରାକିନାର୍ । 13 ଏ ତଡ଼ାନ୍କୁ ନି
ତାଙ୍ଗିକି, ମିର୍ ମୁକ୍ଡ଼ାଦେଙ୍ଗ୍ ଇଜି କୁକାତିମାର୍ହିଦେର୍ । ମାତର୍
ଜାଗାର୍ତା, କେବଲ ମେନ୍ଦଲ୍ତିଙ୍ଗ୍ ଲାଲାୟ୍ ଆନି ଉଣ୍ତିଙ୍ଗ୍ ଆୟା
ମୁକ୍ଡ଼ାତିକା ଏଣ୍ତେସ୍ ବାଡିସ୍ ୱାଜା ବ୍ୟବହାର୍ କିମାଟ୍ । ମାତର୍
ଜିବନ୍ନନି ମାଣାନ୍ ସାଲାଜି ମିର୍ ନିଜେନିଜେଦି ସେବା କିଦୁ । 14
ଇରିଙ୍ଗ୍ ଉନ୍ଣ୍ତି ବାକ୍ୟଦୁ ୱିଜୁ ନିୟମ୍ତି ଅରତ୍ ରାସାତାମାନାତ୍,
"ମି ଲାକ୍ତୁରି ଲୋକାଙ୍ଗ୍ ନିଜେଦିଙ୍ଗ୍ ଜିବନ୍ନୋତିୱାଜା ନୋଦୁ
।" 15 ମାତର୍ ଜଦି ମିର୍ ବନ୍ତି ପସୁ ୱାଜା ବୁଲାସାଲା ଆଜି
ନିଜେନିଜେଦିଙ୍ଗ୍ ଡାକ୍ସି ମାନିଦେର୍ ମାରି ନିଜେନିଜେଦିଙ୍ଗ୍ ନାସ୍ଟ
କିଜିମାନିଦେର୍, ଆର୍ତିଙ୍ଗ୍ ଜାଗାର୍ତା ମାନ୍ତୁ, ସିଲ୍ତିଙ୍ଗ୍ ଆନାତ୍
ମିର୍ ନିଜେନିଜେଦିଙ୍ଗ୍ ପୁରା ନାସ୍ଟ କିନିଦେର୍ । 16 ନା ୱେର୍ନି
ମାଟା ଆତାତ୍: ପବିତ୍ର ଆତ୍ମା ମି ଜିବନ୍ତିଙ୍ଗ୍ ସାଲାକିପିତ୍ ।
ଆର୍ତିଙ୍ଗ୍ ମିର୍ ମାରି ଲୋକା ଗୁଣ୍ତି ଆସାଦିଙ୍ଗ୍ ନାସ୍ଟ କିଇଦେର୍
। 17 ଲୋକା ଗୁଣ୍ ପବିତ୍ରଆତ୍ମାଦି ବଦାଦି ବିରୋଦ୍ । ଆୟାୱାଜା
ପବିତ୍ରଆତ୍ମାଦି ବଦା, ଲୋକା ଗୁଣ୍ତି ବିରୋଦ୍ । ଇକାନ୍ ନିଜେ
ନିଜେଦି ସାତ୍ରୁ । ଆଦେଙ୍ଗ୍ ମିର୍ ଆମାକା କିଦେଙ୍ଗ୍ ବଦା କିନିଦେର୍,
ଆକା କିଦେଙ୍ଗ୍ ଆଟ୍ଇଦେର୍ । 18 ଜଦି ପବିତ୍ରଆତ୍ମା ମିଙ୍ଗ୍
ସାଲାକିନାତ୍, ଆର୍ତିଙ୍ଗ୍ ମିର୍ ମାରି ନିୟମ୍ତି ଆଡିଗି ସିଲେ
। 19 ମେନ୍ଦଲ୍ତି ପାଣିୱିଜୁ ନେଗେନ୍ତାନ୍ ନେସ୍ତିମାନିଦେର୍
ଦାରିପାଣି, ତାଗ୍ଇକା, 20 ଲାଲାୟ୍ ଆନିକା, ବମା ପୁଜା,
ଜାଦୁବିଦ୍ୟା ଗୁଣିଆ, ସାତ୍ରୁ, ଜାଟି, ଆକାର୍, ରିସା, ନିଜେଦି
ସୁଣିକା, ଦଲ୍ଆନିକା ଆସା, 21 ରିସା ନି ସସ୍ନିକା ମାରି ରଙ୍ଗରସ୍
ୱିଜୁ ରମ୍ତି ପାଣି ୱିଜୁ; ନାନୁ ଆଗ୍ଡ଼ି ଏଣ୍ତେସ୍ ଇର୍ହାମାର୍ହା,
ଆୟାୱାଜା ଆଗ୍ଡ଼ିରାନ୍ ଇଜିନା ଜେ, ଏମେକାର୍ ଇୟାୱିଜୁ
ରକମ୍ତି ପାଣି କିନାର୍, ୱାର୍ ମାପୁରୁଦି ରାଜିଦି ଅଦିକାରି ଆଦେଙ୍ଗ୍
ଆଟ୍ଏର୍ । 22 ମାତର୍ ଆତ୍ମାଦି ଦାନ୍ ଆଜିନାତ୍; ଜିବନ୍ନୋନିକା,
ୱେଡ଼ିକା, ସାନ୍ତି, ସାସ୍ଆନିକା, ଦୟା, ନେଗିକା, ବିସ୍ବାସ୍, 23
ତିର୍ଜିବନ୍ ମାରି ଆତ୍ମା ରକିୟା ଇୟାୱିଜୁ ବିରୁଦ୍ତାନ୍ ଆମାଇନି
ନିୟମ୍ ସିଲେତ୍ । 24 ଏମେକାର୍ କ୍ରିସ୍ତୁ ଜିସୁଦିକାର୍, ୱାର୍ ୱିଜୁ
ଆସାନି ଆସାଦି ଲୋକା ଗୁଣୁତିଙ୍ଗ୍ କ୍ରୁସଦୁ ଡାକ୍ତାମାନାନ୍ । 25
ପବିତ୍ରଆତ୍ମା ମାଙ୍ଗ୍ ଜିବନ୍ ସିତାମାନାତ୍, ୱାନ୍ ମା ଜିବନ୍ତିଙ୍ଗ୍ ବା
ସାଲାକିପିତ୍ । 26 ଆଦେଙ୍ଗ୍ ଗର୍ବ କିନିକା ମାରି ଆଇୱାରିଙ୍ଗ୍ ରିସା
କିନିକା ମାରି ଆମାୱାନିଙ୍ଗ୍ ରିସା କିନିକା ମାଙ୍ଗ୍ ନେଗେତ୍ ସିଲେତ୍
।

6 ଏ ତଡ଼ାନ୍କୁ ନି ତାଙ୍ଗିକି! ଜଦି ଅରେନ୍ ତାଗ୍ଇ ପାଣିଦୁ ଦାରା
ପଡ଼ାନାନ୍, ମି ଲୋଇ ଏମେକାର୍ ପବିତ୍ରଆତ୍ମାଦି ମାଣାନ୍
ସାଲାନାନ୍, ୱାର୍ ୱାନିଙ୍ଗ୍ ବୁଜାକିନିକା ମାନାତ୍, ମାତର୍ ମିର୍
ଇୟା ପାଣି ନେଗେନ୍ତାନ୍, ସାନ୍ତିଦାନ୍ କିନିକା ମାନାତ୍ । ମାରି
ଜାଗାର୍ତା, ନିଜେ ଏଣ୍ତେସ୍ ଆୟାୱାଜା ପାଣି କିଦେଙ୍ଗ୍ ଲାଲାୟ୍
ଆମାଟ୍ । 2 ନିଜେନିଜେଦି ବଜୁ ପିଣ୍ତେଦଙ୍ଗ୍ ଇଜି ସାହାଜ୍ୟ କିଦୁ
। ଇକା କିନି ମାଣାନ୍ ମିର୍ କ୍ରିସ୍ତୁଦି ମାଟା ମାନାନିଦେର୍ । 3
ନେସ୍ଏଜି ବା ଜେ ନିଜେଦିଙ୍ଗ୍ ନେସ୍ତାମାନା ଇଜି ଅଡ଼୍ବିତିଙ୍ଗ୍,
ୱାନ୍ ନିଜେଦିଙ୍ଗ୍ କେବଲ ଟକେ କିଜିନାନ୍ । 4 ୱିଜେରେ
ନିଜେ ନିଜେଦି ସାଲାବୁଲାନିକା ବିଚାର୍ କିଜି ସୁଣି ଦର୍କାର୍
। ଜଦି ଆକା ନେଗିକାଆନାତ୍, ଆୟାଉଣ୍ତିଙ୍ଗ୍ ୱାନ୍ ନିଜେଦିଙ୍ଗ୍
ଜିଣାତିକାନ୍ ଇଜି ଅଡ଼୍ବିତାମାନା ମାରି ଆଇୱାନି ପାଣିଦି ୱାଲେ
ନିଜେଦି ଜିଣାନିତାନିଙ୍ଗ୍ ତୁସ୍ସି ୱାନ୍ ଗର୍ବ କିମାକିନ୍ । 5 ଇରିଙ୍ଗ୍
ୱିଜେରିଙ୍ଗ୍ ନିଜେ ନିଜେଦି ବଜୁ ପିଣ୍ତେଦଙ୍ଗ୍ ପଡ଼ାନାତ୍ । 6 କ୍ରିସ୍ତୁଦି
ସୁସମାଚାର ଅଜାନି ୱାଲେ ସିକିୟାସିନି ଗୁରୁଙ୍ଗ୍ ନିଜେ ପୟ୍ଜି
ମାନି ୱିଜୁ ନେଗି ବିସୟ୍ତି ମିସାକିନିକା ମାନାତ୍ । 7 ମାପୁରୁ
ଟକେ ଆଏନ୍: ଆକା କିଦେଙ୍ଗ୍ ସଲ୍ସି ମିରୁ ନିଜେ ଟକେ ଆମାଟ୍

। ଲୋକୁ ଆମାକା ୱିତ୍‌ନାର୍, ଆକାନେ କୟ୍‌ନାର୍ । 8 ଏନ୍
ଦୁନିଆ ଇସାବ୍‌ତାନ୍ ଆସାଦି କିଡ଼ିଇଦୁ ୱିତୁ ୱିତ୍‌ନାନ୍, ୱାନ୍ ସାନି
ରୁପ୍‌ତି ପାସି ଉଣ୍ତ୍ରା କିନାନ୍ । ଜଦି ୱାନ୍ ପବିତ୍ର ଆତ୍ମାଦି କିଡ଼ିଇଦୁ
ୱିତ୍‌ନାନ୍, ଆର୍‌ତିଙ୍ଗ୍ଁ ଏସ୍‌କାଙ୍ଗ୍‌ୱିଜିଇ ଜିବନ୍‌ତି ପାସି ଉଣ୍ତ୍ରା କିନାନ୍
। (aiōnios g166) 9 ଆଦେଙ୍ଗ୍ ସତ୍‌ପାଣି କିଦେଙ୍ଗ୍ ମାଡ଼୍ ୱାଦ୍‌ନି
ନେଗେତ୍ ସିଲେ । ଇରିଙ୍ଗ୍ ଆବେଟାନ୍ ୱାନ୍ଦ୍‌ଏତିଙ୍ଗ୍, ଟିକ୍ ସମୟ୍‌ତୁ
ମାଡ଼୍ ପାସି ଉଣ୍ତ୍ରାକିଦେଙ୍ଗ୍ ଆଟ୍‌ନିକା । 10 ଆଦେଙ୍ଗ୍ ଏସ ଦେବେଙ୍ଗ୍
ସାରି ପୁଟ୍‌ନାତ୍, ୱିଜୁଦିନ୍ ୱିଜେରି, ବିସେସ୍‌କିଜି ଏମେକାର୍ ମା
ବିସ୍‌ବାସି ପରିବାର୍‌ତୁ, ୱାରି ନେଗିକା କିନିକା ମା ପାଣି । 11
ସୁଡ଼୍‌ଦୁ, ଏସ ପେରି ପେରି ଅଇକର୍‌ତାନ୍ ନିଜେଦି କିୟୁଦାନ୍ ନାନ୍
ମିଙ୍ଗ୍ଁ ଇକା ରାସ୍‌ସିନା । 12 ଏମେକାର୍ ଆଟ୍ରେରଦି ବିସୟ୍‌ତିଙ୍ଗ୍
ତର୍‌ଆଇ ଆନାର୍ ମାରି ପେରିକାର୍ ତର୍‌ନାର୍, ୱାର୍ ନେ ମିଙ୍ଗ୍ଁ
ସୁନ୍ନତ ଆଦେଙ୍ଗ୍ ଜାସେ କିଜିନାର୍ । କ୍ରିସ୍ତୁଦି କ୍ରୁସ ଉଣ୍ତ୍ରିଙ୍ଗ୍ ତାଡ଼ନା
ବଗ୍ କିଇ ଇସାବ୍‌ତାନ୍ ୱାର୍ ଇକା କିଜିନାର୍, 13 ଏମେକାର୍
ସୁନ୍ନତ ନିୟମ୍ ମାନାନାର୍, ୱାର୍ ବା ମସାଦି ନିୟମ୍ ମାନାଏର୍ ।
ମିର୍ ସୁନ୍ନତ ଆଦୁ ଇଜି ୱାର୍ ବଦାକିଜିନାର୍ । ଇକା ମେନ୍ଦ୍‌ଲ୍‌ତି
ନିୟମ୍ ମାନାଦେଙ୍ଗ୍ଁ ଇଜି ମିଙ୍ଗ୍ଁ ଟକେ କିଦେଙ୍ଗ୍ ଆଟ୍‌ତିଙ୍ଗ୍, ୱାର୍
ଗର୍ବ କିନାର୍ । 14 ମାତର୍ ନାନୁ କେବଲ ମା ପ୍ରବୁ ଜିସୁ କ୍ରିସ୍ତୁଦି
କ୍ରୁସ ବିସୟ୍‌ତାନ୍ ଗର୍ବ କିଜିନା; ଇରିଙ୍ଗ୍ ୱାନି କ୍ରୁସ ଉଣ୍ତ୍ରିଙ୍ଗ୍ ଦୁନିଆ
ନା ଉଣ୍ତ୍ରିଙ୍ଗ୍ ସାତାମାନାତ୍ ମାରି ନାନୁ ଦୁନିଆ ଉଣ୍ତ୍ରିଙ୍ଗ୍ ସାତାମାନା
। 15 ଏନ୍ ସୁନ୍ନତ ମାରି ଅସୁନ୍ନତ, ଆବେନୁ ଇନିକା ସଲ୍‌ଏତ୍
ରେଏତ୍, ପୁନି ଜନମ୍ ନେ ସତ୍ ବିସୟ୍ । 16 ଏମେକାର୍ ନିଜେଦି
ଜିବନ୍‌ତୁ ଇୟା ନିତି ମାନାନାର୍, ୱାର୍ ୱିଜେରେ ମାରି ମାପୁରୁଦି
ଇସ୍ରାଏଲ୍‌ତି ଲୋକୁ ୱିଜେରେ ଜିବନ୍‌ତୁ ସାନ୍ତି ପୟ୍‌ନାର୍ ମାରି
ଦୟା ଏତ୍ କିପିର୍ । 17 ସାରାସାରି, ନା ନିସନେ ୱେର୍‌ନି ମାଟା,
ନାଙ୍ଗ୍ଁ ମାରି ଏନ୍ ଦୁକୁ ସିମାକିନ୍ । ଇରିଙ୍ଗ୍ ନା ମେନ୍ଦ୍‌ଲ୍‌ତୁ ଏମେ
ୱିଜୁ ଗାଉ ସିନା ମାନାତ୍, ଆବେଣାନ୍ ତରାଜିନାତ୍ ଜେ, ନାନୁ
ଜିସୁଦି ଦାସ୍ । 18 ଏ ତଡ଼ାନ୍‌କୁ ନି ତାଙ୍ଗ୍ଁକି! ମା ପ୍ରବୁ ଜିସୁ କ୍ରିସ୍ତୁଦି
ଦୟା ମି ଆତ୍ମାଦୁ ୱିଜେରି ଲାକ୍‌ତୁ ମାନିତ୍ । ଆମେନ୍ ।

# ଏପିସିୟ୍

1 ମାପୁରୁଦି ବଦାଦାନ୍ କ୍ରିସ୍ତ ଜିସୁଦି ଅରେନ୍ ପ୍ରେରିତ ସିସୁ
ବାସେଆତି ମାନି ପାଉଲ ଜିସୁ କ୍ରିସ୍ତୁଦି ୱାଲେ ମିସାଜି
ବିସ୍‌ବାସ୍‌ତାନ୍ ଜିଜିମାନି ଏପିସିୟ୍‌ଦି ମାପୁରୁଦି ବିସ୍‌ବାସିଲୋକା
ଲାକ୍‌ତୁ ରାସ୍‌ତିମାନି ଇୟା ଆକୁ 2 ମା ବୁବା ମାପୁରୁ ମାରି ପ୍ରବୁ
ଜିସୁ କ୍ରିସ୍ତ ମିଙ୍ଗଁ ଦୟା ନି ସାନ୍ତି ସିପିନ୍ । 3 ରାଦୁ ଦନ୍ୟବାଦ୍ ସିନାଟ୍
ମା ପ୍ରବୁ ଜିସୁ କ୍ରିସ୍ତୁଦି ବୁବା ମାପୁରୁ । ଇରିଙ୍ଗ ୱାନ୍ ମାଙ୍ଗଁ କ୍ରିସ୍ତୁଦି
ୱାଲେ ମିସାକିଜି ମୁସ୍‌କୁପୁର୍‌ତି ମେନ୍ବାଲ୍‌ତି ୱିଜୁ ଆତ୍ମିକ ଆର୍ସିବାଦ୍
ସିତିମାନି । 4 କ୍ରିସ୍ତୁଦିମାନୁ ମିସାଜି ମାଡୁ ଏଣ୍ତେସ୍ ମାପୁରୁଦି
ଲୋକୁ ଆନିକା ଆୟାଉଣ୍ତିଙ୍ଗ ୱାନ୍ ମାଙ୍ଗଁ ପୃତିବି ତିଆର୍ ଆନି
ଆଗ୍‌ଡ଼ିରାନ୍ ବାସେକିତାମାନାନ୍ । ମାରି ୱାନି ଜିବନ୍‌ନୋନିକା
ମାଡୁ ୱାନି ଆଗ୍‌ଡ଼ି ପବିତ୍ର ନି ଦସ୍‌ସିଲିକାର୍ ଆନିକା । 5 ଜିସୁ
କ୍ରିସ୍ତୁଦି ମାଣାନ୍ ୱାନ୍ ମାଙ୍ଗଁ ୱାନି କଡ଼ର୍ ନି ଆଇଲିକ୍ ୱାଜା
ପସା କିଦେଙ୍ଗ ଇଜି ତିଆର୍ କିତାମାର୍ହାନ୍; ଇକାନେ ମାର୍ହାଦ୍ ୱାନି
ୱେଡ଼ିକା ନି ବଦା । 6 ମାପୁରୁଦି ଗୌରବ୍ ଦୟା ଉଣ୍ତିଙ୍ଗଁ ମାରି ୱାନି
ଲାଡ୍‌ତି ମାରିନ୍‌ତିଙ୍ଗଁ ଆର୍‌ଏନେ ଦାନ୍ ୱାଜା ପୟ୍‌ତିମାନିଙ୍ଗଁ ସିଲେ,
ମାପ୍ ମାପୁରୁଦି ଦନ୍ୟବାଦ କିଜିନାପ୍ । 7 କ୍ରିସ୍ତୁଦି ସାତି ମାଣାନ୍
ମାଡ୍ ରକିୟା ପୟ୍‌ତିମାନିକା, ଅର୍ତାଡ୍ ମା ୱିଜୁ ପାପ୍ କେମା
ଆତାମାନାଡ୍ । ମାପୁରୁଦି ଦୟା ଏସା ପେରିକା, 8 ଆୟା ଦୟା
ୱିଜୁଜାତିଦି ବୁଦି ମାରି ଜ୍ଞାନ୍ ୱାନ୍ ମାଙ୍ଗଁ ନାଣ୍ତୁଦାନ୍ ସିତାମାନାନ୍!
9 ମାପୁରୁ ୱାନି ପେରି ବୁଦି ନି ଲୋଇ ସୁଣି ମାଣାନ୍ ଆମାକା
ବଦାକିତା ମାର୍ହାର୍, ଆକା ପୁରା କିତାମାନାନ୍ ମାରି ତାନିଙ୍ଗ
କ୍ରିସ୍ତୁଦି ସାକାଦାନ୍ ପୁରା କିଦେଙ୍ଗ ଇଜି ୱାନ୍ ଏମେ ମାର୍‌ଗିତି
ସିନ୍ତା କିତାମାର୍ହାନ୍, ଆକା ମା ଲାକ୍‌ତୁ ୱେକ୍‌ତା ମାନାନ୍ । 10
ଆୟା ସିନ୍ତାଦି ଇସାବ୍‌ତାନ୍ ମୁସ୍‌କୁପୁର୍ ନି ଦୁନିଆଦି ୱିଜୁ ତିଆର୍
ଆତି ବିସୟ୍ ଉନ୍ତ୍ରେ ଆନେ ମାରି କ୍ରିସ୍ତ ଆୟାୱିଜୁଦି ତାଲା
ୱାଜା ତେବାନାନ୍ । ଇୟା ସିନ୍ତା ମାପୁରୁ ଟିକ୍ ୱେଡ଼ାଦୁ ପୁରା
କିନାନ୍ । 11 ୱିଜୁ ବିସୟ୍ ମାପୁରୁଦି ଜୋଜନା ନି ରାଜିଆନି
ଇସାବ୍‌ତାନ୍ ଆନାଡ୍; ଆଗ୍‌ଡ଼ିରାନ୍ କିତିମାର୍ହି ନିଜେଦି ଉଦେସ୍
କିଦେଙ୍ଗ ଇଜି, କ୍ରିସ୍ତୁଦି ମାଣାନ୍ ୱାନି ନିଜେ ଲୋକୁ ଆଦେଙ୍ଗ ଇଜି
ମାପୁରୁ ମାଙ୍ଗଁ ଆସ୍‌କିତାମାନାନ୍ । 12 ରାଦୁ, ଏମେକାର୍ ୱିଜେରି
ଆଗ୍‌ଡ଼ି କ୍ରିସ୍ତୁମାନୁ ଆସା ଇଟ୍‌ତାମାର୍‌ପା, ୱିଜେରେ ମାପୁରୁଦି
ମହିମା କିନିକା । 13 ମିର୍ ବା ଏସ୍ତିୱାଲେ ରକିୟା ପୁଟ୍‌ନି ଇୟା
ସୁସମାଚାର୍‌ତି ସତ୍ ମାଟା ୱେର୍‌ଇଦେର୍, ଆୟା ୱେଡ଼ାଦାନ୍
ମାପୁରୁଦି ଆତିମାନିଦେର୍ । ମିର୍ କ୍ରିସ୍ତୁଙ୍ଗଁ ବିସ୍‌ବାସ୍ କିତିମାନିଙ୍ଗଁ,
ମାପୁରୁ ୱାନି ପାର୍‌ମାଣ୍ ଇସାବ୍‌ତାନ୍ ପବିତ୍ର ଆତ୍ମାଦିଙ୍ଗ ସିଜି ମି
ମୁସ୍‌କୁ ୱାନି ଅଦିକାର୍‌ତି ଟାପେଡ଼ଇତା ମାନାନ୍ । 14 ମାପୁରୁ
ୱାନି ଲୋକାଙ୍ଗଁ ଏମେ ୱିଜୁ ବିସୟ୍ ସିଦେଙ୍ଗ ଇଜି ପାର୍‌ମାଣ୍
କିତାମାନାନ୍, ଆୟାୱିଜୁ ଜେ ମାଡ୍ ପୟ୍‌ନିକା, ପବିତ୍ର ଆତ୍ମା ତାନି
ସତ୍ ୱାଜା । ମାପୁରୁ ୱାନି ଲୋକାଙ୍ଗ ମୁକ୍‌ଡ଼ାନି ପୁରାଆନିକା
ସିନାନ୍, ଇୟା ସତ୍ ନେସ୍‌ସି, ରାଦୁ ମାପୁରୁଦି ଦନ୍ୟବାଦ କିନାଟ୍
। 15 ଇୟାଉଣ୍ତିଙ୍ଗ ପ୍ରବୁ ଜିସୁମାନୁ ମି ବିସ୍‌ବାସ୍ ନି ମାପୁରୁ ଲୋକା
ଉଣ୍ତିଙ୍ଗ ମି ଜିବନ୍‌ନୋନିକା ମାନାଡ୍, 16 ଇୟାୱିଜୁ କାବୁର୍ ୱେନ୍‌ଜି
ମି ଉଣ୍ତିଙ୍ଗ ମାପୁରୁଙ୍ଗଁ ଦନ୍ୟବାଦ ସିଜି ୱାଜିନା, ନାନୁ ବା ନା
ପାର୍‌ତନାଦୁ ମିଙ୍ଗଁ ୱିଜୁଦିନ୍ ଏତ୍‌କିଜି ୱାଜିନା । 17 ନାନୁ ନା
ଗୌରବ୍‌ତି ବୁବା, ମା ପ୍ରବୁ ଜିସୁ କ୍ରିସ୍ତୁଦି ମାପୁରୁଙ୍ଗଁ ପାର୍‌ତନା
କିନା, ଏଣ୍ତେସ୍ ୱାନ୍ ମିଙ୍ଗଁ ପବିତ୍ର ଆତ୍ମା ସିନାନ୍, ଆୟା ଆତ୍ମା ମିଙ୍ଗଁ
ବୁଦି ସିନାଡ୍ ମାରି ମାପୁରୁଙ୍ଗଁ ମି ଲାକ୍‌ତୁ ତର୍‌ନାଡ୍ । ଆତିଙ୍ଗ, ମିର୍
ୱାନିଙ୍ଗ ନେସ୍‌ଏତଙ୍ଗ ଆଟ୍‌ନିଦେର୍ । 18 ନାନୁ ବାତିଙ୍ଗ ମାଲ୍‌ନା,
ଏଣ୍ତେସ୍ ୱାନି ଜାୟ୍ ସୁଡୁଦେଙ୍ଗ ଇଜି ମି ଲୋଇରି କାଣ୍‌ଗା
ରେଆନାଡ୍ । ଆବେଣାନ୍ ଏମେ ଆସା ଉଣ୍ତିଙ୍ଗ ମିର୍ ୱାନି ମାଣାନ୍
କୁକାୟ୍‌ଆତିମାନିଦେର୍, ଆକା ନେସ୍‌ନିଦେର୍ । 19 ୱାନି ଲୋକା
ଉଣ୍ତିଙ୍ଗ ୱାନି ପାର୍‌ମାଣ୍‌ତିକା କାବାଆନି ଆର୍ସିବାଦ୍ ୱିଜୁ ଜେ ଏସା
ନାଣ୍ତୁ, ମାରି ମା ନାନି ବିସ୍‌ବାସି ଲୋକା ଲୋଇ ୱାନି ସାଲାନି
ସାକ୍ତି ଜେ ଏସା ପେରିକା, ଆକା ମିର୍ ନେସ୍‌ଏତଙ୍ଗ ଆଟ୍‌ନିଦେର୍
। 20 ଇଲେଇ, ମା ଲୋଇ ପାଣିକିଜି ମାନି ଆୟା ସାକ୍ତି ଦାନ୍
ନେ ମାପୁରୁ କ୍ରିସ୍ତୁଙ୍ଗଁ ସାତି ମାଣାନ୍ ନିକ୍‌ସି ୱାନି ମୁସ୍‌କୁପୁର୍‌ତି
ନିଜେଦି ଉଣେରି ତରିନ୍ ବାସିସ୍ କିତାମାନାନ୍ । 21 କ୍ରିସ୍ତ ୱିଜୁ
ମୁସ୍‌କୁପୁର୍‌ତି ସାସନ୍ କିନିକାନ୍, କିଦେଙ୍ଗ ଆଟ୍‌ନି ଅଦିକାରି,
ସାକ୍ତିଦିକାନ୍ ମାରି ନେତାରି ମୁସ୍‌କୁ ସାସନ୍ କିନାନ୍, ଇୟା ଜୁଗ୍ କି
ୱାନି ଜୁଗ୍‌ଦି ଅଦିକାରିସିନା ୱିଜୁ ଅଦିକାର୍ ବାଦ୍‌ଲୁ ୱାନି ଅଦିକାର୍
ନାଣ୍ତୁ ପେରିକା । (aiōn g165) 22 ମାପୁରୁ ୱିଜୁ ବିସୟ୍ କ୍ରିସ୍ତୁଦି
ପାଦାମ୍ ଆଡ୍‌ଗି ଇଟ୍‌ତାମାନାନ୍ ମାରି ୱିଜୁ ବିସୟ୍ ମୁସ୍‌କୁ ୱାନିଙ୍ଗଁ
ୱିଜେରିଙ୍ଗ ପେରି ପ୍ରବୁ ୱାଜା ମଣ୍ତଲିଦିଙ୍ଗଁ ସିତାମାନାନ୍ । 23
ମଣ୍ତଲି କ୍ରିସ୍ତୁଦି ମେନ୍ବାଲ୍; ମଣ୍ତଲି ଦାନ୍ କ୍ରିସ୍ତୁଦି ପାଣିଦି ପୁରାଆନି
ପାଣି ଆନାଡ୍; ମାରି କ୍ରିସ୍ତ ୱିଜୁ ବିସୟ୍ ପୁରା କିନାନ୍ ।

2 ମି ମାନାଇକା ମାରି ପାପ୍ ଉଣ୍ତିଙ୍ଗ ସର୍‌ଇଦିନ୍‌ତୁ ନେସ୍‌ନିୱାଜା
ସାତି ମାର୍‌ଇଦେର୍ । 2 ଆୟା ବେଡ଼ାଦୁ ମିର୍ ଦୁନିଆଦି
ସତ୍‌ସିଲି ସାରିଦୁ ବୁଲାଜି, ବାଦଡ଼ତି ରାଜିଦି ଅଦିପତିଦି ଆଡ୍‌ଗି
ମାର୍‌ଇଦେର୍ । ଆୟା ଅଦିପତି ଇଲେଇ ମାପୁରୁଦି ମାଟା
ଆସ୍‌ଇୱାରି ଲୋକା ମୁସ୍‌କୁ ସାସନ୍ କିଜିନାନ୍ । (aiōn g165) 3
ସତ୍‌ତାନ୍ ମାଡୁ ୱିଜୁଲୋକୁ ୱାରି ୱାଜା ମାର୍‌ଇକା ମାରି ମେନ୍ବାଲ ନି
ମନ୍‌ତି ଆସାଆନି ଇସାବ୍‌ତାନ୍ ଜିଜି ମାର୍‌ଆଟ୍ । ମାରି ଆଇୱାରି
ୱାଜା ମାଡୁ ବା ମାପୁରୁଦି ରିସାଦି ବାଦ୍‌ଲୁ କାସ୍ଟ ପୟ୍‌ଦେଙ୍ଗ
ସୋଲ୍‌ସିମାର୍ହାପ୍ । 4 ମାତର୍ ମାପୁରୁଦି ଦୟା ନିସା ନାଣ୍ତୁ ମାରି ମା
ଉଣ୍ତିଙ୍ଗ ୱାନି ଜିବନ୍‌ନୋନିକା ନିସା ପେରିକା ଜେ, 5 ମା ମାନାଇ
ଉଣ୍ତିଙ୍ଗ ମାଡୁ ନେସ୍‌ନିୱାଜା ସାତି ମାର୍‌ଇ ବେଡ଼ାଦୁ ୱାନ୍ କ୍ରିସ୍ତୁଦି
ୱାଲେ ମାଙ୍ଗଁ ଜିବନ୍ କିତାନ୍ । ମାପୁରୁଦି ଦୟାଦାନ୍ ନେ ମିର୍
ରକିୟା ପୟ୍‌ତିମାନିଦେର୍ । 6 କ୍ରିସ୍ତ ଜିସୁଦି ୱାଲେ ଅର୍‌ସେଆତି
ମାଣ୍‌କୁ ୱାନି ୱାଲେ ମୁସ୍‌କୁପୁର୍‌ତୁ ସାସନ୍ କିନି ଉଣ୍ତିଙ୍ଗ ୱାନ୍
ମାଙ୍ଗଁ ବା ନିକ୍‌ତାମାନାନ୍ । 7 ଜିସୁ କ୍ରିସ୍ତୁଦିମାନୁ ତର୍‌ତିମାନି

ଜିବନ୍‌ନୋନିମାନୁ ୱାନି ଜୁଗ୍‌ତୁ ନିଜେଦି ଦୟାଦାନ୍ ସାମାନ୍‌ତି
ପେରି ନାଣ୍ତ୍ରୁ ଧନ ତର୍‌ନି ଉଣ୍ତ୍ରିଙ୍ଗ ମାପୁରୁ ଇକା କିତାନ୍ । (aiōn g165)
8 ଇରିଙ୍ଗ ମାପୁରୁଦି ଦୟା ଉଣ୍ତ୍ରିଙ୍ଗ ବିସ୍‌ବାସ୍‌ତାନ୍ ମିର୍ ରକିୟା
ପୟ୍‌ତିମାନିଦେର୍; ଇକା ମି ନିଜେଦିମାଣୁକୁ ଆଏତ୍, ମାତର୍
ମାପୁରୁଦି ଦାନ୍ ଇକା । 9 ଆଦେଙ୍ଗ ଇୟା ବିସୟ୍‌ତାନ୍ ଏନ୍ ଗର୍ବ
କିଦେଙ୍ଗ ଆଟ୍‌ଏନ୍ । 10 ମାଡୁ ଆମାକା ଆଦେଙ୍ଗ ଆଟ୍‌ତିମାନିକା,
କେବଲ ମାପୁରୁନେ ଆକା କିତାମାନାନ୍; ଆମାୱିଜୁ ସତ୍ ପାଣି
ମାପ୍ କିନାପ୍ ଇଜି ମାପୁରୁ ଆଗ୍‌ଡ଼ିନେ ତିଆର୍ କିତାମାର୍ହାନ୍, ମାପୁ
କ୍ରିସ୍ତ ଜିସୁଦି ୱାଲେ ମିସାନି ମାଣ୍‌କୁ ଆକା ପୁରା ଆତାମାନାତ୍ ।
11 ନିଜେଦି ସର୍‌ଇଦିନ୍‌ତି ଅବସ୍ତା ଏତ୍ କିଦୁ, ମିର୍ ଅଣଜିହୁଦି
ମାର୍‌ଇଦେର୍, ନିଜେଦିଙ୍ଗ "ସୁନ୍ନତ" ଇଜି ୱେର୍‌ସିମାନି ଜିହୁଦିର୍
ମିଙ୍ଗିଁ "ଅସୁନ୍ନତ" ଇଜି ଇଜିମାରାର୍ । ଇକା କେବଲ ଉନ୍‌ଡ୍ରେ
ମେନ୍ଦ୍ଲ୍‌ତି ଅବସ୍ତାଦିଙ୍ଗ ବୁଜାନାତ୍ । 12 ଆଗ୍‌ଡ଼ି ମିର୍ କ୍ରିସ୍ତଦିମାଣୁକୁ
ଆକ ମାର୍‌ଇଦେର୍, ମିର୍ ଆଇଦେସ୍‌ତି ଲୋକ୍ ମାର୍‌ଇଦେର୍ ମାରି
ମାପୁରୁଦି ଆସ୍‌କିତିମାନି ଲୋକାମାନୁ ମିସାଏତି ମାର୍‌ଇଦେର୍
। ମାପୁରୁ ତାମି ଇସ୍ରାଏଲ ଲୋକା ଉଣ୍ତ୍ରିଙ୍ଗ କିତିମାନି ପାର୍‌ମାଣ୍
ମୁସ୍‌କୁ ତିଆର୍‌ତି ନିୟମ୍‌ତୁ ମି ଇନିକା ମିସାଏତ୍ ମାର୍‌ହାତ୍ । ମାରି
ଆସାସିଲିକା ମାରି ମାପୁରୁଦିମାଣୁକୁ ୱେର୍‌ଏ ଆଜି ମିର୍ ଜଗତ୍‌ତୁ
ବାସାତି ମାର୍‌ଇଦେର୍ । 13 ପୁର୍ବେ ମିର୍ ଆକ ମାର୍‌ଇଦେର୍,
ମାତର୍ ଇଲେଇ କ୍ରିସ୍ତ ଜିସୁଦିମାନୁ ୱାନି ନେତେର୍‌ତାନ୍ ଲାକ୍‌ତୁ
ଆତିମାନିଦେର୍ । 14 ଇରିଙ୍ଗ ଜିହୁଦି ମାରି ଅଣଜିହୁଦିରିଙ୍ଗ
ଅର୍‌ସେ କିଜି, କ୍ରିସ୍ତ ନିଜେ ମାମାନୁ ସାନ୍ତି ତିଆର୍ କିତାମାନାନ୍ ।
ୱାରିଙ୍ଗ ୱେର୍‌ଏ କିଜି ନିଜେନିଜେଦିମାନୁ ସାତୁ ୱାଜା ଇଡ୍‌ନିମାନି
ଗଡାଦିଙ୍ଗ ୱାନ୍ ୱାନି ନିଜେଦି ମେନ୍ଦ୍ଲ୍‌ଦାନ୍ ରୁକ୍‌ତାମାନାନ୍ ।
15 ୱାନ୍ ଜିହୁଦିରି ୱିଜୁ ବିଧିବିଧାନ୍ ମାଟାଦି ନିୟମ୍‌ତିଙ୍ଗ ନିଜେଦି
ମେନ୍ଦ୍ଲତାନ୍ ଗୁସା କିତାମାନାନ୍, ଏଣ୍ତ୍ରେସ୍ ୱାନ୍ ସାନ୍ତି ତିଆର୍
କିଜି ରୁଣ୍ତ୍ରିୱାନିକାଙ୍ଗବା ନିଜେଦିମାନୁ ଅରେନ୍ ପୁନି ଲୋକ୍ ୱାଜା
ତିଆର୍ କିନାନ୍, 16 କ୍ରୁସକାଟ୍‌ତୁ ୱାନି ସାତିମାଣୁକୁ କ୍ରିସ୍ତ ଆୟା
ଲୋକାମାନୁ ମାନି ସତ୍ରୁଦିଙ୍ଗ ନାସ୍ଟ କିତାମାନାନ୍; କ୍ରୁସକାଟ୍‌ଦାନ୍
ୱାନ୍ ରୁଣ୍ତ୍ରି ଜାତିଆଙ୍ଗିଁ ମିସା କିଜି ଉନ୍‌ଡ୍ରେ ମେନ୍ଦ୍ଲ୍ ୱାଜା
କିତାମାନାନ୍ ମାରି ମାପୁରୁଦି ଲାକ୍‌ତୁ ଡ଼େସି ତାତାମାନାନ୍ । 17
ଆୟାଉଣ୍ତ୍ରିଙ୍ଗ କ୍ରିସ୍ତ ୱାତାମାର୍ହାନ୍ ମାରି ମାପୁରୁଦିମାଣୁକୁ ଆକ
ସୋର୍‌ଇମାନି ଅଣଜିହୁଦି ମାରି ୱାନି ଲାକ୍‌ତୁମାନି ଜିହୁଦିରିମାନୁ
ସାନ୍ତିଦି ସୁସମାଚାର୍ ପ୍ରଚାର୍ କିତାମାର୍ହାନ୍ । 18 କ୍ରିସ୍ତଦି ମାଣ୍‌କୁ
ନେ ଜିହୁଦି ମାରି ଅଣଜିହୁଦି ୱିଜେରେ ଉନ୍‌ଡ୍ରେ ଆତ୍ମାଦୁ ବୁବାଦି
ଆଗ୍‌ଡ଼ି ୱାଦେଙ୍ଗ ଆଟ୍‌ତା ମାନାପ୍ । 19 ମାରି, ମିର୍ ମାରି
ଆଇଦେସ୍‌ତୁ ନି ଆଇମାନୁବାସାକିନିଲୋକୁ ଆଇଦେର୍, ମାତର୍
ଇଲେଇ ମାପୁରୁଦି ଲୋକା ୱାଲେ ମିର୍ ବା ୱାନି ରାଜିଦି ଲୋକୁ
ମାରି ୱାନି ଇଲୁପରିବାର୍‌ତି ଲୋକୁ ଆତିମାନିଦେର୍ । 20 ମିର୍
ବା ପ୍ରେରିତ ସିସୁ ମାରି ବାବବାଦିରି ତିଆର୍‌କିତି ମୁଲ୍‌କାଲୁ ମୁସ୍‌କୁ
ତିଆର୍‌ଆତି ଇଲୁୱାଜା । ଆୟା ଇଲୁଦି କୁନାଦି ମୁଲ୍‌କାଲୁ ନିଜେ
କ୍ରିସ୍ତ ଜିସୁ । 21 ୱାନ୍‌ନେ କେବଲ ଇୟା ଇଲୁଦିଙ୍ଗ ଜଡ଼େଇ କିଜି
ଇଡ୍‌ନାନ୍ ମାରି ପ୍ରବୁଦି ଉଣ୍ତ୍ରିଙ୍ଗ ଉନ୍‌ଡ୍ରି ପବିତ୍ର ମନ୍ଦିର୍ ୱାଜା ପିରିସ୍
କିନାନ୍ । 22 ୱାନି ସାହାଜ୍ୟଦାନ୍ ମିର୍ ବା ଆଇ ୱିଜେରି ୱାଲେ
ଆତ୍ମାୱାଜା ମାପୁରୁଦି ତେବାନି ଉଣ୍ତ୍ରିଙ୍ଗ ଉନ୍‌ଡ୍ରି ତେବାନି ଇଲୁୱାଜା
ତିଆର୍ ଆଜିନିଦେର୍ ।

3 ଇୟାଉଣ୍ତ୍ରିଙ୍ଗ ମି ୱାଜା ଅଣଜିହୁଦିରି ଉଣ୍ତ୍ରିଙ୍ଗ କ୍ରିସ୍ତ ଜିସୁଦି
ଉଣ୍ତ୍ରିଙ୍ଗ ଜଇଲ୍‌ତୁ ମାନି ନାନୁ ପାଉଲ, ମାପୁରୁଦି ଲାକ୍‌ତୁ
ପାର୍‌ତାନା କିଜିନା । 2 ମି ନେଗି ଉଣ୍ତ୍ରିଙ୍ଗ ମାପୁରୁ ୱାନି
ଦୟାଦାନ୍ ନାଙ୍ଗିଁ ଜେ ଇୟା ପାଣି କିଦେଙ୍ଗ ସିତାମାନାନ୍, ଇକା
ପୁରା ୱେର୍‌ଇମାନି । 3 ମାପୁରୁ ୱାନି ଆୟା ମାର୍‌ଗିତିମାନି
ମାଟା ୱେର୍‌ସି ନାଙ୍ଗିଁ ଜାଣେକିତାନ୍ । ଇୟା ବିସୟ୍‌ତାନ୍ ନାନ୍
ଇସ୍ରିକାକିଜି ରାସ୍‌ସିନା । 4 ଆକା ପଡ଼ାତିଙ୍ଗ, କ୍ରିସ୍ତଦି ମାର୍‌ଗିତିମାନି
ମାଟା ବିସୟ୍‌ତାନ୍ ନାନ୍ ଆମାକା ବୁଜାତାମାନା, ଆକା ମିର୍
ନେସ୍‌ତେଙ୍ଗ ଆଟ୍‌ନିଦେର୍ । 5 ପୁର୍ବେକାଡ଼ାଦି ଲୋକା ଲାକ୍‌ତୁ
ଇୟା ମାର୍‌ଗିତିମାନି ମାଟା ବିସୟ୍‌ତାନ୍ ୱେର୍‌ଏର୍ ମାର୍ହାର୍
। ମାତର୍ ମାପୁରୁ ଇଲେଇ ୱାନି ପବିତ୍ର ପ୍ରେରିତ ସିସୁ ମାରି
ବାବବାଦିରିଙ୍ଗ ଆତ୍ମାଦାନ୍ ଇକା ୱେର୍‌ତାମାନାନ୍ । 6 ଆୟା
ମାର୍‌ଗିତିମାନି ମାଟା ଆଜିନାତ୍, ସୁସମାଚାର୍‌ତି ଉଣ୍ତ୍ରିଙ୍ଗ ଜିହୁଦିରି
ୱାଲେ ଅଣଜିହୁଦିରି ବା ମାପୁରୁଦି ଆସିର୍ବାଦ୍‌ତୁ ମିସାତାମାନାର୍ ।
ୱାର୍ ଆୟା ଉନ୍‌ଡ୍ରେ ମେନ୍ଦ୍ଲତି ମେନ୍ଦ୍ଲୱିଜୁ ମାରି ଜିସୁ କ୍ରିସ୍ତଦି
ସାହାଜ୍ୟଦାନ୍ ମାପୁରୁ ସିତିମାନି ପାର୍‌ମାଣ୍‌ତୁ ମିସାତାମାନାର୍ ।
7 ମାପୁରୁଦି ପାଣିକିନି ସାକ୍ତି ଇସାବ୍‌ତାନ୍ ନାଙ୍ଗିଁ ଆମା ଅନୁଗ୍ରହଦି
ଦାନ୍ ସିତାମାନାନ୍, ଆୟାଉଣ୍ତ୍ରିଙ୍ଗ ଆୟା ସୁସମାଚାର୍‌ତି ନାନ୍
ଅରେନ୍ ସେବାକିନିକିନ୍ଦ୍ରା ଆତାମାନା । 8 ନାନ୍ ମାପୁରୁଦି ଲୋକା
ଲୋଇ ୱିଜେରିମାଣୁକୁ ଇସ୍ରିକିନ୍ଦ୍ରା, ମାରିବା ଅଣଜିହୁଦିରି ଲାକ୍‌ତୁ
କ୍ରିସ୍ତଦି ୱିଜ୍‌ଇ ସମ୍ପତିଦି ବାକ୍ୟ ଆସ୍‌ସି ସନି ଉଣ୍ତ୍ରିଙ୍ଗ ନାଙ୍ଗିଁ ମାପୁରୁ
ଦୟା ସିତାମାନାନ୍ । 9 ମାରି ମାପୁରୁଦି ଆୟା ମାର୍‌ଗିତିମାନି
ମାଟା ଏଣ୍ତ୍ରେସ୍ ପାଣି ସିଦେଙ୍ଗ ଆଟ୍‌ନାତ୍, ଆକା ୱିଜେରିଙ୍ଗ
ନେସ୍‌ସି କିନି ଉଣ୍ତ୍ରିଙ୍ଗ ବାଗ୍ୟ ନାନ୍ ପୟ୍‌ତାମାନା । ୱିଜୁ ବିସୟ୍‌ତି
ତିଆର୍‌କିତିକାନ୍ ମାପୁରୁ ପୁର୍ବେ ୱିଜୁ ଜୁଗ୍‌ତୁ ୱାନି ମାର୍‌ଗିତିମାନି
ମାଟାଦିଙ୍ଗ ଆଡାକ୍‌ତା ଇଟ୍‌ତା ମାର୍ହାନ୍, (aiōn g165) 10 ଏଣ୍ତ୍ରେସ୍
ଇଲେଇତି ବେଡ଼ାଦୁ କ୍ରିସ୍ଟିୟାନ୍ ମଣ୍ତଲିଦି ପାଣିଦାନ୍ ମୁସ୍‌କୁପୁର୍‌ତି
ସାସନ୍ କିନି ମାରି ସାକ୍ତିଙ୍ଗିଁ ମାପୁରୁଦି ନାଣ୍ତ୍ରୁ ବୁଦି ବିସୟ୍‌ତାନ୍
ଅଜାଜ ବୁଜାଦେଙ୍ଗ ଆଟ୍‌ନାର୍ । 11 ମାପୁରୁ ୱାନି ପୁର୍ବେଦି
ଉଦେସ୍‌ତି ଇସାବ୍‌ତାନ୍ ମା ପ୍ରବୁ କ୍ରିସ୍ତ ଜିସୁଦିମାଣୁକୁ ଇକା ପାଣି
କିତାମାନାନ୍ । (aiōn g165) 12 ଆୟା କ୍ରିସ୍ତଦି ୱାଲେ ମିସାତି
ମାନିଙ୍ଗ ୱାନିମାନୁ ବିସ୍‌ବାସ୍ କିତିମାନିଙ୍ଗ ଆସାଦାନ୍ ମାପୁରୁଦି
ଆଗ୍‌ଡ଼ି ସନି ଉଣ୍ତ୍ରିଙ୍ଗ ମା ସାହାସ୍ ମାନାତ୍ । 13 ଆୟାଉଣ୍ତ୍ରିଙ୍ଗ ନା
ବାତିଙ୍ଗମାଲ୍‌ନିକା, ମି ଉଣ୍ତ୍ରିଙ୍ଗ ନା ଆମା ଦୁଃକ୍‌କାସ୍ଟଦି ଉଣ୍ତ୍ରିଙ୍ଗ
ନିରାସ୍ ଆମାଟ୍, ଇରିଙ୍ଗ ଇୟାୱିଜୁ ମି ନେଗି ଉଣ୍ତ୍ରିଙ୍ଗ ଆତାମାନାତ୍
। 14 ଆୟା ବୁବା ମାପୁରୁଦି ଆଗ୍‌ଡ଼ି ନାନ୍ ମେଣ୍ତ୍ରେଙ୍ଗ ଗଟ୍‌କିଜି

ପାର୍‌ତାନା କିଜିନା । 15 ଇୟାଉଣ୍ତିଙ୍ଗ ଆମା ବୁବାଦିମାଣୁକୁ
ମୁସ୍‌କୁପୁର୍ ମାରି ଦୁନିଆଦି ୱିଜୁ ଇଲୁକୁପରିବାର୍ ୱାନି ସତ୍ ଦରୁ
ପୟ୍‌ଆ ଆତାମାନାତ୍, 16 ଏଣ୍ଡେସ୍ ନାନ୍ ପାର୍‌ତାନା କିନା ୱାନ୍
ୱାନି ଆତ୍ମାଦି ଅଦିକାର୍ ୱାନି ଗୌରବ୍‌ତି ଉଣ୍ତାକିତିମାନିମାଣୁକୁ
ମି ଜିବନ୍‌ତି ଆତ୍ମାଦିଙ୍ଗ ବପୁ କିନି ଉଣ୍ତିଙ୍ଗ ସାକ୍ତି ସିନାନ୍ । 17
ନାନ୍ ପାର୍‌ତାନା କିନା, ଏଣ୍ଡେସ୍ ମି ବିସ୍‌ବାସ୍‌ତି ବପୁଦାନ୍ କ୍ରିସ୍ତ ମି
ଜିବନ୍‌ତୁ ବାସା କିନାନ୍ । ନାନ୍ ପାର୍‌ତାନା କିନା, ଏଣ୍ଡେସ୍ ମି
ମୁଲ୍‌କୁନାଦିକାଲୁ ଜିବନ୍‌ନୋନିମାଣୁକୁ ତିଆର୍ ମାରି ଡାଟ୍ ଆନାତ୍
। 18 ଆର୍‌ତିଙ୍ଗ, କ୍ରିସ୍ତୁଦି ଜିବନ୍‌ନୋନିକା ଜେ ଏସା ନିର୍‌ଇକା ନି
ଅସାର୍, ଏସ ନିରିକା ନି ନିର୍‌ଇଗୁଟା, ମିର୍ ମାପୁରୁଦି ଆଇଆଇ
ଲୋକା ୱାଲେ ଇକା ନେସ୍‌ତେଙ୍ଗ ଆଟ୍‌ନିଦେର୍ । 19 ହୁଁ, ମିର୍
ୱାନି ଜିବନ୍‌ନୋନି ବାକ୍ୟ ନେସ୍‌ତେଙ୍ଗ ଆଟ୍‌ନିଦେର୍, ମାରିବା
ଇକା ଏସ୍‌କାଙ୍ଗବା ପୁରାୱିଜୁ ନେସ୍‌ତେଙ୍ଗ ଆଟ୍‌ଇକା । ଇୟାୱାଜା
ମିର୍ ମାପୁରୁଦି ୱାଜା ବର୍ତିଦୁ ପୁରାବର୍ତି ଆଦେଙ୍ଗ ଆଟ୍‌ନିଦେର୍
। 20 ମାପୁରୁ ମା ଲୋଇ ପାଣି ପୁରା କିଜିମାନି ନିଜେଦି ସାକ୍ତି
ଇସାବ୍‌ତାନ୍ ମା ଲସ୍‌ନିକା ମାରି ଅଡ୍‌ବିନିମାଣୁକୁ ନାଣ୍ତ ସିଦେଙ୍ଗ
ଆଟ୍‌ନାନ୍; 21 ମଣ୍ତଲିଦାନ୍ ମାରି କ୍ରିସ୍ତ ଜିସୁଦିମାଣୁକୁ ଜୁଗ୍ ଜୁଗ୍
ୱିଜୁ ଦିନ୍ ସାନ୍ଦି ଆୟା ମାପୁରୁଦି ଗୌରବ୍ ଆପିତ୍! ଆମେନ୍ ।
**(aiōn g165)**

**4** ପ୍ରବୁଦି ସେବା କିଜିମାର୍‌ଇ ଉଣ୍ତିଙ୍ଗ ଜେଲ୍‌ତୁ ତେବାତିମାନି
ନାନ୍ ପାଉଲ ମିଙ୍ଗଁ ଅନୁରଦ୍ କିଜିନା, ଏଣ୍ଡେସ୍ ଜିନି ମାଡ଼ିନି
ଉଣ୍ତିଙ୍ଗ ମାପୁରୁ ମିଙ୍ଗଁ କୁକ୍‌ତାମାନାନ୍, ଆୟାୱାଜା ସାଲାବୁଲା
କିଦୁ । 2 ୱିଜୁୱାଲେ ନମ୍ରତା, ସାନ୍ତି ମାରି ସାସ୍ ଆଦୁ ।
ଜିବନ୍‌ନୋନିମାନୁ ନିଜେନିଜେଦି ଉଣ୍ତିଙ୍ଗ ମିସାଜି ତେବାଦୁ ।
3 ପବିତ୍ରଆତ୍ମାଦି ସାହାଜ୍ୟଦାନ୍ ସାନ୍ତିଦାନ୍ ବାସାନି ଉଣ୍ତିଙ୍ଗ ମି
ମାନୁ ଆମାକା ଉନ୍‌ଡ୍ରେ ତିଆର୍ ଆତାମାନାତ୍, ତାନିଙ୍ଗ ରକ୍ୟା
କିନି ଉଣ୍ତିଙ୍ଗ ଜାତୁନ୍ ଆଦୁ । 4 ମା ମେନ୍ଦ୍ଲ୍ ଉନ୍‌ଡ୍ରେ, ଆତ୍ମା ବା
ଉନ୍‌ଡ୍ରେ ମାରି ଉନ୍‌ଡ୍ରେ ଆସା ସିଜି ମାପୁରୁ ମାଙ୍ଗଁ କୁକ୍‌ତାମାନାନ୍
। 5 ଅରେନ୍ ପ୍ରବୁ, ଉନ୍‌ଡ୍ରେ ବିସ୍‌ବାସ୍, ଉନ୍‌ଡ୍ରେ ଡୁବନ୍; 6
ୱିଜେରି ଲୋକା ଜାତିଦୁ ମାପୁରୁ ନି ବୁବା ଅରେନ୍; ୱାନ୍ ୱିଜେରି
ପ୍ରବୁ, ୱିଜେରି ମାନୁ ମାରି ୱିଜେରି ଜିବନ୍‌ତୁ ମାନାନ୍ । 7
କ୍ରିସ୍ତୁସିତିମାନି ଅଡି ଇସାବ୍‌ତାନ୍ ମାଡୁ ୱିଜେରିଙ୍ଗ ଉନ୍‌ଡ୍ରି ଉନ୍‌ଡ୍ରି
ଦୟା ଦାନ୍ ପୟ୍‌ତିମାନିକା । 8 ଦର୍ମସାସ୍ତ୍ରଦୁ ଇୟା ବିସୟ୍‌ତାନ୍
ରାସ୍‌ତାମାନାତ୍, "ଏସ୍ତିୱାଲେ ୱାନ୍ ମୁସ୍‌କୁ ସର୍ହାନ୍, ୱାନି ୱାଲେ
ନାଣ୍ତ ଜଇଲ୍‌ତୁ ମାର୍‌ଇୱାରିଙ୍ଗ ୱାନ୍ ଅତାନ୍, ମାରି ଲୋକାଙ୍ଗ
ନାଣ୍ତ ବର୍ ସିତାନ୍ ।" 9 ୱାନ୍ ମୁସ୍‌କୁ ସର୍ହାନ୍ ଇଜି ୱେର୍‌ନି ଅର୍ତ
ଇନିକା? ଇୟାତାନି ଅର୍ତ ଆଜିନାତ୍, ଆଗଡ଼ି ୱାନ୍ ଦୁନିଆଦି
ଇସ୍ରି ବାଡିଆଙ୍ଗଁ ୱାତା ମାର୍ହାନ୍ । 10 ଏନ୍ ୱାତା ମାର୍ହାନ୍, ୱାନ୍
ଏଣ୍ଡେସ୍ ସାରା ପୃତିବିଦିଙ୍ଗ ୱାନି ମାନିମାନୁ ପୁରାବର୍ତି କିନାନ୍,
ଆୟାଉଣ୍ତିଙ୍ଗ ୱାନ୍ ବା ମୁସ୍‌କୁପୁର୍‌ତି ମୁସ୍‌କୁ ସର୍ହାନ୍ । 11 ୱାନ୍ ନେ
ଲୋକାଙ୍ଗ ନାଣ୍ତ ବର୍ ଦାନ୍ ସିଜି ସର୍‌ଆମାନାନ୍ । ଏସ ଲୋକାଙ୍ଗ
ପ୍ରେରିତ ସିସ୍ତ, ମାରି ଏସ ଲୋକାଙ୍ଗ ବାବବାଦି, ଏସ ଲୋକାଙ୍ଗ
ସୁସମାଚାର୍ ପ୍ରଚାର୍‌କିନିକାନ୍, ମାରି ଏସ ଲୋକାଙ୍ଗ ପାସ୍‌ଟର୍
ମାରି ମାସ୍‌ଟର୍ ୱାଜା ଆସ୍‌କିତାମାନାନ୍ । 12 କ୍ରିସ୍ତୁଦି ଆୟା
ମେନ୍ଦ୍ଲ୍ ରସ୍‌ନି ଉଦେସ୍‌ତାନ୍ କ୍ରିସ୍ଟିୟାନ୍ ସେବା ପାଣି ଉଣ୍ତିଙ୍ଗ
ମାପୁରୁଦି ଲୋକାଙ୍ଗ ତିଆର୍ କିଦେଙ୍ଗ ୱାନ୍ ଇକା କିତାମାନାନ୍ ।
13 ଆୟାଉଣ୍ତିଙ୍ଗ ମାଡୁ ୱିଜୁଲୋକୁ ମା ବିସ୍‌ବାସ୍‌ତୁ ମାରି ମାପୁରୁଦି
ମାରିନ୍ ବିସୟ୍‌ତି ବୁଦିଦୁ ଉନ୍‌ଡ୍ରେମାନୁ ଆନାପ୍, କ୍ରିସ୍ତୁଦି ପୁରାବର୍ତି
ଆଜି ମାପୁ ପୁରାବୟସ୍ ଆନାପ୍ । 14 ଗାଲିଦି ସନିକା ମାରି
ଉଲୁକାଏରୁ ଆଡ୍‌ଡ଼ାତିଙ୍ଗ ଇନିଙ୍ଗଁ ଆନିଙ୍ଗଁ ଆଜିମାନି ଇସ୍ରିକଡ଼ରି
ୱାଜା ମାଡୁ ମାରି ତିର୍ ଆଇକା । ଆଇୱାରିଙ୍ଗ ସେଇସାରିଦୁ
ପୋକ୍‌ସିମାନି ବେମ୍‌ରିକିନିୱାରି ବାୟାନାନି ସିକିୟାଦୁ ମାଡୁ
ଇନିଙ୍ଗଁ ଆନିଙ୍ଗଁ ଆଇକା । 15 ତାନିବାଦ୍‌ଲୁ ଜିବନ୍‌ନୋନି ସତ୍
ୱେର୍‌ସି ୱିଜୁ ବିସୟ୍‌ତୁ ତାଲା ୱାଜା କ୍ରିସ୍ତୁଦି ୱାଜା ଆନାଟ୍ ।
16 ୱାନିମାଣୁକୁ ମେନ୍ଦ୍ଲତି ଆଇଆଇ କିକୁକାଲ୍‌କୁ ଉନ୍‌ଡ୍ରେମାନୁ
ମିସାନେ ମାରି ଆବେନୁ ମାନି ସିରେଙ୍ଗ ସାହାଜ୍ୟଦାନ୍ ୱିଜୁ
ମେନ୍ଦ୍ଲ ତିଆର୍ ଆନାତ୍ । ଆଦେଙ୍ଗ ମେନ୍ଦ୍ଲ୍‌ତିକେଙ୍ଗ ୱିଜୁ
ନିଜେଦି ପାଣି କିନି ୱାଜା ବ୍ୟବ୍‌ହାର୍ କିନିମାଣୁକୁ ୱିଜୁ ମେନ୍ଦ୍ଲ
ପିରିଜି ତିଆର୍ ଆନାତ୍ । 17 ମାରି, ପ୍ରବୁଦି ଦର୍‌ତାନ୍ ନାନ୍ ମିଙ୍ଗଁ
ଜାଗାର୍‌ତା କିଜି ସିଜିନା, ଅଣଜିହୁଦିରି ୱାଜା ମାରି ସାଲାବୁଲା
କିମାଟ୍ । ୱାରି ସିନ୍ତା ପେରିକା 18 ମାରି ୱାରି ମନ୍ ସିକାଟି
। ମାପୁରୁ ସିତିମାନି ଜିବନ୍‌ତୁ ୱାରିନ୍ଦି ଇନିକା ମିସାଏତ୍ ।
ଇରିଙ୍ଗ ୱାର୍ ପୁରା ବୁଦିସିଲିକାର୍ ମାରି ମାନାଇକାର୍ । 19 ୱାର୍
ସେମାର୍‌ସିଲିକାର୍, ତାଗ୍‌ଇ ପାଣିକିନିକାର୍ ମାରି ଲୋବ୍‌ଦାନ୍
ୱିଜୁଜାତିଦି ନେଗେନ୍‌ତର୍‌ଇ ପାଣିଦୁ ମାନାର୍ । 20 ଇୟାୱିଜୁ
ମିର୍ କ୍ରିସ୍ତୁଦି ବିସୟ୍‌ତାନ୍ ସିକିୟା କିତିମାନି ବିସୟ୍ ଆଏତ୍ । 21
ମିର୍ ୱାନି ବିସୟ୍ ୱେର୍‌ଇମାନିଦେର୍, ମାରି ୱାନି ୱେନ୍‌କାସନି
ୱାଜା ଜିସୁଦି ବିସୟ୍‌ତାନ୍ ସତ୍ ସିକିୟା ପୟ୍‌ତିମାନିଦେର୍ । 22
ମିର୍ ଆମା ପାଡ଼ିଇ ସାଲାବୁଲାଦାନ୍ ଜିବନ୍ ଜିଜି ମାର୍‌ଇଦେର୍,
ଆକା ୱିଜୁ ଡ଼ିସ୍‌ତୁ, ଇରିଙ୍ଗ ଆୟାତାନି ସାଲାକି ପାଣିଦାନ୍ ମି
ଆତ୍ମା ନାସ୍କ ଆଜିମାର୍ହାତ୍ । 23 ମାରି ମି ଜିବନ୍ ମାରି ମୋନ୍
ପୁରା ପୁନିକା ଆନିକା ମାନାତ୍ । 24 ଆମା ପୁନି ସାଲାବୁଲାନିକା
ମାପୁରୁଦି ୱାଜା ତିଆର୍‌ଆତି ପୁନି ଆତ୍ମା ଆରାଦୁ । ଆକା ମି
ପବିତ୍ର ମାରି ଦାର୍ମୁଦାନ୍ ଜିବନ୍‌ତୁ ୱେଙ୍ଗଁତି । 25 ମାରି ମିଚ୍
ୱେର୍‌ମାଟ୍ । କ୍ରିସ୍ତୁବିସ୍‌ବାସ୍‌ସିର୍ ନିଜେନିଜେଦିଙ୍ଗ ସତ୍ ୱେର୍‌ନିକା
ମାନାତ୍; ଇରିଙ୍ଗ ମାପୁ କ୍ରିସ୍ତୁଦି ମେନ୍ଦ୍ଲତି ମେନ୍ଦ୍ଲୱିଜୁ । 26
ମିର୍ ରିସା ଆଜି ପାପ୍ କିମାଟ୍, ୱେଡ଼ା ଆର୍‌ଏଣ୍ଗା ମି ରିସା ତିର୍
ଆପିତ୍ । 27 ମାରି ସୟତାନ୍‌ତିଙ୍ଗ ବାଡି ସିମାଟ୍ । 28 ଡଙ୍ଗଁର୍‌ଏନ୍
ମାରି ଡଙ୍ଗଁ କିମାକିନ୍ । ମାରି ସିଲିସାତିୱାରିଙ୍ଗ ଦାନ୍ କିନି
ଉଣ୍ତିଙ୍ଗ ଏଣ୍ଡେସ୍ ୱାନି ଲାକ୍‌ତୁ ଇନିକା ତେବାଦେଙ୍ଗ ଆଟ୍‌ନାତ୍,
ଇୟାଉଣ୍ତିଙ୍ଗ ନିଜେଦି କିୟୁଦାନ୍ ନେଗେନ୍ ପାଣି କିଜି କାସ୍କୁପାଣି
କିପିନ୍ । 29 ମି ୱେୟୁଦାନ୍ ଇନି ତାଗ୍‌ଇମାଟା ସୋମାକିତ୍, ମି

ମାଟା ନେଗିକା, ପିରିସ୍କିନିକା ମାରି ପାଣିଦୁଲାଗେ ଆପିତ୍ ।
ଆର୍ତିଙ୍ଗ ଆମାକାର୍ ମି ମାଟା ୱେନାର୍, ୱାରି ଉଣ୍ତିଙ୍ଗ ଆକା
ନେଗିକା ଆନାତ୍ । 30 ମାପୁରୁଦି ପବିତ୍ର ଆତ୍ମାଦିଙ୍ଗ ଦୁଃକ୍ ସିମାଟ୍
। ଇରିଙ୍ଗ ପବିତ୍ର ଆତ୍ମା ମି ମୁସ୍କୁ ମାପୁରୁଦି ନିଜେଦି ଅଦିକାର୍ତି
ସିନାଦି ୱାଜା ମାରି ମାପୁରୁ ଜେ ଅର୍ଲେନ୍ ମିଙ୍ଗ ରକିୟା କିନାନ୍,
ଇୟାକା ଆନାତ୍ଆକା । 31 ୱିଜୁଜାତିଦି ସୁରିମାଟେଙ୍ଗ, ଗିଦିର୍
ମାରି ରିସା ଡ଼ିସ୍ତୁ । ମାଡ଼ଗଲ୍ ନି ଆଇୱାରିଙ୍ଗ ନିନ୍ଦା କିମାଟ୍ । ଏ
ଉଣ୍ତିଙ୍ଗ କାଡ଼ାମାଟ୍ । 32 ମାରି, ନିଜେନିଜେଦି ଉଣ୍ତିଙ୍ଗ ସାକା ଆଦୁ
ମାରି ନେଗି ଜିବନ୍ ଆଦୁ, ମାରି ମାପୁରୁ କ୍ରିସ୍ତୁଦିମାନୁ ମିଙ୍ଗ ଏଣ୍ତେସ୍
କେମା କିତାନ୍, ଆୟାୱାଜା ମିର୍ ନିଜେନିଜେଦିଙ୍ଗ କେମା କିଦୁ ।

**5** ମିର୍ ମାପୁରୁଦି ଲାଡ଼ତି କଡ଼ର୍, ମାରି ୱାନି ୱାଜା ଆଦେଙ୍ଗ
ଇଜି ବଦା କିଦୁ । 2 କ୍ରିସ୍ତୁ ଏଣ୍ତେସ୍ ମାଙ୍ଗ ଜିବନ୍ନୋତାନ୍
ମାରି ମାପୁରୁଦି ୱେଡ଼ିକାଦି ଉଣ୍ତିଙ୍ଗ ନିଜେଦି ଜିବନ୍ତିଙ୍ଗ ମା ଉଣ୍ତିଙ୍ଗ
ବାସ୍ନାଦି ଦୁପ୍ଣି ମାରି ପୁଜା ୱାଜା ଆତାନ୍, ମି ଜିବନ୍ ବା
ଆୟାୱାଜା ଜିବନ୍ନୋନି ମାଣାନ୍ ସାଲାପିତ୍ । 3 ମାପୁରୁଦି ଲୋକୁ
ଆତିମାନିଙ୍ଗ ମି ଲୋଇ ଦାରିପାଣି, ୱିଜୁ ରକମ୍ତି ତାଗ୍ଇକା ମାରି
ଲୋବ୍ରାଆନିକା, ଇୟାୱିଜୁ ତେବାମାକିତ୍ । ଆକା ମାପୁରୁଲୋକା
ଉଣ୍ତିଙ୍ଗ ନେଗେନ୍ ସିଲେ, 4 ମି ଉଣ୍ତିଙ୍ଗ ତାଗ୍ଇ ବାସା, ୱାର୍ଇ
ମାଟା ନି ବାଣ୍ତିସ୍ ମାଟା ୱାର୍ଗିନିକା ବା ନେଗେତ୍ ସିଲେ ।
ମାତର୍ ମି ୱାର୍ଗିମାନୁ ମାପୁରୁଙ୍ଗ ଦନ୍ୟବାଦ ସିଦୁ । 5 ଇକା
ସତ୍ ଇଜି ନେସ୍ସୋ ମାନ୍ଡୁ, ଏମେକାର୍ ଦାରିଏନ୍, ତାଗ୍ଇକାନ୍
ମାରି ଲୋବ୍ରା, ନାଣ୍ତ ଲୋବ୍ରା ଆନିକାନ୍ ବମା ପୁଜା କିନି ସାମାନ୍,
ୱାନ୍ ଏସାଙ୍ଗବା କ୍ରିସ୍ତୁଦି ନି ମାପୁରୁଦି ରାଜିଦି ଅଦିକାରି ଆଏନ୍
। 6 ପୁଲାପୁଲି ମାଟେଙ୍ଗ ୱେର୍ସି ଆମାକାନ୍ ମିଙ୍ଗ ବାଣ୍ତିସ୍
କିମାକିନ୍ । ଇୟାୱିଜୁ ତାଗ୍ଇ ପାଣିଦାନ୍ ଏମେକାର୍ ମାପୁରୁଦି
ମାଟା ଅମାନ୍ୟ କିନାର୍, ୱାରି ଉଣ୍ତିଙ୍ଗ ୱାନି ରିସା ନାଣ୍ତ ଆନାତ୍
। 7 ଇୟାନାନି ଲୋକାୱାଲେ ମିସାମାଟ୍ । 8 ମିର୍ ନିଜେ
ଅର୍ଲେନ୍ ସିକାଟିଦୁ ମାର୍ହିଦେର୍ । ମାତର୍ ଇଲେଇ ପ୍ରବୁଦି ଲୋକୁ
ଆତିମାନିଙ୍ଗ ମିର୍ ଜାୟ୍ତୁ ମାନିଦେର୍ । ଆଦେଙ୍ଗ ମିର୍ ଜାୟ୍ତି
କଡ଼ରି ୱାଜା ସାଲାବୁଲା ଆଦୁ । 9 ମାତର ଜାୟ୍ ନେ ୱିଜୁ
ରକମ୍ତି ନେଗିଗୁଣ୍ତ, ଦାର୍ମୁତିକା ମାରି ସତ୍ନାନି ପଲ୍ ଆସ୍ନାତ୍ ।
10 ପ୍ରବୁଦି ୱେଡ଼ିକାଦିକାନ୍ ଆଦେଙ୍ଗ ଇଜି ଅଜାଦୁ । 11 ଲୋକୁ
ସିକାଟିଦୁ ଏମେ ୱିଜୁ ଟକେକିନି ପାଣି କିନାର୍, ଆୟାୱିଜୁ ମାଣ୍କୁ
ଆକ ମାନ୍ଡୁ । ମାରି ୱାରି ପାଣିୱିଜୁ ଜାୟ୍ତୁ ତର୍ସି ସିଦୁ । 12
ସତ୍ତାନ୍ ୱାର୍ ମାର୍ଗିଜି ଆମା ପାଣି ୱିଜୁ କିନାର୍, ଆୟା ବିସୟ୍
ୱେର୍ରେତଙ୍ଗ ସେମାର୍ତି ମାଟା । 13 ଏସ୍ତିୱାଲେ ୱିଜୁ ବିସୟ୍
ଜାୟ୍ତୁ ତାନାର୍, ନାସ୍ତିୱାଲେ ଆୟାୱିଜୁଦି ସତ୍ ମାଟା ତର୍ନାତ୍
। 14 ମାତର ଜାୟ୍ତି ୱିଜୁ ବିସୟ୍ତି ତର୍ନାନ୍ । ଆୟାଉଣ୍ତିଙ୍ଗ
ଇୟାୱାଜା ରାସାତାମାନାତ୍: “ଏ ସୁଜ୍ତି ଲୋକୁ ନିଙ୍ଗଦୁ ମାରି ସାତି
ଲୋକାମାଣାନ୍ ଜିବନ୍ଆଜି ନିଙ୍ଗଦୁ! କ୍ରିସ୍ତୁଦି ଜାୟ୍ତୁ ଜାୟ୍ଆଦୁ
।” 15 ଆଦେଙ୍ଗ ମିର୍ ଏଣ୍ତେସ୍ ସାଲାବୁଲା କିନିଦେର୍, ଆୟା
ବିସୟତାନ୍ ଜାଗାର୍ତା ମାନ୍ଡୁ । ବୁଦିସିଲିଲୋକା ୱାଜା ଆଏଣ୍ତ
ବୁଦି ମାନି ଲୋକା ୱାଜା ସାଲାବୁଲା କିଦୁ । 16 ୱିଜୁ ଦିନ୍ତିଙ୍ଗ
ନେଗେନ୍ତାନ୍ ବ୍ୟବ୍ହାର୍ କିଦୁ, ଇରିଙ୍ଗ ତାଗ୍ଇ ଦିନ୍ ଇଗା
ୱାଜିନାତ୍ । 17 ବୁଦିସିଲି ୱାଜା ଆମାଟ୍, ମାତର୍ ପ୍ରବୁଦି ବଦାଦିଙ୍ଗ
ବୁଜାଦେଙ୍ଗ ସେସ୍ଟା କିଦୁ । 18 କାଡୁ ଉଣିମାନୁ ସସ୍ମାଟ୍, ଇରିଙ୍ଗ
ଆକା କେବଲ ମିଙ୍ଗ ସାପିସ୍ କିନାତ୍, ମାତର୍ ପବିତ୍ର ଆତ୍ମାଦୁ
ପୁରାଆଦୁ । 19 ୱେଡ଼ିକାଦି ପାଟା, ଦନ୍ୟବାଦ ପାଟା ମାରି ପ୍ରସଂସା
ପାଟା ଦାନ୍ ନିଜେ ନିଜେଦିଙ୍ଗ ୱେଡ଼ିକା କିଦୁ । ଜିବନ୍ତି ଦନ୍ୟବାଦ
ତାନ୍ ପ୍ରବୁଦି ଉଦେସ୍ତାନ୍ ପାଟା ମାରି ୱେଡ଼ିକାଦି ପାଟା ପାର୍ଦୁ ।
20 ୱିଜୁଦିନ୍ ୱିଜୁ ବିସୟ୍ ଉଣ୍ତିଙ୍ଗ ପ୍ରବୁ ଜିସୁ କ୍ରିସ୍ତୁଦି ଦର୍ତାନ୍ ବୁବା
ମାପୁରୁଙ୍ଗ ଦନ୍ୟବାଦ୍ ସିଦୁ । 21 କ୍ରିସ୍ତୁଦି ଉଣ୍ତିଙ୍ଗ ମି ମାନାନିକା
ମାନିଙ୍ଗ ମିର୍ ନିଜେ ନିଜେଦିଙ୍ଗ ମାନାଜି ସାଦୁ । 22 ଆଇମେକ୍!
ମିର୍ ଏଣ୍ତେସ୍ ପ୍ରବୁଙ୍ଗ ମାନାନିଦେର୍, ଆୟାୱାଜା ନିଜେ ନିଜେଦି
କନ୍ଲିରିଙ୍ଗ ମାନାଦୁ । 23 ମଣ୍ତଲି ମୁସ୍କୁ କ୍ରିସ୍ତୁଦି ଅଦିକାର୍
ୱାଜା ଆଡ଼୍ସିକା ମୁସ୍କୁ କନ୍ଲିସିରି ଅଦିକାର୍ ମାନାତ୍; ମାରି
କ୍ରିସ୍ତୁନେ ୱାନି ମେନ୍ହଲ୍ ୱାଜା ମଣ୍ତଲିଦି ରକିୟାକିନିକାନ୍ । 24
ମଣ୍ତଲି ଏଣ୍ତେସ୍ କ୍ରିସ୍ତୁମାନୁ ମାନାନାତ୍, ଆଡ଼୍ସିକ୍ ଟିକ୍ ଆୟାୱାଜା
ନିଜେ ନିଜେଦି କନ୍ଲିସିରି ଲାକ୍ତୁ ପୁରାଦାନ୍ ମାନାପିଉ । 25
କନ୍ଲିର୍, କ୍ରିସ୍ତୁଦିଙ୍ଗ ଏଣ୍ତେସ୍ ମଣ୍ତଲିଦିଙ୍ଗ ଜିବନ୍ନୋଜି, ତାନି
ଉଣ୍ତିଙ୍ଗ ନିଜେଦି ଜିବନ୍ ସିତାନ୍, ମିର୍ ଟିକ୍ ଆୟାୱାଜା ନିଜେ
ନିଜେଦି ଆଡ଼ିକାଙ୍ଗ ଜିବନ୍ନୋଦୁ । 26 କ୍ରିସ୍ତୁ ମଣ୍ତଲିଦିଙ୍ଗ ଏରୁଦୁ
ନୋର୍ଜି ମାପୁରୁଦି ଉଦେସ୍ତାନ୍ ପବିତ୍ର କିନାନ୍, 27 ମାରି
ମଣ୍ତଲିଦିଙ୍ଗ ପବିତ୍ର, ଦସ୍ସିଲିକା, ପାପ୍ସିଲିକା ମାରି ୱିଜୁ ସୁନ୍ଦର୍
କିଜି ନିଜେ ଆସ୍ତାନ୍ । 28 କନ୍ଲିସିର୍ ନିଜେଦି ମେନ୍ହଲ୍ ୱାଜା
ଅଡ଼୍ବିଜି ନିଜେଦି ଆଡ଼ିଦିଙ୍ଗ ଜିବନ୍ନୋନିକା ମାନାତ୍ । ଏନ୍ ନିଜେ
ଆଡିଦିଙ୍ଗ ଜିବନ୍ନୋନାନ୍, ୱାନ୍ ନିଜେଦିଙ୍ଗ ଜିବନ୍ନୋନାନ୍
। 29 ଏନ୍ ଏସାଙ୍ଗ ନିଜେଦି ମେନ୍ହଲ୍ତିଙ୍ଗ କାଡ଼୍ଏନ୍ । ମାତର୍
ମେନ୍ହଲ୍ତି ଉଣିକାତିନିକା କିନାନ୍ ମାରି ତାନି ଜାତୁନ୍ ଅନାନ୍
କ୍ରିସ୍ତୁ ଏଣ୍ତେସ୍ ମଣ୍ତଲିଦି ଜାତୁନ୍ କିନାନ୍ । 30 ଇରିଙ୍ଗ ମାଡ଼୍ ୱାନି
ମେନ୍ହଲ୍ତି ମେନ୍ହଲକାନ୍ହଲ୍ । 31 ଦାର୍ମୁସାସ୍ତୁଦୁ ରାସାତାମାନାତ୍,
“ଇୟାଉଣ୍ତିଙ୍ଗ ଅରେନ୍ ମେମାର୍ଏନ୍ ନିଜେଦି ବୁବାୟାୟେଙ୍ଗ
ଡ଼ିସ୍ସି ନିଜେଦି ଆଡ଼୍ସି ୱାଲେ ତେବାନାନ୍ ମାରି ଆୟା ରିଏର୍
ଅରେନ୍ଆନାର୍ ।” 32 ସାସ୍ତୁଦି ଇୟା ବାଗ୍ତୁ ଉନ୍ଡ୍ରି ମାର୍ଗିତି
ସତ୍ ୱେଙ୍ଗତା ମାନାତ୍: ଇକା କ୍ରିସ୍ତୁ ନି ମଣ୍ତଲି ଉଣ୍ତିଙ୍ଗ ବ୍ୟବହାର୍
କିଜିନା ଇଜି ନାନ୍ଦୁ ବୁଜାତାମାନା । 33 ୱିଜୁ କନ୍ଲିର୍ ଆଡ଼ିଦିଙ୍ଗ
ନିଜେଦି ଜିବନ୍ନୋନି ୱାଜା ଜିବନ୍ନୋପିନ୍ ମାରି ୱିଜୁ ଆଡ଼ି
ନିଜେଦି କନ୍ଲିଙ୍ଗ ମାନାପିଉ ।

**6** ଏ କଡ଼ର୍, ପ୍ରବୁଦି ଉଣ୍ତିଙ୍ଗ ବୁବାୟାୟାରିଙ୍ଗ ମାନାନିକା ମି
ବିସ୍ବାସି ଲୋକା ପାଣି, ଇରିଙ୍ଗ ଇକାନେ ଟିକ୍ ସାଲାବୁଲା
। 2 “ମି ବୁବାୟାୟାରିଙ୍ଗ ମାନାଦୁ ।” ଇୟା ମାଟାଦୁ ଉନ୍ଡ୍ରି
ପାର୍ମାଣ୍ ମିସାକିଜି ୱେର୍ଆଇ ଆତାମାନାତ୍, 3 “ଏଣ୍ତେସ୍ ମି

ନେଗିକା ଆନାତ୍ ମାରି ମିର୍ ଦୁନିଆଦୁ ନାଣ୍ତ ଦିନ୍ ଜିନିଦେର୍
।" 4 ଏ ବୁବାୟାୟାର୍, କଡ଼ରିଙ୍ଗ୍ ଗିଦ୍ରି ଆନି ନାନି ଇନି ପାଣି
କିମାଟ୍, ମାତର୍ ପ୍ରବୁଦି ବିସ୍‌ବାସ୍‌ତାନ୍ ବ୍ୟବ୍‌ହାର୍ କିଦୁ ମାରି
ସିକିୟାଦୁ ୱାରିଙ୍ଗ୍ ଜାତୁନ୍ କିଦୁ । 5 କଟିସାକର୍, ମିର୍ କ୍ରିସ୍ତୁଦି
ସେବା କିଜିନାପ୍ ଅଡ଼୍‌ବିଜି ମନ୍‌ତାନ୍ ତିଲାଜି ନି ତିର୍‌ଗିଜି
ଦୁନିଆଦି ମାଲିକାଙ୍ଗ୍ ମାନାନିଦେର୍ । 6 କେବଲ ମାଲିକ୍ ମିଙ୍ଗ୍
ସୁଡୁନିୱାଲେ ୱାନି ୱେଡ଼ିକା ଆନି ଉଣ୍ତିଙ୍ଗ୍ ଇକା କିଏଣ୍ତା, କ୍ରିସ୍ତୁଦି
କଟିସାକର୍ ୱାଜା ମି ୱିଜୁ ମନ୍ ସିଜି ମାପୁରୁଦି ବଦା ମାନାଦୁ ।
7 କେବଲ ଲୋକା ସେବାକିଜିନାପ୍ ଅଡ଼୍‌ବିଏଣ୍ତା ପ୍ରବୁଦି ସେବା
କିନି ୱାଜା ୱେଡ଼ିକାଦାନ୍ ପାଣି କିଦୁ । 8 ମନ୍‌ତୁ ଇଡ଼୍‌ଦୁ,
ୱାନ୍ କଟିସାକର୍ ଆପିନ୍ କି ମୁକ୍‌ଡ଼ାତିକାନ୍ ଆପିନ୍ ପ୍ରବୁ ୱିଜୁ
ଲୋକ୍‌ତିଙ୍ଗ୍ ୱାନି ନେଗିପାଣି ଉଣ୍ତିଙ୍ଗ୍ ପୁରସ୍କାର୍ ସିନାନ୍ । 9 ଏ
ମାଲିକ୍‌କୁ, ମି କଟିସାକର୍‌କା ଉଣ୍ତିଙ୍ଗ୍ ନେଗେନ୍‌ତାନ୍ ବ୍ୟବ୍‌ହାର୍
କିଦୁ ମାରି ୱାରିଙ୍ଗ୍ ଆଦ୍‌ରିସ୍‌କିମାଟ୍ । ମନ୍‌ତୁ ଇଡ଼୍‌ଦୁ, ମିର୍ ନି ମି
କଟିଦାସ୍‌କୁ ୱିଜେରେ ମୁସ୍‌କୁପୁର୍‌ତି ପ୍ରବୁଦି ଆଡ଼୍‌ଗି ମାନିକା ।
ୱାନ୍ ୱିଜେରିଙ୍ଗ୍ ସାମାନ୍‌ତାନ୍ ବିଚାର୍ କିନାନ୍ । 10 ସାରାସାରି
ୱେନ୍‌କା, ପ୍ରବୁଦି ୱାଲେ ମିସାଜି ୱାନି ପେରିସାକ୍ତିଦୁ ବପୁ ଆଦୁ ।
11 ମାପୁରୁ ସିତିମାନି ୱିଜୁ ଜୁଦ୍‌ସାଜୁଦାନ୍ ତିଆର୍ ଆଦୁ, ଏଣ୍ତେସ୍
ସୟତାନ୍‌ତି ତାଗ୍‌ଇ ପାଣିଦି ଆଗିଡ଼ି ନିନ୍‌ଡ୍ରେଙ୍ଗ୍ ଆଟ୍‌ନିଦେର୍
। 12 ଇରିଙ୍ଗ୍ ମାଡ୍ ଦୁନିଆଦୁ ବାସାଜିମାନି ଲୋକା ବିରୁଦ୍‌ତାନ୍
ଜୁଦ୍ କିଇକା; ମାଡ୍ ୱାର୍‌ଇବାଦଡ଼୍‌ତି ତାଗ୍‌ଇ ସାକ୍ତି ମାରି ସିକାଟି
ଜୁଗ୍‌ତି ସାସନ୍‌କିନିକାତ୍, ଅଦିକାରି ମାରି ୱିଜୁ ଦୁନିଆଦି ତାଗିଇ
ଆତ୍ମିକ ସାକ୍ତି ବିରୁଦ୍‌ତାନ୍ ଜୁଦ୍ କିଜିନିକା । **(aiōn g165)** 13
ମାତର୍ ଇଲେଇ ମାପୁରୁସିତିମାନି ଜୁଦ୍‌ସାଜୁ ଆରାଦୁ; ଆତିଙ୍ଗ୍
କାକୁର୍ତି ଦିନ୍‌ତୁ ମିର୍ ସାତୁଦି ଆଗ୍‌ଡ଼ି ନିନ୍‌ଡ୍ରେଙ୍ଗ୍ ଆଟ୍‌ନିଦେର୍
ମାରି ସେସ୍ ସାନ୍ନି ଜୁଦ୍ କିଜିବା ଡାଟ୍‌ତାନ୍ ତେବାନିଦେର୍ ।
14 ଆଦେଙ୍ଗ୍ ଜାଗାର୍‌ତା ଆଦୁ, ସତ୍‌ନାନି ବେଲେଟୁ ଗାଟିଦୁ ମି
ଜୁକି ସାରିବେଡ଼୍‌ତି ତର୍‌ତୁ, ଦାର୍ମୁ ନାନି ମି ବକାଦିସାଜୁ ଆରାଦୁ,
15 ମାରି ସାନ୍ତିଦି ସୁସମାଚାର୍‌ତି ଉଣ୍ତିଙ୍ଗ୍ ରସ୍‌ତିନାନି ପାଦାମ୍‌ତୁ
ଜୁତେଙ୍ଗ୍ ଆରାଜି ଡାଟ୍ ଆଜି ନିଲ୍‌ତୁ । 16 ୱିଜୁଦିନ୍ ବିସ୍‌ବାସ୍‌ତି
ସାଜୁ ପିଣ୍ତଦୁ, ତେନି ସାକାଦାନ୍ ସୟତାନ୍ ମାଣାନ୍ ପୋକ୍‌ନି
ୱିଜୁ ସିସୁ ଇଟା ନାପ୍ଟେତଙ୍ଗ୍ ମିର୍ ଆଟ୍‌ନିଦେର୍ । 17 ମାରି
ପରିତ୍ରାଣନାନି ଜୁଦ୍‌ଦି ଟପି ଆରାଦୁ, ପବିତ୍ରଆତ୍ମା ସିତିମାନି
ମାପୁରୁଦି ବାକ୍ୟନାନି କାଣ୍ତା ଆସ୍‌ତୁ । 18 ମାପୁରୁଦି ସାକା ଲସ୍‌ସି
ପାର୍‌ତାନାଦି ୱାଲେ ଇୟାୱିଜୁ କିଦୁ । ୱିଜୁ ୱେଡ଼ାଦୁ ପବିତ୍ର
ଆତ୍ମାଦି ସାଲାକିନି ଇସାବ୍‌ତାନ୍ ପାର୍‌ତନା କିଦୁ । ଜାଗାର୍‌ତା
ମାନ୍‌ତୁ; ଏସାଙ୍ଗ୍ ୱାନ୍ନମାଟ୍ । ମାପୁରୁଦି ଲୋକା ଉଣ୍ତିଙ୍ଗ୍ ୱିଜୁୱାଲେ
ପାର୍‌ତନାଦୁ ଏଡ଼୍ କିଦୁ । 19 ନା ଉଣ୍ତିଙ୍ଗ୍ ବା ପାର୍‌ତନା କିଦୁ,
ଏଣ୍ତେସ୍ ସୁସମାଚାର୍‌ତି ମାର୍‌ଗିତିମାନି ମାଟା ୱେର୍‌ତେଙ୍ଗ୍ ମାରି
ତିଲାଏଣ୍ତା ଆକା ୱେର୍ରେତଙ୍ଗ୍ ମାପୁରୁ ନା ୱେୟୁଦୁ ଟିକ୍ ବାକ୍ୟ
ସିନାନ୍ । 20 ଇଲେଇ ଜଇଲ୍‌ତୁ ମାରିଙ୍ଗ୍ ବା ନାନୁ ସୁସମାଚାର୍
ଉଣ୍ତିଙ୍ଗ୍ ଅରେନ୍ ରାଜାଦୁତ୍ । ପାର୍‌ତନା କିଦୁ, ଏଣ୍ତେସ୍ ନାନୁ ସାସ୍ତି
ୱାଲେ ଟିକ୍‌ତାନ୍ ସୁସମାଚାର୍ ୱେର୍ରେତଙ୍ଗ୍ ଆଟ୍‌ନା । 21 ନା
ଅବସ୍ତା ବିସୟ୍‌ତାନ୍ ମିର୍ ଏଣ୍ତେସ୍ ନେସ୍ଟେତଙ୍ଗ୍ ଆଟ୍‌ନିଦେର୍,
ଆୟାଉଣ୍ତିଙ୍ଗ୍ ମା ଲାଡ଼୍‌ତି ତଡ଼ାନ୍ ମାରି ପ୍ରବୁଦି ପାଣି କିଜିମାନି
ବିସ୍‌ବାସିରି ସେବାକିନି ତୁକିକ ନା ବିସୟ୍‌ତାନ୍ ମିଙ୍ଗ୍ ୱିଜୁ ମାଟା
ୱେର୍‌ନାନ୍ । 22 ମାପ୍ ୱିଜେରେ ଏଣ୍ତେସ୍ ମାନାପ୍, ଆୟା ମାଟା
ୱେର୍‌ସି ମିଙ୍ଗ୍ ୱେଡ଼ିକା କିବିସ୍ କିଦେଙ୍ଗ୍ ଇଜି ନାନୁ ୱାନିଙ୍ଗ୍ ମି
ଲାକ୍‌ତୁ ପକ୍‌ତାଜିନା । 23 ବୁବା ମାପୁରୁ ନି ପ୍ରବୁ ଜିସୁ କ୍ରିସ୍ତ
ବିସ୍‌ବାସି ତଡ଼ାନ୍‌କାଙ୍ଗ୍ ନି ତାଙ୍ଗିକାଙ୍ଗ୍ ସାନ୍ତି, ଜିବନ୍ନେନାନିକା ମାରି
ବିସ୍‌ବାସ୍ ସିପିନ୍ । 24 ମା ପ୍ରବୁ ଜିସୁ କ୍ରିସ୍ତୁଦି ଉଣ୍ତିଙ୍ଗ୍ ଏମେୱାରି
ଜିବନ୍ନେନାନିକା ୱିଜ୍‌ଏଡ଼୍, ୱାନ୍ ୱାରିଙ୍ଗ୍ ଉଣ୍ତିଙ୍ଗ୍ ଦୟା କିପିନ୍ ।

# ପିଲିପିୟ

**1** ପାଉଲ ମାରି ତିମତି, କ୍ରିସ୍ତ ଜିସୁଦି ରିଏର୍ ଦାସ୍‌କୁ, ପିଲିପି
ମଣ୍ଡଲିଦୁ ମାନି କ୍ରିସ୍ତ ଜିସୁଦି ମାନି ୱିଜେରେ ସାଦୁରି ଲାକ୍‌ତୁ
ମାରି ନେତାର୍ ମାରି ସେବାକିନିୱାରି ଲାକ୍‌ତୁ ରାସ୍‌ସିନାନ୍; **2** ମା
ବୁବା ମାପୁରୁ ମାରି ପ୍ରବୁ ଜିସୁ କ୍ରିସ୍ତୁଦିମାଣ୍‌କୁ ଦୟା ମାରି ସାନ୍ତି ମି
ଉଣ୍ତିଙ୍ଗ ଆପିତ୍ । **3** ନାନ୍ ମିଞ୍ଜିଁ ଏସ ଦେବେଙ୍ଗ ଏତ୍‌କିନା, ନାସ
ଦେବେଙ୍ଗ ନା ମାପୁରୁଞ୍ଜିଁ ଦନ୍ୟବାଦ୍ ସିନା । **4** ୱିଜୁ ଦେବେଙ୍ଗ
ମି ଉଣ୍ତିଙ୍ଗ ପାର୍‌ତନା କିନି ବେଡ଼ାଦୁ ୱେଡ଼ିକାଦି ମୋନ୍‌ତାନ୍
ପାର୍‌ତନା କିଜିନା, **5** ଇରିଙ୍ଗ ମି ବିସ୍‌ବାସ୍ ଆରାମ୍‌ତାନ୍ ନେର୍‌ସାନ୍ଦି
ସୁସମାଚାର୍‌ତି ପାଣିଦୁ ମିର୍ ନାଞ୍ଜିଁ ଏଣ୍ତେସ୍ ସାକା ଆତିମାନିଦେର୍,
**6** ନାନ୍ ଇୟା ବିସୟ୍‌ତାନ୍ ସତ୍ ଜେ, ଆମା ପ୍ରବୁ ମି ଲାକ୍‌ତୁ ଇୟା
ନେଗିପାଣି ଆରାମ୍ କିତାମାନାନ୍, କ୍ରିସ୍ତ ଜିସୁ ମାରିଡ଼େସିୱାନି
ଦିନ୍‌ତୁ ଇକା ସେସ୍ ଆନି ସାନ୍ଦି ୱାନ୍ ଆକା ପାଣି କିଜି ପୁରା
କିନାନ୍ । **7** ମିର୍ ୱିଜୁଦିନ୍ ନା ମନ୍‌ତୁ ମାନିଦେର୍; ମାରି ମି
ୱିଜୁଲୋକା ବିସୟ୍‌ତାନ୍ ଇୟାୱାଜା ଏତ୍ କିନିକା ମାନାତ୍ ।
ନାନ୍ ଜଇଲ୍‌ତୁ ସଲ୍‌ଇ ମାର୍‌ଇ ବେଡ଼ାଦୁ ମାରି ଇଲେଇ ଇୟା
ଜଇଲ୍‌ତୁମାନି ଅବସ୍ଥାଦୁ ସୁସମାଚାର୍‌ତି ତିଆର୍‌କିନିକା ନି ରକ୍ଷାଦି
ଉଣ୍ତିଙ୍ଗ ପାଣି କିଦେଙ୍ଗ ମାପୁରୁ ନାଞ୍ଜିଁ ଆମା ଦୟା ସିତାମାନାନ୍,
ମିର୍ ୱିଜିଦେର୍ ଇବେନୁ ମିସାତିମାନିଦେର୍ । **8** ମି ୱିଜେରି
ଉଣ୍ତିଙ୍ଗ ନା ନାଣ୍ତ ୱେଡ଼ିକା ଜିସୁ କ୍ରିସ୍ତୁଦିମାଣ୍‌କୁ ନାନ୍ ପୟ୍‌ତାମାନା
ଇଜି ଏସ୍ତିୱାଲେ ନାନ୍ ୱେର୍‌ନା, ଇକା ପୁରାସତ୍ । ଇୟା
ବିସୟ୍‌ତାନ୍ ମାପୁରୁ ନା ସାକି । **9** ମାରି, ନାନ୍ ପାର୍‌ତାନା
କିଜିନା, ଏଣ୍ତେସ୍ ସତ୍‌ତି ବୁଦି ମାରି ନିୟାୟ୍ ବିଚାର୍‌ତି ୱାଲେ
ମି ଜିବନ୍‌ନୋନିକା ନାଣ୍ତଦାନ୍ ନାଣ୍ତ ପିରିତ୍, **10** ଏଣ୍ତେସ୍ ମିର୍
ନେଗି ବିସୟ୍‌କୁ ୱିଜୁ ଆସ୍‌କିଦେଙ୍ଗ ଆଟ୍‌ନିଦେର୍ । ଆର୍‌ତିଙ୍ଗ,
ମିର୍ କ୍ରିସ୍ତୁଦି ୱାନିଦିନ୍‌ତୁ ପୁରାନେଗେନ୍‌ତାନ୍ ମାରି ନିନ୍ଦାସିଲିକା
ତେବାନିଦେର୍, **11** ମାରି, ମାପୁରୁଦି ଗୌରବ୍ ମାରି ଦନ୍ୟବାଦତି
ଉଣ୍ତିଙ୍ଗ ମି ଜିବନ୍ ଜିସୁ କ୍ରିସ୍ତୁଦି ସିତିମାନି ୱିଜୁ ନେଗିଗୁଣ୍ତୁ
ପୁରା ଆନାତ୍ । **12** ଏ ତଡ଼ାନ୍‌କୁ ନି ତାଞ୍ଜିଁକି, ନା ଉଣ୍ତିଙ୍ଗ ଆମା
ଆମାକା ଗଟାତାମାନାତ୍, ଆକା ସୁସମାଚାର୍‌ତି ପାଣିଦିଙ୍ଗ ପିର୍‌ନି
ଉଣ୍ତିଙ୍ଗ ସାହାଜ୍ୟ କିତାମାନାତ୍, ଇକା ମିଞ୍ଜିଁ ୱେରେ୍‌ତଙ୍ଗ ନାନ୍
ଇଚ୍ଛା କିଜିନା । **13** ଇବେଣି ୱିଜେରେ ରାଜାରି ମେଡ଼୍‌ଇଲୁଦିଙ୍ଗ
କାପ୍‌କିନିକାର୍ ମାରି ଆଇକାର୍ ୱିଜେରେ ନେସ୍‌ତାମାନାର୍ ଜେ,
କ୍ରିସ୍ତୁଦି ସେବାକିନିକାନ୍ ଆତିମାନିଙ୍ଗ ନାନ୍ ଇଲେଇ ଜଇଲ୍‌ତୁ
ମାନା । **14** ମାତର୍ ନାନ୍ ଜଇଲ୍‌ତୁ ମାନିଙ୍ଗ ଏସଲୋକ୍ ତଡ଼ାନ୍‌କୁ
ନି ତାଞ୍ଜିଁକି ପ୍ରବୁଦି ଉଣ୍ତିଙ୍ଗ ନାଣ୍ତ ବିସ୍‌ବାସ୍ କିତାମାନାର୍, ମାରି
ଇୟାଉଣ୍ତିଙ୍ଗ ତିଲାଏଣ୍‌ଗା ମାପୁରୁଦି ବାକ୍ୟ ପ୍ରଚାର୍ କିଦେଙ୍ଗ ୱାର୍
ସାହାସ୍ ପୟ୍‌ତାମାନାର୍ । **15** ଅବସ୍ୟ ୱାରି ଲୋଇରାନ୍ ଏନ୍
ଏନ୍ ଗିଦ୍‌ରି ମାରି ଲାଗାଜିସାନି ଉଣ୍ତିଙ୍ଗ କ୍ରିସ୍ତୁଙ୍ଗ ପ୍ରଚାର୍ କିଜିନାର୍
ସତ୍, ମାତର୍ ମାରି ଏନ୍ ଏନ୍ ଜିବନ୍‌ତାନ୍ ଆକା କିଜିନାର୍ । **16**
ଇୟାକାର୍ ଇୟାୱାଜା କିନି ଉଣ୍ତିଙ୍ଗ ଜିବନ୍‌ନୋନାର୍ । ଇରିଙ୍ଗ
ୱାର୍ ନେସ୍‌ନାର୍ ଜେ, ମାପୁରୁ ନାଞ୍ଜିଁ ସୁସମାଚାର୍‌ତିଙ୍ଗ ସୁରକ୍ଷା
କିଦେଙ୍ଗ ଦାଇତ୍ ସିତାମାନାନ୍ । **17** ଆଇକାର୍ ବିସ୍‌ବାସ୍‌ତାନ୍
କ୍ରିସ୍ତୁଦି ମାଟା ପ୍ରଚାର୍ କିଏଣ୍‌ଗା ଆକାର୍‌ତି ଉଦେସ୍ ଅସି ଆକା
କିତାମାନାର୍ । ନାନ୍ ଜଇଲ୍‌ତୁ ତେବାତିମାର୍‌ଇ ୱାଲେ ନା
ମୋନ୍‌ତୁ ନାଣ୍ତ କାସ୍ଟ ସିଦେଙ୍ଗ ୱାର୍ ଆକା କିତା ମାନାର୍ । **18**
ଆବେନ୍ ଇନିକା ପୁଟ୍‌ଏତ୍! ଉଦେସ୍‌ଦି ଇସାବ୍‌ତାନ୍ ଆପିତ୍ ମାରି
ନେଗେନ୍‌ତି ଇସାବ୍‌ତାନ୍ ଆପିତ୍, ଏଣ୍ତେସ୍‌ୱାଜାଦାନ୍‌ବା କ୍ରିସ୍ତ
ପ୍ରଚାରିତ ଆଜିନାନ୍, ଇବେନୁ ନାନ୍ ୱେଡ଼ିକା କିଜିନା, ହୁଁ, ୱେଡ଼ିକା
କିଜିମାନା । **19** ଇରିଙ୍ଗ ନାନ୍ ନେସ୍‌ନା ଜେ, ମି ପାର୍‌ତନା ମାରି
ଜିସୁ କ୍ରିସ୍ତୁଦି ଆତ୍ମାଦି ସାହାଜ୍ୟ ଦାନ୍ ନାନ୍ ମୁକୁଡ଼ାନିକା ଲାବ୍ କିନା
। **20** ଇୟା ବିସୟ୍‌ତାନ୍ ନା ଅରେନ୍ ଆସାନି ଆସା ଇଡ଼ନି ମାନାତ୍
ଜେ ନାନ୍ ଇନି ବିସୟ୍‌ତାନ୍ ସେମାର୍ ଆଏ, ମାତର୍ ୱିଜୁଦିନ୍
ଏଣ୍ତେସ୍‌ୱାଜା, ଇଲେଇବା ଆୟାୱାଜା ନାଣ୍ତ ଡାଟ୍‌ତାନ୍, ଜିବନ୍‌ତୁ
ଆପିତ୍ ବା ସାନିମାନୁ ଆପିତ୍, କ୍ରିସ୍ତୁଙ୍ଗ ନା ମେନ୍ଦଲ୍‌ତାନ୍ ମହିମା
କିନା । **21** ଇରିଙ୍ଗ ନା ଜିବନ୍‌ତୁ କ୍ରିସ୍ତନେ ୱିଜୁ, ଆଦେଙ୍ଗ ନା ଉଣ୍ତିଙ୍ଗ
ସାନିକା ନାଣ୍ତ ଲାବ୍ ଆନାତ୍ । **22** ମାତର୍ ଜଦି ଜିବନ୍ ମାନ୍‌ଜ୍ଞି
ନାନ୍ ନାଣ୍ତ ପଲ୍‌ଆସ୍‌ନି ପାଣି କିଦେଙ୍ଗ ଆଟ୍‌ନା, ଆର୍‌ତିଙ୍ଗ ଜିବନ୍
ନି ସାନିତାନିଙ୍ଗ ଏଙ୍ଗ ଆସ୍‌କିନା, ନାନ୍ ଟିକ୍ କିଦେଙ୍ଗ ଆଟ୍‌ଏଜିନା
। **23** ନାନ୍ ରୁଣ୍ତି ବିସୟ୍‌କୁ ଅସି ପେରିଆର୍‌ଲାଦୁ ପଡ଼େ୍‌ଆତାମାନା;
ଇୟା ଜିବନ୍ ଡ଼ିସ୍‌ସୋ କ୍ରିସ୍ତୁଦି ୱାଲେ ତେବାଦେଙ୍ଗ ନା ଇଚ୍ଛା,
ଇରିଙ୍ଗ ଆକା ପୁରା ନେଗେତ୍ । **24** ମାତର୍ ମି ଉଣ୍ତିଙ୍ଗ ଜିଜୋ
ତେବାଦେଙ୍ଗ ନାଣ୍ତ ଦର୍‌କାର୍ । **25** ମାରି ନାନ୍ ଇୟା ବିସୟ୍‌ତାନ୍
ନେସ୍‌ନା ଜେ, ନାନ୍ ଜିନା ତେବାନା । ମି ବିସ୍‌ବାସ୍‌ତି ପିର୍‌ନିକା
ମାରି ୱେଡ଼ିକାଦି ଉଣ୍ତିଙ୍ଗ ନାନ୍ ମି ୱିଜେରି ୱାଲେ ତେବାନା ।
**26** ଏଣ୍ତେସ୍ ମି ମାନୁ ନାନୁ ମାରିଡ଼େସି ଇଗାୱାନି ଉଣ୍ତିଙ୍ଗ ନା
ମାଣ୍‌କୁ କ୍ରିସ୍ତ ଜିସୁଦିମାନୁ ମି ଗର୍ବ ନାଣ୍ତ ବଡ଼େ ଆନାତ୍ । **27**
ନାନ୍ ମିଞ୍ଜିଁ ସୁଡୁଦେଙ୍ଗ ଇଜି ସନ୍ଦେ୍‌ରଙ୍ଗ ଡାଟ୍ ଆନା ସିଲିତିଙ୍ଗ
ଆଏ, ଇଲେଇ ପେରି ବିସୟ୍ ଆଜିନାତ୍, ମି ଜିବନ୍ ଜିନିକା
ଏଣ୍ତେସ୍ କ୍ରିସ୍ତୁଦି ସୁସମାଚାର୍‌ତି ୱାଜା ଆନାତ୍ ନାନ୍ ଏଣ୍ତେସ୍
ୱେନା, ମିର୍ ଉନ୍‌ଡ୍ରି ଉଦେସ୍ ଅସି ଡାଟ୍‌ତାନ୍ ନିର୍‌ଇ ମାନିଦେର୍
ମାରି ଉନ୍‌ଡ୍ରି ଆସା ଅସି ସୁସମାଚାର୍ ବିସ୍‌ବାସ୍‌ତି ଉଣ୍ତିଙ୍ଗ ଅର୍‌ସେ
ଜୁଦ୍ କିଜିନିଦେର୍ । **28** ସାତ୍ରୁରିଙ୍ଗ ତିଲାମାଟ୍, ସାହାସ୍‌ତାନ୍ ଡାଟ୍
ତେବାଦୁ । ଆର୍‌ତିଙ୍ଗ, ୱାର୍ ନେସ୍‌ତେଙ୍ଗ ଆଟ୍‌ନାର୍ ଜେ, ୱାର୍
ଆର୍‌ନିକା ପୁରାସତ୍ ମାରି ମିର୍ ଜିଣାନିଦେର୍, ଇରିଙ୍ଗ ମାପୁରୁ
ନେ ମିଞ୍ଜିଁ ଜିଣା କିନା । **29** ଇରିଙ୍ଗ କ୍ରିସ୍ତୁଦିମାନୁ କେବଲ ବିସ୍‌ବାସ୍
କିନି ଉଣ୍ତିଙ୍ଗ ମିଞ୍ଜିଁ ଜେ ସୁଜୋଗ୍ ସିଆୟ୍‌ଆତା ମାନାତ୍, ଆକା
ସିଲେ, ମାତର୍ କ୍ରିସ୍ତୁଦି ଉଣ୍ତିଙ୍ଗ ଦୁଃକ୍‌କାସ୍ଟ ବୋଗାନି ଉଣ୍ତିଙ୍ଗ ମିଞ୍ଜିଁ
ସୁଜୋଗ୍ ସିଆୟ୍‌ଆତା ମାନାତ୍ । **30** ଇଲେଇ ଇୟା ଜୁଦ୍‌ଦୁ ମିର୍
ନାମାନୁ ମିସାଦେଙ୍ଗ ଆଟ୍‌ନିଦେର୍ । ସର୍‌ଇଦିନ୍‌ତୁ ମିର୍ ନାଞ୍ଜିଁ

ଆମା ଜୁଦ୍ କିନିକା ସୁଡୁତିମାର୍ଇଦେର୍, ଇଲେଇବା ନାନ୍ ଆୟା
ଜୁଦ୍‌ଦୁ ପୁରା ମାନା ଇଜି ମିର୍ ୱେନିମାନିଦେର୍ ।

**2** କ୍ରିସ୍ତଦି ୱାଲେ ମିସାନି ଉଣ୍ତିଙ୍ଗ ମିର୍ ଜିବନ୍‌ତୁ ବପୁ
ଆତିମାନିଦେର୍ । ମାରି ୱାନି ଜିବନ୍‌ନୋନିକା ମିଙ୍ଗ ୱେଡ଼ିକା
ସିଜିନାତ୍ । ମିର୍ ପବିତ୍ରଆତ୍ମାଦି ସାକାଦାନ୍ ୱେଡ଼ିକା କିଜିନିଦେର୍
ମାରି ନିଜେନିଜେଦି ଉଣ୍ତିଙ୍ଗ ମିଙ୍ଗ ଜିବନ୍‌ନେନାନିକା ମାରି
ଦୟା ମାନାତ୍ । 2 ଆଦେଙ୍ଗ ନାନ୍ ମିଙ୍ଗ ଅନୁରଦ୍ କିଜିନା,
ଉନ୍‌ଡ୍ରେ ମନ୍‌ତାନ୍, ଉନ୍‌ଡ୍ରେ ଜିବନ୍‌ନୋନିମାନୁ ମିସାନିକା ମାରି
ଉନ୍‌ଡ୍ରେମୋନ୍ ମାରି ଆତ୍ମାଦୁ ଅର୍‌ସେ ଆଜି ମିର୍ ନାଙ୍ଗ ପୁରା
ୱେଡ଼ିକା କିଦୁ । 3 ଆକାର୍ ମାରି ନାଣ୍ତ ଗର୍ବ ତରାନି ଉଣ୍ତିଙ୍ଗ
ଇନି ପାଣି କିମାଟ୍, ମାତର୍ ନମ୍ର ଆଜି ୱିଜେରେ ଆଇୱାରିଙ୍ଗ
ନିଜେଦିମାଣ୍‌କୁ ପେରିକାନ୍ ଅଡ଼୍‌ବିଦୁ । 4 କେବଲ ନିଜେଦି
ବିସୟ୍‌ତୁ ମୋନ୍ ସିଏଣ୍‌ଗା ଆଇୱାରି ବିସୟ୍‌ତୁ ବା ମୋନ୍‌ସିଦୁ । 5
କ୍ରିସ୍ତ ଜିସୁଦି ଏଣ୍ତେସ୍ ନାନି ମନ୍ ମାରାତ୍, ମିଦି ଆୟାୱାଜା ମୋନ୍
ଆପିଡ଼: 6 ୱାନ୍ ମାପୁରୁୱାଜା ଆତିଙ୍ଗବା ମାପୁରୁଦି ୱାଲେ ସାମାନ୍
ଆଜି ତେବାଦେଙ୍ଗ ନିଜେଦି ଉଣ୍ତିଙ୍ଗ ଆସ୍‌ସୋ ଇଡ଼ନି ବିସୟ୍ ଏଡ଼୍
କିଏତାନ୍ । 7 ବରଂ ନିଜେଦି ଇଚ୍ଛାଦାନ୍ ୱାନି ୱିଜୁ ଡ଼ିସ୍‌ତାନ୍‌ନୋ
ସାକର୍ ମୁର୍ତି ଆସ୍‌ତା ୱାତାନ୍ । ଲୋକା ୱାଜା ଆଜି ଲୋକା
ୱାଜାତର୍‌ଜି ୱାତାନ୍ । 8 ମାରି, ୱାନ୍ ସାନ୍ତି ମାରି ସାନ୍ତିଦିକାନ୍
ଆଜି ସାନି ସାନ୍ତି, କ୍ରୁସଦୁ ସାନି ସାନ୍ତି ମାନାତାନ୍ । 9 ଇୟାଉଣ୍ତିଙ୍ଗ
ମାପୁରୁ ୱାନିଙ୍ଗ ପୁରାନାଣ୍ତ ମୁସ୍‌କୁ ପେର୍‌ତା ମାନାନ୍, ମାରି ୱିଜେରି
ଦର୍‌କା ବାଦ୍‌ଲୁ ପେରି ଦରୁ ୱାନିଙ୍ଗ ସିତାମାନାନ୍ । 10 ଏଣ୍ତେସ୍
ମୁସ୍‌କୁପୁର୍, ଦୁନିଆ ମାରି ପାତାଲ୍‌ତୁ ମାନି ୱିଜୁ ଲୋକୁ ଜିସୁଦି
ଦର୍‌ତିଙ୍ଗ ମେଣ୍ତେଙ୍ଗ ଗଟ୍‌କିଜି ମାଡ଼ିସ୍ କିନାର୍ । 11 ମାରି, ବୁବା
ମାପୁରୁଦି ଗୌରବ୍‌ତି ଉଣ୍ତିଙ୍ଗ ୱିଜେରି ୱେତଲ୍ ଜିସୁ କ୍ରିସ୍ତ ପ୍ରବୁ ଇଜି
ମାନାନାର୍ । 12 ମାରି, ଏ ନା ଲାଡ଼୍‌ତି ତଡ଼୍‌କୁ, ଏଣ୍ତେସ୍ ନାନ୍ ମି
ୱାଲେ ମାର୍‌ଇ ବେଡ଼ାଦୁ ମିର୍ ଏଣ୍ତେସ୍ ୱିଜୁୱାଲେ ନା ମାଟାଦାନ୍
ମାର୍‌ଇଦେର୍, ମାତର୍ ଇଲେଇ ନାନ୍ ସିଲିୱାଲେ ମାରି ନାଣ୍ତଦାନ୍
ତିଲାଜି ମାରି ତିର୍‌ଜି ନିଜେ ନିଜେଦି ପରିତ୍ରାଣ୍ ପାଣି ଏଣ୍ତେସ୍ ପୁରା
ଆନାତ୍ । 13 ଇରିଙ୍ଗ ଇଚ୍ଛା କିଦେଙ୍ଗ ମାରି ପାଣି କିଦେଙ୍ଗ ମାପୁରୁ
ନିଜେଦି ନେଗି ଉଦେସ୍‌ଦିଙ୍ଗ ପୁରା କିନି ଉଣ୍ତିଙ୍ଗ ମି ଜିବନ୍‌ତୁ
ପାଣି କିନାନ୍ । 14 ଆସ୍‌କିଏଣ୍‌ଗା ମାରି ୱାର୍‌ଗିଜିସାଏଣ୍‌ଗା
ୱିଜୁ ପାଣି କିଦୁ । 15 ଆର୍‌ତିଙ୍ଗ, ଇୟା କାକୁର୍ତି ମାରି ପାପ୍‌ମାନି
ଦୁନିଆଦୁ ମିର୍ ମାପୁରୁଦି ଦାର୍ମୁ କଡ଼କକ୍‌ରା ୱାଜା ଦସ୍‌ସିଲିକା
ମାରି ଦାର୍ମୁଦାନ୍ ଜିଜି ମାଡ଼ିଦେଙ୍ଗ ଆଟ୍‌ନିଦେର୍ । 16 ଆଇୱାରି
ଲାକ୍‌ତୁ ଜିବନ୍‌ମାନି କାବୁର୍ ପ୍ରଚାର୍ କିନିୱାଲେ ମିର୍ ବାଦଡ଼୍‌ତିଙ୍ଗ
ଜାୟ୍ କିଜିମାନି ସୁକେଙ୍ଗ ୱାଜା ଜାୟ୍ ଆନିକା ମାନାତ୍ । ମିର୍
ଜଦି ଇୟାୱାଜା ଆନିଦେର୍, "କ୍ରିସ୍ତଦି ଦିନ୍‌ତୁ" ମି ବିସୟ୍‌ତୁ ନାନ୍
ଗର୍ବ କିଦେଙ୍ଗ ଆଟ୍‌ନା, ଇରିଙ୍ଗ ଇବେଣ୍‌କୁ ପାର୍‌ମାଣ୍ ଆନାତ୍ ଜେ,
ନା ୱିଜୁ ଜୋଜନା ମାରି ପାଣି ଆରେଏ ଆଏତ୍ । 17 ମାପୁରୁଦି
ଉଦେସ୍‌ତାନ୍ ମି ବିସ୍‌ବାସ୍‌ୱାଜା ବଲିଦାନ୍‌ତୁ ଆନାତ୍‌ସୁଗି ନା
ଜିବନ୍‌ତି ନେତେର୍ ୱାକ୍‌ସୋ ସିଦେଙ୍ଗ ପଡ଼ାନାତ୍, ଆର୍‌ତିଙ୍ଗ ନାନ୍
ୱେଡ଼ିକା କିଜିନା ମାରି ନା ଇୟା ୱେଡ଼ିକାଦୁ ମିଙ୍ଗ ମିସା କିଦେଙ୍ଗ
ଅଡ଼୍‌ବିଜିନା । 18 ମାରି, ଆୟାୱାଜା ମିର୍ ବା ୱେଡ଼ିକା କିଦୁ
ମାରି ଆୟା ୱେଡ଼ିକାଦୁ ନାଙ୍ଗ ବା ମିସାକିଦୁ । 19 ମାତର୍ ନାନ୍
ମି ଲାକ୍‌ତୁ ତିମତିଦିଙ୍ଗ ବେଗି ପୋକ୍‌ନା ଇଜି ପ୍ରବୁ ଜିସୁଦିମାନୁ
ଆସା କିଜିନା, ଏଣ୍ତେସ୍ ମି କାବୁର୍ ନେସ୍‌ସି ନାନ୍ ବା ୱେଡ଼ିକା
ଆନା । 20 ଇରିଙ୍ଗ ୱାନ୍ ମି ବିସୟ୍‌ତୁ ସତ୍‌ତାନ୍ ମୋନ୍‌ଦିୟାନ୍
କିନାନ୍, ଇୟାୱାଜା ଅଡ଼୍‌ବିନି ଲୋକ୍ ୱାନିଙ୍ଗ ଡ଼ିସ୍‌ତିଙ୍ଗ ନା ଲାକ୍‌ତୁ
ଏନ୍ ସିଲେନ୍ । 21 ଆଇକାର୍ ୱିଜେରେ ଜିସୁ କ୍ରିସ୍ତଦି ଉଣ୍ତିଙ୍ଗ
ମୋନ୍‌ଦିୟାନ୍ କିଏଣ୍‌ଗା କେବଲ ନିଜେଦି ପାଣିଦି ଉଣ୍ତିଙ୍ଗ ଦାନ୍ଧା
ଆନାର୍ । 22 ତିମତି ଜେ ପରିକାଦୁ ଜିଣାତି ଲୋକ୍, ଇକା ମିର୍
ନେସ୍‌ତିମାନିଦେର୍; ମାରିନ୍ ବୁବାଦି ସେବା କିତି ୱାଜା ୱାନ୍ ତୋ
ସୁସମାଚାର୍ ପ୍ରଚାର୍ ପାଣିଦୁ ନା ୱାଲେ ସେବା କିତାମାର୍ହାନ୍ । 23
ମାରି, ନା ଉଣ୍ତିଙ୍ଗ ଇନିକା ଗଟାନାତ୍, ଆକା ନେସ୍‌ନି ଉଣ୍ତିଙ୍ଗ ନାନ୍
ୱାନିଙ୍ଗ ମି ଲାକ୍‌ତୁ ପୋକ୍‌ତାନା ଇଜି ଆସା କିଜିନା । 24 ମାତର୍
ନାନ୍ ପ୍ରବୁଦିମାନୁ ବିସ୍‌ବାସ୍ କିଜିନା ଜେ, ନାନ୍ ନିଜେ ବା ଦାପ୍ରେ
ମି ଲାକ୍‌ତୁ ୱାଦେଙ୍ଗ ଆଟ୍‌ନା । 25 ମାତର୍ ନାନ୍ ନା ତଡ଼ାନ୍,
ଅର୍‌ସେପାଣିକିନାପ୍, ଜୁଦ୍ ମାରି ନା ଅବାବ୍ ପୁରା କିନି ଉଣ୍ତିଙ୍ଗ ମି
କାବୁର୍ ଅନିକାନ୍ ମାରି ସେବାକିନି ଏପାଫ୍ରଦିତ୍‌ତିଙ୍ଗ ମି ଲାକ୍‌ତୁ
ପୋକ୍‌ନି ଉଣ୍ତିଙ୍ଗ ଦର୍‌କାର୍ ଇଜି ଏଡ଼୍ କିତା । 26 ଇରିଙ୍ଗ ୱାନ୍
ମିଙ୍ଗ ସୁଡୁନି ଉଣ୍ତିଙ୍ଗ ଇଚ୍ଛା କିଜିନାନ୍, ମାରି ୱାନ୍ ନବ୍‌ଆତାମାନାନ୍
ଇଜି ମିର୍ ୱେର୍‌ଇମାନିଙ୍ଗ ୱାନ୍ ଦୁଃକ୍‌କିଜିନାନ୍ । 27 ସତ୍‌ତାନ୍
ୱାନ୍ ନବ୍‌ଆଜି ସାତିୱାଜା ଆତାମାର୍ହାନ୍, ମାତର୍ ମାପୁରୁ
ୱାନିଙ୍ଗ ଦୟା କିତାନ୍, ମାରି କେବଲ ୱାନିଙ୍ଗ ସିଲେ, ମାତର୍
ଏଣ୍ତେସ୍ ନା ଉଣ୍ତିଙ୍ଗ ଦୁଃକ୍ ମୁସ୍‌କୁ ଦୁଃକ୍ ଗଟାଏତ୍, ଇୟାଉଣ୍ତିଙ୍ଗ
ନା ମୁସ୍‌କୁ ବା ଦୟା କିତାନ୍ । 28 ଇୟାଉଣ୍ତିଙ୍ଗ ନାନ୍ ୱାନିଙ୍ଗ ମି
ଲାକ୍‌ତୁ ପୋକ୍‌ତାନି ଉଣ୍ତିଙ୍ଗ ଇଚ୍ଛା, ଇରିଙ୍ଗ ମିର୍ ଏଣ୍ତେସ୍ ୱାନିଙ୍ଗ
ମାରିଡ଼େସି ସୁଡୁଜି ୱେଡ଼ିକା ଆନିଦେର୍ ମାରି ନା ଦୁଃକ୍ ବା ଉଣା
ଆନାତ୍ । 29 ଆଦେଙ୍ଗ ଅରେନ୍ କ୍ରିସ୍ତବିସ୍‌ବାସ୍‌ସି ତଡ଼ାନ୍ ୱାଜା
ମିର୍ ୱାନିଙ୍ଗ ମାନାଦୁ ମାରି ୱାନି ୱାଜା ୱିଜୁ ଗୁଣ୍‌ମାନି ଲୋକ୍‌ତିଙ୍ଗ
ସନ୍‌ମାନ୍ କିଦୁ । 30 ଇରିଙ୍ଗ ମିର୍ ନାଙ୍ଗ ଆମା ସେବା ସିଦେଙ୍ଗ
ଆଟ୍‌ଇତିଦେର୍, କ୍ରିସ୍ତଦି ପାଣି ପୁରା କିନି ଉଣ୍ତିଙ୍ଗ ୱାନ୍ ଆକା ନା
ଉଣ୍ତିଙ୍ଗ କିଦେଙ୍ଗ ସର୍ହାନ୍‌ନୋ ନିଜେଦି ଜିବନ୍‌ତିଙ୍ଗ ନାସ୍କକିଜି
ସାନି ଆଗ୍‌ଡ଼ିସାମାନା କିତାମାର୍ହାନ୍ ।

**3** ସାରାସାରିୱେନ୍‌କା, ଏ ନା ତଡ଼ାନ୍‌କୁ ନି ତାଙ୍ଗକି, ପ୍ରବୁଦିମାନୁ
ମିସାତି ମାନିଙ୍ଗ, ପ୍ରବୁଦିମାନୁ ୱେଡ଼ିକା କିଦୁ । ଆଗ୍‌ଡ଼ିରାନ୍
ଆମାକା ରାସ୍‌ତା ମାନାତ୍, ଆୟାତାନିଙ୍ଗ ମାରିଡ଼େସି କିଦେଙ୍ଗ ନାନ୍
ୱାଦ୍‌ନିକା ଅଡ଼୍‌ବିଏ, ଇରିଙ୍ଗ ମି ସୁରକ୍ଷା ଉଣ୍ତିଙ୍ଗ ଇକା ସାହାଜ୍ୟ
କିନାତ୍ । 2 ଆମାକାର୍ ସତ୍‌ସିଲି ପାଣିଦୁ ମିସାତାମାନାର୍,
ନୁକୁଡ଼ିଆମାଣ୍‌କୁ ଜାଗ୍‌ରାତା, ତାଗ୍‌ଇ ପାଣିକିନି ୱାରିମାଣ୍‌କୁ
ଜାଗ୍‌ରାତା, ସୁନ୍ନତ୍‌କିନି ଲୋକାମାଣ୍‌କୁ ଜାଗ୍‌ରାତା; 3 ଇରିଙ୍ଗ

ମାପ୍ ସତ୍‌ତାନ୍ ସୁନ୍ନତ୍‌ପୟ୍‌ତି ଲୋକୁ, ମାପୁ ମାପୁରୁଦି ଆତ୍ମାଦାନ୍
ଉପାସନା କିଜିନାପ୍, ମାରି ଆତ୍‌ରେରି ରିତିନୀତି ମୁସ୍‌କୁ ଆସା
କିଏଣ୍‌ଗା କ୍ରିସ୍ତ ଜିସୁଦିମାନୁ ଗର୍ବ କିନାପ୍ । 4 ନାନ୍ ଆତ୍‌ରେରି
ବିସୟ୍ ମୁସ୍‌କୁ ବା ଆସା କିଦେଙ୍ଗ ଆଟ୍‌ନା, ଜଦି ଆଇକାନ୍
ଏନ୍ ଆତ୍‌ରେରି ରିତିନୀତି ମୁସ୍‌କୁ ଆସା କିଦେଙ୍ଗ ଆଟ୍‌ନାନ୍
ଇଜି ଏତ୍ କିନାନ୍, ଆର୍‌ତିଙ୍ଗ ନାନ୍ ନାଣ୍ତ କିଦେଙ୍ଗ ଆଟ୍‌ନା; 5
ନା ଜନମ୍‌ତି ଆଟ୍‌ଦିନ୍‌ତି ନାଣ୍ତିଙ୍ଗ ନାନ୍ ସୁନ୍ନତ୍ ଆତାମାର୍‌ଆ,
ନାନ୍ ଇସ୍ରାଏଲତି ଲୋକ୍, ବିନ୍ୟାମିନ୍ କୁଡ଼ା, ପୁରାନେଗି ଏବ୍ରିୟ୍,
ନିୟମ୍ ମାନାନି ବିସୟ୍‌ତାନ୍ ଅରେନ୍ ପାରୁସି ମାର୍‌ଆ, 6 ନା
ତାଗ୍‌ଇ ବ୍ୟବ୍‌ଆର୍‌ତି ଉଣ୍ତିଙ୍ଗ କ୍ରିସ୍ଟାନ୍ ମଣ୍ତଲିଦିଙ୍ଗ କାସ୍କ ସିଜି
ମାର୍‌ଆ, ମାରି ବ୍ୟବସ୍ଥାଦି ମାଟା ମାନାନି ମାଣ୍ତୁକୁ ଜଦି ଅରେନ୍
ଦାର୍ମୁଦିକାନ୍ ଆନାନ୍, ଆର୍‌ତିଙ୍ଗ ନାନ୍ ଦୋସ୍ ସିଲେତା । 7
ମାତର୍ ଆମାକାୱିଜୁ ନା ଉଣ୍ତିଙ୍ଗ ନେଗେତ୍ ଇଜି ଅଡ଼୍‌ବିଜି ମାର୍‌ଆ,
ଆୟାୱିଜୁ ନାନ୍ କ୍ରିସ୍ତଦି ଉଣ୍ତିଙ୍ଗ ତାଗ୍‌ଇକା ଇଜି ଅଡ଼୍‌ବିଜିନା ।
8 କେବଲ୍ ନାସ ସିଲେ; ନା ପ୍ରବୁ ଜିସୁ କ୍ରିସ୍ତଙ୍ଗ ନେସ୍‌ନି ମାଣ୍‌କୁ
ଆମା ନାଣ୍ତ ବୁଦି ପୟ୍‌ତାମାନା, ତାନି ବାଦ୍‌ଲୁ ୱିଜୁ ବିସୟ୍‌ତିଙ୍ଗ
ତାଗ୍‌ଇକା ଇଜି ଏତ୍‌କିନା; ୱାନି ଉଣ୍ତିଙ୍ଗ ନାନ୍ ୱିଜୁ ବିସୟ୍‌ତିଙ୍ଗ
ଡ଼ିସ୍‌ତାମାନା, ଏଣ୍ତେସ୍ ନାନ୍ କ୍ରିସ୍ତଙ୍ଗ ପୟ୍‌ଦେଙ୍ଗ ଆଟ୍‌ନାନ୍ ।
9 ମାରି ୱାନି ୱାଲେ ପୁରା ମିସାନି ଉଣ୍ତିଙ୍ଗ, ମାରି ଆୟାୱିଜୁ
ବିସୟ୍‌ତିଙ୍ଗ କାସ୍‌ରା ଇଜି ଅଡ଼୍‌ବିଜିନା । ମାରି, ଆମା ଦାର୍ମୁଦି
ନିୟମ୍ ମାନାନି ମାଣ୍‌କୁ ପୟ୍‌ଦେଙ୍ଗ ଆଟ୍‌ନିକା, ଆୟା ନାନି
ଇନି ନିଜେଦି ଦାର୍ମୁ ନାଦି ସିଲେତ୍ । ଇଲେଇ ନାଦି ଆମା ଦାର୍ମୁ
ମାନାତ୍, ଆକା କ୍ରିସ୍ତଦିମାନୁ ବିସ୍‌ବାସ୍ କିନି ମାଣ୍‌କୁ ପୟ୍‌ତାମାନା;
ଆକା ମାପୁରୁଦିମାଣ୍ତୁକୁ ୱାନାତ୍ ମାରି ଆକା ବିସ୍‌ବାସ୍‌ତି ମୁସ୍‌କୁ
ତିଆର୍‌ଆତାମାନାତ୍ । 10 ଏଣ୍ତେସ୍ ନାନ୍ କ୍ରିସ୍ତଙ୍ଗ ନେସ୍‌ନା ମାରି
ୱାନି ମାରିଡ଼େସିଜିବନ୍‌ଆଜିନିଙ୍ଗ୍ନି ସାକ୍ତି ଏତ୍‌କିନା; ୱାନି କାସ୍କ
ବୋଗ୍‌ତି ଦଣ୍ତ ଏତ୍‌କିଜି ସାନିମାନୁ ବା ୱାନି ୱାଜା ଆନା, 11 ମାରି
ସାତିୱାରି ମାଣ୍‌କୁ ମାରିଡ଼େସିନିଙ୍ଗ୍‌ନିକା ପୟ୍‌ଦେଙ୍ଗ ଆସା କିଜିନା
। 12 ନାନ୍ ଜେ ଇଲେଇ ଆୟାୱିଜୁ ପୟ୍‌ତା ମାନା ମାରି ପୁରା
ପୟ୍‌ତା ମାନା, ଆକା ସିଲେ, ମାତର୍ ନାନ୍ କ୍ରିସ୍ତ ଜିସୁଦି ମାଣ୍‌କୁ
କୁକାୟ୍ ଆତିମାନିଙ୍ଗ ଆକା ଆସିନି ଉଣ୍ତିଙ୍ଗ ଉର୍‌କୁସିନା । 13 ଏ
ତଡ଼ାନ୍‌କୁ ନି ତାଙ୍ଗିଁକି, ଇୟାସାନ୍ଦି ନାନ୍ ଇତି ବାଡିଦୁ ଇଏନେ,
ମାତର୍ ଉନ୍‌ତ୍ରି ପାଣିଦୁ ପୁରାମାନ୍‌ଜ୍ଞି, ୱେନ୍‌କା ଡ଼ିସ୍‌ତିୱାତିମାନି
ବିସୟ୍‌କୁୱିଜୁ ମୋନ୍‌ତାନ୍ ଆକ କିଜି ଆଗ୍‌ଡ଼ି ମାନି ବିସୟ୍‌କୁ
ପୟ୍‌ନି ଉଣ୍ତିଙ୍ଗ ସାନିଜିନିୱାଜା ସେସ୍ଟା କିଜିନା । 14 ଆଦେଙ୍ଗ କ୍ରିସ୍ତ
ଜିସୁଦି ୱାଲେ ଆମା ମୁସ୍‌କୁପୁର୍‌ତି ଜିବନ୍ ପୟ୍‌ନି ଉଣ୍ତିଙ୍ଗ ମାପୁରୁ
ନାଙ୍ଗିଁ କୁକ୍‌ତାମାନାନ୍, ଆୟା ପୁରସ୍କାର୍‌ତି ଉଣ୍ତିଙ୍ଗ ଆସା ଇଡ଼୍‌ଜି
ନାନ୍ ଇତି ବାଡିଦୁ ଉର୍‌କୁସିନା । 15 ମାରି, ମା ଲୋଇ ଏସଲୋକ୍
ଆତ୍ମାଦାନ୍ ଜିଣାତିମାନିକା, ୱାରି ଇୟାୱାଜା ମୋନ୍‌ଅଡ଼୍‌ବିନିକା
ତେବାନିକା ନେଗେତ୍, ମାରି ଜଦି ଇନି ବିସୟ୍‌ତୁ ମି ଅଡ଼୍‌ବିନିକା
ଅଲଗା ନାନିକା ମନ୍‌ଅଡ଼୍‌ବିନିକା ମାନାତ୍, ଆର୍‌ତିଙ୍ଗ ମାପୁରୁ ମିଙ୍ଗିଁ
ୱିଜୁ ମାଟା ନେସ୍‌ନିୱାଜା ୱେର୍‌ନାନ୍ । 16 କେବଲ, ନେର୍‌ସାନ୍ଦି
ମାଡୁ ଆମା ନିୟମ୍ ମାନାଜି ୱାଜିନିକା, ଆୟା ଇସାବ୍‌ତାନ୍
ଆଗ୍‌ଡ଼ି ସନିକା ମାନାତ୍ । 17 ଏ ତଡ଼ାନ୍‌କୁ ନି ତାଙ୍ଗିଁକି, ମିର୍
ଅର୍‌ସେ ମିସାଜି ନା ୱେନ୍‌କା ରାଦୁ, ମାରି ମାମାନୁ ଆମା ସାନ୍ତି
ସୁଡୁଜିନିଦେର୍, ଆମାକାର୍ ଆୟାଇସାବ୍‌ତାନ୍ ବୁଲାସାଲାଜିନାର୍,
ୱାରିଙ୍ଗ ସୁଡୁଦୁ । 18 ଇରିଙ୍ଗ ଇୟାୱାଜା ଗାଦିଲୋକ୍ ମାନାର୍,
ଆମାୱାରି ବୁଲାସାଲାନି ବିସୟ୍‌ତାନ୍ ନାନ୍ ମିଙ୍ଗିଁ ଗାଦି ଦେବେଙ୍ଗ
ୱେର୍‌ତାମାନା, ମାରି ଇଲେଇବା ଆଡ଼୍‌ବାଜି ଆଡ଼୍‌ବାଜି ୱେର୍‌ସିନା,
ୱାର୍ କ୍ରିସ୍ତଦି କ୍ରୁସକାଟ୍‌ତି ସାତ୍ରୁରୁ; 19 ନରକଦୁ ୱାରି ଜିବନ୍
ସାନି ଉଣ୍ତିଙ୍ଗ ସଲ୍‌ସିନାତ୍, ମେନ୍ଦ୍ଲ୍ ଆସାନେ ୱାରି ଦିୟାମ୍, ୱାର୍
ନିଜେ ନିଜେଦି ସେମାର୍‌ତିଙ୍ଗ ଗର୍ବଦି ବିସୟ୍ ଏତ୍ କିନାର୍, ମାରି
କେବଲ ଦୁନିଆଦି ବିସୟ୍‌ତି ଉଣ୍ତିଙ୍ଗ ୱାର୍ ସିନ୍ତା କିନାର୍ । 20 ମାଡୁ
ମୁସ୍‌କୁପୁର୍‌ତି ପ୍ରଜା, ଆୟା ବାଡିଦାନ୍ ବା ମାଡୁ ରକିୟାକର୍ତ୍ତା ପ୍ରବୁ
ଜିସୁ କ୍ରିସ୍ତଦି ୱାନିଦିନ୍‌ତିଙ୍ଗ ୱେଡ଼ିକାଦାନ୍ କାପ୍‌କିଜି ମାନାପ୍ । 21
ୱାନ୍ ନିଜେଦି ଆମା ପାଣିଦି ସାକ୍ତି ଦାନ୍ ୱିଜୁ ବିସୟ୍‌ତିଙ୍ଗ ନିଜେଦି
ଆଡ଼୍‌ଗି କିଦେଙ୍ଗ ଆଟ୍‌ନାନ୍, ଆୟା ସାକ୍ତିଦାନ୍ ମା ସାକ୍ତିସିଲି
ମେନ୍ଦ୍ଲ୍‌ତିଙ୍ଗ ବାଦେଲ୍‌କିଜି ନିଜେଦି ଗୌରବ୍‌ମୟ୍ ମେନ୍ଦ୍ଲ୍ ୱାଜା
କିନାନ୍ ।

**4** ଲାଡ଼୍‌ତି ତଡ଼ାନ୍‌କୁ ନି ତାଙ୍ଗିଁକ୍, ମିଙ୍ଗିଁ ସୁଡୁନି ଉଣ୍ତିଙ୍ଗ ନା
ଏସ ବଦା, ମିଙ୍ଗିଁ ଅସିନା ଏସା ୱେଡ଼ିକା, ମି ଉଣ୍ତିଙ୍ଗ ନା
ଏସା ଗର୍ବ । ତଡ଼ାନ୍‌କୁ ନି ତାଙ୍ଗିଁକି, ନା ସିକିୟା ଇସାବ୍‌ତାନ୍
ପ୍ରବୁଦିମାନୁ ତିର୍ ତେବାଜି ଜିଜିମାଡ଼ିଦୁ । 2 ଇୟଦିଆ ମାରି
ସୁନ୍ତୁଖୀ ରୁଣ୍ତିୱାନିକାଙ୍ଗ ନା ଅନୁରୋଦ୍ ୱାକ୍ ପ୍ରବୁଦିମାନୁ ତାଙ୍ଗିଁ
ୱାଜା ମିସାବିଡ଼ାଜି ମାନିୱି । 3 ମାରି, ଏ ନା ବିସ୍‌ବାସ୍‌ତି
ଅର୍‌ସେପାଣିକିନିକାନ୍, ଇୟା ତାଙ୍ଗିଁକାଙ୍ଗିଁ ସାହାଜ୍ୟ କିନି ଉଣ୍ତିଙ୍ଗ
ନିଙ୍ଗିଁ ବା ନା ବାତିଙ୍ଗମାଲ୍‌ଜିନା, ଇରିଙ୍ଗ ଇୟାକେଙ୍ଗ କ୍ଲେମେନ୍ସ୍
ମାରି ନା ଆଇ ପାଣିକିନିୱାନିକା ୱାଲେ ସୁସମାଚାର୍ ପାଣିଦୁ
ନା ୱାଲେ ପାଣି କିତେମାନେ; ଆୟା ପାଣିକିନିୱାନିକା ଦରୁ
ମାପୁରୁଦି “ଜିବନ୍ ପୁସ୍ତକଦୁ” ରାସ୍‌ତାମାନାତ୍ । 4 ପ୍ରବୁଦି ୱାଲେ
ମିସାତି ମାନିଙ୍ଗ ୱିଜୁୱାଲେ ୱେଡ଼ିକା କିଦୁ, ମାରିଡ଼େସି ୱେର୍‌ସିନା,
“ୱେଡ଼ିକା କିଦୁ ।” 5 ମି ନେଗି ବ୍ୟବ୍‌ହାର୍ ୱିଜୁ ଲୋକା ଲାକ୍‌ତୁ
ତରାପିତ୍ । ପ୍ରବୁଦି ୱାନିଦିନ୍ ଲାକ୍‌ତୁ ଆତାତ୍‌ନି । 6 ଇନି
ବିସୟ୍‌ତାନ୍ ସିନ୍ତା କିମାଟ୍, ମାତର୍ ମିଙ୍ଗିଁ ଆମାକା ଦର୍‌କାର୍, ଆକା
ପାର୍‌ତନାଦୁ ମାପୁରୁଙ୍ଗିଁ ଲସ୍‌ତୁ । ମାରି ପାର୍‌ତନା କିନିୱାଲେ
ୱିଜୁୱାଲେ ଜିବନ୍‌ତି ଦନ୍ୟବାଦ୍‌ତି ୱାଲେ ମି ପାର୍‌ତନା ୱିଜୁ
ମାପୁରୁଦିମାନୁ ୱେର୍‌ତୁ; 7 ଆର୍‌ତିଙ୍ଗ ଲୋକ୍‌ତି ବୁଜାଦେଙ୍ଗ
ଆଟ୍‌ଇକା ମାପୁରୁଦି ସାନ୍ତି କ୍ରିସ୍ତ ଜିସୁଦି ସାକାଦାନ୍ ମି ଜିବନ୍ ମାରି
ମୋନ୍‌ତିଙ୍ଗ ନେଗେନ୍‌କିଜି ଇଡିନାତ୍ । 8 ସାରାସାରିୱେନ୍‌କା,
ଏ ତଡ଼ାନ୍‌କୁ ନି ତାଙ୍ଗିଁକି, ଆମା ୱିଜୁ ନେଗିକା ମାରି ୱେଡ଼ିକାଦି
ବିସୟ୍ ମାନାତ୍, ଆମା ଆମାକା ସତ୍, ଆମା ଆମାକା ପେରିକା,
ଆମା ଆମାକା ଟିକ୍, ଆମା ଆମାକା ପୁରାନେଗିକା, ଆମା

ଆମାକା ଲୋକ୍ତିଙ୍ଗ୍ ନେଗିକା, ଆମା ଆମାକା ସନ୍‌ମାନଜନକ,
ଆୟାୱିଜୁ ବିସୟ୍ ସିନ୍ତା କିଦୁ । 9 ମିର୍ ଆମାୱିଜୁ ବିସୟ୍ ନା
ମାଣ୍‌କୁ ଅଜାତିମାନିଦେର୍, ପୟ୍‌ତିମାନିଦେର୍, ୱେର୍‌ଇମାନିଦେର୍
ମାରି ନା ମାନୁ ସୁଡୁତିମାନିଦେର୍, ଆୟାୱିଜୁ କିଦୁ; ଆବେନ୍
ସାନ୍ତିଦାତା ମାପୁରୁ ମି ସାକା ଆନାନ୍ । 10 ପ୍ରବୁଦି ୱାଲେ
ମିସାଜି ଜିଜି ମାଡ଼ିନି ୱାଲେ ନା ୱେଡ଼ିକା ଜେ, ମିର୍ ନା ଉଣ୍ତିଙ୍ଗ୍
ମନ୍ ସିଦୁ । ନାଣ୍ତୁ ଦିନ୍ ୱେନ୍‌କା ମାରିଡ଼େସି ବାଦେଲ୍‌ଆନିକା
ତର୍‌ତିମାନି । ନାନ୍ ଇନ୍‌ଏ ଜେ, ମିର୍ ଇୟାଦାପ୍ରେ ନା ଉଣ୍ତିଙ୍ଗ୍ ମାରି
ମୋନସିଇ ମାର୍‌ଇଦେର୍, କେବଲ୍ ଆକା ୱେର୍‌ତେଙ୍ଗ୍ ସୁଜୋଗ୍
ପୋଇତିମାର୍‌ଇ । 11 ନାନ୍ ନିଜେଦିଙ୍ଗ୍ ୱେଡ଼ାଆଜିନାତ୍ ଏତ୍‌କିଜି
ଇୟା ମାଟା ଇନ୍‌ଏ, ଇରିଙ୍ଗ୍ ନାନ୍ ଏଣ୍ତେସ୍ ନାନି ଅବସ୍ଥାଦାନ୍
ମାନା, ନାନ୍ ନାସଦାନ୍‌ନେ ତିର୍ ତେବାଦେଙ୍ଗ୍ ସିକିୟା କିତାମାନା
। 12 ଉଣା ଆପିତ୍ ମାରି ନାଣ୍ତୁ ଆପିତ୍, ଏଣ୍ତେସ୍ ତାନି ସାମାନା
କିଦେଙ୍ଗ୍ ଆନାତ୍, ଆକା ନାନ୍ ନେସ୍‌ତାମାନା । ଆଦେଙ୍ଗ୍ ଆମା
ଇନି ବେଡ଼ାଦୁ, ଆମା ଇନି ଅବସ୍ଥାଦାନ୍ ମାରି ବାଙ୍ଗାଁଦୁ ତେବାତି
ୱାଲେ ଏଣ୍ତେସ୍, ପଟାପାଜିତି ୱେନ୍‌କା ବା ଆୟାୱାଜା, କାକୁର୍ତି
ଆନି ବେଡ଼ାଦୁ ମାରି ନାଣ୍ତୁ ଦୁବା ନାନ୍ ୱିଜୁଦିନ୍ ସାମାନ୍ । 13 ନା
ସକ୍ତିଦାତା କ୍ରିସ୍ତୁଦି ସାହାଜ୍ୟଦାନ୍ ନାନ୍ ୱିଜୁ କିଦେଙ୍ଗ୍ ଆଟ୍‌ସିନା
। 14 ମାରିବା ମିର୍ ନା ଦୁଃକ୍‌ବୋଗ୍‌ତି ବେଡ଼ାଦୁ ମିସାଜି ପେରି
ପାଣି କିତିମାନିଦେର୍ । 15 ଏ ପିଲିପ୍‌ପିୟଦି, ତଡ଼ାନ୍ ନି ତାଙ୍ଗ୍‌ଁକ୍
ମିର୍ ବା ନିଜେ ନେସ୍‌ନିଦେର୍ ଜେ, ସୁସମାଚାର୍ ପ୍ରଚାର୍ କିନି
ଆରାମ୍ ବେଡ଼ାଦୁ, ଏସ୍ତିୱାଲେ ନାନ୍ ମାସିଦୋନିଆଦାନ୍ ଡ଼ିସ୍‌ତା
ସର୍‌ଆ, ନାସ୍ତିୱାଲେ ମିଙ୍ଗ୍‌ଁ ଡ଼ିସ୍‌ତିଙ୍ଗ୍ ମାରି ଆମା ମଣ୍ତଲି ନା
ୱାଲେଅର୍‌ସେ ଆଜି ନା ୱାଲେ ସିନିକା ଅନିକା ଇସାବ୍ ଇଡ୍‌ଏର୍
ମାର୍ହାର୍ । 16 ଇରିଙ୍ଗ୍ ତେସଲନିକିୟାଦୁ ନାନ୍ ମାନି ବେଡ଼ାଦୁ
ମିର୍ ଅର୍‌ସୁ ନି ନାଣ୍ତୁ ଦେବେଙ୍ଗ୍ ନା ଲାକ୍‌ତୁ ଦରକାର୍‌ତି ସାହାଜ୍ୟ
ପୋକ୍‌ତାତି ମାର୍‌ଇଦେର୍ । 17 ମିମାଣ୍‌କୁ କେବଲ ଦାନ୍ ଅତେଙ୍ଗ୍
ନାନ୍ ଅଡ଼୍‌ବିଏ; ଇୟାତାନି ବାଦ୍‌ଲୁ ମିର୍ ଏଣ୍ତେସ୍ ନାଣ୍ତୁଦାନ୍ ନାଣ୍ତୁ
ପୟ୍‌ଦୁ, ଇକା ନା ବଦା । 18 ମିମାଣ୍‌କୁ ନାନ୍ ପୟ୍‌ତିମାନି ୱିଜୁ
ଦାନ୍ ଉଣ୍ତିଙ୍ଗ୍ ପୋୟ୍‌ତିକା ମାନାଜି ଜାଣେକିଜିନା । ଆକା ନା
ଉଣ୍ତିଙ୍ଗ୍ ନାଣ୍ତୁଦାନ୍ ନାଣ୍ତୁ ଆତାମାନାତ୍, ଏପାଫ୍ରଦିତ୍‌ଦି କିୟୁଦୁ
ମିର୍ ପୋକ୍‌ତାତିମାନି ଦାନ୍ ନା ୱିଜୁ ସିଲିମାନୁ ପୁରା କିତାମାନାତ୍
। ଆକା ମାପୁରୁଦି ଉଦେସ୍‌ତାନ୍ ସିତିମାନି ବାସ୍‌ନାଆନି ଦୁପୁଣି
ମାରି ୱାନି ମାନାନିନାନିକା ମାରି ୱେଡ଼ିକାଦି ବଲିପୁଜାସିନି ୱାଜା
। 19 ମାରି, ନା ମାପୁରୁ କ୍ରିସ୍ତୁ ଜିସୁଦିମାନୁ ୱାନି ଗୌରବ୍‌ମୟ୍
ପାଣିଦି ଇସାବ୍‌ତାନ୍ ମି ୱିଜୁ ଅଭାବ୍ ପୁରା କିନାତ୍ । 20 ମା
ମାପୁରୁ ମାରି ବୁବାଦି ଉଣ୍ତିଙ୍ଗ୍ ଜୁଗ୍ ଜୁଗ୍ ଗୌରବ୍ ଆପିତ୍ ।
ଆମେନ୍ । (aiōn g165) 21 କ୍ରିସ୍ତୁ ଜିସୁଦି ଦର୍‌ତାନ୍ ୱିଜୁ ସାଦୁରିଙ୍ଗ୍
ନମସ୍କାର୍ ଜାଣେକିଦୁ । ନା ୱାଲେ ମାନି ତଡ଼ାନ୍‌କୁ ନି ତାଙ୍ଗ୍‌ଁକି ମିଙ୍ଗ୍‌ଁ
ନମସ୍କାର୍ ଜାଣେକିଜିନାର୍ । 22 ଇବେନୁ ମାନି ମାପୁରୁଦି ଲୋକୁ,
ବିସେସ୍‌ତାନ୍ ଆମାକାର୍ କାଇସର୍‌ତି ମେଡ଼୍‌ଇଲୁଦୁ ମାନାର୍, ୱାର୍
ମିଙ୍ଗ୍‌ଁ ନମସ୍କାର୍ ଜାଣେକିଜିନାର୍ । 23 ପ୍ରବୁ ଜିସୁ କ୍ରିସ୍ତୁଦି ଦୟା ମି
ଆତ୍ମାଦି ୱାଲେରାନ୍ ତେବାପିତ୍ ।

# କଲସିୟ

1 ମାପୁରୁଦି ବଦାଦାନ୍ କ୍ରିସ୍ତ ଜିସୁଦି ଅରେନ୍ ପ୍ରେରିତ ସିସୁ,
ପାଉଲ ମାରି ତଡ଼ାନ୍ ତିମତି 2 କଲସିଦୁ ମାନି ସାଦୁରିଙ୍ଗ
ମାରି କ୍ରିସ୍ତବିସ୍‌ବାସ୍‌ସିର୍ ତଡ଼ାନ୍‌କୁ ନି ତାଙ୍ଗିକ୍ ଲାକ୍‌ତୁ ଇୟା
ଆକୁ ରାସ୍‌ସିନାନ୍, ମା ବୁବା ମାପୁରୁମାଣୁକୁ ଦୟା ମାରି ସାନ୍ତି
ମି ଉଣ୍ତିଙ୍ଗ ଆପିତ୍ । 3 ମାପୁ ମି ଉଣ୍ତିଙ୍ଗ ପାର୍‌ତାନା କିଜି
ମା ପ୍ରବୁ ଜିସୁ କ୍ରିସ୍ତଦି ବୁବା ମାପୁରୁଙ୍ଗଁ ୱିଜୁଦିନ୍ ଦନ୍ୟବାଦ୍
ସିଜିନାପ୍; 4 ଇରିଙ୍ଗ କ୍ରିସ୍ତ ଜିସୁଦିମାନୁ ମି ବିସ୍‌ବାସ୍ ମାରି ମାପୁରୁଦି
ୱିଜେରି ଲୋକା ଉଣ୍ତିଙ୍ଗ ଜିବନ୍‌ନନି ବିସୟ୍ ୱେର୍ହାମାନାପ୍,
5 ଏସ୍ତିୱାଲେ ସୁସମାଚାର୍‌ତି ସତ୍ ବାକ୍ୟ ମି ଲାକ୍‌ତୁ ଆଗ୍‌ଡ଼ି
ୱାତାତ୍, ମିର୍ ଆୟାମାଣାନ୍ ସିଆୟ୍‌ଆତିମାନି ଆସାଦି ମାଟା
ୱେର୍‌ଇମାର୍‌ଇଦେର୍ । ମିର୍ ଆମାକା ଆସା କିନିଦେର୍,
ଆମାକା ମି ଉଣ୍ତିଙ୍ଗ ମୁସ୍‌କୁପୁର୍‌ତୁ ନେଗେନ୍ ତେବାନାତ୍, ତାନି
ମୁସ୍‌କୁ ମି ବିସ୍‌ବାସ୍ ମାରି ଜିବନେ୍‌ନାନିକା ତିଆର୍‌ଆତାମାନାତ୍
। 6 ଆମା ସୁସମାଚାର୍ ପ୍ରଚାର୍‌ତି ଉଣ୍ତିଙ୍ଗ ମିର୍ ଆଗ୍‌ଡ଼ିନେ
ମାପୁରୁଦି ଦୟା ବିସୟ୍ ୱେର୍‌ଇଦେର୍ ମାରି ତେନି ସତ୍‌ତିକା
ଅଡ଼୍‌ବିତିଦେର୍, ଆୟା ସୁସମାଚାର୍ ଇଲେଇ ସାରା ଜଗତ୍‌ଦୁ
ୱେଙ୍ଗଁତାମାନାତ୍ ମାରି ଆର୍ସିବାଦ୍ ତାସିନାତ୍ । 7 ମା ତରିଟାନ୍
କ୍ରିସ୍ତଦି ଅରେନ୍ ବିସ୍‌ବାସ୍‌ତାନ୍ ସେବାକିନିକାନ୍ ମାରି ମା ଲାଡ଼୍‌ତି
ଅରେ୍‌ସପାଣିକିନି ଏପାଫ୍ରାଦିମାଣ୍‌ନା ମିର୍ ମାପୁରୁଦି ଆୟା
ଦୟା ବିସୟ୍ କିତିମାନିଦେର୍; 8 ପବିତ୍ର ଆତ୍ମା ମିଙ୍ଗଁ ସିତିମାନି
ଜିବନ୍‌ନୋନି ବିସୟ୍‌ତାନ୍ ୱାନ୍ ମାଙ୍ଗଁ ୱେର୍‌ତାମାନାନ୍ । 9
ଇୟାଉଣ୍ତିଙ୍ଗ ମି ବିସୟ୍‌ତାନ୍ ୱେନି ନାଣ୍ତିରାନ୍ ମାପ୍ ବା ମି ଉଣ୍ତିଙ୍ଗ
ୱିଜୁଦିନ୍ ପାର୍‌ତାନା କିଜିନାପ୍ । ପବିତ୍ରଆତ୍ମା ସିତିମାନି ୱିଜୁ
ବୁଦି ମାରି ବୁଜାନି ସାକ୍ତିଦାନ୍ ମାପୁରୁଦି ବଦା ପୁରାଦାନ୍ ମିର୍
ଏଣ୍ତେସ୍ ନେସ୍‌ତେଙ୍ଗ ଆଟ୍‌ନିଦେର୍, ଇୟାଉଣ୍ତିଙ୍ଗ ମି ଉଣ୍ତିଙ୍ଗ ମାପ୍
ପାର୍‌ତନା କିଜିନାପ୍ । 10 ଆର୍‌ତିଙ୍ଗ, ମିର୍ ପ୍ରବୁଦି ବଦାଦି ୱାଜା
ଜିଦେଙ୍ଗ ଆଟ୍‌ନିଦେର୍ ମାରି ୱାନି ୱେଡ଼ିକାଦି ପାଣି କିଦେଙ୍ଗ
ଆଟ୍‌ନିଦେର୍ । ମିର୍ ଜିବନ୍‌ତୁ ୱିଜୁ ରକମ୍‌ତି ନେଗି ପାଣି କିଦେଙ୍ଗ
ଆଟ୍‌ନିଦେର୍ ମାରି ମାପୁରୁଦି ବିସୟ୍‌ତାନ୍ ମି ବୁଦି ପିର୍‌ନାତ୍ ।
11 ମାରି ୱିଜୁ ବିସୟ୍‌ତୁ ମିର୍ ଏଣ୍ତେସ୍ ସାସ୍‌ତାନ୍ ମାରି ସାସ୍
କିଦେଙ୍ଗ ଆଟ୍‌ନିଦେର୍, ଇୟାଉଣ୍ତିଙ୍ଗ ୱାନି ଗୌରବ୍‌ଦି ସାକ୍ତି ଦାନ୍
ମିର୍ ବପୁ ଆଦୁ, 12 ମାରି ଆମା ବୁବା ମାପୁରୁ ଜାୟ୍‌ତି ରାଜିଦୁ
ୱାନି ଲୋକା ଉଣ୍ତିଙ୍ଗ ଆମାକା ରକିୟାକିଜି ଇଟ୍‌ତାମାନାନ୍, ୱାନି
ମିସାନି ଉଣ୍ତିଙ୍ଗ ୱାନ୍ ଜେ ମିଙ୍ଗଁ ଆସ୍‌କିତାମାନାନ୍, ଇୟାଉଣ୍ତିଙ୍ଗ
ୱାନିଙ୍ଗ ୱେଡ଼ିକାଦି ୱାଲେ ଦନ୍ୟବାଦ୍ ସିଦୁ । 13 ୱାନ୍ ମାଙ୍ଗଁ
ସିକାଟିଦି ସାକ୍ତିଦାନ୍ ଉଦାର୍ କିତାମାନାନ୍ ମାରି ତିର୍‌ତାନ୍ ମାଙ୍ଗଁ
ୱାନି ଲାଡ଼୍‌ତି ମାରିନ୍‌ତି ରାଜିଦୁ ତାତାମାନାନ୍, 14 ଆୟା ମାରିନ୍‌ତି
ମାଣାନ୍ ମାପୁ ମୁକୁଡ଼ାତା ମାନାପ୍, ମାରି, ମା ପାପ୍ କେମା
ଆତାମାନାପ୍ । 15 କ୍ରିସ୍ତ ତରାୟ୍‌ଆଇ ମାପୁରୁଦି ତରାଇଆନି
ମୁର୍ତିୱାଜା, ୱାନ୍ ଆଗ୍‌ଡ଼ି ଜନମ୍‌ଆତି ମାରିନ୍, ୱିଜୁ ଗାଡ଼୍‌ଆତିମାନି
ବିସୟ୍‌ତିମାଣ୍‌କୁ ପେରିକାନ୍ । 16 ଇରିଙ୍ଗ ୱାନି ମାଣାନ୍ ମାପୁରୁ
ମୁସ୍‌କୁପୁର୍‌ତୁ ନି ଦୁନିଆଦୁ ୱିଜୁ ତରାନିକା ମାରି ତରାଇକା ଜିନିସ୍,
ଆତ୍ମାଦି ସାକ୍ତିୱିଜୁ, ସାଲାକିନିମାଲିକ୍, ସାସନ୍‌କିନିକାର୍ ମାରି ୱିଜୁ
ଅଦିକାରିରିଙ୍ଗ ତିଆର୍ କିତାନ୍ । ୱାନି ମାଣୁକୁ ମାରି ୱାନି ଉଣ୍ତିଙ୍ଗ
ମାପୁରୁ ସାରାଦୁନିଆଦିଙ୍ଗ ତିଆର୍ କିତାନ୍ । 17 ୱିଜୁ ବିସୟ୍
ତିଆର୍ ଆନି ଆଗ୍‌ଡ଼ିନେ କ୍ରିସ୍ତ ମାନାନ୍ ମାରି ୱାନିୱାଲେ ମିସାନି
ମାଣାନ୍ ୱିଜୁ ବିସୟ୍ ନିଜେ ନିଜେଦି ଗାଡ଼୍‌ଆତିମାନି ବାଡିଦୁ ମାନେ
। 18 ମାରି, ୱାନ୍ ୱାନି ପାର୍‌ତନା କିନି ମଣ୍ତଲିୱାଜା ମେନ୍ଦ୍‌ଲ୍‌ତି
ତାଲା, ଆୟା ମେନ୍ଦ୍‌ଲ୍‌ତି ୱାନ୍ ଜିବନ୍ ସାକ୍ତି, ସାତିୱାରିମାଣାନ୍‌କୁ
ୱାନ୍ ପାର୍‌ତୁମ୍ ଜନମ୍ ଆତିମାନି କଡ଼୍, ୱିଜୁ ବିସୟ୍‌ତୁ ପାର୍‌ତୁମ୍
ବାଡି ପୟ୍‌ନି ଉଣ୍ତିଙ୍ଗ ଆଗ୍‌ଡ଼ିଆନାନ୍ । 19 ଇରିଙ୍ଗ ମାପୁରୁଦି ବଦା
ଇସାବ୍‌ତାନ୍ ମାରିନ୍ ନିଜେ ମାପୁରୁଦି ପୁରାଗୁଣ୍ ଆସ୍‌ତାମାନାନ୍ ।
20 ମାରିନ୍‌ତି ମାଣ୍‌କୁ ମାପୁରୁ ସାରାଦୁନିଆଦିଙ୍ଗ ନିଜେଦି ଲାକ୍‌ତୁ
ଡ଼େସି ତାତେଙ୍ଗ ଇଜି ତିର୍ କିତାନ୍, କ୍ରୁସକାଟ୍‌ଦୁ ୱାନି ମାରିନ୍‌ତି
ସାତିମାଣାନ୍ ମାପୁରୁ ସାନ୍ତି ତିଆର୍ କିତାମାନାନ୍ ମାରି ପୃତିବି
ନି ମୁସ୍‌କୁପୁର୍‌ତୁ ମାନି ୱିଜୁ ବିସୟ୍‌ତିଙ୍ଗ ନିଜେଦି ଲାକ୍‌ତୁ ଡ଼େସି
ତାତାମାନାନ୍ । 21 ଉନ୍‌ଡ୍ରେ ବେଡ଼ାଦୁ ତାଗ୍‌ଇ ପାଣି ନି ତାଗ୍‌ଇ
ସିନ୍ତା କିଜିମାନିଙ୍ଗ ମିର୍ ମାପୁରୁଦିମାଣୁକୁ ଆକ ମାର୍‌ଇଦେର୍ ମାରି
ୱାନି ସାତ୍ରୁ ମାର୍‌ଇଦେର୍ । 22 ମାତର୍ ଇଲେଇ ୱାନ୍ ମିଙ୍ଗଁ ବା
ୱାନି ଆଗ୍‌ଡ଼ି ପବିତ୍ର, ନିନ୍ଦା ମାରି ଦସ୍‌ସିଲିକା କିଜି ତାନି ଉଣ୍ତିଙ୍ଗ
ୱାନି ମାରିନ୍‌ତି ମେନ୍ଦ୍‌ଲ୍‌ତାନ୍ ସାତି ମାଣୁକୁ ମିଙ୍ଗଁ ନିଜେଦି ୱାଲେ
ମାରିଡ଼େସି ମିସାକିତା ମାନାନ୍ । 23 ମିର୍ ଏସ୍‌କାଙ୍ଗ ବିସ୍‌ବାସ୍‌ତାନ୍
କୁନାଦି ମାରି ଡାଟ୍‌ତାନ୍ ତେବାଜି ମାରି ସୁସମାଚାର୍ ୱେନି ୱାଲେ
ଆମା ଆସା କିତିମାର୍‌ଇଦେର୍, ଆବେଟ୍‌କୁ ତିଲାମାଟ୍ । ଆର୍‌ତିଙ୍ଗ
ଏଣ୍ତେସ୍‌ବା ଇୟାୱିଜୁ ଫଲ୍ ପୟ୍‌ନିଦେର୍; ଆୟା ସୁସମାଚାର୍ ନେ
ସାରା ପୃତିବିଦି ୱିଜେରି ଲାକ୍‌ତୁ ପ୍ରଚାର୍ ଆତାମାନାତ୍, ମାରି ନାନ୍
ପାଉଲ ଆବେଣି ଅରେନ୍ ବିସ୍‌ବାସ୍‌ତି ସେବାକିନିକିନ୍ଦା ଆତାମାନା
। 24 ନାନ୍ ମି ଉଣ୍ତିଙ୍ଗ ଆମାୱିଜୁ ଦୁଃକ୍‌କାସ୍ଟ କିଜିନା, ଆୟାଉଣ୍ତିଙ୍ଗ
ଇଲେଇ ୱେଡ଼ିକା କିଜିନା, ମାରି କ୍ରିସ୍ତଦି ଆମା ଦୁଃକ୍‌କାସ୍ଟ ମାରି
ମାନାଦେ, ଆକା ନାନ୍ ୱାନି ମେନ୍ଦ୍‌ଲ୍‌ତିୱାଜା ମଣ୍ତଲିଦି ଉଣ୍ତିଙ୍ଗ
ନା ମେନ୍ଦ୍‌ଲ୍‌ତାନ୍ ପୁରା କିନି ଉଣ୍ତିଙ୍ଗ ସାକା କିଜିନା । 25 ମି
ନେଗି ଉଣ୍ତିଙ୍ଗ ଇୟା ପାଣି କିଦେଙ୍ଗଁ ନାନୁ ମାପୁରୁଦି ମାଣାନ୍
ମଣ୍ତଲିଦି ଅରେନ୍ ସେବାକିନିକାନ୍ ୱାଜା ଆସ୍‌କିତାମାନାନ୍ ।
ୱାନି ସୁସମାଚାର୍ ପୁରାଦାନ୍ ପ୍ରଚାର୍ କିନିକା ନା ପାଣି, 26
ଆୟା ସୁସମାଚାର୍ ଉନ୍‌ଡ୍ରି ମାର୍‌ଗିତି ମାଟା, ପୁର୍ବେଦିକାଡ଼ାଦୁ
ପୁର୍ବେଦିଡକ୍‌ରା ଦାଦାରିମାଣୁକୁ ମାର୍‌ଗିତା ମାର୍ହାତ୍, ମାତର୍
ଇଲେଇ ୱାନି ସାଦୁରି ଲାକ୍‌ତୁ ୱେଙ୍ଗଁସିକିତା ମାନାନ୍ । (aiōn g165)
27 ମାପୁରୁ ଅଣଜିହୁଦି ଲୋକା ଲାକ୍‌ତୁ ଆୟା ମାର୍‌ଗିତିମାର୍‌ଇ
ମାଟା ୱେରେ୍‌ତଙ୍ଗ ବଦା କିତାନ୍, ୱାନି ଇୟା ନାଣ୍ତଦାରା ମାରି
ଗୌରବ୍‌ତି ମାଟା ସାରା ଦୁନିଆଦି ଲୋକା ଉଣ୍ତିଙ୍ଗ ନେଗିକା ।

ଆୟ୍ୟା ସତ୍ତି ମାଟା ଆଜିନାତ୍, ମି ମାନୁବା କ୍ରିସ୍ତ ମାନାନ୍ । ଇୟ୍ୟାତାନି ଅର୍ଥ, ମିର୍ ମାପୁରୁଦି ଗୌରବ୍ତୁ ମିସାତିମାନିଦେର୍ ।
28 ଆୟ୍ୟାଉଣ୍ତିଙ୍ଗ ମାପୁ ୱିଜେରି ଲାକ୍ତୁ କ୍ରିସ୍ତୁଙ୍ଗ ପ୍ରଚାର୍ କିଜିନାପ୍, ମାରି ୱିଜୁ ଲୋକାଙ୍ଗ ସେତେନା ମାରି ପୁରା ବୁଦି ୱାଲେ ସିକିୟ୍ୟା ସିଜିନାପ୍, ଏଣ୍ତେସ୍ ମାପୁ ୱିଜୁ ଲୋକାଙ୍ଗ କ୍ରିସ୍ତୁଦି ୱାଲେ ମିସା କିଜି ଅରେନ୍ ପୁରାନେଗି ଲୋକ୍ ୱାଜା ମାପୁରୁଦି ଆଗ୍ଡ଼ି ତାତେଙ୍ଗ ଆଟ୍ନାପ୍ ।
29 ଇୟ୍ୟାତାନିଙ୍ଗ ପୁରା କିନି ଉଣ୍ତିଙ୍ଗ ନା ମାନୁ ପାଣିସିନିସାକ୍ତି ମାନିଙ୍ଗ କ୍ରିସ୍ତୁସିତିମାନି ପେରି ସାକ୍ତିଦିଙ୍ଗ ବ୍ୟବ୍ଆର୍ କିଜିନାନ୍ ସାନିଜିନିୱାଜା ସେସ୍ଟା ନି କାସ୍ଟୁପାଣି କିଜିନା ।

**2** ମି ଉଣ୍ତିଙ୍ଗ, ଲାଅଦିକିଆଦି ଲୋକୁ ମାରି ନାଙ୍ଗୁଁ ନିଜେଦିଙ୍ଗ ଚିନିସ୍କିଇ ମାନି ୱିଜୁ ଲୋକା ଉଣ୍ତିଙ୍ଗ ନାନ୍ ଜେ ଏସା କାସ୍ଟୁପାଣି କିଜିନା, ଇକା ମିର୍ ନେସ୍ନିଦେର୍ ଇଜିନା ଇଚ୍ଛା ।
2 ନା ଉଦେସ୍ ଇକା, ଏଣ୍ତେସ୍ ମିର୍ ୱିଜୁଲୋକୁ ୱେଡ଼ିକା ଆନିଦେର୍, ମାରି ୱାର୍ ନିଜେନିଜେଦି ୱାଲେ ଜିବନ୍‌ନୋନିମାନୁ ମିସାନିଦେର୍ ମାରି ସତ୍ତି ବୁଦି ପୟ୍ଜି ସତ୍ତିୱାଜା ୱିଜୁ ଦନ୍ତି ପୁରା ଅଦିକାରି ଆନିଦେର୍, ଇୟ୍ୟାଉଣ୍ତିଙ୍ଗ ମିର୍ ୱିଜିଦେର୍ ନେସ୍ନିଦେର୍ ଜେ, କ୍ରିସ୍ତୁନେ ମାପୁରୁଦି ଆୟ୍ୟା ମାର୍ଗିତିମାନି ମାଟା ।
3 ଜିସୁ କ୍ରିସ୍ତ ଆଜିନାନ୍ ଆୟ୍ୟା କୁସିକାଣ୍ତି, ଆମାକା ମାପୁରୁଦି ବୁଦି ମାରି ବୁଦିୱାଜା ୱିଜୁ ମାର୍ଗିତିମାନି ଦନ୍ତି ଗୁଦାମ୍ ରେନାନ୍ ।
4 ଏନ୍ ଏଣ୍ତେସ୍ ମିଙ୍ଗୁଁ ସାଲାକିଦାନ୍ ବାଣ୍ତିସ୍ କିମାକିନ୍ । ଆୟ୍ୟାଉଣ୍ତିଙ୍ଗ ନାନ୍ ଇକା ୱେର୍‌ସିନା ।
5 ଇରିଙ୍ଗ ନାନ୍ ମେନ୍ଦ୍ଲ୍‌ତାନ୍ ସିଲେତିଙ୍ଗ ବା, ଆତ୍ମାଦାନ୍ ନାନ୍ ମି ୱାଲେ ମାନା । କ୍ରିସ୍ତୁଦି ମୁସ୍‌କୁ ଡାଟ୍‌ତାନ୍ ବିସ୍‌ବାସ୍ ଇଡ୍‌ଜି ମିର୍ ଏଣ୍ତେସ୍ ସାନ୍ତି ଆତିମାନିଦେର୍, ଆକା ସୁଡୁଜି ନାନ୍ ୱେଡ଼ିକା ଆଜିନା ।
6 ମାରି, କ୍ରିସ୍ତ ଜିସୁଙ୍କୁ ପ୍ରବୁ ୱାଜା ମାନାତିମାନିଦେର୍, ଆୟ୍ୟାଇସାବ୍‌ତାନ୍ ୱାନି ୱାଲେ ମିସାଜି ଜିଜି ମାଡ଼ିଦୁ,
7 ମି ୱେଲେଙ୍ଗ ୱାନି ମୁସ୍‌କୁ ଡାଟ୍‌ତାନ୍ ଟିଆର୍ କିଜ ଜିବନ୍ ଟିଆର୍ କିଦୁ ମାରି ମିର୍ ପୟ୍‌ତିମାନି ସିକିୟ୍ୟା ଇସାବ୍‌ତାନ୍ ବିସ୍‌ବାସ୍‌ତୁ ନାଣ୍ତ ସାକ୍ତି ଆଦୁ । ମି ଜିବନ୍ ଦନ୍ୟବାଦ ସିନିମାନୁ ବର୍ତି ଆପିତ୍ ।
8 ଜାଗାର୍ତା, ଏନ୍ ଏଣ୍ତେସ୍ ମିଙ୍ଗୁଁ ଲୋକ୍‌ତି ବାୟ୍ୟାକିନିନାନି ବେକାର୍ତି ବୁଦିଦାନ୍ ବେମ୍ରି କିଏନ୍ । ଆୟ୍ୟାୱିଜୁ ବୁଦି କ୍ରିସ୍ତୁଦି ସିକିୟ୍ୟାଦାନ୍ ରେଏତ୍ ମାନାତ୍ । ଆକା ଲୋକା କୁଟୁମ୍‌ତାନ୍ ରିତିନିୟମ୍‌ତି ସିକିୟ୍ୟା ମାରି ସାରାଦୁନିଆ ମୁସ୍‌କୁ ସାସନ୍ କିଜିମାନି ଦୁବେଙ୍ଗଆଙ୍ଗୁଁ ସାକ୍ତି ସିକିୟ୍ୟାଦି ପଲ୍ ।
9 କେବଲ୍ ଲୋକାୱାଜା କ୍ରିସ୍ତୁଦିମାନୁ ନେଗି ଗୁଣ୍ ପୁରାବର୍ତି ତେବାତାମାନାତ୍ ।
10 ୱାନି ୱାଲେ ମିସାତିମାନିଙ୍ଗ ମିର୍ ଜିବନ୍‌ତୁ ପୁରାବର୍ତି ପୟ୍‌ତିମାନିଦେର୍ । ଆଇ ୱିଜୁ ସାକ୍ତି ମାରି ଅଦିକାର୍ ମୁସ୍‌କୁ କ୍ରିସ୍ତୁଦି ସାସନ୍ ନେ ପେରିକା ।
11 କ୍ରିସ୍ତୁଦି ୱାଲେ ମିସାଜିମାନି ଜିବନ୍ ନେ ମି ସୁନ୍ନତ ୱାଜା । ଇୟ୍ୟା ସୁନ୍ନତ ଲୋକ୍‌କିତିକା ଆଏତ୍, ଆକା କ୍ରିସ୍ତୁଦିମାଣ୍ତକୁ ଆତାମାନାତ୍ । ଆକା ଲୋକ୍‌ତିଙ୍ଗ ପାପ୍‌ବର୍ତିମାନି ମେନ୍ଦ୍ଲ୍‌ତି ୱିଜୁ ସାକ୍ତିଦାନ୍ ଡ଼ିସିସ୍ କିନାତ୍ ।
12 ଇରିଙ୍ଗ ଡୁବନ୍ ଅତି ମାଣ୍‌କୁ ମିର୍ କ୍ରିସ୍ତୁଦି ୱାଲେ ମୁସାତିମାର୍‌ଇଦେର୍ ମାରି ଆମା ମାପୁରୁ ୱାନିଙ୍ଗ ସାତିୱାରି ମାଣ୍ତକୁ ନିକ୍‌ତାନ୍, ୱାନି ପାଣିକିତିମାନି ସାକ୍ତିଦାନ୍ ବିସ୍‌ବାସ୍ କିଜି କ୍ରିସ୍ତୁଦି ୱାଲେ ମିର୍ ବା ମାରିଡ଼େସିନିଙ୍ଗୁଁତି ମାନିଦେର୍ ।
13 ମି ପାପ୍ ଉଣ୍ତିଙ୍ଗ ମାରି ମିର୍ ନିୟମ୍‌ତାନ୍ ୱେର୍‌ଏ ଆଜି ଅଣଜିହୁଦି ମାନିଙ୍ଗ ଉନ୍‌ଡ୍ରି ଦେବା ମିର୍ ଜିବନ୍‌ତାନ୍ ସାତି ମାର୍‌ଇଦେର୍; ମାତର୍ ମାପୁରୁ ଇଲେଇ କ୍ରିସ୍ତୁଦି ୱାଲେ ମିଙ୍ଗୁଁ ବା ଜିବନ୍ କିତାମାନାନ୍; ମାପୁରୁ ମା ୱିଜୁ ପାପ୍ କେମା କିତାମାନାନ୍ ।
14 ୱାନ୍ ମା ବିରୁଦ୍‌ତାନ୍ ମାନି ନିୟମ୍‌ତି ଆକୁ ମାରି ଇୟ୍ୟାତାନି ନିତିନିୟମ୍‌ତିଙ୍ଗ କୁସକାଟ୍‌ତୁ ଡ଼ସି ମା ମାଣାନ୍‌କୁ ଆକ କିତାମାନାନ୍ ।
15 ମାରି ଆୟ୍ୟା କୁସକାଟ୍ ମୁସ୍‌କୁ କ୍ରିସ୍ତ ୱିଜୁ ରକମ୍‌ତି ସାକ୍ତି ମାରି ଅଦିକାର୍‌ତାନ୍ ନିଜେଦିଙ୍ଗ ମୁକୁଡ଼ାତା ମାନାନ୍ ମାରି ୱାରିଙ୍ଗ ଜଇଲ୍‌ତୁ ନିରିସି ନିଜେଦି ଜିଣାନି ସନି ସାରିଦୁ ଲୋକା ଆଗ୍ଡ଼ି ୱାରିଙ୍ଗ ସେମାର୍ କିତାମାନାନ୍ ।
16 ଏନ୍ ମି ଉଣିକା, ତିନିକା, ପବିତ୍ରଦିନ୍ ମାରି କଡ଼୍‌କିଲେଜୁ ପଣ୍ତୟ୍, ମାରି ରମ୍‌ନିଦିନ୍ ବିସୟ୍‌ତାନ୍ ଇନି ନିୟମ୍ ବିଚାର୍ କିମାକିର୍ ।
17 ଆୟ୍ୟାୱିଜୁ କେବଲ ୱାଜିନିଦିନ୍‌ତୁ ଗଟାଦେଙ୍ଗ ସୋଲ୍‌ସିମାନି ବିସୟ୍‌ତି ନିଡ଼ିଗା ୱାଜା; କ୍ରିସ୍ତୁନେ ୱିଜୁ ବିସୟ୍‌ତୁ ସତ୍ତିକାନ୍ ।
18 ଆମାକାର୍ ବିସେସ୍ ସୁଣିକା ସାଲାକିଦି ସାନ୍ତି ମାରି ମୁସ୍‌କୁପୁର୍‌ତି ଦୁତ୍ ପୁଜା ମୁସ୍‌କୁ ଦିୟ୍ୟାନ୍ ସିଜି ନିଜେଦିଙ୍ଗ ପେରିକାର୍ ଇନାର୍, ୱାରିଙ୍ଗ ସୁଡୁଜି ମିର୍ ନିଜେଦିଙ୍ଗ ଇସ୍ରିକାନ୍ ଇଜି ଅଡ଼୍‌ବିମାଟ୍ । ଇୟ୍ୟାୱାଜା ଲୋକୁ ନିଜେଦିଙ୍ଗ ଲୋକା ବିସୟ୍ ସିନ୍ତାଦାନ୍ ବେକାର୍‌ତି ଗର୍ବଦାନ୍ କେଇନିକା ଆଜି ତେବାନାର୍ ।
19 ମେନ୍ଦ୍ଲ୍‌ତି ତାଲାଦି ୱାଜା କ୍ରିସ୍ତୁଦିମାଣ୍ତକୁ ୱାର୍ ୱେର୍‌ଏ ଆତାମାନାର୍ । ତାନି ସାଲାକିନି ମେନ୍ଦ୍ଲ୍‌ୱିଜୁ ଗାଟିଙ୍ଗ ମାରି ସିରେଙ୍ଗ ମିରେଙ୍ଗ ଦାନ୍ ନିଜେନିଜେଦି ୱାଲେ ମିସାଜି ମଟାଆନେ ମାରି ମେନ୍ଦ୍ଲ୍ ମାପୁରୁଦି ମାଟା ଇସାବ୍‌ତାନ୍ ପିରିଏନ୍ ।
20 ମିର୍ ଜଦି କ୍ରିସ୍ତୁଦି ୱାଲେ ସାତି ମାନିଦେର୍ ମାରି ଇୟ୍ୟା ଦୁନିଆଦି ସିକିୟ୍ୟାଦାନ୍ ମୁସ୍‌କୁ ସାସନ୍ କିଜିମାନି ସାକ୍ତିଆଙ୍ଗୁଁ ମାଣ୍‌କୁ ମୁକୁଡ଼ାତିମାନିଦେର୍ । ଆର୍‌ତିଙ୍ଗ ଏନ୍ଦ୍ରା ମିର୍ ଦୁନିଆଦି ଲୋକା ୱାଜା ଜିବନ୍ କାଟେକିଜିନିଦେର୍? ଏନ୍ଦ୍ରା ମିର୍ ଇୟ୍ୟାୱାଜା ରୀତିନିୟମ୍ ମାନାଜିନିଦେର୍,
21 “ଇକା ଆସ୍‌ମାଟ୍, ଆକା ଉଣ୍ତମାଟ୍, ଆକା ମୁଟ୍‌ମାଟ୍?”
22 ଇୟ୍ୟାୱିଜୁ ବିସୟ୍ ୱିଜ୍‌ନିକା । ଇକା ବ୍ୟବ୍‌ହାର୍ ଆନି ଦାପେ ଦାପେ ଦାରାସିଲିକା ଆନାତ୍ । ଇୟ୍ୟାୱିଜୁ କେବଲ ଲୋକ୍ ଟିଆର୍‌କିତି ନିୟମ୍ ମାରି ସିକିୟ୍ୟା ।
23 ମାରିବା ମୁସ୍‌କୁପୁର୍‌ତି ଦୁତ୍ ପୁଜା, ସାଲାକିଦି ଦାର୍ମୁ ମାରି ଆତ୍ମାକାସ୍ଟ କିନି ଉଣ୍ତିଙ୍ଗ ୱେର୍‌ସିମାନି ଇୟ୍ୟାୱିଜୁ ନିୟମ୍‌କୁ ନାଣ୍ତ ବୁଦିଦାନ୍ ନେସ୍‌ତାମାନା ଇଜି ଏତ୍ ୱାନାତ୍; ମାତର୍ ମେନ୍ଦ୍ଲ୍‌ତି ପାଣିଦିଙ୍ଗ ନାସ୍ଟ କିନି ଉଣ୍ତିଙ୍ଗ ଇୟ୍ୟାୱାନିକା ସାକ୍ତି ସିଲେତ୍ ।

**3** ମିର୍ ଏସ୍କାଙ୍ଗ କ୍ରିସ୍ତୁଦି ୱାଲେ ସାତିମାଣ୍ତକୁ ନିଙ୍ଗୁଁତି ମାନିଦେର୍, ଆଦେଙ୍ଗ ମୁସ୍‌କୁପୁର୍‌ତି ବିସୟ୍‌ତି ଉଣ୍ତିଙ୍ଗ ମନ୍ ସିଦୁ, ଇରିଙ୍ଗ କ୍ରିସ୍ତ ମୁସ୍‌କୁପୁର୍‌ତୁ ମାପୁରୁଦି ଉଣି ତରିନ୍ ବାସ୍‌ତାମାନାନ୍ ।
2 ଦୁନିଆଦି ବିସୟ୍‌ତି ଉଣ୍ତିଙ୍ଗ ମନ୍ ସିଏଣ୍ଗା ମୁସ୍‌କୁପୁର୍‌ତି ବିସୟ୍

ଉଣ୍ତିଙ୍ଗ ମନ୍ ସିଦୁ । 3 ଇରିଙ୍ଗ ମିର୍ ସାତି ମାନିଦେର୍, ମାରି ମି
ଜିବନ୍ ମାପୁରୁଦିମାନୁ କ୍ରିସ୍ତୁଦି ୱାଲେ ନେଗେନ୍‌ତାନ୍ ମାନାତ୍
। 4 ମା ଜିବନ୍ ୱାଜା ଜେ କ୍ରିସ୍ତୁନେ, ମାରି ଏସ୍ତିୱାଲେ ୱାନ୍
ତରାୟାଆନାନ୍, ନାସ୍ତିୱାଲେ ମିର୍ ବା ୱାନି ୱାଲେ ଗୌରବ୍‌ତାନ୍
ତରାୟାଆନିଦେର୍ । 5 ମି ଜିବନ୍‌ତୁ ପାଣିକିନିକା ଦୁନିଆଦି
ପାଣିଙ୍ଗ ଅର୍ଥାତ୍ ଦାରିପାଣି, ତାଗ୍‌ଇସିନ୍ତା, ମନ୍‌ତୁ ଲାଲାୟ୍‌ଆନିକା,
ଲାଲାୟ୍‌ଆନିକା ମାରି ଲବ୍‌ତିଙ୍ଗ ମିର୍ ସାପିସ୍ କିଦୁ । ଲବ୍ ବମା
ପୁଜାଦି ଉନ୍‌ଡ୍ରି ରୁପ୍ । 6 ଇୟାୱିଜୁ ବିସୟ୍‌ଦୁ ମାନ୍‌ଜି ଆମାକାର୍
ମାପୁରୁଙ୍ଗ ମାନାଏର୍, ୱାରି ମୁସ୍‌କୁ ମାପୁରୁ ରିସା ଆନାନ୍ । 7
ଅର୍‌ଲେନ୍ ମିର୍ ବା ଇୟାୱିଜୁ ବିସୟ୍‌ତୁ ମାନାଜି ଆୟାୱାଜା
ଜିଜି ମାଡ଼ିଜି ମାର୍‌ଇଦେର୍ । 8 ମାତର୍ ଇଲେଇ ମିର୍ ବା
ଇୟାୱିଜୁ ବିସୟ୍‌କୁ ଇନ୍‌ଡ୍ରେଙ୍ଗ ସରିଙ୍ଗ: ରିସା, ଆକାର୍, କାଡ଼୍‌ନିକା
ଡ଼ିସ୍‌ତେଙ୍ଗ ପଡ଼ାନାତ୍ । ମି ୱେୟୁଦାନ୍ ତାଗ୍‌ଇ ମାଟେଙ୍ଗ ମାରି
ତାଗ୍‌ଇ ବାସା ମୁଡୁକେ ଇନ୍‌ମାଟ୍ । 9 ନିଜେନିଜେଦିଙ୍ଗ ମିଟ୍
ଇନ୍‌ମାଟ୍, ଇରିଙ୍ଗ ମିର୍ ପାଡ଼ିଇ ଗୁଣୁ ମାରି ତାନି ବ୍ୟବ୍‌ହାର୍
ଡ଼ିସ୍‌ତିମାନିଦେର୍, 10 ମାରି ପୁନି ଗୁଣ୍ ଆସ୍‌ତିମାନିଦେର୍ ।
ଲୋକ୍‌ତି ଇୟା ପୁନିପାଣି, ତିଆର୍‌କିତି ମାପୁରୁ ନିଜେଦି ମୁର୍ତି
ଇସାବ୍‌ତାନ୍ ପାଣି କିଜିନାନ୍ । ଇୟାଉଣ୍ତିଙ୍ଗ ମିର୍ ୱାନି ବିସୟ୍‌ତାନ୍
ପୁରା ବୁଦି ପୟ୍‌ଜିନିଦେର୍ । 11 ଇୟାୱାଜା ଜିହୁଦି, ଅଣଜିହୁଦି,
ସୁନ୍ନତ ମାରି ଅସୁନ୍ନତ, ନିଜେଦି ଦେସ୍, ଆଇଦେସ୍, ଗତିମୁରୁଲି
ମାରି ଆରେଏମାନି ଲୋକ୍‌ତି ଲୋଇ ଆମାଇନି ଅଲଗା ସିଲେଟ୍
। ମାତର୍ କ୍ରିସ୍ତୁ ୱିଜେରିମାନୁ ମାନାନ୍ ମାରି ୱାନ୍ ଆଜିନାନ୍
ୱିଜୁୱିଜୁନେ । 12 ମାରି, ମିର୍ ମାପୁରୁଦି ଲୋକୁ । ୱାନ୍ ମିଙ୍ଗିଁ
ଜିବନ୍‌ନୋଜି ନିଜେଦି ଉଣ୍ତିଙ୍ଗ ଆସ୍‌କିତାମାନାନ୍ । ଆଦେଙ୍ଗ ମିର୍
ସିଡ଼୍‌ଡ଼ି ଜିବନ୍, ଦୟା, ସାନ୍ତି, କରୁଣା ମାରି ସାହାସ୍‌ତିନାନି ଆଙ୍ଗିଁ
ଆରାଦୁ । 13 ନିଜେନିଜେଦି ଉଣ୍ତିଙ୍ଗ ମିସାବିଡ଼ା ଆଦୁ, ମାରି ଜଦି
ଆଇ ଏମେୱାନି ବିରୁଦ୍‌ତାନ୍ ଇନି ମାଟା ମାର୍‌ଇଙ୍ଗିଁ, ଆର୍‌ତିଙ୍ଗ
ନିଜେନିଜେଦିଙ୍ଗ କେମା କିଦୁ । ପ୍ରବୁ ଏଣ୍ତେସ୍ ମିଙ୍ଗିଁ କେମା
କିତାମାନାନ୍, ମିର୍ ବା ଆୟାୱାଜା ନିଜେନିଜେଦିଙ୍ଗ କେମା କିଦୁ
। 14 ମାରି ଇୟାୱିଜୁ ଗୁଣୁ ୱାଲେ ଜିବନ୍‌ନୋନିକା ମିସାକିଦୁ ।
ଜିବନ୍‌ନୋନିକା ୱିଜୁ ବିସୟ୍‌ତିଙ୍ଗ ମିସାକିଜି ଉନ୍‌ଡ୍ରେମାନୁ କିନାତ୍
। 15 କ୍ରିସ୍ତୁସିତିମାନି ସାନ୍ତି ମି ଜିବନ୍‌ତିଙ୍ଗ ସାଲାକିପିତ୍; ଇରିଙ୍ଗ
ଇୟା ସାନ୍ତି ଉଣ୍ତିଙ୍ଗ ମାପୁରୁ ମିଙ୍ଗିଁ ଅରେସ୍‌ୱାଜା ଉନ୍‌ଡ୍ରେ ମେନ୍ଧ୍‌ଲ୍
ଆନି ଉଣ୍ତିଙ୍ଗ କୁକ୍‌ତାମାନାନ୍ । ୱିଜୁଦିନ୍ ଦନ୍ୟବାଦ୍ ସିଦୁ । 16
କ୍ରିସ୍ତୁଦି ବାକ୍ୟ ନାଣ୍ତୁଦାନ୍‌ନାଣ୍ତୁ ମି ଜିବନ୍‌ତୁ ବାସା କିପିତ୍; ମିର୍
ନିଜେନିଜେଦିଙ୍ଗ ପୁରା ବୁଦିଦି ୱାଲେ ସିକିୟା ମାରି ସତେନେ ସିଦୁ
। ମାରି ଆତ୍ମିକ ମାପୁରୁଦି ଉଦେସ୍‌ତାନ୍ ପାଟା ପାର୍‌ଦୁ, ଆରାଦନା
କିଦୁ, ମାରି ଦନ୍ୟବାଦ୍‌ଦାନ୍ ୱେଡ଼ିକାଦି ଜିବନ୍‌ତାନ୍ ପାଟା ପାର୍‌ଦୁ
। 17 ମାରି, ବାକ୍ୟ ସିଲିତିଙ୍ଗ ପାଣିଦାନ୍ ମିର୍ ଆମାକା ଇନିକା
କିଦୁ, ଆୟାୱିଜୁ ପ୍ରବୁ ଜିସୁଦି ଦର୍‌ତାନ୍ କିଜି ୱାନିମାଣୁକୁ ବୁବା
ମାପୁରୁଙ୍କୁ ଦନ୍ୟବାଦ୍ ସିଦୁ । 18 ଏ ଆଇମେକ୍, ମି କନ୍‌ଲିରି
ଆଡ଼୍‌ଗି ତେବାଦୁ, ଇରିଙ୍ଗ ପ୍ରବୁ ଜିସୁ କ୍ରିସ୍ତୁଦି ୱେନ୍‌କାସନି ୱାଜା
ଇକା ମି ପାଣି । 19 ଏ କନ୍‌ଲିରି, ନିଜେ ନିଜେଦି ଆଇମେକାଙ୍ଗୁଁ
ଜିବନ୍‌ନୋନାଦୁ, ୱାନିକା ଉଣ୍ତିଙ୍ଗ ତାଗ୍‌ଇ ବ୍ୟବ୍‌ହାର୍ କିମାଟ୍ । 20
ଏ କଡ଼ର୍ ଆଇଲିକ୍, ୱିଜୁଦିନ୍ ମି ବୁବା ୟାୟାରି ମାଟା ଆସ୍‌ତୁ,
ଇକା ମି କ୍ରିସ୍ଚାନ୍‌ତି ପାଣି, ଇରିଙ୍ଗ ଇବେନୁ ମାପୁରୁ ୱେଡ଼ିକା
ଆନାନ୍ । 21 ଏ ବୁବାୟାୟାର୍, ନିଜେ ନିଜେଦି କଡ଼ରିଙ୍ଗ ରିସା
କିମାଟ୍, ଏଣ୍ତେସ୍ ୱାର୍ ୱେଡ଼ିକା ଆଏର୍ । 22 ଏ ଗତିମୁରୁଲିର୍,
ୱିଜୁ ବିସୟ୍‌ତୁ ମି ମାଲିକ୍‌କା ମାଟା ଆସ୍‌ତୁ । ୱାର୍ ମି ଉଣ୍ତିଙ୍ଗ
ସୁତୁଜି ମାନିୱାଲେ ୱାରିଙ୍ଗ ୱେଡ଼ିକା କିନି ଉଣ୍ତିଙ୍ଗ ସିଲେ, ମାତର୍
ପ୍ରବୁଦି ଉଣ୍ତିଙ୍ଗ ମି ଟିଲାଏତାନ୍ ଟିର୍ ଜିବନ୍‌ତାନ୍ ଇକା କିଦୁ
। 23 ମିର୍ ଆମାକା ଇନିକା କିନିଦେର୍, ପ୍ରବୁଦି ଉଣ୍ତିଙ୍ଗ କିତି
ୱାଜା ଜିବନ୍‌ତି ୱାଲେ ଆକା କିଦୁ, ଲୋକା ଉଣ୍ତିଙ୍ଗ କିତି ୱାଜା
କିମାଟ୍ । 24 ମନେଇଡ଼୍‌ଦୁ, ମାପୁରୁ ତାମି ଲୋକା ଉଣ୍ତିଙ୍ଗ ଆମାକା
ଇଟ୍‌ତାମାନାନ୍, ଆକା ୱାନ୍ ମିଙ୍ଗିଁ ପୁରସ୍କାର୍ ୱାଜା ସିନାନ୍ । ମିର୍
ପ୍ରବୁ କ୍ରିସ୍ତୁଦିଙ୍ଗନେ ସେବା କିଜିନିଦେର୍ । 25 ମାରି ଏନ୍ ଅନ୍ୟାୟ୍
କିନାନ୍, ୱାନ୍ ନିଜେଦି ଅନ୍ୟାୟ୍‌ଦି ବାଦ୍‌ଲୁ ଦଣ୍ତ ପୟ୍‌ନାନ୍; ଇରିଙ୍ଗ
ମାପୁରୁ ସାମାନ୍‌ତାନ୍ ୱିଜେରି ବିଚାର୍ କିନାନ୍ ।

4 ଏ ମାଲିକ୍‌କୁ, ମୁସ୍‌କୁପୁର୍‌ତୁ ମି ଉଣ୍ତିଙ୍ଗ ବା ପ୍ରବୁ ମାନାନ୍ ଇଜି
ନେସ୍‌ସି ନିଜେ ନିଜେଦି ଗତିମୁରୁଲିଙ୍ଗିଁ ଉଣ୍ତିଙ୍ଗ ନ୍ୟାୟ୍ ମାରି
ସାମାନ୍‌ତାନ୍ ସୁଡ଼୍‌ଦୁ । 2 ୱିଜୁୱାଲେ ପାର୍‌ତାନାଦାନ୍ ଜିଜି ମାଡ଼ିଦୁ
ମାରି ମାପୁରୁଦି ଦନ୍ୟବାଦ୍ କିଜି ପାର୍‌ତାନାଦୁ ଜାଗାର୍‌ତା ତେବାଦୁ
। 3 କ୍ରିସ୍ତୁଦି ମାର୍‌ଗିତି ମାଟା ପ୍ରଚାର୍ କିନି ଉଦେସ୍‌ତାନ୍ ମାପୁରୁ
ଏଣ୍ତେସ୍ ମାଙ୍ଗିଁ ସାରି ସିନାନ୍, ଆୟାଉଣ୍ତିଙ୍ଗ ବା ପାର୍‌ତାନା କିଦୁ ।
ଆମା ବାକ୍ୟ ପ୍ରଚାର୍ କିତି ଉଣ୍ତିଙ୍ଗ ନାନ୍ ଇଲେଇ ଜଇଲ୍‌ତୁ ମାନା ।
4 ପାର୍‌ତାନା କିଦୁ, ଏଣ୍ତେସ୍ ନାନ୍ ଟିକ୍‌ତାନ୍ ମାରି ନେଗେନ୍‌ତାନ୍
ଆକା ପ୍ରଚାର୍ କିଦେଙ୍ଗ ଆଟ୍‌ନା । 5 ସୁଜୋଗ୍‌ତି ସତ୍ ବ୍ୟବ୍‌ହାର୍
କିଜି ଅବିସ୍‌ବାସ୍‌ରି ଲୋକା ଲାକ୍‌ତୁ ବୁଦିଦାନ୍ ନେଗେନ୍‌ତାନ୍
ସାଲାବୁଲାଦୁ । 6 ମି ମାଟା ୱିଜୁଦିନ୍ ଦୟା ୱାଜା ସାୱି ମାରି
ମୋନ୍‌ତିଙ୍ଗ ୱେଡ଼ିକାକିନିକେଙ୍ଗ ଆପିଟ୍ । ୱିଜେରିଙ୍ଗ ଏଣ୍ତେସ୍
ଟିକ୍ ଉତର୍ ସିଦେଙ୍ଗ ଆଟ୍‌ନିଦେର୍, ଇୟା ମାଟା ମିର୍ ନେସ୍‌ନିକା
ଦର୍‌କାର୍ ମାନାତ୍ । 7 ଲାଡ଼୍‌ତି ତଡ଼ାନ୍, ପ୍ରବୁଦି ପାଣିଦୁ ବିସ୍‌ବାସ୍‌ତି
ସେବାକିନିକାନ୍ ମାରି ନା ୱାଲେ ଅର୍‌ସେ ସେବାକିନିକାନ୍ ଜେ
ତୁକିକ, ୱାନ୍ ନା ୱିଜୁ ବିସୟ୍ ମିଙ୍ଗିଁ ୱେର୍‌ନାନ୍; 8 ମାପୁ ଏଣ୍ତେସ୍
ମାନାପ୍, ୱିଜୁ ବିସୟ୍ ୱେର୍‌ସି ମିଙ୍ଗିଁ ୱେଡ଼ିକା ସିନି ଉଣ୍ତିଙ୍ଗ ନାନ୍
ୱାନିଙ୍ଗ ମି ଲାକ୍‌ତୁ ପୋକ୍‌ତାଜିନା । 9 ୱାନି ୱାଲେ ନାନ୍
ବିସ୍‌ବାସ୍‌ତି ମାରି ଲାଡ଼୍‌ତି ତଡ଼ାନ୍ ଅନିସିମସ୍‌ଦିଙ୍ଗ ପୋକ୍‌ତାତା,
ୱାନ୍ ମି ଲୋଇରାନ୍ ଅରେନ୍ । ୱାର୍ ମିଙ୍ଗିଁ ଇୟା ବାଡିଦୁ
ଗଟାଜିମାନି ୱିଜୁ ମାଟା ୱେର୍‌ନାନ୍ । 10 ନା ୱାଲେ ଅର୍‌ସେ
ଜଇଲ୍‌ତୁ ମାର୍‌ଇ ଆରିସ୍ଟାର୍କସ୍ ମାରି ୱାନି ୱାଲେ ବର୍ଣ୍ଣବାଦି
କୁଟୁମ୍‌ତି ତଡ଼ାନ୍ ମାର୍କ ବା ମିଙ୍ଗିଁ ନମସ୍କାର୍ ଜାଣେକିଜିନାନ୍ ।
ମାର୍କ ମି ଲାକ୍‌ତୁ ୱାତିଙ୍ଗ ୱାନିଙ୍ଗ ନେଗେନ୍ କୁକ୍‌ତୁ, ଇୟା ଆଦେସ୍

ମିଙ୍ଗଁ ଆଗ୍ଡ଼ିରାନ୍ନେ ୱେର୍ତାମାନାର୍ । 11 ମାରି, ଯୁସ୍ତ ଦର୍ଦାନ୍
ଜାଣାସିନା ଯିହୋଶୁୟ୍ ବା ମିଙ୍ଗଁ ନମସ୍କାର୍ ଜାଣେକିଜିନାନ୍;
କ୍ରିସ୍ଟାନ୍ ଦର୍ମ ମାନାତିମାନିକାର୍ କେବଲ ଇୟ୍ଯା ମୁଏର୍ ଜିହୁଦି
ମାପୁରୁଦି ରାଜି ଉଣ୍ତ୍ରିଙ୍ଗ ନା ୱାଲେଅର୍ସେ ପାଣିକିନିକାନ୍ ଆଜି
ନାଙ୍ଗଁ ନାଣ୍ତ୍ରୁ ସାହାଜ୍ୟ କିତାମାନାର୍ । 12 ମି ଦଲ୍ତି ମାରି ଅରେନ୍
ଲୋକ୍ ମାରି କ୍ରିସ୍ତ ଜିସୁଦି ସେବାକିନି ଏପାଫ୍ରା ବା ନମସ୍କାର୍
ଜାଣେକିଜିନାନ୍ । ଏଣ୍ତ୍ରେସ୍ ମିର୍ ଟିକ୍ ମାରି ମାପୁରୁଦି ୱିଜୁ ବଦା
ବିସୟ୍ତାନ୍ ପୁରା ମାନାଜି ଡାଟ୍ କ୍ରିସ୍ତ ବିସ୍ବାସି ୱାଜା ଦୁଙ୍ଗଁଏଣ୍ଗା
ନିନ୍ଡ୍ରେଙ୍ଗ ଆଟ୍ନିଦେର୍, ଆୟ୍ଯାଉଣ୍ତ୍ରିଙ୍ଗ ୱାନ୍ ୱିଜୁଦିନ୍ ମାପୁରୁଦି
ଲାକ୍ତୁ ସାନିଜିନିୱାଜା ସାକ୍ତିଦି ପାର୍ତାନା କିଜିନାନ୍ । 13
ଇରିଙ୍ଗ ୱାନ୍ ମି ଉଣ୍ତ୍ରିଙ୍ଗ ମାରି ଲାଅଦିକିଆ ମାରି ହିଏରାପଲିଦି
ଲୋକା ଉଣ୍ତ୍ରିଙ୍ଗ, ୱାନ୍ କିତିମାନି କାସ୍ଟପାଣି ବିସୟ୍ତାନ୍ ନାନ୍
ନିଜେ ଇୟ୍ଯା ସାକ୍ୟ ୱେର୍ସିନା । 14 ଲାଡ୍ତି ଡାକ୍ତର୍ ଲୁକ
ମାରି ଦିମା ମିଙ୍ଗଁ ନମସ୍କାର୍ ଜାଣେକିଜିନାର୍ । 15 ଲାଅଦିକିଆଦୁ
ମାନି ତଡ଼ାନ୍କୁ ନି ତାଙ୍ଗଁକି, ତାଙ୍ଗଁ ନୁମ୍ଫା ମାରି ତାମି ଇନ୍ଡ୍ର
ଉନ୍ଡ୍ରେମାନୁ ଆଜିମାନି ମଣ୍ତ୍ରଲିଦି ୱିଜେରିଙ୍ଗ ମା ନମସ୍କାର୍
ଜାଣେକିଦୁ । 16 ମାରି, ମିର୍ ଏଣ୍ତ୍ରେସ୍ ଇୟ୍ଯା ଆକୁ ପଡ଼ାତି
ୱିସ୍ତିଙ୍ଗ ଲାଅଦିକିଆ ମଣ୍ତ୍ରଲିଦୁ ବା ଏଣ୍ତ୍ରେସ୍ ଇକା ପଡ଼ାଦେଙ୍ଗ
ଆଟ୍ନାର୍, ମାରି ଲାଅଦିକିଆଦି ମଣ୍ତ୍ରଲିଦି ତଡ଼ାନ୍କୁ ନି ତାଙ୍ଗଁକି
ମି ଲାକ୍ତୁ ଆମା ଆକୁ ପୋକ୍ତାନାର୍, ଆକା ମିର୍ ବା ଏଣ୍ତ୍ରେସ୍
ପଡ଼ାଦେଙ୍ଗ ଆଟ୍ନିଦେର୍, ଇୟ୍ଯାଉଣ୍ତ୍ରିଙ୍ଗ ଜାତୁନ୍ ଆଦୁ । 17 ମାରି
ଆର୍କିପତିଙ୍ଗ ୱେର୍ନି, "ପ୍ରବୁଦି ସେବା କିନି ଉଣ୍ତ୍ରିଙ୍ଗ ମିଙ୍ଗଁ ଆମା
ଦାଇତ୍ ସିଆୟ୍ଆତାମାରାତ୍, ଆକା ଏଣ୍ତ୍ରେସ୍ ୱାଜାବା ୱିସ୍ତୁ ।"
18 ନାନ୍ ପାଉଲ ନା ନିଜେଦି କିୟୁଦାନ୍ ଇୟ୍ଯା ନମସ୍କାର୍ ରାସ୍ସିନା
। ନା ଜଇଲ୍ତି ଅବସ୍ତାଦିଙ୍ଗ ବାଣାମାଟ୍ । ମାପୁରୁଦି ଦୟ୍ଯା ମି
ୱିଜେରି ଲାକ୍ତୁ ମାନିତ୍ ।

# ୧ ତେସଲନିକିୟ

1 ପାଉଲ, ସିଲା ମାରି ତିମତିଦି ଲାକ୍‌ତୁ ତେସଲନିକିଆଦୁ ମାନି
ବୁବା ମାପୁରୁ ମାରି ପ୍ରବୁ ଜିସୁ କ୍ରିସ୍ତଦି ବିସ୍‌ବାସ୍‌ତି ମଣ୍ତ୍ରଲିଦୁ
ଇୟା ଆକୁ । ବୁବା ମାପୁରୁ ମାରି ପ୍ରବୁ ଜିସୁ କ୍ରିସ୍ତଦି ଦୟା ମାରି
ସାନ୍ତି ମି ଉଣ୍ତ୍ରିଙ୍ଗ ଆପିତ୍ । 2 ମାପ୍ ୱିଜୁଦିନ୍ ମି ୱିଜୁଲୋକାଙ୍ଗ
ଉଣ୍ତ୍ରିଙ୍ଗ ମାପୁରୁଙ୍ଗ ଦନ୍ୟବାଦ୍ ସିଜିମାନାପ୍ ମାରି ମା ପାର୍‌ତନାଦୁ
ମି ବିସୟ୍‌ତାନ୍ ୱିଜୁଦିନ୍ ୱେର୍‌ସିମାନାପ୍ । 3 ମା ବୁବା ମାପୁରୁଦି
ଲାକ୍‌ତୁ ଏତ୍‌କିଜି ମାନାପ୍, ଏଣ୍ତ୍ରେସ୍ ମିର୍ ନିଜେଦି ବିସ୍‌ବାସ୍‌ତିଙ୍ଗ
ପାଣିଦୁ ତର୍‌ସିନିଦେର୍, ଜିବନ୍‌ନୋଜି ମିସାଜି ଏଣ୍ତ୍ରେସ୍ ଆଟ୍‌ୱା
ପାଣି କିଜିନିଦେର୍ ମାରି ମା ପ୍ରବୁ ଜିସୁ କ୍ରିସ୍ତଦି ଲାକ୍‌ତୁ ମି ଆସା
ଏଣ୍ତ୍ରେସ୍ ଆଟ୍‌ୱା । 4 ଏ ନା ତଡ଼ାନ୍‌କୁ ନି ତାଙ୍ଗିଁକି! ମାପ୍ ନେସ୍‌ନାପ୍
ଜେ, ମାପୁରୁ ମିଙ୍ଗିଁ ଜିବନ୍‌ନୋନାନ୍ ମାରି ୱାନି ନିଜେଦି ଲୋକ୍
ଆନି ଉଣ୍ତ୍ରିଙ୍ଗ ମିଙ୍ଗିଁ ଆସ୍‌କିତାମାନାନ୍ । 5 ଇରିଙ୍ଗ କେବଲ
ମାଟାଦାନ୍ ଆଏତ୍, ପବିତ୍ରଆତ୍ମାଦି ସାକାଦି ସାକ୍ତିଦି ୱାଲେ,
ନେଗିକାବୁର୍‌ତି ସତ୍‌ତାନ୍ ୱିଜୁନେସ୍‌ନିୱାଜା ୱେର୍‌ସି ମାପ୍ ଆକା
ମି ଲାକ୍‌ତୁ ୱେର୍‌ତାମାର୍ହାପ୍ । ମିର୍ ନେସ୍‌ନିଦେର୍, ମି ୱାଲେ
ମାରିଇୱାଲେ ମାଡ୍ ଏଣ୍ତ୍ରେସ୍ ଜିଜିମାଡ଼ିଜି ମାରିକା; ଏଣ୍ତ୍ରେସ୍
କେବଲ ମି ସାକା ମା ଜିବନ୍‌ତୁ ବଦାମାର୍ହାତ୍ । 6 ମିର୍ ମାଙ୍ଗିଁ ମାରି
ମା ପ୍ରବୁଦି ୱେନ୍‌କା ସର୍‌ଇମାରିଇଦେର୍ ମାରି ନାଣ୍ତ୍ର ଦୁଃକ୍‌କାସ୍ଟ
ବୋଗାତିଙ୍ଗବା ପବିତ୍ର ଆତ୍ମାଦିମାଣାନ୍ ପୟ୍‌ତି ୱେଡ଼ିକାଦି ୱାଲେ
ଆୟା ନେଗିକାବୁର୍ ମାନାତିମାରିଇଦେର୍ । 7 ଇୟାୱାଜା ମିର୍
ମାସିଦୋନିଆ ମାରି ଆକାୟାଦୁ ମାନି ୱିଜୁ ବିସ୍‌ବାସ୍‌ତି ଲୋକା
ଉଣ୍ତ୍ରିଙ୍ଗ ନେଗିସାରି ତର୍‌ନି ଲୋକ୍ ୱାଜା ଆତିମାରିଇଦେର୍ ।
8 ମି ଲାକ୍‌ତୁରାନ୍ ପ୍ରବୁଦି ବାକ୍ୟ ଜେ କେବଲ ମାସିଦୋନିଆ
ଆକାୟାଦୁ ୱେଙ୍ଗିଁତା ମାର୍ହାତ୍, ଆକା ସିଲେ, ମାତର୍ ମାପୁରୁଦି
ଉଣ୍ତ୍ରିଙ୍ଗ ମି ବିସ୍‌ବାସ୍‌ତି ବିସୟ୍ ୱିଜୁ ବାଡିଦୁ ଇୟାୱାଜା ୱେଙ୍ଗିଁତା
ମାର୍ହାତ୍ ଜେ, ଆୟା ବିସୟ୍‌ତାନ୍ ମାଡୁ ଇନିକା ୱେର୍‌ଏତଙ୍ଗ
ଦର୍‌କାର୍ ସିଲେତ୍ । 9 ମାପ୍ ମି ଲାକ୍‌ତୁ ସନିୱାଲେ ମିର୍ ଏଣ୍ତ୍ରେସ୍
ମାଙ୍ଗିଁ ୱେଡ଼ିକାଦାନ୍ କୁକ୍‌ତିମାରିଇଦେର୍ ମାରି ଦିୟାମ୍ ପୁଜା
ଡ଼ିସ୍‌ସି ସତ୍ ମାରି ଜିବନ୍‌ମାନି ମାପୁରୁଙ୍ଗ ଉପାସନା କିଦେଙ୍ଗ
ଆଗ୍‌ଡ଼ି ୱାତିମାର୍‌ଇଦେର୍; 10 ମାରି ଏଣ୍ତ୍ରେସ୍ ମାପୁରୁଦି ରିସାଦାନ୍
ମାଙ୍ଗିଁ ରକିୟାକିନି ଉଣ୍ତ୍ରିଙ୍ଗ, ସାତିମାଣାନ୍ ଜିବନ୍‌ଆଜିନିଙ୍ଗିଁତାନ୍
ୱାନି ମାରିସି ଜିସୁ ମୁସ୍‌କୁପୁର୍‌ତାନ୍ ମାରିଡ଼େସିୱାନିତାନିଙ୍ଗ ମିର୍
କାପ୍‌କିଜି ତେବାତିମାନିଦେର୍, ଇୟାୱିଜୁ ବିସୟ୍‌ତାନ୍ ଆବେଣି
ଲୋକୁ ୱାର୍‌ଗିଜିସାଜି ମାର୍ହାର୍ ।

2 ଏ ନା ତଡ଼ାନ୍‌କୁ ନି ତାଙ୍ଗିଁକି! ମିର୍ ନିଜେ ନେସ୍‌ନିଦେର୍
ଜେ, ମି ଲାକ୍‌ତୁ ମା ୱାନିକା ଆର୍‌ଏ ସିଲେ । 2
ତେସଲ୍‌ନିକାଦୁ ମି ଲାକ୍‌ତୁ ୱାନିଆଗ୍‌ଡ଼ି ପିଲିପିତୁ ମା ଉଣ୍ତ୍ରିଙ୍ଗ
ଏଣ୍ତ୍ରେସ୍ ତାଗ୍‌ଇ ବ୍ୟବହାର୍ ମାରି ନିନ୍ଦା କିଆୟ୍‌ଆତାମାର୍ହାର୍,
ଆକା ମିର୍ ନେସ୍‌ନିଦେର୍ । ମାରିବା ନାଣ୍ତ୍ର ବିରୋଦ୍ କିତିଙ୍ଗବା,
ମାପୁରୁଦିମାଣାନ୍ ପୟ୍‌ତିମାନି ସୁସମାଚାର୍ ମିଙ୍ଗିଁ ୱେର୍‌ନି ଉଣ୍ତ୍ରିଙ୍ଗ
ୱାନ୍ ମାଙ୍ଗିଁ ବପୁ ସିତାମାର୍ହାନ୍ । 3 ଇନିକା ବାୟା ନି ଅଦାର୍ମୁଦି
ୱାଜା ତାସି ମାପ୍ ମି ଲାକ୍‌ତୁ ମା ମାଟା ୱେର୍‌ଏପ୍‌ମାର୍ହାପ୍, ମାରିବା
ମିଙ୍ଗିଁ ଟକେ କିଦେଙ୍ଗ ଇନିକାବା ସାଲାକିଦି ୱାଜା କିଏପ୍‌ମାର୍ହାପ୍ ।
4 ମାତର୍ ମାପୁରୁଦି ବଦାଦି ମାଟା ମାପ୍ ୱିଜୁଦିନ୍ ୱେର୍‌ସିମାନାପ୍,
ଇରିଙ୍ଗ ୱାନ୍ ମାଙ୍ଗିଁ ବଦାକିଜି ମା ମୁସ୍‌କୁ ନେଗିକାବୁର୍ ୱେର୍‌ଏତଙ୍ଗ
ଦାଇତ୍ ସିତା ମାର୍ହାନ୍ । ଲୋକାଙ୍ଗ ୱେଡ଼ିକା କିନିକା ମା ବଦା
ସିଲେତ୍ । ଆମା ମାପୁରୁ ମା ମୋନ୍‌ତି ଅଡ଼୍‌ବିନିକା ପରିକା କିଜି
ସୁଡୁନାନ୍, କେବଲ ୱାନିଙ୍ଗ ୱେଡ଼ିକା କିନି ଉଣ୍ତ୍ରିଙ୍ଗ ମାପ୍ ସେସ୍ଟା
କିଜିନାପ୍ । 5 ମିର୍ ନେଗେନ୍‌ତାନ୍ ନେସ୍‌ତୁ ଜେ, ସୁରିମାଟା
ୱେର୍‌ସି ମି ଲାକ୍‌ତୁ ରେଏପ୍ ମାର୍ହାପ୍, ମାରି ମା ଲୋବ୍‌ତିଙ୍ଗ
ଆଡ଼ିକ୍‌ନି ଉଣ୍ତ୍ରିଙ୍ଗ ମି ଲାକ୍‌ତୁ ସାଲାକି ବ୍ୟବ୍‌ହାର୍ କିଏପ୍ ମାର୍ହାପ୍,
ଇୟା ବିସୟ୍‌ତାନ୍ ମାପୁରୁ ମା ସାକି । 6 ମାପ୍ ମିମାଣାନ୍ ମାରି
ଆଇୱାରିମାଣୁକୁ ପ୍ରସଂସା ପୟ୍‌ଦେଙ୍ଗ ଇଜି ମାପ୍ ବଦା କିଏପ୍
ମାର୍ହାପ୍, 7 ମାରିବା କ୍ରିସ୍ତଦି ପ୍ରେରିତ ସିସୁ ୱାଜା ମାପ୍ ମିମାଣୁକୁ
ଆକା ଦାବି କିଦେଙ୍ଗ ଆଟ୍‌ତାପ୍‌ମାନ୍ଦି । ମାତର୍ ୟାୟା ଏଣ୍ତ୍ରେସ୍
ନିଜେଦି କଡ଼କକ୍ରାରିଙ୍ଗ ଜାତୁନ୍ କିନାମାନାତ୍, ମି ଲାକ୍‌ତୁ ମାର୍‌ଇ
ୱାଲେ ମାପ୍ ମି ଉଣ୍ତ୍ରିଙ୍ଗ ଆୟାୱାଜା ଜିବନ୍‌ନୋତା ମାର୍ହାପ୍ । 8
ମି ଉଣ୍ତ୍ରିଙ୍ଗ ମା ଜିବନ୍‌ନୋନିକା ମାନିଙ୍ଗ ମାପ୍ ଆୟାୱାଜା ମିଙ୍ଗିଁ
ମାପୁରୁଦି ସୁସମାଚାର୍ କେବଲ ଆଏତ୍, ମାତର୍ ନିଜେ ନିଜେଦି
ଜିବନ୍ ବା ସିଦେଙ୍ଗ ବଦା ମାର୍ହାତ୍, ଇରିଙ୍ଗ ମିର୍ ମା ଏସା ତଡ଼୍
ମାର୍‌ଇଦେର୍ । 9 ଏ ତଡ଼ାନ୍‌କୁ ନି ତାଙ୍ଗିଁକି, ମା ପାଣି ମାରି ଆଟ୍‌ୱା
ପାଣି ମି ପୁରା ଏତ୍ ମାନାତ୍, ମି ଲାକ୍‌ତୁ ଏଣ୍ତ୍ରେସ୍ ମାପୁରୁଦି
ନେଗିକାବୁର୍ ୱେର୍‌ନି ୱାଲେ ମି ମୁସ୍‌କୁ ବୋଜୁ ଆଇ ଉଣ୍ତ୍ରିଙ୍ଗ
ମାପ୍ ନାଡ଼ାୱେଡ଼େ କାସ୍ଟପାଣି କିତାମାର୍ହାପ୍ । 10 ମିର୍ ମାରି
ନିଜେ ମାପୁରୁ ମା ସାକି ମି ୱାଜା ବିସ୍‌ବାସ୍‌ୱାରି ଲାକ୍‌ତୁ ମା
ସାଲାବୁଲାନିକା ନେଗିକା, ନ୍ୟାୟ୍‌ବିସାର୍ ମାରି ଦସ୍ ସିଲେତାତ୍
। 11 ମିର୍ ନେସ୍‌ନିଦେର୍, ବୁବା ଏଣ୍ତ୍ରେସ୍ ନିଜେଦି କଡ଼କକ୍ରାରି
ଉଣ୍ତ୍ରିଙ୍ଗ ବ୍ୟବ୍‌ହାର୍ କିତାନ୍‌ମାନ୍ଦି, ମାପ୍ ମି ଉଣ୍ତ୍ରିଙ୍ଗ ଟିକ୍ ଆୟାୱାଜା
ବ୍ୟବ୍‌ହାର୍ କିତାମାର୍ହାପ୍ । 12 ମାପ୍ ମିଙ୍ଗିଁ ସାସ୍ ସିତାମାର୍ହାପ୍, ସାନ୍ତି
ସିତା ମାର୍ହାପ୍, ମାରି ମିର୍ ଏଣ୍ତ୍ରେସ୍ ମାପୁରୁଦି ବଦା ବ୍ୟବ୍‌ହାର୍
କିଜି ୱାନି ରାଜି ମାରି ଗୌରବ୍‌ଦି ବାଗ୍ ଆନି ଉଣ୍ତ୍ରିଙ୍ଗ ୱାନି ମାଟା
ମାନାଦେଙ୍ଗ ଆଟ୍‌ନିଦେର୍, ଇୟାଉଣ୍ତ୍ରିଙ୍ଗ ୱେଡ଼ିକା ସିତାମାର୍ହାପ୍
। 13 ମାପ୍ ୱିଜୁଦିନ୍ ମାପୁରୁଙ୍ଗ ଦନ୍ୟବାଦ୍ ସିଜିମାନାପ୍, ତାନି
ଆଇ ଉନ୍‌ଡ୍ରି ମାଟା ବା ମାନାତ୍ । ମାପ୍ ଏସ୍ତିୱାଲେ ମି ଲାକ୍‌ତୁ
ମାପୁରୁଦି କାବୁର୍ ତାତାମାର୍ହାପ୍, ମିର୍ ଆକା ଲୋକା କାବୁର୍ ଇଜି
ଅଡ଼୍‌ବିଏଣ୍‌ଗା, ମାପୁରୁଦି କାବୁର୍ ୱାଜା ୱେର୍‌ଇମାର୍‌ଇଦେର୍
ମାରି ମାନାତିମାର୍‌ଇଦେର୍ । ସତ୍‌ତାନ୍ ଆକା ମାପୁରୁଦି କାବୁର୍
ମାରି ମି ୱାଜା ବିସ୍‌ବାସ୍‌ରି ଜିବନ୍‌ତୁ ଆକା ପାଣି କିଜିନାତ୍ । 14 ଏ
ତଡ଼ାନ୍‌କୁ ନି ତାଙ୍ଗିଁକି, ଜିହୁଦା ଦେସ୍‌ତୁ ମାନି ଜିସୁଦି ମଣ୍ତ୍ରଲିଆଙ୍ଗିଁ
ମାରି ଆବେଣି କ୍ରିସ୍ତବିସ୍‌ବାସ୍‌ରି ଉଣ୍ତ୍ରିଙ୍ଗ ଆମାକା ଗଟାତାମାର୍ହାତ୍,

ମି ଉଣ୍ତିଙ୍ଗ ବା ଆକା ଗଟାତାମାନାତ୍ । ୱାର୍ ଜିହୁଦିରିମାଣ୍ତୁକୁ
ଏଣ୍ତେସ୍ ଦୁଃକ୍କାସ୍କ ବୋଗାତା ମାର୍ହାର୍, ମିର୍ ବା ନିଜେଦି ଦେସ୍ତି
ଲୋକାମାଣ୍ତୁକୁ ଦୁଃକ୍କାସ୍କ ବୋଗାତି ମାନିଦେର୍ । **15** ଆୟ୍ଯା
ଜିହୁଦିରି ପ୍ରବୁ ଜିସୁଙ୍କ ମାରି ବାବବାଦିରିଙ୍ଗ ସାୟ୍ଯାମାର୍ଗାଡାକ୍ତା
ମାର୍ହାର୍ ମାରି ମାଙ୍ଗ ବା ଦୁଃକ୍କାସ୍କ ସିତାମାର୍ହାର୍ । ୱାରି
ଉଣ୍ତିଙ୍ଗ ମାପୁରୁ ୱେଡ଼ିକା ଆଏନ୍! ସାରାଦୁନିଆଦି ଲୋକୁ ଜାତିଦୁ
ୱାର୍ ସାତୁ । **16** ଇୟ୍ଯାୱାଜା ଆମା ସୁସମାଚାର୍ ପ୍ରସାର୍ଦାନ୍
ଅଣଜିହୁଦିରି ରକିୟ୍ଯା ପୁରା ଆଦେଙ୍ଗ ଆଟ୍ନାତ୍, ଆବେଣ୍କୁ ୱାର୍
ମାଙ୍ଗ ବାଦା ସିନାର୍ । ଇୟ୍ଯାୱାଜା ୱାର୍ ୱିଜୁଦିନ୍ ନିଜେ ନିଜେଦି
ପାପ୍ ପୁରା କିଜିମାନାର୍ । ସାରାସାରିୱେନ୍କା ଇଲେଇ ୱାରି
ବିରୁଦ୍ତାନ୍ ମାପୁରୁଦି ରିସା କାସ୍ସିନାତ୍ । **17** ଏ ତଡ଼ାନ୍କୁ ନି
ତାଙ୍ଗିକି, ଏସ୍ତିୱାଲେ ଅଡ଼ପ୍ ସମୟ୍ ଉଣ୍ତିଙ୍ଗ ମି ଲାକ୍ତୁରାନ୍ ମାପ୍
ୱେର୍ଏ ଆତାମାର୍ହାପ୍ ଏଣ୍ତେସ୍ବା ମେନ୍ହଲ୍ତିୱାଜା, ମାତର୍ ମା
ମନ୍ତୁ ମିର୍ ୱିଜୁଦିନ୍ ମାନିଦେର୍ । ମିଙ୍ଗ ଏଡ୍କିଜି ମାପ୍ ଏସା
ସିନ୍ତା ଆତାମାର୍ହାପ୍ ମାରି ମାରିଡ଼େସି ମିଙ୍ଗ ସୁଡୁନି ଉଣ୍ତିଙ୍ଗ ମାପ୍
ଏସ ଇଚ୍ଛା କିତାମାର୍ହାପ୍ । **18** ମି ଲାକ୍ତୁ ଡ଼େସିସନି ଉଣ୍ତିଙ୍ଗ ମାଙ୍ଗ
ବେସି ଇଚ୍ଛା ମାର୍ହାତ୍ ମାରି ନାନ୍ ପାଉଲ ନିଜେ ଡ଼େସିସନି ଉଣ୍ତିଙ୍ଗ
ରୁଣ୍ତି ଦେବେଙ୍ଗ ସେସ୍ଟା କିତାମାର୍ହା, ମାତର୍ ସୟ୍ତାନ୍ ମାଙ୍ଗ ବାଦା
ସିତାତ୍ । **19** ୱାନ୍ ଆମାକାଆପିନ୍, ନା ଆସା, ମା ପ୍ରବୁ ଜିସୁଦି
ୱାନିବେଡ଼ାଦୁ ୱାନି ଆଗ୍ଡ଼ି ଆଇୱାରି ୱାଜା ମିର୍ ବା ମା ଆସା,
ୱେଡ଼ିକା ମାରି ଜିଣାନି ଗାର୍ବୁଦି ମାଟା ଆନାତ୍ । **20** ସତ୍ତାନ୍,
ମିର୍ ମା ଗୌରବ୍ ମାରି ୱେଡ଼ିକା ।

**3** ଆୟ୍ଯାଉଣ୍ତିଙ୍ଗ, ମାପ୍ ମାରି ୱେନ୍ତ୍ରେଙ୍ଗ ଆଟ୍ଏଆଜି ତିର୍
କିତାପ୍ ଜେ, ମାପ୍ ୱେନ୍କା ଆତେନ୍ସ୍ଦୁ ଅରେନ୍ନେ ଜିଜି
ମାଡ଼ିଜି ତେବାନାପ୍, **2** ମାତର୍ ମିଙ୍ଗ ତିର୍ କିଦେଙ୍ଗ ମାରି ମିଙ୍ଗ
ବିସ୍ବାସ୍ ଡାଟ୍ କିନି ଉଣ୍ତିଙ୍ଗ ମି ଲାକ୍ତୁ ମା ତଡ଼ାନ୍ ତିମତିଙ୍ଗ
ପୋକ୍ତାନାପ୍ । ୱାନ୍ ମା ୱାଲେ ଅରେ୍ସପାଣି କିଜି କ୍ରିସ୍ତଦି
ନେଗି କାବୁର୍ ପ୍ରଚାର୍ କିଜି ମାପୁରୁଦି ସେବା କିଜିନାନ୍ । **3** ମି
ମୁସ୍କୁ ୱାଜିମାନି କାସ୍କ ଉଣ୍ତିଙ୍ଗ ଏନ୍ ଏଣ୍ତେସ୍ ସାରି ବାଣାମାକିନ୍,
ଇୟ୍ଯାଉଣ୍ତିଙ୍ଗ ୱାନ୍ ମିଙ୍ଗ ସାହାଜ୍ୟ କିନାନ୍ । ଏଣ୍ତେସ୍ବା ମିର୍
ନେସ୍ନିଦେର୍, ମାପ୍ ଇୟ୍ଯାୱାଜା କାସ୍କ ପୟ୍ନାପ୍, ଇକା ମାପୁରୁଦି
ଇଚ୍ଛା । **4** ମି ୱାଲେ ମାନିୱାଲେ, ମାପ୍ ନାଣ୍ତୁ ଆଗ୍ଡ଼ିରାନ୍
ୱେର୍ତା ସିତାମାର୍ହାପ୍, ମାଙ୍ଗ ଦୁଃକ୍କାସ୍କ ବୋଗାଦେଙ୍ଗ ଆନାତ୍
। ଇଲେଇ ମିର୍ ନେସ୍ନିଦେର୍, ଟିକ୍ ଆକାନେ ଗଟାନାତ୍ । **5**
ଆୟ୍ଯାଉଣ୍ତିଙ୍ଗ ତିମତିଙ୍ଗ ପୋକ୍ତାତା । ନାନ୍ ମାରି ତିର୍ ଆଜି
ମାନ୍ତ୍ରେଙ୍ଗ ଆଟ୍ଏତା । ମିର୍ ମି ବିସ୍ବାସ୍ତୁ ଡାଟ୍ ମାନିଦେର୍ ନୋ
ସିଲେ, ନେସ୍ନି ଉଣ୍ତିଙ୍ଗ ନାନ୍ ୱାନିଙ୍ଗ ପୋକ୍ତାତା । ଏଣ୍ତେସାତିଙ୍ଗ
ସୟତାନ୍ ମିଙ୍ଗ ପରିକା କିନାତ୍ ମାରି ମା ୱିଜୁ ପାଣି ଆରେଏ
ଆନାମାନାତ୍? ସିଲେ, ଇକା ଏସ୍କାଙ୍ଗ ପୁରା ଆଏତ୍ । **6**
ଇଲେଇ ମି ଲାକ୍ତୁରାନ୍ ଡ଼େସି ୱାଜି ତିମତି ମି ବିସ୍ବାସ୍ ମାରି
ଜିବନ୍ନୋନି ବିସୟ୍ତାନ୍ ନେଗି ମାଟା ତାତାମାନାନ୍ । ୱାନ୍
ମାଙ୍ଗ ୱେର୍ତା ମାନାନ୍ ଜେ, ମିର୍ ୱିଜୁଦିନ୍ ମା ନେଗି ପାଣି
କିଜିନିଦେର୍ ମାରି ମାପ୍ ଏଣ୍ତେସ୍ ମିଙ୍ଗ ସୁଡୁଦେଙ୍ଗ ବଦା, ମିର୍ ବା
ଆୟ୍ଯାୱାଜା ମାଙ୍ଗ ସୁଡୁଦେଙ୍ଗ ଇଚ୍ଛା କିଜିନିଦେର୍ । **7** ଇୟ୍ଯାଉଣ୍ତିଙ୍ଗ,
ଏ ତଡ଼ାନ୍କୁ ନି ତାଙ୍ଗିକି, ମା ୱିଜୁ ଦୁଃକ୍କାସ୍କ ସମୟ୍ତୁ ମାପ୍ ମି
ଉଣ୍ତିଙ୍ଗ ସାସ୍ ଆଜିନାପ୍ । ମି ଡାଟ୍ ବିସ୍ବାସ୍ନେ ମାଙ୍ଗ ସତ୍ତାନ୍
ଜିପିସ୍ କିତା ଇଟ୍ତାମାନାତ୍ । **8** ମାରିବା ଇଲେଇ ମାପ୍ ଜିତା
ମାନାପ୍ ପ୍ରବୁଦି ମାନୁ ତିର୍ ଆତାମାନାପ୍, ମିର୍ ଡାଟ୍ତିୱାଜା ପ୍ରବୁଦି
ୱାଲେ ମିସାବିଡ଼ା ଆଜି ଜିଜିମାଡ଼ିଜିନିଦେର୍ । **9** ଇଲେଇ ମି
ଉଣ୍ତିଙ୍ଗ ମାପୁ ଆମା ୱେଡ଼ିକାଦୁ ୱେଡ଼ିକା ଆଜିନାପ୍, ଆୟ୍ଯାଉଣ୍ତିଙ୍ଗ
ମାପୁରୁଙ୍ଗ ଏଣ୍ତେସ୍ ଦନ୍ୟବାଦ୍ ସିନାପ୍, ନେସ୍ତେଙ୍ଗ ଆଟ୍ଏଜିନାପ୍
। **10** ମିଙ୍ଗ ବେଟ୍ବୁଡ଼ାଜି ମି ବିସ୍ବାସ୍ତୁ ଆମାକା ଉଣାମାନାତ୍,
ଆକା ପୁରା କିଦେଙ୍ଗ ଇଜି ମାଙ୍ଗ ସୁଜୋଗ୍ ସିଦେଙ୍ଗ ୱେଡ଼େନାଡ଼ା
ମାପ୍ ମାପୁରୁଙ୍କ ପାର୍ତନା କିଜିନାପ୍ । **11** ମି ଲାକ୍ତୁ ୱାନି
ଉଣ୍ତିଙ୍ଗ ମା ବୁବା ମାପୁରୁ ମାରି ମା ପ୍ରବୁ ଜିସୁ ମା ସାରି ତିଆର୍
କିଜ ସିପିନ୍ । **12** ମି ଉଣ୍ତିଙ୍ଗ ମା ଜିବନ୍ନୋନିକା ଏଣ୍ତେସ୍ ନାଣ୍ତୁ,
ଆୟ୍ଯାୱାଜା ନିଜେନିଜେଦି ଉଣ୍ତିଙ୍ଗ ମାରି ୱିଜେରି ଉଣ୍ତିଙ୍ଗ ପ୍ରବୁ ମି
ଜିବନ୍ନୋନିକା ନାଣ୍ତୁ ପିରିସ୍ କିପିନ୍ । **13** ଇୟ୍ଯାୱାଜା ୱାନ୍ ମିଙ୍ଗ
ତିର୍ କିନାନ୍ । ଆର୍ତିଙ୍ଗ, ମା ପ୍ରବୁ ଜିସୁ ଏସ୍ତିୱାଲେ ମୁସ୍କୁପୁର୍ତି
ସାଦୁରି ୱାଲେ ମାରିଡ଼େସି ୱାନାନ୍, ନାସ୍ତିୱାଲେ ମିର୍ ବୁବା
ମାପୁରୁଦି ଆଗ୍ଡ଼ି ଦାର୍ମୁ ମାରି ପବିତ୍ର ଆଦେଙ୍ଗ ଆଟ୍ନିମାନିଦେର୍
।

**4** ସାରାସାରିୱେନ୍କା, ତଡ଼ାନ୍କୁ ନି ତାଙ୍ଗିକି, ମାପୁରୁଙ୍କ ୱେଡ଼ିକା
କିନି ଉଣ୍ତିଙ୍ଗ ଏଣ୍ତେସ୍ ଜିଜି ମାଡ଼ିଜିଦେଙ୍ଗ ଆନାତ୍, ଆୟ୍ଯା
ମାଣାନ୍ ଅଜାତିମାନିଦେର୍ । ଏଣ୍ତେସ୍ବା ଆୟ୍ଯାୱାଜା ଦାନ୍ ମିର୍
ଜିଜି ମାଡ଼ିଜି ୱାଜିନିଦେର୍, ମାତର୍ ଇୟ୍ଯାମାଣାନ୍ ଅଡ଼ପ୍ ନାଣ୍ତୁ
କିଦେଙ୍ଗ ମିଙ୍ଗ ମାପ୍ ଇଲେଇ ପ୍ରବୁ ଜିସୁଦି ଦର୍ତାନ୍ ୱେଡ଼ିକା ନି
ଅନୁରୋଦ୍ କିଜିନାପ୍ । **2** ମାପ୍ ପ୍ରବୁ ଜିସୁଦି ମାଣାନ୍ ଅଦିକାର୍
ପୟ୍ତାପ୍ ମିଙ୍ଗ ଆମା ଆମା ଆଦେସ୍ ସିତାମାର୍ହାପ୍, ଆକା ମିର୍
ନେସ୍ନିଦେର୍ । **3** ମିର୍ ଏଣ୍ତେସ୍ ପବିତ୍ର ଆନିଦେର୍, ଇକାନେ
ମାପୁରୁଦି ବଦା, ଅର୍ତାତ୍ ମିର୍ ଏଣ୍ତେସ୍ ଦାରିପାଣିଦାନ୍ ଆକ
ତେବାନିଦେର୍ । **4** ୱିଜେରେ ଲୋକ୍ ନେସ୍ନିକା ମାନାତ୍ ଜେ
ଏଣ୍ତେସ୍ ନିଜେ ନିଜେଦି ଆଡ଼୍ସିକା ୱାଲେ ପବିତ୍ର ନି ସନ୍ମାନ୍ତାନ୍
ଜିନିକା ମାନାତ୍ । **5** ମାପୁରୁଙ୍ଗ ନେସ୍ଇମାନି ଦୁନିଆଦି ଅଣଜିହୁଦି
ଲୋକା ୱାଜା ଲାଲାୟ୍ ଆମାଟ୍ । **6** ଏମେ କ୍ରିସ୍ତ ବିସ୍ବାସ୍ତି
ତଡ଼ାନ୍ ଉଣ୍ତିଙ୍ଗ ଅନ୍ୟାୟ୍ପାଣି କିମାଟ୍, ମାରି ୱାନିଙ୍ଗ ବାଣ୍ତିସ୍
କିମାଟ୍ । ଇୟ୍ଯା ମାଟା ମାପ୍ ଆଗ୍ଡ଼ିରାନ୍ନେ ୱେର୍ତାମାନାପ୍
ମାରି ଡାଟ୍ତାନ୍ ଜାଗାର୍ତା କିତାମାନାପ୍, ଆମାକାର୍ ଆୟ୍ଯାୱାଜା
କିନାର୍, ପ୍ରବୁ ୱାରିଙ୍ଗ ସାସ୍ତି ସିନାନ୍ । **7** ମାପୁରୁ ମାଙ୍ଗ ତାଗ୍ଇକାର୍
ଆଜି ଜିନିମାଡ଼ିନି ଉଣ୍ତିଙ୍ଗ କୁକ୍ଏନ୍, ମାତର୍ ପବିତ୍ର ଆଜି
ମାନ୍ତ୍ରେଙ୍ଗ କୁକ୍ତାମାନାନ୍ । **8** ମାରି, ଏନ୍ ମା ଇୟ୍ଯା ମାଟାଦିଙ୍ଗ
ମାନାଏନ୍, ୱାନ୍ ଲୋକ୍ତିଙ୍ଗ ମାନାଏନ୍, ମାତର୍ ଆମା ମାପୁରୁ

ମିଞ୍ଜୁଁ ମନ୍‌ତୁ ନିଜେଦି ପବିତ୍ରଆତ୍ମା ସିନାନ୍, ୱାନିଞ୍ଜୁ ମାନାଏନ୍
। 9 ଇଲେଇ କ୍ରିସ୍ତବିସ୍‌ବାସ୍‌ସିର୍ ମି ଜିବନ୍‌ନୋନି ବିସୟ୍‌ତାନ୍
ମାପ୍ ମାରି ନାଣ୍ତୁ ରାସ୍‌ନିକା ଦର୍‌କାର୍ ସିଲେ । ନିଜେନିଜେଦିଙ୍ଗ
ଏଣ୍ତେସ୍ ଜିବନ୍‌ନୋନିକା ମାନାତ୍, ଇକା ନିଜେ ମାପୁରୁମାଣାନ୍
ଅଜାତିମାନିଦେର୍ । 10 ସତ୍‌ତାନ୍ ୱିଜୁ ମାସିଦୋନିଆଦୁ ମାନି
କ୍ରିସ୍ତଦି ବିସ୍‌ବାସ୍‌ସିର୍ ତଡ଼ାନ୍‌କା ଉଣ୍ତିଞ୍ଜ ମିର୍ ଆୟାୱାଜା ପାଣି
କିତିମାନିଦେର୍ । ଆତିଞ୍ଜୁବା ମାରି ନାଣ୍ତୁଦାନ୍ ଆକା କିଦୁ, ମିଞ୍ଜୁଁ
ନିସନେ କେବଲ ଅନୁରୋଦ୍ କିଜିନାପ୍ । 11 ଆଗ୍‌ଡ଼ିରାନ୍ ଏଣ୍ତେସ୍
ୱେର୍‌ତାମାର୍ହାପ୍, ସାନ୍ତିଦାନ୍ ଜିନିମାଡ଼ିନିକା, ନିଜେଦି ପାଣିଦୁ
ମୋନ୍ ସିଜି ମାରି ନିଜେ ନିଜେଦି ଜିନିକା ଉଣ୍ତାକିନିକା ମିଦି
ପୁରା ଆପିତ୍ । 12 ଇୟାୱାଜା କିନି ମାଣ୍‌କୁ ମିର୍ ଅବିସ୍‌ବାସିରି
ୱାରିମାଣାନ୍ ବା ସନ୍‌ମାନ୍ ପୟ୍‌ନିଦେର୍ ମାରି ମି ୱିଜୁ ଦର୍‌କାର୍‌ତି
ଉଣ୍ତିଞ୍ଜ ଏ ମୁସ୍‌କୁ ଆସା ଇଡ଼୍‌ନି ଦର୍‌କାର୍ ସିଲେତ୍ । 13
ଏ ତଡ଼ାନ୍‌କୁ ନି ତାଞ୍ଜୁଁକି, ଆସାସିଲି ଆଇ ୱିଜେରିଲୋକା
ୱାଜା ମିର୍ ଏଣ୍ତେସ୍ ଦୁକ୍‌ସିନ୍ତାକିମାଟ୍, ଇୟାଉଣ୍ତିଞ୍ଜ ସାତିମାନି
ଲୋକା ବିସୟତାନ୍ ମିର୍ ଜେ ସତ୍ ନେସ୍‌ମାଟ୍, ଇକା ମା ବଦା
ସିଲେତ୍ । 14 ଆୟାଉଣ୍ତିଞ୍ଜ ମାଡ଼୍ ବିସ୍‌ବାସ୍ କିନାଟ୍ ଜେ, ଜିସୁ
ସାଜି ମାରିଡ଼େସି ନିଞ୍ଜୁଁତାନ୍, ଆଦେଞ୍ଜ ମାପ୍ ଆଟ୍‌ୱା ବିସ୍‌ବାସ୍
ଜେ, ଜିସୁଦିମାନୁ ବିସ୍‌ବାସ୍ କିଜି ଆମାକାର୍ ସାନାର୍, ଜିସୁଦି
ମାରିଡ଼େସି ୱାନିୱାଲେ ମାପୁରୁ ୱାରିଞ୍ଜ ଜିସୁଦି ୱାଲେଅନାନ୍ ।
15 ମାପ୍ ଇଲେଇ ମିଞ୍ଜୁଁ ଆମା ସିକିୟା ସିଜିନାପ୍, ଆକା ପ୍ରବୁଦି
ସିକିୟା । ପ୍ରବୁଦି ୱାନିଦିନ୍‌ତୁ ମାଡ଼୍ ଆମାକାର୍ ଜିବନ୍‌ମାନିକା,
ପୁର୍ବେଦାନ୍ ସାତିମାନି ଲୋକାମାଣ୍‌କୁ ଆଗ୍‌ଡ଼ି ଆଜି ସଲ୍‌ଇକା ।
16 ନାସ୍ତିୱାଲେ ପେରି ବଲ୍‌ତାନ୍ ଉନ୍‌ତ୍ରି ଆଦେସ୍ ଆନାତ୍, ପେରି
ମୁସ୍‌କୁପୁର୍‌ତି ଦୁତ୍‌ତି ବଲୁ ୱେନିଦେର୍, ମାପୁରୁଦି ମରିବାଜା
ଆଉଲି ୱେନିଦେର୍ ମାରି ପ୍ରବୁ ମୁସ୍‌କୁପୁର୍‌ତାନ୍ ରେସିୱାନାନ୍ ।
କ୍ରିସ୍ତମାନୁ ବିସ୍‌ବାସ୍ କିଜି ଆମାକାର୍ ସାତାମାନାର୍, ୱାର୍ ଆଗ୍‌ଡ଼ି
ଜିବନ୍‌ଆଜି ନିଞ୍ଜୁଁନାର୍; 17 ତାନେୱେନ୍‌କା ମାଡ଼୍ ଆମାକାର୍
ଆୟା ସମୟ୍‌ତୁ ଜିବନ୍ ତେବାନାମାନାପ୍, ବାଦ୍‌ଡ଼୍‌ତୁ ୱାରି ୱାଲେ
ନିଞ୍ଜୁଁଜି ୱାର୍ ବାଦଡ଼୍‌ତି ଦୁରିଦୁ ପ୍ରବୁଦି ୱାଲେ ବେଟ୍‌ଆନାର୍,
ତାନେୱେନ୍‌କା ମାଡ଼୍ ୱିଜୁଦିନ୍‌ତିଞ୍ଜ ପ୍ରବୁଦି ୱାଲେ ମାନିକା । 18
ମାରି, ଇୟାୱିଜୁ ମାଟା ୱେର୍‌ସି ମିର୍ ନିଜେନିଜେଦିଞ୍ଜ ୱେଡ଼ିକା
କିଦୁ ।

**5** ଏ ତଡ଼ାନ୍‌କୁ ନି ତାଞ୍ଜୁଁକି, ଇୟାୱିଜୁ ବିସୟ୍‌ତାନ୍ ଏସ୍‌କାଞ୍ଜ
ମାରି ଆମା ବେଡ଼ାଦୁ ଗଟାନାତ୍, ଆୟା ବିସୟ୍‌ତାନ୍ ମି ଲାକ୍‌ତୁ
ନାଣ୍ତୁ ରାସ୍‌ନିକା ଲୋଡ଼ା ସିଲେତ୍, 2 ଇରିଞ୍ଜ ନାଡ଼ା ଡଞ୍ଜୁଁରେଏନ୍
ୱାନି ୱାଜା ପ୍ରବୁଦି ଦିନ୍ ଜେ ୱାନାତ୍, ଇକା ମିର୍ ନେଗେନ୍‌ତାନ୍
ନେସ୍‌ନିଦେର୍ । 3 ଏସ୍ତିୱାଲେ ଲୋକୁ ସାନ୍ତି ମାରି ନେଗିବାଡ଼ି
ଇଜି ୱେର୍‌ସି ମାନି ୱେଡ଼ାଦୁ ଆୟାଦାପ୍ରେ ୱାରି ମୁସ୍‌କୁ ସାନିକା
ତିଗ୍‌ଜି ୱାନାତ୍ । ପଟାଦୁମାନି ଆଇମାଦି ଜନମ୍‌କିନି କାସ୍ଟ ୱାଜା
ଆକା ନେସ୍‌ଇୱାଜା ଦାପ୍ରେ ଇଗା ୱାନାତ୍ ମାରି ଏନ୍ ଆୟା
ଆଗ୍‌ଡ଼ିରାନ୍ ଉର୍‌କୁତେଞ୍ଜ ଆଟ୍‌ଏନ୍ । 4 ମାତର୍ ତଡ଼ାନ୍‌କୁ ନି
ତାଞ୍ଜୁଁକି, ମିର୍ ସିକାଟିଦୁ ବାସା କିଇଦେର୍, ଆଦେଞ୍ଜ ଆୟା ନାଣ୍ତିଞ୍ଜ
ଡଞ୍ଜୁଁର୍‌ଏନ୍ ୱାଜା ନେସ୍‌ଇୱାଜା ମି ଲାକ୍‌ତୁ ୱାନାନ୍ । 5 ଇରିଞ୍ଜ
ମିର୍ ୱିଜୁ ଜାୟ୍ ନି ୱେଡ଼େରି କଡ଼ର୍ । ମାଡ଼୍ ନାଡ଼ା ନି ସିକାଟିଦି
କଡ଼ର୍ ଆଏପ୍ । 6 ମାରି ରାଦୁ, ମାଡ଼୍ ଆଇ ଲୋକା ୱାଜା
ସୁଜ୍‌ଏଣ୍‌ଗା, ଜାଗାର୍‌ତା ଆଜି ସେତା ତେବାନାଟ୍ । 7 ଲୋକୁ
ନାଡ଼ା ସମୟ୍‌ତୁ ସୁଜ୍‌ନାମାନାର୍, ନାଡ଼ା ୱାର୍ ଅଙ୍ଗୁର୍‌ରସ୍ ଉଣୁଜି
ସୋସ୍‌ନାର୍ । 8 ମାତର୍ ମାଡ଼୍ ୱେଡ଼େରି କଡ଼ର୍ ମାରି ୱିଜୁଦିନ୍
ଜାଗ୍‌ରାତା ମାନ୍‌ଜି । ରାଦୁ, ବିସ୍‌ବାସ୍ ମାରି ଜିବନ୍‌ନୋନିୱାଜା
ବକାଦିସାଜୁ ଆରାଜି ମାରି ରକିୟାଦି ଆସା ଇଡ଼୍‌ଜି ଟପି ତାଲାଦୁ
ଆରାନାଟ୍ । 9 ଇରିଞ୍ଜ ମାପୁରୁ ମାଞ୍ଜୁଁ ୱାନି ରିସାଦି ଲୋକ୍
ଆଦେଞ୍ଜ ଆସ୍‌କିଏନ୍, ପ୍ରବୁ ଜିସୁ କ୍ରିସ୍ତଦି ମାଣ୍‌କୁ ମାଞ୍ଜୁଁ ରକିୟା କିନି
ଉଣ୍ତିଞ୍ଜ ତିର୍ କିତାମାନାନ୍ । 10 କ୍ରିସ୍ତଦି ମାରିଡ଼େସି ୱାନିୱାଲେ
ମାଡ଼୍ ଜିବନ୍ ମାନାଟ୍ ନୋ ସିଲେଟ୍, ୱାନି ୱାଲେ ଏଣ୍ତେସ୍
ମିସାନା ତେବାନାଟ୍, ଆୟାଉଣ୍ତିଞ୍ଜ ୱାନ୍ ମା ଉଣ୍ତିଞ୍ଜ ସାତାନ୍ ।
11 ଆର୍‌ତିଞ୍ଜ ଇଲେଇ ଏଣ୍ତେସ୍ କିଜିନିଦେର୍, ଟିକ୍ ଆୟାୱାଜା
ନିଜେଦିଞ୍ଜ ନି ଆଇୱାରିଞ୍ଜ ୱେଡ଼ିକା ନି ସାହାଜ୍ୟ କିଜିମାନ୍‌ତୁ
। 12 ଏ ତଡ଼ାନ୍‌କୁ ନି ତାଞ୍ଜୁଁକି, ଆମାକାର୍ ମି ଲଇ ୱାନ୍‌ଜିପାଣି
କିଜିନାର୍ ମାରି କ୍ରିସ୍ଟାନ୍ ଜିବନ୍‌ତୁ ମିଞ୍ଜୁଁ ସାହାଜ୍ୟ କିଜିନାର୍ ମାରି
ପ୍ରବୁଦି ନେଗିମାଟା ୱେର୍‌ସିନାର୍, ୱାରିଞ୍ଜ ମାନାଦେଞ୍ଜ ମାପ୍ ମିଞ୍ଜୁଁ
ବାତିଞ୍ଜମାଲ୍‌ଜିନାପ୍ । 13 ମାରି, ୱାରି ପାଣି ଉଣ୍ତିଞ୍ଜ ୱାରିଞ୍ଜ
ଜିବନ୍‌ତାନ୍ ନାଣ୍ତ ଜିବନ୍‌ନୋନାଦୁ । ନିଜେନିଜେଦି ୱାଲେ ସାନ୍ତିଦାନ୍
ତେବାଦୁ । 14 ଏ ତଡ଼ାନ୍‌କୁ ନି ତାଞ୍ଜୁଁକି, ମାପ୍ ମିଞ୍ଜୁଁ ମାଡ଼ିସ୍
କିଜିନାପ୍, ଗାଡ଼୍‌ୟା ପାଣି କିଜିମାନି ଲୋକାଞ୍ଜ ଜାଗାର୍‌ତା କିଦୁ,
ତିଲାନିୱାରିଞ୍ଜ ସାହାସ୍ ସିଦୁ, ବପୁସିଲିୱାରିଞ୍ଜ ଜାତୁନ୍ କିଦୁ
ମାରି ୱିଜେରି ଉଣ୍ତିଞ୍ଜ ସାହାସ୍ ଆଦୁ । 15 ଏନ୍ ଏନ୍ଦି ଅନ୍ୟାୟ୍
ବାଦ୍‌ଲୁ ଅନ୍ୟାୟ୍ କିମାକିନ୍, ମାରି ୱିଜୁଦିନ୍ ୱିଜେରି ନେଗିକା
ସେସ୍ଟା କିପିନ୍ । 16 ୱିଜୁଦିନ୍ ୱେଡ଼ିକା ଆଜି ମାନ୍‌ତୁ । 17
ରମ୍‌ଏଣ୍ତା ପାର୍‌ତାନା କିଦୁ । 18 ୱିଜୁ ଅବସ୍ତାଦୁ ଦନ୍ୟବାଦ୍ ସିଦୁ
। କ୍ରିସ୍ତ ଜିସୁଦି ୱାଲେ ମିସାଜି ଜିଜି ମାଡ଼ିଜି, ମିମାଣ୍‌କୁ ମାପୁରୁ
ଇକାନେ ବଦା କିନାନ୍ । 19 ପବିତ୍ରଆତ୍ମାଦିଞ୍ଜ ବାଦାସିମାଟ୍ । 20
ପବିତ୍ର ଆତ୍ମାଦି ବାକ୍ୟଦିଞ୍ଜ କାଡ଼୍‌ମାଟ୍ । 21 ୱିଜୁ ବିସୟ୍‌ତିଞ୍ଜ
ପରିକା କିଜ ସୁଡ଼୍‌ଦୁ: ଆମାକା ୱିଜୁ ସତ୍, ତାନିଞ୍ଜ ମାନାଦୁ;
22 ୱିଜୁ ରକମ୍‌ତି ତାଗ୍‌ଇପାଣିଦାନ୍ ଆକତେବାଦୁ । 23 ଆମା
ମାପୁରୁ ମାଞ୍ଜୁଁ ସାନ୍ତି ସିନାନ୍, ୱାନ୍ ମିଞ୍ଜୁଁ ପୁରାପୁରି ପବିତ୍ର କିପିନ୍
ମାରି ମା ପ୍ରବୁ ଜିସୁ କ୍ରିସ୍ତଦି ୱାନିଦିନ୍‌ତି ସମୟ୍‌ତୁ ମି ଆତ୍ମା,
ପୁଣ୍ତା, ମେନ୍ଦ୍ଲ‌ତିଞ୍ଜ ପୁରାପୁରି ଦସ୍ ସିଲେଣ୍‌ଗା ଇଡ଼୍‌ଦୁ । 24
ଏନ୍ ମିଞ୍ଜୁଁ କୁକ୍‌ତାମାନାନ୍, ୱାନ୍ ଆକା କିନାନ୍, ଇରିଞ୍ଜ ୱାନ୍
ବିସ୍‌ବାସ୍‌ତିକାନ୍ । 25 ତଡ଼ାନ୍‌କୁ ନି ତାଞ୍ଜୁଁକି, ମା ଉଣ୍ତିଞ୍ଜ ବା
ପାର୍‌ତାନା କିଦୁ । 26 ୱିଜୁ ବିସ୍‌ବାସ୍‌ଲୋକାଞ୍ଜ ପବିତ୍ର ଚୁମାଦାନ୍
ମାଡ଼ିସ୍ କିଦୁ । 27 ପ୍ରବୁଦିମାଣ୍‌କୁ ଅଦିକାର୍ ପୟ୍‌ଆୟ୍ ଆତିମାନି

ଉଣ୍ତିଙ୍ଗ ନାନ୍ ମିଙ୍ଗେଁ ବାତିଙ୍ଗମାଲ୍‌ଜିନା, ୱିଜୁ ବିସ୍‌ବାସ୍‌ଲୋକା
ଲାକ୍‌ତୁ ଇୟା ଆକୁ ପଡ଼ାଦୁ । **28** ମା ପ୍ରବୁ ଜିସୁ କ୍ରିସ୍ତୁଦି ଦୟା
ୱିଜେରି ସାକା ଆପିତ୍ ।

# ୨ ତେସଲନିକିୟ

1 ପାଉଲ, ସିଲା ମାରି ତିମତି ମା ବୁବା ମାପୁରୁ ମାରି ପ୍ରବୁ
ଜିସୁ କ୍ରିସ୍ତୁଦିମାନୁ ମାନି ତେସଲନିକିଆ ମଣ୍ତୁଲି ଲାକ୍ତୁ ଇୟା
ବଇ ରାସ୍‌ସିନା । 2 ମା ବୁବା ମାପୁରୁ ମାରି ପ୍ରବୁ ଜିସୁ କ୍ରିସ୍ତ
ମିଡ୍ଙ୍ଗ୍‌ଁ ଦୟା ନି ସାନ୍ତି ସିପିନ୍ । 3 ଏ ତଡ଼ାନ୍‌କୁ ନି ତାଡ୍ଙ୍ଗ୍‌ଁକି, ମି
ଉଣ୍ତିଡ୍ଙ୍ଗ୍ ମାପୁରୁଡ୍ଙ୍ଗ୍‌ଁ ୱିଜୁଦିନ୍ ଦନ୍ୟବାଦ୍ ସିନିକା ମା ଦର୍‌କାର୍
। ମା ତରିନ୍ ଇକା ଟିକ୍ ଇଜି ମାପ୍ ଅଡ୍‌ବିଜିନାପ୍, ଇରିଡ୍ଙ୍ଗ୍ ମି
ବିସ୍‌ବାସ୍ ନାଣ୍ତୁ ପିର୍‌ଜିନାତ୍ ମାରି ମିର୍ ନିଜେନିଜେଦିଡ୍ଙ୍ଗ୍ ନାଣ୍ତୁ
ଜିବନ୍‌ନୋଜିନିଦେର୍ । 4 ଆଦେଡ୍ଙ୍ଗ୍ ମାପୁରୁଦି ପାର୍‌ତନାକିନି
ମଣ୍ତୁଲିଆଡ୍ଙ୍ଗ୍‌ଁ ମିଡ୍ଙ୍ଗ୍‌ଁ ଅସି ମାପ୍ ଗାର୍ବୁ କିନାମାନାପ୍ । ମିର୍ ଏଣ୍ତେସ୍
ଆମା ୱିଜୁ ତାଡ଼ନା ମାରି ଦୁଃକ୍‌କାସ୍ଟୁ ସାସ୍ କିଜି ନିଜେଦି
ବିସ୍‌ବାସ୍‌ତୁ ଇନିଡ୍ଙ୍ଗ୍‌ଁ ଆନିଡ୍ଙ୍ଗ୍‌ଁ ଆଏଣ୍‌ଗା ତେବାତିମାନିଦେର୍
। ଇୟା ମାଟା ମାଡୁ ଗର୍ବଦାନ୍ ୱେର୍‌ନା ମାନାପ୍ । 5 ଇୟା
ୱିଜୁମାଣାନ୍ ପାରାମାଣ୍ ଆଜିନାତ୍ ଜେ, ମାପୁରୁଦି ବିସାର୍ ଟିକ୍
ମାରି ମିର୍ ୱାନି ରାଜିଦି ଜଗ୍ ଆନିଦେର୍, ଇରିଡ୍ଙ୍ଗ୍ ଆୟା ରାଜି
ଉଣ୍ତିଡ୍ଙ୍ଗ୍ ମିର୍ ଦୁଃକ୍ ବୋଗାଜିନିଦେର୍ । 6 ଆମାକା ନ୍ୟାୟ୍‌ତିକା,
ମାପୁରୁ ଆକା ପୁରା କିନାନ୍ । ଆମାକାର୍ ଇଲେଇ ମିଡ୍ଙ୍ଗ୍‌ଁ କାସ୍ଟୁ
ସିଜିନାର୍, ୱାର୍ କାସ୍ଟୁ ପୟ୍‌ନାର୍ । 7 ମାପୁରୁ ମିଡ୍ଙ୍ଗ୍‌ଁ ନି ମାଡ୍ଙ୍ଗ୍‌ଁ ବା
ୱିଜୁ ଦୁଃକ୍ ବୋଗ୍‌ତାନ୍ ରମିସ୍ କିନାନ୍ । ମାପୁରୁ ଇୟା ପାଣି ପୁରା
କିନାନ୍, ନାସ୍ତିୱାଲେ ପ୍ରବୁ ଜିସୁ ୱାନି ପେରି ସାକ୍ତିଦାନ୍ ଦୁତ୍‌କା
ୱାଲେ ମୁସ୍‌କୁପୁର୍‌ତାନ୍ ରେତାନାନ୍ । 8 ଆମାକାର୍ ମାପୁରୁଡ୍ଙ୍ଗ୍
ନେସ୍‌ଏର୍ ମାରି ମା ପ୍ରବୁ ଜିସୁଦି ସୁସମାଚାର୍ ମାନାଏର୍, ଆୟା
ଲୋକାଡ୍ଙ୍ଗ୍ ସାସ୍ତି ସିନି ଉଣ୍ତିଡ୍ଙ୍ଗ୍ ୱାନ୍ ନାସ୍ତିୱାଲେ କାସ୍‌ସିମାନି
ସିସୁଦୁ ପକ୍‌ନାନ୍ । 9 ଆୟା ଲୋକୁ ପ୍ରବୁଦି ଆଗ୍‌ଡ଼ିରାନ୍ ମାରି
ପରାକ୍ରମ୍‌ଦି ଗୌରବ୍‌ଦାନ୍ ୱେର୍‌ଏ ଆଜି ୱିଜୁଦିନ୍‌ତି ଉଣ୍ତିଡ୍ଙ୍ଗ୍
ନାସ୍ଟୁ ଆନାର୍ । (aiōnios g166) 10 ମାତର୍ ଆୟା ନାଣ୍ତିଡ୍ଙ୍ଗ୍ ୱାନ୍
ୱାରି ଲୋକାମାଣୁକୁ ମାରି ୱିଜେରି ବିସ୍‌ବାସ୍‌ତି ଲୋକା ମାଣ୍‌କୁ
ସନ୍‌ମାନ୍ ମାରି ଗୌରବ୍ ପୟ୍‌ନାନ୍ । ଇୟାୱାରି ମାଣ୍‌କୁ ମିର୍ ବା
ମିସାନିଦେର୍, ଇରିଡ୍ଙ୍ଗ୍ ମାପ୍ ମିଡ୍ଙ୍ଗ୍‌ଁ ଆମା କାବୁର୍ ସିତାମାର୍ହାପ୍,
ଆବେନ୍ ମିର୍ ବିସ୍‌ବାସ୍ କିତିମାନିଦେର୍ । 11 ଆୟାଉଣ୍ତିଡ୍ଙ୍ଗ୍ ମାପ୍
ୱିଜୁଦିନ୍ ମି ଉଣ୍ତିଡ୍ଙ୍ଗ୍ ପାର୍‌ତାନା କିଜିନାପ୍ । ମିଡ୍ଙ୍ଗ୍‌ଁ ଆମା ଜିନି
ମାଡ଼ିନି ଉଣ୍ତିଡ୍ଙ୍ଗ୍ ମାପୁରୁ ମିଡ୍ଙ୍ଗ୍‌ଁ କୁକ୍‌ତାମାନାନ୍, ଆକା କିଦେଡ୍ଙ୍ଗ୍ ଇଜି
ମାପ୍ ମାପୁରୁଡ୍ଙ୍ଗ୍ ମାଡ଼ିସ୍ କିଜିନାପ୍ । ୱାନି ସାକ୍ତିଦାନ୍ ୱାନ୍ ମି ୱିଜୁ
ସତ୍‌ପାଣି ପୁରା କିଜି ମି ବିସ୍‌ବାସ୍‌ତିଡ୍ଙ୍ଗ୍ ପିରିସ୍‌କିଜି ପୁରା କିନାନ୍ ।
12 ଆର୍‌ତିଡ୍ଙ୍ଗ୍ ମା ମାପୁରୁ ମାରି ପ୍ରବୁ ଜିସୁ କ୍ରିସ୍ତୁଦି ଦୟାଦାନ୍, ମିର୍
ମା ପ୍ରବୁ ଜିସୁଦି ଦର୍‌ତିଡ୍ଙ୍ଗ୍ ଗୌରବ୍ କିଦେଡ୍ଙ୍ଗ୍ ଆଟ୍‌ନିଦେର୍ ମାରି
ମିଡ୍ଙ୍ଗ୍‌ଁ ବା ୱାନ୍ ଗୌରବ୍ କିନାନ୍ ।

2 ଏ ତଡ଼ାନ୍‌କୁ ନି ତାଡ୍ଙ୍ଗ୍‌ଁକି, ପ୍ରବୁ ଜିସୁ କ୍ରିସ୍ତୁଦି ଡ଼େସିୱାନିଦିନ୍‌ତି
ବିସୟ୍‌ତାନ୍ ମାରି ୱାନି ଲାକ୍‌ତୁ ମାଡ୍ ୱିଜେରେ ଉନ୍‌ଡ୍ରେମାନୁ
ଆନି ବିସୟ୍‌ତାନ୍ ମିଡ୍ଙ୍ଗ୍‌ଁ ବାତିଡ୍ଙ୍ଗ୍‌ମାଲ୍‌ଜିନାପ୍ । 2 ପ୍ରବୁଦି ଦିନ୍
ୱାତାତ୍‌ନି ଇଜି ଏମାଣାନ୍ ୱେନ୍‌ଞ୍ଜି ମିର୍ ଇନ୍‌ଡ୍ଙ୍ଗ୍‌ଁଆନିଡ୍ଙ୍ଗ୍‌ଁ ମାରି
ବେମ୍ରି ଆମାଟ୍ । ମାପ୍ ପ୍ରଚାର୍ କିନିୱାଲେ ଇୟାୱାଜା ଇନି
ମାଟା ୱେର୍‌ତାମାନାପ୍ ମାରି ଇୟା ବିସୟ୍‌ତାନ୍ ଇନିକା ରାସ୍‌ସି
ୱେର୍‌ତାମାନାପ୍ ଇଜି ଏସଲୋକାଡ୍ଙ୍ଗ୍ ଏତ୍ ମାନାତ୍ । 3 ଇୟାୱାଜା
ୱେର୍‌ସି ମିଡ୍ଙ୍ଗ୍‌ଁ ଏନ୍ ଏଣ୍ତେସ୍ ୱାଜାବା ବେମ୍ରି କିମାକିନ୍ । ମାପୁରୁଦି
ବିରୁଦ୍‌ତାନ୍ ସାରାସାରିୱେନ୍‌କାରି ଜୁଦ୍ ଗଟାଇ ସାନ୍ଦ୍ରି ମାରି ଆୟା
ଅଦାର୍ମୁଦି ଲୋକ୍ ପୁରାୱେର୍‌ଇ ସାନ୍ଦ୍ରି ମାରି ୱାନିଡ୍ଙ୍ଗ୍ ନର୍‌କଦି
ପୋକ୍‌ଇ ସାନ୍ଦ୍ରି ପ୍ରବୁଦି ଆୟା ଦିନ୍ ରେଏତ୍ । 4 ଆୟା ତାଗ୍‌ଇଆତ୍ମା
ଲୋକାଦି ୱାର୍‌ଗିଜିସାନିକା ୱିଜୁ ପୁଜାଦି ଦିୟାମ୍ ମାରି ପୁଜାସିତି
ଜିନିସ୍‌ତି ବିରୁଦ୍ କିନାତ୍ ମାରି ନିଜେଦିଡ୍ଙ୍ଗ୍ ୱିଜେରିଡ୍ଙ୍ଗ୍ ମୁସ୍‌କୁ
ଇଡାୟ୍‌ଆଦେଡ୍ଙ୍ଗ୍ ଆସା କିନାତ୍ । ଇୟାୱାଜା ଜେ ୱାନ୍ ମାପୁରୁଦି
ମନ୍ଦ୍ରିର୍‌ତୁ ବାସ୍‌ସି ନିଜେଦିଡ୍ଙ୍ଗ୍ ମାପୁରୁ ଇଜି ତରାନାତ୍ । 5
ମିଡ୍ଙ୍ଗ୍‌ଁ ଇନିକା ଏତ୍ ସିଲେତ୍? ନାନ୍ ମି ୱାଲେ ମାର୍‌ଇୱାଲେ
ମିଡ୍ଙ୍ଗ୍‌ଁ ଇୟାୱିଜୁ ବିସୟ୍ ୱେର୍‌ତାମାର୍‌ଆ । 6 ଏଣ୍ତେସ୍‌ବା ଆୟା
ସନିରାଉ ଇଲେଇ ଗଟାଏତ୍, ଇରିଡ୍ଙ୍ଗ୍ ତାନିଡ୍ଙ୍ଗ୍ ବିରୁଦ୍ କିଦେଡ୍ଙ୍ଗ୍
ଇଲେଇ ଉନ୍‌ଡ୍ରି ସାକ୍ତି ମାନାତ୍, ଆକା ଇନିକା ମିର୍ ନେସ୍‌ନିଦେର୍!
ମାତର୍ ଆୟା ବେଡ଼ାଦୁ ଆୟା ତାଗ୍‌ଇଦୁବା ଇଗାୱାନାତ୍ । 7
ଇୟାଦାପ୍ରେ ୱାନି ମାର୍‌ଗିତିମାନି ତାଗ୍‌ଇ ପାଣି କିଜିନାତ୍; ମାତର୍
ୱାନି ବିରଦ୍‌କିତି ଲୋକ୍ ଆକ ସଲ୍‌ଇ ସାନ୍ଦ୍ରି ଆୟା ଗଟଣେଡ୍ଙ୍ଗ୍
ଗଟେଆଉ । 8 ତାନେୱେନ୍‌କା ଆୟା ତାଗ୍‌ଇ ଦୁବା ଇଗାୱାନାତ୍;
ମାତର୍ ଏସ୍ତିୱାଲେ ପ୍ରବୁ ଜିସୁ ୱାନାନ୍, ୱାନ୍ ୱାନି ୱେୟୁଦି
ପୁଣ୍ତାଦାନ୍ ତାନିଡ୍ଙ୍ଗ୍ ଜୁଦ୍ କିନାନ୍, ମାରି ୱାନି ଜାୟ୍‌ତି ଆଗ୍‌ଡ଼ି ୱାନ୍
ଦଂସ୍ ଆନାନ୍ । 9 ଆୟା ତାଗ୍‌ଇଦୁବା ସୟ୍‌ତାନ୍‌ତି ସାକ୍ତିଦାନ୍
ନାଣ୍ତୁଡାଟ୍ ଆଜି ୱାନାତ୍ ମାରି ନାଣ୍ତୁ କାବାଆନି ପାଣି କିଜି ସାଲାକି
କିନାତ୍ । 10 ଗାଦିଲୋକ୍ ୱାନି ମାଟା ଆସ୍‌ସି ବାୟା ଆଜି ନାସ୍ଟୁ
ଆନାର୍ । ଆମା ସତ୍‌ତିଡ୍ଙ୍ଗ୍ ମାନାଜି ୱାନି ଉଣ୍ତିଡ୍ଙ୍ଗ୍ ମିସାଆଜିମାନି
ମାଣାନ୍ ୱାର୍ ରକିୟା ପୟ୍‌ତାର୍‌ମାନ୍ଧି, ତାନିଡ୍ଙ୍ଗ୍ ମାନାଏତି ମାନିଡ୍ଙ୍ଗ୍
ୱାରି ଇୟା ଦଣ୍ତୁ ଆନାତ୍ । 11 ମାରି, ଇୟାଉଣ୍ତିଡ୍ଙ୍ଗ୍ ୱାର୍ ଏଣ୍ତେସ୍
ମିଚ୍‌ତାନ୍ ବିସ୍‌ବାସ୍ କିନାର୍, ଆୟାଉଣ୍ତିଡ୍ଙ୍ଗ୍ ମାପୁରୁ ୱାରି ଲାକ୍‌ତୁ
ବାୟାଆନି ସାକ୍ତି ପୋକ୍‌ନାନ୍ । 12 ଆମାକାର୍ ସତ୍‌ତାନ୍ ବିସ୍‌ବାସ୍
କିଏର୍, ମାତର୍ ଅଦାର୍ମୁପାଣିଦୁ ୱେଡ଼ିକା କିନାର୍, ୱାର୍ ୱିଜେରେ
ଇୟାୱାଜା ବିଚାର୍ ଆନାର୍ । 13 ଏ ତଡ଼ାନ୍‌କୁ ନି ତାଡ୍ଙ୍ଗ୍‌ଁକି,
ମି ଉଣ୍ତିଡ୍ଙ୍ଗ୍ ମାପୁରୁଡ୍ଙ୍ଗ୍ ୱିଜୁଦିନ୍ ଦନ୍ୟବାଦ୍ ସିନିକା ନେଗେତ୍ ।
ମାତର୍ ପ୍ରବୁ ମିଡ୍ଙ୍ଗ୍‌ଁ ଜିବନ୍‌ନୋନାନ୍ । ସତ୍‌ତାନ୍ ମି ବିସ୍‌ବାସ୍
ଉଣ୍ତିଡ୍ଙ୍ଗ୍ ମାପୁରୁ ମିଡ୍ଙ୍ଗ୍‌ଁ ପ୍ରାତୁମ୍‌ତି ୱାଜା ଆସ୍‌କିତାମାନାନ୍ ଏଣ୍ତେସ୍
ପବିତ୍ରଆତ୍ମାଦି ସାକ୍ତିଦାନ୍ ମିର୍ ରକ୍ୟା ପୟ୍‌ନିଦେର୍ ମାରି ଉନ୍‌ଡ୍ରି
ପବିତ୍ର କୁଟୁମ୍ ଆନାତ୍ । 14 ମି ଲାକ୍‌ତୁ ମାପ୍ ଆମା ସୁସମାଚାର୍
ପ୍ରଚାର୍ କିତାମାନାପ୍, ୱାନି ମାଣାନ୍ ମାପୁରୁ ମିଡ୍ଙ୍ଗ୍‌ଁ ଇୟାଉଣ୍ତିଡ୍ଙ୍ଗ୍
କୁକ୍‌ତାମାନାନ୍ । ମା ପ୍ରବୁ ଜିସୁ କ୍ରିସ୍ତୁଦି ଗୌରବ୍‌ଦୁ ମିସାକିନି
ଉଣ୍ତିଡ୍ଙ୍ଗ୍ ୱାନ୍ ମିଡ୍ଙ୍ଗ୍‌ଁ କୁକ୍‌ତାମାନାନ୍ । 15 ଏ ତଡ଼ାନ୍‌କୁ ନି ତାଡ୍ଙ୍ଗ୍‌ଁକି,
ମା ପ୍ରଚାର୍ ମାରି ମା ବଇଦୁ ମାପ୍ ମି ଲାକ୍‌ତୁ ଆମା ସତ୍ ୱେର୍‌ତା

ମାନାପ୍, ତାନିଙ୍ଗ ଡାଟ୍ତାନ୍ ଆସ୍ସ ଇଡ୍ଦୁ; ଆବେନ୍ ତିଲାଏଣ୍ଗା
ମାନ୍ଡୁ । 16 ମା ପ୍ରବୁ ଜିସୁ କ୍ରିସ୍ତ ନିଜେ ମାରି ମା ଆମା ବୁବା
ମାପୁରୁ ମାଙ୍ଗିଁ ଜିବନ୍ନୋଜି ଦୟାଦାନ୍ ମାଙ୍ଗିଁ ଡାଟ୍ତି ସାସ୍ ମାରି
ନେଗି ଆସା ସିତାମାନାନ୍ । (aiōnios g166) 17 ୱାନ୍ ମି ଜିବନ୍ତିଙ୍ଗ
ୱିଜୁଦିନ୍ ସତ୍ ପାଣି କିଦେଙ୍ଗ ମାରି ସତ୍ ବାକ୍ୟ ୱେର୍ରେତଙ୍ଗ
ପୋକ୍ସି ମାରି ବପୁ ସିପିନ୍ ।

**3** ସାରାସାରିୱେନ୍କା, ଏ ତଡ଼ାନ୍କୁ ନି ତାଙ୍ଗିଁକି, ମା ଉଣ୍ଡ୍ରିଙ୍ଗ
ପାର୍ତାନା କିଦୁ, ଏଣ୍ଡ୍ରେସ୍ ପ୍ରବୁଦି ବାକ୍ୟ ଦାପ୍ରେ ୱେଙ୍ଗିଁତା
ମାର୍ହାତ୍, ଆକା ଏଣ୍ଡ୍ରେସ୍ ମି ଲୋଇ ଆୟାୱାଜା ଦନ୍ୟବାଦ ଲାବ୍
କିନାତ୍ । 2 ମାରି ବା ପାର୍ତାନା କିଦୁ, ମାପୁରୁ ଏଣ୍ଡ୍ରେସ୍ ମାଙ୍ଗିଁ
ତାଗ୍ଇଲୋକୁ ମାରି ସୁରି ଲୋକାମାଣାନ୍କୁ ରକିୟା କିନାନ୍,
ଇରିଙ୍ଗ ୱିଜେରେ ସୁସମାଚାର୍ତୁ ବିସ୍ବାସ୍ କିଏର୍ । 3 ମାତର୍
ପ୍ରବୁ ବିସ୍ବାସ୍ତିକାନ୍! ୱାନ୍ ମିଙ୍ଗିଁ ସାକ୍ତି କିନାନ୍ ମାରି ତାଗ୍ଇ
ଆତ୍ମାଦାନ୍ ରକ୍ୟା କିନାନ୍ । 4 ମି ମୁସ୍କୁ ଆସା ଇଡ୍ଦେଙ୍ଗ ପ୍ରବୁ
ମାଙ୍ଗିଁ ଆସା ସିତାମାନାନ୍ ମାରି ମାପ୍ ଆମାକା ୱେର୍ସିନାପ୍, ଆକା
ମିର୍ ଜେ କିଜିନିଦେର୍ ମାରି କିଜିମାନିଦେର୍, ଇୟା ବିସୟ୍ତାନ୍
ମାପ୍ ଜେ ନେସ୍ନାପ୍ । 5 ମାପୁରୁଦି ଜିବନ୍ନୋନିକା ମାରି
କ୍ରିସ୍ତସିତିମାନି ସାସ୍ଆସ୍ନି ନାଣ୍ଡ୍ରଦାନ୍ ନାଣ୍ଡ୍ର ନେସ୍ନି ଉଣ୍ଡ୍ରିଙ୍ଗ ପ୍ରବୁ
ମିଙ୍ଗିଁ ସାକା ଆପିନ୍ । 6 ଏ ତଡ଼ାନ୍କୁ ନି ତାଙ୍ଗିଁକି, ଆମାକାର୍
ଗାଡ଼ିଆ ଜିବନ୍ତାନ୍ ଜିଜିନାନ୍ ମାରି ମା ମାଣ୍କୁ ପୟ୍ତି ସିକିୟା
ଇସାବ୍ତାନ୍ ପାଣି କିଏନ୍; ପ୍ରବୁ ଜିସୁ କ୍ରିସ୍ତଦି ଦର୍ତାନ୍ ମିଙ୍ଗିଁ ଇୟା
ମାଟା ୱେର୍ସିନାପ୍, ଆୟା ତଡ଼ାନ୍କାମାଣୁକୁ ଆକ ମାନ୍ଡୁ । 7
ଏଣ୍ଡ୍ରେସ୍ବା ମିର୍ ନେସ୍ତିମାନିଦେର୍, ମି ପାଣିକିତି ୱେନ୍କା ମାଙ୍ଗିଁ
ଏତ୍ କିନିକା ମାନାତ୍ । ମି ୱାଲେ ତେବାତିମାର୍ଇ ୱାଲେ ମାପ୍
ଗାଡ଼ିଆ ଆଏପ୍ ମାର୍ହାପ୍ । 8 ମାରି ଇନିକା ସିଲେଣେଗା ମାପ୍
ଏମାଣାନ୍ ଜାୱା ଉଣୁଏପ୍ ମାର୍ହାପ୍, ମାରି ଏ ମୁସ୍କୁ ବୋଜୁ ଆଇ
ଉଣ୍ଡ୍ରିଙ୍ଗ ମାପ୍ କାସ୍ଟ ପୟ୍ଜି ୱେଡ଼େନାଡ଼ା ପାଣି କିତାମାର୍ହାପ୍ । 9
ମିମାଣୁକୁ ଇନିକା ଲସ୍ତେଙ୍ଗ ଜେ ମା ଅଦିକାର୍ ସିଲେତ୍, ଆକା
ସିଲେ, ମାତର୍ ଏଣ୍ଡ୍ରେସ୍ ମିର୍ ମାଙ୍ଗିଁ ଏତ୍ କିଦୁ; ଇୟାଉଣ୍ଡ୍ରିଙ୍ଗ ମାପ୍
ମି ଲାକ୍ତୁ ନିଜେ ନିଜେଦିଙ୍ଗ ନେଗିକାନ୍ ୱାଜା ତର୍ତେଙ୍ଗିଁ ଇଜି
ଆୟାୱାଜା କିତାପ୍ । 10 ମି ୱାଲେ ମାର୍ଇବେଡ଼ାଦୁ ମାପ୍ ମିଙ୍ଗିଁ
ୱେର୍ତାମାର୍ହାପ୍, “ଆମା ଲୋକ୍ ପାଣି କିଦେଙ୍ଗ ବଦା କିଏନ୍,
ୱାନ୍ ଉଣୁମାକିନ୍ ।” 11 ଇୟା ମାଟା ମାରି ୱେର୍ସିନାପ୍, ଇରିଙ୍ଗ
ମାପ୍ କାବୁର୍ ୱେର୍ଆମାନାପ୍ ଜେ, ମି ଲୋଇରାନ୍ ଏସଲୋକ୍
ଗାଡ଼ିଆ ଜିବନ୍ତାନ୍ ଜିଜିନାର୍ ମାରି ଆଇ ଲୋକା ପାଣିଦୁ
ଆର୍ଏ ତେବାନିକା ଡ଼ିସ୍ସି ଆଇକା ଇନିକା କିଏର୍ । 12 ପ୍ରବୁ
ଜିସୁ କ୍ରିସ୍ତଦି ଦର୍ତାନ୍ ମାପ୍ ଆୟା ଲୋକାଙ୍ଗ ଜାଗାର୍ତା କିଜି
ଆଦେସ୍ ସିଜିନାପ୍, ୱାରି ଜିବନ୍ତୁ ମାରି ଅଡ଼ପ୍ ସେତା ଆଜି
ନିଜେଦି ଜିନିକା ତିଆର୍ କିଦୁ । 13 ମାତର୍ ତଡ଼ାନ୍କୁ ନି ତାଙ୍ଗିଁକି,
ମିର୍ ନେଗିପାଣି କିଦେଙ୍ଗ ୱାନ୍ଦମାଟ୍ । 14 ଇୟା ଆକୁଦୁ ମିଙ୍ଗିଁ
ଆମାକାବୁରୁ ପୋକ୍ତାଜିନାପ୍, ଆତିଙ୍ଗ ମି ଲୋଇରାନ୍ ଏନ୍ ଆକା
ମାନାଦେଙ୍ଗ ବଦା କିଏନ୍ । ଆୟାୱାଜା ଲୋକ୍ତିଙ୍ଗ ଚିନିସ୍କିଜ
ଇଡ୍ଦୁ ମାରି ୱାନି ୱାଲେ ମି ମିସାବିଡ଼ା ଡ଼ିସ୍ସସିଦୁ । ଆର୍ତିଙ୍ଗ,
ୱାନ୍ ସେମାର୍ ଆନାନ୍ । 15 ମାତର୍ ୱାନି ଉଣ୍ଡ୍ରିଙ୍ଗ ସାତ୍ରୁ ଇଜି
ଅଡ଼ବିମାଟ୍, ତଡ଼ାନ୍ ୱାଜା ୱାନିଙ୍ଗ ଜାଗାର୍ତା କିଦୁ । 16 ଆମା
ପ୍ରବୁ ମା ସାନ୍ତି ସିନାନ୍, ୱାନ୍ ମିଙ୍ଗିଁ ୱିଜୁଦିନ୍ ସାନ୍ତି ସିପିନ୍ । ପ୍ରବୁ ମି
ୱିଜେରି ଲାକ୍ତୁ ମାନିନ୍ । 17 ନାନ୍ ନିଜେଦି କିୟୁଦାନ୍ ଇକା
ରାସ୍ସିନା “ପାଉଲଦିମାଣାନ୍ ମାଡ଼ିସ୍କିନିକା” ନା ୱିଜୁ ଆକୁଦୁ
ଇକା ସିନାଦି ୱାଜା, ନାନ୍ ଇୟାୱାଜା ରାସ୍ନା । 18 ମା ପ୍ରବୁ ଜିସୁ
କ୍ରିସ୍ତଦି ଦୟା ମିର୍ ୱିଜିଦେର୍ ଜିବନ୍ତୁ ଅଡ଼୍ବିଦୁ ।

# ୧ ତିମତି

1 ନାନୁ ପାଉଲ, ମା ରକିୟାକର୍ତ୍ତା ମାପୁରୁ ମାରି ଆସାଦିମୁଣ୍ତା କ୍ରିସ୍ତ
ଜିସୁଦି ମାଟା ଇସାବ୍ତାନ୍ କ୍ରିସ୍ତ ଜିସୁଦି ଅରେନ୍ ପୋକ୍ତିମାନି
ସିସୁ, 2 ୱାନି ଦାର୍ମୁମାରିସି ତିମତିଦି ଲାକ୍ତୁ ରାସ୍ତିମାନି ଆକୁ:
ବୁବା ମାପୁରୁ ମାରି ମା ପ୍ରବୁ କ୍ରିସ୍ତ ଜିସୁଦିମାଣାନ୍ ଦୟା, ସାକା
ମାରି ସାନ୍ତି ମି ଉଣ୍ତିଙ୍ଗ ଆପିତ୍ । 3 ନାନ୍ ମାସିଦୋନିଆଦୁ
ସନିୱାଲେ ମିଙ୍ଗେଁ ୱେର୍ତିମାର୍ଇ ଇସାବ୍ତାନ୍ ମିର୍ ଏପିସ୍ତୁ
ମାନ୍ଦୁ । ଆବେନୁ ଆମାକାର୍ ତାଗ୍ଇ ସିକିୟା ୱିଜୁ ସିଜିନାର୍,
ୱାରିଙ୍ଗ ଆବେଟ୍ତାନ୍ ସୁପ୍ ଆଦେଙ୍ଗ ଇଜି ଆଦେସ୍ ସିଦୁ । 4
ୱାର୍ ପୁର୍ବେଦି କାତେଙ୍ଗ ନି ପୁର୍ବେଦିଡକ୍ରାଦାଦାରି ନିର୍ଇ ଦାଡ଼ି
ତିଆର୍ କିଜିନାର୍ । ଆୟାୱିଜୁ ଡ଼ିସ୍ତେଙ୍ଗ ୱାରିଙ୍ଗ ସିକିୟା ସିଦୁ,
ଇରିଙ୍ଗ ଆକା କେବଲ୍ ତାଗ୍ଇ ମାଟେଙ୍ଗ ସପ୍ନାତ୍ । ଆମା ନେଗି
ବିସ୍ବାସ୍ତୁ ମାପୁରୁଦି ବଦା ନେସ୍ତେଙ୍ଗ ଆନାତ୍, ଇୟାୱିଜୁ
ତାନିଙ୍ଗ ବାଦା କିନାତ୍ । 5 ନେଗି ଜିବନ୍, ନେଗି ବୁଦି ମାରି
ସତ୍ ବିସ୍ବାସ୍ତାନ୍ ଆମା ଜିବନ୍ନୋନିକା ସନାତ୍, ତାନିଙ୍ଗ
ଜାଗାର୍ତା କିନି ଉଣ୍ତିଙ୍ଗ ନେରୁ ନାନ୍ ଇୟା ଆଦେସ୍ ସିଜିନା । 6
ଏସ ଲୋକୁ ଇୟା ମୁକିୟ ବିସୟ୍ଆଙ୍ଗ ବାଣାଜି ସୋଲ୍ସି ପୁକା
ମାଟେଙ୍ଗ ଆସ୍ସି ସାରିବାଣାତା ମାନାର୍ । 7 ୱାର୍ ଦାର୍ମୁଗୁରୁ ଆଜି
ମାପୁରୁଦି ବିଦି ନିୟମ୍ ୱେର୍ତେଙ୍ଗ ୱାର୍ ଆସାଆନାର୍, ମାତର୍
ନିଜେଦି ସିକିୟାଦି ଅରତ୍ ୱାର୍ ବୁଜାଦେଙ୍ଗ ଆଟ୍ଏର୍; ଆମା ୱିଜୁ
ବିସୟ୍ତାନ୍ ସତ୍ତାନ୍ ନିଜେଦି ମାଟା ୱେର୍ନାର୍, ଆକା ସତ୍ତାନ୍
ଇନିକା, ୱାର୍ ନେସ୍ଏର୍ । 8 ମାଡ୍ ନେସ୍ନାଟ୍ ଜେ, ନିୟମ୍
ନେଗେନ୍ତାନ୍ ମାନାଦେଙ୍ଗ ଆଟ୍ତିଙ୍ଗ, ଆକା ନେଗିକା । 9 ମାତର୍
ମନେ ଇଡ଼୍ଦେଙ୍ଗ ଆନାତ୍, ଇୟା ନିୟମ୍ ଦାର୍ମୁଦି ଲୋକା ଉଣ୍ତିଙ୍ଗ
ଆଏତ୍ । ନିୟମ୍ତିଙ୍ଗ ମାନାଇ ପାପିଦିଲୋକା ଉଣ୍ତିଙ୍ଗ ଆକା
ତିଆର୍ ଆତାମାନାତ୍ । ଆମାକାର୍ ତାଗ୍ଇକାର୍, ଆମାୱାରିଙ୍ଗ
ମାପୁରୁଙ୍ଗ ତିୟେଲ୍ ସିଲେ, ଆମାକାର୍ ପାପ୍ ତାଗ୍ଇପାଣିଦୁ
ମିସାତାମାନାର୍, ଆମାୱାରିଙ୍ଗ ଦାର୍ମୁ ନି ସାନ୍ତିଜିବନ୍ ସିଲେତ୍,
ଆମାକାର୍ ବୁବାୟାୟ୍ଙ୍ଗେ ସାୟାମାର୍ଗାଡାକ୍ତେଙ୍ଗ ତିୟେଲ୍
ଆଏର୍; ଲୋକାଙ୍ଗ ସାୟାମାର୍ଗାଡାକ୍ନିକା, 10 ଲାଲାୟ୍ଆନି,
ଲୋକାଙ୍ଗ ଡଙ୍ଗାଁକିନିକାର୍ ମାରି ମିଚ୍ ମାଟା ୱେର୍ତେଙ୍ଗ ଆମାକାର୍
ଅବ୍ୟାସ୍, ମିଚ୍ ସାକି ସିନାର୍ ଆମାକାର୍ ୱିଜୁ ସତ୍ସିକିୟାଦୁ
ବିରୁଦ୍ କିନାର୍, ୱାରି ଉଣ୍ତିଙ୍ଗ ନିୟମ୍ ନେଗିକା । 11 ଗୌରବ୍ମୟ୍
ଦନ୍ୟ ମାପୁରୁଦି ନେଗି କାବୁର୍ ପ୍ରଚାର୍ କିନି ଦାଇତ୍ ନା ମୁସ୍କୁ
ସିଆୟ୍ଆତା ମାନାତ୍ । 12 ନା ଦାଇତ୍ କିଦେଙ୍ଗ ନାଙ୍ଗେଁ ଦୟା
କିତିମାନିଙ୍ଗ ମା ପ୍ରବୁ ଜିସୁ କ୍ରିସ୍ତୁଙ୍ଗ ଦନ୍ୟବାଦ୍ ସିଜିନା । ପୁର୍ବେ
ନାନ୍ ୱାନିଙ୍ଗ ନିନ୍ଦା କିଜିମାର୍ଆ, ୱାନିଙ୍ଗ କାସ୍ଟ ନି ଅପ୍ମାନ୍
ସିଜିମାର୍ହା । ମାରିବା ୱାନ୍ ନାଙ୍ଗେଁ ବିସ୍ବାସ୍ ବୁଦି କିଜି ୱାନି ସେବା
ଉଣ୍ତିଙ୍ଗ ଆସ୍କିତାମାନାନ୍ । 13 ମାରିବା ନାନ୍ ପୁର୍ବେ ନିନ୍ଦା,
କାସ୍ଟସିନିକା ମାରି ଲୋକାଙ୍ଗ ସାୟାମାର୍ଗାଡାକ୍ନିକାନ୍ ମାର୍ହା;
ମାତର୍ ନାନ୍ ବିସ୍ବାସ୍ କିଇ ଉଣ୍ତିଙ୍ଗ ନେସ୍ଏଣ୍ଗା ଆକା ୱିଜୁ
କିତାମାର୍ହା, କେମା କିଜି ମାପୁରୁ ନା ଉଣ୍ତିଙ୍ଗ ସାକା ଆତାମାନାନ୍
। 14 ମାରି, ମା ପ୍ରବୁ ଜିସୁ ମାରି ଦୟା କ୍ରିସ୍ତ ଜିସୁଦି ୱାଲେ
ମିସାଜି ବିସ୍ବାସ୍ ମାରି ଜିବନ୍ନୋନିକା ଆୟାୱାଜା ନା ଉଣ୍ତିଙ୍ଗ
ଅଦିକ୍ ନାଣ୍ତ ଆତାତ୍ । 15 ପାପି ଲୋକାଙ୍ଗ ରକିୟା କିନି ଉଣ୍ତିଙ୍ଗ
କ୍ରିସ୍ତ ଜିସୁ ଜଗତ୍ଦୁ ୱାତାନ୍, ଇକା ଉନ୍ତ୍ରି ପୁରା ସତ୍ ଇୟା
ବାକ୍ୟ ବିସ୍ବାସ୍ ମାରି ୱିଜେରେ ମାନାନାର୍; ଆୟା ପାପି ଲୋକା
ଲୋଇରାନ୍ ନାନ୍ ୱିଜେରିମାଣ୍ତୁକୁ ପେରିକାନ୍ । 16 ମାତର୍
ନା ୱାଜା ଉନ୍ତ୍ରି ପାପି ଉଣ୍ତିଙ୍ଗ ବା ମାପୁରୁଦି ଦୟା ମାରି କ୍ରିସ୍ତ
ଜିସୁଦି ସାକା ନାଙ୍ଗେଁ ଉନ୍ତ୍ରି କାତା କିଜି ଇଟ୍ତାମାନାତ୍ ଆଇକାର୍
ଏଣ୍ତେସ୍ ଜିସୁଦିମାନୁ ବିସ୍ବାସ୍ ତିଆର୍ କିଜି ଏସ୍କାଙ୍ଗୱିଜିଇ
ଜିବନ୍ ପୟ୍ନାନ୍ । (aiōnios g166) 17 ୱିଜୁ ଦୁନିଆଦି ତରାଇ,
ୱିଜ୍ଇ, ୱିଜୁଦିନ୍ତି ରାଜା ଅରେନ୍ ମାପୁରୁ ଜେ, ୱାନି ସମ୍ମାନ
ଗୌରବ୍ ଜୁଗ୍ ଜୁଗ୍ ଆପିତ୍! ଆମେନ୍ । (aiōn g165) 18 ଏ କଡ଼
ତିମତି, ମି ବିସୟ୍ତାନ୍ ଆଗ୍ଡ଼ି ରାସ୍ତିମାନି ୱିଜୁ ବାବବାଣି
ଇସାବ୍ତାନ୍ ନାନ୍ ନିଙ୍ଗେଁ ଇୟା ମାଟା ୱେର୍ସିନା, ଏଣ୍ତେସ୍ ନିନୁ
ଆୟାୱିଜୁ ବାବବାଣି ସାହାଜ୍ୟଦାନ୍ ନେଗେନ୍ତାନ୍ ଜୁଦ୍ କିଦେଙ୍ଗ
ଆଟ୍ନିଦେର୍; 19 ବିସ୍ବାସ୍ ମାରି ନେଗି ବୁଦି ଆସ୍ସୋ ଇଡିଆ;
ଆକା ଡ଼ିସ୍ତାର୍ଆକା ଏସଲୋକାଙ୍ଗ ଦାର୍ମୁ ବିସ୍ବାସ୍ ରୁଙ୍ଗେଁତା
ସର୍ହାତ୍ । 20 ୱାରି ମାଣ୍କୁ ହୁମନାୟ ମାରି ଆଲେକ୍ଜାଣ୍ତର୍
ଆଇକାର୍; ଇୟାକାର୍ ଏଣ୍ତେସ୍ ସାସନ୍ ପୟ୍ଆୟ୍ ମାପୁରୁଙ୍ଗ ନିନ୍ଦା
କିଏର୍, ଇୟାଉଣ୍ତିଙ୍ଗ ନାନ୍ ୱେରିଙ୍ଗ ସୟ୍ତାନ୍ କିୟୁଦୁ ସର୍ପେ
କିତା ।

2 ନାନ୍ ପାର୍ତୁମ୍ ଅନୁରୋଦ କିଜିନା, ପାର୍ତନା କିନିୱାଲେ,
ୱିଜେରେ ଉଣ୍ତିଙ୍ଗ ମାପୁରୁମାନୁ ପାର୍ତନା କିଦୁ, ମାଡ଼ିସ୍କିଦୁ
ମାରି ଦନ୍ୟବାଦ୍ ସିଦୁ । 2 ଇୟାୱାଜା ଆଇ ସାସନ୍କିନିୱାରିଙ୍ଗ
ମାରି ରାଜାରିଙ୍ଗ ପାର୍ତନା କିଦୁ, ଏଣ୍ତେସ୍ ମାପୁରୁଦି ବକ୍ତିଦାନ୍
ସାନ୍ତିଦାନ୍ ତେବାନିକା ମାରି ଆଇୱାରି ଉଣ୍ତିଙ୍ଗ ନେଗେନ୍ତାନ
ୱେଡ଼ିକାଦାନ୍ ଜିନିକା 3 ଇୟାନାନି ପାର୍ତନା ରକିୟା କିନି
ମାପୁରୁ ଆଗ୍ଡ଼ି ଟିକ୍ ନି ଜଗ୍ । 4 ୱିଜେରେ ଏଣ୍ତେସ୍ ରକିୟା
ମାରି ସତ୍ ବିସୟ୍ତାନ୍ ଜ୍ଞାନ୍ ପୟ୍ନାର୍, ୱାନ୍ ଇକା ବଦା କିନାନ୍
। 5 ଇରିଙ୍ଗ ଅରେନ୍ମାତର୍ ମାପୁରୁ ମାନାନ୍, ମାରି ମାପୁରୁ ମାରି
ଲୋକା ଲଇ ଅରେନ୍ମାତର୍ ନାଡ଼୍ମି ମାନାନ୍, ୱାନ୍ କ୍ରିସ୍ତ ଜିସୁ,
ଅରେନ୍ ଲୋକ୍; 6 ୱାନ୍ ୱିଜେରିଙ୍ଗ ମୁକୁଡ଼ାକିନି ଉଣ୍ତିଙ୍ଗ ନିଜେଦିଙ୍ଗ
ଦାନ୍ ସିଜି ଇବେଣାନ୍ ଟିକ୍ ୱେଡ଼ାଦୁ ପାର୍ମାଣ୍ ଆତାମାନାତ୍
ଜେ, ମାପୁରୁ ୱିଜୁ ଲୋକାଙ୍ଗ ସାକ୍ୟ ସିଦେଙ୍ଗ ଇଚ୍ଛା କିନାନ୍ ।
7 ଆୟା ସତ୍ ମାରି ବିସ୍ବାସ୍ତି କାବୁର୍ ଅଣଜିହୁଦିରି ଲାକ୍ତୁ
ୱେର୍ତେଙ୍ଗ ନାନ୍ ଅରେନ୍ ସିସୁ ମାରି ଗୁରୁ ୱାଜା ୱାତା ମାନା ।
ନାନ୍ ମିଚ୍ ୱେର୍ଏ, ଆମାକା ୱେର୍ସିନା, ଆକା ୱିଜୁ ପୁରା ସତ୍
। 8 ପାର୍ତନାଦୁ ମାପୁରୁଦି ଦାର୍ମୁ ଲୋକୁ କିୟୁ ମୁସ୍କୁ ପେର୍ଜି
ରିସା ନି ସୁରିୱାର୍ଗିଏନ୍ତ୍ରା ପାର୍ତାନା କିପିର୍ । 9 ଆଇମେକାଙ୍ଗେଁ

ନା ଅନୁରଦ୍, ୱାକୁ ଜାତୁନ୍ ଆପିୱି । ନାଣ୍ଡୁଦାରାଦି ୱାତିଗନ୍ଦ୍ରା
ଆରାନିକା, କୁକୁଟି ରଙ୍ଗ ଉସାଏନଣ୍ଡା ମାରି ବାଙ୍ଗାଁରାମ୍ତାନ୍
ନିଜେଦିଙ୍ଗ ତିଆର୍ଆଏଣ୍ଗା, 10 ଆଇମେକ୍ ସତ୍ ପାଣିଦାନ୍
ନିଜେଦି ଦାର୍ମୁବିସୟ୍ତି ତରିୱି । 11 ଆଇମେକ୍ ତିର୍ଆଜ
ନେଗେନ୍ତାନ୍ ସିକିୟା ମାନାନିକା ମାନାତ୍ । 12 ଉପଦେସ୍
ସିନିକା ମାରି ଲୋକାଦି ମୁସ୍କୁ ସାସନ୍ କିନି ଉଣ୍ତିଙ୍ଗ ଅଦିକାର୍
ନାନ୍ ଆଇମେକାଙ୍ଗାଁ ସିଏ । ୱାକୁ ତିର୍ଆଜ ମାନିୱି । 13 ଇରିଙ୍ଗ
ଆଦମ୍ ପୁର୍ବେ ତିଆର୍ ଆତାମାର୍ହାନ୍; ତାନେୱେନ୍କା ହବାଦି
ତିଆର୍ କିତାନ୍, 14 ମାରି ଆଗ୍ଡ଼ି ଆଦମ ଲାଲାୟ୍ ଆଇତିମାରିଙ୍ଗ,
ଆଇମାନୁ ଲାଲାୟ୍ଆଜି ପାପ୍ କିଜି ମାପୁରୁଦି ମାଟା ମାନାଏତାତ୍
। 15 ମାତର୍ ୱାକୁ ନେଗି ବୁଦିଦାନ୍ ବିସ୍ବାସ୍, ଜିବନ୍ନୋନିକା
ମାରି ପବିତ୍ରଦାନ୍ ତିର୍ ତେବାତିଙ୍ଗ, ୱାଦ୍ କଡ଼ ଜନମ୍ କିନି ମାଣ୍ଡୁକୁ
ରକିୟା ପୟ୍ନାତ୍ ।

**3** ଇୟା ମାଟା ସତ୍, ପାର୍ତନା କିନି ମଣ୍ଡୁଲିଦୁ ନେତା ଆନି
ଉଣ୍ତିଙ୍ଗ ଆମା ଲୋକ୍ ବଦା କିନାନ୍, ୱାନ୍ ସତ୍ ଉଣ୍ତି ନେଗି
ପାଣି କିଦେଙ୍ଗ ବଦା କିନାନ୍ । 2 ମାତର୍ ମଣ୍ଡୁଲିଦିଙ୍ଗ ସୁଡୁନିକାନ୍
ଇନିଦୋସ୍ସିଲି ଲୋକୁ ଆନିକାମାନାତ୍, ଅରେତ୍ ଆଇମାଦି
କନ୍ଲି, ମିଚ୍ ଇନ୍ଇକା, ନେଗିବୁଦି ମାରି ସେବାକିନିକା ଆନି
ଦର୍କାର୍ । ୱାନ୍ କୁଡ଼ାଆଙ୍ଗ ସନ୍ମାନ୍କିନିକା ଆନିମାନିକା ମାରି
ସିକିୟାଦାନ୍ କିଦେଙ୍ଗ ୱାନି ବପୁ ମାନିକାମାନାତ୍ । 3 ୱାନ୍
କାଡୁଉଣିକାନ୍ ନି ରିସାଦି ଲୋକ୍ ଆଇକା ମାନାତ୍, ତିର୍ ମାରି
ସାନ୍ତିଦି ଲୋକ୍ ଆନିକା ମାନାତ୍ । ୱାନ୍ ଦନ୍ତିଙ୍ଗ ଆସାଇକା
ମାନାତ୍ । 4 ନିଜେଦି ଇଲୁପରିବାର୍ତିଙ୍ଗ ୱାନ୍ ନେଗେନ୍ତାନ୍
ସାଲାକିଦେଙ୍ଗ ଆଟ୍ସିମାନାନ୍ ମାରି ୱାନିଙ୍ଗ ସନ୍ମାନ୍ ସିଜି ୱାନି
ରାଜି ଆନି ଉଣ୍ତିଙ୍ଗ ୱାନି କଡ଼ର୍ ସିକିୟା ସିନାନ୍ । 5 ଆମା
ଲୋକ୍ ନିଜେଦି ଇଲୁପରିବାର୍ତିଙ୍ଗ ସାଲାକିଦେଙ୍ଗ ଆଟ୍ଏନ୍, ୱାନ୍
ମାପୁରୁଦି ଉପାସକ୍ ମଣ୍ଡୁଲିଦିଙ୍ଗ ଜାତୁନ୍ ଅନାନ୍ ଏଣ୍ତେସ୍? 6
ୱାନ୍ ବିସ୍ବାସ୍ତୁ ପୁରା ତେବାନିକା ମାନାତ୍; ଆଇତିଙ୍ଗ ସୟ୍ତାନ୍
ୱାଜା ଗର୍ବ କିଜି ଦଣ୍ଡ ପୟ୍ନି ମାଟା ମାନାତ୍ । 7 ମଣ୍ଡୁଲି
ଆତେରେ ଲୋକାମାନୁବା ୱାନ୍ ଅରେନ୍ ସନ୍ମାନ୍ ପଇନି ଲୋକ୍
ଆନିକା ମାନାତ୍, ଉସାସ୍ତାନ୍ ସୟ୍ତାନ୍ତି ଉରିଦୁ ଆର୍ଜି ୱାନ୍
ଏଣ୍ତେସ୍ ଅପ୍ମାନ୍ ଆନାନ୍ । 8 ମଣ୍ଡୁଲିଦି ସେବାକିନିକାର୍ ବା
ନେଗିଗୁଣ୍ଡୁ ମାରି ନେଗିପାଣିକିଦେଙ୍ଗ ଆନି ଦର୍କାର୍ । ୱାର୍
କାଡୁଉଣିକାର୍ ନି ଦନ୍ତିଙ୍ଗ ଆସାନିକାର୍ ଆଏର୍ ମାନାର୍ । 9
ମା ଦାର୍ମୁ ବିସ୍ବାସ୍ତି ୱେର୍ଆୟ୍ଆତିମାନି ମାଟେଙ୍ଗୱିଜୁ ୱାର୍
ନେଗି ବୁଦିଦାନ୍ ଡାଟ୍ତାନ୍ ବିସ୍ବାସ୍ କିଜିମାନାର୍ । 10 ମଣ୍ଡୁଲିଦି
ପାଣି କିଦେଙ୍ଗ ଅଦିକାର୍ ପୟ୍ନି ଆଗ୍ଡ଼ିନେ ୱାରିଙ୍ଗ ବା ପରିକା
କିପିର୍ । ଇୟା ପରିକାଦୁ ନିନ୍ଦ୍ରା ସିଲିକାନ୍ ଇଜି ତରିତିଙ୍ଗେନ ୱାର୍
ସେବା ପାଣିକିଦେଙ୍ଗ ଅଦିକାର୍ ପୟ୍ନାର୍ । 11 ୱାରି ଆଡ଼୍ସିକ୍
ବା ନେଗିଗୁଣ୍ଡୁ ଆନେମାନେ ମାରି ଆଇ ଲୋକା ସୁରି ମାଟା
ୱେର୍ଇକା ମାନାତ୍ । ୱାକୁ ମିଚ୍ୱେର୍ନିକା ମାରି ୱିଜୁ ବିସୟ୍ତୁ
ବିସ୍ବାସ୍ ଆନିକା ଦର୍କାର୍ । 12 ସେବାକିନିକାର୍ ଅରେତ୍
ଆଇମାଦି କନ୍ଲି ଆପିନ୍, ମାରି ନିଜେଦି ଇଲୁପରିବାର୍ତିଙ୍ଗ ମାରି
କଡ଼ରିଙ୍ଗ ନେଗେନ୍ତାନ୍ ସାଲାକିଦେଙ୍ଗ ଆଟ୍ସିନିକା ମାନାନ୍ ।
13 ସେବାକିନି ଇସାବ୍ତାନ୍ ଆମାକାର୍ ନେଗିପାଣି ତର୍ନାର୍,
ୱାର୍ ମଣ୍ଡୁଲିଦୁ ସନ୍ମାନ୍ କିନାର୍ ମାରି କ୍ରିସ୍ତ ଜିସୁଦି ବିସ୍ବାସ୍
ବିସୟ୍ତାନ୍ ତିଲାଏଣ୍ଗା ନିଜେଦି ମାଟା ୱେର୍ତେଙ୍ଗ ଆଟ୍ନାର୍ ।
14 ଇୟା ଆକୁ ରାସ୍ନି ୱାଲେ, ଦାପ୍ରେ ମିଙ୍ଗାଁ ସୁଡୁଜ ୱାନି ଉଣ୍ତିଙ୍ଗ
ନାନ୍ ଆସା କିଜିନା, 15 ମାତର୍ ଜଦି ନାନ୍ ୱାନିକା ୱେଡ଼ା ଆନାତ୍,
ଜିବନ୍ମାନି ମାପୁରୁଦି ଇଲୁୱାଜା ଇୟା ପାର୍ତନାକିନି ମଣ୍ଡୁଲିଦୁ
ମାଙ୍ଗାଁ ଏଣ୍ତେସ୍ ଜିଦେଙ୍ଗ ଆନାତ୍, ଇୟା ଆକୁ ଦାନ୍ ଆକା ମିର୍
ନେସ୍ତେଙ୍ଗ ଆଟ୍ନିଦେର୍ । ଇୟା ମାପୁରୁଦି ମଣ୍ଡୁଲି ନେ ୱିଜୁଦିନ୍ତି
ସତ୍ତି ମୁଣ୍ଡା ନି କୁନାଦି ରାସ୍ତିକା । 16 ମା ଦାର୍ମୁବିସ୍ବାସ୍ତି ଇୟା
ପେରିବିସୟ୍ ଏନ୍ ମାନାଦେଙ୍ଗ ଆଟ୍ଏନ୍: କ୍ରିସ୍ତ ଲୋକା ମେନ୍ଦ୍ରଲ୍
ଆସ୍ସି ରେତାତାନ୍, ମୁସ୍କୁପୁର୍ତି ଦୁତ୍କୁ ମାଣ୍ଡୁକୁ ତରାୟ୍ଆତାନ୍,
ଡାଟ୍ ତେବାନାନ୍ ଇଜି ୱାରିଙ୍ଗ୍ ପୁରାନେସ୍‌ନିୱାଜା ୱେର୍‌ନି ଉଣ୍ତିଙ୍ଗ୍
ୱାନ୍ ୱାନି ବାଦ୍‌ତି ୱାଲେ ପାର୍‌ମାଣ୍ ମିସା କିତାମାର୍ହାନ୍ । 18 ୱାନି
ବାଦ୍ ମାରି ପାର୍‌ମାଣ୍ ବାଦ୍‌ଲେଆଏତାତ୍, ଆକା ରୁକିସ୍ ମାପୁରୁ
ମିସ୍ୱେର୍‌ନିକାନ୍ ଆଏନ୍ । ଆୟାମାଣୁକୁ ଆଗ୍‌ଡ଼ି ମାନି ଆସାଦିଙ୍ଗ୍
ଆସ୍‌ନି ଉଣ୍ତିଙ୍ଗ୍ ଡର୍‌ନିବାଡିଦୁ ଉରୁକ୍‌ତାପ୍ ଜେ ମାପ୍, ମାପ୍ ଡାଟ୍
ୱେଡ଼ିକା ପୋଇନାପ୍ । 19 ଇୟା ଆସା ମା ଜିବନ୍‌ତି ତଅକା
ୱାଜା । ଇକା ଆସାସିନିକା ନି ରକିୟାକିନିକା ମାରି ମୁସ୍‌କୁପୁର୍‌ତି
ମନ୍ଦିର୍‌ତି ପାର୍‌ଦାଦିଙ୍ଗ୍ ବରୋକିଜି ମହାପବିତ୍ର ବାଡିଦୁ ଇଡେଙ୍ଗ୍
ଆଟ୍‌ତାମାନାତ୍ । 20 ମା ପାଣିକିନିସିନି ୱାଜା ଜିସୁ ଆଗ୍‌ଡ଼ିନେ
ଆବେନ୍ ସର୍ହାନ୍‌ନି । ୱାନ୍ ମଲ୍‌କିସେଦକତି ଉତରାଦିକାରି
ୱାଜା ୱିଜୁଦିନ୍‌ତି ଉଣ୍ତିଙ୍ଗ୍ ପେରିଜାଜକ ଆତାମାନାନ୍ । (aiōn
g165)

7 ଇୟା ମଲ୍‌କିସେଦକ ସାଲେମତି ରାଜା ମାରି ପେରି ମାପୁରୁଦି
ଜାଜକ ମାର୍ହାନ୍ । ଅବ୍ରାହାମ ନି ୱାନି ସାଙ୍ଗ୍‌ର୍ ଏସ୍ତିୱାଲେ
ନାଲ୍‌ଏର୍ ରାଜାରିଙ୍ଗ୍ ଆରାକିଜି ଜୁଦ୍‌ଦାନ୍ ୱାଜିମାର୍‌ଇ ବେଡ଼ାଦୁ,
ନାସ୍ତିୱାଲେ ମଲ୍‌କିସେଦକ ୱାନିଙ୍ଗ୍ ବେଟ୍‌ଆଜି ଆସିର୍ବାଦ୍
କିତାମାର୍ହାନ୍ । 2 ମାରି ଅବ୍ରାହାମ ୱାନିଙ୍ଗ୍ ଜୁଦ୍‌ଦୁଜିଣାତି ସମ୍ପତିଦି
ଏକ ଦସମାଂସ ସିତାମାରାନ୍ । ମଲ୍‌କିସେଦକଦି ଦରୁଦି ଆଗ୍‌ଡ଼ିରି
ଅର୍ଟ ଆଜିନାତ୍ “ଦାର୍ମୁଦି ରାଜା” ୱାନ୍ ସାଲେମତି ରାଜାଦି
ଅର୍ଟ ଆଜିନାତ୍ “ସାନ୍ତି ରାଜା ।” 3 ମଲ୍‌କିସେଦକଦି ବୁବା କି
ୟାୟା ମାରି କୁଟୁମ୍ ନି ୱାନି ଜନମ୍ ମାରି ଜିବନ୍‌ତି ବିସୟ୍‌ତାନ୍
ଇନିକା ବା ଜାଣା ସିଲେତ୍ । ୱାନ୍ ମାପୁରୁଦି ମାରିନ୍ ୱାଜା;
ୱିଜୁଦିନ୍ ଜାଜକ ଆଜି ତେବାଜି ୱାତାମାନାନ୍ । 4 ଅଡ୍‌ବିଜ
ସୁଡୁଦୁ, ଇୟା ଲୋକ୍ ଏଣ୍ତେସ୍ ପେରିକାନ୍ । ମା ୱେଙ୍ଗିଁତି
ପୁର୍ବେଦିଡକ୍‌ରା ଅବ୍ରାହାମ ଜୁଦ୍‌ଦୁଜିଣାତି ସମ୍ପତିଦି ଏକ ଦସମାଂସ
ୱାନିଙ୍ଗ୍ ସିତାମାର୍‌ଆନ୍ । 5 ଲେବିରି ଆମା କୁଟୁମ୍‌ତିକାର୍
ଜାଜକ ପାଣି କିନାର୍, ୱାର୍ ମୋସାଦି ନିୟମ୍‌ତି ଇସାବ୍‌ତାନ୍
ଇସ୍ରାଏଲତି ତଡ଼ାନ୍‌କା ମାଣୁକୁ ଦସମାଂସ ଦାନ ଲସ୍‌ନାର୍,
ଇସ୍ରାଏଲତିଲୋକୁ ଅବ୍ରାହାମଦି କୁଟୁମ୍ ମାରି ଲେବିରି ନିଜେ
ଜାତିଆତିଙ୍ଗ୍ ବା ୱାରିମାଡ଼ାନ୍‌କୁ ଇୟା ଦସ୍‌ବାଗ୍ ଲସ୍‌ସିମାର୍ହାର୍
। 6 ମଲ୍‌କିସେଦକ ଲେବି କୁଟୁମ୍‌ତିକାନ୍ ଆଏତିଙ୍ଗ୍ ବା, ୱାନ୍
ମାପୁରୁଦି ପାର୍‌ମାଣ୍‌ତି ଅବ୍ରାହାମଦିମାଡ଼ାନ୍ ଏକ ଦସମାଂସ ଦାନ
ପୋଇଜି ୱାନିଙ୍ଗ୍ ଆସିର୍ବାଦ୍ କିତାମାର୍ହାନ୍ । 7 ଆସିର୍ବାଦ୍ କିନି
ଲୋକୁ ଆସିର୍ବାଦ୍ ପୋଇନି ଲୋକାମାଣୁକୁ ଏନ୍ ପେରିକାନ୍,
ଇବେନୁ ଇନିକା ଅଡ୍‌ବିନିକା ସିଲେତ୍ । 8 ଏକ ଦସମାଂସ ଦାନ
ଲସ୍‌ନି ଯାଜକର୍ ସାତିୱାଜା ଲୋକୁ, ମାତର୍ ମଲ୍‌କିସେଦକ
ସାସ୍ତ୍ରଦି ବାକ୍ୟ ଇସାବ୍‌ତାନ୍ ୱାନ୍ ଇଲେଇବା ଜିବନ୍‌ମାନାନ୍ । 9
ମାରି ଅବ୍ରାହାମ ମଲ୍‌କିସେଦକଦିଙ୍ଗ୍ ଦସବାଗ୍‌ତାନ୍ ଉନ୍‌ଡ୍ରି ବାଗ୍
ଦାନ ସିତିୱାଲେ, ଏମେ ଲେବିଦି କୁଟୁମ୍‌ତି ଯାଜକର୍ ଇଲେଇ
ଦସମାଂସ ଦାନ୍ ଲସ୍‌ସିନାର୍, ଆୟା ଲେବି ବା ମଲ୍‌କିସେଦକଦିଙ୍ଗ୍
ଆୟା ଦାନ୍ ସିତାମାରାନ୍ ଇଜି ଇନ୍‌ଡ୍ରେଙ୍ଗ୍ ଆଟ୍‌ନିକା । 10 ଲେବି

ନାସ୍ତିୱାଲେ ଜନମ୍ ଆଏନ୍ ମାରାନ୍ ସତ୍, ମାତର୍ ଅବ୍ରାହାମ
ମଲ୍କିସେଦକଦିଙ୍ଗ ବେଟ୍ ଆତିୱାଲେ ପୁର୍ବେଦିଡକ୍ରାଦାଦା
ଅବ୍ରାହାମଦି କୁଟୁମ୍ତି ୱାଜା ଲେବି ୱାନି ମେନ୍ଦଲ୍ତୁ ମାର୍ଆନ୍
ଇଜି ଇରିଙ୍ଗବା ବୁଲ୍ ଆଏତ୍ । 11 ଇୟା ଲେବିୟରି ଜାଜକଦି
ମାନାଜି ଇସ୍ରାଏଲ ଜାତିଦିଙ୍ଗ ୱାନି ନିୟମ୍ ସିଆୟ୍ ଆତାମାର୍ହାତ୍
। ଲେବିୟରି ପାଣି ଜଦି ସାରାସାରି ଆତାତ୍ମାନ୍ଦି, ଆର୍ତିଙ୍ଗ
ହାରୋଣଦି ଉତରାଦିକାରି ଇୟା ଲେବିୟ୍ ଜାଜକରିଙ୍ଗ ଡ଼ିସ୍ସି
ସିଜି, ମଲ୍କିସେଦକଦି ଉତରାଦିକାରି ୱାଜା ଆଇକାନ୍ ଅରେନ୍
ଜାଜକ ୱାଦେଙ୍ଗ ଇନିକା ଦରକାର୍ ମାର୍ହାତ୍ । 12 ଜାଜକ କୁଟୁମ୍ତି
ବାଦ୍ଲେ ଆତିଙ୍ଗ ନିୟମ୍ତୁ ବା ବାଦ୍ଲେ ଆନି ଦରକାର୍ । 13
ଏମେୱାନି ବିସୟ୍ତାନ୍ ମାପ୍ ଇୟାୱିଜୁ ମାଟା ଇଜିନାପ୍, ମା ଆୟା
ପ୍ରବୁ ଜିସୁ ଆଇ ଉନ୍ଡ୍ରି କୁଟୁମ୍ ମାର୍ହାନ୍; ଆୟା କୁଟୁମ୍ତୁ ଏନ୍
ଏସାଙ୍ଗ ଯାଜକ ପାଣି କିଏର୍ । 14 ଇକା ଟିକ୍ ଜେ, ୱାନ୍ ଜିହୁଦା
କୁଟୁମ୍ତୁ ଜନମ୍ ଆତା ମାର୍ହାନ୍ ମାରି ଯାଜକ ଆନି ଉଣ୍ତିଙ୍ଗ ମୋସା
ଇୟା କୁଟୁମ୍ତି ଦରୁ ରାସ୍ଏନ୍ । 15 ଇବେନୁ ଟିକ୍ ବୁଜାଜିନାତ୍
ଜେ, ମଲ୍କିସେଦକଦି ୱାଜା ଆଇ ଅରେନ୍ ଜାଜକ ୱାତାନ୍ । 16
ମାତର୍ ୱାନ୍ ଲୋକ୍ ତିଆର୍କିତି ନିୟମ୍ ମାରି ପଦ୍ତି ମାଡ଼ାନ୍
ଜାଜକ ଆଏନ୍ ମାର୍ହାନ୍; ୱିଜ୍ଇ ଜିବନ୍ତି ସାକ୍ତି ପାଣି ୱାନ୍
ଯାଜକ ଆତାମାର୍ହାନ୍ । 17 ଇରିଙ୍ଗ ଦର୍ମସାସ୍ତ୍ରଦୁ ରାସାତା ମାନାତ୍,
"ନିନୁ ମଲ୍କିସେଦକଦି ଉତରାଦିକାରି ୱାଜା ୱିଜୁଦିନ୍ତି ଯାଜକ
ଆନି ।" (aiōn g165) 18 ଇବେନୁ ପାଡ଼୍ଇ ନିୟମ ସାକ୍ତିସିଲେତ୍
ମାରି ଦରକାର୍ ସିଲେତାତ୍ଆକା ତାନିଙ୍ଗ ଡ଼ିସ୍ତା ସିତାର୍ ।
19 ଇରିଙ୍ଗ ମୋସା ସିତିମାନି ନିୟମ୍ତାନ୍ ଇନି ବିସୟ୍ ପୁରା
ପୋଇଦେଙ୍ଗ ଆଟ୍ଏତାର୍ । ଇଲେଇ ମାଙ୍ଗଁ ଉନ୍ଡ୍ରି ସାହାସ୍ତି
ଆସା ସିତାମାନାନ୍; ଆୟାମାଡ଼ାନ୍ ମାପୁ ମାପୁରୁଦି ଲାକୁତୁଆନି
ଉଣ୍ତିଙ୍ଗ ଆଟ୍ତାମାନାନ୍ । 20 ନାଣ୍ତୁଦାନ୍ ନାଣ୍ତୁ ମା ଉଣ୍ତିଙ୍ଗ ମାପୁରୁଦି
ପାର୍ମାଣ୍ ବା ମାନାତ୍ । ହାରଣଦି କୁଟୁମ୍ତିକାର୍ ଯାଜକ ପଦଦୁ
ଆସ୍କିଆୟା ଆତିୱାଲେ ଇୟାୱାଜା ଇନି ପାର୍ମାଣ୍ ସିଆୟ୍ଏତ୍
ମାରାତ୍ । 21 ମାତର୍ କ୍ରିସ୍ତୁ ଯାଜକ ଆନି ବେଡ଼ାଦୁ ମାପୁରୁ
ପାର୍ମାଣ୍ କିଜି ୱାନିଙ୍ଗ ୱେର୍ତାମାର୍ହାର୍, "ପ୍ରବୁ ଉନ୍ଡ୍ରି ପାର୍ମାଣ୍
କିତାମାନାନ୍" ୱାନ୍ ୱାନି ପାର୍ମାଣ୍ ବାଦ୍ଲେ କିଏନ୍: ନିନୁ
ୱିଜୁଦିନ୍ତି ଜାଜକ ଆନି । (aiōn g165) 22 ଇୟା ମାଟା ଉଣ୍ତିଙ୍ଗ
ଜିସୁ ଉଡ୍ରି ପେରି ନିୟମ୍ତି ପୁରା ସିତାମାନାନ୍ । 23 କେବଲ୍
ପାଡ଼ିଇ ନିୟମ୍ତୁ ବା ଆଇ ଯାଜକର୍ ସାତିସରିୱାଜା ଆତିମାନିଙ୍ଗ
ୱାର୍ ସାତି ୱେନ୍କା ଆଇକାର୍ ଜାଜକ ଆନାର୍; ଆଦେଙ୍ଗ ୱାର୍
ଇସାପ୍ତୁ ନାଣ୍ତୁ ମାନାର୍ । 24 ମାତର୍ ଜିସୁ ୱିଜୁଦିନ୍ ଜିବନ୍ମାନାନ୍
। ୱାନି ଜାଜକ ପାଣି ବା ୱିଜୁଦିନ୍ । (aiōn g165) 25 ଆଦେଙ୍ଗ
ଏମେକାର୍ ୱାନି ମାଡ଼ାନ୍ ମାପୁରୁଦି ଲାକୁତୁ ସନାର୍, ୱାରିଙ୍ଗ
ରକିୟା କିଦେଙ୍ଗ ୱାନ୍ ଇଲେଇ ମାରି ୱିଜୁଦିନ୍ ଡାଟ୍ ମାନାନ୍,
ମାତର୍ ୱାରି ଉଣ୍ତିଙ୍ଗ ମାପୁରୁଦି ଲାକୁତୁ ପାର୍ତନା କିଦେଙ୍ଗ ୱାନ୍
ୱିଜୁଦିନ୍ ଜିତାମାନାନ୍ । 26 ଆର୍ତିଙ୍ଗ ମା ୱିଜୁ ଉଣା ପୁରା କିଦେଙ୍ଗ
ଜିସୁନେ ଅରେନ୍ ମାତ୍ର ପେରିଯାଜକ । ୱାନ୍ ପବିତ୍ର, ପାପ୍ଦସ୍
ସିଲିକାନ୍, ପାପି ଲୋକାମାଣ୍ତୁକୁ ଆକମାନିକାନ୍, ମୁସ୍କୁପୁର୍ତୁ
ପରିକାନ୍ ଆତାନ୍ । 27 ୱାନ୍ ଆଇଆଇ ପେରିଜାଜକରି ୱାଜା
ଆଏନ୍; ୱାରି ୱାଜା ୱାନିଙ୍ଗ ଆଗ୍ଡ଼ି ନିଜେଦି ପାପ୍ ଉଣ୍ତିଙ୍ଗ
ମାରି ୱେନ୍କା ଆଇୱାରି ପାପ୍ ଉଣ୍ତିଙ୍ଗ ୱିଜୁଦିନ୍ ପୁଜା ସିଦେଙ୍ଗ
ପୋଡ଼ାଏତ୍ । ୱାନ୍ ନିଜେଦିଙ୍ଗ ପୁଜା ସିଜି ଉଡ୍ରେ ଦେବାନେ
ଆଇ ଆଇ ବଲିସିଜି ପାଣି କିତାମାର୍ହାନ୍ । 28 ମୋସାଦି ନିୟମ୍
ଇସାବ୍ତାନ୍ ବାସେଆତି ପେରିଜାଜକରି ଦୋସ୍ ଦୁର୍ବଲ ମାନାତ୍;
ମାତର୍ ନିୟମ୍ ତିଆର୍କିତି ୱେନ୍କାରି ବେଡ଼ାଦୁ ମାପୁରୁ ନିଜେଦି
ବାଦ୍ ମାରି ପାର୍ମାଣ୍ ଇସାବ୍ତାନ୍ ୱାନି ଏମେ ମାରିନ୍ତିଙ୍ଗ
ପେରିଜାଜକ ୱାଜା ବାସେ କିତାନ୍, ୱାନ୍ ୱିଜୁଦିନ୍ତିଙ୍ଗ ଉଣ୍ତିଙ୍ଗ
ପୁରା ଆତାମାନାନ୍ । (aiōn g165)

**8** ମା ମାଟାଦି ଅର୍ତ ଇକା ମାଡୁ ଏମେ ପେରିଜାଜକଦିଙ୍ଗ
ପୋଇତିମାନିକା, ୱାନ୍ ମୁସ୍କୁପୁର୍ତୁ ମହାମହିମା ମାପୁରୁଦି
ସିଂହାସନ୍ଦି ଉଣେରି କିୟୁ ତରିନ୍ ବାସ୍ତାମାନାନ୍ । 2 ୱାନ୍ ଏମେ
ମହାପବିତ୍ର ବାଡିଦୁ ତିଆର୍ଆତିମାନି ଗୁଡ଼ା ଆଡିଗି ପେରିଜାଜକ
ୱାଜା ପାଣି କିନାନ୍, ଆକା ଲୋକା ମାଡ଼ାନ୍ ତିଆର୍ ଆଏତ୍,
ତାନିଙ୍ଗ ପ୍ରବୁ ତିଆର୍ କିତାମାନାନ୍ । 3 ୱିଜେରେ ପେରିଜାଜକର୍
ମାପୁରୁଦି ଉଦେସ୍ଦାନ୍ ପୁଜା ମାରି ଜାତୁବଲି ପୁଜା କିଦେଙ୍ଗ
ବାସେଆତା ମାନାର୍ । ଆଦେଙ୍ଗ ମା ପେରିଜାଜକ ବା ଆୟାୱାଜା
ଇନି ପୁଜା କିଦେଙ୍ଗ ଦରକାର୍ ମାନାତ୍ । 4 ୱାନ୍ ଜଦି ଇୟା
ଦୁନିଆଦୁ ମାରିଙ୍ଗ, ଆର୍ତିଙ୍ଗ ୱାନ୍ ମୁଡୁକେ ଜାଜକ ଆଦେଙ୍ଗଁ
ଆଟ୍ଏତାନ୍ମାନ୍ଦି, ଇରିଙ୍ଗ ଜିହୁଦିର୍ ନିୟମ୍ ଇସାବ୍ତାନ୍ ପୁଜା
ସିଦେଙ୍ଗ ଜାଜକର୍ ମାନାର୍ । 5 ୱାରି ଜାଜକରି ସେବା ପାଣି
ମୁସ୍କୁପୁର୍ତି ବିସୟ୍ତି କାତା ନି ନିଡ଼ିଗାମାତ୍ର । ମୋସାଦି
ବେଡ଼ାଦାନ୍ ଇୟାୱାଜା ଆଜି ୱାଜିନାତ୍ । ମୋସା ଏସ୍ତିୱାଲେ
ଉପାସନା ଉଣ୍ତିଙ୍ଗ ଉନ୍ଣ୍ତି ଗୁଡ଼ା ତିଆର୍ କିଦେଙ୍ଗ ସୋଲ୍ସିମାରାନ୍,
ମାପୁରୁ ୱାନିଙ୍ଗ ଇର୍ହାମାର୍ହାନ୍, "ସୁଡୁଆ, ଗୋରନ୍ ମୁସୁକୁ ନିଙ୍ଗଁ
ଏମେ ବାନା ତୋର୍ସି ସିତାମାନା ଟିକ୍ ଆୟା ଇସାପ୍ତାନ୍ ୱିଜୁ
ବିସୟ୍ ତିଆର୍ କିଆ ।" 6 ମାତର୍ ଇଲେଇ ଜିସୁଙ୍ଗଁ ଏମେ ଜାଜକ
ପାଣି ସିଆୟ୍ ଆତାମାନାତ୍, ଆକା ଆଇୱାରି ଜାଜକିୟ୍ ପାଣି
ବାଦ୍ଲୁ ନେଗିକା । ଆୟାୱାଜା ମାପୁରୁ ମାରି ଲୋକା ଲୋଇ
ୱାନ୍ ଏମେ ନିୟମ୍ ତିଆର୍ କିତାମାନାନ୍, ଆକା ପେରିକା, ଇରିଙ୍ଗ
ଇୟା ନିୟମ୍ଦୁ ନେଗି ବିସୟ୍ୱିଜୁ ସିଆୟ୍ ଆନି ଉଣ୍ତିଙ୍ଗ ପାର୍ମାଣ୍
ମାନାତ୍ । 7 ଆଗ୍ଡ଼ିରି ନିୟମ୍ତୁ ଜଦି ଦସ୍ ସିଲେତାତ୍ମାନ୍ଦି,
ଆର୍ତିଙ୍ଗ ମାରିଉନ୍ଡ୍ରି ନିୟମ୍ ଦର୍କାର୍ ସିଲେତାତ୍ମାନ୍ଦି । 8
ମାତର୍ ମାପୁରୁ ୱାନି ଲୋକାଙ୍ଗ ଦୋସ୍ ଆସ୍ସି ଇର୍ହାମାନାନ୍,
"ପ୍ରବୁ ଇଜିନାନ୍, ବେଡ଼ା ୱାଜିନାତ୍, ଏସ୍ତିୱାଲେ ନାନୁ ଇସ୍ରାଏଲ
ସିଲ୍ତିଙ୍ଗ ଜିହୁଦାଦି ଲୋକାୱାଲେ ଏକ ପୁନି ନିୟମ୍ ତିଆର୍
କିନା । 9 ନାନୁ ୱାରି ପୁର୍ବେଦିଡକ୍ରାରିଙ୍ଗ କିୟୁ ଆସ୍ସି ମିସର୍
ଦେସ୍ତାନ୍ ସୋପ୍ସି ତାନି ୱାଲେ ଏମେ ନିୟମ କିତାମାର୍ହା, ଇୟା

ନିୟମ୍ ଆୟାୱାଜା ଆଏତେ । ନାନୁ ୱାରିୱାଲେ ଏମେ ନିୟମ୍
କିତାମାର୍ହା, ଆବେନ୍ ୱାର୍ ବିସ୍ୱାସ୍ ତେବାଏତାର୍; ଆଦେଙ୍ଗ୍ଁ
ନାନୁ ୱାରି ଉଣ୍ତିଙ୍ଗ ମୋନ୍ଦିୟାନ୍ ସିଏତା । 10 ପ୍ରବୁ ଇଜିନାନ୍,
ନାନୁ ବବିସତ୍ଦୁ ଇସ୍ରାଏଲତି ଲୋକା ୱାଲେ ଇୟା ନିୟମ୍ କିନା:
ନାନୁ ନା ନିୟମ୍ ୱାରି ମନ୍ପାଟାଦୁ ମାରି ଜିବନ୍ତି ପାଟାଦୁ
ରାସ୍ନା । ନାନୁ ୱାରି ମାପୁରୁ ଆନା, ୱାର୍ ନା ଲୋକ୍ ଆନାର୍ ।
11 ନାସ୍ତିୱାଲେ ୱାର୍ ଲାକ୍ତୁରି ତଡ଼ାନ୍କାଙ୍ଗ ସିକିୟା ସିଦେଙ୍ଗ
ଦର୍କାର୍ ଆଏତ୍ନି, ମାରି ଦେସ୍ତି ଲୋକାଙ୍ଗ 'ପ୍ରବୁଦି ବିସୟ
ୱେର୍ତୁ,' ଇୟା ମାଟା ୱେର୍ତେଙ୍ଗ ଦର୍କାର୍ ଆଏତ୍ନି, ଇରିଙ୍ଗ
ଇସ୍ରିଲୋକା ମାଣାନ୍କୁ ପେରିଲୋକା ସାନ୍ଦି ୱିଜେରେ ନା ପରିଚୟ
ନେସ୍ନାର୍ । 12 ନାନୁ ୱାରି ୱିଜୁ ପାପ୍ କେମା କିନା ମାରି ୱାରିଦି
ଇନି ଅନ୍ୟାୟ୍ ମୋନତୁ ଏତ୍ ଇଡେଏ ।" 13 ଇୟାତେନିଙ୍ଗ ପୁନି
ନିୟମ୍ ଇଜି ରାସ୍ନି ମାଡ଼ାନ୍ ମାପୁରୁ ଆଗ୍ଡ଼ିରିତାନିଙ୍ଗ ପାଡ଼ିଇକା
ଇଜି ଇର୍ହାମାନାନ୍ ମାରି ଆମାକା ପାଡ଼ିଇକା ମାରି ସାଲାଏତ୍,
ଆକା ବେଗି ମାର୍ଗିନା ସନାତ୍ ।

**9** ପାରତୁମ୍ତି ନିୟମ୍ତୁ ପାର୍ତନାଦି ସାରି ନି ଲୋକୁ ତିଆର୍କିତି
ଉଣ୍ତି ସେବା କିନି ଇଲୁ ବିସୟ୍ତାନ୍ ରାସାତା ମାର୍ହାତ୍ । 2
ଆୟାଇସାବ୍ତାନ୍ ଉଣ୍ତି ପାର୍ତନା କିନି ଗୁଡ଼ା ତିଆର୍ ଆତାମାର୍ହାତ୍
। ଆବେନ୍ ମାନି ପାର୍ତୁମ୍ତି ବାକ୍ରା ପବିତ୍ର ବାଡି ଇନ୍ଜିମାର୍ହାର୍
। ଇୟା ଲୋଇ ଦିୱା ଇଡ଼ନି ବାଡି, ଉନ୍ଡ୍ରି ଟେବୁଲ୍ ମାରି ଟେବୁଲୁ
ମୁସୁକୁ ମାପୁରୁଦି ଉଦେସ୍ତାନ୍ ପୁଜା ସିତିମାର୍ଇ ରୁଟି ମାର୍ହାତ୍ ।
3 ପାର୍ଦା ୱେନ୍କା ଏମେ ମାରିଉଣ୍ତି ବାକ୍ରା ମାର୍ହାତ୍, ତାନିଙ୍ଗ
ମହାପବିତ୍ର ବାଡି ଇନ୍ଜିମାର୍ହାର୍ । 4 ଆବେନ୍ ଉନ୍ଡ୍ରି ବାଙ୍ଗାରାମ୍ତି
ଦୁପୁଣି ବେଦି ମାରି ବାଙ୍ଗାରାମ୍ତି ତିଆର୍ଆତି "ନିୟମ୍ ପେଡ଼ା"
ମାର୍ହାତ୍ । ଇୟା ପେଡ଼ା ଲୋଇ "ମାନ୍ନା" ମାନି ଉନ୍ଡ୍ରି ବାଙ୍ଗାରାମ୍ତି
ସାଟି, ହାରୋଣତି କାୟ୍ତି ବାଡିଗା ମାରି ମାପୁରୁଦି ମାଟା ରାସାତି
ରୁଣ୍ତି କାଲୁକୁ ପାଟା ମାର୍ହେ । 5 ସିନ୍ଦୁକପେଡ଼ା ମୁସୁକୁ ମାପୁରୁଦି
ଆବେନ୍ମାନ୍ଜି ତରାୟ୍ଆନି ୱାଜା ରେକେଙ୍ଗମାନି ରୁଣ୍ତି ଲୋକ୍ଦି
ମୁର୍ତି ମାର୍ହାତ୍ । ଇୟାକାର୍ "ପାପ୍କେମା" ବାଡି ମୁସୁକୁ ରେକେଙ୍ଗ
ଅସାର୍ କିଜି ତେବାତାମାର୍ହାର୍, ମାତର୍ ଇଲେଇ ଇୟା ୱିଜୁଦି
ବିସୟ୍ ନେଗେନ୍ତାନ୍ ୱେର୍ତେଙ୍ଗ ଦରକାର୍ ସିଲେ । 6 ଆବେନ୍
ଇୟାୱାଜା ନିୟମ୍ ମାନାତ୍ ଯାଜକର୍ ୱିଜୁଦିନ୍ ଗୁଡ଼ାଦି ପାର୍ତୁମ୍
ବାକ୍ରାଦୁ ଡୁଗ୍ଜି ୱାରି ସେବା ପାଣି ପୁରା କିନାର୍ । 7 ମାତର୍
ମାରିଉନ୍ଡ୍ରି ବାକ୍ରା ଲୋଇ କେବଲ ପେରିଜାଜକଦି ସୋନି
ଅଦିକାର୍ ମାନାତ୍, ୱାନ୍ ଆବେ ବାର୍ସେକ୍ତିଙ୍ଗ ଅରୁସୁ ମାତ୍ର ସନାନ୍
। ୱାନ୍ ନିଜେଦି ଉଣ୍ତିଙ୍ଗ ମାରି ଲୋକୁ ନେସ୍ଏଣ୍ତା କିତିମାନି ପାପ
ଉଣ୍ତିଙ୍ଗ ମାପୁରୁଦି ଉଦେସ୍ତାନ୍ ପୁଜା ସିଦେଙ୍ଗ ଅର୍ସେ ନେତେର୍
ଆସ୍ସି ସନାନ୍ । 8 ଇୟାୱିଜୁ ବିସୟ୍ତାନ୍ ପବିତ୍ର ଆତ୍ମା ଇୟା
ମାଟା ନେଗେନ୍ତାନ୍ ସିକିୟା ସିତାମାନାତ୍ ଜେ, ପାର୍ତୁମ୍ତି
ବାକ୍ରା ମାନି ସାନ୍ଦି, ମହାପବିତ୍ର ବାଡିଦୁ ସନି ସାରି ରେଆଏତ୍ ।
9 ଇଲେଇତି ବେଡ଼ା ସୁଡ଼୍ଜି ଇକା ଉନ୍ଡ୍ରି କାତା ୱାଜା । ତେନି
ଅର୍ତ ଆଜିନାତ୍, ମାପୁରୁଦି ଉଦେସ୍ତାନ୍ ପୁଜାସିତିମାନିକା ମାରି
ପସୁବଲି ଉପାସ୍କିନିୱାନି ବୁଦିଦିଙ୍ଗ ପୁରା କିଦେଙ୍ଗ ଆଟ୍ଏତ୍ ।
10 ଇରିଙ୍ଗ ଆୟାୱିଜୁ କେବଲ ଉଣି କାଦି ମାରି ସୁଚିକିନି ଉଣ୍ତିଙ୍ଗ
ଆଡ୍ରେରରି ପାଣି ମାତ୍ର । ମାପୁରୁଦି ପୁନି ନିୟମ୍ତି ତିଆର୍ଆନି
ସାନ୍ଦି ଆୟାୱିଜୁଦି ଦରକାର୍ ମାର୍ହାତ୍ । 11 ମାତର୍ ଇଲେଇ
ଏମେ ୱିଜୁ ନେଗି ବିସୟ୍ ମାଡ୍ ପୋୟ୍ତିମାନିକା, ଆୟାୱିଜୁଦି
ପେରିଜାଜକ ୱାଜା କ୍ରିସ୍ତ ୱାତାମାନାନ୍ । ୱାନ୍ ଏମେ ପାର୍ତନା
ଗୁଡ଼ାଦୁ ପାଣି କିଜିନାନ୍, ଆକା ପେରିକା ମାରି ନାଣ୍ତ ବର୍ତିଦିକା
। ଆକା ଲୋକୁ ତିଆର୍ କିତିକା ଆଏତ୍ । ମାରି ଆକା ଇୟା
ଦୁନିଆଦି ସିନା ଆଏତ୍ । 12 କ୍ରିସ୍ତ ଆୟା ଗୁଡ଼ା ନାଡ୍ମିସିଜି
ଆୟା ମହାପବିତ୍ର ବାଡିଦୁ ଉନ୍ଡ୍ରେଦେବାଦି ଉଣ୍ତିଙ୍ଗ ଡୁଗିନି ୱାଲେ
ଆବେନ୍ ବଲିସିନି ଉଣ୍ତିଙ୍ଗ ଗରିଏଙ୍ଗ ସିଲେତିଙ୍ଗ ଡ଼ାକା ନେତେର୍
ଆସ୍ସି ସଲ୍ଏନ୍ ମାର୍ହାନ୍ । ମାତର୍ ୱାନ୍ ନିଜେଦି ନେତେର୍
ଅସି ମା ଉଣ୍ତିଙ୍ଗ ୱିଜୁଦିନ୍ତିଙ୍ଗ ମୁକୁଡ଼ାନି ପାଣି କିତାନ୍ । (aiōnios
g166) 13 ପାଡ଼ିଇ ନିୟମ୍ତାନ୍ ଏମେକାର୍ ରିତିନିତି ପାଣି ମାନାଇ
ଉଣ୍ତିଙ୍ଗ ଅସୁଚି, ୱାରି ମୁସୁକୁ ଗରିଏଙ୍ଗ ସିଲେତିଙ୍ଗ ଡ଼ାକା ନେତେର୍
ମାରି ଡ଼ାକା ନିର୍ ୱାକାତିଙ୍ଗ, ୱାରି ଅସୁଚି ଆକ ଆନାସନାତ୍ ।
14 ଇକା ଜଦି ସତ୍ ଆନାମାନାତ୍, ଆର୍ତିଙ୍ଗ କ୍ରିସ୍ତଦି ନେତେର୍
ମାରି ଏସ ନାଣ୍ତ ପାଣି ସିନିକା ଆଏତ୍? ୱିଜୁଦିନ୍ତି ଆତ୍ମାଦି
ସାକାଦାନ୍ ୱାନ୍ ନିଜେଦିଙ୍ଗ ମାପୁରୁଦି ଉଦେସ୍ତାନ୍ ଉନ୍ଡ୍ରି
ଦସ୍ସିଲି ପୁଜା ୱାଜା ସିତାମାନାନ୍ । ୱାନି ଆୟା ନେତେର୍
ଦାନ୍ ତାଗ୍ଇ ରିତିନିତି ପାଣିଦାନ୍ ନେଗେନ୍ ଆଜି ମା ବୁଦି
ଟିକ୍ଆନାତ୍ ମାରି ମାପ୍ ଜିବନ୍ମାନି ମାପୁରୁଦି ଟିକ୍ ସେବା
କିଦେଙ୍ଗ ସୁଜୋଗ୍ ପୋୟ୍ନାପ୍ । (aiōnios g166) 15 ଇୟାଉଣ୍ତିଙ୍ଗ
କ୍ରିସ୍ତ ନେ ପୁନି ନିୟମ୍ ତିଆର୍ କିତାମାନାନ୍, ଏଣ୍ତେସ୍କି ଏମେକାର୍
ମାପୁରୁଦି ମାଡ଼ାନ୍ କୁକାୟ୍ଆତାମାନାର୍, ୱାର୍ ମାପୁରୁ ପାର୍ମାଣ୍
କିତିମାନି ଏସ୍କାଙ୍ଗୱିଜିଇ ଆସିର୍ବାଦ୍ ପୋଇନାର୍ । ପାର୍ତୁମ୍
ନିୟମ ପାଣିକିଜିମାନି ବେଡ଼ାଦୁ, ଲୋକୁ ଏମେ ୱିଜୁ ପାପ୍ ଦୋସ୍
କିତାମାର୍ହାର୍, କେବଲ କ୍ରିସ୍ତଦି ସାତିମାଡ଼ାନ୍ ୱାର୍ ଆବେଟ୍କୁ
ମୁକ୍ଡ଼ାନିକା ପୋଇନାର୍ । (aiōnios g166) 16 ଉଣ୍ତି ସିନି ଆକୁଦି
ନିୟମ୍ ଇସାବ୍ତାନ୍, ଆକା ପାଣି ଆନି ଉଣ୍ତିଙ୍ଗ ନିୟମ୍ କିତିମାନି
ଲୋକ୍ଦି ସାନିକା ପାର୍ମାଣ୍ ଆନିକା ଦରକାର୍ । 17 ଇରିଙ୍ଗ
ନିୟମ୍ କିତିମାନି ଲୋକ୍ ଜିନିମାନି ସାନ୍ଦି, ନିୟମ୍ତି ପାଣି ସିଲେତ୍;
କେବଲ୍ ୱାନି ସାତି ୱେନ୍କାନେ ଆକା ଡାଟ୍ତି ପାଣି ଆନାତ୍
। 18 ଆୟାଉଣ୍ତିଙ୍ଗ ପାର୍ତୁମ୍ ନିୟମ ବା ନେତେର୍ସିନି ମାଡ଼ାନ୍
ପାଣି ଆତାମାର୍ହାତ୍ । 19 ପାର୍ତୁମ୍ ମୋସା ନିୟମ୍ତି ଆଦେସ୍କୁ
ଲୋକା ଲାକୁତୁ ୱେର୍ତାର୍ । ତାନିୱେନ୍କା ୱାନ୍ ଡ଼ାକ୍ ନି
ଗରିଏଙ୍ଗ ନେତେର୍ ଏରୁଦି ୱାଲେ ମିସାକିଜି ଏସୋବ କମା
ମାରି ଏସ ରଙ୍ଗତି ମେଣ୍ତା ବୁରୁବୁସେଙ୍ଗ ଦାନ୍ ନିୟମ୍ ବଇ ମାରି
ଲୋକା ମୁସୁକୁ ଲଜିତାନ୍ । 20 ୱାନ୍ ଇର୍ହାନ୍, "ଏମେ ନିୟମ୍
ମାନାଦେଙ୍ଗ ମାପୁରୁ ମିଙ୍ଗ ଆଦେସ୍ ସିତାମାନାନ୍, ଇୟା ନେତେର୍

ଆୟା ନିୟମ୍‌ତିଙ୍ଗ୍ ଟାପ୍ ଡ଼େୟ୍‌ଜିନାତ୍ ।" 21 ମୋସା ଆୟା
ଇସାପ୍‌ତାନ୍ ନେତେର୍ ଅସି ଗୁଡ଼ା ମାରି ପାର୍‌ତନାଦୁ ବ୍ୟବ୍‌ହାର୍
ଆଜିମାନି ୱିଜୁ ଜିନିସ୍ ମୁସୁକୁ ଲଜିତାନ୍ । 22 ମାରି ମୋସାଦି,
ନିୟମ୍ ଇସାପ୍‌ତାନ୍ ୱିଜୁ ବିସୟ୍ ନେତେର୍ ମାଡ଼ାନ୍ ପବିତ୍ରଆନାତ୍
ମାରି ନେତେର୍‌ସିନି ମାଡ଼ାନ୍ ନେ ପାପ କେମା ଆନାତ୍ । 23
ଆମା ବିସୟ୍‌ୱିଜୁ ମୁସ୍‌କୁପୁର୍‌ତି ମୁଲ୍ ବିସୟ୍‌ଦି ରୁପ୍ ମାତ୍ର,
ଆୟାୱିଜୁ ନେତେର୍‌ତାନ୍ ପବିତ୍ର ଆନିକା ଦରକାର୍ ମାର୍ହାତ୍,
ମାତର ମୁସ୍‌କୁପୁର୍‌ତି ବିସୟ୍‌ତି ଉଣ୍ତିଙ୍ଗ୍ ନେଗି ବଲିଦାନ୍ ଦରକାର୍
। 24 ଆମାକା ଲୋକା କିୟୁଦୁ ତିଆର୍ ଆଏତ୍, ଇୟାୱାଜା ଉଣ୍ତି
ପବିତ୍ର ବାଡିଦୁ କ୍ରିସ୍ତୁ ସୋର୍ହାମାନାନ୍ । ଆକା ଇନି ମୁଲ୍ ବିସୟ୍‌ଦି
ରୁପ୍ ସିଲେ । ୱାନ୍ ମୁସ୍‌କୁପୁର୍‌ତୁ ନେ ସୋର୍ହାମାନାନ୍ । ଆବେନ୍
ୱାନ୍ ମା ଉଣ୍ତିଙ୍ଗ୍ ଇଲେଇ ମାପୁରୁଦି ଆଗ୍‌ଡ଼ି ସର୍ହାମାନାନ୍ ।
25 ଜିହୁଦିରି ପେରିଯାଜକ ଏଣ୍ଡେସ୍ ବାର୍ସେକ୍‌ତିଙ୍ଗ୍ ଅର୍‌ସୁ ଜାତୁ
ନେତେର୍ ଅସି ମହାପବିତ୍ର ବାଡିଦୁ ସୋନାନ୍ । ଆୟାୱାଜା କ୍ରିସ୍ତୁ
ନିଜେଦିଙ୍ଗ୍ ରିଜାମୁଜା ପୁଜା କିନି ଉଣ୍ତିଙ୍ଗ୍ ଆବେନ୍ ସୋଲ୍‌ଏନ୍
। 26 ଆର୍‌ତିଙ୍ଗ୍, ୱାନିଙ୍ଗ୍ ଦୁନିଆଦି ତିଆର୍‌ଆତି ବେଡ଼ାଦାନ୍
ନାଣ୍ତଦେବେଙ୍ଗ୍ ଦୁଃଖ୍‌କାସ୍ଟ ବୋଗାଦେଙ୍ଗ୍ ପୋଡ଼ାତାତ୍‌ମାନ୍ନି ।
ମାରି ୱାନ୍ ଜୁଗ୍‌ସେସ୍‌ଆନି ବେଡ଼ାଦୁ ନିଜେଦିଙ୍ଗ୍ ବଲି ୱାଜା
ସିନି ମାଡ଼ାନ୍ କାଡ଼ା କାଡ଼ାଦିଙ୍ଗ୍ ପାପ୍‌ତି ସାକ୍ତି ମେଡ଼ିକ୍‌ନି ଉଣ୍ତିଙ୍ଗ୍
ୱାତାମାର୍ହାନ୍ । (aiōn g165) 27 ୱିଜେରେ ଉନ୍‌ଣ୍ଡେଦେବା ସାନାର୍
ମାରି ତାନିୱେନ୍‌କା ମାପୁରୁଦି ବିଚାର୍‌ଦି ଆଗ୍‌ଡ଼ି ନିନାର୍ । 28
ଆୟାୱାଜା ୱିଜୁଲୋକା ଉଣ୍ତିଙ୍ଗ୍ ପାପ୍ ଆକ କିଦେଙ୍ଗ୍ କ୍ରିସ୍ତୁ ଉନ୍‌ଣ୍ଡେ
ଦେବାଦି ଉଣ୍ତିଙ୍ଗ୍ ବଲି ୱାଜା ସିଆୟ୍ ଆତାନ୍ । ୱାନ୍ ମାରିଉଣ୍ତି
ଦେବା ୱାନାନ୍ । ନାସ୍ତିୱାଲେ ମାରି ପାପ୍‌ତି ଜୁଦ୍ କିନି ଉଣ୍ତିଙ୍ଗ୍ ୱାନ୍
ରେଏନ୍ । ୱାନ୍ ୱାନାନ୍, ୱାନି ଉଣ୍ତିଙ୍ଗ୍ କାପ୍‌କିଜିମାନି ଲୋକାଙ୍ଗ୍
ଉଦ୍ଧାର୍ କିନି ଉଣ୍ତିଙ୍ଗ୍ ୱାନାନ୍ ।

**10** ଜିହୁଦିୟ୍ ନିୟମ୍ ସତ୍ ବିସୟଦି ଉଣ୍ତି ପୁରା ମାରି
ଟିକ୍‌ଆୟାନାନି ମୁର୍ତି ଆଏତ୍, ଇକା ୱାଜିନିଦିନ୍‌ତି ନେଗି
ବିସୟଦି ଉଣ୍ତି ନେସ୍‌ନିନାନି ମାଟା ମାତ୍ର । ୱିଜୁୱାଲେ ବାର୍ସେକ୍‌ତିଙ୍ଗ୍
ବାର୍ସେକ୍ ଆୟା ଉନ୍‌ଣ୍ତି ରକମ୍‌ତି ପୁଜା କିଆୟ୍‌ଆଜିନାତ୍ ।
ଏମେକାର୍ ମାପୁରୁଦି ଲାକୁତୁ ୱାନାର୍, ନିୟମ୍‌ଦି ଆୟାୱିଜୁ
ବଲିଦାନ୍‌ତାନ୍ ୱାର୍ ଇନିକା ନେଗିକା ଆଦେଙ୍ଗ୍ ଆଟ୍‌ସିନାର୍?
2 ଇୟାୱାଜାନେ ମାପୁରୁଦି ଉପାସ୍‌କିନିକାର୍ ଜଦି ସତ୍‌ତାନ୍
ପାପ୍‌ଦାନ୍ ନେଗେନ୍ ଆଦେଙ୍ଗ୍ ଆଟ୍‌ତାର୍‌ମାନ୍ନି, ଆର୍‌ତିଙ୍ଗ୍ ୱାର୍
ମାରି ନିଜେଦି ବୁଦିଦିଙ୍ଗ୍ ପାପି ଇଜି ଅଡ଼୍‌ବିଏତାର ମାନ୍ନି ମାରି ୱିଜୁ
ପୁଜାସିନିକା ୱିଜିତାତ୍‌ମାନ୍ନି । 3 ମାତର, ଆୟାୱାଜା ଆଏଜି
ବାର୍ସେକ୍‌ତିଙ୍ଗ୍ ବାର୍ସେକ୍ ପୁଜାସିନି ମାଡ଼ାନ୍ ଲୋକୁଦିଙ୍ଗ୍ କେବଲ
ୱାନି ପାପ୍ ବିସୟ୍ ଏତ୍ କିବିସ୍ କିଆୟ୍‌ଆଜିନାତ୍ । 4 ଇରିଙ୍ଗ୍
ଡ଼ାନ୍ ନି ଗରିଏଙ୍ଗ୍ ନେତେର୍ ଏସାଙ୍ଗ୍‌ବା ପାପ୍ କେମା କିଦେଙ୍ଗ୍
ଆଟ୍‌ଏତ୍ । 5 ଆୟା ଉଣ୍ତିଙ୍ଗ୍ କ୍ରିସ୍ତୁ ଦୁନିଆଦୁ ୱାନି ପୁର୍ବେଦାନ୍
ମାପୁରୁଙ୍ଗ୍ ଇର୍ହାମାର୍ହାନ୍, "ପୁଜା ନି ଦାନ୍‌ତୁ ନିନୁ ୱେଡ଼ିକା ସିଲେ,
ମାତର ନିନୁ ନା ଉଣ୍ତିଙ୍ଗ୍ ଉନ୍‌ଡ୍ରି ମେନ୍ଦ୍‌ଲ୍ ତିଆର୍ କିତିମାନି । 6
ପାପ୍‌କେମା ଉଣ୍ତିଙ୍ଗ୍ ନିନୁ ବେଦି ମୁସୁକୁ ହୋମବଲିଦୁ ସିଲେତିଙ୍ଗ୍
ପସୁବଲିଦୁ ୱେଡ଼ିକା ଆଇଦେର୍ । 7 ଆଦେଙ୍ଗ୍ ନାନୁ ଇର୍ହା, ଏ
ମାପୁରୁ ନା ବିସୟ୍‌ତାନ୍ ନିୟମ ବଇଦୁ ଏଣ୍ଡେସ୍ ରାସାତା ମାନାତ୍,
ନାନୁ ଆୟା ରକମ୍‌ତାନ୍ ନି ବଦା ପୁରା କିଦେଙ୍ଗ୍ ତିଆର୍ ମାନା
।" 8 ପାର୍‌ତୁମ୍ ୱାନ୍ ଇର୍ହାମାର୍ହାନ୍, "ନିନୁ ଲୋକା ପାପ୍ କେମା
ଉଣ୍ତିଙ୍ଗ୍ ପୁଜା ନି ଦାନ୍‌ସିନିକା ସିଲେତିଙ୍ଗ୍ ବେଦି ମୁସୁକୁ ହୋମବଲି
ବଦା କିଇ; ଆୟାୱିଜୁ ମିଙ୍ଗ୍ ୱେଡ଼ିକା କିଦେଙ୍ଗ୍ ଆଟ୍‌ଏତ୍ ।"
ଇୟାୱିଜୁ ବଲିଦାନ୍ ନିୟମ୍ ଇସାବ୍‌ତାନ୍ କିଆୟ୍‌ଆଜିମାରିଙ୍ଗ୍ ବା
ୱାନ୍ ଇୟାୱାଜା ଇର୍ହାମାର୍ହାନ୍ । 9 ୱେନେକା ୱାନ୍ ଇର୍ହାମାର୍ହାନ୍,
"ଏ ମାପୁରୁ, ନାନୁ ନି ଇଛା ପୁରା କିଦେଙ୍ଗ୍ ତିଆର୍ ମାନା ।" ମାରି
ମାପୁରୁ ଇୟାୱିଜୁ ପାଡ଼ିଇ ନିୟମ୍ ଡ଼ିସ୍‌ସି ତାନି ବାଦ୍‌ଲୁ କ୍ରିସ୍ତୁଦି
ପୁନି ବଲିଦାନ୍ ଆସ୍‌ତି । 10 ଜିସୁ କ୍ରିସ୍ତୁ ଉନ୍‌ଡ୍ରେଦେବା ମାତ୍ର ମାରି
ୱିଜୁଦିନ୍‌ତି ଉଣ୍ତିଙ୍ଗ୍ ନିଜେଦି ମେନ୍ଦ୍‌ଲ୍‌ତିଙ୍ଗ୍ ସିଜି ମାପୁରୁଦି ଇଛା
ପୁରା କିତିମାନିଙ୍ଗ୍, ୱାନି ଆୟା ନିଜେଦିଙ୍ଗ୍‌ସିତି ଉଣ୍ତିଙ୍ଗ୍ ମାଡୁ ୱିଜୁ
ଲୋକୁ ପାପ୍‌ଦାନ୍ ନେଗେନ୍ ଆତିମାନିକା । 11 ଜିହୁଦି ଜାଜକର୍
ୱିଜୁଦିନ୍ ନିଜେଦି ପାଣି ପୁରାକିଜି ଆୟା ଉଣ୍ତି ରକମ୍‌ତି ସେବା
ଅର୍‌ସୁଦିଙ୍ଗ୍‌ଅର୍‌ସୁ କିଜିମାନାର୍, ମାତର୍ ଇୟାୱିଜୁ ବଲିଦାନ୍
ମାଡ଼ାନ୍ ଏସାଙ୍ଗ୍‌ବା ପାପ୍ କେମା ଆଦେଙ୍ଗ୍ ଆଟ୍‌ଏତ୍ । 12
ମାତର୍ କ୍ରିସ୍ତୁ ପାପ୍‌ତି ନିଜେଦିଙ୍ଗ୍‌ସିତି ୱାଜା ୱିଜୁଦିନ୍‌ତି ଉଣ୍ତିଙ୍ଗ୍
ଉନ୍‌ଡ୍ରି ମାତ୍ର ବଲି ସିତାମାନାନ୍ । ତାନିୱେନେକା ୱାନ୍ ସଲସି
ମାପୁରୁଦି ଉଣିକିୟୁ ତରିନ୍ ବାସ୍‌ତା ମାନାନ୍ । 13 ମାପୁରୁ ୱାନି
ସାତ୍ରୁରିଙ୍ଗ୍ କାଲ୍‌କା ଆଡିଗି କିଇସାନ୍ନି ୱାନ୍ ଆବେନ୍ କାପ୍‌କିଜିନାନ୍
। 14 ଏମେକାର୍ ପାପ୍‌ଦାନ୍ ନରାଜି ସୁଚି ଆତାମାନା, ଆୟା
ଉନ୍‌ଡ୍ରେମାତ୍ର ବଲିଦି ମାଡ଼ାନ୍ ୱାରିଙ୍ଗ୍ ୱାନ୍ ୱିଜୁଦିନ୍‌ତି ଉଣ୍ତିଙ୍ଗ୍
ପୁରା କିତାମାନାନ୍ । 15 ପବିତ୍ରଆତ୍ମା ବା ୱାନି ସାକ୍ୟ ସିଜି
ଇର୍ହାମାନାତ୍: 16 "ପ୍ରବୁ ଇଜିନାନ୍, ବବିସତ୍‌ଦୁ ନାନୁ ୱାରି ୱାଲେ
ଇୟା ପୁନି ନିୟମ୍ କିନା । ନାନୁ ନା ନିୟମ୍ ୱାରି ଜିବନ୍‌ତୁ ଇଡିନା
ମାରି ୱାରି ମନ୍‌ତୁ ରାସ୍‌ନା ।" 17 ମାରି ବା ୱାନ୍ ଇଜିନାନ୍,
"ନାନୁ ମାରି ୱାରି ପାପ୍ ନି ତାଗ୍‌ଇ ପାଣି ଏତ୍ କିଏନି ।" 18
ଆଦେଙ୍ଗ୍ ୱାର୍ ଜଦି କେମା ପୋଇତା ମାନାର୍, ଆର୍‌ତିଙ୍ଗ୍ ପାପ୍
କେମା ଉଣ୍ତିଙ୍ଗ୍ ମାରି ବଲିଦାନ୍‌ଦି ଦର୍‌କାର୍ ସିଲେତ୍ । 19 ମାରି
ଏ ତଡ଼ାନ୍‌କୁ ନି ତାଙ୍ଗ୍‌କ୍, ଜିସୁଦି ସାତି ମାଡ଼ାନ୍ ମାଡୁ ମହାପବିତ୍ର
ବାଡିଦୁ ସୋନି ଉଣ୍ତିଙ୍ଗ୍ ପୁରା ଅଦିକାର୍ ପୋଇତିମାନିକା । 20
ୱାନ୍ ୱାନି ମେନ୍ଦ୍‌ଲ୍‌ତିୱାଜା ପାର୍‌ଦା ନାଣିମିରାନ୍ ମା ଉଣ୍ତିଙ୍ଗ୍ ଉଣ୍ତି
ପୁନି ଜିବନ୍‌ତି ସାରି ତର୍‌ତାମାନାନ୍ । 21 ମାପୁରୁଦି ଇଲୁ ଇଲେଇ
ମା ପେରିଜାଜକଦି ଅଦିକାର୍‌ତୁ ମାନାତ୍ । 22 ମାରି ରାଦ୍ଧୁ, ମାଡୁ
ନେଗି ମୋନ୍‌ତାନ୍ ମାରି ଆଟୁୱା ବିସ୍‌ବାସ୍‌ତି ୱାଲେ ମାପୁରୁଦି
ଲାକୁତୁ ସୋନାଟ୍; ଇରିଙ୍ଗ୍ ମାଡୁ ଇଲେଇ ତାଗ୍‌ଇ ବୁଦିଦାନ୍ କ୍ରିସ୍ତୁଦି
ନେତେର୍‌ତାନ୍ ନେଗେନ୍ ଆତିମାନିକା ମାରି ମା ମେନ୍ଦ୍‌ଲ୍ ନେଗି
ଏରୁଦାନ୍ ଇବାତି ମାନିକା । 23 ଏମେ ଆସା ମାଦି ମାନାତ୍ ଇଜି

ମାନାତିମାନିକା, ଆବେନ୍ ମାଡୁ ଡାଟ୍ ମାନିକା ମାନାତ୍, ଇରିଙ୍ଗ
ମାଡୁ ମାପୁରୁଦି ସିତିମାନିମାଟା ମୁସୁକୁ ଆସା ଇଟ୍‌ତିମାନିକା
। 24 ରାଦୁ, ମାଡୁ ଆଇୱାରି ଉଣ୍ତ୍ରିଙ୍ଗ ମୋନ୍‌ଦିୟାନ୍ ଆଜି ୱାରି
ସୁବିଦା କିନାଟ୍; ଇୟାୱାଜା ଇସାବ୍‌ତାନ୍ ଜିବନେ୍‌ନାନିକା ସିଜି
ସତ୍‌ପାଣି କିନାଟ୍ । 25 ମାରି ଏନ୍ ଏନ୍ ଏଣ୍ତେସ୍ ପାର୍‌ତନାଦୁ
ସୋନେ୍‌ଡ୍ରଙ୍ଗ ଏଲା କିନାର୍, ମାଡୁ ଆୟାୱାଜା କିଏଟ୍ । ମାରି
ପ୍ରବୁଦି ଦିନ୍ ଲାକୁତୁ ଆଜି ୱାଜିନାତ୍ ନେସ୍‌ସି ନିଜେନିଜେଦିଙ୍ଗ
ନାଣ୍ତୁ ୱେଡ଼ିକା କିନିକା ମାନାତ୍ । 26 ମା ଲାକୁତୁ ସତ୍ ନେସ୍‌ତି
ୱେନେକା ମାଡୁ ଜଦି ନେସ୍‌ସି ନେସ୍‌ସି ପାପ୍‌ତୁ ମାନିକା, ଆର୍‌ତିଙ୍ଗ
ମାରି ଇନି ବଲିଦାନ୍ ମାଙ୍ଗେ ପାପ୍‌ତାନ୍ ମୁକୁଡ଼ା କିଦେଙ୍ଗ ଆଟ୍‌ଏତ୍
। 27 ଆର୍‌ତିଙ୍ଗ, ମାଡୁ ୱାଜିମାନି ପେରି ବିଚାର୍‌ତୁ ସାମାନ୍
ଆଜି ମାପୁରୁଦି ବିରୁଦ୍‌କିନିୱାରି ଉଣ୍ତ୍ରିଙ୍ଗ ନାଣ୍ତୁକାସ୍‌ସିମାନି ସିସୁଦୁ
ଦଂସ୍ ପୋଇନି ଇସାପ୍‌ତି ତିଲାନି ବାଦ୍‌ଲୁ ମା ଆଇ ଇନି ଉପାୟ
ସିଲେତ୍ । 28 ଏନ୍ ଜଦି ମୋସାଦି ନିୟମ୍ ଅମାନ୍ୟ କିନାନ୍ ମାରି
ଅରେନ୍ ସିଲେତିଙ୍ଗ ନାଣ୍ତୁଲୋକା ସାକିରି ସାକ୍ୟଦି ମାଡ଼ାନ୍ ୱାନ୍
ଦୋସି ଆନାନ୍, ଆର୍‌ତିଙ୍ଗ ୱାନିଙ୍ଗ ଦୟା କିଏଣ୍ଗା ସାନି ଦଣ୍ତ
ସିନାର୍ । 29 ଆର୍‌ତିଙ୍ଗ, ଏନ୍ ମାପୁରୁଦି ମାରିନ୍‌ତିଙ୍ଗ ଅମାନ୍ୟ
କିନାନ୍, ମାପୁରୁଦି ପୁନି ନିୟମ୍‌ତି ନେତେର୍‌ତି ମାଡ଼ାନ୍ ପାପ୍
କେମାଦି ସୁଜୋଗ୍ ପୋଇତିମାରିଙ୍ଗ ବା ୱାନିଙ୍ଗ କାଡ଼ିଜିନାନ୍ ମାରି
ଅନୁଗ୍ରହଦି ପବିତ୍ରଆତ୍ମାଦିଙ୍ଗ ଅପମାନ୍ କିନାନ୍, ୱାନି ଦସ୍ ଇନିକା
ଆଏତ୍? ଅଡ଼୍‌ବିଜ ସୁଡୁଦୁ, ୱାନ୍ ଏସୋ ନାଣ୍ତୁ ଦଣ୍ତପୋଇନାନ୍
। 30 "ନାନୁ ପ୍ରତିସଦ୍ ଅନା, ନାନୁ ଦଣ୍ତସିନିକିନ୍ନା ।" ଇୟା
ମାଟା ଜେ ଇର୍ହାମାନାନ୍, ୱାନିଙ୍ଗ ମାପ୍ ନେସ୍‌ନାପ୍ । ୱାନ୍
ମାରିବା ଇର୍ହାମାନାନ୍, "ପ୍ରବୁ ୱାନି ଲୋକାଙ୍ଗ ବିଚାର୍‌କିନାନ୍
।" 31 ଜିବନ୍‌ମାନି ମାପୁରୁଦି ବିସାର୍‌ତି ଆଗ୍‌ଡ଼ିନିନିକା ଏସୋ
ତିଲାନିକା । 32 ମି ଆଗ୍‌ଡ଼ିରି ମାଟା ଅଡ଼୍‌ବିଦୁ । ମାପୁରୁଦି
ଜାୟ୍ ମିଙ୍ଗେ ନାଣ୍ତୁଜାୟ୍ କିତି ୱେନେକା ମିର୍ ଆଇ ଆଇ ଦୁଃକ୍
କାସ୍କୁ ପୋଇତିଦେର୍, ମାତର୍ ଆରାଏତି ମାର୍‌ଇଦେର୍ । 33
ଏସାଙ୍ଗ ଏସାଙ୍ଗ ମିର୍ ୱିଜୁଲୋକାମାନୁ ନିଦା ମାରି ମାଡ଼୍‌ତିନ୍‌ଙ୍ଗି
ମାର୍ହିଦେର୍ । ମାରି ଏସାଙ୍ଗ ଏସାଙ୍ଗ ମିର୍ ଆଇୱାରି ଦୁଃକ୍ କାସ୍କୁଦୁ
ଦୋସ୍‌ଆଦେଙ୍ଗ ତିଆର୍ ମାର୍ହିଦେର୍ । 34 ମିର୍ ଜଇଲ୍‌ତୁମାନି
ଲୋକା ଦୁଃକ୍ କାକୁର୍ତିଦି ସାକା କିଜିମାର୍‌ଇଦେର୍ ମାରି ଏସ୍ତିୱାଲେ
ମି ୱିଜୁ ଡଆଁ ଆତାତ୍, ନାସ୍ତିୱାଲେ ମିର୍ ୱେଡ଼ିକାଦାନ୍ ୱିଜୁ
କାସ୍କୁ ସାସ୍ କିତିଦେର୍, ଇରିଙ୍ଗ ମିଦି ଜେ ପେରିକା ୱିଜୁଦିନ୍‌ତି
ଦନ୍‌ସମ୍ପତି ମାନାତ୍, ଆକା ମିର୍ ନେସ୍ତିମାରିଇଦେର୍ । 35 ଆଦେଙ୍ଗ
ସାହାସ୍ ଆରାକିମାଟ୍, ଇରିଙ୍ଗ ସତ୍ ସାହାସ୍‌ତି ପେରି ପୁରସ୍କାର୍
ମାନାତ୍ । 36 ମାପୁରୁଦି ବଦା ପୁରା କିଜି, ଏମେକା ୱାନ୍ ସିନାନ୍
ଇଜି ପାର୍‌ମାଣ୍ କିତାମାନାନ୍, ଆକା ପୋଇନି ଆସାଦିଙ୍ଗ ସାସ୍
ଆସ୍‌ସି ମାଡୁରୁ । 37 ଦାର୍ମୁସାସ୍ତ୍ରଦୁ ରାସାତାମାନାତ୍: "ମାରି ଅଡ଼ପ୍
ସାଣେକ୍ କାପ୍‌କିଦୁ, ଏମେୱାନି ୱାନିକା ମାନାତ୍, ୱାନ୍ ୱାନାନ୍,
ୱେଡ଼ା କିଏନ୍, 38 ନା ଦାର୍ମୁଦି ଲୋକୁ ବିସ୍‌ବାସ୍‌ତାନ୍ ଆଟୁୱା
ତେବାଜି ଜିନାର୍, ମାତର୍ ଏନ୍ ଜଦି ୱେନ୍‌କା ଗୁସାନାନ୍, ୱାନି
ଉଣ୍ତ୍ରିଙ୍ଗ ନାନୁ ୱେଡ଼ିକା ଆଦେଙ୍ଗେ ଆଟ୍‌ଏ ।" 39 ୱେନ୍‌କା ସଲସି
ନାସ୍କୁ ଆନି ଲୋକୁ ମାପୁ ଆଏପ୍ । ମାପୁ ଆଟୁୱା ବିସ୍‌ବାସ୍ ମାରି
ପରିତ୍ରାଣ୍ ପୋଇତାମାନାପ୍ ।

**11** ଆସା କିନି ବିସୟ୍ ପୋଇନିକା ପୁରା ନେସ୍‌ନାଟ୍ ମାରି
ତର୍‌ଇ ବିସୟ୍‌ତି ସତ୍‌ବୁଦି ଆସାନିକା ନେ ବିସ୍‌ବାସ୍ । 2
ପୁର୍ବେଦି ଲୋକୁ ୱାରି ବିସ୍‌ବାସ୍‌ଦାନ୍ ମାପୁରୁଦି ୱେଡ଼ିକାଦିଲୋକୁ
ଆତାମାର୍ହାର୍ । 3 ମାପୁରୁଦି ବାକ୍ୟଦାନ୍ ସାରା ଦୁନିଆ ତିଆର୍
ଆତାତ୍ ମାରି ସୁଡ଼ିଇ ବିସୟ୍‌ଦାନ୍ ସୁଣି ବିସୟ୍‌ତି ତିଆର୍ ଆତାତ୍,
ଇୟା ମାଟା ବିସ୍‌ବାସ୍‌ତାନ୍ ମାଡୁ ନେସ୍‌ସିନିକା । (aiōn g165) 4
ବିସ୍‌ବାସ୍‌ତାନ୍ ହେବଲ ମାପୁରୁଦି ଲାକ୍‌ତୁ କୟିନଦି ବାଦ୍‌ଲୁ ନେଗି
ପୁଜା କିତାମାର୍ହାନ୍ । ନିଜେଦି ବିସ୍‌ବାସ୍‌ଦାନ୍ ୱାନ୍ ମାପୁରୁଦି
ମାଡ଼ାନ୍ ଦାର୍ମୁଦିକାନ୍ ଇଜି ସାକ୍ୟ ପୋଇତାନ୍, ଇରିଙ୍ଗ ମାପୁରୁ
ନିଜେ ୱାନି ସିତିମାନିପୁଜା ମାନାତାମାରାନ୍ । ୱାନି ବିସ୍‌ବାସ୍
ଉଣ୍ତ୍ରିଙ୍ଗ ହେବଲ ସାତିସରିଙ୍ଗ ବା ଇୟାସାନ୍ଦି ୱାର୍‌ଗିଜିନାନ୍ । 5
ବିସ୍‌ବାସ୍‌ତାନ୍ ହନୋକ ସାନି ମାଡ଼ାନ୍‌କୁ ରକିୟା ପୋଇତାମାରାନ୍
। ମାପୁରୁ ୱାନିଙ୍ଗ ନିଜେ ଲାକୁତୁ ଅତାମାରାନ୍ ମାରି ୱାନିଙ୍ଗ ଏନ୍
ମାରି ସୁଡୁଦେଙ୍ଗ ଆଟ୍‌ଏତାମାର୍ହାର୍ । ଦର୍ମସାସ୍ତ୍ରଦୁ ରାସାତାମାନାତ୍
ଜେ, ହନୋକ ମାପୁରୁଦି ଲାକୁତୁ ସନି ଆଗ୍‌ଡ଼ି ୱାନି ୱେଡ଼ିକାଦିକାନ୍
ଆତାମାର୍ହାନ୍ । 6 ବିସ୍‌ବାସ୍‌ତିଙ୍ଗ ଡ଼ିସ୍‌ତିଙ୍ଗ ଏନ୍ ମାପୁରୁଙ୍ଗେ
ୱେଡ଼ିକା କିଦେଙ୍ଗ ଆଟ୍‌ଏନ୍, ଇରିଙ୍ଗ ଏନ୍ ମାପୁରୁଦି ଲାକ୍‌ତୁ
ୱାନାନ୍, ୱାନ୍ ମାପୁରୁଦିମାନୁ ବିସ୍‌ବାସ୍ କିନିକା ଦରକାର୍, ମାପୁରୁ
ଜେ ୱାନି ୱେନ୍‌କାସନିୱାରିଙ୍ଗ ଆସା ପୁରା କିନାନ୍, ଆକାବା
ବିସ୍‌ବାସ୍ କିନିକା ଦରକାର୍ । 7 ବିସ୍‌ବାସ୍‌ତି ସାକ୍ତିଦାନ୍ ନୋହ
ଇନିକା ଅଡ଼୍‌ବିଏଣ୍ଗା ଗଟ୍‌ନା ବିସୟ୍‌ତାନ୍ ମାପୁରୁଦି ଜାଗ୍‌ରାତାଦି
ବାକ୍ୟ ୱେନ୍‌ଡ୍ରେଙ୍ଗ ଆଟ୍‌ତାମାର୍‌ଆନ୍ । ୱାନ୍ ମାପୁରୁଦି ଆଦେସ୍
ମାନାଜି ଉଡ଼ି ଜାହାଜ୍ ତିଆର୍ କିତାନ୍ । ଆବେନ୍ ୱାନ୍ ମାରି
ୱାନି ଇଲୁଦିଲୋକ୍ ୱିଜୁ ରକ୍‌ୟା ପୋଇତାର୍ । ତାନିବାଦ୍‌ଲୁ
ଦେସ୍‌ତିଲୋକୁ ଦଣ୍ତ ଆତାର୍, ମାତର୍ ନୋହ ୱାନି ବିସ୍‌ବାସ୍
ଉଣ୍ତ୍ରିଙ୍ଗ ଦାର୍ମୁଦି ପୁରସ୍କାର୍ ପୋଇତାର୍ । 8 ମାପୁରୁ ଅବ୍ରାହାମଦିଙ୍ଗ
ଏମେ ଦେସ୍ ସିନା ଇଜି ମାଟା ସିତାମାରାନ୍, ଆୟା ଦେସ୍‌ତୁ
ସୋନି ଉଣ୍ତ୍ରିଙ୍ଗ ୱାନ୍ ଏସ୍ତିୱାଲେ ୱାନିଙ୍ଗ କୁକ୍‌ତାନ୍, ନାସ୍ତିୱାଲେ
ଅବ୍ରାହାମ ବିସ୍‌ବାସ୍‌ତାନ୍ ମାପୁରୁଦି ମାଟା ମାନାତା ମାର୍ହାନ୍ ।
ୱାନ୍ ଏମେମାନୁ ସୋନାନ୍, ଆକା ନେସ୍‌ଏଜି ବା ନିଜେଦି ଦେସ୍
ଡ଼ିସ୍‌ତା ସର୍ହାନ୍ । 9 ୱାନ୍ ବିସ୍‌ବାସ୍‌ଦୁ ମାପୁରୁଦି ସିତିମାନି ଦେସ୍‌ତୁ
ଆଇଦେସ୍‌ତିକାନ୍ ୱାଜା ବାସା କିତାନ୍ । ୱାନ୍ ଗୁଡ଼ାଦୁ ବାସା
କିତାନ୍ ମାରି ୱାନି ୱାଜା ମାପୁରୁଦିମାଡ଼ାନ୍ ପାର୍‌ମାଣ୍ ଆଜି
ଇସ୍‌ହାକ୍ ନି ଜାକୁବ ବା ଆୟାୱାଜା ଗୁଡ଼ାଦୁ ବାସା କିତାମାର୍ହାର୍
। 10 ଏମେ ୱିଜୁଦିନ୍‌ତି ଗାଡ଼୍ ମାପୁରୁଦି ମାଡ଼ାନ୍ ରସ୍‌ତିକାନ୍ ନି
ତିଆର୍‌କିତିକାନ୍, ଅବ୍ରାହାମ ଆୟା ଗାଡ଼୍‌ତିଙ୍ଗ କାପ୍‌କିଜି ମାରାନ୍ ।
11 ଜଦିବା ସାରା କଡ଼୍‌ର୍‌ଆଇଲି ଆନିକା ସିଲେତାତ୍, ବିସ୍‌ବାସ୍‌ତି

ସାକ୍ତିଦାନ୍ ଅବ୍ରାହାମ ଡକ୍ରା ବୟସ୍‌ତୁ ବା ବୁବା ଆଦେଙ୍ଗ ଆଟ୍‌ତା
ମାର୍ହାନ୍ । ମାପୁରୁ ୱାନି ମାଟା ରକିୟା କିନାନ୍ ଇଜି ଅବ୍ରାହାମତି
ବିସ୍‌ବାସ୍ ମାରାତ୍ । 12 ଅବ୍ରାହାମ ସାନି ୱାଜା ଆତିମାରିଙ୍ଗ ବା
ୱାନିମାଡ଼ାନ୍‌କୁ ବାଦଡ଼ଦି ସୁକେଙ୍ଗ ମାରି ସାମ୍‌ଦୁରୁତି ବାଲି ୱାଜା
ଲେକିସେ୍‌ତଙ୍ଗ ଆଟ୍‌ଇ କୁଟୁମ୍ ଜନମ୍ ଆତାର୍ । 13 ଇୟାୱିଜୁ
ଲୋକୁ ନିଜେଦି ବିସ୍‌ବାସ୍‌ତୁ ଆଟୁୱା ତେବାଜି ସାତାସର୍ହାର୍
। ମାପୁରୁ ପାର୍‌ମାଣ୍ କିତିମାନି ବିସୟ୍‌ୱିଜୁ ୱାର୍ ପୋଇଦେଙ୍ଗ
ଆଟ୍‌ଏତିଙ୍ଗ ବା ଆକରାନ୍ ଆକା ସୁଡ଼ିଜି କୁକ୍‌ନିକା କିତାମାର୍ହାର୍
ମାରି ଇୟା ଜଗତ୍‌ଦୁ ୱାର୍ କେବଲ ଆଇଦେସ୍‌ତିକାର୍ ମାରି
ଆଇମାନୁବାସାନିକାର୍ ଇଜି ମାନାତା ମାର୍ହାର୍ । 14 ଏମେକାର୍
ଇୟାୱାଜା ମାଟା ଇନାର୍, ୱାର୍ ମାରି ଉଣ୍ତି ନିଜେଦିବୁମିଦିଙ୍ଗ
ପୋଇଜିନାର୍ ଇଜି ନେସେ୍‌ତଙ୍ଗ ଆନାତ୍ । 15 ୱାର୍ ଏମେ
ଦେସ୍ ଡ଼ିସ୍‌ତା ୱାତାର୍‌ମାରାର୍, ଆୟା ଦେସ୍‌ତିଙ୍ଗ ମାରି ଏତ୍
କିଏଜି ମାର୍ହାର୍ । ଜଦି ଏତ୍ କିତାର୍‌ମାନ୍ଦି, ଆର୍‌ତିଙ୍ଗ ଆବେନ୍
ୱାର୍ ଡ଼େସି ସନେ୍‌ଡ୍ରଙ୍ଗ ସୁଜୋଗ୍ ପୋଇତାର୍‌ମାନ୍ଦି । 16 ମାତର୍
ୱାର୍ ଉନ୍‌ଡ୍ରି ନେଗି ଦେସ୍‌ତୁ, ଅର୍ତାତ୍ ମୁସ୍‌କୁପୁର୍‌ତି ଦେସ୍‌ତୁ
ସନି ଉଣ୍ତିଙ୍ଗ ବଦା କିଜିମାରାର୍ । ଆଦେଙ୍ଗ ୱାର୍ ମାପୁରୁଙ୍ଗ
ନିଜେଦି ମାପୁରୁ ଇଜି ମାନାଜିନି ମାଡ଼ାନ୍ ୱାନ୍ ସେମାର୍ ଆଏନ୍
ମାର୍‌ହାନ୍ । ମାପୁରୁ ୱାରି ଉଣ୍ତିଙ୍ଗ ଉନ୍‌ଡ୍ରି ଗାଡ଼୍ ତିଆର୍ କିଜି
ଇଟ୍‌ତାମାନାନ୍ । 17 ମାପୁରୁ ଅବ୍ରହାମତି ବିସ୍‌ବାସ୍ ପରିକା
କିନିୱାଲେ ଅବ୍ରାହାମ ନିଜେ ମାରିନ୍ ଇସ୍‌ହାକ୍‌ତିଙ୍ଗ ପୁଜାୱାଜା
ସିଦେଙ୍ଗ ତିଆର୍ ଆତାନ୍ । ମାପୁରୁ ଅବ୍ରାହାମତିଙ୍ଗ ନେ ୱାନି
ପାର୍‌ମାଣ୍ ମାଟା ସିତାମାର୍‌ହାନ୍, ମାରିବା ଅବ୍ରାହାମ ନିଜେଦି
ଅରେନ୍ ମାରିନ୍‌ତିଙ୍ଗ ପୁଜାୱାଜା ସିଦେଙ୍ଗ ତିଆର୍ ଆତାନ୍ ।
18 ମାପୁରୁ ୱାନିଙ୍ଗ ଇର୍ହାମାରାନ୍, "ନାନୁ ନିଙ୍ଗ ଏମେ କୁଟୁମ୍
ସିନା ଇଜି ମାଟା ସିତାମାନାନ୍, ଆକା ଇସ୍‌ହାକ୍‌ଦି ମାଡ଼ାନ୍ ନେ
ଜନମ୍ ଆନାର୍ ।" 19 ମାପୁରୁ ଜେ ଇସ୍‌ହାକତିଙ୍ଗ ସାତିମାଡ଼ାନ୍
ଜିବନ୍ କିଦେଙ୍ଗ ଆଟ୍‌ନାନ୍, ଇୟା ବିସ୍‌ବାସ୍ ଅବ୍ରାହାମଦି ମାରାତ୍
। ସତ୍‌ତାନ୍, ଅବ୍ରାହାମ ଇସ୍‌ହାକ ସାତିମାଡ଼ାନ୍ ଡ଼େସି ଜିବନ୍
ପୋଇତାମାନାନ୍ ଇଜି କାତାଦି ୱାଜା ୱେର୍‌ତିଙ୍ଗ ଇକା ବୁଲ୍
ଆଏତ୍ । 20 ଇସ୍‌ହାକ୍ ନିଜେଦି ବିସ୍‌ବାସ୍‌ତି ବପୁଦାନ୍ ଜାକୁବ
ମାରି ଏସୌଦି ଅଡ଼୍‌ବିଜି ନେଗିତାନି ଉଣ୍ତିଙ୍ଗ ଆସିର୍ବାଦ୍ କିତାନ୍
। 21 ବିସ୍‌ବାସ୍‌ତାନ୍ ନେ ଜାକୁବ ସାନି ପୁର୍ବେ ଜୋସେପ୍‌ତି
ରିଏରି ମାରିସିରିଙ୍ଗ ଆସିର୍ବାଦ୍ କିତାମାରାନ୍ । ୱାନ୍ ନିଜେଦି
ବାଡିଗାଦି ଆଡ଼୍‌ଗି ପାଡ଼୍‌ଗିଜି ମାପୁରୁଦି ପାର୍‌ତନା କିତାମାର୍ହାନ୍ ।
22 ଜୋସେପ୍ ସାନି ୱାଲେ ୱାନି ବିସ୍‌ବାସ୍‌ତି ବପୁଦାନ୍ ଇସ୍ରାଏଲ୍
ଲୋକାଦି ମିସର ଦେସ୍‌ତାନ୍ ସର୍‌ଇ ବବିସତ୍ ମାଟା ଇର୍ହାମାର୍ହାନ୍
ମାରି ୱାନି ମାଡ଼ା ଏଣ୍ତେସ୍ ନେଗେନ୍ ପୋକ୍‌ନାର୍, ଆୟାଉଣ୍ତିଙ୍ଗ
ଆଦେସ୍ ୱେର୍‌ତାମାରାନ୍ । 23 ବିସ୍‌ବାସ୍‌ତାନ୍ ମୋସାଦି ବୁବା
ୟାୟା ୱାନିଙ୍ଗ ଜନମ୍‌ତାନ୍ ମୁଡ୍ରି ଲେଜୁକୁ ସାନ୍ଦି ଆଡ଼ାକ୍‌ତା
ଇଟ୍‌ତାମାରାର୍ । ଇସ୍ରି କଡ଼ଦିଙ୍ଗ ସୁନ୍ଦର୍ ସୁଡ଼ିଜି ୱାର୍ ରାଜେଙ୍ଗ ବା
ଅମାନ୍ୟ କିଦେଙ୍ଗ ତିଲାଏଜି ମାର୍ହାର୍ । 24 ମୋସା ବୟସ୍ ଆତି
ୱେନ୍‌କା ବିସ୍‌ବାସ୍‌ତି ବପୁଦାନ୍ ରାଜାଦି ଗାଡ଼୍‌ସିଦି ମାରିନ୍ ଇଜି
ପରିଚୟ୍ ଆଦେଙ୍ଗ ମନା କିତାନ୍ । 25 ପାପ୍‌ତୁ ତେବାଜି ଏସ
ବେଡ଼ା ଜିବନ୍ ଜିନି ବାଦ୍‌ଲୁ ମାପୁରୁଦି ଲୋକା ୱାଲେ ଦୁଃକ୍‌ବୋଗ୍
କିଦେଙ୍ଗ ୱାନ୍ ବଦାକିତା ମାର୍ହାନ୍ । 26 ୱାନ୍ ମିସର୍ ଦେସ୍‌ତି ୱିଜୁ
ଦନ୍ ବାଦ୍‌ଲୁ ମସିହଦି ଉଣ୍ତିଙ୍ଗ କାଡ଼ାୟ୍‌ଆନିକା ନେଗେତ୍ ଇଜି
ଏତ୍‌କିତାନ୍, ଇରିଙ୍ଗ ୱାନ୍ ପୁରସ୍କାର୍‌ତି ଉଣ୍ତିଙ୍ଗ ୱାନି ଆସା ମାରାତ୍
। 27 ବିସ୍‌ବାସ୍‌ତାନ୍ ମୋସା ରାଜାଦି ରିସାଦିଙ୍ଗ ତିଲାଏଜି ମିସର୍
ଦେସ୍ ଡ଼ିସ୍‌ତା ସର୍ହାନ୍; ସତେ ଏଣ୍ତେସ୍ ୱାନ୍ ସୁଡୁଇ ମାପୁରୁଙ୍ଗ
ସୁଡ଼ିଜିମାରାନ୍; ଆଦେଙ୍ଗ ଡ଼େସି ସଲ୍‌ଏଣ୍‌ଗା କେଏତା ମାର୍ହାନ୍ ।
28 ବିସ୍‌ବାସ୍‌ତାନ୍ ୱାନ୍ ନିସ୍ତାର୍ ପଣ୍ତୟ୍ କିତାମାର୍ହାନ୍ ମାରି ଜୁଦ୍ଧକିନି
ଦୁତ୍ ଏଣ୍ତେସ୍ ଇସ୍ରାଏଲ ଲୋକାରି ପେରିମାରିନ୍‌ତିଙ୍ଗ ସାପିସ୍
କିଏତ୍, ଇୟାଉଣ୍ତିଙ୍ଗ ଦୁୱାର୍‌ବନ୍ଦ୍‌ଦୁ ନେତେର୍ ସିଲେକ୍‌ତେଙ୍ଗ
ଆଦେସ୍ ସିତାମାରାନ୍ । 29 ବିସ୍‌ବାସ୍‌ତାନ୍ ଇସ୍ରାଏଲଦି ଲୋକୁ
ୱାରିତି ବୁମି ମୁସୁକୁ ବୁଲାତି ୱାଜା ସୁପ୍ ସାମ୍‌ଦୁରୁ ଲୋଇ ସିଜି
ନାତାର୍; ମାତର୍ ମିସର୍‌ତିକାର୍ ଆୟାୱାଜା ନାତେଙ୍ଗ ସେସ୍ଟା
କିଦେଙ୍ଗ ସଲ୍‌ସି ମୁଡ଼ିଗିଜି ସାତାସର୍ହାର୍ । 30 ଇସ୍ରାଏଲତିଲୋକୁ
ଜିରିହୋ ଗାଡ଼୍‌ତି ବାଉଡ୍ରି ଗଡା ସାରିବେଡ଼ିତି ବିସ୍‌ବାସ୍‌ତାନ୍
ସାତ୍ ଦିନ୍ ବୁଲାତି ୱେନେକା, ଆକା ଦଂସ ଆତାମାର୍ହାତ୍ । 31
ଦାରିପାଣିକିନି ରାହାବ ତାନି ବିସ୍‌ବାସ୍‌ତି ଉଣ୍ତିଙ୍ଗ ଇସ୍ରାଏଲତି
ଡଙ୍ଗାରିଙ୍ଗ ବାଡି ସିତାତ୍ ମାରି ମାପୁରୁଦି ବିରୁଦ୍‌କିନି ଲୋକା
ୱାଲେ ସାଏଣ୍‌ଗା ରକ୍ଷା ପୋଇତା ମାର୍ହାତ୍ । 32 ନାନ୍ ମାରି
ଏସୋ ମାଟେଙ୍ଗ ବର୍ଣ୍ଣନାକିଜି ୱେର୍‌ନା? ଗିଦିୟୋନ, ବାରାକ,
ଶାମେ୍‌ଶାନ୍, ଯିପ୍ତାହ, ଦାଉଦ, ସାମୁଏଲ୍ ମାରି ବାବବାଦିରି
ବିସୟ୍‌ତାନ୍ ୱେର୍‌ତେଙ୍ଗ ସରିଙ୍ଗ ବେଡ଼ା ସିଲେତ୍ । 33
ବିସ୍‌ବାସ୍‌ତାନ୍ ଇୟାକାର୍ ଆଇଆଇ ଦେସ୍ ବିରୁଦ୍‌ତାନ୍ ଜୁଦ୍ କିଜି
ଜିଣାତା ମାର୍ହାର୍ । ଇୟାକାର୍ ଦାର୍ମୁ ପାଣି ପୁରା କିତାର୍, ମାପୁରୁ
ପାର୍‌ମାଣ୍ କିତିମାନି ବିସୟ୍‌କୁୱିଜୁ ପୋଇତାର୍; ପାର୍ଟାନରେସ୍
ୱେୟୁ କେରେପ୍‌ତାର୍, 34 ସିସୁ ନାପ୍‌ତାର୍ ମାରି କାଣ୍ତା ଦାରାଦାନ୍
ରକିୟା ପୋଇତାର୍ । ଇୟାକାର୍ ସାକ୍ତିସିଲେତାତ୍, ମାତର୍ ସାକ୍ତି
ଆତାର୍; ଜୁଦ୍‌ଦୁ ଜିଣାତାର୍, ମାରି ଆଇଦେସ୍‌ତି ସାତ୍ତୁ ସନ୍ୟରିଙ୍ଗ
ଆରା କିତାର୍ । 35 ବିସ୍‌ବାସ୍‌ତାନ୍ ଆଇମେକ୍ ତାମେକା ସାତି
ନିଜେଦି ଲୋକାଙ୍ଗ ଜିବନ୍‌ମାନି ଅବସ୍ଥାଦାନ୍ ମାରିଡ଼େସି ପୋଇତେ
। ଆଇକାର୍ ଉଣ୍ତି ନେଗି ଜିବନ୍ ପୋଇନି ଉଣ୍ତିଙ୍ଗ ରକିୟା
ପୋୟ୍‌ଦେଙ୍ଗ ବଦା କିଏଣ୍‌ଗା କାସ୍ଟୁଦାନ୍ ସାତେ ସର୍ହେ । 36
ଏନ୍ ଏନ୍ କାସ୍ଟୁ ସାସ୍‌କିତାର୍, କରଡାମାଡ଼୍ ପୋଇତାର୍ ମାରି
ସିକିଡ଼ିଦାନ୍ ତୋରାଜି ଜଇଲ୍ ଦଣ୍ତ ପୋଇତାର୍ । 37 ୱାର୍
କାଲୁକାଣ୍ତୁକୁ ଡାକ୍‌ତିଙ୍ଗ ସାତାର୍, କରତ୍‌ଦାନ୍ ରୁଣ୍ତି ମକେଙ୍ଗ
ଆତାର୍ ମାରି କାଣ୍ତାଦାନ୍ ସାତାର୍ । ଏନ୍ ଏନ୍ ମେଣ୍ତା ନି
ଗରିଆ ତୋଲୁ ଆରାଜି କାକୁର୍ତି ଆତାର୍, କାସ୍ଟୁ ନି ତାଡ଼ନା ଆଜି
ଆୟାୱାଜା ବୁଲାତାର୍ । 38 ଇୟାୱାଜା ଲୋକା ଉଣ୍ତିଙ୍ଗ ଦୁନିଆଦୁ

ନେଗି ବାଡି ସିଲେତାତ୍ । ୱାର୍ ବୁଲାନିକାର୍ ୱାଜା ବାଲିବୁମିଦୁ
ମାରି ଗରନ୍‌ତୁ ବୁଲାତାର୍, ସାରେଙ୍ଗ ନି ବୁମିଦିଗୁଟେଆଙ୍ଗଁ
ବାସାକିତାର୍ । 39 ଇୟ୍ୟା ୱିଜେରେ ନିଜେ ନିଜେଦି ବିସ୍‌ବାସ୍‌ତାନ୍
ଏସ ସିନା ଇଟ୍‌ତା ସର୍ହା ମାନାର୍ । ମାରିବା ୱାର୍ ମାପୁରୁଦି ସିନି
ବିସୟ୍ ପୋଇଏତାମାରାର୍, 40 ଇରିଙ୍ଗ ମାପୁରୁ ମା ଉଣ୍ତିଙ୍ଗ ଉନ୍‌ଡ୍ରି
ନେଗି ଜଜନା କିତାମାର୍ହାନ୍ । ୱାର୍ ମା ୱାଲେ ଏଣ୍ଡେସ୍ ପୁରା
ଆନାର୍, ଇକାନେ ମାପୁରୁଦି ବଦା ମାରାତ୍ ।

12 ଇୟ୍ୟାୱାଜା ସାକିଲୋକାରି ଉଣ୍ତି ପେରି ଦଲ୍ ମା
ସାରିବେଡ଼ିତି କେର୍‌ବିତାମାନାର୍ । ମାରି ରାଦୁ, ଏମେ
ୱିଜୁ ବିସୟ୍ ମାଙ୍ଗଁ ବାଦା କିଜିନାତ୍ ମାରି ଏମେ ୱିଜୁ ପାପ୍
ମାଙ୍ଗଁ ରେଲ୍‌ଜି ଆସିନାତ୍, ୱିଜୁ ଡ଼ିସ୍‌ସି ଆଟୁୱା ଆଜି ମା ଉଣ୍ତିଙ୍ଗ
ଡିଆର୍‌ଆଡିମାନି ସାରିଦୁ ଉରୁକ୍‌ସି ଆଗ୍‌ଡ଼ି ସନାଟ୍ । 2 ଏମେୱାନି
ମୁସୁକୁ ମା ଟିକ୍ ବିସ୍‌ବାସ୍ ଆସା କିଜିନିକା, ଆୟ୍ୟା ଜିସୁଦି
ଉଣ୍ତିଙ୍ଗ ମା କାଣୁକୁ ନେଗିକା ଇଡିନିକା । ୱାନ୍ କ୍ରୁସଦି ଡିଲାଜି
ନିଜେ ପାଣିଦାନ୍ ତେବାଏନ୍ ମାର୍ହାନ୍; ମାତର୍ ୱାନିଦିନ୍‌ତୁ ୱାନି
ଉଣ୍ତିଙ୍ଗ ଉଣ୍ତାତିମାନି ୱେଡ଼ିକା ଉଣ୍ତିଙ୍ଗ, କ୍ରୁସକାଟ୍‌ଦି ସାତିମାନି
ଅପମାନ୍‌ତିଙ୍ଗ ୱାନ୍ ମାନାଏନ୍‌ଣ୍ତା ବୁଦି କିତାନ୍; ଇଲେଇ ୱାନ୍
ମାପୁରୁଦି ରାଜାଗାଦିଦି ଉଣିକିୟୁ ତରିନ୍ ବାସ୍‌ତାମାନାନ୍ । 3
ଅଡ଼୍‌ବିଜ ସୁଡୁଦୁ, ୱାନ୍ ଏସୋ ଦୁଃକ୍ ପୋଇତାମାନାନ୍ । ୱାନ୍
ପାପି ଲୋକାମାଡ଼ାନ୍ ଏସୋ ନିଦା ପୋଇଏତାମାନାନ୍ । ଆଦେଙ୍ଗଁ
ମିର୍ ମନ୍‌ଉଣା କିଜି ନିରାସ୍ ଆମାଟ୍ । 4 ଇରିଙ୍ଗ ମିଙ୍ଗଁ ଇୟ୍ୟାସାନ୍ତି
ପାପ୍ ବିରୁଦ୍‌ତାନ୍ ସାନିନାନି ଜୁଦ୍ କିଦେଙ୍ଗ ପୋଡ଼ାଏତ୍ । 5
ମାପୁରୁ ୱାନି ମାରିନ୍ ୱାଜା ମିଙ୍ଗଁ ଏମେ ୱେଡ଼ିକା କାବୁର୍ ୱେନିସ୍ତା
ମାନାର୍, ଆକା ଇନିକା ମିର୍ ବାଣାଜିନିଦେର୍? "ଏ ନା ମାରିନ୍,
ମାପୁରୁ ମିଙ୍ଗଁ ସାସନ୍ କିନିୱାଲେ ମୋନଦିୟ୍ୟାନ୍ ସିଦୁ । ୱାନ୍
ମିଙ୍ଗଁ ଲାଗାନିୱାଲେ ମନ୍‌ଉଣା କିମାଟ୍ । 6 ଇରିଙ୍ଗ ମାପୁରୁ
ଏମେୱାନିଙ୍ଗ ଜିବନ୍‌ନୋନାନ୍, ୱାନିଙ୍ଗ ସାସନ୍ କିନାନ୍ ମାରି
ଏମେୱାନିଙ୍ଗ ମାରିନ୍ ଇଜି ମାନାନାନ୍, ୱାନିଙ୍ଗ ସାସ୍ତି ସିନାନ୍
।" 7 ମି ଦୁଃକ୍ କାସ୍କଟିଙ୍ଗ ବୁବାଦି ସାସନ୍ ଇଜି ଅଡ଼୍‌ବିଜି ସାସ୍
ଆସ୍‌ତୁ, ତେନିମାଡ଼ାନ୍ ମାପୁରୁ ମି ୱାଲେ ମାରିନ୍ ୱାଜା ବ୍ୟବହାର୍
କିଜିନାନ୍ ଇଜି ୱେଙ୍ଗ୍‌ଜିନାତ୍ । ଇରିଙ୍ଗ ବୁବା ଆମାୱାନିଙ୍ଗ ସାସନ୍
କିଏନ୍, ଇୟ୍ୟାୱାଜା ମାରିନ୍ ଏନ୍ ମାନାନ୍? 8 ୱାରି ଆଇ ମାରିସିର୍
ୱାଜା ନିଙ୍ଗଁ ଜଦି ମି ବୁବା ମିସା କିଏନ୍, ଆର୍‌ତିଙ୍ଗ ନିନୁ ନିଜେଦି
ମାରିନ୍ ଆଇ, ନିନୁ ଉପ୍‌କା ମାରିନ୍ । 9 ମା ଦୁନିଆଦି ବୁବାର୍ ମାଙ୍ଗଁ
ସାସ୍ତି ସିତିଙ୍ଗ ବା ମାଡୁ ମେନ୍ହଲ୍‌ତି ବୁବାରିଙ୍ଗ ମାନାନିକା । ଆର୍‌ତିଙ୍ଗଁ
ମା ମୁସ୍‌କୁପୁର୍‌ତି ବୁବାଦି ସାସନ୍‌ତି ଆଡ଼୍‌ଗି ଆଜି ତେବାନିକା ଏସ
ନାଣ୍ତ ନେଗିମାଟା! 10 ମା ଦୁନିଆଦି ବୁବାରି ଆଗ୍‌ଡ଼ି ଏମେକା
ତାଗ୍‌ଇକା, ଆୟ୍ୟା ଇସାବ୍‌ତାନ୍ ମାଙ୍ଗଁ ଉଣା ଦିନ୍ ଉଣ୍ତିଙ୍ଗ ସାସନ୍
କିନାର୍; ମାତର୍ ମାଡୁ ଏଣ୍ଡେସ୍ ୱାନି ପବିତ୍ରତାଦୁ ମିସାଦେଙ୍ଗ
ଆଟ୍‌ନିକା, ଇୟ୍ୟାଉଣ୍ତିଙ୍ଗ ମାପୁରୁ ମା ନେଗି ଉଣ୍ତିଙ୍ଗ ମାଙ୍ଗଁ ସାସନ୍
କିନାନ୍ । 11 ସାସ୍ତି ପୋଇନି ୱାଲେ ମାଙ୍ଗଁ ଆକା ଦୁଃକ୍‌ଅଡ଼୍‌ବିନିକା
ମାନାତ୍, ମୁଡୁକେ ୱେଡ଼ିକାଦିକା ଆଏତ୍ । ମାତର୍ ସାସ୍ତିଦାନ୍
ଏମେୱାରି ଜିବନ୍ ସାନ୍ତି ଆନାତ୍, ୱାର୍ ୱେନ୍‌କା ସାନ୍ତିଦି ଦାର୍ମୁଦି
ଜିବନ୍ ୱାଜା ପୁରସ୍କାର୍ ପୋଇନାର୍ । 12 ଆଦେଙ୍ଗଁ ମି ସାକିସିଲି
କିୟୁ ମୁସ୍‌କୁ ପେରୁଦୁ ମାରି ତିରିଗ୍‌ନି ମେଣ୍ତାଦିଙ୍ଗ ସାକ୍ତି କିଦୁ । 13
ମାରି ନିଜେ ନିଜେଦି ପାଦାମ୍‌ତି ଉଣ୍ତିଙ୍ଗ ସିଦା ସାରିଙ୍ଗଁ ବୁଲାଦୁ;
ଆର୍‌ତିଙ୍ଗ ମି ସଟା କାଲୁ ସଟାଆଏଜି ନେଗେନ୍ ତେବାନାତ୍ ।
14 ୱିଜେରି ୱାଲେ ସାନ୍ତିଦାନ୍ ବାସାକିଦେଙ୍ଗ ମାରି ପବିତ୍ରଦାନ୍
ଜିଦେଙ୍ଗ ସେସ୍ଟା କିଦୁ; ଇରିଙ୍ଗ ତାନି ବାଦୁଲୁ ଏନ୍ ପ୍ରବୁଦି ଦର୍ସନ
ପୋଇଦେଙ୍ଗ ଆଟ୍‌ଏନ୍ । 15 ଜାଗାର୍‌ତା, ଏଣ୍ଡେସ୍ ମାପୁରୁଦି
ଦୟାଦାନ୍ ତେବାମାଟ୍ । କେୟ୍‌ନି ମାରାନ୍ ୱାଜା ଆମାଟ୍ ।
କେୟ୍‌ନି ମାରାନ୍ ପିରିତିଙ୍ଗଁ, ତାନି ୱିସାମ୍‌ତି ମାଡ଼ାନ୍ ନାଣ୍ତ ନାସ୍ଟ
ଆନାତ୍ । 16 ଏସୌ ୱାଜା ଏନ୍ ତାଗ୍‌ଇକାନ୍ ମାରି ଅଦାର୍ମୁଦିକାନ୍
ଆମାଟ୍; ୱାନ୍ ତୋ ଉନ୍‌ଡ୍ରେ ଅଡିଦି କାଦି ଉଣ୍ତିଙ୍ଗ ପେରିଅଦିକାର୍
ପୋର୍‌ତା ମାର୍ହାନ୍ । 17 ମିର୍ ନେସ୍‌ତିମାନିଦେର୍ ଜେ, ୱାନ୍
ବୁବାଦି ଆସିର୍ବାଦ୍‌ତି ଅଦିକାରି ଆନି ଉଣ୍ତିଙ୍ଗ ବଦା କିତାନ୍, ମାତର୍
ଡ଼ିସାୟ୍ ଆତାତ୍ । ମାରି ଏଡ୍‌କିନି ନାଣ୍ତ କାଣେର୍‌ଙ୍ଗଁ ୱାକ୍‌ସି
ଜାତୁନ୍‌ତାନ୍ ସେସ୍ଟା କିତିଙ୍ଗବା ଆକା କିନି ଉଣ୍ତିଙ୍ଗ ମାରି ସୁଜୋଗ୍
ପୋଇଏତାନ୍ । 18 ଇସ୍ରାଏଲ୍‌ତିଲୋକୁ ୱାଜା ମିର୍ ସିନାଇ
ଗରନ୍‌ତୁ କାସ୍‌ସିମାନି ସିସୁ, ସିର୍ ସିକାଟି, ନାଣ୍ତଗାଲିପିରୁ, 19
ବାଜାମରିଦି ଆଉଲି ମାରି ବାକ୍ୟଦି ବଲୁ ଲାକ୍‌ତୁ ରେଇଦେର୍,
ଲୋକୁ ଆୟ୍ୟା ବଲୁ ୱେନ୍‌ଜି ଏଣ୍ଡେସ୍ ୱାରିଙ୍ଗ ମାରି ଆମାଇନି
ବାକ୍ୟ ୱେର୍‌ଏର୍, ଇକା ଅନୁରଦ୍ କିତାମାର୍ହାର୍, 20 ଇରିଙ୍ଗ
ଆମାଇନି "ଜାତୁ ବା ଜଦି ଆୟ୍ୟା ଗରନ୍‌ତିଙ୍ଗ ମୁଟ୍‌ତିଙ୍ଗ, ଆର୍‌ତିଙ୍ଗ
ତାନିଙ୍ଗ କାଲ୍‌କାଣ୍‌କୁ ସାୟ୍ୟାମାର୍‌ଗା ଡାକ୍‌ନାର୍," ଇୟ୍ୟା ଆମା ମାଟା
ସିଆୟ୍‌ଆତା ମାର୍ହାତ୍ ଆକା ୱାର୍ ସାସ୍ କିଦେଙ୍ଗ ଆଟ୍‌ଏତାର୍
। 21 ମାରି ଆୟ୍ୟା ସୁଡୁଡିକା ଇୟ୍ୟାୱାଜା ଡିଲାନିକା ମାରାତ୍
ଜେ, ମୋସା ଇର୍ହାମାରାନ୍, "ନାନୁ ଡିଲାତା ମାରି ଡିର୍‌ଗିଜିନା
।" 22 ମାତର୍ ମିର୍ ୱାତିମାନିଦେର୍ ସିୟୋନ ଗରନ୍‌ତୁ ମାରି
ଜିବନ୍‌ତି ମାପୁରୁଦି ଗାଡ଼୍, ମୁସ୍‌କୁପୁର୍‌ତି ଜିରୁସାଲମ୍‌ତୁ, ଏମେମାନୁ
ହଜାର୍ ହଜାର୍ ମୁସ୍‌କୁପୁର୍‌ତି ଦୁତ୍‌କା ଦୋଲ୍ । 23 ମାପୁରୁଦି
ଏମେ ଆଗ୍‌ଡ଼ି ଜନମ୍‌ଆତି କଡ଼ର୍‌ଆଇଲିକା ଦରୁ ମୁସ୍‌କୁପୁର୍‌ତୁ
ରାସାତା ମାନାତ୍, ମିର୍ ୱାରି ୱେଡ଼ିକାଦୁ ୱାତିମାନିଦେର୍ । ୱିଜୁ
ଲୋକା ଜାତିଦି ବିଚାର୍‌କିନି ମାପୁରୁଦି ଲାକ୍‌ତୁ ମାରି ପୁରା ଦାର୍ମୁଦି
ଲୋକାଦି ଆତ୍ମେଙ୍ଗଁ ଲାକ୍‌ତୁ ମିର୍ ୱାତିମାନିଦେର୍ । 24 ମାରି,
ପୁନି ନିୟମ୍ ତିଆର୍ ଆତିମାନି ଜିସୁଦି ଲାକ୍‌ତୁ ମାରି ଏମେୱାନି
ନେତେର୍ ହେବଲଦି ନେତେର୍ ବାଦ୍‌ଲୁ ନେଗି ବାକ୍ୟ ସିନାନ୍
ଇଜି ଆସା କିଜିନା, ଆୟ୍ୟା ନେତେର୍ ଲାକୁତୁ ୱାତିମାନିଦେର୍ ।
25 ଆୟ୍ୟାଉଣ୍ତିଙ୍ଗ ଜାଗାର୍‌ତା, ଏନ୍ ବାକ୍ୟ ୱେର୍‌ସିନାନ୍, ୱାନିଙ୍ଗ
ଡ଼ିସ୍‌ମାଟ୍ । ମୁସ୍‌କୁପୁର୍‌ତାନ୍ ବାକ୍ୟ ଆସ୍‌ସି ୱାଜି ଦୁନିଆଦୁ
ତାନିଙ୍ଗ ୱେର୍‌ତିମାନି ଲୋକ୍‌ତି ଉଣ୍ତିଙ୍ଗ ଏମେକାର୍ ୱେନ୍‌ଏତାର୍,
ୱାର୍ ଏର୍‌ବା ରକିୟା ପୋୟ୍‌ଏତାର୍ । ଆର୍‌ତିଙ୍ଗ, ଇଲେଇ

ଏନ୍ ମୁସ୍କୁପୁର୍ତୁ ମାନ୍ଜି ୱାର୍ଗିଜିନାନ୍, ୱାନିଙ୍ଗ୍ ଡ଼ିସ୍ତିଙ୍ଗ୍
ମାଡୁ ଇନିକା ରକିୟା ପୋଇଦେଙ୍ଗ୍ ଆଟ୍ନିକା? 26 ନାସ୍ତିୱାଲେ
ୱାନି ବଲ୍ଲୁ ପୃତିବିଦିଙ୍ଗ୍ ଦୁକ୍ତା ମାର୍ହାଡ୍ । ମାତର୍ ଇଲେଇ
ୱାନ୍ ପାର୍ମାଣ୍ କିଜି ଇର୍ହାମାନାନ୍, "ନାନୁ ମାରିଡ଼େସି କେବଲ
ପୃତିବିଦିଙ୍ଗ୍ ସିଲେ, ବାଦଡ଼୍ତିଙ୍ଗ୍ ବା ଦୁକ୍ନା ପୋକ୍ନା ।" 27
ଇବେଟ୍ତାନ୍ ଟିକ୍ ଜେ, ୱାନ୍ "ମାରିଡ଼େସି" ଆମାକା କିନାନ୍,
ତାନିମାଡ଼ାନ୍ ତିଆର୍ଆତି ୱିଜୁ ବିସୟ୍ ଦୁଙ୍ଗିଁଜି ମାର୍ଗାନାଡ୍ ।
କେବଲ ଏମେ ୱିଜୁ ବିସୟ୍ ଦୁଙ୍ଗିଁଦେଙ୍ଗ୍ ଆଟ୍ଉ, ଆକା ଡାଟ୍
ଆଜି ତେବାନାଡ୍ । 28 ଆଦେଙ୍ଗ୍ ରାଦୁ, ମାଡ୍ ଦନ୍ୟବାଦ୍ ସିନାଟ୍,
ଇରିଙ୍ଗ୍ ମାଡ୍ ଉନ୍ଡ୍ରି ଆଟ୍ୱା ରାଜି ପୋୟ୍ନାଟ୍ । ରାଦୁ, ମା
ଦନ୍ୟବାଦ୍ ସିଜି ମାରି ବକ୍ତି ନି ଡିଏଲ୍ତି ୱାଲେ ମାପୁରୁଦି ୱେଡ଼ିକା
ଆଜି ୱାନିଙ୍ଗ୍ ପୁଜା କିନାଟ୍ । 29 ଇରିଙ୍ଗ୍ ସତ୍ତାନ୍ ମା ମାପୁରୁ
ଅରେନ୍ ଦଂସକିନି ସିସୁ ୱାଜା ।

**13** କ୍ରିସ୍ତ ବିସ୍ବାସି ତୋଡ଼ାନ୍କୁ ନି ତାଙ୍ଗିଁକ୍ ନିଜେନିଜେଦିଙ୍ଗ୍
ଜିବନ୍ନୋଜି ମାଣ୍ଡୁ । 2 ୱାଜିମାନି ଲୋକାଙ୍ଗ୍ ମି ଇଲୁତୁ
କୁକ୍ତୁ । ଇକା କିନି ମାଡ଼ାନ୍ ଏନ୍ ଏନ୍ ନେସ୍ଏଣ୍ଗା ମୁସ୍କୁପୁର୍ତି
ଦୁତ୍କାଙ୍ଗ୍ ସେବାକିତାମାନାର୍ । 3 ଜଇଲ୍ତୁମାନି ଲୋକା ୱାଲେ
ନିନ୍ ନିଜେ ଜଇଲ୍ତୁ ତେବାଜି ଦଣ୍ଡ ପୋଇଜିନି ୱାଜା ଅଡ଼୍ବିଜି
ୱାରିଙ୍ଗ୍ ଏଡ୍କିଦୁ । ଦୁଃକ୍କାସ୍ଟ ବଗ୍ କିଜିମାନି ଲୋକା ୱାଲେ ୱିଜୁ
ଦୁଃକ୍ ସିନ୍ତା କିଜି ୱାରିଙ୍ଗ୍ ଏଡ୍ କିଦୁ । 4 ପେଡ଼ି ୱିଜେରି ଉଣ୍ତିଙ୍ଗ୍
ନେଗିକା ଆପିଡ୍, ମେମାରି ନି ଆଇମା ନିଜେନିଜେଦି ଉଣ୍ତିଙ୍ଗ୍
ବିସ୍ବାସ୍ତାନ୍ ତେବାପିର୍ । ମାପୁରୁ ଲାଲାୟ୍ଆନି ୱାରିଙ୍ଗ୍ ମାରି
ଦାରିପାଣିକିନିୱାରିଙ୍ଗ୍ ବିଚାର୍ କିନାନ୍ । 5 ଦନ୍ସମ୍ପତି ଆସାଦାନ୍
ଆକତେବାଦୁ ମାରି ମି ଏମେକା ମାନାଡ୍, ଆବେନ୍ ୱେଡ଼ିକାଦାନ୍
ତେବାଦୁ । ଇରିଙ୍ଗ୍ ମାପୁରୁ ଇର୍ହାମାନାନ୍, "ନାନୁ ମିଙ୍ଗିଁ ଡ଼ିସ୍ଏ,
ନାନୁ ନିଙ୍ଗିଁ ଏସାଙ୍ଗ୍ ପେର୍ଏ ।" 6 ମାରି ମାଡୁ ସାହାସ୍ତାନ୍
ଇନ୍ଡ୍ରେଙ୍ଗ୍ ଆଟ୍ନିକା, "ପ୍ରବୁ ନା ସାକାକିନିକାନ୍ । ନାନୁ ଡିଲାଏ,
ଏନ୍ ନା ଅନିସ୍ଟ କିଦେଙ୍ଗ୍ ଆଟ୍ନାନ୍?" 7 ଏମେ ନେତାର୍ ପୁର୍ବେ
ମିଙ୍ଗିଁ ମାପୁରୁଦି ବାକ୍ୟ ୱେର୍ତା ମାର୍ହାର୍, ୱାରିଙ୍ଗ୍ ଏଡ୍କିଦୁ । ୱାରି
ଜିବନ୍ ବା ସାନିକା ଏଣ୍ତେସ୍ନାନିକା ମାର୍ହାଡ୍, ଆକା ଏଡ୍କିଜି ୱାରି
ବିସ୍ବାସ୍ତିଙ୍ଗ୍ ନିଜେଦି ଜିବନ୍ତୁ ଆସ୍ତୁ । 8 ଜିସୁ କ୍ରିସ୍ତ ଇଏନ୍,
ନେରୁ ମାରି ୱିଜୁଦିନ୍ ସାମାନ୍ ମାନାନ୍ । (aiōn g165) 9 ଆଇ ଆଇ
ବୁଲ୍ ଦାର୍ମୁ ସିକ୍ୟା ମିଙ୍ଗିଁ ସତ୍ ସାରିଦାନ୍ ୱେର୍ଏ କିମାକିଡ୍ ।
ମାପୁରୁଦି ଦୟାଦାନ୍ ଜିବନ୍ତି ଉଣ୍ତିଙ୍ଗ୍ ସାକ୍ତି ଉଣ୍ତାକିନିକା ନେଗିକା,
କାଦି ଉଣି ବିସୟତାନ୍ ନିୟମ୍ ମାନାନି ମାଡ଼ାନ୍ ଇକା ଆଦେଙ୍ଗିଁ
ଆଟ୍ଏଡ୍ । ଆଡ୍ରେରି ବିଦି ୱିଜୁ ମାନାଜିମାନି ଲୋକୁ ଆବେଣାନ୍
ଇନି ଉପକାର୍ ପୋୟ୍ଏର୍ । 10 ମା ଏମେ ଜଜ୍ଞ ବେଦି ମାନାଡ୍,
ଆବେନୁ ମାନି ପୁଜାସିତିମାନି କାଦି ଉଣ୍ତେଙ୍ଗ୍ ଜିହୁଦି ଜାଜକରି
ଅଦିକାର୍ ସିଲେଡ୍ । 11 ଜିହୁଦି ପେରିଜାଜକ ବଲି ସିତିମାନି
ଜାତୁଦି ନେତେର୍ ପାପ୍ତି ବାଦ୍ଲୁ ୱାଜା ପୁଜାସିଦେଙ୍ଗ୍ ମହାପବିତ୍ର
ବାଡିଦୁ ଆସ୍ସି ସନାର୍; ମାତର୍ ଆୟା ଜାତୁଦି ମେନ୍ଦଲ୍ ନାର୍ତି
ଆତେରେ ଆଡ଼ାକ୍ନା ପୋକନାର୍ । 12 ଆୟାୱାଜା ଜିସୁ ବା
ନିଜେଦି ନେତେର୍ତାନ୍ ଏଣ୍ତେସ୍ ଲୋକାଙ୍ଗ୍ ପାପ୍ଦାନ୍ ପବିତ୍ର କିନି
ଉଣ୍ତିଙ୍ଗ୍ ଗାଡ଼୍ତି ଆତେରେ ସାତାନ୍ । 13 ଆଦେଙ୍ଗ୍ ସାଦୁ, ମାଡୁ ବା
ଗାଡ଼୍ ଆଡ୍ରେ ୱାନି ଲାକୁତୁ ସନାଟ୍ ମାରି ୱାନି ୱାଲେ ନିନ୍ଦା,
ଅପମାନ୍ ସାସ୍ କିନାଟ୍ । 14 ଇରିଙ୍ଗ୍ ମା ଉଣ୍ତିଙ୍ଗ୍ ଇୟା ଜଗତ୍ଦୁ
ଆମାଇନି ୱିଜୁଦିନ୍ତି ତେବାନି ଗାଡ଼୍ ସିଲେଡ୍, ଏମେ ଗାଡ଼୍
ବବିସତ୍ଦୁ ତିଆର୍ ଆନାଡ୍, ମାପ୍ ଆୟା ଗାଡ଼୍ତିଙ୍ଗ୍ କାପ୍କିଜିନାପ୍
। 15 ମାରି ରାଦୁ, ମାପ୍ ଜିସୁଦି ମାଣାନ୍ ମାପୁରୁଙ୍ଗିଁ ମା ପ୍ରସଂସା
ନାନି ବଲି ସିନାଟ୍ । ଇୟା ବଲି ଜିସୁଙ୍ଗିଁ "ପ୍ରବୁ" ଇଜି ମାନାଜିମାନି
ୱେୟୁଦାନ୍ ପୁଜା କିନାଟ୍ । 16 ଆଇୱାରି ନେଗିପାଣି କିଦେଙ୍ଗ୍
ମାରି ୱାରିଙ୍ଗ୍ ସାହାଜ୍ୟ କିଦେଙ୍ଗ୍ ବାଣାମାଟ୍, ଇରିଙ୍ଗ୍ ଇୟାୱିଜୁ
ନେ ମାପୁରୁଦି ୱେଡ଼ିକାଦି ବଲି ୱାଜା । 17 ମି ନେତାରି ଆଡ୍ଗି
ଆଦୁ, ୱାରି ଆଦେସ୍ ଆସ୍ତୁ । ୱାର୍ କାପ୍କିନିଲୋକ୍ ୱାଜା ମି
ଆତ୍ମାଦି ରକ୍ଷା ଉଣ୍ତିଙ୍ଗ୍ ରମ୍ଏଣ୍ଗା କାପ୍କିତାମାନାର୍, ଇରିଙ୍ଗ୍
ୱାରିଙ୍ଗ୍ ମାପୁରୁଦି ଲାକୁତୁ ନିଜେଦି ପାଣିଦି ଇସାପ୍ ସିଦେଙ୍ଗ୍
ପଡ଼ାନାଡ୍ । ମିର୍ ଜଦି ୱାରି ଆଡ୍ଗି ଆନିଦେର୍, ଆର୍ତିଙ୍ଗ୍ ୱାରୁ
ୱେଡ଼ିକାଦି ମୋନତାନ୍ ନିଜେଦି ପାଣି କିନାର୍, ମାତର୍ ଜଦି ଆକା
କିଇଦେର୍, ଆର୍ତିଙ୍ଗ୍ ୱାର୍ ଦୁଃକ୍ ମୋନତାନ୍ ଆକା କିନାର୍ ମାରି
ଇକା ମି ଉଣ୍ତିଙ୍ଗ୍ ନେଗିକା ଆଏଡ୍ । 18 ମା ଉଣ୍ତିଙ୍ଗ୍ ପାର୍ତନା
କିଦୁ । ମା ବୁଦି ଜେ ନେଗିକା, ଇବେନୁ ନାମ୍ଇକା ସିଲେଡ୍,
ଇରିଙ୍ଗ୍ ୱିଜୁଦିନ୍ ନେଗେନ୍ ଜିଦେଙ୍ଗ୍ ମା ଉଣ୍ତେ ବଦା । 19 ମାରି,
ମାପୁରୁ ନାଙ୍ଗିଁ ମି ଲାକ୍ତୁ ବେଗି ପୋକିନ୍, ମିର୍ ନା ଉଣ୍ତିଙ୍ଗ୍ ଇୟା
ପାର୍ତନା କିଜିମାଣ୍ଡୁ । ଇକା ମି ଲାକ୍ତୁ ନା ଜିବନ୍ତାନ୍ ଅନୁରୋଦ୍
କିଜିନା । 20 ଏନ୍ ନିଜେଦି ବଲିଦାନ୍ ମେଣ୍ତେଆଙ୍ଗିଁ "ପେରି
ମେଣ୍ତେଙ୍ଗ୍ସାରାକିନିକାନ୍" ଆତାମାନାନ୍, ମା ଆୟା ପ୍ରବୁ ଜିସୁଙ୍ଗିଁ
ମାପୁରୁ ସାତିମାଣାନ୍ ମାରିଡ଼େସି ନିକ୍ତାମାନାନ୍ । ଆୟା ଜିସୁଦି
ସାତି ବଲିଦି ନେତେର୍ତାନ୍ ଉଣ୍ତି ୱିଜୁଦିନ୍ତି ନିୟମ୍ ଆତାମାନାଡ୍
। ସାନ୍ତିସିନି ମାପୁରୁ ୱାନି ବଦା ମାନାନି ଉଣ୍ତିଙ୍ଗ୍ ମି ଦର୍କାର୍ତି
ଇସାବ୍ତାନ୍ ୱିଜୁ ନେଗି ବିସୟ୍ ସିପିନ୍ । (aiōnios g166) 21 ମାରି
ଜିସୁ କ୍ରିସ୍ତଦି ମାଣାନ୍ ମା ଜିବନ୍ତୁ ୱାନି ୱେଡ଼ିକାଦି ନେଗି ପାଣି
ପୁରା କିପିନ୍ । ଜୁଗ୍ ଜୁଗ୍ ଗୌରବ୍ ୱାନିନ୍ଦି ଆପିଡ୍ । ଆମେନ୍ ।
(aiōn g165) 22 ଏ ତଡ଼ାନ୍କୁ ନି ତାଙ୍ଗିଁକ୍, ଅନୁରୋଦ୍ କିଜିନା, ନା
ଇୟା ଆକୁଦି ବାକ୍ୟ ଉଣ୍ତିଙ୍ଗ୍ ସାସ୍ତି ୱାଲେ ମୋନଦିୟାନ୍ ସିଦୁ ।
ମିଙ୍ଗିଁ ୱେଡ଼ିକା କିନି ଉଣ୍ତିଙ୍ଗ୍ ଇକା ନାନୁ ରାସ୍ତାମାନା । 23 ମା
ତଡ଼ାନ୍ ତିମତି ଜଇଲ୍ତାନ୍ ମୁକ୍ଡ଼ାତାମାନାନ୍ ଇଜି ନେସ୍ନିଦେର୍
। ୱାନ୍ ଜଦି ବେଗି ୱାନାନ୍, ଆର୍ତିଙ୍ଗ୍ ନାନୁ ୱାନିଙ୍ଗ୍ ଅର୍ସେ
ଆସ୍ସି ମି ଲାକ୍ତୁ ୱାନା । 24 ମି ୱିଜେରି ପେରିୱାରିଙ୍ଗ୍ ମାରି କ୍ରିସ୍ତ
ବିସ୍ବାସିରିଙ୍ଗ୍ ମା ନମସ୍କାର୍ ଜାଣେ କିଦୁ । ଇଟାଲି ଦେସ୍ତାନ୍
ୱାତିମାନି ତଡ଼ାନ୍କୁ ମିଙ୍ଗିଁ ନମସ୍କାର୍ କିଜିନାର୍ । 25 ମି ୱିଜେରି
ଲାକ୍ତୁ ମାପୁରୁଦି ଦୟା ୱିଜୁଦିନ୍ ମାନିଡ୍ ।

# ଜାକୁବ

1 ସାରା ଦୁନିଆଦୁ ଇନ୍ଙ୍ଗାଁଆନିଙ୍ଗାଁ ଆତିମାନି ମାପୁରୁଦି ବାର
କୁଟୁମ୍ତି ଲୋକାଙ୍ଗ ମାପୁରୁଦି ମାରି ପ୍ରବୁ ଜିସୁ କ୍ରିସ୍ତୁଦି ଦାସ୍
ଜାକୁବ ମାଡ଼ିସ୍କିନିକା ଜାଣେକିଜି ଇୟା ଆକୁ ରାସ୍ସିନାନ୍ ।
2 ଏ ନା ତଡ଼ାନ୍କୁ ନି ତାଙ୍ଗାଁକି, ମିର୍ ଜିନି ସାରିଦୁ ଦୁଃକ୍କାସ୍କୁ
ୱାତିଙ୍ଗବା, ଆକା ନିଜେଦିବାଗ୍ୟ ଇଜି ଅଡ଼୍ବିଦୁ । 3 ଇରିଙ୍ଗ
ମିର୍ ନେସ୍ନିଦେର୍, ଇୟାୱାଜା ଦୁଃକ୍କାସ୍କୁଦି ପରିକା ଜିଣାନିକା
ସାମ୍ନା ଆନି ୱାଲେ ବିସ୍ବାସ୍ ଡାଟ୍ ତେବାତିଙ୍ଗ, ସାସ୍ଆସ୍ନି
ସାକ୍ତି ପିର୍ନାତ୍ । 4 ମିର୍ ୱେନ୍କା ସାନ୍ଦି ସାସ୍ ଆସ୍ସି ତେବାତିଙ୍ଗ,
ଇନି ବିସୟ୍ତୁ ଉଣା ଆଏଣ୍ଗା ପୁରା ନି ପୁରାପୁରିବର୍ତି ଆନାତ୍ ।
5 ମାତର୍ ମି ଲୋଇରାନ୍ ଆମାୱାନିଙ୍ଗ ଜଦି ବୁଦି ଉଣାମାନାତ୍,
ୱାନ୍ ମାପୁରୁଦି ଲାକ୍ତୁ ପାର୍ତାନା କିପିନ୍, ଆର୍ତିଙ୍ଗ ମାପୁରୁ
ୱାନିଙ୍ଗ ବୁଦି ସିନାନ୍, ଇରିଙ୍ଗ ମାପୁରୁ ଦୋସ୍ଆସ୍ଏଣ୍ଗା ମାରି
ଲବ୍ରାଆଇ ମୋନ୍ତାନ୍ ୱିଜେରିଙ୍ଗ ଦାନ୍ କିନାନ୍ । 6 ମାତର୍
ପାର୍ତାନା କିନିୱାଲେ ମୁଡ଼୍କେ ଅଡ଼୍ବିଏଣ୍ଗା ବିସ୍ବାସ୍ତାନ୍
ପାର୍ତାନା କିପିନ୍ । ଏନ୍ ଆନ୍ମାନ୍ କିନାନ୍, ୱାନ୍ ଗାଲିଦୁ ମିସାଜି
ତିର୍ ତେବାଇ ସାମ୍ଦୁର୍ତି ଲଡ଼ି ଏରୁ ୱାଜା । 7 ଆୟାୱାଜା
ଲୋକ୍ ପ୍ରବୁଦିମାଣୁକୁ ଇନିକା ପୟ୍ନା ଇଜି ଏତ୍କିମାକିନ୍, 8 ୱାନ୍
ରିୟାଙ୍ଗମୋନ୍ତି ଲୋକ୍, ନିଜେଦି ୱିଜୁ ବୁଲାନିମାନୁ ତିର୍ସିଲେତ୍ ।
9 ସିଲିସାତିଅବସ୍ଥାଦାନ୍ ମାନି କ୍ରିସ୍ତ ବିସ୍ବାସ୍ସିଙ୍ଗାଁ ମୁସ୍କୁପେରାତିଙ୍ଗ
ୱେଡ଼ିକା କିପିନ୍ । 10 ମାରି, କ୍ରିସ୍ତବିସ୍ବାସ୍ସି ମାଜନଲୋକ୍
ୱାନି ସିଲିସାତିମାନୁ ଗାର୍ବୁ କିପିନ୍, ଇରିଙ୍ଗ ମାଜନଲୋକ୍ ଲାଟାଦି
ପୁଙ୍ଗାଁ ୱାଜା ରାଲ୍ନାସୋନାନ୍ । 11 ୱେଡ଼ାଦି ନାଣ୍ତୁ ତାତିଦାନ୍
ଲାଟା ୱାର୍ନା ସୋନାତ୍, ତାନି ପୁଙ୍ଗାଁ ରାଲ୍ନାସୋନାତ୍ ମାରି
ତାନି ସୁନ୍ଦର୍ ନାସ୍କ ଆନାତ୍ । ଆୟାୱାଜା ମାଜନଲୋକ୍ ବା
ୱାନି ୱିଜୁ ପାଣିଦାନ୍ଦା ଲଇ ଅର୍ରେଲନ୍ ୱାଙ୍ଗନା ସୋନାନ୍ । 12
ଆମା ଲୋକ୍ ଦୁଃକ୍କାସ୍କୁଦୁ ସାସ୍ କିନାନ୍, ୱାନ୍ ଆସିର୍ବାଦ୍ତିକାନ୍;
ଇରିଙ୍ଗ ଇୟାୱାଜା ଲୋକ୍ ପରିକାଦୁ ଜିଣାତିଙ୍ଗ, ମାପୁରୁ ୱାନି
ଲୋକାଙ୍ଗ ଆମା ଜିବନ୍ ସିନାନ୍ ଇଜି ପାର୍ମାଣ୍ କିତାମାନାନ୍,
ୱାନ୍ ଆକା ପୁର୍ସ୍କାର୍ ୱାଜା ପୟ୍ନାନ୍ । 13 ଏନ୍ ଦୁକ୍କାସ୍କୁଦୁ
ଆର୍ତିଙ୍ଗ, ନା ଇୟା ଲାଲୟ୍ଆନିକା ମାପୁରୁମାଣୁକୁ ଆଜିନାତ୍
ଇଜି ଅଡ଼୍ବିମାକିନ୍, ମାପୁରୁ ତାଗ୍ଇ ବିସୟ୍ତାନ୍ ଲାଲାୟ୍ ଆଦେଙ୍ଗ
ଆଟ୍ଏନ୍, ମାରିବା ୱାନ୍ ଏଙ୍ଗବା ଲାଲାୟ୍ ଆଦେଙ୍ଗ ସିଏନ୍ । 14
ମାତର୍ ଲୋକ୍ ନିଜେଦି ତାଗ୍ଇପାଣିଦୁ ତେବାତିଙ୍ଗ ପରିକାଦୁ
ଆର୍ନାର୍ । 15 ତାଗ୍ଇପାଣିକିନି ୱାନି ପଟାଦାନ୍ ପାପ୍ ଜନମ୍
ଆନାତ୍ ମାରି ଆୟା ପାପ୍ ନାଣ୍ତୁନାଣ୍ତୁଦାନ୍ ପିର୍ଜି ସାନିତାନିଙ୍ଗ
ଜନମ୍ ସିନାତ୍ । 16 ଏ ନା ଲାଡ଼୍ତି ତଡ଼ାନ୍କୁ ନି ତାଙ୍ଗାଁକି, ବାୟା
ଆମାଟ୍! 17 ୱିଜୁ ନେଗି ଦାନ୍ ମାରି ୱିଜୁଦିଙ୍ଗ ପେରି ଇନାମ୍
ମୁସ୍କୁପୁରୁତି ବୁବାମାଣୁକୁ ୱାନାତ୍ । ୱାନ୍ ସାରାଦୁନିଆଦି ୱେଡ଼ା,
ଲେଜୁ ନି ସୁକେଙ୍ଗାଁ ତିଆର୍ କିତିକାନ୍ । ୱାନ୍ ନିଡ଼ିଗା ୱାଜା
ବାଦ୍ଲେଆନିକାନ୍ ଆଏନ୍; 18 ସାରା ଦୁନିଆଦି ଲୋକୁ ମାପ୍
ଏଣ୍ତେସ୍ ପାର୍ତୁମ୍ ବାଡି ଅଦିକାର୍ କିନାପ୍, ଇୟାଉଣ୍ତିଙ୍ଗ ୱାନ୍
ନିଜେଦି ବଦାଦାନ୍ ସତ୍ ବାକ୍ୟଦାନ୍ ମାଙ୍ଗାଁ ତିଆର୍ କିତାନ୍ । 19
ଏ ନା ଲାଡ଼୍ତି ତଡ଼ାନ୍କୁ ନି ତାଙ୍ଗାଁକି, ଏତ୍କିଦୁ । ମିର୍ ୱେନ୍ତ୍ରେଙ୍ଗ
ଦାନ୍ଦାଆନିକା ମାନାତ୍, ୱେର୍ତେଙ୍ଗ ସାନ୍ତି, ରିସା କିଦେଙ୍ଗ ତିର୍
ଆପିତ୍, ମାତର୍ ଆଗ୍ଡ଼ିୱେନ୍କା ଅଡ଼୍ବିଜି ମାଟା ଇନ୍ଡୁ 20 ଇରିଙ୍ଗ
ଲୋକୁ ରିସାଦାନ୍ ମାପୁରୁଦି ଦାର୍ମୁ ପାଣି ପୟେ଼ଦଙ୍ଗ ଆଟ୍ଏର୍ ।
21 ମାରି ୱିଜୁଜାତିଦି ତାଗ୍ଇଅବ୍ୟାସ୍ ମାରି ତାଗ୍ଇପାଣି ଡ଼ିସ୍ସି ।
ମାପୁରୁଦି ଲାକ୍ତୁ ନିଜେଦିଙ୍ଗ ସର୍ପେ ଆଦୁ ମାରି ମି ଜିବନ୍ତୁ
ୱାନ୍ ଆମା ବାକ୍ୟ ଉରୁତା ମାନାନ୍ ମାରି ଆମାକା ମିଙ୍ଗାଁ ରକିୟା
କିଦେଙ୍ଗ ଆଟ୍ନାତ୍, ତାନିଙ୍ଗ ନେଗେନ୍ତାନ୍ ମାନାଦୁ । 22 ମିର୍
ନିଜେ ନିଜେଦିଙ୍ଗ ବାଣ୍ତିସ୍କିମାଟ୍ । ୱାନି ବାକ୍ୟ କେବଲ ୱେରିଙ୍ଗ
ନାଣ୍ତୁ ଆଏତ୍ । ତାନିଙ୍ଗ ପାଣିଦୁ ଲାଗେକିଦୁ । 23 ଆମା ଲୋକ୍
ମାପୁରୁଦି ବାକ୍ୟ କେବଲ ୱେନାନ୍, ମାତର୍ ପାଣିଦୁ ଲାଗେ
କିଏନ୍, ୱାନ୍ ଦାର୍ପାଣ୍ତୁ ନିଜେଦି ମକମ୍ ସୁଡ଼୍ନି ଲୋକୁ ୱାଜା ।
24 ୱାନ୍ ନେଗେନ୍ କିଜି ନିଜେଦି ମକମ୍ତିଙ୍ଗ ସୁଡ୍ଡୁନାନ୍, ମାତର୍
ଆବେଟ୍କୁ ସର୍ଇ ୱେନ୍କା ୱାନି ନିଜେଦି ମକମ୍ ୱାନ୍ ବାଣାନାନ୍
। 25 ମାତର୍ ଲୋକାଦି ରକିୟା ଉଣ୍ତିଙ୍ଗ ଉନ୍ଡ୍ରି ପୁରା ନିୟମ୍
ମାନାତ୍ । ଏନ୍ ଆକା ୱେନ୍ଜ୍ଞି ବାଣାଏନ୍ ମାରି ୱାନି ଉଣ୍ତିଙ୍ଗ
ମେନ୍ଦଲ୍ୱିଜୁଦାନ୍ ମୋନ୍ସିଜି ନିଜେଦି ଜିବନ୍ତୁ ମାନାତିଙ୍ଗ,
ୱାନି ୱିଜୁ ପାଣିଦିଙ୍ଗ ମାପୁରୁ ଆସିର୍ବାଦ୍ କିନାନ୍ । 26 ଜଦି
ଏନ୍ ନିଜେଦିଙ୍ଗ ଦାର୍ମୁ ଇଜି ଅଡ଼୍ବିଜିନାନ୍? ୱାନ୍ ଜଦି ନିଜେଦି
ୱେତଲ୍ତିଙ୍ଗ ତିର୍ କିଏନ୍, ଆର୍ତିଙ୍ଗ ୱାନି ଦାର୍ମୁପାଣିୱିଜୁ ୱାରିକା
ମାରି ୱାନ୍ କେବଲ୍ ନିଜେଦିଙ୍ଗ ବାଣ୍ତିସ୍କିଜିନାନ୍ । 27 ଆମା
ଦାର୍ମୁପାଣି ବୁବା ମାପୁରୁଦି ଲାକ୍ତୁ ନେଗିକା ମାରି ଟିକ୍, ଆକା
ଆଜିନାତ୍ କାକୁର୍ତିମାନି ଟୁରାଲୋକାଙ୍ଗ ମାରି ରାଣ୍ତିଆଇମେକାଙ୍ଗ
ଜାତୁନ୍ କିନିକା ମାରି ଦୁନିଆଦାନ୍ ନିଜେଦିଙ୍ଗ ପାପ୍ପାଣିଦାନ୍
ରକିୟା କିନିକା ।

2 ଏ ନା ତଡ଼ାନ୍କୁ ନି ତାଙ୍ଗାଁକି, ଗୌରବ୍ମୟ୍ ପ୍ରବୁ ଜିସୁ
କ୍ରିସ୍ତୁଦିମାନୁ ବିସ୍ବାସ୍ କିତିମାନିଙ୍ଗ ମିର୍ ଲୋକା ସାମାନ୍ତାନ୍
ଆଡ଼େ୍ର ଆରାନିକା ସୁଡ୍ଡୁଜି ପେରିକାନ୍ ଇସ୍ରିକାନ୍ କିମାଟ୍ ।
2 ଅଡ଼୍ବିଦୁ, ମି ମିଟିଙ୍ଗାଁତୁ ଅରେନ୍ ବାଙ୍ଗାଁରାମ୍ତି ୱେତରି ମାରି
ନାଣ୍ତୁଦାରାଦି ଆଙ୍ଗାଁ ଆରାଜି ୱାତାମାନାନ୍ । ମାରି ଅରେନ୍ କାକୁର୍ତି
ଲୋକ୍ ମାଇତିକା ନି କିଜିତି ଆଙ୍ଗାଁ ଆରାତା ୱାତାମାନାନ୍ । 3
ଜଦି ମିର୍ ନାଣ୍ତୁଦାରାଦି ଆଙ୍ଗାଁ ଆରାତି ଲୋକ୍ତିଙ୍ଗ ନାଣ୍ତୁ ସନ୍ମାନ୍
ତର୍ସି ଇନିଦେର୍, "ଇୟା ବାଡିଦୁ ବାସ୍ଆ," ମାତର୍ କାକୁର୍ତି
ଲୋକ୍ତିଙ୍ଗ ଇନିଦେର୍, "ଆବେନୁ ନିଲ୍ଆ, ମାରି ଆଡ଼୍ଗି ବାସ୍ଆ,"
4 ଆର୍ତିଙ୍ଗ, ନିଜେ ନିଜେଦି ଲୋଇ ପେରିକାନ୍ ଇସ୍ରିକାନ୍ ୱାଜା
ତିଆର୍ କିଜିନିଦେର୍ ମାରି ସତ୍ସିଲିକା ମୋନ୍ତୁ ଇଡ଼୍ଜି ଲୋକା
ମକମ୍ସୁଡ୍ଡୁଦେଙ୍ଗ ବିସାର୍ କିଜିନିଦେର୍ । 5 ଏ ନା ଲାଡ଼୍ତି ତଡ଼ାନ୍କୁ
ନି ତାଙ୍ଗାଁକି, ୱେନ୍ଡୁ, ମାପୁରୁ ଇନିକା ଇୟା ଦୁନିଆଦି କାକୁର୍ତି

ଲୋକାଙ୍ଗ ବିସ୍‌ବାସ୍‌ୱାଜା ଦନ୍‌ତୁ ମାଜନ୍ ଆଦେଙ୍ଗ ମାରି ୱାନି
ସେବାକିନିୱାରିଙ୍ଗ ଆମା ରାଜି ସିନା ଇଜି ମାଟା ସିତାମାନାନ୍,
ଆବେଣି ଅଦିକାର୍ ଆନି ଉଣ୍ତିଙ୍ଗ ଆସ୍‌କିଏନ୍? 6 ମାତର୍ ମିର୍
ସିଲିସାତିୱାରିଙ୍ଗ ଅସନ୍‌ମାନ୍ କିଜିନିଦେର୍! ଆମାକାର୍ ମି ଉଣ୍ତିଙ୍ଗ
ତାଗ୍‌ଇପାଣି କିନାର୍ ମାରି ନ୍ୟାୟ୍‌କିନି ବାଡିଦୁ ରେଲ୍‌ଜି ଅନାର୍,
ୱାର୍ ଏର୍? ୱାର୍ ଆୟା ମାଜନ୍ ଲୋକୁ । 7 ଆମା ଜିସୁ କ୍ରିସ୍ତଦି
ଦରୁଦାନ୍ ମିର୍ ୱେଙ୍ଗିଁତି ମାନିଦେର୍, ୱାର୍ ଆୟା ଦର୍‌ତିଙ୍ଗ ନିନ୍ଦା
କିନାର୍ । 8 "ମିର୍ ନିଜେଦି ଲାକ୍‌ତୁରି ଲୋକାଙ୍ଗ ଜିବନ୍‌ନୋତିୱାଜା
ଜିବନ୍‌ନୋଦୁ," ଦାର୍ମୁସାସ୍ତ୍ରଦୁ ରାସ୍‌ତିମାନି ମାପୁରୁଦି ରାଜିଦି
ଇୟା ନିୟମ୍ ଜଦି ମାନାଜିନିଦେର୍, ଆର୍‌ତିଙ୍ଗ ମିର୍ ଟିକ୍ ପାଣି
କିଜିନିଦେର୍ । 9 ମାତର୍ ଜଦି ଆଟ୍ରେ ସୁନ୍ଦର୍ ସୁଡୁଜି ଲୋକା
ଉଣ୍ତିଙ୍ଗ ମକମ୍‌ସୁଡୁଜି ବ୍ୟବ୍‌ହାର୍ କିଜିନିଦେର୍, ଆର୍‌ତିଙ୍ଗ ମିର୍
ପାପ୍ କିଜିନିଦେର୍ ମାରି ନିୟମ୍‌ତି ଇସାବ୍‌ତାନ୍ ନିନ୍ ଅରେନ୍ ଦସି
ଇଜି ପାର୍‌ମାଣ୍ ଆଜିନି । 10 ଆମା ଉନ୍‌ଡ୍ରି ମାଟା ମାନାଏନ୍,
ୱାନ୍ ୱିଜୁ ମାଟାଦିଙ୍ଗ ମାନାଏତିଙ୍ଗ ପାପ୍ ଆଜି ଦଣ୍ତ ପୟ୍‌ନାନ୍ ।
11 ଇରିଙ୍ଗ ମାପୁରୁ ମାଟା ୱେର୍‌ତାମାନାନ୍, "ଦାରିପାଣି କିମାଟ୍,"
ଆୟା ମାପୁରୁ ମାରି ଉନ୍‌ଡ୍ରି ମାଟା ୱେର୍‌ତାମାନାନ୍; "ଲୋକାଙ୍ଗ
ସାୟାମାର୍‌ଗା ଡାକ୍‌ମାଟ୍ ।" ମାରି, ମିର୍ ଦାରିପାଣି କିଏତିଙ୍ଗବା,
ଜଦି ଲୋକାଙ୍ଗ ସାୟାମାର୍‌ଗା ଡାକ୍‌ନିଦେର୍, ଆର୍‌ତିଙ୍ଗ ନିନ୍
ଅରେନ୍ ନିୟମ୍ ମାନାଇଜି ଦସି ଇଜି ପାର୍‌ମାଣ୍ ଆଜିନି । 12
ଆମା ମୁକ୍‌ଡ଼ାନି ପାଣିକିନି ନିୟମ୍‌ତାନ୍ ମିର୍ ବିସାର୍ ଆନିଦେର୍,
ଆକା ମି ୱାର୍‌ଗିଜିମାନୁ ମାରି ପାଣିଦାନ୍ ତର୍‌ତୁ । 13 ଇରିଙ୍ଗ
ଏନ୍ ଆଇୱାନିଙ୍ଗ ଦୟା କିଏନ୍, ମାପୁରୁ ୱାନିଙ୍ଗ ଦୟା କିଏନ୍
। ନ୍ୟାୟ୍ ବିସାର୍ ମୁସ୍‌କୁ ଦୟା ନେ ଜିଣାନାଡ୍ । 14 ଏ ନା
ତଡ଼ାନ୍‌କୁ ନି ତାଙ୍ଗିଁକି, ଏନ୍ ଜଦି ଇନାନ୍, ନା ବିସ୍‌ବାସ୍ ମାନାଡ୍,
ମାତର୍ ପାଣିଦୁ ଆକା ତର୍‌ଏନ୍, ଆର୍‌ତିଙ୍ଗ ୱାନି ମାଟାଦି ଇନି
ଲାବ୍ ମାନାଡ୍? ଇୟାୱାଜା ବିସ୍‌ବାସ୍ ୱାନିଙ୍ଗ ରକିୟା କିଦେଙ୍ଗ
ଆଟ୍‌ନାଡ୍ ନୋ? 15 ଜଦି ଅରେନ୍ ତଡ଼ାନ୍ ସିଲିତିଙ୍ଗ ତାଙ୍ଗିଁକି
ୱାତିଗନ୍ଦା ନି ଉଣିତିନିକା ଉଣାମାନାଡ୍, 16 ମାରି ମିର୍ ୱାନି
ମେନ୍ଦ୍‌ଲ୍ ଦରକାର୍ ପୁରା କିଏଣ୍‌ଗା ଜଦି ଇନିଦେର୍, ମାପୁରୁ ମିଙ୍ଗିଁ
ଆସିର୍ବାଦ୍ କିପିନ୍; ଉଣୁଜିତିନ୍‌ଞ୍ଜି ନେଗେନ୍‌ତାନ୍ ମାନ୍‌ଡ୍ରୁ, ମି ମାଟା
ବେକାର୍ ଆଏଡ୍ ନୋ? 17 ବିସ୍‌ବାସ୍ ଟିକ୍ ଆୟାୱାଜା: ପାଣି
ସିଲେତିଙ୍ଗ କେବଲ୍ ବିସ୍‌ବାସ୍ ସାତିକା । 18 ମାତର୍ ଏନ୍ ଆର୍‌ତିଙ୍ଗ
ଇନ୍‌ଡ୍ରେଙ୍ଗ ଆଟ୍‌ନାନ୍, "ଅରେନ୍‌ୱାନି ବିସ୍‌ବାସ୍ ମାନାଡ୍, ଆଇ
ୱାନିନ୍ଦି ପାଣି ମାନାଡ୍ ।" ଇୟା ବିସୟ୍‌ତାନ୍ ନାନ୍ ୱେର୍‌ନା, "ପାଣି
ସିଲେଣ୍‌ଗା ଏମେୱାନି ବିସ୍‌ବାସ୍ ମାନ୍‌ଡ୍ରେଙ୍ଗ ଆଟ୍‌ନାଡ୍ ଇଜି ନାଙ୍ଗିଁ
ପାର୍‌ମାଣ୍ ସିଦାଟ୍ । ନାନ୍ ପାଣିଦାନ୍ ନା ବିସ୍‌ବାସ୍ ମାନାଡ୍ ଇଜି
ପାର୍‌ମାଣ୍ ସିନା ।" 19 ମିର୍ ଇନିକା ବିସ୍‌ବାସ୍ କିଜିନିଦେର୍ ଜେ,
କେବଲ୍ ଅରେନ୍ ମାତର୍ ମାପୁରୁ ମାନାନ୍? ନେଗିକା! ଦୁବେଙ୍ଗ ବା
ଇୟାୱାଜା ବିସ୍‌ବାସ୍ କିନେ ମାରି ତିଲାଜି ତର୍‌ତର୍ ଆନେ । 20 ଏ
ବୁଦିସିଲିଲୋକ୍! ପାଣି ଡ଼ିସ୍‌ସି ବିସ୍‌ବାସ୍ ଜେ ୱାରିକା, ଇୟାତାନି
ପାର୍‌ମାଣ୍ ସୁଡ୍‌ଦେଙ୍ଗ ମିର୍ ଇନିକା ବଦା କିଜିନିଦେର୍? 21 ମା
ପୁର୍ବେଦି ବୁବା ଅବ୍ରାହାମ, ମାପୁରୁଦି ଆଗ୍‌ଡ଼ି ଏଣ୍ତେସ୍ ଦାର୍ମୁ ଆତା
ମାର୍ହାନ୍? ୱାନ୍ ପାଣିଦାନ୍ ଦାର୍ମୁ ତରାୟ୍‌ଆତାନ୍, ଏସ୍ତିୱାଲେ ୱାନ୍
ୱାନି ମାରିସିଙ୍ଗ ଇସ୍‌ହାକ୍‌ତିଙ୍ଗ ବେଦି ମୁସ୍‌କୁ ସିତାନ୍ । 22 ମିର୍
ଇନିକା ବୁଜାଦେଙ୍ଗ ଆଟ୍‌ଏଜିନିଦେର୍? ଅବ୍ରାହାମଦି ବିସ୍‌ବାସ୍,
ପାଣିଦୁ ୱେଙ୍ଗିଁତାଡ୍; ପାଣିଦାନ୍ ୱାନି ବିସ୍‌ବାସ୍ ପୁରା ଆତାଡ୍ ।
23 ଇୟାମାଣୁକୁ ଦାର୍ମୁସାସ୍ତ୍ରଦି ଇୟା ରାସାତି ବାକ୍ୟ ପୁରା ଆତାଡ୍:
"ଅବ୍ରାହାମ ମାପୁରୁଙ୍ଗ ବିସ୍‌ବାସ୍ କିତାନ୍ ମାରି ୱାନି ବିସ୍‌ବାସ୍
ଉଣ୍ତିଙ୍ଗ ମାପୁରୁଦି ଆଗ୍‌ଡ଼ି ୱାନ୍ ଦାର୍ମୁ ତରାୟାତାନ୍ ।" ମାରି
ଅବ୍ରାହାମ ମାପୁରୁଦି ସଙ୍ଗ ଇଜି ଦରୁ ପଇତାନ୍ । 24 ମାରି, ମିର୍
ବୁଜାଦେଙ୍ଗ ଆଟ୍‌ନିଦେର୍ ଜେ, ଲୋକୁ ପାଣିଦାନ୍ ଦାର୍ମୁ ତର୍‌ନାନ୍,
କେବଲ୍ ବିସ୍‌ବାସ୍‌ତାନ୍ ସିଲେ । 25 ଆୟାୱାଜା ଦାରିପାଣିକିନି
ରାହାବ ବା ପାଣିଦାନ୍ ଦାର୍ମୁଦିକାଡ୍ ତରାୟ୍ ଆତାମାର୍ହାଡ୍ ।
ୱାଡ୍ ଇସ୍ରାଏଲିୟତି ଡଙ୍ଗିଁରିଙ୍ଗ ତେବାଦେଙ୍ଗ ବାଡି ସିତାମାର୍ହାଡ୍
ମାରି ଆଇ ଉନ୍‌ଡ୍ରି ସାରିଦାନ୍ ସନ୍‌ଡ୍ରେଙ୍ଗ ସାକା କିତାମାର୍ହାଡ୍
। 26 ଆଦେଙ୍ଗ ଆତ୍ମାଦିଙ୍ଗ ଡ଼ିସ୍‌ସି ମେନ୍ଦ୍‌ଲ୍ ଏଣ୍ତେସ୍ ସାତିକା,
ଆୟାୱାଜା ପାଣିଦିଙ୍ଗ ଡ଼ିସ୍‌ସି ବିସ୍‌ବାସ୍ ବା ସାତିକା ।

3 ଏ ନା ତଡ଼ାନ୍‌କୁ ନି ତାଙ୍ଗିଁକ୍ ମି ଲୋଇ ୱିଜୁଲୋକ୍ ଗୁରୁର୍
ଆମାଟ୍, ଇରିଙ୍ଗ ମିର୍ ନେସ୍‌ନିଦେର୍ ଜେ, ମା ୱାଜା ସିକିୟା
ଗୁରୁର୍ ଆଇୱାରି ବାଡ୍‌ଲୁ ନାଣ୍ତତାନ୍ କାସ୍ଟଦି ୱାଜା ବିସାର୍
ଆନାର୍ । 2 ମାଡୁ ୱିଜୁଲୋକ୍ ଗାଦି ଦେବେଙ୍ଗ ବୁଲ୍ କିନିମାନିକା
। ଜଦି ଏନ୍ ୱାନି ୱାର୍‌ଗିଜିସାଜିମାନୁ ମୁଡୁକେ ପାପ୍ କିଏନ୍,
ଆର୍‌ତିଙ୍ଗ ୱାନ୍ ନେଗିକାନ୍ ମାରି ନିଜେଦି ମେନ୍ଦ୍‌ଲ୍‌ତିଙ୍ଗ ପୁରା
ନେଗେନ୍ ଇଟ୍‌ତାମାନାନ୍ । 3 ଗଡ଼ାଦିଙ୍ଗ ତିର୍ କିନି ଉଣ୍ତିଙ୍ଗ
ମାଡ୍ ତାନି ୱେୟୁଦୁ ନାସୁ ତର୍‌ନିକା ମାରି ମା ବଦାଦାନ୍ ତାନିଙ୍ଗ
ବୁଲାକିଦେଙ୍ଗ ଆଟ୍‌ନିକା । 4 ଉନ୍‌ଡ୍ରି ପେରି ଜାହାଜ୍ ବିସୟ୍‌ତାନ୍
ସିନ୍ତା କିଡୁ । ଜାଜ୍ ସାଲାକିନିକାନ୍ ନାଣ୍ତ ଗାଲି କିଜିମାରିଙ୍ଗବା,
ପୁରା ଇସ୍ରି ମଙ୍ଗ ସାହାଜ୍ୟଦାନ୍ ତାନିଙ୍ଗ ଡାଟ୍ କିଜି ବଦାଦାନ୍
ସାଲାକିଜି ଅନାନ୍ । 5 ଆୟାୱାଜା ୱେତଲ୍ ଉନ୍‌ଡ୍ରି ଇସ୍ରିକା
ଆତିଙ୍ଗବା ପେରି ପେରି ମାଟେଙ୍ଗ ଇନ୍‌ଞ୍ଜି ଗର୍ବ କିଦେଙ୍ଗ ଆଟ୍‌ନାଡ୍
। ଅଡ୍‌ବିଜ ସୁଡୁଡୁ, ଏଣ୍ତେସ୍ ସିସୁଡ଼ିବୁ ଇସ୍ରିକା ଆତିଙ୍ଗବା ଏସ
ପେରି ବନ୍‌ତିଙ୍ଗ ସିସୁ କାସିସ୍ କିନାଡ୍ । 6 ୱେତଲ୍ ବା ସିସୁ
ୱାଜା; ଇୟା ଦୁନିଆଦୁ ନାଣ୍ତ ତାଗ୍‌ଇ ବିସୟ୍‌ତୁ ପୁରାବର୍ତି; ମାରି
ଆକା ମା ମେନ୍ଦ୍‌ଲ୍ ଲଇ ମାନିଙ୍ଗ ତାଗ୍‌ଇ ମାଟେଙ୍ଗ ୱେର୍‌ସି ମା
ୱିଜୁ ମେନ୍ଦ୍‌ଲ୍‌ତିଙ୍ଗ ମାଇସ୍ କିନାଡ୍ । ୱେତଲ୍‌ତି ନରକ୍‌ସିସୁଦୁ
ମା ୱିଜୁଦିନ୍‌ତି ଜିବନ୍ ୱେପିସ୍ କିନାଡ୍ । (Geenna g1067) 7
ଲୋକ୍ ୱିଜୁ ବନ୍‌ତି ଜାତୁ, ପଟିଙ୍ଗ, ଉଜ୍‌ଜି ବୁଲାନିକେଙ୍ଗ ମାରି
ଏର୍‌ତୁମାନି ଜିବନ୍‌ମାନିକେଙ୍ଗ ତେବାକିଦେଙ୍ଗ ଆଟ୍‌ତାମାନାଡ୍ ।
8 ମାତର୍ ଏନ୍ ଏସ୍‌କାଙ୍ଗ ୱେତ୍‌ଲତିଙ୍ଗ ତିର୍ କିଦେଙ୍ଗ ଆଟ୍‌ଏନ୍
। ଆକା ସତ୍‌ସିଲିକା ମାରି ଇଡ୍ରେଦଙ୍ଗ ଆଟ୍‌ଏର୍; ସାନିନାନି
ୱିସାମ୍‌ତୁ ପୁରାବର୍ତି । 9 ମାଡୁ ୱେତଲ୍‌ତାନ୍ ପ୍ରବୁ ବୁବା ମାପୁରୁଙ୍ଗ

ଦନ୍ୟବାଦ୍ ସିନାପ୍ । ମାରି ଇୟ୍ୟା ୱେତଲ୍‌ତାନ୍ ମାପୁରୁଦି ରୁପ୍‌ତାନ୍
ତିଆର୍‌ଆତି ଲୋକ୍‌ତିଙ୍ଗ୍ ଆନାଦୁରିଆ ବା ସିନିକା । 10 ଆୟ୍ୟା
ଉନ୍‌ଡ୍ରି ୱେୟୁଦାନ୍ ଦନ୍ୟବାଦ୍ ମାରି ଆନାଦୁରିଆ ସନାତ୍ । ଏ ନା
ତଡ଼ାନ୍‌କୁ ନି ତାଙ୍ଗିଁକି, ଇୟ୍ୟାୱାଜା ଆନିକା ନେକ୍‌କା ସିଲେତ୍ ।
11 ଉନ୍‌ଡ୍ରି ଜଲାଦାନ୍ ସାୱି ନି ସାପ୍‌ରା ଏରୁ ସତେଙ୍ଗ୍ ଆଟ୍‌ନେ
ନୋ? 12 ଏ ନା ତଡ଼ାନ୍‌କୁ ନି ତାଙ୍ଗିଁକି, ତଗା ମାରାନ୍‌ତୁ ଇନିକା
ଜିତ ପଲ୍ ଆସ୍‌ନାତ୍? ଅଙ୍ଗୁର୍ ତିୱାଦୁ ଇନିକା ତଗା ଆସ୍‌ନାତ୍?
ଆୟ୍ୟାୱାଜା କାରିୟା ଏରୁ ସନି ଜଲାଦାନ୍ ସାୱି ଏରୁ ସୋଉ । 13
ମି ଲଇ ଏନ୍ ଇନିକା ଜ୍ଞାନି ନି ବୁଦିମାନିକାନ୍ ଏନ୍ ମାନାନ୍? ୱାନ୍
ବୁଦିମାନିକାନ୍ ମାରି ସାନ୍ତିଦି ୱାଲେ ସତ୍‌ପାଣି କିଜି ୱାନି ଜିବନ୍‌ତୁ
ଇୟ୍ୟାତାନି ପାର୍‌ମାଣ୍ ସିପିନ୍ । 14 ମାତର୍ ଜଦି ମି ଜିବନ୍‌ତୁ
ରିସା, ଆକାର୍ ମାରି ଦାରା ୱାଜା ମାନାତ୍, ନିଜେଦି ବୁଦି ମାରି
ଜ୍ଞାନ୍ ଉଣ୍ତିଙ୍ଗ୍ ଗର୍ବ କିଜି ସତ୍‌ତି ବିରୁଦ୍‌ତାନ୍ ଗର୍ବ କିମାଟ୍ । ମିଚ୍
ୱେର୍‌ମାଟ୍ । 15 ଇୟ୍ୟାୱାଜା ବୁଦି ମାପୁରୁଦି ମାଡ଼ାନ୍ ରେଏତ୍;
ଆକା ଦୁନିଆଦିକା, ମେନ୍ଦ୍‌ଲ୍‌ତିକା, ତାଗ୍‌ଇ ମାଣାନ୍ ଆନାତ୍ । 16
ଆମାମାନୁ ରିସା ମାରି ଆକାର୍, ଆବେନୁ ସାନ୍ତିସିଲେତ୍ ମାରି
ୱିଜୁ ରକମ୍‌ତି ତାଗ୍‌ଇପାଣି ମାନାତ୍ । 17 ମାତର୍ ମୁସ୍‌କୁରାନ୍
ୱାନି ବୁଦି ଆଗ୍‌ଡ଼ି, ପବିତ୍ର; ଆକାବା ସାନ୍ତି ସିନାତ୍, କାର୍ମୁ ମାରି
ସଙ୍ଗ୍ ଆନିକା । ଆକା ସତ୍‌ପାଣିଦୁ ପୁରାବର୍ତି ମାରି ନାଣ୍ତୁଦାନ୍
ସତ୍‌ପାଣିଦୁ ପଲ୍ ଆସିସ୍ କିନାତ୍; ଆକା ୱିଜୁ ଲୋକାଙ୍ଗ୍ ସାନ୍ତି
ମାରି ବାଣ୍ତିସ୍ କିଏତ୍ । 18 ସାନ୍ତି ତିଆର୍‌କିତିମାନି ଲୋକା ମାଣୁକୁ
ୱିତାତି ମାନି ୱିତୁଦାନ୍ ଦାର୍ମୁଦିନାନି ପାସି ଆସ୍‌ନାତ୍ ।

4 ମି ଲୋଇ ଜୁଦ୍ ନି ଲାଗାଜିସାନିକା ଏନ୍ଦ୍ରା ଆନାତ୍? ମି
ମେନ୍ଦ୍‌ଲ୍‌ତୁ କାସ୍‌ତିମାନି ସୁକ୍‌ଦୁକ୍‌ତିପାଣି ନେ ଇୟ୍ୟାତାନି
ବିସୟ୍ । 2 ଇରିଙ୍ଗ୍ ମିର୍ ଆମାକା ପୟ୍‌ଦେଙ୍ଗ୍ ବଦା କିଜିନିଦେର୍,
ଆକା ପୟ୍‌ଦେଙ୍ଗ୍ ଆଟ୍‌ଏତିଙ୍ଗ୍, ସାୟ୍ୟାମାର୍‌ଗାଡାକ୍‌ତେଙ୍ଗ୍
ଅଡ୍‌ବିଜିନିଦେର୍ । ଆମାକା ପୟ୍‌ଦେଙ୍ଗ୍ ମିର୍ ନାଣ୍ତୁ ଆସା
ଆନିଦେର୍, ଆକା ପୟ୍‌ଏତିଙ୍ଗ୍ ଲାଗାଜିସାନିକା ମାରି ଜୁଦ୍
କିନିଦେର୍ । ମି ବଦାକିତି ବିସୟ୍ ପୟ୍‌ଇ କାରଣ୍ ଆଜିନାତ୍, ମିର୍
ମାପୁରୁଙ୍ଗିଁ ଲସ୍‌ଇମାନିଦେର୍ । 3 ମାରି, ଲସ୍‌ତିଙ୍ଗ୍ ବା ପୟ୍‌ଇ
କାରଣ୍ ଆଜିନାତ୍, ମି ଲସ୍‌ନିକା ସତ୍‌ସିଲେତ୍ । ମିର୍ ନିଜେ
ନିଜେଦି ସୁକ୍‌ଦୁଃକ୍ ପୟ୍‌ନି ଉଣ୍ତିଙ୍ଗ୍ ଲସ୍‌ନିମାନିଦେର୍ । 4 ଏ
ବିସ୍‌ବାସ୍‌ତୁ ବିସ୍ ସିନି ଲୋକୁ! ମିର୍ ଇନିକା ନେସ୍‌ଇଦେର୍, ଦୁନିଆ
ମାପୁରୁଦି ଉଣ୍ତିଙ୍ଗ୍ ସାତ୍ରୁଆନାତ୍? ଏନ୍ ଇୟ୍ୟା ଦୁନିଆଦି ୱାଲେ ସଙ୍ଗ୍
ଆଦେଙ୍ଗ୍ ବଦା କିନାନ୍; ୱାନ୍ ମାପୁରୁଦି ସାତ୍ରୁ । 5 ଦାର୍ମୁସାସ୍ତ୍ରୁଦି
ଇୟ୍ୟା ବାକ୍ୟଦୁ ଇନିକା ସତ୍‌ସିଲେତ୍ ଇଜି ଅଡ୍‌ବିଜିନିଦେର୍,
"ମାପୁରୁ ମାମାନୁ ଆମା ଆତ୍ମା ସିତା ମାନାନ୍, ତାନିଙ୍ଗ୍ ପୁରାୱିଜୁ
ଅଦିକାର୍ କିନି ଉଣ୍ତିଙ୍ଗ୍ ୱାନ୍ ରାଜି ।" 6 ମାତର୍ ମାପୁରୁ ଆମା
ଦୟ୍ୟା ସିନାନ୍, ଆକା ନାଣ୍ତୁ ସାକ୍ତି । ସାସ୍ତ୍ରୁଦୁ ରାସ୍‌ତାମାନାତ୍,
"ମାପୁରୁ ଆକାର୍‌ଆନିଲୋକାଙ୍ଗ୍ ବିରୁଦ୍ କିନାନ୍, ମାତର୍ ସାନ୍ତି
ଲୋକାଙ୍ଗ୍ ଦୟ୍ୟା ସିନାନ୍ ।" 7 ମାରି, ମାପୁରୁଦି ଲାକ୍‌ତୁ ନିଜେଦିଙ୍ଗ୍
ସର୍‌ପେ ଆଦୁ । ସୟ୍‌ତାନ୍‌ତିଙ୍ଗ୍ ଜୁଦ୍ କିଦୁ । ଆର୍‌ତିଙ୍ଗ୍, ୱାଦ୍ ମି
ଲାକ୍‌ତୁରାନ୍ ଉରୁକ୍‌ନାତ୍ । 8 ମାପୁରୁଦି ଲାକ୍‌ତୁ ରାଦ୍ରୁ, ମାରି
ୱାନ୍ ମି ଲାକ୍‌ତୁ ୱାନାନ୍ । ଏ ପାପି ଲୋକୁ, ମି କିକୁ ନର୍‌ଦ୍ରୁ,
ଏ ରିୟ୍ୟାଙ୍ଗ୍ଁଆନି ଲୋକୁ, ମି ଜିବନ୍ ନେଗେନ୍ କିଦୁ, 9 ଅଡ୍‌ବିଦୁ
ମାରି ଦୁଃକ୍ ଆଜି ଆଡ୍‌ବାଦୁ; ମି ସିକ୍‌ନିକା ଦୁକ୍‌ତୁ ମିସାପିତ୍;
ମି ୱେଡ଼ିକା ନିରାସ୍‌ତୁ ମିସାପିତ୍ । 10 ପ୍ରବୁଦି ଆଗ୍‌ଡ଼ି ନିଜେ
ନିଜେଦିଙ୍ଗ୍ ଇସ୍ରିକା ଆଦୁ, ଆର୍‌ତିଙ୍ଗ୍ ୱାନ୍ ମିଙ୍ଗିଁ ମୁସ୍‌କୁ ପେର୍‌ନାନ୍
। 11 ଏ ତଡ଼ାନ୍‌କୁ ନି ତାଙ୍ଗିଁକି, ନିଜେନିଜେଦିଙ୍ଗ୍ ବିସୟ୍‌ତାନ୍
ୱାର୍‌ଗିଜିସାମାଟ୍ । ବିସ୍‌ବାସ୍‌ତି ତଡ଼ାନ୍‌ତିଙ୍ଗ୍ ବିସାର୍ କିଜି ଏନ୍
ୱାନି ବିରୁଦ୍ କିନାନ୍, ୱାନ୍ ନିୟ୍‌ମ୍‌ତି ବିସାର୍ ମାରି ବିରୁଦ୍ କିନାନ୍
। ମିର୍ ଜଦି ନିୟ୍‌ମ୍‌ତି ବିସାର୍ କିନିଦେର୍, ଆର୍‌ତିଙ୍ଗ୍ ମିର୍ ଆକା
ମାନାଇଜିନିଦେର୍, ମାରି ତାନି ବିସାର୍‌କିନିଲୋକ୍ ଆଜିନିଦେର୍ ।
12 ମାପୁରୁ ନେ ନିୟ୍‌ମ୍‌ଦି ମାରି ବିସାର୍‌କିନିକାନ୍ । କେବଲ୍ ୱାନ୍
ରକିୟ୍ୟା କିଦେଙ୍ଗ୍ ଆଟ୍‌ନାନ୍, ମାରି ସାପିସ୍ କିଦେଙ୍ଗ୍ ଆଟ୍‌ନାନ୍,
ଆୟ୍ୟାଉଣ୍ତିଙ୍ଗ୍ ଲାକ୍‌ତୁରି ଲୋକାଙ୍ଗ୍ ବିସାର୍ କିଜିନିଦେର୍ ଜେ ମିର୍
ଏଇଦେର୍? 13 ଇଲେଇ ୱେନ୍‌ଡ୍ରୁ, ଆମାକାର୍ ୱେର୍‌ସିନାର୍,
"ନେରୁ ସିଲ୍‌ତିଙ୍ଗ୍ ୱିଗେ ମାପ୍ ଆୟ୍ୟା ଗାଡ୍‌ତୁ ସନାପ୍ ମାରି ଆବେନୁ
ଉନ୍‌ଡ୍ରି ବାର୍ସେକ୍ ସାନ୍ଦି ତେବାଜି ବେପାର୍ କିଜି ନାଣ୍ତୁ ଡାବୁଙ୍ଗ୍
ଉଣ୍ତା କିନାପ୍ ।" 14 ମାତର୍ ୱିଗେରିଙ୍ଗ୍ ମି ଜିବନ୍‌ତୁ ଇନିକା
ଗଟାଆନାତ୍, ଆକା ମିର୍ ନେସ୍‌ଇଦେର୍! ମି ଜିବନ୍ ଦୁରି ୱାଜା,
ସାଣେକ୍‌ତିଙ୍ଗ୍ ତରାୟ୍‌ଆଜି ମାରିସାଣେକ୍‌ତିଙ୍ଗ୍ ତରାୟ୍‌ଆଏତ୍ ।
15 ଆଦେଙ୍ଗ୍ ମିର୍ ୱେର୍‌ନିକା ମାନାତ୍, "ପ୍ରବୁଦି ବଦା ଆତିଙ୍ଗ୍,
ମାପ୍ ଜିବନ୍ ମାନ୍‌ଜ୍ଞି ଇକା କିନାପ୍ ମାରି ଆକା କିନାପ୍ ।" 16
ମାତର୍ ଇଲେଇ ମିର୍ ଆକାର୍ ଆଜି ଗର୍ବ କିଜିନିଦେର୍; ଇୟ୍ୟାୱାଜା
ଗର୍ବ ତାଗ୍‌ଇକା ଆନାତ୍ । 17 ମନେ ଇଡ୍‌ଦୁ, ଆମା ଲୋକ୍ ଇନି
ସତ୍‌ପାଣି କିନିକା ମାନାତ୍ ଇଜି ନେସ୍‌ସି ବା ଆକା କିଏନ୍, ୱାନ୍
ପାପ୍ କିନାନ୍ ।

5 ଏ ମାଜନ୍ ଲୋକ୍, ନା ମାଟା ୱେନ୍‌ଡ୍ରୁ । ମି ଆମା କାସ୍ଟ
ଆଦେଙ୍ଗ୍ ସୋଲ୍‌ସିନାତ୍, ଆୟ୍ୟାଉଣ୍ତିଙ୍ଗ୍ ଆଡ୍‌ବାଦୁ ମାରି ଦୁଃକ୍
କିଦୁ । 2 ମି ଦନ୍ ୱିଜିତାତ୍‌ନି, ମାରି ମି ୱାତିଗନ୍ଦ୍ରା ସେଦା
ତିରାତ୍‌ନି । 3 ମାରି ମି ବାଙ୍ଗିଁରାମ୍ ମାରି ୱେଣ୍ତିଦୁ କିଟିଙ୍ଗ୍
ଆସ୍‌ତାତ୍‌ନି ମାରି ଇୟ୍ୟା କିଟିଙ୍ଗ୍ ମି ବିରୁଦ୍‌ତାନ୍ ସାକି ସିନାତ୍,
ମାରି ମି ମେନ୍ଦ୍‌ଲ୍‌ତିଙ୍ଗ୍ ସିସୁୱାଜା ତିନାତ୍ । ଇୟ୍ୟା ୱିଜ୍‌ନିଦିନ୍‌ତୁ
ମିର୍ ଦନ୍ ଉଣ୍ତା କିଜିନିଦେର୍ । 4 ୱେନ୍‌ଡ୍ରୁ, ମି କିଡ଼ିଇଦୁ ପାଣି
କିଜିମାନି ପାଣିକିନିୱାରିଙ୍ଗ୍ ବୁତି ସିଇଦେର୍ । ୱାରି ମାଟା ୱେନ୍‌ଡ୍ରୁ
। ପାସି କୟ୍‌ନିୱାରି ମାଟା ସାକ୍ତିମାନ୍ ପ୍ରବୁ ମାପୁରୁ ୱେର୍‌ଆ
ମାନାନ୍ । 5 ଇୟ୍ୟା ଦୁନିଆଦୁ ମି ଜିବନ୍ ସୁକ୍ ମାରି ୱେଡ଼ିକାଦାନ୍
ଦିନ୍‌କାଟେକିଜିନିଦେର୍ । ସାନିଦିନ୍‌ତି ଉଣ୍ତିଙ୍ଗ୍ ମିର୍ ମଟାରଟା
ଆତିମାନିଦେର୍ । 6 ମିର୍ ଦସ୍ ସିଲି ଲୋକାଙ୍ଗ୍ ଦସ୍ ଆସ୍‌ସି
ସାୟ୍ୟାମାର୍‌ଗାଡାକ୍‌ତିମାନିଦେର୍; ୱାର୍ ମିଙ୍ଗିଁ ବିରୁଦ୍ କିଦେଙ୍ଗ୍
ଆଟ୍‌ଏତାର୍ । 7 ମାରି, ଏ ତଡ଼ାନ୍‌କୁ ନି ତାଙ୍ଗିଁକି, ପ୍ରବୁଦି ୱାନିଦିନ୍

ସାନ୍ଦି ସାସ୍ ଆସ୍‌ସି ତେବାଦୁ । ସୁଡୁଦୁ, ଚାସ୍‌ପାଣିକିନିକାନ୍ ଏଣ୍ଡେସ୍
ୱାନି ଡଡିଦୁ ନାଣ୍ଡୁ ପାସି ପୟ୍‌ନି ଉଣ୍ଡିଙ୍ଗ ସାସ୍ ଆସ୍‌ସି ପାର୍‌ତୁମ୍‌ତି
ନି ସାରାସାରିଦି ପିରୁଦିଙ୍ଗ କାପ୍‌କିନାନ୍ । 8 ଆୟାୱାଜା, ମି
ଜିବନ୍‌ତିଙ୍ଗ ବା ସାସ୍ ଆସ୍‌ସି କାପ୍‌କିଦୁ । ମି ଆସା ଡାଟ୍ ମାନିତ୍,
ଇରିଙ୍ଗ ପ୍ରବୁଦି ୱାନିଦିନ୍ ଲାକ୍‌ତୁ ୱାତାତ୍‌ନି । 9 ଏ ତଡ଼ାନ୍‌କୁ ନି
ତାଙ୍ଗିଁକି, ନିଜେନିଜେଦିମାନୁ ଦୋସ୍ ଆସ୍‌ସିସାମାଟ୍, ଆର୍‌ତିଙ୍ଗ
ମାପୁରୁ ମି ବିସାର୍ କିଏନ୍ । ସୁଡୁଦୁ! ପେରିବିସାର୍‌କିନିକାନ୍
ସେର୍‌ଲା ଲାକ୍‌ତୁ ନିର୍‌ଆମାନାନ୍ । 10 ଏ ତଡ଼ାନ୍‌କୁ ନି ତାଙ୍ଗିଁକି,
ଆମା ବାବବାଦିରି ପ୍ରବୁଦି ଦର୍‌ତାନ୍ ମାଟା ସିତାମାର୍ହାର୍, ୱାରିଙ୍ଗ
ଏତ୍ କିଦୁ । 11 ଦୁଃକ୍‌କାସ୍ଟ ସମୟ୍‌ତୁ ସାସ୍ ନି ସାକା ଆନି
ଉଣ୍ଡିଙ୍ଗ ୱାର୍ ମି ଲାକ୍‌ତୁ ମାନିର୍ । ୱାରି ସାସ୍ ଉଣ୍ଡିଙ୍ଗ ମାପ୍
ୱାରିଙ୍ଗ ଦନ୍ୟ ଇଜି ୱେର୍‌ସିନାପ୍ । ମିର୍ ଆୟୁବଦି ସାସ୍ ବିସୟ୍
ୱେର୍‌ଇମାନିଦେର୍ ମାରି ସାରାସାରିୱେନ୍‌କା ପ୍ରବୁ ଏଣ୍ଡେସ୍ ୱାନିଙ୍ଗ
ଆସିର୍ବାଦ୍ କିତାମାର୍ହାନ୍, ଆକା ନେସ୍‌ତିମାନିଦେର୍ । ଇରିଙ୍ଗ
ପ୍ରବୁଦି ଦୟା ମାରି କାର୍ମୁଦୁ ବର୍ତି । 12 ଏ ନା ତଡ଼ାନ୍‌କୁ ନି
ତାଙ୍ଗିଁକି, ପାର୍‌ମାଣ୍ କିନିୱାଲେ ମୁସ୍‌କୁପୁର୍ ନୋ ଦୁନିଆ ନୋ
ଆଇ ଇନି ବିସୟ୍ ଅସି ପାର୍‌ମାଣ୍ କିମାଟ୍ । ମି “ହଁ” ମାଟା “ହଁ”
ଆପିତ୍, “ସିଲେ” ମାଟା “ସିଲେଣ୍” ଆପିତ୍ । ଆର୍‌ତିଙ୍ଗ ମିର୍
ବିସାର୍‌ତୁ ଦଣ୍ଡ ପୟ୍‌ଇଦେର୍ । 13 ମି ଲୋଇରାନ୍ ଏନ୍ ଇନିକା
ଦୁଃକ୍‌କାସ୍ଟ ପୟ୍‌ଜିନାନ୍? ୱାନ୍ ପାର୍‌ତାନା କିପିନ୍ । ଏନ୍ ଇନିକା
ୱେଡ଼ିକା କିଜିନାନ୍? ୱାନ୍ ପ୍ରସଂସାଦି ପାଟା ପାରିନ୍ । 14 ମି
ଲଇ ଏନ୍ ଇନିକା ନବ୍? ୱାନ୍ ମଣ୍ଡଲିଦି ନେତାରିଙ୍ଗ କୁକିନ୍; ୱାର୍
ପ୍ରବୁଦି ଦର୍‌ତାନ୍ ନିୟୁ ଉସ୍‌ସି ଆୟା ଉଣ୍ଡିଙ୍ଗ ପାର୍‌ତାନା କିପିର୍ ।
15 ଇୟାୱାଜା ବିସ୍‌ବାସ୍‌ତୁମାନି ପାର୍‌ତାନାଦାନ୍ ରଗ୍‌ତିୱାନିଙ୍ଗ
ନେଗେନ୍ କିନାତ୍ । ପ୍ରବୁ ୱାନିଙ୍ଗ ନେଗେନ୍ କିନାନ୍ ମାରି ଜଦି
ୱାନ୍ ପାପ୍ କିନାମାନାନ୍, ଆର୍‌ତିଙ୍ଗ ୱାନିଙ୍ଗ କେମା ସିଆୟ୍‌ଆନାତ୍
। 16 ମାରି, ନିଜେନିଜେଦି ମାନୁ ନିଜେ ନିଜେଦି ପାପ୍ ମାନାଦୁ,
ମାରି ନେଗେନ୍ ଆନି ଉଣ୍ଡିଙ୍ଗ ନିଜେନିଜେଦି ଉଣ୍ଡିଙ୍ଗ ପାର୍‌ତନା
କିଦୁ । ଦାର୍ମୁଦି ଲୋକ୍‌ତି ପାର୍‌ତାନା ନାଣ୍ଡୁ ପାଣି ପୁରା କିଦେଙ୍ଗ
ଆଟ୍‌ନାତ୍ । 17 ଏଲିୟ ମା ୱାଜା ସୁକ୍‌ଦୁଃକ୍‌ତି ଲୋକ୍ ମାର୍ହାନ୍
। ପିରୁ ଆମାକିତି ଇଜି ୱାନ୍ ଉନ୍‌ଡ୍ରି ମୋନ୍‌ତାନ୍ ପାର୍‌ତାନା
କିତାମାର୍ହାନ୍, ମାରି ତିନି ବାର୍ସେକ୍ ସଗୋଟା ଲେଜ୍‌କୁ ସାନ୍ଦି
ଦୁନିଆଦୁ ପିରୁ ଆଏତାତ୍ । 18 ୱାନ୍ ମାରିଡ଼େସି ପାର୍‌ତାନା
କିତାନ୍, ମାରି ବାଦ୍‌ଡ଼ତାନ୍ ପିରୁ ଆତାତ୍ ମାରି ବୁମିଦୁ ମାରିଡ଼େସି
ପାସି ଆସ୍‌ତାତ୍ । 19 ଏ ନା ତଡ଼ାନ୍‌କୁ ନି ତାଙ୍ଗିଁକି, ମି ଲୋଇରାନ୍
ଏନ୍ ଜଦି ସତ୍ ସାରିଦାନ୍ ବାଣାନାନ୍ ମାରି ଆଇକାନ୍ ଅରେନ୍
ୱାନିଙ୍ଗ ସତ୍‌ସାରିଦୁ ଡ଼େସି ତାନାନ୍, 20 ଆର୍‌ତିଙ୍ଗ ମନ୍‌ତୁଇଡ୍‌ଦୁ
ଏନ୍ ତାଗ୍‌ଇସାରିଦାନ୍ ପାପ୍‌ଲୋକ୍‌ତିଙ୍ଗ ଡ଼େସି ତାନାନ୍, ୱାନ୍
ଆୟା ପାପି ଲୋକ୍‌ତି ଆତ୍ମାଦିଙ୍ଗ ସାନିମାଣ୍ଡୁକୁ ରକିୟା କିନାନ୍
ମାରି ୱାନି ନିଜେଦି ନାଣ୍ଡୁ ପାପ୍ କେମା ଆନାତ୍ ।

# ୧ ପିତର

1 ନାନ୍ ପିତର୍, ଜିସୁ କ୍ରିସ୍ତୁଦି ଅରେନ୍ ପ୍ରେରିତ ସିସୁ ରାସ୍ତିମାନି
ଆକୁ ପନ୍ତ, ଗାଲାତିଆ, କାପ୍ପାଦକିଆ, ଆସିଆ ମାରି
ବିତୁନିଆଦି ଦେସ୍କାଣି ଇନିଡ୍ଙ୍ଗାଁ ଆନିଡ୍ଙ୍ଗାଁ ଆତିମାନି ଆମା ଲୋକୁ ।
2 ମିର୍ ବୁବା ମାପୁରୁଦି ବୁଦିଇସାବ୍ତାନ୍ ଆସାତିମାନିଦେର୍ । ଜିସୁ
କ୍ରିସ୍ତୁଦି ମାଟା ମାନାଜି ୱାନି ନେତେର୍ତାନ୍ ନେଗେନ୍ ଆନି ଉଣ୍ତିଡ୍ଙ୍ଗ
ମିର୍ ଆତ୍ମାଦି ପାଣିଦି ଉଣ୍ତି ପବିତ୍ର ଆତିମାନିଦେର୍ । ମି ଉଣ୍ତିଡ୍ଙ୍ଗ
ନାଣ୍ତୁଦାନ୍ ମାପୁରୁଦି ଦୟା ମାରି ସାନ୍ତି ଆପିତ୍ । 3 ମା ପ୍ରବୁ ଜିସୁ
କ୍ରିସ୍ତୁଦି ବୁବା ମାରି ମାପୁରୁଡ୍ଙ୍ଗାଁ ଦନ୍ୟବାଦ୍ ଆପିତ୍, ଇରିଡ୍ଙ୍ଗ ୱାନ୍
ୱାନି ଦୟାଦାନ୍ ଜିସୁ କ୍ରିସ୍ତୁଡ୍ଙ୍ଗ ସାତିମାଣ୍ତୁକୁ ମାରିଡ଼େସିଜିବନ୍ କିଜି
ମାଡ୍ଙ୍ଗାଁ ପୁନି ଜିବନ୍ ସିତାମାନାନ୍ । ଇକା ମାଡ୍ଙ୍ଗାଁ ଜିବନ୍ତି ଆସାଦୁ
ପୁରା କିତାମାନାନ୍ । 4 ମାରି ମାପୁରୁ ତାମି ଲୋକା ଉଣ୍ତିଡ୍ଙ୍ଗ ଆମା
ନାଣ୍ତୁଦାରାଦି ଆସିର୍ବାଦ୍ ଇଟ୍ତାମାନାନ୍, ଆକା ପୋଇନି ଉଣ୍ତିଡ୍ଙ୍ଗ
ମାପୁ ଆସାଦାନ୍ ମାନାପ୍ । ଆକା ୱାନ୍ ମୁସ୍କୁପୁର୍ତୁ ମି ଉଣ୍ତିଡ୍ଙ୍ଗ
ଉଣ୍ତା କିତା ଇଟ୍ତାମାନାନ୍ । ଆବେନୁ ଆକା ତାଗ୍ଏଣ୍ ଆଏତ୍,
ନାସ୍କୁ ବା ୱାରାଏତ୍ । 5 ଆମା ରକିୟା ସାରାସାରି କାଡ଼ାଦୁ
ୱେଡ୍ଙ୍ଗନି ଉଣ୍ତିଡ୍ଙ୍ଗ ତିଆର୍ ଆତାମାନାତ୍, ଆକା ପୟ୍ନି ଉଣ୍ତିଡ୍ଙ୍ଗ
ମିର୍ ବିସ୍ବାସ୍ତାନ୍ ମାପୁରୁଦି ସାକ୍ତିଦାନ୍ ନେଗେନ୍ ମାନିଦେର୍
। 6 ଇବେନୁ ମିର୍ ୱେଡ଼ିକା କିଜିନିଦେର୍, ଜଦିବା ଇଲେଇ
ସାଣେକ୍ତି ଉଣ୍ତିଡ୍ଙ୍ଗ ଏଣ୍ତେସ୍ ନାନି କାସ୍କୁ ଉଣ୍ତିଡ୍ଙ୍ଗ ଦୁଃକ୍ବୋଗ୍
ବଗାଦେଡ୍ଙ୍ଗ ମିଡ୍ଙ୍ଗାଁ ପଡ଼ାନାତ୍ । 7 ମି ବିସ୍ବାସ୍ତି ନେଗିକା ପରିକା
କିନିକା ଇୟା ୱିଜୁଦି ଉଦେସ୍ । ୱିଜ୍ନି ବାଡ୍ଙ୍ଗାଁରାମ୍ତିଡ୍ଙ୍ଗ ସିସୁଦୁ
ପରିକା କିନାର୍ । ମି ବିସ୍ବାସ୍ ବାଡ୍ଙ୍ଗାଁରାଓ ତାନ୍ ନାଣ୍ତୁ ଦାରା
ଆତିମାନିଡ୍ଙ୍ଗ ପରିକାଦାନ୍ ତାନିଡ୍ଙ୍ଗ ପୁରା କିଦେଡ୍ଙ୍ଗ ପଡ଼ାନାତ୍
। ଜିସୁ କ୍ରିସ୍ତୁଦି ତରାନି ବେଡ଼ାଦୁ ମିର୍ ଦନ୍ୟବାଦ୍, ଗୌରବ୍
ମାରି ସନ୍ମାନ୍ ପୟ୍ନିଦେର୍ । 8 ମିର୍ ୱାନିଡ୍ଙ୍ଗ ସୁଡୁଏଣ୍ଗା
ଜିବନ୍ନୋଜିନିଦେର୍, ମାରି, ଇଲେଇବା ସୁଡୁଏଣ୍ଗା ୱାନିମାନୁ
ବିସ୍ବାସ୍ କିଜିନିଦେର୍ । ଆମାକା ୱେର୍ତେଡ୍ଙ୍ଗ ଆଟ୍ଇକା ବଲ୍
ମାରି ଗୌରବ୍ତି ୱେଡ଼ିକା କିଦୁ, 9 ଆୟା ବିସ୍ବାସ୍ତି ପଲ୍ ଜେ
ମି ଆତ୍ମାଦି ରକିୟା, ଆକା ପୟ୍ତିମାନିଦେର୍ । 10 ମାରି, ଆୟା
ରକିୟା ବିସୟ୍ତାନ୍ ବାବବାଦିର୍ ମନ୍ସିଜି ପୟ୍ଜି ମାରି ପୟ୍ଜି
ମାପୁରୁଡ୍ଙ୍ଗାଁ, ମି ଉଣ୍ତିଡ୍ଙ୍ଗ ମାପୁରୁଦି କିତିମାର୍ହି ଦାନ୍ ବିସୟ୍ତାନ୍
ବାବବାଣି ୱେର୍ତା ମାର୍ହାର୍ । 11 ଆୟା ଦାନ୍ ମିର୍ ଏସ୍କାଡ୍ଙ୍ଗ
ମାରି ଏଣ୍ତେସ୍ ପୟ୍ନିଦେର୍, ନେସ୍ତେଡ୍ଙ୍ଗ ଇଜି ୱାର୍ ସେସ୍ଟା
କିଜିମାର୍ହାର୍ । ଇୟା ବିସୟ୍ତାନ୍ ପବିତ୍ର ଆତ୍ମାଦି ସାକାଦାନ୍
ୱାର୍ କ୍ରିସ୍ତୁଡ୍ଙ୍ଗ ଦୁଃକ୍କାସ୍କୁ ମାରି ୱେନ୍କାରି ଗୌରବ୍ ପୟ୍ନି
ବିସୟ୍ତାନ୍ ୱେର୍ତା ମାର୍ହାର୍ । 12 ଇୟାୱିଜୁ ବିସୟତାନ୍ ୱାର୍
ଜେ ନିଜେ ନିଜେଦି ସେବା କିଏଣ୍ଗା ମି ସେବା କିଜିମାର୍ହାର୍,
ଇକା ବାବବାଦିରି ଲାକ୍ତୁ ୱେଡ୍ଙ୍ଗାଁତା ମାର୍ହାତ୍, ମାରି, ଆୟାୱିଜୁ
ବିସୟ୍ ମୁସ୍କୁପୁର୍ତାନ୍ ପୋକ୍ତାତିମାନି ପବିତ୍ରଆତ୍ମାଦି ସାକ୍ତିଦାନ୍
ଇଲେଇ ଆମା କାବୁର୍ୱେର୍ନିକାର୍ ନେଗିକାବୁର୍ ୱେର୍ସିନାର୍,
ମିର୍ ଇଲେଇ ୱାରିମାଣ୍ତୁକୁ ଆୟାୱିଜୁ ମାଟା ୱେନ୍ଞ୍ଜିନିଦେର୍,
ଇୟାୱିଜୁ ବିସୟ୍ତି ଅର୍ତ ବୁଜାନି ଉଣ୍ତିଡ୍ଙ୍ଗ ମୁସ୍କୁପୁର୍ତି ଦୁତ୍କୁ
ବା ବଦା କିନେ । 13 ମାରି, ପାଣି କିଦେଡ୍ଙ୍ଗ ଜାଗାର୍ତା ମାନ୍ଡୁ,
ଜାଗାର୍ତା ମନ୍ତୁ ମାନ୍ଜି ଜିସୁ କ୍ରିସ୍ତୁ ୱାନି ବେଡ଼ାଦୁ ଆମା
ଆସିର୍ବାଦ୍ ମି ଉଣ୍ତିଡ୍ଙ୍ଗ ସିଆୟ୍ ଆନାତ୍, ତାନି ମୁସ୍କୁ ପୁରା ଆସା
ଇଡ୍ଦୁ । 14 ମାପୁରୁଦି ମାଟା ଆସ୍ତୁ । ମି ଆଗ୍ଡ଼ି ଆମା
ଆସାଦୁ ପୁରା ଆତିମାର୍ଇଦେର୍, ଆୟାୱିଜୁ ଦାନ୍ ମି ଜିବନ୍
ମାରି ସାଲାମାକିତ୍ । 15 ମାତର୍ ମିଡ୍ଙ୍ଗାଁ କୁକ୍ନିମାଲିକ୍ ଏଣ୍ତେସ୍
ପବିତ୍ର, ମିର୍ ବା ନିଜେ ନିଜେଦି ପାଣିଦୁ ଆୟାୱାଜା ପବିତ୍ର
ଆଦୁ । 16 ସାସ୍ତ୍ରୁଦୁ ରାସ୍ତାମାନାତ୍, “ମିର୍ ପବିତ୍ର ଆଦୁ, ଇରିଡ୍ଙ୍ଗ
ମାପୁ ପବିତ୍ର ।” 17 ମାରି ମାପୁରୁ ମକମ୍ ସୁଡୁଏଣ୍ଗା ୱିଜୁ
ଲୋକାଦି ପାଣିକିତିମାନି ଇସାବ୍ତାନ୍ ବିଚାର୍ କିନାନ୍, ମିର୍ ୱାନି
ଲାକ୍ତୁ ପାର୍ତାନା କିନିୱାଲେ ୱାନିଡ୍ଙ୍ଗ ବୁବା ଇଜି ସନ୍ମାନ୍
କିଜିମାନିଦେର୍, ମାରି, ଇୟା ଦୁନିଆଦୁ ମି ଜିବନ୍ତି ନେଗି ବେଡ଼ା
ୱାନିଡ୍ଙ୍ଗ ମାନାଜି ତିଲାଜି ଜିଜିମାଡ଼ିଦୁ । 18 ମିର୍ ନେସ୍ନିଦେର୍
ଜେ, ମି ପୁର୍ବେଦିଡକ୍ରା ଦାଦାରିମାଣ୍ତୁକୁ ୱାତିମାନି ନିତିନିୟ୍ମ
ଜିବନ୍ତାନ୍ ମିଡ୍ଙ୍ଗାଁ ମୁକ୍ଡ଼ା କିନି ଉଣ୍ତିଡ୍ଙ୍ଗ ମାପୁରୁ ଏସ ଡାବୁଡ୍ଙ୍ଗ
ସିଦେଡ୍ଙ୍ଗ ପଡ଼ାତାମାର୍ହାତ୍, ଆକା ୱିଜ୍ନି ୱେଣ୍ତି ନି ବାଡ୍ଙ୍ଗାଁରାମ୍
ଆଏତ୍ । 19 ମାତର୍ ଆକା ଦସ୍ସିଲେଣ୍ଗା ମାରି ସିନାସିଲି
ମେଣ୍ତା ପିଲା ୱାଜା କ୍ରିସ୍ତୁଦି ନାଣ୍ତୁଦାରାଦି ନେତେର୍ତାନ୍ ମୁକ୍ଡ଼ାତି
ମାନିଦେର୍ । 20 ୱାନ୍ ଦୁନିଆ ତିଆର୍ଆତି ଆଗ୍ଡ଼ିରାନ୍ନେ
ମାପୁରୁଦି ମାଣ୍ତୁକୁ ଆସ୍କିଆୟାଆତା ମାର୍ହାନ୍ ମାରି ମି ଉଣ୍ତିଡ୍ଙ୍ଗ
ଇୟା ସାରାସାରିକାଡ଼ାଦୁ ୱେଡ୍ଙ୍ଗାଁତା ମାନାନ୍ । 21 ଆମା ମାପୁରୁ
ୱାନିଡ୍ଙ୍ଗ ସାତିଲୋକାମାଣ୍ତୁକୁ ନିକ୍ସି ଗୌରବ୍ନିତ କିତାମାନାନ୍,
ଆୟା ମାପୁରୁମାନୁ ମିର୍ ୱାନି ମାଣ୍ତୁକୁ ବିସ୍ବାସ୍ କିତିମାନିଦେର୍,
ଆଦେଡ୍ଙ୍ଗ ମାପୁରୁ ମି ବିସ୍ବାସ୍ ମାରି ଆସା ଡାଟ୍ ଆତାମାନାନ୍ । 22
ଇଲେଇ ମିର୍ ସତ୍ତି ସାରିତରିନ୍ ବୁଲାଜିମାନିଡ୍ଙ୍ଗ ନିଜେ ନିଜେଦିଡ୍ଙ୍ଗ
ନେଗେନ୍ କିଆତିମାନିଦେର୍ ମାରି ବିସ୍ବାସ୍ତି ତଡ଼ାନ୍କାଡ୍ଙ୍ଗ
ଜିବନ୍ ନୋଦେଡ୍ଙ୍ଗ ବଦା ମାନାତ୍ । ନିଜେନିଜେଦିଡ୍ଙ୍ଗ ଜିବନ୍ତାନ୍
ଜିବନ୍ନୋଦୁ । 23 ଇରିଡ୍ଙ୍ଗ ମାପୁରୁଦି ଜିବନ୍ମାନିକା ମାରି
ୱିଜୁଦିନ୍ତି ବାକ୍ୟ ଦାନ୍ ମିର୍ ଆମା ସାନିନାନି ବୁବାଦି ମାରିନ୍
ୱାଜା ସିଲେ, ମାତର୍ ୱିଜୁଦିନ୍ତିଡ୍ଙ୍ଗ ମାନି ବୁବାଦି ମାରିନ୍ ୱାଜା
ମାରିଡ଼େସି ଜନମ୍ ପୟ୍ତି ମାନିଦେର୍ । (aiōn g165) 24 ସାସ୍ତ୍ରୁଦୁ
ରାସ୍ତାମାନାତ୍: “ଇରିଡ୍ଙ୍ଗ ୱିଜୁ ଲୋକା ଜାତି ଲାଟା ୱାଜା, ୱାରି
ୱିଜୁ ସବା ବନ୍ତି ପୁଡ୍ଙ୍ଗାଁ ୱାଜା; ଲାଟା ୱାର୍ନା ସୋନାତ୍, ମାରି ପୁଡ୍ଙ୍ଗାଁ
ରାଲ୍ନାସୋନାତ୍, 25 ମାତର୍ ମାପୁରୁଦି ବାକ୍ୟ ୱିଜୁଦିନ୍ତିକା ।”
ଇୟା ନେଗିକାବୁର୍ ଆମାକା ମି ଲାକ୍ତୁ ପ୍ରଚାର୍ ଆତାମାନାତ୍ ।
(aiōn g165)

2 ମାରି, ପ୍ରବୁ ଜେ ନେଗିକାନ୍, ଇକା ଜଦି ୱେଟି ମାନିଦେର୍,
ଆର୍ତିଡ୍ଙ୍ଗାଁ ୱିଜୁ ରକମ୍ତି ତାଗ୍ଇକା, ମିଚ୍ୱେର୍ନିକା ମାରି

ଟକେକିନିକା, ଆକାର୍ ମାରି ଆଇୱାରିଙ୍ଗ୍ ନିନ୍ଦାକିନିକା ଡ଼ିସ୍ସି
। 2 ଆଲ୍ଜନମ୍ଆତି କଡ଼ ୱାଜା ଆଦୁ, ୱିଜୁଦିନ୍ ପୁରାନେଗି
ଦିନ୍କେରି ଆତ୍ମିକ ପାଲ୍ ଉଣ୍ତେଙ୍ଗ୍ ଇଜି ଏର୍କି ସାଦୁ । ଆର୍ତିଙ୍ଗ୍,
ମିର୍ ପିର୍ଜି ରକିୟା ପୟ୍ନିଦେର୍ । 3 ସାସ୍ତ୍ରଦୁ ରାସ୍ତାମାନାତ୍,
"ମାପୁରୁ ଜେ ଏଣ୍ତେସ୍ ନେଗିକାନ୍, ଆକା ମିର୍ ନିଜେଦି ମୋନ୍ତାନ୍
ନେସ୍ତିମାନିଦେର୍ ।" 4 ମିର୍ ଆମା ଜିବନ୍ମାନି କାଲୁ
ୱାଜା ମାପୁରୁ ଦାରାସିଲିକା ଅଡ଼୍ବିଜି ଡ଼ିସ୍ତାର୍, ୱାନି ଲାକ୍ତୁ
ରାଦୁ, ଇରିଙ୍ଗ୍ ୱାନ୍ ମାପୁରୁଦି ଲାକ୍ତୁ ଆସ୍କିଆୟ୍ଆତାମାନାନ୍
ମାରି ନାଣ୍ତୁଦାରା ମାନାନ୍ । 5 ମିର୍ ଉନ୍ତ୍ରି ଜିବନ୍ତି ମନ୍ଦିର୍
ତିଆର୍କିଦେଙ୍ଗ୍ ଜିବନ୍ମାନି କାଲୁ ୱାଜା ବ୍ୟବ୍ହାର୍ ଆନି ଉଣ୍ତିଙ୍ଗ୍
ରାଦୁ । ଆୟା ମନ୍ଦିର୍ତୁ ମିର୍ ଜିସୁ କ୍ରିସ୍ତୁଦି ମାଣାନ୍ ମାପୁରୁ ଆତ୍ମିକ
ଆସ୍ନିନାନି ଦିନ୍କେରି ପୁଜା ସିନି ଉଣ୍ତିଙ୍ଗ୍ ପବିତ୍ର ଜାଜକଦି
ପାଣି କିନିଦେର୍ । 6 ଦାର୍ମୁସାସ୍ତ୍ରଦୁ ଇୟାୱାଜା ରାସ୍ତାମାନାତ୍:
"ମାପ୍ ଉନ୍ତ୍ରି ନାଣ୍ତୁଦାରାଦି କାଲୁ ଆସ୍କିତାମାନାପ୍; ଆକା ମାପ୍
ସିୟୋନ୍ଦି ମୁଲ୍କାଲୁ ୱାଜା ତିଆର୍ କିଜିନାପ୍ । ମାରି ଏନ୍
ୱାନିମାନୁ ବିସ୍ବାସ୍ କିନାନ୍, ୱାନ୍ ଏସ୍କାଙ୍ଗ୍ ମୁଲ୍ଙ୍ଗ୍ମାଲାଙ୍ଗ୍
ଆଏନ୍ ।" 7 ମିର୍ ବିସ୍ବାସ୍ କିତିମାନିଙ୍ଗ୍ ମି ଉଣ୍ତିଙ୍ଗ୍ ଇୟା କାଲୁ
ନାଣ୍ତୁ ଦାରା । ମାତର୍ ଅବିସ୍ବାସ୍ତି ଲୋକା ଉଣ୍ତିଙ୍ଗ୍: "ଆମା
କାଲୁଦିଙ୍ଗ୍ ଇଲୁକୁ ତିଆର୍କିନିକାର୍ ସିଲେ ଇଜି ଲାତ୍ ଡାକ୍ତାର୍,
ଆକା ୱିଜୁମାଣ୍ତୁକୁ ପେରି ଦର୍କାର୍ତି କାଲୁ ଆତାତ୍ ।" 8 ମାରି
ପବିତ୍ର ସାସ୍ତ୍ରଦୁ ଆଇ ଉନ୍ତ୍ରି ବାଡିଦୁ ରାସ୍ତାମାନାତ୍: "ଇୟା
କାଲୁ ମୁସ୍କୁ ଗାଦିଲୋକୁ ତାକାୟ୍ଆନାର୍, ଇୟା କାଲୁପିଲା ୱାରି
ସାରିଦି ବାଦାନିକା ଆନାତ୍ ।" ୱାର୍ ମାପୁରୁଦି ବାକ୍ୟଦୁ ବିସ୍ବାସ୍
କିଏତାର୍, ଆଦେଙ୍ଗ୍ ୱାର୍ ତାକାୟ୍ଆତାର୍ । ଇକା ମାର୍ହାତ୍ ୱାରି
ଉଣ୍ତିଙ୍ଗ୍ ମାପୁରୁଦି ବଦା । 9 ମିର୍ ଉନ୍ତ୍ରି ଆସ୍କିଆୟ୍ଆତିମାନି
କୁଟୁମ୍, ରାଜାଦି ଜାଜକ ଇଲୁ, ଉନ୍ତ୍ରି ପବିତ୍ର ଜାତି ମାରି
ମାପୁରୁଦି ନିଜେଦି ଲୋକୁ ଆତିମାନିଦେର୍ । ମାପୁରୁ ମିଙ୍ଗ୍
ସିକାଟିଦାନ୍ ନିଜେଦି କାବାଆନି ଜାୟ୍ତୁ କୁକ୍ତାମାନାନ୍ । ମିର୍
ୱାନି କାବାଆନି ପାଣି ୱିଜୁ ୱେରେତଙ୍ଗ୍ ଇଜି କୁକାତିମାନିଦେର୍ ।
10 ପୁର୍ବେ ମିର୍ ମାପୁରୁଦି ଲୋକ୍ ଆଏତିମାରିଇଦେର୍, ମାତର୍
ଇଲେଇ ମାପୁରୁଦି ଲୋକ୍ ଆତିମାନିଦେର୍ । ପୁର୍ବେ ମିର୍ ମାପୁରୁଦି
ଦୟା ବିସୟ୍ତାନ୍ ନେସ୍ଏତି ମାର୍ଇଦେର୍, ମାତର୍ ଇଲେଇ
ୱାନି ଦୟା ପୟ୍ତି ମାନିଦେର୍ । 11 ଏ ନା ତଡ଼୍କୁ ନି ତାଙ୍ଗ୍କ୍,
ମିର୍ ଇୟା ଦୁନିଆଦୁ ଆଇ ଦେସ୍ ମାରି ୱାଜି ତେବାନିଲୋକୁ ଇଜି
ନାନ୍ ମିଙ୍ଗ୍ ଅନୁରୋଦ୍ କିଜିନା, ମିର୍ ମେନ୍ଦଲ୍ତି ଆସାଦାନ୍ ଆକ
ଆଦୁ, ଆୟାୱିଜୁ ଆତ୍ମାଦି ବିରୁଦ୍ତାନ୍ ଜୁଦ୍ କିନାତ୍ । 12 ମିର୍
ଅଣଜିହୁଦି ଲାକ୍ତୁ ନେଗେନ୍ତାନ ସାଲାବୁଲା କିଦୁ, ଏଣ୍ତେସ୍
ୱାର୍ ଆମା ବିସୟ୍ତାନ୍ ମିଙ୍ଗ୍ ତାଗ୍ଇପାଣିକିନିକାର୍ ଇଜି ନିନ୍ଦା
କିନାର୍, ମି ନେଗିପାଣି ସୁଡୁଜି କ୍ରିସ୍ତୁଦି ୱାନିଦିନ୍ତୁ ମାପୁରୁଦି
ଦନ୍ୟବାଦ୍ କିନାର୍ । 13 ପ୍ରବୁଦି ଦର୍ତାନ୍ ଅନୁରୋଦ୍ କିଜିନା, ୱିଜୁ
ସାସନ୍କିନିୱାରିଙ୍ଗ୍ ମାନାଦୁ, ଦେସ୍ତି ୱିଜେରିଙ୍ଗ୍ ପେରିସାସନ୍କିନି
ରାଜାଦିଙ୍ଗ୍ ମାରି ଆଇଆଇ ସାସନକିନିପେରିୱାରିଙ୍ଗ୍ ମାନାଦୁ,
14 ମାରି ସାସନ୍କିନିକାର୍ ସାସ୍ତି ସିନି ଉଣ୍ତିଙ୍ଗ୍ ମାରି ନେଗିପାଣି
କିଜିମାନି ଲୋକାଙ୍ଗ୍ ଦନ୍ୟବାଦ୍ କିନି ଉଣ୍ତିଙ୍ଗ୍ ରାଜାଦି ମାଣ୍ତୁକୁ
ବାସେଆତା ମାନାର୍ । 15 ମାପୁରୁଦି ବଦା, ମିର୍ ଜେ ନେଗିପାଣି
କିଜି ବୁଦିସିଲିୱାରି ୱାର୍ଇ ମାଟେଆଙ୍ଗ୍ ତେବା କିଦୁ । 16
ମିର୍ ମୁକ୍ଡ଼ାତି ଲୋକା ୱାଜା ଜିଜି ମାଡ଼ିଦୁ । ମାତର୍ ମୁକ୍ଡ଼ାତି
ଉଣ୍ତିଙ୍ଗ୍ ତାଗ୍ଇ ପାଣି କିମାଟ୍ । ମାରି ମାପୁରୁଦି କଟିମାନି
ଗତିମୁରୁଲି ୱାଜା ଜିଜି ମାଡ଼ିଦୁ । 17 ୱିଜେରିଙ୍ଗ୍ ମାନାଦୁ, ୱିଜୁ କ୍ରିସ୍ତୁ
ବିସ୍ବାସ୍ତି ତଡ଼ାନ୍କାଙ୍ଗ୍ ନି ତାଙ୍ଗ୍କାଙ୍ଗ୍ ଜିବନ୍ନେନାଦୁ, ମାପୁରୁଙ୍ଗ୍
ତିଲାଦୁ, ରାଜେଙ୍ଗ୍ ମାନାଦୁ । 18 ଏ ସାକର୍କୁ, ମିର୍ ତିଏଲ୍ତାନ୍
ନିଜେ ନିଜେଦି ମାଲିକ୍କା ଆଡ଼୍ଗି ତେବାଦୁ, କେବଲ୍ ନେଗିକାର୍
ମାରି ଦୟାଲୁ ମାଲିକ୍କାଙ୍ଗ୍ ସିଲେ, ମାତର୍ ଦୟାକିଇ ୱାରିଙ୍ଗ୍
ବା ନେଗେନ୍ ମାନାଦୁ । 19 ମିର୍ ମାପୁରୁଦି ବଦା ନେସ୍ତି
ମାର୍ରିଙ୍ଗ୍ ବା ଅନ୍ୟାୟ୍ତାନ୍ ସାସ୍ତି ପୟ୍ଜି କାସ୍ଟ ସାସ୍ କିନିଦେର୍,
ଆର୍ତିଙ୍ଗ୍ ମାପୁରୁ ମିଙ୍ଗ୍ ଆସିର୍ବାଦ୍ କିନାନ୍ । 20 ମିର୍ ନିଜେ
ନିଜେଦି ଦସ୍ତାନ୍ ଜଦି ଦଣ୍ତବୋଗ୍ ପୟ୍ତିଙ୍ଗ୍, ଆର୍ତିଙ୍ଗ୍ ଆବେନୁ
ଦନ୍ୟବାଦତି ଇନି ମାଟା ମାନାତ୍? ମାତର୍ ନେଗି ପାଣି କିଜିବା
ସାସ୍ତି ପୟ୍ନିଦେର୍, ଆର୍ତିଙ୍ଗ୍ ମାପୁରୁ ମିଙ୍ଗ୍ ଆସିର୍ବାଦ୍ କିନାନ୍ ।
21 ମାପୁରୁ ଇୟା ବଦାଦାନ୍ ମିଙ୍ଗ୍ କୁକ୍ତାମାନାନ୍ । କ୍ରିସ୍ତୁ ନିଜେ
ମି ଉଣ୍ତିଙ୍ଗ୍ ଦୁଃକ୍ବୋଗ୍ କିଜି ମିଙ୍ଗ୍ ଉନ୍ତ୍ରି ସାରି ତର୍ତାମାନାନ୍,
ଏଣ୍ତେସ୍ ମିରୁ ୱାନି ପାଦାମ୍ସିନା ସିଜି ୱେନ୍କାସନିଦେର୍ । 22
ୱାନ୍ ଇନି ପାପ୍ କିଏନ୍ ମାର୍ହାନ୍, ମାରି ୱାନି ୱେୟୁଦାନ୍ ମିଚ୍ ମାଟା
ୱେର୍ନିକା ଏନ୍ ଏସ୍କାଙ୍ଗ୍ ୱେନ୍ଏନ୍ ମାର୍ହାନ୍ । 23 ୱାନ୍ ନିଦା
ଆନି ୱାଲେ ଡ଼େସି ନିନ୍ଦାମାଟା ୱେର୍ଏତାନ୍; ୱାନ୍ ଦୁଃକ୍ବୋଗ୍
କିନିୱାଲେ ବାଦ୍ଲା ଅତେଙ୍ଗ୍ ତିଲିସ୍କିଏନ୍ ମାର୍ହାନ୍; ମାତର୍
ନ୍ୟାୟ୍ ବିସାର୍କିନି ମାପୁରୁଦି ମୁସ୍କୁ ପୁରା ଆସା ଇଟ୍ତାମାର୍ହାନ୍ ।
24 ମାପ୍ ଏଣ୍ତେସ୍ ପାପ୍ତି ଉଣ୍ତିଙ୍ଗ୍ ସାଜି ମାରି ଦାର୍ମୁଦି ଉଣ୍ତିଙ୍ଗ୍ ଜିଜି
ମାଡ଼ିନାପ୍, ଇୟାଉଣ୍ତିଙ୍ଗ୍ କ୍ରିସ୍ତୁ ନିଜେ କୁସ୍କାଟ୍ ମୁସ୍କୁ ନିଜେଦି
ମେନ୍ଦଲ୍ତାନ୍ ମା ୱିଜୁ ପାପ୍ ବଜୁ ପିଣ୍ତିତାନ୍ । ୱାନି ମେନ୍ଦଲ୍ତି
ଆୟା ଗାଉତି ମାଣ୍ତୁକୁ ମିର୍ ନେଗେନ୍ ଆତିମାନିଦେର୍ । 25
ଇରିଙ୍ଗ୍ ମିର୍ ମେଣ୍ତେଙ୍ଗ୍ ୱାଜା ସାରିବାଣାତି ମାର୍ଇଦେର୍, ମାତର୍
ଇଲେଇ ମି ମେଣ୍ତେଙ୍ଗ୍ଗାଉଡୁ ମାରି ଆତ୍ମାଦି ରକିୟାକିନିୱାନି
ୱେନ୍କା ସନି ଉଣ୍ତିଙ୍ଗ୍ ଡ଼େସି ୱାତିମାନିଦେର୍ ।

3 ଇୟାୱାଜା ଏ ଆଇମେକ୍! ମିରୁ ମି କନ୍ଲିରିଙ୍ଗ୍ ମାନାଦୁ ।
ଆର୍ତିଙ୍ଗ୍, ଜଦି ମାପୁରୁଦି ବାକ୍ୟଦୁ ବିସ୍ବାସ୍ କିଏଜି ମାନାନ୍,
ଆର୍ତିଙ୍ଗ୍ ମି ବୁଲାସାଲାନି ମାଣ୍ତୁକୁ ଆୟା ବାକ୍ୟ ଉଣ୍ତିଙ୍ଗ୍ ୱାନି
ବିସ୍ବାସ୍ ପିର୍ନାତ୍ । ମିର୍ ପଦ୍କେ ବା ଇନିକା ଇନ୍ଡ୍ରେଙ୍ଗ୍
ଦର୍କାର୍ ସିଲେତ୍ । 2 ଇରିଙ୍ଗ୍ ମି ନେଗି ବୁଲାସାଲାନିକା ମାରି
ଦାର୍ମୁ ଜିବନ୍ ୱାର୍ ସୁଡୁନାର୍ । 3 କୁକୁଟି ତିଆର୍ଆନିକା, ନିଜେ
ରଜ୍ନିକା, ନେଗି ୱାତିଗନ୍ଦା ଆରାନିକା, ବାଙ୍ଗ୍ରାମ୍ ଆରାନିକା
ୱିଜୁ ଆତ୍ରେ ତିଆର୍ମିଆର୍ ଆଜି ନିଜେଦି ସବା ତର୍ନିକା ମିରୁ

କିଇକାମାନାତ୍ । 4 ସତ୍ତି ସୁନ୍ଦର୍ ଆଜିନାତ୍, ମି ଜିବନ୍ତି ଦାର୍ମୁ
ମାରି ସାନ୍ତି ମାର୍ଗିତିମାନିକା ସୁନ୍ଦର୍ ମାପୁରୁଦି କାଣେକେଆଙ୍ଗାଁ
ୱିଜୁଦିମାଣ୍ଡୁକୁ ନାଣ୍ତୁନେଗିକା । 5 ପୁର୍ବେକାଡ଼ାଦୁ ଆମା ଦାର୍ମୁଦି
ଆଇମେକ୍ ମାପୁରୁଦିମାନୁ ଆସା ଇଟ୍ତେମାରେଏ, ୱାକୁ ନିଜେଦି
କନ୍ଲିରିଙ୍ଗାଁ ମାନାନିମାଣାନ୍ ନିଜେଦିଙ୍ଗାଁ ନେଗେନ୍ ତିଆର୍ ଆଜି
ମାର୍ଏ । 6 ସାରା ଆୟାୱାଜା ଅରେତ୍ ଆଇମା ମାର୍ହାତ୍ । ୱାଦ୍
ଅବ୍ରାହାମ୍ଦି ମାଟା ମାନାଜି ୱାନିଙ୍ଗ ପ୍ରବୁ ଇଜି ମାନାଜିମାରାତ୍
। ମିରୁ ଇଲେଇ ତାନି ଗାଡ଼୍ସିକ୍ । ଜଦି ମାନାତିଙ୍ଗ, ଆର୍ତିଙ୍ଗ,
ଇନି ବିସୟ୍ ମିଙ୍ଗାଁ ମାରି ତିଲିସ୍ କିଦେଙ୍ଗ ଆଟ୍ଏତ୍ । 7 ଏ
କନ୍ଲିର୍, ଆୟାୱାଜା ମି ଆଡ଼ିକାଙ୍ଗ ସାକିସିଲି ତଡ଼୍ ଇଜି ନେସ୍ସି
ୱାନିକା ଉଣ୍ତିଙ୍ଗ ସାସ୍ ଆସ୍ସି ତେବାଦୁ । ୱାନିକାଙ୍ଗ ମାନାଦୁ
। ୱାକ୍ ବା ମି ୱାଲେ ମାପୁରୁମାନୁ ଜିବନ୍ନୋନି ଦୟାଦାନ୍
ପଇନେ । ମିରୁ ୱାନିକା ଉଣ୍ତିଙ୍ଗ ନେଗେନ୍ତାନ୍ ସୁଡୁତିଙ୍ଗ, ମି
ପାର୍ତନା ଏଣ୍ତେସ୍ ବାଦା ଆଏତ୍ । 8 ସାରାସାରିୱେନ୍କା,
ମିର୍ ୱିଜେରେ ଉନ୍ଦେ୍ରମୋନ୍ ଆଦୁ, ନିଜେନିଜେଦି ସୁକ୍ଦୁଃକ୍ତୁ
ଅର୍ସେ ତେବାନିକା, ତଡ଼ାନ୍ତିଙ୍ଗ ଜିବନ୍ନୋନିକା, ସିତ୍ଡ଼ି ଜିବନ୍
ମାରି ସାନ୍ତି ଆଦୁ; 9 ନିସ୍ଟୁର୍ ବାଦ୍ଲୁ ନିସ୍ଟୁର୍ କିମାଟ୍, ଆନାଦୁରିଆ
ବାଦ୍ଲୁ ଆନାଦୁରିଆ ଇଡ୍ମାଟ୍; ତାନି ବାଦ୍ଲୁ ଆସିର୍ବାଦ୍ କିଦୁ,
ଇରିଙ୍ଗ ଇୟାଉଣ୍ତିଙ୍ଗ ମାପୁରୁ ମିଙ୍ଗାଁ କୁକ୍ତାମାର୍ହାନ୍ ମାରି ଇକା କିନି
ମାଣ୍ଡୁକୁ ମିରୁ ଆସିର୍ବାଦ୍ ପୟ୍ନିଦେର୍ । 10 ସାସ୍ତ୍ରଦୁ ରାସ୍ତାମାନାତ୍,
“ଜଦି ଏନ୍ ଜିବନ୍ତୁ ସୁକ୍ବୋଗ୍ କିଦେଙ୍ଗ ମାରି ସୁକ୍ତି ଦିନ୍
ସୁଡୁଦେଙ୍ଗ ବଦା କିନାନ୍, ୱାନ୍ ତାଗ୍ଇ ମାଟେଙ୍ଗ ଇନ୍ମାକିନ୍
ମାରି ବାଣ୍ତିସ୍ ମାଟେଙ୍ଗ ୱେରେ୍ତଙ୍ଗ ଆଲ୍ଜମାନିନ୍ । 11 ୱାନ୍
ତାଗ୍ଇପାଣିଦାନ୍ ଆକ ମାନ୍ଞ୍ଜି ସତ୍ପାଣି କିପିନ୍; ମାରି ଜିବନ୍ତି
ୱାଲେ ସାନ୍ତି ପାଣି ପଇନି । 12 ଇରିଙ୍ଗ ଦାର୍ମୁଦିଲୋକା ଉଣ୍ତିଙ୍ଗ
ପ୍ରବୁଦି ସାକା ମାନାତ୍ ମାରି ୱାରି ପାର୍ତନା ୱେନାନ୍; ମାତର୍
ୱାନ୍ ତାଗ୍ଇୱାରିଙ୍ଗ ବିରୁଦ୍ କିନାନ୍ ।” 13 ମାରି ମିର୍ ଜଦି
ସତ୍ପାଣି କିଦେଙ୍ଗ ମୋନ୍ ସିନିଦେର୍, ଆର୍ତିଙ୍ଗ ଏନ୍ ମିଙ୍ଗାଁ ନିସ୍ଟୁର୍
କିନାନ୍? 14 ଦାର୍ମୁଦି ଉଣ୍ତିଙ୍ଗ ମିରୁ ଦୁଃକ୍କାସ୍ଟ ପୟ୍ତିଙ୍ଗ ବା
ମିର୍ ସତ୍ତାନ୍ ସୁକ୍ମାନିଦେର୍ । ଏଙ୍ଗବା ତିଲାମାଟ୍; ଆର୍ଏ
ସିନ୍ତା କିମାଟ୍ । 15 ମାତର୍ ଜିବନ୍ତାନ୍ କ୍ରିସ୍ତୁଙ୍ଗ ମାନାଜି, ୱାନିଙ୍ଗ
ପ୍ରବୁ ଇଜି ମାନାଦୁ । ଜଦି ଏନ୍ ମିମାନୁ ମାନି ଆସାଦି ମାଟା
ବିସୟ୍ତାନ୍ ୱେନ୍ବାନାନ୍, ୱାନିଙ୍ଗ ମାଟା ସିଦେଙ୍ଗ ୱିଜୁଦିନ୍
ଜାଗାର୍ତା ମାନ୍ଡୁ । 16 ମାତର୍ ସାନ୍ତିଦାନ୍ ମାରି ତିଏଲ୍ତାନ୍
ନେଗି ବୁଦିଦାନ୍ ମାଟା ୱେର୍ତୁ । ମି ବୁଦିଦିଙ୍ଗ ନେଗେନ୍ ଇଡ୍ଦୁ ।
ଆର୍ତିଙ୍ଗ, ମିରୁ କ୍ରିସ୍ତୁଦି ୱେନ୍କାସନିୱାଜା ପାଣି କିଜିମାନିୱାଲେ,
ଆମାକାର୍ ମି ବାଣ୍ତିସ୍ ମାଟା ୱେର୍ନାର୍, ଆବେନୁ ୱାର୍ ସେମାର୍
ଆନାର୍ । 17 ମାତର୍ ତାଗ୍ଇପାଣିଦି ଉଣ୍ତିଙ୍ଗ ଦୁଃକ୍ ପୟ୍ନି
ବାଦ୍ଲୁ ମାରି ଜଦି ମାପୁରୁଦି ବଦା ଆନାତ୍, ଆର୍ତିଙ୍ଗ ସତ୍ପାଣି
କିଜି ଦୁଃକ୍ ପୟ୍ନିକା ନେଗେତ୍ । 18 ମିଙ୍ଗାଁ ମାପୁରୁଦି ଲାକ୍ତୁ
ତାନି ଉଣ୍ତିଙ୍ଗ କ୍ରିସ୍ତୁ ନିଜେ ଦାର୍ମୁଦିକାନ୍ ଆଜି ଅଦାର୍ମୁ ଲୋକୁ ପାପ୍
ଉଣ୍ତିଙ୍ଗ ନିଜେଦି ଜିବନ୍ ସିତାନ୍ । ଇୟା ପାଣି ୱାନ୍ ପୁରାଅର୍ସେ
ୱିଜୁଦିନ୍ତି ଉଣ୍ତିଙ୍ଗ ପୁରା କିତାମାନାନ୍ । ୱାନ୍ ମେନ୍ଦଲ୍ତାନ୍
ସାତାନ୍, ମାତର୍ ଆତ୍ମାଦାନ୍ ଜିବନ୍ ଆତାନ୍; 19 ଆବେନୁ ବା
ୱାନ୍ ଜଇଲ୍ତୁମାନି ଆତ୍ମେଆଙ୍ଗାଁ ଲାକ୍ତୁ ସଲ୍ସି ପ୍ରଚାର୍ କିତାନ୍
। 20 ପୁର୍ବେକାଡ଼ାଦୁ ନୋହଦି ବେଡ଼ାଦୁ ଏରୁଜାହାଜ୍ ତିଆର୍
କିନିୱାଲେ, ନାସ୍ତିୱାଲେ ମାପୁରୁ ସାସ୍ ଆସ୍ସି କାପ୍କିଜି ମାର୍ହାନ୍,
ନାସ୍ତିୱାଲେ ଆମା ଲୋକୁ ମାପୁରୁଦି ମାଟା ଆସ୍ଏର୍ ମାର୍ହାର୍ ।
ଆୟା ଜାହାଜ୍ଦୁ ଡୁଗିତାରୋ ଆମା ଉଣା ଲୋକ୍ ୱିଜେର୍ମିସାଜି
ଆଟ୍ ଲୋକ୍ ମାର୍ହାର୍, ମାତର୍ ଗାଲିପିରୁଦାନ୍ ରକିୟା ପୟ୍ତାର୍
। 21 ଆବେଣି ସିନାୱାଜା ଡୁବନ୍ ଅତାର୍ ଇୟା ଡୁବନ୍ ମି
ମେନ୍ଦଲ୍ତି ରୋପି ସୋଲ୍ସିପ୍ କିଏତ୍, ମାତର୍ ମାପୁରୁଦି ଲାକ୍ତୁ
ନେଗି ବୁଦି ପୟ୍ନି ଉଣ୍ତିଙ୍ଗ ପାର୍ତାନା କିତାନ୍, ଜିସୁ କ୍ରିସ୍ତୁଦି
ମାରିଡ଼େସିଜିବନ୍ଆଜିନିଙ୍ଗନି ମାଣ୍ଡୁକୁ ଇଲେଇ ମିଙ୍ଗାଁ ରକିୟା
କିଜିନାତ୍; 22 ଆୟା କ୍ରିସ୍ତୁ ଇଲେଇ ମୁସ୍କୁପୁର୍ତୁ ମାପୁରୁଦି
ଉଣେରି ତରିନ୍ ବାସ୍ତା ମାନାନ୍, ମୁସ୍କୁପୁର୍ତି ଦୁତ୍କୁ ମାରି
ୱିଜେରେ ଅଦିକାର୍ପୟ୍ତିକାର୍ ମାରି ସାକ୍ତିମାନିୱାରି ମୁସ୍କୁ
ସାସନ୍ କିଜିନାନ୍ ।

4 କ୍ରିସ୍ତୁ ମେନ୍ଦଲ୍ତୁ ଦୁଃକ୍ ପୟ୍ତିମାନିଙ୍ଗ ମିର୍ ବା ୱାନି ୱାଜା
ମୋନ୍ତିଙ୍ଗଡ଼େପ୍ସି ନେଗେନ୍ ଆଦୁ ଜେ, ଇରିଙ୍ଗ ଏନ୍
ମେନ୍ଦଲ୍ତୁ କାସ୍ଟ ସାସ୍ କିନାନ୍, ୱାନ୍ ମାରି ପାପ୍ତୁ ତେବାଏନ୍
। 2 ଏଣ୍ତେସ୍ ମିର୍ ଇଲେଇରାନ୍ ଜିବନ୍ତୁ ତେବାନି ଦିନ୍ ଲଇ
ଲୋକ୍ତି ମେନ୍ଦଲ୍ତି ଆସା ଇସାବ୍ତାନ୍ ସାଲାଏଣ୍ଗା ମାପୁରୁଦି
ବଦାଦାନ୍ ସାଲାଦୁ । 3 ଆଗିଡ଼ି ମିର୍ ଅଣଜିହୁଦିରି ୱାଜା ପାଣି
କିଜି ନାଣ୍ତୁ ବେଡ଼ା କାଟେକିତି ମାନିଦେର୍ । ମି ଜିବନ୍ ଲୋଇ ୱିଜୁ
ରକମ୍ତି ପାପ୍, ଲାଲାୟ୍ଆନିକା, କାଡୁ ଉଣିକା, ରସ୍ୟାଆନିକା,
ସୋସ୍ନିକା ମାରି କାଡ଼୍ନି ବମା ପୁଜାଦୁ ଜିଜିମାର୍ଇଦେର୍ । 4
ମିର୍ ଇଲେଇ ଆୟାୱାଜା ପେରି ତାଗ୍ଇ ପାଣିଦୁ ୱାରି ୱାଲେ
ମିସାଏତିଙ୍ଗ ୱାର୍ କାବାଆଜି ମିଙ୍ଗାଁ ନାଣ୍ତୁ ନିନ୍ଦା କିତାର୍ । 5
ମାତର୍ ଆମା ମାପୁରୁ ଜିବନ୍ ମାରି ସାତିୱାରିଙ୍ଗ ବିଚାର୍ କିଦେଙ୍ଗ
ମାନାନ୍, ୱାନି ଲାକ୍ତୁ ୱାରିଙ୍ଗ ଇସାବ୍ ସିଦେଙ୍ଗ ପଡ଼ାନାତ୍
। 6 ଇରିଙ୍ଗ ଇୟାଉଣ୍ତିଙ୍ଗ ସାତିୱାରି ଲାକ୍ତୁ ବା ସୁସମାଚାର୍
ପ୍ରଚାର୍ କିତାମାର୍ହାର୍, ଏଣ୍ତେସ୍ ୱାର୍ ଲୋକା ୱାଜା ମେନ୍ଦଲ୍ତାନ୍
ବିଚାର୍ ଆତିଙ୍ଗବା, ମାପୁରୁଦି ୱାଜା ଆତ୍ମାଦୁ ଜିବନ୍ ଆନାର୍
। 7 ମାତର୍ ୱିଜୁ ବିସୟ୍ତି ୱିଜ୍ନି ଦିନ୍ ଲାକ୍ତୁ ୱାତାତ୍ନି ।
ମାରି ମିର୍ ମନ୍ତିଙ୍ଗ ତିର୍ ଇଡ୍ଜି, ପାର୍ତନା କିଦେଙ୍ଗ ଜାଗାର୍ତା
ମାନ୍ଡୁ, 8 ୱିଜେରିୱାଜା ନିଜେନିଜେଦିଙ୍ଗ ଜିବନ୍ତାନ୍ନୋଦୁ,
ଇରିଙ୍ଗ ଜିବନ୍ନୋନିକା ପିଡ଼ିକ୍ନାତ୍ ପାପ୍ତିଙ୍ଗ । 9 ଗୁଜୁ ଗୁଜୁ
ଆଏଣ୍ଗା ଲୋକାଙ୍ଗ ମି ଇଲ୍କାଙ୍ଗ କୁକ୍ତୁ । 10 ଏନ୍ ଏମେ ଦାନ୍
ପୟ୍ତା ମାନାନ୍, ତାନି ଜଗ୍ତି ନେଗେନ୍ ପାଣିକିନିୱାଜା ଆଇୱାରି
ନେଗେନ୍ ଉଣ୍ତିଙ୍ଗ ଆୟା ଦାନ୍ତି ନେଗି ସେବା କିନିକା ମାନାତ୍ ।
11 ଏନ୍ ପ୍ରଚାର୍ କିନାନ୍, ୱାନ୍ ମାପୁରୁଦି ବାକ୍ୟ ପ୍ରଚାର୍ କିପିନ୍ ।

ଏନ୍ ଜଦି ସେବା କିନାନ୍, ୱାନ୍ ମାପୁରୁଦିମାଣୁକୁ ସାକ୍ତି ପୟ୍‌ତିମାନି
ଲୋକ୍ ୱାଜା ସେବା କିପିନ୍, ଏଣ୍ଡେସ୍ ଜିସୁ କ୍ରିସ୍ତୁଦି ମାଣାନ୍
ମାପୁରୁ ଦନ୍ୟବାଦ ଆନାନ୍; ଜୁଗ୍ ଜୁଗ୍ ଗୌରବ୍ ମାରି ପରିସାକ୍ତି
ୱାନିଦି ଆପିତ୍ । ଆମେନ୍ । (aiōn g165) 12 ଏ ନା ତଡ୍‌କୁ
ନି ତାଞ୍ଜ୍‌କ୍ ଏମେ ସିସୁ ପରିକାଦୁ ମିର୍ ଦୁଃକ୍ ପୟ୍‌ଜିନିଦେର୍,
ଆକା ଉଣ୍ତି ପେରିମାଟା ଇଜି ଅଡ୍‌ବିଜି କାବା ଆମାଟ୍ । 13
ମାରି ୱେଡ଼ିକା ଆଦୁ, ଇରିଙ୍ଗ୍ ମିର୍ କ୍ରିସ୍ତୁଦି ଦୁଃକ୍ ପୟ୍‌ନିମାନୁ
ମିସାଜିନିଦେର୍, ଆୟା ପାଣିଦିଙ୍ଗ୍ ୱେଡ଼ିକା ଆଦୁ, ୱାନି ମହିମା
ତରାନି ୱାଲେ ବା ମିର୍ ନାଣ୍ତୁୱେଡ଼ିକାଦାନ୍ ୱେଡ଼ିକା ଆଦୁ ।
14 ଜଦି ମିରୁ କ୍ରିସ୍ତୁଦି ୱେନ୍‌କାସୋନି ଉଣ୍ତିଙ୍ଗ୍ ନିଦା ପୟ୍‌ତିଙ୍ଗ୍,
ମିରୁ ଆସିର୍ବାଦ୍‌ତି ଲୋକୁ, ଇରିଙ୍ଗ୍ ମାପୁରୁଦି ଗୌରବ୍‌ମୟ୍ ଆତ୍ମା
ମିମାନୁ ତେବାତା ମାନାତ୍ । 15 ମି ଲୋଇରାନ୍ ଏନ୍ ଲୋକାଙ୍ଗ୍
ସାୟାମାର୍‌ଗା ଡାକ୍‌ନିକା, ଡଙ୍ଗ୍‌ର୍‌ଏନ୍ ମାରି ତାଗ୍‌ଇପାଣି, ନି
ଜାଟିକିନି ଉଣ୍ତିଙ୍ଗ୍ ଦୁଃକ୍ ପୟ୍‌ମାକିନ୍ । 16 ମାତର୍ ମିରୁ ଜଦି
କ୍ରିସ୍ତୁବିସ୍‌ବାସ୍ ଆତିଉଣ୍ତିଙ୍ଗ୍ ଦୁଃକ୍ ପୟ୍‌ଜିନିଦେର୍, ଆର୍‌ତିଙ୍ଗ୍
ସେମାର୍ ଆମାଟ୍ । ମାପୁରୁଙ୍ଗ୍ ଦନ୍ୟବାଦ୍ ସିଦୁ, ଇରିଙ୍ଗ୍ ମିର୍
କ୍ରିସ୍ତୁଦି ଦରୁ ଆସ୍‌ତିମାନିଦେର୍ । 17 ବିଚାର୍‌କିନି ଦିନ୍ ଇଗା
ୱାତାତ୍ ମାରି ମାପୁରୁଦି ଲୋକୁ ଆଗ୍‌ଡ଼ି ବିଚାର୍ କିଆୟ୍‌ଆନାର୍ ।
ଜଦି ମାବାଣାନ୍‌କୁ ଆକା ଆରାମ୍ ଆନାତ୍, ଆର୍‌ତିଙ୍ଗ୍ ଏମେକାର୍
ମାପୁରୁଦି ସୁସମାଚାର୍ ବିସ୍‌ବାସ୍ କିଏର୍, ୱାରି ସାରାସାରିଦି
ଦଣ୍ତ ଏସା ପେରିକା ଆଏତ୍? 18 ଦାର୍ମୁସାସ୍ତୁଦୁ ରାସ୍‌ତାମାନାତ୍:
ଜଦି ଦାର୍ମୁଦିଲୋକୁ ରକିୟା ପୟ୍‌ଦେଙ୍ଗ୍ ନିସା କାସ୍କ, ଆର୍‌ତିଙ୍ଗ୍
ଅଦାର୍ମୁଦିଲୋକୁ ମାରି ପାପି ଲୋକା ଦଣ୍ତ ଏସ ଆଏତ୍ ମାନାତ୍?
19 ମାରି, ଆମାକାର୍ ମାପୁରୁଦି ଇଚ୍ଛାଦାନ୍ ଦୁଃକ୍‌ବୋଗ୍ କିନାର୍,
ୱାର୍ ନେଗି ପାଣି କିଜି ୱାନିମାନୁ ପୁରାଦାନ୍ ଆସା ଇଡିର୍ ।
ୱାରିଙ୍ଗ୍ ତିଆର୍‌କିତି ବିସ୍‌ବାସ୍‌ତି ମାପୁରୁ ୱିଜୁଦିନ୍ ୱାନି ପାର୍‌ମାଣ୍
ରକିୟା କିନାନ୍ ।

**5** ନାନ୍ ଅରେନ୍ ପେରିନେତା ଇସାବ୍‌ତାନ୍ ମିଙ୍ଗ୍ ମଣ୍ତଲିଦି
ପେରିନେତାରିଙ୍ଗ୍ ମାଡ଼ିସ୍ କିଜିନା । ମାରି କ୍ରିସ୍ତୁଦି ଦୁଃକ୍
ପୟ୍‌ନିମାନୁ ନାନ୍ ଅରେନ୍ ସାକି ମାରି ୱାନି ଗୌରବ୍ ତରାୟ୍‌ଆନି
ବେଡ଼ାଦୁ ନାନ୍ ଆବେନୁ ସାକି ତେବାନା । 2 ମାପୁରୁ ମି କିୟୁଦୁ
ଆମା ମେଣ୍ଡେଙ୍ଗ୍ ମାନ୍ବାଦି ଦାଇତ୍ ସିତାମାନାନ୍, ନାନୁ ମାଡ଼ିସ୍
କିଜିନା, ମିରୁ ଜାସେକିନିୱାଜା ଆକା କିଏଣ୍‌ଗା ୱେଡ଼ିକାଦାନ୍
ୱାନିକାଙ୍ଗ୍ ସେବା କିଦୁ । ମାତର୍ ମାପୁରୁଦି ବଦାଦାନ୍ ନେଗି
ମୋନ୍‌ତାନ୍, ଦନ୍ ଆସାଦି ଉଣ୍ତିଙ୍ଗ୍ ଆକା କିଏଣ୍‌ଗା, ମାତର୍
ୱେଡ଼ିକାଦାନ୍ ଆକା କିଦୁ । 3 ମାରି ଆମାୱାରି ଦାଇତ୍‌ବୋଜୁ
ମି କିୟୁଦୁ ସର୍ପେ ଆତାମାନାତ୍, ୱାରି ମୁସ୍‌କୁ ସାସନ୍ କିଏଣ୍‌ଗା
ମାନ୍ବା ଉଣ୍ତିଙ୍ଗ୍ ନିଜେଦି ଜିବନ୍‌ତୁ ସାରିତର୍‌ନି ଲୋକା ୱାଜା ଆଜି
ଆକା ତରତୁ । 4 ଏସ୍ତିୱାଲେ ପେରି ମେଣ୍ଡେଙ୍ଗ୍‌ଗାଉଡୁ ୱାନାନ୍,
ମିରୁ ଗୌରବ୍‌ଦି ମୁକୁଟ୍ ପୋଇନିଦେର୍ । ତାନି ଜାୟ୍ ଏସ୍‌କାଙ୍ଗ୍
ନାମ୍‌ଏତ୍ । 5 ଆୟାୱାଜା, ଏ ମୁରୁକଡ଼ର୍ ମିରୁ ପେରିନେତାରି
ମାଟା ମାନାଦୁ । ମିରୁ ୱିଜେରେ ନିଜେନିଜେଦି ସେବା କିନି
ଉଣ୍ତିଙ୍ଗ୍ କାର୍ମୁନାନି ଆଙ୍ଗ୍ ଆରାଦୁ । ସାସ୍ତୁଦୁ ରାସାତାମାନାତ୍,
“ମାପୁରୁ ଆକାର୍ ଲୋକାଙ୍ଗ୍ ବିରୁଦ୍ କିନାନ୍, ମାରି ସାନ୍ତି ଲୋକାଙ୍ଗ୍
ଦୟା କିନାନ୍ ।” 6 ମାରି, ମାପୁରୁଦି ସାକ୍ତିମାନି କିୟୁ ଆଡ଼୍‌ଗି
ନିଜେ ନିଜେଦିଙ୍ଗ୍ ତେବାକିଦୁ; ଏଣ୍ଡେସ୍ ୱାନ୍ ମିଙ୍ଗ୍ ଟିକ୍ ବେଡ଼ାଦୁ
ମୁସ୍‌କୁ ପେର୍‌ନାନ୍ । 7 ମି ୱିଜୁ ସିନ୍ତାଦି ବଜୁ ମାପୁରୁ ମୁସ୍‌କୁ
ସର୍ପେ କିଦୁ, ଇରିଙ୍ଗ୍ ୱାନ୍ ମି ଜାତୁନ୍ ଅନାନ୍ । 8 ତିଆର୍
ଆଜି ଜାଗାର୍‌ତା ମାନ୍‌ଡୁ, ମି ସାତ୍ରୁ ସୟତାନ୍ ଆଉଲି ଆନି ପାର୍ଟା
ନରେସ୍ ୱାଜା ଏଙ୍ଗ୍ ଡ଼ିଙ୍ଗ୍‌ଦେଙ୍ଗ୍ ପୟ୍‌ଜି ଅସିନାତ୍ । 9 ମିର୍
ବିସ୍‌ବାସ୍‌ତୁ ଡାଟ୍ ତେବାଜି, ତାନିଙ୍ଗ୍ ବିରୁଦ୍ କିଦୁ । ମାରି ଇକା
ମିର୍ ନେସ୍‌ତିମାନିଦେର୍, ଇୟା ଦୁନିଆଦୁ ମାନି ମି ବିସ୍‌ବାସ୍‌ତି
ତଡ଼ାନ୍‌କା ଉଣ୍ତିଙ୍ଗ୍ ଇୟାୱାଜା ଦୁଃକ୍ ଗଟେଆଜିନାତ୍ । 10
ୱିଜୁ ଦୟା ସିନି ଆମା ମାପୁରୁ ନିଜେଦି ୱିଜୁଦିନ୍‌ତି ଗୌରବ୍‌ତୁ
ମିସାନି ଉଣ୍ତିଙ୍ଗ୍ କ୍ରିସ୍ତ ଜିସୁଦି ମାଣୁକୁ ମିଙ୍ଗ୍ କୁକ୍‌ତାମାନାନ୍ । ୱାନ୍
ନିଜେ ସାଣେକ୍‌ତି ଦୁଃକ୍‌ପୟ୍‌ତି ୱେନ୍‌କା ମିଙ୍ଗ୍ ପୁରା କିନାନ୍,
ତିର୍‌କିନାନ୍, ସାକ୍ତିକିନାନ୍ ମାରି ଡାଟ୍‌କିନାନ୍ । (aiōnios g166) 11
ଜୁଗ୍ ଜୁଗ୍ ୱାନିଦି ଆପିତ୍! ଆମେନ୍ । (aiōn g165) 12 ସିଲେଙ୍ଗ୍
ବିସ୍‌ବାସ୍‌ତି କ୍ରିସ୍ଟାନ୍ ତଡ଼ାନ୍ ୱାଜା ନାନ୍ ଜିବନ୍‌ନୋନା, ୱାନି
ସାକାଦାନ୍ ନାନୁ ଇୟା ଇସ୍ରି ସିଟି ରାସ୍‌ତାମାନା । ମାପୁରୁଦି
ସତ୍ ଦୟା ବିସୟ୍‌ତାନ୍ ସାକି ସିଜି ମିଙ୍ଗ୍ ୱେଡ଼ିକା କିନିକା ନା
ମାଟା । ଆୟା ଦୟାଦାନ୍ ମିର୍ ଡାଟ୍ ତେବାଦୁ । 13 ମାପୁରୁଦି
ମାଣୁକୁ ଆସ୍‌କିଆୟ୍‌ଆତିମାନି ବାବିଲନ୍‌ଦି ମଣ୍ତଲି ମାରି ନା
ଦାର୍ମୁ ମାରିନ୍ ମାର୍କ ବା ମିଙ୍ଗ୍ ମାଡ଼ିସ୍ କିଜିନାନ୍ । 14 କ୍ରିସ୍ତୁ
ଜିବନ୍‌ନୋନିକା ନିଜେନିଜେଦିଙ୍ଗ୍ ମାଡ଼ିସ୍‌କିନିକା ଜାଣେକିଦୁ ।
କ୍ରିସ୍ତୁଦିମାନୁ ତେବାତିମାନି ମି ୱିଜେରିଙ୍ଗ୍ ସାନ୍ତି ଆପିତ୍ ।

# ୧ ଜୋହନ

1 ପୁର୍ବେକାଡ଼ାଦାନ୍ ଏନ୍ ମାର୍ହାନ୍, ଆୟ୍ା ଜିବନ୍‌ସିନି ବାକ୍ୟ
ବିସ୍‌ୟ୍‌ତାନ୍ ମାପୁ ରାସ୍‌ତେଙ୍ଗ୍ ସୋଲ୍‌ସିନାପ୍ । ୱାନି ବାକ୍ୟ
ମାଡୁ ୱେର୍‌ଇମାନିକା, ନିଜେଦି କାଣ୍‌କାଣୁକୁ ସୁଡୁତାମାନାପ୍,
ଆମାୱାନିଙ୍ଗ୍ ସୁଡୁତାମାନାପ୍ ମାରି ନିଜେଦିକିୟୁଦାନ୍
ମୁଟ୍‌ତାମାନାପ୍ । 2 ଜିବନ୍‌ମାନି ଆୟ୍ା ବାକ୍ୟ ଏସ୍ତିୱାଲେ
ତରାଇଆତାତ୍, ମାପୁ ୱାନିଙ୍ଗ୍ ସୁଡୁତାମାନାପ୍ ଆଦେଙ୍ଗ୍ ୱାନି
ବିସୟ୍‌ତାନ୍ ଇୟ୍ା ମାଟା ସାକ୍ୟ, ଏସାଙ୍ଗ୍ ୱିଜ୍‌ଇ ମାଟା
ୱେର୍‌ତାମାନାପ୍; ଯେ ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍ ୱାଜା ୱାନ୍ ବୁବା
ୱାଲେ ୱିଜୁଦିନ୍ ମାର୍ହାନ୍ ମାରି ୱାନ୍ ମା ଲାକୁତୁ ତରିତାମାନାନ୍,
ୱାନି ବିସୟ୍‌ତାନ୍ ମାପୁ ଇୟ୍ା ମାଟା ୱେର୍‌ସିନାପ୍ । **(aiōnios
g166)** 3 ଆମାକା ମାପୁ ସୁଡୁତାମାନାପ୍ ମାରି ୱେରିମାନିକା,
କେବଲ୍ ଆୟ୍ା ମାଟା ମି ଲାକ୍‌ତୁ ୱେର୍‌ସିଇଜିନାପ୍, ଇକା
ୱେନ୍‌ଜି ବୁବା ମାପୁରୁ ମାରି ୱାନି ମାରିସି ଜିସୁ କ୍ରିସ୍ତୁଦି ୱାଲେ ମା
ଆମା ସହବାଗିତା ମାନାତ୍, ଆବେନୁ ମିରୁ ମିସାନିଦେର୍, 4
ମାରି ମା ୱେଡ଼ିକା ଏଣ୍ତେସ୍ ପୁରାବର୍ତି ଆନାତ୍, ଆୟ୍ାଉଣ୍ତିଙ୍ଗ୍
ମାପୁ ଇୟ୍ାୱିଜୁ ରାସ୍‌ସିନାପ୍ । 5 ମାପୁରୁଦି ମାରିନ୍ ଜିସୁଦିମାନୁ
ଆମା କାବୁର୍ ୱେନ୍‌ଜି ୱେର୍‌ସିନାପ୍ ମାରି ମିଙ୍ଗ୍ଁ ୱେର୍‌ସିନାପ୍,
ଆକା ଆଜିନାତ୍: ମାପୁରୁଦି ଜାୟ୍, ମାରି ୱାନିମାନୁ ଇସ୍ରିକା
ଟିକାବା ସିକାଟି ସିଲେତ୍ । 6 ୱାନି ୱାଲେ ମା ସହବାଗିତା
ମାନାତ୍, ଇକା ଇନ୍‌ଞ୍ଜି ଜଦି ମାଡୁ ସିକାଟିଦି ମାନିକା, ଆର୍‌ତିଙ୍ଗ୍
ମାଟାଦୁ ମାରି ପାଣିଦୁ ମାଡୁ ମିଚ୍‌ଆନିକା । ମାରି ସତ୍ ବ୍ୟବ୍‌ହାର୍
କିଏପ୍ ମାନାପ୍ । 7 ମାତର୍ ମାପୁରୁଦି ୱାଜା ମାଡୁ ଜଦି ଜାୟ୍‌ତୁ
ବାସାନିକାନ୍, ମାଡୁ ଆୟ୍ାୱାଜା ଜାୟ୍‌ତୁ ବାସାନିକା, ଆର୍‌ତିଙ୍ଗ୍
ମା ନିଜେନିଜେଦିଙ୍ଗ୍ ସହବାଗିତା ମାନାତ୍, ମାରି ୱାନି ମାରିସି
ଜିସୁଦି ନେତେର୍ ୱିଜୁ ପାପ୍‌ତାନ୍ ନରିସ୍ କିନାତ୍ । 8 ମାଡୁ
ଜଦି ପାପ୍ ସିଲେତ୍, ଇଜି ଇନିକା, ଆର୍‌ତିଙ୍ଗ୍ ନିଜେନିଜେଦିଙ୍ଗ୍
ଟକେ କିନିକା, ମାରି ମାମାନୁ ଅଡ଼ପ୍‌ବା ସତ୍ ସିଲେତ୍ । 9
ମାତର୍ ମାପୁରୁଦି ଲାକ୍‌ତୁ ଜଦି ନିଜେଦି ପାପ୍ ମାନାନିକା, ୱାନି
ପାର୍‌ମାଣ୍‌ତି ଇସାବ୍‌ତାନ୍ ମା ଉଣ୍ତିଙ୍ଗ୍ ନ୍ୟାୟ୍‌ତି ବ୍ୟବ୍‌ହାର୍ କିନାନ୍,
ୱାନ୍ ମା ପାପ୍ କେମା କିଜି ୱିଜୁ ଅଦାର୍ମୁଦାନ୍ ମାଙ୍ଗ୍ଁ ନରିସ୍
କିଦେଙ୍ଗ୍ ବିସ୍‌ବାସ୍ ନି ନ୍ୟାୟ୍‌ତିକାନ୍ । 10 ମାପୁ ପାପ୍ କିଏପ୍,
ଇକା ଜଦି ଇନିକା, ଆର୍‌ତିଙ୍ଗ୍ ମାଡୁ ମାପୁରୁଙ୍ଗ୍ଁ ମିଚ୍‌ୱେର୍‌ନିକାନ୍,
ମାରି ୱାନି ବାକ୍ୟ ମା ମୋନ୍‌ତୁ ସିଲେତ୍ ।

2 ଏ ନା କଡ଼ର୍, ମିଙ୍ଗ୍ଁ ନାନୁ ଇୟ୍ା ସିଟି ରାସ୍‌ନି ବିଷୟ୍, ଇକା
ପଡ଼ାଜି ଏଣ୍ତେସ୍‌ମାରି ପାପ୍ କିଇଦେର୍ । ମାରି ମିର୍ ଏଣ୍ତେସ୍
ନେସ୍‌ନିଦେର୍, ଏନ୍ ଜଦି ପାପ୍ କିନାନ୍, ମା ଉଣ୍ତିଙ୍ଗ୍ ବୁବା ମାପୁରୁଦି
ଲାକ୍‌ତୁ ମା ଅରେନ୍ ପେରି ଲୋକ୍ ମାନାନ୍ ଆୟ୍ା ଦାର୍ମୁଦି ଜିସୁ
କ୍ରିସ୍ତ । 2 ମାରି ଆୟ୍ା କ୍ରିସ୍ତ ନିଜେ ମା ପାପ୍ ଉଣ୍ତିଙ୍ଗ୍, କେବଲ୍
ମା ପାପ୍ ଉଣ୍ତିଙ୍ଗ୍ ସିଲେ, ମାତର୍ ସାରାଦୁନିଆଦି ପାପ୍ ଉଣ୍ତିଙ୍ଗ୍
ବା ଜିବନ୍ ସିତାମାନାନ୍ । 3 ଜଦି ମାପୁ ୱାନି ମାଟା ମାନାନାପ୍,
ଆର୍‌ତିଙ୍ଗ୍ ଆୟ୍ାମାଣୁକୁ ନେସ୍‌ତେଙ୍ଗ୍ ଆଟ୍‌ନାପ୍ ଜେ, ମାପୁ ୱାନିଙ୍ଗ୍
ନେସ୍‌ନାପ୍ । 4 ୱାନି ମାଟା ମାନାଏଣ୍‌ଗା ୱାନିଙ୍ଗ୍ ନେସ୍‌ତାମାନା
ଇଜି ଏନ୍ ଇନ୍‌ନାନ୍, ୱାନ୍ ଅରେନ୍ ମିଚ୍‌ୱେର୍‌ନିକାନ୍ ମାରି
ୱାନିମାନୁ ସତ୍ ସିଲେତ୍ । 5 ମାତର୍ ଏନ୍ ୱାନି ବାକ୍ୟ ମାନାନାନ୍,
ୱାନିମାନୁ ମାପୁରୁଦି ଜିବନ୍‌ନୋନିକା ସତ୍‌ତାନ୍ ପୁରା ଆତାମାନାତ୍
। ଆୟ୍ାମାଣୁକୁ ମାପୁ ନେସ୍‌ନାପ୍ ଜେ, ମାପୁ ୱାନିମାନୁ ମାନାପ୍ ।
6 ଏନ୍ ମାପୁରୁଦି ମାନୁ ମାନା ଇଜି ଇନାନ୍, ୱାନ୍ କ୍ରିସ୍ତ ଜିସୁଦି
ୱାଜା ଜିବନ୍ ଯାପନ କିନିକା ମାନାତ୍ । 7 ଏ ନା ତଡ଼୍‌କୁ, ନାନୁ ମି
ଲାକ୍‌ତୁ ଆମା ପୁନି ମାଟା ରାସ୍‌ଏ, ମାତର୍ ଆଗ୍‌ଡ଼ିରାନ୍ ଆମା
ପାଡ଼ିଇ ମାଟା ମିର୍ ନେସ୍‌ତିମାନିଦେର୍, ଆକା ରାସ୍‌ସିନା; ମାପୁ
ପ୍ରଚାର୍ କିଜିମାନି କାବୁର୍‌ତୁ ଆୟ୍ା ମାଟା ୱେର୍‌ଇମାନିଦେର୍
। 8 ମାତର, ନାନୁ ପୁନି ମାଟା ମି ଲାକ୍‌ତୁ ରାସ୍‌ସିନା, ଇକା
କ୍ରିସ୍ତୁଦିମାନୁ ନି ମିମାନୁ ସତ୍ ଇଜି ୱେଙ୍ଗେନାତ୍ । ଇରିଙ୍ଗ୍ ସିକାଟି
ଗୁସାଜିସୋଲ୍‌ସିନାତ୍ ମାରି ସତ୍‌ତି ଜାୟ୍ ଇଲେ ତରିତାତ୍‌ନି ।
9 ଜଦି ଏନ୍ ନିଜେଦି ତଡ଼ାନ୍‌ତିଙ୍ଗ୍ କାଡ଼ାଜି ଇନାନ୍ ଜେ, ୱାନ୍
ଜାୟ୍‌ତୁ ମାନାନ୍, ୱାନ୍ ଇୟ୍ାସାନ୍ଦିବା ସିକାଟିଦୁ ମାନାନ୍ । 10 ଏନ୍
ନିଜେଦି ତଡ଼ାନ୍‌ତିଙ୍ଗ୍ ଜିବନ୍‌ନୋନାନ୍, ୱାନ୍ ଜାୟ୍‌ତୁ ତେବାନାନ୍,
ମାରି ୱାନିମାନୁ ତାକାନି ଇନି ପାଣି ସିଲେତ୍ । 11 ମାତର୍ ଏନ୍
ନିଜେଦି ତଡ଼ାନ୍‌ତିଙ୍ଗ୍ କାଡ଼ାନାନ୍, ୱାନ୍ ସିକାଟିଦୁ ମାନାନ୍, ମାରି
ସିକାଟିଦୁ ବୁଲାଜି ଆମା ତରିନ୍ ସୋଲ୍‌ସିନାନ୍, ଆକା ନେସ୍‌ଏନ୍,
ଇରିଙ୍ଗ୍ ସିକାଟି ୱାନି କାଣା କିତାମାନାତ୍ । 12 ଏ କଡ଼ର୍, ନାନୁ ମି
ଲାକ୍‌ତୁ ରାସ୍‌ସିନା, ଇରିଙ୍ଗ୍ କ୍ରିସ୍ତୁଦି ଦର୍‌ତି ଉଣ୍ତିଙ୍ଗ୍ ମି ପାପ୍ କେମା
ଆତାମାନାତ୍ । 13 ଏ ବୁବାର୍, ନାନୁ ମି ଲାକ୍‌ତୁ ରାସ୍‌ସିନା, ଇରିଙ୍ଗ୍
ଏନ୍ ପୁର୍ବେକାଡ଼ାଦାନ୍ ମାନାର୍, ୱାନିଙ୍ଗ୍ ମିରୁ ନେସ୍‌ତିମାନିଦେର୍
। ଏ ମୁର୍‌କଡ଼ର୍, ନାନୁ ମି ଲାକ୍‌ତୁ ବା ରାସ୍‌ସିନା, ଇରିଙ୍ଗ୍ ମିରୁ
ପାପ୍ ଆତ୍ମାଦିଙ୍ଗ୍ ଜିଣାତି ମାନିଦେର୍ । 14 ଏ କଡ଼ର୍, ନାନୁ ମି
ଲାକ୍‌ତୁ ରାସ୍‌ସିନା, ଇରିଙ୍ଗ୍ ମିରୁ ବୁବେଙ୍ଗ୍ ନେସ୍‌ତିମାନିଦେର୍ । ଏ
ବୁବାର୍, ନାନୁ ମି ଲାକ୍‌ତୁ ରାସ୍‌ସିନା, ଇରିଙ୍ଗ୍ ଏନ୍ ପୁର୍ବେକାଡ଼ାଦାନ୍
ମାନାନ୍, ମିରୁ ୱାନିଙ୍ଗ୍ ନେସ୍‌ତିମାନିଦେର୍ । ଏ ମୁର୍‌କଡ଼ର୍, ନାନୁ
ମି ଲାକ୍‌ତୁ ବା ରାସ୍‌ସିନା, ଇରିଙ୍ଗ୍ ମିରୁ ସାକ୍ତିମାନିଦେର୍, ମାରି
ମାପୁରୁଦି ବାକ୍ୟ ମିମାନୁ ମାନାତ୍ ମାରି ମିରୁ ପାପ୍‌ତିଙ୍ଗ୍ ଜିଣାତି
ମାନିଦେର୍ । 15 ଇୟ୍ା ଦୁନିଆ ମାରି ଆବେନୁ ମାନି ବିସୟ୍‌ତିଙ୍ଗ୍
ୱିଜୁ ଜିବନ୍‌ନୋମାଟ୍, ଜଦି ମିରୁ ଜଗତ୍‌ତିଙ୍ଗ୍ ଜିବନ୍‌ନୋନିଦେର୍,
ବୁବାଦି ଉଣ୍ତିଙ୍ଗ୍ ଜିବନ୍‌ନୋନିକା ମିଙ୍ଗ୍ଁ ସିଲେତ୍ । 16 ଇୟ୍ା
ଜଗତ୍‌ତି ଆମାୱିଜୁ ମେନ୍ଦଲ୍ ବିସୟ୍ ୱେଡ଼ିକା କିଦେଙ୍ଗ୍ ଲୋକୁ
ଆସାଆନାର୍, ଲୋକୁ ଆମାୱିଜୁ ସୁନ୍ଦର୍‌ତି ବିସୟ୍ ସୁଡୁଜି ଆସାୟ୍
ଆନାର୍ ମାରି ଆମା ୱିଜୁ ଦୁନିଆଦି ବିସୟ୍ ଅସି ଲୋକୁ ଗର୍ବ
କିନାର୍, ଆକା ୱିଜୁ ବିସୟ୍ ବୁବାଦିମାଣୁକୁ ସିଲେ, ମାତର୍
ଦୁନିଆଦାନ୍ ୱାତା ମାନାତ୍ । 17 ଲୋକୁ ଜଗତ୍ ମାରି ୱାନି
ଆମା ୱିଜୁ ବିସୟ୍ ପାଣି କିନାନ୍, ୱାନ୍ ସାନିକା ଗଟାନାତ୍,

ମାତର୍ ଏନ୍ ମାପୁରୁଦି ବଦା ମାନାନାନ୍, ୱାନ୍ ୱିଜୁଦିନ୍ତିକାନ୍ ।
(aiōn g165) 18 ଏ କଡ଼ର୍, ସାରାସାରି ଦିନ୍ ଇଗା ୱାତାତ୍ନି,
କ୍ରିସ୍ତଦି ସାତ୍ରୁ ୱାନାନ୍ ଇଜି ମିରୁ ୱେର୍ଇମାନିଦେର୍, ଆୟାୱାଜା
କ୍ରିସ୍ତଦି ଗାଦିଲୋକ୍ ସାତ୍ରୁରୁ ଇଲେଇ ତରିତାର୍ନି; ଇୟାଉଣ୍ତିଙ୍ଗ
ମାପୁ ନେସ୍ସିନାପ୍ ଜେ, ସାରାସାରି ଦିନ୍ ଇଗା ୱାତାତ୍ନି । 19
ଇୟାକାର୍ ସତ୍ତାନ୍ ମା ଦଲ୍ତି ଲୋକୁ ଆଏର୍, ଆୟାଉଣ୍ତିଙ୍ଗ ୱାର୍
ମା ଲୋଇରାନ୍ ସତାସର୍ହାର୍, ମା ଲୋକୁ ଆତିମାରିଙ୍ଗ, ଆର୍ତିଙ୍ଗ
ୱାର୍ ମା ୱାଲେ ତେବାତାର୍ ମାନ୍ତି, ମାତର୍ ୱାର୍ ମା ଦଲ୍ତିକାର୍
ଆଏର୍ ଇଜି ଇକା ଏଣ୍ତେସ୍ ୱେଙ୍ଗନାତ୍, ଇୟାଉଣ୍ତିଙ୍ଗ ୱାର୍ ଆକ
ସର୍ହାର୍ । 20 ମାତର୍ ମିରୁ କ୍ରିସ୍ତଦି ଦୟାଦାନ୍ ପବିତ୍ରଆତ୍ମାଦି
ମାଣୁକୁ ସାକା ଆତିମାନିଦେର୍; ମିରୁ ୱିଜିଦେର୍ ସତ୍ ଇନିକା
ନେସ୍ତିମାନିଦେର୍ । 21 ମିରୁ ସତ୍ ନେସ୍ଇତି ମାନିଙ୍ଗ ନାନ୍
ଜେ ମି ଲାକ୍ତୁ ରାସ୍ସିନା, ଆକା ସିଲେ; ମାତର୍ ମିରୁ ସତ୍
ନେସ୍ତିମାନିଙ୍ଗ ମାରି ଆମା ମିଚ୍ ମାଟା ସତ୍ତାନ୍ ସଏତ୍ ଇଜି
ନେସ୍ତିମାନିଙ୍ଗ ନାନୁ ମି ଲାକ୍ତୁ ରାସ୍ସିନା । 22 ଆର୍ତିଙ୍ଗ
ମିଚ୍ୱେର୍ନିକାନ୍ ଏନ୍? ଜିସୁଙ୍ଗଁ ରକ୍ୟାକର୍ତ୍ତା କ୍ରିସ୍ତ ଇଜି ଏନ୍
ମାନାଏନ୍, ମାରି ୱାନ୍ କ୍ରିସ୍ତଦି ସାତ୍ରୁ ବୁବା ମାରି ୱାନି ମାରିନ୍ତିଙ୍ଗ,
ରିଏରିଙ୍ଗବା ୱାନ୍ ଡ଼ିସ୍ନାନ୍ । 23 ଏନ୍ ମାରିସିଙ୍ଗ ଡ଼ିସ୍ନାନ୍,
ୱାନ୍ ବୁବେଙ୍ଗ ବା ଡ଼ିସ୍ନାନ୍; ଏନ୍ ମାରିସିଙ୍ଗ ମାନାନାନ୍, ୱାନ୍
ବୁବେଙ୍ଗ ବା ମାନାତା ମାନାନ୍ । 24 ମାରି, ମିରୁ ଆରାମ୍ତାନ୍
ଆମା କାବୁର୍ ୱେର୍ଇମାନିଦେର୍, ଆକା ମିମାନୁ ତେବାପିତ୍ ।
ମିରୁ ଆରାମ୍ତାନ୍ ଆମା କାବୁର୍ ୱେର୍ଇମାନିଦେର୍, ଆକା ଜଦି
ମିମାନୁ ତେବାନାତ୍, ଆର୍ତିଙ୍ଗ ମିରୁ ବା ମାରିନ୍ ନି ବୁବାଦିମାନୁ
ତେବାନି । 25 ମାରି କ୍ରିସ୍ତ ମାଙ୍ଗଁ ଆମାକା ପାର୍ମାଣ୍ କିତାମାନାନ୍,
ଆକାନେ ଏସ୍କାଙ୍ଗୱିଜ୍ଇ ଜିବନ୍ । (aiōnios g166) 26 ଆମାକାର୍
ମିଙ୍ଗଁ ତିଲିସ୍ କିଦେଙ୍ଗ ସେସ୍ଟା କିଜିନାର୍, ୱାରି ବିସୟ୍ତାନ୍ ନାନୁ
ମି ଲାକ୍ତୁ ଇୟାୱିଜୁ ରାସ୍ସିନା । 27 ମାତର୍ ମିଙ୍ଗଁ କ୍ରିସ୍ତ ଜିସୁ
ୱାନି ପବିତ୍ରଆତ୍ମାଦୁ ପୁରାବର୍ତି ଇଟ୍ତାମାନାନ୍, ଆମା ସାନ୍ତି ଇୟା
ପବିତ୍ରଆତ୍ମା ମିମାନୁ ମାନାତ୍, ମାରି ଏନ୍ଆପିନ୍ ମିଙ୍ଗଁ ସିକ୍ୟା
ସିନାନ୍, ଇକା ମିଙ୍ଗଁ ଦର୍କାର୍ ସିଲେତ୍ । ପବିତ୍ରଆତ୍ମା ମିଙ୍ଗଁ ୱିଜୁ
ବିସୟ୍ତାନ୍ ଆମା ସିକ୍ୟା ସିନାତ୍, ଆକା ସତ୍, ମିଚ୍ ସିଲେ ।
ଆୟା ଆତ୍ମାଦି ସିକ୍ୟା ମାନାଜି କ୍ରିସ୍ତଦି ୱାଲେ ମିସାଜି ତେବାଦୁ
। 28 ମାରି, ଏ କଡ଼ର୍, ୱାନିମାନୁ ତେବାଦୁ, ଏଣ୍ତେସ୍ ୱାନ୍
ଏସ୍ତିୱାଲେ ତରାନାନ୍, ନାସ୍ତିୱାଲେ ୱାନି ୱାନିଦିନ୍ତି ବେଡ଼ାଦୁ
ୱାନି ଆଗ୍ଡ଼ି ମାଡୁ ସେମାର୍ ଆଏଣ୍ଗା ସାହାସ୍ ପୟ୍ନିକା । 29
ମାଡୁ ନେସ୍ନିଦେର୍, କ୍ରିସ୍ତ ପୁରା ନ୍ୟାୟ୍କିନିକାନ୍ । ମାରି ଇକାବା
ନେସ୍ନି ମାନିକା ମାନାତ୍ ଜେ, ଆମାକାର୍ ସତ୍ପାଣି କିନାର୍,
ୱାର୍ ନେ ମାପୁରୁଦି କଡ଼ ।

3 ସୁଡୁଦୁ, ବୁବା ମାଙ୍ଗଁ ଏସା ଜିବନ୍ନୋନାନ୍, ମା ଉଣ୍ତିଙ୍ଗ ୱାନି
ଜିବନ୍ନୋନିକା ନିସା ନାଣ୍ତ ଜେ, ମାଡୁ ମାପୁରୁଦି ୱାଜା
ଦର୍ଆତି ମାନିକା । ସତ୍ତାନ୍ ମାଡୁ ୱାନି କଡ଼ର୍ ଆୟାଉଣ୍ତିଙ୍ଗ
ଜଗତ୍ ମାପୁରୁଙ୍ଗଁ ନେସ୍ଇତିମାନିଙ୍ଗ, ମାଙ୍ଗଁ ବା ସିନେ କିଦେଙ୍ଗ
ଆଟ୍ଏତ୍ । 2 ଏ ନା ତଡ଼୍କୁ, ଇଲେଇ ମାଡୁ ମାପୁରୁଦି କଡ଼ର୍,
ମାତର୍ ୱାଜିନିକାଡ଼ାଦୁ ମାଡୁ ଇନିକା ଆନିକା, ଆକା ଇୟାସାନ୍ତି
ୱେଙ୍ଗେଏତ୍ । ନିସନେ ମାତ୍ର ମାଡୁ ନେସ୍ନିକା ଜେ, କ୍ରିସ୍ତ
ଏସ୍ତିୱାଲେ ତରାୟ୍ଆନାନ୍, ନାସ୍ତିୱାଲେ ମାଡୁ ୱାନି ୱାଜା ଆନାଟ୍,
ଇରିଙ୍ଗ ୱାନ୍ ଏଣ୍ତେସ୍, ମାଡୁ ଆୟାୱାଜା ୱାନିଙ୍ଗ ସୁଡୁନାଟ୍ । 3
ମାରି ଆମାକାର୍ କ୍ରିସ୍ତଦିମାନୁ ଇୟା ଆସା ତିଆର୍ କିତାମାନାର୍,
ୱାର୍ କ୍ରିସ୍ତଦି ୱାଜା ନିଜେଦିଙ୍ଗ ପବିତ୍ର କିଜି ଇଡ୍ନାର୍ । 4
ଏନ୍ଆପିନ୍ ପାପ୍ କିନାନ୍, ୱାନ୍ ମାପୁରୁଦି ନିୟମ୍ ମାନାଏନ୍,
ଇରିଙ୍ଗ ପାପ୍ତି ଅରତ୍ ଆଜିନାତ୍ ମାଟାଦିଙ୍ଗ ମାନାଇକା । 5
ମାରି ମିର୍ ନେସ୍ନିଦେର୍ ଜେ, କ୍ରିସ୍ତ ପାପ୍ ଅତେଙ୍ଗ ଇଜି ୱାତା
ମାର୍ହାନ୍, ମାରି ୱାନିମାନୁ ପାପ୍ ସିଲେତ୍ । 6 ଏନ୍ କ୍ରିସ୍ତଦି
ୱାଲେ ମିସାଜି ତେବାନାନ୍, ୱାନ୍ ପାପ୍ କିଏନ୍; ମାତର୍ ଏନ୍ ପାପ୍
କିନାନ୍, ୱାନ୍ କ୍ରିସ୍ତଙ୍ଗ ଏସ୍କାଙ୍ଗବା ସୁଡୁଏନ୍, ଏସ୍କାଙ୍ଗ ୱାନିଙ୍ଗ
ନେସ୍ଏନ୍ । 7 ଏ କଡ଼ର୍, ଏନ୍ ମିଙ୍ଗଁ ବାୟା କିମାକିନ୍; ଏନ୍
ସତ୍ପାଣି କିନାନ୍, କ୍ରିସ୍ତ ଏଣ୍ତେସ୍ ଦାର୍ମୁଦିକାନ୍, ୱାନ୍ ଆୟାୱାଜା
ଦାର୍ମୁଦିକାନ୍ । 8 ଏନ୍ ପାପ୍ କିନାନ୍, ୱାନ୍ ସୟ୍ତାନ୍ତି ମାଣୁକୁ
ଜନମ୍, ଇରିଙ୍ଗ ସୟ୍ତାନ୍ ଜଗତ୍ ତିଆର୍ଆତି ଆଗ୍ଡ଼ିରାନ୍ନେ
ପାପ୍ କିଜିୱାଜିନାତ୍ । ଆୟା ସୟ୍ତାନ୍ତି ପାଣିଦିଙ୍ଗ ଦ୍ୱଂସ କିନି
ଉଣ୍ତିଙ୍ଗ ମାପୁରୁଦି ମାରିନ୍ ୱାତାନ୍ । 9 ଏନ୍ ମାପୁରୁଦିମାଣୁକୁ
ଜନମ୍, ୱାନ୍ ପାପ୍ କିଏନ୍, ଇରିଙ୍ଗ ମାପୁରୁଦି ୱିତୁ ୱାନିମାନୁ
ମାନାତ୍, ମାରି ମାପୁରୁ ୱାନି ବୁବା, ୱାନ୍ ପାପ୍ କିଦେଙ୍ଗ ଆଟ୍ଏନ୍
। 10 ଇବେନୁ ଏନ୍ ମାପୁରୁଦି ମାରିନ୍ ମାରି ଏନ୍ ସୟ୍ତାନ୍ଦି
ମାରିନ୍, ଇକା ତରାୟ୍ଆନାତ୍: ଏନ୍ ସତ୍ପାଣି କିଏନ୍, ମାରି
ନିଜେଦି ତଡ଼ାନ୍ତିଙ୍ଗ ଜିବନ୍ନୋଏନ୍, ୱାନ୍ ମାପୁରୁଦି ମାରିନ୍
ଆଏନ୍ । 11 ଅରେନ୍ ଆଇୱାନିଙ୍ଗ ଜିବନ୍ନୋନିକା ମାନାତ୍, ଇୟା
ମାଟା ମିର୍ ପୁର୍ବେଦାନ୍ ୱେର୍ଇମାନିଦେର୍ । 12 ପାପ୍ଆତ୍ମାଦି
ମାରିନ୍ ଜେ କୟିନ, ୱାନି ୱାଜା ଆମାଟ୍, ୱାନ୍ ନିଜେଦି
ତଡ଼ାନ୍ତିଙ୍ଗ ସାୟାମାର୍ଗାଡାକ୍ତାନ୍ । ୱାନି ତଡ଼ାନ୍ତିଙ୍ଗ ୱାନ୍
ଏନ୍ତି ସାୟାମାର୍ଗାଡାକ୍ତାନ୍? ୱାନି ନିଜେଦି ପାଣି ପାପ୍ତୁ
ମାର୍ହାତ୍; ମାତର୍ ୱାନି ତଡ଼ାନ୍ ୱିଜୁଦିନ୍ ସତ୍ପାଣି କିଜିମାର୍ହାନ୍
। 13 ମାରି, ଏ ତଡ଼ାନ୍କୁ ନି ତାଙ୍ଗିକ୍, ଇୟା ଜଗତ୍ତି ଲୋକୁ
ମିଙ୍ଗଁ ଜେ କାଡ଼ାନାର୍, ଇବେନୁ କାବା ଆମାଟ୍ । 14 ମାପୁ
ନେସ୍ନାପ୍ ଜେ, ଇଲେଇ ମାପୁ ସାନିତାନିଙ୍ଗ ଜିଣାଜି ଜିବନ୍
ପୟ୍ତା ମାନାପ୍, ଇରିଙ୍ଗ ମାପୁ ତଡ଼ାନ୍କାଙ୍ଗ ଜିବନ୍ନୋଜିନାପ୍
। ଏନ୍ ଜିବନ୍ନୋଏନ୍, ୱାନ୍ ସାନି ଅଦିକାର୍ତାନ୍ ତେବାନାନ୍
। 15 ଏନ୍ ନିଜେଦି ତଡ଼ାନ୍ତିଙ୍ଗ କାଡ଼ାନାନ୍, ୱାନ୍ ଅରେନ୍
ନରକ୍ଦିକାନ୍; ମାରି ନରକଦୁ ଏସ୍କାଙ୍ଗୱିଜ୍ଇ ଜିବନ୍ ସିଲେତ୍,
ଇକା ମିରୁ ନେସ୍ନିଦେର୍ । (aiōnios g166) 16 ଜିସୁ କ୍ରିସ୍ତ ମା
ଉଣ୍ତିଙ୍ଗ ନିଜେଦି ଜିବନ୍ ସିତି ମାଣୁକୁ ମାଡୁ ଜିବନ୍ନୋନି ସିକ୍ୟା
ପୟ୍ତାମାନାପ୍; ମାରି ତଡ଼ାନ୍କା ଉଣ୍ତିଙ୍ଗ ମା ଜିବନ୍ ବା ସିନିକା

ମାନାତ୍ । 17 ଜଦି ଅରେନ୍ ଜଗତ୍‌ଦୁ ମାଜନ୍ ଲୋକୁ ତଡ଼ାନ୍‌ତି
କାକୁର୍ତି ସୁଡ୍ରୁଜି ବା ୱାନି ଉଣ୍ତ୍ରିଙ୍ଗ ଦୟା କିଏନ୍, ୱାନିମାନୁ ମାପୁରୁଦି
ଜିବନ୍‌ନୋନିକା ମାନାତ୍ ଇଜି ଏଣ୍ତ୍ରେସ୍ ୱେର୍‌ତେଙ୍ଗ ଆଟ୍‌ନାନ୍?
18 ଏ କଡ଼ର୍, ରାଦୁ, ମାଡ୍ରୁ ବାକ୍ୟଦାନ୍ ନୋ ୱେତଲ୍‌ତାନ୍
ଜିବନ୍‌ନୋଏଣ୍‌ଗା, ପାଣିଦାନ୍ ମାରି ସତ୍‌ତାନ୍ ଜିବନ୍‌ନୋନିକା ।
19 ଆର୍‌ତିଙ୍ଗ ମାଡ୍ରୁ ନେସ୍‌ତେଙ୍ଗ ଆଟ୍‌ନିକା ଜେ, ସତ୍‌ତାନ୍ ମା
ତେବାନିକା ମାରି ମାଡ୍ରୁ ତିଲାଇ ମୋନ୍‌ତାନ୍ ମାପୁରୁଦି ଲାକ୍‌ତୁ
ତେବାଦେଙ୍ଗ ଆଟ୍‌ନିକା । 20 ଜଦି ଆମାଇନି ବିସୟ୍‌ତାନ୍ ମା ବୁଦି
ମାଡ୍ଗୁଁ ଦୋସ୍ କିନାତ୍, ମାଡ୍ରୁ ମନେ ଇଡିନିକା ମାନାତ୍, ଇରିଙ୍ଗ
ମାପୁରୁ ମା ବୁଦିଦାନ୍ ପେରିକାନ୍ ମାରି ୱାନ୍ ୱିଜୁ ମାଟା ନେସ୍‌ନାନ୍
। 21 ନା ତଡ଼୍‌କୁ, ମା ବୁଦି ଜଦି ମାଡ୍ଗୁଁ ଦୋସ୍ କିଏତ୍, ଆର୍‌ତିଙ୍ଗ
ମାପୁରୁଦି ଲାକ୍‌ତୁ ମା ସାହାସ୍ ମାନାତ୍ । 22 ମାରି ୱାନିଙ୍ଗ ମାଡ୍ରୁ
ଇନି ଇନିକା ଲସ୍‌ନିକା, ଆୟାୱିଜୁ ୱାନିମାଣୁକୁ ପୟ୍‌ନିକା, ଇରିଙ୍ଗ
ମାଡ୍ରୁ ୱାନି ମାଟା ମାନାନିକା, ମାରି ୱାନି କାଣ୍‌କାଙ୍ଗ ଆମାକା
ନେଗିକା, ଆକା କିଜିନାପ୍ । 23 ୱାନି ମାଟା ଇକା ଜେ, ମାଡ୍ରୁ
ୱାନି ମାରିନ୍ ଜିସୁ କ୍ରିସ୍ତୁଦି ଦର୍‌ତାନ୍ ବିସ୍‌ବାସ୍ କିନିକା ମାରି କ୍ରିସ୍ତୁଦି
ଆଦେସ୍ ଇସାବ୍‌ତାନ୍ ନିଜେନିଜେଦିଙ୍ଗ ଜିବନ୍‌ନୋଜିସାନିକା ।
24 ଏନ୍ ମାପୁରୁଦି ମାଟା ମାନାନାନ୍, ୱାନ୍ ମାପୁରୁଦି ମାଟା ଏତ୍
କିନାନ୍: ମାପୁରୁ ୱାନିମାନୁ ତେବାନାନ୍ ମାରି ୱାନ୍ ମାପୁରୁଦିମାନୁ
ତେବାନାନ୍, ମାରି ମାପୁରୁ ମାମାନୁ ତେବାନାନ୍, ଇୟା ମାଟା
ମାଡ୍ଗୁଁ ସିତିମାନି ୱାନି ଆତ୍ମାଦି ସାହାଜ୍ୟଦାନ୍ ମାଡ୍ରୁ ନେସ୍‌ତେଙ୍ଗ
ଆଟ୍‌ସିନିକା ।

4 ଏ ନା ତଡ଼୍‌କୁ, ୱିଜୁ ଆତ୍ମେଆଙ୍ଗ ବିସ୍‌ବାସ୍ କିମାଟ୍; ୱାର୍
ପୟ୍‌ତିମାନି ଆତ୍ମା ମାପୁରୁଦିମାଣୁକୁ ୱାତିକା ନୋ ସିଲେ,
ଆଗ୍‌ଡ଼ି ୱାରିଙ୍ଗ ପରିକା କିଜ ସୁଡ୍ରୁଦୁ । ଇରିଙ୍ଗ ଜଗତ୍‌ଦୁ ଗାଦିଲୋକ୍
ବଣ୍ତୁ ବାବବାଦିର୍ ସତାମାନାର୍ । 2 ୱାର୍ ମାପୁରୁଦି ଆତ୍ମା
ପୟ୍‌ତାମାନାର୍ ନୋ ସିଲେ, ଆକା ନେସ୍‌ନି ଉପାୟ୍ ଆଜିନାତ୍
ଆମା ଲୋକ୍‌ତିମାନୁ ମାପୁରୁଦି ଆତ୍ମା ମାନାତ୍, ୱାନ୍ ପେରି
ୱେୟୁଦାନ୍ ମାନାନାନ୍ ଜେ, ଜିସୁ କ୍ରିସ୍ତ ଲୋକା ୱାଜା ୱାତା
ମାର୍ହାନ୍ । 3 ମାତର୍ ଏନ୍ ଜିସୁଙ୍କୁଁ ମାନାଏନ୍, ୱାନ୍ ଏସ୍‌କାଙ୍ଗବା
ମାପୁରୁଦି ଆତ୍ମା ପୟ୍‌ଏନ୍ । କ୍ରିସ୍ତୁଦି ସାତ୍ରୁଦି ମାଣୁକୁ ୱାନ୍
ଆୟା ଆତ୍ମା ପୟ୍‌ତାମାନାନ୍, ଆମାୱାନି ୱାନିଦିନ୍‌ତି ମାଟା
ମିରୁ ୱେର୍‌ଇମାନିଦେର୍, ମାରି ଆକା ଇଲେଇ ଇୟା ଜଗତ୍‌ଦୁ
ୱାତାମାନାତ୍ । 4 ଏ କଡ଼ର୍, ମିରୁ ମାପୁରୁଦିମାଣୁକୁ ଜନମ୍, ମାରି
ମିରୁ ଆୟା ବଣ୍ତୁ ବାବବାଦିରିଙ୍ଗ ଆରାକିତିମାନିଦେର୍, ଇରିଙ୍ଗ
ମି ଜିବନ୍‌ତୁ ବାସାତି ମାନି ମାପୁରୁଦି ଆତ୍ମା, ଜଗତ୍‌ଦି ଲୋକା
ଆତ୍ମାଆଙ୍ଗ ମାଣୁକୁ ନାଣ୍ତୁ ସାକ୍ତି । 5 ବଣ୍ତୁ ବାବବାଦିର୍ ଜଗତ୍‌ତାନ୍
ୱାତାମାନାର୍, ମାରି ବଣ୍ତୁ ବାବବାଦିର୍ ଦୁନିଆଦି ମାଟା ୱେର୍‌ସି
ବୁଲାଜିନାର୍ ମାରି ଦୁନିଆଦି ଲୋକୁ ୱାରି ମାଟା ୱେନ୍‌ଜ୍ଞିନାର୍ । 6
ମାତର୍ ମାଡ୍ରୁ ମାପୁରୁଦିମାଣୁକୁ ଜନମ୍; ଏନ୍ ମାପୁରୁଦି ନେସ୍‌ନାନ୍,
ୱାନ୍ ମା ମାଟା ୱେନାନ୍ । ଏନ୍ ମାପୁରୁଦିମାଣୁକୁ ଜନମ୍ ଆଏନ୍,
ୱାନ୍ ମା ମାଟା ୱେନ୍‌ଏନ୍ । ଇୟାମାଣୁକୁ ମାଡ୍ରୁ ସତ୍‌ତି ଆତ୍ମା
ମାରି ବାୟାକିନି ଆତ୍ମାଦିଙ୍ଗ ସିନିସ୍ କିଦେଙ୍ଗ ଆଟ୍‌ନିକା । 7
ଏ ନା ତଡ଼୍‌କୁ, ମାଡ୍ରୁ ନିଜେନିଜେଦିଙ୍ଗ ଜିବନ୍‌ନୋଜିସାନିକା,
ଇରିଙ୍ଗ ଜିବନ୍‌ନୋନିକା ମାପୁରୁଦିମାଣୁକୁ ୱାତାମାନାତ୍, ମାରି
ଏନ୍ ଜିବନ୍‌ନୋନାନ୍, ୱାନ୍ ମାପୁରୁଦି ମାରିନ୍ ମାରି ୱାନ୍
ମାପୁରୁଙ୍କୁଁ ନେସ୍‌ନାନ୍ । 8 ଏନ୍ ଜିବନ୍‌ନୋଏନ୍, ୱାନ୍ ମାପୁରୁଙ୍କୁଁ
ନେସ୍‌ଏନ୍, ଇରିଙ୍ଗ ମାପୁରୁନେ ଜିବନ୍‌ନୋନିକାନ୍ । 9 ଇବେନୁ
ମାପୁରୁଦି ଜିବନ୍‌ନୋନିକା ମା ଉଣ୍ତ୍ରିଙ୍ଗ ତର୍‌ତାମାନାନ୍, ମାପୁରୁ
ଜେ ନିଜେଦି ମାରିନ୍‌ତିଙ୍ଗ ଜଗତ୍‌ଦୁ ପୋକ୍‌ତାତାନ୍, ଏଣ୍ତ୍ରେସ୍ ମାପ୍
ୱାନିମାଣୁକୁ ୱିଜୁଦିନ୍ ଜିବନ୍ ପୟ୍‌ନାପ୍ । 10 ଇକାନେ ସତ୍‌ତି
ଜିବନ୍‌ନୋନିକା, ମାଡ୍ରୁ ମାପୁରୁଙ୍କୁଁ ଜିବନ୍‌ନୋଇକା, ମାତର୍ ୱାନ୍
ମାଡ୍ଗୁଁ ଜିବନ୍‌ନୋଜି, ମାରି ନିଜେଦି ମାରିନ୍‌ତିଙ୍ଗ ମା ପାପ୍‌ତିଙ୍ଗ
ପିଣ୍ତ୍ରିନି ଅନିଉଣ୍ତ୍ରିଙ୍ଗ ପୋକ୍‌ତାତାନ୍ । 11 ଏ ନା ତଡ଼୍‌କୁ, ମାପୁରୁ
ଜଦି ମାଡ୍ଗୁଁ ଇୟାୱାଜା ଜିବନ୍‌ନୋତା ମାନାନ୍, ଆର୍‌ତିଙ୍ଗ ମାଡ୍ରୁ ବା
ନିଜେନିଜେଦିଙ୍ଗ ଜିବନ୍‌ନୋଜିସାନିକା ମାନାତ୍ । 12 ମାପୁରୁଙ୍କୁଁ
ଏନ୍ ଏସ୍‌କାଙ୍ଗ ସୁଡ୍ରୁଏନ୍, ମାତର୍ ମାଡ୍ରୁ ଜଦି ନିଜେନିଜେଦିଙ୍ଗ
ଜିବନ୍‌ନୋଜିସାନିକା, ଆର୍‌ତିଙ୍ଗ ମାପୁରୁ ମାମାନୁ ମାନାନ୍ ମାରି
ୱାନି ଜିବନ୍‌ନୋନିକା ମାମାନୁ ପୁରାତେବାତା ମାନାତ୍ । 13 ମାଡ୍ରୁ
ଜେ ମାପୁରୁଦିମାନୁ ମାନିକା ମାରି ୱାନ୍ ମାମାନୁ ମାନାନ୍, ଇକା
ମାଡ୍ରୁ ନେସ୍‌ନିକା, ଇରିଙ୍ଗ ୱାନ୍ ମାଡ୍ଗୁଁ ନିଜେଦି ଆତ୍ମାଦି ୱାଲେ
ସିତାମାନାନ୍ । 14 ବୁବା ଜେ ମାରିସିଙ୍ଗ ଜଗତ୍‌ଦି ରକିୟାକର୍ତ୍ତା
ଆନି ଉଣ୍ତ୍ରିଙ୍ଗ ପୋକ୍‌ତାତା ମାନାନ୍, ଇକା ମାଡ୍ରୁ ସୁଡ୍ରୁତି ମାନିକା
ମାରି ୱାନି ବିସୟ୍‌ତାନ୍ ଆଇୱାରିଙ୍ଗ ସାକିୟ୍ ୱେର୍‌ସିନିକା । 15
ଏନ୍ ଜିସୁଙ୍କୁଁ ମାପୁରୁଦି ମାରିନ୍ ଇଜି ମାନାନାନ୍, ମାପୁରୁ ୱାନିମାନୁ
ମାନାନ୍ ମାରି ୱାନ୍ ମାପୁରୁଦିମାନୁ ମାନାନ୍ । 16 ମାରି ମା
ଉଣ୍ତ୍ରିଙ୍ଗ ମାପୁରୁଦି ଆମା ଜିବନ୍‌ନୋନିକା ମାନାତ୍, ଆକା ମାଡ୍ରୁ
ନେସ୍‌ତି ମାନିକା ମାରି ବିସ୍‌ବାସ୍ କିତାମାନାପ୍ । ମାପୁରୁନେ
ଜିବନ୍‌ନୋନିକାନ୍ । ଆମାୱାନି ଜିବନ୍‌ତୁ ଜିବନ୍‌ନୋନିକା ପୁରା
ତେବାତା ମାନାତ୍, ୱାନ୍ ମାପୁରୁଦିମାନୁ ତେବାନାନ୍ ମାରି ମାପୁରୁ
ୱାନିମାନୁ ତେବାନାନ୍ । 17 ଇବେନୁ ଜିବନ୍‌ନୋନିକା ମାମାନୁ
ପୁରାତେବାତା ମାନାତ୍ ଜେ, ବିଚାର୍‌ତି ନାଣ୍ତ୍ରିଙ୍ଗ ମାଡ୍ରୁ ସାହାସ୍
ପୟ୍‌ନିକା, ଇରିଙ୍ଗ କ୍ରିସ୍ତ ଏଣ୍ତ୍ରେସ୍ ମାନାନ୍, ମାଡ୍ରୁ ବା ଇୟା ଜଗତ୍‌ଦୁ
ଆୟାୱାଜା ମାନିକା । 18 ଏମେମାନୁ ଜିବନ୍‌ନୋନିକା ମାନାତ୍,
ଆବେନୁ ତିଲାନିକା ସିଲେତ୍, ମାତର୍ ସତ୍‌ତି ଜିବନ୍‌ନୋନିକା
ତିଲାନି ତାନିଙ୍ଗ ଆକ କିନାତ୍, ଇରିଙ୍ଗ ତିଲାନିକା ଦଣ୍ତୁତି ୱାଲେ
ସିମାନାତ୍, ମାରି ଏନ୍ ତିଲାନାନ୍, ୱାନିମାନୁ ଜିବନ୍‌ନୋନିକା
ପୁରା ସିଲେତ୍ । 19 ମାଡ୍ରୁ ଜିବନ୍‌ନୋନିକା ଅଜାତାମାନାପ୍,
ଇରିଙ୍ଗ ମାପୁରୁ ନେ ଆଗ୍‌ଡ଼ି ମାଡ୍ଗୁଁ ଜିବନ୍‌ନୋତା ମାନାନ୍ । 20
ମାପୁରୁଙ୍କୁଁ ଜିବନ୍‌ନୋଜିନା ଇଜି ୱେର୍‌ସି ଜଦି ଏନ୍ ନିଜେଦି
ବିସ୍‌ବାସିରି ତଡ଼ାନ୍‌ତିଙ୍ଗ ନି ତାଙ୍ଗୁଁକ୍ କାଡ଼ାନାନ୍, ଆର୍‌ତିଙ୍ଗ ୱାନ୍
ମିଚ୍‌ୱେର୍‌ନିକାନ୍ । ଲାକ୍‌ତୁ ସୁଡ୍ରୁଜିମାନି ଅରେନ୍ ତଡ଼ାନ୍‌ତିଙ୍ଗ ଏନ୍

ଜିବନ୍‌ନୋଦେଙ୍ଗ ଆଟ୍‌ଏନ୍, ୱାନ୍ ତର୍‌ଇ ମାପୁରୁଙ୍ଗୁଁ ଏସ୍‌କାଙ୍ଗ୍‌ବା
ଜିବନ୍‌ନୋଦେଙ୍ଗ ଆଟ୍‌ଏନ୍ । 21 ଇୟା ଆଦେସ୍ କ୍ରିସ୍ତ ମାଙ୍ଗେଁ
ସିତାମାନାନ୍, ଏନ୍ ମାପୁରୁଙ୍ଗୁଁ ଜିବନ୍‌ନୋନାନ୍, ୱାନ୍ ନିଜେଦି
ତଡ଼ାନ୍‌ତିଙ୍ଗ ବା ଜିବନ୍‌ନୋପିନ୍ ।

5 ଏନ୍ ଜିସୁଙ୍ଗୁଁ ମସିହ ଇଜି ବିସ୍‌ବାସ୍ କିନାନ୍, ୱାନ୍ ମାପୁରୁଦି
ମାରିନ୍; ମାରି, ଏନ୍‌ଆପିନ୍ ଅରେନ୍ ବୁବେଙ୍ଗ ଜିବନ୍‌ନୋନାନ୍,
ଆୟା ବୁବାସିଦି କଡ଼ଦିଙ୍ଗ ବା ୱାନ୍ ଜିବନ୍‌ନୋନାନ୍ । 2
ମାଡୁ ଏସ୍ତିୱାଲେ ମାପୁରୁଙ୍ଗୁଁ ଜିବନ୍‌ନୋନିକା ମାରି ୱାନି ମାଟା
ମାନାନାପ୍, ନାସ୍ତିୱାଲେ ନେସ୍‌ତେଙ୍ଗ ଆଟ୍‌ନାପ୍ ଜେ, ମାଡୁ
ମାପୁରୁଦି କଡ଼ରିଙ୍ଗ ଜିବନ୍‌ନୋଜିନାପ୍ । 3 ଇରିଙ୍ଗ ମାପୁରୁଙ୍ଗୁଁ
ଜିବନ୍‌ନୋନି ଅର୍ତ ଆଜିନାଦ୍, ମାଡୁ ୱାନି ମାଟା ମାନାନିକା, ମାରି
ୱାନି ମାଟା ମାନାନିକା ନାଣ୍ତ କାସ୍କସିଲେ । 4 ଇରିଙ୍ଗ ମାପୁରୁଦି
କଡ଼ର୍ ଇୟା ଜଗତ୍‌ତିଙ୍ଗ ଆରା କିଦେଙ୍ଗ ସାକ୍ତି ପୟ୍‌ତାମାନାନ୍ ।
ବିସ୍‌ବାସ୍‌ତି ସାକ୍ତିଦାନ୍ ମାଡୁ ଜଗତ୍‌ତି ମୁସ୍‌କୁ ଜିଣାଦେଙ୍ଗ ଆଟ୍‌ନିକା
। 5 ଇୟା ଜଗତ୍‌ତିଙ୍ଗ ଏନ୍ ଆରା କିଦେଙ୍ଗ ଆଟ୍‌ନାନ୍? ଜିସୁଙ୍ଗୁଁ
ମାପୁରୁଦି ମାରିନ୍ ଇଜି ଏନ୍ ବିସ୍‌ବାସ୍ କିନାନ୍, ଆୟାକାନ୍‌ନେ
କେବଲ୍ ଇକା କିଦେଙ୍ଗ ଆଟ୍‌ନାନ୍ । 6 ଆୟା ଜିସୁ କ୍ରିସ୍ତ
ମାପୁରୁଦି ମାରିନ୍ ଇଜି ଡୁବନ୍‌ତାନ୍ ୱାନି ଜିବନ୍‌ତି ପାଣି ଆରାମ୍
କିତାମାର୍ହାନ୍, ମାରି ନିଜେଦି ନେତେର୍‌ତାନ୍ ଲୋକା ରକ୍ଷାକିନି
ପାଣିକିତାନ୍ । କେବଲ୍ ଡୁବନ୍ ଅସି ୱାନ୍ ରେଏନ୍ ମାର୍ହାନ୍,
ମାତର୍ ଏରୁ ନି ନେତେର୍ ରୁଣ୍ତିୱାନିକାଙ୍ଗ ସିଜି ୱାତାମାର୍ହାନ୍ ।
ମାରି ଆତ୍ମା ବା ଇବେଣି ସାକି ୱେର୍‌ନାନ୍; ଇରିଙ୍ଗ ଆତ୍ମା ନେ ସତ୍
। 7 ମାରି ଇୟା ମୁଏରି ସାକି ଉନ୍‌ଡ୍ରେ ସାମାନ୍, 8 ଆତ୍ମା, ଏରୁ
ମାରି ନେତେର୍, ଇୟା ମୁଏର୍ ସାକି ୱେର୍‌ନାର୍ । 9 ମାଡୁ ଜଦି
ଲୋକା ସାକି ମାନାନିକା, ଆର୍‌ତିଙ୍ଗ ମାପୁରୁଦି ସାକି ଆୟାମାଣୁକୁ
ନାଣ୍ତ ପେରିକା, ମାରି ମାପୁରୁଦି ସାକି ଇକା ଜେ, ୱାନ୍ ନିଜେଦି
ମାରିନ୍‌ତି ବିସୟ୍‌ତାନ୍ ସାକି ସିତାମାନାନ୍ । 10 ଏନ୍ ମାପୁରୁଦି
ମାରିନ୍‌ତିମାନୁ ବିସ୍‌ବାସ୍ କିନାନ୍, ୱାନ୍ ନିଜେଦି ଜିବନ୍‌ତୁ ଇୟା
ସାକି ପୟ୍‌ତା ମାନାନ୍; ଏନ୍ ମାପୁରୁଦି ସାକି ବିସ୍‌ବାସ୍ କିଏନ୍,
ୱାନ୍ ମାପୁରୁଙ୍ଗୁଁ ମିଚ୍‌ୱେର୍‌ନିକାନ୍ କିତାମାନାନ୍, ଇରିଙ୍ଗ ମାପୁରୁ
ନିଜେଦି ମାରିନ୍‌ତି ବିସୟ୍‌ତାନ୍ ଆମା ସାକି ୱେର୍‌ତାମାନାନ୍,
ଆବେନୁ ୱାନ୍ ବିସ୍‌ବାସ୍ କିଏନ୍ । 11 ଆୟା ସାକିଦି ଅରତ୍
ଆତାଡ୍ରେଜ, ମାପୁରୁ ମାଙ୍ଗେଁ ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍ ସିତାମାନାନ୍;
ମାରି ଆୟା ଜିବନ୍ ୱାନି ମାରିନ୍‌ତିମାନୁ ମାନାଦ୍ । (aiōnios
g166) 12 ଏନ୍ ମାରିନ୍‌ତିଙ୍ଗ ପୟ୍‌ତା ମାନାନ୍, ୱାନ୍ ଜିବନ୍ ପୟ୍‌ତା
ମାନାନ୍; ଏନ୍ ମାପୁରୁଦି ମାରିନ୍‌ତିଙ୍ଗ ପୟ୍‌ଏନ୍, ୱାନ୍ ଜିବନ୍
ବା ପୟ୍‌ଏନ୍ । 13 ମାପୁରୁଦି ମାରିନ୍‌ତି ଦର୍‌ତାନ୍ ବିସ୍‌ବାସ୍
କିଜିନିଦେର୍ ଜେ ମିରୁ, ମିରୁ ଏଣ୍ତେସ୍ ନେସ୍‌ନିଦେର୍ ଜେ, ମିରୁ
ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍ ପୟ୍‌ତିମାନିଦେର୍, ଇୟାଉଣ୍ତିଙ୍ଗ ନାନୁ
ମିଙ୍ଗେଁ ଇୟା ଆକୁ ରାସ୍‌ସିନା । (aiōnios g166) 14 ମାପୁ ତିଲାଏଣ୍ଗା
ମାପୁରୁଦି ଲାକ୍‌ତୁ ୱାଦେଙ୍ଗ ଆଟ୍‌ସିନାପ୍, ଇରିଙ୍ଗ ମାପୁ ସତ୍‌ତାନ୍
ନେସ୍‌ନାପ୍ ଜେ, ମାପୁ ଏସ୍‌କାଙ୍ଗ ୱାନି ଇଚ୍ଛାଦାନ୍ ଇନି ପାର୍‌ତାନା
କିତିଙ୍ଗ, ଆର୍‌ତିଙ୍ଗ ୱାନ୍ ମା ଆୟା ପାର୍‌ତାନା ୱେନାନ୍ । 15
ମାରି ମାଡୁ ୱାନି ଲାକ୍‌ତୁ ଆମାକା ଇନିକା ପାର୍‌ତାନା କିନିକା,
ଆକା ୱାନ୍ ୱେନାନ୍ ଇଜି ଜଦି ମାଡୁ ନେସ୍‌ନିକା, ଆର୍‌ତିଙ୍ଗ
ୱାନି ଲାକ୍‌ତୁ ଆମାକା ପାର୍‌ତାନା କିତିମାନିକା, ଆୟାୱିଜୁ ଜେ
ପୟ୍‌ତିମାନିକା, ଇକାବା ନେସ୍‌ନାପ୍ । 16 ଜଦି ମି ଅରେନ୍ ତଡ଼ାନ୍
ପାପ୍ କିଜିମାନିକା ସୁଡୁତିଙ୍ଗ, ମାରି ଆୟା ପାପ୍ ସାନିନାନିକା
ଆଏଦ୍ ମାନାଦ୍, ୱାନି ଉଣ୍ତିଙ୍ଗ ମାପୁରୁଙ୍ଗୁଁ ପାର୍‌ତାନା କିଦୁ,
ଏଣ୍ତେସାତିଙ୍ଗ ମାପୁରୁ ୱାନିଙ୍ଗ କେମା ସିଜି ରକ୍ୟା କିନାନ୍ । ମାରି
ମାପୁରୁ ଏଣ୍ତେସ୍‌ୱାଜା ସାନିକା ପାପ୍ କିଇ ମାନି ଲୋକାଙ୍ଗ ଜିବନ୍
ଦାନ୍ ସିନାନ୍, ଆୟାୱାଜା ୱାନିଙ୍ଗ ବା ଜିବନ୍ ଦାନ୍ ସିନାନ୍ ।
ସାନିନାନି ପାପ୍ ମାନାଦ୍; ଆୟାଉଣ୍ତିଙ୍ଗ ୱାନ୍ ପାର୍‌ତାନା କିପିନ୍
ଇଜି ନାନୁ ଇନ୍‌ଏ । 17 ୱିଜୁ ତାଗ୍‌ଇ ପାଣି ପାପ୍, ମାତର୍ ଆମାକା
ସାନିନାନିକା ସିଲେଦ୍, ଇୟାୱାଜା ପାପ୍ ମାନାଦ୍ । 18 ମାପୁ
ନେସ୍‌ନାପ୍, ମାପୁରୁଦି ମାରିନ୍ ପାପ୍‌ତୁ ମିସାଜ ତେବାଏନ୍; ଇରିଙ୍ଗ
ମାପୁରୁଦି ମାରିନ୍ ୱାନିଙ୍ଗ ରକ୍ୟା କିନାନ୍, ମାରି ସୟ୍‌ତାନ୍ ୱାନିଙ୍ଗ
ଇନିକା କିଦେଙ୍ଗ ଆଟ୍‌ଏଦ୍ । 19 ମାଡୁ ଜେ ମାପୁରୁଦିମାଣୁକୁ
ଜନମ୍ ମାରି ୱିଜୁ ଜଗତ୍ ଜେ ସୟ୍‌ତାନ୍‌ତି ଅଦିକାର୍, ଇକା ମାପୁ
ନେସ୍‌ନାପ୍ । 20 ମାରି ବା ମାପୁ ନେସ୍‌ନାପ୍ ଜେ, ମାପୁରୁଦି
ମାରିନ୍ ୱାତାମାନାନ୍ ମାରି ସତ୍‌ତିଙ୍ଗ ନେସ୍‌ନି ଉଣ୍ତିଙ୍ଗ ମାଙ୍ଗେଁ ବୁଦି
ସିତାମାନାନ୍; ମାରି ମାଡୁ ଆୟା ସତ୍‌ତି ମାପୁରୁଦିମାନୁ ମାରି ୱାନି
ମାରିନ୍ ଜିସୁ କ୍ରିସ୍ତୁଦି ୱାଲେ ମାନାଦ୍ । ୱାନ୍ ନେ ସତ୍‌ତି ମାପୁରୁ
ମାରି ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍ । (aiōnios g166) 21 ଏ କଡ଼ର୍,
ସତ୍‌ସିଲି ଦିୟାମ୍‌କାମାଣୁକୁ ନିଜେ ନିଜେଦିଙ୍ଗ ଆକତେବାଦୁ ।

# ୨ ଜୋହନ

1 ପ୍ରାଚିନ୍ ଜୋହନ ଯେ ନାନୁ ଅରେତ୍ ଆସ୍‌କିଆୟ୍‌ଆତି ଆଇମା
ମାରି ତାନି କଡ଼ରି ଲାକ୍‌ତୁ ଇୟ୍ୟା ଆକୁ ରାସ୍‌ସିନା । ମିଙ୍ଗ୍‌ଁ
ନାନୁ ସତ୍ ୱାଜା ଜିବନ୍‌ନୋନା, ମାରି କେବଲ୍ ନାନ୍ ସିଲେ,
ମାତର୍ ସତ୍ ନେସ୍‌ତିମାନି ୱିଜୁ ଲୋକୁ ବା ଜିବନ୍‌ନୋନାର୍ । 2
ଆମା ସତ୍ ମା ଜିବନ୍‌ତୁ ତେବାତାମାନାତ୍ ମାରି ୱିଜୁଦିନ୍‌ତିଙ୍ଗ୍
ମା ୱାଲେ ତେବାନାତ୍ । (aiōn g165) 3 ବୁବା ମାପୁରୁ ମାରି
ଆୟ୍ୟା ବୁବାଦି ମାରିନ୍ ଜିସୁ କ୍ରିସ୍ତୁଦିମାଣୁକୁ ଦୟ୍ୟା, ଦୟ୍ୟା ମାରି
ସାନ୍ତି ମା ୱାଲେ ସତ୍ ନି ଜିବନ୍‌ନୋନିକା ତେବାନାତ୍ । 4 ମି
କଡ଼ରି ମାଣ୍ଡୁକୁ ଏସଲୋକ୍ ମାପୁରୁଦି ମାଟାଇସାବ୍‌ତାନ୍ ସତ୍‌ତାନ୍
ବୁଲାସାଲା କିଜିନିକା ୱେନ୍‌ଜି ନାନ୍ ନାଣ୍ଡୁ ୱେଡ଼ିକା । 5 ଏ
ନେଗି ଆଇମା, ନିଙ୍ଗ୍‌ଁ ନାନୁ ୱେର୍‌ନି ମାଟା, ମାଡୁ ନିଜେନିଜେଦିଙ୍ଗ୍
ଜିବନ୍‌ନୋଜିସାନିକା ମାନାତ୍ । ନାନ୍ ଜେ ମି ଲାକ୍‌ତୁ ଇନି
ପୁନି ମାଟା ରାସ୍‌ସିନା, ଆକା ସିଲେ, ମାତର୍ ପୁର୍ବେଦାନ୍‌ନେ
ମାପୁ ଇୟ୍ୟା ଆଦେସ୍ ପୟ୍‌ତା ମାନାପ୍ । 6 ଆମା ଜିବନ୍‌ନୋନି
ମାଟା ଇବେନୁ ନାନ୍ ୱେର୍‌ସିନା, ତାନି ଅର୍ତ ଆଜିନାତ୍, ଜିବନ୍‌ତୁ
ମାପୁରୁଦି ମାଟା ମାନାନିକା । ଆୟ୍ୟା ମାଟା ଇନିକା, ମିରୁ
ପୁର୍ବେଦାନ୍‌ନେ ୱେର୍‌ଇମାନିଦେର୍, ଆକା ଆଜିନାତ୍, ମାଡୁ
ୱିଜୁଲୋକୁ ନିଜେନିଜେଦି ଉଣ୍ଡିଙ୍ଗ୍ ଜିବନ୍‌ନୋଜିସାନିକା ମାନାତ୍ ।
7 ନାନ୍ ଇକା ଇଜିନା ଇରିଙ୍ଗ୍ ଆମାକାର୍ ଜିସୁ କ୍ରିସ୍ତୁ ସାତାନ୍‌ନୋ
ଲୋକା ମେନ୍ବିଲ୍‌ତାନ୍ ୱାତାମାନାନ୍ ଇଜି ମାନାଏନ୍, ଇୟ୍ୟାୱାଜା
ଗାଦିଲୋକ୍ ବାୟ୍ୟାକିନିକାର୍ ଜଗତ୍‌ତୁ ସତା ୱାତାମାନାର୍ ।
ଇୟ୍ୟାୱାଜା ଲୋକୁ ପୁରାସତ୍ ବାୟ୍ୟାକିନିକାର୍, ୱାନ୍ କ୍ରିସ୍ତୁଦି ସାତ୍ରୁ
। 8 ମିରୁ ଏଣ୍ଡ୍ରେସ୍ ମା କିତିମାନି ପାଣିଦି ପଲ୍ ଆରାକିଏଣ୍‌ଗା
ବରଂ ଆବେଣି ପୁରାବର୍ତି ପୁରସ୍କାର୍ ପୟ୍‌ଦୁ, ଆୟ୍ୟାଉଣ୍ଡିଙ୍ଗ୍ ନିଜେ
ନିଜେଦି ବିସୟ୍‌ତାନ୍ ଜାଗ୍‌ରାତା ମାନ୍‌ଡୁ । 9 ଏନ୍‌ଆପିନ୍ କ୍ରିସ୍ତୁଦି
ସିକିୟ୍ୟାଦି ଆୟ୍ୟା ଲୋଇ ତେବାଏଣ୍‌ଗା ଆକା ନାଜି ସୋନାନ୍,
ୱାନ୍ ମାପୁରୁଙ୍ଗ୍‌ଁ ପୟ୍‌ଏନ୍; ଏନ୍ ସିକିୟ୍ୟାଦି ଲୋଇ ତେବାନାନ୍,
ୱାନ୍ ବୁବା ନି ମାରିନ୍ ରିଏରିଙ୍ଗ୍ ପୟ୍‌ତା ମାନାନ୍ । 10 ଏନ୍
ଜଦି ଇୟ୍ୟା ସିକିୟ୍ୟା ଆସ୍‌ଏଣ୍‌ଗା ମି ଲାକ୍‌ତୁ ୱାନାନ୍, ଆର୍‌ତିଙ୍ଗ୍
ୱାନିଙ୍ଗ୍ ମି ଇନ୍‌ଡ୍ର କୁକ୍‌ମାଟ୍, “ନି ସାନ୍ତି ଆପିତ୍” ଇଜି ୱେର୍‌ସି
ୱାନିଙ୍ଗ୍ ନମସ୍କାର୍ କିମାଟ୍ । 11 ଇରିଙ୍ଗ୍ ଏନ୍‌ଆପିନ୍ ୱାନିଙ୍ଗ୍
ନମସ୍କାର୍ କିନାନ୍, ୱାନ୍ ୱାନି ତାଗ୍‌ଇପାଣିଦୁ ମିସାନାନ୍ । 12
ମି ଲାକ୍‌ତୁ ଗାଦି ବିସୟ୍ ରାସ୍‌ନିକା ମାନାତ୍, ମାତର୍ କାଗଜ ନି
ସିରାଦାନ୍ ଆୟ୍ୟାୱିଜୁ ଇଲେଇ ନାନୁ ୱେର୍‌ତେଙ୍ଗ୍ ଇଚ୍ଛା କିଏ;
ନା ଆସା ମାନାତ୍ ଜେ, ମି ଲାକ୍‌ତୁ ୱାଜି ସାମ୍‌ନାସାମ୍‌ନିଦାନ୍
ୱାର୍‌ଗିଜିସାନାଟ୍, ଆକା କିଦେଙ୍ଗ୍ ଆଟ୍‌ତିଙ୍ଗ୍ ମାଡୁ ୱେଡ଼ିକା ପୁରା
ଆନାତ୍ । 13 ମି ଲାଡ୍‌ତି ତାଙ୍ଗ୍‌ଁକି କଡ଼ର୍ ମିଙ୍ଗ୍‌ଁ ନମସ୍କାର୍ ଜାଣେ
କିଜିନାର୍ ।

# ୩ ଜୋହନ

1 ପ୍ରାଚିନ୍ ଜୋହନ ଯେ ନାନୁ, ନା ଲାଡ୍‌ତି ତଡ଼୍ ଗାୟ୍‌ଦି
ଲାକ୍‌ତୁ ଇୟା ଆକୁ ରାସ୍‌ସିନା; ୱାନିଙ୍ଗ ନାନୁ ସତ୍‌ତାନ୍
ଜିବନ୍‌ନୋନା । 2 ନା ଲାଡ୍‌ତି ତଡ଼୍, ମି ଆତ୍ମା ମାରି ୱିଜୁନେଗି
ପାଣି କିଜିନାନ୍ ମାପୁରୁଙ୍ଗୁଁ ପାର୍‌ତାନା କିଜିନା, ନାନ୍ ନେସ୍‌ନା,
ଇଲେଇତି ଜିବନ୍‌ତୁ ମିରୁ ନେଗେନ୍ ମାନିଦେର୍ । 3 ଇରିଙ୍ଗ
ତଡ଼ାନ୍‌କୁ ୱାଜି ଏସ୍ତିୱାଲେ ସତ୍‌ତି ଉଣ୍ତିଙ୍ଗ ବିସ୍‌ବାସ୍‌ସି ଟେବାତା
ମାନାର୍ ମାରି ଜିବନ୍‌ତୁ ୱିଜୁଦିନ୍ ସତ୍‌ତାନ୍ ବୁଲାସାଲା ଆନି
ବିସୟ୍‌ତାନ୍ ସାକ୍ଷ୍ୟ ୱେର୍‌ସିନାର୍, ନାସ୍ତିୱାଲେ ନାନୁ ଇୟା ମାଟା
ୱେନ୍‌ଜି ୱେଡ଼ିକା ଆତା । 4 ନା କଡ଼ର୍ ଜେ ସତ୍‌ତିଙ୍ଗ ଆସ୍‌ସି
ବୁଲାସାଲା କିଜିନାର୍, ଇକା ୱେନିଙ୍ଗ ନାନୁ ୱେଡ଼ିକା ଆନା । 5
ଲାଡ୍‌ତି ତଡ଼୍, ଆଇଦେସ୍‌ତି କ୍ରିସ୍ତ ସିକ୍‌ୟା ସିନିକାର୍, ଇୟାୱାଜା
ନୋ ୱାର୍ ସିନାପରିଚୟ୍ ଆଏତିମାରିଙ୍ଗ ବା, ୱାରି ଉଣ୍ତିଙ୍ଗ ନିନୁ
ବିସ୍‌ବାସ୍‌ତାନ୍ କିଜିନି । 6 ୱାର୍ ମଣ୍ତଲିଦୁ ମି ଜିବନ୍‌ନୋନି
ବିସୟ୍‌ତାନ୍ ସାକ୍ୟ ୱେର୍‌ତାମାନାର୍; ମିର୍ ୱାରି ସନି ଉଣ୍ତିଙ୍ଗ
ସାହାଜ୍ୟ କିଦୁ । ଇୟାଉଣ୍ତିଙ୍ଗ ମାପୁରୁ ୱେଡ଼ିକା ଆନାନ୍ । 7 ଇରିଙ୍ଗ
ୱାର୍ ଅବିସ୍‌ବାସ୍‌ରି ମାଣୁକୁ ଇନି ସାହାଜ୍ୟ ଅଏଣ୍‌ଗା କ୍ରିସ୍ତଦି ସେବା
ଉଣ୍ତିଙ୍ଗ ସତା ମାନାର୍ । 8 ମାରି, ମାଡୁ କ୍ରିସ୍ତବିସ୍‌ବାସ୍‌ସିର୍ ୱାରିଙ୍ଗ
ସାହାଜ୍ୟ କିଜି ସତ୍‌ତି ଉଣ୍ତିଙ୍ଗ ୱାରି ପାଣିଦୁ ମିସାନିକା ନେଗେତ୍
। 9 ନାନ୍ ମି ମଣ୍ତଲିଦୁ ଉନ୍‌ଡ୍ରି ଇସ୍ରି ଆକୁ ରାସ୍‌ତା ମାର୍ହା, ମାତର୍
ଡାୟୋଟ୍ରେଫିସ୍ ମଣ୍ତଲିଦି ପେରିକାନ୍ ଆଦେଙ୍ଗ ବଦା କିଜି ମା
ମାଟାଦିଙ୍ଗ ଡ଼ିସ୍‌ନାନ୍ । 10 ନାନ୍ ଆବେନୁ ୱାତିଙ୍ଗ, ୱାନ୍ ଆମାକା
କିଜିନାନ୍, ୱିଜୁ ୱିକ୍‌ନାସିନା ମା ବିରୁଦ୍‌ତାନ୍ ତାଗ୍‌ଇ ମାଟା ଇନ୍‌ଜି
ମାଙ୍ଗୁଁ ନିନ୍ଦା କିଜିନାନ୍, ମାରି ୱାନ୍ କ୍ରିସ୍ତବିସ୍‌ବାସ୍‌ସି ତଡ଼ାନ୍‌କାଙ୍ଗ
ସନ୍‌ମାନ୍ କିଏନ୍, ମାରି ଆଇକାର୍ ଆକା କିଦେଙ୍ଗ ବଦା କିତିଙ୍ଗ
ୱାରିଙ୍ଗ ମନା କିନାନ୍, ମାରି ମଣ୍ତଲିଦାନ୍ ୱାରିଙ୍ଗ ସପ୍‌ନାନ୍ । 11
ନା ଲାଡ୍‌ତି ତଡ଼୍‌କୁ, ମିରୁ ତାଗ୍‌ଇପାଣିଦୁ ସଲଏଣ୍‌ଗା ସତ୍‌ପାଣିଦି
ତରିନ୍ ସାନ୍‌ଡୁ । ଏନ୍ ସତ୍‌ପାଣି କିନାନ୍, ୱାନ୍ ମାପୁରୁଦି ଲୋକୁ;
ଏନ୍ ତାଗ୍‌ଇପାଣି କିନାନ୍, ୱାନ୍ ମାପୁରୁଙ୍ଗୁଁ ନେସ୍‌ଏନ୍ । 12
ଡିମିଟ୍ରିଅସ୍‌ଦିଙ୍ଗ ୱିଜେରେ ପ୍ରସଂସା କିଜିନାର୍; ସତ୍ ନିଜେ ବା
ସାକ୍ୟ ସିତାମାନାନ୍; ମାପ୍ ବା ୱାନିଙ୍ଗ ସାକ୍ୟ ସିଜିନାପ୍, ମା ସାକ୍ୟ
ଜେ ସତ୍, ଇକା ନିନୁ ନେସ୍‌ତିମାନି । 13 ମି ଲାକ୍‌ତୁ ନା ଗାଦି
ବିସୟ୍ ୱେର୍‌ନିକା ମାନାତ୍, ମାତର୍ ଆୟାୱିଜୁ ନାନ୍ ଇଲେଇ
ସିରା ନି ପେନ୍‌ତାନ୍ ରାସ୍‌ତେଙ୍ଗ ବଦା କିଏଜିନା । 14 ମି ୱାଲେ
ବେଟ୍ ଆନା ଇଜିନା ଆସା ନାସ୍ତିୱାଲେ ମାଡୁ ସାମ୍‌ନାସାମ୍‌ନି ଆଜି
ୱାର୍‌ଗିଜିସାନାଟ୍ । ମି ଉଣ୍ତିଙ୍ଗ ସାନ୍ତି ଆପିତ୍, ସାଙ୍ଗର୍ ୱିଜେରେ
ମିଙ୍ଗୁଁ ନମସ୍କାର୍ ଜାଣେ କିଜିନାର୍ । ମା ୱିଜୁ ସାଙ୍ଗରିଙ୍ଗ ନମସ୍କାର୍
ଜାଣେ କିଦୁ ।

# ଜିହୁଦା

1 ଜିହୁଦା, ଜିସୁ କ୍ରିସ୍ତୁଦି ଅରେନ୍ ଦାସ୍ ମାରି ଜାକୁବଦି ତଡ଼ାସି,
ଆମାକାର୍ ବୁବା ମାପୁରୁଦି ମାଣାନ୍ ବଦାଆତିକାର୍ ମାରି ୱାନି
ଲାଡ୍‌ତିକାର୍, ମାରି ଜିସୁ କ୍ରିସ୍ତୁଦି ଉଣ୍ତିଙ୍ଗ୍ ନେଗେନ୍‌ମାନାର୍, ୱାରି
ଲାକ୍‌ତୁ ଆକୁ ରାସ୍‌ସିନା । 2 ମି ଉଣ୍ତିଙ୍ଗ୍ ମାପୁରୁଦି ଦୟା, ସାନ୍ତି
ମାରି ଜିବନ୍‌ନୋନିକା ନାଣ୍ତ ଆପିଦ୍ । 3 ଏ ଲାଡ୍‌ତି ତଡ଼୍‌କୁ, ମାତୁ
ୱିଜୁଲୋକୁ ଆମା ରକିୟାଦୁ ମିସାତିମାନିକା ଆୟା ବିସୟ୍‌ତାନ୍ ମି
ଲାକ୍‌ତୁ ରାସ୍‌ତେଙ୍ଗ୍ ନାଙ୍ଗିଁ ବଦା ମାର୍ହାଦ୍ । ମାତର୍ ଇୟାଦାପ୍ରେନେ
ମାପୁରୁ ୱାନି ଲୋକାଙ୍ଗ୍ ୱିଜୁଦିନ୍‌ତି ଉଣ୍ତିଙ୍ଗ୍ ସିତିମାନି ବିସ୍‌ବାସ୍‌ତି
ତରିନ୍ ସାନିଜିନିକା ଜୁଦ୍ କିନି ଉଣ୍ତିଙ୍ଗ୍ ମିଙ୍ଗିଁ ୱେଡ଼ିକା କିନି ଉଣ୍ତିଙ୍ଗ୍
ରାସ୍‌ତେଙ୍ଗ୍ ଦର୍‌କାର୍ ଇଜି ଏଡ୍ କିତା । 4 ଏସ ଅଦାର୍ମୁଦି ଲୋକୁ
ମି ଲୋଇ ନେସ୍‌ଇ ୱାଜା ଡୁଗିତାମାନାର୍ । ୱାର୍ ନିଜେଦି ତାଗ୍‌ଇ
ପାଣିଦିଙ୍ଗ୍ ସାକାକିନି ଉଣ୍ତିଙ୍ଗ୍ ମାପୁରୁଦି ଦୟାଦି ବିସୟ୍ ମାଟାଦି
ତାଗ୍‌ଇ ଅର୍ଥ କିଜିନାର୍ । ମା ଅରେନ୍‌ମାତର୍ ଗୁରୁ, ମାରି ପ୍ରବୁ ଜିସୁ
କ୍ରିସ୍ତୁଙ୍ଗ୍ ୱାର୍ ମାନାଏର୍ । ୱାରି ଉଣ୍ତିଙ୍ଗ୍ ଇଡାୟ୍‌ଆତିମାନି ବିଚାର୍
ବିସୟ୍‌ତାନ୍ ବେସି ଆଗ୍‌ଡ଼ିରାନ୍ ଦାର୍ମୁସାସ୍ତୁଦୁ ରାସାତାମାନାଦ୍ । 5
ଜଦି ମିର୍ ଇୟାୱିଜୁ ବିସୟ୍ ପୁରା ନେସ୍‌ତି ମାନିଦେର୍, ମାରି
ନାନ୍ ମିଙ୍ଗିଁ ଏଡ୍ କିବିସ୍‌ତେଙ୍ଗ୍ ବଦା କିଜିନା ଜେ, ଉନ୍‌ତ୍ରି ଦେବା
ଜିସୁ ମିସର୍ ଦେସ୍‌ତାନ୍ ଲୋକାଙ୍ଗ୍ ରକିୟା କିତାମାର୍ହାନ୍, ମାରି
ଆମାକାର୍ ଅବିସ୍‌ବାସ୍ କିତାର୍, ୱେନ୍‌କା ୱାରିଙ୍ଗ୍ ଦଂସ କିତାନ୍ ।
6 ମାରି ଆମା ମୁସ୍‌କୁପୁର୍‌ତି ଦୁତ୍‌କୁ ନିଜେ ନିଜେଦି ଅଦିକାର୍‌ତି
ଲୋଇ ତେବାଏଣ୍‌ଗା ନିଜେ ନିଜେଦି ଡ଼ିସ୍ଟେତସରେଏ, ଦୁତ୍‌କାଙ୍ଗ୍
ଏଡ୍ କିଦୁ । ୱାନିକାଙ୍ଗ୍ ମାପୁରୁ ପେରି ବିସାର୍‌ତି ୱିଜୁଦିନ୍‌ତି ଉଣ୍ତିଙ୍ଗ୍
ଜଇଲ୍‌ତୁ ନାଣ୍ତସିକାଟିଦି ୱିଜୁ ଦିନ୍‌ତି ସାନ୍ତି କିଜି ଇଟ୍‌ତାମାନାନ୍ ।
(aïdios g126) 7 ଆୟାୱାଜା ସଦମ୍ ମାରି ଗମୋରା ମାରି ଲାକ୍‌ତୁରି
ଗାଡ଼୍‌କାଣି ଦଣ୍ତିଙ୍ଗ୍ ଏଡ୍ କିଦୁ । ୱାର୍ ତେବାତିମାନି ଆୟା ଦୁତ୍‌କା
ୱାଜା ପାଣି କିଜି ଦାରିପାଣି ମାରି ତାଗ୍‌ଇପାଣିଦୁ ମିସାତାର୍ ।
ଆଇୱାରିଙ୍ଗ୍ ଜାଗ୍‌ରାତାକିନି ଉଣ୍ତିଙ୍ଗ୍ ୱାର୍ ୱିଜୁଦିନ୍‌ତି ନରକଦି
ସିସୁଦୁ ଦଣ୍ତବୋଗ କିଜିନାର୍ । (aiōnios g166) 8 ଆୟାୱାଜା
ଇୟା ଲୋକୁ ଲବ୍ ସୁଡୁତାମାନାପ୍ ଅଡ଼୍‌ବିଜି ନିଜେଦି ମେନ୍ଦ୍ଲ୍‌ତିଙ୍ଗ୍
ପାପ୍ କିନାର୍ । ୱାର୍ ମାପୁରୁଦି ପାଣିଦିଙ୍ଗ୍ ମାନାଏର୍ ମାରି
କାବାଆନି ସାକ୍ତିଆଙ୍ଗ୍ନିଁ ନିନ୍ଦା କିନାର୍ । 9 ମାତର୍ ୱିଜେରିଙ୍ଗ୍‌ପେରି
ଦୁତ୍ ମୀଖାୟେଲ ବା ଇୟାୱାଜା ବ୍ୟବ୍‌ହାର୍ କିଏନ୍ ମାର୍ହାନ୍
। ମୋସାଦି ମାଡ଼ା ବିସୟ୍‌ତାନ୍ ସୟତାନ୍‌ତି ୱାଲେ ମାଟାଦିଙ୍ଗ୍
ମାଟା ଆନିବେଡ଼ାଦୁ ମୀଖାୟେଲ ନିନ୍ଦା କିଜି ସୟ୍‌ତାନ୍‌ତି ବିଚାର୍
କିଏନ୍ ମାର୍ହାନ୍ । ୱାନ୍ କେବଲ ନିସନେ ଇର୍ହାନ୍, "ପ୍ରବୁ ନିଙ୍ଗିଁ
ଆଦ୍‌ରିସ୍ କିପିନ୍ ।" 10 ମାତର୍ ଇୟା ଲୋକୁ ଆମା ୱିଜୁ ବିସୟ୍
ନେସ୍‌ଏର୍, ଆୟାୱିଜୁଦିଙ୍ଗ୍ ନିନ୍ଦା କିନାର୍, ମାରି ବୁଦିସିଲି ବନ୍‌ତି
ଜାତୁ ୱାଜା ଆମା ଆମାକା ନେସ୍‌ନିୱାଜା ବୁଜାନେ, ଆୟାୱିଜୁ
ଦାନ୍ ନେ ଆୟାକେଙ୍ଗ୍ ନାସ୍ଟ ଆନେ । 11 ଇକା ୱାରି ଉଣ୍ତିଙ୍ଗ୍
ଏସ ତିଲାନିକା । ଇରିଙ୍ଗ୍ ୱାର୍ କୟିନଦି ସାରିଦୁ ସର୍ହାମାନାର୍,
ବାଲାମ ଅର୍ଥ ଡାବୁଙ୍ଗ୍‌ଲବ୍‌ତିଙ୍ଗ୍ ଆମା ବୁଲ୍ କିତାମାର୍ହାନ୍, ୱାର୍
ଆୟା ମାଟାଦୁ ଆର୍‌ତାମାନାର୍ ମାରି କୋରହ ୱାଜା ଜୁଦ୍ କିଜି
ନାସ୍ଟ ଆତାମାନାର୍ । 12 ୱାର୍ ତିଲାଏଣ୍‌ଗା କାଡୁ ଉଣୁଜି ସୋସ୍‌ସି
ମି ଜିବନ୍‌ନୋନି ବୋଜିଦି କିଟିଙ୍ଗ୍ ୱାଜା ଆଜିନାର୍; ୱାର୍ ନିଜେ
ନିଜେଦି ଉଣ୍ତିଙ୍ଗ୍ ମୋନ୍‌ସିନାର୍ । ୱାର୍ ପିରୁ ୱାଜିମାନି ଗାଲିଦାନ୍
ଇମ୍‌ଜିମାନି ବାଦ୍‌ଡ଼ ୱାଜା; ୱାର୍ ଶରତ କାଡ଼ାଦୁ ପଲ୍ ଆସ୍‌ଇ
ମାରାନ୍ ମାରି ୱେଲେଙ୍ଗ୍‌ଡାସାରେଲାତି ୱାର୍‌ତି ମାରାନ୍ ୱାଜା ।
13 ୱାର୍ ସାମୁଦ୍ରୁର୍‌ତି ନିଙ୍ଗିଁଜି ୱାନି ଏରୁ ଉଲ୍‌କା ୱାଜା, ୱାର୍ ନିଜେ
ନିଜେଦି ସେମାର୍‌ତି ପାଣିଙ୍ଗ୍ ପେପଲ୍ ୱାଜା ମୁସ୍‌କୁ ତର୍‌ଜିୱାନାତ୍
। ୱାର୍ ଇମ୍‌ଜିବୁଲାନି ସୁକା ୱାଜା; ମାପୁରୁ ୱାରି ଉଣ୍ତିଙ୍ଗ୍ ନାଣ୍ତ
ସିକାଟି ୱିଜୁଦିନ୍‌ତିଙ୍ଗ୍ ଇଡାଆୟ୍‌ଆତାମାନାତ୍ । (aiōn g165) 14
ଆଦମଦିମାଣୁକୁ ସାତଗୋଟାଦି ମେମାର୍‌ଏନ୍ ଜେ ହନୋକ, ୱାନ୍
ବା ପୁର୍ବେ କାଡ଼ାଦୁ ଇୟାୱାରି ବିସୟ୍‌ତାନ୍ ବାବବାଣି ପ୍ରଚାର୍ କିଜି
ୱେର୍‌ସି ମାର୍ହାନ୍: ପ୍ରବୁ ଆଜାର୍ ଆଜାର୍ ମୁସ୍‌କୁପୁର୍‌ତି ପବିତ୍ର
ଦୁତ୍‌କା ୱାଲେ 15 ୱିଜୁଲୋକାଙ୍ଗ୍ ବିଚାର୍ କିଦେଙ୍ଗ୍ ୱାନାନ୍ ।
ମାରି ଅଦାର୍ମୁଦି ଲୋକୁ ୱିଜେରେ ନିଜେ ନିଜେଦି ଅଦାର୍ମୁଦାନ୍
ଆମାୱିଜୁ ପାପ୍ ପାଣି କିତାମାନାର୍ ମାରି ଅଦାର୍ମୁଦି ପାପି ଲୋକୁ
ମାପୁରୁଦି ବିରୁଦ୍‌ତାନ୍ ଆମାୱିଜୁ ତାଗ୍‌ଇ ମାଟା ଇର୍‌ଆ ମାନାର୍,
ଆୟାୱିଜୁ ବିସୟ୍‌ତି ଉଣ୍ତିଙ୍ଗ୍ ୱାରିଙ୍ଗ୍ ଦସି କିଜି ଦଣ୍ତ ସିନାନ୍
। 16 ଇୟା ଲୋକୁ ୱିଜୁଦିନ୍ ୱେଡ଼ିକାସିଲେ ମାରି ଆଇୱାରି
ମୁସ୍‌କୁ ଦସତିଗ୍‌ନାର୍ । ୱାର୍ ନିଜେ ନିଜେଦି ତାଗ୍‌ଇପାଣିଦୁ
ବୁଲାନାର୍; ୱାରି ୱେୟୁ ପେରି ପେରି ମାଟେଙ୍ଗ୍ ଇନାତ୍ ମାରି
ନିଜେଦି ତରାନି ଉଣ୍ତିଙ୍ଗ୍ ୱାର୍ ଲୋକା ମକମ୍ ମୁସ୍‌କୁ ପ୍ରସଂସା
କିନାର୍ । 17 ମାତର୍ ଏ ନା ତଡ଼୍‌କୁ, ମା ପ୍ରବୁ ଜିସୁ କ୍ରିସ୍ତୁଦି ପ୍ରେରିତ
ସିସୁର୍ ପୁର୍ବେ ଆମାୱିଜୁ ମାଟା ୱେର୍‌ତାମାନାର୍, ଆୟାୱିଜୁ ଏଡ୍
କିଦୁ । 18 ୱାର୍ ଏଣ୍ତେସ୍ ମିଙ୍ଗିଁ ୱେର୍‌ସିମାର୍ହାର୍, "ସାରାସାରିଦି
କାଡ଼ାଦୁ ତାଗ୍‌ଇପାଣିଦିଙ୍ଗ୍ ଆସାନି ଲୋକୁ ସୋସି ମିଙ୍ଗିଁ ସେମାର୍
କିନାର୍ ।" 19 ଇୟା ଲୋକୁନେ ଅଲଗାଏରେପ୍‌ତେଙ୍ଗ୍ ଡିଆର୍
କିନାର୍, ୱାର୍ କେବଲ୍ ମେନ୍ଦ୍ଲତି ବଦାଦାନ୍ ବୁଲାନାର୍ ମାରି
ମାପୁରୁଦି ଆତ୍ମାସିଲିକାର୍ । 20 ମାତର୍, ଏ ନା ତଡ଼୍‌କୁ, ମିର୍
ପବିତ୍ର ଦାର୍ମୁବିସ୍‌ବାସ୍ ମୁସ୍‌କୁ ନିଜେ ନିଜେଦି ଦାର୍ମୁ ଜିବନ୍ ୱାଜା
ଇଲୁକୁ ଡିଆର୍ କିନିଦେର୍, ପବିତ୍ର ଆତ୍ମାଦି ସାକ୍ତିଦାନ୍ ପାର୍‌ତାନା
କିଦୁ । 21 ମାରି, ଏସ୍‌କାଙ୍ଗ୍‌ୱିଜ୍‌ଇ ଜିବନ୍‌ତି ଉଣ୍ତିଙ୍ଗ୍ ମା ପ୍ରବୁ ଜିସୁ
କ୍ରିସ୍ତୁଦି ଦୟାଦିଙ୍ଗ୍ କାପ୍‌କିଜ ମାପୁରୁଦି ଜିବନ୍‌ନୋନିଙ୍ଗ୍ ନିଜେଦିଙ୍ଗ୍
ତିର୍ ତେବାଦୁ । (aiōnios g166) 22 ନାମ୍‌ଏଣ୍‌ଗା ପେଡ଼ିଆତିମାନି
ଲୋକା ମୋନ୍‌ତୁ ବିସ୍‌ବାସ୍ ତର୍‌ତୁ । 23 ଏମେକାର୍ ତାଗ୍‌ଇମାନୁ
ଆରିଜି ନାସ୍ଟ ଆଦେଙ୍ଗିଁ ସଲିସ୍‌ନି ଲୋକାଙ୍ଗ୍ ସିସୁଦାନ୍ ରକିୟା କିଦୁ
। ମାରି ଏସ ଲୋକା ପାପ କାସ୍‌ତି ୱାତିଗନ୍ଧାଦିଙ୍ଗ୍ କାଡ଼ଦୁ, ମାତର୍
ତିଏଲ୍‌ତାନ୍ ୱାରିଙ୍ଗ୍ ଦୟା କିଦୁ । 24 ଏନ୍ ମିଙ୍ଗିଁ ଗାଡ଼୍‌ଦିରାନ୍
ରକ୍ୟା କିଦେଙ୍ଗ୍ ମାରି ୱାନି ଗୌରବ୍ ଆଗ୍‌ଡ଼ି ଦସ୍‌ସିଲିକା

ମାରି ୱେଡ଼ିକା କିଜି ଇଗାୱାଦେଙ୍ଗ ଡାଟ୍‌ମାନାନ୍, 25 ମା ଆୟା
ଅରେନ୍‌ମାତର୍ ରକିୟାକର୍ତ୍ତା ମାପୁରୁଦି ଗୌରବ୍, ପରାକ୍ରମ ମାରି
କିତିମାନି ପାଣି; ମା ପ୍ରବୁ ଜିସୁ କ୍ରିସ୍ତୁଦି ମାଣୁକୁ ପୁର୍ବେ କାଡ଼ାଦାନ୍
ଇଲେଇ ସାନ୍ଥି ମାରି ଜୁଗ୍ ଜୁଗ୍ ୱାନିଦି ଆପିଡ଼୍! ଆମେନ୍ । (aiōn
g165)

# ପ୍ରକାଶିତ

1 ଆମାକା ୱିଜୁ ଦାପ୍ରେନେ ଗଟେଆଦେଙ୍ଗ ସଲ୍‌ସିନାତ୍, ମାପୁରୁ
ଜିସୁ କ୍ରିସ୍ତୁଦି ଲାକୁତୁ ୱେର୍‌ତିମାନି ତାନି ଉଡ୍ରି ଦାଡ଼ି ଇୟ୍ୟା ବଇଦୁ
ରାସାତାମାନାତ୍ । ଆୟ୍ୟାୱିଜୁ ବିସ୍‌ୟ୍ ୱାନି ଦାସରିଙ୍ଗ ୱେର୍‌ନି
ଉଣ୍ତ୍ରିଙ୍ଗ କ୍ରିସ୍ତ ଅରେନ୍ ମୁସ୍‌କୁପୁର୍‌ତି ଦୁତ୍‌ତିଙ୍ଗ ପୋକସି ୱାନି
ଦାସ୍ ଜୋହନତିଙ୍ଗ ଆକା ୱେର୍‌ତାନ୍ । 2 ମାରି ଜୋହନ ନିଜେ
ଆମାକା ୱିଜୁ ସୁଡ୍ଡୁତା ମାନାନ୍, ଆକା ଇବେନୁ ୱେର୍‌ତାମାନାନ୍
। ଇୟ୍ୟା ଦାଡ଼ିଦୁ ମାପୁରୁଦି ସାକ୍ୟ ମାରି ଜିସୁ କ୍ରିସ୍ତୁଦି ମାଡ଼ାନ୍
ୱିଙ୍ଗିଁତିମାନି ସତ୍ କାବୁର୍ ରାସାତାମାନାତ୍ । 3 ଆମା ଲୋକ୍
ଇୟ୍ୟା ବଇ ପୋଡ଼ାନାନ୍ ମାରି ଆମାକାର୍ ଇବେନୁ ୱିଙ୍ଗିଁତିମାନି
ବବିସ୍ୟତ୍‌ମାଟା ୱେନ୍‌ଜି ତାନି ଆଦେସ୍‌ତାନ୍ ମାନାନାର୍, ୱାର୍
ଦନ୍ୟ, ଇରିଙ୍ଗ ଆୟ୍ୟାୱିଜୁ ଗଟେଆନି ବେଡ଼ା ଲାକ୍‌ତୁ ୱାତାତ୍‌ନି!
4 ଜୋହନ ଆସିଆ ଦେସ୍‌ତୁ ମାନି ସାତଗୋଟା ମଣ୍ତ୍ରିଲିଙ୍ଗିଁ ନା
ନମସ୍କାର୍ । ମାପୁରୁଦି ମାଣାନ୍ ଦୟ୍ୟା ନି ସାନ୍ତି ମି ମୁସ୍‌କୁ ଆପିତ୍ ।
ୱାନିଦିନ୍‌ତୁ, ଆଗ୍‌ଡ଼ି ମାରି ଇଲେଇତି ଜିବନ୍‌ତି ମାପୁରୁ, ୱାନି
ସିଂହାସନ୍ ଆଗ୍‌ଡ଼ିରି ସାତ୍‌ଗୋଟା ଆତ୍ମେଙ୍ଗ 5 ମାରି ସାତିୱାରି
ମାଣୁକୁ ଆଗ୍‌ଡ଼ି ନିଙ୍ଗିଁନିକା, ବିସ୍‌ବାସ୍‌ତି ସାକି ମାରି ଦୁନିଆ
ରାଜାଦିରାଜା ଜିସୁ କ୍ରିସ୍ତୁଦି ଦୟ୍ୟା ମାରି ସାନ୍ତି ମି ମୁସୁକୁ ରାପିତ୍
। ୱାନ୍ ମାଙ୍ଗିଁ ଜିବନ୍‌ନୋନାନ୍ ମାରି ୱାନି ସାତି ମାଣୁକୁ ମାଙ୍ଗିଁ
ପାପ୍‌ତାନ୍ ରକ୍ଷା କିତାମାନ୍ । 6 ମାରି ୱାନି ବୁବା ମାପୁରୁଦି ରାଜିଦୁ
ସେବା କିନି ଉଣ୍ତ୍ରିଙ୍ଗ ମାଙ୍ଗିଁ ଉନ୍‌ତ୍ରେ ଜାଜକ ୱାଜା କିତାମାନାନ୍ ।
ୱିଜେରେ ଗୌରବ୍ ମାରି ପରାକ୍ରମ ୱିଜୁଦିନ୍ ଜିସୁ କ୍ରିସ୍ତୁଦି ଆପିତ୍!
ଆମେନ୍ । (aiōn g165) 7 ସୁଡ୍ଡୁଦୁ, ୱାନ୍ ବାଦଡ୍‌ତାନ୍ ୱାଜିନାନ୍
ଦୁନିଆଦି ଲୋକୁ ୱିଜେରେ ୱାନିଙ୍ଗ ସୁଣାର୍; ଇୟ୍ୟାୱାଜାନେ
ଆମାକାର୍ ୱାନିଙ୍ଗ ଡାକ୍‌ତା ମାର୍‌ଆର୍, ୱାନ୍ ବା ୱାନିଙ୍ଗ ସୁଡ୍ଡୁଜି
ତିଲାଜି ଆଡ୍‌ବାନାର୍ । ଇୟ୍ୟାୱିଜୁ ପୁରା ଗଟାନାତ୍ ଆମେନ୍
। 8 ପ୍ରବୁ ସର୍ବସାକ୍ତିମାନ୍ ମାପୁରୁ ଇଜିନାନ୍, “ନାନୁ ଆରାମ୍
ନି ସାରାସାରି,” ୱାନ୍ ସର୍‌ଇଦିନ୍‌ତୁ ମାର୍‌ଆନ୍, ଇଲେଇବା
ମାନାନ୍, ମାରି ବବିସତ୍‌ଦୁ ୱାନାନ୍ । 9 ନାନୁ ଜୋହନ, ମି
ଅରେନ୍ ତଡ଼ାନ୍, ଜିସୁଦି ସିସୁ ୱାଜା ୱାନି ଦେସ୍‌ତି ଲୋକା ମୁସ୍‌କୁ
ଆଜିମାନି କାସ୍କ ସାସ୍ତି ୱାଲେ ସାସ୍ କିନି ଉଣ୍ତ୍ରିଙ୍ଗ ନାନ୍ ମି ଅରେନ୍
ମିସାତାମାନା । ଜିସୁ ୱେର୍‌ତିମାନି ସତ୍ ମାରି ମାପୁରୁଦି ସାକ୍ୟ
ୱେରିନି ଉଣ୍ତ୍ରିଙ୍ଗ ନାନୁ ପାତ୍ମ ଦର୍‌ତି ତର୍‌ତାରୋ ଅତାମାର୍ହାର୍
। 10 ନାନ୍ ପ୍ରବୁଦି ନାଣ୍ତ୍ରିଙ୍ଗ ପବିତ୍ରଆତ୍ମାଦୁ ପୁଟ୍‌ତାତ୍ ମାରି
ନା ୱେନ୍‌କା ବାଜା ମରି ଆଉଲି ୱାଜା ଉନ୍‌ଡ୍ରି ପେରି ବଲୁ
ୱେର୍‌ଆ । 11 ଏନ୍ ଅରେନ୍ ନାଙ୍ଗିଁ ଇର୍ହାନ୍, “ମିର୍ ଆମାକା
ସୁଡ଼ିଜି ମାନିଦେର୍, ଆକା ଉନ୍‌ଡ୍ରି ବଇଦୁ ରାସ୍‌ସୋ ଇଡ୍ଡୁଦୁ
ମାରି ସାତ୍‌ଗୋଟା ମଣ୍ତ୍ରିଲିଙ୍ଗ, ଏପିସ୍, ସ୍ମୁର୍ଣ୍ଣା, ପର୍ଗମ, ତୁୟ୍‌ତିରା,
ସାର୍ଦ୍ଦୀ, ଫିଲାଦେଲ୍‌ଫିଆ, ମାରି ଲାଅଦିକିଆଦି ମଣ୍ତ୍ରିଲିଙ୍ଗିଁ ଲାକ୍‌ତୁ
ପୋକ୍‌ତୁ ।” 12 ଏନ୍ ନା ୱାଲେ ୱାର୍‌ଗିଜିନାନ୍, ସୁଡ୍ଡୁନି ଉଣ୍ତ୍ରିଙ୍ଗ
ନାନୁ ୱେନ୍‌କା ମାରିଜିବେସ୍‌ସି ସୁଡ୍ଡୁତା, ସାତ୍‌ଗୋଟା ବାଙ୍ଗିଁରାମ୍
ଦିୱେଙ୍ଗ, 13 ମାରି ଆୟ୍ୟା ଦିୱେଙ୍ଗିଁ ନାଡ୍‌ମି ମନୁସ୍ୟପୁତ୍ରଦି ୱାଜା
ଅରେନ୍ ଲୋକ୍ । ୱାନି ଆଙ୍ଗିଁ ପାଦାମ୍ ସାନ୍ଦି ଆରାଜି ମାରି ୱାନି
ବକାଦୁ ଉନ୍‌ଡ୍ରି ବାଙ୍ଗିଁରାମ୍‌ତି ବେଲ୍ଟୁ ଦାନ୍ ତର୍‌ଜିମାରାତ୍ । 14
ୱାନି ତାଲାଦି କୁକୁଟି ବୁରୁବୁସା ନି ଅଡ଼ିନିକା ୱାଜା ଅଡ଼ିନିକା
ମାରାତ୍ ମାରି ୱାନି କାଣୁକୁ ସିସୁ ୱାଜା କାସ୍‌ସିମାରେ । 15 ୱାନି
ପାଦାମ୍‌କୁ ରୁଣ୍ତ୍ରି ସିସୁଦୁ ପୁରା ପିତଲ୍‌କଂସ୍ ୱାଜା କାସ୍‌ସି ମାରାତ୍
ମାରି ୱାନି ୱାର୍‌ଗିନି ବଲୁ ଏରୁୱାଙ୍ଗିଁଜିନି ୱାଜା ଆଜିମାରାତ୍ ।
16 ୱାନ୍ ୱାନି ଉଣିକିୟୁଦୁ ସାତ୍‌ଗୋଟା ସୁକେଙ୍ଗ ଆସ୍‌ତାମାରାନ୍
ମାରି ୱାନି ୱେୟୁଦାନ୍ ଉନ୍‌ଡ୍ରି ସିକ୍‌ସିକା ରିୟ୍ୟାଙ୍ଗିଁଦାରାମାନି
କାଣ୍ତ୍ରା ସୋସି ମାର୍ହାତ୍ । ୱାନି ମକମ୍ ୱେଡ଼େରି ୱେଡ଼ା ୱାଜା
ଜାୟ୍‌ମାରାତ୍ । 17 ୱାନିଙ୍ଗ ସୁଡ୍ଡୁତି ଦାପ୍ରେ ନାନୁ ସାତି ୱାଜା
ୱାନି ପାଦାମ୍ ଆଡ୍‌ଗି ମେଡ଼େତା । ୱାନ୍ ୱାନି ଉଣି କିୟୁ ନା
ମୁସୁକୁ ଇଡିଜି ଇର୍ହାନ୍, “ତିଲାମାଟ୍, ନାନୁ ଆରାମ୍ ନି ସେସ୍
। 18 ନାନ୍ ନିଜେ ଜିତାମାନା; ସାତାମାର୍ହାର୍, ମାତର୍ ନାନୁ
ଇଲେଇ ଜୁଗ୍ ଜୁଗ୍ ଜିବନ୍ ତେବାନା । ସାନିକା ମାରି ପାତାଲ୍‌ତି
କୁସିକାଣ୍ତ୍ରି ନା କିୟୁଦୁ ମାନାତ୍ । (aiōn g165, Hadēs g86) 19
ଆଦେଙ୍ଗିଁ ନିନ୍ ଆମା ୱିଜୁ ବିସୟ୍ ସୁଡ଼ିଜିନିଦେର୍ ଏମେ ୱିଜୁ
ବିସୟ୍ ଇଲେଇ ଗଟେଆଜିନାତ୍ ମାରି ଆମାକା ୱିଜୁ ବବିସ୍ୟତ୍‌ଦୁ
ଗଟେଆନାତ୍, ଆୟ୍ୟାୱିଜୁ ରାସ୍‌ସ ଇଡ୍ଡୁଦୁ । 20 ନା ଉଣିକିୟୁଦୁ
ମାନି ସାତ୍‌ଗୋଟା ସୁକେଙ୍ଗ ମାରି ଇୟ୍ୟା ସାତ୍‌ଗୋଟା ବାଙ୍ଗିଁରାମ୍‌ତି
ଦିୱେଙ୍ଗିଁ ମାର୍‌ଗିତିମାନି ମାଟା ଆଜିନାତ୍, ସୁକେଙ୍ଗ ସାତ୍‌ଗୋଟା
ମଣ୍ତ୍ରିଲିଦି ଦେବ ଦୁତ୍ ମାରି ଦିୱେଙ୍ଗ ସାତ୍‌ଗୋଟା ମଣ୍ତ୍ରିଲିଙ୍ଗ ।”

2 ଏପିସ୍ ମଣ୍ତ୍ରିଲିଦି ଦୁତ୍‌ଦି ଲାକୁତୁ ରାସ୍‌ତୁ: ଏମେୱାନି
ଉଣିକିୟୁଦୁ ସାତଗୋଟା ସୁକେଙ୍ଗ ମାରି ଏନ୍ ସାତଗୋଟା
ବାଙ୍ଗିଁରାମ୍ ଦିୱେଙ୍ଗ ମାଣାନ୍‌କୁ ବାଟା କିନାନ୍, ୱାନି ଇୟ୍ୟା
କାବୁର୍ । 2 ମି ପାଣିକିତିମାନିକା, ନାଣ୍ତ୍ରିକାସ୍କ ପାଣି ମାରି
ସାସ୍ତି ବିସୟ୍ ନାନୁ ନେସ୍‌ନା । ନାନୁ ବା ନେସ୍‌ନା ଜେ, ନିନୁ
ତାଗ୍‌ଇପାଣିକିନିୱାରିଙ୍ଗ ସାସ୍ କିଦେଙ୍ଗ ଆଟ୍‌ଇ । ଏମେକାର୍
ପ୍ରେରିତ ସିସୁ ଇଜି ନିଜେଦି ପରିଚୟ୍ ସିନାର୍, ସତ୍‌ତାନ୍ ସିସୁ
ଆଏର୍, ପରିକା କିଜି ୱାରିଙ୍ଗ ମିଟ୍‌ୱେର୍‌ନିକାର୍ ଇଜି ନିନ୍
ପାରାମାଣ୍ କିତିମାନି । 3 ମାରି ନିନ୍ ସାସ୍ ଆସ୍‌ସି ମା ଉଣ୍ତ୍ରିଙ୍ଗ
ଦୁଃଖକାସ୍କ ସାସ୍ କିତିମାନି ମାରି ନିରାସ୍ ଆଇ । 4 ମାତର୍
ନି ବିରୁଦ୍‌ତାନ୍ ନା ଇୟ୍ୟା ମାଟା ମାନାତ୍: ମିର୍ ଆଗ୍‌ଡ଼ି ଏଣ୍ତ୍ରେସ୍
ନାଙ୍ଗିଁ ଜିବନ୍‌ନେନାଜି ମାରିଇଦେର୍, ଇଲେଇ ଆୟ୍ୟାୱାଜା ମାରି
ଜିବନ୍‌ନୋଇଦେର୍ । 5 ମିଦି ଏସା ଆଡିଗିଆତା ମାନାତ୍, ସିନ୍ତ୍ରା
କିଦୁ । ପାପ୍‌ତାନ୍ ଡ଼େସିୱାଜି ଆଗ୍‌ଡ଼ିରି ୱାଜା ସତ୍‌ପାଣି କିଦୁ ।
ଜଦି ପାପ୍‌ତାନ୍ ଡ଼େସି ରେଇଦେର୍, ଆର୍‌ତିଙ୍ଗ ନାନୁ ମି ଦିୱାଦିଙ୍ଗ
ଆଇ ବାଡିଦୁ ଅନା । 6 ମାତର୍ ମି ଉଣ୍ତ୍ରିଙ୍ଗ ଉନ୍‌ଡ୍ରି ବିସୟ୍ ମାନାତ୍
। ଆକା ଆଜିନାତ୍, ମାପ୍ ନୀକଲାୟ୍‌ତିୟ୍‌ରି ଆମା ୱିଜୁ ପାଣି
କାଡ଼ିଜିନା, ନିନ୍ ବା ଆୟ୍ୟାୱିଜୁ କାଡ଼ିଜିନି । 7 ୱେନ୍‌ତ୍ରେଙ୍ଗ ଗିତଣି

ମାରିଙ୍ଗ, ମଣ୍ଡଲିଆଙ୍ଗ ଉଣ୍ତିଙ୍ଗ ପବିତ୍ରଆତ୍ମା ଇନିକା ଇଜିନାତ୍,
ୱେନ୍‌ଡୁ! ଏମେକାର୍ ଜିଣାନିକା ଲାବକିନାର୍, ନାନୁ ୱାରିଙ୍ଗ
ମାପୁରୁଦି ମୁସ୍‌କୁପୁର୍‌ତି ଡଡିଦୁ ଆସ୍ତିମାନି ଜିବନ୍ ମାରାତି ପଲ୍
ତିନି ଉଣ୍ତିଙ୍ଗ ଅଦିକାର୍ ସିନା । 8 ସ୍ମୁର୍ଣ୍ଣାଦୁ ମାନି ମଣ୍ଡଲିଦି ଦୁତ୍‌ଦି
ଲାକୁତୁ ରାସ୍‌ତୁ: ଏନ୍ ଆରାମ୍ ନି ସାରାସାରିୱେନ୍‌କା ମାରି ଏନ୍
ସାତାନ୍‌ନୋ ଡ଼େସି ଜିବନ୍ ଆତାନ୍, ୱାନି ଲାକ୍‌ତୁରାନ୍ ଇୟା
କାବୁର୍: 9 ମି ଦୁଃକ୍‌କାସ୍ଟ ୱିଜୁ ନାନ୍ ନେସ୍‌ନା; ନାନୁ ବା ନେସ୍‌ନା
ଜେ, ମିର୍ କାକୁର୍ତିଲୋକୁ; ମାତର୍ ସତ୍‌ତାନ୍ ମିର୍ ମାଜନ୍ ଲୋକ୍
। ଏମେକାର୍ ନିଜେଦିଙ୍ଗ ଜିହୁଦି ଇଜି ଇନାର୍, ମାତର୍ ସତ୍‌ତୁ
ଜିହୁଦିର୍ ଆଏର୍ ମାରି ଏମେକାର୍ ସୟତାନ୍‌ଦି ୱେନ୍‌କା ସନାର୍,
ୱାର୍ ଏଣ୍ତେସ୍ ମିଙ୍ଗେ ଅପମାନ୍ କିଜି ମାଟା ଆଜିନାର୍, ଆକା
ନାନୁ ନେସ୍‌ନା । 10 ମିର୍ ଏମେ ୱିଜୁ ଦୁଃକ୍‌କାସ୍ଟ କିଦେଙ୍ଗ
ସଲିସିନିଦେର୍, ଆୟାଉଣ୍ତିଙ୍ଗ ଡିଲାମାଟ୍ । ୱେନ୍‌ଡୁ! ମି ମାଣୁକୁ
ଏସ ଲୋକାଙ୍ଗ ଜଇଲ୍‌ତୁ ନିରିସି କିଜି ସୟତାନ୍ ପରିକା କିନାତ୍ ।
ମାତର୍ ମି ଇୟା କାସ୍ଟ କେବଲ୍ ସାଣେକ୍ ଦିନ୍‌ସାଦି ତେବାନାତ୍ ।
ଇବେନୁ ସାନିତାନିଙ୍ଗ ତିୟେଲ୍ ମାରିଙ୍ଗବା, ନା ଉଣ୍ତିଙ୍ଗ ବିସ୍‌ବାସ୍
ତେବାତିଙ୍ଗ, ନାନୁ ମିଙ୍ଗେ ଜିବନ୍‌ନାନି ଟପି ସିନା । 11 ୱେନ୍‌ଡ୍ରେଙ୍ଗ
ଗିତଣି ମାରିଙ୍ଗ, ମଣ୍ଡଲିକାଙ୍ଗ ମାପୁରୁଦି ଆତ୍ମା ଇନିକା ଇଜିନାତ୍,
ୱେନ୍‌ଡ୍ରେରୁ ଏମେକାର୍ ଜିଣାଜି ଲାବକିନାର୍, ରିଜାସାନିକା
ୱାରିଙ୍ଗ ମୁଟ୍‌ତେଡଙ୍ଗ ଆଟ୍‌ଏଡ୍ । 12 ପର୍ଗମ ମଣ୍ଡଲିଦି ଦୁତ୍‌ଦି ଲାକ୍‌ତୁ
ରାସ୍‌ତୁ: ଏମେୱାନି ଲାକ୍‌ତୁ ରିଆଙ୍ଗୁଦାରାଦି କାଣ୍ତା ମାନାତ୍,
ୱାନି ଇୟା କାବୁର୍ । 13 ନାନୁ ନେସ୍‌ନା, ମିର୍ ସୟତାନ୍‌ଦି
ସିଂହାସନ୍ ଲାକୁତୁ ବାସାକିଜିନିଦେର୍ । ମାତର୍ ମିର୍ ନା ଉଣ୍ତିଙ୍ଗ
ବିସ୍‌ବାସ୍, ଇୟାୱାଜାନେ ସୟତାନ୍ ବାସାକିନି ଜାଗାଦୁ ଏସ୍ତିୱାଲେ
ନା ଅରେନ୍ ବିସ୍‌ବାସ୍‌ତି ସାକିସିନି ଆନ୍ତିପାଦିଙ୍ଗ ସାୟାମାର୍‌ଗା
ଡାକ୍‌ତାର୍, ନାସ୍ତିୱାଲେ ବା ମି ବିସ୍‌ବାସ୍ ଡ଼ିସ୍‌ଇମାରିଇଦେର୍ ।
14 ମାତର୍ ନି ବିରୁଦ୍‌ତାନ୍ ନା ଏସ ବିସୟ ଇନିକା ମାନାତ୍ ।
ଆବେନୁ ମି ୱାଲେ ମାନି ଏସ ଲୋକୁ, ବାଲାମଦି ସିକିୟାଦାନ୍
ବୁଲାସାଲା ଆଜିନାର୍ । ବାଲାମ ପୁଜାସିନି ବଗ୍ ତିନ୍‌ଡ୍ରେଙ୍ଗ
ମାରି ଦାରିପାଣି କିନି ଉଣ୍ତିଙ୍ଗ ଇସ୍ରାଏଲ୍‌ତି ଲୋକାଙ୍ଗ ୱେର୍‌ନି
ଉଣ୍ତିଙ୍ଗ ବାଲାକଦିଙ୍ଗ ଅଜାକିତାମାରାନ୍ । 15 ଟିକ୍ ଆୟାୱାଜା
ନୀକଲାୟତିୟରି ମାଟାଦି ୱେନ୍‌କା ସୋଲ୍‌ସିମାନି ଲୋକୁ ମି
ଲୋଇ ମାନାର୍ । 16 ମି ପାପ୍ ଡ଼ିସ୍‌ତୁ; ସିଲେତିଙ୍ଗ ନାନୁ ବେଗି
ମି ଲାକୁତୁ ୱାଜି ନା ୱେୟୁଦାନ୍ ସୋସିମାନି କାଣ୍ତାଦାନ୍ ଆୟା
ଡଙ୍ଗାର୍‌ଙ୍ଗେ ବିରୁଦ୍‌ତାନ୍ ଜୁଦ୍ କିନା । 17 ଏମେକାର୍ ୱେନି
ଉଣ୍ତିଙ୍ଗ ଗିତଣି ମାନାତ୍, ମଣ୍ଡଲିଙ୍ଗେ ମାପୁରୁଦି ଆତ୍ମା ଇନିକା
ଇଜିନାତ୍, ଆକା ୱେନ୍‌ଡୁ । "ଏମେକାର୍ ଜିଣାନିକା ଲାବ କିନାର୍,
ନାନୁ ୱାରିଙ୍ଗ ଇଟ୍‌ତିମାନି ମାନ୍ନାଦାନ୍ ଏସ ସିନା । ୱାରି ମାଣ୍‌କୁ
ୱିଜେରିଙ୍ଗ ପୁନି ଦରୁ ରାସ୍‌ତିମାନି ଅଡ଼ିନି କାଲୁ ସିନା । ଆୟା ପୁନି
ଦରୁ ଇନିକା, କାଲୁଦିଙ୍ଗ ମାନାନିକାନ୍ ଡ଼ିସ୍‌ତିଙ୍ଗ ଆଇକାନ୍ ଏନ୍
ଆକା ନେସ୍‌ତେଙ୍ଗ ଆଟ୍‌ଏର୍ ।" 18 ତୁୟତିରା ମଣ୍ଡଲିଦି ଦୁତ୍‌ଦି
ଲାକୁତୁ ରାସ୍‌ତୁ: ଇୟା କାବୁର୍ ମାପୁରୁଦି ମାରିନ୍‌ଦି ଲାକୁତୁରାନ୍
ୱାତାମାନାତ୍ । ୱାନି କାଣୁକୁ କାସ୍‌ସିମାନି ସିସୁ ୱାଜା ମାରି
ୱାନି ପାଦାମ୍ ଜାୟ୍‌ତି ପିତଲ୍ ୱାଜା । 19 ମି ପାଣିକିତିକା,
ମି ଜିବନ୍‌ନୋନିକା, ବିସ୍‌ବାସ୍ ମି ସେବା ପାଣି ମାରି ସାସ୍
ନାନୁ ନେସ୍‌ନା! ନାନୁ ବା ନେସ୍‌ନା ଜେ, ମିର୍ ପୁର୍ବେ ଏମେକା
କିଜିମାରିଇଦେର୍, ଇଲେଇ ତାନିମାଣୁକୁ ନାଣ୍ତ କିଜିନିଦେର୍
। 20 ମାତର୍ ନି ବିରୁଦ୍‌ତାନ୍ ନାନୁ କେବଲ୍ ନିସ ଇନିକା
ମାନାତ୍, ମାପୁରୁଦି କାବୁରୁଅନିତାନି ୱାଜା ନିଜେଦି ପରିଚୟ
ସିଜିମାନି ଯେଜେବଲ୍ ଦର୍‌ତି ଆଇମାଦିଙ୍ଗ ନିନ୍ ଜିବନ୍‌ନୋନିକା
ସିତିମାନି । ବାବବାଦିନି ନା ଦାସ୍‌ରିଙ୍ଗ ଦାରିପାଣି କିଦେଙ୍ଗ ମାରି
ଦିୟାମ୍‌କା ଲାକ୍‌ତୁ ସିଆୟ୍‌ଆତିମାନି ବଗ୍ ତିନ୍‌ଡ୍ରେଙ୍ଗ ସିକିୟା ସିଜି
ୱାରିଙ୍ଗ ଆଇସାରିଦୁ ପୋକ୍‌ସିନାତ୍ । 21 ପାପ୍‌ଦାନ୍ ଡ଼େସିୱାନି
ଉଣ୍ତିଙ୍ଗ ନାନୁ ତାନିଙ୍ଗ ସମୟ ସିତାମାନା, ମାତର୍ ୱାଦ୍ ନିଜେଦି
ଦାରିପାଣିଦିଙ୍ଗ ଡ଼ିସ୍‌ତେଡଙ୍ଗ ଇଛାକିଏଜିନାତ୍ । 22 ଆଦେଙ୍ଗ ନାନୁ
ତାନିଙ୍ଗ ମାରି ତାନି ୱାଲେ ଦାରିପାଣିଦୁ ମିସାତି ମାନି ୱିଜେରିଙ୍ଗ
ଖାଟେଲ୍‌ଦୁ ତେର୍‌ପେନା ମାରି ୱାର୍ ବୟଙ୍କାର୍ କାସ୍ଟ ଭୋଗ
କିନାର୍ । ଜଦି ୱାର୍ ତାନି ୱାଲେ କିତିମାନି ଦାରିପାଣି ଉଣ୍ତିଙ୍ଗ
ଏତ୍ କିଏର୍, ଆର୍‌ତିଙ୍ଗ ନାନୁ ଇକା ଏଣ୍ତେସ୍‌ବା କିନା । 23 ତାନି
ୱେନେକା ବୁଲାନିୱାରିଙ୍ଗ ବା ସାପିସ୍ କିନା, ଆର୍‌ତିଙ୍ଗ ମଣ୍ଡଲିଙ୍ଗ
ୱିଜୁ ନେସ୍ତେଙ୍ଗ ଆଟ୍‌ନାର୍ ଜେ, ନାନ୍ ଜିବନ୍‌ତିକାୱିଜୁ ନେସ୍‌ନା,
ଲୋକ୍‌ଦି ୱିଜୁ ଚିନ୍ତା ମାରି ପାଣି ନାନୁ ନେସ୍ତେଙ୍ଗ ଆଟ୍‌ନା । ମିର୍
ୱିଜେରେ ଆମାକା କିତିମାନିଦେର୍, ଆୟା ଇସାପ୍‌ତାନ୍ ନାନୁ
ମିଙ୍ଗେ କାସ୍ଟ ସିନା । 24 "ମାତର୍ ତୁୟତିରାଦୁ ମି ଲୋଇରାନ୍
ଏମେକାର୍ ଇୟା ତାଗ୍‌ଇସିକ୍ୟା ମାନାଇଦେର୍ ମାରି ଆମାତାନିଙ୍ଗ
ସୟତାନ୍‌ଦି ମାର୍‌ଗିତିମାନି ଅର୍ତଦି ସିକ୍ୟା କିଇଦେର୍, ନାନୁ ୱାରି
ମୁସୁକୁ ମାରି ଇନି ବଜୁ ତିଗିଜ ସିଏ । 25 ମାତର୍ ନାନୁ ରେଇମାନି
ସାନ୍ଧି ମିଦି ଏମେକା ମାନାତ୍, ଆକା ଡାଟ୍‌ତାନ୍ ଆସ୍‌ସୋ ଇଡିଦୁ ।
26 ଏମେ ଲୋକୁ ଜିଣାନାର୍ ମାରି ସାରାସାରି ୱେନ୍‌କା ସାନ୍ଧି ନା
ବଦାଦାନ୍ ପାଣି କିନା, ନାନ୍ ବୁବାଦି ଲାକ୍‌ତୁରାନ୍ ଏମେ ଅଦିକାର୍
ପୋଇତାମାନା, ଆକା ୱାରିଙ୍ଗ ସିନା । 27 ପୃତିବିଦି ଆଇଆଇ
ଜାତିଦି ଲୋକାଙ୍ଗ ଲୁୱା ଦଣ୍ତଦାନ୍ ସାସନ୍ କିଦେଙ୍ଗ ମାରି ସିକିଲା
ସାଟି ୱାଜା ଗୁଣ୍ତଗୁଣ୍ତା କିଦେଙ୍ଗ ନାନୁ ୱାରିଙ୍ଗ ଅଦିକାର୍ ସିନା ।
28 ନାନୁ ୱାରିଙ୍ଗ ୱିଗାପି ସୁକା ବା ଦାନ୍ କିନା ।" 29 ୱେନ୍‌ଡ୍ରେଙ୍ଗ
ସାକ୍ତି ମାରିଙ୍ଗ, ମଣ୍ଡଲିଙ୍ଗେ ମାପୁରୁଦି ଆତ୍ମା ଇନିକା ଇଜିନାତ୍,
ୱେନ୍‌ଡୁ!

**3** ସାର୍ଦ୍ଧୀଦୁ ମାନି ମଣ୍ଡଲିଦି ଦୁତ୍‌ଦି ଲାକ୍‌ତୁ ରାସ୍‌ତୁ, "ମାପୁରୁଦି
ସାତ୍‌ଗୋଟା ଆତ୍ମା ମାରି ସାତ୍‌ଗୋଟା ସୁକେଙ୍ଗ ଆସ୍ତିମାନି
ଲୋକ୍‌ତିମାଡ଼ାନ୍‌କୁ ଇୟା କାବୁର୍ । ନାନୁ ମି ପାଣିକିତିକା ନେସ୍‌ନା;
ମିର୍ ସାତିମାରିଙ୍ଗ ବା ଜିବନ୍‌ମାନାପ୍ ଇଜି ୱେଙ୍ଗେତିମାନିଦେର୍
। 2 ଆଦେଙ୍ଗ ଜାଗାର୍‌ତା ଆଦୁ ମାରି ମି ଲାକୁତୁ ଆମା
ବିସୟ୍‌କୁୱିଜୁ ମାନାତ୍, ଆକା ପୁରାୱାଜା ମାର୍‌ଗିନି ଆଗ୍‌ଡ଼ିନେ

ତାନିଙ୍ଗ ସାକ୍ତି କିଦୁ । ଇରିଙ୍ଗ ନାନୁ ନେସ୍‌ନା, ମି ପାଣିୱିଜୁ ମାପୁରୁଦି
କାଣ୍‌ଗାଦୁ ଇୟାସାନ୍ଧି ପୁରା ଆଏତ୍ । 3 ମିଙ୍ଗଁ ଏମେ ସିକିୟା
ସିଆୟ୍‌ଆତାମାରାତ୍ ମାରି ମିର୍ ଏମେକା ୱେରିଇମାରିଇଦେର୍,
ଆକା ଏତ୍‌କିଜି ମାନାଦୁ ମାରି ମୋନ ବାଦ୍‌ଲେକିଦୁ । ଜଦି
ଜାଗାର୍‌ତା ଆଏତିଙ୍ଗ, ନାନୁ ଡଙ୍ଗଁର୍‌ଏନ୍ ୱାଜା ମି ଲାକୁତୁ ୱାନା
। ଆକା ମିର୍ ନେସେ୍‌ତଙ୍ଗ ଆଟ୍‌ଇଦେର୍ । 4 ମାତ୍ର ସାର୍ଦ୍ଦୀଦୁ
ମି ଲୋଇରାନ୍ ଉଣା ଏସ ଲୋକ୍ ୱାରି ଆଙ୍ଗିଁଙ୍ଗ ମାତ୍‌ଏର୍ ।
ୱାର୍ ଅଡ଼ିନିଆଙ୍ଗିଁ ଆରାଜି ନା ୱାଲେ ବୁଲାସାଲା କିନାର୍, ଇରିଙ୍ଗ
ଇୟାଉଣ୍ଡିଙ୍ଗ ୱାରି ଜୋଗ୍ ମାନାତ୍ । 5 ଏମେକାର୍ ଜିଣାନାର୍,
ୱାର୍ ଇୟାୱାଜା ଅଡ଼ିନି ଆଙ୍ଗିଁଙ୍ଗ ଆରାନାର୍ । ଜିବନ୍ ବଇଦାନ୍
ୱାରି ଦରୁ ଏସାଙ୍ଗବା ମାର୍‌ଗେଏତ୍, ମାରି ମା ବୁବା ମାରି ୱାନି
ଦୁତ୍‌କା ଆଗ୍‌ଡ଼ି ୱାରିଙ୍ଗ ନା ୱେନ୍‌କାୱାନିକାର୍ ଇଜି ନାନ୍ ମାନାନା
। 6 “ୱେନ୍‌ଡ୍ରେଙ୍ଗ ଗିତଣି ମାରିଙ୍ଗ, ମଣ୍ଡଲିଆଙ୍ଗାଁ ପବିତ୍ରଆତ୍ମା
ଇନିକା ଇଜିନାତ୍, ମୋନ୍ ସିଜି ୱେନ୍‌ଡୁ ।” 7 ଫିଲାଦେଲ୍‌ଫିଆଦୁ
ମାନି ମଣ୍ଡଲିଦି ଦୁତ୍ ଲାକୁତୁ ରାସ୍‌ତୁ: ଏନ୍ ୱିଜୁୱାଜା ପବିତ୍ର
ନି ସତ୍‌ଦି ୱାଜା ୱାନିମାଣ୍‌କୁ ଇୟା କାବୁର୍ ୱେନ୍‌ଡୁ । ୱାନି
ଲାକୁତୁ ଦାଉଦଦି କୁସିକାଣ୍ଡି ମାନାତ୍, ୱାନ୍ ଏମେ ସେର୍‌ଲା
ରେନାନ୍, ଆଇକାନ୍ ଏନ୍ ଆକା କେର୍‌ତେଙ୍ଗ ଆଟ୍‌ଏନ୍ ମାରି
ୱାନ୍ ଏମେକା କେର୍‌ନାନ୍, ଆଇକାନ୍ ଏନ୍ ଆକା ରେତେଙ୍ଗ
ଆଟ୍‌ଏନ୍ । 8 ମି ପାଣି ୱିଜୁ ନାନୁ ନେସ୍‌ନା; ଇୟାସାନ୍ଧି ମି
ସାକ୍ତି ମାନାତ୍, ଇକାବା ନେସ୍‌ନା; ମିର୍ ନା ସିକ୍‌ୟା ମାନାଜି
ୱାତିମାନିଦେର୍ ମାରି ନା ଉଣ୍ଡିଙ୍ଗ ବିସ୍‌ବାସ୍ ମାନିଦେର୍ । ଆଦେଙ୍ଗ
ନାନୁ ମି ଆଗ୍‌ଡ଼ି ଉଣ୍ଡି ସେର୍‌ଲା ରେତାମାନା । ଆକା ଏନ୍
କେର୍‌ତେଙ୍ଗ ଆଟ୍‌ଏନ୍ । 9 ୱେନ୍‌ଡୁ! ଏସ ଲୋକୁ ମିଚ୍‌ତାନ୍
ନିଜେ ନିଜେଦିଙ୍ଗ ଜିହୁଦି ଇଜି ଇନାର୍, ମାତର୍ ସତ୍‌ତାନ୍ ଜିହୁଦିର୍
ଆଏର୍, ସୟତାନ୍‌ଦି ଆୟା ଲୋକାଙ୍ଗ ନାନୁ ମି ପାଦାମ୍ ଆଡ୍‌ଗି
କିନା । ନାନୁ ମିଙ୍ଗଁ ଜିବନ୍‌ନୋନା ଇଜି ୱାର୍ ୱିଜେରେ ନେସ୍‌ନାର୍
। 10 ନା ଆଦେସ୍ ଇସାବ୍‌ତାନ୍ ମିର୍ ସାସ୍‌ଆଜି ମାନିଦେର୍,
ଆଦେଙ୍ଗ ପୃତିବିଦିଲୋକୁ ଲୋକାଙ୍ଗ ପରିକା କିନି ଉଣ୍ଡିଙ୍ଗ ସାରା
ଦୁନିଆଦୁ ଆମା କାସ୍ଟ ୱାଦେଙ୍ଗ ସୋଲିସ୍‌ନାତ୍, ଆବେଟ୍‌କୁ ନାନୁ
ମିଙ୍ଗଁ ନେଗିବାଡିଦୁ ଇଡ୍‌ନା । 11 ନାନୁ ଦାପ୍ରେ ୱାଜିନା, ମି
ମୁକୁଟ୍ ଏମେକା ମାନାତ୍, ଆକା ନେଗେନ୍ ଇଡିଦୁ, ଏଣ୍ଡେସ୍
ଏନ୍ ମି ଲାକ୍‌ତୁରାନ୍, ମି ଜିଣାତି ପୁରସ୍କାର୍ ଡଙ୍ଗଁକିଜଅତେଙ୍ଗ
ଆଟ୍‌ଏନ୍ । 12 ଜିଣାତି ଲୋକ୍‌ତିଙ୍ଗ ନାନୁ ନା ମାପୁରୁଦି ମନ୍ଦିର୍‌ଦୁ
ମୁଣ୍ଡାୱାଜା ତିଆର୍ କିନା ମାରି ୱାନ୍ ମୁଡୁକେ ଆବେଟ୍‌ତାନ୍
ଗୁସାଦେଙ୍ଗ ଆଟ୍‌ଏନ୍ । ନାନୁ ତାନି ମୁସୁକୁ ନା ମାପୁରୁଦି ଦରୁ
ରାସ୍‌ନା । ନା ମାପୁରୁଦି ଲାକ୍‌ତୁରାନ୍ ମୁସ୍‌କୁପୁର୍‌ତାନ୍ ୱାତିମାନି
ମାପୁରୁଦି ଗାଡ୍, ପୁନି ଜିରୁସାଲମ୍‌ଦି ଦରୁ ମାରି ନା ପୁନି ଦରୁ ବା
ଆୟା ମୁସୁକୁ ରାସ୍‌ନା । 13 ଏମେୱାନିଙ୍ଗ ଗିତଣି ମାନାତ୍, ୱାନ୍
ମଣ୍ଡଲିଆଙ୍ଗାଁ ମାପୁରୁଦି ଆତ୍ମା ଇନିକା ୱେର୍‌ସିନାତ୍, ମୋନ୍ ସିଜି
ୱେନ୍‌ଡୁ । 14 ଲାଅଦିକିଆ ମଣ୍ଡଲିଦୁ ମାନି ଦୁତ୍‌ଦି ଲାକ୍‌ତୁ ରାସ୍‌ତୁ:
ବିସ୍‌ବାସ୍ ନି ସତ୍ ସାକି ମାରି ମାପୁରୁଦି ୱିଜୁ ତିଆର୍‌କିତିମାନି
ଆରାମ୍ ଆୟା “ଆମେନ୍‌ଦି” ଇୟା କାବୁର୍: 15 ନାନୁ ମି ପାଣିୱିଜୁ
ନେସ୍‌ନା; ନିନ୍ ସିତିଡ଼ି ସିଲେ କି ଉସୁମ୍ ସିଲେ, ଇକା ନାନୁ
ନେସ୍‌ନା । ନିନ୍ ସିତ୍‌ଡ଼ି ସିଲେତିଙ୍ଗ ଉସୁମ୍ ଆତିମାରିଙ୍ଗ ନେଗେନ୍
ଆତାତ୍‌ମାନ୍ଧି । 16 ମାତର୍ ନିନ୍ ସିତ୍‌ଡ଼ି ବା ଉସୁମ୍ ଆଏଜି ଅଡ଼ପ୍
ଉସୁମ୍ ଆତିମାନିଙ୍ଗ, ନାନୁ ନିଙ୍ଗଁନା ୱେୟୁଦାନ୍ କାକ୍‌ନା! 17 ମିର୍
ଇଜିନିଦେର୍; ନାନୁ ଦନି, ନାଦି ନାଣ୍ଡ ସମ୍ପତି ମାନାତ୍, ନାଦି ଏମେ
ୱିଜୁ ଦର୍‌କାର୍, ଆୟାୱିଜୁ ମାନାତ୍; ମାରି ସତେନେ ମିର୍ ଏସା
ଜଗ୍‌ସିଲିକା, ମାରି ସିଲିସାତିକା, ଇକା ନେସ୍‌ଇ । ମିର୍ କାକୁର୍ତି,
ନାଗ୍‌ଡ଼ା ମାରି କାଣାର୍! 18 ଆଦେଙ୍ଗ ନାନ୍ ନିଙ୍ଗଁ ଆଦେସ୍ ସିଜିନା,
ଦନିଆଦେଙ୍ଗ ନାମାଣୁକୁ ନେଗି ବାଙ୍ଗଁରାମ୍ କଡ଼ୋଦୁ ମି ସେମାର୍‌ତି
ଉଣ୍ଡିଙ୍ଗ ଡୁମ୍‌ଡାମେନ୍ଦଲଦୁ ପିଡ଼ାଗାଦେଙ୍ଗ ନା ଲାକୁତୁ ଅଡ଼ିନି
ୱାତିଗନ୍ଦା କଡ଼ୋଦୁ । ମାରି ସୁଣି ସାକ୍ତି ନେଗେନ୍ କିନି ଉଣ୍ଡିଙ୍ଗ
କାଟିକା କଡ଼ୋଜ କାଣ୍‌ଗାଦୁ ଉସାଆ । 19 ନାନୁ ଏମେୱାରିଙ୍ଗ
ଜିବନ୍‌ନୋନା, ୱାରିଙ୍ଗ ନିନ୍ଦାକିନା ମାରି ସାସ୍ତି ସିନା । ଆଦେଙ୍ଗ
ଜିବନ୍‌ତି ୱାଲେ ପାପ୍ ସାରିଦାନ୍ ଡ଼େସିୱାଜି ମୋନ୍ ବାଦ୍‌ଲେ କିଦୁ
। 20 ସୁଡୁଦୁ! ନାନୁ ଆତ୍‌ରେ ନିଲ୍‌ତାନୋ ସେର୍‌ଲାଦୁ କତ୍‌ସିନା;
ଜଦି ଏନ୍ ନା ବଲୁ ୱେନିଜି ସେର୍‌ଲା ରେନାନ୍, ନାନ୍ ୱାନି
ଇଲୁ ଲୋଇ ସଲ୍‌ସି ୱାନି ୱାଲେ ଉଣା ମାରି ୱାନ୍ ନା ୱାଲେ
ଉଣାନ୍ । 21 ନାନୁ ଏଣ୍ଡେସ୍ ଜିଣାଜି ନା ବୁବାଦି ୱାଲେ ୱାନି
ସିଂହାସନ୍‌ଦୁ ବାସ୍‌ତାମାନା, ଆୟାୱାଜା ଏମେକାର୍ ଜିଣାନାର୍,
ୱାନ୍ ୱିଜେରିଙ୍ଗ ନାନୁ ଟିକ୍ ଆୟାୱାଜା ନା ସିଂହାସନ୍‌ଦୁ ନା
ଲାକ୍‌ତୁ ବାସିସ୍‌କିଦେଙ୍ଗ ଅଦିକାର୍ ସିନା । 22 ୱେନ୍‌ଡ୍ରେଙ୍ଗ ଗିତଣି
ମାରିଙ୍ଗ, ମାପୁରୁଦି ଆତ୍ମା ମଣ୍ଡଲିଙ୍ଗାଁ ଇନିକା ଇଜିନାତ୍, ୱେନ୍‌ଡୁ ।

4 ଇୟା ବେଡ଼ାଦୁ ନାନୁ ମାରି ଉଣ୍ଡି ସିନା ସୁଡୁତା । ମୁସ୍‌କୁପୁର୍‌ତୁ
ଉଣ୍ଡି ସେର୍‌ଲା ରେଆଇ ଆତାମାରାତ୍ ମାରି ମରିବାଜା
ଆଉଲି ୱାଜା ଉଣ୍ଡି ୱେୟୁଦି ବଲୁଦାନ୍ ନାଙ୍ଗଁ ଆଦେସ୍ ୱାତାତ୍;
“ଇବେନୁ ନିଙ୍ଗଁଜ ରାଆ । ତେନି ୱେନେକା ଏମେ ୱିଜୁ ଗଟାଦେଙ୍ଗ
ସୋଲିସ୍‌ନାତ୍, ଆକା ନାନୁ ମିଙ୍ଗଁ ତୋରନା ।” 2 ଦାପ୍ରେ ଦାପ୍ରେ
ପବିତ୍ରଆତ୍ମାଦି ମାଣାନ୍ ପୁରାଆଜି ନାନୁ ସୁଡୁତା, ମୁସ୍‌କୁପୁର୍‌ତୁ
ଉନ୍‌ଡ୍ରି ସିଂହାସନ୍‌ଦୁ ଅରେନ୍ ଏନ୍ ବାସ୍‌ତାମାନାନ୍ । 3 ୱାନି
ମୋକମ୍ ହିରା ମାରି ମୋତି ୱାଜା ଚକ୍‌ମକ୍ ଆଜିମାରାତ୍ ମାରି
ସିଂହାସନ୍‌ଦିଙ୍ଗ ପାସ୍‌ରିକାଦି ହିରାକାଲୁ ୱାଜା ଉନ୍‌ଡ୍ରି ଇନ୍ଦ୍ରଦନୁ
କେରେପ୍‌ତା ମାରାତ୍ । 4 ମାରି ସିଂହାସନ୍‌ଦି ସାରିବେଡ଼ିତି
ଗୁଡୁବେଲିଆଜିମାନି ଆଇ ଚବିସେ୍‌ଗୋଟା ସିଂହାସନ୍‌ଦୁ ଚବିସ
ଲୋକୁ ପେରି ମଣ୍ଡଲିନେତାର୍ ବାସ୍‌ତାମାରାର୍ । ୱାର୍ ଅଡ଼ିନି
ଆଙ୍ଗିଁ ଆରାତାମାରାର୍ ମାରି ୱାରି ତାଲେକା ମୁସ୍‌କୁ ବାଙ୍ଗଁରାମ୍‌ତି
ଟପି । 5 ସିଂହାସନ୍‌ଦାନ୍ ଲାଇନ୍‌ତି ଜାୟୁ, ଆଇଆଇ ବଲୁ ମାରି
ବାଦଡ଼ତି ଆଉଲି ୱାଜିମାରାତ୍ । ସିଂହାସନ୍‌ଦି ଆଗିଡ଼ି ମାପୁରୁଦି
ସାତଗୋଟା ଆତ୍ମାଏଙ୍ଗାଦି ସାତ୍‌ଗୋଟା ଦିୱେଙ୍ଗ କାସ୍‌ସିମାରେଏ ।
6 ମାରି ସିଂହାସନ୍ ଆଗ୍‌ଡ଼ି ଇର୍ସିକା ୱାଜା ଉନ୍‌ଡ୍ରି ନେଗି ସାମୁଦୁର୍

ତର୍‌ଜିମାରାତ୍ । ସିଂହାସନ୍‌ଦିଙ୍ଗ ରିଆଙ୍ଗଁ ତରିନ୍ କାପ୍‌କିଜି
ତେବାଜିମାରାର୍ ନାଲ୍‌ଗି ଜାତୁ; ୱାରି ମେନ୍ହଲ୍‌ତି ନାଡ଼ିମିସାନ୍ଧି
ମାରି ୱେନ୍‌କା କାଣ୍ଡୁକୁ ପୁରାବର୍ତି ମାରାତ୍ । 7 ଆଗ୍‌ଡ଼ିରି ଜାତୁ
ପାର୍ଟାନରେସ୍ ୱାଜା ତର୍‌ଜିମାରାତ୍; ମାରିଉନ୍‌ଡ୍ରି ଷଣ୍ଡଡ଼ାନ୍ ୱାଜା
ତର୍‌ଜିମାରାତ୍ । ମାରିଉନ୍‌ଡ୍ରି ମୋକମ୍ ଲୋକାଦି ମୋକମ୍ ୱାଜା
ମାରାତ୍ ମାରିଉନ୍‌ଡ୍ରି ଇମିନି ଡେଗା ପଟି ୱାଜା ତର୍‌ଜିମାରାତ୍
। 8 ୱିଜୁ ଜାତୁଦି ସୋଅଗୋଟାଲାକା ରେକେଙ୍ଗ ମାରେଏ ମାରି
ୱାନିକା ଆଟ୍‌ରେ ମାରି ଲୋଇ ବା କାଣ୍ଡୁକୁ ପୁରାବର୍ତି ମାରାତ୍
। ୱାକୁ ନାଡ଼ା ୱେଡ଼େ, ରମ୍‌ଏଣ୍ଗା ପାଟା ପାରିଜିମାରେଏ:
"ପବିତ୍ର, ପବିତ୍ର, ପବିତ୍ର, ସର୍ବସାକ୍ତିମାନ୍ ପ୍ରବୁ ମାପୁରୁ! ପୁର୍ବେଦୋନ୍
ଇଲେସାନ୍ଧି ଏନ୍ ୱିଜୁଦିନ୍ ମାନାନ୍ ମାରି ଉନ୍‌ଡ୍ରି ଦେବା ୱାନ୍
ୱାନାନ୍ ।" 9 ଜାତୁଙ୍ଗ ସିଂହାସନ୍‌ଦୁ ବାସ୍‌ତିମାନି ଆୟା ୱିଜୁଦିନ୍
ମାନି ଲୋକ୍‌ତିଙ୍ଗ ଗୌରବ୍, ସମ୍ମାନ ମାରି ଧନ୍ୟବାଦ ସିଜି ୱାରି
ଆରାଦନା ପାଟା କିଜିମାନି ବେଡ଼ାଦୁ (aiōn g165) 10 ନାସ୍ତିୱାଲେ
୨୪ ଲୋକୁ ପେରି ନେତାର୍ ୱିଜୁଦିନ୍ ମାନି ମାପୁରୁଦି ସିଂହାସନ୍
ଆଗ୍‌ଡ଼ି ମେଣ୍ଡେଙ୍ଗ ଗଟ୍‌କିଜି ୱାନି ଆରାଧନା କିଦେଙ୍ଗ ଆସ୍‌ତାର୍
। ମାରି ସିଂହାସନ୍ ଆଡ଼୍‌ଗି ନିଜେ ନିଜେଦି ମୁକୁଟ୍ ଇଡ଼୍‌ଜି ଇର୍ହାର୍:
(aiōn g165) 11 "ଏ ମା ପ୍ରବୁ ମାପୁରୁ! ନିନୁ ନେ ଗୌରବ୍, ସମ୍ମାନ
ମାରି ସାକ୍ତି ପୋଇଦେଙ୍ଗ ଜଗ୍ ମାନି, ଇରିଙ୍ଗ, ନିନୁ ୱିଜୁ ବିସୟ
ତିଆର୍ କିତିମାନି, ମାରି ନିଜେଦି ବଦାଦାନ୍ ଆୟା ୱିଜେରିଙ୍ଗ
ପେଡ଼େନ୍ ସିତିମାନି, ଲୋକାଙ୍ଗ ଜିବନ୍ କିତିମାନି ।"

**5** ସିଂହାସନ୍‌ଦୁ ବାସ୍‌ତିମାନି ଲୋକ୍‌ତି ଉଣିକିୟୁଦୁ ନାନୁ ଉନ୍‌ଡ୍ରି
ପାଡ଼ିଇକା ବଇ ସୁଡୁତା; ତାନି ରିଆଙ୍ଗଁ ତରିନ୍ ରାସାତାମାରାତ୍
ମାରି ସାତ୍‌ଗୋଟା ସିଲ୍ ଆଜି ଆକା ଟାପ୍ ଆତାମାରାତ୍ ।
2 ମାରି ନାନୁ ସୁଡୁତା, ଅରେନ୍ ନାଣ୍ଡସାକ୍ତିମାନି ମୁସ୍‌କୁର୍‌ତି
ଦୁତ୍ ନାଣ୍ଡଆଉଲିଦାନ୍ ୱେର୍‌ସି ଇଜିନାନ୍: "ସିଲ୍‌ଆତିକେଙ୍ଗୱିଜୁ
ରୁକୁସି ଇୟା ବଇ କୁତିନି ଉଣ୍ଡିଙ୍ଗ ଏନ୍ ଜଗ୍ ଲୋକୁ ମାରିଙ୍ଗ,
ସୋସ ରାଦୁ ।" 3 ମାତର୍ ଆୟା ବଇ କୁତିସି ଆବେନ୍ ଇନିକା
ରାସାତାମାନାତ୍, ଆକା ପଡ଼ାଦେଙ୍ଗ ମୁସ୍‌କୁପୁର୍‌ତୁ, ଦୁନିଆଦୁ
ମାରି ପାତାଲ୍‌ତୁ ଏନ୍ ସୋତେଙ୍ଗ ଆଟ୍‌ଏତାର୍ । 4 ବଇ କୁତ୍‌ସୋ
ଆବେନୁ ଇନିକା ରାସାତାମାନାତ୍, ପଡ଼ାନି ଉଣ୍ଡିଙ୍ଗ ଏନ୍ ଅରେନ୍‌ବା
ଜଗ୍ ଲୋକୁ ତର୍‌ଇତିଙ୍ଗ, ନାନ୍ ନିରାସ୍ ଆଜି ଆଡ଼୍‌ବାଦେଙ୍ଗ
ଆସ୍ତା । 5 ତାନିୱେନେକା ପେରିନେତାରି ମାଣ୍‌କୁ ଅରେନ୍
ନାଙ୍ଗଁ ଆଲ୍‌ଜ ମାନ୍‌ଆ ଇଜି ଇର୍ହାନ୍, "ଆଡ଼୍‌ବାମା, ସୁଡୁଆ!
ଦାଉଦଦି ପେରି କୁଟୁମ୍, ଯିହୁଦା କୁଟୁମ୍‌ତି ପାର୍ଟାନରେସ୍ ଜିଣାଜି
ୱାତାମାନାନ୍; ୱାନ୍ ଇୟା ସାତଗୋଟା ସିଲ୍‌ଆତିକେଙ୍ଗ ରୁକୁସି
ବଇ କୁତେଙ୍ଗ ଆଟ୍‌ନାନ୍ ।" 6 ତାନିୱେନେକା ସିଂହାସନ୍‌ଦି
ନାଡ଼ିମିଜାଗାଦୁ ନାଲିଗି ଜାତୁଙ୍ଗ ମାରି ପେରି ନେତାରି ଲାକ୍‌ତୁ
ଉନ୍‌ଡ୍ରି ମେଣ୍ଡାପିଲାଦିଙ୍ଗ ନିରିଇମାନିକା ସୁଡୁତା । ମେଣ୍ଡାପିଲା
ସାତିମାନି ୱାଜା ତର୍‌ଜିମାରାତ୍ । ତାନିଙ୍ଗ ସାତଗୋଟା କମୁକୁ
ମାରି ସାତଗୋଟା କାଣ୍ଡୁକୁ ମାରେଏ । ଆୟା କାଣ୍ଡୁକୁ ସାରା
ଦୁନିଆଦୁ ପୋକ୍‌ତିମାନି ମାପୁରୁଦି ସାତଗୋଟା ଆଟ୍ମେଙ୍ଗ । 7
ମେଣ୍ଡାପିଲା ସିଂହାସନ୍‌ଦୁ ବାସ୍ତିମାନି ଲୋକ୍‌ତି ଲାକୁତୁ ସଲସି
ୱାନି ଉଣିକିୟୁଦାନ୍ ଆୟା ବଇ ଅତାନ୍ । 8 ୱାନ୍ ଇୟା
ବଇ ଅନି ଦାପ୍ରେ ନାଲିଗି ଜାତୁଙ୍ଗ ମାରି କଡ଼େ ନାଲିଗି ଲୋକୁ
ପେରି ନେତାର୍ ମେଣ୍ଡାପିଲାଦି ଆଗ୍‌ଡ଼ି ମେଣ୍ଡେଙ୍ଗ ଗଟ୍‌କିଜି
ମାଡ଼ିସ୍ କିତାର୍ । ୱିଜେରି କିୟୁଦୁ ଉନ୍‌ଡ୍ରି ଉନ୍‌ଡ୍ରି ଟଇଲା ମାରି
ମାପୁରୁଦି ସେବାକିନିୱାରି ପାର୍‌ତନାୱାଜା ଦୁପୁଣିଦାନ୍ ପୁରାବର୍ତି
ଉନ୍‌ଡ୍ରି ବାଙ୍ଗାରାମ୍‌ତି ଡୁବାଇ ମାରାତ୍ । 9 ୱାର୍ ଉନ୍‌ଡ୍ରି ପୁନି
ପାଟା ପାରିଜିମାର୍ହାର୍: "ବଇ ମାନାଜି ତାନି ସିଲ୍ ଆତିକେଙ୍ଗ
ରୁକୁତେଙ୍ଗ ମିର୍ ନେ ଜୋଗ୍: ଇରିଙ୍ଗ ନିନୁ ସାତିମାର୍‌ଇ ମାରି
ନି ସାତିମାଡ଼ାନ୍, ୱିଜୁ କୁଟୁମ୍, ବାସାବାଦି, ଦେସ୍ ମାରି ଜାତି
ମାଡ଼ାନ୍‌କୁ ମାପୁରୁଦି ଉଣ୍ଡିଙ୍ଗ ଲୋକାଙ୍ଗ କଟି ମାନି । 10 ମାରି
ମାପୁରୁଦି ସେବା କିନି ଉଣ୍ଡିଙ୍ଗ ୱାରିଙ୍ଗ ଉଡ୍ରି ଜାଜକ କୁଟୁମ୍‌ତୁ
ମିସାକିତା ମାନାନ୍ ମାରି ୱାର୍ ଦୁନିଆ ମୁସୁକୁ ସାସନ୍ କିନାର୍
।" 11 ନାନୁ ମାରି ମାରିଜି ସୁଡୁତା, ହଜାର୍ ହଜାର୍ ମାରି ଲକେ
ଲକେ ମୁସ୍‌କୁପୁର୍‌ତି ଦୁତ୍‌କୁ ସିଂହାସନ୍‌ଦିଙ୍ଗ, ନାଲିଗି ଜାତୁଙ୍ଗ
ମାରି ପେରି ନେତାରିଙ୍ଗ ଗେରେଆଜି ନିରାମାନାର୍ । 12 ୱାର୍
ପେରିବଲୁଦାନ୍ ଫାଟାପାର୍‌ଜି ମାର୍‌ଆର୍: "ସାତିମାନି ଆୟା
ମେଣ୍ଡାପିଲା ଅଦିକାର୍, ପରାକ୍ରମ, ବୁଦ୍ଧି ମାରି ସାକ୍ତି ସମ୍ମାନ,
ଗୌରବ୍ ମାରି ପ୍ରସଂସାଦି ପୋଇନି ଜୋଗ୍!" 13 ନାସ୍ତିୱାଲେ
ମୁସ୍‌କୁପୁର୍, ଦୁନିଆ, ପାତାଲ୍ ମାରି ସାମୁଦୁର୍ ୱିଜୁ ଜାତୁ ମାରି
ସାରା ପ୍ରତିବିଦି ୱିଜୁ ଲୋକୁ ଫାଟା ପାରିଜିମାନିକା ନାନୁ ୱେର୍‌ଆ
। ୱାରୁ ପାରିଜିମାରାର୍: "ରାଜାଗାଦିଦୁ ବାସ୍ତିମାନି ଲୋକ୍‌ତି ମାରି
ୱାନି ମେଣ୍ଡାପିଲାଦି ପ୍ରସଂସା କିଦୁ ୱାନି ସମ୍ମାନ, ଗୌରବ୍ ମାରି
ପରାକ୍ରମ ଜୁଗ୍ ଜୁଗ୍ ଆପିତ୍!" (aiōn g165) 14 ନାଲିଗି ଜାତୁଙ୍ଗ
ୱେର୍‌ସିମାରେଏ, "ଆମେନ୍" ମାରି ନେତାର୍ ମେଣ୍ଡେଙ୍ଗ ଗଟ୍‌କିଜି
ୱାନିଙ୍ଗ ମାଡ଼ିସ୍ କିତାର୍ ।

**6** ତେନି ୱେନ୍‌କା ନାନୁ ସୁଡୁତା, ମେଣ୍ଡାପିଲା ସାତଗୋଟା
ସିଲ୍‌ଆତିମାନି ମାଣ୍‌କୁ ଆଗ୍‌ଡ଼ିରିକା ରୁକ୍‌ତାନ୍ ମାରି ନାଲିଗି
ଜାତୁଙ୍ଗଁ ମାଣ୍‌କୁ ଅରେନ୍ ନାଙ୍ଗଁ ବାଦଡ଼ ଡିଡ଼୍‌ଜିନି ବଲୁଦାନ୍
ଇର୍ହାନ୍, "ରାଆ!" 2 ନାନୁ ମାର୍‌ଜି ସୁଡୁତା, ଉନ୍‌ଡ୍ରି ଅଡ଼ିନି ଗଡ଼ା,
ଗଡ଼ାଦୁ ଏକ୍‌ତିମାନି କିୟୁଦୁ ଧନୁ ଆସ୍ତାମାରାନ୍ । ୱାନିଙ୍ଗ ଉନ୍‌ଡ୍ରି
ମୁକୁଟ୍ ସିଆୟ୍‌ଆତାତ୍ ମାରି ୱାନ୍ ଜିଣାନି ଉଣ୍ଡିଙ୍ଗ ସୋତାନ୍ । 3
ତାନି ୱେନେକା ମେଣ୍ଡାପିଲା ମାରିଉନ୍‌ଡ୍ରି ସିଲ୍ ରୁକୁତାନ୍ ମାରି
ମାରିଉନ୍‌ଡ୍ରି ଜାତୁ ନାଙ୍ଗଁ ଇର୍ହାତ୍, "ରାଆ ।" 4 ନାନୁ ସୁଡୁତା,
ନେତେର୍ ରଙ୍ଗତି ମାରି ଉଣ୍ଡି ଗଡ଼ା । ଦେସ୍‌ତାନ୍ ସାନ୍ତି ଆକ
କିନି ଉଣ୍ଡିଙ୍ଗ ୱାନି ସାଲାକିନିୱାନିଙ୍ଗଁ ଅଦିକାର୍ ପୁଟ୍‌ତାତ୍, ଲୋକୁ
ଏଣ୍ଡେସ୍ ଜୁଦ୍ କିଜି ନିଜେ ନିଜେଦିଙ୍ଗ ସାପିସ୍ କିଆଇଆନାର୍
ୱାନି କିୟୁଦୁ ଉନ୍‌ଡ୍ରି ପେରିକାଣ୍ଡା ପୁଟ୍‌ତାତ୍ । 5 ତାନିୱେନ୍‌କା
ମେଷସାବକ ତିନି ନମ୍ବର୍‌ତି ସିଲ୍‌ଆତିକା ରୁକୁତାନ୍ ମାରି ମାରି
ଅରେନ୍ ଲୋକୁ ନାଙ୍ଗଁ ଇର୍ହାନ୍, "ରାଆ ସୁଡୁଆ ।" କାର୍‌ନି କଲର୍‌ତି

ଗଡ଼ା; ଆୟା ଗଡ଼ାସାଲାକିନିୱାନି କିୟୁଦୁ ଉନ୍‌ଡ୍ରି କେଜିଗୁଣ୍ଡୁ
ମାର୍ହାତ୍ । 6 ମାରି ନାଙ୍ଗୁଁ ମନେ ଆତାତ୍ ଯେ, ନାଲିଗିୱିଜୁ
ଜାତୁଙ୍ଗ ଉନ୍‌ଡ୍ରି ବଲୁଦାନ୍ ଇଜିନାର୍, “ଅର୍‌ଲେଟି ବୁତି ଡାବୁଙ୍ଗ
ଉନ୍‌ଡ୍ରେ କେଜି ଗଦ୍‌ମୁ ସିଲେତିଙ୍ଗ କାକିଜନା ପୁଟ୍‌ନାତ୍ । ମାତର୍
ଜିତ ମାରାନ୍ ମାରି ଅଙ୍ଗୁର୍‌ରସ୍ ଡଡିଦିଙ୍ଗ ନାସ୍କୁ କିମାଟ୍ ।” 7
ତାନିୱେନ୍‌କା ମେଣ୍ଡୁପିଲା ନାଲିଗି ନମ୍ବ୍‌ର୍‌ତି ସିଲ୍‌ଆତିତାନିଙ୍ଗ
ରୁକୁତାନ୍ ମାରି ନାଲିଗି ନମ୍ବ୍‌ର୍‌ତି ଲୋକୁ ନାଙ୍ଗୁଁ ଇର୍ହାନ୍, “ରାଆ!” 8
ନାନୁ ସୁଡୁତା, ଉଣ୍ତ୍ରି ସିନ୍‌ଡ୍ରା ରଙ୍ଗତି ଗଡ଼ା । ତାନିଙ୍ଗ ସାଲାକିନି ଦରୁ
ସାନିକା; ତାଗ୍‌ଇଦୁବା ତାନି ୱେନେକା ବୁଲାଜି ମାରାତ୍ । ଜୁଦ୍,
ବାଙ୍ଗୁଁ, ରୋଗ୍, ନୋପି, ମାରି ଗୋରତି ଜାତୁ ମୁସୁକୁ ଦାନ୍ ଦେସ୍‌ତି
ଉଣ୍ତ୍ରି ନାଲ୍‌ଗି ବାଗ୍‌ତାନ୍ ଉଣ୍ତ୍ରି ବାଗ୍ ଲୋକାଙ୍ଗ ନାଷ୍କୁ କିନି ଉଣ୍ତ୍ରିଙ୍ଗ
ୱାରିଙ୍ଗ ଅଦିକାର୍ ପୁଟ୍‌ତାତ୍ । (Hadēs g86) 9 ତାନି ୱେନେକା,
ମେଷସାବକ ପାସେ୍‌ଗାଟା ସିଲ୍ ରୁକୁତାନ୍ ମାରି ନାନୁ ସୁଡୁତା,
ଉଣ୍ତ୍ରି ବେଦି । ମାପୁରୁଦି ବାକ୍ୟ ୱେରିସି ସାକ୍ୟସିଜି ବିସ୍‌ବାସ୍
ତେବାନି ଉଣ୍ତ୍ରିଙ୍ଗ ସାତିମାନି ଲୋକା ଆତ୍ମାୱିଜୁ ଆୟା ବେଦି ଆଡ୍‌ଗି
ରକିୟା ଆତେମାରେଏ । 10 ୱାକୁ ପେରିବଲୁଦାନ୍ ଆଉଲିକିଜି
ଇଜିମାରେଏ, “ପେରି ପ୍ରବୁ ପବିତ୍ର ମାରି ସତ୍ ମାପୁରୁ! ଦେସ୍‌ତୁ
ଏମେକାର୍ ମାଙ୍ଗୁଁ ସାପିସ୍ କିତାମାନାର୍, ୱାରିଙ୍ଗ ବିଚାର୍ କିଜି
ସାସ୍ତିସିଦେଙ୍ଗ ମାରି ଏସ ଦିନ୍ ୱେଡ଼ାକିନି?” 11 ୱାରି ମାଡ଼ାନ୍‌କୁ
ୱିଜେରିଙ୍ଗ ଉନ୍‌ଡ୍ରି ଲାକା ଅଡ଼ିନିଆଙ୍ଗୁଁ ସିଆୟ୍ ଆତାତ୍ । ମାରି ୱାରି
ସଙ୍ଗତି ତଡ଼ାନ୍‌କାଙ୍ଗ ମାରି ସେବାକିନିୱାରିଙ୍ଗ ଟିକ୍ ଇସାପ୍‌ତାନ୍
ସାଇ ସାନ୍ଦି ୱାରିଙ୍ଗ ମାରି ଏସ ବେଡ଼ା କାପ୍‌କିନି ଉଣ୍ତ୍ରିଙ୍ଗ ଇର୍ହାର୍
। 12 ତାନିୱେନ୍‌କା ନାନୁ ସୁଡୁତା, ମେଷସାବକ ସୋ ସିଲ୍
ରୁକୁତାନ୍; ଅଟାତ୍ ପେରି ଭୁମିକମ୍ପ ଆତାତ୍ । ୱେଡ଼ା କାର୍‌ନି
ରଙ୍ଗତି ଡୁଷା ୱାଜା ସିକାଟି ଆତାତ୍ ମାରି ଲେଜୁ ୱିଜୁ ନେତେର୍
ରଙ୍ଗ ଆତାସରାତ୍ । 13 ନାଣ୍ତୁ ଗାଲିଦି ଦୋକାଦିଙ୍ଗ ତଗା ମାରାନ୍‌ତି
ପାସି ପଲ୍ ୱିଜୁ ଆର୍‌ନି ୱାଜା, ସୁକେଙ୍ଗ ବାଦଡ଼ତାନ୍ ଦୁନିଆଦି
ମୁସୁକୁ ଆର୍‌ତେ । 14 ଉଣ୍ତ୍ରି କାଗଜ ପର୍ଦା ଗୁଡ଼େଆନି ୱାଜା ବାଦଡ଼
ତିର୍‌ବିଜି ଅଲଗାସରାତ୍ । ଗୋରକ୍ ମାରି ସାମ୍‌ଦୁର୍ ଲୋଇ ମାନି
ଇସ୍ରି ବାଡିଙ୍ଗ ଗୁସାତେ ସରେ । 15 ଆୟା ବେଡ଼ାଦୁ ଦୁନିଆଦି
ୱିଜେରେ, ରାଜା, ସାସକ, ବା ସେନାରି ପେରିକାନ୍, ମାଜନ୍ ମାରି
ସାକ୍ତି, କଟିସାକର୍ ବା ସାଦାସିଦା ଲୋକୁ ୱିଜେରେ ସାରେଆଙ୍ଗ
ମାରି ଗୋରନ୍‌କା କାଲୁକୁ ଆଡ୍‌ଗି ସଲସି ମାର୍‌ଗିତାର୍ । 16 ୱାର୍
ଗୋରକାଙ୍ଗ ମାରି କାଲୁ ମକେକାଙ୍ଗ କୁକିସି ଇଜିମାରାର୍, “ମା
ମୁସୁକୁ ଆର୍‌ଦୁ ସିଂହାସନ୍‌ତୁ ବାସ୍‌ତିମାନି ଆୟା ୱାନିମାଣାନ୍‌ତି
କାଣ୍ଗାଦାନ୍ ମାରି ମେଷସାବକତି ରିସାଦାନ୍ ମାଙ୍ଗୁଁ ଆଡ଼କ୍‌ସ
ଇଡିଆ । 17 ୱାରି ରିସାଦି ବୟଙ୍କର୍ ଦିନ୍ ଇଗା ୱାତାତ୍ । ଏନ୍
ଆକା ଆଙ୍ଗଦେଙ୍ଗ ଆଟ୍‌ନାନ୍?”

7 ତେନି ୱେନ୍‌କା ନାନୁ ସୁଡୁତା, ଦୁନିଆଦି ନାଲିଗି କନେଆଙ୍ଗୁଁ
ନାଲିଗି ମୁସ୍‌କୁପୁର୍‌ତି ଦୁତ୍‌କୁ ନିରେଏମାନେ ମାରି ଦୁନିଆଦି
ନାଲିଗି ତରିଟାନ୍ ଗାଲି ସନିତାନିଙ୍ଗ ଆଙ୍ଗୁଁତେମାନେ । ଆଦେଙ୍ଗ
ଦୁନିଆ, ସାମୁଦୁରୁ ମାରି ଇନି ମାରାକ୍ ମୁସୁକୁ କାଣ୍ତେକ୍
ବା ଗାଲି ରେଏଜିମାରାତ୍ । 2 ମାରି ନାନୁ ସୁଡୁତା, ମାରି
ଅରେନ୍ ମୁସ୍‌କୁପୁର୍‌ତି ଦୁତ୍ ୱିଜୁଦିନ୍ ମାନି ମାପୁରୁଦି ସିଲ୍
ଅସି ମକମ୍‌ତରିଟାନ୍ ୱାଜିନାନ୍ । ଇୟା ଦୁତ୍ ଦୁନିଆ ମାରି
ସାମୁଦୁର୍‌ତିଙ୍ଗ ନାସ୍କୁ କିନି ଉଣ୍ତ୍ରିଙ୍ଗ ମାପୁରୁ ଏମେ ନାଲ୍‌ଗି ଦୁତ୍‌କାଙ୍ଗ
ଅଦିକାର୍ ସିତାମାର୍ହାନ୍ । 3 ୱାନିକାଙ୍ଗ ନାଣ୍ତୁ ଆଉଲିଦାନ୍
ଦୁତ୍ ଇର୍ହାନ୍, “ମାପୁ ଏମେ ସାନ୍ଦି ମାପୁରୁଦି ସେବାକିନିୱାରି
କାପାଲ୍‌ତୁ ସିଲ୍ ଡ଼େଏପ୍‌ମାନାପ୍, ଆୟା ସାନ୍ଦି ଦୁନିଆ, ସାମୁଦୁର୍
ବା ମାରାକାଙ୍ଗ ଇନି ନାସ୍କୁ କିମାଟ୍ ।” 4 ଏମେୱାରି କାପାଲ୍‌ତୁ
ମାପୁରୁଦି ସିଲ୍ ଡ଼େଇତାର୍, ୱାରି ଇସାପ୍ ୧୪୪,୦୦୦ ଇଜି
ନାନୁ ୱେର୍‌ଆ । ୱାରି ଇସାପ୍‌ତାନ୍ ୱାର୍ ଇସ୍ରାଏଲ୍‌ତି ବାର
କୁଟୁମ୍‌ତି ଲୋକୁ । 5 ଯିହୁଦା କୁଟୁମ୍‌ତାନ୍ ୧୨,୦୦୦ ହଜାର୍,
ରୁବେନ୍ କୁଟୁମ୍‌ତାନ୍ ବାରହଜାର୍, ଗାଦ୍ କୁଟୁମ୍‌ତାନ୍ ବାରହଜାର୍,
6 ଆସେର୍ କୁଟୁମ୍‌ତାନ୍ ବାରହଜାର୍, ନପ୍‌ତାଲି କୁଟୁମ୍‌ତାନ୍
ବାରହଜାର୍, ମନସି କୁଟୁମ୍‌ତାନ୍ ବାରହଜାର୍, 7 ସିମିୟନ୍
କୁଟୁମ୍‌ତାନ୍ ବାରହଜାର୍, ଲେବି କୁଟୁମ୍‌ତାନ୍ ବାରହଜାର୍,
ଇସ୍‌ହାକ୍‌ତି କୁଟୁମ୍‌ତାନ୍ ବାରହଜାର୍, 8 ସବୁଲୁନ କୁଟୁମ୍‌ତାନ୍
ବାରହଜାର୍, ଜୋସେପ୍ କୁଟୁମ୍‌ତାନ୍ ବାରହଜାର୍, ବିନ୍ୟାମିନ୍
କୁଟୁମ୍‌ତାନ୍ ବାରହଜାର୍ । 9 ତେନିୱେନ୍‌କା ନାନୁ ସୁଡୁତା, ଉଣ୍ତ୍ରି
ପେରିଦଲ୍; ୱାରି ଇସାବ୍ ଲେକିସ୍‌କିଦେଙ୍ଗ ଆଏତ୍ । ୱାର୍ ୱିଜୁ
ଜାତି, କୁଟୁମ୍, ଦେସ୍ ମାରି ଭାସାଦି ମାଡ଼ାନ୍ ୱାତାମାର୍ହାର୍ ।
ୱାର୍ ଅଡ଼ିନିଆଙ୍ଗୁଁ ଆରାଜି ମାରି କିୟୁଦୁ କାଜିରି କମେଙ୍ଗ ଆସ୍‌ସି,
ସିଂହାସନ୍ ମାରି ମେଷସାବକଦି ଆଗିଡ଼ି ନିର୍ହାମାର୍ହାର୍ । 10
ୱାର୍ ପେରିବଲୁଦାନ୍ ଇଜିମାର୍ହାର୍, “କେବଲ୍ ସିଂହାସନ୍ ମୁସୁକୁ
ବାସ୍‌ତିମାନି ମାପୁରୁ ମାରି ମେଷସାବକ ମା ରକିୟାକିନିକାନ୍ ।” 11
ସିଂହାସନ୍‌ତିଙ୍ଗ, ପେରିନେତାରିଙ୍ଗ ମାରି ନାଲ୍‌ଏରିଙ୍ଗ ଗେରେଆଜି
ମୁସ୍‌କୁପୁର୍‌ତି ଦୁତ୍‌କୁ ନିରେଏମାର୍ହେ । ୱାକ୍ ସିଂହାସନ୍ ଆଗଡ଼ି
ବୁମିଦୁ ମାଡ଼ିସ୍ କିତେ ମାରି ମାପୁରୁଦି ଆରାଦନା କିଜି, 12
ଇରେଏ “ଆମେନ୍! ପ୍ରସଂସା, ଗୌରବ୍, ବୁଦି, ଦନ୍ୟବାଦ୍,
ସମ୍ମାନ, ଅଦିକାର୍ ମାରି ସାକ୍ତି ଜୁଗ୍ ଜୁଗ୍ ମାପୁରୁଦି ଆପିତ୍,
ଆମେନ୍!” (aiōn g165) 13 ପେରିନେତାରି ମାଡ଼ାନ୍‌କୁ ଅରେନ୍
ନାଙ୍ଗ ୱେନ୍‌ବାତାନ୍, “ଅଡ଼ିନିଆଙ୍ଗ ଆରାତି ଆୟା ଲୋକୁ ଏର୍?
ୱାର୍ ଏମେଟ୍‌କୁ ୱାତାମାନାର୍?” 14 ନାନୁ ଇର୍‌ଆ, “ଆଜ୍ଞା!
ନାନୁ ନେସେଏ । ନିନୁ ନେସ୍‌ନିମାନି ।” ୱାନ୍ ନାଙ୍ଗୁଁ ଇର୍ହାନ୍,
“ଇୟା ଲୋକୁ ବେସି ତାଡ଼ନା ପୋଇଜି ୱାତାମାନାର୍ । ୱାର୍
ମେଷସାବକଦି ନେତେର୍‌ତାନ୍ ନିଜେ ନିଜେଦି ଆଙ୍ଗୁଁଙ୍ଗ ନର୍‌ବାଜି
ସପା କିତାମାନାର୍ । 15 ଆୟା ଉଣ୍ତ୍ରିଙ୍ଗ ୱାର୍ ମାପୁରୁଦି ମନ୍ଦିର୍‌ତୁ
ୱାନି ସିଂହାସନ୍ ଆଗଡ଼ି ନିଲିଜି ୱେଡ଼େ ନାଡ଼ା ୱାନି ଆରାଦନା
କିଜିନାର୍ । ସିଂହାସନ୍‌ତୁ ବାସ୍‌ତିମାନିକାନ୍ ୱାରିଙ୍ଗ ରମ୍‌ନିବାଡି
ସିନାନ୍ । 16 ୱାର୍ ମାରି ଏସାଙ୍ଗବା ବାଙ୍ଗୁଁ କି ଏରିକି ସାଏର୍‌ନି;
ୱେଡ଼ା ତାତି ମାରି ଆଇ ଇନି ତାତି ୱାରିଙ୍ଗ ଆଡ୍ରେକ୍‌ତଙ୍ଗ କିଦେଙ୍ଗ

ଆଟ୍ଏତ୍ । 17 ଇରିଙ୍ଗ୍, ସିଂହାସନ୍ ବାସ୍ତିମାନି ମେଷସାବକ ୱାରି
ମେଣ୍ଡାଗାଉଡୁ ଆନାନ୍ । ୱାନ୍ ଜିବନ୍ ସିନି ଏର୍ତି ସନି ଲାକୁଡୁ
ୱାରିଙ୍ଗ୍ ସାରିଡୁ କୁକୁନାଅନାନ୍ ମାରି ମାପୁରୁ ୱାରି କାଣାଗ୍ଦି ୱିଜୁ
କାଣେର୍ଙ୍ଗ୍ ତେଲ୍ନାସିନାନ୍ ।”

8 ମେଷସାବକ ସାତ୍ଗୋଟା ସିଲ୍ଆତିକେଙ୍ଗ୍ ରୁକିତି ଦାପ୍ରେ
ମୁସ୍କୁପୁର୍ତୁ ଉଣ୍ତି ଅଦଗଣ୍ଟା ସାନ୍ଟି ସିମ୍ରା ଆତାସରାର୍ । 2
ତାନିୱେନ୍କା ମାପୁରୁଦି ଆଗିଡ଼ି ନିନିମାନି ସାତ୍ଗୋଟା ଦୁତ୍କାଙ୍ଗ୍
ନାନୁ ସୁଡୁତା; ୱାନିକାଙ୍ଗ୍ ସାତ୍ଗୋଟା ମରିଙ୍ଗ୍ ସିଆୟ୍ଆତେ
। 3 ମାରି ଅରେନ୍ ଦୁତ୍ ଉଣ୍ତି ବାଙ୍ଗାରାମ୍ତି ଦୁପିଣିଆଡ୍ନିକା
ଅସି ବେଦି ଆଗିଡ଼ି ୱାଜି ନିରାତ୍ । ସିଂହାସନ୍ ଆଗିଡ଼ି ମାନି
ବାଙ୍ଗାରାମ୍ ବେଦି ମୁସୁକୁ, ମାପୁରୁଦି ଲୋକା ପାର୍ତନାଦି ଦୁପୁଣିଦି
ୱାଲେ ମିସାକିଜି ସିନି ଉଣ୍ତିଙ୍ଗ୍, ୱାନିଙ୍ଗ୍ ନାଣ୍ତ ଇସାପ୍ତାନ୍ ଦୁପୁଣି
ସିଆୟ୍ଆତାତ୍ । 4 ଆୟା ଦୁତ୍ଦି କିୟୁଡୁ କାସ୍ସିମାନି ଦୁପୁଣିଦି
ଗୋଇଦି ୱାଲେ ମାପୁରୁଦି ଲୋକା ପାର୍ତନାଡୁ ମିସାଜି ମୁସୁକୁ
ନିଙ୍ଗ୍ତାତ୍ । 5 ତାନିୱେନ୍କା ଦୁତ୍, କାସ୍ନିଦୁପିଣିଦାନ୍ ବେଦିଡୁ
ସିସୁ ବର୍ତି କିଜି ଆକା ଦୁନିଆ ମୁସୁକୁ ପୋକ୍ତା ସିତାତ୍ । ତେନି
ଉଣ୍ତିଙ୍ଗ୍ ଡିଡ଼ିତାତ୍, ବାଦଡ଼ ମିରିସ୍ତାତ୍ ମାରି ଭୁମିକମ୍ପ ଆତାତ୍ ।
6 ତାନିୱେନ୍କା ସାତଗୋଟା ମୋରି ଆସ୍ତିମାନି ସାତଗୋଟା
ଦୁତ୍କୁ ମରି ଉକୁତେ ତିଆର୍ ଆତେ । 7 ପାର୍ତୁମ୍ ଦୁତ୍ ମୋରି
ଉକୁତି ଦାପ୍ରେ ଆଣ୍ତରାଗା କାଲୁକୁ, ସିସୁ ମାରି ନେତେର୍ ଦେସ୍
ମୁସୁକୁ ଆର୍ତେ । ତେନି ୱେନେକା ୱିଜୁ ମାରାକ୍, ପାସି ଲାଟାଦି
ୱାଲେ ଦୁନିଆଦି ମୁଣ୍ତି ବାଗ୍ତାନ୍ ଉଣ୍ତି ବାଗ୍ ୱେତାତ୍ । 8
ତାନିୱେନ୍କା ମାରିଉଣ୍ତି ଦୁତ୍ ତାନି ମୋରି ଉକୁନି ଦାପ୍ରେ ଗୋରନ୍
ୱାଜା ତର୍ନି ଉଣ୍ତି ପେରି ସିସୁ ସାମୁଦୁର୍ତୁ ପୋକାୟାଆତାତ୍
ମାରି ସାମୁଦୁର୍ ମୁଣ୍ତି ବାଗ୍ତାନ୍ ଉଣ୍ତି ବାଗ୍ ନେତେର୍ ଆତା
ସର୍ହାତ୍, 9 ସାମୁଦୁର୍ତି ଜିଜିମାନି ଜାତୁଙ୍ଗ୍ ମାଡ଼ାନ୍କୁ ମୁଣ୍ତି
ବାଗ୍ତାନ୍ ଉଣ୍ତି ବାଗ୍ ସାତେସର୍ଏ ମାରି ସାମୁଦୁର୍ତୁ ମାନି
ଜାହାଜ୍କା ମୁଣ୍ତି ବାଗ୍ତାନ୍ ଉଣ୍ତି ବାଗ୍ ଦଂସ ଆତାସର୍ଆତ୍ ।
10 ତାନିୱେନ୍କା ମୁନ୍ଡ୍ରି ଦୁତ୍ ତାନି ମୋରି ଉକୁତାତ୍ । ଦାପେ
ଦାପେ ବାଦଡ଼ତାନ୍ ଦିୱା ନାନି ଉଣ୍ତି ନାଣ୍ତ କାସ୍ନି ସୁକା ୱିଜୁ
ଗାଡେଙ୍ଗ୍ ମାରି ଜଲେଙ୍ଗ୍ ମୁଣ୍ତି ବାଗ୍ତାନ୍ ଉଣ୍ତି ବାଗ୍ ମୁସୁକୁ
ୱାଙ୍ଗ୍ଜି ଆର୍ତାତ୍ । 11 ଆୟା ସୁକାଦି ଦରୁ “କେୟ୍ନିକା ।”
ଆବେଟ୍କୁ ଉଣି ଏରୁଦି ମୁଣ୍ତି ବାଗ୍ତାନ୍ ଉଣ୍ତି ବାଗ୍ କେୟ୍ତା
ସର୍ହାତ୍ ମାରି ଆୟା ଏରୁ ଉଣିଜି ନାଣ୍ତ ଲୋକୁ ସାତାସରାର୍ ।
12 ତାନିୱେନ୍କା ନାଲିଗି ନମ୍ବ୍ରତି ଦୁତ୍ ତାନି ମୋରି ଉକୁନି
ଦାପେ ଦାପେ, ୱେଡ଼ାଦି ମୁଣ୍ତିବାଗ୍ତାନ୍ ଉଣ୍ତିବାଗ୍, ଲେଜୁଦି
ମୁଣ୍ତିବାଗ୍ତାନ୍ ଉଣ୍ତିବାଗ୍ ମାରି ସୁକେଙ୍ଗ୍ ମୁଣ୍ତିବାଗ୍ତାନ୍ ଉଣ୍ତିବାଗ୍
ନାସ୍କ ଆତାତ୍ । ଆଦେଙ୍ଗ୍ ଜାୟ୍ତି ମୁଣ୍ତିବାଗ୍ତାନ୍ ଉଣ୍ତିବାଗ୍ ସିକାଟି
ଆତାତ୍ । ୱେଡ଼େରି ମୁଣ୍ତିବାଗ୍ତାନ୍ ଉଣ୍ତିବାଗ୍ ଜାୟ୍ଆଏତାତ୍
ମାରି ନାଡ଼ା ବା ଆୟାୱାଜା ଆତାତ୍ । 13 ତାନିୱେନ୍କା ନାନୁ
ମାର୍ଜି ବେସ୍ତା, ବାଦଡ଼ତି ବେସି ମୁସୁକୁରାନ୍ ଉଣ୍ତି ଡେଗାପଟି
ଇମିଜି ଇମିଜି ପେରିବଲୁଦାନ୍ ଇଜିନାତ୍, “ହାୟ୍! ଏସା ବୟଙ୍କାର୍!
ଆଇ ମୁଣ୍ତି ଦୁତ୍କୁ ମରି ଉକୁନି ବେଡ଼ାଡୁ ଦୁନିଆଦି ଲୋକା ଅବସ୍ତା
ଏସା କାସ୍କ ଆଏତ୍ ମାନାତ୍ ।”

9 ତାନିୱେନ୍କା ପାଚ୍ ନମ୍ବ୍ରତି ଦୁତ୍ ମୋରି ଉକୁତାତ୍ ମାରି
ନାନୁ ସୁଡୁତା, ଦାପେ ଦାପେ ବାଦଡ଼ତାନ୍ ଉଣ୍ତି ସୁକା ଆରିଜି
ଦେସ୍ ମୁସୁକୁ ଆର୍ତାତ୍ । ତାନିଙ୍ଗ୍ ପାତାଲ୍ପୁର୍ତି କୁସିକାଣ୍ଟି
ସିଆୟ୍ଆତାମାରାତ୍ । (Abyssos g12) 2 ୱାଦ୍ ୱାଜି ପାତାଲ୍ତି
ସେର୍ଲା ରେତିଦାପ୍ରେ ଉନ୍ଡ୍ରି ପେରି ବାଟିଦାନ୍ ସୋସିମାନି ଗୋଇ
ୱାଜା ପାତାଲ୍ତି କୁଣ୍ତତାନ୍ ସିକାଟି ଗୋଇ ସତାତ୍ ମାରି ଆୟା
ଗୋଇ ଉଣ୍ତିଙ୍ଗ୍ ୱେଡ଼ା ନି ବାଦଡ଼ ସିକାଟି ଆତାତ୍ । (Abyssos g12)
3 ମାରି ଆୟା ଗୋଇଦାନ୍ ମାଡ଼ିମାଉକୁ ସୋସି ଦୁନିଆଡୁ ୱିଜୁ
ତରିନ୍ ଆତେ । ୱାକ୍ ସର୍କୁପି ସାକ୍ତି ୱାଜା ସାକ୍ତି ସିଆୟ୍ଆତାତ୍
। 4 ଦୁନିଆଦି ଲାଟା, ମାରାକ୍ ବା ଆମାଇନି ଜିନିମାରାନ୍ତିଙ୍ଗ୍
ନାଷ୍ଟ କିଏଣ୍ଗା ଏମେୱାରି କାପାଲ୍ତୁ ମାପୁରୁଦି ଟାପ୍ତି ସିନା
ସିଲେତାତ୍, କେବଲ୍ ଆୟାୱାରିଙ୍ଗ୍ କାସ୍କ ସିନି ଉଣ୍ତିଙ୍ଗ୍ ଆୟା
ମାଡ଼ିମାଉକୁ ୱାତେ ମାରେଏ । 5 ମାରି ୱାରିଙ୍ଗ୍ ସାପିସ୍କିଏଣ୍ଗା
ପାସ୍ଗୋଟା ଲେଜୁକୁ ସାନ୍ଦି କେବଲ୍ କାସ୍କ ସିଦେଙ୍ଗ୍ ମାଡ଼ିମାଉକୁ
ଅଦିକାର୍ ପୋଇତେମାରେଏ । ସର୍କୁପି ଲୋକ୍ତିଙ୍ଗ୍ କାଟ୍ତିଙ୍ଗ୍
ଏଣ୍ତେସ୍ ୱିସାମ୍ ଆନାତ୍, ଇୟା ୱିସାମ୍ ଆୟାୱାଜା ଆନାତ୍ ।
6 ଆୟା ବେଡ଼ାଦି ଲୋଇ କାସ୍କପୋଇନି ଲୋକୁ ସାନିତାନିଙ୍ଗ୍
ପୋୟ୍ନାର୍, ମାତର୍ ପୋଇଦେଙ୍ଗ୍ ଆଟ୍ଏତାର୍ । ୱାର୍ ସାଦେଙ୍ଗ୍
ବଦା କିନାର୍, ମାତର୍ ସାନିକା ୱାରି ଲାକ୍ତୁରାନ୍ ଉର୍କୁତାତ୍
। 7 ମାଡ଼ିମାଉକୁୱିଜୁ ଜୁଦ୍କିନି ଉଣ୍ତିଙ୍ଗ୍ ତିଆର୍ଆତିମାନି ଗଡ଼ା
ୱାଜା ତୋର୍ଜିମାରେ । ୱାନିକା ତାଲେକାଙ୍ଗ୍ ବାଙ୍ଗାରାମ୍ତି ମୁକୁଟ୍
ୱାଜା ତର୍ଜିମାରାତ୍ । ୱାନିକା ମୋକମ୍ ଲୋକା ମୋକମ୍ ୱାଜା,
8 ଆଇମେକା କୁକୁଟି ୱାଜା ୱାନିକା କୁକୁଟି ମାରାତ୍, ୱାନିକା
ପାଲୁକୁ ପାର୍ଟାନରେସ୍ ପାଲୁକୁ ୱାଜା ମାରେଏ । 9 ତାମେ ବକାଡୁ
ଲୁହା ସାଜୁ ନାନି ଇନି ଜିନିସ୍ ପିଡ଼ିଗିତା ମାର୍ହାତ୍ ମାରି ରତ
ନି ଜୁଦ୍ବାଡିଡୁ ଉର୍କିସିମାନି ନାଣ୍ତ ଗଡ଼େଙ୍ଗ୍ ଆଉଲି ୱାଜା
ତାମେକା ଡ଼େଣେଙ୍ଗ୍ ଆଉଲି ସୋସିମାରାତ୍ । 10 ସର୍କୁପିଙ୍ଗ୍
ୱାଜା ତାମେକା ତକେଙ୍ଗ୍ ମାରି ୱିସାମ୍ମାର୍ହାତ୍ । ଆୟା ତକାଦାନ୍
ପାସ୍ଗୋଟା ଲେଜୁକୁ ସାନ୍ଦି ଲୋକାଙ୍ଗ୍ କାସ୍କ ସିନି ଉଣ୍ତିଙ୍ଗ୍ ୱାକ୍
ସାକ୍ତି ପୋଇତେମାର୍ଏ । 11 ତାମେକା ମୁସୁକୁ ଅରେନ୍ ରାଜା
ସାସନ୍ କିଜିନାନ୍ । ୱାନ୍ ପାତାଲ୍ତୁ ଦାୟିତଡୁ ମାନି ଅରେନ୍ ଦୁତ୍
। ଏବ୍ରି ବାସାଦାନ୍ ତାନି ଦରୁ ଆବାଦନ୍; ଗ୍ରିକ୍ ବାସାଦାନ୍ ଆୟା
ଦରୁ ଆଜିନାତ୍, ଆପୋଲ୍ଲୀୟନ୍ । ଆମାତାନି ଦରୁ ଦଂସକିନିକାତ୍
। (Abyssos g12) 12 ସୁଡୁଡୁ, ପାର୍ତୁମ୍ କାସ୍କଡୁକ୍ ୱିଜିତା ସୋରାତ୍
। ତେନିୱେନ୍କା ମାରି ରୁଣ୍ତି ବୟ୍ଙ୍କାର୍ତି କାସ୍କ ୱାଜିନାତ୍ । 13
ତେନିୱେନ୍କା ସୋଅ ନମ୍ବ୍ରତି ଦୁତ୍ ତାନି ମୋରି ଉକୁନି ଦାପେ
ମାପୁରୁଦି ଆଗିଡ଼ି ମାନି ବାଙ୍ଗାରାମ୍ ବେଦିଦି ନାଲିଗି କନାଦାନ୍
ନାନୁ ଉଣ୍ତି ବଲ୍ ୱେର୍ଆ । 14 ଆୟା ମରି ଆସ୍ତିମାନି ସୋଅ

ନମ୍ବର୍‌ତି ଦୁତ୍‌ତିଙ୍ଗ୍ ଆଦେସ୍ ସିତାତ୍, "ୟୁପ୍ରେଟିସ ପେରିଗାଡା
ଲାକୁତୁ ବନ୍ଧି ଆତିମାନି ନାଲ୍‌ଗି ଦୁତକାଙ୍ଗ୍ ଡ଼ିସ୍‌ତୁ ।" 15 ଆର୍‌ତିଙ୍ଗ୍
ଇୟା ବାର୍ସେକ୍, ଲେଜ୍ଜୁ, ଦିନ୍ ମାରି ବେଡ଼ାଦୁ, ୱିଜୁ ଲୋକା ଜାତିଦି
ମୁଣ୍ଡି ବାଗ୍‌ତାନ୍ ଉଣ୍ଡି ବାଗ୍ ଲୋକାଙ୍ଗ୍ ସାପିସ୍‌କିନି ଉଣ୍ଡିଙ୍ଗ୍ ତିଆର୍
ଆଜିମାନି ଆୟା ନାଲିଗି ଦୁତ୍‌କାଙ୍ଗ୍ ଡ଼ିସ୍‌ତା ସିତାର୍ । 16 ମାରି
ନାନୁ ସୁତୁତା, ଉଣ୍ଡି ଦଲ୍‌ତି ଗଡ଼େଜ୍ଞାଁସାଲାକିନି ସୌନ୍ୟଦଲ୍ ।
ୱାରି ଇସାବ୍ ୨,୦୦୦୦୦ ଲକ୍ୟ ଇଜି ନାଜ୍ଞାଁ ୱେର୍‌ତାସିତାର୍ । 17
ମାରି ନାନୁ ଦର୍ସନତୁ ଗଡ଼ା ନି ତାମେ ସାଲାକିନିୱାରିଜ୍ଞାଁ ଇୟାୱାଜା
ସୁତୁତା, ୱାରି ବକାସାଜୁ ସିସୁ ୱାଜା ନେତେର୍ ରଙ୍ଗ୍, ନିଲକାନ୍ତ
ମଣି, ୱାଜା ନିଡ଼ି ମାରି ଗନ୍ଧକ ୱାଜା ଗେର୍‌କା ରଙ୍ଗ୍ ମାରାତ୍ ।
ଗଡ଼େଜ୍ଞାଁ ନରେସ୍ ୱାଜା ତାଲାମାରାତ୍ ମାରି ତାମେ ୱେୟୁଦାନ୍
ସିସୁ, ଗୟି ନି ଗନ୍ଧକ ସତାତ୍ । 18 ୱାରି ୱେୟୁଦାନ୍ ସନି ସିସୁ,
ଗୋଇ ମାରି ଗନ୍ଧକ ୱାଜା ଇୟା ମୁଣ୍ଡି କାସ୍ଟଦାନ୍ ମୁଣ୍ଡି ବାଗ୍‌ତାନ୍
ଉଣ୍ଡି ବାଗ୍ ଲୋକାଜ୍ଞାଁ ସାପିସ୍‌କିତାର୍ । 19 ଗଡ଼େଜ୍ଞାଁ ସାକ୍ତି ତାମେ
ୱେୟୁଦୁ ନି ତକାଦୁ ମାର୍ହାତ୍ । ତାମେକା, ତକେଜ୍ଞ୍, ତାଲେକ୍ ମାନି
ସାରାସ୍ ୱାଜା ମାରି ଆବେଟ୍‌କୁ ୱାକ୍ ଲୋକାଙ୍ଗ୍ ଡାକ୍‌ସିମାରେଏ
। 20 ମର୍‌ଡିଦାନ୍ ସାଏଣ୍ଡା ତେବାତି ଲୋକୁ ଜାତିଦି, ଇନିକା
ବା ବାଦେଲେ ଆଏତାତ୍ । ୱାର୍ ଦୁବେଆଜ୍ଞାଁ ପୁଜାକିଦେଙ୍ଗ୍
ଡ଼ିସ୍‌ଏତାର୍ । ମାରି ସୁଡୁଦେଙ୍ଗ୍, ୱେନେଡ୍ରଜ୍ଞାଁ ମାରି ବୁଲାଦେଙ୍ଗ୍
ଆଟ୍‌ଇକା ବାଜ୍ଞାଁରାମ୍, ୱେଣ୍ଡି, ପିତଲ୍, କାଲୁ ନି ୱେର୍‌ଗୁଦାନ୍
ତିଆର୍ ଆତିମାନି ଦିୟାମ୍‌କାଜ୍ଞାଁ ପୁଜା କିନିକା ଡ଼ିସ୍‌ଏତାର୍ । 21
ୱାର୍ ମୋନ ଡ଼େପ୍‌ଏଣ୍ଡା ଲୋକ୍‌ସାପିସ୍‌ନିକା, ଗୁଣିଆ ବିଦ୍ୟା,
ଦାରିପାଣିକିନିକା ମାରି ଡଜ୍ଞାଁକିନି ବୁଦିଦୁ ମୁଜିତାମାରାର୍ ।

**10** ତାନିୱେନେକା ନାନୁ ସୁତୁତା, ମାରି ଅରେନ୍ ସାକ୍ତିମାନି
ଦୁତ୍ ମୁସ୍‌କୁପୁର୍‌ତାନ୍ ରେତାଜି ୱାଜିନାନ୍ । ୱାନ୍
ବାଦଡ଼ଦାନ୍ ପିଡ଼ିଗିତା ମାର୍ହାନ୍ ମାରି ବାଦଡ଼ଦୁ ୱାନି ତାଲାଦିଙ୍ଗ୍
କେର୍‌ବିତାମାରାତ୍ । ୱାନି ମୋକମ୍ ୱେଡ଼ାଦି ୱାଜା ମାରି
ପାଦାମ୍‌କୁ ସିସୁ ମୁଣ୍ଡା ୱାଜା ତୋର୍‌ଜିମାରାତ୍ । 2 ୱାନି କିୟୁଦୁ ଉଣ୍ଡି
ଇସ୍ରି କୁଟ୍‌ତି ବଇ ମାରାତ୍ । ୱାନ୍ ୱାନି ଉଣେରି ପାଦାମ୍ ସାମୁଦୁର୍
ମୁସୁକୁ ମାରି ଡେବିରି ପାଦାମ୍ ବୁମି ମୁସୁକୁ ଇଟ୍‌ତାମାର୍ହାନ୍
। 3 ନରେସ୍ ଆଉଲି ୱାଜା ଆଉଲିକିଜି ୱାନ୍ କୁକୁତାନ୍,
ଟିକ୍ ଆୟାୱାଜା ଆଉଲିକିଜି ସାତଗୋଟା ଡିଡ଼ିନିକେଙ୍ଗ୍ ଇୟା
ଆଉଲିଦାନ୍ ଉତର୍ ସିତେ । 4 ୱାର୍ ଆମାକା ୱାରିଗିତାର୍,
ଆକା ନାନୁ ରାସ୍‌ତେଙ୍ଗ୍ ସଲ୍‌ସିମାର୍ହା, ମାତର୍ ମୁସ୍‌କୁପୁରୁତାନ୍
ଉଣ୍ଡି ପେରି ବଲୁୱେର୍‌ଆ । ଆୟା ବଲୁ ନାଜ୍ଞ୍ ଇର୍ହାତ୍, "ବାଦଡ଼୍
ଆଉଲିଦୁ ଆମାକା ୱେର୍‌ଇମାନି, ଆକା ଆଡ଼ିକ୍‌ସି ଇଡିଆ;
ରାସ୍‌ମା ।" 5 ତାନିୱେନ୍‌କା ଏମେ ଦୁତ୍‌ଦିଙ୍ଗ୍ ସାମୁଦୁର୍ ମାରି
ବୁମି ମୁସୁକୁ ନିରିଇମାନିକା ନାନୁ ସୁତୁତାମାର୍ହା, ୱାନ୍ ୱାନି
ଉଣେରି କିୟୁ ମୁସ୍‌କୁପୁର୍ ତରିନ୍ ନିକିତାନ୍ । 6 ମାରି ଏନ୍
ମୁସ୍‌କୁପୁର୍, ଦୁନିଆ, ସାମୁଦୁର୍ ମାରି ଆବେମାନି ୱିଜୁ ବିସୟ
ତିଆର୍ କିତାମାନାନ୍, ଆୟା ୱିଜୁଦିନ୍‌ତି ମାପୁରୁଦି ଦରୁଦାନ୍
ପାର୍‌ମାଣ୍‌କିଜି ଇର୍ହାନ୍, "ମାରି ୱେଡ଼ା ଡ଼େରି ଆଏତ୍ । (aiōn
g165) 7 ଏସ୍ତିୱାଲେ ସାତ୍ ନମ୍ବର୍‌ତି ଦୁତ୍ ମୋରି ଉକୁନାତ୍,
ମାପୁରୁ ୱାନି ସେବକ ବାବବାଦିର୍ ଲାକୁତୁ ଏମେ ମାରିଗିତି ମାନି
ବାକ୍ୟ ୱେର୍‌ତାମାର୍ହାନ୍, ଆକା ୱିସ୍‌ନାନ୍ ।" 8 ତାନିୱେନ୍‌କା
ମୁସ୍‌କୁପୁର୍‌ତି ଆୟା ବଲୁ ନାଜ୍ଞାଁ ମାରି ଇର୍ହାନ୍, ସାଜ୍ଞ୍‌ଆ, "ସାମୁଦୁର୍
ମାରି ବୁମି ମୁସୁକୁ ନିରିଇ ମାନି ଦୁତ୍‌ଦି କିୟୁଦାନ୍ କୁଟ୍‌ତି ବଇ
ଅଆ ।" 9 ନାନୁ ଦୁତ୍‌ଦି ଲାକୁତୁ ସୋଲ୍‌ସି ଆୟା ଇସ୍ରି ବଇଦିଙ୍ଗ୍
ଲସ୍‌ତା । ୱାନ୍ ନାଜ୍ଞାଁ ଇର୍ହାନ୍, "ଅସି ତିନ୍‌ଆ । ନି ପଟା ଉଣ୍ଡିଙ୍ଗ୍
ଇକା କେୟ୍‌ନାତ୍, ମାତର୍ ନି ୱେୟୁଦୁ ଇକା ପୁକି ୱାଜା ସାୱି
ୱାନାତ୍ ।" 10 ନାନୁ ଆୟା ଇସ୍ରି ବଇଦିଙ୍ଗ୍ ଦୁତ୍‌ତି କିୟୁଦାନ୍ ଅସି
ତିନ୍‌ଆ । ଆକା ନା ୱେୟୁଦୁ ପୁକି ୱାଜା ସାୱି ଆତାତ୍, ମାତର୍
ଡ଼ିଜ୍ଞାଁନି ଦାପ୍ରେ ପୋଟା ଲୋଇ କେଇତାତ୍ । 11 ତାନିୱେନ୍‌କା
ଏନ୍ନେନା ନାଜ୍ଞାଁ ଇର୍ହାନ୍, "ନାଣ୍ଡ ଦେସ୍‌କୁ, ଜାତି, ବାସାଦୁ ମାରି
ରାଜାରି ବିସୟତାନ୍ ମାପୁରୁଦି କାବୁର୍ ମିର୍ ସୋଲ୍‌ସି ମାରିଡ଼େସି
ବାବବାଣି ୱେର୍‌ତୁ ।"

**11** ତାନିୱେନ୍‌କା ଏନ୍ ଅରେନ୍ ଲେକିସ୍‌କିନି କାଣ୍ଡି ନାନି
ଇସ୍ରି ବାଡିଗା ନାଜ୍ଞାଁ ସିଜି ଇର୍ହାନ୍, "ସାଜ୍ଞ୍‌ଆ, ମାପୁରୁଦି
ମନ୍ଦିର୍ ନି ବେଦି ଲେକିସ୍ କିଆ ମାରି ମନ୍ଦିରିତୁ ପାର୍‌ତନା
କିନିୱାରିଙ୍ଗ୍ ଲେକିସ୍ କିଆ । 2 ମାତର୍ ମନ୍ଦିର୍‌ତି ଆତେରେ
ମାନି ଦୁଆର୍‌ତିଙ୍ଗ୍ ଲେକିସ୍‌କିମା । ଇରିଙ୍ଗ୍, ଆକା ଅଣଜିହୁଦିରିଙ୍ଗ୍
ସିଆୟ୍ ଆତାମାନାତ୍ । ୱାର୍ ୪୨ ଗୋଟା ଲେଜୁକୁ ସାନ୍ଧି ଇୟା
ପବିତ୍ର ଗାଡ଼୍‌ତିଙ୍ଗ୍ ମାଟ୍‌ସି ଇଡ଼ନାର୍ । 3 ବାସ୍‌ତେଙ୍ଗ୍ ଆରାତିମାନି
ନା ରିଏର୍ ସାକିରିଙ୍ଗ୍ ନାନୁ ପୋକ୍‌ନା । ୱାର୍ ଆୟା ୧, ୨୬୦ ଦିନ୍
ସାନ୍ଧି ବାବବାଣି ୱେର୍‌ନାର୍ ।" 4 ଆୟା ରିଏର୍ ସାକିର୍ ଦୁନିଆଦି
ପ୍ରବୁଦି ଆଗିଡ଼ି ନିରିଇମାନି ରୁଣ୍ଡି ଜିତ ମାରାକ୍ ନି ରୁଣ୍ଡି ଦିୱେଜ୍ଞାଁ
ୱାଜା । 5 ଜଦି ଏନ୍ ୱାରି ନାସ୍ଟ କିଦେଙ୍ଗ୍ ଚେଷ୍ଟାକିନାନ୍, ଆର୍‌ତିଙ୍ଗ୍
ୱାରି ୱେୟୁଦାନ୍ ସିସୁ ସୋସି ସାତୁରି ଦଂସ କିନାତ୍ । ଇୟାୱାଜା
ଏନ୍ ୱାରି କେତି କିଦେଙ୍ଗ୍ ସୋନାନ୍, ୱାନ୍ ଦଂସ ଆନାନ୍ ।
6 ମାପୁରୁଦି କାବୁର୍ ୱେର୍‌ନି ବେଡ଼ାଦୁ ବାଦଡ଼ତିଙ୍ଗ୍ କେର୍‌ପିସି
ପିରୁଦିଜ୍ଞାଁ ତେବାକିନି ଅଦିକାର୍ ୱାରିଙ୍ଗ୍ ସିଆୟ୍ ଆତାମାର୍ହାତ୍
। ଏରୁ ଜଲା ନେତେର୍‌ତୁ ମାର୍‌ତେଙ୍ଗ୍ ମାରି ନିଜେ ବଦାଦାନ୍
ଦୁନିଆଦୁ ମାରିଡ଼େସି ମର୍‌ଡି ଆରାମ୍ କିଦେଙ୍ଗ୍ ୱାରି ଅଦିକାର୍
ମାନାତ୍ । 7 ୱାର୍ ସାକ୍ୟ ୱେର୍‌ତେତଙ୍ଗ୍ ସେସ୍ କିନି ୱେନ୍‌କା
ପାତାଲ୍‌ପୁର୍‌ତାନ୍ ଉଣ୍ଡି ଜାତୁ ନିଜ୍ଞାଁଜି ୱାଜି ୱାରି ବିରୁଦ୍‌ତାନ୍ ଜୁଦ୍
କିନାତ୍ । (Abyssos g12) 8 ୱାଦ୍ ୱାରିଙ୍ଗ୍ ଆରାକିଜି ସାପିସ୍
କିନାତ୍ ମାରି ଆମା ପେରିଗାଡ଼୍‌ତୁ, ପେରିଜାରିଦୁ ପ୍ରବୁ କୁସଦୁ
ସାତାମାରାନ୍, ଆବେନୁ ୱାରି ମାଡ଼ା ତେବାନାତ୍ । ଆୟା ଗାଡ଼୍‌ତିଙ୍ଗ୍
ଆତ୍ମାଦୁମାନି ସଦମ୍ ବା ମିସର୍ ଇଜି ଇନ୍‌ଡ୍ରେଙ୍ଗ୍ ଆଟ୍‌ନାର୍ । 9
ୱିଜୁ ଦେସ୍‌କୁ, କୁଟୁମ୍, ବାସାବାଦି ମାରି ଜାତିଦି ଲୋକୁ ମୁନେନ୍
ଆଦା ସାନ୍ଧି ଆୟା ମାଡ଼େଙ୍ଗ୍ ସୁଣାର୍ ମାରି ଆୟାୱାନିକାଙ୍ଗ୍ ମୁସୁନି
ଉଣ୍ଡିଙ୍ଗ୍ ଡ଼ିସ୍‌ଏର୍ । 10 ଇୟା ରିଏରି ସାନି ଉଣ୍ଡିଙ୍ଗ୍ ଦେସ୍‌ତି ଲୋକୁ

ୱେଡ଼ିକା ଆନାର୍, ଉଣିଜି ତିନିଜି କିଜି ନିଜେ ନିଜେଦି ଲାକୁତୁ
ଦାନ୍ ପୋକନାର୍; ଇରିଙ୍ଗ ଆୟ୍ୟା ବାବବାଦିରି ଉଣ୍ତିଙ୍ଗ ଦେସ୍ତି
ଲୋକୁ ନାଣ୍ତ ବାଦା ଆଜିମାରାର୍ । 11 ମାତର୍ ମୁନେନ୍ ଆଦା
ଦିନ୍ ୱେନ୍କା ମାପୁରୁଦି ମାଡ଼ାନ୍ ଜିବନ୍ ୱାଜି ୱାରି ମେନ୍ଦଲ
ଲୋଇ ଡୁଗିତାତ୍ ମାରି ୱାର୍ ନିଙ୍ଗ୍ନଁଜି ନିରାର୍ । ଏମେକାର୍ ଇୟ୍ୟା
ଗଟନା ସୁଡୁତାର୍, ୱାର୍ ନାଣ୍ତ ତିଲାତାର୍ । 12 ମାରି, ଆୟ୍ୟା
ରିଏର୍ ବାବବାଦି ୱାରିଙ୍ଗ ମୁସ୍କୁପୁର୍ତାନ୍ ନାଣ୍ତ ଆଉଲିଦାନ୍
ଇୟ୍ୟା ବଲୁ ଇଜିମାନି ଉଣ୍ତି କାବୁର୍ ୱେରାର୍, "ଇବେନୁ ନିଙ୍ଗଜି
ରାଦୁ!" ୱାରି ସାତୁର୍ ସୁଡୁବୁ ସୁଡୁବୁ ୱାର୍ ବାଦ୍ଦ ଦୁରିଦୁ ମିସାଜି
ମୁସ୍କୁପୁର୍ତୁ ସୋରାର୍ । 13 ଟିକ୍ ଆୟ୍ୟା ବେଡ଼ାଦୁ ନାଣ୍ତ ଭୁମିକମ୍ପ
ଆତାତ୍, ଗାଡ଼୍ତି ଦସ୍ବାଗ୍ ଦଂସ ଆତାତ୍ ମାରି ବୁମିକମ୍ପଦୁ
୭,୦୦୦ ହଜାର୍ ଲୋକୁ ସାତାସରାର୍ । ଜିତିମାନି ଲୋକୁ ତିଲାଜି
ମୁସ୍କୁପୁର୍ତି ମାପୁରୁଙ୍ଗଁ ଦନ୍ୟବାଦ୍ କିତାର୍ । 14 ଇୟ୍ୟା କାସ୍ଟ
ସେସ୍ ଆତାତ୍; ମାତର୍ ତିନି ନମ୍ବର୍ତି କାସ୍ଟ ଇଗା ୱାଜିନାତ୍ ।
15 ତାନିୱେନ୍କା ସାତ୍ ନମ୍ବର୍ତି ଦୁତ୍ ତାନି ମୋରି ଉକୁତାତ୍ ମାରି
ମୁସ୍କୁପୁର୍ଦୁ ନାଣ୍ତ ଆଉଲଦି ୱାଲେ ଇୟ୍ୟା କାବୁର୍ ୱିଙ୍ଗିତାତ୍!
"ମା ପ୍ରବୁ ମାରି ୱାନି ମସିହ ଦୁନିଆ ମୁସୁକୁ ସାସନ୍ କିନି ଅଦିକାର୍
ଇଲେଇ ନିଜେ କିଦୁ ଅତାମାନାନ୍ । ୱାନ୍ ଇବେନୁ ୱିଜୁଦିନ୍
ସାସନ୍ କିନାନ୍ ।" (aiōn g165) 16 ତେନିୱେନ୍କା ମାପୁରୁଦି
ଆଗିଡ଼ି ନିଜେ ନିଜେଦି ସିଂହାସନ୍ଦୁ ବାସିସ୍ତିମାନି ୨୪ ଲୋକୁ
ପେରିନେତାର୍ ମାଡ଼ିସ୍ କିଜି ମାପୁରୁଦି ଆରାଦନା କିଜି, 17
ଇର୍ହାନ୍, "ଏ ସର୍ବସାକ୍ତିମାନ୍ ମାପୁରୁ, ନିନୁ ଆଗ୍ଡ଼ି ମାରି ଇଲେଇ!
ମାପୁ ନିଙ୍ଗଁ ଦନ୍ୟବାଦ୍ ସିଜିନାପ୍; ଇରିଙ୍ଗ ନି ପେରିସାକ୍ତିଦାନ୍
ଦେସ୍ତିଙ୍ଗ ବଜୁ ଅତିମାନି । 18 ଅଣଜିହୁଦିର୍ ରିସା ଆତାମାନାର୍;
ଇରିଙ୍ଗ ନି ରିସାଦି ବେଡ଼ା ଇଗା ୱାତାତ୍, ସାତିକାର୍ ଇଲେ ବିଚାର୍
ଆନାର୍ । ନି ସେବକ ବାବବାଦିର୍, ସାଦୁର୍ ମାରି ଏମେକାର୍
ନିଙ୍ଗଁ ତିଲାଜିନାର୍, ପେରିକାର୍ ନି ଇସ୍ରିକାର୍ ୱିଜେରେ ପୁରସ୍କାର୍
ପୟ୍ନାର୍ । ମାରି ଏମେକାର୍ ଦୁନିଆଦିଙ୍ଗ ଦଂସ କିନାର୍, ୱାନ୍
ବା ଦଂସ ଆନାର୍ ।" 19 ମୁସ୍କୁପୁର୍ଦୁ ମାନି ମାପୁରୁଦି ମନ୍ଦିର୍
ସେର୍ଲା ରେଆତାତ୍ ମାରି ମନ୍ଦିର୍ତୁ ନିୟମ୍ ପେଡ଼ା ମାନିକା
ତରିତାତ୍ । ତାନିୱେନ୍କା ବାଦଡ଼ ମିରିସ୍ତାତ୍, ବିଜ୍ଡାକ୍ତାତ୍,
ଭୁମିକମ୍ପ ମାରି ନାଣ୍ତ ଆଡ଼୍ରାଗା ପିରୁ ଆତାତ୍ ।

**12** ୱେନ୍କା ବାଦଡ଼ଦୁ ଉଣ୍ତି ପେରି ନି କାବାଆନି ସିନା
ତୋରିତାତ୍ । ଅରେତ୍ ଆଇମା ୱେଡ଼ାଦି ଜାୟ୍
ଆରାତାମାରାତ୍ । ତାନି ପାଦାମ୍ ଆଡ଼୍ଗି ଲେଜୁ ମାରି ତାଲାଦୁ
ବାରଗୋଟା ସୁକେଙ୍ଗ ମାନି ଉଣ୍ତି ମୁକୁଟ୍ ମାରାତ୍ । 2 ୱାଦ୍ ଗାର୍ବୁଦୁ
ମାର୍ହାତ୍ ମାରି ଜନମ୍ କିନି ୱିସାମ୍ତାନ୍ କସ୍ଟ ପୟଜି ମାର୍ହାତ୍
। 3 ବାଦଡ଼ତୁ ମାରି ଉନ୍ତ୍ରି କାବାଆନି ସିନା ତୋରିତାତ୍ ।
ନେତେର୍ ରଙ୍ଗତି ସାରାସ୍ ୱାଜା ଉନ୍ତ୍ରି ପେରି ଜାତୁ, ତାନିଙ୍ଗ
ସାତ୍ଗୋଟା ତାଲେକ୍, ଦାସେ୍ଗାଟା କମୁକୁ ମାରି ୱିଜୁ ତାଲେକାଙ୍ଗ
ଉନ୍ତ୍ରି ଲାକା ମୁକୁଟ୍ ମାରାତ୍ । 4 ଆୟ୍ୟାକାତ୍ ତାନି ତକାଦାନ୍
ବାଦଡ଼ତାନ୍ ମୁନ୍ତ୍ରିବାଗ୍ତାନ୍ ଉନ୍ତ୍ରିବାଗ୍ ସୁକେଙ୍ଗ ରେଲ୍ଜିତାସି
ଦୁନିଆ ମୁସୁକୁ ପୋକ୍ତାତ୍ । କଡ଼ ଜନମ୍ ଆତି ଦାପେ ଦାପେ
ୱାନିଙ୍ଗ ତିନି ଉଦେସ୍ତାନ୍ ସାରାସ୍ ଆୟ୍ୟା ଆଇମା ଲାକ୍ତୁ
ୱାତାଦୋ ନିରାତ୍ । 5 ଟିକ୍ ଆୟ୍ୟା ୱେଡ଼ାଦୁ ଆଇମା ଅରେନ୍
କଡ଼ପିଲାଦିଙ୍ଗ ଜନମ୍ କିତାତ୍ । ମାତର୍ ଲୁୱା ଦଣ୍ତ ସାକାଦାନ୍
ୱିଜୁ ଜାତିମୁସୁକୁ ସାସନ୍ କିନି ଉଣ୍ତିଙ୍ଗ ଟିକ୍ ବେଡ଼ାଦୁ ଆୟ୍ୟା କଡ଼
ପେରାୟ୍ଆଜି ମାପୁରୁ ସିଂହାସନ୍ ଲାକୁତୁ ଅଆୟ୍ ଆତାନ୍ । 6
ମାରି ଆୟ୍ୟା ଆଇମା ମରୁଜାଗାଦୁ ଉର୍କୁତାତ୍ । ଆବେନୁ ୧, ୨୬୦
ଦିନ୍ ସାନ୍ଦି ୱାଦ୍ ମାନି ଜାଗା ମାପୁରୁ ତିଆର୍ କିତାସିତାମାର୍ହାନ୍
। 7 ତାନିୱେନ୍କା ମୁସ୍କୁପୁର୍ଦୁ ଜୁଦ୍ ଆରାମ୍ ଆତାତ୍ ।
ମୀଖାୟେଲ୍ ମାରି ତାମେ ଦୁତ୍କୁ ଆୟ୍ୟା ପେରି ସାରାସ୍ ମାରି ତାନି
ସେବାକିନିୱାରି ୱାଲେ ଜୁଦ୍ କିତାତ୍ । 8 ଜୁଦଦୁ ସାରାସ୍ ମାରି
ତାନି ଦୁତ୍କୁ ଆରାତାର୍ ମାରି ୱାର୍ ମାରି ମୁସ୍କୁପୁର୍ଦୁ ଜାଗା
ପୋଇଏତାର୍ । 9 ଆୟ୍ୟା ସାରାସ୍ ଆଜିନାତ୍, ୱିଜୁ ଦୁନିଆଦିଙ୍ଗ
ବାଣ୍ତିସ୍ କିତିମାନି ସାକ୍ତି ପୁର୍ବେଦି ସାରାସ୍, ସୟତାନ୍; ତାନି
ଦୁତ୍କା ୱାଲେ ମୁସ୍କୁପୁର୍ଦାନ୍ ପୋକାୟ୍ଆଜି ଦୁନିଆଦି ମୁସୁକୁ
ୱାଜି ଆର୍ତାତ୍ । 10 ତାନିୱେନ୍କା ନାନୁ ମୁସ୍କୁପୁର୍ତୁ ପେରି
ଆଉଲିଆଜିନିକା ଉଣ୍ତି ମାଟା ୱେର୍ଆ, "ଇଲେଇ ମାପୁରୁଦି
ରକିୟ୍ୟା ଇତାତ୍ । ୱାନି ରାଜା ସାକ୍ତି ମାରି ୱାନି ମସିହଦି
ଅଦିକାର୍ ତରତାମାନାନ୍ ଏମେ ମିଚ୍ୱେର୍ନିକାନ୍ ୱେଡ଼େ ନାଡ଼ା
ମାପୁରୁଦି ଆଗିଡ଼ି ନିଲିଜି, ମା ମାପୁରୁଦି ତଡ଼ାନ୍କା ନି ତାଙ୍ଗଁକା
ବିରୁଦ୍ତାନ୍ ମିଚ୍ ଦାବି କିଜିମାର୍ହାତ୍, ୱାନ୍ ନେରୁ ମୁସ୍କୁପୁର୍ଦାନ୍
ପୋକାଇଆତାନ୍ । 11 ମେଷସାବକଦି ନେତେର୍ତି ସାକ୍ତିଦାନ୍
ମାରି ୱାର୍ ସାକ୍ୟ ୱେରିସିମାନି ସତ୍ ବିସୟ୍ ଉଣ୍ତିଙ୍ଗ ଜିବନ୍ସିଦେଙ୍ଗ
ତିଆର୍ ଆତିମାନିଙ୍ଗ ମା ତଡ଼ାନ୍କୁ ନି ତାଙ୍ଗଁକି ଜିଣାତାମାନାର୍ ।
12 ଆର୍ତିଙ୍ଗ ମୁସ୍କୁପୁର୍ ନି ଦୁନିଆଦୁମାନି ୱିଜେରେ ୱେଡ଼ିକା
କିଦୁ । ମାତର୍ ଆୟ୍! ଦୁନିଆଦି ବୁମି ନି ସାମ୍ଦୁରୁ ୱିଜୁ! ମି ଦଣ୍ଡ
ଏସା ବୟ୍ଙ୍କାର୍! ଇଲେ ସୟତାନ୍ ମି ଲାକୁତୁ ମାରି ୱାଦ୍ ବେସି
ରିସାଆତାମାନାତ୍, ମାତର୍ ୱାଦ୍ ନେସ୍ନାତ୍, ତାନି ୱେଡ଼ା ଇଗା
ୱାତାତ୍ନି ।" 13 ଦୁନିଆଦୁ ପୋକ୍ନିକା ସୁଡୁଜି ସୟତାନ୍ କଡ଼ଦି
ଜନମ୍ସିତି ଆୟ୍ୟା ଆଇମାଦିଙ୍ଗ ପେରିତାତ୍ । 14 ସାରାସ୍ଦି
ଆକ୍ରମଣଦାନ୍ ରକିୟ୍ୟା ପୋଇନି ଉଣ୍ତିଙ୍ଗ ଆଇମାଦିଙ୍ଗ ରୁଣ୍ତି ପେରି
ଡେଗା ପୋଟିଦି ରେକେଙ୍ଗ ସିଆୟ୍ଆତାତ୍ । ତାନି ସାକାଦାନ୍
ୱାଦ୍ ମରୁଜାଗାଦୁ ନିଜେଦି ତେବାନି ବାଡିଦୁ ଇମିଜିସଲ୍ସି,
ଆବେନୁ ମୁନ୍ତ୍ରି ବାର୍ସେକ୍ ଆଦା ସାନ୍ଦି ସାନ୍ତିଜାଗାଦୁ ତେବାଦେଙ୍ଗ
ଇଚାକିତାତ୍ । 15 ତାନିୱେନ୍କା ଆଇମାଦିଙ୍ଗ ଏରୁତୁ ଦେଲ୍ପିସ୍
ଅତେଙ୍ଗ ଇଜି ସାରାସ୍ ନିଜେଦି ୱେୟୁଦାନ୍ ତାନି ୱେନ୍କା ୱେନ୍କା
ଉଣ୍ତି ପିରୁଏରୁ ସପ୍ତାତ୍ । 16 ମାତର୍ ଆଇମାଦିଙ୍ଗ ରକ୍ଷାକିନି
ଉଣ୍ତିଙ୍ଗ ଦୁନିଆ ନିଜେଦି ୱେୟୁ ରେସି ସୟତାନ୍ତି ୱେୟୁଦାନ୍
ସୋସିମାନି ୱିଜୁ ଏରୁଦିଙ୍ଗ ଉଟାନ୍ । 17 ଆବେଟ୍କୁ ସୟତାନ୍
ଆଇମାଦି ମୁସୁକୁ ନାଣ୍ତରିସା ଆଜି, ତାନି କୁଟୁମ୍ ଏମେ ତେବାତି

ଲୋକୁ ମାପୁରୁଦି ମାଟା ମାନାନାର୍ ମାରି ଜିସୁଦି ବିସୟତାନ୍
ସାକି ସିନାର୍, ୱାରି ୱାଲେ ଜୁଦ୍ କିଦେଙ୍ଗ ସତାତ୍ ।

**13** ମାରି ସୟତାନ ସାମୁଦୁର୍‌ଦି ପାଡ଼ି ସଲ୍‌ସି ନିରାନ୍ । ତାନି
ୱେନେକା ନାନ୍ ସୁଡୁତା, ଉଣ୍ତ୍ରି ଜାତୁ ସାମୁଦୁରୁ ଲୋଇରାନ୍
ନିଡ୍ଡିଁଜି ୱାଜିନାତ୍ ତାନିଙ୍ଗ ଦସଗୋଟା କମୁକୁ ମାରି ସାତଗୋଟା
ତାଲେକ୍ । ୱିଜୁ କମୁକାଙ୍ଗ ଉଣ୍ତ୍ରି ଉଣ୍ତ୍ରି ମୁକୁଟ୍ ମାରାତ୍ ମାରି
ୱିଜୁ ତାଲେକାଙ୍କ ଉଣ୍ତ୍ରି ଉଣ୍ତ୍ରି ମାପୁରୁଙ୍କଁ ନିନ୍ଦାକିନି ସିନା ଦରୁ
ରାସାତାମାରାତ୍ । 2 ଅଡୁଜୁ ଉଣ୍ତ୍ରି କାବ୍‌ରା ନରେସ୍ ୱାଜା
ତୋରିଜିମାରାତ୍ । ତାନି ପାଦାମ୍‌କୁ ଅଡୁଜୁ ପାଦାମ୍‌କୁ ୱାଜା ମାରି
ୱେୟୁ ନରେସ୍ ୱେୟୁ ୱାଜା । ସାରାସ୍ ଇୟା ଜାତୁଦିଙ୍ଗ ନିଜେଦି
ସାକ୍ତି, ସିଂହାସନ୍ ମାରି ପେରିଅଦିକାର୍ ସିତାନ୍ । 3 ଜାତୁଦି
ଉଣ୍ତ୍ରି ତାଲା ନାଣ୍ତ ଗାଉ ଆତିମାରି ୱାଜା ମନେ ଆଜିମାରାତ୍
। ମାତର୍ ଗାଉ ବାଡି ନେଗେନ୍ ଆତାମାରାତ୍ ମାରି ଦୁନିଆଦି
ଲୋକ୍ ୱିଜେରେ କାବାଆଜି ଜାତୁଦି ୱେନେକା ସରାର୍ । 4
ମାରି, ୱିଜେରେ ଜାତୁଦିଙ୍ଗ ଅଦିକାର୍ ସିତିମାନି ସାରାସ୍‌ତିଙ୍ଗ
ପୁଜା କିତାର୍ । ୱାର୍ ଜାତୁଦିଙ୍ଗ ବା ପୁଜା କିଜି ଇର୍ହା, "ଏନ୍
ଇୟା ଜାତୁଦି ସାମାନ୍ ଆନାନ୍? ଏନ୍ ତାନି ବିରୁଦ୍‌ତାନ୍ ଜୁଦ୍
କିଦେଙ୍ଗ ଆଟ୍‌ନାନ୍?" 5 ଜାତୁ ଗରବ୍‌ତାନ୍ ମାଟା ୱାରିଗିଜି
ମାରାତ୍ ମାରି ମାପୁରୁ ନିନ୍ଦା କିଜିମାରାତ୍, ଆରିତିଙ୍ଗବା ୪୨
ଗୋଟା ଲେଜୁକୁ ସାନ୍ଟି ସାସନ୍ କିନି ଉଣ୍ତ୍ରିଙ୍ଗ ତାନିଙ୍ଗ ସାରି
ପୁଟ୍‌ତାତ୍ । 6 ମାପୁରୁଦି, ୱାନି ଦରୁ ମାରି ୱାନି ବାସାନିବାଡି
ମାରି ମୁସ୍‌କୁପୁର୍‌ଦୁମାନି ୱିଜେରିଙ୍ଗ ୱାନ୍ ଆନାଦୁରିଆ ସିଦେଙ୍ଗ
ଆସ୍‌ତାନ୍ । 7 ମାପୁରୁଦି ଲୋକା ବିରୁଦ୍‌ତାନ୍ ଜୁଦ୍ କିଜି ୱାରିଙ୍ଗ
ଆରା କିଦେଙ୍ଗ ୱାନ୍ ସାରି ପୋଇତାନ୍ ମାରି ୱିଜୁ କୁଟୁମ୍, ଦେସ୍
ମାରି ବାସା ମାରି ଜାତି ମୁସୁକୁ ତାନିଙ୍ଗ ଅଦିକାର୍ ସିଆୟ୍ ଆତାତ୍
। 8 ଦୁନିଆ ତିଆର୍‌ଆନି ପୁର୍ବେଦାନ୍ ଏମେୱାରି ଦରୁ ସାତିମାନି
ମେଷସାବକତି ଜିବନ୍ ବଇଦୁ ରାସାତାମାରାତ୍, ୱାରିଙ୍ଗ ଡ଼ିସ୍‌ତିଙ୍ଗ
ଦୁନିଆଦି ଆଇ ୱିଜେରେ ଆୟା ଜାତୁଦିଙ୍ଗ ପୁଜାକିନାର୍ । 9
"ଏମେୱାନିଙ୍ଗ ଗିତଣିଙ୍ଗଁ ମାନେ ୱାନ୍ ୱେନିନ୍ । 10 ମାପୁରୁଦି
ବଦା ଇସାବ୍‌ତାନ୍ ଏନ୍ ତରାୟ୍ ଆନିକାମାନାତ୍, ୱାନ୍ ସତେନେ
ତରାୟ୍ ଆନାନ୍ । ଏନ୍ ଆଇୱାନିଙ୍ଗ କାଣ୍ତାସାରି ସାପିସ୍ କିନାନ୍,
ୱାନ୍ ନିଜେ କାଣ୍ତାସାରି ସାନାନ୍ । ମାପୁରୁଦି ଲୋକା ଉଣ୍ତ୍ରିଙ୍ଗ
ସାସ୍ ନି ବିସ୍‌ବାସ୍ ଲୋଡ଼ା ମାନାତ୍ ।" 11 ତାନିୱେନ୍‌କା ନାନୁ
ସୁଡୁତା, ମାରି ଉଣ୍ତ୍ରି ଜାତୁ ବୁମି ଲୋଇରାନ୍ ନିଡ୍ଡିଁଜି ୱାଜିନାତ୍ ।
ମେଷସାବକଦି କମୁକୁ ୱାଜା ତାନି ରୁଣ୍ତି କମୁକୁ ମାର୍‌ଏ ମାରି
ୱାନ୍ ପୁର୍ବେଦି ସାରାସ୍ ୱାଜା ମାଟା ଇଜିମାର୍‌ଆତ୍ । 12 ଇୟା
ମାରିଉନ୍‌ଡ୍ରି ପସୁ ପାର୍‌ତୁମ୍ ପସୁଦି ମାନିମାନୁ ତାନି ଅଦିକାର୍
ବ୍ୟବହାର୍ କିଜି ପାର୍‌ତୁମ୍ ପସୁଦି ପୁଜା କିନି ଉଣ୍ତ୍ରିଙ୍ଗ ଦୁନିଆଦୁ
ବାସାନି ୱିଜେରିଙ୍ଗ ରାଜି କିତାତ୍ । ଆମାତାନି ଗାଉ ନେଗେନ୍
ଆତାମାର୍ହାତ୍, 13 ମାରିଉଣ୍ତ୍ରି ପସୁଦି ପେରି କାବାଆନି ପାଣି ୱିଜୁ
ପୁରାକିତାତ୍ । ୱିଜେରି ଆଗିଡ଼ି ମୁସ୍‌କୁପୁର୍‌ତାନ୍ ଦୁନିଆ ମୁସୁକୁ
ସିସୁ ପିରୁଆରାପ୍‌ତାତ୍ । 14 ମାରି ପାର୍‌ତୁମ୍ ପସୁଦି ମାନିମାନୁ
ଇୟାୱାଜା ନାଣ୍ତ କାବାଆନି ପାଣି କିଜି ଦୁନିଆଦି ଲୋକାଙ୍ଗ
ୱିଜେରିଙ୍ଗ ବାଣ୍ତିସ୍ କିତାତ୍ । କାଣ୍ତାସାରି ଗାଉ ଆଜି ନେଗେନ୍
ଆତିମାର୍‌ଇ ଆଗିଡ଼ିରି ପସୁଦିଙ୍ଗ ସନ୍‌ମାନ୍‌ତି ଉଣ୍ତିଙ୍ଗ ତାନି ଉଣ୍ତ୍ରି
ବମା ତିଆର୍ କିଦେଙ୍ଗ ମାରିଉନ୍‌ଡ୍ରି ପସୁ ଲୋକାଙ୍ଗ ଆଦେସ୍
ସିତାତ୍ । 15 ପାର୍‌ତୁମ୍ ପସୁଦି ବମାଦୁ ଜିବନ୍‌ସିଜି ତାନିଙ୍ଗ ଜିବନ୍
କିନି ଉପାୟ୍ ମାରିଉନ୍‌ଡ୍ରି ପସୁ ନେସ୍ତାମାରାତ୍ । ଆବେଟ୍ ବମା
ୱାରିଗିତାତ୍ ମାରି ଏମେକାର୍ ତାନି ପୁଜାକିଏତାର୍, ୱାରିଙ୍ଗ
ସାପିସ୍ କିଦେଙ୍ଗ ଅଦିକାର୍ ସିଆୟ୍‌ଆତାତ୍ । 16 ମାରି ପେରି ଇସ୍ରି,
ପାଣିକିନିକାନ୍, ବା ମୁକ୍‌ଡ଼ାତିକାନ୍, ମାଜନ୍ କାକୁର୍ତି, ୱିଜେରିଙ୍ଗ
ଉଣିକିୟୁଦୁ ସିଲେତିଙ୍ଗ କାପାଲ୍‌ତୁ ଉଣ୍ତ୍ରି ସିନା ଡାକାଦେଙ୍ଗ ୱାଦ୍
ଲୋକାଙ୍ଗ ରାଜି କିତାତ୍ । 17 ପସୁଦି ଦରୁ ବା ଆୟା ଦରୁଦି
ସିନା ଉଣ୍ତ୍ରି ଇସାବ୍ ଡାକାଏଜି ମାନି ଏନ୍ କଡ଼ଦେଙ୍ଗ ପୋର୍‌ଦେଙ୍ଗ
ଆଟ୍‌ଏନ୍ ଇଜି ପସୁ ଆଦେସ୍ ସିତାତ୍ । 18 ଇବେନୁ ବୁଦି ଦରକାର୍
ଏମେୱାନିଙ୍ଗ ବୁଦି ମାନାତ୍ ୱାନ୍ ପସୁଦି ଇସାପ୍ କିପିନ୍, ମାତର୍
ଆକା ଅରେନ୍ ଲୋକୁ ଇସାପ୍, ମାରି ଆୟା ଇସାପ୍ ଆଜିନାତ୍
୬୬୬ ।

**14** ତାନିୱେନ୍‌କା ନାନୁ ସୁଡୁତା, ମେଣ୍ତାପିଲା ସିୟୋନ ଗୋରନ୍
ମୁସୁକୁ ନିରାମାନାନ୍ । ୱାନି ୱାଲେ ୧୪୪,୦୦୦ ଲୋକୁ
ମାର୍ହାର୍ । ୱାରି କାପାଲ୍‌ତୁ ମେଣ୍ତାପିଲା ମାରି ୱାନି ବୁବାଦି
ଦରୁ ରାସାତାମାରାତ୍ । 2 ତାନିୱେନ୍‌କା ନାନୁ ୱେର୍‌ଆ, ଏରୁ
ୱାଙ୍ଗନିଆଉଲି ମାରି ମିର୍‌ସିନି ଆଉଲି ୱାଜା ମୁସ୍‌କୁପୁର୍‌ତାନ୍
ଉନ୍‌ଡ୍ରି ବଲୁ ୱାତାତ୍ । ବାଜାଏସ୍‌ନିକାର୍ ବାଜାଏସ୍‌ସି ମାନି
ମୋରି ଝୁମ୍‌କା ୱାଜା ଆକା ୱେନ୍‌ଜି ମାର୍ହାତ୍ । 3 ଆୟା
୧୪୪,୦୦୦ ଲୋକୁ ମୁସ୍‌କୁପୁର୍ ସିଂହାସନ୍‌ଦୁ, ନାଲ୍‌ଗି ଜାତୁଙ୍କଁ
ମାରି ମଣ୍ତଲିଦି ପେରିନେତାରି ଆଗ୍‌ଡ଼ି ନିର୍ହାର୍ । ୱାର୍ ପୁନିପାଟା
ପାରିଜିମାରାର୍ । ୱାରିଙ୍ଗ ଡ଼ିସ୍‌ତିଙ୍ଗ ଆଇକାର୍ ଏର୍ ଆୟା ପାଟା
ପାର୍‌ଦେଙ୍ଗ ଆଟ୍‌ଏଜିମାର୍ହାର୍ । ସାରା ଦୁନିଆ ଲୋକା ଜାତିଦି
ମାଣୁକୁ କେବଲ୍ ୱାର୍ ରକିୟା ପୋଇତାମାରାର୍ । 4 ୱାର୍
ଆଇମେକା ୱାଲେ ନିଜେଦିଙ୍ଗ ଏସ୍‌କାଙ୍ଗ ପାପ୍ କିଏର୍ ମାର୍ହାର୍,
ୱାର୍ ମାର୍ହାର୍ ନେଗିକାର୍ । ୱାର୍ ୱିଜୁଦିନ୍ ମେଣ୍ତାପିଲାଦି ୱେନ୍‌କା
ବୁଲାଜିମାର୍ହାର୍ । ୱାର୍ ଲୋକା ମାଣୁକୁ ପାର୍‌ତୁମ୍ ରକିୟା ପଇଜି
ମାପୁରୁ ମାରି ମେଣ୍ତାପିଲାଦି ଲାକ୍‌ତୁ ସର୍ପେ ଆତାମାନାର୍ । 5 ୱାର୍
ଏସ୍‌କାଙ୍ଗ ମିଚ୍ ୱେର୍‌ନିକା ତର୍‌ଏତ୍, ୱାର୍ ପୁରା ଦସ୍‌ସିଲିକାର୍
। 6 ତାନିୱେନ୍‌କା ନାନୁ ମାରିଡ଼େସି ସୁଡୁତା, ମାରି ଅରେନ୍
ଦୁତ୍ ବାଦଡ଼ଦୁ ନାଣ୍ତ ମୁସ୍‌କୁରାନ୍ ଇମିଜି ଇମିଜି, ଦୁନିଆଦି ୱିଜୁ
ଜାତି, କୁଟୁମ୍, ବାସାଦି ମାରି ଦୁନିଆଦି ଲୋକା ଲାକ୍‌ତୁ ମାପୁରୁଦି
ଆୟା ୱିଜୁଦିନ୍‌ତି ସୁସମାଚାର୍ ୱେର୍‌ସିନାନ୍ । **(aiōnios g166)**
7 ୱାନ୍ ପେରି ବଲୁଦାନ୍ ୱେର୍‌ସିନାନ୍, "ମାପୁରୁଙ୍କଁ ତିଲାଦୁ,
ୱାନି ଆତ୍ମାଦିଙ୍ଗ ପ୍ରସଂସା କିଦୁ, ମାତର୍ ଲୋକା ବିଚାର୍ ବେଡ଼ା
ଇଗା ୱାତାତ୍‌ନି । ମୁସ୍‌କୁପୁର୍, ଦୁନିଆ, ସାମୁଦୁର୍ ମାରି ୱିଜୁ

ଏରୁଜଲେଙ୍ଗ ତିଆର୍‌କିତିୱାନିଙ୍ଗ ପୁଜାକିଦୁ ।” 8 ଆୟ୍ୟା ଆଗ୍‌ଡ଼ିରି
ଦୁତଦି ୱେନ୍‌କା ମାରିଉଣ୍ଡି ଦୁତ୍ ୱାଜି ଇର୍ହାତ୍, “ୱାନିଦି ଦଂସ
ଗଟାତାତ୍ । ୱେଙ୍ଗିଁତିମାନି ବାବିଲନ୍ ଦଂସ୍ ଆତାମାନାତ୍ ।
ୱାନ୍ ୱାନି ଦାରିପାଣି ୱାଜା କାଡୁ ଉଟ୍‌ପିସ୍ କିଜି ୱିଜୁ ଲୋକାଙ୍ଗ
ସୋସପିସ୍ କିତାମାର୍ହାନ୍ ।” 9 ଇୟ୍ୟା ରୁଣ୍ଡି ଦୁତଦି ୱେନ୍‌କା
ମାରିଉଣ୍ଡି ଦୁତ୍ ୱାଜି ପେରି ବଲୁଦାନ୍ ଇନ୍‌ଡ୍ରେଙ୍ଗ ଆସ୍‌ତାତ୍,
“ଏନ୍‌ଆପିନ୍ ଜାତୁ ମାରି ତାନି ବମାଦିଙ୍ଗ ପୁଜା କିନାନ୍ ମାରି
ନିଜେଦି କାପାଲ୍ ନି କିୟୁଦୁ ୱାନି ସିନା ଆସ୍‌ନାନ୍, 10 ୱାନ୍
ମାପୁରୁଦି ରିସାଦିୱାଜା ଡୁବାଇଦୁ ୱାକ୍‌ତିମାନି ୱାନି ନାଣ୍ତୁ ରିସାଦି
କାଡୁ ଉଣାନ୍ । ଏମେକାର୍ ଇୟ୍ୟା ପାଣିକିନାର୍, ୱାର୍ ୱିଜେରେ
ମେଣ୍ଡାପିଲା ମାରି ପବିତ୍ର ଦୁତ୍‌ରି ଆଗ୍‌ଡ଼ି ସିସୁ ମାରି ଗନ୍ଧକଦୁ
କାସ୍କୁ ଆନେ । 11 ଆୟ୍ୟା କାସ୍‌ସିମାନି ସିସୁଦି ଗୋୟି ଜୁଗ୍ ଜୁଗ୍
କାସିସ୍‌ମାନାତ୍ । ଏମେକାର୍ ଜାତୁ ମାରି ଆୟ୍ୟା ମୁର୍ତିଦି ପୁଜା
କିନାର୍, ମାରି ୱାନି ସିନା ଆସ୍‌ନାର୍, ୱାର୍ ନାଡ଼ାୱେଡ଼େ ୱିଜୁଦିନ୍
ଅସାନ୍ତି ଭୋଗାଜିମାନାର୍ ।” (aiōn g165) 12 ଏମେକାର୍ ମାପୁରୁଦି
ମାଟାଆସ୍‌ନାର୍ ମାରି ଜିସୁଦି ଉଣ୍ଡିଙ୍ଗ ବିସ୍‌ବାସ୍ ତେବାନାର୍,
ମାପୁରୁଦି ଆୟ୍ୟା ଲୋକା ଉଣ୍ଡିଙ୍ଗ ଏଣ୍ତେସ୍‌ବା ଦରକାର୍ । 13
ନାନ୍ ୱେର୍‌ଆ, ମୁସ୍‌କୁପୁର୍‌ତାନ୍ ଉନ୍‌ଡ୍ରି ମାଟା ୱେଙ୍ଗିଁଜିନାତ୍;
“ଇୟ୍ୟା ମାଟା ରାସ୍‌ତୁ ଏମେକାର୍ ଏଣ୍ତେସ୍‌କି ପ୍ରବୁଦି ସେବାକିଜି
ସାନାସନାର୍, ୱାର୍ ଦନ୍ୟ ।” ମାରି ନାନ୍ ୱେର୍‌ଆ, ତାଗ୍‌ଇଆତ୍ମା
ଇଜିନାତ୍, “ଇକା ଏଣ୍ତେସ୍‌ବା ଗଟାନାତ୍ । ୱାର୍ ନିଜେ ନିଜେଦି
କାସ୍କୁପାଣିଦାନ୍ ରମ୍‌ନାର୍, ଇରିଙ୍ଗ ୱାରି ପାଣି ୱାରି ଲାକ୍‌ତୁ
ଆନାତ୍ ।” 14 ତାନିୱେନ୍‌କା ନାନୁ ସୁଡୁତା, କାଣ୍ତେକ୍ ଅଡ଼ିନି
ବାଦଡ଼୍ ମାରି ତାନି ମୁସୁକୁ ବାସ୍ତାମାନାନ୍ ମନୁସ୍ୟପୁତ୍ର ୱାଜା
ଅରେନ୍; ୱାନି ତାଲାଦୁ ବାଙ୍ଗାଁରାମ୍‌ତି ମୁକୁଟ୍ ମାରି କିୟୁଦୁ
ଦାରାଦି କଏର୍ । 15 ମନ୍ଦିର୍‌ତାନ୍ ମାରି ଉନ୍‌ଡ୍ରି ଦୁତ୍ ସୋସିୱାଜି
ବାଦଡ଼୍‌ପିଡ଼ିକ୍‌ତିମାନି ଲୋକ୍‌ତିଙ୍ଗ ନାଣ୍ତୁଆଉଲିଆଜି ଇର୍ହାନ୍, “ନି
କଏର୍ ଆସ୍‌ସି ପାସି କୟ୍‌ଆ । ଦୁନିଆଦି ପାସି ଉଣ୍ଡାକିଦେଙ୍ଗ ଟିକ୍
ବେଡ଼ା ଇଗା ୱାତାମାନାତ୍ ।” 16 ଇକା ୱେନ୍‌ଜି ବାଦଡ଼୍‌ପିଡ଼୍‌ତି
ଲୋକୁ ୱାନି କଏର୍ ଆସ୍‌ପିସ୍‌ସି ମାରି ଦୁନିଆଦି ପାସି ୱିଜୁ
ଉଣ୍ଡାତାତ୍ । 17 ତାନିୱେନ୍‌କା ନାନୁ ସୁଡୁତା, ମାରି ଉନ୍‌ଡ୍ରି
ଦୁତ୍ ମୁସ୍‌କୁପୁର୍‌ତି ମନ୍ଦିର୍‌ତାନ୍ ୱାଜିନାନ୍, ୱାନି କିୟୁଦୁ ବା
ଉନ୍‌ଡ୍ରି ଦାରାଦି କଏର୍ ମାର୍ହାତ୍ । 18 ତାନିୱେନ୍‌କା ବେଦିଦି
ସିସୁ ଦାଇତ୍‌ତାନ୍ ମାନି ଉଣ୍ଡି ଦୁତ୍ କଏର୍ ଆସ୍ତିମାନି ମାରିଉଣ୍ଡି
ଦୁତଦିଙ୍ଗ ଆଉଲି ଆଜି ଇର୍ହାନ୍, “କଏର୍ ଆସ୍‌ସି ଦୁନିଆଦି
ଅଙ୍ଗୁର୍ କିଡ଼ିଇଦାନ୍ ଅଙ୍ଗୁର୍ ୱିଜୁ କୋୟ୍‌ଜ ପୋକ୍‌ଆ; ଆୟ୍ୟାୱିଜୁ
ପାଣ୍ଡିତେମାନେ ।” 19 ଆବେଟ୍‌ତାନ୍ ଦୁତ୍ ଦୁନିଆଦୁ ୱାନି କଏର୍
ଆସ୍‌ସି ଅଙ୍ଗୁର୍ ତିୱେଙ୍ଗଣ୍‌କୁ ଅଙ୍ଗୁର୍ କୋୟ୍‌ଜି ଉଣ୍ଡା କିତାନ୍
ମାରି ଆୟ୍ୟାୱିଜୁ ମାପୁରୁଦି ନାଣ୍ତୁ ରିସାଦି ଅଙ୍ଗୁର୍ ପିର୍‌ନି କୁଣ୍ଡୁଦୁ
ପୋକ୍‌ତାର୍ । 20 ଗାଡ଼୍‌ତି ଆତେରେ ମାନି ଆୟ୍ୟା କୁଣ୍ଡୁଦୁ ଅଙ୍ଗୁର୍
କାଙ୍ଗ ପିରିତାର୍ ମାରି ଆବେଟ୍‌ତାନ୍ ନେତେର୍ ସୋସି ଗଡ଼େଙ୍ଗାଁ
ୱେୟୁ ସାନ୍ଧି ୩୦୦ କିଲୋମିଟର୍‌ତାନ୍ ପୁରା ନିରିକା ମାରି ପୁରା
ଦୁଇ ମିଟର୍ ମୁସୁକୁ ନିଙ୍ଗିଁଜି ନେତେର୍ ୱାତାତ୍ ।

15 ତାନିୱେନ୍‌କା ନାନୁ ବାଦଡ଼୍‌ତୁ ମାରି ଉଣ୍ଡି କାବାଆନି ସିନା
ସୁଡୁତା । ସାତ୍‌ଗୋଟା ଦୁତ୍‌କୁ, ୱାରି କିୟୁଦୁ ସାତ୍‌ଗୋଟା
କାସ୍କୁଙ୍ଗାଁ, ଇକାନେ ସାରାସାରି, ଇରିଙ୍ଗ ଇୟ୍ୟା କାସ୍କୁଦିଙ୍ଗାଁ ମାପୁରୁଦି
ରିସା ୱିଜିତାତ୍ । 2 ତାନିୱେନ୍‌କା ନାନୁ ସୁଡୁତା, ଏଣ୍ତେସ୍
ସିସୁମିସାତି ଉଣ୍ଡି କାୟ୍ୟାଦି ସାମୁଦୁର୍ ୱାଜା । ଆୟ୍ୟା ସାମ୍‌ଦୁରୁତି
ଟିପୁବାଡିଦୁ ନିର୍‌ଆ ମାର୍ହାର୍ ଜିଣାତି ଲୋକୁ ଇୟ୍ୟାକାର୍ ମାପୁରୁଦି
ଟଇଲା ଆସ୍‌ସି, ଜାତୁ, ଜାତୁଦି ମୁର୍ତି ମାରି ମୁସ୍‌କୁରି ଇସାବ୍‌ଦାନ୍
ନେସ୍‌ତିମାନି ଆୟ୍ୟା ତାଗ୍‌ଇଆତ୍ମା ମୁସ୍‌କୁ ଜିଣାତାମାର୍ହାର୍ । 3
ୱାର୍ ମାପୁରୁ ସିତିମାନି ଟଇଲା ଏସ୍‌ସି ମାପୁରୁଦି ସେବାକିନିକାନ୍
ମୋସାଦି ପାଟା ମାରି ମେଣ୍ଡାପିଲାଦି ପାଟା ପାରିଜିମାର୍ହାର୍ ।
“ଏ ସର୍ବସାକ୍ତିମାନ୍ ମାପୁରୁ! ନି ସାରିୱିଜୁ ଏସ ପେରିକା ମାରି
କାବାଆନିକା, ୱିଜୁ ଲୋକା ଜାତିଦୁ ରାଜାଦି ରାଜା! ନି ପାଣିୱିଜୁ
ଏସ ନ୍ୟାୟ୍ ନି ସତ୍ । 4 ଏ ପ୍ରବୁ! ଏନ୍ ନିଙ୍ଗିଁ ତିଲାଏନ୍? ଏନ୍ ନି
ଦର୍‌ତି ଦନ୍ୟବାଦ କିଏନ୍? କେବଲ୍ ନିନୁ ନେ ପବିତ୍ର, ୱିଜୁ ଲୋକୁ
ୱାଜି ନି ପୁଜାକିନାର୍ । ଇରିଙ୍ଗ ନି ନ୍ୟାୟ୍ ପାଣି ୱିଜୁ ୱିଜେରେ
ସୁଡୁତାମାନାର୍ ।” 5 ତାନିୱେନ୍‌କା ମୁସ୍‌କୁପୁର୍‌ତି ସାକି ମନ୍ଦିର୍
ସେର୍‌ଲା ରେଆୟ୍‌ଆନିକା ନାନୁ ସୁଡୁତା । ଆବେନୁ ମାପୁରୁଦି
ତେବାନି ଗୁଡ଼ା ମାର୍ହାତ୍ । 6 ସାତ୍‌ଗୋଟା କାସ୍କୁସିନିକା ଆସ୍ତିମାନି
ସାତ୍‌ଗୋଟା ଦୁତ୍‌କୁ ମୁସ୍‌କୁପୁର୍‌ତି ମନ୍ଦିର୍‌ତି ଲୋଇରାନ୍ ସୋସି
ୱାତେ; ୱାକ୍ ନେଗି ଅଡ଼ିନି ଆଙ୍ଗିଁଙ୍ଗ ଆରାତେ ମାରେଏ ମାରି
ବକାଦୁ ବାଙ୍ଗାଁରାମ୍‌ତି ବେଲୁଟୁ ତର୍‌ଆୟ୍‌ଆତା ମାର୍ହାର୍ । 7
ଆବେନୁ ନାଲିଗି ଜାତୁଙ୍ଗାଁ ଲୋଇରାନ୍ ଉନ୍‌ଡ୍ରି ଜାତୁ ୱିଜୁଦିନ୍‌ତି
ମାପୁରୁଦି ରିସାଦୁ ପୁରାବର୍ତି ସାତ୍‌ଗୋଟା ବାଙ୍ଗାଁରାମ୍‌ତି ଡୁବାଇଙ୍ଗାଁ
ଆୟ୍ୟା ସାତ୍‌ଗୋଟା ଦୁତ୍‌କାଙ୍ଗ ସିତାନ୍ । (aiōn g165) 8 ମାପୁରୁଦି
ଗୌରବ୍ ମାରି ସାକ୍ତିଦି ଗୋଇତାନ୍ ମନ୍ଦିର୍ ପୁରାବର୍ତି ଆତାତ୍;
ସାତ୍‌ଗୋଟା ଦୁତ୍‌କୁ ଆସ୍‌ତି ୱାତିମାନି ସାତ୍‌ଗୋଟା କାସ୍କୁଙ୍ଗାଁ ୱିଜ୍‌ଇ
ସାନ୍ଧି ଏନ୍ ମନ୍ଦିର୍‌ତୁ ଡୁଗୁଦେଙ୍ଗ ଆଟ୍‌ଏତାର୍ ।

16 ତାନିୱେନ୍‌କା ନାନୁ ୱେର୍‌ଆ, ମନ୍ଦିର୍‌ତାନ୍ ଏନ୍ ଅରେନ୍
ଆଉଲି ଆଜି ଆୟ୍ୟା ସାତ୍‌ଗୋଟା ଦୁତ୍‌କାଙ୍ଗ ୱେର୍‌ସିନାନ୍,
“ସାଙ୍ଗଆ, ସାତ୍‌ଗୋଟା ଡୁବାଇଦୁ ମାନି ମାପୁରୁଦି ରିସା ଦୁନିଆଦୁ
ମୁସ୍‌କୁ ୱାକ୍‌ସା ସିଦୁ ।” 2 ଇକା ୱେନ୍‌ଜି ପାର୍‌ତୁମ୍ ଦୁତ୍ ସୋଲ୍‌ସି
ୱାନି ଡୁବାଇଦୁ ଆମାକା ମାର୍ହାତ୍, ଦୁନିଆଦୁ ମୁସ୍‌କୁ ୱାକ୍‌ତାସିତାତ୍
। ଦାପେ ଦାପେ ଏମେକାର୍ ଜାତୁଦି ସିନା ଆସ୍‌ତାମାର୍ହାର୍ ମାରି
ଆୟ୍ୟାତାନି ମୁର୍ତିଦିଙ୍ଗ ପୁଜା କିତାମାର୍ହାର୍, ୱାରି ମେନ୍ଦଲତାନ୍
ନାଣ୍ତୁ କାସ୍କୁଦାନ୍ ଗାଉ ସୋତାତ୍ । 3 ତାନିୱେନ୍‌କା ମାରିଉନ୍‌ଡ୍ରି
ଦୁତ୍ ତାନି ଡୁବାଇଦିଙ୍ଗ ସାମ୍‌ଦୁର୍ ମୁସୁକୁ ୱାକ୍‌ତା ସିତାତ୍ ।
ସାମ୍‌ଦୁର୍‌ତି ଏରୁ ସାତି ଲୋକାଦି ନେତେର୍ ୱାଜା ଆତାସରାତ୍
ମାରି ସାମ୍‌ଦୁର୍‌ତି ୱିଜୁ ଏର୍‌ତୁ ଜିଜିମାନିକେଙ୍ଗ ସାତେସର୍‌ଏ

। 4 ତାନିୱେନ୍‌କା ତିନି ନମ୍ବର୍‌ତି ଦୁତଦି ଡୁବାଇଦୁ ଏମେକା
ମାର୍ହାତ୍, ଆକା ୱାଦ୍ ଗାଡ଼୍ ମାରି ଜଲେଙ୍ଗାଁ ମୁସୁକୁ ୱାକ୍‌ତା ସିତାତ୍
ମାରି ଆୟାୱିଜୁ ଏରୁ ନେତେର୍‌ତୁ ମିସାତେ । 5 ନାସ୍ତିୱାଲେ
ନାନ୍ ୱେର୍‌ଆ, ଏରୁଦୁ ଦାଇତି ମାନି ଦୁତ୍ ଇଜିନାତ୍, "ନିନୁ
ପବିତ୍ର, ନିନୁ ଇଲେଇ ମାରି ସର୍‌ଇଦିନ୍‌ତୁ; ନିନୁ ସାମାନ୍ ବିଚାର୍
କିତିମାନି । 6 ୱାର୍ ମାପୁରୁଦି ଲୋକାଙ୍ଗ ମାରି ବାବବାଦିରିଙ୍ଗ
ଏମେ କାତ୍‌ସି ନେତେର୍ କିତାମାର୍ହାର୍, ଆକା ନିନ୍ ୱାରିଙ୍ଗ
ଉଟ୍‌ପିସ୍ କିତିମାନି । ୱାରି ପାଣି ୱାର୍ ପୋଇତାମାନାର୍ ।"
7 ତାନିୱେନ୍‌କା ନାନୁ ବେଦିଦି ଉନ୍‌ଡ୍ରି ବଲୁ ୱେର୍‌ଆ, "ପ୍ରବୁ
ସର୍ବସାକ୍ତିମାନ୍ ମାପୁରୁ! ନି ବିଚାର୍ ଟିକ୍ ମାରି ନ୍ୟାୟ୍‌ତିକା ।"
8 ତାନିୱେନ୍‌କା ନାଲିଗି ନମ୍ବର୍‌ତି ଦୁତ୍ ତାନି ଡୁବାଇଦୁ ମାନି
ଜିନିସ୍‌ଦିଙ୍ଗ ୱେଡ଼ା ମୁସ୍‌କୁ ୱାକ୍‌ତା ସିତାତ୍ । ତାନିୱେନ୍‌କା
ୱେଡ଼ା ନାଣ୍ତୁତାତିଆଜି ଲୋକାଙ୍ଗ ସାପିସ୍ତାତ୍ । 9 ଇବେଟ୍‌କୁ ୱାର୍
ରିସାଆଜି କାସ୍କୁ ମୁସ୍‌କୁ ଅଦିକାର୍ ମାନି ମାପୁରୁଙ୍ଗାଁ ଆନାଦୁରିଆ
ସିତାର୍; ମାତର୍ ମୋନ୍ ବାଦେଲେ କିଜି ୱାନି ମହିମା ମାନାଏତାର୍
। 10 ତାନିୱେନ୍‌କା ପାସ୍ ନମ୍ବର୍‌ତି ଦୁତ୍ ତାନି ଡୁବାଇଦିଙ୍ଗ ଜାତୁଦି
ସିଂହାସନ୍‌ଦି ମୁସ୍‌କୁ ୱାକ୍‌ତା ସିତାତ୍ । ଜାତୁଦି ଦେସ୍ ମୁସ୍‌କୁ
ସିକାଟି ଆତାସର୍ହାତ୍ ମାରି ଲୋକୁ କାସ୍କୁଦାନ୍ ୱାରି ୱେତଲ୍
କାଟ୍‌ତା ପକ୍‌ତାର୍ । 11 ୱାରି ମେନ୍ଦ୍‌ଲ୍‌ତି ଗାଉକା ଉଣ୍ତିଙ୍ଗ
ମାରି ନୋପି କାସ୍କୁଦି ଉଣ୍ତିଙ୍ଗ ମାପୁରୁଙ୍ଗାଁ ଆନାଦୁରିଆ ସିତାର୍
। ମାତର୍ ନିଜେଦି ନେଗିସାରିଦାନ୍ ଡ଼େସି ରେଏତାର୍ । 12
ୱିଜୁଦିନ୍‌ତି ସୋଅ ନମ୍ବର୍‌ତି ଦୁତ୍ ପେରି ୟୁପ୍ରେଟିସ ପେରିଗାଡା
ମୁସ୍‌କୁ ତାନି ଡୁବାଇତିକା ୱାକ୍‌ତା ସିତାତ୍ । ଦାପେ ଦାପେ
ଗାଡାଦି ଏରୁ ୱାର୍‌ତେସର୍‌ଏ ମାରି ୱେଡ଼ାସୋନିତରିଟାନ୍ ସାତୁ
ରାଜାରି ଆଗମନ ଉଣ୍ତିଙ୍ଗ ସାରି ରେଆତାତ୍ । 13 ତାନିୱେନ୍‌କା
ନାନୁ କାପକି ୱାଜାତର୍‌ନି ମୁଣ୍ତି ତାଗିଇଦୁବେଙ୍ଗ ସୁଡୁତା ।
ଆୟାକେଙ୍ଗାଁ ପୁର୍ବେଦି ସାରାସ୍, ପସୁ ମାରି ବଣ୍ତ ବାବବାଦିର୍
ୱେୟୁଦାନ୍ ସୋସିମାରେଏ । 14 ଆୟା ଦୁବାଆତ୍ମେଙ୍ଗ କାବାଆନି
ପାଣି ପୁରା କିଦେଙ୍ଗ ଆଟେ୍ନ । ୱାର୍ ସର୍ବସାକ୍ତିମାନ୍ ମାପୁରୁଦି
ଦିନ୍‌ତୁ ଜୁଦ୍ କିନି ଉଣ୍ତିଙ୍ଗ ପୃତିବିଦି ରାଜାରିଙ୍ଗ ଉଣ୍ତାକିନି ଉଣ୍ତିଙ୍ଗ
ସୋସିୱାତାର୍ । 15 "ୱେନ୍‌ଡୁ! ନାନୁ ଡଙ୍ଗାଁରେଏନ୍ ୱାଜା ୱାନା
। ଏମେ ଲୋକୁ ଜାଗ୍ରାତ୍ ମାନିଜି ଡଙ୍ଗାଁଏର୍‌ତି ମାଡ଼ାନ୍ ନିଜେଦି
ୱାତିଗୋଦା ନେଗେନ୍‌କିଜି ଇଡିନାନ୍, ୱାନ୍ ଦନ୍ୟ । ନାଗାଡ଼ା ଆଜି
ସାଲାବୁଲା କିନି ମାଡ଼ାନ୍ ୱାନିଙ୍ଗ ସେମାର୍ ଆଦେଙ୍ଗ ପୋଡ଼ାଏତ୍
।" 16 ତାଗିଇଆତ୍ମେଙ୍ଗ ଟିକ୍ ବେଡ଼ାଦୁ ପୃତିବିଦି ରାଜାରିଙ୍ଗ
ଏମେ ଜୁଦ୍‌ଦୁ ଉଣ୍ତାକିବିସ୍‌ତାତ୍, ଏବ୍ରି ବାସାଦାନ୍ ତାନି ଦରୁ
ଅର୍ମିଗିଦ୍ଦୋନ୍ । 17 ତାନିୱେନ୍‌କା ସତ୍ ନମ୍ବର୍‌ତି ଦୁତ୍ ତାନି
ଡୁବାଇତି ଜିନିସ୍‌ତିଙ୍ଗ ଗାଲିଦି ମୁସୁକୁ ୱାକ୍‌ତାସିତାତ୍ । ଆଦେଙ୍ଗ
ମନ୍ଦିର୍‌ତୁ ମାନି ସିଂହାସନ୍‌ତାନ୍ ପେରିବଲୁଦାନ୍ ଉନ୍‌ଡ୍ରି ମାଟା
ୱିଙ୍ଗାଁତାତ୍, "ପାଣି ୱିଜିତାମାନାତ୍ ।" 18 ଆୟାଦାପ୍ରେ ଲାଇନି
କାସ୍‌ତାତ୍, ବାଦଡ଼୍ ଡିଡ଼ିତାତ୍ ମାରି ଉନ୍‌ଡ୍ରି ବୟ୍‌ଙ୍କର୍ ବୁମିକମ୍ପ
ଆତାତ୍, ଲୋକୁ ତିଆର୍‌ଆତି ଆଗ୍‌ଡ଼ିରାନ୍ ଇୟାୱାଜା ବୁମିକମ୍ପ
ଏସାଙ୍ଗ ଆଏତ୍‌ମାର୍ହାତ୍; ଇକା ମାର୍ହାତ୍ ୱିଜୁଦି ମାଡ଼ାନ୍ ବୟ୍‌ଙ୍କାର୍
ବୁମିକମ୍ପ । 19 ପେରିଗାଡ଼୍ ମୁଣ୍ତି ବାଗ୍‌ତାନ୍ ଅଲଗା ଆତାତ୍,
ଦେସ୍‌ତି ୱିଜୁ ଗାଡ଼୍‌କୁ ଦ୍ୱଂସ୍ ଆତେସର୍‌ଏ । ମାପୁରୁ ପେରିଗାଡ଼୍
ବାବିଲନ୍‌ତିଙ୍ଗ ବାଣାଏନ୍ ମାର୍ହାନ୍ । ୱାନ୍ ୱାନି ଉଣିଡୁବାଇତାନ୍
ୱାନି ନାଣ୍ତୁ ରିସାୱାଜା କାଡୁ ୱାନିଙ୍ଗ ଉଟ୍‌ପିସ୍‌କିତାର୍ । 20 ମାରି
ସାମ୍‌ଦୁର୍ ନାଡ଼ିମିମାନି ଦେସ୍‌କୁ ୱିଜୁ ମାର୍‌ଗିତେ ସରେଏ, ପେରି
ପେରି ଗରକ୍ ୱିଜୁ ତର୍‌ଉତେ । 21 ୫୦ କେଜି ବଜୁଦି ପେରି
କାଲୁକୁ ବାଦଡ଼ତାନ୍ ଲୋକାମୁସୁକୁ ଆରେ୍ତ, ଲୋକୁ ଇୟା ନାଣ୍ତୁ
କାସ୍କୁ ଉଣ୍ତିଙ୍ଗ ମାପୁରୁଙ୍ଗାଁ ଆନାଦୁରିଆ ଇଟ୍‌ତାର୍ ।

**17** ତାନିୱେନ୍‌କା ସାତ୍‌ଗୋଟା ଡୁବାଇଆସ୍ତିମାନି ସାତ୍‌ଗୋଟା
ଦୁତ୍‌କା ଲୋଇରାନ୍ ଅରେନ୍ ନା ଲାକୁତୁ ୱାଜି ଇର୍ହାନ୍,
"ଇବେନୁ ରାଆ! ନାଣ୍ତୁ ଗାଡେଆଙ୍ଗାଁ ଲାକୁତୁ ତିଆର୍ ଆତିମାନି
ଦାରିପାଣି ୱାଜା ଆୟା ପେରିଗାଡ଼୍ ଏସ ଦଣ୍ତ ପୋଇନାତ୍, ଆକା
ତୋର୍‌ନା । 2 ଆମାୱାନି ୱାଲେ ଦୁନିଆଦି ରାଜାର୍ ଆୟା
ଦାରିପାଣିଦି କିତାମାନାର୍ ମାରି ପୃଥିବିଦି ଲୋକ୍ ୱିଜେରେ ୱାନି
ଦାରିପାଣିୱାଜା କାଡୁ ଉଣୁଜି ସୋସତା ମାନାର୍ ।" 3 ନାସ୍ତିୱାଲେ
ପବିତ୍ରଆତ୍ମା ନାମାନୁ ବାସାତାତ୍ ମାରି ଆୟା ଦୁତ୍ ନାଙ୍ଗାଁ ଉଣ୍ତି
ବାଲିଜାଗାଦୁ ଅତାତ୍ । ଆବେନୁ ନାନୁ ସୁଡୁତା, ଅରେତ୍ ଆଇମା
ଲୋକୁ ଉଣ୍ତି ଲାଲ୍ ରଙ୍ଗତି ଜାତୁ ମୁସୁକୁ ବାସ୍‌ତାମାନାତ୍ ।
ଜାତୁଦି ୱିଜୁମେଦଲ୍‌ତୁ ମାପୁରୁଦି ନିନ୍ଦାସିନି ଦର୍‌କୁ ରାସାତେମାନେ
ମାରି ତାନିଙ୍ଗ ସାତ୍‌ଗୋଟା ତାଲେକ୍ ମାରି ଦାସ୍‌ଗୋଟା କମୁକୁ
ମାନେ । 4 ଅରେତ୍ ଆଇମା ସେର୍‌ଗାନାନିକା ମାରି ପୁରା ଲାଲ୍
ରଙ୍ଗତି ୱାତି ପିଡ଼ିଗିତାମାର୍ହାତ୍ ମାରି ବାଙ୍ଗାଁରାମ୍‌ତି ସରେଙ୍ଗ,
ନାଣ୍ତୁଦାରାଦି ମଣିମାଣିକ ମାରି ୱେଡିଦାନ୍ ଆରାତାମାର୍ହାତ୍ ।
ୱାନି ନାସ୍କୁକିନି ପଲ୍ ୱାଜା ଦାରିପାଣି ନି ତାଗ୍‌ଇ ବିସୟ୍‌ୱିଜୁ ଉଣ୍ତି
ବାଙ୍ଗାଁରାମ୍‌ତି ଡୁବାଇ ୱାନ୍ ଆସ୍ତାମାର୍ହାନ୍ । 5 ତାନି କାପାଲ୍‌ତୁ
ଉନ୍‌ଡ୍ରି ମାର୍‌ଗିତିମାନି ଦର୍ ରାସାତାମାନାତ୍, "ପେରି ବାବିଲନ୍,
ଦୁନିଆଦି ୱିଜୁ ଦାରିପାଣି ମାରି ନାସ୍କୁକିନିୱାରି ଆଇସି ।" 6
ନାନୁ ମାରି ସୁଡୁତା, ଆୟା ଆଇମା ସାଦୁରି ମାରି ଜିସୁଦି ଉଣ୍ତିଙ୍ଗ
ବିସ୍‌ବାସ୍ ତେବାଜି ସାତି ମାନି ଲୋକାରି ନେତେର୍ ଉଣୁଜି
ସୋସ୍‌ତାମାରାତ୍ । ତାନିଙ୍ଗ ସୁଡ଼ିଜି ନାନୁ କାବାଆତା ସୋର୍‌ଆ ।
7 ଦୁତ୍ ଇର୍ହାତ୍, "ଏନ୍ଦାନିଙ୍ଗ କାବାଆଜିନି? ଆୟା ଆଇମା ମାରି
ସାତଗୋଟା ତାଲେକ୍ ମାରି ଦାସ୍‌ଗୋଟା କମୁକୁ ୱାଦ୍ ବୁଲାନି
ଜାତୁଦି ମାର୍‌ଗିତିମାନି ଅର୍ତ ନାନୁ ନିଙ୍ଗାଁ ଇଜିନା, ୱେନ୍‌ଆ! 8
ଜାତୁ ଅରେ୍ଲନ୍ ଜିତାମାର୍‌ଆତ୍; ଇଲେ ମାରି ଜିଏତ୍, ମାତର୍
ଆୟାଦାପ୍ରେନେ ପାତାଲ୍‌ପୁର୍‌ତାନ୍ ନିଙ୍ଗାଁଜି ୱାନାତ୍ ମାରି ଉଣ୍ତି
ଦେବା ନାସ୍କୁ ଆନାତ୍ । ତିଆର୍‌ଆତି ପୁର୍ବେଦାନ୍ ଏମେୱାରି ଦରୁକୁ
ଜିବନ୍ ବଇଦୁ ରାସାଏତ୍, ଦୁନିଆଦି ଲୋକୁ ଆୟାୱିଜେରେ
ଜାତୁଦିଙ୍ଗ ସୁଡ଼ିଜି କାବାଆତାର୍ । ୱାଦ୍ ଅରେ୍ଲନ୍ ଜିବନ୍ ମାର୍ହାତ୍,
ଇଲେଇ ମାରି ସିଲେତ୍, ମାତର୍ ମାରିଡ଼େସି ୱାଦ୍ ୱାନାତ୍ ।

(Abyssos g12) 9 “ଇୟାୱିଜୁ ବିସୟ୍ ବୁଜାନି ଉଣ୍ତିଙ୍ଗ ବୁଦି ଦରକାର୍
। ଜାତୁଦି ସାତ୍‌ଗୋଟା ତାଲେକ୍ ସତ୍‌ତାନ୍ ସାତ୍‌ଗୋଟା ଗୋରକ୍,
ଏମେ ମୁସୁକୁ ଆଇମା ବାସ୍ତାମାର୍ହାତ୍ । ଆୟାୱିଜୁ ବା ସାତ୍‌ଗୋଟା
